# ଶତାବ୍ଦୀ ଅବକାଶ



## ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ ଶତବାର୍ଷିକୋତ୍ସବ ସ୍ମରଣିକା

ଖୋରଧା

# ପର୍ଯ୍ୟଟନ ପୀଠ, ଖୋର୍ଦ୍ଧା



ବାଣପୁର ଭଗବତୀ



ରଘୁନାଥ ମନ୍ଦିର, ଖୋର୍ଦ୍ଧା



କାଳିଜାଇ ମନ୍ଦିର, ଚିଲିକା



ଦକ୍ଷପ୍ରଜାପତି ମନ୍ଦିର, ବାଣପୁର



[illegible]



ଭାରତର ତବେ ଅଣିଚି ସେଦିନ
ଦୋହଲିଲା ଖୋରଧା ପ୍ରାନ୍ତରେ,
ନିଜ ଚରଣର ନେଇ ଗୌରବ
ମନ୍ତ୍ର ମନ୍ଥର ନାଦରେ
ସୁପ୍ତ ପାଇକ ଦୃପ୍ତ ଚମକେ
ଦୀପ୍ତ ହୋଇଲେ ସେ ଜଗିଲେ
ଚଉଦିଗର ସ୍ତୁତି ଉଠି ଉଠିଲା
'ଜୟ ଜଗନ୍ନାଥ' ସଙ୍ଗୀତେ ।
ବକ୍ସି ଜଗବନ୍ଧୁ ବିଦ୍ୟାଧର : [illegible]



ପାଇକ ବିଦ୍ରୋହର କର୍ଣ୍ଣଧାର
ବକ୍ସି ଜଗବନ୍ଧୁ ବିଦ୍ୟାଧର
ଭ୍ରମରବର ରାୟ ମହାପାତ୍ର

# ଶତାବ୍ଦୀ ଅବକାଶ

## ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ ଶତବାର୍ଷିକୋତ୍ସବ ସ୍ମରଣିକା

ଖୋରଧା

# ବିଦ୍ୟାଳୟର ପ୍ରତିଷ୍ଠାତାବୃନ୍ଦ



ସି.ଏଫ. ଗ୍ରୁମିଜ୍‌ସ୍



ମୌଲଭୀ ବାବାର ବକ୍ସ



ଦିଗମ୍ବର ଶ୍ରୀଚନ୍ଦନ

## ଅମର ଶହୀଦ



ରଘୁନାଥ



ଦିବାକର

## ସୁନାମଧନ୍ୟ ଛାତ୍ର ଓ ଶିକ୍ଷକ



କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ



ଡକ୍ଟର ମାୟାଧର ମାନସିଂହ



କେଦାର ନାଥ ମହାପାତ୍ର



ସଚ୍ଚି ରାଉତରାୟ



ଜାନକୀ ବଲ୍ଲଭ ପଟ୍ଟନାୟକ



ପଣ୍ଡିତ କୃପାସିନ୍ଧୁ ହୋତା

# କତିପୟ ପ୍ରାକ୍ତନ ପ୍ରଧାନଶିକ୍ଷକ


ପରଶୁରାମ ବର୍ମା


କାଳନିଧି ପଟ୍ଟନାୟକ


ଫଜଲୁର ରହମାନ


ଆଶୁତୋଷ ବାସ୍ତୀ


ଦିବ୍ୟସିଂହ ପଟ୍ଟନାୟକ


ମୁରଲୀଧର ପ୍ରଧାନ


ବନବିହାରୀ ପଟ୍ଟନାୟକ


ସୋମନାଥ ମିଶ୍ର


ଅନନ୍ତ ଚରଣ ମିଶ୍ର


ଶ୍ୟାମସୁନ୍ଦର ପଟ୍ଟନାୟକ


ହରେକୃଷ୍ଣ ନନ୍ଦ


ପଦ୍ମଲୋଚନ ପାଲଟାସିଂହ


ସୁରେନ୍ଦ୍ର ମିଶ୍ର


ଭୀମସେନ ପ୍ରଧାନ

# କାର୍ଯ୍ୟକାରୀ ସମିତି



ଡଃ. ପ୍ରସନ୍ନ ପାଟ୍ଟଶାଣୀ
ଅଧ୍ୟକ୍ଷ, ଅର୍ଘ୍ୟଥାଳା ସମିତି



ଶ୍ରୀ ମଧୁସୂଦନ ପାଢୀ, ଜିଲ୍ଲାପାଳ
ଖୋର୍ଦ୍ଧା, ସଭାପତି



ଶ୍ରୀ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ବିଧାୟକ
ଉପସଭାପତି



ଶ୍ରୀ ଗୋପାଳକୃଷ୍ଣ ଦାସ-ସମ୍ପାଦକ



ଶ୍ରୀ ସରୋଜ ସୁନ୍ଦର ପଟ୍ଟନାୟକ
ସହ ସମ୍ପାଦକ



ଶ୍ରୀ ବାସୁଦେବ ବୋରା
କୋଷାଧ୍ୟକ୍ଷ



# ଶତାବ୍ଦୀ ଅବକାଶ

## ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ଶତବାର୍ଷିକୋତ୍ସବ

# ସ୍ମରଣିକା

ଖୋରଧା

ଡିସେମ୍ବର ୨୮ - ୩୦, ୨୦୦୦

*ସମାନୀ ବ ଆକୂତିଃ*
*ସମାନା ହୃଦୟାନି ବଃ*
*ସମାନ ମସ୍ତୁ ବୋ ମନୋ*
*ଯଥା ବଃ ସୁସହାସତି*

*ଋଗ୍‌ବେଦ*

'ହେ ମୋର ଅମୃତ ସନ୍ତାନଗଣ ! ତୁମ୍ଭେମାନେ କର୍ମମୟ ଜାତ । ଶୁଭ ସଂକଳ୍ପରୁ ଶୁଭକର୍ମ ଉତ୍ପନ୍ନ ହୁଏ । ତେଣୁ ସଂକଳ୍ପ ଧାରଣ ପାଇଁ ତୁମମାନଙ୍କୁ ହୃଦୟ ଓ ମନ ପ୍ରଦାନ କରିଅଛି । ... ହେ ମାନବଗଣ ! ତୁମମାନଙ୍କ ହୃଦୟ ଓ ମନ ସମାନ ହେଉ; ସଂକଳ୍ପ ସମାନ ହେଉ; ସଂଗଠନ ଦୃଢ଼ ହେଉ ।'

*ଈଶ୍ୱରଙ୍କ ଉପଦେଶ*

*ସଂପାଦକ :* ଶ୍ରୀ ଗୋପାଳକୃଷ୍ଣ ଦାସ

*ସଂପାଦନା ମଣ୍ଡଳୀ :*

ଶ୍ରୀ ଫକୀର ହରିଚନ୍ଦନ, ଶ୍ରୀ ମୁରଲୀଧର ପ୍ରଧାନ, ଶ୍ରୀ ଅଲେଖ ଦାଶ, ଡଃ ମିହିର ସାହୁ, ଶ୍ରୀ ସରୋଜ ତ୍ରିପାଠୀ

# SATABDI ABAKASH

## Buxi Jagabandhu Bidyadhar High School Centenary Celebration

# SOUVENIR

**KHURDA, ORISSA**

**DECEMBER, 28 - 30, 2000**

# ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ଶତବାର୍ଷିକୋତ୍ସବ

## ଶତବାର୍ଷିକୀ ପାଳନ ସମିତି

*ସଭାପତି* - ଶ୍ରୀ ମଧୁସୂଦନ ପାଢ଼ୀ, *ଜିଲାପାଳ, ଖୋରଧା*

*ଉପସଭାପତି* - ଶ୍ରୀ ଜ୍ୟୋତିରନ୍ଦ୍ର ନାଥ ମିତ୍ର

*ସଂପାଦକ* - ଶ୍ରୀ ଗୋପାଳକୃଷ୍ଣ ଦାସ

*ସହ ସଂପାଦକ* - ଶ୍ରୀ ସରୋଜ ସୁନ୍ଦର ପଟ୍ଟନାୟକ

*ଆବାହକ* - ଶ୍ରୀ ନିତ୍ୟାନନ୍ଦ ନାୟକ

*କୋଷାଧ୍ୟକ୍ଷ* - ଶ୍ରୀ ବାସୁଦେବ ବୋରା

## କାର୍ଯ୍ୟନିର୍ବାହୀ ସମିତି

ପ୍ରଫେସର ଭବାନୀ ଚରଣ ରାୟ
ଶ୍ରୀ ରବିନାରାୟଣ ବର୍ମା
ଶ୍ରୀ ମୁରଲୀଧର ପ୍ରଧାନ
ଶ୍ରୀ ଫକୀର ହରିଚନ୍ଦନ
ଶ୍ରୀମତୀ ଆନନ୍ଦୀ ପଟ୍ଟନାୟକ
ଶ୍ରୀ ରାଜକିଶୋର ରାମ
ଶ୍ରୀ ମିହିର ନାରାୟଣ ବର୍ମା
ଶ୍ରୀ କମଳାକାନ୍ତ ଦାସ
ଶ୍ରୀ ବନକୃଷ୍ଣ ପରିଡା
ଶ୍ରୀ ଅରବିନ୍ଦ ମିତ୍ର
ଶ୍ରୀ ଦାନବଂଶୁ ବିଶ୍ୱାଳ

ଶ୍ରୀ ଅଲେଖ ଦାଶ
ଶ୍ରୀ ଅମୂଲ୍ୟକୃଷ୍ଣ ମହାନ୍ତି
ଶ୍ରୀ ଉଦୟନାଥ ପଟ୍ଟନାୟକ
ଶ୍ରୀ ମଦନମୋହନ ଭାମ
ଶ୍ରୀ କୃଷ୍ଣମୁରାରୀ ଶାହା
ଶ୍ରୀ ପ୍ରସାଦ ହରିଚନ୍ଦନ
ଶ୍ରୀ ଦେବପ୍ରସାଦ ମଜୁମଦାର
ଶ୍ରୀ ଗିରିଶ ପଟ୍ଟନାୟକ
ଶ୍ରୀ ପ୍ରଫୁଲ୍ଲ କୁମାର ଦାସ
ଶ୍ରୀ ମନୋଜ ପ୍ରଧାନ
ଶ୍ରୀ ଦୟାନିଧି ସାହୁ
ଶ୍ରୀ ଗଂଗାଧର ପୃଷ୍ଟି

## ମୁଦ୍ରଣ

ସାରଦା ଅଫ୍‌ସେଟ୍, ଖୋର୍ଦ୍ଧା
ସମୟ, ଭୁବନେଶ୍ୱର
*ସାହାଯ୍ୟ - ଏକଶହ ଟଙ୍କା*

ଫୋନ୍ - (୦୬୭୫୫) ୨୦୦୦୧
ଫ୍ୟାକ୍ସ - (୦୬୭୫୫) ୨୧୫୬୨

ଶ୍ରୀ ମଧୁସୂଦନ ପାଢ଼ୀ, ବିଧାୟକ
ସଭାପତି
ଶତବାର୍ଷିକୀ ପାଳନ ସମିତି

## ଶତବାର୍ଷିକୀ ମହୋତ୍ସବ

ରକ୍ତ ବିଧୌତ ପାଇକମାଟି ଖୋର୍ଦ୍ଧାପୁରୀରେ ଅବସ୍ଥାପିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ୧୮୯୬ ମସିହାରେ ଭୂମିଷ୍ଠ ହୋଇ ଏଯାବତ୍ ନିରନ୍ତର ଶିକ୍ଷାକ୍ଷେତ୍ରରେ ସହାୟ ହୋଇ ବହୁ ସୃଜନୀ ଶକ୍ତିର ବିକାଶ କରିଆସୁଅଛି । ରାଜ୍ୟର କେତେକ ସ୍ୱର୍ଣ୍ଣିମମୟ ବିଦ୍ୟାଳୟ ମଧ୍ୟରୁ ଅନ୍ୟତମ ଶିକ୍ଷାତୀର୍ଥ ରୂପେ ଏହା ବିଶେଷ ଗୌରବ ଅର୍ଜ୍ଜନ କରିଅଛି । ଊନବିଂଶ ଓ ବିଂଶ ଶତାବ୍ଦୀର ଅନେକ ଉତ୍ତରଦାୟାଦଙ୍କୁ ଜନ୍ମଦେଇ ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରି ଏହି ବିଦ୍ୟାଳୟ ଉତ୍କଳ ଦରବାରରେ ଏକ ଶ୍ରେଷ୍ଠ ଆସନ ଅଳଙ୍କୃତ କରିଛି ।

ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ତଥା ଖୋର୍ଦ୍ଧା ପାଇକମେଳିର ସୁଯୋଗ୍ୟ ସ୍ରଷ୍ଟାଙ୍କ ନାମରେ ନାମିତ ଏହି ଜାଜ୍ୱଲ୍ୟମାନ ବିଦ୍ୟାଳୟ । ଓଡ଼ିଶାର ସୁପ୍ରସିଦ୍ଧ ବହୁ ମନିଷୀ, ଦେଶସେବୀ ଓ ଶିକ୍ଷାବିତ୍‌ଙ୍କ ବାଲ୍ୟସ୍ମୃତିର ଆଧାର । ପ୍ରୌଢ଼ ବିଦ୍ୟାଳୟର ଶହଶହ ଉତ୍ତରଦାୟାଦମାନେ ରାଜ୍ୟ ତଥା ଦେଶର ମାନ ବୃଦ୍ଧି କରିବାରେ ସହାୟ ହେବା ନିମନ୍ତେ ସକ୍ଷମ ହୋଇପାରିଛନ୍ତି । ଇତିହାସଜୟୀ ଏହି ସୁବର୍ଣ୍ଣମୟୀ ଗୌରବାନ୍ୱିତ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ଚଳିତ ଡିସେମ୍ବର ମାସ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହେବାକୁ ଯାଉଛି । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଉଥିବାର ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ନୂତନ ଶତାବ୍ଦୀର ଆଗମନରେ ଶତବାର୍ଷିକୀ ମହୋତ୍ସବ ସମସ୍ତଙ୍କ ମନରେ ନବଉନ୍ମାଦନା ସୃଷ୍ଟିକରୁ ଏହାହିଁ ଏକାନ୍ତ କାମ୍ୟ ।

ମଧୁସୂଦନ ପାଢ଼ୀ
(ମଧୁସୂଦନ ପାଢ଼ୀ)



# ମୋ ଗର୍ବ : ମୋ ବିଦ୍ୟାଳୟ

ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବିଧାୟକ
ଉପସଭାପତି,
ଶତବାର୍ଷିକୀ ପାଳନ ସମିତି

ଆଜି ଆମେ ଖୋରଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ସମାୟୋଜନ କରିବାକୁ ଯାଉଛୁ । ଏହି ଅବସରରେ ଅନେକ କଥା ମନକୁ ଆସୁଛି । ଅତୀତର ଅନେକ ସ୍ମୃତି ଜାଗ୍ରତ ହେଉଛି । ଅନେକ ବିଜ୍ଞ, ଗୁଣୀ, ମେଧାବୀ ଛାତ୍ର ସେମାନଙ୍କର ସ୍ମୃତିଚାରଣ କରିଛନ୍ତି ଏଇ ସ୍ମରଣିକାରେ । ସେସବୁ କେବଳ ସ୍ମୃତି ନୁହେଁ, ଏ ବିଦ୍ୟାଳୟର ପ୍ରବାହମାନ ଇତିହାସ ।

୧୮୯୬ରେ ଖୋରଧା ଇଂଲିଶ୍ ସ୍କୁଲ ନାମରେ ପ୍ରତିଷ୍ଠିତ ଏ ବିଦ୍ୟାଳୟ ଅବିଭକ୍ତ ପୁରୀ ଜିଲ୍ଲାର ଦ୍ୱିତୀୟ ଉଚ୍ଚ ବିଦ୍ୟାଳୟ । ଏଇ ଶିକ୍ଷାନୁଷ୍ଠାନ ୧୦୪ ବର୍ଷ ମଧ୍ୟରେ କେତେ କୃତୀ ଛାତ୍ରଙ୍କୁ ସୃଷ୍ଟି କରି ଦେଶର ପ୍ରବୀଣ ନାଗରିକ ଭାବରେ ବିକଶିତ କରିଛି । ଏହି ବିଦ୍ୟାଳୟର ଅଗଣିତ ଡାକ୍ତର, ଇଞ୍ଜିନିୟର, ପ୍ରଶାସକ, ସାହିତ୍ୟିକ, ଐତିହାସିକ, ବୈଜ୍ଞାନିକ, ବିଧାୟକ, ସାଂସଦ ଓ ମନ୍ତ୍ରୀ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ । କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତ ବର୍ଷରେ ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ।

ଏଇ ପବିତ୍ର ସାରସ୍ୱତ ମନ୍ଦିରର ଜଣେ ପୂଜକ ଭାବରେ ମୁଁ ନିଜକୁ ଅତ୍ୟନ୍ତ ପବିତ୍ର ମନେକରେ । ଏହାର ଜଣେ ଛାତ୍ର ହିସାବରେ ଗର୍ବ ଅନୁଭବ କରେ । ଆଜି ମନେପଡୁଛି ଜଣେ ଭଲ ଛାତ୍ରଭାବରେ ଏ ଅନୁଷ୍ଠାନରୁ ମୁଁ ଯେତିକି ଉତ୍ସାହ ପାଇଛି, ଜଣେ କୃତୀ ଖେଳାଳୀ ଭାବରେ ସେତିକି ଉତ୍ସାହିତ ହୋଇଛି । ଏ ବିଦ୍ୟାଳୟକୁ ମୋର ଅନ୍ତର ସହିତ ମିଶାଇ ଦେଇଛି ସେହିଦିନୁ । ଏହାର ପ୍ରତ୍ୟେକ କାର୍ଯ୍ୟକଳାପ, ପ୍ରତ୍ୟେକ ଉତ୍ସବ ଅନୁଷ୍ଠାନ ସହିତ ମୁଁ ସର୍ବଦା ନିଜକୁ ସାମିଲ୍ କରିନେଇଛି । ମୁଁ ଛାଡ଼ିନି ମୋ ବିଦ୍ୟାଳୟକୁ, ମୋ ବିଦ୍ୟାଳୟ ଛାଡ଼ିନି ମୋତେ ।

ଏଇ ଶତବାର୍ଷିକୀ ଉତ୍ସବ କରିବାକୁ ହେବ । ସଗର୍ବରେ ଆମକୁ ଦେଖାଇବାକୁ ହେବ ଏ ମହନୀୟ ଅନୁଷ୍ଠାନର ଗୌରବରାଜି, ଉନ୍ମାଦନାଭରା ହୃଦୟରେ, ଉପଭୋଗ କରିବାକୁ ହେବ ଏହି ଉତ୍ସବର ପ୍ରତିଟି ମୁହୂର୍ତ୍ତକୁ । ସେଥିପାଇଁ ୧୯୯୫ ମସିହାରୁ ଉଦ୍ୟମ ଲକ୍ଷ୍ୟନେଇ ଆଗେଇ ଚାଲିବାରେ ଟିକିଏ ବିଳମ୍ବ ହୋଇଯାଇଛି ।

ଏହି ବିଦ୍ୟାଳୟର ଗୌରବକୁ ଆହୁରି ଅଧିକ ବୃଦ୍ଧି କରିବାକୁ ହେବ । ନୂତନ ଶତାବ୍ଦୀର ଆହ୍ୱାନକୁ ସାମନା କରି ନୂତନ ରୂପ ଦେବାକୁ ହେବ । ବୈଜ୍ଞାନିକ ପ୍ରଗତି ସହିତ ତାଳଦେଇ ମାନବ ସମାଜ ପରିବର୍ତ୍ତିତ ହେବାରେ ଲାଗିଛି । ଏ ପରିବର୍ତ୍ତନ ସହିତ ତାଳଦେଇ ଶିକ୍ଷା ବ୍ୟବସ୍ଥାର କିଛି କିଛି ପରିବର୍ତ୍ତନ ଘଟୁଛି । ମୋର ଏ ପ୍ରିୟ ବିଦ୍ୟାଳୟକୁ ସର୍ବଦା ଯୁଗୋପଯୋଗୀ କରି ରଖିବାକୁ ହେବ । ଏହାର ନୂତନ ଇତିହାସ ସୃଷ୍ଟି କରିବାକୁ ହେବ । ଏହି ଉଦ୍ୟମ ସହିତ ମୁଁ ନିଜକୁ ସାମିଲ୍ ରଖିବାର ସଂକଳ୍ପ ନେଇଛି, ସୂତ୍ରଧର ଭୂମିକା ନେଇ ନିଷ୍ଠାର କାର୍ଯ୍ୟ କରିଚାଲିଛି, କାର୍ଯ୍ୟକରି ଚାଲୁଥିବି ।

ଖୋରଧାର ଜନସାଧାରଣଙ୍କୁ ମୋର ନିବେଦନ- ଆସନ୍ତୁ ଏ ପ୍ରିୟ ଅନୁଷ୍ଠାନର ଗୌରବ ଉପଲବ୍ଧ କରିବା, ଏହାର ଉନ୍ନତି କଳ୍ପେ ଭବିଷ୍ୟତର କାର୍ଯ୍ୟଧାରାରେ ନିଜକୁ ମିଶାଇଦେବା, ଆସନ୍ତୁ ଏ ଶତବାର୍ଷିକୀ ଉତ୍ସବରେ ନିଜକୁ ମିଶାଇ ଦେଇ ଖୋରଧାର ଗୌରବକୁ ଊର୍ଦ୍ଧ୍ୱକୁ ଟେକି ଧରିବା ।

ଜୟ ମା' ବରୁଣାଇ
ଜୟ ଖୋରଧା ।

# ଶତାବ୍ଦୀ ଶପଥ

**ଶ୍ରୀ ଗୋପାଳକୃଷ୍ଣ ଦାସ**
*ସଂପାଦକ*
*ଶତବାର୍ଷିକୀ ପାଳନ ସମିତି*

**ଶ୍ୟା**ମଳ ବନୁଆଉ ଗିରି ଶିଖରେ ଉଦ୍‌ଭାସିତ ନୂଆ ଶତାବ୍ଦୀର ସୂର୍ଯ୍ୟ ।

ଦିଗ ଦିଗରେ ନିନାଦିତ ତୂର୍ଯ୍ୟ ।

ସାରା ବିଶ୍ୱ ଏକବିଂଶ ଶତାବ୍ଦୀର ସ୍ୱାଗତରେ ଉଲ୍ଲସିତ ଉଦ୍‌ବେଳିତ ।

ଏହି ମଧୁମୟ ଆନନ୍ଦ ବିଭୋରିତ ବାତାବରଣରେ ଶୁଭ ଶଂଖ ନାଦରେ ପବିତ୍ର ବେଦଧ୍ୱନି ମଧ୍ୟରେ ଓଡ଼ିଶାର ପ୍ରାଚୀନ ପ୍ରଜ୍ଞାପୀଠ କର୍ଣ୍ଣ ଜଗବନ୍ଧୁ ବିଦ୍ୟାଧର ବିଦ୍ୟାଳୟ ପାଳନ କରୁଛି ବହୁ ପ୍ରତିକ୍ଷିତ ଶତବାର୍ଷିକୀ ମହୋତ୍ସବ । ଏହି ପୂତ ଅବସରରେ ଶତବାର୍ଷିକୀ ପାଳନ ସମିତି ଆପଣଙ୍କୁ ଜଣାଉଛି ପୁଷ୍ପିତ ଅଭିନନ୍ଦନ ।

ରତ୍ନଗର୍ଭା ଖୋର୍ଦ୍ଧା ଓଡ଼ିଶା ତଥା ଭାରତର ଯେପରି ଐତିହାସିକ ବୀରଭୂମି ରୂପେ ବିଦିତ, ଖୋର୍ଦ୍ଧା ହାଇଇଂଲିଶ ସ୍କୁଲ ମଧ୍ୟ ଅନୁରୂପ ଐତିହାସିକ ପ୍ରଜ୍ଞାପୀଠ ରୂପେ ସ୍ୱୀକୃତ । ଲର୍ଡ ହାର୍ଡିଞ୍ଜଙ୍କ ପ୍ରଭାବିତ ୧୮୪୫ରେ ପ୍ରତିଷ୍ଠିତ ଖୋର୍ଦ୍ଧା ଭର୍ଣ୍ଣାକୁଲାର ସ୍କୁଲ ରାଜ୍ୟର ଦ୍ୱିତୀୟ ପ୍ରାଚୀନ ଶିକ୍ଷାୟତନ । ଏହାର ରହିଛି ମହାନ ଐତିହ୍ୟ ଓ ପ୍ରବାହମାନ ପରଂପରା । ଶିକ୍ଷାପ୍ରସାର କ୍ଷେତ୍ରରେ ଊନବିଂଶ, ବିଂଶ ଓ ଏକବିଂଶ ଶତାବ୍ଦୀର ଏହା ଏକ ଉଜ୍ଜ୍ୱଳ ଆଲୋକସ୍ତମ୍ଭ । ଜାତିର ଜନକ ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ପଣ୍ଡିତ ଗୋଦାବରୀଶ, ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରମୁଖ ବହୁ ଜନନାୟକଙ୍କ ସ୍ମୃତି ଏଥିରେ ଜଡ଼ିତ । ଏହା ଭାରତର ଏକ ଅନନ୍ୟ ଶିକ୍ଷାନୁଷ୍ଠାନ, ଯେଉଁଠି ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଛାତ୍ର ଓ ଶିକ୍ଷକ ଥିଲେ ସଂପୃକ୍ତ । ଏହାର ପ୍ରାକ୍ତନ ଛାତ୍ର ବ୍ରିଟିଶ ସରକାରଙ୍କ ଦ୍ୱାରା ଫାଶୀ ପାଇଥିବା ଅମର ଶହୀଦ ରଘୁ ଦିବାକର, ମୁଖ୍ୟମନ୍ତ୍ରୀ ରୂପେ ତ୍ରିବାର ଦାୟିତ୍ୱ ଗ୍ରହଣ କରିଥିବା ପ୍ରଜ୍ଞାପୁରୁଷ ଜାନକୀ ବଲ୍ଲଭ ପଟ୍ଟନାୟକ, ଜାତୀୟ ସ୍ତରରେ ସର୍ବୋଚ୍ଚ ସାହିତ୍ୟିକ ସମ୍ମାନ ଜ୍ଞାନପୀଠ ବିଜେତା ସଚ୍ଚି ରାଉତରାୟ । ଏପରି ଦେଶପ୍ରେମୀ ବୀର ଶହୀଦ, ପ୍ରାୟ ଦେଢ଼ଦଶନ୍ଧି ଧରି ରାଜ୍ୟର ନେତୃତ୍ୱ ନେଇଥିବା ଜନନାୟକ ଓ ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତ ସାହିତ୍ୟିକ ଗୋଟିଏ ସ୍କୁଲରେ ମିଳିବା ବିରଳ । ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ ସଭ୍ୟତାର ବିକାଶରେ ଏହାର ଭୂମିକା ଅକଳନୀୟ । ତେଣୁ ଏହାକୁ ଜାତୀୟ ଶିକ୍ଷାନୁଷ୍ଠାନ ରୂପେ ସ୍ୱୀକୃତି ପ୍ରଦାନ କରିବା ବାଞ୍ଛନୀୟ ।

ଏହି ପ୍ରସଙ୍ଗରେ ଗ୍ରୀସୀୟ ମନିଷୀ ପିଥାଗୋରସଙ୍କ ଉକ୍ତି ସ୍ମର୍ତ୍ତବ୍ୟ- ''ନଗରର ବାହ୍ୟ ଆଡ଼ମ୍ବର, ଉଚ୍ଚ ଅଟ୍ଟାଳିକା ଓ ସୁନ୍ଦର ସୁସଜ୍ଜିତ ପ୍ରାସାଦ ଦେଖି ମୁଗ୍ଧ ହେବାର କିଛି ନାହିଁ । କାରଣ ତାହା କେବଳ କାଠ, ଇଟା ଓ ପଥରରେ ତିଆରି କିନ୍ତୁ ନଗରର ଅଧିବାସୀ ଯଦି ସତ୍ ଓ ମହତ୍ ହୁଅନ୍ତି ତାହେଲେ ଯାଇ ସେ ନଗର ସୁନ୍ଦର ଓ ମନୋହର ହୁଏ ।'' ଶିକ୍ଷାନୁଷ୍ଠାନ ହିଁ ମନୁଷ୍ୟଗଢ଼ା ଶିଳ୍ପ କାରଖାନା । ଏହାର ଉନ୍ନତିରେ ହିଁ ଉତ୍କୃଷ୍ଟ ମାନବ ସମାଜ ସୃଷ୍ଟି ସମ୍ଭବ ।

ଏହି ଅବସରରେ ବିଦ୍ୟାଳୟର ବିରାଟ ଛାତ୍ରାବାସର ସଦୁପଯୋଗ ପାଇଁ +୨ ଶ୍ରେଣୀ ସଂଯୁକ୍ତ କରି ଏହାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ଆମର ରାଜ୍ୟ ସରକାରଙ୍କୁ ବିନମ୍ର ନିବେଦନ ।

ଏଥି ସହିତ ବିଦ୍ୟାଳୟର ମୁଖ୍ୟଦ୍ୱାର ସମ୍ମୁଖସ୍ଥ ଉନ୍ମୁକ୍ତ ପ୍ରାନ୍ତରକୁ ପ୍ରାଚୀର ଆବେଷ୍ଟନୀ ମଧ୍ୟରେ ବନ୍ଧି ଜଗବନ୍ଧୁ ସ୍ମାରକୀ ପ୍ରମୋଦ ଉଦ୍ୟାନ (ପାର୍କ) ସ୍ଥାପନ, ଶତବାର୍ଷିକୀ ତୋରଣ ନିର୍ମାଣ ପାଇଁ ଅନୁରୋଧ । ତେଣୁ ବିଦ୍ୟାଳୟର ସମସ୍ତ ପ୍ରାକ୍ତନ ଛାତ୍ର, ଶୁଭେଚ୍ଛୁ ଓ ଖୋର୍ଦ୍ଧାର ସୁଧୀସଜ୍ଜନ ଉଦ୍ୟମ ଅବ୍ୟାହତ ରଖିବେ ଏହାହିଁ କାମନା ।

ଦ୍ୱାଦଶ ଶତାବ୍ଦୀର ଏକ ଛୋଟ ସ୍କୁଲ ଅକ୍ସଫୋର୍ଡ ଆଜି ପୃଥିବୀର ସବୁଠାରୁ ନାମଜାଦା ବିଶ୍ୱବିଦ୍ୟାଳୟ । ଏହା ରାତାରାତି ଏକ ଦିନରେ ଗଢ଼ି ଉଠିନାହିଁ । ଦୀର୍ଘବର୍ଷ ଧରି ବିବର୍ତ୍ତନର ବିଭିନ୍ନ ପର୍ଯ୍ୟାୟ ଦେଇ ଦ୍ୱାଦଶ ଶତାବ୍ଦୀର ଏହି ସ୍କୁଲ ଆଜି ବିଶ୍ୱର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ।

ଊନବିଂଶ ଶତାବ୍ଦୀରେ କତିପୟ ଉଦାର ବ୍ୟକ୍ତିଙ୍କ ମହତ୍ୱାକାଂକ୍ଷାରୁ ଜନ୍ମ ନେଇଥିବା ଏହି ଶିକ୍ଷାନୁଷ୍ଠାନ ଭାରତୀୟ ପୁନର୍ଜାଗରଣର ଆଦ୍ୟ ଶଙ୍ଖ ଧ୍ୱନି ପ୍ରତିଧ୍ୱନିତ କରିଥିଲା । ଆଜି ତା'ର ଛାତ୍ରଗଣ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନିଶ୍ଚିତ ସଫଳତା ପ୍ରାପ୍ତିର ଆତ୍ମବିଶ୍ୱାସ ନେଇ କର୍ତ୍ତବ୍ୟର ଆହ୍ୱାନରେ ଅଗ୍ରଧାବିତ ହୁଅନ୍ତୁ, ଏହାହିଁ କାମନା ।

# ପ୍ରଧାନ ଶିକ୍ଷକଙ୍କ ଶୁଭାଭିଳାଷ



**ନିତ୍ୟାନନ୍ଦ ନାୟକ**

ପ୍ରଖ୍ୟାତ ନାମା ପ୍ରାତଃ ସ୍ମରଣୀୟ ଦେଶବତ୍ସଳ ବକ୍ସିଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ରଙ୍କ ପବିତ୍ର ନାମାନୁସାରେ ଏହି ବିଦ୍ୟାଳୟର ନାମ ବକ୍ସିଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ । ୧୮୯୬ ମସିହାର ଏକ ଶୁଭ ମୁହୂର୍ତ୍ତରେ ପ୍ରାକ୍ତନ ଉତ୍କଳର ଏକଦା ରାଜଧାନୀ, ଖୋର୍ଦ୍ଧାର ବକ୍ଷସ୍ଥଳରେ ବିଦ୍ୟମାନ । ଅବିଭକ୍ତ ପୁରୀ ଜିଲ୍ଲାର ଦ୍ୱିତୀୟ ଏବଂ ସମସ୍ତ ଓଡ଼ିଶାର ଏକାଦଶ ଉଚ୍ଚବିଦ୍ୟାଳୟ ଭାବେ ଏହା ସୁଖ୍ୟାତ । ଖୋରଧା କେବଳ ନୁହେଁ, ଭଣପୁର, ବାଣପୁର, ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ବାଙ୍କି ଆଦି ବିଭିନ୍ନ ଅଞ୍ଚଳର ଏକମାତ୍ର ଉଚ୍ଚବିଦ୍ୟାଳୟଭାବେ ଏହି ଶିକ୍ଷାନୁଷ୍ଠାନ ତା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିବା ଏକ ଗର୍ବର ବିଷୟ । ଶହେଟି ବର୍ଷର ଅସୀମ ଅନୁଭୂତି ଅର୍ଜନ କରି ଏହି ଶିକ୍ଷାନୁଷ୍ଠାନ ଅନ୍ୟ ଏକ ଶତାବ୍ଦୀର ପାଦ ଦେଶରେ । ଗୌରବୋଜ୍ଜ୍ୱଳ ଏହି ଶିକ୍ଷାନୁଷ୍ଠାନ ତା'ର ଶତବାର୍ଷିକୀ ପାଳନ ଅବସରରେ ଉତ୍ସବ ମୁଖରୀତ । ପ୍ରିୟ ବକ୍ସିଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ବିଦ୍ୟାଳୟ ହତା ମଧ୍ୟରେ ଅବସ୍ଥାପିତ ହେବା, ଶତାଧିକ ବର୍ଷର ଅମ୍ଳାନ ସ୍ମୃତିକୁ ଅଙ୍କରେ ବହନ କରି 'ଶତାବ୍ଦୀ ଅବକାଶ' ପ୍ରକାଶିତ ହେବା ଏବଂ ଶତାବ୍ଦୀ ପାଳନର ମଧୁର ସ୍ମୃତିର ମୂକସାକ୍ଷୀ ଭାବେ ବିଦ୍ୟାଳୟ ପରିସର ମଧ୍ୟରେ ଶତାବ୍ଦୀ 'ସ୍ମାରକୀ ଭବନ' ନିର୍ମିତ ହେବା ବିଦ୍ୟାଳୟ ପକ୍ଷେ ଗୌରବର ବିଷୟ ।

କହିବା ବାହୁଲ୍ୟ ଯେ, ମାତୃ ସ୍ୱରୂପିଣୀ ଏହି ପ୍ରଜ୍ଞାପୀଠ, କେବଳ ଓଡ଼ିଶାରେ ନୁହେଁ, ଜାତୀୟ ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ଶିକ୍ଷା, ସାହିତ୍ୟ, କଳା, ବିଜ୍ଞାନ, ସଂସ୍କୃତି, ରାଜନୀତି, ପ୍ରଶାସନ ଆଦି ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ସୃଷ୍ଟି କରି ପାରିଛି । ସ୍ୱାଧୀନତା ଆନ୍ଦୋଳନ ଠାରୁ ଆରମ୍ଭ କରି ପ୍ରତିରକ୍ଷା ପର୍ଯ୍ୟନ୍ତ ଏହି ଶିକ୍ଷାନୁଷ୍ଠାନର ଅନେକ ଛାତ୍ର ଜୀବନ ଉତ୍ସର୍ଗ କରି ଶହୀଦ ପାଲଟିଛନ୍ତି, କ୍ରୀଡ଼ା ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀରେ ଅଂଶ ଗ୍ରହଣ କରି ଜାତୀୟ ସ୍ତରରେ ଏହି ଶିକ୍ଷାନୁଷ୍ଠାନର ସୁନାମ ପ୍ରତିଷ୍ଠା କରିପାରିଛନ୍ତି । ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୧୯୪୭ ମସିହାଠାରୁ ଆଜିସୁଦ୍ଧା ଏହି ବିଦ୍ୟାଳୟରେ ୧୦ଜଣ ଛାତ୍ର ପ୍ରଥମ ଦଶଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନଲାଭ କରି ବିଦ୍ୟାଳୟର ଗୌରବ ବଢ଼ାଇ ପାରିଛନ୍ତି ।

ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସ୍ୱର୍ଗତ ବାଙ୍କବିହାରୀ ପଟ୍ଟନାୟକ ତତ୍କାଳୀନ ଇଂରେଜ ସରକାରଙ୍କ ଦ୍ୱାରା 'ରାୟବାହାଦୁର' ଉପାଧିରେ ଭୂଷିତ ହେବା ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବିଦ୍ୟାସିଂହ ପଟ୍ଟନାୟକ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତହେବା ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବନବିହାରୀ ପଟ୍ଟନାୟକ ରାଜ୍ୟପାଳ ପୁରସ୍କାର ଲାଭ କରିବା ଏବଂ ଦେଶ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ବିଦ୍ୟାଳୟର ଅଧୁନା ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ନାୟକଙ୍କୁ ଖୋର୍ଦ୍ଧା ଶିକ୍ଷାମଣ୍ଡଳର ଜଣେ କୃତୀ ପ୍ରଧାନ ଶିକ୍ଷକ ଭାବେ ପୁରସ୍କୃତ କରିବା ଆଦି ବିଷୟ ବିଦ୍ୟାଳୟର ପକ୍ଷେ ଗୌରବୋଜ୍ଜ୍ୱଳ ଘଟଣା । ଅତୀତରେ ଏହି ବିଦ୍ୟାଳୟର ଯୋଗ୍ୟ ସହକାରୀ ଶିକ୍ଷକମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଗଡ଼ଜାତ ଅଞ୍ଚଳକୁ ରାଜା, ମହାରାଜା ମାନଙ୍କଦ୍ୱାରା ଆମନ୍ତ୍ରିତ ହୋଇ ନୂତନ ଭାବେ ଗଢ଼ିଉଠୁଥିବା ଉଚ୍ଚବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱ ବହନ କରି ଓଡ଼ିଶାରେ ଶିକ୍ଷାର ପ୍ରସାର ଦିଗରେ ସହାୟକ ହୋଇ ଉଚ୍ଚ ପ୍ରଶଂସିତ ହୋଇପାରିଛନ୍ତି । ଶିକ୍ଷା, କ୍ରୀଡ଼ା ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀରେ ସହକାରୀ ଶିକ୍ଷକମାନେ ନିଜର କର୍ତ୍ତବ୍ୟ ନିଷ୍ଠା ପ୍ରଦର୍ଶନ କରି ପୁରସ୍କୃତ ହୋଇ ଆସୁଛନ୍ତି । ୧୯୯୮ରେ ଏହି ବିଦ୍ୟାଳୟ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକଙ୍କ ଦ୍ୱାରା ଖୋର୍ଦ୍ଧା ଶିକ୍ଷାମଣ୍ଡଳର ଏକ ଉତ୍ତମ ଉଚ୍ଚ ବିଦ୍ୟାଳୟ ଭାବେ ପୁରସ୍କୃତ ହେବା ଅନ୍ୟ ଏକ ଉଲ୍ଲେଖନୀୟ ଘଟଣା ।

ଅନୁଷ୍ଠାନର ଶତାଧିକ ବର୍ଷର ଇତିହାସକୁ ଗର୍ବର ସହିତ ନିଜ ଅଙ୍କରେ ପ୍ରଦର୍ଶନ କରି ''ଶତାବ୍ଦୀ ଅବକାଶ'' ଉନ୍ମୋଚିତ ହେବାକୁ ଯାଉଥିବାରୁ ଏହି ଅନୁଷ୍ଠାନର ପ୍ରଧାନ ଶିକ୍ଷକଭାବେ ମୁଁ ବିଶେଷ ଗର୍ବିତ । କାରଣ ଏହା ଆଗାମୀ ଶତାବ୍ଦୀ ଶତାବ୍ଦୀ ଧରି ଭବିଷ୍ୟତ ବଂଶଧରଙ୍କ ପାଇଁ ପ୍ରେରଣାର ଉତ୍ସ । ଜୟହିନ୍ଦ ।

*ପ୍ରଧାନଶିକ୍ଷକ*
*ବି.ଜେ.ବି. ହାଇସ୍କୁଲ, ଖୋର୍ଦ୍ଧା*

# ସଂକ୍ଷେପରେ ଶତାୟୁ ...

ଓଡ଼ିଶାର ଅନ୍ୟତମ ପ୍ରାଚୀନ ଓ ପ୍ରସିଦ୍ଧ ପ୍ରଜ୍ଞାପୀଠ ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲ ୧୮୯୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏ ଶତାୟୁ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ମାନଙ୍କ ମଧ୍ୟରେ ଦୁଇଜଣ ବ୍ୟକ୍ତିଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ । ଜଣେ ଥିଲେ ଖୋର୍ଦ୍ଧା ନିକଟବର୍ତ୍ତୀ ନାରଗୋଡା ଗ୍ରାମ ନିବାସୀ ଖୋର୍ଦ୍ଧା ସବ୍‌ଡିଭିଜନ ଅଫିସ୍ କିରାଣୀ ସ୍ୱର୍ଗତ ଦିଗମ୍ବର ଶ୍ରୀଚନ୍ଦନ ଏବଂ ଆଉ ଜଣେ ଥିଲେ ସୁଦୂର ଦରିଆ ସେପାରି ବିଲାତ ବାସୀ ଖୋର୍ଦ୍ଧାର ତତ୍‌କାଳୀନ ସବ୍‌ଡିଭିଜନାଲ ଅଫିସର ଏଚ୍.ମ୍ୟାକ୍ ଫର୍ସନ ଆଇ.ସି.ଏସ. । ବସ୍ତୁତଃ ସେହି ଦୁଇଜଣ ଏ ମହାନ୍ ଅନୁଷ୍ଠାନର ଜନ୍ମଦାତା ମାତାପିତା ସଦୃଶ ଥିଲେ ।

ଇଂରେଜମାନେ ୧୮୦୪ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧା ଅଧିକାର କରିବାର ୩୮ ବର୍ଷ ପରେ ୧୮୪୬ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ୧୮୬୪ ଖ୍ରୀଷ୍ଟାବ୍ଦରେ ସେହି ପ୍ରାଥମିକ ବିଦ୍ୟାଳୟକୁ ମିଡ଼ିଲ୍ ଭର୍ଣ୍ଣାକ୍ୟୁଲାର ସ୍କୁଲରେ ପରିଣତ କରାଯାଇ ୧୮୭୮ ଖ୍ରୀଷ୍ଟାବ୍ଦରେ ମିଡ଼ିଲ ଭର୍ଣ୍ଣାକୁଲାର ସ୍କୁଲକୁ ମିଡ଼ିଲ ଇଂଲିଶ ସ୍କୁଲରେ ପରିଣତ କରାଯାଇଥିଲା । ୧୮୯୪ ଖ୍ରୀଷ୍ଟାବ୍ଦରେ ଏସ.ଡ଼ି.ଓ. ମ୍ୟାକ୍ ଫର୍ସନ ସାହେବଙ୍କ ମୁଣ୍ଡରୁ ଉକ୍ତ ମିଡ଼ିଲ ଇଂଲିଶ ସ୍କୁଲକୁ ହାଇ ଇଂଲିଶ ସ୍କୁଲରେ ପରିଣତ କରିବାର ପରିକଳ୍ପନା ବାହାରିଥିଲା ଏବଂ ସେ ପରିକଳ୍ପନାକୁ ରୂପାୟିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଦିଗମ୍ବର ଶ୍ରୀ ଚନ୍ଦନ । ୧୮୯୬ରେ ମ୍ୟାକ୍ ଫର୍ସନ ସାହେବଙ୍କ ସଭାପତିତ୍ୱରେ ଗଠିତ ପ୍ରସ୍ତାବିତ ହାଇସ୍କୁଲ ପ୍ରସ୍ତୁତି କମିଟିରେ ସଂପାଦକ ଥିଲେ ଦିଗମ୍ବର ଶ୍ରୀଚନ୍ଦନ ଏବଂ ଖୋର୍ଦ୍ଧାର ତତ୍‌କାଳୀନ ତହସିଲ୍‌ଦାର ମୌଲବୀ ବାଦଶ ବକ୍ସ, ଛତାବର ନିବାସୀ ମୁକ୍ତାର କୃଷ୍ଣଚନ୍ଦ୍ର ସାମନ୍ତରାୟ, ଅନ୍ୟତମ ମୁକ୍ତାର ରାଧାକୃଷ୍ଣ ପଟ୍ଟନାୟକ, ଓଳସିଂହର ଜମିଦାର କାନଗୋଇ (କାନୁନ୍‌ଗୋ) ଚିନ୍ତାମଣି ପଟ୍ଟନାୟକ ପ୍ରମୁଖ ବ୍ୟକ୍ତିମାନେ ସେହି କମିଟିର ସଦସ୍ୟଥିଲେ। ସଂପାଦକ ଦିଗମ୍ବର ଶ୍ରୀଚନ୍ଦନ ସର୍ବପ୍ରଥମେ ତାଙ୍କ ସ୍ତ୍ରୀଙ୍କ ଗହଣାମାନଙ୍କରୁ ଗୋଟିଏ ସ୍ୱର୍ଣ୍ଣ ହୁବ୍ଲାତକ ଦାନ କରି ପ୍ରସ୍ତାବିତ ହାଇସ୍କୁଲ ପାଇଁ ପାଣ୍ଠି ସଂଗ୍ରହର ଶୁଭାରମ୍ଭ କରିଥିଲେ ଏବଂ ତହସିଲଦାର ବାଦଶବକ୍ସ ଖୋର୍ଦ୍ଧାର ସଉଦାଗାର ମାନଙ୍କ ସହାୟତା କ୍ରମେ ପାଣ୍ଠି ସଂଗ୍ରହ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଗାଡ଼ିଡ଼ି ପାଞ୍ଚଣ ଗ୍ରାମର ସ୍ୱର୍ଗତ ମାଧବଚନ୍ଦ୍ର ମିଶ୍ର ବି.ଏ.ଙ୍କୁ ହାଇସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକଭାବେ ନିଯୁକ୍ତ କରାଯାଇଥିଲା । ଓଡ଼ିଶା ସ୍କୁଲ ସମୂହର ତତ୍‌କାଳୀନ ଇନ୍‌ସ୍ପେକ୍ଟର କବିବର ରାୟ ବାହାଦୁର ରାଧାନାଥ ରାୟ ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲକୁ ବିଭାଗୀୟ ମଞ୍ଜୁରି ପ୍ରଦାନ କରିଥିଲେ ।

ପ୍ରଥମେ ଥାନା ପାଖରେ ୩ ଗୋଟି ବ୍ଲକ୍ ବିଶିଷ୍ଟ ଚାଳ ଘର ନିର୍ମାଣ କରାଯାଇ ୧୯୨୧ ମସିହା ପର୍ଯ୍ୟନ୍ତ ସେହି ଚାଳଘରେ ସ୍କୁଲ ଚାଲିଥିଲା । କାନଗୋଇ ଚିନ୍ତାମଣି ପଟ୍ଟନାୟକ ସ୍କୁଲ ଘର ସହିତ ଛାତ୍ରାବାସ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେଇ ସେ ଉଦ୍ଦେଶ୍ୟରେ ସର୍ବପ୍ରଥମେ ଏକଶତଟଙ୍କା ଦାନ କରିଥିଲେ । ଛାତ୍ରାବାସ ଉଦ୍ଦେଶ୍ୟରେ ପୂର୍ବ ପଶ୍ଚିମ ହୋଇ ୨ଟି ଲୁଜ ଚାଳଘର ନିର୍ମାଣ କରାଯାଇଥିଲା ।

୧୬.୫.୧୯୧୭ ତାରିଖରେ ତାହେମାଡିପଡ଼ିଆ ଓ ପଲଟଣ ପଡ଼ିଆ ମଧ୍ୟବର୍ତ୍ତୀ ୧୬ ଏକର ସରକାରୀ ଜାଗାରେ ସ୍କୁଲ ପାଇଁ ସ୍ଥାୟୀ କୋଠାଘର ନିର୍ମାଣ କରିବାକୁ ପରିଚାଳନା କମିଟି ପ୍ରସ୍ତାବ କରିଥିଲେ ।

୫.୧.୧୯୧୯ ତାରିଖରେ ବିହାର ଓଡ଼ିଶା ସରକାର ଖୋର୍ଦ୍ଧା ହାଇସ୍କୁଲ ପାଇଁ ସ୍ଥାୟୀ କୋଠାଘର ନିର୍ମାଣ ନିମନ୍ତେ କୋଡ଼ିଏ ହଜାର ଟଙ୍କା ମଞ୍ଜୁର କରିଥିଲେ । ୫.୪.୧୯୧୯ ତାରିଖରେ ସ୍କୁଲର ସ୍ୱାଧୀନଚେତା ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତା, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏ ସ୍କୁଲରୁ ଇସ୍ତଫା ଦେଇ ସତ୍ୟବାଦୀ ଚାଲିଗଲେ ।

୨୧.୧୨.୧୯୧୯ରେ ମି:ଜେ. ଏଫ୍ ଗ୍ରୁନିଙ୍ଗ ଆଇ.ସି.ଏସ୍‌ଙ୍କ ଦ୍ୱାରା ପ୍ରସ୍ତାବିତ ସ୍କୁଲ କୋଠାର ଶିଳାନ୍ୟାସ କରାଯାଇଥିଲା ।

୧୯୨୧ରେ ଭାରତର ସ୍ୱାଧୀନତା ପାଇଁ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ସାରାଭାରତରେ ଅସହଯୋଗ ଆନ୍ଦୋଳନ ବ୍ୟାପିଗଲା । ଖୋର୍ଦ୍ଧା ହାଇସ୍କୁଲ ଛାତ୍ରମାନେ ସେ ଆନ୍ଦୋଳନରେ କେବଳ ଭାଗ ନେଇ ନଥିଲେ, ସେ ଆନ୍ଦୋଳନକୁ ତୀବ୍ରରୁ ତୀବ୍ରତର କରିନେଇଥିଲେ :-

୨୧.୧.୧୯୨୧ରେ ସତ୍ୟବାଦୀରେ ପଣ୍ଡିତ ଗୋପବନ୍ଧୁ ଦାସ ବ୍ରିଟିଶ ସରକାର ବିରୋଧରେ କଂଗ୍ରେସର ଅସହଯୋଗ ଆନ୍ଦୋଳନରେ ଯୋଗଦେବାପାଇଁ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇ ଏକ ସଭା କରିଥିଲେ । ସେଇ ସଭାରେ ଯୋଗଦେବା ପାଇଁ ଖୋର୍ଦ୍ଧା ସ୍କୁଲର ଛାତ୍ରମାନେ ମିଟିଙ୍ଗ କରି ସ୍କୁଲକୁ ନ ଯାଇ ସତ୍ୟବାଦୀ ସଭାକୁ ଯିବାକୁ ପ୍ରସ୍ତାବ କଲେ ଓ ପ୍ରଧାନ ଶିକ୍ଷକଙ୍କ ବାରଣ ଓ କଡ଼ା ଥ୍ରେଟିଂ ସତ୍ତ୍ୱେ ଗଲେ ।

୧.୩.୧୯୨୧ ଭୋର୍ ୪ଟା ସମୟରେ ଛାତ୍ରାବାସର ପୂର୍ବ ବ୍ଲକରେ ଅଚାନକ ନିଆଁଲାଗି ଜଳିଗଲା ।

୯.୩.୧୯୨୧ ରାତ୍ରୀ ୭.୩୦ରେ ସ୍କୁଲ ଘରେ ଅଚାନକ ନିଆଁଲାଗି ୩ଗୋଟି ରୁମ୍‌ରୁ ୨ ଗୋଟି ରୁମ୍ ଅନେକ ଆସବାବ ସହ ଜଳି ଭସ୍ମୀଭୂତ ହୋଇଗଲା ।

୨୩.୪.୧୯୨୧ ରାତି ଗୋଟାଏ ବେଳେ ପୁଣି ସ୍କୁଲଘରର ମଝିରୁମ୍‌ରେ ନିଆଁ ଜଳିଲା । ଏହା ନିଶ୍ଚିତଭାବେ ଅସହଯୋଗ ଆନ୍ଦୋଳନ ସହିତ ସଂପୃକ୍ତ ଛାତ୍ରଙ୍କ କାଣ୍ଡବୋଲି କର୍ତ୍ତୃପକ୍ଷ ଜାଣିପାରିଲେ ।

୨୫.୪.୧୯୨୧ ଅଗ୍ନିକାଣ୍ଡ ଭୟ ଯୋଗୁଁ ସ୍କୁଲ ଓ ଛାତ୍ରାବାସର ସମସ୍ତ ଆସବାବ ନୂଆ ସ୍କୁଲ କୋଠାକୁ ସ୍ଥାନାନ୍ତର କରାଯାଇଥିଲା ।

୧୯୨୧ ମଇ ମାସରେ ସ୍କୁଲର ଅଫିସ୍ ଓ ଲାଇବ୍ରେରୀ ସାମୟିକ ଭାବେ ପ୍ରଥମେ ରୁମ୍ ଘରକୁ ଓ ପରେ ବ୍ୟାଙ୍କ କୋଠାକୁ ସ୍ଥାନାନ୍ତରିତ କରାଯାଇଥିଲା ।

୧୬.୪.୧୯୨୨ ଅସହଯୋଗ ଆନ୍ଦୋଳନ ସହିତ ସଂପୃକ୍ତ ଛାତ୍ର ଗୋପୀନାଥ ସେନ୍‌ଠାରୁ ଜବତ କରାଯାଇଥିବା ଚିଠିରୁ ଜଣାଗଲା ଯେ କାଶପୁର ମି.ଇ.ସ୍କୁଲ ଛାତ୍ର ବାଡ଼ିବନ୍ଧୁ ସାହୁ ଓ ଲକ୍ଷ୍ମୀଧର ପଟ୍ଟନାୟକ ଏହି ଆନ୍ଦୋଳନ ସହ ସଂପୃକ୍ତ ଥିଲେ ।

୧୯୩୦ ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ଖୋର୍ଦ୍ଧା ସ୍କୁଲ ଛାତ୍ରମାନଙ୍କ ଭୂମିକା ଅଧିକ ତୀବ୍ରତର ହୋଇ ଉଠିଥିଲା :-

୩.୪.୧୯୩୦ରେ ସ୍କୁଲର ୧୦ମ ଶ୍ରେଣୀର ଛାତ୍ରମାନେ ପ୍ରଥମେ ଧର୍ମଘଟ ଆରମ୍ଭ କଲେ ।

୧୫.୪.୧୯୩୦ରେ ସ୍କୁଲର ହଲ ଛାତ ଶୀର୍ଷରେ ଖଦଡ଼ କନାରେ ତିଆରି ତ୍ରିରଙ୍ଗା ପତାକା ଉଡ଼ିଥିଲା । ଉକ୍ତ ପତାକା ମଝିରେ ଚରଖା ଚିହ୍ନ ଥିଲା ଏବଂ ଓଡ଼ିଆରେ 'ବନ୍ଦେ ମାତରମ୍' ଲେଖାଥିଲା ।

୧୬.୪.୧୯୩୦ ବିଶିଷ୍ଟ ସତ୍ୟାଗ୍ରହୀ ନେତା ଗୋପବନ୍ଧୁ ଚୌଧୁରୀଙ୍କୁ ଖୋର୍ଦ୍ଧାରେ ଗିରଫ କରାଯିବାରୁ ତାର ପ୍ରତିବାଦରେ ଖୋର୍ଦ୍ଧାରେ ପୂର୍ଣ୍ଣ ହରତାଳ ପାଳନ କରାଯାଇଥିଲା । ଖୋର୍ଦ୍ଧାସ୍କୁଲ ଓ ଛାତ୍ରାବାସର ଅଧିକାଂଶ ଛାତ୍ର ହରତାଳରେ ଯୋଗ ଦେଲେ । ''ସ୍କୁଲକୁ ଯାଅ ନାହିଁ'' 'ହରତାଳରେ ଯୋଗଦିଅ' ଲେଖାଥିବା ପୋଷ୍ଟର ସବୁ ସ୍କୁଲ ଓ ଛାତ୍ରାବାସ କାନ୍ଥରେ ଲାଗିଥିଲା ।

୨୨.୪.୧୯୩୦ କଂଗ୍ରେସ ସତ୍ୟାଗ୍ରହୀ ରାଜକୃଷ୍ଣ ବୋଷଙ୍କୁ ଖୋର୍ଦ୍ଧାରେ ଗିରଫ କରାଯିବାରୁ ଟାଉନ୍‌ରେ ପୂର୍ଣ୍ଣ ହରତାଳ ପାଳିତ ହେଲା । ଛାତ୍ରମାନେ ସ୍କୁଲକୁ ନ ଯାଇ ଛାତ୍ରାବାସରେ ସଭାକଲେ ଏବଂ ଛାତ୍ରାବାସ ଉପର ତ୍ରିରଙ୍ଗା ଜାତୀୟ ପତାକା ଉଡ଼ାଇଲେ । ସ୍କୁଲ ପରିସରରେ ସଂପୂର୍ଣ୍ଣ ହରତାଳ ପାଳିତ ହେଲା । ଏଥିରେ ନେତୃତ୍ୱ ନେଇଥିବା ୧୦ମ ଶ୍ରେଣୀର ଛାତ୍ରନେତା ନୃସିଂହଚରଣ ସାମନ୍ତସିଂହାରଙ୍କ ନାଁ କାଟି ତାଙ୍କୁ ସ୍କୁଲରୁ ବାହାର କରିଦିଆଗଲା ଏବଂ ଅନ୍ୟତମ ଛାତ୍ରନେତା ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଫୋର୍ସ ଟି.ସି. ଦେଇ ସ୍କୁଲରୁ ବିଦାୟ କରି ଦିଆଯାଇଥିଲା ।

X X X X X X X X X X X X X X

୧.୬.୧୯୨୧ରେ ପ୍ରଧାନ ଶିକ୍ଷକଙ୍କ ପାଇଁ କ୍ୱାର୍ଟର ନିର୍ମାଣ ଆରମ୍ଭ କରାଗଲା ।

୫.୧୨.୧୯୨୧ରେ ନିର୍ମାଣାଧୀନ ସ୍କୁଲ କୋଠାର କେତୋଟି ପ୍ରକୋଷ୍ଠରେ ଷାଣ୍ମାସିକ ପରୀକ୍ଷା ଓ ସ୍କୁଲ କାର୍ଯ୍ୟର ଶୁଭାରମ୍ଭ କରାଗଲା ।

୧୦.୯.୧୯୨୨ ତାରିଖରେ ଓଡ଼ିଶା ଡିଭିଜନାଲ କମିସନର ମି:ବି. ପଲି ଆଇ.ସି.ଏସ୍. ସ୍କୁଲର ନବନିର୍ମିତ ଅଫିସ୍‌ଗୃହ ଉଦ୍‌ଘାଟନ କଲେ ଏବଂ ୧୯୨୫ ମସିହାରେ ବିହାର ଓଡ଼ିଶାର ଆକ୍ଟିଙ୍ଗ ଗଭର୍ଣ୍ଣର ତଥା ଖୋର୍ଦ୍ଧା ହାଇସ୍କୁଲର ଅନ୍ୟତମ ପ୍ରତିଷ୍ଠାତା ମି:ଏଚ୍. ମ୍ୟାକ୍ ଫର୍ସନ ଆଇ.ସି.ଏସ୍. ସ୍କୁଲର ନବନିର୍ମିତ ବିଶାଳ ପଢ଼ାଗୃହକୁ ଉଦ୍‌ଘାଟନ କରିଥିଲେ ।

୧୯୩୫ ମସିହାରେ ସ୍କୁଲ ହତାର ଉତ୍ତର ପାର୍ଶ୍ୱରେ ସ୍ଥାୟୀ ଛାତ୍ରାବାସ ଉଦ୍ଦେଶ୍ୟରେ ଆଉ ଏକ ବିରାଟ କୋଠା ନିର୍ମାଣ କରାଯାଇ ସମ୍ରାଟ ୫ମ ଜର୍ଜଙ୍କ ୨୫ ବର୍ଷ ପୂର୍ତ୍ତି ସିଲ୍‌ଭର ଜୁବୁଲି ଉପଲକ୍ଷେ ୧୬.୭.୧୯୩୫ ତାରିଖରେ ଓଡ଼ିଶା ଡିଭିଜନାଲ କମିସନର ମି:ଇ.ଏସ୍. ହ୍ୱେଟ୍ ଆଇ.ସି.ଏସ୍.ଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା ।

୧୯୪୨ ମସିହା ଅଗଷ୍ଟ ମାସ ୨୦,୨୧ ଓ ୨୨ ତାରିଖରେ ଭାରତର ସ୍ୱାଧୀନତା ସଂଗ୍ରାମର ତୃତୀୟ ପର୍ଯ୍ୟାୟ 'ଭାରତ ଛାଡ଼ ଆନ୍ଦୋଳନ' ପ୍ରତି ସମର୍ଥନ ଜଣାଇ ଖୋର୍ଦ୍ଧା ହାଇସ୍କୁଲରେ ୩ ଦିନ ବ୍ୟାପି ଛାତ୍ର ଧର୍ମଘଟ ହୋଇଥିଲା ।

୧୯୪୪ ମସିହାରେ ଛାତ୍ରାବାସର ହିନ୍ଦୁ ଓ ମୁସଲମାନ ଅନ୍ତେବାସୀ ଛାତ୍ର ମାନଙ୍କ ପାଇଁ ପୃଥକ ଭାବେ ସ୍ୱତନ୍ତ୍ର ପଢ଼ା ପାକଶାଳା ଓ ଭୋଜନ ଶାଳା ମାନ ନିର୍ମିତ ହେଲା । ଭାରତର ସ୍ୱାଧୀନତା ପ୍ରାପ୍ତିପରେ ୧୯୫୦ ମସିହା ସେପ୍ଟେମ୍ବର ୨୪ ତାରିଖରେ ଖୋର୍ଦ୍ଧା ହାଇସ୍କୁଲକୁ ୧୮୧୭ ଖୋର୍ଦ୍ଧା ପାଇକ ବିଦ୍ରୋହର ମହାନ୍ ନେତା ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନାମରେ ନାମିତ କରାଗଲା । ସେହିଦିନ ଠାରୁ ଏହା ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ନାମରେ ପରିଚିତ ହେଲା ।

୧୯୫୮ ମସିହା ଜୁଲାଇ ୧ ତାରିଖରେ ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ସରକାରୀ ହେଲା । ଏହାର ପରିଚାଳନା ଭାର ଓଡ଼ିଶା ସରକାରଙ୍କ ଶିକ୍ଷାବିଭାଗ ଗ୍ରହଣ କଲେ ।

୧୧.୨.୧୯୬୧ ତାରିଖରେ ଏହି ସ୍କୁଲକୁ 'ହାୟର ସେକେଣ୍ଡାରି ସ୍କୁଲ'ରେ ପରିଣତ କରିବାକୁ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ପରାମର୍ଶ କ୍ରମେ ପରିଚାଳନା ଉପଦେଷ୍ଟା କମିଟି ତରଫରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ



ଶ୍ରୀ ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

ନଂ. : ୬୪୬
ଭୁବନେଶ୍ୱର
ତା ୨୨।୧୨।୨୦୦୦

## ବାର୍ତ୍ତା

ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ଶତବାର୍ଷିକୀ ପାଳନ କରାଯାଉଥିବା ଏବଂ ଏହି ଅବସରରେ 'ଶତାବ୍ଦୀ ଅବକାଶ' ନାମକ ଏକ ସ୍ମରଣିକା ପ୍ରକାଶିତ ହେଉଥିବା ଜାଣି ମୁଁ ଆନନ୍ଦିତ ।

ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ନାମରେ ନାମିତ ଏହି ଶିକ୍ଷାନୁଷ୍ଠାନ ଶହେ ବର୍ଷ ପୂର୍ଣ୍ଣ କରିବା ଗର୍ବ ଓ ଗୌରବର ବିଷୟ । ଏହି ଶିକ୍ଷାନୁଷ୍ଠାନ ତା'ର ଶହେ ବର୍ଷର ଇତିହାସରେ ବହୁ ସୁଯୋଗ୍ୟ ଛାତ୍ର ସୃଷ୍ଟି କରିଛି ଏବଂ ସେମାନେ ବିଭିନ୍ନ କ୍ଷେତ୍ରରେ ସୁପ୍ରତିଷ୍ଠିତ ହୋଇପାରିଅଛନ୍ତି । ମୋର ବିଶ୍ୱାସ, ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ଉଚ୍ଚମାନର ଶିକ୍ଷାଦାନ ପରମ୍ପରା ବଜାୟ ରଖିବ ଏବଂ ଛାତ୍ରମାନଙ୍କ ମଧ୍ୟରେ ଦେଶପ୍ରେମ, କର୍ତ୍ତବ୍ୟ ପରାୟଣତା ଓ ସାଧୁତା ଆଦି ନୈତିକ ଗୁଣ ବିକାଶ ଦିଗରେ ଉଦ୍ୟମ କରିବ ।

ଶତବାର୍ଷିକୀ ପାଳନ ଅବସରରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ଶିକ୍ଷକ, ଛାତ୍ର ତଥା କର୍ମଚାରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରୁଅଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

ଫୋନ୍ : କାର୍ଯ୍ୟାଳୟ - ୪୦୦୬୦୪
୪୦୧୬୫୦
ଆବାସ - ୪୦୨୮୫୧
୪୦୧୬୫୧

ନଂ. : ୩୧୮୮
ଭୁବନେଶ୍ୱର
ତା ୨୬।୧୨।୨୦୦୦

ଶ୍ରୀ ଶରତ କୁମାର କର
ବାଚସ୍ପତି
ଓଡ଼ିଶା ବିଧାନସଭା

# ବାର୍ତ୍ତା

ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ପ୍ରତିଷ୍ଠାର ଶହେବର୍ଷ ପୂର୍ତ୍ତି ଅବସରରେ ବିଦ୍ୟାଳୟର ଶତାବ୍ଦୀ ଉତ୍ସବ ପାଳନ କରାଯିବା ସଙ୍ଗେ ସଙ୍ଗେ ସ୍ମରଣିକା 'ଶତାବ୍ଦୀ ଅବକାଶ' ପ୍ରକାଶ ପାଉଥିବା ଜାଣି ବହୁତ ଖୁସି ହେଲି।

ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନକୁ ଯେଉଁମାନେ ରକ୍ତ ରଞ୍ଜିତ କରି ବ୍ରିଟିଶ ଶାସନକୁ ଥରହର କରାଇଥିଲେ ସେମାନଙ୍କ ମଧ୍ୟରେ ବକ୍ସି ଜଗବନ୍ଧୁ ଥିଲେ ଅନନ୍ୟ ରାଷ୍ଟ୍ରୀୟ ସେନାନୀ। ସେଇ ସାହସୀ ସ୍ୱାଭିମାନୀ ବୀର ପୁରୁଷଙ୍କ ନାମରେ ନାମିତ ଏହି ଅନୁଷ୍ଠାନ ଶହେ ବର୍ଷ ମଧ୍ୟରେ ବକ୍ସିଙ୍କ ଆଦର୍ଶର ବାର୍ତ୍ତାବହ ହେବାର ଗୌରବ ଅର୍ଜନ କରିବା ସଙ୍ଗେ ସଙ୍ଗେ ବିଗତ ଶହେ ବର୍ଷ ମଧ୍ୟରେ ଅସୁମାରୀ ସ୍ୱପ୍ନ ଓ ସମ୍ଭାବନାର ପ୍ରତିଶ୍ରୁତିକୁ ସାକାର କରି ଅନୁଷ୍ଠାନଟିକୁ ବହୁ ଛାତ୍ରଛାତ୍ରୀଙ୍କୁ ସମାଜର ଉଚ୍ଚତମ ପଦବୀରେ ଅଧିଷ୍ଠିତ କରିଛି। ଆଜି ଏଉ ଗୌରବୋଜ୍ଜ୍ୱଳ ଅନୁଷ୍ଠାନ ଭବିଷ୍ୟତରେ ତା'ର ଉଚ୍ଚ ଆଦର୍ଶକୁ ବଜାୟ ରଖିବ ବୋଲି ମୋର ଆଶା।

ଶତାବ୍ଦୀ ସମାରୋହ ସଫଳ ହେଉ ଓ 'ଶତାବ୍ଦୀ ଅବକାଶ' ସ୍ମୃତିର ଆରପାରିକୁ ଚାଲିଯାଉଥିବା ଅନେକ ସ୍ମୃତିକୁ ନିଜ ପୃଷ୍ଠାରେ ସାଇତି ରଖିଲେ, ଉତ୍ତରପୁରୁଷ ପାଇଁ ତାହା ହେବ ଏକ ସାଇତା ସମ୍ପଦ।

(ଶରତ କୁମାର କର)



ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ


ଫୋନ୍ - ୪୦୬୦୭୮

୪୧୮୪୦୦

ଭୁବନେଶ୍ୱର

ତା ୨୧।୧୨।୨୦୦୦


# ବାର୍ତ୍ତା

ଖୋର୍ଦ୍ଧା ହାଇସ୍କୁଲ (ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ)ର ଶତବାର୍ଷିକୀ ଉପଲକ୍ଷେ ଏକ ସ୍ମରଣିକା ଗ୍ରନ୍ଥ ପ୍ରକାଶ ପାଉଥିବା ଜାଣି ମୁଁ ଆନନ୍ଦିତ ହେଲି । ମୁଁ ଏହି ସ୍କୁଲର ଦିନେ ଛାତ୍ର ଥିବା ଦୃଷ୍ଟିରୁ ମୋ ପକ୍ଷରେ ଏହା ଏକ ଗର୍ବ ଏବଂ ଆନନ୍ଦର ବିଷୟ । ଏହି ଖୋର୍ଦ୍ଧା ସ୍କୁଲ ସମଗ୍ର ଖୋର୍ଦ୍ଧା ସବ୍‌ଡିଭିଜନର ଏକମାତ୍ର ହାଇସ୍କୁଲ ରୂପେ ଶିକ୍ଷାର ଆଲୋକ ବିକୀରଣ କରୁଥିଲା । ପ୍ରଖ୍ୟାତ ହେଡ୍‌ମାଷ୍ଟର, ଉଚ୍ଚକୋଟୀର ଶିକ୍ଷକମାନଙ୍କର ଅଧ୍ୟାପନା ପାଇଁ ଏହା ପ୍ରସିଦ୍ଧ ଥିଲା ଓ ବଛା ବଛା ଛାତ୍ରମାନେ ଏଠାରେ ଅଧ୍ୟୟନ କରୁଥିଲେ । ଓଡ଼ିଶାର ଅଳ୍ପକେତୋଟି ସୁପ୍ରସିଦ୍ଧ ହାଇସ୍କୁଲ ମଧ୍ୟରେ ଏହା ଅନ୍ୟତମ ରୂପେ ବିବେଚିତ ହେଉଥିଲା । ଉନ୍ନତ ଖେଳପଡ଼ିଆ, ବିଲ୍ଡିଂ, ହଲ୍- ସବୁ ଦୃଷ୍ଟିରୁ ଏ ସ୍କୁଲ ଏକ ସର୍ବାଙ୍ଗ ସମ୍ପନ୍ନ ହାଇସ୍କୁଲ ।

ହ୍ୟାରୋ ଏବଂ ଇଟନ୍ - ଏହି ଦୁଇଟି ହାଇସ୍କୁଲ ପାଇଁ ସାରା ଗ୍ରେଟ୍‌ବ୍ରିଟେନ୍ ଗର୍ବ କରେ । ସ୍କୁଲ ଶିକ୍ଷା ହେଉଛି ନିମ୍ନତମ ଯୋଗ୍ୟତାର ମାନଦଣ୍ଡ ଓ ଉଚ୍ଚଶିକ୍ଷାର ସୋପାନ ସ୍ୱରୂପ । ଛାତ୍ରର ଜୀବନ ଗଠନରେ ଏହାର ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ଆଜି ଗାଁରେ ଗାଁରେ ହାଇସ୍କୁଲ ହୋଇ ମାଧ୍ୟମିକ ଶିକ୍ଷାର ଗୁରୁତ୍ୱ ବଢ଼ିଯାଇଛି ଏବଂ ଏହାର ମାନବୃଦ୍ଧି ଉପରେ ବିଶେଷ ଜୋର ଦିଆଯାଉଛି । ତେଣୁ ତାରାମାନଙ୍କ ମଧ୍ୟରେ ଚନ୍ଦ୍ରମା ପରି ଦେଦୀପ୍ୟମାନ ଏହି ପ୍ରାଚୀନ ଅଥଚ ଆଧୁନିକ ଉଚ୍ଚବିଦ୍ୟାଳୟର ମୁଁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ଜାନକୀବଲ୍ଲଭ ପଟ୍ଟନାୟକ)

सत्यमेव जयते

11, Mahadev Road,
New Delhi - 110 001
Phone : 3717559

2 - Nayapalli,
Bhubaneswar - 12
Orissa
Phone : 411188

**DR. PRASANNA KU. PATSANI**
Member of Parliament
Lok Sabha


# ବାର୍ତ୍ତା

ଖୋରଧାର ଅନ୍ୟନାମ ହେଲା ଦୁର୍ଗ । ଖୋରଧାର ଅନ୍ୟନାମ ହେଲା ରାଜଧାନୀ । ଖୋରଧାର ଅନ୍ୟନାମ ହେଲା ଖୁରଧାର । ଖୁରଧାର ଅନ୍ୟନାମ ହେଲା ତଲୁଆର । ଖୋର୍ଦ୍ଧା ହେଲା ସକଳ ବୀରତ୍ୱର ଜନ୍ମତୀର୍ଥ । ଖୋରଧାର ଭାଷା, ସାହିତ୍ୟ, ସଂସ୍କୃତି ସମଗ୍ର ଓଡ଼ିଆ ଜାତିର ସାଂସ୍କୃତିକ ସମ୍ପତ୍ତି ।

ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ହେଲା ଖୋରଧାର ପ୍ରଥମ ଜ୍ଞାନ ମନ୍ଦିର । ଏହି ମନ୍ଦିରର ମୁଖଶାଳା ହେଲା ବକ୍ସି ଜଗବନ୍ଧୁ । ଖୋରଧା ଭିତରକୁ ପଶିଗଲେ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, କୃତ୍ତିବାସ, ତାପଙ୍ଗ ଦଳବେହେରା ପ୍ରମୁଖ ଶହୀଦ୍‌ମାନଙ୍କର କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ସାହସ ହୃଦ ଭିତରକୁ ପଶିଯାଏ । ରକ୍ତରେ ଜହିଦ୍ ଲାଗେ, ମାଟି ମାଆ ମୁକ୍ତି ମାଗେ ।

ବକ୍ସି ଜଗବନ୍ଧୁ ହାଇସ୍କୁଲ କେବଳ ଖୋରଧାର ନୁହେଁ, ସମଗ୍ର ଓଡ଼ିଆ ଜାତିର ପ୍ରଥମ ହାରୋ ଅଥବା ଇଟନ୍ (ବ୍ରିଟିଶ ଜାତିର ପ୍ରଧାନମନ୍ତ୍ରୀ ଗଢୁଥିବା ବିଦ୍ୟାଳୟ) ସଦୃଶ ଏହି ପବିତ୍ର ଅନୁଷ୍ଠାନ ବହୁ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ, ଦାର୍ଶନିକ, କବି, ରାଜନିତିଜ୍ଞ, ବୈଜ୍ଞାନିକ, ଗବେଷକ ତଥା ସ୍ୱଦେଶବତ୍ସଳମାନଙ୍କୁ ଜନ୍ମ ଦେଇଛି । କେତେ ପ୍ରବାଦମାନ ମହାମନିଷୀମାନଙ୍କର ଆଦ୍ୟ ଯୌବନର କ୍ରୀଡ଼ାଭୂମି ଏହି ପ୍ରତିଷ୍ଠାନ ।

କ୍ଷମତାର ଶେଷ ଅଛି । ଶେଷ ଅଛି ସିଂହାସନର । କେବଳ ଶେଷ ହୁଏ ନାହିଁ ଜ୍ଞାନ । ଯାହା ରହିଯାଏ ସ୍ମୃତିରେ । ତାହା ଭବିଷ୍ୟତ ବଂଶଧରମାନଙ୍କ ପରମ୍ପରା ପୁରାଣ ହୋଇ ଠିଆହୁଏ । ଏହି ଅନୁଷ୍ଠାନ ଇତିହାସ ଆଜି ଆମପାଇଁ ଯେତେ ପୁରୁଣା ତାହାଠାରୁ ଅଧିକ ହେଉଛି ପୁରାଣ । ବହୁବିଧ ଗୌରବମୟ ଐକ୍ୟ ସଂହତିର ମହାମେରୁ ସ୍ୱାଧୀନତା ସଂଗ୍ରାମରେ ଜନ୍ମ ପ୍ରଦାନ କରି ଦେଶମାତୃକା ପାଇଁ ଯେଉଁମାନେ ରକ୍ତ ଦେଇଥିଲେ ସେମାନେ ଆଜି ନାହାନ୍ତି । ସେମାନଙ୍କର ଉତ୍ତରପୁରୁଷମାନଙ୍କୁ ବିଦ୍ୟାଦାନ କରି ପୁଣ୍ୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ହୋଇଛି ମହାନ ।

ଏକଶତ ବର୍ଷ ଆଜି ଚାଲିଯାଇଛି । ଶତାବ୍ଦୀଟିଏ କେତେ ବେଗି ଚାଲିଗଲା ଜାଣି ହେଲାନାହିଁ । କିନ୍ତୁ ବକ୍ସି ଜଗବନ୍ଧୁ ହାଇସ୍କୁଲ ବିଗତ ଶତାବ୍ଦୀର ମୂକସାକ୍ଷୀ ହୋଇ ଆଗାମୀ ଶତାବ୍ଦୀକୁ ଆହୁରି ଆଲୋକ, ପ୍ରେରଣା, ସଂଗ୍ରାମର ଉତ୍ସହେଉ ।

(ପ୍ରସନ୍ନ ପାଟଶାଣୀ)

Tele. : 301578
MISSION ROAD
CUTTACK - 753 001
Orissa
Date : 15.12.2000

ଡଃ ସଚ୍ଚିଦାନନ୍ଦ ରାଉତରାୟ

# ବାର୍ତ୍ତା

ଶକ୍ତିତୀର୍ଥ ଖୋର୍ଦ୍ଧାର ବୀରମାଟିରେ ଆଜି ଖୋରଧା ଉଚ୍ଚ ଇଂରାଜୀ ସ୍କୁଲର ଶତବାର୍ଷିକ ଉତ୍ସବ ସମାରୋହରେ ପାଳିତ ହେବାକୁ ଯାଉଛି । ଏହା ସେତେବେଳର ଖୋରଧା ହାଇସ୍କୁଲର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପକ୍ଷରେ ଅତ୍ୟନ୍ତ ଆନନ୍ଦର କଥା । ବୀରଭୂମି ଖୋରଧା ଏକ ସ୍ୱତନ୍ତ୍ର ଐତିହ୍ୟର ଅଧିକାରୀ । ଏହାର ପ୍ରତ୍ୟେକଟି ଧୂଳିକଣା ଦେଶପାଇଁ ଆତ୍ମୋତ୍ସର୍ଗର ଇତିହାସ ବହନ କରିଛି । ଖୋରଧାର ପ୍ରତ୍ୟେକଟି ପୁରୁଣା ବୃକ୍ଷ ଏକ ଏକ ଫାଶି ଖୁଣ୍ଟ କହିଲେ ଚଳେ । ବହୁ ଦେଶପ୍ରେମୀ ଶହୀଦଙ୍କୁ ବିଦେଶୀ ଶତ୍ରୁ ଏହି ଗଛର ଶାଖାମାନଙ୍କରେ ଝୁଲାଇ ଦେଇଥିଲେ । ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ଏହି ଖୋରଧା ମାଟିରେ ହିଁ ସଂଘଟିତ ହୋଇଥିଲା । ୧୮୧୭ ସାଲର ପାଇକ ବିଦ୍ରୋହ ତାହାର ଜ୍ୱଳନ୍ତ ପ୍ରମାଣ । ଏହା ସିପାହି ବିଦ୍ରୋହର ୪୦ ବର୍ଷ ପୂର୍ବେ ଘଟିଥିଲା ।

ମୁଁ ଖୋରଧାର ଜଣେ ସନ୍ତାନ ରୂପେ ଗର୍ବ ଅନୁଭବ କରେ । ମୁଁ ଏ ମହାନ୍ ଶତବାର୍ଷିକ ଉତ୍ସବର ସାଫଲ୍ୟ କାମନା କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଖୋରଧାବାସୀଙ୍କୁ ନିବେଦନ କରିବି ସେମାନେ ଖୋରଧାର ଉପଯୁକ୍ତ ଦାୟାଦ ରୂପେ ଖୋରଧାର ମହାନ୍ ପରମ୍ପରାକୁ ଜ୍ୱଳନ୍ତ ଏବଂ ଜୀବନ୍ତ ରଖିବେ ।

(ଡଃ ସଚ୍ଚିଦାନନ୍ଦ ରାଉତରାୟ)



ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ
ମନ୍ତ୍ରୀ
ରାଜସ୍ୱ, ଆଇନ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ
ଓଡ଼ିଶା


ଫୋନ୍ : କାର୍ଯ୍ୟାଳୟ - ୪୦୧୩୬୨
ଆବାସ - ୫୩୧୦୮୦
୫୩୫୮୨୭


ନଂ. : ..............................

ଭୁବନେଶ୍ୱର
ତା ୨୧।୧୨।୨୦୦୦

## ବାର୍ତ୍ତା

ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ଏକଶତ ବର୍ଷ ପୂର୍ତ୍ତି ଉତ୍ସବ ଚଳିତ ଡିସେମ୍ବର ମାସ ୨୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହେଉଥିବା ଜାଣି ଅତ୍ୟନ୍ତ ଆନନ୍ଦିତ । ଏହି ଉପଲକ୍ଷେ "ଶତାବ୍ଦୀ ଅବକାଶ" ନାମ୍ନୀ ବିଶେଷ ସ୍ମରଣିକା ପ୍ରକାଶ ପାଉଥିବାର ଜାଣି ଖୁସି ହେଲି ।

ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ୱତନ୍ତ୍ର । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ 'ହରିଜନ' ପତ୍ରିକାରେ ଏହି ବିଦ୍ୟାଳୟର ଆଦର୍ଶ ଶିକ୍ଷାଦାନ ପଦ୍ଧତି ଉଚ୍ଚ ପ୍ରଶଂସିତ ହୋଇଥିଲା । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ମଧ୍ୟ ଏହି ବିଦ୍ୟାଳୟର ଅଧ୍ୟାୟୀମାନଙ୍କ ଶୃଙ୍ଖଳାଜ୍ଞାନ ଦେଖି ମୁଗ୍ଧ ହୋଇଥିଲେ । ଓଡ଼ିଶାର ବହୁ ଯୋଗଜନ୍ମା ବିପ୍ଳବୀ, ଜନନାୟକ, ସମାଜସେବୀ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ସାହିତ୍ୟିକ, କବି, ସ୍ଥପତି ଓ ଚିତ୍ରଶିଳ୍ପୀ ଏହି ବିଦ୍ୟାଳୟରୁ ସେମାନଙ୍କ ଶିକ୍ଷା ଜୀବନ ଆରମ୍ଭ କରି ସମାଜର ସମସ୍ତ କ୍ଷେତ୍ରରେ ଆଜି ବହୁଚର୍ଚ୍ଚିତ ଓ ସମ୍ମାନିତ । ବକ୍ସି ଜଗବନ୍ଧୁ ବିଦ୍ୟାଳୟ ଯଥାର୍ଥରେ ଆମ ରାଜ୍ୟର ଗର୍ବ ଓ ଗୌରବ ।

ଏକଶତ ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ବିଦ୍ୟାଳୟର ସମସ୍ତ ପୁରାତନ ତଥା ବର୍ତ୍ତମାନର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାର୍ଥୀମାନଙ୍କୁ ମୁଁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ଏବଂ ପୂର୍ତ୍ତି ଉତ୍ସବ ତଥା ସ୍ମରଣିକାର ସମସ୍ତ ସଫଳତା କାମନା କରୁଛି ।

(ବିଶ୍ୱଭୂଷଣ ହରିଚନ୍ଦନ)

Phone : 402400 (O)
404884/401435 (R)
Fax : 91-674-414143
D.O. No................
Bhubaneswar
Date : 19.12.2000

**SHRI NALINIKANTA MOHANTY**
Minister
Works, Housing, Parliamentary Affairs
Orissa

# MESSAGE

It gives me immense pleasure to know that Buxi Jagabandhu Bidyadhar High School of Khurda is celebrating its centenary celebration from 28.12.2000.

This Institution is one of the oldest and premier educational institutions of our State named in the memory of Buxi Jagabandhu Bidyadhar, the great hero and historic leader of Orissa who led the "Khorda Paik Rebellion', the First Freedom movement against the British Rule in the year 1817. This School has created reputed Scholars, Writers, Dramatists, Doctors, Scientists, Artists and Leaders.

I hope, the institution which has crossed 100 glorifying years of its career will march ahead with the same vigour for a better and bright future.

*(NALINIKANTA MOHANTY)*

ଶତାବ୍ଦୀ ଉତ୍ସବ



**ଶ୍ରୀ ଭାଗବତ ବେହେରା**

ମନ୍ତ୍ରୀ

ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା


କାର୍ଯ୍ୟାଳୟ - ୪୦୧୮୧୦

ଫୋନ୍ : Sectt. : P.B.X. : 443

ବାସଗୃହ - ୫୫୪୦୪୭୦

ନଂ..............................

ଭୁବନେଶ୍ୱର

ତା ୧୫।୧୨।୨୦୦୦


## ବାର୍ତ୍ତା

ଖୋର୍ଦ୍ଧା ପାଇକ ବିଦ୍ରୋହର ସୂତ୍ରଧର ଅପ୍ରତିଦ୍ୱନ୍ଦ୍ୱୀ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ସ୍ମୃତିରେ ନାମିତ ବୀରମାଟି ଖୋର୍ଦ୍ଧାର 'ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ' ଶତବାର୍ଷିକ ଉତ୍ସବ ପାଳନ କରିବା ଅବସରରେ ବିଦ୍ୟାଳୟର ସ୍ମରଣିକା 'ଶତାବ୍ଦୀ ଅବକାଶ' ଆତ୍ମପ୍ରକାଶ କରୁଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

ଶତାୟୁ ଶିକ୍ଷାୟତନ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ବହୁ ଜ୍ଞାନୀ, ଗୁଣୀ, ମନିଷୀ, କଳାକାର, ଶିକ୍ଷାବିତ୍, ବୈଜ୍ଞାନିକ, ରାଷ୍ଟ୍ରନୀତିଜ୍ଞ, ପ୍ରଶାସକଙ୍କୁ ଜାତି ଉଦ୍ଦେଶ୍ୟରେ ସମର୍ପିତ କରି ଏହାର ମହନୀୟତା ପ୍ରତିପାଦନ କରିଛି । ଉତ୍କଳ ଜନନୀର ଏହି ଶ୍ରେଷ୍ଠ ଅନୁଷ୍ଠାନ ଆଜି ଶତବାର୍ଷିକ ଉତ୍ସବ ପାଳନ କରୁଥିବା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ଶୁଭ ଅବସରରେ ଅନୁଷ୍ଠାନ ସହ ସମ୍ପୃକ୍ତ ଖୋର୍ଦ୍ଧାବାସୀ, ପୁରାତନ ଛାତ୍ରସଂସଦ, ଅଭିଭାବକ, ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ସ୍ନେହର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ଶତବାର୍ଷିକ ଉତ୍ସବ ତଥା 'ଶତାବ୍ଦୀ ଅବକାଶ'ର ସଫଳତା କାମନା କରୁଛି ।

(ଭାଗବତ ବେହେରା)

କାର୍ଯ୍ୟାଳୟ - ୪୦୨୧୦୨

ଫୋନ୍ : Sectt. : P.B.X. : 559

ଆବାସ - ୪୦୨୮୦୮

ନଂ. : ୧୧୬୮

ଭୁବନେଶ୍ୱର

ତା ୨୧।୦୮।୧୯୯୯

ଶ୍ରୀ ଭାଗବତ ପ୍ରସାଦ ମହାନ୍ତି

ମନ୍ତ୍ରୀ

ଯୋଜନା, ସମନ୍ୱୟ ଓ ଉଚ୍ଚଶିକ୍ଷା, ଓଡ଼ିଶା


## ବାର୍ତ୍ତା

ମୁଁ ଜାଣି ବହୁତ ଆନନ୍ଦିତ ହେଲି ଯେ, ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ଶତବାର୍ଷିକୀ ପାଳନ କରିବାକୁ ଯାଉଛି । ଏଥିପାଇଁ ଏକ ସ୍ମରଣିକା 'ଶତାବ୍ଦୀ ଅବକାଶ' ପ୍ରକାଶ ପାଇବାକୁ ଯାଉଛି ।

ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ଶିକ୍ଷାଦାନ କ୍ଷେତ୍ରରେ ଏକ ଉଜ୍ଜ୍ୱଳ ପରମ୍ପରାର ବାର୍ତ୍ତାବହ ଭାବରେ ପରିଚିତ । ବହୁ ପ୍ରତିଷ୍ଠିତ ସ୍ୱନାମଧନ୍ୟ କବି, ଲେଖକ, ପ୍ରଶାସକ, ରାଜନୈତିକ ଓ ବୁଦ୍ଧିଜୀବୀ ଉକ୍ତ ଉଚ୍ଚବିଦ୍ୟାଳୟର ଛାତ୍ର ହିସାବରେ ପ୍ରତିଷ୍ଠା ଲାଭ କରିଛନ୍ତି । କୌଣସି ଗୋଟିଏ ଶିକ୍ଷାନୁଷ୍ଠାନ ଶହେବର୍ଷରେ ପଦାର୍ପଣ କରିବା ନିଶ୍ଚିତ ଗର୍ବ ଓ ଗୌରବର ବିଷୟ ।

ଖୋର୍ଦ୍ଧାର ଇତିହାସ ଗୌରବମୟ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମିରେ ଶେଷ ସ୍ୱାଧୀନ ଦୁର୍ଗ ଭାବରେ ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁଙ୍କ ଅପୂର୍ବ ବୀରତ୍ୱର ମହିଆନ । ସେହି ବୀର ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନାମରେ ନାମିତ ଶିକ୍ଷାନୁଷ୍ଠାନ ତାଙ୍କର ଅପୂର୍ବ ବୀରତ୍ୱ ଓ ପରାକାଷ୍ଠାର ନିଦର୍ଶନ ସ୍ୱରୂପ ସ୍ୱକୀୟ ପ୍ରଜ୍ଞା ଓ ଧୀଶକ୍ତିର ପ୍ରଦର୍ଶନ ପୂର୍ବକ ଅଗଣିତ ପ୍ରାଜ୍ଞ, ବୁଦ୍ଧିଜୀବୀ ସୃଷ୍ଟି କରି ସମୟର ଚଲାପଥରେ ଜାଜ୍ୱଲ୍ୟମାନ ନିଦର୍ଶନ ପ୍ରତିଷ୍ଠିତ କରି ପାରିଛି ।

ଏହି ଶୁଭ ଅବସରରେ ସ୍ମରଣିକାର ଶୁଭକାମନା କରି ଭବିଷ୍ୟତରେ ଉକ୍ତ ବିଦ୍ୟାଳୟ ସମୃଦ୍ଧିର ଚରମ ସୋପାନର ଉପନୀତ ହେବ ବୋଲି ଆଶା ।

(ଭାଗବତ ପ୍ରସାଦ ମହାନ୍ତି)

କାର୍ଯ୍ୟାଳୟ - ୪୦୦୨୫୦
ଫୋନ୍ : Sectt. : P.B.X. : 232
ଆବାସ - ୪୧୫୯୨୩

ନଂ..............................

ଭୁବନେଶ୍ୱର
ତା ୧୭ । ୦୮ । ୧୯୯୯

ଶ୍ରୀ ସୁରେଶ କୁମାର ରାଉତରାୟ
ଅବକାରୀ, କ୍ରୀଡ଼ା ଓ ଯୁବସେବା
ରାଷ୍ଟ୍ରମନ୍ତ୍ରୀ, (ସ୍ୱାଧୀନ), ଓଡ଼ିଶା

## ବାର୍ତ୍ତା

ଓଡ଼ିଶାର ପ୍ରାଚୀନ ପ୍ରଜ୍ଞାପୀଠ ଖୋରଧା ବକ୍‌ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ, ତା'ର ଶତବାର୍ଷିକ ଉତ୍ସବ ପାଳନ କରୁଥିବାରୁ ମୁଁ ଅତ୍ୟନ୍ତ ଖୁସି । ଏହି ଅବସରରେ ପ୍ରକାଶ ପାଉଥିବା ସ୍ମରଣିକା 'ଶତାବ୍ଦୀ ଅବକାଶ' ନିଶ୍ଚୟ ଏକ ଉଲ୍ଲେଖନୀୟ ପଦକ୍ଷେପ । ମୁଁ ଆଶା କରୁଛି ଏ ହାଇସ୍କୁଲର କୃତି ଏବଂ ପ୍ରତିଭା ଯେଉଁଭଳି ଦିଗନ୍ତ-ବିସ୍ତାରୀ ସେହିଭଳି ଏ ସ୍ମରଣିକାର ପ୍ରତ୍ୟେକଟି ଲେଖା ଯୁଗାପଯୋଗୀ ।

ଏହି ଅବସରରେ ପାଳିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମର ପୂର୍ଣ୍ଣ ସଫଳତା ଏବଂ ଏ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରୁଅଛି ।

(ସୁରେଶ କୁମାର ରାଉତରାୟ)

କାର୍ଯ୍ୟାଳୟ - ୪୧୦୮୦୨
ଫୋନ୍ : Sectt. : P.B.X. : 394
ଆବାସ - ୪୦୮୮୦୦
ନଂ. : ୨୮୪୮ / ମପସଂ
ଭୁବନେଶ୍ୱର
ତା ୧୨ । ୧୨ । ୧୯୯୭

ଶ୍ରୀ ଭୁପିନ୍ଦର ସିଂହ
ମନ୍ତ୍ରୀ
ପର୍ଯ୍ୟଟନ ଓ ସଂସ୍କୃତି, ଓଡ଼ିଶା

# ବାର୍ତ୍ତା

ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ଶତବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ଏକ ସ୍ମରଣିକା 'ଶତାବ୍ଦୀ ଅବକାଶ' ପ୍ରକାଶ ପାଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ । ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ବହୁ ବିଶିଷ୍ଟ ବ୍ୟକ୍ତି ଉକ୍ତ ହାଇସ୍କୁଲରେ ଶିକ୍ଷାଲାଭ କରି ବର୍ତ୍ତମାନ ଓଡ଼ିଶାରେ ବହୁ ଉଚ୍ଚ ସ୍ଥାନରେ ପ୍ରତିଷ୍ଠିତ । ଆଶା ଉକ୍ତ ସ୍ମରଣିକା ଦ୍ୱାରା ବହୁ ଲୁକ୍କାୟିତ ପ୍ରତିଭାର ବିକଶିତ ଘଟିବ । ମୁଁ ଏହାର ସମସ୍ତ ଉଦ୍ୟୋଗୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଉକ୍ତ ସ୍ମରଣିକାର ସଫଳତା କାମନା କରୁଛି ।

(ଭୁପିନ୍ଦର ସିଂହ)

କାର୍ଯ୍ୟାଳୟ - ୪୦୬୧୬୫

ନଂ.............................

ଭୁବନେଶ୍ୱର

ତା ୧୬।୦୮।୧୯୯୯

ଡାକ୍ତର ଦେବେନ୍ଦ୍ରନାଥ ମାନସିଂହ
ରାଷ୍ଟ୍ରମନ୍ତ୍ରୀ, ଶିକ୍ଷା

## ବାର୍ତ୍ତା

ଓଡ଼ିଶାର ପ୍ରାଚୀନ ପ୍ରଜ୍ଞାପୀଠ ଖୋରଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ଶତବାର୍ଷିକ ଉତ୍ସବ ଉପଲକ୍ଷେ ଏକ ସ୍ମରଣିକା- ପ୍ରକାଶ ପାଉଥିବାର ଜାଣି ମୁଁ ବିଶେଷ ଆନନ୍ଦିତ । ବୀର ମାଟି ଖୋରଧା – ଯେଉଁଠି ମାଟିକୁ ଚିପୁଡ଼ି ଦେଲେ ରକ୍ତ ଝରିପଡ଼େ – ବିନ୍ଦୁ ବିନ୍ଦୁ ହୋଇ – ବହୁ ମନିଷୀ, ବିଜ୍ଞ, ପଣ୍ଡିତ, ଜ୍ଞାନୀ, କୂଟବିଦ୍‌ମାନଙ୍କୁ ମଧ୍ୟ ଜନ୍ମ ଦେଇ ଓଡ଼ିଶାର ଗୌରବମୟ ଇତିହାସର ଏକ ସ୍ମାରକୀ କ୍ଷେତ୍ର ଭାବରେ ପ୍ରତିଷ୍ଠା ଲାଭ କରିଛି । ଏହି ମହାନ୍ ପରମ ପବିତ୍ର ଶିକ୍ଷାନୁଷ୍ଠାନର ସ୍ମରଣିକା- 'ଶତାବ୍ଦୀ ଅବକାଶ' ଯେ ବହୁ କବି, ପ୍ରାବନ୍ଧିକ, ନାଟ୍ୟକାର, ସାହିତ୍ୟିକଙ୍କ କବିତା, ପ୍ରବନ୍ଧ, ଏକାଙ୍କିକା ଓ ଗଳ୍ପରେ ସମୃଦ୍ଧ ହେବ – ଏଥିରେ ସନ୍ଦେହ ନାହିଁ ।

ମୁଁ ଏହି ଅନୁଷ୍ଠାନ ଓ ସ୍ମରଣିକାର ଦୀର୍ଘ ଜୀବନ କାମନା କରୁଛି ।

(ଡାକ୍ତର ଦେବେନ୍ଦ୍ରନାଥ ମାନସିଂହ)

ଶ୍ରୀ ଲିଙ୍ଗରାଜ ବଳାଳ, ଓ.ଇ.ଏସ୍.(୧)

ଶିକ୍ଷାମଣ୍ଡଳାଧୀଶ

ଖୋର୍ଦ୍ଧା ଶିକ୍ଷାମଣ୍ଡଳ, ଖୋର୍ଦ୍ଧା

# ବାର୍ତ୍ତା

ଅତ୍ୟନ୍ତ ପ୍ରୀତ ହେଲି, ବିଳମ୍ବରେ ହେଲେ ମଧ୍ୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ଆସନ୍ତା ୨୮ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଏହାର ଆକାଂକ୍ଷିତ ଶତବାର୍ଷିକୀ ଉତ୍ସବ ପାଳନ କରୁଛି ।

ସମୟର ଘୂର୍ଣ୍ଣନରେ ଶହେଟି ସମ୍ବତ୍ସର କାଳ ଓ ମହାକାଳର ଅନନ୍ତ ଗର୍ଭରେ ଚିରକାଳ ପାଇଁ ଲୀନ ହୋଇଯାଇଛି । ମାତ୍ର ପ୍ରୌଢ଼ ବିଦ୍ୟାଳୟର ଶହେବର୍ଷର ଇତିହାସ ପୃଷ୍ଠା ବିଶ୍ଳେଷଣ କଲେ ଅଗଣିତ ସୁଖ-ଦୁଃଖ, ଭଲ-ମନ୍ଦ, ଉନ୍ନତି-ଅବନତିର ଅଧ୍ୟାୟମାନ ଲୋକଲୋଚନର ସମ୍ମୁଖୀନ ହୁଏ । ଗୋଟିଏ ଶିକ୍ଷାନିକେତନ ପାଇଁ ଶହେବର୍ଷ କମ୍ କଥା ନୁହେଁ । ଶତବାର୍ଷିକୀ ଉତ୍ସବ ପାଳନ (କରିବା) ଅବସରରେ ଆୟୋଜକ ବୃନ୍ଦ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବିଗତ ଶହେବର୍ଷ ମଧ୍ୟରେ ବିଦ୍ୟାଳୟ କେଉଁ କେଉଁ ଦିଗରେ ସର୍ବଶ୍ରେଷ୍ଠ ସଫଳତା ପ୍ରଦର୍ଶନ କରିପାରିଛି ଓ କେଉଁ କ୍ଷେତ୍ରରେ ବିଫଳ ହୋଇଛି- ସମୀକ୍ଷା କରିବା ପାଇଁ ସୁଯୋଗ ଆସିଛି । ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ବିଫଳତା ପ୍ରଦର୍ଶନ କରିଥିବା ବିଷୟରେ ସତର୍କତା ଅବଲମ୍ବନ କରିବା ଏକାନ୍ତ ଆବଶ୍ୟକ ।

ଶିକ୍ଷାଦାନ ସହିତ କ୍ରୀଡ଼ା, ଚରିତ୍ର ଗଠନ ସ୍ୱରୂପ ସ୍କାଉଟ୍-ଗାଇଡ୍, ଜୁନିଅର ରେଡକ୍ରସ, ସଙ୍ଗୀତ, କଳା-ଭାସ୍କର୍ଯ୍ୟ, ବିଜ୍ଞାନ ପ୍ରଦର୍ଶନୀ-କଂଗ୍ରେସ ଓ ସେମିନାର ପ୍ରଭୃତିରେ ଛାତ୍ରମାନେ ସମ୍ୟକ ସ୍ଥାନ ଆହରଣ ନିମନ୍ତେ ତଥା ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବା ବାଞ୍ଛନୀୟ ।

ଆଗାମୀ ଶତାବ୍ଦୀ ପାଇଁ ପୃଥିବୀର ସମୃଦ୍ଧ ଦେଶମାନଙ୍କର ଛାତ୍ରଛାତ୍ରୀ ମାନଙ୍କ ସଙ୍ଗେ ପ୍ରତିଯୋଗିତା କରି ସଫଳତା ନିମନ୍ତେ ଉପଯୁକ୍ତ ନୂତନ ଶିକ୍ଷାକୌଶଳ ଅନୁସୃତ ହେବା ଏକାନ୍ତ ବିଧେୟ ।

ସର୍ବୋପରି ବିଦ୍ୟାଳୟ ଏ ପରିପ୍ରେକ୍ଷୀରେ ଗୋଟିଏ 'ଶତାବ୍ଦୀ ଅବକାଶ' ନାମକ ମୁଖପତ୍ର ଉନ୍ମୋଚନ କରିବାକୁ ଯାଉଥିବା ଜାଣି ମଧ୍ୟ ଆନନ୍ଦିତ ହେଲି । କୋମଳମତି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭାର ପରିଚୟ ପାଇଁ ଏହା ଯଥାର୍ଥ ସହାୟକ ହେବା ସଙ୍ଗେ ସଙ୍ଗେ ସାରସ୍ୱତ ଭଣ୍ଡାରକୁ ରସାପ୍ଳୁତ ଓ ସମୃଦ୍ଧ କରିବାରେ ମଧ୍ୟ ସହାୟକ ହେବ । ଛାତ୍ର, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ଲିଙ୍ଗରାଜ ବଳାଳ)

# ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦ

| | | | | |
|---|---|---|---|---|
| ୧. | ଶ୍ରୀ ମାଧବ ଚନ୍ଦ୍ର ମିଶ୍ର | ବି.ଏ. | ୦୧ । ୦୬ । ୧୮୯୬ | ୦୭ । ୧୦ । ୧୮୯୯ |
| ୨. | ଶ୍ରୀ ସୁରେଶ ଚନ୍ଦ୍ର ଘୋଷ | ବି.ଏ. | ୦୮ । ୧୦ । ୧୮୯୯ | ଅଗଷ୍ଟ ୧୯୦୨ |
| ୩. | ଶ୍ରୀ ଅନୁକୂଳ ଚନ୍ଦ୍ର ଘୋଷ | ବି.ଏ. | ଅଗଷ୍ଟ ୧୯୦୨ | ୩୧ । ୦୫ । ୧୯୦୪ |
| ୪. | ଶ୍ରୀ ହରମୋହନ ପଟ୍ଟନାୟକ | ବି.ଏ. | ୨୩ । ୦୬ । ୧୯୦୪ | ୩୦ । ୧୧ । ୧୯୦୫ |
| ୫. | ଶ୍ରୀ ବୈରାଗୀ ନନ୍ଦ | ବି.ଏ. | ୦୧ । ୧୨ । ୧୯୦୫ | ୦୨ । ୦୧ । ୧୯୦୬ |
| ୬. | ଶ୍ରୀ ପୁଲିନ ଚନ୍ଦ୍ର ପାଠକ | ବି.ଏ. | ୦୩ । ୦୧ । ୧୯୦୬ | ୦୩ । ୦୭ । ୧୯୦୯ |
| ୭. | ଶ୍ରୀ ମହେନ୍ଦ୍ର ନାଥ ମଜୁମଦାର | ବି.ଏ. | ୦୪ । ୦୭ । ୧୯୦୯ | ୧୬ । ୦୭ । ୧୯୧୪ |
| ୮. | ଶ୍ରୀ ଅବିନାଶ ଚନ୍ଦ୍ର ଲାହିରୀ | ବି.ଏ. | ୦୧ । ୦୮ । ୧୯୧୪ | ୧୫ । ୦୭ । ୧୯୧୫ |
| ୯. | ଶ୍ରୀ ମହେନ୍ଦ୍ର ନାଥ ମଜୁମଦାର | ବି.ଏ. | ୧୬ । ୦୭ । ୧୯୧୫ | ୩୦ । ୦୬ । ୧୯୧୮ |
| ୧୦. | ଶ୍ରୀ ପରଶୁରାମ ବର୍ମା | ବି.ଏ.ବି.ଟି. | ୦୧ । ୦୭ । ୧୯୧୮ | ୦୫ । ୦୯ । ୧୯୧୮ |
| ୧୧. | ଶ୍ରୀ ଗୋକୁଳାନନ୍ଦ ନାଏକ | ଏମ୍.ଏ. | ୧୪ । ୧୧ । ୧୯୧୮ | ୩୧ । ୦୩ । ୧୯୨୦ |
| ୧୨. | ଶ୍ରୀ ଗୋପାଳ ଚନ୍ଦ୍ର ସିଂ | ଏମ୍.ଏ. | ୦୧ । ୦୪ । ୧୯୨୦ | ୨୯ । ୦୬ । ୧୯୨୦ |
| ୧୩. | ଶ୍ରୀ ବାଙ୍କନିଧି ପଟ୍ଟନାୟକ | ବି.ଏ.ବି.ଏଲ୍. | ୨୯ । ୦୬ । ୧୯୨୦ | ୦୨ । ୦୧ । ୧୯୩୫ |
| ୧୪. | ଶ୍ରୀ ଫଜଲୁର ରହେମାନ | ବି.ଏ.ଏଲ୍.ଟି. | ୦୩ । ୦୧ । ୧୯୩୫ | ୦୨ । ୦୧ । ୧୯୩୬ |
| ୧୫. | ଶ୍ରୀ ବାଙ୍କନିଧି ପଟ୍ଟନାୟକ | ବି.ଏ.ବି.ଏଲ୍. | ୦୩ । ୦୧ । ୧୯୩୬ | ୧୮ । ୦୭ । ୧୯୪୯ |
| ୧୬. | ଶ୍ରୀ ଆଶୁତୋଷ ବାଗଚୀ | ଏସ୍.ଏ.ଏଲ୍.ଟି. | ୧୮ । ୦୭ । ୧୯୪୯ | ୨୦ । ୦୯ । ୧୯୪୯ |
| ୧୭. | ଶ୍ରୀ କ୍ଷୀରେଶ୍ୱର ମିଶ୍ର | ଏମ୍.ଏ. | ୧୯ । ୦୯ । ୧୯୪୯ | ୧୫ । ୦୨ । ୧୯୫୧ |
| ୧୮. | ଶ୍ରୀ ଆଶୁତୋଷ ବାଗଚୀ | ଏସ୍.ଏ.ଏଲ୍.ଟି. | ୧୬ । ୦୨ । ୧୯୫୧ | ୦୪ । ୦୭ । ୧୯୫୧ |
| ୧୯. | ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ | ବି.ଏ.ଏଲ୍.ଟି | ୦୫ । ୦୭ । ୧୯୫୧ | ୦୫ । ୦୭ । ୧୯୬୯ |
| ୨୦. | ଶ୍ରୀ ମୁରଲୀଧର ପ୍ରଧାନ | ଏମ୍.ଏ.ବି.ଇଡ୍. | ୦୬ । ୦୭ । ୧୯୬୯ | ୦୩ । ୦୨ । ୧୯୭୦ |
| ୨୧. | ଶ୍ରୀ ବନବିହାରୀ ପଟ୍ଟନାୟକ | ବି.ଏ.ବି.ଇଡ୍. | ୦୪ । ୦୨ । ୧୯୭୦ | ୨୬ । ୦୧ । ୧୯୭୪ |
| ୨୨. | ଶ୍ରୀ ସୋମନାଥ ମିଶ୍ର | ବି.ଏ.ବି.ଇଡ୍. | ୨୧ । ୦୩ । ୧୯୭୪ | ୦୩ । ୧୦ । ୧୯୭୫ |
| ୨୩. | ଶ୍ରୀ ଅନନ୍ତ ଚରଣ ରଥ | ବି.ଏ.ବି.ଇଡ୍. | ୨୭ । ୦୨ । ୧୯୭୬ | ୦୪ । ୦୪ । ୧୯୮୦ |
| ୨୪. | ଶ୍ରୀ ଶ୍ୟାମ ସୁନ୍ଦର ପଟ୍ଟନାୟକ | ବି.ଏ.ବି.ଇଡ୍. | ୧୬ । ୦୪ । ୧୯୮୦ | ୦୪ । ୦୫ । ୧୯୮୪ |
| ୨୫. | ଶ୍ରୀ ହରେକୃଷ୍ଣ ନନ୍ଦ | ବି.ଏ.ବି.ଇଡ୍. | ୧୨ । ୦୫ । ୧୯୮୪ | ୦୮ । ୦୮ । ୧୯୮୬ |
| ୨୬. | ଶ୍ରୀ ପଦ୍ମଲୋଚନ ପାଇଟାସିଂହ | ଏମ୍.ଏ.ବି.ଇଡ୍. | ୨୨ । ୦୮ । ୧୯୮୬ | ୦୩ । ୦୨ । ୧୯୯୦ |
| ୨୭. | ଶ୍ରୀ ସୁରେନ୍ଦ୍ର ମିଶ୍ର | ଏମ୍.ଏ.ବି.ଇଡ୍. | ୦୮ । ୦୬ । ୧୯୯୦ | ୩୦ । ୧୧ । ୧୯୯୪ |
| ୨୮. | ଶ୍ରୀ ଶରତ କୁମାର ପଟ୍ଟନାୟକ | ଏମ୍.ଏ.ବି.ଇଡ୍. | ୦୧ । ୦୨ । ୧୯୯୪ | ୧୯ । ୦୭ । ୧୯୯୬ |
| ୨୯. | ଶ୍ରୀ ଭୀମସେନ ପ୍ରଧାନ | ଏମ୍.ଏ.ବି.ଇଡ୍. | ୧୯ । ୦୭ । ୧୯୯୬ | ୩୧ । ୦୧ । ୧୯୯୮ |
| ୩୦. | ଶ୍ରୀ ନିତ୍ୟାନନ୍ଦ ନାୟକ | ବି.ଏସ୍.ସି.ବି.ଇଡ୍. | ୦୮ । ୦୪ । ୧୯୯୮ | Continue |

# ବିଦ୍ୟାଳୟ ପରିବାର

| | | | |
|---|---|---|---|
| ୧. | ଶ୍ରୀ ନିତ୍ୟାନନ୍ଦ ନାୟକ | ବି.ଏସ୍.ସି.ବି.ଏଡ୍., ଓଡ଼ିଶା ଶିକ୍ଷାସେବା(୨) | ପ୍ରଧାନ ଶିକ୍ଷକ |
| ୨. | ଶ୍ରୀ ଦୟାନିଧି ସାହୁ | ବି.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୩. | ଶ୍ରୀ ଗଙ୍ଗାଧର ପୃଷ୍ଟି | ବି.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୪. | ଶ୍ରୀ ବିଭୂତି ଭୂଷଣ ମହାପାତ୍ର | ଏମ୍.ଏ.(ଇଂରାଜୀ) ଏମ୍.ଏଡ୍. | ସହକାରୀ ଶିକ୍ଷକ |
| ୫. | ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ | ଏମ୍.ଏ.(ଇଂରାଜୀ, ଇତିହାସ) ଏମ୍.ଏଡ୍. | ସହକାରୀ ଶିକ୍ଷକ |
| ୬. | ଆରତୀ ମଞ୍ଜରୀ ଦାଶ | ଏମ୍.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୭. | ମନୋରମା ଦାସ | ବି.ଏସ୍.ସି.ବି.ଏଡ୍ | ସହକାରୀ ଶିକ୍ଷକ |
| ୮. | ଡି. ଲତା ରାଓ | ଏମ୍.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୯. | ଶ୍ରୀ ଭାସ୍କର ପ୍ରଧାନ | ଏମ୍.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୧୦. | ଶ୍ରୀ ବାସୁଦେବ ସାମନ୍ତରାୟ | ବି.ଏ.ସି.ପି.ଏଡ୍.ବି.ଏଡ୍. ଏନ୍-୦, ଏନ୍.ସି.ସି. | ସହକାରୀ ଶିକ୍ଷକ |
| ୧୧. | କଲ୍ୟାଣୀ ଦାସ | ବି.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୧୨. | ଶ୍ରୀ ସାଉଭ ସାହୁ | ବି.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୧୩. | ବିଜୟଲକ୍ଷ୍ମୀ ଦାସ | ବି.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୧୪. | ନନ୍ଦିତା କୁମାରୀ ପଣ୍ଡା | ଏମ୍.ଏ.ବି.ଏଡ୍.ଏଲ୍.ଏଲ୍.ଟି. | ସହକାରୀ ଶିକ୍ଷକ |
| ୧୫. | ଶ୍ରୀ ପ୍ରଦୀପ କୁମାର ସାହୁ | ବି.ଏସ୍.ସି.ଏମ୍.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୧୬. | ମଞ୍ଜୁପ୍ରଭା ସାହୁ | ବି.ଏସ୍.ସି.ବି.ଏଡ୍. | ସହକାରୀ ଶିକ୍ଷକ |
| ୧୭. | ଶ୍ରୀ ବିଜୟ କୁମାର ସାହୁ | ଏମ୍.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୧୮. | ଶ୍ରୀ ସୁମାନି ଚନ୍ଦ୍ର ମିଶ୍ର | ମାଟ୍ରିକ ସାହିତ୍ୟାଚାର୍ଯ୍ୟ, | ସଂସ୍କୃତ ଶିକ୍ଷକ |
| ୧୯. | ଶ୍ରୀ ବିନାୟକ ପାଇକରାୟ | ବି.ଏ. ଆଚାର୍ଯ୍ୟ (କେନ୍ଦ୍ରୀୟ) | ସଂସ୍କୃତ ଶିକ୍ଷକ |
| ୨୦. | ସୁବାସିନୀ ବର୍ଦ୍ଧନ | ମାଟ୍ରିକ, କୋବିଦ | ହିନ୍ଦୀ ଶିକ୍ଷୟିତ୍ରୀ |
| ୨୧. | ଶ୍ରୀ ସୀତାରାମ ଦୋରା | ମାଟ୍ରିକ ସି.ଟି | ସହକାରୀ ଶିକ୍ଷକ |
| ୨୨. | ବାସନ୍ତୀ ଭାରତ | ବି.ଏ.ସି.ଟି. | ସହକାରୀ ଶିକ୍ଷକ |
| ୨୩. | ଶ୍ରୀ ରଘୁନାଥ ପରିଡ଼ା | ବି.ଏ.ବି.ଏଡ୍. | ସହକାରୀ ଶିକ୍ଷକ |
| ୨୪. | ସେକ୍ ଅଜିଜ୍ | ମାଟ୍ରିକ | ଖେଳ ଶିକ୍ଷକ |
| ୨୫. | ଶ୍ରୀ ରମେଶ କୁମାର ମିଶ୍ର | ବି.ଏ.ବି.ପି.ଏଡ୍. | ଖେଳ ଶିକ୍ଷକ |
| ୨୬. | ଶ୍ରୀ ଗଂଗାଧର ନାୟକ | ବି.ଏ. | କାର୍ଯ୍ୟାଳୟ ସହାୟକ |
| ୨୭. | ଶ୍ରୀ ସାରଥି ପ୍ରଧାନ | | ପିଅନ |
| ୨୮. | ଶ୍ରୀ ହରିହର ମହାପାତ୍ର | | ପିଅନ |
| ୨୯. | ଶ୍ରୀ ଦେବରାଜ ପାଇକରାୟ | | ପିଅନ |
| ୩୦. | ଶ୍ରୀ ସୁଧାଂଶୁ ଶେଖର ଦଳାଇ | ମାଟ୍ରିକ | ପିଅନ |
| ୩୧. | ଶ୍ରୀ ବିକ୍ରମ ସେଠୀ | | ଛାତ୍ରି ଜଗୁଆଳି |

# ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ - ଶତବାର୍ଷିକୀ ଉତ୍ସବ

## କାର୍ଯ୍ୟସୂଚୀ

### ତା ୨୮ । ୧୨ । ୨୦୦୦

### ଉଦ୍‌ଘାଟନ ଉତ୍ସବ

*ପ୍ରାତଃ ଅଧିବେଶନ*

ସକାଳ ୭ ଘଣ୍ଟା : ମିନି ମାରାଥନ, କଟୁଆଳରୁ ମଶାଲ ଯାତ୍ରା

ସକାଳ ୯ ଘଣ୍ଟା : ବିଦ୍ୟାଳୟ ପରିସରରେ ସମୂହ ପ୍ରାର୍ଥନା
ଶତବାର୍ଷିକ ଶୋଭାଯାତ୍ରା

ସକାଳ ୧୦ ଘଣ୍ଟା : ବିଜ୍ଞାନ, ଚିତ୍ରକଳା ପ୍ରଦର୍ଶନୀ

ଉଦ୍‌ଘାଟକ : ଶ୍ରୀ ମଧୁସୂଦନ ପାତ୍ର, ଜିଲ୍ଲାପାଳ, ଖୋର୍ଦ୍ଧା

ସମ୍ମାନିତ ଅତିଥି : ଶ୍ରୀ ଲିଙ୍ଗରାଜ ଦଳାଇ, ଶିକ୍ଷାମଣ୍ଡଳାଧୀଶ ।

ଦିନ ୨ ଘଣ୍ଟା : ଆନ୍ତଃ ଉଚ୍ଚ ବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମ

ଉଦ୍‌ଘାଟକ : ଶ୍ରୀ ଅରବିନ୍ଦ ନାଥ ମିଶ୍ର, ଦୁର୍ଗପତି, ଓ.ଏସ୍.ଏ.ପି. ସପ୍ତମ ବାହିନୀ

*ସାନ୍ଧ୍ୟ ଅଧିବେଶନ*

ଅପରାହ୍ନ ୫ ଘଣ୍ଟା : ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ।

ଉଦ୍‌ଘାଟକ : ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ରାଜସ୍ୱ, ଆଇନ ମନ୍ତ୍ରୀ ।

ସଭାପତି : ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବିଧାୟକ

ମୁଖ୍ୟ ବକ୍ତା : ଶ୍ରୀ ବ୍ରଜକିଶୋର ତ୍ରିପାଠୀ, କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ।

ସମ୍ମାନିତ ଅତିଥି : ଶ୍ରୀ ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ, ନିର୍ଦ୍ଦେଶକ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ।

ସନ୍ଧ୍ୟା ୭ ଘଣ୍ଟା : ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ।

❖❖❖

### ତା ୨୯ । ୧୨ । ୨୦୦୦

### ପୁରାତନ ଛାତ୍ର, ଛାତ୍ରୀ, ଶିକ୍ଷକ ସମ୍ମିଳନୀ

ପୂର୍ବାହ୍ନ ୧୧ ଘଣ୍ଟା : ପୁରାତନ ଛାତ୍ର, ଛାତ୍ରୀ ଓ ଶିକ୍ଷକ ସମାବେଶ

ମୁଖ୍ୟ ଅତିଥି : ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ।

ସଭାପତି : ଶ୍ରୀ ରବିନାରାୟଣ ବର୍ମା, ଆଡ୍‌ଭୋକେଟ୍

ମୁଖ୍ୟବକ୍ତା : ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ, ଜ୍ଞାନପୀଠ ପୁରସ୍କାରପ୍ରାପ୍ତ କବିଙ୍କ ଦ୍ୱାରା ସ୍ମରଣିକା ଶତାବ୍ଦୀ ଅବକାଶ ଉନ୍ମୋଚନ ।

ସମ୍ମାନିତ ଅତିଥି : ଡକ୍ଟର ବୈଦ୍ୟନାଥ ମିଶ୍ର, ପ୍ରାକ୍ତନ କୁଳପତି, ଓ.ୟୁ.ଏ.ଟି.
ପ୍ରଫେସର ଭବାନୀ ଚରଣ ରାୟ, ବିଶିଷ୍ଟ ଐତିହାସିକ ।
ଡାକ୍ତର ଯୋଗମାୟା ପଟ୍ଟନାୟକ

ଦିବା ୨ ଘଣ୍ଟା : ଆନ୍ତଃବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଅପରାହ୍ନ ୫ ଘଣ୍ଟା

ମୁଖ୍ୟ ଅତିଥି : ଏମ୍.ଏମ୍. ରାଜେନ୍ଦ୍ରନ୍, ରାଜ୍ୟପାଳ, ଓଡ଼ିଶା

ସଭାପତି : ଶ୍ରୀ ମଧୁସୂଦନ ପାତ୍ର, ଜିଲ୍ଲାପାଳ, ଖୋର୍ଦ୍ଧା

ସମ୍ମାନିତ ଅତିଥି : ଶ୍ରୀ ଅଶୋକ କୁମାର ତ୍ରିପାଠୀ, କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

କେନ୍ଦ୍ର ଡାକ ବିଭାଗ ଦ୍ୱାରା ସ୍ପେଶାଲ କଭର ଉନ୍ମୋଚନ ।

ସାଂସ୍କୃତିକ କାର୍ଯ୍ୟକ୍ରମ : ବକ୍ସି ଜଗବନ୍ଧୁ ନାଟକ - ପୁରାତନ ଛାତ୍ରଙ୍କ ଦ୍ୱାରା ପ୍ରଯୋଜିତ ।

❖❖❖

# ସୂଚୀପତ୍ର


| କ୍ରମ | ଲେଖା | ଲେଖକ | ପୃଷ୍ଠା |
|---|---|---|---|
| ୧ | ପର୍ଯ୍ୟଟନ ପୀଠ | - | - |
| ୨ | ପାଇକ ବିଦ୍ରୋହର କର୍ଣ୍ଣଧାର | - | - |
| ୩ | ବିଦ୍ୟାଳୟର ପ୍ରତିଷ୍ଠାତା ବୃନ୍ଦ, ଅମର ଶହୀଦ, --- | - | - |
| ୪ | କତିପୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ | - | - |
| ୫ | କାର୍ଯ୍ୟକାରୀ ସମିତି | - | - |
| ୬ | ସ୍ମରଣିକା – ସମ୍ପାଦନା ମଣ୍ଡଳୀ | - | - |
| ୭ | ଶତବାର୍ଷିକୀ ପାଳନ ସମିତି – କାର୍ଯ୍ୟନିର୍ବାହୀ ସମିତି | - | - |
| ୮ | ଶତବାର୍ଷିକୀ ମହୋତ୍ସବ | ମଧୁସୂଦନ ପାଢୀ | - |
| ୯ | ମୋ ଗର୍ବ: ମୋ ବିଦ୍ୟାଳୟ | ଜ୍ୟୋତିରିନ୍ଦ୍ର ନାଥ ମିତ୍ର | - |
| ୧୦ | ଶତାବ୍ଦୀ ଶପଥ | ଗୋପାଳକୃଷ୍ଣ ଦାସ | - |
| ୧୧ | ପ୍ରଧାନ ଶିକ୍ଷକଙ୍କ ଶୁଭାଭିଳାଷ | ନିତ୍ୟାନନ୍ଦ ନାୟକ | - |
| ୧୨ | ସଂକ୍ଷେପରେ ଶତାୟୁ -- | - | - |
| ୧୩ | ବାର୍ତ୍ତା | ନବୀନ ପଟ୍ଟନାୟକ | - |
| ୧୪ | ବାର୍ତ୍ତା | ଶରତ କୁମାର କର | - |
| ୧୫ | ବାର୍ତ୍ତା | ଜାନକୀ ବଲ୍ଲଭ ପଟ୍ଟନାୟକ | - |
| ୧୬ | ବାର୍ତ୍ତା | ପ୍ରସନ୍ନ କୁମାର ପାଟ୍ଟଶାଣୀ | |
| ୧୭ | ବାର୍ତ୍ତା | ସଚ୍ଚିଦାନନ୍ଦ ରାଉତରାୟ | - |
| ୧୮ | ବାର୍ତ୍ତା | ବିଶ୍ବଭୂଷଣ ହରିଚନ୍ଦନ | - |
| ୧୯ | Message | Nalinikanta Mohanty | - |
| ୨୦ | ବାର୍ତ୍ତା | ଭାଗବତ ବେହେରା | - |
| ୨୧ | ବାର୍ତ୍ତା | ଭାଗବତ ପ୍ରସାଦ ମହାନ୍ତି | - |
| ୨୨ | ବାର୍ତ୍ତା | ସୁରେଶ କୁମାର ରାଉତରାୟ | - |
| ୨୩ | ବାର୍ତ୍ତା | ଭୂପିନ୍ଦର ସିଂହ | - |
| ୨୪ | ବାର୍ତ୍ତା | ଦେବେନ୍ଦ୍ରନାଥ ମାନସିଂହ | - |
| ୨୫ | ବାର୍ତ୍ତା | ଲିଙ୍ଗରାଜ ଦଳାଇ | - |
| ୨୬ | ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦ | - | - |
| ୨୭ | ବିଦ୍ୟାଳୟ ପରିବାର | - | - |
| ୨୮ | ଶତବାର୍ଷିକ ଉତ୍ସବ କାର୍ଯ୍ୟସୂଚୀ | - | - |
| ୨୯ | ସୂଚୀପତ୍ର | - | - |
| ୩୦ | ଖୋର୍ଦ୍ଧା ସ୍କୁଲରେ ମୋର ଅଭିଜ୍ଞତା | ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |

| | | | |
|---|---|---|---|
| ୩୧ | ମୋ ପ୍ରିୟ ବିଦ୍ୟାଳୟ | ସଚ୍ଚି ରାଉତରାୟ | ୩ |
| ୩୨ | ଖୋର୍ଦ୍ଧା ସ୍କୁଲର ସ୍ମୃତି | ଜୁଗଳ କିଶୋର ମହାନ୍ତି | ୪ |
| ୩୩ | ଶିଳା ଆତ୍ମା | ସତ୍ୟାନନ୍ଦ ଚମ୍ପତିରାୟ | ୫ |
| ୩୪ | କେତୋଟି ମୁହୂର୍ତ୍ତର ସ୍ମାରକୀ | ବେଣୁଧର ବଳିୟାରସିଂହ | ୬ |
| ୩୫ | ଓଡିଆ ଜାତିର ବିସ୍ମୃତ ନେତା | ଭବାନୀ ଚରଣ ରାୟ | ୭ |
| ୩୬ | ଖୋର୍ଦ୍ଧା ବକ୍ସି-ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ | ଭୀମସେନ ପ୍ରଧାନ | ୧୧ |
| ୩୭ | ଖୋର୍ଦ୍ଧା-ଇତିହାସରେ ବକ୍ସି-ଦେୱାନ-ରାଜଗୁରୁ ଏବଂ ଶତାବ୍ଦୀ-ସ୍ମୃତିରେ ଖୋର୍ଦ୍ଧା ହାଇସ୍କୁଲ | ଫକୀର ହରିଚନ୍ଦନ | ୨୧ |
| ୩୮ | ଭାରତର ଅନନ୍ୟ ଜାତୀୟ ଶିକ୍ଷାୟତନ: ଖୋରାଧା ଉଚ୍ଚବିଦ୍ୟାଳୟର ଜୟଗାନ | ଗୋପାଳକୃଷ୍ଣ ଦାସ | ୪୨ |
| | [୬୫ ରୁ ୭୨ ପର୍ଯ୍ୟନ୍ତ ୮ ପୃଷ୍ଠା ଆମର ହସ୍ତଗତ ହୋଇ ପାରିନଥିବାରୁ ଏଠାରେ ଦିଆଯାଇ ପାରୁନାହିଁ] | | |
| ୩୯ | ଜୀବନର ଗୌରବ | ବିଚ୍ଛନ୍ଦ ଚରଣ ପଟ୍ଟନାୟକ | ୭୩ |
| ୪୦ | ଚୋରା ବସନ୍ତ | ପଦ୍ମଚରଣ ପଟ୍ଟନାୟକ | ୭୩ |
| ୪୧ | ବୀର ଆହ୍ବାନ | ଜାନକୀ ବଲ୍ଲଭ ପଟ୍ଟନାୟକ | ୭୪ |
| ୪୨ | କୁଣ୍ଢେଇ  କଳା | ଡମ୍ବରୁଧର ପରିଡ଼ା | ୭୫ |
| ୪୩ | ବକସି | ପ୍ରସନ୍ନ କୁମାର ପାଟଶାଣୀ | ୭୫ |
| ୪୪ | ନିର୍ଜ୍ଜନ ସଂଳାପ | ଅଖିଳ ମୋହନ ପଟ୍ଟନାୟକ | ୭୬ |
| ୪୫ | ଶହୀଦ ରଘୁ-ଦିବାକର | ସତ୍ୟବାଦୀ ବଳିଆରସିଂହ | ୭୯ |
| ୪୬ | ଯୁଗସ୍ରଷ୍ଟା କବିଚନ୍ଦ୍ର କାଳୀଚରଣ | ପ୍ରଫୁଲ୍ଲ କୁମାର ପାଇକରାୟ | ୮୪ |
| ୪୭ | ମାନସିଂହ – କାବ୍ୟରେ ପ୍ରତିଭାର ଆଦ୍ୟ ଉନ୍ମେଷ | ପଠାଣି ପଟ୍ଟନାୟକ | ୮୬ |
| ୪୮ | ଓଡିଆ ସାହିତ୍ୟରେ ଐତିହାସିକ କେଦାରନାଥ | ନଟବର ସାମନ୍ତରାୟ | ୯୦ |
| ୪୯ | କଳିଙ୍ଗ ପ୍ରାଣ ବିଚ୍ଛନ୍ଦଚରଣ ପଟ୍ଟନାୟକ | ଚନ୍ଦ୍ରଶେଖର ନନ୍ଦ | ୯୨ |
| ୫୦ | ସଚ୍ଚିଦାନନ୍ଦ: ଅନିର୍ବାଣ ଦୀପଶିଖା, ଅମ୍ଳାନ ସ୍ଫୁଲିଂଗ | ବୈକୁଣ୍ଠ ନାଥ ରାଜଗୁରୁ | ୯୩ |
| ୫୧ | ଗତ ବସନ୍ତ | କାଳୀଚରଣ ପଟ୍ଟନାୟକ | ୯୮ |
| ୫୨ | ଏଇ ସହକାର ତଳେ | ମାୟାଧର ମାନସିଂହ | ୯୮ |
| ୫୩ | ନାଟ୍ୟକାର ପରଶୁରାମ ହରିଚନ୍ଦନ | ବ୍ରଜ ପାଇକରାୟ | ୧୦୦ |
| ୫୪ | ବି.ଜେ.ବି. ହାଇସ୍କୁଲର ଆଦ୍ୟ ଇତିହାସ | ଦିଗମ୍ବର ଶ୍ରୀଚନ୍ଦନ | ୧୦୨ |
| ୫୫ | ପୁରାତନ ଛାତ୍ର ସଂସଦ | ଗୌରୀଶ୍ୟାମ ପଟ୍ଟନାୟକ | ୧୦୩ |
| ୫୬ | ଶତବାର୍ଷିକୀ ବିଚିତ୍ରା – ଏକ ଶିକ୍ଷାୟତନର | ଗୋକୁଳ ଚନ୍ଦ୍ର ସିଂହସାମନ୍ତ | ୧୦୪ |
| ୫୭ | ହାଇସ୍କୁଲ ନିର୍ମାଣର ଇତିବୃତ୍ତି | ସୁରସିଂହ ପଟ୍ଟନାୟକ | ୧୦୮ |
| ୫୮ | ପଣ୍ଡିତ ନେହେରୁ ଓ ଖୋର୍ଦ୍ଧା ସ୍କୁଲ | କୁନ୍ଦନ ରାମ | ୧୧୦ |
| ୫୯ | ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟର ଛାତ୍ରମାନଙ୍କର ଏ ଦେଶକୁ ଅବଦାନ | ଗୋକୁଳମୋହନ ରାୟଚୂଡାମଣି | ୧୧୨ |

| | | | |
|---|---|---|---|
| ୬୦ | ସ୍ୱାଧୀନତା ଆନ୍ଦୋଳନରେ ବି.ଜେ.ବି. ହାଇସ୍କୁଲ ଛାତ୍ରମାନଙ୍କ ଭୂମିକା | ଦୟାନିଧି ସାହୁ | ୧୧୪ |
| ୬୧ | ବିଦ୍ୟାଳୟ କ୍ରୀଡାର ଐତିହ୍ୟ | ବଟକୃଷ୍ଣ ପରିଜା | ୧୧୮ |
| ୬୨ | ଦିଗନ୍ତ ବିସ୍ତାରୀ କ୍ରୀଡା ପ୍ରାନ୍ତର ସଦା ଚଳଚଞ୍ଚଳ | ଶେଖ ଅଜିଜ | ୧୨୩ |
| ୬୩ | ଖୋର୍ଦ୍ଧା ହାଇସ୍କୁଲର ଶିକ୍ଷକ ଓ ଛାତ୍ରମାନଙ୍କର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରକୁ ଶହେ ବର୍ଷର ଦାନ | ଲକ୍ଷ୍ମଣ କୁମାର ପରିଡା | ୧୨୮ |
| ୬୪ | ଛାତ୍ର ଜୀବନର ଅନୁଭୂତି | ଦିବ୍ୟସିଂହ ପଟ୍ଟନାୟକ | ୧୫୨ |
| ୬୫ | ତ୍ରିମୂର୍ତ୍ତୀ | ଶାକ୍ୟସିଂହ ପଟ୍ଟନାୟକ | ୧୫୫ |
| ୬୬ | ଆଦର୍ଶ ଶିକ୍ଷକ ପରଶୁରାମ ବର୍ମା | ଅମିତ ବିକ୍ରମ ଦେବ | ୧୫୮ |
| ୬୭ | ଗୁରୁ ବାଙ୍କନିଧି | ବାସୁଦେବ ଦୋରା | ୧୬୧ |
| ୬୮ | ପିତୃସ୍ମୃତି | ଜ୍ଞାନଦା ପଟ୍ଟନାୟକ | ୧୬୩ |
| ୬୯ | ବରେଣ୍ୟ ଶିକ୍ଷକ ଆଶୁତୋଷ | ପ୍ରଜେଶ ନାଥ ବାଗଚି ଶର୍ମା | ୧୬୬ |
| ୭୦ | ପ୍ରଜ୍ଞାପୀଠ ଖୋର୍ଦ୍ଧା ହାଇସ୍କୁଲରେ ମୋର ଶିକ୍ଷକତା – ଏକ ଗାରିମାମୟ ଅଧ୍ୟାୟ | ମୂରଲୀଧର ପ୍ରଧାନ | ୧୬୯ |
| ୭୧ | ସ୍ମୃତି ଓ ଅନୁଭୂତି | ବନ ବିହାରୀ ପଟ୍ଟନାୟକ | ୧୮୦ |
| ୭୨ | ଶତାୟୁ ଶିକ୍ଷାୟତନ | ହରେକୃଷ୍ଣ ନନ୍ଦ | ୧୮୩ |
| ୭୩ | ବିଦ୍ୟାଳୟରେ ମୋର ପ୍ରଧାନଶିକ୍ଷକତ୍ୱ | ସୁରେନ୍ଦ୍ର ମିଶ୍ର | ୧୮୫ |
| ୭୪ | ବିଦ୍ୟାଳୟରେ ମୋର ୩୫ ବର୍ଷ | କାଶୀନାଥ ପ୍ରଧାନ | ୧୮୭ |
| ୭୫ | ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ମହାରଥୀ – ବକସି ଜଗବନ୍ଧୁ | ଧ୍ରୁବ ଚରଣ ଜୟସିଂହ ପାଇକରାୟ | ୧୯୦ |
| ୭୬ | ଅମର ଶହୀଦ – ଜୟୀରାଜଗୁରୁ | ସୌଭାଗ୍ୟ ମିଶ୍ର | ୧୯୬ |
| ୭୭ | ତାପଙ୍ଗ ଦଳବେହେରା : ମାଧବ ରାଉତରାୟ | ରଶ୍ମିରେଣୁ ହରିଚନ୍ଦନ | ୧୯୮ |
| ୭୮ | ଖୋର୍ଦ୍ଧାର ଅତୀତ ଇତିହାସ | ପ୍ରଫୁଲ୍ଲ କୁମାର ପଟ୍ଟନାୟକ | ୨୦୦ |
| ୭୯ | ଖୋର୍ଦ୍ଧାର ଐତିହାସିକ ପୃଷ୍ଠଭୂମି | ବ୍ରଜ କିଶୋର ସାହୁ | ୨୦୬ |
| ୮୦ | ଶହେବର୍ଷ ପୂର୍ବର ଖୋର୍ଦ୍ଧା | ଲକ୍ଷ୍ମୀନାରାୟଣ ରାୟସିଂହ | ୨୧୦ |
| ୮୧ | ଖୋରଧାର ସାହିତ୍ୟିକ ପରମ୍ପରା | ଗୋପାଳ କୃଷ୍ଣ ଶ୍ରୀଚନ୍ଦନ | ୨୧୯ |
| ୮୨ | ଖୋରାଧା ଓ ପରମାର୍ଥ | ଜାନକୀବଲ୍ଲଭ ପଟ୍ଟନାୟକ | ୨୨୬ |
| ୮୩ | ଭୂଗୋଳ ପୋଥି ପତର | ଅଲେଖ ଦାଶ | ୨୩୦ |
| ୮୪ | ଖୋରାଧା ଜିଲ୍ଲା ସମ୍ପର୍କରେ ସମ୍ୟକ ସୂଚନା | ରାଜକିଶୋର ରାମ | ୨୩୨ |
| ୮୫ | ଖୋର୍ଦ୍ଧା ଅଞ୍ଚଳର ପତ୍ରପତ୍ରିକା | ଜବାହାରଲାଲ ସୁବୁଦ୍ଧି | ୨୩୪ |
| ୮୬ | ଖୋର୍ଦ୍ଧା ଅଞ୍ଚଳର ସ୍ୱାସ୍ଥ୍ୟରକ୍ଷା ଦିଗରେ ଛାତ୍ରମାନଙ୍କ ଭୂମିକା | କାଳୀ ପ୍ରସାଦ ମଙ୍ଗରାଜ | ୨୩୮ |
| ୮୭ | ବୀର ଖୋରଧାର ଦୃପ୍ତ ପାଇକ | ହରିକୃଷ୍ଣ ପ୍ରଧାନ | ୨୪୦ |
| ୮୮ | ସେଇ 'ସହକାର' ତଳେ | ନିକୁଞ୍ଜ ମୋହନ ମହାପାତ୍ର | ୨୪୦ |

| | | | |
|---|---|---|---|
| ୮୯ | କବି ମୁଁ କେମିତି ହେବି | ସୁରେନ୍ଦ୍ରନାଥ ବିଦ୍ୟାଧର | ୨୪୧ |
| ୯୦ | ଭକ୍ତଚରଣ ସରଣେ | ବେଣୁଧର ସାହୁ | ୨୪୨ |
| ୯୧ | କଥା | ବଂଶୀଧର ଷଡଙ୍ଗୀ | ୨୪୩ |
| ୯୨ | ଦିଟୋପା ଅଶ୍ରୁ | ଲକ୍ଷ୍ମୀଧର ମିଶ୍ର | ୨୪୪ |
| ୯୩ | ଦିବ୍ୟସିଂହ ସ୍ମରଣେ | ରାଜେନ୍ଦ୍ର କୁମାର ମହାନ୍ତି | ୨୪୫ |
| ୯୪ | ଏହି ମୋର ପ୍ରିୟ ବିଦ୍ୟାଳୟ | ଅକ୍ଷୟ ସାହୁ | ୨୪୫ |
| ୯୫ | ଭୁଲି ନାହିଁ କେବେ ଭୁଲିନାହିଁ | ରମେଶ ମଙ୍ଗରାଜ | ୨୪୬ |
| ୯୬ | କଳପନା ହଜିଯାଏ | ଶଶିଭୂଷଣ ଚମ୍ପତିରାୟ | ୨୪୬ |
| ୯୭ | ସତ୍ୟଠାରୁ ମିଥ୍ୟା ଯାଏ | ହେମନ୍ତ କୁମାର ଦାସ | ୨୪୭ |
| ୯୮ | କ୍ରୋଧ | ଯୋଗମାୟା ପଟ୍ଟନାୟକ | ୨୫୨ |
| ୯୯ | ଭାରତୀୟ ଶୈକ୍ଷିକ ପରମ୍ପରାରେ ଧର୍ମ | ବିରଞ୍ଚି ନାରାୟଣ ଦାଶ | ୨୫୫ |
| ୧୦୦ | ଜାତୀୟ ସମସ୍ୟା ସମାଧାନରେ ଯୁବ ସମାଜର ଭୂମିକା | ବିଭୁରଞ୍ଜନ ସାହୁ | ୨୫୭ |
| ୧୦୧ | Schools of Excellence: A quest | Sarat Kumar Pattanaik | ୨୫୯ |
| ୧୦୨ | Sweet Memory of Service in B.J.B. High School | Bansidhar Subudhi | ୨୬୩ |
| ୧୦୩ | Reminiscences of my days in B.J.B. High School | Prafulla Ch. Mohapatra | ୨୬୪ |
| ୧୦୪ | Down Memory Lane | Nrusinha Ch. Pattanayak | ୨୬୬ |
| ୧୦୫ | "Memory of my old school" | Udayan Barma | ୨୬୭ |
| ୧୦୬ | Jai Rajguru: The Earliest Martyr to Freedom | Dandapani Behera | ୨୬୯ |
| ୧୦୭ | Higher Education in Nineties Problems and Prospects | Baidyanath Misra | ୨୭୧ |
| ୧୦୮ | Education at the Cross Roads | Dhirendra Kumar Mishra | ୨୭୭ |
| ୧୦୯ | Segmental approach to Eco-restora--tion – a feasible contemplation (A case study on Khurda) | Dillip Kumar Dora | ୨୭୯ |
| ୧୧୦ | A Mystery | Mihir Narayan Barman | ୨୮୩ |
| ୧୧୧ | ଖୋର୍ଦ୍ଧା ହାଇସ୍କୁଲ ଓ ମୁଁ | ଜାନକୀ ବଲ୍ଲଭ ମହାନ୍ତି | ୨୮୬ |
| ୧୧୨ | ମୁଁ ସ୍କୁଲର ଛାତ୍ରଥିଲି | ଦୂର୍ଗା ପ୍ରସାଦ ପଟ୍ଟନାୟକ | ୨୮୯ |
| ୧୧୩ | ଶହେ ବର୍ଷର କିଶୋରଟିଏ | କ୍ଷୀରୋଦ ପ୍ରସାଦ ମହାନ୍ତି | ୨୯୩ |
| ୧୧୪ | ଶାଶ୍ୱତ ପ୍ରତିନିଧି | ସୁବୋଧ କୁମାର ମହାନ୍ତି | ୨୯୫ |
| ୧୧୫ | ହରିଜନ ସାନ୍ଧ୍ୟ ବିଦ୍ୟାଳୟ | କମଳାକାନ୍ତ ଦାସ | ୨୯୭ |

| | | | |
|---|---|---|---|
| ୧୧୬ | ସ୍କୁଲ ଇତିହାସର ଏକ ଛିନ୍ନ ପୃଷ୍ଠା: ବନ-ବାରୁଣୀ ମିନା ମଣ୍ଡଳୀ | ବାଇଧର ମହାପାତ୍ର | ୨୯୯ |
| ୧୧୭ | ଏକ ବିନମ୍ର ପ୍ରଣତି | ପ୍ରସନ୍ନ କୁମାରୀ ଦେବୀ | ୩୦୦ |
| ୧୧୮ | ମୋର ପ୍ରିୟ ବିଦ୍ୟାଳୟ, ପ୍ରଧାନ ଶିକ୍ଷକ ଓ ଶିକ୍ଷକ ବୃନ୍ଦ | ସାବିତ୍ରୀ ରାୟ | ୩୦୨ |
| ୧୧୯ | ଛାତ୍ରୀ ମୁଁ ବି.ଜେ.ବି. ହାଇସ୍କୁଲର | ରମା ଦେବୀ | ୩୦୪ |
| ୧୨୦ | ଆଜି ମନେପଡେ | ପ୍ରୀତି ପଟ୍ଟନାୟକ | ୩୦୬ |
| ୧୨୧ | କିଛି ଐତିହ୍ୟ କିଛି ଅଭୂଲା ସ୍ମୃତି | ଗୋପୀନାଥ ପ୍ରସାଦ ପ୍ରଧାନ | ୩୦୮ |
| ୧୨୨ | ସତ କହିବି କି ମିଛ କହିବି, ଅଙ୍ଗେ ଲିଭାଇବା କଥା କହିବି | ପ୍ରେମାନନ୍ଦ ମହାନ୍ତି | ୩୧୨ |
| ୧୨୩ | ମୋ ସମୟର ସ୍କୁଲ | କମଲ କୁମାର ଅଗ୍ରୱାଲା | ୩୧୬ |
| ୧୨୪ | ପାଇକ ବିଦ୍ରୋହ | ଦୀନବନ୍ଧୁ ବିଶ୍ବାଳ | ୩୧୭ |
| ୧୨୫ | ଶତାବ୍ଦୀର ସ୍ବପ୍ନଭଙ୍ଗେ | ସରୋଜ ସୁନ୍ଦର ପଟ୍ଟନାୟକ | ୩୨୭ |
| ୧୨୬ | ବିଦ୍ୟାଳୟରେ ମୋର ଅନୁଭୂତି | ଗଙ୍ଗାଧର ପୃଷ୍ଟି | ୩୨୮ |
| ୧୨୭ | ପରିଚାଳନା ସମିତିର ସଭ୍ୟ ବୃନ୍ଦ (୧୯୧୩ - ୧୯୬୮) | - | ୩୩୧ |
| ୧୨୮ | ଖୋରାଧା ହାଇସ୍କୁଲର ଶିକ୍ଷକ ଓ କର୍ମଚାରୀବୃନ୍ଦ (୧୮୯୬ - ୧୯୯୬) | - | ୩୩୩ |
| ୧୨୯ | ଅଭ୍ୟର୍ଥନା ସମିତି ସଦସ୍ୟ | - | ୩୩୮ |
| ୧୩୦ | ଅନୁଷ୍ଠାନ/ପ୍ରତିଷ୍ଠାନ (ବିଜ୍ଞାପନ) | - | ୩୪୦ |
| ୧୩୧ | ଏଣ୍ଟ୍ରାନ୍ସ / ମାଟ୍ରିକ୍ୟୁଲେସନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ (୧୯୦୩ – ୧୯୯୬) | | ୩୪୧ |


-----



# ଖୋର୍ଦ୍ଧା ସ୍କୁଲରେ ମୋର ଅଭିଜ୍ଞତା

ଜାନକୀ ବଲ୍ଲଭ ପଟ୍ଟନାୟକ

**ଖୋର୍ଦ୍ଧା** ହାଇସ୍କୁଲର ଶତବାର୍ଷିକୀ ଉତ୍ସବ ପାଳିତ ହେଉଥିବାର ଜାଣି ମୁଁ ବିଶେଷ ଆନନ୍ଦିତ । ଏହି ସ୍କୁଲରେ ମୋର ଅନୁଭୂତି ସମ୍ପର୍କରେ ଅନେକ କଥା ମନକୁ ଆସୁଥିଲେ ହେଁ ସେ ସମସ୍ତ କଥା ଏହି କ୍ଷୁଦ୍ର ଲେଖାରେ ଉଲ୍ଲେଖ କରିବା ସମ୍ଭବପର ନୁହେଁ । ସଂକ୍ଷେପରେ କେତୋଟି କଥାର ଅବତାରଣା କରୁଛି ।

ଏହି ସ୍କୁଲରେ ମୋର ଚାରି ବର୍ଷ ଛାତ୍ର ଜୀବନ କଟିଥିଲା । ଏଠା ସହିତ ସହପାଠୀ, ଶିକ୍ଷକ ଏବଂ ଖୋର୍ଦ୍ଧାର ପରିବେଶ ସହିତ ମୋର ବହୁ ମଧୁର ସ୍ମୃତି ଜଡ଼ିତ ରହିଛି । ଖୋର୍ଦ୍ଧାର ପରମ୍ପରା ଓଡ଼ିଆ ଜାତିରେ ଏହି ସ୍କୁଲ ତାର ଅନୁପମ ସ୍ୱାଭିମାନରେ ଦଣ୍ଡାୟମାନ । ଏହି ବିଶାଳ କୋଠାଘରର ନିର୍ମାଣରେ ଖୋର୍ଦ୍ଧାର ତତ୍କାଳୀନ ସରକାରଙ୍କାର ଓ ଅନ୍ୟାନ୍ୟ ବ୍ୟକ୍ତିମାନେ ଦାନ କରିଥିଲେ । ମୁଁ ପଢୁଥିଲାବେଳେ ଏହି ସ୍କୁଲର ପ୍ରତିଷ୍ଠା ଓଡ଼ିଶାରେ ବ୍ୟାପି ଯାଇଥିଲା ।

ସେତେବେଳେ ସ୍କୁଲର ହେଡ୍‌ମାଷ୍ଟର ଥିଲେ ଶ୍ରୀ ଚାନ୍ଦନିଧି ପଟ୍ଟନାୟକ । ହେଡ୍‌ମାଷ୍ଟର ଭାବରେ ତତ୍କାଳୀନ ତିନିଜଣ ସର୍ବଶ୍ରେଷ୍ଠ ହେଡ୍‌ମାଷ୍ଟରଙ୍କ ଭିତରୁ ତାଙ୍କୁ ଅନ୍ୟତମ ହେଡ୍‌ମାଷ୍ଟର ବୋଲି ବିବେଚନା କରାଯାଉଥିଲା । ଅନ୍ୟ ଦୁଇଜଣ ହେଡ୍‌ମାଷ୍ଟର ଥିଲେ ପ୍ୟାରୀ ମୋହନ ଏକାଡେମୀର ପ୍ରଧାନ ଶିକ୍ଷକ ଶ୍ରୀ ବସନ୍ତ ଦାସ ଓ ଭଦ୍ରକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ଗୋକୁଳାନନ୍ଦ ନାୟକ । ସ୍କୁଲର ପ୍ରଶାସନ ଓ ଶୃଙ୍ଖଳାରକ୍ଷା ଦିଗରେ ସେ ଯେପରି ଦକ୍ଷ ଥିଲେ, ପାଠ ପଢ଼ାଇବାରେ ମଧ୍ୟ ସେହିପରି ଖ୍ୟାତି ଅର୍ଜନ କରିଥିଲେ । ଇଂରାଜୀ ଶିକ୍ଷକ ଭାବରେ ତାଙ୍କର ଅଧ୍ୟାପନା କେବେହେଲେ ଭୁଲିବା ସମ୍ଭବ ନୁହେଁ । ମାଇନର ସ୍କଲାରସିପ୍ ପାଇଁ ମୁଁ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଥିଲି । ସେତେବେଳେ ଜିଲ୍ଲାରେ ୫ ଜଣ ଛାତ୍ର ମାଇନର ସ୍କଲାରସିପ୍ ପାଉଥିଲେ । ତେଣୁ ମୋ ପ୍ରତି ତାଙ୍କର ଶ୍ରଦ୍ଧା ଓ ଆଦର ଥିଲା ।

ନବମ ଶ୍ରେଣୀରେ ପଢୁଥିବା ବେଳେ ନିଖିଳ ଓଡ଼ିଶା ଛାତ୍ର ସମ୍ମିଳନୀ ସେତେବେଳେ ଏକମାତ୍ର ଛାତ୍ର ସଂଗଠନ ଷ୍ଟୁଡେଣ୍ଟସ୍ ଫେଡେରେସନ୍ ପକ୍ଷରୁ କଟକରେ ଅନୁଷ୍ଠିତ ହୋଇଥିଲା । ୧୯୪୦ ମସିହାରେ ସେତେବେଳେ ସାରା ଓଡ଼ିଶାରେ ପ୍ରବନ୍ଧ ପ୍ରତିଯୋଗିତାରେ ମୁଁ ପ୍ରଥମ ହୋଇଥିଲି ଏବଂ କଟକ ଆସି ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ମଧ୍ୟ ପ୍ରଥମ ପୁରସ୍କାର ଲାଭ କରିଥିଲି । ସେତେବେଳେ ଏହି ସମ୍ମିଳନୀରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ନେତା ଶ୍ରୀ ବୀରେନ୍ ମିତ୍ର, ଶ୍ରୀ ବନମାଳୀ ପଟ୍ଟନାୟକ, ଶ୍ରୀ ରାମଚନ୍ଦ୍ର ରାମ, ଶ୍ରୀ ଦୁର୍ଗାଚରଣ ମହାନ୍ତି ପ୍ରଭୃତି । କଟକରୁ ପ୍ରାଇଜ୍ ବହି ନେଇ ମୁଁ ଫେରିବା ପରେ ମୋ କୃତିତ୍ୱର ସମ୍ବାଦ ଶୁଣି ଚାନ୍ଦନିଧି ବାବୁଙ୍କ ଛାତି କୁଣ୍ଢେମୋଟ ହୋଇଯାଇଥିଲା । ସେ ବହୁ କ୍ଲାସରେ ମୁଁ ପ୍ରାଇଜ୍ ପାଇଥିବା ବହି ଶିକ୍ଷକ ଓ ପିଲାମାନଙ୍କୁ ଦେଖିବା ପାଇଁ ପଠାଇଥିଲେ । ନିଜର କୃତିତ୍ୱର ଗର୍ବ ଓ ଗୌରବ ବୋଧ କରିବାରେ ସେ ଥିଲେ ଜଣେ ଜ୍ୱଳନ୍ତ ପ୍ରତୀକ ।

୧୯୩୮ ମସିହାରେ ବେଜେଲଗେଟ୍ ହତ୍ୟାକାଣ୍ଡରେ ଖୋର୍ଦ୍ଧା ହାଇସ୍କୁଲ ପ୍ରମୁଖ ଭୂମିକା ନେଇଥିଲା । ଖୋର୍ଦ୍ଧା ସ୍କୁଲର ଛାତ୍ରମାନଙ୍କ ଭିତରେ ଏକ ନବଜାଗରଣ ସୃଷ୍ଟି ହୋଇଥିଲା । ୧୯୪୦ ମସିହାରେ ଯୁଦ୍ଧକୁ ସମର୍ଥନ କରି ସମ୍ରାଟଙ୍କ ସ୍ତୁତିଗାନ କରାଯାଇ ଏକ ପଟୁଆର ବାହାରିଥିଲା । ଏହି ପଟୁଆରରେ ଯେଉଁ ଗୀତ ବୋଲା ହେଉଥିଲା, ସେଥିରେ ଆମେ କେତେକ ଛାତ୍ରଯୋଗଦେଇ ଅଲଗା ଗୀତ ବୋଲିଲୁ- ଭାରତମାତାର ବନ୍ଦନା ଗାନ କରି । ଏହା ଏକ ଆଲୋଚନା ଓ ଆଲୋଡ଼ନର ବିଷୟବସ୍ତୁ ହେଲା । ମାତ୍ର ଚାନ୍ଦନିଧିବାବୁ ଆମକୁ କିଛି କହିଲେ ନାହିଁ ।

୧୯୪୨ ମସିହାରେ ମହାତ୍ମା ଗାନ୍ଧୀଙ୍କ ବ୍ୟକ୍ତିଗତ ସତ୍ୟାଗ୍ରହରେ ଖୋର୍ଦ୍ଧାରେ ଯେଉଁ ଜନସଭା ହୋଇଥିଲା ଓ ପ୍ରାଣନାଥ ପଟ୍ଟନାୟକ ବ୍ୟକ୍ତିଗତ ସତ୍ୟାଗ୍ରହୀ ରୂପେ ଯୋଗ ଦେଇଥିଲେ, ସେଥିରେ ଆମେ ସ୍କୁଲ ଛାତ୍ର ବହୁ ସଂଖ୍ୟାରେ ଯୋଗ ଦେଇଥିଲୁ । ଛାତ୍ର ଆନ୍ଦୋଳନର ନେତୃତ୍ୱ ମୁଁ ନେଇଥିଲି । ତିନି ଦିନ ଧରି ଛାତ୍ର ଧର୍ମଘଟ ହୋଇ ସ୍କୁଲ ବନ୍ଦ ହୋଇଥିଲା । ଏ ସମୟରେ ଆମକୁ ନେତୃତ୍ୱ

ହେବାପାଇଁ ଖୋର୍ଦ୍ଧାର କେହି ନ ଥିଲେ । ଅଗତ୍ୟା ଏହି ଛାତ୍ର ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବା ସମ୍ଭବ ହେଲାନାହିଁ । ଧର୍ମଘଟ ପରେ ଯେତେବେଳେ କ୍ଲାସକୁ ଆମେ ଫେରିଲୁ, ବାଙ୍କନିଧି ବାବୁ ରୋଡିଂ ପିରିୟଡ଼ ମୋଟେ କାର୍ଯ୍ୟକରି ଛାତ୍ରମାନଙ୍କୁ ଭାଷଣ ଦେଇଥିଲେ । ତାଙ୍କର ବିଷୟବସ୍ତୁ ଥିଲା- stick to the gun ମୁଁ କିନ୍ତୁ କୋଟିଂ ଗନ୍‌କୁ ଷ୍ଟିକ୍ କରିବା ବ୍ୟକ୍ତି ନ ଥିଲି । ଏମାନେ ଅଧ୍ୟୟନକୁ କୋଳ ଏବଂ ଦେଶର ମୁକ୍ତି ଆନ୍ଦୋଳନ ପାଇଁ ପ୍ରବଳ ଆଗ୍ରହ ।

ସେ ଯାହାହେଉ, ଖୋର୍ଦ୍ଧା ସ୍କୁଲରେ ମୋର ବୌଦ୍ଧିକ ବିକାଶ, ରାଜନୀତି ପ୍ରତି ଏକାନ୍ତ ଆଗ୍ରହ, ଭାଷାପ୍ରୀତି ଆଦି କେତେକ ବିରାଟକ ବିକାଶ ଘଟିଥିଲା । ଖୋର୍ଦ୍ଧା ସ୍କୁଲର ସଂସ୍କୃତ ପଣ୍ଡିତ ଶ୍ରୀ ଭଗବାନ ହୋତାଙ୍କର ସଂସ୍କୃତ ଅଧ୍ୟାପନା ପ୍ରଣାଳୀ ଓ ଛାତ୍ରଙ୍କ ମଧ୍ୟରେ ସଂସ୍କୃତ ଅଧ୍ୟୟନ ପାଇଁ ବିଶେଷ ଉଦ୍ୟମ ଯୋଗୁଁ ମୁଁ ନବମ ଶ୍ରେଣୀର ମାଥମେଟିକ୍ସ ଅପ୍‌ସନାଲ ଛାଡ଼ି ସଂସ୍କୃତ ଅପ୍‌ସନାଲ ନେଲି । ତା'ପରେ ସଂସ୍କୃତ ସହିତ ମୋର ସ୍ନେହାନୁବନ୍ଧନ ଦୃଢ଼ତର ହେବାକୁ ଲାଗିଲା । ଖୋର୍ଦ୍ଧାରେ ଥିବାବେଳେ ଖୋର୍ଦ୍ଧାଗଡ଼ ଓ ଖୋର୍ଦ୍ଧାର ପ୍ରାଚୀନ ଇତିହାସ, ପାଇକ ବିଦ୍ରୋହ, ଓଡ଼ିଆ ଭାଷାର ବିଶୁଦ୍ଧ ଉଚ୍ଚାରଣ ଆଦି ମନ ଭିତରେ ଏକ ଅଦ୍ଭୁତ ଛାପ ଆଣି ଦେଇଥିଲା । ଶିକ୍ଷକମାନଙ୍କର ଶିକ୍ଷାଦାନ ପ୍ରଣାଳୀ ଓ ଛାତ୍ରବତ୍ସଳତା ଛାତ୍ରମାନଙ୍କ ମନକୁ ବିଶେଷ ପ୍ରଭାବିତ କରିପାରୁଥିଲା । ଶିକ୍ଷକମାନଙ୍କ ମଧ୍ୟରେ କବି ଶ୍ରୀ ଚକ୍ରଧର ପରିଡ଼ା (ଶ୍ରୀ ରାଜକିଶୋର ଭୁଞ୍ଜଙ୍କ ବାପା), ଶ୍ରୀ ରାଧାଚରଣ ସାହୁ, ଶ୍ରୀ ଜଗଦାନନ୍ଦ ମହାନ୍ତି, ଶ୍ରୀ କେଶବ ଚନ୍ଦ୍ର ପତି, ବାଉରୀ ବାବୁ, ବାବା ବାବୁ ଆଦି ପ୍ରଧାନ ଥିଲେ । ସହପାଠୀମାନଙ୍କ ମଧ୍ୟରେ ପ୍ରସିଦ୍ଧ ଗଳ୍ପକାର ଅଖିଳ ମୋହନ ପଟ୍ଟନାୟକ, ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଅନେକ ବ୍ୟକ୍ତି, ପରେ ପ୍ରଶାସନିକ ଅଧିକାରୀ ବା ଶିକ୍ଷା ବିଭାଗର ଅଧ୍ୟାପକ ରୂପେ କାର୍ଯ୍ୟ କରିଥିଲେ ।

ଥରେ ବାଙ୍କନିଧି ବାବୁ ସବୁ ଛାତ୍ରଙ୍କୁ ପଚାରିଥିଲେ, 'ତୁମେ ଜୀବନରେ କ'ଣ ହେବାକୁ ଚାହଁ ?' ମୁଁ କହିଥିଲି- 'ମୁଁ ସମ୍ପାଦକ କିମ୍ବା ଅଧ୍ୟାପକ ହେବାକୁ ଚାହେଁ ।' ସମ୍ପାଦକ ହେଲି- କିନ୍ତୁ ଅଧ୍ୟାପକ ନ ହୋଇ ସକ୍ରିୟ ରାଜନୀତିରେ ଯୋଗ ଦେବାକୁ ହେଲା ।

ପ୍ରାକ୍ତନ ମୁଖ୍ୟମନ୍ତ୍ରୀ,
ଓଡ଼ିଶା, ଭୁବନେଶ୍ୱର



# ମୋ ପ୍ରିୟ ବିଦ୍ୟାଳୟ

ସଚ୍ଚି ରାଉତରାୟ

ଖୋର୍ଦ୍ଧା ହାଇସ୍କୁଲର ଶତବାର୍ଷିକୀ ଉତ୍ସବ ପାଳିତ ହେଉଥିବା ଶୁଣି ବିଶେଷ ଆନନ୍ଦିତ ହେଲି । ଖୋର୍ଦ୍ଧା ହାଇସ୍କୁଲର ଏକ ନିଜସ୍ୱ ଐତିହ୍ୟ ଅଛି । ଏ ସ୍କୁଲଟି ସଇ ଶହେ ବର୍ଷ ହେଲା ଖୋର୍ଦ୍ଧା ଓ ଆଖପାଖ ଅଞ୍ଚଳର ପିଲାମାନଙ୍କୁ ଶିକ୍ଷାଦେଇ ଆସୁଛି । ଏ ସ୍କୁଲରେ ମୋର ବାପା ଦାଦାମାନେ ପଢୁଥିଲେ । ଏଇଠାରୁ ସେମାନେ ମାଟ୍ରିକ୍ୟୁଲେସନ୍ ପାସ୍ କରିଥିଲେ । ମୁଁ ମଧ୍ୟ ଏ ସ୍କୁଲରେ ତିନି ଚାରିବର୍ଷ ଅଧ୍ୟୟନ କରିଛି । ୧୯୨୫ ସାଲରେ ପ୍ରଥମ ଶ୍ରେଣୀରେ ମୁଁ ନାମ ଲେଖାଇଥିଲି , ଏବଂ ନବମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲି । ତାପରେ ରାଜନୈତିକ କାରଣରୁ ମୋତେ ଏ ସ୍କୁଲରୁ ବହିଷ୍କାର କରା ଯାଇଥିଲା । ସେତେବେଳେ ହେଡ଼ମାଷ୍ଟର ଥିଲେ ସ୍ୱର୍ଗତ ରାୟ ସାହେବ ଚାରୁନିଧି ପଟ୍ଟନାୟକ । ସେ ଥିଲେ ଜଣେ ବ୍ରିଟିଶ ରାଜଭକ୍ତ ବ୍ୟକ୍ତି, କିନ୍ତୁ ଜଣେ ହେଡ଼୍ ମାଷ୍ଟର ଭାବରେ ତାଙ୍କର ଦକ୍ଷତା ଉଲ୍ଲେଖନୀୟ ଥିଲା । ସେ ସ୍କୁଲରେ ଶୃଙ୍ଖଳା ଓ ସଂଭ୍ରମ ରକ୍ଷା କରିବାରେ ପାରଦର୍ଶୀ ଥିଲେ । ଏହା ଛଡ଼ା ସେ ଥିଲେ ଜଣେ ଯଶସ୍ୱୀ ଶିଶୁ ସାହିତ୍ୟିକ । ତାଙ୍କ ପ୍ରଣିତ ବହୁ ଶିଶୁ ପାଠ୍ୟ ପୁସ୍ତକ ଓଡ଼ିଶାରେ ଆଦୃତ ହୋଇଥିଲା । ଖୋର୍ଦ୍ଧା ହାଇସ୍କୁଲର ବାରଣ୍ଡାରେ ଠିଆ ହୋଇ ମୁଁ ବେଳେବେଳେ ବରୁଣେଇ ପାହାଡ଼କୁ ଚାହୁଁଥିଲି । ମୋ ମନରେ ଅତୀତର ବହୁ ସ୍ମୃତି ତରଙ୍ଗ ସୃଷ୍ଟି କରୁଥିଲା । ଏହି ବରୁଣେଇ ପାହାଡ଼ଟି ଶକ୍ତିପୀଠ, ଖୋର୍ଦ୍ଧାର ଗୌରବମୟ ଅତୀତ ଇତିହାସର ମୂକ ସାକ୍ଷୀ । ଏହି ପାହାଡ଼ ତଳେ ଖୋର୍ଦ୍ଧାର ବୀର ପାଇକ ସେନା ଫିରିଙ୍ଗିର କଡ଼ା ମୁକାବିଲା କରିଥିଲା । ଏହିଠାରେ ଓଡ଼ିଶାର ଶ୍ରେଷ୍ଠ ମୁକ୍ତି ସଂଗ୍ରାମ ହୋଇଥିଲା । ଏହାକୁ ଅନ୍ତେଷରେ ଭାରତର ପ୍ରଥମ ସ୍ୱାଧୀନ ମୁକ୍ତି ସଂଗ୍ରାମ କୁହାଯାଇପାରେ, କାରଣ ୧୮୫୭ର ସିପାହୀ ବିଦ୍ରୋହର ପ୍ରାୟ ୪୦ ବର୍ଷ ପୂର୍ବରୁ ଏଠା ଫିରିଙ୍ଗି ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିଲା । ସେ ଯୁଦ୍ଧରେ ପରାଜିତ ହେଲେ ସୁଦ୍ଧା ଖୋର୍ଦ୍ଧାର ମୁକ୍ତି ବାହିନୀ ଇତରେ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ଭାବରେ ଭାରତ ଇତିହାସରେ ଚିରଦିନ ଅମର ହୋଇ ରହିବ ।

ଖୋର୍ଦ୍ଧା ଚିରଦିନ ଖୋର୍ଦ୍ଧା ହୋଇ ରହିବ । ପଲାଶି ଓ ହଳଦୀଘାଟ ସହ ଏହାର ପ୍ରତିଷ୍ଠା ଓ ପରମ୍ପରା ସମଗ୍ର ଭାରତ ବାସୀଙ୍କ ଗର୍ବର ବିଷୟ । ମୁଁ ଖୋର୍ଦ୍ଧା ହାଇସ୍କୁଲର ମହାନ ଶିକ୍ଷକ ମାନଙ୍କ ଅବଦାନ କଥା ଭୁଲି ଯାଇ ନପାରେ । ପ୍ରଧାନ ଶିକ୍ଷକ ଚାରୁନିଧି ବାବୁ, ସହକାରୀ ପ୍ରଧାନ ଶିକ୍ଷକ ଫଜଲୁର୍ ରହମାନ, ଗଣିତ ଶିକ୍ଷକ ସାଧାଚରଣ ବାବୁ, ବିପ୍ର ବାବୁ, ଇତିହାସ ଶିକ୍ଷକ ଭାଗୁତି ବାବୁ, ଓଡ଼ିଆ ଶିକ୍ଷକ କୁଞ୍ଜ ବାବୁ, କ୍ରୀଡ଼ା ଶିକ୍ଷକ ସୌରି ବାବୁ ଏବଂ ଡ୍ରଇଁ ମାଷ୍ଟର ମୁକୁନ୍ଦ ବାବୁ ମୋର ସ୍ମୃତିରେ ଜୀବନ୍ତ ରହିଛନ୍ତି ଏବଂ ରହିବେ । ଏହି ସ୍କୁଲରେ ପଢ଼ିବାବେଳେ ମୁଁ ଜଣେ ଫୁଟବଲ୍ ଖେଳାଳୀ ଭାବରେ ବେଶ୍ ଜଣାଶୁଣା ହୋଇଯାଇଥିଲି । ଖୋର୍ଦ୍ଧା ବାହାରେ ଖଡ଼ଗ୍ ପୁର ଇତ୍ୟାଦିରେ ବି.ଏନ୍.ଆର୍.ଟିମ୍ ସହିତ ମଧ୍ୟ ମୁଁ ବହୁ ଫୁଟବଲ୍ ମ୍ୟାଚରେ ଖେଳିଛି ।

ଏହି ସ୍କୁଲରେ ପଢ଼ିବା ସମୟରେ ମୁଁ କବିତା ଲେଖିବା ଆରମ୍ଭ କରିଥିଲି । ୧୯୨୮ ମସିହାରେ ମୋର ସେ ଟିଏ କବିତା କଟକର ଟ୍ରେଡିଂ କମ୍ପାନୀ ପ୍ରକାଶ କରୁଥିବା 'ପଞ୍ଚାୟତ' ନାମକ ପତ୍ରିକାରେ ପ୍ରଥମେ ପ୍ରକାଶ ପାଇଥିଲା । ସେହି ଦିନୁ ମୋର କବିତା, ଗଳ୍ପ ଓ ଅନ୍ୟାନ୍ୟ ରଚନା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ଆସୁଛି । ଖୋର୍ଦ୍ଧା ହାଇସ୍କୁଲରେ ପଢ଼ିବାବେଳେ ମୁଁ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲି ଏବଂ କର୍ତ୍ତୃପକ୍ଷଙ୍କ ଦୃଷ୍ଟିରେ ପଡ଼ିଥିଲି । ସେ ଯାହାହେଉନା କାହିଁକି ଖୋର୍ଦ୍ଧା ହାଇସ୍କୁଲ ମୋର ଜୀବନର ଆଦ୍ୟ ପଟଭୂମି ହୋଇ ରହିବ । ମୁଁ ଏହି ସ୍କୁଲର ଶତ ବାର୍ଷିକ ଉତ୍ସବରେ ଏହାର ଉଜ୍ଜ୍ୱଳ ଭବିଷ୍ୟତ ଏବଂ ପ୍ରକୃତ ମଣିଷ ତିଆରି କରିବାରେ ଏହାର ସଫଳ ଭୂମିକା କାମନା କରୁଛି ।

ମିଶନରୋଡ଼
କଟକ



# ଖୋର୍ଦ୍ଧା ସ୍କୁଲର ସ୍ମୃତି

ଜଷ୍ଟିସ୍ ଜୁଗଲ କିଶୋର ମହାନ୍ତି

୧୯୩୮ ମସିହା ଜାନୁୟାରୀ ମାସ । ମୁଁ ସେତେବେଳକୁ କେନ୍ଦ୍ରାପଡ଼ାରୁ ମାଇନର ପରୀକ୍ଷାରେ ପାଶ୍ କରିଥାଏ । କେଉଁଠି ପଢ଼ିବି କଥା ଉଠିଲା । ମୋର ଆଦୌ କେନ୍ଦ୍ରାପଡ଼ାରେ ପଢ଼ିବାର ଇଚ୍ଛା ନ ଥାଏ । ହଠାତ୍ ଦିନେ ମାଉସୀ (ଅଙ୍ଗାରପଡ଼ା-ଖୋର୍ଦ୍ଧା) ଖବର ଦେଲେ ମୁଁ ଯାଇ ଖୋର୍ଦ୍ଧା ହାଇସ୍କୁଲରେ ପଢ଼ିବାକୁ । ସେତେବେଳକୁ ମୋ ମାଉସୀ ପୁଅ ଭାଇ ମାନେ ରବି, (ରବିନାରାୟଣ ବକ୍ସୀ-ବର୍ତ୍ତମାନର ଆଡ଼ଭୋକେଟ), ଗାଛି (ଆଦିତ୍ୟ ନାରାୟଣ ବକ୍ସୀ-ବର୍ତ୍ତମାନ ଆମେରିକାରେ ଜଣେ ବିଖ୍ୟାତ ହାର୍ଟସର୍ଜନ) ଓ ଫୁର୍ତ୍ତି (ମିହିର ନାରାୟଣ ବକ୍ସୀ- ବର୍ତ୍ତମାନ ବିରଳା କମ୍ପାନୀର ଇଞ୍ଜିନିୟର, ଅଫିସର) ଖୋର୍ଦ୍ଧା ସ୍କୁଲରେ ପଢୁଥାଆନ୍ତି । ଖୋର୍ଦ୍ଧା ସ୍କୁଲ ନାମ ସେତେବେଳେ ପରିବର୍ତ୍ତିତ ହୋଇ ନ ଥାଏ । ସେଠାରେ ଯାଇ ପଞ୍ଚମ ନାମ ଲେଖାଇଲି । କେନ୍ଦ୍ରାପଡ଼ାଠାରୁ ଖୋର୍ଦ୍ଧା ଏକବାର ଭିନ୍ନ । ବଣ ଜଙ୍ଗଲ ଘେରା ଅଞ୍ଚଳଟିଏ ପ୍ରାକୃତିକ ପରିବେଶ । ସ୍କୁଲ ଗୃହଟି ଲମ୍ବା ହୋଇ ପକ୍କାଘର । ଚାରିଆଡ଼େ ଖୋଲା ଜାଗା ଖେଳପଡ଼ିଆ । ସେତେବେଳେ ଆଜିକାଲି ପରି ଏତେ କୋଠାବାଡ଼ି ହୋଇ ନ ଥିଲା । ସ୍କୁଲ ପାଖକୁ ଲାଗି ଡଟ୍‌ସ୍‌ୱାର୍ଥ ସାହେବଙ୍କ ବିରାଟ ତାର ଝାଙ୍କିଘେରା ବଗିଚା । ନାନା ରକମର ଫୁଲ, ଫଳରେ ଭର୍ତ୍ତି । ବେଳେବେଳେ ଆମେ ସେ ବଗିଚା ପାଖକୁ ଯାଇ ପାଚିଲା ପିଜୁଳି, ଆମ୍ବ ଇତ୍ୟାଦି ଦେଖି ଖାଲି ଲହଳ ବିକଳ ହେଉଥିଲୁ ସିନା । ତେଣେ ତାଙ୍କର ବିରାଟ ବିଲାତ ଆଣେସେସିଆନ୍ କୁକୁର ମାନେ ସୁରାକ ପାଇଗଲେ ଭୋ, ଭୋ ହୋଇ ମାଡ଼ି ଆସନ୍ତି । ଡରରେ ଆମେମାନେ ଚମ୍ପଟ ମାରୁ ।

ଖୋର୍ଦ୍ଧା ସ୍କୁଲରେ ବର୍ଷଟିଏ ପଢ଼ି କଟକ ଚାଲି ଆସିଥିଲୁ ସମସ୍ତେ । ସେତେବେଳେ ଶ୍ରୀଯୁକ୍ତ ବାଙ୍କନିଧି ପଟ୍ଟନାୟକ ପ୍ରଧାନ ଶିକ୍ଷକ ଥାଆନ୍ତି । ଜଣେ ଉତ୍ସର୍ଗୀକୃତ ଶିକ୍ଷକ, ପ୍ରଶାସକ ଓ ବ୍ୟକ୍ତି ହିସାବରେ ତାଙ୍କର ବେଶ୍ ଖ୍ୟାତିଥିଲା । ତାଙ୍କୁ ଦେଖିଲା ମାତ୍ରେ ପିଲାମାନଙ୍କର ହୃତ୍‌କମ୍ପ ଜାତ ହେଉଥିଲା । ଅନ୍ୟାନ୍ୟ ଶିକ୍ଷକମାନେ ଖୁବ୍ ଭଲ ପଢ଼ାଉଥିଲେ ଓ ଛାତ୍ରବତ୍ସଳ ଥିଲେ ।

ଖୋର୍ଦ୍ଧାରେ ବର୍ଷଟିଏ ଛାତ୍ରମାନଙ୍କ ଗହଣରେ ଓ ସାଙ୍ଗସାଥିଙ୍କ ମଧ୍ୟରେ ଅତି ଆନନ୍ଦରେ କଟି ଯାଇଥିଲା । ସେଦିନର ସ୍ମୃତି ଆଜି ପର୍ଯ୍ୟନ୍ତ ଜାଗ୍ରତ ହୋଇରହିଛି । ଖୋର୍ଦ୍ଧା ପ୍ରତିମାୟା ଭୁଲି ନାହିଁ । ମାଉସୀ ତ ଅଛନ୍ତି, ରବି ଓ ତା ପିଲାମାନେ ବିରାଟ ଆକର୍ଷଣ । ଓକିଲ ହିସାବରେ ମଧ୍ୟ ବନ୍ଧୁ ବାନ୍ଧବ ସେଠାରେ ଅଛନ୍ତି । ସେଠାକୁ ସେତେବେଳେ ଯାଏ ଭାରି ଖୁସି ଲାଗେ ।

ଅତି ଆନନ୍ଦର କଥା । ଖୋର୍ଦ୍ଧା ସ୍କୁଲ (ବର୍ତ୍ତମାନର ବକ୍ସି ଜଗବନ୍ଧୁ ବିଦ୍ୟାଧର) ତାର ଶତବାର୍ଷିକୀ ପାଳନ କରୁଛି । ଏହି ଉତ୍ସବ ଖୁବ୍ ସଫଳ ହବ ବୋଲି ଆଶା ଏବଂ ସ୍କୁଲର ଉତ୍ତରୋତ୍ତର ଉନ୍ନତି କାମନା କରିବା ସଂଗେ ସଂଗେ ଆଶାକରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରମାନେ ଏହାର ଗୌରବ ଓ ଖ୍ୟାତି ଅକ୍ଷୁର୍ଣ୍ଣ ରଖିବେ । ମନେ ରଖନ୍ତୁ ଏଠାରୁ ବହୁ ଜନନାୟକ, ପ୍ରଶାସକ ଠାରୁ ଆରମ୍ଭ କରି ଅନେକ ବିଶିଷ୍ଟ ବ୍ୟକ୍ତି ଏହି ସ୍କୁଲରେ ପଢ଼ି ଦେଶ ବିଦେଶରେ ନାମ କମାଇଛନ୍ତି ।

ପୂର୍ବତନ ମୁଖ୍ୟ ବିଚାରପତି
ସିକିମ୍ ହାଇକୋର୍ଟ



# ଶିଳା ଆତ୍ମା

**ସତ୍ୟାନନ୍ଦ ଚମ୍ପତିରାୟ**

ଇଟା ପଥର ଚାଳି ସିମେଣ୍ଟରେ ଅସୁମାରୀ କୋଠା ଗଢ଼ି ହଉଛି । କୁଡ଼ିଆରୁ ଆରମ୍ଭ କରି ଅତ୍ୟନ୍ତ ଗଗନଚୁମ୍ବୀ ଯାଏଁ । ତେବେ ସବୁ କୋଠା ସମସ୍ତଙ୍କ ମନରେ ସେପରି କିଛି ସ୍ପନ୍ଦନ ସୃଷ୍ଟି କରି ପାରେନାହିଁ । ଖାଲି ଚାଳି ପଥର ସିମେଣ୍ଟ ତ ପଞ୍ଚଭୂତର ପାର୍ଥିବ ଜଡ଼ ପଦାର୍ଥ । ସେ ଜଡ଼ରୁ ସ୍ପନ୍ଦନ ସୃଷ୍ଟି ହବ ଅବା କେମିତି ? ହବନି ବି ହୁଏନି । ଚୈତ-ପୁରୁଷ ବିନା ଜଡ଼-ଶରୀର ଶବ ଯେମିତି । ତେବେ କିଛି କିଛି ହର୍ମ୍ୟ, ଅଟାଳିକା ବା ଅନୁଷ୍ଠାନ ପଛରେ ଏମିତି ଏକ ଭାବନା ସଞ୍ଚାରିତ ହୋଇଥାଏ, ଯାହାକି ଇଟା ପଥର ଚାଳି ସିମେଣ୍ଟର ଜଡ଼ତାକୁ ଭାଙ୍ଗି ଟପାଇ ଡେଇଁଲେ ଚିନ୍ତା ଚେତନା ବା ସ୍ପନ୍ଦନର ଶକ୍ତି ଖେଳାଇ ଯାଏ । ଫଳରେ ଜଡ଼ ଜୀବନ୍ତ ହୋଇଉଠେ । ସତେ ଯେମିତି ଦୃଶ୍ୟମାନ ପୁଷ୍ପ ରୂପରେ ଅଦୃଶ୍ୟ ସୁରଭି ଲୋଟିପଡ଼େ । ଏହା ହିଁ ସୃଷ୍ଟିର ଦିବ୍ୟତା ବା ମଧୁରତା । ମୃତ୍ୟୁଲୋକରେ ଅମୃତତ୍ୱ ।

''ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାପୀଠ'', ସେହିପରି ଇଟା ପଥର ଚାଳି ସିମେଣ୍ଟରେ ତିଆରି ଏକ କୋଠାଘର । ଶହେ ବର୍ଷ ହେଲା ନିସ୍ପନ୍ଦ ହୋଇ ଠିଆ ହୋଇ ରହିଛି । ଝଡ଼ଝଞ୍ଜା-ବନ୍ୟା ବର୍ଷଣର ପାହାଡ଼ ତାର ମୂକ ସାକ୍ଷୀ । କିନ୍ତୁ ସେଇ ପାଷାଣ ମନ୍ଦିର ଗାତ୍ରରେ କି ଏକ ଅମୂର୍ତ୍ତ ଆତ୍ମାର ବିକାଶ ଚାଲିଛି ଯେ ଦର୍ଶନ ମାତ୍ରେ ଦର୍ଶକର ଅନ୍ତରାତ୍ମା ଝଲସି ଯାଉଛି, ଶରୀରର ଲୋମରାଜି ଟାଙ୍କୁରି ଉଠୁଛି ।

କ'ଣ ତାହା ? ତାହା ହେଉଛି, ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ଅମଳିନ ସ୍ମୃତି-ମଣ୍ଡା ସେ ପ୍ରାସାଦ । ଗୋଟାଏ ମାଟିରଙ୍କ, ସ୍ୱାଭିମାନୀ ବୀର ଜାତିର ବିପ୍ଳବର ସ୍ମୃତିକୁ ସାଇତି ରଖି ସେ ପ୍ରାସାଦର ପ୍ରତି ପଥର ଖଣ୍ଡ ଯେମିତି ଏବେ ବି କଥା କହୁଛି । କହୁଛି, 'ସ୍ୱାଧୀନତା ମଣିଷର ଜନ୍ମଗତ ଅଧିକାର ।' ପ୍ରାଣରେ ସେ ଉଦାତ୍ତ ଅଭିଳାଷ ମନରେ ଜାଗିବି ଅପୂର୍ବ ଶିହରଣରେ ମୂର୍ଚ୍ଛନା ତୋଳୁଛି ।

ସୂର୍ଯ୍ୟ ଆପେ କିଛି କରେ ନାହିଁ । କିନ୍ତୁ ତାକୁ ଦେଖିବା ମାତ୍ରେ ପକ୍ଷୀ ଉଡ଼ନ୍ତି, ଛେଳିଛୁଆ ନାଚେ, ଚଷା ବିଲକୁ ଯାଏ । ସଂସାରର ଅନନ୍ତ କର୍ମ ଆରମ୍ଭ ହୋଇଯାଏ । ତା'ର ସେ ଅକର୍ମାବସ୍ଥାରେ କର୍ମର ପ୍ରେରଣା ପରିପୂର୍ଣ୍ଣ ହୋଇଥାଏ । ସାମର୍ଥ୍ୟ ପୂରି ରହିଥାଏ । ସୂର୍ଯ୍ୟ କିଛି ନ କରି ଯେମିତି ଜଗତକୁ କର୍ମରତ କରାଏ, ଏ ପ୍ରାସାଦଟି ସେପରି କେବଳ ଠିଆ ହୋଇ ରହି ଛାତି ତଳେ ତଳେ ଜାଗରଣର ଜୟଶଙ୍ଖ ବଜାଇ ଚାଲିଛି । ଐତିହ୍ୟର ଅମ୍ଳାନ ଚେତନକୁ ନିଜର ବକ୍ଷରେ ଧରି ପର ଉଡ଼ାଇ ବସିଛି । ଯୁଗକୁ ଯୁଗ ବିପ୍ଳବର ଗାଥା ଶୁଣାଇବା ପାଇଁ ସତେ ଯେପରି ଏ ବିଦ୍ୟାମନ୍ଦିର ଠିଆ ହୋଇ ରହିଛି ।

ନ କହି ସବୁ କହି ପକାଉଛି- ଏ କଳ୍ପନା କେଡ଼େ ଉଦାର, ରସମୟ ଓ କାବ୍ୟମୟୀ !! ଏବେ କାବ୍ୟର ଆଉ କଣ ବାକି ରହିଲା ? କାବ୍ୟ ନାମରେ ପ୍ରସିଦ୍ଧି ଲାଭ କରିଥିବା ଯେତେ ଗ୍ରନ୍ଥ, ସବୁ ଏ କାବ୍ୟ ଆଗରେ ପାଣ୍ଡୁର ହୋଇଯିବ । ଏ କଳ୍ପନାରେ ଯେଉଁ ଆନନ୍ଦ, ଉତ୍ସାହ, ସ୍ଫୂର୍ତ୍ତି ଓ ଦିବ୍ୟତା ରହିଛି, ତାହା କୌଣସି କାବ୍ୟରେ ନାହିଁ ।

ଆଜି ଶତବାର୍ଷିକୀ ସମାରୋହ ଉତ୍ସବରେ ମୁଁ ସେହି ଶିଳା ଆତ୍ମାକୁ ମୋର ହୃଦୟର କୋଟି ନମସ୍କାର ଜଣାଉଛି ।

ପୂର୍ବତନ ବିଧାୟକ [illegible]
ମୁଖ୍ୟ ସମ୍ପାଦକ- ଉତ୍କଳ ପ୍ରସଙ୍ଗ

# କେତୋଟି ମୁହୂର୍ତ୍ତର ସ୍ମାରକୀ

ଡଃ ବେଣୁଧର ବଳିୟାରସିଂହ

୧୯୪୬ ମସିହା, ଗ୍ରୀଷ୍ମାବକାଶ ପରେ ସ୍ୱର୍ଗତ ଆଉାଷବୁରୁ ରାୟସାହେବ ବାଙ୍କନିଧି ପଟ୍ଟନାୟକ, ପ୍ରଧାନ ଶିକ୍ଷକଙ୍କ ସୁନାମ ଶୁଣି ତାଙ୍କ ସ୍କୁଲରେ ନାମ ଲେଖାଇବାର ଆଶା ଓ ଆକାଂକ୍ଷା ରଖି ମୋର ଅଭିଭାବକମାନେ ଏଠାରେ ନାମ ଲେଖାଇବାର ସୁଯୋଗ ନେଲେ । ଗୋଟିଏ ଦିନର ଏକ କୌତୂହଳ ଘଟଣା । ଆମ ପ୍ରିୟ ପ୍ରଧାନ ଶିକ୍ଷକ କ୍ଲାସରେ ଇଂରାଜୀ ପଢ଼ାଉଥାନ୍ତି । 'ସୋଲଜରସ୍ ଡ୍ରିମ୍' କବିତାଟି ପୋଏଟ୍ରି ସିଲେକ୍ସନରୁ ପଢ଼ାଉଥାନ୍ତି । ଶେଷକୁ କହିଲେ ପିଲାମାନେ କାଲିକି 'ସ୍କୁଲାରସ୍ ଡ୍ରିମ୍' ଶୀର୍ଷକରେ ତମେ ଭାବିବିଷି କବିତାଟିଏ ଲେଖି ଆଣିବ । ଗୁରୁଙ୍କ ଆଦେଶ ମାନି ତା' ଆରଦିନ ମୁଁ ଲେଖିନେଲି କବିତାଟିଏ । ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ହେଲା । ପୁରସ୍କାର ସ୍ୱରୂପ ମୁଁ ସେହି ବର୍ଷ ଫ୍ରି ଷ୍ଟୁଡେଣ୍ଟସିପ୍‌ଟିଏ ପାଇଲି । ଯଥାର୍ଥରେ ବାଙ୍କନିଧି ବାବୁ ଥିଲେ ଗୁଣୀ ଲୋକ । ଗୁଣୀ ହିଁ ଗୁଣର ଯଥାର୍ଥ ବିବେଚନା କରିଥାଏ ।

ଆଉ ଗୋଟିଏ ଦିନର ଘଟଣା । ମୁଁ ଏକାଦଶ ଶ୍ରେଣୀର ଛାତ୍ର । ସହପାଠୀ ସୌଭାଗ୍ୟକୁ ଥିଲେ ପ୍ରଧାନ ଶିକ୍ଷକଙ୍କ ପୁତ୍ର ମନମୋହନ ପଟ୍ଟନାୟକ । ସେତେବେଳେ ବ୍ରିଟିଶ ରାଜତ୍ୱ । ସମସ୍ତଙ୍କୁ କେ କୁଆ ଭୟ । ଜାତୀୟ ନେତା ପଣ୍ଡିତ ଜବାହରଲାଲ ନେହେରୁ ତୁଦେଶ କଂଗ୍ରେସ ସଭାପତି, ପଣ୍ଡିତ ନୀଳକଣ୍ଠ ଦାସଙ୍କ ସହ ସ୍ୱାୟତ୍ତ ଶାସନ ସଂପର୍କରେ ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ଗସ୍ତରେ ଆସିଥାନ୍ତି । ଦୁର୍ଗାଚରଣ ମହାନ୍ତି (ପି.ପି.ଆଇ. ନେତା), ରାମଚନ୍ଦ୍ର ରାମ, ନବମୋହନ ପଟ୍ଟନାୟକ ଓ ମୁଁ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ରାଜରାସ୍ତା ଉପରେ ନେହେରୁଙ୍କୁ ଫୁଲମାଳ ଦେଇଥିଲୁ । ସ୍କୁଲର କ୍ଲାସବାଇଂର ଦୃଷ୍ଟିରୁ ଆମକୁ ପ୍ରଧାନ ଶିକ୍ଷକ ଜେରା କରିଥିଲେ, କିନ୍ତୁ ତାଙ୍କର ବାତ୍ସଲ୍ୟପ୍ରେମ ଏତେ ଗଭୀର ଥିଲା, ଯାହାଫଳରେ ସେ ଆମକୁ କ୍ଷମା ଦେଇଥିଲେ । ଏହି କେତୋଟି ଘଟଣା ଆମ ଜୀବନର ପାଥେୟ ହୋଇ ରହିଛି ଓ ରହିଥିବ । ସେ ଆମ ପାଇଁ ସବୁଦିନ ଅବିସ୍ମରଣୀୟ ହୋଇ ରହିବେ ।

ବାଙ୍କନିଧି ବାବୁଙ୍କ ଶୃଙ୍ଖଳା ରକ୍ଷା, ଚରିତ୍ର ଗଠନରେ ପିଲାମାନଙ୍କୁ ଦିଗ୍‌ଦର୍ଶନ ଓ ଶିକ୍ଷାର ଗୁଣାତ୍ମକ ମାନ ବିକାଶ ପାଇଁ ଯେଉଁ ଅହରହ ଉଦ୍ୟମ ତାହା କ୍ୱଚିତ ଅନ୍ୟତ୍ର ଦେଖିବାକୁ ମିଳେ । ତାଙ୍କର ସହକର୍ମୀ ବାନମୁକୁନ୍ଦ ସାର, ବାସୁଦୀ ସାର, ଫକୀରୁ ସାରଙ୍କ ଭଳି ଆଦର୍ଶ ଓ ସତ୍ ଚରିତ୍ର ଶିକ୍ଷକ ପ୍ରାଚୀନ ଭାରତର ଗୁରୁକୁଳ ଆଶ୍ରମର ମୁନିଋଷିମାନଙ୍କ ଠାରୁ ଗୁଣରେ ନ୍ୟୁନ ଥିଲାପରି ମନେହୁଏ ନାହିଁ । ସି ଭଦ୍ରକୋଟୀର ଶିକ୍ଷାଦାନ, ପିଲାମାନଙ୍କ ପ୍ରତି ଅକାଟ୍ୟ ସ୍ନେହ, ରାସ୍ତାଘାଟ ସ୍କୁଲ ପରିସର, ଛାତ୍ରାବାସ ଯେ କୌଣସି ସ୍ଥାନରେ ଦେଖାହେଲା ବେଳେ ତାଙ୍କର ସତ୍‌ଶିକ୍ଷା, ପରାମର୍ଶ ଓ ବାତ୍ସଲ୍ୟ ପ୍ରେମର ପ୍ରତିଟି ବିଷୟ ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଆଜି ବି ଆଖି ଆଗରେ ନାଚିଯାଏ, ଆଖି ଛଳ ଛଳ ହୋଇଯାଏ । ଅତୀତକାଳର ଅନୁଷ୍ଠାନମାନଙ୍କରେ ଯାହା ସବୁ ଦେଖିବାକୁ ମିଳୁଛି, ତାକୁ ଆମେ ଅତୀତ ନିଜେ ଭୋଗିଥିବା ସ୍ମୃତି ସହ ତୁଳନା କଲେ ଆଜି ସେସବୁ ଦିବାସ୍ୱପ୍ନ ପରି ମନେ ହେଉଛି । ମୁଁ ସର୍ବଦା ଅନୁଭବ କରିଛି ଗୁରୁଙ୍କ ଆଶୀର୍ବାଦ ଯୋଗୁ ଜୀବନରେ ସିଦ୍ଧିଲାଭ ହୁଏ । ସେହି ଗୁରୁଙ୍କ ଆଶୀର୍ବାଦ ପରବର୍ତ୍ତୀ କାଳରେ ମୋର ରାଜନୈତିକ ଜୀବନର ଅଭିବୃଦ୍ଧି ପାଇଁ ବହୁ ସହାୟକ ହୋଇଛି । ଭଗବାନଙ୍କର ଅପାର କରୁଣା ହେଉ ଏ ଜାତି ସେହିଭଳି ବରପୁତ୍ରମାନଙ୍କୁ ଜନ୍ମଦେଉ, ସେମାନେ ଜାତି ଗଠନରେ ସହାୟ ହୁଅନ୍ତୁ । ଏହାହିଁ ଆଜିର ଅନୁଚିନ୍ତା ।

ପୂର୍ବତନ ମନ୍ତ୍ରୀ

ସୌଜନ୍ୟ: ବାଙ୍କନିଧି ଜନ୍ମଶତବାର୍ଷିକୀ ସ୍ମରଣିକା



# ଓଡ଼ିଆ ଜାତିର ବିସ୍ମୃତ ନେତା: ବକ୍‌ସି ଜଗବନ୍ଧୁ

ଡକ୍ଟର ଭବାନୀ ଚରଣ ରାୟ

**ଖ୍ରୀ**ଷ୍ଟାବ୍ଦ ୧୯୩୬ରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ସୂର୍ଯ୍ୟ-ବଂଶ-କାଳୀନ ଓଡ଼ିଶା ରାଜ୍ୟର ପତନ ପରେ ତାହା ଆଫଗାନ, ମୋଗଲ, ମରାଠା ଏବଂ ଇଂରେଜୀ ଶାସନାଧୀନରେ ରହି ଆସିଥିବା ଯୋଗୁଁ ଓଡ଼ିଆ ଜାତିର ଗୌରବମୟ ଜୀବନଧାରା ଉଲ୍ଲେଖନୀୟ ଭାବରେ ଆକ୍ରାନ୍ତ ହୋଇଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଖଣ୍ଡ ବିଖଣ୍ଡ ହୋଇ ଅଲଗା ଅଲଗା ପ୍ରଶାସନିକ ନିୟନ୍ତ୍ରଣାଧୀନରେ ରହି ନିଜର ମୌଳିକ ଐକ୍ୟ ଓ ସଂହତି ହରାଇଥିଲା । ଏହି ପରିସ୍ଥିତିରେ ଯାହାକୁ ଓଡ଼ିଶା ବୋଲି କୁହାଗଲା ତା'ର ଆର୍ଥିକ ଅବସ୍ଥା କ୍ରମଶଃ ଖରାପ ହେବାକୁ ଲାଗିଲା । ତା'ର ଏକ ପ୍ରଧାନ କାରଣ ହେଲା ଯେ ଏଣିକି ଓଡ଼ିଶା ଏକ ଗୌରବ ପ୍ରଶାସନିକ ୟୁନିଟ୍ ରୂପ ନେଲା ଏବଂ ଏହାର ମୁଖ୍ୟ ପ୍ରଶାସନିକ ଦପ୍ତର, ଢାକା, ମୁର୍ଶିଦାବାଦ, ନାଗପୁର ବା କଲିକତାରେ ରହିବାରୁ ଓଡ଼ିଶା ରାଜସ୍ୱ ଆୟର ବଳକା ଅର୍ଥ ତାହାର କଲ୍ୟାଣ ନିମନ୍ତେ ବିନିଯୋଗ ହେବା ପରିବର୍ତ୍ତେ ବାହାରକୁ ଚାଲିବାକୁ ଲାଗିଲା । ଫଳରେ ଦିନକୁ ଦିନ ଓଡ଼ିଶାର ଆର୍ଥିକ ପରିସ୍ଥିତି କ୍ରମଶଃ ଦୁର୍ବଳ ହୋଇଯାଇଥିଲା ।

ଏହି କାଳ ମଧ୍ୟରେ କର୍ମର ଉନ୍ମାଦନା ଏବଂ ଜାତିର ଐକ୍ୟ ହରାଇ ଓଡ଼ିଆମାନେ ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅବିଚାର ବିରୋଧ କରିବାକୁ ସାହସ କରୁନଥିଲେ ବରଂ ସେ ସବୁ ନୀରବରେ ସହ୍ୟ କରି ଯାଉଥିଲେ । କିନ୍ତୁ ଊନବିଂଶ ଶତାବ୍ଦୀର ଶେଷଭାଗ ଏବଂ ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ହିଁ କେତେକ ଓଡ଼ିଆ ନେତା ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦାବୀ କରି ସ୍ୱର ଉତ୍ତୋଳନ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ମଧୁସୂଦନ ଦାସ, ନିଗରାଜ ପାଣିଗ୍ରାହୀ, ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଖଲ୍ଲିକୋଟର ରାଜା ରାମଚନ୍ଦ୍ରଦେବ ଇତ୍ୟାଦି । ବଙ୍ଗଳା, ତେଲୁଗୁ ଓ ହିନ୍ଦି ପଡ଼ୋଶୀ କବଳରୁ ଓଡ଼ିଆ ଭାଷା ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ପାଇଁ ଓଡ଼ିଶାରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଏକ ଭାଷା ଆନ୍ଦୋଳନର ଅୟମାରମ୍ଭ ହୋଇଥିଲା । କେତେକ ପ୍ରତିପତ୍ତିଶାଳୀ ଶିକ୍ଷିତ ଓ ମଧ୍ୟବିତ୍ତ ବିଦ୍ୱାନ୍ ବଙ୍ଗାଳୀ ବ୍ୟକ୍ତି ଓଡ଼ିଆ ଭାଷା ଓ ସଂସ୍କୃତିର ସ୍ୱାତନ୍ତ୍ରତାକୁ ନ୍ୟୁନ କରିଦେବା ନିମନ୍ତେ ଉଦ୍ୟମ ଚଳାଇଥିଲେ । ଇଂରେଜ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ଆଗରେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଧାରଣା ସୃଷ୍ଟି କରିବା ପାଇଁ ଏକ ଚକ୍ରାନ୍ତ ହୋଇଥିଲା । କିନ୍ତୁ ତାହା ପରିଶେଷରେ ବ୍ୟର୍ଥ ହୋଇଯାଇଥିଲା, କାରଣ ବକ୍‌ସି ଜଗବନ୍ଧୁଙ୍କ ସମୟରୁ ମଧ୍ୟ ଓଡ଼ିଆମାନଙ୍କ ସଂପର୍କରେ ଆସିବା ଫଳରେ ଓଡ଼ିଆମାନଙ୍କର ସାଂସ୍କୃତିକ ଓ ଭାଷାଗତ ସ୍ୱାତନ୍ତ୍ର୍ୟ ବିଷୟରେ, ଇଂରେଜୀ ପ୍ରଶାସନିକ କର୍ତ୍ତୃପକ୍ଷ ଏପରିକି କୋର୍ଟ ଅଫ୍ ଡିରେକଟରସ୍ ଯଥାର୍ଥ ଭାବରେ ଅବହିତ ଥିଲେ ।

ଜଣେ ଉଲ୍ଲେଖନୀୟ ଓଡ଼ିଆ ନେତା ଭାବରେ ବକ୍‌ସି ଜଗବନ୍ଧୁଙ୍କ ଅଭ୍ୟୁଦୟ ପୂର୍ବରୁ ଇଂରେଜମାନେ ଓଡ଼ିଶାକୁ ବଙ୍ଗଳାର ଏକ ଅଂଶ ଭାବରେ ଗଣନା କରୁଥିଲେ ଏବଂ ଓଡ଼ିଆ ସଂସ୍କୃତିର ସ୍ୱାତନ୍ତ୍ରତା ଅଛିକି ନାହିଁ ସେ ଦିଗରେ ଚିନ୍ତା କରିବାକୁ ମଧ୍ୟ ସେମାନଙ୍କୁ ବେଳ ନ ଥିଲା । ୧୮୧୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ବେଶ୍ ବସ୍ତୁତଃ କୌଣସି ଧ୍ୟାନ ଦିଆଯାଉ ନ ଥିଲା । ଅବସ୍ଥାପିତ ପ୍ରଶାସନିକ କେନ୍ଦ୍ରସ୍ଥଳୀ ନିୟନ୍ତ୍ରଣାଧୀନରେ, ପ୍ରକାରାନ୍ତରେ ବଙ୍ଗଳାର କଲିକତାଠାରେ ରହି ଓଡ଼ିଶାର ସାଧାରଣ ଲୋକମାନେ ଯଥେଷ୍ଟ ସୁଖ ସୁବିଧା ଭୋଗ କରୁଛନ୍ତି ବୋଲି ସେମାନେ ଧରି ନେଉଥିଲେ । ବକ୍‌ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ ମସିହାରେ ଓଡ଼ିଶା, ବିଦ୍ରୋହ ଘଟି ନ ଥିଲେ ସମ୍ଭବତଃ ଇଂରେଜମାନେ ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟର ପରିଚୟ ପାଇ ନ ଥାନ୍ତେ ଓ ଓଡ଼ିଆମାନଙ୍କର ନ୍ୟାୟପୂର୍ଣ୍ଣ ଦାବୀ ପୂରଣ ଦିଗରେ କାହାରି ଦୃଷ୍ଟି ଆକର୍ଷିତ ହୋଇନଥାନ୍ତା । ଏହି ପରିପ୍ରେକ୍ଷୀରେ ଓଡ଼ିଆମାନଙ୍କ ମଧ୍ୟରେ ଐକ୍ୟବଦ୍ଧ ସଂହତି ପ୍ରତିଷ୍ଠା କରିବାରୁ ଅଣଓଡ଼ିଆମାନଙ୍କର ଅଭିସନ୍ଧିମୂଳକ ଚକ୍ରାନ୍ତ କବଳରୁ ଓଡ଼ିଶାର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଦିଗରେ ବକ୍‌ସି ଜଗବନ୍ଧୁଙ୍କର ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଭୂମିକା ବିଷୟ ଆଲୋଚନା କରାଯାଉଛି ।

ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟଙ୍କୁ ସାଧାରଣତଃ ବକ୍‌ସି ଜଗବନ୍ଧୁ ବୋଲି କୁହାଯାଏ । ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଯେ କି ବିଦେଶୀ ଇଂରେଜୀ ମାନଙ୍କର ପ୍ରଶାସନିକ

ଅନ୍ୟାୟ ଓ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ବିଦେଶୀ ଶାସନ କବଳରେ ରହି ଓଡ଼ିଆମାନଙ୍କ ମଧ୍ୟରେ ହୀନମନ୍ୟତା ସୃଷ୍ଟି ହୋଇଥିବା ଏବଂ ସେମାନେ ଅବିଚାରିତ ଭାବେ ନିଷ୍ପେଷିତ ହେଉଥିବା ବିଷୟ ସେ ଦୃଢ଼ କଣ୍ଠରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗଗୁଡ଼ିକ ଥିଲା ପ୍ରାମାଣିକ ଓ ତଥ୍ୟଭିତ୍ତିକ । ୧୮୦୩ରୁ ୧୮୧୭ ପର୍ଯ୍ୟନ୍ତ ୧୪ ବର୍ଷ ଇଂରେଜ ଶାସନ ଥିଲା ଓଡ଼ିଆମାନଙ୍କ ପାଇଁ ଚରମ ଅବହେଳା ଓ ଅବିଚାରର ସମୟ । ବିଭିନ୍ନ କ୍ଷେତ୍ରରେ ଓଡ଼ିଆମାନଙ୍କର ଦୁର୍ଦ୍ଦଶାର ସୀମା ନ ଥିଲା ।

୧୮୦୬ରୁ ୧୮୧୬, ଏହି ୧୦ ବର୍ଷ ମଧ୍ୟରେ ବର୍ଷକୁ ହାରାହାରି ୧୦୧ ହିସାବରେ ୧୦୧୧ଟି ଜମିଦାରୀ (estate) ନିଲାମ କରିଆରେ ବିକ୍ରି କରାଯାଇଥିଲା । ଏଥିମଧ୍ୟରୁ ୩୫୦ଟି ଯାହାର ଜମା ଟ ୪,୫୨,୮୦୪ ହେବ, ତାହା ବାହାର ଲୋକଙ୍କ ଦ୍ୱାରା କିଣା ଯାଇଥିଲା । ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ଜମିଦାରୀଗୁଡ଼ିକ ବାହାର ଅଣଓଡ଼ିଆ ଲୋକଙ୍କ ହସ୍ତଗତ ହୋଇଥିଲା । ୨୩୫ଟି ଓଡ଼ିଆ ଜମିଦାରୀ ଇଂରେଜୀ ସରକାରଙ୍କ ଅଧୀନରେ ଚାକିରି କରୁଥିବା ବ୍ୟକ୍ତିଙ୍କର ବା ସେମାନଙ୍କ ସମ୍ପର୍କୀୟମାନେ ନିଲାମ ଧରିଥିଲେ । ଇଂରେଜୀ ଶାସନ କାଳରୁ ପ୍ରଥମ ବନ୍ଦୋବସ୍ତ ରେଜିଷ୍ଟର ଅନୁଯାୟୀ ୨୩୪୦ ଓଡ଼ିଆ ମୌଳିକ ଜମିଦାରୀ- ମାଲିକ ଥିଲେ କିନ୍ତୁ ୧୮୧୬ ମସିହାରେ ଦେଖାଗଲା ଯେ ସେଥିରୁ କେବଳ ୧୪୪୯ ଜଣ ଅଛନ୍ତି । ମୋଗଲବନ୍ଦୀ ଜମାକାରୁ ସମୁଦାୟ ଆୟ ହେଉଥିବା ୧୩,୯୩,୦୦୦ ଟଙ୍କା ମଧ୍ୟରୁ ମୂଳ ଓଡ଼ିଆ ଜମିଦାରମାନଙ୍କ ଅଧିକାରରେ ଥିବା ଅଞ୍ଚଳରୁ ରାଜସ୍ୱର ପରିମାଣ ଥିଲା ମାତ୍ର ୩୦ ହଜାର ଟଙ୍କା । ଓଡ଼ିଆମାନଙ୍କ ହାତରୁ ଜମିଦାରୀ ବା ଜାଗିରିଦାରୀ ଏଭଳି ଭାବେ ହସ୍ତାନ୍ତରିତ ହୋଇଯିବାର ଏକ ମୂଳ କାରଣ ଥିଲା । Sun Set Law 'ସୂର୍ଯ୍ୟାସ୍ତ ଆଇନ' ଓଡ଼ିଆ ଜମିଦାରମାନଙ୍କ ଅଜ୍ଞାତସାରରେ କଲିକତାଠାରେ ସେମାନଙ୍କ ଜମିଦାରୀ ନିଲାମ ହୋଇଯାଉଥିଲା । ବଙ୍ଗଳାର ଲୋକମାନେ ସୁବିଧାରେ ନିଲାମ ଧରି ଓଡ଼ିଶାର ଜମିଦାର ହୋଇ ଓଡ଼ିଶା ଆସୁଥିଲେ ଏବଂ ଇଂରେଜ ସରକାରଙ୍କ ପୋଲିସ ବାହିନୀ ସହାୟତାରେ ଜମିଦାରୀ ଦଖଲ କରି ନେଉଥିଲେ ।

କେବଳ ଓଡ଼ିଆ ଜମିଦାର ଶ୍ରେଣୀର ଦୁର୍ଦ୍ଦଶା ନୁହେଁ, ରୟତମାନଙ୍କର ଦୁର୍ଦ୍ଦଶା ତଥା ତତୋଧିକ ଥିଲା, କାରଣ ଧାର୍ଯ୍ୟ ହୋଇଥିବା ଖଜଣାର ପରିମାଣ ଅତ୍ୟଧିକ ହୋଇଥିବା ହେତୁ ରୟତମାନଙ୍କଠାରୁ ଅଧିକ ହାରରେ ଖଜଣା ଆଦାୟ କରିବାକୁ ଜମିଦାରମାନେ ବାଧ୍ୟ ହେଉଥିଲେ । ଖଜଣା ଦେଇ ନପାରିଲେ ସେମାନଙ୍କୁ ବାନ୍ଧି ଆଣି କଠିନ ଦଣ୍ଡ ଦିଆଯାଉଥିଲା । ଇଂରେଜ ଲୋକମାନେ ବହୁ ପରିମାଣରେ ଖଜଣା ଆଦାୟ କରି ନିଜର ଟ୍ରେଜେରୀ ପୂର୍ଣ୍ଣ କରିବା ଅଭିପ୍ରାୟରେ ଏ ପ୍ରକାର ପରିସ୍ଥିତି ସୃଷ୍ଟି କରିଥିଲେ । ୨୧.୦୫/୧୮୦୬ରେ ଓଡ଼ିଶାର ଜମା ୧୨,୩୭,୩୯୭ ଟଙ୍କା ଥିବା ବେଳେ ୧୮୧୫/୧୮୧୬ରେ ୧୫,୧୫,୫୨୬ ଟଙ୍କାକୁ ବୃଦ୍ଧି ପାଇଥିଲା ।

ଖାସମାହାଲ ଅଞ୍ଚଳର ରୟତମାନଙ୍କ ଅବସ୍ଥା ମୋଗଲବନ୍ଦୀ ଅଞ୍ଚଳଠାରୁ ଅଧିକ ଦୟନୀୟ ଥିଲା । କ୍ରମଶଃ ପରିବର୍ଦ୍ଧିତ ଖଜଣା ଦେବାକୁ ଅକ୍ଷମ ରୟତମାନଙ୍କଠାରୁ ପୁଲିସ ଓ କୋର୍ଟ ସାହାଯ୍ୟରେ ଟଙ୍କା ଆଦାୟ କରିବା ପଦ୍ଧତି ପ୍ରୟୋଗ କରିବା ଫଳରେ ଭୀତତ୍ରସ୍ତ ହୋଇ ବହୁ ଲୋକ ଘରଦ୍ୱାର ଛାଡ଼ି ପଳାଇଥିଲେ । ଏଠାରେ ସଂକ୍ଷେପରେ କହିବାକୁ ଗଲେ ଇଂରେଜମାନଙ୍କ ଶାସନାଧୀନ ଜମିଦାର, ରୟତ ବା ମଧ୍ୟବିତ୍ତ ଶ୍ରେଣୀର ଲୋକ ସମସ୍ତେ ଅତ୍ୟନ୍ତ ନିଗୃହୀତ ଓ ଦୁର୍ଦ୍ଦଶାଗ୍ରସ୍ତ ଜୀବନଯାପନ କରୁଥିଲେ । ରୟତମାନେ ଜମିଦାରଙ୍କ ବିରୁଦ୍ଧରେ ଏବଂ ଜମିଦାରମାନେ ରାଜସ୍ୱ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ଲାଗିଥାନ୍ତି । ପୂର୍ବରୁ ନିଜର ଜାଗିରୀ-ଭୋଗ-ଅଧିକାରୀ ସାମରିକ ସାମନ୍ତମାନେ ମଧ୍ୟ ବ୍ରିଟିଶ ଶାସନ ହସ୍ତକ୍ଷେପ ହେତୁ, ସବୁ ପ୍ରକାର ସୁବିଧା ଭୋଗରୁ ବଞ୍ଚିତ ହୋଇଥିଲେ । ଯେଉଁମାନେ କୌଣସିମତେ ନିଜ ନିଜ ଜାଗିରୀ ବଜାୟ ରଖିପାରିଥିଲେ, ଅତ୍ୟଧିକ ଖଜଣା ବୃଦ୍ଧି ବା ଇଂରେଜୀ ଶାସନ ଦପ୍ତରରେ ନିଯୁକ୍ତ ଉଚ୍ଚବୁଦ୍ଧି ସମ୍ପନ୍ନ ଅମଲାମାନଙ୍କ ଚକ୍ରାନ୍ତ ହେତୁ ସେ ସବୁ ବେଶି ଦିନ ନିଜ ଦଖଲରେ ରଖିବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା ।

ବ୍ରିଟିଶ ବିଚାରାଳୟ ପଦ୍ଧତି ଯେପରି କାମ କରୁଥିଲା, ସେଥିରେ ଓଡ଼ିଆମାନଙ୍କୁ ନ୍ୟାୟ ମିଳୁ ନଥିଲା । ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଓଡ଼ିଶାରେ ଅବସ୍ଥାପିତ ମୁନସିଫ୍, ସିରସ୍ତାଦାର ଏପରିକି କିରାଣୀମାନେ ଅଣଓଡ଼ିଆ ଥିଲେ । ଓଡ଼ିଆମାନଙ୍କ ସାଧାରଣ ବୋଧଗମ୍ୟ ବହିର୍ଭୂତ ଅନେକ ଅଜଣା କାନୁନ୍ ପ୍ରୟୋଗ କରାଯାଉଥିଲା । ଯଦି କୌଣସି ଅଣଓଡ଼ିଆ ବ୍ୟକ୍ତି କୌଣସି ଓଡ଼ିଆ ବିରୁଦ୍ଧରେ ମକଦ୍ଦମା ଦାଏର କରୁଥିଲେ, ମକଦ୍ଦମାଟି ସାଧାରଣତଃ ନିଃସନ୍ଦେହରେ ସଂପୃକ୍ତ ଅଣଓଡ଼ିଆ ବ୍ୟକ୍ତିଙ୍କ ସପକ୍ଷରେ ଯାଉଥିଲା, ପୋଲିସ ବାହିନୀରେ ନିଯୁକ୍ତ ବ୍ୟକ୍ତି ମଧ୍ୟ ଅଣଓଡ଼ିଆ ଥିଲେ । ବିଚାରାଳୟ ଓ ପୁଲିସ କର୍ମଚାରୀଙ୍କ ଅବିଚାରିତ ପକ୍ଷପାତିତା ଦ୍ୱାରା ଓଡ଼ିଶାର ସାଧାରଣ ଲୋକ ଅତିଷ୍ଠ ହୋଇ ଉଠିଥିଲେ । ସେହି ସମୟରେ ଇଂରେଜ ସରକାର ଲୁଣ କାରବାରକୁ ସରକାରଙ୍କ ଏକଚାଟିଆ ଅଧିକାର ଘୋଷଣା କରିବାରୁ ସାଧାରଣ ଲୋକମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଲୁଣ ବ୍ୟବସାୟକୁ ଏକଚାଟିଆ କରିବା ଫଳରେ ଏକ ଅଭୂତପୂର୍ବ ସମସ୍ୟା ଉଦ୍ଭବ ହୋଇଥିଲା । ସାଧାରଣରେ ଲୁଣର ଘୋର ଅଭାବ ସୃଷ୍ଟି ହେଲା । ପୂର୍ବାପେକ୍ଷା ଏହାର ମୂଲ୍ୟ ୫/୬ ଗୁଣ ବୃଦ୍ଧି ପାଇଲା । ଏଠାରେ ଏ ସମ୍ପର୍କରେ କଲେକ୍ଟର ଟ୍ରାୱାରଙ୍କ ଲେଖା ଉଦ୍ଧୃତ କରାଯାଉଛି ।
Trower wrote "During my tour of the district, it was with greatest difficulty I could procure sufficient salt for the daily consumption of my camp." Certain it is

that the cry for salt in general throughout the district; not only is the high price complained of, a price which is said to preclude the lower classes of the people from purchasing it, but the difficulty of procuring it even by those who can affod to pay for it.'

''ଲୁଣ ଦାମ ବେଶିଥିଲେ, କିନ୍ତୁ ସବୁବେଳେ ମୋର ଜିଲ୍ଲାର ଲୋକମାନଙ୍କ ଦୈନିକ ବ୍ୟବହାର ପାଇଁ ଉପଯୁକ୍ତ ପରିମାଣର ଲୁଣ ସଂଗ୍ରହ କରିବା ଅତି କଷ୍ଟକର ବ୍ୟାପାର ଥିଲା । ଏହା ନିଶ୍ଚିତ ଯେ ସାଧାରଣତଃ ଜିଲ୍ଲା ତମାମ ଲୁଣପାଇଁ ଚିତ୍କାର ଉଠୁଛି । ଅତ୍ୟଧିକ ମୂଲ୍ୟ ଲାଗି ଯେ ଲୋକମାନେ ଅଭିଯୋଗ କରୁଛନ୍ତି କେବଳ ତାହା ନୁହେଁ, ମୂଲ୍ୟ ଏପରି ବଢ଼ିଛି ଯେ ନିମ୍ନ ସ୍ତରର ଲୋକମାନେ ସେ ଦରରେ କିଣି ପାରୁନାହାନ୍ତି କିନ୍ତୁ ଅସୁବିଧା ହେଉଛି ଯେ ଏପରିକି ଯେଉଁମାନେ କିଣିବା ପାଇଁ ସମର୍ଥ ସେମାନେ ମଧ୍ୟ ତାହା ପାଇପାରୁନାହାନ୍ତି ।''

ଯେତେବେଳେ ଓଡ଼ିଆ ହୃଦୟରେ ହତାଶାର ଛାୟା ଖେଳି ଯାଉଥିଲା ଏବଂ ପ୍ରଶାସନିକ ଅନ୍ୟାୟ ଓ ଅବିଚାରର ସ୍ରୋତ ପ୍ରବାହିତ ହେବାକୁ ଲାଗିଥାଏ, ସେତେବେଳେ ଜଣେ ଅଣଓଡ଼ିଆ ବିଚାରାଳୟ କର୍ମଚାରୀଙ୍କ ହୀନ ଚକ୍ରାନ୍ତ ଲାଗି ଜଗବନ୍ଧୁ ତାଙ୍କର ପୈତୃକ ପ୍ରିୟ ଜାଗିରୀ, ରୋଡ଼ଙ୍ଗକୁ ହରାଇ ବସିଥିଲେ । ରୋଡ଼ଙ୍ଗ ମାଲିକା ଲକ୍ଷଣ ବିପଦର ତାଙ୍କ ଆଖି ଖୋଲି ଦେଇଥିଲା । ତାହା କେବଳ ଏକ ବ୍ୟକ୍ତିଗତ ଲୋକସାନ୍ ବୋଲି ସେ ତାହା ବିଚାର କରି ନ ଥିଲେ । ପରିସ୍ଥିତିର ବ୍ୟାପକ ବିଶ୍ଳେଷଣ ଓ ଦୂରଦର୍ଶୀ ଚିନ୍ତା ତାଙ୍କୁ ଦୃଢ଼ ବିଶ୍ୱାସ ଦେଇଥିଲା ଯେ ଅନ୍ୟମାନଙ୍କ ପରି ସେ ବିଦେଶୀ ଶାସନ ପଦ୍ଧତିର ଦୁର୍ଗୁଣ ଓ ଦୁର୍ନୀତିର ଶିକାର ହେଲେ । ତ୍ରୁଟିପୂର୍ଣ୍ଣ ବିଦେଶୀ ଶାସନ ପଦ୍ଧତିର ଦୂରୀକରଣ ହିଁ ସମସ୍ତ ଓଡ଼ିଆ ଜାତିର ଦୁର୍ଦ୍ଦଶାକୁ ଦୂର କରି ପାରିବ ବୋଲି ଭାବି ସେ ଶାସନ ପଦ୍ଧତିର ସ୍ରଷ୍ଟା ଇଂରେଜମାନଙ୍କୁ ବହିଷ୍କାର କରି ଓଡ଼ିଆ ଜାତିର ନିଜକୁ ରକ୍ଷା କରିବା ପାଇଁ ବଦ୍ଧପରିକର ହେଲେ ଏବଂ ଇଂରେଜୀ ଶାସନର ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ବିଦ୍ରୋହର ଆହ୍ୱାନ ଦେଇଥିଲେ । ପ୍ରଥମତଃ ଖୋର୍ଦ୍ଧା ଅଧିବାସୀମାନଙ୍କ ଦୁର୍ଦ୍ଦଶାକୁ ଲକ୍ଷ୍ୟକରି ଜାଣିକି ତାଙ୍କୁ ଲୋକମାନେ ନେତା କଲେ ସେଥିଲେ ସେ କହିଥିଲେ-

'The inhabitants of Khurda have sustained in the Mofussal a varieties of injuries and oppressions from the Bengalees who are in office under English Government and who consider and declare themselves to be our masters while no redress is to be obtained at Sudder (meaning probably Cuttack) by the poor and oppressed from the Gentlemen in power, in consequence of this influence of those Bengalees and the favour shown to them as an instance of which a seer of salt which used to be sold for one pun of cowries can not at present be sold for 12 puns. Moreover where one Rupee was taken on account of revanue, ten are now exacted and after all there are (after Sic ? often). demand and balances. By the injustice of the judges, the oppression of the wicked thandars and the tyramy of the officers of Salt Mehals, the people are altogether overwhelmed and being unable to leave their beloved native lands are grown desporate and careless of life. They have accordingly with intention to arrange their injuires appointed me Jugabundhoo Bhomerbur their leader.'

''ଖୋର୍ଦ୍ଧା ଅଧିବାସୀମାନେ ଇଂରେଜୀ ସରକାରଙ୍କ ଅଧୀନସ୍ଥ ବଙ୍ଗାଳୀ କର୍ମଚାରୀଙ୍କଠାରୁ ନାନାଦି ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି, କାରଣ ସେମାନେ ନିଜକୁ ଆମର ପ୍ରଭୁ ବୋଲି ବିଚାର କରନ୍ତି ଏବଂ ଘୋଷଣା ମଧ୍ୟ କରନ୍ତି । ଏପରିକି କ୍ଷମତାପ୍ରସ୍ତ ବଙ୍ଗାଳୀମାନଙ୍କ ଦ୍ୱାରା ନିଷ୍ପେଷିତ ଦରିଦ୍ର ଲୋକମାନେ ଏ ବିଷୟରେ କଟକରେ ଅବସ୍ଥିତ ଇଂରେଜ ସରକାରଙ୍କ ଦପ୍ତରରେ ଆପତ୍ତି ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳେ ନାହିଁ । ବଙ୍ଗାଳୀମାନଙ୍କ ପ୍ରଭାବ ଏବଂ ଇଂରେଜ ସରକାରର ସେମାନଙ୍କୁ ସମର୍ଥନ ଏହାର ପ୍ରଧାନ କାରଣ । ଫଳରେ ଆଗେ ସେରେ ଲୁଣ ପଣେ କଉଡ଼ିରେ ବିକ୍ରି ହେଉଥିଲା, ବର୍ତ୍ତମାନ ବାରପଣ କଉଡ଼ିରେ ମଧ୍ୟ ମିଳୁନାହିଁ, ଆହୁରି ମଧ୍ୟ ଯାହାର ଖଜଣା ଟଙ୍କାଏ ଥିଲା ତା'ଠାରୁ ଜବରଦସ୍ତ ୧୦ ଟଙ୍କା ନିଆଯାଉଛି । ପୁଣି ସରକାରୀ ଦାବି ବଢ଼ି ଚାଲିଛି, ସେମିତି ଖଜଣା ଆଦାୟ ବାକିଆ ପଡୁଛି । ବିଚାରପତିମାନଙ୍କ ଅନ୍ୟାୟ, ଦୁଷ୍ଟ ଥାନା ଅଫିସରଙ୍କ ଅତ୍ୟାଚାର ଏବଂ ଲୁଣ ମାହାଲ ଅଫିସରଙ୍କ ଦୌରାତ୍ମ୍ୟ ଲୋକମାନଙ୍କୁ ଅତୀବ ଅତିଷ୍ଠ କରି ପକାଉଛି, ନିଜର ଜନ୍ମମାଟି ଛାଡ଼ି ନ ପାରି ସେ ହତାଶ ମଧ୍ୟରେ ଜୀବନ ପ୍ରତି ମମତା ହରାଉଛନ୍ତି । ସେଥିପାଇଁ ଏହି ଦୁର୍ଦ୍ଦଶାଗ୍ରସ୍ତ ପରିସ୍ଥିତିରୁ ମୁକ୍ତି ପାଇବା ପାଇଁ ଏବଂ ଅନ୍ୟାୟର ପ୍ରତିଶୋଧ ନେବାକୁ ଲୋକମାନେ ମୋତେ (ଜଗବନ୍ଧୁଙ୍କୁ) ନେତା ହିସାବରେ ମନୋନୀତ କରିଛନ୍ତି ।''

ଯେତେବେଳେ ଓଡ଼ିଶା ଲୋକମାନଙ୍କ ମେରୁଦଣ୍ଡ ଭାଙ୍ଗି ପଡୁଥିଲା, ସେତେବେଳେ ଜଗବନ୍ଧୁ ସେମାନଙ୍କୁ ରକ୍ଷା କରିବାପାଇଁ ନେତୃତ୍ୱ ନେଇଥିଲେ । ଶୋଷଣ ଓ ଅବିଚାରର କଥା ସ୍ମରଣ କରାଇ ଦେଇ ସେ ଅତ୍ୟାଚାରିତ ଲୋକମାନଙ୍କ ମନରେ ବିଦ୍ରୋହର ସ୍ଫୁଲିଙ୍ଗ ଉଦ୍ଦୀପିତ କରିପାରିଥିଲେ । ତାଙ୍କର ଆହ୍ୱାନ ଏପରି ଅଗ୍ନିବର୍ଷୀ ଓ ଉତ୍ତେଜନାପୂର୍ଣ୍ଣ ହେଲା ଯେ, ଲୋକମାନେ ବହୁସଂଖ୍ୟାରେ ବିଦ୍ରୋହରେ ଯୋଗଦେବାକୁ ଆଗେଇ ଆସିଥିଲେ । ଏହା ଜାତି ବର୍ଣ୍ଣ

ନିର୍ବିଶେଷରେ ଥିଲା ଏକ ଗଣ ଆନ୍ଦୋଳନ । ଯଦିଓ ଖଣ୍ଡାୟତମାନଙ୍କ ସଂଖ୍ୟା ଖୁବ୍ ବେଶୀ ଥିଲା ତଥାପି ପ୍ରାୟ ସବୁ ଶ୍ରେଣୀର ଲୋକ ଅର୍ଥାତ୍ କ୍ଷତ୍ରିୟ, ବ୍ରାହ୍ମଣ, ମୁସଲମାନ, କରଣ, ଶୂଦ୍ର ଏପରିକି ବହୁ ଆଦିବାସୀ ଲୋକମାନେ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ଏହି ବିଦ୍ରୋହ ପ୍ରଥମେ ଖୋର୍ଦ୍ଧାରେ ଆରମ୍ଭ ହୋଇଥିଲା । ଏହାର ବିଶେଷତ୍ୱ ଥିଲା ଏହି ଯେ ବିଦ୍ରୋହୀମାନେ ପ୍ରଥମେ ସିବାସ ନିରାଗ ଅଫିସ, ପୋଲିସ ଥାନା ଏବଂ ରାଜସ୍ୱ ଅଧିକାରୀଙ୍କ ଅଫିସ ଉପରେ ଚଢ଼ାଉ କରିଥିଲେ । ସମୁଦାୟ ଖୋର୍ଦ୍ଧାକୁ ନିଜ ଦଖଲରେ ଆଣି ସେତେବେଳେ ବିଦ୍ରୋହୀମାନେ ପୁରୀ ଅଭିମୁଖରେ ଯାତ୍ରା କଲେ, ସେତେବେଳେ ସେମାନଙ୍କ ସଂଖ୍ୟା ୧୦,୦୦୦କୁ ବୃଦ୍ଧି ପାଇଥିଲା । ପୁରୀ ଜିଲ୍ଲାର କେତେକ ଅଣଓଡ଼ିଆ ଜମିଦାରଙ୍କୁ ବହିଷ୍କାର କରାଯାଇଥିଲା । ବିଦ୍ରୋହୀମାନେ ଉପକୂଳ ଅଞ୍ଚଳରେ ଥିବା କେତେକ ଲୁଣଗୋଲା ନଷ୍ଟ କରି ଦେଇଥିଲେ । ଇଂରେଜମାନଙ୍କ ଉପରେ ଆକ୍ରମଣ ହେବାରୁ ଭୟରେ ସେମାନେ କଟକ ଅଭିମୁଖେ ପଳାୟନ କରିଥିଲେ । ଏ ସଂଗ୍ରାମ ଦିକିଦାର ପାଇଁ ଏପରି ଉଦ୍ଧାତକ ହେଲା ଯେ ବିଦେଶୀମାନେ ଜିଲ୍ଲିବାକ ପାଇଁ ଓଡ଼ିଶା ଛାଡ଼ି ଚାଲି ଯାଇଥିଲେ । କଲିକତାରୁ ସୈନ୍ୟବାହିନୀ ପଠାଇବା ପରେ ପରିତ୍ୟକ୍ତ ସ୍ଥାନଗୁଡ଼ିକ ପୁଣି ଇଂରେଜମାନଙ୍କ ହାତକୁ ଆସିଥିଲା ।

ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପରିଚାଳିତ ଓଡ଼ିଶା ବିଦ୍ରୋହ ଭାରତୀୟ ଜାତୀୟ ସଂଗ୍ରାମ ସଂଗେ ତୁଳନା କରିବାର ପ୍ରଶ୍ନନାହିଁ ବା ଏହାକୁ ଏକ ଜାତୀୟ ସଂଗ୍ରାମ ଭାବରେ ଅଭିହିତ କରିବା ସମୀଚୀନ ହେବନାହିଁ । ତଥାପି ବକ୍ସିଙ୍କ ଦୃଷ୍ଟିକୋଣ, ବିଦ୍ରୋହ ବିଚାରଧାରା, ଗଣସ୍ୱାର୍ଥ ପାଇଁ ତ୍ୟାଗ ଓ ବ୍ୟାକୁଳତା, ଶୋଷଣ ନୀତି ବିରୁଦ୍ଧରେ ପ୍ରତିକ୍ରିୟା ଏବଂ ଆକ୍ରମଣ କୌଶଳ, ଅଭୂତପୂର୍ବ ଥିଲା । ବିଦେଶୀ ସରକାର ଏବଂ ବିଦେଶୀ ଲାଭବାନକାରୀ ସଂସ୍ଥାଗୁଡ଼ିକ ମୂଳୋତ୍ପାଟନ ବା ବିଦେଶୀ ଶାସନର ବିନାଶ ଥିଲା ଏହାର ଲକ୍ଷ୍ୟ । ଏହି ଆନ୍ଦୋଳନର ବିଶେଷ ତାତ୍ପର୍ଯ୍ୟ ଥିଲା ଯେ ବିଦ୍ରୋହୀମାନେ ରାଜସ୍ୱ ଅଫିସ ବିଚାରାଳୟ, ଲୁଣଗୋଲା, ଇଂରେଜ ଶାସନ କାଳରେ ପ୍ରତିଷ୍ଠିତ ଅଣଓଡ଼ିଆ ଜମିଦାରୀ ସଂସ୍ଥା ଉପରେ ଚଢ଼ାଉ କରିଥିଲେ ମଧ୍ୟ କୌଣସି ସେ ଦିଗ ହେଲେ ଓଡ଼ିଆ ଜାତିରି ବା ଜମିଦାରୀ ସଂସ୍ଥା ଉପରେ ସେମାନେ ଆକ୍ରମଣ କରିବାର ଦେଖାଯାଇ ନଥିଲା । ଓଡ଼ିଶାରୁ ଇଂରେଜୀଶାସନ ହଟାଇ ଓଡ଼ିଆମାନଙ୍କ ସ୍ୱାର୍ଥ ଓ ସମ୍ମାନରକ୍ଷା କରିବା ପାଇଁ ଗଜପତି ରାଜାଙ୍କ ଶାସନ ଅଧୀନରେ ଓଡ଼ିଶାର ରାଜନୈତିକ ଓ ପ୍ରଶାସନିକ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିବା ଥିଲା ଏହି ବିଦ୍ରୋହର ମୁଖ୍ୟ ଉଦ୍ଦେଶ୍ୟ । ଓଡ଼ିଶାର ସାଧାରଣ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂରୀକରଣ କରିବା ଉପରେ ସେ ଗୁରୁତ୍ୱ ଦେଉଥିଲେ । ବକ୍ସି ଜଗବନ୍ଧୁ ହେଉଛନ୍ତି ପ୍ରଥମ ଓଡ଼ିଆ ନେତା ଯେକି ଓଡ଼ିଆମାନଙ୍କ ସମସ୍ୟା, ଦୁର୍ଦ୍ଦଶା, ଅସୁବିଧା ଓ ନୈରାଶ୍ୟ ହୃଦୟଙ୍ଗମ କରିପାରିଥିଲେ ଏବଂ ଇଂରେଜୀ ଲୋକଙ୍କ ଉଦାସୀନତା, ଦେଖାଇଲ ଏବଂ ଅଣଓଡ଼ିଆମାନଙ୍କ ହୀନ ଚକ୍ରାନ୍ତ ଭଲ ଭାବରେ ବୁଝି, ସେମାନଙ୍କ ବିରୁଦ୍ଧରେ ଅଭୂତପୂର୍ବ ଗଣସଂଗ୍ରାମ ସଂଗଠିତ କରି ପାରିଥିଲେ । ବକ୍ସିଙ୍କ ବିଦ୍ରୋହ ଯୋଗୁଁ ହିଁ ଇଂରେଜ କର୍ତ୍ତୃପକ୍ଷ ଓଡ଼ିଶା ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର, ଅମାନବିକ ଚକ୍ରାନ୍ତ ଓ କାରସାଦୀମାନେ ପରେ ଜାଣିପାରିଥିଲେ ।

ଏହି ବିଦ୍ରୋହ ଭାଷା ଆନ୍ଦୋଳନ ନ ଥିଲା, ଓଡ଼ିଆ ଜାତି ଓ ସଂସ୍କୃତିର ବୈଶିଷ୍ଟ୍ୟ ପ୍ରତିପାଦନ ତଥା ସୁରକ୍ଷା ପାଇଁ ଏହାଥିଲା ଏକ ରାଜନୈତିକ ବିପ୍ଳବ । ଜଗବନ୍ଧୁଙ୍କ ଦୂରଦୃଷ୍ଟି, ସାହସିକତା, କୌଶଳ ଏବଂ ନେତୃତ୍ୱ ପ୍ରଦାନର ଦକ୍ଷତା ଇଂରେଜମାନଙ୍କୁ ସନ୍ତ୍ରାସିତ କରିଦେଇଥିଲା । ଓଡ଼ିଆ ଜାତି ହୃଦୟରେ ଐକ୍ୟ ଓ ସଂହତି ଉଦ୍‌ବୁଦ୍ଧକରି ବିଦେଶୀ ଶାସନର ଶୋଷଣ ନୀତି ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିପାରୁଥିବା ଜଗବନ୍ଧୁଙ୍କ ନେତୃତ୍ୱକୁ ଅନୁସନ୍ଧାନକାରୀ ଚିନ୍ତାଶୀଳ ବ୍ରିଟିଶମାନେ ପ୍ରଶଂସା ନକରି ରହିପାରିନଥିଲେ । ସେମାନଙ୍କ ଦୃଷ୍ଟିରେ ଜଗବନ୍ଧୁ ଥିଲେ ଏପରି ଏକ ବ୍ୟକ୍ତି ଯାହାଙ୍କ ନାମ ବର୍ତ୍ତମାନ ଓ ଆଗାମୀ ଅନେକ ଶତାବ୍ଦୀ ସମଗ୍ର ଓଡ଼ିଆ ଜାତିକୁ ଜଣେ ଯଶସ୍ୱୀ ଦୂରଦ୍ରଷ୍ଟା ଭାବରେ ଉଦ୍‌ବୁଦ୍ଧ କରିବ ।''

୧୮୧୭ର ଏହି ବିଦ୍ରୋହ ଇଂରେଜମାନଙ୍କୁ ବହିଷ୍କାର କରିବା କ୍ଷେତ୍ରରେ ଏକ ଯୋଜନାବଦ୍ଧ ଓ ସଂଗଠିତ ଲୋକବିଦ୍ରୋହ ଥିଲା । ତଥାପି ବିଦ୍ରୋହ ଶେଷରେ ଇଂରେଜମାନେ ଏ ପ୍ରକାର ବିଦ୍ରୋହର ସମସ୍ତ ମୁଖ୍ୟ ଓ ଗୌଣ କାରଣ ଅନୁଧ୍ୟାନ କରିବା ପାଇଁ କମିସନ୍ ନିଯୁକ୍ତ କରିଥିଲେ ଏବଂ ସେଗୁଡ଼ିକର ନିରାକରଣ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିଥିଲେ । ଖଜଣା ହାର ହ୍ରାସ, ପର୍ଯ୍ୟାପ୍ତ ପରିମାଣ ଲୁଣ ଯୋଗାଣ, ଯେଉଁଠି ସମ୍ଭବ ହୋଇପାରିଥିଲା ସେଠାରେ ଜମିଦାରୀ ହରାଇଥିବା କେତେ ମୂଳଓଡ଼ିଆ ଜମିଦାରଙ୍କୁ ସେମାନଙ୍କ ଜମିଦାରୀ ପ୍ରତ୍ୟାର୍ପଣ, ଯୋଗ୍ୟ ଓଡ଼ିଆମାନଙ୍କୁ ଉପଯୁକ୍ତ ପଦବୀରେ ନିଯୁକ୍ତି ପ୍ରଦାନ ଇତ୍ୟାଦି କେତେକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଇଂରେଜ କର୍ତ୍ତୃପକ୍ଷ ଓଡ଼ିଆମାନଙ୍କର ସ୍ୱାତନ୍ତ୍ର୍ୟ ସ୍ୱୀକାର କରିଥିଲେ ।

୧୮୧୭ ଓଡ଼ିଶା ବିଦ୍ରୋହ ଘଟଣା, ଇଂରେଜ ଶାସନକୁ ଦୂରୀଭୂତ କରିବା ପାଇଁ ବିଫଳ ହୋଇଥିଲେ ମଧ୍ୟ ଏହା ଓଡ଼ିଆ ଜାତିର ବୀରତ୍ୱ ପ୍ରଦର୍ଶନ କରି ଓଡ଼ିଶାର ସ୍ୱାର୍ଥରକ୍ଷା କରିପାରି ଥିବାରୁ ଏହାକୁ ଏକ ସଫଳ ବିଦ୍ରୋହ କହିଲେ ଅତ୍ୟୁକ୍ତି ହେବନାହିଁ । ବକ୍ସି ଜଗବନ୍ଧୁ ଥିଲେ ଓଡ଼ିଆ ଐକ୍ୟ ବା ସଂହତିର ପଥ ପ୍ରଦର୍ଶକ ନେତା । ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ପୁନରୁତ୍‌ଥାନ ଓ ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୃଷ୍ଠପଟରେ ବକ୍ସିଙ୍କର ମହନୀୟ ଅବଦାନକୁ ଓଡ଼ିଶାବାସୀ ଭୁଲିଯିବା ବିଧେୟ ନୁହେଁ ।

ପ୍ଲଟ ନଂ-୯୦

ଭୁବନେଶ୍ୱରୀ କଲୋନୀ, ଭୁବନେଶ୍ୱର



# ଖୋର୍ଦ୍ଧା ବକ୍‌ସୀ-ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ

**ଶ୍ରୀ ଭୀମସେନ ପ୍ରଧାନ**
*ପ୍ରାକ୍ତନ ପ୍ରଧାନ ଶିକ୍ଷକ*

ଖୋର୍ଦ୍ଧା ସହରର କେନ୍ଦ୍ରସ୍ଥଳରେ ଅଥଚ ସହରର କୋଳାହଳଠାରୁ ଦୂରରେ ସତର ଏକର ଜମି ଉପରେ ସଗର୍ବରେ ଦଣ୍ଡାୟମାନ ହୋଇଛି ଲାଲରଙ୍ଗର ଏକ ରମଣୀୟ ଅଟ୍ଟାଳିକା ଶ୍ରେଣୀ । ଉତ୍ତର ଦିଗରେ ଚାରତଳୀୟ ଛାତ୍ରାବାସ, ଛାତ୍ରାବାସର ପଶ୍ଚିମରେ ଶିକ୍ଷକମାନଙ୍କ ନିବାସ, ଦକ୍ଷିଣରେ ପଶ୍ଚିମଠାରୁ ପୂର୍ବସୀମା ପର୍ଯ୍ୟନ୍ତ ପ୍ରାୟ ଏକ ସରଳରେଖାରେ ନିର୍ମିତ ହୋଇଛି ପ୍ରଶସ୍ତ ବାରଣ୍ଡାଯୁକ୍ତ ପ୍ରକାଣ୍ଡ ପ୍ରକାଣ୍ଡ ଶ୍ରେଣୀଗୃହ, କାର୍ଯ୍ୟାଳୟ, ଶିକ୍ଷକଙ୍କ ସାଧାରଣ ପ୍ରକୋଷ୍ଠ, ବିଜ୍ଞାନାଗାର ଓ ପୁସ୍ତକାଗାର । ମଝିରେ ଉତ୍ତର ଦକ୍ଷିଣ ହୋଇ ସଂଲଗ୍ନ ହୋଇଛି ଗୋଟିଏ ସଭା ଗୃହ । ସଭା ଗୃହର ଶିରରେ ଅଙ୍କିତ ବିଦ୍ୟାଳୟର ନାମ । ସମଗ୍ର ଅଟ୍ଟାଳିକାକୁ ଦକ୍ଷିଣ ଦିଗରୁ ଚାହିଁଲେ ଇଂରାଜୀ (ଟି) ଅକ୍ଷର ପରି ଦୃଶ୍ୟମାନ । ଦକ୍ଷିଣ ପଶ୍ଚିମ କୋଣରେ ଅବସ୍ଥିତ ଅନ୍ୟ ଏକ ବୃହତ୍ତର ଭୋଜନାଗୃହ ଓ ତାକୁ ଲାଗି ଏକ ରଙ୍ଗମଞ୍ଚ । ବିଦ୍ୟାଳୟ ଗୃହ ଓ ଛାତ୍ରାବାସର ଦର୍ଶନୀୟ ଅଟ୍ଟାଳିକା ମଧ୍ୟଭାଗରେ ବିଦ୍ୟାଳୟର ବହୁ ଗୌରବର ପରିଚିତିକୁ ବହନ କରୁଥିବା ବିସ୍ତୀର୍ଣ୍ଣ କ୍ରୀଡ଼ାପ୍ରାଙ୍ଗଣ । କ୍ରୀଡ଼ାପ୍ରାଙ୍ଗଣର ପୂର୍ବପାର୍ଶ୍ୱରେ ଏହି ମହାନ୍ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକଙ୍କ ପାଇଁ ନିର୍ଦ୍ଧାରିତ ନିବାସ । ତାକୁ ଲାଗି ଦକ୍ଷିଣ ଦିଗକୁ ଶ୍ରେଣୀଗୃହ ପର୍ଯ୍ୟନ୍ତ ଉଦ୍ୟାନ ଉପବନ । ବୃହତ୍ତର ସଭାଗୃହକୁ ଲାଗି ପଶ୍ଚିମ ଦିଗରେ ଅନ୍ୟ ଏକ ଆମ୍ରକୁଞ୍ଜ । ସଭାଗୃହ ସମ୍ମୁଖରେ ଏକ ଘଞ୍ଚ ସୁଶୀତଳ ଛାୟାପ୍ରଦ ବଟବୃକ୍ଷ ଓ ଅଟ୍ଟାଳିକା ସମ୍ମୁଖର ସମସ୍ତ ସ୍ଥାନ ନାରିକେଳ, ଶାଗୁଆନ, ଦେବଦାରୁ, କୃଷ୍ଣଚୂଡ଼ା, ବକୁଳ ଆଦି ବୃକ୍ଷରାଜିରେ ସୁଶୋଭିତ । ଏହାର ସୌନ୍ଦର୍ଯ୍ୟର ପରିଦର୍ଶନ ନିମନ୍ତେ ପରିକଳ୍ପିତ ହୋଇଛି ଏକ ପ୍ରବେଶଦ୍ୱାର । ଏହାରି ନାମ ''ବକ୍‌ସୀ ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ, ଖୋର୍ଦ୍ଧା ।''

କୃତାୟାଏ କଲେଜମାନଙ୍କ ମଧ୍ୟରେ କଟକର ରେଭେନ୍ସା କଲେଜ, ହାଇସ୍କୁଲ ମାନଙ୍କ ମଧ୍ୟରେ ଖୋର୍ଦ୍ଧାର ବି.ଜେ.ବି. ହାଇସ୍କୁଲ; ଯେଉଁଠି ରହିଛି ସୌନ୍ଦର୍ଯ୍ୟ ସହିତ ଗାମ୍ଭୀର୍ଯ୍ୟର ଅତୁଳନୀୟ ସମନ୍ୱୟ, ଯାହାର ପଟାନ୍ତର ସମଗ୍ର ଓଡ଼ିଶା ରାଜ୍ୟରେ ଏବେ ମଧ୍ୟ ସୃଷ୍ଟି ହୋଇନାହିଁ । ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ଓ ପଶ୍ଚିମସ୍ଥ ପାର୍ବତ୍ୟ ଅଞ୍ଚଳର ମିଳନ ସ୍ଥଳରେ ଖୋର୍ଦ୍ଧା ସହରର ମନୋହର ଭୌଗୋଳିକ ଅବସ୍ଥିତି, ସାରାଭାରତ ବାୟୁ ପ୍ରବାହିତ, ନାତିଶୀତୋଷ୍ଣ ଆରାମପ୍ରଦ ଜଳବାୟୁ, ଗମନାଗମନ ପାଇଁଥିବା ସୁବିଧା, ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥର ସୁଲଭତା, ଐତିହାସିକ ପ୍ରସିଦ୍ଧି, ବିସ୍ତୃତ ଭାଷା ଓ ଦପ୍ତର ଭାଷା ମଧ୍ୟରେ ଆଶ୍ଚର୍ଯ୍ୟଜନକ ସାମ୍ୟ ସାଂସ୍କୃତିକ ବକ୍‌ସୀ ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟର ଉଚ୍ଚପରମ୍ପରା - ଏହି ବିଦ୍ୟାଳୟରେ କାର୍ଯ୍ୟ କରିବାକୁ ସ୍ୱତଃ ଆଗ୍ରହ ସୃଷ୍ଟି କରେ । ଏଠାରେ ଅଧ୍ୟୟନ କରିବାର ସୁଯୋଗ ଲାଭ କରି ବିଦ୍ୟାର୍ଥୀମାନେ ନିଜକୁ ଗୌରବାନ୍ୱିତ ମନେ କରନ୍ତି ।

ଏଠାର ମାଟି ଯେଉଁଠି ଇତିହାସ କହେ - ଯହିଁ ଶିଳାଖଣ୍ଡରେ ଦେଖିବେ ବୀରର ମେଦମାଂସ ଗନ୍ଧ ମିଳିଯାଏ, ସେଇଠି ବାରଭୁୟାଁଙ୍କ ଠାଣିରେ ଠିଆ ହୋଇଛି ଖୋର୍ଦ୍ଧାର ଶତାବ୍ଦୀର ଶିକ୍ଷାନୁଷ୍ଠାନ ''ବକ୍‌ସୀ-ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ ।'' ଉତ୍ତରରେ ତା'ର ପଲଟଣ ପଡ଼ିଆ, ପଲଟଣ ପୋଖରୀ, ବକ୍‌ସୀ ପୋଖରୀ, ହାଡ଼ଗାଡ଼ିଆ, ଉତ୍ତର ଦିଗକୁ ନଜର (ନାମଗୁଡ଼ିକୁ ଲକ୍ଷ୍ୟ କରିବାର କଥା), ପୂର୍ବରେ କୁମାରବନ୍ତ, ମୁକୁନ୍ଦ ପ୍ରସାଦ, ଦକ୍ଷିଣ ପୂର୍ବ କୋଣରେ ବରୁଣେଇ ପାହାଡ଼, ବରୁଣେଇ ଝର, ବଡ଼ଦୋହ ଝର, କୁଞ୍ଜବିହାରୀ ମନ୍ଦିର, ଗଡ଼ଖୋର୍ଦ୍ଧା, ଦକ୍ଷିଣରେ କାଞ୍ଚିଆଗଡ଼, ତାପଙ୍ଗ ଗଡ଼, ନରଶଗଡ଼, ବାଙ୍ଗଡ଼ା, ଘଡ଼ମଲ୍ଲିଗଡ଼, କେତକୀ ଝର, ପଶ୍ଚିମରେ ଚିମୁଣ୍ଡି ଝର, ଅଟ୍ରିର ଉଷ୍ଣ ପ୍ରସ୍ରବଣ ଓ ବାଣେଶ୍ୱର - ଏହା ତା'ର ପରିବେଶ । ଏହି ପରିବେଶ ସମ୍ବନ୍ଧରେ ପରିଚିତ ହୋଇଯାଇପାରିବ ଦିଗବଳୟ ପର୍ଯ୍ୟନ୍ତ, ସାହା ଖୋର୍ଦ୍ଧା । ଉତ୍ତରରେ ଗଡ଼ବାଣ୍ଟେଙ୍ଗ ଓ ଜଙ୍ଗଲ ଅଧ୍ୟୁଷିତ ଚନ୍ଦକଜଙ୍ଗଲିଆ, ଦକ୍ଷିଣରେ ଗଡ଼ବୋଲଲ ଓ ବକସୀ ବଂଶ ବାସସ୍ଥଳୀ ଗଡ଼ରୋଡ଼ଙ୍ଗ । ଗଡ଼ରୋଡ଼ଙ୍ଗକୁ ଲାଗି ଜୀବାୟୁଟିନିଲା, ତୁଙ୍ଗ ଶିଖରୀମଣ୍ଡିତ ଦୁର୍ଗାଙ୍କ ଜନମାନ ପରିଶୋଭିତ ସମଗ୍ର ବାଣପୁର ଓ ତା'ର ବଳଭଦ୍ରଗଡ଼, ପ୍ରତାପଗଡ଼, ଜଗାଇରଗଡ଼, ପଶ୍ଚିମରେ ଗଡ଼କମାଣ ଟାଙ୍ଗି (ମାଣତିଗଡ଼), ଡମ୍ପେଇକୋ, ଟାଙ୍ଗୋଇ, ଦଣ୍ଡପୁର୍ତ୍ତି (ଦୋଳଗଡ଼); ପୂର୍ବରେ ଶସ୍ୟଶ୍ୟାମଳ ସୁଦୀର୍ଘ ସମତଳ ଭୂମି- ରେମେଇ, ଚିଲିକା ଓ କବିଶଙ୍କୁଙ୍କ ପ୍ରଗଣା । କେବଳ ଗଡ଼ ଆଉ ଗଡ଼; ସୈନ୍ୟବାହିନୀର ସେନାପତିମାନଙ୍କ ରାଜ୍ୟ । ନାହିଁ ନ ଥିବା ଉପାଧିରେ ଭୂଷିତ ଖଣ୍ଡାୟତକୁଳ, ଆତ୍ମବିଶ୍ୱାସରେ ବଳୀୟାନ, ଯୁଦ୍ଧକ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରମାଣ ପାଇଁ ତତ୍ପରଶୀଳ । ଭାରତରାୟ, ରଣସିଂହ, ଛୁଆରସିଂହ, ଦକ୍ଷିଣ କବାଟ, ଉତ୍ତର କବାଟ, ପଶ୍ଚିମ କବାଟ, ବଳିଆରସିଂହ, ମଲ୍ଲକରସିଂହ, ପାହାଡ଼ସିଂହ, ଚମ୍ପତିରାୟ, ଭାରିମଲ୍ଲ, ବାହୁବଳେନ୍ଦ୍ର, ଦଣ୍ଡପାଟଜୋଶି, ପାଇକରାୟ, ତାଡ଼ିନାପତି ଆଦି ଉପାଧି ଯେପରି ଶୌର୍ଯ୍ୟ ସୂଚକ ସେହିପରି ବୀରତ୍ୱବ୍ୟଞ୍ଜକ । ପ୍ରାତିକରାୟ, ଦଳବେହେରା, ଶ୍ରୀଚନ୍ଦନ, ହରିଚନ୍ଦନ, ନରେନ୍ଦ୍ରଜିତ୍‌ସିଂହ, ରଣବିଜୁଳି, ଭୁଜବଳ, ରାଜଗୁରୁ, ପରମଗୁରୁ, ପ୍ରଧାନ, ନାୟକ, ପଟ୍ଟନାୟକ, ସାମନ୍ତ, ସାମନ୍ତରାୟ, ବିଦ୍ୟାଧର, ଭ୍ରମରବର, ପାତ୍ର, ମହାପାତ୍ର, ନିଃଶଙ୍କ, ମାନସିଂହ, ପ୍ରହରାଜ ପରି ଉପାଧିମାନ ଯେପରି ସମ୍ମାନ ସୂଚକ ସେହିପରି ବର୍ଣ୍ଣାଢ୍ୟ ଓ ବିଚିତ୍ର ।

ନାମ ବୋଲି । ବୃତ୍ତିଗତ ପରିଚାୟକ, ପ୍ରେରଣାଦାୟକ ଉପାଧି (ସଂଜ୍ଞା) ଓ ଗୌରବାନ୍ୱିତ ବଂଶ ପରମ୍ପରା ହିଁ ମୁଖ୍ୟ । ଏହି ଉପାଧିଗୁଡ଼ିକ ନିରର୍ଥକ, ଧ୍ୱନି ସର୍ବସ୍ୱ ନ ଥିଲା । ଆଜି ବି ସେହି ଉପାଧି ପ୍ରଦାନର ଦରବାର ଭାରତ ସରକାରଠାରୁ ଆରମ୍ଭ କରି ବିଭାଗ ସରକାରଙ୍କ ପର୍ଯ୍ୟନ୍ତ ପ୍ରତି ଦେଶରେ ବିଶ୍ୱସାରା ଚାଲିଛି । କାରଣ ଉପାଧି କାଳେ କାଳେ ଅର୍ଥ ଦ୍ୟୋତକ, ଗୁଣାତ୍ମକ ତଥା ସମ୍ମାନ ସୂଚକ । ଆମ ଭାରତର ପ୍ରତ୍ୟେକ ଜାତି ଓ ବ୍ୟକ୍ତି କୌଣସି ନା କୌଣସି ଉପାଧିରେ ଭୂଷିତ । କେହି ଉପାଧିମୁକ୍ତ ନୁହଁନ୍ତି । ସେହିପରି ଏକ ସାର୍ଥକ ଉପାଧିଯୁକ୍ତ ନାମ ବକ୍ସୀ ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ମହାପାତ୍ର । ସ୍ୱାଧୀନତା ପରେ, ୧୯୫୦ରେ ତାଙ୍କରି ନାମରେ ନାମିତ ହୋଇଛି ଏହି ବିଦ୍ୟାଳୟ, କେବଳ ଉପାଧି ପାଇଁ ନୁହେଁ, ଉପାଧିର ଐତିହାସିକ ସାର୍ଥକତା ପାଇଁ ।

ବଂଶ ପରମ୍ପରା କ୍ରମେ ଯେଉଁ ଅଞ୍ଚଳର ପ୍ରତି ପରିବାର କୌଣସି ଏକ ସମ୍ମାନ ସୂଚକ ବୀରତ୍ୱବ୍ୟଞ୍ଜକ ବର୍ଣ୍ଣାଢ୍ୟ ଅଥଚ ସାର୍ଥକ ଉପାଧିରେ ଭୂଷିତ (ସେ ହୋଇପାରନ୍ତି ଜଣେ ବ୍ରାହ୍ମଣ ବାହିନୀପତି, ଜଣେ କରଣ ପଟ୍ଟନାୟକ, ଜଣେ ପଠାଣ ଦଳବେହେରା ଅଥବା ଜଣେ ଖଣ୍ଡାୟତ ପରାଡ଼ିଆ ରାୟ); ଯେଉଁ ଅଞ୍ଚଳର ପ୍ରତିଧ୍ୱନିତ ଗୋଟିଏ ଗୋଟିଏ ବଡ଼ ବା ଛୋଟ ଗ୍ରାମ, ଜାଗିର, ରାଜତ, ପରାଡ଼ିକ ଅଧିକୃତ ସେହି ବୀରଭୂମିରେ ଜନ୍ମ ହୋଇଥିଲେ ଓଡ଼ିଶାର ବଂଶ ପ୍ରତିପାଦିତ ହୋଇଥିଲେ ଖୋର୍ଦ୍ଧା ରାଜାଙ୍କର ବଂଶ ପରମ୍ପରାକ୍ରମେ ସେନାପତି ଗଡ଼ରୋଡ଼ଙ୍ଗ ନିବାସୀ (ବକ୍ସୀ) ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ମହାପାତ୍ର । ୧୮୧୭ ମାର୍ଚ୍ଚ ୨୨ ତାରିଖଠାରୁ ଏପ୍ରିଲ ୧୮ ତାରିଖ ମଧ୍ୟରେ ଖୋର୍ଦ୍ଧାର ପାଇକ ବିଦ୍ରୋହ ବକ୍ସୀ ଜଗବନ୍ଧୁଙ୍କ ନେତୃତ୍ୱରେ ଚରମ ସୀମାରେ ପହଞ୍ଚିଥିଲା । ବାଣପୁର, ଖୋର୍ଦ୍ଧା, ଗଙ୍ଗପଡ଼ା, ତାଙ୍ଗୀ, ପିପିଲି ଓ ପୁରୀଠାରେ ସମ୍ମୁଖ ସଂଗ୍ରାମରେ ବ୍ରିଟିଶ ବାହିନୀ ଛତ୍ରଭଙ୍ଗ ହୋଇ ପଳାୟନ କରିଥିଲେ ଏବଂ ତା'ର ପରବର୍ତ୍ତୀ ଆଠବର୍ଷ ୧୮୨୫ ଖ୍ରୀଷ୍ଟାବ୍ଦ ମେ ମାସ ୨୭ ତାରିଖ ପର୍ଯ୍ୟନ୍ତ ବାଣପୁର, ରଣପୁର, ନୟାଗଡ଼ର ଘନ ଅରଣ୍ୟ ମଧ୍ୟରେ ଆତ୍ମଗୋପନ କରି ସେ ବ୍ରିଟିଶ ବିରୋଧୀ ଶକ୍ତିମାନଙ୍କୁ ସଙ୍ଗଠିତ କରି ଗରିଲା ଯୁଦ୍ଧ ଚଳାଇ ଆସୁଥିଲେ । ସମଗ୍ର ଭାରତ ଇତିହାସରେ ତାଙ୍କର ତୁଳନା ମହାନ୍ ଦେଶପ୍ରେମୀ ରାଣାପ୍ରତାପଙ୍କ ସହିତ କରାଯାଇପାରେ । ରାଣା ପ୍ରତାପ ଚିତୋର ଦୁର୍ଗର ସ୍ୱାଧୀନତା ଫେରି ପାଇବାପାଇଁ ଶେଷନିଃଶ୍ୱାସ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିଥିଲେ ଏବଂ ସେଥିପାଇଁ ଘନଅରଣ୍ୟ ମଧ୍ୟରେ ସପରିବାର ଅନାହାରକ୍ଲିଷ୍ଟ ଜୀବନଯାପନର କଷ୍ଟବରଣ କରି ନେଇଥିଲେ । ବକ୍ସୀ ଜଗବନ୍ଧୁ ସେହିପରି ନିଜର ପ୍ରିୟ ଜନ୍ମଭୂମି ଖୋର୍ଦ୍ଧାକୁ ଇଂରେଜମାନଙ୍କ କବଳରୁ ମୁକ୍ତ କରିବାପାଇଁ ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଆପୋଷ ବିହୀନ ସଂଗ୍ରାମ ଜାରି ରଖିଥିଲେ । ରାଣାପ୍ରତାପ ଓ ବକ୍ସୀ ଜଗବନ୍ଧୁଙ୍କ ମଧ୍ୟରେ ଏତିକି ତଫାତ ଯେ ଆତ୍ମୀୟ ସ୍ୱଜନଙ୍କ ଅକଥନୀୟ ଦୁଃଖରେ ମ୍ରିୟମାଣ ହୋଇ ରାଣାପ୍ରତାପ ଯେତେବେଳେ ଆକବରଙ୍କ ସହିତ ସାଲିସ କରିବା ପାଇଁ ମନ ସ୍ଥିର କରିସାରିଥିଲେ, ସେତିକିବେଳେ ତାଙ୍କର ଜଣେ ହିତୈଷୀ ବନ୍ଧୁ ଏକ କବିତାପ୍ରସ୍ତୁତ ପତ୍ର ଲେଖି ତାଙ୍କର ଭାବାନ୍ତରଣ କରିବାକୁ ଆବେଦନ କରିଥିଲେ । ଫଳରେ ରାଣାପ୍ରତାପ ନିଜର ନିଷ୍ପତ୍ତିରୁ ନିବୃତ୍ତ ରହିପାରିଥିଲେ । କିନ୍ତୁ ବକ୍ସୀଙ୍କର ଆତ୍ମୀୟ ସ୍ୱଜନଙ୍କୁ ଅଟକବନ୍ଦୀ କରାଯିବା ପରେ ତାଙ୍କ ବନ୍ଧୁମାନେ ଇଂରେଜ ସରକାରଙ୍କ ସହିତ ସାଲିସ କରିବାକୁ ତାଙ୍କୁ ପ୍ରବର୍ତ୍ତ କରାଇଥିଲେ ଏବଂ ତାହାକୁ ନୈତିକ ସମର୍ଥନ ନ ପାଇ ଇଂରେଜମାନଙ୍କ ଦ୍ୱାରା ପ୍ରେରିତ ମଧ୍ୟସ୍ଥ ବନ୍ଧୁମାନଙ୍କ ପ୍ରଲୋଭନାରେ ବକ୍ସୀ ଶେଷରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ ବିନା କୌଣସି ପ୍ରକାରର ସାଲିସ କରି ନ ଥିଲେ । ରାଣାପ୍ରତାପଙ୍କ ଶତ୍ରୁଥିଲେ ଜଣେ ଦିବାକାନ୍ତ ମୋଗଲ ସମ୍ରାଟ ଆକବର; ଜଗବନ୍ଧୁଙ୍କର ଶତ୍ରୁଥିଲେ ପ୍ରବଳ ପରାକ୍ରମଶାଳୀ କୂଟନୀତିନିପୁଣ ଅବିଶ୍ୱାସୀ ବେପାରୀ ସର୍ବସ୍ୱ ବିଦେଶୀ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ସରକାର । ବକ୍ସୀଙ୍କ ପରିବାରର ସତରଜଣ ସଦସ୍ୟଙ୍କୁ କଟକ ଖୋର୍ଦ୍ଧାରେ ବନ୍ଦୀ କରି ରଖା ଯିବା, ସାତଜଣ ସଦସ୍ୟଙ୍କୁ ବାରବାଟୀ କିଲ୍ଲାରେ ନଜରବନ୍ଦୀ ରଖାଯିବା; ଦେବାନ୍ କୃଷ୍ଣଚନ୍ଦ୍ର ଭ୍ରମରବରଙ୍କ ସହିତ ଷୋହଳଜଣ ବିଦ୍ରୋହୀ ନେତାଙ୍କ ମୁଣ୍ଡପିଛା ପୁରସ୍କାର ଘୋଷଣା କରାଯିବା ଓ ସେମାନେ ବର୍ଷ ବର୍ଷ ବ୍ୟାପୀ ଆତ୍ମଗୋପନ ଜନିତ କଷ୍ଟବରଣ କରିବା ହେତୁ ଅନନ୍ୟ ଉପାୟ ହୋଇ ବନ୍ଧୁ ହିତାକାଂକ୍ଷୀ ଓ ଗୁରୁଜନମାନଙ୍କ ଚାପରେ ବାଧ୍ୟହୋଇ ବକ୍ସୀ ଇଂରେଜମାନଙ୍କ ନିକଟରେ ନିଜର ଇଚ୍ଛା ବିରୋଧରେ ଆତ୍ମସମର୍ପଣ କରିଥିଲେ । ତଦନୁଯାୟୀ ୧୮୨୫ ଖ୍ରୀଷ୍ଟାବ୍ଦ ମେ ମାସ ୨୭ ତାରିଖଠାରୁ ସେ କଟକ ସହରରେ ଅବସାନ କଲେ । ୧୮୨୯ ଖ୍ରୀଷ୍ଟାବ୍ଦ ଜାନୁୟାରୀ ୨୪ ତାରିଖରେ ପାଇକ ବିଦ୍ରୋହର ଶେଷ ଅଗ୍ନିଶିଖା ନିର୍ବାପିତ ହୋଇଗଲା । ବ୍ରିଟିଶ ମାନଙ୍କ କବଳରୁ ଖୋର୍ଦ୍ଧା ରାଜ୍ୟକୁ ଉଦ୍ଧାର କରିବା ପାଇଁ ବକ୍ସୀ ପ୍ରାଣ ବିସର୍ଜନ କଲେ । ଖୋର୍ଦ୍ଧାର ପତନରେ ଇଂରେଜମାନଙ୍କ ବିଶ୍ୱାସଘାତକତାର, କୂଟନୀତିର ଓ ଲାଞ୍ଛନାପୂର୍ଣ୍ଣ ସାହାଯ୍ୟ ପେଚ୍‌ବଶ ଥାବି ସ୍ୱାର୍ଥାନ୍ୱେଷୀ ଅର୍ଥନୀତିର ଦୀନ ଏବଂ ଓଡ଼ିଶାର ପତନ ଦିଶାହ, ଉଦାରତା, ଧର୍ମନିଷ୍ଠା, ଶତ୍ରୁତା ଶେଷସ୍ଥାନ କରିବା ମନୋଭାବ, ସଦା ଅପ୍ରସ୍ତୁତ, ଅସଙ୍ଗଠିତ ଅବସ୍ଥାର ପରାକାଷ୍ଠା ଘଟିଲା । ଖୋର୍ଦ୍ଧା ମୁଣ୍ଡ ବିନା ସଂଗ୍ରାମରେ ଇଂରେଜମାନଙ୍କ କୌଶଳପୂର୍ଣ୍ଣ ବ୍ୟବହାର ଦ୍ୱାରା ପ୍ରଭାବିତ ହୋଇ ନିଜର ସ୍ୱାଧୀନତା ଓ ତତ୍‌ସହିତ ନିଜର ପ୍ରିୟ ଏବଂ ମହାନ୍ ନେତାଦ୍ୱୟ ରାଜା ଭାବଙ୍କୁ ଏବଂ ବକ୍ସୀ ଜଗବନ୍ଧୁଙ୍କୁ ଚିରକାଳ ନିମନ୍ତେ ହରାଇଲା ।

ନାମର କୌଣସି ମୂଲ୍ୟ ନାହିଁ ବୋଲି ଅନେକ କହୁଥାନ୍ତି । ଲକ୍ଷ୍ମୀ ଭିକ୍ଷା ମାଗୁଛି, ଅମର ମରିଯାଉଛି, ଧନେଶର ନାଁ ଭିକାରୀ । ତା' ସତ୍ତ୍ୱେ ନାମକରଣର ଯଥାର୍ଥତା ରହିଛି । ଗୁଣ ଓ କର୍ମ ଅନୁସାରେ ଯେଉଁ ନାମକରଣ ହୋଇଥାଏ ତାହା ସାର୍ଥକ, ତେଣୁ ପ୍ରେରଣାଦାୟକ । ବାଲ୍ୟକାଳର ନରେନ୍ଦ୍ରନାଥ ପ୍ରାପ୍ତ ବୟସରେ ନରେନ୍ଦ୍ରନାଥ ନ ହୋଇପାରନ୍ତି, କିନ୍ତୁ ସାଧନା ବଳରେ ସେ ହୋଇପାରନ୍ତି ଯଥାର୍ଥ ବିବେକାନନ୍ଦ । ଗୋଟିଏ ରାମନାମରେ ସମଗ୍ର ରାମାୟଣର ଭାବ ଅନ୍ତର୍ନିହିତ । ଜଣେ ଜଣେ ଐତିହାସିକ ପୁରୁଷଙ୍କ ନାମ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାବର ଦ୍ୟୋତକ । ପଠାଣି ସାମନ୍ତଙ୍କ ନାମ ଉଚ୍ଚାରଣ କଲେ ଯେଉଁ ଭାବ ଜାତ ହୁଏ, ସାରଳା ଦାସଙ୍କ ନାମ ଉଚ୍ଚାରଣ କଲେ ଠିକ୍ ସେହି ଭାବ ଜାତ ହୁଏ ନାହିଁ । ଭିନ୍ନ ଭାବ ଜାତ ହୁଏ । ଆଖି ଆଗରେ ଚିତ୍ର ଭିନ୍ନ ଆଦର୍ଶର ଭିନ୍ନ ଭିନ୍ନ ଦୃଶ୍ୟ ଉଦ୍‌ଭାସିତ ହୁଏ । ପ୍ରାଣରେ ସଂଚାରିତ ହୁଏ ସାହସ, ଶରୀରରେ ଶକ୍ତି । ନାମ ହୁଏ ପ୍ରେରଣାର ଉତ୍ସ । ବୁଦ୍ଧ, ଧ୍ରୁବ, ଯୀଶୁ, ନାନକ, ମହମ୍ମଦ, ପୃଥ୍ୱୀରାଜ, ଶିବାଜୀ, ରାଣାପ୍ରତାପ,

ରଣଜିତସିଂହ, ଗାନ୍ଧିଜୀ, ନେତାଜୀ...... ସେହିପରି ଗୋଟିଏ ଗୋଟିଏ ନାମ । ଖୋର୍ଦ୍ଧାର ଅତୁଳନୀୟ ଭୌଗୋଳିକ ରଙ୍ଗମଞ୍ଚ ଉପରେ ଯେଉଁ ଐତିହାସିକ ପୁରୁଷମାନେ ଅଭିନୟ କରି ଅକ୍ଷୟ କୀର୍ତ୍ତିର ଅଧିକାରୀ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ବକ୍ସୀ ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ମହାପାତ୍ର ଏବଂ ଜୟୀ ରାଜଗୁରୁ । ପ୍ରତି ବର୍ଷମୁଣ୍ଡେ, ପ୍ରତି ଶିଳାଖଣ୍ଡେ ସେମାନଙ୍କ କୀର୍ତ୍ତି ଓ ବୀରତ୍ୱର ଗାଥା ମୁଦ୍ରିତ ହୋଇରହିଛି । ସେହି ପ୍ରଥିତଯଶା ସ୍ୱାଧୀନ ଚେତା ବୀରମାନଙ୍କ ନାମରେ ଏହି ଐତିହାସିକ ଅନୁଷ୍ଠାନ ନାମିତ ହୋଇଅଛି । ବିଦ୍ୟାଳୟର ନାମ ବକ୍ସୀ ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ ରଖାଯାଇଥିବା ବେଳେ, ଛାତ୍ରାବାସର ନାମ ରଖାଯାଇଛି ଜୟୀ ରାଜଗୁରୁ ଛାତ୍ରାବାସ । ବୋଧହୁଏ ଖୋର୍ଦ୍ଧା ମାଟିରେ ଅନ୍ୟ କୌଣସି ନାମ ଅଧିକ ଐତିହ୍ୟ, ଅଧିକ ଯୁକ୍ତିଯୁକ୍ତ, ଅଧିକ ଲୋକପ୍ରିୟ ହୋଇନଥାନ୍ତା । ତେଣୁ ଏହି ଅବସରରେ ଏତାଦୃଶ ଭାବେ ଯଥାଯଥ ନାମକରଣ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିବା ଏବଂ ଗ୍ରହଣ କରିଥିବା ଇତିହାସ ସଚେତନ ବିଦ୍ୟାଳୟପ୍ରେମୀମାନଙ୍କୁ ମୁଁ ଧନ୍ୟବାଦ ଅର୍ପଣ କରୁଅଛି । ଇତିହାସ ଯଦି ପ୍ରେରଣାଦାୟକ ନ ହେବ ତାହା କି ଇତିହାସ ! ସେହି ଦୃଷ୍ଟିରୁ ଓଡ଼ିଶାର ଇତିହାସ ଏପର୍ଯ୍ୟନ୍ତ ଠିକ୍ ଭାବରେ ଲିପିବଦ୍ଧ ହୋଇପାରିନାହିଁ । କେତେକ ଅଧ୍ୟାୟ ଅଜ୍ଞାତ ଓ କେତେକ ତମସାଚ୍ଛନ୍ନ ରହିଛି । ଆହୁରି ଯୁକ୍ତିଯୁକ୍ତ, ନାନା ସୂତ୍ରୀୟ ତଥ୍ୟସିଦ୍ଧ, ସତ୍ୟାଶ୍ରୟୀ ତଥା ପ୍ରେରଣାଦାୟକ ଓଡ଼ିଶା ଇତିହାସର ପ୍ରଣୟନ ଏବେ ବି ପ୍ରତିଭାବାନ ଗବେଷକମାନଙ୍କର ଅପେକ୍ଷାରେ ରହିଛି । ଅନେକ କୌତୂହଳ ଅପ୍ରକାଶିତ, ଅନେକ ଜିଜ୍ଞାସା, ଅନୁତ୍ତରିତ ରହିଯାଇଛି । ଅନେକ ବର୍ଣ୍ଣନା ଅପ୍ରାସଙ୍ଗିକ ତଥା ଅଯୌକ୍ତିକ ବୋଧ ହେଉଛି । ତାହାରି ସୁଯୋଗ ନେଇ ଯେଉଁମାନେ ବକ୍ସୀ ଜଗବନ୍ଧୁଙ୍କ ନାମରେ ସ୍ୱାର୍ଥ ଚେଷ୍ଟାର କଳଙ୍କ ଆରୋପ କରୁଛନ୍ତି ସେମାନେ ଜାଣିବା ଉଚିତ ସ୍ୱାର୍ଥ ପାଇଁ ବାହୁବଳ କରିବା ଲୋକ କଦାପି ଏତେବେଶୀ ଲୋକପ୍ରିୟ ହୋଇପାରନ୍ତି ନାହିଁ, ବକ୍ସୀ ଯେତେ ଲୋକପ୍ରିୟ ହୋଇପାରିଛନ୍ତି । ସୂର୍ଯ୍ୟାସ୍ତ ଆଇନ ବଳରେ ସୁଦୂର କଳିକତା ଠାରେ ଯଦି ଜମିଦାରୀ ଚକ୍ରାନ୍ତପୂର୍ଣ୍ଣ ଭାବରେ ନିଲାମ ହୋଇଯାଇଥିଲା, ତାହା କେବଳ ବକ୍ସୀଙ୍କ ପାଇଁ ଲାଗୁ ହୋଇନଥିଲା । ସେହିପରି ଓଡ଼ିଶାର ଅନେକ ଜମିଦାରୀ ନିଲାମ ହେଉଥିଲା; ତେଣୁ ତାହା ବକ୍ସୀଙ୍କ ବ୍ୟକ୍ତିଗତ କାରଣ ନ ଥିଲା, ତାହା ଥିଲା ସମଗ୍ର ଓଡ଼ିଶା ପାଇଁ ଏକ ସାଧାରଣ କାରଣ । କେବଳ ଖୋର୍ଦ୍ଧାନଗର ନିକଟସ୍ଥ ନିର୍ମିତ ହୋଇଥିବା ପୁଷ୍କରିଣୀ ବକ୍ସୀଙ୍କ ନାମରେ ନାମିତ ନୁହେଁ, ଗ୍ରାମେ ଗ୍ରାମେ ବକ୍ସୀ ପୋଖରୀ ବିଦ୍ୟମାନ । ବକ୍ସୀ କଟକ ସହରରେ ଯେଉଁ ସ୍ଥାନରେ ବନ୍ଦୀ ଭାବରେ ଶେଷଜୀବନ ଅତିବାହିତ କରିଥିଲେ, ତାହାର ନାମ ବର୍ତ୍ତମାନ ବକ୍ସୀବଜାର । ତାଙ୍କ ଲୋକପ୍ରିୟତାର ଅନ୍ୟ ଏକ ବଳିଷ୍ଠ ପ୍ରମାଣ ହେଉଛି ବକ୍ସୀ ଏକ ଜାତିବାଚକ ବିଶେଷ୍ୟ ପଦ ହୋଇଥିଲେ ହେଁ, ତାହା ଏକ ବ୍ୟକ୍ତିବାଚକ ବିଶେଷ୍ୟରେ ପରିଣତ ହୋଇଯାଇଛି । ବର୍ତ୍ତମାନ ବକ୍ସୀ କହିଲେ ଉତ୍କଳ ଇତିହାସରେ ଏକମାତ୍ର ବକ୍ସୀ ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ମହାପାତ୍ରଙ୍କୁ ହିଁ ବୁଝାଏ । ବକ୍ସୀଙ୍କ ମହତ୍ତ୍ୱ ସପକ୍ଷରେ ଅନ୍ୟ ଏକ ଅକାଟ୍ୟ ପ୍ରମାଣ ହେଉଛି ଏକ ପ୍ରବଳ ପରାକ୍ରାନ୍ତ ଦୁର୍ଦ୍ଧର୍ଷ ଶତ୍ରୁବାହିନୀ ବିରୋଧରେ ସୀମିତ ସମ୍ବଳ ଓ ସୁଯୋଗ ନେଇ ୧୮୧୭ରୁ ୧୮୨୫ ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷର ଦୁର୍ଦ୍ଧର୍ଷ ସଂଗ୍ରାମ । ବଣ୍ଟୁଆ ଯୁଦ୍ଧଠାରୁ ପିପିଲି ଯୁଦ୍ଧ ପର୍ଯ୍ୟନ୍ତ ସେ କେବେହେଲେ ଯୁଦ୍ଧ କ୍ଷେତ୍ରରେ ପରାଜିତ ହୋଇନାହାନ୍ତି । ତାଙ୍କର ସ୍ୱକୀୟ ବିଚକ୍ଷଣ ରଣକୌଶଳ ଓ ବାହୁବଳ ଯୋଗୁଁ ସେ ଥିଲେ ବ୍ରିଟିଶ ସରକାରଙ୍କ ପାଇଁ ଏକ ଆତଙ୍କ ।

ଶତବାର୍ଷିକୀ ପାଳନ ଉପଲକ୍ଷେ ବକ୍ସୀଙ୍କର ଘୋଟକ ପୃଷ୍ଠ ଉପରେ ଆସୀନ ଏକ ଆକର୍ଷଣୀୟ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ବିଦ୍ୟାଳୟର ପ୍ରବେଶପଥ ସମୀପରେ ସ୍ଥାପିତ ହୋଇଅଛି । ମାତୃଭୂମିର ବେଡ଼ି ଭାଙ୍ଗିବା ସଙ୍ଗେ ସଙ୍ଗେ ଆତ୍ମସମ୍ମାନ ବଜାୟ ରଖିବା ପାଇଁ ଯେଉଁମାନେ ନିଜ ଜୀବନକୁ ବାଜି ଲଗାଇ ଅଶେଷ ଦୁଃଖକୁ ବରଣ କରି ନିଅନ୍ତି ଜନତାର ହୃଦୟ ସିଂହାସନରେ ସେହିମାନେ ହିଁ ଅଭିଷିକ୍ତ ହୁଅନ୍ତି । ଓଡ଼ିଶା ଇତିହାସରେ ସେହିଭଳି ଅନ୍ୟ ଏକ ଉଜ୍ଜ୍ୱଳ ମହନୀୟ ଚରିତ୍ର ଜୟୀ ରାଜଗୁରୁ । ପରାଜୟ ସୁନିଶ୍ଚିତ ଜାଣି ନ୍ୟାୟ ପାଇଁ ଓ ଜାତିର ସ୍ୱାଭିମାନ ପାଇଁ ସେ ଯୁଦ୍ଧକ୍ଷେତ୍ରରେ ଯେପରି ବୀରତ୍ୱର ସହ ଲଢ଼ି ଲଢ଼ି ଶେଷରେ ବନ୍ଦୀ ହୋଇଛନ୍ତି ପଛେ, ପ୍ରାଣ ଥାଉଁଥାଉଁ ଶତ୍ରୁ ସହିତ ଅପମାନଜନକ ସର୍ତ୍ତରେ ସାଲିସ୍ କରିନାହାନ୍ତି, ସେ କୌଣସି ଦେଶପ୍ରେମୀର ମସ୍ତକ ତାଙ୍କ ପାଇଁ ଶ୍ରଦ୍ଧା ଓ ଭକ୍ତିରେ ସ୍ୱତଃ ଅବନତ ହୋଇପଡ଼େ । ସେ ଚାହିଁଥିଲେ ରାଜସିଂହାସନ ଅଧିକାର କରିପାରିଥାଆନ୍ତେ । ବ୍ରିଟିଶ ଶାସକ ସହ ବୁଝାମଣା ହୋଇ ନିଜକୁ ଖସାଇ ଆଣି ବଞ୍ଚିପାରିଥାଆନ୍ତେ । ସେ ସବୁକୁ ତୁଚ୍ଛ ମନେକରି ସେ ବରଣ କରିନେଲେ ଲୋମହର୍ଷଣକାରୀ ଅମାନୁଷିକ ମୃତ୍ୟୁ । ମାନବ ଜାତିର ଇତିହାସରେ ଲିପିବଦ୍ଧ ହୋଇ ରହିଛି ଜୟୀ ରାଜଗୁରୁଙ୍କ ପରି ମହାନ୍ ଦେଶଭକ୍ତଙ୍କ ପ୍ରତି କରାଯାଇଥିବା ବର୍ବରୋଚିତ ମୃତ୍ୟୁଦଣ୍ଡର ବିଭୀଷିକାମୟ କାହାଣୀ । ମେଦିନୀପୁରରେ, ତାଙ୍କ ଦୁଇଗୋଡ଼କୁ ଦୁଇଟି ବରଗଛରେ ବାନ୍ଧି ଛାଡ଼ି ଦିଆଯାଇଥିଲା ଏବଂ ସେ ଦୁଇଫାଳ ହୋଇଗଲେ । ଏହି ଶତବାର୍ଷିକୀ ଉତ୍ସବ ପରେ ପ୍ରଥମ ସୁଯୋଗରେ ବିଦ୍ୟାଳୟରେ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠିତ ହେବା ଆବଶ୍ୟକ ।

୧୮୧୭ ମସିହାରେ ସଂଗଠିତ ପାଇକ ବିଦ୍ରୋହକୁ ଯେଉଁମାନେ ଲଘୁ ଭାବନାରେ ଗ୍ରହଣ କରନ୍ତି, ସେମାନେ ଜାଣିରଖିବା ଉଚିତ- ସମଗ୍ର ଭାରତ ବର୍ଷରେ କୌଣସି ବିଦ୍ରୋହର ଦମନ ପାଇଁ ଏତେ ସାଂଘାତିକ ଲୋକ ଦଣ୍ଡିତ ହୋଇନାହାନ୍ତି, ଯେତେ ଲୋକ ଖୋର୍ଦ୍ଧାର ପାଇକ ବିଦ୍ରୋହରେ ଦଣ୍ଡିତ ହୋଇଛନ୍ତି । ଏହି ବିଦ୍ରୋହ ହେତୁ ପ୍ରାଣଦଣ୍ଡ ପାଇଛନ୍ତି ୭ ଜଣ; ଦ୍ୱୀପାନ୍ତର ଦଣ୍ଡ ଭୋଗିଛନ୍ତି ୧୦୪ ଜଣ; ୧୪ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିଛନ୍ତି ୧ ଜଣ; ଅସ୍ଥାୟୀ ଭାବରେ ରାଜ୍ୟରୁ ବହିଷ୍କୃତ ହୋଇଛନ୍ତି ୨୫ ଜଣ; କାରାଦଣ୍ଡ ଭୋଗିଛନ୍ତି ୨୬ ଜଣ । ଏକ ସମୟରେ ଏ ବ୍ୟାପାର ସାଧାରଣ କଥା । ସମଗ୍ର ଖୋର୍ଦ୍ଧା ରାଜ୍ୟ ତହସନହସ ହୋଇଯାଇଛି । ସେହି ଯୋଦ୍ଧାଜାତିର ପୁନରୁତ୍ଥାନ ଭୟରେ, ସେମାନଙ୍କୁ କୌଶଳରେ ଦରିଦ୍ରରୁ ଦରିଦ୍ରତର କରି ରଖାଯାଇଥିଲା । ସେମାନଙ୍କୁ ଉଚ୍ଛେଦ କରାଯାଉଛି ନିଷ୍କର ଜାଗିରିରୁ । ସେମାନଙ୍କ ହାତରୁ ଖଣ୍ଡା କାଢ଼ି ନିଆଯାଉଛି । ସମଗ୍ର ଜାତିଟା କଙ୍କାଳରେ ପରିଣତ ହୋଇଯାଉଛି । ଯେଉଁମାନଙ୍କୁ ଲକ୍ଷ୍ୟକରି କବି ଗୋଦାବରୀଶ ମହାପାତ୍ର ମର୍ମସ୍ପର୍ଶୀ ଭାଷାରେ ଉଦ୍‌ବୋଧନ ଦେଇଛନ୍ତି- ''ଉଠ କଙ୍କାଳ, ଜାଗ କଙ୍କାଳ, ଛିଣ୍ଡୁ ଶୃଙ୍ଖଳ ଆଜି ।'' ଆଜିର

ଚାରିତ୍ର୍ୟ, ଆଜିର ବୈଚିତ୍ର୍ୟ, ଅତୀତର ରୋମାଞ୍ଚକର ଘଟଣାର ସ୍ମୃତି, ସେ ଦିନର ସମୃଦ୍ଧି, ଗୌରବ ଓ ସ୍ମୃତିମାନଙ୍କର ପ୍ରମାଣ ଏବଂ ପ୍ରତୀକ ।

୧୯୨୬ ମସିହାରେ ବକସୀ ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟର ନାମକରଣ । ସେତେବେଳେ ଏହାର ନାମ ଥିଲା "ଖୁର୍ଦ୍ଧା ହାଇ ଇଂଲିଶ୍ ସ୍କୁଲ" । ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ଥିଲେ ମାଧବଚନ୍ଦ୍ର ମିଶ୍ର ଏବଂ ଓଡ଼ିଶାବିଭାଗ କମିଟିର ପ୍ରଥମ ଅଧ୍ୟକ୍ଷ ଥିଲେ ମିଷ୍ଟର ଏଚ୍. ମାକ୍‌ଫର୍ସନ, ଆଇ.ସି.ଏସ୍., ଏସ୍.ଡି.ଓ., ଖୋର୍ଦ୍ଧା । କର୍ତ୍ତୃପକ୍ଷଙ୍କ ସମୟର ଶିକ୍ଷାନୀତି ଅନୁସାରେ ୧୮୪୪ ମସିହାରେ ଖୋର୍ଦ୍ଧାରେ ଭର୍ଣ୍ଣାକୁଲାର ସ୍କୁଲ ଏବଂ ଉଡ୍‌ସ୍ ଡେସ୍‌ପାଚ ଅନୁସାରେ ୧୮୫୬ ମସିହାରେ ମଧ୍ୟଇଂରାଜୀ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏହା ପ୍ରଥମେ ସହର ମଝିରେ, ବର୍ତ୍ତମାନ ଯେଉଁଠାରେ ପୁରୁଣା ତହସିଲ ଅଛି ତାହାରି ନିକଟରେ ଥାନା ଓ ତହସିଲ ଅଫିସର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ଥିଲା । ପରେ ଏହି ବିଦ୍ୟାଳୟରେ ଖୁର୍ଦ୍ଧା ହାଇ ଇଂଲିଶ୍ ସ୍କୁଲ କାର୍ଯ୍ୟ ଆରମ୍ଭ କରାଗଲା । ଏହା ଥିଲା ଗୋଟିଏ ଖଣ୍ଡଘର । ୧୯୨୧ ମସିହା ମାର୍ଚ୍ଚ ମାସରେ ଘରର କିଛି ଅଂଶ ପୋଡ଼ିଗଲା । ଅବଶିଷ୍ଟ ଅଂଶରେ ଏବଂ ଛାତ୍ରାବାସରେ ପାଠ ପଢ଼ାହେଲା, ବର୍ତ୍ତମାନର ଖୋଲା ଭୂଇଁ ପରେ ବିଦ୍ୟାଳୟର କାର୍ଯ୍ୟ ଚାଲିଲା । ତତ୍କାଳୀନ ତହସିଲଦାର ମୌଲବୀ ଦାଦର ବକସଙ୍କ ଐକାନ୍ତିକ ଉଦ୍ୟମରେ ପ୍ରାୟ ଏକ ଲକ୍ଷ ସର୍ବସାଧାରଣଙ୍କଠାରୁ ମସିଦ ପାଞ୍ଚ ଟଙ୍କା ଲେଖାଏଁ ଚାନ୍ଦା ଆଦାୟ କରାଯାଇ ୧୯୧୯ ମସିହାରେ ନୂଆଘରର ଭିତ୍ତି ଆରମ୍ଭ ହୋଇଥିଲା । ନୂଆ ଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମିଷ୍ଟର ଜେ.ଏସ୍. ଗ୍ରିଣ୍ଟ, ଓଡ଼ିଶାର ତତ୍କାଳୀନ କମିଶନର । ଏହା ଅଟ୍ଟାଳିକାରେ ଏକ ଫଳକରେ ଲିପିବଦ୍ଧ ହୋଇ ରହିଅଛି । ଏହି ନୂତନ ଅଟ୍ଟାଳିକାକୁ ୧୯୨୧ ମସିହାରେ ଉଦ୍‌ଘାଟନ କରିଲେ ବିଦ୍ୟାଳୟର ପ୍ରତିଷ୍ଠାତା ମିଃ ଏଚ୍. ମାକ୍‌ଫର୍ସନ୍; ସେ ସେତେବେଳେ ବିହାର ଓଡ଼ିଶାର ଅସ୍ଥାୟୀ ଗଭର୍ଣ୍ଣର ରୂପେ କାର୍ଯ୍ୟ କରୁଥିଲେ । ୧୯୩୪-୩୬ ମସିହାରେ ନିର୍ମିତ ହେଲା ବିଦ୍ୟାଳୟର ସ୍ଥାୟୀ ଛାତ୍ରାବାସ । ୧୯୩୫ ମସିହା ପଞ୍ଚମ ଜର୍ଜଙ୍କ ଜୁବୁଲି ଉତ୍ସବକୁ ଛାତ୍ରାବାସ ନିର୍ମାଣ କରିଥିଲେ ମିଃ ଜେ.ଏନ୍. ଗୁପ୍ତା, ଆଇ.ସି.ଏସ୍, ଏସ୍.ଡି.ଓ. ଥିଲେ । ୧୯୩୬-୩୮ ରେ ସେତେବେଳେ ଯେଉଁ ବୋର୍ଡିଂ ଥିଲା ତା'ର ନାମ ଗୁପ୍ତା ବୋର୍ଡିଂ । ୧୯୩୫ରୁ ତାର ନାମ ରହିଥିଲା ଜୁବୁଲି ଛାତ୍ରାବାସ । ଗୁପ୍ତ ବୋର୍ଡିଂର ପ୍ରଥମ ସ୍ୱତନ୍ତ୍ର ପ୍ରବନ୍ଧ ଦାନଦାତା ଥିଲେ ତତ୍କାଳୀନ କାନୁନଗୋ ଚିନ୍ତାମଣି ପଟ୍ଟନାୟକ । ସେହିପରି ୧୮୯୬ ମସିହାରେ ବିଦ୍ୟାଳୟର ପ୍ରତିଷ୍ଠା ପାଇଁ ପ୍ରଥମ ଦାନଦାତା ଥିଲେ ଖୋର୍ଦ୍ଧା ନିବାସୀ ଅଧିକାରୀ ବକସି ହେବା ବିଶ୍ୱନାଥ ଶ୍ରୀଚନ୍ଦନ । ଶ୍ରୀଚନ୍ଦନ ତାଙ୍କ ସହଧର୍ମିଣୀଙ୍କ ନାମରେ ଗୋଟିଏ ସୁନା ଫୁଲଜାଗର ଅଣି ପ୍ରଥମ ଦାନ ସ୍ୱରୂପ ଦାନ କରିଥିଲେ ।

ଏହି ଅବସରରେ ପ୍ରଧାନ ଶିକ୍ଷକ ଭାବରେ ମୁଁ ମିଃ. ଏଚ୍. ମାକ୍‌ଫରସନ୍, ଶ୍ରୀଯୁକ୍ତ ବିଶ୍ୱନାଥ ଶ୍ରୀଚନ୍ଦନ, ମୌଲବୀ ଦାଦର ବକସ୍, ମିଃ ଜେ.ଏନ୍. ଗୁପ୍ତା, ଚିନ୍ତାମଣି ପଟ୍ଟନାୟକ ଏବଂ ସର୍ବୋପରି ଖୋର୍ଦ୍ଧାର ତତ୍କାଳୀନ ସମସ୍ତ ସର୍ବସାଧାରଣମାନଙ୍କୁ ହୃଦୟବାନ୍ ବଦାନ୍ୟ ବ୍ୟକ୍ତି ଭାବେ ସ୍ମରଣ କରିବା ସଂଗେ ସଂଗେ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଅଛି । ସର୍ବସାଧାରଣମାନଙ୍କ ଯୋଗୁଁ ବକସୀ ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ସମ୍ପର୍କ କେବଳ ଖୋର୍ଦ୍ଧା ସହର ସହିତ ନୁହେଁ, ସମଗ୍ର ଜିଲ୍ଲା ସହିତ ଘନିଷ୍ଠ ଭାବରେ ପ୍ରତିଷ୍ଠିତ । ସେଥିପାଇଁ ସମଗ୍ର ଜିଲ୍ଲାବାସୀ ଏହି ବିଦ୍ୟାଳୟକୁ ସେମାନଙ୍କର ନିଜର (ଆମର) ବୋଲି ଭାବନ୍ତି । ଏହା ଏ ବିଦ୍ୟାଳୟର ଏକ ସ୍ୱାତନ୍ତ୍ର୍ୟ ଓ ବିଶେଷତ୍ୱ ।

ଘଟଣା ବହୁଳ ଗୋଟିଏ ଘଣ୍ଟା, ଘଟଣାବିହୀନ ଗୋଟିଏ ଶତାବ୍ଦୀଠାରୁ ଶ୍ରେୟସ୍କର । ଅନନ୍ତ କାଳ ମଧ୍ୟରେ ଶତବର୍ଷ ଗୋଟିଏ ବିନ୍ଦୁମାତ୍ର । ଗୋଟିଏ ଅନୁଷ୍ଠାନ ପକ୍ଷରେ ଗୋଟିଏ ଶତାବ୍ଦୀ ଗୋଟିଏ ମାଇଲଖୁଣ୍ଟ ହୋଇପାରେ । କିନ୍ତୁ ଅନୁଷ୍ଠାନର ନିର୍ମାତା ଓ ନିୟାମକ ମନୁଷ୍ୟ ପକ୍ଷରେ ଏହାର ଦୈର୍ଘ୍ୟ ବହୁତ ବେଶୀ । ସେଥିରୁ ସେ ଆତ୍ମବିଶ୍ୱାସର ଖିଅଟିଏ ଖୋଜି ପାଇପାରେ, ପ୍ରେରଣାର ଉତ୍ସଟିଏ ଆବିଷ୍କାର କରିପାରେ । ଏହି ଶତବର୍ଷ ଭିତରେ (ପ୍ରଧାନ ଶିକ୍ଷକ ରୂପେ ବା ପ୍ରଧାନ ଶିକ୍ଷକ ଦାୟିତ୍ୱରେ) ୨୯ ଜଣ ପ୍ରଧାନ ଶିକ୍ଷକ କାର୍ଯ୍ୟ କରିଛନ୍ତି । ସେମାନଙ୍କ କାର୍ଯ୍ୟର ସମୟାନୁକ୍ରମିକ ବିବରଣୀ ଦ୍ୱାରା ବାହିତ ବିଦ୍ୟାଳୟର ଶତବର୍ଷର ଇତିହାସ । କିନ୍ତୁ ଇତିହାସ କ'ଣ ଠିକ୍ ଭାବରେ ଲେଖାଯାଇଛି । ଘଟଣାର କ'ଣ ଠିକ୍ ତର୍ଜମା କରାଯାଇଛି । ଶହେ ବର୍ଷ ମଧ୍ୟରେ ଯେତେ କାମ ହେବା ସମ୍ଭବ, ଯେଉଁ ମହାନ ପରମ୍ପରା ଗଢ଼ି ଉଠିବା କଥା, ତାହା କ'ଣ ନିରବଚ୍ଛିନ୍ନ ଭାବରେ ହୋଇପାରିଛି ! ଇତିହାସରେ ମଣିଷର ଅନୁଭୂତିକୁ, ଅନୁମାନ କରିହୋଇଛି । ଅନେକ ତଥ୍ୟ ସାବଧାନ ନକଲ ଅବଳ ସହାୟତାରେ ଏବେ ମଧ୍ୟ ରହସ୍ୟାବୃତ୍ତ ଓ ଅନୁଦ୍‌ଘାଟିତ ହୋଇ ରହିଯାଇଛି । ଗୋଟିଏ ଅନୁଷ୍ଠାନର ଉନ୍ନତି ଓ ପ୍ରଗତିର ଇତିହାସ ନ୍ୟାୟ ଓ ନିରପେକ୍ଷତାର ସହ ଲେଖା ଯାଇପାରିଲେ ମୂଲ୍ୟବୋଧ ପ୍ରତି ସମ୍ପୃକ୍ତ ସମ୍ମାନ ଦେଇ ଦୃଢ଼ତା ଓ ସଚ୍ଚୋଟପଣିଆ, କର୍ତ୍ତବ୍ୟପରାୟଣତା, ନ୍ୟାୟପରାୟଣତା ଆଦି ଦ୍ୱାରା ଜାତୀୟ ଚରିତ୍ର ଗଢ଼ିଉଠନ୍ତା ।

ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟସିଂହ ପଟ୍ଟନାୟକଙ୍କ ସମୟରେ ୧୯୬୫ ମସିହାରେ ବିଦ୍ୟାଳୟର ବଡ଼ଦାଣ୍ଡି ନିର୍ମିତ ହୋଇଅଛି । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ବନବିହାରୀ ପଟ୍ଟନାୟକଙ୍କ ସମୟରେ ୧୯୭୪ ମସିହାରେ ବିଦ୍ୟାଳୟର ପଶ୍ଚିମ ଓ ଦକ୍ଷିଣ ପାର୍ଶ୍ୱରେ ଏକ ପଥର ପ୍ରାଚୀର ନିର୍ମିତ ହୋଇଅଛି ଏବଂ ୧୯୮୩-୮୪ ମସିହାରେ ଶ୍ରୀ ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରଧାନ ଶିକ୍ଷକ ଥିବା ସମୟରେ ମୁଖ୍ୟ ଅଟ୍ଟାଳିକାର ଉତ୍ତର ପାର୍ଶ୍ୱରେ ଦୁଇଟି ଶ୍ରେଣୀ କୋଠରୀ ନିର୍ମାଣ କରାଯାଇଅଛି । ପରବର୍ତ୍ତୀ ସମୟରେ ୧୯୮୯ ମସିହାରେ ନିର୍ବାଚନ କାର୍ଯ୍ୟରେ ବିଦ୍ୟାଳୟର ଆଞ୍ଚଳିକ ସହଯୋଗରେ ପ୍ରଭୃତିର ସ୍ୱରୂପ ସମ୍ପୃକ୍ତ ଅଧିକାରୀଙ୍କ ସହିତାରେ ଆଜବେଷ୍ଟସ୍ ଛାତ ଓ ଲୌହଗ୍ରୀଲ୍ ସଂଯୁକ୍ତ ଏକ ପେଣ୍ଡାଲ ନିର୍ମିତ ହୋଇଅଛି । ଏତଦ୍‌ବ୍ୟତୀତ ଅନ୍ୟ ସମୟରେ କିଛିକିଛି ନିର୍ମାଣ କାର୍ଯ୍ୟ ହୋଇଅଛି । କାଳକ୍ରମେ ବିଦ୍ୟାଳୟର ବଡ଼ଦାଣ୍ଡର ଛାତର କ୍ଷୟ ଆରମ୍ଭ ହେଲା । ମଜବୁତ ଲୁହା କଡ଼ି ଥିବା ସତ୍ତ୍ୱେ କାଠ ବରଗା ସବୁ ନଷ୍ଟ ଜବଜଳା ହୋଇ ଚାଲିଲା ଛପର; ବର୍ଷା ପାଣିରେ ଘର ଭାସିଲା, ସେତେବେଳେ ଛାତ୍ର ଓ ଶିକ୍ଷକଙ୍କ ମୁଣ୍ଡରେ ଚାଙ୍ଗଡ଼ ଖସି ପଡ଼ିବ- ଏପରି ବିପଦଜନକ ଅବସ୍ଥା ସୃଷ୍ଟି ହେଲା । ଏହି ସମୟରେ ୧୮.୫.୮୯ ତାରିଖରେ

ସ୍ୱନାମଧନ୍ୟ ପ୍ରଧାନ ଶିକ୍ଷକ ରାୟ ବାହାଦୁର ବାଳକିଷ୍ଣ ପଟ୍ଟନାୟକଙ୍କ ଦ୍ୱାରା ଶତବାର୍ଷିକୀ ଏହି ବିଦ୍ୟାଳୟରେ ତତ୍କାଳୀନ ସବ୍‌କଲେକ୍ଟର ତଥା ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାସଙ୍କ ସ୍ୱଭାବସୁଲଭ ଅଦମ୍ୟ ଉତ୍ସାହରେ ମହାସମାରୋହରେ ପାଳନ କରାଗଲା । ବାଳକିଷ୍ଣ ପଟ୍ଟନାୟକଙ୍କ ପ୍ରିୟ ଛାତ୍ର ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପିତାମାତାଙ୍କର ସୁଯୋଗ୍ୟ ସନ୍ତାନ ପରି ବିଦ୍ୟାଳୟର ଉଜ୍ଜ୍ୱଳ ଛାତ୍ରମାନେ ତମୋହନ୍ତା ଏକ ତତ୍ତ୍ୱ ସହିତ ତୁଳନୀୟ । ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଯଥାର୍ଥରେ ଏହି ବିଦ୍ୟାଳୟର ସେହିଭଳି ଜଣେ ଉଜ୍ଜ୍ୱଳ ଛାତ୍ର, ଯାହାଙ୍କୁ ନେଇ ବିଦ୍ୟାଳୟ ଗର୍ବ ଅନୁଭବ କରେ । ସେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିଲେ ବୋଲି ତତ୍କାଳୀନ ରେକର୍ଡରେ ଲିପିବଦ୍ଧ ହୋଇଅଛି । ସେହି ଅବସରରେ ବିଦ୍ୟାଳୟ ଗୃହର ପତନୋନ୍ମୁଖ ଅବସ୍ଥା ସମ୍ପର୍କରେ ଅବଗତ ହୋଇ ସଭାରେ ମୁଖ୍ୟମନ୍ତ୍ରୀ ଘୋଷଣା କଲେ ଯେ ସମସ୍ତ ଘର ଛାତକୁ କଡ଼କାଇ ନୂଆ କଡ଼ାଇ ଛାତ କରାଯିବ । ଅଚିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଳିତ ହେଲା । ୧୬ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ବିଦ୍ୟାଳୟର ସମଗ୍ର ଛାତ କଡ଼ାଯାଇ ନୂଆ କଡ଼ାଇ ଛାତ ପକା ଯାଇଅଛି । ରାଜ୍ୟରେ ଏଭଳି ଏକ ମର୍ଯ୍ୟାଦ ଦଶ ଅଟ୍ଟାଳିକା ଖୁବ୍ କମ୍ ବିଦ୍ୟାଳୟର ଅଛି । ଲୋକେ ଏହାକୁ ରେଭେନ୍ସା କଲେଜ ସହିତ ତୁଳନା କରନ୍ତି ।

ଏ ମଧ୍ୟରେ ବିଦ୍ୟାଳୟର ଶତବାର୍ଷିକୀ ପାଳନ ଉପଲକ୍ଷେ ବିଦ୍ୟାଳୟ ଆକୃତି ବଦଳିଯାଇଅଛି । ବରଂ ଏହାର ପରିସୀମିତ ବିଦ୍ୟାଳୟ ହତାର ଚତୁଃପାର୍ଶ୍ୱରେ ଏକ ସୁଦୀର୍ଘ ପ୍ରସ୍ତର ପ୍ରାଚୀରର କାର୍ଯ୍ୟ ଶେଷ ହୋଇଅଛି । ପ୍ରାଚୀରର ମୁଖ୍ୟ ସ୍ଥାନମାନଙ୍କରେ ତିନୋଟି ଲୌହ ଫାଟକ ସଂଯୁକ୍ତ ହୋଇଅଛି । ମୁଖ୍ୟ ପ୍ରବେଶ ଦ୍ୱାର ଦେଇ ରାସ୍ତାରୁ ଆସି ନ ପାରିବା ପାଇଁ ଲୌହନଳୀ ଦ୍ୱାରା ନିର୍ମିତ ଗୋବାରଣ ଖଞ୍ଜାଯାଇଛି । ବହୁଦିନର ଗୋଟିଏ ବଡ଼ ଅଭାବ- ଶହ ଶହ ସାଇକେଲ ରଖିବା ଭଳି ଛାୟାପ୍ରଦ ସ୍ଥାନ ସିମେଣ୍ଟ ଓ ଟିଣରେ ତିଆରି ହୋଇଅଛି । ଏତଦ୍‌ବ୍ୟତୀତ ଛାତ୍ରମାନଙ୍କ ପାଇଁ ୧୬ଟି ଶୌଚାଳୟ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ତିନୋଟି ସ୍ନାନାଗାର ଓ ଶୌଚାଳୟ ନିର୍ମିତ ହୋଇଛି । ଗୋଟିଏ ନୂତନ କ୍ୱାର୍ଟର ତିଆରି ହେବା ସଂଗେ ସଂଗେ ପ୍ରଧାନ ଶିକ୍ଷକଙ୍କ ନିବାସରେ ବଡ଼ ଧରଣର ମରାମତି କାର୍ଯ୍ୟ କରାଯାଇଅଛି । ଆହୁରି ଛଅଗୋଟି ଶିକ୍ଷକ ନିବାସରେ ମରାମତି କାର୍ଯ୍ୟ ସହିତ ସମ୍ପ୍ରସାରଣ କାର୍ଯ୍ୟ ହୋଇଅଛି ।

ଖୋର୍ଦ୍ଧା ଜିଲ୍ଲାର କଲେକ୍ଟର ଶ୍ରୀଯୁକ୍ତ ସର୍ବେଶ୍ୱର ମହାନ୍ତିଙ୍କ ସହାୟତାରେ ବିଦ୍ୟାଳୟର କଳା ଓ ଜସ୍ତୁରୁ ଛାତ୍ରାବାସ (ପୁର୍ବର ଗ୍ରୁପ୍ ବୋର୍ଡିଂ) ବହୁ ବ୍ୟୟରେ ମରାମତି ହୋଇ ନବକଳେବର ଧାରଣ କରିଅଛି । ବିଦ୍ୟାଳୟ ଓ ଛାତ୍ରାବାସର ସମସ୍ତ ଗୃହ ରଙ୍ଗ ହୋଇଅଛି । ଏତେବେଶି କାମ ହୋଇଅଛି ଯେ, ବିଦ୍ୟାଳୟର ରୂପ ବଦଳି ଯାଇଛି । ଅଶ୍ୱ ଉପରେ ଆରୋହଣ କରିଥିବା ବକ୍ସୀ ଜଗବନ୍ଧୁଙ୍କର ୧୧ଫୁଟ ଉଚ୍ଚ ବ୍ରୋଞ୍ଜମୂର୍ତ୍ତି ବର୍ତ୍ତମାନ ବିଦ୍ୟାଳୟର ମୁଖ୍ୟ ପ୍ରବେଶ ଦ୍ୱାରରେ ସ୍ଥାପିତ ହୋଇ ଏହାର ଶୋଭାବର୍ଦ୍ଧନ କରୁଅଛି । ଏହା ଥିଲା ବିଦ୍ୟାଳୟର ବହୁଦିନର ଏକ ସ୍ୱପ୍ନ । ଏତଦ୍‌ବ୍ୟତୀତ ଶତବାର୍ଷିକୀ ସ୍ମାରକୀ ଭବନ ନିର୍ମାଣାଧୀନ ରହିଛି । ଏତେବେଶୀ ସ୍ୱପ୍ନକୁ ସାକାର କରି ବିଦ୍ୟାଳୟର ଇତିହାସରେ ଯେଉଁମାନେ ସ୍ମରଣୀୟ ହୋଇରହିଛନ୍ତି ଓ କାଳ କାଳ ସ୍ମରଣୀୟ ହୋଇରହିବେ ସେମାନଙ୍କ ସହିତ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜକିଶୋର ଭୁଜବଳ, ଖୋର୍ଦ୍ଧାର ଜିଲ୍ଲାପାଳ ଶ୍ରୀ ସର୍ବେଶ୍ୱର ମହାନ୍ତି ଏବଂ ଖୋର୍ଦ୍ଧାର ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଶ୍ରୀ ପ୍ରଭାତ ପଟ୍ଟନାୟକଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଖୋର୍ଦ୍ଧା ଉଚ୍ଚଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ଜଣେ ବିଦ୍ୟାନୁରାଗୀ ଇଂରେଜ ଯୁବକ ଆଇ.ସି.ଏସ୍., ଏସ୍.ଡ଼ି.ଓ., ତାଙ୍କ ନାମ ଏଚ୍. ମାକ୍‌ଫର୍ସନ । ସେ ଯୁବକ ହେଲେ ହେଁ ଜଣେ ମହାନୁଭବ ବ୍ୟକ୍ତି ଥିଲେ । ତାଙ୍କ ନାମରେ ବିଦ୍ୟାଳୟକୁ ନାମିତ କରିବା ପାଇଁ ଯେତେବେଳେ ପ୍ରସ୍ତାବ ଆସିଲା ସେ ନମ୍ରତାର ସହିତ ତାହା ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଓ ତାହାପରେ କିଛିଦିନ ବିଦ୍ୟାଳୟର ନାମ ଖୋର୍ଦ୍ଧା ଉଚ୍ଚଇଂରାଜୀ ବିଦ୍ୟାଳୟ ରହିଥିଲା । ୧୯୫୦ ମସିହାରେ ଖୋର୍ଦ୍ଧା ପାଇକ ବିଦ୍ରୋହର ଅପ୍ରତିଦ୍ୱନ୍ଦ୍ୱୀ ନେତା ଜାତୀୟ ବୀର ବକ୍ସୀ ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ମହାପାତ୍ରଙ୍କ ନାମରେ ବିଦ୍ୟାଳୟର ନାମକରଣ କରାଯାଇ ''ବକ୍ସୀ ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ, ଖୋର୍ଦ୍ଧା'' ରହିଲା । ସଂକ୍ଷେପରେ କୁହାଯାଉଛି- 'ବି.ଜେ.ବି. ହାଇସ୍କୁଲ, ଖୋର୍ଦ୍ଧା ।'

୧୮୯୬ରେ ଉଚ୍ଚବିଦ୍ୟାଳୟ ଆରମ୍ଭ କରିବାପାଇଁ ଯେଉଁ ସଭା ଆହୁତ ହୋଇଥିଲା ସେହି ସଭାରେ ଉପସ୍ଥିତ ଥିବା ନିଜାମତ୍ ଅଧିକାରୀ ତଥା ଲାଗଣୀ ବନ୍ଦୋବସ୍ତ ଶ୍ରୀ ଦିଗମ୍ବର ଶ୍ରୀଚନ୍ଦନଙ୍କ ଗୋଟିଏ କୌତୂହଳ ଉଦ୍ଦୀପକ ପ୍ରତ୍ୟକ୍ଷଦର୍ଶୀ ବିବରଣୀ- ଏହି ସ୍ମରଣିକାରେ ପରିଶିଷ୍ଟ ସ୍ୱରୂପ 'ବି.ଜେ.ବି. ହାଇସ୍କୁଲର ଆଦ୍ୟ ଇତିହାସ' ନାମରେ ସ୍ୱତନ୍ତ୍ର ଅଧ୍ୟାୟରେ ପ୍ରକାଶ ହୋଇଅଛି । ଏଣୁ ଉକ୍ତ ଘଟଣାର ପୁନରାବୃତ୍ତି ଅନାବଶ୍ୟକ । ଏହି ପ୍ରସଙ୍ଗ ପ୍ରତ୍ୟକ୍ଷଦର୍ଶୀ ସ୍ୱର୍ଗତ ଦିଗମ୍ବର ଶ୍ରୀ ଚନ୍ଦନଙ୍କ ଦ୍ୱାରା ଲିଖିତ, ଅଧ୍ୟାପକ ଶ୍ରୀଯୁକ୍ତ କାଳୀନାରାୟଣ ରାୟସିଂହଙ୍କ ଦ୍ୱାରା ସମ୍ପାଦିତ ''ଖୁରୁଧା ଦର୍ପଣ'' ନାମକ ଉପାଦେୟ ପୁସ୍ତକରୁ ଆନୀତ ।

ବି.ଜେ.ବି. ହାଇସ୍କୁଲ ତତ୍କାଳୀନ ପୁରୀ ଜିଲ୍ଲାର ଦ୍ୱିତୀୟ ଏବଂ ଓଡ଼ିଶା ରାଜ୍ୟର ଏକାଦଶତମ ହାଇସ୍କୁଲ । ଏଠାରେ ନୟାଗଡ଼, ଖଣ୍ଡପଡ଼ା, ରଣପୁର, ବାଣପୁର ଓ ଭୁବନେଶ୍ୱରର ଛାତ୍ରମାନେମଧ୍ୟ ଅଧ୍ୟୟନ କରୁଥିଲେ । ଖୋର୍ଦ୍ଧାରେ ୧୯୪୯ ମସିହାରେ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏକ ସରକାରୀ ହାଇସ୍କୁଲ ପ୍ରତିଷ୍ଠା କରାଗଲା, ସେ ପର୍ଯ୍ୟନ୍ତ ବି.ଜେ.ବି. ହାଇସ୍କୁଲରେ ବାଳିକାମାନେ ବହୁସଂଖ୍ୟାରେ ପଢୁଥିଲେ । ବର୍ତ୍ତମାନ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଖୋର୍ଦ୍ଧାର ଏକ ଖ୍ୟାତିସମ୍ପନ୍ନ ବିଦ୍ୟା ଅନୁଷ୍ଠାନ । ଦୀପଶିଖାରୁ ଦୀପଶିଖା ପ୍ରଜ୍ୱଳିତ ହେଲାପରି ବି.ଜେ.ବି. ହାଇସ୍କୁଲ ଅନେକ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାର କାରଣ ହୋଇଛି । ଏ ମଧ୍ୟରେ ଅନେକ ଉଚ୍ଚବିଦ୍ୟାଳୟ ବିଭିନ୍ନ ସ୍ଥାନରେ ଗଢ଼ିଉଠିଛି । ତା'ମଧ୍ୟରୁ ବି.ଜେ.ବି. ହାଇସ୍କୁଲରେ ବର୍ତ୍ତମାନ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଞ୍ଚଗୋଟି ଶ୍ରେଣୀ ଅଛି । ଷଷ୍ଠ ଶ୍ରେଣୀରେ ଦୁଇଟି, ସପ୍ତମ ଶ୍ରେଣୀରେ ଦୁଇଟି, ଅଷ୍ଟମ ଶ୍ରେଣୀରେ ପାଞ୍ଚଟି, ନବମ ଶ୍ରେଣୀରେ ପାଞ୍ଚଟି ଏବଂ ଦଶମ ଶ୍ରେଣୀରେ ଚାରିଟି ବିଭାଗ ରହିଛି । ୧୮୯୬ ମସିହାରେ ମାତ୍ର ୧୬ ଜଣ

ଛାତ୍ରଙ୍କୁ ନେଇ ଅବସ୍ଥିତ ହୋଇଥିବା ବିଦ୍ୟାଳୟରେ ବର୍ତ୍ତମାନ ପ୍ରାୟ ଏକ ହଜାର ଛାତ୍ର ଅଧ୍ୟୟନ କରୁଛନ୍ତି । ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ବ୍ୟତୀତ ୨୯ ଜଣ ଅଭିଜ୍ଞ ଶିକ୍ଷକ ଶିକ୍ଷିକା, ଦୁଇଜଣ ଅଫିସ୍ ସହକାରୀ ଏବଂ ଚାରିଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ୧୯୪୮ ମସିହାରେ ବିଦ୍ୟାଳୟ କୁଣ୍ଡାଉ ସହିତ ପ୍ରଥମଥର ପାଇଁ ସରକାରୀ ସାହାଯ୍ୟ ଗ୍ରହଣ କରି ଏବଂ ୧୯୬୯ ମସିହାରେ ରାଜ୍ୟର ଅନ୍ୟ ଶହେ ବୟାଳିଶି (୧୪୨) ବିଦ୍ୟାଳୟ ସହିତ ସରକାରୀ ବିଦ୍ୟାଳୟରେ ପରିଣତ ହେଲା । ବେସରକାରୀ ଅନୁଷ୍ଠାନ ଭାବରେ ଯାହା ଓଡ଼ିଶାରେ ବିଦ୍ୟାଳୟର ଯେପରି ସୁନାମ ରହିଥିଲା, ସରକାରୀ ଅନୁଷ୍ଠାନ ଭାବରେ ମଧ୍ୟ ସେହିପରି ସୁଖ୍ୟାତି ରହିଆସିଛି । ବିଦ୍ୟାଳୟର ଖ୍ୟାତି ମୁଖ୍ୟତଃ ଶିକ୍ଷକ ଓ ଛାତ୍ରମାନଙ୍କ କୃତିତ୍ୱ ଉପରେ ନିର୍ଭର କରେ । ଏଠାରେ ଅତୀତରେ ଅନେକ ଖ୍ୟାତନାମା ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଥିଲେ । ବର୍ତ୍ତମାନର ପ୍ରଧାନ ଓ ଶିକ୍ଷକମାନଙ୍କର ଖ୍ୟାତି ଭବିଷ୍ୟତରେ ଅବଶ୍ୟ ସ୍ୱୀକୃତି ଲାଭ କରିବ । ନିଜ ନିଜର ଉତ୍ସର୍ଗୀକୃତ କାର୍ଯ୍ୟାବଳୀରେ କେତେଜଣ ପ୍ରଧାନ ଶିକ୍ଷକ ଓ ଶିକ୍ଷକ ସ୍ୱର୍ଣ୍ଣ ଅକ୍ଷରରେ ତଥା ଖୋଦୀ ଅକ୍ଷରରେ ପ୍ରବାଦ ପୁରୁଷ ହୋଇଯାଇଛନ୍ତି । ସେମାନଙ୍କ କାହାଣୀ ମୁହେଁ ମୁହେଁ ପରିବ୍ୟାପ୍ତ ହୋଇ ଅଦ୍ୟାପି ଅନେକ ହୃଦୟରେ ଜାଗ୍ରତ ରହିଛି ।

ପ୍ରଧାନ ଶିକ୍ଷକ ପ୍ରଥମେ ଜଣେ ଶିକ୍ଷକ, ବର୍ତ୍ତମାନ ଜଣେ ଶିକ୍ଷକ ଏବଂ ଶେଷରେ ମଧ୍ୟ ଜଣେ ଶିକ୍ଷକ । ଜଣେ ଶିକ୍ଷକ, ଆସନ୍ତାକାଲିର ପ୍ରଧାନ ଶିକ୍ଷକ । ବୟସ ଓ ଅଭିଜ୍ଞତା ଭିତ୍ତିରେ ଜଣେ ଶିକ୍ଷକ ପ୍ରଧାନ ଶିକ୍ଷକ ହୁଅନ୍ତି । ଅନୁଷ୍ଠାନର ସାଫଲ୍ୟ ଓ ପ୍ରଗତି ପାଇଁ ପ୍ରଧାନ ଶିକ୍ଷକଙ୍କର ଉଦ୍ଦୀପନାମୟ ନେତୃତ୍ୱ, ବହୁଦର୍ଶୀ ଅଭିଜ୍ଞତା, ପ୍ରଭାବଶାଳୀ କାର୍ଯ୍ୟଦକ୍ଷତା, ଜ୍ଞାନଦୀପ୍ତ ଚାରିତ୍ର୍ୟ ଯେ ଅପରିହାର୍ଯ୍ୟ ତାହା କେହି ଅସ୍ୱୀକାର କରିପାରିବେ ନାହିଁ । ତାହା ସତ୍ତ୍ୱେ ଜଣେ ଜଣେ ଶିକ୍ଷକ ଛାତ୍ର ସମାଜର ହୃଦୟରେ ଅପ୍ରତିଦ୍ୱନ୍ଦ୍ୱୀ ଆସନ ଗ୍ରହଣ କରି ସେମାନଙ୍କ କାର୍ଯ୍ୟକୁ ନିୟନ୍ତ୍ରଣ କରନ୍ତି ଏବଂ ସାରାଜୀବନ ସ୍ମରଣୀୟ ହୋଇରହନ୍ତି । ଶ୍ରେଣୀରେ ସେହିଁ ଶିକ୍ଷକ ଚିତ୍ତାକର୍ଷକ ପାଠଦାନ କରନ୍ତି, ଛାତ୍ରଙ୍କୁ ନିଜର ପୁଅପରି ଦେଖନ୍ତି, ନିଜର କଥା ଓ କାର୍ଯ୍ୟକୁ ସମାନ ରଖନ୍ତି, ନିତ୍ୟନୂତନ ଜ୍ଞାନ ଆହରଣରେ ବ୍ୟାପୃତ ରହନ୍ତି । ସେମାନଙ୍କ ପାଦତଳେ ସମସ୍ତଙ୍କ ଅଜାଣତରେ ଛାତ୍ରମାନଙ୍କର ମସ୍ତକ ସ୍ୱତଃ ଅବନତ ହୋଇଯାଏ । ପ୍ରତି ମୁହୂର୍ତ୍ତରେ ବିଶୃଙ୍ଖଳା ପ୍ରବଣ ପରିବେଶ ସେମାନଙ୍କ ନୀରବ ଉପସ୍ଥିତିରେ ବି ସ୍ୱତଃ ଶୃଙ୍ଖଳିତ ହୋଇଯାଏ । ସେମାନେ ଛାତ୍ର, ଅଭିଭାବକ, ସହକର୍ମୀ- ସମସ୍ତଙ୍କର ନମସ୍ୟ । ଶତବାର୍ଷିକୀ ପାଳନ ଅବସରରେ ସେହି ଉତ୍ସର୍ଗୀକୃତ ଶିକ୍ଷକମାନେ ହିଁ ସର୍ବାଦୌ ସ୍ମରଣୀୟ । ଶତବାର୍ଷିକୀ ପାଳନ କେବଳ କୃତଜ୍ଞତା ଜ୍ଞାପନର ସୁଯୋଗ ସୃଷ୍ଟି କରିନାହିଁ, ଏବଂ ସ୍ମୃତିଚାରଣର ଏକ କ୍ଷେତ୍ରଟିଏ ରଚନା କରିଅଛି । ଏହି ଅବସରରେ ପ୍ରକାଶିତ ହେଉଥିବା ସ୍ମରଣିକା ପୁସ୍ତକ ମାଧ୍ୟମରେ ହେଉ କିମ୍ବା ଭାବ ଆଦାନ ପ୍ରଦାନ ମାଧ୍ୟମରେ ହେଉ, ଏହି ବିଦ୍ୟାଳୟକୁ ଏକଦା ରସସିକ୍ତ ଓ ମଧୁମୟ ତଥା ଉନ୍ନତ କରିବାକୁ ଯେଉଁ ଶିକ୍ଷକମାନେ ନିଜ ଜୀବନର ସର୍ବୋତ୍ତମ ସମୟ ଦାନ କରିଥିଲେ ସେହି ମହନୀୟ ଚରିତ୍ରମାନଙ୍କର ଅବଦାନ ଜଣା, ଯେକୌଣସି ରୂପରେ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ନ ହେଲେ ମଧ୍ୟ ଭବିଷ୍ୟତରେ ସେମାନଙ୍କର ଜୀବନୀ, ସେମାନଙ୍କର ପ୍ରତିକୃତି, ପ୍ରତିମୂର୍ତ୍ତି ସେମାନଙ୍କ ପ୍ରିୟ ଛାତ୍ରମାନଙ୍କ ଦ୍ୱାରା ପ୍ରତିଷ୍ଠାପିତ ହେବା ନିଶ୍ଚୟ ସ୍ୱାଗତଯୋଗ୍ୟ ହେବ । କେବଳ ଗୁରୁଙ୍କୁ କେନ୍ଦ୍ରକରି 'ଗୁରୁକୁଳ ଆଶ୍ରମ' ଗଢ଼ି ଉଠୁଥିଲା । ଅଭିଭାବକ ଓ ଛାତ୍ର ନିଜର ରୁଚି ଅନୁରୂପ ଗୁରୁଙ୍କୁ ଖୋଜି ପାଉଥିଲେ । ସେଥିପାଇଁ ସୁଯୋଗ ଥିଲା ଏବଂ ସ୍ୱାଧୀନତା ଥିଲା । ଶିକ୍ଷା ପ୍ରତି ଆନ୍ତରିକ ଥିଲା, ଗୁରୁଶିଷ୍ୟ ସଂପର୍କର ସେତୁ । (ଶ୍ରମ ଶକ୍ତି ନିଷ୍ପନ୍ନ) ଆଶ୍ରମରେ ଗୁରୁଙ୍କର ସେବାକରି ବିଦ୍ୟା ଅର୍ଜନ କରାଯାଉଥିଲା । କାରଣ ବିଦ୍ୟାକୁ ଅର୍ଜନ କରାଯାଏ ଏବଂ ଅର୍ଜିତ ବିଦ୍ୟା ହିଁ ପ୍ରକୃତ ବିଦ୍ୟା । ସେ ବିଦ୍ୟାରେ କପି କରିବାର ସ୍ଥାନ ନ ଥିଲା; ସବୁ ପ୍ରକାର ସୁଯୋଗ ଓ ସ୍ୱାଧୀନତା ଦେଲେ ମଧ୍ୟ କପି କରିବା ଅସମ୍ଭବ ବ୍ୟାପାର ।

ଶ୍ରେଣୀରେ, ଖେଳରେ, ବାଲ୍ୟସୁଲଭ ବିଚାରରେ ଯେଉଁ ଛାତ୍ର ଯେଉଁ ଶିକ୍ଷକମାନଙ୍କୁ ନିଜ ଅଜାଣତରେ ଆଦର୍ଶରୂପେ ଗ୍ରହଣ କରୁଥିଲେ । ନିଜର ସଦାଚାର, ବାତ୍ସଲ୍ୟ ଓ ଜ୍ଞାନବଳରେ ଶିକ୍ଷକମାନଙ୍କ ପ୍ରଭାବ ଛାତ୍ରମାନଙ୍କ ମନରେ ସ୍ଥାୟୀ ରେଖାପାତ କରୁଥିଲା । ସ୍ୱୀକାର କରିବାକୁ ପଡ଼ିବ ସେଭଳି ଆଦର୍ଶ ଶିକ୍ଷକ ବର୍ତ୍ତମାନ ବିରଳ । ସାମାଜିକ, ରାଜନୈତିକ ସବୁ କ୍ଷେତ୍ରରେ ମୂଲ୍ୟବୋଧର ଘୋର ଅବକ୍ଷୟ ଘଟିଛି । ଛାତ୍ରମାନଙ୍କ ଆଗରେ କୌଣସି ଆଦର୍ଶ ଏବେ ନାହିଁ । ସେମାନେ ବନ୍ଧୁ- ଦାର୍ଶନିକ- ପଥପ୍ରଦର୍ଶକ ଭାବରେ କାହାରିକୁ ପାଉନଥିବାରୁ ପ୍ରକୃତ ବାଟ ଖୋଜି ପାଉନାହାନ୍ତି ।

ଛାତ୍ରମାନେ ସେମାନଙ୍କ ଶିକ୍ଷକମାନଙ୍କୁ ମନେପକାଇ ନିଜ ନିଜର ଅନୁଭୂତିକୁ ସେମାନଙ୍କ ଗୁଣକୀର୍ତ୍ତନ କରିବା ଓ ଅଧିକ ସୁନ୍ଦର ହେବ । ଜଣେ ଦାର୍ଶନିକଙ୍କ ମତରେ ବିଦ୍ୟାଳୟ ପାଇଁ ଘର ନ ଥିଲେ ଚଳିବ; ମାତ୍ର ଆଦର୍ଶ ଶିକ୍ଷକ ନିହାତି ଅପରିହାର୍ଯ୍ୟ । ଆମ ଦେଶର ଆଲୋକ ମଣ୍ଡିତ ଜଳବାୟୁ ଏତେ ଆମୋଦଦାୟକ ଯେ ବରଗଛ, ଆମ୍ବଗଛ ତଳରେ ମଧ୍ୟ ପାଠ ପଢ଼ାଯାଇପାରିବ । ବର୍ଷାରେ କେତେ ଦିନ ବା ବର୍ଷା ହୁଏ ? ଶିକ୍ଷାର୍ଥୀମାନେ ଆପେ ଆପେ ଆସିବେ, ସେମାନେ ଶିକ୍ଷକମାନଙ୍କୁ ଖୋଜି ଖୋଜି ଆସି ପହଞ୍ଚିବେ । ତେଣୁ ସର୍ବପ୍ରଥମ ଏବଂ ସର୍ବପ୍ରଧାନ ଆବଶ୍ୟକତା ହେଉଛନ୍ତି ଶିକ୍ଷକ । ଶିକ୍ଷକ ନ ମିଳିଲେ ତାଙ୍କୁ ଖୋଜି ଖୋଜି ବାହାର କରିବାକୁ ପଡ଼ିବ । ପ୍ରକୃତରେ ଆଜିର ଦୁନିଆରେ ସବୁଠାରୁ ଦୁର୍ଲଭ ବ୍ୟକ୍ତି ହେଉଛନ୍ତି ଶିକ୍ଷକ ପଦବାଚ୍ୟ ଶିକ୍ଷକ- ବିଷ୍ଣୁଶର୍ମାଙ୍କ ପରି ଶିକ୍ଷକ ଯିଏ ମୂର୍ଖ, ଅବାଧ୍ୟ, ଉଦ୍ଧତ ରାଜପୁତ୍ରମାନଙ୍କୁ ପାଠ ପ୍ରତି ଆଗ୍ରହୀ କରି ଦେଇପାରିବେ, ମଣିଷ ପରି ମଣିଷ କରି ଗଢ଼ି ଦେଇପାରିବେ । ଏପରି ଗୁରୁଙ୍କର ଗୁରୁତ୍ୱକୁ କିଏ ଉଣା କରି ଦେଇପାରିବ । ସୃଷ୍ଟି, ପାଳନ ଓ ସଂହାରର ତତ୍ତ୍ୱ ତାଙ୍କୁ ଜଣା । ଜାଣିବାର ଶକ୍ତିରେ ସେ ପରିପୂର୍ଣ୍ଣ, ସେ ବର୍ଦ୍ଧିଷ୍ଣୁ । ଗୁରୁଙ୍କଠାରୁ ଶକ୍ତିଶାଳୀ ଆଉ କିଛି ଅଛି ଯେ ଛାତ୍ର ଅବାଧ୍ୟ ହୋଇଯିବ, ଉତ୍ପାତ କରିବ, ବିଶୃଙ୍ଖଳା ସୃଷ୍ଟି କରିବ ? ଆଲୋକ ଏବଂ ଅନ୍ଧକାର ଏକତ୍ର ରହି ନ ପାରେ । ଶିକ୍ଷକ ଏବଂ ବିଶୃଙ୍ଖଳା; ଶିକ୍ଷକ ଏବଂ ଅସାଧୁତା; ଶିକ୍ଷକ ଏବଂ ଅନାଦର୍ଶ- ଏକତ୍ର ଅବସ୍ଥାନ କରିପାରେ ନାହିଁ । ଏହା ଶିକ୍ଷକତାର ପ୍ରମାଣ । ଗୁରୁ ଯେଉଁଠି; ଶାନ୍ତି, ଶୃଙ୍ଖଳା ଓ ସମାଧାନ ସେଇଠି; ପ୍ରଗତି ଓ ପ୍ରାଚୁର୍ଯ୍ୟ ସେଇଠି । ସେଠି କେହି ଦୁଃଖୀ ନାହାନ୍ତି; ସମସ୍ତେ ସୁଖୀ, ସମସ୍ତେ ନିରାମୟ, ସମସ୍ତେ ଭଦ୍ର-ଶୁଭଦର୍ଶୀ । ଛାତ୍ରର ଅସୀମ ସମ୍ଭାବନା ଓ ଶକ୍ତିକୁ ଜାଗ୍ରତ କରାଇ, ତାର ସ୍ୱରୂପରେ ଥିବା ଅମୃତତ୍ୱକୁ ତାକୁ ଦେଖାଇ ଦେଇ (ଆତ୍ମ ପରିଚୟ ପ୍ରଦାନ

ଛନ୍ତି ) ତାଙ୍କ ମନକୁ ଅଦମ୍ୟ ଆତ୍ମବିଶ୍ୱାସରେ ଭରି ଦେବା ତାଙ୍କର କାମ । ଅଧିକ ଅନାବଶ୍ୟକ । କିନ୍ତୁ ଆଦର୍ଶ ଶିକ୍ଷକ ନ ଥାଇ ଆଦର୍ଶ ବିଦ୍ୟାଳୟ କଳ୍ପନା ନାହିଁ । ଏଣୁ ବିଦ୍ୟାଳୟର ଖ୍ୟାତି କହିଲେ ଏହାର ସ୍ୱ ଚିରସ୍ମରଣୀୟ ଶିକ୍ଷକମାନଙ୍କ କାହାଣୀକୁ ହିଁ ବୁଝାଏ । ଜ୍ଞାନ ଓ ଆଚରଣର ସମନ୍ୱୟ ତଥା ପ୍ରତୀକ ହୋଇଛନ୍ତି ସେମାନେ ।

ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଭୂମିକାଠାରୁ ଶିକ୍ଷକମାନଙ୍କର ଭୂମିକା କୌଣସି ଗୁଣରେ ନ୍ୟୁନ ନୁହେଁ, ବରଂ ସର୍ବାଧିକ ଥାଏ ଅଧିକ । ପ୍ରଧାନ ଶିକ୍ଷକ ପ୍ରଶାସନିକ ଦିଗ ପ୍ରତି ଧ୍ୟାନ ଦିଅନ୍ତି, ଶୃଙ୍ଖଳା ରକ୍ଷା କରନ୍ତି, କିନ୍ତୁ ଅଭିଜ୍ଞ ହେଲେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇପାରନ୍ତି, ଶ୍ରେଣୀ ପରିଦର୍ଶନ କରନ୍ତି, ବିଦ୍ୟାଳୟର ସମସ୍ତ କାର୍ଯ୍ୟ ପ୍ରତି ଦାୟୀ ରହନ୍ତି, ଅଭିଭାବକମାନଙ୍କ ନିକଟରେ ଉତ୍ତରଦାୟୀ ଅଟନ୍ତି । ସେ ବିଦ୍ୟାଳୟକୁ ଅବାଞ୍ଛିତ ବାହ୍ୟ ପ୍ରଭାବରୁ ମୁକ୍ତ ରଖନ୍ତି, ପାଠ୍ୟେତର ଅଥବା ଶିକ୍ଷାନୁବର୍ତ୍ତୀ ସକଳ କାର୍ଯ୍ୟର ସୁପରିଚାଳନା ସହିତ ସମସ୍ତ କାର୍ଯ୍ୟ ମଧ୍ୟରେ ଏକ ଲକ୍ଷ୍ୟରେ ସୁସମନ୍ୱୟ ସମ୍ପାଦନ କରନ୍ତି । ଏସବୁ ତ ବିଦ୍ୟାଳୟର ସମୁଦାୟ କାର୍ଯ୍ୟ ନୁହେଁ । ଅସଲ କାମ ଅଧ୍ୟାପନା । ତାହା କରନ୍ତି ଶିକ୍ଷକମାନେ । ଗୁରୁଶ୍ରୀ ବିଦ୍ୟା । ପାଠ୍ୟପୁସ୍ତକ ଶିକ୍ଷକ ହେବା ସହଜ । ବହି ଧରି ପାଠ ପଢ଼ାଇବା ଅଧମ ଶ୍ରେଣୀର ପନ୍ଥା । ତାଙ୍କଠାରୁ ବଡ଼ କାମ ହେଉଛି, ଛାତ୍ରମାନଙ୍କ ଆଚରଣରେ ସଂସ୍କାର ଆଣିବା । ଏହି ସଂସ୍କାର ହେଉଛି ଶିକ୍ଷା । ଗୀତାର ଶିକ୍ଷକ ତତ୍ତ୍ୱ ହେଉଛି- ପିଲାମାନେ ପ୍ରଣିପାତ କରି ଶିଖନ୍ତୁ । (ପ୍ରଣିପାତରେ ହୃଦୟ ଥାଉ); ପିଲାମାନେ ପ୍ରଶ୍ନ ପଚାରନ୍ତୁ (ପ୍ରଶ୍ନରେ ଜିଜ୍ଞାସା ଥାଉ); ପିଲାମାନେ ସେବା କରନ୍ତୁ (ସେବାରେ ତନ୍ମୟତା ରହୁ); ପ୍ରଣିପାତେନ ପରିପ୍ରଶ୍ନେନ ସେବୟା । ଏହି ତିନୋଟି କଥା ଯେ ବ୍ୟବହାର ତଥା ଆଚରଣ ପୂର୍ଣ୍ଣମାତ୍ରାରେ ରହିଛି । ଏହି ତିନୋଟି ବ୍ୟବହାର ପିଲାମାନଙ୍କ ହୃଦୟରେ ପରିପୁଷ୍ଟ ହେବ । ଶିକ୍ଷା ତହିଁ ସହଜ ଆସିଯିବ ।

ସୈନିକମାନେ ପ୍ରାଣ ଦେଇ ଲଢ଼ାଇ କରନ୍ତି; କୀର୍ତ୍ତି ପାଆନ୍ତି ସେନାନୀ । ଯେଉଁ ପ୍ରଧାନ ଶିକ୍ଷକଙ୍କର ଯେତେ ସୁନାମ ରହିଛି ତାଙ୍କର ସହକର୍ମୀମାନଙ୍କର ସେତେବେଶୀ କୃତିତ୍ୱ ରହିଛି । ଏ ବିଦ୍ୟାଳୟରେ ସବୁବେଳେ ବହୁବିଦ୍ୟା ଉପାଧିଧାରୀ ଶିକ୍ଷକମାନେ କାର୍ଯ୍ୟ କରି ଆସିଛନ୍ତି । ଜଣେ ଜଣେ ଶିକ୍ଷକଙ୍କର ଏ ବିଦ୍ୟାଳୟ ପ୍ରତି ଯେଉଁ ଅବଦାନ ରହିଛି, କେଉଁ ଜଣେ ପ୍ରଧାନ ଶିକ୍ଷକଙ୍କର ମଧ୍ୟ ସେତେ ଅବଦାନ ନ ଥାଇପାରେ । ସେହିଭଳି ଶିକ୍ଷକମାନଙ୍କୁ ତାଙ୍କର ପ୍ରିୟ ଛାତ୍ରମାନେ ଆଜୀବନ ମନେ ରଖନ୍ତି କେବଳ ନୁହେଁ, "ମୁଁ ପଣ୍ଡିତଜୀ (ହରିକୃଷ୍ଣ ପ୍ରଧାନ)ଙ୍କ ଛାତ୍ର, ମୁଁ ଜଗଦାନନ୍ଦ ସାର୍‌ଙ୍କ ଛାତ୍ର କିମ୍ବା ଗୋପିସାର୍ ଆମକୁ ଝାଙ୍କାଝାଙ୍କି ପଢ଼ାଉଥିଲେ, ବାସୁଦେବ ସାର୍ କଥା କଥାରେ କହନ୍ତି- ହୋଇନା", ଏହିପରି କଥା କହି ସେମାନେ ଗୌରବ ଅନୁଭବ କରନ୍ତି । ବିଦ୍ୟାଳୟରେ ବର୍ତ୍ତମାନ ସେହିପରି କେତେଜଣ ଶିକ୍ଷକ ମଧ୍ୟ ଅଛନ୍ତି । ଉଦାହରଣ ସ୍ୱରୂପ ମୁଁ ଜଣେ ଶିକ୍ଷକଙ୍କ ସମ୍ପର୍କରେ ଏଠାରେ ପ୍ରମାଣ ଦେଉଛି, ସେ ସର୍ବଦା ଅତୀତ ସ୍ତରରେ ଜାତୀୟ ସମୟ ଶିକ୍ଷାର୍ଥୀ ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଗୌରବ ପଦକ ଲାଭ କରିଛନ୍ତି । ସେ ଏନ୍.ସି.ସି.ରେ ବିଦ୍ୟାଳୟର ସୁନାମ ବୃଦ୍ଧି ପାଇଁ ବିଶେଷ ଉଦ୍ୟମ କରନ୍ତି ଏବଂ ପ୍ରତିବର୍ଷ ପିଲାମାନଙ୍କ ସହ ବିଭିନ୍ନ ସ୍ଥାନକୁ ସାଇକେଲରେ ଯାତ୍ରା କରନ୍ତି । ସେ ମିଲିଟାରୀରେ ବିଶିଷ୍ଟ ନାମ କାର୍ଯ୍ୟ କରିଥିବାରୁ ଶୃଙ୍ଖଳାପ୍ରତି ଯଥୋଚିତ ଗୁରୁତ୍ୱ ଆରୋପ କରନ୍ତି । ତାଙ୍କ ନାଁ ହେଉଛି ଶ୍ରୀ ବାସୁଦେବ ସାମନ୍ତରାୟ । ତାଙ୍କର ଏକ ସୁସଜ୍ଜିତ ଫଟୋ ଏହି ସ୍ମରଣିକାରେ ପ୍ରକାଶ ପାଉଛି । ଶିକ୍ଷକଙ୍କ ଆଚରଣ, କଥା ଓ କାର୍ଯ୍ୟ- କୋମଳମତି ଛାତ୍ରମନଙ୍କ ଉପରେ ପ୍ରତ୍ୟକ୍ଷରେ ଓ ପରୋକ୍ଷରେ ଯେ ପ୍ରଭାବ ବିସ୍ତାର କରେ ଏ ବିଷୟରେ ଅତୀତରେ ଯେପରି ବର୍ତ୍ତମାନ ସେହିପରି, ସନ୍ଦେହର ଅବକାଶ ନାହିଁ । ସେଥିପାଇଁ ତ ବିଦ୍ୟାଳୟରେ ଶିକ୍ଷକମାନଙ୍କ ଭୂମିକା ପ୍ରଧାନ ଶିକ୍ଷକଙ୍କ ଭୂମିକାଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ । ବରଂ ଛାତ୍ରମାନେ ଶିକ୍ଷକମାନଙ୍କ ସଂସ୍ପର୍ଶରେ ଅଧିକ ସମୟ ଆସନ୍ତି; କିନ୍ତୁ ବର୍ତ୍ତମାନର ପରିବେଶରେ- କି ସରକାରୀ ବିଦ୍ୟାଳୟ କି ବେସରକାରୀ ବିଦ୍ୟାଳୟ ସର୍ବତ୍ର ଅଧ୍ୟୟନ ପାଇଁ ମନମୁତାବକ ଶିକ୍ଷକ ପାଇବାରେ ଛାତ୍ରର କିମ୍ବା ଅଭିଭାବକଙ୍କର ସ୍ୱାଧୀନତା ନାହିଁ । ବାଧ୍ୟବାଧକତାର ଉର୍ବର ଭୂମିରେ ଅବାଧ୍ୟତା ଓ ଅନାନ୍ତରିକତା ବଢ଼ି ବଢ଼ି ଚାଲିଛି । ପ୍ରତିକୂଳ ପରିସ୍ଥିତିରେ ସଂଘାତ ଦେଖି ଶିକ୍ଷା ମଧ୍ୟ ଶିକ୍ଷାର୍ଥୀର ହୃଦୟ ତନ୍ତ୍ରୀରେ ମୂର୍ଚ୍ଛନା ତୋଳିପାରେ ନାହିଁ । ତେଣୁ ବିଦ୍ୟାଳୟ ଯେଉଁ ଅଭାବ ପାଇଁ ଛାତ୍ର ସେହି ଅଭାବର ନିରସ୍ତ ହେବା ସର୍ବାଦୌ ଆବଶ୍ୟକ । ଆନ୍ତରିକତା ଶୂନ୍ୟ ସରକାରୀ ପରିଚାଳନାଠାରୁ ଶିକ୍ଷା ସଚେତନ ପରୋପକାରୀ ନାଗରିକମାନଙ୍କ ସହସ୍ର ଗୁଣରେ ଶ୍ରେୟସ୍କର ।

ବର୍ତ୍ତମାନ ବିଦ୍ୟାଳୟମାନେ ପୂର୍ବାପେକ୍ଷା ଅଧିକରୁ ଅଧିକ ସଂଖ୍ୟାରେ ଚାକିରି ଆଶାୟୀ ଅଥଚ କୌଣସି କର୍ମକୁ ଅଯୋଗ୍ୟ Educated illiterate ଛାତ୍ରଛାତ୍ରୀ ବାହାର କରିବାରେ ଲାଗିଛନ୍ତି । ରାଜନୀତି ଓ ସମାଜ ଚାକିରି ଯୋଗାଇ ପାରୁନାହିଁ । ପ୍ରଚଳିତ ଶିକ୍ଷା ପଦ୍ଧତିରେ ଚାକିରି କରିବା ଛଡ଼ା ଅନ୍ୟ କିଛି କରିବା ପାଇଁ ମଣିଷକୁ ଶିକ୍ଷା ମିଳୁନାହିଁ । ପରିଣତି ଯାହା ହେବାର କଥା ତାହାହିଁ ହେଉଛି । ସୁତରାଂ ଆତ୍ମବିଶ୍ୱାସ ଶୂନ୍ୟ ଭାଗ୍ୟବାଦୀ ମଣିଷ ସୃଷ୍ଟି ହେଉଛନ୍ତି । ସେହି କିଂକର୍ତ୍ତବ୍ୟ, ନିଃସ୍ୱନଙ୍କ, ନିରୋଳା ଶିକ୍ଷାର୍ଥୀମାନଙ୍କୁ ପିତାମାତାଙ୍କ ଠାରୁ ଆରମ୍ଭ କରି ସମାଜ ନିୟନ୍ତାମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପଦେଶ, ପରାମର୍ଶ, ଦୁର୍ବ୍ୟବହାର ଓ ବୈରାଗ୍ୟ ସହିବାକୁ ପଡ଼ୁଛି । ବିଦ୍ୟାର୍ଥୀମାନେ ଯେଉଁ ପାଠ୍ୟକ୍ରମ ଅନୁସାରେ ପାଠ ପଢ଼ୁଛନ୍ତି, ତାହାକୁ ସେମାନେ ନିଶ୍ଚୟ ପ୍ରସ୍ତୁତ କରିନାହାନ୍ତି । ବା ଚାକିରି ମିଳିବାର ବାଟକୁ ସେମାନେ ବି ନିର୍ଦ୍ଧାରଣ କରିନାହାନ୍ତି । ପାଠ ପଢ଼ାରେ ସେମାନେ ଆଗେ ଚାକିରି ଖୋଜୁଥିଲେ ଏବଂ ଅଳ୍ପ ଅବସରରେ ତାହା ପାଉଥିଲେ । ସମୟେ ସମୟେ ନ ଖୋଜି ମଧ୍ୟ ଅନାୟାସରେ ଘରେ ବସି ଚାକିରି ପାଉଥିଲେ । ବର୍ତ୍ତମାନ ସେମାନେ ବିଦ୍ୟାଳୟରୁ ଫେରି କାରଖାନାକୁ ବହୁସଂଖ୍ୟାରେ ବାହାରୁଛନ୍ତି; ସ୍ୱାଭାବିକ କର୍ମପ୍ରବଣତା ନେଇ ଆନ୍ତରିକତାର ସହିତ ଚାକିରି ଖୋଜୁଛନ୍ତି କିନ୍ତୁ ପାଉନାହାନ୍ତି । ଏ କ୍ଷେତ୍ରରେ ଯଦି କାହାରି ଓ ସମାଜର ପିଲାମାନଙ୍କୁ ସାହାଯ୍ୟ କରିପାରୁନାହାନ୍ତି, ତେବେ ପିଲାମାନଙ୍କର ଦୋଷ କ'ଣ ? ଅନେକ ସମୟରେ ଅଜାଣତରେ ଭାବ ପ୍ରବଣତା ବଶତଃ ଅଥବା ଅଜ୍ଞାନବଶତଃ ଶିକ୍ଷାୟତନ, ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ଉପରେ ଦୋଷାରୋପ କରାଯାଉଛି । ବର୍ତ୍ତମାନ ଏ ବିଷୟରେ ଗମ୍ଭୀରଭାବେ ଚିନ୍ତା କରିବାର ସମୟ ଆସିଛି; ବୋଧହୁଏ ଆତ୍ମବିଶ୍ୱାସ ସୃଷ୍ଟି କରାଇବା, ମୂଲ୍ୟବୋଧ ପ୍ରତି ସମ୍ମାନ ପ୍ରଦର୍ଶନ

କଳାକାରି ଏବଂ ସ୍ୱାବଲମ୍ବୀ ହେବାକାଳି ଶିକ୍ଷା ଦିଆଯିବା ଦେଶପାଇଁ, ସମାଜ ପାଇଁ, ପରିବାର ପାଇଁ ଜରୁରୀ ଆବଶ୍ୟକ । ଏପରି ବୈପ୍ଳବିକ ପରିବର୍ତ୍ତନ ସମ୍ପୂର୍ଣ୍ଣ ନିର୍ଭର କରେ ସମାଜ ସଚେତନ, ଦୂରଦ୍ରଷ୍ଟା, ଚିନ୍ତାଶୀଳ, ନିୟାମକ ମଣ୍ଡଳ ଉପରେ । ସେପରି ମଣିଷ ଅଛନ୍ତି; କିନ୍ତୁ ପ୍ରଚଳିତ ବ୍ୟବସ୍ଥା ସେଥିପାଇଁ ବ୍ୟବସ୍ଥା ବଦଳିବା ଦରକାର । କେବଳ ଦରକାର ସଂକଳ୍ପବଦ୍ଧ ମୁଷ୍ଟିମେୟ ଲୋକ, ଯେଉଁମାନେ କି ଇତିହାସର ମୋଡ଼ ବଦଳାଇ ପାରିବେ । ଅକ୍ଷୟ ଉଦ୍ୟମ, ଆନ୍ତରିକତା ବିହୀନ, ଭାଷଣର ପ୍ରୟୋଜନ ନାହିଁ । ସେଉଠି ଭାଷଣ କେବଳ ଦୁର୍ଗତିର କାରଣ । କେବଳ ଦରକାର ଆଦର୍ଶ; ଯେଉଁ ଆଦର୍ଶ କଥା ଅପେକ୍ଷା କର୍ମରେ କଥା କହିବ, ଅଥଚ ସମ୍ପୂର୍ଣ୍ଣ ନୀରବତାର ସହିତ, ଦୃଢ଼ତାର ସହିତ କହିବ ।

ସମାଜର ମଙ୍ଗଳ କାମନା କରି ସଂପୃକ୍ତ ସମସ୍ତଙ୍କୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ ଶୁଦ୍ଧ ମନରେ ଭଲ କାମ ପାଇଁ ଗର୍ବ କରିବା ଯଦି ଅନ୍ୟାୟ ନୁହେଁ, ତେବେ ବି.କେ.ବି. ହାଇସ୍କୁଲ ଗୋଟିଏ ଗର୍ବିଣୀ ମା ଭଳି ସବୁଠୁ ବେଶୀ ଗର୍ବ କରିବ ତା'ର ଯଶସ୍ୱୀ ଛାତ୍ରମାନଙ୍କ ପାଇଁ । ସମାଜର ଯେକୌଣସି କ୍ଷେତ୍ରରେ ସେମାନେ କୀର୍ତ୍ତିମାନ (ରେକର୍ଡ଼) ସ୍ଥାପନ କରିଛନ୍ତି । ସାହିତ୍ୟ, ରାଜନୀତି, କଳା, ବିଜ୍ଞାନ, କ୍ରୀଡ଼ା, ସେବା, ଶିଳ୍ପ, କୃଷି, ବାଣିଜ୍ୟ, ଶିକ୍ଷା, ବିଚାର, ସ୍ୱାସ୍ଥ୍ୟ, ନିର୍ମାଣ, ପ୍ରଶାସନ, ଦେଶରକ୍ଷା ଆଦି ସକଳ କ୍ଷେତ୍ରରେ ସେମାନେ ଛାଡ଼ି ଯାଇଛନ୍ତି ସେମାନଙ୍କର କୀର୍ତ୍ତି ଓ କୃତିତ୍ୱର ଅମଳିନ ସ୍ୱାକ୍ଷର । ସେମାନଙ୍କ ନାମରେ ତାଲିକା ଯେତେ ଦୀର୍ଘ ହେଲେ ବି ତାହାର ଶେଷ ନାହିଁ । ଭବିଷ୍ୟତ ପାଇଁ ଏହା ଉଦ୍ଭବ: ଏଣୁ ଅସରନ୍ତି । ଯେତେ ନାମ ମନେ ପକାଇଲେ ବି ବାକି ରହିଯିବ ଆଉ ଅନେକ ନାମ । ପ୍ରତି ଛାତ୍ରର ସାମାଜିକ ସ୍ଥିତିର ଖବର ବିଦ୍ୟାଳୟରେ ରହିବା ବାଞ୍ଛନୀୟ । କିନ୍ତୁ ତାହା ଜାଣିବାର ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇ ଉଠିନାହିଁ । ସହସ୍ର ସହସ୍ର ଛାତ୍ର ଉତ୍ତୀର୍ଣ୍ଣ ହୋଇଗଲେ ମଧ୍ୟ ସେ ଦିଗ ଅନୁଷ୍ଠାନ ପକ୍ଷରେ ସେମାନଙ୍କର ଖବର ଅସମ୍ଭବ ନୁହେଁ । ଯେଉଁଦିନ ତାହା ସମ୍ଭବ ହେବ, ବିଦ୍ୟାଳୟର ଓ ଶିକ୍ଷକମାନଙ୍କ କାର୍ଯ୍ୟର ସଠିକ ମୂଲ୍ୟାୟନ କେବଳ ସେହିଦିନ ହୋଇପାରିବ । ଗୁରୁକୁଳ ଆଶ୍ରମ ପରି ଅତୀତ ବିଦ୍ୟାଳୟର ଜନବସତିଠାରୁ ଦୂରରେ ଆରଣ୍ୟକ ସୌନ୍ଦର୍ଯ୍ୟରେ ପଶୁପକ୍ଷୀ କଳରବ ନିନାଦିତ ପ୍ରାକୃତିକ ପରିବେଶରେ ଅବସ୍ଥାପିତ ନୁହେଁ । ସହରର ମଧ୍ୟସ୍ଥଳୀରେ ଅବସ୍ଥିତ ବିଦ୍ୟାଳୟ ସହିତ ସାମାଜିକ ଜୀବନର ଭାବ ବିନିମୟ ନିତ୍ୟ ନୈମିତ୍ତିକ ଦୈନନ୍ଦିନ ଘଟଣା । ତେଣୁ ସ୍ଥାନୀୟ ଲୋକ ଚରିତ୍ର, ପରମ୍ପରା ଓ ସଂସ୍କୃତି ବିଦ୍ୟାଳୟରେ ପ୍ରତିଫଳିତ ହେବା ସ୍ୱାଭାବିକ ।

ସ୍ୱାଧୀନ ଚେତନା ଓ ସ୍ୱାଧୀନ ଚିନ୍ତନ ଐତିହାସିକ ଖୋର୍ଦ୍ଧାର ଚାରିତ୍ରିକ ବୈଶିଷ୍ଟ୍ୟ । ଖୋର୍ଦ୍ଧାର ନାଲି ମାଟି ଉପରେ ପାଇକମାନେ ଭାରତର ସ୍ୱାଧୀନତା ଓ ସ୍ୱାଭିମାନ ରକ୍ଷା କରିବା ପାଇଁ ଅନ୍ୟାୟୀ, କପଟୀ, ସ୍ୱାର୍ଥପରସ୍ତ, ଦୁର୍ନୀତିଗ୍ରସ୍ତ ଇଷ୍ଟଇଣ୍ଡିଆ କମ୍ପାନୀର ବେପାରୀମାନଙ୍କ ସହିତ ଘୋରତର ଶେଷ ସଂଗ୍ରାମ କରିଥିଲେ । ଗୁଳିଗୁଳା ତୋପମାଡ଼ର ଚିହ୍ନ ସହ ଖୋର୍ଦ୍ଧାର କୁଞ୍ଜବିହାରୀ ଦେବଙ୍କ ମନ୍ଦିର ଗାତ୍ରରେ ଏବେ ମଧ୍ୟ ଅଲିଭା ରହିଛି, ଯାହାକୁ ବୁଝାଏ ବନ୍ଧୁକ ନିକଟରୁ ଦାହା ଯୁଦ୍ଧ ପରି ତାହା ପ୍ରମାଣ । ଅନ୍ୟ ଦିଗଟି ହେଉଛି ଖୋର୍ଦ୍ଧାର କଥିତ ଭାଷା ସହିତ ଲିଖିତ ଭାଷାର ସର୍ବାଧିକ ସାମଞ୍ଜସ୍ୟ ।

ପ୍ରଥମଟି ସୃଷ୍ଟି କରିଛି ରଘୁନାଥ ମହାନ୍ତି ଓ ଦିବାକର ପଟ୍ଟନାୟକ ପରି ଅମର ସହିଦଙ୍କୁ, ଯେଉଁମାନଙ୍କୁ ଦେଶପାଇଁ ଫାଶୀଖୁଣ୍ଟରେ ଝୁଲିବାକୁ ପଡ଼ିଥିଲା । ସେମାନଙ୍କର ନାମ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଭାସ୍ୱର । ବିଲାତ ପାର୍ଲିଆମେଣ୍ଟରେ କମ୍ପନ ଖେଳାଇଥିବା ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନରେ ମେଜର ବେଜେଲଗେଟ ହତ୍ୟାର ଆସାମୀ ଭାବେ ସେମାନଙ୍କୁ ୧୯୪୧ ମସିହା ଏପ୍ରିଲ ମାସ ୪ ତାରିଖରେ ଫାଶୀ ଦିଆଯାଇଥିଲା । ସେହି ହୁତାତ୍ମା ସ୍ମୃତି ଦିବସ ବିଦ୍ୟାଳୟରେ ପ୍ରତିବର୍ଷ ଏପ୍ରିଲ ୪ ତାରିଖରେ ପାଳିତ ହେଉଅଛି । ଅଖ୍ୟାତ ପଲ୍ଲୀ ନିଶାଳନିବାସୀ ଅଶିକ୍ଷିତ ସାନ୍ତ୍ୱ ଭାରତ ପାକିସ୍ତାନ ଯୁଦ୍ଧରେ ପ୍ରାଣବଳି ଦେଇ ବିଖ୍ୟାତ ହୋଇଯାଇଛନ୍ତି । ଭୁବନେଶ୍ୱରର ବାସୁଦେବ ରାଉତରାୟ, ଭାରତୀୟ ସୈନ୍ୟବାହିନୀର ବହୁ ସମ୍ମାନିତ ବ୍ରିଗେଡିୟର, ପଲ୍ଲୀନିବାସୀ ସୁଧାଂଶୁଭୂଷଣ ନାୟକ ନିଜର ଦକ୍ଷତା ପ୍ରତିପାଦନ କରି ମେଜର ପଦବୀରେ ଭୂଷିତ ହୋଇଛନ୍ତି । ବାଣପୁରର ନରେନ୍ଦ୍ରପୁର ନିବାସୀ ଡକ୍ଟର ନୃସିଂହଚରଣ ଦାସସିଂହାର ନିଜର ବୈପ୍ଳବିକ କାର୍ଯ୍ୟ ହେତୁ ଏହି ବିଦ୍ୟାଳୟରୁ ବହିଷ୍କୃତ ହେବାକୁ ପଡ଼ିଥିଲା । ୧୯୨୦ ମସିହାରୁ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଗାନ୍ଧିଜୀଙ୍କ ଆହ୍ୱାନରେ ସାରା ଭାରତରେ ଯେଉଁ ସ୍ୱାଧୀନତା ସଂଗ୍ରାମ ଚାଲିଥିଲା ସେଥିରେ ବକ୍‌ସୀ ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ ଏବଂ ସହପାଠୀମାନଙ୍କର ଯେଉଁମାନେ ନେତୃତ୍ୱ ନେଇଥିଲେ ସେମାନଙ୍କ ମଧ୍ୟରେ ଗୋପୀନାଥ ସେନ, ଲଳିତ ମୋହନ ରାଉତରାୟ, ଜୟକୃଷ୍ଣ ପଟ୍ଟନାୟକ, ପ୍ରଭୁବନ୍ଧୁ ପଟ୍ଟନାୟକ, କୁଞ୍ଜବନ୍ଧୁ ଦାସ, ଭୁବନ ଭାଇଙ୍କ ନାମ ଉଲ୍ଲେଖ ଯୋଗ୍ୟ । ସେମାନେ ହରତାଳ, ସହର ପରିକ୍ରମା, କାରାବରଣ କରୁଥିବା ସଂଗ୍ରାମୀମାନଙ୍କ ପ୍ରତି ସମବେଦନା ଜ୍ଞାପନ, ଗୁପ୍ତ ପତ୍ରବଣ୍ଟନ, ଗଣଲୋକ ଆନ୍ଦୋଳନଠାରୁ ଆରମ୍ଭ କରି ସାଧାରଣ ସଭାର ଆୟୋଜନ ପର୍ଯ୍ୟନ୍ତ ନିର୍ଭୟରେ କରୁଥିଲେ । ସେଥିପାଇଁ ଗୋପୀନାଥ ସେନଙ୍କୁ ରଷ୍ଟିକେଟ କରାଯାଇଥିଲା; ଲଳିତ ମୋହନ ରାଉତରାୟ, ଜୟକୃଷ୍ଣ ପଟ୍ଟନାୟକ, କୁଞ୍ଜବନ୍ଧୁ ପଟ୍ଟନାୟକ, କୁଞ୍ଜବନ୍ଧୁ ଦାସଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯାଇଥିଲା । କେହିକେହି କାରାବରଣ କରିଥିଲେ । ସେମାନଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟରେ ଖୋର୍ଦ୍ଧାର ସ୍ୱାଧୀନ ଚେତନାର ଉଚ୍ଚପରମ୍ପରା ପ୍ରତିଫଳିତ ହୋଇଛି ଓ ହୋଇ ଆସୁଛି । ୧୯୩୦ ଜାନୁୟାରୀ ୨ ତାରିଖରେ ବିଦ୍ୟାଳୟର ଛାତ୍ରମାନେ ବ୍ରିଟିଶ ଶାସନର କଠୋରତା ଓ ଦମନନୀତିକୁ ଭ୍ରୂକ୍ଷେପ ନ କରି ବିଦ୍ୟାଳୟ ଉପରେ ଯେଉଁ ଜାତୀୟ ପତାକା ଉଡ଼ାଇଥିଲେ ତାହା ଆଗାମୀ ଛାତ୍ରମାନଙ୍କ ସ୍ମୃତିପଟରେ ଦୃଢ଼ ସ୍ମୃତି ଧରି ନୂତନ ସୃଷ୍ଟି କରୁଥିବ ।

୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ସମୟରେ ଜାତୀୟ ନେତାମାନେ ଇଂରେଜମାନଙ୍କ ଦ୍ୱାରା ଆକସ୍ମିକ ଗିରଫ ହେବାରୁ ଏହି ବିଦ୍ୟାଳୟର ଛାତ୍ରମାନେ ଅଧିକ ସକ୍ରିୟ ହୋଇ ଉଠିଥିଲେ । ସେମାନେ ସମୂହ ଭାବେ ବିଦ୍ୟାଳୟ ବର୍ଜନ କରି ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରେ ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରିଥିଲେ । ଏହି ସମୟରେ ବିଦ୍ୟାଳୟର ଜଣେ ମେଧାବୀ ଛାତ୍ର ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଛାତ୍ରମାନଙ୍କ ନେତୃତ୍ୱ ନେବାକୁ ଅଗ୍ରେଇ ଆସିଥିଲେ ।

ପରବର୍ତ୍ତୀ ସମୟରେ ଅନ୍ୟ ଯେଉଁମାନେ ସାଧାରଣ ଜୀବନରେ ଲୋକମାନଙ୍କର ବିଶ୍ୱାସ ଭାଜନ ହୋଇପାରିଛନ୍ତି ଏବଂ ନିଜ ନିଜର କାର୍ଯ୍ୟକ୍ଷେତ୍ରରେ ସମାଜକୁ ପ୍ରଭାବିତ କରିପାରିଛନ୍ତି; ସେମାନେ ହେଲେ ଶ୍ରୀ ନନ୍ଦନାରାୟଣ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ; ଶ୍ରୀ ଚନ୍ଦ୍ରଧର ଦଳିଆଇସିଂହ, ପୂର୍ବତନ ମନ୍ତ୍ରୀ; ଶ୍ରୀ ପବିତ୍ର ମୋହନ ପ୍ରଧାନ, ସାହିତ୍ୟିକ, ଐତିହାସିକ ଓ ସ୍ୱତନ୍ତ୍ର; ସୁଦର୍ଶନ ମହାନ୍ତି, ପୂର୍ବତନ ବିଧାୟକ; ଶ୍ରୀ ପ୍ରସାଦ ହରିଚନ୍ଦନ, ବିଧାୟକ ସତ୍ୟବାଦୀ; କବି ସତ୍ୟାନନ୍ଦ ଚମ୍ପତିରାୟ, ପୂର୍ବତନ ବିଧାୟକ; ଶ୍ରୀଯୁକ୍ତ ରାମଚନ୍ଦ୍ର ରାମ, ପୂର୍ବତନ ବିଧାୟକ; ଶ୍ରୀ ଦୁର୍ଗାଚରଣ ମହାନ୍ତି, ଶ୍ରମିକ ନେତା । ଏମାନଙ୍କ ମଧ୍ୟରେ ଏ ରାଜ୍ୟକୁ ସର୍ବାଧିକ କାଳ ନେତୃତ୍ୱ ଦେବାରେ କୀର୍ତ୍ତିମାନ ସ୍ଥାପନ କରିଥିବା ବର୍ତ୍ତମାନର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ବିଶେଷ ଭାବରେ ସ୍ମରଣୀୟ । ବହୁକାଳଧରି ସେ ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ମୁଖ୍ୟମନ୍ତ୍ରୀ ଭାବରେ ଏକ ଇତିହାସ ସୃଷ୍ଟି କରିଛନ୍ତି ।

ଦ୍ୱିତୀୟ ବିଂଶତିର (ସ୍ୱାଧୀନ ଭିତ୍ତଭୂମି) ବିକାଶ ଘଟିଥିଲା ଏହାର ମାଟିରୁ ଓଡ଼ିଶା ସାହିତ୍ୟ ଇତିହାସର ପ୍ରଣେତା କବି ମାୟାଧର ମାନସିଂହ, ଜ୍ଞାନପୀଠ ପୁରସ୍କାର ବିଜେତା ବିପ୍ଳବୀ କବି ସଚ୍ଚିଦାନନ୍ଦ ରାଉତରାୟ, କବିବର କାଳିଚରଣ ପଟ୍ଟନାୟକ, ଛାନ୍ଦସିକ ଚିନ୍ତାମଣି ଚରଣ ପଟ୍ଟନାୟକ, କବି ଦାମୋଦର ମହାନ୍ତି, ସାମ୍ବାଦିକ ଓ କବି ଜାନକୀବଲ୍ଲଭ ପଟ୍ଟନାୟକ, କବି ସତ୍ୟାନନ୍ଦ ଚମ୍ପତିରାୟ, ତାତ୍ତ୍ୱିକ ଅଶ୍ୱିନ ମୋହନ ପଟ୍ଟନାୟକ, କବି ହରିକୃଷ୍ଣ ପ୍ରଧାନ, ଶାନ୍ତିନିଧି ପଟ୍ଟନାୟକ (ପ୍ରଧାନ ଶିକ୍ଷକ)ଙ୍କ ଅମର ଲେଖନୀରେ ।

ଅନ୍ୟାନ୍ୟ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ଐତିହାସିକ ଦେବାଦନାଥ ମହାପାତ୍ର, ଐତିହାସିକ ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚରଣ ରାୟ, ସମାଜସେବୀ ଡକ୍ଟର ଯୋଗମାୟା ପଟ୍ଟନାୟକ ଓ ମହାମାୟା ପଟ୍ଟନାୟକ, ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ଶ୍ରୀ ଭାସ୍କର ମହାନ୍ତି, ଆଡ଼ଭୋକେଟ ଜେନେରାଲ ଶ୍ରୀ ଇନ୍ଦ୍ରଜିତ ରାୟ, ସିକିମ୍ ହାଇକୋର୍ଟର ମୁଖ୍ୟ ବିଚାରପତି ଶ୍ରୀ ସୁରେନ୍ଦ୍ର କିଶୋର ମହାନ୍ତି, ଡିଫେନ୍ସ ଆକାଉଣ୍ଟସର ଶ୍ରୀ ନୃସିଂହଚରଣ ପଟ୍ଟନାୟକ, ଆମେରିକାରେ ସ୍ୱଖ୍ୟାତି ଅର୍ଜନ କରିଥିବା ଡାକ୍ତର ଆଦିତ୍ୟ କମିନ, ଡାକ୍ତର ସନ୍ତୋଷ ମହାନ୍ତି, ଡାକ୍ତର ସେକ୍ସଚୌଧୁରୀ, ଭାରତ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଡକ୍ଟର ଦୁର୍ଗାପ୍ରସାଦ ପଟ୍ଟନାୟକ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଓ ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର ବୈକୁଣ୍ଠନାଥ ମିଶ୍ରଙ୍କ ନାମ ସ୍ମରଣୀୟ । ଏହି ବିଦ୍ୟାଳୟର ଉଭୟ ଛାତ୍ର ଓ ପ୍ରଧାନ ଶିକ୍ଷକ ଭାବରେ ଯେଉଁ ବ୍ୟକ୍ତି ନିଜର ଅନନ୍ୟ ପ୍ରତିଭା ପ୍ରତିପାଦନ କରି ପାରିଥିଲେ ସେ ହେଉଛନ୍ତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଦିବ୍ୟସିଂହ ପଟ୍ଟନାୟକ ।

ବିଭିନ୍ନ କ୍ଷେତ୍ରରେ ଏବଂ ନିର୍ମାଣ ଦିଗ ସହିତ ଯେଉଁମାନେ ପ୍ରଶଂସନୀୟ କାର୍ଯ୍ୟକରି ସମାଜ ସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି ସେମାନଙ୍କର ସଂଖ୍ୟା ଏତେ ଅଧିକ ଯେ ସେମାନଙ୍କ ନାମରେ ଏକ ସମ୍ପୂର୍ଣ୍ଣ ତାଲିକା ଦେବାକୁ ଯେତେ ଚେଷ୍ଟା କଲେ ବି ସମ୍ଭବ ନୁହେଁ । ସେମାନଙ୍କ ମଧ୍ୟରୁ କାହାରି ନାମ ଭୁଲିଯାଇ ଏବଂ ଅଜାଣତରେ ଛାଡ଼ିଯାଇ କାହାରି ମନରେ ଆଘାତ ଦେବା ଆମର ଅଭିପ୍ରାୟ ନୁହେଁ । ସାଧାରଣ ଭାବେ ଏତିକି କୁହାଯାଇପାରେ ଯେ ଅନେକ କୃତୀ ଛାତ୍ର ଦେଶରେ ଓ ବିଦେଶରେ ବିଭିନ୍ନ ଦେଶରେ ଅଧ୍ୟାପକ, ଡାକ୍ତର ଓ ଇଞ୍ଜିନିୟର ଅଛନ୍ତି ଏବଂ ସେମାନଙ୍କ ସେବା ମାଧ୍ୟମରେ ଓଡ଼ିଶା ତଥା ଭାରତର ସମ୍ମାନ ବୃଦ୍ଧି କରିଛନ୍ତି । ଜଣେ ଯୁବ ଇଞ୍ଜିନିୟର ଦୌଡ଼ାଳି ଲୌହ ପର୍ବତରେ କେନେରାଲ ମ୍ୟାନେଜର ଭାବରେ ନିଜ ଭଲ କାର୍ଯ୍ୟର ସୁଚାରୁ ନିର୍ବାହ କରି ଗୌରବ ଅର୍ଜନ କରିଛନ୍ତି । ଆହୁରି ଜଣେ ଛାତ୍ର ବିଶ୍ୱରେ କମ୍ପାନୀର ଜେନେରାଲ ମ୍ୟାନେଜର ଭାବରେ କାର୍ଯ୍ୟ କରୁଛନ୍ତି ।

ଗ୍ରାମ୍ୟବ୍ୟାଙ୍କଠାରୁ ଆରମ୍ଭ କରି ବିଭିନ୍ନ ବ୍ୟାଙ୍କ ପରିଚାଳନା ବ୍ୟବସ୍ଥାରେ, କୃଷି, ଫୋରିଷ୍ଟ, ଜଙ୍ଗଲ ଆଦି ବିଭାଗମାନଙ୍କର ଯେତେ ବିକାଶ ଘଟିଛି ସବୁଠାରେ ଏହି ବିଦ୍ୟାଳୟର ଛାତ୍ରମାନେ ଦକ୍ଷତାର ସହିତ କାର୍ଯ୍ୟରତ ଅଛନ୍ତି । ସର୍ବଭାରତୀୟ ସେବା କ୍ଷେତ୍ରରେ ମଧ୍ୟ କେତେକ ଛାତ୍ର ନିଜ ନିଜର ବିଚକ୍ଷଣତା, ଜ୍ଞାନ ଓ ବୁଦ୍ଧିବଳରେ ସୁନାମର ସହିତ କାର୍ଯ୍ୟ କରୁଛନ୍ତି । କେତେକ ସ୍ୱାଧୀନଚେତା ଛାତ୍ର ଚାକିରି ପ୍ରତି ମୋହ ଓ ଆସକ୍ତି ନରଖି ସେମାନଙ୍କର ମେଧା ଓ ସାହସକୁ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଏବଂ ଅନ୍ୟାନ୍ୟ ବ୍ୟବସାୟରେ ସଫଳ ଭାବେ ବିନିଯୋଗ କରୁଛନ୍ତି । ଏହି ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରୁ କେତେ ଯେ ସାଧୁ, ସତ୍ୟବାଦୀ, ପିତୃମାତୃ-ଭକ୍ତ, ଧାର୍ମିକ, କର୍ତ୍ତବ୍ୟନିଷ୍ଠ, ଉଦାର, ପରୋପକାରୀ, ସମାଜସେବୀ, ବନ୍ଧୁପ୍ରିୟ, ମିଷ୍ଟଭାଷୀ, ସଚ୍ଚରିତ୍ର, ସଜ୍ଜନ ଜଣମଙ୍କ ପରି ସମାଜରେ ନିଜର ସୌଜନ୍ୟର ସୁବାସ ବିତରଣ କରୁଛନ୍ତି, ତା'ର ହିସାବ କିଏ ରଖିଛି । ସେହି ଅଗଣିତ ଅଜଣା ଜ୍ଞାନ ମଣିଷମାନଙ୍କ ପାଇଁ କବସୁରି ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ ଦିନକୁ ଦିନ ମହାନ୍ ହୋଇଉଠୁଛି । ସେହି ମାନଙ୍କର ଆଦର୍ଶରେ ଆଗାମୀ ଶତ ଶତ ବର୍ଷର ଅଗଣିତ ଛାତ୍ରମାନଙ୍କର ଜୀବନକୁ ଗଢ଼ିବା ଏବଂ ଏକ ଉନ୍ନତ ପରମ୍ପରାର ପ୍ରବାହକୁ ଅବ୍ୟାହତ ରଖିବା ଅଭିଳାଷ ନେଇ ଶତବାର୍ଷିକୀ ପାଳନ ଏକମାତ୍ର ଉଦ୍ଦେଶ୍ୟ । ଜୀବନରେ ଯଶସ୍ୱୀ ହେବା, ଅମର କୀର୍ତ୍ତିର ଅଧିକାରୀ ହୋଇପାରିବା, ଅନାମଧେୟ ବ୍ୟକ୍ତି ସ୍ୱନାମଧନ୍ୟ ହୋଇପାରିବାର ସମ୍ଭାବନା ପ୍ରତି ମୁହୂର୍ତ୍ତରେ ରହିଛି ଏବଂ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରହିବ । ଜୀବନରେ ଉନ୍ନତି କରିବା ପାଇଁ ବିଳମ୍ବ ହୋଇଗଲାଣି ବୋଲି ଭାବିବା କେବେ ବି ଠିକ ନୁହେଁ । କିନ୍ତୁ ଆଚରଣର ପରମ୍ପରାରେ ପ୍ରତି ଛାତ୍ର ନିଜକୁ ଯୋଗୀ ବି.ଜେ.ବି. ଉଚ୍ଚ ବିଦ୍ୟାଳୟର ଛାତ୍ର ବୋଲି ପରିଚୟ ଦେବାରେ ଗର୍ବ ଅନୁଭବ କରନ୍ତି । ସେମାନେ କ୍ଲାନ୍ତି, ପ୍ରତାରଣା, ଅସାଧୁତା, ଅନିଶ୍ଚୟତା, ଅକ୍ଷମତା, କର୍ତ୍ତବ୍ୟ ବିମୁଖତା ଓ ଦାରିଦ୍ର୍ୟ ବିରୋଧରେ ଅହରହ ସଂଗ୍ରାମ କରି ଭାରତୀୟ ସଂସ୍କୃତି ଭିତ୍ତିରେ ନୂତନ ଯୁଗର ସ୍ରଷ୍ଟା ହୁଅନ୍ତୁ । ଅନୁଷ୍ଠାନର ଗରିମା ସମାଜ ଗାଇବା ସୁନ୍ଦର ହେବ । ଛାତ୍ରମାନଙ୍କର ମହତ୍ତ୍ୱତା ଠିକ୍ କଥା କହିବ ।

ଏହି ସ୍ମାରକୀର ଜନ୍ମଭୂମିରେ ଯେଉଁ କେତେକଣ ପ୍ରତିଭାଶାଳୀ ଛାତ୍ରମାନଙ୍କ ଉଦ୍ୟମ, ଉତ୍ସାହ, ସାହସ ଓ ପ୍ରେରଣା ପାଇଁ ସେମାନଙ୍କର ସୁସ୍ପଷ୍ଟ ପଦଚିହ୍ନ ଆଜି ରହିଛନ୍ତି ସେମାନେ ବୟସରେ ନବୀନ, ତରୁଣ ବା କିଶୋର ହେଲେ ବି ସେମାନଙ୍କର ନାମ ବିଦ୍ୟାଳୟର ଇତିହାସରେ ଶତାବ୍ଦୀ ଶତାବ୍ଦୀ ପାଇଁ ଲିପିବଦ୍ଧ ହୋଇ ରହିଛି ଓ ରହିବ ସେମାନେ ହେଲେ-

୧- ପ୍ରଭାକର ମହାପାତ୍ର, ମାଟ୍ରିକ ପରୀକ୍ଷାରେ ପ୍ରଥମ, ୧୯୪୬
୨- ସଚ୍ଚିଦାନନ୍ଦ ସିଂହ, ମାଟ୍ରିକ ପରୀକ୍ଷାରେ ଅଷ୍ଟମ, ୧୯୪୬
୩- ବଙ୍କିମ ଚନ୍ଦ୍ର ମହାନ୍ତି, ମାଟ୍ରିକ ପରୀକ୍ଷାରେ ପ୍ରଥମ, ୧୯୫୮
୪- ଯତୀନ୍ଦ୍ରନାଥ ଦାସ, ମାଟ୍ରିକ ପରୀକ୍ଷାରେ ତୃତୀୟ, ୧୯୫୯
୫- ପ୍ରଦ୍ୟୁମ୍ନଚନ୍ଦ୍ର ମିଶ୍ର, ମାଟ୍ରିକ ପରୀକ୍ଷାରେ ତୃତୀୟ, ୧୯୬୨
୬- ନଗେନ୍ଦ୍ର କୁମାର ନନ୍ଦ, ମାଟ୍ରିକ ପରୀକ୍ଷାରେ ଚତୁର୍ଥ, ୧୯୬୫
୭- ସଞ୍ଜୟ ପଟ୍ଟନାୟକ, ମାଟ୍ରିକ ପରୀକ୍ଷାରେ ପ୍ରଥମ, ୧୯୭୬
୮- ଧୀରେନ୍ଦ୍ର ମିଶ୍ର, ମାଟ୍ରିକ ପରୀକ୍ଷାରେ ପ୍ରଥମ, ୧୯୮୦
୯- କମଳ କୁମାର ଅଗ୍ରୱାଲା, ମାଟ୍ରିକ ପରୀକ୍ଷାରେ ତୃତୀୟ, ୧୯୮୩
୧୦- ଶୁଭାଶିଷ ନାଥ, ମାଟ୍ରିକ ପରୀକ୍ଷାରେ ଦ୍ୱିତୀୟ, ୧୯୮୭

ବିଦ୍ୟାଳୟ ପାଇଁ ସବୁଠାରୁ ଅଧିକ ଯଶ ଓ ଗୌରବ ଆଣି ଦେଇଛନ୍ତି ଏ ବିଦ୍ୟାଳୟର କ୍ରୀଡ଼ାବିତ୍ ଛାତ୍ରମାନେ । କୁହାଯାଏ ପ୍ରୀତିରଙ୍କୁ ନଡ଼ାର ଫୋଲଥିଲା ଗଟନ୍ ସ୍କୁଲର ଖେଳ ପଡ଼ିଆରେ । ଏବେ ମଧ୍ୟ ମୋତେ ଲାଗେ ବିଦ୍ୟାଳୟ ଓ ଛାତ୍ରାବାସ ମଧ୍ୟଭାଗରେ ଅବସ୍ଥିତ ଖେଳପଡ଼ିଆ, ଖେଳ ପଡ଼ିଆ ନୁହେଁ ତ ଯୁଦ୍ଧଭୂମି । ତା'ର ପ୍ରତିଟି ଧୂଳିକଣାରେ ଖେଳାଳୀର ବିଜୟ ଗୌରବ ବିଜଡ଼ିତ । ବର୍ଷକରେ ଉଭୟପ୍ରାନ୍ତ କ୍ରୀଡ଼ାପ୍ରାନ୍ତର, କରତାଳିରେ ପ୍ରକମ୍ପିତ ପବନ, ଚିୟର୍ ଅପ୍ ଧ୍ୱନିରେ ମୁଖରିତ ଗଗନ । ବିଭିନ୍ନ ଖେଳରେ ବିଭିନ୍ନ ସମୟରେ ବହୁବାର ଚାମ୍ପିଅନ, ବହୁବାର ପୁରସ୍କୃତ ହୋଇଛି ବିଦ୍ୟାଳୟ । ଅନେକ ଏହା ଫୁଟବଲ ଖେଳରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରି ସୁବ୍ରତ ମୁଖାର୍ଜୀ କପ୍ ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ଫାଇନାଲ ଖେଳ ପର୍ଯ୍ୟନ୍ତ ଉଠିଥିଲା । ସବୁବେଳେ କ୍ରୀଡ଼ାପ୍ରାନ୍ତରରେ ବିଦ୍ୟାଳୟ ତାର ନାମହିଁ ଉଚିତର ଦେଇଆସିଛି । ଅନ୍ୟ ବିଦ୍ୟାଳୟକୁ ଖେଳିବାକୁ ଗଲେ ଲୋକେ ଖୋର୍ଦ୍ଧା ଟିମ୍‌କୁ ଦେଖିବାକୁ ଆସନ୍ତି । ପ୍ରତିଦିନ ବିଦ୍ୟାଳୟ ଛୁଟି ପରେ ଖେଳରେ ତନ୍ମୟ ହୋଇଯାଉଥିବା ଛାତ୍ରମାନଙ୍କୁ ଦେଖିଲେ ବିବେକାନନ୍ଦଙ୍କ ବାଣୀର ତାତ୍ପର୍ଯ୍ୟ ବେଶ୍ ବୁଝିହୁଏ- ''ଏ ଜାତିର ମୁକ୍ତି ଭଗବତ୍ ଗୀତାରେ ନାହିଁ, ଅଛି ଖେଳ ପଡ଼ିଆରେ । ଏହି ତ ୧୯୮୮ ମସିହାରେ ହକି ଓ ବାସ୍କେଟବଲ ପ୍ରତିଯୋଗିତାରେ ବିଦ୍ୟାଳୟ ଜିଲ୍ଲା ଚାମ୍ପିଅନ ହୋଇ କେନ୍ଦ୍ର ସରକାରଙ୍କଠାରୁ ୧୦,୦୦୦+ ୧୦,୦୦୦= ୨୦,୦୦୦ ଟଙ୍କା ପୁରସ୍କାର ଲାଭ କରିଥିଲା । ହକି ଟିମ୍‌ର କ୍ୟାପଟେନ୍ ଥିଲେ ପୃଥ୍ୱୀରାଜ ପ୍ରଧାନ ଓ ବାସ୍କେଟବଲ ଟିମ୍‌ର କ୍ୟାପଟେନ ଥିଲେ ଅଶୋକ କୁମାର ପଡ଼ାର ।

କ୍ରୀଡ଼ାରେ ଯେଉଁମାନେ ଗୌରବ ବଢ଼ାଇଛନ୍ତି- ୧୯୩୨ ମସିହାରେ ରଘୁନାଥ ପଟ୍ଟନାୟକ (କ), ସମସୁନ୍ଦର ଉଦ୍ଧବନ, କନ୍ଧୁଧର ପ୍ରଧାନ, ସୁରୀ ପ୍ରଧାନ, ରଘୁନାଥ ପଟ୍ଟନାୟକ (ଖ) ଫୁଟବଲ ଖେଳରେ ବିଶେଷ କୃତିତ୍ୱ ପ୍ରଦର୍ଶନ । ୧୯୪୩/୪୪ରେ ଧ୍ରୁବ ମିଶ୍ର, ସାଗରମଲ୍ଲ ଅଗ୍ରୱାଲା, ସଚ୍ଚିଦାନନ୍ଦ ଦାସ, ସରୋଜ ଦାସ, ବିଶ୍ୱନାଥ ଦାସ, ବ୍ରଜାନନ୍ଦ ଦାସ, ଡାନିଏଲ ଦାସ- ଏମାନେ ଫୁଟବଲ ଖେଳରେ କଟକ ଟିମ୍‌କୁ ପରାସ୍ତ କରି କୃତି ହାସଲ କରିଥିଲେ । ୧୯୫୦ରେ ମହମ୍ମଦ କୁଦ୍ଦୁସ୍, ଶେଖ୍ ରହିମ, ରାଧାଗୋବିନ୍ଦ ଦାସ, ପ୍ରେମାନନ୍ଦ ପରିଡ଼ା, ଲୋକନାଥ ନନ୍ଦ ଶରତ ବୋରା, ମହମ୍ମଦ ଆବୁବକର, ମହମ୍ମଦ ଯେହିୟା, ବ୍ରଜ ଭାରତୀୟ ଫୁଟବଲ ଖେଳରେ ଟାଙ୍ଗି ହାଇସ୍କୁଲକୁ ପରାସ୍ତ କରି କୃତି ହାସଲ କରିଥିଲେ । ୧୯୫୨/୫୩ରେ ଶେଖ୍ ଲତିଫ ବକସ, ଶେଖ୍ ହଇଦର୍ ବକସ, ରମେନ୍ଦ୍ର ପ୍ରଧାନ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିଲେ । ୧୯୫୪/୫୫- ଶେଖ୍ ରହିମ, ଅବ୍ଦୁଲ୍ଲା, ଭଗାଦୁର ରହମନ, ରବିନ୍ ସନ୍, ଶେଖ୍ ଅକାହାର, ଶେଖ୍ ଏକ୍ରାମ, ଭାଦାଦାଲି ଭାଉଦଲାଇ, ଅବଦୁଲ ରହିମ, ହଫିଜୁର୍ ରହମନ ଫୁଟବଲ ଖେଳରେ ଟାଙ୍ଗି ହାଇସ୍କୁଲକୁ ପରାସ୍ତ କରିଥିଲେ ୧୯୬୯ରେ ମାନସଚନ୍ଦ୍ର ପରିଡ଼ା, ଅମରେନ୍ଦ୍ର ସିଂହସାମନ୍ତ, ଫୁଟବଲ ଖେଳରେ ରାଜ୍ୟସ୍ତରୀୟ ଦଳରେ ଖେଳିବାପାଇଁ ନିର୍ବାଚିତ ହୋଇଥିଲେ । ୧୯୯୩ରେ ଅଜୟ କୁହୁ ଜିଲ୍ଲା ଦଳରୁ ନିର୍ବାଚିତ ହୋଇ ରାଜ୍ୟସ୍ତରରେ ଫୁଟବଲ ଖେଳିବା ପାଇଁ ସୁଯୋଗ ପାଇଥିଲେ, ସେଠାରେ କୃତିତ୍ୱ ପାଇଁ ପୁରସ୍କୃତ ହୋଇଥିଲେ । ୧୯୯୪ରେ ମହେଶ୍ୱର ମାଝୀ ଫୁଟବଲ ଖେଳରେ ଜିଲ୍ଲାସ୍ତରରୁ ରାଜ୍ୟସ୍ତରକୁ ନିର୍ବାଚିତ ହୋଇ ଫୁଟବଲ ଖେଳିଥିଲେ ।

**ଉପସଂହାର:-** ଆମେ ଯଦି ଶିକ୍ଷାୟତନର ପରିଚାଳନାଗତ, ଅସହାୟତା ଏବଂ ସାମାଜିକ ସମସ୍ୟାର ସମାଧାନ ନ ଥିବା ପାଠ୍ୟକ୍ରମ ସହିତ ନୂତନ ଏକ ଶତାବ୍ଦୀରେ ପାଦ ଦେଲୁ କିଛି ଲାଭ ହେବନାହିଁ । ପରିସ୍ଥିତି ଯଦି ଅପରିବର୍ତ୍ତିତ ରହେ, ତାର ପରିଣତି ଅପରିକଳ୍ପିତ ରହିବ । ଶତାବ୍ଦୀର ପ୍ରବାହରେ ପରିବର୍ତ୍ତନ ଘଟିବନାହିଁ, ଶିକ୍ଷାୟତନ ଗୁଡ଼ିକ ଯେପରି ଚାଲିଛି ସେପରି ଚାଲିଥିବ, ଶିକ୍ଷକମାନେ ଯେପରି ପାଠ ପଢ଼ାଉଛନ୍ତି ଅଭିଜ୍ଞତାର ଅଭିବୃଦ୍ଧି ହେତୁ ଆହୁରି ଦକ୍ଷତାର ସହିତ ପାଠ ପଢ଼ାଇବେ; ଶିକ୍ଷାର୍ଥୀମାନେ ଅଧିକ ମୂଲ୍ୟବାନ ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସିବେ, କିନ୍ତୁ ସମସ୍ୟା, ସମସ୍ୟା ହୋଇ ରହିଥିବ । ଶତବାର୍ଷିକୀ ପାବନ ପର୍ବରେ ବିଦ୍ୟାଳୟରେ ପୁଣି ଘଣ୍ଟା ବାଜିବ, ମୂଲ୍ୟବୋଧ ସହିତ ସମ୍ପର୍କ ନ ଥାଇ ସାଂସ୍କୃତିକୁ ଶକ୍ତି ଆହରଣ ନ କରି ଶିକ୍ଷାର୍ଥୀକୁ ସ୍ୱାବଲମ୍ବୀ, ସ୍ୱାଭିମାନୀ ଏବଂ ଆତ୍ମବିଶ୍ୱାସୀ ନ କରି ଏ ଶିକ୍ଷା ଯେପରି ଚାଲିଛି ସେମିତି କ ଚାଲିବା ଭଲ । ଏପରିସ୍ଥିତିରେ ବିଦ୍ୟାଳୟରେ ଘଣ୍ଟା ବାଜିବା କିଛିଦିନ ପାଇଁ ବନ୍ଦ ହୋଇଗଲେ ଏ ଜାତିର ମଙ୍ଗଳ ହେବ । ନୂଆ ଦର୍ଶନ, ନୂଆ ପାଠ୍ୟକ୍ରମ, ନୂଆ ବହି ନେଇ ଆମେ ଶିକ୍ଷକମାନେ ଦେଖାଇପାରିବୁ, ''ଗୋଟିଏ ଜାତି ତାର ପାଠଶାଳାରେ ଗଢ଼ା ଯାଇପାରେ ।'' ଅଦ୍ୟାପି ଅନାଗତ ହୋଇଁ ଉପସ୍ଥିତ ଦିବସ ପାଇଁ ଖୋର୍ଦ୍ଧା ବକସୀ ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟର ଏକ ପ୍ରସ୍ତୁତି ପର୍ବ- ଏହି ଶତବାର୍ଷିକୀ ଉତ୍ସବ ।



# ଖୋର୍ଦ୍ଧା-ଇତିହାସରେ ବକ୍ସି-ଦେୱାନ୍-ରାଜଗୁରୁ ଏବଂ ଶତାବ୍ଦୀ-ସ୍ମୃତିରେ ଖୋର୍ଦ୍ଧା ହାଇସ୍କୁଲ

ଶ୍ରୀ ଫକୀର ହରିଚନ୍ଦନ

ସାରା ଓଡ଼ିଶାରେ ଖୋର୍ଦ୍ଧାର ଏକ ନିଜସ୍ୱ ଐତିହ୍ୟ ଓ ପରମ୍ପରାର ସ୍ୱତନ୍ତ୍ର ସ୍ଥାନ ରହିଛି । ସେ ଐତିହ୍ୟ ଓ ପରମ୍ପରାର ପୃଷ୍ଠଭୂମି ହେଉଛି ଖୋର୍ଦ୍ଧାର ଭୋଇ ରାଜବଂଶକାଳର ସମୃଦ୍ଧ ଇତିହାସ, ଯାହାକୁ ଦୀର୍ଘ ଅଢ଼େଇଶହ ବର୍ଷ ବ୍ୟାପୀ ଓଡ଼ିଶାର ଇତିହାସ ବୋଲି ମଧ୍ୟ କୁହାଯାଏ । କାରଣ ଓଡ଼ିଆ ଜାତିର ପ୍ରାଣ-ପ୍ରଦୀପ ସ୍ୱୟଂ ଶ୍ରୀଜଗନ୍ନାଥଙ୍କ ଅସ୍ତିତ୍ୱ ସହିତ ସେ ଇତିହାସ ଓତପ୍ରୋତ ଭାବେ ଜଡ଼ିତ ।

ସାରା ଭାରତବର୍ଷର ଉଦାର ଧର୍ମ ସଂସ୍କୃତିକୁ ଶ୍ରୀଜଗନ୍ନାଥ ସଂସ୍କୃତିର ସାର୍ବଜନୀନ ଧର୍ମତତ୍ତ୍ୱର ମହାନ୍ ଅବଦାନ ଯେଉଁପରି ଅନାବଦ୍ୟନୀୟ, ସାମ୍ପ୍ରଦାୟିକ ସଦ୍‌ଭାବ ରକ୍ଷା କ୍ଷେତ୍ରରେ ଖୋର୍ଦ୍ଧାର ବିରଳ ଅବଦାନ ମଧ୍ୟ ସେହିପରି ଅତୁଳନୀୟ । ଏଠି ମାଣିକଗୋଡ଼ା ଗାଁର ହିନ୍ଦୁପର୍ବ ଦଶହରା ପ୍ରହାରେ ମୁସଲମାନ ବନ୍ଧୁ-ବେହେରାଙ୍କର ହିନ୍ଦୁରୀତିରେ ଖଣ୍ଡାପୂଜା କରିବା ଏବଂ ହିନ୍ଦୁବେଶରେ କୁଣ୍ଡଳକୁ ପିନ୍ଧି ହିନ୍ଦୁ ପୁରୋହିତଙ୍କ ଦ୍ୱାରା ସମାହିତ ହୋମକାର୍ଯ୍ୟରେ କର୍ତ୍ତା ହୋଇ ବସିବା ଯେଉଁପରି ପ୍ରଶଂସନୀୟ, କାଇତପଦର ଗାଁରେ ପ୍ରତିଷ୍ଠିତ ମୁସଲମାନ ପୀରବାବା ବୋଖାରୀ ସାହେବଙ୍କ ସମାଧି ପୀଠରେ ହିନ୍ଦୁମାନେ ଧୂପଦୀପ ନୈବେଦ୍ୟ ଦେଇ ମୁସଲମାନ ପ୍ରଥାରେ ଦ୍ୱାର ପ୍ରାର୍ଥନା କରିବା ମଧ୍ୟ ସେହିପରି ଅଭିନନ୍ଦନୀୟ । ଖୋର୍ଦ୍ଧାର ସାମାଜିକ ପରିଚୟ ସଂସ୍କୃତି ମଧ୍ୟ ଉଭୟ ହିନ୍ଦୁ ଏବଂ ମୁସଲମାନଙ୍କର ସମ୍ମିଳିତ ସାମାଜିକ ସାମର୍ଥ୍ୟକୁ ନେଇ ସମୃଦ୍ଧ । ସୁତରାଂ ଖୋର୍ଦ୍ଧାର ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟର ସହାବସ୍ଥାନ ଆଉ ସତ୍ ଧର୍ମାଚରଣର ଆଦର୍ଶ ଦୃଷ୍ଟାନ୍ତ କେବଳ ଧ୍ୱନିରେ ନୁହେଁ, ଦୈନନ୍ଦିନ ସାମାଜିକ ଚଳଣିରେ ମଧ୍ୟ ଜାତୀୟ ସଂହତି କ୍ଷେତ୍ରରେ ଭାଇ ଭାଇ-ମୈତ୍ରୀବନ୍ଧନର ଏକ ଉଜ୍ଜ୍ୱଳ ଦୀପଶିଖା ।

ସେହିପରି ସାରା ଭାରତରେ ବିଦେଶୀ ବ୍ରିଟିଶ ଶାସନ ବିରୋଧରେ ସର୍ବପ୍ରଥମ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା ଏଇ ଖୋର୍ଦ୍ଧା ଭୂଇଁରେ । ସେଥିପାଇଁ ଖୋର୍ଦ୍ଧା ଇତିହାସକୁ ନେଇ ଖୋର୍ଦ୍ଧା ଯେପରି ସ୍ପନ୍ଦିତ ଓ ଗର୍ବିତ, ଓଡ଼ିଶା ସେହିପରି ଗୌରବାନ୍ୱିତ । ଶକ୍ତିଶାଳୀ ବ୍ରିଟିଶ ବାହିନୀ କଟକର ବାରବାଟି ଦୁର୍ଗକୁ ମରହଟ୍ଟା ସୈନ୍ୟବାହିନୀ ହାତରୁ ଉଦ୍ଧାର ନେଇଥିଲେ ମାତ୍ର କେତେ ଘଣ୍ଟା ମଧ୍ୟରେ; କିନ୍ତୁ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପରିଚାଳିତ ଖୋର୍ଦ୍ଧାର ପାଇକ ବାହିନୀ ହାତରୁ ଖୋର୍ଦ୍ଧା ଦୁର୍ଗକୁ ଉଦ୍ଧାର ନେବାପାଇଁ ସେମାନଙ୍କୁ ଲାଗି ଯାଇଥିଲା ଦୀର୍ଘ ତିନିସପ୍ତାହ କାଳ । ସେହିପରି ବ୍ରିଟିଶ ଶାସନ ବିରୋଧରେ ବକ୍ସି ଜଗବନ୍ଧୁ ଓ ଦେୱାନ୍ କୃଷ୍ଣଚନ୍ଦ୍ରଙ୍କ ଦ୍ୱାରା ପରିଚାଳିତ ଖୋର୍ଦ୍ଧାର ପାଇକ ବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ କ୍ଷେତ୍ରରେ ଏକ ସମୁଜ୍ଜ୍ୱଳ ଓ ଶାଶ୍ୱତ ଆଲୋକସ୍ତମ୍ଭ ରୂପେ ଠିଆ ହୋଇରହିଛି ।

କିନ୍ତୁ ବ୍ରିଟିଶ ଶାସନ ବିରୋଧରେ ଖୋର୍ଦ୍ଧାର ସେହି ବୀର ପୁରୁଷମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଉଜ୍ଜ୍ୱଳିତ ଐତିହ୍ୟର ଉଜ୍ଜ୍ୱଳ ଦୀପଶିଖା ଆକାଶକୁ ଛୋଇଁ ଉଠିଥିବାବେଳେ ତା'ର ତଳେ ଅହେତୁକ ଅନ୍ଧକାରର ପର୍ଦ୍ଦା ଟାଣି ହୋଇରହିଛି । ପ୍ରଜ୍ୱଳିତ ପ୍ରଦୀପକୁ ତଳେ ରଖିଦେଲେ ତାର ତଳ ଅନ୍ଧାର ରହିଯାଏ, ସେଠିକୁ ଦୀପାଲୋକ ଯାଇପାରେ ନାହିଁ; କିନ୍ତୁ ସେହି ଦୀପକୁ ଉପରକୁ ଟେକି ଧରିଲେ ତାହା ଚତୁର୍ଦ୍ଦିଗକୁ ଆଲୋକିତ କରେ । ଆମେ ଏଯାଏଁ ଆମର ସେହି ବୀର ପୁରୁଷମାନଙ୍କର ଗୌରବୋଜ୍ଜ୍ୱଳ ଜାତୀୟ ଚରିତ୍ରକୁ ଉଚ୍ଚକୁ ଉଠାଇ ଟେକି ଧରି ପାରିନାହୁଁ, ସେଥିପାଇଁ ଦୀପତଳ ଅନ୍ଧାର । ସେହି ଗୌରବୋଜ୍ଜ୍ୱଳ ଦୀପଶିଖାର ଆଲୋକ ଏଯାଏଁ ଆମ ଜାତୀୟ ଜୀବନର ଦୃଢ଼ତତ୍ତ୍ୱକୁ ସ୍ପର୍ଶ କରିପାରି ନାହିଁ, ସେ ଗୌରବ ଗାଥାର ଐତିହ୍ୟକୁ ଇତିହାସ ଏଯାଏଁ ସଠିକ ଭାବେ ଉନ୍ମୁକ୍ତ କରିନାହିଁ । ପକ୍ଷାନ୍ତରେ ଇତିହାସ ସେହି ବୀରପୁରୁଷମାନଙ୍କ ଜାତୀୟ ଚରିତ୍ରକୁ ବିକୃତ ଓ ଅବଲୁପ୍ତ କରିବାର ଅପଚେଷ୍ଟା କରିଛି । ଏହା ଅବଶ୍ୟ ଆଲୋଚ୍ୟ ଓ ପ୍ରଣିଧାନଯୋଗ୍ୟ ।

ପ୍ରଥମରୁ ସୂଚିତ ହୋଇଛି- ଖୋର୍ଦ୍ଧା ଇତିହାସ କହିଲେ ମୁଖ୍ୟତଃ ଖୋର୍ଦ୍ଧାର ଭୋଇ ରାଜବଂଶର ରାଜତ୍ୱକାଳକୁ ହିଁ ବୁଝାଏ ଏବଂ ତାହାହିଁ ତତ୍କାଳୀନ ଓଡ଼ିଶାର ଇତିହାସ : ସେ ଇତିହାସରେ ପ୍ରଚ୍ଛିନ୍ନ କ୍ରମାନ୍ୱିକ ତଥ୍ୟଗୁଡ଼ିକୁ ଲୋକଲୋଚନକୁ ଆଣିବା ଏ ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ । ଯେଉଁ ବୀରପୁରୁଷମାନଙ୍କର ଗୌରବଗାଥାକୁ ନେଇ ଖୋର୍ଦ୍ଧା ଇତିହାସ ସମୃଦ୍ଧ ସେମାନଙ୍କ ମଧ୍ୟରେ ଭୋଇ ରାଜବଂଶର ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ର ଦେବ, ସେହି ବଂଶର ଦ୍ୱାଦଶରାଜା ମୁକୁନ୍ଦଦେବଙ୍କ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ଏବଂ ରାଜଗୁରୁ ଜୟକୃଷ୍ଣ ମହାପାତ୍ରଙ୍କ ନାମ ସର୍ବାଗ୍ରେ ଉଲ୍ଲେଖଯୋଗ୍ୟ । ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ତେଲେଙ୍ଗା ମୁକୁନ୍ଦଦେବଙ୍କ ମୃତ୍ୟୁପରେ ଯେତେବେଳେ ବିଧର୍ମୀ କଳାପାହାଡ଼ର ଶ୍ରୀଜଗନ୍ନାଥ ମନ୍ଦିର ସମେତ ହିନ୍ଦୁଧର୍ମ ଦୀକ୍ଷିଗୁଡ଼ିକ ଉପରେ ବର୍ବରୋଚିତ ଆକ୍ରମଣ ଫଳରେ ଓଡ଼ିଶାରେ ଉତ୍କଟ ଅରାଜକତା ଦେଖାଦେଇଥିଲା, ସେତିକିବେଳେ ହିଁ ରାମଚନ୍ଦ୍ର ଦେବ ଖୋର୍ଦ୍ଧାର ପାଇକ ବୀରମାନଙ୍କର

ସହାୟତାରେ ଖୋର୍ଦ୍ଧା ରାଜ୍ୟ ଗଠନ କରି ବରୁଣେଇ ପାହାଡ଼ ପାଦଦେଶରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ସେଥିପାଇଁ ଗଜପତି ରାମଚନ୍ଦ୍ର ଦେବ ଖୋର୍ଦ୍ଧା ରାଜବଂଶର ପ୍ରତିଷ୍ଠାତା ଏବଂ ସ୍ୱତନ୍ତ୍ର ଖୋର୍ଦ୍ଧା ଇତିହାସର ସୃଷ୍ଟିକର୍ତ୍ତା ଭାବେ ଓଡ଼ିଆ ଜାତିର ନମସ୍ୟ ଏବଂ ଚିର ସ୍ମରଣୀୟ ।

ବସ୍ତୁତଃ, ଭୋଇବଂଶ ରାଜତ୍ୱ କାଳରେ ଖୋର୍ଦ୍ଧା କହିଲେ ଓଡ଼ିଶାକୁ ଏବଂ ଓଡ଼ିଶା କହିଲେ ଖୋର୍ଦ୍ଧାକୁ ହିଁ ବୁଝାଉଥିଲା । ଖୋର୍ଦ୍ଧା ରାଜବଂଶ ଦୀର୍ଘ ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱକାଳ ରାଜତ୍ୱ କଲାପରେ ଖୋର୍ଦ୍ଧା ରାଜ୍ୟର ପତନ ଘଟିଲା ୧୮୦୪ ଖ୍ରୀଷ୍ଟାବ୍ଦରେ, ଯେତେବେଳେ ଇଂରେଜମାନେ ଓଡ଼ିଶାକୁ ଅଧିକାର କରି ଭୋଇବଂଶର ୧୨ଶ ରାଜା ୨ୟ ମୁକୁନ୍ଦଦେବଙ୍କୁ ରାଜଚ୍ୟୁତ କରିବା ସହିତ ଖୋର୍ଦ୍ଧାରାଜ୍ୟର ସ୍ୱାଧୀନତା ଲୋପ କରିଦେଲେ । ସେତିକିବେଳେ ଓଡ଼ିଶାର ସ୍ୱାଧୀନତାର ପୁନରୁଦ୍ଧାର ପାଇଁ କଳିଙ୍ଗବୀର ଇଂରେଜ ସରକାର ସଂଗେ ପ୍ରାଣମୁଖୀ ସଂଗ୍ରାମ କରାଇଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଦେୱାନ୍ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ଏବଂ ରାଜଗୁରୁ ଜୟକୃଷ୍ଣ ମହାପାତ୍ର । ଏହି ୩ ଜଣ ବୀରପୁରୁଷଙ୍କ ପାଇଁ ଓଡ଼ିଆ ଜାତି ଗର୍ବିତ, ଓଡ଼ିଶା ଗୌରବାନ୍ୱିତ ଏବଂ ଓଡ଼ିଶାର ଐତିହ୍ୟ ସମୃଦ୍ଧ । କିନ୍ତୁ ଦୁଃଖର ବିଷୟ ଇଂରେଜ ଲେଖକମାନଙ୍କ ଚକ୍ରାନ୍ତ ଓ ଦୁରଭିସନ୍ଧି ଫଳରେ ଖୋର୍ଦ୍ଧା ଇତିହାସ ଏବଂ ଏହି ତିନିଜଣ ପ୍ରାତଃସ୍ମରଣୀୟ ବୀରପୁରୁଷଙ୍କ ସଂପର୍କରେ କେତେକ ବିଭ୍ରାନ୍ତିକର ତଥ୍ୟ ସ୍ଥାନ ପାଇପାରିଛି, ଯାହା ଆମର ଜାତୀୟ କଳଙ୍କରୂପେ ପରିଚିତ । ନିଶ୍ଚୟ ସୂର୍ଯ୍ୟକୁ ମେଘ ଆଚ୍ଛାଦନ କଲେ ସାମୟିକ ଭାବେ ସୂର୍ଯ୍ୟ ଅଦୃଶ୍ୟ ହୋଇଯାଏ, କିନ୍ତୁ ସୂର୍ଯ୍ୟାଲୋକ ଆକାଶରୁ ଅନ୍ତର୍ହିତ ହୁଏନାହିଁ କିମ୍ବା ଦିବସ କଦାପି ରାତ୍ରିରେ ପରିଣତ ହୁଏନାହିଁ । ସେହିପରି ବକ୍ସି ଜଗବନ୍ଧୁ, ଦେୱାନ, କୃଷ୍ଣଚନ୍ଦ୍ର ଓ ଜୟୀ ରାଜଗୁରୁଙ୍କର ଇଂରେଜ ଶାସନ ବିରୋଧରେ ଗୌରବମୟ ଭୂମିକାକୁ ନେଇ ସମୃଦ୍ଧ ଖୋର୍ଦ୍ଧା ଇତିହାସର କାଳଜୟୀ ଆଲୋକ ଛଟାକୁ ଇଂରେଜମାନେ ସାମୟିକ ଭାବେ କଳାପରଦାରେ ଢାଙ୍କି ଦେଇଥିଲେ ବି ସେ ଆଲୋକ କଦାପି ଲିଭିଯିବ ନାହିଁ କିମ୍ବା ବିସ୍ମୃତ ହେବନାହିଁ । ଯେ ଯାହାଏ ଦୁର୍ଦ୍ଧର୍ଷ ବୀର ଜାତିର ଜାତୀୟତା ପ୍ରତି ସାମ୍ରାଜ୍ୟବାଦୀ ଇଂରେଜ ବାହିନୀର ବର୍ବରୋଚିତ ଉପସ୍ଥାପନା ଯେତିକି ମାତ୍ରାରେ ନିନ୍ଦନୀୟ, ସେହି ଦୁର୍ଦ୍ଧର୍ଷ ବୀର ଜାତିର ଗୌରବମୟ କୀର୍ତ୍ତି ଓ ପରମ୍ପରା ପ୍ରତି ସ୍ୱାର୍ଥପର ଇଂରେଜ ଲେଖକମାନଙ୍କର କାପୁରୁଷୋଚିତ ବିକୃତ ମତାବତାରଣା ମଧ୍ୟ ତହିଁରୁ ବଳି ଅଧିକ ନିନ୍ଦନୀୟ । ଇତିହାସ ଯଦି ଖୋର୍ଦ୍ଧା ଆକ୍ରମଣକାରୀ ଇଂରେଜ ବାହିନୀର ବର୍ବରତାକୁ କ୍ଷମା ଦେଇନାହିଁ, ଇତିହାସ କଦାପି ଖୋର୍ଦ୍ଧାର ଉଜ୍ଜ୍ୱଳ ଐତିହ୍ୟ ଉପରେ ପଙ୍କ ପ୍ରକ୍ଷେପକାରୀ ଇଂରେଜ ଲେଖକମାନଙ୍କୁ ବି କ୍ଷମା ଦେବନାହିଁ ।

ଇଂରେଜ ଶାସନର ପୂର୍ବରୁ କେବଳ ଜଗନ୍ନାଥ ମନ୍ଦିରର ମାଦଳାପାଞ୍ଜି ବ୍ୟତୀତ ଅନ୍ୟତ୍ର ଓଡ଼ିଶାର ଧାରାବାହିକ ଇତିହାସ ଲେଖା ଆରମ୍ଭ ହୋଇନଥିଲା । ମୋଗଲ ରାଜତ୍ୱରେ ଆକବରଙ୍କ ଶାସନକାଳରେ ଆବୁଲ ଫଜଲ ଆଇନ-ଇ-ଆକବରୀରେ ଓଡ଼ିଶା ଶାସନ ସଂପର୍କୀୟ କିଛି ତଥ୍ୟ ଲିପିବଦ୍ଧ କରିଥିଲେ । ମୋଗଲ ତଥା ମରହଟ୍ଟା ଶାସନ କାଳର ଓଡ଼ିଶା ଶାସନ ସଂକ୍ରାନ୍ତୀୟ ତଥ୍ୟଥିବା ନଥିପତ୍ର ସବୁ ଦିଲ୍ଲୀ, ନାଗପୁର, ପୁନା ପ୍ରଭୃତି ଶାସକମାନଙ୍କର ମୁଖ୍ୟକାର୍ଯ୍ୟାଳୟମାନଙ୍କୁ ସ୍ଥାନାନ୍ତରିତ ହୋଇଯାଇଥିଲା । ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ଓଡ଼ିଶାର ପ୍ରଶାସନିକ କାର୍ଯ୍ୟରେ ନିଯୁକ୍ତ ଥିବା ହଣ୍ଟର, ଷ୍ଟର୍ଲିଂ, ବିମ୍ସ ଓ ଟଏନବି ପ୍ରଭୃତି ଇଂରେଜମାନେ ନିଜ ନିଜର ଶାସନୀୟ ଅନୁଭୂତି ସହିତ ମୁଖ୍ୟତଃ ମାଦଳାପାଞ୍ଜି, ଆଇନ-ଇ-ଆକବରୀ ଏବଂ ମୋଗଲ ଓ ମରହଟ୍ଟାମାନଙ୍କର ନଥିପତ୍ର ଉପରେ ନିର୍ଭର କରି ଓଡ଼ିଶାର ଇତିହାସ ଲେଖିବାକୁ ଆରମ୍ଭ କଲେ । କିନ୍ତୁ ସେମାନେ ଶାସକଗୋଷ୍ଠୀଭୁକ୍ତ ହୋଇଥିବାରୁ ସେମାନଙ୍କର ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ନିଜ ଶାସନକୁ ବ୍ୟାହତ କରୁଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡ଼ିକ ପ୍ରତି ଯଥାସମ୍ଭବ ସଂକୁଚିତ ମନୋଭାବ ପୋଷଣ କରିବା ଏବଂ ନିଜ ଦେଶ ଓ ଜାତିର ସ୍ୱାର୍ଥରେ ଆଞ୍ଚ ଆସିବା ଭଳି ଘଟଣାବଳୀଗୁଡ଼ିକୁ ବିକୃତ କରି ଲେଖିବା ସେମାନଙ୍କ ପକ୍ଷେ ସ୍ୱାଭାବିକ ଥିଲା । ସେହି କାରଣରୁ ସେମାନେ କେତେକ ସ୍ଥଳରେ ଏପରି କେତେକ ଭୁଲ୍ ତଥ୍ୟ ଲେଖିଗଲେ ଯାହା ପ୍ରକୃତ ଇତିହାସକୁ ବିକୃତ କରିଦେଲା । ସେହିପରି ମାଦଳାପାଞ୍ଜି ଓ ଆଇନ-ଇ-ଆକବରୀର ଲେଖକମାନେ ମଧ୍ୟ ନିଜ ନିଜର ବ୍ୟକ୍ତିଗତ ଜ୍ଞାନ, ରୁଚି, ସ୍ୱାର୍ଥ ଓ ଆନୁଗତ୍ୟ ଭିତ୍ତିରେ ବିଭିନ୍ନ ଘଟଣାଗୁଡ଼ିକ ଲିପିବଦ୍ଧ କରିଥିବା ସ୍ୱାଭାବିକ ମନେହୁଏ । ସୁତରାଂ, ଖୋର୍ଦ୍ଧା ଇତିହାସରେ ବିକୃତି ବା ତ୍ରୁଟିବିଚ୍ୟୁତି ସଂପର୍କରେ ଆମେ କେବଳ ଇଂରେଜମାନଙ୍କୁ ଦାୟୀ କରିବା ଠିକ୍ ହେବ ନାହିଁ । ମାଦଳାପାଞ୍ଜିରେ ବର୍ଣ୍ଣିତ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିଯୁଗର ପୌରାଣିକ ବିବରଣୀକୁ କଦାପି ଇତିହାସ ବୋଲି କୁହାଯାଇପାରିବ ନାହିଁ, ଏପରିକି ମାଦଳାପାଞ୍ଜିରେ ବର୍ଣ୍ଣିତ କେଶରୀ ବଂଶର ବିବରଣୀ ମଧ୍ୟ ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ ନୁହେଁ । ଜୟୀ ରାଜଗୁରୁ, ଦେୱାନ କୃଷ୍ଣଚନ୍ଦ୍ର ଏବଂ ବକ୍ସି ଜଗବନ୍ଧୁଙ୍କ ସଂପର୍କରେ ମଧ୍ୟ ମାଦଳାପାଞ୍ଜିର ଲେଖକ ସମ୍ୟକ ଓ ସଠିକ୍ ବିବରଣୀ ପ୍ରଦାନ କରି ନାହାନ୍ତି । ଓଡ଼ିଶା ତଥା ଓଡ଼ିଆ ଜାତି ପ୍ରତି ଆଇନ-ଇ-ଆକବରୀର ଲେଖକ ଆବୁଲ୍ ଫାଜଲଙ୍କର ଦୃଷ୍ଟିକୋଣ ଅଧିକ ସଂକୀର୍ଣ୍ଣତର ଥିଲା । ହଣ୍ଟର, ଷ୍ଟର୍ଲିଂ ଓ ଆବୁଲ ଫାଜଲ କିପରି ଭାବେ ଓଡ଼ିଶା ଇତିହାସକୁ ବିକୃତ କରି ଲେଖିଛନ୍ତି ସେ ସଂପର୍କରେ ସ୍ୱନାମଧନ୍ୟ ଗବେଷକ ସ୍ୱର୍ଗତ ପଣ୍ଡିତ ପରମାନନ୍ଦ ଆଚାର୍ଯ୍ୟଙ୍କ ସୁଚିନ୍ତିତ ମତାମତ ଏକାନ୍ତ ପ୍ରଣିଧାନଯୋଗ୍ୟ । ସେ ଲେଖିଛନ୍ତି-

"୧୮୬୬ ନଅଙ୍କ ଦୁର୍ଭିକ୍ଷର କଳଙ୍କ ଶାସକ ବ୍ରିଟିଶ ଜାତି ଉପରୁ ଧୋଇବାକୁ ହଣ୍ଟର୍ 'ଓଡ଼ିଶା' ଲେଖିଥିଲେ । ହଣ୍ଟରଙ୍କ ଦ୍ୱାରା ଓଡ଼ିଶା ଇତିହାସର ବିକୃତୀକରଣ ପ୍ରଥମେ ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାସ ୧୯୪୧ରେ 'ଓଡ଼ିଶା ରିଭ୍ୟୁ'ରେ ସୂଚନା ଦେଇଥିଲେ ।"

"ଷ୍ଟର୍ଲିଂ ସାହେବ ୧୮୨୨ରେ ଓଡ଼ିଶାର ରାଜବଂଶ ସଂକ୍ରାନ୍ତ ଇତିହାସ ସଂକଳନ କରିବାକୁ ଯାଇ କିମ୍ବଦନ୍ତୀମୂଳକ ଉପାଖ୍ୟାନ ଓ ମାଦଳାପାଞ୍ଜିକୁ ନେଇଥିଲେ । ସେଥିରେ ସେ ମାଦଳାପାଞ୍ଜି ଅନୁସାରେ ଓଡ଼ିଶା ଇତିହାସର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିଥିଲେ ମଧ୍ୟ ଓଡ଼ିଆମାନଙ୍କ ଚରିତ୍ର ସଂପର୍କରେ ଏକ ଅବାଞ୍ଛନୀୟ ଦୃଷ୍ଟିରେ ତାହାର ସମର୍ଥନ ପାଇଁ 'ଆଇନ-ଇ-ଆକବରୀ' ପ୍ରଣେତା ଆବୁଲଫାଜଲଙ୍କର ଆଶ୍ରୟ ନେଇଥିଲେ । ଓଡ଼ିଆମାନେ ଦୀର୍ଘ

୨୦ ବର୍ଷ ମୋଗଲ ସେନାପତିମାନଙ୍କୁ ଯେଉଁ ପରାଜୟ ଦେଇଥିଲେ ତାହାପାଇଁ ହିଁ ମୋଗଲ ସମ୍ରାଟ ଆକବରଙ୍କ କୃପାପାତ୍ର ମୋଗଲ ସେନାପତିମାନେ ସ୍ୱାଧୀନତାପ୍ରେମୀ ଓଡ଼ିଆମାନଙ୍କୁ ଦାୟୀ କରି ସେମାନଙ୍କ ଚରିତ୍ର ସଂପର୍କରେ ଅବାନ୍ତର କଥାମାନ ଲେଖିଥିଲେ ଏହାର ପ୍ରମାଣ ଆଇନ-ଇ-ଆକବରୀ ଗ୍ରନ୍ଥରେ ହିଁ ରହିଛି । ଠିକ୍ ସେହିପରି ବ୍ରିଟିଶ ଆଗମନର ୧୫ ବର୍ଷ ପରେ ଖୋର୍ଦ୍ଧାର ପାଇକ ବିଦ୍ରୋହ ଓ ଓଡ଼ିଶାର ଗଡ଼ଜାତ ବନ୍ଦୋବସ୍ତରେ ଲିପ୍ତ ଥିବାବେଳେ ଷ୍ଟାର୍ଲିଂ ସାହେବ ଓଡ଼ିଆ ଚରିତ୍ର ସଂପର୍କରେ ଯାହା ଯେଉଁ ଭ୍ରମଧାରଣା କରିଥିଲେ ତାହାର ସମର୍ଥନ ସେ ଆଇନ-ଇ-ଆକବରୀ ଗ୍ରନ୍ଥରେ ପାଇବାରୁ ଓଡ଼ିଆ ଚରିତ୍ରକୁ ଅତି ହୀନ ଦୃଷ୍ଟିରେ ଦେଖିଥିଲେ ବୋଲି କହିଲେ ଅନ୍ୟାୟ ହେବନାହିଁ । ହଣ୍ଟରଙ୍କ ଲିଖିତ ଗ୍ରନ୍ଥ 'ଓଡ଼ିଶା' ଖ୍ରୀ: ୧୮୭୨ରେ ଲଣ୍ଡନରେ ମୁଦ୍ରିତ ହୋଇ ବ୍ରିଟିଶ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ଏହି ଗ୍ରନ୍ଥର ପ୍ରଥମ ଭାଗର ପ୍ରଥମ ଅଧ୍ୟାୟ ପ୍ରଥମ ପରିଚ୍ଛେଦରେ ଓଡ଼ିଶାରେ କିଛିମାତ୍ର ଐତିହାସିକ ଘଟଣା ନଥିବା କଥା ଉଲ୍ଲେଖ କରି ହଣ୍ଟର ଓଡ଼ିଶାକୁ ସଭ୍ୟତା-ବିହୀନ ଦେଶ ବୋଲି ବର୍ଣ୍ଣନା କରିଛନ୍ତି ।''

ସେମାନଙ୍କ ଲେଖା ଉପରେ ଭରସା କରି କେତେକ କ୍ଷେତ୍ରରେ ପରବର୍ତ୍ତୀ ଲେଖକଗଣ ମଧ୍ୟ ସେମାନଙ୍କ ପ୍ରଦତ୍ତ ଭୁଲ ତଥ୍ୟଗୁଡ଼ିକୁ ପରିବେଷଣ କରିଦେଲେ । ଏପରିକି ଏକାଦିନ ଷ୍ଟାର୍ଲିଂ ଓ ହଣ୍ଟର ଓଡ଼ିଶାର ଗଙ୍ଗବଂଶକୁ ବଙ୍ଗବଂଶ, ଅର୍ଥାତ ଗଙ୍ଗବଂଶର ରାଜାମାନେ ବଙ୍ଗାଳୀ ଥିଲେ ବୋଲି ଲେଖିଥିବାରୁ ତାକୁ ନକଲକରି ବଙ୍ଗୀୟ ବଙ୍କିମଚନ୍ଦ୍ର ବନ୍ଦୋପାଧ୍ୟାୟ ଓ ନଗେନ୍ଦ୍ରନାଥ ବସୁଙ୍କ ଭଳି ବିଖ୍ୟାତ ପ୍ରତିଭାଧର ବ୍ୟକ୍ତିମାନେ ଗଙ୍ଗରାଜତ୍ୱକାଳରେ ନିର୍ମିତ ପୁରୀ ଓ କୋଣାର୍କ ମନ୍ଦିର ବଙ୍ଗାଳୀ-ଶିଳ୍ପୀମାନଙ୍କର ଅମରକୃତି ଏବଂ ଓଡ଼ିଶାର ଦୁର୍ଦ୍ଧର୍ଷ ପାଇକସେନା ପ୍ରକୃତରେ ବଙ୍ଗୀୟ ବାହିନୀ ଥିଲେ ବୋଲି ଲେଖିବାକୁ ପଛେଇଲେ ନାହିଁ । ସେହିପରି ପ୍ରଖ୍ୟାତ ବଙ୍ଗୀୟ ଐତିହାସିକ ରାଖାଲ ଦାସ ବାନାର୍ଜୀ ଲେଖିଦେଲେ- ବକ୍ସି ଜଗବନ୍ଧୁଙ୍କୁ ଇଂରେଜମାନେ ଜଂଗଲ ଭିତରେ ଗୋଡ଼େଇ ମାରିଦେଲେ ଏବଂ ସେଇ ଛାପରେ ଡ. ହରେକୃଷ୍ଣ ମହତାବଙ୍କ ଓଡ଼ିଶା ଇତିହାସରେ ମଧ୍ୟ ''ବକ୍ସି ଇଂରେଜମାନଙ୍କ ଦ୍ୱାରା ନିହତ ହୋଇଥିବାଭଳି ଭୁଲ ତଥ୍ୟ ସ୍ଥାନ ପାଇଗଲା ।''

ଭାରତର ଦେଶ ସ୍ୱାଧୀନତା ସଂଗ୍ରାମୀମାନେ ବ୍ରିଟିଶ ବାହିନୀର ତୋପ ଜନାଣ ନ ଡରି ନିଜ ନିଜ ଜୀବନକୁ ପାଣି ଛଡ଼େଇ ବ୍ରିଟିଶ ସରକାରକୁ ଉଚ୍ଛେଦ କରିଦେବା ପାଇଁ ଗୋପନ ଷଡ଼ଯନ୍ତ୍ର ଚଳାଉଥିଲେ, ଥାନା ପୋଡ଼ୁଥିଲେ, ସରକାରୀ ଖଜଣାଖାନା ଅକ୍ତିଆର କରୁଥିଲେ ଅଥବା ଅତ୍ୟାଚାରୀ ବ୍ରିଟିଶ କର୍ମଚାରୀଙ୍କୁ ଗୁଳିକରି ମାରୁଥିଲେ ସେମାନଙ୍କ ସ୍ୱଦେଶପ୍ରେମତା ପାଇଁ ଆମେ ସେମାନଙ୍କୁ ପ୍ରଶଂସା କରୁ, କିନ୍ତୁ ଫେରିଙ୍ଗୀମାନଙ୍କ ବିରୋଧରେ ସେମାନେ ସଂଗ୍ରାମ କରୁଥିଲେ ସେମାନେ ତ ତାହା କରୁଥିଲେ, କରିବା ସ୍ୱାଭାବିକ ଥିଲା । ସାରା ଭାରତରେ ବ୍ରିଟିଶ ଶକ୍ତି ବିରୋଧରେ ସର୍ବପ୍ରଥମେ ୧୮୦୪ ଖ୍ରୀଷ୍ଟାବ୍ଦରେ ଅସି ଉତ୍ତୋଳନ କରିଥିଲେ ଖୋର୍ଦ୍ଧା ରାଜାଙ୍କର ପୁରୋହିତ ରାଜଗୁରୁ ଜୟକୃଷ୍ଣ ମହାପାତ୍ର ଓରଫ୍ ଜୟୀରାଜଗୁରୁ । ସମଗ୍ର ଭାରତବର୍ଷରୁ ସେ ହେଲେ ମଧ୍ୟ, ଭାରତବର୍ଷର ଏକ ପ୍ରାନ୍ତୀୟ ରାଜ୍ୟ ଓଡ଼ିଶା ଅଥବା ଖୋର୍ଦ୍ଧାରୁ ଇଂରେଜମାନଙ୍କୁ ତଡ଼ିଦେବା ପାଇଁ ସେହିଁ ସର୍ବପ୍ରଥମ ସ୍ୱାଧୀନତା ସଂଗ୍ରାମ କରିଥିଲେ । ସୁତରାଂ ସମଗ୍ର ଭାରତବର୍ଷରେ ସେ ଜୟୀରାଜଗୁରୁ, ବ୍ରିଟିଶ ବିରୋଧୀ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଏବଂ ସେଥିପାଇଁ ସେ ସେ ଓଡ଼ିଶାର ଗର୍ବ ଓ ଗୌରବର ପ୍ରତୀକ ଏଥିରେ ଦ୍ୱିଧା ବା ଦ୍ୱିମତର ଅବକାଶ ନାହିଁ । ସେହି କାରଣରୁ ହିଁ ଆଜି ଆମେ ଜୟୀ ରାଜଗୁରୁଙ୍କ ପୁଣ୍ୟ ସ୍ମୃତି ଚାରଣ କରି ତାଙ୍କୁ ପୂଜା କରୁଛୁ । କିନ୍ତୁ ଯେଉଁ ବ୍ରିଟିଶ ଜାତି ବିରୋଧରେ ସେ ସଂଗ୍ରାମ କରିଥିଲେ ସେମାନେ ଯେ ବେପାର କରିବାକୁ ଆସି ଶଠତା, ପ୍ରବଞ୍ଚନା, ଚକ୍ରାନ୍ତ ଓ ବିଶ୍ୱାସଘାତକତା ଭଳି ବହୁ ଜଘନ୍ୟ ଅପରାଧର ଆଶ୍ରୟ ନେଇ ଏ ଦେଶରେ ଶାସକ ହୋଇଥିଲେ, ନିଜ ଜାତୀୟ ଚରିତ୍ରର ଏଇ ଅପରାଧପ୍ରବଣ ଦିଗଟିକୁ ଲୁଚେଇବା ଓଲଟି ତାଙ୍କ ଅନ୍ୟାୟ ବିରୋଧରେ ପ୍ରତିବାଦ ଓ ପ୍ରତିରୋଧର ଦୃଢ଼ ସ୍ୱରୋତ୍ତୋଳନକାରୀ ଜୟୀ ରାଜଗୁରୁଙ୍କୁ ହଠାତ୍ ଷଡ଼ଯନ୍ତ୍ରକାରୀ ଅପରାଧପ୍ରବଣ ବ୍ୟକ୍ତିଭାବେ ମଧ୍ୟ ହିଁ ଅପରାଧୀ ଚିହ୍ନିତ କରିଦେଲେ । ଯିଏ ନିଜ ଦେଶପାଇଁ ନିଜ ପ୍ରାଣକୁ ପଣକରି ଶତ୍ରୁ ସଂଗେ ଲଢ଼ିଲେ ଏବଂ ମାତୃଭୂମିର ମାନରକ୍ଷା ପାଇଁ ଅସୀମ ସାହସ ଓ ଅସାମାନ୍ୟ ବୀରତ୍ୱ ପ୍ରଦର୍ଶନ କରି ନିଜକୁ ଜଣେ ଦୁର୍ଦ୍ଧର୍ଷ ଦେଶହିତୈଷୀ ବୀରଭାବେ ପ୍ରତିପାଦିତ କଲେ, ତାଙ୍କୁ ସେମାନେ ରାଜଦ୍ରୋହ ଅପରାଧରେ ଫାଶିଦଣ୍ଡ ଦେଇ ନିଜର ମାରଣୀୟ ସ୍ୱାର୍ଥପରତା ତଥା କାପୁରୁଷତାର ଚରମ ଦୃଷ୍ଟାନ୍ତ ଯୁଗ ଯୁଗ ପାଇଁ ଇତିହାସ ପୃଷ୍ଠାରେ ରଖିଗଲେ । ନିଜର ପ୍ରତିପକ୍ଷ ସେନାନାୟକର ବୀରତ୍ୱ କଳିବାରକି ହୃଦୟ ସେମାନଙ୍କର ନଥିଲା, ଅଥଚ ଥାଇ ମଧ୍ୟ ନିଜ ଜାତିର କଳଙ୍କମୟ ଅଧ୍ୟାୟ ଭିତରେ ଏ ବୀରତ୍ୱ-ବହ୍ନିର ଝଲକକୁ ସେମାନେ ଘୋଡ଼ାଇ ଦେବାକୁ ଚାହିଁଥିଲେ । ସେଥିପାଇଁ ସେମାନଙ୍କ ଲେଖନୀ ୧୮୦୪ ଖୋର୍ଦ୍ଧା ସ୍ୱାଧୀନତା ସଂଗ୍ରାମର ସେନାପତି ଜୟୀ ରାଜଗୁରୁଙ୍କ ନାମୋଲ୍ଲେଖ ସୁଦ୍ଧା କରିବାକୁ କୁଣ୍ଠିତ ହେଲା । ଅଥଚ ୧୮୦୪ରେ ଖୋର୍ଦ୍ଧାଦୁର୍ଗକୁ ଚାରିପାଖରୁ ଅବରୋଧ କରିଥିବା ଦୁର୍ଗ ଜୟ କରିବାକୁ ଯେ ସେମାନଙ୍କୁ ଦୀର୍ଘ ୩ ସପ୍ତାହକାଳ ଯୁଦ୍ଧ କରିବାକୁ ପଡ଼ିଥିଲା, ଏହା ସେମାନେ ସ୍ୱୀକାର କରିଛନ୍ତି ।

'The approaches from the south lay through a difficult pass between the Borunai hills and were stockarded and fortified with strong massonary barriers. It was three weeks before we were in a position to carry these works by storm.' **(G. Toynbee.)**

କିନ୍ତୁ ସେମାନେ ସିନା ଆତ୍ମସ୍ତୁତି କରି ପ୍ରବୃତ୍ତିସର୍ବସ୍ୱ ମୁଖାପିନ୍ଧି ଜୟୀ ରାଜଗୁରୁଙ୍କ ବୀରତ୍ୱପୂର୍ଣ୍ଣ ଭୂମିକାର ଇତିହାସ ପୃଷ୍ଠା ଘୋଡ଼ିନାହାନ୍ତି, ଇତିହାସ ସେମାନଙ୍କର ପ୍ରବଞ୍ଚନାଚିହ୍ନିତ ମୁଖା ଖୋଲି ଦେଇଛି । ଖୋର୍ଦ୍ଧା ହାଇସ୍କୁଲର ଅନ୍ୟତମ ପ୍ରାକ୍ତନ କୃତୀଛାତ୍ର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକ ଡ. ଭବାନୀଚରଣ ରାୟ ତାଙ୍କ 'Foundations of British Orissa' ପୁସ୍ତକରେ ହାରକୋର୍ଟ ସାହେବ ୧୮୦୪ ଖ୍ରୀଷ୍ଟାବ୍ଦରେ ତାଙ୍କ

ସେନକାଲଙ୍କ ପାଖକୁ ଲେଖିଥିବା ଗୋଟିଏ ଚିଠିର ଅଂଶାଂଶ ଉଦ୍ଧାର କରିଛନ୍ତି । ହାରକୋର୍ଟ ସାହେବ ଲେଖିଛନ୍ତି- "It appears the Raja himself is not inimical to us, but his Dewan is extremely so and he controls every body and every thing at khurda."

କଥାଟା ଏକାବେଳକେ ଶତପ୍ରତିଶତ ସତ୍ୟ । ଇଂରେଜ ସେନାପତି ହାରକୋର୍ଟ ଜାଣିଥିଲେ ଯେ ଖୋର୍ଦ୍ଧାର ନାବାଳକରାଜା ମୁକୁନ୍ଦଦେବଙ୍କର ରାଜଗୁରୁ ହିଁ ହେଉଛନ୍ତି ଦେୱାନ ଭାବେ କାର୍ଯ୍ୟ କରୁଥିଲେ ଏବଂ ସେ ପ୍ରଥମରୁ ଇଂରେଜଙ୍କ ପୁରୀ ଅଧିକାର ପ୍ରସ୍ତାବକୁ ବିରୋଧ କରୁଥିଲେ । ହାରକୋର୍ଟ ସାହେବ ଏକଥା ମଧ୍ୟ ଜାଣିଥିଲେ ଯେ ମୁକୁନ୍ଦଦେବ ତାଙ୍କର ମୁଖ୍ୟମନ୍ତ୍ରଣାଦାତା ରାଜଗୁରୁଙ୍କ ପ୍ରତି ଯେଉଁପରି ଗୁରୁତ୍ୱ ଓ ମାନ୍ୟତା ପ୍ରଦର୍ଶନ କରୁଥିଲେ, ପୁରୀରେ ଜଗନ୍ନାଥ ମନ୍ଦିର ସେବକମାନଙ୍କର ଅଖଣ୍ଡ ପ୍ରଭାବ ହେତୁ ସେମାନଙ୍କ ପ୍ରତି ମଧ୍ୟ ସେହିପରି ଗୁରୁତ୍ୱ ଓ ମାନ୍ୟତା ପ୍ରଦର୍ଶନ କରୁଥିଲେ । ଏ ଗୁପ୍ତତଥ୍ୟ ସନ୍ଧାନ ହାରକୋର୍ଟ ପାଇଥିଲେ ପଣ୍ଡାମାନଙ୍କୁ ପଣ୍ଡିତଙ୍କଠାରୁ । ହାରକୋର୍ଟ ପ୍ରଥମେ ଗଞ୍ଜାମରୁ ବାଲେଶ୍ୱର ଓ ଖୋର୍ଦ୍ଧା ବାଟଦେଇ ସିଧାସଳଖ କଟକ ଅଭିଯାନ ପାଇଁ ଖୋର୍ଦ୍ଧା ରାଜ୍ୟର ସେନାପତି ଜୟୀ ରାଜଗୁରୁଙ୍କ ପାଖକୁ ସ୍ୱତନ୍ତ୍ର ବାର୍ତ୍ତାବହଦ୍ୱାରେ ଚିଠିଲେଖି ଅନୁମତି ପ୍ରାର୍ଥନା କରିଥିଲେ । କିନ୍ତୁ ଜୟୀ ଖୋର୍ଦ୍ଧା ବାଟଦେଇ କଟକ ଯିବାକୁ ଅନୁମତି ଦେବେ କି ନାହିଁ ଦ୍ୱନ୍ଦରେ ହାରକୋର୍ଟଙ୍କ ପାଖକୁ ଚିଠିଲେଖି ପଣ୍ଡାମାନଙ୍କ ପଣ୍ଡିତଙ୍କୁ ସ୍ୱତନ୍ତ୍ର ବାର୍ତ୍ତାବହ ଭାବେ ପଠାଇଥିଲେ । ଧୂର୍ତ୍ତ ଓ ଚତୁର ହାରକୋର୍ଟ ପଣ୍ଡାମାନଙ୍କୁ ପଣ୍ଡିତଙ୍କୁ କିଛି ଉପଢୌକନ ଦେଇ ଜାଣିପାରୁ ଖୋର୍ଦ୍ଧାର ରାଜ୍ୟ, ରାଜା, ସେନାପତି, ଦେୱାନ, ରାଜଗୁରୁ ଏବଂ ଜଗନ୍ନାଥ ଓ ତାଙ୍କର ସେବକମାନଙ୍କ ସଂପର୍କରେ ସମସ୍ତ ଆବଶ୍ୟକ ତଥ୍ୟ ସଂଗ୍ରହ କରି ନେଇଥିଲେ । ପଣ୍ଡାମାନଙ୍କୁ ପଣ୍ଡିତେ ହାରକୋର୍ଟ ସାହେବଙ୍କୁ ବୁଝାଇ ଦେଇଥିଲେ ଯେ ଗଞ୍ଜାମରୁ ଦାଣ୍ଡପୁର-ଖୋର୍ଦ୍ଧା ଦେଇ କଟକ ଯିବା ପଥରେ ଛତ୍ରଗଡଠାରୁ ବାଗୁଡେଇଠାର୍ଯ୍ୟ ଖୋର୍ଦ୍ଧା ରାଜ୍ୟର ଶକ୍ତିଶାଳୀ ବୀରମାନଙ୍କ ଦ୍ୱାରା ସୁରକ୍ଷିତ ଦଣ୍ଡପାଟର ଦୋଳା ଦୁର୍ଗଗୁଡ଼ିକ ଯେଉଁପରି ଦୁର୍ଭେଦ୍ୟ, ଖୋର୍ଦ୍ଧା ଜୟୀ ବାହିନୀର ଅସ୍ତ୍ରାଗାର ଦୁର୍ଗପ୍ରତିମାନେ ମଧ୍ୟ ସେହିପରି ଦୁର୍ଦ୍ଧର୍ଷ । ସୁତରାଂ ଜୟୀ ବାହିନୀର ସମ୍ମୁଖୀନ ନହୋଇ ଜଗନ୍ନାଥ ମନ୍ଦିରର ସେବକମାନଙ୍କ ସାହାଯ୍ୟରେ ପୁରୀରେ ଅବସ୍ଥାନ କରୁଥିବା ମହାରାଜା ମୁକୁନ୍ଦଦେବଙ୍କୁ ମନାଇ ହେବିବାରେ କଟକ ଯିବା ସୁବିଧାଜନକ ହେବ । ତେଣୁ ହାରକୋର୍ଟ ଖୋର୍ଦ୍ଧା ବାଟ ଛାଡ଼ି ପୁରୀ ବାଟଦେଇ କଟକ ଅଭିଯାନ କରିବାକୁ ଅଧିକ ନିରାପଦ ଓ ସୁବିଧାଜନକ ମନେକରିଥିଲେ ଏବଂ ସେଥିପାଇଁ ଜଗନ୍ନାଥଙ୍କ ସେବକମାନଙ୍କ ମୁଖ୍ୟଙ୍କ ପାଖକୁ ତ୍ରିପୁରାରୀ ପଣ୍ଡିତଙ୍କ ଠାରୁ ଏହି ମର୍ମରେ ଚିଠି ଲେଖାଇ ନେଇଥିଲେ- "ଇଂରେଜ ଶାସନ ଲାଗି ଗଲା, ତାଙ୍କ ଶାସନରେ ଜଗନ୍ନାଥ ଭଲରେ ରହିବେ, ତୁମେମାନେ ବି ଭଲରେ ରହିବ ।" ତ୍ରିପୁରାରୀ ପଣ୍ଡିତଙ୍କୁ ବହୁପଇସା ଘୁଷ୍ ଖାଇବା କରୁଥିଲେ । ତାଙ୍କ ଚିଠି ହାରକୋର୍ଟଙ୍କ ପୁରୀ ଅଧିକାର ପାଇଁ ପଥ ପରିଷ୍କାର କରିଦେଲା । ପଣ୍ଡାମାନେ ପ୍ରକାଶ୍ୟ ଧଇଁ ମାଣିକପାଟଣାଠାରୁ ଇଂରେଜ ସୈନ୍ୟଙ୍କୁ ପୁରୀ ସହରକୁ ପାଛୋଟି ଆଣିଲେ । ଜୟୀ ରାଜଗୁରୁଙ୍କ କାରଣ କ ମାନିଁ ମୁକୁନ୍ଦଦେବ ହାରକୋର୍ଟଙ୍କ ସହ ମୌଖିକ ଚୁକ୍ତି କଲେ ।

ବସ୍ତୁତଃ ଜୟୀ ରାଜଗୁରୁ ସେତେବେଳେ ଖୋର୍ଦ୍ଧା ରାଜ୍ୟରେ ଜଣେ ବିବାଦୀୟ ବ୍ୟକ୍ତି ଭାବେ ବିବେଚିତ ହେଉଥିଲେ । କାରଣ ସେ ରାଜଗୁରୁ ଥାଇ ମଧ୍ୟ ସେନାପତି ଜୟୀ ରାଜଗୁରୁ ବିଦ୍ୟାଧର ମହାପାତ୍ର ଓ ଦେୱାନ ହରିହର ଭ୍ରମରବର ରାୟଙ୍କ ସହିତ ରାଜାଙ୍କର ବ୍ୟକ୍ତିଗତ ମନାନ୍ତରର ସୁଯୋଗ ସୃଷ୍ଟି କରାଇ ୧୮୦୨ ଖ୍ରୀଷ୍ଟାବ୍ଦ ଶେଷରେ ରାଜା ଓ ରାଜ ପରିବାରକୁ ଖୋର୍ଦ୍ଧାଗଡ଼ରୁ ନେଇ ପୁରୀ ବାଲିସାହି ପୁରୁଣା ନଅରରେ ରଖାଇଥିଲେ ଏବଂ ଜୟୀ ଓ ଦେୱାନଙ୍କୁ ସଂପୂର୍ଣ୍ଣ ଭାବେ ରାଜାଙ୍କଠାରୁ ଦୂରେଇ ରଖି ନିଜେ ରାଜାଙ୍କ ପାଖେ ପାଖେ ରହି ନାବାଳକ ମୁକୁନ୍ଦଦେବଙ୍କ ଅଭିଭାବକଭାବେ ସମସ୍ତ ରାଜକାର୍ଯ୍ୟ ଚଳାଉଥିଲେ । ସୁତରାଂ ୧୮୦୩ ଓ ୧୮୦୪ - ୧୮୦୪ ଖୋର୍ଦ୍ଧା ରାଜ୍ୟ ତଥା ଓଡ଼ିଶାର ଭାଗ୍ୟ ନିୟାମକ ଏହି ଦୁଇଟି ଦୁର୍ଭାଗ୍ୟପୂର୍ଣ୍ଣ ବର୍ଷରେ ହିଁ ଜୟୀ ରାଜଗୁରୁ ନିଜର ରାଜପୁରୋହିତ ଦାୟିତ୍ୱ ସହିତ ଖୋର୍ଦ୍ଧା ରାଜ୍ୟର ଦେୱାନ ଓ ସେନାପତିଙ୍କ ଦାୟିତ୍ୱ ନିଜ ହାତକୁ ନେଇଥିଲେ । ଜୟୀ ରାଜଗୁରୁଙ୍କ ସହଯୋଗୀ ଜଣେ ମଧୁସୂଦନ ବିପ୍ର ଏହାର ମୂଳ କାରଣ ସଂପର୍କରେ ଯିଏକି ଜଣେ ସ୍ଥାନୀୟରେ ସମ୍ଭାବ୍ୟ ସୂଚନା ଦେଇଛନ୍ତି- ତାହା ଏଠାରେ ଆଲୋଚ୍ୟ ନୁହେଁ । ଓଡ଼ିଆ ଜାତିର ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜୟୀ ରାଜଗୁରୁ, ଜୟୀ ଭଗବାନ ଓ ଦେୱାନ ହରିହର- ପ୍ରତ୍ୟେକେ ନିଜ ନିଜ କର୍ମକ୍ଷେତ୍ରରେ ଏକ୍ଜୁଟ ରହି ମୁକୁନ୍ଦଦେବଙ୍କୁ ସୁଚିନ୍ତିତ ମିଳିତ ପରାମର୍ଶ ଦେଇଥିଲେ ଇତିହାସର ଗତି ହୁଏତ ଭିନ୍ନ ପ୍ରବାହ ହୋଇଥାନ୍ତା । ସ୍ୱୟଂ ଇଂରେଜ ଐତିହାସିକମାନେ ସ୍ୱୀକାର କରିଛନ୍ତି ଯେ ଚିଲିକା ମୁହାଣ ପାରିହେବା ସମୟରେ ଇଂରେଜ ସୈନ୍ୟମାନଙ୍କ ଉପରେ ସାମାନ୍ୟ ଆକ୍ରମଣ ବା ପ୍ରତିରୋଧ କରାଯାଇଥିଲେ ସେମାନେ ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାନ୍ତେ । ସେମାନେ ଆହୁରି ଆଶ୍ଚର୍ଯ୍ୟ ପ୍ରକଟ କରି ଲେଖିଛନ୍ତି ଯେ ପ୍ରତିରୋଧ ପରିବର୍ତ୍ତେ ପଞ୍ଚାଏ ଶ୍ରୀକ୍ଷେତ୍ରଧାରୀ ବ୍ରାହ୍ମଣ ସେମାନଙ୍କୁ ମାଣିକପାଟଣାରେ ସ୍ୱାଗତ କରାଇ ପୁରୀକୁ ପାଛୋଟି ଆଣିଥିଲେ । ଏ ଶ୍ରୀକ୍ଷେତ୍ରଧାରୀମାନେ ହିଁ ଜଗନ୍ନାଥଙ୍କ ସେବକ ଥିଲେ । ଜଣେ ଐତିହାସିକ ଲେଖିଛନ୍ତି- 'The pandas of the jagannath Temple had no objection if the British occupied the town and managed the temple, provided they were given a little money.' ସୁତରାଂ ସେହି ଶ୍ରୀକ୍ଷେତ୍ରଧାରୀ ପଣ୍ଡାମାନଙ୍କ ମଧ୍ୟରେ ଯେ ଜୟୀ ରାଜଗୁରୁଙ୍କ ଭଳି ରାଷ୍ଟ୍ରନେତା ନଥିଲେ ଏହା ନିଶ୍ଚିତ କଥା ।

ବର୍ତ୍ତେଲ୍ ହାରକୋର୍ଟଙ୍କ ସହିତ ମୁକୁନ୍ଦଦେବଙ୍କର ଅଲିଖିତ ଚୁକ୍ତି ମୁତାବକ ପିପିଲି, ଲେମ୍ବାଇ, ରାହାଙ୍ଗ ଓ ଚବିଶକୁଦ- ଏ ୪ ପ୍ରଗଣାର ମାଲିକାନା ଫେରିପାଇବା ପାଇଁ ମୁକୁନ୍ଦଦେବଙ୍କ ତରଫରୁ ଜୟୀ ରାଜଗୁରୁ ସାଙ୍ଗରେ ୨୦୦ ପାଇକଙ୍କୁ ଧରି କଟକଯାଇ ବାରବାଟୀ ଦୁର୍ଗରେ ହାରକୋର୍ଟଙ୍କୁ ସାକ୍ଷାତ କରିଥିଲେ । ହାରକୋର୍ଟ କହିଲେ ୪ ପ୍ରଗଣା କଥା ଛେଡିଦିଅ ଥାଉ, ତକାଏ କମି ମଧ୍ୟ ଦିଆଯାଇପାରିବ ନାହିଁ । ହତାଶ ଓ ଲାଞ୍ଛିତ ହୋଇ ଜୟୀ ରାଜଗୁରୁ ଫେରିଆସି ମୁକୁନ୍ଦଦେବଙ୍କୁ କହିଲେ- "ମୁଁ ପ୍ରଥମରୁ ହିଁ ଇଂରେଜ ସେନାପତିଙ୍କ ସହିତ କୌଣସି ସାନ୍ଧିସ୍ ଚୁକ୍ତି ନ କରିବାକୁ ଏବଂ ଇଂରେଜ ସୈନ୍ୟମାନଙ୍କୁ ପୁରୀବାଟ ଦେଇ ଯିବାକୁ ଅନୁମତି

ନ ଦେବାକୁ ଅ ପଣଙ୍କୁ ସତର୍କ କରିଦେଉଛନ୍ତି ।'' ଏହାଥିଲା ଜୟୀ ରାଜଗୁରୁଙ୍କର ଜାତୀୟ ଚରିତ୍ରର ସ୍ୱତଃସ୍ଫୁରଣ ଏବଂ ତାହାହିଁ ଓଡ଼ିଆ ଜାତିର ପ୍ରାଣରେ ଗର୍ବ ଓ ଗୌରବର ଚିରନ୍ତନ ଉତ୍ସ ହୋଇ ରହିଛି ଓ ରହିବ । ଏ ମହାନ୍ ଜାତୀୟ ଚରିତ୍ରର ବିଶ୍ଳେଷଣ ସ୍ରୋତରେ ଜୟୀ ରାଜଗୁରୁଙ୍କ ବ୍ୟକ୍ତିଗତ ଜୀବନର ଦୋଷଦୁର୍ବଳତା ସୂକ୍ଷ୍ମତମ ଖଣ୍ଡପରି ଜାହିଁ ଦେଉ ସ୍ରୋତକୁ ଭାସିଯାଇ ଅଦୃଶ୍ୟ ହୋଇଯାଏ । କିନ୍ତୁ ଗୋଟାଏ ବୀର ଜାତିର ଦାୟାଦ ଭାବେ ଆମେମାନେ ଏପରିକି ଜୟୀ ରାଜଗୁରୁଙ୍କ ମହାନ୍ ଜାତୀୟ ଚରିତ୍ରର ଠିକ୍ ମୂଲ୍ୟାୟନ କରିପାରିନାହୁଁ । ଇଂରେଜ ଐତିହାସିକମାନଙ୍କ ଦ୍ୱାରା ଜୟୀ ରାଜଗୁରୁଙ୍କ ପ୍ରତି ପ୍ରୁଝିପ୍ ବର୍ଣ୍ଣେଲ୍, ଓ ରକ୍‌ବୋର୍ଟଙ୍କ ଦୁରଭିସନ୍ଧିମୂଳକ ଦୃଷ୍ଟିକୋଣ ବିରୋଧରେ ଆମେ ଏଯାଏଁ ଆମ ନିଜ ପ୍ରଦେଶରେ ଜାତୀୟ ସଚେତନତା ସୃଷ୍ଟି କରିପାରିନାହୁଁ, ଭାରତବର୍ଷ ତ ଆମ ପାଇଁ ଜାହିଁ କେତେଦୂର ? ଓଡ଼ିଶାର ଅନ୍ୟତମ ଜାତୀୟତାବାଦୀ ଔପନ୍ୟାସିକ ତଥା ପ୍ରଖ୍ୟାତ କଥାକାର ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି 'ଶତାବ୍ଦୀର ସୂର୍ଯ୍ୟ'ରେ ଲେଖିଛନ୍ତି- ''ସେହିଦିନ ବିକିବାକୁ ପ୍ରାୟ ଦୁଇ ଶହ ୟୁରୋପିଆନ, ତିନିଶହ ତେଲଙ୍ଗା ସିପାହୀ ଆଉ ପାଞ୍ଚଶହ ଶଗଡ଼ ରସଦ ସାଙ୍ଗରେ ଧରି ହାର୍କୋର୍ଟ ଓ ମେଲ୍‌ଭିଲ୍ ବିକିବା ପାଇଁ ବାଟରେ ଆସିଥିଲେ ସେଦିନ ଖୋର୍ଦ୍ଧା ରାଜା ମୁକୁନ୍ଦଦେବ ଓ ଜୟୀ ରାଜଗୁରୁ ସେମାନଙ୍କର ସାମାନ୍ୟ ପ୍ରତିରୋଧ କରିଥିଲେ ଓଡ଼ିଶା ଇତିହାସ ହୁଏତ ଅନ୍ୟପରି ହୋଇଥାନ୍ତା । କିନ୍ତୁ ଗୋଟାଏ ଜାତିର ଇତିହାସରେ ଯେତେବେଳେ ବିଜୟ ଓ ଅଧଃପତନର ସନ୍ଧିସ୍ଥଳ ମୁହୂର୍ତ୍ତ ଆସେ, ସେତେବେଳେ ତାହାର ପ୍ରଥମ ବିକୃତି ଆସେ ଦୁଇ ଜାତିଦ୍ରୋହୀ ଓ ସ୍ୱାର୍ଥପରତାମାନଙ୍କର ବିବେକ ଓ ପ୍ରାଣଶକ୍ତିରେ । ବିଜୟର ସେହି ବିକୃତି ସେଦିନ ରାଜା ମୁକୁନ୍ଦଦେବ ଓ ରାଜ ମନ୍ତ୍ରଣାଦାତା ଜୟୀ ରାଜଗୁରୁଙ୍କ ବିବେକରେ ମଧ୍ୟ ଆରମ୍ଭ ହୋଇଥିଲା ।'' ଇଂରେଜ ଶାସକବର୍ଗଙ୍କ କପୋଳକଳ୍ପିତ ଏବଂ ଅହେତୁକ ସନ୍ଦେହବାଦୀ ଅଭିଯୋଗର ଶରବ୍ୟ ହୋଇଥିବା ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟବୀର ଇତିହାସ ପୁରୁଷ ଜୟୀ ରାଜଗୁରୁ ସେମାନଙ୍କ ଦୃଷ୍ଟିରେ ଜଣେ ଘୃଣ୍ୟତମ ଖଳନାୟକ ଥିଲେ । ଦୁର୍ଭାଗ୍ୟବଶତଃ ଭାବେ ଇତିହାସ ପୃଷ୍ଠାରେ ମଧ୍ୟ ଜୟୀ ରାଜଗୁରୁଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ସେହି ବିକୃତ ମୂର୍ତ୍ତିର ଛାପ ରହିଗଲା । ଖୋର୍ଦ୍ଧା ଓ ଉତ୍କଳର ଗୌରବ ଅନ୍ୟତମ ପ୍ରାଜ୍ଞ ଛାତ୍ରପ୍ରଖ୍ୟାତ ଐତିହାସିକ ସ୍ୱର୍ଗତ କେଦାରନାଥ ମହାପାତ୍ର ଜୟୀ ରାଜଗୁରୁଙ୍କର ପ୍ରଥମରୁ ଶେଷଯାଏଁ ଇଂରେଜ ବିରୋଧୀ ଭୂମିକା ସମ୍ପର୍କରେ ସଠିକ ବିବରଣୀ ପ୍ରଦାନ କଲାପରେ ସ୍ୱାର୍ଥପୂର୍ଣ୍ଣ ପତନର ଏକ ସମ୍ଭାବ୍ୟକାରଣ ଖୋଜି ଲେଖିଛନ୍ତି- ''ପାଇକମାନେ ଏକେବାକେ ଆତ୍ମରକ୍ଷା ନ କରି ଯଦି ମୁକ୍ତ ପ୍ରାନ୍ତରରେ ଛେଉଣ୍ଡ ପଡ଼ାଇଥିବା କମ୍ପାନୀ ଫୌଜକୁ ପ୍ରଥମରୁ ହଠାତ୍ ଆକ୍ରମଣ କରିଥାନ୍ତେ ତେବେ ଯୁଦ୍ଧର ଗତି ଭିନ୍ନ ଆକାର ଧାରଣ କରିଥାନ୍ତା ।''

ସେହିପରି ଜୟୀ ରାଜଗୁରୁଙ୍କର ଅସାଧାରଣ ପାଣ୍ଡିତ୍ୟ ଓ ବୀରତ୍ୱର ପ୍ରଶଂସା ସାଙ୍ଗରେ ଶତମୁଖ ହୋଇ ଉଠିଥିବା 'ଫିରିଙ୍ଗି କଳିଭାରତ' ଲେଖକ ମଧୁସୂଦନ ମିଶ୍ର ଶେଷକୁ ଅତି ଅଶାଳୀନ ଭାଷାରେ ତାଙ୍କ ବିରୋଧରେ ବହୁ ଦୁର୍ନୀତିର ଅଭିଯୋଗ କରିବାପରେ ଖୋର୍ଦ୍ଧା ରାଜାଙ୍କ ବିପର୍ଯ୍ୟୟ ପାଇଁ କ୍ରୋଧୀ ରାଜଗୁରୁ ହିଁ ଏକମାତ୍ର ଦାୟୀ ବୋଲି ଲେଖିଛନ୍ତି- ''ଏକା ରାଜଗୁରୁ ଏତେ ଦୂର ଜଳା, ଏହି ଅଧିକାର କିଷ୍ଟରେ ବୁଡ଼ାଇଲା''

ଇଂରେଜ ଶାସକମାନେ ଏକ ସମୟରେ ଜୟୀ ରାଜଗୁରୁଙ୍କୁ ଦେଶଦ୍ରୋହ ଅପରାଧରେ ଅଭିଯୁକ୍ତ କରି ଫାଶି ଦେଇଥିଲେ । କିନ୍ତୁ ଆମେମାନେ ତାଙ୍କୁ ୧୮୦୪ରେ ଓଡ଼ିଆ ଜାତିର ଭାଗ୍ୟବିପର୍ଯ୍ୟୟ ପାଇଁ ଏକାଧିକ ଦେଶଦ୍ରୋହ ଅପରାଧରେ ଅଭିଯୁକ୍ତ କରି ଚାଲିଛୁ । ଏ ଆମପାଇଁ ନିହାତି ଲାଜ ଓ ଦୁଃଖର ଅବସାନ ଘଟୁ । ଜୟୀ ରାଜଗୁରୁଙ୍କର ଚରିତ୍ର ବ୍ୟକ୍ତିତ୍ୱ, ଅସାଧାରଣ ଦେଶପ୍ରେମ, ଅସାମାନ୍ୟ ବୀରତ୍ୱ, ଅସୀମ ସାହସ ଏବଂ ଖୋର୍ଦ୍ଧାର ସ୍ୱାଭିମାନ ତଥା ସ୍ୱାଧୀନତା ପାଇଁ ଅଭିଜନତାର ଆତ୍ମୋତ୍ସର୍ଗକୁ ନେଇ ସୁସମ୍ବଦ୍ଧ ଓ ସୁସଂହତ ତାଙ୍କର ମହାନ୍ ଜାତୀୟ ଚରିତ୍ରକୁ ଆମର ପ୍ରବୀଣ ତଥା ନବୀନ ଐତିହାସିକମାନେ ଏକ ସ୍ୱରରେ ବିବାଦମୁକ୍ତ କରି ଓଡ଼ିଆ ଜାତିର ପ୍ରାଣଶକ୍ତିକୁ ପ୍ରତିଧ୍ୱନିତ କରନ୍ତୁ- ଏହା ହିଁ ଆଗାମୀଦାବି ପାଇଁ ଆଜିର ଆହ୍ୱାନ ।

ଜୟୀ ରାଜଗୁରୁଙ୍କ ପରେ ଆମେ ଆଲୋଚନା କରିବୁ ଭାରତ ତଥା ଓଡ଼ିଶାର ୨ୟ ସ୍ୱାଧୀନତା ସଂଗ୍ରାମୀ, ଖୋର୍ଦ୍ଧା ଇତିହାସର ପ୍ରବାଦ ପୁରୁଷ ଏବଂ ଖୋର୍ଦ୍ଧାର ପାଇକକୁଳର ମଉଡ଼ମଣି ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ସମ୍ପର୍କରେ । ବକ୍ସି ଇଂରେଜ ସେନାପତି ହାର୍କୋର୍ଟଙ୍କ ପୁରୀ ଅଭିଯାନରେ ସହାୟତା ପ୍ରଦାନ କରିଥିଲେ ବୋଲି ସ୍ୱର୍ଗତ କେଦାରନାଥ ମହାପାତ୍ରଙ୍କ ଭଳି ପ୍ରବୀଣ ଐତିହାସିକ 'ଖୋର୍ଦ୍ଧା ଇତିହାସ'ରେ ଲେଖିଛନ୍ତି । କେଦାରନାଥ ବାବୁ ଖୋର୍ଦ୍ଧା ମାଟିର ସନ୍ତାନ, ପ୍ରାକ୍ତନ ଛାତ୍ର ଭାବେ ଖୋର୍ଦ୍ଧା ହାଇସ୍କୁଲର ଗୌରବ, ପ୍ରବୀଣ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକଭାବେ ଓଡ଼ିଶାର ଗର୍ବ ଓ ଗୌରବର ପ୍ରତୀକ ଏବଂ ଜଣେ ସୁଦକ୍ଷ ପୁରାତତ୍ତ୍ୱ ଗବେଷକ ଭାବେ ଏକ ବିରଳ ପ୍ରତିଭାର ଅଧିକାରୀ । ସୁତରାଂ ସେ ଆମପାଇଁ ନମସ୍ୟ ଓ ଚିରସ୍ମରଣୀୟ । କିନ୍ତୁ ଇଂରେଜ ଐତିହାସିକଙ୍କୁ ଅନୁସରଣ କରି ସେ ଏପରି ଲେଖିଥିବାରୁ ତାହା ଆମ ପାଇଁ ବିଡ଼ମ୍ବନା ସୃଷ୍ଟି କରିଛି । ୧୮୧୭ରେ ଖୋର୍ଦ୍ଧା ପାଇକ ବିଦ୍ରୋହର ନେତାଥିଲେ ବକ୍ସି ଜଗବନ୍ଧୁ । ସେ ପାଇକ ବିଦ୍ରୋହ ଶକ୍ତିଶାଳୀ ଇଂରେଜ ଶାସନ ପ୍ରତି କିପରି ଆତଙ୍କ ସୃଷ୍ଟି କରିଥିଲା, ତାହାର ସଂକ୍ଷିପ୍ତ ସ୍ୱୀକାରୋକ୍ତି ଇଂରେଜ ଐତିହାସିକ ଟୟନବୀ ଲେଖିଛନ୍ତି- "It was not long, however, before we had to encounter a storm which burst with such sudden fury as to threaten our expulsion, if not from the whole of Orissa, at least from the territory of khurda. This was the rebellion of the paiks, a kind of local militia, to whom the English conquest had brought little, but ruin and oppression' ଏହାଥିଲା ଐତିହାସିକ ପାଇକ ବିଦ୍ରୋହ ସମ୍ପର୍କରେ ଇଂରେଜ ଶାସକମାନଙ୍କର ପ୍ରତ୍ୟକ୍ଷ ଅନୁଭୂତିର ସୂଚନାମାତ୍ର । କିନ୍ତୁ ଦୁର୍ଭାଗ୍ୟର କଥା ଏ ପାଇକ ବିଦ୍ରୋହ ସଂପର୍କରେ ଆମ ନାୟକମାନଙ୍କର ବିବରଣୀ ଅତ୍ୟନ୍ତ ନୈରାଶ୍ୟଜନକ । "xx ୨୪ ଅଙ୍କ ସନ ୧୮୧୭ ମସିହାରେ ଏହାଙ୍କ (ମୁକୁନ୍ଦଦେବ-୨ଙ୍କ) ପାଇ ବକ୍ସିକୁ

ଖୁର୍ଦ୍ଧାରେ ରାଜାଙ୍କ ସହିତ ରାଜାଙ୍କୁ କେନାନଣିଙ୍କି ମଧ୍ୟ କଟକ ବାରବାଟିରେ ରଖାଯାଇଥିଲେ । କାରଣ ଇଂରେଜୀ କର୍ମଚାରୀଙ୍କ ଶାସନ ନ ମାନି ପାଇକମାନଙ୍କୁ ସାହାଯ୍ୟ କରି ଇଂରେଜୀଙ୍କ ସହିତ ଯୁଦ୍ଧ ନ କରି ଲୁଚିକରି ଅନେକ କୋମ୍ପାନୀ ଖଜଣାଖାନା ଲୁଟିକଲେ ।'' ଏହାହିଁ ହେଉଛି ପାଇକ ବିଦ୍ରୋହ ଓ ତାର ନେତା ବକ୍ସି ଜଗବନ୍ଧୁଙ୍କ ସଂପର୍କରେ ଜଣେ ମାଜିଷ୍ଟ୍ରେଟଙ୍କର ମନ୍ତବ୍ୟ । ଅଧିକ ଚିନ୍ତନୀୟ କଥା ଏହି ଯେ ଖୋର୍ଦ୍ଧା ରାଜ୍ୟର ସ୍ୱାଧୀନ୍ୟ ସେନାପତି ଭାବେ ବକ୍ସି ଜଗବନ୍ଧୁଙ୍କର ବହୁ ବୀରତ୍ୱପୂର୍ଣ୍ଣ ଭୂମିକାର ଭୂୟସୀ ପ୍ରଶଂସା ସାଙ୍ଗରେ ଶତମୁଖ ହୋଇ ଉଠିଥିବା 'ଫିରିଙ୍ଗି କଳିକାଳ'ର ଲେଖକ ବକ୍ସିଙ୍କ ପାଇକ ବିଦ୍ରୋହ ସଂପର୍କରେ ଗୋଟିଏ ମାତ୍ର ପଦ ଲେଖିଛନ୍ତି- ''ଦଶହିପରେ ଜଗବନ୍ଧୁ ପାଇକ ଧରିଣ, ଫିରିଙ୍ଗି ସହିତ ଯୁଦ୍ଧ କରିଥିଲେ ପୁଣ ।'' ପାଇକ ବିଦ୍ରୋହରେ ବକ୍ସିଙ୍କ ଭୂମିକା ସଂପର୍କରେ ଏତିକି କହି ସେ ନୀରବ ରହିଛନ୍ତି ।

ଖୋର୍ଦ୍ଧାର ପାଇକ ବିଦ୍ରୋହ ଇଂରେଜ ଶାସକମାନଙ୍କ ମନରେ କିପରି ଆତଙ୍କ ଓ ହତାଶ ସୃଷ୍ଟି କରିଥିଲା ଏବଂ ପାଇକ ବିଦ୍ରୋହର ନେତା ବକ୍ସି ଜଗବନ୍ଧୁଙ୍କର ଆତ୍ମଗୋପନ ସମୟରେ ସେମାନେ କିପରି ଆତଙ୍କିତ ଅବସ୍ଥାରେ ଥିଲେ ତାହା ସେମାନଙ୍କର ସେହି ବିଦ୍ରୋହ ପରବର୍ତ୍ତୀ ପ୍ରତିକ୍ରିୟାରୁ ହିଁ ଜାଣିହୁଏ । ସ୍ୱର୍ଗତ ସୁଧାକର ପଟ୍ଟନାୟକ ତାଙ୍କର 'New light on the Khurda- Paik, rising-1817' ଶୀର୍ଷକ ପ୍ରବନ୍ଧରେ ଲେଖିଛନ୍ତି- ଇଂରେଜ ସରକାର ଜଣେ କମାଣ୍ଡର, ଜଣେ କମାଣ୍ଡିଙ୍ଗ ଅଫିସର ଓ ଆଉ କେତେକ ମିଲିଟାରୀ ଅଫିସରଙ୍କୁ ଲଗାଇ ଏବଂ ସରକାରୀ ବଳର ସବୁ ଶକ୍ତି ଲଗାଇ ଖୋଜି ମଧ୍ୟ ବକ୍ସି ଜଗବନ୍ଧୁ ବା ଦେୱାନ କୃଷ୍ଣଚନ୍ଦ୍ରଙ୍କୁ ଧରିପାରିଲେ ନାହିଁ । ତେଣୁ ୧୮୧୮ ମସିହାରେ ଘୋଷଣା କଲେ ଯେ ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ରଙ୍କୁ ଧରାଇଦେଲେ ଯଥାକ୍ରମେ ଟ ୫୦୦୦ଙ୍କା ଓ ଟ ୨୦୦୦ଙ୍କା ଏବଂ ସେମାନଙ୍କର ସହଯୋଗୀ ଅନ୍ୟ ୧୪ ଜଣ ବିଦ୍ରୋହୀ ଆତ୍ମଗୋପନକାରୀ ନେତା ପ୍ରତ୍ୟେକଙ୍କ ପାଇଁ ଟ ୧୦୦୦ଙ୍କା ପୁରସ୍କାର ଦିଆଯିବ । କିନ୍ତୁ ଏ ଘୋଷଣାନାମାରୁ କିଛି ଫଳ ନ ମିଳିବାରୁ ସରକାର ପୁଣି ଘୋଷଣା କଲେ ଯେ ଯଦି ବକ୍ସି ଜଗବନ୍ଧୁ ଆପେ ଆପେ ଆସି ଧରାଦେବେ ତା'ହେଲେ ତାଙ୍କୁ ସର୍ବକ୍ଷମା ପ୍ରଦାନ କରାଯାଇ ସମ୍ମାନର ସହିତ ଓଡ଼ିଶା ବାହାରେ କୌଣସି ଆଖପାଖରେ ନଜରବନ୍ଦୀ କରି ରଖାଯିବ । କିନ୍ତୁ ଏ ଘୋଷଣା ଫଳପ୍ରଦ ନ ହେବାରୁ ପୁଣିଥରେ ଘୋଷଣା କଲେ ଯେ ବକ୍ସି ଯଦି ଆପେ ଆତ୍ମସମର୍ପଣ କଲେ ତାଙ୍କୁ ଓଡ଼ିଶା ବାହାରକୁ ନିଆନଯାଇ କଟକ ବା ବାଲେଶ୍ୱରରେ ସସମ୍ମାନେ ରଖାଯିବ । ମାତ୍ର ଏ ସମୟ ଘୋଷଣାରୁ ମଧ୍ୟ କିଛି ଫଳ ମିଳିନାହିଁ । ତେଣୁ ୧୮୧୯ ମସିହାରେ କମିଶନର ମି: ଟେରର ଘୋଷଣା କଲେ ଯେ ସରକାର ବକ୍ସି ଜଗବନ୍ଧୁଙ୍କ ସହ ସମ୍ମାନର ସହିତ କୌଣସି ବିଶ୍ୱସ୍ତ ମଧ୍ୟସ୍ଥଙ୍କ ଜରିଆରେ ଦ୍ୱିପାକ୍ଷିକ ଆଲୋଚନା କରିବାପାଇଁ ଆଗ୍ରହୀ । ଏହି ଘୋଷଣା ପରେ ବକ୍ସି ଜଗବନ୍ଧୁଙ୍କର ପୋଷ୍ୟପୁତ୍ରଙ୍କ ସହ ସରକାର ଯୋଗାଯୋଗ ସ୍ଥାପନ କରିବାରୁ ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ରଙ୍କ ଉଭୟଙ୍କୁ ଇଂରେଜ ସରକାରଙ୍କ ଉଦ୍ଦେଶ୍ୟରେ ନିଶ୍ଚିତ ଏକ ଦାବି ଦିଆଇ ସେହି ପୋଷ୍ୟପୁତ୍ରଙ୍କ ମାଧ୍ୟମରେ ପୁରୀର ଜଏଣ୍ଟ ମାଜିଷ୍ଟ୍ରେଟ ମେକଲିଓଡ୍ ସାହେବଙ୍କୁ ଦିଆଯାଇଥିଲା । ସେ ଚିଠାଉରେ ଦାବି କରାଯାଇଥିଲା ଯେ ରାମଚନ୍ଦ୍ରଦେବଙ୍କୁ ଖୋର୍ଦ୍ଧା ରାଜଗାଦିରେ ଅଭିଷିକ୍ତ କରାଯିବା ସଂଗେ ସଂଗେ ବକ୍ସି ଓ ଦେୱାନଙ୍କୁ ନିଜ ନିଜର ଜାଗିରି ମାହାଲ ବକ୍ସିବାଡ଼ି ଓ ଦେୱାନବାଡ଼ି ଫେରାଇ ଦିଆଯାଉ । କିନ୍ତୁ ଏ ଦାବି ପୂରଣ କରିବାରେ ଅସମର୍ଥ ହୋଇ ସରକାର ପୁନଶ୍ଚ ବକ୍ସିଙ୍କ ପ୍ରତି କଠୋର ପ୍ରଶାସନିକ ପ୍ରକ୍ରିୟାର ଆଶ୍ରୟ ନେଇକେ ଏବଂ ୧୮୨୦ ମସିହା ଜୁଲାଇ ୨୧ ତାରିଖରେ ବକ୍ସିଙ୍କର ପରିବାର ସହିତ ୨୪ ଜଣଙ୍କୁ ଗଞ୍ଜାମ ଜିଲ୍ଲାରୁ ଧରିଆଣି ବନ୍ଦୀ କଲେ । ବକ୍ସିଙ୍କ ପରିବାରର ଏହିସବୁଙ୍କୁ ବାରବାଟି ଦୁର୍ଗରେ ନଜରବନ୍ଦୀ ରଖାଗଲେ । କିନ୍ତୁ ସେଥିରେ ବକ୍ସି ଡରିଲେନାହିଁ । ଖୋଦ୍ ବଡ଼ଲାଟ୍ ବକ୍ସିଙ୍କ ବିରୋଧରେ ଏପରି କଠୋର ପଦକ୍ଷେପର ପରିଣାମ ଭୟାବହ ହେବାର ଆଶଙ୍କାକରି ତୁରନ୍ତ ବକ୍ସିଙ୍କ ପରିବାରବର୍ଗଙ୍କୁ ଖଲାସ କରିଦେବାକୁ ନିର୍ଦ୍ଦେଶଦେଲେ । ମାତ୍ର ମାସକ ପରେ ୧.୯.୧୮୨୦ ତାରିଖରେ ବକ୍ସିଙ୍କ ପରିବାରଙ୍କୁ ଛାଡ଼ି ଦିଆଗଲା । ୧୮୨୨ ମସିହାରେ ବକ୍ସିଙ୍କ ମାହାଲକୁ ସରକାର ବାଜ୍ୟାପ୍ତ କରିଦେଲେ । କିନ୍ତୁ ସେଥିରୁ କିଛି ସୁଫଳ ମିଳିଲାନାହିଁ । ୧୮୨୩ ମସିହାରେ ଖୋର୍ଦ୍ଧାର କଲେକ୍ଟର ମାଜିଷ୍ଟ୍ରେଟ୍ ଉଇଲକିନ୍‌ସନ୍ ପ୍ରକାରାନ୍ତରେ ବକ୍ସିଙ୍କ ପୋଷ୍ୟପୁତ୍ରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାବେଳେ ଏବଂ ଘୋଷଣାକଲେ ଯେ ବକ୍ସିଙ୍କ ସହିତ ସରକାର ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ଚାହାନ୍ତି । ତେଣୁ ବକ୍ସି ଆଉ ଆତ୍ମଗୋପନ ନକରି ଆସି ସାକ୍ଷାତ କରନ୍ତୁ । ସରକାର ତାଙ୍କୁ ସ୍ୱାଗତ କରିବେ ଏବଂ ମାସିକ ଟ ୨୦୦ (ବୃତ୍ତି ପ୍ରଦାନ କରି କଟକରେ ସମ୍ମାନ ସହକାରେ ଅବସ୍ଥାନ କରାଇବେ । ଏହି ଘୋଷଣା ପରେ ମଧ୍ୟ ୨ ବର୍ଷଯାଏଁ ବକ୍ସି ଆତ୍ମପ୍ରକାଶ କରି ନଥିଲେ । କିନ୍ତୁ ୧୮୨୫ ମସିହାରେ ବକ୍ସିଙ୍କର ଜଣେ ବିଶ୍ୱସ୍ତ ଶ୍ରୀରାମ୍ଭ ନୟାଗଡ଼ରାଜାଙ୍କ ଦେୱାନ୍-ବନ୍ଧୁପାଇକରାୟ ବକ୍ସିଙ୍କୁ ଉକ୍ତ ଘୋଷଣାନାମାନୁଯାୟୀ ଆତ୍ମପ୍ରକାଶ କରିବାକୁ ପ୍ରବର୍ତ୍ତାଇ ଉଇଲକିନ୍‌ସନ୍ ସାହେବଙ୍କ ସହ ସାକ୍ଷାତ କରାଇବାରେ ସଫଳ ହୋଇଥିଲେ । ତା'ପରେ ପରେ ଦେୱାନ କୃଷ୍ଣଚନ୍ଦ୍ର ମଧ୍ୟ ଆପେ ଆପେ ଯାଇ ଉଇଲକିନ୍‌ସନଙ୍କୁ ସାକ୍ଷାତ କରିଥିଲେ । ଏହାପରେ ସରକାର ନିଜର ଘୋଷଣା ନାମାଅନୁଯାୟୀ ବକ୍ସି ଓ ଦେୱାନଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ ଏବଂ ବକ୍ସିଙ୍କୁ କଟକରେ ଅବସ୍ଥାନ କରି ମାସିକ ଟ ୨୦୦ ବୃତ୍ତିପ୍ରଦାନ କରିଥିଲେ ।

ଓଡ଼ିଆ ପାଇକବୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କର ବ୍ୟକ୍ତିତ୍ୱ କିପରି ଅନମନୀୟ ଏବଂ ତାଙ୍କର ନେତୃତ୍ୱ କିପରି ଅଦମନୀୟ ଥିଲା ତାହା ବ୍ରିଟିଶ ସରକାରଙ୍କ ତତ୍‌କାଳୀନ ତଥ୍ୟପତ୍ରରୁ ପ୍ରମାଣିତ ଉପରୋକ୍ତ ଘଟଣା ପ୍ରବାହରୁ ଅନୁମାନ କରାଯାଇପାରେ । ଖୋର୍ଦ୍ଧାର ପାଇକମାନଙ୍କ ମଧ୍ୟରେ ବକ୍ସିଙ୍କର ଅବାଧ ପ୍ରଭାବ ଇଂରେଜଙ୍କଚିନ୍ତାକୁ ଛାଡ଼ିନଥିଲା, ଏମିତିକି ଏତେବଡ଼ ସାମ୍ରାଜ୍ୟ ବିସ୍ତାରକ ଭାରତ ବିଜେତା ବ୍ରିଟିଶଶକ୍ତି ଏକଦ୍ୱୟ ପ୍ରାନ୍ତୀୟ ବିଜିତ ରାଜ୍ୟର ଜଣେ ସର୍ବହରା ପଳାତକ ଆତ୍ମଗୋପନକାରୀ ବ୍ୟକ୍ତିସହିତ ପାଇକ ବିଦ୍ରୋହ ପ୍ରଶମିତ ହେବାର ଦୀର୍ଘ ୮ ବର୍ଷପରେ ଆପୋସ୍ ମିଳାମିଶା ଆଲୋଚନାକରି ତାଙ୍କୁ ମୂଲ୍ୟପର୍ଯ୍ୟନ୍ତ ଏତେଟି ସମ୍ମାନ

ପ୍ରବର୍ତ୍ତନ କରିନଥାନ୍ତେ । କେବଳ ସେତିକିନୁହେଁ, ପାଇକ ବିଦ୍ରୋହର କିଛି ଶାସକ ବର୍ଗଙ୍କୁ ଏପରି ଛାନିଆଁ କରିଥିଲା ଯେ ଆଉ ଥରେ ଯେପରି ପାଇକ ବିଦ୍ରୋହର ସୂତ୍ରପାତ ନହୁଏ ସେଥିପାଇଁ ବିଦ୍ରୋହର କାରଣ ଗୁଡ଼ିକ ସଂପର୍କରେ ସମ୍ୟକ୍ ଅନୁସନ୍ଧାନ କରି ଯଥାସମ୍ଭବ ପ୍ରତିବିଧାନ ପାଇଁ ଉଦାରତାମୂଳକ ପଦକ୍ଷେପ ସ୍ୱରୂପ ବ୍ରିଟିଶ ସରକାର ଇଉୟର ସାହେବଙ୍କୁ ତଦନ୍ତ କମିଶନରଭାବେ ନିଯୁକ୍ତ କରିଥିଲେ । ଇଉୟରସାହେବ ବକ୍ସିଙ୍କ ଶାରୀରିକ ଶକ୍ତି ସଂପର୍କରେ ପୁରୀ କୋର୍ଟରୁ ଶୁଣିଥିବା କୌତୂହଳପ୍ରଦ କିମ୍ବଦନ୍ତୀ ତାଙ୍କ ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିବାକୁ ଭୁଲିନାହାନ୍ତି । ସେ କିମ୍ବଦନ୍ତୀ ଅନୁଯାୟୀ ବକ୍ସିଙ୍କ ପିଠିରେ ଖଣ୍ଡିଏ ଯାବୁଥିଲା, ୧୦ ଫୁଟ ଲମ୍ବ ୫ ଫୁଟ ଓସାର ୨ ଫୁଟ, ଉଚ୍ଚ କୋଡ଼ ଏପଥରଖଣ୍ଡକୁ ବକ୍ସି ଭୂଇଁଉପରେ ଘଷି ନିଜ ପିଠିଉପରେ ଚଢ଼ାଇରଖୁଥିଲେ ଓ ନା'ଦେହରେ ପିଠି ଘଷି ପଶି ଯାଉଥିବା ଦେଖାଯାଉଥିଲେ । ସେ ପଥର ଖଣ୍ଡିକ ଖୋର୍ଦ୍ଧାର କୌଣସି ପୁରୁଣା ମନ୍ଦିର ପ୍ରାଙ୍ଗଣରେ ପଡ଼ିଥିଲା ବୋଲି ମଧ୍ୟ ସେ ଲେଖିଛନ୍ତି । ପ୍ରଶାସନ କ୍ଷେତ୍ରରେ ନୂଆଁ ସଂସ୍କାର କାହିଁ ଖୋର୍ଦ୍ଧାର ପାଇକବିଦ୍ରୋହ ଏବଂ ତାର ନେତା ବକ୍ସିଜଗବନ୍ଧୁଙ୍କ ସାମାଜିକ, ସାଂଗଠନିକ, ଶାରୀରିକ ତଥା ସାମରିକ ଶକ୍ତି ଓ ସାମର୍ଥ୍ୟ ପ୍ରତି ଏତେ ଗୁରୁତ୍ୱ ଆରୋପ କରିଛି, ସମ୍ଭବତଃ ବିଦେଶୀର ଛାତିଉପରେ ବିଦ୍ରୋହର ପରାଜୟଜନିତ ଅପମାନ ଓ ଗ୍ଲାନିର କଳାଦାଗ ଇତିହାସ ପୃଷ୍ଠାରୁ ପୋଛି ଦିଆଯିବା ପାଇଁ ସେ ଜାତିର ନୃଶଂସମୟ ନେତୃତ୍ୱର ଅପଚେଷ୍ଟାକୁ ଜାଣବଣିପାରିଲା ନାହିଁ । ପାଇକ ବିଦ୍ରୋହ ସଂପର୍କୀୟ ପ୍ରଶାସନିକ ନଥିପତ୍ରକୁ ସେମାନେ ହୁଏତ ଶାସକ ହିସାବରେ ସୁବିଧାପାଇଁ ଗୋପନୀୟ କରି ରଖି ପାରିବେ ବୋଲି ଭାବିଥିଲେ । ସେ ଭାବନା ସେମାନଙ୍କର ଭ୍ରାନ୍ତ ପ୍ରମାଣିତ ହେଲା । ସମୟର ଆହ୍ୱାନରେ ସେମାନେ ଏ ଦେଶରୁ ଶାସନଗାଦି ଛାଡ଼ିଗଲେ । ସେସବୁ ଐତିହାସିକ ତଥ୍ୟ ସମ୍ବଳିତ ନଥିପତ୍ରକୁ ସେମାନେ ଗୋପନୀୟ କରି ଲୁଚେଇ ରଖିଥିଲେ କ୍ରମେ କ୍ରମେ ସେ ସବୁ ଉନ୍ମୋଚିତ ହେଲା, ଏବେ ବି ହେଉଛି । ଓଡ଼ିଶାର କେତେ ଗବେଷକଗଣ ଇତିହାସର ଅନ୍ଧକୂପ ମଧ୍ୟରୁ ସେଗୁଡ଼ିକୁ ତଥ୍ୟ ଉଦ୍ଧାର କରିଛନ୍ତି ଏବଂ କରୁଛନ୍ତି । ବକ୍ସିଙ୍କୁ ଇଂରେଜ ଯେଉଁ ଡକାୟତ ବୋଲି ଦମ୍ୟ କରିଥିଲେ ଏହା ମିଥ୍ୟା ପ୍ରମାଣିତ ହୋଇଛି, ଏବଂ ଇଂରେଜ ଯେଉଁ ପାଇକବିଦ୍ରୋହକୁ ଦମନ କରାଯାଇ ସେଥି ପାଇକବିଦ୍ରୋହର ପ୍ରଧାନ ନାୟକ ବକ୍ସିଙ୍କର ଆତ୍ମଗୋପନ କରିବାରୁ ତାଙ୍କ ଅକଳନୀୟ ଶକ୍ତି ଓ ସାମର୍ଥ୍ୟର ଛାୟାଭୂତ ଶାସକ ଇଂରେଜ ବକ୍ସିଙ୍କୁ ଦୀର୍ଘ । ବର୍ତ୍ତମାନ ଶାସନ କ୍ଷେତ୍ରରେ ଦମନ କରିବାକୁ ଛୋଡ଼େଇ ଦୋହେର କରେଇଛି ଏବଂ ଅବଶେଷରେ ସେହି ପ୍ରବଳ ପରାକ୍ରମୀ ବ୍ରିଟିଶ ଶକ୍ତିର ମଥାନତ କରି ଦେଇଛି ସେସବୁମାନଙ୍କ ନଥିପତ୍ରରୁ ଏ ଇତିହାସ ଉଦ୍ଘାଟିତ ହୋଇଛି । ଏ ଇତିହାସ କେବଳ ବକ୍ସି ଜଗବନ୍ଧୁ କି ଦେଓ୍ୱାନ କୃଷ୍ଣଚନ୍ଦ୍ରଙ୍କ ଇତିହାସ ନୁହେଁ । ଏ ଇତିହାସ ଓଡ଼ିଶାର ଇତିହାସ, ଓଡ଼ିଆ ଜାତିର ଇତିହାସ, ବୀରଭୂମି ଖୋର୍ଦ୍ଧାର ଇତିହାସ । ସୁନାକୁ ଯେତେ ପୋଡ଼ିଲେ ମଧ୍ୟ ସେ ଯେପରି କେବଳ ତାର ତୋଳା ନିଆଁରେ ଉଜ୍ଜ୍ୱଳ ହୁଏ, ସେହିପରି ବୀର ଓଡ଼ିଆ ବକ୍ସି ଜଗବନ୍ଧୁଙ୍କର ଜୀବନକୁ ଇତିହାସ ଯେତେ ଅଧିକ ପରୀକ୍ଷା ନିରୀକ୍ଷା କରୁଥିବ ତାଙ୍କ ଗୌରବ ସେତେ ଅଧିକ ବଢ଼ୁଥିବ ସିନା, କଦାପି କମିବ ନାହିଁ । ବକ୍ସିଙ୍କ ସଂପର୍କରେ ଏଯାବତ ଯେତିକି ତଥ୍ୟ ସଂଗୃହୀତ ଓ ପ୍ରକାଶିତ ହୋଇଛି ତାହା ସେହି ପ୍ରଚଣ୍ଡ ଶକ୍ତିଧର ଜାତୀୟ ବୀରଙ୍କର ଜୀବନ ପ୍ରବାହର ଏକ କ୍ଷୁଦ୍ର ଉର୍ମୀମାତ୍ର ଏବଂ ତାଙ୍କ ସଂପର୍କରେ ଏବେ ବି ଅନେକ ତଥ୍ୟ ଅନୁଦ୍ଘାଟିତ ହୋଇ ରହିଛି ବୋଲି ଏ ଲେଖକର ଦୃଢ଼ଧାରଣା । ସେତିକି କହିବା ଯେ ଏ ଧାରଣାକୁ ପୋଷକତା-କରାଇବା କିଛି ଉଦାହରଣ ଦିଆଯାଇଛି । କିନ୍ତୁ ତାହା ମଧ୍ୟ ପର୍ଯ୍ୟାପ୍ତ ନୁହେଁ । ସ୍ୱର୍ଗତ ଚକ୍ରଧର ମହାପାତ୍ରଙ୍କଦ୍ୱାରା ଲିଖିତ "ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ" ଓ ଦିବ୍ୟସିଂହ ଚମୁପତିଙ୍କ ଦ୍ୱାରା ଲିଖିତ 'ବକ୍ସି ବଂଶର ନୂତନ ଇତିହାସ'ରୁ ପ୍ରମାଣିତ ହୁଏ ଯେ ଖୋର୍ଦ୍ଧା ଭୋଇବଂଶର ୧ମ ରାଜା ଗଜପତି ରାମଚନ୍ଦ୍ର ଦେବ (୧୫୬୮-୧୬୦୭)ଙ୍କ ସମୟରେ ଇନ୍ଦ୍ର ବିଦ୍ୟାଧର, ପୁରୁଷୋତ୍ତମ ଦେବ (୧୬୦୭-୧୬୨୨)ଙ୍କ ସମୟରେ ଦାମ ବିଦ୍ୟାଧର, ନରସିଂହ ଦେବ (୧୬୨୨-୧୬୪୭)ଙ୍କ ସମୟରେ କହ୍ନାଇ ବିଦ୍ୟାଧର, ବଳଭଦ୍ର ଦେବ (୧୬୪୭-୧୬୫୯)ଙ୍କ ସମୟରେ ବାସୁଦେବ ବିଦ୍ୟାଧର, ମୁକୁନ୍ଦ ଦେବ (୧୬୫୯-୧୬୮୮)ଙ୍କ ସମୟରେ ପୀତାମ୍ବର ବିଦ୍ୟାଧର, ଦିବ୍ୟସିଂହ ଦେବ (୧୬୮୮-୧୭୧୪)ଙ୍କ ସମୟରେ ଉଦୟନାଥ ବିଦ୍ୟାଧର, ତାଙ୍କ ପରବର୍ତ୍ତୀ ରାଜା ହରେକୃଷ୍ଣ ଦେବ, ଗୋପୀନାଥ ଦେବ ଓ ରାମଚନ୍ଦ୍ର ଦେବ (୧୭୧୪-୧୭୩୬)ଙ୍କ ସମୟରେ ଲୋକନାଥ ବିଦ୍ୟାଧର ଏବଂ ବୀରକେଶରୀ ଦେବ (୧୭୩୬-୧୭୯୩)ଙ୍କ ସମୟରେ ବାସୁଦେବ ଭ୍ରମରବର ଓ ଗୋପୀନାଥ ଭ୍ରମରବର ଖୋର୍ଦ୍ଧାରାଜ୍ୟର ସେନାପତି ଥିଲେ । ପରବର୍ତ୍ତୀ ବୃନ୍ଦାବନ ରାଜା ଦିବ୍ୟସିଂହ ଦେବ (୧୭୯୩-୧୭୯୮) ଏବଂ ମୁକୁନ୍ଦ ଦେବ (୧୭୯୮-୧୮୧୭)ଙ୍କ ସମୟରେ ଜଗବନ୍ଧୁ ବିଦ୍ୟାଧର ମଧ୍ୟ ଖୋର୍ଦ୍ଧାର ସେନାପତି ଥିଲେ ବୋଲି ଆମେ ଜାଣୁ ।

ଉଲ୍ଲେଖଯୋଗ୍ୟ ଯେ, ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ର ୧୮୧୯ରେ ଇଂରେଜ ସରକାରଙ୍କ ଉଦ୍ଦେଶ୍ୟରେ ଲେଖିଥିବା 'ଚିଠାଉ'ରେ "ଆମେ ଓ ଆମର ପୂର୍ବପୁରୁଷମାନେ ଅନାଦିକାଳରୁ.... ଜାଗିରି ଭୋଗକରି..... ଖୋର୍ଦ୍ଧା ଓ ତାରି ପରଗଣାରେ ସେନାଁ ନିଷ୍ପନ୍ନ କରି ପାଳିଆସିଛୁ....'' ବୋଲି ଲେଖିଥିଲେ । ତେଣୁ ଲୋକନାଥ ବିଦ୍ୟାଧର ବଂଶୀୟ ସେନାପତିମାନେ ବକ୍ସି ଜଗବନ୍ଧୁଙ୍କର ପୂର୍ବପୁରୁଷ ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ଉପରୋକ୍ତ ବିବରଣୀରୁ ବକ୍ସିଙ୍କର କେତେକ ପୂର୍ବପୁରୁଷଙ୍କ ନାମ ମିଳୁଥିଲେ ହେଁ ତାଙ୍କ ବଂଶାବଳୀର ସଠିକ୍ ବିବରଣୀ, ଏପରିକି ବକ୍ସି ଜଗବନ୍ଧୁଙ୍କର ପିତାମାତାଙ୍କ ନାମ ମଧ୍ୟ ଆମେ ଏ ଯାବତ୍ ଜାଣି ପାରିନାହିଁ । ଇଂରେଜ ସରକାରଙ୍କ ଦ୍ୱାରା ତାଙ୍କ ବିରୋଧରେ ବହୁବର୍ଷ ଧରି ଗିରଫ ପରୱାନା ଜାରି କରାଯାଇଥିଲା । ସେ ପରୱାନାରେ ନିଶ୍ଚୟ ତାଙ୍କ ପିତାଙ୍କ ନାମ ଥିବ । ପୁଣି ତାଙ୍କ ପରିବାର ସଂପର୍କରେ ଠିକିକିଶି ତଦନ୍ତ ହେଲେ ତାଙ୍କ ପିତାଙ୍କ ନାମ ନିଶ୍ଚୟ ଜଣାପଡ଼ିଥିବ । ସର୍ବୋପରି ତାଙ୍କ ଜୋତଜମା ମାଲାନ କମିଜମା ବନ୍ଦୋବସ୍ତ କଲାବେଳେ ନିଶ୍ଚିତ ଭାବେ ତାଙ୍କ ନାମ ସହିତ ପିତାଙ୍କ ନାମ ଲେଖାଯାଇଥିବ । ଏ ସବୁ ସତ୍ତ୍ୱେ ଇଂରେଜମାନେ ତାଙ୍କ

ସଂପର୍କରେ ଲେଖିବାବେଳେ ତାଙ୍କ ପିତାଙ୍କ ନାମକୁ ଇତିହାସ ପୃଷ୍ଠାରୁ ବାଦ୍‌ଦେଲେ କାହିଁକି ? ଏ ପ୍ରଶ୍ନର ଏକମାତ୍ର ଉତ୍ତର ଏହି ଯେ ଇଂରେଜ ଐତିହାସିକମାନେ କଦାପି ବକ୍ସିଙ୍କ ସଂପର୍କରେ ସଠିକ୍ ଓ ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିନାହାନ୍ତି ।

କିନ୍ତୁ ଯେଉଁ ଇଂରେଜ ଲେଖକମାନେ ବକ୍ସି ଜଗବନ୍ଧୁଙ୍କ ପୂର୍ବପୁରୁଷ, ଏପରିକି ତାଙ୍କର ପିତାଙ୍କ ନାମ ସୁଦ୍ଧା ଉଲ୍ଲେଖ କରିବାକୁ କୁଣ୍ଠାବୋଧ କରିଛନ୍ତି ତାଙ୍କରି ଲେଖାକୁ ଅନୁସରଣ କରି କେଦାରନାଥ ବାବୁ ଲେଖିଛନ୍ତି- ''ବକ୍ସି ଜଗବନ୍ଧୁ ପୁରୁଷାନୁକ୍ରମେ ଚିଲିକା ନିକଟବର୍ତ୍ତୀ ରୋଡ଼ଙ୍ଗ କିଲାର ମାଲିକ ଥିଲେ । କର୍ଣ୍ଣେଲ୍ ହାରକୋର୍ଟ ସେହିବାଟେ ପୁରୀକୁ ଅଭିଯାନ ଚଳାଇବା ସମୟରେ ଜଗବନ୍ଧୁ ତାଙ୍କୁ ସାହାଯ୍ୟ ଦେଇଥିଲେ । ''ଓଡ଼ିଶା ଅଧିକାର ପରେ ୧୮୦୪ରେ ରୋଡ଼ଙ୍ଗ କିଲା ନିମନ୍ତେ ବକ୍ସି ଜଗବନ୍ଧୁଙ୍କ ସଙ୍ଗେ ଇଂରେଜ ସରକାରଙ୍କର ବନ୍ଦୋବସ୍ତ ମଧ୍ୟ ହୋଇଥିଲା ।'' ଏହା ଷ୍ଟାର୍ଲିଂ ଓ ଟଏନବୀଙ୍କ ଲେଖା ଉପରେ ନିର୍ଭର କରି ଲେଖାଯାଇଥିବା ଅନୁମାନ । କିନ୍ତୁ ଷ୍ଟାର୍ଲିଂ, ଟଏନବୀ କିମ୍ବା ଅନ୍ୟ କୌଣସି ଐତିହାସିକ ହାରକୋର୍ଟଙ୍କ ପୁରୀ ଅଭିଯାନରେ ବକ୍ସି ଜଗବନ୍ଧୁ ସାହାଯ୍ୟ କରିଥିବା କଥା ଲେଖିନାହାନ୍ତି ।

୧୮୧୩ଖ୍ରୀଷ୍ଟାବ୍ଦରେ କଲେକ୍ଟର ଟ୍ରାଓ୍ୱେରଙ୍କ ଚିଠି ଲିଖିରେ ଷ୍ଟାର୍ଲିଂଙ୍କ ଚିଠିକୁ ଉଦ୍ଧାର କରି ଟଏନବୀ ଲେଖିଥିଲେ- 'The family of Jagabandhu had held for several generations, the valuable estate of Kila Rorang at a low quit-rent, This estate was in Jagabandhu's possession at the time of the cession of Cuttack by the Raja of Berar, but there was some doubt as to whether the better right of possession was vested in Jagabandhu or a cousin of his who claimed it. Jagabandhu was one of the first to proffer submission to colonel Hareourt in 1803, and the settlement of Kila Rorang was made with him for the first year of the british administration of the province. In the following year he was allowed to enter into engagement for Mr. Webb's triennial settlement."

୧୮୦୩ ଖ୍ରୀଷ୍ଟାବ୍ଦ ଅକ୍ଟୋବର ମାସ ୧୪ ତାରିଖରେ ବାରବାଟି ଦୁର୍ଗ ଅଧିକାର କଲାପରେ ସେହିବର୍ଷ ଡିସେମ୍ବର ୧୭ ତାରିଖରେ ଇଂରେଜମାନେ ଦେଓଗାଁ ଚୁକ୍ତି କଲେ ଆଇନତଃ ଓଡ଼ିଶା ଶାସନର ଅଧିକାର ପାଇଲେ ଏବଂ ୧୮୦୪ରେ ତାଙ୍କ ଶାସନର ୧ମ ବର୍ଷରେ ଓଡ଼ିଶାର ଜମିଜମା ବନ୍ଦୋବସ୍ତ କରାଗଲେ । ତା'ପରେ ୧୮୦୫ରେ ୩ ବର୍ଷ ପାଇଁ, ୧୮୦୮-୧୮୦୯ରେ ପୁଣି ୩ ବର୍ଷ ପାଇଁ, ୧୮୧୨-୧୮୧୩ରେ ୧ ବର୍ଷ ପାଇଁ ଓ ୧୮୧୩-୧୮୧୪ରେ ୨ ବର୍ଷ ପାଇଁ- ଏପରି ମାତ୍ର ୧୦ ବର୍ଷ ମଧ୍ୟରେ ୫ଥର ଜମିଜମା ବନ୍ଦୋବସ୍ତ କରାଇଥିଲେ ।

୧୮୦୪ ପ୍ରଥମ ବନ୍ଦୋବସ୍ତରେ ସମସ୍ତ ସାବିକ ଜମିଜମା କାଏମ୍ ରଖାଯାଇଥିଲା । ସୁତରାଂ ବକ୍ସି ପୁରୁଷାନୁକ୍ରମେ ଭୋଗ କରି ଆସୁଥିବା ରୋଡ଼ଙ୍ଗ କିଲାର ବନ୍ଦୋବସ୍ତ ରେକର୍ଡ଼ ତାଙ୍କ ନାମରେ ରହିବା ସ୍ୱାଭାବିକ ଘଟଣା । ଖୋର୍ଦ୍ଧା ରାଜ୍ୟର ସେନାପତି ଭାବେ ତାଙ୍କର ପୂର୍ବପୁରୁଷ କିମ୍ବଦନ୍ତି ଜାୟଗିର୍ ଭାବେ ଭୋଗ କରି ଆସୁଥିବା ରୋଡ଼ଙ୍ଗକିଲାକୁ ଉତ୍ତରାଧିକାର ସୂତ୍ରରେ ସେ ପାଇଥିବା ସତ୍ତ୍ୱେ କେଉଁ ବନ୍ଦୋବସ୍ତ କର୍ମଚାରୀଙ୍କ ପାଖରେ ଅସ୍ୱୀକାର କରିପାରେ ? ଏହି ବନ୍ଦୋବସ୍ତ ରେକର୍ଡ ପାଇଁ ତ ବକ୍ସି କର୍ଣ୍ଣେଲ୍ ହାରକୋର୍ଟଙ୍କୁ ସାକ୍ଷାତ ବା ଅନୁରୋଧ କରିବାର ଆବଶ୍ୟକତା ନ ଥିଲା, ଯେହେତୁ ମରହଟ୍ଟା ବେଳର ସାବିକ ରେକର୍ଡ଼ କାଏମ୍ ରହିଥିଲା । ଏ ବନ୍ଦୋବସ୍ତ ପୂର୍ବରୁ ୧୮୦୩ରେ ବକ୍ସି ଖୋର୍ଦ୍ଧାରୁ ଯାଇ କୌଣସି ସମୟରେ କୌଣସି ସ୍ଥାନରେ କର୍ଣ୍ଣେଲ୍ ହାରକୋର୍ଟଙ୍କୁ ସାକ୍ଷାତ ଅଥବା ସାହାଯ୍ୟ କରିଥିବା ଭଳି କୌଣସି ତଥ୍ୟ କୌଣସି ସୂତ୍ରରୁ କୌଣସି ଐତିହାସିକ ପାଇଥିବାର ପ୍ରମାଣ ନାହିଁ । ୧୮୦୫ରେ କରାଯାଇଥିବା ତିନିବର୍ଷିଆ ବନ୍ଦୋବସ୍ତରେ ମଧ୍ୟ ବକ୍ସିଙ୍କ ନାମରେ ରୋଡ଼ଙ୍ଗ ମାହାଲର ସାବିକ ରେକର୍ଡ଼ କାଏମ୍ ରହିଥିଲା । କିନ୍ତୁ ଏହି ବନ୍ଦୋବସ୍ତ ରେକର୍ଡ଼କୁ ସ୍ୱୀକାର କରିବା ଦ୍ୱାରା ବକ୍ସି କର୍ଣ୍ଣେଲ୍ ହାରକୋର୍ଟଙ୍କ ପ୍ରତି ୧୮୦୩ରେ ସର୍ବପ୍ରଥମେ ତାଙ୍କ ଆନୁଗତ୍ୟ ଅର୍ପଣ କରି ଦେଇଥିଲେ ବୋଲି ଷ୍ଟାର୍ଲିଂ ସାହେବ କଲେକ୍ଟର ଟ୍ରାଓ୍ୱେର୍ ୧୮୧୩ରେ କମିସନରଙ୍କୁ ଲେଖିଥିବା ଚିଠି ଲିଖିରେ ନିଜର କୂଟନୈତିକ ଚାଲ୍‌ରେ କଲମ ଚଳାଇଦେଲେ, ଯେଉଁ ଚାଲ୍ ଏବେ ସୁଦ୍ଧା ଯେ ଅଣୁବୀକ୍ଷଣ ଯନ୍ତ୍ର ବିନା ଖାଲି ଆଖିକୁ ସ୍ପଷ୍ଟ ଦିଶୁନାହିଁ, ଅର୍ଥାତ୍ ଷ୍ଟାର୍ଲିଂଙ୍କ ଲେଖାକୁ ସୂକ୍ଷ୍ମବିଚାର ପରୀକ୍ଷା ନିରୀକ୍ଷା ଓ ବିଶ୍ଳେଷଣ ନ କରି କେଦାରନାଥ ବାବୁ ଯେଉଁପରି ଲେଖିଛନ୍ତି ଅନେକାଂଶରେ ତାଙ୍କ ବାକ୍ୟ ଅର୍ଥ ସେହିପରି ହେବ । ପ୍ରସଙ୍ଗକ୍ରମେ ୫୬ ବର୍ଷ ତଳର ଗୁରୁତ୍ୱପୂର୍ଣ୍ଣ ଘଟଣାଟିଏ ମନେପଡ଼ିଯାଉଛି । ସେତେବେଳର ଖବରକାଗଜରୁ ପଢ଼ିଥିଲି- ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ୍ ସାହେବଙ୍କ ଦ୍ୱାରା ୧୯୪୨ ମସିହା ମାର୍ଚ୍ଚ ମାସରେ ପ୍ରେରିତ ମିସନ୍ ସାର୍ ଷ୍ଟାଫୋର୍ଡ କ୍ରିପସ୍‌ଙ୍କର ଭାରତକୁ ଡୋମିନିଅନ୍ ସ୍ୱାଧୀନତା ପ୍ରଦାନ ସଂକ୍ରାନ୍ତ ଚିଠା ପ୍ରସ୍ତାବକୁ ଗାନ୍ଧିଜୀ ଏକାଧିକଥର ପଢ଼ି ଦୃଢ଼ ପ୍ରତ୍ୟାଖ୍ୟାନ କରିବା ପୂର୍ବରୁ ଆଉଥରେ ଭଲ ଭାବେ ପଢ଼ିବାକୁ ଚାହିଁଥିଲେ । ସେ କହିଥିଲେ ଜଣେ ଇଂରେଜ ରାଷ୍ଟ୍ରନୀତିଜ୍ଞଙ୍କ କୂଟନୈତିକ ଉଦ୍ଦେଶ୍ୟ ବୁଝିବା ଯେପରି ମୁସ୍କିଲ, ତାଙ୍କ ଭାଷାର କୂଟନୈତିକ ତତ୍ତ୍ୱ ବୁଝିବା ମଧ୍ୟ ସେହିପରି ମୁସ୍କିଲ, ତେଣୁ ତାକୁ ଭଲ ଭାବେ ପଢ଼ିବା ଆବଶ୍ୟକ ।

ପ୍ରଶ୍ନ ଉଠୁଛି- ଯଦି ବକ୍ସି ଜଗବନ୍ଧୁ ରୋଡ଼ଙ୍ଗ ମାହାଲର ଜମିଜମା ବନ୍ଦୋବସ୍ତ ପାଇଁ ୧୮୦୩କୁ ହାରକୋର୍ଟଙ୍କୁ ଆନୁଗତ୍ୟ ସମର୍ପଣ କରି ଦେଇଥିଲେ, ୧୮୦୫ ପରେ ବକ୍ସିଙ୍କ ପୁତୁରା ଓ କାକା କୃଷ୍ଣଚନ୍ଦ୍ର ସିଂହ ସେହି ରୋଡ଼ଙ୍ଗ ମାହାଲର ମାଲିକାନାକୁ ନେଇ ବକ୍ସିଙ୍କ ବିରୋଧରେ ଯେଉଁସବୁ ଷଡ଼ଯନ୍ତ୍ର ଚଳାଇ ଚାଲିଲେ ତାକୁ ତ ଇଂରେଜ ପ୍ରଶାସନ ଏକା କଲମର ଗାରରେ ରୋକି ଦେଇ ପାରିଥାନ୍ତେ, ତା' ନ କଲେ କାହିଁକି ? ୧୮୦୪ର ଖୋର୍ଦ୍ଧାଗଡ଼ ଯୁଦ୍ଧ ଏବଂ ତା' ପରବର୍ତ୍ତୀ ଇଂରେଜ ଶାସନର ଘଟଣା ପ୍ରବାହ ଭିତରେ ହିଁ ଏ ପ୍ରଶ୍ନର ଉତ୍ତର ଲୁଚି ରହିଛି । ସେ ଘଟଣା ପ୍ରବାହକୁ ଲକ୍ଷ୍ୟ କଲେ ଏ ପ୍ରଶ୍ନର ଉତ୍ତର ଆପେ ଆପେ ଭାସି ଉଠିବ ।

୧୮୦୩ରେ ଇଂରେଜ ମୋଗଲ ଓଡ଼ିଶା ଅଧିକାର କଲେ ଏବଂ ୧୮୦୪ରେ ଖୋର୍ଦ୍ଧାଗଡ଼ ଆକ୍ରମଣ କଲେ । ରାଜ୍ୟର ସେନାପତିଙ୍କ ପକ୍ଷରେ

ସେଥିପାଇଁ ରାଜ୍ୟର ଭାଗ୍ୟନିର୍ଣ୍ଣୟକ ଏହି ଦୁଇଟି ଘଟଣା ଅପେକ୍ଷା ଆଉ ଅଧିକ ଗୁରୁତ୍ୱପୂର୍ଣ୍ଣ ଘଟଣା କ'ଣ ଥାଇପାରେ ! ଅଥଚ ଖୋର୍ଦ୍ଧା ରାଜ୍ୟର ଭାଗ୍ୟ ବିପର୍ଯ୍ୟୟକାରୀ ଏ ଦୁଇଟି ଘଟଣା ଘଟୁଥିବା ବେଳେ ଖୋର୍ଦ୍ଧାର ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର କଣ କରୁଥିଲେ ସେ ସଂପର୍କରେ ଦେଶୀ କିମ୍ବା ବିଦେଶୀ, ଓଡ଼ିଆ କିମ୍ବା ଅଣଓଡ଼ିଆ, କୌଣସି ଗବେଷକ ବା ଐତିହାସିକ ଏଯାବତ୍ ମୁହଁ ଖୋଲି ନାହାନ୍ତି । ଏହା ଏକ ଦୁର୍ଭାଗ୍ୟଜନକ ବିଡ଼ମ୍ବନା ମାତ୍ର । ଗବେଷକ ତଥା ଐତିହାସିକ ମାନଙ୍କର ଏ ପ୍ରକାର ରହସ୍ୟ ନୀରବତା ସଂପର୍କରେ ବହୁଦିନ ତଳେ ପ୍ରକାଶିତ ସମ୍ବାଦପତ୍ରରେ ଏକ ନୀତିଗତ ପ୍ରଶ୍ନ ଉତ୍ଥାପନ କରି ମଧ୍ୟ କୌଣସି ସୂତ୍ରରୁ କୌଣସି ସୂଚନା ମିଳି ନ ଥିଲା, କିନ୍ତୁ ମିଳିଥିଲା 'ଫିରିଙ୍ଗି କଳି ଭାରତ'ରୁ । 'ଫିରିଙ୍ଗି କଳିଭାରତ'ରେ କବି ମଧୁସୂଦନ ମିଶ୍ର ଲେଖିଛନ୍ତି ୧୮୦୨ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାର ରାଜା ମୁକୁନ୍ଦଦେବଙ୍କ ଆଦେଶରେ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ଓ ଦେୱାନ ହରିହର ଭ୍ରମରବର ରାୟଙ୍କ ମିଳିତ ନେତୃତ୍ୱରେ ଖୋର୍ଦ୍ଧାର ସୈନ୍ୟମାନେ ରଣପୁର ରାଜ୍ୟ ଆକ୍ରମଣ କଲେ ଏବଂ ବକ୍ସି ଜଗବନ୍ଧୁ ଓ ଦେୱାନ ହରିହରଙ୍କ ପ୍ରବଳ ଆକ୍ରମଣ ଫଳରେ ରଣପୁର ରାଜ୍ୟ ପରାଜୟ ବରଣ କରି ଖୋର୍ଦ୍ଧା ରାଜାଙ୍କ ପଦାନତ ହେଲା । କିନ୍ତୁ ନାବାଳକ ରାଜା ମୁକୁନ୍ଦଦେବଙ୍କ ଅଭିଭାବକ ଭାବେ ତାଙ୍କ ରାଜକାର୍ଯ୍ୟରେ ପରାମର୍ଶ ଦେଉଥିବା ରାଜଗୁରୁ ଜୟକୃଷ୍ଣ ମହାପାତ୍ର ବକ୍ସି ଓ ଦେୱାନଙ୍କ ରଣପୁର ବିଜୟୋଲ୍ଲାସରେ ଈର୍ଷାନ୍ୱିତ ହୋଇ ବକ୍ସି ଓ ଦେୱାନଙ୍କ ବିରୋଧରେ ଚକ୍ରାନ୍ତ ଚଳାଇ ସେ ଦୁହିଁଙ୍କ ପ୍ରତି ରାଜାଙ୍କର ଅସନ୍ତୋଷ ସୃଷ୍ଟି କରିବାରେ ସକ୍ଷମ ହେଲେ ଏବଂ ସେ ଦୁହିଁଙ୍କୁ ରାଜକାର୍ଯ୍ୟରୁ ଦୂରେଇ ରଖି ନିଜେ ରାଜକାର୍ଯ୍ୟକୁ ସଂପୂର୍ଣ୍ଣ ଭାବେ ଅକ୍ତିଆର କରିବା ଲକ୍ଷ୍ୟରେ ରାଜାଙ୍କୁ ଦମ୍ପତିଙ୍କ ଖୋର୍ଦ୍ଧାଗଡ଼ରୁ ନେଇ ପୁରୀ ବାଲିସାହିସ୍ଥ ପୁରୁଣା କଅଁରରେ ରଖାଇଲେ । ରାଜା ରାଜଗୁରୁଙ୍କ କୁପରାମର୍ଶରେ ପଡ଼ି ବକ୍ସି ଓ ଦେୱାନଙ୍କ ପ୍ରତି ଅବଜ୍ଞା ଓ ଅବହେଳା ପ୍ରଦର୍ଶନ କରିବାରୁ ବକ୍ସି ଓ ଦେୱାନ ଅଭିମାନରେ ଖୋର୍ଦ୍ଧାରେ ନିସ୍ପୃହ ରହିଲେ ଏବଂ ତେଣୁରୁ ଏହି ମହଲରେ ଖୋର୍ଦ୍ଧା ରାଜ୍ୟର ଦେୱାନ ଓ ସେନାପତି ଭୂମିକାରେ ଅବତୀର୍ଣ୍ଣ ହେଲେ । ଅତିଶୟ ଗର୍ବ, ଅହଂକାର ଓ ଔଦ୍ଧତ୍ୟ ସତ୍ତ୍ୱେ ରାଜଗୁରୁ ଯେପରି ଅସାଧାରଣ ଜ୍ଞାନୀ ଥିଲେ, ସେହିପରି ଅସାଧାରଣ ସାହସୀ ଓ ବିଚକ୍ଷଣ ବୀର ଥିଲେ । ତେଣୁ ସେ ଏକାକୀ ଇଂରେଜମାନଙ୍କୁ ବିରୋଧ କରିଥିଲେ । କିନ୍ତୁ ପିପିଲି (ତେଲଙ୍ଗ ଅଞ୍ଚଳ) ଆକ୍ରମଣରେ ତାଙ୍କୁ ଦେୱାନ୍ ହରିହର ଏବଂ ଖୋର୍ଦ୍ଧାଗଡ଼ ଯୁଦ୍ଧରେ ଉଭୟେ ଦେୱାନ ହରିହର ଓ ବକ୍ସି ଜଗବନ୍ଧୁ ସାହାଯ୍ୟ କରିଥିଲେ ବୋଲି 'ଫିରିଙ୍ଗି କଳିଭାରତ'ର ଲେଖକ ସ୍ପଷ୍ଟ ଭାବେ ବର୍ଣ୍ଣନା କରିଛନ୍ତି । ମଧୁସୂଦନ ମିଶ୍ର ଏକଥା ମଧ୍ୟ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି ଯେ କର୍ଣ୍ଣେଲ୍ ହାରକୋର୍ଟ କଟକ ଅଭିଯାନ କରିବା ନିମନ୍ତେ ଗଞ୍ଜାମ ପ୍ରଦେଶରୁ ଓ ଖୋର୍ଦ୍ଧା ବାଟଦେଇ ସୈନ୍ୟବାହିନୀ ପଠାଇଁ ପ୍ରଥମେ ବକ୍ସିଙ୍କୁ ଚିଠି ଲେଖି ଅନୁମତି ପ୍ରାର୍ଥନା କରିଥିଲେ, କିନ୍ତୁ ବକ୍ସି ହାରକୋର୍ଟଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ସେଥିପାଇଁ ବକ୍ସିଙ୍କ ଉପରେ ପ୍ରଥମରୁ ହିଁ ହାରକୋର୍ଟଙ୍କ ରାଗ ରହିଥିଲା । ପରେ ପୁଣି ତେଲଙ୍ଗ ପିପିଲି ଅଞ୍ଚଳରୁ ଇଂରେଜ ଶାସନ ହଟାଇବାରେ ରାଜଗୁରୁଙ୍କ ସହିତ ଦେୱାନ ହରିହରଙ୍କ ଯୋଗଦାନ ଏବଂ ୧୮୦୪ ଖୋର୍ଦ୍ଧାଗଡ଼ ଯୁଦ୍ଧରେ ଉଭୟ ବକ୍ସି ଓ ଦେୱାନଙ୍କ ଯୋଗଦାନ ହେତୁ ସେ ଦୁହିଁଙ୍କ ପ୍ରତି ହାରକୋର୍ଟ ତଥା ଅନ୍ୟ ଇଂରେଜ ପ୍ରଶାସକମାନଙ୍କ ଆକ୍ରୋଶ ରହିବା ସ୍ୱାଭାବିକ । ପ୍ରତିଶୋଧ ନେବାପାଇଁ ମୌକା ଖୋଜୁଥିଲେ । ଲୋଡ଼ଙ୍ଗ ମାହାଲ ବନ୍ଦୋବସ୍ତ । ୧୮୦୫ ବନ୍ଦୋବସ୍ତ ପରେ ବକ୍ସିଙ୍କର ଜଣେ ଅଂଶୀଦାର ପୁରୁଷ ଗଦାଧର ଲୋଡ଼ଙ୍ଗ ଜାୟଗିର୍ ଇଲାକା ଉପରେ ଅଧିକାର ସ୍ୱତ୍ୱ ଦାବି କରି ଇଂରେଜଙ୍କ ପାଖେ ଫେରାଦି ହେଲେ । ବକ୍ସିଙ୍କ ବିରୋଧରେ ସୁବିଧାଜନକ ଭାବେ ଶକ୍ତିଶାଳୀ ଅସ୍ତ୍ରଟିଏ ହାରକୋର୍ଟଙ୍କୁ ମିଳିଗଲା । ସେ ଅସ୍ତ୍ରକୁ ସେ ଧରାଇ ଦେଲେ ଦୁର୍ବୃତ୍ତ ଲାଲା କୃଷ୍ଣଚନ୍ଦ୍ରଙ୍କ ହାତରେ ।

ଲାଲା କୃଷ୍ଣଚନ୍ଦ୍ର ସିଂହ ବଙ୍ଗାଳୀ ଥିଲେ । ତାଙ୍କ ଘର କଲିକତା ନିକଟବର୍ତ୍ତୀ ପାଣିହାଟିରେ । ସେ ଇଂରେଜ ସରକାରଙ୍କ ଅଧୀନରେ ଚାକିରି କରିବାକୁ ଓଡ଼ିଶାକୁ ଆସି କିଛିଦିନ ଅଫିସ୍‌ରେ କିରାଣୀ ଚାକିରି କରିଥିଲେ । ସେତେବେଳେ ଇଂରେଜୀ ପଢୁଆ ମିଳୁ ନ ଥିଲେ । ତେଣୁ କୃଷ୍ଣଚନ୍ଦ୍ରଙ୍କୁ କେହି କହୁଥିଲେ କିରାଣୀ ପେସ୍କାର, କିଏ କହୁଥିଲେ କିରାଣୀ ସିରସ୍ତାଦାର, ଆଉ କିଏ କହୁଥିଲେ କିରାଣୀ ଦେୱାନ । ଲୋକ ଉପରେ ସେ ବଡ଼ଲୋକଙ୍କ ଅଫିସରେ ସର୍ବେସର୍ବା ଥିଲେ । ୧୮୦୬ରେ ଲୋଡ଼ଙ୍ଗ ମାହାଲ ମାଲିକାନା ସଂପର୍କରେ ବକ୍ସିଙ୍କ ବିରୋଧରେ ଅଭିଯୋଗ ଅସ୍ତ୍ରଟିକୁ ହାରକୋର୍ଟ ତାଙ୍କୁ ଧରାଇଦେବା ପରେ ସେ ରଣକୌଶଳ ସ୍ଥିର କରିନେଇ ଚାକିରିରୁ ଇସ୍ତଫା ଦେଇଦେଲେ, କିନ୍ତୁ କଟକ ଛାଡ଼ିଲେ ନାହିଁ । ତାଙ୍କ ଭାଇ ଗୌରହରି ସିଂହଙ୍କୁ ତହସିଲଦାର ଭାବେ ମୁକରିର କରିଥିଲେ । ମୁକୁନ୍ଦଦେବ ଓ ତାଙ୍କ ରାଜଗୁରୁ ଯେଉଁ ୪ ପ୍ରଗଣା ହାରକୋର୍ଟଙ୍କ ଠାରୁ ଫେରି ନ ପାଇବାରୁ ଇଂରେଜ ଶାସନ ବିରୋଧରେ ବିଦ୍ରୋହ କରିଥିଲେ, ସେହି ୪ ପ୍ରଗଣା (ସିରେଇ, ରେହାଙ୍ଗ, ରାହାଙ୍ଗ, ଚବିଶକୁଦ) ସହିତ ଲୋଡ଼ଙ୍ଗ ମାହାଲକୁ ମିଶାଇ ତହସିଲଦାର ଗୌରହରି ସିଂହଙ୍କ ଅଧୀନରେ ରଖାଗଲା । ସେହିସବୁ ମାହାଲର ପରିଚାଳନା ବ୍ୟୟ ତୁଳନାରେ ଆୟ ସନ୍ତୋଷଜନକ ହେଉ ନ ଥିବା ଦର୍ଶାଇ ସେ ସବୁ ମାହାଲକୁ ବିକି ଦେବା ପାଇଁ ତହସିଲଦାର କଲେକ୍ଟରଙ୍କୁ ସୁପାରିଶ କଲେ ଓ କଲେକ୍ଟରଙ୍କ ଅନୁମତିକ୍ରମେ ସେ ସବୁ ମାହାଲକୁ ସରକାର ଲାଲା କୃଷ୍ଣଚନ୍ଦ୍ରଙ୍କର ଅନ୍ୟତମ ସଂପର୍କୀୟ ଲକ୍ଷ୍ମୀନାରାୟଣଙ୍କୁ ପଟ୍ଟାସୂତ୍ରରେ ହସ୍ତାନ୍ତର କରିଦେଲେ ଏବଂ ସେହି ପଟ୍ଟାଦାରଙ୍କଠୁ ଲକ୍ଷ୍ମୀନାରାୟଣ ଉକ୍ତ ମାହାଲକୁ ବିକିଦେଲେ," ବିକିଲେ ଲାଲା କୃଷ୍ଣଚନ୍ଦ୍ର ସିଂହ । ଲାଲା ରାତାରାତି ଜମିଦାର ହୋଇଗଲେ ଏବଂ ୧୮୦୮-୧୮୦୯ ବନ୍ଦୋବସ୍ତ ବେଳେ ହିଁ ସେ ବକ୍ସିଙ୍କ ଲୋଡ଼ଙ୍ଗ ମାହାଲକୁ ତାଙ୍କ ଜମିଦାରୀରେ ମିଶାଇ 'ରାହାଙ୍ଗ ଓଗେରା' ନାଁ ଦେଇଦେଲେ ଓ ଲୋଡ଼ଙ୍ଗରୁ ବକ୍ସିଙ୍କୁ ଚଢ଼ଚଢ଼ାଣ ବେଦଖଲ କରି ନିଜେ ଦଖଲ କରିନେଲେ । ବକ୍ସି ଇଂରେଜ ହାକିମଙ୍କ ପାଖେ ମାମଲା କରି କରି ସର୍ବସ୍ୱାନ୍ତ ହେଲେ, କିନ୍ତୁ ଆଉ ଲୋଡ଼ଙ୍ଗ ମାହାଲ ଫେରିପାଇଲେ ନାହିଁ । ଏହା ଥିଲା ଇଂରେଜ ଶାସକଙ୍କର ବକ୍ସିଙ୍କ ଉପରେ ପ୍ରତିଶୋଧ ନେବାର ଚରମ ପରିଣତି- ଯାହା ଖୋର୍ଦ୍ଧା ପାଇକ ବିଦ୍ରୋହର ମୁଖ୍ୟ କାରଣ ଥିଲା । ଇଂରେଜମାନେ ଲାଲା କୃଷ୍ଣଚନ୍ଦ୍ରଙ୍କୁ

ବକ୍ସିଙ୍କ ବିରୋଧରେ ସବୁ ପ୍ରକାର ଅନ୍ୟାୟ ସହାୟତା ଓ ପ୍ରବଳ ପ୍ରରୋଚନା ଯୋଗାଇ ଦେଉଥିଲେ ଯେଉଁ ପାଇକ ବିଦ୍ରୋହ ହେତୁ ନିଜର ମୁଣ୍ଡ ଖୋଲିଯିବାରୁ ମୁକ୍ତ ହେବାଶା ଯୋଗାଇବା ପାଇଁ ନାନା କୃଷ୍ଣଚନ୍ଦ୍ରଙ୍କୁ ଜାଲୁଣି ମୁସେ ବ୍ୟବହାର କରିବାର ଅପଚେଷ୍ଟା କରିଛନ୍ତି । ଷ୍ଟାର୍ଲିଂ, ଟୋୟନ୍ବୀଙ୍କ ଭଳି ଇଂରେଜ ଐତିହାସିକମାନେ କୃଷ୍ଣଚନ୍ଦ୍ର ସିଂହଙ୍କୁ ବକ୍ସିଙ୍କ ଦୁର୍ଦ୍ଦଶା ପାଇଁ ଦାୟୀ କରି ଯେଉଁ କଳନାପୂର୍ଣ୍ଣ ମେଦୋକ୍ତି ପ୍ରକାଶ କରିଛନ୍ତି, ତାହା କେବଳ ରୋଡ଼ଙ୍ଗ ବନ୍ଦୋବସ୍ତ ସଂପର୍କରେ ଇଂରେଜ ଶାସନର ଦୋଷକୁ ଘୋଡ଼ାଇବା ପାଇଁ ଉଦ୍ଦିଷ୍ଟ କୃତ୍ରିମ କାରଣ । ସୁତରାଂ ରୋଡ଼ଙ୍ଗ ମହାଲ ବନ୍ଦୋବସ୍ତ ପାଇଁ ବକ୍ସି ବକ୍ସିକୃତାଙ୍କ ହାରକୋର୍ଟଙ୍କ ପାଖେ ନିଜର ଆନୁଗତ୍ୟ ଅର୍ପଣ କରି ନଥିଲେ, ତା' ବଦଳରେ ସେ ରୋଡ଼ଙ୍ଗ ମହାଲ ହରାଇ ନ ଥାନ୍ତେ ।

ସିରେଇ, ରେହଙ୍ଗ, ରାହଙ୍ଗ ଓ ଚବିଶକୁଦ- ଏ ୪ ମହାଲକୁ ଇଂରେଜମାନେ ରାଜା ମୁକୁନ୍ଦଦେବଙ୍କୁ ଫେରେଇଲେ ନାହିଁ, ଅଥଚ ଜଣେ ଜାତୀୟ ଲୋକ କୃଷ୍ଣଚନ୍ଦ୍ର ସିଂହଙ୍କୁ ନାମମାତ୍ର ଖଜଣାରେ ମୁକ୍ତାରେ ବିକିଦେଲେ, ସେହିପରି ବକ୍ସିଙ୍କୁ ତାଙ୍କ ପୈତୃକ ରୋଡ଼ଙ୍ଗ ମହାଲରୁ ଜବରଦସ୍ତ ବେଦଖଲ କରି ସେହି କୃଷ୍ଣଚନ୍ଦ୍ର ସିଂହଙ୍କୁ କିମ୍ବାଦି ଅନ୍ୟାୟ ଓ ଜାଲିଆତି ବଳି ମହାଲଟିଏ ଦେଇଦେଲେ । ଏହି ଦୁଇଟି ଘଟଣାରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଇଂରେଜମାନେ ଓଡ଼ିଶା ଅଧିକାର ପୂର୍ବରୁ ମୁକୁନ୍ଦଦେବଙ୍କ ସହିତ ଯେଉଁ ମୈତ୍ରୀ ଚୁକ୍ତି କରିଥିଲେ ତାହା କେବଳ ମୁକୁନ୍ଦଦେବଙ୍କୁ ସାମୟିକ ଭାବେ ଭୁଲାଇ ରଖିବା ଉଦ୍ଦେଶ୍ୟରେ କରାଯାଇଥିଲା । ତେଣୁ ସେମାନେ କଟକଟି କୁଶ ଅଧିକାର କରିବା ପରେ ପରେ ହିଁ ଓଡ଼ିଶାର ଅନ୍ୟ ମରହଟ୍ଟା ରାଜାଙ୍କ ସହିତ ମୁକୁନ୍ଦଦେବଙ୍କୁ ନିଜର ଦଖଲ କରି ରଖିବା ଭଳି ଆରୋପ କରିଥିଲେ । ସେଥିରେ ମୁକୁନ୍ଦଦେବ ଓ ଜୟୀ ରାଜଗୁରୁ ରାଜି ନ ହେବାରୁ ନିଜର ଶାସନକୁ ନିଷ୍କଣ୍ଟକ କରିବା ଲକ୍ଷ୍ୟରେ ଖୋର୍ଦ୍ଧା ମାଟ୍ୟର ଦଳ ଲୋପ କରିବା ଫଳରେ ସଂଗେ ରାଜା, ରାଜଗୁରୁ, ସେନାପତି ଓ ଦେୱାନ ତାଙ୍କୁ ବିରୋଧ କରୁଥିବାରୁ ସେ ସମସ୍ତଙ୍କୁ କର୍ଣ୍ଣେଲ ହାରକୋର୍ଟ ନିଜ ବାଟରୁ ହଟେଇ ଦେବାପାଇଁ ଯୋଜନା କରିଥିଲେ ଏବଂ ସେ ଯୋଜନାକୁ କାର୍ଯ୍ୟକାରୀ କରିଥିଲେ । 'କ୍ୟାପଟେନ୍ ବି. ଫାଉଲେ ୧୮୧୭ ଏପ୍ରିଲ ୧ ତାରିଖରେ ଲେଖିବା ଚିଠିରେ ଯେତେବେଳେ ହିନ ରଜବାର ପାଇକଙ୍କ ଉପରେ ୫୫୦ ବନ୍ଧୁକର ଗୁଳିମାଡ଼ ବୃଷ୍ଟିବର୍ଷଣ କରି ସେମାନଙ୍କୁ ଧ୍ୱଂସ ବା ହତ୍ୟା କରି ବିଦ୍ରୋହ ଦମନ କଲେ ସେତେବେଳେ ଠିକ ବକ୍ସି ଜଗବନ୍ଧୁ ନିହତ ହୋଇଥାନ୍ତେ ଅଥବା ଧରାପଡ଼ି ଜୟୀ ରାଜଗୁରୁଙ୍କ ଦଶା ଭୋଗିଥାନ୍ତେ, ତା'ହେଲେ ଓଡ଼ିଶାରେ ଇଂରେଜମାନଙ୍କର ପ୍ରଥମ ୧୫ ବର୍ଷ ଦୁର୍ନୀତି ଶାସନର କଳଙ୍କ ଜନଙ୍କ ଦୋଷତ୍ରୁଟି ଆଉ ନେଇ ଚଉଧୁରୀକୁ ଆସି ପାରିନଥାନ୍ତା । କିନ୍ତୁ ବକ୍ସି ଯେତେ ଅଧିକକାଳ ଆତ୍ମଗୋପନ କରି ରହିଲେ ସେମାନଙ୍କ କଳଙ୍କିତ ଶାସନର ଅନୀତି ଅନାଚାରର ଅସଲ ରୂପ ସେତେ ଅଧିକ ମାତ୍ରାରେ ସାମନାରେ ପଡ଼ିଲା ଏବଂ ଖୋର୍ଦ୍ଧାର ପାଇକମାନଙ୍କ ମଧ୍ୟରେ ସେମାନଙ୍କ ପ୍ରତି ସେତେ ଅଧିକ ଘୃଣା ଓ ଅସନ୍ତୋଷର ବିହ୍ନି ବୁଣୁହିଁବାକୁ ଲାଗିଲା । ତେଣୁ ସେମାନେ ବକ୍ସିଙ୍କୁ କ୍ଷମା ପ୍ରଦର୍ଶନ କରିବାକୁ ବାଧ୍ୟ ହୋଇଥିଲେ ।

କେବଳ ରଗନାଥ ବାବୁ ଲେଖିଛନ୍ତି ଯେ ଉଦ୍ଦେଶ୍ୟ ବକ୍ସିଙ୍କ ରୋଡ଼ଙ୍ଗ ମହାଲ ବାବଦ ପୁରୀ ଅଭିଯାନ ଚଳାଇବା ସମୟରେ ବକ୍ସି ତାଙ୍କୁ ସାହାଯ୍ୟ ଦେଉଥିଲେ । ପ୍ରଥମତଃ ହାରକୋର୍ଟ ରୋଡ଼ଙ୍ଗ ମହାଲ ବାଟ ଦେଇ ଯାଇ ନ ଥିଲେ, ଯାଇଥିଲେ ମାଣିକ ପାଟଣା ବାଟ ଦେଇ ସମୁଦ୍ର କୂଳେ କୂଳେ । ଦ୍ୱିତୀୟତଃ ବକ୍ସି ରୋଡ଼ଙ୍ଗ ମହାଲର ମାଲିକ ଥିଲେ ଏବଂ ତାଙ୍କର ସିରେଇ ଇତ୍ୟାଦି ଅନ୍ୟାନ୍ୟ ମହାଲରେ ମଧ୍ୟ 'ବକ୍ସିବାଡ଼' ଜାଗିର ଜମି ରହିଥିଲା । ସେ ଖୋର୍ଦ୍ଧା ରାଜ୍ୟର ସେନାପତି ଭାବେ ଏହିସବୁ ଜାଗିର ପାଉଥିଲେ । ତେଣୁ ସେ ଚାହୁଁଥିଲେ ଖୋର୍ଦ୍ଧାରେ, ଜାଗିର ମହାଲ ଛୁଟିବା ପାଇଁ ତାଙ୍କର ଲୋଭ ଥିଲେ, ସେଥିପାଇଁ ସେ ରୋଡ଼ଙ୍ଗରେ ରହୁ ନ ଥିଲେ କି ଇଂରେଜର ଆବଶ୍ୟକତା ନ ଥିଲା । ସୁତରାଂ ହାରକୋର୍ଟଙ୍କୁ ପୁରୀ ଅଭିଯାନରେ ବକ୍ସି ସାହାଯ୍ୟ ଦେବାର ଅବକାଶ ହିଁ ନ ଥିଲା ।

ସର୍ବୋପରି ୧୮୧୭ରେ ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ରଙ୍କ ତରଫରୁ ଇଂରେଜ ପ୍ରଶାସକଙ୍କୁ ବକ୍ସିଙ୍କ ପୋଷ୍ୟପୁତ୍ର ମାଧ୍ୟମରେ ଦିଆଯାଇଥିବା ଚିଠାରୁ ହିଁ ବକ୍ସିଙ୍କର ଅନମନୀୟ ସ୍ୱଦେଶପ୍ରେମ ଓ ସ୍ୱାଧୀନ ଚେତନାର ବଳିଷ୍ଠ ପ୍ରମାଣ ମିଳେ । ପୂର୍ବରୁ କୁହାଯାଇଛି ଯେ ଇଂରେଜ ସରକାର ତାଙ୍କ ୨ ବର୍ଷ କାଳ ସମସ୍ତ ଶକ୍ତି ଓ କ୍ଷମତାର ଅପବ୍ୟବହାର ପ୍ରୟୋଗ କରି ବକ୍ସିଙ୍କୁ ଗିରଫ କରିବାକୁ ଅକ୍ଷମ ହେବା ପରେ ୧୮୧୯ରେ କମିଶନର ରେସଙ୍କ ଘୋଷଣାମତେ ବକ୍ସିଙ୍କ ସହିତ ଆପୋଷ ସମାଧାନ କରିବା ନିମନ୍ତେ ପୁରୀର କଲେକ୍ଟର ମାଜିଷ୍ଟ୍ରେଟ ମେଲଭିଲ ବକ୍ସିଙ୍କ ପୋଷ୍ୟପୁତ୍ର ଶ୍ୟାମସୁନ୍ଦର ରାୟଙ୍କୁ ପ୍ରେରଣ କରିଥିଲେ । ଏଥିରେ ଉତ୍ତେଜିତ ହୋଇ ଶ୍ୟାମସୁନ୍ଦର ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ରଙ୍କ ତରଫରୁ ଗୋଟିଏ ଚିଠାକ ନେଇ ମେଲଭିଲଙ୍କୁ ଦେଇଥିଲେ । ବାସ୍ତବରେ ଏ ଚିଠାଟି ଇଂରେଜ ସରକାର ପାଖକୁ ଏକ ଦରଖାସ୍ତ ପରି ଲେଖା ଯାଇଥିଲା । ଏଥିରେ ପ୍ରଥମେ ମହାରାଜ ମୁକୁନ୍ଦଦେବଙ୍କୁ ବନ୍ଦୀ ରାଜଗୁରୁଙ୍କ କୁମନ୍ତ୍ରଣାରେ ପରିଚାଳିତ ନ ହେବା ପାଇଁ ପରାମର୍ଶ ଦେଇଥିବା ବକ୍ସିଙ୍କର ଉକ୍ତି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ; କାରଣ ଏହାଦ୍ୱାରା ଇଂରେଜ ପ୍ରଶାସକଙ୍କ ବିରୋଧ ଭାବାପନ୍ନ ଦୃଷ୍ଟିକୁ ନିଜ ଉପରୁ ଏଡ଼ାଇ ତାଙ୍କୁ ସୁହାଇବା ଭଳି ୧୮୦୩ ଓ ୧୮୦୪ରେ ତାଙ୍କ ଶାସନର ପ୍ରତ୍ୟକ୍ଷ ଓ ପ୍ରଧାନ ବିଦ୍ରୋହୀ ଜୟୀରାଜଗୁରୁଙ୍କ ସହିତ ନିଜର ଓ ଦେୱାନଙ୍କର ପୂର୍ବ ଆକ୍ରୋଶ ଓ ବିରୋଧଭାବ ଦର୍ଶାଇଛନ୍ତି ମାତ୍ର । ଅସଲ ସମସ୍ତ ଦରଖାସ୍ତରେ ଇଂରେଜ ସରକାରଙ୍କ ଅନୀତି ଓ ଅପକର୍ମର ବିସ୍ତୃତ ବର୍ଣ୍ଣନା କରାଯାଇଛି । ଉକ୍ତ ଚିଠାରେ ଯେ ବକ୍ସି ଏ ଚିଠାଦ୍ୱାରା କେବଳ ନିଜ ସ୍ୱାର୍ଥସିଦ୍ଧି ପାଇଁ ଯୁକ୍ତି ନ ବାଢ଼ି ଇଂରେଜଙ୍କ ଦୁର୍ନୀତିର ଶିକାର ହୋଇଥିବା ନିଜର ପ୍ରଧାନ ସହକର୍ମୀ ଦେୱାନ କୃଷ୍ଣଚନ୍ଦ୍ର ଓ ନିଜର ପ୍ରଭୁ ଗାଦିଚ୍ୟୁତ ରାଜା ୧ ମୁକୁନ୍ଦଦେବଙ୍କ ପୁତ୍ର ରାମଚନ୍ଦ୍ରଦେବଙ୍କ ହୃତ ଗୌରବ ଫେରାଇ ଦେବାପାଇଁ ଇଂରେଜଙ୍କ ପାଖେ ଦୃଢ଼ ଦାବି କରିଛନ୍ତି । ଏ ପ୍ରକାର ଜାତୀୟ ସ୍ୱାର୍ଥ ସମ୍ବଳିତ ଦାବି କରି ନ ଥିଲେ ହୁଏତ ସେତେବେଳେ ଇଂରେଜମାନେ ତାଙ୍କୁ ରୋଡ଼ଙ୍ଗ ମହାଲ ଫେରାଇ ଦେଇ ତାଙ୍କ ସହିତ ଦ୍ୱିପାକ୍ଷିକ ଶାନ୍ତିଚୁକ୍ତି କରାଇ ନେଇଥାନ୍ତେ । କିନ୍ତୁ ସେ ଏହା ଚାହିଁ ନ ଥିଲେ, ସୁତରାଂ ରୋଡ଼ଙ୍ଗ ମହାଲ ପାଇଁ ହାରକୋର୍ଟ ବା ଅନ୍ୟ କାହା ପାଖରେ ବକ୍ସି ମୁଣ୍ଡ ନୋଇଁ ନ

ଥିଲେ – ଏହା କିପରି ହେଇପାରେ ବୁଝାଯାଇପାରେ । ଉକ୍ତ ଚିଠିରେ ବକ୍ସି ରୋଡ଼ଙ୍ଗ ଜାଗିର ବନ୍ଦୋବସ୍ତ ସଂପର୍କରେ ଖୋର୍ଦ୍ଧାର ପ୍ରଶାସକ ମେଜର ଫ୍ଲେଚରଙ୍କୁ ଏବଂ ନାବାଳକ ମୁକୁନ୍ଦଦେବ ମେଦିନୀପୁର ଜେଲରୁ ଖଲାସ ହୋଇଆସି ପୁରୀରେ ଅବସ୍ଥାପିତ ହେବାପରେ କଟକର ହାକିମମାନଙ୍କୁ ଲେଖିଥିବା ପ୍ରକାଶ କରିଛନ୍ତି । ଏହା ନିଶ୍ଚିତ ଭାବେ ୧୮୦୫ ଓ ୧୮୦୭ର ଅନ୍ତବର୍ତ୍ତୀ ଘଟଣା । ସୁତରାଂ ତା' ପୂର୍ବରୁ ୧୮୦୩ ବା ୧୮୦୪ରେ ବକ୍ସି କର୍ଣ୍ଣେଲ୍ ହାରକୋର୍ଟଙ୍କୁ କୌଣସିଠାରେ ଭେଟି ନ ଥିବାର ଏବଂ ଜୟୀ ରାଜଗୁରୁଙ୍କ ସହିତ 'ଫିରିଙ୍ଗି କଳିକା ରଡ଼' ବର୍ଣ୍ଣନାମତେ ବକ୍ସି ଓ ଦେଶ୍ବୁକ୍‌ଙ୍କର ବୃତ୍ତିକୁ ଏବଂ ତତ୍ପର ବିରୋଧୀ ମନୋଭାବର ପ୍ରତ୍ୟକ୍ଷ ପ୍ରମାଣ ହେଉଛି ବକ୍ସିଙ୍କର ଏହି ଚିଠାଉ ।

ଜେନକିନ୍ସ ସାହେବ ଏହି ଚିଠାଉର ନକଲ ସହିତ ଇଂରାଜୀ ଅନୁବାଦକୁ ୧୮୧୮ ମସିହା ଜୁଲାଇ ମାସ ୨୧ ତାରିଖରେ ବଙ୍ଗ ସରକାରଙ୍କ ସେକ୍ରେଟେରୀ ବେଇଲୀ ସାହେବଙ୍କ ନିକଟକୁ ପଠାଇଥିଲେ । ସ୍ୱର୍ଗତ ସୁଧାକର ପଟ୍ଟନାୟକଙ୍କ ସ୍ୱତନ୍ତ୍ର ପ୍ରବନ୍ଧରେ ପ୍ରକାଶିତ ଏହି ଚିଠାଉର ଇଂରାଜୀ ଅନୁବାଦକୁ ପୁନଶ୍ଚ ଓଡ଼ିଆରେ ଅନୁବାଦ କରି ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କ ଲିଖିତ 'ପାଇକ ବିଦ୍ରୋହ' ପୁସ୍ତକରେ ସ୍ଥାନିତ କରିଛନ୍ତି । ପାଠକମାନଙ୍କ ଅବଗତି ନିମନ୍ତେ ସେହି ଓଡ଼ିଆ ଅନୁବାଦକୁ ଅବିକଳ ଉଦ୍ଧାର କରାଗଲା ।

''କଟକ ପ୍ରଦେଶ ବ୍ରିଟିଶ ସାମରିକ ବାହିନୀ ଦ୍ୱାରା ଅଧିକୃତ ହେବାର ଚୌଦବର୍ଷ ହୋଇଗଲାଣି । ସେହି ସମୟରେ ମହାରାଜା ମୁକୁନ୍ଦଦେବ ଅଳ୍ପବୟସ୍କ ଯୁବକ ଥିଲେ । ଆମମାନଙ୍କର ହିତୈଷୀ ପରାମର୍ଶ ଓ ବାରଣସତ୍ତ୍ୱେ ସେ ଜୟୀ ରାଜଗୁରୁଙ୍କ କୁପରାମର୍ଶ ବଶରୁ ଇଂରେଜ ସରକାରଙ୍କୁ ପ୍ରତିଷ୍ଠା ବିରୋଧ କରିଥିଲେ । ଫଳରେ ସେ ବନ୍ଦୀ ହେଲେ ଏବଂ ମେଦିନୀପୁରକୁ ପ୍ରେରିତ ହେଲେ । ସେହି ସମୟରେ ମେଜର ଫ୍ଲେଚର ଖୋର୍ଦ୍ଧା ଶାସକ ଦାୟିତ୍ୱରେ ରହିଲେ । ପ୍ରାରମ୍ଭରୁ ଆମେମାନେ ଏହି ଅଫିସରଙ୍କ ନିକଟରେ ହାଜର ହୋଇଥିଲୁ । ତାଙ୍କଠାରେ ବରାବର ଦେଇ ଆମେ ଓ ଆମର ପୂର୍ବପୁରୁଷମାନେ ଅନାଦି କାଳରୁ ଲିଖିତ ଉପସ୍ଥିତ୍ ମୁକ୍ତିରାଜ୍ ହେରିକି ଓ ଜାଗିରି ରୂପରେ ଖୋର୍ଦ୍ଧା ଓ ଚାଉଁ ପରଗଣା (ଲେମ୍ବାଇ, ରାହାଙ୍ଗ, ସିରାଇ, ଚବିଶକୁଦ)ରେ ଯେଉଁ ନିଷ୍କର ଜମି ପାଉଥିଲୁ ସେ ସବୁ ଜମିର ବିବରଣୀ ଦେଇଥିଲୁ ଏବଂ ଆମେମାନେ ବକ୍ସିବାଡ଼ି ଓ ଦେଶ୍ବୁକବାଡ଼ି (ବର୍ତ୍ତମାନ ଏହା ମ୍ୟାନେଜର ମାନଗୁଡ଼ିକ ରାଜ୍ୟର ସାମିଲ ହୋଇଛି) ଦଖଲ ଉପରେ ବିଶେଷ ଦାବୀ ଉପସ୍ଥାପିତ କରିଥିଲୁ । କିନ୍ତୁ ମେଜର ଫ୍ଲେଚର ଆମର ଦାବୀକୁ ଏକାବେଳକେ ଅଗ୍ରାହ୍ୟ କରିଦେଲେ ଏବଂ ଆମର ସମସ୍ତ ଜମି ଖାସ୍ କରିଦେଲେ, ବଞ୍ଚିବାକୁ କି ବିଘାଏ ପ୍ରମାଣ ଜମି ଆମ ପାଇଁ ଛାଡ଼ିଲେ ନାହିଁ । ମେଦିନୀପୁରରୁ ମହାରାଜାଙ୍କୁ ଫେରାଇ ଆଣି ତାଙ୍କ ଭରଣପୋଷଣ ପାଇଁ କିଛି ବୃତ୍ତି ଖଞ୍ଜି ଦେଇ ତାଙ୍କୁ ପୁରୀରେ ରଖିବା ସମୟରେ ମଧ୍ୟ କଟକର ହାକିମମାନଙ୍କ ନିକଟରେ ଆମ ନିବେଦନ ଜଣାଇଥିଲୁ ଏବଂ ସେଥିରେ ନିବେଦନ କରିଥିଲୁ ଯେ ଆମମାନଙ୍କର କୁଟୁମ୍ବ ଓ ଆଶ୍ରିତ ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ଲୋକଙ୍କର ଭରଣପୋଷଣ ନିମନ୍ତେ ଆମମାନଙ୍କର କୌଣସି ଉପାୟ ନାହିଁ । ଯଦି ସରକାର ଆମ ଜମି ଆମକୁ ଫେରାଇ ଦିଅନ୍ତି, ତା' ହେଲେ ଆମେମାନେ ପୂର୍ବରୁ ପୁରୁଷାନୁକ୍ରମେ ପ୍ରଦେଶର ମହାରାଜା ଓ ସୁବାଦାରମାନଙ୍କଠାରୁ ଏହିସବୁ ଜମି ନିଷ୍କର ଜାଗିରି ରୂପେ ଭୋଗ ଦଖଲ କରି ଆସୁଥିଲେ ମଧ୍ୟ ଏହି ଜମି ଉପରେ ଆମର ଦାବୀକୁ ଦୃଷ୍ଟିରେ ରଖି ନ୍ୟାୟୋଚିତ କର ଦେବାପାଇଁ ଆମେ ପ୍ରସ୍ତୁତ ଅଛୁ । ଆମର ଦୁର୍ଭାଗ୍ୟକୁ ଆମର ଏହି ନିବେଦନଟି ମଧ୍ୟ ଗୃହୀତ ହେଲା ନାହିଁ । କିନ୍ତୁ ସମ୍ପ୍ରତି ଆମ କିଲ୍ଲାଭୂଇଁଆଁଙ୍କର (ବକ୍ସିଙ୍କର) ଉପରେ ପୂର୍ବ ପୁରୁଷରୁ ଯେଉଁ ଜାଗିରି ଦେଇଥିଲେ ଏବଂ ବ୍ରିଟିଶ୍ ସରକାରଙ୍କ ସହିତ ଏହି ଜମି ଉପରେ ଯେଉଁ ୩ ବର୍ଷିଆ ଚୁକ୍ତି ମଧ୍ୟ ହୋଇଥିଲା ତାହା ତାଙ୍କଠାରୁ (ବକ୍ସିଙ୍କଠାରୁ) ଛଡ଼ାଇ ନିଆଗଲା । ବର୍ଷପରେ ବର୍ଷ ସେ ହାକିମମାନଙ୍କଠାରେ ଏହାର ପ୍ରତିକାର ପାଇଁ ନିବେଦନ କରିଥିଲେ ସୁଦ୍ଧା ଏହାର କୌଣସି ଫଳ ହୋଇନାହିଁ । ଏହାଫଳରେ ସେ ଭିକ୍ଷୁକ ଅବସ୍ଥାକୁ ପ୍ରାପ୍ତ ହେଲେ ଏବଂ ନିଜର ଭରଣପୋଷଣ ପାଇଁ କେତେକ ଜମିଦାରଙ୍କ ବଦାନ୍ୟତା ଉପରେ ନିର୍ଭର କରିବାକୁ ବାଧ୍ୟ ହେଲେ । ବହୁ ପୁରୁଷ ପୂର୍ବରୁ ରାଜାମାନେ ଦେଶ୍ବୁକ୍ କୁଳକୁ ଯେଉଁ ଚିଲ୍ପାଗଡ଼ (ଛତ୍ରମାଗଡ଼) ଓ ଅନ୍ୟାନ୍ୟ ସ୍ଥାନ ଜାଗିରି ରୂପେ ଦାନ କରିଥିଲେ ସେଗୁଡ଼ିକରୁ ଦେଶ୍ବୁକ୍ ବେଦଖଲ ହେବାରୁ ତାଙ୍କର ଅବସ୍ଥା ମଧ୍ୟ ମୋ ଅବସ୍ଥା ପରି ହେଲା । ବ୍ରିଟିଶ ସରକାରଙ୍କ ଅଧୀନରେ ଦଳିତ ବ୍ୟକ୍ତିମାନେ ମଧ୍ୟ ଖାଦ୍ୟ ଓ ବସ୍ତ୍ର ପାଉଛନ୍ତି । ଆମେ କ'ଣ କରିଛୁ ଯେ ଆମେମାନେ ଏତେ ହୀନ ଅବସ୍ଥା ଓ ଦାରିଦ୍ର୍ୟ ଭୋଗ କରୁଛୁ ! ବ୍ରିଟିଶ ସରକାରଙ୍କ ଅଧୀନରେ କେତେକଣ ରାଜା ଓ ଜମିଦାର ଦୋଷ କରି ମଧ୍ୟ କ୍ଷମାପାଇ ସ୍ୱରାଜ୍ୟ ଓ ଜମିଦାରୀକୁ ଫେରସ୍ତ ପାଇନାହାନ୍ତି ? କିନ୍ତୁ ରାଜା ମୁକୁନ୍ଦଦେବ ତାଙ୍କର ଯୌବନାବସ୍ଥାରେ ଜଣେ ଖଳ ପ୍ରକୃତିର ମନ୍ତ୍ରୀଙ୍କର କୁପରାମର୍ଶରେ ପଡ଼ି ସରକାରଙ୍କ ବିରୋଧରେ ଦଣ୍ଡନୀୟ କାର୍ଯ୍ୟ କରିଥିବାରୁ ପ୍ରାୟ ଚଉଦବର୍ଷ କାଳ ଖୋର୍ଦ୍ଧା ବାହାରେ ରହିଲେ ଏବଂ ପ୍ରାଚୀନ ଓଡ଼ିଶା ରାଜାମାନଙ୍କର ଗାଦି ଓ ରାଜ୍ୟକୁ ଧ୍ୱଂସମୁଖରେ ପକାଇ ଦିଆଗଲା । ଯଦି ରାଜାଙ୍କୁ ପରମ୍ପରା ଅନୁସାରେ ତାଙ୍କ ରାଜ୍ୟର ଅଧିକାରରେ ରଖାଯାଇଥାଆନ୍ତା ତା' ହେଲେ ରାଜ୍ୟର ତିନିଲକ୍ଷ ଲୋକ ସମୃଦ୍ଧିଶାଳୀ ଓ ଆନନ୍ଦିତ ହୋଇପାରିଥାନ୍ତେ; କିନ୍ତୁ ରାଜ୍ୟଚ୍ୟୁତ ହେବାରେ ସେମାନେ ଧ୍ୱଂସ ହୋଇଗଲେ । ବାଲୁପେଣ୍ଟଠାରୁ ଛତ୍ରଗଡ଼ ପର୍ଯ୍ୟନ୍ତ ସମସ୍ତ ରାଜ୍ୟକୁ ନିଲାମଦାରଙ୍କ ସହିତ ବନ୍ଦୋବସ୍ତ କରି ଦିଆଗଲା... ଇତ୍ୟାଦି । ସେଇଠାରେ ପାଞ୍ଚଟଙ୍କାର ସମ୍ବଳ ଅଛି ସେଠାରେ ଏହି ନିଲାମଦାରମାନେ ପନ୍ଦର ଟଙ୍କାର ଦାବି କଲେ । ଲୁଣ ଦାମ ଏକ ପଣରୁ ପାଞ୍ଚପଣ ହେଲା । ରଇତମାନଙ୍କ ଅବସ୍ଥା ଏତେ ଖରାପ ହେଲା ଯେ ସେମାନେ ଶାଗ ଓ ପାଣି ଖାଇ ଜୀବନଧାରଣ କଲେ । ସେମାନଙ୍କ ଭିତରେ ଜଣଙ୍କର ପାଣି ପିଇବାପାଇଁ ବାସନ ଖଣ୍ଡିଏ ରହିଲା ନାହିଁ । ସେମାନଙ୍କର ଏହି ହୀନ ଦୁର୍ଦ୍ଦଶା ଅବସ୍ଥା ଶେଷ ସୀମାରେ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ କେହି ଉଦ୍ଧାରିଦେଇ ପାରିଲେ ନାହିଁ । ଶେଷରେ ରାଜ୍ୟର ଲୋକମାନେ ସେମାନଙ୍କର ଦରିଦ୍ର ଓ ଅନାଥ ଅବସ୍ଥା ପରି ଆମର ଅବସ୍ଥା ହୋଇଥିବାରୁ ବଳବନ୍ତି ଆମଠାକୁ ଆସିଲେ ଏବଂ କହିଲେ, ''ତୁମେମାନେ, ମହାରାଜା

ଓ ଆମେମାନେ ଦୁର୍ଦ୍ଦଶାର ନିମ୍ନତମ ସୋପାନରେ ଆସି ପହଞ୍ଚିଲେଣି । ବର୍ତ୍ତମାନ ଏହା ଆମର ପରିକଳ୍ପନା - ତାଙ୍କ ସମସ୍ତେ ଜଙ୍ଗଲକୁ ଚାଲିଯିବା ଏବଂ ସେଠାରେ ନିବାସ କରିବା । ଏହାଦ୍ୱାରା ଜମି ପଡ଼ିଆ ପଡ଼ିବ ଓ ଖଜଣା ଆଦାୟ ହୋଇପାରିବ ନାହିଁ । ଏହାଦେଖି, ହୁଏତ ହୋଇପାରେ, ଇଂରେଜମାନେ ଆମମାନଙ୍କ ଅବସ୍ଥାର ବିଚାର କରିବା ପାଇଁ ବାଧ ହୋଇଯାଆନ୍ତି । ଏହିପରି କଳ୍ପନାନୁଯାୟୀ ଖୋର୍ଦ୍ଧାର ଲୋକେ ବଣ ଜଙ୍ଗଲକୁ ଚାଲିଗଲେ । କିନ୍ତୁ ଇଂରେଜ କର୍ତ୍ତୃପକ୍ଷ ଲୋକମାନଙ୍କର ଏହି କାର୍ଯ୍ୟକୁ ଯେପରି ଦେଖିବା ଆଶା କରାଯାଉଥିଲା ସେପରି କଲେ ନାହିଁ । ବରଂ ସେମାନଙ୍କୁ ପଠାଇବା ପରିବର୍ତ୍ତେ ସେମାନେ ସୈନ୍ୟ ପରିଚାଳନା କରି ନେଇ ଜଙ୍ଗଲ ଓ ଦେଶକୁ ଧ୍ୱଂସ କରିବା ଆରମ୍ଭ କରିଦେଲେ । ଶେଷକୁ ଶ୍ରୀରାମଚନ୍ଦ୍ର ଦେବଙ୍କ ସୌଭାଗ୍ୟକୁ ଏବଂ ଆମର, ମହାରାଜାଙ୍କର ଓ ଖୋର୍ଦ୍ଧା ଲୋକଙ୍କର ମଙ୍ଗଳ କିମ୍ବା ବର୍ତ୍ତମାନର ଶାସକମାନେ ଏହି ପ୍ରଦେଶକୁ ପରିଦର୍ଶନରେ ଆସିଛନ୍ତି । ଆମମାନଙ୍କ ଆପତ୍ତି ଅଭିଯୋଗର ବର୍ତ୍ତମାନ ପୂର୍ଣ୍ଣ ଭାବରେ ବିଚାର ହେଉ ଏବଂ ପ୍ରତ୍ୟେକ ଲୋକ ତାର ନ୍ୟାଯ୍ୟ ଅଧିକାର ପୁନଃ ପ୍ରାପ୍ତ ହେଉ । ମହାରାଜା ରାମଚନ୍ଦ୍ର ଦେବଙ୍କୁ ଖୋର୍ଦ୍ଧା ରାଜଗାଦିରେ ଅଭିଷିକ୍ତ କରାଯାଉ । ଆମମାନଙ୍କର ପ୍ରାଚୀନ ସମ୍ପତ୍ତି ଓ ପୂର୍ବ ଅବସ୍ଥା ଆମକୁ ଫେରାଇ ଦିଆଯାଉ ଏବଂ ଖୋର୍ଦ୍ଧାର ଲୋକମାନଙ୍କୁ ସୁଖ ଓ ସ୍ୱଚ୍ଛନ୍ଦ ଅବସ୍ଥାକୁ ଫେରାଇ ନିଆଯାଉ । ଏହାପରେ ଯଦି କେହି ସରକାରଙ୍କ ବିରୋଧରେ ଅପରାଧ କାର୍ଯ୍ୟ କଲେ ତାହାହେଲେ ଆମେମାନେ ତାହାକୁ ତରବାରୀରେ ଧ୍ୱଂସ କରିଦେବୁ ଏବଂ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ଏହି ଅପରାଧ ମାର୍ଜନା କରାଯାଉ ।''

ଉପରୋକ୍ତ ଚିଠାଉର ପ୍ରଥମ ବାକ୍ୟ ''କଟକ ପ୍ରଦେଶ ବ୍ରିଟିଶ... ଦ୍ୱାରା ଅଧିକୃତ ହେବାର ଚଉଦବର୍ଷ ହୋଇଗଲାଣି'' ଏବଂ ଶେଷଭାଗରେ ''ବର୍ତ୍ତମାନର ଶାସକମାନେ ଏହି ପ୍ରଦେଶକୁ ପରିଦର୍ଶନରେ ଆସିଛନ୍ତି'' ଲେଖାରୁ ଅନୁମିତ ହୁଏ ଯେ ବକ୍ସି ପାଇକ ବିଦ୍ରୋହର ଅବ୍ୟବହିତ ପୂର୍ବରୁ ନିଜ ଜାଗିରି ମାହାଲ ଫେରିପାଇବାକୁ ଇଂରେଜ ହାକିମଙ୍କ କଚେରୀରେ ନେଇଥିବା ଏକ ଦରଖାସ୍ତରେ ବିଦ୍ରୋହ ପରବର୍ତ୍ତୀ ପରିସ୍ଥିତିକୁ ଆପେକ୍ଷାଥାଇ ଆବେଦନ ପରିବର୍ତ୍ତନ କରି କମିଶନର କେରଙ୍କ ଘୋଷଣାନାମେ ଆପୋସ ସମାଧାନ ଉଦ୍ଦେଶ୍ୟରେ ନିଜ ପୋଷ୍ୟପୁତ୍ର ଶ୍ୟାମସୁନ୍ଦର ହାତରେ ଚିଠାଉ ଆକାରରେ ଦେଇଥିଲେ । ସେ ଯାହାହେଉ ଏ ଚିଠାଉରୁ ଖୋର୍ଦ୍ଧାର ଦେୱାନଙ୍କ ସଂପର୍କରେ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳୁଛି । ତାହା ହେଉଛି ଦେୱାନଙ୍କ ଜାଗିରି ସମ୍ବନ୍ଧୀୟ । ଦେୱାନଙ୍କ ପୂର୍ବପୁରୁଷ ବକ୍ସିଙ୍କ 'ବକ୍ସିବାଡ଼' ପରି ବିଭିନ୍ନ ସମୟରେ ରାଜାମାନଙ୍କଠାରୁ 'ଦେୱାନବାଡ଼' ଜାଗିରି ପାଇଥିଲେ ଏବଂ ସେ ସବୁ ଜାଗିରିଜମି ବିରାଡ଼, କୋୟାଲ, ଲାଆମ ଓ ଦମ୍ପିଶବୁଡ଼ ପ୍ରଗଣାର ଅନ୍ତର୍ଭୁକ୍ତ ଥିଲା । ତା'ଛଡ଼ା ବକ୍ସିଙ୍କ ସ୍ୱତନ୍ତ୍ର ରୋଡଙ୍ଗ ମାହାଲପରି ଦେୱାନଙ୍କର ମଧ୍ୟ 'ବିରଗଡ଼' ନାମରେ ଏକ ସ୍ୱତନ୍ତ୍ର ଜାଗିରି ମାହାଲ ଥିଲା । ଏହି ବିରଗଡ଼ 'ଛତ୍ରଗଡ଼' କିମ୍ବା 'ଛତ୍ରମଗଡ଼' ହୋଇପାରେ । କିନ୍ତୁ ଇଂରେଜମାନେ ୧୮୦୪ ର ବନ୍ଦୋବସ୍ତ ପରେ ବକ୍ସିଙ୍କୁ ଯେପରି ରୋଡଙ୍ଗ ଓ ବକ୍ସିବାଡ଼ରୁ ଉଚ୍ଛେଦ କରି ସର୍ବସ୍ୱାନ୍ତ କରି ଦେଇଥିଲେ ଦେୱାନଙ୍କୁ ମଧ୍ୟ ସେହିପରି ବିରଗଡ଼ ଓ ଦେୱାନବାଡ଼ରୁ ଉଚ୍ଛେଦ କରି ସର୍ବସ୍ୱାନ୍ତ କରି ଦେଇଥିଲେ । ଚିଠାଉ ଶେଷରେ ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ରଙ୍କର ସ୍ୱାକ୍ଷର ଥିଲା କି ନାହିଁ ଜଣାନାହିଁ । କିନ୍ତୁ ଚିଠାଉରେ ବକ୍ସିଙ୍କର କୌଣସି ଅପରାଧ ଦର୍ଶାଇ ନ ଯାଇ ଇଂରେଜ ସରକାରଙ୍କ ବହୁ ଅପରାଧ ଦର୍ଶା ଯାଇଥିବାସ୍ଥଳେ ଶେଷରେ ''ବକ୍ସି ଜଗବନ୍ଧୁଙ୍କର ଏହି ଅପରାଧ ମାର୍ଜନା କରାଯାଉ'' ବୋଲି ଯେଉଁଭଳି ଆପତ୍ତିଜନକ ଭାବରେ ଲେଖାଯାଇଛି, ତାହା ନିଶ୍ଚିତ ଭାବେ ବକ୍ସି ଲେଖି ନ ଥିବେ ଏବଂ ବକ୍ସିଙ୍କର ପୋଷ୍ୟପୁତ୍ର ତା ଆଣିଲେଖି ଇଂରେଜ ହାକିମଙ୍କୁ ଦେବା ପୂର୍ବରୁ ଚିଠାଉ ଶେଷରେ 'ଏହି' ସହିତ ସେଠାକ ଲେଖି ଦେଇଥିବେ ବୋଲି ସନ୍ଦେହ କରିବାର ଯଥେଷ୍ଟ କାରଣ ଅଛି ।

ମୋଗଲ ରାଜତ୍ୱକାଳରେ ଖୋର୍ଦ୍ଧାର ମନ୍ତ୍ରୀଙ୍କୁ ଦେୱାନ୍‌ ଓ ସେନାପତିଙ୍କୁ ବକ୍ସି ପଦବୀ ମିଳିଲା । ଖୋର୍ଦ୍ଧାରେ ଭୋଇ ରାଜବଂଶ ପ୍ରତିଷ୍ଠା ରାଜତ୍ୱ ଅଧୀଶ୍ୱର ରାମଚନ୍ଦ୍ରଦେବ(୧)ଙ୍କ ରାଜତ୍ୱକାଳରୁ ମନ୍ତ୍ରୀ ଓ ସେନାପତିଙ୍କୁ ଯଥାକ୍ରମେ ଦେୱାନ ଓ ବକ୍ସି କୁହାଯାଉଛି । ଉଭୟେ ଦେୱାନ ଓ ବକ୍ସି ନିଜ ନିଜର ପଦବୀ ଅନୁକ୍ରମେ ନିଷ୍କର ଜାଗିରିମାନ ପାଉଥିଲେ- ଏହା ଉପରୋକ୍ତ ଚିଠାଉରେ ଦର୍ଶାଯାଇଛି । ମୁକୁନ୍ଦଦେବ(୨)ଙ୍କ ସମୟରେ କେଉଁ ପରିସ୍ଥିତିରେ ଖୋର୍ଦ୍ଧାର ଦେୱାନଙ୍କୁ ଅବଜ୍ଞା କରାଯାଇ ରାଜଗୁରୁଙ୍କୁ ମନ୍ତ୍ରୀଭାବେ ଗ୍ରହଣ କରାଯାଇଥିଲା ସେ ସଂପର୍କରେ ପୂର୍ବରୁ ସୂଚନା ଦିଆଯାଇଛି । କିନ୍ତୁ ଖୋର୍ଦ୍ଧାର ସବୁ ରାଜାଙ୍କର ରାଜଗୁରୁମାନେ ମନ୍ତ୍ରୀ ଥିଲେ ଏପରି ନୁହେଁ ।

ଖୋର୍ଦ୍ଧା ତଥା ଓଡ଼ିଶାର ମନ୍ତ୍ରୀ ବା ଦେୱାନ୍‌ ମାନଙ୍କ ସଂପର୍କରେ ଆଉ କେତୋଟି ବିବାଦୀୟ ତଥ୍ୟ ଦେଖିବାକୁ ମିଳୁଛି ସ୍ୱର୍ଗତ ଚକ୍ରଧର ମହାପାତ୍ରଙ୍କ ଦ୍ୱାରା ଲିଖିତ 'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ' ଗ୍ରନ୍ଥରେ । ସେ ଲେଖିଛନ୍ତି ଯେ ରାଜଗୁରୁମାନେ ପୁରୁଷାନୁକ୍ରମେ ଓଡ଼ିଶାର ସୋମବଂଶ, ଗଙ୍ଗବଂଶ, ସୂର୍ଯ୍ୟବଂଶ ଏବଂ ଖୋର୍ଦ୍ଧା ଭୋଇବଂଶର ରାଜାମାନଙ୍କର ପ୍ରଧାନମନ୍ତ୍ରୀ ଥିଲେ । ଏହି ପୁସ୍ତକର ମୁଖବନ୍ଧ ଲେଖିଛନ୍ତି ଓଡ଼ିଶାର ଅନ୍ୟତମ ଲବ୍ଧପ୍ରତିଷ୍ଠ ଐତିହାସିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଶ୍ରୀଯୁକ୍ତ ମନ୍ମଥନାଥ ଦାସ ।

ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ସ୍ୱର୍ଗତ ଚକ୍ରଧର ମହାପାତ୍ର ବହୁ ଶ୍ରମସ୍ୱୀକାର ପୂର୍ବକ ବହୁ ଗବେଷଣା କରି ଉତ୍କଳର ରାଜଗୁରୁ ବଂଶର ଏହି ଇତିହାସ ଗ୍ରନ୍ଥ ରଚନା କରିଛନ୍ତି ଏବଂ ଏଥିରେ ବହୁ ଶାସ୍ତ୍ରପୁରାଣ ଓ ଶିଳାଲେଖର ଉଦ୍ଧୃତି ସହ ରାଜଗୁରୁମାନେ ବିଭିନ୍ନ ସମୟରେ ରାଜାମାନଙ୍କଠାରୁ ପାଇଥିବା ଦାନପତ୍ର ସନନ୍ଦଗୁଡ଼ିକର ଫଟୋ ଚିତ୍ର ପ୍ରଦାନ କରିଛନ୍ତି । ସୁତରାଂ ରାଜଗୁରୁମାନଙ୍କ ଇତିହାସ ସହିତ ଛାଇଁ ଛାଇଁ ରାଜବଂଶ ଓ ରାଜାମାନଙ୍କର ସଂପୃକ୍ତି ଲିଖିତେ ଅନେକ ତଥ୍ୟ ଦେଖିବାକୁ ମିଳୁଛି । ସେଥିପାଇଁ ସ୍ୱର୍ଗତ ମହାପାତ୍ର ନିଶ୍ଚିତ ଭାବେ ପ୍ରଶଂସାର ପାତ୍ର ଏବଂ ତାଙ୍କର ଉଦ୍ୟମ ସର୍ବଥା ଅଭିନନ୍ଦନୀୟ । କିନ୍ତୁ ସେ ଯେତେସବୁ ଉଦ୍ଧୃତି ତାଙ୍କ ପୁସ୍ତକରେ ଉଦ୍ଧାର କରିଛନ୍ତି କୌଣସିଠିରେ କୌଣସି ରାଜଗୁରୁ ରାଜାଙ୍କ ପ୍ରଧାନ ମନ୍ତ୍ରୀ ଥିଲେ ବୋଲି ଉଲ୍ଲେଖ ନାହିଁ ଏବଂ ଯେତେସବୁ ସନନ୍ଦ

ଫଟୋଚିତ୍ର ପ୍ରକାଶ କରିଛନ୍ତି ସେ ସବୁ କେବଳ 'ରାଜଗୁରୁ' ପଦବୀ ପାଇଁ ରାଜାମାନଙ୍କର ଭୂମିଦାନ ପତ୍ର ଛଡ଼ା ଆଉ କିଛି ନୁହେଁ; ତହିଁରୁ ଗୋଟିଏ ହେଲେ 'ମନ୍ତ୍ରୀ' ବା 'ପ୍ରଧାନମନ୍ତ୍ରୀ' ପଦବୀପାଇଁ ଦିଆ ଯାଇନାହିଁ । ଅଧିକନ୍ତୁ, ରାଜଗୁରୁଙ୍କ ପ୍ରଦତ୍ତ ସନନ୍ଦ ପତ୍ରରେ ଦେୱାନ୍ ବା ମନ୍ତ୍ରୀଙ୍କୁ ରାଜାଙ୍କର ପ୍ରଧାନ ପ୍ରତିନିଧି ଭାବେ ପ୍ରତିପାଦିତ କରାଯାଇଛି । ଦେୱାନ ହିଁ ରାଜାଙ୍କର ପ୍ରତିନିଧି ଭାବେ ପଦ୍ମନାଭ ରାଜଗୁରୁ ମହାପାତ୍ରଙ୍କୁ ଭୂମିଦାନ ଆଦେଶ ଦେଉଛନ୍ତି । କିନ୍ତୁ ସେପରି ଆଦେଶ ଦେବା ଅଧିକାର ରାଜଗୁରୁଙ୍କର ନ ଥିଲା । ହୋଇପାରେ, ଜୟୀ ରାଜଗୁରୁଙ୍କ ଭଳି ପଦ୍ମନାଭ ରାଜଗୁରୁ ବା ଆଉ କେହି କୌଣସି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ନିଜର ବିଚକ୍ଷଣତା ବଳରେ ରାଜାଙ୍କର ପ୍ରଧାନ ମନ୍ତ୍ରଣାଦାତା ହୋଇପାରିଥିବେ, ଅଥବା ପ୍ରଧାନ ସେନାପତି ପରି ବୀରବେଶରେ ସଜ୍ଜିତ ହୋଇ କୌଣସି ଯୁଦ୍ଧ କ୍ଷେତ୍ରରେ ଯୁଦ୍ଧ କରିଥିବେ, କିନ୍ତୁ ସେଥିପାଇଁ ସେ ଏକାଧାରରେ ରାଜାଙ୍କର ରାଜଗୁରୁ ଆଉ ପ୍ରଧାନମନ୍ତ୍ରୀ ଓ ପ୍ରଧାନ ସେନାପତି ପଦବୀର ଅଧିକାରୀ ଥିଲେ- ଏପରି କହିବା ଠିକ୍ ହେବନାହିଁ । ସେପରି ହୋଇଥିଲେ ମନ୍ତ୍ରୀ ଓ ସେନାପତିଙ୍କ ଜାଗିରି ମଧ ରାଜଗୁରୁଙ୍କୁ ମିଳିଥାନ୍ତା, କିନ୍ତୁ ତା' ହୋଇନାହିଁ ।

ସ୍ୱର୍ଗତ ମହାପାତ୍ର ତାଙ୍କ ପୁସ୍ତକର ୧୩ ପୃଷ୍ଠାରେ ଲେଖିଛନ୍ତି- "୪୮ ଗୋଟି (ଶାସନ) ଗ୍ରାମର ମତ ଅନୁସାରେ ବେଦବିତ୍, ନ୍ୟାୟ ଶାସ୍ତ୍ରଜ୍ଞ, ବହୁଭାଷାଧୁରୀଣ, ଲୋକବାଗ୍ମୀ ଓ ଦଣ୍ଡନୀତିଜ୍ଞ, ଆଧାତ୍ମବାଦୀ, ଯୁଦ୍ଧବିଦ୍ୟା ପାରଦର୍ଶୀ, ସମାଜ ସଂସ୍କାରକ, ସମଗ୍ର ନୀତିଶାସ୍ତ୍ରବେତ୍ତା, ସୁମନ୍ତ୍ରଣାଦାତା ଜଣକୁ ରାଜଗୁରୁ ବା ପ୍ରଧାନମନ୍ତ୍ରୀ ଭାବରେ ରାଜା ନିର୍ବାଚନ କରୁଥିଲେ । ଲୋକ ପ୍ରତିନିଧି ଶାସନ କହିଲେ ହିଁ ରାଜଗୁରୁଙ୍କୁ ବୁଝାଉଥିଲା । ରାଜା ତାଙ୍କର ସ୍ୱତନ୍ତ୍ର ମନ୍ତ୍ରୀ ରଖି ଶାସନ କରୁଥିଲେ ହେଁ ରାଜଗୁରୁଙ୍କ ମତ ନ ନେଇ କିଛି କରିପାରୁ ନ ଥିଲେ । ରାଜଗୁରୁ ଜଗନ୍ନାଥ ମନ୍ଦିରର ସର୍ବେସର୍ବା ରହୁଥିଲେ । ସମଗ୍ର ମନ୍ତ୍ରିମଣ୍ଡଳରେ ସଭାପତିତ୍ୱ କରୁଥିଲେ । ସେ ପ୍ରଧାନମନ୍ତ୍ରୀ ଥିଲେ ହେଁ ରାଜ୍ୟର ସର୍ବୋଚ୍ଚ ସେନାପତି ରହୁଥିଲେ ।"

ଐତିହାସିକ ଶ୍ରୀଯୁକ୍ତ ମନ୍ମଥନାଥ ଦାସଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଏଥିପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କହିଲେ ଯେ ତହିଁରେ ତ୍ରୁଟି ରହିଥିବାର ସେ ପରେ ଜାଣି ପାରିଥିଲେ । ଏକଦା ଇତିହାସ କଂଗ୍ରେସରେ ଆଲୋଚନା ପରେ ୨ୟ ସଂସ୍କରଣରେ ସେ ତ୍ରୁଟିକୁ ସଂଶୋଧନ କରି ଛାପିବେ ବୋଲି ଲେଖକ କହିଥିଲେ । କିନ୍ତୁ ସେ ତ୍ରୁଟି ଆଉ ସଂଶୋଧିତ ହୋଇପାରିଲା ନାହିଁ ।

"ରାଜା ତାଙ୍କର ସ୍ୱତନ୍ତ୍ର ମନ୍ତ୍ରୀ ରଖି ଶାସନ କରୁଥିଲେ ହେଁ ରାଜଗୁରୁଙ୍କ ମତ ନ ନେଇ କିଛି କରିପାରୁ ନ ଥିଲେ" ଏହି ଦାବୀରେ ହିଁ ଶ୍ରୀଯୁକ୍ତ ମହାପାତ୍ର ସ୍ୱୀକାର କରିଛନ୍ତି ଯେ ରାଜ୍ୟ ଶାସନ ପାଇଁ ରାଜାଙ୍କର ସ୍ୱତନ୍ତ୍ର ମନ୍ତ୍ରୀ ଥିଲେ । ଅର୍ଥାତ୍ ରାଜ୍ୟ ଶାସନ କାର୍ଯ୍ୟରେ ରାଜଗୁରୁ ମନ୍ତ୍ରୀ ନ ଥିଲେ, କିନ୍ତୁ ସେ ବେଦବିତ୍, ନ୍ୟାୟଶାସ୍ତ୍ରଜ୍ଞ..... ଇତ୍ୟାଦି ଥିବାରୁ ସକଳ କାର୍ଯ୍ୟରେ ରାଜା ତାଙ୍କର ମତ ବା ପରାମର୍ଶ ନେଉଥିଲେ । ଏହା ସ୍ୱାଭାବିକ, କିନ୍ତୁ ଏଥିପାଇଁ ରାଜଗୁରୁ ରାଜ୍ୟର ପ୍ରଧାନମନ୍ତ୍ରୀ ଓ ସର୍ବୋଚ୍ଚ ସେନାପତି ପଦବୀର ଅଧିକାରୀ ଥିଲେ ବୋଲି କହିବା ଅଯୌକ୍ତିକ ।

କିନ୍ତୁ ଗବେଷକ ସ୍ୱର୍ଗତ ଚକ୍ରଧର ମହାପାତ୍ର 'ଖଣ୍ଡାୟତ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ'ର ପୁରୁଷାନୁକ୍ରମେ ରାଜଗୁରୁ ପଦବୀ ଧାରଣ କରି ଆସୁଥିବା ବଂଶର ସାମନ୍ତ ବ୍ରାହ୍ମଣ ବଂଶର ଭୂୟସୀ ପ୍ରଶଂସା ଓ ପ୍ରଶସ୍ତି ଗାନ କରିଥିବା ବେଳେ ଖୋର୍ଦ୍ଧା ଭୋଇବଂଶର ରାଜା ହରିକୃଷ୍ଣ ଦେବ (୧୭୧୪-୧୭୧୯) ଦଶସ ବ୍ରାହ୍ମଣ ବଂଶ ପରିବର୍ତ୍ତେ ହୋଆଡ଼େର ବ୍ରାହ୍ମଣ ବଂଶର ସ୍ମୃତିଶାସ୍ତ୍ର ପ୍ରଣେତା ସଂସ୍କୃତଜ୍ଞ ପଣ୍ଡିତ ଗଦାଧର ମହାପାତ୍ରଙ୍କୁ ରାଜଗୁରୁ ପଦବୀ ପ୍ରଦାନ କରିଥିବାରୁ ସେ ତହିଁର ଘୋର ସମାଲୋଚନା କରିବା ସହିତ ଗଦାଧର ରାଜଗୁରୁଙ୍କୁ "ଜଣେ ପୁରୋହିତ ପଣ୍ଡିତ" ଭାବେ ଆକ୍ଷେପ କରି ତାଙ୍କ ଦ୍ୱାରା କିପରି ସମାଜରେ ଓ ଜଗନ୍ନାଥ ସଂସ୍କୃତିରେ ଆଚାର ନାମରେ ସ୍ପୃଶ୍ୟାସ୍ପୃଶ୍ୟ ବିଚାରର ଅପସଂସ୍କୃତି ସୃଷ୍ଟି କରି ଦିଆଗଲା ସେ ସଂପର୍କରେ କହିଛନ୍ତି- "କିଏ କାହାକୁ ଛୁଇଁଦେଲା, କିଏ କାହାଘରେ ଖାଇଲା, ନବୀନ ସାମନ୍ତଙ୍କ ପିଣ୍ଡାକୁ କିଏ ଉଠି ଆସିଲା, କିଏ ଖପରା ଛୁଇଁ ଦେଲା- ଏହାହିଁ ମାନବ ଜୀବନର ବଡ଼ ସମସ୍ୟା ହୋଇ ଦେଖାଦେଲା । ବୀରାଧିବୀରବର ମହାରାଜା ଏହି ସବୁକୁ ରାଜକୀୟ ଧର୍ମ ବୋଲି ସ୍ୱୀକାର କରିନେଇ ଦେବାଧିଦେବ ଜଗନ୍ନାଥଙ୍କୁ ସ୍ପୃଶ୍ୟାସ୍ପୃଶ୍ୟ ବିଚାର ଭିତରେ ପୁରେଇଦେଲେ । ଗଦାଧର ରାଜଗୁରୁ ରାଜନୈତିକ ଶାସନ କାର୍ଯ୍ୟରେ ଏକାନ୍ତ ଅଭାବକ ଥିଲେ । ସେ କେବଳ ଆଚାର ନାମରେ ଉଚ୍ଚନୀଚ ସମସ୍ୟାକୁ ବିଶେଷ ଗୌରବ ଦେଉଥିଲେ ।" କିନ୍ତୁ ଗଦାଧରଙ୍କ ନାତି ଜୟୀ ରାଜଗୁରୁ "ଅଦ୍ୟାବଧି ଇତିହାସର ଜଣେ ପ୍ରଖ୍ୟାତ ପୁରୁଷ ରହିଛନ୍ତି" ବୋଲି ସ୍ୱୀକାର କରିଛନ୍ତି ।

ସେ ଯାହାହେଉ, ସ୍ୱର୍ଗତ ଚକ୍ରଧର ମହାପାତ୍ର ମଧ ତାଙ୍କ ପୁସ୍ତକରେ ଦର୍ଶାଇଛନ୍ତି ଯେ ଖୋର୍ଦ୍ଧା ଭୋଇବଂଶ ରାଜାମାନଙ୍କ ସମୟରେ କନ୍ଦର୍ପ ବିଦ୍ୟାଧର ମହାପାତ୍ର, ପରମାନନ୍ଦ ପଟ୍ଟନାୟକ, ମିର୍ଜା ହୈଦର୍‌ବେଗ୍, ବେଙ୍କୁ ଭ୍ରମରବର ରାୟ ଓ ପୁରୁଷୋତ୍ତମ ଭ୍ରମରବର ରାୟ ପ୍ରଭୃତି ମନ୍ତ୍ରୀ ବା ଦେୱାନ୍ ଥିଲେ । ଶେଷୋକ୍ତ ବେଙ୍କୁ ଭ୍ରମରବର ରାୟ ଓ ପୁରୁଷୋତ୍ତମ ଭ୍ରମରବର ରାୟ, ଜଗନ୍ନାଥ ଦିବ୍ୟସିଂହ ଦେବ ୨ୟ (୧୭୯୩-୧୭୯୮) ଏବଂ ମୁକୁନ୍ଦଦେବ ୨ୟ (୧୭୯୮-୧୮୧୭)ଙ୍କ ସମୟରେ ଦେୱାନ ଥିବା ହରିହର ଭ୍ରମରବର ରାୟ ଓ ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଭ୍ରମରବର ରାୟଙ୍କର ପୂର୍ବପୁରୁଷ ଥିଲେ ଏବଂ ରାମଚନ୍ଦ୍ରଦେବ ୨ୟ (୧୭୨୭-୧୭୩୬)ଙ୍କ ସମୟରୁ ଖୋର୍ଦ୍ଧା ରାଜ୍ୟ ଇଂରେଜଙ୍କ ଖାସ୍ ହେବା ପର୍ଯ୍ୟନ୍ତ ଏହି ଭ୍ରମରବର ରାୟ ବଂଶ ପୁରୁଷାନୁକ୍ରମେ ଖୋର୍ଦ୍ଧାର ଦେୱାନ ଥିଲେ ବୋଲି ବିଶ୍ୱାସ କରାଯାଏ ।

କିନ୍ତୁ ଏହି ଦେୱାନ ବଂଶ ସଂପର୍କରେ ଅଦ୍ୟାବଧି ଖୋର୍ଦ୍ଧା ଇତିହାସରେ ସମ୍ୟକ୍ ଆଲୋକପାତ କରାଯାଇ ପାରିନାହିଁ । ଅଧିକନ୍ତୁ ସ୍ୱର୍ଗତ କେଦାରନାଥ ମହାପାତ୍ରଙ୍କ ଭଳି ପ୍ରଖ୍ୟାତ ଐତିହାସିକ ତାଙ୍କ ଖୁର୍ଦ୍ଧା ଇତିହାସରେ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ଓ ତାଙ୍କ ପିତା ଦେୱାନ ହରିହର ଭ୍ରମରବର ରାୟଙ୍କ ପରିଚୟ ସଂପର୍କରେ ଦ୍ୱିଧା ସନ୍ଦେହର କୁହୁଡ଼ି ସୃଷ୍ଟି କରି ଯାଇଛନ୍ତି । ସେହିପରି 'ପିରିଙ୍ଗି କବିଚାରତ'ର ଲେଖକ କବି ମଧୁସୂଦନ ମିଶ୍ର ଦେୱାନ ହରିହର ଭ୍ରମରବର ରାୟଙ୍କ ପ୍ରଶଂସାରେ ଶତମୁଖ

ହୋଇ ତାଙ୍କର ଅସାମାନ୍ୟ ବ୍ୟକ୍ତିତ୍ୱ, ସାହସ, ବୀରତ୍ୱ, ବିଚକ୍ଷଣପ୍ରଜ୍ଞା ଓ କର୍ମନିଷ୍ଠା ସଂପର୍କରେ ବହୁତ ବର୍ଣ୍ଣନା କରିଥିବାବେଳେ, ଉକ୍ତ ତୁଳସୀ ମୂଳ ତାଳପତ୍ର ପୋଥିକୁ ଉଦ୍ଧାରି କରି ବହି ଆକାରରେ ଛାପିଥିବା ଓଡ଼ିଶା ସଂଗ୍ରହାଳୟର ପୂର୍ବତନ ସହ: ଡ. ଅର୍ଜୁନ ଯୋଶୀ ତାଙ୍କ କାରାକା ମୁଖବନ୍ଧରେ ଦେୱାନ ହରିହର ଭ୍ରମରବର ରାୟଙ୍କ ପରିଚୟ ସଂପର୍କରେ ଅହେତୁକ ପ୍ରମାଦ ସୃଷ୍ଟି କରିଛନ୍ତି- ଯାହାର ବିସ୍ତାରିତ ଆଲୋଚନା ମୁଁ ପ୍ରଜାତନ୍ତ୍ର ସାପ୍ତାହିକୀରେ କରିଥିଲି । ସୁତରାଂ ଖୋର୍ଦ୍ଧାର ଦେୱାନ ବଂଶ ସଂପର୍କରେ ଉପଯୁକ୍ତ ଅନୁଧ୍ୟାନ କରି ସେହି ବଂଶର ଗରିମାମୟ ଐତିହ୍ୟ ଓ ପରମ୍ପରା ଭିତ୍ତିରେ ଖୋର୍ଦ୍ଧା ଇତିହାସକୁ ସମୃଦ୍ଧ କରିବାର ଆବଶ୍ୟକତାକୁ ବିଚାରରେ ନେଲେ ମଧ୍ୟ ଆମର ବିଜ୍ଞ ଗବେଷକ ଓ ଐତିହାସିକଗଣ ସହୃଦୟତାର ସହିତ ଉପଲବ୍ଧି କରିବେ ବୋଲି ଆଶା କରାଯାଏ ।

ଖୋର୍ଦ୍ଧା ପାଇକ ବିଦ୍ରୋହ ପରେ ବିଦ୍ରୋହର କାରଣ ଓ ତାର ପ୍ରତିକାର ସଂପର୍କରେ ଅନୁଧ୍ୟାନ କରି ଉଦ୍ରେଲ ସାହେବ ଯେଉଁ ରିପୋର୍ଟ ସରକାରକୁ ଦେଇଥିଲେ ସେଥିରେ ସେ ଦେୱାନ କୃଷ୍ଣଚନ୍ଦ୍ରଙ୍କୁ ପରଲୋକଗତ ଦେୱାନଙ୍କ ପୁତ୍ର (the late Dewans son) ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ ହେଁ କେଦାରନାଥ ବାବୁ ତାଙ୍କ 'ଖୁର୍ଦ୍ଧା ଇତିହାସ'ରେ କୃଷ୍ଣଚନ୍ଦ୍ରଙ୍କୁ ବକ୍ସି ଜଗବନ୍ଧୁଙ୍କର ପୁତ୍ର ବୋଲି ଲେଖିଛନ୍ତି । ଦେୱାନ କୃଷ୍ଣଚନ୍ଦ୍ର ୧୮୧୭ ଖୋର୍ଦ୍ଧା ପାଇକ ବିଦ୍ରୋହରେ ବକ୍ସି ଜଗବନ୍ଧୁଙ୍କର ପ୍ରଧାନ ସହଯୋଗୀ ତଥା ସହକର୍ମୀ ଥିଲେ ଏବଂ ବକ୍ସିଙ୍କ ସହିତ ତାଙ୍କର ଆତ୍ମଗୋପନ କାଳରେ ବ୍ରିଟିଶ ସରକାର ସବୁ ଶକ୍ତି ଲଗାଇ ଖୋଜି ମଧ୍ୟ ତାଙ୍କୁ ଧରି ପାରିନଥିଲେ । ପାଇକ ବିଦ୍ରୋହର କିଛି କାଳ ପୂର୍ବେ ତାଙ୍କ ପିତା ଦେୱାନ ହରିହର ଭ୍ରମରବର ରାୟଙ୍କ ମୃତ୍ୟୁପରଠାରୁ ସେ ବକ୍ସି ଜଗବନ୍ଧୁଙ୍କ ସହିତ କାୟା ସଙ୍ଗେ ଛାୟାପରି ମିଶି ରହିଥିଲେ ଏବଂ ବିଦ୍ରୋହରେ ଅଂଶଗ୍ରହଣ କରିବାଠାରୁ ଆରମ୍ଭ କରି ୧୮୨୫ରେ ଖୋର୍ଦ୍ଧାର କଲେକ୍ଟର ମ୍ୟାଜିଷ୍ଟ୍ରେଟ ଉଇଲକିନ୍‌ସନ୍‌ଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିବା ପର୍ଯ୍ୟନ୍ତ ସେ ବକ୍ସି ଜଗବନ୍ଧୁଙ୍କ ପଦାଙ୍କ ଅନୁସରଣ କରିଥିଲେ । ତାଙ୍କୁ ମଧ୍ୟ ବ୍ରିଟିଶ ସରକାର ମାସିକ ଏକଶହ ଟଙ୍କା ବୃତ୍ତି ପ୍ରଦାନ କରି ସମ୍ମାନ ପ୍ରଦର୍ଶନ କରିଥିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଏହି ମହାନ୍ ଜାତୀୟ ବୀରଙ୍କୁ ଏପର୍ଯ୍ୟନ୍ତ ଓଡ଼ିଶାରେ ଅଥବା ତାଙ୍କ ଜନ୍ମସ୍ଥାନ ଖୋର୍ଦ୍ଧାରେ ଉପଯୁକ୍ତ ଐତିହାସିକ ସମ୍ମାନ ପ୍ରଦାନ କରିବା ତ ଦୂରର କଥା, ତାଙ୍କ ପରିଚୟ ସଂପର୍କରେ ମଧ୍ୟ ଐତିହାସିକମାନେ ସଠିକ୍ ତଥ୍ୟ ଆହରଣ କରିନାହାନ୍ତି ।

ସେହିପରି ଦେୱାନ କୃଷ୍ଣଚନ୍ଦ୍ରଙ୍କ ପିତା ଦେୱାନ ହରିହର ଭ୍ରମରବର ରାୟଙ୍କ ସଂପର୍କରେ ଏଯାବତ୍ ଆମର ଐତିହାସିକମାନେ ସଂପୂର୍ଣ୍ଣ ନୀରବ । ଉତ୍ତେର ସାହେବ କୃଷ୍ଣଚନ୍ଦ୍ରଙ୍କୁ ପରଲୋକଗତ ଦେୱାନଙ୍କ ପୁତ୍ର ବୋଲି ଲେଖିଥିଲେ ହେଁ ତାଙ୍କ ନାମ ଉଲ୍ଲେଖ କରିନାହାନ୍ତି । କିନ୍ତୁ ସେହି ପରଲୋକଗତ ଦେୱାନ ଯେ ହରିହର ଭ୍ରମରବର ରାୟ ତାହାର ସଠିକ୍ ପ୍ରମାଣ ଆମେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତ ସୂତ୍ରରୁ ପାଉଛୁ । ପ୍ରଥମତଃ 'ପିମ୍ପିଳି କବିତାରତ୍ନ'ରେ କବି ମଧୁସୂଦନ ମିଶ୍ର ଖୋର୍ଦ୍ଧାରାଜା ଦିବ୍ୟସିଂହଦେବ (୨ୟ) ଓ ତାଙ୍କ ପୁତ୍ର ମୁକୁନ୍ଦଦେବ (୨ୟ)ଙ୍କ ସୁଯୋଗ୍ୟ ଦେୱାନ ହରିହର ଭ୍ରମରବର ରାୟଙ୍କ ବୀରତ୍ୱ, ସାହସ, ବୁଦ୍ଧିମତ୍ତା ଓ କର୍ମନିଷ୍ଠାର ଭୂୟସୀ ପ୍ରଶଂସା କରି ରଣପୁର ଯୁଦ୍ଧ, ବାଙ୍କୀ ଯୁଦ୍ଧ, ପିପିଲି ଯୁଦ୍ଧ ଓ ଖୋର୍ଦ୍ଧାଗଡ ଯୁଦ୍ଧରେ ତାଙ୍କର କୃତିତ୍ୱ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ଦ୍ୱିତୀୟତଃ ରାଜା ମୁକୁନ୍ଦଦେବ ଇଂରେଜଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇ ବାରବାଟୀ ଦୁର୍ଗରେ ବନ୍ଦୀ ଥିବା ବେଳେ ଯେଉଁ ଜନପ୍ରିୟ 'ନିଳାଦ୍ରି ବିହାରୀ ଜଣାଣ' ଲେଖିଥିଲେ ସେଥିରେ ସେ ତାଙ୍କର ସେହି ସୁଯୋଗ୍ୟ ଦେୱାନ ହରିହରଙ୍କୁ ମନେପକାଇ କାନ୍ଦିଛନ୍ତି- ''ବାବୁ ହରିହର, ସୁପାତ୍ର ମୋହର, ବାରେ ମୋତେ ଦୟାକର....'' । ସ୍ୱର୍ଗତ କେଦାରନାଥ ମହାପାତ୍ର 'ଖୁର୍ଦ୍ଧା ଇତିହାସ' ଶେଷରେ ଏହି 'ନିଳାଦ୍ରି ବିହାରୀ ଜଣାଣ'ଟିକୁ ଛାପିତ କରିଥିଲେ ହେଁ ତହିଁରେ ସୂଚିତ କେବଳ ମୁକୁନ୍ଦଦେବଙ୍କ ପୁତ୍ର ରାମଚନ୍ଦ୍ରଙ୍କ ବ୍ୟତୀତ ସୁପାତ୍ର ହରିହରଙ୍କ ସମେତ ଅନ୍ୟ ଐତିହାସିକ ନାମଗୁଡ଼ିକୁ ଚିହ୍ନଟ କରିବାରେ ବ୍ରତୀ ହୋଇନାହାନ୍ତି । କିନ୍ତୁ ନିଳାଦ୍ରିବିହାରୀ ଜଣାଣରେ ସୂଚିତ ହରିହର ଯେ ମୁକୁନ୍ଦଦେବଙ୍କର ସୁଦକ୍ଷ ଦେୱାନ ହରିହର ଭ୍ରମରବରରାୟ ଉପରୋକ୍ତ ଦୁଇଟି ପ୍ରମାଣ ଦୃଷ୍ଟେ ଏହା ସଂପୂର୍ଣ୍ଣ ନିଃସନ୍ଦେହ ଏବଂ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ଯେ ତାଙ୍କରି ପୁତ୍ର ଏହା ମଧ୍ୟ ନିଃସନ୍ଦେହ ।

ସୁତରାଂ ବିଦେଶୀ ବ୍ରିଟିଶ ଶାସନ ବିରୋଧରେ ସ୍ୱାଧୀନତା ସଂଗ୍ରାମର ଭିତ୍ତିଭୂମି ଉପରେ ସୁପ୍ରତିଷ୍ଠିତ ଓଡ଼ିଶା ତଥା ଖୋର୍ଦ୍ଧାର ଗୌରବମୟ ପରମ୍ପରାର ପ୍ରତୀକ ଐତିହାସିକ ଦାୟପୁରୁଷ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଦେୱାନ ହରିହର ଓ ତାଙ୍କ ପୁତ୍ର ଦେୱାନ କୃଷ୍ଣଚନ୍ଦ୍ରଙ୍କର ଅସାଧାରଣ ସ୍ୱଦେଶପ୍ରୀତି, ଅନାବିଳ ଆତ୍ମୋତ୍ସର୍ଗ ତଥା ଅନନ୍ୟନାୟକୋଚିତ ଚରିତ୍ରର ମହାନ୍ ଦୃଷ୍ଟାନ୍ତ ପାଇଁ ଆସନ୍ତୁ, ଆମେ ସମସ୍ତେ ଏକ ହୋଇ ସମ୍ମିଳିତ କଣ୍ଠରେ ସେମାନଙ୍କର ଜୟଗାନ କରି ସେମାନଙ୍କ ପ୍ରତି ଉପଯୁକ୍ତ ଜାତୀୟ ସମ୍ମାନ ପ୍ରଦାନରେ ବ୍ରତୀ ହେବା ।

x x x x x x x x x x

ଭାରତବର୍ଷର ଇତିହାସରେ ଏକ ଦୁର୍ଲଭ୍ୟ ବୈଚିତ୍ର୍ୟ- ଯେଉଁ ବିଦେଶୀ ଇଂରେଜ ବଣିକ ଜାତି ସ୍ୱର୍ଣ୍ଣପ୍ରସୂ ଭାରତ ଭୂମିର ସ୍ୱାଧୀନତା ଅପହରଣ କରି ଦୀର୍ଘ ଅଢ଼େଇଶହ ବର୍ଷ କାଳ ଚରମ ଶୋଷଣ ଓ ଦାରୁଣ ନିର୍ଯ୍ୟାତନାରେ ତାକୁ ନିଷ୍ପେଷିତ ଓ ପଦାନତ କରି ରଖିଥିଲା, ୧୮୮୧ ଖ୍ରୀଷ୍ଟାବ୍ଦରେ ସେହି ବିଦେଶୀ ଇଂରେଜ ଜାତିର ଆଲାନ୍ ଅକ୍ଟାଭିନ୍ ହ୍ୟୁମ୍ ନାମକ ଜଣେ ବେତନଭୋଗୀ କର୍ମଚାରୀ ଭାରତବର୍ଷକୁ ଇଂରେଜ ଶାସନ କବଳରୁ ମୁକ୍ତକରି ସ୍ୱାଧୀନତା ଆଣି ଦେଇଥିବା ଭାରତୀୟ ଜାତୀୟ କଂଗ୍ରେସର ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ । ଠିକ୍ ସେହିଭଳି ଏକ ବୈଚିତ୍ର୍ୟ ଖୋର୍ଦ୍ଧା ଇତିହାସରେ- ଯେଉଁ ଇଂରେଜ ଜାତି ୧୮୦୪ ଖ୍ରୀଷ୍ଟାବ୍ଦରେ ବୀରଭୂମି ଖୋର୍ଦ୍ଧାର ସ୍ୱାଧୀନତା ଅପହରଣ କରିବା ସଂଗେ ସଂଗେ ବୀର ଓଡ଼ିଆ ପାଇକ କୁଳକୁ ନିଃସ୍ୱ, ନିରକ୍ଷର, ନିରସ୍ତ୍ର ଓ ପଦଦଳିତ କରି ଖୋର୍ଦ୍ଧାର ଗୌରବମୟ ଇତିହାସକୁ ଅନ୍ଧକାରମୟ ଗଭୀର ଗହ୍ୱରରେ ନିକ୍ଷେପ କରିଥିଲା, ୧୮୯୬ ଖ୍ରୀଷ୍ଟାବ୍ଦରେ ସେହି ବିଦେଶୀ ଇଂରେଜ ଶାସକ ଜାତିର ଜଣେ ବେତନଭୋଗୀ କର୍ମଚାରୀ ତତ୍କାଳୀନ ଖୋର୍ଦ୍ଧା ଏସ୍.ଡି.ଓ. ଏଚ୍.

ମ୍ୟାକ୍‌ଡଗଲଙ୍କ ଖୋର୍ଦ୍ଧାରେ ହାଇସ୍କୁଲ ପ୍ରତିଷ୍ଠା ପରିକଳ୍ପନା କରି ଗୌରବମୟ ଖୋର୍ଦ୍ଧା ଇତିହାସକୁ ଅଧିକାର ତାହାର ପୁନରୁଦ୍ଧାର କରିବାର ପଥ ସୁଗମ କରିଥିଲେ । ସେ ପରିକଳ୍ପନାକୁ ଯେଉଁମାନେ ସାକାର କରିଥିଲେ, ସେମାନଙ୍କ ମଧ୍ୟରେ ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟର କର୍ମଚାରୀ ନାରଗୋଡ଼ା ଗ୍ରାମର ସ୍ୱର୍ଗତ ବିଚନର ଶ୍ରୀଚନ୍ଦନଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ ।

ଖୋର୍ଦ୍ଧାରେ ଭୋଇ ରାଜବଂଶର ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ରଦେବଙ୍କଠାରୁ ଆରମ୍ଭ କରି ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଦେୱାନ ହରିହର ଓ ଦେୱାନ କୃଷ୍ଣଚନ୍ଦ୍ରଙ୍କ ପରି ପ୍ରାତଃସ୍ମରଣୀୟ ବୀରପୁରୁଷମାନଙ୍କ ସ୍ୱତନ୍ତ୍ରତା ଓ ମହନୀୟତାରେ ସମୃଦ୍ଧ ନିଜସ୍ୱ ସ୍ୱାଭିମାନବିଶିଷ୍ଟ ମହାନ୍ ପରମ୍ପରାର ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ଖୋର୍ଦ୍ଧା ହାଇସ୍କୁଲର ନାମ ଦ୍ୱାରା ଓଡ଼ିଶାର ସାରସ୍ୱତ ଓ ସାଂସ୍କୃତିକ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ରାୟ ସାହେବ ବାଞ୍ଛାନିଧି ପଟ୍ଟନାୟକ ଓ ଶ୍ରୀଯୁକ୍ତ ବିଶ୍ୱସିଂହ ପଟ୍ଟନାୟକଙ୍କ ପରି ଆଦର୍ଶ ପ୍ରଧାନ ଶିକ୍ଷକ ଏବଂ ଶ୍ରୀଯୁକ୍ତ ଜଗଦ୍‌ଗୁରୁ ରଣସିଂହ ଓ ଶ୍ରୀଯୁକ୍ତ ଜଗଦାନନ୍ଦ ମହାନ୍ତିଙ୍କ ପରି ମହାନ୍ ଛାତ୍ରବତ୍ସଳ ବ୍ରତୀ ଶିକ୍ଷକମାନଙ୍କର ଅମୂଲ୍ୟ ଅବଦାନକୁ ନେଇ ଏ ବିଦ୍ୟାଳୟ ପରିସର ଯେଉଁଭଳି ଭୂଷିତ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ, ବିଶ୍ୱପ୍ରସିଦ୍ଧ କବି ଡଃ ମାୟାଧର ମାନସିଂହ, କେନ୍ଦ୍ର ସାହିତ୍ୟ ଏକାଡେମୀ ସମେତ ବହୁ ପୁରସ୍କାର ଅନୁଷ୍ଠାନଦ୍ୱାରା ସମ୍ମାନିତ କବି ସଚ୍ଚିଦାନନ୍ଦ ରାଉତରାୟ ଏବଂ ସ୍ୱସାହିତ୍ୟିକ, ସ୍ୱବକ୍ତା, ପ୍ରବୀଣ ସାମ୍ବାଦିକ ତଥା ପ୍ରଖ୍ୟାତ ରାଜନୀତିଜ୍ଞ ଶ୍ରୀଯୁକ୍ତ ଦାନବୀବନ୍ଧୁର ପଟ୍ଟନାୟକଙ୍କ ଭଳି ବହୁ ପ୍ରାକ୍ତନ ଛାତ୍ରମାନଙ୍କର ଯଶୋଗାଥାର ଗୌରବପ୍ରଭାରେ ସେହିଭଳି ଶ୍ରୀମନ୍ତ ଓ ସମୃଦ୍ଧ ହୋଇଛି । ଏକ ଦିଗରେ ରାୟ ସାହେବ ବାଞ୍ଛାନିଧି ପଟ୍ଟନାୟକଙ୍କ ଭଳି ପ୍ରବୀଣ ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକଙ୍କର ନିଜର ଛାତ୍ରମାନଙ୍କୁ ଆଦର୍ଶ ନାଗରିକ ହିସାବରେ ଉପଯୁକ୍ତ ଉତ୍ତରଦାୟୀ ଭାବେ ସୁଶୃଙ୍ଖଳିତ କରି ଗଢ଼ିବାର ପ୍ରବଳ ପ୍ରବୃତ୍ତି ଏବଂ ସେଥିପାଇଁ ବିଦ୍ୟାଳୟ ପରିସର ମଧ୍ୟରେ ଯଥାସମ୍ଭବ ଶାନ୍ତିଶୃଙ୍ଖଳା ରକ୍ଷାକରି ଅଧ୍ୟୟନ ଓ ଅଧ୍ୟାପନାକୁ ସମ୍ପୂର୍ଣ୍ଣ ଅବ୍ୟାହତ ରଖିବା ନିମନ୍ତେ ଛାତ୍ରମାନଙ୍କୁ ସ୍ୱାଧୀନତା ସଂଗ୍ରାମ ଭଳି ଜାତୀୟ ଆନ୍ଦୋଳନରୁ ନିବୃତ୍ତ କରାଇ ରାଜନୀତିଠାରୁ ଦୂରେଇ ରଖିବାର ଅବିରତ ପ୍ରଚେଷ୍ଟା ଓ ଏକାନ୍ତ ନିଷ୍ଠା ହେତୁ ସେ ଜଣେ ଉଚ୍ଚକୋଟୀର ଆଦର୍ଶ ପ୍ରଧାନ ଶିକ୍ଷକ ଭାବେ ଯେଉଁଭଳି ପ୍ରଶଂସନୀୟ ଏବଂ ସ୍ମରଣୀୟ ହୋଇଛନ୍ତି, ଅନ୍ୟ ଦିଗରେ ଖୋର୍ଦ୍ଧା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ତାଙ୍କରି କାର୍ଯ୍ୟକାଳ ମଧ୍ୟରେ ହିଁ ଭାରତ ସ୍ୱାଧୀନତା ସଂଗ୍ରାମର ତିନୋଟିଯାକ ମୁଖ୍ୟ ପର୍ଯ୍ୟାୟ, ଅର୍ଥାତ୍ ୧୯୨୧-୨୨ର ଅସହଯୋଗ ଆନ୍ଦୋଳନ, ୧୯୩୦-୩୧ର ଲବଣ ସତ୍ୟାଗ୍ରହ ଏବଂ ୧୯୪୨ର ଭାରତଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ ପାଇଁ ଏହି ବିଦ୍ୟାଳୟର ଦେଶପ୍ରେମୀ ଛାତ୍ରସମାଜ ସେଉଁଭଳି ଅଭିନନ୍ଦନୀୟ ଏବଂ ଚିରସ୍ମରଣୀୟ ହୋଇଛନ୍ତି । ସେହି ତିନୋଟିଯାକ ସ୍ୱାଧୀନତା ଆନ୍ଦୋଳନ ପର୍ଯ୍ୟାୟରୁ ଛାତ୍ର ସମାଜକୁ ଦୂରେଇ ରଖିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଯେତିକି କଠିନ ଶୃଙ୍ଖଳରେ ବାନ୍ଧି ରଖିବାକୁ ଚେଷ୍ଟା କରିଛନ୍ତି ଆନ୍ଦୋଳନକାରୀ ଛାତ୍ରମାନେ ସେତିକି କଠିନ ସାଂଗଠନିକ ଶକ୍ତି ସଂଚୟ କରି ସେ ଶୃଙ୍ଖଳକୁ ବାରମ୍ବାର ଛିନ୍ନକରି ଆନ୍ଦୋଳନ କ୍ଷେତ୍ରକୁ ଲମ୍ଫ ପ୍ରଦାନ କରିଛନ୍ତି । ୧୯୨୧ ଅସହଯୋଗ ଆନ୍ଦୋଳନରେ ଯେ ଏକ ସମୟରେ ଖୋର୍ଦ୍ଧା ହାଇସ୍କୁଲର ଦେଶପ୍ରେମୀ ଛାତ୍ରସମାଜର ଭୂମିକା ବ୍ରିଟିଶ ସରକାର ବିରୋଧରେ ବଙ୍ଗଳାର 'ଟେରରିଷ୍ଟ ମୁଭମେଣ୍ଟ'ର ରୂପ ନେଇଥିଲା ଏହା ଅତିଶୟୋକ୍ତି ହେଲେ ମଧ୍ୟ ବାସ୍ତବ ସତ୍ୟ । ୧୯୨୧ ମସିହା ଜାନୁଆରୀ ୨୧ ତାରିଖରେ ଏ ସ୍କୁଲର ଛାତ୍ରମାନେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନରେ ସ୍କୁଲ ବର୍ଜନ କରି ଧାଇଁ ସତ୍ୟବାଦୀରେ ପଣ୍ଡିତ ଗୋପବନ୍ଧୁ ତାଙ୍କ ସତ୍ୟାଗ୍ରହ ସଭାରେ ଯୋଗ ଦେଇଛନ୍ତି । ଖୋର୍ଦ୍ଧା ହାଇସ୍କୁଲ ଛାତ୍ରମାନଙ୍କ ଏ ଗୌରବମୟ ଦୃଷ୍ଟାନ୍ତ ସମଗ୍ର ଓଡ଼ିଶାରେ ବିରଳ । ଏଥିପାଇଁ ସକ୍ରିୟ ଛାତ୍ରନେତାମାନଙ୍କ ପ୍ରତି ସ୍କୁଲ କର୍ତ୍ତୃପକ୍ଷ କଠୋର ପଦକ୍ଷେପ ଗ୍ରହଣ କରିଥିଲେ କିନ୍ତୁ ସ୍ୱାଧୀନତା ନିମନ୍ତେ ଛାତ୍ରମାନେ ଅସହଯୋଗ ଆନ୍ଦୋଳନକୁ ଅଧିକ ତୀବ୍ରତର କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧର ପ୍ରତିବାଦରେ ସ୍କୁଲ ତଥା ଛାତ୍ରାବାସ ଗୃହକୁ ତିନିଥର ପୋଡ଼ି ଦେଇଛନ୍ତି । ଗୋପୀନାଥ ଦେବ ଏବଂ ଲଳିତମୋହନ ରାଉତରାୟ ନାମରେ ଦୁଇଜଣ ଛାତ୍ରଙ୍କୁ ସ୍କୁଲରୁ ବହିଷ୍କାର କରାଯାଇଛି । ପରେ ପୁଣି ଗୋପୀନାଥ ଦେବଙ୍କୁ ଗିରଫ କରାଯାଇ ଜେଲ ହାତକୁ ନିଆଯାଇଛି । ଜୟକୃଷ୍ଣ ପଟ୍ଟନାୟକ ଓ ବ୍ରଜବନ୍ଧୁ ପଟ୍ଟନାୟକ ନାମରେ ଆଉ ଦୁଇଜଣ ଛାତ୍ରଙ୍କୁ ସାମୟିକ ଭାବେ ସ୍କୁଲରୁ ବହିଷ୍କାର କରାଯାଇ ଖୋର୍ଦ୍ଧାରେ ଜାତୀୟ କଂଗ୍ରେସ କର୍ମୀମାନଙ୍କର ଗୋପନ ଶିବିର 'ଖୋର୍ଦ୍ଧା ଆଶ୍ରମ' ସହିତ ସମ୍ପର୍କ ନ ରଖିବା ପାଇଁ ତାଗିଦ୍ କରାଯାଇଛି ।

୧୯୨୧-୨୨ ମସିହାର ଅସହଯୋଗ ଆନ୍ଦୋଳନରେ ଖୋର୍ଦ୍ଧା ହାଇସ୍କୁଲର ଏହି ଗୌରବମୟ ଐତିହ୍ୟ ଅଧିକ ସମୃଦ୍ଧତର ହୋଇଉଠିଛି ୧୯୩୦-୩୧ ମସିହାର ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ । ଅସହଯୋଗ ଆନ୍ଦୋଳନରେ ଖୋର୍ଦ୍ଧା ହାଇସ୍କୁଲ ଛାତ୍ରମାନଙ୍କର ପ୍ରେରଣାଦାତା ପଣ୍ଡିତ ଗୋପବନ୍ଧୁ ଦାସଙ୍କର ମହାପ୍ରୟାଣ ଘଟିଛି ୧୯୨୮ ମସିହାରେ । ତେଣୁ ତାଙ୍କ ସ୍ଥାନ ପୂରଣ କରି ଲବଣ ସତ୍ୟାଗ୍ରହ ଆନ୍ଦୋଳନ ବେଳେ ଖୋର୍ଦ୍ଧା ହାଇସ୍କୁଲ ଛାତ୍ରମାନଙ୍କୁ ପ୍ରେରଣା ଦେଇଛନ୍ତି ପ୍ରଖ୍ୟାତ ଗାନ୍ଧିବାଦୀ ସତ୍ୟାଗ୍ରହୀ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀ ଓ ସ୍ୱର୍ଗତ ରାଜକୃଷ୍ଣ ବୋଷ । ଖୋର୍ଦ୍ଧା ସହରରେ ସତ୍ୟାଗ୍ରହ କରି ଗୋପବନ୍ଧୁ ଚୌଧୁରୀ ଗିରଫ ହେବାପରେ ତାଙ୍କ ଗିରଫଦାରୀର ପ୍ରତିବାଦରେ ୧୯୩୦ ମସିହା ଅପ୍ରେଲ ୧୫ ତାରିଖରେ ଖୋର୍ଦ୍ଧା ହାଇସ୍କୁଲ ଛାତ୍ରମାନେ ସ୍କୁଲରେ ସମ୍ପୂର୍ଣ୍ଣ ଧର୍ମଘଟ କରି ସ୍କୁଲ ଛାତ ଉପରେ ତ୍ରିରଙ୍ଗା ଜାତୀୟ ପତାକା ଉଡ଼ାଇ ଦେଇଛନ୍ତି । ସ୍କୁଲ କର୍ତ୍ତୃପକ୍ଷଙ୍କ ଭାଷାରେ "ଜାତୀୟ ପତାକା ବୋଲି କୁହାଯାଉଥିବା ଖଦଡ଼କନାରେ ନିର୍ମିତ ତ୍ରିରଙ୍ଗା ପତାକାରେ ଏକ ଚରଖାଚିହ୍ନ ଅଙ୍କିତ ହୋଇଥିଲା ଏବଂ ତା'ତଳେ ବନ୍ଦେ ମାତରମ୍ ଲେଖା ଯାଇଥିଲା ।" ଏ ଘଟଣାର ଏକ ସପ୍ତାହ ପରେ ପୁନଶ୍ଚ ସ୍ୱର୍ଗତ ରାଜକୃଷ୍ଣ ବୋଷ ଖୋର୍ଦ୍ଧାରେ ସତ୍ୟାଗ୍ରହ କରି ଗିରଫ ହୋଇଥିଲେ ଏବଂ ତାଙ୍କ ଗିରଫଦାରୀର ପ୍ରତିବାଦରେ ମଧ୍ୟ ଛାତ୍ରମାନେ ସ୍କୁଲ ବର୍ଜନ କରି ଛାତ୍ରାବାସ ପରିସରରେ ଏକ ବିରାଟ ପ୍ରତିବାଦସଭା କରିବା ସଙ୍ଗେ ସଙ୍ଗେ ଛାତ୍ରାବାସ ଛାତ ଉପରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏ ଦୃଷ୍ଟାନ୍ତ ମଧ୍ୟ ଓଡ଼ିଶା ଇତିହାସରେ ବିରଳ । ଏଥିପାଇଁ

ଛାତ୍ରନେତା ସ୍ୱର୍ଗତ ନୃସିଂହଚରଣ ସାମନ୍ତସିଂହାର (ପୂର୍ବତନ ଏମ୍.ପି.)ଙ୍କୁ ବହିଷ୍କାର କରାଯାଇଥିଲା ଏବଂ ଅନ୍ୟତମ ଛାତ୍ରନେତା ସଚ୍ଚିଦାନନ୍ଦ ରାଉତରାୟ (ବର୍ତ୍ତମାନର କବି)ଙ୍କୁ ବାଧ୍ୟତାମୂଳକ ପରିବର୍ତ୍ତନ ପତ୍ର ସହ ସ୍କୁଲରୁ ବିତାଡ଼ିତ କରିଦିଆଯାଇଥିଲା । ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ମଧ୍ୟ ଖୋର୍ଦ୍ଧା ହାଇସ୍କୁଲ ଛାତ୍ରମାନଙ୍କର ସକ୍ରିୟ ଭୂମିକା ଉଲ୍ଲେଖନୀୟ ଥିଲା । ଏକାଦଶ ଶ୍ରେଣୀର ଛାତ୍ର (ଏବେକାର ମୁଖ୍ୟମନ୍ତ୍ରୀ) ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ କଟକ ରେଭେନ୍ସା କଲେଜରେ ସ୍ୱର୍ଗତ ବିରେନ୍ ମିତ୍ରଙ୍କ ନେତୃତ୍ୱରେ ପରିଚାଳିତ ଛାତ୍ର ସଂଗଠନ ସହିତ ଘନିଷ୍ଠ ସଂପର୍କ ରଖାକରି ଖୋର୍ଦ୍ଧା ସ୍କୁଲର ଛାତ୍ରମାନଙ୍କୁ ଭାରତଛାଡ଼ ଆନ୍ଦୋଳନ ସହିତ ସଂପୃକ୍ତ କରାଇଥିଲେ ଏବଂ ତାଙ୍କରି ନେତୃତ୍ୱରେ ଆମେମାନେ ୧୯୪୨ ମସିହା ଅଗଷ୍ଟ ୨୦ ଓ ୨୧ ତାରିଖ ଦୁଇଦିନ ବ୍ୟାପୀ ସ୍କୁଲ ବର୍ଜନ ସହିତ ସମ୍ପୂର୍ଣ୍ଣ ଧର୍ମଘଟ କରିଥିଲୁ । ସୁତରାଂ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଖୋର୍ଦ୍ଧା ହାଇସ୍କୁଲର ଏହି ଗୌରବମୟ ଭୂମିକା ଯେ ଖୋର୍ଦ୍ଧାର ଚରିଷ୍ଣୁ ଐତିହାସିକ ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ଥିଲା ଏଥିରେ ସନ୍ଦେହ ନାହିଁ ।

ସାରସ୍ୱତ, ସାଂସ୍କୃତିକ ଏବଂ ଅନ୍ୟାନ୍ୟ ସେବା ବିକାଶ କ୍ଷେତ୍ରରେ ମଧ୍ୟ ଖୋର୍ଦ୍ଧା ହାଇସ୍କୁଲ ପ୍ରାକ୍ତନ ଛାତ୍ରମାନଙ୍କର ଅବଦାନ ଅତୁଳନୀୟ । ଏହି ବିଦ୍ୟାଳୟ ପରିସର ମଧ୍ୟରେ ଦିନେ ଯେଉଁ ମହାନ୍ ପ୍ରତିଭାଧର ପ୍ରାତଃସ୍ମରଣୀୟ ବ୍ୟକ୍ତିମାନଙ୍କ ପ୍ରତିଭାର ବୀଜ ଅଙ୍କୁରିତ ହୋଇଥିଲା, ପରବର୍ତ୍ତୀ କାଳରେ ତାହା ଓଡ଼ିଶା ତଥା ଭାରତର ସାହିତ୍ୟ, ସଂସ୍କୃତି ଏବଂ ବିଭିନ୍ନ ସେବା କ୍ଷେତ୍ରରେ ରାଶି ରାଶି ପତ୍ର-ପୁଷ୍ପ-ଫଳ ସୁଶୋଭିତ ଅସଂଖ୍ୟ ବଲ୍ଲରୀ ବେଷ୍ଟିତ ଶାଶ୍ୱତ ସବୁଜ ମନୋରମ ଉଦ୍ୟାନ ସୃଷ୍ଟି କରିପାରିଛି । ଖୋର୍ଦ୍ଧା ହାଇସ୍କୁଲର ଗୌରବ, ଉତ୍କଳର ସେହି ମହାନ୍ କୃତୀ ସନ୍ତାନମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବରେଣ୍ୟ ଦରଦୀ କବି ସ୍ୱର୍ଗୀୟ ଡ. ମାୟାଧର ମାନସିଂହ, ଅନ୍ୟତମ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିପ୍ଳବୀ କବି ଡ. ସଚ୍ଚିଦାନନ୍ଦ ରାଉତରାୟ, ଓଡ଼ିଶାର ଲବ୍ଧପ୍ରତିଷ୍ଠ ନାଟ୍ୟକାର ଓ କୃତୀ କଳାକାର ସ୍ୱର୍ଗତ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଉତ୍କଳ ଭାରତୀଙ୍କର ଅନ୍ୟତମ ବରପୁତ୍ର ସ୍ୱର୍ଗତ କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ପ୍ରଖ୍ୟାତ ଗାଳ୍ପିକ ସ୍ୱର୍ଗତ ଅଖିଳ ମୋହନ ପଟ୍ଟନାୟକ, ଓଡ଼ିଶାର ସ୍ୱନାମଧନ୍ୟ ସାହିତ୍ୟିକ ଓ ରାଜନାୟକ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିକିତ୍ସାବିତ୍ ବ୍ରିଗେଡ଼ିୟର ଡ. ବାସୁଦେବ ରାଉତରାୟ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକ ଡା. ଭବାନୀଚରଣ ରାୟ, ଅନ୍ୟତମ ବିଶିଷ୍ଟ ଐତିହାସିକ ତଥା ଖୁର୍ଦ୍ଧା ଇତିହାସ ପ୍ରଣେତା ସ୍ୱର୍ଗତ କେଦାରନାଥ ମହାପାତ୍ର ଏବଂ ସ୍ୱନାମଧନ୍ୟ ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ମୁରଲୀ ପଟ୍ଟନାୟକ ଇତ୍ୟାଦି ବହୁ କୃତବିଦ୍ୟ କବି, କଥାକାର, ଲେଖକ, ଅଧ୍ୟାପକ, ପ୍ରଶାସକ, ବୈଜ୍ଞାନିକ, ଚିକିତ୍ସକ ଓ ରାଜନୀତିଜ୍ଞ- ଯେଉଁମାନେ ଦେଶରେ ଓ ଦେଶ ବାହାରେ ବିଭିନ୍ନ ସେବାକ୍ଷେତ୍ରରେ ସୁନାମ ଅର୍ଜନ କରି ଏହି ବିଦ୍ୟାଳୟର ଗୌରବବୃଦ୍ଧିରେ ସହାୟକ ହୋଇଛନ୍ତି ।

ସୁତରାଂ ଏହିପରି ସୁଖ୍ୟାତି ସମ୍ପନ୍ନ ଖୋର୍ଦ୍ଧା ହାଇସ୍କୁଲର ଜଣେ ନଗଣ୍ୟ ପ୍ରାକ୍ତନ ଛାତ୍ରଭାବେ ମୁଁ ନିଜକୁ ଅତ୍ୟନ୍ତ ଗୌରବାନ୍ୱିତ ମନେ କରୁଛି ଏବଂ ଏହାର ଶତାବ୍ଦୀପୂର୍ତ୍ତି ଉତ୍ସବର ଶୁଭ ଅବସରରେ ଏହି ବିଦ୍ୟାଳୟ ପରିସର ମଧ୍ୟରେ ମୋର ପଠନକାଳର କିଞ୍ଚିତ ସ୍ମୃତିଚାରଣ କରି ଏହି ଅନୁଷ୍ଠାନ ପ୍ରତି ମୋର ଆନ୍ତରିକ ପ୍ରଣତି ସହ ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

ଖୋର୍ଦ୍ଧା ହାଇସ୍କୁଲକୁ କେହି କେହି ସର୍ବରାକାରୀ ହାଇସ୍କୁଲ ବୋଲି କହୁଥିଲେ । କାରଣ ମୁଖ୍ୟତଃ ଖୋର୍ଦ୍ଧାର ଏକ ହଜାର ସର୍ବରାକାରଙ୍କ ଦାନରେ ଏ ସ୍କୁଲ ୧୮୯୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ୧୯୨୧ ମସିହା ପର୍ଯ୍ୟନ୍ତ ସ୍କୁଲର ଚାଳଘର ଥିଲା ଏବଂ ୧୯୨୧ରେ ଏହାର କୋଠାଘର ନିର୍ମାଣ କରାଯାଇଥିଲା । ଆମେ ପଢ଼ିବା ପର୍ଯ୍ୟନ୍ତ ହାଇସ୍କୁଲ କୋଠାଘର ଦାଣ୍ଡି ଭିତରେ ଗୋଟିଏ ବେଞ୍ଚ ଖୋର୍ଦ୍ଧା ଖାସମହାଲ ସର୍ବରାକାରମାନଙ୍କ ପିଲାମାନେ ବସି ପଢ଼ିବା ପାଇଁ ସଂରକ୍ଷିତ ଥିଲା । ଖୋର୍ଦ୍ଧାର ନିକଟ ଶରଣପୁର ଗ୍ରାମର ନୃସିଂହଚରଣ ସାମନ୍ତରାୟ ସେଠି ଶିକ୍ଷକ ଥିଲେ । ସେହିପରି ଖୋର୍ଦ୍ଧା ଆଖପାଖରେ ଶରଧାପୁର, ମୁକୁନ୍ଦ ପ୍ରସାଦ, କେରଙ୍ଗ, କାଇପଦର ଆଦି ଗ୍ରାମରେ ବହୁସଂଖ୍ୟକ ମୁସଲମାନ ବାସିନ୍ଦା ଥିବାରୁ ମୁସଲମାନ ପିଲାମାନଙ୍କ ପାଇଁ ଏ ସ୍କୁଲରେ ଉର୍ଦ୍ଦୁ ଭାଷା ଶିକ୍ଷାର ସ୍ୱତନ୍ତ୍ର ବ୍ୟବସ୍ଥା ଥିଲା ଏବଂ ଉର୍ଦ୍ଦୁ ଶିକ୍ଷାର୍ଥୀ ଛାତ୍ରମାନଙ୍କ ସଂଖ୍ୟାକୁ ଚାହିଁ ଜଣେ ବା ଦୁଇଜଣ ଉର୍ଦ୍ଦୁ ଶିକ୍ଷକ ମୌଲବୀ ରହୁଥିଲେ । ଖୋର୍ଦ୍ଧା ଟାଉନରେ ଏକ ସ୍ୱତନ୍ତ୍ର ଖ୍ରୀଷ୍ଟିୟାନ୍ ସାହି ଅଛି । ଏମାନେ ମୂଳତଃ ଓଡ଼ିଆ ହିନ୍ଦୁଥିଲେ ଏବଂ ଶୁଣାଯାଏ ୧୮୬୬ ମସିହା 'ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଖ୍ରୀଷ୍ଟିୟାନ ଧର୍ମଗ୍ରହଣ କରିଥିଲେ । ତେଣୁ ଏମାନଙ୍କ ମଧ୍ୟରୁ ଅନେକଙ୍କର ହିନ୍ଦୁନାମ ରହିଥିବାବେଳେ ଆଉ କେତେକଙ୍କର କେବଳ ହିନ୍ଦୁସାଙ୍ଗିଆ ରହିଛି । ଖୋର୍ଦ୍ଧା ସ୍କୁଲରେ ପଢ଼ୁଥିବା ଖ୍ରୀଷ୍ଟିଆନ୍ ପିଲାମାନଙ୍କ ମଧ୍ୟରେ ଆମ ଶ୍ରେଣୀର ଡାନିଏଲ ପ୍ରଧାନ ଓ ମନବୋଧ ସାହୁଙ୍କ ନାମ ଉଲ୍ଲେଖଯୋଗ୍ୟ । ସେହିପରି ଖୋର୍ଦ୍ଧା ଓ ଜଟଣୀର ବହୁ ମାରୱାଡ଼ି ବ୍ୟବସାୟୀଙ୍କର ପିଲାମାନେ ମଧ୍ୟ ଏ ସ୍କୁଲରେ ପଢ଼ୁଥିଲେ । ଖୋର୍ଦ୍ଧାକୁ ଇଂରେଜମାନେ ଅଧିକାର କରିବା ସମୟରେ ଅଥବା ତା'ପରେ ଇଂରେଜ ସରକାର ଅଧୀନରେ ଚାକିରି ଅଥବା ବ୍ୟବସାୟ କରିବାକୁ ଆସିଥିବା ବଙ୍ଗୀୟ ପରିବାରମାନଙ୍କର ବଂଶଧର ବଙ୍ଗାଳୀ ପିଲାମାନେ ମଧ୍ୟ ଏ ସ୍କୁଲରେ ପଢ଼ୁଥିଲେ । ସୁତରାଂ ଖୋର୍ଦ୍ଧା ହାଇସ୍କୁଲ ଏକାଧିକ ଧର୍ମ ଓ ଏକାଧିକ ଭାଷାର ସମନ୍ୱୟ ପୀଠ ଥିଲା, ଏବେ ବି ଅଛି । କିନ୍ତୁ କୌଣସି ସମୟରେ ଏହି ଶତାୟୁ ଶିକ୍ଷା ଅନୁଷ୍ଠାନରେ ଧର୍ମ, ଜାତି ଅଥବା ଭାଷାଗତ ବିଭେଦ ଜନିତ ବିଦ୍ୱେଷର ସୂତ୍ରପାତ ହୋଇଥିବା ଏଯାବତ୍ ଶୁଣାଯାଇନାହିଁ ।

ଖୋର୍ଦ୍ଧା ହାଇସ୍କୁଲର ସୁବିଶାଳ ରାଜକୀୟ ପ୍ରାସାଦ ଭଳି ଏହି ସ୍କୁଲର ଛାତ୍ରାବାସ କୋଠା ମଧ୍ୟ ବିଶାଳ ଓ ମନୋରମ ଥିଲା । ଇଂରାଜୀ U ଅକ୍ଷର ଆକୃତିରେ ନିର୍ମିତ ଏହି ଛାତ୍ରାବାସରେ ଛାତ୍ରମାନଙ୍କ ପାଇଁ ୪ ଗୋଟି ବଡ଼ ହଲ୍ ବା ଡର୍ମିଟରୀ ସହିତ ଆଉ ୪ ଗୋଟି ରୁମ୍ ଥିଲା । ଗୋଟିଏ ଗୋଟିଏ ଡର୍ମିଟରୀରେ ପ୍ରାୟ ୨୦ ପିଲାଙ୍କ ପାଇଁ ଖଟ, ଟୁଲ୍, ଖାଲଟେବୁଲ ଓ ଟ୍ରଙ୍କ୍ ସେଲ୍ଫର ବ୍ୟବସ୍ଥା ଥିଲା । ୪ ଗୋଟି ରୁମ୍ ମଧ୍ୟରୁ ଗୋଟିଏ ରୋଗୀ ସେବାପାଇଁ 'ସିକ୍‌ରୁମ୍', ଗୋଟିଏ ମୁସଲମାନ ଅନ୍ତେବାସୀଙ୍କ ପାଇଁ

'ପ୍ରେସାରକୁକ', ଗୋଟିଏ ଛାତ୍ରାବାସ କମନ୍‌ରୁମ ଓ ଆଉ ଗୋଟିଏ ସୁପରିଣ୍ଟେଣ୍ଡେଣ୍ଟଙ୍କ ରୁମ ରୂପେ ବ୍ୟବହୃତ ହେଉଥିଲା । ପରେ ଅବଶ୍ୟ ଏହି କମନ୍‌ରୁମରେ ଜଣେ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ରହିଥିଲେ । ଯା' ବ୍ୟତୀତ ଏହି ଛାତ୍ରାବାସ କୋଠାର ପଶ୍ଚିମ ଦିଗରେ ଧାଡ଼ିଏ ଚାଳଘରକୁ 'ସଂକ୍ସାଇନ୍' ବା ଅନୁମୋଦିତ ଛାତ୍ରାବାସ କୁହାଯାଉଥିଲା । ଏଥିରେ କେବଳ ୧୧ଶ ଶ୍ରେଣୀର ଛାତ୍ରମାନେ ରହୁଥିଲେ । କିନ୍ତୁ ଆମ ୧୧ଶ ଶ୍ରେଣୀବର୍ଷ ଆଗେ ସେ ଚାଳଘରକୁ ଯାଇନଥିଲୁ । ଛାତ୍ରାବାସର ଦକ୍ଷିଣପୂର୍ବ କୋଣରେ ଦୁଇଧାଡ଼ି ଚାଳଘରେ ଦୁଇଟି ମେସ୍ ଥିଲା । ସଂକ୍ସାଇନ୍ ମେସ୍‌କୁ 'A' ମେସ୍ କୁହାଯାଉଥିଲା ତେବେ ଏହି ଦୁଇଟି ମେସ୍‌କୁ 'B' ମେସ୍ ଓ 'C' ମେସ୍ କୁହାଯାଉଥିଲା । 'A' ମେସ୍‌ର ମାସିକ ଖର୍ଚ୍ଚ ୫ ଟଙ୍କା, 'B' ମେସ୍‌ର ମାସିକ ଖର୍ଚ୍ଚ ୪ ଟଙ୍କା ଆଠଅଣା ଓ 'C' ମେସ୍‌ର ମାସିକ ଖର୍ଚ୍ଚ ୪ ଟଙ୍କା ପଡୁଥିଲା । ଜନନୀ ବାବୁ 'C' ମେସ୍‌ରେ ଖାଉଥିଲେ, ତେଣୁ ମୁଁ ସେହି ମେସ୍‌ରେ ଖାଉଥିଲି । ୧୯୬୩ ମସିହା ପର୍ଯ୍ୟନ୍ତ ଏହି ଚାଳଘରେ ଭୋଜନଗୃହ ଓ ଡାଇନିଂହଲ୍ ଥିଲା । ୧୯୬୪ରେ ଛାତ୍ରାବାସ କୋଠାର ପଛ (ଉତ୍ତର) ପାଖେ ସ୍ୱତନ୍ତ୍ର ପକ୍କା ଭୋଜନଗୃହ, ପକ୍କା ଡାଇନିଂହଲ୍ ଓ ପକ୍କା ପାଇଖାନା ନିର୍ମାଣ କରାଯାଇଥିଲା । ଏବେ ଅବଶ୍ୟ ଛାତ୍ରାବାସ ସମେତ ସେହିସବୁ ଘର ଅଛି, କିନ୍ତୁ ଏବେ ଦାଣ୍ଡିଆ ହେଉଁଶିରେ ହାଇସ୍କୁଲ ଖୋଲିଯାଇଥିବାରୁ ଆଉ ଏ ସ୍କୁଲରେ ଛାତ୍ରାବାସର ଆବଶ୍ୟକତା ନ ଥିବା ଦୃଷ୍ଟିରୁ ୨ ବର୍ଷ ତଳେ ଗଠିତ ହୋଇଥିବା ନୂତନ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏହି ଛାତ୍ରାବାସ କୋଠାରେ ସ୍ଥାନିତ ହୋଇଛି । ସଂକ୍ସାଇନ୍ ଛାତ୍ରାବାସର ନାମ ବଦଳାଯାଇ ଆଉଟ୍‌ହାଉସ୍ ଉପର କରାଯାଇଛି ଏବଂ ସେ ଘରେ ସବୁ କେତେଜଣ ଶିକ୍ଷକ ପରିବାର ଧରି ରହୁଛନ୍ତି ।

ଖୋର୍ଦ୍ଧା ହାଇସ୍କୁଲ କଥା ମନେ ପଡ଼ିବା ମାତ୍ରେ ହିଁ ପ୍ରଥମେ ଦୁଇଜଣଙ୍କ କଥା ମୋ ମନକୁ ଆସେ, କାରଣ ଖୋର୍ଦ୍ଧା ହାଇସ୍କୁଲରେ ସେଇ ଦୁଇଜଣ ହିଁ ମୋର ଶ୍ରେଷ୍ଠ ହିତାକାଂକ୍ଷୀ ଥିଲେ । ଜଣେ ଥିଲେ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଞ୍ଛାନିଧି ପଟ୍ଟନାୟକ ଏବଂ ଆଉ ଜଣେ ହେଉଛନ୍ତି ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ । ଗତ ୧୯୯୯ ମସିହାରେ ଖୋର୍ଦ୍ଧା ହାଇସ୍କୁଲ ପରିସର ମଧ୍ୟରେ ତାଙ୍କର ଜନ୍ମଶତବାର୍ଷିକୀ ଉତ୍ସବ ମହାସମାରୋହରେ ପାଳନ କରାଯାଇଥିଲା । ଉତ୍ସବର ମୁଖ୍ୟ ଉଦ୍‌ଯୋକ୍ତା ଥିଲେ ତାଙ୍କର ୨ୟା ବୋହୂ ସ୍ୱର୍ଗତ ପ୍ରଖ୍ୟାତ ତାନ୍ତ୍ରିକ ଅଶିନ ମୋହନ ପଟ୍ଟନାୟକଙ୍କ ସହଧର୍ମିଣୀ ଶ୍ରୀମତୀ ଜ୍ଞାନଦା ପଟ୍ଟନାୟକ ଏବଂ ମୁଖ୍ୟ ପୃଷ୍ଠପୋଷକ ଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ । ଜନ୍ମଶତବାର୍ଷିକୀ ସମିତି ତରଫରୁ 'ଶତାବ୍ଦୀର ଶ୍ରଦ୍ଧାଞ୍ଜଳି' ଶୀର୍ଷକ ଏକ ମୂଲ୍ୟବାନ ଓ ସୁଖପାଠ୍ୟ ସ୍ମରଣିକା ମଧ୍ୟ ପ୍ରକାଶିତ ହୋଇଥିଲା । ପ୍ରଧାନ ଶିକ୍ଷକ ବାଞ୍ଛାନିଧି ବାବୁଙ୍କ ସଂପର୍କରେ ସେହି ସ୍ମରଣିକାରେ ମୋର ଲେଖା ' ମୋ ସ୍ମୃତିର ବରୁଣେଇ ବାଞ୍ଛାନିଧିବାବୁ' ପ୍ରକାଶିତ ହୋଇଛି । ପୁଣି ୧୦।୩।୯୬ ତାରିଖର ଦୈନିକ 'ସମ୍ବାଦ'ର 'ଅମାସାରା' ସ୍ତମ୍ଭରେ ମଧ୍ୟ 'ଗୁଣଗ୍ରାହୀ ବାଞ୍ଛାନିଧି ପଟ୍ଟନାୟକ' ଶୀର୍ଷକ ମୋର ଲେଖା ପ୍ରକାଶିତ ହୋଇଛି । ତେଣୁ ତାଙ୍କ ସମ୍ପର୍କରେ ଆଉ କିଛି ନ ଦୋହରାଇ ସେ ମୋତେ କେତେ ସ୍ନେହ କରୁଥିଲେ ସେ ସଂପର୍କରେ କେବଳ ଗୋଟିଏ ଦୁଇଟି ଘଟଣାର ଅବତାରଣା କରୁଛି । ହରିହର ତ୍ରିପାଠୀ ନାମରେ ମୋ ଗାଁ ପାଖର ଜଣେ ବ୍ରାହ୍ମଣ ପିଲାଟିଏ ୧୦ମ ଶ୍ରେଣୀ ଶେଷ ପରୀକ୍ଷାରେ ଇଂରାଜୀରେ ଫେଲ୍ ହୋଇ ୧୧ଶ ଶ୍ରେଣୀକୁ ପ୍ରମୋସନ୍ ନ ପାଇବାରୁ ଛାତ୍ରାବାସରେ ମୋ ପାଖରେ କାନ୍ଦି କାନ୍ଦି କହିଲା । ଖୋର୍ଦ୍ଧା ସ୍କୁଲର କୌଣସି ଶିକ୍ଷକ କୌଣସି ଫେଲ୍ ପିଲାକୁ ପ୍ରମୋସନ୍ ଦେବା ଉପରାନ୍ତ ସବୁ ଉଠାଇ ଦେବାକୁ ପ୍ରଧାନ ଶିକ୍ଷକ ବାଞ୍ଛାନିଧି ପଟ୍ଟନାୟକଙ୍କୁ କହିବା ସାହସ ନ ଥିଲା । କିନ୍ତୁ ହରିଭାଇଙ୍କର ଦୁଃଖରେ ମୋ ହୃଦୟ ତରଳିଗଲା । ମୁଁ ସାହସ ବାନ୍ଧି ସାଙ୍ଗ ପ୍ରଧାନ ଶିକ୍ଷକଙ୍କୁ ତାଙ୍କ ଘରେ ସାକ୍ଷାତ କରି ଏବଂ ହାତଯୋଡ଼ି କହିଲି- ''ସାର୍, ଗରିବ ପିଲାଟାର ପାଠପଢ଼ା ବନ୍ଦ ହୋଇଯିବ । ସେ କେବଳ ଇଂରାଜୀରେ ଫେଲ୍ ହୋଇଛି । ତାକୁ ଯଦି ୧୧ଶ ଶ୍ରେଣୀକୁ ଉଠାଇ ଦିଅନ୍ତେ ମୁଁ ତାକୁ ଛାତ୍ରାବାସରେ ଇଂରାଜୀ ପଢ଼ାରେ ସାହାଯ୍ୟ କରନ୍ତି, ତା'ହେଲେ ସେ ନିଶ୍ଚୟ ମାଟ୍ରିକ ପାସ୍ କରିପାରିବ ବୋଲି ମୋର ବିଶ୍ୱାସ ରହିଛି ।'' ଏକା ନିଃଶ୍ୱାସରେ ଏତକ କହି ଦେଇ ଦିଲି, ଏ ଦୁଃସାହସ ପାଇଁ ମୋ ଛାତି ଧୁକ୍ ଧୁକ୍ ହେଉଥାଏ । ଦେଖେ ପ୍ରଧାନ ଶିକ୍ଷକଙ୍କ ହୁକାନଳୀଟା ଗୁଡ଼୍ ଗୁଡ଼୍ କରୁଥାଏ । ପାଟିରୁ ହଠାତ୍ ହୁକାନଳୀଟା କାଢ଼ିନେଇ ମୋ ଆଡ଼କୁ ଚାହିଁ ଟିକିଏ ମୁରୁକି ହସିଦେଲେ ଏବଂ କହିଲେ- 'ଅଲ୍‌ରାଇଟ୍ ! ଆଇ ଉଇଲ୍ ସି ।'' ସେହିଦିନରେ ହରି ତରିଗଲା । ତା' ପରଦିନ ୧୧ଶ ଶ୍ରେଣୀକୁ ପ୍ରମୋସନ ପାଇଲା । ମୁଁ ପ୍ରାୟତଃ ଛାତ୍ରାବାସରେ ନିଜେ ପଢୁ ନ ଥିଲି । କିନ୍ତୁ ସହପାଠୀମାନଙ୍କୁ ପଢ଼ାରେ ସାହାଯ୍ୟ କରୁଥିଲି । ତାକୁ ବି ସାହାଯ୍ୟ କଲି ଏବଂ ସେ ମାଟ୍ରିକ ପରୀକ୍ଷାରେ ପାସ୍ କରିଗଲା ।

୧୯୪୨ ମସିହା ଅଗଷ୍ଟ ମାସ ୨୨ ତାରିଖ- 'ଭାରତ ଛାଡ଼' ଆନ୍ଦୋଳନ ପର୍ଯ୍ୟାୟରେ ଖୋର୍ଦ୍ଧା ହାଇସ୍କୁଲ ଛାତ୍ର ଧର୍ମଘଟର ଦ୍ୱିତୀୟ ଦିବସ । ସେଦିନ କେତେକ ସରକାରୀ କର୍ମଚାରୀ ଏବଂ ଠିକାଦାରମାନେ ନିଜ ନିଜ ପିଲାମାନଙ୍କୁ ସାଙ୍ଗରେ ଆଣି ସ୍କୁଲରେ ଛାଡ଼ି ଯାଇଥିବାରୁ ଏବଂ ତା' ପର ଦିନ ଆହୁରି ଅଧିକ ପିଲା ସ୍କୁଲରେ ଯୋଗ ଦେବାର ସମ୍ଭାବନା ଥିବାରୁ ଆଉ ଅଧିକ ଦିନ ଧର୍ମଘଟ ଚଳାଇ ରଖିବା ସମ୍ଭବ ପର ହେବ ନାହିଁ ବୋଲି ଆଶଙ୍କା କରିଥିଲୁ । ସେଦିନ ସଂଧ୍ୟାରେ ପ୍ରଧାନ ଶିକ୍ଷକଙ୍କ ଡକରା ପାଇ ଜାନକୀ ବାବୁ ଏବଂ ମୁଁ ଖେଳପଡ଼ିଆରେ ଗୋଟାଏ ସିମେଣ୍ଟ ବେଞ୍ଚ ଉପରେ ବସାଇ ହୋଇ ବସିଥିବା ଅବସ୍ଥାରେ ପ୍ରଧାନ ଶିକ୍ଷକଙ୍କୁ ଭେଟିଲୁ । ସେ ଆମକୁ ଇଂରାଜୀରେ ଯାହା କହିଲେ ତାର ସାରାର୍ଥ- ''ଦୁଇଦିନ ପ୍ରତୀକ ଧର୍ମଘଟ କରାଯାଇ ତୁମେ ଧର୍ମଘଟ ଭାଙ୍ଗି କାଲି ସ୍କୁଲରେ ଯୋଗ ଦେବା ଦରକାର । ଆଜି କିଛି ଅଳ୍ପ ପିଲା ଆସିଥିଲେ କିନ୍ତୁ ଆସନ୍ତା କାଲି ଆଉ ବହୁତ ପିଲା ଆସି ସ୍କୁଲରେ ଯୋଗଦେବେ । ତେଣୁ ଆସନ୍ତା କାଲି ମୁଁ ଅନୁପସ୍ଥିତ ପିଲାମାନଙ୍କ ବିରୁଦ୍ଧରେ ରିପୋର୍ଟ ଦେଖିବାକୁ ବାଧ୍ୟହେବି ଏବଂ ତୁମେ ଦୁହେଁ ସ୍କଲାର୍‌ସିପ୍ ହୋଲଡର ହୋଇଥିବାରୁ ସେ ରିପୋର୍ଟରେ ତୁମ ନାମ ରହିଲେ ସ୍କଲାର୍‌ସିପ୍ କଟିଯିବ । ପ୍ରଧାନ ଶିକ୍ଷକ ଭାବେ ମୁଁ ମୋର ସିଦ୍ଧାନ୍ତ ତୁମ ଦୁହିଁଙ୍କୁ ଜଣାଇଦେଲି, ଏବେ ତୁମର ସିଦ୍ଧାନ୍ତ ମୋତେ ଜଣାଅ ।'' ଆମେ ତା'ପରଦିନ ସ୍କୁଲରେ ଯୋଗ ଦେବୁ ବୋଲି ପ୍ରତିଶ୍ରୁତି ଦେଲୁ ଏବଂ ଛାତ୍ରାବାସରେ ଛାତ୍ରମାନଙ୍କୁ ଏକତ୍ର ବସାଇ ଆସନ୍ତା କାଲି ସମସ୍ତେ ସ୍କୁଲରେ ଯୋଗ ଦେବାକୁ

ଅନୁରୋଧ କଲୁ । ସେତେବେଳକୁ ଜାନକୀ ବାବୁ ଥିଲେ ୧୧ଶ ଶ୍ରେଣୀରେ ଏବଂ ମୁଁ ଥିଲି ନବମ ଶ୍ରେଣୀରେ । ଜାନକୀ ବାବୁଙ୍କ ସହିତ ଘନିଷ୍ଠ ଭାବେ ଜୁଡ଼ାଇ ଥିବାରୁ ହୋଇ ମୋ ପ୍ରତି ପ୍ରଧାନଶିକ୍ଷକଙ୍କର ଆନ୍ତରିକ ସ୍ନେହ ଭାବେ ମୁଁ ଗ୍ରହଣ କରିଥିଲି । ଜାନକୀ ବାବୁ ତାଙ୍କ ଗାଁ ରାମେଶ୍ୱର ମି.ଇ. ସ୍କୁଲରୁ ୧୯୩୮ ମସିହାରେ ସ୍କଲାରସିପ୍ ପାଇ ଖୋର୍ଦ୍ଧା ହାଇସ୍କୁଲକୁ ଆସିଥିଲେ । ମୁଁ ମଧ୍ୟ ସେହି ସ୍କୁଲରୁ ୧୯୪୦ ମସିହାରେ ମି.ଇ. ସ୍କଲାରସିପ୍ ପାଇ ଖୋର୍ଦ୍ଧା ସ୍କୁଲକୁ ଆସିଥିଲି ପ୍ରଖ୍ୟାତ ଜାନକୀବାବୁଙ୍କ ପ୍ରେରଣାରେ । ୧୯୯୨ ଡିସେମ୍ବରରେ ରାମେଶ୍ୱର ମି.ଇ. ସ୍କୁଲର ଶତବାର୍ଷିକୀ ଉତ୍ସବ ଖୁବ୍ ଆଡ଼ମ୍ବର ସହକାରେ ପାଳିତ ହୋଇଥିଲା । ସେ ଉତ୍ସବରେ ମୁଖ୍ୟଅତିଥି ଥିଲେ ଉତ୍କଳମାତାର ଅନ୍ୟତମ କରପୁତ୍ର ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ଭାରତର ମାନବିକ ଅଧିକାର କମିଶନର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ରଙ୍ଗନାଥ ମିଶ୍ର, ଅଧ୍ୟକ୍ଷତା କରିଥିଲେ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଥିଲେ ରାମେଶ୍ୱର ମି.ଇ. ସ୍କୁଲର ଅନ୍ୟତମ ପ୍ରାକ୍ତନ କୃତୀ ଛାତ୍ର ଅଧ୍ୟାପକ ଚଉଠାଶି ପଟ୍ଟନାୟକ । ପ୍ରାକ୍ତନ ଛାତ୍ର ପ୍ରତିନିଧି ଭାବେ ବରେଣ୍ୟ ଅତିଥିମାନଙ୍କ ଗହଣରେ ଏ ଅକିଞ୍ଚନ ଲେଖକ ଉପସ୍ଥିତ ଥିଲା । ରାମେଶ୍ୱର ମଧ୍ୟ ଇଂରାଜୀ ବିଦ୍ୟାଳୟ ଶତବାର୍ଷିକୀ ଉପଲକ୍ଷେ ଯେଉଁ ସ୍ମରଣିକାଟି ପ୍ରକାଶ ପାଇଥିଲା ତାହା ଅତ୍ୟନ୍ତ ସୁନ୍ଦର ଓ ଉପାଦେୟ ହୋଇଥିଲା । ସେଥିରେ ପ୍ରକାଶିତ ମୋର ଲେଖା 'ସ୍ମୃତି ତୀର୍ଥ ରାମେଶ୍ୱର ମି.ଇ. ସ୍କୁଲ' ଶୀର୍ଷକ ପ୍ରବନ୍ଧରେ ମୁଁ ଜାନକୀ ବାବୁଙ୍କ ସମ୍ପର୍କରେ ସଂକ୍ଷେପରେ ମୋର ସ୍ମୃତିକଥା ଲେଖିଥିଲି । ପୁଣି ୧୯୯୬ରେ ପ୍ରକାଶିତ ବରିଷ୍ଠ ଅଧ୍ୟାପକ ଡ. ନୃସିଂହ ଷଡ଼ଙ୍ଗୀଙ୍କ ସଂପାଦନାରେ ସଂକଳିତ 'ପ୍ରଜ୍ଞାପୁରୁଷ' ଶୀର୍ଷକ ଜାନକୀ ବାବୁଙ୍କ ପାଇଁ ଉଦ୍ଦିଷ୍ଟ ଅଭିନନ୍ଦନ ଗ୍ରନ୍ଥରେ ମୋର ବ୍ୟକ୍ତିଗତ ଅନୁଭୂତି ଭିତ୍ତିରେ 'ଅଣଶଠି ବର୍ଷର ଯୁବକ ଜାନକୀବାବୁ' ଶୀର୍ଷକ ପ୍ରବନ୍ଧ ପ୍ରକାଶିତ ହୋଇଛି । ସୁତରାଂ ତାଙ୍କ ସଂପର୍କରେ ମଧ୍ୟ ମୁଁ ଏ ପ୍ରବନ୍ଧରେ ଆଉ କିଛି ନ ଦୋହରାଇ କେବଳ ଏତିକି କହିବି ଯେ ତାଙ୍କର ସରଳ ଓ ନିରାଡ଼ମ୍ବର ଚଳଣି, ନମ୍ର ଓ ଅମାୟିକ ବ୍ୟବହାର, ଅଧ୍ୟୟନରେ ପ୍ରଗାଢ଼ ନିଷ୍ଠା ଓ ଅଧ୍ୟବସାୟ, ଶୃଙ୍ଖଳାବୋଧ, ସମୟାନୁବର୍ତ୍ତିତା ଏବଂ ସର୍ବୋପରି ସଂଯତ ଆଚରଣ ଓ ନିର୍ମଳ ସ୍ୱଭାବ ହେତୁ ସେ ଶିକ୍ଷକମାନଙ୍କ ଦ୍ୱାରା ବିଶେଷ ଆଦୃତ ଏବଂ ସମସାମୟିକ ଛାତ୍ର ସମାଜ ଦ୍ୱାରା ଜଣେ ଆଦର୍ଶ ଛାତ୍ର ରୂପେ ବିବେଚିତ ହେଉଥିଲେ ।

ସେ ମୋଠାରୁ ୨ ବର୍ଷ ଉପର ଶ୍ରେଣୀରେ ଥିଲେ ମଧ୍ୟ ଖୋର୍ଦ୍ଧା ହାଇସ୍କୁଲରେ ତାଙ୍କର ମୋ ପ୍ରତି ଅନାବିଳ ସ୍ନେହ ଶ୍ରଦ୍ଧା ହେତୁ ମୁଁ ସେ ଦୁଇବର୍ଷ ଆଗପଛ ପାଠପଢ଼ାର ପାର୍ଥକ୍ୟ ଭୁଲି ଯାଇ ତାଙ୍କର ସହପାଠୀମାନଙ୍କ ଭଳି ଖୁବ୍ ନିକଟତର ହୋଇପାରିଥିଲି । ଏତଦ୍ଭିନ୍ନ ଯେତେବେଳେ କିଛି ହାସ୍ୟରସ ସୃଷ୍ଟି କରି ତାଙ୍କୁ ହସାଇବାରେ ପ୍ରଚୁର ଆନନ୍ଦ ପାଉଥିଲି । ଟେସ୍ ମେସ୍ ମ୍ୟାନେଜର ଥିଲାବେଳେ ତାଙ୍କ ଶ୍ରେଣୀର ଗୌରୀଶଙ୍କର ବାରିକ ଓ ଗଗନଙ୍କ ସହ ମୁଁ ମିଶି, ଆମେ ପାଞ୍ଚଜଣ ବେଳେବେଳେ ତାଙ୍କ ସହିତ ମଜା କରିବା ପାଇଁ ରମଜାନ ପର୍ବରେ ତାଙ୍କୁ ହଳଦୀ ଖାଇବାକୁ ଯାଇ ହାଣ୍ଡି ବନ୍ଦୀ କରି ଦେଉଥିଲୁ, ଯାହାଫଳରେ ମେସର ପ୍ରଭାରୀ ଠାକୁରଙ୍କ ପାଇଁ ତାଙ୍କୁ ଆସନରେ ଟୋଷ୍ଟେଡ ବା ଜଳଖିଆ ବ୍ୟବସ୍ଥା କରିବାକୁ ପଡ଼ୁଥିଲା । ସେଥିପାଇଁ ସେ ଆମ ପାଞ୍ଚଜଣଙ୍କ ପଞ୍ଚସଖା ନାମକରଣ କରିଥିଲେ ଏବଂ ଆମକୁ ଏକାଠି ଡାଇନିଂ ହଲରେ ଦେଖିଲେ 'ତଂଷ ପଞ୍ଚସଖା ମେନକା ଚେଇଁକି' କହି ହସି ହସି ଥଟ୍ଟା କରୁଥିଲେ । ଆଉଥରେ ସେମାନଙ୍କ ଡାକିଲ ଅପେକ୍ଷା ଆମେ ୪ ଜଣ ତାଙ୍କ ସହିତ କବୁଣେଇ ବୁଲି ଯାଉଥିବା ବାଟରେ ରାସ୍ତାକଡ଼ର ମାଇଲ ପଥରଖୁଣ୍ଟକୁ ରାବଣର ଢଗଡ଼ି କହି ତା' ଉପରେ ବସାଇ ଏକ ମନ୍ଦାପ ରାବଣ ଭୂମିକାରେ ତାଙ୍କୁ ଅବତୀର୍ଣ୍ଣ କରାଇବାରେ ଆମେ ଯେତିକି ହସିଥିଲୁ ତା' ଅପେକ୍ଷା ତାଙ୍କୁ ଅଧିକ ହସାଇଥିଲୁ । ଏସବୁ ହାସ୍ୟରସ ସୃଷ୍ଟିର ସୂତ୍ରଧର ଭାବେ ମୁଁ ସର୍ବାଧିକ ଆନନ୍ଦ ଉପଭୋଗ କରୁଥିଲି ।

ଖୋର୍ଦ୍ଧା ହାଇସ୍କୁଲ ଛାଡ଼ିବାର ୫୨/୫୩ ବର୍ଷ ହୋଇଗଲାଣି । ଏତେ ଦୀର୍ଘ ବର୍ଷାପାତର କେତେ ସ୍ମୃତି ମଉଳି ଗଲାଣି । କିନ୍ତୁ ଖୋର୍ଦ୍ଧା ହାଇସ୍କୁଲରେ ମୋର ସେ ଚାରିବର୍ଷର ସ୍ମୃତି ଏବେବି ସଦା ସଜାଗ ଓ ଜୀବନ୍ତ ହୋଇ ରହିଛି । ତା'ର ମୁଖ୍ୟ କାରଣ ହେଉଛି- ମୁଁ ପ୍ରଥମରୁ ସେ ସ୍କୁଲରୁ ଡ. ମାୟାଧର ମାନସିଂହଙ୍କ ଅସାଧାରଣ କବି ପ୍ରତିଭାର ଉଦ୍ବୋଧିତ ହୋଇ ବିଚାରି ସେଇଠି ସାରସ୍ୱତ ସାଧନାକୁ ମୋର ଜୀବନର ଲକ୍ଷ୍ୟ ଭାବେ ଗ୍ରହଣ କରିବାର ସିଦ୍ଧାନ୍ତ ନେଇ ଭବିଷ୍ୟତ ପାଇଁ ଏକ ମନୋରମ ମାନସ-ଉଦ୍ୟାନ ପ୍ରସ୍ତୁତିର ସ୍ୱପ୍ନ ଦେଖିଥିଲି । ରାତି ରାତି ଅନିଦ୍ରା ହୋଇ ଛାତ୍ରାବାସ ଭିତରେ ଲଣ୍ଠନ ଆଲୁଅରେ ବସି କବିତା, କାବ୍ୟ, ଖଣ୍ଡକାବ୍ୟ, ଏକାଙ୍କିକା ଓ ନାଟକ ଇତ୍ୟାଦି ଲେଖୁଥିଲି । ସେଇଠି 'ବଦାଘ' ନାଟକ ଲେଖି ପ୍ରଧାନ ଶିକ୍ଷକଙ୍କ ଅନୁମୋଦନ କ୍ରମେ ସହପାଠୀମାନଙ୍କ ଦ୍ୱାରା ସ୍କୁଲ ମଞ୍ଚରେ ଅଭିନୀତ କରାଇଥିଲି । ବିଭିନ୍ନ ଉତ୍ସବାନୁଷ୍ଠାନରେ ବିଭିନ୍ନ ବିଷୟରେ ପାଲା, ଦାସକାଠିଆ, ଦଣ୍ଡଯାତ୍ରା ଇତ୍ୟାଦି ଲୋକନୃତ୍ୟ ପାଇଁ ବୃତ୍ତାନ୍ତ ଗୀତ ଓ ଏକାଙ୍କିକା ଲେଖି ପରିବେଷଣ କରୁଥିଲି । ଦାସକାଠିଆରେ ମୋର ଡାହାଣ ପାଳିଆ ଥିଲେ ସହପାଠୀ ଦାସୁ ରାଉତରା, ଯିଏ ଏବେ ପ୍ରଖ୍ୟାତ ଓ ପ୍ରବୀଣ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିକିତ୍ସାବିତ୍ ଓ ଦୁଇଥର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ଡିରେକ୍ଟର ଡାକ୍ତର ବାସୁଦେବ ରାଉତରାୟ ।

ଯେତେଦୂର ମନେପଡ଼ୁଛି ଆମ ସମୟରେ ମାତ୍ର ଥରଟିଏ ସ୍କୁଲ ମାଗାଜିନ୍ 'ଅବକାଶ' ପ୍ରକାଶ ପାଇଥିଲା । ସେଥିରେ ମୋର ପଲ୍ଲୀଜୀବନ ସଂପର୍କିତ କବିତାଟିଏ ପ୍ରକାଶ ପାଇଥିଲା । କିନ୍ତୁ ୧୯୪୩ରେ ଆମ ୧୦ମ ଶ୍ରେଣୀ ତରଫରୁ ଆମେ ଏକ ହାତଲେଖା ପତ୍ରିକା ପ୍ରକାଶ କରିଥିଲୁ । ପ୍ରଧାନ ଶିକ୍ଷକ ପ୍ରତ୍ୟେକ ଶ୍ରେଣୀ ତରଫରୁ ହାତଲେଖା ପତ୍ରିକା ପ୍ରକାଶ କରିବା ପାଇଁ ଉତ୍ସାହିତ କରୁଥିଲେ । ଆମ ପତ୍ରିକାର ନାଁ ରଖିଥିଲୁ 'ବୀଣାକୁଞ୍ଜ' । ପତ୍ରିକାଟିର ସଂପାଦକ ମୁଁ ଥିଲି ଏବଂ ତାର ପ୍ରଚ୍ଛଦ ପୃଷ୍ଠାରେ ପୁଷ୍ପକୁଞ୍ଜରେ ଆସୀନା ବୀଣାପାଣିଙ୍କର ରଙ୍ଗିନ ଚିତ୍ରଟିଏ ଆଙ୍କି ଦେଇଥିଲି । ଦୈବକ୍ରମେ ପ୍ରଚ୍ଛଦ ପୃଷ୍ଠାଟି ନଷ୍ଟ ହୋଇଯାଇଥିଲେ ହେଁ ସଂପୂର୍ଣ୍ଣ ହାତଲେଖା ପତ୍ରିକାଟି ଏବେ ବି ଅଛି । ଅନ୍ୟମାନଙ୍କ ମଧ୍ୟରେ ଅକାଳରେ ମୃତ୍ୟୁମୁଖରେ ପଡ଼ିଥିବା ମୋର ଅନ୍ୟତମ ସହପାଠୀ ପ୍ରେମତୋଷ ବାଗଚୀଙ୍କର ବଙ୍ଗଳା କବିତା 'ଓଲଟ ପାଲଟ' ଓ ଅନ୍ୟ ଜଣେ ସହପାଠୀ ଏସ୍.ଏ. ଲତିଫଙ୍କର

ଉର୍ଦ୍ଧ୍ୱ କେଖାଟିଏ ବି ସେ ପତ୍ରିକାରେ ସ୍ଥାନ ପାଇଥିଲା । ପ୍ରେମକୋଷର ସ୍ମୃତିଚିହ୍ନ ଟାରି ହାତଲେଖା ବଙ୍ଗଳା କବିତାଟିର ଫଟୋଚିତ୍ର ପାଠକମାନଙ୍କ ପାଇଁ ଏଠାରେ ସ୍ଥାପିତ କରୁଛି ।

ପ୍ରେମକୋଷ ଆମ ଶ୍ରେଣୀରେ ୨ୟ ସ୍ଥାନ ରଖୁଥିଲେ, ସେ ପୁରୀ କଲେଜରେ ପଢୁଥିବା ସମୟରେ ଅକାଳରେ ମରିଗଲେ । ଆଉ ଯେଉଁ ସହପାଠୀମାନେ 'ବାଣୀକୁଞ୍ଜ'ରେ ଲେଖିଥିଲେ ସେମାନେ ଥିଲେ ସର୍ବଶ୍ରୀ ଗଙ୍ଗାଧର ମହାପାତ୍ର, କାର୍ତ୍ତିକ ମହାନ୍ତି, ବ୍ରଜବନ୍ଧୁ ମହାପାତ୍ର, ରଘୁନାଥ ପଟ୍ଟନାୟକ(ବ), ବାସୁଦେବ ଷଡ଼ଙ୍ଗୀ, କୁମାରୀ ସୁଷମା ମିଶ୍ର, ବାମଦେବ ପ୍ରହରାଜ, ପ୍ରାଣବନ୍ଧୁ ପଟ୍ଟନାୟକ, ବାବୁ ରାଉତରା, ଦାମୋଦର ମିଶ୍ର ଓ ସୁଚ ନିଶଙ୍କ । ଏହି ପତ୍ରିକାରେ ଥିବା ମୋର ଏକ ବ୍ୟଙ୍ଗ କବିତା 'ପ୍ରଳୟପଥେ ମଙ୍ଗଳପୋତା'କୁ ପ୍ରଧାନ ଶିକ୍ଷକ ଆମ ଶ୍ରେଣୀ ପ୍ରକୋଷ୍ଠ ଭିତରେ ଆନନ୍ଦରେ ଆବୃତ୍ତି କରି ବଡ଼ି ଉଲ୍ଲାସ ହାସ୍ୟଲୋକ ସୃଷ୍ଟି କରିଥିଲେ । ଛାତ୍ର ଜୀବନରେ ମୋର କଳାପ୍ରତି ବିଶେଷ ଆଗ୍ରହ ଥିଲା । ଗୀତ ଗାଇବା ଓ ଅଭିନୟ କରିବା ମୋର ସଉକ ଥିଲା ଏବଂ ମୁଁ 'ଭିକ୍ଷାପାତ୍ର' ପାଇଁ ଅନେକବାର ପ୍ରଶଂସିତ ହୋଇଥିଲି ।

ପିଲାମାନେ ପାଠପଢ଼ା ଛଡ଼ା ମଣିଷ ହୁଅନ୍ତୁ- ଏପରି ଆଶା ପୋଷଣ କରନ୍ତି ବାପ ମା'ମାନେ । ଖୋର୍ଦ୍ଧା ହାଇସ୍କୁଲରେ ପ୍ରବେଶ ପୂର୍ବରୁ ମୁଁ କିଛି ଖାଠ ଶିଖିଥିଲି । ଝୁଡ଼ି, ସୂତାଧରି ସିନେଇ କରିବାଠାରୁ ସୂତା କଟା, କୁଲାବୁଣା, କାଳବୁଣା, ତାଷକାମ, ବଢ଼େଇକାମ ଏବଂ ଟାଳପତ୍ର, ନଡ଼ିଆପତ୍ର ଓ ଉଦଣାକାଣାରେ ବିଭିନ୍ନ ହାତକାମ କରିବା ପର୍ଯ୍ୟନ୍ତ ବହୁଥିରୁ କିଛି କିଛି ଶିଖିଥିଲି । ନଡ଼େଇଜିଆ ଲାଗେ ଘର; ନଭାପର୍ବରେ ମୁଁ ଧୁରୀଣ ଥିଲି । ଉଚ୍ଚ ଡାଳରେ ଚଢ଼ିବା ପିଲାଦିନୁ ଅଭ୍ୟାସ ହୋଇଥିଲି । ମୋର ମନେହୁଏ ପାଠ ସହିତ ଏସବୁ ଖାଠ ବିଦ୍ୟା ପାଇଁ ମୁଁ ମୋ ଛାତ୍ର ଜୀବନରେ ଶିକ୍ଷକ ତଥା ସହପାଠୀମାନଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିଲି । ଖୋର୍ଦ୍ଧା ସ୍କୁଲରେ ମୋର ବାର୍ଷିକ ପଢ଼ା ସମୟରେ ଥରେ ମାତ୍ର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ୧୯୪୩ ମସିହାରେ । ମୋର ପୁରସ୍କାର ସାମଗ୍ରୀଗୁଡ଼ିକୁ ଦୁଇଜଣ ସହପାଠୀଙ୍କ ସହାୟତାରେ ଛାତ୍ରାବାସକୁ ବୋହି ଆଣିଥିଲି । ତା' ଭିତରେ ଥିଲା ମୋର ତାଳକାଠିଆ ପାଇଁ ଖୋର୍ଦ୍ଧାର ତତ୍କାଳୀନ ଏସ୍.ଡି.ଓ. ରାୟସାହେବ ଜଗନ୍ନାଥ ମିଶ୍ରଙ୍କ ସ୍ୱତନ୍ତ୍ର ପୁରସ୍କାର- ଏକ ସୁନ୍ଦର ଟେବୁଲ ଘଣ୍ଟା । ସେ ଉତ୍ସବର ଅଧ୍ୟକ୍ଷ ତଥା ମୁଖ୍ୟଅତିଥି ଭାବେ ନିମନ୍ତ୍ରିତ ହୋଇ ଆସିଥିଲେ ତତ୍କାଳୀନ ଓଡ଼ିଶାର ପ୍ରଧାନମନ୍ତ୍ରୀ ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ । ତାଙ୍କ ଗହଣରେ ଆମର ସର୍ବଜନପ୍ରିୟ ଛାତ୍ରବତ୍ସଳ କୃତୀ ଶିକ୍ଷକ ଓ କବି ସ୍ୱର୍ଗତ ଗଙ୍ଗାଧର ପରିଡ଼ା (ବର୍ତ୍ତମାନ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ରାଜକିଶୋର ଶ୍ରୀଚନ୍ଦନଙ୍କ ପିତା) ଗୋଟିଏ ସ୍ୱାଗତ ଗୀତିକା ଓ ଗୋଟିଏ ତାଳକାଠିଆ ଉଦ୍ଦେଶ୍ୟରେ ଛଡ଼ ଦାଣ୍ଡା ପଦ୍ୟ ଲେଖି ଦେଇଥିଲେ । ସ୍ୱାଗତ ଗୀତିକାଟିକୁ ଉଚିତ ମଧୁର କଣ୍ଠରେ ଲଳିତା ଉଚ୍ଛାସ ମିଶ୍ର, ସ୍ନେହଲତା ପ୍ରଧାନ ପ୍ରମୁଖ ଝିଅ ପିଲାମାନେ ଗାଇ ତାଙ୍କ ମନପଡ଼ିଙ୍କ ଗହଣରେ ମଙ୍ଗଳଧ୍ୱନି ଦେଇଥିଲେ । ସେହି ସ୍ୱାଗତ ଗୀତିକାଟିର ପ୍ରଥମ ପଦଟି ଥିଲା -

''ଜୀବନ-ଜାହ୍ନବୀ ବାହି ଆଣିଛି କି ଅଭିଶାପଭରା ବେଦେଶ,
ସେହି ସେ ଜନସ୍ୟ କୋଟି ଓଡ଼ିଆର ବିଜେ ସଭାପତି ବେଶେ ।''

ଏବଂ ତାଳକାଠିଆ ଉଦ୍ଦେଶ୍ୟରେ ମୂଳ (ଘୋଷା) ପଦଟି ଥିଲା-

''ଜନନୀ ଜନ୍ମଭୂମି । ତୋର ପୟରେ ନମି ମା
ଜଗନ୍ନାଥ ଚାହିଁ ଗାଉଛି ଶୁଣି ।।

ଧନ୍ୟ ସେ ପାଇକା କିବା ଦପକଳା କୋଳରେ ପାଇକା ଏ ଜନମଣି''... ଇତ୍ୟାଦି ନୃତ୍ୟ ତାଣ୍ଡି ପଢ଼ୁକିରେ ଗଜପତିଙ୍କ ପ୍ରଶସ୍ତି ଗାନ କରାଯାଇଥିଲା, ସେଥିରୁ ପଦଟିଏ ମନେଅଛି-

''ସ୍ୱତନ୍ତ୍ର ଉତ୍କଳ ପାଇଁ ପାଣିଆମେଣ୍ଟରେ
ବାଡ଼ିଲେ ସେ ବଜ୍ରବାଡ଼ୀ ଗାଦାର ଆଗରେ''

ବାପୁ ଓ ମୁଁ ଏ ତାଳକାଠିଆ ପରିବେଷଣ କଲାବେଳେ ଘନ ଘନ କରତାଳି ଧ୍ୱନିରେ ସଭାସ୍ଥଳ ଗୁଞ୍ଜରି ଉଠୁଥିଲା ଏବଂ ମଞ୍ଚାସୀନ ସଭାପତି- ଗଜପତି ମହାରାଜା ହସି ହସି ବେତମ୍ ହୋଇଯାଉଥିଲେ । ଜୟଗୁରୁଙ୍କୁ କେବଳ ଜଣେ ଆଦର୍ଶ ଶିକ୍ଷକ ନ ଥିଲେ, ତାଙ୍କର ନମ୍ର ଅମାୟିକ ବ୍ୟବହାର ସମସ୍ତଙ୍କୁ ମୁଗ୍ଧ କରି ଦେଉଥିଲା । ତାଙ୍କୁ କେବେ କୌଣସି ପରିସ୍ଥିତିରେ ରାଗିବାର ଆମେ ଦେଖିନୁ । ଶ୍ରେଣୀ ପ୍ରକୋଷ୍ଠ ଭିତରେ ଶିକ୍ଷକଙ୍କୁ ରାଗାଇବା ଭଳି କୌଣସି ପରିସ୍ଥିତି ଉପୁଜିଲେ ସେ କେବଳ ମୁହୂର୍ତ୍ତକ ପାଇଁ ଗମ୍ଭୀର ହୋଇଯାନ୍ତି, ତାଙ୍କ ମୁହଁ ଲାଲ୍ ପଡ଼ିଯାଏ ଓ ଆଖି ଆର୍ଦ୍ର ହୋଇଯାଏ, କିନ୍ତୁ ମୁହୂର୍ତ୍ତକ ଭିତରେ ପୁଣି ସେ ଗମ୍ଭୀରତା ଉଭାନ ହୋଇଯାଏ ଏବଂ ସେ ସ୍ୱଭାବ ସୁଲଭ ଢଙ୍ଗରେ ହସି ପକାନ୍ତି । ଏଇ ହସ ଆଉ ନମ୍ରତା ସହିତ ଯେପରି ତାଙ୍କର ଅକଳନୀୟ ବ୍ୟକ୍ତିତ୍ୱ ବାନ୍ଧିରଖିଥିଲା । ପାଠ ପଢ଼ାଉଥିବେ ହସୁଥିବେ, କଥା କହୁଥିବେ ହସୁଥିବେ, ସବୁବେଳେ ତାଙ୍କ ମୁଖମଣ୍ଡଳରେ ହସ ଲାଗି ରହିଥିଲା; ଆଉ ନମ୍ରତାର ସେଥିଲେ ଏକ ଜୀବନ୍ତ ପ୍ରତିମୂର୍ତ୍ତି । ଅସାମାନ୍ୟ ସାରସ୍ୱତ ପ୍ରତିଭାର ଅଧିକାରୀ ଥିଲେ ସେ । ତାଙ୍କର କବିତା ହୃଦୟସ୍ପର୍ଶୀ ଭାଷା ଓ ଭାବର ସମନ୍ୱୟରେ ସମୃଦ୍ଧ ହୋଇଥିଲା । ୧୯୨୮ ମସିହାରେ ସେ ଏଇ ଖୋର୍ଦ୍ଧା ହାଇସ୍କୁଲରୁ ୧ମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିଥିଲେ । ଆଇ.ଏ. ପାସ୍ କଲାପରେ ପୁଣି ଏହି ସ୍କୁଲରେ ଶିକ୍ଷକ ହୋଇଥିଲେ । ମଝିରେ କିଛିଦିନ ପାଇଁ ଛାଡ଼ି ଯାଇଥିଲେ ହେଁ ବି.ଏ. ପାସ୍ କରି ପୁଣି ଆସି ଏହି ସ୍କୁଲରେ ଜଣେ ବରିଷ୍ଠ ସହକାରୀ ଶିକ୍ଷକ ଭାବେ ରହିଥିଲେ । ପରେ ପୁଣି ଏଠୁ ଯାଇ ବାଙ୍କି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦରେ ରହିଥିଲେ । ପୈତୃକ ବାସସ୍ଥାନ ଥିଲା ରାମେଶ୍ୱର ନିକଟବର୍ତ୍ତୀ ଗୋଳବାଇ । ଶେଷଜୀବନ ବିତାଇଥିଲେ ବାଙ୍କିରେ ଏବଂ ସେଇଠି ସେ ଘରଟିଏ କରି ସପରିବାର ରହୁଥିଲେ । ଖୋର୍ଦ୍ଧା ହାଇସ୍କୁଲରେ ଆଉ ଜଣେ ସପନ୍ନ ଶିକ୍ଷକ ଥିଲେ ସ୍ୱର୍ଗତ ଜଗଦାନନ୍ଦ ମହାନ୍ତି । ତାଙ୍କୁ ଅଲ୍‌ରାଉଣ୍ଡ ଶିକ୍ଷକ କହୁଥିଲୁ । କେବଳ ଇଂରାଜୀକୁ ଛାଡ଼ି ଆଉ ସବୁବିଷୟ- ସାହିତ୍ୟ, ଭୂଗୋଳ, ଇତିହାସ, ଗଣିତ ଇତ୍ୟାଦି ସେ ଉଚ୍ଚକ୍ଲାସ ମାନଙ୍କରେ ପଢ଼ାଉଥିଲେ ।

୧୯୪୩ ମସିହା ଏକ ପ୍ରାକୃତିକ ଦୁର୍ବିପାକର ବର୍ଷ ଥିଲା । ସେ ବର୍ଷ କାର୍ତ୍ତିକ ମାସରେ ନାହିଁନଥିବା ଝଡ଼ତୋଫାନ ଫଳରେ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ବହୁଧନ ଜୀବନହାନୀ ଘଟିଥିଲା । କ୍ରମାଗତ କେତେଦିନ

ଧରି ସେ ଝଡ଼ତୋଫାନ ଲାଗି ରହିବା ଫଳରେ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ବୃଦ୍ଧ ଲୋକମାନେ ଏପରି ପ୍ରଳୟଙ୍କରୀ ତୋଫାନ ତାଙ୍କ ଜୀବନଦଶାରେ ଦେଖି ନ ଥିଲେ ବୋଲି କହିଲେ । ଏହିଭିତରେ ଜ୍ୟୋତିଷମାନେ ଗଣନା କରି ଜାଣିପାରିଲେ ଯେ ଆଗାମୀ ଚିତାଲାଗି ଅମାବାସ୍ୟାକୁ ଯେଉଁ ଝଡ଼ତୋଫାନ ଓ ପ୍ରାକୃତିକ ବିପ୍ଳବ ଘଟିବ ସେଥିରେ ପ୍ରଳୟ ସୁନିଶ୍ଚିତ । ଜ୍ୟୋତିଷମାନଙ୍କର ଏହି ଭବିଷ୍ୟତବାଣୀ ସହିତ ଲୋକମୁଖରେ ଅଶ୍ରୁତପୂର୍ବ ଓ ଅଭୂତପୂର୍ବ ଗୁଜବମାନ ପ୍ରଚାରିତ ହୋଇଥିଲା । ବଡ଼ ଦେଉଳ ଉପରେ ଶାଗୁଣା ବସିଲା, ବଡ଼ ଦେଉଳ ଛାତି ଫାଟିଯାଇ ନିଶ୍ଚିହ୍ନ ହୋଇଯିବ । ଚିତାଲାଗି ଅମାବାସ୍ୟାକୁ ଏପରି ବର୍ଷାତୋଫାନ ଲାଗି ରହିବ ଯେ ହାଣ୍ଡିଆଡ଼େ ଜଳ ମାଡ଼ିଯିବ ଓ ପୃଥିବୀରେ ପ୍ରଳୟ ହୋଇଯିବ । ରାତିରେ ଭୈରବୀ ଡାକିବ, ସେ ଡାକ କାନରେ ପଡ଼ିବାମାତ୍ରେ ବୃଦ୍ଧ ବୃଦ୍ଧ ଲୋକ ମରିପଡ଼ିବେ । ତେଣୁ 'ଆଗେ ଥା ପଛେ ଥା ଚିତଉ ଅମାସିଆକୁ ବାହିଁ ଥା' - ଏଇ କଥାଟି ଜୁକ୍ ଜୋରରେ ସମସ୍ତଙ୍କ ମୁହଁରୁ ଶୁଣାଗଲା । ଏହାର ଅର୍ଥ ହେଲା- ତୁମେ ବୟସ୍କ ହୁଅ କି ପିଲା ହୁଅ, ଚିତଉ ଅମାସିଆରେ ନିଶ୍ଚୟ ମୃତ୍ୟୁ । ସହର ନଗର ଗାଁ ଗଣ୍ଡା- ସର୍ବତ୍ର ଏଇ ଗୁଜବ ବ୍ୟାପିଗଲା । ସର୍ବତ୍ର ଲୋକେ ଆତଙ୍କିତ ହୋଇପଡ଼ିଲେ ।

ଆମ ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ ସ୍ୱର୍ଗତ ରାଧାଚରଣ ସାହୁ ଜଣେ ପ୍ରବୀଣ ଗଣିତ ଶିକ୍ଷକ ଥିଲେ । ଛାତ୍ରାବାସରେ ଶୃଙ୍ଖଳା ରକ୍ଷା ଦିଗରେ ମଧ୍ୟ ତାଙ୍କର ଦକ୍ଷତା ଥିଲା । ଛାତ୍ରାବାସ ପରିଚାଳନାରେ ତାଙ୍କର ଦୀର୍ଘ ଅନୁଭୂତି ପ୍ରଶଂସନୀୟ ଅବଦାନ ଥିଲା । କିନ୍ତୁ ସେ ବୋଧହୁଏ ଆମମାନଙ୍କ ଅପେକ୍ଷା ଚିତାଲାଗି ଅମାବାସ୍ୟା ଆତଙ୍କରେ ଅଧିକ ଆତଙ୍କିତ ହୋଇପଡ଼ିଥିଲେ । ଛାତ୍ରାବାସର କେତେକ ଅନ୍ତେବାସୀ ଅମାବାସ୍ୟାର ଦୁଇ ତିନିଦିନ ଆଗରୁ ଛୁଟି ନେଇ ଗାଁକୁ ଚାଲିଯିବାକୁ ଚାହିଁଲେ । ରାଧାଚରଣ ବାବୁ ବୋଧହୁଏ ସେ ସଂପର୍କରେ ପ୍ରଧାନ ଶିକ୍ଷକଙ୍କ ସହିତ ଆଲୋଚନା କରି ସଂଧ୍ୟା ପ୍ରାର୍ଥନା ପରେ ସମସ୍ତଙ୍କୁ ଏକାଠି ବସାଇ ତାଙ୍କର ସିଦ୍ଧାନ୍ତ ଶୁଣାଇଲେ । ପ୍ରଳୟ ହେଲେ ଯିଏ ଯେଉଁଠି ଥିଲେ ବି ମରିବ, ତେବେ ଯେଉଁମାନେ ଏଠୁ ବାପ ମାଙ୍କ ପାଖକୁ ଚାଲିଯିବାକୁ ଚାହୁଁଛନ୍ତି ସେମାନେ ଛୁଟି ନେଇ ଚାଲିଯାଆନ୍ତୁ । ତେଣୁ ଅନେକ ଛାତ୍ର ଛୁଟିନେଇ ଗାଁକୁ ପଳେଇଲେ । ଅବଶିଷ୍ଟ ମାତ୍ର କୋଡ଼ିଏ ଜଣ ଛାତ୍ରାବାସରେ ରହିଲୁ । ଅମାବାସ୍ୟା ପୂର୍ବଦିନ ପର୍ଯ୍ୟନ୍ତ ଅତି ସୁନ୍ଦର ପାଗଥିଲା । ସେଦିନ ସନ୍ଧ୍ୟାରେ ସୁପରିଣ୍ଟେଣ୍ଡେଣ୍ଟ ଆମକୁ ଡାକି ଏକାଠି ବସାଇ ଅମାବାସ୍ୟା ଦିନ ଓ ରାତିରେ କ'ଣ କରିବାକୁ ସେ ସଂପର୍କରେ ପରାମର୍ଶ ଦେଲେ । ଦିନରେ ଚକୁଳି ସହିତ ଚାଳ ଖିଆପିଆ ହେବ ଏବଂ ଦିନ ଥାଉ ଥାଉ ଛାତ୍ରାବାସରେ ଖିଆପିଆ ସରିବ । ସନ୍ଧ୍ୟାରେ ସମସ୍ତେ, କୋଡ଼ିଏ ଜଣ ଛାତ୍ରଙ୍କ ସହିତ ଗୋଟିଏ ଲାଲନା ପ୍ରହରୀ ଏବଂ ବିନ୍ଧିଆ ଓ ରାନ୍ଧନ ବାକସ- ମିଶି ସୁପରିଣ୍ଟେଣ୍ଡେଣ୍ଟଙ୍କ କକ୍ଷରେ ସମୂହ ପ୍ରାର୍ଥନା କରିବେ ଓ ତା'ପରେ ସାରାରାତି ଭଜନ ଜଣାଣ ଇତ୍ୟାଦି ଭଗବତ୍ ପ୍ରାର୍ଥନା ଚାଲିବ ସେଇଠି ସୁପରିଣ୍ଟେଣ୍ଡେଣ୍ଟଙ୍କ କକ୍ଷ ଭିତରେ । ଛାତ୍ରାବାସରେ ଥିବା ହାରମୋନିୟମ୍, ବାୟାଁତବଲା ଓ ଖୋଳ ସାଙ୍ଗକୁ ଆଉ କିଛି ଖୋଳ କରତାଳ ପଖାଉଜ ଇତ୍ୟାଦି ବାଜା ବାହାରୁ ଯୋଗାଡ଼ କରି ଆଣିବାକୁ ହେବ । ସମସ୍ତେ ବଡ଼ ପାଟିରେ ଗାଇବେ, ବାଜାସବୁ ଜୋରରେ ବାଜିବ ଓ ଦୁଆର ଝରକା ସବୁ ବନ୍ଦ ରହିବ । ଯେପରି ଭୈରବୀ ଡାକ ସେ ଘର ଭିତରେ କେହି ଶୁଣି ପାରିବେ ନାହିଁ । ତଥାପି ଯାହେ ଦୈବାତ୍ କାହା କାନରେ ଭୈରବୀ ଡାକ ପଡ଼ିଯିବ, ସେଥିପାଇଁ ସମସ୍ତେ ଦୁଇ କାନରେ ଭଲ ଭାବେ ସୋଲଡିଣ୍ଡା ମାଡ଼ିଥିବେ । ରାଧାଚରଣ ବାବୁଙ୍କର ଏଇ ପରାମର୍ଶକୁ ଆମେ ଅକ୍ଷରେ ଅକ୍ଷରେ ପାଳନ କଲୁ । ରାଧାଚରଣ ବାବୁ ନିଜେ ମଧ୍ୟ ଦୁଇ କାନରେ ସୋଲଡିଣ୍ଡା ମାଡ଼ି ଅତି ଜାଗ୍ରତ ଭାବରେ ଆମ ମେଳରେ ବସିଥାନ୍ତି ଏବଂ ମଝିରେ ମଝିରେ ତାଙ୍କ ଦର୍ଦ୍ଦଭରା କଣ୍ଠରେ ଆମ ସଙ୍ଗେ ଗାଇ ଉଠୁଥାନ୍ତି- ''ହେ ଆନନ୍ଦମୟ କୋଟି ଭୁବନ ପାଳକ, ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ....'' ଇତ୍ୟାଦି । ଚିନ୍ତାର ବିମର୍ଷ ବେଳେ ପ୍ରଶ୍ନ ଉଠିଥିଲା- ରାତିରେ ଝାଡ଼ା ପରିସ୍ରା ଦେବାକୁ ହେଲେ କଣ କରିବା- କବାଟ ଖୋଲି ବାହାରକୁ ଯିବା କି ନାହିଁ । ସୁପରିଣ୍ଟେଣ୍ଡେଣ୍ଟ ରୁଲିଂ ଦେଇଥିଲେ, ''ନା, କବାଟ ଖୋଲିବାର ପ୍ରଶ୍ନ ଉଠୁନାହିଁ । ଗୋଟାଏ କୋଣରେ ଦୁଇ ତିନିଟା ମାଟି ଆଟିକାରେ ବାଲି, ପାଉଁଶ ଓ ବାଲଟିରେ ପାଣି ଥୁଆ ହୋଇଥିବ । ପ୍ରତ୍ୟେକେ ଦିନ ଥାଉ ଥାଉ ଝାଡ଼ା ପରିସ୍ରା କାମ ସାରି ଦେଇଥିବେ, ଯେପରି ସନ୍ଧ୍ୟାପରେ ଆଉ ଝାଡ଼ା ପରିସ୍ରା ନ ଦବେଇବ । ତଥାପି ଯଦି କାହାକୁ ଦେଖାଏ ସେଇ କୋଣକୁ ଯାଇ ଗୋଟାଏ ଚଦର ଆଢୁଆଳଟାଣି ସେ କର୍ମ କରିବ ।'' ଶୌଚକାର୍ଯ୍ୟକୁ ରାତି ଭିତରେ କେହି ସେ କର୍ମ କରି ନଥିଲେ ଏବଂ ରାତିଟି ବିନା ବିପଦରେ ଅତିକ୍ରାନ୍ତ ହୋଇଯାଇଥିଲା । ରାଧାଚରଣ ବାବୁ ରାତିସାରା ଗାଉଣା ବାଜଣା ଭିତରେ ବାରମ୍ବାର ତାଙ୍କ ହାତଘଡ଼ିକୁ ଦେଖୁଥିଲେ; ଯେତେବେଳେ ଘଡ଼ିରେ ସାଢ଼େ ଚାରିଟା ବାଜିଲା ଏବଂ ଝରକା ରନ୍ଧ୍ରରେ ବାହାରୁ ଦିବାଲୋକର ସାମାନ୍ୟ ଆଭାସ ମିଳିଲା ସେତେବେଳେ ଘୋଷଣା କଲେ ହେ କୋଟିଭୁବନ ପାଳକ ଅବୋଧ ବାଳକଙ୍କ ଡାକ ଶୁଣିଛନ୍ତି, ନିର୍ବିଘ୍ନରେ ରାତି ପାହି ଯାଇଛି ।'' ଆମେମାନେ ଆଉଥରେ ଅତ୍ୟନ୍ତ ଆନନ୍ଦ ଓ ଆହ୍ଲାଦରେ ଗାଇ ଉଠିଲୁ- ହେ ଆନନ୍ଦମୟ... ଏବଂ ଉଚ୍ଚକଣ୍ଠରେ ହରିବୋଲ ଧ୍ୱନି ଦେଇ କବାଟ ଖୋଲି ବାହାରକୁ ଆସି ଦେଖିଲୁ ସାମାନ୍ୟ ଝିପି ଝିପି ବର୍ଷା ହେଉଥିଲା । ଚିତାଲାଗି ଅମାବାସ୍ୟା ଅଗଷ୍ଟ ମହିନାରେ ପଡ଼ିଥିଲା । ସେଦିନ ରାତିରେ କେବଳ ବର୍ଷା ଓ ସାମାନ୍ୟ ପବନ ହୋଇଥିଲା ଏବଂ କୌଣସି କିଛି ଅଘଟଣ ଘଟି ନ ଥିବା ଜଣାଯିବା ପରେ ମୁଁ ସେଇ ରାତିର ବିରଳ ଅନୁଭୂତିକୁ ନେଇ 'ପ୍ରଳୟପଥେ ମରଣ ପାଳା' ଶୀର୍ଷକ ବ୍ୟଙ୍ଗ କବିତାଟିଏ ଲେଖି ଆମ ଶ୍ରେଣୀ ପତ୍ରିକାରେ ସ୍ଥାନିତ କରିଥିଲି । ସେ କବିତାର ଅଳ୍ପ କେତୋଟି ପଂକ୍ତି ଏଠାରେ ଉଦ୍ଧାର କରୁଛି-

''ଆସିବ ମାଡ଼ି ପ୍ରଳୟ ଝଡ଼ି ଛାଡ଼ିବ ରଡ଼ି
ଚଡ଼କପଡ଼ି ଦେବଟି ପୋଡ଼ି ଜୀବନ-ପେଡ଼ି
X X X X X X X X X X
ତୁଇଟି ଦିନେ ଛାତ୍ରାବାସ ହେଲା ନିକାଞ୍ଚ
ପରାଣ ଚାପି ରହିଲେ ଶେଷେ ଅଧାରୀ ବିଂଶ
X X X X X X X X X X

ପହିଲାଗଲା ଗଛ ବୁଟିଲା ମଜା ଲୁଟିଲା,
ଅସଜପାଗ ନୂଆସରାଗ ମନେ ଛୁଟିଲା
ଅମ ସିଆଗ ତରୁ ତକୁଳି ଉଡ଼ି ବି ଉଳି
ବିଦେଶବାସୀ ହୋଇଲେ ଖୁସି ମାଗିଲେ ତାଳି ।
ନାଷ ନ ଦେଖି କଳ୍ପନା ହୋଇ କି ହେବ ଲାଭ
ଦରମେ ପାହା ଲେଖିଛି ତିହି ଅନ୍ୟଥା ନାହିଁ ।

X X X X X X X X X X

ତା'ପରବର୍ତ୍ତୀ ସରସ୍ୱତୀ ପୂଜା ବାସିଦିନ କୋର୍ଣ୍ଣରେ ଯେପରି କୁଆପଥର ବର୍ଷା ହୋଇଥିଲା ସେତେବେଳେ ଖୁବ୍ ବୁଢ଼ା ବୁଢ଼ୀ ଲୋକେ ବି ସେପରି କୁଆପଥର ବର୍ଷା ହେବାକୁ କେବେ ଦେଖି ନ ଥିଲେ କି ଶୁଣି ନ ଥିଲେ ବୋଲି କହିଲେ । ପ୍ରାୟ ଅଧଘଣ୍ଟା ଧରି ପ୍ରବଳ କୁଆପଥର ବର୍ଷା ହେଲା । ଠିକ୍ ସନ୍ଧ୍ୟା ପୂର୍ବରୁ ବର୍ଷା ବନ୍ଦ ହେଲାବେଳକୁ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚ କୁଆପଥର ଜମା ହୋଇ ଯାଇଥିଲା । ରାସ୍ତାର ଦୁଇପାଖ ନଳାରେ ଏତେ କୁଆପଥର ଜମା ହୋଇଗଲା ଯେ ତିନି ଚାରିଦିନ ପର୍ଯ୍ୟନ୍ତ ସେ ସବୁ କୁଆପଥର ଦୁଇ ତିନିଫୁଟ ଉଚ୍ଚରେ ପଡ଼ି ରହିଥିଲା । ବଡ଼ ବଡ଼ ପଥର ଢେଲାପରି କୁଆପଥର ମାଡ଼ ହେବାଫଳରେ ବହୁ ଘରଚାଳ ଭାଙ୍ଗି ଯାଇଥିଲା । କୋର୍ଣ୍ଣରେ ଏପରି ଅଭୂତପୂର୍ବ ଘଟଣା ଅବିଶ୍ୱାସ୍ୟ ହେଲେ ମଧ ଏକ ପ୍ରତ୍ୟକ୍ଷଦର୍ଶୀ ଘଟଣା ଥିଲା ।

ନିଷ୍ଠୁର ପରିସ୍ଥିତିର ଦାସ । ମୁଁ ମୋ ଛାତ୍ର ଜୀବନରେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲି, ପରେ ପୁଣି ସେ ଲକ୍ଷ୍ୟପଥ ବଦଳାଇବା ମୋ ପାଇଁ ଅପରିହାର୍ଯ୍ୟ ହୋଇ ପଡ଼ିଥିଲା । ମୋ ଜନ୍ମମାଟି - ଗାଁ ଓ ମୋ ଅଞ୍ଚଳ ଚିର ଅବହେଳିତ ଓ ଅଭିଶପ୍ତ ଅଞ୍ଚଳ ହୋଇ ପଡ଼ି ରହିଥିଲା । ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ, ମହାମାରୀ, ଅଶିକ୍ଷା ଓ ଅନାହାରରେ ପଡ଼ି ଲୋକେ ପୋକ ମାଛିପରି ମରୁଥିଲେ । ସର୍ବୋପରି ମୁଷ୍ଟିମେୟ ଜମିଦାରମାନେ କଣାସ ଅଞ୍ଚଳକୁ ନିଜ ନିଜର ଜମିଦାରୀ ମହାଲ ଭାବି ଲୋକଙ୍କୁ ଶୋଷି ଶୋଷି ତଳିତଳାନ୍ତ କରୁଥିଲେ । କଲେଜ ପ୍ରକୋଷ୍ଠ ଭିତରେ ଇଂରେଜ କବି ଗୋଲ୍ଡସ୍ମିଥ୍‌ଙ୍କ 'ଡେଜର୍ଟେଡ୍ ଭିଲେଜ' କବିତାର କରୁଣ ବିଳାପ ଧ୍ୱନି ମୋ ଅଞ୍ଚଳର ଲକ୍ଷ ଲକ୍ଷ ଦୁଃସ୍ଥ ଦୁର୍ଗତଙ୍କର ବିଳାପ ଧ୍ୱନି ଭଳି ମୋ କାନକୁ ଶୁଣା ଯାଉଥିଲା । ସେଇଠି ସେହି ମୁହୂର୍ତ୍ତରେ ହିଁ ମୁଁ ମନେ ମନେ ସେଇ ଦୁର୍ଗତମାନଙ୍କ ସେବା ରେ ଜୀବନ ବିତାଇ ଦେବାକୁ ଶପଥ ନେଇ ମୋ ଜୀବନର ଆଭିମୁଖ୍ୟକୁ ବଦଳାଇ ଦେଇଥିଲି । ମୁଁ ବାଗ୍‌ଦେବୀଙ୍କ ସେବା କରିବା ଅପେକ୍ଷା ପଦଦାତୃଅପୂର୍ଣ୍ଣ ଦୁର୍ଗମ କଣାସ ଅଞ୍ଚଳର ସେହି ଦୁଃସ୍ଥ ଦୁର୍ଗତଙ୍କ ପାଖରେ ବାଗ୍‌ଦେବୀଙ୍କୁ ପହଞ୍ଚାଇ ସେମାନଙ୍କ ସେବା କରିବାକୁ ଶ୍ରେୟସ୍କର ମଣିଲି । ସେ ପଥରେ ମୁଁ କେତେଦୂର ଗତି କରି ପାରିଛି ଏବଂ ସେ ଆଭିମୁଖ୍ୟ ଦିଗରେ କେତେଦୂର ସଫଳ ବା ବିଫଳ ହୋଇଛି, ତା' ମୁଁ କହିପାରିବି ନାହିଁ । ମୁଁ କେବଳ ଏତିକି କହିବି ଯେ ମୁଁ ସେ ଆଭିମୁଖ୍ୟରୁ କଦାପି ଓହରି ଯାଇନାହିଁ । ସୁତରାଂ ଛାତ୍ର ଜୀବନରେ ମୋର ଯେଉଁ ସହୃଦୟ ସହପାଠୀମାନେ ଭବିଷ୍ୟତରେ ମୋଠାରୁ ବହୁତ କିଛି ଆଶା କରୁଥିଲେ ଅଥବା ମୋ ପାଇଁ ଏକ ଅତ୍ୟୁଜ୍ଜ୍ୱଳ ଭବିଷ୍ୟତର କଳ୍ପନା କରୁଥିଲେ ସେମାନଙ୍କୁ ଯେ ମୁଁ ନିରାଶ କରିଛି ଏହା ମୁଁ ସ୍ୱୀକାର କରୁଛି । ରାମେଶ୍ୱର ମି.ଇ. ସ୍କୁଲରେ ମୋର ସହପାଠୀଥିବା ଏବର ଜଣେ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ ଅଧ୍ୟାପକ ପଠାଣି ପଟ୍ଟନାୟକଙ୍କ ସହିତ ବହୁବର୍ଷର ବିଚ୍ଛେଦ ପରେ ଯେତେବେଳେ ଅକସ୍ମାତ୍ ପୁନର୍ମିଳନର ସୁଯୋଗ ମିଳିଲା ମୁଁ ତାଙ୍କୁ ଚିଠି ଲେଖି ଜଣାଇଦେଲି- ଭାଇ, ''ମୁଁ ଜ୍ୟାକ୍ ଅଫ୍ ଅଲ୍ ଟ୍ରେଡ୍‌ସ ମାଷ୍ଟର ଅଫ୍ ନନ୍' । ସେ ମୋତେ ଗ୍ରୀଟିଂ ପୋଷ୍ଟ କାର୍ଡ଼ରେ ଥରେ ଲେଖିଥିଲେ - ''ତୁମେ ବାଗ୍‌ଦେବୀଙ୍କ ବରପୁତ୍ର, ଚପଲାମି କରି ବାଗ୍‌ଦେବୀଙ୍କ ପ୍ରତି ଅନ୍ୟାୟ କରିଛ'' ଆଉ ଜଣେ ପରମ ହିତୈଷୀ ବନ୍ଧୁ ଜାନକୀ ବାବୁ ଥରେ ଦିଲ୍ଲୀରୁ ଲେଖିଥିଲେ... ''ଆମେମାନେ ଯେଉଁ କ୍ଷେତ୍ରରେ କହିଲେ ମଧ ଓଡ଼ିଶା ପାଇଁ ପରିଚିହ୍ନିତ କରିପାରିଲେ ଆମର ଜୀବନ ଧନ୍ୟ ହେବ । ମୁଁ ଏଠିଥିଛି, ତୁମେ ସେଠିଥିଛ ଓ କଣାସର ଜନସାଧାରଣଙ୍କ ପାଇଁ କିଛୁ କିଛି କରୁଛ । ସେବାର କ୍ଷେତ୍ରରେ ମୁଁ ବିଶେଷକିଛି ପାର୍ଥକ୍ୟ ଦେଖି ପାରୁନାହିଁ ।'' ପଠାଣିଙ୍କର 'ଚପଲାମି' ଶବ୍ଦଟିରୁ ମୁଁ ରାମେଶ୍ୱର ମି.ଇ. ସ୍କୁଲର ମୋର ଜଣେ ସ୍ନେହୀ ହିତୈଷୀ ସହପାଠୀଙ୍କର ସର୍ବଶ୍ରେଷ୍ଠ ଆନ୍ତରିକତାର ମଧୁରସ୍ୱାଦ ପାଇପାରିଛି ଏବଂ ଜାନକୀ ବାବୁଙ୍କ ସାନ୍ତ୍ୱନାକୁ ଖୋର୍ଦ୍ଧା ହାଇସ୍କୁଲ ଛାତ୍ରାବାସରେ ତାଙ୍କଠାରୁ ପାଇଥିବା ଅତୁଳ ସ୍ନେହ ସଂପଦର ସ୍ମାରକୀ ଭାବେ ଉପଭୋଗ କରୁଛି । ସୁପ୍ରତିଷ୍ଠିତ ସାହିତ୍ୟିକ ଅଥବା ସମାଜସେବୀମାନେ ସେମାନଙ୍କର ସାହିତ୍ୟସେବା ଅବା ସମାଜସେବା ପାଇଁ ଯେଉଁସବୁ ଦୁର୍ଲ୍ଲଭ ସମ୍ମାନ ଓ ସ୍ୱୀକୃତି ପାଇଁ ନିଜକୁ ଗୌରବାନ୍ୱିତ ମନେ କରିଥାନ୍ତି, ମୋର ଉପରୋକ୍ତ ଦୁଇ ବନ୍ଧୁଙ୍କର ସହୃଦୟ ସ୍ୱୀକୃତିକୁ ମୁଁ ତା' ଅପେକ୍ଷା ଦୁର୍ଲ୍ଲଭତର ଓ ଅଧିକ ସମ୍ମାନଜନକ ବୋଲି ବିଚାରୁଛି ଏବଂ ସେଥିପାଇଁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି ।

ପରିଶେଷରେ ମୁଁ ମୋର ମାତୃପ୍ରତିମ ଶତାୟୁ ଶିକ୍ଷାନୁଷ୍ଠାନ ଖୋର୍ଦ୍ଧା ହାଇସ୍କୁଲର ପ୍ରତ୍ୟେକ ଧୂଳିକଣାକୁ ଶତ ଶତ ପ୍ରଣାମ ଜଣାଉଛି ଏବଂ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ହୋମଦେଲା
କଣାସ, ପୁରୀ

# ଭାରତର ଅନନ୍ୟ ଜାତୀୟ ଶିକ୍ଷାୟତନ: ଖୋରଧା ଉଚ୍ଚବିଦ୍ୟାଳୟର ଜୟଗାନ




**ଅଧ୍ୟାପକ ଗୋପାଳକୃଷ୍ଣ ଦାସ**

ସମ୍ପାଦକ

ଶତବାର୍ଷିକୀ ପାଳନ ସମିତି


ଶିକ୍ଷା ହିଁ ସମସ୍ତ ଉନ୍ନତିର ଉତ୍ସ

- ଋଗ୍ବେଦ

ଶିକ୍ଷାଦ୍ୱାରା ଅମରତ୍ୱର ପଦପ୍ରାପ୍ତ ହୁଏ

-ଉପନିଷଦ

ଜ୍ଞାନଠାରୁ ପୁଣ୍ୟ ଏ ସଂସାରରେ ଆଉ କିଛି ନାହିଁ

-ଗୀତା

**ଶିକ୍ଷାଲୋକ:**

ଆମ୍ଭର ମୁକ୍ତି ଶିକ୍ଷାର ଶେଷ ଲକ୍ଷ୍ୟ । ମନୁଷ୍ୟକୁ ତାର ଜୀବନପଥରେ ଊର୍ଦ୍ଧ୍ୱକୁ ଉନ୍ନୀତ କରିବା ହିଁ ଶିକ୍ଷାର ପ୍ରଧାନ ଅଭିପ୍ରାୟ । ଶିକ୍ଷା ମାଧ୍ୟମରେ ବ୍ୟକ୍ତି ତା ଜୀବନର ଅର୍ଥ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଧିକରୁ ଅଧିକ ଜ୍ଞାନ ଆହରଣ କରିବାକୁ ଚେଷ୍ଟା କରେ । ଶିକ୍ଷା ମନୁଷ୍ୟକୁ ଚରିତ୍ରବାନ ଓ ସଂସାରରେ ଏକ ପ୍ରୟୋଜନୀୟ ପ୍ରାଣୀରୂପେ ଉପଯୁକ୍ତ କରାଏ, ଏହା ମନୁଷ୍ୟକୁ ଚିରନ୍ତନ ସତ୍ୟ ଉପଲବ୍ଧି କରିବାରେ ସାହାଯ୍ୟ କରେ, ପାର୍ଥିବ ବନ୍ଧନରୁ ମୁକ୍ତ କରେ । ଶିକ୍ଷା ହେଉଛି ଜ୍ଞାନର ଅନ୍ବେଷଣ, ଜୀବନର ମୂଲ୍ୟବୋଧର ଅନ୍ବେଷଣ, ତାହାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରୟୋଗ କରିବାର ଉଦ୍ୟମ ।

ଶିକ୍ଷାର ଲକ୍ଷ୍ୟ ଦେଶ ବା ଜାତି ପାଇଁ ନାଗରିକକୁ ତାଲିମ ଦେବା ଓ ସେମାନଙ୍କଠାରେ ସ୍ୱଦେଶ ପ୍ରୀତି ଜାଗ୍ରତ କରାଇବା । ଉତ୍ତମ ଚରିତ୍ର ଗଠନ, ମାନସିକ ଅଭିବୃଦ୍ଧି, ଜ୍ଞାନର ଉନ୍ନତି ପାଇଁ ଶିକ୍ଷା ଅଭିପ୍ରେତ । ଶିଶୁକୁ ସମସ୍ତ ପ୍ରକାର ମାନବିକ ଗୁଣରେ ଭୂଷିତ କରିବା ତଥା ନୈତିକତାରେ ପରିପୁଷ୍ଟ କରି ଧାର୍ମିକ, ସାମାଜିକ ଓ ରାଷ୍ଟ୍ରୀୟ ଚିନ୍ତାରେ ଉଦ୍‌ବୁଦ୍ଧ କରାଇବା ଶିକ୍ଷାର ଲକ୍ଷ୍ୟ । ସତ୍ୟାନୁସନ୍ଧିତ୍ସା, ଆତ୍ମବିକାଶ, ଆତ୍ମୋପଲବ୍ଧି ଓ ଆତ୍ମପରିପୂର୍ଣ୍ଣତା ପ୍ରାପ୍ତି ପାଇଁ ପ୍ରୟାସ ଥିଲା ପ୍ରାଚୀନ ଭାରତୀୟ ଶିକ୍ଷାର ମୂଳାଧାର ।

ଯୁଗେ ଯୁଗେ ବହୁ ମନୀଷୀ, ତପସ୍ୱୀ, ସାଧକ ସେବିତ ଭାରତ ଥିଲା ବହୁ ସଭ୍ୟତା, ସଂସ୍କୃତିର ଲୀଳାଭୂମି । ବୈଦିକ, ବ୍ରାହ୍ମଣ୍ୟ ଓ ବୌଦ୍ଧଯୁଗୀୟ ଗୁରୁଶିଷ୍ୟ ମହାନ୍ ପରମ୍ପରା ସହିତ ତକ୍ଷଶିଳା, ନାଳନ୍ଦା, ପୁଷ୍ପଗିରି ବିଦ୍ୟାପୀଠ ଭଳି ପ୍ରଜ୍ଜ୍ୱଳିତ ଜ୍ଞାନର ପ୍ରଦୀପ ଥିଲା ବିଶ୍ୱର ବିସ୍ମୟ, ଚମତ୍କାର ଆକର୍ଷଣର ଉତ୍ସ । ମୋଗଲ ମରହଟ୍ଟା ଯୁଗରେ ସାର୍ବଜନୀନ ଶିକ୍ଷା ବ୍ୟାହତ ହେଲେ ମଧ୍ୟ ପାରମ୍ପରିକ ଚାଟଶାଳୀ ଶିକ୍ଷା ବ୍ୟବସ୍ଥା ଥିଲା ଅବ୍ୟାହତ । ମଧ୍ୟଯୁଗରେ ଆକୁମାରୀ ହିମାଚଳରେ ପ୍ରସାରିତ ଧର୍ମ ଦର୍ଶନ ଗଣିତ, ଜ୍ୟୋତିଷ, ବାସ୍ତୁବିଦ୍ୟା, ଚିକିତ୍ସାବିଜ୍ଞାନ, ସାହିତ୍ୟ, ସଂଗୀତ, ଅଭିନୟ, କଳା, ଭାସ୍କର୍ଯ୍ୟ ଆଦି ପ୍ରଭୃତି ସୃଜନଧର୍ମୀ କଳା ଏହି ଭଳିମାନଙ୍କ ଭାରତୀୟ ଶିକ୍ଷା ପ୍ରଣାଳୀରୁ ହିଁ ପ୍ରସୂତ ।

**ଭାରତରେ ଇଂରେଜୀ ଶିକ୍ଷା:**

ଭାରତକୁ ଇଂରେଜ ଆଗମନ ପରେ ଏ ଭୂମିରେ, ନୂତନ ଦିଗ୍‌ବଳୟରେ ହେଲା ପାଶ୍ଚାତ୍ୟ ଚିନ୍ତାଚେତନାର ଅରୁଣୋଦୟ, ନବଜାଗରଣ । ବ୍ରିଟିଶ୍ ସରକାର ଶାସନର ପ୍ରମୁଖ କେନ୍ଦ୍ର ଭାବେ ବମ୍ବେ, କଲିକତା, ମାନ୍ଦ୍ରାଜ ମହାନଗରୀ ପ୍ରତିଷ୍ଠା କରିବା ସହିତ ପ୍ରଶାସନରେ ସହାୟତା ପାଇଁ ଅଧିକ ବ୍ୟକ୍ତିଙ୍କ ଆବଶ୍ୟକତା ଅନୁଭୂତ ହେବାରୁ ଇଂରେଜୀ ଶିକ୍ଷା ପ୍ରଚଳନ କଲେ । ପାଶ୍ଚାତ୍ୟ ଭାବଧାରା ଉଜ୍ଜୀବିତ ନବ୍ୟଶିକ୍ଷିତ ଗୋଷ୍ଠୀ ହେଲେ ପ୍ରାଚ୍ୟ ପାଶ୍ଚାତ୍ୟର ସମାଜ ନୀତି, ଧର୍ମନୀତି ଓ ସାହିତ୍ୟ ମଧ୍ୟରେ ସମନ୍ବୟକାରୀ । ପ୍ରାଚ୍ୟର ସନାତନ ଆଧ୍ୟାତ୍ମବିଦ୍ୟା ଓ ପାଶ୍ଚାତ୍ୟ ବସ୍ତୁବାଦ ସହ ନୂତନ ଜ୍ଞାନବିଜ୍ଞାନ ମଧ୍ୟରେ ସମନ୍ବୟ ସାଧନ ହେଲା ଯୁଗବାଣୀ ।

ଇଂରେଜମାନେ ୧୬୦୮ ଖ୍ରୀଷ୍ଟାବ୍ଦରେ ଭାରତକୁ ଆସି ସମୟକ୍ରମେ ଦେଶ ଜୟ କରିଥିଲେ ସୁଦ୍ଧା ପ୍ରାୟ ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱକାଳ ମଧ୍ୟରେ ଶିକ୍ଷା ପ୍ରସାର ପ୍ରତି ଦୃଷ୍ଟି ଦେଇନଥିଲେ । ଏହି ସମୟରେ ସେମାନେ ବିଭିନ୍ନ ରାଜ୍ୟ ଅଧିକାର ଓ ଶାସନ ପ୍ରତିଷ୍ଠାର ଦୃଢ଼ୀକରଣରେ ବ୍ୟାପୃତ ଥିଲେ । ୧୬୬୯ ସାଲର ଇଷ୍ଟଇଣ୍ଡିଆ କମ୍ପାନୀ ସନନ୍ଦରେ କୋର୍ଟ ଅଫ୍ ଡିରେକ୍ଟର ବାଇବେଲ ପରିପ୍ରଚାର ପାଇଁ ପାଦ୍ରୀମାନଙ୍କୁ ନିଜ ଜାହାଜରେ ଭାରତକୁ ଆସିବାକୁ ସୁବିଧା ପ୍ରଦାନ କରିଥିଲେ । ପାଦ୍ରୀ ସ୍ୱାର୍ଟ ସାହେବ ମାନ୍ଦ୍ରାଜ ପ୍ରଦେଶର ତାଞ୍ଜୋର ରାଜାଙ୍କ ଉତ୍ସାହ ଲାଭ କରି ୧୬୮୬ ସାଲରେ ଇଂରାଜୀ ଭାଷା ଶିକ୍ଷା ପାଇଁ ପ୍ରଥମେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଅତି ନିରାପଦରେ ଖ୍ରୀଷ୍ଟଧର୍ମ ପ୍ରଚାରର ସୁବନ୍ଦୋବସ୍ତ ପାଇଁ ୧୬୯୮ ସାଲରେ ସ୍ୱତନ୍ତ୍ର ନିୟମ ଚାର୍ଟରେ ଲିପିବଦ୍ଧ ହୋଇଥିଲା ।

କମ୍ପାନୀର ଏହି ନୀତି ଅନୁସାରେ ୧୭୧୫ ସାଲରେ ମାନ୍ଦ୍ରାଜରେ ସେଣ୍ଟମେରିଜ୍ ଚାରିଟି ସ୍କୁଲ, ୧୭୧୮ ସାଲରେ ବମ୍ବେ ଚାରିଟି ସ୍କୁଲ ଓ ୧୭୩୧ ସାଲରେ କଲିକତା ଚାରିଟି ସ୍କୁଲ ପ୍ରତିଷ୍ଠା ହୋଇଥିଲା । ଲିଖନ, ପଠନ ଓ ସାମାନ୍ୟ ଗଣିତ ମଧ୍ୟରେ ଏହି ଶିକ୍ଷା ଥିଲା ସୀମିତ । ଶିକ୍ଷାଦାନ ପ୍ରଣାଳୀ ମଧ୍ୟ ଦେଶର ପ୍ରାଚୀନ ଶିକ୍ଷା ବ୍ୟବସ୍ଥାକୁ ସର୍ବଦା ଅନୁସରଣ କରୁଥିଲା ।

ମିଶନାରୀମାନେ ଆଦି ପ୍ରଥମେ ଗ୍ରନ୍ଥ ପ୍ରଣୟନ ଓ ସ୍କୁଲ ପ୍ରତିଷ୍ଠା ପ୍ରତି ମନୋନିବେଶ କରିଥିଲେ । କିନ୍ତୁ ଏମାନଙ୍କ ଖ୍ରୀଷ୍ଟଧର୍ମପ୍ରଚାର ଓ ଖ୍ରୀଷ୍ଟଧର୍ମାନ୍ତରିତ ମନୋବୃତ୍ତି ଯୋଗୁ ଭାରତୀୟମାନଙ୍କ ମଧ୍ୟରେ କ୍ରମଶଃ ଘୋର ସନ୍ଦେହ ଓ ବିତୃଷ୍ଣା ଭାବ ବୃଦ୍ଧି ହେଲା । ଏଣୁ ବିଲାତ ପାର୍ଲିଆମେଣ୍ଟରେ ସଦସ୍ୟମାନେ ଭୀଷଣ ତର୍କଯୁଦ୍ଧର ସୂତ୍ରପାତ କଲେ । ଉଇଲବର ଫୋର୍ସ ପ୍ରଭୃତି ଉଦାରଚେତା ମନୀଷୀମାନଙ୍କ ବ୍ୟାପକ ଆନ୍ଦୋଳନ ଯୋଗୁ ୧୮୧୩ ସାଲର ଚାର୍ଟର ଆକ୍ଟ ଦ୍ୱାରା ଶିକ୍ଷା କ୍ଷେତ୍ରରେ କମ୍ପାନୀର ପ୍ରତ୍ୟକ୍ଷ ଦାୟିତ୍ୱ ଓ ରାଜକୀୟ କର୍ତ୍ତବ୍ୟ ଯୋଗୁ ପ୍ରତିବର୍ଷ ଏକଲକ୍ଷ ଟଙ୍କାରୁ ଅଧିକ ମୁଦ୍ରା ଦିଆଯିବାକୁ ସ୍ଥିର ହେଲା । ଏହି ଅର୍ଥ (କ) ସାହିତ୍ୟର ଉନ୍ନତି, ତାର ପୁନରୁଦ୍ଧାର, ଶିକ୍ଷିତ ଭାରତୀୟଙ୍କୁ ଉତ୍ସାହଦାନ (ଖ) ବିଜ୍ଞାନ ବିଷୟକ ଜ୍ଞାନର ପ୍ରସାର ପାଇଁ ଉଦ୍ଦିଷ୍ଟ ଥିଲା । କଲିକତାର ଫୋର୍ଟ ଉଇଲିୟମ୍, ମାଡ୍ରାସର ଫୋର୍ଟ ସେଣ୍ଟ ଜର୍ଜ, ବମ୍ବେ ବା ବ୍ରିଟିଶ ଅଧିକୃତ ଅଞ୍ଚଳରେ ବିଦ୍ୟାଳୟ ସ୍ଥାପିତ ହେଲେ ଆର୍ଥିକ ସାହାଯ୍ୟ ଦିଆଯାଉଥିଲା ।

**ଓଡ଼ିଶାର ପ୍ରାଚୀନ ଶିକ୍ଷା ପ୍ରଣାଳୀ:**

ଇଂରେଜୀ ଶିକ୍ଷା ପ୍ରଚଳନ ପୂର୍ବରୁ ଓଡ଼ିଶାର ପ୍ରତିପଲ୍ଲୀରେ ଚାଟଶାଳୀ, ଚତୁଷ୍ପାଠୀ ଶିକ୍ଷା ଅନୁଷ୍ଠାନ ହୋଇ ଆସୁଥିଲା । ଉତ୍କଳ ଗୌରବ ମଧୁସୂଦନ, କବିବର ରାଧାନାଥ, ବ୍ୟାସକବି ଫକୀରମୋହନ, ଭକ୍ତକବି ଗଙ୍ଗାଧରଙ୍କ ଜୀବନୀରୁ ଏହି ଚାଟଶାଳୀର ସ୍ୱରୂପ ସମ୍ପର୍କରେ ଜଣାଯାଇଥାଏ । ଅବଧାନମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ କରଣ, ଅଳ୍ପ ସଂଖ୍ୟକ ମାଟିଆଂଶ ଓଡ଼ା ବା କରଣ ଜାତି ଅପେକ୍ଷା ନିମ୍ନଶ୍ରେଣୀର ନ ଥିଲେ । କେତେକ ସ୍ଥାନରେ ଅବଧାନମାନେ ଜାଣିଥିଲେ ଜ୍ୟୋତିଷ । ହେମାଙ୍ଗଙ୍କର ଯୋଗ, ବିୟୋଗ, ଗୁଣନ, ଭାଗ- ଏହି ଚତୁଷ୍ଟୟ, ଭୁଜାନବାଡ଼ି ଠେକୀୟ ଅଙ୍କରେ ଜ୍ଞାନ, ଲୀଳାବତୀ ସୂତ୍ର, କିଛି ଶ୍ଳୋକ ଆବୃତ୍ତି ଓ ଛନ୍ଦ ପୁସ୍ତକ ବୋଲାଇ ପାରିବାର ଦକ୍ଷତା ଥିଲା । ଗଣିତ ବିଷୟକ ଜଟିଳ ଓ ଅବସ୍ଥିତ ପ୍ରଶ୍ନ ପଚାରିବାରେ ଏମାନେ ଦକ୍ଷ ଥିଲେ ।

ଚାଟଶାଳୀ ଶିକ୍ଷା ଭାଗବତ, ମଥୁରାମଙ୍ଗଳ, ଗୋପୀଭାଷା, ଛାନ୍ଦଗ୍ରନ୍ଥ ଓ ଚଉତିଶା ଏବଂ ପଣିକିଆ ଶେଷରେ ଶେଷ ହେଉଥିଲା । ପିଲାମାନେ ଚାଟଶାଳୀରେ ଖଡ଼ିକାଠିରୁ ଆରମ୍ଭ କରୁଥିଲେ, ରାସପଞ୍ଚାଧ୍ୟାୟୀର ୩/୪ ଅଧ୍ୟାୟ ପଢୁଥିଲେ । ଏହି ପ୍ରାଚୀନ କାଳରେ ଲେଖଣୀକୁ ବା ଚାଟଶାଳୀରେ ଲିଖନ ପାଇଁ 'ପଟକ' ନାମକ ନାଡ଼ପଟା, ଅଙ୍କ ଶିଖାଇବା ପାଇଁ ଖଡ଼ି ଓ ବର୍ଣ୍ଣିକ ବା କଳମ ବ୍ୟବହୃତ ହେଉଥିଲା । ନିମ୍ନଶ୍ରେଣୀୟ ଶିଶୁମାନେ ମୃତ୍ତିକା ଆସନରେ, ଉଚ୍ଚଶ୍ରେଣୀୟ ଛାତ୍ରମାନେ ଦାନପତ୍ର, କେତକରେ ବସୁଥିଲେ । ଅଧ୍ୟକ୍ଷମାନଙ୍କ ପ୍ରତିରୁ କେତେକ ନିମିତ୍ତ ଦଶପତ୍ର ପୋଥି ପ୍ରତିଦିନ ଆସୁଥିଲା । ଛାତ୍ରମାନେ ମୁଢ଼ୀ, ଚାଣ୍ଡ ବା ଚକୋଳରେ ବସୁଥିଲେ । ବୃକ୍ଷତଳରୁ ସାମାନ୍ୟ ଉଚ୍ଚରେ ଅବଧାନଙ୍କ ଆସନ ଥିଲା ।

ଛାତ୍ରଉତ୍ଥାନ ପାଇଁ 'ଖୁନ୍ତିଆ ପ୍ରଥା' ପ୍ରଚଳନ ଥିବାରୁ ଅତି ପ୍ରତ୍ୟୁଷରୁ ପିଲାମାନେ ଚାଟଶାଳୀକୁ ଯାଉଥିଲେ । 'ଅବେ ଶିଶୁପଣ ପୋଥି ଧରି ହାତେ, ଚାଟଶାଳୀ ଯାଞ୍ଚି ଆନନ୍ଦେ ପ୍ରଭାତେ ।' (ଛାନ୍ଦମାଳା- ୧ମ ଖଣ୍ଡ) । ବିଳମ୍ବ ଜନିତ ଦଣ୍ଡ ବ୍ୟତୀତ ଶିକ୍ଷାଗତ ତ୍ରୁଟି ପାଇଁ ୧- ଏକଗୋଡ଼ିଆ, ୨-କାନ ବାଙ୍କଧରା, ୩-ମଜୁଆ ଶାଙ୍କୋଳି (କନ୍ଧୁଆ ଦ୍ୱାରା ହସ୍ତପଦ ବନ୍ଧନ) ଦଣ୍ଡ ବ୍ୟବସ୍ଥା ଥିଲା । ପ୍ରତ୍ୟୁଷରୁ ପ୍ରଦୋଷ ପର୍ଯ୍ୟନ୍ତ ଚାଟଶାଳୀ ଥିଲା ଅବିରତ ମୁକ୍ତ, ମଧ୍ୟାହ୍ନରେ ପ୍ରତିଦିନ ୨ ଘଣ୍ଟା ଥିଲା ଅବକାଶ । ପୂର୍ଣ୍ଣିମା, ପ୍ରତିପଦ, ଗ୍ରହଣ, ପରାଗ ପ୍ରଭୃତିରେ ଚାଟଶାଳୀ ବନ୍ଦ ରହୁଥିଲା । ଗଣେଶ, ସରସ୍ୱତୀଙ୍କ ପୂଜା ଅବସରରେ ଛାତ୍ରମାନେ 'ଦଣ୍ଡ ହଁଶି ଖେଳ ଦୁଆରୀ' ନାମରେ ପରିଚିତ ଦ୍ୱାର ବୁଲି ବୁଲି ଅବଧାନଙ୍କ ପାଇଁ ଅର୍ଥ ସଂଗ୍ରହ କରୁଥିଲେ । ଅକ୍ଷରଟିଏ ପୋଥି ବୋଲି ପଢ଼ିଲେ ମୂର୍ଖ ଦୋଷ କଟିବ ବୋଲି ଧାରଣା ପ୍ରଚଳିତ ଥିବାରୁ ସାଧାରଣ ଲୋକେ ଉଚ୍ଚତର ଅଧ୍ୟୟନର ପ୍ରୟୋଜନ ମଣୁନଥିଲେ । ସେତେବେଳେ ଦଶ, ବାର ବର୍ଷରେ ବିବାହ ହେଉଥିଲା । ଫକୀରମୋହନଙ୍କର ୧୩ ବର୍ଷରେ, ଗଙ୍ଗାଧରଙ୍କର ୧୦ ବର୍ଷରେ, ଗୋଦାବରୀଶ ମିଶ୍ରଙ୍କର ୧୦ ବର୍ଷରେ ବିବାହ ହୋଇଥିଲା । ସାଧାରଣତଃ ଆବୃତ୍ତି ଓ ମୁଖସ୍ଥିକରଣ ଉପରେ ତତ୍କାଳୀନ ପ୍ରାଥମିକ ଶିକ୍ଷା ପର୍ଯ୍ୟବସିତ ଥିଲା । ଇଂରାଜୀ ଶିକ୍ଷା ଦ୍ୱାରା ସରକାରୀ ଚାକିରୀ ସହିତ ଅର୍ଥ ଯଶ ଓ ପ୍ରତିପତ୍ତି ଉପଲବ୍ଧ ହେଉଥିବାରୁ କ୍ରମଶଃ ଏଥିପ୍ରତି ଆଗ୍ରହ ବୃଦ୍ଧି ପାଇଲା ।

**ଓଡ଼ିଶାରେ ଇଂରେଜୀ ଶିକ୍ଷାର ଶୁଭାରମ୍ଭ:**

କଲିକତା ନିକଟସ୍ଥ ଶ୍ରୀରାମପୁରଠାରୁ ଓଡ଼ିଶାକୁ ଗମନାଗମନର ସୁବିଧା ତଥା ଓଡ଼ିଆ ଭାଷାରେ ପ୍ରକାଶିତ କେତେକ ପୁସ୍ତକର ସୁଲଭତା ଯୋଗୁ ୧୮୨୨ ଫେବୃଆରୀ ୨୨ ତାରିଖ ମଙ୍ଗଳବାର ଦିନ ମିଶନାରୀମାନେ ପ୍ରଥମେ କଟକକୁ ଆଗମନ କରିଥିଲେ ଓ ପରେ ଶିକ୍ଷାକୁ ନିଜ ଧର୍ମ ପ୍ରଚାରର ଏକ ଆଧାର ରୂପେ ଗ୍ରହଣ କରି ନେଇଥିଲେ । ୧୮୨୨ ଏପ୍ରିଲ ୨୨ ତାରିଖରେ ରେଭରେଣ୍ଡ ବାମ୍ପଟନ୍ କଟକରେ ଧର୍ମାନ୍ତରିତ ହୋଇଥିବା ଖ୍ରୀଷ୍ଟିୟାନମାନଙ୍କ ପାଇଁ ଏକ ଆଙ୍ଗ୍ଲୋ ବର୍ଣ୍ଣାକୁଲାର ସ୍କୁଲ ସ୍ଥାପନ କରିଥିଲେ । ସେହି ଦିନଠାରୁ ୧୮୨୩ ଡିସେମ୍ବର ପ୍ରାୟ ଡେଢ଼ବର୍ଷ ମଧ୍ୟରେ ମିଶନାରୀମାନେ ୧୫ଟି ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ପ୍ରାଥମିକ ସ୍ତରରେ ଥିବା ଏହି ସ୍କୁଲଗୁଡ଼ିକର ଶିକ୍ଷାଦାନର ମାନ ଅନୁନ୍ନତ ହୋଇଥିବାରୁ ଆଶାନୁରୂପ କାର୍ଯ୍ୟ ସାଧନ କରିପାରି ନ ଥିଲା । ତଥାପି ଏହାର ପ୍ରଭାବ ଯୋଗୁ ପରବର୍ତ୍ତୀ ସମୟରେ ସରକାରୀ ଓ ବେସରକାରୀ ଉଦ୍ୟମରେ ଏକ ନୂତନ ଶିକ୍ଷିତ ଶ୍ରେଣୀର ଅଭ୍ୟୁତ୍ଥାନ ହୋଇଥିଲା । (୨)

ଉଇଲିୟମ ୱିଲକିନ୍‌ସନ୍ ୧୮୩୫ ସାଲରେ 'ପୁରୀ ଫ୍ରି ଏକାଡେମୀ' ନାମରେ ଇଂରାଜୀ ସ୍କୁଲ ସ୍ଥାପନ କରିଥିଲେ । ଏହି ସ୍କୁଲର ୨୫ ଜଣ ଛାତ୍ରଙ୍କ ମଧ୍ୟରୁ ଅଧିକାଂଶ ଥିଲେ ସରକାରୀ କର୍ମଚାରୀମାନଙ୍କ ସନ୍ତାନ । ଧର୍ମଶାସ୍ତ୍ର ଶିକ୍ଷା ଅଧିକ ଜନପ୍ରିୟ ହେଉଥିବାରୁ ପୁରୀର ବ୍ରାହ୍ମଣ ସମ୍ପ୍ରଦାୟ ଥିଲେ ଇଂରାଜୀ ଶିକ୍ଷାର ପ୍ରବଳ ବିରୋଧୀ । "The English School failed only because of the conservatism of the

people and in 1840 it was converted in to a vernacular School. Englien was again introduced in the vernacular School in 1857 (୨) ପୁରୀ ସ୍କୁଲଟି ଗୋଟିଏ ଡାକଘର ଥିଲା । ସ୍ଥାନୀୟ ଜମିଦାରମାନେ ସ୍କୁଲ କୋଠା ପାଇଁ ଦାନ କରିବାକୁ ମନା କରି ଦେଇଥିଲେ ।

୧୮୩୫ ସାଲ ବେଳକୁ କଲିକତାରେ ଉଚ୍ଚଶିକ୍ଷା ପାଇଁ ହିନ୍ଦୁ କଲେଜ, ମହାମଡ଼ାନ କଲେଜ ଓ ସଂସ୍କୃତ କଲେଜ ସ୍ଥାପିତ ହୋଇଥିଲେ ହେଁ ଓଡ଼ିଶାରେ କେବଳ ମାତ୍ର ପୁରୀ ସ୍କୁଲଟି ଖୋଲା ଯାଇଥିଲା । କମ୍ପାନୀ ସରକାର ୧୮୧୭ରୁ ୧୮୩୦ ସାଲ ମଧ୍ୟରେ ଯେଉଁ ଅର୍ଥ ଶିକ୍ଷା ଦିଗରେ ବ୍ୟୟ କରିଥିଲେ ସେଥିରୁ ବଙ୍ଗପ୍ରଦେଶ ବିଶେଷ ଉପଭୋଗ କରିଥିଲେ । ୧୮୨୨ ସାଲ ପର୍ଯ୍ୟନ୍ତ ଏହି ଅର୍ଥରୁ ଗୋଟିଏ ମାତ୍ର ମୁଦ୍ରା ଓଡ଼ିଶାର ଶିକ୍ଷାପାଇଁ ବ୍ୟୟ ହୋଇନଥିଲା । ଉଦାହରଣ ସ୍ୱରୂପ ୧୮୩୬ ମାର୍ଚ୍ଚ, ଏପ୍ରିଲ ମାସରେ ପୁରୀ ସ୍କୁଲ ପାଇଁ ଯଥାକ୍ରମେ ୧୩୬ ଟଙ୍କା ଓ ୮୦ ଟଙ୍କା ବ୍ୟୟ ହୋଇଥିବା ବେଳେ ଅବଶିଷ୍ଟ ଅର୍ଥ ବଙ୍ଗପ୍ରଦେଶରେ ବିନିଯୋଗ ହୋଇଥିଲା ।

ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ପାଇଁ ୧୮୩୭ ସାଲ ନଭେମ୍ବର ୭ ତାରିଖରେ କମିଶନର ରିକେଟସ୍ ବେଙ୍ଗଲ ଗଭର୍ଣ୍ଣମେଣ୍ଟକୁ ପତ୍ର ଲେଖିଥିଲେ- "Ricketts strongly criticized the apathy of Governement towords the spread of education in Orissa. In his time there was an Anglow-Vernacular School at Puri. The missionaries at Cuttack started another Anglow-Vernacular School. There was no School at Balasore. x x x x x x The Government of Bengal accepted his suggestion and started a Vernacular School at Cuttack. Active interest in Vernacular education was taken only from 1844." (୩) କଟକ ଅଧିବାସୀଙ୍କ ଇଂରାଜୀ ଶିକ୍ଷା ପ୍ରତି ଆଗ୍ରହ ଦୃଷ୍ଟି ଦେଖି ଶିକ୍ଷା କମିଟି ପୁରୀ ସ୍କୁଲରେ ବ୍ୟୟ ହେଉଥିବା ଅର୍ଥକୁ କଟକରେ ସ୍କୁଲ ପ୍ରତିଷ୍ଠା କରି ସେଥିରେ ବ୍ୟୟ କରିବାକୁ ମତଦେବାରୁ ୧୮୪୧ ସାଲ ଫେବୃୟାରୀ ମାସରେ କଟକ ସ୍କୁଲ ବ୍ୟାପଟିଷ୍ଟ ମିଶନଙ୍କ ଠାରୁ ଅଣାଯାଇ ସରକାରଙ୍କ ଦ୍ୱାରା ପରିଚାଳିତ ହେଲା ।

ସମଗ୍ର ମାତୃଭାଷା ବିଦ୍ୟାଳୟମାନଙ୍କ ସୁପରିଚାଳନା ପାଇଁ ତା ୩୧.୭.୧୮୨୩ ରିଖରେ ଗଠିତ ବେସରକାରୀ ଶିକ୍ଷା କମିଟି ୧୮୪୨ ସାଲ ଜାନୁୟାରୀ ମାସରୁ ଲୋପ ପାଇ ଯାଇଥିଲା । ଫଳରେ ଉତ୍ତର ପଶ୍ଚିମ ପ୍ରଦେଶର ସମସ୍ତ ସ୍କୁଲ ଓ କଲେଜ ଆଗ୍ରା ସରକାରଙ୍କ ଦ୍ୱାରା ପରିଚାଳିତ ହେଲା । ପ୍ରେସିଡେନ୍ସି, ହୁଗୁଳି ସ୍କୁଲ ଓ କଲେଜ ବ୍ୟତୀତ ବଙ୍ଗଦେଶର ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଏହି ଶିକ୍ଷା କାଉନସିଲର ନବନିଯୁକ୍ତ ସେକ୍ରେଟେରୀଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ଓଡ଼ିଶା ସ୍କୁଲ ଗୁଡ଼ିକ ମଧ୍ୟ ତାଙ୍କ ହସ୍ତରେ ନ୍ୟସ୍ତ ହୋଇଥିଲା । (୪)

ବଂଗାଳୀ ଭାଷା ମାଧ୍ୟମରେ ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନ ଓ ବଂଗାଳୀ ସାହିତ୍ୟର ପ୍ରଚାର ଶିକ୍ଷା ପ୍ରସାରର ଏକ ପ୍ରମୁଖ ଲକ୍ଷ୍ୟ ରୂପେ ସ୍ୱୀକୃତ ହୋଇଥିଲେ ହେଁ ବଡ଼ଲାଟ ଲର୍ଡ ହାର୍ଡ଼ିଞ୍ଜ ମାତୃଭାଷା ମାଧ୍ୟମରେ ଶିକ୍ଷା ପରିବେଷଣ ପାଇଁ ସମଗ୍ର ବଙ୍ଗ ପ୍ରଦେଶରେ ୧୦୧ଟି ଭାଷା ବିଦ୍ୟାଳୟ ପ୍ରତିଷ୍ଠାର ଆଦେଶ ପ୍ରଦାନ କରିଥିଲେ । ବଙ୍ଗଳା ସରକାରଙ୍କ ଅଣ୍ଡର ସେକ୍ରେଟେରୀ ମିଷ୍ଟର ସେମିଲ୍ ବିଡ଼ନ କଲିକତାର ସଦର ରେଭେନ୍ୟୁ ବୋର୍ଡକୁ ତା ୧୮.୧୨.୧୮୪୪ ରିଖରେ ଲେଖିଥିଲେ- ''ଭର୍ଣ୍ଣାକୁଲାର ଭାଷା ମାଧ୍ୟମରେ ଗଣିତ ଓ ଅନ୍ୟାନ୍ୟଙ୍କ ନିମ୍ନତମ ଶିକ୍ଷା ଏହି ବିଦ୍ୟାଳୟ ମାନଙ୍କରେ ବିତରିତ ହେବ ।''

**ଖୋରଧା ହାର୍ଡ଼ିଞ୍ଜ ସ୍କୁଲ ବା ଭର୍ଣ୍ଣାକୁଲାର ସ୍କୁଲ**

ଇଂରେଜମାନେ ଖୋର୍ଦ୍ଧା ଆକ୍ରମଣ କରି ୧୮୦୪ ଡିସେମ୍ବର ୫ ତାରିଖରେ ଖୋର୍ଦ୍ଧା ଗଜପତି ମୁକୁନ୍ଦଦେବଙ୍କୁ ରାଜ୍ୟଚ୍ୟୁତ ଘୋଷଣା କରିବା ପରଠାରୁ ୧୮୩୬ରେ ବାଣପୁର ଅଗାଙ୍ଗଗଡ଼ର କମଳଦେହେରା କୃତିବାସ ପାଟଶାଣୀଙ୍କ ସଂଗ୍ରାମ, ଅର୍ଥାତ୍ ପାଇକ ବିଦ୍ରୋହର ଶେଷ ଅଗ୍ନିଶିଖା ପ୍ରଶମିତ ହେବା ପର୍ଯ୍ୟନ୍ତ ଏଠାରେ ସ୍ଥିର ଶାସନ ପ୍ରଚଳନ କରିପାରିନଥିଲେ । ୧୮୧୮ ମସିହାରେ କମିଶନର ବ୍ଲୁଷ୍ଟାଡ୍ରେଙ୍କ ପ୍ରଦତ୍ତ ରିପୋର୍ଟରୁ ଜଣାଯାଏ ସରକାରୀ କାର୍ଯ୍ୟାଳୟରେ ସ୍ଥାନୀୟ ଓଡ଼ିଆମାନଙ୍କୁ ଚାକିରୀରୁ ଉଚ୍ଛେଦ ଓ ସେହି ସ୍ଥାନରେ ବଙ୍ଗାଳୀମାନଙ୍କ ନିୟୋଜନ ପାଇକ ବିଦ୍ରୋହର ଥିଲା ଅନ୍ୟତମ କାରଣ । Ewer in his report on the cause of paik rising reffered to the wholesale exclusion of the native population from inportant posts.

୧୮୩୫ ସେଟେଲମେଣ୍ଟ ସମୟରେ ପୁରୀ କଲେକ୍ଟର ଉଇଲକିନ୍‌ସନ୍ ଦେଶୀ ଖୋରଧାର ଯୋଗ୍ୟ ବ୍ୟକ୍ତିଙ୍କୁ ସରକାରୀ ଚାକିରିରେ ନିଯୁକ୍ତି କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ତାଙ୍କ ଅଧୀନରେ ଥିବା ଓଡ଼ିଆ ସେଟେଲମେଣ୍ଟ ଅଫିସରମାନେ ଦକ୍ଷ ଥିବାରୁ ସେ ତାଙ୍କୁ ପ୍ରଶଂସା କରିଥିଲେ । ୧୮୩୫ ସାଲରେ ନୃସିଂହଚରଣ ଦାସ ଡେପୁଟି କଲେକ୍ଟର ଭାବେ ନିଯୁକ୍ତ ପାଇଲେ କିନ୍ତୁ ତାର ଦୁଇବର୍ଷ ପୂର୍ବରୁ ୧୮୩୩ ମସିହାରେ ଖୋରଧା, ଦଧିମାଛଗାଡ଼ିଆ ଗ୍ରାମର ଚତୁର୍ଭୁଜ ପଟ୍ଟନାୟକ ପ୍ରଥମ ଓଡ଼ିଆ ଡେପୁଟୀ କଲେକ୍ଟର ରୂପେ ନିଯୁକ୍ତ ପାଇଥିଲେ - "Wilkinson wanted to appoint Madhusudan's father Chaturbhuj Patnaik, who was a kanungo, as Deputy Collector under provisions of Regulation IX of 1833. But he declined because of his old age. So his son was appointed Deputy Collector in 1838 (Mills to sudder Board of Revenue, 9 April 1843). He served as kanungo at Khurda before his appointment. He remained in charge of Khurda for some years and was 'Specially promoted to the second grade' as a mark of approbation. (Gouldsbury to Sudder Board of Revenue-4 August 1843). He was also appointed Deputy Magistrate. He retired in 1860."

ବାବୁ ମଧୁସୂଦନ ଖୋରଧା ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ବହୁ ଉଦ୍ୟମ କରିଥିଲେ । ଦକ୍ଷିଣ ପଶ୍ଚିମ ବେଙ୍ଗଲର ସ୍କୁଲ ବିଭାଗର ଇନ୍‌ସପେକ୍ଟର ଡକ୍ଟର ରୋଆର ତାଙ୍କ ୧୮୫୭-୫୮ ସାଲ ରିପୋର୍ଟରେ ଖୁରୁଧାର ଡେପୁଟି କଲେକ୍ଟର ମଧୁସୂଦନ ପଟ୍ଟନାୟକଙ୍କୁ ଓଡ଼ିଆଙ୍କ ମଧ୍ୟରେ ଶିକ୍ଷା ପ୍ରସାର ପାଇଁ ଧନ୍ୟବାଦ ଦେଇ ଲେଖିଥିଲେ- Thanks to Baboo

Biswambhur Bidyabhusan and Madhusudan Pattanaik, Deputy Collector Khurda for promiting education among Oryas' (୫) ମଧୁସୂଦନ ଓଡ଼ିଆମାନଙ୍କୁ ଇଂରାଜୀ ପାଠ ପଢ଼ି ସରକାରୀ ଚାକିରୀରେ ନିଯୁକ୍ତ ହେବାକୁ ପ୍ରରୋଚିତ କରୁଥିଲେ । ୧୮୩୭ ସାଲ ଖୋରଧା ବନ୍ଦୋବସ୍ତ ଠିକ୍ ଏହି ସମୟରେ ହୋଇଥିଲା । (୬)

ଖୁରୁଧାରେ ୧୮୮୦ ସର୍ଭେ ବନ୍ଦୋବସ୍ତ ଆରମ୍ଭ ହେବା ସମୟରେ ମଧ୍ୟ ଖୋରଧା କଚେରୀରେ ଓଡ଼ିଆ କର୍ମଚାରୀ ନ ଥିଲେ । ଏହି ସମୟରେ କମିଶନର ରେଭେନ୍ସା ସାହେବ ଖୁରୁଧା ଅଫିସ ପରିଦର୍ଶନ କରି ମନ୍ତବ୍ୟ ଦେଇଥିଲେ- 'ଯେତେଦିନ ପର୍ଯ୍ୟନ୍ତ ଖୁରୁଧାର ସରବରାକାରଙ୍କ ପିଲାମାନେ କଚେରୀ କାମରେ ଚାକିରୀ କରିବାକୁ ଆସିନାହାନ୍ତି, ସେ ପର୍ଯ୍ୟନ୍ତ ଖୁରୁଧାର ଉନ୍ନତି ହେବନାହିଁ କି ସେମାନଙ୍କ ପିଲାମାନେ ସ୍କୁଲରେ ପାଠ ପଢ଼ି ପାରିବେ ନାହିଁ ।' ଗୋଟିଏ ସର୍କୁଲାର ଜାରି ହେଲା ଯେ, ଖୁରୁଧା କଚେରୀରେ କୌଣସି ସରକାରୀ ଚାକିରୀ ଖୋଲିଲେ ପ୍ରଥମେ ଖୁରୁଧା ସରବରାକାରମାନଙ୍କର ବଂଶଧର ବା ଖୁରୁଧାବାସୀଙ୍କ ଦାବି ଅଗ୍ରଗଣ୍ୟ ହେବ । (୭) ଦଧିମାଛଗାଡ଼ିଆ ଗ୍ରାମର ବାବୁ ମଧୁସୂଦନ ପଟ୍ଟନାୟକ ସରକାରୀ ଚାକିରି ପାଇବା ପରେ ସରବରା ଖୋରଧାରେ ଇଂରାଜୀ ଶିକ୍ଷା ଲାଭକରି ଉଚ୍ଚ ଚାକିରି ପାଇବାକୁ ସ୍ଥାନୀୟ ଅଧିବାସୀ ଉତ୍ସାହୀ ହୋଇଥିଲେ । ଜଗବନ୍ଧୁ ଭ୍ରମରବରଙ୍କ ଆଗ୍ରହ ଓ ବ୍ରିଟିଶ ପ୍ରଶାସନ ପାଇକ ବିଦ୍ରୋହ ସମୟରେ ଖୋର୍ଦ୍ଧା ପ୍ରତି କରିଥିବା ପୂର୍ବ ଅନ୍ୟାୟର କରଣ ପାଇଁ ପ୍ରାୟଶ୍ଚିତ ସ୍ୱରୂପ ଏଠାରେ ସରକାରୀ ସ୍କୁଲ ପ୍ରତିଷ୍ଠା କରିବାକୁ ସିଦ୍ଧାନ୍ତ ନେଇଥିବା ଅନୁମେୟ । ବଙ୍ଗଳାର ବେଙ୍ଗଲ ଉତ୍ତରପ୍ରଦେଶର ଶିକ୍ଷା ବ୍ୟବସ୍ଥା ସଂପର୍କରେ ଅନୁସନ୍ଧାନ କରିବା ପାଇଁ ଉଇଲିୟମ ଆଡାମସ୍‌ଙ୍କୁ ନିଯୁକ୍ତ ହେଇଥିଲେ । Adms Report ୧୮୩୮ ମସିହାରେ ଗୋଟିଏ କରି ପ୍ରକାଶିତ ହୋଇଥିଲା । ବେଙ୍ଗଲ ପ୍ରେସିଡେନ୍ସିରେ ଓଡ଼ିଶା ଥିଲା ୧୧ତମ ଡିଭିଜନ । ୧୮୨୮ ପର୍ଯ୍ୟନ୍ତ ଓଡ଼ିଶାରେ ଏକମାତ୍ର ଜିଲ୍ଲା ଥିଲା କଟକ । ଏହି ବର୍ଷ କଟକ, ପୁରୀ, ବାଲେଶ୍ୱର ଜିଲ୍ଲା ହେଲା । ପରେ ଅନୁଗୁଳ ଓ କନ୍ଧମାଳ ଏକ ଅନୁସୂଚିତ (Schedule District) ରୂପେ ଏଥିରେ ହେଲା ସଂଯୋଜିତ । କଟକ ସହର ଥିଲା ଓଡ଼ିଶା ଡିଭିଜନର ହେଡ୍‌କ୍ୱାର୍ଟର । ୧୮୬୧ ପର୍ଯ୍ୟନ୍ତ ସମ୍ବଲପୁର ଓଡ଼ିଶାର ଏକ ଅଂଶ ଥିଲା । ତା'ପରେ ଏହା ସେଣ୍ଟ୍ରାଲ ପ୍ରଭିନ୍ସ ସହ ସାମିଲ ହୋଇ ପୁନଶ୍ଚ ୧୯୦୫ରେ ଓଡ଼ିଶା ସହ ସଂଯୁକ୍ତ ହେଲା । ୧୯୧୨ ପର୍ଯ୍ୟନ୍ତ ଓଡ଼ିଶା ଥିଲା ବେଙ୍ଗଲ ପ୍ରେସିଡେନ୍ସିର ଅଧୀନ ।

ସାର୍ ହେନେରୀ ହାର୍ଡ଼ିଂଙ୍କ ତା ୨୩.୭.୧୮୪୪ରୁ ତା ୧୨.୧.୧୮୪୮ ପର୍ଯ୍ୟନ୍ତ ଥିଲେ ଭାରତର ଗଭର୍ଣ୍ଣର ଜେନେରାଲ୍ । ୧୮୪୪ ସାଲରେ ବଡ଼ଲାଟ ଲର୍ଡ ହାର୍ଡ଼ିଂଙ୍କ ପ୍ରସ୍ତାବରେ ସରକାର ଭର୍ଣ୍ଣାକୁଲାର ଏଜୁକେସନ୍ ପାଇଁ ପଦକ୍ଷେପ ନେଲେ । ସେତେବେଳେ ଓଡ଼ିଶା ଡିଭିଜନରେ ଥିଲା ଦୁଇଟି ଜିଲ୍ଲା, ମେଦିନୀପୁର ଓ କଟକ । ହାର୍ଡ଼ିଂଙ୍କ ପ୍ରସ୍ତାବିତ ୧୦୧ଟି ବିଦ୍ୟାଳୟ ମଧ୍ୟରୁ ଓଡ଼ିଶା ପ୍ରୋପରରେ ମାତ୍ର ୮ଟି ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ପାଟନାରେ ୧୪ଟି, ଭାଗଲପୁରରେ ୧୬ଟି, ମୁର୍ଶିଦାବାଦରେ ୧୬ଟି, ଢାକାରେ ୧୫ଟି, ଯଶୋହରରେ ୧୧ଟି, ଚିଟାଗଙ୍ଗରେ ୮ଟି ଓ କଟକରେ ୧୧ଟି- ଏହିପରି ସମୁଦାୟ ୧୦୧ଟି ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । କଟକରେ ୩ଟି, ବାଲେଶ୍ୱରରେ ୩ଟି ଓ ଖୋର୍ଦ୍ଧା, ପୁରୀରେ ୨ଟି- ସମୁଦାୟ ୮ଟି ବିଦ୍ୟାଳୟ ଓଡ଼ିଶା ପ୍ରୋପରରେ ସ୍ଥାପନ କରାଯାଇଥିଲା । ମେଦିନୀପୁର ଓଡ଼ିଶା ଡିଭିଜନରେ ଥିବାରୁ ସେଠାରେ ୩ଟି ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ସମୁଦାୟ ୧୦୧ଟି ବିଦ୍ୟାଳୟ ମଧ୍ୟରୁ ଓଡ଼ିଶା ଭାଗରେ ମାତ୍ର ୧୧ଟି ପଡ଼ିଥିଲା । ବାଲେଶ୍ୱର ଜିଲ୍ଲାରେ ୩ଟି (ରେମୁଣା, ବାଲେଶ୍ୱର, ଭଦ୍ରକ), କଟକ ଜିଲ୍ଲାରେ ୩ଟି (ହରିହରପୁର, ମାହାଙ୍ଗା, କେନ୍ଦ୍ରାପଡ଼ା) ଓ ପୁରୀ ଜିଲ୍ଲାରେ ୨ଟି (ପୁରୀ ଓ ଖୋର୍ଦ୍ଧା) ବିଦ୍ୟାଳୟ ଗଢ଼ି ଚିଠିଗାଳିରେ ଓଡ଼ିଶାରେ ସୁପ୍ତ ପ୍ରଦୀପ ଶକ୍ତି କ୍ଷୀଣ ଆଲୋକ ବିତରଣ ପାଇଁ ପ୍ରୟାସ କରିଥିଲେ ।(୮)

ଖୋର୍ଦ୍ଧା ଭର୍ଣ୍ଣାକୁଲାର ସ୍କୁଲ ତା ୨୦.୯.୧୮୪୫ ଦିନରେ ପ୍ରତିଷ୍ଠିତ ହୋଇଥିଲା । "In 1845, a school was opened at khurda. The response from the public was not encouraging in the beginning. The 'Abadhanas' or the indigenous school masters dissuaded the parents from sending their children to Government Schools." (୯)

'Apart from Puri, there was another vernacular schools at Khurda. Through mother-toungs, essential elementary education was imparted in the vernacular schools. But the progress of education in Orissa was very slow." (୧୦)

୧୮୪୬ ସାଲ ଏପ୍ରିଲ ୧୩ ତାରିଖରେ ମିଲ୍‌ସ କମିଶନରଙ୍କ ବାର୍ଷିକ ରିପୋର୍ଟରେ ଖୋର୍ଦ୍ଧା ଭର୍ଣ୍ଣାକୁଲାର ସଂପର୍କରେ ଉଲ୍ଲେଖ ରହିଛି- "ଓଡ଼ିଆ ପ୍ରାଇମରରୁ ୧୦୦ ଖଣ୍ଡ ଓ କ୍ଲାସ୍ ବୁକ୍ ଗିତର ୨ୟ ଭାଗରୁ ୫୦ ଖଣ୍ଡ ପଠାଇବା ପାଇଁ ଖୋରଧାରୁ କେତେକ ଦରଖାସ୍ତ ଆସିଛି ।" ଶିକ୍ଷା ପ୍ରତି ଖୋରଧାବାସୀଙ୍କ ଆଗ୍ରହ ଏଥିରୁ ଅବଧାରଣୀୟ । ଖୋର୍ଦ୍ଧା ହାର୍ଡ଼ିଂଜ ସ୍କୁଲକୁ କଲେକ୍ଟର ପ୍ରତିବର୍ଷ ପରିଦର୍ଶନ କରି କମିଶନରଙ୍କୁ ରିପୋର୍ଟ ଦେଉଥିଲେ । ଏହି ସ୍କୁଲକୁ ପରିଦର୍ଶନ କରିବାକୁ କମିଶନରଙ୍କୁ ମଧ୍ୟ ନିର୍ଦ୍ଦେଶ ଥିଲା । ଶିକ୍ଷକମାନେ କଲେକ୍ଟରଙ୍କୁ ଛାତ୍ରମାନଙ୍କ ମାସିକ ଉପସ୍ଥାନର ପରିସଂଖ୍ୟାନ ଦେଉଥିଲେ । ନିମ୍ନଲିଖିତ ସାରଣୀରୁ ତତ୍କାଳୀନ ଛାତ୍ର ଉପସ୍ଥାନର ସୂଚନା ମିଳେ-

| ସାଲ | ଖୋର୍ଦ୍ଧା ସ୍କୁଲର ଛାତ୍ର | ପୁରୀ ସ୍କୁଲର ଛାତ୍ର |
|---|---|---|
| ୧୮୪୫ | ୨୫ | ୨୪ |
| ୧୮୪୬ | ୩୩ | ୬୪ |
| ୧୮୪୭ | ୩୫ | ୪୧ |
| ୧୮୪୮ | ୪୦ | ୩୦ |
| ୧୮୪୯ | ୩୫ | ୩୦ |
| ୧୮୫୦ | ୩୬ | ୩୦ |
| ୧୮୫୧ | ୩୨ | ୪୩ |

୧୮୪୫ ସାଲରେ କଟକ, ଖୋରଧା, ପୁରୀ, ଭଦ୍ରକ ଓ ବାଲେଶ୍ବର ସ୍କୁଲର ଛାତ୍ରସଂଖ୍ୟା ଯଥାକ୍ରମେ ୪୭, ୨୫, ୨୪, ୧୬ ଓ ୧୮ ଥିବାବେଳେ ୧୮୫୧ ସାଲରେ ଏହି ସ୍କୁଲମାନଙ୍କର ଛାତ୍ରସଂଖ୍ୟା ୭୫, ୩୨, ୪୩, ୨୧୩ ଓ ୨୮ ହୋଇଥିଲା । ହାର୍ଡିଂଜ୍ ସ୍କୁଲର ଫାଷ୍ଟଗ୍ରେଡ୍ ଟିଚର ୨୫ ଟଙ୍କା, ସେକେଣ୍ଡ ଗ୍ରେଡ୍ ଟିଚର ୨୦ ଟଙ୍କା ଓ ଥାର୍ଡ ଗ୍ରେଡ୍ ଟିଚର ୧୫ ଟଙ୍କା ଦରମା ପାଉଥିଲେ । ତତ୍କାଳୀନ ଶିକ୍ଷା ସଂପର୍କରେ ରିପୋର୍ଟରେ ଉଲ୍ଲେଖ କରିଛି- It was stipulated that the spelling books and readers published by the Calcutta Book Society were to be used in the Hardinge Schools. Each reading lession being over, the pupils should be required to spell every long word and to write from dictation a few lines of it. The arithmetical table must be got by heart and the pupils practised everyday in mental addition and subtraction. The following bookd were prescribed: Keath's Grammer, Harleys Arithmatic, Yates Reader (in Bengali). The recommended books were Marshman's History of Bengal and pearce's Geography in Bengali.' ୧୮୪୮ରେ ଖୋରଧା ସ୍କୁଲର ଦୈନିକ ଛାତ୍ର ଉପସ୍ଥାନ ସଂଖ୍ୟା- ୧୭, ପୁରୀରେ- ୨୦, କେନ୍ଦ୍ରାପଡ଼ାରେ- ୨୨ ଥିଲା ଓ ଓଡ଼ିଶାର ୩ ଜିଲ୍ଲାରେ ସମୁଦାୟ ୨୦୪ ଛାତ୍ର ପଢୁଥିଲେ ।

୧୮୪୭-୪୮ ସାଲରେ ପାଠ୍ୟକ୍ରମ ପାଇଁ ଓଡ଼ିଆ ବହି ଥିଲା- Oriya Instructor, Geography, Mathmatics, Vernaculor Reader, Grammer, ସେକେଣ୍ଡ କ୍ଲାସ ପାଇଁ- Oriya Instructor, Grammer, Mathmatics, ଥାର୍ଡ଼ ଏବଂ ଫୋର୍ଥ କ୍ଲାସ ପାଇଁ- Writing and Reading. ୧୮୬୦-୬୧ ସାଲର ଇନ୍ସପେକ୍ଟରଙ୍କ ରିପୋର୍ଟରୁ ଖୋରଧା ଭର୍ଣ୍ଣାକୁଲାର ସ୍କୁଲ ସମ୍ପର୍କରେ କିଛି ତଥ୍ୟ ପ୍ରାପ୍ତ ହୋଇଥାଏ- "The Khurda Schools were supplied with the necessary furniture, black-boards, slate, large Bengali Maps of World, of Asia and Indian and with a small number of Bengali Books listed below :

1- History of Rome, 2-Shakuntala, 3- Kadambari, 4- Padartha Vidya, 5- Jeevan Charit, 6- Charitabali, 7- Rasalila, 8- Nitisara, 9- History of Bengal, 10- History of Greece, 11- Patiganita, 12- Bhoogala, 13- Bhudev Mukherjees Art of teaching, 14- Robinson Crusoe, 15- Upakramonika, 16- Byakarana, 17- Byakarana Koumudi, 18- Betal, 19- Prakrit Bhoogal, 20- Bahya Basta, 21- Dhatumala, 22- Ancient History, 24- Gunamala, 25- Neeti Bodha, 26- Bodha daya.

The cost of blackboard was Rs 3/- at that time and one was supplied to the Khurda vernacular School. x x x and from the latest return I observed that it is the best attended of the Khoordah Schools."

ସେତେବେଳେ ଖୋର୍ଦ୍ଧା ଭର୍ଣ୍ଣାକୁଲାର ସ୍କୁଲରେ ପ୍ରାଇମର୍, ଆସେମ୍ବ୍ଲେପ୍ଲୁକ, ଗ୍ରାମାର, ଏରିଥ୍‌ମେଟିକ୍, ଏଲିମେଣ୍ଟ ଅଫ୍ ଜିଓଗ୍ରାଫି, ଓଡ଼ିଶା ଇତିହାସ ସମ୍ବଳିତ ଭର୍ଣ୍ଣାକୁଲାର ରିଡ଼ର ପାଠ୍ୟପୁସ୍ତକ ରୂପେ ପ୍ରଚଳିତ ଥିଲା । ସରକାରଙ୍କ ଦ୍ବାରା ମୁଦ୍ରିତ ନୀତିକଥା- ୧୨ ଅଣା, ବତିଶ ସିଂହାସନ- ୨ ଟଙ୍କା, ହିତୋପଦେଶ- ୧୨ ଅଣା, ଓଡ଼ିଆ ବ୍ୟାକରଣ, ଭୂଗୋଳ ଏବଂ ଗଣିତ- ୧ ଟଙ୍କା ପ୍ରଭୃତି ପୁସ୍ତକ ଛାତ୍ରମାନଙ୍କୁ ଯୋଗାଇ ଦିଆଯାଉଥିଲା । ପୁସ୍ତକର ମୂଲ୍ୟବୃଦ୍ଧି ହେତୁ ଅଧିକାଂଶ ଛାତ୍ରଙ୍କର କ୍ରୟ କରିବାର ଶକ୍ତି ନ ଥିଲା । ଛାତ୍ରମାନଙ୍କ ସ୍କୁଲ ଫିସ୍ ସଂପର୍କରେ ରିପୋର୍ଟରେ ଉଲ୍ଲେଖ ଅଛି - 'Eight Such Schools were sanctioned for the Cuttack Division- Cuttack and Balasore got three each and Khurda two. These Schools Charged a School fee of one Anna (One sixteenth of a Rupee) per month for each people.' (୧୧)

**ଖୋର୍ଦ୍ଧାଞ୍ଚଳରେ ଶିକ୍ଷାର ପ୍ରସାର:**

ଆଧୁନିକ ଶିକ୍ଷାପ୍ରତି ଜନସାଧାରଣଙ୍କ ବିତୃଷ୍ଣା, ଇଂରାଜୀ ଶିକ୍ଷା ଦ୍ବାରା ଧର୍ମାନ୍ତରିତ ହେବାର ଅଧିକ ଆଶଙ୍କା ଓ ସର୍ବୋପରି ଜନତାଙ୍କ ସାମୂହିକ ଦାରିଦ୍ର୍ୟ ପ୍ରଭୃତି କାରଣରୁ ପ୍ରଥମେ ଓଡ଼ିଶାରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇପାରିନଥିଲା । ଶିକ୍ଷାପ୍ରତି ଲୋକଙ୍କର କୁଣ୍ଠିତ ମନୋଭାବ, ଧନୀକ ସଂପ୍ରଦାୟର ଅର୍ଥ ସାହାଯ୍ୟ ଦିଗରେ ଅନାଗ୍ରହ ଏବଂ ବଙ୍ଗ ସରକାରଙ୍କ ସମସ୍ତ ପ୍ରତ୍ୟକ୍ଷ ସହଯୋଗର ଅଭାବ ସତ୍ତ୍ୱେ ବି ଓଡ଼ିଶାର କମିଶନରମାନେ ଏଠାରେ ଶିକ୍ଷାପ୍ରସାର ଦିଗରେ ପ୍ରଚେଷ୍ଟା କରିଥିଲେ । ଅନୁଗୋଳ ୧୮୪୭ ସାଲରୁ ସରକାରଙ୍କ ଖାସ୍ ଅଞ୍ଚଳରେ ପରିଣତ ହୋଇଥିଲା । ସରକାର ସେଠାରେ ନିଜ ହାତରେ ପ୍ରତ୍ୟକ୍ଷ ଶାସନ ରଖିଥିବାରୁ ଶିକ୍ଷା ପ୍ରସାର ପାଇଁ ଏକାନ୍ତ ଦାୟୀ ଥିଲେ । ତେଣୁ ୧୮୫୦-୫୭ ମଧ୍ୟରେ ଅନୁଗୋଳରେ ୫ଟି ସ୍କୁଲ ସ୍ଥାପନ କରିଥିଲେ ।

ଖୋର୍ଦ୍ଧାରେ ପ୍ରତିଷ୍ଠା ପାଇଁ ୧୮୫୭ ସାଲରେ କକ୍‌ବର୍ଣ୍ଣ ସାହେବ ଯେଉଁ ଉପଯୁକ୍ତ କାରଣ ଉପସ୍ଥାପନ କରିଥିଲେ ସେଥିରେ ସରକାରଙ୍କ ଦୁର୍ବଳତା ସମାଲୋଚିତ ହେବା ସଙ୍ଗେ ସଙ୍ଗେ ନିଜର ସ୍ବାଧୀନ ଅଭିମତ ପ୍ରତିଷ୍ଠାର ସଙ୍କେତ ଦେଖିବାକୁ ମିଳେ । ସେ କହିଥିଲେ, "It is quite certain that had the Estate been in the hands of a private land lord, the Govt. and its officers would naturally have expected him liberally to aid in promoting education among his tenants and I do not see how Govt. being the lan-lord can escape the obligation to do the same, and in point of fact ought to set an example for private land-lords to imitate. This obligation on the part of the Govt. has been admitted in the cases of the Govt. Tributary Mahal of Ungool and Bankee in which eight Schools exist, all the expenses being defrayed from the revnue of the Estates."

(Copies of letters issued in 1855-57, Vol. No. 124. letter No-58, dated 14th July 1857.)

ଏହି ନୀତି ଖୋରଧାଠାରେ ଅଧିକ ସ୍ପଷ୍ଟ ହୋଇ ଦେଖା ଦେଇଥିଲା । କମିଶନର ଜି.ଏଫ୍. କକ୍‌ବର୍ଣ୍ଣ ୧୮୫୭ ସାଲ ଜୁଲାଇ ୧୪ ତାରିଖରେ ରେଭିନ୍ୟୁ ବୋର୍ଡ (ଫୋର୍ଟ ୱିଲିୟମ) ସେକ୍ରେଟାରୀଙ୍କ ନିକଟକୁ ପ୍ରେରଣ କରିଥିବା ପତ୍ରର ସାରାଂଶ- ''ଏଠାରେ ଲୋକେ

ଅଜ୍ଞାନାନ୍ଧକାରରେ ଅତି ଶୋଚନୀୟ ଅବସ୍ଥାରେ ଅଛନ୍ତି । ଏମାନଙ୍କୁ ଆଲୋକିତ କରିବାର ଦାୟିତ୍ୱ ଜମିଦାର ହିସାବରେ ସରକାରଙ୍କର ନିଶ୍ଚୟ ଅଛି । ଯଦି ଅନ୍ୟ କୌଣସି ବ୍ୟକ୍ତି ଏଠାରେ ଜମିଦାର ହୋଇଥାନ୍ତେ ତ' ହେଲେ ଏଠାର ପ୍ରଜାମାନଙ୍କ ଶିକ୍ଷା ପାଇଁ ଅର୍ଥ ବ୍ୟୟ କରିବା ତାଙ୍କର ଉଚିତ ବୋଲି ସରକାର ଆଶା କରନ୍ତେ; କିନ୍ତୁ ସରକାର ନିଜେ ଜମିଦାର ଥାଇ ଏ ଦାୟିତ୍ୱରୁ କିପରି ବୁଝେଇ ଯିବେ ମୁଁ ତାହା ଭାବିପାରୁନାହିଁ । ସରକାର ଏ ବିଷୟରେ ଆଦର୍ଶ ଦେଖାଇଲେ ଅନ୍ୟ ଜମିଦାରମାନେ ତାହା ଅନୁକରଣ କରନ୍ତେ ।'' ସ୍କୁଲ ପ୍ରତି ମାସକୁ ୧୫ ଟଙ୍କା ହିସାବରେ ଖର୍ଚ୍ଚ କଲେ ଦଶଟି ସ୍କୁଲ ଚାଲିପାରିବ ବୋଲି ସେ ପ୍ରସ୍ତାବ ଦେଇଥିଲେ । ( ୧୨ )

ଶିକ୍ଷା ପ୍ରସାର ଦିଗରେ ୧୮୫୬ ସାଲ ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଉଦ୍ୟମ କେଉଁଠି ସନ୍ତୋଷଜନକ ନ ଥିଲା । ଏହିବର୍ଷ ଜୁଲାଇ ୨୮ ତାରିଖରେ ଅସ୍ଥାୟୀ କମିଶନର ବକ୍‌ବର୍ଣ୍ଣ ସାହେବ ବେଙ୍ଗଲ ଗଭର୍ଣ୍ଣମେଣ୍ଟଙ୍କ ସେକ୍ରେଟେରୀଙ୍କ ନିକଟକୁ ଦେଇଥିବା ପତ୍ରରେ ଅନଗ୍ରସର ଓଡ଼ିଶାର ଏକ ଦୟନୀୟ ଚିତ୍ର ପ୍ରତିଫଳିତ ହୋଇଥିବାର ଦେଖାଯାଏ । ଶିକ୍ଷା କ୍ଷେତ୍ରରେ ପ୍ରଥମରୁ ଓଡ଼ିଶା ଯେପରି ଅବହେଳିତ ହୋଇଆସିଛି, ତାହାର ନିରାକରଣ ପାଇଁ ଏଠାରେ ଜଣେ ସ୍ୱତନ୍ତ୍ର ଇନ୍‌ସପେକ୍ଟର ରହି ସ୍ଥାନୀୟ ସୁବିଧା ଅସୁବିଧା ବ୍ୟକ୍ତିଗତ ଭାବେ ଅନୁଭବ ଦ୍ୱାରା ଶିକ୍ଷାର ଉନ୍ନତି ଦିଗରେ ବାସ୍ତବ ନିର୍ଦ୍ଦେଶ ଦେଇପାରିବାର ପନ୍ଥା ସୁଗମ କରିପାରିବେ- ଏକଥା କମିଶନର ବକ୍‌ବର୍ଣ୍ଣ ହୃଦୟଙ୍ଗମ କରିଥିଲେ । ତାଙ୍କର ଏ ପ୍ରସ୍ତାବ ୧୮୫୭ ସାଲରେ କାର୍ଯ୍ୟକାରୀ ହୋଇଥିଲା । ସେ ନିଜେ ଅନୁଗୋଳ, ଖୋରଧା ଓ ବାଙ୍କୀରେ ସ୍କୁଲ ପ୍ରତିଷ୍ଠା କରିବାରେ ଯତ୍ନବାନ ହୋଇଥିଲେ । In three great Government Estate namely Khurda, Bankee and Anugul, nineteen elementray Schools were setup between 1855 and 1859. Letter on the number was raised to twentynine. (J.O.H., June - 89)

କମିଶନର ଡି.ଏସ୍. ବକବର୍ଣ୍ଣଙ୍କ ଉଦ୍ୟମ ଫଳରେ ପ୍ରାୟ ବର୍ଷକ ପରେ **ଟାଙ୍ଗୀ** (୧୮୫୮ ଜୁନ୍) **ବାଣପୁର** (୧୮୫୮ ଜୁନ୍), **ବେଗୁନିଆ** (୧୮୫୮ ଅଗଷ୍ଟ), **ଭୁବନେଶ୍ୱର** (୧୮୫୯ ଜୁନ୍ ) ଓ **କାଆଁଳା ମୁଣ୍ଡମୁହାଣ** (୧୮୫୯ ଜୁଲାଇ) ଅର୍ଥାତ୍ **ଖୋର୍ଦ୍ଧା କ୍ଷେତ୍ରର ପାଞ୍ଚଟି ସ୍ଥାନରେ ଗ୍ରାଣ୍ଟସ୍ ସ୍କୁଲ** ପ୍ରତିଷ୍ଠିତ ହୋଇଥିଲା । (୧୩) ୧୮୫୮-୫୯ ସାଲବେଳକୁ ଓଡ଼ିଶାରେ ସରକାରୀ ଓ ସାହାଯ୍ୟପ୍ରାପ୍ତ ସ୍କୁଲ ଥିଲା ତିରିଶଟି । ସରକାରୀ ସ୍କୁଲ ଯଥା - ତିନୋଟି ଜିଲ୍ଲା ସ୍କୁଲ- ସମ୍ବଲପୁର, ଆଙ୍ଗ୍ଲୋ ଭର୍ଣ୍ଣାକୁଲାର ସ୍କୁଲ, ଭର୍ଣ୍ଣାକୁଲାର ସ୍କୁଲ ଯଥା- କଟକ ଜିଲ୍ଲାରେ ୧୦ଟି, ପୁରୀ ଜିଲ୍ଲାରେ ୬ଟି (୫ଟି ଖୋରଧା ଗ୍ରାଣ୍ଟସ୍ ସ୍କୁଲ ଓ ଖୋରଧା ସ୍କୁଲ) ଓ ବାଲେଶ୍ୱର ଜିଲ୍ଲାରେ ୨ଟି- ସମୁଦାୟ ୨୨ଟି, ସାହାଯ୍ୟପ୍ରାପ୍ତ ସ୍କୁଲ ଥିଲା ୮ଟି । ନିମ୍ନରେ ଖୋର୍ଦ୍ଧାଞ୍ଚଳର ସ୍କୁଲ ସମୂହର ଶ୍ରେଣୀ ଛାତ୍ର ସଂଖ୍ୟା ଏବଂ ସରକାରୀ ଖର୍ଚ୍ଚର ଏକ ସାରଣୀ ପ୍ରଦତ୍ତ-

**Government Vernacular Schools (1861-62)**

| No | School | Class | No of Pupils | Cost to Govt. | Cost to Govt. for each pupil per month |
|---|---|---|---|---|---|
| 01. | Khurda | Moderate | 31 | 15.00 | 0.44 |
| 02. | Tanghee | Moderate | 22 | 15.50 | 0.70 |
| 03. | Banapore | Moderate | 34 | 15.14 | 0.44 |
| 04. | Begunia | Moderate | 21 | 15.22 | 0.75 |
| 05. | Bhubaneswar | Moderate | 38 | 15.32 | 0. |
| 06. | Banki | Indifferent | 31 | 12.16 | 0.39 |
| 07. | Janla | Bad | 24 | 15.02 | 0.63 |
| 08. | Poori Academy | - | - | - | - |
| 09. | Pipli | - | - | - | - |

In 1858-59, there was 6 Vernacular Schools in the District of Puri. The introduction of Vernacular Scholarship attracted more and more students towords education. (୧୪)

**ଓଡ଼ିଶାରେ ବିଭିନ୍ନ ସ୍କୁଲର ଦୁରାବସ୍ଥା ଓ ପରିଣତି :**

ଓଡ଼ିଶାରେ ପ୍ରତିଷ୍ଠିତ ଆଠଟି ଭାଷା ବିଦ୍ୟାଳୟ ସଂପର୍କରେ ସରକାରୀ କର୍ମଚାରୀମାନଙ୍କର ବହୁ ମୂଲ୍ୟବାନ ମନ୍ତବ୍ୟ ୧୮୫୪-୫୬ ସାଲ ମଧ୍ୟରେ ପ୍ରଦତ୍ତ ହୋଇଛି । ଓଡ଼ିଶା କମିଶନରଙ୍କ ବାର୍ଷିକ ରିପୋର୍ଟ ଓ ଶିକ୍ଷା କାଉନସିଲରଙ୍କ ରିପୋର୍ଟର ଅନୁଶୀଳନରୁ ସ୍କୁଲମାନଙ୍କ ପ୍ରକୃତ ଅବସ୍ଥା, ଶିକ୍ଷାଦାନ ପଦ୍ଧତି, ପଠିତ ପୁସ୍ତକର ସ୍ୱରୂପ, ଶିକ୍ଷା ପ୍ରତି ଜନସାଧାରଣଙ୍କ ଅଭିରୁଚି, ଦୃଷ୍ଟିଭଙ୍ଗୀ ସଂପର୍କରେ ଅବଧାରଣା କରିହୁଏ । ତତ୍କାଳୀନ ସରକାରୀ ରିପୋର୍ଟରେ ଖୋର୍ଦ୍ଧା ସ୍କୁଲ ବ୍ୟତୀତ ବିଭିନ୍ନ ସ୍କୁଲର ଦୁରବସ୍ଥା-

(କ) ଜଗତସିଂହପୁର ଦକ୍ଷିଣର କଳିଙ୍ଗନଗର ଓ ମାହାଙ୍ଗା ଅଞ୍ଚଳର ଅଧିବାସୀମାନେ ସରକାରୀ ସ୍କୁଲକୁ ଛାତ୍ରମାନଙ୍କୁ ନ ପଠାଇବାକୁ ଅଭିଭାବକଙ୍କୁ ପ୍ରବର୍ତ୍ତାଇଥିବାରୁ ସେ ଦୁଇ ସ୍କୁଲର ଛାତ୍ରସଂଖ୍ୟା ଥିଲା ଅତି ସ୍ୱଳ୍ପ । ହରିହରପୁରର ଅଧିବାସୀମାନେ ବିଦ୍ୟାଳୟ ଗୃହ ନିର୍ମାଣ କରୁନଥିଲେ । ହରିହରପୁର ଓ ରେମୁଣା ସ୍କୁଲକୁ ମାଜିଷ୍ଟ୍ରେଟମାନେ ବନ୍ଦ କରିଦେବାକୁ ପ୍ରସ୍ତାବ ଦେଇଥିଲେ ।

(ଖ) କଟକର ମାହାଙ୍ଗା ସ୍କୁଲଟି ଅତି ଦୁରାବସ୍ଥା ହେତୁ ବନ୍ଦ ହୋଇଯିବାରୁ ସେଠାକୁ ପ୍ରଦତ୍ତ ଅର୍ଥ କୁଟିଆଳ ନିକଟସ୍ଥ ନରସିଂହପୁରକୁ ଉଠାଇ ଦିଆଯାଇଥିଲା ।

(ଗ) ଭଦ୍ରକ ସ୍କୁଲର ଅବସ୍ଥା ଆଦୌ ସନ୍ତୋଷଜନକ ନ ଥିଲା । ସ୍କୁଲର ଉନ୍ନତି ପାଇଁ କେହି ଯତ୍ନବାନ ହେଉନଥିଲେ । ସରକାରୀ ସ୍କୁଲକୁ ଛାତ୍ରମାନେ ଅଧ୍ୟୟନ ପାଇଁ ଗଲେ ସେମାନଙ୍କୁ ବିଲାତ ପ୍ରେରଣ କରାଯିବ ବୋଲି ସ୍ଥାନୀୟ ଅଧିବାସୀମାନେ ଭିତ୍ତିହୀନ ଧାରଣା ପୋଷଣ କରିଥିଲେ । (୧୫) ଜାତି ନଷ୍ଟ ହେବା ଭୟରୋଗୁଁ ଛାତ୍ରମାନେ ସରକାରୀ ପୁସ୍ତକ ପଠନ ଓ କାଗଜ ଉପରେ ଲିଖନ କରୁନଥିଲେ ।

(ଘ) ୧୮୫୮ ସାଲ ଅକ୍ଟୋବର ବେଳକୁ ବାଲେଶ୍ୱର ଓ ରେମୁଣା

ସ୍କୁଲର ଅବସ୍ଥା ଭଲ ନ ଥିଲା । ୧୮୪୮-୪୯ରେ ରେମୁଣା ଓ ହରିହରପୁର ସ୍କୁଲ ବନ୍ଦ ହୋଇଯାଇଥିଲା ।

(ଙ) କେନ୍ଦ୍ରାପଡ଼ାରେ ୩୫ ଜଣ ଛାତ୍ରଙ୍କ ମଧ୍ୟରୁ ୧୦ ଜଣ ଛାତ୍ରଙ୍କ ଅଭିଭାବକ ୧ ଅଣା ଫିସ ନ ଦେବାରୁ ନାମ କଟି ଯାଇଥିଲା ।

(ଚ) ୧୮୪୭-୪୮ରେ ପୁରୀ ସ୍କୁଲରୁ ୧୮ ଜଣ ଛାତ୍ର ନାମ କଟାଇ ନେଇଥିଲେ, କାରଣ ସ୍କୁଲର ଦରମା ଏକଅଣା ଦେବାକୁ ଅଭିଭାବକମାନେ ଅସମର୍ଥ ଥିଲେ । ଆଧୁନିକ ଶିକ୍ଷା ପ୍ରତି ପୁରୀବାସୀଙ୍କ ବିରୋଧ ମନୋଭାବ ସଂପର୍କରେ ଓଡ଼ିଶାର ହିତକାଂକ୍ଷୀ ଡକ୍ଟର ରୋର୍ କହିଥିଲେ- ''ପୁରୀ ସହରର ଧନୀକ ଶ୍ରେଣୀର ଲୋକଙ୍କ ଶିକ୍ଷା ପ୍ରତି ସ୍ପଷ୍ଟ ବିରୋଧ ମନୋଭାବ ପୁରୀ ସ୍କୁଲର ଉନ୍ନତି ଦିଗରେ ଏକ ପ୍ରତିବନ୍ଧକ । ଏମାନଙ୍କ ମଧ୍ୟରୁ ଅଧିକାଂଶ ପୁରୀ ମନ୍ଦିର ସହିତ କୌଣସି ନା କୌଣସି ସୂତ୍ରରେ ସଂପୃକ୍ତ । ଏମାନଙ୍କ ବିଶ୍ୱାସ, ଶିକ୍ଷା ହିଁ ଲୋକଙ୍କ ଉପରେ ଥିବା ଏମାନଙ୍କର ଅଧିକାରକୁ ଦୁର୍ବଳ କରିଦେବ, ଫଳରେ ସେମାନଙ୍କର ଆୟର ପନ୍ଥା କମିଯିବ । xxx ଫଳରେ ପୂଜାପଣ୍ଡା, ମହନ୍ତ, ସେବକ, ମନ୍ଦିରର ପ୍ରଧାନ କର୍ମଚାରୀ ବୃନ୍ଦ ଓ ଏମାନଙ୍କ ବହୁ ଅନୁଗାମୀ ସେମାନଙ୍କ ସନ୍ତାନମାନଙ୍କୁ ସ୍କୁଲକୁ ପଠାଇ ନାହାନ୍ତି । xxx ପୁରୀ ସ୍କୁଲର ନୂତନ ଗୃହ ପାଇଁ ଚାନ୍ଦା ଆଦାୟ ସକାଶେ ଯେତେବେଳେ ନିବେଦନ କରାଗଲା ସେତେବେଳେ ଏହି ଧନୀକ ଶ୍ରେଣୀର ଲୋକେ କିଛିମାତ୍ର ଦାନ କରିନଥିଲେ । ଏଥିରୁ ଶିକ୍ଷା ପ୍ରତି ସେମାନଙ୍କର କି ମନୋଭାବ ଅଛି, ତାହା ସହଜରେ ପ୍ରକଟିତ ହେଉଛି । ପୁରୀ ହେଉଛି ଅତି ନିକୃଷ୍ଟ ଓ ଭୟଙ୍କର ଦୂଷିତ କୁସଂସ୍କାରର ବିରାଟ ଦୁର୍ଗ । ଭାରତର ଅନ୍ୟ କୌଣସି ଅଞ୍ଚଳରେ ଏ କୁସଂସ୍କାର ପୁରୀ ପରି ଏପରି ଗଭୀର ପ୍ରବେଶକୁ ପରିବ୍ୟାପ୍ତ ହୋଇନାହିଁ ।''

୧୯୪୨ ସାଲରେ ପ୍ରତିଷ୍ଠିତ ଶିକ୍ଷା କାଉନସିଲ ତା ୨୫.୧.୧୮୫୫ ଦିନରେ ଭାଙ୍ଗି ଦିଆଗଲା ଓ ତା' ସ୍ଥାନରେ ଏକ ସ୍ୱତନ୍ତ୍ର ଶିକ୍ଷା ବିଭାଗ ଗଢ଼ା ଯାଇଥିଲା । ୧୮୪୫ରୁ ୧୮୫୫- ଏହି ଦଶ ବର୍ଷ ମଧ୍ୟରେ ଭାଷା ବିଦ୍ୟାଳୟ ଗୁଡ଼ିକର ଅବସ୍ଥା ଥିଲା ଅତି ଶୋଚନୀୟ । ଲର୍ଡ ହାର୍ଡିଂଙ୍କ ପ୍ରସ୍ତାବିତ ୧୦୧ଟି ବିଦ୍ୟାଳୟ ମଧ୍ୟରୁ ୭୮ଟି ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା, ଅବଶିଷ୍ଟ ୨୮ଟି ଯଥାର୍ଥରେ କାର୍ଯ୍ୟକାରୀ ହୋଇନଥିଲା, ତୁଏତ ଖୋଲା ହେବା ସଂଗେ ସଂଗେ ବନ୍ଦ ହୋଇଯାଇଥିଲା ।

୧୮୬୦-୬୧ ସାଲରେ ସମୁଦାୟ ଭାଷା ସ୍କୁଲ ଥିଲା ୪୩ଟି । ଏଥିରୁ କଟକ ଡିଭିଜନ ଅର୍ଥାତ୍ କଟକ, ପୁରୀ, ବାଲେଶ୍ୱର ଜିଲ୍ଲାରେ ଥିଲା ୮ଟି । ୧୮୬୬ ସାଲ ବେଳକୁ ସମୁଦାୟ ସ୍କୁଲ ଥିଲା ୨୬ଟି । ୧୮୬୬-୬୭ ବେଳକୁ ବାଲେଶ୍ୱର ଜିଲ୍ଲାରେ ୨ଟି, କଟକ ଜିଲ୍ଲାରେ ୩ଟି ଓ ପୁରୀ ଜିଲ୍ଲାରେ ୨ଟି ଭର୍ଣ୍ଣାକୁଲାର ସ୍କୁଲ ଥିଲା । **୧୮୬୯-୭୦ ସାଲ ବେଳକୁ କେବଳ ମହାସିଂହପୁର ଓ ଖୋରଧା ସ୍କୁଲ ଓଡ଼ିଶାରେ କାର୍ଯ୍ୟ କରୁଥିଲେ ।** (୧୬) ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ନିକଟସ୍ଥ ମହାସିଂହପୁର ସ୍କୁଲ ୧୮୪୬ ସାଲରେ ପ୍ରତିଷ୍ଠା ହୋଇଥିଲା । (୧୭)

**ଓଡ଼ିଶାର ଦ୍ୱିତୀୟ ଶିକ୍ଷାନୁଷ୍ଠାନ ଖୋର୍ଦ୍ଧା ସ୍କୁଲ :**

୧୮୨୨ ସାଲରେ କଟକଠାରେ ବାପଟିଷ୍ଟ ମିଶନାରୀଙ୍କ ଦ୍ୱାରା ପ୍ରଥମ ସ୍କୁଲ ପ୍ରତିଷ୍ଠିତ ହୋଇଥିଲା । ୧୮ ମାର୍ଚ୍ଚ ୧୮୪୧ରେ ଏହା ସରକାରଙ୍କ ପରିଚାଳନାଧୀନ ହେଲା । ୧୮୬୧ ପର୍ଯ୍ୟନ୍ତ ଏହା ମିଡ଼ିଲ୍ ଇଂଲିଶ୍ ସ୍କୁଲ ଥିଲା । ଏହି ବର୍ଷ ଏଠାରେ ହାଇସ୍କୁଲ ଶିକ୍ଷା ପ୍ରଚଳନ ହେବା ସହିତ ଏହା 'କଟକ ଜିଲ୍ଲା ସ୍କୁଲ' ନାମରେ ପରିଚିତ ହେଲା । ଏହି ଶିକ୍ଷାନୁଷ୍ଠାନରେ ୧୮୬୮ ଜାନୁୟାରୀ ମାସରେ ଦୁଇବର୍ଷିଆ କଲେଜ ଶିକ୍ଷା ଆଇ.ଏ.ଶ୍ରେଣୀ ଖୋଲା ହେବାରୁ ଏହାର ନାମକରଣ ହେଲା ରେଭେନ୍ସା କଲିଜିଏଟ୍ ସ୍କୁଲ । ୧୯୧୨ରେ ସ୍କୁଲ ବିଭାଗ କଲେଜ ଠାରୁ ବିଚ୍ଛିନ୍ନ ହେଲା । ଦୀର୍ଘଦିନ ଧରି ବକ୍ସି ବଜାରସ୍ଥ ବନିଉଡ଼ଡ କୋଠାରେ ଶିକ୍ଷା ଯଜ୍ଞକର୍ମ ଚାଲୁଥିଲା । ବ୍ରିଟିଶ ଶାସନ କାଳରେ ୧୮୨୨, ୧୮୪୧ ଓ ୧୮୬୧ ମସିହାରେ ୩ ପର୍ଯ୍ୟାୟରେ ନିର୍ମିତ ଏହି ସ୍କୁଲ ହିଁ ଓଡ଼ିଶାର ପ୍ରଥମ ଶିକ୍ଷାନୁଷ୍ଠାନ ।

୧୮୩୫ ସାଲରେ ପ୍ରତିଷ୍ଠିତ ପୁରୀ ଇଂଲିଶ ସ୍କୁଲ ୧୮୪୦ ବେଳକୁ ଭାଙ୍ଗି ଆସିଥିଲା । 'On 27th August, 1840, the Local Committee and the Subscribers to the Puri School met at a meeting and unanimously passed a resolution abolishing the English and Sanskrit departments. Thus the Puri Free Academy, the first experiment in Secondary education in Orissa died. (୧୮)

'ପୁରୀ ଫ୍ରି ଏକାଡେମୀ'ର ପତନ ପରେ ପୁନଃଶ୍ଚ ପ୍ରଶାସନ ପକ୍ଷରୁ ଶିକ୍ଷାନୁଷ୍ଠାନଟିଏ ସ୍ଥାପନ କରିବାକୁ ଉଦ୍ୟମ ହେଲା- "During 1849-50, Mr Forbes, District Magistrate and Collector of Puri Recommended the establishment of an English School at Puri in view of the growing demand for English Education." ପରବର୍ତ୍ତୀ କାଳରେ ୧୮୫୩ ନଭେମ୍ବର ୧ ତାରିଖରେ ପୁରୀ ଜିଲ୍ଲା ସ୍କୁଲ ପ୍ରତିଷ୍ଠା ହେଲା ।

ଅପରପକ୍ଷରେ ୧୮୪୫ ସାଲରେ ସ୍ଥାପିତ ଖୋର୍ଦ୍ଧା ଭର୍ଣ୍ଣାକୁଲାର ସ୍କୁଲ କ୍ରମବିକାଶ ପଥରେ ଅଗ୍ରଗତି କରିଥିଲା । ଓଡ଼ିଶାରେ ସ୍ଥାପିତ ହୋଇଥିବା ଆଠଟି ସରକାରୀ ସ୍କୁଲ ମଧ୍ୟରୁ ୧୮୬୯-୭୦ ସାଲ ବେଳକୁ କେବଳ ଖୋରଧା ଓ ମହାସିଂହପୁର ସ୍କୁଲ କାର୍ଯ୍ୟ କରୁଥିଲା । ପରବର୍ତ୍ତୀ ସମୟରେ ସମ୍ଭବତଃ ମହାସିଂହପୁର ସ୍କୁଲଟି ନିଜର ସ୍ଥିତି ହରାଇ ବସିଥିଲା ଓ ହାଇସ୍କୁଲରେ ପରିଣତ ହୋଇପାରିନଥିଲା । ଅଥଚ ଖୋର୍ଦ୍ଧା ଭର୍ଣ୍ଣାକୁଲାର ସ୍କୁଲଟି- ମସିହାରେ ମିଡ଼ିଲ୍ ଭର୍ଣ୍ଣାକୁଲାର, ୧୮୬୭ରେ ମିଡ଼ିଲ ଇଂଲିଶ ସ୍କୁଲ ଏବଂ ୧୮୯୬ ଜୁନ ୧ ତାରିଖରେ ହାଇ ଇଂଲିଶ ସ୍କୁଲରେ ପରିଣତ ହୋଇ ଓଡ଼ିଶାରେ ଶିକ୍ଷାଲୋକ ବିତରଣରେ ଅଗ୍ରଣୀ ଭୂମିକା ନେଇଥିଲା । ରେଭେନ୍ସା କଲିଜିଏଟ୍ ସ୍କୁଲ ସଦୃଶ ଏହା ୧୮୪୫, ୧୮୬୭ ଏବଂ

୧୮୦୬ରେ ଏହି ପର୍ଯ୍ୟାୟରେ ବିକଶିତ ହୋଇଥିଲା । ତେଣୁ ଯଥାର୍ଥତଃ ଖୋର୍ଦ୍ଧା ସ୍କୁଲ ହିଁ ଓଡ଼ିଶାର ଦ୍ୱିତୀୟ ପ୍ରାଚୀନ ଶିକ୍ଷାନୁଷ୍ଠାନ ।

**ଖୋର୍ଦ୍ଧା ମିଡ଼ିଲ୍ ଇଂଲିଶ ସ୍କୁଲ :**

ଖୋର୍ଦ୍ଧା ଭର୍ଣ୍ଣାକୁଲାର ସ୍କୁଲଟି ପଚାଶ ଦଶକରେ ମିଡ଼ିଲ୍ ଭର୍ଣ୍ଣାକୁଲାର ସ୍କୁଲରେ ପରିଣତ ହୋଇଥିଲା । ମିଡ଼ିଲ୍ ଭର୍ଣ୍ଣାକୁଲାର ସ୍କୁଲରେ ଇଂରାଜୀ ପଢ଼ା ଯାଉଥିବାବେଳେ ମିଡ଼ିଲ୍ ଇଂଲିଶ ସ୍କୁଲରେ ଚତୁର୍ଥଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଇଂରାଜୀ ଶିକ୍ଷା ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଅଧିବାସୀ ଓ ଅଭିଭାବକମାନେ ଛାତ୍ରମାନଙ୍କୁ ଇଂରେଜୀ ଶିକ୍ଷା ଦେବାପାଇଁ ଦାବୀ କରିବାରୁ ଏହା ମିଡ଼ିଲ୍ ଇଂଲିଶ୍ ସ୍କୁଲରେ ପରିଣତ ହୋଇଥିଲା । "Middle English Schools were popular and demands were frequently made for an increase in their number. The middle Vernacular Schools, on the otherhand, which provided a similar course, except that to English was tought, were generally unpopular." ଏଥିପାଇଁ ଅଧିକ ଖର୍ଚ୍ଚ ପଡୁଥିଲେ ହେଁ ଉନବିଂଶ ଶତକରେ ଖୋର୍ଦ୍ଧା ସ୍କୁଲ ଭଳି ଓଡ଼ିଶାର ଅନ୍ୟ କେତେକ ସ୍କୁଲକୁ ମିଡ଼ିଲ ଇଂଲିଶ ସ୍କୁଲରେ ପରିବର୍ତ୍ତିତ କରାଯାଇଥିଲା ।

**ଖୋର୍ଦ୍ଧା ମିଡ଼ିଲ୍ ଇଂଲିଶ ସ୍କୁଲର ହେଡ୍‌ମାଷ୍ଟର ଥିଲେ ତିମଥି ଚାର୍ଲସ ସାମନ୍ତରାୟ ।** ସେ ଦୀର୍ଘ ୨୪ ବର୍ଷ ଧରି ହେଡ୍‌ମାଷ୍ଟର ଥିଲେ । ତାଙ୍କର ଘର ଅଠେଶଡ଼ । ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ତିମଥିଙ୍କ ପିତା କାହ୍ନୁ ଏବଂ ପିତାମହ ଆଠଗଡ଼ ରାଜବଂଶୀୟ ସୁଗ୍ରୀବ ସାମନ୍ତରାୟ ନାନା ଦଣ୍ଡଙ୍କ ମଧ୍ୟରେ ଖ୍ରୀଷ୍ଟାନ ହୋଇଥିଲେ ହେଁ ସେମାନେ ଥିଲେ କରଣ । ତିମଥିଙ୍କ କନ୍ୟା ମନିଭାଙ୍କୁ ୧୮୯୭ ସାଲରେ ଡାକ୍ତର ଡାନିଏଲ୍ ସାହୁ ଖୋର୍ଦ୍ଧାରେ ବିବାହ କରିଥିଲେ । ଏହି ଦମ୍ପତିଙ୍କ କନ୍ୟା ଲକ୍ଷ୍ମୀ ଭାରତୀ କୁମାରୀ କୁମାରୀ । କବି କୁନ୍ତଳାଙ୍କ ବାଇ ସାମୁଏଲ ଓ ନିୟୁନିଏଲ୍ ବମ୍ବୀରୁ ଆସି ଖୋର୍ଦ୍ଧା ସ୍କୁଲରେ ପଢ଼ୁଥିଲେ । ତିମଥି ଚାର୍ଲସ୍ ସାମନ୍ତରାୟ କଟକ ଏକାଡେମୀ ସ୍କୁଲରେ କିଛିବର୍ଷ ଶିକ୍ଷକତା କରିଥିଲେ ।

ସମ୍ଭବତଃ ଖୋର୍ଦ୍ଧା ମିଡ଼ିଲ ଇଂଲିଶ ସ୍କୁଲରେ କୃଷ୍ଣଚନ୍ଦ୍ର ମିଶ୍ର, ଚିନ୍ତାମଣି କର, ଘନଶ୍ୟାମ ମିଶ୍ର, ଚିନ୍ତାମଣି ରଥ, ଜଗନ୍ନାଥ ପଟ୍ଟନାୟକ, ଭଗବାନ୍ ମହାପାତ୍ର, ବିଦ୍ୟାଧର ମହାପାତ୍ର, ସଚ୍ଚିଦାନନ୍ଦ ଅଭିତ, ଜୌଦେଇ ବୋଷ, ବନମାଳୀ ବ୍ରହ୍ମା, ସଇଦ ଗୋଲାମସ୍ ସବଦର ପ୍ରଭୃତି ଶିକ୍ଷକ ଥିଲେ । ସଇଦ ଗୋଲାମସ୍ ସବଦର୍ ଏହି ସ୍କୁଲରେ ୩୨ ବର୍ଷ ମୌଲବୀ ଥିଲେ ଓ ଏହିଠାରୁ ଅବସର ନେଇଥିଲେ । ତାଙ୍କର ପୁତ୍ର ଫଜଲୁର ରହମାନ ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲର ହେଡ୍‌ମାଷ୍ଟର ହୋଇଥିଲେ ।

ସରକାରୀ ରିପୋର୍ଟରୁ ଜଣାଯାଏ ୧୮୭୨-୭୩ରେ ଖୋର୍ଦ୍ଧାରେ ଗୋଟିଏ ମଧ୍ୟ ଇଂରାଜୀ ସ୍କୁଲ ଥିଲା । ତାହାକୁ ଇଂରାଜୀରେ କୁହାଯାଉଥିଲା Middle class English school. ଗୋଟିଏ ମଡେଲ ଭର୍ଣ୍ଣାକୁଲାର ସ୍କୁଲ ଥିଲା ଏବଂ ଗୋଟିଏ ପ୍ରାଇମେରୀ ସ୍କୁଲ ଥିଲା । ଗୋଟିଏ ଘରେ ଏହି ତିନୋଟିଯାକ ସ୍କୁଲ ଚାଲୁଥିଲା । ସେହି ବର୍ଷ ତିନୋଟିଯାକ ସ୍କୁଲରେ ଛାତ୍ର ଉପସ୍ଥାନ ଥିଲା ୬୧ । ସେତେବେଳେ ଜଣେ ଛାତ୍ରର ପଢ଼ିବା ଖର୍ଚ୍ଚ ହେଉଥିଲା ୨ ପାଉଣ୍ଡ ୨ ସିଲିଙ୍ଗ୍ । ଏହା ମଧ୍ୟରୁ ଏକପାଉଣ୍ଡ ୬ ସିଲିଙ୍ଗ୍ ଗଭର୍ଣ୍ଣମେଣ୍ଟ ବହନ କରୁଥିଲେ, ଅବଶିଷ୍ଟ ଖର୍ଚ୍ଚ ସ୍ଥାନୀୟ ଜନସାଧାରଣ ବହନ କରୁଥିଲେ ।

ଏହି ସ୍କୁଲଟି ଖୋର୍ଦ୍ଧା କଚେରୀର ଚନ୍ଦ୍ରଶାଳାର ପ୍ରାସାଦର ପଶ୍ଚିମପାର୍ଶ୍ୱରେ ସ୍ଥାପିତ ହୋଇଥିଲା । ବର୍ତ୍ତମାନର ଥାନା ପରିସରରେ କେତେଗୋଟି ଦାଳାନରେ ସ୍କୁଲଟି ଚାଲୁଥିଲା । ସ୍କୁଲର ଦକ୍ଷିଣ ଦିଗରେ ତହସିଲ ଅଫିସ୍ ଓ ଉତ୍ତର ଦିଗରେ ମରହଟ୍ଟାକାଳୀନ ଏକ ପାନ୍ଥଶାଳା ବା ଚଟୀଘର ଥିଲା । ପଥିକଙ୍କ ରାତ୍ରୀ ରହଣି, ଗୋଡହାତ ଧୋଇବା ପାଇଁ ଏହାର ପୂର୍ବରେ ଏକ କୂପ, ପଶ୍ଚିମରେ ଏକ ପୁଷ୍କରିଣୀ ଖନନ କରାଯାଇଥିଲା । ପୁଷ୍କରିଣୀ ସନ୍ନିକଟରେ ୧୯୧୬ ମସିହାରେ ଖୋର୍ଦ୍ଧା କ୍ଲବ ପ୍ରତିଷ୍ଠିତ ହୋଇଥିଲା । ଖୋର୍ଦ୍ଧା ମିଡ଼ିଲ ଇଂଲିଶ ସ୍କୁଲ ପରିସରରେ ପରବର୍ତ୍ତୀ କାଳରେ ହାଇ ଇଂଲିଶ ସ୍କୁଲ ପ୍ରତିଷ୍ଠିତ ହେଲା ।

**ଉନବିଂଶ ଶତାବ୍ଦୀରେ ଖୋର୍ଦ୍ଧା :**

୧୮୧୮ ସେପ୍ଟେମ୍ବର ମାସରେ କଟକ କଲେକ୍ଟୋରେଟରୁ ପୃଥକ ହୋଇ ଖୋର୍ଦ୍ଧା ଗୋଟିଏ ସବ୍‌ଡ଼ିଭିଜନରେ ପରିଣତ ହେବାରୁ ମିଃ ଡବ୍ଲ୍ୟୁ ଫରେଷ୍ଟର ଏଠାରେ ଡେପୁଟି କଲେକ୍ଟର ଓ ଜଏଣ୍ଟ ମାଜିଷ୍ଟ୍ରେଟ ରୂପେ ନିଯୁକ୍ତ ହେଲେ । ତାଙ୍କ ସମୟରେ ପାଇକ ବିଦ୍ରୋହ ପ୍ରଶମିତ ହେଲା । ମିଃ ଡବ୍ଲ୍ୟୁ ଉଇଲକିନସନ୍ ୧୮୨୦ ମେ ମାସରେ ତାଙ୍କଠାରୁ ରାଜସ୍ୱ ବିଭାଗ ଭାର ଗ୍ରହଣ କଲେ । ତାଙ୍କ ସମୟରେ ଖୁରୁଧାର ରୟତମାନେ ସେମାନଙ୍କ ଜମିରେ ସ୍ଥାୟୀ ବା ଦଖଲସତ୍ୱ ଲାଭ କରିଥିଲେ । ସେ ଅତି ଜନପ୍ରିୟ ଥିଲେ ଓ ଖୋର୍ଦ୍ଧାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରୁଥିଲେ । ସେ ଉଇଲକିନ୍‌ସନ୍ ନାମରେ ଏକ ବସତି ସ୍ଥାପନ କରିଥିଲେ ।

ଇଂରେଜମାନେ ୧୮୦୪ରେ ଖୋର୍ଦ୍ଧା ଅଧିକାର କରିବା ପରେ, ପ୍ରଥମ ରାଜବିଦ୍ରୋହ ଓ ପାଇକ ବିଦ୍ରୋହ ଦମନରେ ବହୁ ମିଲିଟାରୀ ଅଫିସର୍, କମିଶନର, କଲେକ୍ଟର, ଜଜ୍, ମାଜିଷ୍ଟ୍ରେଟ୍, ଆଡ୍‌ମିନିଷ୍ଟ୍ରେଟର ଏଠାକୁ ଆସିଥିଲେ । ବଡ଼ଲାଟ ବା ଗଭର୍ଣ୍ଣର ଜେନେରାଲଙ୍କ ଠାରୁ ଆରମ୍ଭ କରି କିଛି ବ୍ରିଟିଶ କର୍ମଚାରୀମାନେ ମଧ୍ୟ ଖୋର୍ଦ୍ଧାସହ ସମ୍ପୃକ୍ତ ଥିଲେ । **ମିଲିଟାରୀ ଅଫିସର** ମାନଙ୍କ ମଧ୍ୟରେ- କର୍ଣ୍ଣେଲ୍ ହାରକୋର୍ଟ, ରବର୍ଟ ଫ୍ଲେଚର, ମେଜର୍ ଜେନେରାଲ ଗ୍ରାବିଏଲ୍ ମାର୍ଟିଣ୍ଡେଲ୍, ମେଜର୍ ଜେନେରାଲ ଗ୍ରୁମଲେ, ମେଜର ରଫ୍‌ସେଡ଼ଜ୍, ବ୍ରିଗେଡିଅର ଲୁଇଥୋମାସ, କେପ୍ଟେନାଣ୍ଟ ଗୁଡଲ, କ୍ୟାପଟେନ୍ ପି.ଏଲ୍. ଫାଉଲେ, କ୍ୟାପଟେନ୍ ଜେ.ଏନ୍. ଓ୍ୱାଟସନ୍, କ୍ୟାପଟେନ କାଟମାନ୍, କମାଣ୍ଡିଙ୍ଗ୍ ଗ୍ଲାଇଟ, କେମ୍ପ, ଘୋଲଡ଼ହକ୍, ବେକ୍ ପ୍ରଭୃତି ଅନ୍ୟତମ । **କମିଶନର**- ରବର୍ଟ କେର୍, ହୁକେର, ସେକେନହାମ୍, ରକ୍ସ୍‌ବର୍, **କଲେକ୍ଟର**- ଗ୍ରୁମ୍, ବଏବ୍, ଟ୍ରାଭେର୍, ଆକ୍‌ଟିଙ୍ଗ ମାଜିଷ୍ଟ୍ରେଟ ଓ ଜଜ୍ ରକ୍ସ୍‌ବର୍, କମିଶନରଙ୍କ ସେକ୍ରେଟେରୀ ଏ.ଷ୍ଟର୍ଲିଂ, ବଙ୍ଗ ଗଭର୍ଣ୍ଣମେଣ୍ଟଙ୍କ ଆକ୍‌ଟିଙ୍ଗ ଚିଫ୍ ସେକ୍ରେଟେରୀ ଡବ୍ଲ୍ୟୁ.ବି.ବେଲେ, ଷ୍ଟୁଆର୍ଟ ଏକେଷ୍ଟ ବେକର, ଆର୍ଚ୍ଚିନ୍ ଓ ଗ୍ରାଣ୍ଟ ପ୍ରଭୃତି ବହୁ ଅଫିସର ଖୋର୍ଦ୍ଧା ପ୍ରଶାସନ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିଲେ କୃଷ୍ଣଚନ୍ଦ୍ର ସିଂହ, ଚନ୍ଦ୍ରପ୍ରସାଦ ସିଂହ, ଗୌରହରି ସିଂହ,

ଶ୍ୟାମାନନ୍ଦ ରାୟ, ଦାରୋଗା ମିରଜା ମାଣ୍ଡି ପ୍ରଭୃତି ବଙ୍ଗୀୟ ଓ ଅଣଓଡ଼ିଆ ଅଫିସର ।

୧୮୨୭ ଜୁନ୍ ୨୬ରୁ ୩୦ ମଧ୍ୟରେ ତାପଙ୍ଗ ଜଳଦେହେରା ମାଧବ ରାଉତରାୟଙ୍କ ସଙ୍ଗେ ଇଂରେଜମାନଙ୍କର ଯୁଦ୍ଧ ହୋଇଥିଲା । ୧୮୨୮ରେ ଓଡ଼ିଶା ପୁରୀ କଟକ ବାଲେଶ୍ୱର ଜିଲ୍ଲାରେ ବିଭକ୍ତ ହେଲା । ୧୮୩୫ରେ କୃତ୍ତିବାସ ପାଟଶାଣୀଙ୍କ ବିଦ୍ରୋହ ଓ ତିନିଦିନ ପାଇଁ ବାଣପୁରକୁ ସ୍ୱାଧୀନତା ଘୋଷଣା ଏକ ଉଲ୍ଲେଖନୀୟ ଘଟଣା ଥିଲା ।

ସେତେବେଳେ ଖୋର୍ଦ୍ଧାଞ୍ଚଳରେ ବହୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଥିଲା । ୧୮୨୮ ଏପ୍ରିଲ ୩୦ ତାରିଖରେ ଖୋର୍ଦ୍ଧା ଥାନା ଇଲାକାରେ ଏକ ସତୀଦାହ ହୋଇଥିଲା । ତା ପୂର୍ବଦିନ ରୋଗୀର ଅବସ୍ଥା ସଙ୍କଟାପନ୍ନ ଦେଖି ତାର ଭାର୍ଯ୍ୟା ସତୀ ହେବାକୁ ସ୍ଥିର କଲା । ସେତେବେଳେ ସ୍ୱାମୀର ସଂଜ୍ଞା ଥିଲା । ଦାରୋଗା ବାବୁ ସେଠାରେ ପହଞ୍ଚି ସ୍ୱାମୀଙ୍କ ସାହାଯ୍ୟରେ ସ୍ତ୍ରୀକୁ ସତୀ ନ ହେବା ପାଇଁ ବୁଝାଇଥିଲେ । କିନ୍ତୁ ସେ ସ୍ତ୍ରୀ ରାଜି ନ ହୋଇ ସ୍ୱାମୀର ଚିତାନଳରେ ଦାରୋଗାଙ୍କ ଉପସ୍ଥିତିରେ ଆତ୍ମ ବିସର୍ଜନ କଲା । ଜିଲ୍ଲା କଲେକ୍ଟର ଏ ସମ୍ବାଦ ପାଇଁ ଗ୍ରାମର ସରବରାକାର, ଚଉକିଦାର ଓ ନିକଟସ୍ଥ ଗ୍ରାମର ୫ ଜଣ ସରବରାକାରଙ୍କୁ ଡକାଇ ଆଣି ଏମାନଙ୍କ ଗୋଡ଼ରେ ବେଡ଼ି ଛନି ହାଜତରେ ବନ୍ଦୀ କରି ରଖିଲେ । ଦାରୋଗା ସତୀଦାହ ସମୟରେ ଉପସ୍ଥିତ ଥିବାରୁ ତାଙ୍କୁ ଦଶଟଙ୍କା ଜୋରିମାନା ହେଲା । ପୁରୋହିତ ଜ୍ୱର ଯୋଗୁ ବିଳମ୍ବରେ ଆସି ପହଞ୍ଚିବାରୁ ତାଙ୍କୁ ମଧ୍ୟ ବନ୍ଦୀ କରି ରଖାଗଲା । ସେତେବେଳେ ସତୀଦାହ ଏକ ସାଧାରଣ ଘଟଣା ହୋଇଥିବାରୁ ଓ ଲର୍ଡ଼ ବେଣ୍ଟିଙ୍କଙ୍କ ଆଇନ କାର୍ଯ୍ୟକାରୀ ହୋଇନଥିବାରୁ କମିଶନର ଏମାନଙ୍କୁ ଖଲାସ କରି ଦେଇଥିଲେ । ୧୮୨୮ ନଭେମ୍ବର ୪ ତାରିଖରେ କଟକ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପାଖକୁ କମିଶନର ଥୋମାସ୍ ପାକେନ୍‌ହାମଙ୍କ ଚିଠିରୁ ଏ କରୁଣ କାହାଣୀ ଜଣାଯାଏ ।

ଦଧିମାଛ ଗାଡ଼ିଆର ରାୟ ବାହାଦୁର ମଧୁସୂଦନ ପଟ୍ଟନାୟକ ଥିଲେ ପ୍ରଥମ ଓଡ଼ିଆ ଅଫିସର । ଖୋର୍ଦ୍ଧାଞ୍ଚଳରେ ଶିକ୍ଷାର ପ୍ରସାର ଦିଗରେ ଉଲ୍ଲେଖନୀୟ ଭୂମିକା ଯୋଗୁ ସେ ସ୍ମରଣୀୟ । ସେ ଖୋର୍ଦ୍ଧାର ଡେପୁଟି କଲେକ୍ଟର ଥିବାବେଳେ ୧୮୩୮ ମସିହାରେ ନିଷ୍କର ଲାଖରାଜ ଜମି ବିଷୟକ ବନ୍ଦୋବସ୍ତ ହୋଇଥିଲା । ବର୍ତ୍ତମାନ ସଗର୍ବେ ଦଣ୍ଡାୟମାନ ଗମ୍ବୁଜାକାର କଚେରୀ ଅଟ୍ଟାଳିକା ସେ ନିର୍ମାଣ କରିଥିଲେ । ସେ ସମୟରେ ଖୋରଧା କଚେରୀରେ କାର୍ଯ୍ୟରତ ଅଧିକାଂଶ ଅମଲା ତାଙ୍କର ବଂଶୀୟ ଥିଲେ । ପାଇକ ବିଦ୍ରୋହ ସମୟରେ ମେଜର୍ ଫ୍ଲେଚର୍ ପ୍ରଥମେ ଖୁରୁଧା ଦୁର୍ଗର ପ୍ରସ୍ତର ଆଣି ସରକାରୀ କଚେରୀ ନିର୍ମାଣ କରିଥିବାର ଖୁରୁଧା ଇତିହାସରୁ ଜଣାଯାଏ ।

ଏହି ସମୟରେ ଖୋର୍ଦ୍ଧା ରାଜା ଓ କୋଣାର୍କ ମନ୍ଦିରକୁ ନେଇ ବ୍ରିଟିଶ ପ୍ରଶାସନରେ ଖୁବ୍ ଆଲୋଡ଼ନ ସୃଷ୍ଟି ହୋଇଥିଲା । କୋଣାର୍କ ମନ୍ଦିର ନିର୍ମାଣରେ ଖୋର୍ଦ୍ଧାର ବହୁତ ଅବଦାନ ଥିଲା । ବହୁ ବର୍ଷ ଭଗ୍ନ ଅବସ୍ଥାରେ ପଡ଼ି ରହିବା ପରେ ଖୋର୍ଦ୍ଧା ଗଜପତି ବୀର କିଶୋର ଦେବଙ୍କ ରାଜତ୍ୱରେ ବାବା ବ୍ରହ୍ମଚାରୀ ନାମକ ଜନୈକ ସାଧୁ ପଦ୍ମପୁରାଣରୁ ସୂର୍ଯ୍ୟ ମନ୍ଦିରର ମାହାତ୍ମ୍ୟ ଜାଣି ପ୍ରିୟ ଶିଷ୍ୟ ନିଳାୟର ପଟ୍ଟନାୟକଙ୍କ ସହାୟତାରେ ଦୁଇଟି ହସ୍ତୀ ଓ ଦୁଇଶହ ସ୍ୱର୍ଣ୍ଣମୁଦ୍ରା ନେଇ ସମୁଦ୍ରକୂଳ ଜଙ୍ଗଲ ବୁଲି ବୁଲି ଏହି ବିଶ୍ୱବିଖ୍ୟାତ ମନ୍ଦିର ସନ୍ଦର୍ଶନ କରିଥିଲେ । ଏ ପ୍ରସଙ୍ଗ ମାଦଳାପାଞ୍ଜିରେ ବର୍ଣ୍ଣିତ । ସେ ୧୮ଟି ମୂର୍ତ୍ତି, ସ୍ତମ୍ଭ ଓ ପ୍ୟାନେଲ ପୁରୀ ନେଇ ଆସିଥିଲେ । ଏହାର ୫୬ ବର୍ଷ ପରେ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବ ସୂର୍ଯ୍ୟମନ୍ଦିରର କେତେକ ସଂସ୍କାର ସାଧନ କରିବାକୁ ପ୍ରୟାସ କରିଥିଲେ । ମାତ୍ର ୩ ମାସ କଠିନ ପରିଶ୍ରମ କରି ତାଙ୍କ ଲୋକମାନେ ବିଶେଷ କିଛି ପୁନରୁଦ୍ଧାର କାର୍ଯ୍ୟ କରିପାରିନଥିଲେ । ସେ କେତୋଟି ମୂର୍ତ୍ତି ନେଇ ପୁରୀ ଉଆସରେ ରଖିଥିଲେ । ଦିବ୍ୟସିଂହ ଦେବ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହେବାପରେ କୋଣାର୍କ ମନ୍ଦିର ସଂସ୍କାର କାର୍ଯ୍ୟ ଆପେ ବନ୍ଦ ହୋଇଯାଇଥିଲା ।

ବାବା ବ୍ରହ୍ମଚାରୀ କୋଣାର୍କ ମନ୍ଦିର ପ୍ରଦର୍ଶନ କରିବାର ଶହେବର୍ଷ ପରେ ୧୮୩୮ ମସିହାରେ ଖୁରୁଧା ରାଜା କୋଣାର୍କ ମନ୍ଦିର ଭାଙ୍ଗି ପକାଇବାକୁ ଆଦେଶ ଦେଇଥିଲେ । କଟକର ପୂର୍ବତନ କମିଶନର ଉଇଲ କିନ୍‌ସନ୍ ରାଜାଙ୍କୁ କିଛି ମୂଲ୍ୟବାନ ପ୍ରସ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପତ୍ରର ଭୁଲ ବ୍ୟାଖ୍ୟା କରି ଖୋରଧା ରାଜା କେତେ ଶହ ଲୋକ ପଠାଇ କାକ, କୋଦାଳ, ଶାବଳ, ଖଣତି, ଗଇତିରେ ମନ୍ଦିର ଉପରୁ ବହୁ କାରୁକାର୍ଯ୍ୟ ପରିପୂର୍ଣ୍ଣ ମୂର୍ତ୍ତି, ଅତୁଳନୀୟ ସ୍ତମ୍ଭ, ଶିଳାଣ, ତୋରଣ ଭାଙ୍ଗି ଖସାଇ ଦେଇଥିଲେ । ମାତ୍ର ସେତେବେଳେ କଲିକତାର ରୟାଲ ଏସିଆଟିକ୍ ସୋସାଇଟିର ସେକ୍ରେଟେରୀ ପ୍ରିନ୍‌ସେପ୍ ସାହେବଙ୍କ ଚାପରେ ତତ୍କାଳୀନ ବ୍ରିଟିଶ ସରକାର ଏହା ବନ୍ଦ କରିବାରୁ ଏହି ବିଶ୍ୱବିଖ୍ୟାତ ମନ୍ଦିରଟି ଆସନ୍ନ ଧ୍ୱଂସ ମୁଖରୁ ରକ୍ଷା ପାଇଥିଲା । ରୟାଲ ଏସିଆଟିକ୍ ସୋସାଇଟି ୧୮୩୮ ଅଗଷ୍ଟ ୧୮ ତାରିଖରେ ପ୍ରେସିଡ଼େନ୍ସି କାଉନସିଲକୁ ଚିଠି ପଠାଇଥିଲେ । ଅଗଷ୍ଟ ୨୦ ତାରିଖରେ ତତ୍କାଳୀନ ଭାରତ ସରକାରଙ୍କ ଅସ୍ଥାୟୀ ସଚିବ ରାଜ୍ୟ ସରକାରଙ୍କ ସଚିବ ହ୍ୟାଲିଡ଼େଙ୍କ ନିକଟକୁ ପତ୍ର ଦେବା ସହିତ ବଙ୍ଗଳାର ଡେପୁଟୀ ଗଭର୍ଣ୍ଣରଙ୍କୁ ଉପଯୁକ୍ତ ଆଦେଶ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ପର୍କୀୟ ରେକର୍ଡ଼ କଲିକତାସ୍ଥ ଷ୍ଟେଟ୍ ଆର୍କାଇଭ୍‌ସରେ ସଂରକ୍ଷିତ ଅଛି । ପ୍ରାବନ୍ଧିକ, ଗୋପାଳକୃଷ୍ଣ ତା ୪.୧୧.୧୯୮୯ ରିଖ କଲିକତାରୁ ପ୍ରକାଶିତ ସାପ୍ତାହିକ ବଙ୍ଗଳା ପତ୍ରିକା 'ବର୍ତ୍ତମାନ'ରେ ଏ ପ୍ରସଙ୍ଗ ଅବତାରଣା କରିଛନ୍ତି ।

୧୮୩୮ ମସିହାରେ କିଟୋସାହେବ ବରୁଣେଇ ପାଣ୍ଡବଗୁମ୍ଫା ଆବିଷ୍କାର କରି ଜର୍ଣ୍ଣାଲ୍ ଅଫ୍ ଏସିଆଟିକ୍ ସୋସାଇଟିରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ ।

ରାୟବାହାଦୁର ମଧୁସୂଦନ ପଟ୍ଟନାୟକଙ୍କ ପରେ ମିଃ ଓ୍ୱାଲିସ ଖୁରୁଧାକୁ ଏସ୍.ଡ଼ି.ଓ ହୋଇ ଆସିଲେ । ଜଣେ ପଲଟନ ସିପାହୀର ସ୍ତ୍ରୀ ସହିତ ତାଙ୍କର ଗୁପ୍ତ ପ୍ରଣୟ ଥିବାରୁ ଦିନେ ରାତ୍ରିର ନିର୍ଜନ ପ୍ରହରରେ ନିଦ୍ରିତ ଅବସ୍ଥାରେ ତାଙ୍କୁ ଖଣ୍ଡା ଦ୍ୱାରା ହତ୍ୟା କରାଯାଇଥିଲା । ତାଙ୍କ ଶବ କଟକ ଯାଇ ସେଠାରେ ପୋଷ୍ଟମର୍ଟମ କରାଗଲା । ଏ ଘଟଣା ଖୋରଧା ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଥିଲା । ଏସ୍.ଡ଼ି.ଓ. ରାସବିହାରୀ ବୋଷ୍ ପ୍ରାୟେ ଖୋର୍ଦ୍ଧାରେ ଯୋତା ମୋଜା ପିନ୍ଧି ଅଫିସକୁ ଆସୁଥିବାରୁ ତାଙ୍କୁ ଦେଖିବାକୁ ଲୋକମାନେ ଭୀଡ଼ ଜମାଉଥିଲେ । ମିଃ ଡ଼ି.ବି. ବ୍ରାଉନ୍ ଏସ୍.ଡ଼ି.ଓ. ପିଲାମାନଙ୍କୁ ଡାକି ଖାଇବାକୁ ଦେଉଥିଲେ । ସେ ଖୋରଧାକୁ ଶ୍ରଦ୍ଧା କରୁଥିବାରୁ ଅବସର ନେଲାପରେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ପୁଣି ଖୋରଧାକୁ ଦେଖିବାକୁ ଆସିଥିଲେ । ଯୁବ ଏସ୍.ଡ଼ି.ଓ. ମିଃ ଫିଲିପସ୍ ଥିଲେ ବଡ଼ା ମିଜାଜର ଲୋକ । ମିସଲ୍‌ରେ ଲେଖି ତାଙ୍କୁ ଅନାଇଲେ ଆଗପାଖ ପାଇଁ ଏକଟଙ୍କା, ପଛ ପାଖ ପାଇଁ ଦୁଇଟଙ୍କା ଜୋରିମାନା ଦେଉଥିଲେ । ସେତେବେଳେ ମୁଖ୍ୟତଃ ଇଂଲଣ୍ଡରୁ ସଦ୍ୟ ଆଗତ ଟ୍ରେନିଂ ପ୍ରାପ୍ତ ଯୁବ ଆଇ.ସି.ଏସ୍. ଓ ପୋଖତ ଦେଶୀ ଡେପୁଟୀ ମାଜିଷ୍ଟ୍ରେଟ୍‌ମାନେ ଖୋରଧା ଖାସ୍‌ମାହାଲରେ ଅଫିସର ଭାବେ ନିଯୁକ୍ତି ପାଉଥିଲେ । ଏହି ଉତ୍ତେଜନା ପ୍ରବଣ ଗୁରୁତ୍ୱପୂର୍ଣ୍ଣ ସବ୍‌ଡିଭିଜନ ତାଙ୍କ ପାଇଁ ତାଲିମ ଓ ପରୀକ୍ଷା ସ୍ଥଳ ଥିଲା । ଏଠାରେ ସଫଳ ପ୍ରଶାସନ ଦେଲେ ସେମାନେ ପଦୋନ୍ନତି ପାଇ ଓଡ଼ିଶା ଓ ଭାରତର ବିଭିନ୍ନ ସ୍ଥାନରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଉଥିଲେ । ୧୮୫୯ ଡିସେମ୍ବର ୧୧ ତାରିଖରେ ଖୋର୍ଦ୍ଧା ରାଜା ବୀରକିଶୋର ଦେବଙ୍କ ମୃତ୍ୟୁପରେ ପୁରୀର ଅଫିସିଏଟିଙ୍ଗ ମାଜିଷ୍ଟ୍ରେଟ ଜେ.ବି. ମ୍ୟାକଟିଅର ବକ୍ସି ଜଗବନ୍ଧୁଙ୍କ ପୁତ୍ରପୋପୀନାଥ ବିଦ୍ୟାଧରଙ୍କୁ ରାଜା କରାଇବା ପାଇଁ ପ୍ରସ୍ତାବ ଦେଇଥିଲେ ମାତ୍ର ବକ୍ସି ଇଂରେଜଙ୍କୁ ଯେପରି ହିନସ୍ତା କରିଥିଲେ, କମିଶନର ଜି.ଏଫ ଡଲଟର୍ଣ୍ଣ ଏହି ପ୍ରସ୍ତାବକୁ ନାମଂଜୁର କରି ଦେଇଥିଲେ ।

୧୮୬୬ ଫେବୃଆରୀ ୪ ତାରିଖରେ ଖୋର୍ଦ୍ଧା କଚେରୀ ମଧ୍ୟରେ ସବ୍ ରେଜିଷ୍ଟର ଅଫିସ୍ ଖୋଲାହେଲା । ତାହା ସମ୍ମୁଖରେ ଏକ ଚାଦନୀ ଉପରେ ବର୍ଷା ମାପକ ଯନ୍ତ୍ର ସ୍ଥାପିତ ହୋଇଥିଲା । ମିଃ ଜେ. ଓ୍ୱାରେଟ୍ ଏସ୍.ଡ଼ି.ଓ ଙ୍କ ସମୟରେ ଖୁରୁଧାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ଖୋରଧା ରାଜା ଶ୍ରୀ ଶ୍ରୀ ଦିବ୍ୟସିଂହଦେବଙ୍କ ନଅଙ୍କରେ ଏହି ଦୁର୍ଭିକ୍ଷ ହୋଇ ଓଡ଼ିଶାକୁ ଅନ୍ତସାରଶୂନ୍ୟ କରି ଦେଇଥିଲା । ୧୮୬୫ ଅକ୍ଟୋବର ବେଳକୁ ଖୋରଧା ସବ୍ ଡ଼ିଭିଜନରେ ଟଙ୍କାକୁ ଚାଉଳ ମିଳୁଥିଲା ମାତ୍ର ଦଶସେର, ପୁରୁଣା ଚାଉଳ ଆଠସେର ଅଥଚ ତା ପୂର୍ବ ବର୍ଷ ଦଶହରା ବେଳକୁ ଚାଉଳ ଦର ଥିଲା ଟଙ୍କାରେ ତିରିଶ ସେର । ୧୮୬୫ ନଭେମ୍ବର ମାସରେ ପୁରୀ ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ଲେସି ଖୋରଧା ଗସ୍ତରେ ଆସିଥିଲେ । ପୂର୍ବରୁ ବ୍ରିଟିଶ ଅଫିସରମାନେ ବଡ଼କୂଳ ଆସି ଚିଲିକାରେ ପକ୍ଷୀ ଶୀକାର କରୁଥିଲେ । ମାତ୍ର ଏଥର ଲେସି ସାହେବ ମରୁଡ଼ି ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ଗସ୍ତରେ ଆସି ନଭେମ୍ବର ୨୪ ତାରିଖରେ ରିପୋର୍ଟ ପଠାଉଥିଲେ ।

ଖୋରଧାରେ ଫସଲ ଖରାପ ନଥିଲା ଏବଂ ଗଙ୍ଗାସପ୍ତାହରେ ମେଘୁଆ ପାଗଯୋଗୁ ଅବସ୍ଥା ସାମାନ୍ୟ ସୁଧୁରୀ ଥିଲା । କିନ୍ତୁ ବୋଲଗଡ଼ ଅଞ୍ଚଳରେ ଅବସ୍ଥା ଏହପ୍ରକାର ନଥିଲା । ଢ଼ଙ୍କିଆ ଓ ଟାଙ୍ଗି ମଝିରେ ଫସଲ ଜଳି ଯାଉଥିଲା । ଲୋକେ ଠାଏ ଠାଏ ଜମିରେ ପାଣି ମଡ଼େଇ ସାମାନ୍ୟ ଫସଲକୁ ବଞ୍ଚାଇ ରଖିଥିଲେ । ଲେସି ଢ଼ଙ୍କିଆରେ କ୍ୟାମ୍ପ କରିଥିଲେ । ତାଙ୍କ ଲୋକ ଯାଇ ବଜାରରୁ ଚାଉଳ କିଣି ଆଣିଥିଲେ । ତା'ପରେ ଲେସି ଚିଲିକା କୂଳରେ କ୍ୟାମ୍ପ ପକାଇ ସୁନାଖଳା ଯାଇଥିଲେ । ସେଠାରେ ଫସଲ ପ୍ରାୟ ନଷ୍ଟ ହୋଇ ଯାଇଥିଲା । କେଣ୍ଡାଏ ଧାନ ନଥିବାରୁ ଖେତରେ ଗାଈଗୋରୁ ଖୁଣ୍ଟାଗଛକୁ ଚରୁଥିଲେ । ଏ ଅଞ୍ଚଳରେ ଅନେକ ଲୋକ ଗାଁ ଛାଡ଼ି କାମ ଆଶାରେ କଟକ ଓ ଗଂଜାମ ଆଡ଼କୁ ପଳାଇ ଯାଉଥିଲେ । ଲେସି ପାଲିଙ୍କି ରଖିଦେଇ ବାଲୁଗାଁରୁ ବାଣପୁର ପର୍ଯ୍ୟନ୍ତ ଘୋଡ଼ା ଚଢ଼ିଥିଲେ । ରାସ୍ତା ପାଖରେ ଗରୀବ ଚାଷୀମାନେ ସରକାରୀ ଖଜଣା ମାଗୁଥିବାରୁ ତାଙ୍କୁ ଅଭିଯୋଗ କରିଥିଲେ । ଚିଲିକାକୂଳସ୍ଥ ଗ୍ରାମ ଗୁଡ଼ିକର ଦୁର୍ଦ୍ଦଶା କରୁଣତା ଦିଶୁଥିଲା ।

ଖୋରଧା ମରୁଡ଼ି ସଂପର୍କରେ ଉତ୍କଳ ଦୀପିକାରେ ପ୍ରକାଶ ପାଉଥିଲା । "ଦୁର୍ଭିକ୍ଷ ବିଷୟରେ ବୋର୍ଡ ଯେ ବୃତ୍ତାନ୍ତ ପ୍ରକାଶ

କରିଅଛନ୍ତି ସେଥିରେ ଦେଖୁଛୁଁ ଯେ ଖାସମହାଲ ଜିଲ୍ଲା ଖୋର୍ଦ୍ଧା ଇଲାକା ସାତପଡ଼ାରେ ସତ୍ତ୍ୱବନ୍ଧାକାରମାନଙ୍କୁ ଗବର୍ଣ୍ଣମେଣ୍ଟର ଏକ ସହସ୍ର ବସ୍ତାର ବିହନ ଧାନ ଏହି ସର୍ତ୍ତରେ ଦିଆ ଯାଇଅଛି ଯେ ଆଗତ ଫସଲ କଟାହେଲେ ଉକ୍ତ ବିହନର ଖରିଦ ମୂଲ୍ୟ ସେମାନେ ସରକାରଙ୍କୁ ଆଦାୟ କରିବେ କି ଆଶ୍ଚର୍ଯ୍ୟ ସରକାର ବାହାଦୁର ଏତେ ଆଡ଼ମ୍ବରରେ ଆପଣା ଦାନଶୀଳତା ଦେଖାଇବାର ଚେଷ୍ଟାକରି ଯେ ସତ୍ତ୍ୱବନ୍ଧାକାରଙ୍କଠାରୁ ଦେଢ଼ି ସ୍ୱରୂପ ଧାନ ନ ନେଇ ଦୁର୍ଭିକ୍ଷ ମୂଲ୍ୟରେ ଟଙ୍କା ନେବାକୁ ଇଚ୍ଛା କରନ୍ତି ଏଥିରେ ସେ ସାମାନ୍ୟ ଜମିଦାରାପେକ୍ଷା ନିକୃଷ୍ଟ କର୍ମ କରୁଅଛନ୍ତି।''

୧୮୬୬ ସେପ୍ଟେମ୍ବର ମାସରେ ପୁରୀର କଲେକ୍ଟର ଥିଲେ ବାର୍ଲୋ। ସେ ପୀଡ଼ିତ ଲୋକଙ୍କୁ ବହୁ ସାହାଯ୍ୟ କରିଥିଲେ। ୧୮୬୬ ଜୁଲାଇ ମାସରେ ଖୋର୍ଦ୍ଧାର ଆସିଷ୍ଟାଣ୍ଟ କଲେକ୍ଟର ଥିଲେ ଇ.ଜେ.ବାର୍ଟନ। ତାଙ୍କ ଅଧୀନରେ ଖୋର୍ଦ୍ଧା ସବ୍‌ଡିଭିଜନରେ ନଅଟି ଅନ୍ନଛତ୍ର ଖୋଲାହୋଇ କାଙ୍ଗାଳ ମାନଙ୍କୁ ରନ୍ଧାଭାତ ଦିଆ ଯାଇଥିଲା। ବାର୍ଟନ ଥିଲେ ନବଯୁବକ। ଅଳ୍ପଦିନ ପୂର୍ବରୁ ସେ ଚାକିରିରେ ଯୋଗ ଦେଇଥିଲେ ଏବଂ ଭାରତ ତାଙ୍କ ପାଇଁ ନୂଆ ଅନୁଭୂତି ଥିଲା। ତାଙ୍କର ବନ୍ଧୁଥିଲେ ଜାଜପୁରର ଆସିଷ୍ଟାଣ୍ଟ କଲେକ୍ଟର ଜେ.ଏସ୍.ଆର୍ମଷ୍ଟ୍ରଙ୍ଗ ଏବଂ ଭିଜିଟ ମାଜିଷ୍ଟ୍ରେଟ ଟି.ଏମ୍.କର୍କଉଡ଼୍। ଦୁର୍ଭିକ୍ଷ ଦାୟିତ୍ୱରୁ ସାମାନ୍ୟ ଅବସର ପାଇଲେ। ଏହି ଯୁବ ଅଫିସରମାନେ କଟକ ଯାଇ ଷ୍ଟେସନ୍ କ୍ଲବରେ ବ୍ରାଣ୍ଡିପାନ କରୁଥିଲେ। କମିଶନର ରେଭେନ୍‌ସାଙ୍କ ସଙ୍ଗେ ଅଳାପ ଆଲୋଚନା କରୁଥିଲେ।

ଖୋର୍ଦ୍ଧାର ଜଣେ ଯୁବତୀ ସ୍ତ୍ରୀ ବାର୍ଟନଙ୍କ ନାମରେ ନାଲିସ୍ କରିଥିଲା ଯେ ତାର ଦେଢ଼ ବର୍ଷର ଝିଅ ପାଇଁ ସାହେବ ଭରଣ ପୋଷଣ ଅର୍ଥ ଦିଅନ୍ତୁ। କାରଣ ଝିଅଟି ତାଙ୍କ ଔରସରୁ ଜନ୍ମ ହୋଇଥିଲା। ଏହି ଶିଶୁଟି ସାହେବଙ୍କ ପରି ଗୋରା ତକତକ ଦିଶୁଥିବାରୁ ଲୋକେ ତା କଥା ବିଶ୍ୱାସ କରୁଥିଲେ। କିନ୍ତୁ ପ୍ରମାଣ ଅଭାବରୁ ମକଦ୍ଦମା ଡିସ୍‌ମିସ୍ ହୋଇ ଯାଇଥିଲା। ଏ ପ୍ରସଙ୍ଗ ତା ୧୫.୮.୧୮୬୬ରେ ପ୍ରକାଶିତ ଉତ୍କଳ ଦୀପିକାରେ ବର୍ଣ୍ଣିତ ହୋଇଛି - XXX ତାହାର ଗୋଟିଏ ଦୁହିତା ଅଛି ବୟସ ପ୍ରାୟ ଦେଢ଼ବର୍ଷ, ଗୌରବର୍ଣ୍ଣ ଓ ସର୍ବାଙ୍ଗ ଏ ରୂପ ଇଂରାଜ ସନ୍ତାନ ପରି ହୋଇଅଛି ଯେ ସମସ୍ତେ ତାହାକୁ ବିଲାତି ଲୋକ ଔରସ ଜାତ କହୁ ଅଛନ୍ତି ଓ କେହି କେହି ଉକ୍ତ ଶିଶୁର ଆକୃତି ବାର୍ଟନ ସାହେବଙ୍କ ସଙ୍ଗେ ଏକା ଥିବାର ଅନୁମାନ କରିବାକୁ ସୁଦ୍ଧା ତ୍ରୁଟି କରି ନାହାନ୍ତି। ସେ ସ୍ତ୍ରୀ କହେ ଯେ ବାର୍ଟନ ସାହେବ ତାକୁ ତାହାର ପ୍ରଥମାବସ୍ଥାରୁ ରକ୍ଷିତ ସ୍ତ୍ରୀ ପରି ରଖିଥିଲେ ଓ ଉକ୍ତ ଦୁହିତା ତାଙ୍କ ଔରସରୁ ଜାତ ହୋଇଅଛି। ଏ ମକଦ୍ଦମା ତଦାରଖରେ ଶ୍ରୀଯୁକ୍ତ ଟେଲର ସାହେବ ଡିପୋଟୀ ମେଜେଷ୍ଟର ଅନେକ ଅନୁସନ୍ଧାନ କଲେ ମାତ୍ର ସ୍ୱୟଂ ବାର୍ଟନ ସାହେବ ଉକ୍ତ ସ୍ତ୍ରୀକୁ ନ ଚିହ୍ନୁଥିବାରୁ ଓ ତାହାର ଉକ୍ତହାରା ସମସ୍ତ ପ୍ରସଙ୍ଗରେ ଅଜ୍ଞାତ ଥିବାର ହଲଫ କରି କହିବାରୁ ଓ ଉତ୍ତମ ପ୍ରମାଣ ନ ମିଳିବାରୁ ମକଦ୍ଦମା ଡିସମିସ୍ ହୋଇଗଲା।''

ଏହି ବାର୍ଟନ ସାହେବ ପଟିଆ ରାଜାଙ୍କୁ ଗିରଫ କରିବା ପ୍ରସଙ୍ଗ ୨୫ ତାରିଖ ମାହେ ଅଗଷ୍ଟ ସନ ୧୮୬୬ ମସିହା ସାପ୍ତାହିକ ସମ୍ବାଦପତ୍ର ଉତ୍କଳ ଦୀପିକାରେ ଛାପିତ ହୋଇଛି। - ''ଆମର ଖୋର୍ଦ୍ଧାର ସମ୍ବାଦଦାତା ଲେଖୁଛନ୍ତି ଯେ ସେଠାର ଆସିଷ୍ଟାଣ୍ଟ କେଲେକ୍ଟର ଶ୍ରୀଯୁକ୍ତ ବାର୍ଟନ ସାହେବ ପଟିଆର ରାଜା ଦିବ୍ୟସିଂହଦେବଙ୍କୁ ଚଳିତ ମାସ ତା ୧୭ରିଖ ଶୁକ୍ରବାର ଦିନ ହାଜତ ଦେଇ ଅଛନ୍ତି। ପ୍ରକାଶ ହୁଏ ଯେ ଉକ୍ତରାଜା ଏକ ନାମିଯତ ବସ୍ତ ମକଦ୍ଦମାରେ ଲିପ୍ତ ଥିବା ବିବେଚନାରେ ତାହାଙ୍କୁ ତଲବ ହୋଇଥିଲା କିନ୍ତୁ ସେ ହାଜର ନ ହେବାରୁ ୱାରେଣ୍ଟରେ ଗିରଫ୍ତାର ହୋଇ କଚେରୀକୁ ଆସିବାରେ ତାହାଙ୍କୁ ଯାମିନ ତଲବ ହେଲା। ରାଜା ତଦନୁସାରେ ଯାମିନ ଦାଖଲ କଲେ କିନ୍ତୁ ଆସିଷ୍ଟାଣ୍ଟ ସାହେବ ସେଥିରେ ସନ୍ତୁଷ୍ଟ ନ ହୋଇ ଯାମିନ ତଦାରଖ ଅପେକ୍ଷାରେ ତାହାଙ୍କୁ ହାଜତ ଦେଲେ। ଏ ମକଦ୍ଦମାରେ ବିସ୍ତାରିତ ଅବସ୍ଥା ଜ୍ଞାତ ହେଲେ ପ୍ରକାଶ କରିବୁଁ।''

ଖୋର୍ଦ୍ଧା ଏବଂ ଅନୁଗୁଳ ଥିଲା ବ୍ରିଟିଶ ସରକାରଙ୍କ ଖାସ୍‌ମହାଲ ବା ପ୍ରତ୍ୟକ୍ଷ ଶାସନାଧୀନ। ଖୋର୍ଦ୍ଧାରେ ଭୟାବହ ମରୁଡ଼ି ହୋଇଥିବା ସତ୍ତ୍ୱେ, ଖୋର୍ଦ୍ଧା ଓ ଅନୁଗୁଳରୁ ଯଥେଷ୍ଟ ପରିମାଣରେ ଚାଉଳ ସଂଗ୍ରହ କରାଯାଇ କଟକ ସହରକୁ ପଠାଯିବାରୁ ନଅଙ୍କ ଦୁର୍ଭିକ୍ଷ ସମୟରେ ସେଠାରେ ସରକାରୀ ଚାଉଳ ବିକ୍ରୟ ହେଲା। (ଉତ୍କଳ ଦୀପିକା ୨-୩-୧୮୬୭) (O.H.R.J. - oct - 61) ଦୁର୍ଭିକ୍ଷ ସମୟରେ ଲୋକଙ୍କୁ କାମଧନ୍ଦା ଯୋଗାଇଦେବା ପାଇଁ ସରକାର କିଛି ଯୋଜନା ଆରମ୍ଭ କରିଥିଲେ। ପୁରୀ କଲେକ୍ଟର ଜି.ଏନ୍. ବାର୍ଲୋ ସରକାରଙ୍କଠାରୁ

ଦଶହଜାର ଟଙ୍କା ମଞ୍ଜୁରୀ ପାଇ ଖୋର୍ଦ୍ଧାରୁ ପିପିଲିକୁ ରାସ୍ତା ନିର୍ମାଣ କାର୍ଯ୍ୟ ଖୋର୍ଦ୍ଧାର ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ କାର୍ଟେନଙ୍କ ଦାୟିତ୍ୱରେ କରାଉଥିଲେ । ଏଠାକୁ କାମ କରିବାକୁ ସାତପଡ଼ା ଆଦି ଦୂର ସ୍ଥାନରୁ ଲୋକମାନେ ଆସିଥିଲେ । ପୂର୍ତ୍ତ ବିଭାଗ ପକ୍ଷରୁ ଖୋର୍ଦ୍ଧା - ମାଡ୍ରାଜ ରାସ୍ତାର ଚକିଆ ଓ ବଡ଼ବୃନ୍ଦ ଭିତରେ କାମ ଚାଲିଥିଲା । କୁଲିମାନେ ଦିନକୁ ମଜୁରୀ ପାଉଥିଲେ ତି ଅଣାରୁ ତିନିପଇସା । ରାସ୍ତା କାମ ଦାୟିତ୍ୱରେ ଥିଲେ ପି.ଡବ୍ଲ୍ୟୁ.ଡି ଇଞ୍ଜିନିୟର ମିଃ ଜୋନାଟ୍ । କୁଲିଙ୍କ ମଜୁରୀ ବାବଦରେ ଚାଉଳ ଯୋଗାଇଦେବାକୁ ପ୍ରଥମେ ପ୍ରସ୍ତାବ ଥିଲେ ହେଁ କଲିକତାର ବୋର୍ଡ କର୍ତ୍ତୃପକ୍ଷ ମନା କରିବାରୁ ଏହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ବାର୍ଲୋ ଓ କାର୍ଟେନଙ୍କ ସମେତ ଓଡ଼ିଶାର ସାତଜଣ ଅଫିସର ରିଲିଫ କାର୍ଯ୍ୟରେ ପୀଡ଼ିତ ଲୋକଙ୍କର ବିଶେଷ ସାହାଯ୍ୟ କରିଥିବାରୁ ଦୁର୍ଭିକ୍ଷ କମିଶନଙ୍କ ନିକଟକୁ ଏମାନଙ୍କର ନାମ ତାଲିକା ପଠାଯାଇଥିଲା ।

ଖୋର୍ଦ୍ଧା ଅନ୍ତର୍ଗତ ବାଣପୁର ଦେଶସ୍ଥ ଭାଟପଡ଼ା ନିବାସୀ ଦଳବେହେରା ଶ୍ରୀଯୁକ୍ତ ଗୋପୀନାଥ ମହାର୍ଥୀ ମହାଶୟଙ୍କର ଦୁର୍ଭିକ୍ଷ ଉପଲକ୍ଷେ ଦାନଶୀଳତା ଗୁଣର କାର୍ଯ୍ୟ ବର୍ଣ୍ଣନା 'ପ୍ରେରିତ ପତ୍ର' ଶୀର୍ଷକରେ ତା ୬-୧୨-୧୮୬୬ ଉତ୍କଳ ଦୀପିକାରେ ପ୍ରକାଶିତ । XXX "ସନ ୧୮୬୫ ସାଲର ଡିସେମ୍ବର ମାସ ଆରମ୍ଭରେ ବାଣପୁର ପ୍ରଦେଶରେ ଅନ୍ନାଭାବ ହାହାକାର ଉପସ୍ଥିତ ହୁଏ । ବାଣପୁରରେ ମର୍ଦ୍ଦରାଜ ଓ ଭୁଜପଷ୍ଠା ନାୟକ ପ୍ରଭୃତି ବହୁତ ଶସ୍ୟଶାଳୀ ଭୂମ୍ୟାଧିପତି ଥିଲେ କିନ୍ତୁ କେହି ସେ ସମୟରେ ପରୋପକାର ବ୍ରତରେ ବ୍ରତୀ ନ ହୋଇ ଆପଣା ଆପଣା ସଞ୍ଚିତ ଧାନ୍ୟ ଅତ୍ୟଧିକ ମୂଲ୍ୟରେ ବଣିଜି ମହାଜନମାନଙ୍କୁ ବିକ୍ରୟ କଲେ ଏତଦ୍ରୂପ ଦୁଃସମୟରେ ଆସ୍ମାନଙ୍କ ପ୍ରସ୍ତାବ ମୂଳଶାନ୍ତ ଦାତ ସମ୍ଭ୍ରାନ୍ତ ଗୋପୀନାଥ ମହାର୍ଥୀ ମହାଶୟ ଆପଣା ଆବାସ ନିକଟରେ ଏକ ଅନ୍ନଛତ୍ର ସଂସ୍ଥାପନ କରି ସେଥିରେ ତତ୍ତ୍ୱାବଧାରଣ ନିମନ୍ତେ ସ୍ୱୟଂ ଓ ତାହାଙ୍କ ଭାତୃସ୍ପୁତ୍ର ଶ୍ରୀଯୁକ୍ତ ବିଦ୍ୟାଧର ବଳିଯାରସିଂହ ମହୋଦୟ ଓ ତିନିଜଣ ପାକ ବ୍ରାହ୍ମଣ ଓ ଆଠଜଣ ପରିଚାରକ ଇତ୍ୟାଦି ଯୁକ୍ତ କରି ପ୍ରତିଦିନ ପ୍ରାତଃକାଳରେ ଓ ମଧ୍ୟାହ୍ନ ସମୟରେ ଅନ୍ୟୂନ୍ୟ ଦୁଇଶତ ଜଣ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କୁ ଅକାତରରେ ଅନ୍ନଦାନ କରିବାକୁ ଆରମ୍ଭ କଲେ ପରେ ରାଜପୁରୁଷ ମାନଙ୍କର ଅନ୍ନଛତ୍ର ନିକଟସ୍ଥ ଗୁନାଖଳା ଓ ବାଣପୁରରେ ସଂସ୍ଥାପିତ ହେବାରୁ କ୍ରମରେ ହ୍ରାସ ହେଲା । ତଥାପି ଅଦ୍ୟାବଧି ଉକ୍ତ ଛତ୍ର ବର୍ତ୍ତମାନ ଅଛି ଓ ସେଥିରେ ନିକଟସ୍ଥ ୪୦ କି ୫୦ ଜଣ ମନୁଷ୍ୟ ପ୍ରତିଦିନ ପ୍ରତିପୋଷଣ ହୁଅନ୍ତି । ଏହି ଅନ୍ନଛତ୍ରରେ ମହାର୍ଥୀ ମହାଶୟଙ୍କର ଅନ୍ୟୂନ ଦୁଇ ସହସ୍ର ମହଣଧାନ ବ୍ୟୟ ହୋଇଅଛି ।

ସମ୍ପାଦକ ମହାଶୟ ମହାର୍ଥୀ ମହୋଦୟଙ୍କୁ ମହୋଚ୍ଚକୁଳୋଦ୍ଭବ ଓ ଅତି ସୁବିବେକ ଓ ସଦ୍‌ଗୁଣୀ ମାନ୍ୟବର ଶ୍ରୀଯୁତ ସୋର ସାହେବ ତାହାଙ୍କୁ ବାଣପୁରର ଭଗବତୀ ଦେବୀଙ୍କ ମନ୍ଦିରର ତତ୍ତ୍ୱାବଧାରକ ପଦରେ ଗବର୍ଣ୍ଣମେଣ୍ଟ ଆଦେଶାନୁସାରେ ଅଧିଷ୍ଠିତ କରିଅଛନ୍ତି ଅନନ୍ତର ବିଜ୍ଞବରେଣ । କଦାଚିତ୍ ଗୁଣି ଗୁଣାନୁମୋଦକ ।"

ସେତେବେଳେ ଖୋର୍ଦ୍ଧା ଏସ୍.ଡି.ଓ.ଙ୍କ ବଙ୍ଗଳାରେ ପିଆଦା, ଚପରାଶି, ସଇସ ବ୍ୟତୀତ ବବୁର୍ଚ୍ଚି, ଖାନସାମା, ଭିସ୍ତି, ବେହେରା, ହମାଲ, ମଶାଲଚି, ପଙ୍ଖାବାଲା, ମାଳି ପ୍ରଭୃତି ବହୁ ଲୋକ ଥିଲେ । କଟକ ଓ ପୁରୀର ବଡ଼ ଅଫିସରମାନେ ଖୋର୍ଦ୍ଧାରେ କ୍ୟାମ୍ପ ପକାଇଲେ ତାଙ୍କ ସାଙ୍ଗରେ ଦଳବଳ ଲୋକ ଆସୁଥିଲେ । ପାଲିଙ୍କିପାଇଁ ଷୋଳଜଣ ବେହେରା, ଜିନିଷ ପତ୍ର ବୋହିବା ପାଇଁ ଛଅଜଣ ବାହୁଙ୍ଗିବାଲା, ସାଙ୍ଗରେ ଆସୁଥିବା ବାବୁମାନଙ୍କ ପାଇଁ ହାତୀ, ଘୋଡ଼ା ଓ ବଳଦଗାଡ଼ିର ବ୍ୟବସ୍ଥା ଥିଲା । ସେମାନେ ଖୋଲା ଜାଗାରେ ବା ତୋଟାରେ ତମ୍ବୁ ପକାଇ ରହୁଥିଲେ । ତୋଟାରେ ହାତୀ ଘୋଡ଼ା ବନ୍ଧା ହେଉଥିଲେ, ପାଲିଙ୍କି ରଖା ହେଉଥିଲା । ଛୋଟବଡ଼ ଚାକିରଦାର, ଜମିଦାର, ସଉଦାଗରମାନେ ଫଳ ଓ ମିଠାଇଡାଲା ନେଇ ସାହେବଙ୍କୁ ଦେଖା କରୁଥିଲେ । ଉଚ୍ଚ ପଦସ୍ଥ ଅଫିସରଙ୍କ ପାଇଁ ଖାଦ୍ୟ ପେୟ, ନାଚ ଗୀତର ଆୟୋଜନ ହେଉଥିଲା । କଟକରୁ କାଣ, ଫଳ, ବିଲାତି ମଦ ଓ ଖାଇବା ଜିନିଷ ଆସୁଥିଲା । ବେଳେ ବେଳେ ଗଞ୍ଜାମରୁ ନାଚବାଲୀ ଆସୁଥିଲେ । ଅନେକ ରାତି ପର୍ଯ୍ୟନ୍ତ ଆମୋଦ ପ୍ରମୋଦ ଓ ଆତସବାଜିର ବ୍ୟବସ୍ଥା ହେଉଥିଲା । ପରେ ଖୋର୍ଦ୍ଧା ରୋଡ଼ରେ ରେଳଷ୍ଟେସନ ସ୍ଥାପନ ହେବାରୁ ୟୁରୋପୀୟ ବସତି ଓ ସଂସ୍କୃତି କ୍ରମବର୍ଦ୍ଧିତ ହେଲା ।

ଡାକ ପାଲିଙ୍କିରେ ମଧ୍ୟ ଅଫିସରମାନେ ଯାତାୟତ କରୁଥିଲେ । ସାଧାରଣ ପାଲିଙ୍କିରେ ଚାରିଜଣ ଲୋକ ପାଲିଙ୍କି ବୋହିବାବେଳେ ଆଉ ଚାରିଜଣ ଲୋକ ତାଙ୍କ ସହିତ ଦଉଡ଼ି

'ବିଶ୍ରାମ' ନେଉଥିଲେ। ମଝିରେ ମଝିରେ ଡାକ ଭିତରେ କାମ ବଦଳ ହେଉଥିଲା। କିନ୍ତୁ ଡାକ ପାଲିଙ୍କି ବ୍ୟବସ୍ଥାରେ କିଛି କିଛି ଦୂରରେ ଚାରି ଚାରି ଜଣ ବେହେରା ଅପେକ୍ଷା କରୁଥିଲେ ଓ ଏମାନେ ଡାକ ବା ରିଲେ ବ୍ୟବସ୍ଥାରେ ପାଲିଙ୍କି ବୋହୁଥିଲେ। ପାଲିଙ୍କି ବାହକମାନେ ଘଣ୍ଟାକୁ ଚାରି ମାଇଲରୁ ସାଢ଼େ ଚାରି ମାଇଲ ଗତିରେ ଏବଂ ସାଢ଼େ ପଚିଶ ତିରିଶ ମାଇଲ ପାଲିଙ୍କି ବୋହି ନେଉଥିଲେ। ପାଲିଙ୍କି ବେହେରା ଭିନ୍ନ ଜାତିର ଲୋକ ହୋଇଥିଲେ ଛୁଆଁ ଛୁଇଁର ସମସ୍ୟା ମଧ୍ୟ ସୃଷ୍ଟି ହେଉଥିଲା। ବିଶିଷ୍ଟ ବିଦ୍ୱାନ ଓ ପ୍ରଶାସକ ଉଇଲିୟମ ଉଇଲସନ୍ ହଣ୍ଟର ଚିଲିକା ତଥା ଖଣ୍ଡଗିରି ଓ ଭୁବନେଶ୍ୱରକୁ ପାଲିକିରେ ଆସିଥିଲେ।

୧୮୭୭ ମସିହାରେ କଟକର କଲେକ୍ଟର ତଥା ମାଜିଷ୍ଟ୍ରେଟ ସୁ ସାହିତ୍ୟିକ ଜନ୍ ବିମ୍ସ ଖୋର୍ଦ୍ଧାକୁ ଆଗମନ କରିଥିଲେ। ଖୋର୍ଦ୍ଧାରୁ ସେ ମନୋରମ ଚିଲିକା ତୀରକୁ ଗସ୍ତ କରିଥିଲେ। ଏ ପ୍ରସଙ୍ଗରେ ଲେଖିଛନ୍ତି, "ଏହାପରେ ମୁଁ ମନୋରମ ଚିଲିକା ତୀରକୁ ଗସ୍ତରେ ଯାଇଥିଲି ଏବଂ ଖୋର୍ଦ୍ଧାରେ ରହି ଜମିଦାରୀର ରାଜସ୍ୱ ଓ କର ନିର୍ଦ୍ଧାରଣ କରିବାରେ ବହୁ ଶ୍ରମ କଲି। ଏହା ଏକ ବଣ୍ୟ ଅଭିନବ ପୁରାତନ ଯୁଗର ଅନଗ୍ରସର ଅଦ୍ଭୁତ ଜାତି ଅଧ୍ୟୁସିତ ଅଞ୍ଚଳ। ଦୁଃଖ ହେଲା ଯେ ସେମାନଙ୍କ ଗହଣରେ ରହି ସେମାନଙ୍କର ଅଦ୍ଭୁତ ସୁନ୍ଦର ଚଳଣି ଓ ପ୍ରାଚୀନ ପରମ୍ପରା ସବୁ ଅନୁଧ୍ୟାନ କରିବାର ସମୟ ମୋର ନଥିଲା।"

୧୮୮୦ ବନ୍ଦୋବସ୍ତ ବେଳେ ରେଭେନ୍ସା ସାହେବ ଖୋରଧା ଆସିଥିଲେ। ସେତେବେଳେ କମିଶନରମାନେ ଥିଲେ ଓଡ଼ିଶାର ରାଜାପରି। କମିଶନର ଏଡଓ୍ୱାର୍ଡ ରେଭେନ୍ସାଙ୍କର ଥିଲା ଏଗାରଟି ତୋପର ସଲାମି। ଅଙ୍ଗରକ୍ଷୀ ଓ ହାତୀ ଉପରେ ହାଉଦାରେ ସେ ପରିଭ୍ରମଣ କରୁଥିଲେ। ସରକାରୀ ଅନୁଷ୍ଠାନମାନଙ୍କରେ ସେ ଘନନୀଳ ବର୍ଣ୍ଣର ଯେଉଁ ପୋଷାକ ପରିଧାନ କରୁଥିଲେ ତା ଉପରେ ସୁନାର ଧଡ଼ି ସୂତୀ କାମ ହୋଇଥିଲା। ମଥାରେ ପରଲଗା ବାଙ୍କ ଟୋପି ଓ କଟୀରେ ଖଡ୍ଗ ରହୁଥିଲା। ଅଧିକାଂଶ ସମୟ ସେ ସରକାରୀ କାଗଜପତ୍ର ଭର୍ତ୍ତି ହୋଇଥିବା ଟେବୁଲ ପାଖରେ ମୁହଁରେ ଚିରୁଟ୍ ଓ ହାତରେ କଲମ ଧରି ବସିରହୁଥିଲେ।

ତତ୍‌କାଳୀନ ସମୟରେ ବଣ ଜଙ୍ଗଲ ଶ୍ୱାପଦ ଶଙ୍କୁଳ ରାସ୍ତାରେ ଜନର ବା ଡାକ ହରକରା ମାନେ ନୀଳ ରଂଗର ଜାମା ପିନ୍ଧି ବାଡ଼ି ଝୁମ୍ ଝୁମ୍ କରି ଘଣ୍ଟାକୁ ଛଅ ମାଇଲ ହାରରେ ଯାଉଥିଲେ। କେତେ ଘଣ୍ଟା ପରେ କେତେ ସମୟ ବିଶ୍ରାମ ନେବେ। ସେ ସବୁ ବିଷୟରେ ମଧ୍ୟ ନିର୍ଦ୍ଦିଷ୍ଟ ନିୟମ ଥିଲା। ରାତିରହଣୀ ବା ଖିଆପିଆ ପାଇଁ ଦୂର ବାଟ ମଝିରେ ମଝିରେ ଥିଲା ଚଟିଘର।

୧୮୭୪ ମସିହାରେ ଭାରତର ବିଶିଷ୍ଟ ପତ୍ନତତ୍ତ୍ୱବିତ୍ ବେଗଲରର ଖୋର୍ଦ୍ଧା ବରୁଣାଇ ଗୁମ୍ଫାର ଶିଳାଲିପି ଅଧ୍ୟୟନ କରି ଆର୍କିଓ ଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଜର୍ଣ୍ଣାଲ ତୃତୀୟ ଖଣ୍ଡରେ ପ୍ରକାଶ କରିଥିଲେ।

ଅଗଷ୍ଟ ୧୮୭୬ରେ ଖୋର୍ଦ୍ଧାଞ୍ଚଳରେ ସୃତ୍ରକୁମାରୀ ନାମକ ଏକ ନୂତନ ରୋଗ ମାନ୍ଦ୍ରାଜରୁ ଗଂଜାମ ବାଟ ଦେଇ ଆସୁଛି ବୋଲି ଗୁଜବ ପ୍ରଚାର ହେଲା। ଏହି ରୋଗର ଲକ୍ଷଣ ହେଲା ପ୍ରଥମେ ଗୋଡ଼ର ବୁଢ଼ା ଆଙ୍ଗୁଳିରୁ ବ୍ୟଥା ଆରମ୍ଭ ହେବ। ତା ପରେ ବ୍ୟଥା ଅଣ୍ଟା ଉପରକୁ ଆସିବ। ରୋଗୀ ଢଳି ପଡ଼ିଯାଇ ମୂର୍ଚ୍ଛାଗଲେ ଶିଘ୍ର ମୃତ୍ୟୁ ବରଣ କରିବ। ରୋଗ ପ୍ରତିକାରର ଔଷଧ ପାଇଁ ଏକ କୃଷ୍ଣବର୍ଣ୍ଣର ଛେଳିକୁ ମାରି ତାର ଅନ୍ତବୁଜୁଳା ଭିତରୁ ଖାଦ୍ୟ ପଦାର୍ଥ ବାହାର କରି ଶୁଖାଇ ଖଲରେ କୁଟିବାକୁ ହେବ। ଗୁଣ୍ଡକି ଓଜନର ଔଷଧ ପ୍ରତ୍ୟହ ତିନି ଥର ଜଳରେ ଗୋଳାଇ ଖାଇବାକୁ ଦେଲେ ରୋଗ ଉପଶମ ହେବ। ଶହ ଶହ ସଂଖ୍ୟାରେ ଛେଳିକୁ ମାରି ଔଷଧ ତିଆରି ଓ ବିକ୍ରି ହେବାରୁ ଛେଳିର ଦାମ ଚାରିପାଞ୍ଚଗୁଣ ହୋଇଗଲା। ଏତଦ୍‌ବ୍ୟତୀତ ଏହି ରୋଗ ପାଇଁ ଏକ ନୂଆ ଚିକିତ୍ସା ମଧ୍ୟ ପ୍ରଚାରିତ ହେଲା। ତତଲା ଛୁରୀ ଦ୍ୱାରା ବୁଢ଼ା ଆଙ୍ଗୁଳିକୁ ଦାଗି ଦେଲେ ରୋଗରୁ ରକ୍ଷା ମିଳିଯିବ ବୋଲି ଜନରବ ଉଠିଲା। ଇଂରେଜ ଡାକ୍ତରମାନେ ଏଭଳି କୌଣସି ରୋଗ ନାହିଁ ବୋଲି ବୁଝାଇବାରେ ଲାଗିଲେ ମଧ୍ୟ ଲୋକେ ତାକୁ ଅବିଶ୍ୱାସ କରି ଔଷଧ ସଂଗ୍ରହ କଲେ। ଏପରି ଅଦ୍ଭୁତ ଗୁଜବ ପ୍ରାୟ ମାସେ କାଳ ଖୋରଧାରେ ଭୟ ଓ ଆତଙ୍କ ଖେଳାଇ କଟକ ଓ ବାଲେଶ୍ୱର ଆଡ଼କୁ ମୁହାଁଇଥିଲା।

୧୮୩୯ ମସିହାରେ ଚାର୍ଲସ ଲେସିଙ୍କ ଦ୍ୱାରା ପିପିଲିରେ ଏକ ମିସନାରୀ କେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା। ଏହା ଅଧିନରେ ପୁରୀ ଏବଂ ଖୋର୍ଦ୍ଧା ଥିଲା। ପିପିଲି କେନ୍ଦ୍ରରେ ୧୮୪୯ ମସିହାରୁ

କ୍ରମାନ୍ୱୟରେ ଚାର୍ଲସ ଲେସି, ଉଇଲିୟମ ବେଲି, ଜର୍ଜ ଟେଲର, ଜନ୍ ଓଡ଼ିଶା, ଗୋଦ୍ଦବୀ, ଉଇଲିଅମ୍ ବ୍ରୁକ୍‌ସ, ଉଇଲିୟମ ମିଲର, ଡବ୍ଲ୍ୟୁ. ହିଲ ଟମାସ ବେଲି, ଆର.ଏଲ.ଲେସି ପ୍ରମୁଖ ଅବସ୍ଥାନ କରି ଖ୍ରୀଷ୍ଟଧର୍ମର ପ୍ରସାର ପାଇଁ ଉଦ୍ୟମ କରିଥିଲେ। ପରେ ଜଟଣୀ, ବାଣପୁର, ଖୋର୍ଦ୍ଧା ଓ ତାଳଚେରରେ କେତେକ ଲୋକ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ। ନଅଙ୍କ ଦୁର୍ଭିକ୍ଷ ପୀଡ଼ିତ ଅନାଥ ପିଲାଙ୍କ ପାଇଁ ସେଠାରେ ଏକ ଅନାଥାଶ୍ରମ ସ୍ଥାପିତ ହେଲା।

କଟକ ଅନାଥାଶ୍ରମର ପ୍ରାପ୍ତ ବୟସ୍କ ଯୁବକମାନଙ୍କୁ ବାସସ୍ଥାନ ଯୋଗାଇଦେବା ପାଇଁ ୧୮୭୧ ସାଲରେ ଖୋର୍ଦ୍ଧାରେ ମିନ୍‌ଚିନ ପାଟଣା ବସତି ସ୍ଥାପିତ ହେଲା। କଟକର ଜଜ୍ Mr. H. Minchin Pegu କଟକ ଅନାଥାଳୟର ଅନ୍ତେବାସୀଙ୍କ ପାଇଁ ୧୫ଶହ ଟଙ୍କା ଦାନ କରିବାରୁ ଏହି ଗ୍ରାମ ଖୋର୍ଦ୍ଧା ପାରେ ପ୍ରତିଷ୍ଠା ହେଲା। ମଙ୍ଗଳପୁର ଖ୍ରୀଷ୍ଟିୟାନ ଗ୍ରାମ ମିନିଚିନପାଟଣା ଅଧିନରେ ଥିଲା। ୧୮୭୩ରେ ଖୋର୍ଦ୍ଧା ଖ୍ରୀଷ୍ଟିୟାନ ୟୁନିୟନ (ମଣ୍ଡଳି) ସ୍ଥାପିତ ହେଲା। ଏହା କଟକ ଖ୍ରୀଷ୍ଟିୟାନ ୟୁନିଅନ ଅଧିନରେ ପରିଚାଳିତ ହେଉଥିଲା। ଜଟଣୀରେ ୟୁରୋପିଆନ୍ ଖ୍ରୀଷ୍ଟିୟାନ୍ ମାନଙ୍କ ପାଇଁ ରେଭରେଣ୍ଡ କଲିନ୍ (Rev Collins) ଏକ ଚର୍ଚ୍ଚ ନିର୍ମାଣ କରିଥିଲେ। ପ୍ରଥମେ ରେଭରେଣ୍ଡ H. Collins ଏଠାରେ ଇଂରାଜୀରେ ଧର୍ମଶିକ୍ଷା ଦେଉଥିଲେ। ପରେ ସେଠାରେ ସଣ୍ଡେ ସର୍ଭିସ କ୍ଲାସ ଖୋଲାହେଲା।

୧୮୬୦ ମସିହାରେ ପ୍ରତିଷ୍ଠିତ ଖୋର୍ଦ୍ଧା ଚିକିତ୍ସାଳୟ ୧୮୬୪ ଜୁନ୍‌ରେ ଦାତବ୍ୟ ଚିକିତ୍ସାଳୟରେ ପରିଣତ ହେଲା। ୧୯୭୧ ମସିହାରେ ଖୋର୍ଦ୍ଧା ଦାତବ୍ୟ ଚିକିତ୍ସାଳୟରେ ଇନ୍‌ଡୋର ରୋଗୀଙ୍କ ସଂଖ୍ୟା ୧୨୯ ଥିଲା। ମିଃ ଡବ୍ଲ୍ୟୁ.ସି.ଟେଲର ପ୍ରଥମେ ଓଡ଼ିଶାର ନଦୀବନ୍ଧ ବିଭାଗର ସର୍ଭେୟର ହୋଇ ଆସିଥିଲେ। ସେତେବେଳେ ବ୍ରିଟିଶ ଅଫିସରମାନେ ବହୁ ଉଚ୍ଚ ବେତନରେ ନିଯୁକ୍ତ ହୋଇ ରାଜା ପ୍ରାୟ କ୍ଷମତାସୀନ ଥିଲେ। "Mr. W.C.Taylor, Dy Magiste and Dy Collr. Cuttack has been appointed Irrigation Superitendent for Cuttack Puri and Balasore and Midnapur on a salary of Rs.1000 to be borne by the Irrigation Co." (Utkal Deepika - 4.5.1867) (OH. R.J. Oct-61) ମିଃ ଟେଲର ଖୁର୍ଦ୍ଧାରେ ଏସ୍.ଡି.ଓ. ଥିବାବେଳେ ଖାସମାହାଲରେ କିସ୍ତିଖ୍ରାଜୀ ସହେଁ ବନ୍ଦୋବସ୍ତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ରେଭେନ୍ୟୁ ବୋର୍ଡର ପ୍ରଧାନ ମେୟର ସାର୍ ଚାର୍ଲସଙ୍କୁ ୧୮୭୧ ନଭେମ୍ବର ମାସରେ ଭୁବନେଶ୍ୱରକୁ ଅଣାଇ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ୧୮୭୨ ଜାନୁଆରୀରେ ଖୋର୍ଦ୍ଧା ସବଡିଭିଜନର ଲୋକ ସଂଖ୍ୟା - ୨୮୦,୯୨୩।

ଟେଲରସାହେବ ଖୋରଧାରେ ମାଟଲଲାସୀ କମ୍ପାନୀ ଆରମ୍ଭ କରିଥିଲେ। ତା ୨.୩.୧୮୭୮ ଉତ୍କଳ ଦୀପିକାରେ ଏ ସଂପର୍କୀୟ ସମ୍ବାଦ ପରିବେଷିତ ହୋଇଛି - "ଶ୍ରୀଯୁକ୍ତ ଟେଲର ସାହେବ, ବାବୁ ଭାଗବତ ଦାସ ପ୍ରଭୃତି ୨୦ ଜଣ ଅଂଶୀ ହୋଇ ପ୍ରତିଜଣ ଟ୫୦ଙ୍କା ଲେଖାଏଁ ଦେଇ ଟ୧୦୦୦ଙ୍କା ମୂଳଧନ କରିଅଛନ୍ତି। ସେହି ଟଙ୍କାରେ ଖୋରଧା ଜିଲ୍ଲାର ମୁକୁନ୍ଦଦେବ ମହାରାଜାଙ୍କ ଭଙ୍ଗା ଉତ୍ସର୍ଗିତ ରାଣୀହଂସ ପୁଷ୍କରିଣୀର ପଙ୍କ ଉଦ୍ଧାର କରି ମାଟି ଖୋଳି ମାଲ ତଲାସୀ କରୁଅଛନ୍ତି। ଦୁଇ ଗୋଟି ଲୋଟା ଥାଳି ଓ ତଲଓ୍ୱାର ବାହାରି ଅଛି। ଆଉ ମିଳିବାର ଆଶାଅଛି। ଯେ ଯାହାହେଉ ବର୍ତ୍ତମାନ ଜଳକଷ୍ଟ ସମୟରେ ପୁଷ୍କରିଣୀ ଖୋଳା ହୋଇଯିବ, ତଦ୍ୱାରା ସର୍ବସାଧାରଣର ବିଶେଷ ଉପକାର ହେବ।" (ସୁଧାକର ପଟ୍ଟନାୟକ, ସମ୍ବାଦପତ୍ରରୁ ସେ କାଳର କଥା, ପୃ - ୭୨୫)

୧୮୭୩ ଜୁଲାଇ ମାସରେ ଅନୁଷ୍ଠିତ ପୁରୀ ରଥଯାତ୍ରାରେ ଲକ୍ଷାଧିକ ଯାତ୍ରୀ ସମାଗମ ହୋଇଥିଲା। ପୁରୀ କଲେକ୍ଟର ଜେ.ଏସ୍. ଆର୍ମଷ୍ଟ୍ରଙ୍ଗଙ୍କ ତତ୍ତ୍ୱାବଧାନରେ ଶୃଙ୍ଖଳାର ସହ ରଥଯାତ୍ରା ନିର୍ବାହ ହୋଇଥିଲା। ଖୋର୍ଦ୍ଧା ବାହୁନ୍‌ଗୋଙ୍କ ଗାରି ଜଣେ ଯାତ୍ରୀଙ୍କୁ ଅସଦାଚରଣ କରିଥିବାରୁ ତାଙ୍କୁ ୨ ମାସ ଜେଲଦଣ୍ଡ ଦିଆଯାଇଥିଲା। ଇଂରେଜମାନେ ଓଡ଼ିଶାକୁ ଆସିବା ପରେ ୧୮୧୦ ମସିହାରେ ବିଲାତି ଆଳୁ ଓ କୋବି, ୧୮୫୦ରେ ଘୋଡ଼ାଗାଡ଼ି, ୧୮୬୦ରେ ବିଲାତି ଲୁଗା, କଳା, ଛତା, ୧୮୭୦ରେ କିରାସିନୀ, ଡିଆସଲେଇ ଆଣିଲେ। ୧୮୭୬ରେ ଚାନ୍ଦବାଲିଠାରୁ କଲିକତାକୁ ଷ୍ଟିମର ଚଳାଚଳ କଲା।

ଗାଡ଼ିଏ ଦଶକରେ ପୁରୀ ରାଜା ନିଜର ଖୋର୍ଦ୍ଧା ରାଜ୍ୟ ଫେରି ପାଇବା ପାଇଁ ବ୍ରିଟିଶ ସରକାରମେଣ୍ଟକୁ ଆବେଦନ କରିଥିଲେ।

୧୮୬୬ ଡିସେମ୍ବର ୧ ତାରିଖରେ ଉତ୍କଳ ଦୀପିକା ଏ ସଂପର୍କରେ ନିଜର ଦୃଢ଼ ମତ ବ୍ୟକ୍ତ କରିଥିଲା। ''ଅବଗତ ହେଲୁଁ ଯେ ପୁରୀ ରାଜା ଆପଣାର ପୁରାତନ ସମ୍ପତ୍ତି ଖୋରଧା ଜିଲା ସରକାରଙ୍କୁ ଜମିଦାରୀ ସ୍ୱରୂପ କବୁଲିୟତ କରିବାକୁ ପ୍ରାର୍ଥନା କରିଅଛନ୍ତି। ଆସ୍ମାନଙ୍କ ବିବେଚନାରେ ସରକାର ତାଙ୍କ ଆଶା ପୂର୍ଣ୍ଣ କଲେ ସୁବିଚାର ହେବ। ଯଦ୍ୟପି କି ଦୁଷ୍କର୍ମ ହେତୁ ଏ ରାଜବଂଶ ଉକ୍ତ ସମ୍ପତ୍ତିରୁ ନିରାଶ ହୋଇ ଅଛନ୍ତି ତଥାପି ସେ ବଂଶପ୍ରତି ଏଥିର ଜମିଦାରୀ ସତ୍ତ୍ୱ ଅର୍ପଣ କଲେ ଶ୍ରୀ ଶ୍ରୀ ମହାରାଣୀଙ୍କର ଯଶ ଘୋଷଣା ହେବ ଓ ସେମାନେ ଚିରକାଳ କୃତଜ୍ଞ ହେବେ।''

୧୮୬୮ ଫେବୃଆରୀ ୨୩ ତାରିଖରେ ପୁରୀ ରାଜା ଦିବ୍ୟସିଂହ ଦେବ ଶିବଦାସ ନାମକ ବାବାଜୀଙ୍କୁ ରାଜବାଟୀ ମଧ୍ୟରେ ମରଣାନ୍ତକ ଅତ୍ୟାଚାର କରି ମାରିଥିବାରୁ ତାଙ୍କ ନାମରେ ପୋଲିସ୍ କେସ୍ ହେଲା। ୧୮୬୮ ମେ ମାସରେ ଖୋରଧା କଛାର ବା ହଜାରସିଂହ ଠାରେ ରାଜାଙ୍କର ଏକ ହସ୍ତୀ ମୃତ୍ୟୁବରଣ କରିବାରୁ ଲୋକେ କହିଲେ ଠାକୁର ରାଜାଙ୍କର ଶନିଦଶା ପଡ଼ିଛି। ତତ୍ପରେ ତାଙ୍କର ବିଚାର କରାଯାଇ ଦ୍ୱୀପାନ୍ତର ଦଣ୍ଡ ଦିଆଗଲା। ୧୮୮୩ ସେପ୍ଟେମ୍ବର ମାସରେ ରାଣୀ ସୂର୍ଯ୍ୟମଣି ପାଟଦେଈ 'ଖୋର୍ଦ୍ଧା ଭୋଇବଂଶ'ର ଐତିହ୍ୟ ସଂପର୍କରେ ପୁରୀ କଲେକ୍ଟର କେ.ଜି.ଗୁପ୍ତାଙ୍କୁ ଚିଠାଏ ଲେଖି ପୋଷ୍ୟପୁତ୍ର ମୁକୁନ୍ଦଦେବଙ୍କ ରାଜପଦ ପାଇଁ ଅନୁରୋଧ କଲେ। ୧୮୮୮ ଅଗଷ୍ଟ ୨୫ ତାରିଖରେ ଦିବ୍ୟସିଂହ ଦେବଙ୍କର କଳାପାଣିରେ ଯକ୍ଷ୍ମାରୋଗରେ ମୃତ୍ୟୁ ହେଲା। ଖୋର୍ଦ୍ଧାର ପୂର୍ବତନ ଏସ୍.ଡି.ଓ. ମିଃ ଜେ. ବ୍ୟାରେଟ ୧୮୬୯ ମସିହାରେ ଆଉଥରେ ଖୋରଧା ଦେଖିବାକୁ ଆସିଥିଲେ। ୧୮୮୦ ମସିହାରେ ଲେଫଟନାଣ୍ଟ ଗଭର୍ଣ୍ଣର ସାର ଚାର୍ଲସ, ଏଲିଓଟ୍ ଖୋର୍ଦ୍ଧାର ଗୁରୁଜଙ୍ଗ ଗ୍ରାମକୁ ଆସି ସରବରାକାରୀ ସମସ୍ୟା ତଦାରଖ କରିଥିଲେ।

ଖୋର୍ଦ୍ଧା ମଧ୍ୟଦେଇ ରେଳପଥ ଯିବା ସଂପର୍କରେ 'ନାଳ ଓ ରେଲୱେ' ଶୀର୍ଷକ ସମ୍ବାଦ ତା ୨୧.୬.୧୮୮୨ ମସିହାରେ ପ୍ରକାଶିତ ହୋଇଥିଲା। ବେଲାର ସାହେବ R.A. ଅଫିସର ଥିବା ବେଳେ ଖୋର୍ଦ୍ଧା ମଧ୍ୟରେ East Coast Rly ଯିବାକୁ ଲୋକମାନଙ୍କର ଜମି, ଘର ଓ ବଗିଚା କମ୍ପାନୀ ଖରିଦ କରି ସେମାନଙ୍କୁ ଅତିରିକ୍ତ ମୂଲ୍ୟ ଦିଆଇ ଦେଇଥିଲେ। ଖୁର୍ଦ୍ଧାର ସ୍ୱ ୧୮୮୦ ସର୍ଭେ ସେଟଲମେଣ୍ଟ ୧୫ ବର୍ଷ କାଳ ଲାଗି ଦେଶୀୟ ରୀତିରେ ଦେଶୀୟ କର୍ମଚାରୀ ମାନଙ୍କ ଦ୍ୱାରା ହୋଇଥିଲେ ହେଁ ଏଥିରେ ଖୋରଧାର ସମସ୍ତ ପ୍ରାଚୀନତା ଓ ବୀରତ୍ୱପୂର୍ଣ୍ଣ ଶାସନ ପଦ୍ଧତି ଭାଙ୍ଗି ଦିଆଯାଇଥିଲା। ଏହାର ମୂଳ କର୍ତ୍ତା ଥିଲେ ବେଲାର ସାହେବ ସେଟେଲମେଣ୍ଟ ଅଫିସର, ମିଃ ରେଭେନ୍ସା କମିଶନର ଏବଂ ରେଭେନ୍ୟୁ ବୋର୍ଡର ପ୍ରଧାନ ମେମ୍ବର ମି. ଡେମ୍ପିୟର। ତହସିଲଦାର ବାବୁ ଭାଗବତ ମହାନ୍ତି ସ୍ପେଶାଲ ଡେପୁଟୀ କଲେକ୍ଟର ହୋଇ ବେଲାରଙ୍କୁ ବନ୍ଦୋବସ୍ତରେ ସାହାଯ୍ୟ କରୁଥିଲେ। ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଦ୍ୱାରା ସେ ୧୮୮୬ ମସିହାରେ ଓଡ଼ିଶାର ପ୍ରଥମ ରାୟ ବାହାଦୁର ଓ ସୁବର୍ଣ୍ଣ ମେଡାଲ ପାଇଥିଲେ।(୨୨) ଏହି ବନ୍ଦୋବସ୍ତରେ ଖୁର୍ଦ୍ଧା ଖାସମହାଲକୁ ୧୩୬୭ ତହଶିଲରେ ଭାଗ କରାଯାଇ ୧୨୬୫ ଜଣ ସରବରାକାର ନିଯୁକ୍ତ ହେଲେ।

୧୮୬୯ ମସିହାରେ କଟକ ବାବୁବଜାରସ୍ଥ ଅବିନାଶ ବାବାଜୀଙ୍କ ବାସ ଭବନ ଗାର୍ଲସ ସ୍କୁଲ ଖୋଲା ହେଲା। ପରେ ଏହାର ନାମ ହେଲା କଟକ ହିନ୍ଦୁ ଗାର୍ଲସ ସ୍କୁଲ। ୧୮୮୧ ନଭେମ୍ବରରେ ପଢୁଥିବା ୨୫ ଜଣ ଛାତ୍ରୀଙ୍କ ମଧ୍ୟରୁ କେବଳ ୪ ଜଣ ଛାତ୍ରୀ ଓଡ଼ିଆ ଥିଲେ। ୧୮୮୨ ମସିହାରେ ଖୋରଧା ଅଞ୍ଚଳରେ ଏକ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା ହେବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଏହି ସାଧୁ ଉଦ୍ୟମକୁ ଉତ୍ସାହିତ କରି କର୍ମବୀର ଗୌରୀଶଙ୍କର ଲେଖିଥିଲେ ''ମାତ୍ର ଉତ୍କଳ ବାସୀମାନେ ଯେ ଗଭର୍ଣ୍ଣମେଣ୍ଟ କର୍ମଚାରୀଙ୍କ ଉପଦେଶକୁ ବାନ୍ଧି ବସିଅଛନ୍ତି ଏହା ଦୁଃଖର ବିଷୟ। ଯଦ୍ୟପି ଭାରତ ବର୍ଷରେ କୌଣସି ସ୍ଥାନରେ ସ୍ତ୍ରୀ ଶିକ୍ଷା ପ୍ରାଚୀନ କାଳରୁ ଚାଲି ଆସୁଅଛି ତେବେ ସେ ସ୍ଥାନ ଓଡ଼ିଶା ଅଟଇ। ଏଠାର ରାଜା କରଣ ଖଣ୍ଡାୟତ ପ୍ରଭୃତି ଜାତି ପରିବାରରେ ବର୍ତ୍ତମାନ ସୁଦ୍ଧା ଶିକ୍ଷିତା ସ୍ତ୍ରୀ ଦେଖିବା ବିରଳ ନୁହଁଇ ଆମ୍ଭେମାନେ ସମସ୍ତ ଉତ୍କଳ ବାସୀଙ୍କୁ ଅନୁରୋଧ କରୁଅଛୁଁ କି ଆପଣା ସ୍ତ୍ରୀ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷାଦାନ ବିଷୟରେ ସର୍ବଦା ଯତ୍ନଶୀଳ ହୁଅନ୍ତୁ।''(୨୩) ଓଡ଼ିଆ ମାନେ ଧନରେ ଗରିବ ହେଲେ ହେଁ ପରଂପରା ଓ ଅତୀତ ଗୌରବରେ ଅନେକଙ୍କ ଠାରୁ ଆଗରେ। ତେଣୁ ସେମାନେ ସରକାର ଉପରେ ନିର୍ଭର ନ କରି କାମରେ ଲାଗି ଯାଆନ୍ତୁ ଏବଂ ସେମାନଙ୍କ ଅଭିଳଷିତ ବାଳିକା ବିଦ୍ୟାଳୟଟି ନିଜ ଶକ୍ତିରେ ସ୍ଥାପନ କରନ୍ତୁ। ଏହା ପରେ ଖୋରଧାରେ ବାଳିକା

ବିଦ୍ୟାଳୟ ସ୍ଥାପିତ ହେଲା ।(୧୪)

ପୁରୀ କଲେକ୍ଟର ଶ୍ମୋନ୍ ୧୮୮୮ ଡିସେମ୍ବର ମାସରେ ନିଜ ଗଳାରେ କ୍ଷୁରଦେଇ ଆତ୍ମହତ୍ୟା କରିବାରୁ ଖୋର୍ଦ୍ଧା ଏସ୍.ଡି.ଓ. ଟେଲର ପୁରୀ କଲେକ୍ଟର ଭାବରେ ଯୋଗ ଦେଇଥିଲେ । ୧୮୯୬ରେ ସାମନ୍ତ ଚନ୍ଦ୍ରଶେଖରଙ୍କ ଶିଷ୍ୟ ଖୋର୍ଦ୍ଧାର ହରିହର ଖଡ଼ିରତ୍ନ ଏକ ନୂତନ ପଞ୍ଜିକା ଆରମ୍ଭ କଲେ । ଏହି କାର୍ଯ୍ୟ ପାଇଁ କଟକ ପ୍ରିଣ୍ଟିଂ କମ୍ପାନୀ ଖଡ଼ିରତ୍ନଙ୍କୁ ଶହେ ଟଙ୍କା ବେତନ ଦେଉଥିଲେ । ହରିହରଙ୍କ ମୃତ୍ୟୁପରେ ତାଙ୍କର ପୁତ୍ର ସଦାଶିବ ଖଡ଼ିରତ୍ନ ସହ ସାମନ୍ତ ଚନ୍ଦ୍ରଶେଖରଙ୍କ ମତାନ୍ତର ହେଲା । ଏଥି ସହ ସଦାଶିବଙ୍କର ଦୃଷ୍ଟିଦୋଷ ହେବାରୁ ସେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରିଦେଲେ । ଫଳରେ ସଦାଶିବ ଅରୁଣୋଦୟ ପ୍ରେସରୁ ଏହି ପଞ୍ଜିକା ପ୍ରକାଶ କଲେ ।

ସେତେବେଳେ ଖୋର୍ଦ୍ଧାରେ ରେଳରାସ୍ତା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂପର୍କୀୟ ସୂଚନା ଓଡ଼ିଆ ଓ ନବ ସମ୍ବାଦ ପତ୍ରରେ ପ୍ରକାଶିତ ହୋଇଥିଲା - "ରେଳଯାତ୍ରୀ ଦକ୍ଷିଣରୁ ଉତ୍ତରମୁଖେ ସମୁଦ୍ରକୂଳେ ଆସି ଖୋରଧାର ସନ୍ନିକଟସ୍ଥ ପ୍ରଧାନ ରେଳ ଇଷ୍ଟେସନ୍ 'ଜଟନି' ପ୍ରଦେଶରେ ଅଦ୍ୟ ପ୍ରବିଷ୍ଟ ହେଲା । ପଥିକମାନଙ୍କ ଗମନାଗମନ ନିମନ୍ତେ ଅଦ୍ୟ ରାସ୍ତାଟାର ଫିଟାଗଲା ଏବଂ ଜଟନି ଠାରୁ ପୁରୀକୁ ରେଳ ଯିବା ନିମନ୍ତେ ରେଳପଥର କର୍ମ ଅଧାଅଧି ହୋଇଗଲାଣି । ବୋଧହୁଏ ଆଗାମୀ ରଥଯାତ୍ରାକୁ ରେଳ ଲାଗିଯିବ ।(୧୫) ୧୮୭୯ ଫେବୃଆରୀ ପହିଲାରୁ ଖୋର୍ଦ୍ଧା ରୋଡ଼ରୁ ପୁରୀ ପର୍ଯ୍ୟନ୍ତ ରେଳ ଚଳାଚଳ ଆରମ୍ଭ ହେଲା । କଲିକତାରେ ଅବସ୍ଥାପିତ ତତ୍‌କାଳୀନ ଭାରତର ଗଭର୍ଣ୍ଣର ଜେନେରାଲ୍‌ଙ୍କ ଜଣେ ଆତ୍ମୀୟଙ୍କର କଲିକତାରୁ ପୁରୀ ଟ୍ରେନ ଯାତ୍ରା କରିବାର ଇଚ୍ଛା ପୂରଣ ପାଇଁ ଖୋର୍ଦ୍ଧା ରୋଡ଼-ପୁରୀ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା ଏବଂ ସେମାନଙ୍କର ଜଟଣୀରେ ରାତ୍ରି ଯାପନର ସୁବିଧା ପାଇଁ ଗୋଟିଏ ଗୃହ ନିର୍ମିତ ହୋଇଥିଲା । ପରବର୍ତ୍ତୀ କାଳରେ ଏହା, ହାଇକୋର୍ଟର ଡିପୁଟିଜଷ୍ଟିସ୍‌ଙ୍କ ସରକାରୀ ବାସଗୃହ ରୂପେ ବ୍ୟବହୃତ ହେଉଛି ।(୧୬)

ତା ୧.୩.୧୮୯୬ରେ ରମ୍ଭାରୁ ଖୋର୍ଦ୍ଧା ରୋଡ଼ ପର୍ଯ୍ୟନ୍ତ ୯୯.୩୩ କି.ମି ରେଳପଥ ତା ୨୦.୭. ୧୮୯୬ରେ ଖୋର୍ଦ୍ଧା ରୋଡ଼ରୁ ଭୁବନେଶ୍ୱର ପର୍ଯ୍ୟନ୍ତ ୧୮.୯୨ କିମି ରେଳପଥ ଏବଂ ତା ୧.୨.୧୮୯୭ରେ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ୨୭.୬୮ ରେଳପଥ ସଂପୂର୍ଣ୍ଣ ହେବାରୁ ରେଳ ଯାତାୟତ ହେଲା । ଏଥିଯୋଗୁଁ ଖୋର୍ଦ୍ଧାର ବାହ୍ୟ ଜଗତ ସହ ସଂପର୍କ ସ୍ଥାପିତ ହେବାରୁ ଜନଜୀବନରେ ଅପୂର୍ବ ପରିବର୍ତ୍ତନ ଆସିଲା ।

ମିଃ ଡବ୍‌ଲ୍ୟୁ ସି. ଟେଲର ଖୋର୍ଦ୍ଧାରେ ପ୍ରାୟ ୨୦ ବର୍ଷ ରହି, ଓଡ଼ିଆଙ୍କ ପରି ଭାତ, ଡାଲି, ତରକାରୀ ଖାଇବାରେ ଅଭ୍ୟସ୍ତ ହୋଇ ଯାଇଥିଲେ । ସେ ବରୁଣାଇ ପର୍ବତର ପାଦଦେଶରେ ଥିବା ବଡ଼ ବୋହୂଚେର ଜଳ ଆଣି ଏସ୍.ଡି.ଓ ବଙ୍ଗଳାରେ ବାଗାନ କରିବାକୁ ଏକ ଛୋଟ କେନାଲ ଖୋଳାଇଥିଲେ । ତାଙ୍କର ହିନ୍ଦୁ ଧର୍ମ ପ୍ରତି ଗଭୀର ମମତା ଥିଲା ଓ ସେ କଟକର ନାରାୟଣୀ ନାମ୍ନୀ ମହିଳାଙ୍କୁ ବିବାହ କରିଥିଲେ । ମିନିଟିବ୍ ପାଟଣାରେ ବୃହତ ଘରରେ ପଡ଼ି ଥିବା ବଙ୍କ ତାଙ୍କର କୀର୍ତ୍ତି । ୧୮୯୭ ସାଲରେ ପୁରୀ ଠାରେ ତାଙ୍କର ସ୍ୱର୍ଗପ୍ରାପ୍ତି ହୋଇଥିଲା ୧୮୯୮ ମସିହା ବା ୧୩୦୪ ସାଲ ସାନି ବନ୍ଦୋବସ୍ତ ତାଙ୍କର ପୁତ୍ର ମି.ଜେ. ଏଚ୍ ଟେଲର ସହକାରୀ ସେଟେଲମେଣ୍ଟ ଅଫିସର ଏବଂ ମିଃ ମାଡ୍‌କ୍ସ ସେଟେଲମେଣ୍ଟ ଅଫିସରଙ୍କ ଦ୍ୱାରା ସଂପନ୍ନ ହୋଇଥିଲା ।

ଏହି ସମୟରେ ପୁରୀ ରାଜା ମୁକୁନ୍ଦଦେବଙ୍କ ସହ ସାଧବୀ ଉରଫ୍ ଖଣ୍ଡିର ସଂପର୍କକୁ ନେଇ ବହୁ ହଇଚଇ ସୃଷ୍ଟିହେଲା । ୧୮୯୮ ନଭେମ୍ବର ମାସରେ ରାଜା ମୁକୁନ୍ଦଦେବ ଶ୍ରୀ ମନ୍ଦିରର ତିନୋଟି ଗ୍ରାମ କୁଦିଆରୀ, କୁସୁମାତି ଏବଂ ଛଣପଡ଼ାକୁ ଖଣ୍ଡିନାମରେ କରିଦେବା ସହିତ ବହୁ ଧନ ସଂପତ୍ତି ଦେଇଥିଲେ । ମଧୁବାବୁ ଏହି ଘଟଣାରେ ହସ୍ତକ୍ଷେପ ଫଳରେ ସମସ୍ୟାର କିଛି ସମାଧାନ ହୋଇଥିଲା ।

ଖୋର୍ଦ୍ଧାରେ ୧୮୯୨-୯୯ ମଧ୍ୟରେ ସରକାରୀ କାର୍ଯ୍ୟରେ ଅବସ୍ଥାପିତ ହୋଇଥିବା ସାହିତ୍ୟିକ ଯତୀନ୍ଦ୍ରମୋହନ ସିଂହ ଖୋଦ୍‌ଦହ ବା ଖୋର୍ଦ୍ଧା ମହକୁମାର ପୂର୍ବପ୍ରାନ୍ତରେ କ୍ଷୁଦ୍ର ପାହାଡ଼ର ପାଦଦେଶରେ ଅବସ୍ଥିତ ନୀଳକଣ୍ଠପୁର ଗ୍ରାମର ପୃଷ୍ଠଭୂମିରେ ମଣିନାୟକ, ନୀଳା, ନବଘନ, ଶୋଭା, ଚଂପା, ଅବିରାମ, ଦାବାଜୀ ନରୋତ୍ତମ ଦାସ, ଦୁର୍ଦ୍ଧର୍ଷ ଜମିଦାର ବୀରବର ମର୍ଦ୍ଦରାଜ ପ୍ରଭୃତି ଚରିତ୍ରକୁ ନେଇ ଏକ ସୁନ୍ଦର ଉପନ୍ୟାସ 'ଓଡ଼ିଶାର ଚିତ୍ର' ବଙ୍ଗଳା ଭାରତୀ ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶ କରିଥିଲେ । ଏଥିରେ ଊନବିଂଶ

ଶତାବ୍ଦୀର ଖୋର୍ଦ୍ଧାର ଗ୍ରାମୀଣ ଦୃଶ୍ୟ ଓ ସାମାଜିକ ଜୀବନ ରୂପାୟିତ ହୋଇଛି ।(୧୨)

୧୮୯୨ ମସିହାରେ ଖୋରଧା ଓ ପୁରୀରେ ଭୀଷଣ ଦୁର୍ଭିକ୍ଷ ହୋଇଥିଲା । 'ସମ୍ବଲପୁର ହିତୈଷିଣୀ'ରେ ଏ ସଂପର୍କୀୟ ଦୀର୍ଘ ବିବରଣୀ ପ୍ରକାଶ ପାଇଥିଲା - "ବିଗତ କାର୍ତ୍ତିକ ମାସରେ ଜଗଦ୍ ବିଖ୍ୟାତ ମାରାତ୍ମକ ତୋଫାନ ଦ୍ୱାରା ଏ ଅଞ୍ଚଳରେ ଧାନ୍ୟାଦି ଅର୍ଥକରୀ ଉଦର ପୋଷଣୋପଯୋଗୀ ଫସଲ ମାନ ବିନଷ୍ଟ ହୋଇ ଯାଇଥିବାରୁ ଲୋକ ମାନଙ୍କର କଷ୍ଟର ପରିସୀମା ନଥିଲା । ବର୍ତ୍ତମାନକୁ ସେହି ଦୈନ୍ୟ ଦଶା ଅପୂର୍ବ ସଂହାର ମୂର୍ତ୍ତି ଧାରଣ କରି ଆମ୍ଭମାନଙ୍କର ରକ୍ତମାଂସ ଶୋଷଣ କରି ସାରିଲାଣି । ଆଜିକାଲି ଅନାହାରରେ ଦିନ ଦିନ ବହୁ ଲୋକ କାଳଗ୍ରାସରେ ପତିତ ହୋଇ ଅଛନ୍ତି । କେତେକ କଙ୍କାଳମାତ୍ର ବିଶିଷ୍ଟ ହୋଇ ଭିକ୍ଷାପାତ୍ର ହସ୍ତରେ ଧେନି ଦ୍ୱାରେ ଦ୍ୱାରେ ଭ୍ରମଣ କରୁଅଛନ୍ତି । ହାଟ ବଜାର ମାନଙ୍କରେ ସ୍ୱର୍ଣ୍ଣ ରୌପ୍ୟ ନିର୍ମିତ ବହୁମୂଲ୍ୟ ଅଳଙ୍କାର ମାଟିର ଦରେ ବିକ୍ରୟ ହେଉଅଛି । ଏହି ପରି ଲୋକେ ଗୃହର ଯାବତୀୟ ଦ୍ରବ୍ୟ ବିକ୍ରୟ କରି ସର୍ବଶୂନ୍ୟ ହୋଇ ବସି ଅଛନ୍ତି ..... ପ୍ରିୟ ପାଠକ ! ଆମ୍ଭକୁ ପ୍ରାୟ ୨୮ ବର୍ଷ ହେଲାଣି ଆମେ ଏପରି ଦୁର୍ଭିକ୍ଷ କେବେ ଅନୁଭବ କରି ନଥିଲୁ । ବୃଦ୍ଧ ଲୋକମାନେ ମଧ ଏ ଦୁର୍ଭିକ୍ଷକୁ ନଅ ଅଙ୍କ ଦୁର୍ଭିକ୍ଷଠାରୁ ଅଧିକ ବୋଲି ତୁଳନା କରୁଅଛନ୍ତି । ଏପରି ଦଶା ଭୋଗ ହେଉଥିବା ସ୍ଥଳେ ଆମ୍ଭମାନଙ୍କର ଧର୍ମପରାୟଣ ମାନନୀୟ ଶ୍ରୀଯୁକ୍ତ କଲେକ୍ଟର ଆଲାନ୍ ସାହେବ ମହୋଦୟ ଆପଣାର ଟେକ ରକ୍ଷା ଏବଂ ଗଭର୍ଣ୍ଣମେଣ୍ଟର ଲାଭ ଦେଖାଇବା ଅଭିପ୍ରାୟରେ ଗଭର୍ଣ୍ଣମେଣ୍ଟକୁ ଜଣାଉଅଛନ୍ତି କି "ପୁରୀ ଜିଲ୍ଲାରେ ସରକାରୀ ସାହାଯ୍ୟ ଲଭି ଲୋକମାନଙ୍କର ଅବସ୍ଥା ହୋଇ ନାହିଁ ।" ଏପରି ସ୍ଥଳେ ଆମେମାନେ ପଚାରୁଅଛୁଁ ସାହେବ ମହୋଦୟ କେଉଁ ଅଞ୍ଚଳର ଫସଲ ଦେଖି ଏପରି ଜଣାଉଅଛନ୍ତି ? ବୋଧହୁଏ ସାହେବ ମହୋଦୟଙ୍କର ଖୋରଧା ଅଞ୍ଚଳକୁ ବିଶେଷ ଗସ୍ତ ହୋଇଥିବା ସ୍ଥଳେ ତତ୍ରତ୍ୟ ପାର୍ବତୀୟ ଅଞ୍ଚଳର ଝରକାଦର ଜମିର ଫସଲ ଦେଖି ଏପରି ଜଣାଇ ଅଛନ୍ତି । (ତା ୭.୯.୧୮୯୨) କ୍ରମାଗତ ବାତ୍ୟା, ବନ୍ୟା, ମରୁଡ଼ି ଖୋରଧାକୁ କିପରି ଅନ୍ତସାର ଶୂନ୍ୟ କରି ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା, ତାହା ଏଥିରୁ ଅବଧାରଣୀୟ ।

## ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲ ସ୍ଥାପନ : ନୂତନ ସୂର୍ଯ୍ୟର ଆବାହନ

ଊନବିଂଶ ଶତାବ୍ଦୀର ପ୍ରଥମ ତିନି ଦଶକ ପର୍ଯ୍ୟନ୍ତ ବ୍ରିଟିଶ ସରକାର ଓ ଖୋର୍ଦ୍ଧାବାସୀଙ୍କ ମଧ୍ୟରେ ସଂଘର୍ଷ, ଉତ୍ତେଜନା ଓ ଦମନଲୀଳା ଅବ୍ୟାହତ ରହିବାରୁ ସରକାରଙ୍କ ଆକ୍ରୋଶ ଯୋଗୁ ଏହାର ବିକାଶ ଥିଲା ପ୍ରତିହତ । ୧୮୪୫ରେ ପ୍ରତିଷ୍ଠିତ ଭର୍ଣ୍ଣାକୁଲାର ସ୍କୁଲ, ୧୮୫୬ରେ ମିଡ଼ିଲ ଭର୍ଣ୍ଣାକୁଲାର ସ୍କୁଲ ଓ ୧୮୬୭ରେ ମିଡ଼ିଲ ଇଂଲିଶ ସ୍କୁଲ ତିନୋଟି ପର୍ଯ୍ୟାୟରେ ପରିବର୍ଦ୍ଧିତ ଏହି ଶିକ୍ଷାନୁଷ୍ଠାନ ୧୮୯୬ ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ଅମାରାତ୍ରିର ନିଃସଙ୍ଗ ନକ୍ଷତ୍ରଟିଏ ପରି ଜାଜ୍ୱଲ୍ୟମାନ ହେଉଥିଲେ ମଧ୍ୟ ତାର କ୍ଷୀଣାଲୋକ ଅଜ୍ଞାନ ତମିସ୍ରାକୁ ଦୂର କରିବାରେ ଥିଲା ଅକ୍ଷମ । ଶତାବ୍ଦୀ ବ୍ୟାପୀ ସମରକ୍ଳିଷ୍ଟ ଖୋରଧାର କ୍ଲାନ୍ତ ଜନ ଜୀବନ ଥିଲା ସୁପ୍ତ ଓ ନିର୍ବେଦ । ଆଧୁନିକ ଇଂରାଜୀ ଶିକ୍ଷା ପାଇଁ ଭାରତ ତଥା ଓଡ଼ିଶାରେ କ୍ରମଶଃ ଆଗ୍ରହ ବୃଦ୍ଧି ପାଇବା ଦେଖି ସମୟର ଆହ୍ୱାନ କ୍ରମେ ଖୋରଧା ସୁଷୁପ୍ତି ଭାଙ୍ଗି ଶିକ୍ଷାଲୋକରେ ସ୍ନାନ କରିବା ପାଇଁ ଆଗଭର ହେବା ଥିଲା ଏକ ଐତିହାସିକ ଆବଶ୍ୟକତା ।

ଖୋର୍ଦ୍ଧାରେ ଶିକ୍ଷାର ପ୍ରସାର ପାଇଁ ସିପାହୀ ବିଦ୍ରୋହ ସମୟରେ ଇଂରେଜ ସରକାର ଯେଉଁ ଉଦ୍ୟମ କରିଥିଲେ, ତାହା କଲେକ୍ଟର ଆନନ୍ଦଙ୍କ ତା ୭ ଜୁଲାଇ ୧୮୫୭ ରିପୋର୍ଟରୁ ଜଣାଯାଏ - "After visited many of the zillas in Khurda and communicated with the sarbarahkars and principal people in them, I addressed a letter to your predecessor, No.6 of the 17th january 1855, on this subject, and proposed to levy a cess of one percent on the Juma of the estate for the establishment of schools througout Khurda. I then estimated that we should thus obtain Rs.1.660 per annum for the education of the people, and showed that this, with a little help from government, would enable us to establish and keep up

a good vernacular school in each of the 11 zillas in to which the estate is divided; that there were no means of public instruction in this immense mahal, containing an area of 929-92 square miles and more than 200.000 inhabitants save one small school at Neej -Khurda, and that the present opportunity afforded by the new settlement, would thus if taken advantage of, enable us to place the means of instruction within the reach of all...''

ବେଙ୍ଗଲ ଗଭର୍ଣ୍ଣମେଣ୍ଟ ୧୮୬୭ ଅକ୍ଟୋବର ୩୦ ତାରିଖରେ ଏହାର ଉତ୍ତର ଦେଇଥିଲେ । ବେଙ୍ଗଲର ଲେଫ୍ଟନାଣ୍ଟ ଗଭର୍ଣ୍ଣର, ପୁରୀ କଲେକ୍ଟର ମିଃ ଆନନ୍ଦଙ୍କ ଖୋର୍ଦ୍ଧାରେ ସଂପର୍କୀୟ ପ୍ରସ୍ତାବକୁ ଅନୁଧ୍ୟାନ କରିଥିଲେ ।

His honour considers it disirable that Government should thus openly and avowedly set this exampe in the management of its zamindaries of devoting a define portion of its income to education purposes. Should any increase to this educational fund be hereafter necessary, recourse may then, his honour thinks, be had to the khas Mahal Fund indicapted by the Board.

ଖୋର୍ଦ୍ଧା ମିଡ଼ିଲ ସ୍କୁଲରୁ ଶିକ୍ଷାପ୍ରାପ୍ତ ଛାତ୍ରମାନେ ପରବର୍ତ୍ତୀକାଳରେ ନିଯୁକ୍ତି ପାଇ ସମାଜରେ ପ୍ରତିଷ୍ଠିତ ହେବା ପରେ ଏଠାରେ ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ହୋଇଥିଲେ । ସେତେବେଳେ ହାଇସ୍କୁଲ ପ୍ରତିଷ୍ଠା ଥିଲା ଅତୀବ କଷ୍ଟକର ବ୍ୟାପାର ।

ମହାରାଣୀ ଭିକ୍ଟୋରିଆଙ୍କର ଜୁବୁଲି ଉତ୍ସବ, ୧୮୮୭ ଜୁନ୍ ୨୧ ତାରିଖରେ ପାଳିତ ହୋଇଥିଲା । ୧୮୯୨ ଫେବୃଆରୀ ମାସରେ ଡି.ବି. ଆଲେନ୍ ପୁରୀ କଲେକ୍ଟର ରୂପେ ଯୋଗ ଦେଇଥିଲେ । ୧୮୯୪ରେ ସୁବ ଅଫିସର ମି- ଏଚ ମ୍ୟାକଫରସନ୍ ଆଇ.ସି.ଏସ୍. ଖୋର୍ଦ୍ଧାର ଏସ୍.ଡି.ଓ ରୂପେ ମିଃ ଏକ୍ ଡିଗବ୍, ଆଇ.ସି.ଏସ୍‌ଙ୍କ ସ୍ଥାନରେ ନିଯୁକ୍ତ ହେଲେ । ୧୮୯୫ ମେ ମାସରେ ଓଡ଼ିଶା ବା କଟକ ଡିଭିଜନ୍‌ର କମିଶନର ଥିଲେ ଜେ.ଏ.ବପଡିନ୍ । ସାର ଆଲେକଜାଣ୍ଡାର ମେକାଞ୍ଜି, କେ.ସି.ଏସ୍. ଆଇ ୧୮୯୫ରୁ ୧୮୯୮ ପର୍ଯ୍ୟନ୍ତ ଥିଲେ ବେଙ୍ଗଲ୍‌ର ଲେଫଟନାଣ୍ଟ ଗଭର୍ଣ୍ଣର । ୧୮୯୬ରେ ମହାରାଣୀ ଭିକ୍ଟୋରିଆ ଭାରତେଶ୍ୱରୀ ଥିବାବେଳେ ଅର୍ଲ ଅଫ୍ ଏଲିଗନ ଭାରତ ବର୍ଷର ଭାଇସରାୟ ଓ ଗଭର୍ଣ୍ଣର ଜେନେରାଲ୍ ଥିଲେ । ଏହି ବ୍ରିଟିଶ ସରକାରଙ୍କ ଆଶୀର୍ବାଦ ଓ ସାହାଯ୍ୟ ନେଇ ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲର ଆବିର୍ଭାବ ସମ୍ଭବପର ହୋଇଥିଲା ।

ରାୟବାହାଦୁର ସେଶାଲ ଡେପୁଟୀ କଲେକ୍ଟର ଓ ତହସିଲଦାର ବାବୁ ଭାଗବତ ମହାନ୍ତି, ଗୋଲ୍ଡ୍ ମେଡ଼ାଲିଷ୍ଟଙ୍କ ସମୟରେ ଖୋର୍ଦ୍ଧା ହାଇ ଇଂଲିଶ ସ୍ଥାପନ ପାଇଁ ପ୍ରୟାସ ହୋଇଥିଲା । ସେ ୧୮୮୦ ବନ୍ଦୋବସ୍ତର କର୍ତ୍ତା ମିଃ ଡବ୍ଲ୍ୟୁ ସି. ଟେଲରଙ୍କ ଥିଲେ ଘନିଷ୍ଠ ସହଯୋଗୀ । ଖୁରୁଧା କଚେରୀର ପ୍ରଥମ ସରକାରୀ ତାଲିକିରେ ଦଧିମାଚ୍ଛ ଗାଡ଼ିଆ ପାଣ୍ଡିକା ବଂଶର ନିଧି ପଟ୍ଟନାୟକ, ଗୁରୁଜଙ୍ଗ ଗ୍ରାମର ମହାରାଜାଙ୍କ ଅସ୍ତ୍ରଗୁରୁ ରାଉତରାୟଙ୍କ ବଂଶଜ ମଧୁସୂଦନ ରାଉତରାୟ, ଏବଂ ପୋଷ୍ଟମାଷ୍ଟର ଜୟକୃଷ୍ଣ ରାଉତରାୟ, ଟାଙ୍ଗିର ବାସୁଦେବ ପଟ୍ଟନାୟକ ନିମିକ ଗୋଲାରେ ଏବଂ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସି.ବି.ଇ ଓ ନାରଗୋଦା ଗ୍ରାମର ଦିଗମ୍ବର ଶ୍ରୀଚନ୍ଦନ ପ୍ରମୁଖ ଥିଲେ ସରକାରୀ କର୍ମଚାରୀ । ଡବ୍ଲ୍ୟୁସି. ଟେଲରଙ୍କ ପୁତ୍ର ଏଚ. ଟେଲର ଦୀର୍ଘକାଳ ଖୋର୍ଦ୍ଧା ବନ୍ଦୋବସ୍ତ ଉପଲକ୍ଷେ ଅଜସ୍ର ଅର୍ଥ ବ୍ୟୟ କରିଥିଲେ ସୁଦ୍ଧା ମାଇନର ସ୍କୁଲଟିକୁ ହାଇସ୍କୁଲରେ ପରିଣତ କରିପାରି ନଥିଲେ । ବିଦ୍ୟାନୁରାଗୀ ମିଃ ମ୍ୟାକ୍‌ଫରସନ ଖୋର୍ଦ୍ଧାର ସ୍ୱାସ୍ଥ୍ୟକର ଜଳବାୟୁ ଦେଖି ଏଠାରେ ହାଇସ୍କୁଲ ସ୍ଥାପନ ପାଇଁ ପ୍ରଥମେ ଅମଲାଙ୍କ ଏକ ସଭାରେ ଦେଇଥିଲେ । ପେସ୍‌କାର ଦିଗମ୍ବର ଶ୍ରୀଚନ୍ଦନ କହିଥିଲେ "କେବଳ ମନ ଓ ଉତ୍ସାହର ଅଭାବ । ମହାଜନ ଓ ମଧ୍ୟବିତ୍ତଙ୍କୁ ଛାଡ଼ି କେବଳ ସରବରାକାରଙ୍କ ସଂଖ୍ୟା ତ ହଜାରେ । ହାରାହାରି ପାଞ୍ଚଟଙ୍କା ଚାନ୍ଦା ଦେଲେ ପାଞ୍ଚହଜାର ତ ସୁନିଶ୍ଚିତ । ବାହାକୁ ମଧ୍ୟ ଆଉ

ପାଣ୍ଠିକଭାର ହେବା ଅସମ୍ଭବ ନୁହେଁ''। ହାଇସ୍କୁଲ ପ୍ରତିଷ୍ଠାର ଆଶା ଜନ୍ମିବା ଦେଖି ମ୍ୟାକ୍‌ଫରସନ୍ ତହସିଲଦାର ମୌଲବୀ ବାବାର ବକ୍ସଙ୍କ ସଂଗେ ପରାମର୍ଶ କରି କମିଟିଟିଏ ଗଢ଼ିବାକୁ ଆଦେଶ ଦେଲେ। ସାହେବଙ୍କ ସଭାପତିତ୍ୱରେ କମିଟି ଗଠନ କରାଯାଇ ସରସ୍ୱତୀ ପୂଜା ଦିନ ଚାନ୍ଦା ଆଦାୟ ଆରମ୍ଭ ହେଲା। ଦିଗମ୍ବରଙ୍କ ସହଧର୍ମିଣୀ ଶ୍ରୀବାମଣୀ ନିଜ ଗଳା ହାରରୁ ଗୋଟିଏ ଫୁରୁକାଟେ ଦାନ କରି ଶୁଭକାର୍ଯ୍ୟ ଆରମ୍ଭ କରିଥିଲେ। ସରଧା ନାମ୍ନୀ ଏକ ଓଡ଼ିଆ ବିଧବା ସ୍ତ୍ରୀ ଶ୍ରଦ୍ଧାରେ ପାତୁକାଟିଏ ପର୍ଯ୍ୟନ୍ତ ଦାନ କରିବାରୁ ତାହା ସାଦରେ ଗ୍ରହଣ କରାଯାଇଥିଲା।

ମୌଲବୀ ବାବାର ବକ୍ସଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ଦରମା ଉପରେ ଶତକଡ଼ା ପାଞ୍ଚଟଙ୍କା ଲେଖାଏଁ ଚାନ୍ଦା ସଂଗ୍ରହ କଲେ। ଅର୍ଥାଗମପରେ ହାଇସ୍କୁଲ ମଂଜୁରୀ ପାଇଁ ତତ୍‌କାଳୀନ ଶିକ୍ଷା ବିଭାଗର ଇନ୍‌ସପେକ୍ଟର ରାୟବାହାଦୁର ରାଧାନାଥ ରାୟଙ୍କୁ ଆବେଦନ କରାଗଲା। ପୁରୀର ଜନସାଧାରଣ ସ୍ଥାନୀୟ ଜିଲ୍ଲା ସ୍କୁଲରୁ ଛାତ୍ରସଂଖ୍ୟା ହ୍ରାସ ପାଇବା ଆଶଙ୍କା କରି ରାଧାନାଥଙ୍କୁ ଆପତ୍ତି କଲେ। ସେ ମଧ୍ୟ ତାଙ୍କୁ ପ୍ରଚ୍ଛନ୍ନ ଭାବେ ସମର୍ଥନ କଲେ। ଖୋର୍ଦ୍ଧା ହାଇସ୍କୁଲ ପ୍ରତିଷ୍ଠାକୁ ସେ ଧ୍ୟାନ ନ ଦେବାରୁ କାର୍ଯ୍ୟ ମନ୍ଥର ହେଲା। ଦିନେ ରାଧାନାଥ ଖୋର୍ଦ୍ଧା ମାଇନର ସ୍କୁଲକୁ ପରିଦର୍ଶନରେ ଆସିଥିବା ବେଳେ ଓଳସିଂହ ଗ୍ରାମର କାନୁନ୍‌ଗୋ ଚିନ୍ତାମଣି ପଟ୍ଟନାୟକ, ମୁକ୍ତାର ରାଧାକୃଷ୍ଣ ପଟ୍ଟନାୟକ ଓ ଦିଗମ୍ବର ଶ୍ରୀଚନ୍ଦନ ତାଙ୍କୁ ସାକ୍ଷାତ କରି ନିଜର ଦାବୀ ଦୃଢ଼ ଭାବରେ ଉପସ୍ଥାପନ କଲେ। ରାଧାନାଥ ଏକଥା ଶୁଣି ବେଗୁନିଆ ଭ୍ରମଣରେ ବାହାରିଗଲେ ଓ ତା ପରଦିନ ଅର୍ଥାତ୍ ୧୯୧୬ ଜୁନ୍ ୧ ତାରିଖ ଦିନ ଖୋର୍ଦ୍ଧା ମାଇନର ସ୍କୁଲ ହାଇ ଇଂଲିଶ ସ୍କୁଲରେ ପରିଣତ ହେବାର ଶୁଭ ଆଦେଶ ପ୍ରେରଣ କଲେ। ଫଳରେ ସମଗ୍ର ଖୋର୍ଦ୍ଧାରେ ଆନନ୍ଦର ଲହରୀ ଖେଳିଗଲା।

ସବ୍‌ଡିଭିଜନାଲ ଅଫିସର ମ୍ୟାକ୍‌ଫରସନ୍‌ଙ୍କ ଅଧ୍ୟକ୍ଷତାରେ ନୂତନ ପରିଚାଳନା ସମିତି ଗଠିତ ହେଲା। ପ୍ରଥମେ ଏହି ଶିକ୍ଷାନୁଷ୍ଠାନର ନାମ ମ୍ୟାକଫରସନ୍ ହାଇସ୍କୁଲ ହେଉ ବୋଲି ପ୍ରସ୍ତାବ ଆସିଲା ମାତ୍ର ଉଦାର ମନା ମ୍ୟାକ୍‌ଫରସନ୍ ଏହାକୁ ନାପସନ୍ଦ କରି ଏହି ସ୍ଥାନର ଐତିହ୍ୟ ରକ୍ଷା କରିବା ପାଇଁ ସ୍କୁଲର ନାମ ଖୁର୍ଦ୍ଧା ହାଇସ୍କୁଲ ରଖିବାକୁ ମତ ପ୍ରକାଶ କଲେ। କରତାଳିରେ ସଭାସ୍ଥଳ ମୁଖରିତ ହୋଇ ଉଠିଲା। ଉପସ୍ଥିତ ସଜ୍ଜନ ମ୍ୟାକଫରସନ୍‌ଙ୍କ ମହାନତାକୁ ପ୍ରଶଂସା କଲେ। ସାହେବ ସ୍ୱ ଅଭିଭାଷଣରେ କହିଲେ - ''ମୁଁ ଆଶାକରେ, ଖୁରୁଧା ଯେତିକି ପଢ଼ିଛି, ସେତିକି ଆଗେଇବ କିନ୍ତୁ ଯେଉଁ ଶ୍ରେଣୀରୁ ନେଇ ଖୁରୁଧାର ପ୍ରତିଷ୍ଠା, ଦୁଃଖର ବିଷୟ ସେମାନଙ୍କ ନିଦ୍ରା ଭାଙ୍ଗୁନାହିଁ।'' ପରମ ହିତୈଷୀ ମ୍ୟାକ୍ ଫରସନ୍‌ଙ୍କ ଏହି ବକ୍ତବ୍ୟର ପ୍ରାସଙ୍ଗିକତା ଶହେବର୍ଷପରେ ଆଜି ମଧ୍ୟ ଉପଲବ୍ଧ। ମ୍ୟାକ୍‌ଫରସନ୍ ଥିଲେ ଅତ୍ୟନ୍ତ କ୍ରୀଡ଼ାପ୍ରେମୀ। ଏହି ସଭା ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ସଭାପରେ କ୍ରିକେଟ ଖେଳ ହେଲା।

## ହାଇସ୍କୁଲ ପ୍ରତିଷ୍ଠାତା ବୃନ୍ଦ

ଯୁବ ଅଫିସର ମି.ଏଚ୍.ମାକ୍‌ଫରସନ୍, ଆଇ.ସି.ଏସ୍‌ଙ୍କ ଆଦ୍ୟ କର୍ମକ୍ଷେତ୍ର ଥିଲା ଖୋରଧା। ସେ ନିଯୁକ୍ତି ପାଇବା ପରେ ପ୍ରଥମେ ମିଳନ ଖସଡ଼ା ଓ ସର୍ଭେ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ କରିଥିଲେ। ତାଙ୍କର ଓଡ଼ିଆ ଭାଷା ପ୍ରୀତି ଥିବାରୁ ସେ ଓଡ଼ିଆ ଓ କରଣୀ ଅକ୍ଷର ଶିକ୍ଷା କରି ଦରଖାସ୍ତ, ଜବାବ, ପୋଲିସ୍ ରିପୋର୍ଟ ପ୍ରଭୃତି ପାଠ କରିପାରୁଥିଲେ। ତାଙ୍କ ସମୟରେ ବାଖଲ ଖାରଜ (ପ୍ରୀବେସନ୍) ଇଲାକାର ପେସ୍କାରି ପୋଷ୍ଟ ଖାଲି ହେବାରୁ ସେଥିରେ ଦିଗମ୍ବରଙ୍କୁ ପ୍ରମୋସନ ଦିଆଯାଇଥିଲା।

ଥରେ ଖୋର୍ଦ୍ଧା ଖ୍ରୀଷ୍ଟିୟାନ ସାହିରେ ରାସ୍ତାପାର୍ଶ୍ୱ ଡ୍ରେନ ନଥିବାରୁ ନିରୀହ ପ୍ରଜା ଏକ ଟାଉଟର କଥାରେ ପଡ଼ି ଦରଖାସ୍ତ କରିଥିଲେ। ସାହେବ ତଦନ୍ତପାଇଁ ଆସିବାବେଳେ ସେହି ବ୍ୟକ୍ତି ଖସି ଯାଇଥିବାରୁ ଲୋକେ ସାହେବଙ୍କ ସବୁ ପ୍ରଶ୍ନର ଉତ୍ତର 'ୟେସ୍‌ସାର୍' କହିଲେ। ଏଥିରେ ସେ ବିରକ୍ତ ହୋଇ ଫେରି ଯାଉଥିବାବେଳେ ସାହସୀ ବାଳିକା କୁନ୍ତଳାକୁମାରୀ ସାବତ ସୁନ୍ଦର ଇଂରାଜୀରେ ତାଙ୍କୁ ସମସ୍ତ ସମସ୍ୟା ବୁଝାଇଥିଲେ। କୁନ୍ତଳାଙ୍କ ପ୍ରତିଭାରେ ବିମୁଗ୍ଧ ମ୍ୟାକ୍‌ଫରସନ୍ ତାଙ୍କୁ ନିଜ କୋଠୀକୁ ଡାକିନେଇ ନିଜ ସ୍ତ୍ରୀଙ୍କ ସହ ପରିଚୟ କରାଇ ଦେଇଥିଲେ। ପର୍ବ ପର୍ବାଣୀ ମାନଙ୍କରେ ମେମ୍ ତାଙ୍କୁ ଆମନ୍ତ୍ରଣ କରୁଥିଲେ। କୁନ୍ତଳାଙ୍କୁ ପ୍ରସିଦ୍ଧ କବୟିତ୍ରୀ କରିବାରେ ଖୋର୍ଦ୍ଧା ହାଇସ୍କୁଲର ଭୂମିକା ଥିଲା ମହନୀୟ। ସ୍କୁଲର ସମୃଦ୍ଧ ଲାଇବ୍ରେରୀରୁ ଡି.ଏଲ୍.ରାୟ, ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥ, ବିବେକାନନ୍ଦଙ୍କ ସହିତ ସେକ୍‌ସପିଅର, ଶେଲି, ବାଇରନ, କୀଟସ୍, ୱାର୍ଡସ୍‌ୱର୍ଥ, ଟେନିସନ୍, ପୋପ୍, ବ୍ରାଉନିଂ,

ଲଙ୍ଗଫେଲୋ ପ୍ରଭୃତିଙ୍କ ପୁସ୍ତକ ଆଣି କୃତକୀ ଅଧ୍ୟୟନ କରିଥିଲେ ।

ମ୍ୟାକଫରସନ୍‌ଙ୍କ ସମୟରେ ଖୁର୍ଦ୍ଧା ବାହାର ଜଙ୍ଗଲରେ ପ୍ରଜାମାନଙ୍କ ବ୍ୟବହାର ସମ୍ବନ୍ଧୀୟ ନିୟମାବଳୀ ବିଧିବଦ୍ଧ ହେଲା । ବନକର ଓ ଗୋଚର ଫିସ୍ ଧାର୍ଯ୍ୟ ହେବାରୁ ହିନ୍ଦୁଧର୍ମ ଉପରେ ଆଂଶିକ ବାଧା ସୃଷ୍ଟି ହୋଇଥିଲା। ଏହାପରେ ମ୍ୟାକଫରସନ୍ ପୁରୀ ସେଟେଲମେଣ୍ଟର ଅଫିସର୍ ରୂପେ ଯୋଗ ଦେଇଥିଲେ । ଖୋର୍ଦ୍ଧାର ଏସ୍.ଡି.ଓ. ରାୟ ସାହେବ ଅଭୟଚନ୍ଦ୍ର ଦାସ କୁସପୁରର ଜମିଦାର ଶ୍ରୀ ଚୈତନ୍ୟ ପଟ୍ଟନାୟକ ଅସହଯୋଗ ଆନ୍ଦୋଳନରେ ସଂପୃକ୍ତ ଥିବାର ଦୋଷାରୋପ କରି ସରବରାକାରୀରୁ ପଦଚ୍ୟୁତ କରିଥିଲେ । ମାତ୍ର ମ୍ୟାକ୍‌ଫରସନ୍ ଅନ୍ୟତ୍ର କାର୍ଯ୍ୟରତ ଥିଲେ ହେଁ ଏହି ଘଟଣାରେ ହସ୍ତକ୍ଷେପ କରି ତାଙ୍କୁ ପୁନର୍ନିଯୁକ୍ତି ଦେଇଥିଲେ ।

ମ୍ୟାକ୍‌ଫରସନ୍‌ଙ୍କ ଖୋର୍ଦ୍ଧା ପ୍ରତିଥିଲା ପ୍ରଗାଢ଼ ମମତା, ତେଣୁ ପରବର୍ତ୍ତୀ କାଳରେ ସେ ବିହାର ଓଡ଼ିଶାର ଅସ୍ଥାୟୀ ଗଭର୍ଣ୍ଣର ହେବା ସମୟରେ ଖୁର୍ଦ୍ଧା ଆସି ତା ୭.୪.୧୯୨୫ରେ ନୂତନ ସ୍କୁଲ ଗୃହର ଉଦ୍‌ଘାଟନ କରିଥିଲେ । ଖଣ୍ଡଗିରି ପରିଦର୍ଶନ କାଳରେ ଲିଙ୍ଗରାଜ ମନ୍ଦିରର ଜୀର୍ଣ୍ଣ ସଂସ୍କାର ସେ କରିଥିଲେ । ଖୋରଧା ହିତୈଷୀ ବିଦ୍ୟାଳୟର ପ୍ରତିଷ୍ଠାତା ମ୍ୟାକ୍‌ଫରସନ୍‌ଙ୍କୁ ଶତବାର୍ଷିକ ଅବସରରେ ଆଜି ସହସ୍ର ଶ୍ରଦ୍ଧାଞ୍ଜଳି ।

ଦିଗମ୍ବର ଶ୍ରୀଚନ୍ଦନ ବିଦ୍ୟାଳୟ ପ୍ରତିଷ୍ଠାର ଅନ୍ୟତମ ଉଦ୍ୟୋକ୍ତା । ସେ ଖୁର୍ଦ୍ଧା ଦର୍ପଣ ଗ୍ରନ୍ଥର ପ୍ରଣେତା ତଥା ବାଣିମାନଙ୍କର ଗାନ୍ଧୀ ରୂପେ ପରିଚିତ । ପ୍ରାୟ ୪୦ ବର୍ଷ ବୟସରେ ସେ ଚାକିରିରୁ ଇସ୍ତଫା ଦେଇ ଅବଶିଷ୍ଟ ୩୮ ବର୍ଷ ଦେଶସେବାରେ ନିୟୋଜିତ କରିଥିଲେ । ଗୋପବନ୍ଧୁ, ଗୋଦାବରୀଶ, କୃପାସିନ୍ଧୁ ହୋତା ପ୍ରଭୃତି ତତ୍କାଳୀନ ଦେଶସେବୀମାନଙ୍କ ସହ ମିଶି ପୁରୀ ଜିଲ୍ଲାରେ ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରି ଖ୍ୟାତି ଅର୍ଜନ କରିଥିଲେ । ଦିଗମ୍ବରଙ୍କ ପ୍ରଣତି ଖୋରଧା ଦର୍ପଣ ବ୍ୟତୀତ ଖୋର୍ଦ୍ଧା ହାଇସ୍କୁଲ ପ୍ରତିଷ୍ଠା ସଂପର୍କିତ ତଥ୍ୟ ସଂପ୍ରତି କୌଣସି ସୂତ୍ରରୁ ଆମର ହସ୍ତଗତ ହୋଇ ନ ଥିବାରୁ ଏହା ଆପାତତଃ ଗ୍ରହଣୀୟ ।

ମୌଲବୀ ଦାଉଦ ବକ୍ସ ଥିଲେ ଖୋର୍ଦ୍ଧା ଖାସମହାଲର ତହସିଲଦାର । ସେ ଜମିଦାର ବଂଶର ପୁତ୍ର, କଟକ ସହରରେ ନିବାସ । ହାଇସ୍କୁଲ ପ୍ରତିଷ୍ଠାରେ ତାଙ୍କର ଦାନ ଅଶେଷ । ସେ ଷୋହଳ ବର୍ଷ ତଳେ ପ୍ରତି ସରବରାକାରଙ୍କ ଠାରୁ ସେଉଁ ପାଞ୍ଚଟଙ୍କା ଲେଖାଏଁ ମୋଟ ପାଞ୍ଚହଜାର ଟଙ୍କା ଆଦାୟ କରିଥିଲେ ବର୍ତ୍ତମାନ ତାର ମୂଲ୍ୟ କଳନା କଷ୍ଟସାଧ୍ୟ । ଏହାଙ୍କ ସମୟ ଖୁର୍ଦ୍ଧା ସରବରାକାରଙ୍କ ପକ୍ଷେ ସ୍ମରଣୀୟ ଥିଲା ଓ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା । ତତ୍କାଳୀନ ବେଙ୍ଗଲ ଲେଫଟନାଣ୍ଟ ଗଭର୍ଣ୍ଣର ସାର ଚାର୍ଲସ ଏଲିଅଟ ଖୁର୍ଦ୍ଧା ଟାଉନକୁ ଆସି ପୁରାତନ ଡାକ୍ତରଖାନାକୁ ତହସିଲଦାର କ୍ୱାଟର ରୂପେ ଏହାଙ୍କୁ ଦେଇ ଯାଇଥିଲେ । ଦାଉଦ ବକ୍ସଙ୍କ ପରେ ହରେକୃଷ୍ଣ ମହାନ୍ତି ୧୯୦୪ ପର୍ଯ୍ୟନ୍ତ ତହସିଲଦାର ଥିଲେ ।

କୃଷ୍ଣମୋହନ ପଟ୍ଟନାୟକ ଥିଲେ ସ୍କୁଲ ପ୍ରତିଷ୍ଠା କମିଟିର ସଭ୍ୟ । ସେ ବଧମାଛ ଗାଡ଼ିଆ ଗ୍ରାମର ସୁଯୋଗ୍ୟ ସନ୍ତାନ । ସେ ରେଭେନ୍ସା କଲେଜର ପ୍ରଥମ ବି.ଏ ପରୀକ୍ଷାର୍ଥୀ ଦୁଇଙ୍କ ମଧ୍ୟରୁ ଅନ୍ୟତମ । ସେ ବିଦ୍ୟାଳୟ ସ୍ଥାପନର ଉଦ୍ୟୋକ୍ତା ମଧ୍ୟରୁ ପ୍ରଥମ ଓ ପରିଚାଳନା ସଂଘର ସଭ୍ୟମାନଙ୍କ ମଧ୍ୟରେ ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ ବୋଲି ପ୍ରଧାନଶିକ୍ଷକ ଦିବ୍ୟସିଂହ ପଟ୍ଟନାୟକ ସ୍ମୃତିଚାରଣ କରିଛନ୍ତି ।

ଚିନ୍ତାମଣି ପଟ୍ଟନାୟକ ଥିଲେ ସ୍କୁଲ ପ୍ରତିଷ୍ଠା କମିଟିର ସଭ୍ୟ, ଓଲସିଂହର କାନୁନ୍‌ଗୋ । ସେ ପ୍ରଥମେ ହାଇସ୍କୁଲ ବୋର୍ଡିଂ ପାଇଁ ଏକଶହ ଟଙ୍କା ଦାନ ଦେଇଥିଲେ ।

କୃଷ୍ଣ ଚନ୍ଦ୍ର ସାମନ୍ତରାୟ ଛତାବର ନିବାସୀ ପ୍ରସିଦ୍ଧ ମୁକ୍ତାର, ସେ ମଧ୍ୟ ଥିଲେ ସ୍କୁଲ ପ୍ରତିଷ୍ଠା କମିଟିର ସଭ୍ୟ ।

ରାଧାକୃଷ୍ଣ ପଟ୍ଟନାୟକ ମୁକ୍ତାର ମଧ୍ୟ ସ୍କୁଲ ପ୍ରତିଷ୍ଠା କମିଟିର ସଭ୍ୟ ଥିବାର 'ଖୁର୍ଦ୍ଧା ଦର୍ପଣ'ରୁ ଜଣାଯାଏ ।

ପ୍ରଥମ ହେଡ୍‌ମାଷ୍ଟର - ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲର ପ୍ରଥମ ହେଡ୍‌ମାଷ୍ଟର ରାୟବାହାଦୁର ବାବୁ ମାଧବଚନ୍ଦ୍ର ମିଶ୍ର ଥିଲେ ଜଣେ ସୁନାମଧନ୍ୟ ବ୍ୟକ୍ତି । କୁଶଭଦ୍ରା ନଦୀକୂଳରେ ତତ୍କାଳୀନ ପୁରୀ ଜିଲ୍ଲା ଦନମାଳିପୁର ସନ୍ନିକଟ ରାବର ସାହି ଗ୍ରାମରେ ତାଙ୍କର ଜନ୍ମ, ପିତା କପିଳଚନ୍ଦ୍ର ମିଶ୍ର ଥିଲେ ଜଣେ ପଣ୍ଡିତ । ତାଙ୍କର ପୂର୍ବ ପୁରୁଷ ଜାନ୍ୟ କୁବ୍ଜରୁ ଆସି ଜଜାତି କେଶରୀଙ୍କ ସମୟରେ ଏଠାରେ ବସବାସ କରୁଥିଲେ । ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ରାକେଶ୍ୱରୀଙ୍କ ନାମାନୁସାରେ ଏହି ଗ୍ରାମର ନାମ ରାବର ସାହି । ଏହା ସନ୍ନିକଟ ଚାଉଳି ପାଇଣ ଗ୍ରାମରେ ତ୍ରୟୋଦଶ ଶତାବ୍ଦୀର ପ୍ରାଚୀନ ଶିଳ୍ପକଳାର ଅନୁପମ ନିଦର୍ଶନ ପ୍ରସିଦ୍ଧ ରଘୁନାଥ ମନ୍ଦିର ।

ସୁଦୂର ଅତୀତରେ ଏହି ଅଞ୍ଚଳ ତନ୍ତ୍ରପୀଠ ଥିଲା ।

ମାଧବଚନ୍ଦ୍ରଙ୍କ ଜ୍ୟେଷ୍ଠ ଭ୍ରାତା ମଧୁସୂଦନ ବେଗୁନିଆ ମାଇନର ସ୍କୁଲର ଶିକ୍ଷକଥିଲେ । ମାଧବ ଥିଲେ ଗୌରବର୍ଣ୍ଣ ଓ ସାଧାରଣ ଛଡ଼ । ସେ ପୁରୀ ଜିଲ୍ଲା ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍ କରି କଲିକତା ୟୁନିଭରସିଟିରୁ ଗ୍ରାଜୁଏଟ ଡିଗ୍ରୀ ପ୍ରାପ୍ତି ପରେ ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲରେ ପ୍ରଥମ ହେଡ୍‌ମାଷ୍ଟର ରୂପେ ନିଯୁକ୍ତ ହୋଇଥିଲେ । ଉନବିଂଶ ଶତାବ୍ଦୀରେ ଓଡ଼ିଆ ଗ୍ରାଜୁଏଟଙ୍କ ସଂଖ୍ୟା ଥିଲା ଅତିସ୍ୱଳ୍ପ । ଓଡ଼ିଶାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ବଙ୍ଗୀୟମାନେ ବହୁଳଭାବେ ଚାକିରି କରୁଥିଲେ । ସେହି ଦୃଷ୍ଟିରୁ ଖୋର୍ଦ୍ଧା ହାଇ ଇଂଲିଶ୍ ସ୍କୁଲର ପ୍ରଥମ ଓଡ଼ିଆ ହେଡ୍‌ମାଷ୍ଟର୍ ମାଧବଚନ୍ଦ୍ର ସ୍ମରଣୀୟ । ସେ ଅଶ୍ୱପୃଷ୍ଠରେ ଯାତାୟତ କରୁଥିଲେ ।

ଖୋର୍ଦ୍ଧା ହାଇସ୍କୁଲରୁ ଇସ୍ତଫା ଦେଇ ମାଧବଚନ୍ଦ୍ର ପୁରୀର ସଦର କାନ୍‌ଗୋଇ ଓ ତତ୍‌ପରେ କଟକରେ ସବ୍‌ଡେପୁଟୀ ହୋଇଥିଲେ । ଯାଜପୁର, ଜଗତ୍‌ସିଂହପୁର ଅଞ୍ଚଳକୁ ଅଶ୍ୱପୃଷ୍ଠରେ ଯାଇ ବହୁ ଜନହିତକର କାର୍ଯ୍ୟ କରିଥିଲେ, ଗ୍ରାମେ ଗ୍ରାମେ ଲୋକଙ୍କୁ ନେଇ ପୁଷ୍କରିଣୀରୁ ଦଳସପା କରୁଥିଲେ ପରେ ସେ କନିକା ରାଜାଙ୍କ ଦେୱାନ ହେଲେ ।

ମାଧବଚନ୍ଦ୍ର ବ୍ରିଟିଶ ସରକାରଙ୍କୁ ସମର୍ଥନ କରୁଥିଲେ । ଓଡ଼ିଆଙ୍କୁ ବଞ୍ଚିତ କରିବା ତାଙ୍କର ଇଚ୍ଛା ନଥିଲା । ହାକିମ ବା ପରର ଗୋଲାମ ହେବାକୁ ସେ ଆଉ ପସନ୍ଦ କଲେ ନାହିଁ । ସମୟର ଆହ୍ୱାନରେ ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ । ଅସହଯୋଗ ଆନ୍ଦୋଳନ ବେଳେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ତାଙ୍କ ଡାକ ନାମ ହେଲା ମାଧିଆ ନନା ।ମମ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମୟରେ ମାଧବ ଚନ୍ଦ୍ର ଚାନ୍ଦିନୀ ଚୌକି, କଟକ ସ୍ଥିତ ସ୍ୱ ବାସଭବନରେ ସ୍ୱର୍ଗାରୋହଣ କରିଥିଲେ । ତାଙ୍କର ଜ୍ୟେଷ୍ଠପୁତ୍ର ସଚ୍ଚିଦାନନ୍ଦ କମିଶନର ଓ ଦୁର୍ଗାନନ୍ଦ ଡି.ଏସ୍.ପି. ଥିଲେ । ଦୁର୍ଗାନନ୍ଦଙ୍କ ଜାମାତା ଶରତ କର (ଖୋର୍ଦ୍ଧା କଲେଜର ପ୍ରାକ୍ତନ ଅଧ୍ୟାପକ) ସଂପ୍ରତି ବିଧାନ ସଭାର ବାଚସ୍ପତି । ମାଧବଚନ୍ଦ୍ରଙ୍କ ବଂଶଜ ଏବେ ଓଡ଼ିଶାରେ ସୁପ୍ରତିଷ୍ଠିତ । ତାଙ୍କ ଗୃହସ୍ଥ ବିଗ୍ରହ କଚେରୀ, ଠାକୁର ଘରେ ଅସୀନ ଅଷ୍ଟଦୁର୍ଗା ମୂର୍ତ୍ତି ଏହି ବଂଶର ଭୂମିଆଡି ବହନ କରେ । ମାଧବ ଚନ୍ଦ୍ରଙ୍କର ଖୋର୍ଦ୍ଧା ନିକଟସ୍ଥ ବେଗୁନିଆ ଓ ସ୍ୱ ଗ୍ରାମରେ ୫ ବାଟୀ ଭୂମି ଥିଲା । ୩୪

## ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲର ବିକାଶ

ବିଗୟର ଶ୍ରୀଚନ୍ଦନଙ୍କ ପ୍ରଣୀତ, ୧୯୨୭ରେ ପ୍ରକାଶିତ ''ଖୁରୁଧା ଦର୍ପଣ'' ପ୍ରଥମ ଭାଗରେ ଉଲ୍ଲେଖ ଅଛି-

ନିଜ଼ି ଖୁରୁଧାରେ ଜାଣ      ହାଇସ୍କୁଲ ବିଦ୍ୟମାନ
ଯେ କି ମାଇନର ପରିବର୍ତ୍ତେ ହୋଇଲା
ଏ ସବ୍‌ଡ଼ିଭିଜନର      ଅଫିସର ଯେ ମିଷ୍ଟର
ଏଚ.ମେକ୍ ଫରସନ୍ କୃତେ ହୋଇଲା
ତାଙ୍କ ପରେ ଯେ ଏନ ଗୁପ୍ତ
ଦାଦର ବଳ୍କଳ ତୁଲେ କଲେ ନିଶ୍ଚିତ । ୧୫ ।
ଯେତେ ସରବରାକାର      ମହାଜନଟି ଆବର
ଧନୀ ଲୋକମାନଙ୍କରୁ ଚାନ୍ଦା ସଂଗ୍ରହ
କରିଣ ଅତିଯତ୍ନରେ      ଜମାକରି ବ୍ୟାଙ୍କଘରେ
ତହୁଁ ଏହାକୁ ରଖିଲେ ହୋଇ ଆଗ୍ରହ ।
ଜୁନର ପ୍ରଥମ ଦିନରେ
ଅଷ୍ଟାଦଶ ଶତ ଛୟାନବେ ସନରେ । ୧୬ ।

ଖୁରୁଧା ସେଟେଲମେଣ୍ଟ ରିପୋର୍ଟରୁ ମିଡ଼ିଲ ଇଂଲିଶ ସ୍କୁଲ ହାଇ ଇଂଲିସ ସ୍କୁଲରେ ପରିବର୍ତ୍ତିତ ହେବାର ବିବରଣୀ ଉପଲବ୍ଧ-

''The point to be noticed is the conversion of the middle English school at the headquarters of the subdivision to a high English standard. The necessity for the latter had been dwelt on more than once by subdivisional officers in their administration reports, and to the satisfaction of many of the influential sarbarakars and tenauls, the conversion took place on the 1st of june 1896.''

ଜେମ୍‌ସ ଏଚ.ଟେଲର, ଏସ୍‌କ୍ୱୋୟର, ଆସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ଇନ୍‌ଚାର୍ଯ୍ୟ ୧୮୯୭ ରିପୋର୍ଟରେ ଖୋର୍ଦ୍ଧା

ସ୍କୁଲ ସଂପର୍କରେ ତଥ୍ୟ ପ୍ରଦାନ କରିଛନ୍ତି - ''I here append a comparative statement of the schools in Khurda estate-

| No at the last settlement | No at the last settlement | No. of at the present settlement | Difference | Remarks |
|---|---|---|---|---|
| 1 | 2 | 3 | 4 | 5 |
| High English School | Nil | 1 | +1 | Converted to High School |
| Middle English School | 1 | Nil | -1 | |
| Middle vernaluler School | 5 | 6 | +1 | |
| Upper Primary School | 30 | 21 | -9 | |
| Lower Primary School | 810 | 418 | -392 | |
| Girls School | 2 | 5 | +3 | |
| Night School | 2 | Nil | -2 | |
| Total | 850 | 451 | -399 | |

୧୮୯୬ରେ ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲକୁ ଡିଷ୍ଟ୍ରିକ୍ଟ ବୋର୍ଡ଼ ମାତ୍ର ୧୦୦ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ଏହି ବର୍ଷ ମଧ୍ୟଭାଗରେ ଅଷ୍ଟମ, ନବମ, ଦଶମ ଓ ଏକାଦଶ ୪ଟି ଶ୍ରେଣୀ ଏକା ସାଙ୍ଗରେ ଆରମ୍ଭ ହେଲା । ସର୍ବମୋଟ ୧୯ଜଣ ଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ହାଇ ଇଂଲିଶ ସ୍କୁଲରେ ମାତ୍ର ୬ଜଣ ମାଟ୍ରିକ୍ୟୁଲେସନ କ୍ଲାସରେ ଅଧ୍ୟୟନ କରୁଥିଲେ ।

ଖୋରଧା ହାଇ ଇଂଲିଶ ସ୍କୁଲ ଏବେକାର ଥାନା, ତହସିଲ ଅଫିସ ଓ ବସ୍‌ଷ୍ଟାଣ୍ଡ ଆଗରେ ଥିବା ଉନ୍ମୁକ୍ତ ପ୍ରାନ୍ତରରେ ବଙ୍ଗଳା ପରି ଦୁଇ ଧାଡ଼ି ଚୂନ ଧଉଳା ଲମ୍ବା ଚାଳଘର ଥିଲା । ଦୁଇଧାଡ଼ି ମଝିରେ ଲମ୍ବା ଖୋଲପଡ଼ିଆ । ଦୁଇ ଧାଡ଼ିରେ ଛଅ ଛଅ ବଖରା ଚାଳ ଛୁଆଣୀ ଘର । ଛାତ୍ରମାନେ ଲୁଗା ହଷ୍ଟାନି ପିନ୍ଧି ଆସୁଥିଲେ । ସ୍କୁଲର ଉତ୍ତର ପୂର୍ବ ବ୍ଲକରେ ୨ଟି ହିନ୍ଦୁ ଛାତ୍ରାବାସ ଓ ଦକ୍ଷିଣ ପଶ୍ଚିମ ବ୍ଲକରେ ମୁସଲମାନ ଛାତ୍ରାବାସରେ ମୋଟ ୮୦ ଜଣ ଛାତ୍ର ରହୁଥିଲେ । ସ୍କୁଲ ହତା ମଧ୍ୟରେ ବିଭିନ୍ନ କିସମର ଫୁଲଗଛମାନ ଶୋଭା ପାଉଥିଲା । ପ୍ରଧାନ ଶିକ୍ଷକଙ୍କ ଅଫିସ ଗୃହରେ ବିଭିନ୍ନ ପ୍ରକାର ମଡେଲ, ଗ୍ରହ ଉପଗ୍ରହ ମାନଚିତ୍ର ଓ ମ୍ୟାପ ପ୍ରଭୃତି ଝୁଲା ହୋଇଥିଲା । ସ୍କୁଲ ହତାରେ ଏକ ବର୍ଷାମାପକ ଯନ୍ତ୍ର (ରେନ୍‌ଗଜ) ଥିଲା । ୩୨ ଫୁଟ ଲମ୍ବରେ ଦୁଇଟି ବଡ଼ ହଲ ଥିଲା । କେତେକ ଆଙ୍ଗ୍ଲୋଇଣ୍ଡିଆନ ଛାତ୍ର ମଧ୍ୟ ଏଠାରେ ପଢୁଥିଲେ । ବିଶିଷ୍ଟ ଗାନ୍ଧିବାଦୀ ନେତା ପଣ୍ଡିତ ଗୋପବନ୍ଧୁଙ୍କ ପ୍ରଧାନ ସହକର୍ମୀ ପଣ୍ଡିତ କୃପାସିନ୍ଧୁ ହୋତା ଜନ ବିଦ୍ୟାଳୟ ଆପନ ହେବା ପୂର୍ବରୁ ଏହିଠାରେ ଶିକ୍ଷକତା କରୁଥିଲେ । ଦଶ ଜଣିଆ ସଭ୍ୟ ବିଶିଷ୍ଟ ଏକ ପରିଚାଳନା କମିଟି ଦ୍ୱାରା ଏହି ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ହେଉଥିବା ସମୟରେ କେତେକ ଅସହିଷ୍ଣୁ କୁଚକ୍ରୀ ବ୍ୟକ୍ତି ନିଆଁ ଲଗାଇ ଦେବାରୁ ବିଦ୍ୟାଳୟ ଗୃହ ସଂପୂର୍ଣ୍ଣ ଧ୍ୱଂସ ପାଇ ଯାଇଥିଲା । ଓ ପାଠାଗାରରେ ଥିବା ୨୧୩୫ ଖଣ୍ଡ ଦୁର୍ଲଭ ଓ ଦୁର୍ମୂଲ୍ୟ ପୁସ୍ତକ ପୋଡ଼ି ପାଉଁଶ ହୋଇ ଯାଇଥିଲା । ବିଦ୍ୟାଳୟକୁ ସ୍ଥାନାନ୍ତରିତ କରି ଏକ ବିରାଟ ପ୍ରାସାଦ ମଧ୍ୟରେ ସୁଦୃଶ୍ୟ ପ୍ରସାଦ କରିବାକୁ ସ୍ଥିର ହେଲା ।

ଉତ୍କଳ ଗୌରବ ମଧୁସୂଦନଙ୍କ ସହକାରୀ ଆଡ଼ଭୋକେଟ ଥିବା ଓଡ଼ିଶା ପ୍ରସିଦ୍ଧ ବାଞ୍ଛାନିଧି ପଟ୍ଟନାୟକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଯୋଗଦାନ କରିବା ପରେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଗଲା । ନୂତନ ଗୃହ ପାଇଁ ଅଟକଳ ହୋଇଥିବା ୪୯,୬୪୮ ଟଙ୍କାରୁ ସରକାର ତାଙ୍କର ପ୍ରାପ୍ୟ ୨୦ ହଜାର ଟଙ୍କା ଦେଇଥିଲେ ଓ ବାଲେଶ୍ୱର ଜିଲ୍ଲା ସ୍କୁଲର ଡି. ସେପ୍ ଡିଜାଇନ୍ ପରି ଏହି ମନୋରମ ପ୍ରାସାଦ କିଛି ଜାମକ କଣ୍ଟ୍ରାକ୍ଟର ଦ୍ୱାରା ନିର୍ମିତ ହୋଇଥିଲା ବାଞ୍ଛାନିଧି ବାବୁଙ୍କ ନିମନ୍ତ୍ରଣ କ୍ରମେ ବିହାର ଓଡ଼ିଶାର ତତ୍‌କାଳୀନ ଡିଭିଜନାଲ କମିଶନର ସି.ଏଫ୍.ଗ୍ରୁଭିଙ୍କ ଏକ ଭବ୍ୟ ସମାବେଶରେ ୧୯୨୧ ଡ଼ିସେମ୍ବର ୨୧ ତାରିଖ ଦିନ ବହୁ ଆକାଂକ୍ଷିତ ସୁରମ୍ୟ ନବ ପ୍ରାସାଦର ଶିଳାନ୍ୟାସ କରିଥିଲେ (୩୫) ସେହିଦିନ ଠାରୁ ଅଦ୍ୟାବଧି ଏହି ଲୋହିତରଙ୍ଗର ଟ୍ରେନ ସଦୃଶ ବିରାଟ ଭବନରେ ଶିକ୍ଷାଦାନ କାର୍ଯ୍ୟ ହୋଇ ଆସୁଛି ।

## ତଥ୍ୟଧାରିକା


୧. Pages James, A brief History of the Baptist Mission in Orissa, P-156

୨. Mukhrjee P. Utkal University History of Orissa, Ed, Vol - VI, P-39

୩. Rickettes, Commissioner to Sudder Board of Revenue, 7, Dec. 1837 B.R.A. Vol- Nov-Dec-1837, No2955

୪. ସାମନ୍ତରାୟ ନଟବର, ଓଡ଼ିଆ ସାହିତ୍ୟର ଇତିହାସ, ପୃ-୫୭

୫. ମହାପାତ୍ର ଭାରତୀ, ଊନବିଂଶ ଶତାବ୍ଦୀର ଦୁଇ ଅସ୍ମାନ ପ୍ରତିଭା,

ବିଶ୍ୱନାଥ ବିଦ୍ୟାଭୂଷଣ ଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପୃ-୯
୬. ଲାଲ ବାବୁ ମାଧବ, ବିବିଧ ସଂଗ୍ରହ, ୧୮୯୯ ପୃ - ୪୬
୭. ଶ୍ରୀ ଚନ୍ଦନ ବିଶ୍ୱନାଥ, ଖୁର୍ଦ୍ଧା ଦର୍ପଣ ୧୯୮୯, ପୃ - ୨୨୫
୮. Report of the Council of Education, 1844-45, Appx 2.pp CL II, CL III
୯. Mukherjee. P, U.U History of Orissa. P.437
୧୦. Senapati N (Ed) Orissa District Gazetteers Puri, 1977, P.478 Kuanar D.C.
Letter of Mr. G. Cockburn to Secretary, Government of Bengal, 1859 B.R.A. Vol. 1857 60, No. 81
୧୧. Mohapatra Dr. Bharati, Socio-cultural Foundation of Education, Compehensive History and Culture of Orissa. Ed by P.K. Mishra, J.K. Samal. 1977 P-932
୧୨. Letter Issued in 1855-57, Vol-124, Leter No - 58, Dated 14.1.1857 (M.S)
୧୩. GRPI, 1858-59, P. 103
(General Report on Public Instruction In the Lower Provinses of Bengal Presidency)
୧୪. Orissa District Gazetteers, Puri, 1977, P.478
୧୫. Report on Vernaculer Education for 1845 B.R.A., Vol - July-Dec 1846, No-704
୧୬. GRPI, 1858-59 and 1859-60
୧୭. ଦାଶ ପଣ୍ଡିତ ସୂର୍ଯ୍ୟନାରାୟଣ, ଦେଶ ପ୍ରାଣ ମଧୁସୂଦନ ପୃ-୧୬
୧୮. Sastry Dr. Vedula Bhimsankar. Development of Secondary Education in Orissa (1882-1966) Unpublished Ph.D Thesis U.U.
୧୯. ଦାସ ଜଗନ୍ନାଥ ପ୍ରସାଦ, ଦେଶ କାଳ ପାତ୍ର ୧୯୯୨, ପ୍ରାଚୀ ପ୍ରକାଶନ, ଭୁବନେଶ୍ୱର, ପୃ - ୧୩୪
୨୦. ପିପିଲି ବାପ୍ତିଷ୍ଟ ଚର୍ଚ୍ଚ ସ୍ମରଣିକା - ୧୯୯୦
୨୧. Dhal Manjushri, The British Rule Missionary Activities in Orissa (1822-1947), P-51-52
୨୨. ଲାଲ ବାବୁ ମାଧବ, ବିବିଧ ସଂଗ୍ରହ ପ୍ରକାଶ, ୧୮୯୯ ସାଲ, ପୃ - ୩୨
୨୩. ଉତ୍କଳ ଦୀପିକା ତା ୪.୧୧.୧୮୮୨
୨୪. ଶ୍ରୀ ଚନ୍ଦନ ସିଂହ ଶୁଭେନ୍ଦୁ ମୋହନ, ଶତାବ୍ଦୀ ପୁରୁଷ, ୧୯୯୧, ପୃ - ୬୬୫
୨୫. ଖୋର୍ଦ୍ଧାରୋଡ଼ର ରେଳବାଇ ସପ୍ତାହ ଉପଲକ୍ଷେ ଡିପ୍ କମିସ୍ ଶ୍ରୀ ରଙ୍ଗନାଥ ମିଶ୍ରଙ୍କ ଭାଷଣ, ପ୍ରଗତିବାଦୀ ତା ୨୫.୪.୧୯୯୨
୨୬. ଓଡ଼ିଆ ଓ ନବ ସମ୍ବାଦ, ପୃଷ୍ଠା ୪୪ ଭାଗ, ୧ ସଂଖ୍ୟା ତା ୨୨.୧.୧୮୯୬
୨୭. ମହାପାତ୍ର ଖଗେଶ୍ୱର, ବଙ୍ଗଳା ଉପନ୍ୟାସରେ ଉନବିଂଶ ଶତାବ୍ଦୀ :- ଓଡ଼ିଶାର ଚିତ୍ର, ପ୍ରତିବେଶୀ - ପୂଜା ୧୯୮୭
୨୮. Report on the Khurda Settlement of 1897-98, P-31
୨୯. Khurda Settlement
୩୦. ଶ୍ରୀଚନ୍ଦନ ଦିଗମ୍ବର - ଖୁର୍ଦ୍ଧା ଦର୍ପଣ, ୧୯୮୯, ପୃ - ୨୩୦
୩୧. ମହାପାତ୍ର ଚକ୍ରଧର - କୁନ୍ତଳା କୁମାରୀ ଜୀବନୀ ଚରିତ, ୧୯୭୨, ପୃ - ୩୭
୩୨. ଦାସ ନୀଳକଣ୍ଠ - ଆତ୍ମ ଜୀବନୀ - ୧୯୮୨, ପୃ - ୧୪
୩୩. ମିଶ୍ର ଗୋଦାବରୀଶ - ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, ୮ମ ସଂସ୍କରଣ ୧୯୯୦, ପୃ - ୮୬
୩୪. ତା. ୨.୧୦. ୧୯୯୯ରେ ମାଧବଙ୍କ ପୌତ୍ର ୭୩ ବର୍ଷ ବୟସ୍କ ଗୋବିନ୍ଦଚନ୍ଦ୍ରଙ୍କ ଘର ଗାଡ଼ଉସା ଗ୍ରାମରେ ହୋଇଥିବା ସାକ୍ଷାତକାର ।

❖❖❖

# ଜୀବନର ଗୌରବ

କଳିଙ୍ଗ ପ୍ରାଣ ବିଚ୍ଛନ୍ଦ ଚରଣ ପଟ୍ଟନାୟକ

ଯଉବନ ଗଉରବ ସମନ୍ୱିତ
ଦ୍ରୁମର ଅଟନ୍ତି ଦୁଇ
ଯଉବନ ଅଟେ ଚେତାଇଲେ ଛାତି
ପରଭବ ଚହିଁ କାହିଁ ?
ପଲିତ କେଶର ଅଶିସେଙ୍କୁ ବଢ଼
ଦକ୍ଷିଣର ଯଉବନ,
କେ ନୁହେଁ ସଂସାରେ ନରପତି ? ସେମି
ଯଉବନ- ସିଂହାସନ ?
ସେହିଁ ନଳ ତଟେ ଆଜି ସାରିଜାଣି
ଘନଭ୍ରୁ ରେଖା ତା ଚରା
କୁଟିଳ-ମଣ୍ଡିତ ବି- ରସ ସ୍ମୃମତା
କିଆଁବେ ହେଲେ ହେଁ ହୋଇ
ବିତାଡଙ୍ଗେ ତାଙ୍କି ସିତ-କେଶ-ରାଜି
ପୁଲକିବାର ଗଉରବେ
ଲଲାଟ ପଟେ ମୋ ନନେଖ ବିଧାତା !
ନ ଚାହେଁ ନାମ ମୁଁ କେବେ
ଜାଣିନି ସେମିଟ ସେବେ ଅଭଙ୍ଗ ପାରିବି
ଶୋଭାଙ୍ଗୀ- କରୁଣ -ଦୃଷ୍ଟି
ହାର୍ଯ ଜେଳା ମୋର ପୁରୁଷାର୍ଥ ପୁଣି
ଦାସି ମୋ ପ୍ରଖ୍ୟାତି ସୃଷ୍ଟି
କରୁଣ -ଦୀପିତ ଶୋଭାଙ୍ଗୀର ନେତ୍ର
ମୋ ଗଉରବର ବାସ
ବିଜୟ ଟୀକା ମୋ କରୁଣାରେ ଦଗ୍ଧ
ତା ମନ୍ଦ ମଧୁର ହାସ
ଯଉବନର ଏ ବିଜୟ ବିଭୂତି
ଜୀବନର ପରଭବ,
ସିତ -କେଶ ନୃପ ମହାର୍ଘ ମୁକୁଟ
ସମାନ ନୋହେ ଯା ଜବ ।
(ଇଂରାଜୀ କବି ଲର୍ଡ଼ ବାଇରନଙ୍କ 'ଅଲ୍ ଫର ଲଭ୍' କବିତାର ଛାୟା)

# ଚୋରା ବସନ୍ତ

ଶ୍ରୀ ପଦ୍ମଚରଣ ପଟ୍ଟନାୟକ

ଡାକିବେ ଡାକିବେ ସୁଧାରେ ବସନ୍ତ
ନାଚୁ ଲତା କୁଞ୍ଜେ ସୁନନ
ଆଙ୍କିବେ ଧରାରେ ତୋ ଛବି ମଧୁର
ପ୍ରେମାନନ୍ଦେ ନାଚୁ ମୋ ମନ ।

- ୨ -

ବହ ଦୁଃସ୍ୱପ୍ନ ପିକରାଣୀ ଗାଏ
ଉଭେ ତୋ ଆଗମ ସମ୍ବାଦ,
ଭୁଲିବେ ଦେଳେନେ ପ୍ରକୃତି କହିବ
ପିଟାଇ ତା ହାସ ସମ୍ପଦ ।

- ୩ -

ଡାକିବେ ଦୁକୂଳ ମଞ୍ଜୁଳତା କୁଞ୍ଜେ
ମେଲିବେ କୁସୁମା ପଶରା
ନୋଚିବେ ଜଗତ ସାରା ତୋ ପରଶେ
ସଜାଅ ନବବେଶେ ଧରା

- ୪ -

ମନ୍ଦ ବହ୍ନିଛାତ ନବ କିଶଳୟେ
ନବୀନ ଶୋଭାର ଭଣ୍ଡାର
ଡାକିବେ ତା ଅଙ୍ଗେ ମଧୁର ବସନ୍ତେ
ସୁବାସ ମଳୟ- ମନ୍ଥର

(ସପ୍ତମ ଶ୍ରେଣୀରେ ରଚିତ, ୧୯୩୫ ମସିହା ଅବକାଶରୁ ସଂଗୃହୀତ)



# ବୀର ଆହ୍ୱାନ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ବାଜିଲା ଯେବେ ସମର ଭେରୀ
ଦେଶଟା ଯାକେ
ଛନ୍ଦିଗଲା ସାରା ଦେଶଟା
ସମର ତାଳେ
ସମର ଝଣ୍ଡା ପ୍ରବଳ ବେଗରେ
ଚଳା ତ କହି
ଯୁଦ୍ଧ ଯୁଦ୍ଧ ବୀର କାନରେ
ଗଲା ସେ କହି
ମୋଗଲ ସୈନ୍ୟ ଦୁର୍ଗ ଦୁଆରେ
ହେଲେଣି ଆସି
ହେ ଅଙ୍କ ବୀରେ ଦେଶ ପାଇଁକି
ଧରରେ ଅସି
ବ୍ୟାପିଗଲା ଏ ଶବଦରାଜି
ହୋଡ଼ ସ୍ୱନରେ
ସଜାଇ ଦେଲା ବୀରମାତା ସେ
ବୀର- ନନ୍ଦନେ
ନାଚିଛି ଯେବେ ବିବାହୋତ୍ସବ
ବିବାହ ବାସେ
ଉପବିଷ୍ଟ ସେ ବୀର ଯୁବକ
ପ୍ରିୟାର ପାଶେ
ହୋଇନାହିଁ ତ ପ୍ରିୟାର ସାଥେ
କର ବନ୍ଧନ
ଏହି ସମୟରେ ଶୁଭିଲା କାନେ
ବାହାର ଡାକ
ଚଳନ ଯେବେ ଦୁର୍ଗ ଦୁଆରେ
ଗଲେକି ଦଳେ
ବୀର ତ ତୁମେ, ବିରତ ନୁହ
ସ୍ୱକଭୁ ଏବେ

ବୀର ତ ସେହୁ, ଯୁଦ୍ଧୁଁ ବିରତ
ଏ କେଉଁ କଥା
ସେହି ମୁହୂର୍ତ୍ତେ ସମର ପାଇଁ
ଯୁରିଲା ମଥା
ସ୍ୱାଧୀନତାର ସମର ପାଇଁ
ପଡ଼ିଲେ ଡେଇଁ
ବରଣବେଶକୁ ସମର ଦେଲେ
ଦେହେ ବଜାଇ
ଛୁଟିଲେ କଣେ ବୀର- ଯୁବକ
ଜାମ ଥାଉଟ
ଚମକିଗଲା ଶସ୍ତ୍ରକାନ୍ତି
ସ୍ୱବଧ ସର୍ବେ
ବୀରବାଳା ସେ ପ୍ରଣୟୀ ସାଥେ
ସମରେ ଯାଇ
ବୀର ନାରୀତ୍ୱ ରଣପ୍ରାଙ୍ଗଣେ
ଦେଲା ଦେଖାଇ
ବିଜୟୀ ଶତ୍ରୁ ଚରଣ ଯୁଗ
ହେଲା ସ୍ଥଗିତ
ଶୋଣିତ ତାକେ ଖଡ଼୍‌ଗଧାର
ହେଲା ଶାଣିତ
ମାରି ଅସଂଖ୍ୟ ଶତ୍ରୁସେନା
ବୀର ଯୁବକ
ମରଣ ଦେଇ ପୂରଣ କଲେ
ଦେଶର ଡାକ
ପ୍ରଣୟିନୀ ସେ ବୀର- ଅର୍ଦ୍ଧାଙ୍ଗୀ
ମରଣ ପଥ
କରଣ କଲା ଶତ୍ରୁରକ୍ତେ
କରି ରଞ୍ଜିତ ।

(ନବମ ଶ୍ରେଣୀରେ ରଚିତ ଅବକାଶ- ୧୯୪୦ରୁ ଗୃହୀତ)

# କୁଣ୍ଢେଇକଳା

କବି ଜନରୁଧର ପରିଡ଼ା

ଉଦାର ଏ ହିନ୍ଦୁଜାତି
ବାଛିଥିଲା କାମ ଯାହାକୁ ଯେଉଁଟି
ତଥି ସ୍ୱଭାବର ଗତି ।।୧।।
ବ୍ରାହ୍ମଣ ପଢ଼ିଲେ ବେଦ
କ୍ଷତ୍ରିୟ କରିଲେ କ୍ଷତ୍ର ପରିତ୍ରାଣ
ବୈଶ୍ୟ ହେଲେ କୃଷିଜୀବୀ ।।୨।।
ଶୂଦ୍ର ତ ବିଳିଲ ଜନ
ସେ କରିଲେ ଯେତେ ସେବା ପରିଚାର
ତୁଷି ଦ୍ୱିଜ ଜାତି ମନ ।।୩।।
ଜନମ ରେ କରୁ ଯହିଁ
ଶାସ୍ତ୍ର ଅନୁସାରେ ସାଧୁଙ୍କ ବଚନ
ବୈଶ୍ୟ-ଶୂଦ୍ର ଧରା ନାହିଁ ।।୪।।
ଗୁଣ କର୍ମ ନେଇ ଜନ
ଉଠୁଥିଲା କେବେ ଉପରେ, ତଳକୁ
ଖସୁଥିଲା ହୀନ ସ୍ଥାନ ।।୫।।
ନୃଗ ପରେ ଗଲା ଯୁଗ
ଆସିଦେଲାରେ କାହିଁ ଜନମିଲେ
(ମୂଳେ) ବନ୍ଧାହେବ ମୂଳଠାଇ ।।୬।।
ଓଲଟପାଲଟ କିଆଁ ?
ଯେ ଯହିଁ ଜନମ ତହିଁ ତା' କରମ
ବୋଲାଇ ବୌଦ୍ଧିକ କ୍ରିୟା ।।୭।।
କୁଳେ ଜନ୍ମ ହେଲ ସାର
ଜନ୍ମ ଅନୁସାରେ ଗଢ଼ି ଯାଏ ଜାତି
ଯେତେ ଉଚ୍ଚ ହେଲେ ସାର ।।୮।।
ସେ ଆଦି-ବିବାଦ- ଲକ୍ଷ୍ୟ
ସ୍ୱାର୍ଥ ସୂତାଙ୍କେ ପଡ଼ି ସଢ଼ିଗଲା
(ଏବେ) ହାଣିହାଣି ଜାତି ଲକ୍ଷ ।।୯।।
ଅସମର ହେଲେ କିସ
ଜନ ଭୁଲାଇଲେ ଜାତି ସଂଖ୍ୟା ଶେଷେ
ହେବ କେବେ ବଂଶ, ବିଂଶ ।।୧୦।।
ହେ ଜାତି-ବିଜ୍ଞାନୀ ଭଲ
ଏ ଜାତି-କୁଣ୍ଢେଇ ବଡ଼ାବାମ ଛାଡ଼
ପରାଭୁକ୍ତ ଏଥି ନାହିଁ ।।୧୧।।
ତୁମ ଜାତି ଗଢ଼ା ଯାହା
କୁହନ୍ତୁ କି ତାହା ଜାତି କଥା ନାହିଁ
ଜନ୍ମରୁ ଯୋଗଥରେ ବାଣ୍ଟି ।।୧୨।।
ଧୋକେ ତୁମେ ହେଉ ବଡ଼
ଜାତି-ମଦ ମାଦୀ ପଢ଼ିଆଡ଼ି ଥିଲି
ରହିଜାଣି ଭୁଲା ହାଡ଼ ।।୧୩।।
ସକଳ ଦୁର୍ଗତି ମୂଳ
ଏଭେଦ ଅନୀତି ଯୋଗ ସନାତନେ
ଦୁଃଖ ସବୁଦି ଏକ ବ୍ରହ୍ମ ।।୧୪।।
ଏ ବୈଦିକା ଆର୍ଯ୍ୟ କୃଷ୍ଟି
ଭୋଗ ଆଜି ସେହି ଏକମୁଖୀ ଜାତି
ତା' ବିନା ଗୁରତି ନାହିଁ ।।୧୫।।
ସହକାରୀ ଶିକ୍ଷକ (୧୯୯୦ ଅବକାଶରୁ ଗୃହୀତ)

# ବକ୍ସି

ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ

ତୁମେ ଥିଲ ଶାଣିତ ଖଡ୍ଗ
କୋଷମୁକ୍ତ ଉଦ୍ଧତ କରବାଳ
ତମ ସ୍ମୃତି ଏ ଜାତିରେ ଥିବ ଚିରକାଳ ।
ହେ ଦୁର୍ଦ୍ଧର୍ଷ ସେନାପତି
ତୁମେ ଥିଲ ଏ ଜାତିର ଛାତି
ମୋ ମାଟିର ଲାଲ ପଦାତିକ
ପାଇକ ବାହିନୀର ହେ ମୁକୁଟମଣି
ତୁମ ପାଦର କଦମ୍ବ ତାଳରେ
ଖୋଳଖୋମାଟି ଉଠୁଥିଲା ଥରି
ତମରି ଦୁର୍ବାର ଅଭିଯାନ
କାଙ୍କ ଦାଙ୍କ ଧରି ଲୁକପାଣିନାହିଁ
ଏ ଓଡ଼ିଶା ମାଟି ।
ଆମେତ ଦେଖିନୁ କେବେସେଥିଲା
ଗୋରା ସର୍ଦ୍ଦାର, ଶୁଣି ଥାଇ ହୋଇ
ତମ ଶାଣିତ କୃପାଣରେ ଗୋରାଖାନେଦ୍ଧର ଛାତି
ଥରି ଉଠିଥିଲା ଶିରା ଓ ଧମନୀ
ଭାଙ୍ଗିଥିଲା ଦୁର୍ଭିଳ ବଳି ।
ପାଇକ ଏକ ଜାତି ନୁହେଁ, ପରନ୍ତୁ
ବିଶ୍ୱର ସେ ଏକ ସଂଗ୍ରାମ
ଯେଉଁଥିରେ ନଥିଲା ଛେଦଭାବ
ଅବା ବିରାମ ।
ହେ ଦର୍ପୀର ମହିମା ସମାକୃତ
ମାନବିକତା ପାଇଁ ଯେତେକ ଲଢ଼େଇ
ତ୍ୟାଗ ଆଉ ଯୁଦ୍ଧ
ମୁକ୍ତି ଆଉ ମାର୍ଗ
ବିଶ୍ୱ ଜନଗଣ ପାଇଁ
ତୁମେ ହେବ ଅନିରୁଦ୍ଧ ।
ଏବେ ଅଛି ଦେଶ କଣ୍ଢେଇ
ଆବଶ୍ୟକ ପଡ଼ୁଅଛି ଆଉ ଏକ ଯୁଦ୍ଧ
ସ୍ୱଧମପାଣିରେ ସଙ୍ଗମାନେ ପ୍ରତିଦିନ
ହନ୍ତୁକ୍ ଚିଅଛି ଅଛ ଦୁର୍ଦ୍ଦୈବକୁ ।
ଏବେ ପାଇକ ଚିହ୍ନାରୁ ଯାହେ
କୀର୍ତ୍ତିଦେବ ବାଜା
ମାଟିରର ମୁକ୍ତି ପାଇଁ
ଆଉ ଏକ ବକ୍ସି ଲୋଡ଼ା ।



# ନିର୍ଜ୍ଜନ ସଂଳାପ

ଅଖିଳ ମୋହନ ପଟ୍ଟନାୟକ

ଆହୁରି ଯେତେବେଳେ ଛୋଟ ପିଲା ହେଉଥିଲି, ସେତେବେଳେ ଖଡି ଗୋଟାକି ଧରି ମାଟି ଲିପା ପିଣ୍ଡା ଉପରେ 'ଅ' 'ଆ'ରୁ ଆରମ୍ଭ କରି ଲେଖିବା ଯେ ପୃଥିବୀର ସବୁଠାରୁ ଯନ୍ତ୍ରଣା ଦାୟକ ବସ୍ତୁଥିଲା, ତା' ମୋର ସ୍ପଷ୍ଟ ମନେ ଅଛି । ସେ ସ୍କୁଲରେ ଛୁଟି ନ ଥିଲା । ଗଣେଶ ପୂଜା, ସରସ୍ୱତୀ ପୂଜା ଆଉ ଜନ୍ମାଷ୍ଟମୀ ଯଦିଓ ପ୍ରାୟ ଛୁଟି ବୋଲି ଘୋଷଣା କରା ଯାଉଥାଏ ତଥାପି ମାଷ୍ଟ୍ରଙ୍କ ପାଇଁ ନଡିଆ ନେଇ ଯିବାକୁ ପଡିବ ଓ ପଧାକ୍ରମେ ଗଣେଶ ବା ସରସ୍ୱତୀ ବା ଶ୍ରୀକୃଷ୍ଣଙ୍କ ସମ୍ପର୍କୀୟ କିଛି ଶ୍ଳୋକ ଇତ୍ୟାଦି ବୁଝା ଧରି ଗାଇ ଗାଇ ଚୁଙ୍ଗା ଘଷା ଇତ୍ୟାଦି କାର୍ଯ୍ୟରେ ଯଥା ସମ୍ଭବ ସାହାଯ୍ୟ କରିବାକୁ ପଡିବ । ଏସବୁ ଦିନଗୁଡିକରେ ମାଷ୍ଟ୍ରଙ୍କ ପାଇଁ ପୂଜା ଯେଉଁ ଶିଷ୍ୟମାନେ ଉଚିତ ପ୍ରକାରେ ଆଣି ପାରୁ ନଥିଲେ ସେମାନଙ୍କୁ ଶିକ୍ଷକ ଓ ସଙ୍ଗୀ ଛାତ୍ରମାନେ ସାମାନ୍ୟ ହୀନ ଦୃଷ୍ଟିରେ ଦେଖୁଥିଲେ । ଏବଂ ତା'ଠାରୁ ବିଚିତ୍ର କଥା ଯେ ସେଇ ସେଇ ଛାତ୍ରମାନେ ନିଜକୁ ମଧ୍ୟ ହୀନ ଦୃଷ୍ଟିରେ ଦେଖୁଥିଲେ ।

ଏହା ମୋ' ପାଇଁ ଦୁଃଖପ୍ରଦ ଥିଲା । ସାମାଜିକ ସଚେତନତା ଦୃଷ୍ଟିରୁ ନୁହେଁ । କେବଳ ଏଇଥିପାଇଁ ଯେ ଯେଉଁ ମାନଙ୍କ ସାଙ୍ଗେ ଖୁବ୍ ମଜା କରି ଖେଳି ହୋଇ ଥାଆନ୍ତା; ସେମାନେ ମୁହଁ ଶୁଖେଇ ବସିଛନ୍ତି । କିନ୍ତୁ ଅଳ୍ପ କିଛିଦିନ ପରେ ବୁଝିଲି ତାହା ହିଁ ଥିଲା ମହାଭାରତ ବର୍ଣ୍ଣିତ ଆର୍ଯ୍ୟସଂସ୍କୃତିର ପବିତ୍ର ସ୍ୱଚ୍ଛ ଧାରା ।

ହସ୍ତିନା ପୁରରେ ଦ୍ରୋଣାଚାର୍ଯ୍ୟ ପାଣ୍ଡବ ଓ କୌରବ ମାନଙ୍କୁ ଅସ୍ତ୍ର ଶିକ୍ଷା ଦେଉଥିଲେ । ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଶବର ଏକଲବ୍ୟ ଶିକ୍ଷାର୍ଥୀ ହବାପାଇଁ ଆସିଥିଲା ଏବଂ ଏକଲବ୍ୟ ଶବର ବୋଲି ଦ୍ରୋଣାଚାର୍ଯ୍ୟ ତାକୁ ଶିକ୍ଷା ଦବାକୁ ନାସ୍ତି କରି ଦେଉଥିଲେ । କେବଳ ସେତିକିରେ ଦ୍ରୋଣାଚାର୍ଯ୍ୟ ସନ୍ତୁଷ୍ଟ ହୋଇ ନଥିଲେ । ଘଟଣା ଚକ୍ରରେ ସେତେବେଳେ ଦ୍ରୋଣ ଜାଣିବାକୁ ପାଇଲେ ଯେ ଏକଲବ୍ୟ ବନସ୍ତ ଭିତରେ ତାଙ୍କର ମାଟି ପିତୁଳା ସ୍ଥାପନ କରି ତାଙ୍କୁ ଗୁରୁ ହିସାବରେ ପୂଜିଶ୍ରା କରି ବିନା ଶିକ୍ଷାରେ ପ୍ରିୟ ଶିଷ୍ୟ ଅର୍ଜ୍ଜୁନଙ୍କଠାରୁ ମଧ୍ୟ ଧନୁର୍ବିଦ୍ୟାରେ ପାରଙ୍ଗମ ହେଉଛନ୍ତି. ସେତେବେଳେ ଦ୍ରୋଣ ଗୁରୁଦକ୍ଷିଣା ଆକାରରେ ଏକଲବ୍ୟଙ୍କର ଡାହାଣ ହାତର ବୁଢା ଆଙ୍ଗୁଠିଟି କାଟି ନେଇ ତାଙ୍କୁ ପଙ୍ଗୁ କରି ଦେଉଥିଲେ । ଏଇଥିଲା ଯଦି ଅଚାର୍ଯ୍ୟ ଦ୍ରୋଣଙ୍କର ଶିକ୍ଷକ ସୁଲଭ ଚରିତ୍ର, ତାହାହେଲେ ମୁଁ ଆମ ଚାଟଶାଳୀର ଅବଧାନଙ୍କ ଉପରେ କ୍ଷୁବ୍ଧ ବା କାହିଁକି ହେବି ।

ସେ ଯାହାହଉ, ଅବଧାନଙ୍କର ବେତମାଡକୁ ଡରି ଓଡିଆ ବର୍ଣ୍ଣମାଳାର ଗୋଲ ଗୋଲ ଅକ୍ଷରଗୁଡିକ ଲେଖିବା ପାଇଁ ମୋ ଆଙ୍ଗୁଠିକୁ ପ୍ରସ୍ତୁତ କରାଯାଉଥିଲା । ଅକ୍ଷର ଶିକ୍ଷା ସହିତ ଗୁଆଗଣିବା, ପାନଗଣିବା, ଅବଧାନଙ୍କର ଗୋଡ ଘାଣିଦେବା ଏବଂ ତାଙ୍କର ନଡିଆ, କୋଳଥ, ଛିଣା, ବରଗିଆଁ ଚଟିକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିବା କୌଶଳ ମଧ୍ୟ ଆୟତ୍ତ ହୋଇ ଯାଇଥିଲା । ମୋର ଚାଟଶାଳୀ ଓ ଖଡି ଗୋଟାମୀ ସହିତ, ସେତେବେଳର ମନେହୁଏ ସମ୍ପର୍କ ସେଇଠି ଛିଡିଗଲା । ତା'ପରେ କେଉଁ ବିଶେଷ କାରଣରୁ ମତେ ମାତୃକାରଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା, ସେ କଥା ମୁଁ କହିପାରିବି ନାହିଁ । କିନ୍ତୁ ନାତିଙ୍କୁ ପାଖରେ ରଖିବା ପାଇଁ ମୋର ଆଈଙ୍କର ସ୍ନେହାତିଶଯ୍ୟ ନିଶ୍ଚିତ ଭାବରେ ତାହାର ହେତୁ ନଥିଲା । ମୋର ସେତିକିବେଳର ସ୍ପଷ୍ଟ ନିବନ୍ଧ ଛିଡି ଓ କାର୍ଯ୍ୟ କଳାପ ପୂରା ପ୍ରତି ଶୁଣା କଥା । ମୁଁ ଶୁଣିଛି ଆଈଙ୍କର ପୂଜା ସାମଗ୍ରୀ ଅତି ଶୃଙ୍ଖଳିତ ଭାବରେ ଧୂଆଧୋଇ କରି ସଂଗ୍ରହ କରି ରଖୁଥିଲି ଓ ଉଚିତ ସମୟ ଅତୀତ ବ୍ରାହ୍ମ ମୁହୂର୍ତ୍ତରେ ପୁଷ୍ପ ଚୟନ କରି ଆଣୁଥିଲି । ସତ କହିବାକୁ ଗଲେ, ସେଇ ବ୍ରାହ୍ମ ମୁହୂର୍ତ୍ତଟିକୁ ଆଉ କେତେଥର ଦେଖିବାର ସୁଯୋଗ ପାଇ ନାହିଁ । ସେଠି ଅବସ୍ଥାନ କରୁଥିଲାବେଳେ ମୁହେଁ ତୁହେଁ ଗଣିକିଆ, ଏପରିକି ଦାହି ଗଣିକିଆ, ଉଠାବଣ୍ଟା ପଣକିଆ ପର୍ଯ୍ୟନ୍ତ ମୋର ମୁଖସ୍ଥ ଥିଲା । ଅତଏବ ପ୍ରମାଣିତ ହେଲା ଯେ ମୁଁ ତୀକ୍ଷ୍ଣ ସ୍ମୃତିଶକ୍ତି ସମ୍ପନ୍ନ ଏକ ମେଧାବୀ ଛାତ୍ର ।

ତା'ପରେ ଖୋର୍ଦ୍ଧା ହାଇସ୍କୁଲ ଛାତ୍ରାବାସରେ ଥିବା ଛାତ୍ରମାନେ ଦେଖୁଥିଲେ ଯେ ଗୋଟିଏ ଛୋଟ ପିଲା ନାଳି ପେଣ୍ଟ, କୋର୍ଟ, ଏପରିକି କାଳି ବୋଖା ପର୍ଯ୍ୟନ୍ତ ପିନ୍ଧି ଖୋର୍ଦ୍ଧା ନିମ୍ନ ପ୍ରାଥମିକ ଟ୍ରେନିଂ ସ୍କୁଲକୁ ପାଠ ପଢିବାକୁ ଯାଉଛି । ମୋର ସେଇ ସମୟର ଭାବ ମୂର୍ତ୍ତିଟିକୁ ମନେ ମନେ ରୋମନ୍ଥନ କରିବାକୁ ଭାରି ଭଲ ଲାଗେ । କେତେବେଳେ ବହି ସବୁ ହାତରୁ ଖସି ପଡିଯାଏ ତ କେତେବେଳେ ଟୋପି ଖଣ୍ଡକ ପବନରେ ମୁଣ୍ଡ ଉପରୁ ଉଡିଯାଏ । ଟୋପି ପଛରେ ଦଉଡୁ ଦଉଡୁ ବହି ସବୁ ଖାତା ସବୁ ଉଡି ଯାଉଥିବ କିଏ ବୁଝାବେ । ମୋର ସମ୍ପତ୍ତି ରକ୍ଷଣା ବେକ୍ଷଣ କାର୍ଯ୍ୟରେ ଲିପ୍ତ ରହିଥିବା ଅବସ୍ଥାରେ ଗୋଟାଏ ବିଗଳିତ ବଚନ ତା'ପରେ କିଛି ଚଉତ୍ତରା ଏ ଦାନ । ବା. ଆଜିର ଯାତ୍ରାଟା ଭଲ ହେଲା ନାହିଁ । ବହି ପତ୍ର ଧରି ଘରକୁ ଫେର । କିନ୍ତୁ ବାପା ! କିଏ ସ୍କୁଲକୁ ଡାକି ଯାଉ ଥିଲେ ତ ? ଅବସ୍ଥାକୁ ଭଲ

ଭାବରେ ପର୍ଯ୍ୟବେକ୍ଷଣ କରି ପଢ଼ ଭିତରକୁ ପଶିବାକୁ ପଡ଼େ। ମାଆଙ୍କର ସେଇ ସ୍ନେହବାକ୍ୟ ଆମର ପାଠ ପଢ଼ା ନ ହେଇ ପଛେ ଏପରି ଝଣିଝା ଲାଗିଲା ଭଳି ବଜାଉ ନାହିଁ। ଆହା ! ସେଇ କେତେ ପଦ କଥା କେତେ ମିଠା। ସ୍ନେହମୟୀ ଜନନୀ କଣ୍ଠରୁ ଆସୁଚି ବୋଲି ନୁହେଁ, କଥାଟା ଶ୍ରୁତିର କଥା ବୋଲି।

କି ଆଶ୍ଚର୍ଯ୍ୟ ! ସେଇ ପିଲାଦିନୁ ଯେ ପାଠ ପଢ଼ ପାଠ ପଢ଼ ବୋଲି ଗୋଟାଏ ଲୁଆ ଲଗେଇଛନ୍ତି, ସେ ଦୁଆ'ର କଅଣ ଶେଷ ନାହିଁ ! ଇଭର ଜୀବନରେ ଏଙ୍କା ପାଠ ପଢ଼ିବା ମୋ' ପକ୍ଷରେ ଏକାଧାରରେ ଆଶୀର୍ବାଦ ଓ ଅଭିଶାପ ରୂପେ ଠିଆ ହୋଇଛି। ସ୍କୁଲ ନ ଯାଉଥିବାରୁ ଗୋଟାଏ ପୁରା ଦୁନିଆ ଅପଣାଛୁ ମୋ' ଅକ୍ଷିଆର ଭିତରେ। ମୋ ଜୀବନର ପ୍ରଥମ ଛବି ଥିଲା ଦୋକାନ ଦଳିବା। ମୋର ସମସ୍ତ ଦୋକାନ, ଝପେ ଛୋଟ ଲଗା ଆଲମାରୀ, ଯାହାକୁ ଚୋର ଉପଦ୍ରବରୁ ରକ୍ଷା କରିବା ପାଇଁ ଗୋଟିଏ ତାଲା ଦେଇ ବନ୍ଦ କରାଯାଇଛି। ଦୋକାନରେ ବହୁ ବିବିଧ ପଣ୍ୟର ସମ୍ଭାର। ଛିଣ୍ଡା ଖଳ, ଲାଗା ରଟା ପରିବାର ଖେଳନା, ଏଠି ସେଠି ଝରି ପଡ଼ିଥିବା ପାଞ୍ଚ କାମିଜର ବୋତାମ, ବଙ୍କା ବେଢ଼ା ହେଆର ପିନ୍, ଡାର୍ଜିଡ଼, ବହୁ ବିଭିନ୍ନ କିସମର ସେଫ୍ଟିପିନ୍ ଇତ୍ୟାଦି ଇତ୍ୟାଦି, କହିବା ବାହୁଲ୍ୟ ଯେ ମୋଟ କେତେଗୋଟି ଷ୍ଟୋରର ଏକ ସମ୍ପୂର୍ଣ୍ଣ ସମ୍ପତ୍ତି ବାଲିକା ଦ୍ୱାରା କହିବା ସମ୍ଭବ ନୁହେଁ। ଘରେ ଚଳ ପ୍ରଚଳ କରୁଥିବା ଲୋକମାନଙ୍କର ମୋଟ ଦୋକାନରୁ ଜିନିଷ ଖରିଦ ପାଇଁ ପ୍ରୟୋଜନ ଅନେକ ସମୟରେ ପଡ଼େ। କିନ୍ତୁ ଦର କଷାକଷି ପସନ୍ଦ କରେ ନାହିଁ। ଠିକରେ ହେଉ, ଭୁଲରେ ହେଉ, ଯାହା ମୁହଁରୁ ବାହାରିଗଲା, ସେଇଟାହିଁ ହେଲା ଦାମ୍। ମୋ' ଦୋକାନରେ କାଗଜ ପତ୍ର କଟା ହୋଇ ଗୋଟାଏ ଗଳାକୁ ଓ ଦେହନୁଯାୟୀ ବିଭିନ୍ନ କିସମର ଟଙ୍କଲା ମଧ୍ୟ ମହଜୁଦ ଥାଏ। ଏବଂ ତାହା ଯେଉଁ ଶ୍ରେଣୀର ବିନିଷ ଦର ପଡ଼େ, ତାହା ନିଶ୍ଚିତ ଭାବରେ ଓଜନ କରି ଦିଆଯିବ।

କିନ୍ତୁ କେବାଣି କେବେ ଏ ଖେଳଘର ହଠାତ ସରିଗଲା। ଏଣିକି ଆଉ ଦୋଉ ବହି ଓ ଟୋଟି ବହୁ ବିଭିନ୍ନ ବିଶାକୁ ଉଡ଼ାଉଛି କରି ଦେବେ ଅନ୍ତବ୍ୟସ୍ତ କରି ପାରୁନାହାନ୍ତି। ମୁଁ ବଡ଼ଡା ବହଢି କରି ପାରୁଛି। ମାଧ୍ୟାକର୍ଷଣ ଶକ୍ତି ମତେ ବାରମ୍ବାର ଆଉ ତଳକୁ ଟାଣେଇ ଖସିଆ ଦର୍ଶିଆ କରିପାରୁ ନାହିଁ। ଏବେ ଏବେ ବୁଝୁଛି। ସେତେବେଳେ ଯେ ମୁଁ କାହିଁକି ତଳକୁ ବାରମ୍ବାର ପଡୁଛି, ଏକଥା ଯଦି ଟିକିଏ ମୁଣ୍ଡ ଭିତରକୁ ପଶିଥାଆନ୍ତା, ତାହା ହେଲେ ମୁଁ ଆଇଜାକ ନିଉଟନଙ୍କର ପାଖାପାଖି ଲୋକ ହୋଇପାରି ଥାଆନ୍ତି। ଗୋଟାଏ ଆଉ ପ୍ରତିଭାର ଦୃଶ୍ୟ ଲୋକଟା ମୁଣ୍ଡରେ ଯେଉଁ ଭାବ ତରଙ୍ଗ ସୃଷ୍ଟି କଲା, ଏ ଲୋକଟା ତା'ର ବାକ୍ୟ ଜୀବନ ଯାକ ବାରମ୍ବାର ତଳାଡି ହେଲ ପଡ଼ି ମଧ୍ୟ ସେଇ କଥା ଟା ତା ମୁଣ୍ଡକୁ ଢୁକିଲା ନାହିଁ। ଅହୋ ଭାଗ୍ୟ !

ପାଠ ହେମିତି ଧିମେଇ ଧିମେଇ ଚାଲିଥାଏ। ସାହିତ୍ୟ ଇତିହାସ, ଭୂଗୋଳ ଏବଂ ଅଙ୍କ। କିନ୍ତୁ ମଝିରେ ମଝିରେ ଟିକିଏ ଅଦ୍ଭୁତ ଲାଗୁଥାଏ ଗଣିତ। ବିଶେଷ କରି ସାଙ୍କେତିକ ଧାରା ଟା। ସାତ ନମ୍ବର ପ୍ରଶ୍ନ ଭିତରୁ ପାଞ୍ଚଟି କରିବାକୁ ପଡ଼ିବ, କିନ୍ତୁ ଏହି ସାଙ୍କେତିକ ଅଙ୍କଟି କରିବା ବାଧ୍ୟତାମୂଳକ। ଆପଣମାନଙ୍କ ଭିତରୁ ଅନେକ ଏ ଅଙ୍କ କରିଥିବେ ଏବଂ ଆପଣମାନେ ଏକମତ ହେବେ ଯେ ଏହା ଏକ କଷ୍ଟକର କାର୍ଯ୍ୟ। କିନ୍ତୁ ଏବେ ବେଳେବେଳେ ଭାବେ ଯେ ଏହା ଅଙ୍କଟି ଏତେ କଷ୍ଟ କରି ମତେ କାହିଁକି ବା ଶିଖା ଯାଉଥିଲା ? ମୋ' ମିଲ୍ ମାଲିକ ମୁଁ ହେଲି ଯେ ମତେ ହିସାବ କରିବାକୁ ପଡ଼ିବ ମୋ' ମିଲରୁ ବାହାରି ଯାଉଥିବା ମିଟର ମିଟର କନାର ଦାମ କେତେ ? କିନ୍ତୁ ପର ମୁହୂର୍ତ୍ତରେ ମୁଁ ମୋର ଭୁଲ ବୁଝି ପାରେ। ଏବେ ପିଲା ବୟସରୁ ତ ପ୍ରତିଭା ଠିକ୍ ଠିକ୍ ବୁଝା ଯାଏନାଁ। ତେଣୁ ଯଦି ଭବିଷ୍ୟତରେ ମୁଁ ମିଲ୍ ମାଲିକ ହୋଇଯାଏ, ତାହେଲେ ମୁଁ ଯେପରି ଏଭଳି ଅଙ୍କ ନ ଜାଣିଥିବା ହେତୁ ଅସୁବିଧାରେ ନପଡ଼େ। ହୋଷ୍ଟନ ପାଖେ ଯେଉଁ ମହାକାଶ ଗବେଷଣା କେନ୍ଦ୍ର ବରାବର ଅଛି। ସେଠି ଅହର୍ନିଶ୍ ବହୁ ସଂଖ୍ୟକ ଗଣିତ କରି ଚାଲିଛନ୍ତି, କିନ୍ତୁ ବାଜି ମାରି କହିପାରେ ସେମାନେ ଖଟେ ସାଙ୍କେତିକ ଅଙ୍କ ବାଧ୍ୟ ବସି ପାରିବେ ନାହିଁ।

ତାହି ସବୁ ଅପେକ୍ଷାକୃତ ସହଜ। ପୂଜା ଛୁଟି କିମ୍ବା ଗରିମା ବାପାଙ୍କ ପାଖକୁ ଚିଠି ଲେଖ ଅଥବା, ଅତିଶୟ ଯାତ୍ରା ଉପରେ ପତ୍ର ଲିଖନ ବା ହୁଏନସାଂଙ୍କର ଭାରତ ଭ୍ରମଣର ବିବରଣୀ। ଉଇ ଗାଛ ପଡ଼ି ଗଲେ ବି ଗାଛ କଟରେ ବହୁ କରେଇଲେ, ପାଞ୍ଚଶ ବା ତିଆରି କଲେ ଏବଂ ପ୍ରଜାମାନଙ୍କର କର ଛାଡ଼ କରି ଦେଲେ। ଖରାପ ଖାଦ୍ୟ ପଡ଼ିଲେ କିଛିୟ କର ବସେଇଲେ, ମନ୍ଦିର ସବୁ ଭାଙ୍ଗିଲେ, ତା କର ରାଜ ସହି ନପାରି କରଦ ସାମନ୍ତ ରାଜାମାନେ ବିଦ୍ରୋହ କଲେ। ଟୋଟାଏ ମୋଟା ମୋଟି ଧାରଣା ହୋଇଗଲେ ସଇ। କିନ୍ତୁ ଅଙ୍କ କଥା ଅଲଗା। ଭୁଲରେ ଭୁଲ ମିଶାଇଲେ ଠାଲି ହବାକୁ ପଡ଼େ। ପରୀକ୍ଷକ ମାନଙ୍କର ଗୋଟାଏ ପ୍ରିୟ ପ୍ରଶ୍ନ ଥିଲା ଏକ ଛଅ ସଂଖ୍ୟା ବିଶିଷ୍ଟ ଅଙ୍କକୁ ଅନ୍ୟ ଏକ ଛଅ ସଂଖ୍ୟା ବିଶିଷ୍ଟ ସଂଖ୍ୟା ସହିତ ଗୁଣନ କର। ଏ'ଟା ଅପେକ୍ଷାକୃତ ସହଜ; କିନ୍ତୁ ଅସୀମ ଧୈର୍ଯ୍ୟର ପ୍ରୟୋଜନ। ଏ ଅଙ୍କ କରି ସାରିଲା ବେଳକୁ କଲମ ନିବ୍ ବାରମ୍ବାର କାମୁଡ଼ି କାମୁଡ଼ି ପାଟି ସବୁ କାମୁକୋଳି ଖାଇଲା ପରି କଲା। ପରୀକ୍ଷା ଘଣ୍ଟା ବାଜିଲା। ଦାନ୍ତକୁ ଆସି ଆଉ ଭଲ ଭଲ ଛାତ୍ର ଦେଖି ସେମାନଙ୍କ ସଙ୍ଗେ ଫଳ ମିଳେଇବାର ପାଳା। ମୋର ସେମାନଙ୍କର ଫଳ ସାଙ୍ଗରେ ଫଳ ମିଶେ ନାହିଁ। କିଏ କହି ପାରିବ, ହୁଏତ ତା' ଫଳ ଭୁଲ୍। ଏଭଳି ଆଶ୍ୱାସନାରେ ଆତ୍ମାମୀ ଛୁଟିବା ଦେଖି, ବେଳ ତୁଲା କରି କଟିଯାଏ। ସ୍କୁଲ ବୋକିଲା ବେଳକୁ ମନେ ଶୂନ୍ ମିଳିଥାଏ ସେ ଅଙ୍କରେ। ଧାରା ପାଇଁ ମଧ ଦି' ତିନି କାମର ଦିଆ ଯିବ ନାହିଁ। କାରଣ ଗୋଟାଏ ଗୁଣନ ଅଙ୍କରେ କି କେମା ଗୁଡ଼ ଧାରା ଅଛି ? ଧାରା ଅଛି ବଡ଼ ବଡ଼ ଅଙ୍କରେ। ଯଥା :- ସାଙ୍କେତିକ, ଐକିକ, ସୁଧକଷା, ଏମିତି ଅନେକ ଅନେକ ଅଙ୍କରେ। ସେ ଅଙ୍କକୁ କଅଣ କୁହାଯାଏ, ମୋର ମନେ ପଡ଼ୁନାହିଁ। ବୋଧେ ନାହିଁ ଅଙ୍କ। ନାହିଁ ବାବେ ମିଳିତ୍ରରେ

ଏକେ ଘନପୁତ ନାକ ବାହାରି ଯାଏ । କୁଣ୍ଡଟି ଏବେ ଘନପୁତ । ତେଣୁ ଏଭଳି କୁଣ୍ଡଟି କେତେ ସମୟ ଭିତରେ ଖାଲି ହୋଇ ଯିବ ? ସତେ ଯେମିତି ମୁଁ ଭବିଷ୍ୟତରେ ହୀରାକୁଦ ଡ୍ୟାମ ତିଆରିର କିଏ ଇଞ୍ଜିନିୟର ହେବାର ମୋହର ମୋ ମୁଣ୍ଡରେ ମରା ହେଉଛି !

ସେଇ ମାଙ୍କଡ ଅଙ୍କଟା ଅବଶ୍ୟ ମୋର କାମରେ ଆସିଛି । ସେଇ ମାଙ୍କଡ ଟିଏ ଖୁଣ୍ଟ ଉପରେ ମିନିଟ୍‌ଟକରେ ତିନିଫୁଟ୍ ଚଢ଼ି ପର ମିନିଟ୍‌ରେ ଦେଢ଼ ଫୁଟ ଖସି ଆସେ ତାହାହେଲେ କେତେ ମିନିଟରେ ଖୁଣ୍ଟ ଉପରକୁ ଉଠି ଯାଇ ପାରିବ । ବାଃ ! ଖାସା ଅଙ୍କ । ମୁଁ ମାଙ୍କଡ କଥା କହି ପାରିବି ନାହିଁ । କିନ୍ତୁ ଚାକିରି ଖୁଣ୍ଟରେ ମୁଁ ମିନିଟ ଦୁରେ ଦୁଇଫୁଟ ଚଢ଼ି ପର ମିନିଟରେ ତିନିଫୁଟ ଖସି ଆସେ ଏବଂ ଏହି ପର୍ଯ୍ୟାୟରେ ମୁଁ କିଛି ସମୟ ପରେ ଏକଦାରେ ଖୁଣ୍ଟତଳକୁ ଖସି ଆସି ତଳେ ମାଡି ପଡ଼େଇ ବସି ପଡ଼ିଛି । ବଳା- ଉଜାଳ ଛିଡ଼ିଲା । କିନ୍ତୁ ସେଇ ତଳେ ଉତକ୍ରୀଡ଼ ହୋଇ ଉପରକୁ ଚାହିଁ ବିସ୍ମୟର ସହିତ ଲକ୍ଷ୍ୟ କରିଛି ଯେ ଅନେକ ଲୋକ ଖୁଣ୍ଟର ଶୀର୍ଷ ସ୍ଥାନକୁ ଚଢ଼ିଗଲେଣି । ମୁଁ ତ ହେଲେ ବହୁମୂଲି । ଖସୁଥିଲି । କିନ୍ତୁ, ଏମାନଙ୍କୁ ତ ଖୁଣ୍ଟ ଚଢ଼ାହିଁ ମୋଟେ ଆସେନା । ଏମାନେ ଉପରକୁ ଗଲେ କେମିତି ? ମୋ ପାଖରେ ଜଣେ ଚାଲାଖ ଲୋକ ଭଲ ଉତ୍ତରଟିଏ ଦେଇଥିଲା । ସେଟା ହେଲା ଯେ ସେମାନେ ପ୍ରକୃତରେ ଖୁଣ୍ଟଚଢ଼ା ଜାଣନ୍ତି ନାହିଁ, କିନ୍ତୁ ତାଙ୍କୁ କ୍ରେନ ସାହାଯ୍ୟରେ ମାଟିରୁ ଟେକି ନେଇ ଖୁଣ୍ଟ ଉପରେ ଥୋଇ ଦିଆ ଯାଉଛି । ତେଣୁ ସେମାନଙ୍କର ସେଠାରେ ବହୁ ପ୍ରକାର ଦିନଦାଢ଼ି ଦେଖାଇବାର ଅସୁବିଧାଟା ରହିଲା କୁଆଡେ !

କ୍ରେନ୍‌ଟା ଏକ ସୁବିଧା ଜନକ ଯନ୍ତ୍ରାୟା କରିଥାରେ ତେବେ କେବେ ଭାରି ଜିନିଷକୁ କେତେ କେତେ ଉପରକୁ ଅନାୟାସରେ ଟେକି ନିଆ ଯାଇପାରେ ଏବଂ ଯା'ଣି କରିଥାରେ ବହୁ ଅପଦାର୍ଥକୁ ମଧ୍ୟ ପଦାର୍ଥ କରି ଦିଆଯାଇ-ପାରେ । ଏହି ଭାବରେ ଜୀବନ ପଥରେ ବହୁବାର ଏଇ କ୍ରେନର ସନ୍ଧାନ ନେଇଛି କିନ୍ତୁ ନରେ ମିଳି ନାହିଁ ବାପାର ଟଙ୍କା, ଶଶୁରର ମିତ୍ର, ସରକାରୀ ଦପ୍ତରରେ ପ୍ରତିପତ୍ତି ନାନ୍ଦୀକର ବଣନତା । ଏମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ କ୍ରେନ୍ ।

ସେ ଯାହା ହେଉ । ଲାଞ୍ଛନ ଆଲୁଅରେ ପୋଷ୍ଟକାର୍ଡ ଦେଲ ଦେଲ କୁଆଁଭ ପଢ଼ିବାରେ ମୋର ବିଶେଷ ଆଗ୍ରହ ନଥିଲା । ମୋ କ୍ଲାସର ଯେଉଁ ପିଲାମାନେ ଭଲ ପାଠ ପଢ଼ୁଥିଲେ ସେମାନଙ୍କୁ ଉତ୍ତମ 'ବାଳକ' ବୋଲି ଆଖ୍ୟା ଦିଆ ହଉଥିଲା ମୁଁ କିଛି କିଛି 'ଉତ୍ତମ ବାଳକ' ମାନଙ୍କ ସହିତ ସଂପର୍କରେ ଆସିଛି । ତବେ ମସିଣା ପକେଇ ମସିଣା ଉପରେ ପାଣିଆ ପକେଇ ବାକିପଟେ ଚଢ଼ି, ଖାତା, ମାନଚିତ୍ର ମେଳେଇ ସେମାନେ ଯେଉଁ ପରିଶ୍ରମ କରନ୍ତି ତାହା ଯେ କୌଣସି ହୃଦୟବାନ ବ୍ୟକ୍ତିର କରୁଣା ଉଦ୍ରେକ କରିବ । ତାହାପାଇଁ କିଣିତ କମ୍ ବା ଦଶକୁମ୍ୟ କୃଚ୍ଛ୍ର ସାଧନ କରି ଧ୍ରୁବ ପ୍ରହ୍ଲାଦ ପ୍ରଭୃତି ଶିଶୁ ବାଳକମାନେ ଭଗବାନଙ୍କୁ ସଣଶରେ ପାଉଥାଉଥିଲେ । ମୁଁ ଜାଣେନା ପୃଥିବୀରେ ଯେଉଁମାନେ ଜ୍ଞାନୀ ହିସାବରେ ପରିଚିତ ବା ଯେଉଁମାନେ ନୂତନ ତଥ୍ୟ ଆବିଷ୍କାର କରି ପୃଥିବୀକୁ ଆଲୋକ ଦେଇଯାଉଛନ୍ତି, ସେମାନଙ୍କୁ ସେମାନଙ୍କର ଶୈଶବରେ ଏହିପରି କୃଚ୍ଛ୍ର ସାଧନା କରିବାକୁ ପଡ଼ୁଥିଲା କି ନାହିଁ । ମୋର ଧାରଣା ସେମାନଙ୍କ ଭିତରେ ପ୍ରକୃତ ପ୍ରାଣ ପ୍ରାଚୁର୍ଯ୍ୟ ଥିଲା. ସେମାନେ ବୋଧହୁଏ ଥିବେ ଅନୁସନ୍ଧିତ୍ସୁ ବା କୌତୁହଳୀ, ସେମାନଙ୍କର ବୋଧହୁଏ ପର୍ଯ୍ୟବେକ୍ଷଣ ବା ବିଶ୍ଳେଷଣ ଶକ୍ତି ଅଧିକ ଥିଲା ଏବଂ ସର୍ବୋପରି ସେମାନେ ଥିଲେ ଖର୍ଚ୍ଚକାତର । ଏଇ ବହୁ ଦୁର୍ଲ୍ଲଭ ଗୁଣ ମନୁଷ୍ୟ ଭିତରେ ସଞ୍ଚାର କରିବା ପାଇଁ କଣ ଇତିହାସ ଘୋଷିବାକୁ ପଡେ, ମାନଚିତ୍ର ଆଙ୍କିବାକୁ ପଡେ ବା ନକ ଅଙ୍କରେ ପୂରା ନମ୍ବର ରଖିବାକୁ ପଡେ ? ପୃଥିବୀର ବହୁ ମନୀଷୀ ପାଠ ପଢ଼ାର ଏଇ ଗତାନୁଗତିକ କାର୍ଯ୍ୟକ୍ରମ ଦେଇ ଯାଇ ନାହାନ୍ତି ଏବଂ ହୁଏତ ବ୍ୟତିକ୍ରମ ଥାଇ ପାରନ୍ତି; କିନ୍ତୁ ପ୍ରାୟ ସମସ୍ତ ପୃଥିବୀର ବଡ ବଡ ଲୋକମାନେ ଛାତ୍ର ଜୀବନରେ ବିଶେଷ ମେଧାର ପରିଚୟ ଦେଇ ନଥିଲେ ବା କେହି ହେଲେ 'ଉତ୍ତମ ବାଳକ' ଉପାଧି ପାଇବାରେ ସନ୍ତୁଷ୍ଟ ନ ଥିଲେ । କେହି କେହି ହୁଏତ ବର୍ନ୍ ଜିନିଅସ୍ ଯୁକ୍ତିରେ ବିଶ୍ୱାସ କରନ୍ତି; କିନ୍ତୁ ମୁଁ ତାହାର ପ୍ରତିକୂଳ ମତ ପୋଷଣ କରେ । କେଉଁ ଜିନ୍ ଲାଗେ ଆଇନଷ୍ଟାଇନ ସୂତ୍ର ମୁଖସ୍ଥ କରି ବା ଆଟଲାଣ୍ଟିକ ମହାସାଗରେ ଉଷ୍ଣ ସ୍ରୋତ ପ୍ରବାହର ଗତି ନିର୍ଣ୍ଣୟ କରି ମହାନ ଟେରେସା ହୋଇ ପାରିଛି ?

କାଁଟବାଷ୍ଟ କହି, ଆଜେ ବାଜେ ଲେଖାର ରଫଖାତା, କାଳି ଢଳା ହସ୍ତାକ୍ଷର ଖାତା, କାଳିନେଳି ପେନସିଲର ଛଡ଼କଡ଼ା ଆଉ ନମ୍ବର ଦିଆ ହୋଇଥିବା ପରୀକ୍ଷା ଖାତା ପ୍ରତି ମୋର ଧୀରେ ଧୀରେ ବିତୃଷ୍ଣା ଜାତ ହେଲା । ମୁଁ ନୂଆ କିଣା ହୋଇଥିବା ବହି ଉପରେ ସୁନ୍ଦର ମଲାଟ ବାନ୍ଧିଦେଇ ମଲାଟ ଉପରର ଛବି ଦେଖିବାରେ ବେଶୀ ପ୍ରବୃତ୍ତ ହେଲି । ବହିର ପୃଷ୍ଠା ଭିତରେ ପ୍ରଜାପତି ଆଉ ଥିବା ତଛର ପତ୍ର ସଜେଇ ରଖିଲି । ଓଃ ! କି ପ୍ରବଳ ବର୍ଷା ! ବାରିଆଡ଼େ ଖାଲି ପାଣିର ସ୍ରୋତ ଛୁଟି ଚାଲିଛି, ନାଳିକୁ ପଡ଼ିଆ, ପଡ଼ିଆରୁ ଗଳୀର, ଗଳୀରୁ ଗହୀର, ତା'ପରେ କୋଉ, କେତେ କୁଆଡେ । ମୁଁ ମୋର ରଫିତ ଖାତାରୁ ପୃଷ୍ଠା ଚିରିଲି । ଛୋଟ ଛୋଟ କାଗଜର ଡଙ୍ଗା ତିଆରି କଲି । ଗୋଟିକ ପରେ ଗୋଟିଏ ଡଙ୍ଗା ଭସେଇ ଚାଲିଲି ପାଣିରେ । ଅତି ବିପଜ୍ଜନକ ଅବସ୍ଥାରେ ପାଣିରେ ଅରି ଅରି ବିନା ଆହୁଲାରେ, ବିନା ନାଉରିରେ ଯେତେବେଳେ ସେଇ ଟିକି ଟିକି ଡଙ୍ଗାଗୁଡ଼ିକ ଦୂରରୁ ଆହୁରି ଦୂରକୁ ଧାଡ଼ିବାନ୍ଧି ଗୋଟିକ ପରେ ଗୋଟିଏ ଭାସି ଯାଉଥିଲେ, ସେତେବେଳେ ମୁଁ ଜାଣି ପାରୁ ନଥିଲି ଯେ ତା' ସହିତ ମୋର ପୈଶୋର ଭାସି ଭାସି ଯାଉଛି, ଆଉ ଫେରିବ ନାହିଁ ।

# ଶହୀଦ ରଘୁ-ଦିବାକର



**ସତ୍ୟବାଦୀ ବଳିଆରସିଂହ**

ଯେଉଁ ଖୋରଧା ଭୂମିରେ ବକ୍ସି ଜଗବନ୍ଧୁ ଜୟୀ ରାଜଗୁରୁ, ତାପଙ୍ଗ ଦଳବେହେରା ମାଧବଚନ୍ଦ୍ର ରାଉତରାୟ, କୃତ୍ତିବାସ ପାଟଶାଣୀ ପିଣ୍ଡିକ ବାହୁବଳେନ୍ଦ୍ର ଜନ୍ମଗ୍ରହଣ କରି ବିଦେଶୀ ଏ ଦେଶର ବ୍ରିଟିଶ ଶାସନର ମୂଳଦୁଆ ଦୋହଲାଇ ଦେଇଥିଲେ, ସେହି ଖୋରଧା ଭୂମିରେ ଶହୀଦ ରଘୁ-ଦିବାକର ବିଦ୍ୟା ଅଧ୍ୟୟନ କରି ରଣପୁର ଗଡ଼ଜାତରେ ରଣ ହୁଙ୍କାର ଦେଇ ପ୍ରବଳ ପ୍ରତାପୀ ବ୍ରିଟିଶ ସରକାରର ମନରେ ଭୀତି ସଂଚାର କରିଥିଲେ । ଯେଉଁ ଖୋରଧା ବ୍ରିଟିଶ୍ ଶାସନ ବିରୁଦ୍ଧରେ ପ୍ରଥମ ସଶସ୍ତ୍ର ବିପ୍ଳବ କରି ଶ୍ୱେତାଙ୍ଗ ମାନଙ୍କୁ ବେଦଭୂମି ଭାରତରୁ ବିତାଡ଼ିତ କରିବାର ଉଦ୍ୟମରେ ଗୌରବାନ୍ୱିତ ହୋଇଥିଲା, ସେହି ଭୂମିର ପ୍ରାଣନାଥ ପଟ୍ଟନାୟକ, ଗଦାଧର ପାଇକରାୟ, ପର୍ଶୁରାମ ପଦାତିକରାୟ, ଗୋକୁଳମୋହନ ରାୟ ଚୂଡ଼ାମଣି, ନୃସିଂହ ଚରଣ ସାମନ୍ତସିଂହାର ପ୍ରମୁଖ ସଂଗ୍ରାମୀ ମାନଙ୍କ ସାହାଯ୍ୟ ଓ ସହଯୋଗ ରଣପୁର ଗଡ଼ଜାତ ଆନ୍ଦୋଳନକୁ ପ୍ରଭାବିତ କରିଥିଲା । କିଏ ଜାଣିଥିଲା ଖୋରଧା ହାଇସ୍କୁଲର ସେହି ଛାତ୍ରଦ୍ୱୟ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା-ରଣପୁର ପ୍ରଜା ଆନ୍ଦୋଳନରେ ନେତୃତ୍ୱ ନେଇ ଦେଶ ମାତୃକା ହସ୍ତରୁ ପରାଧୀନତାର ଶୃଙ୍ଖଳା ଛିନ୍ନକରିବା ପାଇଁ ଚିର ନିଷ୍ପେଷିତ, ଶୋଷିତ ଅଗଣିତ ଗଡ଼ଜାତ ପ୍ରଜାଙ୍କ ମନରେ ମୁକ୍ତି ପ୍ରୟାସର ପ୍ରବଳ ଉଲ୍ଲାସ ସୃଷ୍ଟିକରି ଓ ସେହି ମୁକ୍ତି ଆଲୋକ ବିଚ୍ଛୁରିତ ହେବା ପୂର୍ବରୁ ମାତୃଭୂମି ପାଇଁ ହସି ହସି ଫାଶୀ ବରଣ କରିବେ ?

ପରାଧୀନ ଭାରତରେ ସମଗ୍ର ଓଡ଼ିଶାକୁ ମୁଖ୍ୟତଃ ମୋଗଲବନ୍ଦୀ ଓ ଗଡ଼ଜାତ ନାମରେ ଦୁଇଭାଗରେ ବିଭକ୍ତ କରାଯାଇଥିଲା । ମୋଗଲ ବନ୍ଦୀ ଅଞ୍ଚଳ ଖାସ୍ ବ୍ରିଟିଶ ସରକାରଙ୍କ ଦ୍ୱାରା ଶାସିତ ହେଉଥିବାରୁ ଏହାକୁ ଖାସ୍ ମାହାଲ ମଧ୍ୟ କୁହାଯାଉଥିଲା । ଗଡ଼ଜାତ ଅଞ୍ଚଳ ରାଜା ମହାରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା । ରାଜାମାନେ ଇଂରେଜ ସରକାରଙ୍କ ଆନୁଗତ୍ୟ ସ୍ୱୀକାର କରି କରଦ ରାଜା ରୂପେ ଶାସନ କରୁଥିଲେ । ଓଡ଼ିଶାରେ ଥିବା ଛବିଶଟି ଗଡ଼ଜାତକୁ ନିୟନ୍ତ୍ରଣ କରିବା ପାଇଁ ସମ୍ବଲପୁର ଠାରେ ଜଣେ ଇଂରେଜ ପଲିଟିକାଲ ଏଜେଣ୍ଟ ରହୁଥିଲେ । ଗଡ଼ଜାତର ରାଜାମାନେ ପଲିଟିକାଲ ଏଜେଣ୍ଟମାନଙ୍କୁ ହାତବାରିସୀ କରି ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ରାଜା ପ୍ରଜାର ଭାଗ୍ୟ ବିଧାତା ଓ ସର୍ବମୟ କର୍ତ୍ତାଥିଲେ । ପ୍ରଜାମାନେ କଥା କହିଲେ ରାଜାଙ୍କୁ ହଜୁର, ମହିମା, ଜହି ଦାସ ମନେକ୍ଷୁଦ୍ରିର ପରିଚୟ ଦେଉଥିଲେ । ରାଜାଙ୍କ ମୁଖନିସୃତ ବାଣୀ ଗଭର୍ଣ୍ଣମେଣ୍ଟ ରୂପେ ଗଣ୍ୟ ହେଉଥିଲା. ସେଥିପାଇଁ ଗଡ଼ଜାତକୁ ଅନ୍ଧାରି ମୂଲକ କୁହାଯାଉଥିଲା ।

ଏହି ଅନ୍ଧାରି ମୂଲକ ରଣପୁରରେ ପ୍ରଜାମାନେ ସରକାରୀ ଜାଗାରେ ଥିବା ଆମ୍ବ, ପଣସ ଓ ନଡ଼ିଆ ଆଦି ବୃକ୍ଷ ଓ ପୁଷ୍କରିଣୀର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଉଥିଲେ ମଧ୍ୟ ଫଳ ଓ ମାଛ ଉପରେ ସେମାନଙ୍କର ଅଧିକାର ନଥିଲା । ପ୍ରଜାମାନେ ଖବରକାଗଜ ପଠନ ସଭାସମିତି କରିବା ଅଧିକାର ବୃକ୍ଷ ଉପକରଣ ଓ ବାସପାଇଁ ଆବଶ୍ୟକୀୟ ଘରକରଣା ଦ୍ରବ୍ୟ ନିଜ ରୁଚି ଅନୁସାରେ ଗୃହନିର୍ମାଣ, ଘୋଡ଼ା ସବାର, ପାଲିଙ୍କିକବାଟ ଓ ଚାନ୍ଦିନୀ ମଣ୍ଡପ ଖାଦ୍ୟ ଦି କରିବା ବାରଣ ଥିଲା । ରାଜ୍ୟରେ ସଡ଼କ ବେଠି, ରଥବେଠି, ପାରିଧି ବେଠି, ପଲ ଦିଆଣି ଓ ଛପର ବେଠି ଭୁଆର ବେଠି ପ୍ରଚଳିତ ଥିଲା ବେଠି ବ୍ୟତୀତ ଭେଟି, ମାଗଣ ଓ ରସଦ ପ୍ରଭୃତି ଅନ୍ୟାୟ ଜୁଲୁମର ପ୍ରାଦୁର୍ଭାବ ଥିଲା । ଏହି ରାଜ୍ୟରେ ମାଘମାସରେ ନଟିନାଳ ଦୁର୍ଗାଙ୍କ ନିକଟରେ ନରବଳି ଦିଆଯାଉଥିବା ଆତଙ୍କ ଥିବାରୁ ଅଧିକାଂଶ ପ୍ରଜା ଏହି ମାସରେ ବନ୍ଧୁବାନ୍ଧବ ଘରକୁ ଯିବା ଆସିବା ବନ୍ଦ କରି ଦେଉଥିଲେ ।

ରଣପୁର ରାଜା କୃଷ୍ଣଚନ୍ଦ୍ର ସିଂହଦେଓ ବୀରବର ଚନ୍ଦ୍ରଧର ନରେନ୍ଦ୍ର ମହାପାତ୍ର ବୃଦ୍ଧ ଓ ଅଥର୍ବ ଏବଂ ଶାସନ କାର୍ଯ୍ୟରେ ଅସମର୍ଥ ଥିବାରୁ ତୋଷାମଦକାରୀ ଦେୱାନ୍ ଜଗନ୍ନାଥ ମହାନ୍ତି ରାଜାଙ୍କୁ କାଠନକ ସଜାଇ ପରୋକ୍ଷରେ ଶାସନ କାର୍ଯ୍ୟ ଚଳାଉ ଥିଲେ । କୁଚକ୍ରୀ ଓ କାମପିପାସୁ ଦେୱାନ୍ ଥିଲେ ପ୍ରକୃତ ଶାସକ । ଅର୍ଥନୈତିକ ଶୋଷଣ, ସାମାଜିକ ଜୀବନ ପରିଚାଳନାରେ କଟକଣା, ଭୟ, ଆତଙ୍କ, ଉଦ୍‌ବେଗ ସାଙ୍ଗକୁ ଦେୱାନ୍, ଦାରୋଗା, ପିଆଦା ଓ

ଅମଳମାନଙ୍କ ଅତ୍ୟାଚାର ଚରମସୀମା ଲଙ୍ଘନ କରିଥିଲା । ବହୁବିଧ ନିର୍ଯାତନାରେ ରଣପୁରବାସୀ ବ୍ୟତିବ୍ୟସ୍ତ ହୋଇପଡ଼ିଲେ, ଫଳରେ ପ୍ରଜାମାନଙ୍କ ହୃଦୟରେ ପ୍ରଜ୍ୱଳିତ ହେଲା ବିଦ୍ରୋହର ବହ୍ନି । ଏହି ଅଶାନ୍ତ ବହ୍ନିର ଲେଲିହାନ ଶିଖା ମଧ୍ୟରୁ ଜନ୍ମନେଲା ପ୍ରଜାମଣ୍ଡଳ ।

ନିଷ୍ପେଷିତ ଧରାପୃଷ୍ଠରେ ମୁକ୍ତିର ମଶାଲ ଧରି ଆବିର୍ଭୂତ ହେଲେ ଦୁଇଟି ବ୍ୟକ୍ତି- ରଘୁ ଓ ଦିବାକର । ସେହି ଦୁଇ ଶକ୍ତିର ଅଭ୍ୟୁଦୟ ପ୍ରଜାମଣ୍ଡଳ ମଧ୍ୟରେ ନୂତନ ଆଲୋଡ଼ନ ସଞ୍ଚାର କଲା । ବୟସ୍କ ନନ୍ଦମାଳୀ ରାମ ଓ କୃପାସିନ୍ଧୁ ମିଶ୍ର ପ୍ରଜାମଣ୍ଡଳର ସଭାପତି ଓ ଉପ-ସଭାପତି ଏବଂ ଯୁବକ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ସମ୍ପାଦକ ଓ ସଙ୍ଗଠନ ସମ୍ପାଦକ ରୂପେ ଦାୟିତ୍ୱ ବହନ କଲେ ।

ରଘୁ ଓ ଦିବାକର ବାଲ୍ୟବନ୍ଧୁ ଥିଲେ । କୋଣାର୍କ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଏକ ମନ ଏକ, ପ୍ରାଣରେ ପ୍ରଜା ଆନ୍ଦୋଳନକୁ ସଙ୍ଗଠିତ କରିଥିଲେ । ଦୁଇଜଣଙ୍କ ବାଲ୍ୟକାଳରୁ ଥିଲେ ମେଧାବୀ, ବୁଦ୍ଧିଥିଲା ବିଚକ୍ଷଣ, ଭାବଧାରା ଥିଲା ସୂକ୍ଷ୍ମ ଓ ପରିମାର୍ଜିତ । ଛାତ୍ର ଅବସ୍ଥାରେ ବାଲ୍ୟକାଳର ବୈପ୍ଳବିକ ଚିନ୍ତାଧାରାର ପୁନର୍ବିନ୍ୟାସ ଘଟିଥିଲା । ଉକ୍ତ ପ୍ରତିଷ୍ଠିତ ଗଡ଼ବାଣୀକିଲୋ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନଟବର ମହାନ୍ତି ଥିଲେ ପ୍ରଭୁ ରଘୁନାଥ ଓ ତାଙ୍କ ସହପାଠୀ ଦିବାକରଙ୍କର ବାଲ୍ୟଗୁରୁ । ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନେ କରିପାରିଥିଲେ ଜୀବନକୁ ଶୃଙ୍ଖଳିତ ଓ ସଙ୍ଗଠିତ । ବିଶେଷତଃ ସେମାନେ ଥିଲେ ନିର୍ଭୀକ ଓ ସାହସୀ । ହୃଦୟରେ ଭରି ରହିଥିଲା ଅସୀମ ପ୍ରେରଣା, ସହାନୁଭୂତି ଥିଲା ତାଙ୍କ ଭାବଧାରାର ପ୍ରାଣକେନ୍ଦ୍ର ।

ପିତା ନଟବର ମହାନ୍ତିଙ୍କ ଔରସରୁ ମାତା ଲାବଣ୍ୟ ଦେବୀଙ୍କ ଗର୍ଭରୁ ୧୯୧୦ ମସିହା ଜୁଲାଇ ୧୮ ତାରିଖ ଦିନ ରଘୁନାଥ ଭୂମିଷ୍ଠ ହୋଇଥିଲେ ରଣପୁର ଥାନା ବାଦଭର୍ଣ୍ଣ ଗ୍ରାମରେ । ସେ ଗଡ଼ବାଣୀକିଲୋରୁ ପ୍ରାଥମିକ, ରଣପୁର ଉଚ୍ଚରୁ ମାଇନର ଏବଂ ଖୋର୍ଦ୍ଧା ହାଇସ୍କୁଲରୁ ଥାର୍ଡ଼ କ୍ଲାସ (ସମ୍ପ୍ରତି ନବମ ଶ୍ରେଣୀ) ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ସେ ଶବରୀବାଳା, ମାରଣାଗଡ଼, କ୍ରୋଧର ନିଆଁ, ସଙ୍ଗୀତ ସୁଧା ସମୁଦ୍ର, ଶକୁନ୍ତଳା, ସଙ୍ଗୀତ ମୋହନ ଭୋଗ ଓ ଅହଲ୍ୟା ପ୍ରଭୃତି ପୁସ୍ତକର ସ୍ରଷ୍ଟା ଥିଲେ । ଏ ସମସ୍ତ ପୁସ୍ତକ କଟକ ଅରୁଣୋଦୟ ପ୍ରେସ ଦ୍ୱାରା ପ୍ରକାଶିତ । ସେ ରଚନା କରିଥିବା ସଙ୍ଗୀତ ମୋହନ ଭୋଗ ପୁସ୍ତକର ଭିତର୍ପତ୍ରରୁ ଜଣାପଡ଼େ ସେ ୧୯୩୦ ମସିହାରେ ଖୋର୍ଦ୍ଧା ହାଇସ୍କୁଲରେ ଥାର୍ଡ଼ କ୍ଲାସରେ ଅଧ୍ୟୟନ କରୁଥିଲେ । ରଘୁନାଥଙ୍କର ସହପାଠୀ ଦିବାକରଙ୍କର ଜନ୍ମ ରଣପୁର ରାଜ୍ୟ ପୂର୍ବ ଭାଗର ସୁରକ୍ଷା ପାଇଁ ଥିବା ଦୁର୍ଗ ଗଡ଼ବାଣୀକିଲୋ ଗ୍ରାମରେ । ତାଙ୍କର ପିତା ଗ୍ରାମର ବଳେଇ ହରିହର ପରିଡ଼ା ଓ ମାତା ଥିଲେ ତାରା ଦେବୀ । ସେ ଗଡ଼ବାଣୀକିଲୋରେ ପ୍ରାଥମିକ, ରଣପୁରରେ ମାଇନର ଓ ଖୋର୍ଦ୍ଧା ହାଇସ୍କୁଲରେ ଥାର୍ଡ଼ କ୍ଲାସ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ସେ ଜଣେ ଜ୍ୟୋତିଷ ବିଶାରଦ ଥିଲେ । ତାଙ୍କ ରଚିତ ପୁସ୍ତକ ହେଲା 'ଜ୍ୟୋତିଷାଳଙ୍କାର', 'ଅର୍ଜ୍ଜୁନର ଦେବକ କଲ୍ୟାଣ' ଓ 'ସାଙ୍ଗ ଭଉଣୀ' । ପ୍ରଜା ଆନ୍ଦୋଳନ ବେଳେ ତାଙ୍କ କବିତା 'ହାଣ୍ଡିଭାତ' ଓ 'ଆସେଇ ତାଳ' ବୋଲାଯାଇ ପ୍ରଜାଙ୍କ ମନରେ ନୂତନ ଶିହରଣ ଓ ଜାଗରଣ ଆଣିଥିଲା ।

ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା କାହିଁକି ଓ କେଉଁ ପରିସ୍ଥିତିରେ ବିଦ୍ରୋହୀ ହେଲେ ଏହାର ମୂଳ ତଥ୍ୟ ନିଶ୍ଚିତ ଭାବରେ ତତ୍କାଳୀନ ଘଟଣାବଳି ପ୍ରତି ଦୃଷ୍ଟି ଆକର୍ଷଣ କରିଥାଏ । ରଘୁନାଥ ମହାନ୍ତି ତାଙ୍କ ରଚିତ 'ଶବରୀବାଳା' ପୁସ୍ତକରେ ମୁଖବନ୍ଧରେ ରାଜାଙ୍କୁ 'ଏକାଙ୍ଗ ଚକ୍ରବର୍ତ୍ତୀ' ବୋଲି ସମ୍ବୋଧନ କରିଥିଲେ । କର୍ମଚାରୀ ରୂପେ କାର୍ଯ୍ୟ କରୁଥିବା ନାଜର ଓ ବକ୍ସି ରାଜାଙ୍କର ଏକ ଅଙ୍ଗ ଚକ୍ଷୁ ନ ଥିବାରୁ ତାଙ୍କୁ ବିଦ୍ରୁପ କରି ଏଭଳି ସମ୍ବୋଧନ କରାଯାଇଛି ବୋଲି ରାଜାଙ୍କୁ ହୃଦୟଙ୍ଗମ କରାଇ ପାରିଥିଲେ । ଫଳରେ ରଘୁନାଥ ମହାନ୍ତିଙ୍କୁ ରାଜଦ୍ରୋହ ଅପରାଧରେ ଜିଲ୍ଲାପାରି (exodus) ନିର୍ଦ୍ଦେଶ ଦିଆଯାଇ ରାଜ୍ୟରୁ ବିତାଡ଼ିତ କରାଯାଇଥିଲା । ଏଣୁ ସେ ପୁରୀରେ ସମାଜ ପ୍ରତିନିଧି ସତ୍ୟବାଦୀ ତ୍ରିପାଠୀଙ୍କ ସହ ଅବସ୍ଥାନ କରି ରଣପୁର ରାଜ୍ୟର କୁଶାସନ 'ସମାଜ'ରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରଜାମଣ୍ଡଳର ସମ୍ପାଦକ ରୂପେ କାର୍ଯ୍ୟ କରିଥିଲେ । ସେ ରାଜ୍ୟରୁ ବିତାଡ଼ିତ ହୋଇଥିବାରୁ ଆନ୍ଦୋଳନ ନିମନ୍ତେ ଖେଣ୍ଡୀ ଖାସମାହାଲର ଚିକୋ ଓ ବାଗିଆକୁ ତାଙ୍କର କର୍ମକ୍ଷେତ୍ର ରୂପେ ଆପଣେଇ ନେଇଥିଲେ ।

ରଣପୁର ପ୍ରଜା ଆନ୍ଦୋଳନରେ ଯାହାଙ୍କର ଦେଶାତ୍ମବୋଧ କବିତା ଓ ବଜ୍ରନିର୍ଘୋଷ ବାଣୀ ପ୍ରତିଧ୍ୱନିତ ହେଉଥିଲା, ସେ ଥିଲେ ଦିବାକର ପରିଡ଼ା । ସେ ସମାଜ କାର୍ଯ୍ୟାଳୟରେ କିଛିଦିନ କାର୍ଯ୍ୟକରି ରଣପୁର ନରେନ୍ଦ୍ର ପ୍ରିଣ୍ଟିଂ ପ୍ରେସ୍‌ରେ ସହ-ସମ୍ପାଦକ ରୂପେ କାର୍ଯ୍ୟ କରିଥିଲେ । ରାଜ ଶାସନରେ 'ସଡ଼କ ବେଠି'ର ଏକ ଦୃଶ୍ୟ ବିଦ୍ରୋହୀ ଦିବାକରଙ୍କ ଜୀବନରେ ଆଣିଥିଲା ବୈପ୍ଳବିକ ପରିବର୍ତ୍ତନ । ଏକଦା ସେ ରଣପୁର ଗଡ଼ରୁ ଗଡ଼ବାଣୀକିଲୋକୁ ଫେରୁଥିଲେ । ଦେଖିବାକୁ ପାଇଲେ ସଡ଼କ ବେଠିରେ ନାଲି ପଗଡ଼ିଆ ପୋଲିସର ନିରୀହ ବେଠିଆ ପ୍ରଜାଙ୍କ ପିଠିରେ ଲାଠିର ପ୍ରହାର । ତାଙ୍କର ଅନ୍ତରାତ୍ମା କାନ୍ଦି ଉଠିଲା- ନିରୀହ ପ୍ରଜାର ହୃଦୁଫଟା କରୁଣ ଚିତ୍କାରରେ । ଫଳରେ ଚାକିରି ପରିତ୍ୟାଗ କରି ସେ ହେଲେ ବିଦ୍ରୋହୀ । ପ୍ରଜାମଣ୍ଡଳର ହେଲେ ସଙ୍ଗଠନ ସମ୍ପାଦକ । ରଣପୁର ପ୍ରଜା ଆନ୍ଦୋଳନକୁ ସଙ୍ଗଠିତ କରିବା ଦାୟିତ୍ୱ ବହନ କଲେ । ତାଙ୍କ ପିତା ହରିହର ପରିଡ଼ା ଯେପରି ୧୮୯୪ ମସିହାରେ ହୋଇଥିବା ଶସ୍ୟ ମେଳିର ନେତୃତ୍ୱ ନେଇ ସମସ୍ତ ରଣପୁର ପ୍ରଜାମାନଙ୍କୁ ଏକଜୁଟ କରାଇ ଶସ୍ୟ ପରିବର୍ତ୍ତେ ଟଙ୍କା ରାଜସ୍ୱ ଆକାରରେ ଦେବାପାଇଁ ବାଧ୍ୟକରି ଜୟଯୁକ୍ତ ହୋଇଥିଲେ;

ଠିକ୍ ସେହିପରି ରାତିରେ ଗ୍ରାମକୁ ଗ୍ରାମ ବୁଲି ପ୍ରଜାମାନଙ୍କୁ ଏକଜୁଟ କରାଇବାରେ ବିଦ୍ରୋହୀ ଦିବାକର ଅଦ୍ୱିତୀୟ । ପିତାଙ୍କ ପୈତୃକ ଜୀବନର ଅନୁଭୂତି ପରବର୍ତ୍ତୀ କାଳରେ ଦିବାକର ପରିଡ଼ାଙ୍କୁ ଜଣେ ନିର୍ଭୀକ ତଥା ନିଃସ୍ୱାର୍ଥ ଦେଶପ୍ରେମୀ ରୂପେ ଗଢ଼ି ତୋଳିଥିଲା ଏବଂ ଦେଶ ଓ ଦଶ ପାଇଁ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇଥିଲା । ସେ ଚାକିରି ପରିତ୍ୟାଗ କରିବା ପରେ ନରେନ୍ଦ୍ର ପ୍ରେସର ପରିଚାଳକ କାଳନାଗଡ଼ର ବନବେହେରା, ମଧୁସୂଦନ ସାମନ୍ତରାୟ ବହୁ ଲୁଭାମଣି ତଥା ଅର୍ଥର ପ୍ରଲୋଭନ ଦେଖାଇ ଆନ୍ଦୋଳନରୁ ନିବୃତ୍ତ ହେବାକୁ ଅନୁରୋଧ କରିଥିଲେ । କିନ୍ତୁ ସେ ସମସ୍ତ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରି ଆନ୍ଦୋଳନର ମୁଖ୍ୟ ପୁରୋଧା ସାଜିଥିଲେ । ଫଳରେ ଦେଶପାଇଁ ଫାଶୀବରଣ କରିବାକୁ ପଡ଼ିଥିଲା । ରମେଶ ଚନ୍ଦ୍ର ଭଞ୍ଜଙ୍କ 'ଜୟୀ ରାଜଗୁରୁ' କବିତାରେ, ''ଜନନୀ ପଣ୍ଡେ ଜୀବନ ଦେଲା ନୁଆଁଇଁ ନାହିଁ ମଥା'' ଉକ୍ତିଟି ଦିବାକରଙ୍କ ପାଇଁ ଏକାନ୍ତ ଭାବେ ପ୍ରଯୁଜ୍ୟ । ପ୍ରଫେସର ଡଃ ଗୋପାଳ ଚନ୍ଦ୍ର ମିଶ୍ର ତାଙ୍କ ''ବିଦ୍ରୋହୀ ଦିବାକର'' ପୁସ୍ତକରେ ଦିବାକରଙ୍କର ନିଃସ୍ୱାର୍ଥପର ସଂଗ୍ରାମର ପରାକାଷ୍ଠା ଅବତାରଣା କରିଛନ୍ତି । ଦିବାକର ଥିଲେ ଜଣେ ଆଦର୍ଶ ଜ୍ୟୋତିଷ । ଏହାଫଳରେ ସେ ବହୁଲୋକଙ୍କୁ ଆକୃଷ୍ଟ କରିପାରିଥିଲେ । ସେ ନବକୃଷ୍ଣ ଚୌଧୁରୀ, ସାରଙ୍ଗଧର ଦାସ, ଯଦୁମଣି ମଙ୍ଗରାଜ ଓ ହରେକୃଷ୍ଣ ମହତାବ ଆଦିଙ୍କ ସହ ଯୋଗାଯୋଗ ରକ୍ଷାକରି ଆନ୍ଦୋଳନ ସମ୍ପର୍କରେ ପରାମର୍ଶ ନେଉଥିଲେ ।

ରଘୁ ଓ ଦିବାକରଙ୍କ ଜ୍ଞାନ ଭାବୋଦ୍ଦୀପକ କବିତା ଓ ଓଜସ୍ୱିନୀ ଭାଷଣ ରଣପୁର ଅଧିବାସୀଙ୍କ ହୃଦୟକୁ ସ୍ପର୍ଶକରି ସେମାନଙ୍କୁ ସଙ୍ଗଠିତ କରିଥିଲା । ସେମାନଙ୍କର ଅଦମ୍ୟ ପ୍ରଚେଷ୍ଟା ଫଳରେ ରଣପୁର ଶାସନର ଅକଥନୀୟ କାହାଣୀ ୧୯୩୮ ମସିହାରେ ରାଷ୍ଟ୍ରୀୟ ନେତାଙ୍କ ସାଧାରଣ ସଭାରେ ଉତ୍ଥାପିତ ହୋଇଥିଲା । ଏହି ସଭାରେ ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ, ଡଃ ରାଜେନ୍ଦ୍ର ପ୍ରସାଦ ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।

ରଘୁ-ଦିବାକର ଥିଲେ ସତ୍ୟ ଓ ଅହିଂସାର ସାଧକ । ସାଙ୍ଗଠନିକ କ୍ଷେତ୍ରରେ ଭଲଭାବରେ ଥିଲା ନୈପୁଣ୍ୟ । ସେମାନେ ଥିଲେ ବାଗ୍ମୀ ଓ ଚିନ୍ତାବନ୍ତ । ସେମାନଙ୍କର ଭାବୋଚ୍ଛ୍ୱାସ ପ୍ରେରଣା ଓ ଓଜସ୍ୱିନୀ ଭାଷଣ ଜନସାଧାରଣଙ୍କୁ ବିମୁଗ୍ଧ କରି ଦେଉଥିଲା । ଅଗଣିତ ଲୋକ ବିଦ୍ରୋହ ସ୍ରୋତରେ ଝାମ୍ପ ପ୍ରଦାନ କରିଥିଲେ । ନୂତନ ନିର୍ଦ୍ଦେଶନ ଦେଇ ପ୍ରଜାମାନଙ୍କ ଦ୍ୱାରା ଉତ୍ଥାପିତ ଦାବିମାନଙ୍କ ମଧ୍ୟରୁ କିଛି ଦାବି ଆପୋଷ କଥାବାର୍ତ୍ତା ମାଧ୍ୟମରେ ହାସଲ କରିବା ରଘୁ-ଦିବାକରଙ୍କ ଆପ୍ରାଣ ଚେଷ୍ଟା ଜଳଜଳର ଥିଲା, କିନ୍ତୁ ଯଥେଚ୍ଛାଚାରୀ ଓ ଦୁର୍ନୀତିଗ୍ରସ୍ତ ଶାସନତନ୍ତ୍ରର ଅପରିଣାମଦର୍ଶିତା ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ କୁଠାରାଘାତ କଲା ଏବଂ ଆନ୍ଦୋଳନର ସ୍ରୋତ କ୍ଷିପ୍ରତର ହେବାକୁ ଲାଗିଲା । ଫଳରେ ଅତ୍ୟାଚାରୀ ଦେୱାନ୍ ନଟବର ମହାନ୍ତି ଚାକିରିର ମୋହ ପରିତ୍ୟାଗ କରି ରାଜ୍ୟ ଛାଡ଼ି ପଳାୟନ କଲେ । ୧୯୩୮ ମସିହା ନଭେମ୍ବର ମାସ ୨୫ ତାରିଖ ଦିନ ଉପସ୍ଥାପିତ ହୋଇଥିବା ବିଭିନ୍ନ ଦାବିକୁ ଉପେକ୍ଷା କରି ରାଜ ସରକାର ଏହାର ନେତାଙ୍କୁ ଗିରଫ କରି ନାନା ଅତ୍ୟାଚାର କଲେ । ବୌଦ୍ଧ ଓ ସିକନ୍ଦରାବାଦରୁ ପୋଲିସ ଫୋର୍ସ ମଗାଯାଇ ପ୍ରଜାମାନଙ୍କୁ ଆତଙ୍କିତ କରାଗଲା । ପ୍ରଜାମଣ୍ଡଳର ଉପ-ସଭାପତି ନୃସିଂହ ମିଶ୍ରଙ୍କ ସମେତ ୧୩ ଜଣଙ୍କୁ ୧୯୩୯ ମସିହା ଜାନୁୟାରୀ ମାସ ୩ ତାରିଖ ଦିନ ଗିରଫ କରାଗଲା । ଏହି ଗିରଫଦାରୀର ପ୍ରତିବାଦରେ ସମଗ୍ର ରଣପୁର ରାଜ୍ୟରେ ବିଦ୍ରୋହର ନିଆଁ ଜଳି ଉଠିଲା । ସତେ ଯେପରି ଯୁଗ ଯୁଗର ମୋହନିଦ୍ରା କଟାଇ ଶୋଷିତ ଅଧିକାରହୀନ ସମାଜ ଜାଗି ଉଠିଛି । ସମସ୍ତଙ୍କ କଣ୍ଠରେ ଗୋଟିଏ ଆବାଜ, ଆମେ ଲୁଟାଚିଟା ଶାସନ ତୁଟିଦେବୁ, ବେଠି, ଭେଟି ଓ କରଭାର ପୀଡ଼ାରୁ ମୁକ୍ତ ହେବୁ । ରାଜା ଏଥିରେ ବିବ୍ରତ ହେଲେ । ସେତେବେଳେ ପଲିଟିକାଲ୍ ଏଜେଣ୍ଟ ମେଜର୍ ବେଜଲଗେଟ୍ ନୟାଗଡ଼ରେ ଅବସ୍ଥାନ କରୁଥିଲେ । ସହକାରୀ ଦେୱାନ୍ ଚକ୍ରେଶ୍ୱର ମିଶ୍ର ପଲିଟିକାଲ୍ ଏଜେଣ୍ଟଙ୍କ ନିକଟକୁ ତା ୩.୧.୧୯୩୯ ରିଖ ଦିନ ସ୍ୱତନ୍ତ୍ର ଦୂତ ପଠାଇଲେ ।

ବେଜଲଗେଟ୍ ରଣପୁର ଆସୁଥିବା ଖବର ବିଜୁଳି ବେଗରେ ଚାରିଆଡ଼େ ଖେଳିଗଲା । ୧୯୩୯ ସିହା ଜାନୁଆରୀ ୫ ତାରିଖରେ ବନ୍ଦୀମାନଙ୍କର ମୁକ୍ତି ଓ ରାଜ କର୍ମଚାରୀମାନଙ୍କର ଅକଥନୀୟ ଅତ୍ୟାଚାର ବିରୁଦ୍ଧରେ ବିରାଟ ଜନ ସମାବେଶ ପାଇଁ ରଘୁ-ଦିବାକର ଆହ୍ୱାନ ଦେଇଥିଲେ । ରାଜବାଟୀ ସମ୍ମୁଖରେ ପ୍ରବଳ ଜନସମାଗମ ହୋଇଥିଲା । ସେ ଦିନ ଥିଲା ପୌଷ ପୂର୍ଣ୍ଣିମା । ବେଜଲଗେଟ୍ ଲଟାମାଟି ଯାତ୍ରା କଲେ । ଏଣେ ବିଦ୍ରୋହୀ ପ୍ରଜାମାନେ କୋଥାଡ଼ିଆଠାରେ ଜଙ୍ଗଲମାନ କାଟି ରାସ୍ତା ଅବରୋଧ କଲେ । ବେଜଲଗେଟ୍ ମନରେ କ୍ରୋଧ, ହୃଦୟରେ କୋହ ଓ ଆଖିରେ ଲୋଲୁପ ଦୃଷ୍ଟି । ରଣପୁରବାସୀଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯିବ । ଢେଙ୍କାନାଳର ବାଜି ରାଉତ ସମେତ ଅନେକଙ୍କୁ ହତ୍ୟା ଓ ଗର୍ଭିଣୀ ସ୍ତ୍ରୀଙ୍କ ଉପରେ ହାତୀ ଚଳାଇ ଦମନଲୀଳା କରାଇଥିବାରେ ପାରଙ୍ଗମ ବେଜଲଗେଟ୍ ସାମାନ୍ୟ ପଥ ଅବରୋଧରେ ନଇଁଯିବାର ପାତ୍ର ନ ଥିଲେ । ସାଥିରେ ଥିବା ପୋଲିସ ଜମାଦାର ଭୋବନି ପୃଷ୍ଟି ଓ ବାଣୀ ରାଉତଙ୍କୁ ରାସ୍ତା ଅବରୋଧ ଅଭିଯୋଗରେ ନିଷ୍ଠୁର ପ୍ରହାର କରି ରକ୍ତ ରଞ୍ଜିତ କରି ପକାଇଲେ । ସେ ପୋଲିସ ଫୋର୍ସଙ୍କ ସାହାଯ୍ୟରେ ରାସ୍ତା ପରିଷ୍କାର କରି ରଣପୁର ଗଡ଼ ରାଜ ପ୍ରାସାଦରେ ପହଞ୍ଚିଲେ । ସେତେବେଳେ ପ୍ରଜାମଣ୍ଡଳର ନେତା ରଘୁ-ଦିବାକର ସହକାରୀ

ବେଣ୍ଟାନଙ୍କ ସହ ରାଜ-ଦରବାରଙ୍କ ଘୋଷିତ ଦାବି ସମ୍ପର୍କୀୟ ଆଲୋଚନାରେ ବ୍ୟାପୃତ ଥିଲେ ।

ଏହି ସମୟରେ ପୋଲିସ ଦ୍ୱାରା ଆହତ ହୋଇଥିବା ଲୋକଦ୍ୱୟଙ୍କୁ କେତେଜଣ ଶବଦ୍ବରେ ନେଇ ରଣପୁରରେ ପହଞ୍ଚି "ପଲିଟିକାଲ ସାହେବ ଆମ ଲୋକଙ୍କୁ ମାରିଦେଲା" ଚିତ୍କାର କରନ୍ତେ ଉପସ୍ଥିତ ଜନସାଧାରଣ ଉତ୍ତେଜିତ ହୋଇ ପଡ଼ିଲେ । ଜନତାଙ୍କ ମଧ୍ୟରେ ଚାଡ଼ି ଆକୋଷ ଚାଲିଲା । ସାହେବ ଗାଡ଼ି ଅଟକେଇବା ପାଇଁ ନିର୍ଦ୍ଦେଶ ଦେଲେ ମଧ୍ୟ ତାହା ଅଟକିବା ଅବସ୍ଥାରେ ନ ଥିଲା । ଅଗତ୍ୟା ସାହେବ ନିଜେ ଶବଦ୍ବ ପଛେ ପଛେ ଚାଲିଲେ ଏବଂ ତାଙ୍କୁ ଅନୁସରଣ କଲେ ଦେହରକ୍ଷୀ ନୁର ମହମ୍ମଦ, ଡାଟୁକାର ବେଣ୍ଟାନ ଦଣ୍ଡି ମିଶ୍ର ଓ ଅମଲାଗଣ । ଶବଦ୍ବ ପଛରେ ଯାଇ ଯାଇ ପହଞ୍ଚିଗଲେ ଲଙ୍କାରି ବାହିରେ ଥିବା ହଜାର ହଜାର ଉତ୍ତେଜିତ ଜନତାଙ୍କ ମଧ୍ୟରେ । ଚତୁର୍ଦ୍ଦିଗରେ ଘେରି ରହିଥିବା ଲୋକେ ବାଉଁଶ ଧରି ଆସୁଥାନ୍ତି ତାଙ୍କ ନିକଟକୁ । ଏଭଳି ଅବସ୍ଥା ଦେଖି ସାହେବ କ୍ରୋଧ ସମ୍ବରଣ କରିପାରିଲେ ନାହିଁ । ଗର୍ଜି ଉଠିଲା ହାତର ରିଭଲଭର ଏବଂ ତା'ର ଗୁଳିରେ ଟଳି ପଡ଼ିଲା ଅର୍ଜ୍ଜୁନ ରାଉତ । ଏହାପରେ ଦ୍ୱିତୀୟ ଗୁଳି ନାଥ ଲୋଚନ ଦକ୍ଷିଣ ପାର୍ଶ୍ୱ କର୍ଣ୍ଣରେ ଆଘାତ ଦେଇ ପୁନର୍ବାର କଣ୍ଠଦେଶ ଭେଦ କଲା ଅର୍ଜ୍ଜୁନ ରାଉତର । ପିଚ୍ ପିଚ୍ ରକ୍ତସ୍ରୋତ ଦେଖି ଉପସ୍ଥିତ ଜନତା ରକ୍ତ ଚରମ ହୋଇ ଉଠିଲା । ଫଳରେ ଉତ୍ତ୍ୟକ୍ତ ଜନତା ବେଜେଲଗେଟଙ୍କୁ ବାଉଁଶମୂଳି ଓ ବାଉଁଶ ଦଣ୍ଡାରେ ପିଟି ପିଟି ମାରିଦେଲେ । ରଘୁ-ଦିବାକରଙ୍କ ନେତୃତ୍ୱରେ ବିରାଟ ଜନସମୁଦ୍ର ଜେଲଖାନା ଆଡ଼କୁ ମାଡ଼ି ଚାଲିଲେ । ଜେଲର ଗୋଲାବ୍ ଲାଲ୍ ଆତଙ୍କିତ ହୋଇ କୃପାସିନ୍ଧୁ ମିଶ୍ର ସମେତ ସମସ୍ତ ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ ।

ଖୁବ୍ କମ୍ ସମୟରେ ଏହି ଚାଞ୍ଚଲ୍ୟକର ସମ୍ବାଦ ଚାରିଆଡ଼େ ପ୍ରଚାରିତ ହେଲା । ମହତାବଙ୍କ ନିର୍ଦ୍ଦେଶରେ ସମଗ୍ର ରଣପୁର ରାଜ୍ୟର ଲୋକମାନେ ରାତାରାତି ନିଜର ଘରଦ୍ୱାର ଛାଡ଼ି ନିକଟସ୍ଥ ଖୋର୍ଦ୍ଧା ଖାସ୍‌ମହାଲ ଅଞ୍ଚଳକୁ ଚାଲିଗଲେ । ଅବର୍ଣ୍ଣନୀୟ ସେ ଅବସ୍ଥା । ଅଶୀବର୍ଷର ବୃଦ୍ଧ ରାସ୍ତାରେ ଯାଇ ଯାଇ ଢଳି ପଡ଼ିଛି । ଯନ୍ତ୍ରଣାକ୍ଳିଷ୍ଟ ନାରୀଟା ବାଟରେ ପ୍ରସବ କରିଛି । ରାତି ନ ପାହୁଣୁ ଶତକଡ଼ା ୯୦ ଭାଗ ଜନସାଧାରଣ ବାହାରକୁ ଚାଲି ଯାଇଛନ୍ତି । ତଥାପି ବୃଦ୍ଧଙ୍କାର ମିଲିଟାରୀ ପୋଲିସଙ୍କ ଘେରାଉରେ ଅବଶିଷ୍ଟ ଜନସାଧାରଣ ଅତ୍ୟାଚାରିତ ହେଲେ ।

ବେଜେଲଗେଟ୍ ହତ୍ୟାକାଣ୍ଡ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ଅଭୂତପୂର୍ବ ଘଟଣା । କାରଣ ପୂର୍ବରୁ ଘଟିଥିବା କୌଣସି ବିପ୍ଳବରେ ବ୍ରିଟିଶ ସୈନ୍ୟ ବାହିନୀର ମେଜର୍ ଭଳି ଉଚ୍ଚପଦସ୍ଥ ଅଫିସରଙ୍କୁ ହତ୍ୟା କରାଯାଇ ନ ଥିଲା । ଏ ପ୍ରସଙ୍ଗରେ ତତ୍କାଳୀନ ପଲିଟିକାଲ ଡିପାର୍ଟମେଣ୍ଟର ରେସିଡେଣ୍ଟ କର୍ଣ୍ଣେଲ ବାର୍ନେଜ ସାହେବ ଡଃ ହରେକୃଷ୍ଣ ମହତାବଙ୍କୁ କହିଥିଲେ, "ଆମେ ଯଦି ଜାଣିଥାନ୍ତୁ ଓଡ଼ିଶା ଲୋକେ ଏତେ ହିଂସ୍ର, ତେବେ ନିଶ୍ଚିତ ଭାବେ ଏଠ ସୈନ୍ୟବାହିନୀ ପଠାଇଥାନ୍ତୁ ।"

ବେଜେଲଗେଟ୍ ହତ୍ୟାକାଣ୍ଡ ଯୋଗୁଁ ଅହିଂସା ଆନ୍ଦୋଳନର ପ୍ରବର୍ତ୍ତକ ମହାମାନବ ମହାତ୍ମାଗାନ୍ଧୀ ଅତ୍ୟନ୍ତ ଦୁଃଖିତ ହୋଇଥିଲେ । ତାଙ୍କଦ୍ୱାରା ସମ୍ପାଦିତ ପୁଣାରୁ ପ୍ରକାଶିତ 'ହରିଜନ' ପତ୍ରିକାର ତା ୧୪.୧.୧୯୩୯ ରିଖ ସଂଖ୍ୟାରେ ଏହି ଘଟଣାକୁ ନିନ୍ଦା କରି 'Most unfortunate' ଶୀର୍ଷକରେ ପ୍ରକାଶ କରିଥିଲେ । କିନ୍ତୁ ଏହି ଲେଖାକୁ ପ୍ରତିବାଦ କରି ଓଡ଼ିଶାର ନବକୃଷ୍ଣ ଚୌଧୁରୀ ଲେଖିଥିଲେ, ଗଡ଼ଜାତ ମାନଙ୍କରେ ରାଜାମାନଙ୍କ ଦ୍ୱାରା ଘଟୁଥିବା ଅନ୍ୟାୟ ଅତ୍ୟାଚାରକୁ ପଲିଟିକାଲ୍ ଏଜେଣ୍ଟ ଅନ୍ଧ ଭାବେ ସମର୍ଥନ କରୁଥିବାରୁ ଏଭଳି ହିଂସ୍ର ଆଚରଣ ପାଇଁ ପଲିଟିକାଲ ଏଜେଣ୍ଟ ଦାୟୀ । ଏହା ହରିଜନ ପତ୍ରିକାରେ ତା ୨୧.୧.୧୯୩୯ ରିଖରେ 'Violence Vrs Non-violence' ଶୀର୍ଷକରେ ପ୍ରକାଶ ପାଇଥିଲା ।

ବେଜେଲଗେଟ୍ ହତ୍ୟାକାଣ୍ଡ ଯୋଗୁଁ ବ୍ରିଟିଶ ପାର୍ଲାମେଣ୍ଟ ପ୍ରକମ୍ପିତ ହୋଇଥିଲା । ବିରୋଧୀ ଶ୍ରମିକ ଦଳ ସରକାରୀ ଦଳଙ୍କୁ ନିମ୍ନୋକ୍ତ ପ୍ରଶ୍ନ, ଅତିରିକ୍ତ ପ୍ରଶ୍ନମାନ ପଚାରି ବଡ଼ ଅଡୁଆରେ ପକାଇଥିଲେ ।

**ପ୍ରଶ୍ନ-** ବେଜେଲଗେଟ୍ କିପରି ମଲେ ?

**ଉତ୍ତର-** ବାଉଁଷ୍ଟିକ (Bamboostick) ଦ୍ୱାରା ।

**ପ୍ରଶ୍ନ-** ଏହା କ'ଣ ଷ୍ଟେନ୍‌ଗନ୍‌ଠାରୁ ଅଧିକ ଶକ୍ତିଶାଳୀ ?

**ଉତ୍ତର-** ଏହାର ଉତ୍ତର ବର୍ତ୍ତମାନ ସଂଗ୍ରହ କରାଯାଉଛି ।

**ପ୍ରଶ୍ନ-** ଏହି ବାଉଁଷ୍ଟିକ ଆମେ ଦେଖିବାକୁ ଚାହୁଁ । ଶୀଘ୍ର ଏହା ପାର୍ଲାମେଣ୍ଟରେ ପ୍ରଦର୍ଶିତ ହେଉ ।

ଏହି ପ୍ରସ୍ତାବ ମତେ ରଣପୁର ଜଙ୍ଗଲରୁ ପାଞ୍ଚଶହ ବାଉଁଶମୂଳ କଟାଯାଇ ବିଲାତ ପାର୍ଲାମେଣ୍ଟକୁ ପଠା ଯାଇଥିଲା । ବିରୋଧୀଦଳ ପକ୍ଷରୁ ଜଣେ ସଭ୍ୟ ବଜ୍ରଗମ୍ଭୀର ସ୍ୱରରେ ପାର୍ଲାମେଣ୍ଟରେ ଘୋଷଣା କଲେ, "The suppressed feelings of an oppressed nation found expression in the murder of Major Bazalgette." (ଏକ ନିଷ୍ପେଷିତ ଜାତିର ରୁଦ୍ଧ ମନୋଭାବ ମେଜର ବେଜେଲଗେଟଙ୍କ ହତ୍ୟାରେ ପ୍ରକାଶ ପାଇଛି) । ଠେଙ୍ଗାକୁ ପରୀକ୍ଷା କରିବା ପରେ ବିଲାତବାସୀ ବୁଝିପାରିଲେ ଯେ ମେଜର ବେଜେଲଗେଟ୍ ଅଜଣିଆରେ ପଡ଼ିବା ଯୋଗୁଁ ବନ୍ଧୁକ ଧରିପାରିଲେ ନାହିଁ । ଫଳରେ ବହୁଲୋକ ତାଙ୍କୁ ଠେଙ୍ଗାରେ ପିଟି ପିଟି

ମାରିଦେଲେ । ଏହି ହତ୍ୟାକୁ ଇଂରେଜ ଲୋକେ ''ନୃଶଂସ ହତ୍ୟା'' ନାମରେ ଅଭିହିତ କଲେ । ପରରେ ଇଂରେଜ ଭାଷାବିତ୍‌ମାନେ ନୃଶଂସ ହତ୍ୟାକୁ 'ବେଜେଲଗେଟ୍' (Bazzelgetted) ନାମରେ ଅଭିଧାନରେ ଏକ ଶବ୍ଦ ରୂପେ ବ୍ୟବହାର କଲେ ।

ବେଜେଲଗେଟ୍ ହତ୍ୟାକାଣ୍ଡ ପରେ ସହକାରୀ ପଲିଟିକାଲ ଏଜେଣ୍ଟ କାଉଣ୍ଟେଡ୍ ସାହେବଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହେଲା । ତଦନ୍ତ କରିବା ପାଇଁ ସି.ଆଇ.ଡି. ଇନ୍‌ସପେକ୍ଟର ବାବୁ ମନବୋଧ ପଣ୍ଡା ଓ ସବ୍-ଇନ୍‌ସପେକ୍ଟର ଗଙ୍ଗାଧର ତ୍ରିବେଦୀ ନିଯୁକ୍ତି ପାଇଲେ । ଏହି ତଦନ୍ତରେ ବହୁ ନିରୀହ ବ୍ୟକ୍ତିଙ୍କୁ ସମ୍ପୃକ୍ତ କରାଯାଇ ମୋକଦ୍ଦମା ଆରମ୍ଭ ହେଲା । ତା ୫.୧.୧୯୩୯ ରିଖରେ ହତ୍ୟାକାଣ୍ଡ ଘଟିଥିଲେ ମଧ୍ୟ ସିପାହୀ ହମିଦ୍ ଖାଁ ତା ୮.୨.୧୯୩୯ ରିଖ ଦିନ ୧୦୪ ଜଣଙ୍କ ବିରୁଦ୍ଧରେ ଏତଲା (F.I.R.) ଦାଖଲ କରିଥିଲେ । ଏଠାରେ ପ୍ରଶ୍ନ ଉଠେ, ଏହି ଏତଲା ରାଜାଙ୍କ ପାଖରେ ମାସାଧିକ କାଳ ବିଳମ୍ବରେ ଦାଖଲ ହେବାର କାରଣ କ'ଣ ? ସୁନିଶ୍ଚିତ ଭାବେ ବିପ୍ଳବର ନେତା ରଘୁ-ଦିବାକର ଓ ସେମାନଙ୍କର ସହଯୋଗୀମାନଙ୍କୁ ସମ୍ପୃକ୍ତ କରିବା ମତଲବ ଥିଲା ଏବଂ ସେହି ଉଦ୍ଦେଶ୍ୟରେ ମୋକଦ୍ଦମା ପ୍ରସ୍ତୁତ ହୋଇଥିଲା ।

ପୋଲିସର ଚାର୍ଜସିଟ୍ ପରେ ବିଚାର ଆରମ୍ଭ ହେଲା । ଏହି ମୋକଦ୍ଦମାଗୁଡ଼ିକ ସର୍ବଶ୍ରୀ ମାନ୍ୟବର ବି.ସି. ପଟ୍ଟନାୟକ, ସ୍ୱତନ୍ତ୍ର ମାଜିଷ୍ଟ୍ରେଟ, ମାନ୍ୟବର ପୌରାଜନ୍ ହିବରମଣି, ମାନ୍ୟବର ଚୌରାଜନ୍ ଏସ୍.କେ. ସେନ୍‌ଗୁପ୍ତ ଓ ମାନ୍ୟବର ପୌରାଜନ୍, କେ.କି. ସିଅରର ଆଇ.ସି.ଏସ୍.ଙ୍କ ଇଜଲାସରେ ପଡ଼ିଥିଲା । ସରକାରଙ୍କ ପକ୍ଷରୁ ରାୟ ବାହାଦୁର ଚିନ୍ତାମଣି ଆଚାର୍ଯ୍ୟ ଏବଂ ମୁଦ୍ଦଇମାନଙ୍କ ପକ୍ଷରୁ ଦୀନବନ୍ଧୁ ସାହୁ, ଗଦାଧର ଜେନା, ମହମ୍ମଦ ହନିଫ୍, ଶୈଳେନ୍ଦ୍ରନାଥ ବାନାର୍ଜୀ, ରାଧାଶ୍ୟାମ ମହାନ୍ତି, ଯଦୁମଣି ପଟ୍ଟନାୟକ ଓ ମୋହିନୀ ମୋହନ ଦାସ ପ୍ରମୁଖ ଓକିଲମାନେ ମକଦ୍ଦମା ଲଢୁଥିଲେ । ରଘୁ-ଦିବାକର ସମେତ ସମସ୍ତ ମୁଦ୍ଦଇମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରାଣନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଏଗାର ଜଣଙ୍କୁ ନେଇ ଏକ ଡିଫେନ୍ସ କମିଟି ଗଠନ କରାଯାଇଥିଲା ।

୧୯୩୯ ମସିହା ଜୁନ୍ ୧ ତାରିଖ ଦିନ ରଘୁନାଥ ମହାନ୍ତି, ଦିବାକର ପରିଡ଼ା ଓ ଚିନ୍ତାମଣି ନାୟକଙ୍କୁ ଗୋରା ଜୌରାଜନ୍ କେ.କି. ସିଅରର ଫାଶୀଦଣ୍ଡ ଆଦେଶ ଦେବା ସଙ୍ଗେ ସଙ୍ଗେ ଅନ୍ୟ ତିନିଜଣଙ୍କୁ ଦ୍ୱୀପାନ୍ତର ଆଦେଶ ଦେଇଥିଲେ । ଏହାର ପୁନର୍ବିଚାର ପାଇଁ ଅପିଲରେ ଏହା କାଏମ ରଖିବା ସଙ୍ଗେ ସଙ୍ଗେ ଆଉ ତିନିଜଣଙ୍କୁ ଦ୍ୱୀପାନ୍ତର ଆଦେଶ ଦେଲେ । ପରିଶେଷରେ ଦ୍ୱିତୀୟ ବାର ଅପିଲରେ ସମ୍ବଲପୁର ପଲିଟିକାଲ ଏଜେଣ୍ଟ ହେଡ୍‌କ୍ୱାର୍ଟରରେ ହାଇକୋର୍ଟ ବିଚାରପତି ମିଃ ଅଗ୍ରୱାଲାଙ୍କ କୋର୍ଟରେ ଅଭିଯୁକ୍ତ ଚିନ୍ତା ନାୟକ ଫାଶୀଦଣ୍ଡରୁ ମୁକ୍ତ ହେଲେ । କିନ୍ତୁ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ହୋଇଥିବା ଫାଶୀଦଣ୍ଡକୁ କାଏମ ରଖାଗଲା ।

ଏହି ମୋକଦ୍ଦମାରେ ଏଗାରଜଣଙ୍କୁ ଯାବତ୍ ଜୀବନ ଦ୍ୱୀପାନ୍ତର ଦଣ୍ଡାଦେଶ ଓ ଚିନ୍ତା ନାୟକଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ଦିଆଗଲା ଏବଂ ବିପ୍ଳବୀ ରଘୁ-ଦିବାକରଙ୍କୁ ବିହାରର ଭାଗଲପୁର ଜେଲରେ ୧୯୪୧ ମସିହା ଏପ୍ରିଲ ୪ ତାରିଖ ଦିନ ଫାଶୀଖୁଣ୍ଟରେ ଝୁଲେଇ ଦିଆଗଲା । ରଣପୁରରୁ ପୋଲିସ ରଘୁ ଓ ଦିବାକରଙ୍କୁ ବାନ୍ଧି ବିହାରର ଭାଗଲପୁର ଜେଲକୁ ନେଲାବେଳେ କାନ୍ଥପଡ଼ା ପର୍ଯ୍ୟନ୍ତ ପ୍ରାୟ ୨୨ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ନରନାରୀ ସେମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥାନ୍ତି । ସେତେବେଳେ ସେମାନେ ହୃଦୟଙ୍ଗମ କରୁଥାନ୍ତି ସଫଳ ନେତୃତ୍ୱର ପ୍ରତିଫଳ । ଏପ୍ରିଲ ୪ ତାରିଖ ଦିନ ଫାଶୀ ଆଦେଶ କାର୍ଯ୍ୟକାରୀ ହେଲାପରେ ସେମାନଙ୍କ ମୃତ୍ୟୁରେ ସାରା ଭାରତରେ ଶୋକର ଛାୟା ଖେଳିଗଲା । ସେମାନଙ୍କର ଆତ୍ମବଳୀ ସାରା ଭାରତକୁ ଜାତୀୟତା ଭାବରେ ଉଦ୍‌ବୁଦ୍ଧ କଲା । ଅତ୍ୟାଚାରୀ ରାଜତନ୍ତ୍ର ଲୋପ ପାଇଲା । ବାସ୍ତବିକ ସେମାନେ କାଳଜୟୀ ଓ ଅମର । ସେମାନଙ୍କର ଦେଶଭକ୍ତି, ନିଷ୍ଠା ଓ ଆତ୍ମୋତ୍ସର୍ଗ ସ୍ୱାଧୀନତା ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ।

ଏହି ମହାନ୍ ଶହୀଦଙ୍କ ପାଇଁ ଆମ ରାଜ୍ୟ ପକ୍ଷରୁ ବିଶେଷ କିଛି କରାଯାଇନାହିଁ । କେବଳ କଣ୍ଟ ନୟାଗଡ଼ ହାଇସ୍କୁଲ, ରଣପୁରରେ ସେମାନଙ୍କ ନାମରେ ନାମିତ କରାଯିବା ସଙ୍ଗେ ସଙ୍ଗେ ଦୀଘାକୁଦର ଏକ ରାସ୍ତା ଓ ଭୁବନେଶ୍ୱର ମ୍ୟୁନିସିପାଲିଟି ନିକଟରେ ଏକ ସ୍ମୃତିଫଳକ ବିଦ୍ୟମାନ ହୋଇ ଶହୀଦଙ୍କ ତ୍ୟାଗ, ନିଷ୍ଠା, ଦେଶାତ୍ମବୋଧର ପରିଚୟ ଦିଏ । ଏହି ମହାନ୍ ଶହୀଦଙ୍କ ଶିକ୍ଷାକ୍ଷେତ୍ର ଖୋର୍ଦ୍ଧା ବନ୍ଧୁ ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲରେ ୧୯୮୯ ମସିହା ଏପ୍ରିଲ ୪ ତାରିଖ ଦିନ ସେମାନଙ୍କର ତୈଳଚିତ୍ର ଉନ୍ମୋଚିତ ହୋଇଥିଲା । ଏ ଦିଗରେ ତତ୍କାଳୀନ ପ୍ରଧାନ ଶିକ୍ଷକ ଶ୍ରୀ ପଦ୍ମଲୋଚନ ପାଲଟାସିଂହ ଓ ପ୍ରାକ୍ତନ ଛାତ୍ର ଅଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ଅବଦାନ ଉଲ୍ଲେଖଯୋଗ୍ୟ । ସେହି ମହାନ୍ ନେତାଙ୍କ ଆଦର୍ଶରେ ଆଜିର ଜନତାକୁ କଠୋର ଭାବରେ ସଂଗ୍ରାମ କରିବାକୁ ହେବ ଏବଂ କର୍ମଷ୍ଠ ଭାବରେ ଶାନ୍ତି, ଧର୍ମ, ନ୍ୟାୟ, ନିରାପତ୍ତା, ପ୍ରାଚୁର୍ଯ୍ୟ ତଥା ଦେଶର ସଂସ୍କୃତି ଓ ଅଖଣ୍ଡତା ପାଇଁ ପ୍ରଗାଢ଼ ଉଦ୍ୟମ କରିବାକୁ ହେବ ।

*ଶିକ୍ଷା ନିରୀକ୍ଷକ, ଖୋର୍ଦ୍ଧା*



# ଯୁଗସ୍ରଷ୍ଟା କବିଚନ୍ଦ୍ର କାଳୀଚରଣ

ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପାଇକରାୟ

ଓଡ଼ିଆ ନାଟ୍ୟ ସାହିତ୍ୟ ଓ ରଙ୍ଗମଞ୍ଚ ଇତିହାସରେ ଯେଉଁ କେତେକ ଜଣଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ, ସେମାନଙ୍କ ମଧ୍ୟରୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଅନ୍ୟତମ । ଓଡ଼ିଶାର ତତ୍କାଳୀନ ଅନୁନ୍ନତ ଅଞ୍ଚଳ ବାଙ୍କୀର ଏକ ଅଖ୍ୟାତ ପଲ୍ଲୀରେ ଜନ୍ମଗ୍ରହଣ କରିଥିବା କାଳୀଚରଣ ନିଜର ସାଧନା ଯୋଗୁଁ ଯଶ ଓ ଖ୍ୟାତିର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛନ୍ତି । ନାଟକର ପ୍ରତ୍ୟେକ ବିଭାବରେ କବିଚନ୍ଦ୍ର କାଳୀଚରଣ ନିଜର କୃତିତ୍ୱ ଓ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।

ବାଲ୍ୟକାଳରୁ ଅଭିନୟ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିଲା । ବିଭିନ୍ନ ସମୟରେ ଗ୍ରାମରେ ଆୟୋଜିତ ହେଉଥିବା ଉତ୍ସବ ଅନୁଷ୍ଠାନରେ ଗ୍ରାମ୍ୟ କଳାକାରମାନଙ୍କ ଦ୍ୱାରା ଅଭିନୀତ ହେଉଥିଲା ରାସ ଓ ବିଭିନ୍ନ ଲୀଳା ନାଟକ । କବିଚନ୍ଦ୍ର ଅଭିନୟ କ୍ଷେତ୍ରରେ ଗ୍ରାମ୍ୟ ରାସ ଓ ଲୀଳାରେ ଅଂଶ ଗ୍ରହଣ କରୁଥିଲେ । ସୁତରାଂ ଫଳସ୍ୱରୂପ ଗ୍ରାମ୍ୟକଳା ଗୁରୁଙ୍କଠାରୁ ସଙ୍ଗୀତ, ନୃତ୍ୟ ଓ ଅଭିନୟ ଆଦି ଶିକ୍ଷା କରିଥିଲେ । ମାତ୍ର ପରବର୍ତ୍ତୀ କାଳରେ ଖୋର୍ଦ୍ଧା ହାଇସ୍କୁଲକୁ ପାଠ ପଢ଼ିବାକୁ ଆସିଥିଲେ । ଉଚ୍ଚତର ଶିକ୍ଷାଲାଭ ସହ ଆଧୁନିକ ନାଟକ ଓ ରଙ୍ଗମଞ୍ଚ ସଂସ୍ପର୍ଶରେ ଆସିବା ଥିଲା ସ୍ୱାଭାବିକ । ସେତେବେଳକୁ ଅଶ୍ୱିନୀ କୁମାର ଘୋଷଙ୍କ ନାଟ୍ୟଦଳ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲି ନାଟକ ଅଭିନୟ କରୁଥାନ୍ତି । ଅଶ୍ୱିନୀ କୁମାର ଘୋଷ, ରମେଶ ଚନ୍ଦ୍ର ସରକାର, ବଙ୍କାଇ ବାନାର୍ଜୀ ପ୍ରମୁଖ ନାଟକର ନିର୍ଦ୍ଦେଶକ ଭାବରେ ପ୍ରତିଷ୍ଠା ଅର୍ଜନ କରିବା ସଂଗେ ସଂଗେ କଲିକତା, ମହାରାଷ୍ଟ୍ର ଆଦି ବିଭିନ୍ନ ସ୍ଥାନରୁ ଭ୍ରାମ୍ୟମାଣ ନାଟ୍ୟଦଳ ଆସି ଯେଉଁ ନାଟକ ମାନ ଅଭିନୟ କରୁଥିଲେ, କାଳୀଚରଣ ସେ ସବୁ ଦେଖିବାକୁ ସୁଯୋଗ ପାଉଥିଲେ । ନାଟକରେ ଅଭିନୟ କ୍ଷେତ୍ରରେ ସୃଷ୍ଟି ହେଉଥିବା ନାନା ସମସ୍ୟାକୁ ଅନୁଧ୍ୟାନ କରିବା ସହ ନାଟକ କିପରି ଅଧିକ ଆକର୍ଷକ ଓ ଜୀବନଧର୍ମୀ ହୋଇ ପାରିବ, ତାହା ବାରମ୍ବାର ଚିନ୍ତା କରିଥିଲେ । ସୁତରାଂ ଦୀର୍ଘଦିନର ଅଭିଜ୍ଞତା ଓ ଅନୁଶୀଳନ ଫଳରେ ମାର୍ଜିତ, ରୁଚିବନ୍ତ ଓ ଉନ୍ନତମାନର ନାଟକ ରଚନା, ପ୍ରଯୋଜନା ଓ ନିର୍ଦ୍ଦେଶନା ଦେଇ ଓଡ଼ିଆ ନାଟକ କ୍ଷେତ୍ରରେ ଏକ ନୂତନ ଯୁଗର ପ୍ରାରମ୍ଭ କଲେ, ଯାହା ଦୀର୍ଘ ଚାରିଦଶନ୍ଧି ଧରି ଓଡ଼ିଆ ନାଟ୍ୟ ସାହିତ୍ୟ କ୍ଷେତ୍ରରେ ବଳବତ୍ତର ରହିଲା । ପରବର୍ତ୍ତୀ କାଳରେ ବହୁ ନାଟ୍ୟକାରବର୍ଗ କାଳୀଚରଣଙ୍କ ପ୍ରଦର୍ଶିତ ମାର୍ଗ ହିଁ ଅନୁସରଣ କରିଛନ୍ତି । ଅଧୁନା ନାଟକ କ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି, ତାହା କାଳୀଚରଣଙ୍କ ପ୍ରୟାସର ଫଳ ।

କାଳୀଚରଣ ନାଟକ ରଚନା ଆରମ୍ଭ କରିବା ପର୍ଯ୍ୟନ୍ତ ଓଡ଼ିଆରେ ପ୍ରାୟତଃ ଇତିହାସ ଓ ପୁରାଣର କଥାବସ୍ତୁକୁ ନେଇ ନାଟକ ରଚନା କରାଯାଉଥିଲା । ଅଥ କେତେକ ସାମାଜିକ କଥାବସ୍ତୁକୁ ନେଇ ଜଗମୋହନ, ରାମଶଙ୍କର, ଭିକାରୀ ଚରଣ ଏବଂ ଅଶ୍ୱିନୀ କୁମାର ପ୍ରମୁଖ ଯେଉଁ ନାଟକ ମାନ ରଚନା କରିଥିଲେ, ସମାଜର ସମସ୍ୟାକୁ ଉପସ୍ଥାପନ କରିବା ଏବଂ ଉଚ୍ଚ ଆଦର୍ଶ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖାଯାଇଥିବାରୁ ନାଟକ ଗୁଡ଼ିକ ଦାର୍ଶନିକ ମୂଲ୍ୟ ହରାଇ ପ୍ରଚାର ସର୍ବସ୍ୱ ହୋଇ ପଡ଼ିଥିଲା । 'ନାଟକ ସମାଜର ପ୍ରତିଛବି । ସମାଜ ଜୀବନକୁ ଅନୁଭବ କରାଏ ନାଟକ' ଆଦର୍ଶକୁ କାଳୀଚରଣ ସ୍ୱୀକାର କରୁଥିଲେ ମଧ୍ୟ, ନାଟକର କଥାବସ୍ତୁରେ ବାସ୍ତବତା ଏବଂ କଳାପ୍ରୟୋଗ ଉପରେ ଗୁରୁତ୍ୱ ଦେଇ ନିଜର ନାଟକକୁ କାଳଜୟୀ କରିପାରିଛନ୍ତି । ଗାର୍ଲସ୍କୁଲ, ରାତ, ଚୁମ୍ବନ ପ୍ରମୁଖ ଏ କ୍ଷେତ୍ରରେ ଗୋଟିଏ ଗୋଟିଏ ଉଲ୍ଲେଖନୀୟ । କାଳୀଚରଣଙ୍କ ଐତିହାସିକ, ପୌରାଣିକ ନାଟକ ଗୁଡ଼ିକ ମଧ୍ୟ କଥାବସ୍ତୁ ନିର୍ବାଚନ ଓ ସଂଯୋଜନାରେ କଳା ପ୍ରତି ଦୃଷ୍ଟି ରଖାଯାଇଛି ।

ସଂଳାପ ନାଟକର ଦ୍ୱିତୀୟ ବିଭାବ । ଯାହା ମାଧ୍ୟମରେ ନାଟକର କଥାବସ୍ତୁକୁ ପ୍ରକାଶ କରାଯାଏ । ଓଡ଼ିଆ ନାଟ୍ୟ ସାହିତ୍ୟରେ ସଂଳାପର ଯାଦୁକରୀ ରଚନା ପ୍ରଥମେ କାଳୀଚରଣଙ୍କ ନାଟକରେ ଶୁଣିବାକୁ ମିଳିଲା । ପୂର୍ବ ନାଟ୍ୟକାରମାନେ ସଂଳାପରେ ମୁକ୍ତଛନ୍ଦ ଅମିତ୍ରାକ୍ଷର ଛନ୍ଦ ଓ ଶବ୍ଦ ସଂଯୋଜନାରେ ସମସ୍ୟାବହୁଳ ଶବ୍ଦକୁ ପ୍ରୟୋଗ କରୁଥିଲେ । ଫଳତଃ ସଂଳାପ ରୀତିଯୁକ୍ତ କାବ୍ୟଧର୍ମୀ ହେବା ସହ ଅବାସ୍ତବ ମନେ ହେଉଥିଲା । କାଳୀଚରଣ ସର୍ବପ୍ରଥମ ଥରପାଇଁ

ଓଡ଼ିଆ ନାଟକର ସଂଳାପ କ୍ଷେତ୍ରରେ ମୁକ୍ତ ଛନ୍ଦ ସହ ଲୋକମୁଖୀ ଭାଷାର ବ୍ୟବହାର କରି ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଲେ । ସଂଳାପ ବାସ୍ତବଧର୍ମୀ ହେବା ସହ ପାତ୍ରୋଚିତ ହେଲା । ଓଡ଼ିଆ ନାଟକର ସଙ୍ଗୀତ ରଚନା କ୍ଷେତ୍ରରେ କାଳୀଚରଣଙ୍କର ସମତୁଲ୍ୟ ଅଦ୍ୟାବଧି କେହି ନାହାନ୍ତି । କାଳୀଚରଣ ନୈସର୍ଗିକ ସଙ୍ଗୀତ ପ୍ରତିଭାର ଅଧିକାରୀ । ନିଜେ ସଙ୍ଗୀତ ରଚନା, ସ୍ୱରସଂଯୋଜନା ସହ କଣ୍ଠଶିଳ୍ପୀ ମଧ୍ୟ ଥିଲେ । ନାଟକରେ ସଙ୍ଗୀତର ଆବଶ୍ୟକତାକୁ ସେ ପ୍ରତି ମୁହୂର୍ତ୍ତରେ ବିଶ୍ୱାସ କରୁଥିଲେ ଏବଂ ଅନୁଭବ କରିଥିଲେ ସଙ୍ଗୀତ ପ୍ରାଣ ଓଡ଼ିଆ ଜାତି ସଙ୍ଗୀତ ବିହୀନ ନାଟକକୁ ଗ୍ରହଣ କରିପାରିବେ ନାହିଁ । ସଙ୍ଗୀତ ମଧ୍ୟ ସଂଳାପ ପରି ନାଟକୀୟ ଅଭିନୟର ଅଂଶବିଶେଷ ଏବଂ ସଙ୍ଗୀତ ମାଧ୍ୟମରେ ନାଟ୍ୟକାର ନାଟକର ଅନେକ କଥାବସ୍ତୁକୁ ସଂକ୍ଷିପ୍ତ ଭାବରେ ପ୍ରକାଶ କରିଥାନ୍ତି । ସଙ୍ଗୀତ ପାଇଁ ସଙ୍ଗୀତ ନ ହେଇ, କାଳୀଚରଣ ପ୍ରଥମେ ସଙ୍ଗୀତକୁ ନାଟକ କଥାବସ୍ତୁର ଏକ ଅଂଶ ଭାବରେ ବ୍ୟବହାର କରିଥିଲେ ।

ଚରିତ୍ର ସଂଗ୍ରହ ଓ ଚିତ୍ରଣ ବିଷୟରେ ମଧ୍ୟ କାଳୀଚରଣ ଖୁବ୍ ସତର୍କ ଅଟନ୍ତି । ପ୍ରତ୍ୟେକ ନାଟକର ପ୍ରତ୍ୟେକ ଚରିତ୍ର ଗୁଡ଼ିକ ପ୍ରତିନିଧିମୂଳକ ଅଟନ୍ତି ଏବଂ କବିଚନ୍ଦ୍ରଙ୍କ ନାଟକରେ ହାସ୍ୟରସ ବିଚ୍ଛିନ୍ନ ହୋଇଛନ୍ତି । ବିଶେଷତଃ ନାୟକର କଥାବସ୍ତୁକୁ ବେଖାପ୍ ଓ ଅନାବଶ୍ୟକ ମନେ ହେଉଥିବା କୌଣସି ଚରିତ୍ର କାଳୀଚରଣଙ୍କ ନାଟକରେ ଦେଖିବାକୁ ମିଳନ୍ତି ନାହିଁ । ତେଣୁ ପୂର୍ବବର୍ତ୍ତୀ ନାଟ୍ୟକାରଗଣ ନାଟକରେ ହାସ୍ୟରସ ସୃଷ୍ଟି ନିମନ୍ତେ ସ୍ୱତନ୍ତ୍ର ଚରିତ୍ର ଓ ପରିବେଶ ସୃଷ୍ଟି କରିଥିଲେ । ସେହି ହାସ୍ୟରସାତ୍ମକ ଘଟଣା ଓ ଚରିତ୍ର ସହିତ ମୁଖ୍ୟ କଥାବସ୍ତୁର କୌଣସି ସମ୍ପର୍କ ନଥିଲା । କେବଳ ହାସ୍ୟରସ ପରିବେଷଣ ନିମନ୍ତେ ଏପରି ଚରିତ୍ର ଓ ଘଟଣାକୁ ନାଟକରେ ସଂଯୋଜନା କରାଯାଉଥିଲା । କାଳୀଚରଣଙ୍କ ନାଟକଗୁଡ଼ିକ ଏସବୁର ବ୍ୟତିକ୍ରମ । ହାସ୍ୟରସାତ୍ମକ ଘଟଣା ଓ ଚରିତ୍ରଗୁଡ଼ିକ କାଳୀଚରଣଙ୍କ ନାଟକର ମୁଖ୍ୟ କଥାବସ୍ତୁର ଅବିଚ୍ଛେଦ୍ୟ ଅଂଶ ।

କାଳୀଚରଣଙ୍କ ନାଟ୍ୟଜଗତକୁ ଉଲ୍ଲେଖନୀୟ ଅବଦାନ ହେଲା ତାଙ୍କର ମଞ୍ଚଶୈଳୀ । ଦୀର୍ଘଦିନ ଧରି ରଙ୍ଗମଞ୍ଚ ସହ ସେ ଜଡ଼ିତ ଥିଲେ । ତେଣୁ ପୂର୍ବବର୍ତ୍ତୀ ନାଟ୍ୟକାରମାନେ ନାଟକର ଦୃଶ୍ୟ ସଂଯୋଜନା ବେଳେ କରିଥିବା ତ୍ରୁଟିକୁ ସଂଶୋଧନ କରିଥିଲେ ସେ । ଅଯଥା ବିଳମ୍ବ ନ କରି କିପରି ନାଟକ ମଞ୍ଚସ୍ଥ ହୋଇପାରିବ ଓ ଦର୍ଶକ କ୍ଲାନ୍ତ ଓ ବିରକ୍ତ ନ ହେବେ ଏବଂ ଦୃଶ୍ୟସଜ୍ଜା ମଧ୍ୟ ଶୀଘ୍ର ସମ୍ଭବ ହେବ, ସେଥିପ୍ରତି ଦୃଷ୍ଟି ଦେଇଥିଲେ । ଏ କ୍ଷେତ୍ରରେ ତାଙ୍କର ଅନୁଭୂତି ତାଙ୍କୁ ସାହାଯ୍ୟ କରିଥିଲା । ଫଳତଃ ପ୍ରଥମଥର ପାଇଁ ଓଡ଼ିଆ ନାଟ୍ୟ ସାହିତ୍ୟରେ କାଳୀଚରଣଙ୍କ ନାଟକରେ ପ୍ରଚ୍ଛଦ ଦୃଶ୍ୟ ବା ଡ୍ରଇଂସିନ୍‌ର ପ୍ରୟୋଗ ଦେଖିବାକୁ ମିଳିଲା । ତତ୍‌ସଂଗେ ସଂଗେ ଦୃଶ୍ୟଗୁଡ଼ିକ ଏପରି ପରିକଳ୍ପିତ ହେଲା, ଯାହା ମଞ୍ଚରେ ସହଜ ପ୍ରଦର୍ଶିତ ହୋଇପାରିବ । ଏମିତି ଦୁଇଟି ମଞ୍ଚରେ ନାଟକ ମଧ୍ୟ ପ୍ରଦର୍ଶିତ କରିବାର ବ୍ୟବସ୍ଥା କାଳୀଚରଣ କରିଥିଲେ ।

ଏସବୁ ବ୍ୟତୀତ କାଳୀଚରଣଙ୍କର ଓଡ଼ିଆ ମଞ୍ଚ ଓ ନାଟ୍ୟ ଜଗତକୁ ଯେଉଁ ବିଶେଷ ଅବଦାନ ଥିଲା, ତାହା ହେଲା ତାଙ୍କର ନାଟ୍ୟଦଳ ଗଠନ । ଓଡ଼ିଶା ଥିଏଟର୍ସ ପରି ନାଟ୍ୟଦଳ ଗଠନ କରି ସେ ନିଜକୁ ଜଣେ ଦକ୍ଷ ସଂଗଠକ ଓ ପ୍ରଯୋଜକ ଭାବରେ ପରିଚୟ କରାଇଛନ୍ତି । ନାଟକରେ ଅଭିନୟ କ୍ଷେତ୍ରକୁ ନାରୀମାନଙ୍କୁ ଆଣିବା, ଶିକ୍ଷିତ ସମାଜରେ ଓଡ଼ିଆ ନାଟକ ପ୍ରତି ଆଦର ବୃଦ୍ଧି କରିବାରେ କବିଚନ୍ଦ୍ରଙ୍କ ଉଦ୍ୟମ ଓ ସାଧନାର ପ୍ରଶଂସା ପାଇଁ ଭାଷା ନାହିଁ ।

ସର୍ବୋପରି କବିଚନ୍ଦ୍ର କାଳୀଚରଣ, ନାଟକର ଯେଉଁ ପରମ୍ପରା ଓ ପରୀକ୍ଷା ନିରୀକ୍ଷା ଆରମ୍ଭ କଲେ, ପରବର୍ତ୍ତୀ ବହୁ ନାଟ୍ୟକାର ତାଙ୍କରି ପଥକୁ ଅନୁସରଣ କରି ଖ୍ୟାତି ଓ ଯଶ ଅର୍ଜନ କରିଛନ୍ତି । ଓଡ଼ିଆ ନାଟକରେ କବିଚନ୍ଦ୍ର ଯେଉଁ ଧାରାଟି ଆରମ୍ଭ କଲେ ତାହା ଓଡ଼ିଆ ନାଟ୍ୟ ସାହିତ୍ୟରେ ସ୍ୱର୍ଣ୍ଣ ଯୁଗ । ଜଗମୋହନ, ରାମଶଙ୍କର, ଅଶ୍ୱିନୀ କୁମାର ଯଦିଓ ଓଡ଼ିଆ ନାଟ୍ୟ ସାହିତ୍ୟର ଜନ୍ମଦାତା, କାଳୀଚରଣ ଏ କ୍ଷେତ୍ରରେ ଜଣେ ବିପ୍ଳବୀ ଓ ଯୁଗପ୍ରବର୍ତ୍ତକ ବୋଲି କହିବା ଅତ୍ୟୁକ୍ତି ହେବନାହିଁ ।

ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ପ୍ରାଣନାଥ ମହାବିଦ୍ୟାଳୟ

# ମାନସିଂହ- କାବ୍ୟରେ ପ୍ରତିଭାର ଆଦ୍ୟ ଉନ୍ମେଷ



ପଠାଣି ପଟ୍ଟନାୟକ

**ପ୍ରତିଭାର ଉନ୍ମେଷ**

ଦିନ ଥିଲା, ଯେତେବେଳେ କି କବି ମାୟାଧର ମାନସିଂହଙ୍କୁ ଓଡ଼ିଆ ସାହିତ୍ୟରେ ତାରୁଣ୍ୟର କବି ବୋଲି ପରିଚୟ କରାଯାଉଥିଲା । ଯୌବନର ବନ୍ଦନା ତାଙ୍କର କାବ୍ୟରେ ଏକ ଅନୁପମ ଐଶ୍ୱର୍ଯ୍ୟ । କିନ୍ତୁ ମାନସିଂହ ପ୍ରତିଭା ସୁଦୂରପ୍ରସାରୀ । ସାହିତ୍ୟ-ସଂସାରର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ହୋଇଛନ୍ତି ଅପୂର୍ବ ସିଦ୍ଧିର ଅଧିକାରୀ Poets are born, not made. -ଏହି କଥା ଟି ସମକାଳୀନ ସକଳ ଓଡ଼ିଆ କବିଙ୍କ ମଧ୍ୟରେ କବି ମାନସିଂହଙ୍କ ପ୍ରତି ହିଁ ଅକ୍ଷରେ ଅକ୍ଷରେ ପ୍ରଯୁଜ୍ୟ ହୋଇପାରେ ।

ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ପୁରୀ ଜିଲ୍ଲା ପାରିକୁଦ ଅଞ୍ଚଳରେ ଏକ ଅଖ୍ୟାତ ପଲ୍ଲୀରେ କବିଙ୍କର ଜନ୍ମ । ତେଣୁ ନଗର ଜୀବନର ସାଂସ୍କୃତିକ ପରିବେଶ କଳା ଓ ସାହିତ୍ୟର ସାଧନା ପାଇଁ ଯେଉଁ ପ୍ରେରଣା ଯୋଗାଇଥାଏ, ବାଲ୍ୟକାଳରେ ଶ୍ରୀଯୁକ୍ତ ମାନସିଂହଙ୍କୁ ତାହା ଉପଲବ୍ଧ ହେବାର ଅବକାଶ ନ ଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା, କି ଐଶୀପ୍ରେରଣାରେ ସେହି ଦିନର ତରୁଣ ମାନସିଂହ ସେ କାଳର ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ମୁକୁର' ପୃଷ୍ଠାରେ ପ୍ରଥମେ ଲେଖନୀ ଚାଳନା କରି ହିଁ ଶ୍ରଦ୍ଧାନ୍ୱିତ ସ୍ଥାନ ଲାଭ କରିଥିଲେ । ପଲ୍ଲୀ ଜୀବନର ଉଷା, ବ୍ରତ ଏବଂ ପୁରାଣ ସେବିତ ବନଶ୍ରୀ ଓ ପରମ୍ପରା ହୁଏତ କବିଙ୍କର ବାଲ୍ୟ ଜୀବନରେ ଅଶେଷ ସ୍ୱାଭାବିକ କୌତୂହଳ ଏବଂ ମାନସିକ ଉଦ୍ଦୀପନା ସୃଷ୍ଟି କରିଥିବ । ପ୍ରଥମ କାଳରେ ରଚିତ ତାଙ୍କର ଗୋଟିଏ ଦୁଇଟି କବିତା ପାଠ କଲେ ଏହା ସ୍ପଷ୍ଟ ଆଧାରିତ ହୋଇଥାଏ । ସେଦିନର ଖୋର୍ଦ୍ଧା ସ୍କୁଲର ଜଣେ ସାଧାରଣ ଛାତ୍ର 'ଜନ୍ମାଷ୍ଟମୀ' (ବହୁକାଳ ପାଠକବର୍ଗ ଏହି କବିତାଟିକୁ ମାନସିଂହ ଗ୍ରନ୍ଥାବଳିରେ ଖୋଜିଲେ ପାଇବେ ନାହିଁ) ଏହା ହିଁ କିଶୋର ମାନସିଂହଙ୍କର ପ୍ରଥମ ପ୍ରକାଶିତ ରଚନା । ସେ ଦିନର ମୁକୁରରେ ପ୍ରକାଶିତ ଏହି କବିତା ଏଯାବତ ପତ୍ରିକା ପୃଷ୍ଠାରେ ହିଁ ରହିଆସିଛି । ଶ୍ରୀକୃଷ୍ଣଙ୍କୁ ବନ୍ଦୀଶାଳାରୁ ଅତ୍ୟନ୍ତ ଗୋପନରେ ପିତା ବସୁଦେବ ସ୍ଥାନାନ୍ତର କରିନେବା ବେଳେ ଯମୁନା ନଦୀକୂଳରେ ବର୍ଷାକାଳର ରୂପଶୋଭା କିଶୋର ମାନସିଂହଙ୍କ ଲେଖନୀରେ ଏହିପରି ରୂପାୟିତ ହୋଇଥିଲା-

''ସ୍ତବ୍ଧ ଧରଣୀ ନୀରବ ଜଗତ
ବହଇ ଝଞ୍ଜା ପବନ,
ବରଷେ ବାରି ଚମକେ ଚପଳା
ଶୁଭଇ ଘୋର ଗର୍ଜନ ।
ଅଦୃଶ୍ୟ ଆଜି ଅମ୍ବରେ ବିଧୁ
ବାରିଦେ ଢଙ୍କା ଗଗନ,
ନିରତ ଭୀମ- ଯମୁନା ଆଜି
ମୁଖରା ଉର୍ମି-ନିନାଦେ ।
ମୋହନ-ରୂପ ଦେଖି ଭୀଷଣ-
ବେଶା, ବରଷା- ଉନ୍ମାଦେ । (୧)

ଏହି ସମୟରେ କବି ଖୋର୍ଦ୍ଧା ଉଚ୍ଚ ଇଂରାଜୀ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଥିଲେ । ଖୋର୍ଦ୍ଧାର ଆଲୋଡ଼ିତ ବାତାବରଣ ମଧ୍ୟରେ କବି ନିଜର ମାତୃଭୂମି ଓ ମାତୃଭାଷାର ସ୍ୱରୂପ ଚିହ୍ନିବା ପାଇଁ ସୁଯୋଗ ଲାଭ କରିଥିବେ । ସେତେବେଳେ ପରାଧୀନତାର ଗ୍ଳାନି ଆମର ସମଗ୍ର ସାମାଜିକ ଜୀବନକୁ ଆଚ୍ଛନ୍ନ କରି ରଖିଥିଲା । ଏ ଦେଶର ନବ୍ୟ-ଇଂରେଜ ଶିକ୍ଷିତ ଯୁବକଗଣ ପାଶ୍ଚାତ୍ୟ ଶିକ୍ଷାଲୋକର ପ୍ରଭାବରେ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ । ଏ ଜାତିର ପ୍ରାଚୀନ ଐତିହ୍ୟ ଓ ଗୌରବମୟ ପରମ୍ପରା ସେମାନଙ୍କ ପ୍ରାଣରେ ହୁଏତ ଅହେତୁକ ପୁଲକ ସଞ୍ଚାର କରିବା ପାଇଁ ଖୋରାକ ଯୋଗାଉଥିବ । ପ୍ରସଙ୍ଗକ୍ରମେ କିଶୋର ମାନସିଂହଙ୍କର ''ମୋ ଓଡ଼ିଶା'' କବିତାଟି ଏଠାରେ ପ୍ରଣିଧାନଯୋଗ୍ୟ । ଉତ୍କଳ ସମ୍ମିଳନୀ ନେତୃତ୍ୱରେ ବିଚ୍ଛିନ୍ନ ଓଡ଼ିଶାର ଏକୀକରଣ ପାଇଁ ଆନ୍ଦୋଳନକୁ କବି ଅତ୍ୟନ୍ତ ବ୍ୟଗ୍ର ଭାବରେ ଲକ୍ଷ୍ୟ କରିଥିବେ । ଉତ୍କଳବାସୀ ଅଞ୍ଚଳର ଏକୀକରଣ ଏବଂ ତାର ବହୁବିଧ କଲ୍ୟାଣ କାମନା କରି ତାଙ୍କର କିଶୋର କବି-ପ୍ରାଣ ଉଦ୍‌ବେଳିତ ହୋଇ ଉଠିଥିବ । ଏହି କବିତାରେ କବି କେବଳ ନିଜର ଅଦ୍ଭୁତ ଜାତୀୟତା ପ୍ରୀତି ପ୍ରକାଶ କରି ନାହାନ୍ତି, ତାଙ୍କର କବି- ପ୍ରତିଭାର କଳିକା କିପରି ବିକାଶପ୍ରାପ୍ତ ହେଉଅଛି, ତାହା ଅନୁଭୂତ ହେଉଅଛି । ଉଦାହରଣ ସ୍ୱରୂପ:-

''କବି ଭୂମି, ଶିଳ୍ପଧାତ୍ରୀ, ତୁହିଟି ମା, ବିଶ୍ୱେ ତରଙ୍ଗିଣୀ,
ବୀରମାତା ଉତ୍କଳ ଜନନୀ ।
ଆଦିମ ତାମସ ତଳୁଁ ଯେବେ, ଗୋ ମା, ବିକାଶ ହୋଇଲି,
ପ୍ରଥମ ଦୁଗ୍ଧନ-କ୍ରୀଡ଼ା କରି ଦେଲା ତୋ ଅଙ୍କରେ ପଡ଼ି ।
ଆସିଲା ବରଷ ତହୁଁ ଜଳିବାକୁ ତୋ ବକ୍ଷରେ କୀର୍ତ୍ତି,
ସାଜିଲା ପ୍ରକୃତି ତହୁଁ କରି ତୋତେ ଏମନ୍ତ ଛବିରା ।
ପାତାଳ ଫୁଟାଇ ତହୁଁ ବହିଲେ ଏ ନଦୀ ଶତ ଶତ,

ବାଷ୍ପ ଅବିରତ ।

\+ + + + +

ଛିନ୍ନ ଭିନ୍ନ ଅଙ୍ଗ ହୋଇ ବିଦେଶୀର ନିର୍ମମ ଶାସନେ,
ଉତ୍କଳ ମରଇ ନିତି ଦାରିଦ୍ର୍ୟର କ୍ରୂର ନିପୀଡ଼ନେ ।
ବିଧାତାର ବାମନେତ୍ର ପଡ଼ିଛି ମା କପାଳେ ତୋହରି,
କିଏ ଥାଇ କେତେଦିନ ଭଗବାନ ଆଦେଶେ ଏ ଧରି ।
ଭାବେ ମନେ, ପାହିଲାଣି ତୋର ଦୁଃଖ ତମିସ୍ର ସଂହତି,
ଅଧମ ସନ୍ତତି । (୨)

ସେଦିନ କଞ୍ଚା କିଶୋର ବୟସରେ ହିଁ ଆନନ୍ଦ ସ୍ୱପ୍ନବିଳାସୀ କବି ଆଶାବାଦୀ ହୋଇ ଉଠିଛନ୍ତି । ଉତ୍କଳର ଗୌରବମୟ କାହାଣୀ ତାଙ୍କ ପ୍ରାଣରେ ଉନ୍ମାଦନା ସୃଷ୍ଟି କରିଅଛି । ସେ ମନେ କରିଛନ୍ତି ଏ ରାଜନୈତିକ ଓ ସାମାଜିକ ଦୁର୍ବିପାକ ହୁଏତ ଅଚିରେ ଦୂର ହୋଇଯିବ । ସେହିବର୍ଷ କିଶୋର କବି 'ସହକାର'ରେ କ୍ଷୁଦ୍ରଗଳ୍ପ ପ୍ରକାଶ କରିଥିବାର ଆମେ ଏବେ ଦେଖୁଛୁ । । 'ଅଭିଶାପ' ଶୀର୍ଷକ ଏହି କ୍ଷୁଦ୍ରଗଳ୍ପର କଥାବସ୍ତୁ ଉତ୍କଳର ପ୍ରାଚୀନ ଇତିହାସ ପୃଷ୍ଠାକୁ ଆଶ୍ରୟ କରି ଲେଖାଯାଇଛି । ଖୋର୍ଦ୍ଧାଗଡ଼ର ଭୋଇବଂଶର ରାଜା ରାମଚନ୍ଦ୍ରଦେବ ଇଂରେଜମାନଙ୍କ ସହିତ ଯୁଦ୍ଧ କରି କରି ଯେତେବେଳେ ନିଶ୍ଚିତ ଭାବରେ ଜାଣି ପାରିଛନ୍ତି ଯେ ଅବିଶ୍ୱାସୀ ଅନୁଚରମାନଙ୍କ କୁମନ୍ତ୍ରଣାରେ ଗଡ଼ର ପତନ ଅବଶ୍ୟମ୍ଭାବୀ, ସେତେବେଳେ ରାଣୀ କମଳ କୁମାରୀଙ୍କୁ ନିରାପଦରେ ଦୁର୍ଗର ଗୋପନ ସୁଡ଼ଙ୍ଗବାଟେ ପଳାୟନ କରି ଆତ୍ମରକ୍ଷା କରିବା ପାଇଁ ପରାମର୍ଶ ଦେଇଛନ୍ତି । ଜୀବନ ମରଣର ଏହି ଦାରୁଣ ସଙ୍କଟ କାଳରେ ଉଭୟ ରାଜା ଓ ରାଣୀଙ୍କର ବିଦାୟକାଳୀନ ମୁହୂର୍ତ୍ତ ଅତ୍ୟନ୍ତ କରୁଣ ଏବଂ ମନୋଜ୍ଞ ହୋଇଅଛି । (୩)

ଓଡ଼ିଆ ସାହିତ୍ୟରେ ସାର୍ଥକ ଐତିହାସିକ ଗଳ୍ପର ସଂଖ୍ୟା ଅତ୍ୟନ୍ତ ନଗଣ୍ୟ । ତରୁଣ ଗାଳ୍ପିକ ମାୟାଧର ମାନସିଂହ ହୁଏତ ଏ କ୍ଷେତ୍ରରେ ନିରବଚ୍ଛିନ୍ନ ସାଧନା କରିଥିଲେ ଓଡ଼ିଆ ସାହିତ୍ୟର ଏକ ଅଭାବ ପୂରଣ କରିବା ପାଇଁ ସେ ଶ୍ରେଷ୍ଠ ଭୂମିକା ଗ୍ରହଣ କରିପାରିଥାଆନ୍ତେ । କବି ମାନସିଂହ ଅଳ୍ପ କେତୋଟି ଗଳ୍ପ ଲେଖିଥିଲେ ହେଁ ଏହି ଗଳ୍ପ ରଚନାର ଅନ୍ତରାଳରେ କବିଙ୍କର ପ୍ରାଣରେ ମଧ୍ୟଯୁଗୀୟ ସୁବର୍ଣ୍ଣଯୁଗର କାହାଣୀ କିପରି ଗଭୀର ରେଖାଟିଏ ସୃଷ୍ଟି କରିଥିଲା, ତାହା ପ୍ରାଞ୍ଜଳ ଭାବରେ ଲକ୍ଷ୍ୟ କରାଯାଇପାରେ । ସେଥିପାଇଁ ପରବର୍ତ୍ତୀ କାଳରେ ଏହି ମହାନ୍ କବି- ପୁରୁଷର ପ୍ରାଣଧର୍ମରେ ରୋମାଣ୍ଟିକ ଚେତନାର ଅଶରୀରୀ ବାଣୀ ସହଜ- ମୂର୍ଚ୍ଛନା ତୋଳିବାର ଦେଖିବାକୁ ମିଳେ ।

ପ୍ରାଚୀନ ଭାବନାକୁ ଆମ ଆଗରେ ଜୀବନ୍ତ କରି ଥୋଇବାର ସାର୍ଥକ ପରୀକ୍ଷା କବି ମାନସିଂହ ବୋଧହୁଏ କରିଛନ୍ତି 'ଉପେକ୍ଷିତା' କବିତାରେ । 'ସହକାର' ପତ୍ରିକାରେ ଧାରାବାହିକ ତେରୋଟି ସଂଖ୍ୟାରେ ଏହି ବୃହତ୍ କବିତାଟି ଆତ୍ମପ୍ରକାଶ କରିଥିଲା । 'ଉପେକ୍ଷିତା'ର ଉଦୟମାନ କବି ଯେ ଦିନେ ଉତ୍କଳର 'କବି ମାନସିଂହ'ରେ ପରିଣତ ହେବେ, ଏହାର ନିର୍ଭର ପ୍ରତିଶ୍ରୁତି ଆଲୋଚ୍ୟ କବିତାରୁ ମିଳିଥାଏ । (୪)

ପୁରାଣ ପାଠକମାନଙ୍କ ଦୃଷ୍ଟିରେ ଶୂର୍ପଣଖା ଏକ ବିକଟାଳ ରାକ୍ଷସୀ । ଏହି ବିଲାସିନୀମାୟାବୀ କାମୁକା ନାରୀ ଶ୍ରୀରାମଙ୍କ ଦ୍ୱାରା ଲାଞ୍ଛିତା ହୋଇଥିବାର କାହାଣୀ କୌଣସି ରାମାୟଣ ପାଠକକୁ ଅବିଦିତ ନୁହେଁ । ସେଥିପାଇଁ ଶୂର୍ପଣଖା ପାଇଁ କୌଣସି ପାଠକ ସହାନୁଭୂତିରେ ଆହା ! କହିବାର ଜଣାଯାଏ ନାହିଁ । ମାତ୍ର ତରୁଣ କବି ମାନସିଂହ ଶୂର୍ପଣଖାର ହୃଦୟ ସାଗରରେ ଯେଉଁ ପ୍ରଣୟର ତରଙ୍ଗ ସୃଷ୍ଟି କରିଛନ୍ତି, ତାହା କାହାର ଚିତ୍ତକୁ ଅବା ସ୍ପର୍ଶ ନ କରିବ ? ଶୂର୍ପଣଖା ବିଶ୍ରବା ଋଷିଙ୍କର କନ୍ୟା । ବାଲ୍ୟକାଳରୁ ତପୋବନର ଶାନ୍ତ ଶୀତଳ ପରିବେଶ ମଧ୍ୟରେ ସୁନ୍ଦରୀ ଶୂର୍ପଣଖାର ଜୀବନ ଗିରି- ତରଙ୍ଗିଣୀ ପରି କଳକଳ ଛଳଛଳ ନାଦରେ ପ୍ରବାହିତ ହେଉଥିଲା । ଜୀବନରେ ତାହାର ଅସୁମାରୀ ସ୍ୱପ୍ନ । ପ୍ରକୃତି କୋଳରେ କୁଞ୍ଜେ କୁଞ୍ଜେ ଲତାବୃକ୍ଷ ସେବାରେ ଅନନ୍ତ ପ୍ରେମର ସାଧନାରେ ସେ ରହିଥିଲା ନିମଗ୍ନ । ସେ ଜୀବନ ଥିଲା ନିରଳସ ଏବଂ ପବିତ୍ର ।

"ମୋଦ ଦେଇ ଅନ୍ୟ ପ୍ରାଣେ, ସଦ୍ୟ ଫୁଲ ପରି,
ହସି ହସି ପ୍ରତିଦିନ ସୂର୍ଯ୍ୟାଲୋକ ତଳେ-
ମିଶାଇ ବାୟୁର ଅଙ୍ଗେ ସୁଗନ୍ଧ ସୁରଭି,
ଧୂଳିରେ ମିଶିବା ଶେଷେ; ଏ ଥିଲା ହୃଦୟେ
ଏକାନ୍ତ ବାସନା ମମ ।"

ମାତ୍ର ସେହି କିଶୋରୀଙ୍କ ଜୀବନରେ ହଠାତ୍ ଝଡ଼ର ପ୍ରକୋପ ଉଠେ । ନିରଳସ ଜୀବନରେ ଅଚାନକ ତରଙ୍ଗ ସୃଷ୍ଟି ହୁଏ । ଋଷି ଆଶ୍ରମକୁ ଜଣେ ସୁଦର୍ଶନ କିଶୋର ଆସିଲେ ଅଧ୍ୟୟନ କରିବା ପାଇଁ । ଏହି କିଶୋରର ରୂପ ଶୋଭାରେ ଅବିଧନୀ ଏକଲା କିଶୋରୀ ଶୂର୍ପଣଖା ଅତ୍ୟନ୍ତ ମୁଗ୍ଧ ହେଲା । ଏହି କିଶୋରମଣିକୁ ଥରେ ଦେଖିଲେ ନେତ୍ର ମନ ପୂରିଉଠେ । ଆଉ କଥଣ ତାଙ୍କୁ ଭୁଲିବାକୁ ମନ ହାଳେ ? ଏହି ସମୟରେ ପ୍ରକୃତିର ସଂସାରରେ ଆସେ ଐନ୍ଦ୍ରଜାଲିକ ପରିବର୍ତ୍ତନ, ଧୀରେ ଧୀରେ ଆସେ ନବବର୍ଷା ଯାଦୁକରୀ ସ୍ପର୍ଶ । କବି କଳ୍ପନାରେ ତାହା ପ୍ରକଟିତ ହୋଇଥାଏ ଏହିପରି:-

"ଆସିଛି ହେ ତପୋବନେ ସ୍ୱର୍ଗଶୋଭା ଧରି
ଚନ୍ଦ୍ରିକାର ମଧୁକ୍ରୀଡ଼ା ଜମାଇଛି ଯାଦୁ,
କାନନର ଅଙ୍ଗେ ଅଙ୍ଗେ; ଆଶ୍ରମ ତଟିନୀ
ଫୁଲି ଫୁଲି ତାକୁ ଦେଖେ ବହୁଛି ଉଲ୍ଲାସ
ତଳେ ତଳେ କୌମୁଦୀର ନୃତ୍ୟମାନ ଲୀଳା;
ଫୁଟିଛି ଅସଂଖ୍ୟ ଫୁଲ ଅଧର ମେଲାଇ,
ବୃକ୍ଷେ ବୃକ୍ଷେ ଡାଳେ ଡାଳେ ପିଆ ଭଳି ପରେ
ଚନ୍ଦ୍ରିକା ଚିକଣ ଆଣେ; ତପୋବନେ ଯେବେ
ବାଳକ ବାଳିକା ସବେ ମାତିଛୁ ହେ ଦିନ
ମହୋତ୍ସବେ, ବିରେ ବିରେ ରାଜାରାଣୀ ହୋଇ
ଆରମ୍ଭିଲୁ ଅଭିଷେକ, ରାଣୀ କରି ମୋତେ

ବସିବେ ପ୍ରଥମେ ସର୍ବେ ପୁଲଫଳ ନେଇ
ଯେ ଯାହାର ଉପହାର ଯତନେ ସଜାଡ଼ି
ଡାକିଲେ ମୋ ପଦ ତଳେ ।''

କିଶୋର ବିଦ୍ୟାର୍ଥୀର ମନରେ ମନଛୁଆଁ ବ୍ୟାକୁଳତା ଓ ଚାଲିଯିବାର ପାଗଳାମି । ଏତିକିବେଳେ ସେ ଅବଗାହନରୁ ବାହାରି ଆସି 'କିଶୋରୀମଣି, ଯେମିତ କି ମୋର ମାଳତି । କହି ଋଷିକନ୍ୟା ସୂର୍ପଣଖାର ଗଳାରେ ଲମ୍ବାଇଦେଲେ ।

ଯୌବନର ତରଙ୍ଗ ଉଠିବା ପାଇଁ ଏବେ ମଧ୍ୟ ବାକି ଅଛି, ତଥାପି ସେଇଦିନରୁ କିଶୋରୀ ଋଷିକନ୍ୟାର ପ୍ରାଣରେ ପ୍ରଣୟର ଶିଖା ନାଚି ଉଠିଲା । ତାର ପ୍ରାଣ ଓ ମନରେ ଖାଲି ପ୍ରତିଧ୍ୱନିତ ହେଲା ମୋହନ ମୁରଲୀର ମୂର୍ଚ୍ଛନା । ନିର୍ଜନ ଉପବନର ଛାୟାଶୀତଳ ଅଙ୍ଗନରେ ବିହାର କରି ସେମାନେ ପରମ ପରିତୋଷ ଲାଭ କଲେ । କିନ୍ତୁ ଏ ଦୁଇଟି କିଶୋର କିଶୋରୀ ପ୍ରାଣର ଏ ନିର୍ମଳ ହସଖୁସି ଅଧିକ ଦିନ ରହିଲା ନାହିଁ । ହଠାତ୍ ଋଷିତନୟାର ଜୀବନ- ଆକାଶରେ ଯୌବନର ଝଡ଼ ସୃଷ୍ଟି ହେଲା । ଅତାନକ ଏ ପରିବର୍ତ୍ତନ ସୂର୍ପଣଖାର ପ୍ରାଣ ଓ ମନରେ ଯେଉଁ ଆଲୋଡ଼ନ ସୃଷ୍ଟି କଲା, ତାହା ଥିଲା ସମ୍ପୂର୍ଣ୍ଣ ଅଭାବନୀୟ । କବି କଳ୍ପନାରେ ଯୌବନର ଏହି ଆଗମନୀର ଘୋଷଣୀ ଅତ୍ୟନ୍ତ ଚମତ୍କାର ହୋଇଅଛି:-

ଆସିଲା ଯୌବନ ଦିନେ, ସେଦିନ ସହସା,
ଚମକିଲି ନିଜେ ଦେଖି, 'ନିଜେ ମୁଁ ସଜନୀ !'
ଚମକଇ ଯଥା ମେଘ ଆଷାଢ଼ରେ
ନିଜ ଅଙ୍ଗେ ଦେଖି ଶମ୍ପା କନକ-ନର୍ତ୍ତକି !
ପୂଜାର ନୈବେଦ୍ୟ ରୂପେ ପୀନ ପୟୋଧର
ଲାଗସେ ଉଠିଲା ଲାଜି ! ଯତନେ ସାଉଁଟି
ନକ୍ଷତ୍ରକୁ, ସେ ଅବିଧି-ମୁକ୍ତ ଅଞ୍ଚଳକୁ
ଆଣିଲି ଟାଣି ମୁଁ ବକ୍ଷେ, ଅଙ୍ଗେ ଅଙ୍ଗେ ମୋର
ଗୋପନେ ପିଟିଲା ଝଲି, ପ୍ରତି ପ୍ରଭାତରେ
ବଢ଼ିଲା ମୋ ଶିରୀ-ଶୋଭା, ନିଶାନ୍ତ ଶିଶିରେ
ଅବଗାହି ପୁଷ୍ପକାନ୍ତି ବଢ଼ିଯାଏ ଯଥା ।
ତରଳ-ଚଞ୍ଚଳ ଦୃଷ୍ଟି ହୋଇଲା ବିନୀତ
ଉଶ୍ୱାସ-ଶରୀର ଯଷ୍ଟି ହେଲା କ୍ରମେ କ୍ରମେ
ଅତି ଗୁରୁ, ଅଧରରେ କିଶୋରୀ କନ୍ୟାର
ସେ ସରଳ-ବାଚାଳତା ମିଶିଗଲା କାହିଁ ।''

ବ୍ରହ୍ମଚାରୀ-ବ୍ରତର ଅନୁରୋଧରେ ଋଷି ସେହି କିଶୋର ସହିତ ନିଜର କନ୍ୟାକୁ ଆଉ ମିଶିବାକୁ ଅନୁମତି ଦେଲେ ନାହିଁ । ହୁଏତ ଏହି ବିଧି-ବନ୍ଧନର ଅର୍ଥ ଅବା କଅଣ ବୁଝେ । ଦୁଇଟି ପ୍ରାଣ ମିଳିବିବା ପାଇଁ ସତତ ବ୍ୟାକୁଳ ଥିଲେ ବିନା, ତାପସୀ ଜୀବନର କଠୋରତା ମଧ୍ୟରେ ଅନେକ ପରିବର୍ତ୍ତନ ହୋଇଗଲା । ଅନୁଶୋଚନାର ଏହି ରାଗିଣୀ ହୁଏତ କ୍ରମେ କ୍ରମେ ନୀରବ ହୋଇ ଯାଉଥାଆନ୍ତା, ମାତ୍ର ଅସତର୍କ ଭାବରେ ପୁଣି ଏକ ତୋଫାନର ସୃଷ୍ଟି ହୁଏ । ସେତେବେଳେ ଗୋଦାବରୀର ଉପବନରେ ଶ୍ରୀରାମଚନ୍ଦ୍ର ନିଜର କନିଷ୍ଠ ଭ୍ରାତା ଓ ପତ୍ନୀଙ୍କ ସହିତ ଉପସ୍ଥିତ ହୁଅନ୍ତି । ସେଠାରେ ଶ୍ରୀରାମଙ୍କର ବନବିହାର ବେଶ, ପ୍ରଶାନ୍ତ ବଦନ-ବିମ୍ବ, କୁଞ୍ଚିତ ଜଟା ଓ ବଳ୍କଳ ପରିଧାନ ଦେଖି ସୂର୍ପଣଖାର ହୃଦୟରେ ପ୍ରଥମ ପ୍ରଣୟୀ କିଶୋର ସ୍ମୃତି ଜାଗରୂକ ହେଲା । ସେ ପୁନର୍ବାର ପାଗଳିନୀ ହେଲା ପ୍ରଣୟର ସାଧନା ପାଇଁ । ତାର ଧାରଣା ଥିଲା, କ୍ଷତ୍ରିୟ କୁଳରେ ବହୁଦାର ପ୍ରଥା ପ୍ରଚଳିତ ଅଛି । ତେଣୁ ଶ୍ରୀରାମଚନ୍ଦ୍ର ତାଙ୍କୁ ଗ୍ରହଣ କରି ପ୍ରଣୟତୃଷ୍ଣା ମେଣ୍ଟାଇ ପାରିବେ । ମାତ୍ର ଯେଉଁ ସେତେବେଳେ ଶ୍ରୀରାମଙ୍କ ଠାରୁ ତାଙ୍କର ଏକପତ୍ନୀବ୍ରତର ଏକନିଷ୍ଠତା ଜାଣିବାକୁ ପାଇଲା, ସେତେବେଳେ ସେ ହେଲା ଉଦ୍‌ଭ୍ରାନ୍ତ । ଋଷିକନ୍ୟା ହୋଇ ମଧ୍ୟ ସେ ରାକ୍ଷସିନୀ ପରି ଭ୍ରମିବାକୁ ଲାଗିଲା । ମନର ଏ ମୋହ ମେଣ୍ଟିଲା ନାହିଁ । ଜୀବନରେ ବ୍ୟର୍ଥତାର କାହାଣୀକୁ ସମ୍ବଳ କରି ପରିହାସ ଓ ଉପହାସକୁ ବରଦାସ୍ତ କରିଛି ମାତ୍ର । ପ୍ରଣୟର ଇତିହାସରେ ଏପରି ଦୁର୍ଭାଗିନୀ ଆଉ କିଏ ଅଛି ? ନାରୀ ଜନ୍ମ ପାଇ ସେ ବ୍ୟାକୁଳତା ହୋଇଛି ପ୍ରେମର ପ୍ରତିଦାନ ପାଇବା ପାଇଁ । ମାତ୍ର ବିନିମୟରେ ପାଇଛି କେବଳ ନିନ୍ଦା ଓ ଅପଖ୍ୟାତି । ଏତେ ଧନବଳର ସଂସାରରେ ଲାଳିତା ପାଳିତା ହୋଇସୁଦ୍ଧା ସୂର୍ପଣଖା ସୁଖୀ ହୋଇପାରିଲା ନାହିଁ । ମାତ୍ର ଏଥିପାଇଁ ସେ ଶ୍ରୀରାମଙ୍କୁ ନିନ୍ଦା କରିନାହିଁ । ପ୍ରଣୟ ରାଜ୍ୟରେ ପ୍ରଣୟୀ ପାଇଁ ପ୍ରଣୟିନୀ ସବୁ କିଛି ସହ୍ୟ କରିପାରେ । ସୀତାଙ୍କ ପାଇଁ ତାର କୌଣସି ଅନୁଶୋଚନା ଅଥବା ଈର୍ଷା ମଧ୍ୟ ନାହିଁ ।

ସୂର୍ପଣଖାର ପ୍ରଣୟସାଧନା ଅତୁଳନୀୟ । ଘରଦ୍ୱାର ସବୁ ଧ୍ୱଂସ କରି ସେ ହୋଇଛି ନିରୁଦ୍ଦେଶ୍ୟ ଯାତ୍ରାର ପଥିକ । କିଶୋରମଣି ଏବଂ ଶ୍ରୀରାମଙ୍କର ଦୁଇଟି ପ୍ରତିମା ନିର୍ମାଣ କରି ସେ ଆଜୀବନ ସେମାନଙ୍କୁ ପୂଜା କରି ବୁଲିଛି । ଏହି ପ୍ରେମପାଗଳିନୀ, ପ୍ରୀତି-ସୋହାଗିନୀର ଅର୍ଦ୍ଧକଥନ ମିନତି ଅତ୍ୟନ୍ତ କାରୁଣ୍ୟଭରା । ସଖୀମାନଙ୍କ ଉଦ୍ଦେଶ୍ୟରେ ସେ ଶେଷକଥା କହିଦେଇ ଯାଇଛି-

''କହିବ ଜଗତେ- 'ଦିନେ ରାବଣ ଭଗିନୀ
ବିପୁଳ ବିଭବ ପିନ୍ଧି, ଗୋଇଠା ପ୍ରହାରି
ରାଜଭୋଗେ, ଧନଲୋଭେ, ପ୍ରୀତି-ଭିକାରିଣୀ
ହେଲା ସେହୁ ଅବଶେଷେ ପ୍ରେମପୂଜା ପାଇଁ
ଅରଣ୍ୟବାସିନୀ ଭଦ୍ରେ'- ଶୁଣୁ ତା ଜଗତ
ବୁଝୁକିନା ପରେ ଖାଲି ପ୍ରେମ ହିଁ ସଂସାରେ
ସବୁଠାରୁ ବଡ଼ବସ୍ତୁ ।''

**ପ୍ରେମାନୁଭୂତି ଓ ପ୍ରେମ-ଦର୍ଶନ**

ଆଦ୍ୟ ଯୌବନରେ କବି ମାୟାଧର ମାନସିଂହ ପ୍ରେମ-ଦର୍ଶନର ଯେଉଁ ଦିଗର ଆଲେଖ୍ୟ ଏହି 'ଉପେକ୍ଷିତା' କବିତା ମାଧ୍ୟମରେ ଚିତ୍ରଣ କରିଛନ୍ତି ତାହା ପରବର୍ତ୍ତୀ କାଳରେ ତାଙ୍କର ସମଗ୍ର କାବ୍ୟ ସଂସାରକୁ ସମୃଦ୍ଧ ଏବଂ ବିକଶିତ କରିଅଛି । କବି ମାନସିଂହଙ୍କୁ ଅନେକ ଦେହବାଦୀ କବି ବୋଲି ଆକ୍ଷେପ କରିଥାଆନ୍ତି । ମାତ୍ର ଦେହର ସାନ୍ନିଧ୍ୟ ଲାଭ ନ କଲେ ହୃଦୟର ବିନିମୟ ଅସମ୍ଭବ ନୁହେଁ କି ? ହୁଏତ ପ୍ରଣୟର ସାଧନାରେ ଶରୀର-ସମ୍ଭୋଗ ଉପଲକ୍ଷ ମାତ୍ର, ଅଥଚ ପ୍ରେମାନୁଭୂତିର ଚରିତାର୍ଥତା ପାଇଁ ତାହା ପ୍ରଧାନ ମାଧ୍ୟମ

ହୋଇ ଉଠେନାହିଁ । କବି ମାନସିଂହଙ୍କର ଯେ କୌଣସି କାବ୍ୟ ଆଲୋଚନା କଲେ ଏହା ପ୍ରମାଣିତ ହୋଇପାରିବ । ସେହି କାବ୍ୟିକ ଭାବବୋଧକ ବସ୍ତୁବାଦୀ ହେଉ ବା ବ୍ୟକ୍ତିବାଦୀ ହେଉ, ମାନସିଂହଙ୍କ କାବ୍ୟ କବିତାରେ ସର୍ବତ୍ର ଏକ ଅପୂର୍ବ ସୂକ୍ଷ୍ମ ପ୍ରେମାନୁଭୂତିର ଆବେଦନ ରହିଛି । କେବଳ ଇହଲୋକରେ ନୁହେଁ, ପରଲୋକରେ ମଧ୍ୟ ସେ ପ୍ରିୟା ସହିତ ମିଳିତ ହୋଇ ଚରମ ସୁଖ ଲାଭ କରିବେ ବୋଲି ଆଶାପୋଷଣ କରିଛନ୍ତି ।

ପ୍ରସଙ୍ଗକ୍ରମେ କବିଙ୍କର 'ମିଳନପଥ' କବିତାଟି ଏଠାରେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ବିଦଗ୍ଧ ଚିନ୍ତାମଣି କାବ୍ୟର ରାଧା ଶ୍ରୀକୃଷ୍ଣଙ୍କ ଗତିପଥରେ ଆପଣାର ଶବକୁ ପୋତିବା ପାଇଁ ସଖୀମାନଙ୍କୁ ପ୍ରାର୍ଥନା କରିଥିଲେ । ମାତ୍ର ପ୍ରେମପ୍ରଣୟର କବି ମାନସିଂହ ଲେଖିଛନ୍ତି-

''ଯେ ପଥେ ପ୍ରିୟେ ଆସୁଥିଲ ମୋ ପାଶେ,
ଏ ଦେହ ମିଶିଯାଉ ସେ ପଥ ଘାସେ ।
ଆଉ ତ ଆସିବାର, ଲଳିତ ଅଭିସାର,
ସେ ପଥେ ଯୋଗନାହିଁ ମଧୁର-ହାସେ;
ଏ ଦେହ ମିଶୁ ହେଲେ ସେ ପଥ ଘାସେ । (ପ୍ରେମଶଯ୍ୟା)

ପ୍ରଣୟ ରାଜ୍ୟରେ ପ୍ରଣୟୀ ପ୍ରଣୟିନୀ ଦୁଃସାହସ କରିଥାଆନ୍ତି । ସମାଜର ଲୋକ ନିନ୍ଦାକୁ ବରଦାସ୍ତ କଲେ ନିଜର ପଥରେ ଅଗ୍ରସର ହେବା ସମ୍ଭବ ହୁଏନାହିଁ । ବରଂ ଅପଯଶ ଓ ଅପନିନ୍ଦାକୁ ଭୂଷଣ କରି ସେମାନେ ନିଃସଙ୍କୋଚନରେ ନିଜର-ପଥର ଅଧିକାରୀ ହୋଇଥାଆନ୍ତି । ପାପପୁଣ୍ୟର ଭେଦାଭେଦ ସେମାନଙ୍କ ନିକଟରେ ନିରର୍ଥକ । ସେଠାରେ ପ୍ରିୟା କେବଳ ଜାଣେ 'ପ୍ରିୟ ଲାଗି ତାର କୁଳ ଦେବାର ।' ସେହିପରି ପ୍ରିୟ ପୁରୁଷ ମଧ୍ୟ ଗୋଟିଏ କଥା ବୁଝେ-

'' ନ କହ ପୁରୁଣା ପୋଥି ଏଥେ କିବା କହିଛି
ମୋ ନୟନେ ସେ ତ ପରମପୂଜ୍ୟା ମହିଳା । (ପାପ ଓ ପ୍ରେମ)

କବି ମାନସିଂହ ସ୍ୱାର୍ଥ ବିଜଡ଼ିତ ପ୍ରଣୟ ବ୍ୟାପାରକୁ ନିନ୍ଦା କରିଛନ୍ତି । ଯେଉଁ ପ୍ରଣୟରେ ଅଭିଳାଷ ଓ ପ୍ରତିଦାନର ଆକାଂକ୍ଷା ରହେ, ସେଠାରେ କବିଙ୍କର ଆତ୍ମା ପୀଡ଼ିତ ଏବଂ ମର୍ମାହତ । ସେ କେବଳ ଦୁଇଟି ଆତ୍ମାର ମିଳନ ଖୋଜିଛନ୍ତି ।

''କବି ଆତ୍ମା ଖୋଜେ ଆଜି ସେହି ସେ ପ୍ରଣୟ
ନାହିଁ ଯହିଁ ବିପଣୀର ପଣ୍ୟ ବିନିମୟ । (ଅକ୍ଷତ)

ଏହି ଆଦର୍ଶର ଭୂମିକା ଉପରେ ତାଙ୍କର ଅନବଦ୍ୟ କାବ୍ୟ 'କମଳାୟନ'ର ସାର୍ଥକ ରୂପାୟନ । କର୍ମମୟ, କର୍ମକ୍ଳାନ୍ତ ଜୀବନର ସଂଗ୍ରାମ ଦିନେ ଦିନେ ମନୁଷ୍ୟକୁ ବିଚଳିତ କଲେ ହେଁ ସେଠାରେ ପ୍ରଣୟୀ ପ୍ରଣୟିନୀ ଆନନ୍ଦିତ ଭାବରେ କାମନା କରିଛନ୍ତି-

''ଏକ ଏବେ ଚାହେଁ ଆଜ, ଅକ୍ଷିର ସନ୍ନିଧି,
ଏକ ଚାହେ ଆରେକର ହୃଦୟ ପରିଧି ।
ଉଭୟେ ଚାହାଁନ୍ତି ଅଧିକାର ଉଭୟର,
କୁଣିବାକୁ ତନେ ମୋର, ଏକାନ୍ତ ମୋହର ।''

ଏପରି ପ୍ରଣୟ-ରାସରେ ସ୍ୱପ୍ନାଲୋକର ଚତୁର୍ଦ୍ଦିକ ବାସନା ନାହିଁ, ସମ୍ଭୋଗଲିପ୍ସାର ଉଚ୍ଛ୍ୱାସ ସେଠାରେ ବିଚଳିତ କରୁନାହିଁ, ଅଥବା ଦାନ ପ୍ରତିଦାନର ସ୍ୱାର୍ଥାନ୍ଧ କଳନା ମଧ୍ୟରେ ଜୀବନ ବିଚଳିତ ହେଉନାହିଁ । ପ୍ରଣୟର ସାର୍ଥକ ସାଧନା ପାଇଁ ଆତ୍ମତ୍ୟାଗର ଉଜ୍ଜ୍ୱଳ ମହିମା ଲୋଡ଼ିବାକୁ ହୁଏ । ଏହି ମୃତକଳ୍ପ ଧରଣୀରେ ଅମୃତର ସଞ୍ଚାର ହୁଏ କେବଳ ପ୍ରେମାନୁଭୂତିର ଆଗମନିରେ । ସେତେବେଳେ ସଂସାରର ଝଡ଼ଝଞ୍ଜା, ଅଶ୍ରୁ ଅନୁଶୋଚନା ଅବଲୀଳାକ୍ରମେ ଦୂର ହୋଇଯାଏ । ରାଜକନ୍ୟାର ଚାହାଣୀ ସ୍ପର୍ଶରେ କାବ୍ୟନାୟିକା ପ୍ରେମ ଲୋଡ଼ିନାହିଁ କିମ୍ବା ନାୟକ ତାଙ୍କର ଅଭିସାରିକାର ମିଳନ ପାଇଁ ବ୍ୟାକୁଳ ହେଉନାହିଁ । ଏହି ଚେତନାରେ ସଂସାରରେ ପ୍ରେମର ତପସ୍ୟା ସାଧନ କରିବାକୁ ହେବ । ସେଠାରେ ପ୍ରେମିକ ପ୍ରେମିକାଙ୍କର ଅନୁଭୂତି-

''ଚାଲିବା ସରଣୀ ଖୋଜି, ଏ ସଂସାର ଭିଡ଼େ
ଜୀବନ ସଂଗ୍ରାମ ଜାଣି, ମିଥ୍ୟା ବାଧିବାର
ଦାରିଦ୍ର୍ୟ ଲାଞ୍ଛନା ଦୁଃଖ ଦୈନ୍ୟ ଅବିଚାର
ସମସ୍ତ ଜିଣିବା ଆମ୍ଭ ଆତ୍ମାରେ ମିଶାଇ
ଦୁର୍ଦ୍ଦିନ କାଟିବା ପରସ୍ପର ମୁଖ ଚାହିଁ । (ଜୀବନପଥ)

ସେମାନେ କେବଳ ଚାହାନ୍ତି ପ୍ରେମହୀନ ଏ ସଂସାରରେ ପ୍ରଣୟ ବିତରଣ କରି ନିଜକୁ ଧନ୍ୟ ମଣିବେ । ସେହିପରି ପ୍ରଣୟର ସର୍ବଶ୍ରେଷ୍ଠ ଆଦର୍ଶ ହେଲା-

''ପ୍ରେମ ନୁହେଁ ଦେହ-ଦେହୁ ଭୋଗ ଅନ୍ୱେଷଣ
ପ୍ରେମ, ଏକ ଆତ୍ମା ପ୍ରତି ଅନ୍ୟର ଚଳନ ।
ପ୍ରେମପୂର୍ଣ୍ଣ ସମର୍ପଣ ଏକ ଅନ୍ୟ ପାଇଁ
ପ୍ରେମ, ଆନ ପାଇଁ ଦେବା ନିଜକୁ ହଜାଇ ।
ନୈରାଶ୍ୟ, କଷଣ, ଅଶ୍ରୁ, ଯାହା ପ୍ରଣୟର
ପ୍ରେମିକ ପ୍ରେମିକା ପୋଛେ ଅଶ୍ରୁ ଅନ୍ୟୋନ୍ୟର । (କମଳାୟନ)

ଆମେ ଦେଖୁ ଯେ ସ୍କୁଲ ଛାତ୍ର ହିସାବରେ ତରୁଣ କବି ମାନସିଂହଙ୍କର କବି ପ୍ରତିଭା ଦୁଇଟି ଧାରାରେ ବିଶେଷ ଭାବରେ ପ୍ରବାହିତ । ଗୋଟିଏ ଦେଶାତ୍ମବୋଧର ନିର୍ଝରିଣୀ ଏବଂ ଅନ୍ୟଟି ପ୍ରଣୟାନୁଭୂତିର ତରଙ୍ଗିଣୀ । ତରୁଣ ବୟସରେ କବି- ପ୍ରତିଭାର ଅଭ୍ୟୁଦୟ କାଳରେ ଏହି ଦ୍ୱୈତ ଅନୁଭୂତିବୋଧର ପରିଚୟ ମିଳିଥିଲା । 'କମଳାୟନ', 'ମାଟିବାଣୀ' ପ୍ରଭୃତି ଅଧ୍ୟୟନ କଲେ ତାଙ୍କର ଉଦାର ଜାତୀୟତା ପ୍ରୀତି ଅନୁଭୂତ ହୋଇଥାଏ । ସେଠାରେ ପ୍ରେମଲୁପ୍ତ ଧରଣୀର ଦୁଃଖୀ ଦରିଦ୍ରଙ୍କୁ ମଧ୍ୟ ସେ ଭଲପାଇ ବସିଛନ୍ତି । ସର୍ବତ୍ର ସେ ଆଲୋକର ସନ୍ଧାନୀ ଭାବରେ ଦୃଷ୍ଟିଗୋଚର । ଦୁଃଖୀ ପାଇଁ ଅଶ୍ରୁ ଢାଳି ସେ ଭଗବାନଙ୍କ ବିରୁଦ୍ଧରେ ମଧ୍ୟ ବିଦ୍ରୋହ କରିବାକୁ କୁଣ୍ଠିତ ହୋଇନାହାନ୍ତି । ପରିବାରକୁ ଭଲ ପାଇବାକୁ ଯାଇ ବିଶ୍ୱତୋମୁଖୀ ଅନୁଚିନ୍ତାରେ ସେ ହୋଇଛନ୍ତି ତନ୍ମୟ । ତାଙ୍କର ଏକାନ୍ତ କାମନା ହେଲା-

''ଜାଗାଇବି ଦେବତାରେ ମାନବ- ମରମେ ।''

*ଅବସରପ୍ରାପ୍ତ ଅଧକ୍ଷ*
*ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ*

# ଓଡ଼ିଆ ସାହିତ୍ୟରେ ଐତିହାସିକ କେଦାରନାଥ

ଡକ୍ଟର ନଟବର ସାମନ୍ତରାୟ

ଏ ଦେଶର ଐତିହାସିକମାନେ ସାଧାରଣତଃ ଇତିହାସକୁ ସେମାନଙ୍କ ଗବେଷଣାର ମୁଖ୍ୟ ଆଧାର ସ୍ୱରୂପେ ଗ୍ରହଣ କରିନେଇ ଥିବାରୁ ଓଡ଼ିଆ ସାହିତ୍ୟ ପ୍ରତି ବିଶେଷ ଦୃଷ୍ଟିପାତ କରିବାର ଅବକାଶ ପାଇ ନ ଥାନ୍ତି। କିନ୍ତୁ ଐତିହାସିକ କେଦାରନାଥ ମହାପାତ୍ର ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ମାତ୍ର। ଇତିହାସ ସହିତ ଓଡ଼ିଆ ସାହିତ୍ୟ ଉପରେ ସମାନ ପ୍ରାଧାନ୍ୟ ଦେଇ ଦୀର୍ଘ ଅର୍ଦ୍ଧଶତାବ୍ଦୀ କାଳ ସେ ଯେଉଁ ତାତ୍ତ୍ୱିକ ସାଧନା କରିଯାଇଅଛନ୍ତି ଏ ଦେଶର ଇତିହାସ ଓ ସାହିତ୍ୟ ରାଜ୍ୟରେ ତାହା ସମ୍ପୂର୍ଣ୍ଣ ଅନନ୍ୟ ସାଧାରଣ। ହାଇସ୍କୁଲ ପରୀକ୍ଷାର ସିଲାବସ ଅନୁସୃତ କେତୋଟି ଇତିହାସ ପୁସ୍ତକ ପାଇଁ ସେ ବହୁ ବର୍ଷ ଧରି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ନିକଟରେ ସୁପରିଚିତ ହୋଇ ଆସୁଥିଲେ ହେଁ ଇତିହାସ ଓ ସାହିତ୍ୟର ଗବେଷଣା କ୍ଷେତ୍ରରେ ହିଁ ତାହାଙ୍କ ସାଧନା ଓ ସିଦ୍ଧିର ଅକ୍ଷୟ ମୁଦ୍ରା ସେ ରଖି ଦେଇ ଯାଇଅଛନ୍ତି। ଯେଉଁ ଇତିହାସ ଓ ସାହିତ୍ୟକୁ ନେଇ ଅର୍ଦ୍ଧ ଶତାବ୍ଦୀକାଳ ନିଜ ଶରୀର ପ୍ରତି ରକ୍ତ ବିନ୍ଦୁ କ୍ଷୟ କରିଥିଲେ, ଦେହାବସାନର ପରେ ସେ ସେହି ଇତିହାସରେ ହିଁ ହୋଇଯାଇଛନ୍ତି ରୂପାନ୍ତରିତ; ସାହିତ୍ୟ ସମ୍ପର୍କିତ ତାହାଙ୍କର ଅନବଦ୍ୟ ଗବେଷଣା ଆଜିର ଓ ଭବିଷ୍ୟତର ସାହିତ୍ୟିକମାନଙ୍କ ନିକଟରେ ନିର୍ଭରଶୀଳ ବିଶ୍ୱାସଯୋଗ୍ୟ ଦିଗ୍ ନିର୍ଦ୍ଦେଶକର ଭୂମିକା ଆଚରଣ କରିଥିବାର ସ୍ପଷ୍ଟ ଉପଲବ୍ଧ ହୋଇଥାଏ।

ଇତିହାସ ପ୍ରସିଦ୍ଧ ଭୁବନେଶ୍ୱର ଗ୍ରାମରେ କେଦାରନାଥଙ୍କର ଜନ୍ମ। ଏହି ଗ୍ରାମର ପୂର୍ବ ଓ ପଶ୍ଚିମ ଦିଗର ଅନତି ଦୂରରେ ଯଥାକ୍ରମେ ଉଦୟଗିରି ଓ ଖଣ୍ଡଗିରି, ଅଶୋକ ଓ ଖାରବେଳଙ୍କ ଅକ୍ଷୟ କୀର୍ତ୍ତିର ଏକ ଏକ ଅବିସ୍ମରଣୀୟ ସ୍ମାରକୀ। ଏହି ଗ୍ରାମର ଆଉ କିଛି ଦୂରରେ ଗୋଟିଏ ପାର୍ଶ୍ୱରେ ଖୋର୍ଦ୍ଧାଗଡ଼ ଓ ଅନ୍ୟ ପାର୍ଶ୍ୱରେ ଶ୍ରୀ ଜୟଦେବଙ୍କ ଜନ୍ମସ୍ଥଳୀ କେନ୍ଦୁଲୀ ଓ ପୁରୁଷୋତ୍ତମ କ୍ଷେତ୍ରର ଶ୍ରୀଜଗନ୍ନାଥ। ଖୋର୍ଦ୍ଧା ହାଇସ୍କୁଲର ବୁଦ୍ଧିମାନ ଛାତ୍ର ହିସାବରେ ସୁପରିଚିତ କେଦାରନାଥ ଛାତ୍ରବସ୍ଥାରୁ ହିଁ ଗଭୀର ଅଧ୍ୟୟନ ଓ ଲିଖନ ପ୍ରତି ସତତ ଅନୁରକ୍ତ ହୋଇ ପଡ଼ିଥିଲେ। ଉତ୍ତରକାଳରେ ଇତିହାସକୁ ଅଧ୍ୟୟନର ମୁଖ୍ୟ ଉପଜୀବ୍ୟ ବିଷୟରୂପେ ଗ୍ରହଣ କରିନେଇ ପୂର୍ବୋକ୍ତ ପାଞ୍ଚୋଟି ସ୍ଥାନ ଓ ତତ୍‌ସଂପର୍କିତ ଅତୀତ ଐତିହାସିକ କୀର୍ତ୍ତି, ଧର୍ମ ଓ ଦେବତା ଅଥବା ବ୍ୟକ୍ତିବିଶେଷଙ୍କ ଉପରେ ନୂତନ ଭାବେ ଗବେଷଣା କରିବାର ଅଭିଳାଷ ମନରେ ପୋଷଣ କରିବା ଏକାନ୍ତ ସ୍ୱାଭାବିକ ବୋଲି ମନେ ହୁଏ। ତାହାଙ୍କ ପ୍ରାଥମିକ ଜୀବନ ଥିଲା ହାଇସ୍କୁଲର ପରିସର ଭିତରେ ସୀମିତ; ଏ ଅବସ୍ଥା ପ୍ରକୃତ ଗବେଷଣା ପାଇଁ ଅନୁକୂଳ ନ ଥିଲା। କିନ୍ତୁ, ୧୯୪୩ ସାଲରୁ ୧୯୫୮ ସାଲ ପର୍ଯ୍ୟନ୍ତ କଳାହାଣ୍ଡି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧ୍ୟକ୍ଷ, ୧୯୫୦ରୁ ୧୯୬୩ ସାଲ ପର୍ଯ୍ୟନ୍ତ ରାଜ୍ୟ ସଂଗ୍ରହାଳୟର ସଂରକ୍ଷକ ଓ ପରିଶେଷରେ ୧୯୭୧ ସାଲ ପର୍ଯ୍ୟନ୍ତ ରାଜ୍ୟ ସଂଗ୍ରହାଳୟର ସର୍ବୋଚ୍ଚ କର୍ମୀ ହୋଇ ସେ ଯେଉଁ ଦୀର୍ଘ ୨୮ ବର୍ଷ ଅତିବାହିତ କରିଥିଲେ ତାହାହିଁ ତାହାଙ୍କ ଗବେଷଣାକୁ ଉପଯୁକ୍ତ ପରିବେଶ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଏକ ଏକ ଉଚ୍ଚ କୋଟିର ଲେଖା ପ୍ରସ୍ତୁତ କରିବା ଦିଗରେ ଅତୀବ ସହାୟକ ହୋଇଥିଲା। ଖାରବେଳ (୧୯୪୧ ସାଲ) ଓ ଖୋର୍ଦ୍ଧା ଇତିହାସ (୧୯୪୪) ଏଇ ଦୁଇଟି ପୁସ୍ତକ ହେଉଛି ତାହାଙ୍କ ଶିକ୍ଷକ ଜୀବନର ସିଦ୍ଧି; କିନ୍ତୁ a descriptive cative catalogue of sanskrit Manuscripts of Orissa, Vol. 1 (1957) amd vp;. 11 (1960) ଖୁରୁଧା ଇତିହାସ (୧୯୬୯. ଶ୍ରୀ ଜୟ ଦେବ ଓ ଶ୍ରୀ ଗୀତ ଗୋବିନ୍ଦ (୧୯୭୭), ସ୍ୱ-ସଂପାଦିତ କେତୋଟି ପ୍ରାଚୀନ କାବ୍ୟ ଓ ବିଭିନ୍ନ ସମୟରେ ଲିଖିତ ବିଭିନ୍ନ ବିଷୟକ ଅଜସ୍ର ପ୍ରବନ୍ଧହିଁ ପୂର୍ବୋକ୍ତ ୨୮ ବର୍ଷ ସାଧନାର ଏକ ଏକ ଅମର କୀର୍ତ୍ତି। ବିଭିନ୍ନ ସ୍ଥଳରୁ ବିଭିନ୍ନ ଉପାଦାନ ଆହରଣ, ଗଭୀର ଅଧ୍ୟୟନ ଓ ମନନ, ସର୍ବୋପରି ପ୍ରବନ୍ଧ କିମ୍ବା ପୁସ୍ତକ ରୂପରେ ନିଜ ସାଧନାର ପରିପ୍ରକାଶ-ଏହାହିଁ ଥିଲା କେଦାରନାଥଙ୍କ ଜୀବନର ଏକମାତ୍ର ବ୍ରତ। ଜଣେ ନିଷ୍ଠାପର ସାଧକ ହିସାବରେ ପ୍ରଗାଢ଼ ଆସ୍ଥା ପ୍ରତ୍ୟୟରସହ ଏହି ସାତ୍ତ୍ୱିକ ବ୍ରତକୁ ସେ ଯେପରି ନିଜ ଜୀବନରେ ପାଳନ କରି ଆସିଛନ୍ତି ଜଣେ ନିଜ ଆଖିରେ ଦେଖି ନଥିଲେ ତାହା ବିଶ୍ୱାସ କରିନେବା ସମ୍ଭବ ନୁହେଁ। କେଦାରନାଥ ଥିଲେ କଠୋର ଅଧ୍ୟବସାୟର ଏକ ମୂର୍ତ୍ତିମନ୍ତ ବିଗ୍ରହ। ତାଙ୍କର ବିବିଧ

ନେଖା ସେଇ ବିଗ୍ରହର ସିଦ୍ଧିଦାୟୀ ସଂପଦ ମାତ୍ର ।

ଇତିହାସ-ଆଲୋଚନାର ବୃହତ୍ତର ମାନଚିତ୍ରରେ ଐତିହାସିକ କେଦାରନାଥଙ୍କ ସ୍ଥାନ ଆମ ଅପେକ୍ଷା ଏ ଦେଶର ଐତିହାସିକମାନଙ୍କ ଦ୍ୱାରା ନିରୂପିତ ହେବା ଏକାନ୍ତ ସୁସଂଗଠିତ । ତେଣୁ ଓଡ଼ିଶା ସାହିତ୍ୟର ଆଲୋଚନାରେ ତାଙ୍କର ଆମ ବିଚାରରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେ ସଂପର୍କରେ ଏଠାରେ କିଛି ଅବତାରଣା କରାଯାଉଅଛି ।

କେଦାରନାଥଙ୍କ ସାହିତ୍ୟାଲୋଚନାର ଅଭିମୁଖ୍ୟ ଥିଲା ଦୁଇଟି । କୌଣସି କବି ଓ ତାହାଙ୍କ କୃତିର ଆଲୋଚନା ଏବଂ ପାଣ୍ଡିତ୍ୟପୂର୍ଣ୍ଣ ମୁଖବନ୍ଧ ସହ କେତେକ ଅପ୍ରକାଶିତ ପୁସ୍ତକର ସଂପାଦନା-ଏଥିରେ ବହୁବେଳେ ତାଙ୍କଠାରେ ଯେଉଁ ସାହିତ୍ୟ-ସ୍ରଷ୍ଟାର ମାନସିକ ଭଙ୍ଗୀ ଉପରେ ପ୍ରତିଷ୍ଠିତ ସୃଷ୍ଟିର କଳିତ କଳା-ବିଚାରର ପରିପୂର୍ଣ୍ଣ ବିଶ୍ଳେଷଣ ଜଣେ ଐତିହାସିକଙ୍କଠାରୁ ଆଶାକରାଯାଇ ନପାରେ । ଫଳରେ ତାହାଙ୍କ ସାହିତ୍ୟାଲୋଚନା ପୂର୍ଣ୍ଣତଃ ଇତିହାସ-ମୁଖୀ ହେବାକୁ ବାଧ୍ୟ । କିନ୍ତୁ ତାହାଙ୍କ ଅଭିମୁଖ୍ୟ ହେଉଛି ଆମ ବିଚାରରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଜଣେ ଐତିହାସିକ ସାହିତ୍ୟ-ସଚେତନ ହୋଇ ନିଜ ସଂଗୃହୀତ ଉପାଦାନ ସାହାଯ୍ୟରେ ଯେଉଁ ଆଲୋଚନା କରିଥାନ୍ତି, ଅନ୍ୟ ଜଣେ ସାହିତ୍ୟ-ସମୀକ୍ଷକଙ୍କ ସମାଲୋଚନାରେ ସେଇ ଆଲୋଚନା ଭିତ୍ତିଭୂମି ରୂପେ ବ୍ୟବହୃତ ହେବା ଏକାନ୍ତ ସ୍ୱାଭାବିକ । କେଦାରନାଥଙ୍କ ଅଧିକାଂଶ ଲେଖାକୁ ଏଇ ଦୃଷ୍ଟିରୁ ବ୍ୟବହାର କଲେ ସାହିତ୍ୟ-ଆଲୋଚନା ଯେ ଏକ ସ୍ଥିରତର ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇ ନବ ନବ ରୂପରେ ବିକାଶ ଲାଭ କରିବାର ସମ୍ଭାବନା ଅଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏହାର କେତୋଟି ଉଦାହରଣ ଦେଖନ୍ତୁ । ଅଶୋକଙ୍କଠାରୁ ଖାରବେଳ, ଶ୍ରୀଜଗନ୍ନାଥଙ୍କଠାରୁ ଶ୍ରୀ ଜୟଦେବ କିମ୍ବା ଜ୍ଞାନବାଦଠାରୁ ଭକ୍ତିବାଦ ପର୍ଯ୍ୟନ୍ତ ତାହାଙ୍କ ବିଭିନ୍ନ ଲେଖାରେ ଯେଉଁସବୁ ବିଷୟ ଆଲୋଚନା କରାଯାଇଛି, ବିଭିନ୍ନ ଯୁଗରେ ଓଡ଼ିଶାରେ ପ୍ରଚାରିତ ବିଭିନ୍ନ ଆଧ୍ୟାତ୍ମିକ ଚେତନାର ବିଶଦ ବିଶ୍ଳେଷଣ, ତାହାରି ସହାୟତାରେ ପରିପୂର୍ଣ୍ଣ ହେବାର ସମ୍ଭାବନା ଯଥେଷ୍ଟ ଅଛି । ସଂସ୍କୃତ ସାହିତ୍ୟ ହେଉଛି ଓଡ଼ିଆ କାବ୍ୟଗୁଡ଼ିକର ସାହିତ୍ୟର ମୌଳିକ ଆଧାର ସ୍ଥଳ, କିନ୍ତୁ ଏଇ ମୌଳିକ ସ୍ତରର ସମସ୍ତ ମୂଲ୍ୟବାନ ଉପାଦାନ ପୂର୍ବେ ଲିଖିତ ସଂସ୍କୃତ କାଗଜପତ୍ରରେ ସୂଚିତ ହୋଇଥିଲେ ହେଁ ତା'ରି ସାହାଯ୍ୟରେ ଓଡ଼ିଆ କାବ୍ୟର ଯଥାର୍ଥ ବିଶ୍ଳେଷଣ ପ୍ରତି କେହି ସମୁଚିତ ଦୃଷ୍ଟି ଦେଇଛନ୍ତି ବୋଲି ମନେହୁଏ ନାହିଁ । ଦୀର୍ଘ ଅଢ଼େଇ ଶହ ବର୍ଷ (୧୫୬୮-୧୮୧୭) ଭିତରେ ଆବିର୍ଭୂତ କବି ଓ ସେମାନଙ୍କ କୃତିର ରଚିତ ରଚନା ସମୟ 'ଖୁରୁଧା ଇତିହାସ' ପୁସ୍ତକରେ ଅବଧାରିତ ହୋଇଅଛି । ଏହାକୁ ଅବଲମ୍ବନରେ ମଧ୍ୟ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣୟନ କରିବା ଅତିଶୟ ସହଜ ହୋଇ ପଡ଼ିଅଛି । ସୁତରାଂ, ଏତିକି କୁହାଯାଇ ପାରେ ଯେ କେଦାରବାବୁ ସ୍ଥଳବିଶେଷରେ ସାହିତ୍ୟର ଆଲୋଚନା କରିଥିଲେ ହେଁ ତାହାହିଁ ତାଙ୍କ ଅବଦାନର ଶ୍ରେଷ୍ଠ ପରିଚୟ ନୁହେଁ । କିଛି କହିବା ଅପେକ୍ଷା ନ କହି ଯାହା ସେ ସଂଗ୍ରହ କରିଯାଇ ଅଛନ୍ତି ତାହାହିଁ ତାଙ୍କ ଅଧ୍ୟବସାୟର ସର୍ବଶ୍ରେଷ୍ଠ କୃତିତ୍ୱ ହେଉଛି ଏକାନ୍ତଭାବେ ଅନନ୍ୟ ସାଧାରଣ । ଅନ୍ୟ ଐତିହାସିକମାନଙ୍କ କଥା ଦୂରରେ ଥାଉ, ଖୋଦ୍ ସାହିତ୍ୟ ସମୀକ୍ଷକମାନଙ୍କ ମଧ୍ୟରୁ କାହାରି ଭାଗ୍ୟରେ ମଧ୍ୟ ଏପରି କୃତିତ୍ୱ ଦେଖିବାକୁ ମିଳେ ନାହିଁ । ଓଡ଼ିଆ ସାହିତ୍ୟର ସାର୍ଥକ ବିଶ୍ଳେଷଣ ପାଇଁ ଏପରି ନିର୍ଭରଯୋଗ୍ୟ ଭିତ୍ତି-ଭୂମି ଆଉ କାହା ହାତରେ ଭବିଷ୍ୟତରେ କେବେ ସମ୍ଭବପର ହେବ ବୋଲି ମନରେ ବିଶ୍ୱାସ ହେଉ ନାହିଁ ।

କେଦାରନାଥଙ୍କ ସାହିତ୍ୟିକ ଅବଦାନରେ ଏକ ସ୍ୱଳ୍ପ ପରିଚୟ ପ୍ରଦାନ ବ୍ୟତୀତ ତା'ର ବିଶଦ ଆଲୋଚନା କରିବା ବର୍ତ୍ତମାନ ସମ୍ଭବ ନୁହେଁ । ଭବିଷ୍ୟତରେ ଏପରି ଏକ ଗୁରୁତର କାର୍ଯ୍ୟରେ ହାତ ଦେବାର ସୁଯୋଗ ମିଳି ପାରିଲେ ଏଇ ଲେଖକ ନିଜକୁ ବିଶେଷ ଭାଗ୍ୟବାନ ବୋଲି ମନେ କରିବ ।

ଅବସରପ୍ରାପ୍ତ ପ୍ରାଧ୍ୟାପକ,
ବାଣୀ ଭବନ,
ସାମନ୍ତରାପୁର, ଭୁବନେଶ୍ୱର-୨

# କଳିଙ୍ଗ ପ୍ରାଣ
# ବିଚ୍ଛନ୍ଦଚରଣ ପଟ୍ଟନାୟକ

ଡଃ. ଚନ୍ଦ୍ରଶେଖର ନନ୍ଦ

ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ନିମନ୍ତେ ଓଡ଼ିଆ ସାହିତ୍ୟର ପରମ୍ପରାକୁ ଅବ୍ୟାହତ ରଖିବା, ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର, ସର୍ବୋପରି ଓଡ଼ିଆ ଜାତିର ସ୍ୱାଭିମାନ ବଜାୟ ରଖିବା ପାଇଁ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯେଉଁ କେତେଜଣ ପୁଣ୍ୟଶ୍ଳୋକ ଓଡ଼ିଆ ବିଦ୍ୱାନ ତଥା ଆତ୍ମୋତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରେ ସ୍ୱର୍ଗତ ବିଚ୍ଛନ୍ଦଚରଣ ପଟ୍ଟନାୟକ ଅନ୍ୟତମ ।

୧୯୦୧ ମସିହା ଜାନୁୟାରୀ ୨୦ ତାରିଖ, ମାଘ ଶୁକ୍ଳ ଦ୍ୱିତୀୟା ତିଥିରେ ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲାର ଭାଥାଁନା ଗ୍ରାମରେ ଏକ ସମ୍ଭ୍ରାନ୍ତ କରଣ କୁଳରେ ବିଚ୍ଛନ୍ଦ ଚରଣ ଜନ୍ମ ଗ୍ରହଣ କରିଥିଲେ । ଆଜନ୍ମରୁ ଦୀର୍ଘ ୬ ବର୍ଷ ପର୍ଯ୍ୟନ୍ତ ବିଚ୍ଛନ୍ଦଚରଣ ଠିଆ ହୋଇପାରି ନ ଥିଲେ, କେବଳ ଗୁରୁଣ୍ଡିଥିଲେ । ଭାଥାଁନାର ତତ୍କାଳୀନ କବିରାଜ ଓ ସରବରାକାର ଶ୍ରୀ ଗୋଲୋକକୃଷ୍ଣ ପଟ୍ଟନାୟକ, ତାଙ୍କର ମଧ୍ୟମ ପୁତ୍ର ବିଚ୍ଛନ୍ଦଚରଣଙ୍କର ଅନେକ ଚିକିତ୍ସା ବ୍ୟବସ୍ଥା କଲେ ମଧ୍ୟ ବିଶେଷ କିଛି ଫଳ ହେଲା ନାହିଁ । ବହୁଦିନ ପରେ ବିଚ୍ଛନ୍ଦଚରଣ ଠିଆ ହୋଇପାରିଲେ ଏବଂ ପାଦ ଘୋଷାରି ଘୋଷାରି ଚାଲିବାକୁ ସକ୍ଷମ ହେଲେ । ଯାହାକି ପରବର୍ତ୍ତୀ ଜୀବନରେ ତୁଳସୀ ରାମାୟଣର ଅନୁବାଦର ପ୍ରାରମ୍ଭରେ ବିଚ୍ଛନ୍ଦଚରଣ ଲେଖିଛନ୍ତି 'ଆଜନ୍ମୁ ଖଞ୍ଜ ମୋ ପୟର । ଚାଲିବା ଦୁଃଖ ନାହିଁ ମୋର ।' ଶାରୀରିକ ଅକ୍ଷମତା ସତ୍ତ୍ୱେ ସେ ଅତ୍ୟନ୍ତ ମେଧାବୀ ତଥା ପ୍ରତିଭା ସମ୍ପନ୍ନ ଛାତ୍ର ଥିଲେ । ଖୋର୍ଦ୍ଧା ହାଇସ୍କୁଲରେ ପଢ଼ିବା ସମୟରେ ବଙ୍ଗଳା ଓ ଓଡ଼ିଆ ଭାଷାରେ ତାଙ୍କର ଅସାଧାରଣ ବ୍ୟୁତ୍ପତ୍ତିର ପରିଚୟ ମିଳିଥିଲା । ତାଙ୍କର କବିତା ଓ ପ୍ରବନ୍ଧ ସେଠି ସ୍କୁଲର ଶିକ୍ଷକ କୃପାସିନ୍ଧୁ ହୋତାଙ୍କ ଦ୍ୱାରା ପ୍ରବର୍ତ୍ତିତ ପତ୍ରିକାରେ ପ୍ରକାଶିତ ହୋଇଥିଲା । ୧୯୨୦ ମସିହା ଗାନ୍ଧିଜୀଙ୍କ ଦ୍ୱାରା ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ପଣ୍ଡିତ ନୀଳକଣ୍ଠ ଦାଶ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଚାକିରିରୁ ଇସ୍ତଫାଦେଇ କଟକ ଆସି ଛାତ୍ରମାନଙ୍କୁ ବ୍ରିଟିଶ ସରକାର ଚାଳିତ ଶିକ୍ଷାନୁଷ୍ଠାନମାନଙ୍କୁ ବର୍ଜନ କରିବାକୁ ଆହ୍ୱାନ କଲେ । ବିଚ୍ଛନ୍ଦ ଚରଣ ରେଭେନ୍ସା କଲେଜର ପାଠପଢ଼ା ଛାଡ଼ି ଜାତୀୟତା ଭାବରେ ଉଦ୍‌ବୁଦ୍ଧ ହୋଇ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ ।

୧୯୩୦ ମସିହାରେ ବିଚ୍ଛନ୍ଦ ଚରଣ, ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ଗଠିତ ପ୍ରାଚୀ ସମିତିର ସମ୍ପାଦକ ଦାୟିତ୍ୱ ବହନ କଲେ । ପ୍ରାଚୀ ଅନୁଷ୍ଠାନ ତରଫରୁ ବିଚ୍ଛନ୍ଦ ଚରଣଙ୍କ ସମ୍ପାଦନାରେ ବାଂଲାଭାଷାରେ ଏକ ପତ୍ରିକା 'ପ୍ରାଚୀ' ପ୍ରକାଶିତ ହେଲା, ଯାହାର ଉଦ୍ଦେଶ୍ୟ ଥିଲା ବାଂଲାଭାଷୀ ପଢ଼ୁଆ ଲୋକମାନେ ଓଡ଼ିଆ ସାହିତ୍ୟର ମହତ୍ତ୍ୱ ସମ୍ବନ୍ଧରେ ଅବଗତ ହୁଅନ୍ତୁ । ପ୍ରାଚୀ ପତ୍ରିକାର ପ୍ରଥମ ସଂଖ୍ୟା ପ୍ରାପ୍ତ ହୋଇ ଉତ୍କଳ ଗୌରବ ମଧୁସୂଦନ ଦାସ କଟକ ଗଣେଶ ଘାଟରେ ଅବସ୍ଥିତ ପ୍ରାଚୀ ପ୍ରେସକୁ ଆସିଥିଲେ ଓ ବିଚ୍ଛନ୍ଦ ଚରଣଙ୍କୁ ଉଚ୍ଛ୍ୱସିତ ଅଭିନନ୍ଦନ ଜଣାଇ କହିଥିଲେ, ''ମଧୁସୂଦନ ଦାସ ମନେ କରିଥିଲେ ତା' ପରେ ତା' ଭଳି ଇଂରାଜୀ ଲେଖିବା ବ୍ୟକ୍ତି ଓଡ଼ିଶାରେ ଆଉ ଜଣେ ବାହାରିବା ସନ୍ଦେହଜନକ । କିନ୍ତୁ ଏବେ ବୁଝିଲି ତୁମେ ହିଁ ମୋ ସ୍ଥାନ ପୂରଣ କଲ । ମଧୁସୂଦନ ଦାସ ପାଖକୁ ସମସ୍ତେ ଯାଆନ୍ତି । ମଧୁସୂଦନ ଦାସ କାହା ପାଖକୁ ଯାଏ ନାହିଁ । ତୁମ ଅପୂର୍ବ ପ୍ରତିଭାକୁ ସମ୍ମାନ ଦେବାକୁ ମୁଁ ଆଜି ଏ ନିୟମର ବ୍ୟତିକ୍ରମ କରି ଏବଂ ନିଜେ ତୁମ ପାଖକୁ ଆସିଲି । ତୁମେ ଯଦି ଶିଶୁ ହୋଇଥାନ୍ତ, ତୁମ ହାଡ଼ ପାକଳ ହୋଇ ନ ଥାନ୍ତା, ତା' ହେଲେ ମୁଁ ତୁମକୁ ଡାକ୍ତରଙ୍କ ଦ୍ୱାରା ଖଞ୍ଜତ୍ୱରୁ ମୁକ୍ତ କରିବାକୁ ଯତ୍ନ କରିଥାଆନ୍ତି ।''

କେବଳ ପ୍ରାଚୀନ ସାହିତ୍ୟ ଉଦ୍ଧାରରେ ବିଚ୍ଛନ୍ଦଚରଣ ପରିତୃପ୍ତ ହୋଇନାହାନ୍ତି । ତାଙ୍କର ଦୃଢ଼ ବିଶ୍ୱାସ ହେଲା ପାଶ୍ଚାତ୍ୟ ଶାସନର ଫଳ ସ୍ୱରୂପ ଉତ୍କଳ ତଥା ଭାରତର ସାହିତ୍ୟ ଓ ସାଂସ୍କୃତିକ ଦୃଷ୍ଟି ଉପରେ ପରଳ ମାଡ଼ିଯାଇଛି । ପାଶ୍ଚାତ୍ୟ ସଭ୍ୟତାର ଅନୁକରଣରେ ଭିନ୍ନ ଭିନ୍ନ ଏ ଦେଶରେ ଅପସାହିତ୍ୟ ସୃଷ୍ଟି ହେଉଛି । ସେହି ସାହିତ୍ୟିକମାନଙ୍କର ଦୃଷ୍ଟିଭଙ୍ଗୀ ବଦଳାଇ ଓ ସୁସାହିତ୍ୟ ସୃଷ୍ଟିକରି ଓଡ଼ିଆ ସାହିତ୍ୟର ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିବା ନିମନ୍ତେ ବିଚ୍ଛନ୍ଦଚରଣ ପ୍ରତିଶ୍ରୁତିବଦ୍ଧ ହେଲେ । ୧୯୪୩ ମସିହାରେ 'ଉତ୍କଳ ଛାତ୍ର ସାହିତ୍ୟ ସମାଜ' ଓ ୧୯୪୪ ମସିହାରେ 'କଳିଙ୍ଗ ଭାରତୀ' ଅନୁଷ୍ଠାନ ପ୍ରତିଷ୍ଠା କରି ୧୯୪୪ ମେ ମାସରେ ଓଡ଼ିଶାରେ ସର୍ବପ୍ରଥମ କରି କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଜୟନ୍ତୀ ସମାରୋହ ଆରମ୍ଭ କଲେ । ପ୍ରାଚୀନ ପୋଥିସବୁ ଉଦ୍ଧାର କରି ତାଙ୍କର ଶୁଦ୍ଧ ସଂସ୍କରଣ କରି ଟୀକା ସହିତ ସେଗୁଡ଼ିକ ପ୍ରକାଶ କରାଇଲେ । ନିଜେ ଅଗ୍ରଣୀ ଥାଇ ଏ ଦୁଇ ଅନୁଷ୍ଠାନର ସଭ୍ୟମାନଙ୍କ ଦ୍ୱାରା ପ୍ରାଚୀନ ରାଗ ରାଗିଣୀ ମାଧ୍ୟମରେ ଛାନ୍ଦ, ଓଡ଼ିଶୀ ମାଧ୍ୟମରେ ନୂତନ ଭାବଧାରାର କବିତା ସୃଷ୍ଟି କଲେ । ଭଞ୍ଜ ଜୟନ୍ତୀ ମାଧ୍ୟମରେ ପାଲା, ଦାସକାଠିଆ, ଗୋଟିପୁଅ ନାଚ, ଓଡ଼ିଶୀ ନାଚ ପରିବେଷଣ କରାଇ ବିଚ୍ଛନ୍ଦଚରଣ ଉତ୍କଳ ସାଂସ୍କୃତିକ ଐତିହ୍ୟକୁ ପୁନଃ ପ୍ରତିଷ୍ଠା ତଥା ପ୍ରଚାର କରିବାରେ ସଫଳ ହେଲେ । ବିଭିନ୍ନ ପ୍ରାଚୀନ କାବ୍ୟ କବିତାର ବଙ୍ଗଳାରେ ଅନୁବାଦ କଲେ । ତାଙ୍କର ଆଶା ଥିଲା, ଏହାଦ୍ୱାରା ଓଡ଼ିଆ ଜାଣି ନ ଥିବା ଅଣଓଡ଼ିଆମାନେ ଓଡ଼ିଆ ସାହିତ୍ୟର ମହତ୍ତ୍ୱ ବିଷୟରେ ଅବହିତ ହୁଅନ୍ତୁ ।

ଆଜି ଭାରତୀୟ ସାହିତ୍ୟ ଦରବାରରେ ଓଡ଼ିଆ ସାହିତ୍ୟ ମାନ୍ୟତା ପ୍ରାପ୍ତ ହୋଇଛି । ବିଶ୍ୱ ଦରବାରରେ ଓଡ଼ିଶୀ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରୁଛି । ଏହାର ପଛରେ [illegible] ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କର ଯେ ଅକ୍ଳାନ୍ତ ଉଦ୍ୟମ, ତିତିକ୍ଷା ଓ ଆତ୍ମୋତ୍ସର୍ଗ ରହି ଆସିଛି ଓ ରହୁଛି ସେଥିରେ ସନ୍ଦେହ ନାହିଁ । ଏ ଜାତି ବିଚ୍ଛନ୍ଦ ଚରଣଙ୍କର ସେହି ଅମର ଆତ୍ମା ନିକଟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।



# ସଚ୍ଚିଦାନନ୍ଦ:
# ଅନିର୍ବାଣ ଦୀପଶିଖା, ଅମ୍ଳାନ ସ୍ଫୁଲିଙ୍ଗ

ବୈକୁଣ୍ଠ ନାଥ ରାଜଗୁରୁ

**ସେ** କେଉଁ ଏକ ଶୁଭମୁହୂର୍ତ୍ତରେ ପ୍ରଜ୍ୱଳିତ ହୋଇଥିଲା କେଜାଣି ଏ ଦୀପଶିଖା ଏବେ ବି ଜଳୁଛି- ଜଳୁଛି ଅଖଣ୍ଡ ଭାବରେ ଦୀର୍ଘ ଶତେବର୍ଷ ଧରି । ବିଚ୍ଛୁରି ହୋଇ ଯାଉଛି ଆଲୋକ ଧାର, ପ୍ଲାବିତ କରୁଛି ଜ୍ଞାନାଲୋକରେ ବୀରଭୂମି ଖୋର୍ଦ୍ଧାକୁ, ଉତ୍କଳକୁ, ଭାରତବର୍ଷକୁ, ବିଶ୍ୱ ପରିଧିକୁ । ସେହି ଆଲୋକର ଫଳରେ ପାଇପାରିଛନ୍ତି କେତେ କେତେ କେତେ ବୁଦ୍ଧିଜୀବୀ, ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, କବି, ଲେଖକ, ଭାବୁକ । ଏମିତି କେତେ ବୁଦ୍ଧିଜୀବୀ - ମାନବ ସମାଜର ହୀରା ମୋତି ମାଣିକ୍ୟ ।

ସେହି ଫସଲର ଏକ ସଞ୍ଜୀବନୀ ବୀଜ ଏବେ ବି ସୃଷ୍ଟି କରି ଚାଲିଛି ନୂଆ ସୁର, ନୂଆ ପ୍ରେରଣା, ନୂଆ ଉତ୍ସାହ ଉନ୍ମାଦନା । ସେ ହେଉଛନ୍ତି ମହାକବି ସଚ୍ଚି ରାଉତରାୟ, ଏଇ ଅନିର୍ବାଣ ଦୀପ ଶିଖା ମୋର ପ୍ରିୟ ଦଣ୍ଡି ଜଗତଙ୍କୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟର ଅମ୍ଳାନ ସ୍ଫୁଲିଙ୍ଗ, ଓଡ଼ିଆ ସାହିତ୍ୟର ଯୁଗାନ୍ତକାରୀ ନବଯୁଗସ୍ରଷ୍ଟା ।

ସଚ୍ଚିଦାନନ୍ଦ ରାଉତରାୟଙ୍କ ବୀରଭୂମି ଖୋର୍ଦ୍ଧା ସହରର ଗୁରୁଜଙ୍ଗରେ ୧୯୧୬ ମସିହାରେ ଜନ୍ମ । ପିତାଙ୍କ ନାମ ପ୍ରସନ୍ନ କୁମାର ରାଉତରାୟ ଏବଂ ପୋଷ୍ୟପିତାଙ୍କ ନାମ ସଦାନନ୍ଦ ରାଉତରାୟ । ୧୯୨୬ ମସିହାରେ ସେ ଏହି ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ପ୍ରଥମ କରି ନାମ ଲେଖାଇ ଥିଲେ । ଛୋଟ ପିଲାଟିର ନାଲି ପାଟ କୁର୍ତ୍ତା ଓ ନାଲି ଭେଲ୍‌ଭେଟ୍ ଜରିଲଗା କୋଟ୍‌ର ଉଜ୍ଜ୍ୱଳ ଦ୍ୟୁତିରେ ସେଦିନ ଝଲସି ଉଠିଥିଲା ଏହି ବିଦ୍ୟାଳୟର ପରିସର । ସାଙ୍ଗରେ ଥିଲେ ତାଙ୍କର ଚିନ୍ତାମଣି ଦାଦା, ତଦାନୀନ୍ତନ ଖୋର୍ଦ୍ଧା ସମବାୟ ବ୍ୟାଙ୍କର ମ୍ୟାନେଜର । ଏପରି ରାଜକୀୟ ଢଙ୍ଗରେ ପୋଷାକ ପିନ୍ଧିବାର ଯଥାର୍ଥ କାରଣ ବି ଥିଲା । ତାଙ୍କର ଜେଜେବାପା ମଧୁସୂଦନ ରାଉତରାୟ ବୌଦ ରାଜ୍ୟର ଦେୱାନ ଥିଲେ । ତେଣୁ ସେମାନଙ୍କ ପିଲାମାନେ ରାଜାଘର ପିଲାଙ୍କ ପରି ପୋଷାକ ପିନ୍ଧୁଥିଲେ । ତେଣୁ ଜେଜେମାଆ ପିଲାମାନଙ୍କୁ ସେହିପରି ପୋଷାକରେ ସଜାଇ ଦେଉଥିଲେ । ସେତେବେଳେ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ ରାୟ ସାହେବ ବାଙ୍କନିଧି ପଟ୍ଟନାୟକ । ପୂର୍ବଜ୍ଞାନ ପରୀକ୍ଷା କରିବା ପରେ ସେ ନାମ ଲେଖାଇବାକୁ ଅନୁମତି ଦେଇଥିଲେ । କିଛିଦିନ ପରେ ଏ ବେଶ ବଦଳି ଯାଇଥିଲା ସାଧା ଧୋତି କାମିଜ୍‌କୁ ଏବଂ ତା' ପରେ ହାଫ୍ ପ୍ୟାଣ୍ଟ ଓ ସାର୍ଟକୁ ।

ସଚ୍ଚିବାବୁ ତାଙ୍କ ବିଦ୍ୟାଳୟ ଜୀବନରେ ଜଣେ ଭଲ ଫୁଟବଲ ଖେଳାଳି ଥିଲେ । ବିଦ୍ୟାଳୟର ପ୍ରତିନିଧିତ୍ୱ କରି ସେ ଅନେକ ମ୍ୟାଚ୍‌ରେ ସୁନାମ ଅର୍ଜନ କରିଥିଲେ ଏବଂ ବହୁବାର ପୁରସ୍କୃତ ହୋଇଥିଲେ ।

ତାଙ୍କର ସ୍ୱାଧୀନଚେତା ବ୍ୟକ୍ତିତ୍ୱ ବାଲ୍ୟ କାଳରୁ ପ୍ରସ୍ଫୁଟିତ ହୋଇଥିଲା । ୧୯୨୮-୨୯ ମସିହା ବେଳକୁ ଦେଶସାରା ସ୍ୱାଧୀନତା ଆନ୍ଦୋଳନ ବ୍ୟାପକ ଭାବରେ ପ୍ରସାରିତ ହୋଇ ତୀବ୍ରରୂପ ଧାରଣ କରିଥାଏ । ତାଙ୍କ ପିତା ପ୍ରସନ୍ନ କୁମାର ରାଉତରାୟ ସେତେବେଳେ ଖୋର୍ଦ୍ଧା କୋର୍ଟରେ ଜଣେ ପ୍ରଖ୍ୟାତ ମୁକ୍ତିଆର । ସେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରୁଥାନ୍ତି । କଂଗ୍ରେସର ସମସ୍ତ ସଭା ସମିତି ପ୍ରଚାର ପ୍ରସାର ସହିତ ପ୍ରତ୍ୟକ୍ଷଭାବରେ ସମ୍ପୃକ୍ତ ଥାନ୍ତି । ଏହା ସଚ୍ଚିବାବୁଙ୍କ ଉପରେ ପ୍ରଭାବ ପକାଇଥିଲା । ତେଣୁ ସେ ବିଦ୍ୟାଳୟ ଜୀବନରୁ ହିଁ ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିଦେଇଥିଲେ । ତାଙ୍କର ସହପାଠୀ ଥିଲେ ନୃସିଂହ ଚରଣ ସାମନ୍ତ ସିଂହାର ଓ ବ୍ରଜକିଶୋର ଦାସ । କଂଗ୍ରେସ ପକ୍ଷରୁ କୌଣସି ସଭା ହେଲେ ସଚ୍ଚିବାବୁ ଛାତ୍ରମାନଙ୍କୁ ଏକତ୍ର କରି ସଭାରେ ଉପସ୍ଥିତ କରାଉଥିଲେ । ଥରେ ଏହି ବିଦ୍ୟାଳୟ ସନ୍ନିକଟ ପଦାଟଣ ପଡ଼ିଆରେ କଂଗ୍ରେସର ଏକ ସଭା ହେଉଥିଲା । ଏହି ସଭାରେ କୌଣସି ଛାତ୍ର ଯୋଗ ନ ଦେବାକୁ ପ୍ରଧାନଶିକ୍ଷକ କଡ଼ା ହୁକୁମ୍ ଜାରି କରିଥିଲେ । କିନ୍ତୁ ଛାତ୍ରନେତା ମାନେ ଏହା ଅମାନ୍ୟ କଲେ । ଫଳରେ ସେମାନେ ପ୍ରଧାନଶିକ୍ଷକଙ୍କ ବିଷ ଦୃଷ୍ଟିରେ ପଡ଼ିଲେ ।

କିଛିଦିନ ପରେ ଦିନେ ସକାଳେ ଦେଖାଗଲା ବେଳକୁ ବିଦ୍ୟାଳୟ ଛାତ ଉପରେ କଂଗ୍ରେସ ପତାକା ଉଡୁଛି । ଏପରି ବର୍ବରୋଚିତ କାର୍ଯ୍ୟ ନିଶ୍ଚୟ ଏଇ ନେତାମାନଙ୍କର ହୋଇଥିବ । ତେଣୁ ପ୍ରଧାନଶିକ୍ଷକ ବାଙ୍କନିଧିବାବୁ ନୃସିଂହ ବାବୁ ଓ ବ୍ରଜବାବୁଙ୍କୁ ବିଦ୍ୟାଳୟରୁ ବିତାଡନ କଲେ । ସଚ୍ଚିବାବୁଙ୍କୁ ସ୍ଥାନୀୟ ପ୍ରଭାବରେ ବିତାଡନ କରି ନପାରି ସୁଯୋଗ ଅପେକ୍ଷାରେ ରହିଲେ । ଥରେ ଦେଖାଗଲା ଯେ ସେ ଠିକ୍ ସମୟରେ ଦରମା ଦେଇ ନାହାନ୍ତି । ତେଣୁ ତାଙ୍କ ନାମ କଟିଗଲା । ଆଉ ଥରେ ନାମ ଲେଖାଇବାକୁ ଯେତେବେଳେ ଆବେଦନ କରାଗଲା ପ୍ରଧାନଶିକ୍ଷକ ସେଥିପାଇଁ ଆଉ ଅନୁମତି ଦେଲେ ନାହିଁ । ଏପରି ଭାବରେ ସଚ୍ଚିବାବୁ ବିଦ୍ୟାଳୟରୁ ବିତାଡିତ ହେଲେ । ବାଙ୍କନିଧିବାବୁଙ୍କ ପରି ବ୍ରିଟିଶପ୍ରେମୀ ବ୍ୟକ୍ତି ସ୍ୱାଧୀନଚେତା ବଳିଷ୍ଠ

ବ୍ୟକ୍ତିତ୍ୱ ସଂପନ୍ନ ସ୍ୱଦେଶପ୍ରେମୀ ଛାତ୍ରମାନଙ୍କ ପ୍ରତି ପ୍ରତିଶୋଧ ନେଇ ବାହାଦୁରୀ ଅର୍ଜନ କଲେ ।

ବିଦ୍ୟାଳୟରୁ ବିତାଡ଼ିତ ହେବା ପରେ ସଚ୍ଚିବାବୁ ଓ ନୃସିଂହ ବାବୁ ସ୍ୱାଧୀନତା ସଂଗ୍ରାମରେ ଅଧିକ ସକ୍ରିୟ ହୋଇ ଉଠିଲେ । ଗାଁ ଗାଁ ବୁଲି ସଭା ସମିତି କଲେ । କଂଗ୍ରେସର ସ୍ୱରାଜ ଆନ୍ଦୋଳନକୁ ସଫଳ କରିବା ପାଇଁ ଏହି ସମୟରେ ଆରମ୍ଭ ହେଲା ତାଙ୍କର କବିତା ରଚନା । ଅଗ୍ନିବର୍ଷୀ ଭାଷାରେ ବିପ୍ଳବାତ୍ମକ ଆହ୍ୱାନ ସମ୍ବଳିତ ତାଙ୍କର ଏହି ସମୟର କବିତା ଗୁଡ଼ିକ ଜନସାଧାରଣଙ୍କ ହୃଦୟରେ ବ୍ରିଟିଶ ସରକାର ବିରୋଧରେ କଠିଣ ସଂଗ୍ରାମ କରିବା ପାଇଁ ପ୍ରବଳ ଉଚ୍ଚାଟ ସୃଷ୍ଟି କରିଥିଲା । ଏହି କବିତାଗୁଡ଼ିକ ସେତେବେଳେ ବ୍ରହ୍ମପୁରରୁ ପ୍ରକାଶିତ ସାପ୍ତାହିକ ପତ୍ରିକା 'ନବୀନ'ରେ ପ୍ରକାଶିତ ହେଉଥିଲା । ଏଗୁଡ଼ିକ ସଂକଳିତ ହୋଇ ପ୍ରକାଶିତ ହେଲା ତାଙ୍କର ଅନେକ ପୁସ୍ତକ, ଯାହାକି ବ୍ରିଟିଶ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା ।

ସଚ୍ଚିବାବୁ ଏହି ବିଦ୍ୟାଳୟରୁ ବିତାଡ଼ିତ ହେବାପରେ କଲିକତାରେ ମାଟ୍ରିକ୍ ଓ ଆଇ.ଏ ଏବଂ ୧୯୩୯ରେ ରେଭେନ୍ସା କଲେଜରୁ ବି.ଏ. ପାସ୍ କରିଥିଲେ । ୧୯୩୪ ରୁ ୪୨ ମଧ୍ୟରେ କଂଗ୍ରେସ୍, କୃଷକ, ଛାତ୍ର ଓ ଗଡ଼ଜାତ ପ୍ରଜା ଆନ୍ଦୋଳନ ମାନଙ୍କରେ ନେତୃତ୍ୱ ଗ୍ରହଣ କରିଥିଲେ ଏବଂ ଦୁଇଥର କାରା ବରଣ କରିଥିଲେ । ୧୯୪୨ରୁ ୧୯୬୨ ମଧ୍ୟରେ ସେ କଲିକତା କେଶୋରାମ କଟନ ମିଲ୍‌ସର ପ୍ରଧାନ ଶ୍ରମିକ ମଙ୍ଗଳ ଅଫିସର୍ ରୂପେ ଯୋଗ ଦେଇଥିଲେ ଏବଂ ପରେ ଏହାର ଏକ୍‌ଜିକ୍ୟୁଟିଭ୍ ଅଫିସର୍ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ । କଲମ୍ବୋ ଯୋଜନା ଅନୁଯାୟୀ ସେ ୧୯୫୨ ମସିହାରେ ଭାରତ ସରକାରଙ୍କ ମନୋନୀତ ସଭ୍ୟ ରୂପେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଆନ୍ତର୍ଜାତିକ ସମାଜସେବା ସେମିନାରରେ ଏବଂ ଇଣ୍ଟରନ୍ୟାସନାଲ ଲେବର ଅର୍ଗାନାଇଜେସନ୍ ତରଫରୁ ଜେନେଭାଠାରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ଶ୍ୟାମଦେଶ (ଥାଇଲାଣ୍ଡ), ସିଂହଳ, ଜାପାନ, ଇଣ୍ଡୋନେସିଆ ଓ ଫିଲିପାଇନସ୍ ଆଦି ପ୍ରାଚ୍ୟ ଦେଶ ଭ୍ରମଣ କରି ପ୍ରାଚ୍ୟ ଦର୍ଶନ ଓ ସମାଜ ସେବା ଅଧ୍ୟୟନ କରିଥିଲେ । ୧୯୫୫ରେ ଆମେରିକାର ହାର୍ଭାର୍ଡ ବିଶ୍ୱ ବିଦ୍ୟାଳୟର ନିମନ୍ତ୍ରଣ କ୍ରମେ ସେଠାରେ ଆନ୍ତର୍ଜାତିକ କଳା ବିଜ୍ଞାନ ସଂପର୍କୀୟ ଏକ ଆଲୋଚନା ଚକ୍ରରେ ଭାଷଣ ଦେଇଥିଲେ । ଏହାପରେ ଆମେରିକାର ବହୁ ସ୍ଥାନରୁ ଏବଂ ଇଂଲଣ୍ଡ, ଫ୍ରାନ୍ସ, ଇଟାଲି, ଜର୍ମାନୀ ପ୍ରଭୃତି ଦେଶମାନଙ୍କରୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ୧୯୫୬ ରୁ ୧୯୬୨ ପର୍ଯ୍ୟନ୍ତ ସେ ସେଣ୍ଟ୍ରାଲ୍ ଫିଲ୍ମ ସେନ୍‌ସର୍ ବୋର୍ଡର କଲିକତା କେନ୍ଦ୍ରର ସଭ୍ୟ ଥିଲେ । ୧୯୬୨ରେ ସେ ପୁନଃ ନିମନ୍ତ୍ରିତ ହୋଇ ଭାରତୀୟ ଲେଖକ ଓ ସାମ୍ବାଦିକ ମଣ୍ଡଳୀର ସଦସ୍ୟ ରୂପେ ଆମେରିକା ଓ ଇଂଲଣ୍ଡ ଭ୍ରମଣ କରିଥିଲେ ଓ ସେଠାରେ ବିଭିନ୍ନ ଅନୁଷ୍ଠାନରେ ଭାଷଣ ଦେଇଥିଲେ । ୧୯୬୨ରେ ସେ ଚାକିରିରୁ ଇସ୍ତଫା ଦେଇ କଲିକତାରୁ କଟକ ଚାଲିଆସିଥିଲେ ଏବଂ ସେହି ଦିନଠାରୁ ସେ କଟକରେ ଅବସ୍ଥାନ କରି ଆସୁଛନ୍ତି ।

ସେ ନାନା ସମାଜ ମଙ୍ଗଳ କାର୍ଯ୍ୟ ସହିତ ସଂପୃକ୍ତ । ୧୯୩୫ରେ ସ୍ୱର୍ଗତ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଉଦ୍ୟମରେ ଓଡ଼ିଶାରେ ''ନବଯୁଗ ସାହିତ୍ୟ ସଂସଦ'' ଏବଂ ୧୯୩୬ରେ ସର୍ବଭାରତୀୟ ପ୍ରଗତିଶୀଳ ଲେଖକ ସଂଘ ସ୍ଥାପନା ସହିତ ସେ ସଂପୃକ୍ତ ଥିଲେ । ଏହାର ପ୍ରଭାବରେ ସେ ଯେଉଁ ବିପ୍ଳବାତ୍ମକ କବିତାବଳି ଲେଖୁଥିଲେ ତାହା ସ୍ୱାଧୀନତା ସଂଗ୍ରାମରେ ବ୍ରତୀ ହେବା ପାଇଁ ଜନସାଧାରଣଙ୍କୁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା ।

ସାହିତ୍ୟ କ୍ଷେତ୍ରରେ ସଚ୍ଚିବାବୁ ଯେପରି ଭାବରେ ସର୍ବମୟ ଭୂମିକା ନିର୍ବାହ କରିଛନ୍ତି ତାହା ତାଙ୍କ ବ୍ୟକ୍ତିତ୍ୱର ପ୍ରଧାନ ଦିଗ । ଏହି ଦିଗଟି ଏପରି ସର୍ବଜନ ବିଦିତ ଯେ ସେ ବିଷୟରେ ଆଲୋଚନା କରିବା ମୋ ପକ୍ଷରେ ଧୃଷ୍ଟତା ହେବ ।

ସଚ୍ଚିରାଉତରାୟଙ୍କ ସମଗ୍ର କାବ୍ୟକୃତିକୁ ସମାଲୋଚକ ମାନେ ଚାରିଟି ଭାଗରେ ବିଭକ୍ତ କରିଛନ୍ତି । ପ୍ରଥମତଃ ୧୯୩୧ର 'ପାଥେୟ' ଠାରୁ ୧୯୪୭ର ପାଣ୍ଡୁଲିପି ପୂର୍ବ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ପାଣ୍ଡୁଲିପି, ତୃତୀୟ ପର୍ଯ୍ୟାୟରେ ୧୯୪୮ରୁ ୧୯୫୮ ପର୍ଯ୍ୟନ୍ତ ପ୍ରକାଶିତ କବିତା ଏବଂ ଚତୁର୍ଥତଃ କବିତା-୧୯୬୨ ଓ ତତ୍ ପରବର୍ତ୍ତୀ କାଳର କବିତା । ପ୍ରଥମ ପର୍ଯ୍ୟାୟ ହେଉଛି କବିଙ୍କର ସୃଷ୍ଟି ନୈପୁଣ୍ୟର କ୍ରମ ବିକାଶ କାଳ । କବି ତାଙ୍କର କାବ୍ୟିକ ସୃଷ୍ଟି ଆରମ୍ଭ କରିଛନ୍ତି ପ୍ରେମ ପ୍ରଣୟ ମିଳନ ବିଚ୍ଛେଦ ପ୍ରଭୃତି ରୋମାଣ୍ଟିକ ଭାବଧାରାରୁ । ସବୁଜ ଯୁଗର ଶେଷ ହୋଇ ଆସିବାବେଳକୁ କବିଙ୍କର ଆବିର୍ଭାବ ଘଟିଛି । ତେଣୁ ପ୍ରଥମ ପର୍ଯ୍ୟାୟରେ ଏହି ଯୁଗର ପ୍ରଭାବ ରହିବା ସ୍ୱାଭାବିକ ।

କବିଙ୍କର ପ୍ରାଥମିକ ପର୍ଯ୍ୟାୟର ପ୍ରେମ କବିତାଗୁଡ଼ିକ ମଧ୍ୟରେ ସାର୍ଥକତା ଲାଭକରିଥିବା 'ପଥେ ପଥେ ତାର ନୂପୁର ବାଜେ' କବିତାଟି ପ୍ରଣିଧାନ ଯୋଗ୍ୟ । କବିଙ୍କର ଆବେଦନମୟ ହୃଦୟ ଗାଇ ଉଠିଛି-

କାଶଫୁଲେ ଉଡ଼ିମାଳା
ଲଗିଦେବି କାର ଧାଡ଼ା !
ଥରେ ନବ ଯଉବନ ଭିଡ଼ିଯାଏ ମରଣ,
କାହେ ଆଜି ମୋ କୁଟୀରେ
ଲଭିବି ମୁଁ ବରଣ !

ପ୍ରଣୟିନୀକୁ ସ୍ୱାଗତ କରିବା ପାଇଁ ସମସ୍ତ ଚେଷ୍ଟା ପରେ କବି ବିଫଳତାର ସମ୍ମୁଖୀନ ହୋଇଛନ୍ତି । ତେଣୁ 'କାଜରୀ' କବିତାରେ ଝରିଯାଇଛି ବେଦନାକ୍ତ ହୃଦୟର ଭାଷା-

ନୀରବ ବେଣୁ     ମୂକ ମୋ ବେଣୁ
ମଉନେ ଯାଏ ଯାମିନୀ ବିତି,
ରୁଦ୍ଧ ବ୍ୟଥା     ନକହେ କଥା
ଗୋପନେ ଡାକେ ବେଦନା ଗୀତି ।

ପ୍ରେମ ଓ ପ୍ରଣୟ ସାଙ୍ଗକୁ ପ୍ରକୃତି ମଧ୍ୟ ସମାନ ଆସନ ଜମାଇ ରଖିଛି କବିଙ୍କ କବିତାଗୁଡ଼ିକରେ । ସକାଳ, ସଂଧ୍ୟା ଜୋଛନା, ଉଷା,

ବର୍ଷା, ଶରତ, ନଦୀ, ବନ, ଆକାଶ, ପର୍ବତ, ପଲ୍ଲୀ, ତାର ଜନ ଜୀବନ ସବୁକିଛି ସୁନ୍ଦର ଭାବରେ ରୂପ ପାଇ ଜୀବନ୍ତ ହୋଇ ଉଠିଛନ୍ତି 'ପାଥେୟ'ର ହେମନ୍ତ ସଂଧ୍ୟା, ପୃଥିବୀ ପୃଷ୍ଠରେ ଗୋଧୂଳି, ଫଗୁଣ, ଭାଷା, ବଂଶୀ, ଗୋଧୂଳି ପ୍ରଭୃତି କବିତା ଗୁଡିକରେ ଏବଂ '୧୯୩୧-୩୩'ର ଚୈତ୍ର ସଂଧ୍ୟା, ପଲ୍ଲୀ ପ୍ରଭାତ ଓ ପଲ୍ଲୀ ଗୋଧୂଳି କବିତାରେ। ଶେଷରେ ଏଗୁଡିକର 'ପଲ୍ଲୀ-ଶ୍ରୀ'ରେ ସଫଳ ରୂପାୟନ ଘଟିଛି-

ମେଘର ପଣତ ଆକାଶେ ଖେଳାଇ
ବିଜୁଳି-ପ୍ରଦୀପ ହାତେ
ବରଷା ସୁନ୍ଦରୀ ଖୋଜଇ କାହାରେ
ଏକାକୀ ବିଜନ ରାତେ ?

ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା- ଚାତୁରୀରୁ କ୍ରମଶଃ କବି ପଲ୍ଲୀ-କବିରେ ପରିଣତ ହୋଇଛନ୍ତି। ୧୯୩୧-୩୩ ର କବିତା ଗୁଡିକରେ ପଲ୍ଲୀ-ପ୍ରକୃତି ମୁଖ୍ୟ ସ୍ଥାନ ଗ୍ରହଣ କରିଛି। ଶେଷରେ ପଲ୍ଲୀ-ଶ୍ରୀରେ ସେଗୁଡିକ ନୂତନ ରୂପ ଧାରଣ କରିଛନ୍ତି। ଏଥିରେ ପଲ୍ଲୀ ଜୀବନର ଅନନ୍ୟ ସାଧାରଣ ରୂପ ପରିଦୃଷ୍ଟ ହୁଏ। ଯଥା-

ଗାଆଁ ଶେଷେ ଦେଖେ ଆସେ କେ ବିଦେଶୀ
କୁଣିଆ ପଡିବେ କା ଘର,
ପୁରୁଟିଆ ଭରେ କୁସା ଦେଇ ଗୋଡୁ
କାଳୁଛନ୍ତି ଧୀର ମନ୍ଥର,
ପଚାର ଗୋ ତାଙ୍କୁ ପଚାର
ଭେଟିଲେ କି ଯାଙ୍କୁ ଯାଉଥିଲେ ଭେଟ
କରିବାକୁ ପରା ବଜାର।
ମକାସୁଣୀ ପାରି ହେବେଣି
ଗୋଡିଆରେ ମେଘ ଡଙ୍କିଲଣି ଦେଖି
ସଡକ କି ଧରି ଯିବେଣି। "ପଲ୍ଲୀ ସଞ୍ଜ"

ପଲ୍ଲୀବାସୀଙ୍କ ହୃଦୟର ଭାବ, ଭାଷା, ବିଶ୍ୱାସ କବିଙ୍କ ଲେଖନୀରେ କିପରି ରୂପାୟିତ ହୋଇଛି 'ପରିଣିତକେ' କବିତାରୁ ସ୍ପଷ୍ଟ ଜଣାପଡ଼େ-

ଏମିତିକା କଥା କହନ୍ତିନି ପରା
କେତେଥର ତୋତେ କରିବି ମନା
ଉଠାଇବ ଭୂତ ରାତିରେ ନିଶ୍ଚୟ
ଏବେ ଟୋକୀଟାର ବୁଦ୍ଧିକୁ ଅନା ?

କବିଙ୍କର କବିତାରେ ପଲ୍ଲୀ ଜୀବନର ବିଭିନ୍ନ ବିଭାବ, ଭଳ ଓ ନାଗର ପ୍ରଭୃତି ପର୍ବ ପର୍ବାଣି, ମଣିଷର ଆଶା ଆକାଂକ୍ଷା ଓ ବିଶ୍ୱାସ କର୍ମ ପ୍ରବଣତା, ଅନେକ ସାଧାରଣ ଚରିତ୍ର, ସରଳ ନିରାଡମ୍ବର ଜୀବନ ଶୈଳୀ ତଥା ଗାଁ ସାହୁକାରଙ୍କର ଶୋଷଣ ଅତ୍ୟାଚାର ପ୍ରଭୃତି ବହୁ ନିଦର୍ଶନ ଦେଖିବାକୁ ମିଳେ। 'ଛୋଟ ମୋର ଗାଁଟି' କବିତାରେ ଏପରି ଅନେକ ଚରିତ୍ର ସ୍ଥାନ ପାଇଛନ୍ତି।

ପ୍ରତାପଶାଳୀ ସାମନ୍ତରାୟ
ଗାଁରେ ଜଣେ ଏମନ୍ତ ରାୟ
ଦେଶଣା ଭାରେ ସକଳେ ଡାୟ
ରେଙ୍ଗୁନ ଭୂଇଁ ଧାଆଁନ୍ତି।
ଛୋଟ ମୋର ଗାଁଟି।

ପୁନଶ୍ଚ- କଇଁଚିତାର ଗୋବରା ଗୋଇ
ଗାଡିକା ଯାଉ ନିଦରେ ଶୋଇ
ସକାଳୁ କହେ ଦୁଲାଇ ଦେଇ
ଚୋରକୁ ଜାଣି ଭୁଆଁଟି।
ଛୋଟ ମୋର ଗାଆଁଟି।

ପଲ୍ଲୀ ପ୍ରକୃତି ଓ ପଲ୍ଲୀ ଜୀବନରେ ଗ୍ରାମ ଶ୍ମଶାନର ଏକ ବିଶେଷ ଭୂମିକା ରହିଛି। ଅଧିକାଂଶ କବି ଶ୍ମଶାନର ଚିତ୍ର ଉପସ୍ଥାପନ କରିଥାନ୍ତି। ମାତ୍ର ସଚ୍ଚି ରାଉତରାୟଙ୍କ 'ଗ୍ରାମ ଶ୍ମଶାନ' ଅନନ୍ୟ ସାଧାରଣ।

ଗ୍ରାମଶେଷେ ଶମଶାନ   କ୍ଷୁଦ୍ର କ୍ଷୁଦ୍ର ହାଡମାନ
ଭାଙ୍ଗିଣ ମାଠିଆ ପୁଣି ଅଙ୍ଗାର ମାନ
ପାଉଁଶ ବିଭୂତି ବୋଳି   ଯୋଗୀ ସମ ଅଛି ପଡି
ହାତରେ ଧରିଛି ସେ ତ ଖପୁରି ଥାନ।

ପଲ୍ଲୀ କବିତାରେ କବିଙ୍କର ହାସ୍ୟରସ ଆହୁରି ଚମତ୍କାର। ତାଙ୍କର 'ରେଙ୍ଗୁନ୍ ଯାତ୍ରୀ' କବିତାରେ-

ଭୁଞ୍ଜିଯାଏ ପାଟି ଦେବନି ଡରତି
ବହୁଥାରି ଦିନେ ଏତା
ମୋର ମନଟା ଜାବୁଡି ଟିକା।

ପୁନଶ୍ଚ-

ତାରବାବୁ ବସି କହୁଅଛି କିସ
ଟିକଟ ବାବୁକୁ ଦେଖ
ହଲାଇଟି ଖାଲି ବେକ
ମାରିବ ଲକାରେ ଲାଞ୍ଚ ନଦେଲେ
କାଟିବ ମୋ ନାମେ ଚେକ,
ଥାଉ ଟିକଟ ବାବୁକୁ ଦେଖ।

ପ୍ରେମ ଓ ପ୍ରକୃତିର ରୂପାୟନ ପରେ ଆରମ୍ଭ ହୋଇଛି କବିଙ୍କର ବିପ୍ଳବୀ ଜୀବନ। ୧୯୪୨ ବେଳକୁ ସ୍ୱାଧୀନତା ଆନ୍ଦୋଳନ ତୀବ୍ର ହୋଇ ଉଠିଥାଏ। ତା ପୂର୍ବରୁ ୧୯୩୦ ବେଳକୁ ଏହି ଆନ୍ଦୋଳନ ଓଡ଼ିଶାର ପ୍ରତି ପଲ୍ଲୀରେ ବି ପହଞ୍ଚି ସାରିଥାଏ। ୧୯୩୦ ରେ ଭାରତରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠିତ ହୁଏ। ଭାରତରେ ସାମ୍ୟବାଦୀ ଭାବଧାରା ପ୍ରସାରିତ ହୁଏ। ସ୍ୱର୍ଗତ ଭାଗବତୀ ଚରଣ ପାଣିଗ୍ରାହୀ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରନ୍ତି। ୧୯୩୫ରେ ସେ ପ୍ରତିଷ୍ଠା କରନ୍ତି 'ନବଯୁଗ ସାହିତ୍ୟ ସଂସଦ' ଏବଂ ୧୯୩୬ରେ 'ପ୍ରଗତିଶୀଳ ଲେଖକ ସଂଘ'। ଏହି ଭାବଧାରାରେ ଉଦ୍‌ବୁଦ୍ଧ ଲେଖକମାନେ ଭାଗ୍ୟ, ଭଗବାନ ଓ ଧର୍ମ ରହିତ ମାନବୀୟ ସମସ୍ୟା ଉପରେ ଲେଖନୀ ଚଳାଇବାରେ ବ୍ରତୀ ହେଲେ। ଏଦିଗରେ ଅଗ୍ରଣୀ ରହିଥିବା ଭାଗବତୀ ଚରଣ ପାଣିଗ୍ରାହୀ, ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, ଗୁରୁଚରଣ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ରାମପ୍ରସାଦ ସିଂହ ପ୍ରଭୃତିଙ୍କ ସହିତ ସାମିଲ ହେଲେ କବି ସଚ୍ଚି ରାଉତରାୟ। ଫଳରେ ସବୁଜ ପ୍ରଭାବ ଜନିତ ବିଳାସର ଅବସାନ ଘଟି ଏକ ନୂତନ ସାହିତ୍ୟର

ଅଭ୍ୟୁଦୟ ହେଲା । ୧୯୪୮ ରେ ପ୍ରକାଶିତ 'ଅଭିଯାନ'ରେ ସୁବିବେଚୀ ସୃଜନାତ୍ମକଗୁଡ଼ିକରେ ସ୍ୱପ୍ନ କଳ୍ପନା ବିଳାସର ଆଉ ସ୍ଥାନ ନଥିଲା । ଏଥିରେ ଦଳିତ, ନିଷ୍ପେଷିତ, ଅବହେଳିତ ଚାଷୀ ଓ ମୂଲିଆର ଦୈନନ୍ଦିନ ଜୀବନର ହସ କାନ୍ଦ, ଦୁଃଖ କଷ୍ଟ, ଆଶା ଆକାଂକ୍ଷା ସ୍ଥାନ ପାଇଲା । 'ଅଭିଯାନ'ର 'ଶ୍ରମିକ କବି' କବିତାରେ କବି ପ୍ରକାଶ କରିଛନ୍ତି---

ରୂପ-ସରାଜ ମୁଁ ଦେଖିବି ଆଖିରେ ଭୁଲିବି ସପନ ଶତେ
କଳପନା ଛାଡ଼ି ଚାଲିବି ଆଜି ମୁଁ ସହଜ ଜୀବନ ପଥେ ।

ସେହିପରି 'ଦୁଇପଥ' କବିତାରେ ଲେଖିଛନ୍ତି--

ମୋ ମୁଣ୍ଡେ ଚାହିଁଛି ଦାଆ ଓ ହାତୁଡ଼ି, ଭାଷା ମାଗେ ମୋତେ ମୁକ୍ତ ଛବି ଧରଣୀରେ ଯେତେ ଦୀନ ଓ ଦଳିତ ମୁହିଁ ପରା ତାର ସହୋଦର । ତେଣୁ ଆଜି ଏଇ ମୋ ଦ୍ୱାରେ ରହି ମେଲାଣି ମାଗୁଛି ବିଦାୟରେ ତୁମେ ଯାଅ ସଖି ତୁମ ପଥେ ମୋତେ ଡାକିବାକୁ ନିଅ ମୋ ପଥରେ ।

ହିଟ୍‌ଲରର ଅତ୍ୟାଚାର ଏବଂ ଋଷିଆରେ ସାମ୍ୟବାଦ ପ୍ରତିଷ୍ଠା ସମଗ୍ର ବିଶ୍ୱରେ ପ୍ରଭାବ ପକାଏ । ବହୁ କବି ଲେଖକ ବିପ୍ଳବୀ ହୋଇ ଶ୍ରମିକ କୃଷକମାନଙ୍କର ଏକତା ଓ ସଂଗ୍ରାମପାଇଁ ଆହ୍ୱାନ ଦିଅନ୍ତି । ସଚ୍ଚି ରାଉତରାୟ ତାହା ହିଁ କରିଛନ୍ତି । ସେ ଆହ୍ୱାନ ଜଣାଇଛନ୍ତି ତାଙ୍କର ଶିଙ୍ଗା କବିତାରେ---

ହାତୁଡ଼ି କହେ କରତେ ଚାହିଁ ଏକଜୁଟ୍ ତୁ ହୁଅରେ ଆଜି ବଜ୍ରସମ ଶୋଷକ ଶିରେ କ୍ଷିପ୍ର ବେଗେ ପଡ଼ିବା ଲାଗି । ଦାଆଶିଣ କହେ ନିହାଣେ ଚାହିଁ ନମାନଙ୍କାର କମାଣ ତଳ ହୋଇଛି ପୁନ ଆଜିରେ ଦେଖ କୋଟି ହାତର ବାସ୍ତୁ ବଳ ।

କବି ଅମର ଶହୀଦମାନଙ୍କୁ ସମ୍ମାନ ଜଣାଇ ଲେଖିଛନ୍ତି 'ଫାଶିଖୁଣ୍ଟ' । ସ୍ୱାଧୀନତା ସଂଗ୍ରାମ ଓ ଗଡ଼ଜାତ ପ୍ରଜା ଆନ୍ଦୋଳନକୁ ଭିତ୍ତିକରି ଲେଖିଛନ୍ତି ''ମାଲ ତୁ ଯେତେ ଶୁଣି'', ''ତୁମେ ମାର ଆଜି ଯେତେ ମାରିବ'', ''ବାରୁଦ ଘରେ'' ଇତ୍ୟାଦି । ତେବେ ଗଡ଼ଜାତ - ପ୍ରଜା ଆନ୍ଦୋଳନ ଭିତ୍ତି ଉପରେ ଲିଖିତ ''ବାଜି ରାଉତ'' କବିଙ୍କର ଏହି ପର୍ଯ୍ୟାୟରେ ଶ୍ରେଷ୍ଠ କୀର୍ତ୍ତି । ବାଜି ରାଉତର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇ କବି ଲେଖିଛନ୍ତି---

ପଦଚିହ୍ନ ତାର
ଶମଶାନେ କଲା ତୀର୍ଥ, ଦେବାଳୟ
ହେଲା ଶବାଗାର ।
X X X X
ପାନ୍ଥ ! ଧୀରେ ଦଣ୍ଡ ହୁଅ ନତ
ଏଥେ ମହାତୀର୍ଥ ଭୂଇଁ
ନୁହେ ଏହା ଖାଲି ରାଜପଥ ।
ନୁହେ ସେତ କେବଳ ସ୍ମଶାନ
ସେ ଯେ ଚିର ମୁକ୍ତି - ବାଜ
ଜନତାର ଶୁଭ ଅନୁଷ୍ଠାନ !!

ସଚ୍ଚି ରାଉତରାୟଙ୍କ ବିଶେଷତ୍ୱ ହେଉଛି ନବୀନତା । ତେଣୁ ସେ ଏହି ବିପ୍ଳବୀ-କବି ଭିତରୁ ବାହାରି ଆସିଛନ୍ତି ଆଗକୁ । ଏହି ନୂତନ ପଥର ପରିପ୍ରକାଶ ଘଟିଛି ''ପାଣ୍ଡୁଲିପି''ରେ । ସେଥିରେ ସ୍ୱପ୍ନ 'ପ୍ରେମ ଓ ଜୀବନ' କବିତାରେ କବି ଏହା ସ୍ପଷ୍ଟରୂପେ ସୂଚାଇଛନ୍ତି----

ସମ୍ମୁଖ ତା ହାତଠାରି ବାରେ ବାରେ କରଇ ଇସାରା
ଶିବାବୁର ହେବ ମତେ, ବହୁଦୂରେ ମୋ ପଥର ଧାରା ।

ପାଣ୍ଡୁଲିପିରୁ ହିଁ ଆରମ୍ଭ ହୋଇଛି କବିଙ୍କର ଆଧୁନିକ କବିତାରେ ନୂଆଯୁଗ, ଗଦ୍ୟ ଛନ୍ଦର ପ୍ରଚଳନ ଏବଂ ପାରମ୍ପରିକ ରୂପକଳ୍ପ ପରିବର୍ତ୍ତେ ପ୍ରୟୋଗାତ୍ମକ ରୂପକଳ୍ପର ପ୍ରଚେଷ୍ଟା । ପାଶ୍ଚାତ୍ୟ କବି ବାର୍ଗ ଶଁ ଓ ହ୍ୟୁମ୍ ଇତ୍ୟାଦିଙ୍କ ରୂପକଳ୍ପ ପ୍ରୟୋଗର ଧାରାକୁ କବି ଅନୁକରଣ କରିଛନ୍ତି । ତଥାପି ଓଡ଼ିଶାର ମାଟି ପାଣି ପବନରୁ ସଂଗୃହୀତ ଅସଂଖ୍ୟ ରୂପକଳ୍ପ ଖାଣ୍ଟି ଓଡ଼ିଆମିର ପରିଚୟବହ ପ୍ରୟୋଗ ହୋଇଛି ।

ଯେପରି---

ପ୍ରତିମା ନାୟକ ହସେ ଓଠେ ତାର ସ୍ୱପ୍ନର ଆଭାସ ।
ମୁହଁରେ ଖାକିର ହସ, ଆଖିରେ ଟା ଭାଟିର ଇସାରା,
ଦୁଇପାଖେ ଭୁତ ବନ, ଗତିବାନ ନକ୍ଷତ୍ରର ଧାରା ।
(ପ୍ରତିମା ନାୟକ - କବିତା ୧୯୬୨)

ସେହିପରି---

ଉପରେ ଚିଣର ଜହ୍ନ
ଯାଏ ବୁଡ଼ି
ଇଞ୍ଚକ୍ କୁହୁଡ଼ି । (ଲାବଣ୍ୟବତୀକୁ ଚନ୍ଦ୍ରଭାନୁର ଚିଠାଏ)

ପୁନଶ୍ଚ---

ଅତୀତର ଅର୍ଥହୀନ ନିର୍ଜୀବ ଅକ୍ଷରେ
ଭରପୁର ପ୍ରଣୟର ଶ୍ଳେଟ୍
ପୋଛି ଦାକୁ ବେଳ ହେଲା ନାହିଁ । (ମୁକ୍ତି)

କବି ଅହେତୁକ ଭାବୋଚ୍ଛ୍ୱାସ ପରିତ୍ୟାଗ କରିଛନ୍ତି । ସାର୍ବଜନୀନ ଅନୁଭୂତି ଆମୂଳ ଚିନ୍ତାଧାରା ଓ ବାସ୍ତବ ପରିସ୍ଥିତି କବିତାର ମୁଖ୍ୟ ଉପଜୀବ୍ୟ ହୋଇଛି । ତେଣୁ ଅତି ସାଧାରଣ ତଥା କଠିନ ରୂପକଳ୍ପର ପ୍ରୟୋଗ ଘଟିଛି । ଯଥା--

ଉପରେ ସପେଦ ଜହ୍ନ
ଅତି ପରିଚ୍ଛନ୍ନ
ବକୁଚିର ପଗଡ଼ି ପରି ସାଦା । (ଚନ୍ଦ୍ରାବତୀ)

ପୁନଶ୍ଚ---

ମୁଁ ବି ଏଇ ସମୁଦ୍ରର, ତୁ ବି ଏଇ ସମୁଦ୍ରର
ମହା ଯୌନତାର ଅପଭ୍ରଂଶ । (ସାମୁଦ୍ରିକ)

ଏବଂ---

ତାଙ୍କ ଜୀବନର ନିରୀହ ଏସ୍‌ପ୍ଲାନେଡ୍
ଉପରେ ଏତେ ଭଙ୍ଗବେରଙ୍ଗର ଲୋକମାନ
ସେ କେମିତି ସହ୍ୟ କରିପାରୁଛିନି । (ଜୀବନ)

ବେଳେ ବେଳେ ଏକ କଥା ଉପରେ ଅନେକ ରୂପକଳ୍ପର ମାଳା ସନ୍ନିବେଶିତ ହୋଇଥିବା ଦେଖାଯାଏ । ଯଥା-

ବସନ୍ତ ଆସେ ସେ ଦେଖି

ଧକ୍କା ଖାଇ କୁହୁଡ଼ାର ଦେହେ,
ଖାଲି ବହୁ ନାଚୁର ଗୋଲାପ
ମାଟିରେ ଗଢ଼ାଇ ଥିବା, ପୁଷ୍ପବର୍ଣ୍ଣ ସଂଙ୍ଗେ
ବସନ୍ତ ଥାଏ ଯେପରି ମଳୀ ଜେଲ ସଂଙ୍ଗେ,
କୁତ୍ସିତ ଆଦର ଗନ୍ଧେ ବଜାଇ ସା'ନାଇ ।

(ବସନ୍ତର ନିଭନ୍ତ ଛିଣ୍ଣୁରେ - କବିତା ୧୯୬୨)

ଏବେ ବି ଚାଲିଛି ଲେଖନୀ, ଚାଲିଛି ସୃଷ୍ଟିକର୍ମ ନୂତନ ଧାରାରେ । ଓଡ଼ିଆ ତଥା ଭାରତୀୟ ସାରସ୍ୱତ କ୍ଷେତ୍ରକୁ ଉଜ୍ଜ୍ୱଳିତ କରି ଏକାଡେମୀ ପୁରସ୍କାର, ପଦ୍ମଶ୍ରୀ ପୁରସ୍କାର ଓ ଅତ୍ୟନ୍ତ ସମ୍ମାନ ଜନକ ଜ୍ଞାନପୀଠ ପୁରସ୍କାର ଲାଭକରିଛନ୍ତି । ଶେଷରେ ଏତିକି କୁହାଯାଇପାରେ, ତାଙ୍କର ନିଜ ଭାଷାରେ ସେ ଆଉ ଜଣେ ବ୍ୟକ୍ତି ବିଶେଷ ନୁହନ୍ତି, ଏ ଜନତା ପାଇଁ ସେ ଏକ ଅନୁଷ୍ଠାନ ।

ମହାକବି ସଚ୍ଚିଦାନନ୍ଦ ରାଉତରାୟଙ୍କ ସାହିତ୍ୟକୃତି ଗୁଡ଼ିକର ଏକ ତାଲିକା ନିମ୍ନରେ ପ୍ରଦାନ କରାଯାଉଛି ।

(କ) କବିତା:- ୧. ପାଥେୟ- ୧୯୩୧, ୨. କବିତା ୧୯୩୧-୩୩, ୩. ଅଭିଯାନ-୧୯୩୮, ୪. ରକ୍ତ ଶିଖା -୧୯୩୯, ୫. ପଲ୍ଲୀଶ୍ରୀ- ୧୯୪୧, ୬. ପାଣ୍ଡି ରାଉତ-୧୯୪୭, ୭. ପାଣ୍ଡୁଲିପି-୧୯୪୭, ୮. ସ୍ୱାଗତ-୧୯୪୮, ୯. ଭାନୁମତୀର ଦେଶ(କାବ୍ୟ)-୧୯୪୯, ୧୦.ସ୍ୱାଗତ- ୧୯୫୮, ୧୧. କବିତା- ୧୯୬୨ (କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ପ୍ରାପ୍ତ), ୧୨. ମାୟୋକୋଭସ୍କି କବିତା ସଂଗ୍ରହ (ସୋଭିଏତ ଦେଶ ନେହେରୁ ପୁରସ୍କାର ପ୍ରାପ୍ତ) - ୧୯୬୫, ୧୩. କବିତା- ୧୯୬୯, ୧୪. ଏସିଆର ସ୍ୱପ୍ନ- ୧୯୬୯, ୧୫. କବିତା- ୧୯୭୧, ୧୬. କବିତା-୧୯୭୪, ୧୭. କବିତା-୧୯୮୩, ୧୮. କବିତା-୧୯୮୬, (ଖ) ନାଟିକା - ପୂର୍ଣ୍ଣିମା-୧୯୩୨, (ଗ) ଉପନ୍ୟାସ - ଚିତ୍ରଗ୍ରୀବ-୧୯୩୬, (ଘ) ଗଳ୍ପ - ୧. ଛାଇ-୧୯୪୮, ୨. ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ- ୧୯୮୩, ୩. ନୂତନ ଢଙ୍ଗ-୧୯୮୭, (ଙ) ସମାଲୋଚନା- ୧. ସାହିତ୍ୟ: ବିଚାର ଓ ଦୃଷ୍ଟିବୋଧ- ୧୯୬୨, ୨. ଆଧୁନିକ ସାହିତ୍ୟ- ୧୯୮୩, (ଚ) ଆତ୍ମଜୀବନୀ- ଭଉଁର ଫାଲ୍‌ଗୁନୀ,(ଛ) ସଂପର୍କ-ଜୟଦେବ, ରାମାୟଣ ଓ ମହାଭାରତ ପ୍ରଭୃତିର ତୁଳନାତ୍ମକ ଅଧ୍ୟୟନ, (ଜ) ଯେଉଁ ଗ୍ରନ୍ଥଗୁଡ଼ିକ ଅନ୍ୟଭାଷାକୁ ଅନୁବାଦ କରାଯାଇଛି:- ୧.The Boatman Boy and other poems. -ଅନୁବାଦକ - ହରୀନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟ (୧୯୪୨), ୨. The Boatman Boy and Forty Poems. ଅନୁବାଦ - ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଏବଂ ଏ.ଡି.ସିଂହ (୧୯୫୫), ୩. ୧୯୬୮ରେ ଅଖିଳ ଭାରତ କବି ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତିଙ୍କ ଭାଷଣର ଇଂରାଜୀ ଅନୁବାଦ । ୪. The short stories of Sachi Routray - ୧୯୭୨, ୫. Research papers on arts and letters. ୬. ସଚ୍ଚି ରାଉତରାୟ କଥାଲୁ (ତେଲୁଗୁ), (ଝ) ସଚ୍ଚି ରାଉତରାୟଙ୍କ ଉପରେ ରଚିତ ବିଭିନ୍ନ ପୁସ୍ତକ-

୧. କଲିକତା ମହାନଗରୀରେ ୧୯୫୫ରେ ତାଙ୍କଉପରେ ଆଲୋଚିତ ବିଭିନ୍ନ ଆଲୋଚକଙ୍କ ଭାଷଣର ସଂକଳନ । ଏଥିରେ ଅଂଶଗ୍ରହଣ କରିଥିଲେ- ପ୍ରଫେସର୍ ହୁମାୟୁନ କବୀର, ଡ. କାଳିଦାସ ନାଗ, ଡ. କେ. ଆର. ଶ୍ରୀନିବାସ ଆୟଙ୍ଗାର, ପ୍ରଫେସର ପ୍ରାଣକୃଷ୍ଣ ପରିଜା, ପ୍ରଫେସର ବିଶ୍ୱନାଥ ସତ୍ୟନାରାୟଣ, ଡ. ସାଜ୍ଜାଦ୍ ଜାହିର, ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ, ପ୍ରଫେସର୍ ଗୋପାଳ ହାଲଦାର୍, ପ୍ରଫେସର୍ ପ୍ରିୟରଞ୍ଜନ ସେନ ଏବଂ ଅନ୍ୟମାନେ

୨. ସଂକଳନ - "Sachi Routray - A poet of the people" ୨. ୧୯୮୫ରେ ଭାରତବର୍ଷର ୨୧ ଜଣ ବିଶିଷ୍ଟ ସାହିତ୍ୟିକଙ୍କ ଦ୍ୱାରା ସଂକଳିତ ଗ୍ରନ୍ଥ ପ୍ରକାଶିତ - ସଚ୍ଚି ରାଉତରାୟ ଅଭିନନ୍ଦନ ଗ୍ରନ୍ଥ ୩. Sachi Routray, The Poet-ଡ. କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଲିଖିତ । ୪.ପଦ୍ମଶ୍ରୀ ସଚ୍ଚି ରାଉତରାୟ - କବି ରବି ସିଂଙ୍କ ଦ୍ୱାରା (୧୯୬୯) ୫. ସଚ୍ଚି ରାଉତରାୟଙ୍କ କବିତା: ୧୯୩୧-୧୯୭୪ (ସମାଲୋଚନା ମୂଳକ ପ୍ରବନ୍ଧର ସମାହାର, ସମ୍ପାଦନା: ପ୍ରଫୁଲ୍ଲ କୁମାର ରଥ ଦେବ (୧୯୭୭) ।

ସଚ୍ଚିବାବୁ ସାହିତ୍ୟ ତଥା ଅନ୍ୟାନ୍ୟ କୃତି ପାଇଁ ଅଜସ୍ର ସମ୍ମାନର ଅଧିକାରୀ । ବହୁ ସମ୍ମାନ, ମାନପତ୍ର, ସମ୍ବର୍ଦ୍ଧନା, ଉପାଧି ଅଜାଡ଼ି ହୋଇ ପଡ଼ିଛି ତାଙ୍କ ଉପରେ । ସେଥିମଧ୍ୟରୁ କେତୋଟି ନିମ୍ନରେ ପ୍ରଦତ୍ତ ହେଲା ୧. ପଦ୍ମଶ୍ରୀ- ୧୯୬୨, ୨. କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର-୧୯୬୪, ୩. ସୋଭିଏତ ଦେଶ ନେହେରୁ ପୁରସ୍କାର-୧୯୬୫, ୪. ପ୍ରଥମ ସର୍ବଭାରତୀୟ କବି ସମ୍ମିଳନୀରେ ସଭାପତିତ୍ୱ -୧୯୬୮, ୫. ମହାକବି ଉପାଧି (ଭାରତକେନ୍ଦ୍ର)-୧୯୮୫, ୬. ଡି.ଲିଟ୍ (ଆନ୍ଧ୍ର ବିଶ୍ୱବିଦ୍ୟାଳୟ)-୧୯୭୭, ୭. ଡି.ଲିଟ୍ (ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)-୧୯୭୮, ୮. ଭାରତ ନାୟକ (ସମ୍ବଲପୁର ବିଶ୍ୱବିଦ୍ୟାଳୟ)- ୧୯୮୩, ୯. ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ଅଳଂକରଣ -୧୯୭୮ ରୁ ୧୯୮୧ (ଏହି ସମୟରେ ସେ ଲେଖକ, କଳାକାର ଓ କ୍ରୀଡ଼ାବିତ୍ ମାନଙ୍କପାଇଁ ମାସିକ ୨୦୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ସାହାଯ୍ୟ ଭତ୍ତା ବ୍ୟବସ୍ଥା କରାଇଥିଲେ ।), ୧୦. ଜ୍ଞାନପୀଠ ପୁରସ୍କାର (ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ)-୧୯୮୬ ।

ଏହା ମୋର ପ୍ରିୟ ବିଦ୍ୟାଳୟ ଏମିତି କେତେ ପ୍ରତିଭା ସୃଷ୍ଟି କରିଛି । ଏଇ ବିଦ୍ୟାଳୟର ଛାତ୍ର ବିପରି ସମଗ୍ର ପୃଥିବୀ ଚେହିଁଯାଇଛି ତାର ଏକ କଳ୍ପନା କରି ସଚ୍ଚିଦାନନ୍ଦ ରାଉତରାୟ । ବିଗତ ଶହେ ବର୍ଷରେ ଉଚ୍ଚିରାଉତରାୟଙ୍କ ପରି ଆହୁରି କେତେ ସୃଷ୍ଟି ହୋଇଛନ୍ତି । ଗଢ଼ି ଉଠିଛି ଅନେକ ପ୍ରଶ୍ନର ଇତିହାସ । ସେ ଇତିହାସ ଚିର ଭାସ୍ୱର ହୋଇ ରହିବ । ସୁପ୍ତ ଚୁଡ଼ ପରି ପ୍ରେରଣା ଯୋଗାଉଥିବ । ସେଣୁ ଆଜି ତାଂ ପାଦତଳେ ବିନମ୍ର ପ୍ରଣାମ ଢାଳି ଏତିକିରେ ବିଦାୟ ନେଉଛି ।

ପ୍ରଧାନ ଶିକ୍ଷକ
ପ୍ରତାପସାହି ଉଚ୍ଚବିଦ୍ୟାଳୟ

# ଗତ ବସନ୍ତ

କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ

ଜିଉବୁଟା ଖଣ୍ଡ, ଆଜି ଅପହଞ୍ଚ
ନେଳିଆ ଚାନ୍ଦୁଆ ତଳେ,
କାହିଁକି କେଜାଣି ନିଛାଟିଆ ଦାଣ୍ଡରେ
ବସିଛି ମୁଁ କଳେ କଳେ
ପୁରୁବେ ଜହ୍ନଟି ପ୍ରପେଲି ବିହୁଡି
ବସିଣା ମାରୁଛି ଝାଙ୍କା,
ପସରା ନ କରି ଠେସି ହୋଇଗଲା
ନିଜୁକୀ ହେବାର ସାହା ।
ପାସେଭା ପଇଞ୍ଚ ଗୋଷ୍ପଳା ଦୁଆରେ
ଦଉଡା କିଏ ସେ ଆସି,
ଛିଡି ମାରି ଚାହିଁ ତାରିଆଡି ଦେଲେ
ଫିଟିକି ଉପିଲା ଖସି
ଚହିତେ ଶୁଣିଲି ଏଡିକି ବେଳରେ
କୁହୁ କୁହୁ କୁହୁ କୁହୁ,
ଦେକି ପାରିନାହିଁ, ମୋ କାନେ ଶୁଭିଲା
କିସ ସେ 'କୁହୁ' ନା 'ଉହୁ'
ଠଉର କରି ମୁଁ ବାରି ନ ପାରିଲି
କେତେ ମୋର ଅଛି ଚିକି,
ଏଇ ଚାନ୍ଦ ଯେବେ, ଏକାମିତି ଚାନ୍ଦ
ସେଦିନ ସଞ୍ଜରେ ଟି କି ?
କୁଞ୍ଜତଳେ ଏଇ ମିରିଗ ଛାଲର
ଆସନ ଥିଲା କି କାହିଁ,
ଏକ ମଲ୍ଲୀ ଆସି ହେଉଥାଇ ହେବାର
ମନେପଡେ ଛାଇ ଛାଇ
ମେଲା ଆଖି ଆଗେ ଛିଅଖା ସପନ
ଯୋଡି ଯୋଡି ଖାସିଗଲା,
କିଏ ପର ମୋର, କିଏ ଆପଣାର
ଅବକଳ ନ ପାଇଲା ।
କେତେ ଲୋକ ଯୋଗି ହେ ଯେଉଁ ଦିନକୁ
ଆପଣାର କରିଥିଲି,
ସେଦିନ ବୋଇଲି, ସେଇ ସଞ୍ଜ କହୁ
କେତେ ଆହି ଖୋଜି ହେଲି ।
ଉଡୁଥା କାହିଁନା, ଅଜାଣିଆ ବାଟ
ସେଦିନର କଥା ଯେତେ
କିଏ ଅପାଶୋରା, କି ଅଧା ପାଶୋରା
ସରିଛି ନ ଜିମି କେତେ ।
ହାତ ପ୍ରସାରି ମୁଁ ବିନୟୀ କହିଲି
'ଆସ ପଦେ କଥା କୁହ'
ଚମକିମି ପାଇ ଖସିଲା ହାଦରେ ମୋ
କି'ଟେ ପ୍ରା ତରଳା ନୁହ ।

✿

# ଏଇ ସହକାର ତଳେ

ଠକ୍କୁର ମାୟାଧର ମାନସିଂହ

ଏଇ ସହକାର ତଳେ
ସେଦିନ ପ୍ରିୟାର କର କଙ୍କଣ    ଝିଡ଼ିଥିଲା ମୋର ଗଳେ
ନାଚିନୀ ରାତି    ଉଠିଥିଲା ମାତି
ମନୟ ପବନ ଧାଇ
ବନପକ୍ଷୀ ଦ୍ବରେ    କକୁଣୀ ମଧୁରେ
ଯାଉଥିଲା ଗିତ ଗାଇ ।
ଜ୍ୟୋତ୍ସ୍ନା ଓ ଛାୟା    ରଚିଥିଲା ମାୟା
ଚିତ୍ର ଏ ତରୁତଳେ
ସହଚରୀ ମୋର    ପ୍ରଣୟ ବିଭୋର
ଝିଡ଼ିଥିଲା ମୋର ଗଳେ
ଏଇ ସହକାର ତଳେ ।
ନଭରେ ପ୍ରଦୀପ    ଦିଶି ଆସୁଥିଲା
ନିଶିଥ ନିଦ୍ରା ପାଇଁ
ପ୍ରାନ୍ତର ଭରି    ଝିଙ୍କାରି କରି
ଉଠୁଥିଲା ସାଇଁ ସାଇଁ
କଣ୍ଠିରେ ମୋର    ଥର ଥର କରି
ଚଇତିକେ ଚାହିଁଥାଏ
ପ୍ରୀତିଠର ମୁହିଁସହଚରୀ ମୁଖ
ଅଧର ମଦ୍ୟ ପାଏ ।
ଭାସେ ଉଠେ, ଜର ତଳେ
ଏଇ ସହକାର ତଳେ ।
ଦୁହେଁ ଦୁହାରେ    ଘରେ ଫିରିବାରେ
ପ୍ରାଣ ମନ ଧରି ହେଷ୍ଟା
ଛିଡିବି କେ କାରେ    ପ୍ରାଣ ଦିବିବାରେ
ଏଥିଲାଗି ରାରି ନିଷ୍ଠା
ସକଳ ଜଗତବୁର ଓ ନିକଟ
ପାଶୋରି ସେ ମହାକ୍ଷଣେ
ଶୁଣୁଥାଇ ମହା    ସଙ୍ଗୀତ, ପ୍ରିୟା
କଙ୍କଣ କଣ-କଣେ
ବାଜେ ଯେବେ ତାର କରେ
ଏଇ ସହକାର ତଳେ ।

ଚିଅ ଓ ନଦିର    ଅଳେ ସେ ଅଧୀର
ଚମକିଲା ମୋର ବକ୍ଷ
କାହ୍ନୁପାଣ ଠ 'ର    ଶୀଥିଳିତ କରି
ବାନ୍ଧିଲା ମୋହର ବକ୍ଷ
ମୋ ନୟନେ ଚାହିଁ    ଅଧର ଅରାଳ
କହିଲା ଗୋପନେ କାହିଁ
କମଳାକି ଯେତୁ    କହଳ ବହେ
ଭେଟେ ତାଙ୍କୁ ରାଜପଥ ?
ଊଷାରେ ବାହୁ ଛିଡ଼ିଲି ତାହାର ସଙ୍ଗେ
ଏଇ ସହକାର ତଳେ ।
ସହକାର ତଳ    ବାୟୁ ଲଗଥିଲ
ହୋଇଥିଲା ପ୍ରିୟା ଗନ୍ଧେ
ଶୀଥିଳ ଚିକୁର    ଦୁଳନାକୁଳ
ପଡ଼ିଲା ରୂପସୀ ସ୍କନ୍ଧେ
ନିଶୀଥ ଜ୍ୟୋତ୍ସ୍ନା    ଧୀରେ କଲା ମନା
ପ୍ରୀ ଘରେ ବହିବାକୁ
ମନର କହିଲା    ନଦିରା ସରିଲା ?
ଯାଅ ଦେବେ ଶୋଇବାକୁ
ମିଶିବା ତ ଜେତେ ଅଳେ
ଏଇ ସହକାର ତଳେ ।
ସହକାର ତଳ    ଆଉ କେତେଥର
ଦେଖିଲା ଆଉ ରାତ ?
ଜ୍ୟୋତ୍ସ୍ନା ନିକାରେ    ଦେଖିଲା କି ଆଉ
ଉଡ଼ିବାର ପ୍ରିୟା ବାସ ?
ମିଳିନାହୁଁ ଆଉ,    ମିଶି ନାହିଁ ବାହୁ
ରୋମାଞ୍ଚ କରି କାତ
ଦୁହେଁ ଦୁହେଁ ଦୂରେ    ଭିନ୍ନ କରିଛି
ସମାଜ ବଜ୍ରଘାତ ।
ଭେଟି ନାହୁଁ ତାହା ପରେ
ଏଇ ସହକାର ତଳେ ।

ଜ୍ୟୋତ୍ସ୍ନା ରଜନୀ    କେତେଥର ପାହି
ସେଦିନୁ ତୋହର ଶିରେ
ପଲ୍ଲବ ତୋର    ଉଠିଥିବ ଥରି
ଦେଖେ ନାଇ ପିଉ ଶିରେ
ଚୂତ ! ତୋର ତଳେ    ପୁଣି କେତେ କରେ
କଙ୍କଣ ଥିବ ବାଜି
ଦମ୍ପତି ରାଗେ    ହୋଇଥିବ କେତେ
ନାଗରିକା ଓଠମାଛି
ବାହୁ ଛିଡ଼ିଥିବ ଗଳେ
ଏଇ ସହକାର ତଳେ ।
କହ ଚୂତ କହ    ସେପରି କି ଆଉ
ଦେଖିଛୁ କାହାର ବକ୍ଷେ
ଚୂତ ଚୂତାମୟ    ସେପରି ପ୍ରଣୟ
ଶରୀର କାହାର ବକ୍ଷେ ?
ପ୍ରିୟା ସମ ମୋର    ପାଉଡି ବିଭୋର
ଦେଖିଛୁ କାହାରେ ଆଉ ?
ନିବିଡ଼େ ସେପରି    କଣ୍ଠ ପ୍ରିୟେ ଧରି
ବାନ୍ଧିଛି କିଏ ବାହୁ ?
ମିଶିଅଛି ପ୍ରାଣତଳେ
ଏଇ ସହକାର ତଳେ ।
ସାକ୍ଷୀ ତୁ କହ    ମୋହର ପ୍ରଣୟ
ସମାନ ନୟନେ ନାହିଁ
ମୋର ପ୍ରିୟା ପରି    ନାହିଁ ସୁନ୍ଦରୀ
ନାହିଁ ଏ ପ୍ରଣୟ-ଦାୟୀ
ଶଣକର ସୁଖେ    ବଞ୍ଚିତୁ ମୁହିଁ
ସମ୍ରାଜ ହୋଇଗଲେ
କେହି ପାଇନାହିଁ    ବଜ୍ରେ ଯା' ଦେଲା
ପ୍ରିୟା ମନେ ଓଠ-ପୁଟେ
ସେ କଥା କହ ତୁ ଥରେ    ଏଇ ସହକାର ତଳେ
ଭୁଲିଯିବି ମୁହିଁ    ପ୍ରିୟା ନ ଦେଖିବା
ଦୁଃଖ ଏ ଜୀବନରେ ।

( କବିଙ୍କ ତାରୁଣ୍ୟକାଳ ଛାତ୍ରାବସ୍ଥାରେ ରଚିତ ପ୍ରଣିକ କବିତା ଗ୍ରନ୍ଥ ଧୂପରୁ ସଂଗୃହୀତ )

# ନାଟ୍ୟକାର ପରଶୁରାମ ହରିଚନ୍ଦନ - ଏକ ପ୍ରତିଭା



ବ୍ରଜ ପାଇକରାୟ

ବୀଣାପାଠ ବାଣପୁର ମାଟିରେ ଯେଉଁ କେତେକ ପ୍ରଖ୍ୟାତ ଯଶା କବି, ଲେଖକ ଓ ନାଟ୍ୟକାର ସ୍ୱକୀୟ ସାରସ୍ୱତ ସାଧନା ଓ ସୃଷ୍ଟି ପାଇଁ ଓଡ଼ିଶା ଭାଷା ଓ ସାହିତ୍ୟ କ୍ଷେତ୍ରରେ ସୁପ୍ରତିଷ୍ଠିତ ଏବଂ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ସେମାନଙ୍କ ମଧ୍ୟରେ ତରୁଣୀୟ ଜାତୀୟ କବି ପଣ୍ଡିତ ଗୋଦାବରୀଶ ମିଶ୍ର, ସ୍ୱନାମଧନ୍ୟ 'ନିଆଁଖୁଣ୍ଟା' ପତ୍ରିକାର ସୁଯୋଗ୍ୟ ସମ୍ପାଦକ ଓ ଓଡ଼ିଆ ପ୍ରାଣଦସ୍ତୀରେ ସଜକ ସୃଷ୍ଟିକାରୀ କବିତା ''ଭାଠ କବାଟ''ର ଅମର ସ୍ରଷ୍ଟା ଅଶ୍ରୁକବି ଗୋଦାବରୀଶ ମହାପାତ୍ର, ଜାତି ଓ ଦେଶପ୍ରେମ ଉଦ୍ଭାସିତ କରିବା ରଚନାରେ ସିଦ୍ଧହସ୍ତ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ଉତ୍କଳୀୟ ସାମରିକ ପରମ୍ପରାର ଉଦ୍‌ଘୋଷକ ଏବଂ ବିପ୍ଳବୀ ସ୍ରଷ୍ଟା, ନାଟ୍ୟକାର ପରଶୁରାମ ହରିଚନ୍ଦନ ପ୍ରମୁଖ ଅନ୍ୟତମ ।

ଐତିହାସିକ ନାଟକ ରଚନାରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ପ୍ରତିଭାବାନ ନାଟ୍ୟକାର ପରଶୁରାମ ହରିଚନ୍ଦନ ଇତିହାସ ପ୍ରସିଦ୍ଧ ଖାଟପଡ଼ା ଗଡ଼ର ଦୁର୍ଗପତି ମହାରଥୀ ଦୀନବନ୍ଧୁ ସାମନ୍ତରାୟ ମହାପାତ୍ର ଏବଂ ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ଘୋଷଣା କରିଥିବା ନିର୍ଭିକ ଅରାଜର ବଳବେହେରା ବିପ୍ଳବୀ କୃତ୍ତିବାସ ପାଟଶାଣୀଙ୍କ ସୁଯୋଗ୍ୟ ଦାୟାଦ ଭାବରେ ୧୩୧୫ ସାଲ ବୃଷ ୨୭୯ ଦିନ ଇଂରାଜୀ ୧୯୦୮ ମସିହାରେ ଜନ୍ମ ଗ୍ରହଣ କରି ମେ ୨୬ ତାରିଖ ୧୯୭୭ ମସିହାରେ ଇହଲୀଳା ସମ୍ବରଣ କରିଥିଲେ। ସେ ପ୍ରଥମେ ଖୋର୍ଦ୍ଧା ହାଇସ୍କୁଲର ଛାତ୍ର ଛାତ୍ରାବସ୍ଥାରେ ସେ 'ଜାଗରଣ' ପତ୍ରିକାର ସମ୍ପାଦକ ଭାବରେ ତାଙ୍କର ସାହିତ୍ୟିକ ଜୀବନର ଅଭ୍ୟୁଦୟ କରିଥିଲେ । ପ୍ରବୀଣ ସାହିତ୍ୟରଥୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ସାହିତ୍ୟ କ୍ଷେତ୍ରରେ ସେ ଗୁରୁ ଏବଂ ପଥପ୍ରଦର୍ଶକ ଭାବରେ ସମ୍ମାନ ଦେଉଥିଲେ । କାଳକ୍ରମେ ସେ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ ଏବଂ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ ମଧ୍ୟ ତାଙ୍କର ସାରସ୍ୱତ ସାଧନା ଅବ୍ୟାହତ ରଖିଥିଲେ । ତାଙ୍କ ନିରନ୍ତର ସାହିତ୍ୟ ସାଧନାର ଫଳ ସ୍ୱରୂପ ଦେଶପ୍ରେମ ଭିତ୍ତିକ ନାଟକ 'ଛିନ୍ନଜ' (ପ୍ରକାଶ କାଳ-୧୯୫୪ ମସିହା), 'ବିଶ୍ୱ ବିଜୟୀ କପିଳେନ୍ଦ୍ର' (ଐତିହାସିକ ଏକାଙ୍କିକା ପ୍ରକାଶ ସମୟ- ୧୯୬୧ ମସିହା), 'ବିପ୍ଳବୀ କୃତ୍ତିବାସ' (ଐତିହାସିକ ନାଟକ- ୧୯୭୦) ଏବଂ 'ଅଭିଶପ୍ତ ଦୁର୍ଗ' (ଐତିହାସିକ ନାଟକ- ୧୯୭୮ ମସିହା)ରେ ପ୍ରକାଶିତ ଇତ୍ୟାଦି ଆତ୍ମପ୍ରକାଶ କରି ଏବଂ ରଙ୍ଗମଞ୍ଚରେ ଅଭିନୀତ ହୋଇ ପାଠକ ଓ ଦର୍ଶକ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏତଦ୍ବ୍ୟତୀତ 'ଅମର ଚରିତ' ସିରିଜରେ ବିପ୍ଳବୀ କୃତ୍ତିବାସଙ୍କ ଜୀବନୀ ସମ୍ବଳିତ କ୍ଷୁଦ୍ର ପୁସ୍ତିକା ଏବଂ ୧୯୫୦ ମସିହା ଡିସେମ୍ବର ମାସ ଝଙ୍କାରରେ ପ୍ରକାଶିତ 'ବିପ୍ଳବୀ କୃତ୍ତିବାସ' ପ୍ରବନ୍ଧ ।

ଶ୍ରୀ ହରିଚନ୍ଦନଙ୍କ ସାହିତ୍ୟିକ ପ୍ରତିଭାର ସ୍ୱାକ୍ଷର ବହନ କରେ । ଶ୍ରୀ ହରିଚନ୍ଦନ ସାହିତ୍ୟିକର ସମାଜ ପ୍ରତି ନିର୍ଦ୍ଦିଷ୍ଟ ବାର୍ତ୍ତା ଏବଂ ସାମାଜିକ ଅଙ୍ଗୀକାର ରହିବା ଉଚିତ ବୋଲି ଦୃଢ଼ ବିଶ୍ୱାସ କରନ୍ତି । ସୁତରାଂ 'ବିପ୍ଳବୀ କୃତ୍ତିବାସ' ନାଟକର ମୁଖବନ୍ଧରେ ସେ ତାଙ୍କ ସାହିତ୍ୟିକ ଲକ୍ଷ୍ୟ ସଂପର୍କରେ କହିଛନ୍ତି-

'ଅବଶ୍ୟ ଇତି ମଧ୍ୟରେ ନାନା କବି, ଲେଖକଙ୍କ କୃତି ମାଧ୍ୟମରେ ସେ (ବିପ୍ଳବୀ କୃତ୍ତିବାସ) ଅଧିକ ଜଣାଶୁଣା ହୋଇସାରିଲେଣି । ତଥାପି ଉତ୍କଳୀୟ ସାମରିକ ଶକ୍ତିର ଶେଷ ସୂର୍ଯ୍ୟାସ୍ତ ଯୁଗରେ ଦୀପ୍ତିମାନ ଶେଷ ରଶ୍ମି ସ୍ୱରୂପ ଉତ୍କଳ ମେବାଡ଼ ଖୋର୍ଦ୍ଧା ଭୂମିରେ ଦେଖାଦେଇଥିବା ସ୍ୱାଧୀନତା ଲିପ୍ସୁ ବିପ୍ଳବକାମୀ ବିପ୍ଳବୀମାନଙ୍କ ମଧ୍ୟରୁ ଜଣେ ଅଗ୍ରଗାମୀ ବୀରଙ୍କର ଅସାଧାରଣ ବୀରତ୍ୱ ଓ ଆତ୍ମୋତ୍ସର୍ଗ କାହାଣୀକୁ ତାଙ୍କ ଉତ୍ତରପୁରୁଷମାନଙ୍କୁ ବାରମ୍ବାର ଶୁଣାଇ ସେମାନଙ୍କୁ ଉଜ୍ଜୀବିତ, ଉଦ୍‌ବୁଦ୍ଧ ଓ ଆତ୍ମସଚେତନ କରାଇବା ଲକ୍ଷ୍ୟରେ ତାଙ୍କୁ ପୁଣି ନାଟ୍ୟରୂପ ଦେବାକୁ ପ୍ରୟାସୀ ହେଲି ।'

'ଛିନ୍ନଜା' ନାଟକର ରଚନା ସଂପର୍କରେ 'ନିଜ କଥା'ରେ ଶ୍ରୀ ହରିଚନ୍ଦନ କହନ୍ତି 'ମୋ ଦେଶର ଯୁବକ ବନ୍ଧୁମାନଙ୍କୁ ଯତକିଞ୍ଚିତ ପ୍ରେରଣା ଯୋଗାଇବା ଛଡ଼ା ଅନ୍ୟ କିଛି ଉଦ୍ଦେଶ୍ୟ ଏଥିରେ ନାହିଁ । ସେହିମାନଙ୍କର ହାତରେ ଏହାକୁ ଦେଲି ।'

ଶ୍ରୀ ହରିଚନ୍ଦନଙ୍କ ପ୍ରକାଶିତ ସମସ୍ତ ନାଟକ ଓ ଏକାଙ୍କିକା

ମୁଖ୍ୟତଃ ସମାଜ ଦେଶପ୍ରେମ ଏବଂ ଐତିହାସିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ନାଟକ ରଚିବାରେ ତରୁଣ ପ୍ରାଣରେ ଉଦ୍ଦୀପନା ଓ ଉଦ୍‌ବୋଧନା ସୃଷ୍ଟିକରି ବିଶାଳ ଓଡ଼ିଶା ଗଠନ, ଉତ୍କଳର ହୃତଗୌରିମା ମୟ ସାମରିକ ପରମ୍ପରାର ପୁନରୁତ୍ଥାନ ଏବଂ ସର୍ବୋପରି ଭାରତ ବାସୀମାନଙ୍କ ହୃଦୟରେ ତ୍ୟାଗ ଓ ଦେଶ ପ୍ରେମର ଭାବନା ଉଦ୍ରେକ ପୂର୍ବକ ମୃତକଳ୍ପ ଓଡ଼ିଆ ଜାତିକୁ ପୁନର୍ଜୀବନ ପ୍ରଦାନ ନାଟ୍ୟକାର ହରିଚନ୍ଦନଙ୍କର ଏକମାତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

ଉତ୍କଳ ଜନନୀର ଖଣ୍ଡ ବିଖଣ୍ଡିତ ମାନଚିତ୍ର ନାଟ୍ୟକାର ହରିଚନ୍ଦନଙ୍କ ହୃଦୟରେ ସୃଷ୍ଟି କରିଛି ଗଭୀର ଆଲୋଡ଼ନ ଏବଂ ତାଙ୍କ ପ୍ରାଣକୁ କରିଛି ବେଦନାସିକ୍ତ । 'ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କର, ସ୍ୱାର୍ଥକୁ ଦିଅ ଆହୂତି' ଉତ୍କଳ ଗୌରବ ମଧୁସୂଦନଙ୍କ ତାଙ୍କ ସେଇ ଅଗ୍ନିମୟୀ ଅମରବାଣୀ ଶ୍ରୀ ହରିଚନ୍ଦନଙ୍କୁ ଅନୁପ୍ରାଣୀତ ଓ ପ୍ରଭାବିତ କରିଛିଏବଂ ଫଳସ୍ୱରୂପ ତାଙ୍କର କୃଷ୍ଣାମାନସରୁ ସୃଷ୍ଟି ନେଇଛି ନାଟକ 'ଛିନ୍ନାଙ୍ଗ' । ଉତ୍କଳର ତରୁଣମାନଙ୍କୁ ଆହ୍ୱାନ ଦେଇ ସେ ଲେଖିଛନ୍ତି-

'ତରୁଣ ଉତ୍କଳ, କାହିଁ ତୁମର ତାରୁଣ୍ୟ ? ଶକ୍ତି ନାହିଁ, ସାହସ ନାହିଁ, ଦୃଢ଼ତା ନାହିଁ । ଥାଶୁଭାଳି ଠିଆ ହୋଇ, ଭିକ ମାଗି କେବେ କେଉଁ ଜାତି ଆତ୍ମପ୍ରତିଷ୍ଠା କରିବାର ଶୁଣିଛ ?'

ଓଡ଼ିଶାର ତତ୍କାଳୀନ କଂଗ୍ରେସ ନେତୃବୃନ୍ଦ ରାଜ୍ୟ ବିଚ୍ଛିନ୍ନାଂଶର ମିଶ୍ରଣ ଲାଗି ଉଦ୍ୟମ କରିବା ପରିବର୍ତ୍ତେ ମହାଭାରତୀୟ ସ୍ରୋତରେ ଭାସୁଥିବା ବେଳେ ଭାରତ ନିତ୍ୟପ୍ରତି ଦୃଷ୍ଟି ରଖି ଏକମାତ୍ର ଉତ୍କଳଗୌରବ ମଧୁସୂଦନ ଦାସ ଓଡ଼ିଶାର ସ୍ୱାର୍ଥରକ୍ଷା ଲାଗି ଲଢ଼େଇ କରିଥିଲେ । ଏଥିଲାଗି ସେ ସମସ୍ତଙ୍କର ସମାଲୋଚନାର ପାତ୍ର ହୋଇଥିଲେ ମଧ ତାଙ୍କ ସ୍ୱଭାବସୁଲଭ ଢଙ୍ଗରେ ତିଳେମାତ୍ର ବିଚଳିତ ହୋଇନଥିଲେ । ସୁତରାଂ ନାଟ୍ୟକାର ପରଶୁରାମ 'ଛିନ୍ନାଙ୍ଗ' ନାଟକରେ ମଧୁବାବୁଙ୍କ ମୁଖରେ ବଳିଷ୍ଠ ସଂଳାପ ଦେଇ ଯଥାର୍ଥରେ ଲେଖିଛନ୍ତି-

'ଆରେ ଉଠ ତୋର ମହାଭାରତୀୟ ନେତା । ମୁଁ ଜାଣେ, ଚିହ୍ନେ ସମସ୍ତଙ୍କୁ । ମଧୁସୂଦନ ଦାସ ତା' ଜୀବନରେ ତମ ଭାରତୀୟ ନେତାଙ୍କୁ ପାହନ୍ତାରେ ପଚାରେ ନାହିଁ । ତମେମାନେ ଯେବେ ଆଶା କରୁଥାଅ କାଲି ଦେଲମାନଙ୍କ ପାଖରେ ସଭେଇ ଜାଗିଲେ ତମ ଚଳ୍ ଆସନ କରିପାରିବ ତେବେ ମସ୍ତବଡ଼ ଭୁଲ କରୁଛ । ଜାତିଗତ ବଳହୀନ ଲୋକ କିବା ହକ୍ ହାସଲ କରିପାରେ ନାହିଁ । ଆତ୍ମ ପ୍ରତିଷ୍ଠା ଲାଭ ତା'ପକ୍ଷେ ଅସମ୍ଭବ ।'

ଶ୍ରୀ ହରିଚନ୍ଦନଙ୍କ ରଚିତ ସମସ୍ତ ନାଟକରେ ତାଙ୍କର ଓଡ଼ିଆ ଜାତି ଓ ସଂସ୍କୃତି ପ୍ରୀତି ସ୍ୱଚ୍ଛ ରୂପେ ପ୍ରତିଫଳିତ । ସାମ୍ପ୍ରତିକ ବିଶ୍ୱବିଦ୍ୟାଳୟର ଡିଗ୍ରୀପ୍ରାପ୍ତ ତରୁଣ ତରୁଣୀମାନେ କିପରି ଓଡ଼ିଆ ସଭ୍ୟତା ଓ ସଂସ୍କୃତି ପ୍ରତି ବୀତସ୍ପୃହ ଏବଂ ଓଡ଼ିଶାର ବୀରପୁରୁଷମାନଙ୍କ ଜୀବନୀ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ ସେ ସମ୍ପର୍କରେ ନାଟ୍ୟକାର ହରିଚନ୍ଦନଙ୍କ ଶାଣିତ କଟାକ୍ଷ ବେଶ ପ୍ରଣିଧାନଯୋଗ୍ୟ । 'ଛିନ୍ନାଙ୍ଗ' ନାଟକରେ ସିଂହଭୂମିର ସଂଗ୍ରାମୀ ଓଡ଼ିଆ ରାଜା ଅର୍ଜୁନ ସିଂହଙ୍କ ସଂଳାପ ମାଧ୍ୟମରେ ନାଟ୍ୟକାର ଲେଖିଛନ୍ତି-

'ଅର୍ଜୁନ- ହାଃ ହାଃ ହାଃ । ଜୀବା ମୋର ଅସ୍ତ୍ର ବି ଅସ୍ତ୍ର ବି ପାଗଳ ବୋଧହୁଏ । ବିଶ୍ୱବିଦ୍ୟାଳୟର ଉପାଧିପ୍ରାପ୍ତ ସ୍ନାତକ ଯୁବକ ଦୁଃଖ ଲାଗେ ତୁମର ଏବସ୍ଥା ଦେଖି । ବହି ଘୋଷି ଘୋଷି ମୁଣ୍ଡ ବିଗୁଡ଼, କଲେଜର ଅଧି ପଞ୍ଚଭାସାର ଉଡ଼ି ଆସିବ, ଜୋନ ଡାଲର୍ଟ, ହେନେରୀ, ଏଡ୍ୱାର୍ଡ଼ଙ୍କର ସୁପୁରୁଷଙ୍କର ନାଁ ମୁଖସ୍ଥ କରିଛ, ଅଥଚ ଏଇ ମାଟି ପେଟର ଲାଗି ତମର କିଏ ଥିଲା ତାର ନାଁ ଜାଣ ନାହିଁ ।

ବିଶ୍ୱାସଘାତକତା, ଦେଶଦ୍ରୋହ ଏବଂ ନିମକ୍‌ହାରାମୀ ଯୋଗୁଁ ଉତ୍କଳର ସ୍ୱାଧୀନତା ସୂର୍ଯ୍ୟ ଅସ୍ତମିତ ହୋଇଥିଲା । ୧୮୧୭ ମସିହାର ସୁବିଖ୍ୟାତ ପାଇକ ବିଦ୍ରୋହ ଓଡ଼ିଶାର ଫତେ ମହମ୍ମଦ, ଚରଣ ପଟ୍ଟନାୟକ ଏବଂ ମଧୁସୂଦନ ପଟ୍ଟନାୟକଙ୍କ ଭଳି ଦେଶଦ୍ରୋହୀମାନଙ୍କ ଷଡ଼ଯନ୍ତ୍ର ଯୋଗୁଁ ବିଫଳ ହୋଇଥିଲା । ନାଟ୍ୟକାର ହରିଚନ୍ଦନଙ୍କ ଧମନୀରେ ଦେଶପ୍ରେମୀ ଓ ବିପ୍ଳବୀ କୃତ୍ତିବାସ ପାଟଶାଣୀଙ୍କ ଉଷ୍ଣ ରକ୍ତର ପ୍ରବାହ ଯୋଗୁଁ ଦେଶଦ୍ରୋହୀମାନଙ୍କ ପ୍ରତି ତାଙ୍କ ଅନ୍ତରରେ ତୀବ୍ର ଘୃଣା ଆଉ ପ୍ରଜ୍ୱଳିତ କ୍ରୋଧ । ସୁତରାଂ 'ଛିନ୍ନାଙ୍ଗ' ନାଟକରେ ବକ୍ସି ଜଗବନ୍ଧୁଙ୍କ ସଂଳାପ ମାଧ୍ୟମରେ ସେ ଲେଖିଛନ୍ତି-

'ବିଶ୍ୱାସ ଘାତକତା ଠାରୁ ନିମକ୍‌ହାରାମୀଠାରୁ ଆଉ ବଡ଼ ପାପ ଦୁନିଆଁରେ କଣ ଅଛି ?

ନିମକହାରାମ ବଂଶ ଏ ଦେଶରୁ ଲୋପ ହୋଇଯାଉଛି ବୋଲି କହୁଚ ତମେ ? ଠିକ୍ କହୁଚ ? ମୋର କିନ୍ତୁ ବିଶ୍ୱାସ ହେଉନି ।'

ପୁରାତନ ଶାସ୍ତ୍ର ଏବଂ ପୁରାଣରେ ଓଡ଼ିଆମାନଙ୍କ ସାହାସ ଓ ବୀରତ୍ୱ ସଂପର୍କରେ ଉଲ୍ଲେଖ କରାଯାଇ କୁହାଯାଇଛି- ''କଳିଙ୍ଗା ସାହସିକାଃ'' । ଅର୍ଥାତ୍ କଳିଙ୍ଗର ଅଧିବାସୀମାନେ ଇତିହାସ ପ୍ରସିଦ୍ଧ ବୀର ଓ ସାହସୀ ଯୋଦ୍ଧା ଭାବେ ଖ୍ୟାତ ଥିଲେ । ମହାଧର ଦୁର୍ଦ୍ଧର୍ଷ ଓ ଦୁର୍ଦ୍ଦାନ୍ତ ସମ୍ରାଟ ଅଶୋକ କଳିଙ୍ଗବାସୀଙ୍କୁ ପରାଜିତ କରିଥିଲେ ସତ୍ୟ ହେଲେ ପଦାନତ କରିବାକୁ ସକ୍ଷମ ହୋଇନଥିଲେ । ସୁତରାଂ ଉତ୍କଳ ମାଟିର ପରମ୍ପରାରେ ଦୁର୍ବଳ ଲୋକର ସ୍ଥାନ ନାହିଁ । ତେଣୁ ନାଟ୍ୟକାର ହରିଚନ୍ଦନ କୋଶଳର ଅନ୍ୟତମ ବିଦ୍ରୋହୀ ବୀର ଜୟୀ ରାଜଗୁରୁଙ୍କ ମୁଖର ସଂଳାପ ମାଧ୍ୟମରେ 'ଛିନ୍ନାଙ୍ଗ' ନାଟକରେ କହିଛନ୍ତି ଯେ-

'ଓଡ଼ିଆର ପୁରୁଷକାର ଜଗତ ପ୍ରସିଦ୍ଧ । ସେ କେବେ ନାରୀ ପରି ମୁଣ୍ଡ କଚାଡ଼ି କାନ୍ଦେ ନାହିଁ, ଦେଶେ ଆତ୍ମଦାନ, ଆତ୍ମବଳି । ପୁରାଣ, ଇତିହାସ ପଢ଼ିବ ?'

ଆଡ୍‌ଭୋକେଟ,
ଭୁବନେଶ୍ୱର



# ବି.ଜେ.ବି. ହାଇସ୍କୁଲର ଆଦ୍ୟ ଇତିହାସ

ଦିଗମ୍ବର ଶ୍ରୀଚନ୍ଦନ

ଏତଦ୍ ମଧ୍ୟରେ ସାହେବ ଇଂରେଜ ଶିକ୍ଷା ବିଭାଗରେ ଦିନେ କଥା ପ୍ରସଙ୍ଗରେ ପ୍ରକାଶ କରି କହିଲେ ଯେ ଗଭର୍ଣ୍ଣମେଣ୍ଟର ସାହେବ ଉଚ୍ଚଶିକ୍ଷାର ପକ୍ଷପାତି ନୁହଁନ୍ତି, ତେବେ ଏତେ ଦୀର୍ଘକାଳ, ଖୁରଧାରେ ବନ୍ଦୋବସ୍ତ ଉପଲକ୍ଷେ ଅନେକ ଟଙ୍କା ଖର୍ଚ୍ଚ କରି ସୁଦ୍ଧା, ମାଇନର ସ୍କୁଲଟିକୁ ହାଇସ୍କୁଲରେ ପରିଣତ କରିପାରିଲେ ନାହିଁ । ଖୁରଧା ପରି ଷ୍ଟେଟରେ ହାଇସ୍କୁଲଟିଏ ନ ହେବା ବଡ଼ ଅସୁନ୍ଦର କଥା । ଖୁରଧାର ଜଳବାୟୁ ଯେପରି ସ୍ୱାସ୍ଥ୍ୟକର, ଛାତ୍ର ସଂଖ୍ୟାର ଅଭାବ ବି ହୁଅନ୍ତା ନାହିଁ । ମୁଁ କହିଲି- ସତ୍ୟ, କେବଳ ମତ ଓ ଉତ୍ସାହର ଅଭାବ । ମହାଜନ ଓ ମଧ୍ୟବିତ୍ତଙ୍କୁ ଛାଡ଼ି କେବଳ ସରବରାକାରଙ୍କ ସଂଖ୍ୟା ତ ହଜାରେ । ହାରାହାରି ୫୲- (ପାଞ୍ଚଟଙ୍କା) ଚାନ୍ଦା ଦେଲେ ପାଞ୍ଚ ହଜାର ତ ସୁନିଶ୍ଚିତ । ବାହାରୁ ମଧ୍ୟ ଆଉ ପାଞ୍ଚ ହଜାର ହେବା ଅସମ୍ଭବ ନୁହେଁ । ସାହେବ ମୋତେ ପଚାରିଲେ, "ଆଶା ହେଉଛି ।" ମୁଁ କହିଲି, ଆପଣଙ୍କ ଅନୁକୂଳ ମତ ଉପରେ ସବୁ ନିର୍ଭର କରେ । ସାହେବ କହିଲେ ତହସିଲଦାର ପାଦର ବାବୁଙ୍କ ସଙ୍ଗେ ପରାମର୍ଶ କରି ଗୋଟିଏ କମିଟି ଗଢ଼, ସାହେବଙ୍କ ସଭାପତିତ୍ୱରେ ଗୋଟିଏ କମିଟି ଗଠିତ ହେଲା । କମିଟିରେ ମୋତେ ଜଣେ ସଭ୍ୟ କରାଗଲା । ଛତାବର ନିବାସୀ ପ୍ରସିଦ୍ଧ ମୁକ୍ତାର କୃଷ୍ଣଚନ୍ଦ୍ର ସାମନ୍ତରାୟଙ୍କ ପ୍ରସ୍ତାବ ମତେ ଚାନ୍ଦା ଆଦାୟ କରିବାର ଭାର ମୋ ଉପରେ ନ୍ୟସ୍ତ କରାଗଲା । ମୁଁ ପ୍ରଶ୍ନ କଲି- (ସାହେବଙ୍କ ଉଦ୍ଦେଶ୍ୟରେ) ଅନୁକୂଳ କାହାଠାରୁ କରିବି ? ଉକ୍ତ ସାମନ୍ତରାୟ ମହାଶୟ କହିଲେ, "ଆଦାୟକର୍ତ୍ତାଙ୍କ ସହଧର୍ମିଣୀଙ୍କଠାରୁ ।" ସଭାରେ କରତାଳି ଦ୍ୱାରା ଏହା ସମର୍ଥନ କରାଗଲା । ସେଦିନ ବସନ୍ତ ପଞ୍ଚମୀ । ସେହି ରାତ୍ରି ମଧ୍ୟରେ ମୁଁ ସଭାରୁ ଯାଇ ଘରେ, ତାଙ୍କୁ ଏ ଶୁଭ ସମାଚାରର ସମ୍ବାଦ ଦେବା ମାତ୍ରେ ତତ୍କ୍ଷଣାତ୍ ଶାଶୁ ଶ୍ୱଶୁରଙ୍କ ଅନୁମତି କ୍ରମେ ତାଙ୍କ ଟଙ୍କାର ହାତରୁ ଗୋଟିଏ କୁରୁହାଟ ବାହାର କରିଦେଲେ । ତତ୍ପର ଦିନ କାର୍ଯ୍ୟକାରୀ କମିଟି ବସି ଚାନ୍ଦା ଆଦାୟ ସ୍ଥିର ହେଲା । ସରବରାକାରମାନେ ସେ ଯାହାର ସଦର ଜମା ଉପରେ ଶତକଡ଼ା ପାଞ୍ଚ ଟଙ୍କା ହିସାବରେ ଚାନ୍ଦା ଦେବାକୁ ପ୍ରତିଶ୍ରୁତି ଦେଲେ । ଏହାର ଆଦାୟ ଭାର, ତହସିଲଦାରର ମୌଲବିବାବୁର ବଦ୍‌ସଙ୍କ ଉପରେ ନ୍ୟସ୍ତ ହେଲା । ସେ ଜଣେ କଟକ ସହର ନିବାସୀ, ବଡ଼ ଜମିଦାର ଅଟନ୍ତି । ମୁଁ ମଧ୍ୟ କେତେ କାଳ ତାଙ୍କର ପେସ୍କାର ଥିଲି ।

ଯେତେବେଳେ ଚାନ୍ଦା ଆଦାୟର ବାଟ ଫିଟିଗଲା ଏବଂ ସନ୍ତୋଷଜନକ ଭାବେ ଆଦାୟ ମଧ୍ୟ ହେଲା । ତା'ପରେ ହାଇସ୍କୁଲ ମଞ୍ଜୁରି ପାଇଁ ଆବେଦନ କରାଯିବାରେ, ତତ୍କାଳୀନ ଶିକ୍ଷା ବିଭାଗର ଇନ୍‌ସପେକ୍ଟର ରାଏବାହାଦୁର ରାଧାନାଥ ରାୟ ଏଥିପ୍ରତି ଟିକିଏ ଅବହେଳା ପ୍ରଦର୍ଶନ କରୁଥିବା ଦେଖାଗଲା । ଯେହେତୁ ପୁରୀ ଜିଲ୍ଲା ସ୍କୁଲ ତରଫରୁ ପ୍ରଶ୍ନ ଉଠିଲା ଯେ ଖୁରଧାରେ ହାଇସ୍କୁଲ ହେଲେ, ଏହି ଗଭର୍ଣ୍ଣମେଣ୍ଟ ପ୍ରତିଷ୍ଠିତ ଜିଲ୍ଲା ସ୍କୁଲର ଛାତ୍ର ସଂଖ୍ୟା କମିଯିବ । କାରଣ ଖୁରଧାର ଜଳବାୟୁ ଭଲ ଏବଂ ପୁରୀ ତାହାଠାରୁ ଅପେକ୍ଷା, ଖୁରଧାରେ ଖର୍ଚ୍ଚ କମ୍ ପଡ଼ିବ । ରାଧାନାଥ ବାବୁ ଟିକିଏ ଉପ୍ରଧ ମିଛୁଆ ପ୍ରକୃତିର ଲୋକ ଥିବାରୁ ଖୁରଧାରେ, ଏଠାରେ ହାଇସ୍କୁଲ ହେବାର ଉପଯୁକ୍ତ ସ୍ଥାନ ବୋଲି କହନ୍ତି, କିନ୍ତୁ ପୁରୀରେ ସେମାନଙ୍କ ଆପତ୍ତିକୁ ସମର୍ଥନ କରୁଥାନ୍ତି । ଏପରି କେତେକାଳ ଡେରି ହେବାର ଦେଖି ଦିନେ ରାଧାନାଥ ବାବୁ ଖୁରଧା ମାଇନର ସ୍କୁଲ ପରିଦର୍ଶନ କରିବାକୁ ଆସିଥିବା ସମୟରେ ମୁଁ ନିଜେ, ମୁକ୍ତାର ରାଧାକୃଷ୍ଣ ପଟ୍ଟନାୟକ, ଓଜସିଂହ କାନୁନଗୋ, ଚିନ୍ତାମଣି ପଟ୍ଟନାୟକଙ୍କ ସହ ତାଙ୍କୁ ଦେଖା କରିବା ମାତ୍ରେ କହିଲେ, "ମୁଁ ଏଥର ମଫସଲରୁ ଫେରିଲେ ଲେଖିଦେବି ।" ମୁଁ କହିଲି, "ଆପଣଙ୍କ ପରି ବିଜ୍ଞ ଲୋକ ଯେ ଏପରି ମହତ କାର୍ଯ୍ୟରେ ବାଧା ଦେବେ, ଏହା ଅତନ୍ତ ବିଶ୍ୱାସଯୋଗ୍ୟ ନୁହେଁ । ତେବେ ଆପଣ ଟିକିଏ ଉପ୍ରଧ ମିଛୁଆ ପଣରେ ପୁରୀ ଜିଲ୍ଲା ସ୍କୁଲକୁ ଜଗାବେ, ସେ ସ୍କୁଲର କର୍ତ୍ତୃପକ୍ଷଙ୍କ ଆତ୍ମସ୍ୱାର୍ଥ ପ୍ରିୟତା ଅଥାଳ ସମର୍ଥନରେ ବାଧ୍ୟ ହୋଇପଡ଼ନ୍ତି । ଏହା ଶୁଣି ବେଗୁନିଆ ବାହାରି ଗଲେ । ମୋର ଏପରି କଥାରେ କେହି କେହି ନିନ୍ଦା କରି, ରଟନା କଲେ ଯେ ଦିଗମ୍ବରବାବୁ ରାଧାନାଥ ବାବୁଙ୍କୁ ଚିଡ଼ାଇ ଦେଲେ । କିନ୍ତୁ ତା' ପରଦିନ ବେଗୁନିଆଠାରୁ ସେ ଶୁଭ ଆଦେଶ ଆସି ପହଞ୍ଚି ଯିବାରୁ ଖୁରଧାରେ ଗୋଟିଏ ଆନନ୍ଦ ଲହରୀ ଖେଳିଗଲା । ଖୁରଧା ମାଇନର ସ୍କୁଲ, ହାଇସ୍କୁଲରେ ପରିଣତ ହେଲା । ପ୍ରଥମ ହେଡ୍‌ମାଷ୍ଟର ହେଲେ ମାଧବଚନ୍ଦ୍ର ମିଶ୍ର ବି.ଏଲ୍ । ନୂତନ ପରିଚାଳନା କମିଟି ଗଢ଼ା ହେଲା । ମିଃ ମାକ୍‌ଫରସନ୍, ଏସ୍.ଡି.ଓ. ଚେୟାରମ୍ୟାନ ହେଲେ । ଯେତେବେଳେ ପ୍ରସ୍ତାବ ଉଠିଲା ଯେ ଏହି ସ୍କୁଲର ନାମ ମାକ୍‌ଫରସନ୍ ହାଇସ୍କୁଲ ହେଉ, କିନ୍ତୁ ସେ ନାରାଜ ହେଲେ । ମୁଁ ବି କମିଟିର ସଭ୍ୟ ହେବାକୁ ଅସମ୍ମତି ପ୍ରକାଶ କଲି । ସାହେବ ଉଠି ଆନନ୍ଦ ପ୍ରକାଶ କରି ପ୍ରସ୍ତାବ ଦେଲେ ଯେ ସ୍କୁଲର ନାମ ଖୁରଧା ହାଇସ୍କୁଲ ରହୁ । ସଭା ପକ୍ଷରୁ ତାଳିଆଦ୍ୱାରୁ କରତାଳି ଧ୍ୱନି ହେଲା । ଏହି ମୁହୂର୍ତ୍ତରେ କାନୁନଗୋ ଶ୍ରୀ ଚିନ୍ତାମଣି ପଟ୍ଟନାୟକ ମୋ ଆଡ଼କୁ ଲକ୍ଷ୍ୟକରି କହିଲେ, "ହାଇସ୍କୁଲ ତ ହେଲା, ବୋର୍ଡ଼ିଂ (ଛାତ୍ରାବାସ) ଏଠାରେ ଶୀଘ୍ର କରନ୍ତୁ । ମୁଁ ବୋର୍ଡ଼ିଂ ପାଇଁ ଏକଶହ ଟଙ୍କା ଚାନ୍ଦା ଦେବି, ଲେଖ ।" ସାହେବ କହିଲେ, ମୁଁ ଥାଣାକଲେ, ଖୁରଧା ଯେତିକି ଦେଖୁଛି, ସେତିକି ଆପେକ୍ଷିକ କିନ୍ତୁ ଯେଉଁ ଶ୍ରେଣୀକୁ ନେଇ ଖୁରଧାର ପ୍ରତିଷ୍ଠା, ଦୁଃଖର ବିଷୟ, ସେମାନଙ୍କର କିଛି ଭାସୁନାହିଁ ।

(ଖୁରୁଧା ଦର୍ପଣରୁ ଆନୀତ)



# ପୁରାତନ ଛାତ୍ର ସଂସଦ

**ଶ୍ରୀ ଗୌରୀଶ୍ୟାମ ପଟ୍ଟନାୟକ**

ଶିତାଙ୍ଗୀର ବିଜୟ ବିଜଡିତ ସାରସ୍ୱତ ମନ୍ଦିର ବର୍ତ୍ତମାନର ''ବକ୍ସିଜଗବନ୍ଧୁ ବିଦ୍ୟାଧର ଉଚ୍ଚଇଂରାଜୀ ବିଦ୍ୟାଳୟ'' ତଥା ବିଗତ ଦିନର ''ଖୋର୍ଦ୍ଧା ଉଚ୍ଚ ଇଂରାଜୀ ବିଦ୍ୟାଳୟ'' ସମ୍ପର୍କରେ ତାର ଶତବାର୍ଷିକୀ ପାଳନ ଅବସରରେ ଏହାର ଐତିହ୍ୟ ସ୍ମରଣ କଲେ ଯେ କୌଣସି ବ୍ୟକ୍ତି ଚମତ୍କୃତ ଓ ଆନନ୍ଦ ବିଭୋର ହେବ ଏଥିରେ ସନ୍ଦେହ ନାହିଁ । ଏ ମନ୍ଦିରରେ ବାଣୀଙ୍କର ଆରାଧନାର ସୁରକ୍ଷା ଦାୟିତ୍ୱ ବିଶ୍ୱ ବିନାଶକ ସ୍ୱୟଂ ପଞ୍ଚନାଥ ବହନ କରିଛନ୍ତି । ଦୀର୍ଘ ଏକଶତ ବର୍ଷରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ଅଗଣିତ ଛାତ୍ରଛାତ୍ରୀ ଏ ମନ୍ଦିରରେ ସାଧନା ଓ ତପସ୍ୟା କରି ଦେଶ ବିଦେଶରେ ବିଶେଷ କୃତିତ୍ୱ ଅର୍ଜନ କରିଛନ୍ତି । ଏ ଅନୁଷ୍ଠାନର ବହୁ ପୁରାତନ ଛାତ୍ର, ଶିକ୍ଷାବିତ୍, ଡାକ୍ତର, ଆଇନଜ୍ଞ, କବି, ସାହିତ୍ୟିକ, ପ୍ରଶାସକ, ରାଜନୀତିଜ୍ଞ ଓ ସମାଜସେବକ ଭାବେ ଉଲ୍ଲେଖନୀୟ ସମ୍ମାନ ଅର୍ଜନ କରିଛନ୍ତି । ଏହି ଅନୁଷ୍ଠାନରେ ଜଣେ ପୁରାତନ ଛାତ୍ର ଭାବେ ଓ କିଛିଦିନ ପାଇଁ ସର୍ବପ୍ରଥମ ବିଜ୍ଞାନ ଶିକ୍ଷକ ଭାବେ ଅନୁଷ୍ଠାନର ସେବା କରିବାର ସୁଯୋଗ ମୁଁ ପାଇଛି ଏ ସେଥିପାଇଁ ନିଜକୁ ଗୌରବାନ୍ୱିତ ମନେ କରୁଛି ।

ଏହି ଅନୁଷ୍ଠାନ ଉଚ୍ଚବିଦ୍ୟାଳୟ ଭାବେ ପୁରୀ ଜିଲ୍ଲାରେ ଦ୍ୱିତୀୟ ଓ ସମଗ୍ର ଓଡ଼ିଶାରେ ଅଷ୍ଟମ ବିଦ୍ୟାଳୟ ଅଟେ । ସମଗ୍ର ଓଡ଼ିଶାରେ, ଖୋର୍ଦ୍ଧାର ଐତିହ୍ୟ ଯେପରି ଚାକଚକ୍ୟମାନ, ଶିକ୍ଷା କ୍ଷେତ୍ରରେ ସେହି ସମ୍ମାନର ସୂଚନା ଦେଇପାରିଛି ଏହି ଐତିହାସିକ ଗୌରବଦୀପ୍ତ ଅନୁଷ୍ଠାନ । ଏହି ବିଦ୍ୟାଳୟର ବହୁ ପୁରାତନ ଛାତ୍ର ଦେଶ ବିଦେଶର ବିଭିନ୍ନ ସ୍ଥାନରେ କର୍ମକ୍ଷେତ୍ର ସୃଷ୍ଟି କରିଛନ୍ତି । ସେମାନଙ୍କ ମଧ୍ୟରେ ସଂହତି ସ୍ଥାପନ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଏହାର ଅଧିକରୁ ଅଧିକ ଉନ୍ନତି ସାଧନ ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ବିଦ୍ୟାଳୟର 'ପ୍ରାକ୍ତନ ଛାତ୍ର ସଂସଦ' ଗଠନର ଆବଶ୍ୟକତା ଉପଲବ୍ଧି କରାଯାଇଥିଲା ମା ବରୁଣେଇ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ଘୋଷିତସଭାରେ । ତଦନୁସାରେ ସଂସଦ ଗଠନ ନିମନ୍ତେ ଖ୍ରୀ ୧୯୮୫ ମସିହା ଜାନୁଆରୀ ୨୦ ତାରିଖ ଅପରାହ୍ନ ୪ ଘଟିକା ସମୟ ନିରୂପଣ କରାଯାଇ ଏକ ବିଜ୍ଞାପନ ଛପାଯାଇ ବଣ୍ଟାଯାଇଥିଲା ଓ ଦୂର, ଦୂରାନ୍ତରେ ଥିବା ପୁରାତନ ଛାତ୍ରମାନଙ୍କୁ ନିମନ୍ତ୍ରଣ କରିବା ସମ୍ଭବପର ନ ହୋଇବାରୁ ସେହି ବିଜ୍ଞାପନକୁ ନିମନ୍ତ୍ରଣ ଭାବେ ଗ୍ରହଣ କରି ଏହି ବିଦ୍ୟାଳୟର ସଭାଗୃହରେ ନିର୍ଦ୍ଧାରିତ ସମୟ ଉପସ୍ଥିତ ରହି 'ସଂସଦ ଗଠନ' କରିବାରେ ସହଯୋଗ ଓ ସଦିଚ୍ଛା ପ୍ରଦାନ କରିବାକୁ ନିବେଦନ କରିଥିଲେ ଆବାହକ ଶ୍ରୀ ଗୋପାଳକୃଷ୍ଣ ଦାସ ଓ ତତ୍କାଳୀନ ପ୍ରଧାନ ଶିକ୍ଷକ ଶ୍ରୀ ହରେକୃଷ୍ଣ ନନ୍ଦ ।

୨୦.୧.୮୫ ତାରିଖ ଅପରାହ୍ନ ୫ ଘଟିକା ସମୟରେ ପୂର୍ବ ନିର୍ଦ୍ଧାରଣ ଅନୁଯାୟୀ ଏକ ସଭା ଅନୁଷ୍ଠିତ ହୋଇ ''ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ'' ଗଠନ ଓ ଏକ ଅସ୍ଥାୟୀ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ଏହି ସଭାରେ ସଭାପତିତ୍ୱ କରିବାର ସୁଯୋଗ ମୋତେ ଦିଆଯାଇଥିଲା ।

ତା'ପରେ ଆଉ ଚାରିଗୋଟି ବୈଠକ ପରେ ତା ୧୨.୧.୮୭ ରିଖରେ ସାଧାରଣ ଅଧିବେଶନରେ ସଂସଦର ଏକ ସମ୍ବିଧାନ ଗୃହୀତ ହୋଇ ସଂସଦର ନିୟମିତ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା ।

ପ୍ରତ୍ୟେକ ବର୍ଷ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧଦିବସ, ଗଣ୍ଡୁ ଦିବାକରଙ୍କ ଫାଶୀ ଦିବସ ପାଳିତ ହେଉଛି । ବିଦ୍ୟାଳୟର ବିଭିନ୍ନ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଉଛି । ସଂସଦର ଉତ୍ସବରେ ତତ୍କାଳୀନ ସଂସ୍କୃତି ବିଭାଗ ମନ୍ତ୍ରୀ ଶରତ ରାଉତ, ବିଭୂତି ମର୍ଦ୍ଦରାଜ, ବିଧାୟକ ପ୍ରସନ୍ନ ପାଟଶାଣୀ, ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ଐତିହାସିକ ଡି.ସି. ରାୟ, ଜଗନ୍ନାଥ ପଟ୍ଟନାୟକ, ପ୍ରଭୃତି ବେ ତଥା ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଛନ୍ତି ।

ସଂସଦର ଆନୁକୂଲ୍ୟରେ ବକ୍ସି ଜଗବନ୍ଧୁଙ୍କର ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ତା ୧୪.୫.୮୮ ରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସେ ସମୟର ଖୋର୍ଦ୍ଧା ସବ୍-ଡିଭିଜନାଲ ଅଫିସର ଶ୍ରୀ ଅଶ୍ୱିନୀ କୁମାର ଦାସ ଏହି ସଭାରେ ଖୋର୍ଦ୍ଧାର ଗୌରବମୟ ଐତିହ୍ୟ ଓ ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ ଓ ତ୍ୟାଗ ସମ୍ପର୍କରେ ଏକ ସୁଦୀର୍ଘ ଭାଷଣ ଦେଇଥିଲେ । ସେହି ଦିନଠାରୁ ବକ୍ସି ଜଗବନ୍ଧୁଙ୍କର ଏକ ବୀରୋଚିତ ପ୍ରେରଣାଦାୟକ ପ୍ରତିମୂର୍ତ୍ତି ବିଦ୍ୟାଳୟ ପରିସର ମଧ୍ୟରେ ସ୍ଥାପନ କରାଯିବାର ଉଦ୍ୟମ ଅବ୍ୟାହତ ରହିଛି । ମାତ୍ର ଏହା ବହୁ ବ୍ୟୟସାପେକ୍ଷ ହୋଇଥିବାରୁ ଅଦ୍ୟାବଧି ସମ୍ଭବ ହୋଇପାରି ନ ଥିଲା । ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ଏହି ପରିକଳ୍ପିତ ମୂର୍ତ୍ତି ପ୍ରତିଷ୍ଠା କରାଯାଉଅଛି । ଏଥିପାଇଁ ପୁରାତନ ଛାତ୍ର ସଂସଦ ସମସ୍ତ ସହଯୋଗୀମାନଙ୍କୁ ଧନ୍ୟବାଦ ଦେବା ସହ ଉକ୍ତ ବିଦ୍ୟାଳୟର ପୁରାତନ କୃତି ଛାତ୍ର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ବିଶେଷ ସାହାଯ୍ୟ ଓ ସହାନୁଭୂତି ଯୋଗୁଁ ତାଙ୍କୁ ବିଶେଷ ଧନ୍ୟବାଦ ଦେଉଅଛି ।

ଏହି ଶତବାର୍ଷିକୀ ପାଳନ ଅବସରରେ ପୁରାତନ ଛାତ୍ର ସଂସଦର ସଭାପତି ଭାବେ ମୁଁ ଏ ମହାନ୍ ଅନୁଷ୍ଠାନର ସମସ୍ତ ପୁରାତନ ଛାତ୍ରମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ଏହି ଐତିହାସିକ ବିଦ୍ୟାଳୟର ଛାତ୍ର ଭାବେ ନିଜ ନିଜକୁ ଗର୍ବିତ ଅନୁଭବ କରିବା ସଙ୍ଗେ ସଙ୍ଗେ ''ପୁରାତନ ଛାତ୍ର ସଂସଦ'' ମାଧ୍ୟମରେ ପରସ୍ପର ମଧ୍ୟରେ ସଂହତି ରକ୍ଷା କରି ଏ ମହାନ୍ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତିବିଧାନ ପ୍ରତି ଦୃଷ୍ଟି ଦେବାକୁ ଆଗ୍ରହୀ ହେବେ ।

ସଭାପତି, ପୁରାତନ ଛାତ୍ର ସଂସଦ,
ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ଇଂରାଜୀ ବିଦ୍ୟାଳୟ



# ଶତବାର୍ଷିକୀ ବିଚିତ୍ରା- ଏକ ଶିକ୍ଷାୟତନର



ଗୋକୁଳ ଚନ୍ଦ୍ର ସିଂହସାମନ୍ତ

କୌଣସି ବିଦ୍ୟାଳୟର ମହତ୍ତ୍ୱ ନିର୍ଭର କରେ ତା'ର ଶିକ୍ଷକ, ଶିକ୍ଷାର୍ଥୀ ଓ ଶିକ୍ଷାୟତନକୁ ନେଇ । ଆଗରୁ ଏହି ଶତବର୍ଷର ବିଦ୍ୟାଳୟ ବିଷୟ ଆଲୋଚନା କଲେ, ଏହାର ଶିକ୍ଷାୟତନ ବିଷୟ ଆଲୋଚନା କରିବା ପ୍ରାସଙ୍ଗିକ ମନେକରେ । ଏହି ବିଦ୍ୟାଳୟଟି ୧୮୯୬ ମସିହାରେ ଆରମ୍ଭ ହୁଏ । ଏହାର ପ୍ରଥମ ନାମ ଥିଲା ଖୋର୍ଦ୍ଧା ହାଇ ଇଂଗ୍ଲିଶ ସ୍କୁଲ । ବର୍ତ୍ତମାନର ପୋଷ୍ଟ ଅଫିସ ଆଗ ପରିସର ମଧ୍ୟରେ ସେତେବେଳର ମାଇନର ଇଂଲିଶ୍ ସ୍କୁଲର ବିଦ୍ୟାଳୟ ଚାଲିଥାଏ । ଏହି ଗୃହରେ ଚତୁର୍ଥ ଶ୍ରେଣୀରୁ ଇଂରାଜୀ ମାଧ୍ୟମରେ ହାଇସ୍କୁଲ ପାଠ ଆରମ୍ଭ ହେଲା । ଯାହାଫଳରେ ଏହି ବିଦ୍ୟାଳୟ ପ୍ରଥମଥର ପାଇଁ ୧୯୦୩ ମସିହାରେ ପାଟଣା ୟୁନିଭରସିଟି ଜରିଆରେ ମାଟ୍ରିକ ପରୀକ୍ଷା ଦେଇଥିଲେ । ଚାରିଜଣ ଛାତ୍ର ମାଟ୍ରିକ ପରୀକ୍ଷା ଦେଇ ସମସ୍ତେ ପାସ କରିଥିଲେ । ସେଥିମଧ୍ୟରୁ ଜଣେ ପ୍ରଥମ ଶ୍ରେଣୀ, ଦୁଇଜଣ ଦ୍ୱିତୀୟ ଶ୍ରେଣୀ ଓ ଜଣେ ତୃତୀୟ ଶ୍ରେଣୀ ପାଇଥିଲେ ।

ବିଦ୍ୟାଳୟଟି ବର୍ତ୍ତି ଚାରି ତିନୋଟି ବ୍ଲକରେ ବିଭକ୍ତ ଥିଲା । ଏହାର ଦକ୍ଷିଣ କୋଣେଇ ପଶ୍ଚିମ ସହ ପୂର୍ବ, ପଶ୍ଚିମ, ମଧ୍ୟଭାଗ ଇତ୍ୟାଦି ସେତେବେଳେ ବିଭାଗରେ ବିଭକ୍ତ ଥିଲା । ଏହାର ନିକଟରେ ଖୋର୍ଦ୍ଧା ସ୍କୁଲ ଓ ଖୋର୍ଦ୍ଧା କୋ-ଅପରେଟିଭ୍ ବ୍ୟାଙ୍କ ଅବସ୍ଥିତ ଥିଲା । ଏହି ବିଦ୍ୟାଳୟ ଗୃହଗୁଡ଼ିକ ଟାଳି ଓ ପୁରାତନ ଥିବାରୁ ଏହାର ପରିବର୍ତ୍ତନ ଆବଶ୍ୟକ ହେଲା । ଏଣୁ ପରିଚାଳନା କମିଟି ଏହି ବିଦ୍ୟାଳୟ ପାଇଁ ଏକ ନୂତନ କୋଠାଘରର ଆବଶ୍ୟକତା ଅନୁଭବ କଲେ । ବର୍ତ୍ତମାନର ବିଦ୍ୟାଳୟ କୋଠାଘରର ନିର୍ମାଣର ସେତେବେଳେ ପୃଷ୍ଠଭୂମି ଆଲୋଚନା କରିବାକୁ ମୁଁ ଏଠାରେ ପ୍ରାସଙ୍ଗିକ ମନେ କରୁଛି । ଏଥିପାଇଁ ପରିଚାଳନା କମିଟି ବିବରଣୀ ଓ ବିଦ୍ୟାଳୟର ପତ୍ରିକାର ସାହାଯ୍ୟ ନିଆଯାଇଛି ।

ପୁରୀ ଜିଲ୍ଲାପାଳ ତା ୨୯.୧.୧୯୧୭ରେ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ତାଙ୍କ ଆଗରେ ବିଦ୍ୟାଳୟ କୋଠାଘର ପାଇଁ ଆଲୋଚନା ହୋଇଥିଲା । ସେ ମହାଶୟ କହିଥିଲେ ଯେ, ବିଦ୍ୟାଳୟର ପୁରୀ ବ୍ରାଞ୍ଚ ବ୍ୟାଙ୍କରେ ଜମାଥିବା ଆଠ ହଜାର ଟଙ୍କା ଅଣାଯାଇ King Edward VIIଙ୍କ ସ୍ମରଣ ପାଣ୍ଠିରେ ଜମା କରାଯାଇ ପରରେ ବିଦ୍ୟାଳୟ ପାଇଁ ଉକ୍ତ ଟଙ୍କା ଆଦାୟ ହୋଇପାରିବ । (Collector, Puri kindly visited the school on 29..1.1917 and looked into the building question and deposit of Rs 8000 in Puri Bank. He suggested that he would move the sub-Committee to raise funds for the Commemoration of our most beloved Majesty king Edward VII to dedicate this to school authoity so that it may be Profitably deposited in several Banks- Managing Resolution in 2.2.1917).

ତା ୨.୫.୧୯୧୭ ପରିଚାଳନା ସମିତି ମିଟିଂରେ ନିଷ୍ପତ୍ତି ହେଲା ପୁରୀ କଲେକ୍ଟରଙ୍କ ପୂର୍ବ ପରିଦର୍ଶନ ବିବରଣୀ ଅନୁସାରେ ବିଦ୍ୟାଳୟର ବିଭିନ୍ନ ବ୍ୟାଙ୍କରେ ଜମାଥିବା ଟଙ୍କାଗୁଡ଼ିକ Govt security ଆକାରରେ ଜମାରଖି King Edward VII Memorial Fund ସଭାପତିଙ୍କଠାରୁ ସଞ୍ଚିତ ୮୦୦୦/- (ଆଠହଜାର) ଟଙ୍କା ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ଆଣିବାକୁ ହେବ ।

("It was also resolved on the inspection note of the Collector, Puri that the Reserve fund belonging to school, deposited in several Banks be with drawn and invested to government securities. That his President king Edward VII Memorial Fund be asked to make over the same Rs 8000/- raised for the construction of the new school building to school committee"- M.C. Resolution- 2.5.1917).

ଡି.ପି.ଆଇ., ବିହାର ଓଡ଼ିଶା ତା୧.୨.୧୯୧୯ରେ ବିଦ୍ୟାଳୟ ପରିଦର୍ଶନ କରିବା ଅବସରରେ ଉକ୍ତ ବିଦ୍ୟାଳୟର ନୂତନ ଗୃହର ସ୍ଥାନ ପରିଦର୍ଶନ କରିଥିଲେ । ତାଙ୍କର ପରିଦର୍ଶନର ମୁଖ୍ୟ ଲକ୍ଷ୍ୟ ଥିଲା ନୂତନ ସ୍ଥାନ ଦେଖି ଯିବାପାଇଁ । ଜଣେ ଡି.ପି.ଆଇ. ଏହି ବିଦ୍ୟାଳୟ ପରିଦର୍ଶନ କରିବା ବିଦ୍ୟାଳୟ ଇତିହାସରେ ଏହା ସର୍ବପ୍ରଥମ ଘଟଣା । ("The Director of Public Instruction Bihar and Orissa Accompanied by the Inspector of schools, Orissa Division graced the school with his kind visit for the first time in the life history of the school on the 1st Feb. 1919. He came here mainly to inspect the site of the new school building"- M.C. on 8.3.1919).

ଜିଲ୍ଲା କଲେକ୍ଟର ଓ ମାଜିଷ୍ଟ୍ରେଟ ତା୧୧.୩.୧୯୧୯ ଦିନ ବିଦ୍ୟାଳୟ ପରିଦର୍ଶନ କରିବାକୁ ଆସିଥିଲେ । ପଣ୍ଡିତ କୃପାସିନ୍ଧୁ ହୋତା ପ୍ରଥମ ଶାସ୍ତ୍ରୀକୁମାର ଶିକ୍ଷକ ଏଠାରୁ ଉଠଣା ହୋଇ ସତ୍ୟବାଦୀ ବିଦ୍ୟାଳୟରେ ଯୋଗଦେବାକୁ ଗଲେ । ତା୫.୪. ୧୯୧୯ ଦିନ ତାଙ୍କର ଇସ୍ତଫା ଗ୍ରହୀତ ହେଲା ପରିଚାଳନା କମିଟି ଦ୍ୱାରା । ଏହିଦିନ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ସରକାରୀ ଅନୁଦାନ କୋଡ଼ିଏ ହଜାର ଟଙ୍କା ଆସିଥିଲା । ଏହି ଟଙ୍କାକୁ କୋ-ଅପରେଟିଭ୍ ବ୍ୟାଙ୍କରେ

ଛ ମାସିଆ ସ୍ଥାୟୀ ଜମା ହିସାବରେ ରଖାଗଲା । ("The Magistrate and collector of the District paid a visit to the school on 11.3.1919.......... The first vernacular teacher Babu Kripasindhu Hota resigned his post in this school to join the satyabadi H.E. School his resignation was accepted by the managing committee and he was permitted to be relieved from the 5th Aug. The govt grant of Rs 20000/- in the carstyuition of new school building was recived and diposited in the co-operative Bank in six month fixed deposit"- M.C. Resolution-5.4.1919).

ତା ୧୨.୪.୧୯୧୯ରେ ବସିଥିବା ମ୍ୟାନେଜିଙ୍ଗ କମିଟିରେ ଓଡ଼ିଶା ସର୍କଲର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରସ୍ତାବିତ ରଫ୍ ପ୍ଲାନ ଗ୍ରହଣ କରାଯାଇଥିଲା ।

("The managing committee met on the 12th April: the rough plan of the proposed high school building prepared according to the superinending Engineer, Orissa circle was appvoved"- M.C. report-15.5.1919).

ମେ' ମାସରେ ନୂତନ ବିଦ୍ୟାଳୟ କୋଠାର Detailed Plan and Estimate ସ୍କୁଲ ଇନ୍ସପେକ୍ଟରଙ୍କ ପାଖରେ ଦାଖଲ ହେଲା (The detailed plan and estimates of high school building were re submitted to the inspector of school's- M.C. report- 8.7.1919).

ପ୍ରସ୍ତାବିତ ନୂଆ କୋଠାଘରର plan ଓ Estimate ସର୍ବଶେଷ ସରକାରୀ ଅନୁମୋଦନ ପାଇ ଆସିଲା । ତା'ପରେ ଟେଣ୍ଡର ମଗାଗଲା । Executive ଇଞ୍ଜିନିୟରଙ୍କୁ ଅନୁରୋଧ କରାଗଲା ଯେ, ସେ ତାଙ୍କର ପୂର୍ବାଧିକାରୀଙ୍କ ନ୍ୟାୟ ନୂତନ କୋଠାଘର ନିର୍ମାଣ କରିବାରେ ସହାନୁଭୂତିଶୀଳ ହେବାପାଇଁ ଅନୁରୋଧ କରିବେ । ଇଞ୍ଜିନିୟର Mr. M.N. Dil ବିଦ୍ୟାଳୟ କୋଠାଘର ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିବା ପାଇଁ ସଦୟ ସମ୍ମତି ଦେଲେ । ("The plan and Estimate of the proposed high school building were received back as finally approved by govt. Tenders were invited. The executive Engineer was written to for a continuance of favour shown to us by his predecessor in office Mr. M.L. Dil the executive Engineer was kind enough to offer his valuable assistance in all matters and in the same letter suggested a good answer to supervise the work of construction"- M.C. report-19.8.1919).

29.8.1919ରେ ମ୍ୟାନେଜିଙ୍ଗ କମିଟିର ସଭ୍ୟମାନେ ନୂତନ ବିଦ୍ୟାଳୟର Draft Lease ଦସ୍ତଖତ କରି ପୁରୀ କଲେକ୍ଟରଙ୍କ ପାଖକୁ ପଠାଇଲେ । (It was resolved with the draft lease in respect of the land a acquired to the high school building should be signed by the members and for warded to the collector, Puri"- M.C. report- 3.9.1919).

ତା ୨୧.୧୨.୧୯୧୯ରେ ନୂତନ କୋଠାଘରର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ପାଳନ କରାଗଲା । ତତ୍କାଳୀନ ବିହାର ଓଡ଼ିଶା ଡିଭିଜନ କମିଶନର Mr. G.F. Grunning, CIE I.C.S. ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ପୁରୀ କଲେକ୍ଟର ରାୟ ବାହାଦୁର ସୁରେନ୍ଦ୍ର ନାଥ ମଜୁମଦାର, ଓଡ଼ିଶା ଡିଭିଜନର ସ୍କୁଲ ଇନ୍ସପେକ୍ଟର Mr. M.V. Duke MA, ଓଡ଼ିଶା ମଣ୍ଡଳର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର Mr Desrvuesle Executive Engineer, Rai Bahadur Goswami, Asst executive Engineer Mr Har. (On the 21st Dec. 1919 the foundation ceremony of the new high school building was laid. The Hon'ble Mr. G.F. Grunning CIE, I.C.S. laid the foundation stone. It was a very big affair and will ever be rememberec as a notable incident in the an nals of the school. Prele minary arrangement were made a month before the ceremony took place.... the following were the prominent among the distinguished guests- Mr. Grunning, Raibahadur, Surendra nath Maumdar, Collector, Puri; Mr. M.V. Duke M.A. J.e. D. Inspector of school, Superitending Engineer Orissa Division; Mr. Desbruesle Executive Engineer; RaiBahadur Goswami Asst Engineer Mr Han"- M.C. report 15.1.20).

ମ୍ୟାନେଜିଙ୍ଗ କମିଟି resolution ଅନୁସାରେ ନୂଆ ସ୍କୁଲ ପାଇଁ ଆସବାବପତ୍ର ପ୍ରସ୍ତୁତ କରିବା ନିମନ୍ତେ କଲେକ୍ଟରଙ୍କୁ ଅନୁରୋଧ କରିବାକୁ ସ୍ଥିରୀକୃତ ହେଲା । ('Preparing furniture for the new school locally and the quastion of requesting the collector to grant some timber.. Resolved that the local Board Overseer was requested to put up an estimate for the same and president be authorised to request the collector for the revulsition number of timber"- M.C. report-20.11.1920).

ଏହିଦିନ ପ୍ରାତଃ ଘଡ଼ି ଚାରିଟା ବେଳକୁ ଛାତ୍ରାବାସର ପୂର୍ବ ପାର୍ଶ୍ୱରେ ନିଆଁ ଲାଗିଗଲା । ଶିକ୍ଷକ ଓ ଛାତ୍ରମାନେ ମିଶି ନିଆଁ ଲିଭାଇ ଦେଲେ । (Afire broke out in the eastern block of the hostel at about 4 A.M. in the morning. The fire was extinguished by the teachers and the students"- M.C. report- 1.3.1921).

ପୁନଶ୍ଚ ପ୍ରାୟ ସନ୍ଧ୍ୟା ୭.୩୦ ବେଳକୁ ବିଦ୍ୟାଳୟ ଗୃହରେ ନିଆଁ ଲାଗିଗଲା । କିନ୍ତୁ ଏହି ଥର ପବନ ପ୍ରଚଣ୍ଡ ଥିବାରୁ ଗୃହ ଭସ୍ମୀଭୂତ ହୋଇଗଲା । ("A fire broke out in the school houses at about 7.30 P.M. The fire made rapid progress as the wind blowing very voilently. The teachers and students did their utmost to save the houses but to

no effect. Out of three blocks two were completely destroyed.For the member fortunately the library and most of the fornitures saved"- M.C. report. 9.3.1921).

ବିଦ୍ୟାଳୟ ପରିଚାଳନା କମିଟିର ଗୋଟିଏ ଜରୁରୀ ବୈଠକ ବସିଥିଲା । ଛାତ୍ରମାନଙ୍କ ପାଇଁ ଶ୍ରେଣୀଗୃହ ସ୍ଥିର କରିବା ପାଇଁ । ତେଣୁ ହଷ୍ଟେଲର କେତେକ ଗୃହ ଓ ବିଦ୍ୟାଳୟର ଅବଶିଷ୍ଟ ଚାରୋଟି ଶ୍ରେଣୀକୁ ନେଇ ଶ୍ରେଣୀଗୃହ ଠିକ୍ କରାଗଲା । ନୂତନ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ Executive Engineer ଙ୍କୁ ଅନୁରୋଧ କରାଗଲା । (An extra ordinary meeting of the managing committee was held this day to consider the question of accommedating the school under the present circumstances. It was decided that four classes would be hold in the remaining block of the school and some of the hostel would be utilised for holding the other classes. The executive Engineer was requested to expedide the new school building so that the school might sit there as early as possible"- M.C. report 11.3.1921).

ପ୍ରଧାନ ଶିକ୍ଷକଙ୍କ ବାସଗୃହ ନିର୍ମାଣ ଓ ନୂତନ ବିଦ୍ୟାଳୟ ପାଇଁ ଆସବାବପତ୍ର ଗ୍ରାଣ୍ଟ ପାଇଁ ସ୍କୁଲ ଇନ୍ସପେକ୍ଟରଙ୍କୁ ଅନୁରୋଧ କରାଗଲା । (...... a further demand would shortly be made on it for the Head Master's quarters The Inspector of schools be requested to grant an allotment for forniture for new school building"- M.C. report- 18.4.1921).

ତା ୨୨.୪.୧୯୨୧ ଦିନ ହଷ୍ଟେଲର ପଶ୍ଚିମ ପାର୍ଶ୍ୱରେ ପ୍ରାୟ ତିନି ଗୋଟାଏ ବେଳେ ନିଆଁ ଲାଗିଗଲା । ପୁନଶ୍ଚ ତା ୨୩.୪.୧୯୨୧ ଦିନ ହଷ୍ଟେଲର ମଧ୍ୟଭାଗ ବ୍ଲକରେ ରାତି ପ୍ରାୟ ଗୋଟାଏ ବେଳେ ନିଆଁ ଲାଗିଲା । ସେଥିପାଇଁ ଅସହଯୋଗ ଆନ୍ଦୋଳନକାରୀଙ୍କୁ ସନ୍ଦେହ କରାଗଲା ।

(...... It is strongly suspected with the N.C.O. movement is responsible for such henouse crime, seven rooms were destroyed"- M.C. report- 23.4.1919).

ଘର ଅଭାବରୁ ବିଦ୍ୟାଳୟକୁ ଅନେକ ସମୟ କ୍ଷତିକରି ଦିଆଯାଏ । ଖରାଛୁଟିରେ ପ୍ରଧାନ ଶିକ୍ଷକ ଏଠାରେ କେତେଦିନ ରହିବେ ଓ ବିଦ୍ୟାଳୟ ଖୋଲିବେ ଖରାଛୁଟି ପରେ ପିଲାମାନେ କିପରି ପାଠ ପଢ଼ା ଆରମ୍ଭ କରିବେ, ସେଥିପାଇଁ ଚେଷ୍ଟା ଚଳାଇଲେ । ଠିକ୍ ହେଲା ଖରାଛୁଟି ପରେ ନୂଆ ବିଦ୍ୟାଳୟ ଘର ହୋଇ ସରିଲେ ସେଠାରେ ଶ୍ରେଣୀ ଚାଲିବ । ଆସବାବ ପତ୍ର ସବୁ ଅଗ୍ନି ଦାଉରୁ ରକ୍ଷା ପାଇବା ପାଇଁ ଖରାଛୁଟିରେ ସ୍ଥାନାନ୍ତରିତ ହେବାକୁ ସ୍ଥିର ହେଲା । M.C. report-25.4.1921) କ୍ଲବବାଲା ବିଦ୍ୟାଳୟର ପାଠାଗାର ଆଲମିରା କ୍ଲବ ହାଉସରେ ରଖିବାକୁ ଅସାମର୍ଥ୍ୟ ପ୍ରକାଶ କଲେ । କ୍ଲବ ଘରୁ ଖରାଛୁଟିରେ ପାଠାଗାର ଆଲମିରା ସବୁ ବ୍ୟାଙ୍କ କୋଠାଘରକୁ ଅଣାଗଲା, ମାତ୍ର କ୍ଲବ ହାଉସରେ ଅଫିସ ଚାଲିଥାଏ । (M.C. report. 25.4.1921). ତା ୧.୬.୧୯୨୧ର ମ୍ୟାନେଜିଙ୍ଗ କମିଟି ବିବରଣୀରୁ ଜଣାଯାଏ ଯେ, ହେଡ୍‌ମାଷ୍ଟରଙ୍କ ବାସଗୃହ ପାଇଁ ଟେଣ୍ଡର ମଗାଗଲା । ଓଡ଼ିଶା ଡିଭିଜନ କମିଶନର, ପୁରୀ ଜିଲ୍ଲାପାଳ ଓ ଏସ୍.ଡି.ଓ. ଆଦିଙ୍କ ସହ ନୂଆ ବିଦ୍ୟାଳୟ କୋଠା ପରିଦର୍ଶନ କରିବାକୁ ଆସିଥିଲେ । (The Commissioner of Orissa Division visited the new school building along with the collector and S.D.O"- M.C. report- 22.8.1921).

ବିଦ୍ୟାଳୟଟି ପ୍ରଥମଥର ପାଇଁ ତା ୫.୧୨.୧୯୨୧ ମସିହାରେ ଏହି ନୂତନ କୋଠାରେ ଆରମ୍ଭ ହେଲା । ଏହି ଦିନଠାରୁ ଏହି ନୂତନ ଗୃହରେ ତୃତୀୟ ସାମୟିକ ପରୀକ୍ଷା ଆରମ୍ଭ ହେଲା । ("The school start for the 1st time in the new school building. The 3rd Terminal Examination started from this day"- M.C. report-5.12.1921).

ନୂତନ ବିଦ୍ୟାଳୟ ଗୃହଟି ଆନୁଷ୍ଠାନିକ ଭାବେ ତା ୧୦.୯.୧୯୨୨ ଦିନ Mr. B. Foley Esq M.A. I.C.S.ଓଡ଼ିଶା ଡିଭିଜନ କମିଶନରଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା । ଏହି ଅଞ୍ଚଳରୁ ଓ ବାହାରୁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଏହି ଉତ୍ସବରେ ଉପସ୍ଥିତ ଥିଲେ । ପରିଚାଳନା କମିଟିର ସଦସ୍ୟମାନେ କମିଶନରଙ୍କୁ ସଭାମଞ୍ଚକୁ ପାଛୋଟି ନେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟ ବିବରଣୀ ପାଠ କରିଥିଲେ । କମିଶନର ତାଙ୍କର ବକ୍ତବ୍ୟ ଶେଷ କରିବା ପରେ କାର୍ଯ୍ୟାଳୟ ପ୍ରକୋଷ୍ଠକୁ ଉଦ୍‌ଘାଟନ କରିବାକୁ ଆସିଲେ । ପଣ୍ଡିତମାନେ ଆଶୀର୍ବାଦ ପାଠ କଲେ ଓ ଅଫିସ ଗୃହ ଚାବି ଖୋଲାଯାଇ ଅଫିସ ଗୃହ ଉଦ୍‌ଘାଟିତ ହେଲା । ତା'ପରେ ଉଦ୍‌ଘାଟନ କାର୍ଯ୍ୟ ଶେଷ ହେଲା । ("The new school buildings were opened by the commissioner Mr. B. Foley Esq M.A. I.C.S., the commissioner of Orissa. A large number of gentlemen from the locality and outside joined this cremany. After the commissioner was conducted to 'Dais' by the members of the managing committee the report of the school was read by the Head Master. The Commissioner then made a reply and he was conducted to the door of the office room which was to be opened. After the 'Ashis' was read by the pundits the commissioner unlocked the door and declared the building open. Then the meeting was dispersed after light refreshment"-M.C. report 10.9.1922).

ବିଦ୍ୟାଳୟ କାର୍ଯ୍ୟ ଶେଷ ହେଲାପରେ ତା ୨୫.୬.୨୩ ମସିହା ବେଳକୁ ପ୍ରଧାନ ଶିକ୍ଷକଙ୍କ ନୂତନ ବାସଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ତତ୍କାଳୀନ ଏସ୍.ଡି.ଓ. ମହାଶୟ Executive Engineerଙ୍କୁ ଅନୁରୋଧ କଲେ । (M.C. report 25.6.1923).

ପରିଚାଳନା କମିଟି ଅନୁଭବ କଲେ ଯେ, ପ୍ରଧାନ ଶିକ୍ଷକ ମହାଶୟ ବିଦ୍ୟାଳୟ ନିକଟରେ ରହିବା ନିହାତି ଦରକାର, ସେଥିପାଇଁ

କମିଟି ବାସଗୃହ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଚାପ ପ୍ରୟୋଗ କଲେ । ପ୍ରଧାନ ଶିକ୍ଷକ ନୂତନ ବାସଗୃହକୁ ସେହି ବର୍ଷ ଆସିଲେ । (M.C. report 19.7.23).

ବିଦ୍ୟାଳୟ ପରିସରକୁ ଆବଦ୍ଧ ରଖିବା ପାଇଁ ତା ୨୦.୮.୨୩ ତାରିଖରେ କଣ୍ଟାତାର ସବୁ ଲଗାଗଲା । ବିଦ୍ୟାଳୟଟି କେତେକ ଇତଃସ୍ଥାନ ପତନ ହେଲା ସରିବା ପରେ ଏହାର ପରିସର ମଧ୍ୟରୁ ଜାଣି ହୋଇଥିଲା ଅନ୍ୟ ଏକ ନୂତନ ପରିବେଶ ଛାତ୍ରାବାସ । ଏହି ନୂତନ ଛାତ୍ରାବାସକୁ ଉଦ୍‌ଘାଟନ କରିଥିଲେ ତା ୧୬.୭.୧୯୨୪ ଦିନ Mr. E.S. Hoerule Esq I.C.S., Divisional Commissioner, Orissa circle. ଏହି ଦିନଠାରୁ ବିଦ୍ୟାଳୟ ପରିସର ମଧ୍ୟରେ ରହିଥିଲା- ବିଦ୍ୟାଳୟ ଗୃହ, ପ୍ରଧାନ ଶିକ୍ଷକଙ୍କ ବାସଗୃହ ଓ ଛାତ୍ରାବାସ । ୧୯୩୬ ମସିହାରେ ପଞ୍ଚମ ଜର୍ଜଙ୍କ ରୌପ୍ୟ ଜୁବୁଲି ଅବସରରେ ଏହି ଛାତ୍ରାବାସର ନାମ ଜୁବୁଲି ଛାତ୍ରାବାସ ରଖାଗଲା । ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲ, ପ୍ରଧାନ ଶିକ୍ଷକଙ୍କ ବାସଗୃହ ଓ ଜୁବୁଲି ଛାତ୍ରାବାସ, ବିଦ୍ୟାଳୟ ପରିବେଶକୁ ମନ୍ତ୍ରମୁଗ୍ଧ କରି ଦେଉଥାଏ । ପରାଧୀନ ଭାରତର ଏହି ଗରିମାମୟ ଶିକ୍ଷାୟତନ ଉପରେ ୧୬.୪.୧୯୩୦ ଦିନ ଓ ଛାତ୍ରାବାସ ଉପରେ ତା ୨୨.୪.୧୯୩୦ ଦିନ ଦୁଇ ଦୁଇଥର ଦେଶର ଜାତୀୟ ପତାକା ଉତ୍ତୋଳିତ ହୋଇଛି । ସେଥିପାଇଁ କେତେକ ଦେଶପ୍ରେମୀ ଇଂରେଜଙ୍କ ଦ୍ୱାରା ଦଣ୍ଡିତ ଓ ଲାଞ୍ଛିତ ହୋଇଛନ୍ତି । ଏହାପରେ ପଞ୍ଚମ ଜର୍ଜଙ୍କ ରୌପ୍ୟ ଜୟନ୍ତି ଅବସରରେ ୧୯୩୬ (୬.୫.୧୯୩୬) ମସିହାରେ ଏହି ଶିକ୍ଷାୟତନ ଉପରେ ଠିକିନ ଭାବରେ ୟୁନିଅନ ଜ୍ୟାକ୍ (ବ୍ରିଟିଶ ପତାକା) ଉତ୍ତୋଳିତ ହୋଇଛି । ସେଥିପାଇଁ କେତେକ ପୁରସ୍କୃତ ହୋଇଥିବେ । ଏହି ଦଶନ୍ଧିରେ ବିଦ୍ୟାଳୟ ପରିସର ମଧ୍ୟରେ କେତେକ ମୂଲ୍ୟବାନ ବୃକ୍ଷ ରୋପଣ କରାଯାଇ ଏହାର ପରିବେଶକୁ ସୁନ୍ଦରତର କରାଯାଇଛି ।

ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୮ ମସିହାରେ କେତେକ ଅଧିକ ଶ୍ରେଣୀଗୃହ ପାଇଁ ପରିଚାଳନା କମିଟି ପ୍ରସ୍ତାବ ଦେଲେ । ତତ୍ପରେ ୧୯୫୦ ମସିହା ସେପ୍ଟେମ୍ବର ୨୪ ତାରିଖରେ ପରିଚାଳନା ସମିତି, ଓଡ଼ିଶା ସରକାରଙ୍କ ଜୁନ ୧୯୫୦ ମସିହା ଚିଠି ଅନୁସାରେ ଖୋର୍ଦ୍ଧା ହାଇ ଇଂଲିଶ ସ୍କୁଲ ପରିବର୍ତ୍ତେ ବକ୍ସି ଜଗବନ୍ଧୁ ଭ୍ରମରବର ବିଦ୍ୟାଧର ଉଚ୍ଚବିଦ୍ୟାଳୟ ନାମରେ ନାମିତ କଲେ । ସେହି ଦିନଠାରୁ ଉକ୍ତ ଅନୁଷ୍ଠାନର ନାମ ବି.ଜେ.ବି. ଉଚ୍ଚବିଦ୍ୟାଳୟ ନାମରେ ନାମିତ ହୋଇଛି । ୧୯୪୮-୪୯ ଶିକ୍ଷାବର୍ଷରୁ ଏହି ବିଦ୍ୟାଳୟରୁ ଚତୁର୍ଥ ଓ ପଞ୍ଚମ ଶ୍ରେଣୀକୁ ବାଦ୍ ଦିଆଯାଇ ଷଷ୍ଠଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟକୁ ସୀମିତ ରଖାଯାଇଛି ।

ଛାତ୍ର ସଂଖ୍ୟା ବୃଦ୍ଧି ହେତୁ ଅଧିକ ଶ୍ରେଣୀଗୃହ ନିର୍ମାଣର ଆବଶ୍ୟକତା ଦୃଷ୍ଟିରୁ ଷାଠିଏ ଦଶନ୍ଧିରେ ଅଧିକ ଶ୍ରେଣୀଗୃହ ପାଇଁ ବ୍ୟବସ୍ଥା କରାଗଲା । ଏହି ବିଦ୍ୟାଳୟ ପରିଚାଳନା ଭାର, ପରିଚାଳନା ସମିତି ହାତରୁ ସରକାର ତା ୧.୬.୧୯୫୮ ରେ ନିଜ ହାତକୁ ନେଲେ ଓ ଏକ ଉପଦେଷ୍ଟା କମିଟି ଗଢାଗଲା । ଏହାର ଉତ୍ତରୋତ୍ତର ଉନ୍ନତି ଦେଖିବାପାଇଁ ।

ପରାମର୍ଶଦାତା କମିଟି ଅନୁଭବ କଲେ ବିଦ୍ୟାଳୟରେ ଏକ ବିଜ୍ଞାନାଗାର ନିହାତି ଆବଶ୍ୟକ । ତେଣୁ ବିହିତ କାର୍ଯ୍ୟପନ୍ଥା ନିଆଗଲା । (ପରାମର୍ଶଦାତା କମିଟି ରିପୋର୍ଟ, ୧.୬.୧୯୫୯) ୨୩.୧୧.୧୯୬୦ରେ ଉକ୍ତ କମିଟି ଗୋଟିଏ ସଭାଗୃହ ନିର୍ମାଣ କରିବା ପାଇଁ ସ୍ଥିର କଲେ । କେନ୍ଦ୍ର ସରକାରଙ୍କ ଡ୍ୟାମସ୍ ଓ୍ୱାର୍କ ପ୍ରୋଜେକ୍ଟ ଅନୁସାରେ ତା ୧୬.୧.୧୯୬୨ ମସିହାରେ ସଭାଗୃହ (Hall-cum-Auditorium) ନିର୍ମାଣ ପାଇଁ ଟଙ୍କା ବରାଦ ହେଲା । ସେହି ଅନୁସାରେ କାମ ତ୍ୱରାନ୍ୱିତ ହୋଇ କିଛିଦିନ ପରେ କାର୍ଯ୍ୟ ସମ୍ପନ୍ନ ହେଲା । ତା ୯.୩.୧୯୬୪ରେ ବିଦ୍ୟାଳୟର ପରାମର୍ଶଦାତା କମିଟି ଅନୁଭବ କଲେ ଯେ, ଛାତ୍ର ସଂଖ୍ୟା ବୃଦ୍ଧିରୁ ବିଦ୍ୟାଳୟରେ ଏକ ବଡ଼ ବିଜ୍ଞାନାଗାର ଓ କେତେକ ଶ୍ରେଣୀଗୃହର ନିହାତି ଆବଶ୍ୟକ ରହିଛି । ସେଥିପାଇଁ ଅନୁମୋଦନ ମିଳିଲା ଓ କାର୍ଯ୍ୟ ଆରମ୍ଭ ହେଲା । ଫଳରେ ବିଦ୍ୟାଳୟରେ କେତେକ ଶ୍ରେଣୀ ଗୃହ ଓ ବିଜ୍ଞାନାଗାରଟିଏ ତିଆରି ହେଲା । ବର୍ତ୍ତମାନର ଦୋ'ତାଲା କୋଠାଘରଟି ସେତେବେଳର ବିଜ୍ଞାନାଗାର ।

ବିଦ୍ୟାଳୟର ପରିସୀମାକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରାଗଲା । ଖେଳପଡ଼ିଆ ପାଇଁ ଜମି ପଡ଼ା ନେବା ଓ ପଶ୍ଚିମ ପାର୍ଶ୍ୱରେ ଥିବା ସରକାରୀ ଜମିକୁ ସ୍କୁଲ ପରିସର ମଧ୍ୟରେ ରଖିବା ନିହାତି ଦରକାର ହୋଇ ଉଠିଲା । ବିଦ୍ୟାଳୟର ପଶ୍ଚିମ ପାର୍ଶ୍ୱରେ ତା ୧୦.୧୧.୧୯୬୮ ମସିହାରେ ଫେନ୍ସିଂ ପଥର ପାଚେରୀ କରାଯାଇ ଏହି ପାର୍ଶ୍ୱକୁ ସୁରକ୍ଷିତ କରାଗଲା ।

ତା ୧.୩.୧୯୬୯ ମସିହାରୁ ଏହି ବିଦ୍ୟାଳୟଟି ପୂର୍ଣ୍ଣ ସରକାରୀ ବିଦ୍ୟାଳୟରେ ପରିଣତ ହେଲା । ପରାମର୍ଶଦାତା କମିଟି ପୂର୍ଣ୍ଣାହୁତି ଘଟିଗଲା । ଷାଠିଏ ଦଶକରେ ପରିଚାଳନା କମିଟି ସରକାରୀ ବିଦ୍ୟାଳୟ ପାଇଁ ଯେଉଁ ଚେଷ୍ଟା କରିଥିଲେ, ସତୁରୀ ଦଶନ୍ଧିରେ ପରାମର୍ଶଦାତା କମିଟି ଥିବା ଅବସ୍ଥାରେ ସରକାରୀ ବିଦ୍ୟାଳୟରେ ପରିଣତ ହୋଇ ସେମାନଙ୍କ ଚେଷ୍ଟା ଫଳବତୀ ହେଲା । ୧୯୮୦ ଦଶନ୍ଧିରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସ୍ୱନାମଧନ୍ୟ ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଉକ୍ତ ବିଦ୍ୟାଳୟର ଦକ୍ଷିଣ, ପୂର୍ବ ଓ ଅନ୍ୟାନ୍ୟ ପାର୍ଶ୍ୱରେ ଏକ ପଥର ପାଚେରୀ ନିର୍ମାଣ କରାଗଲା । ୧୯୮୨-୮୩ ମସିହାରେ ଉକ୍ତ ବିଦ୍ୟାଳୟର ଉତ୍ତରକୁ ଦୁଇ ବଖରା କୋଠାଘର ନିର୍ମାଣ ହୋଇଛି । ବର୍ତ୍ତମାନ ସେଥିରେ ସପ୍ତମ ଶ୍ରେଣୀ ଚାଲିଛି । ୧୯୯୦ ଦଶନ୍ଧିରେ ଉକ୍ତ ବିଦ୍ୟାଳୟର କେତେକ ଶ୍ରେଣୀଗୃହ ବିପଦପୂର୍ଣ୍ଣ ଘୋଷଣା କରାଗଲା ଓ ପୂର୍ତ୍ତ ବିଭାଗ ଦ୍ୱାରା ତାହାର ଛାତ ପରିବର୍ତ୍ତନ କରାଯାଇଛି । ଏହି ସମୟ ମଧ୍ୟରେ ବିଦ୍ୟାଳୟ ପରିସର ମଧ୍ୟରେ କେତେକ ମୂଲ୍ୟବାନ ବୃକ୍ଷରୋପଣ କରାଯାଇ ଏହାର ପରିବେଶକୁ ସୁନ୍ଦରତର କରାଯାଉଛି । ପୁନଶ୍ଚ ଶତବାର୍ଷିକୀ ଦଶନ୍ଧିରେ ଏହାର ଅବଶିଷ୍ଟ ବିପଦପୂର୍ଣ୍ଣ ଛାତଗୁଡ଼ିକ ପରିବର୍ତ୍ତନ କରାଯାଇ ନୂତନ ଛାତରେ ପରିଣତ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରକୃତ ପରିସରକୁ ଆବଦ୍ଧ ରଖିବା ପାଇଁ ଏକ ନୂତନ ପଥର ପାଚେରୀ ନିର୍ମାଣ କରାଗଲା ଏହାର ଚତୁଃପାର୍ଶ୍ୱରେ । ଏହି ପବିତ୍ର ଅନୁଷ୍ଠାନଟି ଏକ ଜାଜ୍ୱଲ୍ୟମାନ ପ୍ରଦୀପ ସଦୃଶ ଭବିଷ୍ୟତ ନାଗରିକମାନଙ୍କର ଦିଗ୍‌ଦର୍ଶନରେ ସହାୟକ ହେବ- ଏଥିରେ ସନ୍ଦେହର ଅବକାଶ ନାହିଁ ।

ଅବସର ପ୍ରାପ୍ତ ଗଣିତ ପ୍ରଶିକ୍ଷକ,
ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ, ଜୟପୁର

# ହାଇସ୍କୁଲ ନିର୍ମାଣର ଇତିବୃତ୍ତି

ଶ୍ରୀ ସୁରସିଂହ ପଟ୍ଟନାୟକ

ସ୍ୱନାମଧନ୍ୟ ପ୍ରଧାନ ଶିକ୍ଷକ ଦିବ୍ୟସିଂହ ପଟ୍ଟନାୟକଙ୍କର ଖୋର୍ଦ୍ଧା ହାଇସ୍କୁଲରେ କାର୍ଯ୍ୟକାଳ ଥିଲା ୧୯୩୧-୧୯୬୯ ସୁଦୀର୍ଘ ୩୮ ବର୍ଷ । ସେ ଅବସର ଗ୍ରହଣର ତୃତୀୟବର୍ଷ ପୂର୍ବେ (୧୯୬୬-୬୭) ସ୍କୁଲର ସାମ୍ବତ୍ସରିକ ଉତ୍ସବ ଅବସରରେ ଯେଉଁ ବାର୍ଷିକ ବିବରଣୀଟି ପ୍ରସ୍ତୁତ କରିଥିଲେ ତାହାର କିଛି ଅଂଶ ସଂକ୍ଷିପ୍ତ ଆକାରରେ ଏଠାରେ ପ୍ରଦାନ କରାଗଲା । ପ୍ରଥମ ଭାଗରେ ସ୍କୁଲର ଛାତ୍ରମାନେ ପ୍ରତିଦିନ ସ୍କୁଲର କାର୍ଯ୍ୟାରମ୍ଭ ପୂର୍ବରୁ ପ୍ରାର୍ଥନା ସଭାରେ ନେଉଥିବା ଶପଥ ପତ୍ରଟି ସନ୍ନିବେଶିତ କରାଯାଇଛି । ଦ୍ୱିତୀୟ ଭାଗରେ ବିଶିଷ୍ଟ ପରିଦର୍ଶକଙ୍କର ମନ୍ତବ୍ୟ ଓ ତୃତୀୟ ଭାଗରେ ଖୋର୍ଦ୍ଧା ହାଇସ୍କୁଲର ଗୃହ ନିର୍ମାଣର ଇତିବୃତ୍ତି ସାଂଖ୍ୟିକ ଆକାରରେ ସଙ୍କଳନ ହୋଇଛି ।

### ପ୍ରଥମ ଭାଗ (ଶପଥପତ୍ର)

୧) ମୁଁ ଶପଥ କରୁଅଛି ଯେ ମୁଁ ଅଧ୍ୟୟନ, ଅଧ୍ୟବସାୟ ଓ କଠିନ ପରିଶ୍ରମ ଦ୍ୱାରା ମୋର ଜ୍ଞାନର ପରିସୀମା ଅଭିବୃଦ୍ଧି କରିବି ।

୨) ମୁଁ ମୋର ଶାରୀରିକ ବଳ ଓ ରଣକୌଶଳ ଅଭିବୃଦ୍ଧି କରି ମୁଁ ଦେଶରକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବି ଓ କୃଷି ଶିଳ୍ପ ଆଦି ସକଳ ପ୍ରକାର ଉତ୍ପାଦନ ବୃଦ୍ଧିରେ ମୋର ସମସ୍ତ ଶକ୍ତି ନିୟୋଗ କରିବି ।

୩) ମୁଁ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଦେଶପ୍ରେମ ଦ୍ୱାରା ମୋ ଦେଶର ତଥା ଦେଶବାସୀ ଲୋକଙ୍କର ସେବାରେ ନିଜକୁ ନିୟୋଜିତ କରିବି ।

୪) ମୁଁ ପରୀକ୍ଷା ତଥା ଜୀବନର ଦୈନନ୍ଦିନ ସକଳ କର୍ମକ୍ଷେତ୍ରରେ ସମସ୍ତ ପ୍ରକାର ସାଧୁତା ଅବଲମ୍ବନ କରିବି ।

**ଜୟ ଜବାନ୍- ଜୟ କିଶାନ୍**

### ଦ୍ୱିତୀୟ ଭାଗ

ଖୋର୍ଦ୍ଧା ହାଇସ୍କୁଲର ଜଣେ କୃତବିଦ୍ୟ ଛାତ୍ର ତଥା ଓଡ଼ିଶାର ପ୍ରଖ୍ୟାତ କବି ଓ ଶିକ୍ଷାବିତ୍ ଡକ୍ଟର ମାୟାଧର ମାନସିଂହ ୪.୬.୬୭ରେ ଏହି ସ୍କୁଲ ପରିଦର୍ଶନ କରି ନିମ୍ନଲିଖିତ ମନ୍ତବ୍ୟ ପ୍ରଦାନ କରିଅଛନ୍ତି ।

"I have great pleasure is going round my old school, which I am proud to say among the Finest in the land with glorious traditions extending over nearly Century x x x The old school has extended Physically almost beyond recognition, which is a matter of my added pleasure. I am glad that good old traditions are not only treasured but are also being augmented creditably unner the guidance of Sri Divyasingh Pattanaik a celebrity in Orissa in the world of secondary education.

ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା କେନ୍ଦ୍ରର ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ବ ଶିବିରରେ ଥିବା ପ୍ରଫେସର୍ ଆମେରିକାର ପ୍ରବୀଣ ପ୍ରବାସ ଶିକ୍ଷାବିତ୍ ଓ ପ୍ରଧାନ ଶିକ୍ଷକ ଖୋର୍ଦ୍ଧା ସ୍କୁଲ ପରିଦର୍ଶନ କରି ଲେଖିଥିଲେ-

Your's is the fineat school we have visited and shows many years of dedicated effort.

ପୁରୀ ସର୍କଲର ଶିକ୍ଷା ବିଭାଗର ଇନ୍‌ସପେକ୍ଟରଙ୍କର ମନ୍ତବ୍ୟ:

"I must thank the Head Master for teching personal interest in getting the building perfectly executed quickly."

### ତୃତୀୟ ଭାଗ
### ବିଦ୍ୟାଳୟର ଗୃହନିର୍ମାଣ ବିବରଣୀ:-

ଏହି ସ୍ଥାନରେ ବହୁକାଳରୁ ଚଳି ଆସୁଥିବା ମାଇନର ସ୍କୁଲଟି ୧୮୯୬ ମସିହା ଜୁଲାଇ ମାସରେ ଉଚ୍ଚ ବିଦ୍ୟାଳୟରେ ପରିଣତ ହେଲା । ସେହି ବର୍ଷ ଏକା ଦିନକେ ଉପରର ଚାରିଗୋଟି ଶ୍ରେଣୀ ଖୋଲା ଯାଇଥିଲା । ସେ ସମୟରେ ଏହି ବିଦ୍ୟାଳୟ ଗଡ଼ ଖୋର୍ଦ୍ଧା ବଜାରର ଦକ୍ଷିଣପଟେ ଥିବା ସବ୍-ଡେପୁଟିଙ୍କର ବାସଗୃହ, ସିନେମାଘର ଓ ପେଟ୍ରୋଲ ପମ୍ପ ପାଖରେ ଅବସ୍ଥିତ ଥିଲା । ସେହି ସ୍ଥାନଟି ଏପରି ଶୋଚନୀୟ ବର୍ଦ୍ଧିଷ୍ଣୁ ଉଚ୍ଚବିଦ୍ୟାଳୟ ପାଇଁ ଅନୁପଯୁକ୍ତ ମନେକରି ସେହି ସ୍ଥାନରୁ ଏହି ବିଦ୍ୟାଳୟଟି ତୁଳସୀ ଭ ଅଧିବାସୀ ଉଦ୍ୟୋଗୀମାନେ ପ୍ରଥମରୁ କଳ୍ପନା କରିଥିଲେ । ବିଦ୍ୟାଳୟଟି ବର୍ତ୍ତମାନ ଯେଉଁ ପ୍ରଶସ୍ତ କ୍ଷେତ୍ରରେ ଅବସ୍ଥିତ ତାହା ସେମାନେ ମନୋନୀତ କରି ପ୍ରଥମେ ଛାତ୍ରାବାସଟିଏ ଆରମ୍ଭ କରିଥିଲେ ଓ ସେଥିସହିତ ପ୍ରଶସ୍ତ ଖେଳପଡ଼ିଆଟି ତିଆରି କଲେ । କିନ୍ତୁ ନାନାବିଧ କାରଣରୁ ବିଶେଷତଃ ପ୍ରଥମ ମହାସମରର କାଳୀନ ସଙ୍କଟ ଯୋଗୁଁ ସ୍ଥାୟୀ ବିଦ୍ୟାଳୟଟି ନିର୍ମାଣ କରିବା ପାଇଁ ବିଳମ୍ବ ହେଲା । ୧୯୧୯ ମସିହା ଡିସେମ୍ବର ୨୧ ତାରିଖରେ କମିଶନର G.F. Grunning ନୂତନ ଗୃହର ଭିତ୍ତି ସ୍ଥାପନ କରିଥିଲେ । ୧୯୨୦ ମସିହାରେ ଆକସ୍ମିକ ଭାବରେ ପୁରାତନ ବିଦ୍ୟାଳୟର ଚାଳଘର ପୋଡ଼ିଗଲା ଏବଂ ୧୯୨୧ ମସିହାରେ ନୂତନ ଗୃହର କାର୍ଯ୍ୟ ସମାପ୍ତ ହେଲା ଏବଂ ସେହି ବର୍ଷ ନୂତନ ଗୃହରେ ସ୍କୁଲର କାର୍ଯ୍ୟାରମ୍ଭ ହେଲା । ସେତେବେଳେ ଅଫିସ ସହିତ ଦଶଗୋଟି ଶ୍ରେଣୀ ଗୃହ ଏବଂ ହଲଘରଟି ନିର୍ମିତ ହୋଇଥିଲା । ଛାତ୍ର ସଂଖ୍ୟା ବୃଦ୍ଧି ହେତୁ ସ୍ଥାନାଭାବ ପରିଲକ୍ଷିତ ହେବାରୁ ୧୯୩୮ ମସିହାରେ ବିଦ୍ୟାଳୟର ଉଭୟ ପାର୍ଶ୍ୱରେ ଗୋଟିଏ ବଖରା ଲେଖାଏଁ ଦୁଇବଖରା ଶ୍ରେଣୀ ଗୃହ ଯୋଗ କରାଗଲା ।

୧୯୪୬ ସାଲରେ ସ୍କୁଲର ପରିଚାଳନା କମିଟି ଆଉ ଅଧିକ ନୂତନ ବଖରା ନିର୍ମାଣର ଯୋଜନା କରି ଖର୍ଚ୍ଚର ଅର୍ଦ୍ଧେକ ସରକାରୀ ସାହାଯ୍ୟ-

୮୪୧୮୫ (ତ୍ରୁଟଣ କରିଥିଲେ ମଧ୍ୟ ଗୃହନିର୍ମାଣ ନ ହେବାରୁ ବର୍ତ୍ତମାନର ପ୍ରଧାନ ଶିକ୍ଷକ (ବିଦ୍ୟାସିଂହ ପଟ୍ଟନାୟକ) ଯୋଗଦେବା ପୂର୍ବରୁ ଏହି ଟଙ୍କା ଫେରସ୍ତ ହୋଇ ଯାଇଥିଲା । ଏହି ସମସ୍ତ ପ୍ରାରମ୍ଭିକ ଗୃହ ନିର୍ମାଣ ପର୍ଯ୍ୟାୟରେ ପୂର୍ବତନ ପ୍ରଧାନ ଶିକ୍ଷକ ୮ କାହ୍ନୁଚରଣ ପଟ୍ଟନାୟକଙ୍କ ଅବଦାନ ମହତ୍ତ୍ୱପୂର୍ଣ୍ଣ ।

ସେ ସମୟରେ ଛାତ୍ରସଂଖ୍ୟା ଥିଲା ୩୮୨ ଏବଂ ଶ୍ରେଣୀ ସଂଖ୍ୟା ଥିଲା ୧୦ ଗୋଟି । ସେତେବେଳକୁ ଉପଯୁକ୍ତ ଗୃହସଂଖ୍ୟା ଥିଲା ଯଥେଷ୍ଟ । ଏହି ଦୃଷ୍ଟିରୁ ପରିକଳ୍ପିତ ନୂତନ ଗୃହ ନିର୍ମାଣ ଯୋଜନା ବନ୍ଦ ରହି ଯାଇଥିଲେ କୌଣସି ଅସୁବିଧା ହୁଏ ।

ବର୍ତ୍ତମାନର ପ୍ରଧାନଶିକ୍ଷକ (ବିଦ୍ୟାସିଂହ ପଟ୍ଟନାୟକ) ୧୯୯୧ ମସିହାରେ ମାର୍ଚ୍ଚରେ ଯୋଗଦେବା ପରେ ଆଭ୍ୟନ୍ତରୀଣ ଶୃଙ୍ଖଳା, ଶିକ୍ଷାଦାନ ପ୍ରଭୃତି ବିଶେଷ ଭାବରେ ବୃଦ୍ଧିପ୍ରାପ୍ତ ହେବାରୁ ଛାତ୍ରସଂଖ୍ୟା କ୍ରମଶଃ ବଢ଼ିବାକୁ ଲାଗିଲା । ଏହି ୧୫ ବର୍ଷ ଭିତରେ ଛାତ୍ରସଂଖ୍ୟା ଓ ଶ୍ରେଣୀ ସଂଖ୍ୟା ଦୁଇଗୁଣରୁ ଅଧିକ ହୋଇସାରିଛି । ତେଣୁ ଏହି ଅନୁଷ୍ଠାନ ବିଦ୍ୟାଳୟର ଗୃହ ଅଭାବ ବିଶେଷ ଭାବରେ ଅନୁଭୂତ ହେବାରୁ ପୂର୍ବରୁ ସବୁଠାରୁ ପ୍ରଧାନ ଶିକ୍ଷକଙ୍କର ଦକ୍ଷତାପୂର୍ଣ୍ଣ ଆନ୍ତରିକ ବ୍ୟବସ୍ଥା ହୋଇ ଆସିଛି । ବର୍ତ୍ତମାନ ବିଦ୍ୟାଳୟର ଛାତ୍ରସଂଖ୍ୟା ୭୮୦ ଏବଂ ଶ୍ରେଣୀସଂଖ୍ୟା ୧୮ ଅଟେ ।

**ପ୍ରଥମ ଗୃହନିର୍ମାଣ ଯୋଜନା**

ପାରଳାଖେମୁଣ୍ଡି ମହାରାଜାଙ୍କ ପ୍ରଦତ୍ତ ଅର୍ଥ ଏବଂ ସ୍ଥାନୀୟ ଟଙ୍କା, ଛାତ୍ର ଚାନ୍ଦା ଓ ଜନକଲ୍ୟାଣ ପ୍ରଦର୍ଶନୀରୁ ସଂଗୃହୀତ ଅର୍ଥରେ ପଶ୍ଚିମପଟର ଗୃହ ନିର୍ମିତ ହୋଇଛି । ଆଉ କମ୍ପ୍ୟୁଟର ପାଇଁ ସରକାରଙ୍କର ପ୍ରଦତ୍ତ ଅର୍ଥରେ ଅନ୍ୟ ଗୋଟିଏ ଗୃହ (ଆଡ଼ିସନାଲ୍ ରୁମ୍) ନିର୍ମାଣ ହୋଇଛି ।

**ଦ୍ୱିତୀୟ ଗୃହନିର୍ମାଣ ଯୋଜନା- (ଶ୍ରେଣୀଗୃହ)**

ପୂର୍ବପଟେ ଛାତପକା ଘର ସଂପ୍ରସାରଣ ସହିତ ଦ୍ୱିତୀୟର ନିର୍ମାଣ ନିମିତ୍ତ ସରକାରୀ ସାହାଯ୍ୟ ୧୧୪୧୪ ଟଙ୍କା ମିଳିଛି । ଅବଶିଷ୍ଟ ୧୨୪୧୫ ଟଙ୍କା ମିଳିବାର ପ୍ରତିଶ୍ରୁତି ମିଳିଛି । ମାତ୍ର ସ୍କୁଲ ତାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୩୫୦୦୦ ଟଙ୍କା ଖର୍ଚ୍ଚ କରି ଏହି ଦ୍ୱିତୀୟ ଗୃହ ନିର୍ମାଣ ଯୋଜନାଟି ସଂପୂର୍ଣ୍ଣ କରିଛି । ଏହି ସଂପ୍ରସାରଣ ପରେ ସ୍କୁଲର ଆବଶ୍ୟକୀୟ ଶ୍ରେଣୀଗୃହ ନିର୍ମିତ ହେବା ସଙ୍ଗେ ସଙ୍ଗେ ସ୍କୁଲ ପରିସର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୋଇଛି ।

**ତୃତୀୟ ନିର୍ମାଣ ଯୋଜନା- (ସଭାଗୃହ ରଙ୍ଗମଞ୍ଚ)**

ଏହି ସଭାଗୃହ- ରଙ୍ଗମଞ୍ଚ ନିର୍ମାଣ ଯୋଜନାଟି ପ୍ରାଦେଶିକ ସରକାରଙ୍କର ଏକ ସୁପରିକଳ୍ପିତ ଯୋଜନା । ବର୍ତ୍ତମାନର ପ୍ରଧାନ ଶିକ୍ଷକ (ବିଦ୍ୟାସିଂହ) ଏହା ଅବଗତ ହେବା ପରେ ଖେଳ ସ୍କୁଲ ଲାଗି ଏକ ପ୍ରସ୍ତାବ ପଠାଇଥିଲେ, ସାହା ତାଙ୍କର ଆନ୍ତରିକ ପ୍ରଚେଷ୍ଟା ଦ୍ୱାରା ମଞ୍ଜୁରୀ ପ୍ରାପ୍ତ ହୋଇଥିଲା । ବର୍ତ୍ତମାନ ଯେଉଁ ସଭାଗୃହ-ରଙ୍ଗମଞ୍ଚଟି ଏହି ବିଦ୍ୟାଳୟରେ ନିର୍ମିତ ହୋଇଛି, ତାହାର ବାରକନି ସଂଲଗ୍ନ ସଭାମଣ୍ଡପରେ ଏକସଙ୍ଗରେ ଦର୍ଶକ ବସି କୌଣସି କାର୍ଯ୍ୟକ୍ରମ ଉପଭୋଗ କରିବା ବ୍ୟବସ୍ଥା ଅଛି । ଏହାର ମାପ ୮୫ ଫୁଟ ଓ ପ୍ରସ୍ଥ ୩୫ଫୁଟ । ଏହି ଗୃହ ନିର୍ମାଣ ଲାଗି ସରକାରଙ୍କଠାରୁ ତିରିଶ ହଜାର ଟଙ୍କା ମିଳିଛି । (ଆଉ ତିନି ହଜାର ମିଳିବାକୁ ଅଛି । ବଳକା ଅର୍ଥ ସ୍କୁଲ ପାଣ୍ଠି ଓ ଶ୍ରମଦାନ ମାଧ୍ୟମରେ ବହନ କରାଯାଇଛି ।

ଏହି ଯୋଜନା ସମାପ୍ତି ହେବା ବେଳକୁ Laboratory (ପରୀକ୍ଷାଗାର) ଯୋଜନାରୁ ସୁଯୋଗ ମିଳିଥିବାରୁ ମୁଖ୍ୟ ଗୃହ ଉପରେ ଦ୍ୱିତୀୟ ମହଲା ନିର୍ମାଣ କରାଯାଇଛି ।

ଏହିପରି ତିନିଗୋଟି ନିର୍ମାଣକୁ ଏକ ସମୟରେ ଗତି ତିନି ଚାରି ବର୍ଷ ମଧ୍ୟରେ ସମାପ୍ତ କରିବାକୁ ପଡ଼ିଛି । ଏହି ତିନିଗୋଟି ଯୋଜନାର ମୋଟ ଅଟକଳ ୧୭,୩୧୬ ଟଙ୍କା ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ସରକାରୀ ଅନୁଦାନ ୪୭,୦୨୫ ଟଙ୍କା ମିଳିଛି, ଆଉ ମିଳିବାକୁ ଅଛି ୧୪,୧୦୬ ଟଙ୍କା । ତେଣୁ ବଳକା ପ୍ରାୟ ୩୬,୦୪୫ ଟଙ୍କା ଛଡ଼ା ସରକାରଙ୍କଠାରୁ ପାଇବାକୁ ଥିବା ଟଙ୍କା ମଧ୍ୟ ସ୍କୁଲ ପାଣ୍ଠିରୁ ଖର୍ଚ୍ଚ କରାଯାଇ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ।

ବର୍ତ୍ତମାନ ପ୍ରଶ୍ନ ଉଠେ ଏହି ସ୍କୁଲ ପାଣ୍ଠିକୁ କେଉଁଠାରୁ ଏତେ ଟଙ୍କା ଆସିଲା ?

୧୯୬୮ ସାଲରୁ ଏହି ବିଦ୍ୟାଳୟଟି ସରକାରଙ୍କ ଦ୍ୱାରା ପରିଚାଳିତ ହେବାବେଳେ ବିଦ୍ୟାଳୟର ବଳକା ପାଣ୍ଠିଥିଲା । ୨୮୦ ଟଙ୍କା । ଏହି ଧନ ଗୃହ ନିର୍ମାଣରେ ବିନିଯୋଗ ହୋଇଛି । ଏହାଛଡ଼ା ୧୯୬୮ ସାଲ ପରେ ଛାତ୍ରମାନଙ୍କଠାରୁ ସଂଗୃହୀତ ଚାନ୍ଦା Donation ସହିତ ଅବଶିଷ୍ଟ ଟଙ୍କା ବିଦ୍ୟାଳୟର ଅନ୍ୟାନ୍ୟ ପାଣ୍ଠିରୁ ସାମୟିକ ଭାବେ ବିନିଯୋଗ ହୋଇଛି ।

ଏହି ତିନିଗୋଟି ଯୋଜନାକୁ ସମ୍ପାଦନ କରିବା ଦ୍ୱାରା ଯେଉଁ ବାବଦରେ ଖର୍ଚ୍ଚ କରାଯାଇଛି, ତାହାର କେତୋଟି ଆକଳନ ନିମ୍ନରେ ଦିଆଗଲା ।

| | |
|---|---|
| ୧- ପଥର ଭିଡ଼ା | ଟ ୧୦,୭୬୪/- |
| ୨- ଇଟା ଓ ବସାଉବା | ଟ ୬,୩୦୦/- |
| ୩- ମୋରାମ | ଟ ୧,୨୪୦/- |
| ୪- ଚିପ୍ସ | ଟ ୩,୦୦୦/- |
| ୫- ଚୂନ | ଟ ୪,୩୦୦୦/- |
| ୬- ଚୂନ ଓ ସିମେଣ୍ଟ | ଟ ୧୬,୫୦୦/- |
| ୭- ଆଲୁବେଷ୍ଟସ | ଟ ୪,୨୬୦/- |
| ୮- କ୍ୟାମ୍ପାଉଣ୍ଡ | ଟ ୧୧,୪୫୦/- |
| ୯- ଲୁହା ଗ୍ରୀଲ୍ | ଟ ୨,୩୦୦୦/- |
| ୧୦- ଛାତ ପାଇଁ କାଠ ଚାଉଁଶ | ଟ ୩,୪୨୦/- |
| ୧୧- ଦୁଆର ଝରକା କାଠ ଓ ମଜୁରି | ଟ ୮,୦୦୦/- |
| ୧୨- ଶ୍ରମିକ | ଟ ୨୨,୨୨୦/- |
| ୧୩- ପାଇଖାନା ଉପକରଣ | ଟ ୧,୦୦୦/- |
| ୧୪- ବିଦ୍ୟୁତିକରଣ | ଟ ୩,୦୦୦/- |

ଏ ସମସ୍ତ ନିର୍ମାଣ କାର୍ଯ୍ୟ ବ୍ୟତୀତ ତିନି ହଜାର ଟଙ୍କାରେ ସ୍କୁଲ ପରିସର ସଂଲଗ୍ନ ଆମ୍ବତୋଟାଟି କ୍ରୟ କରାଯାଇ ସ୍କୁଲର ପରିସରକୁ ବୃଦ୍ଧି କରାଯାଇଛି ।

ଏ ସମସ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ବର୍ତ୍ତମାନ ଯଦିଓ ସ୍କୁଲରେ ଶ୍ରେଣୀଗୃହକୁ ଚାହିଦା ମେଣ୍ଟାଯାଇ ପାରିଛି, ମାତ୍ର କ୍ରମବର୍ଦ୍ଧିଷ୍ଣୁ ଛାତ୍ରସଂଖ୍ୟା ତଥା ସ୍କୁଲ କାର୍ଯ୍ୟ ପରିସରର ବ୍ୟାପକତା ଦୃଷ୍ଟିରୁ ଅଳ୍ପ କେତୋଟି ବର୍ଷ ମଧ୍ୟରେ ଏହା ଯଥେଷ୍ଟ ହେବନାହିଁ । ତେଣୁ ସ୍କୁଲର ଅଭିବୃଦ୍ଧି ସହିତ ଗୃହନିର୍ମାଣ ଯୋଜନା ଆଗାମୀ ଭାବେ ବଢ଼ିଚାଲି ହୋଇ ରହିବ । ଏ ଦିଗଟି ଉପେକ୍ଷଣୀୟ ନୁହେଁ ।

ପ୍ରଧାନ

ସମବାୟ ତାଲିମ କେନ୍ଦ୍ର, ଗୋପାଳପୁର, ଗଞ୍ଜାମ



# ପଣ୍ଡିତ ନେହେରୁ ଓ ଖୋର୍ଦ୍ଧା ସ୍କୁଲ

ଶ୍ରୀ କୁନ୍ଦନ ଶାମ

୧୯୩୬ ମସିହାରେ ପଣ୍ଡିତ ଜବାହରଲାଲ ନେହେରୁ କଂଗ୍ରେସର ନିର୍ବାଚନ ପ୍ରଚାର ପାଇଁ ପୁରୀ, ଡେଲାଙ୍ଗ, ପିପିଲି, ନିମାପଡ଼ା ବୁଲି ବୁଲି ଆସି ଖୋର୍ଦ୍ଧାରେ ପହଞ୍ଚିଲେ । ପ୍ରାଣନାଥ ପଟ୍ଟନାୟକ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଭାବରେ ଲଢୁଥାନ୍ତି । ସେତେବେଳେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ଭୁବନେଶ୍ୱର ଟାଙ୍ଗି, ବଳଗଡ଼ା ଓ ଖୋର୍ଦ୍ଧା ଆଦି ୪ଟି ଥାନା ଅନ୍ତର୍ଭୁକ୍ତ ଥିଲା । ଓଡ଼ିଶା କଂଗ୍ରେସ ପାର୍ଟିର ସଭାପତି ପଣ୍ଡିତ ନୀଳକଣ୍ଠ ଦାସ ନେହେରୁଙ୍କ ସାଙ୍ଗରେ ଥାନ୍ତି । ନେହେରୁଙ୍କ ସେକ୍ରେଟାରୀ ଉପାଧ୍ୟାୟ ମଧ୍ୟ ଆସି ଥାଆନ୍ତି ।

ନେହେରୁ ପିପିଲି ସଭା ସାରି ଡେଲାଙ୍ଗ ଦେଇ ଡେଲାଙ୍ଗ ଷ୍ଟେସନ ପର୍ଯ୍ୟନ୍ତ ଆସିଲେ । କଟକର ବ୍ୟବସାୟୀମାନେ ନେହେରୁଙ୍କୁ ଅର୍ଥ ଦେଇ ଟ୍ରେନ୍ ରିଜର୍ଭ କରିଥିଲେ । ସ୍ପେଶାଲ ଟ୍ରେନର କୌଣସି କର୍ମଚାରୀଙ୍କୁ ଉକ୍ତ ଟ୍ରେନରେ ପ୍ରଚାର ଦେଲେ ନାହିଁ । ତଥାପି ସ୍ପେଶାଲ ଟ୍ରେନର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ପୋଷାକ ବଦଳାଇ ଇଞ୍ଜିନ୍‌ରେ କୋଇଲା ଦେବା କାମରେ ରହିଲେ । ନେହେରୁ ଜଟଣୀରେ ଆସି ପହଞ୍ଚିଲେ । ସେଠାରେ ମିଟିଂ ସାରି ଖୋର୍ଦ୍ଧାର ପଜ ବେହେରା ଚଳାଉଥିବା କାଳିଆ ଫୋର୍ଡ଼ଗାଡ଼ିରେ ଆସିଲେ । ଏହି ମଟରରେ ଅଳ୍ପ ଲୋକ ଯାଉଥିବାରୁ ଆଗରେ ପ୍ରାଣନାଥ ଓ ଡ୍ରାଇଭର ବସିଥାନ୍ତି, ପଛ ସିଟ୍‌ରେ ନୀଳକଣ୍ଠ ଓ ନେହେରୁ ବସିଥାନ୍ତି । ଜଟଣୀ ଥାନା ପାଖରେ ପୋଲିସ ଗାଡ଼ିକୁ ଜବତ କଲେ । ଏପଟେ ପୋଲିସ, ସେପଟେ ନେହେରୁ ଡ୍ରାଇଭରଙ୍କୁ ଟାଣିଲେ । ପୋଲିସର ଏପରି ହୁକୁମ ଦେଖି ନୀଳକଣ୍ଠ ଭୀଷଣ ରାଗିଲେ ।

ମଟର ଯେତେବେଳେ ଖୋର୍ଦ୍ଧା ଗୋଡ଼ିପୋଖରୀ ପାଖରେ ପହଞ୍ଚିଲା ଏତେ ପ୍ରବଳ ଭିଡ଼ ହେଲା ଯେ ଗାଡ଼ି ଯିବା ଦୁରୂହ ହେଲା, ମଟର ଯିବା ଅସମ୍ଭବ ହୋଇ ପଡ଼ିଲା । ମୁଁ ଆଗରୁ ଯାଇ ସେତିକିବେଳେ ଗୋଡ଼ି ପୋଖରୀଟି ଠାଏ । ପ୍ରାଣବାବୁଙ୍କୁ କହିଲି ପୋଲିସ ଖୋର୍ଦ୍ଧାରେ ୩୦ଧାରା ଜାରି କଲାଣି, ସଭା ହେବାର ସମ୍ଭାବନା ନାହିଁ । ପ୍ରାଣନାଥ ବାବୁ କହିଲେ ତାଡ଼ମାରି ପଡ଼ିଥାରେ ତ ସଭା ହେବାର ଥିଲା । ନେହେରୁ ପୁରୀ ସବଡିଭିଜନର ୪,୫ଟି ଥାନା ବୁଲିଲେ, କୌଣସିଠାରେ ୩୦ ଧାରା ଜାରି ହୋଇ ନଥିଲା, କେବଳ ଖୋର୍ଦ୍ଧାରେ ୩୦ ଧାରା ଜାରି ହେଲା । ସେତେବେଳେ ଖୋର୍ଦ୍ଧା କଂଗ୍ରେସର ଜୟମୁଦି ମାହାନ ଥିବାରୁ ଏପରି ହୋଇଥିଲା ।

ନେହେରୁଙ୍କୁ ଦେଖିବା ପାଇଁ ଜନଗହଳି ପ୍ରବଳ ହେବାରୁ ସେ ଗୋଡ଼ିପୋଖରୀ ଠାରୁ ଟାଣି ଟାଣି ଆସିଲେ । ଏତେ ଫୁଲ ମାଳା ତାଙ୍କ ଉପରେ ପଡ଼ିଲା ଯେ ସେ ସମ୍ଭାଳି ପାରିଲେ ନାହିଁ । ପୋଲିସ ଜନଗହଳିକୁ ଦେଖୁଥାଏ । ସଭା କେଉଁଠି କରିବେ । ଯେତେବେଳେ ଶୋଭାଯାତ୍ରା ଟ୍ରାଫିକ୍ ପାଖକୁ ଆସିଲା, ସେଠି ମୁଁ ନୀଳକଣ୍ଠଙ୍କୁ କହିଲି ପଲଟଣ ପଡ଼ିଆଟି କେନ୍ଦ୍ର ସରକାରଙ୍କର । ଏଠାରେ ରାଜ୍ୟ ସରକାରଙ୍କ କୌଣସି ଅଧିକାର ନାହିଁ । ପ୍ରାଣନାଥ ବାବୁ ନେହେରୁଙ୍କୁ ବୁଝାଇ ସିଧା ହେଉବାଟେ ପଲଟଣ ପଡ଼ିଆକୁ ନେଇଗଲେ । ଜନ ଲୋକଙ୍କୁ ଟ୍ରାଫିକ ନିକଟରେ ପୋଲିସ ବାରଣ କଲେ । କିନ୍ତୁ ଲୋକେ ପାଇକବାଡ଼ି ଭିତରେ ପଶି ସଭାସ୍ଥଳକୁ ଚାଲିଲେ । ପୋଲିସ ଶେଷରେ ଜାଣିଗଲା ଯେ ସଭା ନିଶ୍ଚୟ ହେବ । ଆବକାରୀ ଏସ୍.ଡି.ଓ.ଙ୍କୁ ପଚାରିଲେ ୩୦ ଧାରାକୁ କେଉଁ ମାନୁଛାନ୍ତି । ଏସ୍.ଡି.ଓ. କହିଲେ ଏହା ତ କେନ୍ଦ୍ର ସରକାରଙ୍କ ଜାଗା, ୩୦ ଧାରା ସେଠି ଲାଗୁ ହୋଇ ପାରିବ ନାହିଁ । ତେଣୁ ତାଙ୍କୁ ଗିରଫ କରିବା ଅସମ୍ଭବ । ତେଣୁ ସଭା କରିବାକୁ ଛାଡ଼ିଦିଅ ।

ହାଇସ୍କୁଲ ହଷ୍ଟେଲରୁ ଗୋଟେ ପୁରୁଣା ଖଟ ଆସି ସଭାମଞ୍ଚ ତିଆରି ହେଲା । ସେତେବେଳେ ଭାବଗ୍ରାହୀ ବାବୁ ଖୋର୍ଦ୍ଧା ସ୍କୁଲର ଶିକ୍ଷକ ଥାନ୍ତି । ତାଙ୍କ ଘରୁ ହରଗଞ୍ଜି ଅଣାଯାଇ ଖଟ ଉପରେ ପଡ଼ିଲା । ଉଦୟନାଥ ମହାନ୍ତି ପୁରୁଣା କଂଗ୍ରେସ ସଭ୍ୟ । ତାଙ୍କ ଛୋଟ ଝିଅ କୁନିକୁ ସାଙ୍ଗରେ ନେଇ ଆସି ସାହାଯ୍ୟ ସହଯୋଗ କରିଥିଲେ । ସଭା ଆରମ୍ଭ ହେଲା । ପ୍ରାଣନାଥ, ନୀଳକଣ୍ଠ ଓ ନେହେରୁ ଭାଷଣ ଦେଲେ । ନେହେରୁ କହିଲେ ମଧ୍ୟବର୍ତ୍ତୀକାଳୀନ ସରକାର ଗଠିତ ହେଉଛି । ଏଥିରେ କଂଗ୍ରେସ ଯୋଗ ଦେଉଛି । ଏ ନିର୍ବାଚନରେ ଆପଣ ଅଧିକାଂଶ ଜାଗାରେ ଭୋଟ ଦେଇ କଂଗ୍ରେସକୁ ଜିତାଇଲେ କଂଗ୍ରେସ ଓଡ଼ିଶାରେ ମନ୍ତ୍ରିମଣ୍ଡଳ ଗଢ଼ିବ । ସେତେବେଳେ ୧୨ ଅଣା ପଇସା ଚୌକିଦାରୀ ଟିକସ ଦେଉଥିବା ଲୋକମାନଙ୍କର ଭୋଟ ଦେବାର ଅଧିକାର ଥିଲା ।

ଖୋର୍ଦ୍ଧା ହଷ୍ଟେଲରୁ କେତେ ପିଲା ଝର୍କା ଡେଇଁ ଲୁଚି କରି ସଭାସ୍ଥଳକୁ ଆସିଲେ । ସେମାନେ ଲୋକଙ୍କୁ ଠେଲିପେଲି ପ୍ରଥମ ଧାଡ଼ିରେ ଆସି ଠିଆ ହୋଇଥିଲେ । ନେହେରୁ ଭାଷଣ ଦେଉଥିବା

ତେବେ ସ୍କୁଲର ପିଲାମାନେ ଲୁଚି ଚକାଇ ଆସିଲେ । ପ୍ରତ୍ୟେକ ଶ୍ରେଣୀର ଶିକ୍ଷକମାନେ ଏ ଖବର ପ୍ରଧାନ ଶିକ୍ଷକ ବାଞ୍ଛାନିଧି ବାବୁଙ୍କୁ ଜଣାଇଲେ ।

ବାଞ୍ଛାନିଧି ବାବୁ ହଷ୍ଟେଲ ଗେଟ୍ ପାଖରେ ଥିବା ବରଗଛ ମୂଳରେ ଆସି ଠିଆ ହେଲେ । ତାଙ୍କୁ ଦେଖି ପିଲାମାନେ ଛେଳିପଲ ବାଘକୁ ଦେଖି ଡରି ପଳାଇବା ପରି ସଙ୍ଗେ ସଙ୍ଗେ ସ୍କୁଲକୁ ଚାଲିଗଲେ । ଏ ଦୃଶ୍ୟ ଦେଖି ନେହେରୁ ଜୀବନବାବୁଙ୍କୁ ପଚାରିଲେ- ''ପଣ୍ଡିତଜୀ ବିଦ୍ୟାର୍ଥୀୟୋଁ କିଉଁ ଭାଗ୍‌ରହେ'' ଜୀବନବାବୁ ତାଙ୍କୁ ବୁଝାଇ ଦେଲେ ବାଞ୍ଛାନିଧି ବାବୁଙ୍କୁ ଦେଖି ପିଲାମାନେ ପଳାଇଲେ । ନେହେରୁ ତାଙ୍କ ଭାଷଣ ପ୍ରସଙ୍ଗରେ କହିଲେ- ସେ ସାରା ଭାରତର ବହୁ ସ୍ଥାନରେ ଭାଷଣ ଦେଇଛନ୍ତି, ମାତ୍ର ତାଙ୍କ ସଭାରୁ ଲୋକମାନେ ଉଠିଯିବାର ଘଟଣା କେଉଁଠି ଦେଖି ନାହାନ୍ତି । ପରବର୍ତ୍ତୀ ସମୟରେ ପଣ୍ଡିତ ନେହେରୁ ଖୋର୍ଦ୍ଧାର ଏଡ଼ିଟ୍ୟ, ବ୍ରିଟିଶ ସରକାରଙ୍କ ହସ୍ତମୁଦି ମାହାନ୍, ସୋକିଲର ଶାଳ ଧାରା ଓ ସର୍ବୋପରି କାୟସାଧ୍ୟ ବାଞ୍ଛାନିଧି ପଟ୍ଟନାୟକଙ୍କ ସମ୍ପର୍କରେ ତାଙ୍କ 'ଟୁର୍ ଡାଏରୀ'ରେ ଲେଖିଥିଲେ ।

ସଭା ପରେ ପରେ ରେଞ୍ଜ ଅଫିସ ପାଖରେ ବାବକୃଷ୍ଣ ମହାନ୍ତି ତାଙ୍କର ଫଟୋ ଉଠାଇଥିଲେ । ଖୋର୍ଦ୍ଧାରୁ ନେହେରୁ ଗଞ୍ଜାମ ସଫର କାର୍ଯ୍ୟକ୍ରମ ଥିଲା । ଗଞ୍ଜାମର କଂଗ୍ରେସ ନେତା ଉମାଚରଣ ପଟ୍ଟନାୟକ, ବିଶ୍ୱନାଥ ଦାସ ପ୍ରମୁଖ ନେହେରୁଙ୍କୁ ସ୍ୱାଗତ କରିବା ପାଇଁ ଜଟିଆ ନିକଟସ୍ଥ ନଡ଼ାଗୁଣ୍ଡି ନଈ ଆଗପଟକୁ ଆସିଥିଲେ । ଝଙ୍କସିଂହ ହାଇସ୍କୁଲର ଛାତ୍ରମାନେ ନଈକୂଳରେ ଥିବା ମଶାଣିରୁ ମାଟିଆ ଓ ବାଉଁଶ ଆଣି ୨/୩ଟା ଭେଳା କରିଥିଲେ । ସେତେବେଳକୁ ନଡ଼ାଗୁଣ୍ଡି ନଈ ବଢ଼ିଥିଲା । ରାମେଶ୍ୱର ପଟେ ଗଞ୍ଜାମରୁ ମଟର ଆସିଥିଲା । ନେହେରୁ ସେହି ଗାଡ଼ିରେ ଗଞ୍ଜାମ ଗଲେ ।

ସ୍ୱାଧୀନତା ସଂଗ୍ରାମୀ, ଖୋର୍ଦ୍ଧା

(ସାକ୍ଷାତ୍‌କାରରୁ ସଂଗୃହୀତ- ଗୋପାଳ କୃଷ୍ଣ)

# ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟର ଛାତ୍ରମାନଙ୍କର ଏ ଦେଶକୁ ଅବଦାନ



ଶ୍ରୀ ଗୋକୁଳମୋହନ ରାୟଚୂଡ଼ାମଣି

ବିଜୟୀ ଜଗବନ୍ଧୁ ଉଚ୍ଚବିଦ୍ୟାଳୟର ଏବେ ଶହେ ବର୍ଷ ପୂରିଗଲା । ଏଥିଭିତରେ ଦୁନିଆରେ କେତେକ ପରିବର୍ତ୍ତନ ହୋଇସାରିଲାଣି । ଇଂରେଜ ସରକାରଙ୍କର ବିରୁଦ୍ଧରେ ଭାରତବର୍ଷ ସଂଗ୍ରାମ କରି ସ୍ୱାଧୀନ ହେଲାଣି । ପାଇକ ବିଦ୍ରୋହରେ ପରାଜିତ ଖୋର୍ଦ୍ଧା ପୁଣି ମୁଣ୍ଡଟେକି ଉଠିଲାଣି ।

ଏହି ସ୍ୱାଧୀନତା ଆନ୍ଦୋଳନ ବା ସଂଗ୍ରାମରେ ଖୋର୍ଦ୍ଧା ବି.ଜେ.ବି ଉଚ୍ଚବିଦ୍ୟାଳୟର ଅବଦାନ ଚିର ସ୍ମରଣୀୟ । ପାଇକ ବିଦ୍ରୋହର ଶହେବର୍ଷ ପରେ ଆରମ୍ଭ ହେଲା ସାରାଭାରତରେ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନ । କଂଗ୍ରେସ ଏହାର ନେତୃତ୍ୱ ନେଲେ । ଏହି ଅକ୍ଳାନ୍ତ ମହାତ୍ମାଗାନ୍ଧିଙ୍କର ନେତୃତ୍ୱରେ ଅହିଂସା ସମ୍ପନ୍ନ ହେବାକଥା । ଏହି ସଂଗ୍ରାମରେ ଖୋର୍ଦ୍ଧା ହାଇସ୍କୁଲ ଛାତ୍ରମାନଙ୍କର ଅବଦାନ ଚିର ସ୍ମରଣୀୟ । ଓଡ଼ିଶାର ମୁଖ୍ୟ ଶାସକ ହେଉଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ । ସେ ଥିଲେ ଏହି ବିଦ୍ୟାଳୟର ଛାତ୍ର ।

ଭାରତବର୍ଷରେ ଚାଲିଥିବା ଆନ୍ଦୋଳନ ପାଖରେ ଇଂରେଜ ସରକାର ଆଂଶିକ ଭାବେ ମୁଣ୍ଡ ନୁଆଁଇଲେ । ଭାରତବର୍ଷର ଲୋକଙ୍କ ହାତରେ ଶାସନଭାର ଦେଇ ଏକ ସମ୍ବିଧାନ ଘୋଷଣା କଲେ । ଏହାଫଳରେ ଜନସାଧାରଣ କେତେକାଂଶରେ ଭୋଟ ଦେବାର ଅଧିକାର ପାଇଲେ । ଏହି ଭୋଟବଳରେ ନିର୍ବାଚିତ ବିଧାନସଭା ସରକାର ଗଢ଼ିବାର କ୍ଷମତା ପାଇଲେ । ଏହି ସରକାର ହାତରେ ମଧ୍ୟ ଶାସନ କରିବାର ସୀମିତ କ୍ଷମତା ରହିଲା ।

ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟର ଛାତ୍ରମାନଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଭାଗନେବା ପାଇଁ ପ୍ରବର୍ତ୍ତାଇବା ଓ ଅନୁପ୍ରାଣିତ କରିବା ପାଇଁ ଖୋର୍ଦ୍ଧାରେ ଆପ୍ରାଣ ଚେଷ୍ଟା କରୁଥାନ୍ତି କଂଗ୍ରେସ କର୍ମୀ ଗୋକୁଳ ମୋହନ ରାୟଚୂଡ଼ାମଣି, ପଲ୍ଟନ ପଡ଼ିଆ ସେତେବେଳେ ଘୋର ଜଙ୍ଗଲ । ଚିତାବାଘ, ହେଟାବାଘର ବାସଭୂମି । ସରସ୍ୱତୀ ମନ୍ଦିର ସେତେବେଳେ ବାହାରକୁ ଦିଶୁନଥାଏ । ଏହି ଘୋର ଜଙ୍ଗଲ ଭିତରେ ଗୋପନରେ ଛାତ୍ରମାନଙ୍କର ବୈଠକ କରାଯାଏ । ଏହି ବିଦ୍ୟାଳୟର ଛାତ୍ରଥିଲେ ଦୁର୍ଗାଚରଣ ମହାନ୍ତି, ରାମଚନ୍ଦ୍ର ମିଶ୍ର, ବସନ୍ତ, ପ୍ରଧାନଶିକ୍ଷକଙ୍କ ପୁତ୍ର ଅକ୍ଷୟ ପଟ୍ଟନାୟକ ପ୍ରଭୃତି । ଏମାନେ ଏହି ବୈଠକରେ ଯୋଗଦେଉଥିଲେ । ଏଠାରୁ ଶିକ୍ଷାପାଇ ସେମାନେ ଛାତ୍ରମାନଙ୍କୁ ଶିକ୍ଷା ଦେଉଥିଲେ ଓ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବାପାଇଁ ପ୍ରବର୍ତ୍ତାଉଥିଲେ । ଦୟାନିଧି ପଟ୍ଟନାୟକ ସେତେବେଳେ ପ୍ରଧାନଶିକ୍ଷକ । ପିଲାଙ୍କର ପାଠପଢ଼ା ବିଷୟରେ ସେ ଯେପରି ସନ୍ନିବାନ୍ ଥିଲେ, ବିଦ୍ୟାଳୟର ଶୃଙ୍ଖଳାରକ୍ଷା ଦିଗରେ ସେ ସେହିପରି ଧୁରନ୍ଧର ଥିଲେ । ୧୯୩୬ ନିର୍ବାଚନ ଶେଷହୋଇଥାଏ । ନିଖିଳଭାରତ କଂଗ୍ରେସ କମିଟିର ପଣ୍ଡିତ ଜବାହାରଲାଲ ନେହୁରୁ ସେ ଓଡ଼ିଶା ଗସ୍ତରେ ଆସିଲେ । ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟର (ସେତେବେଳେ ବି.ଜେ.ବି ଉଚ୍ଚବିଦ୍ୟାଳୟର ନାମ) ଛାତ୍ରବାସର ବିପରୀତ ଦିଗରେ ପଲ୍ଟନ ପଡ଼ିଆର ରାସ୍ତାକଡ଼ରେ ସଭାହେଲା । ଏହାପରେ ଛାତ୍ରମାନଙ୍କର ଏକ ବିରାଟ ପଦଯାତ୍ରା ବାହାରିଲା । ଏହାର ନେତୃତ୍ୱ ନେଲେ ରାମଚନ୍ଦ୍ର ମିଶ୍ର, ଦୁର୍ଗାଚରଣ ମହାନ୍ତି, ବସନ୍ତ, ରାଉତ ଏବଂ ପ୍ରଧାନଶିକ୍ଷକଙ୍କ ବଡ଼ପୁଅ, ପ୍ରଧାନଶିକ୍ଷକ ଦୟାନିଧି ଭାତୃ ଅଭିଭୂତ । ଛାତ୍ରମାନେ ଖୋଲାଖୋଲି ପ୍ରକାଶ୍ୟରେ ସ୍ୱାଧୀନତା ଆନ୍ଦୋଳନରେ ଭାଗନେବା ଏହାହିଁ ହେଲା ପ୍ରଥମ ଘଟଣା । ସେମାନେ କଂଗ୍ରେସ ପ୍ରାର୍ଥୀ ପ୍ରାଣନାଥ ପଟ୍ଟନାୟକଙ୍କୁ ଭୋଟ ଦେବାପାଇଁ ସ୍ଲୋଗାନ ଦେଇ ଖୋର୍ଦ୍ଧାର ରାସ୍ତା ଓ ସାହିମାନ ବୁଲିଲେ । ଏହାପୂର୍ବରୁ ଏକ ଅଦ୍ଭୁତପୂର୍ବ ଘଟଣା ଘଟିଲା । ପ୍ରାଣନାଥ ପଟ୍ଟନାୟକଙ୍କୁ ଜିତାଇବା ପାଇଁ ଏକ ସାଧାରଣ ସଭାର ଆୟୋଜନ କରାଗଲା । ଇଂରେଜ ସରକାର ଖୋର୍ଦ୍ଧାର ଏସ୍.ଡି.ଓ ଙ୍କ ଜରିଆରେ ଏହି ସାଧାରଣ ସଭା ବନ୍ଦକରିଦେବା ପାଇଁ ପ୍ରାଣନାଥ ପଟ୍ଟନାୟକଙ୍କୁ ଡକାଇ ଧମକ ଦେବା ସଙ୍ଗେ ସଙ୍ଗେ ବହୁ ପୁଲିସ ବାହିନୀ ଜମା କଲେ । ଲୋକଙ୍କୁ ଧମକ ଦମକ ଦିଆହେଲା । ଏହା ସତ୍ତ୍ୱେ ୧୬ ହଜାର ଲୋକ ସଭାରେ ଯୋଗଦେଲେ । ପଣ୍ଡିତ ନୀଳକଣ୍ଠ ଦାସ, ନବକୃଷ୍ଣ ଚୌଧୁରୀ, ରାଜକୃଷ୍ଣ ବୋଷ, ଯଦୁମଣି ମଙ୍ଗରାଜ, ମାଳତୀ ଦେବୀ, ଗୋଦାବରୀଶ ମିଶ୍ର ପ୍ରଭୃତି ଓଡ଼ିଶାର ଜନନାୟକମାନେ ଏହି

ବକ୍ତାମାନେ ଯୋଗଦେଇଥିଲେ । ଲୋକେ ଉଦ୍‌ବୁଦ୍ଧ ହୋଇଥିଲେ । ଛାତ୍ରମାନେ ମଧ୍ୟ ବହୁ ସଂଖ୍ୟାରେ ଏହି ସଭାରେ ଯୋଗଦେଇ ଉଦ୍‌ବୁଦ୍ଧ ହୋଇଥିଲେ । ଯାହାଫଳରେ ସେମାନେ ନିର୍ବାଚନ ବେଳେ ଏକ ପଦଯାତ୍ରାରେ ବାହାରି ପ୍ରାଣନାଥବାବୁ (କଂଗ୍ରେସ ପ୍ରାର୍ଥୀ)ଙ୍କୁ ଭୋଟଦେବା ପାଇଁ ସ୍ଲୋଗାନ ଦେଇ ବାହାରିଥିଲେ ।

ନିର୍ବାଚନରେ ପ୍ରାଣନାଥ ପଟ୍ଟନାୟକଙ୍କ ସମେତ [illegible] କଂଗ୍ରେସ ପ୍ରାର୍ଥୀ ବିଜୟୀ ହେଲେ । ମନ୍ତ୍ରୀମଣ୍ଡଳ ଗଠନ ହେଲେ, ଶ୍ରୀଯୁକ୍ତ ବୋଧରାମ ଦୁବେ ଶିକ୍ଷାମନ୍ତ୍ରୀ ହେଲେ ଏବଂ ଖୋର୍ଦ୍ଧା ଗସ୍ତରେ ଆସିଲେ । ଦୁର୍ଗାଚରଣ ମହାନ୍ତି ଓ ରାମଚନ୍ଦ୍ର ମିଶ୍ରଙ୍କୁ ପୂର୍ବ ପଦଯାତ୍ରାରେ ନେତୃତ୍ୱ ନେଇଥିବା ଅପରାଧରେ ବିଦ୍ୟାଳୟରୁ ବାହାର କରିଦେବା ଦଣ୍ଡ (ରଷ୍ଟିକେଟ) ଆଦେଶ ପ୍ରତ୍ୟାହାର କରିଦେଲେ ।

[illegible] ହେଲା ଖୋର୍ଦ୍ଧା, ସବ୍‌ଡିଭିଜନ ଓ ପାଖ ଅଞ୍ଚଳମାନଙ୍କର ଯୁବକ ସମ୍ମିଳନୀ । ବିଖ୍ୟାତ ନେତା ନବକୃଷ୍ଣ ଏହି ସମ୍ମିଳନୀର ମୁଖ୍ୟ ଅତିଥି ଓ ଶରତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଏହି ସମ୍ମିଳନୀରେ ଖୋର୍ଦ୍ଧାର ଯୁବକମାନେ ପାଇକ ବେଶ ଭେଳି ଶୋଭାଯାତ୍ରାରେ ଆସି ଯୋଗଦେଇଥିଲେ । ଖୋର୍ଦ୍ଧାର ଛାତ୍ରମାନେ ଏହି ଯୁବସମ୍ମିଳନୀକୁ ସଫଳ କରିବାପାଇଁ ବହୁପ୍ରକାର ସାହାଯ୍ୟ କରିଥିଲେ ଓ ଏଥିରେ ଯୋଗଦେଇଥିଲେ ।

ଏହାପରେ ଆସିଲା ୧୯୪୨ ରେ ଭାରତଛାଡ଼ ଅଗଷ୍ଟ ଆନ୍ଦୋଳନ । ଏହାହିଁ ହେଉଛି ଭାରତବର୍ଷର ଶେଷ ସ୍ୱାଧୀନତା ଆନ୍ଦୋଳନ-ସଂଗ୍ରାମ । ଏହି ଆନ୍ଦୋଳନକୁ ସମର୍ଥନ କରାଇ ପି.ଏନ୍.ବି ଉଚ୍ଚବିଦ୍ୟାଳୟର ଛାତ୍ରମାନେ ଏକ ବିରାଟ ପଦଯାତ୍ରାରେ ବାହାରିଥିଲେ । ସରକାର ଅପ୍ରସ୍ତୁତ । ଛାତ୍ରମାନେ ପୋଷ୍ଟ ଅଫିସ, ଥାନା ଓ ଏସ୍.ଡି.ଓ ଅଫିସ [illegible] ଆଶଙ୍କାରେ ସମସ୍ତ ଖୋର୍ଦ୍ଧାକୁ ପୋଲିସ ଛାଉଣିରେ ପରିଣତ କଲେ । ତଥାପି ନିର୍ଭୀକ ଭାବରେ ସ୍ଲୋଗାନ ଦେଇ ଏକ ବିରାଟ ପଦଯାତ୍ରାରେ ସମସ୍ତ ସହର ପରିକ୍ରମା କରି ଭାରତର ସ୍ୱାଧୀନତା ଘୋଷଣା କରି ସଂଗ୍ରାମର ଡାକରା ଦେଇ ଚାଲିଲେ ।

ଭାରତବର୍ଷର ସ୍ୱାଧୀନତା ସଂଗ୍ରାମକୁ ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରୁ ବାହାରିଲେ ଓଡ଼ିଶାର ଶ୍ରମିକ ଆନ୍ଦୋଳନର ନେତା ସାଥୀ ଦୁର୍ଗାଚରଣ ମହାନ୍ତି, ଲୋକନାଥ ରାମ, [illegible], ଓଡ଼ିଶା କୃଷକ ଆନ୍ଦୋଳନର ନେତା ରାମଚନ୍ଦ୍ର ମିଶ୍ର ଓ ଓଡ଼ିଶାର କଂଗ୍ରେସ ନେତା ଓ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ, ଶ୍ରୀ ମାଧବ ରାଉତରାୟ ବିଧାନ ସଭାର ସଭ୍ୟ, [illegible] । ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧା ପି.ଏନ୍.ବି ଉଚ୍ଚବିଦ୍ୟାଳୟର ଅବଦାନ ଓ ପରବର୍ତ୍ତୀ କାଳରେ ଦେଶର ବିକାଶ ଓ ଉନ୍ନତିରେ ସେମାନଙ୍କର ଅବଦାନ ଅତୁଳନୀୟ ।

ପାଇକ ବିଦ୍ରୋହରେ ଖୋର୍ଦ୍ଧାଗଡ଼ ଦଖଲକରି ଓଡ଼ିଶାର ରାଜାଙ୍କୁ ଇଂରେଜ ସରକାର ବନ୍ଦୀ କରିଥିଲେ । ଆଜି **ସେହି** ଖୋର୍ଦ୍ଧା ଅଞ୍ଚଳର ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶାର ଶାସକ-ମୁଖ୍ୟମନ୍ତ୍ରୀ । ଏହାହିଁ ଇତିହାସର ପରିହାସ ।

ଖୋର୍ଦ୍ଧାର ଶହେବର୍ଷର ସଂଗ୍ରାମର ଇତିହାସକୁ ସ୍ମରଣକରି ଖୋର୍ଦ୍ଧାର ଛାତ୍ରମାନେ ଦେଶପ୍ରେମୀ ହେବେ, ଦେଶ ଗଠନରେ ଓ ତାର ବିକାଶ ଓ ଅଗ୍ରଗତିରେ ବ୍ରତୀ ହେବେ, ଉଚ୍ଚକୋଟୀର ଶିକ୍ଷିତ ହେବେ, ବଡ଼ ଓ ମହତ୍ ହେବେ ଓ ସବୁକ୍ଷେତ୍ରରେ ସୁନାମ ଅର୍ଜନ କରିବେ ଏହାହିଁ ମୋର ଏକାନ୍ତ କାମନା ଓ ଆଶା । ଆଜିକାର ଛାତ୍ରମାନେ କାଲି ନାଗରିକ ହେବେ । ଏ ଦେଶର ଯାହା ସେମାନଙ୍କ ହାତରେ ପଡ଼ିବ । ଆମେ ନଥିବୁ । ସେମାନେହିଁ ଲୋକ ଗଢ଼ିବେ ସେମାନଙ୍କର ସୁ-ଚରିତ୍ର, ଦେଶପ୍ରେମର ଓ ଦେଶସେବାର [illegible] ।

ସ୍ୱାଧୀନତା ସଂଗ୍ରାମୀ
ଖୋର୍ଦ୍ଧା



# ସ୍ୱାଧୀନତା ଆନ୍ଦୋଳନରେ ବି.କେ.ବି. ହାଇସ୍କୁଲ ଛାତ୍ରମାନଙ୍କ ଭୂମିକା

ଶ୍ରୀ ଦୟାନିଧି ସାହୁ

ଗୋଟିଏ ଦେଶ ମହାନ୍ ହୁଏ ତା'ର ଉତ୍ତମ ନାଗରିକମାନଙ୍କ ତ୍ୟାଗପୂତ ଜୀବନ, ନିଷ୍ଠାପର ଉଦ୍ୟମ ଏବଂ ପରମ କର୍ତ୍ତବ୍ୟ ବୋଧକୁ ଆଧାରକରି । ସେହିପରି ପରିବାର ସୁନାମ ଅର୍ଜନକରେ ସେହି ପରିବାରର ପୁଅଝିଅଙ୍କ ଉତ୍ତମ କାର୍ଯ୍ୟକଳାପକୁ ଯାଥେଷ୍ଟକରି । ଅନୁରୂପ ଗୋଟିଏ ଅନୁଷ୍ଠାନ ମହାନ୍ ହୁଏ ସେହି ଅନୁଷ୍ଠାନ ତଥା ଛାତ୍ରଛାତ୍ରୀଙ୍କ ଅଭିନନ୍ଦନୀୟ କାର୍ଯ୍ୟକଳାପକୁ ଭିତ୍ତିକରି । ୧୮୯୬ ମସିହାରେ ଅଳ୍ପକେତେକ ଛାତ୍ରଙ୍କୁ ନେଇ ଚଳିଆସିଥିଲା ତତ୍‌କାଳୀନ ଖୋର୍ଦ୍ଧା ଗଡ଼ ଇଂରାଜୀ ବିଦ୍ୟାଳୟ, ଯାହାର ବର୍ତ୍ତମାନ ନାମ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ । ସାରା ଓଡ଼ିଶାର ଏକ ବୃହତ୍ ବିଦ୍ୟାଳୟଭାବେ ଏବଂ ଅବିଭକ୍ତ ପୁରୀ ଜିଲ୍ଲାର ଦ୍ୱିତୀୟ ବିଦ୍ୟାଳୟଭାବେ ଏହି ଶିକ୍ଷାନୁଷ୍ଠାନ ଅଗଣିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ସାହିତ୍ୟ, କଳା, ବାଣିଜ୍ୟ, ବିଜ୍ଞାନ, କ୍ରୀଡ଼ା, ରାଜନୀତି ଓ ପ୍ରଶାସନିକ କ୍ଷେତ୍ରରେ ବହୁ ସୁନାମ ଧନ୍ୟ ବ୍ୟକ୍ତିତ୍ୱ ଗଢ଼ିତୋଳିଛି । ତହିଁରେ କିଛି ପରାଧୀନ ମାତୃଭୂମି ଭାରତବର୍ଷକୁ ସ୍ୱାଧୀନ କରିବାକୁ ଆବେଗ ଆସିବାପାଇଁ ଅବଶିଷ୍ଟ ଛାତ୍ରଙ୍କୁ । ସେମାନେ ମହାମାନବ ମହାତ୍ମାଗାନ୍ଧୀଙ୍କ ଅହିଂସା ଏବଂ ଅସହଯୋଗ ଆନ୍ଦୋଳନର ଆହ୍ୱାନକୁ ଜୀବନର ମହାମନ୍ତ୍ର ମନେକରି ଝାସିଯାଇଥିଲେ ନିଜର ବାଞ୍ଛିତର ଲକ୍ଷ୍ୟ ଭେଦିବାକୁ ।

୧୯୧୯ ଖ୍ରୀଷ୍ଟାବ୍ଦରେ ଗାନ୍ଧୀଜୀ ସତ୍ୟାଗ୍ରହ ଆନ୍ଦୋଳନ ପରିଚାଳନାପାଇଁ ଯେଉଁ ବିଶେଷ କର୍ମସୂଚୀ ପ୍ରଣୟନ କରିବାକୁ ସିଦ୍ଧାନ୍ତ ନେଇଥିଲେ ତାହା ଔପନିବେଶିକ ଇଂରେଜ ସରକାରଙ୍କ ସହିତ ଅସହଯୋଗ । ୧୯୨୦ ମସିହା ଅଗଷ୍ଟ ୧ ତାରିଖକୁ ଆନ୍ଦୋଳନର ଶୁଭାରମ୍ଭ ଦିବସ ରୂପେ ଧାର୍ଯ୍ୟ କରାଗଲା । ଇଂରେଜ ସରକାରଙ୍କ ପ୍ରଦତ୍ତ ନିଯୁକ୍ତି, ସମ୍ମାନସୂଚକ ଉପାଧି, ସରକାରୀ ସମ୍ବର୍ଦ୍ଧନା, ପ୍ରତିଷ୍ଠିତ ବିଦ୍ୟାଳୟ - ମହାବିଦ୍ୟାଳୟ, ଅଦାଲତ, ଆଇନ ସଭା ଓ ଆମଦାନି ପଣ୍ୟକୁ ବର୍ଜନ କରିବା ଏହି ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ । ଫଳତଃ ବହୁ ଦେଶଭକ୍ତ ସରକାରୀ କର୍ମଚାରୀ ଚାକିରୀ ଛାଡ଼ିଥିଲେ, ବହୁ ପ୍ରତିଷ୍ଠିତ ବ୍ୟକ୍ତି ସମ୍ମାନ ସୂଚକ ଉପାଧିକୁ ପରିତ୍ୟାଗ କରିଥିଲେ ଏବଂ ସ୍କୁଲ କଲେଜର ବହୁଛାତ୍ର ଇଂରେଜ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନକୁ ତ୍ୟାଗ କରିଥିଲେ । ସେହି ଉଦ୍ଦେଶ୍ୟରେ ତତ୍‌କାଳୀନ ଖୋର୍ଦ୍ଧା ହାଇସ୍କୁଲ ଛାତ୍ରମାନେ ତା ୧୮-୧-୧୯୨୧ ରିଖରେ ଏକ ଘରୋଇ ସଭା ଅନୁଷ୍ଠିତକରି ଅସହଯୋଗ ଆନ୍ଦୋଳନ ତଥା ଜାତୀୟ ମୁକ୍ତି ସଂଗ୍ରାମ ଜୁଆରରେ ଅଂଶ ଗ୍ରହଣକରି ବିଦ୍ୟାଳୟକୁ ବର୍ଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ । ଘଟଣାଟି ଯେତେବେଳେ ପ୍ରଧାନ ଶିକ୍ଷକଙ୍କ କର୍ଣ୍ଣଗୋଚର ହେଲା ସେ ତା ୧୯-୧-୨୧ରିଖରେ ଶିକ୍ଷକ ଏବଂ ଛାତ୍ରମାନଙ୍କୁ ନେଇ ଏକ ସଭା ଆହ୍ୱାନକଲେ । ସଭାରେ ତତ୍‌କାଳୀନ ରାଜନୈତିକ ଆନ୍ଦୋଳନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସେଥିରୁ ନିବୃତ୍ତ ହେବାପାଇଁ ଛାତ୍ରମାନଙ୍କୁ ଆହ୍ୱାନ କରାଯାଇଥିଲା । ଏହିପରି ଆନ୍ଦୋଳନରେ ଅଂଶ ଗ୍ରହଣକରିବା ନିଜପାଇଁ ଯେତିକି ବିପଜ୍ଜନକ ଅନୁଷ୍ଠାନର ସ୍ଥିତିପାଇଁ ସେତିକି ବିପଜ୍ଜନକ ବୋଲି ଦୃଢ଼ ଧାରଣା ଦିଆଗଲା । ଏହାଦ୍ୱାରା ସେମାନେ ଶିକ୍ଷାଲାଭରୁ ବଞ୍ଚିତ ହେବେ ଏବଂ ସେମାନଙ୍କର ପିତାମାତା ଯେଉଁମାନେକି ବହୁ କଷ୍ଟ ସ୍ୱୀକାରକରି ଶିକ୍ଷାଲାଭପାଇଁ ସେମାନଙ୍କୁ ପଠାଇଛନ୍ତି, ସେମାନଙ୍କ ସମସ୍ତ ସ୍ୱପ୍ନ ଭାଙ୍ଗି ଚୂରମାର ହୋଇଯିବ ବୋଲି ବୁଝାଗଲା । ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକମାନଙ୍କର ବହୁ ଚେଷ୍ଟିତ ଏବଂ ନିର୍ଦ୍ଦେଶିତ ବିଷୟବସ୍ତୁ ଛାତ୍ରମାନଙ୍କ ଜାତୀୟତା ବୋଧ ଉପରେ କୌଣସି ପ୍ରଭାବ ବିସ୍ତାର କରିପାରିନଥିଲା । ପ୍ରତ୍ୟୁତ ଶିକ୍ଷକମାନଙ୍କୁ କୌଣସି ଅସମ୍ମାନ, ଅସୌଜନ୍ୟ ପ୍ରଦର୍ଶନ ନକରି ସେହି ଦିନ ବିଦ୍ୟାଳୟ ସଂଲଗ୍ନ ଛାତ୍ରାବାସରୁ ଦୁଇଜଣ ଛାତ୍ର ପ୍ରଧାନ ଶିକ୍ଷକ କିମ୍ବା ଛାତ୍ରାବାସର ପରିଚାଳକଙ୍କର କୌଣସି ଅନୁମତି ନନେଇ ସତ୍ୟବାଦୀ ଯାତ୍ରାକଲେ । ଶ୍ରୀ କୃପାସିନ୍ଧୁ ହୋତା ୧୯୧୯ ମସିହାରେ ଖୋର୍ଦ୍ଧା ହାଇସ୍କୁଲର ଶିକ୍ଷକ ପଦରୁ ଇସ୍ତଫାଦେଇ ସେତେବେଳକୁ ସତ୍ୟବାଦୀରେ ପଣ୍ଡିତ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ତା ୨୦-୧-୧୯୨୧ ମସିହାରେ ଖୋର୍ଦ୍ଧାର ଏସ୍.ଡି.ଓ ତଥା ଖୋର୍ଦ୍ଧା ହାଇସ୍କୁଲ ପରିଚାଳନା ପରିଷଦର ସଭାପତିଙ୍କ ସଭାପତିତ୍ୱରେ ଛାତ୍ର, ଶିକ୍ଷକ, ପରିଚାଳନା

ପରିଷଦର କେତେକ ସଦସ୍ୟ ଏବଂ ସ୍ଥାନୀୟ କେତେକ ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଚଳିତ ରାଜନୈତିକ ଆନ୍ଦୋଳନର ଭୟାବହତା ଠାରୁ ନିଜକୁ ଦୂରରେ ରଖିବାପାଇଁ ଛାତ୍ରମାନଙ୍କୁ ବୁଝାଯାଇଥିଲା । ତା ୨୧-୧-୧୯୨୧ରିଖରେ ବିଦ୍ୟାଳୟ ପରିଚାଳନା ପରିଷଦର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା ଏବଂ ଛାତ୍ରାବାସର ନିୟମ ଭଙ୍ଗ କରି ସତ୍ୟବାଦୀ ଯାତ୍ରାକରିଥିବା ଛାତ୍ରମାନଙ୍କୁ ଦଣ୍ଡ ଦିଆଯାଇଥିଲା । ଛାତ୍ରମାନେ ନିର୍ଦ୍ଦୋଷ ଭାବେ ସେମାନଙ୍କର ସତ୍ୟବାଦୀ ଯାତ୍ରା ସ୍ୱୀକାର କରିଥିଲେ ଏବଂ ସେଥିପାଇଁ ସେମାନେ ନିଃସର୍ତ୍ତ କ୍ଷମାଭିକ୍ଷା ମାଗିବାକୁ କୁହାଯାଇ ସତର୍କ କରାଇଦିଆଯାଇଥିଲା । ମୁକ୍ତି ଆନ୍ଦୋଳନରେ ଅଂଶ ଗ୍ରହଣ. ଛାତ୍ରାଭିଭାବକ ସ୍ୱପ୍ନକୁ ଧ୍ୱଂସ କରିଦେବ, ସେମାନଙ୍କର ଶିକ୍ଷାଲାଭ ପଥରେ ବିଘ୍ନିତ ଅନ୍ତରାୟ ସୃଷ୍ଟିକରିବ ଏବଂ ସେମାନଙ୍କୁ ବହୁ କଠିନ ଦଣ୍ଡରେ ଦଣ୍ଡିତ କରାଯିବ ଏହା ନିଶ୍ଚିତଭାବେ ଜାଣି ମଧ୍ୟ ଛାତ୍ରମାନେ ସେଥିରୁ ନିବୃତ୍ତ ହେବା ସପକ୍ଷରେ ନଥିଲେ । ସେମାନଙ୍କ ଆଖି ଆଗରେ ଭାସିଯାଉଥିଲା ପରାଧୀନ ଭାରତମାତାର ଦୁଃଖଦୁର୍ଦ୍ଦଶା, ସେମାନଙ୍କ କାନରେ ଶୁଣାଯାଉଥିଲା ପରାଧୀନ ଭାରତବାସୀଙ୍କ ଦୁଃଖଦୁର୍ଦ୍ଦଶାର କରୁଣ ସ୍ୱର । ନିଜର ଭବିଷ୍ୟତ ଦେଶର ଭବିଷ୍ୟତ ଆଗରେ ବଡ଼ ନୁହେଁ, ନିଜର ସ୍ୱାର୍ଥ ଦେଶର ସମୂହ ସ୍ୱାର୍ଥ ନିକଟରେ ଉଚ୍ଚ ନୁହେଁ । ଏଥିପାଇଁ ସମ୍ଭାବ୍ୟ ଆବେଗ ଓ ଆଶଙ୍କାକୁ ଭ୍ରୂକ୍ଷେପନକରି ବିଦ୍ୟାଳୟର ସମସ୍ତ ଛାତ୍ର ତା ୨୧-୧-୧୯୨୧ରେ ବିଦ୍ୟାଳୟ ବର୍ଜନ କରି ଘରବାଟକୁ ଫେରି ପଡ଼ିଲେ । କୁଳବିକ୍ଷିପ୍ତ ଅଶାନ୍ତ ଏବଂ ଅଣାୟତ୍ତ ପରିସ୍ଥିତି ସମ୍ପର୍କରେ ପ୍ରଧାନ ଶିକ୍ଷକ, ବିଦ୍ୟାଳୟ ପରିଚାଳନା ପରିଷଦର ସମ୍ପାଦକଙ୍କ ସହିତ ପରାମର୍ଶକରି ତା ୩୧-୧-୧୯୨୧ରିଖରେ କଟକସ୍ଥିତ ବିଦ୍ୟାଳୟ ସମୂହର ପରିଦର୍ଶକଙ୍କୁ ଜଣାଇଦେବା ସଙ୍ଗେ ସଙ୍ଗେ ଉପସ୍ଥିତ ପରିସ୍ଥିତି ପାଇଁ ଉପଦେଶ ଚାହିଁଥିଲେ । ଠିକ୍ ସେହିଦିନ କଟକ ରେଭେନ୍ସା କଲେଜରୁ ଦୁଇଜଣ ଛାତ୍ର ଆସି ରାତ୍ରି ଘଂଟିକା ସମୟରେ ଏକ ସଭାକରିଥିଲେ ଏବଂ ଛାତ୍ରାବାସର ପରିଚାଳକଙ୍କ ବାରଣ ସତ୍ତ୍ୱେ ଛାତ୍ରାବାସର ଛାତ୍ରମାନେ ସେଥିରେ ଯୋଗ ଦେଇଥିଲେ ।

ତା ୧-୩-୧୯୨୧ ରିଖରେ ପୂର୍ବାହ୍ନ ୫ଘଂଟିକା ସମୟରେ ଛାତ୍ରାବାସର ପୂର୍ବଦିଗରେ ନିଆଁଲାଗି ପାଞ୍ଚଟି ପାଳକିଆଯାଇଥିଲା । ପୁନଶ୍ଚ ତା ୯-୩-୧୯୨୧ରିଖରେ ସନ୍ଧ୍ୟା ୮ଟା-୩୦ମିନିଟରେ ବିଦ୍ୟାଳୟର ଦାଣଘରେ ନିଆଁଲାଗି ପୋଡ଼ିଯାଇଥିଲା । ବିଦ୍ୟାଳୟର ଅଣାୟତ୍ତ ପରିସ୍ଥିତିକୁ ଅନୁଧ୍ୟାନ କରିବାପାଇଁ ତା ୧୮-୩-୧୯୨୧ ମସିହାରେ ବିଦ୍ୟାଳୟ ସମୂହର ପରିଦର୍ଶକ ବିଦ୍ୟାଳୟକୁ ଆସିବାପାଇଁ ବାଧ୍ୟ ହୋଇଥିଲେ ।

ଅସହଯୋଗ ଆନ୍ଦୋଳନରେ ଯୋଗଦାନକରି ବିଦ୍ୟାଳୟରେ ଛାତ୍ରମାନେ ସୃଷ୍ଟିକରିଥିବା ବିଶୃଙ୍ଖଳାକୁ କିପରି ଆୟତ୍ତାଧୀନ କରାଯାଇପାରିବ ସେ ବିଷୟରେ ସୁଚିନ୍ତିତ ଉପାୟ ସ୍ଥିରକରିବାକୁ ପ୍ରଧାନଶିକ୍ଷକ ଶିକ୍ଷକମାନଙ୍କ ଏକ ସଭା ଆହ୍ୱାନକରି ସେମାନଙ୍କ ପ୍ରତି ସତର୍କ ଦୃଷ୍ଟିରଖିବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ନିୟମିତ ଭାବେ ସେମାନଙ୍କୁ ପୁଣ୍ୟପାଠ୍ୟ ଦେଇ ବ୍ୟସ୍ତ ରଖିବାକୁ ଆଦେଶ ଦେଇଥିଲେ । କିନ୍ତୁ କୌଣସି ପ୍ରକାର ଉଦ୍ୟମ କାମଦେଲାନାହିଁ । ପୁନଶ୍ଚ ତା ୨୩-୪-୧୯୨୧ ରିଖ ରାତ୍ରୁ ଘଂଟିକା ସମୟରେ ଛାତ୍ରାବାସର ମଧ୍ୟମବାଡ଼ିହିଁ ଜଳିଯାଇ ପାଞ୍ଚିଶ ପାଳକଟିଗଲା । ଏହିଭଳି କାର୍ଯ୍ୟପାଇଁ ସର୍ବତ ପ୍ରତ୍ୟକ୍ଷଭାବେ ନୁହେଁ ହେଲେ ପରୋକ୍ଷଭାବେ ଅସହଯୋଗ ଆନ୍ଦୋଳନକାରୀଙ୍କୁ ଦାୟୀ କରାଗଲା । ଆନ୍ଦୋଳନ ଜନିତ ପରିସ୍ଥିତିର ଭୟାବହତା, ଅଧିକାଂଶ ଯୋଗୁଁ ବିଦ୍ୟାଳୟର ନିୟମିତ କାର୍ଯ୍ୟପାଇଁ ଶିକ୍ଷଣୀୟ ପ୍ରକାର ଅଭାବ ଏବଂ ଛାତ୍ରାବାସର ଅଭାବ ଜନିତ କାରଣଯୋଗୁଁ ଖୋର୍ଦ୍ଧା ଏସ୍.ଡି.ଓ. (ଉପଜିଲ୍ଲାପାଳ) ବାଧ୍ୟହୋଇ ଯଥେଷ୍ଟ ପୂର୍ବରୁ ଗ୍ରୀଷ୍ମାବକାଶ ଲାଗି ବିଦ୍ୟାଳୟ ବନ୍ଦକରିଥିଲେ । ବିଦ୍ୟାଳୟର ପଞ୍ଜିକୃତ ପୁସ୍ତିକାରେ ଲେଖା ହୋଇଛି "Besides it was no longer considered desirable to continue the school under the present circumstances. The atmosphere got polluted as it were and the sooner the students were removed from such a plan, the better it was for them as well as for the institution itself."

ଛାତ୍ରମାନଙ୍କ ଏହି ଆନ୍ଦୋଳନର ପ୍ରେରଣାରେ ଶିକ୍ଷକମାନଙ୍କ ପ୍ରୋତ୍ସାହନକୁ ଏଡ଼ାଇଦିଆଯାଇନପାରେ । ବାରଣ ଛାତ୍ରାବାସର ପରିଚାଳନା ଦାୟିତ୍ୱରେଥିବା ଦୁଇଜଣ ପରିଚାଳକଙ୍କୁ ବିଦ୍ୟାଳୟର ପରିଚାଳନା ପରିଷଦ ତା ୧୦-୮-୧୯୨୧ରିଖର ଅଧିବେଶନ କାଳରେ କାର୍ଯ୍ୟରୁ ଅବସରକରି ପୁନଃ ଶିକ୍ଷକତାରୁ ବିଦାୟ ନେବାପାଇଁ ବାଧ୍ୟ କରିଥିଲେ ଏବଂ ଅସହଯୋଗ ଆନ୍ଦୋଳନକାରୀଙ୍କ ସହିତ ମିଳାମିଶା ନକରିବାପାଇଁ ଛାତ୍ରମାନଙ୍କୁ ସତର୍କ କରାଇଥିଲେ । କିନ୍ତୁ ତା' ପୂର୍ବରୁ ବିଦ୍ୟାଳୟର ଅଶାନ୍ତ ଏବଂ ଅଣାୟତ୍ତ ପରିସ୍ଥିତି ସମ୍ପର୍କରେ ପୋଲିସ ତଦାରଖ ତଦନ୍ତ କରାଯିବା ସଙ୍ଗେ ସଙ୍ଗେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଗୁଇନ୍ଦା ବିଭାଗକୁ ନିଯୁକ୍ତ କରାଗଲା । ଗୋପନ ଭାବେ କିଛି ତଥ୍ୟ ସଂଗ୍ରହ ପାଇଁ ସମସ୍ତ ଚେଷ୍ଟା ବିଫଳ ହେବା ସଙ୍ଗେ ସଙ୍ଗେ ଦୃଢ଼ ପଦକ୍ଷେପ ନେବାପାଇଁ ସ୍ଥିର କରାଗଲା । ପୋଲିସ ଓ ଗୁଇନ୍ଦା ବିଭାଗର ବିବରଣୀକୁ ଭିତ୍ତିକରି ଏବଂ କେତେକ ହସ୍ତ ଲେଖାଥିବା ସାଙ୍କେତିକ ପତ୍ରକୁ ଜବତ କରି ଛାତ୍ରାବାସରେ ବାସ କରୁଥିବା ଚାରିଜଣ ଛାତ୍ରଙ୍କୁ ଏଥିପାଇଁ ମୁଖ୍ୟ ଭାବେ ଦାୟୀ କରାଗଲା । ସେମାନଙ୍କ ମଧ୍ୟରେ ଶ୍ରୀ ଗୋପୀନାଥ ସେନଙ୍କୁ ପୋଲିସ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଗ୍ରହଣ କରି ବନ୍ଦୀ କଲେ । ଗୋପୀନାଥ

ସେନଙ୍କୁ ପୋଲିସ ଆରେଷ୍ଟ କରିବା ପରଦିନ ବିଦ୍ୟାଳୟର ଛାତ୍ରମାନେ ପୁଣି ଆନ୍ଦୋଳନ ଚଳାଇ ରଖିବାକୁ ହରତାଳରେ ଯୋଗଦେଲେ । ଏହି ହରତାଳର ନେତୃତ୍ୱ ନେଇଥିଲେ ବିଦ୍ୟାଳୟର ଛାତ୍ର ଶ୍ରୀ ଲଳିତ ମୋହନ ରାଉତରାୟ, ଯିଏକି ଜଣେ ଜଣାଶୁଣା ଅସହଯୋଗ ଆନ୍ଦୋଳନକାରୀ ଭାବେ ପରିଚିତ । ବିଦ୍ୟାଳୟର ପଞ୍ଜିକୃତ ବିବରଣୀ ପୁସ୍ତିକାରେ ଲିପିବଦ୍ଧ ହୋଇଛି-

Lalitamoham Routray

It is evident from the papers and the fact disclosed during the investigation that he is a stunch non-co-operator and it is he that formulated the general strike in the school on the day following the arrest of Gopinath Sen. He has subsequently been seen by the secretary and the Headmaster on one occasion to be very intimate with the non-co-operators with khurda Ashram.

ତୃତୀୟ ଅଭିଯୁକ୍ତ ଭାବେ ଧରା ହୋଇଥିଲେ ବିଦ୍ୟାଳୟର ଛାତ୍ର ଶ୍ରୀ ଜୟକୃଷ୍ଣ ପଟ୍ଟନାୟକ । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଉଦ୍ୟମରେ ସେତେବେଳକୁ ବଣପୁରଠାରେ ପ୍ରତିଷ୍ଠିତ ହୋଇଥାଏ ଏକ ଜାତୀୟ ବିଦ୍ୟାଳୟ । ଅସହଯୋଗ ଆନ୍ଦୋଳନକୁ ଅଧିକ ସକ୍ରିୟ କରି ଗଢ଼ି ତୋଳିବା ପାଇଁ ଗୋପୀନାଥ ସେନ ଯୋଗସୂତ୍ର ରକ୍ଷା କରିଥିଲେ ବାଣପୁର ହାଇସ୍କୁଲର ଛାତ୍ର ଶ୍ରୀ ହାଡ଼ିବନ୍ଧୁ ସାହୁଙ୍କ ସହିତ । ଛାତ୍ରାବାସର ଗୋଟିଏ ପ୍ରକୋଷ୍ଠରେ ବାସ କରୁଥିବା ଗୋପୀନାଥ ସେନଙ୍କ ସହପାଠୀ ଶ୍ରୀ ଜୟକୃଷ୍ଣ ପଟ୍ଟନାୟକ ଠିକ ପ୍ରକୋଷ୍ଠରେ ଘଟି ଯାଇଥିବା ବିଷୟକୁ ଛାତ୍ରାବାସର ପରିଚାଳକଙ୍କୁ ଲୁଚାଇ ରଖିଥିବା ଯୋଗୁଁ ଦୋଷୀ ସାବ୍ୟସ୍ତ ହୋଇଥିଲେ, ବିଶେଷକରି ବାଣପୁର ଜାତୀୟ ବିଦ୍ୟାଳୟର ପ୍ରମାଣିତ ଅସହଯୋଗ ଆନ୍ଦୋଳନକାରୀ ଶ୍ରୀ ହାଡ଼ିବନ୍ଧୁ ସାହୁଙ୍କ ସହିତ ଶ୍ରୀ ଗୋପୀନାଥ ସେନ ଯେଉଁ ଗୁପ୍ତ ସମ୍ପର୍କ ସ୍ଥାପନ କରିଥିଲେ, ତାକୁ ଆଧାର କରି ।

ଚତୁର୍ଥ ଦୋଷୀ ଭାବେ ପରିଗଣିତ ହୋଇଥିଲେ ବିଦ୍ୟାଳୟର ଛାତ୍ର ଶ୍ରୀ ବ୍ରଜବନ୍ଧୁ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ପୋଲିସ ନିକଟରେ ମୁକ୍ତ ଭାବରେ ସ୍ୱୀକାର କରିଥିଲେ ଯେ ସେ ଖୋର୍ଦ୍ଧା ଆଶ୍ରମରେ ରହିଥିଲେ, କିନ୍ତୁ ଆନ୍ଦୋଳନ ଉଦ୍ଦେଶ୍ୟରେ ନୁହେଁ ବରଂ ଏକ ଚିତ୍ର ପ୍ରଦର୍ଶନୀ ଉପଭୋଗ କରିବାକୁ । ବ୍ରଜବନ୍ଧୁଙ୍କର ସେହିପରି ଉକ୍ତିକୁ ସନ୍ତୋଷଜନକ ବୋଲି ଗ୍ରହଣ କରାଯାଇ ନ ଥିଲା, କାରଣ ତା ୨୯-୪-୧୯୨୨ ମସିହାରେ ଯେତେବେଳେ ଶ୍ରେଣୀରେ ଯୋଗଦାନ ପାଇଁ ଆହ୍ୱାନ କରାଯାଇଥିଲା ସେତେବେଳେ ବ୍ରଜବନ୍ଧୁ ପ୍ରଥମେ ଶ୍ରେଣୀକୁ ପ୍ରବେଶ କରିଥିଲେ ଏବଂ ଅନ୍ୟମାନେ ତା' ପରେ ପରେ ଶ୍ରେଣୀକୁ ଯାଇଥିଲେ । ତେଣୁ ଛାତ୍ରମାନଙ୍କ ଉପରେ ବ୍ରଜବନ୍ଧୁ ପଟ୍ଟନାୟକଙ୍କ ପ୍ରଚଣ୍ଡ ପ୍ରଭାବ ଥିବାର ପ୍ରମାଣିତ ହୋଇଥିଲା । ତେଣୁ ଉପରୋକ୍ତ ଚାରିଜଣ ଛାତ୍ରଙ୍କ ବିରୁଦ୍ଧରେ ନିମ୍ନୋକ୍ତ ଶାସ୍ତିବିଧାନ କରାଯାଇଥିଲା ।

ଶ୍ରୀ ଗୋପୀନାଥ ସେନଙ୍କୁ ବିଦ୍ୟାଳୟରୁ ବିଦା କରାଯାଇଥିଲା । ଶ୍ରୀ ଲଳିତ ମୋହନ ପଟ୍ଟନାୟକଙ୍କୁ ବହିଷ୍କୃତ କରାଗଲା । ଶ୍ରୀ ଜୟକୃଷ୍ଣ ପଟ୍ଟନାୟକଙ୍କୁ ଅସ୍ଥାୟୀ ଭାବେ ବିଦ୍ୟାଳୟରୁ ଛଅମାସ ପାଇଁ ବହିଷ୍କୃତ କରାଗଲା ଏବଂ ଶ୍ରୀ ବ୍ରଜବନ୍ଧୁ ପଟ୍ଟନାୟକଙ୍କୁ ଅସ୍ଥାୟୀ ଭାବେ ବିଦ୍ୟାଳୟରୁ ତିନିମାସ ପର୍ଯ୍ୟନ୍ତ ବହିଷ୍କୃତ କରାଯାଇଥିଲା ।

୧୯୨୯ ମସିହା ଡିସେମ୍ବର ମାସ ଲାହୋର ଅଧିବେଶନରେ ଜାତୀୟ କଂଗ୍ରେସର ଜାତୀୟ ସଂଗ୍ରାମର ଅନ୍ତିମ ଲକ୍ଷ୍ୟ ପୂର୍ଣ୍ଣ ସ୍ୱାଧୀନତା । ଜାତୀୟ କଂଗ୍ରେସ କର୍ତ୍ତୃକ ଗୃହୀତ ପ୍ରସ୍ତାବ ଅନୁଯାୟୀ ୧୯୩୦ ମସିହା ଜାନୁୟାରୀ ୨୬ ତାରିଖଟି ଦେଶରେ ସର୍ବତ୍ର ସ୍ୱାଧୀନତା ଦିବସ ରୂପେ ପାଳିତ ହୋଇଥିଲା । ୧୯୩୦ ମସିହା ଏପ୍ରିଲ ମାସ ୧୪ ତାରିଖ ସକାଳରେ ବିଦ୍ୟାଳୟର ଛାତ୍ରମାନେ ବିଦ୍ୟାଳୟ ଛାତ ଉପରେ ଜାତୀୟ ପତାକା ଉଡ଼ାଇଥିଲେ । ପତାକାଟି ଖଦଡ଼ରେ ନିର୍ମିତ ଥିଲା ଏବଂ ଏହାର ତିନୋଟି ରଙ୍ଗ ଥାଇ ଗୋଟିଏ ଚରଖା ଚିତ୍ର ବହନ କରିଥିଲା ଏବଂ ଓଡ଼ିଆରେ 'ବନ୍ଦେ ମାତରମ୍' ଲେଖା ଯାଇଥିଲା । ବିଦ୍ୟାଳୟର ଛାତ୍ରମାନଙ୍କ ଏଭଳି ବୀରତ୍ୱପୂର୍ଣ୍ଣ ଜାତୀୟ ପ୍ରୀତି କାର୍ଯ୍ୟକଳାପକୁ ଇଂରେଜ ପକ୍ଷପାତୀ ଲୋକମାନେ ଶୁଭ ଦୃଷ୍ଟିରେ ଦେଖୁ ନ ଥିଲେ ।

**ଇଂରେଜ ସରକାରଙ୍କ** ଦମନନୀତି ବିରୁଦ୍ଧରେ ଏବଂ ଲୁଣ ତିଆରି **କ୍ଷେତ୍ରରେ ଏକଚାଟିଆ ଅଧିକାରକୁ** ବାତିଲ କରିବା ପାଇଁ ସାବରମତି **ସତ୍ୟାଗ୍ରହ ଆଶ୍ରମରୁ ଗାନ୍ଧିଜୀ** ଦାଣ୍ଡି ଯାତ୍ରା କରିଥିଲେ । ଗାନ୍ଧିଜୀଙ୍କର ଏହି **ଅସହଯୋଗ ଆନ୍ଦୋଳନ** ଭାରତର ସର୍ବତ୍ର ବ୍ୟାପି ଯାଇଥିଲା । **ଓଡ଼ିଶାରେ ଏହି** ଆନ୍ଦୋଳନକୁ ନିର୍ଭୀକ ଭାବେ ପରିଚାଳିତ **କରୁଥିବା ଗୋପବନ୍ଧୁ** ଚୌଧୁରୀଙ୍କୁ ଇଂରେଜ ସରକାର ବନ୍ଦୀ କଲେ । **ଫଳରେ** ୧୯୩୦ ମସିହା ଏପ୍ରିଲ ମାସ ୧୬ ତାରିଖରେ **ବିଦ୍ୟାଳୟର ଛାତ୍ରମାନେ** ବିଦ୍ୟାଳୟ ବର୍ଜନ କରି ହରତାଳ ଆରମ୍ଭ **କରିଥିଲେ** । ବିଦ୍ୟାଳୟ, ଛାତ୍ରାବାସ ଏବଂ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ **ପୋଷ୍ଟର** ଏବଂ ପ୍ଲାକାର୍ଡମାନ ଛାପିଥିଲେ । 'ବିଦ୍ୟାଳୟ ବର୍ଜନ କର, **ହରତାଳ** ପାଳନ କର' ସେଥିରେ ଲେଖା ଯାଇଥିଲା । ଛାତ୍ରାବାସର **ଛାତ୍ରମାନେ** ହରତାଳରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । **ଛାତ୍ର ଅଭିଭାବକମାନଙ୍କୁ** ଏ ସମ୍ପର୍କରେ ଜଣାଇ ଦିଆଯାଇଥିଲେ ମଧ୍ୟ **କୌଣସି ପରିବର୍ତ୍ତନ** ପରିଲକ୍ଷିତ ହୋଇନଥିଲା । ପରିଶେଷରେ ଘଟଣାକୁ **ଖୋର୍ଦ୍ଧାର** ଏସ୍.ଡି.ଓ.ଙ୍କ ଦୃଷ୍ଟିକୁ ଆଣାଯାଇଥିଲା । ହରତାଳର ମୁଖ୍ୟ **ତତ୍ତ୍ୱାବଧାରକ** ମାନଙ୍କୁ ଧରିବା ପାଇଁ ତଦନ୍ତ କାର୍ଯ୍ୟ ଚାଲୁ ରହିଲା । **ବିଦ୍ୟାଳୟର ଦଶମ** ଶ୍ରେଣୀ ଛାତ୍ର

ଶ୍ରୀ ନୃସିଂହ ଚରଣ ସାମନ୍ତସିଂହାରଙ୍କୁ ଏଥିପାଇଁ ମୁଖ୍ୟତଃ ଦାୟୀ କରାଯାଉଥିଲା ।

୧୯୩୦ ମସିହା ଏପ୍ରିଲ ମାସ ୨୨ ତାରିଖରେ ବିଦ୍ୟାଳୟର ଛାତ୍ରମାନେ ପୁଣି ହରତାଳ ଆରମ୍ଭ କରି ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ ଠାକୁରପ୍ରିୟ ବୋଷଙ୍କୁ ଇଂରେଜ ସରକାର ବନ୍ଦୀ କରିବା ପ୍ରତିବାଦରେ ଏହି ହରତାଳ ପାଳିତ ହୋଇଥିଲା । ଛାତ୍ରାବାସର ଛାତ୍ରମାନେ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଛାତ୍ରାବାସ ପରିସର ମଧ୍ୟରେ ଛାତ୍ରମାନେ ମିଳିତ ହୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଛାତ୍ରମାନଙ୍କ ଏହି ଦେଶ ପ୍ରୀତିକୁ ଦୁଷ୍କାମି, ବେଆଇନ ଏବଂ ଅଶୃଙ୍ଖଳତା ରୂପେ ଚିତ୍ରଣ କରାଯାଇ ଯଥାଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥିର ହୋଇଥିଲା । ତାହାଫଳରେ ଶ୍ରୀ ନୃସିଂହ ଚରଣ ସାମନ୍ତସିଂହାରଙ୍କ ନାମ ବିଦ୍ୟାଳୟ ନାମଲେଖା ପୁସ୍ତିକାରୁ ଉଚ୍ଛେଦ କରାଯାଇଥିଲା ଏବଂ ଶ୍ରୀ ସଚ୍ଚିଦାନନ୍ଦ ଚାନ୍ଦଚମୟଙ୍କୁ ବାଧ୍ୟତାମୂଳକ ସ୍ଥାନାନ୍ତର ପ୍ରମାଣପତ୍ର ଦିଆଯାଇଥିଲା ।

୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ବିଦ୍ୟାଳୟର ଛାତ୍ରମାନେ ମଧ୍ୟ ଭାଗ ନେଇଥିଲେ । ୧୯୪୨ ମସିହା ଅଗଷ୍ଟ ମାସ ୨୦ ତାରିଖରେ ବିଦ୍ୟାଳୟର ସମୂହ ପ୍ରାର୍ଥନା ସରିବା ପରେ ଛାତ୍ରମାନେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଏବଂ ସ୍ୱାଧୀନତା ଆନ୍ଦୋଳନ ସପକ୍ଷରେ ଉଚ୍ଚସ୍ୱରରେ ବହୁ ସ୍ଲୋଗାନମାନ ଦେଇ ସହର ପରିକ୍ରମା କରିଥିଲେ । ୨୧ ତାରିଖରେ ମଧ୍ୟ ଛାତ୍ରମାନେ ଅନୁରୂପ ହରତାଳ ପାଳନ କରିଥିଲେ । ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ (ମୁଖ୍ୟମନ୍ତ୍ରୀ) ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

୧୯୪୭ ମସିହା । ଭାରତର ମୁକ୍ତି ସଂଗ୍ରାମ ଚରମ ପର୍ଯ୍ୟାୟରେ ଉପନୀତ । ରେଭେନ୍ସା ମହାବିଦ୍ୟାଳୟର ଛାତ୍ରମାନେ ୟୁନିୟନ ଜାକ୍ ପତାକାକୁ ଓହ୍ଲାଇ ଦେଇ ଉତ୍ତୋଳନ କରନ୍ତି ଭାରତର ଜାତୀୟ ପତାକା । ଏହାକୁ କରନ୍ତି ଅସମ୍ମାନଜନକ ମନେ କରନ୍ତି ଇଂରେଜ ସରକାର । ତେଣୁ ରେଭେନ୍ସା ମହାବିଦ୍ୟାଳୟର ଛାତ୍ରମାନଙ୍କୁ ଇଂରେଜ ସରକାର କଡ଼ା ଶାସ୍ତି ବିଧାନ କରିଥାନ୍ତି । ନିଜର କଲେଜ ପଢ଼ୁଆ ବଡ଼ଭାଇମାନଙ୍କ ପ୍ରତି ଇଂରେଜ ସରକାରଙ୍କ କଠିନ ଶାସ୍ତିକୁ ବରଦାସ୍ତ କରିପାରିନଥିଲେ ଏହି ବିଦ୍ୟାଳୟର ଛାତ୍ରମାନେ । ତେଣୁ ୧୯୪୭ ମସିହା ଜାନୁୟାରୀ ମାସ ୩୦ ତାରିଖରେ ପାଳିତ ହୁଏ ପୁଣି ହରତାଳ ଏବଂ ତା ୧-୨-୪୭ ରିଖରେ ଏହା ଧାରଣ କରେ ବିରାଟ ଆକାର ।

ଭାରତର ମୁକ୍ତି ସଂଗ୍ରାମରେ ପ୍ରାଣଦାନ ଦେଇଥିବା ଦେଶପ୍ରେମୀ ଶହୀଦମାନଙ୍କ ଅମର ଆତ୍ମାପ୍ରତି ଅସୀମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଛାତ୍ରମାନେ ତା ୯-୮-୧୯୪୭ ଦିନରେ ବିଦ୍ୟାଳୟରେ ଏକତ୍ରିତ ହୋଇ ଶହୀଦ ଦିବସ ପାଳନ କରିଛନ୍ତି ଏବଂ ଏକ ସଭା ଆୟୋଜନ କରିଛନ୍ତି । ଏହି ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଭାପତି ଆସନ ଅଳଙ୍କୃତ କରିଥିଲେ ।

ତା୧୫-୮-୧୯୪୭ ସ୍ୱାଧୀନତା ଦିବସକୁ ପାଳନ କରିବା ପାଇଁ ଛାତ୍ରମାନେ ବିଦ୍ୟାଳୟକୁ ତା ୧୪-୮-୧୯୪୭ ଠାରୁ ତା୧୬-୮-୧୯୪୭ ପର୍ଯ୍ୟନ୍ତ ଉତ୍ସବ ମୁଖର କରି ସାଜି ତୋଳିଥିଲେ ଏବଂ ବିଦ୍ୟାଳୟ ଓ ଛାତ୍ରାବାସକୁ ଆଲୋକ ମାଳରେ ସଜାଇବା ସଙ୍ଗେ ଆତସବାଜି ଫୁଟାଇଥିଲେ । ସେମାନଙ୍କର ଦୀର୍ଘଦିନର ସ୍ୱପ୍ନ ଆଜି ସଫଳ ହୋଇଛି ।

ବିଦ୍ୟାଳୟର ନିୟମିତ ପଞ୍ଜିକୃତ ବିବରଣୀ ପୁସ୍ତିକାରୁ ସଂଗୃହୀତ ଉପରୋକ୍ତ ଘଟଣାବଳୀରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ବି.ଜେ.ବି. ହାଇସ୍କୁଲର ଛାତ୍ରମାନେ ୧୯୨୧ ମସିହାଠାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଜାତୀୟ ମୁକ୍ତି ମହାସଂଗ୍ରାମ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ପୁରାଣ ବର୍ଣ୍ଣିତ ରାମଚନ୍ଦ୍ରଙ୍କର ସେତୁ ବନ୍ଧନରେ ବାନର ସେନା ଓ ଗୁଣ୍ଡୁଚି ମୂଷାମାନଙ୍କ ଅବଦାନ ଯେପରି ମହାନ୍ ଏବଂ ଅବିସ୍ମରଣୀୟ ଠିକ୍ ତଦନୁରୂପ ବି.ଜେ.ବି. ହାଇସ୍କୁଲର ଛାତ୍ରମାନଙ୍କ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ ମହାନ୍ ଏବଂ ଅବିସ୍ମରଣୀୟ । ଯେଉଁ ଛାତ୍ରମାନେ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଜାତୀୟ ସ୍ୱାର୍ଥ ସାଧନ ପାଇଁ ଆଗେଇ ଆସିଥିଲେ ସେମାନେ ପ୍ରାତଃସ୍ମରଣୀୟ । ସେମାନଙ୍କର ଦୁଃସାହସିକ ପଦକ୍ଷେପ ଏବଂ ନିଃସ୍ୱାର୍ଥପର ଦେଶପ୍ରେମ କେବଳ ବି.ଜେ.ବି. ହାଇସ୍କୁଲ ଛାତ୍ରମାନଙ୍କ ପାଇଁ ନୁହେଁ ବରଂ ସମଗ୍ର ଛାତ୍ରସମାଜକୁ ଅନ୍ୟାୟ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଚିରଦିନ ପ୍ରେରଣା ଯୋଗାଉଥିବ । ସେମାନଙ୍କର ଅସାଧାରଣ ବୀରତ୍ୱ, ସେମାନଙ୍କୁ ବୀରମାଟି ଓଡ଼ିଶାର ଉପଯୁକ୍ତ ଦାୟାଦ ଭାବେ ପ୍ରମାଣିତ କରିପାରିଛି । ସେମାନେ ବି.ଜେ.ବି. ହାଇସ୍କୁଲର ଗର୍ବ ଏବଂ ଗୌରବର ପ୍ରତୀକ । ସେହିଭଳି ଛାତ୍ରମାନଙ୍କୁ ଲାଭ କରି ବି.ଜେ.ବି. ହାଇସ୍କୁଲ ଗୌରବାନ୍ୱିତ । ସେମାନଙ୍କର ଜୀବନଜୟୀ ପ୍ରଶଂସନୀୟ କାର୍ଯ୍ୟକଳାପ ବିଦ୍ୟାଳୟର ଇତିହାସ ପୃଷ୍ଠାରେ ଚିର ଜାଜ୍ୱଲ୍ୟମାନ ହୋଇ ରହିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଆଜି ଏହି ମହାନ୍ ଶିକ୍ଷାନୁଷ୍ଠାନର ଶତବାର୍ଷିକ ଉତ୍ସବ ପାଳନ ଅବସରରେ ସେହି ଅମ୍ଳାନ ବ୍ୟକ୍ତିତ୍ୱମାନଙ୍କ ପ୍ରତି ସଭକ୍ତି କୃତଜ୍ଞତା ଜ୍ଞାପନ କରୁଛୁ ।

ଶିକ୍ଷକ,
ବି.ଜେ.ବି. ହାଇସ୍କୁଲ



# ବିଦ୍ୟାଳୟ କ୍ରୀଡ଼ାର ଐତିହ୍ୟ

ଶ୍ରୀ ବଟକୃଷ୍ଣ ପରିଡ଼ା

ବିଗତ ଖ୍ରୀ ୧୮୯୬ ମସିହାରେ, ଖୋର୍ଦ୍ଧା ଇଂରେଜମାନଙ୍କର ଅଧୀନକୁ ଆସିବା ପରେ ନିମ୍ନ ସ୍ତରର ଶିକ୍ଷାଦାନ ପଦ୍ଧତିକୁ ଉନ୍ନତ କରାଇ, ଏକ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଗଲା । ସେହିଦିନଠାରୁ ଆଜି ଅବଧି ଖ୍ରୀ ୧୯୯୬ ମସିହା ସୁଦ୍ଧା ଉକ୍ତ ଉଚ୍ଚ ବିଦ୍ୟାଳୟର ଏକଶତ ବର୍ଷ ପୂର୍ତ୍ତି ମଧ୍ୟରେ ତିନି ରକମର ନାମକରଣ ହୋଇଛି । ପ୍ରାରମ୍ଭରୁ ଇଂରେଜ ଶାସନ ଅନ୍ତ ପର୍ଯ୍ୟନ୍ତ- ଖୋର୍ଦ୍ଧା ଉଚ୍ଚ ଇଂରେଜ ବିଦ୍ୟାଳୟ ଭାବେ ନାମିତ ହୋଇ ରହିଲା ଦୀର୍ଘ ୫୦ ବର୍ଷ କାଳ । କିନ୍ତୁ ତତ୍କାଳୀନ ସରକାର ନିଜ ତତ୍ତ୍ୱାବଧାନକୁ ବିଦ୍ୟାଳୟକୁ ନେଇ ନ ଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ "ଇଂରେଜ" ଶବ୍ଦଟିକୁ କାଢ଼ି ଦେଲେ- ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟ ନାମ ରଖା ଗଲା ଏବଂ ଖ୍ରୀ ୧୯୬୮ ମସିହା ପର୍ଯ୍ୟନ୍ତ ଯଥା ପୂର୍ବମ୍ ତଥା ପରମ ଭାବେ ପରିଚାଳିତ ହେଲା । ପରବର୍ତ୍ତୀ କାଳରେ ସ୍ୱାଧୀନତାର ଦୀର୍ଘ ୨୧ ବର୍ଷ ପରେ ଯେତେବେଳେ ଖ୍ରୀ ୧୯୬୮ ମସିହାରେ ବିଦ୍ୟାଳୟକୁ ନିଜ ଅଧୀନକୁ ନେଲେ ନାମ ପରିବର୍ତ୍ତନ କରାଯାଇ- ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଳୟ ନାମରେ ଅଭିହିତ ହେଲା ।

ବର୍ତ୍ତମାନ ଉକ୍ତ ଉଚ୍ଚ ବିଦ୍ୟାଳୟର ଏକଶତ ବର୍ଷ ପୂର୍ତ୍ତି ଅବସରରେ ଏକ ମହୋତ୍ସବ ପାଳିତ ହେବାକୁ ଯାଉଛି । ଏହି ଉପଲକ୍ଷେ ଉକ୍ତ ବିଦ୍ୟାଳୟର ପୂର୍ବତନ ସର୍ବ ବିଧ କାର୍ଯ୍ୟକର୍ତ୍ତାମାନଙ୍କର ସ୍ମୃତି ଚାରଣର ଆବଶ୍ୟକତା ଅନୁଭବ କରାଯାଉଥିବା ହେତୁ, ଉକ୍ତ ବିଦ୍ୟାଳୟର କେବଳ କ୍ରୀଡ଼ା ବିଭାଗର ତତ୍ କାଳୀନ ଉତ୍କର୍ଷତା ସମ୍ବନ୍ଧରେ ଦାୟତ ଅନୁଭୂତିର ଅବକାଶରେ ଅବତାରଣା କରାଯାଉଛି ।

ତତ୍ କାଳୀନ ଖେଳାଳୀମାନେ ଥିଲେ- ଗୋପୀନାଥ ପଟ୍ଟଯୋଶୀ (ଖୋର୍ଦ୍ଧା ରାଜନ)- ସୁରେନ୍ଦ୍ର ନାଥ ବସ୍ତିଆ, ଶାମସୁନ୍ଦର ଲେଙ୍କା, କୃଷ୍ଣ ମୋହନ ମହାନ୍ତି, ବିଶ୍ୱଭୂଷଣ ନାୟକ, ଲକ୍ଷ୍ମୀ ନାରାୟଣ ସେନାପତି (ସମସ୍ତ ଖୋର୍ଦ୍ଧା ଟାଉନର), ଗଙ୍ଗାଧର ପଟ୍ଟନାୟକ (ମଞ୍ଚିହର) ନବକିଶୋର ପଟ୍ଟନାୟକ (ଦଧି ମାଛ ଗାଡ଼ିଆ) ଓ ଅଲେଖ ବିହାରୀ ମାନଧାତା ଆଦି ଅନ୍ୟାନ୍ୟ ଅନେକ । ଉଲ୍ଲିଖିତ ସମସ୍ତ ଖେଳାଳୀମାନେ ପରଲୋକ ଗମନ କରି ଅଛନ୍ତି

ମୁଁ ବିଦ୍ୟାଳୟରେ ପ୍ରବେଶ କଲା ବେଳକୁ ଉକ୍ତ ସମସ୍ତ ଖେଳାଳୀ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ଛାଡ଼ି ଚାଲିଗଲେଣି । ତତ୍କାଳୀନ ବିଦ୍ୟାଳୟ କ୍ରୀଡ଼ା କ୍ଷେତ୍ରର ନିୟମ ଅନୁସାରେ ଫୁଟବଲ ଖେଳିବା ପାଇଁ ପ୍ରଥମେ "ଗ" ଶ୍ରେଣୀରେ ଅର୍ଥାତ ଦଳ ସଙ୍ଗେ ସଙ୍ଗେ ଯୋଗ ଦେବାକୁ ପଡ଼ିବ । କିଛି ଦିନ ଖେଳିବା ପରେ ଯଦି ଖେଳରେ ଆଶାନୁରୂପ ଉନ୍ନତି ଘଟି ଥିବ, ତା ହେଲେ "ଖ" ଦଳକୁ ଉତ୍ତୀର୍ଣ୍ଣ କରା ଯାଉଥିଲା । ସେହି ଅନୁସାରେ "ଖ" ଦଳରେ ଯଦି ଭଲ ଖେଳିବାର ଦେଖାଗଲା- ତାହା ପରେ ଉକ୍ତ ଖେଳାଳୀକୁ "କ" ଦଳକୁ ଉତ୍ତୀର୍ଣ୍ଣ କରା ଯାଉଥିଲା । ଅର୍ଥାତ୍ ଫୁଟବଲ ଖେଳରେ ବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିବା ପାଇଁ ଉକ୍ତ ଖେଳାଳୀ ଯୋଗ୍ୟ ବୋଲି ବିବେଚିତ ହେଉଥିଲା ଏହି ପରି ଭାବରେ ଖେଳାଳୀମାନଙ୍କୁ ପ୍ରସ୍ତୁତ କରାଯାଉଥିଲା । ଏଣୁ ଏହା ଅନୁମେୟ ଯେ ଗୋଟିଏ ଖେଳାଳୀକୁ "କ" ଦଳକୁ ଉଠିବାକୁ କେତେ ଦିନ ଲାଗୁଥିବ । ଏପରି କି ଅନେକ ଖେଳାଳୀ ତାଙ୍କର ଛାତ୍ରାବସ୍ଥା ସମୟ ମଧ୍ୟରେ ମଧ୍ୟ ବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ପାଇ ପାରନ୍ତି ନାହିଁ ।

କିନ୍ତୁ ଆଲୋଚକ ଏପରି ଅବସ୍ଥାରେ ଉଦ୍‌ବେଗ ହୋଇ ନଥିଲେ ଏକ ବର୍ଷ ପରେ ଅଷ୍ଟ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ସଙ୍ଗେ ସଙ୍ଗେ ବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିବା ଭଳି ଯୋଗ୍ୟତା ହାସଲ କରିପାରିଥିଲେ ଏବଂ ବିଦ୍ୟାଳୟର ବଛା ଯାଉଥିବା ଖେଳାଳୀ ମାନଙ୍କ ମଧ୍ୟରୁ ଜଣେ ଥିଲେ ।

ସେ ସମୟରେ ଫୁଟ ବଲ ଖେଳ ହିଁ ଜନ ପ୍ରିୟ ଓ ମୁଖ୍ୟ ଖେଳ ଥିଲା । ତାହା ପଛକୁ ହକି । ଯାହା କି ଖୁବ କମ ବିଦ୍ୟାଳୟମାନଙ୍କରେ ଖେଳା ଯାଉଥିଲା । ମୁଖ୍ୟତଃ ପୁଲିସ ବାଲାମାନେ ହିଁ ସେ ଖେଳ ଖେଳନ୍ତି । କିନ୍ତୁ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟ ସମସ୍ତ ପ୍ରକାର ଖେଳରେ ଉଚ୍ଚରେ ଥିଲା । ଯାହା କି ତତ୍କାଳୀନ କୌଣସି ଉଚ୍ଚ ବିଦ୍ୟାଳୟ ଏପରିକି ସରକାରୀ ଉଚ୍ଚ ବିଦ୍ୟାଳୟମାନେ ମଧ୍ୟ ସ୍ୱପ୍ନରେ ଚିନ୍ତା କରିପାରି ନ ଥିବେ । ଏହା ଥିଲା ଖୋର୍ଦ୍ଧା ଉଚ୍ଚ ଇଂରାଜୀ ବିଦ୍ୟାଳୟର ତତ୍ କାଳୀନ ପ୍ରଧାନ ଶିକ୍ଷକ ସ୍ୱର୍ଗତଃ ଦାଶ ନିଧି ପଟ୍ଟନାୟକଙ୍କ ପରିଚାଳନାର ଦକ୍ଷତା । ଗୋଟିଏ ଶିକ୍ଷାନୁଷ୍ଠାନକୁ କିପରି ସର୍ବୋତ

ଯାବେ ଭଲଭ ଭାବରେ ଅଣାଯାଇ ପାରିବ, ଶୁଦ୍ଧ ଜଳ କାହିଁ ତାଙ୍କୁ ଜଣାଥିଲା । ତେଣୁ ଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷା ଦାନ ସମ୍ବନ୍ଧରେ ସେ ଯେପରି ସଚେତନ ଥିଲେ, ତଦ୍ରୂପ ଛାତ୍ରମାନଙ୍କର ଶାରୀରିକ ବିକାଶପାଇଁ ଓ ସ୍ୱାସ୍ଥ୍ୟ ରକ୍ଷା ପାଇଁ ମଧ୍ୟ ତାଙ୍କର ଦୃଷ୍ଟି ତୀକ୍ଷ୍ଣ ଥିଲା । ତେଣୁ ବିଭିନ୍ନ ପ୍ରକାରର ଛାତ୍ରମାନଙ୍କପାଇଁ ସେମାନଙ୍କର ପ୍ରବୃତ୍ତି ଅନୁଯାୟୀ ଖେଳ ଖେଳି କରିବାର ସୁଯୋଗ ଯୋଗାଇ ଦେବାପାଇଁ , ବିଭିନ୍ନ ପ୍ରକାରର କ୍ରୀଡ଼ା ଏବଂ ତତ୍ ସମ୍ବନ୍ଧୀୟ ସାମଗ୍ରୀମାନ ବିଦ୍ୟାଳୟରେ ମହଜୁଦ ରହୁଥିଲା । ଯଥା : ଫୁଟବଲ, ହକି, କ୍ରିକେଟ୍, ଟେନିସ୍, ଭଲି, ଟେନିକଏଟ, ବାସ୍କେଟବଲ ଓ ଥ୍ରୋ ବଲ ଇତ୍ୟାଦି ଇତ୍ୟାଦି । ଏପରି କି ''କୁସ୍ତି'' ଖେଳ- ଯାହା ସାଧାରଣତଃ ଯେଉଁ ଖେଳ ଛାତ୍ରମାନଙ୍କପାଇଁ ଉଚିତ ନୁହେଁ, ସେ ଖେଳ ମଧ୍ୟ ରଖା ଯାଇଥିଲା ।

ବହୁ ପ୍ରକାର ଖେଳମାନ ଯୋଗାଇ ଦିଆ ଯାଉଥିବା ହେତୁ ଛାତ୍ରମାନେ ନିଜ ନିଜ ଇଚ୍ଛା ଅନୁସାରେ ଖେଳିବାର ସୁଯୋଗ ପାଉଥିବାରୁ- ବିଦ୍ୟାଳୟର କାର୍ଯ୍ୟ ନିର୍ଦ୍ଦିଷ୍ଟ ପରେ- ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟାଳୟର ବିସ୍ତୃତ ଖେଳ ପଡ଼ିଆର ଚତୁର୍ଦ୍ଦିଗରେ ବିସ୍ତୃତ ହୋଇ, ବିଭିନ୍ନ ପ୍ରକାର ଖେଳର କୋଳାହଳ ଦ୍ୱାରା ବାୟୁ ମଣ୍ଡଳକୁ ଏପରି ଭାବରେ ମୁଖରିତ କରି ରଖନ୍ତି ଯେ, ଯେ କେହି ଦର୍ଶକ ନିଶ୍ଚିତ ଭାବେ ବାଧ ହେବ କିଛି ସମୟ ଠିଆ ହୋଇ ସେ ଦୃଶ୍ୟ ଉପଭୋଗ କରିବାପାଇଁ ।

ଏତଦ ଭିନ୍ନ ଖେଳମାନଙ୍କ ବ୍ୟତୀତ ଶାରୀରିକ ବ୍ୟାୟାମ ଅଭ୍ୟାସ ନିମିତ୍ତ ଆଧୁନିକ ସାମଗ୍ରୀ, ପାରାଲାଲ ବାର, ହୋରିଜୋଣ୍ଟାଲ ବାର, ଡମ୍ବେଲ ଏବଂ ରିଙ୍ଗ ଆଦି ଉପକରଣ ମାନ ଉକ୍ତ ମନୋବୃତ୍ତିକ ଛାତ୍ରମାନଙ୍କ ପାଇଁ ରଖା ଯାଇଥିଲା ।

ଉକ୍ତ ପ୍ରକାର ସମସ୍ତ ଖେଳ ଓ ବ୍ୟାୟାମର ଯଥା ସମ୍ଭବ ବ୍ୟବସ୍ଥା କରି ଦେବା ପରେ ମଧ୍ୟ ବିଭିନ୍ନ ଶିକ୍ଷକଙ୍କ ଉପରେ ଦାୟିତ୍ୱ ଦେଇ- ପ୍ରଧାନ ଶିକ୍ଷକ ମଝେ ମଝେ ଖେଳ ପଡ଼ିଆକୁ ବିଦ୍ୟାଳୟରେ ଶ୍ରେଣୀ ପରିଦର୍ଶନ କଲାଭଳି, ଯାଇ ପ୍ରତ୍ୟେକ ପ୍ରକାର ଖେଳ ଓ ବ୍ୟାୟାମ ପରିଦର୍ଶନ କରି ସମସ୍ତ ଛାତ୍ରମାନଙ୍କୁ ସ୍ୱ ସ୍ୱ ଖେଳ ଓ ବ୍ୟାୟାମ ରତ ଛାତ୍ରମାନଙ୍କୁ ଭଲରୂପେ ଖେଳିବାପାଇଁ ପ୍ରୋତ୍ସାହିତ କରିବାକୁ ଭୁଲନ୍ତି ନାହିଁ । ପ୍ରଧାନ ଶିକ୍ଷକ ମଧ୍ୟ ଥିଲେ ଜଣେ ଟେନିସ୍ ଖେଳାଳୀ । ସେ ସମୟରେ ଶିକ୍ଷକଙ୍କ ମଧ୍ୟରୁ କେତେକ ଛାତ୍ରମାନଙ୍କ ସହିତ ଖେଳୁ ଥିଲେ । ତତ୍କାଳୀନ ଉପ ପ୍ରଧାନ ଶିକ୍ଷକ ସ୍ୱର୍ଗତଃ ବୈକୁଣ୍ଠ ରଥମାନ (୨) ହକି ଓ ଟେନିସ୍ ଖେଳୁ ଥିଲେ । ତତ୍କାଳୀନ ବୃଦ୍ଧ ଛାତ୍ରାବାସ (ଉଚ୍ଚ ବିଦ୍ୟାଳୟର)ର ତତ୍ତ୍ୱାବଧାରକ ଶିକ୍ଷକ ସାଧାରଣ ସାହୁ ମଧ୍ୟ ହକି ଓ ଟେନିସ୍ ଖେଳୁଥିଲେ । କିନ୍ତୁ ଏକମାତ୍ର ଶିକ୍ଷକ ନୀଳକଣ୍ଠ ପଟ୍ଟନାୟକ ଛାତ୍ରମାନଙ୍କ ସହିତ ଫୁଟବଲ ଖେଳିବା ସହିତ ଶିକ୍ଷା ଦେଉ- ଦେଉଥିଲେ । କାରଣ ତତ୍କାଳୀନ ବିହାର ଓ ଓଡ଼ିଶା ପ୍ରଦେଶର ସେ ଜଣେ ଖ୍ୟାତ ନାମା ଫୁଟବଲ ଖେଳାଳୀ ଥିଲେ । ଶିକ୍ଷା ବିଭାଗରେ ମଧ୍ୟ ସେ ଜଣେ ପ୍ରବୀଣ ତାଲିମିକ ଥିଲେ । ପୂର୍ବ କାଳର ଛାତ୍ରାବସ୍ଥା ସ୍ମୃତି ତାଙ୍କୁ ଜଣାଥିଲା । ପରବର୍ତ୍ତୀ କାଳରେ ସେ ସରକାରୀ ବାଲିକା ପ୍ରାଥ ଶିକ୍ଷକତା ଛାଡ଼ି ଚାଲି ଯାଇଥିଲେ । ଶ୍ରେଣୀରେ କାନ ମୋଡ଼ି ପାଠ ପଢ଼ାଉଥିଲା ପରି- ଖେଳ ପଡ଼ିଆରେ ତାଙ୍କର ନିର୍ଦ୍ଦେଶରେ ନିତିଦିନ ବ୍ୟତିକ୍ରମ ଘଟିଲେ- କାନ ମୋଡ଼ି ଓ ଚାପୁଡ଼ା ମାରି ସେ ଖେଳର ଧାରା ଶିକ୍ଷା ଦେଉଥିଲେ । ତାହା ଛଡ଼ା ବୟସ୍କ ଖେଳାଳି ଦଳମାନେ ଯେତେବେଳେ ଖୋର୍ଦ୍ଧାରୋଡ଼ (ଜଟଣୀ) ରେଳ ବାଟ ଦଳ ସହ ଖେଳିବାକୁ ଆସୁଥିଲେ, ପ୍ରଧାନ ଶିକ୍ଷକଙ୍କର ଅନୁମତି କ୍ରମେ- ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ବାଛା ଯାଇଥିବା ଖେଳାଳୀମାନଙ୍କୁ ସଙ୍ଗରେ ନେଇ ଦୀର୍ଘ ମାଇଲଲି ଅର୍ଥାତ୍ କିମ୍ବା ମିଟର ରାସ୍ତା ଚାଲି ଚାଲି ଯାଇ ଖେଳ ଦେଖାଉଥିଲେ । ଜଟଣୀ ସମସ୍ତ ମଧ୍ୟ ରେଳ ବାଟ ଦଳ ସହିତ ବିଦ୍ୟାଳୟର ଖେଳାଳୀମାନଙ୍କୁ ଖେଳାଇ ଥିଲେ । ତାହାକି ସାଧାରଣ ଅନ୍ୟ ଉଚ୍ଚ ବିଦ୍ୟାଳୟମାନଙ୍କରେ ଫୁଟବଲ ଖେଳାଳୀମାନେ ବହୁତ ଭୟ କରନ୍ତି ଓ ଖେଳିବାକୁ ସାହସ କରନ୍ତି ନାହିଁ । ଲେଖକଙ୍କର ନିଜ ଅଭିଜ୍ଞତାକୁ ସେ କହନ୍ତି- ତାଙ୍କର ବାଲ୍ୟାବସ୍ଥାରେ ଜଟଣୀ ରେଳ କମ୍ପାନୀର ସାହେବ ଓ ବାବୁମାନଙ୍କ ଫୁଟବଲ ଦଳ ବହୁବାର ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟ ସହିତ ଫୁଟବଲ ଖେଳିବାକୁ ଆସନ୍ତି ଏବଂ ଏ ଅଭ୍ୟାସ ବହୁଦିନ ଅର୍ଥାତ୍ ପ୍ରଧାନ ଶିକ୍ଷକ ବାବୁ ବିଶ୍ୱନାଥଙ୍କ କାର୍ଯ୍ୟକାଳ ପର୍ଯ୍ୟନ୍ତ ଚାଲୁ ରହିଥିଲା । ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ଖେଳାଳୀମାନଙ୍କର ଭଲ ଖେଳିବାର ଏହା ପ୍ରଧାନ କାରଣ ଏହା

ଇଂରେଜ ଶାସନ କାଳରେ ଖୋର୍ଦ୍ଧାକୁ ଗୁପ୍ତ ସାହେବ ନାମକ ଏକ ଅଧ୍ୟକ୍ଷ ଆସିଥିଲେ । ତାଙ୍କ ଅନୁକୂଲ୍ୟରେ- ସେ ସମୟରେ ପଶ୍ଚିମ ଖୋର୍ଦ୍ଧାପାଇଁ ଖୋର୍ଦ୍ଧା ଏକ ମାତ୍ର ଉଚ୍ଚ ବିଦ୍ୟାଳୟ ଥିବା ହେତୁ ଏବଂ ତାହାରେ ବହୁ ଶିକ୍ଷାର୍ଥୀମାନେ ଆସୁଥିବା ହେତୁ- ଏକ ସୁବୃହତ ଛାତ୍ରାବାସ ନିର୍ମିତ ହୋଇ- ତାଙ୍କରି ନାମରେ ନାମିତ ହୋଇଥିଲା । ସେହି ସାହେବଙ୍କ ବଦାନ୍ୟତାରେ ତତ୍କାଳୀନ ଆଖପାଖ ଉଚ୍ଚ ବିଦ୍ୟାଳୟମାନଙ୍କ ମଧ୍ୟରେ ଫୁଟବଲ ଖେଳ ପ୍ରତିଯୋଗିତା ନିମିତ୍ତ ଏକ ''କପ'' ଦେଇଥିଲେ ଯାହାକି ''ଗୁପ୍ତକପ୍'' ନାମରେ ଅଭିହିତ ହୋଇ କଟକରେ ଉକ୍ତ ପ୍ରତିଯୋଗିତା କରାଯାଉଥିଲା ।

କଟକକୁ ''ଗୁପ୍ତକପ'' ସ୍ଥାନାନ୍ତର ହେବାର କାରଣ ପଛରେ ଏହି ଯୁକ୍ତି ପରିବେଷିତ ହୋଇଥିଲା- ଯେ, ଗୁପ୍ତ ସାହେବ ଖୋର୍ଦ୍ଧାର ଅଧ୍ୟକ୍ଷ ଥିବା ହେତୁ ଉକ୍ତ କପ ଖୋର୍ଦ୍ଧାରେ ରହିବାର କଥା । ଯେ ହେତୁ ସେ ସମୟରେ କଟକରେ ଏହାଧିକ ଉଚ୍ଚ ବିଦ୍ୟାଳୟ ଥିଲା ଏବଂ ଖୋର୍ଦ୍ଧା ଅପେକ୍ଷା କଟକର ନାମ ଅଧିକ ଥିଲା- ସେଠାରେ କପ୍

ରହିଲେ ଖେଳର ଜୁଟଭିତ୍ତିକ ମଧ୍ୟ ହୋଇ ପାରିବ- ଏହି ପରି ଭାବରେ ପ୍ରଭାବିତ କରାଇ- ଯଥା ଶୀଘ୍ର କଟକ ଟ୍ରେଡର ଆସୋସିଏସନ୍ ନାମରେ ଏକ ସଂସ୍ଥା ଗଢ଼ି ''ଗୁପ୍ତ କପ୍''ର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇ ଯାଇଥିଲେ । ଏବଂ ସେହି ଦିନଠାରୁ ''ଗୁପ୍ତ କପ୍'' କଟକରେ ଖେଳା ହେଲା ।

ପ୍ରତ୍ୟେକ ବର୍ଷ ଉଭୟଙ୍କୁ ଜଟିଳ ଭାବେ ଖେଳ ଚାଲିଲା । ଖୋର୍ଦ୍ଧା ଉଚ୍ଚ ଇଂରେଜୀ ବିଦ୍ୟାଳୟ ପ୍ରତ୍ୟେକ ବର୍ଷ ଉକ୍ତ ଗୁପ୍ତ କପ ପ୍ରତିଯୋଗିତାରେ ଯୋଗଦେଇ ଏବଂ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଉପନୀତ ହୋଇପାରେ । ଶେଷ ଖେଳରେ ମଧ୍ୟ କୁଶଳତାର ସହିତ ଖେଳି କପ୍ ପ୍ରାପ୍ତିର ଆଶା ଉଜ୍ଜ୍ୱଳ ହୋଇ ରହିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଏପରି ବିଭ୍ରାଟ ଆସେ ହୋଇଯାଏ ଯେ ପରିଶେଷରେ ମାତ୍ର ଖାଲି- ଗୋଡ଼ ଖାଲି- ଦେହ ମୁଣ୍ଡରେ ବ୍ୟଥା ନେଇ ଖୋର୍ଦ୍ଧା ଫେରନ୍ତି । ପ୍ରତ୍ୟେକ ବର୍ଷ କେବଳ ଖୋର୍ଦ୍ଧା ପାଇଁ ପରିଚାଳନାଧିକାରୀ ଗଣ, ସଂପୃକ୍ତ ବିଦ୍ୟାଳୟ ଏବଂ କଟକ ବାସୀ ଦର୍ଶକ ବୃନ୍ଦ ଷଡ଼ଯନ୍ତ୍ରର ପୂର୍ବ କଳ୍ପିତ ଯୋଜନା ଥାଏ ଯେ ଖୋର୍ଦ୍ଧାକୁ କପ୍ ଦିଆଯିବ ନାହିଁ । ଖୋର୍ଦ୍ଧାର ତତ୍କାଳୀନ ଉଚ୍ଚ ଇଂରେଜୀ ବିଦ୍ୟାଳୟ ଯେଉଁ ପ୍ରଖ୍ୟାତ ଖେଳାଳୀମାନଙ୍କର ନାମ ମନେ ପଡୁଛି- ସେ ସେମାନଙ୍କର ଶିକ୍ଷାର ଶେଷ ବର୍ଷ- ଏବଂ ଶେଷ ଥରପାଇଁ ସେହି ଖେଳାଳୀମାନଙ୍କୁ ନେଇ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟ ''ଗୁପ୍ତ କପ୍'' ପ୍ରତିଯୋଗିତାରେ ଯୋଗ ଦେଇଥିଲା । ଶେଷ ଦିନ ପ୍ରତିଦ୍ୱନ୍ଦ୍ୱିତା ମିଶନ ବିଦ୍ୟାଳୟ ସହିତ ଥିଲା । ଖେଳର ପ୍ରାରମ୍ଭରୁ ପ୍ରାୟ ପନର ମିନିଟ ମଧ୍ୟରେ ଦୁଇ ଗୋଟି ଗୋଲ ମିଶନ ସ୍କୁଲକୁ ଦେଇ ଅଗ୍ରଣୀ ହୋଇ ରହିଲା ଶେଷ ପର୍ଯ୍ୟନ୍ତ । ଶେଷ ଦଶ ମିନିଟି ବେଳେ ହଠାତ୍ ଭାବେ ଦେଖଣାହାରୀ ସମସ୍ତେ ସମସ୍ୱରରେ ମିଶନ ଖେଳାଳୀମାନଙ୍କୁ ଉତ୍ସାହିତ କରାଗଲା- ସବାଙ୍କୁ ପିଟ- ଗୋଲ ଦିଅ'' ତାହା ହିଁ ହେଲା । ମାନେ ନିର୍ଣ୍ଣାୟକମାନେ ନଥି ନେଲେ ସେମାନଙ୍କର ପକ୍ଷ । ଖୋର୍ଦ୍ଧା ବିଦ୍ୟାଳୟର ଖେଳାଳୀ ବୃନ୍ଦ ମାଡ଼ ଖାଇ ଗୋଳ- ଖାଇ ଘରକୁ ଫେରିଲେ । ଖୋର୍ଦ୍ଧା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଙ୍କବିହାରୀ ପଟ୍ଟନାୟକ ଭଲ ପ୍ରକାର ମର୍ମାହତ ବିବରଣୀ ଖେଳାଳୀମାନଙ୍କଠାରୁ ଶୁଣି ସଙ୍ଗେ ସଙ୍ଗେ ଶପଥ ନେଲେ- ଖୋର୍ଦ୍ଧା ''ଗୁପ୍ତ କପ'' ଖେଳିବାକୁ ଆଉ କଟକ ଯିବ ନାହିଁ ଏବଂ ତାଙ୍କ କାର୍ଯ୍ୟ କାଳ ଶେଷ ହେବା ପର୍ଯ୍ୟନ୍ତ ତାହା ହିଁ ହେଲା ।

ଉକ୍ତ ଖେଳାଳୀମାନଙ୍କର ବିଦ୍ୟାଳୟ ପରିତ୍ୟାଗ କରିବା ପରେ ନୂତନ ଦଳ ସୃଷ୍ଟି ହେଲା- ଉପରେ ଓ ତଳ ଶ୍ରେଣୀର ଛାତ୍ରମାନଙ୍କ ମଧ୍ୟରୁ । କ୍ରମିକ ଭାବେ ପୁରାତନ ଛାତ୍ର ମାନେ ଚାଲି ଗଲା ପରେ ନୂତନ ଖେଳାଳୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଥାଏ । ଯଥା ସମ୍ଭବ ସେମାନଙ୍କର ନାମ ଉଲ୍ଲେଖ କରାଯାଇ ଅଛି । ଯଥା :- ଭୁବନେଶ୍ୱର ମଙ୍ଗରାଜ, ନୃସିଂହ ଚରଣ ଦାସ, ଗୋକୁଳ ବିହାରୀ ମାନଧାତା, ଚକ୍ରଧର ମହାନ୍ତି, ସୁରେନ୍ଦ୍ର ନାଥ ପ୍ରଧାନ, ବଟକୃଷ୍ଣ ପରିଡ଼ା, ଶାରଦା ନନ୍ଦ ଦାସ, ମାର୍କଣ୍ଡେୟ ସାମନ୍ତରାୟ, ହରେକୃଷ୍ଣ ପଟ୍ଟନାୟକ, ଲଳିତ ମୋହନ ପ୍ରଧାନ, ଜଗନ୍ନାଥ ସିଂ ସାମନ୍ତ, ପରମାନନ୍ଦ ପରିଡ଼ା, ରାଧା ଗୋବିନ୍ଦ ଦାସ, ଧ୍ରୁବ ଚରଣ ସିଂହ, ସରୋଜ କୁମାର ଦାସ ଇତ୍ୟାଦି ଇତ୍ୟାଦି ଏବଂ ନୂତନ ପିଢ଼ୀର ଆହୁରି ଅନେକ ଖେଳାଳୀ ବାହାରିଛନ୍ତି ଯେଉଁମାନଙ୍କର ନାମ ଅଜଣା ।

ଉପ ପ୍ରଧାନ ଶିକ୍ଷକ ପଂକଜିନୀ ରହମାନ(?)ଙ୍କ ପ୍ରଧାନ ଶିକ୍ଷକ ପଦବି ପ୍ରାପ୍ତ ପରେ ଥରେ ଖୋର୍ଦ୍ଧା ବିଦ୍ୟାଳୟର ଛାତ୍ର ଖେଳାଳୀମାନଙ୍କୁ ନେଇ ଜଟଣୀ ରେଳ କଂପାନୀ ଦେଶୀୟ ଖେଳାଳୀ ଏବଂ ସାହେବ ଖେଳାଳୀ ମିଶ୍ରିତ ଦଳ ସହିତ ପ୍ରତିଦ୍ୱନ୍ଦ୍ୱୀ ଖେଳ ହୋଇଥିଲା । ଉକ୍ତ ଦିନ ଲେଖକ ଆମାଶୟ ରୋଗାକ୍ରାନ୍ତ ଥିବା ହେତୁ ଖେଳୁ ନଥିଲେ । କିନ୍ତୁ ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶରେ ଖେଳୁଆଡ଼ମାନଙ୍କର ନେତା ଥିବା ହେତୁ- ଯିବାକୁ ପଡ଼ିଥିଲା । କିନ୍ତୁ ଅପରପକ୍ଷକୁ ମୁକାବିଲା କରିବା ଅସମ୍ଭବ ବିଚାରି ଖେଳୁଆଡ଼ ନେତାଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା ଗୋଲ ରକ୍ଷକ ଭାବେ ଖେଳିବାକୁ ନାନା ଆପତ୍ତି ସତ୍ତ୍ୱେ । ଯେ ହେତୁ ସେ ଥିଲା ନାମୀ ଦାମୀ ର ଖେଳାଳୀ । ତଥାପି ବିଦ୍ୟାଳୟର ସମ୍ମାନ ରକ୍ଷା ଦୃଷ୍ଟିରୁ ଦିଆ ଯାଇଥିବା ଗୋଲ ରକ୍ଷକ ଦୁର୍ବଳ ଥିବାରୁ, ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଗୋଲ ରକ୍ଷକ ଭାବେ ଖେଳିବାକୁ ପଡ଼ିଥିଲା । ଖେଳର ପ୍ରଥମ ଭାଗ କ୍ଷୁଦ୍ର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ କଟିଗଲା । ଦ୍ୱିତୀୟାର୍ଦ୍ଧର ପ୍ରାୟ ଅର୍ଦ୍ଧେକ ସମୟ ପରେ ଛାତ୍ର ଖେଳାଳୀ ଦଳଙ୍କର ଖେଳ ଅତିରିକ୍ତ ପରିଶ୍ରାନ୍ତ ହେତୁ ଭାଙ୍ଗି ପଡ଼ିଥିଲା । କାରଣ ବିପକ୍ଷ ଦଳ ତୁଳନାତ୍ମକ ଭାବେ ଖୁବ୍ ସବଳ ଓ ଦୃଢ଼ ଦଳ ଥିଲା । ତଥାପି ବିପକ୍ଷ ଦଳ ଗୋଲ ଦେବା ପାଇଁ ସକ୍ଷମ ହୋଇ ପାରିନଥିଲେ । ଏହିପରି ଭାବରେ ଖେଳର ଶେଷ ସମୟ ପ୍ରାୟ ଦଶମିନିଟ ପୂର୍ବରୁ ଛାତ୍ର ଖେଳାଳିମାନଙ୍କ ଗୋଲ ରକ୍ଷକ ଉପରେ ଭୀଷଣ ଭାବେ ଚାପ ପଡ଼ିଲା । ଗୋଲର ପ୍ରତିରକ୍ଷାରେ ଦୁଇ ଖେଳାଳି- ହରିକୃଷ୍ଣ ଚକ୍ରବର୍ତ୍ତୀ ଓ ନରକୃଷ୍ଣ ପ୍ରଧାନ ଏବଂ ଗୋଲରକ୍ଷକ- ଏହି ତିନିଜଣଙ୍କୁ ଅତ୍ୟନ୍ତ ଖେଳିବାକୁ ପଡ଼ିଥିଲା । ଖେଳର ଶେଷ ସମୟ ସଂଘର୍ଷ ମଧ୍ୟରେ ଅପରପକ୍ଷର ଏକ ସାହେବ ଖେଳାଳୀର ହିଂସାତ୍ମକ ଆକ୍ରମଣର ପରିଣାମ ସ୍ୱରୂପ ଛାତ୍ର ଖେଳାଳୀଙ୍କର ଗୋଲରକ୍ଷୀଙ୍କ ଦ୍ୱାରା ଆଘାତ ପ୍ରାପ୍ତ ହୋଇ ତାଙ୍କ ନାକକୁ ରକ୍ତସ୍ରାବ ହୋଇଥିଲା । ତଥାପି ଅପରପକ୍ଷ ଗୋଲ ଦେବାକୁ ସକ୍ଷମ ହୋଇ ପାରିନଥିଲେ । ଘୋର ସଂଘର୍ଷ ମଧ୍ୟରେ ଉକ୍ତ ଦିନର ଖେଳ ଅତ୍ୟନ୍ତ ଚିତ୍ତାକର୍ଷକ ଭାବେ ସମାପ୍ତ ହୋଇଥିଲା ବିନା ଗୋଲରେ । ସେ ଦିନର ଖେଳ ଜଟଣୀ (ଖୋର୍ଦ୍ଧାରୋଡ୍)ର ଦର୍ଶକମାନଙ୍କ ମନରେ ଏପରି ଛାପ ରଖି ଦେଇଛି ଯେ, ଜୀବିତ ତତ୍କାଳୀନ କେହି କେହି ଦର୍ଶକ ଏବେ ମଧ୍ୟ ଉଲ୍ଲେଖ କରି ଅତ୍ୟନ୍ତ ଆନନ୍ଦିତ ହୁଅନ୍ତି ।

ଅନ୍ୟ ଏକ ପର୍ଯ୍ୟାୟରେ ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟର ଛାତ୍ର ଫୁଟବଲ ଖେଳାଳୀମାନଙ୍କର **ଚିତ୍ତାକର୍ଷକ** ଖେଳ ପ୍ରକାଶଯୋଗ୍ୟ । ସ୍ୱ ୧୯୩୮ ମସିହାରେ ରାଜା ସାହେବ ପାରିତୋଷ ଏକ ଶୋଭା କପ ଫୁଟବଲ ଟଙ୍କରେ ଖୋଲା ପ୍ରତିଯୋଗିତା ପାଇଁ ଦାନ କରିଥିଲେ । ସେଥିରେ ଛାତ୍ର ଖେଳାଳୀମାନେ ପ୍ରତିଦ୍ୱନ୍ଦ୍ୱୀରେ ଭାଗ ନେବାର କଥା ନୁହେଁ । କିନ୍ତୁ ଅସମୟରେ ଉକ୍ତ ପ୍ରତିଯୋଗିତା ହେଉଥିବାକୁ ଅତି ଉତ୍ସାହପ୍ରଦ ଦଳ ଯୋଗ ଦେଉଥିଲେ । ଖୋର୍ଦ୍ଧା ସହରରେ ଦଳୀୟ ଫୁଟବଲ ଖେଳକୁ ସଂଘ ଓ ଜନଶୀ ନେଇବାରେ ଜାତୀୟ ଫୁଟବଲ ଖେଳାଳି ଦଳ । ଏହାବ୍ୟତୀତ ତତ୍କାଳୀନ ପ୍ରଧାନ ଶିକ୍ଷକ ସାଦନିଧି ପଟ୍ଟନାୟକଙ୍କ ଅନୁମତି କ୍ରମେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ଛାତ୍ର ଖେଳ ଦିନମାନେ ଯୋଗ ଦେଉଥିଲେ । ମାତ୍ର ସର୍ବମୋଟ ତିନିଗୋଟି ଦଳ ନେଇ ଉକ୍ତ ବର୍ଷ ଫୁଟବଲ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ।

ଉକ୍ତ କେବଳ ଦୁଇ ପ୍ରସ୍ତୁତ ହେବେ ଧର୍ମକୁଳରେ ଖୋର୍ଦ୍ଧା ବିଦ୍ୟାଳୟ ଶେଷ ଖେଳ ପାଇଁ ରହି ଅନ୍ୟ ଦୁଇଟି ଦଳ ତୁଳନାରେ ଖୋର୍ଦ୍ଧା ସହରର ଦଳ ବହୁତ ଦୁର୍ବଳ ଥିବା ହେତୁ ଖୋର୍ଦ୍ଧାବାଲା ଜନତାନ୍ ଆଶା ହେତୁରୁ ଖେଳାଳୀମାନଙ୍କୁ ଖୋର୍ଦ୍ଧା ସପକ୍ଷରେ ଖେଳିବା ପାଇଁ ଫେରି ଆସିଲେ । ପ୍ରଥମ ପର୍ଯ୍ୟାୟ ଖେଳରେ ଖୋର୍ଦ୍ଧା ଜନତାଙ୍କୁ ଜିତିଗଲା । ପରବର୍ତ୍ତୀ ଓ ଶେଷ ପର୍ଯ୍ୟାୟ ରହିଲା ଖୋର୍ଦ୍ଧା ବିଦ୍ୟାଳୟ ଛାତ୍ର ନଜର ଉପରେ ଖେଳିବା । ଜନଶୀଳ ବଳିଷ୍ଠ ଦଳକୁ ନଇ କରାଗଲେ ଖୋର୍ଦ୍ଧାର ବିଜୟ ସୂଚକ ହୋଇଗଲା ବୋଲି ପ୍ରାୟ ସ୍ଥିର ହୋଇଗଲା । କିନ୍ତୁ ମାଳରେ ତାହା ହେଲା ନାହିଁ । ପ୍ରଥମ ଦିନ ଖେଳରେ ଜଣାପଡ଼ିଗଲା ଯେ ଶୁଦ୍ଧ ସାପର ବିଷ ଭଳି ତୀବ୍ର । ଖୋର୍ଦ୍ଧା ବିଦ୍ୟାଳୟ ଛାତ୍ର ଖେଳାଳୀ ମାନେ ତରୁଣ ହେଲେ ମଧ୍ୟ ତାଙ୍କୁ ଭୟ କରିବା ସହଜସାଧ୍ୟ ନୁହେଁ । ଖୋର୍ଦ୍ଧା ସହରରେ ତତ୍କାଳୀନ ସମସ୍ତ ଜଣା ଶୁଣା ଖେଳାଳୀ ଜଗନ୍ନାଥ ଓ ଗୋପୀନାଥ ଦାସେ ପାଟଯୋଶୀ ଦାସ ଖେଳୁଥିଲେ **।** **ସମୟରେ** ବୟସ୍କ । ଉକ୍ତ ଦଳ ନାମୀ ଖେଳାଳୀ- ଭ୍ରମର, ଅଭୟ, ବର୍ତ୍ତିଶୀ- **ସେଣ୍ଟ୍ରିମା**ରେ ଦି ତିନି ପଟ୍ଟନାୟକଙ୍କର ସହକାରୀଙ୍କର, ନିତ୍ୟାନନ୍ଦ ଓ ଜଗଦୀଶ ଆଦି ଖେଳାଳୀମାନେ ଥିଲେ । ଛାତ୍ରମାନଙ୍କ ଦଳରେ ଉଲ୍ଲେଖନୀୟ ଅଧ୍ୟୟନରତ କଲେଜର ସିଂହସାମନ୍ତ; ଗୋଲି, ନୟନକୃଷ୍ଣ ପ୍ରଧାନ ଓ ଶଶିଭୂଷଣ ଚକ୍ରବର୍ତ୍ତୀ-ବ୍ୟାକ୍, ମାଟିଆ ସାହାଡେଙ୍ଗ- ସେଣ୍ଟର ଦାସ୍, ଅନନ୍ତ ନୃସିଂହ ଭଞ୍ଜ- ସୁରଶୀତାଇ, ହେମ୍ବର ଉପେନ୍ଦ୍ର ପଟ୍ଟନାୟକ, ସୁଶୀଳ ନାଥ ବସିଆ- ବଳିଷ୍ଠ ଖେଳାଳୀ, ରଜିତ ନେଲ ନ ପ୍ରଧାନ- ଡାହାଣ ସୀମା ଖେଳାଳୀ, ବାମ ପାର୍ଶ୍ୱ ଖେଳାଳୀ ସୁରଶୀତାଡ ଏବଂ ବାମ ସିଧା ଖେଳାଳି ଲକ୍ଷ୍ମୀନୃସିଂହ-ମୁଖ୍ୟ । ଖୋର୍ଦ୍ଧା ପାଇଁ କଟକରୁ ଆସିଥିବା ଭ୍ରମର ଡାକୁ ଥିଲେ ଅଲିମ୍ପିକ କ୍ରୀଡ଼ାର ଜଣେ ଶ୍ରେଷ୍ଠ ଦୌଡ଼ାଳି । ସେଣୁ ଖେଳ ପଡ଼ିଆରେ ବଳ ଯେତିକି ଭ୍ରମର ସେପରି । ଏକ ଦାର୍ଘକାୟ ପୁରୁଷ । ତାଙ୍କ ତୁଳନାରେ ଛାତ୍ର ଖେଳାଳୀଙ୍କର ସେଣ୍ଟରହାଫ୍- ମାର୍କଣ୍ଡେୟ ନାଗଭରାଇ ଅତି କ୍ଷୁଦ୍ର । କିନ୍ତୁ ଅତି କ୍ଷିପ୍ର ଦୌଡ଼ାଳି ଥିଲେ । ସେ ତତ୍ପର ଭ୍ରମର ସାହୁଙ୍କର ଠିକ୍ ଛାତ୍ର ନଥିଲେ । ଏହିପରି ଛକା ପାଞ୍ଜା ଭିତରେ ପ୍ରଥମ ଦିନର ଖେଳ ସମାପ୍ତ ହେଲା ୧-୧ ଗୋଲରେ ଧାରଣ ପ୍ରତିଦ୍ୱନ୍ଦ୍ୱିତା ଭିତରେ । ତତ୍ପରେ ଅଧିକ ସମୟ ଖେଳରେ ମଧ୍ୟ ସମାନ ରହିଲା । କିନ୍ତୁ ଉଭୟପକ୍ଷର ଡାହାଣ ପଟ ରକ୍ଷକ ଖେଳାଳୀ ତାଙ୍କର ଚତୁରତା ଦର୍ଶାଇବାକୁ ଯାଇ ଅକ୍ଷମ ହୋଇ ପଡ଼ିଥିଲେ ।

ଦ୍ୱିତୀୟଦିନ ଖେଳ ପାଇଁ ପୁନଃ କଟକରୁ ଖେଳାଳୀ ଆଣାଗଲା । ଉକ୍ତ ଦିନ ମଧ୍ୟ ୧-୧ ଗୋଲରେ ଓ ଅଧିକ ସମୟ ଖେଳ ହୋଇ ଅମୀମାଂସିତ ରହିଗଲା । କିନ୍ତୁ ପ୍ରଥମ ଦିନର ଡାହାଣପଟ ରକ୍ଷକ ହୋଇଥିବା ରକ୍ଷକ ବଦଳରେ ଅନ୍ୟ ଯେଉଁ ଖେଳାଳୀ ଖେଳୁଥିଲେ, ସେ ମଧ୍ୟ ତାଙ୍କର ପୂର୍ବ ଖେଳାଳୀ ସଦୃଶ ଅକ୍ଷମ ହୋଇ ପଡ଼ିଲେ । ଏହା କେବଳ ଥିଲା ଛାତ୍ର ଖେଳାଳୀ ଯେ କି ବାମ ସୀମାରେ ଖେଳୁଥିଲେ, ତାଙ୍କୁ ବାଧାପ୍ରାପ୍ତ କରାଇବା । ଯେଉଁଥିରେ କି ସେମାନେ ସଫଳ କାମ ହୋଇ ପାରିନଥିଲେ । ତେଣୁ ପୁନଃ କଟକ ଦୌଡ଼ିବାକୁ ପଡ଼ିଲା ଖେଳାଳୀ ଆଣିବା ପାଇଁ ।

ତୃତୀୟ ଦିନ ପାଇଁ ଜନତାରେ ଖେଳାଳୀ ଅନୁସନ୍ଧାନ ହେଉଥିଲେ କଟକରେ ତହଳ ପଡ଼ିଗଲା ଯେ, କି ଖେଳ ହେଉଛି ? ଖୋର୍ଦ୍ଧା ବିଦ୍ୟାଳୟର ଛାତ୍ର ଖେଳାଳୀମାନଙ୍କୁ ଜିତିବା ପାଇଁ କଟକରେ ଖେଳାଳୀ ଅଭାବ ? ତେଣୁ ଏହି ଦିନ ଖେଳ ଦେଖିବାକୁ ତତ୍କାଳୀନ କଟକର ଫୁଟବଲ ଖେଳ ନାୟକମାନେ- ମାନେ, ଯଥା- ବସୁ ଲାଲ୍, ସୁରେନ୍ଦ୍ର କାନୁନଗୋ , ବୃନ୍ଦାବନ ମହାପାତ୍ର ଓ ବିଜୟ ପାତ୍ର ଆଦି ଅନ୍ୟ କେତେକ ସୁଦକ୍ଷ ଗାଡ଼ି କରି ଆସିଥିଲେ । ଖେଳ ଦେଖି ସେମାନେ ଧାରଣା କରି ପାରି ନ ଥିଲେ ଯେ, ଛାତ୍ର ଖେଳାଳୀମାନେ ବୟସ୍କ ଖେଳାଳୀମାନଙ୍କ ସହିତ ଏପରି ତତ୍ପର ହୋଇ ଖେଳି ପାରନ୍ତି ।

ତୃତୀୟ ଦିନର ଖେଳରେ ସମାପ୍ତି ହେଲା- ୧-୧ ଗୋଲରେ ଅତି କଷ୍ଟରେ । କିନ୍ତୁ କାହାରି ମନରେ ଦୁଃଖ ନ ଥିଲା ପରାଜିତ ହୋଇ । କାରଣ ତୃତୀୟଦିନର ଖେଳ ପରେ ପିଲାମାନଙ୍କ ଦଳରୁ କେବଳ କେତେକଙ୍କୁ ବାଦ୍ ଦେଲେ- ଯଥା: ବାମସୀମା, ସେଣ୍ଟର, ସେଣ୍ଟରହାଫ୍ ଏବଂ ଦୁଇ ବ୍ୟାକଙ୍କ ବ୍ୟତୀତ, ଗୋଲି ସମେତ ଅନ୍ୟ ସମସ୍ତ ଖେଳାଳୀ ଅକ୍ଷମ ହୋଇ ପଡ଼ିଥିଲେ । ପରିବର୍ତ୍ତିତ ନ ଥିଲା । ଅପରପକ୍ଷର ପ୍ରତ୍ୟେକ ପରିବର୍ତ୍ତନ ହୋଇଥାଏ ।

ଏହିପରି ଭାବରେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ଫୁଟବଲ ଖେଳ ସୁନାମ- ଜଡ଼ିତ ହୋଇ ଅନେକ ଦିଗକୁ ଗତି କଲା- ତଥାପି ଅବସରପ୍ରାପ୍ତ ପି.ଇ.ଟି. ଶ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କ କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ନାଲିଏବାଳି କୌଣସି ପ୍ରକାରେ ଫୁଟବଲ ଖେଳକୁ ବଞ୍ଚେଇ

ଉଶ୍ଵାହେ । ତାଙ୍କ ପରେ ଖୋର୍ଦ୍ଧା ବିଦ୍ୟାଳୟର ଖେଳ ପଡ଼ିଆରେ ପୁଟବଲର 'ହୁ' ଶବ୍ଦ ଆଉ ଶୁଣିବାକୁ ମିଳେନା । ଖୋର୍ଦ୍ଧା ବିଦ୍ୟାଳୟର କ୍ରୀଡାର ବିଶେଷତାଟି ପୁଟବଲର ଏକ ସୁଦୀର୍ଘ ପରମ୍ପରାର ଏବେ ଶୀଘ୍ର ଯବନିକା ପଡ଼ିଯିବାଟା ଅତ୍ୟନ୍ତ ଦୁଃଖର ବିଷୟ ହୋଇପଡ଼ିଛି ।

ପୁଟବଲ ଖେଳ ସମ୍ବନ୍ଧରେ ଯଥାସମ୍ଭବ ପୂର୍ବ ଗୌରବର ସୂଚନା ଦେବା ପରେ ବିଦ୍ୟାଳୟର ଅନ୍ୟ ଅତୀତ୍ ଦ୍ୱୟ ମୁଖ୍ୟ ଖେଳ 'ହକି' ଖେଳ ସମ୍ବନ୍ଧରେ ଯଥାସମ୍ଭବ କିଛି ସୂଚନା ନ ଦେଲେ ବିଦ୍ୟାଳୟର ପୂର୍ବ କ୍ରୀଡ଼ା ଗୌରବର ଅଙ୍ଗହାନୀ ହେବ । 'ହକି'- ସାଧାରଣତଃ ନଗରର କେବଳ ଷ୍ଟୁଆର୍ଟ ବିଦ୍ୟାଳୟକୁ ଛାଡ଼ି ଦେଲେ ଅନ୍ୟାନ୍ୟ କୌଣସି ବିଦ୍ୟାଳୟର ପିଲାମାନେ ଖେଳିବାର ଦେଖାଯାଏ ନାହିଁ କି, ଅଭ୍ୟାସ ଖେଳର ବ୍ୟବସ୍ଥା ନଥାଏ । ଏ ସମ୍ବନ୍ଧରେ ପୂର୍ବରୁ ସୂଚନା ଦିଆଯାଇଅଛି । କିନ୍ତୁ ଖୋର୍ଦ୍ଧା ବିଦ୍ୟାଳୟରେ ଏହାର ବ୍ୟବସ୍ଥା ଥିଲା ଏବଂ ପିଲାମାନେ ଖେଳନ୍ତି । ଖୋର୍ଦ୍ଧା ବିଦ୍ୟାଳୟରେ ଯେଉଁସବୁ ଖେଳର ପୂର୍ବରୁ ସୂଚନା ଦିଆଯାଇଅଛି- ତନ୍ମଧ୍ୟରୁ କେବଳ କ୍ରିକେଟକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଖେଳ ପିଲାମାନେ ଖେଳିଛନ୍ତି । ସିଏ ଯେଉଁଟିଏ ଏ ପ୍ରକାର ଖେଳ- ସେଥିରେ ଯେପରିକି ପିଲା ଖେଳିବେ- ସେହି ଖେଳରେ ସମସ୍ତ ଖେଳ ପଡ଼ିଆଟି ଅବରୁଦ୍ଧ ହୋଇଯିବ । ଅନ୍ୟ କୌଣସି ଖେଳ ଖେଳିବାକୁ ପିଲାମାନେ ସୁଯୋଗ ପାଆନ୍ତେ ନାହିଁ କି ଖେଳି ପାରିବେ ନାହିଁ । ତାହାଛଡ଼ା ସେ ଖେଳ ଖେଳିବାରେ ପିଲାମାନେ ଏତେ ସମୟ ବରବାଦ୍ କରି ପାରିବେ ନାହିଁ । ଯଦିଓ ଏହା ବର୍ତ୍ତମାନ ଅତ୍ୟନ୍ତ ଲୋକପ୍ରିୟ ହୋଇପଡ଼ିଛି । କ୍ରିକେଟ ଏକ ରାଜସିକ ଖେଳ । ତଥାପି ପ୍ରଧାନ ଶିକ୍ଷକ ଦାଶରଥି ପଟ୍ଟନାୟକ- ପିଲାମାନେ ନ ଖେଳିଲେ ମଧ୍ୟ ସେ ଖେଳଟିକୁ ଭଲପାଉଥିଲେ । ହକି- ଖୋର୍ଦ୍ଧା ବିଦ୍ୟାଳୟର ପିଲାମାନେ ଯେଉଁମାନଙ୍କର ସେ ଖେଳରେ ରୁଚିଥାଏ, ସେମାନେ ଖେଳନ୍ତି । କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କରିବାର ପ୍ରଶ୍ନ ଉଠୁ ନ ଥାଏ, ଯେହେତୁ ଅନ୍ୟ କେହି ବିଦ୍ୟାଳୟ ଖେଳନ୍ତି ନାହିଁ । ଇତିମଧ୍ୟରେ ୧୯୩୯ ମସିହା କେ.ଏସ.ଜି. ରଜକ ନାମକ ଏକ ଆଇ.ସି.ଏସ୍. ହାକିମ ଖୋର୍ଦ୍ଧା ସବ୍‌ଡିଭିଜନର ଏସ୍.ଡି.ଓ. ହୋଇ ଆସିଲେ । ସେ ଥିଲେ ଅତ୍ୟନ୍ତ ମିଶୁଣା; ତେଣୁ ସେ ଖେଳ ପ୍ରେମୀ । ସେ ଥିଲେ ଜଣେ ଦକ୍ଷ ହକି ଖେଳାଳୀ ।

ସେ ସମୟରେ ବିଦ୍ୟାଳୟର ଚିରାଚରିତ ପ୍ରଥା ଥିଲା- ଯେଉଁ ହାକିମ ଖୋର୍ଦ୍ଧାକୁ ଏସ୍.ଡି.ଓ. ହୋଇଆସିବେ- ସିଏ ହେବେ ବିଦ୍ୟାଳୟର ସଭାପତି ଏବଂ ଯିଏ ସେକେଣ୍ଡ ଅଫିସର୍ ହୋଇ ଆସିବେ ସେ ହେବେ ବିଦ୍ୟାଳୟର ସମ୍ପାଦକ । ଏଣୁ ରଜକ ସାହେବଙ୍କର କିଛି ଅସୁବିଧା ହେଲା ନାହିଁ- ଏକ ହକି ଦଳ ଗଢ଼ିବାକୁ । ପ୍ରଧାନ ଶିକ୍ଷକଙ୍କର ଆପତ୍ତି କରିବାର ଅବସର ମଧ୍ୟ ନ ଥିଲା । ରଜକ ସାହେବ ନିଜେ ଖେଳ ପଡ଼ିଆକୁ ଆସି ପିଲାମାନଙ୍କ ସଙ୍ଗେ ହକି ଖେଳି ସେମାନଙ୍କ ମଧ୍ୟରୁ କେତେକଙ୍କୁ ବାଛି ଏବଂ ବାହାରୁ ପୁରାତନ ଛାତ୍ର ଖେଳାଳୀମାନଙ୍କ ମଧ୍ୟରୁ କେତେକଙ୍କୁ ବାଛି, ତତ୍ ସଙ୍ଗେ ସଙ୍ଗେ କେତେକ ହାକିମ ଓ ଶିକ୍ଷକଙ୍କୁ ମିଶାଇ ଗୋଟିଏ ହକି ଦଳ ଗଢ଼ି- ଅଭ୍ୟାସ କରାଇ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତୁତ ହେବା ପରେ ଏଠି ପରେ ଏକ ପୋଲିସ ହକି ଦଳମାନଙ୍କୁ ଆହ୍ୱାନ ଦେଲେ । ସେ ନିଜେ ଥିଲେ ଦଳର କପ୍ତାନ ଓ ଦଳର ଶ୍ରେଷ୍ଠ ଖେଳାଳୀ । ଉକ୍ତ ରଜକ ସାହେବ ଖୋର୍ଦ୍ଧାରେ ଥିବା ପର୍ଯ୍ୟନ୍ତ ହକି ଖେଳ ହେଉଥିଲା । ତାଙ୍କର ଆହ୍ୱାନକ୍ରମେ ଏକ ପରେ ଏକ ପୋଲିସ ଦଳକୁ ହରାଇ ଖେଳି ପ୍ରତ୍ୟେକ ଖେଳରେ ଜୟଲାଭ କରାଯାଇଥିଲା । ଏହା ମଧ୍ୟ ବିଦ୍ୟାଳୟର ଥିଲା ହକି ଖେଳର ପରମ୍ପରା ଓ ଐତିହ୍ୟ । ଲେଖକ ମଧ୍ୟ ଉକ୍ତ ଦଳର ଏକ ମୁଖ୍ୟ ଖେଳାଳୀ ଥିଲେ । ପ୍ରକାଶଯୋଗ୍ୟ ଏହିକି ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ସୁଧାଂଶୁ ମୋହନ ପଟ୍ଟନାୟକ- ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟର ତତ୍କାଳୀନ ବିଦ୍ୟାଳୟର ଛାତ୍ର ହିସାବରେ ଉକ୍ତ ହକି ଖେଳରେ ଭାଗ ନେଉଥିଲେ ଏବଂ ଜଣେ ଦକ୍ଷ ଖେଳାଳୀ ଥିଲେ ।

ପ୍ରଧାନ ଶିକ୍ଷକ ଦାଶରଥି ପଟ୍ଟନାୟକଙ୍କ ସମୟରେ ବିଦ୍ୟାଳୟର ଏକ ପକ୍କା ଟେନିସ ଖେଳ ପଡ଼ିଆ ଥିଲା । କିନ୍ତୁ ଖେଳାଳୀ ତିନିଟି ଥିଲେ । ଖେଳାଳୀ ନିଜେ ପ୍ରଧାନ ଶିକ୍ଷକ, ଉପପ୍ରଧାନ ଶିକ୍ଷକ ଫଜଲୁର ରହମାନ, ଖେଳ ସମ୍ପାଦକ ଓ ଶିକ୍ଷକ ରାଧାଚରଣ ସାହୁ ଛାତ୍ରମାନଙ୍କ ମଧ୍ୟରୁ ଲେଖକ ନିଜେ ।

ଉପର ଲିଖିତ ସମସ୍ତ ବିଷୟବସ୍ତୁ ବିଦ୍ୟାଳୟର କ୍ରୀଡ଼ାର ଐତିହ୍ୟ ଉପରେ ଏକ ସଂକ୍ଷିପ୍ତ ବିବରଣୀ ମାତ୍ର । ଦୀର୍ଘଦିନର ବିଦ୍ୟାଳୟର ଯେ କୌଣସି କାର୍ଯ୍ୟକଳାପକୁ ପୁଙ୍ଖାନୁପୁଙ୍ଖ ଭାବେ ଲୋକ ଲୋଚନକୁ ଆଣିବାକୁ ହେଲେ ଅନୁସନ୍ଧାନ ଦରକାର । ଯାହା ଅନୁସନ୍ଧାନ ପାଇଁ ସମୟସାପେକ୍ଷ । ଯେହେତୁ ପ୍ରଥମରୁ ସମସ୍ତ ବିଷୟର ପଞ୍ଜୀକରଣ ପ୍ରଥା ନାହିଁ କି ବର୍ତ୍ତମାନ ମଧ୍ୟ ନାହିଁ । ଅନେକ ଆନୁସଙ୍ଗିକ ତଥ୍ୟମାନ ବାଦ ଦିଆଯିବାକୁ ବାଧ୍ୟ ହେବାକୁ ପଡ଼ିଛି । ଉପରୋକ୍ତ ବର୍ଣ୍ଣିତ ବିଦ୍ୟାଳୟର କ୍ରୀଡ଼ାର ଐତିହ୍ୟର କେବଳ ସ୍ମୃତି ଚାରଣ କରିବା ବ୍ୟତୀତ ଆଉ କିଛି ନୁହେଁ । କାରଣ ବର୍ତ୍ତମାନ ବିଦ୍ୟାଳୟର କ୍ରୀଡ଼ା ମନୋବୃତ୍ତି ଏକ ପ୍ରକାର ଲୋପ ପାଇଯାଉଛି ବୋଲି ଧରିନେବାକୁ ହେବ । ତେଣୁ ପୂର୍ବ ସ୍ମୃତିକୁ ସ୍ମରଣ କରି ଆତ୍ମତୃପ୍ତି ଲାଭ କରିବା କଥା ଜଗଦୀଶ୍ୱରଙ୍କ ହାତରେ ।

ପୁରାତନ ଛାତ୍ର, ଜେଲ ରୋଡ୍, ଖୋର୍ଦ୍ଧା

# ଦିଗନ୍ତ ବିସ୍ତାରୀ କ୍ରୀଡ଼ା ପ୍ରାନ୍ତର ସଦା ଚଳଚଞ୍ଚଳ



**ଶେଖ ଅଜିଜ୍**

୧୮୯୬ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଓଡ଼ିଶାର ପୁରାତନ ବିଦ୍ୟାଳୟମାନଙ୍କ ମଧ୍ୟରେ ଅନ୍ୟତମ। ଏହାର ପରମ୍ପରା ଓ ଐତିହ୍ୟ ଶ୍ରୀ ବିମଣ୍ଡିତ। ବହୁ କଳାକାର, ଲେଖକ, କବି, ସମାଜସେବୀ ସ୍ୱାଧୀନତା ସଂଗ୍ରାମୀ, ବିଦୁଷୀ ପ୍ରଶାସକ, ଶିକ୍ଷକ, ଶିକ୍ଷାବିତ୍, ଡାକ୍ତର, ମନ୍ତ୍ରୀ ଏହି ଅନୁଷ୍ଠାନରେ ଜୀବନର ଶିକ୍ଷାପ୍ରାପ୍ତ ନେଇ କର୍ମକ୍ଷେତ୍ରରେ ରାଜ୍ୟରେ ତଥା ଦେଶରେ ପ୍ରତିଷ୍ଠା ଅର୍ଜନ କରି ଦେଶ ମାତୃକାର ମୁଖ ଉଜ୍ଜ୍ୱଳ କରିଛନ୍ତି ଓ କରୁଛନ୍ତି। ଅନୁଷ୍ଠାନର ଏହି କ୍ରୀଡ଼ା ଭୂମି ରାଜ୍ୟର ବହୁ ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗୀଙ୍କୁ ମଧ୍ୟ ଗଠନ କରିଛି।

ଏହା ସତ୍ୟ ଓ ସର୍ବଜନବିଦିତ ଯେ ଶିକ୍ଷା କେବଳ ପୁସ୍ତକ ସୀମିତ ନୁହେଁ। ଶିକ୍ଷାର ଲକ୍ଷ୍ୟ ବିଦ୍ୟାର୍ଥୀର ସର୍ବାଙ୍ଗୀଣ ବିକାଶ ଅର୍ଥାତ୍ ମାନସିକ, ଶାରୀରିକ ଚାରିତ୍ରିକ ଓ ନୈତିକ ବିକାଶ। ମାନସିକ ବିକାଶ ପାଇଁ ବୌଦ୍ଧିକ ଜ୍ଞାନ ଯେତିକି ଲୋଡ଼ା, ଶାରୀରିକ ବିକାଶ ପାଇଁ ଶାରୀରିକ କ୍ରୀଡ଼ା ସେତିକି ଲୋଡ଼ା। କ୍ରୀଡ଼ା ମନୁଷ୍ୟର ଜନ୍ମଗତ ପ୍ରବୃତ୍ତି। Sound mind is sound body ତେଣୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପରି ଏହି ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ସହ କ୍ରୀଡ଼ା ପ୍ରକ୍ରିୟାର ସହାବସ୍ଥାନ ରହିଛି। ଅତୀତରେ ଏହି ବିଦ୍ୟାଳୟର ଖେଳାଳିମାନେ ସର୍ବଭାରତୀୟ ସ୍ତରରେ ସୁବ୍ରତ ମୁଖାର୍ଜୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅନ୍ୟାନ୍ୟ ରାଜ୍ୟର ଖେଳାଳିମାନଙ୍କୁ ପରାଜିତ କରି ସର୍ବଶ୍ରେଷ୍ଠ ଖେଳାଳି ରୂପେ ବିବେଚିତ ହୋଇ ଅନୁଷ୍ଠାନର ଗୌରବ ବୃଦ୍ଧି କରିଥିଲେ। ବିଦ୍ୟାଳୟର କୃତି ଖେଳାଳିମାନଙ୍କ ମଧ୍ୟରେ ଶେଖ୍ ରହିମ ବକ୍ସ, ଶେଖ୍ ମହମ୍ମଦ, ହରେକୃଷ୍ଣ ପ୍ରଧାନ, ଶ୍ରୀ ମାନସ କୃଷ୍ଣ ପତିକା, ଶେଖ୍ ହବିବ୍ ବକ୍ସ, ଶ୍ରୀ ବିରେନ୍ଦ୍ର କୁମାର ପ୍ରଧାନ, ଶ୍ରୀ ମୋହନ ଚନ୍ଦ୍ର ଦାଶ, ଶ୍ରୀ ଅମରେନ୍ଦ୍ର ସିଂହସାମନ୍ତ, ଶ୍ରୀ ଉପେନ୍ଦ୍ରନାଥ ଦାସ ପ୍ରମୁଖ ନିଜ କ୍ରୀଡ଼ା ନୈପୁଣ୍ୟ ପାଇଁ ରାଜ୍ୟ ତଥା ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିବା ସଙ୍ଗେ ସଙ୍ଗେ ଜନ୍ମଭୂମି ଖୋର୍ଦ୍ଧା ତଥା ଏହି ଅନୁଷ୍ଠାନର ଐତିହ୍ୟ ଅକ୍ଷୁଣ୍ଣ ରଖାପାରିଛନ୍ତି। କ୍ରୀଡ଼ାର ଏହି ପ୍ରବାହିତ ଧାରାକୁ କ୍ରୀଡ଼ାରତ ଛାତ୍ରମାନେ ଅଦ୍ୟାବଧି ଜୀବିତ ରଖି ପାରିଛନ୍ତି।

୧୯୩୨ ମସିହାରେ ବି.ଜେ.ବି. ହାଇସ୍କୁଲର ଫୁଟବଲ ଖେଳ ସହ ଟେନିସ୍ ଖେଳ ମଧ୍ୟ ଖେଳା ଯାଉଥିଲା। ସେତେବେଳେ ପ୍ରଧାନ ଶିକ୍ଷକ ଶ୍ରୀ ବାଙ୍କନିଧି ପଟ୍ଟନାୟକ ଥିଲେ। ପାରିକୁଦ ରାଜ କଡ଼୍ ନିମନ୍ତେ ଫୁଟବଲ ଟେକି ଫୁଟବଲ ଖେଳାଳିମାନେ ଉପଯୁକ୍ତ ହୋଇଥିଲେ। ସମସ୍ତୁର ରହମାନ, ବଂଶୀଧର ପ୍ରଧାନ, ସୁରୀ ପ୍ରଧାନ, ରଘୁନାଥ ପଟ୍ଟନାୟକ (କ), ରଘୁନାଥ ପଟ୍ଟନାୟକ (ଖ), ଅନେକ।

**ଟେନିସ୍ ଖେଳାଳିମାନେ-** ସର୍ବଶ୍ରୀ ରାଧାମାଧବ ମିଶ୍ର, ଆନନ୍ଦଚନ୍ଦ୍ର ପଟ୍ଟନାୟକ, ଶ୍ରୀ ବାଙ୍କନିଧି ପଟ୍ଟନାୟକ (ପ୍ରଧାନ ଶିକ୍ଷକ), ରଘୁନାଥ ପଟ୍ଟନାୟକ, ଭୁବନ ମିଶ୍ର।

ରଘୁନାଥ ପଟ୍ଟନାୟକ ଟେନିସ ଖେଳରେ ସେହି ସମୟରେ ଉଚ୍ଚକୋଟୀର ଖେଳାଳି ଥିଲେ। ଏହି ଖେଳରେ ଉଚ୍ଚ ପ୍ରଶଂସା ସହ ପୁରସ୍କାର ଲାଭ ମଧ୍ୟ କରିଥିଲେ।

### ୧୯୪୨ରୁ ୧୯୪୪

ଏହି ସମୟରେ ଶ୍ରୀଯୁକ୍ତ ବାଙ୍କନିଧି ପଟ୍ଟନାୟକ ପ୍ରଧାନ ଶିକ୍ଷକ ଥିଲେ। ସେ ସମୟର ଫୁଟବଲ ଖେଳାଳିମାନେ କଟକର ଷ୍ଟୁଆର୍ଟ ସ୍କୁଲ ସହିତ ଫୁଟବଲ ଖେଳି ଉପଯୁକ୍ତ ହୋଇ ଟ୍ରଫି ହାସଲ କରିଥିଲେ। ପୁଣି ଖଣ୍ଡପଡ଼ାଠାରେ ସ୍କୁଲ ଟିମ୍ ସହିତ ଖେଳି ଟ୍ରଫି ହାସଲ କରିଥିଲେ। ସେ ସମୟରେ ବି.ଜେ.ବି. ସ୍କୁଲ ଟିମ୍ ଚମ୍ପିଆନ ଟିମ୍ ଥିଲା। ସ୍କୁଲରେ ଫୁଟବଲ ସହିତ ଅନ୍ୟାନ୍ୟ ଖେଳ ଟେନିସ୍, ବାସ୍କେଟବଲ ଓ ହକି ମଧ୍ୟ ଖେଳ ହେଉଥିଲା। ଫୁଟବଲ ଖେଳରେ ଏ,ବି,ସି,ଡି, ଏହିପରି ୪ ଗ୍ରୁପରେ ପିଲାମାନେ ଖେଳୁଥିଲେ। ଏ ଟିମରେ ଭଲ ଖେଳୁଥିବା ପିଲାମାନେ ଖେଳୁଥିଲେ। ବି ଗ୍ରୁପ୍ ପିଲାଙ୍କୁ ଗଙ୍ଗ ଓଡ଼ିଶା ବୋଲି କୁହାଯାଉଥିଲା। ସି ଗ୍ରୁପ ପିଲାଙ୍କୁ କିଲିପୁଟ୍ ବୋଲି କୁହାଯାଉଥିଲା ଏବଂ ଡି ଗ୍ରୁପରେ ସବୁଠାରୁ ଛୋଟ ପିଲା ଖେଳୁଥିଲେ। ଖେଳାଳିମାନେ ହେଲେ- ସୁରୀ ପ୍ରଧାନ, ସଚ୍ଚିଦାନନ୍ଦ ପଟ୍ଟନାୟକ, ଧ୍ରୁବ ମିଶ୍ର, ସନ୍ତୋଷ ଦାସ, ବିଶ୍ୱନାଥ ଦାସ, ସାଗରମଲ ଅଗ୍ରୱାଲ, ବୃନ୍ଦାବନ ଦାସ।

### ୧୯୪୬-୪୭

ଅଲ୍ ଓଡ଼ିଶା ହାଇସ୍କୁଲ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ସ୍କୁଲ ପ୍ୟାରୀମୋହନ ଏକାଡେମୀ ସହିତ ଖେଳି କପ୍ ହାସଲ କରିଥିଲେ। ରାଜ୍ୟସ୍ତରୀୟ ଖେଳରେ ଶ୍ରୀଯୁକ୍ତ କୃଷ୍ଣ ରାଉତରାୟ ଫୁଟବଲ ଖେଳରେ ଅଂଶଗ୍ରହଣ କରି ଚମତ୍କାର ଖେଳ ପ୍ରଦର୍ଶନ କରି କୃତିତ୍ୱ ଅର୍ଜନ କରିଥିଲେ। ସେ ସମୟରେ ଫୁଟବଲ ଖେଳ ସହିତ ହକି ମଧ୍ୟ ଖେଳ ହେଉଥିଲା। ଶିକ୍ଷକ ସମସ୍ତୁର ରହମାନ ହକି ସେ ସମୟରେ ଖେଳୁଥିଲେ।

**୧୯୫୦-୫୧**

ଏହି ସମୟରେ ଖେଳ ଶିକ୍ଷକ Pitter Evans ଥିଲେ । ଫୁଟବଲ ଖେଳାଳି- ମହମ୍ମଦ ଜୁବୁଏ, ଶେଖ୍ ରହିମ, ପରମାନନ୍ଦ ଚଇଡ଼ା, ରାଧାଗୋବିନ୍ଦ ଦାସ, ଲୋକନାଥ ଦାସ, ଶରତ ଚନ୍ଦ୍ର ଦୋରା, ମହମ୍ମଦ ଅବୁବକର, ମହମ୍ମଦ ଏଢ଼ିଆ, କୃଷ୍ଣ ଗାଉଡ଼ଲାଇ, ଭଗବାନ ଦୋରା, ପ୍ରେମାନନ୍ଦ ରାଉତରାୟ । ବି.କେ.ବି. ହାଇସ୍କୁଲର ଏହି ଖେଳାଳିମାନେ ଫୁଟବଲ ଖେଳି ଜୋଣ୍ଡିରେ ନାମ କରିବା ସଙ୍ଗେ ସଙ୍ଗେ କଟକ, କାଉପଡ଼ା ପ୍ରଭୃତି ସ୍ଥାନରେ ଫୁଟବଲ ଖେଳି ସ୍କୁଲର ନାମ ବଢ଼ାଇଥିଲେ । ୧୯୫୨ ମସିହାରେ ବି.କେ.ବି. ହାଇସ୍କୁଲ ଫୁଟବଲ ଟିମ୍ ଢାଙ୍କିପଦାଠାରେ ଅନୁଷ୍ଠିତ ଆନ୍ତଃଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଯୋଗଦାନ କରି ସେମିଫାଇନାଲ ପର୍ଯ୍ୟନ୍ତ ଉଠାଇ ହୋଇଥିଲେ । ୨୨ ମାର୍ଚ୍ଚ ୧୯୫୨ ମସିହାରେ କଟକଠାରେ ଅନୁଷ୍ଠିତ ଆନ୍ତଃ ଜିଲ୍ଲା ସ୍କୁଲ ଖେଳକୁଦ ଦୌଡ଼ ପ୍ରତିଯୋଗିତାରେ ଏହି ସ୍କୁଲ ଟିମ୍ ଯୋଗଦାନ କରିଥିଲା । ପ୍ରତିଯୋଗୀ ଶେଖ୍ ରହିମ ବକ୍ସ ୨୦୦ ମିଟର ଓ ୮୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଲାଭ କରି ସାର୍ଟିଫିକେଟ ହାସଲ କରିବା ସଙ୍ଗେ ସଙ୍ଗେ କୃତିତ୍ୱ ଅର୍ଜନ କରିଥିଲେ । ଶେଖ୍ ଜବ୍ବାର୍ ବକ୍ସ ଏଷ୍ଟ ଶ୍ରେଣୀର ଛାତ୍ର ଗୋଲକିପର ଭାବରେ ଖେଳି ମେଡାଲ ଓ ସାର୍ଟିଫିକେଟ ହାସଲ କରିଥିଲେ । ଶ୍ରୀ କିଶୋର ରାମ, ଦଢ଼ିଜ୍ ରାୟ, ଶେଖ୍ ରହିମ ବକ୍ସ, ଶେଖ୍ କମରୁଦ୍ଦିନ, ମହମ୍ମଦ ହବିବ୍, ଶ୍ରୀ ନାରାୟଣ ଦାସ ।

**୧୯୫୪-୫୫-** ୧୯୫୪-୫୫ ମସିହାରେ ବି.କେ.ବି. ହାଇସ୍କୁଲ ଉତ୍କଳ ସ୍କୁଲ ଟୁର୍ଣ୍ଣାମେଣ୍ଟରେ ଟାଙ୍ଗି ହାଇସ୍କୁଲ ସହିତ ଫୁଟବଲ ଖେଳିଥିଲା । ସେଥିରେ ବି.କେ.ବି. ହାଇସ୍କୁଲର ଖେଳାଳିମାନେ ଚମତ୍କାର ଖେଳ ପ୍ରଦର୍ଶନ କରି ଜୟଯୁକ୍ତ ହୋଇଥିଲେ । ଖେଳାଳିମାନେ- ଶେଖ୍ ରହିମ ବକ୍ସ, ମହମ୍ମଦ ଅବୁବକର, ମହମ୍ମଦ ଇକବାଲୁର ରହମାନ, ରବିନ ସାହ, ଶେଖ୍ ଅଜ୍ଞାନ, ଶେଖ୍ ଏକରାମ, ରାଧାକାନ୍ତ ରାଉତରାୟ, ଅବଦୁର ରହିମ, ମହମ୍ମଦ ହିଫିଜୁର ରହମାନ ।

୧୯୫୬-୫୭ ମସିହାରେ କଟକଣୀ ହାଇସ୍କୁଲଠାରେ ଅନୁଷ୍ଠିତ ଜାଗରେ ସ୍କୁଲ ଟୁର୍ଣ୍ଣାମେଣ୍ଟରେ ବି.ଏମ୍. ସ୍କୁଲ ସହିତ ଦ୍ୱିତୀୟ ଖେଳରେ ଫୁଟବଲ ଖେଳି ଜୟଯୁକ୍ତ ହୋଇଥିଲେ । ପୁଣି ବଡ଼ଚଣା ହାଇସ୍କୁଲ ଠାରେ ଅନୁଷ୍ଠିତ ଫୁଟବଲ ଖେଳି ଜୟଯୁକ୍ତ ହୋଇଥିଲେ ।

୧୯୫୬-୫୭ ମସିହାରେ ବି.କେ.ବି. ହାଇସ୍କୁଲର ଛାତ୍ର ଶେଖ୍ ନଜରର ରାଜ୍ୟ ସ୍କୁଲ ଫୁଟବଲ ଖେଳରେ ନିର୍ବାଚିତ ହୋଇ ଚାଇବାସା ସହରରେ ଖେଳିବା ପାଇଁ ଦିଲ୍ଲୀ ଯାଇଥିଲେ ।

ଫୁଟବଲ ଖେଳାଳିମାନେ- ସର୍ବଶ୍ରୀ ଶେଖ୍ ଇକ୍ରାମ୍ଭିନ ବକ୍ସ, ବିରେନ୍ଦ୍ରନାଥ ମହାନ୍ତି, ଶେଖ୍ ନଜରର, ମହମ୍ମଦ ଜବ୍ବର ହୁସେନ, ଉମାକାନ୍ତ କୁମାର ମହାନ୍ତି, ମହମ୍ମଦ ଅବ୍ଦୁଲ ରିମ, ସୁଧାଂଶୁ ଶେଖର ମହାନ୍ତି, କିଶୋର ମହାନ୍ତି, ଶାରଙ୍ଗଧର ପଟ୍ଟନାୟକ, ଜ୍ୟୋତି ପଟ୍ଟନାୟକ, ମହମ୍ମଦ ଜମାଲୁଦ୍ଦିନ, ନନ୍ଦ କିଶୋର ବର, ମହମ୍ମଦ ହିଫିଜୁର ରହମାନ ।

**୧୯୫୮-୫୯-** ୧୯୫୮-୫୯ ମସିହାରେ ବି.କେ.ବି. ହାଇସ୍କୁଲ ଟାଙ୍ଗି ସ୍କୁଲ ସହିତ ଫୁଟବଲ ଖେଳି ଜୟଯୁକ୍ତ ହୋଇଥିଲେ । ଫୁଟବଲ ଖେଳାଳିମାନେ- ସର୍ବଶ୍ରୀ ଶେଖ୍ ହବିବ ବକ୍ସ, ମାଗୁଣି ଚରଣ ବେହେରା, ସୁରେନ୍ଦ୍ର ଖଣ୍ଡା, ଜୁଲଦେବ ମହାପାତ୍ର, ସମରେନ୍ଦ୍ର ପ୍ରଧାନ, ଦଯାନିଧି ସାହୁ, ବ୍ରଜଗୋପାଳ ସିଂହ, ନିମାଇଁ ଚରଣ ସାହୁ ।

**୧୯୬୦-୬୧-** ଅଲ୍ ଓଡ଼ିଶା ଷ୍ଟେଟ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବି.କେ.ବି. ହାଇସ୍କୁଲର ଖେଳାଳି ଶେଖ୍ ହବିବ ବକ୍ସ ଏବଂ ସମରେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । ବି.କେ.ବି. ହାଇସ୍କୁଲର ଫୁଟବଲ ଟିମ୍ ଟାଙ୍ଗି ହାଇସ୍କୁଲ ସହିତ ଖେଳି ୩-୦ **ଗୋଲରେ** ପରାସ୍ତ କରି ଜୟଯୁକ୍ତ ହୋଇଥିଲେ । ନିମ୍ନଲିଖିତ ଖେଳା**ଳିମାନେ-** ବଟକୃଷ୍ଣ ମହାନ୍ତି, ସୁରେନ୍ଦ୍ର ଖଣ୍ଡା, ମାଗୁଣି ବେହେରା, **ସତ୍ୟନାରାୟଣ** ହୋତା, ଅର୍ଜ୍ଜୁନ ସେଠୀ, ସୀତାକାନ୍ତ ପଟ୍ଟନାୟକ, **ବିଜୟ ପ୍ରଧାନ, ଶେଖ୍** ହବିବ୍ ବକ୍ସ, ସତ୍ୟ ମିଶ୍ର, କାଶୀନାଥ ପଲିତା ।

**୧୯୬୪-** ବି.କେ.ବି. ହାଇସ୍କୁଲର ଫୁଟବଲ **ଖେଳାଳିମାନେ** ଟାଙ୍ଗି ବିଦ୍ୟାପୀଠ ସହିତ ଜିଲ୍ଲା ସ୍କୁଲ **ପଡ଼ିଆରେ ଖେଳି** ଜୟଯୁକ୍ତ ହୋଇଥିଲେ । ସେ ସମୟରେ ଏହି ପ୍ରଧାନ ଶିକ୍ଷକ ଶ୍ରୀ ଦିବାସିଂହ ପଟ୍ଟନାୟକଙ୍କ ଖେଳ ପ୍ରତି ଆଗ୍ରହ ଯୋଗୁଁ ଓ ଶ୍ରୀ ଉଦୟନାଥ ପଟ୍ଟନାୟକଙ୍କ ବିଶେଷ ଧ୍ୟାନ ଯୋଗୁଁ ପିଲାମାନେ ଉକ୍ତ ସ୍କୁଲର ଟିମମାନଙ୍କୁ ଫୁଟବଲ ଖେଳରେ ହରାଇ ପାରୁଥିଲେ । ସେତେବେଳେ ନିମ୍ନଲିଖିତ ଖେଳାଳିମାନେ ଥିଲେ- ଶେଖ ହବିବ ବକ୍ସ, କୃଷ୍ଣଚନ୍ଦ୍ର ନାଥ, ନିମାଇଁ ଚରଣ ସାହୁ, ଦୁର୍ଗା ପ୍ରସାଦ ବେହେରା, ମାଗୁଣି ବେହେରା ।

୧୯୬୪-୬୫- ସୁବ୍ରତ ମୁଖାର୍ଜୀ କପ୍ ଟୁର୍ଣ୍ଣାମେଣ୍ଟ । ବି.କେ.ବି. ହାଇସ୍କୁଲ ରାଣୀହାଟ ହାଇସ୍କୁଲ ଦଳର ସହିତ ଫୁଟବଲ ଖେଳି ସେମିଫାଇନାଲରେ ଜିତିଥିଲେ । ଏହି ସ୍କୁଲର ଶେଖ୍ ହବିବ୍ ଏବଂ ଫଜାଲୁଦ୍ଦିନ ଶ୍ରେଷ୍ଠ ଫୁଟବଲର ହିସାବରେ କଷ୍ଟୋଡ଼ାଲ ବିଦ୍ୟାଳୟ ଠାରେ ହୋଇଥିବା ଫୁଟବଲ ଖେଳରେ ଯୋଗ ଦେବାପାଇଁ ଯାଇଥିଲେ ।

ଉତ୍କଳ ସ୍କୁଲ ଟୁର୍ଣ୍ଣାମେଣ୍ଟ ଖେଳରେ ପୁରୀ ଜିଲ୍ଲା ସ୍କୁଲ ପଡ଼ିଆରେ ବି.କେ.ବି. ହାଇସ୍କୁଲ ବାଲି ହାଇସ୍କୁଲ ସହିତ ଫୁଟବଲ ଖେଳି ଦ୍ୱିତୀୟ ଖେଳରେ ଜୟଯୁକ୍ତ ହୋଇଥିଲେ ।

ଫୁଟବଲ ଖେଳାଳିମାନେ- କୃଷ୍ଣ ନାଥ, ଶେଖ୍ ସଫିକ, ଫଜାଲୁଦ୍ଦିନ, ହରିହରିନ ଖାଁ, ବ୍ରଜକାନ୍ତ ମୋହନ ମିଶ୍ର, ସୁରେଶ ମିଶ୍ର, ପ୍ରିୟରଞ୍ଜନ ପଟ୍ଟନାୟକ, ଜ୍ୟୋତିରିନ୍ଦ୍ରନାଥ ମିଶ୍ର, ଫଣିନ୍ଦ୍ର ପ୍ରଧାନ, ଶେଖ୍ ଉଜୁ ।

୧୯୬୬-୬୭- ୧୯୬୭-୬୮ ମସିହାରେ ଖେଳାଳିମାନେ ହେଲେ- ଦେବାଶିଷ୍ଟ ନାଥ ମିଶ୍ର, ସୁଜାତ ମିଶ୍ର, ସୁରେଶ ମିଶ୍ର, ଦେବେନ୍ଦ୍ର ପ୍ରଧାନ, ଅରକ୍ଷିତ ଖଲ, ଅମର ରାଉତରାୟ, ଅମରେନ୍ଦ୍ର ସିଂହସାମନ୍ତ।

୧୯୬୮-୬୯- ୧୯୬୯ ମସିହାରେ ବି.ଜେ.ବି. ହାଇସ୍କୁଲର ଛାତ୍ର ଶ୍ରୀମାନ ମାନସକୃଷ୍ଣ ପରିଡା ଏବଂ ଅମରେନ୍ଦ୍ର ସିଂହସାମନ୍ତ ଫୁଟବଲ ଖେଳରେ ରାଜ୍ୟଦଳକୁ ନିର୍ବାଚିତ ହୋଇ ଜାତୀୟ ସ୍ତରରେ ଖେଳିବା ପାଇଁ ପୁନାଠାରେ ଅନୁଷ୍ଠିତ ଜାତୀୟ ସ୍କୁଲ ଫୁଟବଲ ଖେଳରେ ଯୋଗଦାନ କରିଥିଲେ। ପୁନଶ୍ଚ ସୁବ୍ରତ ମୁଖାର୍ଜୀ କପ୍ ଟୁର୍ଣ୍ଣାମେଣ୍ଟରେ କଟକ ମାରୱାଡ଼ି ହାଇସ୍କୁଲ ସହିତ ଖେଳି ଯୁଗ୍ମବିଜୟୀ ହୋଇଥିଲେ। ଖେଳାଳିମାନେ- ମାନସକୃଷ୍ଣ ପରିଡା, ଶେଖ୍ ଅବଦୁଲ ଜୋହର, ନାରେନ୍ଦ୍ର ନବାବ, ମହମ୍ମଦ ଖଲୁକ, ସୁଦର୍ଶନ ବେହେରା, ପାର୍ଥିବ ନାୟକ, ଜଗନ୍ନାଥ ଜୟସିଂହ, ହରିହର ଭୂୟାଁନସିଂହ, ଶେଖ୍ ଅବଦୁଲ ଇଦ୍ରିସ, ବିରଂଚି ବେହେରା, ପ୍ରଦୀପ ପ୍ରଧାନ, ଅଜଲି ମହମ୍ମଦ, ସୁଶାନ୍ତ ଦାସ।

୧୯୭୦-୭୧- ଡି.ଏ.ଭି. ହାଇସ୍କୁଲ ଦାଶୀ ବିଦ୍ୟାପୀଠ ସହିତ ଶତାବ୍ଦୀକାଳ ଫୁଟବଲ ଖେଳରେ ଯୁଗ୍ମବିଜୟୀ ହୋଇଥିଲେ। ପୁନଶ୍ଚ ପୁରୀ ଜିଲ୍ଲା ସ୍କୁଲ ସହିତ ଫୁଟବଲ ଖେଳି ଜୟଯୁକ୍ତ ହୋଇଥିଲେ। ସେତେବେଳେ ନିମ୍ନଲିଖିତ ଖେଳାଳିମାନେ ଥିଲେ- ମହମ୍ମଦ କୟୁମ, ଜିତେନ୍ଦ୍ର ସିଂହ, ଶେଖ୍ ରଉଫ, ଶରତ ପ୍ରଧାନ, ଦେବରାଜ ରଣା, ଅଶ୍ୱିନୀ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ବିଷ୍ଣୁ ରାଉତରାୟ, ରଣଜିତ ରାୟ, ବିରେନ୍ଦ୍ର ରାୟ, ଦେବକୀନନ୍ଦନ ଦାସ।

୧୯୭୪-୭୫- ଫୁଟବଲ ଖେଳାଳିମାନେ ଥିଲେ- ଆକବର ଖାଁ, ସୋଲିତ ସ୍ୱାଇଁ, ସୁଦର୍ଶ ପଟ୍ଟନାୟକ, ଉପେନ୍ଦ୍ରନାଥ ଦାସ, ପ୍ରଦ୍ୟୁମ୍ନ ସେଠୀ, ସନାଉଦ୍ଦିନ ଖାଁ, ଇବ୍ରାହିମ୍ ନବାବ, ହୃଷିକେଶ ପାତ୍ର, ପ୍ରଦୀପ୍ତ କୁମାର ପଟ୍ଟନାୟକ, ଲଳିତ ମହାନ୍ତି, ମନୱର ରହିମ ଖାଁ।

୧୯୭୫-୭୬- ସେତେବେଳେ ନିମ୍ନଲିଖିତ ଖେଳାଳିମାନେ- ଉପେନ୍ଦ୍ରନାଥ ଦାସ, ଗୌରୀଶଙ୍କର ଅଗ୍ରୱାଲ, ଧୀରେନ୍ଦ୍ର ବେହେରା, ନିତ୍ୟାନନ୍ଦ ଭୂୟାଁନସିଂହ, ଲଳିତ କୁମାର ଅଗ୍ରୱାଲ, ବୀରକିଶୋର ସିଂହ, ଦେବାଶୀଷ ମହାନ୍ତି, ସଂଜୟ ପଟ୍ଟନାୟକ।

୧୯୭୭-୭୮- ଖେଳାଳିମାନେ ହେଲେ- ସର୍ବଶ୍ରୀ ନିତ୍ୟାନନ୍ଦ ଭୂୟାଁନସିଂହ, ଶେଖ୍ ଖଲିଲ, ମନୱର ରହିମ ଖାଁ, ଗାଫୁର୍ ଖାଁ, ମନମୋହନ ସେଠୀ, ଟିଙ୍କୁ ବେହେରା, ଅର୍ଜୁନ କିଶୋର, ଲଳିତ କୁମାର ସ୍ୱାଇଁ, ମହମ୍ମଦ ହଫିଜୁର ରହମାନ।

୧୯୭୯ରେ ଖେଳାଳିମାନେ- ନିତ୍ୟାନନ୍ଦ ଭୂୟାଁନସିଂହ, ଦୀପକ କୁମାର ଦାସ, ସମିମ ଖାଁ, ଜହିରୁଦ୍ଦିନ ଖାଁ, ନାରାୟଣ ବେହେରା, ନିର୍ମଳ ରଂଜନ ନାୟକ, ପ୍ରଦୀପ୍ତ କୁମାର ଅଗ୍ରୱାଲ, ମନମୋହନ ସେଠୀ, ଯାକୁବ ଖାଁ, ଜଗନ୍ନାଥ ବେହେରା।

୧୯୮୦- ଜାହୁଣୀ ହାଇସ୍କୁଲଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଶତାବ୍ଦୀକାଳୀନ ଖେଳ ପ୍ରତିଯୋଗିତାରେ ନିମ୍ନଲିଖିତ ଖେଳାଳିମାନେ ଡେଙ୍ଗୋ, ଭଲିବଲ ଏବଂ ଫୁଟବଲ ଖେଳରେ ଯୋଗ ଦେଇଥିଲେ। ଖେଳାଳିମାନେ- ସୁଦର୍ଶନ ରଣା, ଶିବପ୍ରସାଦ ରାଉତରାୟ, ସମିମ ଖାଁ, ହାଜରାଧର ବେହେରା, ମନମୋହନ ସେଠୀ, ନିର୍ମଳ ରଂଜନ ନାୟକ, ଜାହ୍ନୁଚରଣ ସାହୁ, ଦୀପକ କୁମାର ଦାସ, ପ୍ରଶାନ୍ତ କୁମାର ଜେନା, ଜୟନ୍ତ କୁମାର ରାୟ, ବିଷ୍ଣୁନାଥ ସ୍ୱାଇଁ, ସୁଦର୍ଶନ ପ୍ରଧାନ, ସତ୍ୟପ୍ରକାଶ ମହାନ୍ତି।

୧୯୮୧- ବାମନ ଅବକାଶ ବିଦ୍ୟାପୀଠ ଜୋଳାଗଡ଼ାଠାରେ ଅନୁଷ୍ଠିତ ଶୀତକାଳୀନ ଖେଳ ପ୍ରତିଯୋଗିତାରେ ନିମ୍ନଲିଖିତ ଖେଳାଳିମାନେ ଯୋଗ ଦେଇଥିଲେ। ବନମାଳୀପୁର ହାଇସ୍କୁଲ ଠାରେ ଅନୁଷ୍ଠିତ ସୁବ୍ରତ ମୁଖାର୍ଜୀ କପ୍ ଖେଳରେ ବି.ଜେ.ବି. ହାଇସ୍କୁଲ ଯୋଗଦାନ କରିଥିଲା। ଫୁଟବଲ ଖେଳାଳିମାନେ- ଶରତ ପଣ୍ଡା, ସଇଦ ତୋହାମ ଉଦ୍ଦିନ, ଶତ୍ରୁଘ୍ନ ପରିଡ଼ା, ବିରଂଚି ବେହେରା, ସୁଦର୍ଶନ ରଣା, ପ୍ରଶାନ୍ତ ଷଡ଼ଙ୍ଗୀ, ମହମ୍ମଦ ଅଜିଜୁର ରହମାନ, ସଂଜୟ ମହାନ୍ତି, ମନମୋହନ ରାଉତରାୟ, ସମିତ ପଟ୍ଟନାୟକ, ଅମରେନ୍ଦ୍ର ସେଠୀ, ସବୀର ମୋହନ ଦାସ, ବିଜୟ ସେଠୀ।

୧୯୮୨- ଫୁଟବଲ ଖେଳାଳିମାନେ - ବିବେକାନନ୍ଦ ପଟ୍ଟନାୟକ, ମହମ୍ମଦ ଅଜିଜୁର ରହମାନ, ବିଜୟ କୁମାର ସେଠୀ, ଶତ୍ରୁଘ୍ନ ପରିଡ଼ା, ଚିତ୍ତରଂଜନ ସେଠୀ, ସଂଜୟ କୁମାର ମହାନ୍ତି, ଅମରେନ୍ଦ୍ର ସେଠୀ, ବନମାଳୀ ଦାସ, ଲଳିତେନ୍ଦୁ ପ୍ରଧାନ।

୧୯୮୩- ତା ୨୧.୯.୮୩ରୁ ତା ୨୩.୯.୮୩ ପର୍ଯ୍ୟନ୍ତ ରଘୁନାଥ ବିଦ୍ୟାପୀଠ ଓଡ଼ଗାଁ ଠାରେ ଅନୁଷ୍ଠିତ ଶତାବ୍ଦୀକାଳୀନ ଫୁଟବଲ ଖେଳରେ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିଲେ। ଶ୍ରୀମାନ ବିବେକାନନ୍ଦ ପଟ୍ଟନାୟକ ଓ ଶ୍ରୀମାନ ସୁଦୀପ କୁମାର ଘୋଷ ବ୍ୟାଡ଼ମିଣ୍ଟନ ଖେଳରେ ଜିଲ୍ଲାସ୍ତରୀୟ ଖେଳକୁ ନିର୍ବାଚିତ ହୋଇଥିଲେ। ଖେଳାଳିମାନେ- ବିବେକାନନ୍ଦ ପଟ୍ଟନାୟକ, ମହମ୍ମଦ ଅଜିଜୁର ରହମାନ, ବିଜୟ ସେଠୀ, ଶତ୍ରୁଘ୍ନ ପରିଡ଼ା, ଚିତ୍ତରଂଜନ ସେଠୀ, ସଂଜୟ କୁମାର ମହାନ୍ତି, ଅମରେନ୍ଦ୍ର ସେଠୀ, ବନମାଳୀ ଦାସ, ଲଳିତେନ୍ଦୁ ପ୍ରଧାନ।

ଗୁରୁଜଙ୍ଗ ହାଇସ୍କୁଲଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ, ଶୀତକାଳୀନ ଖେଳ ପ୍ରତିଯୋଗିତା ତା ୨୦.୧୧.୮୩ରୁ ତା ୨୨.୧୧.୮୩ ପର୍ଯ୍ୟନ୍ତ ହୋଇଥିଲା। ସେଥିରେ ବି.ଜେ.ବି. ହାଇସ୍କୁଲର ନିମ୍ନଲିଖିତ ଛାତ୍ରମାନେ ଅଂଶଗ୍ରହଣ କରି ବିଭିନ୍ନ ଖେଳରେ କୃତିତ୍ୱ ଅର୍ଜନ କରିଥିଲେ। ସେଥିମଧ୍ୟରୁ ଦୁର୍ଯ୍ୟୋଧନ ଦାସ ୧ମ ସ୍ଥାନ ଲାଭ କରିଥିଲେ ଓ ରାଜ୍ୟସ୍ତରକୁ ନିର୍ବାଚିତ ହୋଇଥିଲେ। ଲଳିତେନ୍ଦୁ ପ୍ରଧାନ- ୩୦୦୦ ମିଟର ଦୌଡ଼ରେ ୨ୟ ସ୍ଥାନ ଲାଭ

କରିଥିଲେ । କେଦାର ନାଥ ସେଠୀ- ୪୦୦ ମିଟର ଦୌଡ଼ରେ ୨ୟ ସ୍ଥାନ, ୮୦୦ ମିଟର ଦୌଡ଼ରେ ୩ୟ ସ୍ଥାନ, ୧୫୦୦ ମିଟର ଦୌଡ଼ରେ ୨ୟ ସ୍ଥାନ ଲାଭ କରିଥିଲେ । ବନମାଳୀ ଦାସ- ୩୦୦୦ ମିଟର ଦୌଡ଼ରେ ୧ମ ସ୍ଥାନ ଲାଭ କରି ରାଜ୍ୟସ୍ତର ଖେଳକୁ ମନୋନୀତ ହୋଇଥିଲେ । ପ୍ରଦୀପ୍ତ କୁମାର ପଟ୍ଟନାୟକ ବ୍ୟାଡ଼ମିଣ୍ଟନ ଖେଳରେ ଅଂଶଗ୍ରହଣ କରି ବିଶେଷ କୃତିତ୍ୱ ଅର୍ଜନ କରିଥିଲେ ।

**୧୯୮୪-୮୫-** ୧୪.୧.୮୪ରୁ ୧୬.୧.୮୪ ମସିହାରେ ଶରଣକୂଟ ହାଇସ୍କୁଲଠାରେ ଅନୁଷ୍ଠିତ ଶରତକାଳୀନ ଜିଲ୍ଲାସ୍ତରୀୟ ଫୁଟବଲ ଖେଳରେ ଯୋଗଦେଇ ଉକ୍ତ ଖେଳରେ ବି.ଜେ.ବି. ହାଇସ୍କୁଲ ବିଜୟୀ ହୋଇଥିଲେ । ଖେଳାଳିମାନେ- ଶେଖ୍ ସମରେସ ଅଲ୍ଲୀ, ବିଦ୍ୟାଧର ଦାସ, ପ୍ରଦ୍ୟୁମ୍ନ ଖଟେଇ, ମନୋରଂଜନ ମହାନ୍ତି, ମହମ୍ମଦ ଅସଲମ, ନୃସିଂହ ପ୍ରସାଦ ମିଶ୍ର, ଭରତ ଜେନା ।

**୧୯୮୫-୮୬-** ବି.ଜେ.ବି. ହାଇସ୍କୁଲଠାରେ ଅନୁଷ୍ଠିତ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତାରେ ତା ୨୫.୮.୮୫ରୁ ତା ୨୭.୮.୮୫ ପର୍ଯ୍ୟନ୍ତ କ୍ରୀଡ଼ା ପ୍ରତିଯୋଗିତାରେ ନିମ୍ନଲିଖିତ ଖେଳାଳିମାନେ ଯୋଗ ଦେଇଥିଲେ । ଖେଳାଳିମାନେ- ମହମ୍ମଦ ଫଜଲେ ହକ, ରାମନାଥ ବେହେରା, ଶେଖ୍ ରମଜାନ, ପ୍ରତାପ ରାଉତରାୟ, ଭରତ ଜେନା, ବିଜୟ ମିଶ୍ର ।

**୧୯୮୭-୮୮-** ଜିଲ୍ଲାସ୍ତରୀୟ ବାସ୍କେଟବଲ ଓ ହକି ପ୍ରତିଯୋଗିତା ବିଦ୍ୟାଳୟର ଛାତ୍ରମାନେ ୧୯୮୮ ମସିହାରେ ପ୍ରଥମ ସ୍ଥାନ ଅଧିକାର ଲଭିବା ସଙ୍ଗେ ସଙ୍ଗେ କେନ୍ଦ୍ର ସରକାରଙ୍କ ଠାରୁ ଦଶହଜାର ଟଙ୍କା ଲେଖାଏଁ ମୋଟ କୋଡ଼ିଏ ହଜାର ଟଙ୍କା ପୁରସ୍କାର ଲାଭ କରିଥିଲେ । ଫୁଟବଲ ଖେଳାଳିମାନେ- ଭାଗୀରଥି ମହାପାତ୍ର, ଦୀପ କୁମାର ଦଳେଇ, ଜ୍ୟୋତିରଂଜନ ସିଂହ, ଆରତ ଜେନା, ମନୋଜ କୁମାର ବିଶ୍ୱାଳ, ସରୋଜ କୁମାର ସିଂହ, ମହମ୍ମଦ ଉଲ୍ଲେମତୁଲା, କାର୍ତ୍ତିକେଶ୍ୱର ବୋରା, ଶ୍ୟାମସୁନ୍ଦର ମହାପାତ୍ର ।

ହକି ଖେଳାଳିମାନେ- ପୃଥ୍ୱୀରାଜ ପ୍ରଧାନ, ଶ୍ୟାମସୁନ୍ଦର ମହାପାତ୍ର, ସୁକାନ୍ତ ମହାପାତ୍ର, କାର୍ତ୍ତିକେଶ୍ୱର ବୋରା, ସଂଜୟ କୁମାର ସାହୁ, ମାନସ ପଣ୍ଡା, ଅଜିଜୁଦ୍ଦିନ ଖାଁ, ମନୋଜ ବିଶ୍ୱାଳ, ଆରତ ଜେନା, କାବେନ୍ଦ୍ର ସାହୁ, ବିଶ୍ୱକେଶ ମହାପାତ୍ର, ରାକେଶ ରଂଜନ ଖୁଣ୍ଟିଆ, ଦିଲିପ ସୁନ୍ଦରରାୟ ।

୧୯୮୮ ମସିହାରେ ପ୍ରଥମ ମିନି ଷ୍ଟିମ୍- ବାସ୍କେଟବଲ ଖେଳରେ ନିମ୍ନଲିଖିତ ଖେଳାଳିମାନେ ବାସ୍କେଟବଲ ଖେଳି କେନ୍ଦ୍ର ସରକାରଙ୍କଠାରୁ ଦଶହଜାର ଟଙ୍କା ଲାଭ କରିଥିଲେ । ଖେଳାଳିମାନେ-ସୁରଜିତ ନାଥ, ଅଶୋକ ଘଡ଼େଇ, ରତନ ତ୍ରିପାଠୀ, ସୁବାସ ଚନ୍ଦ୍ର ରଥ, ସଂଜୟ ଅଗ୍ରୱାଲ, ପ୍ରଭାସ ବଳିଆରସିଂହ, ସୁରେନ୍ଦ୍ର କୁମାର ନାୟକ, ଶିବ ଶଙ୍କର ସାହୁ, ପ୍ରଭାତ ବେହେରା ।

**୧୯୮୭-୮୮-** ଫୁଟବଲ ଖେଳାଳିମାନେ- ଶେଖ୍ ଇସ୍ମାଇଲ, ରାମନାଥ ବେହେରା, ରବି କାଶି, ମାୟାଧର ନାୟକ, ପ୍ରତାପଚନ୍ଦ୍ର ରାଉତରାୟ ।

**୧୯୮୮-୮୯-** ଖେଳାଳିମାନେ- ଭାଗୀରଥି ମହାପାତ୍ର, ଦୀପକ କୁମାର ଦଳା, ଜ୍ୟୋତିରଂଜନ ସିଂହ, ଆରତ ଜେନା, ମନୋଜ କୁମାର ବିଶ୍ୱାଳ, ସରୋଜ କୁମାର ସିଂହ, ମହମ୍ମଦ ଉଲ୍ଲେମତୁଲା, କାର୍ତ୍ତିକେଶ୍ୱର ବୋରା, ଶ୍ୟାମସୁନ୍ଦର ମହାପାତ୍ର ।

**୧୯୯୦-୯୧-** ନରଣଗଡ଼ ହାଇସ୍କୁଲଠାରେ ଅନୁଷ୍ଠିତ ମଣ୍ଡଳ ସ୍ତରୀୟ ଖେଳରେ ବି.ଜେ.ବି. ହାଇସ୍କୁଲର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ । ଫୁଟବଲ ଖେଳାଳିମାନେ- ସୌକତ ଅଲ୍ଲୀ ଖାଁ, ଅବନୀ କୁମାର ନାୟକ, ଶେଖ୍ ସାକିର୍, ଅଜିଜୁଦ୍ଦିନ ଖାଁ, ଅକ୍ଷୟ କିଶୋର ନାୟକ, ଶେଖ୍ ଅବଦୁଲ ଉହେସବ, ଅଜୟ ଚୁଡ଼, ମାଲୁଣି ବେହେରା, ମୋଜେମ ହିଁସଦା ।

**୧୯୯୧-୯୨-** ଖୋର୍ଦ୍ଧା ମଣ୍ଡଳ ସ୍ତରୀୟ ଶରତକାଳୀନ ଖେଳ ପ୍ରତିଯୋଗିତା ଖୋର୍ଦ୍ଧା ସାତିଶମଠାରେ ତା ୧୫.୧୧.୯୧ରୁ ତା ୧୭.୧୧.୯୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସେଥିରେ ବି.ଜେ.ବି. ହାଇସ୍କୁଲର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଖେଳାଳିମାନେ- ସୌକତ ଅଲ୍ଲୀ ଖାଁ, ସଂଜୟ କୁମାର ମଲ୍ଲିକ, ପୁଲକ କୁମାର ମିତ୍ର, ଜ୍ଞାନଦାନନ୍ଦ ପ୍ରଧାନ, ଅଲତାଫ ମହମ୍ମଦ, ଅଜିଜୁଦ୍ଦିନ ଖାଁ, ମାଲୁଣି ବେହେରା, ଅକ୍ଷୟ କୁମାର ନାୟକ, ଦୀପକ ରାଉତ, ସଂଜୟ କୁମାର ବଡ଼ଜେନା, ଓବାଦୁଲ୍ଲା ଖାଁ, ଅବନୀ ନାୟକ, ଗଣେଶ ଘଡ଼େଇ ।

**୧୯୯୨-୯୩-** ଏହି ଅନୁଷ୍ଠାନରେ ଛାତ୍ର ଶ୍ରୀମାନ ଅଜୟ କୁମାର ଚୁଡ଼ ସମ୍ବଲପୁରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଶେଷ ପୁରସ୍କୃତ ହେବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିପାରିଥିଲେ । ୧୦.୯.୯୩ରୁ ତା ୧୩.୯.୯୩ ପର୍ଯ୍ୟନ୍ତ ବାମନ ଅବକାଶ ହାଇସ୍କୁଲ ବୋଲଗଡ଼ଠାରେ ଅନୁଷ୍ଠିତ ଶରତକାଳୀନ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଶେଷ କୃତିତ୍ୱ ଅର୍ଜନ କରିଥିଲେ । ଖେଳାଳିମାନେ- ଅଜୟ ଚୁଡ଼, ରାକେଶ ପ୍ରଧାନ, ମୁନାଲ ବଲାଡ଼, ଶେଖ୍ ଅବଦୁଲ ଅହେଦ, ରାଜିବ ନାୟକ ।

୧୯୯୪- ତା ୧୩.୯.୯୪ ରିଖରୁ ତା ୧୫.୯.୯୪ ରିଖ ପର୍ଯ୍ୟନ୍ତ କ୍ଷେତ୍ରବାସୀ ଏକାଡେମୀ ନିରାକାରପୁରଠାରେ ଅନୁଷ୍ଠିତ ଖୋର୍ଦ୍ଧା ଶିକ୍ଷାମଣ୍ଡଳର ଶରତକାଳୀନ ଖେଳ ପ୍ରତିଯୋଗିତାରେ ଏହି ଅନୁଷ୍ଠାନର ଛାତ୍ର ଶେଖ୍ ଜେଫାୟତ ଅଲ୍ଲୀ, ଅଜିତ୍ ଦ୍ୱିବେଦୀ, ନଟେଶ୍ୱର ମାଝୀ ଓ ଶ୍ରୀ ରାଜୀବ ନାୟକ ଅଂଶଗ୍ରହଣ କରି ବିଶେଷ

କୃତିତ୍ୱ ଅର୍ଜନ କରିଥିଲେ । ପୁଣି ତା୨୪.୧୧.୯୪ ରିଖଠାରୁ ତା୨୬.୧୧.୯୪ ରିଖ ପର୍ଯ୍ୟନ୍ତ ପଦ୍ମା ହାଇସ୍କୁଲଠାରେ ଅନୁଷ୍ଠିତ ବାର୍ଷିକ ଜୋନ ଖେଳରେ ଏହି ଅନୁଷ୍ଠାନର ୧୧ ଜଣ ଛାତ୍ର ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଶ୍ରୀମାନ ସଂଜୟ ବାରିକ, ପ୍ରତାପ ସାମନ୍ତସିଂହାର, ଶେଖ୍ କେତାୟତ ଅଲ୍ଲୀ, ନବୀନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ବେହେରା ଓ ଶ୍ରୀ ମହେଶ୍ୱର ମାଝୀ ମଣ୍ଡଳ ସ୍ତରୀୟ ଖେଳ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟ ବିବେଚିତ ହୋଇ ସେଥିରେ ଅଂଶଗ୍ରହଣ କରିଥିଲେ । ଶ୍ରୀମାନ କୃଷ୍ଣଚନ୍ଦ୍ର ବେହେରା ଓ ଶ୍ରୀମାନ ମହେଶ୍ୱର ମାଝୀ ମଣ୍ଡଳ ସ୍ତରୀୟ ଖେଳରେ ଯୋଗ୍ୟ ବିବେଚିତ ହୋଇ ରାଜ୍ୟସ୍ତରୀୟ ଖେଳକୁ ନିର୍ବାଚିତ ହୋଇଥିଲେ । ଢେଙ୍କାନାଳ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖେଳରେ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ନୈପୁଣ୍ୟର ପରାକାଷ୍ଠା ଦେଖାଇ ପାରିଥିଲେ ।

୧୯୯୫- ୧୯୯୬ ମସିହାରେ ହାଟପାଟଣା ହାଇସ୍କୁଲଠାରେ ଅନୁଷ୍ଠିତ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଏହି ବିଦ୍ୟାଳୟର ୨ ଜଣ ଛାତ୍ର ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଶ୍ରୀମାନ ମହେଶ୍ୱର ମାଝୀ ଅଷ୍ଟମ 'କ'ର ଛାତ୍ର ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭଲ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଜାତୀୟ ସ୍ତରକୁ ନିର୍ବାଚିତ ହୋଇଥିଲେ । ପୁନଶ୍ଚ ଉଦାମାଟି ବାମନ ଅବକାଶ ହାଇସ୍କୁଲଠାରେ ଅନୁଷ୍ଠିତ ମଣ୍ଡଳ ସ୍ତରୀୟ ଶୀତକାଳୀନ କ୍ରୀଡ଼ା ପ୍ରତିଯୋଗିତାରେ ଏହି ବିଦ୍ୟାଳୟର ଛାତ୍ର ଶ୍ରୀମାନ ଆନନ୍ଦ ନାୟକ ୧୦ମ (କ)ର ଛାତ୍ର ଲଙ୍ଗଜମ୍ପରେ ଏବଂ ଲଳିତ କୁମାର ସାହୁ ଲଙ୍ଗଜମ୍ପରେ ଏବଂ ୧୫୦୦ ମିଟର ଦୌଡ଼ ପ୍ରତିଯୋଗିତାରେ କୃତିତ୍ୱ ପ୍ରଦର୍ଶନ କରିଥିଲେ । ଖେଳାଳିମାନେ- ସଂଜୟ ବାରିକ, ଆନନ୍ଦ ନାୟକ, ପ୍ରତାପ ସାମନ୍ତସିଂହାର, ପ୍ରଭାତ ସାହୁ, ଭାଗୀରଥି ପ୍ରଧାନ, ଶେଖ୍ କେତାୟତ ଅଲ୍ଲୀ, ଲଳିତ କୁମାର ନାୟକ, ଉପେନ୍ଦ୍ର ନାୟକ, ନରେନ୍ଦ୍ର ବିଶ୍ୱାଳ ।

୧୯୯୬- ୧୯.୧.୯୬ରିଖରୁ ତା୨୧.୧.୯୬ ରିଖ ପର୍ଯ୍ୟନ୍ତ ବି.ଡି. ବିଦ୍ୟାପୀଠ-ଡମାଣ୍ଡୋ ଠାରେ ଅନୁଷ୍ଠିତ ମଣ୍ଡଳସ୍ତରୀୟ ଶୀତକାଳୀନ ଖେଳ ପ୍ରତିଯୋଗିତାରେ ବି.ଜେ.ବି. ହାଇସ୍କୁଲର ଛାତ୍ରମାନେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିଲେ । ସେମାନଙ୍କ ମଧ୍ୟରୁ ମହମ୍ମଦ ନିଜାମ ହୁସେନ ଢେଙ୍କାନାଳଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇ ଯୋଗ ଦେଇଛନ୍ତି ।

ଏହି ଖେଳାଳିମାନେ ଏବେ କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରି ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିଛନ୍ତି । ଦୁଇଜଣ କ୍ରୀଡ଼ା ଶିକ୍ଷକ ବିଦ୍ୟାଳୟର ଓ ଛାତ୍ରଙ୍କର ସ୍ୱାସ୍ଥ୍ୟ ଯତ୍ନ ନିଅନ୍ତି । ବିଦ୍ୟାଳୟର ସୁବିସ୍ତୃତ କ୍ରୀଡ଼ାପ୍ରାଙ୍ଗଣ ବିଦ୍ୟାଳୟର ସନ୍ନିକଟରେ ଅବସ୍ଥିତ । ଏହା ବହୁତ ଦୃଶ୍ୟ ଆଚ୍ଛାଦିତ ସମତୁଲ ପଡ଼ିଆଟି ବଡ଼ବଡ଼ କ୍ରୀଡ଼ା ପାଇଁ ଉପଯୁକ୍ତ । ମୃତ୍ତିକା ସଂରକ୍ଷଣ ପାଇଁ ଜଳକୁ ମାଟି ସାହାଯ୍ୟରେ ନିଷ୍କାସନ କରାଯାଉଛି । ବର୍ତ୍ତୁଳାକାରରେ ଚତୁର୍ଦ୍ଦିଗରେ ସିମେଣ୍ଟର ଭଲ ବସିବା ସ୍ଥାନ କ୍ରୀଡ଼ାପ୍ରେମୀଙ୍କୁ ଆକୃଷ୍ଟ କରୁଛି । ଚତୁର୍ଦ୍ଦିଗରେ ପ୍ରଶସ୍ତ ପ୍ରାଚୀର ପରିବେଷ୍ଟିତ ଓ ଖେଳ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିଛି । ବାସ୍କେଟବଲ, ହକି, ଟେନିସ, ଫୁଟବଲ, କ୍ରିକେଟ, ବ୍ୟାଡମିଣ୍ଟନ, ଭଲି ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷିତ ହୋଇଛି । ଦିନର ସବୁ ସମୟରେ ଏହି ପ୍ରାଙ୍ଗଣ କ୍ରୀଡ଼ା ପାଇଁ ବ୍ୟବହୃତ ହୁଏ । ଛୁଟି ଦିନମାନଙ୍କରେ କ୍ରୀଡ଼ାମାନ ଅଧିକ ସଂଖ୍ୟାରେ ହୁଏ । ଛୋଟ ବଡ଼ ସମସ୍ତଙ୍କୁ ସ୍ଥାନ ଏଠାରେ ମିଳେ । ଏହାର କ୍ରୀଡ଼ାପ୍ରାଙ୍ଗଣ ବଡ଼ କାର୍ଯ୍ୟକର ।

କ୍ରୀଡ଼ା ଶିକ୍ଷକ,
ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ, ଖୋର୍ଦ୍ଧା

# ଖୋର୍ଦ୍ଧା ହାଇସ୍କୁଲର ଶିକ୍ଷକ ଓ ଛାତ୍ରମାନଙ୍କର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରକୁ ଶହେ ବର୍ଷର ଦାନ



ପ୍ରାଧ୍ୟାପକ ଲକ୍ଷ୍ମଣ କୁମାର ପରିଡ଼ା

ଏକଦା ଭଗ୍ନ ଜାତିସ୍ମାରକ, ଐତିହ୍ୟ ବିମଣ୍ଡିତ ଖୋର୍ଦ୍ଧା ହାଇସ୍କୁଲ ବିଶିଷ୍ଟ ଶିକ୍ଷାନୁରାଗୀ ଏବଂ ମାଜିଷ୍ଟ୍ରେଟ୍, ଶିକ୍ଷା ପ୍ରେମୀ ଅମଲା ବିଶ୍ୱାସଙ୍କ ଶ୍ରୀବନ୍ଦନ ଓ ଶିକ୍ଷା ପିପାସୁ ଅଗଣିତ ଜନତାଙ୍କ ଦାନରେ ଗଢ଼ି ଉଠେ। ତତ୍କାଳୀନ ସ୍କୁଲ ସମୂହର ଇନିସ୍‌ପେକ୍ଟର କବିବର ରାଧାନାଥ ରାୟ ଏହାକୁ ମଞ୍ଜୁରୀପ୍ରାପ୍ତ କରନ୍ତି ୧୮୯୫ ମସିହା ଶେଷ ଭାଗରେ। ହାଇସ୍କୁଲର ବିରାଟ ସୌଧ ମହାସମାରୋହରେ ଲକ୍ଷ ମୁଖର ହୋଇ ଉଦ୍‌ଘାଟିତ ହୁଏ ପ୍ରତିଷ୍ଠାତା ମାକ୍‌ଫର୍ସନ୍ ସାହେବଙ୍କ ଦ୍ୱାରା ୧୯୨୫ ମସିହାରେ। ସେଦିନ ଉଦ୍‌ବୁଦ୍ଧିତ ଅଗଣିତ ଜନତା ବହୁ ଆଶାନ୍ୱିତ ହୋଇ ଥିଲେ ମାକଡ଼ା ପ୍ରସ୍ତର ନିର୍ମିତ ଜୟଶାଳୀନ ସୌଧ ରଙ୍ଗର ପ୍ରାସାଦଟିକୁ ସାହିତ୍ୟ, ସଂସ୍କୃତି ଓ ଶିକ୍ଷାର ବିହାରପାଇଁ।

ମାତ୍ର ଯେ କୌଣସି ହାଇସ୍କୁଲର ସମ୍ମାନ-ଗୌରବ ମାନ କେବଳ ପ୍ରାସାଦ ହର୍ମ୍ୟ, ଅସଂଖ୍ୟ ଶିକ୍ଷକ ଓ ଅଗଣିତ ଛାତ୍ରଛାତ୍ରୀଙ୍କୁ ନେଇ ବୃଦ୍ଧି ସମ୍ଭବ ହୁଏ ନାହିଁ। ହୁଏ ତାର ଭଲ ପ୍ରତିଭାଧାରୀ ପ୍ରଧାନ ଶିକ୍ଷକ, ଉପଯୁକ୍ତ ଜ୍ଞାନୀ ଛାତ୍ରବତ୍ସଳ ସହକାରୀ ଶିକ୍ଷକ ଓ ପଠନୋତ୍ସାହୀ ମେଧାବୀ ଛାତ୍ର ଛାତ୍ରୀଙ୍କୁ ନେଇ। ଖୋର୍ଦ୍ଧା ହାଇସ୍କୁଲ ଏସବୁରୁ କୌଣସି ଗୁଣରେ ନ୍ୟୁନ ନଥିଲା। **ଶ୍ରୀଯୁକ୍ତ ବାଙ୍କନିଧି ପଟ୍ଟନାୟକ** ଥିଲେ ସ୍ୱାଧୀନତା ପୂର୍ବ ଓଡ଼ିଶାର ଏକ ବିଖ୍ୟାତ ବାଗ୍ମୀ ଓ ବହୁପ୍ରତିଭ ଶିକ୍ଷାବିତ୍। ମୁଖ୍ୟତଃ ଏହି ଖ୍ୟାତି ସେ ଅର୍ଜନ କରିଥିଲେ ଜଣେ କୃତବିଦ୍ୟ ଓ ସର୍ବ ଜନସମ୍ମାନ୍ୟ ଶିକ୍ଷକ ଓ ଶିକ୍ଷାବିତ୍ ଭାବେ।

ବାଙ୍କନିଧି ପଟ୍ଟନାୟକଙ୍କ କର୍ମସ୍ଥଳୀ ଥିଲା ଖୋର୍ଦ୍ଧା ଉଚ୍ଚ ଇଂରାଜୀ ବିଦ୍ୟାଳୟ; କିନ୍ତୁ ତାଙ୍କ ଖ୍ୟାତି ଥିଲା ଅତ୍ୟନ୍ତ ସୁଦୂର ପ୍ରସାରୀ। ତାଙ୍କର ମହନୀୟ ଗୁଣରେ ମୁଗ୍ଧ ହୋଇ ବ୍ରିଟିଶ୍ ସରକାର ତାଙ୍କୁ "ରାୟ ସାହେବ" ଉପାଧି ପ୍ରଦାନ କରିଥିଲେ। ରୌପ୍ୟ ଜୁବୁଲି ଉତ୍ସବ ଅବସରରେ। ଏପରି ଶ୍ରେଷ୍ଠ ରାଜସମ୍ମାନ ପ୍ରାପ୍ତି ପରେ ସେ ମହାଶୟ ମଧ୍ୟ "ଜୁବୁଲି ମେଡାଲ"ରେ ପୁରସ୍କୃତ ହୋଇଥିଲେ।

ବାଙ୍କନିଧି ବାବୁ କେବଳ ଜଣେ ବିଶିଷ୍ଟ ଶିକ୍ଷାବିତ୍ ନଥିଲେ, ସେ ଥିଲେ ମଧ୍ୟ ଜଣେ ସୁସାହିତ୍ୟିକ। ତାଙ୍କର ଅପୂର୍ବ ସୃଷ୍ଟି ସମ୍ଭାର ହେଲା, ଶିଶୁ ବିନୋଦ, ଧୂପଛାୟା (ମାଟ୍ରିକ୍ୟୁଲେସନ୍ ପାଇଁ ପାଠ୍ୟ ପୁସ୍ତକ), କଥା, ଶତକ, ସାବିତ୍ରୀ, ହିନ୍ଦୁ ଧର୍ମ ଶିକ୍ଷା (ମାଇନର ପାଇଁ ପାଠ୍ୟ ପୁସ୍ତକ), କିଶୋର ବିନୋଦ (୧ମ ଓ ୨ୟ ଭାଗ) ଶୁଣ ପାହାନ୍ତ (ଗଳ୍ପ ସଂକଳନ), ମୁକୁତା ହାର, ସୀତା, ବୀରବଳ କାହାଣୀ, ସାଧୁଚରିତ ମାଳା, ଚୟନିକା, (ପ୍ରବନ୍ଧ) ପ୍ରଭୃତି। "ଧୂପଛାୟା" ଓ "ଶୁଣ ପାହାନ୍ତ" ତାଙ୍କର ଦୁଇଟି ଗଳ୍ପ ସଂକଳନ। "ଓଡ଼ିଆ କ୍ଷୁଦ୍ର ଗଳ୍ପର ଆଦିପର୍ବରେ ଫକୀରମୋହନଙ୍କ ଧାରାକୁ ଯେଉଁମାନେ ବ୍ୟତିକ୍ରମ, ସେମାନଙ୍କ ମଧ୍ୟରେ ବାଙ୍କନିଧି ପଟ୍ଟନାୟକ ଅନ୍ୟତମ। ତାଙ୍କ କ୍ଷୁଦ୍ରଗଳ୍ପର ବିଶେଷତ୍ୱ କେବଳ ବିଷୟବିନ୍ୟାସ ବା ଭାବ ଦୃଷ୍ଟିରୁ ନୁହେଁ, ଶୈଳୀ ଦୃଷ୍ଟିରୁ ମଧ୍ୟ। ସାମାଜିକ ଚେତନା, ବ୍ୟକ୍ତି ବିବେକ ସଂଘର୍ଷ, ଗଭୀର ନୈତିକତା ବୋଧ ବାଙ୍କନିଧିଙ୍କ ଗଳ୍ପସାହିତ୍ୟର ପ୍ରାଣ-କେନ୍ଦ୍ର। ସାମାଜିକ ସଚେତନତା ଓ ସମ୍ବେଦନ ତାଙ୍କ ଗଳ୍ପଗୁଡ଼ିକର ମର୍ମବାଣୀ। ତାଙ୍କ ଗଳ୍ପ ଗୁଡ଼ିକରେ ଫକୀରମୋହନଙ୍କ ପ୍ରଭାବ ପରିଲକ୍ଷିତ, ତଥାପି ଆପଣାର ମୌଳିକ ପ୍ରତିଭା ବଳରେ ଗଳ୍ପ ଗୁଡ଼ିକ ହୋଇଛନ୍ତି ଦୀପ୍ତିମନ୍ତ। ତାଙ୍କର ପ୍ରକାଶ ଭଙ୍ଗୀରେ ଅଛି ନୂତନତ୍ୱ, ଭାଷା ପ୍ରୟୋଗରେ ଅଛି ସ୍ୱାଭାବିକତା ଓ ଜୀବନ ଜିଜ୍ଞାସାରେ ଅଛି ଗଭୀର ଅନୁଭବ। ତେଣୁ ଆଦିଯୁଗର ଗଳ୍ପକାରମାନଙ୍କ ମଧ୍ୟରେ ବାଙ୍କନିଧିଙ୍କ ସୃଷ୍ଟି ସୀମିତ ହେଲେ ମଧ୍ୟ ଗୁଣାତ୍ମକ ଦୃଷ୍ଟିରୁ ତାହା ତାତ୍ପର୍ଯ୍ୟପୂର୍ଣ୍ଣ।

(ପ୍ରାଧ୍ୟାପକ ବୈଷ୍ଣବ ଚରଣ ସାମଲ-ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ) 'ଧୂପଛାୟା' ଗଳ୍ପ-ସଂକଳନଟିରେ ବାଙ୍କନିଧି ପଟ୍ଟନାୟକଙ୍କର ସାତଟି କ୍ଷୁଦ୍ରଗଳ୍ପ ସ୍ଥାନ ପାଇଛି। ସେଗୁଡ଼ିକ ହେଲା, - ପୋଷ୍ୟପୁତ୍ର, ଲକ୍ଷ୍ମୀଲତା, ବିଦାୟ, ମୋହର ଚୋରି, ପ୍ରତିଦାନ, ମୁକ୍ତି ଓ ମାଳତୀ। "ପୋଷ୍ୟପୁତ୍ର" ଗଳ୍ପରେ କାହାଣୀଟି ଦର୍ଜିଙ୍କର ପୁତ୍ରହୀନ। ସେ "ମୁକ୍ତି" ଲାଭକୁ ପାଇ ହେବା ନିମନ୍ତେ ହରିହର ରାଉଙ୍କ ପୁତ୍ର ଲୋକନାଥଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଛନ୍ତି। ଦୈବାତ୍ ତାଙ୍କର ଦୀନବନ୍ଧୁ ନାମରେ ପୁତ୍ରଟିଏ ଜାତ ହେଲା। ଗୃହିଣୀ ନିଜ ପୁତ୍ରକୁ ଭଲ ପାଇ ଶେଷରେ ନାନା ମିଥ୍ୟା ଅଭିଯୋଗ ଲଗାଇ ଲୋକନାଥକୁ ଘରୁ ବିଦା କରି ଦେଲେ। ବିଚରା ଲୋକନାଥ କୁମିଲ୍ଲା ଯାଇ ପରିଶେଷରେ କଣ୍ଟ୍ରାକ୍ଟର ହେଲା। ନିଃସନ୍ତାନ ଦୀନବନ୍ଧୁ ଲୋକନାଥର ଆଶ୍ରୟ ପ୍ରାର୍ଥୀ ହୋଇ ତାର ପୁତ୍ରକୁ ନିଜର ପୋଷ୍ୟପୁତ୍ର କଲା।

ଚନ୍ଦ୍ରିକିରେ ବଙ୍ଗଳାବାଳ ସ୍ୱଭାବରେ ହରଲା, ବସନ୍ତ ପ୍ରତି ଥିବା ଅନ୍ଧ ବିଶ୍ୱାସ, ଭାଗ୍ୟବାଦ ଓ ଦେବୀଙ୍କ ମନୋଭାବ ଦୂରୀକରଣ (ବ୍ରାହ୍ମଣ ଲୋକନାଥ ପାଣ୍ଡା ବାଘଣି ସହ ସାଗରେ ପଥର ଫୋପାଡ଼ିବାରେ) ଏହି ପ୍ରକାଶିତ ହୋଇଛି ।

"ଲଛମନନୀ" ଗଳ୍ପରେ ସବ୍‌ଡେପୁଟି ଲକ୍ଷ୍ମୀଧର ବଳରାମଙ୍କ ଝିଅ ମାଳୀ ସହିତ ବିବାହିତ ହୋଇଛି । ବିବାହ ପୂର୍ବରୁ ମାଳୀ ଓ ଲକ୍ଷ୍ମୀଧର ପ୍ରେମର ଡୋରିଂ ହଲରେ ବସି ଆସିଥିଲେ ବି ଲକ୍ଷ୍ମୀଧର ତାଙ୍କର ପ୍ରକୃତ ପରିଚୟ ନ ଦେଇ ନିଜକୁ 'ଲଛମନନୀ' ରୂପେ ପରିଚୟ ପ୍ରଦାନ କରିଛି । ଗଳ୍ପଟି ବାସ୍ତବଧର୍ମୀ ଓ ଶେଷ ପରିଣତି ପର୍ଯ୍ୟନ୍ତ କୌତୂହଳ, ଉତ୍କଣ୍ଠା ସୃଷ୍ଟି କରିଛି । ଏଥିରେ ସ୍ୱଦେଶ ଭାଷାପ୍ରୀତି ମମତା ଓ ପୁରୁଷ ପ୍ରଧାନ ସମାଜରେ ନାରୀ କିପରି ଦୁର୍ବଳା ଓ ଅସହାୟ ତାହା ଅତି ସୁନ୍ଦର ଭାବେ ବର୍ଣ୍ଣିତ ହୋଇଛି । ବିଦେଶରେ ଓଡ଼ିଆ ଭାଷାର କଥା ଶୁଣି ବଳରାମ ବାବୁ ଭାବିଛନ୍ତି, "ଆହା ! କି ମଧୁର ସେ ସ୍ୱର, କି ପ୍ରାଣସ୍ପର୍ଶୀ ସେ ଭାଷା । ସେ ମନେକଲେ, କାହିଁ ? ଆଜିଯାଏ ତ ମୋର ମାତୃଭାଷା ସଙ୍ଗେ ଏପରି ନିବିଡ଼ ପରିଚୟ ହୋଇ ନ ଥିଲା ? ସେ ଯେ ମୋର ହୃଦୟ-ତନ୍ତ୍ରୀର ପ୍ରତ୍ୟେକ ତାର ସହିତ ଏପରି ଘନିଷ୍ଠ ଭାବରେ ବନ୍ଧା ମୁଁ ତ କାହିଁ ଜାଣି ନ ଥିଲି !! ଧନ୍ୟରେ ବିଦେଶ । ତୁ ପୁଣି ଆପଣା ଜିନିଷକୁ ଏତେ ଆପଣାର କରି ଦେଉ । ପରର କଥାରେ ଏତେ ଶକ୍ତି । କେଉଁ କବିତାରେ ଏତେ ମାଧୁରୀ ଅଛି ? କେଉଁ ସଙ୍ଗୀତରେ ଏତେ ମୋହ ଅଛି ? କେଉଁ ଭାଷାରେ ଏତେ ମାଦକତା ଅଛି ।"

ନାରୀ ସମାଜର ଏକ ଦୁର୍ବଳ ଅଙ୍ଗ । ତତ୍କାଳୀନ ସମାଜର ଏହି ଭାବ ପ୍ରକାଶ କରିବାକୁ ଯାଇ ଗାଳ୍ପିକ ବଳରାମ ବାବୁଙ୍କ ସ୍ତ୍ରୀ ମୁଖରେ କହିଛନ୍ତି- 'ହଁ ସେତେ ଦୋଷ ସବୁ ତ ସେହି ମାଳତୀ ଭାଗିର । ପୁରୁଷକୁ ଗଢ଼ି ସାରି ଯେତେ ମନୁଷ୍ୟ ବଳିଲା ତାକୁ ନେଇ ତ ବିଧାତା ଟୋଟିଂ ଟା ଗଢ଼ି ଦେଲା ଯେ ସେ ଚିରକାଳ ପୁରୁଷର ଦାସୀ ହୋଇ ରହିବ । ଆଉ ଜଗତର ଯେତେ ଦୁଃଖ, କଷ୍ଟ, ଗାଳି, ଅପମାନ, ନିନ୍ଦା, ଅପକୀର୍ତ୍ତି ସବୁ ନିଜର ଭାଗ୍ୟ ବୋଲି ମୁଣ୍ଡ ପତେଇ ନେବ । ଆଖି ପାଣି କୋହରେ ମାରି ସେ ବଣମାଳ ଲାଜ ଶିକ୍ଷାକୁ ପେଟରେ ଧରିବ, ପୁଣି ନିଜର ଭାଗରେ ମଝରେ ପଡ଼େ ପାରି ପିଲେଇଲେ ତାର ଆଉ ରକ୍ଷା ନାହିଁ ।' "ବିଡ଼ମ୍ବନା" ଗଳ୍ପରେ ବସନ୍ତ ଓ ନାୟକର ଆଧୁନିକ ରୁଚିସମ୍ପନ୍ନ ଦୁଇଟି ଭଦ୍ର ଶିକ୍ଷିତ ଯୁବକର ଘଟୁଥିବା କାହାଣୀ । ସ୍ତ୍ରୀ ଶିକ୍ଷା, ବିଧବା ବିବାହ, ବାଲ୍ୟବିବାହ, ଯୌତୁକପ୍ରଥା ସମ୍ପର୍କରେ ଥିବା ସାମାଜିକ ଭ୍ରାନ୍ତ ଧାରଣା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ନାନା ଦେଶ ହିତକର ଓ ଲୋକହିତକର କର୍ମରେ ମନପ୍ରାଣ ଢାଳି ଦେଇଛନ୍ତି । ସମାଜ ଓ ଦେଶର ଚାକଚକ୍ୟ ଅଭାବ ଅସୁବିଧା । ଯୁବ କରିବା ଲାଗି ନିଜକୁ ସମ୍ପୂର୍ଣ୍ଣ ଦାୟୀ ମନେ କରି ଦେଶର ସର୍ବ ପ୍ରକାର କୁସଂସ୍କାର ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛନ୍ତି । ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ଥିବା ପ୍ରବଳ ଯୌତୁକ ବ୍ୟାଧିକୁ ମୂଳକ ପ୍ରାଦାନ କିମନ୍ତେ ଦୃଢ଼ ପ୍ରତିଜ୍ଞା ବଦ୍ଧ ହୋଇଛନ୍ତି । ଏପରିକି ବସନ୍ତ ପରିବାରର ଚଂପକବର୍ଣ୍ଣା ସୁଶୀଳା ସେ କି ଯୌତୁକ ଲାଗି କନ୍ୟା ହୋଇ ବିବାହ କରି ପାରୁ ନ ଥିଲେ । ବସନ୍ତ ତାକୁ ବିବାହ କରି ଉଚ୍ଚ ଆଦର୍ଶର ପ୍ରତିଷ୍ଠା କରି ଯୌତୁକ କୁପ୍ରଥା ବିରୁଦ୍ଧରେ ଅଭିଯାନ ଚଳାଇଛି ।

"ମୋହର ଚୋରି" ଗଳ୍ପରେ ରାଧାଶ୍ୟାମ ବାବୁଙ୍କ ସାନପୁଅ କୁଳମଣି ମାଡ଼ଖାଇ ଦାନବରାଜ ପାଖରେ ଚାକିରି କରିଛି । ଦାନବରାଜ ତାକୁ ଦଶଟି ମୋହର ଦେଇଥିଲେ । ସେଥିରୁ କାଳେ କି ମୋହର ଚାକର ସିରିଆ ନେଇ ମେସ୍‌ରେ ଯେ ଭାର ପାଖରେ ରଖିଥିଲା । ମାତ୍ର ଦାନବରାଜ ଶେଷରେ ନିରୁପାୟ ହୋଇ ଥାନାରେ କେସ୍ ଡାଏରି କରିଥିଲେ । କେସ୍ ବିଚାର ହେଉ ନ ଥିବା ସମୟରେ ଦାନବରାଜ ସିରିଆକୁ ଦେଖି ହାଜର ହୋଇ କୋର୍ଟର ସତ୍ୟ ଘଟଣା ପ୍ରକାଶ କରିଥିଲା । ଏହି ଫଳରେ କୁଳମଣି ଖଲାସ୍ ହୋଇଥିଲା ।

ଉକ୍ତଟି ସତ୍ୟ ଘଟଣା ମୂଳକ । ... ଓ ଉତ୍କଣ୍ଠା ପ୍ରବଣ ଗାଳ୍ପିକ ପଟ୍ଟନାୟକ ପାଠ ପଢ଼ି ଚାକିରି ପଛରେ ଦଉଡ଼ୁଥିବା ଶିକ୍ଷିତ ସଂପ୍ରଦାୟ ଓଡ଼ିଆଙ୍କ ପ୍ରତି ଦାନବରାଜ ମୁଖରେ କହିଛନ୍ତି- "କେହି ଚାକିରିକୁ ଚାହିଁ ବସି ରୁହ ଓ ଭଳି ଏ ଅବସ୍ଥା ଏତେ ଲାଞ୍ଛନା ଓ ଅପମାନ ପାଇ ବୁଝା ଚାକିରି କାହିଁକି ଯେ ତୁମମାନଙ୍କୁ ଚାଖି ଦେଇଛି ମୁଁ ବୁଝି ପାରୁ ନାହିଁ । ସୁବିଧା ନାହିଁ କାହିଁକି ? ନାହିଁ, ନାହିଁ ସାହସ ନାହିଁ । ଏଥିରୁ ଗାଳ୍ପିକଙ୍କ ଜାତିପ୍ରୀତି ସହଜରେ ଅନୁମେୟ ।

"ପ୍ରତିଦାନ" ଗଳ୍ପରେ ଲେଖକ ପ୍ରଧାନ ଚରିତ୍ର । ସେ ସହପାଠୀ ମଧୁ ସହିତ କଲିକତାରେ ବୋର୍ଡିଂ ମେସ୍‌ରେ ରହନ୍ତି । ମଧୁ କଂଗ୍ରେସୀ ସେଠାରେ କୌଣସି କାରଣରେ ଘରକୁ ଯାଇଥିଲେ । ଏପ୍ରିଲ୍ ପ୍ରଥମ ଦିବସରେ ମଧୁର ଅନୁପସ୍ଥିତିରେ ମାତି ହୋଇ ସିଏ ଲାଗି ଲେଖକ ତାହା ପାଖକୁ ଖଣ୍ଡେ ମିଛ ଚିଠି ଦେଇଛନ୍ତି । ଚିଠିରେ ନର୍ମି ଲେଖା ଯେ ଶିକ୍ଷା ଲାଭ କରି ବିଲାତ ଯିବେ । ମଧୁ ସହିତ ତାଙ୍କର ଆଉ ସାକ୍ଷାତ ହୋଇ ପାରିବ ନାହିଁ । ତେଣୁ ମଧୁ ଶୀଘ୍ର ଆସ । ଚିଠି ପାଇ ମଧୁ ଆସିଛି । ମଧୁ ହଠାତ ରୋଗ ଆକ୍ରାନ୍ତ ହୋଇ ଷ୍ଟେସନରେ ମୃତ୍ୟୁ ବରଣ କରିଛି । "ମୁକ୍ତି" ଗଳ୍ପରେ ଭଗିନୀ କାଦୁମ୍ବିନୀର ମୃତ୍ୟୁ ପରେ ଗୋପାଳ ଭଣଜା ନଦକୁ ଆଣି ପାଳିଛନ୍ତି । ମାତ୍ର ସ୍ତ୍ରୀ କମଳର ତ ପ୍ରତି ଅତ୍ୟାଚାର ଓ ମିଥ୍ୟା ଅଭିଯୋଗ ଯୋଗୁ ଗୋପାଳ ନଦକୁ ଘରୁ ବିତାଡ଼ିତ କରିଛନ୍ତି । ବଂଶୀ ଓ ତତ୍ପରତାରେ ମରଣ ବରଣ କରି ନଦ ଅତ୍ୟାଚାର ମୁକ୍ତ ହୋଇଥିଲା ।

''ମାଳତୀ'' ଗଳ୍ପର ନାୟିକା ମାଳତୀ ସୁବଳ ଧୀବରର ସ୍ତ୍ରୀ, ସୁବଳ ନିତି ଦିନିଆ ବ୍ୟବସାୟ ହେଲା । ବିଲିକାରୁ ମାଛ ମାରି ଜୀବିକା ନିର୍ବାହ କରିବା । ତଥାପି ବିଧବା ସାବୀ ଓ ତାର ପିଲା ଦୁଇଟିଙ୍କ ପ୍ରତି ସୁବଳ ଓ ମାଳତୀର ସ୍ନେହ ମମତା କମ୍ ନଥିଲା । ଝଡ଼ ଆସିଲେ ସାବୀର ମଙ୍ଗୁଳେ ସୁବଳ ତାର ମଙ୍ଗ ଉଠାଇ ତାର ଦୁଇଟି ପିଲାଙ୍କ ଠାରି ଅପଣାର କରିଥିଲା । ଝଡ଼ପବନ ଓ ମେଘ ଗର୍ଜନ ରାତିରେ ମାଳତୀ ସୁବଳକୁ ଅପେକ୍ଷା କରି ନିଜ ଜୀବନକୁ ଅତି ତୁଚ୍ଛ ମଣି କହିଛି, ''ଓଃ ! କଷ୍ଟରେ ଏ କାଉଁରା ଜୀବନ ! ଖରା ନାହିଁ, ବର୍ଷା ନାହିଁ, ଶୀତ ନାହିଁ, ଝଡ଼ ନାହିଁ, ବର୍ଷା ନାହିଁ, ସବୁ ବେଳେ ପେଟ ପାଇଁ କି ଭୀଷଣ ସଂଗ୍ରାମ । ବିପଦ ସଙ୍ଗେ କି ଅବିଶ୍ରାନ୍ତ ଯୁଦ୍ଧ ।'' ପୁଣି ''ଏତେବଡ଼ ଝଡ଼ ତୋଫାନରେ କେ କେ କଣ ମାଛ ଧରିବାକୁ ଯାଉଥିବି ? କ ହେବା ସେ ମାଛ, କ ହେବା ସେ ପଇସା କେମିତି ଆମ ଜୀବନ କଣ ଜୀବନ ନୁହେଁ ?'' ଜୀବନ ଯନ୍ତ୍ରଣାରେ ମାନସିକ ସଂଘର୍ଷର ଏ ଚିତ୍ର ଯେପରି ଅନବଦ୍ୟ, ଅତି ହୀନ ହୀନ ଜୀବନର ଅପୂର୍ବ ରୂପାୟନରେ ତାଙ୍କ ଲେଖନୀ ସେହିପରି ସଫଳ-କାମ । ପ୍ରାଧ୍ୟାପକ ଠାକୁର ପଟ୍ଟନାୟକଙ୍କ ଭାଷାରେ- ''ମାତ୍ର ସାତଗୋଟି ଗଳ୍ପ ରଚନା କରି ଓଡ଼ିଆ ସାହିତ୍ୟ ଇତିହାସରେ ଡାକ୍ତର ବିଧି ପଟ୍ଟନାୟକ ଯେଉଁ ସ୍ଥିତି ଓ ସ୍ୱାତନ୍ତ୍ରିକ ଅଧିକାର ନେଇଛନ୍ତି, ତାହା ଅନେକ ସ୍ୱଚ୍ଛନ୍ଦବାଦୀ ବହୁ ଗାଳ୍ପିକଙ୍କ ଭାଗ୍ୟରେ ଘଟି ନାହିଁ । ଶୈଳିକ ଦୃଷ୍ଟି କୋଣରୁ ଏହି ଗଳ୍ପ କେତେକରେ ନୂଆପଣ ବା ଚରମ ପାଠକତା ମିଳି ନାହିଁ, ତଥାପି ''ଲକ୍ଷ୍ମୀମଣି'' ଓ ''ମୋହର ଚୋରି'' ପରି ଗଳ୍ପ ଯେ ଅତ୍ୟନ୍ତ ଉପଯୋଗୀ ଏବଂ କ୍ଷୁଦ୍ରଗଳ୍ପର ଶିଳ୍ପ ସୌନ୍ଦର୍ଯ୍ୟ ଦୃଷ୍ଟିରେ ଯଥାର୍ଥ ଭାବରେ ରୂପାୟିତ ସେଥିରେ ସନ୍ଦେହର ଅବକାଶ ନାହିଁ । ଶିଳ୍ପ କଳା ଦୃଷ୍ଟିରୁ ''ମାଳତୀ'' ଗଳ୍ପଟି ଉଲ୍ଲିଖିତ ପରି ନଥିଲେ ହେଁ କଥା ଭାବ ଆବରଣରେ ଏହାର ଆବେଦନ ଅତୀବ ଚମତ୍କାର । ପ୍ରଥମତଃ ସେ ସମୟରେ ମଧ୍ୟବିତ୍ତ ଶିକ୍ଷିତ ଗୋଷ୍ଠୀ ଗଳ୍ପ ଉପନ୍ୟାସରେ ଏକ ଚାଟିଆ ସ୍ଥାନ ଅଧିକାର କରିଥିଲା ବେଳେ ଡାକ୍ତର ବିଧି ବାବୁ ଚିଲିକା କୂଳର ଦରିଦ୍ର ସୁବଳ ଦେହେରାର ପାରିବାରିକ ଜୀବନ ଚିତ୍ରଣ କରିବା ଅତ୍ୟନ୍ତ ଗୌରବମୟ ହୋଇଅଛି । ପ୍ରକୃତ ଦରିଦ୍ର ପରିବାରର ମାନବିକତା, ଦରଦୀ ଜୀବନ ସ୍ନେହ ଜୁଡ଼ିତ ଯେଉଁ ଛବି ଅଙ୍କିତ ହୋଇଅଛି, ତାହା ଅତୁଳନୀୟ । ବର୍ଣ୍ଣନା ବିନ୍ୟାସ ମଧ୍ୟରେ ଚରିତ୍ରର ମନୋଭାବ ବ୍ୟକ୍ତ କରିବାରେ ଗାଳ୍ପିକଙ୍କର କୁଶଳତା ଉଲ୍ଲେଖନୀୟ । ଦେବେନ୍ଦ୍ର ଗଳ୍ପରେ ଆଗ୍ରହ ସୃଷ୍ଟିପାଇଁ ଶେଷ ପର୍ଯ୍ୟନ୍ତ ପରିଣତିରେ ସନ୍ଦେହ ଅକ୍ଷୁଣ୍ଣ ରହିଅଛି । ଫକୀର ମୋହନଙ୍କ ପରି କୌଶଳ ଚେଷ୍ଟା କରିଛନ୍ତି ପଲ୍ଲୀ ସଂସାରର ଛୋଟ ଛୋଟ ଘଟଣାକୁ ଅଧିକ ଆକର୍ଷଣୀୟ ଓ ପ୍ରାଣବନ୍ତ କରିବା ପାଇଁ ।''

ଉଦାହରଣ ସ୍ୱରୂପ, କୁଟୁମ୍ବ ପରଣେ ଏକ ବିସ୍ତାର, ଭୁଟା ଭୁଲଭଳା, ବୋଲ୍ ଉପରେ ଲଦିତ ଚିତ୍ରା, ହଁ ହୁଁ ନାହିଁ, ଅଭାବେ ପାରୀର ତାହାଙ୍କ ମୁଖ, ମୁହଁରେ ତୃଣ ବାନ୍ଧିବା, ବହୁ କଥା ସାଧୋଇ ଯିବା, ''ଓଡ଼ିଆ କ୍ଷୁଦ୍ର ଗଳ୍ପର ପିତା ଫକୀର ମୋହନଙ୍କ ପରେ ସେହି ଅଭ୍ୟୁଦୟ ଯୁଗର ସାମାଜିକ ଚିନ୍ତକଙ୍କ ଏବଂ କ୍ଷୁଦ୍ରଗଳ୍ପର ସାର୍ଥକତା ଦୃଷ୍ଟିରୁ ଯାହାଙ୍କର ନାଁ ଅଧିକ ମନେ ପଡ଼ିବ ସେ ହେଉଛନ୍ତି ''ଧୂପଛାୟା''ର ଲେଖକ ବାଞ୍ଛାନିଧି ପଟ୍ଟନାୟକ । ସାମାନ୍ୟ କେତୋଟି କୃତି ମଧ୍ୟରେ ଏପରି ଅସାମାନ୍ୟ ବିଭୂତି ଯେ ପୁରି ରହିଛି ଏହା ପ୍ରଥମ ଦୃଷ୍ଟିରେ କଳ୍ପନା କରି ହୁଏ ନାହିଁ ।

ଗୋଦାବରୀଶ ମହାପାତ୍ର ''ଧୂପଛାୟା''ର ସୂଚନାରେ ଯଥାର୍ଥରେ କହିଛନ୍ତି, '' ଗଳ୍ପଗୁଡ଼ିକରେ କିପରି ମାଧୁରୀ ସ୍ତରେ ସ୍ତରେ ନିହିତ ଓ ପ୍ରତ୍ୟେକ ଗଳ୍ପ ପାଠ କଲେ ମନରେ କାବ୍ୟ ରସାସ୍ୱାଦନ ପ୍ରାୟ ନିର୍ଦ୍ଦୋଷ ତୃପ୍ତି ଉପଲବ୍ଧ ହୁଏ । ଗଳ୍ପଗୁଡ଼ିକ ସର୍ବଜନ-ବୋଧ ଓ ତୃପ୍ତି ପାଠ୍ୟ । ଏକ ଯୁଗପତ ଉପଦେଶ ଓ ଶିକ୍ଷାପ୍ରଦ ଯେ ହୋଇଛି, ଏହା ପ୍ରତ୍ୟେକ ପାଠକ ମୁକ୍ତ କଣ୍ଠରେ ସ୍ୱୀକାର କରିବ ।''

ମହାପାତ୍ର ନୀଳକଣ୍ଠ ସାହୁ ଡାକ୍ତର ବିଧି ରଚନାବଳୀର ଉପୋଦ୍‌ଘାତରେ କହିଛନ୍ତି, ''ପ୍ରତିଟି ଲେଖା ଏକ ନିର୍ଦ୍ଦିଷ୍ଟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ, ମଣିଷର ପାରିବାରିକ, ସାମାଜିକ, ନୈତିକ ଓ ବୌଦ୍ଧିକ ଉତ୍କର୍ଷ ପ୍ରତିଷ୍ଠାପାଇଁ ଏକ ଆଗ୍ରହ ଲକ୍ଷ୍ୟ କରିଥାଏ । ମଣିଷ ମଣିଷ ଭିତରେ ଏକ କଲ୍ୟାଣ ଭାବନାମୂଳକ ଆନ୍ତରିକ ସମ୍ପର୍କର ଚାହିଦାଟି ତାଙ୍କ ଲେଖାଗୁଡ଼ିକ ଭିତରୁ ଆବିଷ୍କାର କରିହୁଏ । ତାଙ୍କର ଭାଷା ସ୍ୱଚ୍ଛ, ସରଳ ଓ ସୁବୋଧ୍ୟ ଏବଂ ତାଙ୍କର ରଚନା ଶୈଳୀ ଉପଦେଶାତ୍ମକ ଓ ନିର୍ଦ୍ଦେଶାତ୍ମକ । ଶିକ୍ଷାପ୍ରଦତା ହେଉଛି ତାଙ୍କ ସମସ୍ତ ଲେଖାର ମୁଖ୍ୟଧର୍ମ ।''

ଈସପସ୍ ଫେବୁଲସ୍ ଗଳ୍ପଗୁଡ଼ିକ ଯେପରି ସରଳ ଓ ସରସ ଭାବରେ ଅନୁବାଦ କରିଛନ୍ତି, ତାହା ତାଙ୍କୁ ଜଣେ ସାର୍ଥକ ଅନୁବାଦକ ରୂପେ ପରିଚିତ କରାଇ ପାରିଛି । ଉକ୍ତ ଗଳ୍ପଗୁଡ଼ିକ ''କଥା ଶତକ'' ନାମରେ କାହାଣୀ ସଂଗ୍ରହ କରି ସେ ନୀତିକଥା କାହାଣୀ ନାମରେ ପ୍ରକାଶ କରିଥିଲେ । ଏ ଭଳିଆ ପୁସ୍ତକ ଓ ଶିଶୁ ବିନୋଦ, କିଶୋର ବିନୋଦ ୧ମ ଓ ୨ୟ ଭାଗ ତାଙ୍କୁ ଶିଶୁ ସାହିତ୍ୟିକ ହିସାବରେ ବିପୁଳ ଗୌରବର ଅଧିକାରୀ କରିଅଛି । ଏଗୁଡ଼ିକ ମିଡ଼ିଲ୍ ସ୍କୁଲର ପାଠ୍ୟ ପୁସ୍ତକ ଭାବେ ନିର୍ବାଚିତ ହୋଇ ଶିଶୁ ଓ କିଶୋର ବୟସର ଛାତ୍ରଛାତ୍ରୀମାନଙ୍କର ମନକୁ ବେଶ୍ ଛୁଇଁ ପାରିଛି । ତାଙ୍କର ''ସାଧ୍ୱୀ ବର୍ଣ୍ଣିତମାଳା ପିଲାଙ୍କ ଚରିତ୍ରରେ ସାଧୁତାର ବୀଜ ବପନ କରିବାରୁ ନିବୃତ୍ତ ହୋଇନାହିଁ ।

ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ବରିଷ୍ଠ ଓ ଆଦର୍ଶ ନାରୀ ଚରିତ୍ର ଅବଲମ୍ବନରେ ତାଙ୍କ ଲେଖନୀରୁ ନିସୃତ ହୋଇଥିଲା

"ସୀତା" ଓ ସାବିତ୍ରୀ ଚରିତ୍ର । ନାରୀ ଶିକ୍ଷାର ଉନ୍ନତି ଓ ପ୍ରସାର ଲକ୍ଷ୍ୟ ନେଇଥିଲା ତାଙ୍କର ବଳିଷ୍ଠ ସାହିତ୍ୟିକ ପଦକ୍ଷେପ । ତାଙ୍କର "ମାଳତୀ" ଗଳ୍ପଟି ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ପ୍ରକାଶିତ "ଶ୍ରେଷ୍ଠ ଓଡ଼ିଆ ଗଳ୍ପ ସଂକଳନର"ରେ ସ୍ଥାନ ପାଇଛି । ସତୀ ଦମୟନ୍ତୀ ତାଙ୍କର ଏକ ଶିଶୁ ମନଲାଖି କାହାଣୀ । ପ୍ରାଧ୍ୟାପକ ଡ଼ଃ. ନବଘନ ସାମନ୍ତରାୟ ଧୁପଛାୟା ଗଳ୍ପଗୁଡ଼ିକ ଉପରେ ମନ୍ତବ୍ୟ କରନ୍ତି, "କନ୍ୟା ଶୁଳ୍କପ୍ରଥା କୁସଂସ୍କାର ବିରୁଦ୍ଧରେ ଅଭିଯାନ କରିବାକୁ ଯାଇ ବିଚାର ଶୂନ୍ୟଭାବେ କାର୍ଯ୍ୟ କଲେ ତାର ପରିଣତି ଅତି ଭୟାବହ ହୋଇଉଠେ ଏହାହିଁ ବାଙ୍କନିଧି ପଟ୍ଟନାୟକଙ୍କ ଗଳ୍ପ "ବିଡ଼ମ୍ବନା"ରେ ଦେଖାଇ ଦିଆଯାଇଛି । "ଦୋଷ୍ୟ ପୁତ୍ର" ଗଳ୍ପରେ ଦୋଷ୍ୟାପୁତ୍ର ତ୍ରୁଟିଣ ଭିତରେ ମନୁଷ୍ୟ ମନର କୋମଳ ଦୁର୍ବଳତା ସହ ସମାଜ ଉଦାରତାର ପରିଚୟ ଦେଇଥାଏ । ଲଣ୍ଡନ ଉପରେ ମାର୍ଡର ଅନ୍ଧାକାର ସ୍ୱତବହିଷ୍କୃତ ଭଣଜାଇ ଆକସ୍ମିକ ମୃତ୍ୟୁ, ଏ ମୃତ୍ୟୁ ଭଣଜା ଜୀବନର ଯଥାର୍ଥ ମୁକ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ- ଏହା ହିଁ ହେଉଛି ମୁକ୍ତି ଗଳ୍ପର ସାରାଂଶ । କନ୍ୟା ଦେଖି ବିବାହ ହେବା ପାଇଁ ନିଜକୁ ଏକ ନାଟକୀୟ ରୀତିରେ "ଲକ୍ଷ୍ମଣକନ୍ୟା" ରୂପ ଧାରଣ କରିବା ଓ ହାସ୍ୟ ମନର ବିଦ୍ରୂପ, ଉତ୍ତେଜନା ଓ ଚମତ୍କାରିତା ସୃଷ୍ଟି କରିବା ହେଉଛି "ଲକ୍ଷ୍ମଣକନ୍ୟା" ଗଳ୍ପର ମୌଳିକ ଲକ୍ଷ୍ୟ । କନ୍ୟାକୁ "ଏକ୍ରିନ ପୁନ" କରିବାକୁ ଯାଇ ତାର ମୃତ୍ୟୁର ଆବାହନ କରିବା "ପ୍ରତିବାଦ" ଗଳ୍ପର ଏ ବିଷୟବସ୍ତୁ ଅତୀବ ବିଷାଦବ୍ୟଞ୍ଜକ । ଜଣେ ହୋଟେଲରେ ଖାଇଲା, କିନ୍ତୁ ଅନ୍ୟ ଜଣେ ସନ୍ଦେହରେ ଅଭିଯୁକ୍ତ ହୁଏ ଚୋରି ଓ ତାର କିଂବଦନ୍ତୀ ଅତି ବନମାଳୀ ଭାବେ ଲକ୍ଷ- ଲକ୍ଷର ଚାତୁର୍ଯ୍ୟ ନିପୁଣ ମୋହକ ଶୈଳୀ "ଲକ୍ଷରେ ପ୍ରଦର୍ଶିତ । ବିଷୟ ବସ୍ତୁକୁ ଛାଡ଼ ଦେଲେ କେବଳ ଶିଳ୍ପକଳା ଦୃଷ୍ଟିରୁ ବିଚାର କଲେ " ଲକ୍ଷ୍ମଣକନ୍ୟା" ଓ 'ମେ ହର ହୋଲି' ଉଚ୍ଚ ଉଚ୍ଚ କୋଟୀର ବୋଲି ଅନୁମିତ ହୁଅନ୍ତି ।"

ଡ଼ଃ ବାଉରୀବନ୍ଧୁ କରଙ୍କ ଭାଷାରେ, "ବିଂଶ ଶତକର ପ୍ରଥମ ପାଦର ଅନ୍ୟତମ ବିଶିଷ୍ଟ କଥାକାର ହେଉଛନ୍ତି ବାଙ୍କନିଧି ପଟ୍ଟନାୟକ । ସେ ତାଙ୍କ ଗଳ୍ପରେ ବିଷାଦର ରାଗିଣୀ ଶୁଣାଇବାକୁ ଭୁଲି ଯାଇଛନ୍ତି । ତାଙ୍କ ଗଳ୍ପଗୁଡ଼ିକରେ ବଳିଷ୍ଠ ସାମାଜିକ ଆବେଦନ ଥିଲେ ସୁଦ୍ଧା ଶିଳ୍ପ ରୀତି ଦୃଷ୍ଟିରୁ ସେଗୁଡ଼ିକ ସେତେ ଉଚ୍ଚ କୋଟୀର ନୁହେଁ । ମଣିଷର ହର୍ଷ-ବିଷାଦ, ମାନସିକ ଭାବନା, ଉଦାରତା, ମଣିଷ ପଣିଆ କୁ ସେ କେତେକ ଗଳ୍ପରେ ଦେଖାଇଛନ୍ତି । ଏସବୁ ଗଳ୍ପଗୁଡ଼ିକ ମଧ୍ୟରୁ "ଲକ୍ଷ୍ମଣକନ୍ୟା" କଥାବସ୍ତୁ ଦୃଷ୍ଟିରୁ ଯେପରି ନୂତନ ସ୍ୱାଦର ସେହିପରି ଶିଳ୍ପ ରୀତି ଦୃଷ୍ଟିରୁ ମଧ୍ୟ ଉପାଦେୟ । ଏକ ଗୋଟିଏ ଗଳ୍ପ ତାଙ୍କ ସ୍ୱାତନ୍ତ୍ର୍ୟ ପ୍ରକାଶପାଇଁ ଯଥେଷ୍ଟ । ସାମାଜିକ ଜୀବନର ବହୁବିଧ ସମସ୍ୟା ରୂପାୟନରେ ତାଙ୍କର କୃତିତ୍ୱ ଅବିସମ୍ବାଦିତ ।"

ବାଙ୍କନିଧି ବାବୁଙ୍କ ପରେ **ଶ୍ରୀଯୁକ୍ତ ବିଦ୍ୟାସିଂହ ପଟ୍ଟନାୟକ** ଜଣେ ପ୍ରସିଦ୍ଧ ପ୍ରଧାନ ଶିକ୍ଷକ ଥିଲେ । ସେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ. ତାଙ୍କର ଲେଖା (ହରିଜନ ନନ୍ଦ) ଗାନ୍ଧୀଙ୍କ ହରିଜନ ଆନ୍ଦୋଳନକୁ ଭିତ୍ତିକରି ଗଢ଼ିଉଠିଛି । ସେ ଗୀତାର ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ବହୁ ପ୍ରବନ୍ଧ ରଚନା କରିଥିଲେ ।

**ଶ୍ରୀଯୁକ୍ତ ଚକ୍ରଧର ପରିଡ଼ା** ଥିଲେ ଏକାଧାରରେ ଜଣେ ଶିଶୁ-ସାହିତ୍ୟ ଲେଖକ ପାଠ୍ୟ ପୁସ୍ତକ ଇତିହାସ ଓ ପୁରାଣ ଅବଲମ୍ବନରେ ଅସଂଖ୍ୟ କବିତା ସୃଷ୍ଟିର ସ୍ରଷ୍ଟା । ସେ "ପ୍ରଦୀପ" "ତ୍ରିବେଣୀ" ଓ କବିତା ମଞ୍ଜରୀ" ପ୍ରଭୃତି କବିତା ସଙ୍କଳନର କର୍ତ୍ତା । "ପ୍ରଦୀପ"ରେ, ତାଙ୍କର ପୌରାଣିକ, ଐତିହାସିକ ଓ ଆଧୁନିକ ଏପରି ବାଇଶି ଗୋଟି କବିତା ସ୍ଥାନ ପାଇଛି । "ତ୍ରିବେଣୀ" ତାଙ୍କର ବାଇଶି ଗୋଟି ଖଣ୍ଡ କବିତାର ଅପୂର୍ବ ସମାହାର । ତାଙ୍କର ସମାଲୋଚନା "ନିୟତିର କନ୍ଦୁକ" ରାଧାନାଥ ରାୟଙ୍କ ପାର୍ବତୀ କାବ୍ୟ ଉପରେ "ସହକାର" ପତ୍ରିକାରେ ପ୍ରକାଶ ପାଇ ସାରିଥିଲା । ତାଙ୍କର ଅନେକ ଶିଶୁ ଉପଯୋଗୀ କବିତା ଓ ଗଳ୍ପ ବାଳକୃଷ୍ଣ କରଙ୍କ ସଂପାଦିତ ମାସିକ "ଜହ୍ନ ମାମୁଁ" ପତ୍ରିକାରେ ପ୍ରକାଶିତ ହୋଇଥିଲା । "ଟୀ ପରବ ପିକା" ତାଙ୍କ ଗଳ୍ପମାନଙ୍କ ମଧ୍ୟରୁ ଅନ୍ୟତମ । ଡ଼ଃ, ବାଉରୀବନ୍ଧୁ କର କହନ୍ତି, " କବିତା ମଞ୍ଜରୀ, "ତ୍ରିବେଣୀ" ଓ "ପ୍ରଦୀପର" କବି ଭାବରେ ଚକ୍ରଧର ପରିଡ଼ା ସୁପରିଚିତ । ସେ ଅନେକାଂଶରେ ତରୁଣ ବୟସରେ ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ଭାବଧାରାରେ ଅନୁପ୍ରାଣିତ ହୋଇ କବିତା ରଚନାରେ ମନୋନିବେଶ କରିଥିଲେ । ସେ ଖଣ୍ଡଗିରି, କୋଣାର୍କ, ଗୌରବ ଶୃଙ୍ଗ (ବରୁଣେଇ ପର୍ବତ) ପ୍ରଭୃତି କବିତାରେ ତାଙ୍କର ସ୍ୱଦେଶ ପ୍ରେମର ପରିଚୟ ଦେଇଛନ୍ତି । ସେ ମଧ୍ୟ କେତେଗୁଡ଼ିଏ ଗାଥା କବିତା ଲେଖିଛନ୍ତି ତାଙ୍କ କବିତାରେ ଆଧୁନିକ ସଭ୍ୟତାର ଅବକ୍ଷୟ ରୂପ, ରାଜନୀତିକ ଜୀବନ ପ୍ରତି ବିଦ୍ରୂପ, ମାନବବାଦୀ ଚିନ୍ତାଧାରା, ପଲ୍ଲୀ ପ୍ରୀତି ଓ ଉପଦେଶମୂଳକତା ଦେଖିବାକୁ ମିଳେ ।"

ଚକ୍ରଧର ପରିଡ଼ା ଅଧିକାଂଶ ସମୟ ପାଠ୍ୟପୁସ୍ତକ ପ୍ରଣୟନରେ ମନୋନିବେଶ କରିଥିଲେ । ତାଙ୍କର "ନବକଳିକା" ( ୧ମରୁ ୭ମ ଭାଗ) ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସାହିତ୍ୟ ପାଠ ରୂପେ ନିର୍ଦ୍ଧାରିତ ହୋଇଥିଲା ।" ଖୋର୍ଦ୍ଧା ହାଇସ୍କୁଲରେ ଶିକ୍ଷକତା କରୁଥିବା ସମୟରେ ସେ ଅନେକ ପାଲାବାଦ ରଚନାକରି ସ୍କୁଲର ବିଭିନ୍ନ ସାଂସ୍କୃତିକ ଉତ୍ସବମାନଙ୍କରେ ସ୍ଥାନ ଦେଇଥିଲେ ।

"ଚୈତକ" କବିତାରେ କବି ଚକ୍ରଧର ପରିଡ଼ାଙ୍କ ଇତିହାସ-ପ୍ରସିଦ୍ଧ ରାଣା ପ୍ରତାପଙ୍କର ଘୋଡ଼ା ଚୈତକର ତ୍ୟାଗପୂତ ଜୀବନର ମହନୀୟତା ପ୍ରଦର୍ଶନ କରିଛନ୍ତି । ତାର ସହିଷ୍ଣୁତା,

ନିସ୍ୱାର୍ଥପରାୟଣତା କବିତାଟିରେ ପ୍ରଧାନ ବିଷୟବସ୍ତୁ । କବି ବୈଦିକ କବିତାରେ ମୂଲ୍ୟାୟନରେ ଏଣୁ ଲାଗିଛନ୍ତି ।

"ଶେଷ ଜୀବନରେ ଏହି ମୃତ୍ୟୁ ଅଭିନୟ
ଜନନୀ ଘାତକ ଘୋର ଭୀଷଣ ପ୍ରଳୟ
ସ୍ୱାର୍ଥ ଭୁଲି ଦେଲ ଯେଉଁ ଜନନୀ ପରୀକ୍ଷା
ମୃଗେ ମୃତେ ବ୍ୟାଘ୍ରଙ୍କାରେ କରିବେ ତା' ରକ୍ଷା
ତା ବଳେ ଲଭିବ ତୁମେ ଦେବତା ଅର୍ଚ୍ଚନା
ପଶୁପ୍ରାଣେ ମାନବର ଭକ୍ତି ଆରାଧନା ।"

ତାଙ୍କର "ଭୀଷ୍ମଙ୍କ ଶରଶଯ୍ୟା" କବିତାଟି ମହାଭାରତର ପିତାମହ ଭୀଷ୍ମଙ୍କ ସତ୍ୟନିଷ୍ଠା ଭିତ୍ତି କରି ରଚନା ହୋଇଛି । ମହାଭାରତ ଯୁଦ୍ଧର ତୃତୀୟ ଦିବସରେ ପିତାମହ ଭୀଷ୍ମ କୌରବ ପକ୍ଷରେ ସେନାପତିତ୍ୱ କରିଥିଲେ । ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଶ୍ରୀଖଣ୍ଡୀଙ୍କୁ ସମ୍ମୁଖରେ ଦେଖି ସେ ସତ୍ୟରକ୍ଷା କରି ଅସ୍ତ୍ର ତ୍ୟାଗ କରିଥିଲେ । ଅର୍ଜୁନଙ୍କ ଅଜସ୍ରଶ୍ରାବୀ ଶରବାଣ ବିଦ୍ଧ ହୋଇ ସେ ଭୂପତିତ ହୋଇଥିଲେ । ଭୀଷ୍ମଙ୍କ କହିବାରେ ୫ ଲକ୍ଷ ଲୁଗାରେ ଅର୍ଜୁନ ପୃଥ୍ବୀକୁ ଶର ବିନ୍ଧି ଏକ ଶରଶଯ୍ୟା ନିର୍ମାଣ କରିଥିଲେ । ପିତାମହ ଭୀଷ୍ମ ଇଚ୍ଛାମୃତ୍ୟୁ ବରଣ କରିବା ପର୍ଯ୍ୟନ୍ତ ସେହି ଶରଶଯ୍ୟାରେ ରହି ମହାଭାରତର ଯୁଦ୍ଧ ଦେଖିଥିଲେ । କବି ଜଳଧର ପରିଡ଼ା ସତ୍ୟସଂଧର ବୀର ଭୀଷ୍ମଙ୍କ ଚାରିତ୍ରିକ ବିଶେଷତ୍ୱ ଏଥିରେ ପ୍ରଦର୍ଶନ କରାଇ ଦର୍ଶାଇଛନ୍ତି

"ମୃଗ ସମାଧିର ଏକକ ଦଶ । ନାନା ସେହି ବୀରଭିଭିକାଶ
ସତ୍ୟ ସଂଗ୍ରାମର ଭୀଷ୍ମପଣ ଆଜି ବିଶ୍ୱ ଗାଏ ଇତିହାସ ।"

"ବଳଦର ଆତ୍ମହତ୍ୟା" ଜଳଧର ପରିଡ଼ାଙ୍କର ଶିଶୁ ସାହିତ୍ୟ କ୍ଷେତ୍ରକୁ ଏକ ଅପୂର୍ବ ଦାନ । ଏଥିରେ ସେ ବଳଦ ଗାଈର ସତ୍ୟନିଷ୍ଠ ଆଦର୍ଶକୁ ପ୍ରକାଶ କରି ଶିଶୁମାନଙ୍କପାଇଁ ନୀତିଶିକ୍ଷା ପ୍ରଦାନ କରିଛନ୍ତି । ଏହା ଏକ ସାର୍ଥକ ରୂପକ କବିତା ସଦ୍ୟପ୍ରସୂତା ବଳଦା ବଣରୁ ଚରି ଫେରୁଥିବା ଅବସ୍ଥାରେ ଏକ କ୍ଷୁଧିତ ବ୍ୟାଘ୍ରର ସାମ୍ନାରେ ପଡ଼ିଛି । ବ୍ୟାଘ୍ର ତାକୁ ଖାଇବାକୁ ବସନ୍ତେ ସେ ପିଲାକୁ କ୍ଷୀର ଖୁଆଇ ଆସିଲେ ତାକୁ ଖାଇବ ବୋଲି ପ୍ରତିଜ୍ଞା ସତ୍ୟ କରି ଯାଇଛି । ପିଲାକୁ ପେଟେ କ୍ଷୀର ପିଆଇ ନଛୋଡ଼ିବାରୁ ପିଲାକୁ ସଙ୍ଗରେ ଧରି ବ୍ୟାଘ୍ର ନିକଟକୁ ଫେରିଛି । ବ୍ୟାଘ୍ର ଆଶ୍ଚର୍ଯ୍ୟ ହୋଇ ବଳଦାକୁ କହିଛି -

"ଧନ୍ୟ ଧନ୍ୟ ତୁ ଧେନୁ, ଧନ୍ୟ ତୋ ଶିଶୁ
ଧନ୍ୟ ତୋହର ସତ୍ୟ ବଚନ
ପ୍ରାଣର ମାୟା ତେଜି ଆସିଲୁ ଅପେ
ସଙ୍ଗରେ ଘେନି ଶିଶୁ ନନ୍ଦନ ।"

ପରିଶେଷରେ ବ୍ୟାଘ୍ର ବଳଦାକୁ ଯୋଗାଇ ଦେଇ କ୍ଷୁଧାରେ ମୃତ୍ୟୁବରଣ କରିଛି କବିଙ୍କ ଭାଷାରେ, -

"ଫେରିଗଲା ଶିଶୁ ସଙ୍ଗେ ବଳଦା ଘରେ
କ୍ଷୁଧାରେ ଗଲା ବ୍ୟାଘ୍ର ଜୀବନ,
ପୁରାଣ କିମ୍ବଦନ୍ତୀ ଆଜି ବି ଗାଏ,
ସତ୍ୟ ବ୍ୟାଘ୍ରର ନୀତି ମହାନ,"

"ମାନବ ଦେବତା" ଜଳଧର ପରିଡ଼ାଙ୍କର ଏକ ଆଧୁନିକ କବିତା । ଏଥିରେ ସେ ଦେବତା ଅପେକ୍ଷା ମାନବକୁ ସର୍ବଶ୍ରେଷ୍ଠ ସ୍ଥାନ ଦେଇ ମାନବିକତାର ଜୟଗାନ କରିଛନ୍ତି । ଧନ ଦୌଲତ, ବଂଶ ଗୋତ୍ର ଆଦି ମଣିଷର ସେବା ବିନା ଅତି ତୁଚ୍ଛ । କବିଙ୍କ ଭାଷାରେ-

ଯେବେ ନାହିଁ ବ୍ୟଥା ରହିଛି ଲୋକ ହେ
ଧନମାନ ମନ ଦେଇ,
ଶ୍ରେଷ୍ଠ ପୂଜା ତାହା ହେ ମାନବ ଭାଇ
ଦେବଗଣ ତୃପ୍ତି ନହିଁ

କବି ଜଳଧର ପରିଡ଼ା ଏଠାରେ ସତେ ଯେପରି କହିବାକୁ ଚାହିଁଛନ୍ତି ଯେ, "Service to the Humanity is service to the God"

**ପଣ୍ଡିତ ଭଗବାନ ହୋତା** ଥିଲେ ଖୋର୍ଦ୍ଧା ଜାଙ୍କଡ଼ର ଏକ ଖ୍ୟାତନାମା ଶିକ୍ଷକ ଓ ଓଡ଼ିଶାର " ଲୋକ କାହାଣୀ" ଓ "ଦୀ ଦିଆଣ" ସଂଗ୍ରହ କରି ପୁସ୍ତକାକାରରେ ପ୍ରକାଶ କରିବାରେ ଗୌରବ ଅର୍ଜନ କରିଥିଲେ । ସେ ହେଉଛନ୍ତି ଓଡ଼ିଶାର କୃତୀ ସନ୍ତାନମାନଙ୍କ ମଧ୍ୟରୁ ଅନ୍ୟତମ ଯେ କି ଲୋକ ସାହିତ୍ୟକୁ ଆଲୋକକୁ ଆଣି ଗବେଷକମାନଙ୍କୁ ପ୍ରକୃତ ଖୋରାକ ଯୋଗାଇ ଥିଲେ । ୧୯୧୪ ମସିହାରେ ତାଙ୍କର "ଓଡ଼ିଶା ପ୍ରବାଦମାଳା" ପ୍ରକାଶିତ ହୋଇଥିଲା । ଏହା ପରେ ତାଙ୍କର ଦ୍ୱିତୀୟ ପୁସ୍ତକ " କୌତୁକ ପ୍ରହେଳିକା" ପ୍ରକାଶିତ ହୋଇ ଓଡ଼ିଆ "ନାଁ ଦିଆଁ ଶୈଳୀକୁ ଉଜ୍ଜୀବିତ କରିଥିଲା । ଉଦାହରଣ ସ୍ୱରୂପ ତଳେ କେତୋଟି ନମୁନା ନିମ୍ନରେ ପ୍ରଦତ୍ତ ହେଲା -

୧. ତିନି ବଳଦେଇ, ନିତିଏ ପାଣିରେ ବୁଡ଼ି ମରଇ- (କୁଣ)
୨. ତିନି କାକୁଡ଼ି ବେଙ୍ଗରେ ପଶା (ଛୁରି)
୩. ଭଲାଘର ସେଠେ ଗାଈ ଲାଗି ପାହିଲାକୁ ଲୋଡ଼େ ନାହିଁ (ତାରା ସମୂହ)

ଏ ପୁସ୍ତକ ଲୋକସାହିତ୍ୟ ଉପରେ ଗବେଷଣା କରୁଥିବା ବ୍ୟକ୍ତିମାନଙ୍କପାଇଁ ଉପାଦେୟ । ଏ ପୁସ୍ତକଗୁଡ଼ିକୁ ଲୋକ-ସାହିତ୍ୟ ସଂକଳକ ଗୋପାଳଚନ୍ଦ୍ର ପ୍ରହରାଜ, ଚକ୍ରଧର ମହାପାତ୍ର, ଲୋକରତ୍ନ ଡଃ କୁଞ୍ଜବିହାରୀ ଦାଶ, ଉଦ୍ଧବଦାସ ପଟ୍ଟନାୟକ ପ୍ରଭୃତି ଯଥାକ୍ରମେ ଓଡ଼ିଆ ଲୌକିକ ପଦ ବା ଢଗ ଢମାଳି ପ୍ରବଚନ" "ଗାଉଁଲି ଗୀତ

ସଂଚୟନ'' ପଲ୍ଲୀଗୀତ ସଂଚୟନ, ଲୋକ ସାହିତ୍ୟ ଚର୍ଚ୍ଚା ପ୍ରଭୃତି ପୁସ୍ତକରେ ଉଲ୍ଲେଖ କରିଛନ୍ତି ।

''ବଟକେଶ୍ୱର ଜଣାଣ'' ଜଣାଣ ସାହିତ୍ୟ ଦୃଷ୍ଟିରୁ ଏକ ଅନବଦ୍ୟ ଗ୍ରନ୍ଥ । ଏଥିରେ ଭକ୍ତର ଆବେଗ ଭରା ହୃଦୟର ପରିପ୍ରକାଶ ଘଟିଛି ଏବଂ ସଙ୍ଗେ ବଟକେଶ୍ୱର ମହାଦେବଙ୍କ ମହିମା ଗାନ କରାଯାଇଛି । ଅଖିଳ ଭକ୍ତପ୍ରବଣ ଓ ତତ୍ ସମ୍ବଳିତ ଜଣାଣରେ ଲୁଆ ସୋଡ଼ି ତଥ୍ୟମାନଙ୍କର ପୁତ୍ରକନ୍ୟା ପ୍ରାପ୍ତିର ବିଶଦ ଉଲ୍ଲେଖ ଅଛି ।

ଶ୍ରୀ ବେହେରାଙ୍କ ପ୍ରଣୀତ ''ଘଟଗାଁର ଇତିହାସ'' ବହୁତଥ୍ୟ ସମ୍ବଳିତ ଏକ ଗବେଷଣାଧର୍ମୀ ପୁସ୍ତକ । ବିମାଗଡ଼ା ନିକଟସ୍ଥ ଗୋପ-ଗଣେଶ୍ୱର ପୁରରୁ ତାଙ୍କ ପୂର୍ବ ବଂଶଧରମାନେ ଆସି ପରେ ବ ଗ୍ରାମରେ ବାସ କରି କିପରି ବଂଶ ବିସ୍ତାର କରିଥିଲେ ତାର ପ୍ରାମାଣିକ ଐତିହାସିକ ତଥ୍ୟ ଏଥିରେ ପ୍ରକାଶ ଲାଭ କରିଛି । ଏହା କ୍ଷେତ୍ରୀୟ ଐତିହ୍ୟ, ପରମ୍ପରା ସମ୍ପର୍କୀୟ ପୁସ୍ତକ । ଜାପାନର ଜଣେ ଗବେଷକ (ଯେ ପାଇକ ସଂସ୍କୃତି ଉପରେ ଗବେଷଣା କରୁଥିଲେ) ଏହି ଘଟଗାଁର ଇତିହାସକୁ ''ସାହାଯ୍ୟକାରୀ ପୁସ୍ତକ ଭାବେ ତାଙ୍କ ନିବନ୍ଧରେ ସ୍ୱୀକାର କରିଛନ୍ତି । ଯାଜପୁର ଶ୍ରୀଯୁକ୍ତ ପଦ୍ମଚରଣ ପଟ୍ଟନାୟକ ଖୋର୍ଦ୍ଧା ଠାରେ ସଂସ୍କୃତ ବିଦ୍ୟାଳୟର ସରକାରୀ ଶିକ୍ଷକ ଥିଲେ । ସେ ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରି କଟକ ଜିଲ୍ଲା ହିନ୍ଦୁ ସ୍କୁଲର ପ୍ରଧାନ ଶିକ୍ଷକ ରୂପେ ଅଧିଷ୍ଠିତ ହୋଇଥିଲେ ଓ ସେଠାରେ ସେହି ଗୌରବଜନକ ପଦରୁ ସରକାରୀ ଚାକିରୀରୁ ଅବସର ନେଇଥିଲେ । ସେ ଥିଲେ ଛାତ୍ର ବତ୍ସଳ, ଗୁଣଗ୍ରାହୀ । ଜାତୀୟ ପ୍ରୀତି ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ଓଡ଼ିଶାର ଛାତ୍ରମାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଦେଖି ସେ ଅତ୍ୟନ୍ତ ଚିନ୍ତିତ ହୋଇ ପଡୁଥିଲେ । ସେମାନଙ୍କ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ''ଓଡ଼ିଆର ଖାଦ୍ୟ ଓ ସ୍ୱାସ୍ଥ୍ୟ'' ନାମରେ ଖଣ୍ଡିଏ ପୁସ୍ତକ ପ୍ରଣୟନ କରିଥିଲେ ଏଥିରେ ସେ ଓଡ଼ିଆଙ୍କ ପର୍ବପର୍ବାଣୀରେ ଉପବାସର ବୈଜ୍ଞାନିକ ସାର୍ଥକତା ପ୍ରତିପାଦନ କରି ଜାତୀୟ ସ୍ୱାସ୍ଥ୍ୟର ଅଭିବୃଦ୍ଧି ନିମନ୍ତେ ଯେଉଁ ଦିଗ୍ଦର୍ଶନ ଦେଇ ଯାଇଛନ୍ତି, ତାହା ଏବେ ମଧ୍ୟ ପ୍ରଣିଧାନ ଯୋଗ୍ୟ ।

**ଶ୍ରୀଯୁକ୍ତ ମୁରଲୀଧର ପ୍ରଧାନ** ଖୋର୍ଦ୍ଧା ହାଇସ୍କୁଲର ଜଣେ କୀର୍ତ୍ତିବାନ ଓ ଆଦର୍ଶ ଶିକ୍ଷକ । ସେ ମହାଶୟ ଖୋର୍ଦ୍ଧା ହାଇସ୍କୁଲରେ ଶିକ୍ଷକତା କରି ପ୍ରଧାନ ଶିକ୍ଷକ ପଦବୀକୁ ଉନ୍ନୀତ ହୋଇଥିଲେ । ସେ କ୍ଷେତ୍ରବାସୀ ଏକାଡେମୀ ନିରାକାରପୁର ହାଇସ୍କୁଲକୁ ବଦଳି ହୋଇ ପ୍ରଧାନ ଶିକ୍ଷକ ରୂପେ ଅବସର ଗ୍ରହଣ କରି ବର୍ତ୍ତମାନ ଖୋର୍ଦ୍ଧାରେ ଅବସ୍ଥାନ କରୁଛନ୍ତି

ଶିକ୍ଷକ ହିସାବରେ ଶ୍ରୀଯୁକ୍ତ ପ୍ରଧାନ ଯେପରି ସୁଖ୍ୟାତି ଅର୍ଜନ କରିଛନ୍ତି, ଲେଖକ ହିସାବରେ ମଧ୍ୟ ସେହିପରି କୃତିତ୍ୱର ଅଧିକାରୀ ହୋଇ ପାରିଛନ୍ତି । ସେ ଥିଲେ ଓଡ଼ିଆ ସାହିତ୍ୟ-କ୍ଷେତ୍ରରେ ଜଣେ ଉଚ୍ଚ କୋଟୀର ପ୍ରାବନ୍ଧିକ, ବିଶିଷ୍ଟ ଗାଳ୍ପିକ, ଉତ୍କୃଷ୍ଟ ଜୀବନୀ ଲେଖକ ଓ କିଶୋର ଜୀବନରେ ମୂଲ୍ୟବୋଧ ଜାଗ୍ରତ ପ୍ରବୋଧକ ।

''ମରେ ଦେବେ ଅମର ମଣିଷ'' ତାଙ୍କର ଏକ ଜୀବନୀ ମୂଳକ ଗ୍ରନ୍ଥ । ଏଥିରେ ସେ ''ସ୍ୱାମୀ ଦୟାନନ୍ଦ ସରସ୍ୱତୀ'', ''ରବୀନ୍ଦ୍ରନାଥ ଠାକୁର'', ''ପଣ୍ଡିତ ମଦନ ମୋହନ ମାଳବ୍ୟ'', ଶ୍ରୀ ଅରବିନ୍ଦ, ଭଗିନୀ ନିବେଦିତା, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଉତ୍କଳ- ଗୌରବ ମଧୁସୂଦନ, ପଣ୍ଡିତ ଜବାହରଲାଲ ନେହେରୁ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ମଦର ଟେରେସା, ସ୍ୱାମୀ ବିବେକାନନ୍ଦ, ପ୍ୟାରୀମୋହନ ଆଚାର୍ଯ୍ୟ, ସାର ଉଇଲିୟମ ଜୋନ୍ସଙ୍କ ଜୀବନୀ ଉପସ୍ଥାପିତ କରିଛନ୍ତି ।

''ଲାଲ ମାଟିର ସପ୍ତରଥୀ'' ପୁସ୍ତକଟିରେ ସେ ଚିରସ୍ମରଣୀୟ ଐତିହାସିକ ବିପ୍ଳବୀ ପୁରୁଷ, ଅଭିନବ ଇନ୍ଦ୍ରଦ୍ୟୁମ୍ନ, ଜୟୀରାଜଗୁରୁ, ବକ୍ସି ଜଗବନ୍ଧୁ, ଦେଓ୍ୱାନ କୃଷ୍ଣ ଚନ୍ଦ୍ର, ପିଣ୍ଡିକି ବାହୁବଳେନ୍ଦ୍ର, ଦୁତିବାସ ପଟ୍ଟନାୟକ ଓ ସାମନ୍ତ ମାଧବଚନ୍ଦ୍ର ରାଉତରାୟଙ୍କ ଜୀବନୀ ଆଲୋଚନା କରିଛନ୍ତି । ଲେଖକ ସଯଥାର୍ଥରେ ପୁସ୍ତକର ଉପକ୍ରମଣିକାରେ କହିଛନ୍ତି- ''ଏହି କ୍ଷୁଦ୍ର ପୁସ୍ତକ ସନ୍ନିବେଶିତ ପ୍ରବନ୍ଧଗୁଡ଼ିକ କେତେକ ଅବିସ୍ମରଣୀୟ ଐତିହାସିକ ବିପ୍ଳବୀଙ୍କର ଜୀବନୀ ଓ କାର୍ଯ୍ୟକଳାପ ଆଧାରିତ । ସେମାନେ କିନ୍ତୁ ନିଜେ ନିଜେ ସ୍ୱକୀୟ ସ୍ୱକୀୟ ଗୁଣରେ ମହୀୟାନ । ସେ ହେତୁ ସେମାନେ କଦାପି ପୁରୁଷ ଲୋକମାନଙ୍କ ସମ୍ବନ୍ଧେ ସଂପୂର୍ଣ୍ଣ ଜ୍ଞାନ ଲଭିବାକୁ କେବଳ ଚିହ୍ନେ ନାହିଁ ଇତିହାସ ବ୍ୟତୀତ କେତେକ ମାସିକ, ସାହିତ୍ୟିକ ପତ୍ରିକାରୁ ବିଷୟ ସଂଗ୍ରହ କରିବାକୁ ପଡ଼ୁଛି । ସମାଜରେ ପ୍ରଚଳିତ କିମ୍ବଦନ୍ତୀ, ଲୋକକଥା ଓ ଲୋକ କିମ୍ବଦନ୍ତୀରେ ସେମାନଙ୍କ ଜନକ ବା ଗୋତ୍ରମାନଙ୍କ ସହିତ ସାକ୍ଷାତ ଆଲୋଚନା କରି କିଛି ତଥ୍ୟ ସଂଗ୍ରହ କରିବାକୁ ହୋଇଛି ।''

ସାମ୍ପ୍ରତିକ ଜୀବନୀ ଲେଖକ ଶ୍ରୀଯୁକ୍ତ ମୁରଲୀଧର ପ୍ରଧାନ ଲୋକକଥା ସମ୍ବଳିତ ଓ କିମ୍ବଦନ୍ତୀ ଆଧାରିତ, ଐତିହାସିକ ସତ୍ୟ ପ୍ରତିପାଦିତ ଘଟଣାବଳୀ ଅବଲମ୍ବନରେ ଏ ପୁସ୍ତକରେ ଏହା ଆଞ୍ଚଳିକ ବୀର ବିପ୍ଳବୀମାନଙ୍କର ଜୀବନୀ ଇତିହାସ ଲେଖିଛନ୍ତି । ଏଥିରୁ ତାଙ୍କର ସ୍ୱଦେଶ ପ୍ରୀତି ସମ୍ୟକ୍ ଭାବେ ପରିପ୍ରକାଶିତ ହେବା ସଙ୍ଗେ ସଙ୍ଗେ ପ୍ରାଚୀନ ପ୍ରତି ମମତା ସ୍ପଷ୍ଟ ସୂଚିତ ହୁଏ ।

''ଓଡ଼ିଶା ପରିର ଆଠଟି ଗଳ୍ପ'' ବା ଏ ବରପାର୍ଶ୍ୱ ଅଭିଜ୍ଞ ଜ୍ୟୋତିଙ୍କ ଜୀବନୀ ପୁସ୍ତକରେ ସେ ଭାରତ ସହିତ ବହୁତ ଆପଣ କରିଥିବା ଆଠଟି ବ୍ୟକ୍ତିଙ୍କର ବରଣୀୟ ବ୍ୟକ୍ତିତ୍ୱ ଓ ସ୍ମରଣୀୟ କୃତିତ୍ୱ ସଂପର୍କରେ ଆଲୋଚନା କରିଛନ୍ତି । ଏହି ଆଠୋଟି ଗଳ୍ପ ସଂପର୍କରେ ଆଲୋଚନା କରିଛନ୍ତି । ଏହି ଆଠୋଟି ହେଲେ ''ଦୀନବନ୍ଧୁ ଠାକୁର'', ''କାର୍ଲ ମାର୍କ୍ସ କାଟେଲ,'' ''ଇ, ଏମ, ଫରେଷ୍ଟର''

ଜର୍ଜ ଥମସନ,'' ''ଭଗ ଆଜି ବେଶାଭ'', ''ଜନ୍ କୀମସ୍'' ''ସାଉ ଥମସ୍ ମହ୍ରୋ'', ''ଅଟ୍ଟୋଲିଆନ୍ ବିଲମ୍ ।

ଶ୍ରୀଯୁକ୍ତ ମୁରଲୀଧର ପ୍ରଧାନଙ୍କ ବିଭିନ୍ନିପାଙ୍କ ଜୀବନୀ ମୂଳକ ପୁସ୍ତକ ଲିମିନ୍ତ ଶ୍ରୀ ହରେ କୃଷ୍ଣ ପ୍ରଧାନଙ୍କ ଲକ୍ଷିତି ଯଥାର୍ଥ । ''ସୁସ୍ଥ ସମାଜ ଗଠନପାଇଁ ନିର୍ମଳ ଓ ଶୃଙ୍ଖଳିତ ଜୀବନର ଆବଶ୍ୟକତା ଥିବାରୁ ଭବିଷ୍ୟତ ବଂଶଧରଙ୍କୁ ସେହି ପଥରେ ପ୍ରସ୍ତୁତ କରିବାକୁ ହେଲେ ସେମାନଙ୍କ ମନରେ ଦେଶପ୍ରୀତି, କର୍ତ୍ତବ୍ୟ ନିଷ୍ଠା, ସହଯୋଗମନୋଭାବ, ଉଦାରତା, ନିର୍ଭୀକତା, ମାନବବାଦିତା, ପରୋପକାର, ନିର୍ମଳଚରିତ୍ର ଓ ଅଧ୍ୟାତ୍ମିକ ଚେତନା ପ୍ରଭୃତି ଐଶ୍ୱରିକ ଗୁଣର ଆବଶ୍ୟକତା ରହିଛି । ତେଣୁ ବାଳକ ବାଳିକାମାନଙ୍କର ନିର୍ମଳ ଚରିତ୍ର ଗଠନ ନିମନ୍ତେ ମହାମାନବଙ୍କର ପଦାଙ୍କ ଅନୁସରଣ କରିବା ବ୍ୟତୀତ ଅନ୍ୟପନ୍ଥା ନାହିଁ ।''

ତାଙ୍କର ''କିଶୋର ବୈଭୂତ'' ପୁସ୍ତକ କିଶୋର ଛାତ୍ରଛାତ୍ରୀମାନଙ୍କର ଜୀବନକୁ ନାଟ୍ୟମୟ କରି ଯେ ସତ୍ୟ ଶିବ ସୁନ୍ଦରର ପଥରେ ଆଗୁସାର କରିବ- ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ତାଙ୍କର ''ସାମାଜିକ ଶିକ୍ଷା'' ଓ ''ବୁକ୍ ଅଫ୍ ସିମ୍ପୁଲ ଟ୍ରାନସ୍‌ଲେସନ'' ପୁସ୍ତକ ଦୁଇଟି ବେଶ୍ ଉପାଦେୟ ଓ ଛାତ୍ରୋପଯୋଗୀ ।

ଶ୍ରୀଯୁକ୍ତ ମୁରଲୀଧର ପ୍ରଧାନଙ୍କ ଶ୍ରେଷ୍ଠକୃତି ହେଲା କ୍ଷୁଦ୍ରଗଳ୍ପ ସଂକଳନ । ସେଗୁଡ଼ିକ ହେଲା, ''ନିର୍ବେଦର ବେଦଧ୍ୱନି'', ''ଜତୁଗୃହରେ ଜରଦ୍‌ଗବ'' ଓ ଭୁଷୁଣ୍ଡର ବିଷ ଜ୍ୱାଳା ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକ ସାମାଜିକ, ରାଜନୀତିକ, ଶିକ୍ଷାଗତ ଓ ଧର୍ମ ସମ୍ବନ୍ଧୀୟ ବହୁ ସମସ୍ୟାକୁ କେନ୍ଦ୍ରକରି ଗଢି ଉଠିଛି । ଗଳ୍ପଗୁଡ଼ିକ ବାସ୍ତବଧର୍ମୀ ସତ୍ୟ ଘଟଣା ଉପରେ ଆଧାରିତ ଗଳ୍ପର ସମାଜବୋଧ ଓ ରାଜନୀତିକ ସଚେତନଶୀଳତାରୁ ସୃଷ୍ଟି ଏ ଗଳ୍ପଗୁଡ଼ିକର ନୈତିକ ଓ ସାମାଜିକ ମୂଲ୍ୟବୋଧ ଉଲ୍ଲେଖ୍ୟ । ପ୍ରଥମେ ଶ୍ରୀ ମୁରଲୀଧର ପ୍ରଧାନ ଶିକ୍ଷକ ଓ ପରେ ସାକ୍ଷିକ ହୋଇଥିବାରୁ ପ୍ରତ୍ୟକ୍ଷୀଭୂତ ଘଟଣାବଳୀରେ ବିରଚିତ କ୍ଷୁଦ୍ରଗଳ୍ପଗୁଡ଼ିକୁ ପ୍ରାଣବନ୍ତ ଓ ମର୍ମସ୍ପର୍ଶୀ କରି ପାରିଛନ୍ତି । ବହୁ କ୍ଷେତ୍ରରେ ସେ ଫକୀର ମୋହନଙ୍କର ଦ୍ୱାରା ପ୍ରଭାବିତ ହୋଇଥିଲେ ହେଁ ଗଳ୍ପ ଗୁଡ଼ିକର ପ୍ରତି ଛତ୍ରେ ଛତ୍ରେ ଲେଖକଙ୍କର ମୌଳିକତା ବିଦ୍ୟମାନ ''ଜତୁଗୃହରେ ଜରଦ୍‌ଗବ'' ଶ୍ରୀଯୁକ୍ତ ମୁରଲୀଧର ପ୍ରଧାନଙ୍କ ଏକ କ୍ଷୁଦ୍ର ଗଳ୍ପ ପୁସ୍ତକ । ଏଥିରେ ତାଙ୍କର ଦଶଟି ଗଳ୍ପ ସ୍ଥାନ ପାଇଛି । ପ୍ରଥମ ଗଳ୍ପର ନାମରେ ସଂକଳନଟି ନାମକରଣ ହୋଇଛି ।

''ଜତୁଗୃହରେ ଜରଦ୍‌ଗବ'' ଗଳ୍ପର ମୁଖ୍ୟ ଚରିତ୍ର ହେଉଛି ଅବସରପ୍ରାପ୍ତ ପୋଲିସ୍ ଶ୍ରୀଯୁକ୍ତ ଶାରଦାକାନ୍ତ । ସେ ଚାକିରୀରୁ ପେନସନ ଫର୍ମ ପୂରଣ କରି ନେଇ ଗଲାବେଳେ ବ୍ୟାଙ୍କର ପାଦକ ତଳ ହୋଇ ଯାଇଛି । ଯାହା ଫଳରେ ପେନସନପାଇଁ ଉତ୍କଣ୍ଠିତ ହୃଦୟରେ ଅପେକ୍ଷା କରିଥିବା ଶାରଦାକାନ୍ତଙ୍କ ଆଶା ଆଶାରେହିଁ ରହି ଯାଇଛି । ଗଳ୍ପଟି ସାମାଜିକ ଓ ସତ୍ୟ ଘଟଣାମୂଳକ ।

''ଆବର୍ଜ୍ଜନା ଦୁଇଟି ସଭାକଲେଜର'' ଏକ ସତ୍ୟଘଟଣା ମୂଳକ ବାସ୍ତବଧର୍ମୀ ସାମାଜିକ କ୍ଷୁଦ୍ରଗଳ୍ପ । ସମାଜ ବୋଧରୁ ଗଳ୍ପଟିର ଉତ୍ପତ୍ତି । ଆଧୁନିକ ସମାଜର ବିବାହିତବିଚ୍ଛିନ୍ନ ଦ୍ୱିମାଲ୍ଲ ଟଙ୍କାକୁ ଭିତ୍ତି କରି ଗଳ୍ପଟି ବିକାଶ ଲାଭ କରିଛି । ଏହା ଏକ ସତ୍ୟ ଘଟଣା ମୂଳକ ସାମାଜିକ ଗଳ୍ପ । ଆଜି କାଲିର ଯୌତୁକଜନିତ ସାମାଜିକ ନିର୍ଯ୍ୟାତନାରୁ ଏ ଗଳ୍ପଟି ଉଦ୍ଭବ ।

'ଅକାଳାରଣ୍ୟରେ ଝଡ଼'' ଏକ ଶିକ୍ଷାସମସ୍ୟାମୂଳକ, ଅନୁଭବସିଦ୍ଧ ମନୋଜ୍ଞ କ୍ଷୁଦ୍ର ଗଳ୍ପ । ପ୍ରଧାନ ଶିକ୍ଷକ ବିଶ୍ୱାଧରଙ୍କର ଦୁର୍ନୀତିଗ୍ରସ୍ତ ଓ ଲାଞ୍ଚଖୋର ପ୍ରବୃତ୍ତି ଏଥିରେ ଚିତ୍ରିତ । ସେ କେଉଁପରି ହିସାବରେ ଅଜସ୍ର ଲାଞ୍ଚନେଉଛନ୍ତି, ଜନ୍ମ ତାରିଖ ପରୀକ୍ଷା କେଉଁଠି ଦାଖଲ ହୋଇଛି, ତାହା ଗଳ୍ପଟିର ବିଷୟ ବସ୍ତୁ । ପ୍ରଧାନ ଶିକ୍ଷକଙ୍କ ଚିରନ୍ତନର ଦୁର୍ବଳତା ଯୋଗୁ କିପରି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଜୀବନ ନଷ୍ଟହୁଏ, ତାହା ଗାଳ୍ପିକଙ୍କର ବକ୍ତବ୍ୟ ।

''ଅସମ ବିଷମ ସୁଷମ'' ଏକ ରାଜନୀତିକ କ୍ଷୁଦ୍ରଗଳ୍ପ । ସରକାରୀ ସ୍ତରରେ ଚାଲିଥିବା ''ରିଇମ୍ବର୍ସମେଣ୍ଟ'' ବ୍ୟବସ୍ଥାର ଦୁର୍ନୀତି ଏହାର ମୁଖ୍ୟ ଲକ୍ଷ୍ୟ । ପାପ ଧନ ଯେ ପ୍ରାୟଶ୍ଚିତ୍ତରେ ଯାଏ, ଏହା ଦର୍ଶାଇବାକୁ ଗାଳ୍ପିକ ପ୍ରୟାସ କରି ନାହାନ୍ତି ।

''ଯେବେ ପଶ୍ଚିମ ପୂର୍ବକୁ ପ୍ରବାହିତ ହୁଏ'' ଗଳ୍ପଟି ଆଧୁନିକ ସମାଜ ଧର୍ମୀ କ୍ଷୁଦ୍ରଗଳ୍ପ । ଗାଳ୍ପିକ ଏଥିରେ ଆନ୍ତର୍ଜାତିକ ବିବାହର ପକ୍ଷପାତୀ ହେଲେ ହେଁ ନିଜ ସଂସ୍କୃତିର ମହତ୍ତ୍ୱ ବଜାୟ ରଖିଛନ୍ତି ।

ଯୁକ୍ତ କାଣନରେ ବମଡ଼ା ବେକନିହ୍ୱରେ ତାଲିମ୍ ନେଉଥିବା ସମୟରେ ଜଣେ ବିଦେଶିନୀର ପ୍ରେମରେ ପଡ଼ିଛନ୍ତି । ତାପା ସମରେନ୍ଦ୍ର ନାରାୟଣ ହର୍ଟ ଅନୁସାରେ ବଂଶୀୟ ମହିଳା ଆର୍ଯ୍ୟସମାଜଦ୍ୱାରା ହିନ୍ଦୁ ହୋଇ, ଭାରତୀୟ ନାମ ସିପ୍ରା ଧାରଣ କରି, ଭାରତୀୟ ନାରୀର ବେଶଭୂଷାରେ ମଣ୍ଡିତା ହେବାରୁ ବନ୍ଧୁବାନ୍ଧବଙ୍କ ବିରୋଧ ସତ୍ତ୍ୱେ ସମରେନ୍ଦ୍ର ବିଦେଶିନୀକୁ ଗୋପ୍ତ ଗୁପ୍ତେ ସ୍ୱୀକାର କରିଛନ୍ତି । ସିପ୍ରା ବିଜାତୀୟ ହୋଇଥିବାରୁ ଗ୍ରାମବାସୀ ଓ ଅନ୍ୟମାନଙ୍କ ଦ୍ୱାରା ପ୍ରଣାଳ ସାତୁ ଯାହା ଫଳରେ ସମସ୍ତେ ତାର ସେବାପରାୟଣତା ମୁଗ୍ଧ ହୋଇ ସିପ୍ରାର ଗୁଣକୁ ଗାରିମା କରିଛନ୍ତି । ଗଳ୍ପଟିରେ ଲେଖକ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ଏକ ସମନ୍ୱୟ ସ୍ଥାପନ କରିଛନ୍ତି ।

''ସୁରଭି : ଏକ ତିନି ପ୍ରସ୍ତର'' ଗଳ୍ପଟି ଆମ ସମାଜର ''ଉଆଁସୀ କନ୍ୟା'' ସମ୍ପର୍କୀୟ ଅନ୍ଧବିଶ୍ୱାସ ଉପରେ ଆଧାରିତ ଏକ ସାମାଜିକ କ୍ଷୁଦ୍ରଗଳ୍ପ । ଗଳ୍ପଟିରେ ''ଉଆଁସୀ କନ୍ୟା'' ସମ୍ବନ୍ଧୀୟ ଭାବ

ଧାରଣାକୁ ଲେଖକ ଖଣ୍ଡନ କରି ତାକୁ ବୃନ୍ଦାବନୀରେ ମଣ୍ଡନ କରି ଗ୍ରାମ ସମାଜ ସଂସ୍କାର ଚିନ୍ତାକୁ ସ୍ପଷ୍ଟ ଦେଇଛନ୍ତି । ଗଳ୍ପଟି ସାମାଜିକ ଓ ସଂସ୍କାରଧର୍ମୀ ।

"ରାମାନନ୍ଦ : ଅନନ୍ତ ଅନ୍ୱେଷଣ" ଗଳ୍ପଟି ରାଜନୀତିକ । ଆଧୁନିକ ରାଜନୀତିରେ ମୂର୍ଖ, ମଦୁଆ, ମୂର୍ଖ, ଦୁର୍ନୀତିଗ୍ରସ୍ତ, ଗୁଣ୍ଡା, ଆସାମୀ କିପରି ନେତା ରୂପେ ନିର୍ବାଚିତ ହୋଇ ରାଜନୀତିର ମାନକୁ ଅତିତଳକୁ ଖସାଉଛନ୍ତି ବୁଦ୍ଧେନ୍ଦୁ ଚରିତ୍ର ମାଧ୍ୟମରେ ସାତ୍ତ୍ୱିକ ତାହା ଦର୍ଶାଇଛନ୍ତି । ବଳେ ମୁଣ୍ଡା ମଦୁଆକୁ ହାତରେ ରଖି ବଦେନ୍ଦୁ "କାର୍ଣ୍ଣିକେର"ରୁ "ନଗରପାଳ" ହୋଇଯାଉଛି । ମାତ୍ର କଲେଜ ପ୍ରତିଷ୍ଠା ଲକ୍ଷ୍ୟ ଦିବସରେ ଖାତିର ଦେଇ ନ ପାରି ଅପଦସ୍ତ ହେଉଛି । ସାମାଜିକ ବୃତ୍ତି ଯୋଗୁଁ ନିମ୍ନମାନର ଅଯୋଗ୍ୟ ବ୍ୟକ୍ତି କିପରି ରାଜନୀତିରେ ପ୍ରବେଶ କରୁଛନ୍ତି, କାହ୍ନିକ ତାହା ବର୍ଣ୍ଣାଉଛନ୍ତି

"ନିର୍ବେଦର ବେଦଧ୍ୱନି" "ଶ୍ରୀଯୁକ୍ତ ପ୍ରଧାନଙ୍କ ଅନ୍ୟ ଏକ ଗଳ୍ପ ସଙ୍କଳନ, ଏଥିରେ ଦଶଟି ଗଳ୍ପ ସ୍ଥାନ ପାଇଛି

"ନିର୍ବେଦର ବେଦଧ୍ୱନି" ଗଳ୍ପରେ କାଳୀଚରଣଙ୍କ ବର୍ଣ୍ଣିତ ଫକୀର ମୋହନଙ୍କ ଛମାଣ ଆଠଗୁଣ୍ଠ" ରାମଚନ୍ଦ୍ର ମଙ୍ଗରାଜ ଚରିତ୍ରଦ୍ୱାରା ପ୍ରଭାବିତ ହେଲେ ବି, ଲେଖକଙ୍କର ବ୍ୟକ୍ତିତ୍ୱ ଓ ମୌଳିକତ୍ୱ ଗଳ୍ପଟିର ପ୍ରତି ଛତ୍ରେ ଛତ୍ରେ ବିଦ୍ୟମାନ । ଏହା ଏକ ସାମାଜିକ ବ୍ୟଙ୍ଗଧର୍ମୀ କ୍ଷୁଦ୍ରଗଳ୍ପ ।

"ପ୍ରତିପାଦକ" ଏକ ରାଜନୈତିକ କ୍ଷୁଦ୍ରଗଳ୍ପ । ଲେଖକ ଏଥିରେ ସରକାରଙ୍କ "କୋଟା" ନୀତିକୁ ଆକ୍ଷେପ କରିବା ସଙ୍ଗେ ସଙ୍ଗେ ନିମ୍ନମାନର ଶିକ୍ଷକଙ୍କ ଯୋଗୁଁ ଶିକ୍ଷାର ମାନ କିପରି କମିଯାଏ, ତାହା ଦର୍ଶାଇଛନ୍ତି । ସରକାରଙ୍କ ଏହି ନୀତି ଯୋଗୁଁ ହଜାର ହଜାର ଛାତ୍ରଛାତ୍ରୀମାନେ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହୁଅନ୍ତି, ଧୂଆଁମୂଳା ଅଧୁଆ ମଧ୍ୟ ଏକ ଆସନରେ ବସନ୍ତି ତ୍ରୁଟିପୂର୍ଣ୍ଣ ସରକାରଙ୍କ ଏହି କୋଟା ନୀତିକୁ ଅନୁକୂଳ ତରଳ ମନ ନେଇ ସମାଲୋଚନା କରିଛନ୍ତି ।

"ହରକାରିଣୀ" ଗଳ୍ପଟି ଆଧୁନିକ ଯୌତୁକଜନିତ ସମସ୍ୟାକୁ ନେଇ ଗଢ଼ି ଉଠିଛି । ଫକୀର ମୋହନଙ୍କ 'ରେବତୀ' ଗଳ୍ପଦ୍ୱାରା ଲେଖକ ଅଧିକ ଭାବରେ ପ୍ରଭାବିତ ହେଲେ ବି ଏହା କ୍ଷେତ୍ରରେ ଗଳ୍ପିକଙ୍କର ମୌଳିକତ୍ୱ ନିହିତ । ଏଥିରେ ଲେଖା ହୋଇଥିବା ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ କାହ୍ନିକ ଆକ୍ଷେପ କରିଛନ୍ତି । ଗଳ୍ପଟି ଶିକ୍ଷଣୀୟ ଓ ସଂସ୍କାର ଧର୍ମୀ ବର୍ତ୍ତମାନ ସମାଜରେ ପ୍ରତ୍ୟେକ ଘଟୁଥିବା ଘଟଣାବଳୀ ଉପରେ ଆଧାରିତ ବସ୍ତୁନିଷ୍ଠ ବିଚାର କରେ ମୂଲ୍ୟାଙ୍କନର ପ୍ରଧାନଙ୍କ ଗଳ୍ପଗୁଡ଼ିକ ସୂତ୍ରଗଳ୍ପର ସମସ୍ତ ବୈଶିଷ୍ଟ୍ୟ ବହନ କରିଛି । ଶ୍ରୀଯୁକ୍ତ ହରିଭୂଷଣ ଚମ୍ପତିରାୟ ବିଜ୍ଞାନ ଶିକ୍ଷକ ହେଲେ ବି ତାଙ୍କର ସାହିତ୍ୟିକ ଜ୍ଞାନ ଯଥେଷ୍ଟ ଥିଲା । କିନ୍ତୁ ପ୍ରତିଭାଧାରୀ ଏହି ଶିକ୍ଷକ ଏକାଧାରରେ ଥିଲେ ଜଣେ କବି ଓ ପ୍ରାବନ୍ଧିକ । 'ବଟରା ଆଶ୍ରମେ', 'ଆମ୍ରକୁମି ଏକ ସୁନା ହରିଣରେ,' 'ଅନୁଶାସନ ଏକ ଅଭିଜାତ,' 'ଶେଷ ଅର୍ଘ୍ୟ ହେ ଉଦୟ ଭାନୁ', 'ଦରଗଛ'; 'ବୁଢ଼ା ବଳଦ', 'ହଜା ବଳଦ' ପ୍ରଭୃତି ତାଙ୍କ କବି ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରେ ।

**ଖୋର୍ଦ୍ଧା ହାଇସ୍କୁଲର ଛାତ୍ରମାନଙ୍କ ସାରସ୍ୱତ ସାଧନା**

**କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କୁ** କେବଳ ଜଣେ ନାଟ୍ୟକାର ବା ମହାନ ସଙ୍ଗୀତ ରଚୟିତା ଭାବେ ସୀମିତ ନ କରି ଓଡ଼ିଶା ସାହିତ୍ୟ ଓ ସଂସ୍କୃତିପାଇଁ ଲକ୍ଷ୍ମୀକାନ୍ତ ଏବଂ ଅନୁରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଧୁନିକ ଓଡ଼ିଆ ସାହିତ୍ୟରେ ସର୍ବଶ୍ରେଷ୍ଠ ନାଟ୍ୟକାର ଭାବରେ ସେ ସର୍ବଜନବିଦିତ ହୋଇଥିଲେ ମଧ୍ୟ ତାଙ୍କର ବହୁମୁଖୀ ପ୍ରତିଭାର ଆକଳନ କଲାବେଳେ ବାସ୍ତବିକ୍ ଆଶ୍ଚର୍ଯ୍ୟ ହେବାକୁ ହୁଏ । ରୀତିଯୁଗ ପରେ ଓଡ଼ିଆ ସାହିତ୍ୟରେ ସଙ୍ଗୀତ ରଚନାର ଯେଉଁ ପରମ୍ପରା ବିଲୁପ୍ତ ପ୍ରାୟ ହୋଇ ଆସୁଥିଲା । କାଳୀଚରଣ ତାହାକୁ ପୁନର୍ଜୀବିତ କରିଥିଲେ । ଆଧୁନିକ ଗୀତି କବିତା ରଚନାରେ ତାଙ୍କର ପାରଦର୍ଶିତା ଉଲ୍ଲେଖନୀୟ । ସାହିତ୍ୟର ପ୍ରତ୍ୟେକ ବିଭାଗରେ ସେ ଲେଖନୀ ଚାଳନା କରିଛନ୍ତି । ଅନ୍ୟୁନ ଚାଳିଶି ଗୋଟି ପ୍ରଣୀତ ନାଟକ, ଏକାଙ୍କିକା, କାବ୍ୟ-ନାଟିକା, ଗଳ୍ପ ଉପନ୍ୟାସ କବିତା, ଶିଶୁ ସାହିତ୍ୟ, ସଙ୍ଗୀତ ରଚନା, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପଦ୍ଧତି ଏବଂ କବି ଜୟଦେବଙ୍କ ସମ୍ପର୍କରେ ବହୁ ଉଚ୍ଚ କୋଟୀର ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟ-ଭଣ୍ଡାରକୁ ପରିପୁଷ୍ଟ କରି ଯାଇଛନ୍ତି । ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରଦାନ କରିବା ପଛରେ ତାଙ୍କ ଅବଦାନ ଓ ଏକକ ଉଦ୍ୟମ ନିହିତ । ସମଗ୍ର ଓଡ଼ିଆ ଜାତିର ସାଂସ୍କୃତିକ ଗୌରବ ପ୍ରତିପାଦନ କରିଥିବା ଏହି ବରିଷ୍ଠ ସାହିତ୍ୟିକଙ୍କ କୃତି ଓ କୀର୍ତ୍ତି ଅକ୍ଷୟ ରହିଥିବ । କାଳୀଚରଣଙ୍କ ଅନୁଦିତ ଲକ୍ଷ୍ମୀକାନ୍ତ ସାହିତ୍ୟ ସେବା ତାଙ୍କୁ ଚିରସ୍ଥାୟୀରେ ଜଣେ ଜାତିପ୍ରାଣ ସଂସ୍କୃତି ପ୍ରେମୀ ମର୍ଯ୍ୟାଦା ପ୍ରଦାନ କରିବ । ରାମନାରାୟଣ ତାଙ୍କ ନାଟ୍ୟ ଜୀବନର ସୂତ୍ରପାତ ଘଟିଥିଲା ।

କାଳୀଚରଣଙ୍କ ସାହିତ୍ୟିକ କୃତି ହେଲା - ନାଟକ- ଧ୍ରୁବ, ହରିଶ୍ଚନ୍ଦ୍ର, ମୁକ୍ତା, ଶକୁନ୍ତଳା, ଚନ୍ଦ୍ରଭାଗା, ବିଦ୍ୟାବତୀ, ବାଂଶରୀ ବିଳାପ, ଲକ୍ଷ୍ମୀ, କୌଣ୍ଡୁକ ଚିନ୍ତାମଣି, ଶ୍ରୀ ଗୀତ ଗୋବିନ୍ଦ, ଗୀତି ସୁଧାକର, ଅଭିସାର ଦେଖା ମାଳିକା, ପ୍ରତିଶୋଧ, କାର୍ତ୍ତବୀର୍ଯ୍ୟ, ଆହୁତି, ଦୁର୍ମିଳ, ଭାତ, ପରିବର୍ତ୍ତନ, ଜୟଦେବ, ଚରଣଦାସ, ଜଗନ୍ନାଥ, ଅଭିଯାନ, ଚକ୍ରା, ବେକାର ବଣଗୁଣ୍ଡା, ଭଉଣୀ, ବନମାଳୀ, ଘଟ ଭାଙ୍ଗି, ଶାରଳା ବାଈ, ଗଜ ମାଦାର, କନକ, ଦୀରାଖଣ୍ଡ, ଅଦାଳ, ମାଳତୀ, ଯୁଦ୍ଧ ଯୁଦ୍ଧ ଅନ୍ୟତ୍ର, ରୁଖା ।

କାବ୍ୟ ନାଟିକା- ଅନନ୍ତ, ନୃତ୍ୟ ନାଟିକା- ଶାସ୍ତ୍ରକୋପ କ, ମାଳିକା, ଗୀତଗୋବିନ୍ଦ, ପଞ୍ଚକୃଷ୍ଣ, ମାଣିକ, କେହି ଦଲ୍ଲବ ମୁକ୍ତାଭର, ଚକ୍ରିକା, ଏକାଙ୍କିକା- ଛକ୍କାଭଙ୍ଗା, ଷଡରସ, ସପ୍ତପର୍ଣ୍ଣୀ, ଯୁଗ ପୁରୁଷ, ଯୁଗ ଯୋଗୀ ୧ (ହିନ୍ଦୀ) ନନ୍ଦାବାର୍ଷି (ପୌରାଣିକ) ଦୋଷ କେଉଁଠି (ପୌଢ଼ ଶିକ୍ଷା) ପଞ୍ଚ- ବନଫୁଲ, ବ୍ୟଙ୍ଗ କବିତା ତାଳି ପେଷନ୍, ଦରଣ ଚୁଡ଼ିଆ ଭଙ୍ଗା, କବିତା ସଙ୍କଳନ- କଣ୍ଢିକା ଫୁଲ ରେଣୁ । ଜାସକାଠିଆ- ଯୁଗ ପୁରୁଷ, ସଙ୍ଗୀତ- ସଙ୍ଗୀତ ସାର, ଗୀତ ମଞ୍ଜରୀ, କବିଚନ୍ଦ୍ର ଗୀତାବଳୀ (ଓଡ଼ିଶୀ ଓ ଲଘୁ ସଙ୍ଗୀତ), ଭଜନ ଜଣାଣ, ଓ ପଲ୍ଲୀ ଗୀତ ନାଟ୍ୟ ବିବରଣ- ନଅଧାରା, ଆତ୍ମଜୀବନୀ- କୁମ୍ଭାର ଚକ, ସମ୍ପାଦନା- ଚିଲିକା ବିଧି ଗୀତାବଳୀ, କ୍ଷୁଦ୍ର ଉପନ୍ୟାସ- କନକ କନ୍ୟା, ଏତଦ୍ ବ୍ୟତୀତ ପାଟ ରଚନା ସମ୍ପାଦ ସାଧନା ଓ ଜୀବନୀ ରଚନାରେ କବିଚନ୍ଦ୍ର କାଳୀଚରଣଙ୍କର ସ୍ୱାକ୍ଷର ରହିଛି । ତାଙ୍କର ଗୀତଶ୍ରେଣିକ ''କବିଚନ୍ଦ୍ର ଗୀତାବଳୀ'' ଶୀର୍ଷକ ଚାରି ଖଣ୍ଡରେ ପ୍ରକାଶ ପାଇଛି । ଓଡ଼ିଶୀ 'ଲଘୁ ସଙ୍ଗୀତ', ଭଜନ, ଜଣାଣ ଓ ପଲ୍ଲୀ ସଙ୍ଗୀତକୁ ନେଇ ଏହା ଖଣ୍ଡଗୁଡ଼ିକ ସମୃଦ୍ଧ । ଓଡ଼ିଶୀ ନୃତ୍ୟକଳା ଓ ଓଡ଼ିଶୀ ସଙ୍ଗୀତର ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠାପାଇଁ ତାଙ୍କର ଉଦ୍ୟମ ଅବିସ୍ମରଣୀୟ । ସମ୍ଭବତଃ ବେତାର କେନ୍ଦ୍ରର ସେ ଥିଲେ ପ୍ରଥମ ଓଡ଼ିଆ କଳାଶିଳ୍ପୀ । ୧୯୧୭ ମସିହାରେ ତାଙ୍କର କବିତ୍ୱ ଖ୍ୟାତି ଗଜପତି ରାମଚନ୍ଦ୍ର ଦେବ ତାଙ୍କୁ ''କବିଚନ୍ଦ୍ର'' ଉପାଧିରେ ସମ୍ମାନିତ କରିଥିଲେ । ୧୯୭୪ ଉତ୍କଳ ସାହିତ୍ୟ ସମାଜ ଓ ୧୯୭୫ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯଥାକ୍ରମେ ''ନାଟ୍ୟାଚାର୍ଯ୍ୟ'' ଓ ବ୍ରହ୍ମପୁରସ୍ଥିତ ''ଡକ୍ଟରେଟ୍'' ଉପାଧିରେ ଭୂଷିତ କରିଥିଲେ । ଭାରତ ସରକାର ତାଙ୍କୁ ''ପଦ୍ମଶ୍ରୀ'' ଉପାଧିରେ ସମ୍ମାନିତ କରିଥିଲେ କାଳୀଚରଣ ଏକ ବ୍ୟକ୍ତି ନ ଥିଲେ ସେ ଥିଲେ ଓଡ଼ିଶାର ଏକ କର୍ମମୁଖର ଅନୁଷ୍ଠାନ । ଦୀର୍ଘ ଛାଠିଏ ବର୍ଷ ଧରି ଓଡ଼ିଶାର ନାଟ୍ୟ-ସାହିତ୍ୟ, ମଞ୍ଚ, ସଙ୍ଗୀତ ଓ ନୃତ୍ୟକଳା କ୍ଷେତ୍ରରେ ତାଙ୍କର ସାଧନା ଓଡ଼ିଆ ଜାତିର ଆତ୍ମ ସମ୍ମାନ ପ୍ରତିଷ୍ଠାରେ ସହାୟକ ହୋଇଛି । କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ତାଙ୍କୁ ସମ୍ମାନ ସୂଚକ ଫେଲୋସିପ୍ ଓ ୧୯୭୬ ମସିହାରେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ''କୁମ୍ଭାରଚକ'' ଆତ୍ମଜୀବନୀପାଇଁ ତାଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ସୂଚକ ପୁରସ୍କାର ପ୍ରାପ୍ତି କରାଇଛି ।

**କବିମାୟାଧର ମାନସିଂହ** ଏକାଧାରରେ କବି, ସମାଲୋଚକ, ଶିକ୍ଷାବିତ୍, ଔପନ୍ୟାସିକ, ଗାଳ୍ପିକ ଓ ନାଟ୍ୟକାର । ମାନସିଂହ ଥିଲେ ରାଧାନାଥଙ୍କ ପରି ସ୍ୱପ୍ନପ୍ରାଣ, ରସିକ, ରୋମାଣ୍ଟିକ୍ । ତାଙ୍କ କବିତାରେ ପ୍ରେମ ଓ ପ୍ରଣୟ ଚେତନା ଅତ୍ୟନ୍ତ ସ୍ୱାଭାବିକ, ମୌଳିକ ଭିତ୍ତିର ପ୍ରକାଶକ 'ଧୂପ'ର ପ୍ରେମ ପରକାଷ୍ଠା, 'ହେମଶସ୍ୟ'ରେ ସ୍ୱକୀୟ, ପୁଣି 'କୃଷ'ରେ ଗାର୍ହସ୍ଥ୍ୟରେ ରୂପୋଲର । ମାନସିଂହଙ୍କ ପ୍ରେମ ଓ ସୌନ୍ଦର୍ଯ୍ୟ ଚେତନାର ସମ୍ପର୍କ ଅତି ଘନିଷ୍ଠ । ସେ ଥିଲେ ଜାତୀୟ ଚିନ୍ତାଧାର ପୂଜାରୀ । କନାକୁ ଆଧାର କରି 'ମା ଓଡ଼ିଶା' ଇତିହାସ ରଚନ, 'ବନ୍ଦେ ଉତ୍କଳ ଜନନୀ', 'କୋଣାର୍କ କହାଣି', 'ତଥପୋତ ବିଳାପ' 'ଚିଲିକା' ଆଦିରେ ପଡ଼ିଛି । ତାଙ୍କ ସ୍ୱଦେଶୀ ଚେତନାର ଅନ୍ୟ ଏକ ଦିଗ ବ୍ୟକ୍ତି ନିରପେକ୍ଷ କଳାର ଯଥାଯଥ ବିଶ୍ଳେଷଣ, ଅନୁଭୂତି କଳ୍ପ ଚିନ୍ତାଧାରା, ବଳିଷ୍ଠ ଭାଷା ଓ ଭାବଧାରା କବିତାରେ ପ୍ରାଣ ସଞ୍ଚାର କରିବା ତାଙ୍କର ଅନ୍ୟତମ ବୈଶିଷ୍ଟ୍ୟ । ମାନସିଂହଙ୍କ କାବ୍ୟ ଜଗତ ଓ ପୃଥିବୀ ଓ ମଣିଷକୁ ନେଇ । ମଣିଷ ତାଙ୍କର ଏକାନ୍ତ ପ୍ରିୟତମ, ପରମ ଆତ୍ମୀୟ । ତାଙ୍କ ପ୍ରତିଭା ବହୁମୁଖୀ ମାତ୍ର ଜାତି କବି ହିସାବରେ ସେ ଅଧିକ ପରିଚିତ । ରାଧାନାଥ ସାହିତ୍ୟ ଓ ସତ୍ୟବାଦୀ ସାହିତ୍ୟ ଦେଇ ସବୁଜ ଚେତନା ସମନ୍ୱିତ ସାହିତ୍ୟ ପର୍ଯ୍ୟନ୍ତ ଗତିବାରୁ ରୋମାଣ୍ଟିକ୍ ଚିନ୍ତାଧାରା କାବ୍ୟ କବିତା କ୍ଷେତ୍ରରେ ଯେଉଁ ବିଭିନ୍ନ ବିଭାବ ଆତ୍ମ ପ୍ରକାଶ କରିଥିଲା, ତାହି ମାନସିଂହଙ୍କ କବିତାରେ ତାହା ଏକତ୍ର ସମନ୍ୱିତ ହୋଇଛି । ରାଧାନାଥଙ୍କ ପ୍ରକୃତି ପ୍ରୀତି ରାଧାନାଥ ଓ ସତ୍ୟବାଦୀର ଜାତୀୟତା, ରୋମାଣ୍ଟିକ ପ୍ରେମ ଓ ସୌନ୍ଦର୍ଯ୍ୟ, ସର୍ବୋପରି ସବୁଜ ଚେତନା ସମ୍ପୃକ୍ତ ସମର ବିମୁଖ, ପଳାୟନ ମନୋଭାବ ଏକତ୍ରିତ ହୋଇ ତାଙ୍କ ସୃଷ୍ଟି ସମ୍ଭାରକୁ ରୋମାଣ୍ଟିକ କାବ୍ୟ ସଫଳତା ପ୍ରଦାନ କରିଛି । ''ତାଙ୍କ ମନ ଉପରେ ପାଶ୍ଚାତ୍ୟ, ବଙ୍ଗଳା ଓଡ଼ିଆ ଓ ସଂସ୍କୃତ ସାହିତ୍ୟର ପ୍ରଭାବ ସୁସ୍ପଷ୍ଟ ତଥାପି ତାଙ୍କ କବିତାର ହାର୍ଦ୍ଦିକୋଣ ଏକାନ୍ତଭାବେ ଓଡ଼ିଆ ।''

ଡଃ କୁଞ୍ଜବିହାରୀ ଦାଶ ମାନସିଂହଙ୍କ ଜୀବନୀ ଓ ଜୀବନ ପ୍ରସଙ୍ଗରେ ଲେଖିଛନ୍ତି, ସେ କେତେବେଳେ ପ୍ରେମିକ, କେତେବେଳେ ପ୍ରଣୟୀ, କେତେବେଳେ ପ୍ରକୃତି ରସିକ, ଯୌବନ ପୂଜାରୀ, କେତେବେଳେ ସୌନ୍ଦର୍ଯ୍ୟବାଦୀ, ମାନବ ପ୍ରେମୀ, ସଂସ୍କାରକ, କେତେବେଳେ ସ୍ୱାଧୀନଚେତା, ସ୍ୱଚ୍ଛନ୍ଦ ବିହାରୀ, କେତେବେଳେ ଋଷି ବା ଆତ୍ମନିଷ୍ଠ ।

ମାନସିଂହ ପ୍ରତିଭାର ସ୍ଫୁରଣ ଘଟିଥିଲା ଯେତେବେଳେ ସେ ଖୋର୍ଦ୍ଧା ଉଚ୍ଚ ଇଂରାଜୀ ବିଦ୍ୟାଳୟର ଛାତ୍ର ଥିଲେ । ନବମ ଶ୍ରେଣୀର ଛାତ୍ର ଥିବା ବେଳେ ସେ ''ଜନ୍ମାଷ୍ଟମୀ'' ନାମକ ଏକ କବିତା ଲେଖିଥିଲେ ଜାତୀୟ ଭାବରେ ପ୍ରଶଂସିତ ହେଲା । ସେପରି ମଧ୍ୟ ସେ ମାଆ ଓଡ଼ରୀ କବିତା ରଚନା କରିଥିଲେ । ଏହି ସ୍ୱପ୍ନବିହାରୀ ରୋମାଣ୍ଟିକ କବି କିନ୍ତୁ ଦ୍ୱାଦଶ କବିତା 'ସୂର୍ପଣଖା' ସୃଷ୍ଟି କରିଥିଲେ । ପୌରାଣିକ 'ସୂର୍ପଣଖା'ଠାରୁ ଏହାର ରୁଚିବୋଧ ଭିନ୍ନ । 'ଜନ୍ମାଷ୍ଟମୀ' ଓ 'ସୂର୍ପଣଖା' କବିତା ତାଙ୍କ ରଚନା କହାରେ ଏଯାବତ୍ ପ୍ରକାଶିତ

ହୋଇ ନାହିଁ । ମାନସିଂହଙ୍କ ସାହିତ୍ୟ ସୃଷ୍ଟି ଅନବଦ୍ୟ ଅପୂର୍ବ ସୁଷମା ମଣ୍ଡିତ ଓ ବହୁଧା ବିଭକ୍ତ । ତାଙ୍କର ସୃଷ୍ଟି ସମ୍ଭାର ଯେପରି ବିଶାଳ ସେହିପରି ଉଦାର ମଧ୍ୟ ।

ମାନସିଂହଙ୍କ ରଚନା ସମ୍ଭାର- କବିତା ପୁସ୍ତକ- ଧୂପ, ହେମଶସ୍ୟ, ହେମପୁଷ୍ପ, କୋଣାର୍କ, ପ୍ରେମ ପୁଷ୍ପ, ପ୍ରେମ ଶସ୍ୟ, ଅନ୍ତଃ, କୃଷ୍ଣ, ମାଟିବାଣୀ, ଜୀବନ ଚିତା, ବାପୁ ତର୍ପଣ, ସିନ୍ଧୁ ଓ ବିନ୍ଦୁ, ସ୍ୱରାଜ୍ୟାଞ୍ଜଳି, ବିଦେଶୀ କବିତା, ଗୀତକୋଣ୍ଡ, ସାହିତ୍ୟ ପ୍ରଭା (ପ୍ରବନ୍ଧ ଓ କବିତା ସମାହାର) ସଙ୍କଳନ କାବ୍ୟ- ଉତ୍କଳିକ, ନିକ୍ୱଣ, ସାଧବ ଝିଅ, ଶୁଭଦୃଷ୍ଟି, ଜେମା, କମଳାୟନ, ମାନସିଂହ ଚୟନ (୧ମ ଓ ୨ୟ), ମାନସିଂହ ଗ୍ରନ୍ଥାବଳୀ (୧ମ ଓ ୨ୟ ଭାଗ)

ନାଟକ- ନାଟିକା- ଗୀତି ନାଟ୍ୟ- ରାଜ କବି , ପୁଷ୍ପିତା, ପୁଷ୍ପ ଜିଣା, ନନ୍ଦନାନ୍ଦ, ବାଗଦତ୍ତା, କୃଷ୍ଣ, ଶାସନ ତନ୍ତ୍ର, ଦୁର୍ଭିକ୍ଷ, ବୃହନ୍ନୂତି ପୁଷ୍ପ ଭିନର ।

ଭ୍ରମଣ କାହାଣୀ- ପଶ୍ଚିମ ପଥିକ, ଉପନ୍ୟାସ- ଅନ୍ୱେଷଣ, ପ୍ରବନ୍ଧ ଓ ସମାଲୋଚନା- କବି ଓ କବିତା, ଜୀବନ ପଥ, ସାହିତ୍ୟ ପ୍ରଭା, ଓଡ଼ିଆ ସମାଜ ଓ ସାହିତ୍ୟ, ଶିକ୍ଷା, ଶିକ୍ଷକ ଶିକ୍ଷାୟତନ, ମାଟିର ମହାକବି ସାରଳା ଦାସ, ସରସ୍ୱତୀ ଫକୀର ମୋହନ, ଓଡ଼ିଆ ସାହିତ୍ୟର ଇତିହାସ, ଜୀବନ ପଥ, ଶିକ୍ଷାର କିଂ କଣ କାହିଁକି ?

ଜୀବନୀ ଓ ପ୍ରବନ୍ଧ- ଶିକ୍ଷାବିତ୍‌ର କଥା, ଜୀବନୀ ଓ ପ୍ରବନ୍ଧ ଅନୁବାଦ- ଗ୍ରାମୋଲବତିର ରୋମାଞ୍ଚକର କାହାଣୀ, ଓଥେଲୋ, ଗୁରୁ ନାନକ ବାଣୀ ଓ ରଚନା ଗଳ୍ପପଦ (ସଟୀକ), ଶ୍ରୀମଦ୍ ଭାଗବତ (ସଟୀକ), ସଂକଳନ- ମହତ୍ ବାଣୀ, ଜ୍ଞାନକୋଷ, ଇଂରାଜୀ ରଚନା - History of Oriya Literature, Citizen Education, Dream in Education, Kali Das and Shakes pear, Ripples of Mohanadi, The Saga of the land of Jagannath, Fakir Mohan senapati, Maker of Indian Literature.

ମାନସିଂ ୧୯୨୨ରେ କୋର୍ଣ୍ଣା ସ୍କୁଲରୁ ମାଟ୍ରିକ, ୧୯୨୮ରେ ଆଏ, ୧୯୩୦ ମସିହାରେ ରେଭେନ୍ସାରୁ ବି.ଏ (ଇଂରାଜୀ ଅନର୍ସ ୨ୟ ଶ୍ରେଣୀ), ଓ ୧୯୩୨ ମସିହାରେ, ଏମ୍.ଏ ପାଶ୍ ପରେ ଗବେଷଣା ବୃତ୍ତି ପାଇ ଲଣ୍ଡନ ଯାଇଥିଲେ, ଡରହାମ୍ ବିଶ୍ୱବିଦ୍ୟାଳୟରେ କାଳିଦାସ ଓ ସେକ୍ସପିୟର ଉପରେ ତୁଳନାତ୍ମକ ଅଧ୍ୟୟନ କରି ପି.ଏଚ୍.ଡି. ଉପାଧି ପ୍ରାପ୍ତ ହୋଇଥିଲେ । ସେ ଶିକ୍ଷକ, କିଂସା ଚରାମଣି ବଡ଼, ରାନ୍ସେନ୍ସରେ ଓଡ଼ିଆ ଅଧ୍ୟାପକ, କର୍ମ ନିର୍ବାହ କରି ମେଦର କଲେଜର ଅଧ୍ୟକ୍ଷ ପଦବୀରୁ ଅବସର ନେଇଥିଲେ ।

**ବିଚ୍ଛନ୍ଦ ଚରଣ ପଟ୍ଟନାୟକ** କୋର୍ଣ୍ଣା ହାଇସ୍କୁଲର ଜଣେ ଉଚ୍ଚ ପ୍ରତିଭା ସମ୍ପନ୍ନ ଛାତ୍ର । ସେ ଜଣେ ସ୍ୱାଭିମାନୀ, ଉଚ୍ଚନୀୟ ଜନତାନାୟକରେ ସଜ୍ଜିବାତ ହୋଇ ରହିଛନ୍ତି । ସାହିତ୍ୟ ସୃଷ୍ଟି ଓ ସଂଗଠନ କ୍ଷେତ୍ରରେ ସେ ଜଣେ ବିରଳ ବ୍ୟକ୍ତିତ୍ୱ । ଯେତେବେଳେ ଓଡ଼ିଶାର କବି ଭାବୁକମାନେ ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧ ଅନୁକରଣ କରି ନିଜର ଗୌରବମୟ ପ୍ରାଚୀନ ପରମ୍ପରା ସଂସ୍କୃତି ଓ ସାହିତ୍ୟ ପ୍ରତି ବୀତଶ୍ରଦ୍ଧ ହୋଇ ଉଠିଥିଲେ, ସେତିକି ବେଳେ ଓଡ଼ିଶାର ମହା-ଉଜ୍ଜ୍ୱଳମୟ ପରମ୍ପରା ଓ ସଙ୍ଗୀତ ସାହିତ୍ୟର ପୁନଃ ପ୍ରତିଷ୍ଠା ପାଇଁ ଆଜୀବନ ସଂଗ୍ରାମ କରି ଆସିଥିଲେ । ଓଡ଼ିଶାର ମହିମାମଣ୍ଡିତ ପରମ୍ପରାକୁ ଯଥାଯୋଗ୍ୟ ସମ୍ମାନଦେବା ତାଙ୍କର ଏକମାତ୍ର ଧ୍ୟାନ, ଧର୍ମ ଓ କାମ୍ୟ ଥିଲା ।

ବିଚ୍ଛନ୍ଦ ଚରଣ ଥିଲେ 'କଳିଙ୍ଗ ଭାରତୀ' ଓ ଛାତ୍ର-ସାହିତ୍ୟ ସମାଜର ସଭାପତି । ଉକ୍ତ ଅନୁଷ୍ଠାନ ତରଫରୁ ପ୍ରତିବର୍ଷ ଉଞ୍ଜ ଜୟନ୍ତୀ ଓ ରାଜପୁତ୍ର ମହୋତ୍ସବ ପ୍ରଭୃତି ପାଳନ କରାଯାଉଥିଲା । ଏହାଦ୍ୱାରା ସେ ଓଡ଼ିଆ ପ୍ରାଣରେ ବହିଷ୍ଣୁ ଜାତୀୟ ଚେତନା ଉଦ୍ରେକ କରିବା ସହେ ସଙ୍ଗେ ପ୍ରାଚୀନ ପରମ୍ପରା ଓ ସାହିତ୍ୟ ପ୍ରୀତି ସଂଚାରଣ କରୁଥିଲେ । ଉତ୍କଳୀୟ ସାଂସ୍କୃତିକ ଜୀବନର ପୁନର୍ଜାଗରଣପାଇଁ ତାଙ୍କର ମହନୀୟ ପ୍ରଚେଷ୍ଟା ଥିଲା ବାସ୍ତବିକ ଅଭିନନ୍ଦନୀୟ । ବିଭିନ୍ନ ରାଗରାଗିଣୀ ସଂବଳିତ ଓଡ଼ିଶୀ ସଙ୍ଗୀତ ଓ ଛାନ୍ଦ, ଚଉପଦୀ, ଚମ୍ପୂ ଆଦି ପ୍ରାଚୀନ ଓ ମଧ୍ୟଯୁଗୀୟ କବିତାର ବିପୁଳ ସମ୍ଭାର ପ୍ରତି ନବସାହିତ୍ୟ ଉତ୍କଳୀୟଙ୍କର ଦୃଷ୍ଟିକୋଣ ପରିବର୍ତ୍ତନ ଓ ଅନୁରକ୍ତି ସୃଷ୍ଟିର ପଛରେ ପ୍ରଧାନ ଭାବରେ ବିଚ୍ଛନ୍ଦ ବାବୁଙ୍କ ଅନୁପ୍ରେରଣା ନିଶ୍ଚିତ ଭାବେ ଯେ ବିଦ୍ୟମାନ ଥିଲା, ଏହା ଅନସ୍ୱୀକାର୍ଯ୍ୟ ।

ବିଚ୍ଛନ୍ଦ ଚରଣ କେବଳ ଜଣେ ସାହିତ୍ୟ-ସଂଗଠକ ନଥିଲେ; ସେ ଥିଲେ ଏକାଧାରରେ ଜଣେ ସଫଳ କବି, ସମାଲୋଚକ, ଅନୁବାଦକ ଓ ସମ୍ପାଦକ । ତାଙ୍କର କବିତା- କୁସୁମ ନାମକ କବିତା ସଙ୍କଳନ ତାଙ୍କର କାବ୍ୟିକ ପ୍ରତିଭାର ସ୍ୱାକ୍ଷର ବହନ କରେ । ପ୍ରାଚୀ ସମିତିର ପ୍ରାଚୀନ ଗ୍ରନ୍ଥମାଳା ସଂକଳନ, ସମ୍ପାଦନା, ମୁଦ୍ରଣ ଓ ପ୍ରକାଶନ କାର୍ଯ୍ୟରେ ସେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ଥିଲେ । ପ୍ରାଚୀ ସମିତିର ସମ୍ପାଦକ ଭାବେ ସେ ନିୟମିତ ଭାବେ ପ୍ରକାଶନ କାର୍ଯ୍ୟରେ ଲିପ୍ତ ରହୁଥିଲେ ଓ ପ୍ରାଚୀ ଗ୍ରନ୍ଥମାଳାର ବହୁ ପୁସ୍ତକର ସେ ସାର ସର୍ବସ୍ୱ ମୁଖବନ୍ଧ ସଂଯୋଜନା କରିଥିଲେ । ତାଙ୍କ ବିଶିଷ୍ଟ ଅନୂଦିତ ପୁସ୍ତକ ହେଉଛି 'କବି ସମ୍ରାଟ, ରସିକ ହାର ଦନ୍ଧୀ, ପ୍ରେମ ସୁଧାନିଧି ପ୍ରଭୃତି ଭଞ୍ଜୀୟ କାବ୍ୟର କେତେ ଛାନ୍ଦ ଇଂରାଜୀରେ ଅନୁଦିତ ହୋଇ ପ୍ରକାଶ ପାଇଛି । ଇଂରାଜୀ ଅନୁବାଦ କରି ଦ୍ୱାରା ସେ ଉପେନ୍ଦ୍ର, ଅଭିମନ୍ୟୁ ପ୍ରଭୃତିଙ୍କୁ ଆନ୍ତର୍ଜାତିକ ସ୍ତରରେ ପରିଚିତ କରାଇଛନ୍ତି ।

**ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ରାଉତରାୟ** ଆଧୁନିକ କବିତା କ୍ଷେତ୍ରରେ ଏକ ସୁପରିଚିତ ବିରଳ ବ୍ୟକ୍ତିତ୍ୱ । କୋର୍ଣ୍ଣା ହାଇସ୍କୁଲର ଛାତ୍ର ଥିବା

ସମୟରୁହିଁ ତାଙ୍କର କବି ପ୍ରତିଭା ସ୍ଫୁରିତ ହୋଇଥିଲା । ଓଡ଼ିଆ ସାହିତ୍ୟରେ ସେ ଜଣେ ସୁପ୍ରତିଷ୍ଠିତ ଓ ସୁନାମଧନ୍ୟ କବି । ଆଧୁନିକ ଓଡ଼ିଆ ସାହିତ୍ୟରେ ସେ ସର୍ବଶ୍ରେଷ୍ଠ ଶକ୍ତିଶାଳୀ ସାଧକ । ସାହିତ୍ୟର ବିଭିନ୍ନ ବିଭାଗରେ ହସ୍ତ ଚାଳନା କରି ଏପରି ଯଶସ୍ୱୀ ହେବା ବିରଳ ବ୍ୟକ୍ତି ପରିଦୃଷ୍ଟ ହୁଏ । ବାଲ୍ୟ ଜୀବନରୁ ସେ ଜାତୀୟ ବାମପନ୍ଥୀ ସାମ୍ୟବାଦ ଆନ୍ଦୋଳନରେ ଯୋଗ ଦେଇ ପ୍ରଗତିଧର୍ମୀ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ । ତାଙ୍କ ରାଜନୈତିକ ମତବାଦ ଯାହା ହେଉନା କାହିଁକି, ସେ ଜଣେ କଳାର ସାଧକ ହିସାବରେ ଅପୂର୍ବ ସୃଷ୍ଟି ପ୍ରତିଭାର ଅଧିକାରୀ ହୋଇଥିଲେ । କଟକରେ ଅଧ୍ୟୟନ ସମୟରେ ସେ କଂଗ୍ରେସ ଆନ୍ଦୋଳନ, ଗଡ଼ଜାତ ପ୍ରଜା ଆନ୍ଦୋଳନ, କୃଷକ ଆନ୍ଦୋଳନ ଓ ଛାତ୍ର-ଆନ୍ଦୋଳନ ପ୍ରଭୃତିରେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ତାଙ୍କର ଉଗ୍ର ଜାତୀୟତାବାଦୀ କବିତା ସଂକଳନ ''ରକ୍ତ ଶିଖା'' ୧୯୩୯ ମସିହାରେ ଇଂରାଜୀ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ଘୋଷିତ ହୋଇଥିଲା । ସବୁଜ-ସାହିତ୍ୟ ଆନ୍ଦୋଳନ ସମୟରେ ତାଙ୍କର କଥା ସାହିତ୍ୟ ସାରା ଓଡ଼ିଶାରେ ବିଶେଷ ଚହଳ ସୃଷ୍ଟି କରିଥିଲା । ପ୍ରଜା ଆନ୍ଦୋଳନକୁ ଭିତ୍ତି କରି ଶହୀଦ ହୋଇଥିବା ବାଜିରାଉତ ତାଙ୍କ ଲେଖନୀରେ ରୂପ ନିଏ । ହରୀନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଇଂରାଜୀରେ ଅନୂଦିତ ପୁସ୍ତକ "The Boatman Boy and forty other poems. ତାଙ୍କୁ ସର୍ବଭାରତୀୟ ଓ ସାହିତ୍ୟ ଜଗତରେ ପ୍ରତିଭାର ମୂଲ୍ୟାୟନ ପାଇଁ ଅଧିକ ସୁଯୋଗ ଉପସ୍ଥିତ କରାଏ ।

ସମାଲୋଚକଙ୍କ ଭାଷାରେ ''ଆଧୁନିକ ଓଡ଼ିଆ କାବ୍ୟ ବିଚାରର ଏକ ନୂତନ ସୂତ୍ର ହେଉଛନ୍ତି ସଚ୍ଚିଦାନନ୍ଦ ରାଉତରାୟ । ବିଂଶ ଶତାବ୍ଦୀର ଚତୁର୍ଥ ଦଶକରୁ ଯେଉଁ ପ୍ରଗତିବାଦୀ ଓ ପ୍ରୟୋଗବାଦୀ ଚିନ୍ତାଧାରା ଓଡ଼ିଆ କବିତା କ୍ଷେତ୍ରରେ ଦେଖିବାକୁ ମିଳିଲା ଶ୍ରୀ ରାଉତରାୟ ଥିଲେ ଏ ଉଭୟର ସଂଯୋଗ ସେତୁ । ପ୍ରାଥମିକ ପର୍ଯ୍ୟାୟରେ ସେ ରୋମାଣ୍ଟିକ କବିତା ରଚନା କରିଥିଲେ ହେଁ ପରେ ପରେ ସେ ପ୍ରଗତିବାଦୀ ସ୍ୱରର ସମର୍ଥକ ଭାବେ ପରିଚିତ ହୋଇଛନ୍ତି । ବସ୍ତୁତନ୍ତ୍ରୀୟ ରୋମାଣ୍ଟିକ୍ ଆଦର୍ଶ ଓ ପ୍ରଗତିବାଦୀ ଜୀବନ ଆଭିମୁଖ୍ୟ ଏ ଉଭୟର ଏକ ସମଧୁର ସମ୍ମିଶ୍ରଣ ରାଉତରାୟ ।''

କେବଳ ଜଣେ କବି ଭାବରେ ନୁହେଁ, ସେ ଜଣେ ଯଥାର୍ଥ ଗାଳ୍ପିକ ଭାବରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି । ଗଳ୍ପଗୁଡ଼ିକ ତାଙ୍କ ସୃଜନଶୀଳ ପ୍ରତିଭାର ପରିଚୟ ଦିଏ । ରାଉତରାୟଙ୍କ ଗଳ୍ପ ସଂପର୍କରେ ସମାଲୋଚକ ବୈଷ୍ଣବ ଚରଣ ସାମଲ ଲେଖିଛନ୍ତି- ''ଶ୍ରୀ ରାଉତରାୟଙ୍କ ଗଳ୍ପସବୁ ମୁଖ୍ୟତଃ ମାର୍କସୀୟ ଦ୍ୱନ୍ଦ୍ୱାତ୍ମକ ବାସ୍ତବବାଦୀ ବିଶ୍ଳେଷଣ ଓ ରାଜତନ୍ତ୍ର ବିରୁଦ୍ଧରେ ପ୍ରଜା ଆନ୍ଦୋଳନ ଓ ରାଜା ତଥା ଜମିଦାର ମାନସିକ ସଂଘର୍ଷ ସମତା ଦୃଷ୍ଟ ରାଜନୀତିଜ୍ଞମାନଙ୍କର ଜାତୀୟ ହମବଡ଼ି ଶୋଷଣ ଓ ବିଦ୍ରୋହ ପ୍ରଭୃତି ଜୀବନରେ କାଳବି ଭାବ ସଂଘର୍ଷକୁ ଦେଖିବାକୁ ମିଳେ ।''

କବି ରାଉତରାୟ ବାସ୍ତବବାଦୀ ଶିଳ୍ପୀ । ସେ ପଳାୟନବାଦୀ ସବୁଜ ଗୋଷ୍ଠୀଙ୍କୁ ସମ୍ବୋଧନ କରି କହିଥିଲେ

ଆରେ ଆରେ ପଳାୟକ ପାନ୍ଥ !
ପଳାଇବୁ ଆଜି କାହିଁ ଛିଡ଼ କରି ଧରଣୀର ଗ୍ରନ୍ଥି
ଲୁଚିବୁ ବା କାହିଁ ?
ମୃତ୍ତିକାର ଏତେ ଦାବୀ ପାରିବୁ କି ଆଜି ତୁ ତୁଟାଇ ?
କାହିଁ ଭାଇ ନେବୁରେ ଆଶ୍ରୟ
ତୋର ସେଇ ବୃନ୍ଦାବନ ଦେଇ କି ସେ ପାରିବ ଆଶ୍ରୟ
(ବାଜିରାଉତ)

ତାଙ୍କ ପକ୍ଷରେ '' ଯାହା ସତ୍ୟ ତା କବିତା, ମଣିଷର ଜୀବନ ବୋଧର ଛବି ତା'' ଏଣୁ ସେ ବୁର୍ଜୁଆମାନଙ୍କ ପରି କହିଛନ୍ତି -

ମୁଁ ସହି ରାଉତରା
ନୁହେଁ ଟାଗୋର ବା ଶେଲି
ମୁଁ ଏଇ ମାଟିର ଧରା
ଆଉ ଆକାଶର କବି
ନାମ ନୁହେଁ ମୋ ଖାଲି ଆଜିର କାଗଜର ଛବି ।
ଦେଶାଚାର ଗାୟକ ମୁଁ ନୁହେଁ,
ତୁମେ ମୋର ଛପା ଦେହ ଦେଖେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି,
ଏ ପୃଥିବୀର ସବୁ ମଣିଷ ଜାତି,
ତାର ପ୍ରତିଟି ଖବର
ରୂପ ନାଏ କବିତାରେ ମୋର । (ରାଜ ଜେମା)

ପଦ୍ମଶ୍ରୀ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ବିପୁଳ ସୃଷ୍ଟିସମ୍ଭାର କବିତାପୁସ୍ତକ- ପଲ୍ଲିଶ୍ରୀ, ପାଥେୟ, ଅଭିଯାନ, ବାଜିରାଉତ, ପାଣ୍ଡୁଲିପି, ହସନ୍ତ, ଶାନ୍ତିମନ୍ଦିର ଦେଶ, ସ୍ୱଗତ, କବିତା- ୧୯୬୨, କବିତା-୧୯୬୯, ରକ୍ତଶିଖା, ଉପନ୍ୟାସ- ଚିତ୍ରଗ୍ରୀବ, କାବ୍ୟ ନାଟିକା- ପୂର୍ଣ୍ଣିମା, ଗଳ୍ପସଂକଳନ- ମଶାଣିର ଫୁଲ, ମାଟିର ତାଜ, ଛାଇ, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ, ସମାଲୋଚନା ଗ୍ରନ୍ଥ- ନୂତନ କବିତାର ଭୂମିକା, ସାହିତ୍ୟ ବିଚାର ଓ ମୂଲ୍ୟବୋଧ, ସାହିତ୍ୟର ମୂଲ୍ୟବୋଧ, ପ୍ରେମ ଓ ପଣ୍ୟ ଓ ଆଧୁନିକ ସାହିତ୍ୟର କେତେକ ଦିଗ ।

୧୯୬୨, ୧୯୬୪, ୧୯୬୭ ମସିହାରେ ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଲକ୍ଷେ ସିଂହଳ, ଶ୍ୟାମ,

ଜାପାନ, ଚୀନ, ଇଣ୍ଡୋନେସିଆ, ପଶ୍ଚିମ ଜର୍ମାନୀ, ବ୍ରିଟେନ ଫ୍ରାନ୍ସ, ମିଶର ଓ ବାଂଲାଦେଶ ଭ୍ରମଣ କରିଥିଲେ । ଏପରି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ୧୯୬୨ ମସିହାରେ ଭାରତ ସରକାରଙ୍କ ଦ୍ୱାରା "ପଦ୍ମଶ୍ରୀ", ୧୯୬୫ରେ "ମାୟୋକଭସ୍କି" କବିତାପାଇଁ ସୋଭିଏତ୍ ଲ୍ୟାଣ୍ଡ ନେହେରୁ ପୁରସ୍କାର, ୧୯୬୪ରେ କବିତା-୧୯୬୨ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଓ ୧୯୮୬ରେ ତାଙ୍କର ସାମଗ୍ରିକ କୃତିପାଇଁ ଶ୍ରେଷ୍ଠ ସମ୍ମାନ ଜ୍ଞାନପୀଠ" ପୁରସ୍କାର ପ୍ରାପ୍ତ ହୋଇଥିଲେ, ୧୯୭୬ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ "ଡକ୍ଟରେଟ" ଓ ୧୯୮୮ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଡି.ଲିଟ୍. ଉପାଧିରେ ଭୂଷିତ କରାଇଥିଲେ । ଏପରି କୃତୀ ଛାତ୍ରଙ୍କୁ ପାଇ ଖୋର୍ଦ୍ଧାସ୍କୁଲ ଆଜି ଗର୍ବିତ

ଆଜିର ଓଡ଼ିଶାର ମୁଖ୍ୟମନ୍ତ୍ରୀ **ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ** ଥିଲେ ଖୋର୍ଦ୍ଧା ହାଇସ୍କୁଲର ଏକ କୃତୀ ଛାତ୍ର । ସେ ଯେପରି ଜଣେ ଦକ୍ଷ ରାଜନୀତିଜ୍ଞ, ସେହିପରି ମଧ୍ୟ ଜଣେ ବହୁମୁଖୀ ପ୍ରତିଭା ଦେଦୀପ୍ୟମାନ । କବି, ପ୍ରାବନ୍ଧିକ, ଅନୁବାଦକ, ସମ୍ପାଦକ ଓ ଗଳ୍ପକାର ଭାବେ ସେ ଅଶେଷ ଖ୍ୟାତି ଅର୍ଜନ କରିଛନ୍ତି । ମାଇନର ସ୍କୁଲର ଛାତ୍ର ଥିବା ସମୟରେ ସେ 'କୁମ୍ଭକର୍ଣ୍ଣବଧ' ନାଟକ ଲେଖି ପିଲାଙ୍କ ମଧ୍ୟରେ ଅଭିନୟ କରାଇଥିଲେ । 'ସିନ୍ଧୁ ଉପତ୍ୟକା' କବିତା ପୁସ୍ତକ ତାଙ୍କୁ ପ୍ରତିଭା ସମ୍ପନ୍ନ କବିର ଖ୍ୟାତି ଆଣି ଦେଇଥିଲା । ଏଥିରେ ତାଙ୍କର ୨୬ଟି କବିତା ସ୍ଥାନିତ । ଏ କବିତାଗୁଡ଼ିକ ବିଭିନ୍ନ ଭାବରେ ସମୟର ବହୁ ବ୍ୟବଧାନ ମଧ୍ୟରେ ପ୍ରଜାତନ୍ତ୍ର ଓ 'ଝଙ୍କାର' ପତ୍ରିକାରେ ପ୍ରକାଶିତ

ଡଃ ନିତ୍ୟାନନ୍ଦ ଶତପଥୀ ଜାନକୀ ବାବୁଙ୍କ କବିତା ଉପରେ ମନ୍ତବ୍ୟ ଦେଇ କହନ୍ତି- ସିନ୍ଧୁ ଉପତ୍ୟକାର କବି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନ ହୋଇ ଥାଇ ଯେ କେହି ହୋଇଥିଲେ ମଧ୍ୟ ଗ୍ରନ୍ଥଟି ନିଶ୍ଚିତ ଭାବେ ସେମାନଙ୍କ ଦୃଷ୍ଟିବଳୟ ଭିତରକୁ ଆସିଥାନ୍ତା ଏକଥା ଦୃଢ଼ଭାବରେ କୁହାଯାଇ ପାରେ । ତାହାର ମୁଖ୍ୟ କାରଣ ହେଲା କବିତାର ସାମାଜିକ ଅଙ୍ଗୀକାର (Commitment) ଓ ଅଭିବ୍ୟକ୍ତିର କବିତାଗୁଡ଼ିକୁ ସ୍ୱତଃ ପ୍ରକଟିତ କରି ରଖିଛି । ଯେଉଁ କେତୋଟି କଥାରେ କଥାଟି କୁହାଯାଇଛି ତାର ପ୍ରତୀୟମାନ ଅର୍ଥ ଆପାତତଃ ସ୍ପଷ୍ଟ । ପ୍ରତ୍ୟେକ ପ୍ରତୀୟମାନ ଅର୍ଥ ଅନ୍ତରାଳରେ ଏକ ଗୁମ୍ଫିତ ଅର୍ଥ ନିହିତ ସେଇଟି କବିର ଆତ୍ମାର ଧ୍ୱନି । ତାହା ପ୍ରାଣର ସପକ୍ଷ ସାଉଣ୍ଟା ଫଗୁଆ ଭିତରେ ଗାର୍ଦ୍ଦିର ।

ଜଣେ ପୋଖତ ଓ ପ୍ରବୀଣ କବିପରି ଜାନକୀ ବଲ୍ଲଭ ତାଙ୍କ ଭାବନାକୁ ଆବରଣ ଭିତରେ ରଖିଛନ୍ତି- କିନ୍ତୁ ନିରାବରଣ କରି ନାହାନ୍ତି କବିତା ମଧ୍ୟରୁ ତାଙ୍କ ଅନ୍ତଦୃଷ୍ଟି ଓ ଅଭିଜ୍ଞତା ସୁସ୍ପଷ୍ଟ ହୋଇଛି ବାଣୀ ସହିତ ଅଭିବ୍ୟକ୍ତିର ଚମତ୍କାର ସଂଯୋଗ ରକ୍ଷା କରୁଛି ।

(ଇସ୍ତାହାର ୪୧, ମାର୍ଚ୍ଚ ୧୯୯୮)

ଶ୍ରୀ ପଟ୍ଟନାୟକଙ୍କର " ସୋଟିଏ ଲଣ୍ଠା କଛ" ଓ "ରକ୍ତ ଦେବାଦକ" ଦୁଇଟି ଉତ୍ତମାନ ପ୍ରତୀକଧର୍ମୀ କବିତା, ସେଟିଏ ରାତି ଦେଶର ଦାରିଦ୍ର୍ୟ ଓ ନିସ୍ୱତା'ର ପ୍ରତୀକ ଅନ୍ୟଟି ନିର୍ଯାତିତ ମୁଖ୍ୟ ବୋଧର ପ୍ରତୀକ । ଏ ଉଭୟ କବିତାର କବିଙ୍କ କାବ୍ୟ- ସଚେତ ଖୁବ୍ ତୀକ୍ଷ୍ଣ ଆଉ ସୂକ୍ଷ୍ମ ।

କବିଙ୍କ ଜୀବନ ଦର୍ଶନ ପ୍ରତିଫଳିତ ହୋଇଛି, 'ତିନୋଟି ପଦଶା', 'ଜ୍ୟୋତିଶିଖା, ''ସୋଟିଏ ଦୀପଶିଖାର ମୃତ୍ୟୁ' ଓ ଅସୂୟା ଆଦି କବିତାରେ,' ଜ୍ୟୋତି ଶିଖା' କବିତାରେ ସେ କାହାନ୍ତି,-

ଜୀବନେ ସହିତା କରି ଉଠିବି ମୁଁ ଜଳି
ଲୁମ୍ଭକ ରଜନୀ ବୁକୁଚିରି/ ଜ୍ୟୋତିଶିଖା
ଆଶାର ମୁଁ ଜାଗ୍ରତ ଓ ପ୍ରହରୀ ।

" ସୋଟିଏ ଦୀପ ଶିଖାର ମୃତ୍ୟୁ"ରେ କବିଙ୍କ ଜୀବନ ଦର୍ଶନ ପ୍ରତୀକାୟ ଅଭିବ୍ୟକ୍ତି ରୂପେ ପ୍ରକାଶ ପାଇଛି ।

ଆତ୍ମ ସମର୍ପଣ
ଶରଣ ପଂଶଣ
ତାହା ମୋର ଜାତକରେ ନାହିଁ
ଜଳିବା କଥ୍ କର୍ ମୁଁ ଚଢ଼ି ପଡ଼ିବି
ଶକ୍ତି ନାହିଁ ।"

"ଅସୂୟା" କବିତାରେ କବିଙ୍କ ଜୀବନ ଦର୍ଶନର ପରିଚୟ ସାଙ୍କିନାତ । ଏଥିରେ କବି ମାନବାତ୍ମାର ଜୟଗାନ କରିବା ସଙ୍ଗେ ସଙ୍ଗେ ଅସୂୟା ପରି ଆସୁରିକ ପ୍ରବୃତ୍ତି ଆଗରେ ମସ୍ତକ ନତ କରି ନାହାନ୍ତି । ସେ ବିଶ୍ୱାସ କରନ୍ତି ସତ୍ୟ, ଧର୍ମ, ନ୍ୟାୟ, ନିଷ୍ଠା ଓ ତ୍ୟାଗରେ । ତେଣୁ କୌଣସି ଆସୁରିକ ବଳ ନିକଟରେ ତାଙ୍କର ପୁରୁଷକାରର କେବେ ପରାଜୟ ଘଟି ନାହିଁ । ତାଙ୍କ ଜୀବନ ଦର୍ଶନର ଏକ ପ୍ରତିଛବି ଅସୂୟା କବିତାରେ ଲକ୍ଷଣୀୟ ।

ମୋର ଯାତ୍ରା ପଥ/ଦୀର୍ଘ କଣ୍ଟକିତ
କେତେ ଖାଲ କେତେ ଢ଼ିପ କୁଟିଳ୍ ମିଳନ୍ତ ସମତଳ
ଛାଡ଼ି କିମ୍ବା ମାଇଲ୍ ମାଇଲ୍
ମୁଁ ନିଶ୍ଚୟ କରିଅଛି ଯିବି, ଏହି ବାଟେ
ଆଉ କେଉଁ ଖାଲ ଢ଼ିପ, ମୁଁ ଚାଲିବି
ମୋତେ ନ ଓହରି/ ମୋର ଲକ୍ଷ୍ୟ ପଥେ ।
ଆସୁଥିବା ଝଡ଼/ ଆସୁ ଯେତେ ବାଧାର ପାହାଡ଼ ।
କନକ ମୁକୁଟ ମୁଁ ଚାହେଁ ନାହିଁ/ ଦଣ୍ଡ ମାଗେ ଜଳ
ଏକଣ୍ଠାରେ ଫୁଟେ ଫୁଲ ଅଗାମୀ କାଲିର ।
ସେହ ଫୁଲପାଇଁ ମୋର
ସବୁ ଶ୍ରମ ସ୍ୱେଦ ଅଶ୍ରୁ ଶୋଣିତର ଧାର ।

ଜୀବନର ଯାତ୍ରାପଥରେ କବି ଯେଉଁଠି ଶୋଷଣ, ପୀଡ଼ନ ଓ ଅନାଚାର ଲକ୍ଷ୍ୟ କରିଛନ୍ତି, ସେଠାରେ ତାଙ୍କର, କେଶମା ଅନ୍ୟାୟର ପ୍ରତିବାଦ କରି ଏକେଲା ନୀରବ ରହି ନାହିଁ, ସେହି ଶୋଷିତ ଓ ଅତ୍ୟାଚାରିତ କଣ୍ଠସ୍ୱରରେ '' ଶଙ୍ଖନାଦ- ଯୁଦ୍ଧ' ଜେହାଦର ଆହ୍ୱାନ ଶୁଣାଇଛନ୍ତି । ଏ ପ୍ରସଙ୍ଗରେ ପଥର ପାଷାଣୀ' କବିତାଟି ଉଲ୍ଲେଖ ଯୋଗ୍ୟ । ଯୁଗ ଯୁଗ ଧରି ପୁରୁଷ ପ୍ରଧାନ ଏହି ସମାଜ ନାରୀ ଜାତି ପ୍ରତି ଯେଉଁ ଅନ୍ୟାୟ ଓ ଅତ୍ୟାଚାର ପ୍ରଦର୍ଶନ କରି ଆସିଛି, ସେଥିରେ କବିପ୍ରାଣ ବ୍ୟଥିତ ହେବା ସଙ୍ଗେ ସଙ୍ଗେ ବିଦ୍ରୋହର ବହ୍ନି ସୃଷ୍ଟି କରିଛି -

ହେଲାଥିଲେ ଭୂମିକମ୍ପ/ଫାଟୁ ଏ ଧରଣୀ
ଉଠନ୍ତୁ ସେ କଣଭଙ୍ଗା ମହିଷା ମର୍ଦ୍ଦିନୀ
ଅର୍ଦ୍ଧାଙ୍ଗୀ, ପ୍ରତାରକ ପ୍ରଜାପାଳ ଗୋଷ୍ଠୀ
ଧ୍ୱଂସ ହେଉ ନୂଆ ହେଉ ସୃଷ୍ଟି ।''

ଜାତୀଜାତିର ଅଭ୍ୟୁଦୟ ଓ ତାର ସମ୍ମାନ ପ୍ରତିଷ୍ଠାପାଇଁ କବି ହୃଦୟର ମହିମ୍ନ-ଗୀତିକା ଏକ କବିତାଟିରେ ଶ୍ରୁତିଗୋଚର ହୁଏ (ଚିନ୍ତାମଣି ବେହେରା, ଝଙ୍କାର ବିଶେଷ ୧୯୮୮, ପୃଷ୍ଠା-୭୮ କବିଙ୍କ ଜୀବନ ଦର୍ଶନ ଭିତରେ ପୁଣି ପ୍ରକାଶିତ ଦେଶାତ୍ମ ପ୍ରତି ମମତ୍ୱବୋଧ, ଐତିହ୍ୟ ପ୍ରତି ପ୍ରଚଣ୍ଡ ପ୍ରବଣତା ତଥା ସ୍ୱଦେଶ ପ୍ରୀତି 'ଖୋରଧା ଗଡ଼', '' ଶାନ୍ତିର କପୋତ' ଚିଲ୍ଲିକୁ ଛାଡ଼ରେ ଆଜ ଫେରନ୍ତୁ ବିଦାୟ ଓ ବିଜୟର ବାକ୍‌ଧରୀ କବିତାରେ କବିଙ୍କ ଉପରୋକ୍ତ ଜୀବନ ଦର୍ଶନର ମନୁଷ୍ୟ ବ୍ୟକ୍ତ ଓ ଚଣ୍ଡିକ ଥାଇ ଦୃଷ୍ଟି ଗୋଚର ହୁଏ

'ସିନ୍ଧୁ ଉପତ୍ୟକା' କବିତା ସଂକଳନ ଉପରେ ମତାମତ ଦେଇ ଡକ୍ଟର ଜାନକିଚନ୍ଦ୍ର ଉଚ୍ଚ କହନ୍ତି, ''କବି ଚେତନାର ରୋମାଣ୍ଟିକ ଆବେଗ ପ୍ରକାଶ ପାଇବାରେ କୌଣସି ନିର୍ଦ୍ଦିଷ୍ଟ ବୟସର ଆବଶ୍ୟକତା ନାହିଁ, ଏକ ଅର୍ଦ୍ଧଶତାବ୍ଦୀର ଅନୁଭୂତିରେ ପ୍ରବୀଣ କବି ଆତ୍ମମଗ୍ନ ହେଉ ସେ ମାର୍ମିକ ଆବେଗ ପ୍ରକାଶ କରିବାରେ କୁଣ୍ଠିତ ହୋଇ ନାହିଁ ସିନ୍ଧୁ ଉପତ୍ୟକାରେ 'ଏବଂ' ଏହି ଅକୁଣ୍ଠ ଆବେଗ ରହିଛି ସିନ୍ଧୁ ଉପତ୍ୟକାର, ଏକ ପ୍ରମୁଖ ସାର୍ଥକତା । କିମ୍ବା ମଧ୍ୟରେ ଆଶାର ଆଲୋକ ପ୍ରଜ୍ୱଳିତ କରିବା, ଘନ ଅନ୍ଧାରରେ ଆନନ୍ଦ ଅନ୍ୱେଷଣ କରିବା ଠିକ୍ ହୁଏ କବିତାର ଧର୍ମ, ତେବେ ସେ ଦୃଷ୍ଟିରୁ 'ସିନ୍ଧୁ ଉପତ୍ୟକା' ଏକ ଉଚ୍ଚ କୋଟୀର କବିତା ପୁସ୍ତକ ।''

''ସିନ୍ଧୁ ଉପତ୍ୟକାର କବିତାଗୁଡ଼ିକର ସ୍ୱଚ୍ଛ ଶିଳ୍ପ ପ୍ରକରଣ ଓ ଭାବର ଗୌରିକ ଉଦ୍ଭାସ ଉଭୟ କବିତା ସଂକଳନ ଓ କବିଙ୍କୁ ଯେ ଚଳନ୍ତି ଯୁଗର ଏକ ଉଲ୍ଲେଖ ଯୋଗ୍ୟ ସାଧନାର ମର୍ଯ୍ୟାଦା ପ୍ରଦାନ କରିବ ଏଥିରେ ସନ୍ଦେହ ନାହିଁ ।'' (ଡକ୍ଟର ନୃସିଂହ ଷଡ଼ଙ୍ଗୀ, ପାରବର୍ତ୍ତୀ ପୃଷ୍ଠା ଓ ସ୍ୱପ୍ନ)

ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଜଣେ ଅନୁବାଦକ ଓ ଗଦ୍ୟକାର । ତାଙ୍କର ପଦ୍ୟ ସୃଷ୍ଟି ମଧ୍ୟରେ ଅନ୍ୟତମ ହେଉଛି ''ଗୌତମ ବୁଦ୍ଧ'' ଜୀବନୀ ଗ୍ରନ୍ଥ । ଏତଦ୍ ବ୍ୟତୀତ ସଂସ୍କୃତ ସାହିତ୍ୟରେ ଅନଭିଜ୍ଞ ପାଠକମାନଙ୍କପାଇଁ ସେ ଓଡ଼ିଆରେ ଅନୁବାଦ କରିଛନ୍ତି ଭର୍ତ୍ତୃହରିଙ୍କର ଶୃଙ୍ଗାର ଶତକ, ନୀତି ଶତକ ଓ ବୈରାଗ୍ୟ ଶତକ । ଜଣେ ଉଚ୍ଚ କୋଟୀର ସାମ୍ବାଦିକ ଓ ପୌରୁଷ ପତ୍ରିକାର ପ୍ରତିଷ୍ଠାତା ଭାବେ ମଧ୍ୟ ତାଙ୍କର ଗୌରବ ଓଡ଼ିଶାରେ କମ୍ ନୁହେଁ । ସେ ମଧ୍ୟ ବାଲ୍ମୀକି କୃତ ରାମାୟଣ ଓ ସାରଳା ଦାସଙ୍କ ମହାଭାରତକୁ ସଂକ୍ଷେପରେ କଥା ଆକାରରେ ପ୍ରକାଶ କରିଛନ୍ତି ।

ମହାଭାରତର ମୁଖବନ୍ଧରେ ସେ କହିଛନ୍ତି, '' ବ୍ୟାସ ଦେବଙ୍କ କୃତି ମହାଭାରତ ବିଶ୍ୱସାହିତ୍ୟରେ ଏକ ଅମୂଲ୍ୟ କୀର୍ତ୍ତି । ଯୁଗ ଧରି ଜନସାଧାରଣଙ୍କ ଉପରେ ଏହାର ପ୍ରଭାବ ଓ ଲୋକପ୍ରିୟତା ଦୃଷ୍ଟିରୁ ଏକ ଅଦ୍ୱିତୀୟ ଗ୍ରନ୍ଥ । ତା'ରଦ୍ଭୁତ ମହାଭାରତକୁ ଉଷ୍ଣର ରଖି ଏ ଗ୍ରନ୍ଥ ରଚନା କରାଯାଇଛି ।

ଓଡ଼ିଆ ଭାଷାରେ ବାଲ୍ମୀକି ରାମାୟଣକୁ ଆକ୍ଷରିକ ଭାଷାନୁବାଦ ପଣ୍ଡିତ ନୀଳକଣ୍ଠ ମିଶ୍ର କରିଛନ୍ତି । କିନ୍ତୁ ସଂକ୍ଷିପ୍ତ ଓ ପୁସ୍ତକରେ ୨୪ ହଜାର ଶ୍ଲୋକ ବିଶିଷ୍ଟ ରାମାୟଣ ସାର ଦିଆଯାଇଛି । ଯେତେଦୂର ସମ୍ଭବ ଓଡ଼ିଆରେ ସଂସ୍କୃତ ରାମାୟଣର ମୌଳିକ ଭାଷାକୁ ରକ୍ଷା କରାଯାଇଛି ।''

''ସ୍ୱପ୍ନ ଓ ସଂକଳ୍ପ'' ତାଙ୍କର ଏକ ଗଦ୍ୟ ଗ୍ରନ୍ଥ । ଏଥିରେ ତାଙ୍କର ଦୃଷ୍ଟିର ପରିକଳ୍ପନାକୁ ସ୍ୱପ୍ନ ଏବଂ ଓଡ଼ିଶା 'ରେ ପରିପ୍ରକାଶ କରିଛନ୍ତି । ଏଥିରେ ଥିବା ପ୍ରବନ୍ଧଗୁଡ଼ିକ ହେଲା, ''ଶ୍ରୀମନ୍ଦିର ଓଡ଼ିଶା, ଇତିହାସ ଓ ଓଡ଼ିଶା, ଓଡ଼ିଶାର ସର୍ବ କୋଣାର୍କ', ଓଡ଼ିଶାର ଜାତୀୟତା ବୈଶିଷ୍ଟ୍ୟ, ଓଡ଼ିଶା ଭାରତ ପଦ୍ମଫୁଲ,'' ଦୃଢ଼ ପ୍ରତିଷ୍ଠମାନଙ୍କ ମଧ୍ୟରେ ଗୌତମ ବୁଦ୍ଧ, ଶ୍ରୀ ରାମକୃଷ୍ଣ, ବିବେକାନନ୍ଦ, ଶ୍ରୀ ଚୈତନ୍ୟ, ଜବାହର ଲାଲ ଓ ଇନ୍ଦିରାଙ୍କ ଜୀବନୀ ଉପରେ ଆଲୋକପାତ କରି ସେମାନଙ୍କର ବୈଶିଷ୍ଟ୍ୟ ଓ ମହନୀୟତା ପ୍ରତିପାଦନ କରିଛନ୍ତି ।

ଏ ମାଟିର କୃତି ସନ୍ତାନ ଭାବେ ସେ ଆଦି କବି ସାରଳା, ବୀର ସୁରେନ୍ଦ୍ର ସାଏ, ପଠାଣି ସାମନ୍ତ, ଭକ୍ତ କବି ମଧୁ ସୂଦନ, ଉତ୍କଳ କେଶରୀ ମହତାବ ଓ କବୋକା ବାବାଙ୍କ ଜୀବନୀ ଉଲ୍ଲେଖ କରିଛନ୍ତି । ଏହିପରି ଭାବରେ 'ସ୍ୱପ୍ନ ଓ ସଂକଳ୍ପ' ପୁସ୍ତକରେ ସେ ସାହିତ୍ୟ ସଂସ୍କୃତି, ବେଦରେ ଜୀବନ ପ୍ରାଚୁର୍ଯ୍ୟ ଜନ୍ମଭୂମି ଓ ଜାତୀୟତା, ଜାତୀୟ ଏକତା ଓ ସଂହତି, ଭାଷା ଓ ସାହିତ୍ୟକୁ ବିଶ୍ଳେଷଣ କରିଛନ୍ତି । ମୋଟ ଉପରେ ସ୍ୱପ୍ନ ଓ ସଂକଳ୍ପ ପୁସ୍ତକରେ ସମୃଦ୍ଧ ଓଡ଼ିଶା ଗଠନର ପରିକଳ୍ପନା କରିଛନ୍ତି ।

ପୌରୁଷ ପତ୍ରିକାରେ ପ୍ରକାଶିତ କେତେକ ପ୍ରବନ୍ଧ ଯେପରି, ଆଇ. ଏନ୍. ଏ, ପନ୍ଥ, ଧର୍ମ ଚକ୍ର ପ୍ରବର୍ତ୍ତନ, ଧର୍ମ ନାମରେ ହାଙ୍ଗାମା, ସ୍ମୃତିରୁ କିଛି, ଥାଇଲାଣ୍ଡର ମନୋରମ ଦେଶ ଥାଇଲାଣ୍ଡ, ଈଶ୍ୱର ଥାଇ କେତେ ନାମ, ଶ୍ରୀ ଅରବିନ୍ଦ, ଆପଣଙ୍କ ପୋମ, ମହା ପରିନିର୍ବାଣ, ଭାଗବତର ଆଧାରେ ରାମାୟଣ, ଜଗନ୍ନାଥ ଦର୍ଶନ, ନବ ସୁଖ ଲୋଡ଼ା ନାହିଁ ପ୍ରଭୃତି। ଏ ପ୍ରବନ୍ଧଗୁଡ଼ିକରେ ଭାରତର ଧର୍ମ ଦର୍ଶନ, ଓଡ଼ିଶାର ଜଗନ୍ନାଥ ସଂସ୍କୃତି, ଥାଇଲାଣ୍ଡର ଭ୍ରମଣ ଜନିତ ଅନୁଭୂତି, ବୌଦ୍ଧ ଦର୍ଶନ ଓ ଉପନିଷଦ ଦର୍ଶନ ପ୍ରଭୃତି ସ୍ଥାନ ପାଇଛି। ବୈରାଗ୍ୟ ଶତକ ଯୋଗୁ ୧୯୮୭ରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ।

**ଶ୍ରୀଯୁକ୍ତ ସତ୍ୟାନନ୍ଦ ଚମ୍ପତିରାୟ** ଖୋର୍ଦ୍ଧା ଜାତ ସ୍କୁଲର ଜଣେ ବୃତ୍ତୀ ଛାତ୍ର। ସେ ଜଣେ କବି ଓ ଅନୁବାଦକ ରୂପେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ଖୋର୍ଦ୍ଧା ହାଇସ୍କୁଲର ଛାତ୍ରଥିବା ସମୟରେ ତାଙ୍କ କବି ପ୍ରତିଭାର ସମ୍ୟକ୍ ପରିଚୟ ମିଳିଥିଲା। ଛାତ୍ରାବସ୍ଥାରେ ସେ ''କାଣ୍ଡିଆ ଗଡ଼ର ସେକାଳ କଥା'' କବିତା ପୁସ୍ତକ ରଚନା କରିଥିଲେ ପରବର୍ତ୍ତୀ ସମୟରେ ସେ ''ତାଜମହଲ ଓ ଯମୁନା'', ''ଗାଁ ଗହଳେ'' ପ୍ରଭୃତି ରଚନା କରିଥିଲେ। ଏହା ବ୍ୟତୀତ ସେ ଶ୍ରୀମଦ୍ ଭାଗବତ ଓ ଗୀତା ଓ ତୁଳସୀ ରାମାୟଣ ଓ ଗୀତିବିତାନକୁ ଓଡ଼ିଆରେ ଅନୁବାଦ କରିଛନ୍ତି।

''ତାଜମହଲ ଓ ଯମୁନା'' କବିତା ପୁସ୍ତକ ଉପରେ ମତ ଦେଇ କବି ଶ୍ରୀଯୁକ୍ତ ରାଧାମୋହନ ଗଡ଼ନାୟକ ଲେଖିଛନ୍ତି, ''ତରୁଣ ମାନସକୁ ଯେଉଁ ଛବିର ସୃଷ୍ଟି ବିଶ୍ୱବନ୍ଦ୍ୟ ହୋଇ ରହିଥାଏ ପୃଥିବୀର ପ୍ରତ୍ୟେକ କବି ଓ ଶିଳ୍ପୀ ତାହାରି ଭିତରେ ଭଣା ଅଧିକେ ମୁଗ୍ଧ ଓ ପ୍ରବୁଦ୍ଧ। ''ତାଜମହଲ ଓ ଯମୁନା''ର କବାରାଜ ସତ୍ୟାନନ୍ଦ ଚମ୍ପତିରାୟ ଏହିରେ ମୁକ୍ତ ନୁହଁନ୍ତି। ତା' ଅନୁଯାୟୀ ସେହି କବିତାର ନାମକରଣ ହୋଇଛି- ତାର ବୈଶିଷ୍ଟ୍ୟ ''ତାଜମହଲ ଓ ଯମୁନା, ବନ୍ଧୁ ଓ ପ୍ରିୟା ପ୍ରଣୟର ପ୍ରତୀକ। ଏ କବିତା ସଂଚୟନରେ ଦେଖାଯାଏ ଉଭୟର ସ୍ୱପ୍ନ- ଉଭୟର ମୁକ୍ତିନ। କବିତା ଗୁଡ଼ିକ ପ୍ରସ୍ଫୁଟିତ ହୋଇଛି ପ୍ରେମର ଉର୍ବର ଭିତ୍ତି ଉପରେ କେତୋଟି ଫୁଲ.... ସତ୍ୟାନନ୍ଦ ଚମ୍ପତିରାୟ ଦେଖୁଛନ୍ତି ଉଭୟଙ୍କୁ- କୋଟିଏ ବାଦଶାହୀ ପ୍ରେମର ସ୍ୱପ୍ନର ପୃଷ୍ଠ, ଆଉ କୋଟିଏ ପ୍ରାଗୈତିହାସିକ ଯୁଗର ପ୍ରେମର ଏକ ଚଳ ଚଳ ତରଳ ପ୍ରବାହ- ଦୁଇ ଦୁଇ ଭାଷାରେ କି କହିଯାଇଛି

ବାଦସାହୀ ପ୍ରେମ ପାଷାଣ ହୋଇଛି ହେଉ
ସେ ପାଷାଣ ପୁରୀ ଛୁଇଁ ଆକାଶର ସୀମା,
ପ୍ରଣୟ ମୁଁ ଜାଣେ ପ୍ରାଣର କୋଟିଏ ଢେଉ!
ଭାଙ୍ଗି ଯିବା ଲୋଟି ଯିବା ତା' ଯଉବନ ସୀମା!

''ମୁକୁଟ ବିହୀନ ରଜାର କାହାଣୀ'' କବିତାର କିଶୋରୀ କନ୍ୟା ପ୍ରୀତିର ସଙ୍ଗ କଣ ରାଜ ପୁତ୍ରକୁ କହୁଛି-

ଯୌବନ ପିପାସା ମେଣ୍ଟିବ କଥ
ଏହି କି ବୋଲା ଏ ପ୍ରୀତି,
ଯେଉଁଠାରେ ଯହିଁ ପରାଣେ ପରାଣ
ବିନିମୟ ହେବା ରୀତି।
ତନେ ଲୋଭାଉଥିଲ ନାନା ଯୌବନ
ମାଣ୍ଡିସ ବିଟ
ବେଶ ପରିଧାନେ ସଜାଗ ହୋଇଲେ
ହୋଇବି ତୁମର ପ୍ରିୟ।

'' ଆମର ଏ ପ୍ରଣୟ ଉପବନେ ଦେଖ''ରେ ସଖୀ ଅନୁରୋଧ କରିଛନ୍ତି ପ୍ରଣୟର ବିଚିତ୍ର ନିରିଦେବାକୁ- ମାତ୍ର ଉତ୍ତରଟି ବଡ଼ ମର୍ମସ୍ପର୍ଶୀ ହୋଇଛି-

ଏଇ ଯେ ପତ୍ର ଜୀବନର କଥା କିଏ,
ମୋ ପରାଣର ନିଗିଡ଼ା ପ୍ରଣୟ ସୂତ,
ତମ ମୋ ପୀରତି ଗଳିଲା ଦସ୍ତାବିଜ୍
ଏହାକୁ ଗୋ ସଖି ଚିରିବି କେସନେ କୁହ?

''ତାଜମହଲ ଓ ଯମୁନାର କବିତାଗୁଡ଼ିକରେ ଚତୁର ଚତୁର କୋଟିଏ ବରିଷ୍ଠ ଦର୍ଶନର ସଂଶ୍ଳିଷ୍ଟ ଅବବୋଧ ନଥିଲେ ମଧ୍ୟ ବିଚ୍ଛିନ୍ନ ଭାବରେ ଦେଖିଲେ ପ୍ରତ୍ୟେକଟି ପ୍ରାଣ- ଚଞ୍ଚଳ କୋଟିଏ କୋଟିଏ ମନୋଜ୍ଞ ଗୁଞ୍ଜରଣ।

''ଗାଁ ଗହଳେ'' କବିତା ସଂକଳନ ଉପରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ମତ ଉଲ୍ଲେଖ ଯୋଗ୍ୟ। ''ଗାଁ ଗହଳ''ର କବିତାଗୁଡ଼ିକ ପଢ଼ି ମୁଁ ଆଶାନ୍ୱିତ। ଲେଖକ ଓଡ଼ିଶା ପଲ୍ଲୀ ଜୀବନର ଯେଉଁ ଚିତ୍ର ଅଙ୍କନ କରିଛନ୍ତି ତାହା ଅନେକ ଭାଗରେ ଉପଭୋଗ୍ୟ ଓ ସାର୍ଥକ ହୋଇଛି। ସାଧାରଣ ଗାଉଁଲି ଜୀବନର ଯେଉଁ ବହୁ ଛୋଟ ଛୋଟ ସୁଖ ଦୁଃଖର ଆଲେଖ୍ୟ ସାଧାରଣ ଚକ୍ଷୁରେ ଏଡ଼େଇ ଯାଇଥାଏ, ତାହା ଲେଖକ ନିଜ କବିତାରେ କେତୁଟିକୁ ପାଦ କରିବା ସଙ୍ଗେ ସଙ୍ଗେ ଏକ ବିଶେଷ ରୂପ ଓ ରସରେ ସେମାନଙ୍କୁ ଅଭିଷିକ୍ତ କରି ପାରିଛନ୍ତି। ଏ କାରଣରୁ ଲେଖକଙ୍କ ଭିତରେ ଅଟା, ଅନେକ ଚିତ୍ର, ଗାଁ ବାତାବରଣର ତାଟ ଚିତ୍ର, ମୌଳିକ ସ୍ଥାନ ମାହାତ୍ମ୍ୟ (local colour)ସହିତ ସାର୍ବଜନୀନ ହେବାର ଶକ୍ତି ରହିଛି। ଆଉ କାବ୍ୟ ଉପଲକ୍ଷ୍ୟ ବା ନିଜର ଟାଇପ୍ ହୋଇ ପ୍ରାଣର ସୂଚନା ଦେଉଛନ୍ତି। ଏଇସବୁ ଜୀବନ ମଣିଷ ଗୁଡ଼ିକୁ ପଢ଼ିଥିବା ଯୋଗରୁ ଲେଖକଙ୍କ କବିତା ସାର୍ଥକତା ମଣ୍ଡିତ। ରାଧାମୋହନ ଗଡ଼ନାୟକ ଭାଷାରେ, ଏକବିତା ଗୁଡ଼ିକରେ ମିଳେ ପଲ୍ଲୀଜୀବନର ଏକ ଅନ୍ତର୍ଗତ ବିଶ୍ୱାସ- ଏକ ଜୀବନ

ଅନୁଭୂତି । ଭାଷାରେ ଆଡ଼ମ୍ବର କାହିଁ ଅଭିମୁଖ୍ୟ ନାହିଁ, ଅଛି କେବଳ ଅଦଳନ୍ତ ଉଚ୍ଛ୍ୱାସ, ଯାହା କବିତାର ପ୍ରାଣ ଓ ପ୍ରବାହ ।

ନନ୍ଦି କାନନ୍ଦ ଚରଣ ପାଣିଗ୍ରାହୀଙ୍କ ଭାଷାରେ, 'ସେ ସହଜରେ ଆମ ଦେଶର ଓ ଜାତିର ପ୍ରାକୃତିକ ପଦାର୍ଥ ବୋଲି ମନେ ହୁଏ । ଆମର ଚଳାଣୀ କଥାଗୁଡ଼ିକ ଅତି ସହଜରେ ଏଥିରେ ଲୁହାଯାଇଛି ।

ଆଧ୍ୟାତ୍ମିକତତ୍ତ୍ୱ ସମ୍ବଳିତ ଶ୍ରୀମଦ୍ ଭାଗବତ ଗୀତା ଓ ତୁଳସୀ ରାମାୟଣକୁ ସେ ଖାଁ ସହଜରେ ଲୋକ ପୁରାଣ ଆକାରରେ ପଢ଼ିବା ନିମନ୍ତେ ଚଉଦ ଅକ୍ଷରୀ ବୃତ୍ତରେ ରଚନା କରିଛନ୍ତି । ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଏହା ଉପରେ ମତଦେଇ କୁହନ୍ତି, ଭାଗବତ୍ ଗୀତାର ବହୁ ଅନୁବାଦ ଓଡ଼ିଆ ଭାଷାରେ ଆଦୃତ ହୋଇଛି, ଉଭୟ ପଦ୍ୟରେ ଓ ଗଦ୍ୟରେ । ଏହି ପ୍ରସିଦ୍ଧ ଗ୍ରନ୍ଥକୁ କବି ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ ସରଳ ଓ ମର୍ମସ୍ପର୍ଶୀ ଭାଷାରେ ଚଉଦ ଅକ୍ଷରୀ ଛାନ୍ଦରେ ଅନୁବାଦ ଓ ବ୍ୟାଖ୍ୟା କରିଛନ୍ତି । ଶ୍ରୀରାମ ଚରିତ ମାନସ ଅନୁବାଦ ମଧ୍ୟ ଚଉଦ ଅକ୍ଷର ଛନ୍ଦରେ ସାଧାରଣ ବୋଧଗମ୍ୟ ପାଇଁ କରାଯାଇଛି । ଆଦର୍ଶ ଗାର୍ହସ୍ଥ୍ୟ ଜୀବନ, ଆଦର୍ଶ ପାରିବାରିକ ଜୀବନ, ଆଦର୍ଶ ପତିବ୍ରତ୍ୟ, ଧର୍ମ, ଆଦର୍ଶ, ଭାତୃପ୍ରେମ ଓ ଆଦର୍ଶର ପଙ୍କ୍ତିକୁ ଭକ୍ତି, ଜ୍ଞାନ, ବୈରାଗ୍ୟ ଓ ସଦାଚାର ଶିକ୍ଷା ଉଦ୍ଦେଶ୍ୟରେ ଅନୁବାଦନ ଯଥାର୍ଥ ହୋଇଛି ।

**ଐତିହାସିକ କେଦାରନାଥ** ଜଣେ ନିଷ୍ଠାପର ସାଧକ, ଅସାଧାରଣ ବିଦ୍ୱାନ, ମୌଳିକ ଗବେଷଣାର ପଥପ୍ରଦର୍ଶକ । ଐତିହାସିକ ଗବେଷକ, ପୁରାହିତ୍ୟିକ କେଦାରନାଥ ମହାପାତ୍ରଙ୍କ ଜୀବନଧାରାକୁ ଓଡ଼ିଶାର ଗବେଷଣା ଜଗତରେ ଅର୍ଦ୍ଧଶତାବ୍ଦୀର ଇତିହାସ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଖ୍ରୀ.ଅ ୧୯୩୦ ମସିହାଠାରୁ ଆରମ୍ଭ କରି ୧୯୮୦ ମସିହା ପର୍ଯ୍ୟନ୍ତ ସେ ନିରବଚ୍ଛିନ୍ନ ଭାବରେ ଗବେଷଣା କ୍ଷେତ୍ରରେ ଲେଖନୀ ଚଳାଇଥିଲେ । ଓଡ଼ିଶା ଇତିହାସ ଯେତେବେଳେ ଅନ୍ଧକାରମୟ ଯୁଗରେ ପଡ଼ି ଦିଗହରା ହୋଇଥିଲା । ସେତେବେଳେ ଯେଉଁ କେତେଜଣ କୃତବିଦ୍ୟ ତଥା ପ୍ରତିଭାଶାଳୀ ବ୍ୟକ୍ତି କମର କଷି ଜନନୀ ଜନ୍ମଭୂମିର ଗୌରବ ଗାଥା ଗାନ କରିବାରେ ସମର୍ଥ ହୋଇଥିଲେ, ସେମାନଙ୍କ ମଧ୍ୟରେ ଶ୍ରେଷ୍ଠତମ ବ୍ୟକ୍ତିତ୍ୱ ଥିଲା କେଦାରନାଥଙ୍କର । ସେ ନାନା ପ୍ରକାର ପ୍ରତିବନ୍ଧକ ସତ୍ତ୍ୱେ ନିଜ ଜୀବନର ଧ୍ୟେୟ ରୂପେ ବାଛି ନେଇଥିଲେ ଗବେଷଣା କ୍ଷେତ୍ରଟିକୁ । ଓଡ଼ିଶାର ଗୌରବକୁ ପଦେ ପଦେ କ୍ଷୁର୍ଣ୍ଣ କରି ବଙ୍ଗୀୟ ଆଲୋଚକମାନେ ଓଡ଼ିଶାର ଇତିହାସକୁ କଦାକାର କରୁଥିବା ସମୟରେ କେଦାରନାଥ ଦୃଢ଼ତାର ସହିତ ଆଗଭର ହୋଇଥିଲେ ଲେଖନୀର ମାଧ୍ୟମରେ । ତାଙ୍କର ନିଷ୍ଠା ଅକ୍ଳାନ୍ତ କର୍ମଠତା ଓ ବିରାମହୀନ ଅଧ୍ୟୟନ ତାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ମୁକୁଟ ପିନ୍ଧାଇ ଦେଇଥିଲା । ଏପରି ଜଣେ ଛାତ୍ରଙ୍କୁ ପାଇ କୋଣ୍ଠୀ ହାଇସ୍କୁଲ ଆଜି ଗର୍ବିତ ଓ ସମ୍ମାନିତ ।

ଐତିହାସିକ ଓ ସାହିତ୍ୟିକ କେଦାରନାଥଙ୍କର ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରକୁ ଦାନ ହେଲା, - ପ୍ରାଚୀନ ଭାରତ ଇତିହାସ, ଉଚ୍ଚ ପ୍ରାଥମିକ ଭାରତ ଇତିହାସ, ନିମ୍ନ ପ୍ରାଥମିକ ନୂତନ ଭାରତ ଇତିହାସ, ବୋଷାଇର ଇତିହାସ, ଖାରବେଳ, ମାଟ୍ରିକ୍ ଭାରତ ଇତିହାସ, ପରିମଳା, କଳାବତୀ, ପ୍ରେମଲୋଚନା, କନକଲତା ଓ ଚାବଲଛଟତୀ, ପ୍ରାଚୀନ ସାହିତ୍ୟ ପୁସ୍ତକ ସମ୍ପାଦନା, ଖୁର୍ଦ୍ଧା ଇତିହାସ, ଶ୍ରୀ ଜୟଦେବ ଓ ଗୀତି ଗୋବିନ୍ଦ, ଧଉଳିର ଇତିହାସ । ଏହା ବ୍ୟତୀତ ସେ ବହୁ ଇଂରାଜୀ ପୁସ୍ତକ ପ୍ରଣୟନ କରିଥିଲେ । ସେଗୁଡ଼ିକ ହେଲା, Matriculation History of England. A descriptive Catalogue of sanskrit Manuscript- Vol I ଠାରୁ Vol- iv, The Jagannath Temple in Estern India ପ୍ରଭୃତି ଏହି ଗ୍ରନ୍ଥଗୁଡ଼ିକରେ ସେ ଯେଉଁ ପାଣ୍ଡିତ୍ୟପୂର୍ଣ୍ଣ ତଥ୍ୟ ପରିବେଷଣ କରିଛନ୍ତି ତାହା ତାଙ୍କର ଅଧ୍ୟବସାୟର ସଙ୍କେତ ବହନ କରେ । ସଂସ୍କୃତ ଧର୍ମଶାସ୍ତ୍ରକୁ ଓଡ଼ିଶାର ଦାନ, କାବ୍ୟ, ନାଟକ, ଅଳଙ୍କାର ସଙ୍ଗୀତ, ପୁରାଣ ରଚନାରେ ଉତ୍କଳୀୟ ବିଦ୍ୱାନମାନଙ୍କ ଦାନ ସଂପର୍କରେ ଆଲୋଚନା କରିଛନ୍ତି ।

ଏ ସମସ୍ତରୁ କେଦାରନାଥ ମହାପାତ୍ରଙ୍କ ଓଡ଼ିଶାର ଐତିହ୍ୟ ପରମ୍ପରା, ସାହିତ୍ୟ ସଂସ୍କୃତି, କଳା, ସଙ୍ଗୀତ ପ୍ରୀତି ସହଜରେ ଅନୁମିତ ହୁଏ ।

ଐତିହାସିକ, ଗବେଷକ **ଭବାନୀ ଚରଣ ରାୟ** ଆମ ରାଜ୍ୟ ତଥା ଦେଶର ଜଣେ ଲବ୍ଧ ପ୍ରତିଷ୍ଠ ବ୍ୟକ୍ତି । ଦୀର୍ଘ ଚାଳିଶ ବର୍ଷରୁ ଅଧିକ ସମୟ ସେ ନିଜକୁ ଇତିହାସ ଅଧ୍ୟାପନା ଓ ଗବେଷଣାରେ ନିୟୋଜିତ କରିଛନ୍ତି । ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ପ୍ରଫେସର ପଦବୀରୁ ଅବସର ଗ୍ରହଣ କରିଛନ୍ତି, ଅବସର ଜୀବନରେ ସେ (Center of studies in history and culture) ଅନୁଷ୍ଠାନ ପ୍ରତିଷ୍ଠା କରି ଗବେଷଣା କାର୍ଯ୍ୟରେ ରତ ଅଛନ୍ତି । ସେ ମହାଶୟ ଓଡ଼ିଶାର ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ଇତିହାସ, ଭାରତ ଦର୍ଶନ ଇତିହାସ, ଦକ୍ଷିଣ ପୂର୍ବ ଏସିଆ ଏବଂ ଗବେଷଣା ପଦ୍ଧତି ସମ୍ବନ୍ଧରେ ଗବେଷଣା ଓ ଅନୁଧ୍ୟାନ କରି ମୌଳିକଜ୍ଞାନ ପରିବେଷଣ କରି ତତ୍ ସମ୍ପର୍କରେ ନୂତନ ଆଲୋକପାତ କରିଛନ୍ତି । ଐତିହାସିକ ଭାବରେ ପ୍ରଫେସର ରାୟ ଭାରତରେ ତଥା ବିଦେଶରେ ସ୍ୱୀକୃତି ପ୍ରାପ୍ତ ହୋଇଛନ୍ତି । ଫୁଲବ୍ରାଇଟ୍ ପରିଦର୍ଶକ ଅଧ୍ୟାପକ ରୂପେ ଆମେରିକାର ବିଶ୍ୱବିଖ୍ୟାତ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଓ ୧୯୬୭ ମସିହାରେ ପୋଲାଣ୍ଡର ଜାଗିଲୋନିଆନ ବିଶ୍ୱବିଦ୍ୟାଳୟରେ ପରିଦର୍ଶକ ଅଧ୍ୟାପକ ଭାବେ

ଯୋଗ ଦେଇଥିଲେ । ଐତିହାସିକ ଭାବରେ ସେ ଇଂଲଣ୍ଡ, ଫ୍ରାନ୍ସ, ସୁଇଜରଲାଣ୍ଡ, ଜ୍ରାନ୍ସ, ଇଟାଲୀ, ହଙ୍ଗେରୀ, ଚେକୋସ୍ଲୋଭାକିଆ, ପୋଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା ଜାପାନ, ଥାଇଲାଣ୍ଡ ଓ ହଂକଂ ଆଦି ପୃଥିବୀର ବିଭିନ୍ନ ଦେଶକୁ ପରିଦର୍ଶନ କରି ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରି ଥିଲେ । ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଐତିହାସିକ ଗବେଷଣା ପ୍ରତିଷ୍ଠାନ ସହିତ ସେ ସଂପୃକ୍ତ ।

ପ୍ରଫେସର ରାୟଙ୍କ ଗବେଷଣା ନିଷ୍ଠା ସାଧନାର ମହାର୍ଘ ଅବଦାନ ଓ ଓଡ଼ିଆ ଇତିହାସ ରଚନା କ୍ଷେତ୍ରରେ କିଛି ଉଜ୍ଜ୍ୱଳ ଆଲୋକ ବର୍ତ୍ତିକା ହେଲା, ଯଥା- Oirssa undro the Marathas, Foundation of British Orissa, New Lights on Maratha Orissa. ମୋଗଲ ଓଡ଼ିଶା ଇତିହାସ ଓ ସଂସ୍କୃତି, ସାହିତ୍ୟ ସଂସ୍କୃତି ଓ ଇତିହାସ, ସୁନୟନ ସେନ, ପ୍ରଥମ କାହି ରାଉ ଓ ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଆଦି ପ୍ରଧାନ ।

ପ୍ରଫେସର ରାୟଙ୍କ ତତ୍ତ୍ୱାବଧାନରେ ବହୁ ଅଧ୍ୟାପକ ଇଂରାଜୀ ସରକାରଙ୍କ ଲବଣ ନୀତି, ଆଦିବାସୀ ଅସନ୍ତୋଷ, ମଧ୍ୟ ଯୁଗୀୟ ସାମାଜିକ ଓ ଅର୍ଥନୈତିକ ଜୀବନ, ସ୍ୱାୟତ୍ତ ଶାସନ, ବିଚାର ବିଭାଗ, ମହିମାଧର୍ମ, ଓଡ଼ିଶାର ସାହିତ୍ୟ ସଂସ୍କୃତି ଉପରେ ଗବେଷଣାମୂଳକ ପ୍ରବନ୍ଧ ଲେଖିଛନ୍ତି । ଏପରି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକ ଓ ଗବେଷକ ଡଃ ରାୟଙ୍କୁ ଛାତ୍ର ରୂପେ ପାଇ ହାଇ ଓଡ଼ିଶା ଆଜି ଗୌରବାନ୍ୱିତ

**ଡଃ ବୈଦ୍ୟନାଥ ମିଶ୍ର** ଥିଲେ ୧୯୩୭ ମସିହାରେ ଖୋର୍ଦ୍ଧାର ଜଣେ କୃତୀ ଛାତ୍ର । ୧୯୪୯ରୁ ୧୯୬୧ ମସିହା ପର୍ଯ୍ୟନ୍ତ ସେ ରେଭେନ୍ସା ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ୧୯୬୧ ମସିହାରେ ସେ କୃଷି ଓ ବୈଷୟିକ ମହାବିଦ୍ୟାଳୟର କୃଷି ଓ ଅର୍ଥନୀତି ପ୍ରଫେସର ଭାବେ ଯୋଗ ଦେଇଥିଲେ । ସେଠାରେ ସେ ୧୯୬୭ ପର୍ଯ୍ୟନ୍ତ (ସାଢ଼େ ସାତବର୍ଷ ପ୍ରଫେସର ଓ ସାଢ଼େ ସାତ ବର୍ଷ ''ଡିନ୍'' ଭାବେ) କାର୍ଯ୍ୟକରି ୧୯୬୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରର ସ୍ନାତକୋତ୍ତର ଅର୍ଥନୀତି ବିଭାଗର ପ୍ରଫେସର ଭାବରେ କାର୍ଯ୍ୟଭାର ନେଇଥିଲେ, ସେଠାରୁ ସେ ଓଡ଼ିଶା କୃଷି ବୈଷୟିକ ମହାବିଦ୍ୟାଳୟର କୁଳପତି ପଦବୀକୁ ଉନ୍ନୀତ ହୋଇଥିଲେ । ସେ ମହାଶୟ ଓଡ଼ିଶା ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ, ନବକୃଷ୍ଣ ଚୌଧୁରୀ ସେଣ୍ଟର ଅଫ୍ ଡେଭଲପମେଣ୍ଟ ଷ୍ଟଡ଼ିଜ୍, ଭୁବନେଶ୍ୱରର ନିର୍ଦ୍ଦେଶକ ଥିଲେ । ଏହା ବ୍ୟତୀତ ସେ ରାଜ୍ୟ ପୁନର୍ଗଠନ ବୋର୍ଡ଼ର ସମ୍ପାଦକ ଓ ବହୁ ଅର୍ଥନୀତିକ ଓ ସାଂସ୍କୃତିକ ସଂସ୍ଥା ସହିତ ଜଡ଼ିତ ।

ଡଃ ବୈଦ୍ୟନାଥ ମିଶ୍ରଙ୍କର ସାହିତ୍ୟ, ସଂସ୍କୃତି, ଅର୍ଥନୀତି ଓ ସମାଜନୀତିକୁ ଦାନ ଅପାର । ତାଙ୍କର ଏହି ସମ୍ପର୍କୀୟ ଓଡ଼ିଆ ପୁସ୍ତକଗୁଡ଼ିକ ହେଲା, ଶାସନ ଓ ସଂସ୍କାର, ଶାମନ ଓ ସଂସ୍କାର, ସମାଜବାଦ ଓ ଗଣତନ୍ତ୍ର, ଅର୍ଥନୀତିକ ଯୋଜନା, ଭାରତର ଆର୍ଥନୀତିକ ସମସ୍ୟା, ଭାରତ ସଂବିଧାନ, ସମାଜ, ଶାସନ ଓ ସଂସ୍କାର, ବିଦେଶ ଯାତ୍ରା, ପୁଞ୍ଜିବାଦ, ସମାଜବାଦ ଓ ଗାନ୍ଧୀବାଦ, ସାମାଜିକ ମୂଲ୍ୟବୋଧ, ରାଜନୀତିର ସୁଖ ଦୁଃଖ, ବନ୍ଧଲୋକର ଚହଳ, ରାମ ରାଜ୍ୟରେ ଅଶାନ୍ତି, ପାଶ୍ଚାତ୍ୟ ଅନୁଭୂତି, ସ୍ମୃତିତୀର୍ଥ, ଆଧୁନିକ ସଭ୍ୟତାର ଯନ୍ତ୍ରଣା, ବିଦେଶ ଯାତ୍ରା ପ୍ରଭୃତି । ତାଙ୍କର ଇଂରାଜୀ ପୁସ୍ତକଗୁଡ଼ିକ ହେଲା, Fiscal Policy in the contest of Planning, Capitalism, Socialism of Planning Economics of Public financial.

ଡଃ ମିଶ୍ର ପୌରୁଷ ପତ୍ରିକାର ଧାରାବାହିକ ଲେଖକ ଥିଲେ । ପୌରୁଷରେ ତାଙ୍କ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ହେଲା- କ୍ଷମତା ବିକେନ୍ଦ୍ରୀକରଣ, କାର୍ଯ୍ୟକ୍ରମରେ ବିପଦ, କେତେଲୋକ କେଶୀ, ଆଦର୍ଶ ସଂପର୍କ, ସାମାଜିକ ସମାନତା, ଭାରତୀୟ ସଂସ୍କୃତି ଓ ବୁଦ୍ଧିଜୀବୀ, ଯାନ୍ତ୍ରିକ ସଭ୍ୟତା, ସାମ୍ୟବାଦ ଓ ସମ୍ପତ୍ତି ଅଧିକାର, ସବୁଜ ବିପ୍ଳବୀ ନା ଧୂଆଁ ବାଣ, ରାଜନୀତି ବନାମ ସ୍ୱାର୍ଥନୀତି, ଗାନ୍ଧୀଜୀଙ୍କ ସାଧନା, ଭାରତ ଓ ବଙ୍ଗଳା ଦେଶର ଅଧା ପଡ଼ୋଶୀ ସମାଜ ନୀତି, ଧର୍ମଘଟ ଓ ତାଲା ବନ୍ଦ, ଶିକ୍ଷା ଓ ସମାଜ ବାଦ ପ୍ରଭୃତି ।

ଡଃ ମିଶ୍ରଙ୍କ ପ୍ରବନ୍ଧଗୁଡ଼ିକ ଭାରତର ଅର୍ଥନୀତି, ରାଜନୀତି ସମାଜନୀତି ଓ ସାଂସ୍କୃତିକ ସମସ୍ୟା ଉପରେ ଆଧାରିତ । କିନ୍ତୁ ଜଣେ ଗାଉଁଲି କୋଟିର ଶିକ୍ଷାବିତ୍ ହୋଇଥିବାରୁ ତାଙ୍କର ବହୁ ପ୍ରବନ୍ଧ ଶିକ୍ଷା ସମସ୍ୟାକୁ ନେଇକରି ସୃଷ୍ଟି ହୋଇଛି । ଡଃ ମିଶ୍ର ବହୁ ସମସ୍ୟା ଉତ୍ଥାପନ କରି ତାର ସମାଧାନର ପନ୍ଥା ବାଢ଼ିଛନ୍ତି ତାଙ୍କ ପାଶ୍ଚାତ୍ୟ ଅନୁଭୂତି, ସେ ଦେଶର କଥା ଓ ବିଦେଶ ଯାତ୍ରା ତଥା ଭ୍ରମଣ କାହାଣୀରେ । ଏଥିରେ ସେ ଇଂଲଣ୍ଡ, ଆମେରିକା ପ୍ରଭୃତି ଦେଶ ଭ୍ରମଣ କରିବା ଅନୁଭୂତି ବର୍ଣ୍ଣନା କରିଛନ୍ତି । ସ୍ମୃତି-ତୀର୍ଥ ତାଙ୍କର ଏକ ଆତ୍ମଜୀବନୀ ଗ୍ରନ୍ଥ । ''ରାମରାଜ୍ୟରେ ଅଶାନ୍ତି, ଆଧୁନିକ ସଭ୍ୟତାର ଯନ୍ତ୍ରଣା ଓ ବନ୍ଧଲୋକରେ ଚହଳ ବ୍ୟଙ୍ଗାତ୍ମକ । ଏଥିରେ ସେ ସମାଜ, ରାଜନୀତିରେ ଥିବା ବହୁ ତ୍ରୁଟି କୁ ବିଦ୍ରୂପ କରି ତାର ସଂସ୍କାର କରିବାରେ ବ୍ରତୀ ହୋଇଛନ୍ତି ।

**ଶ୍ରୀଯୁକ୍ତ ଅକ୍ଷୟ ମୋହନ ପଟ୍ଟନାୟକ** ଖୋର୍ଦ୍ଧା ହାଇସ୍କୁଲ ଓ ପୁରୀରେ ଶିକ୍ଷା ସମାପ୍ତ କରି ମଧୁସୂଦନ ଆଇନକଲେଜରେ ପଢ଼ିଥିଲେ, ଭୁବନେଶ୍ୱରରେ ଓକିଲାତ କରି ସେ ଅଳ୍ପଦିନରେ ଦେଶ ସୁଖ୍ୟାତି ଅର୍ଜନ କରି ଜଣେ ବିଶିଷ୍ଟ ଆଇନଜୀବୀ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ, ଏହା ବ୍ୟତୀତ ସେ ଆଧୁନିକ ଯୁଗର ଜଣେ ବରିଷ୍ଠ କଥାଶିଳ୍ପୀ ଭାବରେ ପରିଚିତ ହୋଇଥିଲେ । ଗାନ୍ଧିକ ପଟ୍ଟନାୟକ ଗଳ୍ପ

ସାହିତ୍ୟର ବିଭିନ୍ନ ଦିଗ ଉନ୍ମୋଚନ କରିଛନ୍ତି । ପ୍ରାକ୍ ସ୍ୱାଧୀନତା କାଳରୁ ବିଂଶ ଶତାବ୍ଦୀର ଅଷ୍ଟମ ଦଶକ ପର୍ଯ୍ୟନ୍ତ ସେ ଲେଖନୀ ଚାଳନା କରିଛନ୍ତି । ବିଶେଷ କରି ପ୍ରଗତି ଧର୍ମୀ ଗଳ୍ପ ରଚନା କରିବା ସହିତ ମନସ୍ତାତ୍ତ୍ୱିକ ମାନବ ଧର୍ମ ଗଳ୍ପ ସେ ରଚନା କରି ଯାଇଛନ୍ତି । ମାଟିର ଶ୍ରୀଯୁକ୍ତ ଅଖିଳ ମୋହନ ପଟ୍ଟନାୟକ ଆଧୁନିକ ଗଳ୍ପ ସାହିତ୍ୟରେ ଜଣେ ଅନନ୍ୟ ପ୍ରତିଭାଶାଳୀ ଗଳ୍ପଶିଳ୍ପୀ । ଅଖିଳ ମୋହନ ଦିନ ରହସ୍ୟମୟ ମଣିଷ ଜୀବନକୁ ଆଧାର କରି ଗଳ୍ପ ରଚନା କରିଛନ୍ତି । ଅନନ୍ତ ନିପୁଣତାର ସହିତ କଳାତ୍ମକ ଭାବରେ ଜୀବନ୍ତ କଥା ସାହିତ୍ୟ ସେ ସୃଷ୍ଟି କରିଛନ୍ତି । ତାଙ୍କ ଗଳ୍ପଗୁଡ଼ିକରେ ଜୀବନ- ଅନୁଭୂତିର ସରସ ରୂପାୟନ ମଧ୍ୟରେ ସାମାଜିକ ଅନ୍ୟାୟର ସୂଚକ । ବ୍ୟଙ୍ଗାତ୍ମକ ଭାଷା ଓ ସ୍ୱକୀୟ କଥା ଶୈଳୀର ପ୍ରୟୋଗରେ ତାଙ୍କ ଗଳ୍ପଗୁଡ଼ିକ ଉତ୍ତୀର୍ଣ୍ଣ । ତାଙ୍କର ଗଳ୍ପ ସାହିତ୍ୟ ପରିମାଣାତ୍ମକ ଦୃଷ୍ଟିରୁ ବହୁଳ ନହେଲେ ମଧ୍ୟ ଗୁଣାତ୍ମକ ଦୃଷ୍ଟିରୁ ପରିପୁଷ୍ଟ ।

ଅଖିଳ ବାବୁଙ୍କ ଗଳ୍ପଗୁଡ଼ିକ ତାଙ୍କ ଜୀବନରେ ବହୁ ଘଟଣା ଦ୍ୱାରା ପ୍ରଭାବିତ । ତାଙ୍କରି ଭାଷାରେ, '' ମୁଁ ଜୀବନରେ କୌଣସି କଥାକୁ ପାପ ବା ପୁଣ୍ୟ ବୋଲି ମନେ କରେନେ, ନାହିଁ । ମୋ ଜୀବନର ବହୁ ବହୁ ଘଟଣା ମୋ ଗଳ୍ପମାନଙ୍କୁ ପ୍ରଭାବିତ କରିଛି । ମୋର ଅଧିକାଂଶ ଶ୍ରେଷ୍ଠ ଗଳ୍ପ ବହନ କରିଛି ମୋ ବ୍ୟକ୍ତିଗତ ଜୀବନର ଆନନ୍ଦ-ବେଦନାର ଚିତ୍ର । ତାଙ୍କର ଭାଷା ଶୈଳୀ ମାର୍ଜିତ, ସାବଲୀଳ, ଲଘୁ ସୁକୁମାର ରୋମାଞ୍ଚିତ ଓ ଅଭିଜାତ । ତାଙ୍କର ଗଳ୍ପରଙ୍ଗ ପୁସ୍ତକଗୁଡ଼ିକ ହେଲା,- ଝଡ଼ର ଲଗନ ଓ ଧରଣୀର କ୍ରନ୍ଦନ ଓ ଅନ୍ତରଙ୍ଗ, ନଦୀର ନାମ ରଙ୍ଗରେଖ, ପ୍ରଥମ ଓ ଶେଷ ।

''ନଦୀର ନାମ ରଙ୍ଗରେଖ'' ତାଙ୍କର ଏକ ଉଚ୍ଛିଷ୍ଟ ରାଜନୈତିକ ଗଳ୍ପ । 'ଭଉରୀ' ପୁସ୍ତକରେ ସେ ଖବରୀ କାଗଜ ଜୀବନ କାହାଣୀ ଅତି ମନନ ଶୀଳ ଭାଷାଶୈଳୀରେ ପ୍ରକାଶ କରିଛନ୍ତି । ଅଖିଳ ବାବୁ ନିଜ ଗଳ୍ପ ସମ୍ପର୍କରେ କୁହନ୍ତି, '' ମୋର ବଡ଼ କଥା 'ଥିମ୍' ଉପଯୁକ୍ତ 'ଥିମ୍' ବିନା ଭଲ ଗଳ୍ପ ହେବ ନାହିଁ, ପୁଣି ଥିମ୍ ଭିତରେ (Human Element) ବଡ଼ କଥା, ଯାହା ଗଳ୍ପକୁ ବଡ଼ କରେ । 'ଥିମ୍' ନ ଥାଇ ଭାଷା ଓ ଶୈଳୀର ଯେତେ କାରୁକାର୍ଯ୍ୟ ଦେଲେ ବି ତାହା ଭଲ ଗଳ୍ପ ହେବ ନାହିଁ, ମାନବିକତା, ନଥିଲେ ଗଳ୍ପ ମଣିଷ ମନକୁ ସ୍ପର୍ଶ କରିବ କାହିଁକି ? ଅଖିଳ ବାବୁ ଖୋର୍ଦ୍ଧା ହାଇସ୍କୁଲର ପ୍ରଧାନ ଶିକ୍ଷକ ବାଙ୍କନିଧି ପଟ୍ଟନାୟକଙ୍କ ସୁଯୋଗ୍ୟ ସନ୍ତାନ ଭାବେ ନିଜକୁ ଯେପରି ପ୍ରମାଣ କରିଛନ୍ତି

**ପ୍ରାଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତି** ଖୋର୍ଦ୍ଧା ହାଇସ୍କୁଲର ଜଣେ ସୁଯୋଗ୍ୟ ଛାତ୍ର । ସେ ରେଭେନ୍ସା ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବେ କର୍ମ ନିର୍ବାହ କରି ଅଧ୍ୟକ୍ଷ ପଦବୀକୁ ଅଳଙ୍କୃତ କରିଛନ୍ତି । କଟକ ରେଡ଼ିଓ ଷ୍ଟେସନ ନୂଆ ହୋଇ ଅବସ୍ଥାପିତ ହେବା ସମୟରେ ପ୍ରତ୍ୟେକ ତାଙ୍କର ଗୀତିକବିତା ଶୁଣିବାକୁ ମିଳୁଥିଲା । ମୟୂରଭଞ୍ଜରେ ଅବସ୍ଥାନ କରିବା ସମୟରେ ସେ ଛଉନୃତ୍ୟ ଦଳକୁ ନେଇ ଭାରତ ବାହାରେ ମଧ୍ୟ ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲେ । ଶ୍ରୀଯୁକ୍ତ ନନ୍ଦିନୀ ଶତପଥୀଙ୍କ ଗଳ୍ପକୁ ନାଟ୍ୟରୂପ ଦେଇ ସେ ମହାନଗର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ କରାଇଥିଲେ । ଶ୍ରୀଯୁକ୍ତ ଜାନକୀ ବାବୁଙ୍କ ଓଡ଼ିଆ ଓ ବଙ୍ଗାଳୀ ସାହିତ୍ୟ କ୍ଷେତ୍ରକୁ ଦାନ History of Oriya Leterature ଓ ଅମର ଗୀତିକା ମେଘଦୂତ (ଅନୁବାଦ), ମାଟିର ଫୁଲ, ପିଲାଙ୍କ ସେକ୍ସପିୟର କଥା ସଂଗ୍ରହ, ଜଳିବାର ସୁଖ ଜାଣିନାହିଁ, ୧ ମାଟିର ସେମାନେ ନିର୍ଜୀବର ରହସ୍ୟ (ଜୀବନୀ), କଟକଭାରତ (ନାଟକ) ପଞ୍ଚପୁଷ୍ପ (ଏକାଙ୍କିକା), କାହାଣୀ ଓ କାହାଣୀ (କାହାଣୀ ଓ ଗଳ୍ପ) ପ୍ରଭୃତି ପ୍ରଧାନ । ସେ ମଧ୍ୟ ଗୋପୀନାଥ ମହାନ୍ତି 'ପରଜା', କାହ୍ନୁଚରଣ ମହାନ୍ତିଙ୍କ ''ଶାସ୍ତି'' ଓ ନିତ୍ୟାନନ୍ଦ ମହାପାତ୍ରଙ୍କ ''ହିଡ଼ମାଟି''କୁ ନାଟ୍ୟ ରୂପ ଦେଇଛନ୍ତି । ସେ ପ୍ରମୁଖର ବିଦ୍ରୋହ ନାଟକ ପାଞ୍ଚଟି ମଞ୍ଚରେ ମଞ୍ଚସ୍ଥକରାଇ ଉଚ୍ଚ ପ୍ରଶଂସାର ପାତ୍ର ହୋଇଥିଲେ । ପ୍ରାଧ୍ୟାପକ ମହାନ୍ତି ସାହିତ୍ୟ, ଇତିହାସ, ନାଟକ, ଏକାଙ୍କିକା, ଗଳ୍ପ କାହାଣୀ ଲେଖିବା ସଙ୍ଗେ ସଙ୍ଗେ କେତୋଟି ସମାଲୋଚନା ପୁସ୍ତକ ଲେଖି ତାଙ୍କର ବହୁମୁଖୀ ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ । ସେ ନାଟ୍ୟ ରୂପେ ଦେଇଥିବା ''ଶାସ୍ତି'' ଓ ହିଡ଼ମାଟି କଳାଶ୍ରୀ ଥିଏଟର ଦ୍ୱାରା ଅଭିନୀତ ହୋଇ ବେଶ୍ ଲୋକପ୍ରିୟ ହୋଇ ପାରିଥିଲେ । ''ଶାସ୍ତି'' ନାଟକ ପ୍ରଥମେ ରେଭେନ୍ସା ମହାବିଦ୍ୟାଳୟରେ ଅଭିନୀତ ହୋଇଥିଲା । ଛାତ୍ରୀମାନେ ଏଥିରେ ପ୍ରଥମେ ସ୍ତ୍ରୀ ଭୂମିକାରେ ଅଭିନୟ କରିଥିଲେ । ଡଃ ହେମନ୍ତ କୁମାର ଦାଶ ମହାନ୍ତିଙ୍କର ନାଟ୍ୟ ପ୍ରତିଭା ଉପରେ ମତ ଦେଇ କହନ୍ତି, ''ମୂଳ କଥା ବସ୍ତୁର ସାମାନ୍ୟ ମାତ୍ର ପରିବର୍ତ୍ତନ କାଟ୍ୟକାର ଔପନ୍ୟାସିକଙ୍କର ବକ୍ତବ୍ୟକୁ ଅବିକୃତ ଭାବରେ ଦର୍ଶକମାନଙ୍କ ନିକଟରେ ଉପସ୍ଥାପିତ କରି ପାରିଛନ୍ତି । ଏଥି ନିମନ୍ତେ ନାଟ୍ୟକାର ଯେଉଁ ପରିବେଶ ସୃଷ୍ଟି କରିଛନ୍ତି, ସେଗୁଡ଼ିକ ତାଙ୍କ ନାଟ୍ୟ ପ୍ରାଣତାର ପରିଚାୟକ ହୋଇଛି । ଏହା ବ୍ୟତୀତ ଶୈଳ୍ପିକ ସୁଷମା ମଣ୍ଡିତ ସଂଳାପ ପରିକଳ୍ପନାରେ ମଧ୍ୟ ଶ୍ରୀ ମହାନ୍ତିଙ୍କର କୃତିତ୍ୱ ସ୍ୱୀକାର କରିବାକୁ ହେବ ।'' (ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା)

**ଶ୍ରୀଯୁକ୍ତ ଦୁର୍ଗାପ୍ରସାଦ ପଟ୍ଟନାୟକ** ''ଆର୍ଟ ଓ ଆର୍କିଟେକ୍ଚର''ରେ ଏମ୍.ଏ ପାଶ୍ କରି ପେଣ୍ଟିଙ୍ଗ୍‌ରେ ଡିପ୍ଲୋମା ହାସଲ କରିଥିଲେ । ସେ ମହାଶୟ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ କଳା ବିଭାଗର (Arts)ର ଅଧ୍ୟାପକ ଥିଲେ, ସେ ଜଣେ ଭାରତ

ବିଭାଗ ଚିତ୍ର-ଶିଳ୍ପ । ଓଡ଼ିଶା ଲଳିତ କଳା ଏକାଡେମୀ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭାରତୀୟ ରେଲୱେ, ପ୍ରେସ୍‌କନ୍ଫରେନ୍ସ୍ ଦ୍ୱାରା ତାଙ୍କର ଚିତ୍ର-କଳା ପ୍ରଦର୍ଶନୀ ଭୁବନେଶ୍ୱର, ବାରାଣସୀ, ଛେଉଭୁକ, ଦିଲ୍ଲୀ, ଲକ୍ଷ୍ନୌ, କଲିକତା ଓ ମହୀଶୂର ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ବର୍ତ୍ତମାନ ଶ୍ରୀ ପଟ୍ଟନାୟକ ଓଡ଼ିଶାର ଲୋକ-କଳା (Folk art)ଏବଂ ତାଳପତ୍ରରୁ ଚିତ୍ର ଓ ଦେଶୀୟ ଉପରେ କାର୍ଯ୍ୟ କରୁ । ତାଙ୍କର ଚିତ୍ର- କଳା ସମ୍ବନ୍ଧୀୟ ପୁସ୍ତକ ପ୍ରକାଶିତ ହେଲା, - ଓଡ଼ିଶାର ଚାରୁକଳା (Fine art of Orissa), ଭାରତୀୟ ଚିତ୍ରକଳା (Indian Painting), ଭାରତୀୟ ମୂର୍ତ୍ତି କଳା (Indian Sculpture) ପ୍ରଭୃତି । "ଯୁଗେ ଯୁଗେ କଳା ମାନୁଷିକ୍ରୁ ପାଇଁ ସେ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । କଳାକ୍ଷେତ୍ରରେ ଖ୍ୟାତି ବ୍ୟତୀତ ସେ ହିନ୍ଦୀ ଓଡ଼ିଆ ଶିଶୁ ସାହିତ୍ୟ ଲେଖକ ଓ ସାକ୍ଷିକ ଭାବରେ ମଧ୍ୟ ସୁପରିଚିତ । ଏଥିପାଇଁ ସେ ଅନେକ ବା ଶେଷ ଥର ପୁରସ୍କୃତ ହୋଇଛନ୍ତି । ସେ ସର୍ବଭାରତୀୟ ଶିଶୁ ସାହିତ୍ୟ କନ୍‌ଫରେନ୍ସର ସଭାପତି ଓ ଓଡ଼ିଶା ଲଳିତ କଳା ଏକାଡେମୀର ଉପସଭାପତି ଥିଲେ ।

ଓଡ଼ିଆ ଶିଶୁ ସାହିତ୍ୟ କ୍ଷେତ୍ରରେ ଦୁର୍ଗାପ୍ରସାଦ ପଟ୍ଟନାୟକ ଏକ ଅନନ୍ୟ ପ୍ରତିଭାର ଅଧିକାରୀ । କଲମ ଓ ତୁଳିର ଅପୂର୍ବ ସମନ୍ୱୟରେ ହିଁ ତାଙ୍କ ସାରସ୍ୱତ- ଜଗତ ମହୀମାନ୍ୱିତ । ତାଙ୍କର ସବୁଗୁଡ଼ିକ ପୁସ୍ତକର ଚିତ୍ରକର ହେଉଛନ୍ତି ସେ ନିଜେ । ଦୀର୍ଘ ତାରିଶ ବର୍ଷର ସାଧନା ତାଙ୍କୁ ଯେତିକି ଶିଖି ଦେଇଛି ସେତିକି ସମ୍ମାନ ଓ ସ୍ୱୀକୃତି ମଧ୍ୟ ପ୍ରଦାନ କରିଛି । ତାଙ୍କର ଅଦ୍ୟାବଧି ତିରିଶ ଟିରୁ ଉର୍ଦ୍ଧ୍ୱ ଶିଶୁ ଉପଯୋଗୀ ପୁସ୍ତକ ପ୍ରକାଶିତ ହୋଇଛି । ସେ ଗୁଡ଼ିକ ମଧ୍ୟରେ ତୁଆଁ ତୁଇଁଙ୍କ ଘର, ତାଙ୍କ ନୂଆଘର, ତପନର ସପନ, ଗୋଟିଏ ଥିଲା ପିଲା, କଣ କହିଲା, ଭୂଆଟିଏଁ, ସତ୍ୟବର ସାତପାଟୀ, ମୁଁ ଯାଉଛି କହିବି, ଗୁଣି ତନେ ତନେ, କୁଆ ଖାଇ କୁଆ ପ୍ରଭୃତି ଶଶ ପୁସ୍ତକ ବାଦ ମାମୁଁଙ୍କ ଚିଠି, ବିଦ୍ଧର ଘର, ଖଗଦର୍ଶୀ, ଆଜ, କଣଟି କଥା, ଗୀତରେ, କେଉଁଠି ପିଲେ ବାଗ ଇତ୍ୟାଦି ଶିଶୁ କବିତା ଅଦ୍ଭୁତ, ଅଷ୍ଟୁଆଁ, ମାଷ୍ଟ୍ରେ, ବୈତରଣୀ, ଧୂଳ ଧୂସର କଳା ଇତ୍ୟାଦି ପ୍ରବନ୍ଧ ଏବଂ ଚାରି ଭାଗ, ହସ ହସ ଦୁଇଖଣ୍ଡ ଉପନ୍ୟାସ ଉଲ୍ଲେଖଯୋଗ୍ୟ । ଏ ସମସ୍ତଙ୍କ ମଧ୍ୟରେ ତୁଆଁ ତୁଇଁଙ୍କ ଘର, ତପନର ସପନ, ଗୋଟିଏ ଥିଲା ପିଲା, କଣ କହିଲା, ଭୁଆଟିଏ, ଗୁଣି ତନେ ତନେ, ବାଘ ମାମୁଁଙ୍କ ଚିଠି ଓ କଣଟି କଥା ବାଟରେ ପ୍ରଭୃତି ପୁସ୍ତକ ଲେଖକଙ୍କର ଶକ୍ତିଶାଳୀ ଲେଖକୀୟ ପରିଚୟ ଦେବା ସଙ୍ଗେ ସଙ୍ଗେ ଓଡ଼ିଶାର ଶିଶୁ ମହଲରେ ବେଶ୍ ଆଦୃତ ଲାଭ କରିଛି । ଏହିସବୁ ପୁସ୍ତକଗୁଡ଼ିକ ଲେଖକଙ୍କର ଲେଖନୀ ଓ ତୂଳିକ ସର୍ଶରେ କେବଳ ଉପଯୋଗୀ ହେଇ ନାହିଁ, ସେ ଗୁଡ଼ିକ ଖୁବ୍ ଆକର୍ଷଣୀୟ ହୋଇ ପାରିଛି । ସ୍ୱାଧୀନତା ଆନ୍ଦୋଳନ ଭିତ୍ତି କରି ଗଢ଼ି ଉଠିଥିବା 'ଅଷ୍ଟୁଆଁ' ନାଟକଟି ଜାତୀୟ ଆନ୍ଦୋଳନର ଏକ ପ୍ରତିଛବି । ସେହି ପୁସ୍ତକଟିରେ ଲେଖକ ସଙ୍ଗୀତ ଉତ୍ପତ୍ତି, ପ୍ରଭାବ ଓ ତାହାର ଅବଦାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ।

ଦୁର୍ଗାପ୍ରସାଦଙ୍କ ରଚନାବଳୀ ମଧ୍ୟରେ ପଦ୍ୟ ଅପେକ୍ଷା ଗଦ୍ୟରେ ତାଙ୍କ ପ୍ରତିଭାର ସ୍ୱାକ୍ଷର ଅଧିକ ସୁସ୍ପଷ୍ଟ । ଶିଶୁ ମନସ୍ତତ୍ତ୍ୱକୁ ଆଧାର କରି ଅତ୍ୟନ୍ତ ସରଳ ଓ ସାବଲୀଳ ଭାଷାରେ ସେ ଯେଉଁ ଗଳ୍ପଗୁଡ଼ିକୁ ରଚନା କରିଛନ୍ତି, ତାହା ଶିଶୁ ପାଠକଙ୍କୁ ବେଶ୍ ଆମୋଦିତ କରିଥାଏ । ତପନର ସପନ, ଓ 'ଗୋଟିଏ ଥିଲା ପିଲା' ପୁସ୍ତକରେ ଆମୋଦ ଅପେକ୍ଷା ନୀତିଶିକ୍ଷା ହେଉଛି ପ୍ରଧାନ ଅଭିପ୍ରେତ । ତୁଇଟି ଯାକ ଗଳ୍ପର ଶିଶୁ ଚରିତ୍ର ଦୁଇଟି ସରଳ, ଚପଳ, ବୁଦ୍ଧିଆ ହେଲେ ଅଛି ଶିଶୁ ସୁଲଭ ଅବାଧ୍ୟ ଓ ଅମାନିଆ ଢଙ୍ଗ । ଆମର ଦୈନନ୍ଦିନ ପରିବେଶ ଭିତରେ ଶିଶୁ ଦୁଇଟି କାଉ, ବଣି, ଏଣ୍ଡୁଅ, ଗୁଣ୍ଡୁଚି ମୂଷା, ଛେଳି, କୋକି ଠେକୁଆ, ସାପ, ମାଙ୍କଡ଼, ପ୍ରଭୃତିଙ୍କଠାରୁ ଶିକ୍ଷା ଲାଭ କରି ଅମାନିଆ ଢଙ୍ଗ ଛାଡ଼ି ନିୟମିତ ପାଠପଢ଼ାରେ ମନୋନିବେଶ କରିଛନ୍ତି ।

ତପନର ସପନ ୧୯୬୧ ମସିହାରେ କେନ୍ଦ୍ର ସରକାର ଦ୍ୱାରା ପୁରସ୍କୃତ ହୋଇଥିଲା । ୧୯୬୬ ପ୍ରକାଶିତ କଣ କହିଲା ଓ ୧୯୮୬ ପ୍ରକାଶିତ ଗୁଣି ତନେ ତନେ ପୁସ୍ତକ ଦୁଇଟି ଯଥାକ୍ରମେ କେନ୍ଦ୍ର ସରକାର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ଏ ଦୁଇଟି ପୁସ୍ତକ ବିଜ୍ଞାନ ଭିତ୍ତିକ । ୧୯୯୧ରେ ପ୍ରକାଶିତ ଲେଖକଙ୍କର ବାଘ ମାମୁଁଙ୍କ ଚିଠି 'କବିତା' ପୁସ୍ତକଟି ସମ୍ପୂର୍ଣ୍ଣ ରୂପେ ପ୍ରକୃତି ଓ ପରିବେଶ ଉପରେ ଆଧାରିତ । ଲୋଭୀ ଶିକାରୀ ହାତରୁ ବାଘ ଜଙ୍ଗଲର ଜୀବଜନ୍ତୁଙ୍କ ପାଖକୁ ଚିଠି ଦେଇ ଜଙ୍ଗଲ ସଂପଦ ନଷ୍ଟ କରୁଥିବା ମଣିଷମାନଙ୍କ ପ୍ରତି ସତର୍କ କରାଇ ଦେଇଛି । କଣ କହିଲା ପୁସ୍ତକଟି ସର୍ବୋତ୍କୃଷ୍ଟ । ଏଥିରେ ମୌସୁମୀ ପ୍ରବାହରେ ନଦୀରେ ଅଣ୍ଡା ପୁଷ୍ଟ, ତାର ଗତିଧାରା, କଟିପଥରେ ଉତ୍ଥାନ ପତନ, ଗ୍ରାମବାସୀଙ୍କ ସହିତ ତାର ସଖ୍ୟ ଓ ସୌହାର୍ଦ୍ଦ୍ୟ, ସଭ୍ୟତା ପ୍ରତି ତାର ଅବଦାନ, ତା ବକ୍ଷରେ ନଦୀବନ୍ଧ ନିର୍ମାଣ, ଜଳବିଦ୍ୟୁତ୍ ଉତ୍ପାଦନ ଇତ୍ୟାଦି କାହାଣୀ ଅତି ରମଣୀୟ ଶୈଳୀରେ ବର୍ଣ୍ଣିତ ହୋଇଛି ୧୯୭୫-୭୬ ମସିହାରେ ଡଃ ଦୁର୍ଗାପ୍ରସାଦ ପଟ୍ଟନାୟକ ଓଡ଼ିଶା ଲଳିତକଳା ଏକାଡେମୀ ଦ୍ୱାରା ସମ୍ମାନିତ ।

**ଶ୍ରୀଯୁକ୍ତ ଫକୀର ହରିଚନ୍ଦନ** ୧୯୩୪ ମସିହାରେ ଖୋର୍ଦ୍ଧା ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାଶ୍ କରିଥିଲେ । ସେ ଜଣେ ଉଚ୍ଚ ସାହିତ୍ୟ ପ୍ରତିଭାଧାରୀ ବ୍ୟକ୍ତି । ଛାତ୍ରାବସ୍ଥାରୁ ସେ ପାଲା, ଦାସକାଠିଆ ଗୀତ ପ୍ରଭୃତି ରଚନା କରି ସୁବୀୟ ନିର୍ଦ୍ଦେଶନାମାରେ

ସେ ଗୁଡ଼ିକ ସ୍କୁଲର ବିଭିନ୍ନ ସାଂସ୍କୃତିକ ଉତ୍ସବରେ ପ୍ରଦର୍ଶନ କରାଉଥିଲେ । ତାଙ୍କର ଏକୋଧିକବାର ଲେଖା ସ୍କୁଲରୁ ''ବାଣୀକୁଞ୍ଜ'' ନାମରେ ଏକ ହାତଲେଖା ମ୍ୟାଗାଜିନ୍ ବାହାରୁଥିଲା । ବାଣୀକୁଞ୍ଜ''ରେ ତାଙ୍କର ଏକ କ୍ଷୁଦ୍ର କବିତା ''ପ୍ରଳୟ ପଥେ ମରଣ ଡାକା'' ପ୍ରକାଶିତ ହୋଇଥିଲା, ଶ୍ରେଣୀ ପ୍ରକୋଷ୍ଠରେ ତାଙ୍କୁ ପାଠ କରି ପ୍ରଧାନ ଶିକ୍ଷକ ବାଙ୍କନିଧି ବାବୁ ଆନନ୍ଦରେ ବିଭୋର ହୋଇ ଉଠିଥିଲେ । ଶ୍ରୀ ହରିଚନ୍ଦନଙ୍କ ନାଟକ ''ବରାଗି'' ରାୟସାହେବ ବାଙ୍କନିଧି ପଟ୍ଟନାୟକଙ୍କୁ ଉତ୍ସର୍ଗ କରାଯାଇଥିଲା ଓ ହାଇସ୍କୁଲ ମଞ୍ଚରେ ପ୍ରଧାନ ଶିକ୍ଷକଙ୍କ ଅନୁମତି ପ୍ରାପ୍ତ ହୋଇ ଅଭିନୀତ ହୋଇଥିଲା ।

ଶ୍ରୀଯୁକ୍ତ ଚକ୍ରଧର ହରିଚନ୍ଦନ ଜଣେ କାବ୍ୟକାର, ପ୍ରାବନ୍ଧିକ, କବି ଓ ନାଟ୍ୟିକ ଭାବରେ ପରିଚିତ । ସେ କିଛି ସମୟ ଶିକ୍ଷକତା କରିଥିଲେ । ୯ ପରିଣତ ବୟସରେ ମଧ୍ୟ ଗବେଷଣାଧର୍ମୀ ଐତିହାସିକ ପ୍ରବନ୍ଧ ଲେଖି ଇତିହାସର ଅଜ୍ଞାତ ଓ ଅନ୍ଧକାରଛନ୍ନ ଅଧ୍ୟାୟକୁ ବେଶ ଆଲୋକପାତ କରିଛନ୍ତି ।

''ବାଲୁଙ୍ଗା ବିଲେ'' ଓ ''ମାଟିର ମୋହ'' ଶ୍ରୀ ହରିଚନ୍ଦନଙ୍କର ଦୁଇଟି ପ୍ରକାଶିତ ନାଟକ । ଗାଁ ଗହଳର ବିଭିନ୍ନ ସମସ୍ୟାକୁ ନେଇ ଏ ଦୁଇଟି ନାଟକ ଗୁମ୍ଫିତ । ଦୃଶ୍ୟ ସଜାରେ ସାମାନ୍ୟ ବ୍ୟତିକ୍ରମ ସ୍ଥଳେ ହେଁ ଘଟଣା ଉପସ୍ଥାପନା, ଚରିତ୍ର ବିଶ୍ଳେଷଣ, ପାତ୍ରୋଚିତ ସଂଳାପ ପ୍ରୟୋଗ, ନାଟକୀୟ ଦ୍ୱନ୍ଦ୍ୱ, ଉତ୍କଣ୍ଠା ଶୀର୍ଷାରୋହଣ ଓ ଚରମ ପରିଣତି ଦୃଷ୍ଟିରୁ ଏ ଦୁଇଟି ସାମାଜିକ ନାଟକ ଶ୍ରୀ ହରିଚନ୍ଦନଙ୍କୁ ନାଟ୍ୟକାରର ଉପଯୁକ୍ତ ମର୍ଯ୍ୟାଦା ଆଣି ଦେଇଛି ।

ଶ୍ରୀଯୁକ୍ତ ଚକ୍ରଧର ହରିଚନ୍ଦନଙ୍କ ଲିଖିତ ''ଗୀତ-ରତ୍ନମାଳା'' ବାସ୍ତବିକ ଭକ୍ତି ଭାବଧାରାର ଏକ ମନୋହର ରତ୍ନମାଳା । ଆବେଗ ଉଚ୍ଛ୍ୱାସ ଭରା ଭକ୍ତିର ଭଜନ, ଜଣାଣର ସୁମନମାନଙ୍କୁ ଶ୍ରୀ ହରିଚନ୍ଦନ ଇଷ୍ଟଦେବଙ୍କ ଗଳାରେ ଲମ୍ବାଇ ଦେବାକୁ ଯେତେ ଯେପରି ତତ୍ପର । କବି ଏଥିରେ ତାଙ୍କର ଜାତିଧର୍ମୀ, ଭଜନ, ଜଣାଣ, ଭକ୍ତି ଗୀତିକା, ଓ ଲୋକ-ଗୀତିକା ସ୍ଥାନ ଦେଇଛନ୍ତି । ଭଜନ, ଜଣାଣ ସାହିତ୍ୟ ଦୃଷ୍ଟିରୁ ''ମନହାତ'' ''ନନପାରା'' ''ମନହଂସ'' ଭଜନ ''ଅନାଥର ନାଥ ଜଗନ୍ନାଥ'' କୃପା ସାଗର ହେ'' ଜଣାଣ, ଶ୍ୟାମ ସୁନ୍ଦର ହେ'', ''ଆସ ଥାଅ ରହିଯାଅ'' ଭକ୍ତି ଗୀତଗୁଡ଼ିକର ଗୀତଧର୍ମିତା ବେଶ୍ ରହିଛି । ଭକ୍ତର ଅନାବିଳ ହୃଦୟର ଅବେଗ ଓ ଭକ୍ତାର ଭରା ଗୀତଗୁଡ଼ିକର ଉପାଦେୟତା ଯୁଗେ ଯୁଗେ ରହିଛି । ପ୍ରାଚୀନ ରାଗ ରାଗିଣୀ ଦ୍ୱାରା ବୃନ୍ଦାବନ ବର୍ଣ୍ଣନାର ଭଜନ ଜଣାଣ ଗୁଡ଼ିକ ଉପଭୋଗ୍ୟ ପଲ୍ଲୀ ଜୀବନର ସୁଖ ଦୁଃଖ ଉପରେ ଆଧାରିତ ଲୋକ-ଗୀତିଗୁଡ଼ିକ ଯେପରି ମନଛୁଆଁ ହୃଦ୍ୟ, ସେହିପରି ବୋଧ୍ୟ ମଧ୍ୟ ହୋଇ ପାରିଛି ।

ଶ୍ରୀ ହରିଚନ୍ଦନଙ୍କ ଅନ୍ୟ ପୁସ୍ତକ ଦୁଇଟି ହେଲା ''ଅଙ୍କ-ଦର୍ପଣ'' ଓ ''ମୁକ୍ତିରୁ ପଞ୍ଚାଶ ପାହାଚ''। ଏଥିରେ ସନ୍ନିବିଷ୍ଟ ତଥ୍ୟଗୁଡ଼ିକ ସାମାଜିକ ଜୀବନର ବହୁ ସମସ୍ୟାକୁ ନେଇ ଏଗୁଡ଼ିକ ରଚିତ ହୋଇଛି । ଛାତ୍ରେ ଛାତ୍ରେ ତାତ୍ତ୍ୱିକ ସଂସ୍କାର ନିଷ୍ଠ ପ୍ରକାଶିତ ହୋଇଛି । ଉଚ୍ଚଚରିତ୍ରର ପରିବେଶ ନାଟକୀୟ, ସ୍ୱଚ୍ଛ ଚରିତ୍ର ବିଶିଷ୍ଟ ଗାଥା । ବ୍ୟଙ୍ଗଧର୍ମୀ ସରଳ ଓ ସାବଲୀଳ ଗଦ୍ୟ ଓ ଉତ୍କଣ୍ଠା କାହାଣୀର ଶୀର୍ଷାରୋହଣରେ ବିଶେଷ ସାହାଯ୍ୟ କରିଛି । ଶ୍ରୀଯୁକ୍ତ ଚକ୍ରଧର ହରିଚନ୍ଦନ ବହୁ ଗବେଷଣାତ୍ମକ ଐତିହାସିକ ତଥ୍ୟ-ସମ୍ବଳିତ ପ୍ରବନ୍ଧ 'ସମ୍ବାଦ', 'ପ୍ରଜାତନ୍ତ୍ର', 'ପ୍ରଜାତନ୍ତ୍ର ସାପ୍ତାହିକୀ,' 'ପ୍ରତିଭା' 'ନିର୍ମାଲ୍ୟ' ପ୍ରଭୃତି ପତ୍ରିକାରେ ପ୍ରକାଶ ପାଉଛି ।

ଇତିହାସ ସମ୍ବନ୍ଧୀୟ-

୧. କଣାସ ତାମ୍ର ଶାସନ ଓ ଝଉରାଡି ମଠ
୨. ନଦୀର ନାମ ଦୟା (ନଦୀ କୂଳର ଐତିହାସିକ ବିଭବ)
୩. ସିରାଇ ଦଣ୍ଡପାଟ (ସମ୍ବାଦ)
୪. ସିରାଇ ପ୍ରତନ ('')
୫. ପାଇକ ବିଦ୍ରୋହରେ ସିରାଇ (ସମ୍ବାଦ)
୬. ସିରାଇ ଜମିଦାର (ସମ୍ବାଦ)
୭. ଚନ୍ଦ୍ରଚନ୍ଦ୍ରପୁର ମଠ (ପ୍ରଜାତନ୍ତ୍ର ସାପ୍ତାହିକୀ)
୮. ଦଉଡ଼ବା ମଠ (ପ୍ରଜାତନ୍ତ୍ର ସାପ୍ତାହିକ)
୯. ଚାପଙ୍ଗ ଗଡ ଓ ପୁଷ୍କ ଉତ୍ପତ୍ତି (ପ୍ରଜାତନ୍ତ୍ର ସାପ୍ତାହିକୀ)
୧୦. ସିରାଇ ସାତ ଶାସନ (ପ୍ରଜାତନ୍ତ୍ର ସାପ୍ତାହିକୀ)
୧୧. ତାଳପୁର କୃଷ୍ଣନଗର (ପ୍ରଜାତନ୍ତ୍ର ସାପ୍ତାହିକୀ)

କାହାଣୀ ଗଳ୍ପ

୧. ଅୟଥାର ପାଣି ଅନ୍ତୁଛି (ପ୍ରତିଭା)
୨. ହନିମୁନ୍ (ପ୍ରଜାତନ୍ତ୍ର ସାପ୍ତାହିକୀ)

ଶ୍ରୀ ଚନ୍ଦନଙ୍କ ଅନେକ କାହାଣୀ ବହୁ ଗଳ୍ପ, କବିତା ଓ ପ୍ରବନ୍ଧ ଏବେ ବି ଅପ୍ରକାଶିତ । ''ଅଙ୍କ ଦୁଃଖରୁ ଖଣ୍ଡା ଜଗା'' ଲେଖାଟି ଶିକ୍ଷୁ ଉପଯୋଗୀ । ତାଙ୍କର ଏହି ଲେଖାଟି ''ପ୍ରଜାତନ୍ତ୍ର''ରେ ପ୍ରକାଶିତ ହୋଇଥିଲା । ମହତାବଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିବର୍ଷ ଦୁଇଟି ଲେଖାର୍ଘ୍ୟ ପ୍ରବନ୍ଧ ପ୍ରଜାତନ୍ତ୍ରରେ ପ୍ରକାଶିତ ହୋଇଛି । ସ୍କୁଲର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ମନ୍ତ୍ରୀ ପାରଳା ମହାରାଜା କୃଷ୍ଣ ଅତିଥି ଭାବେ ଯୋଗ ଦେଇଥିବା ସମୟରେ ନାଜିବାଦ ଓ ''ଫାସିଷ୍ଟବାଦ'' ବିରୁଦ୍ଧରେ ଗୀତ ଲେଖି ପାଲା, ଦାସକାଠିଆ ଇତ୍ୟାଦି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀ ହରିଚନ୍ଦନ ପରିବେଷଣ କରିଥିଲେ । ସେତେବେଳେ ତାଙ୍କର କାହାଣ ପାଇଁ ଏଲେ ଅଙ୍କିତ ସୈନ୍ୟ ବିଭାଗର ବ୍ରିଗେଡିୟର ଡାକ୍ତର ଶ୍ରୀଯୁକ୍ତ ବାସୁଦେବ ରାଉତରାୟ ।

''ମଦେଇ ଛାଡ଼'' ଭଳି ରମଣୀୟ ତଥ୍ୟ ଓ ଜୀବନ୍ତ ''ନିର୍ମାଲ୍ୟ'' ଧର୍ମ ପତ୍ରିକାରେ ସ୍ଥାନ ପାଇଥିଲା । ଭକ୍ତ ମନୀଷ ସାହିତ୍ୟ ଅଜ୍ଞାତ ଅଧ୍ୟାୟର ପରିଚୟ ପ୍ରଦାନ କରି ଶ୍ରୀ ହରିବନ୍ଧନ ପ୍ରକୃତ କାର୍ଯ୍ୟ ସାଧନ କରିଛନ୍ତି । ସମ୍ପ୍ରତି ଶ୍ରୀଯୁକ୍ତ ହରିବନ୍ଧନଙ୍କର 'ଖୋରଧା ଇତିହାସର ଅନ୍ଧକାରେ' ଶୀର୍ଷକ ଏକ ଗବେଷଣାତ୍ମକ ପୁସ୍ତକ ପ୍ରକାଶ ପାଇ ବିଦଗ୍ଧ ପାଠକଙ୍କ ଦ୍ୱାରା ଆଦୃତ ହୋଇଛି ।

''ଭାରତ ଛାଡ଼'' ଆନ୍ଦୋଳନକୁ ସମର୍ଥନ କରାଇ ଖୋର୍ଦ୍ଧା ହାଇସ୍କୁଲରେ ଯେଉଁ ଛାତ୍ର ଧର୍ମଘଟ ହୋଇଥିଲା ତାକର ବାଲୁର ପଟ୍ଟନାୟକ ଥିଲେ ତାର କର୍ଣ୍ଣଧାର । ତାଙ୍କରି ଡାକୁଙ୍କ ପକ୍ଷରୁ ଥିଲେ ଶ୍ରୀ ପଟ୍ଟନାୟକ ହରିବନ୍ଧନ । ଆନ୍ଦୋଳନର ଉଦ୍ୟୋକ୍ତା ସେ କି କେବଳ ଖୋର୍ଦ୍ଧାରେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ସଂଗଠନ କରିବାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ତିନି ଦିନ ଧର୍ମଘଟ ପରେ ଧର୍ମଘଟର ପରିସମାପ୍ତି ଘଟିଥିଲା ।

**ପ୍ରଫେସର ଡଃ, ବିଚିତ୍ରାନନ୍ଦ ସିଂହ** ଜଣେ ଅନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପ୍ରବୀଣ ଭୌଗୋଳିକ । ଶ୍ରୀଯୁକ୍ତ ସିଂହ ୧୯୪୩ ମସିହାରେ ଖୋର୍ଦ୍ଧା ହାଇସ୍କୁଲର ଛାତ୍ର ଥିଲେ । ସେ ଜଣେ ମେଧାବୀ ଓ କୃତୀ ଛାତ୍ର ୧୯୫୦ ମସିହାରେ ସେ ରେଭେନ୍ସା ମହାବିଦ୍ୟାଳୟ, କଟକରୁ ଭୂଗୋଳ ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ନାତକ ଲାଭ କରିଥିଲେ । ୧୯୫୨ ମସିହାରେ ସେ ମହାଶୟ କଲିକତା ବିଶ୍ୱବିଦ୍ୟାଳୟର କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲଜି ବିଭାଗରୁ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ହୋଇ ଭୂଗୋଳରେ ଏମ୍.ଏ.ପାଶ୍ କରିଥିଲେ ଶ୍ରୀଯୁକ୍ତ ସିଂହ 'ସ୍ଲାମିଙ୍ଗ୍ ଅଫ୍ ଓଡ଼ିଶା'' ଉପରେ ଏକ ଗବେଷଣାତ୍ମକ ସନ୍ଦର୍ଭ ଦେଇ କଲିକତା ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗରୁ ପି.ଏଚ୍.ଡି. ଉପାଧିରେ ଭୂଷିତ ହୋଇଥିଲେ । ୧୯୬୧-୧୯୬୨ ମସିହା ମଧ୍ୟରେ ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ ହାଉସିଙ୍ଗ୍'' ଅଧୀନରେ ହାଉସିଙ୍ଗ୍ ଉପରେ ଅଳ୍ପ ସମୟପାଇଁ ବିଶେଷ ତାଲିମ ପ୍ରାପ୍ତ ହୋଇଥିଲେ । ୧୯୬୧ରୁ ୧୯୬୩ ପର୍ଯ୍ୟନ୍ତ ଖଡ଼ଗପୁର ଆଇ.ଟି.ଆଇ ଡିପାର୍ଟମେଣ୍ଟ ଅଫ୍ ଆର୍କିଟେକ୍ଟର ଆଣ୍ଡ ରିଜିଓନାଲ ପ୍ଲାନିଙ୍ଗର ଅଧ୍ୟାପକ ଥିଲେ ୧୯୬୩ରୁ ୧୯୬୭ ମସିହା ପର୍ଯ୍ୟନ୍ତ ସେ କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗର ପ୍ରାଧ୍ୟାପକ ଓ ମୁଖ୍ୟ ରୂପେ କାର୍ଯ୍ୟ କରିଥିଲେ । ୧୯୬୭-୧୯୭୦ ମସିହା ପର୍ଯ୍ୟନ୍ତ ସେ ସେହି ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇ ଥିଲେ । ପରିଶେଷରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭୂଗୋଳ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ ନିର୍ବାହ କରି ୧୯୮୯ ମସିହାରେ ଅବସର ଗ୍ରହଣ କରିଛନ୍ତି ।

ଡଃ ବିଚିତ୍ରାନନ୍ଦ ସିଂହ ଡାମୋଦର ଭାଲି କର୍ପୋରେସନର ସିନିୟର ପ୍ଲାନିଙ୍ଗ ପ୍ରସ୍ତୁତ କରିବା ନିମନ୍ତେ ''ପ୍ଲାନିଙ୍ଗ୍ ଆଣ୍ଡ ରିସର୍ଚ୍ଚ ଅଫିସର ଭାବେ ୧୯୬୦-୧୯୬୧ ପର୍ଯ୍ୟନ୍ତ ନିଯୁକ୍ତ ହୋଇଥିଲେ । ମଣିପୁର ବିଶ୍ୱବିଦ୍ୟାଳୟରେ ପରିଦର୍ଶକ ପ୍ରଫେସର ରୂପେ ଯୋଗ ଦେଇଥିଲେ । ସେ ଦକ୍ଷିଣ ପରିଦର୍ଶକ ଏକାଡ ଭାବେ ନିଉଜିଲାଣ୍ଡ ଯାଇଥିଲେ ।

ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ସିଂହ ବହୁ ଗବେଷଣାଧର୍ମୀ ଓ ତଥ୍ୟନିଷ୍ଠ ପ୍ରବନ୍ଧ ଲେଖି ଓ ସେଗୁଡ଼ିକୁ ଆନ୍ତର୍ଜାତିକ ପତ୍ରପତ୍ରିକାରେ ପ୍ରକାଶ କରି ଅଶେଷ ଯଶର ଅଧିକାରୀ ହୋଇଛନ୍ତି । ତାଙ୍କ ରଚିତ ଓ ପ୍ରକାଶିତ ପୁସ୍ତକ ଗୁଡ଼ିକ ହେଲା- ୧. ଭୂବର୍ଣ୍ଣନ ୧ମରୁ ୩ୟ ଭାଗ, 2. Three Mysore villages- A geo-economic study, 3. On urban study- an aid to research 4, Traffic pattern al sirai. 5. Sirai-An urban Study in application of Research Models, Karnatak University. 6. Geography of Orissa.7. Physical basis at Geography 8. Industrial Geography at India. 9. Bhubaneswar- An Urban study. 10. Physical geography. 11. Trends in Geographical Research in India, adivasi atlas Orissa-part.1. 12. Eco Systems degradation in India. 13 Geo-Economic Servey. 14 Geomorphology ପ୍ରଭୃତି ।

ଏତଦ୍ ବ୍ୟତୀତ ଡଃ ସିଂହ ବହୁ ପ୍ରସିଦ୍ଧ ପୁସ୍ତକର ପରିଚ୍ଛେଦ ଲେଖି ବହୁ ପ୍ରଶଂସିତ ହୋଇଛନ୍ତି । ସେ ମଧ୍ୟ ବହୁ ଗବେଷଣା ଯୋଜନାର ନିର୍ଦ୍ଦେଶକ, ବହୁ ଭୂଗୋଳ ସମ୍ବନ୍ଧୀୟ ଗବେଷଣା ଯୋଜନାର ନିର୍ଦ୍ଦେଶକ ଓ ବହୁ ଭୂଗୋଳ ସମ୍ବନ୍ଧୀୟ ଗବେଷକଙ୍କ ତତ୍ତ୍ୱାବଧାରକ । ସେ ଉତ୍କଳ ଜୋଗ୍ରାଫି ଆସୋସିଏସନ୍, ଉତ୍କଳ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ, ଖଡ଼ଗପୁର ଜୋଗ୍ରାଫିକାଲ ସୋସାଇଟି ଓ ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ଜୋଗ୍ରାଫିର ନିର୍ଦ୍ଦେଶକ ଥିଲେ । ଭାରତୀୟ ବିଜ୍ଞାନ କଂଗ୍ରେସ ନେସନାଲ ଆସୋସିଏସନ୍ ଅଫ୍ ଜିଓଗ୍ରାଫର୍ସ, ଆସୋସିଏସନ୍ ଅଫ୍ ଉତ୍କଳ ଜୋଗ୍ରାଫର୍ସର ଆଜୀବନ ସଭ୍ୟ ଅଛନ୍ତି । ଏପରି ଜଣେ ଭାରତ ବିଖ୍ୟାତ ଭୌଗୋଳିକଙ୍କୁ ପାଇ ଖୋର୍ଦ୍ଧା ସ୍କୁଲ ଗୌରବାନ୍ୱିତ ।

**ଲକ୍ଷଣ ପରିଡ଼ା** ଖୋର୍ଦ୍ଧା ହାଇସ୍କୁଲର ଚତୁର୍ଥ ଶ୍ରେଣୀରେ ଯୋଗ ଦେଇ ୧୯୫୦ ମସିହାରେ ପ୍ରଥମ ଶ୍ରେଣୀରେ ମାଟ୍ରିକ କରନ୍ତି । ଖୋର୍ଦ୍ଧା ସ୍କୁଲର ଦଶମଶ୍ରେଣୀର ଛାତ୍ରଥିବା ସମୟରେ ସେ ଘରକୁ ଶୀର୍ଷକ କବିତା ହାଇସ୍କୁଲର ମୁଖପତ୍ର ''ଅବକାଶ''ରେ ପ୍ରକାଶିତ ହୋଇଛି । '' ଆସବିପ୍ଲବୀ ଥରେ'', ''ମଣିଷ ଓ ସାପ'' ''ଛାଡ଼ ନି ପିଲାରୁ ଚାଲି'' '' ଖାଇବି ବା କାହିଁ ?'' ପ୍ରଭୃତି କବିତାଗୁଡ଼ିକ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ଲାଭ କରିଥିଲା ।

ଭଞ୍ଜ ସାହିତ୍ୟ ଆଧାରିତ ଓ ତିନୋଟି ସମାଲୋଚନା ପୁସ୍ତକ ହେଲା, ''ଭଞ୍ଜ ସାହିତ୍ୟର ଜନପ୍ରିୟତା,'' ''ଭଞ୍ଜସାହିତ୍ୟ ସମୀକ୍ଷଣ'' ଓ ''ଭଞ୍ଜ ସାହିତ୍ୟର କିଛି ଦିଗନ୍ତ''।

ପରିଡ଼ାଙ୍କ ''ଭଞ୍ଜ ସାହିତ୍ୟ ସମୀକ୍ଷଣ'' ପୁସ୍ତକ ଉପରେ ମତ ଦେଇ ଡଃ ବେଣୀମାଧବ ପାଢ଼ୀ ପୁସ୍ତକର ''ଅଗ୍ରକଥା''ରେ କହନ୍ତି, ''ପୁସ୍ତକଟି ମୋଟ ଉପରେ ପ୍ରୟୋଗୋପଯୋଗୀ ହୋଇପାରିଛି। ଗବେଷଣାର୍ଥୀମାନଙ୍କ ସକାଶେ ଏହାର, ଯଥେଷ୍ଟ ଉପାଦେୟତା ଅଛି। ଆଜିର ବସ୍ତୁବାଦୀ ସାହିତ୍ୟ-ଯୁଗରେ ଅତୀତର କଳ୍ପନା-ପ୍ରଧାନ ସାହିତ୍ୟର ଆଲୋଚନା ଆସ୍ୱାଦନଙ୍କର ଅଧିକ ବରଣୀୟ ହୋଇ ପାରିଲେ ଫଳତଃ ବିସ୍ମୃତ ସାହିତ୍ୟର ପୁନଃ ପ୍ରକାଶନର ସହାୟକ ହୋଇ ପାରନ୍ତା।''

ଅଧ୍ୟାପକ ଶ୍ରୀଯୁକ୍ତ ନୀଳାଦ୍ରି ଭୂଷଣ ହରିଚନ୍ଦନ ଉପର୍ଯ୍ୟୁକ୍ତ ପୁସ୍ତକ ଉପରେ ''ମାନସ'' ପତ୍ରିକାର ''ପୁସ୍ତକ ପରିଚୟରେ'' କହନ୍ତି, ''ଭଞ୍ଜସାହିତ୍ୟ ସମୀକ୍ଷଣ- ଏ ପୁସ୍ତକରେ ଆୟତନ ବିସ୍ତୃତ ନହେଲେ ମଧ୍ୟ ଆଲୋଚନାତ୍ମକ ଦୃଷ୍ଟିକୋଣରୁ ନୂତନତ୍ୱ ଓ ସ୍ୱାତନ୍ତ୍ର୍ୟ ଯୋଗୁ ଉଲ୍ଲେଖ ଯୋଗ୍ୟ। ଆଲୋଚନାରେ ବହୁ ପରିମାଣରେ ବିଶ୍ୱସ୍ତତା ଓ ନିଷ୍ଠା ପରିଲକ୍ଷିତ ହୁଏ। ବହୁ ଅନାଲୋଚିତ ତଥ୍ୟ ଅଧ୍ୟାପକ ପରିଡ଼ାଙ୍କର ଉପଭୋଗ୍ୟ ପ୍ରବନ୍ଧଗୁଡ଼ିକରେ ସ୍ଥାନ ପାଇଛି।'' ''ବହୁ ଶାସ୍ତ୍ରଦର୍ଶୀ ଉପେନ୍ଦ୍ର,'' ''ପ୍ରଭାବିତ ଭଞ୍ଜ'' ଓ ''ପ୍ରଭାବଶାଳୀ ଭଞ୍ଜ'' ଏ ତିନୋଟି ପ୍ରବନ୍ଧ ରଚନା ଯେ ବହୁ ଆୟାସ ସାଧ୍ୟ ଓ ଗଭୀର ଅନୁଶୀଳନ ସାପେକ୍ଷ, ତାହା ସହଜରେ ଅନୁମେୟ।

''ନିସ୍ୱ ନୁହେଁ, ଦସ'' ''ଶ୍ରୀଯୁକ୍ତ ପରିଡ଼ାଙ୍କର ଅନ୍ୟ ଏକ ସମାଲୋଚନା ପୁସ୍ତକ।

ଲକ୍ଷ୍ମଣ କୁମାର ପରିଡ଼ାଙ୍କ ''ହାସ୍ୟ-ନାଟିକା'' ଓଡ଼ିଶାର ବିଶିଷ୍ଟ ହାସ୍ୟ ରସିକ ସାହିତ୍ୟିକ ପଂଚୁଗୋବିନ୍ଦ, ମହାପାତ୍ର ନୀଳମଣି ସାହୁ, ଦେବ ମହାପାତ୍ର, କୃଷ୍ଣମଣି ମହାପାତ୍ର ଓ ଫକୀର ମୋହନ ସେନାପତିଙ୍କ ହାସ୍ୟରସାତ୍ମକ ଗଳ୍ପଗୁଡ଼ିକର ନାଟ୍ୟରୂପ ମାତ୍ର। ଏଥିରେ ମଧ୍ୟ କେତୋଟି ଗମ୍ଭୀରଚନାଧର୍ମୀ ପ୍ରବନ୍ଧ ସ୍ଥାନ ପାଇଛି। ପରିଡ଼ାଙ୍କର ଏହି ପୁସ୍ତକ ଉପରେ ''ସମ୍ବାଦ'' ପତ୍ରିକା'' ବହି ପତ୍ରରେ''ରେ କହନ୍ତି, '' ନାଟିକା ବ୍ୟତୀତ ''ସାର୍ ସାର୍ ନମସ୍କାର'', ''ମାଲିକ୍ ଦିଲେ ଛାଣି ଟିକିଟ ଦେବାର'' ଦୁଇଟି ଶ୍ରୀ ପରିଡ଼ାଙ୍କର ମୌଳିକ ହାସ୍ୟ ଗଳ୍ପ। ଏ ସମସ୍ତ ନାଟିକା ଗୁଡ଼ିକ ଉଭୟ ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଞ୍ଚସ୍ଥ ହୋଇ ସାରିଛି। ପୁସ୍ତକଟି ସାଧାରଣ ହାସ୍ୟପ୍ରିୟ ପାଠକମାନଙ୍କ ପାଖରେ ଆଦରଣୀୟ ହେବ।''

ପରିଡ଼ାଙ୍କର ''ଉଷା ଓ ରାଧାନାଥ'' ପୁସ୍ତକଟି ରାଧାନାଥଙ୍କ ଉଷା କାବ୍ୟ ଉପରେ ଏକ ଆଲୋଚନା ପୁସ୍ତକ ରାମାୟଣର ଭଳି ଭାବନା ପରିଡ଼ାଙ୍କ ଅନ୍ୟାନ୍ୟ ଆଲୋଚନାତ୍ମକ କୃତି ପାଠକମାନଙ୍କର ଆଦର ନିଶ୍ଚୟ ଲାଭ କରିବ।''

ଏତଦ୍ବ୍ୟତୀତ ପରିଡ଼ା ''ଉତ୍କଳ ପ୍ରହେଳୀ ଓ ଢଗଢ଼ି'' (୧ମ ଓ ୨ୟ ଭାଗ) ପ୍ରକାଶ କରିଛନ୍ତି। ଏ ଦୁଇଟି ପୁସ୍ତକରେ ଓଡ଼ିଆ ଢଗ, ଢମାଳି, ପ୍ରବାଦ, ପ୍ରବଚନ, ଦନାଇ ଭାବ ରଖି ବଚନ ଓ ନାଁ ଦିଆଯାଇ ନିବିଡ଼ କରି ଗଢ଼ି ଉଠିଛି। ଓଡ଼ିଆ ଲୋକ-ଗୀତ ଉପରେ ଆଲୋଚନା ଓ ବିଶ୍ଳେଷଣ ପୁସ୍ତକ ଦୁଇଟିର ଗଭୀର ଅନୁଧ୍ୟାନ ସହ କରାଯାଇଛି।

''ସମାଲୋଚନାର ଦୃଷ୍ଟିଦିଗନ୍ତ'', ଫକୀର ଓ ରାଧାନାଥ,'' ''ଶର୍ମିଷ୍ଠା ଓ ଚନ୍ଦ୍ରଶେଖର,'' ''ଗୀତଗୋବିନ୍ଦ ସମୀକ୍ଷା,'' ପ୍ରଭୃତି ତାଙ୍କର ବିଶେଷ ଉଚ୍ଚ କୋଟୀର ସମାଲୋଚନା ପୁସ୍ତକ।

ପରିଡ଼ାଙ୍କର ''ଧର୍ମଧାରଣାର ବିପ୍ଳବରେ ଭୀମଭୋଇ'', ''ଭଞ୍ଜ ସାହିତ୍ୟରେ ଧ୍ୱନି'' ଓ ''ପ୍ରାକ୍ ଗୀତି ଯୁଗୀୟ ସାହିତ୍ୟ'' ଶୀର୍ଷକ ପ୍ରବନ୍ଧଗୁଡ଼ିକ ଯଥାକ୍ରମେ "An Inter Disciplinary seminar on Mahima Dharma and Darshan" ଡି.ଏ.ଭି. କଲେଜ କୋରାପୁଟ ଦ୍ୱାରା ସମ୍ପନ୍ନ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଭଞ୍ଜନଗର, ''କେଦାରନାଥ ଗବେଷଣା ପ୍ରତିଷ୍ଠାନ'' ଭୁବନେଶ୍ୱର ପଠିତ ଓ ଆଲୋଚିତ ହୋଇ ଉଚ୍ଚ ପ୍ରଶଂସିତ।

ପରିଡ଼ାଙ୍କ ନିଜ ଆଲୋଚନା ଏବଂ ମୂଲ୍ୟାୟନ ଓ ''ଅଶ୍ଳୀଳତା ଓ କବି ଉପେନ୍ଦ୍ର ଭଞ୍ଜ'' ଶୀର୍ଷକ ପ୍ରବନ୍ଧ ଝଙ୍କାର ପତ୍ରିକାର ପ୍ରକାଶିତ ''ଅଶ୍ଳୀଳତା ଓ କବି ଉପେନ୍ଦ୍ର ଭଞ୍ଜ। ପ୍ରବନ୍ଧ ଉପରେ ବିଶିଷ୍ଟ ଗବେଷକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ତାଙ୍କର ଉଦାହରଣରେ ପ୍ରକାଶିତ '' ଅତୀତ ଓଡ଼ିଶାର ନାରୀ ପ୍ରବନ୍ଧରେ କହିଛନ୍ତି ''ଅତି ନିକଟରେ ଅଧ୍ୟାପକ ଲକ୍ଷ୍ମଣ କୁମାର ପରିଡ଼ା '' ଅଶ୍ଳୀଳତା ଓ କବି ଉପେନ୍ଦ୍ରଭଞ୍ଜ'' ନାମକ ଯେଉଁ ଗବେଷଣା ପୂର୍ଣ୍ଣ ଓ ପାଣ୍ଡିତ୍ୟ ପୂର୍ଣ୍ଣ ପ୍ରବନ୍ଧ ପ୍ରକାଶ କରିଛନ୍ତି ତାହା ତାହାଙ୍କର ନିଷ୍ଠା, ପାଣ୍ଡିତ୍ୟ, ବିଚାର ଓ ଅନୁସନ୍ଧିତ୍ସାର ସମସ୍ତ ଚିହ୍ନ ରହିଛି। ଏଥିପାଇଁ ମୁଁ ତାଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି।''

**ଶ୍ରୀଯୁକ୍ତ କାର୍ତ୍ତିକ କୁମାର ମହାନ୍ତି** ଜଣେ ଗବେଷକ। ତାଙ୍କର ''ପ୍ରତ୍ନତତ୍ତ୍ୱ ନାମକ ପ୍ରବନ୍ଧ ''ପ୍ରତ୍ନତତ୍ତ୍ୱରେ ପ୍ରକାଶିତ ହୋଇଥିଲା।

**ଡଃ ପ୍ରଫୁଲ୍ଲ କୁମାର ପଟ୍ଟନାୟକ** ଜଣେ ଗବେଷକ ଓ ଐତିହାସିକ। ସେ ମହାଶୟ ଓଡ଼ିଶା ଇତିହାସର ବିସ୍ମୃତ ଅଧ୍ୟାୟ'' ଉପରେ ଏକ ସୁଚିନ୍ତିତ ଓ ସାରଗର୍ଭିତ ନିବନ୍ଧ ଲେଖି ପି.ଏଚ୍.ଡି ଉପାଧିରେ ଭୂଷିତ ହୋଇଛନ୍ତି। ପ୍ରାଣନାଥ ମହାବିଦ୍ୟାଳୟରେ ଇତିହାସ ଅଧ୍ୟାପକ ଭାବେ ଯୋଗ ଦେଇ ପ୍ରାଧ୍ୟାପକ ପଟ୍ଟନାୟକ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ କରିଛନ୍ତି।

ପ୍ରାଧ୍ୟାପକ **ସୁବୋଧ କୁମାର ମହାନ୍ତି** ୧୯୫୦ ମସିହାର ଖୋର୍ଦ୍ଧା ହାଇସ୍କୁଲର ଜଣେ କୃତୀଛାତ୍ର। ସେ ଦର୍ଶନ ଶାସ୍ତ୍ରରେ

ଏମ୍.ଏ.ପାଶ୍ କରି (Concept of Bilk)ଉପରେ ପି.ଏଚ୍.ଡ଼ି. କରିଛନ୍ତି । ତାଙ୍କର Falsibility ପ୍ରଭୃତି ଓ ସ୍ୱାସ୍ଥ୍ୟ ଦର୍ଶନ ଉପରେ ଇଂରେଜୀରେ ପ୍ରବନ୍ଧ ପ୍ରକାଶିତ ହୋଇଛି, ସେ ବହୁ ନାଟକରେ ଅଭିନୟ କରି ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ । ତାଙ୍କର ବହୁ ପ୍ରବନ୍ଧ, କବିତା ଓ ସମାଲୋଚନାତ୍ମକ ପ୍ରବନ୍ଧ ପ୍ରକାଶିତ । ଜାତୀୟ ତଥା ଆନ୍ତର୍ଜାତିକ ଦର୍ଶନ କଂଗ୍ରେସ ତାଙ୍କର ବହୁ ପ୍ରବନ୍ଧ ପଠିତ ଆଲୋଚିତ ।

**ଶ୍ରୀ ଗୋପାଳକୃଷ୍ଣ ଶ୍ରୀଚନ୍ଦନ** ଓଡ଼ିଶା ୟୁନିଭର୍ସିଟିରେ ଏମ୍.ଏ.ପାଶ କରି ଏ ପରେ ପି.ଏଚ୍.ଡ଼ି. ଲାଭ କରିଥିଲେ । ଖୋର୍ଦ୍ଧା ହାଇସ୍କୁଲର ଦଶମ **ଶ୍ରେଣୀର ଛାତ୍ର** ଥିବା ସମୟରେ ତାଙ୍କର କବିତା ''ନାହିଁ ସେ ଡ଼ାକେ ସେପାରି ନଦୀର କୂଳେ'' ବିଦ୍ୟାଳୟର ମୁଖପତ୍ର 'ଅବକାଶ'ରେ ପ୍ରକାଶିତ ହୋଇଥିଲା । ତାଙ୍କର ବହୁ ପ୍ରବନ୍ଧ, ଶୁଭଚିନ୍ତା, ସମାଲୋଚନା, ଗବେଷଣାମୂଳକ ପ୍ରବନ୍ଧ ବହୁ ପତ୍ରପତ୍ରିକାରେ ପ୍ରକାଶ ଲାଭ କରିଥିଲା । ତାଙ୍କର ପୁସ୍ତକ ''ଭଗବାନ, ଭଗବାନ ହଗବାନ ୧୯୮୪ ମସିହା ପ୍ରକାଶିତ ହୋଇଥିଲା । ଏଥିରେ ସେ ଓଡ଼ିଶାର ଐତିହ୍ୟ ସାଂସ୍କୃତିକ ପରମ୍ପରା, ଭାଷା ସାହିତ୍ୟ ଓ ଧର୍ମ ଉପରେ ଆଲୋକ ପାତ କରିଥିଲେ, ''ଓଡ଼ିଆ ସାହିତ୍ୟରେ ଲେଖକ'' ପ୍ରବନ୍ଧଟି ପାଇଁ ସେ ଉତ୍କଳ ସାହିତ୍ୟ ସମାଜ ତରଫରୁ ''ବଜ୍ରନାଥ'' ପୁରସ୍କାର ପ୍ରାପ୍ତ ହୋଇଥିଲେ । '' ଜାତି ସାହିତ୍ୟ ସଂସ୍କୃତି'' ପ୍ରବନ୍ଧଟି ଓଡ଼ିଶାର ଭାଷା ସାହିତ୍ୟ ସଂସ୍କୃତି ସମ୍ବନ୍ଧୀୟ ପ୍ରବନ୍ଧ ସଂକଳନରେ ସ୍ଥାନ ପାଇଥିଲା । ''ସାମାଜିକୀର ଡାଏରୀ'' ତାଙ୍କର ଏକ କ୍ଷୁଦ୍ରଗଳ୍ପ ସଂକଳନ । ''ସେକ୍ସିଅର ନାମ କୋଲ୍ଡ'' ଟି.ଭି.ପ୍ରୋଗ୍ରାମ ଉପରେ ଆଧାରିତ ଏକ ନାଟକ । ଶତାବ୍ଦୀର ନାଟକ, ଉତ୍କଳ ଦର୍ଶୀ, ଓଡ଼ିଆ ସାହିତ୍ୟରେ କେଶୁଜା (ବଡ଼ଭାଗ), ଓଡ଼ିଆ ପ୍ରବନ୍ଧ ସଂକଳନ ଦୁଇଟି ପ୍ରାଣୀ, ଓଡ଼ିଆ କବିତା, ସଂକଳନ ତିନୋଟି ଭାଗ ବାଂଲାଗୀ ପ୍ରବନ୍ଧ ସଂକଳନ, ବ୍ଲକ୍ ଟି.ଭି. ଏକ୍ସେଲେନ୍ସନ୍ ଉପରେ ଆଧାରିତ ଏକ ପ୍ରବନ୍ଧ ସଂକଳନ ପ୍ରକାଶ ଅପେକ୍ଷାରେ ।

ଏତଦ୍ ବ୍ୟତୀତ ସେ ଉତ୍କଳ ସାହିତ୍ୟ ସମାଜର ମୁଖପତ୍ର 'ଜାଗରିତା', ପତିତପାବନ, ଗୋବିନ୍ଦନ, ଓ.ଏ.ଏସ୍ ଆସୋସିଏସନ୍ ସୋଭେନିର, ନିଜ ତ୍ରୈମାସିକ ପ୍ରଭୃତି ପତ୍ରିକାର ସମ୍ପାଦନା ଦାୟିତ୍ୱରେ ଥିଲେ । ମିନିଷ୍ଟ୍ରି ଅଫ୍ ରେଲ୍ ଫାଇନ୍ (ଭାରତ ସରକାର) ଦ୍ୱାରା ପୋଷ୍ଟ ବନ୍ଧୁତାର ବହୁ ସାହିତ୍ୟିକ ସଂସ୍ଥା ଦ୍ୱାରା ସମ୍ମାନିତ ହୋଇ ଓଡ଼ିଶା ସାଂସ୍କୃତି ବ୍ୟାପାର ବିଭାଗର ଡେପୁଟି ସେକ୍ରେଟାରୀ ପଦରୁ ଅବସର ଗ୍ରହଣ କରିଛନ୍ତି ଓ ସମ୍ପ୍ରତି ଉତ୍କଳ ସଙ୍ଗୀତ ସମାଜର ମୁଖ୍ୟ ରହିବ ରୂପେ କାର୍ଯ୍ୟରତ ।

**ଡଃ ବଂଶୀଧର ଷଡ଼ଙ୍ଗୀ** ଉଚ୍ଚ ଶିକ୍ଷା ସମାପନ ପରେ ନିମାପଡ଼ା ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବେ ନିଯୁକ୍ତି ହୋଇଥିଲେ । ୧୯୮୧ ମସିହାରେ ସେ ଜଗନ୍ନାଥ ଦାସଙ୍କ ଭାଗବତ ଦଶମ ସ୍କନ୍ଧ ଗୋପଲୀଳା- ପ୍ରମାଣିତ ସମ୍ପାଦନା ଓ ଏହାର ଆଲୋଚନା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡ଼ି.ଲିଟ୍, ଉପାଧି ପ୍ରାପ୍ତି ଏ ହୋଇଥିଲେ । ଜଗନ୍ନାଥ ଦାସଙ୍କ ''ରାସ ପଞ୍ଚାଧ୍ୟାୟୀ'' ଉପରେ ଡଃ କୃଷ୍ଣ ଚରଣ ସାହୁ ଓ ଡଃ. ଷଡ଼ଙ୍ଗୀ ଆଲୋଚନା କରିଥିଲେ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଶ୍ରୀ ଷଡ଼ଙ୍ଗୀ ଆଧୁନିକ କବି ଭାବରେ ସୁପ୍ରତିଷ୍ଠିତ । ଆଧୁନିକ କବିତା କ୍ଷେତ୍ରକୁ ତାଙ୍କର ମହନୀୟ ଅବଦାନ ହେଲା - ''ସମୟ ଅସମୟ'', ''ସଚିନ ଅଶ୍ୱାରୋହୀ'', ଶବରୀ ଚର୍ଯ୍ୟା'', ଓ ''ଛାୟା ଦର୍ଶନ'' କବିତା ସଂକଳନ ।

ଆଧୁନିକ ଯନ୍ତ୍ରଣା, ମୃତ୍ୟୁ ଚେତନା ତାଙ୍କ କବିତାଗୁଡ଼ିକରେ ପରିଦୃଷ୍ଟ ହୁଏ । ମୃତ୍ୟୁ ଜୀବନର ଏକ ଅପରିହାର୍ଯ୍ୟ ଓ ଅବଶ୍ୟମ୍ଭାବୀ ପରିଣତ । ଶ୍ରୀଯୁକ୍ତ ଷଡ଼ଙ୍ଗୀ ତେଣୁ କହନ୍ତି-

ତେଣୁ ହୋଇଏ ସମ୍ଭାବନାରେ
ବାଁଚବାଟା ବଞ୍ଚିବାକୁ ହେବ
ସାର୍ଥକ ଅଶ୍ୱତ୍ଥ ଗଛରେ
ଶାଗ ବର୍ଷୀର ଦିନଗୁଡ଼ିକ
ବାହୁଡ଼ି ପରି ଝୁଲାଇ ଦେବାକୁ ହେବ ।
(ମୃତ୍ୟୁ ଦର୍ଶନ- ଶବରୀ ଚର୍ଯ୍ୟା)

କାବ୍ୟ ନାୟକ ରୀତିରେ ଏ ଯେଉଁ ସମ୍ଭାବନାର ଶିଖରଟିଏ ମୁଣ୍ଡ ଟେକି ଉଠିଛି ମୃତ୍ୟୁର କୌଣସି ପ୍ରକାର ଅଭାବବୋଧ ତାଙ୍କୁ ଜବତ ଦି ଲାଗି ଦେଇ ପାରିବ ନାହିଁ । ମୃତ୍ୟୁ ଯାଏଁ ଜୀବନର ଏ ଜୟଯାତ୍ରା ଜନ ଆଶା ଆକାଂକ୍ଷାରେ ତଥାପି ଆଗକୁ ମାଡ଼ି ଚାଲିବ ।

''ସହର'' ଏବଂ ''ମହାମେଳ ଓ ପାହାଡ଼'' କବିତାଗୁଡ଼ିକରେ ସାଂପ୍ରତିକ ଜୀବନର ଛନ୍ଦଶୃଙ୍ଖଳିତ ସ୍ଥିତି ତଥା ପରମ୍ପରାଠାରୁ ବିଚ୍ଛିନ୍ନତାର ଚିତ୍ର ପ୍ରତିଫଳିତ । ବିଭିନ୍ନ ଜୀବ ଓ ପଶୁ, ଚିତ୍ରକଳ୍ପ ଯଥା, ମୂଷା, ବିରାଡ଼ି, କୁକୁର, ସାପ, ବୁଢ଼ା, ଭିତରେ ଏହାକୁ ସ୍ପଷ୍ଟ କରାଇଛନ୍ତି । ଶ୍ରୀଯୁକ୍ତ ବଂଶୀଧର ଷଡ଼ଙ୍ଗୀ କବିତାଗୁଡ଼ିକରେ ପ୍ରାଚୀନ ସାହିତ୍ୟ ସହିତ ସମନ୍ୱୟ ପ୍ରବଣତା ଦୃଷ୍ଟିଗୋଚର ହୁଏ । ସେ ସଂଧ୍ୟାଭାଷାରେ ଗ୍ରାମର ଦୃଶ୍ୟ (ସମୟ ଅସମୟ)ରେ ପୁରାଣ ଚେତନା ଅବଲମ୍ବନ କରିଛନ୍ତି । ଏଥିରେ ଜଗନ୍ନାଥ ଦାସ ଓ ଅବଧୂତ ନାରାୟଣ ସ୍ୱାମୀଙ୍କ ଶୈଳୀ ଅନୁଭବ୍ୟ । 'ଘର କବିତା' (ସମୟ ଅସମୟ)ରେ ରାମା ରାଉ , ଉପତି ପରିଡ଼ା, ଭକ୍ତଚରଣ ଓ ଗୋପାଳ କୃଷ୍ଣଙ୍କ ଶୈଳୀ ଅନୁସରଣ କରିଛନ୍ତି ।

''ଶବରୀ ଚର୍ଯ୍ୟା'' କବିତା ସଂକଳନଟି ପାଇଁ ଶ୍ରୀ ଷଡ଼ଙ୍ଗୀ ୧୯୯୧ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଛନ୍ତି, ଏହି ସଂକଳନର ଅଧିକାଂଶ କବିତା କାବ୍ୟରୂପ, ଚଉତିଶା

ଓ ନୂଆଟା ପ୍ରଭୃତିଙ୍କ ବର୍ଣ୍ଣନାଗୁଡ଼ିକ ଆଧାର କରି ଗଢ଼ି ଉଠିଛି । ଏହାର ଭେଦ, ସଂସାର ପ୍ରତି ଅନିତ୍ୟତା, ଜ୍ଞାନ ଓ ଭକ୍ତି ଦ୍ୱାରା ହିଁ ହାତ ମୁକ୍ତି କବିର କୃତିକରେ ଛାପ ପାଉଛି ।

ଚତୁରା ତ୍ରିପୁରା ମୋହିନୀ
କେଶରୁ ମୟୂର ପୁଚ୍ଛ, ଶ୍ରବଣରୁ ଗୁଞ୍ଜରା ମାଳି ଓହ୍ଲାଇ ପଡ଼ା
ଶାନ୍ତ ହନୁ ଆକାଶକୁ ଲାଗିବାକୁ ଚଳିଗଲି
ଏସମସ୍ତ ବିଷମ ଭାବରେ ତାଳିଥା
ଶୂନ୍ୟକୁ, ମହାଶୂନ୍ୟକୁ; ଗୋପଶାତଳାକୁ : ଅନାହତକୁ

ମାୟା ଅବିଦ୍ୟାଦ୍ୱାରା ଆକ୍ରାନ୍ତ ହେଲେ ଚିତ୍ତରେ ଚାଞ୍ଚଲ୍ୟ ସୃଷ୍ଟି ହୁଏ । ଚିତ୍ତ ଉଦ୍ଭିଗ୍ନ ହେଲେ ବାଇକ ହେଲେ ମୃତ୍ୟୁ ଆକ୍ରମଣ କରେ । ସେ ତ୍ରିପୁରମୋହିନୀ ଜଣ ବୈରାଗ୍ୟ ସନ୍ତୋଷ ଚନ୍ଦ୍ରକୁ ବିଭିନ୍ନ ଭାବ ବିବନ୍ଧ (ମୟୂର ପୁଚ୍ଛ, କୃଷ୍ଣମନ୍ତ୍ର, ଗୁଞ୍ଜରମାଳି) ପରିତ୍ୟାଗ କର । ସଞ୍ଚାପି ପଂଖଦ ପ୍ରଭାବରୁ ଜଗତ ଶୂନ୍ୟ- ଏହି ତଥ୍ୟ ଉପଲବ୍ଧ ହେଲେଣି । ଏହି ପରି ସିଦ୍ଧି ମୁହୂର୍ତ୍ତରେ ମହାସୁଖରେ ଚନ୍ଦ୍ରରେ ଶୁଭୁଥିବା ଅନାହତ ଧ୍ୱନି ଶ୍ରବଣରେ ସେ ଗୋପଦାତଶୀ ପୁରରେ ପ୍ରବେଶ କର ।

''ଛାୟା ଦର୍ଶନ'' କବିତା ସଂକଳନରେ ଅଚ୍ୟୁତାନନ୍ଦ ଦାସଙ୍କ ଛାୟାଯୋଗ ଦ୍ୱାରା କବି ଶ୍ରୀ ଷଡ଼ଙ୍ଗୀ ପ୍ରଭାବିତ ହେଲେ ବି ପ୍ରତି ଛତ୍ରେ ଛତ୍ରେ ତାଙ୍କର ମୌଳିକତ୍ୱ ବଜାୟ ରଖିଛନ୍ତି । ''ଛାୟା ଦର୍ଶନ'' କବିତାରେ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଛାୟା ପୁରୁଷ ସଂପର୍କରେ ଅନୁରୂପ ଭାବନା ରେ ଗାଉଛନ୍ତି-

ଦେହକାରେ ଚକ୍ଷୁଶୂନ୍ୟ ଛାୟା ଏବଂ ପ୍ରତିବିମ୍ବ
ଅଦ୍ୟା କାଳେ ଶୁଣି ପାରେ ତା ଛାଇର ପାଦ ଶବ୍ଦ
ସ୍ଥାବର, ଜାଙ୍ଗମ, ଜୀବ ନଶ୍ୱରେହ ଛାୟାର ପ୍ରକାଶ ଘଟେ,
କହୁଛ ଦେହରେ ଥିଲେ ଛାୟା ଏବଂ ବିରୂପା ବିଶ୍ୱର

ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ କବିତା ଉପରେ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଜୟନ୍ତ ମହାପାତ୍ର, କୁମାର ଚନ୍ଦ୍ର ଦାଶ ପ୍ରଭୃତି ମତାମତ ପ୍ରଦାନ କରିଛନ୍ତି । ମୃତ୍ୟୁ ଏବଂ ଋଷିଙ୍କୁ ପରମ୍ପରା ସମ୍ପର୍କୀୟ ଚିତ୍ରଣରେ ଶକ୍ତିଶାଳୀ, ବିଶ୍ୱାସ ଓ ଆଶାର ସୃଷ୍ଟିଶୀଳ ଅଧିକାଂଶ କବିତାର ମୂଳ ସ୍ୱର (ସୀତାକାନ୍ତ ମହାପାତ୍ର)

କଥାସୂତ୍ର ଚିତ୍ରକଳ ଓ ମାନବ ଜୀବନର ପାରମ୍ପରିକ ମୂଲ୍ୟବୋଧ ଦ୍ୱାରା ସମୃଦ୍ଧ ସହର ଓ ଗାଁ ବଞ୍ଚାରେ ବିମ୍ବ ବହନ କରିଥିବା କବିତା ନଦ୍ୟମାନ ଓ ମନନଶୀଳତାର ବିଭା ଓ ପ୍ରକାଶ ଭଙ୍ଗୀ ଶୃଙ୍ଖଳିତ ଭାବେ ପରିବେଶ (ଅଶ୍ୱିନୀକୁମାର ମିଶ୍ର) ପରମ୍ପରା ସହିତ କବିତାକୁ ସମନ୍ୱିତ କରି ଏକ ସ୍ୱତନ୍ତ୍ର କାବ୍ୟ ଆବେଦନ ସୃଷ୍ଟିକରିବାରେ ନିଜର ବୈଶିଷ୍ଟ୍ୟ ପ୍ରକାଶିତ କରିଛନ୍ତି, ଆପଣଙ୍କର କବିତା ଖୁବ୍ ଭଲ ଏବଂ ମୋର ବିଶ୍ୱାସ (କୁମାର ଚନ୍ଦ୍ର ମିଶ୍ର) ଆପଣ ଅତ୍ୟାଧୁନିକ କବିତାର ନେତୃତ୍ୱ ନେଇ ପାରିବେ'' (ରମାକାନ୍ତ ରଥ)

**ଡାକ୍ତର ଯୋଗମାୟା ପଟ୍ଟନାୟକ** ଗୋଷ୍ଠି ହାଇସ୍କୁଲର ଜଣେ କୃତୀ ଛାତ୍ରୀ, ଡାକ୍ତରୀ ବିଦ୍ୟାରେ ସେ ସର୍ବୋଚ୍ଚ ଡିଗ୍ରୀ ହାସଲ କରି ସ୍ତ୍ରୀ ରୋଗ ବିଶେଷଜ୍ଞ ରୂପେ ଅବସ୍ଥାପିତ । ସେ ଜଣେ ସାହିତ୍ୟିକ, କବି, ଗାଳ୍ପିକା ଓ ଶିଶୁ ଗଳ୍ପ ଲେଖିକା । ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ତାଙ୍କର ଦାନ ହେଲା- ସମସ୍ତଙ୍କର ଜାଣିବା କଥା ''ବିଜ୍ଞାନିକ ଭୋଜନ'', ''ଖାଦ୍ୟ ଓ ସ୍ୱାସ୍ଥ୍ୟ'' (୧ମ, ୨ୟ, ୩ୟ ଭାଗ) ଭାରତୀୟ ପାରମ୍ପରିକ ସଂସ୍କୃତି, 'ତୁମ ଶରୀର ଆଇନା' ବିନ୍ଦୁ ଏକାଠି, ଟିକାଏ ପଢ଼ିଦେଲେ, ସ୍ୱାସ୍ଥ୍ୟ ଆମର ସମ୍ପଦ,'' 'ଓଡ଼ିଆ ପାଣି ରୋଗର ଖଣି'', ବିଜ୍ଞାନ କୁହୁକ, ପ୍ରତିଷେଧକ ଟୀକା,'' ଜୀବାଣୁ ରହସ୍ୟ, ସ୍ୱାସ୍ଥ୍ୟ ରକ୍ଷାର ମହତ୍ତ୍ୱ, ସୁଖର ସନ୍ଧାନେ ମଣିଷ, କଥାରେ କେତେ କଥା ପ୍ରଭୃତି । ତାଙ୍କର କବିତା ପୁସ୍ତକ ପ୍ରକାଶ ହେଲା, ବୈତ୍ର ବେହାଗ' ଓ ଶଙ୍ଖଚଢ଼ଙ୍କ ମାଙ୍କୁଣି'' ଉପର୍ଯ୍ୟୁକ୍ତ ଅଧିକାଂଶ ପୁସ୍ତକ ତାଙ୍କର ସ୍ୱାସ୍ଥ୍ୟ ରକ୍ଷା ସମ୍ବନ୍ଧୀୟ ।

ଭାରତୀୟ ପାରମ୍ପରିକ ସଂସ୍କୃତି ପୁସ୍ତକରେ ପଟ୍ଟନାୟକ ଅତି ସୁନ୍ଦର ଭାବରେ ଭାରତୀୟ ସଂସ୍କୃତିର ମହନୀୟ ଗୁଣ ଓ ବୈଶିଷ୍ଟ୍ୟକୁ ଲୋମଶ ମୁନିଙ୍କ ''ଭାଗବତ ମୁହାଁର' କଥନ ଶୈଳୀରେ ସର୍ବ ସାଧାରଣ ଏପରିକି ଶିଶୁମାନଙ୍କ ମନକାଢ଼ି କରି ପାରିଛନ୍ତି ।

'ତୁମ ଶରୀରର ଆଇନା' ପୁସ୍ତକଟି ଶିଶୁ ଉପଯୋଗୀ ଗଳ୍ପ ପୁସ୍ତକଟିଏ । ଏଥିରେ ପୁସ୍ତକଟିର ପ୍ରଧାନ ଉଦ୍ଦେଶ୍ୟ ହେଲା ଠିକ୍ ଖାଇବା ଜନିତ ରୋଗର ନିବାରଣ । ଏହାଦ୍ୱାରା ସେ ଡାକ୍ତରୀ ବିଜ୍ଞାନକୁ ସାଧାରଣୀକରଣ କରି ନିଜର ପ୍ରତିଭାର ବାସ୍ତବ ପରିଚୟ ପ୍ରଦାନ କରିଛନ୍ତି । ତାଙ୍କର ''ଓଡ଼ିଆ ପାଣି ରୋଗର ଖଣି,'' ସାମାଜିକ କୁସଂସ୍କାର, ''ସ୍ୱାସ୍ଥ୍ୟ ଆମର ସଂପଦ'' ଓ ୧ମ ଓ ୨ୟ ଭାଗ, ପ୍ରତିଷେଧକ ଟିକା ଓ ଶିଶୁ ସ୍ୱାସ୍ଥ୍ୟ'' ଆଦି ଅତି ସରଳ ଭାଷାରେ ଶିଶୁ ଉପଯୋଗୀ ପୁସ୍ତକ । ''ବିଜ୍ଞାନର କୁହୁକ ପୁସ୍ତକରେ ବିଜ୍ଞାନ କିପରି ମାନବର ଅଶେଷ କଲ୍ୟାଣ କରିଛନ୍ତି । ତାହା ଶିଶୁ ଉପଯୋଗୀ ସରଳ ଭାଷାରେ ପ୍ରକାଶିତ ହୋଇଛି ।

''କଥାରେ କେତେ କଥା''ରେ ସନ୍ନିବେଶିତ ଅଧିକାଂଶ ଗଳ୍ପ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ''ବୈତ୍ର-ବେହାଗ'' ତାଙ୍କର ଏକ କବିତା ସଂକଳନ ଏଥିରେ କବୟିତ୍ରୀ ପଟ୍ଟନାୟକଙ୍କର ୪୧ ଟି କବିତା ସ୍ଥାନପାଇଛି ଏଥିରେ ଥିବା କବିତା ରମା ଦେବୀ, ଅକାର୍ଯ୍ୟ ହରିହର, ମହତାବ ଓ ଅନନ୍ତ ପଟ୍ଟନାୟକ କବିତାଗୁଡ଼ିକ ଜୀବନୀ ସମ୍ବନ୍ଧୀୟ । ଏଥିରେ ସେ ସେମାନଙ୍କ ଜୀବନ ଅନୁଧ୍ୟାନ କରି ସେମାନଙ୍କ ଦ୍ୟୋତିତ ଜୀବନର ବାଣୀ ଓ ଆଦର୍ଶର ପ୍ରଚାର କରିଛନ୍ତି ।

''ବୈତ୍ର-ବେହାଗ'' କବିତାର ଅଧିକାଂଶ କବିତା ବେଦନାର ଧ୍ୱନି । ବେଦନାର ବୋଧରୁ ଏହା ଚିନ୍ତାର ସୃଷ୍ଟି । ଆଧୁନିକ କବିତାର ମିଶ୍ର,

ଚିତ୍ରକଳା, ମୃତ୍ୟୁଚିନ୍ତା, ପ୍ରଗତିବାଦୀ ଚିନ୍ତାଧାରା, ସମାଜ ସଚେତନ ଶୀଳତା, ଅନନ୍ୟ ଚିନ୍ତାଧାରା ଏଥିରେ ସ୍ଥାନ ପାଇଛି । ମର୍ମସ୍ପର୍ଶୀ ଭାବବୋଧକୁ ଅତି ସାବଲୀଳ ଶୈଳୀରେ, ବ୍ୟଞ୍ଜନାଧର୍ମୀ ଭାଷାର ମାଧ୍ୟମରେ ପରିପ୍ରକାଶ କରିଛନ୍ତି ।

'ଚୈତ୍ର ବୈଭବ' କବିତାଟି ଏକ ପ୍ରତୀକଧର୍ମୀ । ଏଥିରେ କବୟିତ୍ରୀ ଚୈତ୍ରର ବୃକ୍ଷ ସହିତ ମଣିଷ ଜୀବନ ବୃକ୍ଷକୁ ତୁଳନା କରିଛନ୍ତି । ଚୈତ୍ରର ସ୍ପର୍ଶରେ ବୃକ୍ଷର୍ ପାଚିଲା ପତ୍ର ଝଡ଼ିପଡ଼େ । ପ୍ରଭାତ ସବୁଜିମାର ମୃତ୍ୟୁ ଘଟେ । ଅକାଳର ଚିକ୍ ଚିକ୍ ତାରାମାନେ ମଳିନ ପଡ଼ନ୍ତି । ମଣିଷ ମନରେ ଆଶା ଓ ଦୁରାଶା ଭରା ରହେ, ସେଥିପାଇଁ ଆଶ୍ରୟମା ଖୋଜି ବୁଲେ ଝଡ଼ା ପତ୍ର ନାନା ମଧ୍ୟରେ ।

''ଖୋଜି,'' ''ବିଶ୍ୱର ଆବାହନ'' କୁମାର ପୂର୍ଣ୍ଣିମା ଓ ରଜ କବିତାଗୁଡ଼ିକ ଜାତୀୟତା ଭାବାପନ୍ନ । କବୟିତ୍ରୀ ଆମର ଜାତୀୟ ପର୍ବ, 'କୁମାର ପୂର୍ଣ୍ଣିମା'ର ''ପ୍ରତି ଘା ଘା ସ୍ମୃତି'' ଭଳି ପୁଷ ପୋଡ଼ା, ରଜର ଦୋଳି ଗୀତ, ପିଠାପଣା, ଖଜା, ଝଣ୍ଡୁରା, ଗୋଲିରେ ପିଚିକାରୀରେ ରଙ୍ଗ ଖେଳ ଓ ଶିଶୁର ନବ ଆଗମନର ସମ୍ବର୍ଦ୍ଧନାରେ ପଟ୍ଟନାୟକ ଏ ସଂସ୍କୃତି, ଧର୍ମ ଓ ସ୍ୱାସ୍ଥ୍ୟକୁ ଉପଲବ୍ଧ କରିଛନ୍ତି ।

''ରଜ'' କବିତାରେ କବୟିତ୍ରୀ ପଟ୍ଟନାୟକ ରଜରେ ସ୍ତ୍ରୀ ଲୋକଙ୍କ ବେଶଭୂଷା ସଂପର୍କରେ ଏକ ସୁନ୍ଦର ଚିତ୍ର ଦେଇ ଆମ ଆବାଲ ସମ୍ବର୍ଦ୍ଧନ କରିଛନ୍ତି

ଘରେ ଘରେ ଦୋଳି ରଜ ରଜ
ସାଁ ବାଣ୍ଟ ପଡ଼େ ଉଠେ ବାଲୁଡ଼ି ଖେଳରେ !
ଝୁଟି ପାଏ ବାମୀ ରସ ବାମୀ ପରିକର
ଗୋଲା ଦେହେ ହଳଦୀ ଚମକ
କପାଳେ କଳଙ୍କ ପାଟି
ଢୁଳି ଢୁଳି ପାଦ ସବୁ କାଟି ଉଠେ
ଅଳତାର ଙ୍କ କୁଟି ମଧ୍ୟେ
ଧାଡ଼ି ଧାଡ଼ି ପାଦ କଦଳୀ ପଟୁର (ରଜ)

କବିୟତ୍ରୀଙ୍କ ସୂକ୍ଷ୍ମଦୃଷ୍ଟି ଏ ଜାତିର ବେଶଭୂଷାର ମିଶ୍ରଣ ଚିତ୍ର ଏକ ସୁସ୍ଥ ସୁଷ୍ଠ ଭାବେ ଦେଇଛି

କଟକୁଚା । ସୁନାପଟା ପାଲେଙ୍କର ହାତ
ପୋଡ଼ପିଠା, କ୍ଷୀରୀ ମୁଣ୍ଡି, ପାନଡାଲା
ମିଶ୍ରଣ ଚିତ୍ର ଦିଏ
ରମଣୀୟ ସଂସ୍କୃତିର ସେଇ ଭାବପ୍ରବଣ ।
କେତେ ଆଶା, କେତେ କଥା ତାହାରି ଭିତରେ
ଏ ସଂସ୍କୃତି ବାଢ଼ିଦିଏ'' । (ରଜ)

''ଦୂରନ୍ତ ସଂଧ୍ୟା'' କବିତାରେ ଯୋଗମାୟା ପଟ୍ଟନାୟକ ଜାତି, ସତଦର୍ଶକ, ଐତିହାସିକମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବାକୁ କହିଛନ୍ତି କବୟିତ୍ରୀ ଜଣେ ସମାଜସେବିକା ସାହିତ୍ୟ ସେବିକା ହିସାବରେ ତାଙ୍କର ଅଧ୍ୟାୟ ଓ ପ୍ରୟାସ ଶୁଭଙ୍କରୀ ଓ ଶ୍ରୀତିପ୍ରଦ ।

ଖୋର୍ଦ୍ଧା କଲେଜର ଓଡ଼ିଆ ଅଧ୍ୟାପକ **ଗୋପାଳକୃଷ୍ଣ ଦାସ** ଜଣେ ପ୍ରାବନ୍ଧିକ, କବି ଓ ସାହିତ୍ୟ ସଂଗଠକ । ତାଙ୍କ ସଂପାଦନାରେ ଖୋର୍ଦ୍ଧା ସାହିତ୍ୟ ସଂସଦର ମୁଖପତ୍ର ଜର୍ଣ୍ଣାଲ ''ମହିମ୍ନ- ମହକ'', ''ସୁମନ- ସୌରଭ'' ''ଶତାବ୍ଦୀର ଶ୍ରଦ୍ଧାଞ୍ଜଳି'' ପ୍ରଭୃତି ପ୍ରକାଶ ଲାଭ କରିଥିଲା । ପ୍ରାଣନାଥ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗର ମୁଖ ପତ୍ର ''ସାଧନ'' ମଧ୍ୟ ତାଙ୍କ ସଂପାଦନା ଓ ଉପସ୍ଥାପନାରେ ଆତ୍ମପ୍ରକାଶ ଲାଭ କରିଥିଲା । ତାଙ୍କର ତଥ୍ୟ ଓ ଐତିହ୍ୟ ପୂର୍ଣ୍ଣ ଖୋର୍ଦ୍ଧା ଗଡ଼ ସମ୍ବନ୍ଧୀୟ ପ୍ରବନ୍ଧ ''ରକ୍ତର ପ୍ରସଙ୍ଗ ଓ କାଠିଆଗ୍ କଂଗ୍ରେସ ସୋଭେନିୟରରେ ସ୍ଥାନ ପାଇଥିଲା । ସେ ଖୋର୍ଦ୍ଧା ସାହିତ୍ୟ ସଂସଦର ପ୍ରାଣ ପ୍ରତିଷ୍ଠାତା, ବର୍ତ୍ତମାନ ସେ ଉପଦେଷ୍ଟା ଥାଆନ୍ତି । ତାଙ୍କର ଐତିହାସିକ Highlights of Khurda and Historic Barunei ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି ଓ କୀଳ କିଏସ୍ ଜାତୀୟ ଗାଡ଼ି ଡି.ପି.ଏ ଭଉ ବି ସୁନେଲ୍ ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି ।

ଏତଦ୍‌ବ୍ୟତୀତ ଖୋର୍ଦ୍ଧା ଅଞ୍ଚଳରେ ବହୁଭାଷୀ ସାହିତ୍ୟ ସାଧକ ରହିଛନ୍ତି । ସେମାନଙ୍କୁ ଏହି ସୀମିତ ପରିସରରେ ଆଲୋଚନା କରିପାରି ନ ଥିବାରୁ ଦୁଃଖିତ ।

ଖୋର୍ଦ୍ଧା ହାଇସ୍କୁଲ ଆଜି ନାମ ବଦଳାଇ ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍କୁଲ ନାମରେ ପରିଚିତ ହୋଇଛି । ଖୋର୍ଦ୍ଧାବାସୀ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଜାତୀୟତାବାଦୀ, ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସିଙ୍କ ନାମରେ ବିଦ୍ୟାଳୟଟି ନାମିତ କରି ଓ ଆଜିର ଶତବାର୍ଷିକୀ ଅବସରରେ ତାଙ୍କର ମୂର୍ତ୍ତି ସ୍କୁଲର ଶତବାର୍ଷିକୀ ସ୍ମରଣିକାରେ ମୁଁ ସ୍କୁଲର କେତେକ କୃତବିଦ୍ୟା ବିଶିଷ୍ଟ ସାହିତ୍ୟିକ, କବି, ରାଜନୈତିକ ସମାଜସେବୀ, କଳାକାର, ନାଟ୍ୟକାର, ଚିତ୍ରଶିଳ୍ପୀ, ଐତିହାସିକ, ଭୌଗୋଳିକ, ମନ୍ତ୍ରୀ, ଯନ୍ତ୍ରୀ, ବିଧାୟକମାନଙ୍କ ସ୍ମୃତି ତାରଣ କରି ସେମାନଙ୍କ ସାହିତ୍ୟିକ କୃତି ଓ ଶହେ ବର୍ଷର ସାଂସ୍କୃତିକ ଅବଦାନର ଏକ ଆକଳନ କରିଛି । ଏଥିରେ ମୁଁ କେତେଦୂର ସଫଳକାମୀ ହୋଇଛି ତାହା ବିଜ୍ଞ ପାଠକବର୍ଗ ଅବଶ୍ୟ ବିଚାର କରିବେ ।

ଅବସର ପ୍ରାପ୍ତ ଅଧ୍ୟକ୍ଷ
ନିମାପଡ଼ା ମହାବିଦ୍ୟାଳୟ



# ଛାତ୍ର ଜୀବନର ଅନୁଭୂତି

**ଦିବ୍ୟସିଂହ ପଟ୍ଟନାୟକ,**
ପ୍ରାକ୍ତନ ପ୍ରଧାନ ଶିକ୍ଷକ

୧୯୩୨ ମସିହା ଜାନୁଆରୀ ୨୪ ତାରିଖରେ ମୋର ତ୍ରିଧରମ ଅନୁଷ୍ଠାନ ଝୋର୍ଡ଼ା ଉଚ୍ଚ ଇଂରାଜି ବିଦ୍ୟାଳୟରେ ମୁଁ ଯୋଗଦାନ କରେ। ସେତେବେଳେ ପ୍ରଧାନ ଶିକ୍ଷକ ଥାଆନ୍ତି ଜାନାନନ ଗଣପତିଙ୍କ ସଦୃଶ ସ୍ଥୂଳକାୟ, ଗମ୍ଭୀର, ଉଦାରମତି ସ୍ୱର୍ଗୀୟ ମହେନ୍ଦ୍ରନାଥ ମଜୁମଦାର ବି.ଏ ଓ ସେକେଣ୍ଡ ମାଷ୍ଟର ରୂପେ କାର୍ଯ୍ୟ କରୁଥାନ୍ତି ସ୍ୱନାମଧନ୍ୟ ଶ୍ରୀ ଗୋପାଳ ଚନ୍ଦ୍ର ପଟ୍ଟନାୟକ ବି.ଏ। ସେ ମଧ୍ୟ ଥାଆନ୍ତି ଛାତ୍ରାବାସର ସ୍ୱତନ୍ତ୍ର ପରିଚାଳକ।

ଝୋର୍ଡ଼ା ହାଇସ୍କୁଲ ମୋ ଠାରୁ ଠିକ୍ ଏକ ବର୍ଷ ବଡ଼। ହାଇସ୍କୁଲ ଜନ୍ମ ୧୯୧୬ ମସିହା ଜୁନ ୨ ତାରିଖରେ ଏବଂ ମୋର ଜନ୍ମ ଠିକ୍ ଏକ ବର୍ଷ ପରେ ସେହି ଜୁନ ୧ ତାରିଖରେ। ମୋର ବଡ଼ ବୁଢ଼ା ତାଙ୍କ କୁଞ୍ଜବିହାରୀ ଓ ନିଳଗାଡ଼ି ଦ୍ୱୟେ ଝୋର୍ଡ଼ା ହାଇସ୍କୁଲର ପ୍ରଥମ ଛାତ୍ରମାନଙ୍କ ମଧ୍ୟରେ ଅନ୍ୟତମ। ଏବଂ ମୋ ଭାଇଙ୍କ ଶ୍ୱଶୁର ଡ଼ କୃଷ୍ଣମୋହନ ପଟ୍ଟନାୟକ (ରେଭେନ୍ସା କଲେଜର ପ୍ରଥମ ବି.ଏ ପରୀକ୍ଷାର୍ଥୀ ଦ୍ୱୟଙ୍କ ମଧ୍ୟରୁ ଜଣେ) ଥିଲେ ବିଦ୍ୟାଳୟ ସ୍ଥାପନର ଉଦ୍ୟୋକ୍ତା ମାନଙ୍କ ମଧ୍ୟରୁ ପ୍ରଥମ ଓ ପରିଚାଳକ ସଂଘର ସଭ୍ୟମାନଙ୍କ ମଧ୍ୟରେ ଜଣେ ବିଶିଷ୍ଟ ପ୍ରମୁଖ ବ୍ୟକ୍ତି। ତେଣୁ ଝୋର୍ଡ଼ା ହାଇସ୍କୁଲ ସହିତ ବାଲ୍ୟକାଳରୁ ମୋର ଘନିଷ୍ଠ ସଂପର୍କ ରହିଥିଲା। ପରବର୍ତ୍ତୀ ସମୟରେ ଛାତ୍ର ଓ ପ୍ରଧାନ ଶିକ୍ଷକ ଭାବରେ ମୋର ଏହି ବିଦ୍ୟାଳୟ ସହିତ ପଚିଶି ବର୍ଷର ଘନିଷ୍ଠ ମଧୁର ସଂପର୍କ ରହିଛି। ତେଣୁ ଏହି ବିଦ୍ୟାଳୟର କ୍ରମବର୍ଦ୍ଧମାନ ସୁଖ୍ୟାତି ସମ୍ବନ୍ଧରେ କିଛି ସୂଚନା ଦେବାର ସୁଯୋଗ୍ୟ ପାଇ ନିଜକୁ ଧନ୍ୟ ମନେ କରୁଛି।

ମୁଁ ବିଦ୍ୟାଳୟରେ ଯୋଗଦାନ କଲାବେଳକୁ ବିଦ୍ୟାଳୟର ବୟସ ମାତ୍ର ୧୬ ବର୍ଷ ହେଇଥିଲେ ସୁଦ୍ଧା ତାହା ଗୋଟିଏ ବହୁ ପୁରାତନ ଅନୁଷ୍ଠାନ ବୋଲି ମୁଁ ଅନୁଭବ କରୁଥିଲି। ସେତେବେଳେ ବିଦ୍ୟାଳୟଟି ବର୍ତ୍ତମାନର ବସ୍ ଷ୍ଟାଣ୍ଡ ସନ୍ନିକଟସ୍ଥ N.A.C ମାର୍କେଟ ଓ କୋଣାର୍କ ସିନେମା ପ୍ରଭୃତି ଅଞ୍ଚଳରେ ଅବସ୍ଥିତ ଥିଲା। ଦୁଇଗୋଟି ବଙ୍ଗଳୋ ବାରକ୍ ଘରେ ବିଦ୍ୟାଳୟ କାର୍ଯ୍ୟ ପରିଚାଳିତ ହେଉଥିଏ। ଛାତ୍ରାବାସ ରହିଥିଏ ବର୍ତ୍ତମାନ ଛାତ୍ରୀବାସ ନିକଟରେ ଜମା ଲକ୍ଷ ଲାଗି ପାଞ୍ଚ ଖଣ୍ଡି ଚାଳ ଘରେ। ଛାତ୍ରାବାସର ପରିଚାଳକଙ୍କ ତତ୍ତ୍ୱାବଧାନରେ ଆମେମାନେ ବଡ଼ଭଳ କୃଚ୍ଛ୍ରଭାବେ ଗୋଟିଏଗୁଡ଼ିଏ ଅଭ୍ୟାସ କରାଇଥିଲୁ। ସେଥି ମଧ୍ୟରୁ ତିନୋଟି ବଞ୍ଚି ଜୀବିତ ରହି ବାଲ୍ୟସ୍ମୃତି ଜାଗରଣ କରିବାରେ ସହାୟକ ହେଉଛନ୍ତି।

ସେ ସମୟର ପ୍ରଧାନ ଶିକ୍ଷକ ଓ ସେକେଣ୍ଡ ମାଷ୍ଟରଙ୍କ ଛଡ଼ା, ଶିକ୍ଷକମାନଙ୍କ ମଧ୍ୟରେ ଥାର୍ଡମାଷ୍ଟର ସ୍ୱର୍ଗୀୟ ଆଶୁତୋଷ ବାବୁଜି, ସଂସ୍କୃତ ପଣ୍ଡିତ ସ୍ୱର୍ଗୀୟ ଗଦାଇ ମିଶ୍ର, ମୌଲବୀ ରହମାନ, ଗୋପୀନାଥ ଦାସଙ୍କ ନାମ ଉଲ୍ଲେଖଯୋଗ୍ୟ। ସେ ସମୟର ଅନନ୍ୟ ଗୁଣ ବିଦ୍ୟା, ଉତ୍ସାହୀ, ଉଦ୍ୟମୀ, ତେଜସ୍ୱୀ ଓଡ଼ିଆ ଶିକ୍ଷକ ଶ୍ରୀ କୃପାସିନ୍ଧୁ ହୋତାଙ୍କର ସ୍ମୃତି ଅବିସ୍ମରଣୀୟ। ଅର୍ଥନୀତିରେ ଶ୍ରୀ ପଦ୍ମଚରଣ ପଟ୍ଟନାୟକ ଆଇ.ଏ.ପାସ୍ କରିବା ପରେ ସମ୍ବଲପୁର ଜିଲ୍ଲାର କୁଚିନ୍ଦା ପଦ୍ମପୁର ମାଇନର ସ୍କୁଲରେ ବର୍ଷେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଆମ ବିଦ୍ୟାଳୟରେ ନୂଆ ହୋଇ ଯୋଗ ଦେଇଥାନ୍ତି ଏବଂ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ଗ୍ରହଣ କରିଥାନ୍ତି। ସେ ମହାଶୟ ସମ୍ବଲପୁରୀ ଭାଷାର କେତେକ ଶବ୍ଦ ଓ ବାକ୍ୟ "ଫାଙ୍କି ଚାଟିକା (ମିଛୁଟି କାନ୍ଦୁଚିଲା), ଘଷି- (ତେଜ)" ପ୍ରଭୃତି କହି ଅନ୍ତେବାସୀଙ୍କର କୌତୁହଳ ଉଦ୍ରେକ କରୁଥାନ୍ତି। ସେ ଯେପରି ନିଜେ ପଟୁ ଓ ପ୍ରତିଭାବାନ୍ ଯୁବକ ଥିଲେ, ସେହିପରି ଉଚ୍ଚାଭିଳାଷୀ ଓ ଉତ୍ସାହୀ ଥିଲେ। ତେଣୁ ପରବର୍ତ୍ତୀ ଜୀବନରେ ସେ ଘରୋଇ ଭାବେ ଏମ.ଏ ପାସ୍ କରି ସରକାରୀ ବିଦ୍ୟାଳୟରେ ଯୋଗ ଦେଇଥିଲେ ଏବଂ ବି.ଇଡ଼ି ପାସ କରି ରେଭେନ୍ସା କଲେଜିଏଟ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ କଟକ ଜିଲ୍ଲା ଇନସ୍ପେକ୍ଟର ପଦ ଅଳଙ୍କୃତ କରି ପ୍ରାଦେଶିକ ଶିକ୍ଷା ବିଭାଗର କୃତିତ୍ୱ ଓ ସୁଖ୍ୟାତି ଅର୍ଜନ କରିପାରିଥିଲେ।

ସେ ସମୟରେ ମଫସଲ ଅଞ୍ଚଳରେ ଝୋର୍ଡ଼ା ନିକଟରେ ଦୁଇଗୋଟି ନିମ୍ନ ବିଦ୍ୟାଳୟ ଥାଏ ଏବଂ ଦୁଇଜଣ ବିଶିଷ୍ଟ କୃତୀ ଶିକ୍ଷକ ସେହି ଦୁଇ ବିଦ୍ୟାଳୟର ହେଡ୍ ପଣ୍ଡିତ ଭାବରେ କାର୍ଯ୍ୟ କରୁଥାନ୍ତି। ସେ ଦୁଇ କୃତବିଦ୍ୟ ଶିକ୍ଷକ ହେଉଛନ୍ତି ଦଧିମାଛ ପାତ୍ର

ଉ.ପ୍ରା. ବିଦ୍ୟାଳୟର ହେଡ୍ ପଣ୍ଡିତ ସ୍ୱର୍ଗୀୟ ଦାଶରଥି ମିଶ୍ର ଓ ଯାଆଁବା ମଧ କର୍ଣ୍ଣଜୁଙ୍କାର ବିଦ୍ୟାଳୟର ହେଡ୍ ପଣ୍ଡିତ ସ୍ୱର୍ଗୀୟ ନାରାୟଣ ତ୍ରିପାଠୀ । ଲେଖକ ଏହି ଦୁଇ ବିଶିଷ୍ଟ ବୃଦ୍ଧବିଦ୍ୟ ଶିକ୍ଷକଙ୍କର ଅସୀମ ଆଶୀର୍ବାଦ ଲାଭ କରି, ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଉ.ପ୍ରା ବୃତ୍ତି ଓ ମି.ଇ ବୃତ୍ତି ପାଇ ଉଚ୍ଚ ଶିକ୍ଷା ପାଇଁ ସକ୍ଷମ ହୋଇପାରିଥିଲି । ସେପରି ଶିକ୍ଷକ ଆଜିକାଲି ସୁଦୂରରେ ବିରଳ ଓ ଅବିସ୍ମରଣୀୟ । ସେମାନଙ୍କ ନିକଟରେ ମୋର ବିନମ୍ର ପ୍ରଣତି ଜ୍ଞାପନ କରେ । ଏହି ଦୁଇ ବିଦ୍ୟାଳୟର ହେଡ୍ ପଣ୍ଡିତଙ୍କ ଯୋଗୁଁ ଖେଣ୍ଡି ବିଦ୍ୟାଳୟର ବହୁତ ଉନ୍ନତି ଘଟିଥିଲା । ସେମାନଙ୍କ ଯୋଗୁଁ ମାଁଙ୍କରୁ ଅଣ୍ଟ ଷ୍ଟାଣ୍ଡାର୍ଡ ପରୀକ୍ଷାରେ ବହୁ ମେଧାବୀ ଛାତ୍ର ବୃତ୍ତି ପାଇ ଖୋର୍ଦ୍ଧା ହାଇସ୍କୁଲର ବସ୍ତ୍ରମରେ ଅର୍ଥାତ୍ ବର୍ତ୍ତମାନର ପଞ୍ଚମ ଶ୍ରେଣୀରେ ଯୋଗଦାନ କରନ୍ତି । ମୁଁ ମଧ୍ୟ ସେହିପରି ପଞ୍ଚମ ଶ୍ରେଣୀରେ ଯୋଗ ଦିଏ । ପୂର୍ବେ ବିଦ୍ୟାଳୟରେ ଇଂରାଜୀ ଶିକ୍ଷାର ବ୍ୟବସ୍ଥା ନ ଥିବାରୁ ଅଷ୍ଟମ ଶ୍ରେଣୀ ବଦଳରେ ପଞ୍ଚମ ଶ୍ରେଣୀରେ ଯୋଗ ଦେବାକୁ ବାଧ ହୋଉଥିଲି ଏବଂ ବର୍ଷକ ମଧ୍ୟରେ ତିନି ଶ୍ରେଣୀର ଶିକ୍ଷା ସମାପ୍ତ କରି ବର୍ଷ ଶେଷରେ ଅଷ୍ଟମ ଶ୍ରେଣୀ ଅର୍ଥାତ୍ ସେ ସମୟର ଫୋର୍ଥ କ୍ଲାସକୁ ପ୍ରମୋସନ ପାଉଥିଲି । ମୋର ଇଂରାଜୀ ଶିକ୍ଷା ଆରମ୍ଭ ହେଲା ବୃନ୍ଦାମଧନ୍ୟ ଜାଗ୍ରତି ବାବୁଙ୍କ ନିକଟରେ ୧୯୧୬ ମସିହାରେ ଏବଂ ୩୯ ବର୍ଷ ପରେ ଉକ୍ତ ଗୁରୁଙ୍କ ବାରତି ଆପରୁ ୧୯୫୧ ମସିହାରେ ଏହି ବିଦ୍ୟାଳୟର ଦାୟିତ୍ୱ ଗ୍ରହଣ କରି ନିଜକୁ ଧନ୍ୟ ମଣିଥିଲି । ସେତେବେଳେ ସେ ଥିଲେ ଏହି ବିଦ୍ୟାଳୟର ଥର୍ଡ଼ ମାଷ୍ଟର । ତାଙ୍କର ଯୋଗ୍ୟତା ଥିଲା ବି.ଏ ଶ୍ରେଣୀର । କିନ୍ତୁ ନବାଗତ ଛାତ୍ରମାନଙ୍କର ଇଂରାଜୀ ମୂଳଭିତ୍ତି ଦୃଢ଼ କରିବା ଉଦ୍ଦେଶ୍ୟରେ ସେ ପ୍ରଥମ (I) ଅର୍ଥାତ୍ ପଞ୍ଚମ ଶ୍ରେଣୀର ଇଂରାଜୀ ପଢ଼ାଉଥିଲେ । ସେ ସମୟରେ ଏ ବ୍ୟବସ୍ଥା ଅତ୍ୟନ୍ତ ଉତ୍ତମ ଥିଲା ଓ ନବାଗତ ଛାତ୍ରମାନେ ବିଶେଷ ଉପକୃତ ହେଉଥିଲେ । ଏହି ବର୍ଷର ଶିକ୍ଷାରେ ମୋର ଜୀବନରେ ଗୋଟିଏ ବିଶିଷ୍ଟ ଘଟଣା ଘଟିଥିଲା । ସେ ସମୟରେ ପରିଚାଳନା କମିଟିର ସଭାପତି ଥାଆନ୍ତି ଖୋର୍ଦ୍ଧାର S.D.O । ମୁଁ ବିଦ୍ୟାଳୟରେ ଯୋଗ ଦେବାର ଅବ୍ୟବହିତ ପୂର୍ବରୁ ଦୁଇଜଣ ଇଂରେଜ ମଣ୍ଟିରୁ ସାହେବଙ୍କ ପରେ ଶାନ୍ତ ଶିଷ୍ଟ ଚରିତ୍ର ସାହେବ S.D.O ଭାବରେ ଯୋଗ ଦେଇଥାନ୍ତି । ସେ ବୋଧହୁଏ ଥିଲେ ଜଣେ ଯୁରୋପିଅନ୍ ଓ ପାଦ୍ରି ପରିବାରର ଲୋକ । ସେ ବିଦ୍ୟାଳୟର ଅଧ୍ୟୟନ ଓ ଅଧ୍ୟାପନା ସମ୍ପର୍କରେ ବଡ଼ ଆଗ୍ରହୀ ଥିଲେ ଓ ଛାତ୍ରମାନଙ୍କର ମନୋଭିଳାଷୀ କୋଣି ପରିଚିତ ଥିଲେ । ଦିନେ ସେ ହଠାତ୍ ଗୋଟିଏ ଗାଣିତିକ ପ୍ରଶ୍ନର ସମାଧାନ ପାଇଁ ନିର୍ଦ୍ଦିଷ୍ଟ ସମୟ ଦେଇ ପାରିତୋଷିକ ଗୋଟିଏ ପୁରସ୍କାର ଘୋଷଣା କରିଥିଲେ । ପ୍ରଶ୍ନର ସମାଧାନ ପାଇଁ ଏକାଦଶ ଶ୍ରେଣୀର ଛାତ୍ରମାନଙ୍କ ମଧ୍ୟରେ ତାହା ପ୍ରଚାରିତ ହୋଇଥିଲା । ତଥାପି ଲେଖକ ପଞ୍ଚମ ଶ୍ରେଣୀର ଛାତ୍ର ଥିବା ଅବସ୍ଥାରେ ଗାଣିତିକଭିତ୍ତିରେ ସେ ପ୍ରଶ୍ନଟିର ସମାଧାନ କରି ପୁରସ୍କୃତ ହୋଇଥିଲେ । ଉପର ଶ୍ରେଣୀର ଆଉ ଜଣେ ମାତ୍ର ଛାତ୍ର ସ୍ୱର୍ଗୀୟ ଜଗଦୀଶ ପଟ୍ଟନାୟକ ସେ ପ୍ରଶ୍ନ ସମାଧାନରେ ସମର୍ଥ ହୋଇଥିଲେ ।

୧୯୧୩ ମସିହାରେ ଉକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କ ଯୋଗ୍ୟତା ସମ୍ବନ୍ଧରେ ନୂତନ ନିୟମ ପ୍ରଚଳିତ ହେବାରୁ ଆମ ବିଦ୍ୟାଳୟର ଶିକ୍ଷକ ସେବାରେ ଗୋଟିଏ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଘଟିଥିଲା । ସେହି ବର୍ଷ ଏକ ସମୟରେ ତିନି ଜଣ ଆଇ.ଏ ପାସ୍ କରିଥିବା ଶିକ୍ଷକ ନିଯୁକ୍ତି ପାଇଥିଲେ । ସେମାନେ ହେଉଛନ୍ତି ପୂଜ୍ୟ କୁଞ୍ଜବିହାରୀ ମହାନ୍ତି, ସୋମନାଥ ଦାସ ଓ ବିପ୍ରଚରଣ ଦାସ । ଏହି ତିନି ଜଣ ଶିକ୍ଷକ ଯଥାକ୍ରମେ ଓଡ଼ିଆ ସାହିତ୍ୟ, ଗଣିତ ଓ ଇତିହାସ ଶିକ୍ଷା ଦାନରେ ଅଳ୍ପକାଳ ମଧ୍ୟରେ ସୁଖ୍ୟାତି ଅର୍ଜନ କରି ପାରିଥିଲେ ଏବଂ ସେମାନଙ୍କ କର୍ତ୍ତବ୍ୟନିଷ୍ଠା ଓ ଆନ୍ତରିକତା ପୂର୍ଣ୍ଣ ନୂତନ ଶିକ୍ଷା ପ୍ରଣାଳୀ ଯୋଗୁଁ ଛାତ୍ରମାନଙ୍କର ବୌଦ୍ଧିକ ଉନ୍ନତି ବିଶେଷ ଭାବରେ ବୃଦ୍ଧିପ୍ରାପ୍ତ ହେଲା । ସେମାନଙ୍କ ଉପସ୍ଥିତି ଯୋଗୁଁ ବିଦ୍ୟାଳୟରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମର ସୂତ୍ରପାତ ହେଲା ।

ବିଦ୍ୟାଳୟଟିର ଅଭିବୃଦ୍ଧି ଶିକ୍ଷକଗୋଷ୍ଠୀର ଗୁଣାତ୍ମକ ବୃଦ୍ଧି ଓ ପ୍ରେରଣା ଉପରେ ବହୁ ପରିମାଣରେ ନିର୍ଭର କରେ । ଏ ବିଦ୍ୟାଳୟର ବହୁବିଧ ଉନ୍ନତି ଘଟିଲା ୧୯୧୪ ମସିହାରେ ଆଉ ଦୁଇଜଣ ନୂତନ ଶିକ୍ଷକଙ୍କ ଯୋଗଦାନ ପରେ । ଏ ବର୍ଷ ବି.ଏଲ ପଢ଼ିବା ପାଇଁ ପ୍ରଧାନ ଶିକ୍ଷକ ମହେନ୍ଦ୍ର ନାଥ ମଜୁମଦାର ବର୍ଷେ ଛୁଟି ନେଲେ ଓ ତାଙ୍କ ସ୍ଥାନ ପୂରଣ କଲେ ଶ୍ରଦ୍ଧେୟ, ପ୍ରଜ୍ଞାଗମ୍ଭୀର ବରେଣ୍ୟ ଅବିନାଶ ରାଉତି । ସେ ଥିଲେ ତାଙ୍କୁ ସଂପାଦକ ଜଣେ ବିଶିଷ୍ଟ ବ୍ୟକ୍ତି । ଉନ୍ନତ ଶିକ୍ଷାଦାନର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ସେ ଚରିତ୍ର ଦୃଷ୍ଟି ଦେଉଥିଲେ ଛାତ୍ରମାନଙ୍କ ଚରିତ୍ର ଗଠନ ଉପରେ । ଠିକ୍ ବର୍ଷକ ପରେ ସେ ଫେରିଗଲେ ଓ ମହେନ୍ଦ୍ର ବାବୁ ପୁନର୍ବାର ବିଦ୍ୟାଳୟର ଦାୟିତ୍ୱ ଗ୍ରହଣ କଲେ । ଅବିନାଶ ବାବୁଙ୍କ ଅନୁପସ୍ଥିତିର ଅଳ୍ପ ପୂର୍ବରୁ ଶ୍ରୀଯୁକ୍ତ ପରଶୁରାମ ଦାସ ବି.ଏ(ଅନର୍ସ) ବିଦ୍ୟାଳୟରେ ଯୋଗଦାନ କରିଥାଆନ୍ତି ସେକେଣ୍ଡ ମାଷ୍ଟର ଭାବରେ । ଶ୍ରୀଯୁକ୍ତ ଦାସ ସେ ସମୟର ଉତ୍କଳର ଗ୍ରାଜୁଏଟ୍ ମାନଙ୍କ ମଧ୍ୟରେ ଜଣେ ପ୍ରତିଭାବାନ୍, ସ୍ୱଦେଶୀ ଓ ଅନନ୍ୟ-ସାଧାରଣ କର୍ମୀ, ଲୋକ ସେବା ପରାୟଣ, ଆଦର୍ଶ ଯୁବକ ଭାବରେ ପ୍ରତିଷ୍ଠା ଲାଭ କରିଥାନ୍ତି । ଛାତ୍ର ଜୀବନରେ ସେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳ ଦୀପିକାର

ସମ୍ପାଦକ ସୁଦାମ ନାୟକ, ବିଶିଷ୍ଟ ଆଇନଜୀବୀ ଗୋକୁଳାନନ୍ଦ ଚୌଧୁରୀ, କାଶ୍ମୀ ପ୍ରବର ବିଶ୍ୱନାଥ, ସୁପରିଚିତ ଓ ଅଧ୍ୟାପକ ଡଃ ସୁନ୍ଦର ଓ ଉତ୍କଳମଣି ଗୋପବନ୍ଧୁଙ୍କ ନିକଟ ସମ୍ପର୍କରେ ଆସିବାର ସୁଯୋଗ ଲାଭ କରିଥିଲେ ଓ କବି ଗୋଦାବରୀଶ ଓ ପଣ୍ଡିତ ନୀଳକଣ୍ଠଙ୍କ ସହାଧ୍ୟାୟୀ ଭାବରେ ଉତ୍କଳର ଉଜ୍ଜ୍ୱଳ ଭବିଷ୍ୟତ୍ ଓ ଉନ୍ନତି ପାଇଁ ସର୍ବଦା ଉତ୍ସୁକ ଥିଲେ । ତାଙ୍କରସେହି ଅଭିଳାଷ ଯୋଗୁଁ ସେ ଉକ୍ତ ଅଞ୍ଚଳର ଆହ୍ୱାନ କ୍ରମେ ୧୯୧୮ ମସିହାରେ ଏହି ବିଦ୍ୟାଳୟରୁ ଯାଇ ଗଞ୍ଜାମ ଜିଲ୍ଲା ଶିକ୍ଷା ବିଭାଗରେ ଯୋଗ ଦେଲେ । ଗଞ୍ଜାମରେ ତାଙ୍କର ପ୍ରତିଷ୍ଠା, କାର୍ଯ୍ୟଦକ୍ଷତା ଉତ୍କଳ ପ୍ରଦେଶ ଗଠନ ପାଇଁ ଆବଶ୍ୟକ ପ୍ରେରଣା ଯୋଗାଇ ଥିଲା ଯାହା ଏ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିଛି ।

ପରଶୁରାମ ବାବୁଙ୍କର ଶିକ୍ଷାଦାନ ପ୍ରଣାଳୀ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା । ସେ ଏ ବିଦ୍ୟାଳୟକୁ ଆସିବା ପୂର୍ବରୁ ପ୍ୟାରୀମୋହନ ଏକାଡେମୀର ଲବ୍ଧପ୍ରତିଷ୍ଠ ପ୍ରଧାନ ଶିକ୍ଷକ ନିମାଇ ଚରଣଙ୍କ ସହିତ କିଛିକାଳ କାର୍ଯ୍ୟକରି ତାଙ୍କର ତ୍ୟାଗ ଓ କାର୍ଯ୍ୟଦକ୍ଷତା ଦ୍ୱାରା କେତେକ ପରିମାଣରେ ପ୍ରଭାବିତ ହୋଇଥିଲେ । ସେ ବାହାରକୁ କଠୋର ଦେଖାଯାଉଥିଲେ ସୁଦ୍ଧା ତାଙ୍କ ଅନ୍ତର ଅତ୍ୟନ୍ତ ଉଦାର ଓ କୋମଳ ଥିଲା । ତାଙ୍କର ଶିକ୍ଷା ଦାନର ମୂଳମନ୍ତ୍ର ଥିଲା ଉଚ୍ଚକୋଟୀର ଉତ୍ତମ ବୁଦ୍ଧିମାନ ଛାତ୍ର ତିଆରି କରିବା ସଙ୍ଗେ ସଙ୍ଗେ ଆଦର୍ଶ ସ୍ୱଦେଶାଭିମାନୀ ନାଗରିକ ସୃଷ୍ଟି କରିବା । ତାଙ୍କର ଛାତ୍ର ଜୀବନ ଓ ଯୌବନ ଅବସ୍ଥା ଅତିବାହିତ ହୋଇଥିଲା ଉତ୍କଳ ତଥା ଭାରତର ଗୋଟିଏ ସନ୍ଧି କ୍ଷଣରେ । ସେହି ସମୟରେ ହେଲା ବଙ୍ଗ ବ୍ୟବଚ୍ଛେଦ, ବଙ୍ଗର ପୁନର୍ମିଳନ, ବିହାର ଓଡ଼ିଶା ପ୍ରଦେଶ ଗଠନ, ଉତ୍କଳ ସମ୍ମିଳନୀର ଅଭ୍ୟୁଦୟ । ଖଣ୍ଡପ୍ରାନ୍ତ ମିଶ୍ରଣ, ପ୍ରଥମ ମହାସମର, ଭାରତର ସ୍ୱାଧୀନତା ପାଇଁ ପ୍ରଚେଷ୍ଟା ପ୍ରଭୃତି ରାଜନୈତିକ ରଙ୍ଗମଞ୍ଚର କାର୍ଯ୍ୟ । ତେଣୁ ଏ ସମସ୍ତ ଆନ୍ଦୋଳନର ପ୍ରଭାବ ତାଙ୍କ ଜୀବନ ଉପରେ ପ୍ରତିଫଳିତ ହୋଇଥିଲା । ତେଣୁ ଜଣେ ମେଧାବୀ ଶିକ୍ଷକ ଭାବରେ ସେ ଚାହୁଁଥିଲେ କେତେ ଗୁଡ଼ିଏ ଉତ୍ତମ ନାଗରିକ ସୃଷ୍ଟି କରିବା ପାଇଁ । ୧୯୧୪ ଜାନୁଆରୀରେ ସେ ଏହି ବିଦ୍ୟାଳୟରେ ଯୋଗ ଦେଇଥିଲେ ଏବଂ ୧୯୧୫ରେ କେତେଗୁଡ଼ିଏ ଅଗ୍ରଗାମୀ ମେଧାବୀ ଛାତ୍ରମାନଙ୍କୁ ଏକତ୍ରିତ କରି ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଚରିତ୍ର ଗଠନର ଦାୟିତ୍ୱ ଗ୍ରହଣ କଲେ ଏବଂ ସେମାନଙ୍କୁ ଉତ୍ତମ ନାଗରିକ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ଏହି କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରିଥିଲେ ଶିକ୍ଷକ ଗୋଷ୍ଠୀ । ଉକ୍ତ ଛାତ୍ରମାନଙ୍କର ଦୃଷ୍ଟିକୋଣ ଓ ବିଚାରଧାରା ଅଭିବୃଦ୍ଧି ଉଦ୍ଦେଶ୍ୟରେ ସେ ଛାତ୍ରମାନଙ୍କୁ ପୁରୀ, କଟକ, ଗଞ୍ଜାମ ଇତ୍ୟାଦି ବହୁ ସ୍ଥାନକୁ ପରିଭ୍ରମଣ ପାଇଁ ନେବାର ଚେଷ୍ଟା କରାଇଥିଲେ ଓ ସେମାନଙ୍କ ମନରେ ନୂତନ ଉନ୍ମାଦନା ସୃଷ୍ଟି କରିଥିଲେ । ଏହି ଛାତ୍ର ଗୋଷ୍ଠୀ ମଧ୍ୟରେ ଥିଲେ ବଣପଡ଼ାର ପ୍ରଥମ ବି.ଏ ଏବଂ ଏହି ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସ୍ୱର୍ଗତ ନରସିଂହ ପଟ୍ଟନାୟକ, ବାଣପୁର ମାଇନର ଓ ଉଚ୍ଚ ବିଦ୍ୟାଳୟର ପ୍ରାଣସ୍ୱରୂପ ଭବାନୀ, ଉତ୍ସାହୀ ଆଦର୍ଶ ଶିକ୍ଷକ ସ୍ୱର୍ଗୀୟ ବିଶ୍ୱନାଥ ଶତପଥୀ, ଓଡ଼ସିଂହ ଦାଶରଥି ଉଚ୍ଚ ବିଦ୍ୟାଳୟର ଆଦର୍ଶ କର୍ମୀ ଶ୍ରୀ ନଟବର ମହାପାତ୍ର, ଖ୍ୟାମଡ଼ିକର ଶ୍ରୀ ଭବ କିଶୋର ପଟ୍ଟନାୟକ ବି.ଏଲ. ଧନାପଥରର ଅବସରପ୍ରାପ୍ତ ଡେପୁଟୀ ମାଜିଷ୍ଟ୍ରେଟ ଶ୍ରୀ ଗୌରଚନ୍ଦ୍ର ସୁବୁଦ୍ଧି, ବି.ଏଲ ପ୍ରଭୃତି । ଲେଖକ ଏହି ଗୋଷ୍ଠୀ ମଧ୍ୟରେ ରହିବାର ସୁଯୋଗ ଲାଭ କରି ବର୍ମା ମହୋଦୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆସି ପଡ଼ିଥିବାରୁ ନିଜକୁ ଧନ୍ୟ ମନେ କରେ । ଲେଖକ ପରବର୍ତ୍ତୀ ଜୀବନରେ ପଞ୍ଚାୟତ ଶିକ୍ଷା ବିଭାଗରେ ଶ୍ରୀଯୁକ୍ତ ବର୍ମା ମହୋଦୟଙ୍କ ସହକାରୀ ଓ ସହକର୍ମୀ ଭାବରେ ତାଙ୍କ ଦ୍ୱାରା ରଚିତ ବିଭିନ୍ନ କେତେକ କର୍ମ ଯୋଜନା (ବେଶ ବିନ୍ୟାସ ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ ପ୍ରଭୃତି) ରେ ସହଯୋଗ କରିବାର ସୁଯୋଗ ପାଇ ପାରିଥିଲା । ଛାତ୍ର ଜୀବନର ସେହି ସବୁ ସ୍ମୃତି ମଧୁର ଓ ଚିରସ୍ମରଣୀୟ । ଶ୍ରୀଯୁକ୍ତ ପରଶୁରାମ ବର୍ମା ୧୯୧୫ ଜୁଲାଇ ଠାରୁ ୧୯୧୬ ଏପ୍ରିଲ ପର୍ଯ୍ୟନ୍ତ ବି.ଟି ଅଧ୍ୟୟନ କରିବା ପାଇଁ ପାଟନା ଯାଇଥିଲେ । ତା ଫଳରେ ଗଠନ ମୂଳକ କାର୍ଯ୍ୟଯୋଜନାରେ କିଛି ବାଧା ସୃଷ୍ଟି ହୋଇଥିଲା । ଟ୍ରେନିଂରୁ ଫେରିବା ପରେ ସେ ମାତ୍ର ଦୁଇବର୍ଷ ଏ ବିଦ୍ୟାଳୟରେ କାର୍ଯ୍ୟ କରିଥିଲେ ଓ କିଛି ସମୟ ପାଇଁ ପ୍ରଧାନ ଶିକ୍ଷକ ହୋଇଥିଲେ । ୧୯୧୮ ମସିହାରେ ଉଭୟେ ପ୍ରଧାନ ଶିକ୍ଷକ ଶ୍ରୀ ମହେନ୍ଦ୍ରନାଥ ମଜୁମଦାର ଓ ସହକାରୀ ପ୍ରଧାନ ଶିକ୍ଷକ ଶ୍ରୀ ପରଶୁରାମ ବର୍ମା ବିଦ୍ୟାଳୟ ପରିତ୍ୟାଗ କଲେ ଓ ବିଦ୍ୟାଳୟର ଗୋଟିଏ ଉଜ୍ଜ୍ୱଳ ସମୟର ଅବସାନ ଘଟିଲା । ୧୯୧୪ରୁ ୧୯୧୯ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ ଅନେକ କୃତୀ ଛାତ୍ର ଉତ୍ତୀର୍ଣ୍ଣ ହେଲେ ଏବଂ ବିଦ୍ୟାଳୟର ଖ୍ୟାତି ବହୁ ପରିମାଣରେ ବଢ଼ି ଯାଇଥିଲା ।

# ତ୍ରିମୂର୍ତ୍ତି

ଶ୍ରୀ ଶାକ୍ୟସିଂହ ପଟ୍ଟନାୟକ

ଏକ ଶତାବ୍ଦୀବ୍ୟାପୀ କ୍ରମବର୍ଦ୍ଧ ପରିବର୍ତ୍ତନ ପ୍ରସାରଣ, ପୁନର୍ବିନ୍ୟାସର ଘଟଣା ପ୍ରବାହ ହେଉଛି ଖୋରଧା ହାଇସ୍କୁଲର ମହନୀୟ ଭାବମୂର୍ତ୍ତି । ଏହି ଉଜ୍ଜ୍ୱଳ ଇତିହାସରେ ଯୋଗଦାନକାରୀଙ୍କ ଅତୁଳନୀୟ ଅବଦାନ ଦୀପ୍ତ ଆଲୋକର ଛତ୍ରତଳେ ଗଢ଼ି ଉଠିଛି ଜ୍ୟୋତିଷ୍କମାନ ସେମାନଙ୍କ ଭିତରେ ଉଜ୍ଜ୍ୱଳ ଅବିସ୍ମରଣୀୟ ଶିକ୍ଷକତ୍ରୟ ପରଶୁରାମ, ବାଙ୍କନିଧି ଆଉ ବିଦ୍ୟାସିଂହ । ଏହି ତ୍ରିମୂର୍ତ୍ତି ମାତ୍ର ଅଷ୍ଟବର୍ଷର ବ୍ୟବଧାନରେ ପ୍ରାୟ ଅର୍ଦ୍ଧଶତାବ୍ଦୀରୁ ଅଧିକକାଳ ନିରବଚ୍ଛିନ୍ନ ଭାବରେ ୧୯୧୪ରୁ ୧୯୬୯ ପର୍ଯ୍ୟନ୍ତ ଖୋରଧା ହାଇସ୍କୁଲରେ ମହାନ୍ ଯଜ୍ଞକାରୀ ଭଳି ସ୍ୱାକ୍ଷର ରଖି ଯାଇଅଛନ୍ତି ।

ତେଣୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଦ୍ୟାସିଂହଙ୍କର ମହାପ୍ରୟାଣରେ ଦୈନିକ ପ୍ରଜାତନ୍ତ୍ରର ସହାୟରେ ୧୧.୮.୧୯୭୬ ସଂଖ୍ୟାରେ ସମ୍ପାଦକୀୟ ସମ୍ବାଦ ଓ ସଂକେତ ସ୍ତମ୍ଭରେ ପ୍ରକାଶ ପାଇଥିଲା ତହିଁରେ ଏହି ତଥ୍ୟ ବି ସଂକଳିତ ହୋଇଥିଲା ।

"ଓଡ଼ିଶା ମାଧ୍ୟମିକ ସମାଜ ଭିତରେ ଏକ ଅଦ୍ୱିତୀୟ ଆଦର୍ଶବାଦୀ, ନିଷ୍ଠାପର, ଯୋଗୀ, ଛାତ୍ରବତ୍ସଳ, ଧର୍ମପ୍ରାଣ ଶିକ୍ଷକ ଏବଂ ମାଧ୍ୟମିକ ଶିକ୍ଷକ ସଙ୍ଘର ପୂର୍ବତନ ସଭାପତି ଶ୍ରୀ ବିଦ୍ୟାସିଂହ ପଟ୍ଟନାୟକଙ୍କର ପରଲୋକ ହୋଇଯିବା ଗଭୀର ଶୋକର ବିଷୟ ।

ଖୋରଧା ହାଇସ୍କୁଲରେ ସ୍ୱର୍ଗୀୟ ପରଶୁରାମ ବର୍ମା, ୰ ବାଙ୍କନିଧି ପଟ୍ଟନାୟକ ପ୍ରମୁଖ ବହୁ ଲବ୍ଧପ୍ରତିଷ୍ଠ ଶିକ୍ଷାବିତ୍‌ମାନେ ଯେଉଁଠି ସେ ବିଦ୍ୟାଳୟକୁ ଉଚ୍ଚ ଆଦର୍ଶରେ ଗଢ଼ି ଯାଇଥିଲେ ବିଦ୍ୟାସିଂହ ବାବୁ ମଧ୍ୟ ସେଠାରେ ପ୍ରଧାନ ଶିକ୍ଷକ ଭାବେ ସେହିଭଳି ବିଦ୍ୟାଳୟର ପ୍ରଭୂତ ଉନ୍ନତି କରିଥିଲେ । ଏହି ତ୍ରିମୂର୍ତ୍ତି ପରଶୁରାମ, ବାଙ୍କନିଧି, ଓ ବିଦ୍ୟାସିଂହଙ୍କର ମହନୀୟ ଅବଦାନର ସଂକ୍ଷିପ୍ତ ସୂଚନା ଏଠାରେ ପ୍ରଦତ୍ତ ।

**ତ୍ରିମୂର୍ତ୍ତିଙ୍କର ଝଲକ**

**ପର୍ଶୁରାମ ବର୍ମା** ଥିଲେ ଦେଶମିଶ୍ରଣ ଆନ୍ଦୋଳନର ଏକ ବଡ ସେନାପତି, ଯାହାଙ୍କର ଜୀବନ ସମାଜ ସଂସ୍କାର, ସତ୍ୟ ଅନୁଷ୍ଠାନ ଓ ଶିକ୍ଷାର ପ୍ରସାର ନୀତି ଉପରେ ଉତ୍ସର୍ଗୀକୃତ ଥିଲା । ସେ ଥିଲେ ଅସହଯୋଗ ଆନ୍ଦୋଳନର ଏକ ପ୍ରମୁଖ ସତ୍ୟାଗ୍ରହୀ । ତେଣୁ ସେ ଛାତ୍ର ସମାଜକୁ ସୁସଂଗଠିତ କରୁଥିଲେ । ସ୍ୱାଧୀନତା ଆନ୍ଦୋଳନ ତଥା ଦେଶ ଗଠନର ବିଶାଳ କାର୍ଯ୍ୟକ୍ଷେତ୍ରକୁ ବାଟ ପ୍ରଦାନ କରିବା ପାଇଁ ।

ସେ ୧୯୧୪ରେ ଖୋରଧା ହାଇସ୍କୁଲରେ ଯୋଗଦେବାର କିଛି ବର୍ଷପୂର୍ବେ ୧୯୧୧ରେ ସତ୍ୟବାଦୀ ବନ ବିଦ୍ୟାଳୟ ଗଢ଼ି ଉଠିଥିଲା ସେଠାରେ ଅଧ୍ୟାପନାର ଦାୟିତ୍ୱ ଗ୍ରହଣ କରିଥିଲେ ତାଙ୍କର ଅନ୍ତରଙ୍ଗ ସହପାଠୀ ଗୋଦାବରୀଶ, ନୀଳକଣ୍ଠ ଆଉ ସହକର୍ମୀ ଆଚାର୍ଯ୍ୟ ହରିହର । ଆଉ ଯାହାଙ୍କ ପ୍ରେରଣାର ମୂଳ ସ୍ତମ୍ଭ ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ । ତେଣୁ ଖୋରଧାରେ ଅବସ୍ଥାନ କାଳରେ ତାଙ୍କର ସହଯୋଗ ଛୁଟିମୁଣ୍ଡିକ କଟୁଥିଲା- ତାଙ୍କର ଅନୁରକ୍ତ କିଛି ସ୍ୱାଧୀନଚେତା ଛାତ୍ରଙ୍କ ସହ ସତ୍ୟବାଦୀ ବନ ବିଦ୍ୟାଳୟରେ । ସେ ଚାହୁଁଥିଲେ ଖୋରଧା ହାଇସ୍କୁଲକୁ ସତ୍ୟବାଦୀ ଢାଞ୍ଚାରେ ଢାଳିଦେବା ପାଇଁ ।

ପରଶୁରାମ ଖୋରଧା ହାଇସ୍କୁଲରେ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ରୂପେ ଅବସ୍ଥାନ ୧୯୧୪-୧୯୧୮ ପର୍ଯ୍ୟନ୍ତ । ସେତେବେଳକୁ ମହାତ୍ମା ଗାନ୍ଧୀଙ୍କର ଆବିର୍ଭାବ ଆହୁରି ଦୁଇବର୍ଷ ବାକିଥାଏ । ସେ ଗ୍ରାମରେ ପର୍ଯ୍ୟଟନ ଆରମ୍ଭ କରିଥିଲେ ଗ୍ରାମରେ ଜନଜାଗରଣ ପାଇଁ ଏକ ଅଭିନବ କାର୍ଯ୍ୟକ୍ରମ । ସେ ଛାତ୍ର ସମାଜ ସଙ୍ଗ ସାଙ୍ଗ ଛୁଟିରେ ଗ୍ରାମମାନଙ୍କରେ ଅବସ୍ଥାନ କରି ଶିକ୍ଷାର ପ୍ରସାର, ସାମାଜିକ ସଚେତନ ବୃଦ୍ଧି, ସମାଜ ସଂସ୍କାର ଆଉ ରୋଗ ନିରାକରଣରେ ପ୍ରଚେଷ୍ଟା କରିଥିଲେ ।

ସେହିଭଳି ଖୋରଧା ହାଇସ୍କୁଲ ପରିଚାଳନା ପରିଷଦକୁ ପ୍ରବର୍ତ୍ତାଇବା, ହାଇସ୍କୁଲକୁ ସେଟ୍ରୋଲ ପଥ ସନ୍ନିକଟ ସଂଘର୍ଷ ପରିବେଶରୁ ଉଠାଇ ଆଣି ବର୍ତ୍ତମାନର ସୁବିସ୍ତୃତ ପ୍ରାନ୍ତର ମଧ୍ୟରେ ସ୍ଥାପନ ପାଇଁ ପ୍ରଚେଷ୍ଟା ସହିତ ଛାତ୍ରାବାସ ନିର୍ମାଣର ସଂଯୋଜନା କରିଥିଲେ । ତାଙ୍କର ଆନ୍ତରିକ ଇଚ୍ଛା ଥିଲା ଏଠାରେ ଗ୍ରାମ ଉନ୍ନୟନମୂଳକ ଏକ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ପାଇଁ । ମାତ୍ର ସେ ସୁଯୋଗ ଆସି ତାଙ୍କ ପାଖରେ ପହଞ୍ଚି ପାରି ନ ଥିଲା । ଏହି ସମ୍ପର୍କରେ ପ୍ରଖ୍ୟାତ ସାହିତ୍ୟିକ ତଥା ଗବେଷକ ଡାକ୍ତର କୃଷ୍ଣଚରଣ ପଣ୍ଡା ରଚିତ ପରଶୁରାମଙ୍କର ଜୀବନ ଚରିତରେ ଏଭଳି ଉଲ୍ଲେଖ ରହିଛି ।

ପରଶୁରାମ ପ୍ରତି ଶନିବାର ସତ୍ୟବାଦୀ ଯାଇ ଗୋଦାବରୀଶ ଓ ଗୋପବନ୍ଧୁଙ୍କ ସହ କଥା ହୋଇ ଆସୁଥିଲେ । ଖୋରଧାରେ ଥିବାବେଳେ ପର୍ଶୁରାମ ଛାତ୍ରମାନଙ୍କ ସଙ୍ଗେ ସଦ୍ଭାବରେ ରହି ଆସୁଥିଲେ । ସେମାନଙ୍କୁ ପାଠ ପଢ଼ାଇବା ସଙ୍ଗେ ସଙ୍ଗେ ପାଠ ଶିଖାଇବା ପାଇଁ ନାନା ସ୍ଥାନ ଭ୍ରମଣ କରିବା ପାଇଁ ଉତ୍ସାହିତ କରୁଥିଲେ । ସେତେବେଳେ ଏହି ଉଦ୍ଦେଶ୍ୟରେ ପିଲାମାନଙ୍କୁ ନେଇ ଚିଲିକା, ହୀରାପୁର, ଗୟା, ସାକ୍ଷୀଗୋପାଳ ଓ ପୁରୀ ଆଦି ସ୍ଥାନକୁ ବୁଲାଇ ନେଇ ଯାଉଥିଲେ ।

ଥରେ ନିକଟବର୍ତ୍ତୀ ଗାଁରେ ହଇଜା ହେଲା । ପିଲାମାନଙ୍କୁ ନେଇ ରୋଗୀମାନଙ୍କର ଚିକିତ୍ସା ଓ ପଥ୍ୟର ବ୍ୟବସ୍ଥା କରିଥିଲେ । ସେ ନିଜେ ହୋମିଓପ୍ୟାଥିକ ଚିକିତ୍ସା ଜାଣିଥିଲେ ତେଣୁ ସ୍ଥାନୀୟ କର୍ତ୍ତୃପକ୍ଷ

ତାଙ୍କ ପ୍ରତି ଅସନ୍ତୁଷ୍ଟ ହୋଇଥିଲେ । ପର୍ଣ୍ଣବାବୁ ପ୍ରକୃତପକ୍ଷେ ଛାତ୍ରମାନଙ୍କ ମଧ୍ୟରେ ଜାତୀୟତାବାଦର ଚେତନା ସୃଷ୍ଟି କରି ସାମାଜିକ ଜନଜାଗରଣର ଯେଉଁ ଭୂମିକା ସୃଷ୍ଟି କରୁଥିଲେ, ତାହା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପ୍ରତି ଏକ ଆହ୍ୱାନ ରୂପେ ବିବେଚିତ ହୋଇଥିଲା । ତେଣୁ ସେ ଦୂରାଞ୍ଚଳ କର୍ମକ୍ଷେତ୍ରର ଅନୁକୂଳସ୍ଥାନରେ ଥିଲେ ।

ଏହି ସମୟରେ ଗଞ୍ଜାମରେ ଆସିକାକୁ ନେଇ ମିଶ୍ରଣ ତଥା ଓଡ଼ିଆ ସାଂସ୍କୃତିକ ଜାଗରଣର ଏକ ମୁଖ୍ୟ କେନ୍ଦ୍ର ରୂପେ ସଂଯୋଜିତ କରିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ତେଣୁ ଏହାକୁ ସଙ୍ଗଠିତ କରିବା ପାଇଁ ପଣ୍ଡିତ ଗୋପବନ୍ଧୁଙ୍କର ପରାମର୍ଶକ୍ରମେ ସେ ଯୋଗ ଦେଇଥିଲେ ନବଗଠିତ ଆସିକା ହାଇସ୍କୁଲରେ । ତାଙ୍କର ଅଧିନାୟକତ୍ୱରେ ଆସିକାରେ ସମାଜ ସଂସ୍କାର, ସ୍ୱଦେଶପ୍ରୀତି ସହିତ ସଂଗଠିତ ହୋଇଥିଲା ଦେଶମିଶ୍ରଣ ଆନ୍ଦୋଳନ । ସୀମା ନିର୍ଦ୍ଧାରଣ ନେଇ ରାଜ୍ୟ ପୁନର୍ଗଠନ ଅବସରରେ ଫିଲପ୍ ଡଫ୍ କମିଶନ ଓ ଓଡୋନେଲ କମିଟି ପରିଦର୍ଶନ ବେଳେ ପର୍ଣ୍ଣବାବୁ ବିଶାଳ ଜନସମାବେଶମାନ ଆୟୋଜନ କରୁଥିଲେ । ଏହାଙ୍କ ସହିତ ଦୃଢ଼ଭାବେ ସହଯୋଗ ମିଳୁଥିଲା ଶଶୀଭୂଷଣ ରଥ, ନିରଞ୍ଜନ ପଟ୍ଟନାୟକ ତଥା ପାରଳା ଓ ଖଲ୍ଲିକୋଟ ରାଜନ୍ୟବର୍ଗଙ୍କଠାରୁ ।

ତାଙ୍କ ପ୍ରଚେଷ୍ଟାରେ ୧୯୩୩ ବେଳକୁ ସମଗ୍ର ଗଞ୍ଜାମର ଦେବୀପୀଠମାନଙ୍କରୁ ପଶୁବଳି ପ୍ରଥା ଉଠି ଯାଇଥିଲା । ଯାହା ସାରା ଭାରତରେ ଏକ ଅଭିନବ ପ୍ରଚେଷ୍ଟା ରୂପେ ମୂଲ୍ୟାୟିତ ହୋଇଥିଲା ।

ଗାନ୍ଧୀବାଦର ପ୍ରବଳ ଆହ୍ୱାନ ତାଙ୍କର ଚେତନାକୁ ତୀବ୍ର ଭାବରେ ଦୋହଲାଇ ଦେଇଥିଲା । ତେଣୁ ଗାନ୍ଧିଜୀଙ୍କର ଗଞ୍ଜାମ ପରିଦର୍ଶନ ବେଳେ ସେ ଆତିଥେୟତା ପ୍ରଦାନ କରିବା ସହ ତାଙ୍କର ସେବା ଓ ସହଯୋଗ କରିଥିଲେ । ତାଙ୍କର ବୈଠକଗୃହ ମଣ୍ଡନ କରିଥିଲେ ଏକ ଗାନ୍ଧିଜୀଙ୍କର ପ୍ରାର୍ଥନାରତ ଫଟୋଚିତ୍ର, ଯାହାପାଇଁ ତାଙ୍କ ପ୍ରତି ବିରୂପ ପଦକ୍ଷେପ ଦାବି କରାଯାଇଥିଲା । ମାତ୍ର ସେ ଭ୍ରୂକ୍ଷେପ କରି ନ ଥିଲେ । କାରଣ ସେ ଆଧ୍ୟାତ୍ମବାଦର ପ୍ରତିଷ୍ଠା ଲାଗି ପ୍ରୟାସ କରି ଆସିଥିଲେ ।

ସେ ନିଜେ ଥିଲେ ଏକ ପ୍ରତିଷ୍ଠିତ ସମାଜ ସଂସ୍କାରକ । ତେଣୁ ବାଲ୍ୟବିବାହ ନିରୋଧ, ବିଧବା ବିବାହ ପ୍ରଚଳନ, ଅସ୍ପୃଶ୍ୟତା ନିବାରଣ ସାମାଜିକ କୁସଂସ୍କାର ଦୂରୀକରଣ ପାଇଁ ତାଙ୍କର ସଂଗ୍ରାମ ଜାରି ରହିଥିଲା । ତେଣୁ ତାଙ୍କର ସ୍ମୃତି ଖୋରଧା ହାଇସ୍କୁଲ ସହିତ ବହୁ ଶିକ୍ଷାୟତନରେ ଜୀବିତ ରହିଛି । ଏକ ବିଶାଳ ପରିକଳ୍ପନାର ବାସ୍ତବିକ ସ୍ୱୀକୃତି ପ୍ରଦାନ କରି ପ୍ରବାଦ ଶିକ୍ଷାବିତ୍ **ବାଞ୍ଛାନିଧି ପଟ୍ଟନାୟକଙ୍କ**ର ଖୋରଧା ହାଇସ୍କୁଲରେ ଅବସ୍ଥାନ ଥିଲା ପ୍ରାୟ ସୁଦୀର୍ଘ ୩୦ ବର୍ଷ । ୨୦.୨.୧୯୨୦ରୁ ୧୮.୩.୧୯୪୯ ପର୍ଯ୍ୟନ୍ତ ଯେଉଁଠି ତାଙ୍କର ସୁଖ୍ୟାତିଥିଲା ନିରବଚ୍ଛିନ୍ନ । ଏ ମଧ୍ୟରେ ସେ ମୟୂରଭଞ୍ଜ ମହାରାଜାଙ୍କର ହାଇସ୍କୁଲ ବାରିପଦାରେ ଏକବର୍ଷ ଅବସ୍ଥାପିତ ହୋଇ ପୁନରାୟ ଏ ମଧ୍ୟରେ ଫେରିଆସିଥିଲେ ନିଜର ସାଧନାର ଭୂମି ଖୋରଧାକୁ । ବାଞ୍ଛାନିଧି ବାବୁ ଥିଲେ ଦର୍ଶକମାନଙ୍କର ସହଯାତ୍ରୀ । ଦର୍ଶକମାନଙ୍କର ଅମାନର ସେବା ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତାହା ନିରବଚ୍ଛିନ୍ନ ଭାବେ ଚାଲୁ ରହିଥିଲା ଏବଂ ବାଞ୍ଛାନିଧି ବାବୁ ଖୋରଧାରେ ଯୋଗଦାନ କଲାବେଳେ ଏହି ବିଶାଳ ଅଟ୍ଟାଳିକାର ନିର୍ମାଣ କାର୍ଯ୍ୟ ପର୍ଯ୍ୟାୟ ଚାଲିଥିଲା । ଆଉ ସବର୍ଦ୍ଧା ପାଇଁ ମାସରେ ମଧ୍ୟ ପ୍ରଶୀଳ ହେଲା । ଏହାପରେ ବିଭିନ୍ନ ବର୍ଷରେ କିଛି କୋଠରୀ ବାଞ୍ଛାନିଧି ବାବୁଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ବାଞ୍ଛାନିଧି ବାବୁଙ୍କର ସର୍ବୋତ୍ତମ ବିକାଶ ଦୃଷ୍ଟି ହୋଇଥିଲା ଖୋରଧା ହାଇସ୍କୁଲ ପରିସରରେ ଶିକ୍ଷାବିତ୍ ଭାବେ । ବାଞ୍ଛାନିଧି ବାବୁଙ୍କ ଖ୍ୟାତି ସୁଦୂରପ୍ରସାରୀ ଥିଲା । ଏହି ମହନୀୟ ଅବଦାନର ସ୍ୱୀକୃତି ସ୍ୱରୂପ ସେ 'ରାଏସାହେବ' ଉପାଧିରେ ଭୂଷିତ ହୋଇଥିଲେ ଆଉ ବହୁକାଳ ଧରି ପାଟଣା ବିଶ୍ୱବିଦ୍ୟାଳୟର ସିନେଟର ସଭ୍ୟ ରହି ଆସିଥିଲେ । ତାଙ୍କର ପ୍ରଖର ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଖୋରଧା ହାଇସ୍କୁଲର ଇତିହାସକୁ ଦୀର୍ଘ ୩୦ ବର୍ଷ ଧରି ଆଲୋକ ଦେଇ ରଖିଥିଲା ଏକ ଉତ୍ତୁଙ୍ଗ ଆଭିଜାତ୍ୟରେ ସ୍କୁଲର ସୁନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ।

ମାତ୍ର ବାଞ୍ଛାନିଧି ବାବୁ ଯେଉଁ ଅବଦାନ ପାଇଁ ସ୍ମରଣୀୟ ହୋଇ ରହିବେ, ତାହା ହେଉଛି ତାଙ୍କ ଛାତ୍ରମାନେ ସାହିତ୍ୟ କୃତୀ, ଯାହା ମଧ୍ୟରେ ରହିଛି ଧ୍ରୁବତାରାପରି ଏକ ନିର୍ଦ୍ଦେଶକ ଉଜ୍ଜ୍ୱଳତାର । ତାଙ୍କର ସମଗ୍ର ସାହିତ୍ୟକୃତୀ ସାହିତ୍ୟ ଏକାଡେମୀ ଦ୍ୱାରା ସଂକଳିତ । ତାଙ୍କୁ ଘେରି ଗଢ଼ି ଉଠିଥିଲା ଏକ ସାହିତ୍ୟିକ ଶ୍ରେଣୀ । ଯାହା ମଧ୍ୟରେ ଥିଲେ ତାଙ୍କର ପ୍ରିୟ ଛାତ୍ର ମାୟାଧର ମାନସିଂହ ଓ ସଚ୍ଚି ରାଉତରାୟ ।

ମାୟାଧର ମାନସିଂହଙ୍କ ଆଦ୍ୟ ରଚନା ସଂକଳନ ଖୋରଧାର ପରିବେଶରୁ ହିଁ ସୃଷ୍ଟି । ଯହିଁରେ ବାଞ୍ଛାନିଧି ବାବୁଙ୍କର ଅଜସ୍ର ଅବଦାନ ତାହାଙ୍କର ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ବାଞ୍ଛାନିଧି ବାବୁ ଥିଲେ ଓଡ଼ିଆ ସାହିତ୍ୟର ତୃତୀୟ ପ୍ରତିଭା ଅଶ୍ୱିନ ମୋହନଙ୍କର ପିତା । ଆଉ ସେହି ଅଶାନ୍ତ ଓଡ଼ିଆକୁ ପୁତ୍ର ରୂପେ ବଢ଼ାଇବାକୁ ତାଙ୍କୁ ବହୁ ଅର୍ଥନୈତିକ ସମ୍ମୁଖୀନ ହେବାକୁ ପଡ଼ିଥିଲା । ହେଲେ ତାହା ହିଁ ହେଉଛି ପିତାର ଗୌରବ ।

ବହୁ ଗୌରବର ଅଧିକାରୀ ବାଞ୍ଛାନିଧି ବାବୁଙ୍କର ନିଷ୍ଠାପ୍ରୀତି ଛାତ୍ରବତ୍ସଳତା ତାହାଙ୍କୁ ଏକ ପ୍ରବାଦ ପୁରୁଷ ରୂପେ ପରିଚିତ କରିଛି ।

**ଦିବ୍ୟସିଂହ ପଟ୍ଟନାୟକଙ୍କ**ର ଅବସ୍ଥାନ ଖୋରଧା ହାଇସ୍କୁଲରେ ଥିଲା ଦୀର୍ଘ ୧୮ ବର୍ଷ (୧୯୪୧-୫୯) । ସେ ଥିଲେ ଶିକ୍ଷାକ୍ଷେତ୍ରରେ ଏକ ଉଦ୍ଭଟ ଜ୍ୟୋତିଷ୍କ, ଯାହାଙ୍କର ପ୍ରମାଦ ପ୍ରଚେଷ୍ଟା ଥିଲା ଓଡ଼ିଶାର ଶିକ୍ଷା ଆନ୍ଦୋଳନକୁ ସର୍ବଭାରତୀୟ ସ୍ତରରେ ବିଶିଷ୍ଟ ଭାବରେ ସମ୍ମାନିତ କରିବା ପାଇଁ । ତେଣୁ ସେ ଥିଲେ ଅଖିଳ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର ସଭାପତି, ଉପସଭାପତି ଓ ସମ୍ପାଦକ । ତାଙ୍କର ଯଶସ୍ୱୀ ଅଧିନାୟକତ୍ୱରେ କଟକର ବାରବାଟୀ ଷ୍ଟାଡ଼ିୟମରେ ୧୯୫୨ରେ ସର୍ବପ୍ରଥମେ ଅନୁଷ୍ଠିତ ହୋଇଥିଲା ସର୍ବଭାରତୀୟ ଐତିହାସିକ ମାଧ୍ୟମିକ ଶିକ୍ଷକ ସମ୍ମିଳନୀ । ତେଣୁ କେବଳ ଓଡ଼ିଶାର କ୍ଷୁଦ୍ର ପରିସର ଭିତରେ ନୁହେଁ, ତାଙ୍କର କାର୍ଯ୍ୟ ପରିଧି ପରିବ୍ୟାପ୍ତ ହୋଇଥିଲା ସର୍ବଭାରତୀୟ କ୍ଷେତ୍ରକୁ । ଭାରତ ସରକାରଙ୍କ ସଂଯୋଜିତ ସମସ୍ତ ଶିକ୍ଷା କମିଶନ ସମ୍ମୁଖରେ ସେ ଉପସ୍ଥାପନ କରିଥିଲେ ତିନି ତିନିଗୋଟି ସୁଚିନ୍ତିତ ପରାମର୍ଶ ଭିତ୍ତିକ ଆବେଦନ ପତ୍ର- ଗୋଟିଏ ସର୍ବଭାରତୀୟ ଶିକ୍ଷକ ସଂଘ, ଗୋଟିଏ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ଆଉ ଅନ୍ୟଟି ନିଜର ତରଫରୁ । ଦେଶର ପ୍ରତିଷ୍ଠିତ ଶିକ୍ଷାବିତ୍ ରୂପେ ତାଙ୍କର ଚିନ୍ତା ଚେତନାକୁ ଉଜ୍ଜୀବିତ କରିଛି ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ, ଯାହାର ଦୀର୍ଘ ୧୦ ବର୍ଷ ଧରି ସେ ସଭାପତି ପଦ ମଣ୍ଡନ କରିଥିଲେ । ଯାହା

ଓଡ଼ିଶା ଶିକ୍ଷାକ୍ଷେତ୍ରରେ ଏକ ପ୍ରବଳ ଶକ୍ତି ରୂପେ କାର୍ଯ୍ୟ କରୁଛି । ତାଙ୍କର ଏହି ମହନୀୟ ଅବଦାନର ସ୍ୱୀକୃତି ସ୍ୱରୂପ ଓଡ଼ିଶା ମାଧ୍ୟମିକ ସଂଘ ପ୍ରଦାନ କରୁଛନ୍ତି ପ୍ରତିବର୍ଷ ଶ୍ରେଷ୍ଠ ଶିକ୍ଷକଙ୍କ ସମ୍ମାନ ଦିବ୍ୟସିଂହ ସ୍ମୃତି ପୁରସ୍କାରରେ ନାମିତ କରି । ଦିବ୍ୟସିଂହଙ୍କର ଶିକ୍ଷକ ଆନ୍ଦୋଳନର ସାମଗ୍ରିକ କାର୍ଯ୍ୟକ୍ରମ ସଞ୍ଚାଳିତ ହେଉଥିଲା ଜୋବରା ହାଇସ୍କୁଲର ପରିସରରୁ, ଯାହାର ଶତବାର୍ଷିକ ଉତ୍ସବ ଏବେ ପାଳିତ ହେଉଅଛି ମହାସମାରୋହରେ ।

ଶିକ୍ଷା ତାଙ୍କର ପାଇଁ ଥିଲା ଏକ ଉପାସନା । ତାଙ୍କର ଜୀବନ ବ୍ୟାପୀ ନିରନ୍ତର ସାଧନା ଯାହାର ସାକ୍ଷିକ ରୂପେ ତାଙ୍କୁ ଯେତେବେଳେ ଓଡ଼ିଶାର ପ୍ରଥମ ରାଷ୍ଟ୍ରପତି ସମ୍ମାନରେ ବିରଳ ସମ୍ମାନରେ ୧୯୬୦ରେ ଭୂଷିତ କରାଯାଇଥିଲା, ସେତେବେଳେ ତାଙ୍କର ଜବାବ ଦରଖାସ୍ତ ଉଦ୍‌ଘୋଷିତ ହୋଇଥିଲା ଯାହା ସଂଧ୍ୟାର ମୁଦ୍ରିତ ପ୍ରତି ବିମ୍ବରେ ସମ୍ବର୍ଦ୍ଧନାର ମଞ୍ଚ ଉପରେ ଦିଆଯାଇଥିଲା ଏହିପରି ।

"ମୁଁ ସ୍କୁଲର ପ୍ରତିଟି ପିଲାକୁ ନିଜର ଭାବରେ ଜାଣେ । ସେ କେଉଁ ପରିବାରରୁ ଆସିଛି, ତାହା ସହିତ ପରିଚିତ ହୁଏ । ତାହାର ମନ, ଚିନ୍ତାଧାରାକୁ ଆବିଷ୍କାର କରି ତାହା ଭିତରେ ଲୁଚିଥିବା ପ୍ରତିଭାକୁ ବିକଶିବାକୁ ପ୍ରୟାସ କରେ । ଖୁସି ପଦୁଥିବା ବାଧାକୁ ଦୂର କରିବାକୁ ଚେଷ୍ଟା କରେ, ଆଉ ନାନା ପ୍ରକାର ବିକାଶ ପାଇଁ ସ୍କୁଲର ପରିବେଶକୁ ସଜାଡ଼ି ଦିଏ । ସେ ସବୁବେଳେ କହିଆସେ ମୋର ଚେତନାର ନେତୃତ୍ୱରେ ।'' ଏହି ଉକ୍ତିଟି ଜନସ୍ୱୀକୃତିପ୍ରାପ୍ତ ହୋଇ ଦେଶର ଶିକ୍ଷାବିତ୍‌ଙ୍କର ଶିକ୍ଷା ପ୍ରଶାସନରେ ମୁଦ୍ରିତ ହୋଇଥିଲା ।

ଦିବ୍ୟସିଂହ ଲାଳନିଧି ବାବୁଙ୍କର ଅବସର ଗ୍ରହଣ ପରେ ଦୁଇବର୍ଷ ପରେ ଜୋବରା ହାଇସ୍କୁଲରେ ଯୋଗ ଦେଇଥିଲେ ୧୯୫୧ରେ । ସେ ଆସି ପହଞ୍ଚିବା ପରେ ଲାଳନିଧି ବାବୁଙ୍କଠାରୁ ମିଳିଥିଲା ଅକୃତ୍ରିମ ସୌହାର୍ଦ୍ଦ୍ୟ । ଦିବ୍ୟସିଂହ ଲାଳନିଧି ବାବୁଙ୍କ ଜୀବନୀ ଓ ପତ୍ରାବଳୀର ଅବକାଶରେ ପ୍ରକାଶ କରିଥିଲେ ତାଙ୍କର ମହନୀୟ ଅବଦାନ ପାଇଁ ସମ୍ମାନ ଜଣାଇ । ଯେତେବେଳେ ଲାଳନିଧି ବାବୁଙ୍କ ମହାପ୍ରୟାଣ ଘଟେ, ସେ ପ୍ରଥମେ ପହଞ୍ଚିଥିଲେ ତାଙ୍କ ବାସଭବନରେ । ଯେଉଁଠାରେ ଶୋକୋଚ୍ଛ୍ୱାସର ପ୍ରଥମ ପ୍ରବାହର ଧକ୍କାକୁ ତାଙ୍କୁ ସମ୍ଭାଳିବାକୁ ହୋଇଥିଲା । ପରିବାରକୁ ସାନ୍ତ୍ୱନା ସମବେଦନା ଜଣାଇବା ଅବକାଶରେ ଲାଳନିଧି ବାବୁଙ୍କ ଅନ୍ତିମ ଯାତ୍ରା ପାଇଁ ସେ ସ୍କୁଲ ପରିସରରେ ମରଣୋତ୍ତର ପ୍ରତି ଶ୍ରଦ୍ଧାଞ୍ଜଳି ସଭା ଆଦି ଲାଗି ଆୟୋଜନ କରିଥିଲେ ଏକ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ।

ସ୍କୁଲରେ ଯୋଗଦାନ ପରେ ଛାତ୍ରସଂଖ୍ୟା ଆଶାତୀତ ଭାବେ ବୃଦ୍ଧିପାଇ ଚାଲିଥିଲେ । ଯାହାର ପାଇଁ ୧୯୬୨ରୁ ୧୯୬୬ ପର୍ଯ୍ୟନ୍ତ ନିର୍ମିତ କରାଯାଇଥିଲେ ବିଶାଳ ଭବନ ବହୁ । ସ୍କୁଲର ବହୁଗୁଣକୁ ପ୍ରସାରିତ ଦାବୁପରି ତିଆରି କରିଥିଲେ ସୁବିଶାଳ ଉଦ୍ୟାନ । ଏହି ସମସ୍ତ ସଂଯୋଜନାରେ ସ୍କୁଲର ସୌନ୍ଦର୍ଯ୍ୟ ଏତିକି ଅଭିବୃଦ୍ଧି ଘଟିଥିଲା ଯେ ସ୍କୁଲର ପ୍ରଖ୍ୟାତ ଯଶସ୍ୱୀ ପ୍ରାକ୍ତନ ଛାତ୍ର ମାୟାଧର ମାନସିଂହ ଅଭିଭୂତ ହୋଇ କହିଥିଲେ- ''ଚିଡ଼ି ନ ହେଲାଭଳି ସ୍କୁଲ ପରିସରରେ ଯେଉଁ ପ୍ରାସାଦ ନିର୍ମିତ ହୋଇଛି, ତାହା ମୂଳ ସୌନ୍ଦର୍ଯ୍ୟକୁ ବହୁଗୁଣରେ ବଢ଼ାଇ ଦେଇଛି ।'' କେବଳ ନିର୍ମାଣ ସମ୍ପ୍ରସାରଣରେ ନୁହେଁ, ଅଧ୍ୟାପନା ତଥା ଛାତ୍ରମାନଙ୍କର ନୈତିକ ତଥା ସାମ୍ପ୍ରତିକ ଜଗତ ପାଇଁ ସ୍କୁଲରେ ଯେଉଁ ସମୃଦ୍ଧ ପରମ୍ପରା ସୃଷ୍ଟି ହୋଇଥିଲା, ତାହାକୁ ୧୯୬୬ ସାଲରେ ଆନ୍ତର୍ଜାତିକ ଶିକ୍ଷା ପ୍ରତିଷ୍ଠାନର ପରିସରରେ ଶିକ୍ଷା ଶିବିର ଉଦ୍‌ଘାଟିତ କରୁଥିବା ଆମେରିକାର ପ୍ରଖ୍ୟାତ ଶିକ୍ଷାବିତ୍ ପରିଦର୍ଶନ କରି କହିଥିଲେ । ଆମେ ପରିଦର୍ଶନ କରିଥିବା ଶିକ୍ଷାୟତନ ମଧ୍ୟରେ ଆପଣଙ୍କର ରହିଛି ସର୍ବୋତ୍ତମ ସ୍କୁଲ ଯେଉଁଠି ବହୁବର୍ଷର ଆନ୍ତରିକ ପ୍ରଚେଷ୍ଟା ସମାହିତ ହୋଇଛି ।

ଶିକ୍ଷା ଓ ଅଧ୍ୟାପନା ଛାଡ଼ି ଦିବ୍ୟସିଂହଙ୍କର କାର୍ଯ୍ୟଧାରା ପ୍ରସାରିତ ହୋଇଥିଲା ବହୁ କ୍ଷେତ୍ରର ଦିଗନ୍ତକୁ । ଯେଉଁଠିକି ସେ ହସି କହୁଥିଲେ ନିଜକୁ ପ୍ରତିହାରେ । ସେ ଥିଲେ ଓଡ଼ିଶାର ଶ୍ରେଷ୍ଠ ସମ୍ମାନିତ ସହଯୋଗୀ । ଖୋର୍ଦ୍ଧା ଅଞ୍ଚଳରେ ଉତ୍କଳୀୟ ଶିଳ୍ପ ପ୍ରସାରଣର ମୁଖ୍ୟ ଉଦ୍ୟୋକ୍ତା । ଖୋର୍ଦ୍ଧା ଓ ଭାଉନଗରର କଲେଜ ପ୍ରତିଷ୍ଠାର ଜଣେ ଅନ୍ୟତମ ସଂସ୍ଥାପକ । ବହୁ ଶିକ୍ଷା ପ୍ରତିଷ୍ଠାନର ପ୍ରତିଷ୍ଠାତା । ଦେଶମିତ୍ରଣ ଆନ୍ଦୋଳନର ସଂଗ୍ରାମୀ । ସ୍ୱଦେଶୀ ଆନ୍ଦୋଳନର ପ୍ରବକ୍ତା । ଗୀତା ଉପରେ ବହୁ ପ୍ରବନ୍ଧର ରଚୟିତା । ସୁସାହିତ୍ୟିକ, ସମ୍ପାଦକ, ଅସ୍ପୃଶ୍ୟତା ଆନ୍ଦୋଳନର ଏକ କର୍ଣ୍ଣଧାର । ସର୍ବୋପରି ଗୀତା ଗବେଷଣା ପରିଷଦର ପ୍ରତିଷ୍ଠାତା ରୂପେ ଆଧ୍ୟାତ୍ମିକ ଚେତନା ଜାଗରଣରେ ଏକ ସୁପ୍ରତିଷ୍ଠିତ ସଂସ୍ଥାପକ ।

ମହାତ୍ମା ଗାନ୍ଧୀଙ୍କର ଦର୍ଶନରେ ଦୀକ୍ଷା ତାଙ୍କର ଜୀବନର ଆଭିଜାତ୍ୟର ସାମାନ୍ୟତମ ସ୍ପର୍ଶ ମଧ୍ୟ ଲାଗି ନ ଥିଲା । ସେ ସିଧା ହୋଇ ପଡ଼ିଥିଲେ ସାର୍ବଜନୀନ କ୍ଷେତ୍ରକୁ । ତେଣୁ ତାଙ୍କର ନିବିଡ଼ ସମ୍ପର୍କ ସ୍ଥାପିତ ହୋଇଥିଲା । ବିଡ଼ି ବନୁଥିବା ଶ୍ରମିକ, ଚିଲ୍ଲାବାଲାଙ୍କଠାରୁ ଆରମ୍ଭ କରି ରହୁରୁଣୀ, ଖାଉଟୀ, ଲୁହାର, ମହୁରିଆ ଆଦି କ୍ଷେତ୍ରରୁ ମୁକ୍ତି ଓ ସହିତ ତାଙ୍କ ଜୀବନର ଲକ୍ଷ୍ୟ ଥିଲା ଏ ସମସ୍ତ କ୍ଷେତ୍ରର ପରିସର ମଧ୍ୟ ମାନବ ଜୀବନର ମୂଳ ସମସ୍ୟାକୁ ବୁଝି ତାହା ଦର୍ଶନର ଅନ୍ତିମ ଆଧାର ଅଧ୍ୟାତ୍ମ୍ୟ ନିରାସକ୍ତ ଅବସ୍ଥାକୁ ପ୍ରାପ୍ତ ହେବା ।

ଏ ସମ୍ପର୍କରେ ଏକ ସ୍ମୃତିଚାରଣ ସାହିତ୍ୟାଚାର୍ଯ୍ୟ ଚକ୍ରଧର ପ୍ରଧାନଙ୍କ ଲେଖାରୁ ଉଦ୍ଧୃତ ।

ତାଙ୍କର ଅନନ୍ୟ ସାଧାରଣ ସହିଷ୍ଣୁତାର ଉଦାହରଣ ମହାସମୁଦ୍ର ପରି ଏତେ ଅତଳ ଗଭୀର ଓ ନିସ୍ତରଙ୍ଗ ଥିଲା ଯେ କେବେ କେବେ ତାହା ଲକ୍ଷ୍ୟ କରି ବିସ୍ମିତ ହେବାକୁ ପଡ଼ୁଥିଲା । ମୁଁ ତାହାକୁ ଲକ୍ଷ୍ୟ କରିଛି । x x x ତାଙ୍କରି ମୁଖମଣ୍ଡଳରେ ବିରକ୍ତି ନାହିଁ କି ବିଷାଦ ନାହିଁ । ଅପରାହ୍ଣରେ ଉଦାସୀନ ଭାବାପନ୍ନ ଛାୟାପାତ କରିବା ତାଙ୍କୁ ସ୍ପର୍ଶ କରିନାହିଁ । ସବୁଶୁଣି ଯେପରି ସେ ଶୁଣିନାହାନ୍ତି । ନିର୍ବିକାର, ନିଷ୍କାମ ଅବିଚଳ, ମହାନେତୃ, ମହାପୁରୁଷ ।

କେବଳ ଏହି ତ୍ରିମୂର୍ତ୍ତି ପଣ୍ଡିତମାନ, ଲାଳନିଧି ଓ ଦିବ୍ୟସିଂହ ନୁହନ୍ତି ଦୀର୍ଘ ଏକଶତାବ୍ଦୀ ଧରି ବହୁ ପ୍ରଖ୍ୟାତ ଶିକ୍ଷାବିତ୍ ଅବଶିଷ୍ଟ ଶିକ୍ଷାଗୁରୁଙ୍କ ଛାତ୍ରଗଣଙ୍କର ଉଚ୍ଚଶିକ୍ଷିତ ଅବଦାନ ହେତୁ ଗୌରବମୟ ଓ ସମୃଦ୍ଧ ହୋଇଛି ଜୋବରା ହାଇସ୍କୁଲ ଗତିଚିତ୍ରି । ମହନୀୟ ପରମ୍ପରାର ଅବାରିତ ଗତିରେ ବହି ଚାଲିଥିବା ଏକ ପ୍ରବହମାନ ସ୍ରୋତସ୍ୱିନୀ ପରି । ଏହି ସମସ୍ତ ମହାନ ବିଭୂତିମାନଙ୍କୁ ମୁଁ ବିନମ୍ର ପ୍ରଣିପାତ ଜଣାଉଛି ।

୧୨୫ ଶହୀଦନଗର,
ଭୁବନେଶ୍ୱର

# ଆଦର୍ଶ ଶିକ୍ଷକ ପରଶୁରାମ ବର୍ମା

ଶ୍ରୀ ଅମିତ ବିକ୍ରମ ଦେବ

ଶ୍ରୀ ପରଶୁରାମ ବର୍ମାଙ୍କ ଜନ୍ମ ୧୮୪୮ ମସିହା ମାଳୁଦରେ ପବିତ୍ର ଦଶହରା ଦିନ । ମାଳୁଦର ପୂର୍ବନାମ ଥିଲା ମାଳୁଦଗଡ, ପାରିକୁଦ-ମାଳୁଦ କ୍ୟାଟାଷ୍ଟକରେ ଦକ୍ଷିଣ ଦିଗକୁ ଚିଲିକା ଭିତରେ ଗୋଟିଏ ଦ୍ୱୀପ । ପୂର୍ବରେ ବଙ୍ଗୋପସାଗର ଓ ଚତୁଃପାର୍ଶ୍ୱରେ ଚିଲିକା- ବର୍ତ୍ତମାନ ଅବଶ୍ୟ ପାଲୁର ଦେଇ ଗୋଟିଏ ରାସ୍ତା ମାଳୁଦ ସହିତ ସଂଯୁକ୍ତ ହୋଇଯାଇଛି, ତିନି କିଲୋମିଟର ଗୋଟାଏ ପକ୍କା ରାସ୍ତା ଚିଲିକା ପାଣି ଦୁଇଭାଗ କରି ତିଆରି ହୋଇଯାଇଛି । ନଚେତ ଡଙ୍ଗା ଏକମାତ୍ର ସାହା- ଖଲ୍ଲିକୋଟକୁ ବାଲୁଗାଁକୁ ଓ ବର୍ଷେ ଦିନେ ପୁରୀକୁ ।

ତାଙ୍କର ପିତାଙ୍କ ନାମ ଥିଲା ନିରଞ୍ଜନ ପଟ୍ଟନାୟକ । ପିତା ପ୍ରାୟ କୁଳାଡରେ ରହୁଥିଲେ । କୁଳାଡର ରାଜା ସାମନ୍ତବଂଶର ପରିବାରରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ତାଙ୍କ ପିତା ଟେମ୍ପଲସନ୍ ସାହେବଙ୍କ ଅମଳରେ କନ୍ଧ ଓ ତେଲଙ୍ଗାନୀ ଭାଷାର (ଦୋଭାଷୀ) interpreter ଭାବରେ କାର୍ଯ୍ୟ କରୁଥିଲେ । ବିଶେଷତଃ କନ୍ଧମାନଙ୍କରେ ତା ଉଦୟଗିରି (ରାଇକଗଡ଼) ଠାରେ । ମିଷ୍ଟର ବିଲ୍ସ ବିଧାନ ଅନୁସରଣ ଥିଲା । ପିଲାବେଳେ ପରଶୁରାମ ବର୍ମା ପିତା ଓ ମାତା ଉଭୟଙ୍କୁ ହରାଇଥିଲେ । ତାଙ୍କର ଲାଳନ ପାଳନ ଭାର ତାଙ୍କ ବଡ଼ମାଙ୍କ ଉପରେ ପଡ଼ିଥିଲା । ପରଶୁରାମ ବର୍ମା ମାଳୁଦ ଅପର ପ୍ରାଇମେରୀ ସ୍କୁଲରୁ ପଞ୍ଚମ ଶ୍ରେଣୀରୁ ପାସ୍ କରି ପାରିକୁଦ ଗଡ଼ରେ ଥିବା ମାଇନର ସ୍କୁଲରେ ଷଷ୍ଠ ଓ ସପ୍ତମ ପଢ଼ି ପାସ୍ କଲେ । ଅବଶ୍ୟ ପ୍ରତିଦିନ ସେ ମାଳୁଦରୁ ପାରିକୁଦ ଗଡ଼କୁ ଦୀର୍ଘ ଛ'ମାଇଲ ବା ଦଶକିଲୋମିଟର ପଦବ୍ରଜରେ ପାର ହୋଇ ଯାଇ ପାଠପଢ଼ି ଫେରୁଥିଲେ । ଏମ ପରୀକ୍ଷା ଦେଇ ପୁରୀ ଆସିଥିଲେ ବୁଲିବାକୁ- ପୁରୀକୁ ଯିବା ପାଇଁ ଏକମାତ୍ର ରାସ୍ତା ଥିଲା ଚିଲିକା ଓ ସମୁଦ୍ରର ମଧ୍ୟବର୍ତ୍ତୀ ଜାଗା ଦେଇ ପୁରୁଣା ମହକମା ରାସ୍ତା- ୨୪ କୋଶ ବା ୪୮ ମାଇଲ ଅତିକ୍ରମ କରି । ଚତୁର୍ଦ୍ଦିଗରେ ଲୁଣିଆ ଜଳ ଭିତରେ ମିଠା ପାଣି ପାଇବା କଷ୍ଟ । ମରହଟ୍ଟାମାନେ ଅବଶ୍ୟ ବାଟରେ ବାଗ ଦେଖି କିଛି ମିଠା କୂଅ ଖୋଳାଇଥିଲେ, ପଥିକମାନଙ୍କ ତୃଷ୍ଣା ନିବାରଣ ପାଇଁ । ଏ ଦୀର୍ଘପଥ ଅତିକ୍ରମ କରିବାକୁ ସେତେବେଳେ ଲାଗୁଥିଲା ଦୁଇ ଏକ ଦିନ । ଏହି ରାସ୍ତା ଦେଇ ବ୍ରିଟିଶ ସୈନ୍ୟ- କର୍ଣ୍ଣେଲ ହାରକର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ- ଗଞ୍ଜାମରୁ ପୁରୀ ଯାଇ ପୁରୀ ଦଖଲ କରିଥିଲେ । ପରଶୁରାମ ବର୍ମା ଏମ ପରୀକ୍ଷା ଦେଇ ପୁରୀରେ ଅବସ୍ଥାନ କାଳରେ ଦିନେ ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ କରି ଉଠିବା ପରେ ଜଣେ ଭଗବା ଭାଗବତ ସାଧୁଙ୍କୁ ଦେଖି ପ୍ରଣାମ କଲେ । ସାଧୁ ଆଶୀର୍ବାଦ ଛଳରେ କହିଲେ, ''ତୁମେ ପାଞ୍ଚ ରୁପେୟା ଇନାମ ମିଳିବ'' । ସତକୁ ସତ ମାଇନର ପରୀକ୍ଷାରେ ପାସ ହୋଇ (ଛଟଙ୍କା) ପାଞ୍ଚଟଙ୍କା ବୃତ୍ତି ପାଇଲେ ଓ ପୁରୀ ଜିଲ୍ଲା ସ୍କୁଲରେ ପଢ଼ି ମାଟ୍ରିକ ପାସ୍ କଲେ । ଏକମାତ୍ର ହରମ ପାଞ୍ଚ ଟଙ୍କା ବୃତ୍ତି, ସେଥିରୁ କିଛି ସଞ୍ଚୟ କରି ପଠାଉଥିଲେ ତାଙ୍କ ବଡ଼ମାଙ୍କ ପାଖକୁ- ତାଙ୍କର ଚଳିବା ପାଇଁ । ମାଟ୍ରିକ ପଢ଼ିବା ବେଳେ ତାଙ୍କର ସହପାଠୀ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ନୀଳକଣ୍ଠ ଦାସ । ବସ୍ତୁତଃ ନୀଳକଣ୍ଠ ଓ ପରଶୁରାମ ବାବୁ ମଣି ବୋଲି ପରେ ଏକାଠି ରହି ପାଠ ପଢ଼ୁଥିଲେ ଓ ସେ ନୀଳକଣ୍ଠ ଦାସଙ୍କୁ ଡାକୁଥିଲେ କଣ୍ଠ ବୋଲି । ସୌଭାଗ୍ୟକ୍ରମେ ଉକ୍ତ ମଣି ବୋଲି ଘରକୁ ସେ କିଣିନେଇ ତାଙ୍କ ନିଜ ଘର ସାଙ୍ଗରେ ମିଶାଇ ଦେବାର ସୁଯୋଗ ଲାଭ କରିଥିଲେ । ମାଟ୍ରିକ ପରୀକ୍ଷାରେ ବୃତ୍ତି ପାଇ B.A. (Hons.) ରେ ପାସ୍ କଲେ ରେଭେନ୍ସା କଲେଜରୁ । ସେତେବେଳେ ଡଃ ପ୍ରାଣକୃଷ୍ଣ ପରିଜା ତାଙ୍କର ସହପାଠୀ ଥିଲେ । ପ୍ରକୃତରେ କହିବାକୁ ଗଲେ ସେ ମାଳୁଦ-ପାରିକୁଦ ଅଞ୍ଚଳର ପ୍ରଥମ ଗ୍ରାଜୁଏଟ୍ ।

ଶିକ୍ଷକ ଜୀବନ ଆରମ୍ଭ ହୋଇଥିଲା ପ୍ୟାରୀମୋହନ ଏକାଡେମୀରୁ । ପ୍ୟାରୀମୋହନ ଏକାଡେମୀରେ ଶିକ୍ଷକତା ଅବସ୍ଥାରେ ସେ ପାଟନାରୁ B.T. ପାସ୍ କରିଥିଲେ । ଇତ୍ୟବସରରେ ସେ ପୁରୀର ଗୋଟିଏ ସମ୍ଭ୍ରାନ୍ତ ପରିବାରରେ ବିବାହ କରିଥିଲେ । ପ୍ୟାରୀମୋହନ ଏକାଡେମୀରେ ୬ ମାସ କାଳ ଶିକ୍ଷକତା କଲାବେଳେ ବହୁ ସୁଖ୍ୟାତି ଅର୍ଜନ କରିଥିଲେ । ସେ ପରେ ୧୯୧୪ ମସିହାରେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରେ ସହ-ପ୍ରଧାନଶିକ୍ଷକ ଭାବରେ ଯୋଗଦାନ କରିଥିଲେ । ତିନିବର୍ଷ ପରେ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିସାବରେ କାର୍ଯ୍ୟ କଲେ । ସେହି ବିଦ୍ୟାଳୟର ଜଣେ ତରୁଣ ଦୀପ୍ତିମାନ ଉତ୍ସାହୀ ସୁଦକ୍ଷ ଓ ମେଧାବୀ ସମାଜସେବୀ ଆଦର୍ଶ ଶିକ୍ଷକ ଭାବରେ ୫ ବର୍ଷ କଟାଇଥିଲେ । କଲେରା ରୋଗୀଙ୍କୁ ସେବା କରିବାରେ ବହୁ କଷ୍ଟ ସ୍ୱୀକାର କରିଥିଲେ । ସାଙ୍ଗରେ ଆଉ କିଛି ଶିକ୍ଷକ ଓ ଉଚ୍ଚଶ୍ରେଣୀର- କିଛି ଆଦର୍ଶ ଛାତ୍ର ।

ଏହି ସମୟର ଏକ ଘଟଣା- ପରେ ଟଙ୍କ ବାବି ଜଣେ ଗୋରା ସାହେବ ଏସ୍.ଡି.ଓ. ହିସାବରେ କାର୍ଯ୍ୟ କରୁଥିଲେ । ସେ ପରଶୁରାମ

ବାବୁଙ୍କୁ ଡକାଇ ଧମକାଇ କହିଲେ- I heard You are do up some social work by treating cholera patients with the help of fellow Teachers & students. Do you think British Govt is not aware of this epidemic. Proper and adequate steps are being taken by Govt. to tackle the situation. If any epedemic breaks here, you will be personally hold responsible, I wait you. ତଥାପି ପରଶୁରାମ ବର୍ମା ଅନ୍ୟାନ୍ୟ ସାଙ୍ଗଠନିକ କାର୍ଯ୍ୟ କରିବାରେ ନ ଥିଲେ । ଖୋର୍ଦ୍ଧା ସ୍କୁଲରେ କାର୍ଯ୍ୟ କରୁଥିବା ସମୟରେ ସେ ସତ୍ୟବାଦୀ ବନବିଦ୍ୟାଳୟ ସହିତ ଘନିଷ୍ଠ ସମ୍ପର୍କ ରଖିଥିଲେ ଓ ଛାତ୍ରମାନଙ୍କୁ ସେ ବିଦ୍ୟାଳୟକୁ ନେଇ ଏହି ଆଦର୍ଶରେ ଅନୁପ୍ରାଣିତ କରୁଥିଲେ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସାଙ୍ଗରେ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା ଓ ତାଙ୍କର ନିର୍ଦ୍ଦେଶରେ ବହୁ ଜନହିତକର ଓ ଜନକଲ୍ୟାଣ କାର୍ଯ୍ୟ ହାତକୁ ନେଇଥିଲେ । 'ସମାଜ'ର ସମ୍ପାଦକ ଦାରେଣୀ ରାଧାନାଥ ରଥ ତାଙ୍କ ସ୍ମୃତିଚାରଣ ଅବସରରେ କହିଥିଲେ ଯେ ସେ ବହୁବାର ଖୋର୍ଦ୍ଧା ଆସି ପରଶୁରାମ ବର୍ମାଙ୍କ ଆତିଥ୍ୟ ଗ୍ରହଣ କରି ଗୋପବନ୍ଧୁ ଦାସଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ । ପରଶୁରାମ ବାବୁଙ୍କର ରାଧାନାଥ ରଥଙ୍କ ସାଙ୍ଗରେ ବହୁ ଘନିଷ୍ଠତା ଥିଲା । ବିଶେଷତଃ ଗୋପବନ୍ଧୁଙ୍କ ସମୟରେ ଉଲ୍ଲେଖ ଯୋଗ୍ୟ ।

ଖୋର୍ଦ୍ଧା ହାଇସ୍କୁଲରେ ଶିକ୍ଷକତା କରୁଥିବାବେଳେ ତାଙ୍କର ବିଶେଷ ଦୃଷ୍ଟି ଦୁଇଜଣ ଛାତ୍ରଙ୍କ ଉପରେ ପଡ଼ିଥିଲା । ଜଣେ ହେଲେ ବିଶ୍ୱନାଥ ଶତପଥୀ ଯେ କି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଦର୍ଶ ଶିକ୍ଷକ ଭାବରେ କାର୍ଯ୍ୟ କଲେ- ବାଣପୁର ହାଇସ୍କୁଲରେ । ଦ୍ୱିତୀୟ ଜଣକ ହେଉଛନ୍ତି ଦିବ୍ୟସିଂହ ପଟ୍ଟନାୟକ ।

ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ ଲେଖିଛନ୍ତି- "ମୋର କୈଶୋର ଅବସ୍ଥାରେ ଖୋର୍ଦ୍ଧା ହାଇସ୍କୁଲରେ ଛାତ୍ର ଭାବରେ ମୁଁ ତାଙ୍କର ଘନିଷ୍ଠ ସମ୍ପର୍କରେ ଆସି ପାରିଥିଲି । ସେତିକିବେଳେ ତାଙ୍କର ଆଶୀର୍ବାଦ ନେଇ କହି ମୋର ଚାରିତ୍ରିକ ଜୀବନ ଗଠନର ସମସ୍ତ ସୁବିଧା ଓ ସୁଯୋଗ ତାଙ୍କ ନିକଟରୁ ନିଜକୁ କୃତାର୍ଥ ମନେ କରିଛି । ତାଙ୍କର ଶୁଭଦୃଷ୍ଟି ମଧ୍ୟ ମୋ ଉପରେ ପଡ଼ିଥିଲା ଓ ମୁଁ ତାଙ୍କ ନିକଟ ସମ୍ପର୍କରେ ଆସି ତାଙ୍କଠାରୁ ଯେଉଁ ଆଶୀର୍ବାଦ ଓ ସଦୁପଦେଶ ଲାଭ କରିଛି, ତାହା ହେଉଛି ମୋ ଜୀବନର ପ୍ରଧାନ ସମ୍ବଳ ଓ ପାଥେୟ ।"

ଏହି ଅବସରରେ ଏକ ଉଲ୍ଲେଖଯୋଗ୍ୟ ଘଟଣା ହେଉଛି- ପ୍ରଥମ ଗୁରୁଦିବସ ୧୯୬୨ ମସିହା ସେପ୍ଟେମ୍ବର ୫ ତାରିଖ ପାଳନ ବେଳେ ସ୍ୱର୍ଗତ ପରଶୁରାମ ବର୍ମା ଖୋର୍ଦ୍ଧାରେ ଥିଲେ ଓ ଡ଼. ଦିବ୍ୟସିଂହ ପଟ୍ଟନାୟକ ତାଙ୍କୁ ତାଙ୍କର ପ୍ରଥମ ଗୁରୁ ହିସାବରେ ଖୋର୍ଦ୍ଧା ହାଇସ୍କୁଲରେ ପୁଷ୍ପମାଲ୍ୟ ପ୍ରଦାନ କରି ତାଙ୍କର ଗୁରୁ ହିସାବରେ ସମ୍ବର୍ଦ୍ଧନା ଦେଇଥିଲେ ।

କଟକରେ ପଢୁଥିବା ବେଳେ ସେ, ସେ ସମୟର ନେତୃବୃନ୍ଦ ଉତ୍କଳଗୌରବ ମଧୁସୂଦନ ଦାସ, ବ୍ରଜସୁନ୍ଦର ଦାସ, ବିଚିତ୍ରାନନ୍ଦ ଦାସ, ଲକ୍ଷ୍ମୀଧର, ଭିକାରୀ ଚରଣ ପଟ୍ଟନାୟକଙ୍କ ସାଙ୍ଗରେ କାର୍ଯ୍ୟ କରିବାର ସୁଯୋଗ ଲାଭ କରିଥିଲେ । ସେହି ଦିନରୁ ସେ ଉତ୍କଳ ସମ୍ମିଳନୀ, ଶିକ୍ଷିତାଶିକ୍ଷିତ ମିଶ୍ରଣ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟରେ ପ୍ରେରଣା ଦେଇ ଆସିଥିଲେ ଖୋର୍ଦ୍ଧାକୁ । ଉତ୍କଳ ସମ୍ମିଳନୀ ପ୍ରତିଷ୍ଠିତ ହେବାପରେ ଗଞ୍ଜାମରେ ଓଡ଼ିଆ ଜାତୀୟତାବାଦ ଜାଗରଣ ବିଶେଷ ଭାବରେ କାର୍ଯ୍ୟ କଲା ଓ ଆସିକାଠାରେ ଗୋଟାଏ ଉଚ୍ଚ ବିଦ୍ୟାଳୟ ପାଇଁ ଜଣେ ଓଡ଼ିଆ ଦେଶପ୍ରେମୀ ଉତ୍ସାହୀ ପ୍ରଧାନ ଶିକ୍ଷକ ଆବଶ୍ୟକ ପଡ଼ିବାରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପରାମର୍ଶକ୍ରମେ ଓ ଗଞ୍ଜାମର ବିଶିଷ୍ଟ ନେତୃବୃନ୍ଦଙ୍କ ଅନୁରୋଧ କ୍ରମେ ପରଶୁରାମ ବାବୁ ୧୯୧୮ ମସିହା ସେପ୍ଟେମ୍ବର ମାସରେ ଆସିକା ହାଇସ୍କୁଲରେ ପ୍ରଥମ ପ୍ରଧାନ ଶିକ୍ଷକ ଭାବରେ ଯୋଗଦାନ କଲେ ।

ଅବଶ୍ୟ ଖୋର୍ଦ୍ଧା ଛାଡ଼ିକରି ଯିବା ତାଙ୍କ ପାଇଁ ଏକ ଦୁଃଖଦାୟକ ଘଟଣା ଥିଲା । ତତ୍କାଳୀନ ଖୋର୍ଦ୍ଧା ହାଇସ୍କୁଲ ବର୍ତ୍ତମାନର ପ୍ରାଚୀନ ଦୁର୍ଗସ୍ଥାନ ନିକଟରେ ଥିଲା ଓ ନୂତନ ହାଇସ୍କୁଲ ପ୍ରତିଷ୍ଠାର ପରିକଳ୍ପନା ଆରମ୍ଭ ହୋଇ ଯାଇଥିଲା । ଆସିକାରେ ହେଡ଼ମାଷ୍ଟର ଥିବାବେଳେ ଓଡ଼ିଆ ପିଲାଙ୍କୁ ସ୍କୁଲକୁ ଆଣି ପଢ଼ାଇବା ତାଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ସେତେବେଳେ ତାଙ୍କ ବଳିଷ୍ଠ ନେତୃତ୍ୱରେ ଆସିକାର ଶ୍ୟାମସୁନ୍ଦର ଦେବଙ୍କ ଠାରେ ବଳିପ୍ରଥା ବନ୍ଦ କରାଇବାରେ ସକ୍ଷମ ହୋଇଥିଲେ ଓ ନବୀନ ଜାଗରଣ ମଧ୍ୟରେ ତାରା ତାରିଣୀ ପୀଠରେ ବି ବଳି ପ୍ରଥା ବନ୍ଦ କରାଇ ଦେଇଥିଲେ । ଏହି ସବୁ କର୍ମରେ ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ, ସାଧୁଚରଣ ପଟ୍ଟନାୟକ ଓ ଅନ୍ୟାନ୍ୟ ସହକର୍ମୀମାନେ ପ୍ରଭୂତ ସାହାଯ୍ୟ କରିଥିଲେ । ସ୍ଥାନୀୟ ଆନ୍ଦୋଳନକାରୀମାନେ ମଧ୍ୟ ସହଯୋଗ କରୁଥିଲେ । ଏହି ଅବସରରେ ତାଙ୍କୁ ଓଡ଼ିଆ ଜାତିର ଜାଗରଣ ଓ ଜାତୀୟତା ଭାବରେ ଉଦ୍‌ବୁଦ୍ଧ କରିବାର ସୁଯୋଗ ଆସିଥିଲା । ସୁତରାଂ ଓଡ଼ନେଲ କମିଟି ଓ ଫିଲିପ୍ ଡଫ୍ କମିଶନ ଆସିବା ବେଳେ ବହୁ କାର୍ଯ୍ୟ କରିଛନ୍ତି । ସେ ସମୟରେ ଆସିକା, ରସଲକୋଣ୍ଡା, ବ୍ରହ୍ମପୁର ଅଞ୍ଚଳ ବୁଲି- ଆମେ ଓଡ଼ିଆ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆମ ଜନ୍ମଗତ ଅଧିକାର ବୋଲି ପ୍ରଚାର କରି ହଜାର ହଜାର ଜନତାଙ୍କୁ କମିଶନ ଆଗରେ ଛିଡ଼ା କରାଇ ଦେଇଥିଲେ । ଏହିସବୁ କାମରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ପାରଳାଖେମୁଣ୍ଡି ମହାରାଜ ଓ ଶ୍ରୀ ରାମଚନ୍ଦ୍ର ଦେବଙ୍କ ଅକୁଣ୍ଠ ସମର୍ଥନ ଓ ଆର୍ଥିକ ସାହାଯ୍ୟ ଉକ୍ତ ଜାଗରଣ ପକ୍ଷରେ ଥିଲା । ବିଶେଷ ଜନସମାଗମ ଭିତରେ ଆସିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଓ ଫିଲିପ୍ ଡଫ୍ କମିଟିକୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ମୁଖ୍ୟ ଭୂମିକା ଓ ଉଦ୍ୟୋକ୍ତାମାନଙ୍କ ଭିତରେ ସେ ଅଗ୍ରଣୀ ଥିଲେ ।

ମହାତ୍ମା ଗାନ୍ଧୀଙ୍କର ଗଞ୍ଜାମ ଭ୍ରମଣବେଳେ ଆସିକା ଠାରେ ଯେଉଁ ଅଭିନନ୍ଦନ ଦିଆଯାଇଥିଲା ସେଥିରେ ସେ ନେତୃତ୍ୱ ନେଇଥିଲେ ।

ଆସିକାରେ ୧୦ ବର୍ଷ ରହିବା ପରେ ୧୯୨୮ ମସିହାରେ ରସଲକୋଣ୍ଡା (ଭଞ୍ଜନଗର) ହାଇସ୍କୁଲରେ ହେଡ଼ମାଷ୍ଟର ଭାବେ ଯୋଗ ଦେଇଥିଲେ । ସେ ଥିଲେ ତତ୍କାଳୀନ ଭଞ୍ଜନଗର ହାଇସ୍କୁଲର ଦ୍ୱିତୀୟ ପ୍ରଧାନ ଶିକ୍ଷକ । ଆସିକାର ଅପୂର୍ଣ୍ଣ କାର୍ଯ୍ୟ ଓ ଦେଶମିଶ୍ରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ବିଶେଷ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ

ସେ ବାଉଥିଲେ ପାଗଳାକ୍ଷେମୁଣ୍ଡି ମହାରାଜ ଓ ଶମ୍ଭୁଳେକ ମହାରାଜଙ୍କୁ ସାକ୍ଷାତ କରିଥିଲେ ଓ ସେମାନେ ବହୁବାର ରାଜନଗର ଆସୁଥିଲେ ଉକ୍ତ ଜାମାତ ସଫଳ ରୂପାୟନ ପାଇଁ । ଏହି ଅବସରରେ ସହଯୋଗ କରିଥିଲେ ।

ରାଜନଗରରେ ଥିଲାବେଳେ ଖ୍ରୀଷ୍ଟିୟାନ୍ ମିସନାରୀମାନଙ୍କ ସଂସ୍ପର୍ଶରେ ମିଶିବାର ସୁଯୋଗ ପାଇଥିଲେ ଓ ବାଇବେଲ୍ ଉପରେ ତାଙ୍କର ଅଗାଧ ଜ୍ଞାନ ପରିବେଷଣ କରୁଥିଲେ । ବହୁ ଖ୍ରୀଷ୍ଟିୟାନ୍ ସାହେବ ତାଙ୍କ ଘରେ ଆତିଥ୍ୟ ଗ୍ରହଣ କରିଥିଲେ । ଏହି ଅବସରରେ ଠକ୍କର ବାବା ଗାଁକୁ ମ ଭ୍ରମଣରେ ଆସି ପରଶୁରାମ ବର୍ମାଙ୍କ ଘରେ ଅବସ୍ଥାନ କରିଥିଲେ । ସେ ସେହି ସମୟରେ କଂଗ୍ରେସ ଆନ୍ଦୋଳନ ସହିତ ଜଡ଼ିତ ହୋଇ ଯାଇଥିଲେ ଓ ଅବସର ଗ୍ରହଣ ପର୍ଯ୍ୟନ୍ତ ଖଦଡ଼ ବସ୍ତ୍ର ପରିଧାନ କରୁଥିଲେ । ୧୦ ବର୍ଷ ରାଜନଗରଠାରେ ରହିବା ପରେ ଅଳ୍ପିବୋଟରେ ତିନିବର୍ଷ ଓ ଛତ୍ରପୁରରେ ଦୁଇବର୍ଷରେ ରହିବା ପରେ ସହାନନ୍ଦନକ ଭାବରେ ମାତ୍ର କୁଇଦିନ ପାଇଁ ଆସିକା ରେ ପ୍ରଧାନ ଶିକ୍ଷକ ଭାବରେ ରହି ଅବସର ଗ୍ରହଣ କରିଥିଲେ । ଏହି ସମୟରେ ସେ ଅତିଥି ସତ୍କାର ଓ ଯୋଗୀ ହେବା ତାଙ୍କର ପ୍ରିୟ କାର୍ଯ୍ୟ ଥିଲା । ଅବସର ପରେ ପ୍ରଥମ ବିଜୟ ବୀରନରସିଂହପୁର ଠାରେ ଭାର୍ଗବୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବରେ ପ୍ରାୟ ଏକବର୍ଷ ଓ ପରେ ଚିଲିକା ନିକଟରେ ଥିବା ବ୍ରହ୍ମଗିରିର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ ।

ଶ୍ରୀ ଦିବ୍ୟସିଂହ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ଦଣ୍ଡମାଳହାଟିଆ ଉଚ୍ଚ ବିଦ୍ୟାଳୟରେ ଅବୈତନିକ ପ୍ରଧାନ ଶିକ୍ଷକ ଭାବରେ ପ୍ରାୟ ୧ ବର୍ଷ କାର୍ଯ୍ୟ କରିଥିଲେ ୧୯୬୩ରୁ ୧୯୬୪ ପର୍ଯ୍ୟନ୍ତ ।

ସେ ପ୍ରାରମ୍ଭରୁ ଗୀତା, ବେଦ ଓ ଉପନିଷଦ ପାଠ କରି ପ୍ରଭୂତ ଜ୍ଞାନ ଲାଭ କରିଥିଲେ । ଅବସର ଜୀବନରେ ବିଶେଷତଃ ଧର୍ମ ଆଲୋଚନାରେ ସମସ୍ତ ନିୟୋଜିତ କରିଥିଲେ । ଆଗରୁ ଧର୍ମ ଶାସ୍ତ୍ରରେ ବିଶେଷ ପାରଦର୍ଶିତା ଲାଭ କରି- ବୈଷ୍ଣବ ଧର୍ମ, ରାମକୃଷ୍ଣ ମିସନ୍‌ରେ ଯୋଗଦାନ ଓ ବିବେକାନନ୍ଦ ସାହିତ୍ୟ ଅଧ୍ୟୟନ କରୁଥିଲେ । ନିଗମାନନ୍ଦଙ୍କ ସମ୍ପର୍କରେ ସେ ବହୁବାର ଦୀର୍ଘ ଆଲୋଚନା କରିଥିଲେ, ଯାହା ତାଙ୍କ ବାଣୀ ପୁସ୍ତକରେ ସ୍ଥାନ ପାଇଅଛି । ଅବସର ପରେ ରାମକୃଷ୍ଣ ମିସନ୍ ଧର୍ମଚକ୍ରୀମାନଙ୍କ ସାଙ୍ଗରେ ଗଭୀର ସହଯୋଗ ରକ୍ଷା କରିଥିଲେ । ଗୀତାରେ ବହୁ ଆଗରୁ ପାରଦର୍ଶିତା ଲାଭ କରିଥିଲେ, ଖୋର୍ଦ୍ଧାରେ ଗୀତା ଭବନ ସ୍ଥାପନ ପରେ ସେହି କାର୍ଯ୍ୟରେ ବିଶେଷ ସହଯୋଗ କରିଥିଲେ ଓ ଶେଷ ଜୀବନ ପର୍ଯ୍ୟନ୍ତ ସତ୍ସଙ୍ଗ ସମିତିରେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟରେ ସହଯୋଗ କରୁଥିଲେ ।

ଶେଷବର୍ଷଟି ୧୯୬୨ ଠାରୁ ୧୯୭୨ ପର୍ଯ୍ୟନ୍ତ ଶ୍ରୀ ଅରବିନ୍ଦ ସାହିତ୍ୟ ଓ ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉକ୍ତ ପଥରେ ଧାବିତ ହୋଇଥିଲେ । ବହୁବାର ପଣ୍ଡିଚେରୀ ଯାଇଅଛନ୍ତି ଓ ଶ୍ରୀମାଙ୍କୁ ଦର୍ଶନ କରି ଆଶୀର୍ବାଦ ପାଇଅଛନ୍ତି ଓ ସ୍ଥାନୀୟ ପାଠଚକ୍ରମାନଙ୍କ ପ୍ରତିଷ୍ଠାରେ ମୁଖ୍ୟ ଅଂଶଗ୍ରହଣ କରିଥିଲେ । ତାଙ୍କ ପ୍ରେରଣାରେ ତାଙ୍କ ନାତୁଣୀ କର୍ମ ପଣ୍ଡିଚେରୀରେ ପଢ଼ି ଡିଗ୍ରୀପାଇ ଫେରି ଆସିଥିଲା । ସୌଭାଗ୍ୟ କ୍ରମେ ଦଳି ବିଶେଷ କରି ପାରିବାରିକ ଜୀବନ ଯାପନ କରି ଶ୍ରୀମାଙ୍କ କାର୍ଯ୍ୟରତ ରହିଆସିଛି ।

ଏହି ଅବସରରେ ଶ୍ରୀମତୀ ବିଦ୍ୟୁତ୍ ପ୍ରଭା ବର୍ମାଙ୍କ ଲେଖାରୁ କିୟଦଂଶ ଉଦ୍ଧାର କରୁଛି-

"ସ୍ୱର୍ଗତ ପରଶୁରାମ ବର୍ମା ମାଉସାଙ୍କ (ସ୍ୱର୍ଗୀୟା ଗାଧାମଣି ଦେବୀ) ଭିଣୋଇ, ମଝିରେ ମଝିରେ ମାଉସୀଙ୍କ ଘରକୁ ଆସନ୍ତି । ସେ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ପରମ ଭକ୍ତ ଥିଲେ । ତାଙ୍କ ଘରେ ପାଠଚକ୍ର ହେଉଥିଲା । ଆମେ ବହୁତ ଝିଅ ଲୋକ ପାଠଚକ୍ରକୁ ଆସୁଥିଲୁ । ସେଠାରେ ଯୋଗ ଓ ସାଧନା ଉପରେ ଆଲୋଚନା ହେଉଥିଲା । ସେ ଏତେ ସୁନ୍ଦର ଭାବରେ ବୁଝାଉ ଥିଲେ ଯେ, ମନକୁ ବହୁ ସ୍ମୃତି ଦ୍ରବୀଭୂତ ହୋଇ ଯାଉଥିଲା । ସମାଜସେବା ଓ ଧର୍ମଚର୍ଚ୍ଚା ବ୍ୟତୀତ ଅନ୍ୟ ବାଜେ ବିଷୟ ଆଲୋଚନା କରିବାକୁ ଭଲ ପାଉ ନ ଥିଲେ । ସେ ମଧ୍ୟ ଜଣେ ଉଚ୍ଚକୋଟୀର ଜ୍ଞାନୀ ଓ ସାଧକ ଥିଲେ । ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ସାଧନା ଯୋଗ ଉପରେ ତାଙ୍କର ବହୁତ ଜ୍ଞାନ ଥିଲା ଓ ସେ ମଧ୍ୟ ପାଠଚକ୍ରରେ ମୁଖ୍ୟ ଅଂଶ ଗ୍ରହଣ କରୁଥିଲେ । ତାଙ୍କଠାରୁ ପିତୃ ସ୍ନେହ ପାଉଥିଲି । ମୁଁ ପ୍ରତିଦିନ ମାଉସୀଙ୍କ ଘରକୁ ଯାଏ ତାଙ୍କଠାରୁ ଉପଦେଶ ଗ୍ରହଣ କରିବାକୁ ।

ସେ ଶ୍ରୀମାଙ୍କ ପ୍ରବର ବାଣୀ- ସଙ୍କଟ ତାରେଣୀ ମନ୍ତ୍ର ଭାବରେ ପରିଚିତ- "ପରମେଶ ପ୍ରଭୁ ସତ୍ୟ ନିତ୍ୟ ତ୍ୱମେକ କେବଳମ୍ ଅନୁକମ୍ପା ମହେଶତ୍ୱଂ ଅନୁଚାଚାମି କେବଳମ୍" ସବୁବେଳେ ବୋଲୁଥିଲେ ଓ ଏହି ମନ୍ତ୍ରର ବହୁଳ ପ୍ରସାର ପାଇଁ ପ୍ରାୟ ୨୦୦ ଖଣ୍ଡ କାର୍ଡ଼ ଛପାଇ ବିଭିନ୍ନ ପାଠଚକ୍ରକୁ ପଠାଇଥିଲେ ଓ ବିତରଣ କରିଥିଲେ । ଶେଷ ଜୀବନରେ ଶ୍ରୀ ଅରବିନ୍ଦଙ୍କ ଯୋଗ ଉପରେ ଗୋଟାଏ ଛୋଟ ପ୍ରବନ୍ଧ Mid Night Gleamings ନାମରେ ଛପାଇ ରଖିଥିଲେ- ଯାହାର ନାମ Thy Kingdom of Heaven will descend upon Earth.

ଶେଷରେ ଶ୍ରୀ ଦିବ୍ୟସିଂହ ପଟ୍ଟନାୟକଙ୍କ ଲେଖାରୁ କିୟଦଂଶ ଉଦ୍ଧାର କରୁଛି । ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା । ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ସେ କାର୍ଯ୍ୟକ୍ଷମ ଥିଲେ ଓ ସହାସ୍ୟ ବଦନରେ ପୂର୍ଣ୍ଣ ସଚେତନ ଅବସ୍ଥାରେ ପ୍ରାଣ ତ୍ୟାଗ କରିଥିଲେ ।

ଗୀତା ଶାସ୍ତ୍ରରେ ନିମ୍ନଲିଖିତ ଦୁଇଗୋଟି ଶ୍ଳୋକର ମର୍ମ ତାଙ୍କ ମହାପ୍ରୟାଣ ମୁହୂର୍ତ୍ତରେ ଆଲୋକିତ ହୋଇଥିଲା ।

ଅନନ୍ୟ ଚେତାଃ ସତତଂ
ଯୋମାଂ ସ୍ମରତି ନିତ୍ୟଶଃ
ତସ୍ୟାହଂ ସୁଲଭଃ ପାର୍ଥ
ନିତ୍ୟ ଯୁକ୍ତସ୍ୟ ଯୋଗୀନଃ
ଅନ୍ତକାଳେ ଚ ମାମେବ ସ୍ମରନ୍ମୁକ୍ତ୍ୱା କଳେବରମ୍
ଯଃ ପ୍ରୟାତି ସ ମଦ୍ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ ।

ବସ୍ତୁତଃ ସେ ଏକାଧାରରେ ଥିଲେ ଜଣେ ଆଦର୍ଶବାଦୀ ପ୍ରକୃତ ଦେଶ ସେବକ, ପ୍ରଧାନ ଶିକ୍ଷକ, ଶିକ୍ଷାବିତ୍, ଦର୍ଶନଶାସ୍ତ୍ରବିତ୍ ଓ ସମାଜ ସଂସ୍କାରକ ।

(ଏହି ଲେଖାର ବହୁଅଂଶ ଶ୍ରୀ ଦିବ୍ୟସିଂହ ପଟ୍ଟନାୟକଙ୍କ ମୂଳ ଲେଖାରୁ ସଂଗୃହୀତ)



# ଗୁରୁ ବାଙ୍କନିଧି

ଶ୍ରୀ ବାସୁଦେବ ଦୋରା

ଖୋର୍ଦ୍ଧା ହାଇସ୍କୁଲ (ବର୍ତ୍ତମାନର ବର୍ଦ୍ଧିଲ୍ଲପତଙ୍କ ବିଦ୍ୟାଧର ହାଇସ୍କୁଲ) ଏ ରାଜ୍ୟର ଅନ୍ୟତମ ପୁରାତନ ଓ ପ୍ରତିଷ୍ଠିତ ଉଚ୍ଚ ବିଦ୍ୟାଳୟ ୧୮୯୬ରୁ ୧୯୯୬ ଦୀର୍ଘ ଏକଶତ ବର୍ଷ ମଧ୍ୟରେ ଅନେକ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶିକ୍ଷକ ବା ଛାତ୍ର ଭାବେ ଏହି ବିଦ୍ୟାଳୟ ସହ ସଂପୃକ୍ତ ରହି ଆସିଛନ୍ତି । ତେଣୁ ଏହି ବିଦ୍ୟାଳୟର ଏକଶହ ବର୍ଷର ଇତିହାସକୁ ଓଡ଼ିଶା ଇତିହାସର ଏକ ଅପରିହାର୍ଯ୍ୟ ଅଂଶ କୁହାଯିବା ନିଶ୍ଚିତ ଭାବରେ ବିଧେୟ ।

ଖୋର୍ଦ୍ଧା ହାଇସ୍କୁଲର ଏହି ଶତାବ୍ଦୀ ବ୍ୟାପୀ ଜୀବନକାଳ ମଧ୍ୟରେ ସବୁଠାରୁ ଅଧିକ କାଳଧାର୍ଯ୍ୟ ଏହାର କର୍ଣ୍ଣଧାର ଥିଲେ ମୋର ପୂଜ୍ୟ ଶିକ୍ଷକ ସ୍ୱର୍ଗତ ବାଙ୍କନିଧି ପଟ୍ଟନାୟକ । (୧୯୭୬ର ମହିମା ବାଣୀର) ୧୯୨୮ ରୁ ୧୯୪୯ ପର୍ଯ୍ୟନ୍ତ ବାଙ୍କନିଧି ବାବୁଙ୍କ ପ୍ରଧାନ ଶିକ୍ଷକତ୍ୱ କାଳକୁ ଖୋର୍ଦ୍ଧା ହାଇସ୍କୁଲର ସ୍ୱର୍ଣ୍ଣଯୁଗ କହିବା ଆଦୌ ଅତ୍ୟୁକ୍ତି ହେବ ନାହିଁ । ଜଣେ ଦକ୍ଷ, ଶୃଙ୍ଖଳାବଦ୍ଧ ପ୍ରଶାସକ, ଛାତ୍ର ବତ୍ସଳ ଆଦର୍ଶ ଶିକ୍ଷକ ତଥା ନିଷ୍ଠାପର ଓ ଦୂରଦୃଷ୍ଟିସଂପନ୍ନ ସଂଯୋଜକ ଭାବେ ତାଙ୍କର ତୁଳନା ସେ ନିଜେ । ତାଙ୍କର ପ୍ରଖର ମେଧାଦୀପ୍ତ ବ୍ୟକ୍ତିତ୍ୱ ଅନ୍ତର୍ଭେଦୀ ଦୃଷ୍ଟି ଓ ବିବେକବନ୍ତ ବିଚାର ଶକ୍ତି ତାଙ୍କର ସହକର୍ମୀ ଶିକ୍ଷକମାନଙ୍କ ଦୃଷ୍ଟିରେ ତାହାଙ୍କୁ ସମ୍ମାନଭାଜନ ଓ ଛାତ୍ରମାନଙ୍କ ଦୃଷ୍ଟିରେ ଭକ୍ତିଭାଜନ କରିପାରିଥିଲା ।

ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁପ୍ତ ନିହିତ ପ୍ରତିଭାର ବିକାଶ ନିମନ୍ତେ ଏକ ପରିଚ୍ଛନ୍ନ ଅନୁକୂଳ ପରିବେଶ ସୃଷ୍ଟି ଓ ସୁସ୍ଥ ପ୍ରତିଯୋଗିତାମୂଳକ ମନୋଭାବ ଗଠନ ମାଧ୍ୟମରେ ସୁପ୍ତ ପ୍ରତିଭାର ଉନ୍ମେଷ ଦିଗରେ ତାଙ୍କର ଅବଦାନ ଅତୁଳନୀୟ । ନିୟମିତ ପ୍ରବନ୍ଧ ଲିଖନ, ବକ୍ତୃତା, ତର୍କସଭାର ଆୟୋଜନ କରିବା ଫଳରେ ଛାତ୍ରଛାତ୍ରୀମାନଙ୍କର ମୌଳିକ ଚିନ୍ତାଶକ୍ତି ଓ କଥନଶୈଳୀର ବିକାଶ ପାଇଁ ସେ ସଦା ଯତ୍ନବାନ ଥିଲେ । ତାଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନ ଫଳରେ ଶ୍ରେଣୀଗୃହରେ ତଥା କ୍ରୀଡ଼ା ପ୍ରାଙ୍ଗଣରେ ଯେଉଁ ଅପୂର୍ବ ଶୃଙ୍ଖଳା ଓ ମନୋଯୋଗିତା ଦେଖିବାକୁ ମିଳୁଥିଲା ତାହା ଆଜି ବିରଳ । ଇଂରାଜୀ ଶିକ୍ଷାଦାନରେ ତାଙ୍କର ଅପୂର୍ବ ଦକ୍ଷତା ଥିଲା । ତାଙ୍କ ଉଚ୍ଚାରଣ ଶୈଳୀ, ବ୍ୟାକରଣ ଶୁଦ୍ଧି ଓ ଶିକ୍ଷାଦାନରେ ଆନ୍ତରିକତା ମନେପଡ଼ିଲେ ଏଭଳି ଜଣେ ଶିକ୍ଷକଙ୍କ ଛାତ୍ର ହୋଇଥିବାରୁ ମନରେ ଏବେ ବି ଗର୍ବିତ ହୁଏ ।

ବିଦ୍ୟାଳୟ ପରିସରକୁ ସୁଶିକ୍ଷାର ଅନୁକୂଳ କରି ତୋଳିବା ପାଇଁ ଅଖଣ୍ଡ ଭାରତର ପ୍ରାକୃତିକ ମାନଚିତ୍ର ସିମେଣ୍ଟରେ ଛାତ୍ରମାନେ ଅଙ୍କନ କରାଯାଇଥିଲା- ପୂଜ୍ୟ ଶିକ୍ଷକ ଆଶୁତୋଷ ଦାସ୍ତି ଓ ବାଳମୁକୁନ୍ଦ ସାମନ୍ତରାୟଙ୍କ ଦ୍ୱାରା ବାଙ୍କନିଧି ବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ । ଏହି ମାନଚିତ୍ର ଛାତ୍ରଛାତ୍ରୀଙ୍କୁ କେବଳ ଭାରତ ବର୍ଷର ଭୌଗୋଳିକ ସଉନ୍ଦର୍ଯ୍ୟ ନୁହେଁ ଗୌରବମୟ ଐତିହ୍ୟ ଓ ପରଂପରା ସ୍ମରଣ କରାଇ ଦେଉଥିଲା ।

ତାଙ୍କରି ଉଦ୍ୟମରେ ଖୋର୍ଦ୍ଧା ହାଇସ୍କୁଲ ପାଇଁ ଏକ ବିରାଟ ଛାତ୍ରାବାସ ନିର୍ମାଣ କରାଯାଇଥିଲା । ଏଭଳି ଏକ ବିରାଟଛାତ୍ରାବାସ ସେତେବେଳେ ଏକ ଉଚ୍ଚ ବିଦ୍ୟାଳୟ ପାଇଁ ସ୍ୱପ୍ନ ପ୍ରାୟ ଥିଲା । କେବଳ ଛାତ୍ରାବାସ ନିର୍ମାଣରେ ତାଙ୍କର ଦାୟିତ୍ୱ ଶେଷହୋଇନଥିଲା । ପ୍ରତ୍ୟହ ଅପରାହ୍ଣରେ ନିଜେ ଆସି ସମଗ୍ରଛାତ୍ରାବାସ ବୁଲି ଏହାର ଅନ୍ତେବାସୀମାନଙ୍କର ସୁବିଧା ଅସୁବିଧା ଦୂର କରିବାକୁ ଯତ୍ନପରୋନାସ୍ତି ଉଦ୍ୟମ କରୁଥିଲେ ।

ତାଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ହାଇସ୍କୁଲର ମୁଖପତ୍ର ''ଅବକାଶ'' ଆତ୍ମ ପ୍ରକାଶ କରୁଥିଲା । ବହୁଚିନ୍ତାଶୀଳ ଶିକ୍ଷକଙ୍କ ସୁଲିଖିତ ପ୍ରବନ୍ଧ ଓ ଛାତ୍ରଛାତ୍ରୀଙ୍କ ସାହିତ୍ୟ କୃତିର ପ୍ରଥମଉଦ୍ୟମ ସ୍ୱରୂପ ଗଳ୍ପ କବିତାରେ ସମୃଦ୍ଧ ହୋଇଥିଲା । ତାଙ୍କ ପ୍ରେରଣାରେ ପ୍ରାୟ ପ୍ରତି ଶ୍ରେଣୀ ନିଜର ହାତଲେଖା ମୁଖପତ୍ର ପ୍ରକାଶ କରୁଥିଲେ ।

ନିଜେ ବାଙ୍କନିଧିବାବୁ ଜଣେ ଉତ୍ତମ ଟେନିସ୍ ଖେଳାଳି ଥିଲେ ଓ ବିଦ୍ୟାଳୟ ପରିସର ମଧ୍ୟରେ ଏକ ଟେନିସ୍‌କୋର୍ଟ ନିର୍ମାଣ କରାଇଥିଲେ । ଟେନିସ୍ ବ୍ୟତୀତ ଫୁଟବଲ, ହକି, ଭଲିବଲ ଖେଳରେ ମଧ୍ୟ ତାଙ୍କର ରୁଚିଥିଲା ଓ ଛାତ୍ରମାନଙ୍କୁ ସେ ଏହି ଖେଳଦିଗରେ ପ୍ରବୃତ୍ତ ଉତ୍ସାହିତ କରୁଥିଲେ । ବାର୍ଷିକ କ୍ରୀଡ଼ାନୁଷ୍ଠାନ ବ୍ୟତୀତ ରାଜ୍ୟର ବିଭିନ୍ନ ଅଗ୍ରଣୀ ପ୍ରତିଯୋଗିତା ମାନଙ୍କରେ ଅଂଶ ଗ୍ରହଣ କରିବାପାଇଁ

ବିଦ୍ୟାଳୟର ଛାତ୍ରମାନଙ୍କୁ ନିୟମିତ ଭାବେ ଉତ୍ସାହ ଓ ସୁଯୋଗ ପ୍ରଦାନ କରୁଥିଲେ । ଏହି କ୍ରୀଡ଼ାମୋଦୀ ପ୍ରଧାନ ଶିକ୍ଷକ ମହୋଦୟ ବିଦ୍ୟାଳୟର ବିଭିନ୍ନ ଅନୁଷ୍ଠାନକୁ ମଧୁର ସ୍ୱରରେ ଝଙ୍କୃତ କରିବାପାଇଁ ତଥା ଆଗ୍ରହୀ ଛାତ୍ରଛାତ୍ରୀଙ୍କ ମନରେ ସଂଗୀତ ପ୍ରୀତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ବ୍ୟାଣ୍ଡପାର୍ଟି ଗଠନ କରାଇଥିଲେ ।

ବାଙ୍କନିଧି ବାବୁ ନିଜେ ଜଣେ ଉଚ୍ଚକୋଟିର ସାହିତ୍ୟିକ ଥିଲେ । 'ମୁକୁର' ଓ 'ସହକାର ସାହିତ୍ୟ' ଭଳି ସେ ସମୟର ଉଚ୍ଚମାନର ସାହିତ୍ୟ ପତ୍ରିକାରେ ତାଙ୍କର ଗଳ୍ପ ପ୍ରବନ୍ଧ ଆଦି ରଚନା ନିୟମିତ ଭାବେ ପ୍ରକାଶ ପାଉଥିଲା । ଶିଶୁ ଓ କିଶୋର ସାହିତ୍ୟ ରଚନା କ୍ଷେତ୍ରରେ ତାଙ୍କର ଥିଲା ଅସାଧାରଣ ପାରଦର୍ଶିତା । ତାଙ୍କ ପ୍ରଣୀତ ଧୂପଛାୟା, ସୁନାପାହାଡ଼, ମୁକ୍ତାଦ୍ୱୀପ ପ୍ରଭୃତି ଥିଲା ଅତ୍ୟନ୍ତ ଜନପ୍ରିୟ ।

ଏହି ବିବିଧ ସୁଗୁଣାବଳୀର ସ୍ୱୀକୃତି ସ୍ୱରୂପ ୧୯୩୫ରେ ସେ ରାୟ ସାହେବ ଉପାଧିରେ ସମ୍ମାନିତ ହୋଇଥିଲେ । ତାଙ୍କର କୃତୀ ଛାତ୍ରମାନଙ୍କ ମଧ୍ୟରେ ଜ୍ଞାନପୀଠ ବିଜେତା କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ, ସ୍ୱର୍ଗତ ମାୟାଧର ମାନସିଂହ, ପ୍ରଖ୍ୟାତନାମା ଚିତ୍ରଶିଳ୍ପୀ ଡଃ ଦୁର୍ଗାପ୍ରସାଦ ପଟ୍ଟନାୟକ, ସୁପରିଚିତ ଐତିହାସିକ ସ୍ୱର୍ଗତ କେଦାର ନାଥ ମହାପାତ୍ର, ଡଃ ଭବାନୀଚରଣ ରାୟ ଏବଂ ସର୍ବୋପରି ସ୍ୱତନ୍ତ୍ର ଉତ୍କଳ ଇତିହାସରେ ଦୀର୍ଘତମ କାଳପାଇଁ ପ୍ରଦେଶର ମୁଖ୍ୟ କର୍ଣ୍ଣଧାର ଆସନ ଅଳଙ୍କୃତ କରିଥିବା ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନାମ ଉଲ୍ଲେଖନୀୟ ।

ସେହିଭଳି ସ୍ମରଣୀୟ ତାଙ୍କ ପ୍ରଧାନଶିକ୍ଷକତା କାଳର ଅନ୍ୟ କେତେଜଣ ପୂଜ୍ୟ ଶିକ୍ଷକ ଯେଉଁମାନେ ତାଙ୍କର ପ୍ରତ୍ୟେକଟି ପରିକଳ୍ପନାକୁ ନିଷ୍ଠା ଓ ଦକ୍ଷତାର ସହିତ ବାସ୍ତବତାରେ ପରିଣତ କରିପାରୁଥିଲେ । ସେମାନେ ଥିଲେ ଫଜଲୁର ରହମାନ, ରାଧାଚରଣ ସାହୁ, ଆଶୁତୋଷ ବାଗ୍‌ଚୀ, ଜାନମୁହଁର ସାମନ୍ତରାୟ ଓ ଚନ୍ଦ୍ରଧର ପରିଡ଼ା । ଏଭଳି ଏକ ଆଦର୍ଶ ଶିକ୍ଷକଗୋଷ୍ଠୀ ପାଇବା ଯେକୌଣସି ବିଦ୍ୟାଳୟ ପକ୍ଷେ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ।

'ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା
ଚକ୍ଷୁରୁନ୍ମିଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ

ଖୋର୍ଦ୍ଧା ହାଇସ୍କୁଲର ଏହି ଶତବାର୍ଷିକୀ ପାଳନ ଅବସରରେ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣରେ ମୋର ଏହି କ୍ଷୁଦ୍ର ମାଗୁଣି, ଆମର ପ୍ରିୟ ପ୍ରଧାନଶିକ୍ଷକ ବାଙ୍କନିଧି ପଟ୍ଟନାୟକଙ୍କ ଆତ୍ମା ଚିରଶାନ୍ତି ଲାଭକରୁ ଓ ସ୍ୱର୍ଗରେ ତାଙ୍କର ଆତ୍ମା ସୁରକ୍ଷିତ ସ୍ଥାନରେ ଥାଇ ଏହି ବିଦ୍ୟାଳୟର ଓ ବର୍ତ୍ତମାନ ତଥା ଭବିଷ୍ୟତ ଛାତ୍ରଛାତ୍ରୀମାନଙ୍କ ଉପରେ ତାଙ୍କର ଶୁଭାଶୀର୍ବାଦ ବର୍ଷଣ କରୁ, ଯେଉଁଭଳି କାଳକାଳ ପାଇଁ ଏହି ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ସାଧିତ ହେଉଥାଉ ।

ଉକଗାଡ଼ି
ଖୋର୍ଦ୍ଧା



# ପିତୃସ୍ମୃତି

ଶ୍ରୀମତୀ ଜ୍ଞାନଦା ପଟ୍ଟନାୟକ

"ସ୍ମୃତି ର ଦୁର୍ଭେଦ୍ୟ ଲେଉଟ ଟିପିବାର, ଯିଏ ପାରିଲେ ସେ ପାଆନ୍ତି ନିସ୍ତାର" ଖୋର୍ଦ୍ଧା ସ୍କୁଲର ଶତବାର୍ଷିକୀ ଅବସରରେ ମୋର ପୂଜ୍ୟ ଶ୍ୱଶୁର ସ୍ୱର୍ଗତ ରାୟ ସାହେବ ବାଙ୍କନିଧି ପଟ୍ଟନାୟକଙ୍କର ଅତୀତର କେତେ ଅଭିଳା ମନ ଛୁଆଁ ସ୍ମୃତି ମାନସପଟକୁ ଆଚ୍ଛନ୍ନ କରି ରଖିଛି । ଅତୀତ ତାର ସମ୍ମୋହନ ଶକ୍ତି ଦ୍ୱାରା ବର୍ତ୍ତମାନକୁ ଆବୋରି ରଖେ । କିଛି ସମୟ ପାଇଁ ବର୍ତ୍ତମାନ ଆଉ ବିସ୍ମୃତ ହୋଇ ଅନାବିଳ ଆନନ୍ଦରେ ନିମଗ୍ନ ରହେ । ସେତିକି କଣ ଯଥେଷ୍ଟ ନୁହେଁ କ୍ଷଣସ୍ଥାୟୀ ମନୁଷ୍ୟ ଜୀବନପାଇଁ ! ଗତ ଛ'/ ସାତ ବର୍ଷ ତଳେ ଏଇ ସ୍କୁଲ ପ୍ରାଙ୍ଗଣରେ ବାପାଙ୍କର ପ୍ରିୟ ଛାତ୍ର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୌରୋହିତ୍ୟରେ ବାଙ୍କନିଧି ବାବୁଙ୍କର ଜନ୍ମ ଶତବାର୍ଷିକୀ ପୁରାତନ ଛାତ୍ର ସଂସଦ ଓ ଅବଶିଷ୍ଟ ଖୋର୍ଦ୍ଧାବାସୀଙ୍କ ସହଯୋଗରେ ମହାସମାରୋହରେ ପାଳନ କରାଯାଇଥିଲା । ଆଜି ଏହି ଶୁଭ ଦିନରେ ସ୍କୁଲର ଶତବାର୍ଷିକୀ ଅବସରରେ ସେହି ମହାନ୍ ଆତ୍ମାର ସ୍ମୃତିଚାରଣ ଅବଶ୍ୟମ୍ଭାବୀ । ସେ ଏହି ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା । ବାଙ୍କନିଧି ବାବୁଙ୍କ ଶତବାର୍ଷିକୀ ଅବସରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ଯେ ତାଙ୍କ ପୂଜ୍ୟ ଗୁରୁଙ୍କ ସ୍ମୃତି ରକ୍ଷଣାର୍ଥେ ଗୁରୁଦେବଙ୍କର ପ୍ରତିମୂର୍ତ୍ତି ସ୍କୁଲ ପ୍ରାଙ୍ଗଣରେ ପ୍ରତିଷ୍ଠା କରିଯିବେ । ତାହା କିନ୍ତୁ ଏଯାବତ୍ କାର୍ଯ୍ୟକାରୀ ହୋଇନାହିଁ । ପୁରାତନ ଛାତ୍ର ଓ ଖୋର୍ଦ୍ଧାବାସୀ ଉପରୋକ୍ତ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଉଚିତ ପଦକ୍ଷେପ ନେବା ବାଞ୍ଛନୀୟ ।

ତତ୍ତ୍ୱ ଅରକ୍ଷିତଙ୍କର ଉତ୍ତରାଧିକାରୀ ବାଲୁକେଶ୍ୱର ପଟ୍ଟନାୟକଙ୍କୁ ତତ୍କାଳୀନ ଢେଙ୍କାନାଳର ରାଜା ଯାଜପୁରରୁ ଆଣି ଢେଙ୍କାନାଳରେ ଅବସ୍ଥାପିତ କରିଥିଲେ । ବ୍ରଜନାଥ ବଡ଼ଜେନା ମଧ୍ୟ ଏହି ପରିବାରଭୁକ୍ତ । ବାଲୁକେଶ୍ୱରଙ୍କ ନାତିପୁଅ, ବଡ଼ ପୁଅଙ୍କର ବଡ଼ପୁଅ ଜଣେ ସନ୍ତାନହୀନ ଓ ଦ୍ୱିତୀୟ ଯଦୁମଣିଙ୍କର ଦୁଇପୁଅ- କୃଷ୍ଣବିହାରୀ ଓ କାହ୍ନୁଚରଣ । କୃଷ୍ଣବିହାରୀ ଓ ଚମ୍ପାବତୀଙ୍କର ପୁତ୍ର ବାଙ୍କନିଧି ଓ କନ୍ୟା ସୂର୍ଯ୍ୟମଣି । ସୂର୍ଯ୍ୟମଣିଙ୍କର ବିବାହ ତାଙ୍କ ସୁବର୍ଣ୍ଣପୁରରେ ହୋଇଥିଲା କିନ୍ତୁ ଅତି ଅଳ୍ପ ବୟସରେ ତାଙ୍କର ମୃତ୍ୟୁହେଲା ।

କୃଷ୍ଣବିହାରୀ ଢେଙ୍କାନାଳରେ ପିଡ଼ିସଙ୍କ ରାଜତ୍ୱ କମ୍ ସରବରାକାର ଥିଲେ । ଭ୍ରାତା କାହ୍ନୁଚରଣଙ୍କର ତିନିପୁଅ ଓ ଚାରିଝିଅ । ସେ ଜଣେ ସାଧାରଣ କିରାଣୀ ଥିଲେ । ତାଙ୍କର ବାଉନ ବର୍ଷ ବୟସରେ ମୃତ୍ୟୁ ହେଲା । ତେଣୁ ପରିବାରର ସମସ୍ତ ଦାୟିତ୍ୱ କୃଷ୍ଣବିହାରୀଙ୍କ ଉପରେ ପଡ଼ିଲା । ବାଙ୍କନିଧିବାବୁ ଖୁବ୍ ମେଧାବୀ ଛାତ୍ର ଥିଲେ ଓ ସେ ପିଲାଦିନରୁ ବୃତ୍ତି ପାଇ ପାଠ ପଢ଼ି ଆସୁଥିଲେ । ସେ ଢେଙ୍କାନାଳରୁ ଆସି କଟକ କଲେଜିଏଟ୍ ସ୍କୁଲରୁ ମ୍ୟାଟ୍ରିକ ପ୍ରଥମ ଶ୍ରେଣୀରେ ପାଶ୍ କରି ପନ୍ଦର ଟଙ୍କା ଲେଖାଏଁ ବୃତ୍ତି ପାଉଥିଲେ । ତାଙ୍କର ସହପାଠୀ ଓ ବନ୍ଧୁଥିଲେ ସ୍ୱର୍ଗୀୟ ପ୍ରାଣକୃଷ୍ଣ ପରିଜା । ରେଭେନ୍ସା କଲେଜରୁ ବି.ଏ.ପାଶ୍ କରି ବାଙ୍କନିଧି ବାବୁ ଏମ୍.ଏ. ଓ ଲ' କଲିକତା ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ କରି 'ଲ'ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଲ'ପାଶ୍ ପରେ ସେ ଢେଙ୍କାନାଳ ଫେରି ଆସିଲେ । ସେତେବେଳେ ଢେଙ୍କାନାଳର ରାଜା ଥିଲେ ସୁରପ୍ରତାପ ଦେବ, ସେ ବାଙ୍କନିଧି ବାବୁଙ୍କୁ ଖୁବ୍ ଭଲ ପାଉଥିଲେ । ରାଜା ସୁରପ୍ରତାପ ଢେଙ୍କାନାଳରେ କୋଡ଼ିଏ ତହସିଲଦାର ପୋଷ୍ଟ ସ୍ଥାପନ କରାଇ ପୁରାତନ ଢେଙ୍କାନାଳ ଶାସନପାଇଁ ମାଜିଷ୍ଟ୍ରେଟ ଅଧିକାର ଦେଇ ବାଙ୍କନିଧି ବାବୁଙ୍କୁ ଉକ୍ତ ପଦରେ ନିଯୁକ୍ତି କରିଥିଲେ । କିଛି ଦିନପରେ ରାଜା ସୁରପ୍ରତାପଙ୍କର ଅକାଳମୃତ୍ୟୁ ପରେ କୋର୍ଟ ଅଫ୍ ୱାର୍ଡସ ହେଲା ଓ ସରକାର ଉକ୍ତ ପୋଷ୍ଟ ଉଠାଇ ଦେଲେ । ସେ ସମୟରେ ମଧୁବାରିଷ୍ଟର ସ୍ୱର୍ଗୀୟ ମଧୁସୂଦନ ଦାସ କଟକରେ ଓକିଲାତି କରୁଥିଲେ । ବାଙ୍କନିଧି ବାବୁ ଆସି ତାଙ୍କ ପାଖରେ ଏକବର୍ଷ ଜୁନିଅର ହୋଇ ରହିଥିଲେ । ସେତେବେଳକୁ ସରକାରୀ ଚାକିରୀ ପାଉଥିଲେ, କିନ୍ତୁ ଓକିଲାତି କି ମୁନସଫ୍ ଚାକିରୀପାଇଁ ତାଙ୍କର ଆଗ୍ରହ ନ ଥିଲା । ଢେଙ୍କାନାଳ ପରବର୍ତ୍ତୀ ରାଜା ତାଙ୍କୁ ଢେଙ୍କାନାଳର ଦେୱାନ ପଦ ଗ୍ରହଣପାଇଁ ମଧ୍ୟ ଡାକିଥିଲେ କିନ୍ତୁ ତାଙ୍କର ସେଥିପ୍ରତି ମଧ୍ୟ ଆଗ୍ରହ ନ ଥିଲା ।

ସେ ସମୟରେ ବାଲେଶ୍ୱରର ଅଜୟ ଚନ୍ଦ୍ର ଦାସ ଖୋର୍ଦ୍ଧାର ଏମ୍.ଡି. ଓ. ଥିଲେ । ସେ ବାଙ୍କନିଧି ବାବୁଙ୍କୁ ଜାଣି ଥିଲେ ତେଣୁ ସେ ତାଙ୍କୁ ଡକାଇ ଖୋର୍ଦ୍ଧା ସ୍କୁଲର ପ୍ରଧାନ ଶିକ୍ଷକ କରାଇଲେ । ସେତେବେଳେ ଡେପୁଟିଙ୍କ ଦରମା ଥିଲା ଶହେ କୋଡ଼ିଏ ଟଙ୍କା । ଅଜୟ ବାବୁ ବାଙ୍କନିଧି ବାବୁଙ୍କୁ ଏକଶହ ପଚାଶ ଟଙ୍କା ମାସିକ ଦେଉଥିଲେ । ସେ ଜଣେ ଶିକ୍ଷାବିତ୍ ଥିଲେ । ତେଣୁ ସାଦରେ ସେ

ଶିକ୍ଷକତା ଗ୍ରହଣ କଲେ । ଖୋର୍ଦ୍ଧା ସ୍କୁଲ ଥାନା ପାଖ ନାକ ଘରେ ହେଉଥିଲା । ହଠାତ୍ ଦିନେ ରାତିରେ ନିଆଁ ଲାଗି ସ୍କୁଲ ଘର ପୋଡ଼ିଗଲା । ପରେ ନାଳନିଧି ବାବୁଙ୍କ ପ୍ରଚେଷ୍ଟା ତତ୍ତ୍ୱାବଧାନରେ ସ୍କୁଲ ଗୃହ,ଛାତ୍ରାବାସ,ଖେଳ ପଡ଼ିଆ,ଟେନିସ କୋର୍ଟ,ଫଳ ବଗିଚା ଓ ଭାରତ ବର୍ଷର ରିଲିଫ ମ୍ୟାପ ସବୁ କିଛି କରାଯାଇ ଅଦ୍ୟାବଧି ତାହା ବିଦ୍ୟମାନ । ଅବସରପ୍ରାପ୍ତ ଚିଫ୍ ସେକ୍ରେଟେରୀ ସୁଧାଂଶୁ ମୋହନ ପଟ୍ଟନାୟକଙ୍କ ବଡ଼ବାପା କୁଞ୍ଜବିହାରୀ ପଟ୍ଟନାୟକଙ୍କର ଏକମାତ୍ର କନ୍ୟା ହୀରାମଣୀଙ୍କ ସଂଗେ ନାଳବାବୁଙ୍କ ବିବାହ ଭୁବନେଶ୍ୱର ପାଖ ପାଞ୍ଚଗାଁରେ ସଂପନ୍ନ ହେଲା । ସେତେବେଳେ ଯୋଗାଯୋଗର ସୁବିଧା ନଥିଲା । ତେଣୁ ଢେଙ୍କାନାଳ ରାଜାଙ୍କର କୁଳକି "ହାତୀ ଓ କୁଇଟି ମୋଟରରେ ବରଯାତ୍ରୀ ପାଞ୍ଚଗାଁ ଆସି ବିବାହ ସଂପନ୍ନ ହୋଇଥିଲା । ଦ୍ୱିତୀୟ ଛନି ପଦ୍ମଚରଣ ପଟ୍ଟନାୟକ ନାଳନିଧି ବାବୁଙ୍କର ଦାଦା ଶ୍ୱଶୁର । ସୁଧାଂଶୁ ବାବୁଙ୍କୁ ନାଳନିଧି ବାବୁଙ୍କ ଶାଶୁ ଭାନୁମତି ଦେବୀ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ବାପା କୁଞ୍ଜବିହାରୀଙ୍କ ମୃତ୍ୟୁପରେ ନାଳନିଧି ବାବୁ ଖୋର୍ଦ୍ଧାରେ ଆସି ରହିଲେ । ଯୌଥ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା । ସେ ବଡ଼ବାପୁଅ ଭାଇ ଓ ଭଉଣୀ ମାନଙ୍କର ପାଠପଢ଼ା,ଚାକିରୀ, ବିବାହ ଆଦି ସବୁ ଯଥାକ୍ରମେ କରାଇଥିଲେ ।

ଜଣେ ଆଦର୍ଶ ଶିକ୍ଷାବିତ୍ ଲେଖକ ହିସାବରେ ତାଙ୍କର ସୁନାମ ଅଛି । ସେତେବେଳେ ପ୍ରଧାନ ଶିକ୍ଷକ ଭାବେ ତାଙ୍କର ଖୁବ୍ ପ୍ରସିଦ୍ଧି ଥିଲା । ବାରିପଦା ମହାରାଜା ଏଜେଣ୍ଟ ପାର୍କ ବାରିପଦା ସ୍କୁଲର ସଂଗଠନ ଓ ଉନ୍ନତ ପରିଚାଳନା ପାଇଁ ତାଙ୍କୁ ପ୍ରଧାନ ଶିକ୍ଷକ ହିସାବରେ ନେଇଥିଲେ । ସେ ପାଟନା ବିଶ୍ୱବିଦ୍ୟାଳୟର ସିନେଟ୍ ମେମ୍ବର ଥିଲେ ଓ ସିନେଟ୍ ମିଟିଂ ପାଇଁ ପାଟନା ଯାଉଥିଲେ । ବ୍ରିଟିଶ ଶାସନାଧୀନ ଥିବା ସମୟରେ ୧୯୩୫ ମସିହାରେ ଜୁବୁଲି ଉତ୍ସବ ସଂସାରଦେଶରେ ମହା ସମାରୋହରେ ପାଳନ କରାଯାଉଥିଲା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସରକାରଙ୍କ ତରଫରୁ ସମ୍ମାନିତ କରାଯାଉଥିଲା । ସେତେବେଳେ ତାଙ୍କୁ ଉତ୍କର୍ଷତା ଦିଆଯାଇ ଜୁବୁଲି ମେଡାଲ ପ୍ରଦାନ କରାଯାଇଥିଲା । ସେତେବେଳେ ବିଶିଷ୍ଟ ଶିକ୍ଷାବିତ୍ ଓ ନାଗରିକମାନଙ୍କୁ ବିଭିନ୍ନ ଉପାଧିରେ ତାଙ୍କର କର୍ମନିଷ୍ଠା ପାଇଁ ସରକାରଙ୍କ ତରଫରୁ ସମ୍ମାନିତ କରାଯାଉଥିଲା । ସେ ରାଏ ସାହେବ ଉପାଧିରେ ଭୂଷିତ ହୋଇଥିଲେ ।

ଛାତ୍ର ଓ ଶିକ୍ଷକ ମାନଙ୍କ ମଧ୍ୟରେ ସୌହାର୍ଦ୍ଦ ବାତାବରଣ ଥିଲା । ନାଳନିଧି ବାବୁ ବ୍ରିଟିଶ୍ ଅମଳର ଶିକ୍ଷକ, ସେ ଇଂରାଜୀ ପଢ଼ାଉଥିଲେ ଓ ତାଙ୍କ ପୋଷାକ ପୂରା ସାହେବୀ ଢଙ୍ଗର ଥିଲା । ତାଙ୍କର ଚଳାଚଳ ଓ ଶିକ୍ଷାଦାନ ପ୍ରଣାଳୀ ସାହେବୀ ଢାଞ୍ଚାର ଥିଲା ।

ଅନେକଙ୍କ ଧାରଣା ସେ ବିଖ୍ୟାତ ଦେଶଭକ୍ତ ହେମମାଷ୍ଟର ସେ All Orissa Students Conference ଖୋର୍ଦ୍ଧା ସ୍କୁଲରେ ପ୍ରଥମଥର ପାଇଁ କରାଇଥିଲେ । ଅଧିକାଂଶ ପ୍ରତିଷ୍ଠିତ ଓ ସ୍ୱନାମଧନ୍ୟ ବ୍ୟକ୍ତିବିଶେଷ ନାଳନିଧି ବାବୁଙ୍କର ଛାତ୍ର ଯଥା- ଶ୍ରୀ ହରି ଭଞ୍ଜରାୟ, ମାଗଧର ମାନସିଂ, ରାମରାମ, ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଇତ୍ୟାଦି । ସେତେବେଳେ ଖୋର୍ଦ୍ଧା ସ୍କୁଲରେ ସ୍କାଉଟ ମଧ୍ୟ ଥିଲା । ମୁଁ ମା'ଙ୍କ ସଙ୍ଗେ ଖୋର୍ଦ୍ଧା ଯାଉଥାଏ । ପୁରୁଣା ବନ୍ଧୁତ୍ୱ ସଂପର୍କରେ ତତ୍କାଳୀନ ପ୍ରଧାନ ଶିକ୍ଷକଙ୍କ ଘରକୁ ମା'ଙ୍କ ସଙ୍ଗେ ଯାଇଥିଲି । ନାଳନିଧି ବାବୁଙ୍କ ସ୍ତ୍ରୀ ମା'ଙ୍କୁ ଦେଖି ବହୁତ କାନ୍ଦିଲେ । କାନ୍ଦିବାର କାରଣ ମୁଁ ଜାଣି ପାରିଲି ନାହିଁ । ଫେରିଲା ବାଟରେ ମା'ଙ୍କୁ ପଚାରିଲି ସେ କାହିଁକି କାନ୍ଦିଲେ ବୋଲି । ମା' କହିଲେ ଆନ୍ଦୋଳନରେ ଯୋଗଦାନ କରି ତାଙ୍କର ଦ୍ୱିତୀୟ ପୁତ୍ର ଜେଲ୍‌ରେ ଅଛନ୍ତି । ୧୯୪୭ ମସିହା ସ୍ୱାଧୀନତା ପରେ ପୁଣି କି ଆନ୍ଦୋଳନ ମୁଁ ବୁଝି ପାରିଲି ନାହିଁ । ୧୯୫୦-୫୧ ମୁଁ ବି.ଏ ଓ ଏମ.ଏ ପଢୁଥାଏ । ମୋ ବାପା ଦିନେ ହଠାତ୍ ଜଣେ ପ୍ରୌଢ ଭଦ୍ରବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ଆମ ଘରେ ପହଞ୍ଚିଲେ । ସେ ପିନ୍ଧିଥାନ୍ତି ଫିନ ଫିନ ଧଳା ଧୋତି ଓ ପଞ୍ଜାବୀ, ଗୌର ବର୍ଣ୍ଣ ଦୀର୍ଘ ସୁନ୍ଦର ଚେହେରା ଓ ଆଭିଜାତ୍ୟର ଆଭାସରୁ ମନେହେଲା କେହି ଜଣେ ବିଶିଷ୍ଟ ବ୍ୟକ୍ତିବିଶେଷ । ପରେ ଜାଣିଲି ସେ ବାପାଙ୍କର ଢେଙ୍କାନାଳ ସ୍କୁଲର ସହପାଠୀ ଓ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଖୋର୍ଦ୍ଧା ସ୍କୁଲର । ସେ ଅବସର ପରେ କନିକା ରାଜାଙ୍କର କନିଷ୍ଠ ପୁତ୍ରର ଗୃହ ଶିକ୍ଷକ ରୂପେ ରାଜବାଟୀରେ ଅବସ୍ଥାନ କରୁଥାନ୍ତି । ସେ ପ୍ରାୟ ପ୍ରାତଃ ଭ୍ରମଣରେ ଆମଘର ବାମ୍ଭୀ ଦେଇ ଯାଆନ୍ତି । ଦିନେ ସକାଳେ ମୋ ସଙ୍ଗେ ଦେଖାହେଲା, ମୁଁ ଏମ୍‌.ଏ ପଢୁଛି ଶୁଣି କହିଲେ ମୋ ଦ୍ୱିତୀୟ ପୁଅ ବି.ଏ ପଢୁଛି ଖୁବ୍ ମେଧାବୀ ଓ ବୁଦ୍ଧିମାନ, ତା ପାଇଁ କେତେ ଉଜ୍ଜ୍ୱଳ ଭବିଷ୍ୟତର ଆଶା ଥିଲା । କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇ ସବୁ ଆଶା ମୋର ଧୂଳିସାତ୍ କଲା । ମୋର ରାଜନୈତିକ ଦଳ ବିଷୟରେ ଆଗ୍ରହ ବା କୌତୁହଳ ନଥିଲା, ତେଣୁ ମୁଁ ଏ ବିଷୟରେ କୌଣସି ଗୁରୁତ୍ୱ ଆରୋପ କଲିନାହିଁ । କିଛି ଦିନ ପରେ ବି.ଏ କଲେଜ ଇଲେକ୍‌ସନ ହେଲା 'Why I Stand' ବକ୍ତୃତା ପ୍ରତିଯୋଗିତାରେ ଜଣେ ସାଧାରଣ ଛାତ୍ର ଧୋତି ସାର୍ଟ ପିନ୍ଧି ମଞ୍ଚ ଉପରକୁ ଆସି ଚମତ୍କାର ବକ୍ତୃତା ଦେଲେ । ମୁଁ ତ କାହାରିକୁ ଚିହ୍ନି ନ ଥିଲି ମୋ ପାଖରେ ସ୍ୱର୍ଗୀୟା ଦୀପ୍ତି ମହାନ୍ତି ବସିଥିଲେ । ସେ କହିଲେ ମୋର ସହପାଠୀ ଅଖିଳ ଖୋର୍ଦ୍ଧା ସ୍କୁଲର ଭୂତପୂର୍ବ ପ୍ରଧାନ ଶିକ୍ଷକ ନାଳନିଧି ବାବୁଙ୍କ ପୁଅ । ହଠାତ୍ ମୋର ଗୋଟିଏ ଭଗ୍ନ ହୃଦୟ ବାପାଙ୍କ କଥା ସ୍ମରଣ ହେଲା । ସହରରେ ଏତେ ଚମତ୍କାର ବକ୍ତୃତା ସେ

ଦେଖପାରନ୍ତି, ତାଙ୍କର ବାଟା ସେଇ ପୁଅର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶଙ୍କିତ ହେବା କିଆଁ ଯଥାର୍ଥ । ଛାତ୍ରାବସ୍ଥାରେ ଦୁଇଟି ବର୍ଷ ତାଙ୍କର ନଷ୍ଟ ହୋଇଥିଲା, ଗୋଟିଏ କାରାବାସରେ ଓ ଅନ୍ୟ ବର୍ଷ ଗୃହବନ୍ଦୀ ଭାବରେ ଖୋର୍ଦ୍ଧାରେ ଅବସ୍ଥାନ କରି ।

ବିଧିର ବିଧାନ ଅନ୍ୟତମ ! ନିୟତିର ଅଦେଖା ହାତର ଇଙ୍ଗିତରେ ମନୁଷ୍ୟଙ୍କୁ ସଂସାର ପଥରେ ଅଗ୍ରସର ହେବାକୁ ହୁଏ । ମୁଁ ପାଟନାରେ ପଢୁଥିବା ସମୟରେ ଅବର୍ଣ୍ଣିତ ଶୁଭେଚ୍ଛୁ ଓ ଦୁହାପିତାଙ୍କର ଶୁଭେଚ୍ଛା ବଳ ଅଶ୍ୱିନ ବାବୁଙ୍କ ସଙ୍ଗେ ମୋର ବିବାହ ହେଲା ଓ ପରାସରି ମୁଁ ଖୋର୍ଦ୍ଧା ଚାଲିଲି ନିଜର ଶ୍ୱଶୁରାଳୟକୁ । ପରିବାରର ପ୍ରତ୍ୟେକଙ୍କର ସ୍ନେହ, ଆଦର ପାଇ ଖୋର୍ଦ୍ଧା ଘରକୁ ନିଜର କରିନେଲି । ପ୍ରାୟ ଦୀର୍ଘ ସାତ ବର୍ଷ ମୁଁ ମୋ ପୂଜ୍ୟ ଶ୍ୱଶୁର ବାଙ୍କନିଧି ବାବୁଙ୍କର ସାନିଧ୍ୟ ପାଇଛି । ଲକ୍ଷଣଶୀଳ ସମ୍ଭ୍ରାନ୍ତ ପରିବାରର ଆଦବ କାଇଦା ମୁଁ ସାଦରେ ଗ୍ରହଣ କରିଥିଲି । ଶ୍ୱଶୁର ଏତେ ଅମାୟିକ ଭଦ୍ର ଓ ମାର୍ଜିତ ରୁଚିସଂପନ୍ନ ଥିଲେ ଯେ ସେ କାହାରି ଅପ୍ରିୟ ନଥିଲେ । ତାଙ୍କୁ ସବୁ ଶ୍ରେଣୀର ବ୍ୟକ୍ତି ବିଶେଷ ସମ୍ମାନ କରୁଥିଲେ । ସେ ଦରିଦ୍ର ମେଧାବୀ ଛାତ୍ରମାନଙ୍କୁ ନିଜ ଘରେ ରଖି ଶିକ୍ଷାର ସମସ୍ତ ସୁବିଧା ଓ ସୁଯୋଗ ଦେଉଥିଲେ । ତାଙ୍କ ମଧ୍ୟରୁ ଅନ୍ୟତମ ସ୍ୱର୍ଗତ ରାଜକିଶୋର ଦାସ । ସେ ଶିକ୍ଷା ବିଭାଗରେ ଉଚ୍ଚ ପଦରେ ଅଧିଷ୍ଠିତ ଥାଇ ଅବସର ଗ୍ରହଣ କରିଥିଲେ । ସେ ବାଙ୍କନିଧି ବାବୁଙ୍କର ଦତ୍ତପୁତ୍ର ବୋଲି ମୁଁ ପ୍ରଥମେ ଭାବିଥିଲି । ସାଧାରଣଙ୍କର ଏତେ ଘନିଷ୍ଠତା ଥିଲା ତାଙ୍କର ସବୁ କାର୍ଯ୍ୟକଳାପ ଓ କଥାବାର୍ତ୍ତାରେ ଯେ କୌଣସି ବ୍ୟକ୍ତି ପ୍ରଥମ ସାକ୍ଷାତରେ ତାଙ୍କୁ ନିଜର ବାଙ୍କନିଧି ବାବୁଙ୍କର ଆପଣାର ବୋଲି ଭାବିବେ ।

ମୋ ମା'ଙ୍କର ଆକସ୍ମିକ ମୃତ୍ୟୁ ସଂବାଦ ପାଇ ମୁଁ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଲି । କାରଣ ମା'ଙ୍କର ଶେଷ ଦର୍ଶନ ମୋ ଭାଗ୍ୟରେ ହେଲାନାହିଁ ବୋଲି । ମା'ଙ୍କର ମୃତ୍ୟୁ ସମୟପୂର୍ବରେ ମୋ ଭାଇ ସରୋଜ ଚୌଧୁରୀଙ୍କ ପଚରେ ହେଲା । ମୋ ପାଖେ ଖବର ପହଞ୍ଚିବା ବେଳକୁ ମା'ଙ୍କର ଶେଷକୃତ୍ୟ ସମାପନ ହୋଇସାରିଥିଲା । ମନେଅଛି ମୋ ଶ୍ୱଶୁର ମତେ ଡାକି ସାନ୍ତ୍ୱନା ଦେଇ କହିଥିଲେ ଯେତେବେଳେ ପାଇ ତାଅ ଅନ୍ତର ତମକୁ ଦେଖି ତମ ବାପା ଶାନ୍ତି ପାଇବେ ।

ଖୋର୍ଦ୍ଧାରେ ଶଶୁରବାବୁ ପ୍ରଥମେ ଓକିଲ ବ୍ୟବସାୟ ଆରମ୍ଭ କରିଥିଲେ । ପରେ ବ୍ୟବସାୟର ପ୍ରସାର ଓ ଉନ୍ନତି ପାଇଁ ଭୁବନେଶ୍ୱର ଆସିବାକୁ ହୋଇଥିଲା । ମୋ ସାନ ମାମା ଗୋଟିଏ ନାତୁଣୀ, ଭାଳି କେସୁ ହୋଇଥାଏ । ଅତି ସାନ ଥାଏ ତା ସଂଗେ ପ୍ରାୟ ଖେଳନ୍ତି । ଆମେ ଭୁବନେଶ୍ୱରରୁ ପ୍ରାୟ ପ୍ରତି ସପ୍ତାହ ଖୋର୍ଦ୍ଧା ଯାଉ । ଆମେ ପହଞ୍ଚିଲେ ଖୁବ୍ ଖୁସି ହୁଅନ୍ତି । ଅଧିକାଂଶ ସମୟ ଶ୍ୱଶୁରବାବୁଙ୍କ ସଂଗେ କଥାବାର୍ତ୍ତାରେ କଟାଉ । ସାହିତ୍ୟ, ଦେଶର ସମସ୍ୟା ଆଦି ବିଷୟରେ ଚର୍ଚ୍ଚା କରନ୍ତି । ସେ ଅତ୍ୟନ୍ତ ଉଦାର ଧୈର୍ଯ୍ୟଶୀଳ ପିତା ଥିଲେ । ସେ ସବୁବେଳେ ପିଲାମାନଙ୍କର ସ୍ୱାଧୀନ ଚିନ୍ତାକୁ ସାଦରେ ଗ୍ରହଣ କରି ଯଥୋଚିତ ଉପଦେଶ ଦେଉଥିଲେ । ତାଙ୍କର ଅମାୟିକ ଉଦାର ବ୍ୟକ୍ତିତ୍ୱ ସମସ୍ତଙ୍କୁ ଅନୁପ୍ରାଣିତ କରୁଥିଲା । ମୋର ଆଇଶାଶୁ, ଶାଶୁ, ବଡ଼ଶାଶୁ ସମସ୍ତଙ୍କର ରୁଚି ଅତି ଉନ୍ନତ ଥିଲା । ଘରେ ସଂସ୍କୃତି ଓ ଶିକ୍ଷାର ବହୁଳ ପ୍ରସାର ଥିଲା । ଖବରକାଗଜ, ପତ୍ରପତ୍ରିକା ଓ ଉଭୟ ବଙ୍ଗଳା ଓ ଓଡ଼ିଆ ଉପନ୍ୟାସ ପଢ଼ିବାର ଆଗ୍ରହ ସମସ୍ତଙ୍କର ଥିଲା । ଏବେ ମଧ୍ୟ ପୁରୁଣା ବହି ସବୁ ଆଲମାରୀରେ ସଜ୍ଜିତ ଅଛି । ଅବଶ୍ୟ କେତେକ ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାରେ ପହଞ୍ଚିଲେଣି । ମୋ ଆଇଶାଶୁ ସତ୍ୟଭାମା ଦେବୀ ରାତିରେ ନାତିନାତୁଣୀଙ୍କୁ ଏକାଠି କରି ପୁରାଣ ଗପ ଶୁଣାନ୍ତି । ସବୁ ପିଲାଏ ସଂଧ୍ୟାରେ ତାଙ୍କଠୁ ଗପ ଶୁଣିବା ପାଇଁ ଘେରି ବସନ୍ତି ।

ବାଙ୍କନିଧି ବାବୁ ଓଡ଼ିଆ ସାହିତ୍ୟର ଜଣେ ପ୍ରଧାନ ପୃଷ୍ଠପୋଷକ ଥିଲେ ମଧ୍ୟ ବଙ୍ଗଳା ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ଅନୁରାଗ ଥିଲା ଓ ସେ ଅତ୍ୟନ୍ତ ଅଧ୍ୟୟନ ପ୍ରିୟ ଥିଲେ । ଖୋର୍ଦ୍ଧା ସ୍କୁଲ ପାଠାଗାରରେ ଲେଖକ ବଙ୍କିମଚନ୍ଦ୍ର ବାବୁ ଓ ରବିନ୍ଦ୍ରନାଥଙ୍କର ଅଧିକାଂଶ କିଣାଯାଇ ପୁସ୍ତକ ଥିଲା । ତାଙ୍କର ସାହିତ୍ୟ ପ୍ରତି ଅବଦାନ ଯଥେଷ୍ଟ ଥିଲା । ବାଙ୍କନିଧି ବାବୁଙ୍କର ଶିଶୁ ସାହିତ୍ୟ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । ତାଙ୍କ ଲିଖିତ ସୁନା ପାହାଡ଼, ମୁକୁତାହାର, କଥାଶତକ, ବୀରବଳ କାହାଣୀ,ସାଧୁ ଚରିତ ମାଳା, ସାବିତ୍ରୀ, କିଶୋର, ବିନୋଦ ପ୍ରଥମ ଓ ଦ୍ୱିତୀୟ ଭାଗ ପାଠ୍ୟ ପୁସ୍ତକ ପାଇଁ ଓ ଧୂପଛାୟା ଆଦି ମ୍ୟାଟ୍ରିକ ପାଠ୍ୟକ୍ରମରେ ଥିଲା ଉଲ୍ଲେଖଯୋଗ୍ୟ । ଏତଦ୍‌ବ୍ୟତୀତ ବହୁଗୁଡ଼ିଏ ଲେଖକ ଏକାଠି ପ୍ରବନ୍ଧ, ଗଳ୍ପ ଓ ସମାଲୋଚନା ଆଦି ଲେଖିବାର ପ୍ରଥା ପ୍ରଚଳିତ ଥିଲା । ବାଙ୍କନିଧି ବାବୁଙ୍କର ସେମିତି ବହୁଗୁଡ଼ିଏ ଲେଖିବା ଲେଖା ଅନେକ ତତ୍କାଳୀନ ପ୍ରକାଶିତ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା ।

ବାଙ୍କନିଧି ବାବୁଙ୍କ ଭଳି ଲୋକଙ୍କର ବିରଳ । ସେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଓ ଛାତ୍ର ଗଢ଼ିବାରେ ନିଜର ଜୀବନ ଉତ୍ସର୍ଗ କରିଥିଲେ । ତାଙ୍କରି ହାତଗଢ଼ା ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କର ଅମର ଅଲିଭା ସ୍ମୃତି ବହନ କରି ଚିରସ୍ଥାୟୀ ହେଉ । ବିଦ୍ୟାଳୟର ଶୁଭ ଶତବାର୍ଷିକୀ ଦିବସରେ ଭଗବାନ ତାଙ୍କର ଅମର ଆତ୍ମାକୁ ଶାନ୍ତି ଦିଅନ୍ତୁ, ଏତିକି ମାତ୍ର ପ୍ରାର୍ଥନା ।

ବାଲିଆର, ଉତ୍କଳ ଭବନ ରୋଡ୍
ଭୁବନେଶ୍ୱର-୨



# ବରେଣ୍ୟ ଶିକ୍ଷକ ଆଶୁତୋଷ

ଶ୍ରୀ ପ୍ରକେଶ ନାଥ ବାଗ୍‌ଚି ଶର୍ମା

୧୯୫୪ ମସିହା ଅଗଷ୍ଟ ମାସ ୨୩ ତାରିଖ, ସକାଳ ୧୦ଟା ବେଳେ ଖୋରଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାସିଂହ ପଟ୍ଟନାୟକ ପ୍ରାର୍ଥନା ସଭା ସାଙ୍ଗ ହେବା ପରେ ବାଷ୍ପାକୁଳ କଣ୍ଠରେ ସମବେତ ଶିକ୍ଷକ ଓ ଛାତ୍ରମଣ୍ଡଳିଙ୍କୁ ଜଣାଇଲେ, ମୋର ପୂଜ୍ୟ ଗୁରୁଦେବ ଯେକି ଏହି ବିଦ୍ୟାଳୟର ଶିକ୍ଷା ତଥା ପରିଚାଳନା କ୍ଷେତ୍ରରେ ଗତ ୪୫ ବର୍ଷ ଧରି ଓତଃପ୍ରୋତ ଭାବରେ ଜଡ଼ିତ, ଆମର ଅତି ଆଦରଣୀୟ ବାଗ୍‌ଚି ବାବୁ ଆମକୁ ଶୋକ ସାଗରରେ ଭସାଇ ଆଜି ଭୋର ବେଳରେ ଇହଧାମ ତ୍ୟାଗ କରିଛନ୍ତି । ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଆମେ ଈଶ୍ୱରଙ୍କ ପାଖରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରିବା । ବିଦ୍ୟାଳୟ ଛୁଟି ହେବ । ସମସ୍ତେ ୰ ଆଶୁତୋଷ ବାଗ୍‌ଚିଙ୍କ ବାସଭବନକୁ ଗଲେ । ଘର ସାମ୍ନାରେ ଅନ୍ୟାନ୍ୟ ବହୁ ବ୍ୟକ୍ତି ତାଙ୍କ ଶବାଧାରକୁ ଘେରି ରହିଛନ୍ତି । ଆଶୁତୋଷ ଯେମିତି ଶୋଇ ରହିଛନ୍ତି । ଶାନ୍ତ ମୂର୍ତ୍ତି, ହସ ହସ ମୁହଁ ।

ସକାଳ ବେଳା ଶ୍ରୀଯୁକ୍ତ ଆଶୁତୋଷ ବାଗ୍‌ଚିଙ୍କ ମୃତ୍ୟୁ ସଂବାଦ ପ୍ରଚାର ହେବା ସଙ୍ଗେ ସଙ୍ଗେ ଶ୍ରୀଯୁକ୍ତ ବିଦ୍ୟାସିଂହ ପଟ୍ଟନାୟକ, ହାଇସ୍କୁଲର ଦପ୍ତରୀ 'କୁନ' ହାତରେ ଖବର ପଠାଇ ଥିଲେ ଯେ ସ୍କୁଲ ଖୋଲିବାପରେ ଖବର ପ୍ରଚାର କରାଇବାକୁ । ତା'ପରେ ମଧ୍ୟ ତାଙ୍କର ଜ୍ୟେଷ୍ଠ ପୁତ୍ର ଆସି ପହଞ୍ଚୁ ନଥାନ୍ତି । ଝିଅ ମଧ୍ୟ କଟକରୁ ଆସିବାକୁ ଡେରି ହେଉଥାଏ । ପ୍ରାୟ ୧୧ଟା ସମୟରେ ସମସ୍ତଙ୍କ ପରାମର୍ଶରେ ଠିକ୍ ହେଲା ଯେ ତାଙ୍କର ଦୋହିତ୍ର (ନାତି) ମୁଖାଗ୍ନି ଦେବ । ଏଣୁ ଶବାଧାରକୁ ଏକ ବିରାଟ ପଟୁଆରରେ ଖୋର୍ଦ୍ଧା ସହର ପରିକ୍ରମା କରି ଶ୍ମଶାନ ଭୂମିକୁ ନେଇ ତାଙ୍କର ନଶ୍ୱର ଦେହକୁ ଦାହ କରାଗଲା ।

ଆଶୁତୋଷ ବାଗ୍‌ଚିଙ୍କ ଜନ୍ମ ୧୮୮୭ ମସିହାର ବୈଶାଖ ଶୁକ୍ଳ ତୃତୀୟା ଦିନ । ବର୍ତ୍ତମାନ ବଙ୍ଗଳା ଦେଶର ଫରିଦପୁର ଜିଲ୍ଲାର କାଜିକାପୁର ଗ୍ରାମରେ । ୧୯୦୫-୧୯୦୬ ମସିହାରେ ସେ Ripon College (କଲିକତା)ରେ B.A. ପଢୁଥିଲେ । ସେତେବେଳେ ବଙ୍ଗଭଙ୍ଗ ଆନ୍ଦୋଳନ ଶିଖରର ଉପରକୁ ଉଠିଥାଏ । ଧରାପଡ଼ିବାରୁ ତାଙ୍କୁ College ରୁ ବିତାଡ଼ିତ କରାଗଲା ଏବଂ ତାଙ୍କର ବଡ଼ଭାଇଙ୍କୁ (ଯେ କି ତାଙ୍କର ଅଭିଭାବକ ଥିଲେ) କୁହାଗଲା ଯେ ଯଦି ଆଶୁତୋଷଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାନଯାଏ ତା'ହେଲେ ସେମାନଙ୍କର ସରକାରୀ ଚାକିରୀ ଛଡ଼ାଇ ଦିଆ ଯିବ । ଏଥିରେ ଅତି ବ୍ୟସ୍ତ ହୋଇ ତାଙ୍କୁ ଖୋର୍ଦ୍ଧାରେ ଥିବା ତାଙ୍କର ଗ୍ରାମର ଏକବ୍ୟକ୍ତି ଯେ କି 2nd officer ଥିଲେ, ତାଙ୍କରି ତତ୍ତ୍ୱାବଧାନରେ ଖୋର୍ଦ୍ଧାକୁ ସ୍ଥାନାନ୍ତରିତ କରାଗଲା । ସେହି ସମୟରେ ଖୋର୍ଦ୍ଧା ହାଇସ୍କୁଲ (ବର୍ତ୍ତମାନ ଥାନା ଇଲାକା ଭିତରେ ତାଳ ଘରେ ଅବସ୍ଥାପିତ ଥିଲା)ର ଏକ ଶିକ୍ଷକ ନିଯୁକ୍ତିର ଦରକାର ପଡ଼ିଲା କାରଣ ତତ୍କାଳୀନ ବଙ୍ଗୀୟ ବ୍ୟକ୍ତିଙ୍କ ପିଲାମାନଙ୍କୁ ବଙ୍ଗଳା ସାହିତ୍ୟ ଶିକ୍ଷା ଦିଆ ହେଉଥିଲା । ଏଣୁ ସ୍ଥାନୀୟ କତିପୟ ବଙ୍ଗୀୟ ଭଦ୍ରବ୍ୟକ୍ତି ତାଙ୍କୁ ବଙ୍ଗଳା ଶିକ୍ଷା ଦେବାକୁ ଆଗ୍ରହ ପ୍ରକାଶ କରିବାରୁ ତାଙ୍କୁ ଶିକ୍ଷକ ହିସାବରେ ୧୯୦୭ ମସିହାରେ ନିଯୁକ୍ତି ଦିଆଗଲା । ଅନ୍ୟ ବରିଷ୍ଠ ଶିକ୍ଷକଙ୍କ ଅନୁପସ୍ଥିତିରେ ତାଙ୍କୁ ଇଂରାଜୀ ଓ ଭୂଗୋଳ ଶିକ୍ଷା ଦେବାକୁ ତତ୍କାଳୀନ ପ୍ରଧାନ ଶିକ୍ଷକ ତାଙ୍କୁ ପ୍ରବର୍ତ୍ତାଇଲେ । ଏଣୁ ସେ ସେହି ସବୁ ବିଷୟରେ ମଧ୍ୟ ଶିକ୍ଷା ଦାନକରି ଅତି ପ୍ରିୟ ହୋଇପାରିଥିଲେ ।

ଅସାଧାରଣ ଥିଲା ତାଙ୍କର ଶିକ୍ଷାଦାନ ପଦ୍ଧତି । ସେ ଛାତ୍ରମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଅତିରେ ପଦାକୁ ଆଣି ପାରୁଥିଲେ । ଏହା ସ୍ୱୀକାର କରିଛନ୍ତି କବିବର ପ୍ରାଣ ବିହ୍ୱଳ ଚରଣ । ସେ ତାଙ୍କର ଆତ୍ମଚରିତରେ ୪ର୍ଥ ଅଧ୍ୟାୟରେ ଲେଖିଛନ୍ତି ''ଖୋର୍ଦ୍ଧା ସ୍କୁଲର ଶିକ୍ଷକ ଆଶୁତୋଷ ବାଗ୍‌ଚି ସମୟଙ୍କ ଉତ୍ସାହରେ ପ୍ରକାଶ କରିଥିଲେ ଯେ ମୋ ଲେଖା ମାନ ବିହାରୀ ଦେବଙ୍କ ଲେଖାର ସମକକ୍ଷ ହୋଇ ପାରିଛି । ଶିକ୍ଷକମାନେ ଦର୍ପିତ ପରୀକ୍ଷା କରିବା ବିଦ୍ୟମାନ ମାତ୍ର'' - ବିହ୍ୱଳ ବାବୁଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ଯେଉଁ ଏକଜଣଙ୍କ ନାମ ସେ ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି ତନ୍ମଧ୍ୟରୁ ଆଶୁତୋଷ ବାଗ୍‌ଚି ପ୍ରଧାନ ୨ୟ ହେଲେ ଅଧ୍ୟାପକ ଗିରିଜା ଶଙ୍କର ରାଏ, (ରେଭେନ୍ସା କଲେଜ), ୩ୟ ଉତ୍କଳ ଗୌରବ ମଧୁସୂଦନ ଦାସ । ଆଶୁତୋଷଙ୍କର ବିରାଟ ବ୍ୟକ୍ତିତ୍ୱ

ଛାତ୍ରମାନଙ୍କର ସୁପ୍ତ ପ୍ରତିଭାର ସନ୍ଧାନ ନେବାରେ ସର୍ବଦା ଚିନ୍ତିତ ରହୁଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ ତତ୍କାଳୀନ ସତ୍ୟବାଦୀ ବକୁଳ ବିଦ୍ୟାପୀଠର ମହର୍ଷି ବୃନ୍ଦ ଯେତେବେଳେ ଖୋର୍ଦ୍ଧା ସ୍କୁଲକୁ ଆସୁଥିଲେ ଆଶୁତୋଷ ବାବୁଙ୍କ ସାନିଧ୍ୟ ସେମାନଙ୍କୁ ଆନନ୍ଦ ପ୍ରଦାନ କରୁଥିଲା । ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କୁ ସ୍ନେହରେ 'ଭାଇନା' ବୋଲି ସମ୍ବୋଧନ କରୁଥିଲେ ।

ଆଶୁତୋଷ ଥିଲେ ନିର୍ଲିପ୍ତ । କୌଣସି ବିଷୟ ବାସନା ତାଙ୍କର ନଥିଲା । ସମାଜରେ ଶିକ୍ଷାର ପ୍ରସାର ଓ ସମାଜ ସେବା ଥିଲା ତାଙ୍କର ମୂଳ ଲକ୍ଷ୍ୟ । ତେଣୁ ସେ ଖୋର୍ଦ୍ଧାରେ ସଂସ୍କୃତ ଟୋଲର ପ୍ରତିଷ୍ଠା ଦିବସରେ ଉଦ୍ୟମକରି ତା'ର ପରିଚାଳନାର ଦାୟିତ୍ୱ ଜୀବନର ଶେଷ ପ୍ରଦୀପ ଲିଭିବା ପର୍ଯ୍ୟନ୍ତ ବହନ କରିଥିଲେ । ସଂସ୍କୃତ ଶିକ୍ଷା ଦ୍ୱାରା ଭାରତୀୟ ସଂସ୍କୃତିର ପୁନରୁଦ୍ଧାର ହୋଇ ପାରିବ ବୋଲି ତାଙ୍କର ଦୃଢ଼ ଧାରଣା ଥିଲା ।

ସେ ଥିଲେ ଏକ କର୍ତ୍ତବ୍ୟ ନିଷ୍ଠ ଦେଶ ପ୍ରେମୀ । ଦେଶର ସ୍ୱାଧୀନତା ପାଇଁ ଶିକ୍ଷାର ପ୍ରସାର ନିତାନ୍ତ ଅପରିହାର୍ଯ୍ୟ ମନେକରି ଖୋର୍ଦ୍ଧା ଭଳି ଏକ ଐତିହାସିକ ପୀଠରେ ଶିକ୍ଷାର ବିସ୍ତାର କରି ତତ୍କାଳୀନ ଦୁର୍ବଳ ସମାଜକୁ ସବଳ କରିବାରେ ବ୍ରତୀ ହୋଇ ଶିକ୍ଷକତାକୁ ତାଙ୍କର ପେଶା ରୂପେ ବାଛିନେଲେ ଏବଂ ୧୯୦୭ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଖୋର୍ଦ୍ଧା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରି ଆସିଲେ ।

ଗରିବ ପିଲାଙ୍କୁ ପାଠ ପଢ଼ାଇବା ତାଙ୍କର ସଉକ ଥିଲା । ତେଣୁ ଗରିବ ଛାତ୍ରଙ୍କୁ ସକାଳବେଳା ମାଗଣାରେ ଟିଉସନ୍ କରୁଥିଲେ । ତାଙ୍କର ଶିକ୍ଷାଦାନ ପ୍ରଣାଳୀ ଏପରି ଥିଲା ଯେ ତାଙ୍କର କୌଣସି ଛାତ୍ର ପରୀକ୍ଷାରେ ଫେଲ ହେଉନଥିଲେ । ସେ ସମସ୍ତ ପାଠ୍ୟ ବିଷୟରେ ଶିକ୍ଷା ଦାନ କରି ପାରୁଥିଲେ । ସ୍ୱର୍ଗତ ବାଙ୍କନିଧି ବାବୁ ତାଙ୍କର ପ୍ରଧାନ ଶିକ୍ଷକତା କାଳରେ ଯଦି କୌଣସି ଅଭିଭାବକ ଯାଇ ତାଙ୍କର ପୁଅକୁ Sent up କରାଇ ଦାବୁ ଅନୁରୋଧ କରୁଥିଲେ ସେ କହୁଥିଲେ ବାଗଚି ବାବୁ ଯଦି ତା'ର ପଢ଼ାର ଦାୟିତ୍ୱ ନେବେ ତେବେ ସେ ବିଚାର କରିବେ । ଏବଂ ତାହା ହିଁ ହେଉଥିଲା । ଏପରି ବହୁତ ବିଦ୍ୟାର୍ଥୀ ତାଙ୍କ ପଠନ ପଦ୍ଧତିକୁ ଅନୁସରଣ କରି ଭଲ ଭାବରେ ପାସ୍ କରି ଜୀବନରେ ଅତି ଉଚ୍ଚାସନ ଲାଭ କରିଛନ୍ତି ଯେଉଁମାନଙ୍କ ପାଖରେ ଆଶୁତୋଷ ଥିଲେ, ଜିଦଙ୍କ ସମାନ । ସେହି ଛାତ୍ରବୃନ୍ଦ ପରବର୍ତ୍ତୀ କାଳରେ ଖୋର୍ଦ୍ଧା ଆସିବାର ସୁଯୋଗ ପାଇଲେ ଆଶୁତୋଷ ବାଗଚିଙ୍କ ଘରକୁ ଆସି ତାଙ୍କ ସହିତ କିଛି ସମୟ ବିତାଇବାକୁ ଉତ୍ସୁକ ଥିଲେ ।

ଶିକ୍ଷା ସାଙ୍ଗକୁ କ୍ରୀଡ଼ା, ଶରୀର ଚର୍ଚ୍ଚାର ଆବଶ୍ୟକତା ଅତି ନରହନ୍ତି ବୋଲି ସେ ସର୍ବଦା କହି ଆସୁଥିଲେ । ତାଙ୍କ ମତରେ ଉତ୍ତମଛାତ୍ରର ଅର୍ଥ କ୍ରୀଡ଼ା ଓ ଶିକ୍ଷାରେ ନିପୁଣତା ହାସଲ କରିବା । Book wormଙ୍କୁ ସେ ସର୍ବଦା ତିରସ୍କାର କରୁଥିଲେ । ସେଥିରେ ଏକ ଦୁର୍ଭାଗ୍ୟ ଶିକ୍ଷାଦାନର ଅନୁଷ୍ଠାନ ସ୍ୱରୂପ । ଯଦିଓ ସେ ଖଣ୍ଡ ଥିଲେ Scout ସଂଗଠନରେ ଯୋଗ ଦେବାକୁ ଏବଂ ସ୍ୱେଚ୍ଛା ସେବକ ଭାବେ ସାମାଜିକ କାର୍ଯ୍ୟରେ ଯୋଗ ଦେବାକୁ ସେ ତାଙ୍କର ଛାତ୍ରମାନଙ୍କୁ ପ୍ରବର୍ତ୍ତାଇ ଥିଲେ । ସେ କହୁଥିଲେ ଏଥିରେ ଜନନ ସଉସତା ବଢ଼େ ।

ଅଥଚ ସେ ଶ୍ରେଣୀରେ ଶିକ୍ଷାଦେବା ବେଳେ ଅତ୍ୟନ୍ତ କଠୋର ଥିଲେ । ସାମାନ୍ୟ ବିଶୃଙ୍ଖଳାକୁ ସେ ବରଦାସ୍ତ କରି ପାରୁନଥିଲେ । ଏବଂ ଛାତ୍ରକୁ ପ୍ରହାର କରିବାକୁ ସେ ପଛାଉ ନଥିଲେ । ତାଙ୍କର ଇଂରାଜୀ ଶିକ୍ଷା ଯେପରି ସରଳ ଥିଲା ସାହିତ୍ୟ, ଇତିହାସ, ଭୂଗୋଳ ସେହିପରି ବୋଧଗମ୍ୟ ହେଉଥିଲା । ମାନଚିତ୍ର ପ୍ରତି ସେ ସର୍ବଦା ଧ୍ୟାନ ଦେଉଥିଲେ ଭୂଗୋଳ ପାଠ ସମୟରେ । ମାନଚିତ୍ର ପ୍ରତି ଛାତ୍ରଙ୍କୁ ଆକୃଷ୍ଟ କରିବାକୁ ସେ ତାଙ୍କର ସହକାରୀ ଶ୍ରୀଯୁକ୍ତ ବାନମ୍ବର ସାମନ୍ତରାୟଙ୍କ ସାହାଯ୍ୟରେ ନେଇ ସିମେଣ୍ଟରେ ଭାରତର ମାନଚିତ୍ର (୨୫'X୨୫') ଚଉଣୀଧରି ଗଢ଼ିଥିଲେ ଖୋର୍ଦ୍ଧାସ୍କୁଲ ପ୍ରାଙ୍ଗଣରେ । ଏହା ଅଦ୍ୟାବଧି ଶୋଭାପାଉଛି । ପ୍ରତ୍ୟେକ ଗିରିଶୃଙ୍ଗର ଆପେକ୍ଷିକ ଉଚ୍ଚତାରେ ଯେପରି ଭୁଲ ନରହେ ତାପାଇଁ ନାନା ଉଚ୍ଚମାନର levelling machine ବ୍ୟବହାର କରୁଥିଲେ ଏବଂ ଉଦକର୍ମୀ ଜାନିବାବୁଙ୍କୁ ନେଇ ପୁନଃ ପରୀକ୍ଷା କରାଉଥିଲେ ।

ଆଶୁତୋଷ ବାଗଚି ଖୋର୍ଦ୍ଧାକୁ ତଥା ଓଡ଼ିଶାକୁ ଖୁବ୍ ଭଲ ପାଉଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ଉତ୍ଥାନ କିପରି ଲାଭକରିବ ସେଥିପାଇଁ ଆଗ୍ରହୀ ଥିଲେ । ଏଥିପାଇଁ ତାଙ୍କର ଘନିଷ୍ଠ ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାଶ (ଉତ୍କଳ ଦୀପିକାର ସମ୍ପାଦକ)ଙ୍କ ସହିତ ଗଢ଼ିଉଠିଥିଲା । ଶେଷରେ ଖୋର୍ଦ୍ଧାରେ ରହିବାକୁ ଇଚ୍ଛାପ୍ରକାଶ କରି ୧୯୩୭ ମସିହାରେ ଏକ ଛୋଟ କୁଟୀର ନିର୍ମାଣ କରି ନିଜକୁ ଖୋର୍ଦ୍ଧାର - ବାସିନ୍ଦା କରି ରହିଲେ ।

୧୯୪୪ ମସିହାରେ ସେ ଶିକ୍ଷକତାରୁ ଅବ୍ୟାହତି ନେଲେ ମଧ୍ୟ ଗରିବ ଛାତ୍ରଙ୍କୁ ଶିକ୍ଷାଦାନରୁ ନିବୃତ୍ତ ହୋଇ ନଥିଲେ । ପ୍ରତ୍ୟେକ ଦିନ ୭/୮ ଜଣ Matriculation ଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରୁଥିଲେ । ତାଙ୍କର ନିଜର ଏହା ସଉକ ଥିଲା ।

୧୯୪୯ ମସିହା ହେଉଛି ଖୋର୍ଦ୍ଧା ହାଇସ୍କୁଲର ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ । ସେତେବେଳେ ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ନେବାକୁ Managing Committee ଅନୁରୋଧ କଲେ ଆଶୁତୋଷଙ୍କୁ ପ୍ରଧାନ ଶିକ୍ଷକ ପଦବୀ ଗ୍ରହଣ କରିବାକୁ । ଏହି ଦିନାବଧିରେ ସେ ଭାର ଗ୍ରହଣ କଲେ ଏବଂ ସେ ସ୍କୁଲ ପରିସରରେ ପଦାର୍ପଣ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ବାତାବରଣ ଅତି ଶାନ୍ତ ହୋଇଗଲା ଏବଂ

ଶୃଙ୍ଖଳା ମଧ୍ୟ ଫେରି ଆସିଲା । କିଛି ଦିନ ପରେ ବିଦ୍ୟାଳୟ କମିଟିରେ ଶ୍ରୀ କ୍ଷୀରେଶ୍ୱର ମିଶ୍ରଙ୍କୁ ପ୍ରଧାନ ଶିକ୍ଷକ ପଦବୀରେ ରଖାଗଲା । ସେହି ବର୍ଷ Matriculation ପରୀକ୍ଷା ଫଳରେ ଅସନ୍ତୋଷ ପ୍ରକାଶ ପାଇବାରୁ ସେ ମହାଶୟ ବିଦାୟ ନେଲେ ।

ପୁଣି ଥରେ Managing Committeeର ସଦସ୍ୟବୃନ୍ଦ ସେତେବେଳେ ଆସି ଆଶୁତୋଷଙ୍କୁ ଅନୁରୋଧ କଲେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟଭାର ଗ୍ରହଣ କରିବାକୁ । ଏଥର ତାଙ୍କୁ କୁହାଗଲା ଯେ ତାଙ୍କର ଉତ୍ତରାଧିକାରୀଙ୍କୁ ବାଛିବାକୁ ।

ଉଚିତ୍ ଦାୟାଦ୍ ପାଇଲେ ସେ । ତାଙ୍କରି ଶିଷ୍ୟ ଶ୍ରୀ ବିଦ୍ୟାସିଂହ ପଟ୍ଟନାୟକ ଯେକି President award ପାଇ ବିଦ୍ୟାଳୟର ତଥା ଆଶୁତୋଷ ବାବୁଙ୍କର ସୁନାମ ରକ୍ଷା କରିଥିଲେ ।

ବାର୍ଦ୍ଧକ୍ୟଜନିତ ଦୁର୍ବଳତା ବଶତଃ ଚଳଚଞ୍ଚଳିରେ ଅକ୍ଷମତା ପ୍ରକାଶ ପାଉଥିବାରୁ ସେ ଆଉ ସାନ୍ଧ୍ୟଭ୍ରମଣ କରିପାରୁ ନଥିଲେ । ପ୍ରାୟତଃ ନିଜଗୃହର ବାରଣ୍ଡାରେ ବସି ରହୁଥିଲେ । ତାଙ୍କର ଦୃଷ୍ଟି ଶକ୍ତି ଥିଲା ଅତି ତୀକ୍ଷ୍ଣ । ସାମ୍ନାର ବଡ ରାସ୍ତାର ଦୂରତା ପ୍ରାୟ ୫୦୦ ଗଜରୁ ଅଧିକ । ଘର ଆଉ ବଡ଼ରାସ୍ତା ମଝିରେ ପଡ଼ିଆରେ ଥିଲା ଆମଗଛ ଓ କିଛି ବୁଦା ଜଙ୍ଗଲ । କୌଣସି ଜଣାଶୁଣା ଲୋକ ଦେଖିଲେ ଚିତ୍କାର କରି ତାଙ୍କୁ ନିମନ୍ତ୍ରଣ କରୁଥିଲେ । ସେ ଆସିଲା ପରେ କୁହନ୍ତି ଚା କପେ ହେଉ ? ମନାକଲେ କୁହନ୍ତି ତୋ ପାଇଁ ମୁଁ ମଧ୍ୟ କପେ ପାଇଯିବି । ଅନେକ ଭଦ୍ରବ୍ୟକ୍ତିଙ୍କର ଏହି ଅଭ୍ୟାସ ନିଶାରେ ପରିଣତ ହୋଇଥିଲା ଏବଂ ଠିକ୍ ସମୟରେ ଆସି ପହଞ୍ଚି ଯାଉଥିଲେ ଚା' ପିଇବାକୁ । ଏଣୁ ସଂଧ୍ୟା ପର୍ଯ୍ୟନ୍ତ ତାଙ୍କର ସମୟ ଗପ ସପ କରିବାରେ କଟିଯାଉଥିଲା । କିନ୍ତୁ ଏହି ଉପରେ ମଧ୍ୟ ସେ ଶିକ୍ଷା ଦେଉଥିଲେ ଆଗନ୍ତୁକମାନଙ୍କୁ । ପୁରାତନ ଶିକ୍ଷକ ମାନେ ଏହି ଆସରକୁ ମଧ୍ୟ ଆସନ୍ତି । ତାଙ୍କ ସଙ୍ଗେ ବିଦ୍ୟାଳୟର ଉନ୍ନତି ପାଇଁ ନୂତନ ଶିକ୍ଷା ପଦ୍ଧତି ପ୍ରଚଳନ କରିବା ବିଷୟରେ ଆଲୋଚନା ହୁଏ । ନବୀନ ଶିକ୍ଷକ ମାନେ ଆସନ୍ତି ତାଙ୍କଠାରୁ ପରାମର୍ଶ ନେବାକୁ ।

ଆଶୁତୋଷଙ୍କ ଜୀବନରେ ତରଳି ଯାଇ ଶୋଭିତ ଅର୍ଦ୍ଧ ଶତାବ୍ଦୀର ଇତିହାସ । ମୋର ମନେଅଛି ସେ ଜଣେ ଭଦ୍ରବ୍ୟକ୍ତିଙ୍କୁ କହିବା । ''ତୋର ବୋକବାପା ମୋର student ଥିଲା ।'' ଖୋର୍ଦ୍ଧା ଇଉଂରାଜୀ ବିଦ୍ୟାଳୟ ସହିତ ସେ ଏତେ ଓତଃପ୍ରୋତ ଭାବରେ ସଂପୃକ୍ତ ଥିଲେ ଯେ କୌଣସି ଅନୁରୋଧ ପ୍ରଧାନ ଶିକ୍ଷକଙ୍କ ପାଖରୁ ଆସିଲେ ସେ ମନା କରୁ ନଥିଲେ । ହାଇସ୍କୁଲର କିରାଣୀ ଉଦ୍ଧବ ବାବୁଙ୍କ ଅକାଳ ମୃତ୍ୟୁ ହେଲେ ହିସାବ ଖାତାକୁ ଠିକ କରାଇ ନୂତନ କିରାଣୀ ରହିବାକୁ ରଖିବା ଇତ୍ୟାଦି କାର୍ଯ୍ୟ ତାଙ୍କ ଦ୍ୱାରା ସମାହିତ ହୋଇଥିଲା ।

୧୯୬୪ ମସିହାର January ମାସର ଏକ ଘଟଣା ମୋର ମନେ ଅଛି । ଶ୍ରୀଯୁକ୍ତ ନୃଶଂସବ ଖାଁ ସାହେବ ଯେକି ସ୍ୱାଧୀନତା ପୂର୍ବରୁ କେନ୍ଦୁଝରେ ରାଜାଙ୍କ ଦିୱାନ ଥିଲେ, ପରେ IAS ପାଇ ଅନେକ ଉଚ୍ଚ ପଦବୀରେ ମଧ୍ୟ ଅଧିଷ୍ଠିତ ହୋଇଥିଲେ । ତାଙ୍କ ଘର ଦେଉଳ ଗ୍ରାମରେ । Retirement ପରେ ସେ ଆସି ନିଜ ଗ୍ରାମରେ ରହୁଥିଲେ । ସେ Pension ନେବାକୁ ଖୋର୍ଦ୍ଧା ଆସନ୍ତି ଏବଂ ପ୍ରାୟତଃ ଆଶୁତୋଷଙ୍କ ସଙ୍ଗେ ସାକ୍ଷାତ କରିବାକୁ ଆସନ୍ତି । ପ୍ରତିଥର ଉପଢୌକନ ସ୍ୱରୂପ Brook Bond Red Cable ଚା ପ୍ୟାକେଟ ଆଣନ୍ତି । ସେ ଥିଲେ ଆଶୁତୋଷଙ୍କ ଛାତ୍ର । ସେ ଦିନେ ସକାଳେ ସକାଳେ ଆସି ପହଞ୍ଚିଲେ । ଚା ପାନ ପରେ ମନଦୁଃଖରେ କହିଲେ ଯେ ତାଙ୍କ ଗ୍ରାମର ସରପଞ୍ଚ ତାଙ୍କୁ ନାନା କୋର୍ଟ ମାମଲା କରିଛି ଜମି ଶିକ୍ଷା ସଂକ୍ରାନ୍ତରେ । ତେଣୁ ସେ ଗାଁ ଛାଡ଼ି ଚାଲିଯିବେ । ସେ ଯେପରି ଭାବରେ ତାଙ୍କୁ ବୁଝାଇ ବିଦାୟ କଲେ ସେ ଘଟଣା ମୋର ଏବେ ବି ମନେ ଅଛି । ''ନୃଶଂସବ । ତମେମାନେ ତ Bill ତିଆରି କଲ, ତାକୁ Support କଲ । ବର୍ତ୍ତମାନ ଏହି କ୍ଷମତା ତୁମକୁ ପ୍ରୟୋଗ କଲାବେଳେ ମନଦୁଃଖ କାହିଁକି ହେଉଛି ? ଭୁଲିଯାଅ ଯେ ତମେ କେବେ ଶାସକ ଥିଲ, ବର୍ତ୍ତମାନ ମୋର ଛାତ୍ର । ସମୟ କେତେ ବଳବାନ୍ ଦେଖୁଛ ? ପରିସ୍ଥିତିକୁ ସମ୍ଭାଳିବା ଶିଖ । ତା'ହେଲେ ମନରେ ଦୁଃଖ ବା ଗ୍ଲାନି ହେବନାହିଁ ।''

ଏପରି ଅନେକ ଘଟଣା ଘଟେ ଆଶୁତୋଷଙ୍କ ପୁରାତନ ଛାତ୍ରଙ୍କ ସହ । କିନ୍ତୁ ସେ ସର୍ବଦା ନିର୍ବିକାର । Ode on solitude କୁ ସେ ଏପରି ମର୍ମସ୍ପର୍ଶୀ କରି ବୁଝାଉଥିଲେ ଯେ ଶ୍ରେଣୀ ମଧ୍ୟରେ ମନେ ହେବ ଜୀବନଟା ଏପରି ବୋଧହୁଏ ହେବା ଉଚିତ୍ । ସେହି ବୋଧହୁଏ ତାଙ୍କର ନିଜର ଚିନ୍ତାଧାରା ସହିତ ଅତି ବେଶି ମିଶି ଯାଉଥିଲା ।

ପଞ୍ଚାନନ ପରିଡ଼ା
ଖୋର୍ଦ୍ଧା

# ପ୍ରଜ୍ଞାପୀଠ ଖୋର୍ଦ୍ଧା ହାଇସ୍କୁଲରେ ମୋର ଶିକ୍ଷକତା- ଏକ ଗରିମାମୟ ଅଧ୍ୟାୟ



**ଶ୍ରୀ ମୁରଲୀଧର ପ୍ରଧାନ**

ଅତୀତର ରୋମନ୍ଥନ କରିବାକୁ ଯାଇ ମୁଁ ସ୍ମୃତିଚାରଣରେ ଟିକିଏ ସନ୍ଧାନିଆ, ଅତୀତ ମହୀୟାନ୍‌ର ଶିକ୍ଷକବୃତ୍ତି ଅବଲମ୍ବନ କଲି। ଇତିହାସରୁ ପ୍ରତୀୟମାନ ହୁଏ ନବନିର୍ମାଣ ଓ ଜାତୀୟ ଏକୀକରଣରେ ଶିକ୍ଷକମାନଙ୍କର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଥିଲା। ଏପରିକି ଭାରତର ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ଶିକ୍ଷକମାନଙ୍କର ତ୍ୟାଗ ଓ ଆଦର୍ଶ ଅତୁଳନୀୟ। ଶିକ୍ଷକ ଜୀବନର ମନ୍ତ୍ର ହେଉଛି ସରଳ, ନିଷ୍କପଟ, ନିର୍ମଳ ତଥା ନୀତିମୟ ଜୀବନ ଯାପନ କରିବା ଓ ମୁନି ଋଷି ମାନଙ୍କ ପରି ଉଦ୍ଦୀପିତ କରିବା। ଜୀବନର ପ୍ରାରମ୍ଭରେ ମାଇନର ଓ ହାଇସ୍କୁଲରେ ଅଧ୍ୟୟନ କରିବାବେଳେ ଆଦର୍ଶ, ସାଧୁ, ସଚ୍ଚୋଟ ତଥା ନିଃସ୍ୱାର୍ଥପର ଶିକ୍ଷକମାନଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ମହନୀୟ ଚରିତ୍ର ଦ୍ୱାରା ଅନୁପ୍ରାଣିତ ହୋଇଥିଲି। ତେଣୁ ଭବିଷ୍ୟତରେ ନେଇ ଜୀବନରେ ଚାକିରିଛାଡ଼ି ଜଣେ ଶିକ୍ଷକ ହେବି ପୁଣି ଶିକ୍ଷକପରି ଶିକ୍ଷକହେବି ଏହାଥିଲା ମୋ' ଜୀବନର ପରମ ଆଉ ଚରମ ଲକ୍ଷ୍ୟ।

୧୯୪୪ ମସିହାରେ ମୁଁ ରେଭେନ୍ସା କଲେଜରୁ ଆଇ.ଏ. ପାସ୍‌କରି ଟିକିଲିପୁରି ନାଗାନର ସ୍କୁଲରେ ପ୍ରଧାନଶିକ୍ଷକ ପଦ ଗ୍ରହଣକଲି। ମାତ୍ର ଟିକେ ବୁଲାବାସପରେ ଖୋର୍ଦ୍ଧା ହାଇସ୍କୁଲର ପ୍ରଧାନଶିକ୍ଷକଙ୍କଠାରୁ ନିଯୁକ୍ତି ପତ୍ର ପାଇ ସେପ୍ଟେମ୍ବର ମାସ ୧୪ ତାରିଖରେ ଖୋର୍ଦ୍ଧା ହାଇସ୍କୁଲରେ ଯୋଗଦେଲି। ମୋ ଆଶା ପରିପୂର୍ଣ୍ଣ ହେବାକୁ ଯାଉଥିବାର ଜାଣିପାରିଲି।

ଖୋର୍ଦ୍ଧା ହାଇସ୍କୁଲର ପରମ୍ପରା ମହାନ୍। କେତେ ଉଦୀୟମାନ ବ୍ୟକ୍ତିମାନେ ଛାତ୍ର ଏହି ପ୍ରଜ୍ଞାପୀଠରେ ବିଦ୍ୟା ଅଧ୍ୟୟନକରି ସାରା ଦେଶରେ ଦୀପ୍ତିମାନ ହୋଇପାରିଛନ୍ତି। ଭାରତର ଜଣେ ଶ୍ରେଷ୍ଠ ପ୍ରତିଭାଧର କବି, ସୁଲେଖକ, ଶିକ୍ଷାବିତ୍ ଡକ୍ଟର ମାୟାଧର ମାନସିଂହ ଏହି ସ୍କୁଲର ଛାତ୍ର ଥିଲେ। ଓଡ଼ିଶୀ ସଙ୍ଗୀତକୁ ଭାରତର ସଙ୍ଗୀତକ୍ଷେତ୍ରରେ ପ୍ରତିଷ୍ଠିତ କରାଇଥିବା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ବି ଏହି ବିଦ୍ୟାପୀଠର ଛାତ୍ରଥିଲେ। ଓଡ଼ିଆସାହିତ୍ୟରେ ପ୍ରବୀଣ ଏବଂ ସଂସ୍କୃତଭାଷାରେ ଧୁରୀଣ ପ୍ରେମିକ ତଥା ଉଗ୍ରଜାତୀୟତାବାଦୀ କବି ବିଷ୍ଣୁଚରଣ ପଟ୍ଟନାୟକ, ବିଶିଷ୍ଟ ଐତିହାସିକ କେଦାରନାଥ ମହାପାତ୍ର ଓ ବିପ୍ଳବୀ କବି ସଚ୍ଚି ରାଉତରାୟଙ୍କୁ ନେଇ ଏ ସ୍କୁଲ ମହାନ୍। ତେଣୁ ଏହି ମହାନ୍ ସ୍କୁଲରେ ମୁଁ ଜଣେ ଯୋଗ୍ୟଶିକ୍ଷକ ହେବି ଭାବି ନିଜକୁ ଧନ୍ୟ ମନେକଲି।

ସେତେବେଳେ ସମଗ୍ର ଓଡ଼ିଶାରେ ଏହା ଏକ ପ୍ରଖ୍ୟାତ ହାଇସ୍କୁଲଥିଲା। ପ୍ରଖ୍ୟାତ ହାଇସ୍କୁଲର ପ୍ରଖ୍ୟାତ ହେଡ୍‌ମାଷ୍ଟର ଥିଲେ ରାୟସାହେବ ବାଙ୍କନିଧି ପଟ୍ଟନାୟକ। ସେ ଜଣେ ଧୀଶକ୍ତି ସମ୍ପନ୍ନ ବ୍ୟକ୍ତି ଆଉ ଯୋଗ୍ୟ ଶିକ୍ଷାବିତ୍ ଏପରିକି ସେତେବେଳେ ଇଂରେଜୀ ଶିକ୍ଷାଦାନ ବିଷୟରେ ସମଗ୍ର ବିହାର ଓଡ଼ିଶାରେ ସେ ପ୍ରସିଦ୍ଧି ଲାଭ କରିଥିଲେ। ସେ ଥିଲେ ସାହିତ୍ୟ ସାଧକ, ସଫଳ ନାଟ୍ୟକ, ବ୍ୟାସକବି ଫକୀରମୋହନ ସେନାପତିଙ୍କର ଲେଖାଶୈଳୀ ଅନୁକରଣକରି କଲମ ଚାଳନା କରୁଥିଲେ। ଦେଖିବାକୁ ସୁମୂର୍ତ୍ତିମାନ୍, ବିଶାଳବପୁ ବିଶିଷ୍ଟ ଗୌରବର୍ଣ୍ଣ ଚେହେରା, ପରସିଆ ନଶିଶ, ଲୋକ ସମାବେଶରେ ବାରି ହୋଇପଡ଼ନ୍ତି। ସେ ଥିଲେ କଠୋର ଶୃଙ୍ଖଳାରକ୍ଷକ ଆଉ ଭଲ ଇଂରାଜୀର ପ୍ରଧାନଶିକ୍ଷକ। ବ୍ରିଟିଶ ସରକାର ତାଙ୍କ ଗୁଣ ଗରିମାରେ ମୁଗ୍ଧହୋଇ ତାଙ୍କୁ ରାୟସାହେବ ଉପାଧିରେ ଭୂଷିତ କରିଥିଲେ।

ସେଦିନ ପ୍ରଧାନଶିକ୍ଷକଙ୍କୁ ସାକ୍ଷାତକରି ଶ୍ରେଣୀମଧ୍ୟରେ ପ୍ରବେଶକଲି। ପିଲାମାନଙ୍କ ଆସନରେ ମୋତେ ଦେଖି ପରିହାସ କରେଇ ଦେଉଥିଲେ। ସେତେବେଳକୁ ମୋତେ ୨୨ ବର୍ଷ ବୟସ। ଏହାଦଶମ ଶ୍ରେଣୀର କେତେକ ପିଲା ମୋ ବୟସର ବା ମୋଠାରୁ ଟିକିଏ ସାନ କିଏ ଜାଣିକି ଧୋତି କୁର୍ତ୍ତା ପରିହିତ କୃଶତନୁବିଶିଷ୍ଟ ଲୋକଟାକୁ ଖାତିରି କରିବେ ? ତଥାପି ଏତେବଡ଼ ହାଇସ୍କୁଲରେ ପ୍ରବେଶକରି ହତ୍‌ଚକିତ ହେଇଗଲି। ଶିକ୍ଷକ ବଂଶୀଧର ସୁବୁଦ୍ଧି ମାଷ୍ଟ୍ରଙ୍କରେ ଅନ୍ୟକୁ ଚାହିଁସାରି ଇଡ଼ ଥାଏ। ଗୁଟିକରେ କିଛି ପରିବର୍ତ୍ତନ କରେଇ ତାଙ୍କ ପିରିଅଡ଼ଗୁଡ଼ିକ ମୋତେ ଦିଆହୋଇଥାଏ। ମୋତେ କି ପଢ଼ାଇବାକୁ ନଥିଲା, ମୁଁ କ'ଣ ପଢ଼େଇବି। ମୋତେ ନବମଶ୍ରେଣୀରେ ଗଣିତ, ଓଡ଼ିଆ ଓ ବାଂଲାର କିଛି ଅଂଶ ପଢ଼େଇବାକୁ ପଡ଼ିଲା। ମୁଁ ଭଲଛାତ୍ର ଥିଲି ବୋଲି ପ୍ରଧାନଶିକ୍ଷକ ବିଦ୍ୟାଳୟର ବରିଷ୍ଠଶିକ୍ଷକ ଶ୍ରୀ ରଘୁନାଥ ମହାନ୍ତିଙ୍କଠାରୁ ପୂର୍ବରୁ ଅବଗତହୋଇଥିଲେ। ତେଣୁ ମୋ ପ୍ରତି ତାଙ୍କର ଏପରି ଅନୁକମ୍ପା। ମୁଁ ବି କଠୋର କର୍ତ୍ତବ୍ୟପରାୟଣ, ଦୃଢ଼ ଶୃଙ୍ଖଳା ରକ୍ଷକ ଏବଂ ଜ୍ଞାନପିପାସୁ ଥିଲି। ମୁଁ ପ୍ରସ୍ତୁତ ହୋଇ ଆସିକି ଶ୍ରେଣୀରେ ଭଲ ଅଧ୍ୟାପନା କରିବି ବୋଲି। ଦରମା ପାଇଲି ମାସକୁ ଟ ୩୫.। ମେସ୍ ଜୀବନ ଯାପନ କଲି।

୧୯୪୪ ମସିହାରୁ ୧୯୬୯ ମସିହା ପର୍ଯ୍ୟନ୍ତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଏହି ମହାନ୍ ବିଦ୍ୟାଳୟରେ ମୁଁ ଶିକ୍ଷକତା ଅବଲମ୍ବନ କରିଥିଲି।

ଚାକିରିକାଳ ଭିତରେ ଶିକ୍ଷକର ଗୁଣ ଗୁଡ଼ିକ ଆହରଣ କରିବାକୁ ସତତ ଚେଷ୍ଟା କରିଛି ସଫଳ ବି ହୋଇଛି । ମୋର ଶେଷ ହେଡ୍‌ମାଷ୍ଟର ଥିଲେ ଶ୍ରୀ ବିଶ୍ୱଜିତ୍ ପଟ୍ଟନାୟକ । ସେ ମଧ୍ୟ ବାଙ୍କିନିଧି ବାବୁଙ୍କ ପରି ଜଣେ କୃତୀ ପ୍ରଧାନଶିକ୍ଷକ ଥିଲେ ଏବଂ ରାଷ୍ଟ୍ରପତି ପୁରସ୍କାର ଲାଭ କରିଥିଲେ ।

ମୋ ଚାକିରି କାଳ ଆରମ୍ଭରେ ଯେଉଁ ବରେଣ୍ୟ-ଶିକ୍ଷକବୃନ୍ଦ ଖୋର୍ଦ୍ଧା ହାଇସ୍କୁଲରେ ଅଧ୍ୟାପନା କରୁଥିଲେ ସେମାନଙ୍କ ମଧ୍ୟରେ ସର୍ବଶ୍ରୀ ନନ୍ଦ ନନ୍ଦ ମହାନ୍ତି, ବାଳମୁକୁନ୍ଦ ସାମନ୍ତରାୟ, ଆଶୁତୋଷ ବାଗ୍‌ଚୀ, ବେଣୁଧର ଶତପଥି, ପଣ୍ଡିତ ଗଙ୍ଗାଧର ହୋତା, ନୀଳମଣି ମିଶ୍ର, ନେତ୍ରାନନ୍ଦ ମିଶ୍ର, ରଘୁନାଥ ମିଶ୍ର, ଭୁବନେଶ୍ୱର ମିଶ୍ର ଓ ରାମଚନ୍ଦ୍ର ରାଜଗୁରୁ । ସେତେବେଳକୁ ଗଣିତ ଶିକ୍ଷକ ପଦ୍ମଚରଣ ରାୟମନ, ରାଧାଚରଣ ସାହୁ, ନୂଆକୋଶାର ବଂଶୀଧର ପରିଡ଼ା ପ୍ରଧାନ ଶିକ୍ଷକ ପଦ ଲାଭ କରି ଅନ୍ୟତ୍ର ଚାଲିଗଲେଣି । ଯେଉଁ ଶିକ୍ଷକମାନଙ୍କ ସଂସ୍ପର୍ଶରେ ମୁଁ ଆସିଥିଲି ସେମାନେ ସମସ୍ତେ ଗୁଣବାନ୍, ପଣ୍ଡିତ, କର୍ମତତ୍ପର ଏବଂ ପାଠ ପଢ଼େଇବାରେ ଧୁରନ୍ଧର । ବିଦ୍ୟାଳୟ ସେତେବେଳେ ଉଚ୍ଚକୋଟିର ସ୍କୁଲ ଥିଲା । ଶିକ୍ଷକମାନେ ବିଦ୍ୟାଳୟର ମାନମହତ ରକ୍ଷା କରିବାପାଇଁ ସର୍ବଦା ଚେଷ୍ଟିତ ଥିଲେ । ରାମଚନ୍ଦ୍ର ରାଜଗୁରୁ ଭଲ ଖେଳାଳୀ ଥିଲେ ମୁଁ ବିଦ୍ୟାଳୟରେ ପ୍ରବେଶ କଲାବେଳକୁ ରାମଚନ୍ଦ୍ର ରାଜଗୁରୁ ବାରିପଦାରେ ଖେଳରେ ଜିତି ଶିଲ୍ଡ ନେଇ-ଫେରୁଥିଲେ । ମୁଁ ବିଦ୍ୟାଳୟରେ ଯୋଗଦେଲାବେଳେ ଦଶ ପନ୍ଦର ଜଣ ବାଳିକା ପିଲା ଅଧ୍ୟୟନ କରୁଥିଲେ । ଉପର ଶ୍ରେଣୀରେ ଅଧ୍ୟୟନ କରୁଥିବା ଶ୍ରୀମତୀ ଯୋଗମାୟା ଓ ମହାମାୟା ପଟ୍ଟନାୟକ ବର୍ତ୍ତମାନ ସମଗ୍ର ଓଡ଼ିଶାରେ ପ୍ରତିଷ୍ଠିତା ସ୍ୱନାମଧନ୍ୟା ଡାକ୍ତର ଓ ଗୁରୁଜଙ୍ଗର ଶ୍ରୀ ବାସୁଦେବ ରାଉତରାୟ ଭାରତ ସେନାବାହିନୀରେ ଜଣେ ବହୁ ପ୍ରଶଂସିତ ପ୍ରଖ୍ୟାତ ଡାକ୍ତର ।

ବାଙ୍କିନିଧି ବାବୁ ଖୋର୍ଦ୍ଧା ହାଇସ୍କୁଲରେ ପ୍ରାୟ ତିରିଶବର୍ଷକାଳ ପ୍ରଧାନଶିକ୍ଷକରୂପେ ଅବସ୍ଥାନ କରିଥିଲେ । ସେ ଖୋର୍ଦ୍ଧା ସହରକୁ ଛଅଗୋଟି ଇଉନିଟ୍‌ରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ଇଉନିଟ୍‌କୁ ଜଣେ ଜଣେ ଶିକ୍ଷକଙ୍କ ଦାୟିତ୍ୱରେ ଛାଡ଼ିଦେଇଥିଲେ । ମୋ ଭାଗରେ ପଡ଼ିଥିଲା ରାଧାବଲ୍ଲଭ ସାହି ଓ ବରୁଣାଇ ସାହି । ମୁଁ ବହୁବାର ସେ ସାହିମାନଙ୍କୁ ପାଠପଢ଼ା ସମୟରେ ଯାଇ ପିଲାମାନେ ଅଧ୍ୟୟନରତ ଅଛନ୍ତି କି ନାହିଁ ତଦାରଖ କରୁଥିଲି । ସେମାନଙ୍କର ଅଭିଭାବକମାନେ ବି ସହଯୋଗ କରୁଥିଲେ । ତାଙ୍କପରେ ଆସିଥିବା ନୂତନ ହେଡ୍‌ମାଷ୍ଟର ମାଷ୍ଟ୍ର ଯାଦବାନନ୍ଦଙ୍କ ଦ୍ୱାରା ପ୍ରଭାବିତ ହୋଇ ବାଙ୍କିନିଧିବାବୁ ସୁଯୋଗ୍ୟ ହେଡ୍‌ମାଷ୍ଟରଙ୍କ ଭୂମିକା ଗ୍ରହଣକରି ତାଙ୍କର ପରମ୍ପରାକୁ ଅନୁକରଣ କରି ସେପରି ବ୍ୟବସ୍ଥା ନିଜ ସ୍କୁଲରେ ପ୍ରଚଳନ କରେଇଥିଲେ । ଏହାଦ୍ୱାରା ଭଲ ଫଳ ମିଳୁଥିଲା । କିନ୍ତୁ ତାଙ୍କ ପରେ ପରେ ଏ ସୁନ୍ଦର ପ୍ରଥାଟି ବନ୍ଦ ହୋଇ ଯାଇଥିଲା । ସେତେବେଳେ ସ୍କୁଲ ଇନସ୍ପେକ୍ଟର ନିୟମିତଭାବେ ପ୍ରତିବର୍ଷ ସ୍କୁଲ ପରିଦର୍ଶନ କରୁଥିଲେ ଏବଂ ଛାତ୍ର ଛାତ୍ରୀମାନଙ୍କର ଲେଖାଲେଖିରେ ଖୁବ୍ ଗୁରୁତ୍ୱ ଆରୋପ କରୁଥିଲେ ।

ବାଙ୍କିନିଧିବାବୁ ଜ୍ଞାନୀ ଓ ସୁଲେଖକ ଥିଲେ । ସେ ମଧ୍ୟ ମନଭରି ପୁସ୍ତକ ଅଧ୍ୟୟନ କରୁଥିଲେ । ବଙ୍ଗଳା ଭାଷାରେ ତାଙ୍କର ଭଲପ୍ରବେଶ ଥିଲା । ବିଦ୍ୟାଳୟର ପୁସ୍ତକାଗାରରେ ସେ ନାନାଭାଷାର ପୁସ୍ତକ ସଞ୍ଚିତକରି ରଖିଥିଲେ । ପିଲାମାନଙ୍କର ପଠନସ୍ପୃହା ବୃଦ୍ଧିକରିବା ନିମିତ୍ତ ସେ ଶ୍ରେଣୀପୁସ୍ତକାଗାର ପ୍ରଚଳନ କରିଥିଲେ । ତାଙ୍କ ସମୟରେ ସେ ଛାତ୍ରବାସରେ ମଧ୍ୟ ଏକ ସୁସଜ୍ଜିତ ଲାଇବ୍ରେରୀ ପ୍ରତିଷ୍ଠା କରିଥିଲେ । ବିଦ୍ୟାଳୟର ଭିତର ଦିଗକୁ ଚାହିଁଲେ ଛାତ୍ରବାସ ଗୋଟିଏ ଦୁର୍ଗପରି ଜଣାପଡ଼ୁଥିଲା ।

ମୁଁ ୨ୟ ବିଶ୍ୱଯୁଦ୍ଧର ଘନଘଟାବେଳରେ ବିଦ୍ୟାଳୟରେ ଯୋଗଦେଇଥିଲି । ସେତେବେଳେ ସର୍ବପ୍ରଥମେ ଆମରାଜ୍ୟରେ ଯୋଗାଣବିଭାଗ ସୃଷ୍ଟି ହେଲା । ଖୋର୍ଦ୍ଧା ସହରରେ ଚିନି, ଚାଉଳ, ଗହମଜାତ ଦ୍ରବ୍ୟ ଓ କିରାସିନିର ସୁଷମବଣ୍ଟନ ପାଇଁ ଖାଦ୍ୟକମିଟି ଗଢ଼ା ହୋଇଥିଲା । ଖୋର୍ଦ୍ଧାର ଏସ୍.ଡି.ଓ. ଥାଆନ୍ତି ରାୟବାହାଦୁର ଗୋପୀନାଥ ବେହେରା ଓ ଆସିଷ୍ଟାଣ୍ଟ ସିଭିଲ୍ ସପ୍ଲାଇ ଅଫିସର ଥାଆନ୍ତି ଶ୍ରୀ ଯୋଗେନ ଚନ୍ଦ୍ର ଦାସ । ଏମାନଙ୍କ ପରାମର୍ଶରେ ୧୧ ଜଣିଆ ଖାଦ୍ୟବଣ୍ଟନ କମିଟିରେ ମୁଁ ଜଣେ ସଭ୍ୟଭାବେ ମନୋନୀତ ହେଲି । ପୁନଃ ତିନିଜଣିଆ ସବ୍‌କମିଟିରେ ମୁଁ ଜଣେ ସକ୍ରିୟ ସଭ୍ୟ ଭାବେ ପ୍ରତି ସପ୍ତାହରେ ଶନିବାର ଅପରାହ୍ଣ ୫ ଘଟିକା ସମୟରେ ବଣ୍ଟନକାର୍ଯ୍ୟ ସମ୍ପାଦନ କରୁଥିଲି । ଏହା ଗୋଟିଏ ଅବୈତନିକ ସଂସ୍ଥା ଥିଲା । କିନ୍ତୁ ଏଥିରେ ସ୍ଥାନପାଇବା ଦ୍ୱାରା ମୋ ପରି ଜଣେ ନବାଗତର ସହରରେ ଲୋକପ୍ରିୟତା ବୃଦ୍ଧିପାଇଲା ।

୧୯୪୫ ମସିହାରେ ୨ୟ ବିଶ୍ୱଯୁଦ୍ଧ ଶେଷ ହେଲା । ଇଂଲଣ୍ଡରେ ଶ୍ରମିକଦଳ କ୍ଷମତାକୁ ଆସିଲେ । ୧୯୪୬ ମସିହାରେ ଜାତୀୟ କଂଗ୍ରେସର ଶକ୍ତି ବୃଦ୍ଧି ପାଇଲା । ଦେଶରେ ନିର୍ବାଚନ ହେଲା କଂଗ୍ରେସଦଳ କ୍ଷମତାକୁ ଆସିଲା । ବ୍ରିଟିଶ ସରକାର ଜାଣିଲେ ଭାରତରେ ସେମାନଙ୍କର ପରମାୟୁ ସରି ସରି ଆସୁଛି । ଶ୍ରୀ ବନମାଳୀ ପଟ୍ଟନାୟକ ଓଡ଼ିଶା କଂଗ୍ରେସର ସମ୍ପାଦକ ହିସାବରେ ନିର୍ବାଚିତ ହୋଇଥିଲେ । ପୁଣି ବିଧାନସଭା ନିର୍ବାଚନରେ ସେ ଖୋର୍ଦ୍ଧାରୁ ସଦସ୍ୟପଦ ପାଇବାରୁ ଖୋର୍ଦ୍ଧା ହାଇସ୍କୁଲର ପରିଚାଳନା ବୋର୍ଡ଼ରେ ସେ ଜଣେ ବିଶିଷ୍ଟ ସଭ୍ୟଭାବେ ସ୍ଥାନଟିଏ ପାଇଲେ ।

୧୯୪୭ ମସିହା ମାଟ୍ରିକ୍ ପରୀକ୍ଷାରେ ଏହି ବିଦ୍ୟାଳୟର ଦୁଇଜଣ ମେଧାବୀଛାତ୍ର ଶ୍ରୀମାନ୍ ପ୍ରଭାକର ମହାପାତ୍ର ଓ ଶ୍ରୀମାନ୍ ସଚ୍ଚିଦାନନ୍ଦ ସିଂହ ଉତ୍କଳବିଶ୍ୱବିଦ୍ୟାଳୟରେ ଯଥାକ୍ରମେ ୧ମ ଓ ୮ମ ସ୍ଥାନ ଅଧିକାର କରି ବିଦ୍ୟାଳୟର ସୁନାମ ଆଶାତୀତ ବୃଦ୍ଧି କରିଥିଲେ । ସେତେବେଳେ ସମଗ୍ର ପୁରୀଜିଲ୍ଲା ଓ ନିକଟବର୍ତ୍ତୀ ଗଡ଼ଜାତ ଅଞ୍ଚଳପାଇଁ ପୁରୀରେ ଗୋଟିଏ ମାତ୍ର ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରିତ ହୋଇଥିଲା । ୧୯୪୯ ମସିହାରେ ନୂତନ ହୋଇ ପୁରୀଜିଲ୍ଲାରେ ଆଉ ଗୋଟିଏ ପରୀକ୍ଷାକେନ୍ଦ୍ର ସ୍ଥାପିତ ହେଲା, ତାହା ହେଲା ଖୋର୍ଦ୍ଧା କେନ୍ଦ୍ର । ପରୀକ୍ଷା କେନ୍ଦ୍ର ପାଇଁ ନିୟମ କଡ଼ାକଡ଼ି ପାଳିତ ହେଉଥିଲା ।

୧୯୪୭ ମସିହା ଅଗଷ୍ଟ ପନ୍ଦରରେ ଦେଶ ସ୍ୱାଧୀନ ହୋଇଯିବାରୁ ଦେଶସାରା ନୂତନ ଉନ୍ମାଦନା ଖେଳିଗଲା । ପରବର୍ଷ ପରୀକ୍ଷାବେଳେ ମୁଁ କୃତିତ୍ୱର ସହ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି । ସେତେବେଳେ ବନମାଳୀ ବାବୁ ତାଙ୍କର ଖୋର୍ଦ୍ଧା ବାସଗୃହରେ ଅବସ୍ଥାନ କରୁଥାଆନ୍ତି । ସେହି ସମୟରେ ହାଇସ୍କୁଲ ଛାତ୍ରାବାସର ପିଲାମାନେ ଅନେକ ପରିଚାଳକଙ୍କ ବିରୁଦ୍ଧରେ ହଠାତ୍ ଷ୍ଟ୍ରାଇକ କଲେ । କର୍ତ୍ତୃପକ୍ଷ ବଡ଼ ଅଡୁଆରେ ପଡ଼ିଲେ । ପରିଚାଳକଙ୍କୁ ଅନ୍ତର କରିଦେଲେ ମାତ୍ର କୌଣସି ଶିକ୍ଷକ ଛାତ୍ରାବାସର ଦାୟିତ୍ୱ ବହନ କରିବା ପାଇଁ ଆଗେଇ ଆସିଲେ ନାହିଁ । ବନମାଳୀବାବୁଙ୍କ ପ୍ରରୋଚନାରେ ମୁଁ ଏତେବଡ଼ ଛାତ୍ରାବାସର ଦାୟିତ୍ୱ ବହନ କଲି । କହେଁ ପଣିଆ ନ କରିଲେ ଲୋକ ଟାଣ ହୋଇପାରିବ ନାହିଁ । ନ୍ୟାୟ ପଥରୁ ଟିକେ ହେଲେ ବିଚ୍ୟୁତ ହେଲି ନାହିଁ । ଅନ୍ତେବାସୀ ଛାତ୍ର ଓ କର୍ତ୍ତୃପକ୍ଷ ଉଭୟଙ୍କର ବିଶ୍ୱାସଭାଜନ ହେବାପାଇଁ ମୋତେ ବହୁପରିଶ୍ରମ କରିବାକୁ ପଡ଼ିଲା । ପିଲାମାନେ ମୋତେ ଭାରି ସମ୍ମାନ ଦେଲେ । ମୁଁ ଧୈର୍ଯ୍ୟର ସହିତ ଅନ୍ତେବାସୀମାନଙ୍କୁ ପାଳନ କଲି ।

ଯେତେଦୂର ମନେପଡୁଛି ୧୯୪୬-୪୭ ମସିହାରେ ଜଟଣୀପାଖ କୁସୁମାଟିର ଦୁଇଜଣ ହରିଜନ (ମଳିକ) ପିଲାଙ୍କୁ ଛାତ୍ରାବାସରେ ସ୍ଥାନ ଦିଆଯାଇନଥାଏ । ସେ ଦୁହେଁ ଦୁଇଭାଇ । ପ୍ରଧାନଶିକ୍ଷକଙ୍କ କ୍ୱାଟର ନିକଟବର୍ତ୍ତୀ ଶ୍ରୀଚନ୍ଦନ ମହାଶୟଙ୍କ ବାସଘରେ ଭଡ଼ାଘରରେ ସେମାନେ ଅବସ୍ଥାନ କରୁଥାଆନ୍ତି । ଛାତ୍ରାବାସରେ ମୁସଲମାନ, ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟଧର୍ମାବଲମ୍ବୀପିଲାମାନେ ରହୁଥିଲେ ମଧ୍ୟ ହିନ୍ଦୁ ଅସ୍ପୃଶ୍ୟମାନଙ୍କୁ ସ୍ଥାନ ଦିଆ ଯାଉନଥିଲା । ମୁଁ ୪୮ ମସିହାରେ ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ୍ ହେବା ସଙ୍ଗେ ସଙ୍ଗେ ସେ ପିଲାଦୁହିଁଙ୍କୁ ଛାତ୍ରାବାସରେ ରଖାଇବାକୁ ଚାହାଁଲି । ମୁଁ ଆଗରୁ କଂଗ୍ରେସ ଆନ୍ଦୋଳନକୁ ସମର୍ଥନ କରୁଥିଲି । ୧୯୪୨ ଭାରତଛାଡ଼ ଆନ୍ଦୋଳନରେ ମୁଁ ନେତୃତ୍ୱ ନେଇପାରିନଥିଲେ ମଧ୍ୟ ରେଭେନ୍ସାକଲେଜରେ ଦୀର୍ଘ ୨ ମାସ ପର୍ଯ୍ୟନ୍ତ ଧର୍ମଘଟରେ ସକ୍ରିୟଅଂଶ ଗ୍ରହଣ କରିଥିଲି । ମୋର ଆର୍ଥିକ ଦୁରବସ୍ଥା ହେତୁ ମୁଁ ସେତିକି ମନ ବଳେଇପାରି ନାହିଁ । କିନ୍ତୁ ବନମାଳୀ ବାବୁଙ୍କ ସହିତ କଂଗ୍ରେସ୍ ସଭାମାନଙ୍କରେ ମୁଁ ଯୋଗ ଦେଉଥିଲି । ସୁପରିଣ୍ଟେଣ୍ଡେଣ୍ଟ ହେବା ସଙ୍ଗେ ସଙ୍ଗେ ମଳିକ ପିଲାଦୁହିଁଙ୍କୁ ସେଠାରୁ ଆଣି ଛାତ୍ରାବାସରେ ରଖାଇଲି । ସ୍ଥାନୀୟ କେତେକ ଲୋକ ପ୍ରଭାବୀ ବାଦର ମଧ୍ୟରେ ବାଧା ବୁଝାଉଣ ସୃଷ୍ଟି ହେଲା । ହେଲେହେଁ, ସେଥିପ୍ରତି ମୁଁ କର୍ଣ୍ଣପାତ କଲିନାହିଁ । ଛାତ୍ରାବାସ ଶୃଙ୍ଖଳିତ ଭାବେ ସୁରୁଖୁରୁରେ ଚାଲିଲା । ପିଲାମାନଙ୍କୁ ଦଣ୍ଡଦେଇ ଶାସନ କଲି ପୁଣି ନିଜ ପୁଅପରି ସ୍ନେହ, ଶ୍ରଦ୍ଧା ବି ଅଜାଡ଼ି ଦେଲି । ସେମାନଙ୍କର ମୋ ପ୍ରତି ଭୟ ଓ ଭକ୍ତି ରହିବାର କାର୍ଯ୍ୟକଲି । ଅଣତାଲିମ ଶିକ୍ଷକମାନଙ୍କୁ ତାଲିମ ଦେବାପାଇଁ ବାଜନିଧିବାବୁ ନିଜ ସ୍କୁଲରେ ପ୍ରତିମାସରେ ଲୋକିଂ ଲେସନ ଡେମନଷ୍ଟ୍ରେସନ ପିରିଅଡ଼ର ବନ୍ଦୋବସ୍ତ କରିଥିଲେ । ଏହାଦ୍ୱାରା ଶିକ୍ଷାଦାନ ବିଷୟରେ ଶିକ୍ଷକମାନଙ୍କର ଜ୍ଞାନର ପରିମାର୍ଜିତ ହେଉଥିଲା । ତାଙ୍କପରେ କୌଣସି ହେଡ୍‌ମାଷ୍ଟ୍ରର ଏପରି ବ୍ୟବସ୍ଥା କରିନଥିଲେ । ବାଜନିଧିବାବୁ ଗୁଣର ପୂଜାରୀ ଥିଲେ । କଥାରେ ଅଛି ''ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ'' । ବାଜନିଧିବାବୁ ପକ୍କା ହେଡ୍‌ମାଷ୍ଟର ଥିଲେ । ସେ କଷଟି ପଥରରେ ମୋତେ କଷି ଦେଉଥିଲେ । ସେ ମହା ପ୍ରତାପୀ ହେଡ୍‌ମାଷ୍ଟର । କିନ୍ତୁ ମୁଁ ପିଲାମାନଙ୍କୁ ପଢ଼ାଉଥିଲାବେଳେ ସେ ମୋ' ଶ୍ରେଣୀ ଭିତରକୁ ଆଦୌ ପ୍ରବେଶ କରୁନଥିଲେ । ସେ ବାହାରେ ରହି ମୋ' ପାଠପଢ଼ା ଅନୁଧ୍ୟାନ କରୁଥିଲେ । ମୋର ଢଙ୍ଗ-ଢାଙ୍ଗ, ପାଠ ପଢ଼ା, କର୍ତ୍ତବ୍ୟପରାୟଣତା, ଶୃଙ୍ଖଳିତ ଦେଖି ବାଜନିଧିବାବୁ ମୋତେ ଅତି ଆଦର କରୁଥିଲେ ଓ ବିଦ୍ୟାଳୟ କାର୍ଯ୍ୟରେ ମୋର ସାହଚର୍ଯ୍ୟ ଲୋଡୁଥିଲେ ।

ଶିକ୍ଷକହେବାପାଇଁ ମୁଁ ପୂର୍ବରୁ ସ୍ଥିର କରିଥିଲି । ଶିକ୍ଷକଜୀବନ ଶାନ୍ତିପୂର୍ଣ୍ଣ ଜୀବନ, ନିର୍ମଳ ଜୀବନ ଓ ନିଷ୍ପାପ ଜୀବନ । ଜଣେ ପ୍ରତିଷ୍ଠିତ ଶିକ୍ଷକ ହେବାକୁ ହେଲେ ବହୁ ସୁଗୁଣର ଅଧିକାରୀ ହେବାକୁ ପଡ଼ିଥାଏ । ସେଥି ମଧ୍ୟରୁ ପ୍ରଥମଟି ହେଲା ଚରିତ୍ର । ନିର୍ମଳ ଚରିତ୍ର ଶିକ୍ଷକକୁ ଶୀର୍ଷଦେଶକୁ ନେଇଯିବ । କଥାରେ ଅଛି -

''ଥିଲେ ଆଉ ପଛେ ଗୁଣ ଅପାର
ଚରିତ୍ର ନଥିଲେ ସବୁ ଅସାର ।''

ଶିକ୍ଷକ କେବଳ ବାଳକ ସ୍କୁଲରେ ପଢ଼ାଉ ବା ବାଳକ-ବାଳିକା ମିଶ୍ରିତ ସ୍କୁଲରେ ପଢ଼ାଉ, ସେ ଚରିତ୍ରବାନ୍ ହେବା ଆବଶ୍ୟକ । ସେ ଖଣ୍ଡାଧାରରେ ବାଟ ଚାଲିବ । ନଚେତ୍ ରସାତଳଗାମୀ ହେବ । ମୁଁ ସ୍ୱଭାବତଃ ସରଳ ଓ ଚରିତ୍ରବାନ । Plain living and high thinking ହେଉଛି ମୋର ଧ୍ୟେୟ । ମୋତେ ତ ଦେଶ ସେବା କରିବାର ଭାଗ ଆଉ ମିଳିବା ନାହିଁ । ତେଣୁ ମର୍ଯ୍ୟାଦାପୂର୍ଣ୍ଣ ଶିକ୍ଷକ ବୃତ୍ତି ଧରିଛି । ପିଲାମାନଙ୍କୁ ସୁନାଗରିକ କରିବାପାଇଁ ମୁଁ ଯତ୍ନଶୀଳ ହେଲି । କୁମ୍ଭାରପରି ମାଟିଚକି ଗଢ଼ିଲି । କିଶୋର ବୟସଟି ଭବିଷ୍ୟତ ଗଠନ ପାଇଁ ଅତ୍ୟନ୍ତ ମୂଲ୍ୟବାନ । ମୁଁ କାହିଁ ପିଲାମାନଙ୍କୁ ଛାଡ଼ିବି ? ଦୁଷ୍ଟ ଅବାଧ୍ୟ ପିଲାଙ୍କୁ କାନ ମୋଡ଼ି ପଠାଇ ବାଟକୁ ଆଣୁଥିଲି । ପିଲା ଯେତେ ଦୁର୍ଦ୍ଦାନ୍ତ ହେଲେ ମଧ୍ୟ ମୋ ଆଗରେ ବାହାରେ ନଥିଲେ । ଶସ୍ତା ଲୋକପ୍ରିୟତା ମୋ' ନୀତିରେ ନଥିଲା । ପିଲାମାନେ ଭଲ ବହି ପଢ଼ନ୍ତୁ, ଦେଶକଥା ଜାଣନ୍ତୁ, ଭଲ ମଣିଷ ହୁଅନ୍ତୁ ଏହାଥିଲା ମୋର ନୀତି । ପିଲା କେଉଁ ବହି ପଢ଼ିବ, କେଉଁ ବହି ପଢ଼ିବ ନାହିଁ ତାହା ସେମାନଙ୍କୁ କହୁଥିଲି । ସେମାନଙ୍କୁ ମୁଁ କୋଡ଼େ ଗୋଡ଼େ କରିଥାଏ ।

୧୯୪୯ ମସିହା ଜୁଲାଇ ମାସରେ ବି.ଇଡ଼ି ପଢ଼ିବାକୁ ମୁଁ ବିଦ୍ୟାଳୟରୁ ଛୁଟିନେଇ କଟକଯାତ୍ରା କଲି । ୧୯୫୦ ମେ ମାସରେ ଟ୍ରେନିଂରୁ ଫେରି ବିଦ୍ୟାଳୟରେ ପୁନଶ୍ଚ ଯୋଗଦେଲି । ସେତେବେଳକୁ ବାଜନିଧି ବାବୁ ସ୍କୁଲରୁ ବିଦାୟ ନେଇଛନ୍ତି । ଶ୍ରୀ ଜ୍ଞାନେଶ୍ୱର ମିଶ୍ର ଏମ୍.ଏ. ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥାନ୍ତି । ମାତ୍ର ସେ ଏଠାରେ ବେଶୀଦିନ ତିଷ୍ଠିପାରିନଥିଲେ । ଏବେ ମୁଁ ଆଉ ଛାତ୍ରାବାସରେ ରହିନପାରି ସହର ଭିତରେ ଅନ୍ୟତ୍ର ଅବସ୍ଥାନ କଲି ।

ବିଦ୍ୟାସିଂହ ବାବୁ ୧୯୫୧ ମସିହା ଜୁଲାଇ ପ୍ରାରମ୍ଭରେ ବିଦ୍ୟାଳୟରେ ଯୋଗ ଦେଲେ । ସେତେବେଳେକୁ ଭାରତ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ର ରୂପେ ପରିଣତ ହୋଇଥାଏ । ଓଡ଼ିଶାରେ ସାମ୍ୟବାଦୀ ନେତା ଶ୍ରୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଆସନରେ ଅଧିରୂଢ଼ ହୋଇଥାଆନ୍ତି । ଶିକ୍ଷକମାନେ ବିଦ୍ୟାସିଂହ ବାବୁଙ୍କୁ ଭାବରେ ଅଭିନନ୍ଦନ ଜଣାଇଲେ । ବିଦ୍ୟାସିଂହ ବାବୁ ଜଣେ ମଟମଟ, ପୃଥୁଳକାୟ ଶରୀର ବିଶିଷ୍ଟ । ଗଣନାଥଙ୍କ ପରି ଅଳକପେଟ ଆଗକୁ ବାହାରିପଡ଼ିଥାଏ । ଗୋଡ଼ା ହେଲେ ବି ଚପଳିଆ ମଣିଷ । ପ୍ରଥମ ଦର୍ଶନରେ ସମସ୍ତେ ତାଙ୍କୁ ଭଲ ପାଇଲେ, ତେବେ ମାସିକ ଟ୨୦୦.୦୦ଙ୍କା ବେତନକୁ ସେ ଏଠାକୁ ଆସିଥିବାରୁ କେହି କେହି ନାସିକା କୁଞ୍ଚନ କଲେ, ସମାଲୋଚନା କଲେ ଏତେ ଟଙ୍କା ଦେଇ ମେଳାଏ ଧଳାହାତୀ ପୋଷିବା କି ଆବଶ୍ୟକତା ଥିଲା ? ତେବେ ବିଦ୍ୟାସିଂହ ବାବୁ ୪୫ ବର୍ଷ ବୟସରେ ଏଠାକୁ ଆସିଥିଲେ ମଧ ଶେଷ ଜୀବନ ପର୍ଯ୍ୟନ୍ତ ଅର୍ଥାତ୍ ୭୩ବର୍ଷ ପର୍ଯ୍ୟନ୍ତ କର୍ମଠ ଓ କାର୍ଯ୍ୟଦକ୍ଷ ଥିଲେ । ସ୍କୁଲର ବହୁବିଧ ଉନ୍ନତି ତାଙ୍କ ସମୟରେ ସମ୍ଭବ ହୋଇ ପାରିଥିଲା । ଅନ୍ୟ ଶିକ୍ଷକମାନେ ତାଙ୍କ ଠାରୁ ଢେର ସାନ ଥିଲେ । ସେ ଜ୍ଞାନୀ ଓ ଗୁଣୀ ଥିବାରୁ ସମସ୍ତେ ତାଙ୍କୁ ପିତାର ସ୍ଥାନ ଦେଉଥିଲେ ।

ବିଦ୍ୟାସିଂହବାବୁ ଯୋଗ ଦେବାର ଆଠ ଦଶଦିନ ହୋଇଥାଏ । କଟକରେ ଭୀଷଣ ଗୋଳମାଳ ହେବାରୁ କଲେଜ ପିଲାମାନେ ସମଗ୍ର ରାଜ୍ୟରେ ଧର୍ମଘଟ ଡାକରା ଦେଲେ । ସେତେବେଳେ ଖୋର୍ଦ୍ଧାରେ କଲେଜ ସ୍ଥାପିତ ହୋଇନଥାଏ । ପୁରୀ କଲେଜରୁ କେତେକ ପିଲା ହଠାତ ଭିତରେ ପଶି ଏକାଦଶ ଶ୍ରେଣୀ ପିଲାଙ୍କୁ ଧର୍ମଘଟରେ ଯୋଗ ଦେବାକୁ ଡ଼ାକରା ଦେଲେ । ପିଲାମାନେ ସେ ଆହ୍ୱାନରେ ଶ୍ରେଣୀ ବାହାରକୁ ଚାଲିଆସିବାକୁ ଉଦ୍ୟତ ହେବାବେଳେ ମୁଁ ହଠାତ୍ ୧୧ଦଶ ଶ୍ରେଣୀ ଭିତରେ ପଶିଯାଇ ଏପରି ଏକ ଭୟଙ୍କର ଗର୍ଜନ କଲିଯେ ସବୁପିଲା ଶଙ୍କିତ ହୋଇ ଯେଝା ସିଟ୍‌ରେ ବସିପଡ଼ିଲେ । କେହି ବାହାରକୁ ବାହାରିବାପାଇଁ ସାହସ କଲେ ନାହିଁ । ମୁଁ ପଢ଼େଇବା ଆରମ୍ଭ କରିଦେଲି । ଧର୍ମଘଟକାରୀମାନେ ଫେରିଯାଇ ହତାଶ ଆରପାଖେ ସ୍ଲୋଗାନ୍ ମାନ ଦେଲେ । କିନ୍ତୁ ମୋର ଏପରି କଠୋର ଶୃଙ୍ଖଳାରେ ବିଦ୍ୟାସିଂହ ବାବୁ ମୋ ବିଷୟରେ ଗୋଟାଏ ଭଲ ଧାରଣା କରିନେଲେ ।

ବିଦ୍ୟାସିଂହବାବୁ ଚୋଖଟ ହେଡ୍‌ମାଷ୍ଟର ଥିଲେ । ବିଦ୍ୟାଳୟକୁ ଉଚିତ୍‌ମାର୍ଗରେ ପରିଚାଳିତ କରିବାକୁ ହେଲେ ଛାତ୍ରାବାସ ପ୍ରତି ସଙ୍ଗୀନ ଧ୍ୟାନ ଦେବାକୁ ପଡ଼ିବ ବୋଲି ସେ ଜାଣନ୍ତି । ଛାତ୍ରାବାସରେ ସେତେବେଳେ ବିଶୃଙ୍ଖଳା ଦେଖାଯାଉଥାଏ । ଅନ୍ତେବାସୀମାନେ ପରିଚାଳକଙ୍କ ବିରୁଦ୍ଧରେ ଆନ୍ଦୋଳନ କରିଥାନ୍ତି । ପୁନଃ କର୍ତ୍ତୃପକ୍ଷଙ୍କର ନୁଆନ୍ୟଥା । ପ୍ରଧାନଶିକ୍ଷକ ବଡ଼ ଅବୁଝାରେ ପଡ଼ିଲେ । ଶିକ୍ଷକମାନଙ୍କୁ ଗୋଟି ଗୋଟି କରି ପଚାରିଲେ । ମାତ୍ର ଏ ଗୁରୁଦାୟିତ୍ୱ ବହନ କରିବାକୁ କେହି ଚାହିଁଲେ ନାହିଁ । ମନରେ ଗୋଡ଼ ପୂରଉଛି କିଏ ପୁଣି ଧୋଉଛି କିଏ । ଶେଷରେ ଦାଦୀ ବଜସ ଡ଼ାକିଲା ମୋ' ଉପରେ । ମୋର ତ ନାମ ଜଣିବାର ଇଚ୍ଛା । ମୁଁ ବା ପଛ ପୁଅ ଦେବି କାହିଁକି ? ମୋ'ପାଇଁ ଛାତ୍ରାବାସ ଭିତରେ କ୍ୱାର୍ଟରଟିଏ ନିର୍ଦ୍ଦିଷ୍ଟ ହେଲା । ମୁଁ ସେଠାରେ ପରିବାର ସହ ଅବସ୍ଥାନ କଲି । ସତର୍କ ପ୍ରହରୀରୂପେ କାର୍ଯ୍ୟକରିବାକୁ ଲାଗିଲି । ପ୍ରଧାନଶିକ୍ଷକଙ୍କ ଚାକିରୀ ଶେଷପର୍ଯ୍ୟନ୍ତ ପ୍ରତ୍ୟେକକାର୍ଯ୍ୟରେ ମୁଁ ତାଙ୍କୁ ପ୍ରକୃତ ସାହାଯ୍ୟ କଲି । ସେହି ଦିନଠାରୁ ମୋ' ଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା ।

ଛାତ୍ରାବାସରେ ଅବସ୍ଥାନ କରିବାର ପ୍ରଥମ ଦିନଠାରୁ କେତେମାସ ପର୍ଯ୍ୟନ୍ତ ଅନ୍ତେବାସୀଙ୍କ ସହଜରେ ପଂକ୍ତି ଭୋଜନରେ ବସି ମେସ୍ ଖାଦ୍ୟ ଖାଇବାର ଅଭ୍ୟାସ ହେଲି । ସେମାନଙ୍କ ଅଭିଯୋଗ ଉଚିତ୍ ବିଚାର କରି ସମାଧାନର ପନ୍ଥା ନିର୍ଣ୍ଣୟ କଲି । ନିରପେକ୍ଷତା ଅବଲମ୍ବନ କରିବା ମୋର ପ୍ରଥମ କର୍ତ୍ତବ୍ୟ ହେଲା । ହିନ୍ଦୁ, ମୁସଲମାନ, ହରିଜନ, ଗିରିଜନ, ସବର୍ଣ୍ଣ ଅସବର୍ଣ୍ଣ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଗୋଟିଏ ମେସ୍‌ରେ ଅବସ୍ଥାନ କଲେ । ଏତେଗୁଡ଼ାଏ ପିଲା ଯେଉଁଠି ରହିବେ ଜଳି, କଳହ ସୃଷ୍ଟି ହେବା ସ୍ୱାଭାବିକ । ତେବେ, କେତେବେଳେ ଅଭିଭାବକଙ୍କୁ ଡାକିବାକୁ ପଡ଼େ । ପୁଣି କେତେବେଳେ ପ୍ରଧାନ ଶିକ୍ଷକଙ୍କ ନଜରକୁ ଆଣେ । ସାମ, ଦାନ, ଦଣ୍ଡ ଭେଦନୀତି ପ୍ରୟୋଗ କରିବାକୁ ପଡ଼େ । ଏଭଳିତ ବା ହେଲେ ସମୟେ ଏକଛତ୍ରକୁ ଉର୍ଦ୍ଧ୍ୱ ଅନ୍ତେବାସୀ ଜଣେଲୋକର ଆଦେଶ ମାନି ଶୃଙ୍ଖଳିତ ଜୀବନଯାପନ କରିବାରେ ଲାଗିଲେ । ମୁଁ ଜାଣେ କିଶୋର ଜୀବନ ହେଉଛି ପିଲାମାନଙ୍କୁ ଗଢ଼ିବାର ପ୍ରକୃଷ୍ଟ ସମୟ । ନିଜ ନିଜ ଗୃହରେ ସେମାନେ ଯେଉଁ ଶିକ୍ଷା ଲଭିଛନ୍ତି ସେଥିପ୍ରତି ନଜର ନଦେଇ ସେମାନେ କିପରି ଜୀବନରେ ଉତ୍ତମ ଆଚରଣ କିଛିଷ୍ଟ ହେବେ, ସୁମଣିଷ ହେବେ ସେଥିପାଇଁ ଧ୍ୟାନ ଦେଲି । ପ୍ରତିଶ୍ରେଣୀର ବଡ଼ ପାଟକୁ ନେଇ ଛାତ୍ରାବାସ ପାଇଁ ଗୋଟିଏ ସମ୍ବିଧାନ ଗଢ଼ିଲି । ସେଥିରେ ପିଲାମାନଙ୍କର ଚରିତ୍ରଗଠନ, ପାଠପଢ଼ା, ସଦାଚରଣ, ଉତ୍ତମସ୍ୱାସ୍ଥ୍ୟଗଠନ, ଦୈନନ୍ଦିନ କର୍ତ୍ତବ୍ୟ, ଦଣ୍ଡବିଧାନ ପ୍ରଭୃତି ବିଷୟମାନ ଲିପିବଦ୍ଧ କରାଗଲା । ଜାତୀୟ ଐକ୍ୟ ଓ ସଂହତି ପ୍ରତିଷ୍ଠା କରିବା ମୋର ଏକାନ୍ତ ଲକ୍ଷ୍ୟ ଥିଲା । ତରୁଣ ଛାତ୍ରସମାଜ କିପରି ସ୍ୱାବଲମ୍ବୀ ହେବେ, ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ପନ୍ନ ହେବେ, ଦେଶ ଜାତିର ଦାବି ସ୍ତମ୍ଭ ରୂପେ ଦଣ୍ଡାୟମାନ ହେବେ ଏହାଥିଲା ମୋର ସ୍ୱପ୍ନ । ମୁଁ ତାହାତ ଦୋହରେ ପାରିଲି ନାହିଁ । ମୋର ଦାୟାଦମାନେ ହେଲେ ବଡ଼ ହୁଅନ୍ତୁ । ଏ ଅଧଃପତିତ ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତୁ, ଏହି ଲାଳସା ସର୍ବଦା ମୋ'ମନରେ ଜାଗରୂକ ହେଲା । କେବଳ ଛାତ୍ରାବାସ ପିଲାଙ୍କ ପ୍ରତି ମୋର ଯେ ଦରଦ ଥିଲା ତାହା ନୁହେଁ, ବିଦ୍ୟାଳୟର ସକଳ ପିଲା ମୋର ଅତି ଆପଣାର । ସେମାନଙ୍କ ସହିତ ମୋର ପିତା ପୁତ୍ର ସମ୍ପର୍କ ଥିଲା । ଭିତରେ କୋମଳ ହେଲେ ମଧ ବାହାରେ ମୁଁ ଖୁବ୍ କଠୋର ଥିଲି । ତେଣୁ ସେମାନଙ୍କୁ ସୁମଣିଷ ରୂପେ ଗଢ଼ିବା ପାଇଁ ମୁଁ ଚାହିଁଥିଲି । ସେତେବେଳେ ଭଗବାନ ବୋଲି ମୁଁ କର୍ତ୍ତବ୍ୟକୁ ମନେ କରୁଥିଲି ।

ଇଂରାଜୀରେ କଥାଟିଏ ଅଛି 'Life is duty and duty is ଜୀବନ' । ମୁଁ ମୋର ଶିକ୍ଷକଜୀବନ କାଳରେ ଏହି ନୀତିଟି ଉତ୍ତମ ରୂପେ ପାଳନ କରୁଥିଲି ।

ବିଦ୍ୟାସିଂହ ବାବୁଙ୍କ ସମୟରେ ଏକ ଦକ୍ଷ ଶିକ୍ଷକ ମଣ୍ଡଳୀ ଥିଲା । ସେମାନେ ନିଜ ନିଜ ବିଷୟରେ ଯଥେଷ୍ଟ ଜ୍ଞାନୀ ଓ ପଣ୍ଡିତ ଥିଲେ । ପ୍ରଧାନଶିକ୍ଷକଙ୍କର ପରାମର୍ଶକୁ ସେମାନେ ତତ୍ପରେ ପାଳନ କରୁଥିଲେ । ଏପରିକି ପ୍ରଧାନଶିକ୍ଷକଙ୍କର କୃତିତ୍ୱ ଏହି ଶିକ୍ଷକ ମଣ୍ଡଳୀ ଯୋଗୁଁ ହିଁ ସମ୍ଭବ ହୋଇପାରିଥିଲା । ଜଗଦାନନ୍ଦ ବାବୁ ଭଲ ଗଣିତ ଶିକ୍ଷକ ଥିଲେ । ଗୋପୀନାଥ ଲାଭରା ଗଣିତ ଓ ଇଂରେଜୀରେ ଦକ୍ଷ ଥିଲେ । ଶ୍ରୀଦେବେନ୍ଦ୍ର କୁମାର ଦାସଙ୍କର ଇଂରାଜୀ ଜ୍ଞାନ ଅତି ଚମତ୍କାର । ଏତଦ୍‌ବ୍ୟତୀତ ସେ ବିଜ୍ଞାନ ଶିକ୍ଷାରେ ଧୁରନ୍ଧର ଥିଲେ । ପଣ୍ଡିତ ହରିକୃଷ୍ଣ ପ୍ରଧାନ ହିନ୍ଦୀ ଭାଷାରେ ପ୍ରବୀଣ ଥିଲେ । ତାଙ୍କର ସଂସ୍କୃତ ଶାସ୍ତ୍ରରେ ଅଗାଧ ଜ୍ଞାନ ଥିଲା । ସେ କି ଜଣେ କବି ଓ ସୁଲେଖକ ଥିଲେ ଏବଂ ଦୃଢ଼ ଶୃଙ୍ଖଳା ରକ୍ଷକ ଓ କଠୋର ନୀତି ପରାୟଣ ଥିଲେ । ଏମାନଙ୍କ ବ୍ୟତୀତ ଚନ୍ଦ୍ରଚରଣ ପଟ୍ଟନାୟକ (ବଡ଼) ଚନ୍ଦ୍ରଚରଣ ପଟ୍ଟନାୟକ (ଛୋଟ) ପଦ୍ମଚରଣ ପଟ୍ଟନାୟକ (ବଡ଼) ପଦ୍ମନାଭ ସାମନ୍ତରାୟ, ରଘୁନାଥ ପଣ୍ଡିତ, ଦିଗମ୍ବର ମହାପାତ୍ର, କାଶୀନାଥ ପ୍ରଧାନ ପ୍ରଭୃତି ବହୁଯୋଗ୍ୟ ଶିକ୍ଷକ ଥିଲେ ।

ଗୋଟିଏ କଥା ସ୍ମରଣକୁ ଆସୁଛି । ବୋଧହୁଏ ୫୨ କି ୫୩ ମସିହା ହୋଇଥିବ । ଓଡ଼ିଶା ଭାଷା ସର୍ବକ୍ଷେତ୍ରରେ ପ୍ରଚଳନ କରିବା ପାଇଁ ରାଜ୍ୟସରକାର ଘୋଷଣା କଲେ । ସେହିଦିନଠାରୁ ଆମ ପ୍ରଧାନଶିକ୍ଷକ ଏହି ନୀତିକୁ କଡ଼ାକଡ଼ି ଭାବେ ପାଳନ କଲେ । ପିଲାଙ୍କ ଟି.ସି. ବି ଓଡ଼ିଆରେ ଲେଖାଗଲା ଓ ପିଲାମାନେ ଓଡ଼ିଆରେ ଦରଖାସ୍ତ ଦାଖଲ କଲେ । ମାତ୍ର ଦୁଃଖର କଥା ଏତେଦିନଠାରୁ ରାଜ୍ୟସ୍ତରରେ ଓଡ଼ିଆ ଭାଷା ପ୍ରଚଳନ ହେଲେ ମଧ୍ୟ ଏ ପର୍ଯ୍ୟନ୍ତ ଠିକ୍ ବାଟକୁ ଆସିପାରିନାହିଁ ।

ପ୍ରଧାନଶିକ୍ଷକ ବିଦ୍ୟାସିଂହବାବୁ ଜଣେ ସଫଳ ଗଣିତଜ୍ଞ ଥିଲେ । ଇଂରାଜୀଭାଷାରେ ତାଙ୍କର ପାଣ୍ଡିତ୍ୟ ଥିଲା ବିଦ୍ୟାଳୟରେ ପାଠ ପଢ଼ାର ମାନ ଉନ୍ନତ ସ୍ତରରେ ଥିଲା । କର୍ତ୍ତବ୍ୟ ପାଳନ ପ୍ରତି ମୁଁ ଏତେ ଅନୁରକ୍ତ ଥିଲି ଯେ ମୁଁ ସର୍ବଦା ଭାବୁଥିଲି ସତେକି ସ୍କୁଲଟା ମୋର । ପିଲାସୁଦ୍ଧା ମୋର । ସ୍କୁଲର ବୃକ୍ଷ ଲତା, ଫୁଲ ଫଳ ସବୁତକ ବି ମୋର ଯେତେବେଳେ ମନେପଡ଼େ ୧୯୪୯ ମସିହାରେ ବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ବର୍କ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ନାମରେ ନାମିତ ହେଲା । ସେତେବେଳେ ମୁଁ ଛାତ୍ରାବାସରେ ସୁପରିଟେଣ୍ଡେଣ୍ଟ ଥିଲି ତେଣୁ ଛାତ୍ରାବାସର ପୁରୁଣା ଛାତ୍ରାବାସ ନାମ ପରିବର୍ତ୍ତନ କରି ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଅମରଶହୀଦ ମହାନ୍‌ବୀର ଜୟୀ ରାଜଗୁରୁଙ୍କ ନାମରେ ଛାତ୍ରାବାସକୁ ଉତ୍ସର୍ଗ କଲି ।

ବିଦ୍ୟାସିଂହବାବୁଙ୍କ ସମୟରେ ବିଦ୍ୟାଳୟରେ ଅନେକ ନୂତନ କଥା ପ୍ରଚଳନ କରାଗଲା । ପିଲାମାନେ ସକାଳ ଦଶଟାରେ ଆସି ୪ଟା ବେଳକୁ ଫେରୁଥିଲେ । ଏ ଦୀର୍ଘ ସମୟରେ କିଛି ଟିଫିନ୍ ନ ଖାଇଲେ ପାଠପଢ଼ାରେ ମନ ଲାଗିବ ନାହିଁ । ତେଣୁ ଦୈନିକ ପ୍ରତ୍ୟେକ ପିଲାଙ୍କଠାରୁ ଏକଅଣା ଅର୍ଥାତ୍ ମାସିକ ଟ ୨.୦୦ ଆଦାୟ କରାଯାଇ ଓ ମଧ୍ୟାହ୍ନ ଭୋଜନର ଆୟୋଜନ କରାଯାଇଥିଲା । ପରୀକ୍ଷା ସମୟରେ ଗରିବ ପିଲା ମଧ୍ୟ ଏହାଦ୍ୱାରା ବିଶେଷ ଉପକୃତ ହେଉଥିଲେ । ଏହି ପ୍ରଥା ବହୁଦିନପର୍ଯ୍ୟନ୍ତ ଚାଲୁ ରହିଥିଲା ।

ଶିକ୍ଷକମାନେ ପୂର୍ବରୁ ପ୍ରସ୍ତୁତହୋଇ ଆସି ଶ୍ରେଣୀରେ ପ୍ରବେଶ କରୁଥିଲେ । ଠିକ୍ ଭାବେ ପଢ଼େଇବା ଅଭ୍ୟାସ ଥିଲା । ଗଣିତ ବ୍ୟତୀତ ଅନ୍ୟବିଷୟ ପଢ଼େଇବାବେଳେ ମାନଚିତ୍ରର ସାହାଯ୍ୟ ନିଆଯାଉଥିଲା । ପିଲାମାନଙ୍କୁ ଗୃହ ପାଠ ଦିଆଯାଉଥିଲା ଏବଂ ଲେଖା ପ୍ରତି ଅଧିକ ଧ୍ୟାନ ଦିଆଯାଉଥିଲା । ଇଂରାଜୀ ଓ ଓଡ଼ିଆ ରଚନା ଲେଖିବାରେ ସମଧିକ ଦୃଷ୍ଟି ଦିଆ ଯାଉଥିଲା । 'Writing maketh a perfect man' ଏହି ନୀତିକୁ ପୁରା ଅନୁସରଣ କରାଯାଉଥିଲା ।

ପାଠ ପଢ଼ା ବ୍ୟତୀତ ଖେଳ କସରତ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଉଥିଲା । ସେବା ମନୋଭାବ ସୃଷ୍ଟି କରିବା ପାଇଁ ରେଡକ୍ରସ୍, ସ୍କାଉଟ୍, ଏନ୍.ସି.ସି. ପ୍ରଭୃତିରେ ବହୁପିଲା ଯୋଗ ଦେଉଥିଲେ । ପୂର୍ବାହ୍ନ ୧୦-୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ତଦାରଖ କରି ବିଦ୍ୟାଳୟ ଚାରିପାଖେ ବୁଲି ପାଠପଢ଼ା ପର୍ଯ୍ୟବେକ୍ଷଣ କରୁଥିଲେ । ସେ ବାହାରକୁ କ୍ରୋଧ ପ୍ରକାଶ କରୁ ନଥିଲେ । ମାତ୍ର କେଉଁ ଶିକ୍ଷକଙ୍କୁ କହେଇ ଦେଉଥିଲେ କି ୪ଟା ବାଜିବାପୂର୍ବରୁ କୌଣସି ଶିକ୍ଷକ ସ୍କୁଲ ଛାଡ଼ି ପାରୁନଥିଲେ ।

ପ୍ରତି ସପ୍ତାହରେ ଶନିବାର ଦିନ ପ୍ରତି ଶ୍ରେଣୀରେ ତର୍କ ସଭା ଅନୁଷ୍ଠିତ ହେଉଥିଲା । ମାସ ଶେଷରେ ସମଗ୍ର ବିଦ୍ୟାଳୟର ଛାତ୍ରଗଣ ବଡ଼ ହଲରେ ଏକତ୍ରିତ ହୋଇ ତର୍କ ସଭାରେ ଯୋଗ ଦେଉଥିଲେ । ଏହି ତର୍କ ସଭାରେ ଶିକ୍ଷକ ଗଣ ଓ ପ୍ରଧାନ ଶିକ୍ଷକ ଯୋଗ ଦେଉଥିଲେ ।

ଲିଖନ, ପଠନ ଓ କଥନ ପ୍ରତି ସମୁଚିତ ଧ୍ୟାନ ଦିଆଯାଉଥିଲା । ସେତେବେଳେ ସମଗ୍ର ରାଜ୍ୟରେ ଖୋର୍ଦ୍ଧା ସ୍କୁଲର କ୍ରୀଡ଼ାମାନ ଉନ୍ନତ ଥିଲା । ପ୍ରବୀଣ ଖେଳଶିକ୍ଷକ ଶ୍ରୀ ରଘୁନାଥ ପଟ୍ଟନାୟକ ଖେଳ ଦାୟିତ୍ୱରେ ଥିଲେ । ଫୁଟବଲଖେଳ ସମଗ୍ର ରାଜ୍ୟରେ ପ୍ରାଧାନ୍ୟ ଲାଭ କରିଥିଲା । ସେତେବେଳେ ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷକ ବାଣ ସ୍ୱତନ୍ତ୍ର ବସ୍‌ରେ ଟାଙ୍ଗି, ରନସିଂହ, ରାଣପୁର, ଭୁବନେଶ୍ୱର, ନୟାଗଡ଼, ବୋଲଗଡ଼, ବେଗୁନିଆ, ଯାଜପୁର, ଜଟଣୀ ପ୍ରଭୃତି ହାଇସ୍କୁଲମାନଙ୍କୁ ଖେଳୁଆଡ଼ ପିଲାଙ୍କ ସହିତ ଯାତ୍ରାକରି ଖେଳୁଆଡ଼ ମାନଙ୍କୁ ଉତ୍ସାହିତ କରୁଥିଲେ । କିନ୍ତୁ ବେଳେବେଳେ କ୍ରୀଡ଼ାରୁ କନ୍ଦଳ ସୃଷ୍ଟି ହୋଇ କ୍ରୀଡ଼ାର ମହତ୍ତ୍ୱକୁ ନଷ୍ଟ କରି ଦେଉଥିଲା । ଥରେ ବେଗୁନିଆ ସ୍କୁଲ ପିଲାଙ୍କ ସହ ଗୋଳମାଳ ହୋଇ କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଇଥିଲା । ସେତେବେଳେ ମୁଁ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିଲି ।

୧୯୫୯-୬୦ ମସିହା ପର୍ଯ୍ୟନ୍ତ ଏହି ବିଦ୍ୟାଳୟ ପ୍ରଥ. ଝିଅ ମାନଙ୍କ ପାଇଁ ଉନ୍ମୁକ୍ତ ଥିଲା । ମାତ୍ର ଖୋର୍ଦ୍ଧାରେ ସରକାରୀ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା ହେବାପରେ ସେ ସମସ୍ୟା ଦୂରୀଭୂତ ହେଲା ।

କେବଳ ପୁସ୍ତକଗତ ବିଦ୍ୟା ହାସଲ କଲେ ଯେ ପିଲା ସର୍ବାଙ୍ଗୀନ ଉନ୍ନତି ହୋଇଯିବ ଏପରି ନୁହେଁ । ପିଲାମାନଙ୍କ ଚରିତ୍ରଗଠନପ୍ରତି ସମଧିକ ଦୃଷ୍ଟିର ଆବଶ୍ୟକତା ଯଥେଷ୍ଟ ଅଧିକ । ପୂର୍ବରୁ

ବିଦ୍ୟାଳୟମାନଙ୍କରେ ନୀତିଶିକ୍ଷା ପିରିଅଡ଼ମାନ ପ୍ରଚଳନ ଥିଲା । ଅନୁଷ୍ଠାନର ହେଡ୍‌ମାଷ୍ଟର ଓ ବରିଷ୍ଠ ଶିକ୍ଷକମାନେ ଏ ବିଷୟରେ ପିଲାମାନଙ୍କୁ ଶିକ୍ଷାଦେଉଥିଲେ । ଏହାଦ୍ୱାରା ପିଲାମାନଙ୍କର ଭବିଷ୍ୟତ ଜୀବନ ନିୟନ୍ତ୍ରିତ ହେଉଥିଲା କିନ୍ତୁ ଦେଶ ଧର୍ମ ନିରପେକ୍ଷ ରାଷ୍ଟ୍ର ହେବାରୁ କେନ୍ଦ୍ର ସରକାର କଣ ବୁଝିଲେ କେଜାଣି ଏକା କଲମ ଚାଲରେ ସବୁ ଅନୁଷ୍ଠାନରୁ ନୀତିଶିକ୍ଷା ପିରିଅଡ ଗୁଡ଼ିକ ଉଠାଇ ଦେଲେ । ଏହାଦ୍ୱାରା ଦେଶର ପ୍ରଭୂତ କ୍ଷତି ହେଲା । ଜାତୀୟ ଚରିତ୍ରରେ ଅବକ୍ଷୟ ଦେଖାଦେଲା । ଏଥିରୁ ରକ୍ଷାପାଇବାପାଇଁ ଆମ୍ଭେମାନେ ଅନ୍ୟବାଟରେ ପିଲାମାନଙ୍କ ଚରିତ୍ର ସଂଶୋଧନରେ ଲାଗିପଡ଼ିଲୁ । ଆମ ପ୍ରଧାନଶିକ୍ଷକ ଉମେଶ ରଥେବ, ନିରଳସ, ଧର୍ମପରାୟଣ ବ୍ୟକ୍ତିଥିଲେ । ତେଣୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରର ସାଧୁସନ୍ଥମାନଙ୍କ ଜନ୍ମ ଅପରାହ୍ଣରେ ଓ ରାତିରେ ସଭା ସମିତିର ଆୟୋଜନ କରୁଥିଲେ । ଛାତ୍ରାବାସର ଏକଶତପିଲାଙ୍କୁ ନେଇ ମୁଁ ବହୁସମୟରେ ଏହିପରି ସଭାରେ ଯୋଗ ଦେଉଥାଏ ।

ବିଦ୍ୟାଳୟର ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ଗୁଡ଼ିକ ସୁଚାରୁରୂପେ ପରିଚାଳିତ ହେଉଥିଲା । ବାର୍ଷିକ ପରୀକ୍ଷାରେ ୮୦୦ ପିଲାଙ୍କ ଖାତାରେ ଗୁପ୍ତନମ୍ବର ଦିଆଯାଇ ଖାତା ଦେଖାରେ ସାଧୁତା ଅବଲମ୍ବନ କରାଯାଉଥିଲା । ପରୀକ୍ଷାସମୟରେ କପି ନକଲିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଉଥିଲା । ଯେଉଁ ଶିକ୍ଷକ ପ୍ରଶ୍ନ କରୁଥିଲେ ସେ ସେ ଖାତାର ମୂଲ୍ୟାଙ୍କନ କରୁ ନଥିଲେ । ଟିଉସନ ପିଲାମାନଙ୍କୁ ଅଧିକ ନମ୍ବର ଦେଇ ନପାରିବା ପାଇଁ ପ୍ରଧାନଶିକ୍ଷକ ତାର ସୁବନ୍ଦୋବସ୍ତ କରିଥିଲେ । ସେହିପରି ଶିକ୍ଷକମାନଙ୍କୁ ସେ ଗୋଡେ ଗୋଡେ ଜଗୁଥିଲେ ।

ପିଲାମାନେ ପରୀକ୍ଷାରେ ଅସଦୁପାୟ ଅବଲମ୍ବନ ନ କରିବା ପାଇଁ ପ୍ରଧାନ ଶିକ୍ଷକ ଏକ ପଞ୍ଚଶୀଳ ନୀତି ପ୍ରଣୟନ କରିଥିଲେ । ପ୍ରତ୍ୟହ ପୂର୍ବାହ୍ଣ ପ୍ରାର୍ଥନା ସଭାରେ ପିଲାମାନେ ଏହି ନୀତିଗୁଡ଼ିକ ଜୀବନରେ ପାଳନ କରିବାକୁ ଶପଥ ଗ୍ରହଣ କରୁଥିଲେ । ପଞ୍ଚଶୀଳ ନୀତିଟି ନିମ୍ନରେ ଉଲ୍ଲେଖ କରାଗଲା । ମୁଁ ଶପଥ କରୁଛି ଯେ:-

(୧) ମୁଁ ଅଧ୍ୟୟନ, ଅଧ୍ୟବସାୟ ଓ କଠିନ ପରିଶ୍ରମଦ୍ୱାରା ମୋର ଜ୍ଞାନର ପରିସୀମା ଅଭିବୃଦ୍ଧି କରିବି ।

(୨) ମୋର ଶାରୀରିକବଳ ଓ କର୍ମକୁଶଳତା ଅଭିବୃଦ୍ଧିକରି ନିଜକୁ ଦେଶରକ୍ଷା ପାଇଁ ପ୍ରସ୍ତୁତ କରିବି ।

(୩) ଦେଶ ପାଇଁ କୃଷି ଓ ଶିଳ୍ପଜାତ ସାମଗ୍ରୀର ଉତ୍ପାଦନବୃଦ୍ଧିରେ ମୁଁ ମୋର ମାନସିକ ଶକ୍ତି ଓ ଶାରୀରିକ ଶ୍ରମ ବିନିଯୋଗ କରିବି ।

(୪) ମୁଁ ନିଷ୍ଠା କର୍ତ୍ତବ୍ୟପରାୟଣତା ଓ ଦେଶପ୍ରେମଦ୍ୱାରା ମୋ ଦେଶର ତଥା ମୋ ଦେଶବାସୀ ଲୋକଙ୍କର ସେବାରେ ନିଜକୁ ନିୟୋଜିତ କରିବି ।

(୫) ମୁଁ ପରୀକ୍ଷାରେ ତଥା ଜୀବନର ଦୈନନ୍ଦିନ ପ୍ରତ୍ୟେକ କର୍ମକ୍ଷେତ୍ରରେ ସମସ୍ତ ପ୍ରକାର ସାଧୁତା ଅବଲମ୍ବନ କରିବି ।

ପ୍ରଧାନଶିକ୍ଷକ ଓ ଶିକ୍ଷକଗଣ ପିଲାମାନଙ୍କ ଚରିତ୍ର ସଂଶୋଧନ ପାଇଁ ଏହିପରି ନାନାଉପାୟ ଅବଲମ୍ବନ କରୁଥିଲେ । ମାତ୍ର ପିଲାମାନଙ୍କ ଉପରେ ଏହା ସେତେଟା ପ୍ରଭାବ ପକାଇପାରି ମନେ ହେଉନଥିଲା । ତେବେ କେତେକ ପିଲା ଏହି ନୀତିଗୁଡ଼ିକ ପାଳନ କରୁଥିଲେ ବୋଲି ଆମ୍ଭମାନଙ୍କର ହୃଦବୋଧ ହେଉଥିଲା ଏବଂ ଭବିଷ୍ୟତରେ ବହୁଛାତ୍ରଙ୍କ ଉପରେ ଖୋର୍ଦ୍ଧାସ୍କୁଲର ଛାପ ପଡ଼ିଥିଲା । ସେମାନେ ଜୀବନରେ ଖୁବ୍ ଉଚ୍ଚସ୍ତରକୁ ଉଠିପାରି ଅଛନ୍ତି ।

ପିଲାମାନେ ପ୍ରତ୍ୟହ ବିଦ୍ୟାଳୟର ଇଉନିଫର୍ମ ଖାକି ହାପ୍ ପ୍ୟାଣ୍ଟ ଓ ଧଳା ହାପ୍‌ସାର୍ଟ ପିନ୍ଧି ବିଦ୍ୟାଳୟକୁ ଆସୁଥିଲେ । କୌଣସି କୌଣସି ଗରିବ ପିଲାଙ୍କୁ ଇଉନିଫର୍ମ ଯୋଗାଇ ଦିଆଯାଉଥିଲା ।

ଏହି ସମୟରେ ୧୯୫୯ ମସିହାରେ ଖୋର୍ଦ୍ଧାରେ ଗୋଟିଏ କଲା କଲେଜ ସ୍ଥାପିତ ହେଲା । ଏହି ବିଦ୍ୟାଳୟର ଶିକ୍ଷକମାନେ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ କଲେଜ ପ୍ରତିଷ୍ଠା ପାଇଁ କିଛି କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ଏବଂ ଶେଷବେଳକୁ ଉତ୍କଳବିଶ୍ୱବିଦ୍ୟାଳୟ ସହ କଲେଜର ଆଫିଲିଏସନ ପାଇଁ ଅଭାବପଡ଼ିଥିବା ଶିକ୍ଷକ ଉନ୍ନୟନ ଫଣ୍ଡରୁ ଟ ୬୦୦୦/- ଧାର ସୂତ୍ରରେ ପ୍ରଦାନ କରାଯାଇଥିଲା ।

ବିଦ୍ୟାଳୟର ପୁସ୍ତକାଗାରଟି ନାନା ଭାଷାର ଭିନ୍ନ ଭିନ୍ନ ପୁସ୍ତକରେ ସମୃଦ୍ଧ ଥିଲା । ପଣ୍ଡିତ ହରିକୃଷ୍ଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ପୁସ୍ତକାଗାର ପରିଚାଳିତ ହେଉଥିଲା । ପଣ୍ଡିତମହାଶୟ ଶିକ୍ଷକ ଓ ଛାତ୍ରମାନଙ୍କୁ ନିୟମିତ ପୁସ୍ତକ ପ୍ରଦାନ କରିବାରେ ବିଳମ୍ବ କରୁ ନଥିଲେ । ଏତଦ୍ ବ୍ୟତୀତ ଇଂଲଣ୍ଡ ଢାଞ୍ଚାରେ ପରୀକ୍ଷାମୂଳକ ଭାବେ କେତେଦିନ ହେଡ୍‌ମାଷ୍ଟରଙ୍କ ଅଫିସଗୃହରେ ଏକ ମୁକ୍ତ ପାଠାଗାର ଖୋଲା ହୋଇଥିଲା । ଏଥିରେ କେହି ପିଲାମାନଙ୍କୁ ପୁସ୍ତକ ଦେବେ ନାହିଁ କି ସେମାନେ ନେଲେ ବୋଲି କେଉଁଠାରେ ଲିପିବଦ୍ଧ କରାଯିବ ନାହିଁ । ପିଲାମାନେ ମନକୁ ବାଛି ନେବେ ଓ ପଢ଼ି ସାରି ମନକୁ ଫେରାଇଦେବେ । ଏହିପରି କିଛିଦିନ ଚାଲିଲା । ମାତ୍ର ଦିନେ ଦେଖାଗଲା ଟେବୁଲ ଉପରେ ଆଉ ଦୁଇ ଚାରିଖଣ୍ଡି ବହି ମାତ୍ର ଅଛି । ପିଲାମାନଙ୍କୁ ଶ୍ରମଶୀଳ କରିବାପାଇଁ ନାନାପ୍ରକାର କୌଶଳ ଅବଲମ୍ବନ କରାଯାଉଥିଲା । ଶିକ୍ଷକମାନେ ପ୍ରାଣପଣେ ଲାଗିପଡ଼ିଥିଲେ ।

ଯେତେବେଳେ ମୁଁ ଉପର ଶ୍ରେଣୀରେ ଇଂରାଜୀ ଗ୍ରାମାର ପଢ଼ାଉଥିଲି । ଆନାଲିସିସ୍ ଓ ପାର୍ସିଙ୍ଗ ପଢ଼ାଇଲାବେଳେ ପିଲାମାନଙ୍କ ମଧ୍ୟରୁ କେତେକ ମେଧାବୀଛାତ୍ର ଦୁରୂହ ପ୍ରଶ୍ନମାନ ପଚାରି ମୋତେ ବିବ୍ରତ କରିଦେଉଥିଲେ । ମୁଁ ବିବ୍ରତ ନ ହୋଇ ସେମାନଙ୍କୁ ପାରୁପର୍ଯ୍ୟନ୍ତ ବୁଝାଉଥିଲି । ଦରକାରବେଳେ ପ୍ରଧାନଶିକ୍ଷକଙ୍କର ସାହାଯ୍ୟ ନେଉଥିଲି । ମୋର ମନେ ଅଛି- ଭାବନାଗ୍ରାହୀ ଅନ୍ତରର କେତେକ ବୁଦ୍ଧିମାନ ପିଲା ଶାମଲିତରେ ଇଂରାଜୀ ଆନାଲିସିସ ସମ୍ବନ୍ଧରେ କଠିନପ୍ରଶ୍ନମାନ ପଚାରୁଥିଲେ । ସେ ସବୁର ସମାଧାନ କରି ମୁଁ ସେମାନଙ୍କ ପାଖକୁ ପଠେଇ ଦେଉଥିଲି । ୧୯୫୦ ମସିହାରେ ବି.ଟି ଟ୍ରେନିଂରୁ ଫେରି ବିଦ୍ୟାଳୟରେ ମୁଖ୍ୟତଃ ମୁଁ ଇଂରାଜୀ ଓ ଇତିହାସ ବିଷୟ ପଢ଼େଇଲି । ପ୍ରଥମେ ପ୍ରଥମେ ମୁଁ ୯ମ ଶ୍ରେଣୀ ଓ ୧୦ମ ଶ୍ରେଣୀରେ ଅଧ୍ୟାପନା କରୁଥିଲି ମାତ୍ର ଗୋପୀବାବୁ ବିଦ୍ୟାଳୟରୁ ବିଦାୟ ନେବାପରେ ମୁଁ ୧୦ମ ଓ ୧୧ଶ ଶ୍ରେଣୀରେ ଇଂରାଜୀ ଓ ଇତିହାସ ପଢ଼େଇଲି । ଇଂରେଜୀ ପଢ଼େଇବାରେ ମୋର ଗୋଟାଏ ସ୍ୱତନ୍ତ୍ର ଆଗ୍ରହ ଥିଲା, ତେଣୁ Harrow ବିଷୟ ପଢ଼େଇଲାବେଳେ ମଧ୍ୟ ସ୍ୱଦେଶପ୍ରେମ ବିଷୟ ବର୍ଣ୍ଣନା କରୁଥିଲି । ବାର୍ଡସାପ୍ରେଣ୍ଟିଙ୍କର ଦେଶପ୍ରେମ ବିଷୟ ପଢ଼େଇ ପିଲାମାନଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ

କରିବା ମୋର ଇଚ୍ଛା ଥିଲା । ମୁଁ ତ ନିଜେ ଜୀବିକିଷ୍ଟ ଥିଲି । ମୋ ସହିତ ଆଉ ଦୁଇଜଣ ଶ୍ରୀଯୁକ୍ତ ଚକ୍ରଧର ମହାନ୍ତି ଓ ପଣ୍ଡିତ ହରିକୃଷ୍ଣ ପ୍ରଧାନ ଛାତ୍ରମାନଙ୍କର ବେଶି ଆଦରଣୀୟ ଥିଲେ । ଚକ୍ରଧରବାବୁ ବୟସରେ ମୋଠାରୁ ବେଶ ବଡ ଥିବାରୁ ତାଙ୍କ ସହିତ ମୁଁ ବନ୍ଧୁତା କରିପାରେ ନାହିଁ । ମାତ୍ର ହରିକୃଷ୍ଣ ବାବୁ ଓ ଶୈଳେନ୍ଦ୍ର ବାବୁ ମୋର ଅତି ଅନ୍ତରଙ୍ଗ ଓ ପରମ ହିତାକାଂକ୍ଷୀ ଥିଲେ । ଏ ଦୁଇଜଣ ଦୃଢ଼ ଶୃଙ୍ଖଳାରକ୍ଷକ ଓ ନୀତିବାଦୀ ଥିବାରୁ ବିଦ୍ୟାଳୟ ସେମାନଙ୍କୁ ଏବେ ସୁଦ୍ଧା ସ୍ମରି ହେଉଛି । ଶିକ୍ଷକଙ୍କର ଶିକ୍ଷକଙ୍କ ସହିତ ଏତେ ଘନିଷ୍ଠତା ଥିଲା ଯେ ବିଦ୍ୟାଳୟର ମହତ୍ତ୍ୱ ବୃଦ୍ଧି ପାଉଥିଲା । ବିଦ୍ୟାଳୟର ସମସ୍ତ ଗଣ୍ଡଗୋଳ ଏହି ତିନିଜଣଙ୍କ ଦ୍ୱାରା ସମାହିତ ହେଉଥିଲା (ଶୈଳେନ୍ଦ୍ର ଦାସ, ହରିକୃଷ୍ଣବାବୁ ଓ ମୁଁ ) । ୧୯୫୦ - ୫୧ ମସିହାବେଳକୁ ମାଟ୍ରିକପରୀକ୍ଷା ବିଷୟରୁ ଇତିହାସ ଉଠିଯାଇ ଏକ ନୂତନବିଷୟ 'ସାମାଜିକଶିକ୍ଷା' ସିଲାବସରେ ଯୋଡିଦିଆଗଲା । ଏଥିମଧ୍ୟରୁ କିପରି ପ୍ରଶ୍ନ ଆସିବ ଶିକ୍ଷକମାନେ ବି ଜାଣିପାରିଲେ ନାହିଁ । ମାଟ୍ରିକପରୀକ୍ଷାରେ ଆମସ୍କୁଲର ମୋଜମିଲ୍ ନାମକ ପିଲା ପ୍ରଥମ ଦଶଜଣଙ୍କ ମଧ୍ୟରେ ୧ମ ହେବା କଥା । ମାତ୍ର ଏହି ବିଷୟରେ ୪୦ ନମ୍ବର ରଖି ଏକାଦଶ ସ୍ଥାନକୁ ଚାଲିଗଲା । ମୁଁ ତ ସାମାଜିକଶିକ୍ଷା (Social Studies) ପଢ଼ାଉଥିଲି । ମୁଁ ବଡ ବ୍ୟଥିତ ହେଲି । ସେହି ବର୍ଷ ଉପରେ ୯ମ, ୧୦ମ, ୧୧ଶ ଶ୍ରେଣୀ ପାଇଁ ୩ ଖଣ୍ଡି ପୁସ୍ତକ ଲେଖିଲି । ପରବର୍ତ୍ତୀ ପିଲାମାନେ ପଢ଼ି ବହୁ ଉପକୃତ ହେଲେ । ସେ ବହିର ଭଲ କାଟତି ହେଲା । ସମଗ୍ର ପୁରୀ ଜିଲ୍ଲା ଓ କଟକଜିଲ୍ଲାର ଯାଜପୁର, ଭଦ୍ରକ ଅଞ୍ଚଳରେ ବହି ବିକ୍ରି ଚାଲିଲା । ତାପରେ କେତେ ପିଲାଙ୍କ ପାଖକୁ ପଠେଇଲି । ଭଲ ବି ପଇସା ମୋତେ ସେତେବେଳେ ମିଳିଥିଲା ।

ସେତେବେଳେ ଇଂରାଜୀ ୨୦୦ ନମ୍ବର ଥିବାରୁ ସାଧାରଣ ପିଲାଙ୍କର ଇଂରେଜୀ ଜ୍ଞାନ ବର୍ତ୍ତମାନ ପିଲାଙ୍କଠାରୁ ଉନ୍ନତ ଥିଲା । ବିଦ୍ୟାଳୟରେ ଶିକ୍ଷକମାନେ ନିଷ୍ଠାପରଭାବେ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ଟିଉସନ ଯେ ଏକବାରକେ ନଥିଲା ତାହା ନୁହେଁ, କେବଳ ଜଣେ ଦୁଇଜଣ ଶିକ୍ଷକ ଓଳିକେ ଚାରିଛଅଜଣ ପିଲାଙ୍କୁ ଘରୋଇ ଭାବେ ପଢ଼ାଉଥିଲେ । ଘରୋଇ ଟିଉସନକୁ ସେମାନେ ବ୍ୟବସାୟ କରୁନଥିଲେ । ବର୍ଷସାରା ପିଲାଏ ପଢ଼ନ୍ତି ନାହିଁ । କେବଳ ପରୀକ୍ଷାବେଳକୁ ଦୁଇତିନିମାସ ଟିଉସନ ମାଷ୍ଟରଙ୍କ ପାଖକୁ ଯାଆନ୍ତି । ସେତେବେଳେ ବିଦ୍ୟାଳୟର ଜଣେ ବରିଷ୍ଠ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କ ଆଶ୍ରୟ ଦ୍ୱାରରେ ପ୍ରାୟ ୨୦ ଜଣ ପିଲାଙ୍କୁ ପ୍ରାଇଭେଟ୍ ଟିଉସନ କରୁଥିବାରୁ ପରିଚାଳନା ବୋର୍ଡ (School Managing Committee) ତାଙ୍କୁ ସ୍କୁଲରୁ ଅନ୍ତର କରିଦେଇଥିଲେ । ଟିଉସନ କରୁଥିବା ଜଣେ ଶିକ୍ଷକଙ୍କୁ ସ୍କୁଲରୁ ବହିଷ୍କାର କରିଦେବା ଏହା ପ୍ରଥମ ଘଟଣା ।

ସମଗ୍ର ରାଜ୍ୟରେ ହାଇସ୍କୁଲ ଗୁଡିକ ପରିଦର୍ଶନପାଇଁ ସେତେବେଳେ ତିନିଜଣ ଶିକ୍ଷାମଣ୍ଡଳାଧୀଶ ନିଯୁକ୍ତି ପାଉଥିଲେ । ଉତ୍ତର ମଣ୍ଡଳ, ଦକ୍ଷିଣ ମଣ୍ଡଳ ଓ ସ୍ୱତନ୍ତ୍ର ମଣ୍ଡଳ । ଏହି ପ୍ରଥା ବହୁଦିନପର୍ଯ୍ୟନ୍ତ ଚାଲିଥିଲା । ତାପରେ ମଣ୍ଡଳ ସଂଖ୍ୟା ବଢ଼ିବାରେ ଲାଗିଲା । ମଣ୍ଡଳାଧୀଶମାନେ ଗୋଟିଏ ବିଦ୍ୟାଳୟ ପରିଦର୍ଶନ କରିବା ନିମନ୍ତେ ନିହାତି ପକ୍ଷେ ୨ ଦିନ ବ୍ୟୟ କରୁଥିଲେ । ପ୍ରଥମଦିନ ଶ୍ରେଣୀକୁ ଶ୍ରେଣୀ ବୁଲି ଶିକ୍ଷକମାନଙ୍କର ଶିକ୍ଷାଦାନ ପ୍ରଣାଳୀ, ସେମାନଙ୍କର ଦୈନନ୍ଦିନ ପାଠଟୀକା ତନ୍ନ ତନ୍ନ କରି ନିରୀକ୍ଷଣ କରୁଥିଲେ ଏବଂ ୨ୟ ଦିନ ସବୁପିଲାଙ୍କର ଇଂରାଜୀ, ଓଡିଆ ରଚନା ଖାତାଗୁଡିକ ଉପରେ ଗୁରୁ ଅନୁଧ୍ୟାନ କରୁଥିଲେ । ଶେଷରେ ପ୍ରଧାନଶିକ୍ଷକ ଓ ଶିକ୍ଷକ ମାନଙ୍କର ଅଭାବ ଅସୁବିଧା ସେ ଦିନ ସଭାରେ ମିଳିତ ହୋଇ ବୁଝୁଥିଲେ । ପାଠ ପଢେଇବା ପାଇଁ ଶିକ୍ଷକମାନେ ଲାଗିପଡୁଥିଲେ । ମାତ୍ର ଆଜିକାଲି ପରିଦର୍ଶକ କର୍ମଚାରୀ ମାନେ ଦୁଇ ତିନିବର୍ଷରେ ମଧ୍ୟ ସ୍କୁଲମାନଙ୍କରେ ପ୍ରବେଶ କରୁ ନାହାନ୍ତି । ଶିକ୍ଷକମାନଙ୍କର ଭୟ ରହିବ କାହିଁକି ? ପାଠପଢ଼ାର ମାନ କମି କମି ଯିବ ନାହିଁ କାହିଁକି ? ପାଠପଢ଼ା ଠିକ୍ ଭାବରେ ନହେଲେ କପି କରିବା ବଢ଼ିବ ନାହିଁ କାହିଁକି ? କପି କରିବା ପାଇଁ ପିଲା କେବଳ ଦାୟୀ ନୁହେଁ ବୋଲି ମୋର ମତ ।

୧୯୨୦/୨୧ ମସିହାରେ ବିଦ୍ୟାଳୟରେ ଯେଉଁ ହଲଟି ନିର୍ମିତ ହୋଇଥିଲା ତାହା ମୋଟେ ୨୦୦ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ପିଲାସଂଖ୍ୟା କ୍ରମଶଃ ବୃଦ୍ଧିପାଇ ୭୦୦ କି ୮୦୦ରେ ପହଞ୍ଚିଥିଲା । ପ୍ରଧାନଶିକ୍ଷକ ବିଦ୍ୟାସିଂହବାବୁ କେନ୍ଦ୍ରସରକାରଙ୍କ ସହାୟତାରେ ଚାରିଗୋଟି ଶ୍ରେଣୀ ଗୃହ ଗୋଟିଏ ବିଜ୍ଞାନଗୃହ ଏବଂ ୧୦୦୦ ପିଲାଙ୍କ ପାଇଁ ଗୋଟିଏ ବଡହଲ ନିର୍ମାଣ କରାଇଥିଲେ । ତେବେ ଦରିଦ୍ର ଛାତ୍ରମାନଙ୍କୁ କାଷ୍ଠର ଆସବାବ ଯୋଗାଇବା ଦିନକୁ ଦିନ ଅସମ୍ଭବ ବ୍ୟାପାର ହୋଇ ପଡୁଥିଲା ।

ବିଦ୍ୟାଳୟ ଓ ଛାତ୍ରାବାସ ମଧ୍ୟରେ ଏକ ବିରାଟ କ୍ରୀଡ଼ାପ୍ରାଙ୍ଗଣ ଅବସ୍ଥିତ । ଦୁଇ ପାର୍ଶ୍ୱରେ ଲାଲରଙ୍ଗର ଦୁଇଟି ସୁରମ୍ୟ ସୌଧମଧ୍ୟରେ କ୍ରୀଡ଼ାପ୍ରାଙ୍ଗଣର ପୂର୍ବଦିଗକୁ ଲାଗି ଏକ ମନୋରମ ପୁଷ୍ପୋଦ୍ୟାନ ଓ ପଶ୍ଚିମ ଦିଗରେ ଚାରବାଡ କଡେ କଡେ ରୋପିତ ଶାଗୁଆନ ବୃକ୍ଷ ଗୁଡିକ ବିଦ୍ୟାଳୟର ଶୋଭାବର୍ଦ୍ଧନ କରୁଥିଲା । ବିଦ୍ୟାଳୟର ବିସ୍ତୀର୍ଣ୍ଣ ହତାର ପରିଷ୍କାର ପରିଚ୍ଛନ୍ନତା ଦେଖି ମାନ୍ୟବର ପରିଦର୍ଶକ ଗଣ ଅତ୍ୟନ୍ତ ପ୍ରୀତ ହେଉଥିଲେ । ଚତୁଃପାର୍ଶ୍ୱରେ ସିମେଣ୍ଟ ନିର୍ମିତ ଆସନ ଗୁଡିକରେ ଦର୍ଶକମାନେ ବସି ଫୁଟବଲ ଖେଳର ମଜା ଉପଭୋଗ କରୁଥିଲେ । ହତାଟି ଏତିକି ଆବର୍ଜନାମୟ ନଥିଲା କି ଖଣ୍ଡେ ହେଲେ ଛିଣ୍ଡାକାଗଜ କେଉଁଠାରେ ପରିଦୃଷ୍ଟ ହେଉନଥିଲା । ପିଲାମାନେ ଛିଣ୍ଡାକାଗଜଖଣ୍ଡମାନ ଗୋଟେଇ ଆଣି ଡାଗଳତିଆରି ପାଇଁ ନିର୍ଦ୍ଦିଷ୍ଟ ପାଣି କୁଣ୍ଡରେ ଭିଜେଇ ଦେଉଥିଲେ ।

ବନ୍ୟା, ବାତ୍ୟା, ଘରପୋଡି ପ୍ରଭୃତି ଦୈବୀ ଦୁର୍ବିପାକରେ ଶିକ୍ଷକମାନେ ସ୍ୱେଚ୍ଛାସେବୀ ପିଲାମାନଙ୍କୁ ନେଇ ପ୍ରପୀଡିତ ଲୋକମାନଙ୍କୁ ଲୁଗା, ଚାଉଳ ବାଣ୍ଟୁଥିଲେ । ୧୯୫୫ ମସିହାରେ ଦନେଇଗାଳ ଭାଙ୍ଗିଯିବା ସମୟରେ ଆମେମାନେ ସହରର କେତେକ ବଦାନ୍ୟବ୍ୟକ୍ତିଙ୍କ ସହ ଖାଦ୍ୟଦ୍ରବ୍ୟ ଟ୍ରକରେ ବହନକରି ଦୁର୍ଗତଙ୍କୁ ସାହାଯ୍ୟ କରିଥିଲୁ । ଶ୍ରୀ ଭୁବନେଶ୍ୱର ସାମନ୍ତରାୟ ଓ ଶ୍ରୀ ରତିନାରାୟଣ ବର୍ମା ଆମର ସହଯାତ୍ରୀ ଥିଲେ ।

କିନ୍ତୁ ପାଠପଢ଼ାପ୍ରତି ଅଧିକ ଦୃଷ୍ଟି ଦିଆଯାଉଥିଲା । ଲେଖାଲେଖି ପାଇଁ ପିଲାଙ୍କ ଉପରେ ମୁଁ କଠୋର ଚାପ ପ୍ରୟୋଗ କରୁଥିଲି । କୌଣସି ପିଲା ଗୃହପାଠ୍ୟ ପ୍ରସ୍ତୁତ କରି ନ ଆଣିଲେ ସେ ଛୁଟିପରେ ଭିତରେ ରହିବାର ବ୍ୟବସ୍ଥା ଥିଲା । ଶିକ୍ଷକ ରୁମ୍‌ରେ ଖଣ୍ଡିଏ ଡିଟେନସନ ଖାତା

ପଡ଼ିଥାଏ । ଯେଉଁ ପିଲାକୁ ଡିଟେନ କରାଯାଏ ତାଙ୍କ ନାମ ବୋର୍ଡରେ ଲେଖାଯାଏ । ୪ ଟା ପରେ ସେ ଶିକ୍ଷକଙ୍କ ପଢ଼ାଟି ଦେଇ ତେବେ ସେଥିରୁ ମୁକ୍ତି ପାଏ । ପିଲା ଡିଟେନ ହେବା ସଙ୍ଗେ ସଙ୍ଗେ ଶିକ୍ଷକ ବି ଅଟକି ରହୁଥିଲେ ।

ପିଲାମାନଙ୍କ ପ୍ରତି ମୋର ସାଧାରଣ ଦଣ୍ଡ ଥିଲା କାନମୋଡ଼ା ବା ନିଲଡାଉନ । କେତେକ ଶିକ୍ଷକ ବେତ ପ୍ରହାର ବିଧି ବା ଚାପୁଡ଼ା ମାରନ୍ତି । ପ୍ରଧାନଶିକ୍ଷକ ସ୍ୱତନ୍ତ୍ରଭାବରେ ବେତର ବ୍ୟବହାର କରୁଥିଲେ । ପିଲାମାନେ ବରିଷ୍ଠ ଶିକ୍ଷକ ବା ପ୍ରଧାନ ଶିକ୍ଷକଙ୍କ ସମ୍ମୁଖକୁ ଯିବାପାଇଁ ସଙ୍କୋଚ ବୋଧ କରୁଥିଲେ । କିନ୍ତୁ ଛାତ୍ରମାନେ ଶିକ୍ଷକମାନଙ୍କ ବିଦ୍ୟାବୁଦ୍ଧି, ଅଧ୍ୟାପନାର ଢଙ୍ଗ ବିଚାରନ୍ତି । ସେହି ଅନୁପାତରେ ସେମାନେ ଶିକ୍ଷକମାନଙ୍କୁ ସମ୍ମାନ ଦେଉଥିଲେ ।

୧୯୬୪ ମସିହାରେ ମୁଁ ବହୁ ଉଲନୟର ରଖି ଇତିହାସରେ ଉତ୍କଳବିଶ୍ୱବିଦ୍ୟାଳୟରୁ ଘରେ ରହିବାରେ ବ୍ୟକ୍ତିଗତ ଏମ୍ ଏ ପାଶ କଲି । ପରେ ପରେ ଫଲ୍ଲିକୋଟ କଲେଜରେ ଅଧ୍ୟାପକ ଚାକିରି ଓ ସେକେଣ୍ଡାରୀ ବୋର୍ଡରେ ଇତିହାସ ବିଶେଷଜ୍ଞ ଚାକିରି ପାଇଲି । ପ୍ରଧାନଶିକ୍ଷକ ପଦ ପାଇବା ଲାଳସାରେ ଏହି ସ୍ଥାନରେ ମୁହଁମାଡ଼ି ପଡ଼ି ରହିଲି । ତାହାରକୁ ଯାଇଥିଲେ ନିଶ୍ଚିତ ଭାବରେ ଉଚ୍ଚତର ସୋପାନକୁ ଉଠିଯାଇଥାନ୍ତି । ଓଡ଼ିଆରେ ବୋଲିଏ ଢଗ ଅଛି-

'ଯେ ପକ୍ଷୀ ଉଡ଼େ ଯେତେଦୂର
ସେ ଜାଣେ ତାହାର ବେଭାର ।'

ମୁଁ ତ ସଙ୍କୀର୍ଣ୍ଣ ପରିବେଶ ଭିତରେ ରହିଲି । ଉଚ୍ଚଆଶା କେଉଁଠି ନାହିଁକି ? କୂପ ମଣ୍ଡୁକ ହୋଇ ରହିଗଲି ।

ଯେତେବେଳେ ମୁଁ ପ୍ରଧାନଶିକ୍ଷକ ଥିଲି । ମାତ୍ର ଛାତ୍ରାବାସରେ ଗଣତେନ୍ତୁଟିଏ ସ୍ୱତନ୍ତ୍ର ସୁବିଧା ଉପଭୋଗ କରୁଥିଲି । ଛାତ୍ରାବାସକୁ ଦେଖିଲେ ଜାଣିହୁଏ ବିଦ୍ୟାଳୟ କିପରି ଚାଲିଛି । ଛାତ୍ରାବାସହିଁ ବିଦ୍ୟାଳୟର ପ୍ରତିଛବି । ମୋ' ଉପରେ ପ୍ରଧାନଶିକ୍ଷକଙ୍କର ଖୁବ୍ ବିଶ୍ୱାସ ଥିଲା । ମୁଁ ବି ତାଙ୍କ ମନ ମୁତାବକ ଛାତ୍ରାବାସକୁ ସଜାଡ଼ି ଦେଇଥିଲି । ମୋ ଉପରେ ଛାତ୍ରାବାସକୁ ଦେଇ ସେ ନିଶ୍ଚିନ୍ତ । ମୁଁ ଏକଶତ ପିଲାଙ୍କର ଛବି, ଅଙ୍କି ରହୁଥିଲି । ପିଲାଙ୍କ ସାଙ୍ଗରେ ପିଲା ହେଉଥିଲି । ବୋଧେ ନ ବହେଲାରେ ମୁଁ କୌଣସି ଗୋଳମାଳ ପ୍ରଧାନଶିକ୍ଷକଙ୍କ କାନକୁ ଆଣୁନଥିଲି । ବହୁବେଳେ ଗୁଡ଼ିଏ ଛାତ୍ର ଯାତନ କରି ଉଠି ବଡ଼ ବିଶ୍ୱାସ ଲାଗେ । ଦିଡ଼ି ଲାଗେ । ଛାତ୍ରାବାସକୁ ଛାଡ଼ିଯିବାକୁ ଚାହେଁ, ମାତ୍ର ପ୍ରଧାନଶିକ୍ଷକଙ୍କ କଥା ଭାଙ୍ଗି ପାରେ ନାହିଁ । ମୋର ଛାତ୍ରାବାସ ଜୀବନ ମୋ ଜୀବନର ସୁବର୍ଣ୍ଣ ଯୁଗ ଓ ଛାତ୍ରାବାସର ବି ସୁବର୍ଣ୍ଣ ଯୁଗ ଥିଲା ବୋଲି ମୋର ଦୃଢ଼ ଧାରଣା ।

ପିଲାମାନଙ୍କୁ ପଢ଼େଇବାରେ ମୁଁ ଖୁବ୍ ଆନନ୍ଦ ପାଉଥିଲି । କେବଳ ଛାତ୍ରାବାସର ପିଲା ନୁହଁନ୍ତି ସ୍କୁଲର ୮୦୦ ଜଣ ଛାତ୍ର ମୋତେ ଖୁବ୍ ସମ୍ମାନ ଦିଅନ୍ତି । ଛାତ୍ରାବାସର ଶୃଙ୍ଖଳା ଓ ଉତ୍ତମ ପଢ଼ାପଢ଼ି ହେତୁ ସହରର କେତେକ ବିଶିଷ୍ଟ ଲୋକଙ୍କର ପିଲାମାନେ ଛାତ୍ରାବାସରେ ଅବସ୍ଥାନକରି ଅଧ୍ୟୟନ କରୁଥିଲେ । ମୋ ଶାସନରେ କିଛିଏ କଡ଼ା ହୋଇଥିବାରୁ କେତେକ ପିଲା ମୋ ପ୍ରତି ଅସନ୍ତୋଷ ଭାବ ପ୍ରକାଶ କରୁଥିଲେ । କେବେ କେବେ ମୁଁ ସେମାନଙ୍କ ପ୍ରତି ନରମ ମନୋଭାବ ବି ପ୍ରଦର୍ଶନ କରୁଥିଲି । ପ୍ରତି ଶନିବାର ଦିନ ଛାତ୍ରାବାସରେ ତର୍କସଭା ଅନୁଷ୍ଠିତ ହେଉଥିଲା ଓ ଛାତ୍ରାବାସ ଲାଇବ୍ରେରୀରୁ ପୁସ୍ତକ ଯୋଗାଇ ଦିଆଯାଉଥିଲା । ପିଲାମାନଙ୍କର ଲାଇବ୍ରେରୀଖାତାଟିଏ ଥାଏ । ସେଥିରେ କେ କଣ କଣ ପଢ଼ିଲେ ଟିପି ଦେଉଥିବେ । ମୁଁ ତାକୁ ବେଳେ ବେଳେ ତଦାରଖ୍ କରୁଥିଲି ।

ଏତେ ସଂଖ୍ୟକ ପିଲା ଛାତ୍ରାବାସରେ ଅବସ୍ଥାନ କରୁଥିବାରୁ ମୁଁ ଭୟଭୀତ ହୋଇ ପଡୁଥିଲି । କାଳେ ସେମାନଙ୍କ ସ୍ୱାସ୍ଥ୍ୟରେ କିଛି ହାନି ହେବ ସେଥିପାଇଁ ସତର୍କତା ଅବଲମ୍ବନ କରିବାରେ ହେଳା କରୁନଥିଲି । ଏଥୋଇଁ ବଡ଼ ଡାକ୍ତରଙ୍କ ନାଁରେ ଡାକ୍ତର ଛାତ୍ରାବାସର ଡାକ୍ତର ଥିଲେ । ସେ ପ୍ରତି ସପ୍ତାହରେ ଥରେ ଲେଖାଏଁ ଛାତ୍ରାବାସକୁ ଆସି ପିଲାମାନଙ୍କ ସ୍ୱାସ୍ଥ୍ୟ ବିଷୟ ବୁଝୁଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଗୋଟିଏ ସପ୍ତାହରେ ଜୁଲାପ ଡେ ପାଳିତ ହେଉଥିଲା ଓ ଅନ୍ୟ ସପ୍ତାହରେ ଓଏଲ୍ ଡେ ପାଳନ କରାଯାଉଥିଲା । ଜୁଲାପ ଡେ ଅର୍ଥ ସେଦିନ ଛାତ୍ରାବାସର ପିଲାମାନେ ଛାତ୍ରାବାସର ଭିତର ବାହାର ପରିଷ୍କାର ପରିଚ୍ଛନ୍ନ ରଖିବାପାଇଁ କୋଠରୀଗୁଡ଼ିକ ଓ ବାହାର ଛାଞ୍ଚୁଣି ସାହାଯ୍ୟରେ ସଫାସୁତରା ରଖୁଥିଲେ । ଓଏଲ୍‌ଡେ ଅର୍ଥ ସେଦିନ ପିଲାମାନେ ଘର, କୂଅର, ଗୋଷେଇଘର, ନଳା ପ୍ରଭୃତି ପରିଷ୍କାର ଉଦ୍ଦେଶ୍ୟ ଫିନାଇଲ ବ୍ୟବହାର କରୁଥିଲେ । ଏହି ପନ୍ଥା ନିୟମିତ ଅନୁସରଣ କରାଯାଉଥିଲା । ଖାଦ୍ୟପ୍ରତି କଡ଼ା ଦୃଷ୍ଟି ରଖାଯାଉଥିଲା । ଛାତ୍ରାବାସରୁ ବହୁ ଭଲଛାତ୍ର ବାହାରୁଥିଲେ । ଛାତ୍ରାବାସରେ ଏକ ପଢ଼ା ବାତାବରଣ ସୃଷ୍ଟି ହୋଇଥିଲା । ସ୍କୁଲ ପରିଦର୍ଶକ ମାନେ ମଧ୍ୟ ସନ୍ତୋଷ ପ୍ରକାଶ କରୁଥିଲେ । ଏହି ସମୟ ଭିତରେ ବିଦ୍ୟାଳୟର ପାଞ୍ଚଜଣ ଛାତ୍ର ଶ୍ରୀ ପ୍ରଭାକର ମହାପାତ୍ର ଶ୍ରୀ ସଚ୍ଚିଦାନନ୍ଦ ସିଂହ, ଶ୍ରୀ ବଙ୍କିମଚନ୍ଦ୍ର ମହାନ୍ତି, ଶ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର ଓ ଶ୍ରୀ ରବିନ୍ଦ୍ରନାଥ ଦାସ ବୋର୍ଡ ପରୀକ୍ଷାରେ ମେରିଟରେ ବା ପ୍ରଥମ ଦଶଜଣଙ୍କ ଭିତରେ ସ୍ଥାନପାଇଥିଲେ । ସେମାନଙ୍କ ମଧ୍ୟରୁ ଶ୍ରୀ ପ୍ରଭାକର ମହାପାତ୍ର ଓ ଶ୍ରୀ ବଙ୍କିମଚନ୍ଦ୍ର ମହାନ୍ତି ପ୍ରଥମ ସ୍ଥାନରେ ଅବସ୍ଥାନ କରିବା ଯୋଗ୍ୟତା ହାସଲ କରିଥିଲେ ଏବଂ ଶ୍ରୀ ପ୍ରଭାକର ମହାପାତ୍ର ଶ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର ଓ ଶ୍ରୀ ରବିନ୍ଦ୍ରନାଥ ଦାସ ଛାତ୍ରାବାସରେ ଛାତ୍ର ଥିଲେ । ଯେଉଁ ବର୍ଷ (୧୯୫୮) ଶ୍ରୀମାନ୍ ବଙ୍କିମଚନ୍ଦ୍ର ବୋର୍ଡ ପରୀକ୍ଷାରେ ପ୍ରଥମସ୍ଥାନ ଅଧିକାର କରିବାର ଯୋଗ୍ୟତା ହାସଲ କରିଥିଲେ ସେବର୍ଷ ପରିଚାଳନା ସମିତିର ବିଦ୍ୟାଳୟର ଶିକ୍ଷକମାନଙ୍କର ପରିଶ୍ରମର ଫଳ ସ୍ୱରୂପ ଶିକ୍ଷକ ଓ ଅଣଶିକ୍ଷକମାନଙ୍କୁ ଗୋଟିଏ ମାସର ବେତନ ଅଧିକ ପ୍ରଦାନ କରିଥିଲେ । ବିଦ୍ୟାଳୟ ଘରୋଇ ଅନୁଷ୍ଠାନ ଥିବାରୁ ଏହା କେବଳ ସମ୍ଭବ ହୋଇ ପାରିଥିଲା । ଏହାଦ୍ୱାରା ଶିକ୍ଷକମାନେ ଓ ପ୍ରଧାନ ଶିକ୍ଷକ ଛାତ୍ର ଛାତ୍ରୀ ମାନଙ୍କର ସାମଗ୍ରିକ ଉନ୍ନତି ପାଇଁ ଅଧିକ ଯତ୍ନବାନ ହେଉଥିଲେ ।

ଛାତ୍ରାବାସରେ ପ୍ରତ୍ୟହ ଦୁଇଥର ଅର୍ଥାତ୍ ପ୍ରତ୍ୟୁଷରେ ଓ ଥରେ ପ୍ରଦୋଷରେ ପିଲାମାନେ ଏକତ୍ର ଅଫିସରୁମ୍ ପାଖରେ ସମବେତ ହୋଇ ଭଗବତ୍ ପ୍ରାର୍ଥନାରେ ଯୋଗଦେଉଥିଲେ । ପ୍ରତ୍ୟହ ସକାଳ ସାଢ଼େ ୪ଟାରେ ଅନ୍ତେବାସୀମାନେ ଶଯ୍ୟାତ୍ୟାଗ କରୁଥିଲେ । ପରିଚାଳକ ମହାଶୟ (ମୁରଲୀଧର ପ୍ରଧାନ) ପ୍ରତ୍ୟହ ଛାତ୍ରନିବାସର କାଛେ ବେତବାଡ଼ି ଧରି ଘର ଘର ବୁଲି ଆଳସ୍ୟ ପରାୟଣ ଛାତ୍ରମାନଙ୍କୁ

ବେଳେ ବେଳେ ଭଜନ ମାଧ୍ୟମ ଦେଇ ସତର୍କ କରି ଦେଉଥିଲେ ଓ ମିଳେ ପ୍ରାର୍ଥନା ସଭାରେ ଯୋଗଦେଉଥିଲେ । ଭଜନ ପ୍ରାର୍ଥନା ସାହିତ୍ୟଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ପ୍ରାର୍ଥନାପରେ ଅନ୍ତେବାସୀ ନିତ୍ୟକର୍ମ ସମାପନାର୍ଥେ ନିକଟସ୍ଥ ପଶ୍ଚିମ ପୁଷ୍କରିଣୀକୁ ଯାଉଥିଲେ । ପାଠ ପଢ଼ା ସକାଳ ଓ ସନ୍ଧ୍ୟାରେ ଦୁଇଘଣ୍ଟା ଓ ରାତ୍ରିରେ ଦୁଇଘଣ୍ଟା ନିର୍ଦ୍ଦିଷ୍ଟ ଥିଲା । ପ୍ରତ୍ୟେକ ଲକ୍ଷ୍ୟ ପାଠ୍ୟବିଷୟ ଉପରେ ଅଧିକ ଥିଲା । ଏହି ସମୟରେ ପିଲାମାନଙ୍କର ଯାବତୀୟ ଅଭିଯୋଗ ବିଚାର କରାଯାଉଥିଲା । ଶବର ପାପର ପାଠ ପଢ଼ାଯାଉଥିଲା । ସୁମାର୍ଜିତ ହେବାପାଇଁ ପିଲାମାନଙ୍କୁ ଉପଦେଶ ଦିଆଯାଉଥିଲା । ପ୍ରତ୍ୟହ ପଢ଼ା ସମୟରେ ପରିଚାଳକ ଛୁଟି ଛୁଟି ଯାଇ ପଢ଼ା ପର୍ଯ୍ୟବେକ୍ଷଣ କରୁଥିଲେ । ଯିଏ ଯେଉଁ ସେଠାରେ ଉପସ୍ଥିତ ନଥିଲେ ଦଣ୍ଡ ଭୋଗ କରୁଥିଲା ।

ପରେ ଛାତ୍ରାବାସର ପିଲାମାନଙ୍କର ପୋଖରୀକୂଳରେ ସାହିର ହିଂସ୍ରପିଲାମାନଙ୍କ ସହିତ ଝଗଡ଼ା ହେଲା । ଏକଥା ପରିଚାଳକଙ୍କ କାନକୁ ଆସିବାରୁ ଛାତ୍ରାବାସର ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଘାଟ ନିର୍ମାଣ କରାଗଲା । ଏହି ସ୍ୱତନ୍ତ୍ର ଘାଟ ଛାତ୍ରାବାସର ଧାରରେ ତିଆରି ହୋଇଥିଲା । ଏବେ ସେ କୂଳ ସାହିବାସୀଙ୍କର ଅଶେଷ କଲ୍ୟାଣ ସାଧନ କରୁଅଛି ।

ଦେଶବାସୀଙ୍କର ସାଂସ୍କୃତିକ ସ୍ପୃହା ଉଜ୍ଜୀବିତ କରିବାପାଇଁ ପ୍ରତିବର୍ଷ ଥରେ ପଦକକୁ ଯେତିକି ଶୁଦ୍ଧ ଦେଶାତ୍ମବୋଧ ନାଟକ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ଅଭିନୀତ ହେଉଥିଲା । ପଣ୍ଡିତ ଶ୍ରୀ ହରିକୃଷ୍ଣ ପ୍ରଧାନ ବରିଷ୍ଠ ଶିକ୍ଷକ ଶ୍ରୀ ଶୈଳେନ୍ଦ୍ର କୁମାର ଦାସ, କ୍ରୀଡ଼ାଶିକ୍ଷକ ଶ୍ରୀ ଉପେନ୍ଦ୍ରନାଥ ପଟ୍ଟନାୟକ କଳାକାର ମାନଙ୍କୁ ସାହାଯ୍ୟ କରୁଥିଲେ । ନାଟକ ପରିବେଷଣ ଦିନ ବିଦ୍ୟାଳୟର ଶିକ୍ଷକଗଣ ଓ କେତେକ ଛାତ୍ର ସାରାରାତି କାର୍ଯ୍ୟବ୍ୟସ୍ତ ରହୁଥିଲେ । ଏହି ବ୍ୟବସ୍ଥା ୧୯୬୪-୬୭ ମସିହା ପର୍ଯ୍ୟନ୍ତ ଧାରାବାହିକ ଭାବେ ଚାଲିଥିଲା ।

ସେତେବେଳେ ୫ମ ଓ ୬ଷ୍ଠ ଦଶକରେ ପରୀକ୍ଷାରେ କପିର ମାତ୍ରା ସୀମା ଭିତରେ ଥିଲା । କେନ୍ଦ୍ର ଭିତରେ କିଏ କେଉଁଠି କପି କରୁଥିଲେ ଧରାପଡୁଥିଲା । ଶିକ୍ଷକମାନଙ୍କ ଭିତରେ ନିଷ୍ଠା ଓ ଦାୟିତ୍ୱବୋଧପଣିଆ ପରିଦୃଷ୍ଟ ହେଉଥିଲା । ପରୀକ୍ଷା କେନ୍ଦ୍ର ସବୁ ସ୍କୁଲରେ ଖୋଲା ହୋଇନଥିଲା । କେନ୍ଦ୍ର ଗୁଡ଼ିକ ସୁରକ୍ଷିତ ଥିଲା । କଉଆଡ଼ି ଶିକ୍ଷକମାନେ ଖୁବ୍ କଣ୍ଢେଇ ଥିଲେ । ଦେଖି କପି କଁ - ଗାଁ ହେଉଥିଲା । ଏବେପିଲା ବି ପରୀକ୍ଷା ଦେଉନଥିଲେ । ସେତେବେଳେ କେତେ ହଜାର ପିଲା ମାତ୍ର ପରୀକ୍ଷା ଦେଉଥିଲେ । ଏବେ ୩ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷା ଦେଉଛନ୍ତି । ପରେ ବାରଣ୍ଡାରେ ପରୀକ୍ଷା ଚାଲିଛି । କେନ୍ଦ୍ରର ସୁରକ୍ଷା ଆଦୌ ନାହିଁ । କେନ୍ଦ୍ରରେ ବାହାର ଲୋକ ମେଳା ଲାଗେ । ଶିକ୍ଷକମାନଙ୍କ ମଧ୍ୟରୁ କେତେକ କପି କରେଇବାରେ ତତ୍ପର ହୋଇ ଉଠୁଛନ୍ତି । ଅଭିଭାବକ ମାନେ ଖାତା ଲେଖା କେନ୍ଦ୍ରରେ ହାଜର ହେଉଛନ୍ତି । ପରୀକ୍ଷକ ମାନେ ବିଭାଗେ ଦଶ ଜାଗାରେ ତିନିଶ ମାର୍କ ଦେଉଛନ୍ତି । ଏହିପରି ନାନା ଉପାୟରେ ପିଲାମାନଙ୍କର ନାମ କାଗଜରେ ପ୍ରକାଶିତ ହେଉଛି, ତେଣୁ କୌଣସି ସ୍କୁଲର ପାଶ୍ କରିବା ପିଲାଙ୍କ ସଂଖ୍ୟା ଦେଖି ସେ ସ୍କୁଲର ମାଟ୍ରିକ୍ ପରୀକ୍ଷାର ହୁଣ୍ଡିର୍ ଜଣାପଡୁ ନାହିଁ । ସେତେବେଳେ କିନ୍ତୁ ପିଲାମାନଙ୍କ ପାଶ୍ ସଂଖ୍ୟା ଦେଖି ବିଦ୍ୟାଳୟ ଉତ୍ତମ କି ଅଧମ ଜଣା ପଡୁଥିଲା । ଆଜିକାଲି ନିମ୍ନରୁ ଅଗ୍ରଭାଗ ପର୍ଯ୍ୟନ୍ତ ସବୁଠାରେ ଦୁର୍ନୀତି, ଶିକ୍ଷା ବିଭାଗ ସେଥିରୁ ବାଦ୍ ପଡ଼ିବ କାହିଁକି ?

ଖୋର୍ଦ୍ଧା ଦକ୍ଷିଣ ଜଗତରେ ହାଇସ୍କୁଲର ଛାତ୍ର କହିଲେ ତା ମନରେ ଟୋକାଏ ଗର୍ବ ଭାବ ଜାଗରିତ ହେଉଥିଲା । ସମଗ୍ର ଓଡ଼ିଶାରେ ଏ ସ୍କୁଲର ନାମ ଥିଲା । ପ୍ରତିଷ୍ଠା ଥିଲା ।

୧୯୫୩ ମସିହାରୁ ମୁଁ ମାଟ୍ରିକ ପିଲାଙ୍କର ପରୀକ୍ଷକ ହିସାବରେ ମନୋନୀତ ହୋଇଥିଲି । ପରେ ଢେଙ୍କାନାଳ ଜିଲ୍ଲାରୁ କେତେକ ଇଂରାଜୀ ଖାତା ମୋ ପାଖକୁ ଆସିଥିଲା । ମୁଁ କଡ଼ା ପରୀକ୍ଷକ ଥିଲି । ପାଖକୁ କୌଣସି ବ୍ୟକ୍ତି ନମ୍ବର ଜାଣିବା ପାଇଁ ଆସିଲେ ମୁଁ ତାଙ୍କୁ ଦୁରଦୁର୍ ମାର୍ ମାର୍ କରୁଥିଲି । ତେଣୁ ମୋ ପାଖକୁ କେହି ସାହସ କରି ଆସୁନଥିଲେ । କିନ୍ତୁ ସେ ବର୍ଷ ମୋର ବାଲ୍ୟଗୁରୁ ଅଧ୍ୟାପକ ମୋତେ ପାଠପଢ଼ାରେ ବହୁ ସାହାଯ୍ୟ କରିଥିଲେ । ସେ ଆସି ପହଞ୍ଚିଲେ ଏବଂ ଜଣେ ପିଲାର ଖାତା ଦେଖିବାକୁ ଜିଦ୍ ଧରିଲେ । ମାତ୍ର ମୁଁ ଏତେ କଠୋର ଥିଲି ସେ ତାଙ୍କୁ କେବଳ ପିଲାର ରୋଲ ନମ୍ବର ମାଗିଲି । ତାଙ୍କୁ କହିଲି ଯଦି ପିଲା ପାଶ୍ ନମ୍ବର ନିକଟରେ ଥିବ ତେବେ ମୁଁ ତାକୁ ନିଶ୍ଚୟ ପାଶ୍ କରେଇ ଦେବି । ମାତ୍ର ସେ ସେକଥା ଶୁଣିବାକୁ ଆଦୌ ରାଜି ନଥିଲେ । ସେ ପିଲାର ଖାତା ଭିତର ଦେଖିବାକୁ ଜିଦ୍ କଲେ । ମୁଁ ମନେ ମନେ ଖୁବ୍ ଦୁଃଖିତ ହେଲି । ଶେଷରେ ତାଙ୍କୁ ଠୋକଠାକ ଜଣାଇଦେଲି ମୁଁ ଖାତା ଦେଖାଇ ପାରିବି ନାହିଁ । ସେ ମୋ ଉପରେ ଖୁବ୍ ଖପା ହେଲେ ମାତ୍ର ମୋ ପଥରୁ ମୁଁ ଆଦୌ ଟଳିଲି ନାହିଁ । ଏହି ଶପଥ ଚାକିରି ଶେଷ ପର୍ଯ୍ୟନ୍ତ ପାଳନ କରିଥିଲି । ଏହାଦ୍ୱାରା ମୁଁ ବହୁଲୋକଙ୍କର ଅପ୍ରିୟ ହୋଇଥିଲି । ହେଲେ ମୁଁ ଶସ୍ତା ଲୋକପ୍ରିୟତାକୁ ମୁଁ କେବେ ହେଲେ ପ୍ରଶ୍ରୟ ଦେଇନଥିଲି । ମୁଁ ମୁଖ୍ୟ ପରୀକ୍ଷକ ଥିବାବେଳେ ବହୁ ଲୋକ ଏପରିକି ଡି.ଟି.ଆଇ ଅଫିସର କେତେକ ବ୍ୟକ୍ତି ମୋ ପାଖକୁ ଆସିଛନ୍ତି । ମାତ୍ର ମୁଁ ସେମାନଙ୍କୁ ସବୁବେଳେ ଘଉଡ଼ାଇ ଦେଇଛି । ମୋ ଜୀବନକାଳରେ ମୁଁ କେବଳ ସଚ୍ଚୋଟପଣିଆ ଆଉ କର୍ତ୍ତବ୍ୟପରାୟଣତା ଦେଖାଇ ଦେଖାଇ ଶେଷ ହେଲା କିନ୍ତୁ ସରକାର ତରଫରୁ ସ୍ୱୀକୃତି ମିଳିଲା ନାହିଁ । ଯାହା ଲୋକଙ୍କଠାରୁ ପାଇଛି ।

ଏ ଅନୁଷ୍ଠାନରେ ଦୀର୍ଘ ତ୍ରିଶବର୍ଷରୁ ଊର୍ଦ୍ଧ୍ୱକାଳ ଶିକ୍ଷକତା ଅତିବାହିତ କରିଥିଲି । ବିଦ୍ୟାଳୟରୁ ସେହି ସମୟ ମଧ୍ୟରେ ହଜାର ହଜାର ଛାତ୍ର ପାଠପଢ଼ା ଶେଷକରି ବା ଅଧାରୁ ଛାଡ଼ିଥିବେ । କିନ୍ତୁ ପ୍ରତ୍ୟେକ ଛାତ୍ରକୁ ମୁଁ ଚିହ୍ନିବାପାଇଁ ଚେଷ୍ଟାକରୁଥିଲି । ଏଭଳି ମୋର ସହଜାତ ପ୍ରବୃତ୍ତି ଥିଲା । ଛାତ୍ରାବାସର ପିଲାମାନେ ତ ମୋ ପୁଅ ପରି ରହୁଥିଲେ । କିନ୍ତୁ ଛାତ୍ରାବାସର ପ୍ରତ୍ୟେକ ପିଲାଙ୍କୁ ତା ଗାଁ, ବାପର, ମା ବାପା, ଡାକ ହେଉଛି ପ୍ରତ୍ୟେକବିଷୟ ଜଣ ଜଣ କରି ପଚାରୁଥିଲି ଏତଦ୍ ବ୍ୟତୀତ ବିଦ୍ୟାଳୟର ଯେଉଁ ଶ୍ରେଣୀକୁ ଯାଏ ସେ ଶ୍ରେଣୀର ପିଲାମାନଙ୍କ ବିଷୟ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଥାଏ । ପିଲାମାନେ ଦରଖାସ୍ତ ଧରି ହୁଡ଼ିନେବା ପାଇଁ ମୋ ପାଖକୁ ଆସିଲାବେଳେ ମଧ୍ୟ ସେମାନଙ୍କ ସମ୍ବନ୍ଧେ ସବିଶେଷ ବିବରଣୀ ମୁଁ ସଂଗ୍ରହ କରିଥାଏ । ଏହି ହିସାବରେ ବିଦ୍ୟାଳୟର ସର୍ବାଧିକ ପିଲା ମୋର ପରିଚିତ । ଅନ୍ୟକୌଣସି ଶିକ୍ଷକ ଏପରିକି ପ୍ରଧାନଶିକ୍ଷକ ମଧ୍ୟ ଏତେ ପିଲାଙ୍କୁ ଚିହ୍ନୁଛି ନାହିଁ । ଥରେଦେଖିଲେ ପିଲାଙ୍କୁ ତ ମୁଁ ଜାଣେ । ଅଚ୍ଛବେଶର

ପିଲାମାନେ ସେମାନଙ୍କର ସାହାଯ୍ୟକାରୀ  ମନୋବୃତ୍ତି ପାଇଁ ମୋର ଚିରଦିନ ଋଣୀ ହୋଇ ରହିଛି । ଏବେ ମଧ୍ୟ ଜୀବନର ସାୟାହ୍ନକାଳରେ ବାଟରେ ଘାଟରେ ପିଲାମାନଙ୍କୁ ଦେଖିଲେ ସେମାନଙ୍କୁ ଅତୀତର ପୂର୍ବସ୍ମୃତି ମନେ ପକାଏ । ସେମାନେ ଖସି ଚାଲି ଯାଉଥିଲେ ବି ସେମାନଙ୍କୁ ପଛରୁ ଡାକ ପକାଏ । ସେମାନେ ଏବେ ବାର୍ଦ୍ଧକ୍ୟର ଶେଷ ଭାଗରେ ପହଞ୍ଚିଲେ ମଧ୍ୟ ମୋ କଥାକୁ ଡେଇଁ ଯାଆନ୍ତି ନାହିଁ । ସେମାନେ ଏ ସାକ୍ଷାତରୁ ଆନନ୍ଦ ପାଆନ୍ତି କି ନାହିଁ ମୁଁ ଜାଣେ ନାହିଁ, ମାତ୍ର ମୋତେ କୋଟି ନିଧି ପାଇଲା ପରି ଲାଗେ । ମୁଁ ବୁଝିପାରେନି ମୋର ସେ ପ୍ରବୃତ୍ତି ଭଲ ନାହିଁ । ଯାହା କଥାରେ ଅଛି

> ''ମଣିଷ ପ୍ରକୃତି ମଲେ ତୁଟଇ
> ଘୁଷୁରି ପ୍ରକୃତି ପଙ୍କେ ଲୋଟଇ''

ତାହା ଅକ୍ଷରେ ଅକ୍ଷରେ ସତ୍ୟ । କିଏ ଛାଟିପିଟି ପକେଇଲାପରି ହେଉଥିବ ମାତ୍ର ମୁଁ ଛାଡେ ନାହିଁ ।

ସେତେବେଳେ ବିଦ୍ୟାଳୟ ବହୁକ୍ଷେତ୍ରରେ ପ୍ରଗତି ହାସଲ କରିଥିଲା । କେବଳ ଆଗ୍ରହୀ, ଜ୍ଞାନଦାତ୍ରୀ ଶିକ୍ଷକମାନଙ୍କର କଠୋର ଅଧ୍ୟବସାୟବଳରେ ବିଦ୍ୟାଳୟର ମାନମହତ୍ତ୍ୱ ଈର୍ଷଣୀୟ ହୋଇଥିଲା । ସେମାନେ ପ୍ରଧାନଶିକ୍ଷକଙ୍କୁ ପୂର୍ଣ୍ଣ ସହଯୋଗ କରୁଥିଲେ । ସର୍ବଶେଷରେ ବିଦ୍ୟାସିଂହବାବୁ ରାଷ୍ଟ୍ରପତି ପୁରସ୍କାର ହାସଲକରି ବିଦ୍ୟାଳୟର ଶ୍ରେଷ୍ଠତ୍ୱ ପ୍ରତିପାଦନ କଲେ । ସହରବାସୀ ଜନସାଧାରଣଙ୍କର ଶିକ୍ଷକମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଭକ୍ତି ଭାବ ଥିଲା । ଏପରିକି ସମଗ୍ର ଜିଲ୍ଲାରେ ଅନ୍ୟାନ୍ୟ ଶିକ୍ଷକ ଗଣ ଖୋର୍ଦ୍ଧା ସ୍କୁଲ ଶିକ୍ଷକମାନଙ୍କୁ ସମ୍ମାନ ଦେଉଥିଲେ । କିନ୍ତୁ ସରକାରୀ ସ୍ତରରେ ଉଚ୍ଚଅଫିସର ମାନଙ୍କର (ସମସ୍ତଙ୍କର ନୁହେଁ) ଶିକ୍ଷକମାନଙ୍କ ପ୍ରତି ଯେ ତାଚ୍ଛଲ୍ୟଭାବ ପରିଦୃଷ୍ଟ ହେଉଥିଲା ଗୋଟିଏ ଦୃଷ୍ଟାନ୍ତରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ଯେଉଁ ବୁଦ୍ଧିମାନ୍ ଜ୍ଞାନପିପାସୁ ଛାତ୍ରଗଣ ଶିକ୍ଷକମାନଙ୍କ ପାଖେ ବିଦ୍ୟାଅଧ୍ୟୟନ କରି ଉଚ୍ଚପଦର ଉଚ୍ଚସୋପାନରେ ଅଧିରୂଢ଼ ହୋଇ ଥାଆନ୍ତି ସେମାନଙ୍କ ମଧ୍ୟରୁ କେତେକ ଆତ୍ମଗର୍ବୀ ବ୍ୟକ୍ତି ସ୍ୱାଭିମାନୀ, ନୀତିନିଷ୍ଠ  କର୍ତ୍ତବ୍ୟପରାୟଣ ଶିକ୍ଷକମାନଙ୍କ ପ୍ରତି ଅସଦ୍‌ବ୍ୟବହାର ଦେଖାଇଥାଆନ୍ତି ଓ ସର୍ବସମକ୍ଷରେ ଲାଞ୍ଛିତ କରିଥାଆନ୍ତି । ଏହାହିଁ ଶିକ୍ଷକଜୀବନର ବିଡମ୍ବନା ।

ଏପରି ଗୋଟିଏ ଜ୍ୱଳନ୍ତ ଦୃଷ୍ଟାନ୍ତ ଉପସ୍ଥାପନା କରି ପ୍ରବନ୍ଧଟିର ପରିସମାପ୍ତି ଘଟାଉଛି ।

୧୯୬୨-୬୩ ମସିହା ଘଟଣାପରି ପ୍ରତୀୟମାନ ହୁଏ । ସେତେବେଳେ ସିମେଣ୍ଟ ପରିମିଟ୍ ସବ୍‌ଡିଭିଜନାଲ ଅଫିସରଙ୍କ ହାତେ ନ୍ୟସ୍ତ ଥିଲା । ମୁଁ ସେତେବେଳେ ସହକାରୀ ପ୍ରଧାନଶିକ୍ଷକ ଥିଲି ଏବଂ ଖୋର୍ଦ୍ଧା ସହରରେ ମୋର ପ୍ରତିଷ୍ଠା ବଢ଼ି ବଢ଼ି ଯାଉଥିଲା । ସବ୍‌ଡିଭିଜନାଲ ଅଫିସର୍ ଥିଲେ ଶ୍ରୀଯୁକ୍ତ ଆର୍, କେ, ସାହୁ (ଓ ଏ. ଏସ୍) । ସେତେବେଳେ ଅଫିସର ମାନେ ନିଜ କ୍ୱାର୍ଟର ସଂଲଗ୍ନ ଅଫିସରେ ଅଫିସ୍ କାମ କରୁଥାଆନ୍ତି ଓ ଆବେଦନକାରୀମାନଙ୍କୁ ସାକ୍ଷାତ ଦେଉଥାଆନ୍ତି । ମୁଁ ଦରଖାସ୍ତ ଖଣ୍ଡିଏ ଧରି ଅଫିସରଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ତାଙ୍କ ଟେବୁଲ ନିକଟରେ ଉପସ୍ଥିତ ହେଲି । ଘର ମରାମତି ପାଇଁ କିଛି ସିମେଣ୍ଟ ପାଇଁ ପ୍ରାର୍ଥନା କରିଥିଲି । ମୁଁ ତାଙ୍କୁ କଣ କହିଲି ମୋର ମନେ ନାହିଁ । ତେବେ ମୁଁ ଜଣେ ସାଧାରଣ ହାଇସ୍କୁଲର ଶିକ୍ଷକ, ସ୍ୱାଧୀନଚେତା । ମୁଁ ତାଙ୍କ ପ୍ରଶ୍ନରେ ବିବ୍ରତ ନହୋଇ ସଠିକ ଉତ୍ତର ଦେଲି । ମୋର ଯେତେଦୂର ମନେ ପଡୁଛି ମୁଁ ନିର୍ଭୟରେ କହିଲି । କିନ୍ତୁ ହଜୁର ଶବ୍ଦଟା ଉଚ୍ଚାରଣ କରିବାକୁ ବିଧି ବୋଲି ମୋତେ ଜଣା ନଥିଲା । ମୁଁ ମଧ୍ୟ ମୋର ଉପରିସ୍ଥ କର୍ମଚାରୀଙ୍କୁ କେବେ ହଜୁର କହିନାହିଁ । ଏଠାରେ ଜାହିକି ଏତେ ନ୍ୟୂନ ହେବି ? ସେ ମୋ' ଉପରେ ହଠାତ୍ ରୁଷ୍ଟ ହେଲେ ଏବଂ ଚାଲିଯିବାପାଇଁ ଆଦେଶ ଦେଲେ । ସେ ବୋଧହୁଏ ଜାଣି ପାରିଲେ ନାହିଁ ଦେଶ ସ୍ୱାଧୀନ ହେବାର ପନ୍ଦର ବରଷ ହେଲାଣି । ସେ ନିଜକୁ କଅଣ ବୋଲି ଭାବୁଥିଲେ ମୋତେ ଜଣାନାହିଁ । ମୁଁ ଯେତେବେଳେ କହିଲି ଆଜ୍ଞା, ମୋର କଅଣ ଦୋଷ ହେଲା ? ମୁଁ ସିମେଣ୍ଟ ମାଗୁଛି, ଯଦି ନ ଦେବେ ତେବେ ମୁଁ ଫେରିଯିବି ।'' ଏତିକି କହିଲା ପରେ ସେ ଭୀଷଣ ରାଗିଗଲେ । ସେଠାରୁ ଶୀଘ୍ର ଯିବାପାଇଁ ଆଦେଶ ଦେଲେ । କିନ୍ତୁ ମୁଁ ସରକାରୀ ଚାକିରିଆ ନୁହେଁ କି ତାଙ୍କ ଅଧୀନରେ ଚାକିରି କରୁନଥିଲି । ଯେହେତୁ ମୁଁ ବେସରକାରୀ ମାଷ୍ଟର ମୋର ବାକ୍‌ସ୍ୱାଧୀନତା ବେଶୀ ବୋଲି ମୁଁ ମନେ କରୁଥିଲି । ତାଙ୍କ କହିବା ସତ୍ତ୍ୱେ ମୁଁ ସେଠାରେ ଠିଆ ହୋଇ ରହିଲି, କିଛି ଦେବା ପାଇଁ ପୁଣି ଅନୁରୋଧ କଲି । ମାତ୍ର ସେ ଅଗ୍ନିରେ ନିର୍ଯ୍ୟାତାଣ । ମୁଁ ନ୍ୟୂନ ହୋଇ କଥା କହିଲି ନାହିଁ । ସେ ମୋ ଉପରେ ଏତେ ଉତ୍‌କ୍ଷିପ୍ତ ହୋଇ ପଡିଲେ ଯେ କୁକୁର ମାଙ୍କଡ ପରି ବ୍ୟବହାର କଲେ ଏବଂ ସର୍ବ ସମକ୍ଷରେ ଚୋକିସ ଅଫିସରଙ୍କୁ ଡାକି ମୋତେ ବିରତ କରିବାପାଇଁ ଧମକେଇଲେ । ମୁଁ ସେ କଥାରୁ କିଛି ବୁଝି ପାରିଲି ନାହିଁ । ମୋତେ କେହି ମାଡିଥାଇ ବି ନାହିଁ କିନ୍ତୁ ସହରର ମୋର ବିଦ୍ୱାନ ମୁହଁ ଚିହ୍ନିବାଲି ଜଣ ତାଙ୍କ ପାଖରେ ବସିଥିଲେ । ନିଜକୁ ସମ୍ଭାଳିନେଇ ମାନରକ୍ଷା କରିବାକୁ ଯାଇ ବାହିମାଙ୍କଠାରୁ ପ୍ରଜା ପଳେଇ ପଳେଇ ଲଲାପରି ସେ ସ୍ଥାନ ପରିତ୍ୟାଗ କଲି । ମନରେ ଦୁଃଖର ସୀମା ନାହିଁ । ଅଫିସର୍ ମାନେ କଅଣ ଆନ ଏମିତ ପ୍ରେସିଡେଣ୍ଟ । ଭାବିଲାବେଳେ ଲୋହ ଆସୁଛି । ନିଜକୁ ଅପରାଧୀ ବୋଲି ମନେକରି ଖୋର୍ଦ୍ଧା ଲୋକଙ୍କୁ ମୁହଁ ଦେଖାଇବି କିପରି ? ଏତେ ଅପମାନ, ସହ୍ୟ କରିବି କିପରି ? କିଛିଦିନ ମୁହଁ ଲୁଚେଇବାକୁ ପଡିଲା । ମାତ୍ର ମନର ବ୍ୟଥା କୋର୍ । ଏହି ଘଟଣାଟା ସର୍ବ ପ୍ରଥମେ ଛାତ୍ରାବାସରେ ରହୁଥିବା କେତେକ ଏକାଦଶଶ୍ରେଣୀର ପିଲାଙ୍କ ଆଗରେ ପ୍ରକାଶ କଲି । ମନ ସନ୍ତୋଷ ହେଲା ନାହିଁ । ଖୋର୍ଦ୍ଧାରୁ ବାହାରୁଥିବା ଖୋର୍ଦ୍ଧାସମାଚାରରେ ସମସ୍ତ ଘଟଣା ପ୍ରକାଶକଲି । ଲୋକେ ପଢ଼ିଲେ, ଜାଣିଲେ ଯାହା ମନକୁ ଯାହା ଆସିଲା ସେ ତାହା କହିଲେ । କିନ୍ତୁ ମୋର ସମ୍ମାନ କ'ଣ ଫେରି ଆସିଲା ? ତା ପରେ ସମସ୍ତ ବିଷୟ ବର୍ଣ୍ଣନାକରି ପୁରୀଜିଲ୍ଲା କଲେକ୍ଟରଙ୍କୁ ଜଣାଇଲି । ସେଥିରେ ବି ମନର ଦୁଃଖ ଦୂର ହେଲା ନାହିଁ । କି ଶ୍ରେଣୀରେ ମୁଁ ଆଦୌ ପଢ଼େଇ ପାରିଲିନାହିଁ । ଯେତେବେଳେ ଶ୍ରେଣୀଭିତରକୁ ପ୍ରବେଶକରେ ନିଜର ହୀନମନ୍ୟତା ମନକୁ ଚାପି ଆସୁଥାଏ । ଚାରି ଛଅଦିନପରେ ଗୁରୁଦିବସ ଉପସ୍ଥିତ ହେଲା । ସେପ୍ଟେମ୍ବର ୫ତାରିଖ - ପ୍ରେସିଡେଣ୍ଟ ଡକ୍ଟର ରାଧାକୃଷ୍ଣନଙ୍କ ଜନ୍ମଦିନ । ଗୁରୁଦିବସ ରୂପେ ସମଗ୍ର ଦେଶରେ ପାଳିତ ହେବ । କେନ୍ଦ୍ରରୁ କଡାକଡ଼ି ନିର୍ଦ୍ଦେଶ ଆସିଥାଏ । ଅଫିସରଙ୍କରେ ଏହି ଦିବସ ପାଳନ କରାଯିବ । ସବ୍‌ଡିଭିଜନ ଅଫିସର ଏହି ଦିବସପାଳନର ପୃଷ୍ଠପୋଷକ ହେବେ । ପ୍ରଧାନଶିକ୍ଷକ ବିଦ୍ୟାସିଂହବାବୁ ସରକାରଙ୍କ ଏ କାର୍ଯ୍ୟକୁ ଭାରି ପସନ୍ଦ କରୁଥାଆନ୍ତି ।

୧୯ ୯ଖ୍ରି.ରେ ପଛେ ପଛେ ଜାତିଥାଆନ୍ତି । ଏସବୁ ଓ ଶୋଭି ମୁଖରେ ମୁଦ୍ରିତ ହୋଇ ରହିଛି ।

ସେଦିନ ହାଇସ୍କୁଲ ସାମନାର ପୂର୍ବପାର୍ଶ୍ୱରେ ବିରାଟ ସଭାର ଆୟୋଜନ ହେଲା । ବହୁ ଅଭିଭାବକ ଆମନ୍ତ୍ରିତ ହୋଇ ଯୋଗଦେଇଥାଆନ୍ତି । ଅନେକ ନିରିଶକ ଶିକ୍ଷକ ଉଛି ଶାନ୍ତିଶୃଙ୍ଖଳା ରକ୍ଷା କରୁଥାଆନ୍ତି । ପାଖସ୍କୁଲର କେତେକ ଶିକ୍ଷକ ସେମାନଙ୍କ ପିଲାମାନଙ୍କୁ ସଙ୍ଗରେ ଧରି ହାଜର ହୋଇଥାଆନ୍ତି । ପୂର୍ବରୁ ସାମୂହିକଭାବେ ଗୁରୁଦିବସଟି ପାଳିତ ହୋଇନଥିଲା । ଏଥର ନୂଆ ।

ଏସ୍.କ୍ରିଓ ମହୋଦୟ ସଭାପତିଆସନ ଅଳଙ୍କୃତ କରିଥାଆନ୍ତି । ମୁଁ ବ୍ରତୀ ହୋଇ ମୋର ଆସନଗ୍ରହଣ କରିଥାଏ । ବିଦ୍ୟାସିଂହବାବୁ ଗୁରୁମାନଙ୍କର ମାହାତ୍ମ୍ୟ ବର୍ଣ୍ଣନାକରିବା ପାଇଁ ହାଇସ୍କୁଲ ପିଲାମାନଙ୍କୁ ନିର୍ଦ୍ଦେଶ ଦେଲେ । ମୋ ମନଟା ବିଦ୍ରୋହରେ ଜର୍ଜରିତହୁଏ । ଯେଉଁ ବ୍ୟକ୍ତି ଦଳବାନ୍ଧି ଏତେ ପୁରୁଣାକଥା ମାଷ୍ଟ୍ରଙ୍କୁ କହିଥିଲା ସେ ଆଜି ମାଷ୍ଟ୍ରଙ୍କ ପୁଣ ଗରିମା ଗାଇବ ? କି ଦେଶ କି ଜାତି, ଛି ଛି ଏ ସ୍ଥାନରେ ନ ରହିବା କଥା, କିନ୍ତୁ ସାର୍ବଜନୀନ ଉତ୍ସବ । ମୁଁ ପ୍ରଧାନଶିକ୍ଷକଙ୍କ ଆଦେଶ ପାଳନ କରିବି । ବିଦ୍ୟାଳୟର ଉପରଶ୍ରେଣୀର ଦୁଇ ତିନିଜଣ ଛାତ୍ର କହିବାପରେ ଛାତ୍ରାବାସର ଏକାଦଶ ଶ୍ରେଣୀର ପ୍ରେମାନନ୍ଦସାହୁ ନାମକ ଜଣେଛାତ୍ର ହୃଦୟ ସ୍ପର୍ଶୀ ଭାଷଣଟି ପ୍ରଦାନ କଲା ସେଥିରେ ଶ୍ରୋତୃ ମଣ୍ଡଳୀ ମୁଗ୍ଧ ହୋଇଗଲେ । ତାର ଭାଷଣରେ ସେ କହିଲା "ଏଠାରେ ଉପସ୍ଥିତ ସରକାରୀ ଅଫିସରଙ୍କର ଶିକ୍ଷକମାନଙ୍କପ୍ରତି ଯେଉଁପ୍ରକାର କୁତ୍ସିତ ବ୍ୟବହାର ଏଥିରେ ଏଦେଶର ଅଗ୍ରଗତି ହେବ କିପରି ? କେବଳ ନାଁଟାକୁ ଗୁପ୍ତରେ ରଖି ସମସ୍ତ ପ୍ରକାର ବିଷୟ ଯେତେବେଳେ ଦକ୍ଷତାର ସହ ସେ ପ୍ରକାଶ କଲା ସଭାପତି ମହୋଦୟ ଆଉ ଆସନରେ ସ୍ଥିର ହୋଇ ବସି ପାରିଲେ ନାହିଁ । ଅବିଳମ୍ବେ ଦ୍ରୁତଗତିରେ ସଭାସ୍ଥଳ ପରିତ୍ୟାଗ କଲେ ।"

ସଭାରୁ କୌଣସିଶିକ୍ଷକ ଦେଖେ ପାରନ୍ତେ କ ପାରନ୍ତେ ମୁଁ ଜାଣେ ନାହିଁ । କିନ୍ତୁ ମୁଁ ବୁଝିପାରିଲି । ଏବେ ବିନପରେ ମୋର ମନଟା ହାଲୁକା ହୋଇଗଲା । ଏଣିକି ମୋ ଶ୍ରେଣୀରେ ଦ୍ୱିଗୁଣ ଉତ୍ସାହରେ ଅଧ୍ୟାପନାକାର୍ଯ୍ୟରେ ମନୋନିବେଶ କରି । ଶିକ୍ଷକର ମାନ ନରହିଲେ ଜାତିର ମାନ ରକ୍ଷା ହୋଇପାରିବ ନାହିଁ । ଏହା ସ୍ୱତଃସିଦ୍ଧ ।

ସେତେବେଳେ ଶିକ୍ଷକମାନେ ସ୍ୱଳ୍ପବେତନରେ ଚାକିରୀ କରୁଥିଲେ । ଦରମା କଥା ଭାବିଲେ ପାଠ ପଢ଼େଇ ହେବ ନାହିଁ । ଏହା ଏକ ଉତ୍ସର୍ଗୀକୃତ ଜୀବନ କିନ୍ତୁ ମର୍ଯ୍ୟାଦାବନ୍ତ, ସ୍ୱାଭିମାନଯୁକ୍ତ ଜୀବନ ଯେଉଁଥିପାଇଁ ଶିକ୍ଷକ ବଞ୍ଚିରହେ । ସେ କେତେକଙ୍କର ଗୁରୁନୁହେଁ । ସମଗ୍ର ସମାଜର ଗୁରୁ । ସେ ଲୋକଙ୍କୁ ଦେଶକୁ ଗଢ଼ିବ, ତାର ଅବମାନନା ହେଲେ ଜାତିର ପତନ ଅବଶ୍ୟମ୍ଭାବୀ ।

ଏହି ପ୍ରଖ୍ୟାତ ବିଦ୍ୟାଳୟ ୧୯୪୯ ମସିହାରୁ ଓଡ଼ିଶାର ମହାନଯୋଦ୍ଧା ବରେଣ୍ୟ ଜାତୀୟବୀର ବକ୍ସି ଜଗବନ୍ଧୁଙ୍କ ନାମରେ ନାମିତ ହୋଇଥିଲେ ମଧ୍ୟ ତାଙ୍କର ପ୍ରତିମୂର୍ତ୍ତିଟିଏ ବିଦ୍ୟାଳୟ ହତା ମଧ୍ୟରେ ଏ ପର୍ଯ୍ୟନ୍ତ ସ୍ଥାପିତ ହୋଇପାରି ନାହିଁ । ଏବେ ସ୍ଥାପିତ ହେବା ଶୁଣି ଖୁସିହେଲି ।

ବିଦ୍ୟାଳୟର ଜଣେ ବି ଜଣଙ୍କୁ ବାଦ୍ ଦେଲେ ତତ୍କାଳୀନ ବହୁ ସୁଧୀ ପ୍ରାକ୍ତନଶିକ୍ଷକ ଆଉ ଇହ ଜଗତରେ ନାହାନ୍ତି । ସେମାନଙ୍କ ମଧ୍ୟରୁ କେତେକଙ୍କର ଏ ଅନୁଷ୍ଠାନ ପ୍ରତି ଏତେ ଅନୁରକ୍ତି ଥିଲା ଯେ ସେମାନଙ୍କର ସ୍ମୃତିମାନ ଏହି ଚାରୁମଣ୍ଡଳରେ ଘୂରି ବୁଲୁଛିବ । ଅତ୍ୟନ୍ତ ଗୌରବର କଥା ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଏହି ଐତିହ୍ୟ ମଣ୍ଡିତ ଅନୁଷ୍ଠାନର ବହୁ କୃତୀଛାତ୍ର ଓ ଛାତ୍ରୀ ସୁନାମ ଅର୍ଜନକରି ବିଶ୍ୱବନ୍ଦ୍ୟ ହୋଇପାରିଅଛନ୍ତି । ସୁଛାତ୍ରହିଁ ଶିକ୍ଷକର ଗର୍ବ ଆଉ ଗୌରବ । ତେଣୁ ଏବେ ମଧ୍ୟ ଅଶୀତିତମ ବୟସରେ ମୁଁ ପୁରାତନ ଛାତ୍ରମାନଙ୍କୁ ଦେଖିଲେ ମୋ ଛାତି କୁଣ୍ଢେମୋଟ ହୋଇଯାଏ । ପୂର୍ବ ସ୍ମୃତି ମନରେ ଜାଗ୍ରତ ହୁଏ । ଇଚ୍ଛାହୁଏ ସେହି ମହାନ୍ ବିଦ୍ୟାଳୟ ପରିସରକୁ ପୁନଃ ଦେଖିପାରି ଶହ ଶହ କୁନି କୁନି ଛାତ୍ରମାନଙ୍କୁ ଉଦ୍‌ବୋଧନ ଦିଅନ୍ତି କି ?

ଜୟହିନ୍ଦ

ପୂର୍ବତନ ପ୍ରଧାନଶିକ୍ଷକ

ବି.ଜେ.ବି ହାଇସ୍କୁଲ



# ସ୍ମୃତି ଓ ଅନୁଭୂତି

ଶ୍ରୀ ବନ ବିହାରୀ ପଟ୍ଟନାୟକ

ବାବୁ ବନବାସୁ ବିଦ୍ୟାଧର ହାଇ: ସ୍କୁଲ ପ୍ରତିଷ୍ଠିତ ହେବାର ୧୦୦ ବର୍ଷ ପୂରିଗଲା । ୧୬ ଜଣ ଛାତ୍ରଙ୍କୁ ନେଇ ୧୯୦୬ ମସିହାରେ ଯେଉଁ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା, ତାହା ଆଜି ଓଡ଼ିଶାର ପ୍ରମୁଖ ବିଦ୍ୟାଳୟ ମଧ୍ୟରେ ଅନ୍ୟତମ ।

ମୋର ପରମ ସୌଭାଗ୍ୟ ଯେ ମୁଁ ଏକଦା ଏହି ବିଦ୍ୟାଳୟର ଛାତ୍ର ଥିଲି ଓ ପରବର୍ତ୍ତୀ କାଳରେ ଏହି ବିଦ୍ୟାଳୟର ଦାୟିତ୍ୱ ବହନ କରିଥିଲି ।

ଶ୍ରୀ ବାଙ୍କନିଧି ପଟ୍ଟନାୟକ ପ୍ରଧାନଶିକ୍ଷକ ଥିବା ସମୟରେ ମୁଁ ଏହି ବିଦ୍ୟାଳୟରେ ପଢୁଥିଲି । ସେତେବେଳେ ଓଡ଼ିଶାରେ ମୁଷ୍ଟିମେୟ ଏହି ଶ୍ରେଣୀର ଅନୁଷ୍ଠାନ ଥିବାରୁ ବାଣପୁର, ନୟାଗଡ଼, ଖଣ୍ଡପଡ଼ା, ରଣପୁର, ଭୁବନେଶ୍ୱର ଏପରିକି ସୁଦୂର କେନ୍ଦୁଝର ଅଞ୍ଚଳର ଛାତ୍ରମାନେ ଏଠାରେ ପଢୁଥିଲେ । ସେତେବେଳେ କୌଣସି ଛାତ୍ରୀ ଅଧ୍ୟୟନ କରୁ ନଥିଲେ । ବାଙ୍କନିଧି ବାବୁ ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଇଂରେଜୀ ଭାଷାରେ ତାଙ୍କର ବିଶେଷ ଜ୍ଞାନ ଥିଲା ଏବଂ ଇଂରାଜୀ ପଢ଼ାଇବାରେ ତାଙ୍କର ସୁଖ୍ୟାତି ଥିଲା । ସେ ୧୯୨୦ ମସିହାରେ ଏହି ବିଦ୍ୟାଳୟର ଦାୟିତ୍ୱ ଗ୍ରହଣ କରି ୧୯୪୯ ମସିହାରେ ଏଠାରୁ ବିଦାୟ ନେଲେ । ସେ ଜଣେ ସୁପ୍ରସିଦ୍ଧ ଲେଖକ ଓ ସାହିତ୍ୟିକ ଥିଲେ । ତାଙ୍କ ଦ୍ୱାରା ଲିଖିତ 'ଧୂପଛାୟା' ଗଳ୍ପଗୁଚ୍ଛ ଉଚ୍ଚଶ୍ରେଣୀର ପାଠ୍ୟ ପୁସ୍ତକ ନିର୍ବାଚିତ ହୋଇଥିଲା, ତାଙ୍କର ଛାତ୍ର ଡକ୍ଟର ମାୟାଧର ମାନସିଂହ, ପଦ୍ମଶ୍ରୀ ଓ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ସଚ୍ଚି ରାଉତରାୟ, ମଞ୍ଜିକ ଓ ଅଖିଳ ପଟ୍ଟନାୟକ ଓଡ଼ିଆ ସାହିତ୍ୟ ଆକାଶର ଜଣେ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ । ତାଙ୍କର ଛାତ୍ର ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକାଧାରରେ ଜଣେ ସୁଲେଖକ, ସାମ୍ବାଦିକ ଓ ବିଶିଷ୍ଟ ରାଜନାୟକ । ଆମ ସମୟରେ ଏହି ବିଦ୍ୟାଳୟର ଛାତ୍ର ଶ୍ରୀ ମାର୍କଣ୍ଡ ରାଉତରା କ୍ରୀଡ଼ା ଜଗତରେ ସୁନାମ ଅର୍ଜନ କରିଥିଲେ ।

ଆମ ସମୟରେ ଶ୍ରୀ ଫକୀର ରହମାନ ସହକାରୀ ପ୍ରଧାନଶିକ୍ଷକ ଥିଲେ । ସେ ମଝିରେ ଗୋଟିଏ ବର୍ଷ ଏହାର ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିଲେ । ଆମ ସମୟରେ ବିଦ୍ୟାଳୟର ନୂତନ ଛାତ୍ରାବାସ ଉଦ୍‌ଘାଟିତ ହୋଇଥିଲା । ଶ୍ରୀ ରାଧାଚରଣ ସାହୁ ଉଚ୍ଚକୋଟିର ଶିକ୍ଷକ ଥିଲେ । ସେ ଆମକୁ ଗଣିତ ଓ ଇଂରାଜୀ ପଢ଼ାଉଥିଲେ । ସେହି ସମୟରେ ଶ୍ରୀ ଆଶୁତୋଷ ବାଗଚି, ଶ୍ରୀ ଭଗବାନ ମହାନ୍ତି, ଶ୍ରୀ ପ୍ରାଣେଶ୍ୱର ପଟ୍ଟନାୟକ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଶ୍ରୀ ବାଳମୁକୁନ୍ଦ ସାମନ୍ତରାୟ, ଶ୍ରୀ କେଶବ ପତି ଓ ଶ୍ରୀ ଭୁବନେଶ୍ୱର ମିଶ୍ର ଏଠାରେ ଶିକ୍ଷକତା କରୁଥିଲେ । ବାଙ୍କି ବାବୁଙ୍କର ଶିକ୍ଷକ ଓ ଛାତ୍ର ସମାଜରେ ବିଶେଷ ସମ୍ମାନ ଥିଲା । ଶ୍ରୀ ଭଗବାନ ହୋତା ଆମର ସଂସ୍କୃତ ଶିକ୍ଷକ ଥିଲେ । ଏହି ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀ ଜମ୍ବୁଧର ପଣ୍ଡିତ ଆମକୁ ଓଡ଼ିଆ ସାହିତ୍ୟ ପଢ଼ାଉଥିଲେ । ସେତେବେଳେ ଓଡ଼ିଆ ସାହିତ୍ୟ ପାଇଁ କୌଣସି ପାଠ୍ୟ ନିର୍ଦ୍ଧାରିତ ହୋଇ ନଥିଲା । ସେ ଆମମାନଙ୍କୁ ରାଧାନାଥ, ମଧୁସୂଦନ, ଗଙ୍ଗାଧର ପ୍ରଭୃତି କବିମାନଙ୍କର କାବ୍ୟ ସାହିତ୍ୟରୁ ଅଂଶବିଶେଷ ଓ ଆଧୁନିକ କାବ୍ୟ କବିତା ପଢ଼ାଇ ଆମମାନଙ୍କ ମନରେ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି କରିଥିଲେ । ସେ ଜଣେ ସୁଲେଖକ ଥିଲେ । ତାଙ୍କ ଲିଖିତ କବିତାଗୁଚ୍ଛ ସେତେବେଳେ ପାଠ୍ୟରୂପେ ନିର୍ବାଚିତ ହୋଇଥିଲା । ଆମେ ପଢୁଥିବା ସମୟରେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ଓ ପ୍ରଖ୍ୟାତ ଐତିହାସିକ ଶ୍ରୀ କେଦାରନାଥ ମହାପାତ୍ର ଏହି ଅନୁଷ୍ଠାନରେ ଯୋଗଦାନ କରିଥିଲେ । ତାହାଙ୍କର ଐତିହାସିକ ଜୀବନର ଭିତ୍ତିଭୂମି କିପରି ସ୍ଥାପିତ ହୋଇଥିଲା, ତାହା ସେ କହନ୍ତି । ସେ ଭୁବନେଶ୍ୱର ବାସିନ୍ଦା, ମାଟ୍ରିକ ପରୀକ୍ଷା ପରେ ସେ ଧଉଳି ପାହାଡ଼ ଯାଆନ୍ତି, ସେଠାର ଶିଳାଲେଖ ତାହାଙ୍କୁ ବିଶେଷ ଆକର୍ଷିତ କରେ । ସେ ପାଲି ଜାଣି ନଥିଲେ । ଦିନ ଦିନ ଧରି ସେ ସେଠାରେ ବସି ବସି ତାହାର ଅବିକଳ ନକଲ କାଗଜରେ ଟିପି ଆଣୁଥିଲେ । ପରେ ସେ ପାଲି ଭାଷା ଶିଖି ତାହାର ଓଡ଼ିଆ ରୂପାନ୍ତର କରିଥିଲେ । ଛାତ୍ର ଜୀବନରେ ମୁଁ ଜମ୍ବୁବାବୁ ଓ କେଦାର ବାବୁଙ୍କ ନିକଟ ସଂପର୍କରେ ଆସିଥିଲି ।

ଏହି ଅବସରରେ ମୁଁ ସ୍କୁଲର ଦପ୍ତରୀ ଶ୍ରୀ କୁଳମଣି ଦାସଙ୍କ କଥା କହିବି । ସେ ୪୦ ବର୍ଷ ଧରି ଏହି ବିଦ୍ୟାଳୟରେ କାମ କରି ଏହାର ଅଂଶ ବିଶେଷ ହୋଇ ଯାଇଥିଲେ । ବାଙ୍କନିଧିବାବୁଙ୍କ ଅମଳରେ କାମ ଆରମ୍ଭ କରି ମୋ ସମୟରେ ବିଦ୍ୟାଳୟରୁ ଅବସର ନେଲେ ।

ସ୍ୱାଧୀନତା ଆନ୍ଦୋଳନର ସହିତ ଏହି ବିଦ୍ୟାଳୟରେ ଅନୁଭୂତ ହୋଇଥିଲା । ପରରେ ଦଶମଶ୍ରେଣୀର ଛାତ୍ର ଶ୍ରୀ ନୃସିଂହ ଚରଣ ସାମନ୍ତସିଂହାରଙ୍କୁ ବିଦ୍ୟାଳୟରୁ ବିତାଡ଼ିତ କରାଯାଇଥିଲା । ଏହା ୧୯୨୧ ମସିହାର ଘଟଣା ।

ବାଙ୍କନିଧିବାବୁଙ୍କ ପରେ କିଛି ବର୍ଷ ବ୍ୟବଧାନରେ ଶ୍ରୀଯୁକ୍ତ ଦିବ୍ୟସିଂହ ପଟ୍ଟନାୟକ ୧୯୪୧ ମସିହାରେ ଏହି ଅନୁଷ୍ଠାନରେ ଯୋଗଦାନ କରନ୍ତି । ସେ ମୋ ଗାଁର ଅଧିବାସୀ ଓ ମୋର ମାମୁଁ । ମୋର ମାମୁଁଘର ଆମ ଗାଁରେ । ତାଙ୍କପରି ନୀତିବାନ୍ ଆଦର୍ଶ ଶିକ୍ଷକ ଓ ନିରହଙ୍କାର ବ୍ୟକ୍ତି ଏ ଯୁଗରେ ମିଳିବା ସମ୍ଭବ ନୁହେଁ । ଛୁଟିରେ ଗାଁକୁ ଆସିବା ସମୟରେ (ସେ ସବୁ ଛୁଟିରେ ଗାଁକୁ ଆସନ୍ତି) ସେ ସକାଳୁ କୋଡ଼ି ଫାଉଡ଼ା ଧରି ରାସ୍ତା ଉପରକୁ ବାହାରି ପଡ଼ିବେ । ରାସ୍ତା ତିଆରି କରିବା, ଡାଣ୍ଡ ସଫା କରିବା ଇତ୍ୟାଦି କାମରେ ଲାଗିଯିବେ । ତାଙ୍କ ଦେଖାଦେଖି ଆମେ ସବୁ ଟୋକା ଓ ଗାଁର ଲୋକମାନେ ତାଙ୍କ ସହିତ ମିଶି କାମରେ ଲାଗିଯିବୁ । ଆମ ଅଞ୍ଚଳର ଲୋକମାନେ ତାଙ୍କୁ ବିଶେଷ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ ।

ଛାତ୍ର ଅବସ୍ଥାରେ ସେ ଶ୍ରୀ ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ ପ୍ରଭୃତି ବିଶିଷ୍ଟ ଜନନାୟକମାନଙ୍କ ସଂପର୍କରେ ଆସିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିଲେ । ସେ ମହତାବ ବାବୁଙ୍କର ସହପାଠୀ ଥିଲେ । ମହତାବ ବାବୁ ତାଙ୍କ ସଂପର୍କରେ କହନ୍ତି, "ଦିବ୍ୟସିଂହ କଲେଜରେ ଆମଠାରୁ ସବୁ ବିଷୟରେ ଆଗୁଆ ଥିଲେ । ଅବସ୍ଥା ଚକ୍ରରେ ପଡ଼ି ସେ ଶିକ୍ଷକତା କଲେ । ନଚେତ୍ ଆଜି ସେ ରାଜନୀତିର ଶୀର୍ଷରେ ଥାଆନ୍ତେ ।"

କଲେଜ ଶିକ୍ଷାପରେ ସେ ଜନ୍ମମାଟିକୁ ତାଙ୍କର କର୍ମଭୂମି ରୂପେ ବାଛି ନେଇଥିଲେ । ସେତେବେଳେ ଓଡ଼ିଆ ଭାଷା ଭାଷୀ [illegible] ଅଞ୍ଚଳମାନ ଓଡ଼ିଶାରେ ମିଶାଇବା ନିମନ୍ତେ ଆନ୍ଦୋଳନ ଚାଲିଥାଏ । ସେ ସଂଗ୍ରାମରେ ଯୋଗଦାନ କରି ଛାତ୍ର ଓ ଜନସାଧାରଣଙ୍କ ମଧ୍ୟରେ ଉଦ୍ଦୀପନା ସୃଷ୍ଟି କରିଥିଲେ ।

ଖୋର୍ଦ୍ଧା ହାଇସ୍କୁଲରେ ଯୋଗଦାନ କଲାପରେ ଏହି ଅନୁଷ୍ଠାନର ବିଶେଷ ଅଗ୍ରଗତି ହୋଇଥିଲା । ଏହାର ଛାତ୍ରସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇବାରେ ଲାଗିଲା ଓ ନୂତନ ଶ୍ରେଣୀ ଗୃହମାନ ନିର୍ମିତ ହେଲା । ଏଠାର ଛାତ୍ରମାନେ ହାଇସ୍କୁଲ ପରୀକ୍ଷାରେ ବିଶେଷ କୃତିତ୍ୱ ଅର୍ଜନ କଲେ । ଛାତ୍ରମାନେ ନୀତିବାନ ହୁଅନ୍ତୁ । ଏଥିପ୍ରତି ସେ ସର୍ବଦା ସଜାଗ ଦୃଷ୍ଟି ରଖୁଥିଲେ । ପରୀକ୍ଷାରେ କପି ହେବାର ଦେଖି ସେ ପରୀକ୍ଷା କେନ୍ଦ୍ର ବହନ କରିବାକୁ ସିଧାସିଧା ମନା କରିଦେଉଥିଲେ । ଫଳରେ ଏହି ଅନୁଷ୍ଠାନରୁ ପରୀକ୍ଷା କେନ୍ଦ୍ର କିଛି ବର୍ଷ ଧରି ଉଠି ଯାଇଥିଲା । ସେ ସମବାୟ ଆନ୍ଦୋଳନ ସହିତ ଘନିଷ୍ଠଭାବରେ ସଂପୃକ୍ତ ଥିଲେ । ଖୋର୍ଦ୍ଧା ପ୍ରାଣନାଥ କଲେଜ ଓ ଗାଁ ମାଉନର ଓ ହାଇସ୍କୁଲ ପ୍ରତିଷ୍ଠାରେ ତାଙ୍କର ବିଶେଷ ଅବଦାନ ରହିଅଛି ।

ସେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଥିଲେ । ରାଷ୍ଟ୍ରପତିଙ୍କ ଦ୍ୱାରା ସେ ଶ୍ରେଷ୍ଠ ଶିକ୍ଷକ ଭାବରେ ସମ୍ମାନିତ ହୋଇଥିଲେ ।

ମୋର ପରମ ସୌଭାଗ୍ୟ ଯେ ଦିବ୍ୟସିଂହ ବାବୁଙ୍କ ପରେ ମୋତେ ଏହି ବିଦ୍ୟାଳୟର ଦାୟିତ୍ୱ ବହନ କରିବାକୁ ପଡ଼ିଥିଲା । ମୁଁ ଖୋର୍ଦ୍ଧା ସବଡିଭିଜନର ଓଡ଼ସିଂହ, ଟାଙ୍ଗି, ନିରାକାରପୁର ହାଇସ୍କୁଲରେ ୨୮ ବର୍ଷ ଧରି ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରିବା ପରେ ୧୯୭୦ ମସିହାରେ ଏହି ଅନୁଷ୍ଠାନରେ ଯୋଗଦାନ କଲି । ବାଙ୍କନିଧିବାବୁ ଓ ଦିବ୍ୟସିଂହ ବାବୁଙ୍କ ପରି ପ୍ରଖ୍ୟାତ ଶିକ୍ଷାବିତମାନେ ଯେଉଁ ଆସନ ଅଳଙ୍କୃତ କରିଥିଲେ, ତାହା ନମ୍ରତାର ସହିତ ଗ୍ରହଣ କଲି ।

ବିଦ୍ୟାଳୟ ଗୃହରେ ବାଙ୍କନିଧିବାବୁଙ୍କର ଯେଉଁ ତୈଳଚିତ୍ର ଅଛି, ତାହା ଏହାର ଛାତ୍ର ଓ ମୋର ବନ୍ଧୁ ଶ୍ରୀ ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ଅଙ୍କିତ । ମୋର ଅନୁରୋଧ ରକ୍ଷା କରି ସେ ଏହାକୁ ପ୍ରସ୍ତୁତ କରିଥିଲେ ।

ବିଦ୍ୟାଳୟର Platinum ଜୁବୁଲି ଉତ୍ସବ ଓ State Winter Games ଏହି ସମୟର ବିଶେଷ ଘଟଣା ବୋଲି କହିବି । ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ ଓ ଡକ୍ଟର ମନ୍ମଥ ଦାସ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ତିନିଦିନ ବ୍ୟାପୀ ଉତ୍ସବରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

ଖୋର୍ଦ୍ଧାରେ State Games ପରିଚାଳନା ନିମନ୍ତେ ଖେଳ ନିର୍ଦ୍ଦେଶକଙ୍କୁ ଅନୁରୋଧ କଲାବେଳେ ସେ ସିଧାସିଧା ମନା କରିଦେଲେ । ତାଙ୍କର ଧାରଣା ଥିଲା ଖୋର୍ଦ୍ଧାରେ ଶୃଙ୍ଖଳା ରକ୍ଷା ସମ୍ଭବ ହେବ ନାହିଁ । ମୁଁ ତାଙ୍କୁ ଲିଖିତ ପ୍ରତିଶ୍ରୁତି ଦେଲା ପରେ ସେ ସମ୍ମତ ହେଲେ । କେବଳ ଶେଷ ଦିନ ଉତ୍ତେଜନାର ଯଥେଷ୍ଟ କାରଣ ଥିଲେ ମଧ୍ୟ ଖୋର୍ଦ୍ଧାର କ୍ରୀଡ଼ାପ୍ରେମୀ ଜନସାଧାରଣ ଯେପରି ସଂଯମ ଆଚରଣ କଲେ, ସେଥିରେ ନିର୍ଦ୍ଦେଶକ ଅଭିଭୂତ ହୋଇ ପଡ଼ିଥିଲେ ।

ଖୋର୍ଦ୍ଧା ହାଇସ୍କୁଲ ସୁବ୍ରତ ମୁଖାର୍ଜୀ Tournamentର ପ୍ରାଦେଶିକ ସ୍ତରର ଖେଳରେ ପ୍ରଥମ ସ୍ଥାନ ଅଧିକାର କଲା । ସେ ବର୍ଷର ଛାତ୍ର ଶ୍ରୀମାନ୍ ରମାନାରାୟଣ ମହାନ୍ତି ଭାରତୀୟ Junior ଫୁଟବଲ ଟିମର ଖେଳାଳି ଭାବରେ ମନୋନୀତ ହୋଇ ପାତିଆଲାଠାରେ ସ୍ୱତନ୍ତ୍ର ଶିକ୍ଷା ଗ୍ରହଣ କଲେ ।

ଏକ ସମୟରେ ଶିକ୍ଷାମନ୍ତ୍ରୀ ଓ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଉଦ୍‌ଦେଶ୍ୟରେ ମୋତେ ପ୍ରଶ୍ନ କଲେ, "ଓଡ଼ିଶାର ଛତ୍ର ପ୍ରତିଷ୍ଠା ପରି ଅପରିଚିତ ଶିକ୍ଷାନୁଷ୍ଠାନ ପରି ତୁମ ଅନୁଷ୍ଠାନ ଗୋଟିଏ କି, ଏହାର

କୌଣସି ବିଶେଷତ୍ୱ ଅଛି ?'' ଏହି ଅନୁଷ୍ଠାନର ଏକ ବିଶେଷତ୍ୱ ଥିବା ସେ ଆଶା କରୁଥିଲେ । ଏ ସଂପର୍କରେ ସେମାନଙ୍କ ସହିତ ଆଲୋଚନା ହେଲା । କଥା ପ୍ରସଙ୍ଗରେ ସତ୍ୟବାଦୀ ବନ ବିଦ୍ୟାଳୟ ତଥା ଦେଶ ବିଦେଶର କେତେକ ଶିକ୍ଷାନୁଷ୍ଠାନ ଆମ ଆଲୋଚନାର ପରିସର ଭିତରକୁ ଆସିଥିଲା । ସତ୍ୟବାଦୀର ସଫଳତା ପଛରେ ଯେ ସେଠାର ଶିକ୍ଷକ ମାନଙ୍କର ବିଶେଷ ଅବଦାନ ଥିଲା, ତାହା ସମସ୍ତେ ସ୍ୱୀକାର କଲେ । କେତେକ ଆଦର୍ଶ ବିଦ୍ୟାଳୟ ଗଢ଼ି ତୋଳିବା ଏହି ଆଲୋଚନାର ଲକ୍ଷ୍ୟ ଥିଲା ।

ଏହି ସମୟରେ ସରକାର ଓଡ଼ିଶାର ଗୋଟିଏ ବାଳକ ଓ ଗୋଟିଏ ବାଳିକା ବିଦ୍ୟାଳୟରେ ପଣ୍ଡିଚେରୀର Integral Education ଢାଞ୍ଚାରେ ଶିକ୍ଷା ପ୍ରଚଳନ ନିମନ୍ତେ ମନସ୍ଥ କଲେ । B.J.B. High School ଏଥି ନିମନ୍ତେ ମନୋନୀତ ହେଲା । ମୋ ସହିତ ୮ ଜଣ ଶିକ୍ଷକ ଏହି ଶିକ୍ଷା ପ୍ରଣାଳୀ ଅନୁଧ୍ୟାନ ନିମନ୍ତେ ପଣ୍ଡିଚେରୀ ଗଲେ । ମୋର ଭାଇ ଶ୍ରୀ ବିପିନ ବିହାରୀ ପଟ୍ଟନାୟକ ଛାତ୍ର ଅବସ୍ଥାରୁ ପଣ୍ଡିଚେରୀ ସହିତ ସଂପର୍କ ରଖିଥିଲେ । ତେଣୁ ସେଠାର ଶିକ୍ଷା ପ୍ରଣାଳୀ ସମ୍ପର୍କରେ ମୋର ସମ୍ୟକ୍ ଧାରଣା ଥିଲା ।

ସେଠାରେ ପହଞ୍ଚିବା ପରେ ଗୋଟିଏ ନୀତିବାକ୍ୟ ମୋର ଦୃଷ୍ଟି ଆକର୍ଷଣ କଲା । ସେଥିରେ ଲେଖାଥିଲା, ''O God, may I be what you are'। ମୋର ଧାରଣା ଜନ୍ମିଲା ମନୁଷ୍ୟ ଚେଷ୍ଟା କଲେ ଭଗବାନଙ୍କ ସ୍ତରକୁ ଉନ୍ନୀତ ହୋଇ ପାରିବ । ଏହି ଧାରଣା ଏଠାରେ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଛି ।

ଏଠାରେ ଶୃଙ୍ଖଳା କେହି କାହା ଉପରେ ଲଦି ଦିଏ ନାହିଁ । ଏଠାରେ ଏହା ଏକ ସ୍ୱତଃ ପ୍ରବୃତ୍ତ ପ୍ରକ୍ରିୟା । ଗୋଟିଏ ଛୋଟ ଉଦାହରଣ ଦିଏ । ସେଠାରେ ମୋର ପୁତୁରା ଓ ଝିଆରୀମାନେ ପଢୁଥିଲେ । କଥା ପ୍ରସଙ୍ଗରେ ମୋର ସ୍ତ୍ରୀ ସେମାନଙ୍କୁ ସିନେମା ଦେଖାଇନେବାକୁ କହିଲା । ସେମାନଙ୍କର ଉତ୍ତର ହେଲା, ଆମେ ସିନେମା ଦେଖିଗଲେ କେହି ଜାଣିବାର ଉପାୟ ନାହିଁ । ମାତ୍ର ଆଶ୍ରମର ଶୃଙ୍ଖଳା ଭାଙ୍ଗି ଓ ଶ୍ରୀ ମାଙ୍କର ଅଜ୍ଞାତରେ ଆମେ ଏହା କରିପାରିବୁ ନାହିଁ ।

ପଣ୍ଡିଚେରୀ ଶିକ୍ଷାପ୍ରଣାଳୀର ସଫଳତା ସଂପର୍କରେ ଏତିକି କୁହାଯାଇପାରେ ଯେ ସେଠାରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉତ୍ସର୍ଗୀକୃତ ମନୋବୃତ୍ତି ନେଇ କାମ କରନ୍ତି ଏହା ଗୋଟିଏ ଆବାସିକ ବିଦ୍ୟାଳୟ । ଅଭିଭାବକମାନେ ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ସେମାନଙ୍କ ସନ୍ତାନମାନଙ୍କୁ ସେଠାକୁ ପଠାନ୍ତି । ଛାତ୍ର ଛାତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ସଂପର୍କରେ ପୂର୍ଣ୍ଣ ସଚେତନ । ଏକ ଆଧ୍ୟାତ୍ମିକ ପରିବେଶ ସେଠାରେ ରହିଅଛି । ସର୍ବୋପରି ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କର ବ୍ୟକ୍ତିତ୍ୱର ପ୍ରଭାବ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ମାର୍ଗରେ ଯିବା ନିମନ୍ତେ ପଥ ପ୍ରଦର୍ଶନ କରୁଅଛି ।

ଫେରିବା ପରେ D.P.I.ଙ୍କ ସହିତ ଆଲୋଚନା ପ୍ରସଙ୍ଗରେ କହିଲି, ସେଠାକାର ପରିବେଶ ଏଠାରେ ସୃଷ୍ଟି କରାଯାଇ ପାରିବ ନାହିଁ, ମାତ୍ର ସ୍ଥାନୀୟ ପରିସ୍ଥିତିକୁ ନେଇ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରେ । ସରକାର ପରିବର୍ତ୍ତନ ପରେ ଶିକ୍ଷା ବିଭାଗ ଏ ଦିଗରେ ଅଗ୍ରସର ହେଲେ ନାହିଁ । ଏବେ ଅରବିନ୍ଦ ଆଶ୍ରମ ପ୍ରବର୍ତ୍ତିତ କେତେକ ଅନୁଷ୍ଠାନ ଓଡ଼ିଶାରେ ଗଢ଼ି ଉଠିଲାଣି ।

ଅନୁଷ୍ଠାନର ଅତୀତକୁ ନେଇ ଗର୍ବ କରାଯାଇପାରେ । ମାତ୍ର ବ୍ୟକ୍ତି ଓ ଅନୁଷ୍ଠାନ ଅତୀତକୁ ନେଇ ବଞ୍ଚିପାରେନା । ତେଣୁ ଆଗାମୀ ଶତାବ୍ଦୀ ପାଇଁ ସମନ୍ୱିତ ଯୋଜନା ପ୍ରସ୍ତୁତ କରି ତାହାକୁ ରୂପାୟିତ କରିବା ଆମର ଧ୍ୟେୟ ହେଉ ।

ଶେଷରେ ମୋର ମାତୃ ଅନୁଷ୍ଠାନ ଓ ତାହାର ଶିକ୍ଷକବର୍ଗଙ୍କ ପ୍ରତି ସମ୍ମାନ ଜଣାଇ ମୋର ପ୍ରିୟ ଛାତ୍ର ମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

*ପ୍ରାକ୍ତନ ପ୍ରଧାନ ଶିକ୍ଷକ*
*ବିଜେବି ହାଇସ୍କୁଲ*



# ଶତାୟୁ ଶିକ୍ଷାୟତନ

ଶ୍ରୀ ହରେକୃଷ୍ଣ ନନ୍ଦ

ଓଡ଼ିଶା ରାଜ୍ୟର ଶିକ୍ଷାନୁଷ୍ଠାନଟିଏ ବିଶେଷ କରି ଏକ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପକ୍ଷରେ ଶତାୟୁ ହେବାର ଗୌରବ ଓ ସୌଭାଗ୍ୟ ଲାଭ କରିବା ବିରଳ । କେବଳ ୧୯୯୬ ମଧ୍ୟରେ ଯେଉଁସବୁ ଶିକ୍ଷାନୁଷ୍ଠାନ ସେମାନଙ୍କର ଶତବାର୍ଷିକୀ ପାଳନ କରିଛନ୍ତି ବା କରୁଛନ୍ତି, ସେପରି ଅନୁଷ୍ଠାନମାନଙ୍କର ସ୍ଥାପନ ବର୍ଷ ୧୮୯୬ ବା ତତ୍ପୂର୍ବ । ସେତେବେଳକୁ ଓଡ଼ିଶାରେ ସ୍ୱଳ୍ପ ସଂଖ୍ୟକ ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । କାରଣ ଇଂରେଜମାନେ ଭାରତର ଅନ୍ୟ ସମସ୍ତ ଅଞ୍ଚଳ ନିଜ ନିୟନ୍ତ୍ରଣାଧୀନ କରିବା ପରେ ସର୍ବ ଶେଷରେ ଓଡ଼ିଶା ଅଧିକାର କରିଥିଲେ । ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ ହେଁ ଖୋର୍ଦ୍ଧାର ରାଜା ମୁକୁନ୍ଦଦେବ ଓ ତାଙ୍କ ମନ୍ତ୍ରୀ ଜୟୀ ରାଜଗୁରୁଙ୍କର ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଓ ପରେ ପରେ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ପ୍ରେରଣାରେ ପାଇକ ବିଦ୍ରୋହ ଏବଂ ସର୍ବୋପରି ଇଂରାଜୀ ଶିକ୍ଷାପ୍ରତି ଓଡ଼ିଶାବାସୀଙ୍କ ଉଦାସୀନତା ଓ ଅନାଦର ହେତୁ ଓଡ଼ିଶାରେ ଇଂରାଜୀ ଶିକ୍ଷା ଓ ମ୍ୟାକଲେ ସାହେବଙ୍କ ପ୍ରବର୍ତ୍ତିତ ଶିକ୍ଷାପ୍ରଣାଳୀ ଅନ୍ୟରାଜ୍ୟ ଅପେକ୍ଷା ବହୁ ପଛରେ ପ୍ରଚଳିତ ହୋଇଥିଲା । ଓଡ଼ିଶାର ସର୍ବ ପ୍ରଥମ ଉଚ୍ଚ ଇଂରାଜୀ ବିଦ୍ୟାଳୟ ୧୮୫୯ ମସିହାରେ କଟକରେ ସ୍ଥାପିତ ହେଲା । ତାହା ହେଉଛି, ଏବର ରେଭେନ୍ସା କଲେଜିଏଟ । ତାପରେ ପୁରୀ, ବାଲେଶ୍ୱର ଓ ବ୍ରହ୍ମପୁରରେ ହାଇସ୍କୁଲ ଗଢ଼ି ଉଠିଲା । ୧୮୯୨ରେ ବାରିପଦା ହାଇସ୍କୁଲ ଏବଂ ୧୮୯୬ରେ ଖୋର୍ଦ୍ଧା ଓ ଢେଙ୍କାନାଳରେ ହାଇସ୍କୁଲ ସ୍ଥାପିତ ହୋଇଥିଲା । ଏହିପରି ୧୮୯୬ ମସିହା ବେଳକୁ ଓଡ଼ିଶାରେ ମାତ୍ର ୧୦ଟି ହାଇସ୍କୁଲ ଥିଲା । ଏଣୁ ୧୯୯୬ ମସିହା ସୁଦ୍ଧା ଶତାୟୁ ଶତବାର୍ଷିକୀ ପାଳନ କରି ସାରିଥିବା କିମ୍ବା ପାଳନ କରିବାକୁ ଯାଉଥିବା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓଡ଼ିଶାରେ ବିରଳ ।

୧୯୯୬ରେ ଶତାୟୁ ପୂର୍ଣ୍ଣ କରୁଥିବା ଶିକ୍ଷାୟତନଟିଏ ଦେଶର ତଥା ରାଜ୍ୟର ରାଜନୈତିକ, ଅର୍ଥନୀତିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ବହୁ ପରିବର୍ତ୍ତନ ଦେଖି ଆସିଛି । ଏପରିକି ଏହ ଅନୁଷ୍ଠାନ ତାର ଆୟୁଷର ମଧ୍ୟରୁ ଅର୍ଦ୍ଧେକ ଅର୍ଥାତ୍ ୫୦ ବର୍ଷ କାଳ ଦେଶର ପରାଧୀନ କାଳରେ ଏବଂ ଅନ୍ୟ ଅର୍ଦ୍ଧେକ ୫୦ ବର୍ଷ ଦେଶର ସ୍ୱାଧୀନୋତ୍ତର କାଳରେ - ଏହିପରି ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ଗତି କରିଛି ।

ଇଂରେଜମାନଙ୍କ ଶାସନ କାଳରେ ଅର୍ଥାତ୍ ପରାଧୀନ ଭାରତରେ ମହର୍ଷିର ମେକେଲାଙ୍କ ଦେକାହାଭଟିକ ଅନାକରେ ଯେଉଁ ଶିକ୍ଷାପ୍ରଣାଳୀ ଏ ଦେଶରେ ପ୍ରଚଳନ କରାଗଲା ତାହାର ଲକ୍ଷ୍ୟ ଥିଲା ଭାରତରେ ଇଂରାଜୀଶାସନ ଚଳାଇ ରଖିବା ପାଇଁ ଭାରତୀୟ ମାନଙ୍କ ମଧ୍ୟରୁ କେତେକଙ୍କୁ ଏପରି ଗଢ଼ିବାକୁ ହେବ ଯେଉଁମାନେ ବର୍ଣ୍ଣରେ, ରକ୍ତରେ ଭାରତୀୟ ହୋଇଥିବେ, ମାତ୍ର ମନୋଭାବ, ଆଚାର ବ୍ୟବହାର, ପୋଷାକ ପରିଚ୍ଛଦ ଓ ଚିନ୍ତାରେ ଇଂରାଜୀ ନକଲ ପାଲଟିବେ ଓ ଇଂରାଜୀମାନଙ୍କର ଗୋଲାମି କରିବେ । ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଶିକ୍ଷାର ଲକ୍ଷ୍ୟ ମୁଖ୍ୟତଃ ଏହାହିଁ ଥିଲା । ୧୮୫୪ ମସିହା ପରେ ଯେତେ ହାଇସ୍କୁଲ ଭାରତରେ ଗଢ଼ି ଉଠିଲା, ସେଥିରୁ ଯେଉଁ ପଢ଼ୁଆ ପିଲା ବାହାରିଲେ ଅଧିକାଂଶଙ୍କର ମନୋଭାବ ଥିଲା - ଇଂରାଜୀଶାସନ ଚଳାଇ ରଖିବାରେ କିଛି ନା କିଛି ଛୋଟ ବଡ଼ ଅଂଶ ଗ୍ରହଣ କରିବା । ମାତ୍ର ବିସ୍ମୟଜନକ ବ୍ୟତିକ୍ରମ ସ୍ୱରୂପ ସେହି ଶିକ୍ଷାପ୍ରଣାଳୀରେ ଶିକ୍ଷା ପ୍ରାପ୍ତ ଗୋଖଲେ, ଗାନ୍ଧୀ, ନେହେରୁ, ରାଜେନ୍ଦ୍ର ପ୍ରସାଦ, ରାଧାକୃଷ୍ଣନ୍, ପଟେଲ, ଶାସ୍ତ୍ରୀ, ଆଜାଦ୍, ଠାକୁର, ମଧୁସୂଦନ, ଗୋପବନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶ ପ୍ରଭୃତି ଅନେକ ଏପରି ଦେଶପ୍ରେମୀ ବାହାରିଲେ ଯେଉଁମାନେ ଭାରତ ମାତାର ବନ୍ଧନଶୃଙ୍ଖଳ ଛିନ୍ନ କରିବା ପାଇଁ ବିଦେଶୀଶାସନ ଲୋପକରି ଦେଶକୁ ସ୍ୱାଧୀନ କରିବା ପାଇଁ ଏ ଦେଶର ସ୍ୱାଧୀନତାକାମୀ ଜନତାକୁ ଗଣ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମରେ ଦୃଢ଼ ଓ ବଳିଷ୍ଠ ନେତୃତ୍ୱ ଦେଇ ଦେଶକୁ ସ୍ୱାଧୀନ କରିବାରେ ସଫଳ ହୋଇଥିଲେ । ପ୍ରବଳ ପରାକ୍ରାନ୍ତ ଇଂରେଜଶାସନ ଏ ଦେଶ ମାଟିରୁ ଅପସରି ଗଲା । ୧୯୪୭ ମସିହାର ଘଟଣା ।

ଏହି ସମୟକୁ ଖୋର୍ଦ୍ଧା ହାଇସ୍କୁଲ ଠିକ୍ ୫୦ ବର୍ଷ ଅତିକ୍ରମ କରିଥିଲା । ଏହି ଅର୍ଦ୍ଧଶତକ ମଧ୍ୟରେ ଏହି ଅନୁଷ୍ଠାନ ତାର କର୍ତ୍ତବ୍ୟରେ ନିଜେ ମାତ୍ର ତ୍ରୁଟି ନକରି ଦେଶମାତୃକାର ସେବାପାଇଁ ବହୁ ପ୍ରଶାସକ, କବି, କଳାକାର ଓ ସମାଜସେବୀ ସୃଷ୍ଟିକରିବା ସହ ଦେଶର ମୁକ୍ତି ଆନ୍ଦୋଳନ ତେଜାଇ ରଖିବା ପାଇଁ ବିପ୍ଳବୀ ରତ୍ନ, ଦିବାକର ଓ ସଂଗ୍ରାମୀ କୁନ୍ଦନ ରାମ, ଗଙ୍ଗାଧର, ନରସିଂହ ଦୁକବନ୍ଧୁ ଓ ରାଜକାବଲ୍ଲଭ ପ୍ରଭୃତି କ୍ରାନ୍ତିକାରୀମାନଙ୍କୁ ସୃଷ୍ଟି କରିଥିଲା ତାହାରି କୋଳରେ । ଦେଶ ଓ ସମାଜ ପାଇଁ ଏହି ଶିକ୍ଷାୟତନର ପ୍ରଥମ ଅର୍ଦ୍ଧଶତାବ୍ଦୀର ଅବଦାନ ଅନନ୍ୟ ।

୧୯୪୭ରେ ଦେଶ ସ୍ୱାଧୀନ ହୋଇଛି ଏବଂ ୧୯୫୦ ମସିହାରୁ ପ୍ରଚଳିତ ହୋଇଛି ସ୍ୱାଧୀନ ଓ ସାର୍ବଭୌମ ଭାରତର ନୂତନ ସଂବିଧାନ । ଜାତୀୟ ଲକ୍ଷ୍ୟ ଏଥିରେ ପରିସ୍ଫୁଟିତ । ତାହା ମୁଖ୍ୟତଃ ଗଣତନ୍ତ୍ର,

ସମାଜବାଦ ଓ ଧର୍ମନିରପେକ୍ଷତାରେ ପର୍ଯ୍ୟବସିତ । ଏହି ଜାତୀୟ ଲକ୍ଷ୍ୟ ପୂରଣ କରିବା ପାଇଁ ଦେଶର ଭାବୀ-ନାଗରିକମାନଙ୍କୁ ଗଠନ କରିବା-କୁ ସ୍ୱାଧୀନୋତ୍ତର ଶିକ୍ଷାର ଲକ୍ଷ୍ୟ ହେଲା । ଏଥିପାଇଁ ରାଧାକୃଷ୍ଣନ୍ କମିଶନ, ମୁଦାଲିୟାର କମିଶନ, କୋଠାରୀ କମିଶନ ଓ ବହୁ ଶିକ୍ଷାବିତ୍ ସ୍ୱାଧୀନୋତ୍ତର ଶିକ୍ଷାପ୍ରଣାଳୀର ସଂସ୍କାର ପାଇଁ ବସ୍ତୁନିଷ୍ଠ ସତ୍ୟ ପ୍ରକାଶ କରିଛନ୍ତି । ସର୍ବୋପରି ୧୯୮୬ ମସିହାରେ ଜାତୀୟ ଶିକ୍ଷାନୀତି ଗୃହୀତ ହୋଇଛି । ଦେଶର ବିକାଶ ପାଇଁ ବିଜ୍ଞାନ, କୃଷି, ଶିଳ୍ପ, ଚିକିତ୍ସାବିଜ୍ଞାନ ଓ ନୂଆ ସବୁ କ୍ଷେତ୍ର ପ୍ରୟୋଗ ପାଇଁ ପାରଦର୍ଶୀ ବ୍ୟକ୍ତି ସୃଷ୍ଟି କରିବା; ସାମାଜିକ ନ୍ୟାୟ ଓ ସମାନତା ପ୍ରତିଷ୍ଠା କରିବା; ଏବଂ ଜାତୀୟ ସଂହତି ଓ ସାର୍ବଭୌମତା ରକ୍ଷା କରିବା ଦିଗରେ ଦେଶର ଯୁବ ପିଢ଼ିକୁ ଉଦ୍‌ବୁଦ୍ଧ କରିବା ନୂତନ ଜାତୀୟ ଶିକ୍ଷା ନୀତିର ଲକ୍ଷ୍ୟ ରହିଛି ।

ସ୍ୱର୍ଗତ ବି.କେ.ବି. ହାଇସ୍କୁଲ ତାର ସ୍ୱାଧୀନତା ପର ଅର୍ଦ୍ଧ ଶତକ ମଧ୍ୟରେ ଉକ୍ତ ଜାତୀୟ ଲକ୍ଷ୍ୟ ପୂରଣ ଦିଗରେ ମଧ୍ୟ କୌଣସି ତ୍ରୁଟି କରିନାହିଁ । ବହୁ ମେଧାବୀ ଛାତ୍ର ଗଠନ କରି ଶିକ୍ଷା, କୃଷି, ଚିକିତ୍ସା, ବାଣିଜ୍ୟ, ସଂସ୍କୃତି ଓ ପ୍ରଶାସନ କ୍ଷେତ୍ରରେ ସମାଦୃତ ସେବା କରିବା ପାଇଁ ପ୍ରେରଣା ଦେଇଛି । ଏହି ବିଦ୍ୟାଳୟର ଅନେକ ଛାତ୍ର ବୋର୍ଡ ପରୀକ୍ଷାରେ ପ୍ରଥମ ଦଶଜଣ ମଧ୍ୟରେ ସ୍ଥାନିତ ହେବାର ଗୌରବ ଲାଭ କରିଛନ୍ତି । ଏହି ସ୍ମରଣିକାରେ ଅନ୍ୟତ୍ର ପ୍ରକାଶିତ ତାଲିକାରୁ ତାହା ଦ୍ରଷ୍ଟବ୍ୟ । ଏମାନଙ୍କ ବ୍ୟତୀତ ବହୁ ଯୋଗ୍ୟ ଛାତ୍ର ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣତା ପୂର୍ବକ କୃତିତ୍ୱର ସହ ଉଚ୍ଚଶିକ୍ଷାପ୍ରାପ୍ତ ହୋଇ ରାଜ୍ୟର ବିଭିନ୍ନ ପଦପଦବୀରେ ରହି ସମାଜର-ସେବାରତ ଅଛନ୍ତି ।

ବର୍ତ୍ତମାନ ବିଂଶ ଶତାବ୍ଦୀର ଶେଷ ଆସନ୍ନ । ଏକବିଂଶ ଶତାବ୍ଦୀର ଉପକ୍ରମଣିକା । ଆଗାମୀ ଶତାବ୍ଦୀରେ ବୈଜ୍ଞାନିକ, ସାମାଜିକ ଓ ଆର୍ଥନୀତିକ କ୍ଷେତ୍ରରେ ବହୁ ପରିବର୍ତ୍ତନର ସମ୍ଭାବନା ରହିଛି । ଏହି ପରିବର୍ତ୍ତନର ସମ୍ମୁଖୀନ ହେବାପାଇଁ ଏବଂ ତାହାକୁ ସଫଳ ଓ କଲ୍ୟାଣକର କରିବା ପାଇଁ ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେଉଁ ଯୁବଶକ୍ତିର ଆବଶ୍ୟକତା ପଡ଼ିବ, ତାହାର ପ୍ରସ୍ତୁତି ହିଁ ସାମ୍ପ୍ରତିକ ଶିକ୍ଷାୟତନମାନଙ୍କର ପ୍ରଥମ ଓ ପ୍ରଧାନ ଦାୟିତ୍ୱ । କୋଠାରୀ କମିଶନ ଯଥାର୍ଥରେ କହିଛନ୍ତି:-
'Future of a country is shaped in its class-rooms.'

ବର୍ତ୍ତମାନର ସମାଜ ବହୁବିଧ ସମସ୍ୟାରେ ସଙ୍କୁଳିତ । ଏଗୁଡ଼ିକ ମଧ୍ୟରୁ ମୁଖ୍ୟ ହେଲା- ଆର୍ଥିକ କ୍ଷେତ୍ରରେ ଅସାମଞ୍ଜସ୍ୟ, ଧର୍ମ ଓ ଜାତି ଭିତ୍ତିକ ଭେଦଭାବ, ବର୍ଦ୍ଧିତ ଅସନ୍ତୋଷ ଓ ବିଶୃଙ୍ଖଳା, ସାମାଜିକ ଓ ନୈତିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ, ପ୍ରତିକ୍ଷେତ୍ରରେ ବ୍ୟାପକ ଦୁର୍ନୀତି ଏବଂ ନୀତିହୀନ ରାଜନୀତି । ଏ ସବୁର ପ୍ରଭାବ ଭବିଷ୍ୟତ-ନାଗରିକ, ଛାତ୍ରଛାତ୍ରୀ-ତରୁଣ ଛାତ୍ରମାନଙ୍କ ଉପରେ ଯେ ପ୍ରତିଫଳିତ ହେଉଛି-ଏହା ନୁହେଁ । ଏଣୁ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ନୂତନ ଶିକ୍ଷାନୀତି-ନିର୍ଦ୍ଧାରିତ ପଦକ୍ଷେପ ଆଶାନୁରୂପ ଫଳପ୍ରଦ ହୋଇ ପାରୁନି । ଶିକ୍ଷାର ମାନ ହ୍ରାସ ପାଉଥିବା ଅଭିଯୋଗ ସବୁ ସ୍ତରରୁ ଶୁଣିବାକୁ ମିଳୁଛି । ଏହା ଯେ ଅମୂଳକ ତାହା ନୁହେଁ । ଶିକ୍ଷକ ସମାଜର ନିଷ୍ଠା, କର୍ତ୍ତବ୍ୟବୋଧ ଓ ସମ୍ବେଦନଶୀଳତା ଉପରେ ଏହାର କତିପୟ ନିରାକରଣ ନିର୍ଭର କରେ । ମାତ୍ର ଆମ ଶିକ୍ଷକ ସମାଜର କିଛି ଅଂଶ ଲୋଭପରତା ବଶବର୍ତ୍ତୀ ହୋଇ ନିଜ କର୍ତ୍ତବ୍ୟବୋଧ କେତେକ ପରିମାଣରେ ଭୁଲି ଯାଉଛନ୍ତି । ବିଶେଷରେ ଅବଂ । ଏସବୁ ସତ୍ତ୍ୱେ ଶତାବ୍ଦୀ ଶିକ୍ଷାୟତନ ବି.କେ.ବି. ଉଚ୍ଚ ବିଦ୍ୟାଳୟ ଶିକ୍ଷାର୍ଥୀଙ୍କ ଶିକ୍ଷାର ମାନବୃଦ୍ଧି ଓ ସର୍ବାଙ୍ଗୀନ ବିକାଶ ପ୍ରତି ନିହିତ ଦୃଷ୍ଟିରଖି ଆଗାମୀ ଶତାବ୍ଦୀର ଆହ୍ୱାନ ପୂରଣ ପାଇଁ ସ୍ୱକୀୟ ସ୍ତରରେ ତାହା ସମ୍ଭବ ତାହା କରି ଚାଲିଛି ।

ଏହିପରି ଗୋଟିଏ ଶିକ୍ଷାନୁଷ୍ଠାନ ଯଦି ଦେଶ ଓ ସମାଜ ପାଇଁ କିଛି ଅବଦାନ କରିଥାଏ, ଯଦି ଐତିହ୍ୟସମ୍ପନ୍ନ ହୋଇ ଥାଏ ଓ ଯଦି କିଛି ସୁନାମ ଅର୍ଜନ କରିଥାଏ, ତେବେ ତାହା ପଛରେ ତାହାର କର୍ମକୁଶଳତା ପ୍ରତ୍ୟକ୍ଷୀଭୂତ ତାହା ବିଦ୍ୟାର୍ଥୀ । ନିଶ୍ଚିତରୂପେ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିଥିବା ଓ କରୁଥିବା ପ୍ରଧାନଶିକ୍ଷକ ଓ ତାଙ୍କ ସହକର୍ମୀଙ୍କର ନିଷ୍ଠା ଓ କାର୍ଯ୍ୟଦକ୍ଷତା ଏହାର ଅନ୍ତରାଳରେ ନିହିତ । ବିଗତ ବର୍ଷ ଶତକ ମଧ୍ୟରେ ୨୯ ଜଣ ବ୍ୟକ୍ତି ଏହି ଅନୁଷ୍ଠାନରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟକରି ସ୍ୱକୀୟ କାର୍ଯ୍ୟକାଳ ମଧ୍ୟରେ ଯଥାସମ୍ଭବ ପ୍ରଶାସନିକ ଓ ଶିକ୍ଷାଦାନଗତ ପରାକାଷ୍ଠା ପ୍ରଦର୍ଶନ ପୂର୍ବକ ସହକର୍ମୀମାନଙ୍କ ସହଯୋଗରେ ବିଦ୍ୟାଳୟର ଗୌରବକୁ ଉନ୍ନୀତ କରିପାରିଛନ୍ତି । ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବରେ ହେଉ ବା ସହକାରୀ ଶିକ୍ଷକ ଭାବରେ ହେଉ କାର୍ଯ୍ୟକରିବା ମର୍ଯ୍ୟାଦାଜନକ ବୋଲି ପ୍ରତ୍ୟେକ ମନେ କରନ୍ତି ।

ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ ୧୯୮୪ରୁ ୧୯୮୬ ମଧ୍ୟରେ ଦୁଇବର୍ଷ କାର୍ଯ୍ୟ କରିବାର ସୁଯୋଗ ମୁଁ ପାଇଥିଲି । ଏହି ସମୟ ମଧ୍ୟରେ ପ୍ରତିବର୍ଷ କ୍ରୀଡ଼ା ପ୍ରତିଯୋଗିତା, ବିଜ୍ଞାନ ପ୍ରଦର୍ଶନୀ, ପୁରସ୍କାର ବିତରଣ ସହ ବାର୍ଷିକୋତ୍ସବ, ଅବିଭକ୍ତ ପୁରୀ ଜିଲ୍ଲାର ଆନ୍ତଃବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା, ବିଦ୍ୟାଳୟର ମୁଖପତ୍ର ଅବକାଶର ପ୍ରକାଶନ, ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସର୍ବୋପରି ଛାତ୍ରମାନଙ୍କର ବୌଦ୍ଧିକ ପ୍ରଗତି ଓ ଶିକ୍ଷାଦାନର ଗୁଣାତ୍ମକ ବିକାଶ ପାଇଁ ବିହିତ ପଦକ୍ଷେପ ନିଆ ଯାଇଥିଲା । ଫଳରେ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟ-ଛାତ୍ର-ମାନଙ୍କ କୃତକାର୍ଯ୍ୟତା ହାର ପୂର୍ବାପେକ୍ଷା ବୃଦ୍ଧି ପାଇଲା । ଶୃଙ୍ଖଳାର ସହ ବୋର୍ଡ ପରୀକ୍ଷା ପରିଚାଳିତ ହେବା ସଙ୍ଗେ ସଙ୍ଗେ ଏହି ବିଦ୍ୟାଳୟଟି ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ମୂଲ୍ୟାୟନ କେନ୍ଦ୍ର ରୂପେ ମନୋନୀତ ହେଲା । ଏ ସମସ୍ତ କାର୍ଯ୍ୟରେ ମୁଁ ସହକର୍ମୀ ଶିକ୍ଷକମାନଙ୍କଠାରୁ ପୂର୍ଣ୍ଣପ୍ରାଣ ଓ ଅକୁଣ୍ଠ ସହଯୋଗ ଲାଭ କରିଥିଲି । ଏହା ନିଶ୍ଚିତରେ ସହକାରୀମାନଙ୍କ ସହଯୋଗବିନା ଜଣେ ପ୍ରଧାନ ଶିକ୍ଷକ ଏକାକୀ କୌଣସି ଗୁଣାତ୍ମକ କାର୍ଯ୍ୟକରିବା ସମ୍ଭବପର ନୁହେଁ । ଯେଉଁ ପ୍ରଧାନ ଶିକ୍ଷକ ନିଜ ବ୍ୟବହାରରେ ଓ କର୍ମକୁଶଳତାରେ ସହକର୍ମୀମାନଙ୍କ ସହ ଯେତେ ଭ୍ରାତୃତ୍ୱ ଓ ସୁସମ୍ପର୍କ ରକ୍ଷା କରିପାରିଛନ୍ତି କାର୍ଯ୍ୟତଃ ସେତେ ସହଯୋଗ ସେମାନଙ୍କଠାରୁ ପାଇ ଅନୁଷ୍ଠାନର ମହତ୍ତ୍ୱ ବୃଦ୍ଧି କରି ପାରିଛନ୍ତି ।

ଚଳିତ ବର୍ଷ ବିଦ୍ୟାଳୟର ଶତବାର୍ଷିକୀ ପାଳିତ ହେଉଛି ମହା ସମାରୋହରେ । ଏହି ଉତ୍ସବ ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବର ଅତୁଳ୍ୟ ସ୍ମୃତି ହୋଇ ରହିବ ।

ପୂର୍ବତନ ପ୍ରଧାନ ଶିକ୍ଷକ
ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ



# ବିଦ୍ୟାଳୟରେ ମୋର ପ୍ରଧାନଶିକ୍ଷକତ୍ୱ

ଶ୍ରୀ ସୁରେନ୍ଦ୍ର ମିଶ୍ର

ଶ୍ରୀ ୧୮୯୬ରେ ଓଡ଼ିଶାର ଏକ ମହତ୍ ପ୍ରାଚୀନ ଶିକ୍ଷାନୁଷ୍ଠାନ "ଖୋର୍ଦ୍ଧା ଇଂଲିଶ ସ୍କୁଲ" ସ୍ଥାପିତ ହୋଇଥିଲା । ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଜିଲା ହାଇ ସ୍କୁଲ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନାମରେ ନାମିତ ହୋଇଅଛି । ଚଳିତ ବର୍ଷ ଉକ୍ତ ବିଦ୍ୟାଳୟର ଶତବାର୍ଷିକୀ ଆଡମ୍ବର ସହକାରେ ପାଳିତ ହେଉଅଛି । ପ୍ରାକ୍ତନ ଖୋର୍ଦ୍ଧା ଓ ନୟାଗଡ଼ ସବ୍‌ଡିଭିଜନର ଏହା ଏକମାତ୍ର ହାଇ ସ୍କୁଲ ଥିବା ବିଦ୍ୟାଳୟ ହୋଇଥିବାରୁ ସୁଦୂର ସ୍ଥାନମାନଙ୍କରୁ ବହୁଛାତ୍ର ଏହି ବିଦ୍ୟାନୁଷ୍ଠାନରେ ବିଦ୍ୟାର୍ଜନ କରିବାର ସୌଭାଗ୍ୟ ଲାଭ କରିଥିଲେ । ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ବହୁଛାତ୍ର ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି ଓ ଭବିଷ୍ୟତରେ ହେବେ ।

ଏପରି ଏକ ସୁନାମଧନ୍ୟ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ମୁଁ ଚାକିରି ଜୀବନ ଆରମ୍ଭ କରିଥିଲି । ଏବଂ ପରେ ପ୍ରଧାନ ଶିକ୍ଷକ ପଦବୀରେ ରହି ଉକ୍ତ ପଦଭାର ଗ୍ରହଣ କରିବାର ସୁଯୋଗ ପାଇଥିଲି । ୧୮୯୬ ମସିହାରୁ ଯେଉଁମାନେ ପ୍ରଧାନ ଶିକ୍ଷକ ପଦବୀ ମଣ୍ଡନ କରିଥିଲେ ସେମାନଙ୍କ ମଧ୍ୟରେ କ୍ରମାନୁସାରେ ମୋର ସ୍ଥାନ ୨୬(ଛବିଶ)ରେ । ୧୯୬୫ ମସିହା ପର୍ଯ୍ୟନ୍ତ ଏହି ବିଦ୍ୟାଳୟଟି ଘରୋଇ ପରିଚାଳନା କମିଟି ଅଧୀନରେ ଥିଲା । ଖୋର୍ଦ୍ଧା ଅଞ୍ଚଳରେ ଶିକ୍ଷାର ପ୍ରସାର ଦୃଷ୍ଟିରୁ କେତେକ ଉତ୍ସାହୀ ବ୍ୟକ୍ତି ଏକ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ନିମନ୍ତେ ଉଦ୍ୟମ କଲେ । ଏହାର ନେତୃତ୍ୱ ନେଇଥିଲେ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ । ବକ୍ସି ଜଗବନ୍ଧୁ ବିଦ୍ୟାଳୟରେ ଏହି କଲେଜଟି ସ୍ଥାପନ କରାଯିବା ପାଇଁ ସ୍ଥିର ହୋଇଥିଲା । ରାଜନୈତିକ କାରଣରୁ ହେଉ ବା ଅନ୍ୟ କୌଣସି କାରଣରୁ ତତ୍କାଳୀନ ସରକାର ଏଥିରେ ହସ୍ତକ୍ଷେପ କରି ହଠାତ୍ ବିଦ୍ୟାଳୟର ପରିଚାଳନା କମିଟି ଭାଙ୍ଗିଦେଲେ ଏବଂ ପରିଚାଳନା ଦାୟିତ୍ୱ ଗ୍ରହଣ କଲେ । ଏଠାରେ ମହାବିଦ୍ୟାଳୟ ସ୍ଥାପନ ପାଇଁ ଅନୁମତି ମିଳିଲା ନାହିଁ । ଏଥିରେ ହତୋତ୍ସାହ ନହୋଇ ଖୋର୍ଦ୍ଧା କଲେଜର ଉଦ୍ୟୋକ୍ତାବୃନ୍ଦ ନୂଆ ପ୍ରସ୍ତାବ ନିକଟରେ 'ବରୁଣେଇ'ର ପାଦ ଦେଶରେ ୧୯୬୯ ମସିହାରେ ପ୍ରାଣନାଥ ମହାବିଦ୍ୟାଳୟ ପ୍ରତିଷ୍ଠା କଲେ ।

୧୯୬୫ ମସିହାରେ ବକ୍ସିଜଗବନ୍ଧୁ ବିଦ୍ୟାଳୟ ସହିତ ମୋଟ ୧୪୨ ଘରୋଇ ବିଦ୍ୟାଳୟକୁ ସରକାରୀ ପରିଚାଳନାଧୀନ କରାଯାଇଥିଲା ତାହାକୁ Fullnet deficit govt. managed Aided High Schools କୁହାଗଲା । ୧୯୭୧ ମସିହାରେ ଏହି ବିଦ୍ୟାଳୟଗୁଡିକ ପୂର୍ଣ୍ଣ ସରକାରୀ ହୋଇଥିଲା ।

B.Ed. ପାସ୍ କରି ଆଜିକାଲି ଯେପରି ବହୁ ଯୁବକ ଚାକିରି ନପାଇ ବସିରହୁଛନ୍ତି ସେତେବେଳେ ସେପରି ଅବସ୍ଥା ନଥିଲା । B.Ed ପାସ୍ କରିବାର ୩/୪ ଦିନ ପରେ ନିଯୁକ୍ତି ପତ୍ର ଧରି ମୁଁ ବକ୍ସିଜଗବନ୍ଧୁ ବିଦ୍ୟାଳୟରେ ୧୯୫୧ ମସିହା ଜୁଲାଇ ୬ ତାରିଖରେ ସହକାରୀ ଶିକ୍ଷକଭାବେ ଯୋଗଦାନ କଲି । ସେତେବେଳେ ପ୍ରଧାନ ଶିକ୍ଷକ ଥିଲେ ସ୍ୱର୍ଗତ ଚିତ୍ତସିଂହ ପଟ୍ଟନାୟକ । ସେ ଜଣେ ସମୟନିଷ୍ଠ ତଥା ବ୍ୟକ୍ତିତ୍ୱ ସମ୍ପନ୍ନ ଶିକ୍ଷାବିତ୍ ଭାବରେ ସର୍ବତ୍ର ଆଦୃତ ହୋଇଥିଲେ । '୧୪୨ ସ୍କୁଲ'ର ତାଲିକା ସର୍ବଶେଷ ପୂର୍ଣ୍ଣ ସରକାରୀ ବିଦ୍ୟାଳୟଠାରୁ ଭିନ୍ନ ଥିବାରୁ ମୁଁ ପ୍ରଧାନଶିକ୍ଷକଙ୍କ ପଦ ମର୍ଯ୍ୟାଦା କ୍ରମେ ୭ ବର୍ଷ ୬ ମାସ ଅତିବାହିତ କରି ବକ୍ସି ଜଗବନ୍ଧୁ ଉଚ୍ଚବିଦ୍ୟାଳୟକୁ ଛାଡି ଅନ୍ୟ ସରକାରୀ ବିଦ୍ୟାଳୟରେ ଯୋଗଦାନ କରିଥିଲି । ଶିକ୍ଷାକ୍ଷେତ୍ରରେ ଏହି ମଧ୍ୟ ବର୍ଷ ମଧ୍ୟରେ ବହୁ ପରିବର୍ତ୍ତନ ହୋଇଛି ।

ଶିକ୍ଷକ ଓ ଛାତ୍ରମାନଙ୍କ ସମ୍ପର୍କ ଶିଥିଳ ହୋଇଛି । ଶିକ୍ଷକଙ୍କ ପ୍ରତି ଛାତ୍ରମାନଙ୍କର ସେପରି ସମ୍ମାନ ଓ ଭକ୍ତି ନାହିଁ । ଶିକ୍ଷକମାନଙ୍କର ଛାତ୍ରମାନଙ୍କ ଶିକ୍ଷା ଓ ଚରିତ୍ର ପରିବର୍ତ୍ତନ ପାଇଁ ଆନ୍ତରିକତାର ଯଥେଷ୍ଟ ଅଭାବ ପରିଲକ୍ଷିତ ହେଉଛି । ଛାତ୍ର ବିଶୃଙ୍ଖଳା ବୃଦ୍ଧି ପାଇ ଶିକ୍ଷାନୁଷ୍ଠାନ ବେଳେ ବେଳେ ଧ୍ୱଂସାଭିମୁଖୀ ହେଉଛି । ଛାତ୍ର ବିଶୃଙ୍ଖଳାର ଅନ୍ୟ କେତେକ କାରଣ ହେଲା- ଛାତ୍ରମାନଙ୍କର ସଂଖ୍ୟା ଅଧିକ ପରିମାଣରେ ବୃଦ୍ଧି ପାଉଛି । ସହରାଞ୍ଚଳ ବିଦ୍ୟାଳୟମାନଙ୍କରେ ଶ୍ରେଣୀଗୃହରେ ବସିବା ସ୍ଥାନାଭାବ । ପାଠ୍ୟକ୍ରମର ବୋଝ ଅତ୍ୟଧିକ ହୋଇଛି । ଶିକ୍ଷାଦାନ ଓ ଗ୍ରହଣରେ ଆନ୍ତରିକତା ରହୁନାହିଁ । ଆସନ୍ତ

ପତ୍ର ଓ ଉପକରଣର ଅଭାବ । ଯେଉଁ ବିଦ୍ୟାଳୟରେ ଉପକରଣ ଅଛି ତାର ଉପଯୁକ୍ତ ବ୍ୟବହାର ହେଉ ନାହିଁ । ଅଭିଭାବକମାନେ ନିଜ ସନ୍ତାନର ଶିକ୍ଷା ପ୍ରତି ସଚେତନ ହେଉ ନାହାନ୍ତି । ପରୀକ୍ଷା ପରିଚାଳନାରେ ବିଭ୍ରାଟ । କେବେ କେବେ ଶିକ୍ଷକମାନଙ୍କର ଅସନ୍ତୋଷ ମନୋବୃତ୍ତି ଓ ସ୍ୱାର୍ଥ ତଥା ଛାତ୍ରମାନଙ୍କର କୌଣସି ସମସ୍ୟା ଉପୁଜିଲେ ତାର ତୁରନ୍ତ ପ୍ରତିକାର ଓ ସମାଧାନ ପାଇଁ ପ୍ରଚେଷ୍ଟାର ଅଭାବ, ଶିକ୍ଷାନୁଷ୍ଠାନରେ ସଂଶ୍ଳିଷ୍ଟ ନଥିବା ବ୍ୟକ୍ତିମାନଙ୍କର ଅଯଥା ହସ୍ତକ୍ଷେପ ଓ ରାଜନୈତିକ ବ୍ୟକ୍ତିମାନଙ୍କର ପ୍ରଭାବ ବିସ୍ତାର ବହୁ ସମସ୍ୟା ସୃଷ୍ଟି କରୁଛି । ଶିକ୍ଷାଲାଭ କରି ଛାତ୍ରଛାତ୍ରୀମାନେ କର୍ମକ୍ଷେତ୍ରରେ ନିଯୁକ୍ତି ନପାଇ ବେକାର ବସିରହୁଥିବାରୁ ଶିକ୍ଷାପ୍ରତି ବୀତସ୍ପୃହ ହେଉଛନ୍ତି ଓ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ।

ପ୍ରାଥମିକ ଶିକ୍ଷାର ବିକାଶ ହେଉନାହିଁ କେବଳ ବିଦ୍ୟାଳୟ ଖୋଲାଯାଉଛି । ଶିକ୍ଷକ ନିଯୁକ୍ତି ଓ ଶ୍ରେଣୀଗୃହର ଅଭାବ ପରିଲକ୍ଷିତ ହେଉଛି । ପ୍ରାଥମିକ ସ୍ତରରେ ଶିକ୍ଷାପ୍ରଦାନ ଉପଯୁକ୍ତ ଭାବେ ହେଉନଥିବାରୁ ଛାତ୍ରମାନେ ଦୁର୍ବଳ ରହି ଉପର ସ୍ତରରେ କୃତକାର୍ଯ୍ୟ ହୋଇପାରୁ ନାହାନ୍ତି । ପଛୁଆ ପିଲାମାନଙ୍କର ଶିକ୍ଷାଦାନ ପାଇଁ ବିଦ୍ୟାଳୟ ମାନଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ ।

'ପରୀକ୍ଷା' ଶିକ୍ଷାଦାନକୁ ନିୟନ୍ତ୍ରଣ କରେ । ପରୀକ୍ଷାରେ ବହୁଳ ପରିମାଣରେ କପି ଓ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଛାତ୍ରମାନଙ୍କ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରୁଛି ।

ବିଭିନ୍ନ ସରକାରୀ ବିଦ୍ୟାଳୟମାନଙ୍କରେ ସହକାରୀ ଓ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟକରି ୧୯୯୦ ମସିହା ଜୁନ ୮ ତାରିଖରୁ ମୁଁ ବକ୍ସିବଜାରସ୍ଥ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କଲି । ଏହାର ଉନ୍ନତି ପାଇଁ ବହୁ ଉଦ୍ୟମ କରିଥିଲି । ବିଦ୍ୟାଳୟ ବୋର୍ଡ ପରୀକ୍ଷାରେ ପାସ ହାର ଶତକଡା ୮୦ ରୁ ୯୦ ଭାଗ ହେଉଥିଲା ବିଦ୍ୟାଳୟର ଛାତରୁ ପାଣି ଗଳି ଓ କେବେ କେବେ ଟାଇଲ ଖସିପଡି ଏକ ସଙ୍କଟ ଜନକ ପରିସ୍ଥିତି ସୃଷ୍ଟି ହେଉଥିଲା । ମୁଁ ବିଭିନ୍ନ ସ୍ତରରେ ଚେଷ୍ଟା କରିବାରୁ ପରିଚାଳନା ତରଫରୁ ଛଅଟି ଶ୍ରେଣୀଗୃହର ଟାଇଲ ଛାତ ବଦଳା ଯାଇ ସିମେଣ୍ଟ କଂକ୍ରିଟ ଢଳେଇ ଛାତ ହୋଇଥିଲା । ବିଦ୍ୟାଳୟ ଶିକ୍ଷକ ଓ ଛାତ୍ରମାନଙ୍କ ପାଇଁ ପରିସ୍ରାଗାର ନଥିଲା । ସାତୋଟି ପରିସ୍ରାଗାର ନିର୍ମାଣ କରାଯାଇ କିଛି ପରିମାଣରେ ଏହାର ଅଭାବ ଦୂର କରାଯିବା ସଂଗେ କିଛି ଆସବାବପତ୍ର ଓ ଉପକରଣ ବ୍ୟବସ୍ଥା ହୋଇଥିଲା । ଶ୍ରେଣୀ ଗୃହ ଶିକ୍ଷକ କମନରୁମ ଓ ଅଫିସର ଝରକା ଗୁଡିକ ଖୋଲାଥିବାରୁ ଗ୍ରୀଲ ସଂଯୋଗ କରାଯାଇଥିଲା । ଉପର ବିଜ୍ଞାନାଗାରର ବରଣ୍ଡା ଛାତ ଓ ପ୍ରାଚୀର ନିର୍ମାଣ କରାଯାଇଥିଲା । ଛାତ୍ରମାନଙ୍କ ପ୍ରାର୍ଥନା ପରିଚାଳନା ପାଇଁ ଏକ ଚେଣ୍ଡାଳ ନିର୍ମାଣ, ବିଦ୍ୟାଳୟର ମୁଖ୍ୟ ଫାଟକରେ ନାମ ଫଳକ ଓ Cow trap ଲଗାଯାଇଥିଲା । ବିଦ୍ୟାଳୟ ପ୍ରାଙ୍ଗଣରେ କେତେକ ବୃକ୍ଷ ରୋପଣ, ଛାତ୍ରାବାସ ମରାମତି, ବିଦ୍ୟାଳୟର ପୂର୍ବ ଓ ଦକ୍ଷିଣ ପଟ ପ୍ରାଚୀରର ଉଚ୍ଚତା ବୃଦ୍ଧି ସଙ୍ଗେ ସଙ୍ଗେ ଉତ୍ତର ସୀମାର ପ୍ରାଚୀର ନିର୍ମିତ ହୋଇଥିଲା । ବିଦ୍ୟାଳୟର ବିଦ୍ୟୁତ୍ କରଣ, କ୍ରୀଡା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପରୀକ୍ଷା ପରିଚାଳନା ଶୃଙ୍ଖଳାର ସହିତ ଅନୁଷ୍ଠିତ ହେଉଥିଲା ।

୧୯୯୨ ମସିହାରେ ମୁଁ ବାଧ୍ୟତାପର ସମ୍ମୁଖୀନ ହେଲି । ଏକ ଘରୋଇ ଆଇନ କଲେଜ ଏହି ବିଦ୍ୟାଳୟରେ ପ୍ରତିଷ୍ଠା କରିବା ପାଇଁ କେତେକ ବ୍ୟକ୍ତି ଉଦ୍ୟମ କଲେ ଯାହାକି ସରକାରଙ୍କ ନିୟମାନୁ ମତିରେ ହୋଇପାରିବା ସମ୍ଭବ ନୁହେଁ । ମୁଁ ଏହି କଲେଜ ପାଇଁ ସରକାରଙ୍କ ନିୟମାନୁମତିରେ ସମ୍ମତ ହୋଇପାରିଲି ନାହିଁ । ତେଣୁ ଏଥିପାଇଁ ଦାୟୀକରି ଅନ୍ୟତ୍ର ବଦଳିପାଇଁ ବ୍ୟବସ୍ଥା ହେଲା । ମୁଁ ବାଧ୍ୟହୋଇ ଟ୍ରିବ୍ୟୁନାଲର ଆଶ୍ରୟ ନେଲି । ଟ୍ରିବ୍ୟୁନାଲ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ମୋ ବଦଳି ଆଦେଶ ରଦ୍ଦ ହୋଇଥିଲା । ମୋର ଏଠାରେ ଏହା ଉଲ୍ଲେଖ କରିବା ଉଦ୍ଦେଶ୍ୟ ଏହି ଯେ, କେବେ କେବେ ଶିକ୍ଷାନୁଷ୍ଠାନ ପରିଚାଳନାରେ କିଛି ସ୍ୱାର୍ଥବିଶିଷ୍ଟ ବ୍ୟକ୍ତିମାନଙ୍କର ଅଯଥା ହସ୍ତକ୍ଷେପ କିପରି ହେଉଛି ତାହା ଦର୍ଶାଇବା ।

ସେ ଯାହାହେଉ ମୋର ଶେଷଜୀବନ ଉକ୍ତ ବିଦ୍ୟାଳୟରେ ଅତିବାହିତ ହୋଇଥିଲା । କେତେକ ପ୍ରଧାନଶିକ୍ଷକଙ୍କ ପରି ମୁଁ ଶିକ୍ଷକମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟିପାଇଁ ସୁଯୋଗ ଦେଉନଥିଲି । ଶିକ୍ଷକ ଓ କର୍ମଚାରୀ ବୃନ୍ଦ ଏକଜୋଟ ହୋଇ ମୋତେ ସାହାଯ୍ୟ କରୁଥିଲେ । ୧୯୯୮ ନଭେମ୍ବର ୩୦ ତାରିଖରେ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରୁ ଅବସର ଗ୍ରହଣ କଲି । ଶିକ୍ଷକ ଓ ଛାତ୍ରମାନେ ମୋ ଅବସର ସମୟରେ ଯେପରି ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ ଓ ମୋ ସଙ୍ଗେ ସଙ୍ଗେ ମୋ ବାସଭବନ ପର୍ଯ୍ୟନ୍ତ ଆସି ପ୍ରତ୍ୟାବର୍ତ୍ତନ କଲେ ତାହା ମୋର ସ୍ମୃତିପଟରେ ପାଇଁ ଅଭୁଲା ସ୍ମୃତିହୋଇ ରହିବ ।

ବକ୍ସିବଜାର ବିଦ୍ୟାଧର ଉଚ୍ଚଇଂରାଜୀ ବିଦ୍ୟାଳୟ ଶିକ୍ଷାର ଆଲୋକ ପ୍ରଜ୍ଜ୍ୱଳନ କରି ଅଗ୍ରସର ହେଉ ଏହା ମୋର କାମନା । ବିଦ୍ୟାଳୟର ଶିକ୍ଷକ ତଥା ଛାତ୍ରମାନଙ୍କର ଉତ୍ତରୋତ୍ତର ଉନ୍ନତି ଲାଭ ହେଉ ମୋର ଈଶ୍ୱରଙ୍କ ନିକଟରେ ଏକମାତ୍ର ପ୍ରାର୍ଥନା ।

*ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ*
*ବିବେକାନନ୍ଦ ହାଇସ୍କୁଲ*



# ବିଦ୍ୟାଳୟରେ ମୋର ୩୫ ବର୍ଷ

ଶ୍ରୀ କାଶୀନାଥ ପ୍ରଧାନ

**ଝୋଲା** ଶ୍ରୀ ବି.କେ.ବି. ହାଇସ୍କୁଲରେ ୧୯୫୮ ମସିହା ଅଗଷ୍ଟ ୧୩ ତାରିଖରେ ଯୋଗ ଦେଇଥିଲି । ଏହି ବିଦ୍ୟାଳୟରେ ଦୀର୍ଘ ୩୫ ବର୍ଷ ଧରି ଶିକ୍ଷକତା କରି ୧୯୯୪ ମସିହା ଡିସେମ୍ବର ୩୦ ତାରିଖରେ ବିଦ୍ୟାଳୟରୁ ବିଦାୟ ନେଲି । ମୁଁ ବିଦ୍ୟାଳୟରେ ଯୋଗଦେଲା ବେଳକୁ ତତ୍କାଳୀନ ସାମାଜିକ ଓ ରାଜନୈତିକ ଅବସ୍ଥା ସମ୍ପର୍କରେ ପାଠକମାନଙ୍କୁ ସମ୍ୟକ୍ ଧାରଣା ଦେବାପାଇଁ ମୋର କେତେକ ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିବାକୁ ଆବଶ୍ୟକ ମନେ କରୁଛି । ମୋ ଘର ଦଶପଲ୍ଲାର ଏକ ମଫସଲ ଗ୍ରାମରେ । ସେତେବେଳେ ଦଶପଲ୍ଲାକୁ ଏକ ଯାତ୍ରୀବାହୀ ବସ୍ ଦିନକୁ ଥରେ ଯିବା ଆସିବା କରୁଥିଲା । ଡାକ ନେବା ଆଣିବା କରିବା ପାଇଁ କୋହାଳା ଡାକିଆ ୩ ଜଣ ରହିଥିବା ଲଢି ସାଢ଼ି ଚାଲୁଥିଲା । ସେ ବାଟରେ ଅନେକ ସମୟରେ ଖରାପ ହେଉଥିଲା । ତାଙ୍କୁଆଡର ଗାଁ ପିଲାମାନେ ଠେଲି ଷ୍ଟାର୍ଟ କରୁଥିଲେ ।

ମୁଁ ଏକ ସମୟରେ ଏଣ୍ଟି ନିଯୁକ୍ତିପତ୍ର ପାଇଥିଲି, ସେଥିରୁ ସରକାରୀ ସଂସ୍କୃତ ଟୋଲ, ଓଡଗାଁ, ଗଞ୍ଜାମର ଗୋଟିଏ ମାଇନର ସ୍କୁଲ ଓ ବି.କେ.ବି. ହାଇସ୍କୁଲ । ଏହି ତିନୋଟି ମଧ୍ୟରୁ ମୁଁ କେଉଁଟିରେ ଯୋଗଦେବି ବୁଝିବାରେ ପଡ଼ିଥିଲି । ପୂର୍ବରୁ ଗୋଟିଏ ମାତ୍ର ଥରେ ପୁରୀ ପିଲାବେଳେ ଆସିଥିଲି, ସେତେବେଳେ ଦଶପଲ୍ଲାକୁ ବସ୍ ପଡ଼ି ନ ଥିଲା । ଦଶପଲ୍ଲାରୁ ନୟାଗଡ଼ ପର୍ଯ୍ୟନ୍ତ ଲୋକମାନେ ଚାଲିକରି ଆସି ତପୁରେ ଗାଡ଼ିରେ ପୁରୀ ଆସୁଥିଲେ । ନୟାଗଡ଼ ପର୍ଯ୍ୟନ୍ତ ଚାଲିବାର କଷ୍ଟ ମନେ ପଡୁଥାଏ, ଆଉ କିଛି ମନେ ନ ଥାଏ । ତେଣୁ ଗାଡ଼ିରେ ବୋର୍ଡି ଆସି ପହଞ୍ଚି ଯୋଗଦେବାର ଇଚ୍ଛା ମନରେ ଥାଏ । ପିଲାଦିନରୁ ସବୁବେଳେ ଏକ ମହକି ମଧ୍ୟରେ ରହିବାର ଆନନ୍ଦ ଥିଲା, ସଙ୍ଗଠନରେ ଯୋଗଦେଇ କାମ କରିବାର ଆନନ୍ଦ ଥିଲା । ତେବେ ବିଧାତା କ୍ରମେ ମୁଁ ପୁଷ୍ପିମୋଟର ସର୍ଭିସରେ ବସି ନାନା ଆଶଙ୍କା ମଧ୍ୟରେ ଆସୁଥିଲି, ଗୋଟିଏ ଟ୍ରକରେ ମୋର ଆହବ ବସ୍ତ୍ର ନେଇ । ବସ କଣ୍ଡକ୍ଟର ଦଶପଲ୍ଲାର, ତେଣୁ ସେ ମୋତେ ସ୍କୁଲ ଗେଟ୍ ନିକଟରେ ଓହ୍ଲାଇଦେଇ ସ୍କୁଲକୁ ବାଟ କହିଦେଲା । ମୁଁ ଓହ୍ଲାଇଲା ମାତ୍ରେ ନିକଟରେ ଥିବା ହଷ୍ଟେଲର ଦୁଇଜଣ ଛାତ୍ର ଯେଉଁମାନଙ୍କର ବୟସ ମୋର ବୟସର ପାଖାପାଖି ଥିଲା ଆସି ମୋର ଟ୍ରଙ୍କଟି ହଷ୍ଟେଲରେ ରଖିଦେଲେ । ଦିନ ଦଶଟା ସମୟ, ମୁଁ ସ୍କୁଲଭିତରକୁ ଗଲାବେଳକୁ ପିଲାମାନେ ନୂଆ ସାର୍ ଆସିଛନ୍ତି ବୋଲି ମୋ ପଛେ ପଛେ ଆସୁଥାନ୍ତି । ମାତ୍ର ମୋ ମନରେ ବଡ଼ ଭୟ ଓ ଆଶଙ୍କା ଏତେ ବଡ ସ୍କୁଲକୁ ମୁଁ କାହିଁକି ଆସିଲି, ଏବେ ବିଧିର ବିଧାନ କେ ଲଙ୍ଘିବ ଆନ । ପ୍ରାର୍ଥନା ଘଣ୍ଟା ବାଜିଲା । ସମସ୍ତ ଶ୍ରେଣୀର ପିଲାମାନେ ଧାଡ଼ି ହୋଇ ଠିଆ ହୋଇଗଲେ । ଶିକ୍ଷକମାନଙ୍କ ଗହଣରେ କଳା ଦେହରେ ଧଳା ଧୋତି ଓ ପୁଲସାର୍ଟ ପିନ୍ଧି ଏକ ପୃଥୁଳକାୟ ବ୍ୟକ୍ତି ଆସି ଉପସ୍ଥିତ ହେଲେ ପ୍ରାର୍ଥନା ସରିଲେ । ସେ ହେଉଛନ୍ତି ପ୍ରଧାନ ଶିକ୍ଷକ । ପ୍ରାର୍ଥନା ସଭା ଶେଷରେ ଶିକ୍ଷକ ଓ ଛାତ୍ର ସମସ୍ତେ ଶ୍ରେଣୀ ପ୍ରକୋଷ୍ଠକୁ ଗଲେ । ମାତ୍ର ପ୍ରଧାନ ଶିକ୍ଷକ ବାରଣ୍ଡାରେ ବୁଲୁଥାନ୍ତି ବିଳମ୍ବରେ ଆସୁଥିବା ଛାତ୍ରଙ୍କର ଅନ୍ୱେଷଣରେ ।

ପ୍ରଧାନ ଶିକ୍ଷକ ବିଦ୍ୟାସିଂହ ପଟ୍ଟନାୟକ ତାଙ୍କ ପ୍ରକୋଷ୍ଠକୁ ଗଲେ । ମୁଁ ଯାଇ ତାଙ୍କୁ ଦେଖାକଲି ସେ ମୋତେ ବସିବାକୁ କହିଲେ । ମୋର ପରିଚୟ ପଚାରିଲେ ଏବଂ ମୋତେ ଜଏନିଙ୍ଗ୍ ରିପୋର୍ଟ ଦେବାକୁ କହିଲେ । ମୁଁ ଲେଖିକରି ଦେଲି । ଠିକ୍ ଏହି ସମୟରେ ମୋର ଘନିଷ୍ଠ ବନ୍ଧୁ ଶ୍ରୀ କୃଷ୍ଣ ମହାପାତ୍ର ଯୋଗଦେବାକୁ ଆସିଲେ । ସେ ମୋର ଟ୍ରେନିଂ ସ୍କୁଲର ରୁମ୍‌ମେଟ୍ ଥିଲେ । ତେଣୁ ମୋତେ ଖୁସି ଲାଗିଲା । ହଷ୍ଟେଲରେ ଗୋଟିଏ ରୁମ୍ ଶିକ୍ଷକମାନଙ୍କ ପାଇଁ ଥାଏ । ସେହି ରୁମ୍‌ରେ ମୁଁ ରହିଲି ।

ଦୀର୍ଘ ପଇଁତିରିଶ ବର୍ଷ ଶିକ୍ଷକତାର ଅନୁଭୂତି ସଂକ୍ଷେପରେ ଲେଖିବା କଷ୍ଟକର । ମୁଁ ଯୋଗଦେବା ବେଳକୁ ସ୍କୁଲର ଛାତ୍ର ସଂଖ୍ୟା ଅନ୍ୟୂନ ଏକହଜାର ଥିଲା । ଷଷ୍ଠ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଥିଲେ । ସ୍କୁଲରେ ଶୃଙ୍ଖଳା ଅତ୍ୟନ୍ତ ଦୃଢ଼ ଥିଲା । ପ୍ରଧାନ ଶିକ୍ଷକ ମହାଶୟ ଗଣତାନ୍ତ୍ରିକ ନୀତିରେ ବିଦ୍ୟାଳୟ ପରିଚାଳନା କରୁଥିଲେ । ତାଙ୍କର ଦୃଢ଼ ବ୍ୟକ୍ତିତ୍ୱ ଯୋଗୁଁ ସେ ବିଭିନ୍ନ ଅନୁଷ୍ଠାନରେ ଜଡ଼ିତ ଥିଲେ । ବର୍ତ୍ତମାନର ଉତ୍କଳ ସଙ୍ଗଠନର ସେ ଥିଲେ ସ୍ରଷ୍ଟା । ଏହାବ୍ୟତୀତ ସେ ଥିଲେ ବୋର୍ଡ଼ ଅଫ୍ ସେକେଣ୍ଡାରୀ ଅନୁଷ୍ଠାନର ସଭ୍ୟ । ତାଙ୍କର ବ୍ୟକ୍ତିତ୍ୱ ହିଁ ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଉଥିଲା । ବିଦ୍ୟାଳୟରେ ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ଅତି ଉନ୍ନତ ଥିଲା । ସେ ସମୟରେ ପ୍ରାଇ ଟ୍ୟୁସନ୍ ନ ଥିଲା । ଯେଉଁମାନେ ହଷ୍ଟେଲରେ ପୁରିକ୍ଷିତ ଧର୍ମ ବାନ୍ଧି ଥିଲେ

ଟ୍ୟୁସନ ଶିକ୍ଷକ ଘରକୁ ନେଉଥିଲେ । ବିଦ୍ୟାଳୟରେ ପଢୁଥିବା ଛାତ୍ରମାନଙ୍କ ଘରେ ପଢ଼ା ଦେଖିବା ପାଇଁ ବେଳେବେଳେ କି ଅଞ୍ଚଳରେ ବିଭକ୍ତ କରାଯାଉଥିଲା ପ୍ରତ୍ୟେକ ଅଞ୍ଚଳ ପାଇଁ ଜଣେ ଶିକ୍ଷକ ଦାୟିତ୍ୱରେ ରହି ସେମାନଙ୍କ ଘରକୁ ଯାଇ ପରିଦର୍ଶନ କରୁଥିଲେ । ବିଦ୍ୟାଳୟର ପରୀକ୍ଷା ଫଳ ଖୁବ ଭଲ ଥିଲା । ମୋର ରହଣିକାଳ ମଧ୍ୟରେ ଏହି ବିଦ୍ୟାଳୟରୁ ପ୍ରାୟ ୬ ଜଣ ଛାତ୍ର ବୋର୍ଡ ପରୀକ୍ଷାରେ ପ୍ରଥମ ଦଶଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି. ତାହାର ଫଳସ୍ୱରୂପ ଏହି ଅନୁଷ୍ଠାନର ବହୁ ମେଧାବୀ ଛାତ୍ର ଦେଶ ବିଦେଶରେ ସୁନାମ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ନାମ ବଢ଼ାଇ ଚାଲିଛନ୍ତି ।

ବିଦ୍ୟାଳୟରେ କ୍ରୀଡ଼ାଶିକ୍ଷର ବିକାଶ ପାଇଁ ବ୍ୟବସ୍ଥା ମଧ୍ୟ ଥିଲା । ପ୍ରୌଢ଼ ଶିକ୍ଷାର ଉନ୍ନତି ନିମନ୍ତେ ଶିକ୍ଷକମାନେ ନିକଟବର୍ତ୍ତୀ ଅଞ୍ଚଳକୁ ଯାଉଥିଲେ । ରାସ୍ତା ସଫେଇ କାର୍ଯ୍ୟ ମଧ୍ୟ କରାଯାଉଥିଲା ।

ହଷ୍ଟେଲରେ ପ୍ରାୟ ଶତାଧିକ ଛାତ୍ର ରହୁଥିଲେ । ସେହି ହଷ୍ଟେଲର ଦାୟିତ୍ୱରେ ବରିଷ୍ଠ ଶିକ୍ଷକ ମୁରଲୀଧର ପ୍ରଧାନଙ୍କୁ ରଖାଯାଇଥିଲା । ସ୍କୁଲ ସଂଖ୍ୟା ସେତେବେଳେ ବହୁତ କମ୍ ଥିବାରୁ ବହୁ ଦୂର ଦୂରାନ୍ତରୁ ଛାତ୍ର ଏହି ଛାତ୍ରାବାସରେ ରହୁଥିଲେ ।

ମୁଁ ଏହି ଦୀର୍ଘଦିନ ଶିକ୍ଷକତା ମଧ୍ୟରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରିବାର ସୌଭାଗ୍ୟ ଅର୍ଜନ କରିଛି । ତନ୍ମଧ୍ୟରୁ ପାଠାଗାର ଓ ଏନ୍.ସି.ସି. ଅନ୍ୟତମ । ବିଦ୍ୟାଳୟର ପାଠାଗାରରେ ଅଦ୍ୟାବଧି ବହୁ ମୂଲ୍ୟବାନ ବହି ସଞ୍ଚିତ ରହିଛି । ଏନ୍.ସି.ସି.ରେ ୧୨ ବର୍ଷ ଥିବା ସମୟରେ କେତେକ ଛାତ୍ର ସୁନାମ ଅର୍ଜନ କରିଛନ୍ତି । ପ୍ରାୟ ପ୍ରତ୍ୟେକ ବାର୍ଷିକ ଟ୍ରେନିଂ କ୍ୟାମ୍ପଗୁଡ଼ିକରେ ଆସ ଏହି ସ୍କୁଲର କ୍ୟାଡେଟ କମାଣ୍ଡର ଭାବେ ନିଯୁକ୍ତ ହୋଇଛନ୍ତି । ଏହାବ୍ୟତୀତ ଦୁଇଜଣ ଛାତ୍ର ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଦିଲ୍ଲୀ ଯାଇଛନ୍ତି ଓ ଜଣେ ଛାତ୍ର ମାଉଣ୍ଟେନ କ୍ଲାଇମ୍ବିଂ ପାଇଁ ଯାଇଥିଲେ । ଅତୀତରେ ଏହି ସ୍କୁଲରେ ଦୁଇଟି ଟ୍ରୁପ୍ ଥିଲା । କିନ୍ତୁ ବର୍ତ୍ତମାନ ଗୋଟିଏ ଟ୍ରୁପ୍ ଅଛି । ଅତୀତ ଆଜନର କଥା ବର୍ତ୍ତମାନର ଆମର ବିଦ୍ୟାଳୟର ଏନ୍.ସି.ସି. ଶିକ୍ଷକ ଶ୍ରୀ ବାସୁଦେବ ସାମନ୍ତରାୟ ସର୍ବଭାରତୀୟ ସ୍ତରରେ ଟ୍ରେନିଂ କ୍ୟାମ୍ପରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏତଦ୍‌ବ୍ୟତୀତ ଏହି ବିଦ୍ୟାଳୟର ସ୍କାଉଟ୍ ଓ ରେଡ଼କ୍ରସ ଅନୁଷ୍ଠାନ ଅଦ୍ୟାବଧି କାର୍ଯ୍ୟ କରି ଆସୁଛି ।

ସମସ୍ତ ଦୃଷ୍ଟିକୋଣରୁ ଏହି ବିଦ୍ୟାଳୟ ସର୍ବଭାରତୀୟ ସ୍ତରରେ ସୁନାମଧନ୍ୟ । ବିଦ୍ୟାଳୟର ଅଭାବ ଅସୁବିଧା ଯେ ନାହିଁ ତା' ନୁହେଁ, ଏହା ସତ୍ତ୍ୱେ ଏହି ବିଦ୍ୟାଳୟ ତାର ସୁନାମ ବଜାୟ ରଖୁ, ଏହାହିଁ ଶତ ସମୟର ପାବନ ଅବସରରେ ଏକାନ୍ତ କାମନା ।

ଅବସରପ୍ରାପ୍ତ ଶିକ୍ଷକ
ବି.ଜେ.ବି. ହାଇସ୍କୁଲ

# ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ମହାରଥୀ - ବକ୍ସି ଜଗବନ୍ଧୁ

(ଆବିର୍ଭାବ : ୧୭୭୩ - ତିରୋଧାନ : ତା ୨୪।୧।୧୮୨୯)

ପ୍ରାଧ୍ୟାପକ ଧ୍ରୁବ ଚରଣ ଜୟସିଂହ ପାଇକରାୟ

**୧- ପୃଥିବୀ ଇତିହାସରେ ଖୋର୍ଦ୍ଧାର ସ୍ଥାନ :-**

ଖୋର୍ଦ୍ଧାର ଏହା ଏକ ଅପଭ୍ରଂଶ ଶବ୍ଦ । ଏହା ସଂସ୍କୃତ ଶବ୍ଦ ''କ୍ଷୁରଧାର''ରୁ ଆନୀତ । କବି ଦିଗମ୍ବର ଶ୍ରୀଚନ୍ଦନଙ୍କ ଭାଷାରେ-

''ଯେଣୁ କ୍ଷୁରଧାର ବତ ଶତ୍ରୁକୁ ହୁଏ ପ୍ରତୀତ
ତେଣୁ କ୍ଷୁରଧା ହେଲା ସୁଖ୍ୟାତ x x'' ।

ଖୋରଧାକୁ ମଧ୍ୟ ''ଔଡ୍ରଦେଶ'' କୁହାଯାଏ ।

''ଔଡ୍ରଦେଶ ଇତ୍ୟାଖ୍ୟାତଃ ସର୍ବବିଦ୍ୟା ବିଶାରଦଃ'' ।୨।

''ଖଣ୍ଡାୟତମାନଙ୍କର ଅନ୍ୟ ଏକ ନାମ ଥିଲା ''ଔଡ୍ର'' । ସେହି ''ଔଡ୍ର''ଶବ୍ଦରୁ ମୁସଲମାନମାନେ ଆମ ଦେଶକୁ ''ଓଡ଼ିଶା'' ନାମ ଦେଇଥିଲେ । ଔଡ୍ରମାନଙ୍କ ବସତି ବିଶେଷ ଭାବରେ ଖୋରଧାରେ ଥିଲା । ସେହି କାରଣରୁ ଅନେକ ଖୋରଧାକୁ ''ଓଡ଼ିଶା'' କହନ୍ତି । ସେଥିରୁ ଅନୁମାନ ହୁଏ, ଖୋରଧା ଓଡ଼ିଶା ରାଜ୍ୟର କେନ୍ଦ୍ରଭୂମି । ପଣ୍ଡିତମାନେ ଗବେଷଣା କରି କହନ୍ତି, ଖୋରଧାର କଥିତ ଭାଷାହିଁ ବିଶୁଦ୍ଧ ଓଡ଼ିଆ ଭାଷା । ରାଜ୍ୟ ଯେତେବେଳେ ବଢ଼ିଛି, ତା'ର ସୀମା ଗଙ୍ଗାଠାରୁ ଗୋଦାବରୀ ଯାଏ ବ୍ୟାପିଛି, ଯେତେବେଳେ ଛିଡ଼ି ଆସି ଖୋରଧାରେ ରହିଛି । ଖୋରଧାର ଭୋଇ ବଂଶୀୟ ରାଜା ପ୍ରକୃତରେ ସମଗ୍ର ଓଡ଼ିଆ ରାଜ୍ୟର ରାଜା । ସେହି ରାଜା ନିଜର ବିସ୍ତୃତ ଓଡ଼ିଶା ରାଜ୍ୟ ହରାଇ ଶେଷରେ ଆସି ଖୋରଧାରେ ଆଶ୍ରୟ କରିଥିଲେ । ଖୋରଧାର ଔଡ୍ରମାନେ ନିଜ ବୀରତ୍ୱ ବଳରେ ପ୍ରତିଷ୍ଠା ଅର୍ଜନ କରିବାକୁ ସମର୍ଥ ହୋଇଥିଲେ । ଯୋଦ୍ଧାର ଆୟୁଧ ଖଣ୍ଡାକୁ ଆୟତ କରିଥିବାରୁ, ସେମାନଙ୍କୁ ଖଣ୍ଡାୟତ କୁହାଯାଉଥିଲା । ସେମାନଙ୍କ ମଧ୍ୟରୁ ପୁଣି ଯେଉଁମାନେ ରଥାରୋହୀ, ଅଶ୍ୱାରୋହୀ ଆଦି ନହୋଇ କେବଳ ପଦାତିକ ସୈନ୍ୟ ଶ୍ରେଣୀରେ ଭୁକ୍ତ ଥିଲେ, ତାଙ୍କୁ କୁହାଯାଉଥିଲା ପାଇକ । x x x x ସବୁ ପାଇକମାନେ ଖଣ୍ଡାୟତ ନଥିଲେ । ଖଣ୍ଡାୟତ କୁଳ କ୍ଷତ୍ରୀୟ କ୍ଷତ୍ରୀୟ ରକ୍ତ ତାଙ୍କ ଶିରା ପ୍ରଶିରାରେ ଧମନୀରେ ପ୍ରବାହିତ ହେଉଥିଲା, ବଂଶ ପରମ୍ପରା କ୍ରମରେ ସେମାନେ ଥିଲେ ଲଢୁଆନ ଜାତି । ଖଣ୍ଡାୟତମାନଙ୍କ ବ୍ୟତୀତ ପଦାତିକ ବାହିନୀରେ ବ୍ରାହ୍ମଣ, ବୈଶ୍ୟ ଓ ଶୂଦ୍ରମାନେ ମଧ୍ୟ ଭୂମିକା କରିଥିଲେ ।'' ।୩।

ଯୁଗେ ଯୁଗେ ଖୋରଧା ସମଗ୍ର ବିଶ୍ୱକୁ ନୂତନ ଆଲୋକ ଓ ଚିନ୍ତାଧାରା ଦେଇଆସିଛି । ବିଦେଶୀ ଇଂରେଜ୍ ସରକାର ବିରୋଧରେ ଖୋରଧାର ଯେଉଁ ବୀରମାନେ ମାତୃଭୂମିର ସ୍ୱାଧୀନତା ରକ୍ଷା କରିବା ପାଇଁ ଏବଂ ମାନବିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଆହ୍ୱାନ ସଂଗ୍ରାମ କରିଥିଲେ, ସେମାନଙ୍କର ଅଗ୍ରସାରଥୀ ଥିଲେ ବକ୍ସି ଜଗବନ୍ଧୁ ।

**୨- ଓଡ଼ିଶା ଇତିହାସରେ ରୋଡ଼ଙ୍ଗ ବକ୍ସି ବଂଶର ଐତିହ୍ୟ ଓ ପରଂପରା:**

ଓଡ଼ିଶାର ବହୁ ଐତିହାସିକ ଅଧ୍ୟାପକ ପ୍ରଭାତ ମୁଖାର୍ଜୀଙ୍କ ପରି ମତବ୍ୟକ୍ତ କରନ୍ତି ଯେ ରୋଡ଼ଙ୍ଗ ବକ୍ସି ବଂଶ ଖୋରଧାର ଭୋଇ ବଂଶରୁ ଉତ୍ପତ୍ତି । "Bakshi Jagabandhu Vidyadar Bhramarbar Ray Mohapatra, The Leader of the insurgents, belonged to the Bhoi family" 4 Prof. P. Mukharjee. ଏବଂ ଅନ୍ୟମାନଙ୍କର ମତ ଗ୍ରହଣ ଯୋଗ୍ୟ ନୁହେଁ । କାରଣ ରୋଡ଼ଙ୍ଗର ବକ୍ସି ବଂଶ ଅତି ପ୍ରାଚୀନ ଓ ପୁରାଣ ପ୍ରସିଦ୍ଧ ଏକ କ୍ଷତ୍ରୀୟ ରାଜବଂଶ । ପୁରାଣ ମତରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଏକ ହଜାର ହାତ ଉଚ୍ଚାରେ ଯେଉଁ ମନ୍ଦିର ନିର୍ମାଣ କରିଥିଲେ, ତାହାର ପ୍ରତିଷ୍ଠା ପାଇଁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ଆଣିବା ନିମନ୍ତେ ସ୍ୱର୍ଗକୁ ଯାଇଥିଲେ । ବ୍ରହ୍ମାଂକୁ ସ୍ୱର୍ଗରୁ ଆଣି ପହଞ୍ଚିବା ପୂର୍ବରୁ ମନ୍ଦିର ସମୁଦ୍ର ବାଲିରେ ପୋତି ହୋଇ ଯାଇଥିଲା । ରୋଡ଼ଙ୍ଗ ରାଜା ଗାଳ ମାଧବ ଅଶ୍ୱାରୋହଣ କରିଯାଉଥିବା ବେଳେ ଅଶ୍ୱର ଖୁରା ମନ୍ଦିରର ନୀଳଚକ୍ରରେ ବାଜିବାରୁ ଅଶ୍ୱ ଅଟକିଗଲା । ରାଜା ଗାଳ ମାଧବ ଅଶ୍ୱ ପୃଷ୍ଠରୁ ଅବତରଣ କରି, ବାଲି ଖୋଳି ଦେଖିଲେ ଯେ ଗୋଟିଏ ସୁନ୍ଦର ମନ୍ଦିର । ଇଂଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ଆଣିଥିଲେ ଭିତରରୁ ଖନନ କରାଯାଇଥିବା ଶ୍ରୀମନ୍ଦିର ହେଉଛି ଗାଳ ମାଧବଙ୍କ କୀର୍ତ୍ତି । ତେଣୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଆତ୍ମହରା ହୋଇ ଗାଳମାଧବଙ୍କୁ ଆଲିଙ୍ଗନ କଲେ ।

ଗାଳମାଧବକୁ ଡକାଇ ବକ୍ସି
ଶାଢ଼ୀବାନ୍ଧି ଦେଲେ ମୁଣ୍ଡେ
ଶୁଣାଇଲେ ତାଙ୍କ ପ୍ରଶଂସା ତା'ର ଲୋ
ରାଜସଭା ମଧ୍ୟେ ତୁଣ୍ଡେ ।

X X X

ତା' କୁଳ ଦୁଲାଳ      ରୋଡଙ୍ଗ ବକ୍‌ସି
ଛପିରହି ଅଛି ଘରେ,
ଦେବତା ବୈଷ୍ଣବ      କୁଳର ଗତି ଲୋ
ଅଙ୍କେ ରଖିଥିବେ ହେଲେ ।୫।

ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କଠାରୁ ରାଜ ମାଧବ ବକ୍‌ସି ବା ପ୍ରଧାନ ସେନାପତି ଉପାଧି ପାଇଥିଲେ । ଏହାର ଐତିହାସିକ ମୂଲ୍ୟବୋଧ ଥାଇପାରେ, ନପାରେ ମଧ୍ୟ । କିନ୍ତୁ ଏଠାରେ ପାଠକ, ସମାଲୋଚକ ଏବଂ ଗବେଷକମାନଙ୍କୁ ସ୍ମରଣ କରାଇ ଦିଆଯାଇ ପାରେ ଯେ ଏ ପ୍ରକାର କିମ୍ବଦନ୍ତୀ ବା କାହାଣୀ ନୂତନ ନୁହେଁ । କି ଭାରତ ବର୍ଷ ତଥା ଓଡ଼ିଶାର ରାଜନ୍ୟ ମଣ୍ଡଳୀ ନିଜ ନିଜର ବଂଶର ଗୌରବ ଗାରିମାମୟ ଇତିହାସ ପାଇଁ ଏବଂ ନିଜ ନିଜର ପ୍ରାଧାନ୍ୟ ବିସ୍ତାର ପାଇଁ କିଏ ନିଜକୁ ସୂର୍ଯ୍ୟବଂଶ, ଚନ୍ଦ୍ରବଂଶ, ଚାଳୁକ୍ୟ ଗଙ୍ଗ, କେଶରୀ ଓ ଭୌମବଂଶ ଇତ୍ୟାଦି ବୋଲି ଗର୍ବ ଅନୁଭବ କରନ୍ତି । ରୋଡଙ୍ଗର ବକ୍‌ସି ବଂଶ ଏକ କ୍ଷମତାଶାଳୀ ପୁରାଣ ଇତିହାସ ପ୍ରସିଦ୍ଧ କ୍ଷତ୍ରୀୟ ରାଜବଂଶ । ଏହି ଗଡ ରୋଡଙ୍ଗ ପୁରୀ ଜିଲ୍ଲାର ପୁରୀ ସଦର ସବ୍‌ଡିଭିଜନ୍, ବ୍ରହ୍ମଗିରି ଥାନା ଅନ୍ତର୍ଗତ ଏକ ଅଭେଦ୍ୟ ଦୁର୍ଗ । ଏହା ଶ୍ରୀ ଜଗନ୍ନାଥ ମନ୍ଦିରକୁ ଦକ୍ଷିଣ ପଶ୍ଚିମରେ ଚିଲିକା କୂଳରେ ମାତ୍ର ୨୮ କିଲୋମିଟର ଦୂରରେ ଅବସ୍ଥିତ । ସେହି ପବିତ୍ର ରାଜବଂଶରେ ବହୁ କବି, ସାହିତ୍ୟିକ ଓ ମହାରଥୀ ଜନ୍ମ ଗ୍ରହଣ କରିଥିଲେ । ତାହା ଗବେଷଣା ସାପେକ୍ଷ । କେବଳ ଯେ ସେ ବଂଶ ଓଡ଼ିଆ ସୁନାର ରାଜ୍ୟରେ ଆଧିପତ୍ୟ ବିସ୍ତାର କରିନାହିଁ, ଓଡ଼ିଆ ସାହିତ୍ୟକୁ ବକ୍‌ସି ବଂଶର ଅବଦାନ ଅତୁଳନୀୟ । ତାହା ନିମ୍ନରେ ପ୍ରଦତ୍ତ ହେଲା:-

(୧) "ଜଗନ୍ନାଥ ବିଦ୍ୟାଧର ଅଗ୍ରଜ ସୁତ
ଲୋକନାଥ ବିଦ୍ୟାଧର ଆଖ୍ୟା ବିଖ୍ୟାତ ।" ।୭।

(୨) "ମୁକୁନ୍ଦଦେବ ରାଜନ ନନ୍ଦନ ଶୁଭେ ଭାବନ
ଦିବ୍ୟସିଂହ ଦେବ ଗଜପତି ନରେଶ
ଚତୁର୍ଦ୍ଦଶ ଅକ୍ଷର ଗୀତ ହୋଇ ଏ ବିରଚିତ ।୮।

"ରାଜା ଜଗନ୍ନାଥ ବିଦ୍ୟାଧର ମହାପାତ୍ର ଇଥାସେ ବିଜେ ହୋଇଥିଲେ ।" ।୯।

ଜଗନ୍ନାଥ ବିଦ୍ୟାଧର ମହାପାତ୍ର, ଖୋର୍ଦ୍ଧା ରାଜାଙ୍କର ପାତ୍ର ଦେୱାନ୍, ଓ ବକ୍‌ସି ଥିଲେ । ସେ ରୋଡଙ୍ଗର ଜମିଦାର ଓ ରାଜା ଥିଲେ ।୧୦। ତାଙ୍କ ପୁତ୍ର ଲୋକନାଥ । ସେ ଅନେକ କାବ୍ୟ ରଚନା କରିଥିଲେ । ଯଥା- ଚିତ୍ରକଳା, ରସକଳା, ପଦ୍ମାବତୀ ପରିଣୟ, ବୃନ୍ଦାବନ ବିହାର, ନୀଳାଦ୍ରି ମହୋତ୍ସବ ଇତ୍ୟାଦି । ସେହି ସମୟରେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଭୂପତି ପଣ୍ଡିତ ଓ ବୃନ୍ଦାବତୀ ଦାସୀ ଆଦି ବହୁ କବି ଜନ୍ମ ଗ୍ରହଣ କରି କାବ୍ୟ ରଚନା କରିଥିଲେ ।

ଗଜପତି ମୁକୁନ୍ଦ ଦେବ - ଖ୍ରୀ:ପ: - ୧୬୫୯-୧୬୮୯
ଗଜପତି ଦିବ୍ୟସିଂହ ଦେବ- ଖ୍ରୀ.ଅ.- ୧୬୮୯-୧୭୧୫ ।୧୧।

**ରୋଡଙ୍ଗ ବକ୍‌ସି ବଂଶ**

ଖ୍ରୀ: ପୂ: - ଶତାବ୍ଦୀ      ରାଜମାଧବ (ପ୍ରତିଷ୍ଠାତା)
X X X
X X X
(ଷୋଡଶ ଶତାବ୍ଦୀ) ଜଗନ୍ନାଥ ବିଦ୍ୟାଧର ମହାପାତ୍ର
(ସପ୍ତଦଶ ଶତାବ୍ଦୀ) କବି ଲୋକନାଥ ବିଦ୍ୟାଧର ମହାପାତ୍ର
୧୮ଶ/୧୯ଶ ଶତାବ୍ଦୀ-ବକ୍‌ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ଶ୍ୟାମ ସୁନ୍ଦର ରାୟ (ପୋଷ୍ୟ ରାଜକୁମାର) ଗୋପୀନାଥ ବିଦ୍ୟାଧର ମହାପାତ୍ର
(ରାଜକୁମାର)

ବକ୍‌ସି ଜଗବନ୍ଧୁଙ୍କ ଦୁଇରାଣୀ
ପ୍ରଥମ ରାଣୀ - ରାଧାମଣି ଜେମାଦେବୀ
ଦ୍ୱିତୀୟ ରାଣୀ -ଚିତ୍ରମଣି ଜେମାଦେବୀ

ବର୍ତ୍ତମାନ ମଧ୍ୟ ପୁରୀ ରାଜାଙ୍କର ଅଭିଷେକ ସମୟରେ ଏବଂ ଦଶହରା ଦିନ ବକ୍‌ସି ସାମନ୍ତ ବଂଶରୁ ଜଣେ ହେଲେ ପ୍ରତିନିଧିତ୍ୱ କରନ୍ତି ବିମଳା ମନ୍ଦିରରେ ପୂଜା ଆରମ୍ଭ ହୁଏ ।

**୩- ଯୁବରାଜ ବକ୍‌ସି ଜଗବନ୍ଧୁ :-**

ବକ୍‌ସିଙ୍କର ଜନ୍ମ ତାରିଖ ଜଣାପଡ଼ି ନାହିଁ । ସମ୍ଭବତଃ ସେ ଖ୍ରୀଷ୍ଟାବ୍ଦ ୧୭୭୩ ମସିହାରେ ଇତିହାସ ଓ ପୁରାଣ ପ୍ରସିଦ୍ଧ ରୋଡଙ୍ଗ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ପିଲାଦିନରୁ ସେ ବିଭିନ୍ନ ଶାସ୍ତ୍ର ଓ ଶାସନ ପଦ୍ଧତିରେ ଅଭିଜ୍ଞତା ଅର୍ଜନ କରିଥିଲେ । ଅଶ୍ୱ ସଂଚାଳନ, ହସ୍ତୀ ଆରୋହଣ, ମଲ୍ଲଯୁଦ୍ଧ, ଖଣ୍ଡାଖେଳ ଓ ବିଭିନ୍ନ ପ୍ରକାର ଅସ୍ତ୍ର ଚାଳନାରେ ଧୂରନ୍ଧର ଥିଲେ । ପୂର୍ବ ପୁରୁଷଙ୍କର ବୀର କ୍ଷତ୍ରୀୟ ରକ୍ତସ୍ରୋତ ତାଙ୍କ ଶିରା ପ୍ରଶିରାରେ ପ୍ରବାହିତ ହେଉଥିଲା । ସେମାନଙ୍କର ପୂର୍ବ ପୁରୁଷ ପୁରୁଷାନୁକ୍ରମେ ଖୋର୍ଦ୍ଧା ଗଜପତି ବଂଶର ମନ୍ତ୍ରୀ, ଦେୱାନ୍ ଓ ପ୍ରଧାନ ସେନାପତି ଥିଲେ । ତେଣୁ, ସେମାନଙ୍କର ଶହ ଶହ ବାଟି ଜମି ନିଷ୍କର ଜାଗିରୀ ସୂତ୍ରରେ ପାଇଥିଲେ । ତାହାକୁ "ବକ୍‌ସିଦାର ଜାଗିରି" କୁହାଯାଉଥିଲା । ଯୁବରାଜ ବକ୍‌ସି ଜଗବଂଧୁ ଗଞ୍ଜାମ ଜିଲ୍ଲାର ଶେରଗଡ ରାଜକୁମାରୀଙ୍କୁ ବିବାହ କରିଥିଲେ । ଏହି ରାଜବଂଶ ସହିତ ଭଞ୍ଜନଗର ତରେଣୀ ରାଜନୀ ଗୋସ୍ୱାମୀ ବୈବାହିକ ସମ୍ବନ୍ଧ ଥିଲା ।

୧୮୦୩ ମସିହାରେ ଇଂରେଜ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଅଧିକାର କଲେ । ୧୮୦୩ ମସିହା ପୂର୍ବରୁ ଓଡ଼ିଶାରେ ମରହଟ୍ଟା ଶାସନ ଓ ସେମାନଙ୍କର ଅନ୍ୟାୟ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଓଡ଼ିଶାର ଗଜପତି ମୁକୁନ୍ଦ ଦେବ, ଶ୍ରୀ ଜଗନ୍ନାଥ ସେବକ ସଂପ୍ରଦାୟ ରୋଡଙ୍ଗ ରାଜା ବକ୍‌ସି ଜଗବନ୍ଧୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବ୍ରିଟିଶ୍ ଶାସନକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସଙ୍ଗେ ସଙ୍ଗେ ଉକ୍ତ ନୂତନ ରାଜତ୍ୱକୁ ସ୍ୱୀକାର କରିଥିଲେ । ଇଷ୍ଟ ଇଣ୍ଡିଆ କମ୍ପାନୀ ସରକାର ୧୮୦୩ ମସିହାରେ ଓଡ଼ିଶାରେ ସର୍ବ ପ୍ରଥମ ଜମିଜମା ବନ୍ଦୋବସ୍ତର ଆୟୋଜନ କରିବା ବେଳେ ବକ୍‌ସି ଜଗବନ୍ଧୁଙ୍କ ସହିତ କମ୍ପାନୀ ସେନାପତି କର୍ଣ୍ଣେଲ୍ ହାରକୋର୍ଟ୍

ଏକବର୍ଷ ପାଇଁ ରୋଡଙ୍ଗ କିଲ୍ଲାର ବନ୍ଦୋବସ୍ତ କରି ଥିଲେ । ୧୮୦୪ ମସିହାରେ ପୁନର୍ବାର ୩ ବର୍ଷ ପାଇଁ କଲେକ୍ଟର ଇଂଏକ୍ଙ୍କ ବନ୍ଦୋବସ୍ତ ଅନୁସାରେ ବକ୍ସିଙ୍କୁ ପଟ୍ଟା ଦିଆଯାଇଥିଲା । ସେଗୁଡ଼ିକ ହେଲା- କିଲ୍ଲା ରୋଡଙ୍ଗ, ରାହାଙ୍ଗ, ଚବିଶକୁଦ, ଲେମ୍ବେଇ ଓ ସିରେଇ ।

**୪-ସର୍ବହରା ଜଗବନ୍ଧୁ:**

ବିଶାଳ ଖୋର୍ଦ୍ଧାର ଅଧିକାରୀ ଓ ଅଟଳାଚଳ ସଂପତ୍ତିର ଅଧିକାରୀ ବକ୍ସି ଜଗବନ୍ଧୁ ଜାଲକାରୀ କୁଚକ୍ରୀ କୃଷ୍ଣଚନ୍ଦ୍ର ସିଂହଙ୍କ ଚକ୍ରାନ୍ତ ଯୋଗୁଁ ହେଲେ ସର୍ବହରା । କୃଷ୍ଣଚନ୍ଦ୍ର ସିଂହ ଅଣ ଓଡ଼ିଆ ଥିଲେ । ତାଙ୍କର ଘର ବଙ୍ଗଦେଶରେ । ତାଙ୍କର ପିତା କାଶିର ଜମିଦାର । କାଶି ବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ଅବସ୍ଥିତ । କୃଷ୍ଣଚନ୍ଦ୍ରଙ୍କର ଜେଜେ ଗଙ୍ଗା ଗୋବିନ୍ଦ ସିଂହ, ଭାରତର ବଡ଼ଲାଟ୍ ୱାରେନ୍ ହେଷ୍ଟିଂସଙ୍କର ଦେୱାନ୍ ଥିଲେ । ପିତାଙ୍କ ସହ କଳହ କରି କାଶିରୁ ପଳାଇ ଆସି ବର୍ଦ୍ଧମାନରେ ସିରସାବାର ଥିଲେ ଓ ତା'ପରେ ଆସି ଓଡ଼ିଶାରେ ରହିଲେ । କୃଷ୍ଣଚନ୍ଦ୍ର ଲାଲବାବୁ ନାମରେ ପରିଚିତ । ।୧୩। କୃଷ୍ଣଚନ୍ଦ୍ର ବର୍ଦ୍ଧମାନ ଜିଲ୍ଲାସ୍ଥ ପାଇକପଡ଼ାର ଜଣେ କାୟସ୍ଥ ଥିଲେ ।

ଇଂଏବ୍ ସାହେବ୍ କଲେକ୍ଟର ଥିଲା ବେଳେ ସେ ଦେୱାନ୍ ଥିଲେ । କୃଷ୍ଣଚନ୍ଦ୍ର ୧୮୦୫ରେ ଚାକିରୀ ଛାଡ଼ିଦେଲେ । ତାଙ୍କର ସାନ ଭାଇ ଗୌରହରି ସିଂହ । ସେ ପୁରୀ ଖାସମାହାଲର ସରକାରୀ ତହସିଲଦାର ଥିଲେ । ତହସିଲଦାର ଗୌରହରି ସିଂହ ରାହାଙ୍ଗ, ରୋଡଙ୍ଗ ଓ ଅନ୍ୟାନ୍ୟ ଖାସ୍ ଅଞ୍ଚଳରୁ ଖଜଣା ଆଦାୟ କରୁଥିଲେ । କୃଷ୍ଣଚନ୍ଦ୍ର କୁପରାମର୍ଶରେ ଭାଇ ଗୌରହରି ସିଂ ଯାହା ଖଜଣା ଦେଲା, ରାହାଙ୍ଗ ଓଗେର୍ ଅସୁଲ ଲେଖିଥିଲେ । ସେହି ରାହାଙ୍ଗ ଓଗେରକୁ କୃଷ୍ଣଚନ୍ଦ୍ରଙ୍କର ଆତ୍ମୀୟ ଲକ୍ଷ୍ମୀ ନାରାୟଣଙ୍କୁ ଖଜଣା ଆଦାୟ କରିବା ପାଇଁ ପଟ୍ଟା ଦିଆଗଲା । ବାସ୍ତବରେ ପଟ୍ଟାଦାର ଥିଲେ କୃଷ୍ଣ ସିଂହ । ଏହି 'ନବ ଗଠିତ' ରାହାଙ୍ଗ ଓଗେରକୁ କୃଷ୍ଣ ସିଂହ କିଣିନେଲେ । ଏହି କଥା ଐତିହାସିକ ଟୟେନବି ନିମ୍ନପ୍ରକାରେ ବର୍ଣ୍ଣନା କରିଛନ୍ତି:-

The Juma of Roranga was added to that of Rahanga and under the artfull and significant description "Oghaira" kill Roranga and some other Mahalas were formally included in pargana Rahana."

କୃଷ୍ଣ ସିଂହ 'ରାହାଙ୍ଗ ପ୍ରଗଣା'କୁ କିଣି ନେଇ ଦଖଲ କରିବା ପାଇଁ ଚେଷ୍ଟା କଲା ବେଳେ ବକ୍ସି କୃଷ୍ଣ ସିଂହଙ୍କର ଚକ୍ରାନ୍ତ ଜାଣିଲା ବେଳକୁ ନେଡ଼ି ଗୁଡ କହୁଣୀକୁ ବୋହି ଯାଇଥିଲା । ବକ୍ସି ପ୍ରତିବାଦ କଲେ ଯେ ରୋଡଙ୍ଗ ରାହାଙ୍ଗ ପ୍ରଗଣା ଅନ୍ତର୍ଭୁକ୍ତ ନୁହେଁ । ବକ୍ସିଙ୍କର ପ୍ରବଳ ବାଧା ଯୋଗୁଁ କୃଷ୍ଣ ସିଂହ ରୋଡଙ୍ଗ ଦଖଲ କରିପାରିଲେ ନାହିଁ ।

ସେତେବେଳେ ଫୁଲର୍ ସାହେବ କମିଶନର ଥିଲେ । ଉଭୟେ କମିଶନରଙ୍କୁ ଆପତ୍ତି ଦରଖାସ୍ତ କଲେ । ବକ୍ସି ରୋଡଙ୍ଗ କିଲ୍ଲା ପାଇଁ ଯେଉଁ ପଟ୍ଟା ସରକାରଙ୍କଠାରୁ ପାଇଥିଲେ, ତା'ର ମିଆଦ ପୂରି ନଥିଲା । ତେଣୁ ବାକି ସମୟ ପାଇଁ ରୟତଙ୍କୁ କମି ଲଗାଇଦେଲେ । ୧୮୧୩ ମସିହାରେ କୃଷ୍ଣ ସିଂହ ରୋଡଙ୍ଗ ଦଖଲ କରି ନପାରି ଫେରିଗଲେ । ବକ୍ସିଙ୍କ ଦରଖାସ୍ତ ସରକାର ତଦନ୍ତ କରି ନିଷ୍ପତ୍ତି କଲେ ଯେ ରାହାଙ୍ଗ ଅଞ୍ଚଳରେ ରୋଡଙ୍ଗ ମିଶାଇବା ଠିକ୍ ହୋଇନାହିଁ । ଏହାକୁ ଚଞ୍ଚଳ ଭାବେ କରାଯାଇଛି । ତେଣୁ ରୋଡଙ୍ଗକୁ ରାହାଙ୍ଗରୁ ଅଲଗା କରାଯାଉ । କୃଷ୍ଣ ସିଂହଙ୍କର ଆପତ୍ତି ଓ ଅଭିଯୋଗ ଯୋଗୁଁ ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । କୃଷ୍ଣ ସିଂହ ଦର୍ଶାଇଲେ ଯେ ରୋଡଙ୍ଗ ଉପରେ ବକ୍ସି ବଂଶର ଅଧିକାର ନାହିଁ । ସରକାର ମତ ଦେଲେ ଯେ ବକ୍ସିଙ୍କର ଅଧିକାର ଅଛି କି ନାହିଁ, ତାହା ଉପଯୁକ୍ତ ଭାବରେ ଅଦାଲତରେ ସାବ୍ୟସ୍ତ କରନ୍ତୁ ।

ବକ୍ସିଙ୍କର ବିପତ୍ତି ମାଡ଼ି ଆସିଲା । ଘର ଭିଙ୍କି କୁଆଁର ହେଲା । ଭାଇ ପୃଥ୍ୱୀ ଗଦାଧରଙ୍କର ଉଆସରେ ଭାଗିରୀ ପାଇଁ ବିବାଦ । ବକ୍ସିଙ୍କର ଅବସ୍ଥା ଶୋଚନୀୟ । ମାତ୍ର ୨/୩ ବର୍ଷ ଭିତରେ ବକ୍ସି ସର୍ବସ୍ୱାନ୍ତ ହୋଇ ପଡ଼ିଲେ । ଟଙ୍କା ସଂଗ୍ରହ କରି କେତେ ଦିନ ମକଦ୍ଦମା ଚଳାଇବେ । ମକଦ୍ଦମା ତାଙ୍କ ପକ୍ଷରେ ଅସମ୍ମାନ ଜନକ ବୋଲି ସେ ଅନୁଭବ କଲେ । ସେ ୧୮୦୫ରୁ ୧୮୧୭ ମସିହା ପର୍ଯ୍ୟନ୍ତ କୋର୍ଟ କଚେରୀକୁ ଦୌଡ଼ି ଦୌଡ଼ି ସର୍ବସ୍ୱାନ୍ତ ହେଲେ । ଇଂରେଜ୍ ସରକାରଙ୍କ ଉପରୁ ତାଙ୍କର ଆସ୍ଥା ତୁଟିଗଲା । ସେ ବ୍ୟକ୍ତିଗତ ଭାବେ ହୃଦୟଙ୍ଗମ କଲେ, ଦେଶରୁ ଇଂରେଜ ଶାସନ ଲୋପ ନପାଇଲେ, ନ୍ୟାୟ ପ୍ରତିଷ୍ଠା ସମ୍ଭବ ନୁହେଁ । ତାଙ୍କର ଇଂରେଜ ସରକାରଙ୍କ ପ୍ରତି ଘୃଣା ଜାତ ହେଲା । ତାଙ୍କ ହୃଦୟରେ ଇଂରେଜ ବିରୋଧରେ ବିଦ୍ରୋହାଗ୍ନି ଜଳି ଉଠିଲା । ସେ ହେଲେ ଅସହଯୋଗୀ ଜଗବନ୍ଧୁ ।

ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ମହାରଥୀ ଓ ପାଇକ ବିଦ୍ରୋହର ସୂତ୍ରଧର ଜଗବନ୍ଧୁ :-

ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରଭାତି ତାରକା (Rising star) ତଥା ଖୋର୍ଦ୍ଧା ପାଇକ ବିଦ୍ରୋହର ଅଗ୍ରସାରଥୀ ମହାରଥୀ ବିପ୍ଳବୀ ଜଗବନ୍ଧୁଙ୍କର ଜାତୀୟ ସଂହତି ଓ ବ୍ୟକ୍ତିତ୍ୱର ପରାକାଷ୍ଠାର ପଟାନ୍ତର ନାହିଁ । ଐତିହାସିକ ପ୍ରଫେସର ଆର୍.ଡି. ବାନାର୍ଜୀଙ୍କ ଭାଷାରେ:-

"He served a noble purpose as his rising opened eyes of the British Master of Orissa to some extent. In any other Country, except India Jagabandhu Vidyadhar would have been regarded as a National hero and a benefactor of his own people, because by rising in rebellion and sacrificing his own self, he saved the nobility of Orissa from total extinction at the hands of the Bengal adventures and the common people from longer oppression."

ସର୍ବଭାରତୀୟ ସ୍ତରରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ ମସିହାରେ ସର୍ବପ୍ରଥମ ପାଇକ ବିଦ୍ରୋହ ବା ଗଣ ଆନ୍ଦୋଳନ

ଇଂରେଜ ଶକ୍ତି ବିରୋଧରେ ସଂଗ୍ରାମ କରିଥିଲେ । ୧୮୦୪ରେ ଖୋରଧା ରାଜା ବିଦ୍ରୋହ ଏବଂ ୧୮୦୫ରେ ବିପ୍ଳବୀ ଜୟୀ ରାଜଗୁରୁଙ୍କୁ ବଙ୍ଗଳାର ମେଦିନୀପୁର ଜିଲ୍ଲାରେ ଫାଶୀ ଦିଆଯାଇଥିଲା । ଠିକ୍ ତା'ର ୧୩ ବର୍ଷ ପରେ ଇଂରେଜମାନଙ୍କ ବିରୋଧରେ ୧୮୧୭ ମସିହାରେ ବକ୍ସିଙ୍କ ନେତୃତ୍ୱରେ ଇତିହାସ ପ୍ରସିଦ୍ଧ ପାଇକ ବିଦ୍ରୋହ ହୋଇଥିଲା । ପାଇକ ଏହା ଏକ ଅପଭ୍ରଂଶ ଶବ୍ଦ ଓ ଏହା ସଂସ୍କୃତ ଶବ୍ଦ ପଦାତିକରୁ ଆନୀତ । ପାଇକମାନେ ତିନିଶ୍ରେଣୀରେ ବିଭକ୍ତ ଯଥା- (୧) ପହରା, (୨) ବଣୁଆଁ, (୩) ଢେଙ୍କିଆ । ସେହିପରି ଦୁର୍ଗ ମଧ୍ୟ ତିନି ପ୍ରକାରର ଥିଲା । (୧) ବନଦୁର୍ଗ, (୨) ବାରିଦୁର୍ଗ, (୩) ଗିରିଦୁର୍ଗ । ପାଇକମାନେ ସାତ ପ୍ରକାର ଅଳଙ୍କାର ପିନ୍ଧୁଥିଲେ । ଯଥା - ୧-ଗର୍ଣ୍ଣିମାଳ, ୨-ତୋଡା, ୩-ବାଘଦତି, ୪-ବଳା, ୫-ଗୁପଚନ୍ଦ୍ର, ୬-ଘାଗୁଡ଼ି, ୭-ଖୋବା । ଆହୁରି ମଧ୍ୟ ପାଇକମାନେ ୧୬ ପ୍ରକାର ଅସ୍ତ୍ର ବ୍ୟବହାର କରୁଥିଲେ । ୧-ନଳୀ, ୨-ପୁଁଚା, ୩-ବାରୁଦ କୁମ୍ପା, ୪-ଢୁଲକଡା, ୫-ଶରଢିଆ ନଳୀ, ୬-ଓଲଟ ଧାରଖଣ୍ଡା, ୭-ହସ୍ତଭରା ଖଣ୍ଡା, ୮-ଖପର, ୯-ଢାଲ, ୧୦-କାଣ୍ଡ, ୧୧-କଟାରୀ, ୧୨-ବାଙ୍କଛୁରୀ, ୧୩-କଟିତାଲ, ୧୪-ଭାଡିମାଳ, ୧୫-ଗୁଲ୍ଲି, ୧୬. ଧନୁ ଓ ପାଇକମାନେ ଯୁଦ୍ଧ ସମୟରେ ବିଷାକ୍ତ ଶର, ନଳୀଗୁଳି ବ୍ୟବହାର କରୁଥିଲେ । ସମର କ୍ଷେତ୍ରରେ ସେନା ବାହିନୀରେ ଉତ୍ତେଜନା ସୃଷ୍ଟି କରିବା ପାଇଁ ସମର ସଙ୍ଗୀତ ସୃଷ୍ଟି ହୋଇଥିଲା । ସାମରିକ ପତାକା ବା ବାନା, ସାଧାରଣ ପତାକା ବା ବାନା ନୁହେଁ । ଏହା ଜାତୀୟ ଗୌରବ । ସେତେବେଳେ ଯୁଦ୍ଧରେ ଭିନ୍ନ ଭିନ୍ନ ପତାକା ଓ ଚିହ୍ନ ଶୋଭିତ ଦଣ୍ଡ ବ୍ୟବହୃତ ହେଉଥିଲା । ଯଥା- ଖଗା, ଭଦଣ୍ଡ, ଦୁବଣ୍ଡ, ସମଦଣ୍ଡ, ମୀନ, ପଗଡ଼ା, ଓଳମାଳ ଓ ଝୋଳା । ସାମରିକ ବାଦ୍ୟ - ଢୋଲ, ଟାସ୍କ, ଢଗା, ଖୁଟି, ଅଜଗର, କାଠିଆମାନଙ୍କ ଝାଞ୍ଜି, ତୁମ୍ବୁ, ଚମକ, କାହାଳୀ, ତୁରୀ, ଭେରୀ, ବିଣା ଓ ଫୁଙ୍କା ବାଦ୍ୟ ବାଜି ଉଠୁଥିଲା । ମନୋରଞ୍ଜନ କରିବା ପାଇଁ କାଠିଆମାନେ ନାନା ପ୍ରକାର ମନ ଭୁଲାଣିଆ କଥା ଓ ମନୋହାରିଣୀ ଗୀତମାନ ବୋଲୁଥିଲେ । ହାସ୍ୟରସ ପାଇଁ ଭୁଆସିଆମାନେ କୌତୁକ କରୁଥିଲେ । ମଲ୍ଲକାରମାନେ ନାଚୁଥିଲେ । ସାମରିକ ବାହିନୀର ମୁଖ୍ୟ ଥିଲେ, ଯଥା- ୧-ବାହିନୀପତି, ୨-ପାଇକରାୟ, ୩-ସେନାପତି, ୪-ଦଳବେହେରା ଇତ୍ୟାଦି । ସାମରିକ ଉପାଧି ବକ୍ସି, ବିଦ୍ୟାଧର, ମଙ୍ଗରାଜ, ପାଇକରାୟ, ଚମ୍ପତିରାୟ, ଦଳବେହେରା, ଦଳେଇ ସାହାବସିଂହ, ଦଣ୍ଡପାହାତ, କନକ ସିଂହ ପଟ୍ଟନାୟକ ଭୋଇମତ୍ର ଇତ୍ୟାଦି ।

ଖୋରଧା ରାଜା ଗଜପତି ମୁକୁନ୍ଦ ଦେବ ଇଂରେଜ୍ ସରକାରଙ୍କ ବିରୋଧରେ ବିଦ୍ରୋହ କଲେ ।

**ଖୋରଧା ରାଜବଂଶ:**

୧- ଗଜପତି ରାମଚନ୍ଦ୍ର ଦେବ (ପ୍ରଥମ- ୧୫୬୮ - ୧୬୦୬) ଏହି ବଂଶର ପ୍ରତିଷ୍ଠାତା ଥିଲେ । ପାଇକ ବିଦ୍ରୋହ ସମୟରେ ଖୋରଧାରେ ରାଜା ଥିଲେ ଗଜପତି ।

୨- ମୁକୁନ୍ଦ ଦେବ (୧୭୯୫-୧୮୧୭)

୩- ଗଜପତି ରାମଚନ୍ଦ୍ର ଦେବ (୩ୟ ୧୮୧୭) - ୧୮୫୬

ଉତ୍କଳର ସେନାପତି ବଂଶର ଶେଷ ବ୍ୟକ୍ତି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ ମସିହାରେ ପାଇକ ବିଦ୍ରୋହର ବହ୍ନି ଜଳି ଉଠିଥିଲା । ଖୋରଧାର ଲଢୁଆ ପାଇକମାନେ ୧୫୬୮ ମସିହାଠାରୁ ୧୮୧୭ ମସିହା ପର୍ଯ୍ୟନ୍ତ ମୁସଲମାନ, ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କର ଅନ୍ୟାୟ ଅତ୍ୟାଚାରର ଯୁଗ ଯୁଗ ଧରି ଶିକାର ହୋଇଥିବାରୁ ତା'ର ପ୍ରତିବାଦ ସ୍ୱରୂପ ବକ୍ସିଙ୍କ ନେତୃତ୍ୱକୁ ବିନା ଦ୍ୱିଧାରେ ଗ୍ରହଣ କରି ନେଇଥିଲେ ।

"x x x x Baxi Jagabandu. He instigated some Garjat chiefs and Zamidars to fight for a common cause. He sent his emissarier even to Sambalpur and Nagapur to enlist the support of the Marahattas."22

୧୮୧୭ ମାର୍ଚ୍ଚ ମାସରେ ବାଣପୁର ଅଞ୍ଚଳରୁ ୪୦୦ କନ୍ଧ ମେଳ ହୋଇ ଆସି ଖୋରଧା ପାଇକମାନଙ୍କ ସହିତ ଯୋଗ ଦେଲେ । ପୂର୍ବରୁ ଖୋରଧାର ପାଇକମାନେ ମୁସଲମାନ, ମୋଗଲ ଓ ବର୍ଗୀ ଅତ୍ୟାଚାରର ବିଷମୟ ଫଳ ଭୋଗ କରି ଥିଲେ । ୧୮୦୩ରେ ଇଂରେଜ୍ ଶାସନର କୁଫଳ ଭୋଗ କରିବାକୁ ପଡ଼ିଥିଲା ।

ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନାରେ ହସ୍ତକ୍ଷେପ, ଗଜପତି ମୁକୁନ୍ଦଦେବଙ୍କୁ ରାଜ୍ୟଚ୍ୟୁତ, ଇଂରେଜ ମୁଦ୍ରା ପ୍ରଚଳନ, ଯାତ୍ରୀକର ଆଦାୟ, କୁଟୀର ଶିଳ୍ପ ଉପରେ କଟକଣା, ନିଷ୍କର ଜାଗିରି ଉପରେ କର ଧାର୍ଯ୍ୟ, ଖୋରଧାକୁ ଖାସ୍ ମହାଲରେ ପରିଣତ, ଲବଣ ଆଇନ ପ୍ରଚଳନ, ବଙ୍ଗାଳୀ କର୍ମଚାରୀମାନଙ୍କ ହୀନ ଚକ୍ରାନ୍ତ ଦୋକିମାଟି ମୂଲ୍ୟରେ ସୂର୍ଯ୍ୟାସ୍ତ ଆଇନ ବଳରେ ଜମିଦାରୀ ନିଲାମ, ପାଇକମାନଙ୍କର ମରଡମଣି ବକ୍ସିଙ୍କ ପ୍ରତି ଅବିଚାର, ଖୋର୍ଦ୍ଧାରେ ସାମରିକ ଆଇନ ଜାରି, ପୁରୀ, ପିପିଲି, ଲେମ୍ବାଇ ଓ କୋଠ ଦେଶରେ ସାମରିକ ଆଇନ ଜାରି, ନିର୍ମାଷ୍ଟି ନାମକ ଦାରୋଗାର ଅତ୍ୟାଚାର ଯୋଗୁଁ ସମସ୍ତେ ଅତ୍ୟାଚାରର ଶିକାର ହେଲେ ବାଧ୍ୟ ହୋଇ ବକ୍ସିଙ୍କ ନେତୃତ୍ୱରେ ବିଦ୍ରୋହ କରିବା ପାଇଁ ଆଗେଇ ଆସିଥିଲେ । ବକ୍ସିଙ୍କର ସହଯୋଗୀ ନେତାମାନେ ହେଲେ- ଗୋପାଳ ଛୋଟରାୟ, ପଦ୍ମନାଭ ଛୋଟରାୟ, ବିଷ୍ଣୁ ପାଇକରାୟ, ଆଣି ସିଂ, ନାଥ ପ୍ରଧାନ, ନରସିଂହ ପାଇକରାୟ, ପିଣ୍ଡିକି ବାହୁ ବଳୀନ୍ଦ୍ର, ପୀତବାସ ମଙ୍ଗରାଜ, ଭାସ୍କ ମାଖନସିଂହ ଦଳବେହେରା, ହରିରାଜପୁର ଦଳବେହେରା, ଜାମୁକୋଳି ଦଳବେହେରା । ସେ ଓ ନାୟକ ଓ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ଇତ୍ୟାଦି ଖୋର୍ଦ୍ଧା, ବାଣପୁର, ଲେମ୍ବାଇ ପାଇକମାନେ ଯୋଗ ଦେଲେ । ଖୋରଧାର ଦଳେଇ, ଦଳବେହେରା ଓ ପାଇକରାୟମାନେ ବିଦ୍ରୋହରେ ଯୋଗ ଦେଲେ । ପାଇକ ସଙ୍ଗଠନ ପାଇଁ ଦଳପତିମାନେ ବିଭିନ୍ନ ସ୍ଥାନକୁ ଗଲେ । ରୋରଙ୍ଗ ଥିଲା ବିଦ୍ରୋହ ଅଗ୍ନିର ପ୍ରଥମ କେନ୍ଦ୍ର । ବିଦ୍ରୋହୀମାନେ ବାଣପୁର ଥାନା ଖଜଣାଖାନା ଲୁଟିକରି ନିଆଁ ଲଗାଇ ଦେଲେ । ଚିଲିକା କୂଳରେ ଲୁଣାବେଙ୍କ ଦେତଉ

ସାହେବ୍ ପଳାୟନ କଲେ । ବାଟରେ ହଜାର ହଜାର ପାଇକ ଯୋଗ ଦେଲେ । ସରକାରୀ କର୍ମଚାରୀମାନେ ଜୀବନ ରକ୍ଷା କରିବା ପାଇଁ କଟକ ଆଡେ ଏବଂ ଅନ୍ୟତ୍ର ପଳାଇଲେ । ସରକାରୀ କର୍ମଚାରୀ ନିମକହାରାମ ଚରଣ ପଟ୍ଟନାୟକଙ୍କୁ ତାଂର ନିଜ ଗ୍ରାମ କୁଦିଆରୀରେ ପାଇକମାନେ ଘେରାଉ କରି ନିଆଁ ଲଗାଇ ନିଆଁରେ ଜୀବନ୍ତ ଦଗ୍ଧ କରାଇଥିଲେ ।

**ବକ୍ସି-ମୁକୁନ୍ଦ ଦେବ ଆଲୋଚନା:-**

ଜୟୀ ରାଜଗୁରୁଙ୍କ ଫାଶୀ ପରେ ଇଂରେଜ ସରକାର ମୁକୁନ୍ଦ ଦେବଙ୍କୁ ବନ୍ଦୀରୁ ମୁକ୍ତ କରି ଦେଇଥିଲେ । ବକ୍ସି ୧୮୧୭ରେ ପୁରୀ ପୁରୁଣା ନଅରଠାରେ ଗଜପତିଙ୍କୁ ସାକ୍ଷାତ କରି ବିଦ୍ରୋହରେ ଯୋଗ ଦେବା ପାଇଁ ରାଜାଙ୍କର ଅନିଚ୍ଛା ସତ୍ତ୍ୱେ ଅନୁରୋଧ କରିଥିଲେ । ବକ୍ସି ଜାଣି ଜାଣି ଲୋକମାନଙ୍କୁ ଉତ୍ତେଜିତ କରିବା ପାଇଁ ଇଂରେଜମାନଙ୍କ ବିରୋଧରେ ରାଜାଙ୍କ ନାମକୁ ଯୋଡିଥିଲେ । ଏହା ଦୂରଦର୍ଶୀ ବକ୍ସିଙ୍କର ନିଜସ୍ୱ ପରିକଳ୍ପନା ଓ ବିଜ୍ଞତାର ପରିଚାୟକ ବ୍ୟତୀତ ଆଉ କ'ଣ ହୋଇପାରେ ? ଗଜପତି ବାଧ୍ୟ ହୋଇ ବକ୍ସିଙ୍କ କଥାରୁ ବହିର୍ଭୂତ ହୋଇ ପାରିଲେ ନାହିଁ । ସରକାରୀ କଟକଣା ଅମାନ୍ୟ କରି ସପରିବାରେ ଖୋର୍ଦ୍ଧା ଆଗମନ ଏବଂ ପୁନର୍ବାର ସିଂହାସନ ଆରୋହଣ କରିବା ପାଇଁ ରାଜି ହେଲେ, ଦୀର୍ଘ ତିନିଦିନ ଆଲୋଚନା ପରେ । କିନ୍ତୁ ତାହା କାର୍ଯ୍ୟରେ ପରିଣତ ହୋଇ ପାରିଲା ନାହିଁ । ତାହାର କାରଣ ହେଉଛି ୧୮୧୭ ମସିହା ଅପ୍ରେଲ ୧୮ ତାରିଖରେ ଦେବୀନଦୀଠାରେ କ୍ୟାପ୍ଟେନ୍ ଫି ପାଟ୍ରେ ସହସ୍ରାଧିକ ପାଇକମାନଙ୍କ ଉପରେ ଆକ୍ରମଣ କରିବାରୁ ସେମାନେ ବିଚଳିତ ହୋଇ ପଡିଲେ । ଇଂରେଜ ସେନାପତି ୫୫୦ ସଶସ୍ତ୍ର ବାହିନୀ ଧରି ପୁରୀ ଆସୁଛନ୍ତି ବୋଲି ପ୍ରଚାରିତ ହେବା ଫଳରେ ବକ୍ସି ହତୋତ୍ସାହ ହୋଇ ପଡିଲେ ଏବଂ ହଠାତ୍ ପୁରୀ ତ୍ୟାଗ କରିବା ପାଇଁ ଠିକ୍ କଲେ । ଆତ୍ମରକ୍ଷା ପାଇଁ ଗଜପତି ନୂତନ ନୀତି ଧାରଣ କଲେ । ଏହା ଗଜପତିଙ୍କର ବିଶ୍ୱାସଘାତକତା ବ୍ୟତୀତ ଆଉ କ'ଣ ହୋଇପାରେ ? ରାଜାଙ୍କର ଅନ୍ୟଗତି ନଥିଲା । ସେହିବର୍ଷ ୧୮୧୭ ମସିହା ଜୁଲାଇ ୩ ତାରିଖରେ ମୁକୁନ୍ଦ ଦେବ ଓ ବକ୍ସି ବାଣପୁର ଆଡେ ଏବଂ କୃଷ୍ଣଚନ୍ଦ୍ର ଭ୍ରମରବର କଣାସ ଆଡେ ଲୁଚିବସି ପଳାଇଗଲେ । ଫବ୍ରେ ପୁରୀରେ ପହଞ୍ଚି ରାଜାଙ୍କୁ ନଜରବନ୍ଦୀ କଲେ । ଭାରତରେ ବଡଲାଟଙ୍କ ନିର୍ଦ୍ଦେଶ କ୍ରମେ ରାଜାଙ୍କୁ ବାରବାଟୀ ଦୁର୍ଗରେ ବନ୍ଦୀ କଲେ । ଏହି ବିଦ୍ରୋହ ସମସ୍ତ ପୁରୀ ଜିଲ୍ଲା, ନୟାଗଡ, ଦଶପଲ୍ଲା, ରଣପୁର, ଟବୀଦ ଘୁମୁସର ଓ ଆଠମଲ୍ଲିକ ଇତ୍ୟାଦି ଅଞ୍ଚଳରେ ବ୍ୟାପିଗଲା । ଗଞ୍ଜାମରେ ଶ୍ରୀକର ଭଞ୍ଜ ଓ ବକ୍ସି ମିଳିତ ହୋଇ ୨୦୦୦ ବର୍ଗ ମାଇଲ ଅଶାନ୍ତି ସୃଷ୍ଟି କରିଥିଲେ । ଘୁମୁସର ରାଜା ଗଞ୍ଜାମରେ ଇଂରେଜ ଶାସନ ପ୍ରତିଷ୍ଠିତ ହେବାଠାରୁ ବିରୋଧୀ ଥିଲେ । ଘୁମୁସର ରାଜା ମଧ୍ୟ ବକ୍ସି ବଂଶରେ ବୈବାହିକ ସମ୍ବନ୍ଧ ଥିବାରୁ ସାହାଯ୍ୟ କରିଥିଲେ । ଗଞ୍ଜାମର ଶେରଗଡ ବକ୍ସିଙ୍କର ଶ୍ୱଶୁର ଘର । ବକ୍ସି ଓ କୃଷ୍ଣଚନ୍ଦ୍ର ଭ୍ରମରବର ଉଭୟେ ଶେରଗଡ଼ରେ ଆଶ୍ରୟ ନେଲେ ।

**ମରହଟ୍ଟାମାନଙ୍କ ସହ ବକ୍ସିଙ୍କ ସମ୍ପର୍କ:**

ଇଂରେଜମାନଙ୍କୁ ଓଡ଼ିଶା ମୁଲକରୁ ତଡ଼ିବା ପାଇଁ ବକ୍ସି ମରହଟ୍ଟାମାନଙ୍କର ସାହାଯ୍ୟ ଲୋଡ଼ିଥିଲେ । ଏଥିପାଇଁ ସେ ରୂପ ସିଂହ ନାମକ ଜନୈକ ମରହଟ୍ଟାଙ୍କୁ ଦୂତ ରୂପେ ପଠାଇଥିଲେ । ବକ୍ସି ଘୁମୁସର ଦୁର୍ଗାପ୍ରସାଦ ଗଡ଼ରେ ଆତ୍ମଗୋପନ କରିବା ସମୟରେ ତାଙ୍କୁ ଘୁମୁସର ରାଜା ଶ୍ରୀକର ଭଞ୍ଜ ବହୁ ସାହାଯ୍ୟ କରିଥିଲେ । ଇଂରେଜ କୋପ ଦୃଷ୍ଟିରେ ପଡ଼ି ଊନବିଂଶ ଶତାବ୍ଦୀରେ ସେହି ଗୌରବ ଗରିମାମୟ ଭଞ୍ଜବଂଶ ସମୂଳେ ମୂଳୋତ୍ପାଟନ ହୋଇଥିଲା । ବକ୍ସିଙ୍କୁ ଧରି ଦେବାପାଇଁ ସରକାର ଘୁମୁସର ଗଞ୍ଜାମର ଦୋରା ବିଶୋଇ, ଶ୍ୟାମ ବିଶୋଇ ଏବଂ ଖୋଦ ରାଜାଙ୍କୁ ପ୍ରଲୋଭନ ଦେଖାଇଥିଲେ । କିନ୍ତୁ ବକ୍ସି ଘୁମୁସର ତ୍ୟାଗ କରି ନୟାଗଡ଼ ଓ ଦଶପଲ୍ଲା ଅଞ୍ଚଳରେ ଲୁଚି ରହିଥିବାର ସରକାର ଜାଣିପାରି ନୟାଗଡ଼ ରାଜାଙ୍କ ଉପରେ କୋପଦୃଷ୍ଟି ପକାଇଥିଲେ । ଶତ ଚେଷ୍ଟା କରି ମଧ ସରକାର ବକ୍ସିଙ୍କୁ ଧରି ପାରିଲେ ନାହିଁ । ତେଣୁ ଭାରତର ବଡ଼ଲାଟ୍ ବକ୍ସିଙ୍କ ପ୍ରତି କୋହଳ ନୀତି ଅବଲମ୍ବନ କରିବା ପାଇଁ କଟକ କମିଶନରଙ୍କ ମତ ଲୋଡ଼ିଥିଲେ । ବକ୍ସିଙ୍କ ପରିବାର ଗଞ୍ଜାମରୁ ଧରା ହୋଇ ଖୋର୍ଦ୍ଧା ମାଜିଷ୍ଟ୍ରେଟ୍ଙ୍କ ଦାୟିତ୍ୱରେ ରହିଲେ । ୧୮୨୦ ଜାନୁଆରୀ ମାସଠାରୁ ସମଗ୍ର କୁଟୁମ୍ବ ପାଇଁ ମାତ୍ର ୫୦ ଟଙ୍କା ମାସିକ ଭତ୍ତା ସରକାର ଦେଲେ । ବକ୍ସିଙ୍କ କୁଟୁମ୍ବଙ୍କୁ ଧରାଇ ଦେଇ ଫକୀର ପଟ୍ଟନାୟକ ଓ ତାଙ୍କ ସହକର୍ମୀମାନଙ୍କୁ ୨୦୦ ଟଙ୍କା ପୁରସ୍କାର ସରକାର ଦେଇଥିଲେ। ବକ୍ସିଙ୍କ ପରିବାର ଖୋର୍ଦ୍ଧାରୁ ୧୮୨୦ ମସିହା ମେ ମାସଠାରୁ ବାରବାଟୀ ଦୁର୍ଗରେ ବନ୍ଦୀ ହେଲେ । ସେମାନଙ୍କୁ ଉପଯୁକ୍ତ ମାନ ସମ୍ମାନ ଦେବା ପାଇଁ ବଡ଼ଲାଟ ଓଡ଼ିଆ ହାକିମମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯଥା:-

"iaht they might be breated with proper respect and delicasy adnd might not be subjected to any unnecessary hardship or depravation during the period in which it would be requisite to detain them in the fort of Barabati." ସରକାରଙ୍କର ସମସ୍ତ ଘୋଷଣା ଓ ଉଦ୍ୟମ ବ୍ୟର୍ଥ ହେଲା । ତେଣୁ ସରକାର ୧୮୨୩ ମସିହା ସେପ୍ଟେମ୍ବରରେ ଘୋଷଣା କଲେ ଯେ ବକ୍ସି ଓ ଦେୱାନ୍ କୃଷ୍ଣଚନ୍ଦ୍ର ଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି ହେଲା ଓ ସେମାନେ ବକ୍ସି ଓ ଦେୱାନ୍ ପଦବୀ ବ୍ୟବହାର କରିପାରିବେ ନାହିଁ ।

ବକ୍ସି ପୁରୀ ଓ ଗଞ୍ଜାମ ସୀମାନ୍ତରେ ରହୁଥିଲେ । ଗଡ଼ଜାତ ମାହାଲର ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସର ସିରସ୍ତାଦାର ସେଖ୍ ଖ୍ୱାବ୍ ମହମ୍ମଦ୍ ମଧ୍ୟସ୍ଥ ହୋଇ ଚିଠି ଧରି ବକ୍ସିଙ୍କ ପାଖରେ ପହଞ୍ଚିଲେ । ମହମ୍ମଦ୍ଙ୍କ ପରାମର୍ଶ ଅନୁଯାୟୀ ବକ୍ସି ତାଙ୍କ ସଙ୍ଗରେ ଆସି ୧୮୨୫ ମେ ମାସ ୨୭ ତାରିଖରେ କଟକ କମିଶନରଙ୍କ ପାଖରେ ଆତ୍ମସମର୍ପଣ

କଲେ । ଦେୱାନ୍ କୃଷ୍ଣଚନ୍ଦ୍ର ମଧ୍ୟ ଆତ୍ମ ସମର୍ପଣ କଲେ । ବକ୍ସିଙ୍କୁ ସପରିବାରେ କଟକରେ ରହିବା ପାଇଁ ସରକାର ବ୍ୟବସ୍ଥା କଲେ । ମାସିକ ୧୫୦ ଟଙ୍କା ଭତ୍ତା ପାଇ କଟକର ମହାନଦୀ କୂଳରେ ରହିଲେ । ସେହି ମହାନ୍ ଜାତୀୟ ବୀର, ଯେ କି ଗାନ୍ଧୀଙ୍କ ପୂର୍ବରୁ ଲବଣ ସତ୍ୟାଗ୍ରହ ଓ ଅସହଯୋଗର ଜନକ ତଥା ପ୍ରବର୍ତ୍ତକ ଥିଲେ, ସେହି ମହାନ୍ ଇତିହାସ ପୁରୁଷ ଶେଷରେ ନଜରବନ୍ଦୀରେ ରହି ୧୮୨୯ ମସିହା ଜାନୁୟାରୀ ୨୪ ତାରିଖ, ଶନିବାର ଦିନ ପ୍ରାଣତ୍ୟାଗ କରିଥିଲେ । ବକ୍ସିଙ୍କ ମୃତ୍ୟୁ ପରେ ତାଙ୍କର ନାବାଳକ ପୁତ୍ର ଗୋପିନାଥ ବିଦ୍ୟାଧରଙ୍କୁ ତାଙ୍କର ସମସ୍ତ ସଂପତ୍ତି ଫେରାଇ ଦେଇଥିଲେ । କଟକରେ ସେହିଠାରେ ରହୁଥିଲେ, ତା'ର ନାମ ଏବେ ବକ୍ସି ବଜାର ଓ ତାଙ୍କ ଗାଧୁଆ ପୋଖରୀର ନାମ ବକ୍ସି ପୋଖରୀ ଆଜି ମୂକସାକ୍ଷୀ ସ୍ୱରୂପ ସ୍ମୃତି ବହି ରହିଛି ।

ବକ୍ସିଙ୍କୁ ଧରାଇଦେବା ପାଇଁ ନିମ୍ନଲିଖିତ ବ୍ୟକ୍ତିମାନେ ସାହାଯ୍ୟ କରିଥିବାରୁ ସରକାର, ସେମାନଙ୍କୁ ପୁରସ୍କାର ଦେବା ପାଇଁ ଘୋଷଣା କରିଥିଲେ:-

୧.ନୟାଗଡ଼ର ରାଜା ଏକବର୍ଷର ଖଜଣା ଛାଡ଼ ପାଇଲେ ।

୨.ନୟାଗଡ଼ ରାଜାଙ୍କ ଦେୱାନ ବଉଳୁ ପାଇକରାୟ ୨୦୦୦ଟଙ୍କା ପୁରସ୍କାର ।

୩.ଓ୍ୱାବା ମହମ୍ମଦ ୧୦୦୦ଟଙ୍କା ପୁରସ୍କାର ।

ଐତିହାସିକ ଡ଼ଃ ମହତାବ ଏବଂ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଯଥାକ୍ରମେ ଓଡ଼ିଶା ଇତିହାସ ଓ ନାଟକରେ ବକ୍ସି ଜଗବନ୍ଧୁଙ୍କୁ ଗୁଳି କରି ସରକାର ହତ୍ୟା କରିଥିବା କଥା ଉଲ୍ଲେଖ କରାଯାଇଥିଲେ ମଧ୍ୟ ତାହା ଗ୍ରହଣ ଯୋଗ୍ୟ ନୁହେଁ । କାରଣ ବକ୍ସି ନଜରବନ୍ଦୀରେ ଥିଲେ ଏବଂ ୧୮୨୯ ରେ ତାଙ୍କର ସେହି ଦୀର୍ଘ ବିପ୍ଳବମୟ ଜୀବନର ଅବସାନ ଘଟିଥିଲା ।

"XXX the leader of the movement Baksi Jagabandhu vidyadhar was killed by the English."32

ଜାତୀୟ ବୀର ବକ୍ସିଙ୍କ ଆତ୍ମ ସମର୍ପଣ ପରେ ପରେ ତାଙ୍କର ସହଯୋଗୀ, ସହକର୍ମୀ ଭୁଇଁ ନେତାମାନେ ସଂଗ୍ରାମ ଚଳାଇ ଚରମ ଦୁଃଖ ନିର୍ଯ୍ୟାତନା ସହିଥିଲେ । ସେମାନଙ୍କର ସମସ୍ତ ସଂପତ୍ତି ବାଜ୍ୟାପ୍ତି ହୋଇଥିଲା । ଗୋପାଳ ଛୋଟରାୟ, ରାମ ସିଂହ, ନାଥ ପ୍ରଧାନ, ନରସିଂହ ପାଇକରାୟ ଧରାପଡ଼ି ମୃତ୍ୟୁଦଣ୍ଡ ପାଇଥିଲେ । ପିଣ୍ଡିକି ବାହୁବଳୀନ୍ଦ୍ର, ପଦ୍ମନାଭ ଛୋଟରାୟ ଓ ପୀତବାସ ମାଙ୍ଗରାଜଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଦିଆଯାଇଥିଲା ।

ପାଇକ ବିଦ୍ରୋହ ସମୟରେ ଯେଉଁ ଘରଡ଼ିଂକି ଲୁଣ୍ଠିତ ହୋଇଥିଲେ ଏବଂ ଅଗ୍ନିହୁରୀ ହୋଇ ଦଣ୍ଡି କାଟିଥିଲେ, ସରକାର ସେମାନଙ୍କୁ ଦେଶଦ୍ରୋହୀ ଘୋଷଣା କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଦେଶଦ୍ରୋହ ଓ ବିଶ୍ୱାସ ଘାତକ କାର୍ଯ୍ୟାବଳୀ ପାଇଁ ନିମକ ହାରାମ ଜାଗିର ପ୍ରଦାନ କରିଥିଲେ । ସେମାନେ ହେଲେ:

୧. ଚରଣ ପଟ୍ଟନାୟକ - କୁଦିଆରି (କଟଣୀ)
୨. ସନ୍ଥ ପଟ୍ଟନାୟକ - କରିପଡ଼ା (କାକୁଡ଼ପଡ଼ା ଘାଟ)
୩. ସୁଦର୍ଶନ ନରେନ୍ଦ୍ର ସିଂହ - ଚଂପାଗଡ଼ (ଖୋରଧା)
୪. ଧ୍ରୁବ ଜୟ ହରିଚନ୍ଦନ - ମଳିପଡ଼ା (ଅଠାରୁଆ, କଟକ)
୫. ପଟ୍ଟନାୟକ - ଓଡ଼ସିଂହ (ଖୋରଧା)
୬. ଫତେ ମହମ୍ମଦ ଖାଁ - ମାଲୁଦ୍ (ଚିଲିକା)
୭. ଓ୍ୱାବା ମହମ୍ମଦ - ନୟାଗଡ଼ (ଫତେ ମହମ୍ମଦଙ୍କ କୁଟୁମ୍ବ)
୮. ପଦ୍ମ ଚରଣ ରାଉତରାୟ - ବଳରାମ ପୁର (ପିପିଲି)
୯. ରଣପୁର, ନୟାଗଡ଼, ଦଶପଲ୍ଲା ଓ ଦରଦ ରାଜବଂଶ
୧୦. ହରିପୁର, ମରିଚପୁର, ଝଂକଡ଼ ଜମିଦାର (କଟକ)

ସେହି ଜାତୀୟ ମହାନ୍ ବୀର ସ୍ୱାଧୀନତା ଆନ୍ଦୋଳନର ମହାରଥୀଙ୍କ ନାମରେ ସରକାର ବି.ଜେ.ବି. କଲେଜ ଓ ବି.ଜେ.ବି. ନଗର ପ୍ରତିଷ୍ଠା କରିଛନ୍ତି । କିନ୍ତୁ ତାଙ୍କର ଜନ୍ମସ୍ଥାନ ରୋଡ଼ଂଗ ଗଡ଼ ଆଜି ପତିତ ଅବସ୍ଥାରେ ରହିଛି । ତେଣୁ ସେହି ପବିତ୍ର ଜନ୍ମସ୍ଥାନକୁ ବୀର ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର ଓ ଭବିଷ୍ୟତ ପ୍ରେରଣାର ଉତ୍ସ ସ୍ଥଳୀ ଗ୍ରହଣ କରାଗଲେ ଏବଂ ତାଙ୍କୁ ଏକ ଜାତୀୟ ପ୍ରତିଷ୍ଠାନ ରୂପେ ଗ୍ରହଣ କଲେ, ଆମେ ବକ୍ସିଙ୍କୁ ଉପଯୁକ୍ତ ସମ୍ମାନ ଦେଇପାରିବୁ । ବର୍ତ୍ତମାନ ସମାଜ ଉଚ୍ଛୃଙ୍ଖଳ, ଯୁବ ସମାଜ ପଥଭ୍ରଷ୍ଟ, ନେତୃତ୍ୱର ଅଭାବ, ସ୍ୱାର୍ଥ ଓ ବ୍ୟକ୍ତିବାଦର ଛାୟା ବିସ୍ତାର, ଦେଶପାଣିକୁ ନିଜ ପାଣିରେ ମିଶାଇ ଦେବାକୁ ଅକୁଣ୍ଠ - ଏହିପରି ଏକ ନ୍ୟସ୍ତସ୍ୱାର୍ଥୀ ସମାଜକୁ ବର୍ତ୍ତମାନ ଉଦ୍ଧାର କରି ଏକ ଜନ ମଙ୍ଗଳ ଓ ସମାଜ କଲ୍ୟାଣ ରାସ୍ତା କରିବାକୁ ହେଲେ, ବର୍ତ୍ତମାନ ଯୁବ ସମାଜ ବକ୍ସିଙ୍କ ପରି ନିର୍ଭୀକ ଓ ନିଃସ୍ୱାର୍ଥପର ହେଲେ, ଏ ଦେଶ ଧ୍ୱଂସମୁଖରୁ ରକ୍ଷା ପାଇପାରିବ । ସେହି ଆଜୀବନ ସଂଗ୍ରାମୀ ବକ୍ସି ଜଗବନ୍ଧୁ କେବଳ ଓଡ଼ିଆ ଜାତିର ନମସ୍ୟ ନୁହନ୍ତି, ସେ ସମଗ୍ର ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ରଣ ଆନ୍ଦୋଳନର ମହାରଥୀ, ସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହର ପଥ ପ୍ରଦର୍ଶକଙ୍କୁ ଲେଖକ ସମଗ୍ର ଜାତି ଓ ଦେଶ ପକ୍ଷରୁ ବିନମ୍ର ପ୍ରଣତି ଜଣାଉଛି ସଙ୍ଗେ ସଙ୍ଗେ ଉତ୍କଳ ତଥା ଭାରତର ଜ୍ଞାନୀ, ଗୁଣୀ, ଗବେଷକ ଓ ଐତିହାସିକମାନଙ୍କୁ ଆହ୍ୱାନ ଓ ସ୍ୱାଗତ ଜଣାଉଛି । ସେମାନେ ବକ୍ସିଙ୍କ ଉପରେ ଅଧିକ ଗବେଷଣା କରି ନୂତନ ତଥ୍ୟ ଓ ସେହି ମହାନ୍ ଜାତୀୟ ବୀରଙ୍କର ଦର୍ଶନ ଉପରେ ଆଲୋକପାତ କରନ୍ତୁ । ଜୟହିନ୍ଦ୍ ।

ଅଧ୍ୟକ୍ଷ
ପିପିଲି ମହାବିଦ୍ୟାଳୟ



# ଅମର ଶହୀଦ୍- ଜୟୀରାଜଗୁରୁ

ଶ୍ରୀମାନ୍ ସୌଭାଗ୍ୟ ମିଶ୍ର

ବୀର ପ୍ରସବିନୀ ଭାରତ ଜନନୀର ଯେଉଁ କେତେ ଜଣ ସୁଯୋଗ୍ୟ ସନ୍ତାନ ଦେଶ ମାତୃକାର ସ୍ୱାଭିମାନ ରକ୍ଷା କରିବାକୁ ଯାଇ ଆତ୍ମବଳୀ ଦେଇଥିଲେ, ସେମାନଙ୍କ ମଧ୍ୟରେ ଜୟୀ ରାଜଗୁରୁ ଅନନ୍ୟ ସାଧାରଣ । ଏହି ବୀର ତ୍ୟାଗୀ, ସ୍ୱାଭିମାନୀ, ଦେଶଭକ୍ତଙ୍କର ଚରିତ୍ର ଓ ବିଦ୍ୱତାର ଆଲେଖ୍ୟ ଏବେ ମଧ୍ୟ ଖୋରଧା ମାଟିର ପାଇକ ପୁଅ ମନକୁ ଉଦ୍‌ବେଳିତ କରିଥାଏ । ନିଃସ୍ୱାର୍ଥପର ଭାବରେ ଜନ୍ମଭୂମିର ସୁରକ୍ଷା ଓ ଅଗଣିତ ଜନତାଙ୍କୁ ବ୍ରିଟିଶ ସାମ୍ରାଜ୍ୟବାଦୀ ଶକ୍ତିର ଶୋଷଣ, ଲୁଣ୍ଠନ ଓ ଅକଥନୀୟ ଅତ୍ୟାଚାରରୁ ରକ୍ଷା କରିବା ଥିଲା ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ।

୧୭୩୯ ଖ୍ରୀଷ୍ଟାବ୍ଦ ଅଁଳା ନବମୀ କେବଳ ଖୋର୍ଦ୍ଧା ବା ଓଡ଼ିଶାର ନୁହେଁ, ସମଗ୍ର ଭାରତବର୍ଷର ଇତିହାସ ପୃଷ୍ଠାରେ ଚିରଦିନ ସ୍ମରଣୀୟ ହୋଇ ରହିବ । ଏହି ପବିତ୍ର ଦିବସରେ ଏକ ସମ୍ଭ୍ରାନ୍ତ କୁଳୀନ ବ୍ରାହ୍ମଣ ପରିବାରରେ ଜୟକୃଷ୍ଣ ରାଜଗୁରୁ ମହାପାତ୍ର ଜନ୍ମଗ୍ରହଣ କରିଥିଲେ, ପୁରୀ ନିକଟବର୍ତ୍ତୀ ହରେକୃଷ୍ଣପୁର ଶାସନରେ । ତାଙ୍କର ପିତାଙ୍କ ନାମ 'ଚାନ୍ଦ ରାଜଗୁରୁ' ଓ ମାତାଙ୍କ ନାମ ହରମଣି ଦେବୀ । ଜୟୀ ରାଜଗୁରୁ ଏକାଧାରରେ ଥିଲେ ସଂସ୍କୃତଜ୍ଞ ପଣ୍ଡିତ, ଧୁରନ୍ଧର ରାଜନୀତିଜ୍ଞ, ଜଣେ ଯୁଦ୍ଧବିଦ୍ୟା ବିଶାରଦ । ସର୍ବୋପରି ମା ବଗୁଳେଇଙ୍କର ପରମ ଭକ୍ତ । ୧୭୮୧ ମସିହାରେ ଜୟୀ ରାଜଗୁରୁ ଦିବ୍ୟସିଂହ ଦେବଙ୍କର ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କଲେ । ଦିବ୍ୟସିଂହ ଦେବଙ୍କ ପରେ ତାଙ୍କର ପୁତ୍ର ମୁକୁନ୍ଦଦେବ ସିଂହାସନ ଆରୋହଣ କରିବାରେ ତାଙ୍କର ମଧ୍ୟ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କଲେ । ମୁକୁନ୍ଦଦେବ ନାବାଳକ ଥିବାରୁ ଜୟୀ ରାଜଗୁରୁ ତାଙ୍କର ଅଭିଭାବକ ରୂପେ ନିଯୁକ୍ତି ପାଇ ଶେଷ ଜୀବନ ପର୍ଯ୍ୟନ୍ତ ମୁକୁନ୍ଦ ଦେବଙ୍କୁ ରକ୍ଷା କରିଥିଲେ । ସେ ଜଣେ ପରମ ଦେଶଭକ୍ତ ଓ ରାଜଭକ୍ତ ଥିଲେ । ରାଜା ନାବାଳକ ଥିବାରୁ ତାଙ୍କୁ ରାଜ୍ୟ ଶାସନର ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିବାକୁ ପଡ଼ିଲା । ତତ୍ପରତା କରି ଇଂରେଜମାନେ ଖୋର୍ଦ୍ଧା ରାଜାଙ୍କ ସହିତ ସନ୍ଧି ସ୍ଥାପନ କଲେ । ଐତିହାସିକ ଖୋର୍ଦ୍ଧାକୁ ଯେନତେନ କୌଶଳେ ନିଜର ଶାସନାଧୀନ କରିବାକୁ ଇଂରେଜମାନେ ଶତ ଚେଷ୍ଟା କରିଥିଲେ । ମାତ୍ର ବିଜ୍ଞ ଜୟୀ ରାଜଗୁରୁଙ୍କ ନିକଟରେ ଇଂରେଜମାନଙ୍କର ସମସ୍ତ କୂଟନୀତି ବିଫଳ ହୋଇଥିଲା ।

ଓଡ଼ିଶା, ବିଭିନ୍ନ ସମୟରେ ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କ ଦ୍ୱାରା ଶାସିତ ହୋଇ ଅବହେଳିତ ଓ ଅବଦମିତ ହୋଇ ରହିଥିଲା । ଦେବଗ୍ରାମ ସନ୍ଧିରେ ଇଂରେଜମାନେ ୧୮୦୩ ସାଲ୍ ଡିସେମ୍ବର ୧୭ ତାରିଖରେ ମରହଟ୍ଟା ମାନଙ୍କଠାରୁ ଓଡ଼ିଶାକୁ ନିଜ ଅଧୀନକୁ ଆଣିଲେ । ବଣିକ ଇଂରେଜ ଜାତି ନିଜର କୂଟନୀତି ପ୍ରୟୋଗ କରି ସାରା ଭାରତ ଆକାଶରେ ତଥା ଓଡ଼ିଶାରେ ନିଜର କରାଳ ଛାୟା ବିସ୍ତାର କରିବାକୁ ଲାଗିଲେ । ସାରା ଭାରତ ଜୟ କରିସାରିବା ପରେ ସର୍ବଶେଷରେ ଜୟ କରିଥିଲେ ଓଡ଼ିଶା । ମାତ୍ର ଓଡ଼ିଶା ଜୟ କରିବା ସମୟରେ ଖୋର୍ଦ୍ଧା ରାଜବଂଶ ଓ ପାଇକମାନଙ୍କର ସୁସଙ୍ଗଠିତ ପ୍ରତିରୋଧର ସମ୍ମୁଖୀନ ହୋଇ ବହୁ ବ୍ରିଟିଶ ସୈନ୍ୟ ମୃତାହତ ହୋଇଥିଲେ । ଇଂରେଜମାନେ ଖୋର୍ଦ୍ଧା ପାଇକମାନଙ୍କର ପ୍ରତିରୋଧ ଓ ଆତ୍ମବଳୀ ଦେଖି ଅଭିଭୂତ ହୋଇ ପଡ଼ିଥିଲେ । ବିଶେଷତଃ ଜୟୀ ରାଜଗୁରୁଙ୍କର ବୀରତ୍ୱ, ପରାକାଷ୍ଠା ଓ କୂଟନୀତି ଇଂରେଜମାନଙ୍କୁ ସ୍ତମ୍ଭୀଭୂତ କଲା । ଏ ଖୋର୍ଦ୍ଧା ମାଟିରେ ଇଂରେଜମାନଙ୍କୁ ପ୍ରବେଶ କରାଇ ନ ଦେବାର ଅଦମ୍ୟ ଆକାଂକ୍ଷା, କର୍ମବୀର ଜୟୀ ରାଜଗୁରୁଙ୍କର ମନରେ ଉଦ୍ଭାସିତ ହୋଇ ପରିଶେଷରେ ବିଦ୍ରୋହର ରୂପ ନେଇଥିଲା । ଜୟୀ ରାଜଗୁରୁଙ୍କ ପରାମର୍ଶରେ ଖୋର୍ଦ୍ଧା ରାଜା, ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ । ଏହି ବିଦ୍ରୋହ ହେଉଛି ଭାରତର ଇଂରେଜ ରାଜଶକ୍ତି ବିରୁଦ୍ଧରେ ପ୍ରଥମ ବିଦ୍ରୋହ ବା ରଣସଂଗ୍ରାମ ।

ଜୟୀ ରାଜଗୁରୁ ଇଂରେଜମାନଙ୍କର ବଶ୍ୟତା ସ୍ୱୀକାର କରିବା ଅପେକ୍ଷା ପ୍ରାଣବଳୀ ଦେବା ଶ୍ରେୟସ୍କର ମଣିଲେ । ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଉଦ୍‌ଯୋଜନ କରି ସୈନ୍ୟବାହିନୀ ବୃଦ୍ଧି କଲେ ଓ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ । ଖୋର୍ଦ୍ଧା ରାଜାଙ୍କୁ ବଶୀଭୂତ କରିବାର ସମସ୍ତ ପ୍ରଚେଷ୍ଟା ଇଂରେଜମାନଙ୍କର ବିଫଳ ହେଲା । ଇଂରେଜମାନେ ମଧ୍ୟ ଉପଲବ୍ଧି କଲେ ଯେ, ଜୟୀ ରାଜଗୁରୁଙ୍କୁ କୌଣସି ପ୍ରକାରେ ପ୍ରଲୁବ୍ଧ କରି ହେବନାହିଁ । ପରାକ୍ରମଶାଳୀ ଇଂରେଜ ସୈନ୍ୟବାହିନୀର ଅତ୍ୟାଧୁନିକ ଗୋଳାବାରୁଦ, ତୋପ ସମ୍ମୁଖରେ ଖୋର୍ଦ୍ଧାର ବୀର ପାଇକମାନେ ଖଣ୍ଡା, ଢାଲ, ବର୍ଚ୍ଛା, ଠେଙ୍ଗା ଓ ଲାଠି ଧରି ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇ ରହିଲେ ।

ଇଂରେଜମାନେ ଖୋର୍ଦ୍ଧା ରାଜା ଓ ମନ୍ତ୍ରୀ ତଥା ପରାମର୍ଶଦାତା ଜୟୀ ରାଜଗୁରୁଙ୍କୁ ଉପଯୁକ୍ତ ଶାସ୍ତି ଦେବା ନିମନ୍ତେ ଅତର୍କିତ ଭାବେ ଖୋର୍ଦ୍ଧାଗଡ଼ ଅବରୋଧ କରିବାକୁ ସାତ ହଜାର ସୁଶିକ୍ଷିତ ସୈନ୍ୟ ପ୍ରେରଣ

କଲେ । ଇଂରେଜ ସୈନ୍ୟମାନେ ମୁକୁନ୍ଦପ୍ରସାଦ ଗ୍ରାମର ଆମ୍ବତୋଟା ମଧ୍ୟରେ ଛାଉଣୀ ପକାଇଲେ । ଜୟୀରାଜଗୁରୁ, ଗୁପ୍ତଚରଠାରୁ ଉକ୍ତ ସମ୍ବାଦ ପାଇ ସେହି ମୁକୁନ୍ଦପ୍ରସାଦ ଗ୍ରାମରେ ହିଁ ଇଂରେଜ ସୈନ୍ୟମାନଙ୍କୁ ଅତର୍କିତ ଆକ୍ରମଣ କଲେ । ବରୁଣେଇ ଗଡ ଖୁବ୍ ସୁଦୃଢ଼ ଥିଲେ ମଧ୍ୟ ବ୍ରିଟିଶ ତୋପମାଡ଼ରେ ତାହା ଭାଙ୍ଗି ପଡ଼ିଲା । ଜୟୀ ରାଜଗୁରୁ ରାଜାଙ୍କୁ ପ୍ରବର୍ତ୍ତାଇ ଦକ୍ଷିଣ ଦ୍ୱାର ବାଟେ ପଳାୟନ କରି ଆତ୍ମଗୋପନ କରିବାକୁ ପରାମର୍ଶ ଦେଲେ । ନିଜ ଜୀବନକୁ ବାଜି ରଖି ଶେଷପର୍ଯ୍ୟନ୍ତ ଇଂରେଜମାନଙ୍କୁ ଭୟଭୀତ କରି ଦେଇ ଥିଲେ । ମାତ୍ର ଭାଗ୍ୟର ବିଡ଼ମ୍ବନା ବଶତଃ ରାଜା ଓ ଜୟୀ ରାଜଗୁରୁ ଇଂରେଜ ସୈନ୍ୟମାନଙ୍କ ଦ୍ୱାରା ଧରା ହୋଇ ବାରବାଟୀ ଦୁର୍ଗରେ ବନ୍ଦୀ ହୋଇ ରହିଲେ । ଜୟୀ ରାଜଗୁରୁଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଇ ଇଂରେଜମାନଙ୍କ ବଶତା ସ୍ୱୀକାର କରିବାକୁ ବାଧ କରାଗଲା । ମାତ୍ର ସ୍ୱାଧୀନ ଚେତା ଜୟୀରାଜଗୁରୁଙ୍କ ଉପରେ ତାହାର କୌଣସି ପ୍ରଭାବ ପଡ଼ିଲା ନାହିଁ । ଦୁର୍ବଳ ଖୋର୍ଦ୍ଧା ରାଜା ଶେଷରେ ନିଜର ମତ ପରିବର୍ତ୍ତନ କରି ଜୟୀ ରାଜଗୁରୁଙ୍କ ଉପରେ ସମସ୍ତ ଦୋଷ ଲଦିଦେଇ କ୍ଷମାଭିକ୍ଷା କରିଥିଲେ । ସେହି ମତକୁ ଇଂରେଜ ମାନେ ଗ୍ରହଣ କଲେ ଓ ତାଙ୍କୁ ମେଦିନୀପୁରର ବାଘପେଟାକୁ ନେଇ ତାଙ୍କର ବିଚାର କଲେ । ଏହି ବିଚାରରେ ତାଙ୍କୁ ମୃତ୍ୟୁ ଦଣ୍ଡ ଦିଆଗଲା । ସର୍ବସମ୍ମୁଖରେ ଏକ ବରାଟ ବଟବୃକ୍ଷରେ ୧୮୦୬ ମସିହାରେ ଅତି ଅମାନୁଷିକ ଭାବେ ଫାଶି ଦିଆଗଲା । ଗୋଟିଏ ବିରାଟ ବଟବୃକ୍ଷର ଦୁଇଟି ଡାଳ ଭିଡ଼ି ଆଣି ସେଥିରେ ଜୟୀ ରାଜଗୁରୁଙ୍କର ଗୋଡ଼ ଦୁଇଟି ବାନ୍ଧି ଦେଲେ । ଡାଳ ଦୁଇଟି ଛାଡ଼ି ଦେବାରୁ ତାଙ୍କର ଶରୀର ଦୁଇ ଫାଳ ହୋଇ ଚିରି ହୋଇଗଲା । ଦୁଇ ଖଣ୍ଡ ହୋଇଗଲେ ଉତ୍କଳ ମାତାର ବରପୁତ୍ର, କୋଟି ଉତ୍କଳୀୟର ପ୍ରାଣବିନ୍ଦୁ, ଖୋର୍ଦ୍ଧା ପାଇକମେଳିର ନେତା, ଖୋର୍ଦ୍ଧା ରାଜାଙ୍କର ପ୍ରଧାନମନ୍ତ୍ରୀ ଓ ପରାମର୍ଶଦାତା ଜୟୀ ରାଜଗୁରୁ । ଏହା ସହିତ ଖଣ୍ଡ ବିଖଣ୍ଡିତ ହୋଇଗଲା ଉତ୍କଳର ସ୍ୱାଧୀନତା, ଭଳତ ସଂସ୍କୃତି, ଐତିହ୍ୟ, କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ । ସମଗ୍ର ଭାରତ ବର୍ଷର ପ୍ରଥମ ଅମର ଶହୀଦ୍ ଜୟକୃଷ୍ଣ ରାଜଗୁରୁ ମହାପାତ୍ରଙ୍କର ଟୋପା ଟୋପା ରକ୍ତ ବିନ୍ଦୁ ଯେତେବେଳେ ମେଦିନୀପୁର ଭୂମିକୁ ରକ୍ତ ବର୍ଣ୍ଣ କରିଦେଲା, ସେତେବେଳେ କ୍ରନ୍ଦନ କରି ଉଠିଲା ଇଂରେଜ ଶାସନାଧୀନ କୋଟି କୋଟି ଭାରତ ବାସୀଙ୍କ ପ୍ରାଣ । ଶେଷରେ ତାଙ୍କର ଶବ କୁଆ ଓ ଶାଗୁଣା ଙ୍କର ଖାଦ୍ୟରେ ପରିଣତ ହେଲା । ଇଂରେଜ ମାନଙ୍କର ପୈଶାଚିକ ଦଣ୍ଡ ବିଧାନ ଏବେ ମଧ୍ୟ ଲୋକ ମାନଙ୍କ ମନରେ ଶିହରଣ ସୃଷ୍ଟି କରେ । ଏବେ ମଧ୍ୟ ଲୋକମୁଖରେ, ପ୍ରଚଳିତ ଅଛି,

**"କାଇ ବୋଲେ ରାଇ ରାଇ,**
**ଜୟୀ ରାଜଗୁରୁ ଫାଶୀ ତ ପାଇଲେ,**
**କେହି ନ କହିଲେ ଆଇ ।"**

ଜୟୀ ରାଜଗୁରୁଙ୍କ ମୃତ୍ୟୁପରେ ଖୋରଧା ରାଜ୍ୟର ଗୌରବ ରବି ଚିରଦିନ ଅସ୍ତମିତ ହୋଇଗଲା । ଜୟୀ ରାଜଗୁରୁ ସମଗ୍ର ଭାରତ ବର୍ଷରେ ପ୍ରଥମ ବୀର ଶହୀଦ୍, ରୂପେ ଚିର ଦିନ ଲାଗି ଅମର ହୋଇ ରହିବେ । ଖୋର୍ଦ୍ଧା ଭୂମିକୁ ଅବହେଳିତ, ନିଷ୍ପେଷିତ ଓ ଶୋଷିତ ହେବାରୁ ରକ୍ଷା କରିବାକୁ ଯାଇ ଜୟୀ ରାଜଗୁରୁ ନିଜର ଜୀବନ ଉତ୍ସର୍ଗ କରି ଯେଉଁ ଉଜ୍ଜ୍ୱଳମୟୀ ଗୌରବର ପ୍ରଦର୍ଶନ କରିଛନ୍ତି, ତାହା ଯୁଗ ଯୁଗ ଧରି ଲୋକ ମୁଖରେ ପ୍ରଚାରିତ ହେଉଥିବ ।

**ନବମଶ୍ରେଣୀ**
**ବି.କେ.ବି ହାଇସ୍କୁଲ**

# ତାପଙ୍ଗ ଦଳବେହେରା : ମାଧବ ରାଉତରାୟ

ରଶ୍ମିରେଣୁ ହରିଚନ୍ଦନ

**ସ**ମୟ ଗଡ଼ିଚାଲେ ଆସନ୍ତୁ ଆସନ୍ତୁ । ସମୟ ସଙ୍ଗେ ତାଳ ଦେଇ କେତେ ଯେ ଘଟଣା ଘଟିଯାଏ, ତା'ର ଇୟତ୍ତା ନାହିଁ । ହେଲେ ସବୁ ଘଟଣାର ହିସାବ ରଖିହୁଏ ନାହିଁ । କିନ୍ତୁ ଅନେକ ଘଟଣା ସମୟର ଡାଏରୀରେ ସ୍ମୃତି ପାଲଟିଯାଏ ଇତିହାସ ରୂପ ନେଇ । ଭୋଗରେ ନୁହେଁ ତ୍ୟାଗରେ, କାପୁରୁଷତାରେ ନୁହେଁ ସାହାସିକତାରେ, ନିଜ ପାଇଁ ନୁହେଁ, ଅନ୍ୟ ପାଇଁ ଯେଉଁମାନେ ବଞ୍ଚିବା ଶିଖିଥିଲେ, ସେହିପରି ଜଣେ ଯୋଗଜନ୍ମା ପୁରୁଷ ହେଉଛନ୍ତି ତାପଙ୍ଗଗଡ଼ର ଦଳବେହେରା: ମାଧବ ରାଉତରାୟ ।

ଦୀର୍ଘଦିନ ଧରି ଇଂରେଜ ସାମ୍ରାଜ୍ୟବାଦୀ ଶୋଷଣର ଶିକାର ହେଲାପରେ ଭାରତୀୟ ମାନଙ୍କ ମନରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ ହୋଇଥିଲା । ଭାରତୀୟମାନେ ମୁକ୍ତି ପାଇଁ ଇଂରେଜମାନଙ୍କ ସହିତ ସଂଗ୍ରାମ କରିଥିଲେ । ଭାରତୀୟ ମୁକ୍ତି ସଂଗ୍ରାମରେ ଓଡ଼ିଶାର ଭୂମିକା କିଛି କମ୍ ନ ଥିଲା । ଇଂରେଜମାନେ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶାକୁ ନିଜର ଶାସନାଧୀନ କରାଇଥିଲେ । ସେମାନେ ଏଠାରେ ନିଜର ଶାସନ ପଦ୍ଧତି, ଆଇନ, ଜମିଜମା ଓ ରାଜସ୍ୱ ବ୍ୟବସ୍ଥା ଆଦି ପ୍ରଚଳନ କରାଇଥିଲେ । ଫଳରେ ବହୁ ସ୍ଥାନରେ ଅସନ୍ତୋଷର ବହ୍ନି ଦେଖା ଦେଇଥିଲା । ତନ୍ମଧ୍ୟରୁ ବୀରଭୂମି ଖୋର୍ଦ୍ଧା ଥିଲା ଅନ୍ୟତମ । ଖୋର୍ଦ୍ଧାରେ ଐତିହାସିକ ପାଇକ ବିଦ୍ରୋହ ସଙ୍ଗଠିତ ହେବାର ୧୦ ବର୍ଷପରେ ୧୮୨୩ ମସିହାରେ ତାପଙ୍ଗ ଅଞ୍ଚଳର ଅଧିବାସୀ ଓଡ଼ିଶା ଭୂମିରୁ ଇଂରେଜମାନଙ୍କୁ ବିତାଡ଼ିତ କରିବା ପାଇଁ ଏକ ବିଦ୍ରୋହର ଆଶ୍ରୟ ନେଇଥିଲେ । ଖୋର୍ଦ୍ଧା ତାପଙ୍ଗ ଦୂରତା ଥିଲା ପ୍ରାୟ ୧୬ କିଲୋମିଟର ।

ଖୋର୍ଦ୍ଧା ରାଜାଙ୍କର ସାମରିକ ବିଭାଗରେ ଦଳ ବେହେରା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ । ଦଳବେହେରା ଥିଲେ ଗୋଟିଏ ଅଞ୍ଚଳସ୍ଥିତ ସେନାବାହିନୀର ମୁଖ୍ୟ । ତାଙ୍କରି ତତ୍ତ୍ୱାବଧାନରେ ଥିଲା କେତୋଟି ଗଡ଼ । ଉକ୍ତ ଗଡ଼ଗୁଡ଼ିକରେ ପାଇକମାନଙ୍କୁ ଅବସ୍ଥାପିତ କରାଯାଉଥିଲା । ଖୋର୍ଦ୍ଧା ରାଜାଙ୍କର ସାମରିକ କର୍ମଚାରୀଙ୍କର ପଦବୀ ବର୍ତ୍ତମାନର ସାମରିକ କର୍ମଚାରୀଙ୍କର ପଦବୀ ସହିତ ତୁଳନା କଲେ ଜଣାଯିବ, ଦଳବେହେରା ଥିଲେ ସୁବେଦାର, ଦଳେଇ ଥିଲେ ହାବିଲଦାର ମେଜର, ନାୟକ ଥିଲେ ହାବିଲଦାର ଓ ପାଇକ ହେଉଛନ୍ତି ସୈନ୍ୟ । ଦଳବେହେରା ସମେତ ଅନ୍ୟମାନେ ବେତନ ସ୍ୱରୂପ କେତେକ ଜାଗିରି ଜମି ଉପଭୋଗ କରୁଥିଲେ, ସେଥିରେ ସେମାନଙ୍କୁ କର ଦେବାକୁ ପଡୁ ନ ଥିଲା । ସେମାନଙ୍କ ମଧ୍ୟରୁ ଦଳବେହେରାଙ୍କୁ ଅଧିକ ଜମି ଦିଆଯାଇଥିଲା । ତାଙ୍କର ପଦବୀ ଓ କାର୍ଯ୍ୟ ପାଇଁ ସେ ଉକ୍ତ ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟକ୍ତି ଭାବରେ ସମ୍ମାନିତ ହେଉଥିଲେ ଦଳବେହେରା ମଧ୍ୟ ଲୋକଙ୍କ ଠାରୁ କର ଆଦାୟ କରି ପାରୁଥିଲେ ।

୧୮୦୪ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ମୁକୁନ୍ଦଦେବଙ୍କ ଗାଦିଚ୍ୟୁତ କରି ଇଂରେଜମାନେ ଖୋର୍ଦ୍ଧାର ଶାସନ ନିଜ ହାତକୁ ନେଇଥିଲେ । ସେତେବେଳେ ତାପଙ୍ଗ ଗଡ଼ର ଦଳବେହେରା ଥିଲେ ମାଧବ ରାଉତରାୟ । ଅତୀତରେ ବର୍ଷ ବର୍ଷ ଧରି ସେ ଲୋକଙ୍କ ନିକଟରୁ କର ଆଦାୟ କରି ଆସୁଥିବାରୁ ଖୋର୍ଦ୍ଧାର ଶାସନ କ୍ଷମତା ଇଂରେଜମାନେ ନିଜ ହାତକୁ ନେବାପରେ ମଧ୍ୟ କର ଆଦାୟ କରିବା ତାଙ୍କର ଅଧିକାର ବୋଲି ଦାବିକରି କର ଆଦାୟ କରୁଥିଲେ । ମାତ୍ର ସେ ଏହା କରିପାରିବେ ନାହିଁ ବୋଲି ଇଂରେଜ ପ୍ରଶାସକ ତାଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ୧୮୨୭ ମସିହା ମେ ମାସ ୨୩ ତାରିଖ ଦିନ ୫୦ ଜଣ ଇଂରେଜ ସୈନିକଙ୍କ ସହ ଜଣେ ମୁନ୍‌ସୀଙ୍କୁ ତାପଙ୍ଗ ପ୍ରେରଣ କରିଥିଲେ । ଲୋକଙ୍କଠାରୁ କର ଆଦାୟ କରିବା ଥିଲା ତାଙ୍କର ଅଭିମୁଖ୍ୟ । କିନ୍ତୁ ଲୋକମାନେ ଦଳବେହେରାଙ୍କୁ ଏହି କର ଦେଇ ଆସୁଛନ୍ତି ଓ କୌଣସି ମତେ ମୁନ୍‌ସୀଙ୍କୁ ତାହା ଦେବେ ନାହିଁ ବୋଲି ମନା କରି ଦେଇଥିଲେ । ମାତ୍ର ବଳ ପ୍ରୟୋଗ କରି କର ଆଦାୟ ଦିଗରେ ଉଦ୍ୟମ କରିଥିଲେ । ଏହି କଥା ପହଞ୍ଚିଲା ଦଳବେହେରା ମାଧବ ରାଉତରାୟଙ୍କ କାନରେ । ତୁରନ୍ତ ସେ ସବୁ ସାମରିକ କର୍ମଚାରୀଙ୍କର ଏକ ବୈଠକ ଡକାଇ ନିଷ୍ପତ୍ତି ନେଲେ ଯେ ସେମାନେ ପ୍ରାଣପଣେ ଇଂରେଜ ଶକ୍ତିକୁ ପ୍ରବଳ ପ୍ରତିରୋଧ କରିବେ । ଏହି ନିଷ୍ପତ୍ତି ନେବାପରେ ସେମାନେ ଅଗ୍ରସର ହୋଇଥିଲେ ଇଂରେଜ ସେନାକୁ ମୁକାବିଲା କରିବା ପାଇଁ । ମୁକାବିଲା ହୋଇଥିଲା ଏକ ସଂଘର୍ଷରେ । ତାପଙ୍ଗର ଜନୈକ ଦଳେଇ ଗୋବର୍ଦ୍ଧନ ବୈରାଗଞ୍ଜନଙ୍କ ଦ୍ୱାରା ଦୁଇଜଣ ଇଂରେଜ ସୈନ୍ୟ ନିହତ ହେଲାପରେ ଇଂରେଜ ପ୍ରଶାସକ ଆତଙ୍କିତ ହୋଇ ପଡ଼ିଥିଲେ ଇଂରେଜ ସେନାବାହିନୀର ଅଧିନାୟକ କର୍ଣ୍ଣେଲ ହାରକୋର୍ଟ ଏକ ବିରାଟ ସେନାବାହିନୀ ସହ ତାପଙ୍ଗରେ ପହଞ୍ଚିଲେ। ଦଳବେହେରା ମାଧବ ରାଉତରାୟଙ୍କ ଆହ୍ୱାନରେ ଖୋର୍ଦ୍ଧା ଅଞ୍ଚଳର ସବୁ ଦଳବେହେରା, ଦଳେଇ ଓ ପାଇକମାନେ ମାଧବ ରାଉତରାୟଙ୍କ ସହିତ ଇଂରେଜ ବିରୋଧରେ ହାତ ମିଳାଇ ଥିଲେ । ତାପଙ୍ଗ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବାୟୁମଣ୍ଡଳ ରଣହୁଙ୍କାରରେ

ପ୍ରତିଧ୍ୱନିତ ହେବା ସଙ୍ଗେ ସଙ୍ଗେ ସେମାନେ ପ୍ରତିଜ୍ଞାବଦ୍ଧ ହୋଇଥିଲେ ଇଂରେଜମାନଙ୍କୁ ଖୋର୍ଦ୍ଧାଗଡ଼ରୁ ବିତାଡ଼ିତ କରିବା ପାଇଁ ।

ଦଳବେହେରା ଓ ପାଇକମାନଙ୍କର ମନୋବଳ ଦୃଢ଼ ହୋଇଥିଲା; ମୁଖ୍ୟତଃ ସେମାନଙ୍କର ଏକ ଗୋପନୀୟ ଅସ୍ତ୍ରାଗାର ପାଇଁ । ଦଳବେହେରା, ପାଇକ ଓ ବନ୍ଧେଇ ଇଂରେଜମାନଙ୍କ ସହ ଅପୂର୍ବ ସାହସର ସହିତ ଛଅଦିନ ଯୁଦ୍ଧ ଚଳାଇ ଇଂରେଜମାନଙ୍କ ହୃଦୟରେ ଆତଙ୍କ ସୃଷ୍ଟି କରିଥିଲେ । ଶେଷରେ ବିଜୟର ଆଶା ଛାଡ଼ି ଦେଇ ଇଂରେଜମାନେ ଖୋର୍ଦ୍ଧା ପଳାୟନ କରିଥିଲେ । ଇଂରେଜମାନେ ଅନୁଭବ କଲେ ଯେ ସମ୍ମୁଖ ଯୁଦ୍ଧ ଚଳାଇ ପାଇକମାନଙ୍କୁ ପରାସ୍ତ କରିବା ସହଜ ନୁହେଁ । ତେଣୁ ସେମାନେ ତାଙ୍କର ଚିରାଚରିତ ଜଘନ୍ୟ ଷଡ଼ଯନ୍ତ୍ର ଓ ହୀନ କୁଟଚକ୍ରାନ୍ତର ଆଶ୍ରୟ ନେଇଥିଲେ । ଯାହାକୁ ପ୍ରୟୋଗ କରି ଭାରତରେ ପ୍ରତିଷ୍ଠା କରିଥିଲେ ବ୍ରିଟିଶ ସାମ୍ରାଜ୍ୟ । ଦଳବେହେରାଙ୍କ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଜନୈକ କର୍ମଚାରୀଙ୍କୁ ବଶୀଭୂତ କରି କୃତିତ୍ୱର କାରଣ ଉପରେ ସେମାନେ ଖବର ସଂଗ୍ରହ କରିଥିଲେ । ସେମାନେ ଜାଣିବାକୁ ପାଇଥିଲେ ଗୁପ୍ତ ଅସ୍ତ୍ରାଗାର ଥିଲା ସେମାନଙ୍କର କୃତିତ୍ୱର କାରଣ । କିଛି ସାମାନ୍ୟ ଅର୍ଥ ଲୋଭରେ କର୍ମଚାରୀ ଜଣକ ଅସ୍ତ୍ରାଗାର କେଉଁଠାରେ ଅବସ୍ଥିତ ଓ ସେଠାରେ କ'ଣ କ'ଣ ଅଛି ଇଂରେଜମାନଙ୍କୁ ଜଣାଇ ଦେଇଥିଲା । ଫଳରେ ଇଂରେଜସେନା ଅସ୍ତ୍ରାଗାର ଆକ୍ରମଣ କରିଥିଲା । ମାତ୍ର ଦାୟିତ୍ୱରେ ଥିବା ଦଳେଇ ପ୍ରତିରୋଧ କରିଥିଲେ ମଧ୍ୟ ସେମାନେ ଅସ୍ତ୍ରାଗାର ରକ୍ଷାପାରି ନ ଥିଲେ । ଶେଷରେ ଏହା ଇଂରେଜମାନଙ୍କ ହସ୍ତଗତ ହୋଇଥିଲା । ପରେ ସେମାନେ ଏଥିରେ ମହଜୁଦ ଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକୁ ନିଆଁ ଲଗାଇ ଧ୍ୱଂସ କରି ଦେଇଥିଲେ । ଏହି ଖବର ପାଇ ଦଳବେହେରା, ବଡ଼ପାରି ନାମକ ଏକ ଗ୍ରାମକୁ ପଳାୟନ କରି ସେଠାରେ ଲୁଚି ରହିଥିଲେ । ଇଂରେଜମାନେ ତାଙ୍କୁ ଧରିବାକୁ ବିଫଳ ହୋଇଥିଲେ । ଇଂରେଜମାନଙ୍କର କୁଶାସନ ପାଇଁ ଚିଲିକା କୂଳରେ ବାସ କରୁଥିବା ମାଲାଙ୍ଗୀ ନାମରେ ଲୁଣ ମାରିବାର ଅଧିକାର ହରାଇ ନେଇଥିଲେ, ସେମାନେ ଇଂରେଜମାନଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ ଦଳବେହେରା । ସେଠାରେ ପହଞ୍ଚି ସେମାନଙ୍କୁ ସାହାଯ୍ୟ କରିଥିଲେ ଓ ଲୁଣ ମାରିବା ଦାୟିତ୍ୱରେ ଥିବା ଜଣେ ସୁବେଦାର ଓ ଜଣେ ଜମାଦାରଙ୍କୁ ନିହତ କରିଥିଲେ । ଏହା ଶୁଣି ଇଂରେଜମାନେ ପୁନରାୟ ଆତଙ୍କିତ ହୋଇ ପଡ଼ିଥିଲେ । ୨୦୦ ଜଣ ସୈନ୍ୟଙ୍କୁ ପଠାଇଲେ ତାଙ୍କୁ ଧରିବା ପାଇଁ, ମାତ୍ର ସେମାନେ ସେଠାରେ ପହଞ୍ଚିବା ପୂର୍ବରୁ ଦଳବେହେରା ଉକ୍ତ ସ୍ଥାନ ଛାଡ଼ି ଚାଲିଯାଇଥିଲେ । ଇଂରେଜମାନେ ଦଳବେହେରାଙ୍କୁ ଠାବ କରିପାରି ନ ଥିଲେ । ପାଞ୍ଚଦିନ ପରେ ଖବର ମିଳିଥିଲା ଯେ ମାଧବ ରାଉତରାୟ ରଣପୁର ଓ ବାଣପୁର ଲୋକଙ୍କ ସହାୟତାରେ ପୁନରାୟ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଅଛନ୍ତି । ଇଂରେଜ ପ୍ରଶାସକମାନେ ତୁରନ୍ତ ୨୦୦ ସୈନ୍ୟ ବଡ଼ ପାଗିଗଡ଼ ନାମକ ଏକ ସ୍ଥାନକୁ ପଠାଇଥିଲେ ତାଙ୍କୁ ବନ୍ଦୀ କରିବା ପାଇଁ । କିନ୍ତୁ ସେଠାରୁ ସେ ଖସିଯାଇ ଜଙ୍ଗଲରେ ଲୁଚିଥିଲେ । ତାଙ୍କୁ ଧରିବା ପାଇଁ ସୈନ୍ୟମାନଙ୍କର ସବୁପ୍ରକାର ଉଦ୍ୟମ ବ୍ୟର୍ଥତାରେ ପରିଣତ ହୋଇଥିଲା । ଶେଷରେ ତାଙ୍କୁ ଧରିବା ପାଇଁ ୧୦୦୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ତଥାପି ମାଧବ ରାଉତରାୟଙ୍କୁ ଠାବ କରାଯାଇପାରି ନ ଥିଲା । ଇଂରେଜ ମାନଙ୍କଠାରୁ ଆତ୍ମଗୋପନ କରିବାପାଇଁ ଦଳବେହେରା ମାଧବ ରାଉତରାୟ ବଣ ଜଙ୍ଗଲରେ ବୁଲୁଥାନ୍ତି । ଦିନେ ଜଣେ ଧୀବର ସେହି ବାଟ ଦେଇ ଯାଉଥିବା ବେଳେ ମାଧବ ରାଉତରାୟଙ୍କୁ ପଚାରିଲେ, "ତାପଙ୍ଗଗଡ଼ର ଦଳବେହେରା କେଉଁଠାରେ ଅଛନ୍ତି ଆପଣ କହିପାରିବେ ?" ଦଳବେହେରା ପଚାରିଲେ ତାଙ୍କ ପାଖରେ ତୁମର କାର୍ଯ୍ୟ କ'ଣ ? ଉତ୍ତରରେ ଧୀବରଟି କହିଲା- "ମୁଁ ଜଣେ ଧୀବର । ଚିଲିକାରୁ ମାଛ ଧରି ମୁଁ ମୋର କୁଟୁମ୍ବ ପୋଷେ । ଗତ ରାତିରେ ବଡ଼ ତୋଫାନରେ ମୁଁ ମୋ ଡଙ୍ଗାଟିକୁ ହରାଇଛି । ଶୁଣିଛି ତାପଙ୍ଗଗଡ଼ର ଦଳବେହେରା ବଡ଼ ଦୟାଳୁ ଓ ପରୋପକାରୀ ବ୍ୟକ୍ତି । ତେଣୁ ମୁଁ କିଛି ଆର୍ଥିକ ସାହାଯ୍ୟ ପାଇଁ ଦଳବେହେରାଙ୍କୁ ଖୋଜୁଥିଲି । ଏ କଥା ଶୁଣି ଦଳବେହେରା ଚିନ୍ତିତ ହୋଇପଡ଼ିଲେ । ବଣ ଜଙ୍ଗଲରେ ଭୋକ, ଉପାସରେ ବୁଲୁଥିବା ସମୟରେ ସେ ବା 'କି' ସାହାଯ୍ୟ କରିପାରିବେ ? ଆତ୍ମନିବେଦନ ଓ ଆତ୍ମ ବିସର୍ଜନ ଯାହା ଜୀବନର ଦୀକ୍ଷା, ସେ ବା କିପରି ଧୀବରଟିର ଅସହାୟ ଅବସ୍ଥା ସହ୍ୟ କରିପାରିଥାନ୍ତେ । ହଠାତ୍ ଏକ ଉପାୟ ତାଙ୍କ ମନକୁ ଆସିଲା । ଧୀବରଟିକୁ ସାଙ୍ଗରେ ନେଇ ସେ ପହଞ୍ଚିଲେ ଖୋର୍ଦ୍ଧା କଚେରୀରେ ଓ ଇଂରେଜ ପ୍ରଶାସକଙ୍କୁ କହିଲେ ଏହି ଧୀବରଟି ତାଙ୍କୁ ଧରି ଆଣିଛି । ତେଣୁ ତାକୁ ୧୦୦୦ ଟଙ୍କା ପୁରସ୍କାର ଦିଆଯାଉ । ଏ କଥା ଶୁଣି ଇଂରେଜ ପ୍ରଶାସକ ଓ ଧୀବର ସ୍ତମ୍ଭୀଭୂତ ହୋଇଗଲେ । ଦଳବେହେରା ମାଧବ ରାଉତରାୟଙ୍କ ଅପରାଧ ପାଇଁ ସେ ଫାଶୀ ପାଇଥାନ୍ତେ; କିନ୍ତୁ ତାଙ୍କର ମହନୀୟତା ଓ ତ୍ୟାଗ ମନୋଭାବ ନିଷ୍ଠୁର ଇଂରେଜ ପ୍ରଶାସକ ମନକୁ ମଧ୍ୟ ଟଳାଇ ଦେଇଥିଲା ଏବଂ ଇଂରେଜ ପ୍ରଶାସକ ତାଙ୍କୁ କୌଣସି ଦଣ୍ଡ ଦେବାପାଇଁ ଚାହିଁ ନ ଥିଲେ ।

ଏପରି ଜଣେ ମହାନ୍ ତ୍ୟାଗୀଙ୍କ ପାଇଁ ଓଡ଼ିଶା ଇତିହାସ ଯେ ମହିମାନ୍ୱିତ ହୋଇପାରିଛି, ଏଥିରେ ସନ୍ଦେହ ନାହିଁ । ଖୋର୍ଦ୍ଧାରୁ ଇଂରେଜମାନଙ୍କୁ ବିତାଡ଼ିତ କରିବା ପାଇଁ ଦଳବେହେରା ଯେପରି ନିଜର ବୀରତ୍ୱ ଓ ନିର୍ଭୀକତାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ତାହା ବାସ୍ତବିକ ଗର୍ବ ଓ ଗୌରବର ବିଷୟ । ତାହା ଓଡ଼ିଶାର ଇତିହାସ ପୃଷ୍ଠାରେ ଏକ ଗୌରବୋଜ୍ଜ୍ୱଳ ଘଟଣା ଭାବରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ସହକାରୀ ଶିକ୍ଷିକା
ବି.କେ.ବି. ହାଇସ୍କୁଲ



# ଖୋର୍ଦ୍ଧାର ଅତୀତ ଇତିହାସ

ଡଃ ପ୍ରଫୁଲ୍ଲ କୁମାର ପଟ୍ଟନାୟକ

ଓଡ଼ିଶା ଇତିହାସରେ ଖୋର୍ଦ୍ଧା ଭୋଇ ବଂଶର ଅଭ୍ୟୁଦୟ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲା । ଓଡ଼ିଶାରେ ଯେତେବେଳେ ଘୋର ଅରାଜକତା ଦେଖା ଦେଇଥିଲା ଓ ଧର୍ମ ଉପରେ ଅକଥନୀୟ ଅତ୍ୟାଚାର ଚାଲିଥିଲା, ସେତେବେଳେ ଖୋର୍ଦ୍ଧା ଭୋଇ ବଂଶର ରାଜାମାନେ ରାଜ୍ୟର ଲୁପ୍ତଗୌରବ ଫେରାଇ ଆଣିବାରେ ସକ୍ଷମ ହୋଇଥିଲେ । ସେହି ବଂଶର ପ୍ରଥମ ରାଜା ଥିଲେ ରାମଚନ୍ଦ୍ର ଦେବ ।

ରାମଚନ୍ଦ୍ର ଦେବଙ୍କର ପୂର୍ବ ନାମ ଥିଲା ରମାଇ ରାଉତରାୟ । ସେ ଜନାର୍ଦ୍ଦନ ବିଦ୍ୟାଧରଙ୍କ ପୁତ୍ର ଥିଲେ । ଜନାର୍ଦ୍ଦନ ବିଦ୍ୟାଧର ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କ ରାଜତ୍ୱ ସମୟରେ ଦକ୍ଷିଣାଞ୍ଚଳର ସୁରକ୍ଷା ଦାୟିତ୍ୱରେ ଥିଲେ । ମାତ୍ର ମୁକୁନ୍ଦଦେବ ତାଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ମନେ କରି ବନ୍ଦୀ କରି ରଖିଲେ । ଗୋହିରୀ ଟିକିରୀଠାରେ ଦ୍ୱିତୀୟ ମୁକୁନ୍ଦ ଦେବଙ୍କ ମୃତ୍ୟୁ ହେଲା । ଏହା ପରେ ରମାଇ ରାଉତରାୟ କୌଣସି ପ୍ରକାରେ ମୁକ୍ତି ଲାଭ କରି ଦକ୍ଷିଣକୁ ପଳାଇ ଆସିଲେ । ସେ ଶେଷରେ ଖୋର୍ଦ୍ଧା ନିକଟସ୍ଥ ତୋଟମା ଗଡ଼ଠାରେ ଆସି ରହିଲେ । ଏହାପରେ ରଙ୍ଗଣ ବାସୁ ପାତ୍ର, ଘୋଡ଼ିଡ଼ିଆର ଖାଡୁ ପରିଡ଼ା ଓ ମହିପଡ଼ାର ଶରଣୀ ପାତ୍ର ପ୍ରଭୃତି ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟରେ ଖୋର୍ଦ୍ଧାରେ ଏକ ନୂତନ ରାଜବଂଶ ପ୍ରତିଷ୍ଠା କଲେ । ଏହି ବଂଶ ପରେ ଭୋଇ ବଂଶ ନାମରେ ଖ୍ୟାତ ହେଲା ।

ରାମଚନ୍ଦ୍ର ଦେବ ଏହାପରେ ନିକଟବର୍ତ୍ତୀ ଅଞ୍ଚଳ ଗୁଡ଼ିକୁ ଅଧିକାର କରିବାରେ ଲାଗିଲେ । ଐତିହାସିକ ଷ୍ଟର୍ଲିଙ୍ଗ୍ ଙ୍କଠାରୁ ଜଣାଯାଏ ଯେ ତାଙ୍କ ପ୍ରତ୍ୟକ୍ଷ ଶାସନରେ ୨୯ଟି ଜମିଦାରୀ ଓ ୭୧ଟି କିଲ୍ଲା ବା ଗଡ଼ ଥିଲା । ତାଙ୍କ ରାଜ୍ୟ ଉତ୍ତରରେ ମହାନଦୀ, ଦକ୍ଷିଣରେ ଖିମେଣ୍ଡି, ପୂର୍ବରେ ଜଗନ୍ନାଥ ରାସ୍ତା ଓ ଚିଲିକା ହ୍ରଦ, ପଶ୍ଚିମରେ ନୟାଗଡ଼, ଖଣ୍ଡପଡ଼ା ଓ ବଣପଲ୍ଲୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । କୋଠଗଡ଼ ବ୍ୟତୀତ ବର୍ତ୍ତମାନର ପୁରୀ ଓ ଖୋର୍ଦ୍ଧାର ଅଧିକାଂଶ ଅଞ୍ଚଳ, କଟକ ଜିଲ୍ଲାର ଅଠଗଡ଼ ଓ ବାଙ୍କୀ, ଢେଙ୍କାନାଳର ଅଧିକାଂଶ ଅଞ୍ଚଳ ଓ ଗଞ୍ଜାମ ଜିଲ୍ଲାର ଉତ୍ତର ପୂର୍ବାଞ୍ଚଳ କୁ ନେଇ ତାହା ଗଠିତ ହୋଇଥିଲା । ଏହାର କ୍ଷେତ୍ରଫଳ ଆନୁମାନିକ ଦଶହଜାର ବର୍ଗ ମାଇଲ ଥିଲା । ଏହାର ରାଜଧାନୀ ଖୋର୍ଦ୍ଧା ଥିଲା ।

ରାମଚନ୍ଦ୍ର ଦେବଙ୍କ ରାଜତ୍ୱର ବିଶିଷ୍ଟ ଘଟଣା ହେଲା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିର ପୁନଃ ସଂସ୍ଥାପନ । ୧୫୬୮ ରେ କୁଖ୍ୟାତ ଯବନ ସେନାପତି କଳାପାହାଡ଼ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରି ଦାରୁ ବିଗ୍ରହ ଗୁଡ଼ିକୁ ହସ୍ତୀ ପୃଷ୍ଠରେ ନେଇ ଗଙ୍ଗା ନଦୀ କୂଳରେ ପ୍ରଜ୍ୱଳିତ ଅଗ୍ନିରେ ନିକ୍ଷେପ କରିଥିଲା । ଦାରୁ ବିଗ୍ରହ ଗୁଡ଼ିକ ଅଗ୍ନିରେ ଦଗ୍ଧ ହେଲେ ମଧ୍ୟ, ଅଗ୍ନି ନାଭି ବ୍ରହ୍ମଙ୍କୁ ସ୍ପର୍ଶ କରି ପାରିନଥିଲା । କଳାପାହାଡ଼ର ଅଲକ୍ଷ୍ୟରେ ପରମ ବିଷ୍ଣୁ ଭକ୍ତ ବିଶର ମହାନ୍ତି ଆସି ସେହି ଜାଗାମାନ ନାଭି ବ୍ରହ୍ମଙ୍କୁ ଜଳରୁ ଉଦ୍ଧାର କଲେ ଓ ତାହାକୁ ଗୋଟିଏ ମୃଦଙ୍ଗ ମଧ୍ୟରେ ରଖି ସମୁଦ୍ର କୂଳେ କୂଳେ ଆସି କୁଜଙ୍ଗ ଗଡ଼ରେ ପହଞ୍ଚିଲେ ଓ ସେଠାରେ ଏକ ମନ୍ଦିରରେ ସଂସ୍ଥାପନ କଲେ । ଫଳରେ ପୁରୀ ଶ୍ରୀ ମନ୍ଦିର ବିଗ୍ରହ ଶୂନ୍ୟ ଅବସ୍ଥାରେ ଥିଲା । ରାମଚନ୍ଦ୍ର ଦେବଙ୍କ ଆଦେଶରେ ବଡ଼ ପଢ଼ିଆରୀ ପରିଚ୍ଛା ପଟ୍ଟନାୟକ କୁଜଙ୍ଗକୁ ଯାଇ ନାଭି ବ୍ରହ୍ମଙ୍କୁ ଖୋର୍ଦ୍ଧା ଆଣିଲେ । ସେଠାରେ ମୂର୍ତ୍ତି ଗୁଡ଼ିକ ନିର୍ମିତ ହେବାପରେ ପୁରୀ ମନ୍ଦିରରେ ପୁନଃପ୍ରତିଷ୍ଠା କରାଗଲା । ଏହି ମହତ୍ କାର୍ଯ୍ୟ ଯୋଗୁ ରାମଚନ୍ଦ୍ର ଦେବଙ୍କୁ ଦ୍ୱିତୀ ଇନ୍ଦ୍ରଦ୍ୟୁମ୍ନ ବା ଅଭିନବ ଇନ୍ଦ୍ରଦ୍ୟୁମ୍ନ ପଦବୀରେ ଭୂଷିତ କରାଗଲା । ରାମଚନ୍ଦ୍ର ଦେବ ପୁରୀ ମନ୍ଦିରରେ ସଞ୍ଚୁଡ଼ି ଭୋଗର ପୁନଃ ପ୍ରଚଳନ କଲେ । ବିଗ୍ରହ ମାନଙ୍କ ଅପସାରଣ ପରେ ରଥଯାତ୍ରା ମଧ୍ୟ ବନ୍ଦ ହୋଇ ଯାଇଥିଲା । ରାମଚନ୍ଦ୍ର ଦେବଙ୍କ ଆଦେଶରେ ରଥଯାତ୍ରା ମଧ୍ୟ ପୁଣି ଆରମ୍ଭ ହେଲା । ଫଳରେ ସେ ସମଗ୍ର ରାଜ୍ୟରେ ଠାକୁର ରାଜା ଭାବେ ଗଣ୍ୟ ହେଲେ ।

ଭାରତର ସମ୍ରାଟ ଆକବର ରାମଚନ୍ଦ୍ର ଦେବଙ୍କୁ ପଦାନତ କରିବା ପାଇଁ ବିଶିଷ୍ଟ ସେନାପତି ମାନସିଂହଙ୍କୁ ଖୋର୍ଦ୍ଧା ପଠାଇଲେ । ପିପିଲିଠାରେ ଉଭୟଙ୍କ ମଧ୍ୟରେ ଘୋର ଯୁଦ୍ଧ ହେଲା । ମାତ୍ର ଶେଷରେ ରାମଚନ୍ଦ୍ରଙ୍କ ପ୍ରତିଜନସମର୍ଥନ ଥିବା ମୋଗଲ ସମ୍ରାଟ ଆକବର ଉପଲବ୍ଧି କରି ଥିଲେ ଓ ତାଙ୍କ ନିର୍ଦ୍ଦେଶରେ ମାନସିଂହ ରାମଚନ୍ଦ୍ର ଦେବଙ୍କୁ ଖୋର୍ଦ୍ଧାର ରାଜା ରୂପେ ସ୍ୱୀକୃତି ଦେଲେ ।

ରାମଚନ୍ଦ୍ର ଦେବ ୧୫୬୮ରୁ ୧୬୦୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଭୋଇ ବଂଶର ପ୍ରତିଷ୍ଠାତା ତଥା ସର୍ବଶ୍ରେଷ୍ଠ ରାଜା ଥିଲେ ।

ରାମଚନ୍ଦ୍ର ଦେବଙ୍କ ପରେ ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବ ଖୋର୍ଦ୍ଧାର ରାଜା ହେଲେ । ସେ ପିତାଙ୍କ ପରି ସେପରି ଦକ୍ଷ ନ ଥିଲେ । ତାଙ୍କ ସମୟରେ ବଙ୍ଗଳାର ସୁବାଦାର ଥିଲେ ହସିମ ଖାଁ । ସେ କେଶୋଦାସ ମାରୁ ନାମକ ରାଜପୁତ୍ର ସେନାପତିଙ୍କୁ ଖୋର୍ଦ୍ଧା ଆକ୍ରମଣ ପାଇଁ ପଠାଇଲେ । ପୁରୁଷୋତ୍ତମ ଦେବ ବହୁ ସୈନ୍ୟ ସହ ତାଙ୍କ ସଙ୍ଗେ ଯୁଦ୍ଧ କଲେ ଓ

ପ୍ରଥମେ ପରାସ୍ତ କଲେ । ମାତ୍ର ମୋଗଲ ସୈନ୍ୟ ପୁରୁଷୋତ୍ତମ ଦେବଙ୍କ ରଥରେ ଅଗ୍ନି ସଂଯୋଗ କରିବା ଫଳରେ ସେ ପରାସ୍ତ ହେଲେ ଓ କେଶୋଦାସ ମାରୁଙ୍କ ସହ ସନ୍ଧି କରିବା ପାଇଁ ବାଧ୍ୟ ହେଲେ । ଏଥିପାଇଁ ସେ ମୋଗଲ ଦରବାରରେ ପୁରସ୍କୃତ ହୋଇଥିଲେ । ଏହାପରେ ସୁବାଦାର କଲ୍ୟାଣ ମଲ୍ଲ ଖୋର୍ଦ୍ଧା ଆକ୍ରମଣ କଲେ । ପୁରୁଷୋତ୍ତମ ଦେବ ପରାସ୍ତ ହେଲେ । କାହା କାହା ମତରେ ସେ ସନ୍ଧି କରିବାକୁ ବାଧ୍ୟ ହେଲେ । ଏପରିକି ବହୁ ଧନରତ୍ନ ସହ ତାଙ୍କ କନ୍ୟା ଓ ଶେଷନାଗ ନାମକ ହସ୍ତୀ ଉପହାର ଦେଲେ । ଏତିକିରେ ମଧ୍ୟ ପୁରୁଷୋତ୍ତମଙ୍କ ବିପତ୍ତି ସରି ନଥିଲା । ୧୬୧୭ ଖ୍ରୀଷ୍ଟାବ୍ଦରେ ନୂତନ ସୁବାଦାର ମୁକ୍ରାମ ଖାଁ ପରାସ୍ତ ହୋଇ ପରିବାର ସହ ପଳାୟନ କରି ମାଣିତ୍ରୀ ଦୁର୍ଗରେ ଆଶ୍ରୟ ନେଲେ । ସେଠାରେ ଥିବାବେଳେ ତାଙ୍କର ମୃତ୍ୟୁ ହେଲା ।

ପୁରୁଷୋତ୍ତମ ଦେବଙ୍କ ପରେ ନରସିଂହ ଦେବ ୧୬୨୨ ଖ୍ରୀଷ୍ଟାବ୍ଦରେ ରାଜା ହେଲେ । ତାଙ୍କ ସମୟରେ ବଙ୍ଗଳାର ସୁବାଦାର ଥିଲେ ଅହମ୍ମଦ ବେଗ୍ । ସେ ମଧ୍ୟ ପୂର୍ବବର୍ତ୍ତୀ ସୁବାଦାରଙ୍କ ଭଳି ଖୋର୍ଦ୍ଧା ଆକ୍ରମଣ କଲେ । ନରସିଂହ ଦେବ ବହୁ ସୈନ୍ୟ ନେଇ ସେ ଆକ୍ରମଣର ମୁକାବିଲା କଲେ । ଅହମ୍ମଦ ବେଗ ଯୁଦ୍ଧରେ ପରାସ୍ତ ହେଲେ । ସେ ବହୁ କଷ୍ଟରେ ଜୀବନ ଧରି ପଳାୟନ କଲେ ।

ଅହମ୍ମଦ ବେଗ ଦ୍ୱିତୀୟଥର ପାଇଁ ଖୋର୍ଦ୍ଧା ଆକ୍ରମଣ କରିବାକୁ ବସିଲେ । ମାତ୍ର ବିଦ୍ରୋହ ଘୋଷଣା କରିଥିବା ମୋଗଲ ସମ୍ରାଟଙ୍କ ପୁତ୍ର ଶାହାଜାହାନଙ୍କ ଓଡ଼ିଶା ଆସୁଥିବା ଖବର ପାଇ ସେ ଏଥିରୁ କ୍ଷାନ୍ତ ହେଲେ । ଶାହାଜାହାନ ଖୋର୍ଦ୍ଧା ସୀମାନ୍ତରେ ପହଞ୍ଚିବା ମାତ୍ରେ ନରସିଂହ ଦେବ ତାଙ୍କ ସଂଗେ ବନ୍ଧୁତା ସୂତ୍ରରେ ଆବଦ୍ଧ ହେଲେ । ସେ ବିଦ୍ରୋହୀ ରାଜପୁତ୍ରଙ୍କ ସହିତ ଯାଜପୁର ପର୍ଯ୍ୟନ୍ତ ଯାଇଥିଲେ । ଶାହାଜାହାନ ମଧ୍ୟ ତାଙ୍କୁ ଖୋର୍ଦ୍ଧାର ରାଜା ରୂପେ ସ୍ୱୀକୃତି ଦେଲେ ।

ପରବର୍ତ୍ତୀ ସୁବାଦାର ବାକର ଖାଁ ନାଜିମ ସାଜି ଅତି ଅତ୍ୟାଚାରୀ ଥିଲେ । ସେ ୧୬୨୮ ଖ୍ରୀଷ୍ଟାବ୍ଦରେ କୋଣାର୍କର ସୂର୍ଯ୍ୟ ମନ୍ଦିର ଆକ୍ରମଣ କରିବାକୁ ବାହାରିଲେ । ମାତ୍ର ନରସିଂହ ଦେବ ପୂର୍ବରୁ ଅଧିଷ୍ଠିତ ଦେବ ବିଗ୍ରହଙ୍କୁ ପୁରୀକୁ ନେଇଯାଇ ନୀଳାଦ୍ରି ମହୋତ୍ସବ ମନ୍ଦିରରେ ଗୁପ୍ତ ଭାବରେ ରଖିଥିଲେ ।

ବାକର ଖାଁଙ୍କ ପରବର୍ତ୍ତୀ ସୁବାଦାର ଥିଲେ ମୁତକ୍ଵଦ ଖାଁ ଓରଫ ମିର୍ଜ୍ଜା ମାକି । ତାଙ୍କ ପରେ ଆଗା ମହମ୍ମଦ ତେହେରାନି ସୁବାଦାର ହେଲେ । ସେ ଉଦାର ପ୍ରକୃତିର ସୁବାଦାର ଥିଲେ । ତାଙ୍କ ସମୟରେ ଖୋର୍ଦ୍ଧା ଉପରେ କୌଣସି ଆକ୍ରମଣ ହୋଇ ନଥିଲା । ଫଳରେ ସେ ରାଜତ୍ୱର ଶେଷ ପର୍ଯ୍ୟନ୍ତ ଶାନ୍ତିରେ ରାଜତ୍ୱ କରିଥିଲେ । ତାଙ୍କ ସମୟରେ ବନ୍ଦ ହୋଇ ଥିବା ରଥଯାତ୍ରା ପୁଣି ବସନ୍ତ ଋତୁରେ ଆରମ୍ଭ ହେଲା । ଜଗନ୍ନାଥ ମନ୍ଦିରରେ ମଧ୍ୟ ଉନ୍ନତି ବିଧାନ ହୋଇଥିଲା । ନରସିଂହ ଦେବ ବୀର ନରସିଂହପୁର ନାମକ ଏକ ଶାସନ ବସାଇଥିଲେ ।

ନରସିଂହଦେବଙ୍କ ରାଜତ୍ୱର ଏକ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି ବୈଷ୍ଣବ ଧର୍ମର ଅଭ୍ୟୁଦୟ । ସେ ବଙ୍ଗଳାର ବଲ୍ଲାଳ ସେନ୍‌ଙ୍କ ଭଳି ହିନ୍ଦୁ ଧର୍ମରେ କୌଳିନ୍ୟ ପ୍ରଥା ପ୍ରଚଳନ କରିଥିଲେ । ୧୬୪୭ ମସିହା କୁମ୍ଭ ମାସ ୫ ତାରିଖରେ ସେ ଫତେ ଖାଁଙ୍କ ସହିତ ଯୁଦ୍ଧରେ ବ୍ୟାପୃତ ଥିଲା ବେଳେ ମୃତ୍ୟୁ ବରଣ କଲେ ।

ନରସିଂହ ଦେବଙ୍କ ପରେ ଗଙ୍ଗାଧର ଦେବ ସିଂହାସନରେ ବସିଲେ । ସେ ମଧ୍ୟ ନରସିଂହ ଦେବଙ୍କ ଜ୍ୟେଷ୍ଠ ଭ୍ରାତାଙ୍କ ପୁତ୍ର ବଳଭଦ୍ର ଦେବଙ୍କ ଦ୍ୱାରା ନିହତ ହେଲେ ।

ବଳଭଦ୍ର ଦେବ ୧୬୪୮ରେ ସିଂହାସନରେ ବସିଲେ । ମିର୍ଜ୍ଜା ବକାକିଙ୍କ ନେତୃତ୍ୱରେ ମୋଗଲମାନେ ପୁଣି ଖୋର୍ଦ୍ଧା ଆକ୍ରମଣ କରି ଅନେକ ଦୁର୍ଗ ଅଧିକାର କରିନେଲେ । କିନ୍ତୁ ଶେଷ ସମୟରେ ତାଙ୍କର ମୋଗଲ ମାନଙ୍କ ସହିତ ସୁସମ୍ପର୍କ ସ୍ଥାପିତ ହେଲା । ସେ ମୋଗଲ ସମ୍ରାଟଙ୍କୁ ବନ୍ଧୁତାର ନିଦର୍ଶନ ସ୍ୱରୂପ ଏକ ବଡ଼ ହାତୀ ଉପହାର ଦେଇଥିଲେ । ସେ ମଧ୍ୟ ବୀର ବଳଭଦ୍ର ପୁର ଶାସନ ବସାଇ ଥିଲେ । ୧୬୫୯ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହେଲା ।

ବଳଭଦ୍ର ଦେବଙ୍କ ମୃତ୍ୟୁପରେ ପ୍ରଥମ ମୁକୁନ୍ଦଦେବ ସିଂହାସନାରୂଢ଼ ହେଲେ । ସେତେବେଳକୁ ତାଙ୍କୁ ମାତ୍ର ୪ ବର୍ଷ ବୟସ ହୋଇଥିଲା । ସୁତରାଂ ସେ ଧର୍ମଦେବ ରାଜଗୁରୁଙ୍କ ତତ୍ତ୍ୱାବଧାନରେ ରହିଲେ । ମୋଗଲ ସମ୍ରାଟ ଶାହାଜାହାନଙ୍କର ଅସୁସ୍ଥତାର ସୁଯୋଗ ନେଇ ସେ ବିଦ୍ରୋହ ଘୋଷଣା କଲେ । ସେହି ବିଦ୍ରୋହ ଦମନ ପାଇଁ ମୋଗଲ ସୁବାଦାର ଖାନ୍-ଇ-ଦୌରାନ୍ ୧୬୬୧ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାରେ ପହଞ୍ଚିଲେ । ଚାରିଦିନ କାଳ ଧରି ଯୁଦ୍ଧ ଚାଲିଲା । ଶେଷରେ ଜମିଦାର ଭରତ ପଟ୍ଟନାୟକଙ୍କ ବିଶ୍ୱାସଘାତକତା ଯୋଗୁ ରାଜା ପରାସ୍ତ ଓ ସିଂହାସନଚ୍ୟୁତ ହେଲେ । ମାତ୍ର ପରେ ସେ ସୁବାଦାରଙ୍କୁ ଭେଟି ତାଙ୍କର ଅନୁଗ୍ରହ ଭିକ୍ଷା କଲେ । ଫଳରେ ସେ ପୁଣି ସିଂହାସନ ଫେରି ପାଇଲେ । ତାଙ୍କର ଅଭିଷେକ ଉତ୍ସବ ରଥିପୁରଠାରେ ଅନୁଷ୍ଠିତ ହୋଇଥିଲା ।

ମୁକୁନ୍ଦଦେବ ଏହା ପରେ ଦୀର୍ଘ ୩୦ ବର୍ଷ ରାଜତ୍ୱ କରିଥିଲେ । ସେ ମୁକୁନ୍ଦପୁର ଶାସନ ନାମକ ଏକ ଶାସନ ବସାଇଥିଲେ । ସେ ବସନ୍ତ ରୋଗାକ୍ରାନ୍ତ ହୋଇ ୧୬୮୮ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କଲେ ।

ମୁକୁନ୍ଦଦେବଙ୍କ ପରେ ତାଙ୍କ ପୁତ୍ର ଦିବ୍ୟସିଂହଦେବ ରାଜା ହେଲେ । ତାଙ୍କର ଅଭିଷେକ ଉତ୍ସବ ମଧ୍ୟ ରଥିପୁର ଦୁର୍ଗରେ ହୋଇଥିଲା । ତାଙ୍କର ରାଜଗୁରୁ ଥିଲେ ବାସୁଦେବ ।

ଦିବ୍ୟସିଂହ ଦେବ ଜଣେ ଦକ୍ଷ ଶାସକ ଥିଲେ । ତାଙ୍କ ସମୟରେ ନାଏବ ସୁବାଦାର ସୁଜା-ଉଦ୍-ଦିନ ୧୭୦୭ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧା ଆକ୍ରମଣ କଲେ । ମାତ୍ର ରାଜା ତାର ଦୃଢ଼ତାର ସହିତ ମୁକାବିଲା କଲେ । ତାଙ୍କ ନିମନ୍ତ୍ରଣ କ୍ରମେ ଅଠରଟି ଗଡ଼ର ସାମନ୍ତମାନେ ତାଙ୍କୁ ସାହାଯ୍ୟ ଦେଲେ । ଦିବ୍ୟସିଂହ ଦେବ ମୋଗଲ ସେନାଙ୍କୁ ପରାଜୟ ଦେଲେ ମଧ୍ୟ ରାଜ୍ୟର ବହୁ ଅଞ୍ଚଳରୁ କର୍ତ୍ତୃତ୍ୱ ହରାଇଲେ ।

ଦିବ୍ୟସିଂହ ଦେବ ରାଜା ପ୍ରଥମ ରାମଚନ୍ଦ୍ର ଦେବଙ୍କ ଭଳି ଜଗନ୍ନାଥ

ମନ୍ଦିରରେ ବହୁ ଉନ୍ନତି ସାଧନ କରିଥିଲେ । ମୋଗଲ ସେନାପତି ଏକ୍ରାମ ଖାଁଙ୍କ ଆକ୍ରମଣ ପରଠାରୁ ଶ୍ରୀମନ୍ଦିରର ସିଂହଦ୍ୱାର ବନ୍ଦ ରହିଥିଲା । ତାହା ତାଙ୍କ ତତ୍ତ୍ୱାବଧାନରେ ଖୋଲାଗଲା । ବହୁକାଳ ଧରି ବନ୍ଦ ହୋଇ ଯାଇଥିବା ରଥଯାତ୍ରାର ପ୍ରଚଳନ ହେଲା । ଦେଉଳ ଉପରୁ ନୀଳଚକ୍ରଟି ଘୂର୍ଣ୍ଣିବାତ୍ୟା ଦ୍ୱାରା ଉଡି ଯାଇଥିଲା । ତାହାକୁ ପୁଣି ବସାଗଲା । ରାଜା ମଧ୍ୟ ମନ୍ଦିର ମଧ୍ୟରେ ବହୁ ମଣ୍ଡପ ନିର୍ମାଣ କରାଇଲେ । ଜୀବନର ଶେଷ ସମୟରେ ସେ ମାରାତ୍ମକ ରୋଗରେ ପୀଡିତ ହୋଇ ପୁରୀ ଗଲେ । ସେଠାରେ ୧୭୧୪ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହେଲା ।

ଭୋଇ ବଂଶର ପରବର୍ତ୍ତୀ ରାଜା ହେଲେ ହରେକୃଷ୍ଣ ଦେବ । ସେ ଜଗନ୍ନାଥ ମନ୍ଦିରରେ ଚୂନଧୌତ କରାଇଲେ । ସେ ମଧ୍ୟ ବୀରକୃଷ୍ଣପୁର ନାମକ ଏକ ଶାସନ ବସାଇଲେ । ସେ ହିନ୍ଦୁଧର୍ମର ପବିତ୍ରତା ରକ୍ଷା ଦିଗରେ ଦୃଷ୍ଟି ଦେଇଥିଲେ । ଏହାପରେ ଗୋପୀନାଥ ଦେବ ରାଜା ହେଲେ । ତାଙ୍କର ଚରିତ୍ରଗତ ସ୍ଖଳନ ହେଲା । ସେ ବାଙ୍କୀ ରାଣୀ ଶୁକଦେଈଙ୍କ ଦ୍ୱାରା ପରାସ୍ତ ହେଲେ । ଶେଷରେ ସେ ନିଜ ଅମାତ୍ୟଙ୍କ ହସ୍ତରେ ନିହତ ହେଲେ । ଏହାପରେ ରାମଚନ୍ଦ୍ର ଦେବ ଖୋର୍ଦ୍ଧାର ରାଜା ହେଲେ । ତାଙ୍କ ସମୟରେ ତକି ଖାଁଙ୍କ ନେତୃତ୍ୱରେ ମୋଗଲମାନଙ୍କ ଓ ଦକ୍ଷିଣରୁ ଗୋଲକୁଣ୍ଡାର ସୁଲତାନଙ୍କ ଆକ୍ରମଣ ଲାଗି ରହିଲା । ସେ ପାଇକ ମାନଙ୍କୁ ସଙ୍ଗଠିତ କରି ମୋଗଲ ମାନଙ୍କ ସହିତ ଯୁଦ୍ଧ କଲେ । ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ ଆଶଙ୍କା କରି ସେ ବିଗ୍ରହମାନଙ୍କୁ ନେଇ ପ୍ରଥମେ ବାଣପୁର ଓ ସେଠାରୁ ପୁଣି ନେଇ ଚିକାଲିଠାରେ ରଖିଲେ । ମୋଗଲ ମାନଙ୍କ ସହିତ ଯୁଦ୍ଧରେ ସେ ଶେଷରେ ପରାସ୍ତ ଓ ବନ୍ଦୀ ହେଲେ । ପ୍ରଥମେ ରଥିପୁର ଦୁର୍ଗରେ ଓ ପରେ କଟକରେ ବାରବାଟୀ ଦୁର୍ଗରେ ତାଙ୍କୁ ରଖାଗଲା । ତକି ଖାଁ ପୁଣି ରାମଚନ୍ଦ୍ର ଦେବଙ୍କ ପୁତ୍ରଙ୍କୁ ଆକ୍ରମଣ କରି ଅସ୍ତବ୍ୟସ୍ତ କରି ପକାଇଲେ । ରାମଚନ୍ଦ୍ର ଦେବ ବନ୍ଦୀଶାଳାରେ ଥିଲା ବେଳେ ମୁର୍ଶିଦ କୁଲି ଖାଁଙ୍କ କନ୍ୟା ସୌରିଆଙ୍କ ପ୍ରେମରେ ପଡି ବିବାହ କରିଥିଲେ । ଫଳରେ ତାଙ୍କୁ ମୁକ୍ତି ଦିଆ ଯାଇ ପୁଣି ସିଂହାସନରେ ବସାଗଲା । ରାମଚନ୍ଦ୍ର ଦେବ ପୁଣି ବିଗ୍ରହମାନଙ୍କୁ ଆଣି ଶ୍ରୀ ମନ୍ଦିରରେ ସଂସ୍ଥାପନ କଲେ । ମାତ୍ର ମୁସଲମାନ ଧର୍ମ ଗ୍ରହଣ କରିଥିବା ଓ ଯବନ କନ୍ୟାକୁ ବିବାହ କରିଥିବା ଯୋଗୁଁ ତାଙ୍କୁ ସାମାଜିକ ବାସନ୍ଦ କରାଗଲା । ଏପରିକି ଜଗନ୍ନାଥ ମନ୍ଦିରରେ ପ୍ରବେଶ ନିଷିଦ୍ଧ ହେଲା । ରାଜ୍ୟର ଚତୁର୍ଦ୍ଦିଗରେ ବିଦ୍ରୋହ ଦେଖା ଦେଲା । ଶେଷରେ ସେ ବିଷଖାଇ ଆତ୍ମହତ୍ୟା କଲେ । ଏହାପରେ ପଦ୍ମନାଭ ଦେବ କିଛିକାଳ ପାଇଁ ସିଂହାସନରେ ବସିଲେ । ତାଙ୍କ ପରେ ବୀର କିଶୋର ଦେବ ନାଏବ ନାଜିମ ମୁର୍ଶିଦକୁଲି ଖାଁଙ୍କ ସାହାଯ୍ୟରେ ରାଜା ହେଲେ । ସେ ରାଜ୍ୟରେ ସୁଶାସନ ପ୍ରତିଷ୍ଠା କରିଥିଲେ ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ମୋଗଲ ମାନଙ୍କ ପ୍ରଭାବ ଓ ପ୍ରତିପତ୍ତି ହ୍ରାସ ପାଇଲା । ଓଡିଶା ମରହଟ୍ଟା ମାନଙ୍କ ଦ୍ୱାରା ଅଧିକୃତ ହେଲା । ବୀର କିଶୋର ଦେବ ମରହଟ୍ଟା ମାନଙ୍କ ଅଧୀନତା ସ୍ୱୀକାର କରି ନଥିଲେ । ତେଣୁ ମରହଟ୍ଟା ମାନେ କ୍ରୋଧାନ୍ୱିତ ହୋଇ ପୁରୀ ଆକ୍ରମଣ କରି ତାହାକୁ ଅଧିକାର କରିନେଲେ । ବହୁ ରାଜାଙ୍କ ଅଧସ୍ତନ ସାମନ୍ତ ମାନଙ୍କୁ ମଧ୍ୟ ସ୍ୱାଧୀନ ବୋଲି ଘୋଷଣା କଲେ । ଫଳରେ ବୀରକିଶୋର ଦେବଙ୍କ କ୍ଷମତା ବହୁପରିମାଣରେ ସଙ୍କୁଚିତ ହୋଇଗଲା ।

ଶେଓ ଭଟ ସାଣ୍ଠିଆ ଓଡିଶାର ପ୍ରଥମ ମରହଟ୍ଟା ସୁବାଦାର ଥିଲେ । ତାଙ୍କ ସମୟରେ ଖିମେଣ୍ଡିର ପ୍ରଭାବଶାଳୀ ଜମିଦାର ନାରାୟଣ ଦେବ- ଯେକି ଖୋର୍ଦ୍ଧା ସିଂହାସନର ଦାବିଦାର ଥିଲେ- ଖୋର୍ଦ୍ଧା ଆକ୍ରମଣ କଲେ । ବୀର କିଶୋର ଦେବ ଯୁଦ୍ଧରେ ପରାସ୍ତ ଓ ରାଜ୍ୟଚ୍ୟୁତ ହେଲେ । ସେ ତେଣୁ ମରହଟ୍ଟା ମାନଙ୍କ ସାହାଯ୍ୟ ଲୋଡିଲେ । ଏକଲକ୍ଷ ଟଙ୍କା ବିନିମୟରେ ମରହଟ୍ଟା ମାନେ ବୀରକିଶୋର ଦେବଙ୍କୁ ସାହାଯ୍ୟ ଦେବାପାଇଁ ରାଜି ହେଲେ । ମରହଟ୍ଟା ମାନଙ୍କ ସାହାଯ୍ୟରେ ମଧ୍ୟ ନାରାୟଣ ଦେବ ବହିଷ୍କୃତ ହେଲେ । ବୀରକିଶୋର ଦେବ କିନ୍ତୁ ଏକ ଲକ୍ଷ ଟଙ୍କା ଦେବାକୁ ସକ୍ଷମ ନ ହେବାରୁ ଲିମ୍ବାଇ ରାହାଙ୍ଗ, ପୁରୁଷୋତ୍ତମ ଛତ୍ର ପ୍ରଭୃତି ଅତି ମୂଲ୍ୟବାନ ଅଞ୍ଚଳ ଗୁଡିକୁ ବନ୍ଧା ଦେବାକୁ ବାଧ୍ୟ ହେଲେ । ମରହଟ୍ଟା ମାନେ ମଧ୍ୟ ସେ ସବୁ ଅଞ୍ଚଳରେ ନିଜ କର୍ମଚାରୀ ମୁତୟନ କଲେ ।

ଜଗନ୍ନାଥ ମନ୍ଦିରର ପରିଚାଳନା ଭାର ହରାଇବାରୁ ବୀରକିଶୋର ଦେବ କ୍ଷୁବ୍ଧ ହୋଇ ପଡିଲେ । ସେ ଗଞ୍ଜାମର ମୁଖ୍ୟ ମାନଙ୍କଠାରୁ ୫୦୦ ତେଲେଙ୍ଗା ଆଣି ପୁରୀ ଆକ୍ରମଣ କରିବାକୁ ଉଦ୍ୟମ କଲେ ମଧ୍ୟ ସଫଳ ହୋଇ ନଥିଲେ । ଫଳରେ ମରହଟ୍ଟା ମାନଙ୍କ ସହିତ ତାଙ୍କର ସମ୍ପର୍କ ତିକ୍ତ ହୋଇ ପଡିଲା ।

ବୀର କିଶୋର ଦେବଙ୍କର ରାଜଗୁରୁ ପରମଲକ୍ଷ୍ମୀଙ୍କ ସହିତ ସୁସମ୍ପର୍କ ନଥିଲା । ସେ ମଧ୍ୟ ପାଗଳ ହୋଇ ପଡିବା ଯୋଗୁଁ ତାଙ୍କର ଚାରି ପୁତ୍ରଙ୍କୁ ହତ୍ୟା କରିଥିଲେ । ସେଥିପାଇଁ ମରହଟ୍ଟା ସୁବାଦାର ରାଜାରାମ ତାଙ୍କୁ କଟକରେ ବନ୍ଦୀ କରି ରଖିଲେ । ସେମାନେ ବୀରକିଶୋର ଦେବଙ୍କ ନାତି ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କୁ ରାଜା କଲେ ।

ବୀର କିଶୋର ଦେବ ଗୁଣ୍ଡିଚା ଯାତ୍ରା ପ୍ରଥମ ଥର ପାଇଁ ପ୍ରଚଳନ କରିଥିଲେ । ଏଥିରେ ରାଜ୍ୟର ସମସ୍ତ ଜମିଦାର, ଦଳାଇ ଓ ଦଳବେହେରା ପ୍ରଭୃତି ଯୋଗ ଦେଇଥିଲେ । ସେ ମଧ୍ୟ ବୀର କେଶରୀପୁର ଶାସନ ନାମରେ ଏକ ଶାସନ ବସାଇଥିଲେ । ଏହା ଛଡା ଜଗନ୍ନାଥ ମନ୍ଦିରରେ ବହୁ ମଣ୍ଡପମାନ ନିର୍ମାଣ କରିଥିଲେ । ବନ୍ଦୀ ଅବସ୍ଥାରେ ୧୭୯୩ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହେଲା ।

ବୀର କିଶୋର ଦେବଙ୍କ ପରେ ଦ୍ୱିତୀୟ ମୁକୁନ୍ଦଦେବ ରାଜା ହେଲେ । ସେତେବେଳକୁ ତାଙ୍କୁ ମାତ୍ର ଚାରି ବର୍ଷ ବୟସ ହୋଇଥିଲା, ଫଳରେ ଜୟୀକୃଷ୍ଣ ରାଜଗୁରୁ ତାଙ୍କର ଅଭିଭାବକ ଭାବେ ନିଯୁକ୍ତ ହେଲେ, ସେ ରାଜ୍ୟ ଶାସନର ଗୁରୁ ଦାୟିତ୍ୱ ଗ୍ରହଣ କଲେ ।

ଦ୍ୱିତୀୟ ମୁକୁନ୍ଦଦେବଙ୍କ ସିଂହାସନ ଆରୋହଣ ବେଳକୁ ଇଂରେଜମାନେ ଓଡିଶା ଅଧିକାର କରିବା ମତଲବରେ ଥିଲେ । ମାଡ୍ରାଜରୁ

କଟକକୁ ସୈନ୍ୟ ବାହନୀ ପାଇଁ ଖୋର୍ଦ୍ଧା ଦେଇ ଯିବାକୁ ପଡିବାରୁ ସେମାନେ ଏଥିପାଇଁ ମୁକୁନ୍ଦଦେବଙ୍କ ଅନୁମତି ଲୋଡିଲେ । କୂଟନୀତି ବିଶାରଦ ଜୟୀ ରାଜଗୁରୁ ଏ ପ୍ରସ୍ତାବରେ ଘୋର ବିରୋଧ କଲେ । ଶେଷରେ କିନ୍ତୁ ମରହଟ୍ଟା ମାନଙ୍କ ଦଖଲରେ ଥିବା ଲେମ୍ବାଇ, ରାହାଙ୍ଗ ସମେତ ଚାରିଗୋଟି ପ୍ରଗଣା ଫେରାଇଦେବା ସର୍ତ୍ତରେ ଏଥିରେ ରାଜି ହେଲେ ।

ଇଂରେଜମାନେ ଓଡିଶା ଅଧିକାର କଲା ସମୟରେ କୌଣସି ପ୍ରତିରୋଧର ସମ୍ମୁଖୀନ ହୋଇ ନଥିଲେ । ରାଜା ମୁକୁନ୍ଦଦେବ ଇଂରେଜମାନଙ୍କୁ ଯଥାସାଧ୍ୟ ସାହାଯ୍ୟ ଦେବାକୁ ବସିଥିଲେ; ମାତ୍ର ତାହାର କୌଣସି ପ୍ରୟୋଜନ ହୋଇ ନଥିଲା ।

ଓଡିଶା ଅଧିକାର କଲାପରେ ଇଂରେଜମାନେ କିନ୍ତୁ ସର୍ତ୍ତ ଅନୁଯାୟୀ ଲିମ୍ବାଇ ରାହାଙ୍ଗ, ପୁରୁଷୋତ୍ତମ ଛତ୍ର ପ୍ରଭୃତି ଅଞ୍ଚଳ ଗୁଡିକୁ ଫେରାଇବାକୁ ସମ୍ମତ ହେଲେ ନାହିଁ । ସେ ଅଞ୍ଚଳଗୁଡିକ ମରହଟ୍ଟା ମାନଙ୍କ ଦଖଲରେ ଥିଲା ଓ ମରହଟ୍ଟା ମାନଙ୍କୁ ପରାସ୍ତ କରିଥିବା ହେତୁ ତାହାକୁ ଫେରାଇଦେବା ପ୍ରଶ୍ନ ଉଠୁନାହିଁ ବୋଲି ସେମାନେ ଯୁକ୍ତି କଲେ । ଏପରିକି ଇଚ୍ଛେ ପରିମିତ ଟଙ୍କା ଦେବେ ନାହିଁ ବୋଲି ଖୋଲ୍‌ଖୋଲ୍ ଜଣାଇ ଦେଲେ । ଜୟୀ ରାଜଗୁରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ପଡିଲେ ସେ ଇଂରେଜ ସରକାରଙ୍କ ସହ ଅସହଯୋଗ କରିବାକୁ ସ୍ଥିର କଲେ । ଏଥିମଧ୍ୟରେ ଇଂରେଜମାନେ ଅନ୍ୟଦେଶୀୟ ରାଜାମାନଙ୍କୁ ଆୟତ୍ତାଧୀନ କରିବାପାଇଁ ସର୍ତ୍ତ ସମ୍ବଳିତ ଚୁକ୍ତିପତ୍ର ସବୁ ପ୍ରସ୍ତୁତ କରିଥିଲେ । ତାହାକୁ ସବୁ ରାଜା ଗ୍ରହଣ କରିନେଇଥିଲେ । ମାତ୍ର ଜୟୀ ରାଜଗୁରୁଙ୍କ ପରାମର୍ଶରେ ରାଜା ଏଥିରେ ସ୍ୱାକ୍ଷର ଦେଲେ ନାହିଁ । ରାଜା କୁ ପରାମର୍ଶ ଦ୍ୱାରା ପରିଚାଳିତ ହେଉଛନ୍ତି ବୋଲି ଇଂରେଜମାନେ ଅଭିଯୋଗ କଲେ । ଶେଷରେ ସେମାନେ ରାଜାଙ୍କ ନିକଟରେ ଜୟୀ ରାଜଗୁରୁଙ୍କୁ ହଟାଇଦେବା ପାଇଁ ଦାବି କଲେ । ରାଜା କିନ୍ତୁ ସେଥିରେ କର୍ଣ୍ଣପାତ କରି ନଥିଲେ । ଶେଷରେ ଯୁଦ୍ଧ ବ୍ୟତୀତ ଅନ୍ୟପନ୍ଥା ନାହିଁ ବୋଲି ଇଂରେଜମାନେ ହୃଦୟଙ୍ଗମ କଲେ ।

ଖୋର୍ଦ୍ଧା ଆକ୍ରମଣ ପାଇଁ ହର୍କୋର ଓ ହାରକୋର୍ଟ ଙ୍କ ନେତୃତ୍ୱରେ ଇଂରେଜ ସୈନ୍ୟ ପଠାଗଲା । ଆଉ ଦଳେ ସୈନ୍ୟ ମେଜର ଫ୍ଲେଚରଙ୍କ ନେତୃତ୍ୱରେ ଖୋର୍ଦ୍ଧା ଆଡକୁ ଅଗ୍ରସର ହେଲେ । ସେମାନେ ବାଙ୍କିଆ ପଡା ଦେଇ ଖୋର୍ଦ୍ଧା ପହଞ୍ଚିଲେ । ତିନିଦିନ ଧରି ଗଡ଼ ପାଖରେ ଯୁଦ୍ଧ ହେଲା । ମେଜର ଫ୍ଲେଚରଙ୍କ ପୁତୁରା ଏହି ଖଣ୍ଡଯୁଦ୍ଧରେ ନିହତ ହେଲେ । ଶେଷରେ ମେଜର ଫ୍ଲେଚର ନିଶ୍ରୁଣି ସାହାଯ୍ୟରେ ଦୁର୍ଗ ଉପରକୁ ଉଠିଲେ ଓ ଦୁର୍ଗ ଅଧିକାର କଲେ । ମୁକୁନ୍ଦଦେବ ଦୁର୍ଗର ଗୋଟିଏ ଦ୍ୱାରରେ ନିଆଁ ଲଗାଇ ଖସି ପଳାଇଲେ । ମାତ୍ର ପରେ ଇଂରେଜ ସୈନ୍ୟଙ୍କ ହାତରେ ଧରା ପଡିଲେ । ମୁକୁନ୍ଦଦେବ ଓ ଜୟୀ ରାଜଗୁରୁଙ୍କୁ ବନ୍ଦୀ ଅବସ୍ଥାରେ କଟକ ନିଆଯାଇ ବାରବାଟୀ ଦୁର୍ଗରେ ରଖାଗଲା । ସେଠାରେ ସେମାନଙ୍କୁ ରଖିବା ନିରାପଦ ନଥିବାରୁ ସୁଦୂର ମେଦିନୀପୁର ଜେଲକୁ ପଠାଗଲା ।

ମେଦିନୀପୁର ର ବାସିଡୋଟାଠାରେ ସେମାନଙ୍କର ବିଚାର ହେଲା । ମୁକୁନ୍ଦଦେବ କିନ୍ତୁ ରାଜ୍ୟ ଫେରି ପାଇବା ପାଇଁ ଇଂରେଜ କର୍ତ୍ତୃପକ୍ଷଙ୍କୁ ଏକ ଆବେଦନ ପତ୍ର ଦେଇଥିଲେ । ସେଥିରେ ସମସ୍ତ ଦୋଷ ତାଙ୍କର ମନ୍ତ୍ରୀ ତଥା ଜୟୀ ରାଜଗୁରୁଙ୍କ ଉପରେ ଲଦି ଦେଇଥିଲେ । ଜୟୀ ରାଜଗୁରୁ କିନ୍ତୁ ତାହା ରାଜ୍ୟର ମଙ୍ଗଳ ପାଇଁ କରିଛନ୍ତି ଓ ସେ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ନିର୍ଭୀକ ଉତ୍ତର ଦେଲେ । ତେଣୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଅତି ନିର୍ମମ ଭାବେ ଫାଶୀ ଦିଆଗଲା । ବରଗଛର ଦୁଇଟି ବଡଡାଳରେ ତାଙ୍କର ଦୁଇଗୋଡକୁ ବାନ୍ଧି ତାହାକୁ ଛାଡି ଦିଆଯାଇଥିଲା । ଏଭଳି ନିର୍ମମ ଓ ନାରକୀୟ ହତ୍ୟା ଖ୍ରୀଷ୍ଟଙ୍କୁ କ୍ରୁଶ ବିଦ୍ଧ କରିବା ଠାରୁ ବଳି ଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଇଂରେଜମାନେ ରାଜାଙ୍କ ଆବେଦନ ସହୃଦୟତାର ସହିତ ବିଚାର କରିବାର ଆବଶ୍ୟକତା ଉପଲବ୍ଧି କରି ତାଙ୍କୁ ଖଲାସ କରି ଦେଇଥିଲେ । କିନ୍ତୁ ଖୋର୍ଦ୍ଧା ରାଜ୍ୟ ତାଙ୍କୁ ଫେରାଇ ଦିଆ ଯାଇ ନଥିଲା କି ଖୋର୍ଦ୍ଧାରେ ରହିବାକୁ ଅନୁମତି ଦିଆଗଲା ନାହିଁ । ଜଗନ୍ନାଥ ମନ୍ଦିରର ପରିଚାଳନା ଦାୟିତ୍ୱ କେବଳ ତାଙ୍କ ଠାରେ ନ୍ୟସ୍ତ ହେଲା । ସେ ପୁରୀର ବାଲିସାହିରେ ଏକ କୋଠା ଭଡାରେ ରହିଲେ ।

ଖୋର୍ଦ୍ଧା ଅଧିକାର କଲାପରେ ଇଂରେଜମାନେ ତାଙ୍କର ଶାସନ ବ୍ୟବସ୍ଥା ପ୍ରଚଳନ କରିବାକୁ ବସିଲେ । ମାଡ୍ରାଜ ରେଜିମେଣ୍ଟର ଜଣେ ଦକ୍ଷ ସେନାପତି ମେଜର ଫ୍ଲେଚରଙ୍କୁ ଏଥିପାଇଁ ନିଯୁକ୍ତ କରାଗଲା । ସେ ୧୮୦୪-୦୫ ରେ ଖୋର୍ଦ୍ଧାରେ ପ୍ରଥମ ବନ୍ଦୋବସ୍ତ ଆରମ୍ଭ କଲେ । ଏଥିରେ ବିଘା ୭'/, ଅଣା ହିସାବରେ ଟ ୧୧୮୬୧୫୦ - ୭-୬-୩ ଧାର୍ଯ୍ୟ କରାଗଲା । ଏହାପରେ ଖୋର୍ଦ୍ଧାରେ ତିନିବର୍ଷିଆ ବନ୍ଦୋବସ୍ତ ହୋଇଥିଲା । ଏହାପରେ ଦୁଇବର୍ଷିଆ ଓ ୧୮୧୫-୧୬ ରେ ଏକବର୍ଷିଆ ବନ୍ଦୋବସ୍ତ ମାନ କରାଗଲା । ଏହି ବନ୍ଦୋବସ୍ତ ଗୁଡିକ ହେବା ଫଳରେ ଜମାର ବୃଦ୍ଧି ଅତ୍ୟଧିକ ହୋଇ ପଡିଲା । ରାଜସ୍ୱ ଆଦାୟ ପ୍ରଣାଳୀ ମଧ୍ୟ ତ୍ରୁଟିପୂର୍ଣ୍ଣ ଥିଲା । ଅତ୍ୟାଚାରୀ ଜମିଦାର ମାନେ ନ୍ୟାଯ୍ୟ ରାଜସ୍ୱର ବହୁଗୁଣ ଆଦାୟ କରୁଥିଲେ । ପ୍ରଜାମାନେ ଆପତ୍ତି କଲେ ମଧ୍ୟ ତାଙ୍କୁ ସେମାନେ ଶୁଣୁ ନଥିଲେ । ଫଳରେ ପ୍ରଜାମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଲା । ଇଂରେଜ ଶାସନର ପ୍ରଥମ ଅବସ୍ଥାରେ ଓଡିଆ ଜମିଦାର ମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଲେ । ରାଜସ୍ୱ ଅନାଦେୟ କାରଣରୁ ଜମିଦାରୀମାନ ନିଲାମ ହେବାର ବ୍ୟବସ୍ଥା ହେଲା । ମାତ୍ର ଏହି ନିଲାମ ଓଡିଶାରେ ନହୋଇ କଲିକତାରେ ହେଲା । ସେତେବେଳେ କଲିକତାକୁ ଯାତାୟାତର ସୁବିଧା ନ ଥିଲା । ଓଡିଆ ଜମିଦାର ମାନଙ୍କର କଲିକତାରେ କେହି ପ୍ରତିନିଧି ମଧ୍ୟ ନ ଥିଲେ । ବଙ୍ଗାଳୀ କର୍ମଚାରୀ ମାନଙ୍କର ହେରଫେର ଯୋଗୁଁ ଓଡିଆ ଜମିଦାର ମାନେ ନିଲାମ ଧରିବାରୁ ବଞ୍ଚିତ ହେଲେ । ଫଳରେ ସେମାନେ ଜମିଦାରୀ ହରାଇ ବାଣର ଭିକାରୀ ହେଲେ । ନୂତନ ଭାବେ ପ୍ରତିଷ୍ଠିତ ବ୍ରିଟିଶ ସରକାର ମଧ୍ୟ ଓଡିଆ ମାନଙ୍କ ପରିବର୍ତ୍ତେ ବଙ୍ଗାଳୀ, ବିହାରୀ ଓ

ମୁସଲମାନମାନଙ୍କୁ ସରକାରୀ ଚାକିରିରେ ନିଯୁକ୍ତ କଲେ । ସେମାନଙ୍କର ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇଲା । ସେମାନେ ପ୍ରଜାମାନଙ୍କୁ ଶୋଷଣ କରିବାକୁ ଲାଗିଲେ । ଖୋର୍ଦ୍ଧାର ଜନ ସାଧାରଣ ସେମାନଙ୍କର ଅତ୍ୟାଚାରରେ ଅତିଷ୍ଠ ହୋଇ ପଡ଼ିଲେ । ପୂର୍ବରୁ ଖୋର୍ଦ୍ଧାର ପାଇକମାନେ ରାଜାଙ୍କ ପକ୍ଷରେ ରହି ଯୁଦ୍ଧ କରୁଥିଲେ । ଅନ୍ୟ ସମୟରେ ସେମାନେ କୃଷି କାର୍ଯ୍ୟରେ ମନ ଦେଉଥିଲେ । ଏଥିପାଇଁ ବେତନ ପରିବର୍ତ୍ତେ ନିଷ୍କର ଜମି ଭୋଗ ଦଖଲ କରୁଥିଲେ । ମାତ୍ର ଇଂରେଜ ସରକାର ପାଇକ ମାନଙ୍କୁ ସେମାନଙ୍କର ସେନା ବାହିନୀ ପାଇଁ ଅଯୋଗ୍ୟ ମନେ କଲେ । ସେମାନଙ୍କ ଜମି ଉପରେ ଖଜଣା ଧାର୍ଯ୍ୟ କରାଗଲା । ଦଳାଇ ଦଳବେହେରା ପ୍ରଭୃତି ମାନଙ୍କ କ୍ଷେତ୍ରରେ ଏହି ନୀତି ପ୍ରୟୋଗ ହେଲା । ସେମାନେ ଖଜଣା ଦେବାକୁ ଅସମର୍ଥ ହେଲେ । ସେମାନଙ୍କଠାରୁ ଜାଗିରି ଜମି କାଢ଼ି ନେବା ଦ୍ୱାରା ସେମାନେ ନାଗର ଭିକାରୀ ହୋଇ ପଡ଼ିଲେ । ରାଜସ୍ୱ ମଧ୍ୟ କଉଡ଼ି ପରିବର୍ତ୍ତେ ଟଙ୍କାରେ ଆଦାୟ ହେଲା । ଫଳରେ କଉଡ଼ିର ମୂଲ୍ୟ ହ୍ରାସ ପାଇଲା । ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ ବଢ଼ିଗଲା । ଏକଚାଟିଆ ଲବଣ ନୀତି ପ୍ରୟୋଗ ଫଳରେ ଲବଣର ଦାମ ବୃଦ୍ଧି ପାଇଲା । ଇଂରେଜ ମାନଙ୍କ ଆସିବା ପୂର୍ବରୁ ଲୁଣ ମହଣ ଦଶ ଅଣା ମାତ୍ର ଥିଲା । କିନ୍ତୁ ପାଇକ ବିଦ୍ରୋହର ଅବ୍ୟବହିତ ପୂର୍ବରୁ ଲୁଣ ମହଣ ଚାରି ଟଙ୍କା ହୋଇଥିବାର ଜଣାଯାଏ । ଲୁଣ ର ମୂଲ୍ୟ ବୃଦ୍ଧି ସଂଗେ ସଂଗେ ଏହାର ଅଭାବ ମଧ୍ୟ ଅନୁଭୂତ ହେଲା । ଏହି ପରି ସବୁ ଶ୍ରେଣୀର ଲୋକେ ଇଂରେଜ ଶାସନରେ ତଙ୍ଗି ତଳାନ୍ତ ହୋଇଗଲେ । ଜନ ସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରିବା ପାଇଁ ଇଂରେଜ ସରକାର ମଧ୍ୟ କୌଣସି ଦୃଷ୍ଟି ଦେଉ ନଥିଲେ । ଯେତେବେଳେ କରଭାର, ଅଭାବ, ଅତ୍ୟାଚାର ଚରମ ସୀମାରେ ପହଞ୍ଚିଲା, ସେତେବେଳେ ଖୋର୍ଦ୍ଧାର ଲୋକେ ବିଦ୍ରୋହ ଅଗ୍ନିରେ ଝାସ ଦେଲେ । ଏହି ବିଦ୍ରୋହର ନେତୃତ୍ୱ ନେଲେ ବକ୍‌ସି ଜଗବନ୍ଧୁ ।

ବକ୍ସି ଜଗବନ୍ଧୁଙ୍କର ନାମ ଥିଲା ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ମହାପାତ୍ର । ସେ ଖୋର୍ଦ୍ଧା ରାଜାଙ୍କ ବଂଶାନୁକ୍ରମେ ସେନାପତି ଥିଲେ । ତାଙ୍କର ବିଶାଳବପୁ ଓ ଦୀର୍ଘାକାର ଶରୀର ସମସ୍ତଙ୍କୁ ଆକର୍ଷିତ କରୁଥିଲା ।

ବକ୍‌ସି ଜଗବନ୍ଧୁ ବକ୍‌ସି ପଦରେ ନିଯୁକ୍ତ ଥିଲେ । ସେ କିଲାଇ, ରାହାଙ୍ଗ, ସେରାଇ ଓ ଚବିଶକୁଦ ପ୍ରଗଣା ଗୁଡ଼ିକ ନିଷ୍କର ଭାବେ ଭୋଗ ଦଖଲ କରୁଥିଲେ । ପ୍ରଥମ ବନ୍ଦୋବସ୍ତରେ ସେ ଚାରିଗୋଟି ପ୍ରଗଣା ଭୋଗ ଦଖଲ କରୁଥିବା ବର୍ଣ୍ଣିତ ଥିଲେ । ମାତ୍ର ମେଜର ଫ୍ଲେଚର ତାଙ୍କ ଦାବିକୁ ଅଗ୍ରାହ୍ୟ କରିଦେଲେ । କେବଳ ରୋଡ଼ଙ୍ଗର ଜମିଦାର ଭାବେ ତାଙ୍କୁ ସ୍ୱୀକୃତି ଦେଲେ । ପରବର୍ତ୍ତୀ ବନ୍ଦୋବସ୍ତରେ ରୋଡ଼ଙ୍ଗର ଜମିଦାର ଭାବେ ତାଙ୍କ ନାମ ଦଳଳ ହୋଇଥିଲା । ମାତ୍ର ରୋଡ଼ଙ୍ଗ ଜମିଦାରୀ ଉପରେ ଜଣେ ବଙ୍ଗାଳୀ କର୍ମଚାରୀ କୃଷ୍ଣଚନ୍ଦ୍ର ସିଂହଙ୍କ ଲୋଲୁପ ଦୃଷ୍ଟି ପଡ଼ିଲା । ସେ ତାହାକୁ ପ୍ରବଞ୍ଚନାପୂର୍ଣ୍ଣ ଉପାୟରେ ନିଜ ନାମରେ କରିନେଲେ । ବକ୍‌ସି ଜଗବନ୍ଧୁ ଇଂରେଜ ସରକାରଙ୍କ ପାଖରେ ଏଥିପାଇଁ ଗୋଳ ଆପତ୍ତି କଲେ । ଅନୁସନ୍ଧାନରେ ମଧ୍ୟ ରୋଡ଼ଙ୍ଗ ଜମିଦାରୀ ଅବୈଧ ଉପାୟରେ ହସ୍ତାନ୍ତର ହୋଇଥିବା ଜଣା ପଡ଼ିଲା । ମାତ୍ର କୂଟଚକ୍ରୀ କର୍ମଚାରୀଙ୍କ ପ୍ରଭାବ ଯୋଗୁଁ ଏହାର ଫଳ କିଛି ହେଲା ନାହିଁ । ବକ୍‌ସି ଙ୍କୁ ତାଙ୍କ ସ୍ୱତ୍ୱ ଅଦାଲତରେ ସାବ୍ୟସ୍ତ କରିବାପାଇଁ ନିର୍ଦ୍ଦେଶ ମିଳିଲା । କିନ୍ତୁ କୋର୍ଟ କଚେରୀର ଆଶ୍ରୟ ନେଇ ନ୍ୟାୟ ପାଇବା ତାଙ୍କ ପକ୍ଷେ ସମ୍ଭବ ନଥିଲା । ଶେଷରେ ସେ ଇଂରେଜ ସରକାରଙ୍କୁ ଦେଶରୁ ତଡ଼ି ଦେବାକୁ ସଂକଳ୍ପବଦ୍ଧ ହେଲେ ଓ ଏଥିପାଇଁ ପ୍ରସ୍ତୁତି ଚଳାଇଲେ ।

୧୮୧୭ ମାସରେ ଘୁମୁସର ଅଞ୍ଚଳର ପାଇକ ମାନେ ପ୍ରଥମେ ବାଣପୁରରେ ବିଦ୍ରୋହ ଆରମ୍ଭ କଲେ । ତାହା ଦାବାଗ୍ନି ପରି ଖୋର୍ଦ୍ଧା, ରଥପୁର, ପିପିଲି, କୋଲଟବ, ଗୋପ, ମରିଚିପୁର, ପୁରୀ, କୁଜଙ୍ଗ ପ୍ରଭୃତି ଅଞ୍ଚଳକୁ ବ୍ୟାପିଗଲା । ଶହ ଶହ ସଂଖ୍ୟାରେ ଖୋର୍ଦ୍ଧାର ବୀର ପାଇକ, ଦଳାଇ ଦଳବେହେରା ପ୍ରଭୃତି ଏଥିରେ ଯୋଗ ଦେଲେ । ଉତ୍କ୍ଷିପ୍ତ ରାଜ୍ୟର ଜନସାଧାରଣ ମଧ୍ୟ ବିଦ୍ରୋହ ଅଗ୍ନିରେ ଝାସ ଦେଲେ । ବିଦ୍ରୋହ ଏତେ ବ୍ୟାପକ ହୋଇଥିଲା ଯେ ବେଶିଦିନ ନ ହେଲେ ମଧ୍ୟ ଏହି ଅଞ୍ଚଳରୁ ବ୍ରିଟିଶ ଶାସନ ଲୋପ ପାଇ ଯିବାର ଆଶଙ୍କା ଦେଖା ଦେଲା । ଗଙ୍ଗପଡ଼ାଠାରେ ଇଂରେଜ ଓ ପାଇକ ମାନଙ୍କ ମଧ୍ୟରେ ହୋଇଥିବା ଖଣ୍ଡଯୁଦ୍ଧରେ ଲେଫଟନାଣ୍ଟ ଫେରିସ ନିହତ ହେଲେ । ପିପିଲିରେ ବିଦ୍ରୋହୀ ମାନଙ୍କ ଆକ୍ରମଣରେ ଇଂରେଜ ମାନେ ଅସ୍ତବ୍ୟସ୍ତ ହୋଇ ପଳାଇଲେ । ପୁରୀଠାରେ ଜଗବନ୍ଧୁଙ୍କ ନେତୃତ୍ୱରେ ପ୍ରାୟ ପାଞ୍ଚ ହଜାର ପାଇକ ସୈନ୍ୟ ଇଂରେଜମାନଙ୍କୁ ଆକ୍ରମଣ କଲେ । ଇଂରେଜମାନେ ପଛଘୁଞ୍ଚା ଦେବାକୁ ବାଧ୍ୟ ହେଲେ । ଇଂରେଜ ସରକାରଙ୍କ ପତନ ଆସନ୍ନ ଓ ଦ୍ୱିତୀୟ ମୁକୁନ୍ଦଦେବ ପୁଣି ରାଜଗାଦିରେ ବସିବେ ବୋଲି ଜଗନ୍ନାଥ ମନ୍ଦିରର ପଣ୍ଡାମାନେ ଘୋଷଣା କଲେ ।

ପାଇକ ମାନେ ବିଦ୍ରୋହର ପ୍ରଥମ ଅବସ୍ଥାରେ କିଛିଟା ବିଜୟ ହାସଲ କଲେ ମଧ୍ୟ ଶେଷରେ ଇଂରେଜମାନଙ୍କ ଦ୍ୱାରା ପରାସ୍ତ ହେଲେ । ୧୮୧୮ ମସିହା ସେପ୍ଟେମ୍ବର ମାସ ସୁଦ୍ଧା ବିଦ୍ରୋହକୁ ଦମନ କରାଗଲା ।

ଇଂରେଜ କର୍ତ୍ତୃପକ୍ଷ ବିଦ୍ରୋହରେ ଭାଗ ନେଇଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କଲେ । ବିଦ୍ରୋହୀ ମାନଙ୍କର ଧରାପଡ଼ିବାପରେ ବିଚାର ଆରମ୍ଭ ହେଲା । ବହୁ ବିଦ୍ରୋହୀଙ୍କୁ କାରାଦଣ୍ଡ ଦିଆଗଲା ଏବଂ ପରଶୁରାମ ପାଇକରାୟ, ସଚ୍ଚିଦାନନ୍ଦ ପଟ୍ଟନାୟକ, ରାମସିଂହ, ନିଧି ପ୍ରଧାନ ପ୍ରଭୃତି ବିପ୍ଳବୀ ନେତାଙ୍କୁ ଫାଶୀଦଣ୍ଡ ଦିଆଗଲା । କେତେକ ବିଦ୍ରୋହୀ ନେତାଙ୍କୁ ଦ୍ୱୀପାନ୍ତର ଦଣ୍ଡ ମିଳିଲା । କେତେକ ବିଚାର ଚାଲିଥିଲା ବେଳେ ମୃତ୍ୟୁ ବରଣ କଲେ । ଏହିପରି ଭାବରେ ବିଦ୍ରୋହର ଅବସାନ ଘଟିଲେ ମଧ୍ୟ ଇଂରେଜମାନେ ଆଶ୍ୱସ୍ତ ରହି ପାରି ନଥିଲେ- ତାର କାରଣ, ଜଗବନ୍ଧୁ ଓ ତାଙ୍କର ବିଶ୍ୱସ୍ତ ସହକର୍ମୀ କୃଷ୍ଣଚନ୍ଦ୍ର ଧରାପଡ଼ିଲେ ନାହିଁ । ଇଂରେଜମାନେ ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କୁ ଧରିବାକୁ ସକ୍ଷମ ହୋଇ ପାରି ନଥିଲେ ।

ଜଗବନ୍ଧୁ ଓ ତାଙ୍କର ପ୍ରଧାନ ସହକର୍ମୀ କୃଷ୍ଣଚନ୍ଦ୍ର ଦୀର୍ଘ ଆଠ ବର୍ଷ

କାଳ ଖୋର୍ଦ୍ଧା ଓ ଆଖପାଖର ହିଂସ୍ରଜନ୍ତୁପୂର୍ଣ୍ଣ ଘନ ଅରଣ୍ୟ ମଧ୍ୟରେ ରହି ଖୋର୍ଦ୍ଧା ପାଇକମାନଙ୍କୁ ସଙ୍ଗଠିତ କରିବାକୁ ଲାଗିଲେ। ସେ ରହୁଥିବା ସ୍ଥାନର ଖବର କୌଣସି ପ୍ରକାରେ ଜାଣିବାକୁ ପାଇ ଇଂରେଜ କର୍ତ୍ତୃପକ୍ଷ ବାରମ୍ବାର ଶସ୍ତ୍ରଧାରୀ ଆକ୍ରମଣ ଚଳାଉଥିଲେ ମଧ୍ୟ ଜନ ସାଧାରଣଙ୍କ ସମର୍ଥନ ଅଭାବରୁ ତାଙ୍କୁ ଧରିବା ସମ୍ଭବପର ହୋଇ ନଥିଲା । ଜଗବନ୍ଧୁଙ୍କ ପ୍ରତି ଖୋର୍ଦ୍ଧାର ଅଧିବାସୀମାନଙ୍କର ଅଗାଧ ଶ୍ରଦ୍ଧା ଓ ଭକ୍ତି ଥିଲା । ସେମାନେ ତାଙ୍କୁ ଖାଦ୍ୟପେୟ ସମେତ ସବୁ ପ୍ରକାରେ ସାହାଯ୍ୟ ଦେଉଥିଲେ ।

ବକ୍ସିଙ୍କୁ ଧରିବା ପାଇଁ ସମସ୍ତ ଉଦ୍ୟମ ବିଫଳ ହେବାରୁ ବ୍ରିଟିଶ କର୍ତ୍ତୃପକ୍ଷ ଜଗବନ୍ଧୁଙ୍କୁ ଆତ୍ମ ସମର୍ପଣ କରିବା ପାଇଁ ପ୍ରସ୍ତାବ ଦେଲେ । ସେ ଏହା କଲେ ମାସିକ ଟ୩୦୦ ବୃତ୍ତି ପାଇବାର ବ୍ୟବସ୍ଥା ମଧ୍ୟ ଥିଲା । ମାତ୍ର ବକ୍ସି ଏଥିରେ ରାଜି ହୋଇ ନଥିଲେ । ତାଙ୍କୁ ଧରିବା ପାଇଁ ଇଂରେଜମାନେ ଆଉ ଏକ ପନ୍ଥା ଗ୍ରହଣ କଲେ । ତାଙ୍କର ଦୁଇ ପତ୍ନୀ, ପାଳିତ ତଥା ଜନ୍ମିତ ପୁତ୍ର, ଗୁମାସ୍ତା, ଚାକର ପ୍ରଭୃତିଙ୍କୁ ଗଞ୍ଜାମରୁ ଅଣାଯାଇ ଖୋର୍ଦ୍ଧାର ଏକ ଭଡାଘରେ ନଜର ବନ୍ଦୀରେ ରଖାଗଲା । ତଥାପି ବକ୍ସି ଟଳିଲେ ନାହିଁ । ୧୮୨୨ ମସିହାରେ ବକ୍ସି ଜଗବନ୍ଧୁ ଓ ଦେବାନ କୃଷ୍ଣଚନ୍ଦ୍ରଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଗଲା । ସେମାନେ ମଧ୍ୟ କୌଣସି ପଦ ପଦବୀ ବ୍ୟବହାର କରିପାରିବେ ନାହିଁ ବୋଲି ଆଦେଶ ଦିଆଗଲା । ଏହା କଲେ ଜଗବନ୍ଧୁ ଆତ୍ମ ସମର୍ପଣ କରିବେ ବୋଲି ଇଂରେଜମାନେ ଭାବିଥିଲେ । ମାତ୍ର ତାହା ମଧ୍ୟ ବିଫଳ ହେଲା ।

୧୮୨୪ ମସିହା ଶେଷ ଆଡକୁ ଜଗବନ୍ଧୁ ନୟାଗଡ ଅଞ୍ଚଳରେ ରହୁଥିବା ଖବର ଇଂରେଜ କର୍ତ୍ତୃପକ୍ଷ ପାଇଲେ । ଜଗବନ୍ଧୁ ପାଇକମାନଙ୍କୁ ସଙ୍ଗଠିତ କରି ଇଂରେଜମାନଙ୍କୁ ଆକ୍ରମଣ କରିବା ମତଲବରେ ଥିଲେ । ନୟାଗଡ ରାଜାଙ୍କ ସମର୍ଥନ ସେ ଯେ ପାଉଥିଲେ ଏହା ଅତି ସ୍ପଷ୍ଟ । ଇଂରେଜମାନେ ତେଣୁ ଜଗବନ୍ଧୁଙ୍କୁ ଧରାଇ ଦେବାପାଇଁ ନୟାଗଡ଼ ରାଜାଙ୍କ ଉପରେ ଚାପ ପକାଇଲେ । ଜଗବନ୍ଧୁ ଆତ୍ମ ସମର୍ପଣ ନ କଲେ ନୟାଗଡ଼ ରାଜାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଜଣାଇ ଦିଆଗଲା । ରାଜା ତେଣୁ ବାଧ୍ୟ ହୋଇ ଜଗବନ୍ଧୁଙ୍କୁ ଦେଉଥିବା ସମର୍ଥନ ପ୍ରତ୍ୟାହାର କରିନେଲେ । ନିଜ ହିତାକାଂକ୍ଷୀ ରାଜାଙ୍କର ମଧ୍ୟ କୌଣସି କ୍ଷତି ନ ଘଟାଇବା ପାଇଁ ଆତ୍ମ ସମର୍ପଣ କରିବା ପାଇଁ ଜଗବନ୍ଧୁ ସମ୍ମତ ହେଲେ । ୧୮୨୫ ମସିହା ମେ ମାସ ୨୭ ତାରିଖରେ ଗଡଜାତ ମାହାଲ ର କ୍ଷିତଷ୍ଟାବୀର ଡ୍ରାକ ମହାଶୟ ଜଗବନ୍ଧୁଙ୍କୁ ହସ୍ତୀ ପୃଷ୍ଠରେ କଟକ ଆଣିଲେ ।

ବକ୍ସି ଜଗବନ୍ଧୁ ମହାନଦୀ କୂଳସ୍ଥ ଏକ ଭଡା ଘରେ ମାସିକ ଟ୧୦୦ ବୃତ୍ତି ପାଇ ନଜରବନ୍ଦୀରେ ରହିଲେ । ତାହା ପରେ ଟ୧୫୦ କୁ ବୃଦ୍ଧି କରାଗଲା । ନଜରବନ୍ଦୀ ଥାଇ ଜଗବନ୍ଧୁ ୧୮୨୮ ମସିହା ଜାନୁଆରୀ ୨୪ ତାରିଖରେ କଟକରେ ଶେଷ ନିଶ୍ୱାସ ତ୍ୟାଗ କଲେ ।

ଗଜପତି ରାଜା ଦ୍ୱିତୀୟ ମୁକୁନ୍ଦଦେବ ଓ ତାଙ୍କ ପୁତ୍ର ବନ୍ଦୀ ହୋଇ ବାରବାଟୀ ଦୁର୍ଗରେ ରହିଥିବା କଥା ଆଗରୁ ବର୍ଣ୍ଣିତ ଅଛି । ତାଙ୍କ ପାଇଁ ମାସିକ ଭତ୍ତା ଟ ୨୫ ଦିଆଯାଉଥିଲା । ପୁରୀରେ ତାଙ୍କର ପରିବାର ବର୍ଗଙ୍କର ଭରଣ ପୋଷଣ ପାଇଁ ମାସିକ ଟ୫୦୦ ବ୍ୟବସ୍ଥା ହୋଇଥିଲା । ବନ୍ଦୀ ଅବସ୍ଥାରେ ଦ୍ୱିତୀୟ ମୁକୁନ୍ଦଦେବ ମୃତ୍ୟୁ ବରଣ କଲେ ।

ମୁକୁନ୍ଦଦେବଙ୍କ ବଂଶଧରମାନେ ସେହି ଦିନଠାରୁ ପୁରୀରେ ବାସ କଲେ । ଖୋର୍ଦ୍ଧା ଗଡ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଲା । କାଳକ୍ରମେ ମୁକୁନ୍ଦଦେବଙ୍କ ବଂଶଧରମାନେ ପୁରୀ ରାଜା ହିସାବରେ ଖ୍ୟାତ ହେଲେ ।

ପାଇକ ବିଦ୍ରୋହ ପରେ ପରେ ଇଂରେଜମାନେ ଶାସନ ବ୍ୟବସ୍ଥାରେ ବହୁ ପରିବର୍ତ୍ତନ ଆଣିଲେ । ତଥାପି ଇଂରେଜମାନଙ୍କ ଶାସନ ପ୍ରତି ଲୋକଙ୍କ ମନୋଭାବ ଦୂର ହୋଇ ନଥିଲା । ତାପଙ୍ଗ ପ୍ରଭୃତି ସ୍ଥାନମାନଙ୍କରେ ଛୋଟ ବଡ ବିଦ୍ରୋହମାନ ଲାଗି ରହିଲା । ଶେଷରେ ୧୮୨୮ ମସିହାରେ ବାଲେଶ୍ୱର, କଟକ ଓ ପୁରୀ ଏହିପରି ତିନିଗୋଟି ଜିଲ୍ଲା ସୃଷ୍ଟି ହେଲା ଓ ଖୋର୍ଦ୍ଧା ପୁରୀ ଜିଲ୍ଲାର ଏକ ଅଂଶ ବିଶେଷ ହୋଇ ରହିଲା । ଏହିପରି ୧୫୬୮ ରୁ ୧୮୦୭ ପର୍ଯ୍ୟନ୍ତ ଦୀର୍ଘ ଦେଢ଼ଶହ ବର୍ଷ ଧରି ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ବିନ୍ଦୁ ହୋଇ ରହିଥିବା ଖୋର୍ଦ୍ଧାର ପ୍ରାଧାନ୍ୟ ଲୋପ ପାଇଲା ।

୧୮୦୭ ମସିହାଠାରୁ ଖୋର୍ଦ୍ଧାର ପୂର୍ବତନ ରାଜାମାନେ ରାଜ୍ୟ ଉପରୁ କର୍ତ୍ତୃତ୍ୱ ହରାଇଲେ । ବିଶିଷ୍ଟ ଜର୍ମାନ ଐତିହାସିକ ହରମାନ କୁଲ୍‌କେଟଙ୍କ ମତରେ, ସେମାନେ ରାଜ୍ୟବିହୀନ ରାଜା ହୋଇଗଲେ । ତଥାପି ଓଡିଶାର ଆଧ୍ୟାତ୍ମିକ ଜୀବନରେ ଖୋର୍ଦ୍ଧା ରାଜବଂଶର ପ୍ରଭାବ ଏବେ ବି ଅକ୍ଷୁଣ୍ଣ ଅଛି । ଏବେ ବି ଜଗନ୍ନାଥଙ୍କ ଯାନି ଯାତ୍ରାରେ ପୂର୍ବତନ ରାଜବଂଶ ଅନିବାର୍ଯ୍ୟ ହୋଇ ରହିଛନ୍ତି । ଗୋଟିଏ ରାଜ୍ୟ ହରାଇଲେ ମଧ୍ୟ ସେହି ରାଜବଂଶର ଦାୟାଦମାନେ ଏବେ ବି ସମଗ୍ର ହିନ୍ଦୁ ଜଗତର ପୂଜ୍ୟ ହୋଇ ରହିଛନ୍ତି ।

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ଖୋର୍ଦ୍ଧା**



# ଖୋର୍ଦ୍ଧାର ଐତିହାସିକ ପୃଷ୍ଠଭୂମି

ଡକ୍ଟର ବ୍ରଜ କିଶୋର ସାହୁ

ଐତିହାସିକ ପୀଠସ୍ଥଳୀ ଖୋର୍ଦ୍ଧାଗଡ଼ ଇତିହାସର ମୂକସାକ୍ଷୀ ସ୍ୱରୂପ ଦଣ୍ଡାୟମାନ ହୋଇ ବିଶ୍ୱ ଦରବାରରେ ଉପସ୍ଥାପନ କରୁଅଛି । ଖୋର୍ଦ୍ଧାର ଐତିହ୍ୟ କେବଳ ଉତ୍କଳ ବାସୀ ନୁହଁନ୍ତି, ସମଗ୍ର ଭାରତବାସୀଙ୍କ ପାଇଁ ପ୍ରେରଣାର ଉତ୍ସ । ବୈଦେଶିକ ଲୁଣ୍ଠନକାରୀମାନଙ୍କର ବାରମ୍ବାର ଆକ୍ରମଣରେ ନିଜ ନିଜର ସ୍ୱାଧୀନତାକୁ ଜଳାଞ୍ଜଳି ଦେଇ ବହୁ ଭାରତୀୟ ସ୍ୱାଧୀନ-ରାଜ୍ୟ ଉତ୍ପୀଡ଼ନର ଶିକାର ହୋଇଥିବା ବେଳେ ଖୋର୍ଦ୍ଧାଗଡ଼ ଦୀର୍ଘଦିନ ଧରି ଅଜେୟ ଶକ୍ତି ସ୍ୱରୂପ ନିଜର ଉନ୍ନତ ଶିର ଉତ୍ତୋଳନ ପୂର୍ବକ ବିଶ୍ୱବାସୀଙ୍କୁ ଚକିତ କରି ଦେଇଥିଲା ।

ଧନ ଓ କ୍ଷମତାଲିପ୍ସୁ ମୁସଲମାନ ଶାସକଗଣ ଭାରତରେ ପ୍ରବେଶ କରି ଭାରତର ଅଧିକାଂଶ ସ୍ୱାଧୀନ ରାଜ୍ୟ ଜୟ କରିଥିଲେ । କିନ୍ତୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳର ସ୍ୱାଧୀନତା ଅକ୍ଷୁର୍ଣ୍ଣ ଥିଲା । ଏହାର ମୁଖ୍ୟ କାରଣ ହେଉଛି ଉତ୍କଳର ରାଷ୍ଟ୍ର ଦେବତା ଶ୍ରୀ ଜଗନ୍ନାଥ ଉତ୍କଳ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲେ । ଉତ୍କଳର ରାଜା କହିଲେ ଜଗନ୍ନାଥଙ୍କୁ ହିଁ ବୁଝାଉ ଥିଲା । ଖୋର୍ଦ୍ଧାଗଡ଼ର ରାଜାଙ୍କୁ ଗଜପତି ମହାରାଜା ନାମରେ ନାମିତ କରାଯାଇ ତାଙ୍କୁ ପ୍ରଭୁ ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ଭାବେ ମାନ୍ୟତା ପ୍ରଦାନ କରାଯାଇଥିଲା । ରାଷ୍ଟ୍ର ଦେବତା ଜଗନ୍ନାଥଙ୍କର ସୁରକ୍ଷା ପାଇଁ ଖୋର୍ଦ୍ଧା ଗଡ଼କୁ ନିଜର ରାଜଧାନୀ କରିଥିଲେ ଗଜପତି ମହାରାଜା ଦକ୍ଷିଣ ଦେଶରୁ ଆଗତ ମହାରାଜା ରାମଚନ୍ଦ୍ର ଦେବ ୧୫୬୮ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାଗଡ଼ ପ୍ରତିଷ୍ଠା କରି ଜଗନ୍ନାଥଙ୍କ ସେବକ ଭାବେ ନିଜକୁ ଘୋଷଣା କରିଥିଲେ ଏବଂ ସେ କୌଣସି ଭାବେ ଯବନମାନଙ୍କ ହାତରୁ ଶ୍ରୀଜଗନ୍ନାଥଙ୍କୁ ରକ୍ଷା କରି ଉତ୍କଳର ପବିତ୍ରତା ଅକ୍ଷୁର୍ଣ୍ଣ ରଖିବାକୁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ଖୋର୍ଦ୍ଧାର ବୀର ସୈନିକଗଣ ଖୋର୍ଦ୍ଧାଗଡ଼ ଓ ଶ୍ରୀଜଗନ୍ନାଥ ମନ୍ଦିରର ସୁରକ୍ଷା ପାଇଁ ନିଜ ଜୀବନକୁ ଭ୍ରୁକ୍ଷେପ ମଧ୍ୟ କରି ନଥିଲେ । ତେଣୁ ଷୋଡ଼ଶ ଶତାବ୍ଦୀରେ ଉତ୍କଳର ଅଧିକାଂଶ ଯେତେବେଳେ ଦିଲ୍ଲୀଶ୍ୱର ଆକବରଙ୍କର ଅଧୀନତା ସ୍ୱୀକାର କରିଥିବା ବେଳେ ଖୋର୍ଦ୍ଧାଗଡ଼ ନିଜର ଉନ୍ନତ ଶିର ଉତ୍ତୋଳନ ପୂର୍ବକ ଦଣ୍ଡାୟମାନ ରହିଥିଲା । ଆକବରଙ୍କ ପ୍ରଧାନ ସେନାପତି ମାନସିଂହ ଶ୍ରୀ ଜଗନ୍ନାଥଙ୍କ ପାଇଁ କେବଳ ଖୋର୍ଦ୍ଧାର ରାଜନୈତିକ ସ୍ୱାଧୀନତା ସ୍ୱୀକାର କରି ଘୋଷଣା କରିଥିଲେ, ''ଓଡ଼ିଶାର ଭୂମି ମନୁଷ୍ୟର ଉଚ୍ଚାକାଙ୍କ୍ଷା ଅଥବା ବିଜୟ ଲାଳସା ଚରିତାର୍ଥ କରିବା ପାଇଁ ଅଭିପ୍ରେତ ନୁହେଁ, ଏହା ଦେବରାଜ୍ୟ । ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ଏହା ନିଖିଳ ମାନବର ତୀର୍ଥ ଭୂମି ।''

ଖୋର୍ଦ୍ଧାର ଅଧିଷ୍ଠାତ୍ରୀ ଦେବୀ ମା' ବରୁଣେଇଙ୍କର କୃପା, ଖୋର୍ଦ୍ଧାର ମହାରାଜାଙ୍କର ପରାକ୍ରମ ଓ ଖୋର୍ଦ୍ଧା ବାସୀଙ୍କର ଦେଶପ୍ରେମ ଆଗରେ ଦିଲ୍ଲୀର ମୋଗଲ ଶାସକଗଣ ମଥାନତ କରିଥିଲେ । ତେଣୁ ଖୋର୍ଦ୍ଧାଗଡ଼ର ଅଭିବୃଦ୍ଧି ସାଧନରେ କୌଣସି ଅଧୀଶ୍ୱର ଥିଲେ ବାଦଶାହ ଆଉରଙ୍ଗଜେବ, ସେ ସମୟରେ ଖୋର୍ଦ୍ଧାର ଗଜପତି ଥିଲେ ଭୋଇବଂଶର ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବ । ସେତେବେଳେ ମୋଗଲ ସମ୍ରାଟ କଟକରେ ଜଣେ ନାଏବ ନାଜୀମ୍ ବା ସୁବେଦାର ନିଯୁକ୍ତ କରି ଉତ୍କଳର ଶାସନ ଦାୟିତ୍ୱ ପରିଚାଳନା କରୁଥିଲେ । ରାମଚନ୍ଦ୍ର ଦେବଙ୍କ ସମୟରେ କଟକର ନାଏବ-ନାଜୀମ୍ ଥିଲେ ସୁଜା ଖାଁଙ୍କ ପୁତ୍ର ତକି ଖାଁ । ସେ ଅତ୍ୟନ୍ତ ଅତ୍ୟାଚାରୀ ନାଏବ-ନାଜୀମ୍ ହୋଇ ଥିବାରୁ ହିନ୍ଦୁମାନଙ୍କୁ ସର୍ବଦା ଉତ୍ପୀଡ଼ିତ କରୁଥିଲେ ଏବଂ ଦେବଦେବୀ ମନ୍ଦିର ଧ୍ୱଂସ କରି ହିନ୍ଦୁ ଧର୍ମକୁ ଲୋପ କରିବା ପାଇଁ ଯତ୍ନବାନ ହେଉଥିଲେ ।

ସେତେବେଳେ ଜଗନ୍ନାଥ ମନ୍ଦିର ସବୁଠାରୁ ଅଧିକ ସମୃଦ୍ଧିଶାଳୀ ଥିଲା । ଜଗନ୍ନାଥ ମନ୍ଦିର ଧ୍ୱଂସ କରି ଅଜଚନ ସମ୍ପତ୍ତିର ଅଧିକାରୀ ହେବାକୁ ମୁସଲମାନ ଶାସକମାନେ ସର୍ବଦା ଇଚ୍ଛା ପ୍ରକାଶ କରୁଥିଲେ । ତାକି ଖାଁ ମଧ୍ୟ କଟକର ନାଏବ-ନାଜୀମ୍ ହୋଇ ଆସିବା ପରେ ଜଗନ୍ନାଥ ମନ୍ଦିର ଉପରେ ବାରମ୍ବାର ଆକ୍ରମଣ ଚଳାଇ ଥିଲେ । ଜଗନ୍ନାଥ ମନ୍ଦିରକୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ମହାରାଜା ରାମଚନ୍ଦ୍ର ଦେବ ତକି ଖାଁଙ୍କ ସହିତ ପ୍ରବଳ ଯୁଦ୍ଧରେ ପ୍ରବୃତ୍ତ ହୋଇଥିଲେ; କିନ୍ତୁ ଭାଗ୍ୟର ବିଡ଼ମ୍ବନାକୁ ଶେଷରେ ସେ ତକି ଖାଁଙ୍କ ଦ୍ୱାରା ପରାସ୍ତ ହୋଇ ବନ୍ଦୀ ଭାବରେ କଟକ ବାରବାଟୀ ଦୁର୍ଗକୁ ଆନୀତ ହୋଇଥିଲେ ।

ବନ୍ଦୀ ହୋଇ ମଧ୍ୟ ଯବନ ହାତରୁ ଜଗନ୍ନାଥଙ୍କୁ ରକ୍ଷା କରିବା ପାଇଁ ରାମଚନ୍ଦ୍ର ଦେବ ସର୍ବଦା ଚିନ୍ତା କରୁଥିଲେ ।

ଏହି ସମୟରେ ସେ ଏକ ଅପୂର୍ବ ସୁଯୋଗ ଲାଭ କଲେ ।

ତକି ଖାଁ ନିଜର ଭଉଣୀ ରିଜିଆ ବିବିକୁ ରାମଚନ୍ଦ୍ର ଦେବଙ୍କ ସହିତ ବିବାହ ସୂତ୍ରରେ ଆବଦ୍ଧ କରିବା ପାଇଁ ପ୍ରସ୍ତାବ ଦେଲେ । ଜାତି ଭ୍ରଷ୍ଟ ହେବା ଭୟରେ ରାମଚନ୍ଦ୍ର ଦେବ ପ୍ରଥମେ ଏହି ପ୍ରସ୍ତାବକୁ ନାପସନ୍ଦ

କଲେ ମଧ୍ୟ ପରେ କୁହଳର ସ୍ୱାର୍ଥ ଦୃଷ୍ଟିରୁ ଏହି ବିବାହ ପ୍ରସ୍ତାବରେ ନିଜର ସମ୍ମତି ପ୍ରଦାନ କଲେ । ଫଳରେ ବଡ଼ ଆଡ଼ମ୍ବର ସହକାରେ ରାମଚନ୍ଦ୍ର ଦେବଙ୍କ ସହିତ ରିଜିଆ ବିବିର ବିବାହ ଉତ୍ସବ ଅନୁଷ୍ଠିତ ହେଲା ।

ରିଜିଆଙ୍କୁ ବିବାହ କରି ରାମଚନ୍ଦ୍ର ଦେବ କଲମା ପଢ଼ିଲେ ଏବଂ ମୁସଲମାନ ଧର୍ମ ଗ୍ରହଣ କରି ହାଫିଜ୍‌କାଦର-ଯାର-ଜଙ୍ଗ ନାମରେ ନାମିତ ହେଲେ । ତା'ପରେ ସେ ବାରବାଟୀ ଦୁର୍ଗରୁ ମୁକ୍ତ ହୋଇ ଖୋର୍ଦ୍ଧା ରାଜବାଟୀକୁ ଫେରି ଆସିଲେ ।

ରାମଚନ୍ଦ୍ର ଦେବ କଲମା ପଢ଼ି ଯବନୀ ବିଭା ହେବା ସମ୍ବାଦ ଅବିଳମ୍ବରେ ଉତ୍କଳ ସାରା ବ୍ୟାପିଗଲା । ମୁକ୍ତି ମଣ୍ଡପର ପଣ୍ଡିତ ସଭା ଏ ସମ୍ବାଦ ପାଇଁ ଅତ୍ୟନ୍ତ ଦୁଃଖରେ ଅଭିଭୂତ ହୋଇ ପଡ଼ିଲା । ଉତ୍କଳର ଠାକୁର ରାଜା ଯେ ଜାତି ଭ୍ରଷ୍ଟ ହୋଇ ଏପରି ପତିତ ହେବେ, ତାହା ପଣ୍ଡିତ ସଭା କିପରି ବରଦାସ୍ତ କରିଥାନ୍ତା ? ତେଣୁ ଯେଉଁ ଦିନ ରାମଚନ୍ଦ୍ର ଦେବ ମୁସଲମାନ ଧର୍ମରେ ଦୀକ୍ଷିତ ହେଲେ ସେହି ଦିନଠାରୁ ମୁକ୍ତି ମଣ୍ଡପର ପଣ୍ଡିତ ସଭା ତାଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ନିଷେଧ କଲା । ସେହିଦିନଠାରୁ ଏକାଦଶୀ ରାତିରେ ଶ୍ରୀମନ୍ଦିରର ଚୂଡ଼ାକୁ ମହାଦୀପ ଉଠିବା ବେଳେ ଚୁନରାମାନେ ତାଙ୍କ ନାମରେ ଡାକ ଦେବା ବନ୍ଦ କରିଦେଲେ । ରଥଯାତ୍ରା ଦିନ ରଥ ଉପରେ ଛେରା ପହଁରା କାର୍ଯ୍ୟରୁ ମଧ୍ୟ ସେ ବଂଚିତ ହୋଇଥିଲେ ।

ମହାରାଜା ରାମଚନ୍ଦ୍ର ଦେବ ଶ୍ରୀ ଜଗନ୍ନାଥଙ୍କ ସେବାରୁ ବଂଚିତ ହେବା ପରେ ତେଣୁ ଭ୍ରମରବର ହରି ଚନ୍ଦନ ମହାପାତ୍ର ଶ୍ରୀମନ୍ଦିରର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ । ତେଣୁ ଏକାଦଶୀ ଦିନ ଶ୍ରୀମନ୍ଦିରର ଚୂଡ଼ାକୁ ମହାଦୀପ ଉଠିବା ବେଳେ ଚୁନରାମାନେ ତାଙ୍କ ନାମରେ ଡାକ ଦେବା ଆରମ୍ଭ କରିଥିଲେ । ଏପରିକି ଭ୍ରମରବର ହରିଚନ୍ଦନ ମହାପାତ୍ର ରାଜଗୁରୁଙ୍କୁ ହାତ କରି ରଥ ଉପରେ ଛେରାପହଁରା କରିବାର ଅଧିକାର ପ୍ରାପ୍ତ ହୋଇଥିଲେ । ଏହି ସୁଯୋଗ ପାଇବା ପରେ ମହାନ ଗଜପତି ଆସନ ଲାଭ କରିବାର ଲାଳସା ତାଙ୍କ ମନରେ ଉଦ୍ରେକ ହେଲା । ତେଣୁ ରାମଚନ୍ଦ୍ର ଦେବ ଯେପରି ଆଉ ଖୋର୍ଦ୍ଧା ଗଡ଼କୁ ନ ଫେରନ୍ତି ସେଥିପାଇଁ ସେ ଭିତିରି ଉଦ୍ୟମ ଆରମ୍ଭ କରିଥିଲେ ।

ଏଣେ ପାଟରାଣୀ ଲଳିତା ମହାଦେଈ ରାମଚନ୍ଦ୍ର ଦେବ ଧର୍ମାନ୍ତର ଗ୍ରହଣ କରିବା ସମ୍ବାଦ ପାଇ ପୁତ୍ର ଜେମାମଣି ରାମାରଥି କୁମାରଙ୍କୁ ସଙ୍ଗରେ ଧରି ନିଜ ପିତ୍ରାଳୟକୁ ଚାଲିଗଲେ । ଯିବା ପୂର୍ବରୁ ସେ ପ୍ରତିଜ୍ଞା କଲେ ଯେ ସେ ଆଉ କେବେ ଖୋର୍ଦ୍ଧା ମାଟି ସ୍ପର୍ଶ କରିବେ ନାହିଁ । ରାମଚନ୍ଦ୍ର ଦେବଙ୍କର ଅନ୍ୟ ଦୁଇ ରାଣୀ ମଧ୍ୟ ସେମାନଙ୍କ କୁମାର ମାନଙ୍କୁ ଧରି ନିଜ ନିଜ ପିତ୍ରାଳୟକୁ ଚାଲିଗଲେ । ତେଣୁ ରାମଚନ୍ଦ୍ର ଦେବ ଯେତେବେଳେ ମୁକ୍ତ ହୋଇ ଖୋର୍ଦ୍ଧା ରାଜବାଟିକୁ ଫେରି ଆସିଲେ, ସେତେବେଳେ ରାଣୀ ହଂସପୁରର ଜଗତୀ ଓ ଅଟାଳିକାମାନ ଖାଲି ପଡ଼ିଥିଲା । ବଂଧୁ ବାନ୍ଧବମାନଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ଖୋର୍ଦ୍ଧା ରାଜବାଟିରେ ସେ ଏକ ପ୍ରକାର ନିଃସଙ୍ଗିତ ଜୀବନ ଅତିବାହିତ କରିବାକୁ ଲାଗିଲେ । ରିଜିଆଙ୍କୁ ବିବାହ କରି ମଧ୍ୟ ସେ ତାଙ୍କୁ ଖୋର୍ଦ୍ଧା ରାଜବାଟିକୁ ଆଣି ପାରି ନଥିଲେ । ତକି ଖାଁ ରିଜିଆଙ୍କୁ ଲାଲବାଗ ଦୁର୍ଗରେ ରଖି ପ୍ରତି ସପ୍ତାହରେ ଥରେ ଦେଖିଯିବା ପାଇଁ ରାମଚନ୍ଦ୍ରଦେବଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ରାମଚନ୍ଦ୍ର ଦେବ ଯେଉଁଦିନ ରିଜିଆଙ୍କୁ ବିବାହ କରି ମୁସଲମାନ ଧର୍ମ ଗ୍ରହଣ କଲେ, ସେହିଦିନ ଠାରୁ ତକି ଖାଁ ଜଗନ୍ନାଥ ମନ୍ଦିର ଆକ୍ରମଣ କରିବା ବନ୍ଦ କରିଦେଲା । ଜଗନ୍ନାଥ ମନ୍ଦିର ଆକ୍ରମଣ କରି ଠାକୁର ରାଜା ରାମଚନ୍ଦ୍ର ଦେବଙ୍କ ପ୍ରତି ବିଶ୍ୱାସ ଘାତକତା କରିବାକୁ ବୋଧହୁଏ ସେ ଚାହିଁ ନଥିଲା ।

ଧର୍ମାନ୍ତର ଗ୍ରହଣକରି ରାମଚନ୍ଦ୍ର ଦେବ ସାଂସାରିକ ବଂଧୁମାନଙ୍କ ଦ୍ୱାରା ପରିତ୍ୟକ୍ତ ହେଲେ ସିନା, ହେଲେ ଜଗବଂଧୁ ଜଗନ୍ନାଥଙ୍କୁ ଭୁଲି ପାରି ନଥିଲେ । ସେଥିପାଇଁ ଯେତେବେଳେ ସମସ୍ତେ ନିଦ୍ରାଦେବୀଙ୍କ କୋଳରେ ଗାଢ଼ନିଦ୍ରାରେ ଅଭିଭୂତ ହୋଇ ପଡୁଥିଲେ, ସେହି ନିଶାର୍ଦ୍ଧର ଅନ୍ଧକାର ମଧ୍ୟରେ ସେ ଖୋର୍ଦ୍ଧାଠାରୁ ପୁରୀ ପର୍ଯ୍ୟନ୍ତ ଅଶ୍ୱ ଆରୋହଣ କରି ସିଂହଦ୍ୱାର ନିକଟରେ ଉପସ୍ଥିତ ହେଉଥିଲେ । ରୁଦ୍ଧ ସିଂହଦ୍ୱାରକୁ ନିର୍ନିମେଷ ନୟନରେ ଚାହିଁ ସେ ନିଜ ହୃଦୟର ଆକୁଳ ମିନତୀ ଜଗନ୍ନାଥଙ୍କୁ ଜଣାଇ ପୁନଶ୍ଚ ଖୋର୍ଦ୍ଧା ରାଜବାଟିକୁ ଫେରି ଆସୁଥିଲେ ।

ଏହି ସମୟର କିମ୍ବଦନ୍ତୀ କୁହେ, ଜଗନ୍ନାଥ ମହାପ୍ରଭୁ ପରମ ଭକ୍ତ ରାମଚନ୍ଦ୍ର ଦେବଙ୍କର ଭକ୍ତିରେ ପ୍ରସନ୍ନ ହୋଇ ଶ୍ରୀମନ୍ଦିରର ସିଂହଦ୍ୱାର ନିକଟରେ ଆବିର୍ଭୂତ ହୋଇଥିଲେ ଏବଂ ରାମଚନ୍ଦ୍ର ଦେବଙ୍କର ମନସ୍କାମନା ପୂରଣ କରିଥିଲେ । ଏକଥା ଜଣା ପଡ଼ିବା ପରେ ରାମଚନ୍ଦ୍ର ଦେବ ଲୋକମାନଙ୍କର ଶ୍ରଦ୍ଧା ଭକ୍ତି ଲାଭ କରି ପୂର୍ବର ଗୌରବ ଫେରି ପାଇଥିଲେ । ସେହିଦିନଠାରୁ ଏକାଦଶୀ ରାତିରେ ଶ୍ରୀମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ବେଳେ ଚୁନରାମାନେ ପୁନଶ୍ଚ ଡାକଦେଲେ - ''ଚକ୍ରରେ ଉଠାଡ଼ି ଶଙ୍ଖରେ ପୂରାଇ ଖୋର୍ଦ୍ଧାରାଜା ରାମଚନ୍ଦ୍ର ଦେବଙ୍କୁ ରକ୍ଷା କର ହେ କାଳିଆ ଭୁଜ ।'' ଏହି ଘଟଣାର ପରବର୍ତ୍ତୀ ଶ୍ରୀ ଗୁଣ୍ଡିଚାରେ ରଥ ଉପରେ ଛେରା ପହଁରା କରିବା ପାଇଁ ମଧ୍ୟ ମୁକ୍ତି ମଣ୍ଡପର ପଣ୍ଡିତ ସଭା ରାମଚନ୍ଦ୍ର ଦେବଙ୍କୁ ଅନୁମତି ପ୍ରଦାନ କଲା; କିନ୍ତୁ ଯବନମାନେ ମନ୍ଦିରରେ ପ୍ରବେଶ କରିବାର ବିଧି ପ୍ରଚଳିତ ନ ଥିବାରୁ ରାମଚନ୍ଦ୍ର ଦେବଙ୍କୁ ମନ୍ଦିରରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଗଲା ନାହିଁ ସତ, ମାତ୍ର ସେ ଯେପରି ପ୍ରତିଦିନ ଜଗନ୍ନାଥଙ୍କ ଦର୍ଶନର ସୁଯୋଗ ପାଇବେ ତାହାର ସୁବ୍ୟବସ୍ଥା କରାଗଲା । ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଅନୁସାରେ ଏକ ଜଗନ୍ନାଥ ବିଗ୍ରହ ସିଂହଦ୍ୱାର ଗୁମୁଟରେ ସ୍ଥାପିତ ହେଲା । ପତିତ ରାମଚନ୍ଦ୍ର ଦେବଙ୍କୁ ପାବନ କରିବା ପାଇଁ ଜଗନ୍ନାଥ ମହାପ୍ରଭୁ ସିଂହଦ୍ୱାର ଗୁମୁଟରେ ଅବସ୍ଥାନ

କରୁଥିବାରୁ ତାଙ୍କର ନାମ ''ପତିତପାବନ'' ନାମରେ ନାମିତ କରାଗଲା । ମହାରାଜା ରାମଚନ୍ଦ୍ର ଦେବ ପ୍ରତ୍ୟହ ଶ୍ରୀମନ୍ଦିର ବାହାରେ ସିଂହଦ୍ୱାର ନିକଟରେ ରହି ଜଗନ୍ନାଥଙ୍କୁ ପତିତ ପାବନ ସ୍ୱରୂପରେ ଦର୍ଶନ କରୁଥିଲେ ଏବଂ ଭାବବିହ୍ୱଳ ହୋଇ ଜଗନ୍ନାଥଙ୍କର ସ୍ତୁତିଗାନ କରୁଥିଲେ । ଏବେ ମଧ୍ୟ ସେହି ପତିତ ପାବନ ମୂର୍ତ୍ତି ସିଂହଦ୍ୱାର ଗୁମୁଟରେ ଅବସ୍ଥାନ କରି ଶ୍ରୀମନ୍ଦିରରେ ପ୍ରବେଶ କରି ପାରୁ ନଥିବା ପତିତମାନଙ୍କୁ ପାବନ କରୁଅଛନ୍ତି ।

ରିଜିଆ ବେଗମଙ୍କୁ ବିବାହ କରି ମୁସଲମାନ ମାନଙ୍କ ଆକ୍ରମଣରୁ ଶ୍ରୀଜଗନ୍ନାଥଙ୍କୁ ସାମୟିକ ଭାବେ ରକ୍ଷା କରି ପାରିଥିଲେ ମଧ୍ୟ ସବୁଦିନ ପାଇଁ ସମ୍ଭବ ହୋଇ ନଥିଲା । ବିପୁଳ ଧନ ସମ୍ପତ୍ତିର ଭଣ୍ଡାର ଶ୍ରୀମନ୍ଦିର ମୁସଲମାନ ମାନଙ୍କର ଲୋଲୁପ ଦୃଷ୍ଟିରେ ପଡିଥିଲା । ତା' ଛଡା ଶ୍ରୀ ଜଗନ୍ନାଥଙ୍କର ଶ୍ରୀ ବିଗ୍ରହକୁ ଧ୍ୱଂସ କରି ପାରିଲେ ରକ୍ଷଣଶୀଳ ହିନ୍ଦୁ ସମାଜକୁ ଇସଲାମ୍ ଧର୍ମରେ ଦୀକ୍ଷିତ କରିବା ସହଜ ସାଧ୍ୟ ହେବ ଭାବି ସେମାନେ ସେ ଦିଗରେ ଆପ୍ରାଣ ଚେଷ୍ଟା ଚଳାଇ ଥିଲେ । ସେଥିପାଇଁ ରାମଚନ୍ଦ୍ର ଦେବ ଇଷ୍ଟଦେବତା ଶ୍ରୀ ଜଗନ୍ନାଥଙ୍କୁ ରକ୍ଷା କରିବା ପାଇଁ ଶ୍ରୀ ବିଗ୍ରହମାନଙ୍କୁ ଚିଲିକାର ନାନା ଦ୍ୱୀପ ଠାରୁ ଆରମ୍ଭ କରି ଗଞ୍ଜାମର ମରଡା ଜଙ୍ଗଲକୁ ଅପସାରିତ କରିଥିଲେ । ଫଳରେ ଖୋର୍ଦ୍ଧା ଗଡ ଅପରାଜିତ ରହି ଶ୍ରୀ ଜଗନ୍ନାଥଙ୍କର ମହିମା ଉଚ୍ଚ ସ୍ୱରରେ ଘୋଷଣା କରୁଥିଲେ ।

୧୫୬୮ ଖ୍ରୀଷ୍ଟାବ୍ଦରୁ ଆରମ୍ଭ କରି ୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ୨୩୫ ବର୍ଷକାଳ ଖୋର୍ଦ୍ଧାର ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହିଥିଲା । ଏହି ସମୟ ମଧ୍ୟରେ କେତେ ଯେ ମୁସଲମାନ ଶାସକ ଖୋର୍ଦ୍ଧାକୁ ଆକ୍ରମଣ କରିଛନ୍ତି ତା'ର ହିସାବ ଦେବା ସମ୍ଭବପର ନୁହେଁ । ତୋଡର ମଲ୍ଲ, ମାନସିଂହ, ତକି ଖାଁ, ହାସିମ୍ ଖାଁ, କଲ୍ୟାଣ ସିଂହ, ମୁକିମ୍ ଖାଁ, ଖାନ୍-ଇ-ଦୁରାନ୍ ପ୍ରମୁଖ ସେନାପତି ଗଣ ଦିଲ୍ଲୀର ବାଦଶାହଙ୍କ ପକ୍ଷରୁ ବାରମ୍ବାର ଖୋର୍ଦ୍ଧାଗଡ ଆକ୍ରମଣ କରି ପରାଭୂତ ହୋଇଛନ୍ତି । ଖୋର୍ଦ୍ଧାର ସ୍ୱାଧୀନତା ରକ୍ଷା କରିବାକୁ ଯାଇ ପାଇକମାନଙ୍କ ରକ୍ତରେ କୁଶଭଦ୍ରା, ଦୟା, ଭାର୍ଗବୀର ନଦୀଜଳ ବହୁବାର ରକ୍ତବର୍ଣ୍ଣ ଧାରଣ କରିଛି । କଟକର ନାଏବ୍ ନାଜିମ୍ ଖାନ୍ ଇ-ଦୁରାନ୍ ଖୋର୍ଦ୍ଧା ଜିଲ୍ଲାରୁ ବାର୍ଷିକ ଛଅ ଲକ୍ଷ ପଚର ହଜାର ଛଅଶହ ଷୋଳ ଟଙ୍କା ପେସ୍‌କିସ୍ ପାଇବା ପାଇଁ ଆଦେଶ ଜାରି କରିଥିଲେ ମଧ୍ୟ ଏହା ଖୋର୍ଦ୍ଧା ପ୍ରତି ଅସମ୍ମାନ ଜନକ ହୋଇ ଥିବାରୁ ଖୋର୍ଦ୍ଧା ରାଜା ଏହି ଟଙ୍କା ପୈଠ କରିବା ପାଇଁ ସଂପୂର୍ଣ୍ଣ ମନା କରି ଦେଇଥିଲେ ।

ମୋଗଲ ରାଜତ୍ୱ ପରେ ଭାରତରେ ବ୍ରିଟିଶ ରାଜତ୍ୱ ଆରମ୍ଭ ହୋଇଥିଲା । ଏପରିକି ମୋଗଲ ଶାସନ କାଳରେ ଇଂରେଜମାନେ ଭାରତର ସେହି ରାଜ୍ୟ ମଧ୍ୟରେ ଓଡ଼ିଶାର ବାଲେଶ୍ୱର, ପିପିଲି ଓ ଗଞ୍ଜାମ ଆଦି ରାଜ୍ୟ ଅନ୍ତର୍ଭୁକ୍ତ ହୋଇଥିଲା । କିନ୍ତୁ ଖୋର୍ଦ୍ଧାଗଡ ଦଖଲ କରିବା ଏତେ ସହଜ ନଥିଲା । ଖୋର୍ଦ୍ଧା ପାଇକମାନଙ୍କର ଯୁଦ୍ଧ କୌଶଳ ଆଗରେ ସେମାନେ ନିଜକୁ ଅସହାୟ ମନେ କରୁଥିଲେ । ପ୍ରତ୍ୟକ୍ଷ ଯୁଦ୍ଧରେ ଖୋର୍ଦ୍ଧା ରାଜାଙ୍କୁ ପରାସ୍ତ କରିବା ଅସମ୍ଭବ ଜାଣି ଇଂରେଜମାନେ ଶେଷରେ କେତେଜଣ ବିଶ୍ୱାସଘାତକଙ୍କୁ ହାତ କରି ଖୋର୍ଦ୍ଧା ଗଡର ଗୁପ୍ତ ଦ୍ୱାର ବାଟେ ଗଡ ମଧ୍ୟକୁ ପ୍ରବେଶ କରି ରାଜଶକ୍ତିର ଅବସାନ ଘଟାଇ ଥିଲେ । ଫଳରେ ୧୮୦୩ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧା ଗଡ ଇଂରେଜମାନଙ୍କର ହସ୍ତଗତ ହୋଇଥିଲା । ରାଣୀମାନେ ଗଡ ମଧ୍ୟରେ ଥିବା ପୁଷ୍କରିଣୀରେ ଝମ୍ପ ପ୍ରଦାନ କରି ମୃତ୍ୟୁ ବରଣ କରିଥିଲେ । ଗଜପତି ମହାରାଜା ବନ୍ଦୀ ହୋଇ ପୁରୀରେ ଠାକୁର ରାଜା ଭାବରେ ଅବସ୍ଥାପିତ ହୋଇଥିଲେ । ଖୋର୍ଦ୍ଧା ଖାସ ମହାଲର ଆୟରୁ ମହାରାଜାଙ୍କୁ ମାସିକ ଦୁଇ ହଜାର ଦୁଇଶହ ଟଙ୍କା ଭତ୍ତା ଦିଆ ଯାଉଥିଲା । ଯେଉଁ ମାନେ ଫିରିଙ୍ଗି ମାନଙ୍କୁ ଗୁପ୍ତ ଦ୍ୱାର ବାଟେ ଗଡ ମଧ୍ୟକୁ ନେଇ ଯାଇଥିଲେ ସେମାନଙ୍କୁ ବ୍ରିଟିଶ ସରକାର ୩୬୦ ବାଟି ଜମି ଦାନ କରିଥିଲେ । କିନ୍ତୁ ଖୋର୍ଦ୍ଧା ରାଜାଙ୍କ ଲୁଣ ଖାଇ ତାଙ୍କର ଧ୍ୱଂସ ସାଧନ କରିଥିବାରୁ ଉକ୍ତ ଦାନକୁ ନିମକ ହାରାମ ଜାଗିରୀ ନାମରେ ନାମିତ କରାଯାଇଛି ।

ଖୋର୍ଦ୍ଧାଗଡକୁ ବ୍ରିଟିଶ କବଳରୁ ରକ୍ଷା କରିବା ପାଇଁ ଖୋର୍ଦ୍ଧାର ପ୍ରଧାନ ସେନାପତି ବକ୍ସି ଜଗବନ୍ଧୁ, ରାଜଗୁରୁ ଜୟୀ ରାଜଗୁରୁ ଆଦି ପରମ ପରାକ୍ରମୀ ଯୋଦ୍ଧାଗଣ ଯେଉଁ ଅପୂର୍ବ ସାହସ, ବୁଦ୍ଧିମତା ଓ ଯୁଦ୍ଧ କୌଶଳର ନମୁନା ପ୍ରଦର୍ଶନ କରିଥିଲେ ତାହା ଆଜିପର୍ଯ୍ୟନ୍ତ ଦୃଷ୍ଟାନ୍ତ ହୋଇ ରହି ଯାଇଛି । ତତ୍କାଳୀନ ଖୋର୍ଦ୍ଧାଗଡ ସଂପର୍କରେ ଯେଉଁ ବର୍ଣ୍ଣନା ''ଖୁରଧା ଦର୍ପଣ'' ପୁସ୍ତକରେ ପରିଦୃଷ୍ଟ ହୁଏ ତାହା ହେଉଛି-

''ଖୁରଧା ୧୧୦ କୋଟି ଗଡରେ ବିଭକ୍ତ ଥିଲା । ପ୍ରତ୍ୟେକ ଗଡର ଗଡାଧୀଶ ଦଳବେହେରା ଓ ତାଙ୍କର ସହଯୋଗୀ ସ୍ୱରୂପ ଦଳେଇ, ନାୟକ, ପାଇକ, ନଉବିଶାରିଆ, କୋଠକରଣ, ଭୂଇଁମୂଳ, ପ୍ରଧାନ, ଭୋଇ ଓ ସର୍ଦ୍ଦାର ପ୍ରଭୃତି ୨୪ଜଣ ପର୍ଯ୍ୟନ୍ତ ନିଯୁକ୍ତ ଥିଲେ । ଏମାନେ ସମସ୍ତେ ରାଜାଙ୍କର ପୃଷ୍ଠପୋଷକ ସ୍ୱରୂପ ଯାବତୀୟ ସୈନ୍ୟ ବିଭାଗ, ଶାସନ ଓ ରାଜସ୍ୱ ବିଭାଗର ସମସ୍ତ କାର୍ଯ୍ୟ ତୁଲାଉ ଥିଲେ । ସ୍ୱୀୟ ମାନ ମର୍ଯ୍ୟାଦା ରକ୍ଷା ଓ ପରିବାର ବର୍ଗ ଭରଣ ପୋଷଣ କରିବା ଭଳି ଯଥୋପଯୁକ୍ତ ପରିମାଣରେ ନିଷ୍କର ଜାଏଗିରି ଗଡ ବାଡି ମିଳିଥା ଓ ମାହାଲର ତାଙ୍କେ ଉପସ୍ୱତ୍ୱମାନ ଭୋଗ ଦଖଲ କରୁଥିଲେ ।

''ବ୍ରିଟିଶମାନେ ଓଡିଶା ଦଖଲ କଲାବେଳକୁ ଖୋରଧାର ସୈନ୍ୟ ବିଭାଗରେ ୧୧୦ ଦଳବେହେରା, ୪ଜଣ ସର୍ଦ୍ଦାର ଥିଲେ । ବକ୍ସି ଥିଲେ ପ୍ରଧାନ ସେନାପତି ରାଜଗୁରୁ ଥିଲେ ପ୍ରଧାନ ମନ୍ତ୍ରୀ । ଅସ୍ତ୍ର ଶସ୍ତ୍ର ମାନଙ୍କ ମଧ୍ୟରେ ତୋପ, ତୋଡାଦାର, ବନ୍ଧୁକ, ଧନୁତୀର ବା କାଣ୍ଡପହ (ଜୁନିଆଁ ଗୋଟିଆ), ଢାଲ, ତରବାରି, ଖଣ୍ଡା, ଟୁଙ୍ଗି, କଟାରି, ବର୍ଚ୍ଛା, କାଡି, ଛୁରି, ବାଙ୍କ ଛୁରି, ଫର୍ସା, ମୁଦଗର, କୁନ୍ତ, ଲାଠି, ସାବଳ ପ୍ରଭୃତି

ପ୍ରଧାନ ଥିଲା ।

"ତୋପର ଲମ୍ବ ୭ ଫୁଟ ଠାରୁ ୧୦ ଫୁଟ ପର୍ଯ୍ୟନ୍ତ ଏବଂ ମୋଟା ବା ଗୋଲେଇ ୩ ଫୁଟରୁ ୫ ଫୁଟ ପର୍ଯ୍ୟନ୍ତ ଥିଲା । ଏଥିରେ ପ୍ରାୟ ପାଞ୍ଚସେର ଓଜନ ପର୍ଯ୍ୟନ୍ତ ଗୋଳା ବ୍ୟବହୃତ ହୋଇ ପାରୁଥିଲା । ବନ୍ଧୁକ ଗୁଳାର ଓଜନ ଥିଲା ପ୍ରାୟ ୩ ରତି, ଧନୁର୍ବିଦ୍ୟା ବାଧ୍ୟତାମୂଳକ ଥିଲା । ପିଲାମାନେ ଚାଟଶାଳୀରେ ବିଦ୍ୟା ଶିକ୍ଷା ସହିତ ପିଟିକ କାଣ୍ଡରେ ଲକ୍ଷ୍ୟ ଭେଦ ଶିକ୍ଷା କରୁଥିଲେ । ବାଉଁଶ ଓ ଡାମଣା କାଠରେ ଧନୁ ତିଆରି ହେଉଥିଲା । ସେଥିପାଇଁ ପ୍ରବାଦ ପ୍ରଚଳିତ- 'ଲକ୍ଷେ ବାଟୁଳି- ପକ୍ଷେ କାଣ୍ଡ' । ଅର୍ଥାତ୍ ଲକ୍ଷେ ସଂଖ୍ୟକ ବାଟୁଳି ମାରିଲେ ଓ ୧୫ ଦିନ ପର୍ଯ୍ୟନ୍ତ କାଣ୍ଡ ମାରିବା ଅଭ୍ୟାସ କଲେ ଲକ୍ଷ୍ୟ ଭେଦ ସିଦ୍ଧ ହୁଏ । ପ୍ରାୟ ପ୍ରତ୍ୟେକ ଗ୍ରାମରେ ପଟାଖେଳ, ଆଖଡାମାନ ଥିଲା । ସେଥିରେ ବାଡି ଖେଳ, ତରବାରି ଚାଳନା, ଛୁରି ଖେଳ, ପଟାଖେଳ, କୁସ୍ତି କସରତ ଶିକ୍ଷା ଦିଆ ଯାଉଥିଲା ।" ଖେଳ ସମୟରେ ଖେଳାଳିମାନେ ପରିକଚ୍ଛା ମାରୁଥିଲେ । ଗାଳମୁଚ୍ଛ ଓ ସୁନ୍ଦର ଶିରୀ ବୀରତ୍ୱର ପରିଚାୟକ ଥିଲା । ପ୍ରତିବର୍ଷ ଦଶହରା ଦିନ ଅସ୍ତ୍ର ଶସ୍ତ୍ର ସବୁ ପୂଜା କରି ଦଶହରା ପଡିଆରେ ଅସ୍ତ୍ର ଚାଳନାରେ କୃତିତ୍ୱ ଦେଖାଇବା ଚିରନ୍ତନ ପ୍ରଥା ।

"ଇଂରେଜ ରାଜତ୍ୱର ମାତ୍ର ୧୩ ବର୍ଷ ପରେ ବିଗତ ୩୦୦ ବର୍ଷରେ ମୁସଲମାନ, ମରହଟ୍ଟା ପ୍ରଭୃତି ପ୍ରବଳ ଉତ୍ପୀଡନ ଅତ୍ୟାଚାରରେ ନିଷ୍ପେସିତ ହୋଇ ସୁଦ୍ଧା ଏ ଦେଶର ଇତିହାସ ପ୍ରସିଦ୍ଧ କ୍ଷାତ୍ର ଶକ୍ତି ଯେ କେତେ ପରିମାଣରେ ଜାଗ୍ରତ ଥିଲା, ତାହା ପାଇକ ବିଦ୍ରୋହ ଘଟଣାରୁ କଳନା କରିହୁଏ ।

"ଏହି ବିଦ୍ରୋହ ପରଠାରୁ ଏମାନଙ୍କୁ କ୍ରମେ ବିଧ୍ୱସ୍ତ କରି ଦିଆଗଲା । ଏମାନଙ୍କର କାର୍ଯ୍ୟ ଆଉ ସରକାରଙ୍କର ଆବଶ୍ୟକ ନାହିଁ ବୋଲି ପ୍ରଚାର କରାଗଲା । ବଳବେବହରା, ଦଳେଇ ପ୍ରଭୃତି ଜାଗିରି ବୃତ୍ତିକୁ ବାଜ୍ୟାପ୍ତ କରାଗଲା । ଯେଉଁ କେତେକ ରହିଲା ତାହାକୁ ଚାକରାନ ଜାଗିରି ବୋଲି ନାମିତ କରି ମର୍ଯ୍ୟାଦାବନ୍ତ ଲୋକମାନଙ୍କୁ ସମାଜରେ ଓ ରେକର୍ଡ ପତ୍ରରେ ଚାକରାନ୍ ବା ଚାକର ବୋଲି ଚିହ୍ନିତ କରାଗଲା । ପରେ ପରେ ନାନାପ୍ରକାର ଆଳରେ ସାମାନ୍ୟ କାରଣରୁ ଜାଗିରିରୁ ବେଦଖଲ କରିବା କାର୍ଯ୍ୟ ଚାଲିଲା । ଆଇନ ଦ୍ୱାରା ଅସ୍ତ୍ରଶସ୍ତ୍ର ବ୍ୟବହାର ନିଷେଧ ହେଲା । ଖଣ୍ଡା ପ୍ରଭୃତି ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିବା ଲୋକମାନେ ଛ' ଇଞ୍ଚରୁ ଅଧିକା ଲମ୍ବର ଛୁରୀ ମଧ୍ୟ ଧରିପାଇ ପାରିବେ ନାହିଁ ବୋଲି ଆଇନ ଜାରି ହେଲା । ଯେଉଁମାନଙ୍କର ଯୁଦ୍ଧ ଥିଲା ପ୍ରଧାନ ବ୍ୟବସାୟ ଓ କୃଷି ଜୀବିକା ନିର୍ବାହର ଥିଲା ପ୍ରଧାନ ଅବଲମ୍ବନ, ସେମାନଙ୍କୁ ଉଭୟରୁ ବଂଚିତ କରି ଠକି ତଡାଇ କରି ଦିଆଗଲା ।"

୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଖୋର୍ଦ୍ଧା ଆକ୍ରମଣ କରିବାବେଳକୁ ଖୋର୍ଦ୍ଧାର ଗଜପତି ମହାରାଜା ମୁକୁନ୍ଦଦେବ (୨ୟ) ନାବାଳକ ଥିଲେ । ତାଙ୍କର ଦେୱାନ୍ ଜୟୀ ରାଜଗୁରୁ ରାଜ୍ୟର ସର୍ବେସର୍ବା ହୋଇ ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ଇଂରେଜମାନଙ୍କ ହସ୍ତରୁ ଖୋର୍ଦ୍ଧା ଗଡକୁ ରକ୍ଷା କରିବା ପାଇଁ ସେ ପ୍ରାଣ ପଣେ ଚେଷ୍ଟା ଚଳାଇ ଥିଲେ । ୧୮୦୩ ରୁ ୧୮୩୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରବଳ ଯୁଦ୍ଧ ଲାଗି ରହିଥିଲା । ଦେଶଦ୍ରୋହୀ ଶିଷ୍ୟ ମନାଇଙ୍କର ପଛୁଆ ଛୁରିକାଘାତରେ ମହାରାଜା ମୁକୁନ୍ଦଦେବ ନିହତ ହେଲେ ଏବଂ ଜୟୀ ରାଜଗୁରୁ ଇଂରେଜମାନଙ୍କ ହାତରେ ଧରାପଡି କେବଳ ଚାରିକାନ୍ଥ ମଧ୍ୟରେ ବନ୍ଦି ହେଲେ । ଫଳରେ ଖୋର୍ଦ୍ଧା ଦୁର୍ଗ ଧୂଳିସାତ୍ ହୋଇଗଲା । ଯେଉଁ ଖୋର୍ଦ୍ଧା ଦୁର୍ଗ ବହୁକାଳ ଧରି ଶତ୍ରୁମାନଙ୍କ ପ୍ରବଳ ଆକ୍ରମଣରୁ ନିଜକୁ ରକ୍ଷା କରି ପାରିଥିଲା, ତାହା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡିଲା । ଏବେ ତା'ର ଭଗ୍ନାଂଶ ଦେଖିଲେ ସେ କାଳର ବୀର ଓଡିଆ ପୁଅର ରଣ କୌଶଳ, ଦେଶ ପ୍ରେମ ଓ ପ୍ରଖର ବୁଦ୍ଧିମତାର ଏକ ସ୍ପଷ୍ଟ ଚିତ୍ର ହୃଦୟରେ ଆଙ୍କି ହୋଇ ଯାଏ । ଏହି ଖୋର୍ଦ୍ଧାଗଡ ନିକଟରେ ଏବେ ମଧ୍ୟ କୁଞ୍ଜ ବିହାରୀ ଗୋବିନ୍ଦଜୀ ମଠ, ଓଡିଆର ମଠ, ନୀଳ କଣ୍ଠେଶ୍ୱର ମନ୍ଦିର ଆଦି ମୂକସାକ୍ଷୀ ସ୍ୱରୂପ ଦଣ୍ଡାୟମାନ । ସେନାପତି ବକ୍ସି ଜଗବନ୍ଧୁଙ୍କ ନାମାନୁସାରେ ପ୍ରତିଷ୍ଠିତ ବିରାଟ ବକ୍ସି ପୋଖରୀ ଏବେ ମଧ୍ୟ ସେହି ମହାପୁରୁଷଙ୍କର ମହନୀୟ ଗାଥା ପ୍ରକଟ କରିଥାଏ । ବରୁଣେଇ ପର୍ବତ ଉପରେ ଥିବା ବିଗ ବାହିଣୀ ସ୍ତମ୍ଭ, ଯେଉଁଠାରୁ ଶତ୍ରୁ ଆଗମନକୁ ଠାବ କରାଯାଇ ପାରୁଥିଲା, ଏବେ ମଧ୍ୟ ଇତିହାସର ନିଦର୍ଶନ ସ୍ୱରୂପ ଦଣ୍ଡାୟମାନ ।

ଖୋର୍ଦ୍ଧା ମାଟି ଓଡିଆ ପୁଅର ପବିତ୍ର ତୀର୍ଥ ଭୂମି । କବି ପଦ୍ମଚରଣ ପଟ୍ଟନାୟକ ଯଥାର୍ଥରେ ଲେଖିଛନ୍ତି-

"କି କଲି କି କଲି କେଡେ ଅପରାଧ
କିଭୂମିରେ ଆଜି ଦେଲି ମୋ ପାଦ ।
ଯହିଁ ଟେକି ଦେଲେ ଟେକା ଖଣ୍ଡେ ଏଥି
ମିଳିଯାଏ ବୀର ଅସ୍ଥି, ମେଦ ଗ୍ରନ୍ଥି ।"

ସେହିପରି କବି ପ୍ରସନ୍ନ କୁମାର ପାଟଶାଣୀଙ୍କ ଭାଷାରେ "ମାଟିକୁ ଚିପୁଡି ଦେଲେ ରକତ ନିଗିଡି ପଡେ
ଖୋରଧାର କବିତା ମୁଁ ପଢେ ।"

ଅଧ୍ୟାପକ ରସାୟନ ବିଭାଗ
ଏସ୍.ସି.ଏସ୍. କଲେଜ, ପୁରୀ



# ଶହେବର୍ଷ ପୂର୍ବର ଖୋର୍ଦ୍ଧା

ଡକ୍ଟର ଲକ୍ଷ୍ମୀନାରାୟଣ ରାୟସିଂହ

ଇଂରେଜମାନେ ଓଡ଼ିଶା ଅଧିକାର କରିବା ସମୟକାଳ, ମହାକାଳର ମହାସ୍ରୋତରେ ବୁଦ୍‌ବୁଦ୍ ପରି ପ୍ରତୀୟମାନ ହେଲେ ହେଁ ଖୋର୍ଦ୍ଧାରେ ଘଟିଯାଇଥିବା ଇଂରେଜ ବିରୋଧି ସଂଗ୍ରାମ ଓ ସଂଘର୍ଷ ଇତିହାସରେ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଛି । ଭାରତ ବର୍ଷ ବ୍ରିଟିଶ ଶାସନରୁ ମୁକୁଳିବାର ପଚାଶବର୍ଷ ଅତିବାହିତ ହେଉଥିବାବେଳେ ଭାରତବର୍ଷରେ ବ୍ରିଟିଶ ବିରୋଧି ସଂଗ୍ରାମର ସ୍ମୃତିଚାରଣ ଅବସରରେ ଏକଶତ ତୌରାନବେ ବର୍ଷ ପରେ ଘଟିଥିବା ଖୋର୍ଦ୍ଧାର ଗୌରବାମଣ୍ଡିତ ଫିରିଙ୍ଗି ବିରୋଧି ସଂଘର୍ଷ ଆଜିର ଯୁବକମାନଙ୍କୁ ଅନେକ କଥା କହିବ । ୧୮୫୭ରେ ଘଟିଥିବା ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କାର୍ଲମାର୍କ୍ସ ଙ୍କର ନିର୍ଦ୍ଧାରଣକୁ ଐତିହାସିକମାନେ ଗ୍ରହଣ କରିଛନ୍ତି । ତାହାର ବ୍ୟାପକତା ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ହିଁ ସେପରି ସିଦ୍ଧାନ୍ତ ନେବାକୁ ସହାୟକ ହୋଇଛି । କିନ୍ତୁ ତା' ପୂର୍ବରୁ ବ୍ରିଟିଶ ବଣିକମାନେ ବ୍ୟବସାୟ କରିବାପାଇଁ ଏ ଦେଶକୁ ଆସିବା ପୂର୍ବରୁ ଅନ୍ୟ ବିଦେଶୀ ବଣିକମାନେ ମଧ୍ୟ ଭାରତବର୍ଷର ବିଭବକୁ ବାଣିଜ୍ୟ ମାଧ୍ୟମରେ ନିଜ ଦେଶକୁ ରପ୍ତାନୀ କରିବାପାଇଁ ଆସିଛନ୍ତି, ବାଣିଜ୍ୟ କୋଠିମାନ ସ୍ଥାପନ କରିଛନ୍ତି । କାଳକ୍ରମେ ସେମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱବିବାଦ ଉପସ୍ଥିତ ହୋଇଛି । ଭାରତ ବର୍ଷରେ ଥିବା ରାଜାମାନଙ୍କ ମଧ୍ୟରେ ବିନାଶ ବିବାଦ, ବିରୋଧ, ବିଦ୍ୱେଷ କାରଣରୁ ବୈଦେଶିକ ବେପାରିମାନେ କ୍ରମେ ଦେଶର ଖଣ୍ଡେ ଖଣ୍ଡେ ଦଖଲ କରୁ କରୁ ଶକ୍ତିଶାଳୀ ଇଂରେଜ ବଣିକମାନେ କ୍ରମେ ଅନ୍ୟମାନଙ୍କଠାରୁ ଅଧିକ କୂଟ କୌଶଳ ପ୍ରୟୋଗ ପୂର୍ବକ ସମଗ୍ର ଭାରତବର୍ଷ ଦଖଲ କରିବାରେ ସମର୍ଥ ହେଲେ । ଏହି ଦଖଲ କିନ୍ତୁ ସେମାନଙ୍କ ପାଇଁ ସହଜ ସରଳ ନଥିଲା । ସେମାନେ ବିଭିନ୍ନ ରାଜ୍ୟରେ ସଂଘର୍ଷ ଓ ସଂଗ୍ରାମର ସମ୍ମୁଖୀନ ହେଉଥିଲେ । ସମଗ୍ର ଭାରତ ବର୍ଷକୁ କରାୟତ କରିବା ପରେ ବ୍ରିଟିଶମାନେ ଓଡ଼ିଶା ଦଖଲକୁ ନେଲେ । ଦଖଲ ନେବାବେଳେ ମଧ୍ୟ ସେମାନେ ଏଠାରେ ବିଦ୍ରୋହର ସମ୍ମୁଖୀନ ହୋଇଥିଲେ । ଏହି ବିଦ୍ରୋହ ସେମାନଙ୍କ ପାଇଁ ଖୁବ୍ ଅସ୍ୱସ୍ତିକର ଥିଲା । ଖୋର୍ଦ୍ଧା ଦଖଲ କରି ଶାସନ କରିବା ପାଇଁ ଏହାକୁ ନିଜର ହାତରେ ରଖିଥିଲେ । ତେଣୁ ଏହାର ନାମ ଥିଲା 'ଖାସ ମାହାଲ' । ବିଟ୍ରେନର ସମ୍ରାଟଙ୍କର ପ୍ରତିନିଧି ବଡ଼ଲାଟଙ୍କ ସିଧାସଳଖ ପ୍ରତ୍ୟକ୍ଷ ଶାସନାଧୀନ ହୋଇ ରହିଥିବାରୁ ଏ ଅଂଚଳ 'ଖାସ୍ ମାହାଲ' ଭାବେ ପରିଚିତ ଥିଲା । ବ୍ରିଟିଶମାନେ ଭାରତର ଶେଷ ଅଂଚଳ ଦଖଲ ନେବାରେ ଯେଉଁ ବିଦ୍ରୋହରେ ସମ୍ମୁଖୀନ ହେଲେ ତାହାକୁ ଦମନ କରିବାପାଇଁ ପ୍ରତ୍ୟକ୍ଷ ଶାସନାଧୀନ କଲେ ଖୋର୍ଦ୍ଧା ଅଂଚଳକୁ । ଖୋର୍ଦ୍ଧାକୁ ସେତେବେଳେ ପାଖ ପଡ଼ୋଶୀ ଗଡ଼ଜାତ ଓ ଅନ୍ୟାନ୍ୟ ପ୍ରଦେଶର ଲୋକେ 'ଓଡ଼ିଶା' ବୋଲି କହୁଥିଲେ ।

### ଖୋର୍ଦ୍ଧା ବିଦ୍ରୋହର ପ୍ରଥମ ଶହୀଦ ଜୟୀରାଜଗୁରୁ

ଭାରତବର୍ଷର ପରାଧୀନତାର ଅମାଅନ୍ଧକାର ଘୋଟିଆସିବାର ଉପକ୍ରମ ହେଲା ୧୭୫୭ମସିହା ଜୁନ୍ ମାସ ୨୩ତାରିଖ ଦିନଠାରୁ ପଲାସୀ ଯୁଦ୍ଧରେ । ୧୭୬୫ରେ ବିଦେଶୀଙ୍କ ଇଷ୍ଟ ଇଣ୍ଡିଆ କମ୍ପାନୀ ତାର ବାଣିଜ୍ୟିକ କୌଶଳରେ ଏ ଦେଶର ଆର୍ଥିକ ଓ ରାଜନୈତିକ ସ୍ଥିତିକୁ ଦୋହଲାଇ ଦେଇ ଥିଲା ।

ଏହି ସମୟରେ ଭାରତର ସମ୍ରାଟ ଥିଲେ ଶାହା ଆଲାମ୍ ଦ୍ୱିତୀୟ । ଇଷ୍ଟ ଇଣ୍ଡିଆ କଂପାନୀର ଚତୁର ବଣିକ ଲର୍ଡ଼ କ୍ଲାଇବ୍ ବଙ୍ଗ ଗଭର୍ଣ୍ଣର ରୂପେ ଓଡ଼ିଶା, ବଙ୍ଗ ଓ ବିହାରର ଦେୱାନୀ ସନନ୍ଦ ହାସଲ କଲେ ସମ୍ରାଟ ଶାହା ଆଲାମଙ୍କଠାରୁ । ଏହି କଂପାନୀ ସମ୍ରାଟଙ୍କୁ ବାର୍ଷିକ ୨୬ଲକ୍ଷ ଟଙ୍କା ଦେଇ ତାଙ୍କ ଅଧୀନରେ ଥିବା ଅଂଚଳରୁ କଂପାନୀ ରାଜସ୍ୱ ଆଦାୟ କରିବାର ଅଧିକାର ପ୍ରାପ୍ତ ହେଲେ । ପରୋକ୍ଷ ଭାବରେ ଏହି ସମୟରୁ ଓଡ଼ିଶାର ପରାଧୀନତାର ପର୍ଯ୍ୟାୟର ଆରମ୍ଭ ।

୧୭୯୯ରେ ଟିପୁସୁଲତାନଙ୍କ ପତନ ପରେ ପରେ ଇଂରେଜମାନେ ସମଗ୍ର ଭାରତର ଅଧୀଶ୍ୱର ହେବାର ସ୍ୱପ୍ନରେ ବିଭୋର ହୋଇ ଉଠିଲେ । ଏହି ସ୍ୱପ୍ନ ସେମାନଙ୍କର ସହଜରେ

ସ୍ୱୀକାର ହେଲା ନାହିଁ । ମରହଟ୍ଟାମାନେ ସେମାନଙ୍କର ଶତ୍ରୁଭାବେ ଠିଆହେଲେ ।

ସିନ୍ଧିଆ, ହୋଲକାର, ପେଶବା, ଭୋଁସଲା - ଏହି ଚାରିଭାଗରେ ବିଭକ୍ତ ମରହଟ୍ଟା ଜାତିକୁ ନାନା ଫର୍ଣାଭିସ୍ ଏକତ୍ର ସୂତ୍ରରେ ବାନ୍ଧି ସେମାନଙ୍କ ଶାସନ ଚାଲୁ ରଖିବାରେ ସମର୍ଥ ହେଲେ । ୧୮୦୦ରେ ତାଙ୍କର ମୃତ୍ୟୁପରେ ଏ ବନ୍ଧନ ମରହଟ୍ଟାମାନେ ରଖିପାରିଲେ ନାହିଁ । ଏ ସମୟରେ ଲର୍ଡ଼ ୱେଲେସଲି ଗଭର୍ଣ୍ଣର ଜେନେରାଲ । ମରହଟ୍ଟା ଶାସନରେ ରାଜସ୍ୱ ଆଦାୟକାରୀମାନେ ପ୍ରଜାମାନଙ୍କୁ ବିଶେଷ ଯନ୍ତ୍ରଣା ଦେଇ କର ଆଦାୟ କରୁଥିଲେ । ମରହଟ୍ଟା ସୈନ୍ୟମାନଙ୍କର ଅତ୍ୟାଚାର ମଧ୍ୟ ବିଶେଷ ଭୟଙ୍କର ଥିଲା । ସେମାନଙ୍କୁ "ବର୍ଗୀ" କୁହାଯାଉଥିଲା । ସେମାନଙ୍କ ଭୟରେ ଲୋକେ ଭଲ ଖାଇ ନଥିଲେ, ଭଲ ପିନ୍ଧୁନଥିଲେ, କି ଭଲ ଘର କରି ରହୁନଥିଲେ । ବର୍ଗୀଙ୍କ ଭୟରେ ଲୋକେ ଗ୍ରାମଛାଡ଼ି ବନ ପର୍ବତରେ ଆଶ୍ରୟ ଖୋଜୁଥିଲେ । (ପ୍ରାଚୀନଉତ୍କଳ)

ଦକ୍ଷିଣରେ ଇଂରେଜମାନେ ୧୭୬୦ରେ ୱାଣ୍ଡି ୱାଶ ଯୁଦ୍ଧରେ ଫରାସୀ ଶକ୍ତିକୁ ଧ୍ୱଂସ କରି ହାଇଦ୍ରାବାଦ ନିଜାମଙ୍କଠାରୁ ୧୭୬୫ରେ ଗୋଦାବରୀ ଓ ଚିଲିକା ମଧ୍ୟବର୍ତ୍ତୀ ଅଂଚଳ ଅଧିକାର କରି ନେଇଥିଲେ । ସେହି ସମୟଠାରୁ ଖୋର୍ଦ୍ଧା ରାଜ୍ୟର ଦକ୍ଷିଣ ସୀମାରେ ଇଂରେଜ କଂପାନୀ ନିଜ ଶକ୍ତି ଦୃଢ଼ୀଭୂତ କରିବାପାଇଁ ଋଷିକୁଲ୍ୟା ମୁହାଣ ନିକଟବର୍ତ୍ତୀ ଗଞ୍ଜାଠାରେ ଦଳେ ସୈନ୍ୟ ରଖିଥିଲେ । ଭବିଷ୍ୟତରେ ଖୋର୍ଦ୍ଧା ରାଜ୍ୟ ଦଖଲ କରିବା ଅଭିସନ୍ଧି କଂପାନୀ ସରକାରଙ୍କର ରହିଲା ତେଣୁ ୧୮୦୩ରେ ମରହଟ୍ଟାମାନେ ଦେବଗ୍ରାମ ସନ୍ଧିରେ ଇଂରେଜମାନଙ୍କୁ ଓଡ଼ିଶା (କଟକ ଓ ବାଲେଶ୍ୱର ଜିଲ୍ଲା ଓ ପୁରୀ ସଦର ସବ୍‌ଡିଭିଜନରେ ଅଧିକାଂଶ) ଛାଡ଼ିଦେବା ମାତ୍ରେ କଂପାନୀର ସୈନ୍ୟମାନେ ଗଞ୍ଜାମ ଆଡୁ ମାଣିକପାଟଣା ବାଟେ ପୁରୀ ଅଧିକାର କଲେ । ତାପରେ ବାଲେଶ୍ୱର ଓ ବାରବାଟୀ ଦୁର୍ଗ ଦଖଲ ପରେ ସେମାନଙ୍କ ଓଡ଼ିଶା ଦଖଲ ସମ୍ପୂର୍ଣ୍ଣ ହୋଇଥିଲା ।

ଖୋର୍ଦ୍ଧା ରାଜବଂଶର ରାଜାମାନେ ପୂର୍ବରୁ ସେମାନଙ୍କ ଗୌରବ, ସ୍ୱାଧୀନ ରାଜତ୍ୱ ଓ ରାଜ୍ୟାଧିକାରୁ ବଂଚିତ ହୋଇନଥିଲେ । ଇତିହାସରୁ ଜଣାଯାଏ ଯେ ରାଜା ରାମଚନ୍ଦ୍ର ଦେବ, ରାଜ ତୋଡ଼ରମଲ୍ଲଙ୍କ ଦ୍ୱାରା ସ୍ୱାଧୀନ ରାଜା ରୂପେ ସ୍ୱୀକୃତ ହୋଇ ପରେ ପୁଣି ମାନସିଂହଙ୍କ ଦ୍ୱାରା ୧୨୯ କିଲ୍ଲାର ପ୍ରଭୁତ୍ୱ କରିଥିଲେ ଏବଂ ଆକବରଙ୍କ ଦରବାରରେ ଉଚ୍ଚ ସମ୍ମାନ ପାଇ ଅର୍ଦ୍ଧ ସ୍ୱାଧୀନ ରାଜା ରୂପେ ରାଜତ୍ୱ କରୁଥିଲେ । ଏହିପରି ଭାବେ ଭୋଇ ବଂଶର ଏକାଦଶ ରାଜା ବିରକିଶୋର ଦେବଙ୍କ ପର୍ଯ୍ୟନ୍ତ ଖୋର୍ଦ୍ଧା ରାଜାଙ୍କର ରାଜତ୍ୱ ଚାଲିଥିଲା ।

ବୀରକିଶୋର ଦେବ ରାଜା ହେବାର ଅଳ୍ପଦିନ ମଧ୍ୟରେ ମରହଟ୍ଟାମାନେ ଓଡ଼ିଶା ଅଧିକାର ପାଇଲେ ଏବଂ ଜଗନ୍ନାଥ ଓ ଭୋଇ ରାଜାମାନେ ବିଧର୍ମୀ ଅତ୍ୟାଚାରରୁ ଏକ ପ୍ରକାର ମୁକ୍ତି ପାଇଲେ । ବୀରକିଶୋର ଦେବଙ୍କ ରାଜତ୍ୱ କାଳରେ ଖେମଣ୍ଡି ରାଜା ନାରାୟଣ ଦେବ ୧୭୬୦ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧା ଆକ୍ରମଣ କରିବାରୁ ମରହଟ୍ଟା ସୁବାଦାର ଶିବଭଟ୍ଟ ସାମନ୍ତରାୟ ବୀରକିଶୋର ଦେବଙ୍କୁ ସାହାଯ୍ୟ ଦେଇ ନାରାୟଣଙ୍କୁ ତଡ଼ି ଦେଲେ । ମାତ୍ର ବୀରକିଶୋର ଦେବ ଶିବଭଟ୍ଟଙ୍କୁ ମରହଟ୍ଟା ସୈନ୍ୟ ଚୁକ୍ତି ଅନୁସାରେ ଦେଇ ନ ପାରିବାରୁ ଟଙ୍କା ଆଦାୟ ଦେବା ପର୍ଯ୍ୟନ୍ତ ରାହାଙ୍ଗ, ଚବିଶକୁଦ, ଲେମ୍ବାଇ ଓ ସିରାଇ ପ୍ରଗନା ମାନ ମରହଟ୍ଟାମାନଙ୍କୁ ଦଖଲ ବନ୍ଧକ ସ୍ୱରୂପ ଦେଲେ ।

ବୀରକିଶୋର ଦେବ ଶେଷ କାଳକୁ ପାଗଳ ହୋଇଗଲେ ଏବଂ ନିଜର ଚାରି ସନ୍ତାନଙ୍କୁ ମାରିଦେଲେ । ମରହଟ୍ଟା ସୁବେଦାର ରାଜାରାମ ପଣ୍ଡିତ ତାହାଙ୍କୁ ବନ୍ଦୀ କରି ତାଙ୍କର ନାତି ଦିବ୍ୟସିଂହଦେବଙ୍କୁ ବାର୍ଷିକ ୧୦ହଜାର ଟଙ୍କା କର ଦେବାର ସ୍ୱୀକାର କରାଇ ରାଜା କଲେ ଏବଂ ସେଥି ସଂଗେ ସଂଗେ ମଧ୍ୟ ବାଣପୁର, ଖୋର୍ଦ୍ଧା ଓ ଲେମ୍ବାଇ ରାହାଙ୍କ ଅଧିକାରରେ ଛାଡ଼ିଦେଲେ । ପରେ ଦିବ୍ୟସିଂହ ଦେବ ଏହି ଟଙ୍କା ଦେବାକୁ ଅସ୍ୱୀକାର କରିବାରୁ ରାଜାରାମ ବଳ ପ୍ରୟୋଗ କଲେ । ବହୁ ଦିନବ୍ୟାପୀ ଯୁଦ୍ଧରେ ବହୁ ଅର୍ଥ ବ୍ୟୟ ଓ ସୈନ୍ୟ କ୍ଷୟ କରି ରାଜାରାମ ବିଦ୍ରୋହ ଶାନ୍ତ କଲେ ଏବଂ କର ଆଦାୟର ସୁବ୍ୟବସ୍ଥା କଲେ ।

୧୭୯୮ ଖ୍ରୀଷ୍ଟାବ୍ଦରେ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ହେବାରୁ ତାଙ୍କ ପୁତ୍ର ଦ୍ୱିତୀୟ ମୁକୁନ୍ଦଦେବ ରାଜା ହେଲେ । ମୁକୁନ୍ଦଦେବ ଖୋର୍ଦ୍ଧାର ଶେଷ ରାଜା । ଏହାଙ୍କ ରାଜତ୍ୱରେ ପଞ୍ଚମ ବର୍ଷରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ (ଉତ୍କଳ ଇତିହାସ କୃପାସିନ୍ଧୁ) ।

ଇଂରେଜମାନେ ୧୮୦୩ରେ ଓଡ଼ିଶା ଅଧିକାର କଲାବେଳକୁ ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ୱେଲେସଲି ଓଡ଼ିଶାର ରାଜା ଓ ପ୍ରଜାଙ୍କ ମଧ୍ୟରେ ଯେଉଁ ଶାନ୍ତି ଶାସନ ଓ ଉଦାର ନୀତିର ଘୋଷଣା ପ୍ରଚାର କରିଥିଲେ ସେଥିରୁ ଅନ୍ତତଃ ମୁକୁନ୍ଦଦେବ ଆପଣା ବଂଶର ପୂର୍ବ ରାଜତ୍ୱ ଓ ମରହଟ୍ଟାମାନଙ୍କ ଦ୍ୱାରା ଅପହୃତ ପ୍ରଗନାମାନ ଫେରି ପାଇବାର ଆଶା ପୋଷଣ କରିଥିଲେ । ମାତ୍ର ଇଂରେଜ ରାଜତ୍ୱ ପ୍ରତିଷ୍ଠା ପରେ ଲେଫଟ୍ ନାଣ୍ଟ

କର୍ଣ୍ଣେଲ ହାରକୋର୍ଟ ଏବଂ ମିଃ. ଜେ. ମେଲ୍‌ଭିଲ (କମିଶନର ଦ୍ୱୟ) ଓଡ଼ିଶାର ଶାସନଭାର ନେବାପରେ ସେମାନେ ପୂର୍ବରୁ ଖୋର୍ଦ୍ଧା ରାଜାଙ୍କ ଠାରୁ ମରହଟ୍ଟାମାନେ ନେଇଥିବା ରାହାଙ୍ଗ, ସିରେଇ, ଚବିଶକୁଦ ପ୍ରଭୃତି ପ୍ରଗନ୍ନାମାନ ଫେରାଇ ଦେବାକୁ ଅସ୍ୱୀକୃତ ହେଲେ । ତେଣୁ ରାଜା ମୁକୁନ୍ଦଦେବ ନିଜର ପୂର୍ବ ରାହାଙ୍ଗ, ଚବିଶକୁଦ, ଲେମ୍ବାଇ, ସେରେଇ ପ୍ରଭୃତି ଖାସ୍ ସରକାରୀ ପରଗଣାରୁ ଜୋର ଜବରଦସ୍ତ ଖଜଣା ଆଦାୟ କରିବାକୁ ଆରମ୍ଭ କଲେ । ମରହଟ୍ଟାମାନେଙ୍କ ସହିତ ତାଙ୍କର ଯେଉଁ ସଂଘର୍ଷ ହେଉଥିଲା, ତାହା ଇଂରେଜ ରାଜତ୍ୱ ଅମଳକୁ ଗଡ଼ି ଆସିଲା ।

୧୮୦୩ରେ ବ୍ରିଟିଶ ଶାସନ ଓଡ଼ିଶାରେ ଚଳିବା ସଂଗେ ସଂଗେ ଶାସକମାନେ ଜମି ବନ୍ଦୋବସ୍ତ ପ୍ରତି ନଜର ଦେଇଥିଲେ । ମରହଟ୍ଟା ଅମଳରେ ଯେଉଁ ରୀତିରେ ଜମିଜମା ବନ୍ଦୋବସ୍ତ ହୋଇଥିଲା, ତାକୁ ପୂର୍ଣ୍ଣ ଭାବରେ ଗ୍ରହଣ କରିବା ପାଇଁ ବ୍ରିଟିଶ୍ ସରକାର ବ୍ରିଟିଶ ଶାସକମାନଙ୍କ ଇଚ୍ଛା ନଥିଲା । କିଛି ନୂତନ ପରିବର୍ତ୍ତନ ଆଣିବାର ଇଚ୍ଛାମାନଙ୍କର ଥିଲା କିନ୍ତୁ ଏଥିପାଇଁ ଯେଉଁ ସମୟ ଓ ଯେତେ ସଂଖ୍ୟାରେ ଯୋଗ୍ୟ କର୍ମଚାରୀ ଦରକାର ତାହା ସରକାରରେ ନ ଥିଲେ । ସେଥିପାଇଁ ସେମାନେ ସହଜରେ ଖଜଣା ଆଦାୟ ହେବାଭଳି ପନ୍ଥା ଉଦ୍‌ଭାବନ କରିବାକୁ ଚେଷ୍ଟା କଲେ । ୧୮୦୪ ସେପ୍ଟେମ୍ବର ପୂର୍ବରୁ ସରକାରୀ ମହଲରେ ବନ୍ଦୋବସ୍ତ ନୀତି ନେଇ ସ୍ଥିର ହେଲା ଯେ ଜମିଦାର, ଜାଗିରଦାର, ରାଜା ପ୍ରମୁଖ ମାଲିକମାନଙ୍କ ସହ ଅସ୍ଥାୟୀ ବନ୍ଦୋବସ୍ତ କରିବାପାଇଁ । ଏହି ବନ୍ଦୋବସ୍ତ ନୀତିରେ ବଡ଼ଠାରୁ ସାନ ପର୍ଯ୍ୟନ୍ତ ସମସ୍ତେ ସରାଗୋପର ସୂଚନା ଦେଖିଲେ ।

ବାରବାଟୀ ଦଖଲପରେ ଯେଉଁ ସୈନ୍ୟଦଳ ବଡ଼ମୁଲ ଘାଟି ଆଡ଼କୁ ଅଗ୍ରସର ହେଉଥିଲେ ସେମାନଙ୍କୁ ରସଦ ଯୋଗାଇ ଅନ୍ୟାନ୍ୟ ସବୁ ପ୍ରକାର ସାହାଯ୍ୟ କରିବାପାଇଁ ମୁକୁନ୍ଦ ଦେବଙ୍କୁ ଇଂରେଜ ଶାସକମାନେ ୧୮୦୩ ଅକ୍ଟୋବର ୨୩ତାରିଖରେ ଲେଖିଥିଲେ । ଏଥିପୂର୍ବରୁ ମୁକୁନ୍ଦଦେବଙ୍କ ସହ ଯେଉଁ ଚୁକ୍ତି ହୋଇଥିଲା ସେହି ଚୁକ୍ତି ଅନୁସାରେ ଇଂରେଜମାନେ ରାହାଙ୍ଗ, ଚବିଶକୁଦ, ସିରେଇ, ଲେମ୍ବାଇର ରାଜସ୍ୱ ବାବଦକୁ ଟ ୯୦,୦୦୦ଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ୧୮୦୩ ନଭେମ୍ବର ୨୩ତାରିଖରେ କଟକ କମିଶନର ଦ୍ୱୟ ମୁକୁନ୍ଦଦେବଙ୍କ ନିକଟକୁ ଟ ୪୦,୦୦୦ଙ୍କା ପଠାଇ ଦେଇ ବାକି ୫୦ହଜାର ପରେ ପଠାଇଦେବା କଥା ଜଣାଇଲେ । ଏହି ଚୁକ୍ତି ଅନୁସାରେ ରାଜା ବ୍ରିଟିଶ ସୈନ୍ୟମାନଙ୍କ ତାଙ୍କୁ ଅଧିକୃତ ଅଂଚଳ ବାଟ ଦେଇ ଛାଡ଼ି ଦେବାକୁ ସମ୍ମତ ହୋଇଥିଲେ । ଏଥିପାଇଁ ସେ ଏକଲକ୍ଷ ଟଙ୍କା ପାଇବାର ସ୍ଥିର ହୋଇଥିଲା । ଏହି ଟଙ୍କାର ଏକ ଅଂଶ ପଠାଇବା ପରେ ମଧ୍ୟ ବାକି ଅଂଶତକ ପଠାଇବା ପାଇଁ ରାଜା କହିବା ସତ୍ତ୍ୱେ ସେମାନେ ନ ଦେବାରୁ ରାହାଙ୍ଗ, ସିରେଇ ପ୍ରଭୃତି ଅଂଚଳକୁ ଦାବି କରି ଖଜଣା ଅସୁଲରେ ପ୍ରବୃତ୍ତ ହେଲେ । ଏହା ମୈତ୍ରୀ ଭାବରେ ବିରୋଧ ବୋଲି କମିଶନରଦ୍ୱୟ ରାଜାଙ୍କୁ ଜଣାଇଲେ । ତାପରେ ମରହଟ୍ଟା ସୈନ୍ୟମାନଙ୍କୁ ପଠାଇବାକୁ ରାଜାଙ୍କୁ ସରକାର ଜଣାଇ ବ୍ୟର୍ଥ ହେବାପରେ ୧୮୦୪ରେ ଏକ ନୂତନ ଚୁକ୍ତି ପତ୍ରରେ ସ୍ୱାକ୍ଷର କରିବାପାଇଁ ସରକାର ହୁକୁମ ନାମା ଜାରିକଲେ । ପୂର୍ବ ଚୁକ୍ତି ବଳରେ ସରକାରଙ୍କ ତରଫରୁ ଖୋର୍ଦ୍ଧାରେ ଜଣେ ତହସିଲଦାର ନିଯୁକ୍ତ ହୋଇଥିଲେ । ରାଜାଙ୍କର ଖୋରାକ ପୋଷାକ ବାବଦକୁ ଖଣ୍ଡେ ମୌଜାର ଖଜଣା ରାଜାଙ୍କୁ ଦେଇ ଦେବା ପାଇଁ କମିଶନରମାନେ ଖୋର୍ଦ୍ଧା ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ସୁନିଆଁ ଓ ଆଶ୍ୱିନ (ଦେବୀପୂଜା) ପର୍ବରେ ରାଜା ପୁରୁଷୋତ୍ତମ କ୍ଷେତ୍ରରୁ ପ୍ରତିବର୍ଷ ୯ଟି ସୁନା ମୋହର ଓ ଦଶଟଙ୍କା ଭେଟି ପାଉଥିଲେ । କମିଶନରମାନେ ବଡ଼ ଦେଉଳର ମୋହନ୍ତାବାର ମୋରାର ପଣ୍ଡିତଙ୍କୁ, ରାଜାଙ୍କୁ ଏହି ଭେଟି ଦିଆଯିବାପ ।ଇଁ ଆଦେଶ ଦେଇଥିଲେ । (ଉତ୍କଳ ଇତିହାସ- କୃପାସିନ୍ଧୁ)

ଏହି ସମୟରେ ପୁରୀ ମନ୍ଦିର ବ୍ରିଟିଶ ସରକାର ତତ୍ତ୍ୱାବଧାନରେ ରହିଥିଲା । ସେହି ବର୍ଷ ଅର୍ଥାତ୍ ୧୮୦୪ ସେପ୍ଟେମ୍ବର ମାସରେ ରଥକାଠ ଆସିବାରେ ଅସୁବିଧା ସୃଷ୍ଟି ହୋଇଥିଲା । ନାନା ପ୍ରକାର ଖର୍ଚ୍ଚ ତାଲିକା ରଥ ପରିଚ ଦେଇ ସମସ୍ତ ଖର୍ଚ୍ଚ ନ ମିଳିଲେ ରଥ କାର୍ଯ୍ୟ ହେବ ନାହିଁ ବୋଲି ଜଣାଇଥିଲେ । ଏହିପରି ଗୋଳମାଳରେ ରାଜାଙ୍କ ହାତ ଅଛି ବୋଲି ସରକାର ବିଚାରିଲେ ।

ତାପରେ ମୁକୁନ୍ଦଦେବ ୧୮୦୪ ଅକ୍ଟୋବର ମାସରେ ପୂର୍ବରୁ କମିଶନରମାନଙ୍କୁ ଜଣାଇଦେଲେ ଯେ ତାଙ୍କ ନାମରେ ପୂର୍ବରେ ଯେଉଁ ୫୦ହଜାର ଜମା ଅଛି, ଦରକାର ଥିବାରୁ ସେଥିରୁ ୩ହଜାର ତାଙ୍କୁ ଦିଆଯାଉ, କିନ୍ତୁ କମିଶନରମାନେ ଉତ୍ତର ଦେଲେ, ରାଜା ଚୁକ୍ତି ଅନୁସାରେ ସଦ୍‌ଭାବ ରଖି ଚଳୁ ନଥିବାରୁ ସେ ଟଙ୍କା ଆଉ ଦିଆଯାଇ ପାରିବ ନାହିଁ । (ସ୍ୱା.ସଂ.ଓ)

ଏହି ଘଟଣା ପରେ କମିଶନରମାନେ ଅକ୍ଟୋବର ପହିଲାରେ ମୌଲବି ସାଲିମ ଅଲ୍ଲୀ ନାମକ ଜଣେ କର୍ମଚାରୀଙ୍କୁ କ୍ୟାପଟେନ୍ ବ୍ଲଣ୍ଟ ଓ ଦୁଇଜଣ ଘୋଡ଼ାସବାର ସୈନିକଙ୍କ ସହ ପଠାଇ ରାଜାଙ୍କୁ ସତ୍ ପଥରେ ଯିବାକୁ ପ୍ରବର୍ତ୍ତାଇ ଥିଲେ ।

ଏହି ସମୟରେ ପୁଣି କଟକ-ଖୋର୍ଦ୍ଧା ରାସ୍ତାର ଡାକ ଚଳାଚଳ ରାସ୍ତା ବନ୍ଦ କରି ହଇରାଣ କରୁଛନ୍ତି ବୋଲି କମିଶନରମାନେ ଖବର ପାଇଲେ ।

### ଖୋର୍ଦ୍ଧା ଦଖଲର ସିଦ୍ଧାନ୍ତ

ଏହି ସବୁ କାରଣରୁ ଇଂରେଜମାନେ ସିଧା ଖୋର୍ଦ୍ଧା ଦଖଲ କରିଯିବା ପାଇଁ ସ୍ଥିର କଲେ । ଏହି ସମୟ ୧୮୦୪ ଅକ୍ଟୋବର ମାସରେ ସ୍ଥାନେ ସ୍ଥାନେ ଲୋକେ ଇଂରେଜଙ୍କୁ ହଇରାଣ କରୁଥିଲେ । ରାଜାଙ୍କର ଦଳେ ପାଇକ ପୁରୀ ଜିଲ୍ଲାର ପିପିଲି ନିକଟରେ କେତୋଟି ଗ୍ରାମ ଲୁଣ୍ଠନ କରିନେଲେ ଏବଂ ଅନେକ ଇଂରେଜ କର୍ମଚାରୀଙ୍କୁ ବନ୍ଦୀ କରି ରଖିଲେ ଏବଂ ବନ୍ଦୀ ଶାଳାରେ କେତେକଙ୍କୁ ହତ୍ୟା କରାଯାଇଛି ବୋଲି ସରକାର ଖବର ପାଇଲେ ।

ମାସକ ଭିତରେ ଇଂରେଜମାନେ ଖୋର୍ଦ୍ଧାଗଡ଼କୁ ଦଖଲ କରିବା ପାଇଁ ଗଂଜାମରୁ ଦଳେ ସୈନ୍ୟ ଗୋଳା ବାରୁଦ ଧରି ଦକ୍ଷିଣ ଦିଗରୁ ଖୋର୍ଦ୍ଧାଗଡ଼ ଅଭିମୁଖେ ଯାତ୍ରା କଲେ । ପୁରୀ ଆଡୁ ଆଉ ଦଳେ, କଟକରୁ ଦଳେ ମହାନଦୀ କୂଳ ଦେଇ ବମପଦା ଓ ବାଙ୍କି ପ୍ରଭୃତି ଅଂଚଳ ଦେଇ ଆସିଲେ । ଖୋର୍ଦ୍ଧା ରାଜାଙ୍କ ପ୍ରଭାବରୁ କାଳେ ଲୋକମାନେ ତାଙ୍କୁ ରସଦ ଦେବେ ନାହିଁ । ସେଥିପାଇଁ ସେମାନେ କଟକରୁ ସମସ୍ତ ସାମଗ୍ରୀ ସାଙ୍ଗରେ ଆଣିଥିଲେ । ଗଡ଼ ଅବରୋଧ କରିବାପାଇଁ ସେମାନେ ମୁକୁନ୍ଦ ପ୍ରସାଦ ଖୋଲା ମଇଦାନର ତୋଟା ଭିତରେ ବଛା ବଛା ପ୍ରାୟ ୭ହଜାର ସୈନ୍ୟଙ୍କୁ ନେଇ ଛାଉଣି ପକାଇଲେ । ଯେଉଁ ଲଢ଼େଇ ସେଠାରେ ହେଲା, ତାର ମୁଖ୍ୟ ନେତୃତ୍ୱ ନେଇଥିଲେ ଜୟୀ ରାଜଗୁରୁ । ଜୟକୃଷ୍ଣ ରାଜଗୁରୁଙ୍କ ବାସସ୍ଥାନ ହେଉଛି ପୁରୀ ନିକଟବର୍ତ୍ତୀ ବୀର ହରେକୃଷ୍ଣ ପୁର ଶାସନ । ଭାରତ ବିଖ୍ୟାତ ସ୍ମୃତିକାର ଗଦାଧର ରାଜଗୁରୁଙ୍କର ସେ ହେଉଛନ୍ତି ପୌତ୍ର ।

ମୁକୁନ୍ଦଦେବଙ୍କୁ ଯେତେବେଳେ ୧୭/୧୮ ବର୍ଷ ବୟସ, ସେତେବେଳେ ଯେଉଁ ସବୁ ଘଟଣା ଘଟୁଥିଲା, ତାହାର ନିୟନ୍ତ୍ରଣ କର୍ତ୍ତା ଥିଲେ ଜୟକୃଷ୍ଣ ରାଜଗୁରୁ ।

ମୁକୁନ୍ଦ ପ୍ରସାଦଠାରେ ଛାଉଣି ପକାଇବା ପୂର୍ବରୁ ୧୮୦୪ ନଭେମ୍ବର ୧୯ତାରିଖରେ ସବୁ ରାଜା, ଜମିଦାରଙ୍କୁ ମୁକୁନ୍ଦଦେବଙ୍କୁ କୌଣସି ପ୍ରକାର ସାହାଯ୍ୟ ନ କରିବାକୁ ପରୱାନା ଜାରି କରିଥିଲେ । ଘୁମୁସର ରାଜା ଧନଞ୍ଜୟ ଭଂଜ, ରଣପୁର, ବାଣପୁର, ନୟାଗଡ଼ ପ୍ରଭୃତି ଓଡ଼ିଶା ସରହଦକୁ ଲାଗି ରହିଥିବାରୁ ବିଦ୍ରୋହୀମାନେ ଘୁମୁସର ପ୍ରଭୃତି ଘଞ୍ଚ ଜଙ୍ଗଲରେ ଆଶ୍ରୟ ନେଇ ଥାଆନ୍ତି । ଏହି ସମୟରେ ଖୋର୍ଦ୍ଧା ରାଜାଙ୍କ ଦେଶୀୟ ପାଇକ ସୈନ୍ୟ ବାହିନୀରେ ପ୍ରାୟ ୨୦ହଜାର ସୈନ୍ୟଙ୍କ ବ୍ୟତୀତ ଆରବ ଓ ପଠାଣ ସୈନ୍ୟଙ୍କ ଭିତରୁ ବଛା ବଛା ସୈନ୍ୟଙ୍କୁ ରାଜା ନିଜ ସୈନ୍ୟବାହିନୀରେ ରଖିଥିଲେ । ଓଡ଼ିଶାରେ ମୁସଲମାନ ଶାସନ କାଳରେ ଯେଉଁମାନେ ସୈନ୍ୟ ବାହିନୀରେ ଥିଲେ ଏବଂ ପରେ ମରହଟ୍ଟା ଅମଳରେ ଯେଉଁ ସୈନ୍ୟମାନେ ଓଡ଼ିଶାର କରଦ ରାଜାମାନଙ୍କ ଅଧୀନରେ ଚାକିରୀ କରି ଘରଦ୍ୱାର କରି ରହିଗଲେ ସେହିମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଅଂଚଳରେ ଥିବା ସୈନ୍ୟମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଅଂଚଳରେ ଥିବା ସୈନ୍ୟମାନଙ୍କ ମଧ୍ୟରୁ ଅନେକ ପାଇକ ବାହିନୀରେ ରହିଥିଲେ ।

ଏହି ସମୟରେ ଏତେ ସୈନ୍ୟଙ୍କୁ ଦରମା ଦେଇ ରଖିବା ଅସମ୍ଭବ ଥିବାରୁ ଏହି ସୈନ୍ୟବାହିନୀର ଲୋକମାନଙ୍କର ଭରଣ ପୋଷଣ ପାଇଁ ଜମିବାଡ଼ି ଆଦି ଦେଉଥିଲେ । ଦଳବେହେରାମାନେ ସ୍ୱତନ୍ତ୍ର ଜାଏଗିରି ଜମି ଭୋଗ କରି ଆବଶ୍ୟକ ବେଳେ ମାଗଣା ଅନୁସାରେ ସୈନ୍ୟ ପଠାଉଥିଲେ ।

### ସେ ସମୟରେ ଖୋର୍ଦ୍ଧାର ଶାସନ ବିଭାଗ

ଏହି ସମୟକୁ ଖୋର୍ଦ୍ଧା କେତେଗୁଡ଼ିଏ ଶାସନ ବିଭାଗରେ ବିଭକ୍ତ ହୋଇଥିଲା । ସେହି ବିଭାଗକୁ କିଲ୍ଲା ଓ କିଲ୍ଲାର ମୁଖ୍ୟ ସ୍ଥାନକୁ ଗଡ଼ କୁହାଯାଉଥିଲା । ଖୋର୍ଦ୍ଧା ନିମ୍ନଲିଖିତ ୧୦ଟି କିଲ୍ଲାରେ ବିଭକ୍ତ ଥିଲା ଯଥା - ୧. ଖୋର୍ଦ୍ଧା, ୨. ବାଣିମାଳ, ୩. ଡାପଙ୍ଗ, ୪. କୁଶପଲ୍ଲା, ୫. କୁହୁଡ଼ି, ୬. ହଳଦିଆ, ୭. ଦଳଭଦ୍ରପୁର, ୮. ମାଣିକାଗୋଡ଼ା, ୯. ବାଣପୁର, ୧୦. ମୋଗଲବନ୍ଦୀ । ଏହି କିଲ୍ଲାମାନଙ୍କ ଅଧୀନରେ ଯେତେଗୁଡ଼ିଏ ମୌଜା ଥିଲା, ସେଥିମଧ୍ୟରେ ବଡ଼ ଶହ ଆଉ ବହୁତ ଗ୍ରାମ ଥିଲା ସେ ସମୟରେ ଦଳବେହେରା ଥିଲେ ମୁଖ୍ୟ । ତାଙ୍କରି ଦାୟିତ୍ୱରେ ସୈନ୍ୟ ପ୍ରେରିତ ହେଉଥିଲେ । ଖୋର୍ଦ୍ଧା ରାଜାଙ୍କର ଅନ୍ତତଃ ୨୦ହଜାର ସୈନ୍ୟଙ୍କ ଉପରେ ନିର୍ଭର କରି ମନ୍ତ୍ରୀ ଜୟୀରାଜଗୁରୁ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଦୁର୍ଦ୍ଧର୍ଷ ଫିରିଙ୍ଗି ବାହିନୀ ସହିତ ଲଢ଼େଇର ଉଦ୍‌ଯୋଗ କଲେ । କିନ୍ତୁ ସମସ୍ତ ପାଇକ ଏକତ୍ରିତ ହେବା ପୂର୍ବରୁ ଫିରିଙ୍ଗି ବାହିନୀ ଆକ୍ରମଣ ଆରମ୍ଭ କରିଦେଲେ । ଇଂରେଜମାନେ ପ୍ରଥମେ ମୁକୁନ୍ଦ ପ୍ରସାଦ ଛାଉଣୀରୁ ବାହାରି ଗଡ଼ର ଉତ୍ତର ଆଡୁ ଆକ୍ରମଣ ଆରମ୍ଭ କଲେ । ରାଜାଙ୍କର ପାଇକ ସେନା ଗଡ଼ ଭିତରେ ଚାରିଆଡେ ଜଗି ରହିଥିଲେ । ରାଜାଙ୍କ ନଅର ଆଗରେ ରାଜାଙ୍କ କେତୋଟି ଆଗୁଳ ପଥର ଗାଞ୍ଚ ଥିଲା । ପାଇକମାନେ ଦଳ ଦଳ ହୋଇ ପ୍ରତ୍ୟେକ କାନ୍ଥକୁ ଜଗି ରହିଥିଲେ । ଇଂରେଜ ସୈନ୍ୟମାନେ ଗଡ଼ର ଚତୁର୍ଦ୍ଦିଗରେ ତୋପ ବସାଇ ଏବଂ ଅନବରତ ବନ୍ଧୁକରୁ ଗୁଳି ଫୁଟାଇ ଗଡ଼ ଅବରୋଧ କଲେ । କିଛି

ତିନ ଧରି ଗଡ଼ ଅବରୋଧ ହେବାରୁ ଭିତରେ ଥିବା ପାଇକ ମାନଙ୍କର ଖାଦ୍ୟ ଅଭାବ ହେଲା ।

ଦଳ ଦଳ ହୋଇ ପାଇକ ଗଡ଼ ମଧ୍ୟରୁ ଗଡ଼ର ଦକ୍ଷିଣ ଦିଗର ଦୁଆର ବାଟେ ରସଦ ସଂଗ୍ରହ ପାଇଁ ଚାଲି ଆସିଲେ । କିନ୍ତୁ ଇଂରେଜଙ୍କ ୬୦୦୦ ସୈନ୍ୟଙ୍କ ପକ୍ଷରେ ରାଜାଙ୍କ ଅପେକ୍ଷା ରସଦ ସଂଗ୍ରହ କରିବାରେ ସୁବିଧା ଥିଲା । ଆଉ ମାତ୍ର ଏକ ହଜାର ପାଇକ ଗଡ଼ ଭିତରେ ରହିଲେ । ଏହିପରି ଭାବେ ଫିରିଙ୍ଗି ସୈନ୍ୟମାନଙ୍କ ତରଫରୁ ୩ସପ୍ତାହ କାଳ ଗଡ଼ ଅବରୋଧ ଅବସ୍ଥାରେ ରହିବା ପରେ ଇଂରେଜ ସୈନ୍ୟମାନେ ଗଡ଼ କାନ୍ଥକୁ ଭାଙ୍ଗିବାକୁ ଚେଷ୍ଟା କରି ଉତ୍ତର ଦ୍ୱାର ନିକଟରେ ଯେଉ ଆଗୁନ କାଣ୍ଡ ଥିଲା, ତାହା ଗୋଳା ମାଡ଼ରେ ଭାଙ୍ଗି ପଡ଼ିବାରୁ ଆକ୍ରମଣକାରୀମାନେ ଗଡ଼ ଭିତରେ ପଶିବାକୁ ଆରମ୍ଭ କଲେ ଏବଂ ଗଡ଼ର ଚତୁର୍ଦ୍ଦିଗରୁ ରାଜାଙ୍କୁ ଧରିବାକୁ ଉଦ୍ୟମ କଲେ । କିନ୍ତୁ ସେତେବେଳକୁ ରାଜା ନିଜର ପରିବାରବର୍ଗଙ୍କ ସହ ଗଡ଼ରୁ ଖସି ଚାଲିଯାଇଥିଲେ । ଗଡ଼ ମଧ୍ୟରେ ପ୍ରବେଶ କରି ବହୁ ପାଇକ ଯୁଦ୍ଧରେ ପ୍ରାଣତ୍ୟାଗ କଲେ ଓ ଅନେକ ପାଇକଙ୍କୁ ଇଂରେଜ ସୈନ୍ୟମାନେ ବନ୍ଦୀ କଲେ । ବନ୍ଦୀମାନଙ୍କ ମଧ୍ୟରେ ଜୟୀରାଜଗୁରୁ ଥିଲେ ।

ମୁକୁନ୍ଦ ଦେବ ବାଣପୁର ଜଙ୍ଗଲ ପାର ହୋଇ ଘୁମୁସର ରାଜ୍ୟ ଭିତରେ ଆଶ୍ରୟ ନେଲେ । ଘୁମୁସରରୁ ମୁକୁନ୍ଦଦେବଙ୍କୁ ଧରିବାକୁ ସମ୍ଭବ ହେଲାନାହିଁ । କାରଣ ସେତେବେଳେ ଘୁମୁସର ରାଜ୍ୟ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଥାଇ ମାଡ୍ରାଜ ସରକାରଙ୍କ ଅଧୀନରେ ଆସିତ ହୋଇଥିଲା ।

ଜୟୀରାଜଗୁରୁ, ଯାହାଙ୍କର ଓଡ଼ିଶା ଜାତି ତଥା ରାଜା ମୁକୁନ୍ଦ ଦେବଙ୍କର ମାନ ଓ ମର୍ଯ୍ୟାଦା ରକ୍ଷା ପାଇଁ ମନ ମଧ୍ୟରେ ଅଦମ୍ୟ ପ୍ରେରଣା ଥିଲା, ତାଙ୍କୁ ଫିରିଙ୍ଗି ସୈନ୍ୟମାନେ ଧରି ନେଲେ ଏବଂ ଜଣେ ନିସ୍ୱାର୍ଥପର ସଚ୍ଚା ଦେଶ ଭକ୍ତକୁ କୌଣସି ଏକ ବରଗଛରେ ଫାଶୀରେ ଝୁଲାଇ ଦୁଇ ଫାଳ କରିଦେଲେ । ତାଙ୍କର ତ୍ୟାଗ ଓଡ଼ିଆ ଜାତି ଭୁଲି ନାହିଁ । ସେ ହେଉଛନ୍ତି ପ୍ରଥମ ସ୍ୱାଧୀନତା ସଂଗ୍ରାମ ପୂର୍ବର ପ୍ରଥମ ଅମର ଶହୀଦ ।

ମୁକୁନ୍ଦଦେବ ଖୋର୍ଦ୍ଧାରୁ ଘୁମୁସରକୁ ଚାଲିଯିବା ପରେ ଇଂରେଜମାନେ କାଳବିଳମ୍ବ ନ କରି ୧୮୦୪ ଡିସେମ୍ବର ୫ତାରିଖ ଦିନ ଖୋର୍ଦ୍ଧା ରାଜାଙ୍କୁ ବିଦ୍ରୋହୀ ଭାବରେ ଗାଦିଚ୍ୟୁତ ବୋଲି ଘୋଷଣା କଲେ ।

ଡିସେମ୍ବର ୭ ତାରିଖ ଦିନ ସବ୍ ରେସିଡେଣ୍ଟ, ଜମିଦାର, ସରବରାକାର, ମକଦ୍ଦମ ପ୍ରଭୃତିଙ୍କୁ ଆଦେଶ ଦେଲେ ଯେ ଖୋର୍ଦ୍ଧାରେ ବାସ କରୁଥିବା ସମସ୍ତ ପ୍ରଜା ଇଂରେଜ ସରକାରଙ୍କ ଅଧୀନତା ସ୍ୱୀକାର କରିବେ ଏବଂ ସରକାର ଯାହା ଆଦେଶ ଦେଉଥିବେ ତାହାକୁ ପାଳନ କରିବେ । ୯ ତାରିଖ ଦିନ ବଡ଼ ଦେଉଳର ମୁଖ୍ୟ ପରିଛା ଓ ଶ୍ରୀକ୍ଷେତ୍ରରେ ମହନ୍ତଦାର ମୋରାର ପଣ୍ଡିତଙ୍କୁ ଆଦେଶ ଦିଆଗଲା ଯେ ରାଜା ମୁକୁନ୍ଦଦେବ ଇଂରେଜ ସରକାରଙ୍କର ପରମ ଶତ୍ରୁ ହୋଇଥିବାରୁ ତାଙ୍କ ନାମ ଆଉ ପୂଜାବେଳେ ଉଚ୍ଚାରଣ କରାଯିବ ନାହିଁ । ଏହି ଆଦେଶମାନ ପାଳନ କରିବାରେ ଯେ କେହି ଖିଲାପ କରିବ ସେ କଠୋର ଦଣ୍ଡରେ ଦଣ୍ଡିତ ହେବ ।

ଖୋର୍ଦ୍ଧା ଶାସନକୁ ଦୃଢ଼ କରିବାପାଇଁ ମୁକୁନ୍ଦଦେବଙ୍କୁ ଗାଦିଚ୍ୟୁତ ଘୋଷଣା କରିବା ସଂଗେ ସଂଗେ ନିମାଇଁ ଚରଣ ଦାସଙ୍କୁ ନୂଆ ତହସିଲଦାର, ଖ୍ୱାଜ ଅହମ୍ମଦଙ୍କୁ କଲେକ୍ଟର କଚେରୀର ଜଣେ ପ୍ରଧାନ କର୍ମଚାରୀ ଓ ଶେଖ ଇବନ୍ ବକ୍ସଙ୍କୁ ଦାରୋଗା ଭାବେ ନିଯୁକ୍ତ କରି ଖୋର୍ଦ୍ଧାକୁ ଖାସ୍‌ମହାଲ ରୂପେ ଘୋଷଣା କଲେ । ଖୋର୍ଦ୍ଧାରେ ଏକ ଥାନା ପ୍ରତିଷ୍ଠା କରି ତା' ଅଧୀନରେ ୬୪୧ଟି ଗ୍ରାମକୁ ନେଇ ୮ଟି ଆଉଟ୍‌ପୋଷ୍ଟ ପ୍ରତିଷ୍ଠା କଲେ । ସବୁ ଥାନା ଓ ଆଉଟ ପୋଷ୍ଟରେ ପୋଲିସ୍, ଗୁଳି, ନଜୀର ବ୍ୟବସ୍ଥା ରହିଲା ।

**ସେ କାଳର ଖାସ୍ ମହାଲର ଶାସକ**

ଖୋର୍ଦ୍ଧା ଖାସ ମହାଲ ଶାସନ କାର୍ଯ୍ୟ ପରିଚାଳନା ପାଇଁ ମେଜର ଫ୍ଲେଚର ନିଯୁକ୍ତି ହେଲେ । ଖୋର୍ଦ୍ଧାର ସଦରଦାରୀ କଚେରୀ ପ୍ରଥମେ ନିର୍ମାଣ କଲେ । ପାଇକମାନଙ୍କ ପ୍ରତି ତାଙ୍କର ବ୍ୟବହାର ଅତି କଠୋର ଥିଲା । ପାଇକମାନେ ଆବହମାନ କାଳରୁ ଯେଉଁ ନିଷ୍କର ଜାଗିରି ଭୋଗ କରି ଆସୁଥିଲେ, ଫ୍ଲେଚର ସେ ସମସ୍ତ ୧୮୦୪ ସାଲରେ ଏକ ଜମି ଜମା ବନ୍ଦୋବସ୍ତ କରାଇ ପାଇକ ମାନଙ୍କଠାରୁ ଛଡ଼ାଇନେଲେ ଏବଂ ସେହି ଜମି ଉପରେ ଜମାଧାର୍ଯ୍ୟ କଲେ । ରାଜସ୍ୱ ଆଦାୟ ନିମିତ୍ତ କଠୋର ଭାବରେ କର ଆଦାୟ କରି ପାଇକମାନଙ୍କ ଉପରେ ଅତ୍ୟାଚାର କଲେ । ଏହା ସାଙ୍ଗକୁ ପାପାଚାରୀ ପୋଲିସ କର୍ମଚାରୀଙ୍କ ଅତ୍ୟାଚାର ଅତ୍ୟନ୍ତ ଅସହ୍ୟ ହୋଇପଡ଼ିଲା । ନିଜର ସ୍ୱାର୍ଥ ସିଦ୍ଧିପାଇଁ ବଙ୍ଗାଳୀ କର୍ମଚାରୀମାନେ କଦର୍ଯ୍ୟ ଆଚରଣ କରି ଚତୁରତା ପୂର୍ବକ ଜମି ନିଲାମ ଧରି ହଠାତ ଧନୀ ଓ ମାଲିକ ବନି ଯାଉଥିଲେ ।

**ମୁକୁନ୍ଦଦେବ ବନ୍ଦୀ ହେଲେ**

ମୁକୁନ୍ଦଦେବ ଘୁମୁସର ଅଂଚଳରେ ରହିବାରୁ ବ୍ରିଟିଶ ସରକାର ଧରିବାର ବହୁ ଉଦ୍ୟମ କଲେ ମଧ ଧରି ନ ପାରିବାରୁ ପୁରସ୍କାର ଘୋଷଣା କଲେ । ମୁକୁନ୍ଦଦେବ ଦେଖିଲେ ଯେ

ପରାମର୍ଶ ଦେବାକୁ ଆଉ ଜୟୀରାଜଗୁରୁଙ୍କ ପରି କେହି ନାହାନ୍ତି । ବ୍ରିଟିଶଙ୍କ ବିରୁଦ୍ଧରେ ଯେତେ ଘଟଣା ଘଟୁଛି, ସବୁରିପାଇଁ ତାଙ୍କୁ ଦାୟି କରାଯାଉଛି । ନିଜର ପାଇକ ବାହିନୀ ଇଂରେଜ ଆକ୍ରମଣରେ ବ୍ୟତିବ୍ୟସ୍ତ ହୋଇ ପଡ଼ିଛନ୍ତି ଏବଂ ବହୁ ସୈନ୍ୟ ଖୋର୍ଦ୍ଧା ଛାଡ଼ି ସପରିବାର ପାଖ ଗଡ଼ଜାତ ମାନଙ୍କୁ ପଳାଇଛନ୍ତି । ତା ଛଡ଼ା ଇଂରେଜ ବାହିନୀ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସମର୍ଥ । ଏସବୁ ଭାବନାର ବଶବର୍ତ୍ତୀ ହୋଇ ଓ ଗୁମୁସର ରାଜାଙ୍କ ପରାମର୍ଶ ତଥା ତାଙ୍କ କୁଟୁମ୍ବର ଜଗନ୍ନାଥ ଜଂଜଙ୍କ ଯତ୍ନରେ ମୁକୁନ୍ଦଦେବ ନିଜେ ନିଜେ ଧରାଦେଲେ । ସରକାରଙ୍କ ଦ୍ୱାରା ନିଯୁକ୍ତ ଅଫିସର ଫତେ ମହମ୍ମଦ ଏଥିପାଇଁ ୩ ହଜାର ଟଙ୍କା ପୁରସ୍କାର ମଧ୍ୟ ପାଇଲେ । ରାଜାଙ୍କ ଆତ୍ମ ସମର୍ପଣ ପରେ ତାଙ୍କୁ କଟକ ବାରବାଟୀ ଦୁର୍ଗରେ ପ୍ରଥମେ ବନ୍ଦୀ କରାଗଲା । ସେଠାରେ ରହିଲେ ପୁଣି କାଳେ ତାଙ୍କ ପ୍ରଭାବରେ ଗଣ୍ଡଗୋଳ ଆରମ୍ଭ ହୋଇଯିବ, ସେଥିପାଇଁ ତାଙ୍କୁ ନେଇ ମେଦିନୀପୁର ଜେଲରେ ଅଟକ ରଖାଗଲା ।

ମୁକୁନ୍ଦଦେବ ଧରା ହେବାଠାରୁ ଅର୍ଥାତ୍ ୧୮୦୫ ମସିହା ଜାନୁଆରୀ ଠାରୁ ବନ୍ଦୀ ହୋଇ ରହିବାପରେ ସରକାରଙ୍କୁ ଏକ ଦରଖାସ୍ତ ଦ୍ୱାରା ତାଙ୍କର ନିରୀହ ଆପତ୍ତି ଜଣାଇଲେ । ତା ପରେ ତାଙ୍କ ୧୮୦୭ ରେ ମୁକ୍ତି ଦିଆଗଲା । ମୁକୁନ୍ଦଦେବ 'ନାନାକାର' ବା ମାଲିକାନା ସୂତ୍ରେ ଖୋର୍ଦ୍ଧା ନିମେନ୍ତ ମାସିକ ୨୧୩୩ଟଙ୍କା ୫ ଅଣା ଚାରି ପାହୁଲା ପାଇବାର ଧାର୍ଯ୍ୟ ହେଲା । ପୁରୀର ବାଲି ସାହିରେ ଥିବା ରାଜ ନଅରରେ ମୁକୁନ୍ଦଦେବ ବାସ କରିବାକୁ ଆଦିଷ୍ଟ ହେଲେ । ପୁରୀ ମନ୍ଦିରର ପରିଚାଳନା ଦାୟିତ୍ୱ ତାଙ୍କ ହସ୍ତରେ ଅର୍ପିତ ହେଲା ।

ସେତେବେଳେର ଜଣେ ଐତିହାସିକ ଟୟନବୀ ତାଙ୍କ ଓଡ଼ିଆ ଇତିହାସ (History of Orissa)ରେ ଲେଖିଛନ୍ତି - ''ନଦୀ ଶ୍ରେଣୀ ଉତ୍କଳକୁ ଜାଲ ଛନ୍ଦିଲା ପରି ବେଷ୍ଟନ କରି ରହି ଅଛନ୍ତି ଏବଂ ପର୍ବତ ଶ୍ରେଣୀ ପ୍ରାଚୀର ସ୍ୱରୂପ ବେଷ୍ଟନ କରି ରହି ଅଛନ୍ତି । ଏ ଗୁଡ଼ିକ ଉତ୍କଳର ନୈସର୍ଗିକ ରକ୍ଷାକାରୀ । ଦୁର୍ଗ, ଗଡ଼ ଓ କଟକମାନ ବିସ୍ତୃତ ଭାବରେ ଉତ୍କଳରେ ଅଛି । ଏ ସମସ୍ତ ବର୍ତ୍ତମାନ ଓଡ଼ିଶା ଆକ୍ରମଣ ପ୍ରତି ଦୁର୍ଭେଦ୍ୟ । କେତେ ଆଶା, କେତେ ଚେଷ୍ଟା, କେତେ ମନ୍ତ୍ରଣା ପରେ ୩୯୦ ବର୍ଷ ଚାଲିଗଲା କିନ୍ତୁ ଆଫଗାନମାନେ ଓଡ଼ିଶାକୁ ଅଧୀନ କରିପାରି ନଥିଲେ ଏବଂ ଓଡ଼ିଆମାନେ ଆପଣା ଜାତୀୟତା ଉପରେ ବିଶ୍ୱାସ ରଖି ଦୃଢ଼ ଭାବରେ ଦଣ୍ଡାୟମାନ ହୋଇ ମସ୍ତକ ଉତ୍ତୋଳନ କରିଥିଲେ । ସେମାନଙ୍କର ରାଜା ତାଙ୍କଠାରେ ନ୍ୟସ୍ତଥିବା ଦାୟିତ୍ୱ ପ୍ରତି ବିଶ୍ୱସ୍ତ ନ ହେବାରୁ ଓଡ଼ିଆମାନେ ଆପଣା ଜାତୀୟତା ଉପରେ ବିଶ୍ୱାସ ରଖି ଦୃଢ଼ ଭାବରେ ଦଣ୍ଡାୟମାନ ହୋଇ ମସ୍ତକ ଉତ୍ତୋଳନ କରିଥିଲେ । ସେମାନଙ୍କର ରାଜା ତାଙ୍କଠାରେ ନ୍ୟସ୍ତ ଥିବା ଦାୟିତ୍ୱ ପ୍ରତି ବିଶ୍ୱସ୍ତ ନ ହେବାରୁ ଓଡ଼ିଆ ମାନେ ଓଡ଼ିଶା ହରାଇ ବସିଲେ ମାତ୍ର ଓଡ଼ିଆମାନେ ପରାଜିତ ହୋଇନଥିଲେ ।''

## ଅବିଚାର ଓ ଅତ୍ୟାଚାର ବଢ଼ିଚାଲିଲା

ଆବହମାନ କାଳରୁ ଭୂମିରାଜସ୍ୱ ଶସ୍ୟ କିମ୍ବା କଉଡ଼ି ଆକାରରେ ଦିଆ ହୋଇଆସୁଥିଲା । ଇଂରେଜ ସରକାର ଏହା (Sicca Rupee) ସିକା ଟଙ୍କାରେ ଆଦାୟ କରିବାକୁ ବଦ୍ଧପରିକର ହେଲେ ଏବଂ ସଙ୍ଗେ ସଙ୍ଗେ ଗୋଟିଏ ଟଙ୍କା ବଦଳରେ ୫୧୨୦ କଉଡ଼ି ସ୍ଥିର କଲେ । ସେହି ସମୟରେ କଟକ ବଜାରରେ ୭ କାହାଣ କଉଡ଼ି ବଦଳରେ ଟଙ୍କାଟିଏ ମିଳୁଥିଲା । ପ୍ରକୃତରେ ଗ୍ରାମ ମହାଜନମାନେ କଉଡ଼ି ବଦଳାଇ ଟଙ୍କା ଦେଲାବେଳକୁ ସାଧାରଣ ଲୋକଙ୍କୁ ପ୍ରତି ଟଙ୍କା ପିଛା ୭୬୮୦ କଉଡ଼ି ଦେବାକୁ ପଡୁଥିଲା । ଏହା ଉପରେ ସରବରାକାର ଏବଂ ସେମାନଙ୍କ ରାଜସ୍ୱ ଆଦାୟକାରୀ କର୍ମଚାରୀମାନଙ୍କ ଅଯଥା ବଡ଼ା ଦାବି ମଧ୍ୟ ଥିଲା । ନିଷ୍କର ଭୋଗୁଥିବା ବୃତ୍ତିଭୋଗୀ ପାଇକମାନେ ଏହି ରୂପେ ରାଜସ୍ୱ ଦେବାକୁ ଘୋର ଯନ୍ତ୍ରଣା ଭୋଗିଲେ । ଏହି ନୂଆ ନିୟମରେ ଚାଷୀମାନେ ରାଜସ୍ୱ ଦେବାରେ ମଧ୍ୟ କଷ୍ଟ ପାଇଲେ । କ୍ଷତିଗ୍ରସ୍ତ ହେଲେ । ସେମାନଙ୍କର ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ଆଡ଼କୁ ଗତି କଲା । ଶେଷକୁ ରାଜସ୍ୱ ଦେଇ ନ ପାରି ଅନେକେ ନିଜ ନିଜର ଜମି ହରାଇଲେ । ବଙ୍ଗୀୟ ଫୌଜଦାରୀ ଓ ପୋଲିସ ସଂସ୍କାର ସକଳ ଆଇନ ଓଡ଼ିଶାରେ ଜାରୀ ହେଲା । ପରେ ପରେ ବଙ୍ଗୀୟ ଦେୱାନୀ ଆଇନ ଓଡ଼ିଶାରେ ଚାଲିଲା । ବୋର୍ଡ଼ ଅଫ କମିସନରଙ୍କ ଆଦେଶରେ ୧୮୦୪ ମସିହାରେ ଓଡ଼ିଶାରେ ଚାର୍ଲସ ଗ୍ରୋମଙ୍କ ନେତୃତ୍ୱରେ ପ୍ରଥମ ବନ୍ଦୋବସ୍ତ ହେଲା । ଏହି ପ୍ରଥମ ବନ୍ଦୋବସ୍ତରେ ଇଂରେଜମାନେ ମରହଟ୍ଟା ପଦ୍ଧତି ଅନୁସାରେ ଚାଳିତ ହୋଇଥିଲେ । ଏହି ବନ୍ଦୋବସ୍ତ ବର୍ଷକ ପାଇଁ ହେଲା । ୧୮୦୨ରେ ମରହଟ୍ଟା ରାଜତ୍ୱ ବେଳେ ଓଡ଼ିଶାର ରାଜସ୍ୱ ଥିଲା ୧୦ଲକ୍ଷ ୮୦ହଜାର ୮୭୦ ଟଙ୍କା । ୧୮୦୪ ବନ୍ଦୋବସ୍ତରେ ଏହା ବଢ଼ି ହେଲା ୧୧,୮୦,୮୭୦ ଟଙ୍କା । ଏକ ଲକ୍ଷ ଟଙ୍କା ଅଧିକ ।

ପ୍ରଥମେ ୧୮୦୪ ମସିହା ସେପ୍ଟେମ୍ବର ମାସରେ ଗଭର୍ଣ୍ଣର ଜେନେରାଲ ଲର୍ଡ଼ ଓ୍ୱେଲସଲି ଘୋଷଣା କରିଥିଲେ ଯେ ଘନ ଘନ ବନ୍ଦୋବସ୍ତ କରାଯାଇ ଶେଷରେ ୧୮୧୫ ମସିହାରେ ଓଡ଼ିଶାରେ

ବଙ୍ଗ ଦେଶ ପରି ଚିରସ୍ଥାୟୀ ବନ୍ଦୋବସ୍ତ କରାଯିବ । ମାତ୍ର ତାହା କରା ନ ଯାଇ ପରେ ପରେ ବହୁ ବନ୍ଦୋବସ୍ତ କରାଗଲା । ୧୮୧୮ ବେଳକୁ ଅଷ୍ଟମ ବନ୍ଦୋବସ୍ତ ବେଳକୁ ରାଜସ୍ୱର ପରିମାଣ ପହଞ୍ଚିଲା ୧୬ଲକ୍ଷ ୪୭ହଜାର ୯୨୪ ଟଙ୍କାରେ । ୧୮୧୮ ବନ୍ଦୋବସ୍ତଠାରୁ ଓଡ଼ିଶାର ପ୍ରଥମ ଜରିପ ବା ମାପ ଆରମ୍ଭ କରାଗଲା ।

ଜମିର ଆୟାର ଅନୁସାରେ ଜମା ଧାର୍ଯ୍ୟ କରାଯାଉଥିଲା ପୂର୍ବେ । ଏ ବନ୍ଦୋବସ୍ତ ମାନଙ୍କରେ ଆଉ ସେପରି ପ୍ରତିଦୃଷ୍ଟି ଦିଆଗଲା ନାହିଁ । ବଢ଼ି, ଧୋଇ, ମରୁଡ଼ିରେ ପ୍ରଜାମାନେ କର ଛାଡ଼ ପାଉଥିଲେ । ଏହିସବୁ ବନ୍ଦୋବସ୍ତ ମାନଙ୍କର ସହ ଘନ ଘନ ଜମାବୃଦ୍ଧି ହେବାରୁ ତାହା ମଧ୍ୟ ଅନାଦାୟ ରହିଲା । ଅନାଦାୟ ରାଜସ୍ୱ ସକାଶେ ବଙ୍ଗ ଆଇନ ଅନୁସାରେ ଓଡ଼ିଶାର ଜମିଦାରୀମାନେ ନିଲାମରେ ଉଠିଲା । ୧୮୦୬ରେ ସେହି ନିଲାମ ପ୍ରଥା ପ୍ରଥମେ ଲାଗୁହେଲା । ନିଲାମ ଓଡ଼ିଶାରେ ନହୋଇ କଲିକତାରେ ହେଲା । କଲିକତାରେ ବଙ୍ଗାଳିମାନେ ଏହି ସୁବିଧା ପାଇଁ ଓଡ଼ିଶାରେ ବଡ଼ ବଡ଼ ଜମିଦାରୀମାନ ଅଳ୍ପ ମୂଲ୍ୟରେ ହସ୍ତଗତ କରି ନେଇଥିଲେ । ୧୮୦୬ଠାରୁ ୧୮୧୬ ଏହି ୧୦ ବର୍ଷ ମଧ୍ୟରେ ଓଡ଼ିଶାର ୩ଟି ଜିଲ୍ଲାରୁ (କଟକ, ପୁରୀ, ବାଲେଶ୍ୱର) ୧୦୧୧ଟି ଜମିଦାରୀ ନିଲାମ ହୋଇଥିଲା ଏବଂ ଏଥିରୁ ୩୫୦ଟି ବିଦେଶୀ ବଙ୍ଗୀୟମାନେ ଖରିଦ କରି ନେଇଥିଲେ । ଏହା ଫଳରେ ଓଡ଼ିଶାର ବହୁ ପ୍ରାଚୀନ ସମ୍ଭ୍ରାନ୍ତ ପରିବାର ଧ୍ୱଂସ ହୋଇଗଲେ ଏବଂ ସେମାନଙ୍କ ସ୍ଥାନରେ ବହୁ ବିଦେଶୀ ବଙ୍ଗାଳୀ ଲୋକ ଜମିଦାର ବନିଗଲେ । ୧୬୩ଟି ମାହାଲ ସରକାରୀ କର୍ମଚାରୀ ତାଙ୍କ ନାମରେ ବା ସଂପର୍କରେ ବନ୍ଧୁବାନ୍ଧବଙ୍କ ନାମରେ କିଣିନେଲେ ।

ଏସବୁ ବନ୍ଦୋବସ୍ତରେ ଖୋର୍ଦ୍ଧାରେ ଦଳବେହେରା, ଦଳେଇ ଓ ପାଇକ ସମେତ ୮୭୩ ଜଣଙ୍କର ଜାଗିରି ଜମିର ଜମି ସରକାର କାଢ଼ିନେଲେ ଏବଂ ତଦ୍ୱାରା ୩୨୪ ଗାଁ ନିଷ୍କର ଭୂମିର ଦଖଲକାରୀ ବ୍ୟକ୍ତି ବାସଚ୍ୟୁତ ହେଲେ ।

ଜାଏଗିରି କାଢ଼ି ନେବାପରେ ମଧ୍ୟ ସେତେବେଳେ ପୁରୀ ଜିଲ୍ଲାରେ ଥିବା ୨୭୬୮ଟି ପାଇକ ଜାଏଗିରି ମଧ୍ୟରୁ ବହୁ ଜାଏଗିରି ଖାରଜ କରିଦେଇ ବାକି ଗୁଡ଼ିକରେ ଜମାଧାର୍ଯ୍ୟ ହେଲା । ଏହା ବ୍ୟତୀତ ନିଷ୍କର ଭୋଗ କରୁଥିବା ଲାଖରାଜ ବାହେଲ ମଠ, ମନ୍ଦିର, ଦେବାଳୟ ପାଇଁ ଉଦ୍ଦିଷ୍ଟ ଜମି, ଦେବୋତ୍ତର, ପୀରୋତ୍ତର, ମାଫି ଖଇରାତ (ଗରିବ ଲୋକଙ୍କୁ ଦିଆଯାଉଥିବା ଜମି), ଏ ଖଇରାତ ମାହାଲ ସମୁଦାୟ ୬୭,୫୨୦ ଏକର, ବକ୍ସି, ଦେବାନ, ଚଉଧୁରୀ, ଦଳେଇ, ପାଇକ, ଜଙ୍ଗଲ ପାଇକ, ମାଝି, ପାଇକ ସିନା, ସରକାରଙ୍କର ମୀନା, ବାରିକ, କମାର, ବଢ଼େଇ, କୁମ୍ଭାର, ଧୋବା, ସେବକ ମାଜନା ବାଉରୀ, ଶବର, ପାଣ, କଣ୍ଡରା, ଡମ, ହାଡ଼ି ପ୍ରଭୃତି ଚାଣକାର ମୀନା- ସରକାରଙ୍କର ସେବକ ପ୍ରଭୃତି । ଏହାକୁ ନିଷ୍କର ଜମିକୁ ବାଜ୍ୟାପ୍ତ କରାଗଲା ଓ ଜମା ମଧ୍ୟ ଧାର୍ଯ୍ୟ ହେଲା । ଏହି କାରଣରୁ ଖୋର୍ଦ୍ଧାର ସବୁ ଶ୍ରେଣୀର ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଲା ।

ଲୁଣ ବ୍ୟବସାୟ ଏକଚାଟିଆ ହେଲା । ଲୁଣମାରି ଜୀବିକା ଅର୍ଜନ କରୁଥିବା ଓଡ଼ିଶାବାସୀଙ୍କ ଜୀବିକା ଗଲା । ଲୁଣ ମହଣକୁ ୩ଟଙ୍କା ୧୨ଅଣା ବାହାରେ ବିକ୍ରି ହେଉଥିଲା । ସରକାର ଏହି ଲୁଣ ମହଣକ ଉପରେ ୩ଟଙ୍କା ୪ଅଣା କର ବସାଇଲେ । ଇଂଲଣ୍ଡରୁ ଲୁଣ ଆସି ଅଳ୍ପ ଦାମରେ ବିକ୍ରି ହେଲା । ତନ୍ତ ଲୁଗା ପରିବର୍ତ୍ତେ କଳଲୁଗା ଆସି ସେ ବ୍ୟବସାୟ ଅଚଳ ହୋଇଗଲା । ଖୋର୍ଦ୍ଧା ଅଂଚଳର ପ୍ରାୟ ୫/୬ହଜାର ତାନ୍ତୀ, ବିଭିନ୍ନ ଧନ୍ଦାରେ ନିଯୁକ୍ତି ଲୋକେ ପାଖ ଗଡ଼ଜାତକୁ ପଳାଇ ଯାଇଥିଲେ ବୋଲି (Ever's Report) ଇଭର୍ସଙ୍କ ରିପୋର୍ଟରୁ ଜଣାପଡ଼େ ।

**ନିର୍ଯ୍ୟାତିତ ଅବସ୍ଥାରେ ନେତୃତ୍ୱ ନେଲେ ବକ୍ସି ଜଗବନ୍ଧୁ**

ବ୍ରିଟିଶ ଶାସନ ପ୍ରତିଷ୍ଠିତ ହେବାପରେ ପରେ ଖୋର୍ଦ୍ଧାରେ ଭୀଷଣ ପରିବର୍ତ୍ତନମାନ ଦ୍ରୁତଭାବେ ସଂଘଟିତ ହୋଇଗଲା । ''ତାର କି ରାଜନୀତି, କି ଅର୍ଥନୀତି, କି ସାମାଜିକ, ସକଳ ପ୍ରକାର ଜୀବନର ପ୍ରତ୍ୟେକ ବିଭାଗରେ, ଗୋଟାଏ ପ୍ରଳୟ ଆସି ପହଞ୍ଚିଗଲା ଯାହା କେବେ କେହି ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ, ଓଡ଼ିଶାର ଲୋକ ଚାକିରିର ବିଶେଷ ସୁଯୋଗ ପାଉନଥିଲେ । ଆଇନ ମଧ୍ୟ ସାଧାରଣ ଲୋକେ ଜାଣିପାରୁ ନଥିଲେ । ବଙ୍ଗାଳି ଅଫିସରମାନେ ଜାଏଗିରି, ଜମିଦାରୀସବୁ ନିଲାମରେ ଉଠାଇ ନେଉଥିଲେ ନାନା ପ୍ରକାର ଚକ୍ରାନ୍ତ କରି । ରୋଡ଼ଙ୍ଗ ଅଂଚଳର ଖଜଣା ଦାଖଲ କରିବାସତ୍ତ୍ୱେ ଚକ୍ଷକତା ପୂର୍ଣ୍ଣ ଘଟଣାରେ ଦେବାନ କୃଷ୍ଣଚନ୍ଦ୍ର ବକସି ରୋଡ଼ଙ୍ଗର ଅଧିକାରୀ ନୁହନ୍ତି ବୋଲି ସରକାରଙ୍କୁ ଜଣାଇଲେ । ଏହି ଘଟଣାରେ ସରକାର ଜଗବନ୍ଧୁ ତାଙ୍କର ରୋଡ଼ଙ୍ଗ ବୋଲି ସାବ୍ୟସ୍ତ କରିବା ପାଇଁ ଅଦାଲତରେ ଦାବୀ କରନ୍ତୁ ବୋଲି ଜଣାଇଲେ । ସରକାରଙ୍କର ଏହି ନୂଆ ଅନ୍ୟାୟ ନିଷ୍ପତ୍ତିରେ ଜଗବନ୍ଧୁ ହତାଶ ହୋଇପଡ଼ିଲେ । ତାଙ୍କ ଆର୍ଥିକ ଅବସ୍ଥା କଲିକତା ଯାଇ ଏସବୁ କରିବାପାଇଁ ସ୍ୱଚ୍ଛଳ ନଥିଲା । ତେଣୁ ବାଧ ହୋଇ ବିଦ୍ରୋହର ନେତୃତ୍ୱ ନେଇ ବ୍ରିଟିଶ ଶାସନକୁ ହଟାଇବା ପାଇଁ ସ୍ଥିର କରିନେଲେ ।

ଏହି ସମୟରେ ଘୁମୁସର ମାନ୍ଦ୍ରାଜ ସରକାରଙ୍କ

ଅଧୀନରେ ଥିଲା । ୧୮୦୩ ମସିହାରେ ଓଡ଼ିଶା ଇଂରେଜଙ୍କ ଅଧୀନକୁ ଆସିଥିଲେ ମଧ୍ୟ ଗଂଜାମ ଓ ଜୟପୁର ଅଂଚଳ ବହୁ ଆଗରୁ ତାଙ୍କର ଅଧୀନକୁ ଯାଇଥିଲା । ଇଂରେଜମାନେ ହାଇଦ୍ରାବାଦ ନିଜାମଙ୍କଠାରୁ ଗଞ୍ଜାମ ଜିଲ୍ଲା ପାଇଥିଲେ ।

ଇଷ୍ଟଇଣ୍ଡିଆ କଂପାନୀ ସରକାରଙ୍କୁ ଘୁମୁସର ଜମିଦାରୀ ପ୍ରାୟ ୩୨ହଜାର ଟଙ୍କା ଦେଉଥିଲା । ସରକାର ଖଜଣା ଆଦାୟର ଦାୟିତ୍ୱ ନିଜ ହାତରେ ନନେଇ ଜଣେ ଜଣେ ଏଜେଣ୍ଟ ବା ମାନେଜରଙ୍କ ଜରିଆରେ କରୁଥିଲେ । ସେତେବେଳେ ଅସତ କର୍ମଚାରୀଙ୍କ ସଂଖ୍ୟା ଖୁବ୍ ବଢ଼ି ଯାଇଥିଲା । ଇଂରେଜମାନଙ୍କ ରାଜତ୍ୱର ପ୍ରଥମରୁ ଗଞ୍ଜାମରେ ଜମିଦାର ମାନଙ୍କର ନାନା ପ୍ରକାର ବିଦ୍ରୋହ ଲାଗି ରହିଥିଲା । ଘୁମୁସରରେ ଆଦିବାସୀଙ୍କ ସଂଖ୍ୟା ବେଶୀ ଥିଲା ଏବଂ ପାହାଡ଼ ଜଙ୍ଗଲ ପୂରି ରହିଥିଲା । ମାଳ ଅଂଚଳରେ ଆଦିବାସୀ ସରଦାରମାନେ ନାମକୁ ମାତ୍ର ରାଜାଙ୍କୁ କରଦେଇ ଗୋଟିଏ ଗୋଟିଏ ମୁଠା (ପରଗଣା) ଭୋଗ କରୁଥିଲେ ଏବଂ ଦରକାର ବେଳେ ରାଜାଙ୍କୁ ପାଇକ ଯୋଗାଉଥିଲେ । ଏସବୁ ସୁବିଧା ଇଂରେଜ ସରକାରଙ୍କ ଦ୍ୱାରା କେତେକାଂଶରେ ଅପହୃତ ହେଲା ଲୋକେ ନାନା ରକମ ଦୁଃଖ ଭୋଗିଲେ ।

ଏହିପରି ଅବସ୍ଥାରେ ୧୮୧୭ ମାର୍ଚ୍ଚ ମାସରେ ଘୁମୁସରରୁ ପ୍ରାୟ ୪୦୦ କନ୍ଧ ମେଳବାନ୍ଧି ଲୁଟପାଟ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଦଳବେହେରା. ଦଳେଇମାନେ ନିଜ ନିଜର ଜାଏଗିରି ପ୍ରଭୃତି ବାଜ୍ୟାପ୍ତ, ବନ୍ଦୋବସ୍ତରେ ଲାଞ୍ଛ ମିଛ ଓ ନିଷ୍କର ଜାଏଗିରି ଉପରେ କରଧାର୍ଯ୍ୟ ଏବଂ କଉଡ଼ି ବଦଳରେ ଟଙ୍କାରେ କର ଆଦାୟ ଏବଂ ଲୁଣ ବ୍ୟବସାୟରେ ଇଂରେଜଙ୍କର ଏକଚାଟିଆ କାରବାର ପ୍ରଭୃତିରେ ଇଂରେଜଙ୍କ ଉପରେ ଅସନ୍ତୁଷ୍ଟ ଥିଲେ, ଏହି କନ୍ଧମାନଙ୍କ ଲୁଟପାଟ ସେମାନଙ୍କୁ ସୁଯୋଗରେ ବିଦ୍ରୋହ ଆରମ୍ଭ କରି ଇଂରେଜଙ୍କୁ ଖୋର୍ଦ୍ଧାରୁ ହଟାଇ ଦେବ । ଏହି ସୁଯୋଗରେ ବକ୍ସି ଜଗବନ୍ଧୁ ଖୋର୍ଦ୍ଧା, ବାଣପୁର, କୋଡ଼ାଲ ପ୍ରଭୃତି ଅଂଚଳରେ ପାଇକମାନଙ୍କୁ ସଂଗଠିତ କରିବାପାଇଁ ସଂଗଠନକାରୀ ମାନଙ୍କୁ ପ୍ରେରଣ କଲେ । ଚାଲିଲା ବିଦ୍ରୋହ । ବିଦ୍ରୋହର ସମସ୍ତ ବିବରଣୀ ପ୍ରଦାନ କରିବା ଏହି ଅବସରରେ ପ୍ରବନ୍ଧର କଳେବର ଦୃଷ୍ଟିରୁ ସମ୍ଭବ ନୁହେଁ । କିନ୍ତୁ ଏହି ବିଦ୍ରୋହ ଦମନ ପରେ ଯେଉଁମାନେ ଧରାହୋଇ ବିଚାରରେ ଦଣ୍ଡପାଇଲେ ସେମାନଙ୍କ ନାମ ସ୍ମରଣ କରିବା ପାଇଁ ତାହାର ଏକ ତାଲିକା ଏଥିସହ ପ୍ରଦାନ କରାଯାଉଛି ।

ଘର ଶତ୍ରୁ ଓ ବାହାର ଶତ୍ରୁ ମିଶି ଏ ବିଦ୍ରୋହ ଦମନ କରିବାରେ ସାହାଯ୍ୟ କରିଥିଲେ । ବିଦ୍ରୋହୀମାନଙ୍କ ଧରାଇ ଦେଇ ପୁରସ୍କାର ପାଇଥିଲେ । ସେମାନଙ୍କ ନାମ ଏଠାରେ ଉଲ୍ଲେଖ କରିବା ଅନାବଶ୍ୟକ । ଯେଉଁମାନେ ପ୍ରାଣ ବିସର୍ଜନ ଦେଲେ, ଯେଉଁମାନେ ଦ୍ୱୀପାନ୍ତର ଗଲେ, ଯେଉଁମାନେ ରାଜ୍ୟ ବାହାର ହେଲେ, ଯେଉଁ ଦଣ୍ଡ ଭୋଗିଲେ ନିଜ ନିଜର ଅଧିକାର ସାବ୍ୟସ୍ତ ପାଇଁ ସେମାନେ ନମସ୍ୟ, ସ୍ମରଣୀୟ ।

ବିଦ୍ରୋହ ଦମନ ପରେ ଯେଉଁମାନଙ୍କର ବିଚାର କରାଯାଇଥିଲା, ସେମାନଙ୍କ ମଧ୍ୟରୁ ଫାଶୀ ପାଇଥିଲେ

୧. ଦେଶଦ୍ରୋହୀ ଚରଣ ପଟ୍ଟନାୟକଙ୍କୁ ହତ୍ୟା ଅଭିଯୋଗରେ ପର୍ଶୁରାମ ପଟ୍ଟନାୟକଙ୍କୁ ଫାଶୀ ।
୨. ସଦାଶିବଙ୍କୁ ହତ୍ୟା ଅଭିଯୋଗରେ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କୁ ଫାସି ।
୩. ଗୋପାଳ ଛୋଟରାୟ - ଫାସି ।
୪. ବଂଶୀ ପାଇକରା- ଫାସି ।
୫. ରାମ ସିଂହ - ଫାସି ।
୬. ନାଥ ପ୍ରଧାନ - ଫାସି ।
୭. ନରସିଂହ - ଫାସି ।

୧୮୧୯ ମେ ୧ ତାରିଖ ଓ ୧୧ତାରିଖ ବିଚାରରେ ଏମାନଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରାଗଲା । ୧୮୧୯ ମାର୍ଚ୍ଚ ୫ତାରିଖର ବିଚାରରେ ଅସ୍ଥାୟୀ ନିର୍ବାସିତ ଦଣ୍ଡ ହୋଇ ମେଦିନିପୁର ଜେଲକୁ ପଠାଗଲା ସେମାନେ ୨୫ ଜଣ ହେଲେ

୧. ରାମ ମଲି, ୨. ହରିଭୋଇ, ୩. ଏକାଦଶୀ ଭୋଇ, ୪. ଗୋବିନ୍ଦ ମାଝି, ୫. ଯୋଗୀ ମଲ୍ଲିକ, ୬. ଚୈତନ୍ୟ ସ୍ୱାଇଁ, ୭. ହରିକୃଷ୍ଣ ସାହୁ, ୮. ଭାଗତ ନାୟକ, ୯. ମାନ ଶରଣ, ୧୦. ରତନ ମଲ୍ଲିକ, ୧୧. ନିଧି ମଲ୍ଲିକ (ଚୌକିଦାର), ୧୨.ରଘୁ ସାହୁ, ୧୩. ଚର୍ଣ୍ଣ ସାହୁ, ୧୪. କହ୍ନେଇ ଶତପଥୀ, ୧୫. ଦଇତାରୀ ଶତପଥୀ, ୧୬. ରତ୍ନାକର ମିଶ୍ର, ୧୭. ବନ୍ଧୁ ସାମଲ, ୧୮. ବାସୁ ମଲ୍ଲିକ, ୧୯. ଜଗାନ-ମଲ୍ଲିକ, ୨୦. ଘୁରୁଡ଼ି ମଲ୍ଲିକ, ୨୧. ବିଷ୍ଣୁ ମଲ୍ଲିକ, ୨୨. ସୁନ୍ଦର ମଲ୍ଲିକ, ୨୩. ଫକିର ମଲ୍ଲିକ, ୨୪. ବଲ୍ଲଭ ଜେନା, ୨୫. ଭଗ ନାୟକ ।

୧୮୧୯ ଡିସେମ୍ବର ୧୦ ତାରିଖ ବିଚାରରେ ଏହି ୯ ଜଣଙ୍କୁ ୧୪ବର୍ଷ ସଶ୍ରମ କାରାଦଣ୍ଡାଦେଶ ପରେ ଆଲିପୁର ଜେଲକୁ ପ୍ରେରଣ କରାଗଲା ୧. ନିତ୍ୟାନନ୍ଦ ପଟ୍ଟନାୟକ, ୨. ପଦ୍ମଚରଣ ଦାସ, ୩. ବିଷ୍ଣୁ ଚରଣ ଦାସ, ୪. ଚୈତନ୍ୟ ଚରଣ ଦାସ, ୫. କୃତ୍ତିବାସ ରାଉତରାୟ, ୬. ଧରଣୀ ସିଂହ, ୭. ଲୋକନାଥ ମୁକୁଳି, ୮. କାହ୍ନୁ ମଲ୍ଲିକ (ଚୌକିଦାର), ୯.

କୁଣ୍ଡେଇ ମଲିକ ।

୧୮୧୯ ଡିସେମ୍ବର ୧୦ ତାରିଖ ବିଚାରରେ ୧୦୩ ଜଣଙ୍କୁ

ଦ୍ୱୀପାନ୍ତର ଦଣ୍ଡ

୧. ନାଟବର ସୁନ୍ଦରା, ୨. ଜଗନ୍ନାଥ ମହାପାତ୍ର, ୩. ଫକିର ଜେନା, ୪. ଗୌରି ନରେନ୍ଦ୍ର, ୫. ନାରଣ ଶ୍ରୀଚନ୍ଦନ, ୬. ପ୍ରହ୍ଲାଦ ବାରିକ, ୭. ଗୋଲକ ବାରିକ, ୮.କାନୁ ପାତ୍ର, ୯.କମଳ ଲୋଚନ ଚମ୍ପତି, ୧୦. ଧନୁର୍ଜୟ ମହାରଥୀ, ୧୧. ପଣ୍ଡୁ କଦଳ ସିଂହ, ୧୨. କନେଇ ଚମ୍ପତି, ୧୩. ଦାମମାନସିଂହ, ୧୪. ରୋସନ ଖାଁ, ୧୫. ଉଜଳ ତିବାରି, ୧୬. ଗୌର ସଂଗ୍ରାମ ସିଂହ, ୧୭. ରାମ ନାୟକ, ୧୮. ଗୁଣ୍ଡେଇ ନାୟକ, ୧୯. ଖଦୁଆ, ୨୦. ଆରତ ନାୟକ, ୨୧. ବିକଳ, ୨୨. କସ୍ତୁରୀ ନାୟକ, ୨୩. ନିଧି ନାୟକ, ୨୪. ପରମାନନ୍ଦ ସିଂହ, ୨୫. ଦାମ ରଘେନ୍ଦ୍ର, ୨୬.ବୃନ୍ଦାବନ ନାୟକ, ୨୭. ବାମ ନାୟକ, ୨୮. ଚକର ଦାସ, ୨୯. ବିନୋଦ (ବାମନ) ନାୟକ, ୩୦. ଦୁର୍ଯ୍ଯୋଧନ ବେଉରି, ୩୧. ବିଷ୍ଣୁ ନାୟକ, ୩୨. ବିକା ନାୟକ, ୩୩. ବିଷ୍ଣୁ ସ୍ୱାଇଁ, ୩୪.ଭରତ ମହାରଣା, ୩୫. ପର୍ଶୁରାମ ପାତ୍ର, ୩୬. ବିଷ୍ଣୁ ଦରାନ, ୩୭. ଗୋବିନ୍ଦ ସୁବୁଦ୍ଧି, ୩୮. ବମ ସ୍ୱାଇଁ, ୩୯. ପଞ୍ଚୁ ପ୍ରଧାନ, ୪୦. ଯୋଗୀ ଶ୍ରୀଚନ୍ଦନ, ୪୧. ଭାଗୀରଥି ରାଏ, ୪୨. ଭଗବତ ବେହେରା, ୪୩. ଅର୍ଜ୍ଜୁନ ଦେହୁରୀ, ୪୪. ଚଇତନ ମାଝି, ୪୫. ଲୋକନାଥ ଛୁଆନସିଂହ, ୪୬. ସାଧୁ ମଙ୍ଗରାଜ, ୪୭. ବୃଧି ଦେହୁରୀ, ୪୮. ମୃଗା ନାୟକ, ୪୯. ଫଗୁ ଉଦ୍ଭେଇ, ୫୦. ରାଜୀବ ନାୟକ, ୫୧. ବୃନ୍ଦା ନାୟକ, ୫୨.ବାସୁ ବେହେରା, ୫୩. ପଞ୍ଚୁ ନାୟକ, ୫୪. ନିଧି ନାୟକ, ୫୫. ରଘୁନାୟକ, ୫୬. ପାଣ୍ଡବ ନାୟକ, ୫୭. ବନ୍ଧୁ ନାୟକ, ୫୮.କୁସୁନ ନାୟକ, ୫୯. ପିଣ୍ଡିକି ନାୟକ, ୬୦. କେନ୍ଦୁ ନାୟକ, ୬୧. କସ୍ତୁରୀ ନାୟକ, ୬୨. ଦାମ ନାୟକ, ୬୩.ବୃନ୍ଦାବନ, ୬୪. ଫକିର ସିଂହ, ୬୫. ମହେଶ୍ୱର ପାଇକରା, ୬୬. ମୁକ୍ତି ସେଠି, ୬୭. ଉଦୟ ହିରଚନ୍ଦନ, ୬୮. କୃଷ୍ଣ ଜେନା, ୬୯. ଜଗତ ନାୟକ, ୭୦. ବୃନ୍ଦାବନ ନାୟକ, ୭୧. ମୁକୁନ୍ଦ ନାୟକ, ୭୨. ପିଣ୍ଡିକି ନାୟକ, ୭୩. ପଦୀ ନାୟକ, ୭୪. ବୁଲି ଦାସ, ୭୫. ଭୀମ ସ୍ୱାଇଁ, ୭୬. ଗୌରାଙ୍ଗ ବୃହାଜ ସିଂହ, ୭୭. ଭିକୁ ଦଳାଇ, ୭୮. ପୁରୁଷୋତ୍ତମ ସିଂହ, ୭୯. ଲକ୍ଷ୍ମଣ, ୮୦. ଦଉଡ଼ୁ ଭଞ୍ଜ, ୮୧. ରାମ ଦେହୁରି, ୮୨. ଗୁଜ ମାଝି, ୮୩. ଗୁଜ ମାଝି, ୮୪. ପରମି ଜେନା, ୮୫. ନବଘନ ପାତ୍ର, ୮୬. ଗୋବିନ୍ଦ ଜେନା, ୮୭. କୃପାନିଧି ପାଣି, ୮୮. ଗୁଣ ନାୟକ, ୮୯. ଗୁଣ୍ଡି ପାତ୍ର, ୯୦. ମଧୁଜେନା, ୯୧. ନାରାୟଣ ଦଳାଇ, ୯୨. ଭାଗୁ ମହାନ୍ତି, ୯୩. ମହାଦେବ ଜେନା, ୯୪. ପିଣ୍ଡିକି ପାତ୍ର, ୯୫. ଯୋଗୀ ପାତ୍ର, ୯୬. ମଧୁ ପାତ୍ର, ୯୭. ବଳଭଦ୍ର ରାୟ, ୯୮. ମଧୁ ପଧାନ, ୯୯. ନିରାକ୍ରି ହରିଚନ୍ଦନ, ୧୦୦. ଲକ୍ଷ୍ମଣ ଛୁଆନ ସିଂହ, ୧୦୧. ବାଉରି ମହାନ୍ତି, ୧୦୨. ଉଦ୍ଧବ ମଲିକ, ୧୦୩. ଧ୍ରୁବ ମଲିକ ।

ଏମାନଙ୍କୁ କଳାପାଣି (ଆଣ୍ଡାମାନ) ପଠାଇବା ଉଦ୍ଦେଶ୍ୟରେ ଆଲିପୁର ଜେଲକୁ ପଠାଗଲା ।

୧୪ବର୍ଷ ସଶ୍ରମ କରାଦଣ୍ଡ

୧୮୧୯ ଡିସେମ୍ବର ୧୦ ତାରିଖ ଦିନର ବିଚାରରେ ଏମାନଙ୍କୁ ୧୪ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇ କଲିକତା ନିକଟସ୍ଥ ଆଲିପୁର ଜେଲକୁ ପଠାଗଲା ।

୧. ନିତ୍ୟାନନ୍ଦ ପଟ୍ଟନାୟକ, ୨. ପଦ୍ମଚରଣ ଦାସ, ୩. ବିଷ୍ଣୁ ଚରଣ ଦାସ, ୪. ଚୈତନ୍ୟ ଚରଣ ଦାସ, ୫. କୃତ୍ତିବାସ ରାଉତରାୟ, ୬. ଧରଣୀ ସିଂହ (ଧନୁରଣ ସିଂହ), ୭. ଲୋକନାଥ ମୁଦୁଲି, ୮. କହ୍ନେଇ ମଲିକ( ଚୌକିଦାର), ୯. କୁଣ୍ଡେଇ ମଲିକ ।

ଦ୍ୱୀପାନ୍ତର ଓ ଅନ୍ୟାନ୍ୟ କାରାଦଣ୍ଡ ଦିଆଗଲା ୧୮୧୯ ମାର୍ଚ୍ଚ

୫ ତାରିଖର ବିଚାରରେ

୧. ମଧୁରାଉତରା, ୨. ଗୁଣ୍ଡ ସାହୁ, ୩. ଧୋବା ଦାସ, ୪. କାଳିନ୍ଦି ପାତ୍ର, ୫. କେଶବ ସାମଲ, ୬. ବନବାସୀ ସାମଲ, ୭. ଖୋସାଲି ବିଶ୍ୱାଳ, ୮. ଶେଖ ସାଗ ମୁଲ୍ଲା, ୯. ସେଖ ସଉଦାରୀ, ୧୦. ବାସୁ ଭୋଇ, ୧୧. ଉଦ୍ଧବ ରାଉତ, ୧୨. ଦାମ ଜେନା, ୧୩. ରୂପ ମହାପାତ୍ର, ୧୪. କିଶୋରୀ ଶୁକ୍ଳ, ୧୫. ତୋଣ୍ଡାଏତ, ୧୬. ଯୋଗୀ ନାୟକ, ୧୭. ଗଉରୀ ଗୋଛାଇତ, ୧୮. ପରମା, ୧୯. ବିଷ୍ଣୁ, ୨୦. ଦୀନା, ୨୧. କୃପା ନାୟକ, ୨୨. ନାରାୟଣ ନାୟକ, ୨୩. କେନେଇ ନାୟକ, ୨୪. ......... ନାୟକ ।

# ଖୋରଧାର ସାହିତ୍ୟିକ ପରଂପରା

ଡକ୍ଟର ଗୋପାଳ କୃଷ୍ଣ ଶ୍ରୀଚନ୍ଦନ

"କି ଭୂମିରେ ଆଜି ଦେଲି ମୋର ପାଦ ।
କି କଲି କି କଲି କେଡ଼େ ପରମାଦ ।
ସେ ସେ ଭୂମି ନୁହେଁ ଏହି କ୍ଷୁଦ୍ର ସ୍ଥାନ ।
କେବେ କିଏ ଥିଲା ଏ ଗୌରବ ଶ୍ମଶାନ ।"

କବି ପଦ୍ମଚରଣ ପଟ୍ଟନାୟକ ତାଙ୍କ 'ଖୋରଧା ପ୍ରଥମ ଦର୍ଶନେ' କବିତାରେ ଉଲ୍ଲେଖିତ ଭାବେ ବୀରଭୂମି ଖୋରଧାର ପ୍ରଶସ୍ତି ଗାନ କରିଛନ୍ତି । ଖୋରଧା କଥା ପଢ଼ିଲେ, ଏହାର ଗୌରବମୟ ବୀରତ୍ୱ ବ୍ୟଞ୍ଜକ ଐତିହ୍ୟ ଓ ସାମରିକ ପରଂପରା ସଂପର୍କରେ ସ୍ୱତଃ ମନରେ ଚମକ୍ ସୃଷ୍ଟି ହୁଏ । କେବଳ ସାମରିକ ନୁହେଁ, ଖୋରଧାର ଏକ ସାଂସ୍କୃତିକ ଓ ସାହିତ୍ୟିକ ପରଂପରା ନିଜର କାୟା ବିସ୍ତାର କରି ଆସିଛି ଶତାବ୍ଦୀ ଶତାବ୍ଦୀ ଧରି ।

ଖ୍ରୀ ୧୫୬୮ରେ ଗଜପତି ତେଲେଙ୍ଗା ମୁକୁନ୍ଦ ଦେବଙ୍କ ପତନ ପରେ ବାରାଣାସୀ କଟକ-ବାରବାଟୀ ଦୁର୍ଗ ବଦଳରେ ଜଗନ୍ନାଥପୁର କଟକ-ଖୁରୁଧା ଦୁର୍ଗ ଅବସ୍ଥାନ ସୀମିତ ଓଡ଼ିଶା ରାଜ୍ୟର ରାଜଧାନୀ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର ଥିଲା । ଖୁରୁଧା ରାଜ୍ୟ ଓ ଦୁର୍ଗ ପ୍ରତିଷ୍ଠା ସଂପର୍କରେ ଐତିହାସିକ କେଦାରନାଥ ମହାପାତ୍ର ତାଙ୍କ 'ଖୁରୁଧା ଇତିହାସ' ରେ କହନ୍ତି -ଉଭୟ 'ମାଦଳା ପାଞ୍ଜି' ଓ ଚକଡ଼ା ଗ୍ରନ୍ଥରୁ ଜଣାଯାଏ ଯେ ରାମଚନ୍ଦ୍ରଦେବ ନବ ପ୍ରତିଷ୍ଠିତ ରାଜ୍ୟର ରାଜଧାନୀ ସ୍ୱରୂପ କଟକ ଓ ପୁରୀ ମଧ୍ୟରେ ବାରୁଣୀ ବା ବରୁଣେଇ ପର୍ବତର ପାଦଦେଶରେ ଖୋଲାପଲ୍ଲୀ ନିକଟସ୍ଥ ଖୁରୁଧା ନାମକ ପଲ୍ଲୀ ଗ୍ରାମରେ ଏକ ସୁଦୃଢ଼ ଦୁର୍ଗ ପ୍ରତିଷ୍ଠା କରିଥିଲେ । କାରଣ ଅନଙ୍ଗଭୀମ ଦେବଙ୍କ ରାଜତ୍ୱ ସମୟରୁ (୧୨୧୧-୧୨୩୮ ଖ୍ରୀଷ୍ଟାବ୍ଦ) ମୁକୁନ୍ଦ ଦେବଙ୍କ ମୃତ୍ୟୁ ପର୍ଯ୍ୟନ୍ତ (୧୫୬୮ଖ୍ରୀ) ପ୍ରାୟ ସାର୍ଦ୍ଧ ତିନିଶତ ବର୍ଷ କାଳ ଓଡ଼ିଶାର ରାଜଧାନୀ ଥିବା କଟକର ବାରବାଟୀ ଦୁର୍ଗ ମୁସଲମାନ ରାଜତ୍ୱ ଆରମ୍ଭରୁ ସେମାନଙ୍କ ରାଜଧାନୀରେ ପରିଣତ ହୋଇଥିଲା । ତେଣୁ ରାମଚନ୍ଦ୍ର ଦେବ ବାରାବାଟୀ ଉଦ୍ଧାରରେ ନିଜର ଶକ୍ତିକ୍ଷୟ ନକରି ପୁରୀ ଜିଲ୍ଲାର ଭାବତମ ବରୁଣେଇ ପର୍ବତର ପାଦଦେଶରେ ଲୁକ୍କାୟିତ ଗଭୀର ଅରଣ୍ୟାନି ପରିବେଷ୍ଟିତ ଓ ଚତୁର୍ଦ୍ଦିଗରେ ଅନ୍ୟାନ୍ୟ କ୍ଷୁଦ୍ର ଦୁର୍ଗ ଦ୍ୱାରା ସୁରକ୍ଷିତ ଖୁରୁଧା ଦୁର୍ଗ ପ୍ରତିଷ୍ଠା କରି ନିଜର ରଣ-କୌଶଳ ଓ ଦୂର ଦୃଷ୍ଟିର ପରିଚୟ ଦେଇଥିଲେ । ମୋଗଲ ଓ ମରହଟ୍ଟା ରାଜତ୍ୱ କାଳରେ ବାହ୍ୟ ଶତ୍ରୁର ଆକ୍ରମଣ ପ୍ରତିହତ କରିବା ବିଷୟରେ ଏହା ପ୍ରମାଣିତ ହୋଇଥିଲା । ଏହାର ଅନ୍ୟ ନାମ 'ଜଗନ୍ନାଥ ପୁର କଟକ' ନାହିଁକି ହୋଇ ଥିଲା ତାହା ସହଜେ ଅନୁମେୟ । ଦୁର୍ଗ ସଂଲଗ୍ନରେ ଶ୍ରୀଜଗ୍ଗ ଶିଳାଲିପି ଦ୍ୱୟ 'ଆଇନଅକବରୀନାମା' ପରି ମୋଗଲ ରାଜତ୍ୱରେ ରଚିତ କେତେକ ଐତିହାସିକ ଗ୍ରନ୍ଥ ଓ କେତେକ ପ୍ରାଚୀନ ଓଡ଼ିଆ ପୁସ୍ତକରେ ବର୍ଣ୍ଣନା ମିଳେ ।

ଏହିପରି ଏକ ଅଂଚଳକୁ ଭିତ୍ତିକରି ଏକ ଧର୍ମ-ସଂସ୍କୃତି ଭିତ୍ତିକ ହିନ୍ଦୁ ରାଜତନ୍ତ୍ରର ପ୍ରତିଷ୍ଠା ଫଳରେ ଖୋରଧା ରାଜ୍ୟରେ ଏକ ରାଷ୍ଟ୍ରୀୟ ଦେବତାଙ୍କୁ କେନ୍ଦ୍ରକରି କଳା, ସଂସ୍କୃତି ଓ ସାହିତ୍ୟ ଗଢ଼ି ଉଠିଥିଲା, ଯାହାର ପ୍ରଭାବଥିଲା ସୁଦୂର ପ୍ରସାରୀ । ଏହାର ପ୍ରଭାବ ଆଜିବି ଅନୁଭୂତ ଓ ପ୍ରତିଷ୍ଠିତ ।

ଖୋରଧା ରାଜ୍ୟ ପ୍ରତିଷ୍ଠାତା ଗଜପତି ଅଭିନବ ଇନ୍ଦ୍ରଦ୍ୟୁମ୍ନ ରାମଚନ୍ଦ୍ର ଦେବ ଏବଂ ତାଙ୍କର ପରବର୍ତ୍ତୀ ଗଜପତିମାନେ ସେମାନଙ୍କର ଅଧିକାର ଭୁକ୍ତ ପୁରୀ ଅଂଚଳରେ ଷୋଳ ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିଥିଲେ । ଏହି ଶାସନ ଗୁଡ଼ିକରେ ଶ୍ରୋତ୍ରୀୟ ବ୍ରାହ୍ମଣ ପଣ୍ଡିତମାନେ ସଂସ୍କୃତରେ ଅନେକ ଧର୍ମୀୟ ଶାସ୍ତ୍ର ଓ କାବ୍ୟ ରଚନା କରି ଯାଇଛନ୍ତି । ଏହି ସମୟରେ ଓଡ଼ିଆ ଭାଷାରେ ମଧ୍ୟ ସମତାଳରେ କାବ୍ୟଗ୍ରନ୍ଥ ରଚିତ ହୋଇଅଛି ।

ଖୋରଧା ଗଜପତି ଭୋଇବଂଶ ସମୟରେ କାବ୍ୟ କୃତି ଓ ପରଂପରା (ଖ୍ରୀ ୧୫୬୮-୧୮୧୭) ସଂସ୍କୃତ ସାହିତ୍ୟ ଚର୍ଚ୍ଚା:-

ଅଭିନବ ଇନ୍ଦ୍ରଦ୍ୟୁମ୍ନ ଗଜପତି ରାମଚନ୍ଦ୍ର ଦେବଙ୍କ ଦ୍ୱାରା କିମ୍ବା ତାଙ୍କ ପୃଷ୍ଠ ପୋଷକତାରେ ରଚିତ କୃତି ଗୁଡ଼ିକ ମଧ୍ୟରୁ 'ଦୁର୍ଗୋତ୍ସବ ଚନ୍ଦ୍ରିକା' ଓ 'ଶ୍ରୀକୃଷ୍ଣ-ଭକ୍ତି ବାସକ୍ୟ ଚରିତ ନାଟକମ୍' ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଛି । ରାମଚନ୍ଦ୍ରଙ୍କ ସମୟରେ ଅନ୍ୟାନ୍ୟ ସଂସ୍କୃତ କବି ଓ ପଣ୍ଡିତମାନଙ୍କ ମଧ୍ୟରେ କବି ଚିନ୍ତାମଣିମିଶ୍ର ଓ କବିଚନ୍ଦ୍ର ବିଶ୍ୱନାଥ ସାମନ୍ତରାୟଙ୍କ ନାମ ଉଲ୍ଲେଖ ଯୋଗ୍ୟ । ଓଡ଼ିଶାକୁ ଆସିଥିବା ରାଜା ମାନସିଂହଙ୍କୁ କବିଚନ୍ଦ୍ର ବିଶ୍ୱନାଥ ସାମନ୍ତରାୟ 'ରତ୍ନସାର' ନାମକ ରସମୟ କାବ୍ୟ ଉପହାର ପ୍ରଦାନ କରି ସନ୍ତୁଷ୍ଟ କରିଥିଲେ । ମାନସିଂହ ତାଙ୍କ କବିତ୍ୱ ଓ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାଙ୍କୁ ନିଜ ସହିତ ନେଇ 'ହାସ୍ତିନ ପାତି ଶାହା' ବା ଦିଲ୍ଲୀ (ହସ୍ତିନାପୁର) ବାଦଶାହାଙ୍କ ସହ ପରିଚିତ କରାଇଥିଲେ । ୧୫୯୭ରେ ପ୍ରଣୀତ 'ଆଇନ-ଇ-ଆକବରୀ' ନାମକ ପ୍ରସିଦ୍ଧ ଇତିହାସ ଗ୍ରନ୍ଥରେ ପ୍ରବର ହିନ୍ଦୁ ପଣ୍ଡିତମାନଙ୍କ ତାଲିକାରେ ବିଶ୍ୱନାଥଙ୍କ ନାମମିଳେ ।

**ଓଡ଼ିଆ ସାହିତ୍ୟ ଚର୍ଚ୍ଚା:**

ରାମଚନ୍ଦ୍ରଙ୍କ ରାଜତ୍ୱ କାଳରେ ଓଡ଼ିଆ ସାହିତ୍ୟର ମଧ୍ୟ ଉନ୍ନତି ସାଧିତ ହୋଇଥିଲା । ସେ ଯୁଗର କବିମାନଙ୍କ ମଧ୍ୟରେ କବିଚାନ୍ଦ ଦାସ ଓ ପଣ୍ଡିତ ବିଷ୍ଣୁଦାସଙ୍କ ନାମ ଉଲ୍ଲେଖଯୋଗ୍ୟ । ଚାନ୍ଦଦାସଙ୍କ ଦ୍ୱାରା ରଚିତ କୃଷ୍ଣଲୀଳା ବିଷୟକ 'ଗୋପୀ ଚନ୍ଦନ' କାବ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ । ଚାନ୍ଦକବି ନିଜ୍ଜିକାଳ ରାମଚନ୍ଦ୍ର ଦେବଙ୍କ ସଭାମଣ୍ଡନ କରିଥିବା ତାଙ୍କ 'ଗଡ଼ିତ ସଂବାଦମ୍' ଜଣାଯାଏ । ପଣ୍ଡିତ ବିଷ୍ଣୁଦାସ ପ୍ରଥମେ ରଣପୁର ରାଜା ପ୍ରସିଦ୍ଧ ପଦ୍ମନାଭ ନରେନ୍ଦ୍ର ଙ୍କ ପୁତ୍ର ପାର୍ଥ ଶ୍ରୀଚନ୍ଦନଙ୍କ ପରେ ବାଣପୁର ରାଜା ରଘୁନାଥ ରାଜ ହରିଚନ୍ଦନଙ୍କ ସଭାମଣ୍ଡନ କରିଥିଲେ । ସେ ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ଆବିର୍ଭୁତ ହୋଇ ସପ୍ତଦଶ ଶତାବ୍ଦୀର ପ୍ରଥମ ପାଦରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ । ସେ ନିରବଚ୍ଛିନ୍ନ ଭାବରେ ସାରସ୍ୱତ ସାଧନାରେ ନିବିଷ୍ଟ ରହି ବହୁ ଚଉତିଶା ଓ କାବ୍ୟ ରଚନା ଦ୍ୱାରା ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଥିବା ତାଙ୍କ କୃତ 'ଲୀଳାବତୀ' କାବ୍ୟରୁ ଜଣାଯାଏ । ଯଥା- ବିଷ୍ଣୁ ଦାସ ନାମରେ ଏକ କବି ସେହୁ ଗୀତେ ପୂରୋଇଲା ପୃଥିବୀ' ।

ଏ ପର୍ଯ୍ୟନ୍ତ ତାଙ୍କ ରଚିତ 'ସାବିତ୍ରୀ ଚରିତ', 'ପ୍ରେମ ଲୋଚନା', କଳାବତୀ ଓ 'ଲୀଳାବତୀ' ନାମକ ଚାରୋଟି କାବ୍ୟ ଓ ପ୍ରାୟ ଦଶଟି ଚଉତିଶା ଆବିଷ୍କୃତ ହୋଇ ଅଛି । ଏହି ଚାରୋଟି କାବ୍ୟ ମଧ୍ୟରୁ 'ପ୍ରେମ ଲୋଚନା' ଓ 'କଳାବତୀ' ଓଡ଼ିଶା ରାଜ୍ୟ ମ୍ୟୁଜିୟମ୍ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ । ପଣ୍ଡିତ ବିଷ୍ଣୁଦାସ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏକ ନୂତନ ରଚନା ଶୈଳୀର ପ୍ରବର୍ତ୍ତକରୂପେ ସ୍ୱୀକୃତ ତାଙ୍କର ରଚନାରେ ପରବର୍ତ୍ତୀ ରୀତିଯୁଗ ସୁଲଭ ଶବ୍ଦ-ବୈଭବ, ଆଳଂକାରିକତା, ଶୃଙ୍ଗାର ରସାତ୍ମକ ବର୍ଣ୍ଣନା ବହୁଳ ଭାବେ ପରିଦୃଷ୍ଟ ହୁଏ । ଉଲ୍ଲିଖିତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ, ଖୁର୍ଦ୍ଧାର ଗଜପତି ଭୋଇ ବଂଶ ପ୍ରତିଷ୍ଠାତା ଅଭିନବ ଇନ୍ଦ୍ରଦ୍ୟୁମ୍ନ ରାମଚନ୍ଦ୍ର ଦେବଙ୍କ ସମୟରୁ ଖୁର୍ଦ୍ଧାର 'ରାଜସଭା' ପ୍ରୋତ୍ସାହନରେ ଏକ ନିର୍ଦ୍ଦିଷ୍ଟ ସାହିତ୍ୟିକ ପରମ୍ପରା ଉଦ୍ଭବଳୀୟ ଓ ଓଡ଼ିଆ ଭାଷା- ସାହିତ୍ୟ ରଚନାବଳୀରେ, ଆପ୍ତ ପ୍ରକାଶ କରି ପ୍ରତିଷ୍ଠିତ ହୋଇଥିଲା ।

ଭୋଇବଂଶର ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ର ଦେବଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବ ଖୁର୍ଦ୍ଧା ସିଂହାସନ ଆରୋହଣ କରିଥିଲେ । ଏହି ଗଜପତିଙ୍କ ରାଜତ୍ୱ କାଳରେ ବାଣପୁର ରାଜା ରଘୁନାଥ ରାଜ ହରିଚନ୍ଦନ ଜଣେ ସୁସାହିତ୍ୟିକ ଓ ସାହିତ୍ୟ ପ୍ରେମୀ ନରପତି ଥିଲେ । ତାଙ୍କ ସଭାକବି ପଣ୍ଡିତ ବିଷ୍ଣୁଦାସ ଓଡ଼ିଆ ଭାଷାରେ ବହୁ ଚଉତିଶା, ଚଉପଦୀ ଓ ଛାନ୍ଦ ରଚନା କରି ତତ୍କାଳୀନ ଓଡ଼ିଆ ସାହିତ୍ୟରେ ଯୁଗାନ୍ତର ଆଣିଥିବା କଥା ପୂର୍ବେ ଉଲ୍ଲେଖ କରା ଯାଇଛି । ତାଙ୍କଦ୍ୱାରା ରଚିତ ଓ ତାଙ୍କ ପୃଷ୍ଠପୋଷକ ବାଣପୁର ପତି ହରିଚନ୍ଦନଙ୍କ ନାମରେ ରଚିତ 'ଲୀଳାବତୀ' କାବ୍ୟ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏକ ଉଜ୍ଜ୍ୱଳ ରତ୍ନ । ପାଟରାଣୀ ନୟାଗଡ଼ ରାଜ କେମା ଶକୁନ୍ତଳା ଦେବୀ ରସିକ କବି ରଘୁନାଥ ପ୍ରିୟତମା ମହିଷୀ ଥିଲେ । ତେଣୁ ଗ୍ରନ୍ଥର କେତେକ ଭଣିତାରେ ତାଙ୍କର ନାମୋଲ୍ଲେଖ ଦେଖାଯାଏ । ରାଜା ରଘୁନାଥ ଜଣେ ପ୍ରମୁଖ ଶୈବପାଳ ବା ଖଣ୍ଡାୟତ ଓ ଦକ୍ଷେଶ୍ୱରଙ୍କ ପରମ ଭକ୍ତ ଥିଲେ । ସେ ସଂସ୍କୃତ ଭାଷାରେ ଅନେକ ସଂଗୀତ ରଚନା କରିଥିବା 'ସଂଗୀତ କଳ୍ପଲତା'ରେ ପ୍ରଦତ୍ତ କେତେକ ଉଦାହରଣରୁ ଜଣାପଡ଼େ ।

ଗଜପତି ମୁକୁନ୍ଦଦେବ-୧ (ଖ୍ରୀ ୧୬୫୭-୧୬୮୯)ଙ୍କ ପୂର୍ବବର୍ତ୍ତୀ ଖୁର୍ଦ୍ଧା ବାସୀ କବି ଜନାର୍ଦ୍ଦନ ଦାସ ବା ଦନାଇ ଦାସ ତାଙ୍କର ସର୍ବଜନାଦୃତ ଲଳିତ କଳିତ କାନ୍ତ ପଦାବଳୀ- 'ଗୋପୀ ଭାଷା' ରଚନା କରିଥିଲେ । ଏହା ଇଂରେଜୀ ଶିକ୍ଷାର ପ୍ରସାର ପୂର୍ବରୁ ଚାଟ ଛାତ୍ରମାନଙ୍କର କଣ୍ଠ ଭୂଷଣ ଥିଲା । ପ୍ରସିଦ୍ଧ ପଞ୍ଚସଖା ମଧ୍ୟରୁ ଅନନ୍ତଦାସ ଖୁର୍ଦ୍ଧାରେ ଜନାର୍ଦ୍ଦନ ରୂପେ ଜନ୍ମଗ୍ରହଣ କରିଥିବା ଦେବାନନ୍ଦ ଦାସ ବା ନନ୍ଦଦାସ ନାମକ ଜନୈକ କବି ସ୍ୱୀୟ 'ଅଣାକାର ସଂହିତା'ରେ ପ୍ରକାଶ କରିଛନ୍ତି ।

ଦନାଇଦାସଙ୍କ ରଚନାରେ ପ୍ରବାଂଧୀ, କଦୟେତାର, କାଟଡିଆ ଜୋୟର, ତୁଣା,( ତୋପଣ), ଧାରସଂ, ଅପସରୀ, କ୍ରିଶଭାନ୍ତ, ପକ୍ଷୁରାଣ, ଉଏଣୀ, ଯଶୋଦାନାନ, ବୃନ୍ଦାବନେଣ, ପଞ୍ଚରେଣ, ପାଣେଣ, ଚାମୁରେଣ, ଆମ୍ଭତ, ସତ୍ତ୍ୱି, ଯେତଣ, ଡେଇଣି, ଯମୁନା ଲାସେ (ଯମୁନାକୁ), ହାଟରେ ନିଂକି (ହାଟକୁ) ବାଲେ ଅଂଏ, ଛୋଇ, ଯାବତ୍ତି, ଲୋବେ ପ୍ରଭୃତି ପ୍ରାଚୀନ ପ୍ରୟୋଗ ଦୃଷ୍ଟି ଗୋଚର ହୁଏ ।

ଦେବାନନ୍ଦଙ୍କ ମତରେ କବି ଖୁର୍ଦ୍ଧା ବାସୀ ହୋଇଥିବାରୁ ଯବନ ବା ମୁସଲମାନ ଶାସକ ସହ ତାଙ୍କର ଘନିଷ୍ଠ ପରିଚୟ ଥିଲା । ତେଣୁ ଦନାଇଙ୍କ ଭାଷାରେ ନାଏକ, ଦଫଦ, ହଜରା, ଆଡ୍ଡା, ସିପାଇ, ଗୋସ ମହଲ, ହୁକୁମ, ଲାଟ ବନ୍ଦୀ ପ୍ରଭୃତି ଯାବନିକ ଶବ୍ଦ ଅଜ୍ଞାତସାରରେ ସ୍ଥାନ ପାଇ ଯାଇଛି । ଦରସିତା ପେଷିବା ପରିବର୍ତ୍ତେ କବି ବାରମ୍ବାର ଯାବନିକ ଶବ୍ଦ 'ଭେଟିବା' ପ୍ରୟୋଗ କରିଛନ୍ତି, କବି ଖୁର୍ଦ୍ଧାବାସୀ ହୋଇଥିବାରୁ ଖୁର୍ଦ୍ଧା ଦରବାର ଅଧୀନରେ କୌଣସି କର୍ମଚାରୀ ଥିବାର ଧାରଣା ସ୍ୱତଃ ମନରେ ଆସେ । କବିଙ୍କ ବହୁଶାସ୍ତ୍ରଦର୍ଶିତା ସଂବନ୍ଧରେ ପ୍ରାଚୀ ସମିତିଦ୍ୱାରା ପ୍ରକାଶିତ 'ଗୋପୀଭାଷା'ରେ ଆଲୋଚନା କରାଯାଇଛି । ଶ୍ରୀକୃଷ୍ଣଙ୍କ ସହିତ ଗୋପୀମାନଙ୍କ ରତିକ୍ରୀଡ଼ାର ନଗ୍ନ ଚିତ୍ର କବି ବାରମ୍ବାର ପ୍ରଦାନ କରିଥିବାରୁ ଆଧୁନିକ ସମାଲୋଚକଙ୍କ ଦୃଷ୍ଟିରେ ଗ୍ରନ୍ଥର ଗୌରବହାନୀ ଘଟିଛି । ମାତ୍ର ଭାଷାର କୋମଳତା ଓ ଲାଳିତ୍ୟ, ପ୍ରକାଶ ଭଙ୍ଗୀର ଚମତ୍କାରିତା, ବର୍ଣ୍ଣନାର ବୈଶିଷ୍ଟ୍ୟ ବିଚାରରେ 'ଗୋପୀଭାଷା' କବିଙ୍କର ଏକ ଅମର କୃତୀ ରୂପେ ବିବେଚିତ ହୁଏ ।

ଗଜପତି ଦିବ୍ୟସିଂହ ଦେବ (୧୬୮୮-୧୭୧୬ ଖ୍ରୀଷ୍ଟାବ୍ଦ)ଙ୍କ ସମସାମୟିକ କବି ଭୂପତି ପଣ୍ଡିତଙ୍କ 'ପ୍ରେମ ପଞ୍ଚାମୃତ' ଗ୍ରନ୍ଥରୁ ଜଣାଯାଏ, କବି ଜଟଣୀ ନିକଟବର୍ତ୍ତୀ ରଥପୁର କଟକରେ ଦିବ୍ୟସିଂହ ଦେବଙ୍କ ଦର୍ଶନ

ଲାଭ କରିଥିଲେ । ରାଜା ତାଙ୍କ କବିତ୍ୱରେ ପ୍ରସନ୍ନ ହୋଇ ତାଙ୍କୁ ରଥପୁର କଟକରେ ଘରବାଡ଼ି ଦେଇ ରଖାଇ ଥିଲେ । ''କଟକ ନାମେ ରଥପୁର, ନଗର ପଶ୍ଚିମ ମୋ ଘର'' । ଭୂପତି ପଣ୍ଡିତଙ୍କ ପରି ଅନେକ କବି ଖୁରୁଧା ରାଜାମାନଙ୍କଦ୍ୱାରା ପୃଷ୍ଠପୋଷକତା ଲାଭ କରିଥିଲେ । ଦନାଇଦାସ, ଭୂପତି ପଣ୍ଡିତ ପ୍ରଭୃତି କବି ରାଧାକୃଷ୍ଣ ଭକ୍ତ ଓ ଭାଗବତ ଧର୍ମୀ ହୋଇଥିବାରୁ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀର ଖୋରଧାରେ ରାଗାନୁରାଗ ବୈଷ୍ଣବୀୟ ସାରସ୍ୱତ ପରଂପରା ଗଢ଼ିଉଠିଥିବା ପରିଦୃଷ୍ଟ ହୁଏ । ଗଜପତି ଦିବ୍ୟସିଂହ ଦେବଙ୍କ ରାଜତ୍ୱର ପ୍ରଥମ ପ୍ରସିଦ୍ଧ କବି ହେଉଛନ୍ତି ଭୀମ ଦାସ । ସେ ମଳିପଡ଼ା ଗଡ଼ରେ କରଣ କୁଳରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚନ୍ଦ୍ରଶେଖର ମହାପାତ୍ର ବା ଚେନ୍ଦ୍ରଶେଖର ଦାସ ଓ ପିତାମହଙ୍କ ନାମ ଜଗନ୍ନାଥ ଦାସ, ଏକ ପ୍ରଖ୍ୟାତ କବି କୁଳରେ ତାଙ୍କ ଜନ୍ମ । ସେ' ହରି ଭକ୍ତି ଚନ୍ଦ୍ରୋଦୟ 'ଓ 'ଭକ୍ତି ରତ୍ନାବଳୀ' ନାମକ ଦୁଇଟି ଗ୍ରନ୍ଥର ଅନୁବାଦ କରିଥିଲେ । ହରିଭକ୍ତି ରତ୍ନାବଳୀ ମିଥିଳା ନିବାସୀ ଭାଗବତ ଧର୍ମ ପ୍ରଚାରକ ବିଷ୍ଣୁପୁରୀଙ୍କ ଦ୍ୱାରା ରଚିତ ହୋଇଥିଲା । ଭୀମଦାସ ନବାକ୍ଷରୀ ଭାଗବତ ବୃତ୍ତରେ ଏହାର ଅନୁବାଦ କରିଥିଲେ ।

ନାରୀ କବି ବୃନ୍ଦାବତୀ ଦାସୀ- ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ (ଖ୍ରୀ୧୫୦୯) ଓ ଶ୍ରୀକ୍ଷେତ୍ରରେ ଅବସ୍ଥାନ ସମୟର ବୈଷ୍ଣବୀ କବି ମାଧବୀ ଦାସୀଙ୍କୁ ଓଡ଼ିଶାର ପ୍ରଥମ ନାରୀ କବି ରୂପେ ଗ୍ରହଣ କରାଯାଇଥାଏ । ତାଙ୍କ ପରବର୍ତ୍ତୀ ଦ୍ୱିତୀୟ ନାରୀ କବି ହେଲେ ବୃନ୍ଦାବତୀ ଦାସୀ । ସେ ପୂର୍ବୋକ୍ତ କବି ଭୀମଦାସଙ୍କ ମାତା ବୋଲି ତାଙ୍କ ଲିଖିତ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଗ୍ରନ୍ଥରୁ ଜଣାପଡ଼େ । ତେଣୁ ସେ ଖୋରଧା ନିକଟବର୍ତ୍ତୀ ମଳିପଡ଼ାଗଡ଼ ବାସିନୀ ଥିଲେ । ବୃନ୍ଦାବତୀ ଦାସୀଙ୍କ ଗ୍ରନ୍ଥ ରଚିତ ହେଲା ବେଳକୁ ତାଙ୍କ ପୁଅ ଭୀମଦାସ' 'ହରିଭକ୍ତି ଚନ୍ଦ୍ରୋଦୟ' ଓ 'ଭକ୍ତି ରତ୍ନାବଳୀ' ଓ ତାଙ୍କ ନାତି କୃପାସିନ୍ଧୁ ଦାସ 'ଉପାସନା ଚନ୍ଦ୍ରୋଦୟ' ଗ୍ରନ୍ଥ ରଚନା କରି ସାରିଥିଲେ । ତେଣୁ ସେ ବୃଦ୍ଧାବସ୍ଥାରେ ନିଜର କୃତ୍ୟ କର୍ତ୍ତବ୍ୟ ମଧ୍ୟରେ ବାଣୀ ଆରାଧନାରେ ମନୋନିବେଶ କରିଥିବା ପ୍ରକାଶ କରିଛନ୍ତି । ଏପରି ବିଦୂଷୀ, ଭକ୍ତିମତୀ ଓ ସୌଭାଗ୍ୟବତୀ ନାରୀ କବିଙ୍କ ଯୋଗୁଁ ଉତ୍କଳ ଜନନୀ ବିଶେଷତଃ ଖୁରୁଧା ରାଜ୍ୟ ଧନ୍ୟ ହୋଇଥିଲେ । କବିଙ୍କ ସ୍ୱାମୀ, ପୁତ୍ର, ପୌତ୍ରଙ୍କ ଦ୍ୱାରା ପ୍ରଣୀତ ଓ ସ୍ୱୀକୃତ ଗ୍ରନ୍ଥମାନଙ୍କର ନାମ କରଣ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ, ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରୁ ଶ୍ରୀଚୈତନ୍ୟ ଦେବଙ୍କ ପ୍ରଚାରିତ ବୈଷ୍ଣବ ଧର୍ମ ଉତ୍କଳ କ୍ରମଶଃ ଆଦର ଓ ପ୍ରସାର ଲାଭ କରିଥିଲେ ।

ଭୂପତି ପଣ୍ଡିତଙ୍କ କଥା ତ ପୂର୍ବରୁ ସୂଚନା ଦିଆଯାଇଛି । ପୁରୀବାସୀ ମହାନ୍ତି ଚୈତନ୍ୟ ଦାସଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇ ସେ ଓଡ଼ିଆ ଭାଷାରେ ବ୍ୟୁତ୍ପତ୍ତି ପୂର୍ବକ ଗଜପତି ଦିବ୍ୟସିଂହ ଦେବଙ୍କ ପୃଷ୍ଠପୋଷକତା ଲାଭକରି ବିଭିନ୍ନ ଚଉପଦୀ, ଚୌତିଶା ଓ 'ପ୍ରେମ ପଞ୍ଚାମୃତ' ପରି ଉପାଦେୟ ଗ୍ରନ୍ଥ ରଚନା କରିଥିବାରୁ ତାଙ୍କର ବୁଦ୍ଧିମତ୍ତା ଓ କବି ପ୍ରତିଭା ସହଜରେ ଅନୁମେୟ । ଲୋକନାଥ ବିଦ୍ୟାଧର- ଓଡ଼ିଆ ସାହିତ୍ୟର ଏହି ରୀତିଯୁଗୀୟ କବି ଗଜପତି ଦିବ୍ୟସିଂହ ଦେବଙ୍କ ପାତ୍ର ଜଗନ୍ନାଥ ବିଦ୍ୟାଧର ମହାପାତ୍ରଙ୍କ ପୁତ୍ରଥିବା ତତ୍‌କୃତ 'ନୀଳାଦ୍ରି ମହୋତ୍ସବ' ଗ୍ରନ୍ଥର ଚତୁର୍ଥ ଛାନ୍ଦ ଭଣିତାରୁ ଜଣାଯାଏ । ପୁନଶ୍ଚ ତତ୍‌କୃତ 'ରସକଳା' କାବ୍ୟର ପ୍ରଥମ ଛାନ୍ଦ ଏବଂ 'ପଦ୍ମାବତୀ ପରିଣୟ' ତୃତୀୟ ଛାନ୍ଦରେ କବି ନିଜର ଆତ୍ମପରିଚିତି ଦେଇଛନ୍ତି । ତାଙ୍କଦ୍ୱାରା 'ସର୍ବାଙ୍ଗ ସୁନ୍ଦରୀ' ପ୍ରଥମେ ରଚିତ ହୋଇଥିଲା । କବି ବାଣପୁର ରାଜା ଜଗନ୍ନାଥ ହରିଚନ୍ଦନଙ୍କ ପୃଷ୍ଠପୋଷକତା ଲାଭ କରି ସେଠାରେ ଉକ୍ତ ଗ୍ରନ୍ଥ ପ୍ରଣୟନ କରିଥିଲେ । ଏଥିରେ ରଚନା କାଳ ଦିଆଯାଇ ନ ଥିଲେ ମଧ୍ୟ ଜଗନ୍ନାଥ ମହାପ୍ରଭୁ ବାଣପୁର ଅବସ୍ଥାନ ବିଷୟ ବର୍ଣ୍ଣିତ ହୋଇଥିବାରୁ ଏହା ପ୍ରାୟ ୧୬୯୨ - ୯୩ରେ ସମାପ୍ତ ହୋଇଥିଲା । ଏହା ଏକ କାଳ୍ପନିକ କାବ୍ୟ । କବି ଜଗନ୍ନାଥ ମହାପ୍ରଭୁଙ୍କ ପୁଣ୍ୟ ନୀଳାଚଳ ଧାମରେ ପୁନରଧିଷ୍ଠାନ ଉପଲକ୍ଷେ ''ନୀଳାଦ୍ରି ମହୋତ୍ସବ'' ଗ୍ରନ୍ଥ ରଚନା କରିଥିଲେ । କବି ଖୁରୁଧା ଗଜପତିଙ୍କ ସହିତ ଘନିଷ୍ଠ ଭାବରେ ସଂପୃକ୍ତ ଥିବାରୁ ଉକ୍ତ ସ୍ମରଣୀୟ ଘଟଣାକୁ କବିତା ମାଧ୍ୟମରେ ଲୋକପ୍ରିୟ କରିବା ପାଇଁ ଉଦ୍ୟମ କରିଥିଲେ । ଏତଦ୍‌ବ୍ୟତୀତ 'ଚିତ୍ରକଳା' ଓ 'ରସକଳା' ନାମକ ଅନ୍ୟ ଦୁଇଟି କାଳ୍ପନିକ କାବ୍ୟରେ ରଚନା କରିଥିବାର ଜଣାଯାଏ ।

ଖୁରୁଧା ଗଜପତି ବୀରକେଶରୀ ଦେବ (ଖ୍ରୀ୧୭୩୬-୧୭୯୩)ଙ୍କ ଦ୍ୱିତୀୟ ପୁତ୍ର ଶ୍ୟାମ ସୁନ୍ଦରଦେବ 'ଅନୁରାଗ କଳ୍ପଲତା' ଗ୍ରନ୍ଥ ରଚନା କରି ଖ୍ୟାତି ଅର୍ଜନ କରିଥିଲେ । ଉପେନ୍ଦ୍ରଭଞ୍ଜଙ୍କ 'ବୈଦେହୀଶ ବିଳାସ'ର ପ୍ରତ୍ୟେକ ପାଦରେ 'ବ' ଥିଲା ପରି ଏହି କାବ୍ୟର ପ୍ରତ୍ୟେକ ପାଦ 'ଅ' ବା 'ଆ' ଅକ୍ଷରରେ ଆରମ୍ଭ ହୋଇଛି । କାବ୍ୟଟି ଖ୍ରୀ ୧୭୨୪ ରେ ସମାପ୍ତ ହୋଇଥିଲା । ପିଣ୍ଡିକ ଶ୍ରୀଚନ୍ଦନ ଖୋରଧା ଜିଲ୍ଲା ଅନ୍ତର୍ଗତ ବୋଲଗଡ଼ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଗ୍ରାମ ଅଦୂରରେ 'ମଥୁରାମଙ୍ଗଳ' ପ୍ରଣେତା ଭକ୍ତ ଚରଣ ଦାସଙ୍କ ଜନ୍ମସ୍ଥାନ ଅଦ୍ୟାପି ବିଦ୍ୟମାନ । 'ବସନ୍ତରାସ'ର ପ୍ରଣେତା ରୂପେ ସେ ସମଗ୍ର ଉତ୍କଳରେ ଖ୍ୟାତ । ତାଙ୍କପୂର୍ବରୁ ରାସ ପ୍ରଣେତା ରୂପେ ଭାଗବତାକାର ଅତିବଡ଼ୀ ଜଗନ୍ନାଥ ଦାସ ଓ ଶିଶୁ ବନମାଳୀ ଦାସ । ଶ୍ରୀ ରାଧା କୃଷ୍ଣଙ୍କ ରାସ ଲୀଳାର ବିସ୍ତୃତ ବର୍ଣ୍ଣନା କରି ଯାଇଛନ୍ତି । ମାତ୍ର ଶ୍ରୀଚନ୍ଦନ 'ବସନ୍ତ ରାସ'କୁ ଅଭିନୀତ ହେବା ଉଦ୍ଦେଶ୍ୟରେ ପ୍ରଣୟନ କରିଥିଲେ । ସେ 'ଗୀତ ଗୋବିନ୍ଦ'ର ଅନୁକରଣରେ ଏହା ରଚନା କରିଥିଲେ । ଏହା ବଙ୍ଗଳା ମିଶା ଓଡ଼ିଆରେ ଲିଖିତ । କାରଣ ଶ୍ରୀଚୈତନ୍ୟଙ୍କ ମତ ପ୍ରଚାରକମାନଙ୍କ ମଧ୍ୟରେ ଅଧିକାଂଶ ବଙ୍ଗାଳୀ ଥିବାରୁ ଏବଂ ବଙ୍ଗଳାରେ ଲିଖିତ ନଦିଆ କୀର୍ତ୍ତନ ଦ୍ୱାରା ଧର୍ମ ପ୍ରଚାର ହେଉଥିବାରୁ ଓଡ଼ିଆ ଭାଷା ଅଲକ୍ଷିତ ଭାବରେ ବଙ୍ଗଭାଷା ପ୍ରଭାବିତ ହେଉଥିଲା ଗଜପତି ବୀର କିଶୋରୀ ଦେବଙ୍କ ସମୟରେ ଶ୍ରୀ ଚୈତନ୍ୟ ମତ ପ୍ରଚାରକ ଗୌଡ଼ୀୟ ବୈଷ୍ଣବ ଗୋସ୍ୱାମୀମାନଙ୍କ ପ୍ରଭାବ ବିଭିନ୍ନ ଭାବ ଧାରାରେ ବିଶେଷ ପ୍ରାଧାନ୍ୟ ଲାଭ କରିଥିଲା । ତେଣୁ ଓଡ଼ିଶାର ଏକ ଅଖ୍ୟାତ ପଲ୍ଲୀରେ କବି

ଶ୍ରୀଚନ୍ଦନ ଶ୍ରୀ ଚୈତନ୍ୟ-ମତାବଲମ୍ବୀମାନଙ୍କ ସଂସ୍ପର୍ଶରେ ଆସି ଏବଂ ସମ୍ଭବତଃ ସେମାନଙ୍କ ସନ୍ତୋଷ ବିଧାନପାଇଁ ବଙ୍ଗଳା ମିଶା ଓଡ଼ିଆ ଭାଷାରେ ତାଙ୍କର ରାସ ରଚନା କରିଥିଲେ । ପିଣ୍ଡିକ ଶ୍ରୀଚନ୍ଦନ ରାଧାକୃଷ୍ଣଙ୍କ ପରମ ଭକ୍ତ ଗଜପତି ଦିବ୍ୟସିଂହ ଦେବ ( ୧୬୯୩-୧୭୧୮)ଙ୍କ ନାମରେ ଗୋଟିଏ ଗୀତର ଭଣିତା କରିଥିବାରୁ ସେ ବୀରକେଶରୀଙ୍କ ରାଜତ୍ୱର ଶେଷ ଓ ଦିବ୍ୟସିଂହଙ୍କ ରାଜତ୍ୱର ଆରମ୍ଭରେ ଏହି ରାସ ଗ୍ରନ୍ଥ ରଚନା କରିଥିଲେ ବୋଲି ଧରି ନିଆଯାଇପାରେ ।

ଭକ୍ତଚରଣ ଦାସ- ଶ୍ରୀରାଧାକୃଷ୍ଣ ଲୀଳା ବିଷୟକ ଏକ ଉଚ୍ଚକୋଟିର ଗ୍ରନ୍ଥ 'ମଥୁରା ମଙ୍ଗଳ'ର ପ୍ରଣେତା ଭକ୍ତଚରଣ ଦାସ ଅଷ୍ଟାଦଶ ଶତାବ୍ଦୀର ଜଣେ ପ୍ରମୁଖ କବି । କବିଙ୍କ ଜନ୍ମସ୍ଥାନ ବୋଲଗଡ଼ ବେଗୁନିଆ ମଧ୍ୟବର୍ତ୍ତୀ ସାନ ପଦର ଗ୍ରାମ ସନ୍ନ୍ୟାସ-ଧର୍ମ ଗ୍ରହଣ ପୂର୍ବରୁ ତାଙ୍କର ନାମ ଥିଲା ବୈରାଗୀ ଚରଣ ପଟ୍ଟନାୟକ ରଣପୁର ଅନ୍ତର୍ଗତ ସୁନାଖଳା ଗ୍ରାମରେ ଏକ ମଠସ୍ଥାପନ କରି ସେଠାରେ ସେ ଜୀବନର ଅଧିକାଂଶ ସମୟ ଅତିବାହିତ କରିଥିଲେ । ଜନ୍ମସ୍ଥାନ ସାନ ପଦରରେ ମଧ୍ୟ ଭକ୍ତଚରଣଙ୍କ ତୁଳସୀ ମଠ ଅଛି । ଦିବ୍ୟସିଂହ ଦେବଙ୍କ ଭଗିନୀ ମହାରାଣୀ ମୁକ୍ତା ଦେଈ ନିଜ ଗୁରୁ ଭକ୍ତଚରଣଙ୍କୁ ତନ୍ମଧ୍ୟରୁ ଗୋଟିଏ ମଠ ବୃତ୍ତି ବାଢ଼ି ଖଞ୍ଜି ଦାନ କରିଥିଲେ । ତାଙ୍କର ଜନ୍ମ ଓ ମୃତ୍ୟୁର ନିର୍ଦ୍ଦିଷ୍ଟ ସମୟ ଜଣାଯାଏ ନାହିଁ । ମାତ୍ର ସେ ବୀର କେଶରୀ ଦେବଙ୍କ ରାଜତ୍ୱର ଦ୍ୱିତୀୟାର୍ଦ୍ଧରେ 'ମଥୁରା-ମଙ୍ଗଳ' ପ୍ରଣୟନ କରିଥିବା ସିଦ୍ଧାନ୍ତ ଗ୍ରହଣୀୟ ।

ବଙ୍ଗଳା ସାହିତ୍ୟରେ 'ମଙ୍ଗଳ' କାବ୍ୟଗୁଡ଼ିକର ବିଶେଷ ପ୍ରସିଦ୍ଧି ଓ ଲୋକପ୍ରିୟତା ଥିଲା । 'ଚୈତନ୍ୟ ମଙ୍ଗଳ' ଓ 'ଅଦ୍ୱୈତ ମଙ୍ଗଳ' ଯଥାକ୍ରମେ ଶ୍ରୀଚୈତନ୍ୟ ଓ ଶ୍ରୀ ଅଦ୍ୱୈତଙ୍କ ଜୀବନ ଚରିତ ଅବଲମ୍ବନରେ ଲିଖିତ । ଏତଦ୍ ବ୍ୟତୀତ 'ମନସା ମଙ୍ଗଳ' ନାମକ ପ୍ରାୟ ୭୦ଟି ଗ୍ରନ୍ଥ ଏବଂ ଚଉଦ ଜଣ କବିଙ୍କ ଦ୍ୱାରା ଲିଖିତ 'ଚଣ୍ଡୀମଙ୍ଗଳ' ଗ୍ରନ୍ଥ ଦେଖାଯାଏ । ରାୟ ଗୁଣାକାର ଭାରତଚନ୍ଦ୍ର ରାୟଙ୍କ 'ଅନ୍ନଦା ମଙ୍ଗଳ' ପ୍ରାଚୀନ ବଙ୍ଗଳାର ଏକ ଉତ୍କୃଷ୍ଟ ଗ୍ରନ୍ଥ । ବୈଷ୍ଣବ ଆଚାର୍ଯ୍ୟ ପ୍ରଭୁ ଶ୍ୟାମାନନ୍ଦଙ୍କ ଶିଷ୍ୟ ପ୍ରଭୁ ରସିକାନନ୍ଦଙ୍କ ଜୀବନ ଚରିତ ବର୍ଣ୍ଣନାତ୍ମକ 'ରସିକ ମଙ୍ଗଳ' ଗ୍ରନ୍ଥ ସୁଦୂର ମେଦିନୀପୁର ଜିଲ୍ଲାରେ ଲିଖିତ ସମାପ୍ତ ହୋଇଥିଲା ଖୁରୁଧା ଗଜପତି ବଳଭଦ୍ର ଦେବଙ୍କ ଚାରି ଅଙ୍କ (ଖ୍ରୀ ୧୬୫୬)ରେ କବି ଭକ୍ତ ଚରଣ 'ମଙ୍ଗଳ' ନାମ କରଣ ପ୍ରାଚୀନ ବଙ୍ଗଳା ସାହିତ୍ୟରୁ ଗ୍ରହଣ କରିଥିଲେ ମଧ୍ୟ ଦୀନକୃଷ୍ଣଙ୍କ( ରସ କଲ୍ଲୋଳ' ଅନୁକରଣରେ 'ମଥୁରା ମଙ୍ଗଳ' ରଚନା କରିଥିଲେ । ଇଂରେଜୀ ଶିକ୍ଷାର ପ୍ରସାର ପୂର୍ବରୁ ଓଡ଼ିଆ ପ୍ରତି ଚାଟଶାଳିରେ ଭାଗବତ, ଗୋପୀଭାଷା ସହିତ ମଥୁରା ମଙ୍ଗଳର ଅଂଶ ବିଶେଷ ପଠିତ ହେଉଥିଲା । ମଥୁରା ମଙ୍ଗଳ ବ୍ୟତୀତ କବି 'ଗୋପ ମଙ୍ଗଳ' ନାମକ ଗୋଟିଏ ଗ୍ରନ୍ଥ ରଚନା କରିଥିଲେ । ତାଙ୍କ କୃତ ଅତ୍ୟନ୍ତ ଲୋକପ୍ରିୟ ( କଳା କଳେବର ଚଉତିଶା' ଓ 'ମନବୋଧ ଚଉତିଶା' ଦ୍ୱୟ ପ୍ରାଚୀନ ଓଡ଼ିଆ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ ।

ରାସଲୀଳା ବା କୃଷ୍ଣ ଲୀଳା ଉପରେ ଖୋରଧା ଅଞ୍ଚଳରେ କବିମାନେ କାବ୍ୟରଚନା କରିଥିବା ପରି ରାମ ଲୀଳା ଉପରେ ମଧ୍ୟ କାବ୍ୟ ରଚିତ ହୋଇଛି । ଯଥା :-

୧ ଖୋରଧା ରାମଲୀଳା- ବୈଷ୍ଣ୍ୟ ସଦାଶିବଙ୍କ ଦ୍ୱାରା ରଚିତ ଗଜପତି ଦିବ୍ୟସିଂହ ଦେବଙ୍କ ରାଜତ୍ୱ କାଳ ।

୨ ରଣପୁର ରାମ ଲୀଳା- ରଣପୁର ରାଜ୍ୟର ବାଙ୍କେଇଗଡ଼ (ପିତୁଳୁଡ଼ି ନିକଟ) ନିବାସୀ ଅନଙ୍ଗ ନରେନ୍ଦ୍ରଙ୍କ ଦ୍ୱାରା ରଚିତ । ସମୟ-ବୀରକେଶରୀ ଦେବଙ୍କ ରାଜତ୍ୱ କାଳ (ଖ୍ରୀ ୧୭୩୬-୧୭୯୨) ।

୩ ନୃତ୍ୟ ରାମାୟଣ- ଲେଖକ କେଶବ ପଟ୍ଟନାୟକ ଖୋରଧା ଅଞ୍ଚଳ ବାସିନ୍ଦା ଖ୍ରୀ ୧୮ଶ ଶତାବ୍ଦୀ ।

୪ ରାମଚନ୍ଦ୍ର ବିହାର- ଲେଖକ ମାଗୁଣି ପଟ୍ଟନାୟକଙ୍କର ବାସସ୍ଥାନ ଖୋରଧା ନିକଟବର୍ତ୍ତୀ ଗ୍ରାମ କୋଟୀପଲ୍ଲୀ । ସମୟ- ୧୮ଶ ଶତାବ୍ଦୀ ।

୫ 'ସୀତାରେଷ ବିଳାସ'- କବି ହରେକୃଷ୍ଣ ଦେବା । ଚଣ୍ଡୀ-ବଡ଼ଚୋଟା ନିକଟ ଦ୍ୱାରା ଖୋଳ ଗ୍ରାମ ବାସୀ- ଜନ୍ମ ଅଷ୍ଟାଦଶ ଶତାବ୍ଦୀ ।

୬ ପୁରୀ ରାମ ଲୀଳା ବା ବିଚିତ୍ର ରାମାୟଣ- ପୁରୀ ଶ୍ରୀଜଗନ୍ନାଥଙ୍କ ସେବକ ବିଶ୍ୱନାଥ ଖୁଣ୍ଟିଆ କୃତ (ଖ୍ରୀ ୧୬୮୦-୧୭୦୦)

୭ ରାମ ଲୀଳାମୃତ, ବୈଦେହୀଶବିଳାସ (ମହାକାବ୍ୟ)- କବି ସମ୍ରାଟ ଉପେନ୍ଦ୍ର- ଭଞ୍ଜ କୃତ ।

୮ ପ୍ରାଚୀ ତଟବର୍ତ୍ତୀ ସୁଲର ଗ୍ରାମ ବାସିନ୍ଦା ରଘୁନାଥ ଦାସକୃତ ରାମଲୀଳା ଖ୍ରୀ ୧୭୨୦ ମଧ୍ୟରେ ରଚିତ । ଖୁରୁଧା ରାଜ୍ୟ ପ୍ରଭାବ ସୁଦୂର ପ୍ରସାରୀ ଥିଲା । ତେଣୁ ମଧ୍ୟ ଯୁଗୀୟ ଖୁର୍ଦ୍ଧାର ସାହିତ୍ୟିକ ବିଭବ ଓ ପରମ୍ପରା ଉପରେ ଆଲୋଚନା କଲେ ବେଳେ ବେଳେ ବର୍ତ୍ତମାନର ଖୋରଧା ଅଞ୍ଚଳ ବାହାରେ ଥିବା  ଅନେକ ଅଞ୍ଚଳରୁ କବିଙ୍କ କଥା ଆଲୋଚନା ପରିସର ମଧ୍ୟକୁ ଆସିଯାଏ ।

ମାତ୍ର ଗଜପତି ରାମଚନ୍ଦ୍ର ଦେବ (୨ୟ)ଙ୍କ ସମୟରୁ ଖୁରୁଧା ରାଜ୍ୟର ପତନ ଆରମ୍ଭ ହୁଏ । ରାମଚନ୍ଦ୍ର ଦେବଙ୍କ ଦଶ ବର୍ଷ ବ୍ୟାପୀ ରାଜତ୍ୱ କାଳ ମଧ୍ୟରେ ମୋଗଲ ସେନା ଦ୍ୱାରା ବାରମ୍ବାର ଖୁରୁଧା ରାଜ୍ୟ ଆକ୍ରମଣ ଫଳରେ ଏହି ଖୋର୍ଦ୍ଧା ସ୍ୱାଧୀନ ହିନ୍ଦୁ ରାଜ୍ୟ ନିଃସ୍ୱ ଓ ହତଶ୍ରୀ ହୋଇଗଲା । ରାଜାଙ୍କ ଚରମ ଦୁର୍ଗତି ସମୟରେ ହାଇଦରାବାଦ ନିଜାମ ଖୁରୁଧା ରାଜବଂଶର ପ୍ରଭୁତ୍ୱ ସ୍ୱୀକାର କରୁଥିବା ଟିକିଲି ରଘୁନାଥପୁରଠାରୁ ଚିଲିକା ପର୍ଯ୍ୟନ୍ତ ଓଡ଼ିଶାର ଦକ୍ଷିଣାଂଶ ସମ୍ପୂର୍ଣ୍ଣ ରୂପେ ଅଧିକାର କରିନେଲେ କ୍ରମେ କ୍ରମେ ଖୁରୁଧା ରାଜ୍ୟର ପରିସୀମା ସଙ୍କୁଚିତ ହୋଇଗଲା । ପରିଶେଷରେ ଖ୍ରୀ ୧୮୦୪ ଡିସେମ୍ବର ମାସ ୫ ତାରିଖରେ ଇଂରେଜମାନଙ୍କ ଦ୍ୱାରା ଖୋରଧାର ଶେଷ ରାଜା ଗଜପତି ମୁକୁନ୍ଦ ଦେବ (୨ୟ) ବିଦ୍ରୋହୀ ବୋଲି ଘୋଷିତ ହେଲେ ଏବଂ ତାଙ୍କୁ ଖୁରୁଧା ରାଜଗାଦୀ ଛାଡ଼ିବାପାଇଁ ଆଦେଶ ଦିଆଗଲା, ଗଜପତି ମୁକୁନ୍ଦ ଦେବ କଟକରେ ଅଟକ ଥିବା ସମୟରେ ନିଳାଦ୍ରି ବିହାରୀ ଜଗନ୍ନାଥଙ୍କୁ ନିଜର ଦୁଃଖ ଜଣାଇ

ଏକ ହୃଦୟ ସ୍ପର୍ଶୀ ଜଣାଣ ରଚନା କରିଥିଲେ । ତାହା ହେଉଛି ।

'ଆହେ ନିଳାଦ୍ରି ବିହାରୀ ।<br>
କଟକେ ଅଟକ     ହେବାରୁ ମୋ ଚିତ୍ତ<br>
ସବୁଜାହିଁ ଝୁରି ଝୁରି ।<br>
ବାବୁ ଚିନ୍ତାମଣି     ତଗଳ ନ ଜାଣି<br>
ରାମଚନ୍ଦ୍ରଙ୍କୁ ଆଣିଲେ,<br>
ରାଜାଙ୍କୁ ପଣ୍ଡିତ     ଦୈବଜ୍ଞ୍ୟ ଲଗିଣ<br>
ବାରବାଟୀ ଧରାଇଲେ ।୧।<br>
ଚକା ଆୟଠାରୁ     ବିଜୟାଜ୍ଞା ଯାଏ<br>
ଝାଡ଼ ଜଙ୍ଗଲ ବୁଲିଲି ।<br>
ତୁମରି ଶ୍ରୀମୁଖ     ଦର୍ଶନ ନ ପାଇ<br>
କଟକେ ଅଟକ ହେଲି ।୨।<br>
ବାବୁ ହରିହର     ସୁପାତ୍ର ସୋଦର<br>
ବାରେ ମୋତେ ଦୟାକର,<br>
ଭଣ୍ଡାରରୁ ଖଣ୍ଡା     ବାହାର କରିଣ<br>
ପ୍ରଭୁ ଓଡ଼ିଶା ଶତ୍ରୁ ନିବାର ।୩।<br>
କେଉଁ କର୍ମ ହୀନ     କରୁଛି ଜଣାଣ<br>
କିଂପା ନ ଶୁଣ ମୁରାରି,<br>
ଶ୍ରୀଚରଣ ତଳେ     ଶରଣ ପଶୁଛି<br>
ଓଡ଼ିଶା ନବ କେଶରୀ ହେ ।୪।

-ମାତ୍ର ତାଙ୍କର ଏହି ବିକଳ ନିବେଦନ ଶ୍ରୀଜଗନ୍ନାଥ ଶୁଣିଲେ ନାହିଁ । ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ଓ ଜଗନ୍ନାଥ ଧର୍ମ-ସଂସ୍କୃତି ସୁରକ୍ଷାପାଇଁ ଶ୍ରୀ ୧୫୬୮ରେ ଖୁର୍ଦ୍ଧା ରାଜ୍ୟର ନିଅଁ ପଡ଼ିଥିଲା 'ଭୋଇ ପୋଥି ପଡ଼ରେ' ନାଁ ନ ଥିବା ସେତେବେଳର ଅଖ୍ୟାତ ପଲ୍ଲୀ ଖୁରୁଧାରେ । ଏହାର ଗଜପତିମାନଙ୍କ ନେତୃତ୍ୱ ଓ ପୃଷ୍ଠପୋଷକତାରେ ଜଗନ୍ନାଥ ସଂସ୍କୃତିର ଛତ୍ରଛାୟାରେ ଦୀର୍ଘ ଅଢ଼େଇ ଶହ ବର୍ଷ ( ଖ୍ରୀ ୧୫୬୮ - ୧୮୧୭) ଧରି ଏକ କାବ୍ୟ- ସାହିତ୍ୟିକ ପରଂପରା ଗଢ଼ି ଉଠିଥିଲା ।

ଏହି ଅବସରରେ 'ପାଇକ ଖେଦା' ରଚୟିତା ପାଇକ ବର କହ୍ନେଇ ଚମ୍ପତିରାୟ, 'ଖୋର୍ଦ୍ଧା ଦର୍ପଣ' ଲେଖକ ଦିଗମ୍ବର ଶ୍ରୀଚନ୍ଦନ ବେଳେ ବେଳେ ମନେ ପଡ଼ିଯାନ୍ତି । ନାରଗଡ଼ା ନିବାସୀ ତତ୍କାଳୀନ ଅମଲା ଦିଗମ୍ବର ଶ୍ରୀଚନ୍ଦନ ଥିଲେ ଖୋର୍ଦ୍ଧା ହାଇ ଇଂରାଜୀ ସ୍କୁଲ ପ୍ରତିଷ୍ଠାର ପ୍ରାଦ୍ୟ ଆବାହକ । 'ଫିରିଙ୍ଗି କଳି ଭାରତ'ର ଲେଖକ ସାନପୁଟ ନିବାସୀ ବିପ୍ର ମଧୁସୂଦନ, କରମଦା ଆନନ୍ଦଧାମ ଆଶ୍ରମର ପ୍ରତିଷ୍ଠାତା ସନ୍ଥ କବି ଅଭିରାମ ପରମହଂସ ବି ମନେ ପଡ଼ନ୍ତି । ପୁଣି ମନେ ପଡ଼ନ୍ତି କବି କୃଷ୍ଣ ମୋହନ ପଟ୍ଟନାୟକ, କବି ଗୋକୁଳାନନ୍ଦ ପଟ୍ଟନାୟକ (ଜାନକୀ ବଲ୍ଲଭ ବିଳାସ), ନାଟ୍ୟକାର ପଣ୍ଡୁରାମ ହରିଚନ୍ଦନ, ବାଙ୍କପୁର ଗ୍ରାମ ବାସୀ 'ନବଜୀବନ'ର ପ୍ରତିଷ୍ଠାତା- ସଂପାଦକ ଚିନ୍ତା ମଣି ମିଶ୍ର ଅଧ୍ୟାପକ ଉପେନ୍ଦ୍ର ମିଶ୍ର ପ୍ରଭୃତି । କାରଣ ଏମାନେ ଏବଂ ଏମାନଙ୍କ ପରି ଆହୁରି ଅନେକ ଅଜଣା ଅଶୁଣା ପରୋକ୍ଷ ଭାବେ- ପାଲାହେଉ ବା ସଂକୀର୍ତ୍ତନ ହେଉ, ଅଷ୍ଟ ପ୍ରହରୀ, ଚବିଶ ପ୍ରହରୀ ନାମ ଯଜ୍ଞ କିମ୍ବା ଅପେରା ହେଉ; ରାଜଯାତ୍ରା, ଚଢ଼ଉଷା ଯାତ୍ରା, ମକର ଯାତ୍ରା, ଦୋଳ ଯାତ୍ରା, ପଞ୍ଚୁଦୋଳ, ଦଶଦୋଳ ମେଳଣ ମାଧ୍ୟମରେ ଖୋର୍ଦ୍ଧାର ସାଂସ୍କୃତିକ ତଥା ସାହିତ୍ୟିକ ପରମ୍ପରାକୁ ସମୃଦ୍ଧ ଓ ପରିପୁଷ୍ଟ କରି ଆସିଛନ୍ତି । ଏହି ପରିପ୍ରେକ୍ଷୀରେ 'ଗୋ ଚିକିତ୍ସା' 'ଗୋମାତା' ଓ ସାର୍ଥକ ଭଜନମାଳା ଲେଖକ କଦଳୀ ବାଡ଼ିବାସୀ ଦୁର୍ଯ୍ୟୋଧନ ଶ୍ରୀଚନ୍ଦନ, 'ବସ୍ତ୍ରଣାର ଜଣାଣ'ର ଲେଖକ ବୃନ୍ଦ କିଶୋର ପ୍ରଧାନ ଓ ଭୁମରକର ସାମନ୍ତ ରାୟ, 'କଟବାକ ଭରତାକ ହରତାକ'ର ଲେଖକ ନରୋତ୍ତମ ଶ୍ରୀଚନ୍ଦନ ମନେ ପଡ଼ନ୍ତି ।

ଇଂରେଜମାନେ ଖୋର୍ଦ୍ଧାକୁ ଖାସ୍ କରିନେବା ସହ ପାଇକ ବିଦ୍ରୋହ ଦମନ କରି ଏ ବୀର ଭୂମିର ଅଧିବାସୀ ସାମରିକ-କୃଷିଜୀବୀ ପାଇକ କୁଳକୁ ନିଃସ୍ୱ ପଙ୍ଗୁ କରିଦେବା ପରେ ଏହାର ସାଂସ୍କୃତିକ ଓ ସାହିତ୍ୟିକ ପରମ୍ପରାର ପ୍ରତିଫଳନ କଣ ଘଟିନି ? ଏ ଏକ ବିରାଟ ପ୍ରଶ୍ନବାଚୀ । ୧୮୧୭ରୁ ୧୮୯୬ ଏକ ବିରାଟ ଦୌଡ଼, ବିରାଟ ବ୍ୟବଧାନ । ୧୮୯୬ରେ ଖୋର୍ଦ୍ଧାରେ ହାଇ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୁଏ । ଏହି ବିଦ୍ୟାଳୟ ଇଂରେଜ ଅଧିକାର । ପର ଯୁଗରେ ଶତ ଏକଶତ ବର୍ଷ ଧରି ଖୋର୍ଦ୍ଧାର ସାହିତ୍ୟିକ ପରମ୍ପରା ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ନେଇଛି । ଖୋର୍ଦ୍ଧା ରାଜ୍ୟର ପତନ ପରେ ଖୋର୍ଦ୍ଧା ଗଡ଼ରୁ ଖୋର୍ଦ୍ଧା ହାଇ ସ୍କୁଲକୁ ଖୋର୍ଦ୍ଧା ସାହିତ୍ୟିକ ପରଂପରାର ଏବ୍ରୁତିଶୀଳ ସ୍ଥାନାନ୍ତରିତ ହୋଇଛି ।

ଦୀର୍ଘ ଚାରିଶହ ବର୍ଷ ଧରି ଖୋର୍ଦ୍ଧାକୁ କେନ୍ଦ୍ର କରି ଏକ ସ୍ୱତନ୍ତ୍ର ଭାଷା-ସାହିତ୍ୟ ଗଢ଼ି ଉଠିଛି । ଜି.ଏ.ଗ୍ରୀୟରସନ୍ ତାଙ୍କର Linguistic Survey of India ପୁସ୍ତକରେ ଖୋର୍ଦ୍ଧାର ଭାଷା ସମ୍ପର୍କରେ ଆଲୋଚନା କରିଛନ୍ତି । ଖୋର୍ଦ୍ଧା ଅଞ୍ଚଳରେ ପ୍ରଚଳିତ ଓଡ଼ିଆ କଥିତ ଭାଷା ଶାସ୍ତ୍ରୀୟ ଓଡ଼ିଆ ଲିଖିତ ଭାଷାର ଅନୁରୂପ ବୋଲି ଭାଷାତତ୍ତ୍ୱ ବିତ୍‌ମାନଙ୍କର ମତ ।

ଖୋର୍ଦ୍ଧା ଦୁର୍ଗକୁ ଏହାର ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ର ଦେବ 'ଜଗନ୍ନାଥ ପୁର କଟକ' ବୋଲି ନାମିତ କରିଥିଲେ । ବର୍ତ୍ତମାନର ଖୋର୍ଦ୍ଧା ଟାଉନ୍ ଯୁଝାର ସିଂହ ବା ଯଜାର ସିଂହ ନାମରେ ପରିଚିତ । ଆମ ପିଲା ଦିନେ ଗାଁ ଗହଳରୁ ଖୋର୍ଦ୍ଧା ଟାଉନକୁ ଆସୁଥିବା ଲୋକେ କହୁଥିଲେ 'ଯଜାର ସିଂହ' ଯାଉଛି । ଶ୍ରୀ ଜଗନ୍ନାଥ ସଂସ୍କୃତିର କୃଷି-ସାମରିକ (Agro-Militia) ଭାବ ଏହି ମାଟିରେ ହିଁ ଗଜପତି ଭୋଇ ବଂଶ ରାଜ ପଣ ସମୟରେ ହିଁ ଗଢ଼ି ଉଠିଥିଲା- ଯାହାର ଅବଶେଷ ଏବେ ବି ଗାଁ ଗହଳରେ କୃଷକ-ପାଇକ (ଜୟ ଜବାନ- ଜୟ କିଷାନ୍) ପରମ୍ପରା ମଧ୍ୟରେ ବଂଚି ରହିଛି । ଖୋର୍ଦ୍ଧା ଗଜପତିମାନଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୀ ଭୋଳଶାସନ ସରସ୍ୱତୀ ଏବଂ ଖୋର୍ଦ୍ଧା ଏକାରାଜାତ ମାହାଲ ଲକ୍ଷ୍ମୀ ଠାକୁରାଣୀଙ୍କ ସମାବେଶ ଘଟାଇଛନ୍ତି ବିଷ୍ଣୁ ରୂପୀ ଜଗନ୍ନାଥଙ୍କ ଶ୍ରୀ

ମନ୍ଦିରରେ । ଶ୍ରୀ ଜଗନ୍ନାଥ ଧର୍ମ ସଂସ୍କୃତି ପରମ୍ପରାକୁ ଖୋରଧାର ଏହା ହିଁ ମହାନ ବାସ୍ତବ ଅବଦାନ ।

ଖୋରଧା ହାଇ ଇଂଲିଶ ସ୍କୁଲ ଯାହା ପରବର୍ତ୍ତୀ ସମୟରେ ବର୍ତ୍ତି ଜଗବନ୍ଧୁ ବିଦ୍ୟାଳୟ ରୂପେ ପରିଚିତ, ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥିତ ଯଶା ବରିଷ୍ଠ କବି ଓ ଲେଖକ ମାନଙ୍କର ଜନ୍ମଦାତ୍ରୀ ହେବାର ଗୌରବ ଲାଭ କରିଛି । ଓଡ଼ିଶୀ ସଂସ୍କୃତି ପୂଜାରୀ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ (୧୯୧୩-୧୬)ଓ କଳିଙ୍ଗ ଭାରତୀ ପ୍ରତିଷ୍ଠାତା ବିଶ୍ୱର ଚରଣ ପଟ୍ଟନାୟକ ଏହି ବିଦ୍ୟାଳୟ ଛାତ୍ର । 'ଧୂପ' ଓ 'ମହାନଦୀର ଜ୍ୟୋତ୍ସ୍ନା ବିହାର' କବି ଡକ୍ଟର ମାୟାଧର ମାନସିଂହ, ଜ୍ଞାନପୀଠ ପୁରସ୍କାର ବିଜେତା 'ବାଜୀରାଉତ'ର କବି ସଚ୍ଚି ରାଉତରାୟ ଖୋର୍ଦ୍ଧା ହାଇସ୍କୁଲ ଛାତ୍ର ଏବଂ ଏମାନଙ୍କର କବିତାବଳୀର ଉନ୍ମେଷ ଘଟିଛି ଏହି ବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠରୁ । ମାନସିଂହ ଖୋର୍ଦ୍ଧାରେ ପଢୁଥିବା ସମୟରେ 'ଧୂପ'ର ସୃଷ୍ଟି । ସଚ୍ଚିରାଉତରାୟ ଏହି ସ୍କୁଲର ଦଶମଶ୍ରେଣୀରେ ପଢ଼ିଲାବେଳେ ତାଙ୍କର ଅତି ପରିଚିତ ଲୋକପ୍ରିୟ ପଲ୍ଲୀ କବିତା 'ଛୋଟମୋର ଗାଁଟି' ବିଦ୍ୟାଳୟ ମୁଖପତ୍ର 'ଅବକାଶ'ରେ ପ୍ରକାଶିତ ।

କେବଳ ଛାତ୍ର ନୁହଁନ୍ତି, ଖୋର୍ଦ୍ଧା ହାଇସ୍କୁଲର ପ୍ରଧାନଶିକ୍ଷକ ବାଞ୍ଛାନିଧି ପଟ୍ଟନାୟକ ଜଣେ ଜଣାଶୁଣା ଗଦ୍ୟ (ଗଳ୍ପ, ପ୍ରବନ୍ଧ) ଲେଖକ । 'ଧୂପଛାୟା' ଗଳ୍ପ ସଂକଳନପାଇଁ ସେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କର ସମସ୍ତ ରଚନାବଳୀ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ତାଙ୍କର ସୁଯୋଗ୍ୟ ପୁତ୍ର ଅକ୍ଷୟ ମୋହନ ପଟ୍ଟନାୟକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କଥାକାର । ''ଧଉଳି ପାହାଡ଼,' 'ଖୋରଧା ପ୍ରଥମ ଦର୍ଶନେ' ଓ 'ସୂର୍ଯ୍ୟ ମୁଖୀ' କବିତା ସଂକଳନର କବି ପଦ୍ମ ଚରଣ ପଟ୍ଟନାୟକ ବାଞ୍ଛାନିଧି ପଟ୍ଟନାୟକଙ୍କର ଶ୍ୱଶୁର ।

ଓଡ଼ିଶାର ରାଜନୀତି ଓ ସାହିତ୍ୟ ଉଭୟ କ୍ଷେତ୍ରରେ ଧୁରୀଣ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ (ସିନ୍ଧୁଉପତ୍ୟକା, ଖୋରଧାଗଡ଼-କବିତା) ଖୋରଧା ହାଇସ୍କୁଲର ଛାତ୍ର 'ଗାଁ ଡହକେ'ର କବି ଶ୍ରୀ ସତ୍ୟାନନ୍ଦ ଚାମ୍ପତିରାୟ ଏହି ବିଦ୍ୟାଳୟର ସୃଷ୍ଟି । ସଫଳ ଗୀତିକାର ପର୍ଶୁରାମ ପଟ୍ଟନାୟକ, ଅଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତି, ବଙ୍ଗ ସାହିତ୍ୟ ବିଶାରଦ ଓ ଗବେଷକ ବହୁ ସାହିତ୍ୟ ସମାଲୋଚନା ପୁସ୍ତକ ଲେଖକ ଅବସର ପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ପରିଡ଼ାଙ୍କ ପରି ଖୋରଧା ହାଇସ୍କୁଲ ଛାତ୍ର ଏବଂ ବିଦ୍ୟାଳୟର ମୁଖ ପତ୍ର, ଅବକାଶର ଲେଖକ ଲେଖିକାମାନଙ୍କର ଓଡ଼ିଶା ସାହିତ୍ୟକୁ ଅବଦାନ ବିପୁଳ ଏବଂ ଅତୁଳନୀୟ ।

ଖୋରଧାର ସାହିତ୍ୟିକ ପରମ୍ପରା ମଧ୍ୟରେ ଆସି ଯାଉଛନ୍ତି । ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ । ନାରୀ ଦେହି କିଛି ବର୍ଷ ଖୋରଧା ଟାଉନ୍‌ରେ ଅବସ୍ଥାନ କରି ତାଙ୍କର ସାରସ୍ୱତ ସାଧନା ଅବ୍ୟାହତ ରଖିଥିଲେ । ଓଡ଼ିଶାର ପ୍ରଖ୍ୟାତ ସାମ୍ୟବାଦୀ କୃଷକ ନେତା, ଶିକ୍ଷାବିତ୍ 'ନୂତନ କବିତା'ର କବି, ଆଧୁନିକ ସାହିତ୍ୟ ସମାଲୋଚକ ପ୍ରାଣନାଥ ପଟ୍ଟନାୟକ ଖୋରଧାର ସାମ୍ୟବାଦୀ ସାହିତ୍ୟିକ ପରମ୍ପରାକୁ ସମୃଦ୍ଧ କରିଛନ୍ତି । ତାଙ୍କ ପଛକୁ ଅବସର ପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ଅବନୀ କୁମାର ବରାଳ ଓ ଡକ୍ଟର ଲକ୍ଷ୍ମୀ ନାରାୟଣ ରାୟ ସିଂହ । ସଚ୍ଚି ରାଉତ ରାୟ, ପ୍ରାଣ ନାଥ ପଟ୍ଟନାୟକ ଏବଂ ତାଙ୍କ ପରବର୍ତ୍ତୀ ବାମପନ୍ଥୀ ଲେଖକ ଗୋଷ୍ଠୀ ଖୋରଧାର ପ୍ରଗତିବାଦୀ ସାମ୍ୟବାଦୀ ସାହିତ୍ୟିକ ଚିନ୍ତନକୁ ନିଶ୍ଚିତ ଭାବେ ଭୂମିବଦ୍ଧ କରି ଅଗେଇ ନେଇଛନ୍ତି ।

ଗାଥା କବି ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ପାଲାକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ (ନାଳ ମାଟିର ଖୋରଧା ଗଡ଼), ଡମ୍ବରୁଧର ପରିଡ଼ା, ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ, ଡକ୍ଟର ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ପର୍ଯ୍ୟନ୍ତ ଏହି ପରମ୍ପରାର ଅଧିକାରୀ ଓ ଅନ୍ତର୍ଭୁକ୍ତ । ଖୋରଧାର ସାହିତ୍ୟିକ ପରମ୍ପରା ଗଢ଼ି ତୋଳିବାର ଯାମଳ କେନ୍ଦ୍ର ଭାବେ କାମ କରିଛନ୍ତି ଖୋରଧା ଓ ବାଣପୁର । ଭୋଇ ବଂଶ ରାଜତ୍ୱ କାଳରୁ ଏ ଯାବତ୍ ଏ ପରମ୍ପରା ଅବ୍ୟାହିତ ରହିଛି ।

ଐତିହାସିକ-ଲେଖକମାନଙ୍କ ମଧ୍ୟରେ ଖୋରଧା ହାଇସ୍କୁଲ ଛାତ୍ର କେଦାରନାଥ ମହାପାତ୍ର, ଡକ୍ଟର ଭାଗବତ ଚରଣ ରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁରଲୀଧର ପ୍ରଧାନ, ଫକୀର ହରିଚନ୍ଦନ, ଡକ୍ଟର ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଆସିବେ ଯେଉଁମାନେ ଖୋରଧା ଇତିହାସ ଓ ସାମରିକ ଐତିହ୍ୟ ଉପରେ ଲେଖନୀ ଚାଳନା କରି ଯଶସ୍ୱୀ ହୋଇଛନ୍ତି । ପ୍ରସିଦ୍ଧ ଅର୍ଥ ନୀତିଜ୍ଞ-ଲେଖକ ଡକ୍ଟର ବୈଦ୍ୟନାଥ ମିଶ୍ର ମଧ୍ୟ ଏହି ଅଞ୍ଚଳର ।

ଖୋରଧା ଇତିହାସ ସମ୍ବଳିତ ଐତିହାସିକ ଉପନ୍ୟାସ- ପଣ୍ଡିତ ଗୋଦାବରୀଶଙ୍କ '୧୮୧୭', ଚକ୍ରଧର ମହାପାତ୍ରଙ୍କ 'ରୋଡ଼ଙ୍ଗ ବନ୍ଦି', ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳ ଶୈଳ', ଓ 'ନୀଳାଦ୍ରି ବିଜୟ' ଉଲ୍ଲେଖ ଯୋଗ୍ୟ । ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳାଦ୍ରି ବିଜୟ' ନିଶ୍ଚିତ ଭାବେ ରୀତି ଯୁଗୀୟ ଆଳଂକାରିକ କବି ଲୋକନାଥ ବିଦ୍ୟାଧରକୃତ 'ନୀଳାଦ୍ରି ମହୋଦୟର ପ୍ରତିଧ୍ୱନି !

ଆଉ ଜଣେ ବାସ୍ତବରେ ନୀରବରେ ଠିଆ ହୋଇଥିବା ଅନ୍ତର୍ମୁଖୀ ଇଣ୍ଡୋ- ଆଙ୍ଗ୍ଲିକାନ୍ କବି ଶ୍ରୀ ଯାମିନୀ କାନ୍ତ ଜଗଦେବ ଖୋରଧା ଉପକଣ୍ଠ ଜଟିପୁର ଗ୍ରାମର । ତାଙ୍କ ରଚିତ 'ବ୍ଲାକ ଟିମ୍ବରସ୍' ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗୀକୃତ । ଏହି ସଂକଳନର କବିତାଗୁଡ଼ିକ ୟୁରୋପ ତଥା ଆମେରିକା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ଓ ପ୍ରଶଂସିତ । ଏଥିପାଇଁ ସେ ଆମେରିକାର ଏକ ସାରସ୍ୱତ ସଂସ୍ଥା ଦ୍ୱାରା ପୁରସ୍କୃତ ।

ସାମଗ୍ରିକ ଭାବେ ଦେଖିଲେ ଖୋରଧା ରାଜ୍ୟର ସୃଷ୍ଟି କାଳରୁ ଏଯାବତ୍ (ଖ୍ରୀ ୧୫୬୮ ରୁ ଖ୍ରୀ ୧୯୯୬) ପ୍ରବହମାନ ସାହିତ୍ୟିକ ସର୍ଜନା ଓ ପରମ୍ପରା ତ୍ରିବେଣୀ ସଂଗମ ପରି ପ୍ରବାହମାନ ହୁଏ ।

୧ ସୀତାରାମ ଓ ରାଧେ ଶ୍ୟାମ ଭାବେ ଧାରାକୁ କେନ୍ଦ୍ରକରି ବୈଷ୍ଣବୀୟ (ସ୍ୱକୀୟା ଓ ପରକୀୟା) ରଚନାବଳୀ ।

୨. ନିଛୁଟା ଜାତୀୟ ବାଦୀ- ଦେଶାତ୍ମ ବୋଧକ ରଚନା ବଳୀ ।

୩. ଆଧୁନିକ ପ୍ରଗତିବାଦୀ- ସାମ୍ୟବାଦୀ ଭାବଧାରା ସଂବଳିତ ବାସ୍ତବବାଦୀ ରଚନା ବଳୀ ଅବଦାନ ଅତୁଳନୀୟଥା ଏହାର ଦୁର୍ଲଭ ସ୍ୱାତନ୍ତ୍ର୍ୟ ବି ହୋଇପାରେ । ଗୋଟିଏ ଦୃଷ୍ଟାନ୍ତ - ୧୯୨୧ ମସିହା । ଖୋରଧାରେ ନେତାଜୀ ସୁଭାଷ ବୋଷଙ୍କ ବଡ଼ ଭାଇ ସୁରେଶ ଚନ୍ଦ୍ର ବୋଷ ଡେପୁଟିମାଜିଷ୍ଟ୍ରେଟ୍ ଓ ସେକେଣ୍ଡ ଅଫିସର୍ ଥାନ୍ତି । 'ସମାଜ'ରେ ଏକ ଅଗ୍ରଲେଖା 'ସତ୍ୟ ହୋଇଥିଲେ ସାଙ୍ଘାତିକ' ପ୍ରକାଶିତ ହେବାରେ ପତ୍ରିକାର ପ୍ରତିଷ୍ଠାତା-ସଂପାଦକ ଗୋପବନ୍ଧୁ ଦାସଙ୍କ ଖୋରଧା ଜେଲ୍‌ରେ ଥିଲେ । ଖବର ଶୁଣାଣି ପରେ କୋର୍ଟକୁ ଜେଲରୁ ଯିବା ସମୟରେ ଲୋକେ ଗୋପବନ୍ଧୁଙ୍କୁ ଦେଖିବାକୁ ଚାହିଁଲେ । କଚେରୀ ହତା ମଧ୍ୟରେ ଲୋକାରଣ୍ୟ ଯୋଗୁଁ ପୋଲିସ ପଶାଇବାକୁ ଥାନ ନ ଥାଏ । ଶେଷରେ କଚେରୀ ମଧ୍ୟସ୍ଥ କୂଅ, ଉପରେ କବାଟପଟା ପଡ଼ିଲା ଏବଂ ସେହିଠାରେ ହିଁ ସର୍ବସାଧାରଣଙ୍କୁ 'ବାପେ ଆପଣେ'ଙ୍କ ଦର୍ଶନର ବ୍ୟବସ୍ଥା ହେଲା । ମକଦ୍ଦମା ବିଚାର କରି ମାଜିଷ୍ଟ୍ରେଟ୍ ସୁରେଶ ଚନ୍ଦ୍ର ଗୋପବନ୍ଧୁଙ୍କୁ ନିର୍ଦ୍ଦୋଷରେ ଖଲାସ୍ କରି ଦେଲେ ଏବଂ ଚାକିରୀରୁ ଇସ୍ତଫା ଦେଇଦେଲେ । ସ୍ୱାଧୀନ ଭାରତରେ ଏପରି ନିରପେକ୍ଷତା ଓ ନିର୍ଭୀକତା ଦେଖିବାକୁ ମିଳେ କି ? ଏସ ତ ଥିଲା ବ୍ରିଟିଶ ଅମଳ । ଖୋରଧା ମାଟିର ଏ ହେଉଛି ଗୁଣ; ଏହା ହିଁ ଏ ବୀର ପ୍ରସବିନୀ ଧରିତ୍ରୀର ଇତିହାସ ପରିପ୍ରେକ୍ଷ ସ୍ୱଧର୍ମୀ- ପରମ୍ପରା ।

ଖୋରଧା ହେଉଛି ମୁଖ୍ୟତଃ କୃଷିଜୀବୀ ସାମରିକ (Agro-Milita) ଐତିହ୍ୟ ଓ ପରମ୍ପରା ସମ୍ପନ୍ନ ଜନଗୋଷ୍ଠୀର ନିବାସୀ ସ୍ଥଳୀ । ଅତୀତରେ ଏହାର ପାଇକ ବାହିନୀ ଓଡ଼ିଶାର ମୁକୁଟମଣି ରାଷ୍ଟ୍ରଦେବତା ଶ୍ରୀ ଜଗନ୍ନାଥ ଏବଂ ଜଗନ୍ନାଥ ପ୍ରାଣୈକ ସଂସ୍କୃତିର ସୁରକ୍ଷାପାଇଁ ନିଜକୁ ତିଳ ତିଳ କରି ବଳି ଦେଇଛନ୍ତି । ଇଂରେଜ ଅଧିକାର ପରେ ଏହି ସଂଖ୍ୟା ଗରିଷ୍ଠ ଜନ ଗୋଷ୍ଠୀ ଅତ୍ୟାଚାରିତ, ଲାଞ୍ଛିତ ଓ ଅବହେଳିତ ହୋଇଛନ୍ତି, ଯାହାର ଅଗ୍ନି ବିସ୍ଫୋରଣ ସ୍ୱରୂପ ଭାରତର ପ୍ରଥମ ଗଣ ବିପ୍ଳବ ରୂପେ ବିବେଚିତ 'ପାଇକ ବିଦ୍ରୋହ'ର ଆବିର୍ଭାବ ଓ ବିଲୁପ୍ତ । ଇଂରେଜ ଶାସନ ଓ ଶିକ୍ଷା ପ୍ରତି ଏମାନେ ବିତସ୍ପୃହ ହେଲେ । ଇଂରେଜ ଶାସକମାନେ ଏମାନଙ୍କୁ ନିରସ୍ତ୍ର କରି, ନିଷ୍କର ଜାଗିର କାଢ଼ି ନେଇ ଏମାନଙ୍କ ଉପରେ ଅର୍ଥନୈତିକ ପଙ୍ଗୁତ୍ୱ ଲଦି ଦେଲେ । ଫଳରେ ପଣ୍ଡିତ ବିଶ୍ୱଦାସ, ଲୋକନାଥ ବିଦ୍ୟାଧର, ଭକ୍ତ ଚରଣ ଦାସ ପ୍ରମୁଖଙ୍କ ଗୀତିଯୁଗୀୟ ବୈଷ୍ଣବୀୟ ଆନନ୍ଦ ଧର୍ମୀ ସାରସ୍ୱତ ମାଟି ମଟାନ ଉପରେ ପଣ୍ଡିତ ଗୋଦାବରୀଶ, ମାନସିଂ, ଗୋଦାବରୀଶ ମହାପାତ୍ର, କୃଷ୍ଣଚନ୍ଦ୍ର ତ୍ରିପାଠିଙ୍କ ପରି ଓଡ଼ିଶା ସାମରିକ ସଂସ୍କୃତି ପ୍ରେମୀ ଜାତୀୟବାଦୀ କବି କଳ୍ପଦ୍ରୁମ କଳ୍ପନେବା ସାଙ୍ଗକୁ ସଚ୍ଚି ରାଉତରାୟ, ପ୍ରାଣନାଥ ପଟ୍ଟନାୟକ, ଅଖିଳ ମୋହନ ପଟ୍ଟନାୟକଙ୍କ ପରି ପ୍ରଗତିବାଦୀ ଲେଖକ ଗୋଷ୍ଠୀଙ୍କ କୁସୁମାୟିତ ଉତ୍ତରଣ ଏଠାରେ ଘଟିଛି । ନିଛୁଟା ଓଡ଼ିଶୀ-ସଂସ୍କୃତ ଶାସ୍ତ୍ରୀୟତା ଭାବାପନ୍ନ କବିଚନ୍ଦ୍ର କାଳୀ ଚରଣ ଓ ବିଚ୍ଛନ୍ଦ ପଟ୍ଟନାୟକ ଏ ପରମ୍ପରାର ଅପ୍ରେୟ ଅଭିବ୍ୟକ୍ତି ।

ଏହି ସାରସ୍ୱତ ବିବର୍ତ୍ତନ ଓ ଉତ୍ତରଣର ବିଷୟ ନିବିଡ଼ ସମ୍ପର୍କ ରହିଛି ଖୋରଧା ଇତିହାସ ଓ କୃଷିଜୀବି ସାମରିକ ପରମ୍ପରା ପୃଷ୍ଠ ଅଥଚ ଅଧୁନା ଲୁପ୍ତିମୟ ମନୁଷ୍ୟକୃତ ଅବହେଳା ଓ ଅନଗ୍ରସରତାର ଶରବ୍ୟ ସଂଖ୍ୟା ଗରିଷ୍ଠ ଏହାର ଜନଗୋଷ୍ଠୀ ସହ ଓଡ଼ିଶା ଇତିହାସର ସନ୍ଧିକ୍ଷଣରେ ଖୋରଧା ସ୍ୱତନ୍ତ୍ର ଅସ୍ତିତ୍ୱର ଅଭ୍ୟୁଦୟ । ଖ୍ରୀ ୧୫୬୮ ରେ ମୁକୁନ୍ଦ ଦେବଙ୍କ ଅଚାନକ ତିରୋଧାନ ପରେ ପରେ କଳା ପାହାଡ଼ ପୁରୀ ମନ୍ଦିର ଆକ୍ରମଣ କରି ଶ୍ରୀବିଗ୍ରହତ୍ରୟ ନେଇ ହୁଗୁଳି ବଙ୍ଗଦେଶ ଗଙ୍ଗାନଦୀ କୂଳରେ ଦଗ୍ଧ କରିଦିଏ । ଅର୍ଦ୍ଧ ଦଗ୍ଧ ଦାରୁ ମୂର୍ତ୍ତି ମଧ୍ୟରୁ ବ୍ରହ୍ମ ପଦାର୍ଥ ସଂଗ୍ରହ କରି ଶ୍ରୀ ଜଗନ୍ନାଥ ତଦ୍‌ଗତ ପ୍ରାଣ ଭକ୍ତ ପ୍ରବର ବିଶର ମହାନ୍ତି କୁଜଙ୍ଗରେ ଆଣି ରଖିଥିଲେ । ସ୍ୱପ୍ନାଦେଶ ପାଇ ଖୋରଧା ଭୋଇ ବଂଶ ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ର ଦେବ କୁଜଙ୍ଗରୁ ବ୍ରହ୍ମ ପଦାର୍ଥ ଅଣାଇ ଖୋରଧା ଗଡ଼ରେ ନିଜ ତତ୍ତ୍ୱାବଧାନରେ ତ୍ରିମୂର୍ତ୍ତି ଗଠନ ପୂର୍ବକ ସଡ଼କ ପଥରେ ପୁରୀ ନେଇ ଯାଇଥିଲେ । ଶ୍ରୀ ମନ୍ଦିରରେ ଦେବଦେବୀମାନଙ୍କୁ ପୁନଃ ପ୍ରତିଷ୍ଠା କରାଇ ମହା ପ୍ରସାଦ ପୁନଃ ପ୍ରଚଳନ କରାଇ ଥିଲେ । ତେଣୁ ଉତ୍କଳ ବାସୀ, ମୁକ୍ତିମଣ୍ଡପ ପଣ୍ଡିତ ସଭା ଓ ତତ୍କାଳୀନ ପ୍ରତିଷ୍ଠିତ ସମାଜ ପତିମାନେ ରାମଚନ୍ଦ୍ରଙ୍କୁ 'ଅଭିନବଇନ୍ଦ୍ରଦ୍ୟୁମ୍ନ' ଆଖ୍ୟା ପ୍ରଦାନ କରିଥିଲେ । ଖୁରୁଧା ଦୁର୍ଗରୁ ବରୁଣେଇ ପାହାଡ଼ ପାର୍ଶ୍ୱଦେଇ ଦୟାନଦୀ ପାର ହୋଇ ଶ୍ରୀ ବିଗ୍ରହମାନେ ଶ୍ରୀମନ୍ଦିରରେ ବିଜେ କରିଥିଲେ ଯେଉଁ ରାସ୍ତାରେ ଶଗଡ଼ରେ ବସା ହୋଇ ଯାଇଥିଲେ ସେ ରାସ୍ତା ଏବେ ବି ପଡ଼ିଛି ସେ ପବିତ୍ର ସ୍ମୃତିକୁ ତାର କୋଡ଼ି ବାକିରେ ଧାରଣ କରି । ଓଡ଼ିଶା ସ୍ୱାଭିମାନର ପ୍ରତିଷ୍ଠାତା ସେହି ପୁଣ୍ୟଶ୍ଳୋକ ଗଜପତି ରାମଚନ୍ଦ୍ର ଦେବଙ୍କ ସମ୍ଭ୍ରାନ୍ତ ସ୍ମୃତିରକ୍ଷା କରି ଖୋରଧା ସାଂସ୍କୃତିକ- ସାରସ୍ୱତ ପରମ୍ପରା ନିରବଚ୍ଛିନ୍ନ ବଜାୟ ରଖିବା ଆଜିର ଆହ୍ୱାନ ଆଜିର ଅହ୍ୱାନ୍- ଖୋରଧା ସାମରିକ ପରମ୍ପରା ଓ ଐତିହ୍ୟର ମୂକ ସାକ୍ଷୀ ସ୍ୱରୂପ ଦଣ୍ଡାୟମାନ 'ପୃଥିବ୍ୟାଃଇବ ମାନଦଣ୍ଡଃ' ବରୁଣାଇ ପାହାଡ଼ର ଅକାଳ ନଗ୍ନତ୍ୱ ଦୂର କରି ତାର ପୂର୍ବ ଘନ ସବୁଜ ବନାନୀ ପରିବେଶ ଫେରାଇ ଆଣିବା । ଖୋରଧା ପାଇକ ବାହିନୀର ଶେଷ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ଅମର ଆତ୍ମା ବୀରମାଟି ଖୋରଧାର କୋଣେ ପ୍ରତି କୋଣେ ଘୂରି ବୁଲି ଏ ଆହ୍ୱାନ୍ ଦିଏ । ଏହାର ଜବାବ କଣ ଖୋରଧାର ବାସୀ ଦେବେ ନାହିଁ ? ପୁଣି କ'ଣ ବରୁଣେଇ କିରି ଗୁମ୍ଫା ସନ୍ତୃତ ଏ ନାଲମାଟିର ସିଂହ ସନ୍ତାନମାନେ ବୀର ଦର୍ପରେ ଜାଗି ଉଠିବେ ନାହିଁ ?? ଉତ୍ତିଷ୍ଠିତ, ଜାଗ୍ରତ, ପ୍ରାପ୍ୟ ବରାନ୍ନିବୋଧତଃ ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ଉପସଭାପତି

ଉତ୍କଳ ସମ୍ମିଳନୀ, ଭୁବନେଶ୍ୱର



# ଖୋରଧା ଓ ପରମାର୍ଥ

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ଆମେ ଖୋରଧାର ଅଧିବାସୀ । ଖୋର୍ଦ୍ଧା ଆମର ପ୍ରାଣ । ଏଇ ପାଣିପବନରେ ଆମର ଦେହ, ମନ, ପ୍ରାଣ ଗଢ଼ା । ଏପରି ଭୂମି ସମଗ୍ର ଭୂଲୋକରେ ଦୁର୍ଲ୍ଲଭ । ଖୋରଧାର ଅଧିବାସୀ ଭାବେ ଏହାଠାରୁ ଅଧିକ ଗର୍ବ କରିବାର ଆଉ କ'ଣ ଅଛି । ଆଜି ଓଡ଼ିଶା ବୋଲି ଯାହା ଆମେ ଜାଣୁ, ସେତେବେଳେ ଓଡ଼ିଶା କହିଲେ କେବଳ ଖୋରଧାକୁ ବୁଝାଉଥିଲା । ଖୋରଧାର ରାଜା ସମଗ୍ର ଓଡ଼ିଶା ଜାତିର ଗଜପତି । ତାଙ୍କର ଆରାଧ୍ୟ ଶ୍ରୀଜଗନ୍ନାଥଦେବ ସମଗ୍ର ବିଶ୍ୱର ପ୍ରାଣ । 'ଲକ୍ଷେ ରାଜାଙ୍କର ମଝଢ଼ମଣି ସେ ଖୋରଧା ରାଇଜ ରାଜା' ଏବଂ 'ଅଶୀ କ୍ରୋଶ ପୃଥ୍ୱୀ ଖୋରଧା ମୂଳକ' ବୋଲି ଲୋକଗୀତି ରହିଛି । ରାୟସାହେବ ପଦ୍ମଚରଣ ପଟ୍ଟନାୟକଙ୍କ ଭାଷାରେ:-

"କି କଲି କି କଲି କେତେ ଅପରାଧ,
କି ଭୂମିରେ ଆଜି ଦେଲି ମୁହିଁ ପାଦ ।
ଯହିଁ ଟେକିଦେଲେ ଶିଳା ଖଣ୍ଡେ ଏଥି,
ମିଳିଯାଏ ବୀର ଅସ୍ଥିନେଡ଼ ଗ୍ରନ୍ଥି ।"

ଗଡ଼ ଖୋରଧାର ସେହି ଶେଷ ସ୍ୱାଧୀନ ଦୁର୍ଗର ଭଗ୍ନାବଶେଷ ଏବେ ମଧ୍ୟ ଖୋରଧାର ପାଇକମାନଙ୍କ ରଣହୁଙ୍କାର ଓ ବୀରତ୍ୱ ତଥା ଗୌରବର ସ୍ମୃତି ମନେ ପକାଇଦିଏ । ଥରେ ବାଙ୍କୀର ଜମପଡ଼ା ଗଡ଼ ହାଇସ୍କୁଲ ନିକଟରେ ଠିଆ ହୋଇ ଜଙ୍ଗଲ ମଧ୍ୟଦେଇ ଯାଉଥିବା ରାସ୍ତାଟି କୁଆଡେ ଯାଇଛି ବୋଲି ଜଣେ ସ୍ଥାନୀୟ ବ୍ୟକ୍ତିଙ୍କୁ ପଚାରିବାରେ ସେ କହିଲେ ଏହା ଓଡ଼ିଶାକୁ ଯାଇଛି । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ଏ ସବୁ ହିଁ ତ ଓଡ଼ିଶା । କିନ୍ତୁ ପରେ ଜାଣିଲି ଯେ ସେମାନେ କେବଳ ଖୋରଧାକୁ ହିଁ ଓଡ଼ିଶା ବୋଲି କହୁଛନ୍ତି । ପ୍ରକୃତରେ ଶୁଦ୍ଧ ଓଡ଼ିଆ ଭାଷା କେବଳ ଖୋରଧାରେ ହିଁ ଦେଖାଯାଏ । ଖୋରଧାକୁ ସେତେବେଳେ ଓଡ଼ିଶା କୁହାଯାଉଥିଲା । ତଦ୍‌ବ୍ୟତୀତ ଅନ୍ୟ ସ୍ଥାନ କଟକ, ପୁରୀ ଇତ୍ୟାଦି ମୋଗଲ ବନ୍ଦୀ ଭାବରେ ପରିଚିତ ଥିଲା । ଟେଲର ସାହେବ ତାଙ୍କ ବନ୍ଦୋବସ୍ତ ରିପୋର୍ଟରେ (୧୮୮୬-୮୭) ଏହା ଉଲ୍ଲେଖ କରିଛନ୍ତି । ଖୋରଧାର ଭାଷା ଶୁଦ୍ଧ ଓଡ଼ିଆ ଭାଷା ବୋଲି ମଧ୍ୟ ଭାଷାବିତ୍ ଡକ୍ଟର ଗ୍ରିଏସନ୍ ମତ ଦେଇଥିଲେ । ଖୋରଧାର ମୃତ୍ତିକା ନାଲି ରଙ୍ଗ- ପକାମାଟି । ଏହା ବୀର ରକ୍ତରେ ରଞ୍ଜିତ ହୋଇଥିବାରୁ ଏପରି ହୋଇଛି । ଖୋରଧା ବାଲୁ କାଶ, ଜଳ ନିଷ୍କାସନକ୍ଷମ । ଏହାର ଜଳବାୟୁ ଶୁଷ୍କ ଓ ସ୍ୱାସ୍ଥ୍ୟପ୍ରଦ । ଏଠାରୁ ଚାରିଆଡ଼କୁ ରାସ୍ତା ଯାଇଛି । ଖୋରଧାର ଚତୁଃପାର୍ଶ୍ୱର ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର, ଯାହାକି ଖୋର୍ଦ୍ଧାରୁ ତରାବୋଇ ଯାଉଥିବା ରାସ୍ତାର ବରୁଣେଇପାହାଡ଼ ରାଜି ଉପରୁ ଜଣାପଡ଼େ । ତ୍ରେତୟାଯୁଗରେ ଭଗବାନ ଶ୍ରୀରାମଚନ୍ଦ୍ର, ଶ୍ରୀ ଲକ୍ଷ୍ମଣ ଓ ଜଗତ ଜନନୀ ସୀତାଦେବୀ ଏବଂ ଦ୍ୱାପର ଯୁଗରେ ପାଣ୍ଡବମାନେ ବରୁଣେଇ ପାହାଡ଼ର ମନୋମୁଗ୍ଧକର ଦୃଶ୍ୟରେ ଆକୃଷ୍ଟ ହୋଇ ଆସିଥିଲେ । ବରୁଣେଇ ପାହାଡ଼ ଉପରେ ପାଣ୍ଡବଶିରା (ସୁଙ୍ଗା) ଓ ସୀତାକୁଣ୍ଡ ଅଛି । ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ମଧ୍ୟ ଏକ ଅଦ୍ଭୁତ ନିଧନ ପାଇଁ ଓ ସ୍ୱୀୟଧାମ ଶ୍ରୀଜଗନ୍ନାଥ ପୀଠକୁ ଦ୍ରୁତପଦ ଆଗମନ କରିବା କଥା ସ୍କନ୍ଦ ପୁରାଣରୁ ଜଣାଯାଏ, ତେବେ ଅନୁମାନ ଖୋରଧା ଭୂଖଣ୍ଡରେ ହୁଏତ ଶ୍ରୀପାଦପଦ୍ମ ପଡ଼ିଥାଇପାରେ । ଖୋର୍ଦ୍ଧା ଚୋଟପଡ଼ା ଛକ ନିକଟରେ ଶ୍ରୀରାମଚନ୍ଦ୍ର ଏକ ଝରଣା ନିକଟରେ ଗୋଡ଼ ଘସିଥିବା ପଥର 'ଗୋଡ଼ଘସା' ନାମରେ ପ୍ରସିଦ୍ଧି ଲାଭ କରିଛି । ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ, ଲୀଳା ପୁରୁଷୋତ୍ତମ ସ୍ୱୟଂରୂପ ଶ୍ରୀକୃଷ୍ଣଚନ୍ଦ୍ର ଏବଂ କଳିଯୁଗ ପାବନାବତାରୀ ରାଧାଭାବ ବିଭାବିତ କୃଷ୍ଣ ପ୍ରେମ ପୁରୁଷୋତ୍ତମ ଶ୍ରୀ ଗୌରହରି ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଏବଂ ତାଙ୍କ ମହିମା ପ୍ରଚାର ପାଇଁ ଦୀର୍ଘ ୧୮ ବର୍ଷ ନୀଳାଚଳରେ ଅବସ୍ଥାନ ସମୟରେ ଘୋରଡ଼ିଆ, ଖୋରଧା, ପଲ୍ଲା, ଗୁହୁମୁ ହୋଇ ଅତ୍ରୀ ଉଷ୍ମପ୍ରସବଣ ଓ ଶ୍ରୀ ହଟକିଶୋର ମହାଦେବଙ୍କ ଦର୍ଶନ କରିବା କଥା ଜନଶ୍ରୁତିରୁ ଶୁଣାଯାଏ । ଏଣୁ ଏହି ତିନି ପୁରୁଷୋତ୍ତମଙ୍କର ପଦାଙ୍କିତ କ୍ଷେତ୍ର ଓଡ଼ିଶା (ଖୋରଧା) ଭୂମି । ଖୋରଧାରେ ନୈସର୍ଗିକ ବିପତ୍ତି ବନ୍ୟା, ବାତ୍ୟାଦି ହୁଏନାହିଁ, କାରଣ ଉତ୍କଳରେ ଗତ ବିପର୍ଯ୍ୟୟ ହୁଏନାହିଁ । ଏହାର ନାଥ ସ୍ୱୟଂ ଜଗନ୍ନାଥ ସାକ୍ଷାତ ବିଷ୍ଣୁ, ଏଠାରେ ଅଧିବାସୀଗଣ ଅଧିକାଂଶ ବୈଷ୍ଣବ । ଏଠାରେ ଘରେ ଘରେ ଶ୍ରୀ ଲକ୍ଷ୍ମୀନାରାୟଣ ବିରାଜମାନ କରିଛନ୍ତି ବୋଲି ସ୍କନ୍ଦ ପୁରାଣରେ ଶ୍ରୀ ବ୍ୟାସଦେବ ଉଲ୍ଲେଖ କରିଛନ୍ତି । ରାଜା ଏକଦା ଯାଉଥିବା ସମୟରେ ବରୁଣେଇ ପାହାଡ଼ ତଳେ ଦେଖିଲେ ଏକ ବଗ ଛଞ୍ଚାଣକୁ ମାଡ଼ି ବସିଛି । ଏଣୁ ଏହା ବୀରମାଟି ବୋଲି ଧାରଣା ହେବାରୁ ରାଜା ନିଜର ରାଜଧାନୀ ଖୋଲାପଲ୍ଲା ଗ୍ରାମ ନିକଟସ୍ଥ ଖୋରଧାରେ ସ୍ଥାପନ କରି ଏହାର ନାମ ଦେଇଥିଲେ ଜଗନ୍ନାଥପୁର କଟକ । ଓଡ଼ିଶାରେ ଯେପରି ବିରଜା କଟକ (ଯାଜପୁର) ବିଡ଼ାନାସି କଟକ (ବର୍ତ୍ତମାନର କଟକନଗର) ନାମରେ ପରିଚିତ, ସେହିପରି ଖୋରଧା ଜଗନ୍ନାଥପୁର କଟକ ନାମରେ ପ୍ରସିଦ୍ଧ । ସମ୍ଭବତଃ ୧୫୭୧-୭୨ରେ ଶ୍ରୀରାମଚନ୍ଦ୍ର ଦେବଙ୍କ ଦ୍ୱାରା ଖୋରଧା ରାଜ୍ୟ ପ୍ରତିଷ୍ଠିତ । ନୀଳସୁନ୍ଦର ଗୀତା, ରସବିନୋଦ, ଦାର୍ଢ୍ୟତା ଭକ୍ତିରେ ଖୋରଧା କଥା ଉଲ୍ଲେଖ ହୋଇଛି । ବିଚିତ୍ର ଭାରତ ସଭା ପର୍ବରେ ଖୋରଧା କଥା ନିମ୍ନୋକ୍ତ ଭାବେ ବର୍ଣ୍ଣିତ ହୋଇଛି ।-

**ପୃଥ୍ୱୀ ମଣ୍ଡଳ ସାର ଭୂମି ଓଡ଼ିଶା ଖୋରଧା ନାମେ ନଗର**
**ତହିଁରେ ନୃପତି ଶ୍ରୀ ବୀରକେଶରୀ ପ୍ରତାପରେ ବିରବର ହେ !**
**ମୁକୁଟମଣି ଲକ୍ଷେ ରାଜାର ହେ ବୟାବନ ଥାରତ ଲୋକର ହେ ।**

ପ୍ରକୃତରେ ଅନ୍ୟାନ୍ୟ ସମସ୍ତ ରାଜାମାନେ ଖୋରଧାର ଏହି ଗଜପତିଙ୍କର ବିଭିନ୍ନ ସେବା କରୁଥିଲେ ସେଥିପାଇଁ ଅଛି :-

**ଲକ୍ଷେ ରାଜାଙ୍କର ମଉଡ଼ମଣି ସେ ବୋଲାନ୍ତି ଯେ ଗଜପତି**
**ଲକ୍ଷେ ରାଜା ପୁଣି ଚରଣେ ଖଟନ୍ତି ଶିରେ ଟେକି ସୁନା ଛତି ।**

ଉତ୍କଳୀୟ ତଥା ହିନ୍ଦୁ ସଂସ୍କୃତିର ମହାନ୍ ପୀଠ ଶ୍ରୀଜଗନ୍ନାଥ ମନ୍ଦିର ମୁସଲମାନ ଆକ୍ରମଣରେ ଧ୍ୱଂସ ହେବାର ଘୋର ଦୁର୍ଦ୍ଦିନ ବେଳେ ଶ୍ରୀରାମଚନ୍ଦ୍ର ଦେବ ମହାନଦୀ ଓ ଋଷିକୁଲ୍ୟା ତଥା କଟକ ଓ ପୁରୀର ମଧ୍ୟଭାଗ ରମଣୀୟ ସ୍ଥାନ ଖୋରଧା ଓ ତାର ଚତୁଃପାର୍ଶ୍ୱରେ ଶକ୍ତିଶାଳୀ ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେ କୁଜଙ୍ଗ ଚଢ଼ଇଗୁହା ଅଣାଇ ସ୍କନ୍ଦ ପୁରାଣ ବିଧିରେ ଶ୍ରୀ ମୂର୍ତ୍ତି ଗଠନ ପୂର୍ବକ ଆଠ ବର୍ଷ କାଳ ବନ୍ଦ ହୋଇଥିବା ମହାପ୍ରସାଦର ପୁନଃପ୍ରଚଳନ, ଶ୍ରୀ ନୀଳଚକ୍ରକୁ ପୁନର୍ବାର ସ୍ଥାପନ ତଥା ଶୂନ୍ୟ ସିଂହାସନରେ ଶ୍ରୀ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ପୁନଃ ପ୍ରତିଷ୍ଠା କରାଇଥିଲେ । ୧୫୬୮ରେ କଟକ ସାକ୍ଷୀଗୋପାଳ ମନ୍ଦିର କଳାପାହାଡ଼ ଦ୍ୱାରା ଧ୍ୱଂସ ହେବାରୁ ଗୁପ୍ତରେ ଶ୍ରୀ ଗୋପାଳଙ୍କୁ କିଛିଦିନ କରଳବାଇ, ରଥିପୁର ଓ ତା'ପରେ ଖୋରଧାରେ ଏକ ସୁରମ୍ୟ ମନ୍ଦିର ନିର୍ମାଣ କରାଇ ଶ୍ରୀଗୋପାଳଙ୍କ ସେବା ପୁନଃ ପ୍ରକାଶ କରିଥିଲେ । ଗଡ଼ ଖୋରଧାର ଏହି ସାକ୍ଷୀଗୋପାଳ ମନ୍ଦିରଟି ଏବେ କୁଞ୍ଜବିହାରୀ ମନ୍ଦିର ବୋଲି ଅନୁମାନ କରାଯାଏ । ଭୁବନେଶ୍ୱର କରଳବାଇ ସାକ୍ଷୀଗୋପାଳ ମନ୍ଦିରର ଏହା ସହିତ ଯଥେଷ୍ଟ ସାଦୃଶ୍ୟ ରହିଛି ।

ଏହି ବିଷ୍ଣୁ ଭକ୍ତ ରାଜା ସଂସ୍କୃତରେ 'ଶ୍ରୀକୃଷ୍ଣ ଭକ୍ତ ବାତ୍ସଲ୍ୟ ଚରିତମ୍' ପୁସ୍ତକ ରଚନା କରିଥିଲେ ଏବଂ ଅଭିନବ ବା ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଉପାଧି ଲାଭ କରିଥିଲେ ଏହା ଖୋରଧା ପକ୍ଷେ କମ୍ ଗୌରବର କଥା ନୁହେଁ । ଏଣୁ ଖୋରଧା ସହିତ ଶ୍ରୀଜଗନ୍ନାଥଙ୍କ ସମ୍ପର୍କ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଖୋର୍ଦ୍ଧାର ଏକ ବିଶେଷ ଅଞ୍ଚଳ ଶ୍ରୀଜଗନ୍ନାଥଙ୍କ ନିଜ ଅଞ୍ଚଳ 'ଏ ଖରାଜାତ ମାହାଲ' ନାମରେ ପ୍ରସିଦ୍ଧ ଥିଲା । ଏହାର ଖଜଣା କେବଳ ଶ୍ରୀଜଗନ୍ନାଥଙ୍କ ସେବା ପାଇଁ ଖର୍ଚ୍ଚ ହେଉଥିଲା । ପରେ ବିଭିନ୍ନ ସମୟରେ ମୁସଲମାନ ଆକ୍ରମଣ ଫଳରେ ଶ୍ରୀଜଗନ୍ନାଥ ଖୋରଧା ଅଞ୍ଚଳର ବିଭିନ୍ନ ସ୍ଥାନ ଯଥା:- ଗଙ୍ଗପଡ଼ା, ଗଡ଼ମାଣତ୍ରୀ, ଚିଲିକାର କାଙ୍କଣ, ଶିଖରୀ ଓ ବାଣପୁର ପ୍ରଭୃତି ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ । ଏଣୁ ଏହା ଶ୍ରୀଜଗନ୍ନାଥଙ୍କ ପ୍ରିୟ ଲୀଳାସ୍ଥଳୀ । ଦ୍ୱାରପର ଶ୍ରୀଜଗନ୍ନାଥ କୃପା କରି ଏ ଖରାଜାତ ମାହାଲ, ନବକଳେବର ପାଇଁ ଦାରୁ ରୂପେ ଆତ୍ମପ୍ରକାଶ କରିଥିଲେ । ୧୯୬୯ରେ ଦମାଚର ଓ ଚଳିତ ୧୯୯୬ରେ ବଧୂମାଦଗାଡ଼ିଆରୁ ଶ୍ରୀଜଗନ୍ନାଥଙ୍କ ଦାରୁ ପ୍ରକାଶିତ ହୋଇଥିଲେ । ଖୋରଧାରେ ଅବସ୍ଥାନ କରି ଗଜପତି ମହାରାଜ ବିଶ୍ୱଜୀବନ ଶ୍ରୀଜଗନ୍ନାଥଙ୍କ ସେବାପ୍ରଚାର ଯତ୍ନ ନେଉଥିଲେ । ଖୋରଧା ରୋଡ଼ଛତଣୀ, ବାଜପୁର, ଗଡ଼ମାଣତ୍ରୀ ଇତ୍ୟାଦି ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଖଜଣା ଆଦାୟ ବା ରାଜାଘର ଅଫିସ ଥିଲା ଏବଂ ଖଜଣା ଆଦାୟ ପାଇଁ ସରକାର କାରମାନେ ନିଯୁକ୍ତ ଥିଲେ ।

ମହାପ୍ରଭୁ ଶ୍ରୀ ଚୈତନ୍ୟଦେବ ଶ୍ରୀ ସାକ୍ଷୀଗୋପାଳଙ୍କୁ କଟକ ବାରବାଟୀ ଦୁର୍ଗଠାରେ ଦର୍ଶନ କରିଥିଲେ । ତାଙ୍କ ଉତ୍କଳ ଗମନ ପରେ ମୁସଲମାନମାନେ ଶାନ୍ତ ହୋଇ ଓଡ଼ିଶାରୁ ଦେବମନ୍ଦିର ଭାଙ୍ଗିବାରୁ କ୍ଷାନ୍ତ ହୋଇଥିଲେ । କେତେକ ଶ୍ରୀ ଚୈତନ୍ୟଙ୍କ ଉତ୍କଳାଗମନ ଓଡ଼ିଶା ଅଧଃପତନର କାରଣ ଦର୍ଶାଇଥାଆନ୍ତି । ଏହା ସୁସ୍ଥ ମସ୍ତିଷ୍କର ଚିନ୍ତାଧାରା ନୁହେଁ । ଶ୍ରୀ ଚୈତନ୍ୟ ଦେବ ଉତ୍କଳର ପରମାର୍ଥିକ ଯେଉଁ ଚରମ ସନ୍ଧାନ ଦେଇଛନ୍ତି ତାହା ବିରଳ । ଓଡ଼ିଶାର କେତେକ ତାଙ୍କୁ ଜଣେ ଧର୍ମସଂସ୍କାରକ ଭାବେ ଜାଣନ୍ତି ମାତ୍ର ସେ ଥିଲେ ସନାତନ ଧର୍ମର ପୁରାଣ ପୁରୁଷ । ତାଙ୍କ ପ୍ରଚାର ଫଳରେ ବିଭିନ୍ନ ଜାତୁକାର୍ଯ୍ୟ ଖଚିତ ଶାଣ ହଜାର ବିଷ୍ଣୁ ମନ୍ଦିର ଓଡ଼ିଶାରେ ନିର୍ମିତ ହୋଇଛି । ଓଡ଼ିଆ ସାହିତ୍ୟର ଶୋଭା ବର୍ଦ୍ଧନ ହୋଇଛି ଅବଶ୍ୟ, ଏହା ବିଶଦ୍ ଭାବରେ ଏଠାରେ ଆଲୋଚନାଯୋଗ୍ୟ ନୁହେଁ । ଆଜି ଶ୍ରୀଚୈତନ୍ୟଙ୍କ ଯୋଗୁଁ ସମଗ୍ର ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରସାର ଓ ଆଦରଲାଭ କରି ପାଶ୍ଚାତ୍ୟରେ ମଧ୍ୟ ରଥଯାତ୍ରା ହେଉଛି । ମୁସଲମାନମାନଙ୍କ ମନ ମଧ୍ୟ ତାଙ୍କ ପ୍ରଚାରରେ ଦ୍ରବୀଭୂତ ହୋଇ ଯାଉଥିଲା ଶ୍ରୀ ଚୈତନ୍ୟ ଚରିତାମୃତରୁ ଜଣାଯାଏ:-

**ଯେ ହୁଶେନ ଶାହ ସର୍ବ ଓଡ଼ିଶାର ଦେଶେ**
**ଦେବ ମୂର୍ତ୍ତି ଭାଙ୍ଗିଲେକ ଅଶେଷ ବିଶେଷେ**
**ହେବ ଯବନେ ଓ ମାନିଲେକ ଗୌରଚନ୍ଦ୍ର ।**

ଶ୍ରୀଚୈତନ୍ୟ ଦେବଙ୍କ ଧର୍ମ ଧାରାନୁଗତ ପ୍ରଭୁ ଶ୍ୟାମାନନ୍ଦ ଓ ଶ୍ରୀ ରସିକାନନ୍ଦଙ୍କ ଉତ୍କଳ ଆଗମନ ତଥା ପ୍ରଚାର ଫଳରେ ବହୁ ମୁସଲମାନ ପରିବର୍ତ୍ତନ ହୋଇଥିଲେ । ଶ୍ରୀ ରସିକାନନ୍ଦ ମହାପ୍ରଭାବଶାଳୀ ବୈଷ୍ଣବାଚାର୍ଯ୍ୟ ଥିଲେ ତାଙ୍କ ଗୁରୁଭାଇ ପ୍ରଭୁ ଶ୍ୟାମାନନ୍ଦଙ୍କ ଶିଷ୍ୟ ଥିଲେ ପ୍ରସିଦ୍ଧ ଯବନ ଭକ୍ତ ସାଲବେଗ । ଅହମ୍ମଦ ବେଗଙ୍କର ପରିବର୍ତ୍ତନ କଥା ରସିକ ମଙ୍ଗଳରେ ବର୍ଣ୍ଣିତ ହୋଇଛି:-

**"ହେନମତେ ଅହମ୍ମଦବେଗ ସୁବାସ୍ଥାନେ,**
**କହିଲ ସକଳ ତତ୍ତ୍ୱ ନିଗମ ପ୍ରମାଣେ ।**
**ଶୁନିଆସେ ରସିକେର ମୁଖାମୃତ ବାଣି,**
**ଆନନ୍ଦ ଲଭିୟାସୁବା ପଡ଼ିଲା ଧରଣି ।**
**ଅନେକ କରିଲା ସ୍ତୁତି ବିନୟ ବଚନେ,**
**ନିଶ୍ଚେ ନାରାୟଣ ଅଂଶ ଜାନିଲେ ଜନମେ ।।"**

ଶ୍ରୀନାରାୟଣୀ ଦେବୀଙ୍କ ଭାଷାରେ 'ଶ୍ରୀ ଗୌରାଙ୍ଗଦେବ ଆମର ଜାତୀୟ ସମ୍ପତ୍ତି, ଆମ ଘରର ପରମଧନ ! ଦେଶବାସୀ ଯେ ପର୍ଯ୍ୟନ୍ତ ଗୌରାଙ୍ଗ ଦେବଙ୍କୁ ଆଦର କରିବା ଶିକ୍ଷା କରିନାହାନ୍ତି ସେ ପର୍ଯ୍ୟନ୍ତ ତାଙ୍କର ଜାତୀୟ ଉନ୍ନତି ସୁଦୂର ପରାହତ ! ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭାଷାରେ "+ + + ଓଡ଼ିଆ ଜାତି ଯଦି ବର୍ତ୍ତି କରି ରହିଥାଏ, ତାହାଲେ କେବଳ ଭାଗବତ ପୋଥି, ନାମ ସଂକୀର୍ତ୍ତନ ଓ ଶ୍ରୀ ଚୈତନ୍ୟଙ୍କର ଧର୍ମପ୍ରଚାର ଯୋଗୁଁ ତାର ଅସ୍ତିତ୍ୱ ରହିପାରିଲା । ଓଡ଼ିଆ ଜାତିର ଭାଗ୍ୟରେ ଯେତେବେଳେ ପରାଧୀନତାର ଘୋର ଅନ୍ଧକାର ଘୋଟି ଆସିଛି ସେତେବେଳେ ଶ୍ରୀ ଚୈତନ୍ୟଙ୍କର ଆବିର୍ଭାବ ଏ ଜାତିକୁ ବଞ୍ଚିବା ପାଇଁ ବହୁ ଶକ୍ତି ଯୋଗାଇଛି ।"

ଖୋରଧାର ମୁଖ୍ୟ ଆରାଧ୍ୟ ଦେବତା ଥିଲେ ଶ୍ରୀଜଗନ୍ନାଥ ସ୍ୱାମୀ ଯାହାଙ୍କର ନିତ୍ୟ ବାସସ୍ଥଳୀ ଶ୍ରୀ ପୁରୁଷୋତ୍ତମ ଧାମ । ଭୁବନେଶ୍ୱର ଖୋରଧାର ଗୋଟିଏ ପଲ୍ଲୀ ଗ୍ରାମ ମାତ୍ର ଥିଲା, କିନ୍ତୁ ସେଠାରେ କୋଟିଏ ଶିବଲିଙ୍ଗ ଥିବା ଯୋଗୁଁ ସେମାନଙ୍କ ଈଶ୍ୱର ସ୍ୱରୂପ ଶ୍ରୀ ଲିଙ୍ଗରାଜ ସାକ୍ଷାତ ସନାତନ ବ୍ରହ୍ମ ଲିଙ୍ଗ ହରିହର ଏକତ୍ର ବିଦ୍ୟମାନ । ଭୁବନେଶ୍ୱର ହିମାଚଳ ଓ ଏକାମ୍ର କ୍ଷେତ୍ର ନାମରେ ପୁରାଣ ପ୍ରସିଦ୍ଧ । ଏବେ କିନ୍ତୁ ଭୁବନେଶ୍ୱର ଓଡ଼ିଶାର ଆଧୁନିକ ରାଜଧାନୀ । ମାତ୍ର ଖୋରଧା ଦର୍ପଣ ପ୍ରଣେତା ଶ୍ରୀଯୁକ୍ତ ଦିଗମ୍ବର ଶ୍ରୀଚନ୍ଦନ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ 'ଚାକିରି ପାଇଁ ଗୁରୁଜନମାନଙ୍କ ପଦଧୂଳି, ମାତାଙ୍କ ଆଶିଷ ଏବଂ ସର୍ବଶେଷରେ କୁଳ ପୁରୋହିତଙ୍କ ଶଙ୍ଖ ଘଣ୍ଟର ମଙ୍ଗଳ ଧ୍ୱନି ମଧ୍ୟରେ ରାଜଧାନୀ ଖୁରୁଧା ଅଭିମୁଖେ ଯାତ୍ରା କଲି' । ଏଥିରୁ ସ୍ପଷ୍ଟ ହେଉଛି ଯେ ଖୋରଧାକୁ ସେତେବେଳେ ରାଜଧାନୀ ଓଡ଼ିଶା କୁହାଯାଉଥିଲା । ଏହା ଅସ୍ୱୀକାର କରି ହେବନାହିଁ ଯେ ଓଡ଼ିଆ ଜାତିର ବର୍ଷଗଣନା ଖ୍ରୀଷ୍ଟିଯାନ, ମୁସଲମାନ ଓ ଅନ୍ୟାନ୍ୟ ହିନ୍ଦୁମାନଙ୍କ ଠାରୁ ପୃଥକ୍ । ଏହା ଖୋରଧା ଗଜପତିମାନଙ୍କର ଶାସନକାଳ ଦ୍ୱାରା ନିୟନ୍ତ୍ରିତ । ତାଙ୍କର ଏହି ଆଧ୍ୟାତ୍ମିକ ପ୍ରାଧାନ୍ୟ ଏ ପର୍ଯ୍ୟନ୍ତ ରହିଛି ଏବଂ ଭାଦ୍ରମାସ ଶୁକ୍ଳ ଦଶମୀ ଦିନ ଏହିବର୍ଷ ଗଣନା ଆରମ୍ଭ ହୁଏ । ଏଣୁ ଓଡ଼ିଆ ଜାତୀୟ ଜୀବନରେ ଖୋରଧାର ବିଶେଷତ୍ୱ ରହିଛି ।

ଶ୍ରୀ ନୀଳାଚଳ ଜଗନ୍ନାଥ ଧାମ ଯେପରି ସମସ୍ତ ଧର୍ମର ସମନ୍ୱୟ ପୀଠ ସେହିପରି ଖୋରଧା ଶ୍ରୀଜଗନ୍ନାଥଙ୍କ ପ୍ରିୟସ୍ଥଳ ହେତୁ ଏଠାରେ ସମସ୍ତ ଦେବାଦେବୀ ଶ୍ରୀକୃଷ୍ଣ ଜଗନ୍ନାଥଙ୍କର ସେବକ ସେବିକା । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ନିର୍ମାଲ୍ୟକୁ ସମସ୍ତ ଦେବାଦେବୀ ଆଗ୍ରହର ସହ ସମ୍ମାନ କରନ୍ତି । ତାଙ୍କ ସେବାର ସହାୟ ପାଇଁ ଖୋରଧା ଅଞ୍ଚଳ ଚତୁଃସୀମାରେ ସ୍ୱୟଂ ସଦାଶିବ ବହୁ ମୂର୍ତ୍ତିରେ ପ୍ରକାଶିତ ହୋଇଛନ୍ତି । ଗୁରୁଜଙ୍ଗରେ ଶ୍ରୀ ଧବଳେଶ୍ୱର, ଗଙ୍ଗପଡ଼ାରେ ଶ୍ରୀ ଗଙ୍ଗେଶ୍ୱର, କୁହୁଡ଼ି ନିକଟରେ ଶ୍ରୀ ଚଣ୍ଡେଶ୍ୱର, ଅତ୍ରୀରେ ଶ୍ରୀ ହଟକେଶ୍ୱର, ବଣିଆ ଚାଙ୍ଗିରେ ଶ୍ରୀ ନୀଳକଣ୍ଠେଶ୍ୱର, ନିରାକାରପୁର ଅଞ୍ଚଳରେ ଶ୍ରୀ ସିଦ୍ଧେଶ୍ୱର, ଭୁବନେଶ୍ୱରରେ କୋଟି ଲିଙ୍ଗେଶ୍ୱର ଶ୍ରୀ ଲିଙ୍ଗରାଜଦେବ, ଖୋରଧାରେ ଶ୍ରୀ ବାଲୁକେଶ୍ୱର, ଶ୍ରୀ ରାମେଶ୍ୱର, ଶ୍ରୀ ସିଦ୍ଧେଶ୍ୱର, ଶ୍ରୀ ସ୍ୱପ୍ନେଶ୍ୱର ପ୍ରଭୃତି, ରାମେଶ୍ୱରରେ ଶ୍ରୀ ରାମେଶ୍ୱର, ବହଙ୍ଗ ଓ ବେଗୁନିଆ ଟାଙ୍ଗିରେ ଶ୍ରୀ ସୋମନାଥ ଦେବ, ଗୋଡ଼ାରେ ଶ୍ରୀ ଲୋକନାଥ ଦେବ ଏବଂ ବାଘଙ୍କ ଗଡ଼ରେ ଶ୍ରୀ ବେଲେଶ୍ୱର ଶିବ ବିରାଜମାନ । ଏତଦ୍‌ବ୍ୟତୀତ ଅନେକ ଶିବ ମନ୍ଦିର ଅଛି ଏବଂ ଏମାନଙ୍କର ଯାତ୍ରା ପର୍ବପର୍ବାଣି ତଥା ଅନ୍ୟାନ୍ୟ ଲୀଳା ବର୍ଷବ୍ୟାପୀ ଚାଲିଥାଏ । ଖୋରଧା ଭୂଖଣ୍ଡରେ ଶୈବରାଜ୍ଜ ଏବଂ ଦେବ ଦେବ ବୈଷ୍ଣବରାଜ ଶମ୍ଭୁଙ୍କୁ ଯଥାଯଥ ସମ୍ମାନ ଦିଆଯାଏ । ସେହିପରି ମାତା ଜଗତ୍‌ଜନନୀ ଅମ୍ବିକା ବହୁ ରୂପରେ ଖୋରଧାର ଚତୁଃପାର୍ଶ୍ୱରେ ପ୍ରକାଶିତ ହୋଇ ସର୍ବେଶ୍ୱରେଶ୍ୱର ଶ୍ରୀଜଗନ୍ନାଥଙ୍କ ସେବାରତ । ଖୋରଧା ବାସୀଙ୍କୁ ସ୍ୱୟଂ ଯୁଦ୍ଧରେ ସାହାଯ୍ୟ କରୁଥିବା ମାଆ ବରୁଣେଇ-କରୁଣେଇ, ମଙ୍ଗଳା, ଦୁର୍ଗା, ଭୁବନେଶ୍ୱରରେ ଶ୍ରୀ ଭୁବନେଶ୍ୱରୀ, ହାତପଦାରେ ଶ୍ରୀ ମୁକ୍ତେଶ୍ୱରୀ, ତାପଙ୍ଗଗଡ଼ରେ ଶ୍ରୀ ହରଚଣ୍ଡେଶ୍ୱରୀ, ବଧୂମାଛଗାଡ଼ିଆରେ ମା ବାଉତୀ, ବାଣପୁରରେ ଶ୍ରୀ ଭଗବତୀ, ଗଡ଼ମାଣତ୍ରୀରେ ଶ୍ରୀରାମଚଣ୍ଡୀ, କୃଷ୍ଣପ୍ରସାଦରେ ମାଆ ତାରାଦେବୀଙ୍କ ବ୍ୟତୀତ ବହୁ ଗ୍ରାମରେ ଗ୍ରାମଦେବତୀ ବିଦ୍ୟମାନ । ଖୋରଧା ରାଜା ଶ୍ରୀରାମଚନ୍ଦ୍ର ଦେବଙ୍କ ସମୟରେ ରଚିତ 'ଦୁର୍ଗୋତ୍ସବ ଚନ୍ଦ୍ରିକା' ବିଧି ଅନୁସାରେ ଏହି ଶକ୍ତିପୀଠମାନଙ୍କରେ ପୂଜାବିଧି ଅନୁଷ୍ଠିତ ହୋଇଥାଏ । ଏମାନେ ସମସ୍ତେ ଶ୍ରୀ ଜଗଦୀଶଙ୍କର ଛାୟାଶକ୍ତି, ତାଙ୍କ ଆଦେଶ ପାଳନ କରି ବିଭିନ୍ନ ସେବାକାର୍ଯ୍ୟ ସମ୍ପାଦନ କରୁଥିବାରୁ ବୈଷ୍ଣବୀ । ଏତଦ୍‌ବ୍ୟତୀତ ବିଦ୍ୟାଦାତ୍ରୀ ଶ୍ରୀ ସରସ୍ୱତୀଙ୍କର ଏକ ପୃଥକ୍ ପ୍ରାଚୀନ ମନ୍ଦିର ଖୋରଧା ପଲଟଣ ପଡ଼ିଆଠାରେ ରହିଛି । ଏମାନେ ସମସ୍ତେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ନିର୍ମାଲ୍ୟ ଶ୍ରଦ୍ଧା ସହକାରେ ପାଇଥାଆନ୍ତି । ସମନ୍ୱୟ ଭୂମି ଖୋରଧାର ବାଇପଦରଠାରେ ବାବାବୋଖାରୀ ସାହେବ (ପୀର)ଙ୍କୁ ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟ ଏକତ୍ର ସମ୍ମାନ କରି ଆସୁଛନ୍ତି ଏହି ପୀଠକୁ ଦେଶ ବିଦେଶରୁ ବର୍ଷସାରା ବହୁ ମୁସଲମାନ ଆସିଥାଆନ୍ତି ।

ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶ କେଉଁ ମଣିଷର ହୃଦୟକୁ ବା ସ୍ପର୍ଶ ନ କରିଛି; ମଲାବେଳେ ଏକା ସେହି ରାମନାମ ହିଁ ସଙ୍ଗରେ ଯାଏ । ଖୋରଧା ଏବଂ ତାର ଆଖପାଖ ବହୁ ଗ୍ରାମରେ ଶ୍ରୀରାମଲୀଳାର ପ୍ରଭାବ ଦେଖାଯାଏ । ଏଣୁ ଏହି ଅଞ୍ଚଳରେ ବାଗମାରୀ, ସରପାରୀ, ରାମେଶ୍ୱର, ମୁଣ୍ଡିଆପଡ଼ା ଓ ଝିଙ୍କିମିକିରେ ପାହାଡ଼ ଉପରେ, ଗଡ଼ଖୋରଧା, କାଳମାଟିଆ, ମଳିପଡ଼ା ପ୍ରଭୃତି ସ୍ଥାନରେ ଶ୍ରୀ ଶ୍ରୀ ରଘୁନାଥଙ୍କ ମନ୍ଦିର ଏବଂ ଖୋରଧା, ଗୁରୁଜଙ୍ଗ, ବଧୂମାଛଗାଡ଼ିଆ, ଜଟିପୁର ଇତ୍ୟାଦି ସ୍ଥାନରେ ପ୍ରାଚୀନ ମହାବୀର ଶ୍ରୀ ହନୁମାନଜୀଙ୍କର ମନ୍ଦିର ଅଛି ଓ ସେମାନଙ୍କର ପୂଜା ଆରାଧନା ବିଶେଷ ଭାବରେ ଅନୁଷ୍ଠିତ ହୁଏ । ଭାଗବତ ଟୁଙ୍ଗୀ ଓ ସଂକୀର୍ତ୍ତନ ଦଳ ଏଯାବତ୍ ପ୍ରତ୍ୟେକ ଗ୍ରାମରେ ଅଛି । ଶ୍ରୀଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆର ପ୍ରାଣସ୍ୱରୂପ । ଶ୍ରୀଜଗନ୍ନାଥ ଦାସଙ୍କ ବଡ଼ ଓଡ଼ିଆ ମଠର ଏକ ଶାଖା ମଠ ଗଡ଼ଖୋରଧା ଠାରେ ଅଛି । କିନ୍ତୁ ଖୋରଧାର କମଣ ଭଙ୍ଗ ଓ ମେଣ୍ଢାଶାଳ ଗ୍ରାମରେ ଥିବା ଶ୍ରୀ ଭଗବାନ୍ ବାସୁଦେବଙ୍କ ମନ୍ଦିର ଓ ଗାଦିର ବିଶେଷ ମହିମା ଅନୁଭୂତ ହୁଏ । ଏହି ଗାଦିରେ ଲୋକମାନଙ୍କର ବିଭିନ୍ନ ମନସ୍କାମନା ପୂର୍ଣ୍ଣ ହେବା ସହିତ ରୋଗ ମୁକ୍ତିର ବିଶ୍ୱାସ ଏଯାବତ୍ ରହିଛି । ଭାଗବତ ଟୋକେଇ ମଧ୍ୟ କେତେ ଜାଗାରେ ଅନୁଷ୍ଠିତ ହୁଏ । ତଦ୍‌ବ୍ୟତୀତ ବେହୁପଡ଼ା ଗାଦି ଗୋସେଇଁଙ୍କ ମନ୍ଦିର ଖୋରଧାର କେତେକ ଗ୍ରାମରେ ଅଛି । ବେହୁପଡ଼ାର ସାଧୁମାନେ ପ୍ରତିବର୍ଷ ଆସି ଗ୍ରାମମାନଙ୍କରେ ସଂକୀର୍ତ୍ତନ ଓ ଭାଗବତ ପାଠ କରି ଲୋକମାନଙ୍କୁ ଆଧ୍ୟାତ୍ମିକ ଚେତନା ଦେଉଥାଆନ୍ତି । ଅଧୁନା ଖୋରଧା ଓ ଟାଙ୍ଗୀ ପ୍ରଭୃତି ସ୍ଥାନରେ ଗୀତା ଭବନ ସ୍ଥାପିତ ହୋଇ ଗୀତା, ଭାଗବତ ଓ ବିଶେଷକରି ଶ୍ରୀରାମ ଚରିତମାନସ ପାରାୟଣ ତଥା ପ୍ରବଚନ ମାଧ୍ୟମରେ ଧର୍ମ ଚେତନା ଜାଗରିତ ହେଉଛି । ଖୋରଧାରେ ଧର୍ମ ଜାଗରଣ ପାଇଁ ଗୀତା ଭବନ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ସ୍ୱର୍ଗତ ଜୟକୃଷ୍ଣ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇ ପ୍ରଥମେ ଶ୍ରୀ ମଦନମୋହନ ରାମଙ୍କ ଘରେ ଚାଲିଥିଲା । ଶ୍ରୀ ଦିବ୍ୟସିଂହ ପଟ୍ଟନାୟକଙ୍କ ସମୟରେ

ସ୍ଥାୟୀ ଭଜନ ନିର୍ମାଣ ହେଲା ଓ ତାଙ୍କ ନେତୃତ୍ୱରେ ତଥା ଶ୍ରୀ ବିନୋଦବିହାରୀ ପଟ୍ଟନାୟକ, ଶ୍ରୀ ମଦନମୋହନ ରାମ, ଶ୍ରୀ ଭିକାରୀ ଲାଲ, ଶ୍ରୀରାମଦର୍ଶିନୀ ରାମ, ଶ୍ରୀରାମତପସ୍ୱୀ ରାମ ତତ୍ତ୍ୱଧାର, ଶ୍ରୀ ଗଗନ ବିହାରୀ ଛୋଟରାୟ ପ୍ରମୁଖଙ୍କ ସାହଚର୍ଯ୍ୟରେ ଖୋର୍ଦ୍ଧାର ବିଭିନ୍ନ ଗ୍ରାମରେ ଗୀତାବାଣୀ ପ୍ରଚାରିତ ହୋଇ ଗାଁମାନଙ୍କରେ ଗୀତା ସଂଘ ପ୍ରତିଷ୍ଠା କାର୍ଯ୍ୟକ୍ରମ ହୋଇଥିଲା ।

ଶ୍ରୀ ଶ୍ରୀ ରାଧାଗୋବିନ୍ଦଙ୍କର ଉପାସନା, ଦୋଳ, ଝୁଲଣ ଓଡ଼ିଶାରେ ପ୍ରସିଦ୍ଧ । ଖୋର୍ଦ୍ଧା ଅଞ୍ଚଳର ବହୁ ଗ୍ରାମରେ ଶ୍ରୀ ରାଧାକୃଷ୍ଣଙ୍କର ପ୍ରାଚୀନ ମନ୍ଦିର ଅଛି, ତନ୍ମଧ୍ୟରୁ ଗଡ଼ଖୋର୍ଦ୍ଧାର ଶ୍ରୀକୁଞ୍ଜବିହାରୀ, ଶ୍ରୀଗୋବିନ୍ଦ, ଶ୍ରୀ ମଦନମୋହନ, ଖୋର୍ଦ୍ଧାର ଶ୍ରୀ ରାଧାବଲ୍ଲଭ, ଶ୍ରୀ ଗୋପୀନାଥ, କନ୍ତବଦାର, ରଥପୁରର ଗୋପାଳ, ବାଘମାରୀ ଓ ବୋଲଗଡ଼ର ଶ୍ରୀକୁଞ୍ଜବିହାରୀ, ପାଣିଅଁଳାର ଶ୍ରୀ ମଦନମୋହନ, ବାଜପୁର, ଓଳସିଂହ, ଛଣଗିରିର ଶ୍ରୀ ରାଧାକୃଷ୍ଣ, ବଧୂମାଛଗାଡ଼ିଆର ଶ୍ରୀ ରାଧାମୋହନ ଏବଂ କାଇପଦରର ଶ୍ରୀ ଗୋପୀନାଥ ମନ୍ଦିର ପ୍ରାଚୀନ ଓ ପ୍ରସିଦ୍ଧ । ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ 'ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ' ହେତୁ ଖୋର୍ଦ୍ଧାର ବାଣପୁର, କାଉଁଳେଇ ପାଟଣା, ଗଡ଼ମାଣତ୍ରୀ, ମହିପଡ଼ା ପ୍ରଭୃତି ସ୍ଥାନରେ ପ୍ରାଚୀନ ଜଗନ୍ନାଥ ମନ୍ଦିର ବିଦ୍ୟମାନ ଅଛି । କାଉଁଳେଇ ପାଟଣାରେ ବହୁଦିନରୁ ରଥଯାତ୍ରା ଅନୁଷ୍ଠିତ ହେଉଛି । ସେଠାରେ ଅନନ୍ତ ପୁରୁଷୋତ୍ତମ ଦେବଙ୍କୁ ଏକାମ୍ର ବିହାରୀ ବୋଲି ଡକାଯାଏ । ଏଥିରୁ ଜଣାପଡ଼େ ଯେ ଏକାମ୍ରକାନନର ସୀମା ସେ ପର୍ଯ୍ୟନ୍ତ ଥିଲା । ଭୁବନେଶ୍ୱରର ଶ୍ରୀ ଅନନ୍ତ ବାସୁଦେବ ମଧ୍ୟ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କର ମୂର୍ତ୍ତି । ମୁକୁନ୍ଦ ପ୍ରସାଦରେ ଶ୍ରୀ ବଧୂବାମନ, କୁରୁକୁଙ୍ଗର ପତିତପାବନ ଓ ଖୋର୍ଦ୍ଧା ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିର ଇତ୍ୟାଦିରୁ ଶ୍ରୀଜଗନ୍ନାଥଙ୍କ ଆରାଧନାର ପରମ୍ପରା ଖୋର୍ଦ୍ଧାରେ ବିଶେଷ ପରିଲକ୍ଷିତ ହୁଏ । ଶକ୍ତିପୀଠ ବରୁଣେଇର ରଜଯାତ୍ରା, ଶୈବପୀଠ ଧବଳେଶ୍ୱରଙ୍କର ବଡ଼ଓଷା ଓ ଶ୍ରୀ ହଟକେଶ୍ୱରଙ୍କର ମକରମେଳା, ଭୁବନେଶ୍ୱର ଓ କାଉଁଳେଇ ପାଟଣା ରଥଯାତ୍ରା କି ଖୋର୍ଦ୍ଧାର ଯାତ୍ରାମାନଙ୍କ ମଧ୍ୟରେ ପ୍ରସିଦ୍ଧ ।

ପୁରୀ ଶ୍ରୀମନ୍ଦିର ମଧ୍ୟରେ ସର୍ବତ୍ର ଯେପରି ଶ୍ରୀ ଚୈତନ୍ୟ ଦେବଙ୍କ ସ୍ମୃତି ଦୃଷ୍ଟିଗୋଚର ହୁଏ ସେହିପରି ଖୋର୍ଦ୍ଧା ଓ ତାର ଚତୁଃପାର୍ଶ୍ୱରେ ଯଥାଃ- ଟାଙ୍ଗୀ, ଅତ୍ୟୁତପ୍ରୀ, ଓଳସିଂହ ଏବଂ ଛଣଗିରି, ପାଣିଛତର, ମାନପୁର, ବାଜପୁର, ଘୋରଡ଼ିଆ, ଶରଧାପୁର, ବାରବାଟୀ, ବର୍ଷିତା, ଗୁରୁଜଙ୍ଗ, ପଲ୍ଲା, କୁଚିଆରୀ, ସିଂହବରହମପୁର, ଭେଳଙ୍ଗ, ମୁକ୍ତାପୁର ପ୍ରଭୃତି ସ୍ଥାନରେ ଅନେକ ଶ୍ରୀଚୈତନ୍ୟ ମନ୍ଦିର ବିଦ୍ୟମାନ ଅଛି । ମୁକ୍ତାପୁରରେ ଦୋଳପୂର୍ଣ୍ଣିମା ଦିନ ଶ୍ରୀ ଗୌର-ନୃସିଂହଙ୍କର ରଥଯାତ୍ରା ହୁଏ । ଭେଳଙ୍ଗର ଶ୍ରୀ ଚୈତନ୍ୟଦେବ ଭକ୍ତକବି ଗୌରଚରଣ ଅଧିକାରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ଆରାଧ୍ୟ ଅତ୍ୟନ୍ତ କମନୀୟ ମୂର୍ତ୍ତି । ବାରବାଟି ମଦନମୋହନ ମନ୍ଦିରର ଭାବବିହ୍ୱଳ ଶ୍ରୀ ଚୈତନ୍ୟ ମୂର୍ତ୍ତି ତାଙ୍କର ଭୁବନେଶ୍ୱରରୁ ପୁରୀଯିବା ପଥରେ କୀର୍ତ୍ତନର ସ୍ମୃତି ବହନ କରେ । ଜାଗସରାର ଶ୍ରୀ ଗୌର-ନିତାଇ ବଡ଼ ବିଗ୍ରହ ସୁନ୍ଦରଙ୍କୁ ନିଜେ ସ୍ୱପ୍ନ ଦେଇ ଜଣେ ରାମଭକ୍ତ ସାଧୁଙ୍କ ଦ୍ୱାରା ପ୍ରକଟିତ ହୋଇଥିଲେ । ସେହିପରି ଗୁରୁଜଙ୍ଗର ଶ୍ରୀ ଚୈତନ୍ୟ ବଧୂମାଛଗାଡ଼ିଆର ବିନାୟକ ଗୋତ୍ରୀୟ କରଣ ପରିବାରର ଜନୈକ ଭକ୍ତଙ୍କୁ ସ୍ୱପ୍ନାଦେଶ ଦେଇ ନିମ୍ବ ଦାରୁରେ ବିଗ୍ରହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବେ ଗୁରୁଜଙ୍ଗରେ ସେହି ବିଗ୍ରହଙ୍କ ସେବା କରୁଥିବା ୧୧୫ ବର୍ଷର ବୃଦ୍ଧା ମାତା ଅଛନ୍ତି, ଯିଏକି ଏବେ ମଧ୍ୟ ସକ୍ରିୟ । ଏହିପରି ବହୁ ସ୍ଥାନରେ ଶ୍ରୀ ଚୈତନ୍ୟ ମନ୍ଦିର ଦେଖାଯାଏ । ଖୋର୍ଦ୍ଧାର ରାଜପଡ଼ିଙ୍କ ପ୍ରତିଷ୍ଠିତ ପ୍ରାଚୀନ ନିତାଇ ଗୌର ଶ୍ରୀ ବିଗ୍ରହ ଏବେ ପଲ୍ଲାର କୁଞ୍ଜବିହାରୀ ମନ୍ଦିରରେ ସେବିତ ହେଉଛନ୍ତି । ଶ୍ରୀ ରସିକାନନ୍ଦ ଦେବଙ୍କ ସମୟର ଏହି ଶ୍ରୀମୂର୍ତ୍ତି ତାଙ୍କ ସମୟରେ ବୈଷ୍ଣବ ଧର୍ମ ବିପୁଳ ପ୍ରସାର ଲାଭ କରିଥିଲା ଉତ୍କଳ ଭୂମିରେ । ଖୋର୍ଦ୍ଧା ସାନପଦର ଓ ଭେଳଙ୍ଗର ବିଶିଷ୍ଟ ଗୌଡ଼ୀୟ ବୈଷ୍ଣବଦ୍ୱୟ ଶ୍ରୀ ଭକ୍ତଚରଣ ଦାସ ଓ ଶ୍ରୀ ଗୌରଚରଣ ଅଧିକାରୀ ସେମାନଙ୍କ ଭକ୍ତି ସାହିତ୍ୟ ମଥୁରାମଙ୍ଗଳ, ମନଶିକ୍ଷା ଏବଂ ଜଗନ୍ନାଥ ଭଜନ, ଶ୍ରୀ ଚୈତନ୍ୟଙ୍କ କୀର୍ତ୍ତନାବଳୀ ଇତ୍ୟାଦି ରଚନା କରି କେବଳ ଖୋର୍ଦ୍ଧା ନୁହେଁ ସମଗ୍ର ଓଡ଼ିଶାରେ ଗୌରବ ଅର୍ଜନ କରିଛନ୍ତି । ଶ୍ରୀ ଭକ୍ତଚରଣଙ୍କର ସାନପଦର; ରାଜସୁନାଖଳା ଓ ଖୋର୍ଦ୍ଧାରେ ମଧ୍ୟ ମଠ ଥିବାର ଶୁଣାଯାଏ । ଗଡ଼ ଖୋର୍ଦ୍ଧା ଗୋବିନ୍ଦଜୀଉ ମଠ ଭକ୍ତଚରଣଙ୍କର ବୋଲି ଅନୁମାନ କରାଯାଏ । ଖୋର୍ଦ୍ଧାର ଶୌର୍ଯ୍ୟ ଓ ବୀର୍ଯ୍ୟର ସାକ୍ଷୀ ସ୍ୱରୂପ ଇତିହାସ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ସାକ୍ଷୀସ୍ୱରୂପ ଭୂଗୋଳ ବର୍ତ୍ତମାନ । ଖୋର୍ଦ୍ଧା ଅଧୀନରେ ବହୁତ ଗଡ଼ ଥିଲା । ଏଠାରେ ସେତେବେଳେ ବୈଷ୍ଣବ ଓ ଶାକ୍ତ ଧର୍ମ ବ୍ୟତୀତ ଅନ୍ୟ ମତବାଦ ନ ଥିବାର ଖୋର୍ଦ୍ଧା ଦର୍ପଣରୁ ଜଣାଯାଏ । ଖୋର୍ଦ୍ଧା ମୁକୁନ୍ଦ ପ୍ରସାଦ ଓ ଭେଳଙ୍ଗର ବଳଦେବହେରା ମୁସଲମାନ ଥିଲେ । ଭେଳଙ୍ଗରେ ବଳଦେବହେରାଙ୍କ ଦୁଆରେ ଶ୍ରୀରାଧାମୋହନ ଚାବେରୀ ଭୋଗ ଖାଉଥିଲେ । ବିଦେଶୀ ଆକ୍ରମଣରେ ୧୮୦୪ ପରଠୁ ଖୋର୍ଦ୍ଧାର ଗୌରବ ରବି ଅସ୍ତମିତ ହୋଇଗଲେ । ଯାହାହେଉନା କାହିଁକି ଖୋର୍ଦ୍ଧାର ରାଜପଡ଼ିମାନେ ଶ୍ରୀଜଗନ୍ନାଥଙ୍କ ଦାସ୍ୟରେ ଜୀବନ ଅତିବାହିତ କରି ଆତ୍ମାର ପ୍ରକୃତ ସ୍ୱାଧୀନତା ପ୍ରଦର୍ଶନ କରିଥିଲେ । ଖୋର୍ଦ୍ଧା ଶ୍ରୀଜଗନ୍ନାଥଙ୍କୁ ନିଜର କରି ଆଧ୍ୟାତ୍ମିକ ସ୍ତରର ଯେଉଁ ଚରମ ଶିଖରରେ ସମାସୀନ ହୋଇଛି, ତାର ପଟାନ୍ତର ନାହିଁ ।

ଓଡ଼ିଶାର କୀର୍ତ୍ତନ ସମ୍ପ୍ରଦାୟ ସଂକୀର୍ତ୍ତନ ଆରମ୍ଭରେ ଆହାମମ ପ୍ରାଣ ଗୌରାଙ୍ଗ ବୋଲି କହି ଥାଆନ୍ତି । ଓଡ଼ିଆ ପ୍ରଭୁ ଶ୍ରୀ ଚୈତନ୍ୟ ଭଗବଦ୍ ଅବତାର ହୋଇ ମଧ୍ୟ ଭକ୍ତ ରୂପଧରି ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାର କରିଛନ୍ତି । ଶ୍ରୀଜଗନ୍ନାଥ ତତ୍ତ୍ୱ ବିପୁଳ କୀର୍ତ୍ତନ କରିଛନ୍ତି । ଶ୍ରୀ ଗୌର ଓ ଜଗନ୍ନାଥ ଭକ୍ତଙ୍କ ଓ ଖୋର୍ଦ୍ଧାର ପ୍ରାଣ । ଖୋର୍ଦ୍ଧାର ପାରମାର୍ଥିକ ପରମ୍ପରା ସଂକୀର୍ତ୍ତନ ଏବଂ ତାର ବିଷୟ ହେଲେ ଶ୍ରୀଜଗନ୍ନାଥ । ମାଳିକା ବାକ୍ୟରୁ ଜଣାପଡ଼ିଛି ବରୁଣେଇ ତଳେ ଶ୍ରୀ ଶଚୀନନ୍ଦନଙ୍କର ଲୀଳା ଅନୁଷ୍ଠିତ ହେବ । ତଦନୁଯାୟୀ ବରୁଣେଇ ପାଖରେ ଶ୍ରୀ ଗୌର ଜଗନ୍ନାଥ ମନ୍ଦିର ନିର୍ମାଣର ଯୋଜନା ଚାଲିଛି । ଏହି ଶ୍ରୀ ଗୌର ଓ ଜଗନ୍ନାଥଙ୍କୁ କେନ୍ଦ୍ରକରି ଖୋର୍ଦ୍ଧାର ପରମାର୍ଥିକ ପରିବେଶ ଅଧିକ ସରସ ଓ ସୁନ୍ଦର ହେଉ - ଏହା ହିଁ କାମନା ।

ସମ୍ପାଦକ
ଶ୍ରୀଚୈତନ୍ୟ ରିସର୍ଚ୍ଚ ସେଣ୍ଟର
ଖୋର୍ଦ୍ଧା



# ଭୂଗୋଳ ପୋଥି ପତର

**ଶ୍ରୀ ଅଲେଖ ଦାଶ**

ମାନଚିତ୍ରରେ ୨୦°, ୧୦' ଉତ୍ତର ଅକ୍ଷାଂଶ ଓ ୮୫°.୩୭' ପୂର୍ବ ଦ୍ରାଘିମା ସୂଚାଉ ଥିବା ସ୍ଥାନ ଖୋର୍ଦ୍ଧା । ସମୁଦ୍ର ପତନରୁ ଏହା ୧୧.୫୦ ମି. ଉଚ୍ଚରେ ଅବସ୍ଥିତ । ବାର୍ଷିକ ହାରାହାରି ଉତ୍ତାପ ଗ୍ରୀଷ୍ମଦିନେ ୩୦° ଶୀତଦିନେ ୧୫.୭° ସେଲିସିୟସ । ବାର୍ଷିକ ବୃଷ୍ଟିପାତ ୧୩୫. ୭୩ ସେଣ୍ଟିମିଟରରୁ ଜଳବାୟୁ ଋତୁକାଳୀନ ଶୀତଦିନେ ହାଡଭଙ୍ଗା ଶୀତ ଓ ଗ୍ରୀଷ୍ମଦିନେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହୁଏ । ଓଡ଼ିଶାର ଉପକୂଳବର୍ତ୍ତୀ ଓ ପାହାଡ଼ିଆ ଅଞ୍ଚଳର ସନ୍ଧିସ୍ଥଳରେ ଖୋର୍ଦ୍ଧା ଅଛି । ଖାସମାହାଲ ଗଡଜାତ, ମୋଗଲ-ବନ୍ଦୀ ଓ ଏଷ୍ଟରାଜାତ ମାହାଲର ଏହା ଛକଯାଗା ବା ମିଳନ ସ୍ଥଳ । ଏହାର ପୂର୍ବପଟ ଅଞ୍ଚଳକୁ ଦେଶ ଓ ପଶ୍ଚିମକୁ ପରଗଣ ନାମରେ ଦେଶୀୟ ଭାଷାରେ ନାମିତ କରାଯାଇଥାଏ ।

ଖୋର୍ଦ୍ଧା ସହର ଦକ୍ଷିଣ ପୂର୍ବରୁ ଉତ୍ତର ପଶ୍ଚିମକୁ ଗଡାଣିଆ । ପୂର୍ବଘାଟ ପର୍ବତମାଳାର ବରୁଣାଇ ପାହାଡ ଏଠାରେ ମୁଣ୍ଡ ଟେକି ରହିଛି । ମହାନଦୀ ତଥା ଦୟାନଦୀର ଏହା ଜଳ ବିଭାଜିକା । ମାଟି ଟାଙ୍ଗର ଭୂଇଁ । ମାଟିର ରଙ୍ଗ ନାଲି । ଏହା ବଢ଼ି ବା ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ନୁହେଁ ।

ଗମନା ଗମନ ଦୃଷ୍ଟିରୁ ସ୍ଥାନଟି ଗୁରୁତ୍ୱପୂର୍ଣ୍ଣ । ରାଜଧାନୀ ଭୁବନେଶ୍ୱର ମାତ୍ର ୨୯ କିମି ଦୂର । ସଦା ସର୍ବଦା ବସ୍‌ର ସୁବିଧା ମିଳେ । ମରହଟ୍ଟା ଅମଳର ଗ୍ରାଣ୍ଡ ଟ୍ରଙ୍କ ରୋଡ୍ ଯାହା ଏବେ ପାଞ୍ଚ ନମ୍ବର ଜାତୀୟ ରାଜପଥ ନାମରେ ନାମିତ, ତାହା ସହର ମଧ୍ୟ ଦେଇ ଯାଇଛି । ୧୯୭୫ ରୁ ସହରରୁ ଭିଡ କମାଇବାକୁ ବୋହରା ରାସ୍ତାଟିଏ ତିଆରି କରାଯାଇଛି । ରାଜ୍ୟ ରାଜପଥ ବା ସହର ଦେଇ ଭୁବନେଶ୍ୱର ଓ ପଶ୍ଚିମ ଓଡ଼ିଶାକୁ ଯୋଗ କରୁଛି । ଖୋର୍ଦ୍ଧା, ଚିଲିକାର ପଟ୍ଟନାୟକିଆ ରାସ୍ତା; ତମପଡା, ଖୋର୍ଦ୍ଧା ରାସ୍ତା, ଜଟଣୀ ଖୋର୍ଦ୍ଧା ରାସ୍ତା, ଛତାବର ମନ୍ଦୁର ଖୋର୍ଦ୍ଧା ରାସ୍ତା ଖୋର୍ଦ୍ଧାରେ ମିଳିତ ହୋଇଛନ୍ତି । ମହାନଦୀ ଦକ୍ଷିଣ ପାର୍ଶ୍ୱସ୍ଥ ୧୫ଟି ଜିଲ୍ଲାର ଏହା ଦେଇ । ଖୋର୍ଦ୍ଧା ରୋଡ ଷ୍ଟେସନ ଏଠାରୁ ମାତ୍ର ୧୩ କିମି ଦୂର ।

ନୂଆଦିଲ୍ଲୀ, ପୁରୁଣାଦିଲ୍ଲୀ, ନୂଆ ପୁରୁଣା ଶବ୍ଦର ସଂଯୋଗରେ ସ୍ପଷ୍ଟ ହୁଏ । ମାତ୍ର ଆଧୁନିକ ଖୋର୍ଦ୍ଧା ଓ ପୁରାତନ ଖୋର୍ଦ୍ଧା ପାର୍ଥକ୍ୟର 'ଗଡ' ଶବ୍ଦ ଦ୍ୱାରା ସୂଚିତ ହୁଏ । ଖୋର୍ଦ୍ଧା ଓ ଗଡ ଖୋର୍ଦ୍ଧା । ଗଡ ଖୋର୍ଦ୍ଧା ବରୁଣାଇ ପାହାଡ ତଳେ । ଏହା ଏକ ରାଜସ୍ୱ ମୌଜା । ଏହାର ଉ- କେମାଦେଇ, ପୂ-ଖୋଲାଦ୍ୱାର ପ- ବ୍ରହ୍ମପୁର ଓ ଦକ୍ଷିଣରେ ଖୋଲାଦ୍ୱାର ଅବସ୍ଥିତ । ଏଠାକାର ଐତିହାସିକ ମୂଲ୍ୟ ଯଥେଷ୍ଟ । ୧୫୬୮ ରୁ ୧୮୦୩ ପର୍ଯ୍ୟନ୍ତ ଏହା ଓଡ଼ିଶାର ରାଜଧାନୀ ଥିଲା । ଭକ୍ତ ରାଜାର ଚଉତମଣି ଗଜପତି ମହାରାଜା ଏଠାରେ ରହୁଥିଲେ । ଏଠାରୁ ପାଇକ ବିଦ୍ରୋହ ପରିଚାଳନା କରାଯାଇଥିଲା । ମା' ବରୁଣାଈ କରୁଣାଈ ଭାଙ୍କରି ଦ୍ୱୈତ ନାମରେ ପାହାଡରେ ଅବସ୍ଥାନ କରନ୍ତି । ରାମକୃଷ୍ଣ ମଠ, ଓଡ଼ିଆ ମଠ, କୁଞ୍ଜ ବିହାରୀ ମଠ, ଜଟବାଘ ମଠ, ଝଣାଧୂଆ ପୋଖରୀ, ବଣ୍ଟି ପୋଖରୀ ଗଡ ଖୋର୍ଦ୍ଧାରେ ଅବସ୍ଥିତ । ଏହାର ଉତ୍ତର ପାର୍ଶ୍ୱରେ ସୁନ୍ଦରଗଞ୍ଜାମ ପରୀକ୍ଷା ପାର୍ମ (ହାତିନୀ ଓ ବଜ୍ର) ଦୁଇଟି ଖାଲଦାଗ ଅଛି । ଏସବୁ ଗଜପତି ବଂଶୀୟର ପରିଚାୟକ । " ଓଡ଼ିଶାର ଶେଷ ସ୍ୱାଧୀନ ରାଜାଙ୍କ ଦୁର୍ଗ" ବୋଲି ନାମଫଳକଟିଏ ଏଠାରେ ବିରାଜୁ ଅଛି ।

ଆଜିକାଲି ଯାହାକୁ ଖୋର୍ଦ୍ଧା କୁହାଯାଉଛି ତାହାର ରାଜସ୍ୱ ଆଦେୟ ମୌଜା ନାମ କୁଆରସିଂହ । ଏହାକୁ ନଗରସିଂହ ବୋଲି ଲୋକେ କହନ୍ତି । ଏହି ମୌଜାର ଉ-ଗୁରୁଜଙ୍ଗ, ପୂ-କେମାଦେଇ ମଠ, ରାଧାମୋହନପୁର ବା ଭାଲିଆ ବାଡ଼ି ଓ ପଶ୍ଚିମରେ ଶରଧା ପୁର ଗ୍ରାମ ଅବସ୍ଥିତ । ମସିହାରୁ ଉପଜିଲ୍ଲାପାଳଙ୍କ ହାଉିଆବୋଠା, କେନ୍ଦ୍ରସମବାୟ ବ୍ୟାଙ୍କ, ଗୋପବନ୍ଧୁ ଡାକ୍ତରଖାନା, ଜେଲଖାନା, ଗୀତାଭବନ, କ୍ଷେତ୍ରଦ୍ୟାନ, ସବ୍‌ଜଜ୍ କୋର୍ଟ ପ୍ରଭୃତି ଅନୁଷ୍ଠାନମାନ ଗଢ଼ି ଉଠିଛି । ପଲଟନ ପୋଖରୀ ଓ ପଡ଼ିଆ, ଚାନ୍ଦମାରୀ ପଡ଼ିଆ, ଶ୍ରୀଷ୍ଟାନ୍ ସମାଧି ଇତିହାସର ସାକ୍ଷୀବହନ କରିଛନ୍ତି ।

ଶିକ୍ଷାବିଭାଗର ସବ୍‌ଇନ୍‌ସ୍ପେକ୍ଟର ଅଫିସ ଜିଲ୍ଲାନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ମଣ୍ଡଳାଧିଶଙ୍କ କାର୍ଯ୍ୟାଳୟ ଖୋର୍ଦ୍ଧାରେ ରହିଅଛି । ୧.୪.୯୩ରୁ ଖୋର୍ଦ୍ଧା ଜିଲ୍ଲା ହେଲା । ଜିଲ୍ଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟ ଏଠାରେ ଖୋଲାଗଲା ।

ଆଗେ ରାସ୍ତାକଡ଼ ମାଇଲ ଖମ୍ବରେ "ଖୁର୍ଦ୍ଧା" ଲେଖା ଯାଉଥିଲା ।

ଯାହାର ଅର୍ଥ ବାଲୁଆ ଖୁରର ଧାର । ଖୋରଧା ଏକମିଶ୍ରସହର ଏଠାରେ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନମାନେ ବାସ କରନ୍ତି ।

ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାର ଗର୍ବ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ଶିକ୍ଷାନୁଷ୍ଠାନଟି ଏକ ପ୍ରାଚୀନ ଅନୁଷ୍ଠାନ । ଏହାର ବିବରଣୀ:

ମୌ-ସୁଆରସିଂହ

ଥା-ଖୋର୍ଦ୍ଧା

ଖାତାନଂ-୪୨୨

ପ୍ଲ ୨୫୦୫ ପକ୍କାଘର ଟ ୧.୦୦୦ ସ୍କୁଲ ବୋର୍ଡ଼

୨୫୯୭ ପକ୍କାଘର ଏ ୦.୦୦୨୫

୨୫୦୭ ପକ୍କାଘର ଏ ୦.୦୧୦

୨୫୦୮ ପକ୍କାଘର ଏ ୦.୧୯୫

୨୫୦୯ ପକ୍କାଘର ଏ ୦.୪୯୦

୨୫୧୦ ପକ୍କାଘର ଏ ୧.୦୨୦

୨୫୧୧ ପକ୍କାଘର ଏ ୦.୪୦୦ ହାଇସ୍କୁଲ

୨୫୧୨ ପୁରାତନ ଏ୧୨.୯୧୦

୨୫୦୩ ରାସ୍ତା ଏ ୦.୧୭୮

ପ୍ରଜା ମ୍ୟାନେଜିଂ କମିଟି ଏ୧୨.୨୬୮

ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ

ଖଜଣା ଟ୮.୨୫

ସେସକର ଟ ୧.୦୩

ବନକର ଟ ୦.୨୬

ଟ ୯.୫୪ =ଟ ୯.୫୫

ନକ୍ସାରୁ ଜଣାଯାଏ ବିଦ୍ୟାଳୟ ହତାର ଆକାର ଆୟତାକାର । ଦୈର୍ଘ୍ୟ ପ୍ରାୟ ୧୦୮୦' x ପ୍ରସ୍ଥ ୫୮୦' ଦୈର୍ଘ୍ୟ ଓ ପ୍ରସ୍ଥର ଅନୁପାତ ପ୍ରାୟ ୨:୧ ।

ବିଦ୍ୟାଳୟର ପ୍ରଥମ କୋଠା ୧୯୨୨ ମସିହାରେ ନିର୍ମିତ ହୋଇଥିଲା । ଏଥିରେ ଗୋଟିଏ ସଭାଗୃହ, ୬ଟି ଶ୍ରେଣୀଗୃହ ଓ ତିନୋଟି ଅଫିସଗୃହ ତଥା ଶିକ୍ଷକ ବୈଠକଘର ଅଛି । ଅଫିସର ଉଭୟ ପାର୍ଶ୍ୱରେ ଦୁଇଟି ରାସ୍ତା ଅଛି । ଏ ୧୯୫୮ ରେ ପୂର୍ବପାର୍ଶ୍ୱରେ ଦୁଇବଖରା ଶ୍ରେଣୀଗୃହ ଓ ପଶ୍ଚିମ ପାର୍ଶ୍ୱରେ ତଳ ଓ ଉପର ମହଲାରେ ଦୁଇଟି ଶ୍ରେଣୀ ଗୃହ ନିର୍ମିତ ହୋଇଛି । ଏକ ବିରାଟ ପ୍ରେକ୍ଷାଳୟ ନିର୍ମିତ ହୋଇଛି । ଏହାଦ୍ୱାରା ଛାତ୍ର ଆଉଟେଷ୍ଟସ ନିମିତ । ମୂଳକୋଠାର ପଛପଟେ ୧ବଖରା କୋଠାଘରେ ଶ୍ରେଣୀକାର୍ଯ୍ୟହୁଏ । ପୁରାତନ କୋଠାର ଛାତ ୧୯୯୪ ଓ ୧୯୯୬ରେ ବଦଳା ଯାଇଛି ।

ବିଦ୍ୟାଳୟ ପରିସର ମଧ୍ୟରେ ଅବିଭକ୍ତ ଭାରତର ଓ ଓଡ଼ିଶା ରାଜ୍ୟର ଏକ ସିମେଣ୍ଟ ସୀମାରେଖା ଦୃଷ୍ଟି ଆକର୍ଷଣ କରେ । ଗୋଟିଏ ବଗିଚା, ହତାର ଶୋଭାବର୍ଦ୍ଧନ କରୁଛି । ହତା ମଧ୍ୟରେ ପ୍ରଧାନଶିକ୍ଷକ ନିବାସ, ଦୁଇଜଣ ପିଅନନିବାସ, ଛାତ୍ରାବାସଗୃହ, ଆଠଟି ଶିକ୍ଷକ ନିବାସ ଅଛି ।

ଛାତ୍ରାବାସର ନିର୍ମାଣ ଅତ୍ୟନ୍ତ ଚିତ୍ତାକର୍ଷକ । ଏଥିରେ ସ୍ୱତନ୍ତ୍ର ରୋଷଶାଳା ପରିଚାଳକନିବାସ, ସଭାଗୃହ ଓ ବିଦ୍ୟାର୍ଥୀଭବନ ଅଛି ।

ବିଦ୍ୟାଳୟ ପରିସର ନିର୍ଦ୍ଦେଶ କରୁଛି ଏକ ପ୍ରସ୍ତର ପ୍ରାଚୀର । ସମଗ୍ର ହତା ମଧ୍ୟରେ ଛଅଟି କୂଅ ଅଛି । ବିଦ୍ୟାଳୟ ଦକ୍ଷିଣାମୁଖୀ । ତେଣୁ ମୁକ୍ତବାୟୁ ମିଳେ । ହତାମଧ୍ୟରେ ଭଲି, ଟେନିସ, ବାସ୍କେଟ, ଫୁଟବଲ ପାଇଁ ପ୍ରଶସ୍ତ ପଡ଼ିଆ ଅଛି । ଖେଳଚାଲିଥିବା ବେଳେ ଦର୍ଶକଙ୍କ ସୁବିଧା ନିମନ୍ତେ ପଥରର ଚୌକିମାନ ନିର୍ମାଣ କରାଯାଇଛି । ଜାତୀୟ ରାଜପଥରୁ ଦୁଇଟି ଓ ରାଜ୍ୟରାଜପଥରୁ ଗୋଟିଏ ରାସ୍ତା ବିଦ୍ୟାଳୟ ପ୍ରବେଶ ଦ୍ୱାରରୂପେ ବ୍ୟବହୃତ ହୁଏ ।

ଏହି ବିଦ୍ୟାଳୟଟି କେବଳ ମାଙ୍କଡ଼ା ପଥର ଓ ଲୁହା କଡ଼ିରେ ନିର୍ମିତ ବୋଲି ଭାବିବା ଠିକ୍ ହେବ ନାହିଁ । ଏହା ସମଗ୍ର ରାଜ୍ୟରେ ପ୍ରଥମ ଧରଣର ଶିକ୍ଷାନୁଷ୍ଠାନ । ଏଥିରୁ ବହୁବୁଦ୍ଧିଜୀବି ଉତ୍ପନ୍ନ ହୋଇ ଇତିହାସ, ଭୂଗୋଳ, ବିଜ୍ଞାନ ତଥା ରାଜନୀତିକୁ ଉଦ୍ଦୀମାନ୍ କରିବା ସଙ୍ଗେ ସଙ୍ଗେ ସମାଜର ସେବା କରିବାରେ ବ୍ରତୀ ଅଛନ୍ତି ।

ପ୍ରଧାନ ଶିକ୍ଷକ
ଦଧିମାଛ ଗାଡ଼ିଆ ହାଇସ୍କୁଲ
ଦଧିମାଛ ଗାଡ଼ିଆ
ଖୋର୍ଦ୍ଧା ୭୫୨୦୫୬



# ଖୋରଧା ଜିଲ୍ଲା ସମ୍ପର୍କରେ ସମ୍ୟକ ସୂଚନା

**ଶ୍ରୀ ରାଜକିଶୋର ଭାମ**

**ଖୋ**ରଧାକୁ ଏକ ଜିଲ୍ଲା ରୂପେ ଦେଖିବାର ସ୍ୱପ୍ନ ମୋପରି ବହୁ ସ୍ୱାଭିମାନୀ ଲୋକଙ୍କର ଥିଲା । ଖୋରଧା ନାମ ଉଚ୍ଚାରଣ କଲେ, ଖୋରଧାର ଐତିହାସିକ ପୃଷ୍ଠଭୂମି ଅବଲୋକନ କଲେ, ଖୋରଧାର ଗଜପତି ମହାରାଜା ଓ ପାଇକ ବାହିନୀର ରଣ କୌଶଳ ତଥା ଦେଶପ୍ରେମୀର ଗାଥା ଶୁଣିଲେ ପ୍ରତ୍ୟେକ ଓଡ଼ିଆ ଦେହରେ ଶିହରଣ ସୃଷ୍ଟି ହୁଏ । ଖୋରଧା ଗଡ଼ର ସୁରକ୍ଷା ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ସୁରକ୍ଷା, ଶ୍ରୀମନ୍ଦିରର ସୁରକ୍ଷା ଦିନେ ବହନ କରିଥିଲେ ଖୋରଧାର ଓଡ଼ିଆ ପାଇକ ବାହିନୀ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ । ସେତେବେଳେ ଖୋରଧା ଥିଲା ରାଜଧାନୀ । ବହୁ ଦୂର ଦୂରାନ୍ତରୁ ଲୋକମାନେ ଆସୁଥିଲେ ଖୋରଧା ଗଡ଼କୁ ଦେଖିବାକୁ । ଆଖପାଖରେ ଯେତେ ଗଡ଼ ଗଜପତିଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ତନ୍ମଧ୍ୟରେ ଖୋରଧା ଗଡ଼ ଥିଲା ମୁଖ୍ୟ ଓ ଶକ୍ତିଶାଳୀ ।

କାଳେ କାଳେ ଶିଖିମନାଇମାନଙ୍କ ଯୋଗୁ ଦେଶ ଖଣ୍ଡ ଖଣ୍ଡ ହୋଇଯାଇଛି ବା ଧ୍ୱଂସ ହୋଇଛି । ଖୋରଧା ରାଜ୍ୟର ମଧ୍ୟ ସେହିପରି ଘର ଭେଦୁଆଙ୍କ ଯୋଗୁ ଅକାଳରେ ପତନ ଘଟିଛି । ମୋଗଲ, ମରହଟ୍ଟା ଫିରିଙ୍ଗି ଶାସନ ପରେ ଖୋରଧା ବାସୀ ନିଜର ଦାୟିତ୍ୱତା ସ୍ୱାଭିମାନ ହରାଇ ବସିଥିଲେ । ସମୟ ହିଁ ବଳବାନ । ମହାତ୍ମାଗାନ୍ଧୀ, ପଣ୍ଡିତ ଗୋପବନ୍ଧୁ, ପ୍ରମୁଖ ଦେଶ ସେବକମାନେ ଫିରିଙ୍ଗି ରାଜତ୍ୱର ଶୋଷଣକୁ ବରଦାସ୍ତ କରି ପାରିଲେ ନାହିଁ ଦେଶକୁ ପରାଧୀନତାରୁ ମୁକ୍ତ କରିବାକୁ ଦେଶ ତମାମ ବିଦ୍ରୋହାଗ୍ନି ଜଳି ଉଠିଲା । କେତେ ଦେଶପ୍ରାଣ ଯୁବକ ଯୁବତୀ ସ୍ୱାଧୀନତା ଅଗ୍ନି କୁଣ୍ଡରେ ଝାସ ଦେଲେ । ଶେଷରେ "କର ବା ମର" ଓ ଭାରତ ଛାଡ଼ି ଚାଲିଯାଅ ବୋଲି ମହାତ୍ମାଗାନ୍ଧୀ ଡାକରା ଦେଲେ । ବ୍ରିଟିଶ ସରକାର ପ୍ରମାଦ ଗଣିଲେ । ସୁଭାଷ ବୋଷଙ୍କ ନେତୃତ୍ୱରେ ଭାରତ ପୂର୍ବପଟେ ଯୁଦ୍ଧବାଦ୍ୟ ବାଜି ଉଠିଲା । ବ୍ରିଟିଶ ସରକାର ବାଧ୍ୟ ହୋଇ କୂଟନୀତି ପ୍ରୟୋଗ କରି ଭାରତକୁ ଦୁଇଭାଗ କରି ଭାରତ ଓ ପାକିସ୍ତାନରେ ପରିଣତ କରି ନିଜ ଦେଶକୁ ଚାଲିଗଲେ । ଦୁଇଭାଇଙ୍କ ମଧ୍ୟରେ ରକ୍ତାକ୍ତ ଯୁଦ୍ଧ ଲଗାଇ ଦେଇଗଲେ ।

୧୯୪୭ରେ ଦେଶ ସ୍ୱାଧୀନ ହେଲା । ଦେଶରେ ଛୁଞ୍ଚି ତିଆରି କରିବାକୁ କାରଖାନା ନ ଥିଲା । ଭାରତବାସୀ ବହୁ ପରିଶ୍ରମ କରି ଦେଶକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ଦେଶ ଭାବରେ ଗଢ଼ି ତୋଳିଲେ । ଧୀରେ ଧୀରେ ଶିଳ୍ପର ପ୍ରତିଷ୍ଠା ହେଲା । ଦେଶବାସୀ ଆଶ୍ୱସ୍ତ ହେଲେ । ଦେଶର ଆଭ୍ୟନ୍ତରୀଣ ଅବସ୍ଥା ପ୍ରତି ଦୃଷ୍ଟି ଦେଇ ଭାଷାଭିତ୍ତିକ ପ୍ରଦେଶ, ଗଠନ କରାଗଲା ।

ଓଡ଼ିଶାରେ ଥିବା ସମସ୍ତ ଗଡ଼ଜାତକୁ ମିଶାଇ ପ୍ରଦେଶକୁ ସମୃଦ୍ଧ କରିବାପାଇଁ ସରକାର ପଦକ୍ଷେପ ନେଲେ । ଓଡ଼ିଶାରେ ମାତ୍ର ୧୩ ଗୋଟି ଜିଲ୍ଲା ଗଠନ ହୋଇଥିଲେ ମଧ୍ୟ ପ୍ରଶାସନିକ ସେବା ଲୋକମାନଙ୍କ ପାଖରେ ପହଞ୍ଚାଇବାପାଇଁ ୧୩ ଗୋଟି ଜିଲ୍ଲା ଯଥେଷ୍ଟ ନୁହେଁ ବୋଲି ସରକାର ଅନୁଭବ କଲେ । ଜିଲ୍ଲା ସଂଖ୍ୟା ବୃଦ୍ଧି କରିବାପାଇଁ ପଦକ୍ଷେପ ନେଲେ ।

୧୯୭୫ ମସିହାରେ ଜଷ୍ଟିସ୍ ରାଜକିଶୋର ଦାସଙ୍କ ନେତୃତ୍ୱରେ ଜିଲ୍ଲା ଗଠନ କରିବାପାଇଁ କମିଶନ ଗଠନ କରାଗଲା । ଜଷ୍ଟିସ୍ ଦାସ ଖୋରଧା ଗସ୍ତରେ ଆସିଥିବା ବେଳେ ଏନ.ଏ.ସି.ର କଉନସିଲର ମୁଁ ଥିଲି । ମୁଁ ଓଡ଼ିଶାରେ ବସ୍ତୁଗତ ଦରଦୀ ଏବଂ ଓଡ଼ିଆ ଭାଷାରେ ସରକାରଙ୍କ ସହ ଚିଠି ଆଦାନ ପ୍ରଦାନ କରୁଥିଲି । କମିଶନ ଜଷ୍ଟିସ୍ ଦାସଙ୍କୁ କଉନସିଲର ଭାବେ ସ୍ମାରକ ପତ୍ର ଦେଇ ଖୋରଧାକୁ ଏକ ଜିଲ୍ଲାରେ ପରିଣତ କରିବାକୁ ଅନୁରୋଧ କରିଥିଲି । ପୁରୀ ଜିଲ୍ଲାର ଲୋକସଂଖ୍ୟା ଓ ସୀମା ଦୃଷ୍ଟିରୁ ଏହାକୁ ଦୁଇଭାଗ କରିବାକୁ ଅନୁରୋଧ କରାଯାଇଥିଲା । ଜଷ୍ଟିସ୍ ଦାସ ଖୋରଧା ଲୋକଙ୍କ ଦାବିକୁ ଯୁକ୍ତିଯୁକ୍ତ ବୋଲି କହିଥିଲେ । କିନ୍ତୁ ଜିଲ୍ଲା ସଂଖ୍ୟା ବୃଦ୍ଧି ହୋଇ ପାରିଲା ନାହିଁ । ବହୁବାର ସରକାରଙ୍କ ପକ୍ଷରୁ ନୂତନ ଜିଲ୍ଲା ଗଠନପାଇଁ ଉଦ୍ୟମ ହୋଇଛି । ମାତ୍ର ତାହା କାର୍ଯ୍ୟକାରୀ ହୋଇପାରି ନାହିଁ ।

୧୯୯୦-୯୫ ବିଜୁ ବାବୁଙ୍କ ସରକାର ଓଡ଼ିଶାରେ ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କରି ଉଦ୍ୟମରେ ଓଡ଼ିଶାରେ ୧୩ ଟି ଜିଲ୍ଲାସ୍ଥଳେ ଖୋରଧାକୁ ମିଶାଇ ୩୦ ଟି ଜିଲ୍ଲା ଗଠନ ହୋଇଥିଲା । ମାତ୍ର ଦୁର୍ଭାଗ୍ୟର କଥା ଖୋରଧାରେ ଜିଲ୍ଲାର ସଦରମହକୁମା ସ୍ଥାପନ କରା ନ ଯାଇ ଭୁବନେଶ୍ୱରଠାରେ ସ୍ଥାପନ କରାଗଲା । ଯଦିଓ ଜିଲ୍ଲାର ନାମ ଖୋରଧା ରହିଲା । ଖୋରଧାକୁ ଏକ ଜିଲ୍ଲାଭାବରେ ଦେଖିବାପାଇଁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା । ଖୋରଧା, ବେଗୁନିଆ, ବୋଲଗଡ଼, ଟାଙ୍ଗି, ବାଣପୁର, ଜଟଣୀ ଆଦି ଅଞ୍ଚଳରେ ବାରମ୍ବାର ସଭା, ଶୋଭାଯାତ୍ରା, ବନ୍ଦ ଆଦି ପାଳନ ହୋଇଥିଲା । ସରକାର ଖୋରଧା ଜିଲ୍ଲା ଗଠନ କମିଟିର ଦାବି ମତେ ଖୋରଧା ଜିଲ୍ଲା ସିନା

ଗଠନ କରିଦେଲେ ମାତ୍ର ବଞ୍ଚକତା କରି ଭୁବନେଶ୍ୱରକୁ ସଦର ମହକୁମା କରିଦେଲେ ।

ଜିଲ୍ଲାଗଠନ କମିଟିର ସଭ୍ୟମାନେ ଉତ୍‌କ୍ଷିପ୍ତ ହୋଇ କଲିକତା ମାନ୍ଦ୍ରାସ ଟ୍ରଙ୍କ ରୋଡ଼ ବନ୍ଦ କଲେ ହଜାର ହଜାର ଟ୍ରକ, ବସ୍ ରାସ୍ତା ଉପରେ ପଡ଼ିରହିଲା । କମିଟିର ସଭ୍ୟମାନେ ବିଭିନ୍ନ ଅଞ୍ଚଳ ବାସୀଙ୍କ ସହଯୋଗରେ ନାହିଁ ନ ଥିବା ହରତାଳ ପାଳନ କଲେ । ଶିକ୍ଷାନୁଷ୍ଠାନ, ଶାସନ ବିଭାଗ, ବିଚାର ବିଭାଗ, ବ୍ୟବସାୟ ପ୍ରତିଷ୍ଠାନ ସମସ୍ତଙ୍କ ସହଯୋଗ ମିଳିଥିଲା । ଆନ୍ଦୋଳନରେ ଦଳମତ ନିର୍ବିଶେଷରେ ସମସ୍ତେ ଯୋଗ ଦେଇଥିଲେ ।

୧୯୯୫ ପରେ ସାଧାରଣ ନିର୍ବାଚନ ଆସିଲା । ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଖୋରଧା ସଭାରେ ଘୋଷଣା କଲେ ତାଙ୍କ ଦଳର ସରକାର ଆସିବା ଦିନ ହିଁ ଖୋରଧାରେ ଜିଲ୍ଲାର ସଦର ମହକୁମାର ପ୍ରତିଷ୍ଠା ହେବ । ତା ୧।୪।୧୯୯୩ରେ ଖୋରଧା ହୋଇଥିଲା, ତା ୧।୪।୯୫ରେ ଖୋରଧାରେ ସଦର ମହକୁମା ପ୍ରତିଷ୍ଠା ହେଲା ।

ଏହି ଆନ୍ଦୋଳନରେ ଯେଉଁ ଦେଶପ୍ରେମୀମାନେ ଭାଗ ନେଇଥିଲେ ସେମାନେ ଖୋରଧାବାସୀଙ୍କ ନମସ୍ୟ । ବିଶେଷକରି ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଖୋରଧାରେ ଜିଲ୍ଲାର ସଦର ମହକୁମା ପ୍ରତିଷ୍ଠା କରିଥିବାରୁ ସେ ସମସ୍ତଙ୍କର ଶ୍ରଦ୍ଧା ତଥା ସମ୍ମାନର ପାତ୍ର ହୋଇପାରିଥିଲେ ।

ଖୋରଧା ଜିଲ୍ଲା ଗଠନ କ୍ରିୟାନୁଷ୍ଠାନ କମିଟିରେ ବହୁ ସହଯୋଗୀ, କାୟିକ, ବାଚନି. ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ, ସହସ୍ରାଧିକ ଯୁବକ, ଛାତ୍ର, ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ଅବସର ପ୍ରାପ୍ତ କର୍ମଚାରୀ, ମହିଳା ଯୋଗଦେଇ ଜିଲ୍ଲାଗଠନ କରିବାପାଇଁ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିବାରୁ ସେମାନେ ଖୋରଧା ଜିଲ୍ଲାବାସୀଙ୍କର ନମସ୍ୟ ।

## ଖୋରଧା ଜିଲ୍ଲାର ଅବସ୍ଥିତି

ଖୋରଧା ଜିଲ୍ଲା ପ୍ରତିଷ୍ଠା ତା ୧।୪।୧୯୯୩

ଖୋରଧା ଜିଲ୍ଲାର ସଦର ମହକୁମା ପ୍ରତିଷ୍ଠା ତା ୧।୪।୧୯୯୫

ଭୌଗୋଳିକ ଅଞ୍ଚଳ - ୨୮୮୬.୫ ହଜାର ବର୍ଗ କିଲୋମିଟର

ଜଙ୍ଗଲ ଅଞ୍ଚଳ - ୮୭୧.୮୮ ହଜାର ବର୍ଗ କିଲୋମିଟର

ଚାଷ ଜମି - ୧୧୮.୮୭ ହଜାର ବର୍ଗ କିଲୋମିଟର

ଜଳସେଚିତ ଜମି - ୪୮.୪୯୯ ହଜାର ବର୍ଗ କିଲୋମିଟର

ମୋଟ ଲୋକସଂଖ୍ୟା - ୧୫.୦୯.୦୯୪ (୧୯୯୧ ଜନଗଣନା)

ପୁରୁଷ - ୭.୮୯.୩୩୪ ଲକ୍ଷ

ମହିଳା - ୭.୧୨.୬୮୦ ଲକ୍ଷ

ଆଦିବାସୀ ସଂଖ୍ୟା - ୨.୦୫.୦୦୦ ଲକ୍ଷ

ହରିଜନ ସଂଖ୍ୟା - ୨୨,୦୦୦ ହଜାର

ମୋଟ ଶିକ୍ଷିତ ସଂଖ୍ୟା - ୮.୭୨,୫୪୪ ଲକ୍ଷ

ପୁରୁଷ - ୫,୨୯,୩୪୩ ଲକ୍ଷ

ମହିଳା - ୩, ୪୩, ୨୦୧ ଲକ୍ଷ

ଲୋକ ସଭା ନିର୍ବାଚନ ମଣ୍ଡଳୀ-୨ ଭୁବନେଶ୍ୱର ଓ ଆଂଶିକ ପୁରୀ

ବିଧାନ ସଭା ନିର୍ବାଚନ ମଣ୍ଡଳୀ-୬ - ଖୋରଧା, ଭୁବନେଶ୍ୱର, ଜଟଣୀ, ବାଲିପାଟଣା ବେଗୁନିଆ, ଚିଲିକା,

ଉପଖଣ୍ଡ - ୨ ଖୋରଧା ଓ ଭୁବନେଶ୍ୱର

ବ୍ଲକ - ୧୦ ଖୋରଧା, ବେଗୁନିଆ, ବୋଲଗଡ଼, ଟାଙ୍ଗି, ଚିଲିକା, ବାଣପୁର, ଭୁବନେଶ୍ୱର, ବାଲିଅନ୍ତା, ବାଲିପାଟଣା, ଜଟଣୀ

ଗ୍ରାମପଞ୍ଚାୟତ ସଂଖ୍ୟା-୧୫୩.

ରାଜସ୍ୱ ଗ୍ରାମ.......୧୬୧୯

ମହାନିଗମ......... ୧.ଭୁବନେଶ୍ୱର

ବିଜ୍ଞାପିତ ଅଞ୍ଚଳ ପରିଷଦ....୪.ଖୋରଧା, ଜଟଣୀ, ବାଲୁଗାଁ, ବାଣପୁର

| | |
|---|---|
| ପୋଲିସ ଥାନା.... | ୨୧ |
| ଅଗ୍ନିସେବାଶମ | ୫ |
| ଜେଲଖାନା | ୨ |
| ମହାବିଦ୍ୟାଳୟ | ୧୫ |
| ମାଧ୍ୟମିକ ଶିକ୍ଷା ବିଦ୍ୟାଳୟ | ୧୩୭ |
| ମଧ୍ୟ ଇଂରାଜୀ ବିଦ୍ୟାଳୟ | ୩୮୨ |
| ପ୍ରାଥମିକ ବିଦ୍ୟାଳୟ | ୧୧୯୧ |
| ଡାକ୍ତରଖାନା | ୭ |
| ସହାୟକ ଡାକ୍ତରଖାନା | ୧୭ |
| ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅତିରିକ୍ତ | |
| ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର | ୩୦ |
| ପଶୁ ଡାକ୍ତରଖାନା | ୧୯ |
| ହୋମିଓ ପ୍ୟାଥିକ ଡାକ୍ତରଖାନା | ୨୩ |
| ଆୟୁର୍ବେଦିକ ଡାକ୍ତରଖାନା.... | ୧୭ |
| କର୍ମଯୋଗାଣ ସଂସ୍ଥା- | ୨ |
| ଅନୁସୂଚିତ ବାଣିଜ୍ୟ ବ୍ୟାଙ୍କ | ୧୪୮ |
| ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ- | ୩୬ |
| ଡାକସେବା କାର୍ଯ୍ୟାଳୟ- | ୨୯୦ |

ଦର୍ଶନୀୟ ସ୍ଥାନ- ତରୁଣାସ, ଅତ୍ରୀ, ଧବଳେଶ୍ୱର, କାଇପଦର ଗୁଡ଼ଖଣ୍ଡପୁର ଛତ୍ରତାରା, ଚିଲିକା, ବାଣପୁର ଭଗବତୀ ଓ ପ୍ରଜାପତି ମନ୍ଦିର, ଭୁବନେଶ୍ୱର, ଖଣ୍ଡଗିରି, ଉଦୟଗିରି, ଧଉଳୀ, ନନ୍ଦନ କାନନ, ରାଜରାଣୀ ମନ୍ଦିର ଲିଙ୍ଗରାଜ ମନ୍ଦିର, କେଦାର ଗୌରୀ, ଇତ୍ୟାଦି ସହ ଖୋରଧା ଗଡ଼ର ଭଗ୍ନାବଶେଷ ।

ସମାଜ ପ୍ରତିନିଧି, ଖୋରଧା



# ଖୋର୍ଦ୍ଧା ଅଞ୍ଚଳର ପତ୍ରପତ୍ରିକା

**ଶ୍ରୀ ଜବାହାରଲାଲ ସୁବୁଦ୍ଧି**

ସ୍ମୃତି ବିଜଡ଼ିତ ଅତୀତ ଇତିହାସ ହେଉଛି ମନୁଷ୍ୟର ସବୁଠାରୁ ପ୍ରିୟ । ମନୁଷ୍ୟ ତାର ଜନ୍ମଦିନକୁ ଯେଉଁଳି ଭଲପାଏ, ଅନୁରୂପ ଭାବରେ ସେ ତା'ର ଅଞ୍ଚଳର, ଜାତିର, ଦେଶର ଜନ୍ମ ଇତିହାସ ଶୁଣିବାକୁ ଓ ଜାଣିବାପାଇଁ ଉଲ୍ଲସିତ ହୁଏ । ଏଇ ଅବସରରେ ସମ୍ବାଦପତ୍ର ଓ ପତ୍ରପତ୍ରିକାର ଜନ୍ମ । ଇତିବୃତ୍ତ ଓ ଏହାର ବିକାଶ ସମ୍ପର୍କରେ ଆମମାନଙ୍କର ଜାଣିବା ପାଇଁ ଆଗ୍ରହ ବଢ଼େ । ସମ୍ବାଦପତ୍ର ଷୋଡ଼ଶ ଶତାବ୍ଦୀରେ ୟୁରୋପୀୟ ଦେଶମାନଙ୍କ ମଧ୍ୟରେ ସର୍ବପ୍ରଥମେ ଇଟାଲୀର 'ଭେନିସ' ସହରରେ ପ୍ରକାଶିତ ହୋଇଥିଲା । ଆମ ଭାରତବର୍ଷରେ ୧୭୮୧ ଖ୍ରୀଷ୍ଟାବ୍ଦରେ କଲିକତାରୁ ପ୍ରକାଶିତ 'ବେଙ୍ଗଲ ଗେଜେଟ' ହିଁ ପ୍ରଥମ ସମ୍ବାଦପତ୍ର ।

୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଅଧିକାଂଶ ଅଞ୍ଚଳ ବ୍ରିଟିଶ ଶାସନର ଅଧୀନ ହେଲା । ସେହି ସମୟଠାରୁ ବ୍ରିଟିଶ ଭାରତରେ ଏବଂ ସ୍ୱାଧୀନ ଭାରତର ଶାସନରେ ଓଡ଼ିଶା ଓ ଓଡ଼ିଆଭାଷୀ ଅଧିବାସୀ ଯେଉଁ ଦୁଃଖ, ଦୁର୍ଦ୍ଦଶା, ନୈରାଶ୍ୟ ଓ ଉଦ୍ୟମ ମଧ୍ୟରେ ଗତିକରି ବର୍ତ୍ତମାନ ଅବସ୍ଥାରେ ଉପନୀତ ହୋଇଛନ୍ତି ସେହି ଇତିହାସର କିୟଦଂଶ ଆମେ ବିଭିନ୍ନ ପତ୍ରପତ୍ରିକାରୁ ପାଇପାରୁଛୁ । ଖ୍ରୀ ୧୮୩୭ରେ ମିଶନାରୀଙ୍କ ଦ୍ୱାରା କଟକରେ ସ୍ଥାପିତ ମୁଦ୍ରାଯନ୍ତ୍ରରୁ ପ୍ରକାଶିତ 'ଜ୍ଞାନାରୁଣ' ପତ୍ରିକା ପ୍ରମୁଖ ଧର୍ମପ୍ରଚାର ଉଦ୍ଦେଶ୍ୟରେ ପ୍ରକାଶିତ ହୋଇଥିଲା । ଏହାର ବହୁପୂର୍ବରୁ ବୌଦ୍ଧର ନିକଟବର୍ତ୍ତୀ କୁମ୍ଭାରର ମଠର ସାଧୁ ସୁନ୍ଦର ଦାସ 'କୁଜୀବର ପତ୍ର' ନାମରେ ତାଳପତ୍ରରେ ଓ 'ହରିତାଳି' କାଗଜରେ ହାତରେ ଲେଖା ଗୋଟିଏ ସମ୍ବାଦପତ୍ର ପ୍ରକାଶ କରିଥିଲେ । ଏହାପରେ ୧୮୬୬ ଅଗଷ୍ଟ ମାସରୁ ପ୍ରକାଶିତ 'ଉତ୍କଳ ଦୀପିକା' ସମ୍ବାଦପତ୍ରଠାରୁ ଆରମ୍ଭ କରି ଏଯାବତ୍ ପ୍ରକାଶିତ ତଥା ସମ୍ପ୍ରସାରିତ ଶତାଧିକ ପତ୍ରପତ୍ରିକା ସମ୍ବାଦପତ୍ର ହିଁ ଓଡ଼ିଶାର ଜାତୀୟ ଜୀବନର ଐତିହାସିକ ଉପାଦାନର ଏକମାତ୍ର ମୂଳଉତ୍ସ ।

ଓଡ଼ିଶାର ବିକାଶରେ ପତ୍ରପତ୍ରିକାର ପ୍ରଭାବ ଅବସରରେ ଖୋର୍ଦ୍ଧା ଅଞ୍ଚଳରେ ପ୍ରକାଶିତ ପତ୍ରପତ୍ରିକାର ଆଲୋଚନା କରାଯିବା ଆବଶ୍ୟକ । ଖୋର୍ଦ୍ଧା ହେଉଛି ଓଡ଼ିଶାର ଏକ ମୁଖ୍ୟ ତଥା ଗୌରବୋଜ୍ଜ୍ୱଳ ଅଞ୍ଚଳ । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଖୋର୍ଦ୍ଧା ଜିଲ୍ଲାର ଅନ୍ତର୍ଭୁକ୍ତ । ଭୌଗୋଳିକ ଦୃଷ୍ଟିକୋଣରୁ ପଡ଼ୋଶୀ ଭାଷା ପ୍ରଭାବରୁ ମୁକ୍ତଥିବାରୁ ଖୋର୍ଦ୍ଧା ଅଞ୍ଚଳର ଭାଷା ସ୍ୱାଧୀନ ଓଡ଼ିଆ ଭାଷାର ମର୍ଯ୍ୟାଦା ଲାଭ କରିଛି । ଐତିହାସିକ ଦୃଷ୍ଟିକୋଣରୁ ଖୋର୍ଦ୍ଧା ହେଉଛି ବୀରଭୂମି । ଇଂରେଜମାନେ ଭାରତବର୍ଷର ସମସ୍ତ ଅଞ୍ଚଳ ତଥା ସମସ୍ତ ଦୁର୍ଗ ଅଧିକାର କଲେ ମଧ୍ୟ ଖୋର୍ଦ୍ଧା ରାଜ୍ୟକୁ ତଥା ଖୋର୍ଦ୍ଧାର ଦୁର୍ଗକୁ ଦଖଲ କରିବା ବଡ଼ କଷ୍ଟକର ହୋଇଥିଲା । ଖୋର୍ଦ୍ଧାଗଡ଼ ହେଉଛି ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗ । ଖୋର୍ଦ୍ଧାର ଗର୍ବ ଓ ଗୌରବର ଦାୟାଦ ବୀର ବକ୍ସୀ ଜଗବନ୍ଧୁ ବିଦ୍ୟାଧର ଆମର ମହାନ୍ ଦେଶ ଭାରତବର୍ଷର ସ୍ୱାଧୀନତା ଅକ୍ଷୁଣ୍ଣ ରଖିବାପାଇଁ ଜୀବନଦାନ କରି ଜଣେ ମହାନ୍ ବିପ୍ଳବୀ ରୂପେ ଇତିହାସରେ ସ୍ଥାନ ପାଇଛନ୍ତି । ଖୋର୍ଦ୍ଧା ଅଞ୍ଚଳ ତଥା ଏହାର ଚତୁଃପାର୍ଶ୍ୱର ଅଞ୍ଚଳର ମହାନ୍ ଦେଶପ୍ରେମୀ ସ୍ୱାଧୀନତା ସଂଗ୍ରାମୀ ଯଥା - ଭାପଙ୍ଗଗଡ଼ର ଦଳବେହେରା, ବଦକା ଅଞ୍ଚଳର ପିଣ୍ଡକୀ ବାହୁବଳେନ୍ଦ୍ର, ଶହୀଦ ଦିବାକର ପ୍ରମୁଖ ଦେଶମାତୃକାର ମୁକ୍ତି ପାଇଁ ଯୁଦ୍ଧ କରି ଶେଷରେ ଜୀବନଦାନ କରିଯାଇଛନ୍ତି, ଯାହାଙ୍କର ଇତିହାସ ବିଭିନ୍ନ ପତ୍ରପତ୍ରିକା ଓ ଇତିହାସ ପୁସ୍ତକରେ ବର୍ଣ୍ଣିତ ।

ଖୋର୍ଦ୍ଧା ଅଞ୍ଚଳରେ ଆଜିଯାଏ ଯେଉଁ କେତେକ ପତ୍ରପତ୍ରିକା ପ୍ରକାଶିତ ହୋଇଆସୁଛି ତଥା ଖୋର୍ଦ୍ଧା ଅଞ୍ଚଳର ବିକାଶରେ ସହାୟକ ହୋଇଛି, ତାହାର ଇତିବୃତ୍ତ ନିମ୍ନରେ ସୂଚିତ ।

୧- ଅମୃତ- ସମ୍ପାଦକ- ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

ଏହା ଏକ ହାତଲେଖା ପତ୍ରିକା ।

୨- ସନ୍ତକ- ସମ୍ପାଦକ ଶ୍ରୀ ସୁବୋଧ କୁମାର ଚାଟାର୍ଜୀ

୩- ଖୋର୍ଦ୍ଧା ସମାଚାର- ସମ୍ପାଦକ- ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିତ୍ର

ପ୍ରକାଶନକାଳ- ୧୯୬୧ରୁ ୧୯୬୨ ମସିହା । ମାସିକପତ୍ରିକା । ଖୋର୍ଦ୍ଧା ସମାଚାରରେ ଲେଖକମାନେ ହେଲେ ଦୁର୍ଯ୍ୟୋଧନ ଚୌହାନ, ଅବନୀ କୁମାର ବରାଳ, ହୁଳୁ ମହାନ୍ତି (ଛଦ୍ମନାମରେ), ଲକ୍ଷ୍ମୀନାରାୟଣ ରାୟସିଂହ, ଅଭୟ ସାହୁ, ସମ୍ପାଦକ- ପୂର୍ଣ୍ଣଚନ୍ଦ୍ର ମିତ୍ରଙ୍କ ସ୍ୱଲେଖା ମଧ୍ୟ ପ୍ରକାଶିତ ।

୪- ମୁକ୍ତଶାଳା- ସମ୍ପାଦକ- ଶ୍ରୀ ଅବନୀ କୁମାର ବରାଳ

ସହ ସମ୍ପାଦକ ତଥା ପ୍ରକାଶକ ଶ୍ରୀ ଲକ୍ଷ୍ମୀନାରାୟଣ ରାୟସିଂହ ।

୫- ଉତ୍କଳ ସମାଚାର- ସମ୍ପାଦକ- ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିତ୍ର ।

ଖୋର୍ଦ୍ଧା ସମାଚାର ପ୍ରକାଶ ବନ୍ଦ କରି ଉତ୍କଳ ସମାଚାର ପ୍ରକାଶ

କଲେ । ପ୍ରକାଶକ କାଳ ୧୯୬୩ । ଏହା ପାକ୍ଷିକ ଭାବେ ପ୍ରକାଶିତ । ଏଥିରେ ଅକ୍ଷୟ ସାହୁଙ୍କ କବିତା, ବି.ସି. ସାମନ୍ତ, ଅବନୀ କୁମାର ବରାଳ, ଲକ୍ଷ୍ମୀନାରାୟଣ ରାଉସିଂହ, ଟୁକୁ ମହାନ୍ତି ଓ ସମ୍ପାଦକଙ୍କ ଲେଖା ପ୍ରକାଶ ହେଉଥିଲା ।

୬- ଖୋରଧା ବୁଲେଟିନ୍- ସମ୍ପାଦକ- ଟୁକୁ ମହାନ୍ତି ।

ପ୍ରକାଶନ ସମୟ- ୧୯୭୮ । ଏହା ଏକ ମାସିକ ଗ୍ରାମ୍ୟ ଖବରକାଗଜ । ଏହାର ପ୍ରତିଖଣ୍ଡର ମୂଲ୍ୟ ଏକ ଟଙ୍କା । ଏହାର ୨ୟ ବର୍ଷ ଅର୍ଥାତ୍ ଅଗଷ୍ଟ ୧୯୭୯ ସଂଖ୍ୟାରେ ସମୁଦାୟ ୨୪ ପୃଷ୍ଠାରେ ଅନେକ ଲେଖା ପ୍ରକାଶ ପାଇଛି, ଯଥା- ଗ୍ରାମ୍ୟ ଖବରକାଗଜ ମାନଙ୍କୁ ଶ୍ରୀଚରଣ ସିଂହଙ୍କ ପରାମର୍ଶ, ପଲ୍ଲୀ ବିକାଶ ଅଭିଯାନର ନୂତନ ଆଭିମୁଖ୍ୟ, ଖୋର୍ଦ୍ଧାରୋଡ଼- ବଲାଙ୍ଗୀର ରେଳ ଲାଇନ ପାଇଁ ସ୍ମାରକପତ୍ର, ଖୋରଧା ଗୋପବନ୍ଧୁ ହସ୍ପିଟାଲର ଉନ୍ନତି ଖୋରଧା ଭୂ-ଉନ୍ନୟନ ବ୍ୟାଙ୍କ ହାଲ, ଗ୍ରାମ୍ୟ ଯୁବକ ଯୁବତୀମାନେ ଚାକିରି ମନୋବୃତ୍ତି ଛାଡ଼ି ଅର୍ଥକାରୀ ଯୋଜନାରେ ମନୋନିବେଶ କରନ୍ତୁ । ସମ୍ପାଦକଙ୍କ ଏକ ଉପାଦେୟ ଲେଖା ''ଗ୍ରାମବାସୀ ତଥା ଗ୍ରାମାଞ୍ଚଳର ଉନ୍ନୟନ ପାଇଁ ଗ୍ରାମ୍ୟ ପତ୍ରିକାର ଗୁରୁତ୍ୱ'', ଖୋରଧା ସବ-ଡିଭିଜନରେ ଗ୍ରାମାଞ୍ଚଳର ଉନ୍ନତି ପାଇଁ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମକୁ ବ୍ୟାଙ୍କମାନଙ୍କ ବାଧା, ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଏକ ପ୍ରହସନ, ଖୋରଧାରେ ମହିଳା କଲେଜ ସ୍ଥାପନ ଉଦ୍ୟମ, ମାସିକ ପତ୍ରିକା 'ମହକ' ସମ୍ପର୍କରେ ମତାମତ, ଖାଦ୍ୟଶସ୍ୟର ଦରଦାମ ସମ୍ପର୍କୀୟ ପ୍ରଭୃତି ତଥ୍ୟ ପ୍ରକାଶିତ ହୋଇଛି ।

ଏତଦ୍‌ଭିନ୍ନ ଟୁକୁ ବାବୁଙ୍କର କଲିକତାରୁ ପ୍ରକାଶିତ ମାସିକ ''ଶିଳ୍ପ ଓ ବାଣିଜ୍ୟ ପତ୍ରିକା'' ଓ ଭୁବନେଶ୍ୱରରୁ ମାସିକ ''ରାଜଧାନୀ ସମାଚାର'' ପ୍ରକାଶିତ ହେଉଥିଲା ।

୭- କସ୍ତୁରୀ- ଖୋର୍ଦ୍ଧା ସାହିତ୍ୟ ସଂସଦର ମୁଖପତ୍ରର ନାମ କସ୍ତୁରୀ । ଖୋର୍ଦ୍ଧାପରି ଏକ ଐତିହ୍ୟ ଓ ପରମ୍ପରାପୂର୍ଣ୍ଣ ସହରର ସୁସ୍ଥ ସାହିତ୍ୟିକ ଆବହାୱା ସୃଷ୍ଟି କରିବା ଲକ୍ଷ୍ୟ ନେଇ ୧୯୮୫ ମସିହାରୁ ଅଦ୍ୟାବଧି କସ୍ତୁରୀ ପତ୍ରିକା ପ୍ରକାଶ ହୋଇଆସୁଛି । ଏହି ସାହିତ୍ୟ ସଂସଦ ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପର୍ବପର୍ବାଣୀ ଯଥା- ଉତ୍କଳ ଦିବସ, ସ୍ୱାଧୀନତା ଓ ଗଣତନ୍ତ୍ର ଦିବସ, ବସନ୍ତ ଉତ୍ସବ, ଯୁବ ଲେଖକ ସମ୍ମିଳନୀମାନ କରି ଆସୁଅଛି । ୧୯୯୬ରେ ଦୁଇଟି ବିଶେଷାଙ୍କ ଯଥା- ବାସନ୍ତିକ ବିଶେଷାଙ୍କ ଓ ଶାରଦୀୟ ବିଶେଷାଙ୍କ ପ୍ରକାଶ କରିସାରିଛି । ବାସନ୍ତିକ ବିଶେଷାଙ୍କରେ ସଭାପତି ତଥା ସମ୍ପାଦକ ଥିଲେ ଶିଶୁ ସାହିତ୍ୟିକ ରମେଶଚନ୍ଦ୍ର ଭଞ୍ଜ । ଏଥିରେ ମୋଟ ବାଇଶିଟି ସାହିତ୍ୟ ସମ୍ଭାର ମଧ୍ୟରୁ ପ୍ରାବନ୍ଧିକ ତଥା ସାହିତ୍ୟିକ ମୁରଲିଧର ପ୍ରଧାନଙ୍କ 'ବସନ୍ତ ଉତ୍ସବ' ପ୍ରବନ୍ଧଟି ଉଚ୍ଚକୋଟୀର । ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ରଙ୍କ ''ଓଡ଼ିଆ ଶିଶୁ ସାହିତ୍ୟିକ ଖୋରଧାର ଅବଦାନ'', ଅଧକ୍ଷ ବୃନ୍ଦାବନ ପଣ୍ଡାଙ୍କ 'ମନୁ ସଂହିତାରେ ଦଣ୍ଡ ବ୍ୟବସ୍ଥା', ସଂସଦର ସଭାପତି ରାଜକିଶୋର ରାମଙ୍କ 'ଶିକ୍ଷାପ୍ରେମୀ ଗୋପବନ୍ଧୁ', ଅଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ପିତର 'ତରୁଣାଇର ପ୍ରତ୍ନତାତ୍ତ୍ୱିକ ବିଭବ' ତଥ୍ୟଭିତ୍ତିକ ହୋଇଛି ।

୮- ଭାବଭୂମି- ସମ୍ପାଦକ- ଶ୍ରୀ ବୈକୁଣ୍ଠନାଥ ମହାପାତ୍ର

୯- ଫୁଲବାଇଦ- ସମ୍ପାଦକ- ଶ୍ରୀ ଦୟାନିଧି ରାଉତରାୟ

୧୦- ମହକ- ସମ୍ପାଦକ- ଶ୍ରୀ ସୁକାନ୍ତ କୁମାର ବଡ଼ଜେନା

ପରବର୍ତ୍ତୀ ଅବସ୍ଥାରେ ଏହି 'ମହକ' ସାହିତ୍ୟିକ ପତ୍ରିକାର ସମ୍ପାଦକ ଭାବେ ଶ୍ରୀ ବଂଶୀଧର ରାଉତ ଦାୟିତ୍ୱ ନେଇ ଅଦ୍ୟାବଧି ପ୍ରକାଶ ଅବ୍ୟାହତ ରଖି ଖୋର୍ଦ୍ଧାର ଏକ ନୂତନ ସାହିତ୍ୟିକ ପରମ୍ପରା ସୃଷ୍ଟି କରଇଛନ୍ତି । 'ମହକ' ଶାରଦୀୟ ବିଶେଷାଙ୍କ ୧୯୯୬ରେ ଦୁଇଟି ଉପନ୍ୟାସ, ଉଣେଇଶଟି କ୍ଷୁଦ୍ରଗଳ୍ପ, ଗୋଟିଏ ଅନ୍ତରଙ୍ଗ ଆଳାପ ପ୍ରକାଶ ପାଇଛି । ପ୍ରକାଶକ- ରାଧା ପ୍ରକାଶନୀ, ଖୋର୍ଦ୍ଧା । 'ମହକ' ପତ୍ରିକା ସମ୍ପର୍କରେ ଖୋରଧା ବୁଲେଟିନର ସମ୍ପାଦକ ଟୁକୁ ମହାନ୍ତି ଅଗଷ୍ଟ- ୧୯୭୯ ସଂଖ୍ୟାରେ ମତାମତ ଦେଇଛନ୍ତି- ''ଏହା ଆନନ୍ଦ ଓ ଗର୍ବର ବିଷୟ ଯେ ଜଣେ ମହିଳା ଓ ତାଙ୍କର କର୍ମରତ ସ୍ୱାମୀଙ୍କ ସହଯୋଗରେ ଏ ପତ୍ରିକାଟି ଧାରାବାହିକ ଭାବେ ପ୍ରକାଶ ପାଉଆସୁଛି । ବିଭିନ୍ନ ରୁଚିର ପାଠକ ପାଠିକା ମାନଙ୍କ ପାଇଁ ଭିନ୍ନ ଭିନ୍ନ ସ୍ୱାଦର ଲେଖାମାନ ପ୍ରକାଶ ପାଉଛି । ଆସ୍ତେ ଆସ୍ତେ ଓଡ଼ିଶାର ବିଶିଷ୍ଟ ଲେଖକମାନେ ଏ ପତ୍ରିକା ପ୍ରକାଶକଙ୍କ ଉଦ୍ୟମ ଅବ୍ୟାହତ ରଖିବା ପାଇଁ ଲେଖାମାନ ପଠାଇବାକୁ ଆରମ୍ଭ କରିଛନ୍ତି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଆଦର ଦିନକୁ ଦିନ ବୃଦ୍ଧି ପାଉଛି ।''

୧୧- ପଲ୍ଲୀରେଣୁ- ସମ୍ପାଦକ- ଶ୍ରୀ କୈଳାସଚନ୍ଦ୍ର ମହାରଣା

ପଲ୍ଲିଶ୍ରୀ ସାହିତ୍ୟ ସଂସଦ ମୁଖପତ୍ର ।

୧୨- ବେଳା- ସମ୍ପାଦକ- ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ

ଏହା ଏକ ଉଚ୍ଚମାନର ସାହିତ୍ୟିକ ପତ୍ରିକା ।

୧୩- ପ୍ରତିଧ୍ୱନି- ସମ୍ପାଦକ- ଶ୍ରୀ ରାଜକିଶୋର ରାମ, ଖୋର୍ଦ୍ଧା

୧୪- ଖୋଲା ଆକାଶ- ସମ୍ପାଦକ- ଶ୍ରୀ ରମେଶଚନ୍ଦ୍ର ଭଞ୍ଜ

ଏହା ୧୯୯୩ ମସିହାରେ ଶ୍ରୀନିବାସ ପ୍ରିଣ୍ଟର୍ସ, ସାମନ୍ତରାପୁରଙ୍କ ଦ୍ୱାରା ପ୍ରକାଶିତ ହୋଇ ଖୋର୍ଦ୍ଧା ଅଞ୍ଚଳର ଏକ ପ୍ରଗତିଶୀଳ ମାସିକ ଶିଶୁ-କିଶୋର ପତ୍ରିକା ଭାବେ ଚହଳ ପକାଇଥିଲା । ଏହାର ବିଶେଷତ୍ୱ ଥିଲା ଯେ ଏହା ଏକ ନିର୍ଭୁଲ ଶିଶୁ ପତ୍ରିକା । କିନ୍ତୁ ଦୁଃଖର କଥା ଏହା ଦ୍ୱିତୀୟ ବର୍ଷରେ ହଠାତ୍ ବନ୍ଦ ହୋଇଗଲା । ଖୋର୍ଦ୍ଧାଭଳି ଏକ ଐତିହ୍ୟପୂର୍ଣ୍ଣ ସ୍ଥାନରେ କୌଣସି ସହୃଦୟ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ମାସିକ ଶିଶୁ ପତ୍ରିକା ପ୍ରକାଶନର ଯଥେଷ୍ଟ ଆବଶ୍ୟକତା ରହିଛି ।

୧୫- ସୂର୍ଯ୍ୟ-ସଂପାଦକ ବଳରାମ ଲେଙ୍କା । ଏହା ଖୋର୍ଦ୍ଧାରୁ ସାପ୍ତାହିକ ପତ୍ରିକା ଭାବେ ସତର ବର୍ଷ ଧରି ପ୍ରକାଶିତ ହୋଇଆସୁଛି ।

୧୬- ପଲ୍ଲୀ ପ୍ରତିଭା- ଖୋର୍ଦ୍ଧାର ନିକଟବର୍ତ୍ତୀ ପଦ୍ମମାଣତୀର ଗ୍ରାମରେ

ଶ୍ରୀ ବଳରାମ ଭଞ୍ଜସିଂହଙ୍କ ଦ୍ୱାରା ୧୯୮୩ ମସିହାରେ ପ୍ରତିଭା ସାହିତ୍ୟ ସଂସଦ ପ୍ରତିଷ୍ଠିତ । ଏହି ପ୍ରତିଭା ସାହିତ୍ୟ ସଂସଦର ମୁଖପତ୍ର 'ପଲ୍ଲୀ ପ୍ରତିଭା' ପ୍ରକାଶିତ ହୋଇଆସୁଛି । ଏହି ସଂସଦ ଅଦ୍ୟାବଧି ଖୋର୍ଦ୍ଧାର ଚତୁଃପାର୍ଶ୍ୱ ସ୍ଥାନ ଯଥା- ବେଗୁନିଆ, କଳାପଥର, ପଣ୍ଡାକମ୍, ଗେଡ଼ିଆପଲ୍ଲୀ, ସିମର, ଢାକତୋଳା, ଗଡ଼ମାଣତାର, କୁମାରବସ୍ତ ପ୍ରଭୃତି ଗ୍ରାମରେ କବିତା ପାଠୋତ୍ସବ, ଭ୍ରାମ୍ୟମାଣ ସାହିତ୍ୟ ସଭା ଅନୁଷ୍ଠିତ କରାଇ ବହୁ ନୂତନ ଲେଖକ ସୃଷ୍ଟି କରାଇପାରିଛି । ଏହି ସଂସଦର ୧୯୯୩ ଡିସେମ୍ବର ମାସରେ 'ପଲ୍ଲୀ ପ୍ରତିଭା' ପତ୍ରିକାରେ ୨୫ଟି କବିତା, ୩ଟି ପ୍ରବନ୍ଧ, ୧ଟି ଗଳ୍ପ ପ୍ରକାଶିତ ହୋଇଛି । କବିତା ବିଭାଗରେ କବି ଯଜ୍ଞେଶ୍ୱର ବହଳସିଂହଙ୍କ ବ୍ୟଥିତ ମନର ପ୍ରତିବାଦ, ପ୍ରବନ୍ଧ ବିଭାଗରେ ଦାଶରଥି ଦାଶଙ୍କ ''ଗ୍ରାମାଞ୍ଚଳରେ ସାହିତ୍ୟିକ ଚେତନା ଜାଗ୍ରତ କରିବାରେ ପ୍ରତିଭା ସଂସଦର ଭୂମିକା'' ଶୀର୍ଷକ ଲେଖାମାନ ଉଲ୍ଲେଖଯୋଗ୍ୟ ।

୧୭- ଚିହ୍ନ- ଜଟଣୀ (ଖୋର୍ଦ୍ଧାରୋଡ଼) ସାହିତ୍ୟ ସଂସଦର ମୁଖପତ୍ରର ନାମ 'ଚିହ୍ନ' । ଏହି ଚିହ୍ନ ପତ୍ରିକା ପ୍ରକାଶିତ ହୋଇ ଜଟଣୀ ଅଞ୍ଚଳର ଏକ ସାହିତ୍ୟିକ ପରମ୍ପରା ସୃଷ୍ଟି କରିପାରିଛି ।

୧୮- ଯୁବବାଣୀ- ସମ୍ପାଦକ- ଶ୍ରୀ ନିରଞ୍ଜନ ସ୍ୱାଇଁ ।

ଗୋଲବାଇ ଗ୍ରାମରୁ ସଂଗ୍ରାମୀ ଯୁଥ୍ ଫେଡ଼େରେସନ ଦ୍ୱାରା ଦାଃ-୯-୯୬ ରିଖରୁ ମାସିକ ସମାଚାରପତ୍ର ନିୟମିତ ପ୍ରକାଶିତ ହୋଇଆସୁଛି । ଏହାର ଦ୍ୱିତୀୟ ସଂଖ୍ୟା ଅକ୍ଟୋବର ୧୯୯୬ରେ ସରକାରୀ ସୁବିଧା ସୁଯୋଗ ଯଥା- ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଇନ୍ଦିରା ଆବାସ ଗୃହ, ଗ୍ରାହକ ଋଣ, କିରୋସିନ ମାରାଣରେ ଯୋଗାଣ ଇତ୍ୟାଦତଦି, କବିତା ସ୍ତମ୍ଭ ମଧ୍ୟରୁ ପିତବାସ ଆଚାର୍ଯ୍ୟଙ୍କ ଶରତ ଆଗମନେ, ଶ୍ରୀ ଲକ୍ଷ୍ମୀଧର ପୃଷ୍ଟିଙ୍କ କୃଷି ସୂଚନା, ଅଭିନନ୍ଦନ, କୃତଜ୍ଞତା, ବିଶେଷ ସୂଚନା, ଅନୁରୋଧ ତଥା ମହତଲୋକଙ୍କ ବାଣୀ ପ୍ରକାଶିତ ।

୧୯- ଅନୁରୂପା- ସମ୍ପାଦକ- ସୂର୍ଯ୍ୟ ମିଶ୍ର,

ଅନୁରୂପା ସୃଜନର ସ୍ୱାଗତିକା: ସଂସ୍କୃତିର ପାଦଟୀକା । ଏହା ଏକ ତ୍ରୈମାସିକ ପତ୍ରିକା । ଏହାର ୧୯୯୬ ପ୍ରଥମବର୍ଷ ଦ୍ୱିତୀୟ ସଂଖ୍ୟା, ପୂଜା ସଂଖ୍ୟା ଭାବେ ପ୍ରକାଶ ପାଇଛି । ଏଥିରେ ସମ୍ପାଦକୀୟ ସହିତ ଚବିଶଟି ଗଳ୍ପ ତେତିଶଟି କବିତା, ଚାରୋଟି ନିବନ୍ଧ, ଦୁଇଟି ଦୀକ୍ଷା, ଗୋଟିଏ ଘଟଣା, ଦୁଇଟି ଆଳାପ, ସାତୋଟି ଚିଠିର ସହିତ ଶେଷପୃଷ୍ଠା ପ୍ରକାଶିତ ହୋଇଛି । ସମ୍ପାଦକୀୟରେ ଆଜିର ସମାଜରେ ପୂଜାପାଳନ କିପରି ପରସ୍ପର ମଧ୍ୟରେ ପ୍ରୀତିମୟ, ମଙ୍ଗଳମୟ ଓ ଅମୃତମୟ ନ ହୋଇ ଭାଷାମୀ ତଥା ଅ-ମାନବୀୟ ଆଚରଣ କରାଯାଉଛି, ତାହାର ଉଦାହରଣ ଦିଆଯାଇଛି । ଆମ ହୃଦୟରେ ପବିତ୍ର ଆଧ୍ୟାତ୍ମିକ ଭାବର ପ୍ରକଟ ହେଉ ବୋଲି ଉତ୍ସବେଦରୁ ଉକ୍ତି ରହିଛି । ଏହି ପତ୍ରିକାଟି ସୁନ୍ଦର ହୋଇଛି ।

୨୦- ଆମଘର ଭାଇଚାର- ସମ୍ପାଦକ- ବିରଞ୍ଚିନାରାୟଣ ମହାନ୍ତି ଓ ପରିଚାଳନା ସମ୍ପାଦକ ଦୁଲାଲ୍ ସର୍ଦ୍ଦାର,

ଏହା ଜଟଣୀରୁ ପାକ୍ଷିକ ପତ୍ରିକା ଭାବେ ପ୍ରକାଶିତ । ଏହାର ୧୯୯୬ ପ୍ରଥମ ବର୍ଷ ତୃତୀୟ ସଂଖ୍ୟାଟି ବିପ୍ଳବୀ ପ୍ରାଣନାଥ ବିଶେଷାଙ୍କ ଭାବରେ ପ୍ରକାଶିତ । ଏହି ସଂଖ୍ୟାରେ ପବିତ୍ର ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେସନ: ଗୋଟିଏ ଚଣକିର ଅଭିଯାତ୍ରା, ଅବନୀ ରାଉତରାୟଙ୍କ ପ୍ରାଣନାଥ: ଏକ ପ୍ରତୀକ, ଦେବନାରାୟଣ ସେଠୀଙ୍କ ଅମର ପୁରୁଷ ପ୍ରାଣନାଥ, ତଥା ଜଟଣୀ-ଖୋର୍ଦ୍ଧା ଅଞ୍ଚଳର ସଫଳତା, ବିଫଳତା, କ୍ରୀଡ଼ା ଓ ଅନ୍ୟାନ୍ୟ ଉତ୍ସବ ପ୍ରକାଶିତ ହୋଇ ଜନ ଚେତନା ଜାଗ୍ରତକାରୀ ପାକ୍ଷିକ ଓଡ଼ିଆ ସମ୍ବାଦପତ୍ର ଭାବରେ ଜନପ୍ରିୟ ହୋଇପାରିଛି ।

୨୧- ଜ୍ଞାନଜ୍ୟୋତି- ଶିକ୍ଷକ ମହାସଂଘ ଜଟଣୀ ମଣ୍ଡଳ ତରଫରୁ ଶ୍ରୀ ତ୍ରିଲୋଚନ ମହାପାତ୍ରଙ୍କ ସମ୍ପାଦକୀୟରେ ନଭେମ୍ବର ୧୯୯୨ ମସିହାରେ ଜ୍ଞାନଜ୍ୟୋତି ସ୍ମରଣିକା ଜଟଣୀରୁ ପ୍ରକାଶିତ । ସାର୍ବଜନୀନ ପ୍ରାଥମିକ ଶିକ୍ଷା ଉପଲକ୍ଷେ ସମସ୍ତ ପାଇଁ ଶିକ୍ଷା କାର୍ଯ୍ୟକ୍ରମରେ ୧୪ଟି ଲେଖା ପ୍ରକାଶିତ ହୋଇଛି । ଏହି ଲେଖା ମଧ୍ୟରୁ ଅଧ୍ୟାପକ ଅବନୀ କୁମାର ବରାଳଙ୍କ ମୋ ଲକ୍ଷ୍ୟ ସେଇଠି, ଅଧ୍ୟାପକ ପ୍ରଫୁଲ୍ଲ କୁମାର ପାଣ୍ଡବରାୟଙ୍କ ଜ୍ଞାନଜ୍ୟୋତିର ପ୍ରତିଶ୍ରୁତି, ଶ୍ରୀ ସାରଦା ମହାପାତ୍ରଙ୍କ ଜ୍ଞାନଜ୍ୟୋତିର ଆହ୍ୱାନ, ଶ୍ରୀ ଜବାହରଲାଲ ସୁବୁଦ୍ଧିଙ୍କ ସ୍ୱାଗତଂ ଜ୍ଞାନଜ୍ୟୋତି, ଶଶି ରଥଙ୍କ ଜ୍ଞାନର ଦୀପ ପ୍ରଜ୍ୱଳିତ ହେଉ ପ୍ରଭୃତି ଲେଖାଗୁଡ଼ିକ ତଥ୍ୟଭିତ୍ତିକ ଓ ଉଲ୍ଲେଖଯୋଗ୍ୟ । ଖୋର୍ଦ୍ଧା ଅଞ୍ଚଳରେ କେତେକ ସ୍ମରଣିକା ପ୍ରକାଶିତ ହୋଇଛି । (୧) ଆନନ୍ଦ ଚନ୍ଦ୍ର ସ୍ମୃତିପତ୍ରିକା, (୨) ଦିବ୍ୟସିଂହ ପଟ୍ଟନାୟକ ସ୍ମୃତି ପତ୍ରିକା, (୩) ପ୍ରାଣକୃଷ୍ଣ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି, (୪) ଦିବାକର ପାଟ୍ଟଶାଣୀଙ୍କ ସ୍ମୃତି ପତ୍ରିକା, (୫) ଜଗଦାନନ୍ଦ ମହାନ୍ତିଙ୍କ ସ୍ମୃତି ପତ୍ରିକା, (୬) ବୃନ୍ଦୁ ମହାନ୍ତିଙ୍କ ସ୍ମୃତି ଅର୍ଘ୍ୟ, (୭) ଶଶି ଚମ୍ପତିରାୟଙ୍କ ସ୍ମୃତି ଅର୍ଘ୍ୟ ।

ଖୋର୍ଦ୍ଧାରୁ ପ୍ରକାଶିତ କେତେକ ଧାର୍ମିକ ପତ୍ରପତ୍ରିକା ଓ ପୁସ୍ତକ ଏ ଅଞ୍ଚଳର ସାହିତ୍ୟିକ ପରିବେଶ ସୃଷ୍ଟି କରିଛି । ଯଥା- (୧) ଶ୍ରୀ ଚୈତନ୍ୟ ଉପନିଷଦ, (୨) କଳି ସନ୍ତରଣ ଉପନିଷଦ, (୩) ଶ୍ରୀ ରାଧିକୋପନିଷଦ, (୪) ଶ୍ରୀ ନିତାଇଗୌରଙ୍କର ଅଦ୍ଭୁତ ଲୀଳାକଥା, (୫) ପଞ୍ଚତତ୍ତ୍ୱାତ୍ମକ ଶ୍ରୀ ଗୌରହରି, (୬) କୃଷ୍ଣସ୍ତୁ ଭଗବାନ ସ୍ୱୟମ୍, (୭) ଯିଏ ଗୌର ସେଇ କୃଷ୍ଣ ସେଇ ଜଗନ୍ନାଥ, (୮) ଗୌରାଙ୍ଗ ବିରୁଦାବଳୀ, (୯) କାର୍ତ୍ତିକ ବ୍ରତ, (୧୦) କାର୍ତ୍ତନାବଳୀ, (୧୧) ଶ୍ରୀ ଭକ୍ତିବିନୋଦ ଧାରାର ସ୍ୱରୂପବର୍ଣ୍ଣ, (୧୨) ଆଚାର୍ଯ୍ୟପାଦ ଶ୍ରୀଶ୍ରୀମଦ୍ ଭକ୍ତି ଶ୍ରୀ ରୂପଭାଗବତ ମହାରାଜ, (୧୩) ଶ୍ରୀ ଗୌର ଆବିର୍ଭାବ କୀର୍ତ୍ତନ, (୧୪) ଉପଦେଶାବଳୀ (୧ମ ଖଣ୍ଡ), (୧୫) ଉପଦେଶାବଳୀ (୨ୟ ଖଣ୍ଡ), (୧୬) ଶ୍ରୀ ଚୈତନ୍ୟ ସହସ୍ର ନାମ ସ୍ତୋତ୍ରମ୍, (୧୭) Thus spake srila Guru Maharaj, (୧୮) ଶ୍ରୀ ରାଧା ରସ ସୁଧାନିଧି, (୧୯) ଶୁଦ୍ଧ ବୈଷ୍ଣବଙ୍କ ଅନ୍ତିମ ସଂସ୍କାର, (୨୦) ଶ୍ରୀ ଭକ୍ତି ଦେବଳ ଆବିର୍ଭାବ ସ୍ମରଣିକା, (୨୧) ଶ୍ରୀ ଚୈତନ୍ୟ ପଞ୍ଚଶତବର୍ଷ ପୂର୍ତ୍ତି

ଆବିର୍ଭାବ ସ୍ମରଣିକା । ଉପରୋକ୍ତ ରଚନାବଳୀ ଯୋଗାଯୋଗ- ସମ୍ପାଦକ- ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ଖୋରଧା, (୨୨) ଶ୍ରୀରାମକୃଷ୍ଣ ଜ୍ୟୋତି- ଶ୍ରୀ ରାମକୃଷ୍ଣ ସେବାଶ୍ରମ ଟିକାତାଳର ମୁଖପତ୍ର ଭାବେ ଧାର୍ମିକ ପତ୍ରିକା ପ୍ରକାଶ ପାଉଛି ।

ଏତଦ୍‌ଭିନ୍ନ ଖୋର୍ଦ୍ଧା ଅଞ୍ଚଳରେ କେତେକ ଶିକ୍ଷାନୁଷ୍ଠାନରେ ପ୍ରକାଶିତ ପତ୍ରପତ୍ରିକା, ମୁଖପତ୍ର ମାଧ୍ୟମରେ ନୂତନ ଲେଖକ ସୃଷ୍ଟି ହୋଇ ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିଛନ୍ତି । ଉକ୍ତ ପତ୍ରପତ୍ରିକା ମଧ୍ୟରୁ କେତୋଟି ନିମ୍ନରେ ପ୍ରଦାନ କରାଗଲା:-

୧) ଅବକାଶ- ବନ୍ଧୁ ଜଗବନ୍ଧୁ ଉଚ୍ଚବିଦ୍ୟାଳୟର ମୁଖପତ୍ର ଭାବେ ଖୁବ୍ ନାମ କରିଛି ।

୨) ପ୍ରତୀକ- ପ୍ରାଣନାଥ ମହାବିଦ୍ୟାଳୟର ମୁଖପାତ୍ର ଭାବେ 'ପ୍ରତୀକ' ପ୍ରକାଶ ପାଇଆସୁଛି ତଥା ଖୋର୍ଦ୍ଧା ଅଞ୍ଚଳରେ ନୂତନ ଲେଖକ ସୃଷ୍ଟି ହୋଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ବାର୍ତ୍ତାକୁ ଚାରିଆଡ଼େ ପ୍ରସାର ଓ ପ୍ରଚାର କରିପାରିଛି ।

୩) ଧୂଳିମୁଠାଏ- ପ୍ରାଣନାଥ ମହାବିଦ୍ୟାଳୟ ଖୋର୍ଦ୍ଧାର ଓଡ଼ିଆ ସାହିତ୍ୟ ସଂସଦର ମୁଖପତ୍ର ଧୂଳିମୁଠାଏ ପ୍ରକାଶ ପାଉଛି ।

୪- ପ୍ରତିଲିପି- ପ୍ରାଣନାଥ ମହାବିଦ୍ୟାଳୟ, ବିଦ୍ୟାଧାରୀ ଛାତ୍ର ସଂସଦର ମୁଖପତ୍ର ଭାବେ ପ୍ରତିଲିପି ପ୍ରକାଶ ପାଉଛି ।

୫) ଅଙ୍କୁର- ପ୍ରାଣନାଥ ମହାବିଦ୍ୟାଳୟର ଛାତ୍ରାବାସର ମୁଖପତ୍ର ଅଙ୍କୁର ପ୍ରକାଶ ପାଉଛି ।

୬) ପ୍ରଜ୍ଞା- ମହିଳା ମହାବିଦ୍ୟାଳୟ, ଖୋରଧାର ମୁଖପତ୍ର ପ୍ରଜ୍ଞା ପ୍ରକାଶ ପାଉଛି ।

୭) ରାଧାନାଥ ଶତବାର୍ଷିକୀ ସ୍ମରଣିକା- ସମ୍ପାଦକ- ଶ୍ରୀ ରାଜକିଶୋର ଭାମ । ଏହି ସ୍ମରଣିକାରେ ସମ୍ପାଦକୀୟ ଲେଖା ସହିତ ଉମେଶଚନ୍ଦ୍ର ଭଞ୍ଜ, ବିପିନ ବିହାରୀ ରାଉତରାୟଙ୍କ ଲେଖାଗୁଡ଼ିକ ତଥ୍ୟାଶ୍ରୟୀ ଓ ଉଚ୍ଚମାନର ।

୮) ବିଚିତ୍ରକୁଡ- ନିରାକାରପୁର ମହାବିଦ୍ୟାଳୟ ମୁଖପତ୍ର ।

୯) Libraries in Orissa- ପ୍ରକାଶକ ପ୍ରାଣନାଥ ମହାବିଦ୍ୟାଳୟ ।

୧୦) କଳିକା- କୁଡ଼ିଆରୀ ଉଚ୍ଚବିଦ୍ୟାଳୟ ମୁଖପତ୍ର ।

୧୧) ମୁଖପତ୍ର- କୁସୁମାଠି ଛତାରର ଉଚ୍ଚବିଦ୍ୟାଳୟ ମୁଖପତ୍ର ।

୧୨) ସ୍ମରଣିକା- ପାଇକରାପୁର ମଧୁସଂଘାଳୀ ବିଦ୍ୟାଳୟ ରଜତ ଜୟନ୍ତୀ ମୁଖପତ୍ର ।

୧୩) ତରଣୀ- ଚିଲିକା ଉଚ୍ଚବିଦ୍ୟାଳୟ ହାଟବରଡ଼ିହ ମୁଖପତ୍ର ।

୧୪) ବନଦୁର୍ଗା- ଗୋପବନ୍ଧୁ ଉଚ୍ଚବିଦ୍ୟାଳୟ, ବେଗୁନିଆର ମୁଖପତ୍ର ।

୧୫) ଚିଲିକା- ବାଲୁଗାଁ ଉଚ୍ଚବିଦ୍ୟାଳୟ ମୁଖପତ୍ର ।

୧୬) ଶାମୁକା- ବଡ଼ତୋଟା-ବେଲପଡ଼ା ଉଚ୍ଚବିଦ୍ୟାଳୟ ପ୍ରାଚୀର ପତ୍ରିକା ।

୧୭) ଶିକ୍ଷା ସମସ୍ୟା- ଶିକ୍ଷକ ମହାସଂଘ, ଖୋର୍ଦ୍ଧା ।

୧୮) କୌମୋଦକୀ- ଦଧିମାଛଗାଡ଼ିଆ ଉଚ୍ଚବିଦ୍ୟାଳୟ ମୁଖପତ୍ର ।

ଉପରୋକ୍ତ ମୁଖପତ୍ର ଗୁଡ଼ିକ ଖୋର୍ଦ୍ଧା ଅଞ୍ଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରକାଶିତ ହୋଇ ସେହି ନିର୍ଦ୍ଦିଷ୍ଟ ଅଞ୍ଚଳର ବିଭିନ୍ନ ତଥ୍ୟ ଲୋକଲୋଚନକୁ ଆଣିପାରିଛି । ଏତଦ୍‌ଭିନ୍ନ ଅବିଭକ୍ତ ପୁରୀ ଜିଲ୍ଲା ମଣ୍ଡଳରୁ ୧୯୯୦-୯୧ ମସିହାରୁ ବିଭକ୍ତ ହୋଇ ଖୋର୍ଦ୍ଧା ଶିକ୍ଷାମଣ୍ଡଳ ଅଦ୍ୟାବଧି ସାଦରେ ଧରି ବିଭିନ୍ନ ଉଚ୍ଚବିଦ୍ୟାଳୟରେ ସ୍କାଉଟ୍, ରେଡକ୍ରସ, କ୍ରୀଡ଼ାର ମଣ୍ଡଳ ସ୍ତରୀୟ ମେଳା ଅନୁଷ୍ଠିତ ହୋଇ ତା'ର ସ୍ମରଣିକା ପ୍ରକାଶିତ ହୋଇ ବିଭିନ୍ନ ଲେଖା, ବାର୍ତ୍ତା, ତଥ୍ୟ ପ୍ରକାଶିତ ହୋଇଆସୁଛି । ଖୋର୍ଦ୍ଧା ଅଞ୍ଚଳରେ ଉପରୋକ୍ତ ପତ୍ରପତ୍ରିକା ବ୍ୟତୀତ ଆହୁରି ଅନେକ ପତ୍ରପତ୍ରିକା, ସମ୍ବାଦପତ୍ର ପ୍ରକାଶିତ ହୋଇଥାଇପାରେ, ଯାହା ପ୍ରାବନ୍ଧିକଙ୍କ ଦୃଷ୍ଟିକୁ ଆସିନାହିଁ । ତେଣୁ ଏହି କ୍ଷୁଦ୍ର ପ୍ରବନ୍ଧରେ ସ୍ଥାନ ପାଇନାହିଁ । ଭୁବନେଶ୍ୱର ଖୋର୍ଦ୍ଧା ଜିଲ୍ଲାରେ ଅନ୍ତର୍ଭୁକ୍ତ । ସେଠାରେ ବହୁତ ପତ୍ରପତ୍ରିକା, ସମ୍ବାଦପତ୍ର ନିୟମିତ, ସାପ୍ତାହିକ, ପାକ୍ଷିକ, ମାସିକ, ଦ୍ୱିମାସିକ, ତ୍ରୈମାସିକ, ଷାଣ୍ମାସିକ ତଥା ବାର୍ଷିକ ସଂଖ୍ୟାରେ ପ୍ରକାଶିତ ହେଉଛି, ତାହାକୁ ଏହି ପ୍ରବନ୍ଧରେ ସ୍ଥାନିତ କରାଯାଇନାହିଁ ।

**ପ୍ରଧାନ ଶିକ୍ଷକ**
**ବଡ଼ତୋଟା-ବେଲପଡ଼ା ହାଇସ୍କୁଲ, ଖୋର୍ଦ୍ଧା**



# ଖୋର୍ଦ୍ଧା ଅଞ୍ଚଳର ସ୍ୱାସ୍ଥ୍ୟରକ୍ଷା ଦିଗରେ ଛାତ୍ରମାନଙ୍କ ଭୂମିକା

ଡାଃ. କାଳୀ ପ୍ରସାଦ ମଙ୍ଗରାଜ

ବିଶ୍ୱି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ତଥା ସେତେବେଳର ଖୋର୍ଦ୍ଧା ହାଇସ୍କୁଲ ଓଡ଼ିଶାର ପୁରାତନ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଅନ୍ୟତମ । ଓଡ଼ିଶାର ପୁରାତନ ରାଜଧାନୀ ତଥା ଶେଷ ସ୍ୱାଧୀନ ଦୁର୍ଗ, ଖୋର୍ଦ୍ଧାକୁ ବହୁ ଝଞ୍ଜା ପରେ ଯେତେବେଳେ ଇଂରେଜମାନେ ଦଖଲ କଲେ, ଏହା ଭାରତର ଅନ୍ୟାନ୍ୟ ରାଜ୍ୟମାନଙ୍କ ପରି ପାଶ୍ଚାତ୍ୟ ଆଧୁନିକତା ଠାରୁ ବହୁ ଦୂରରେ, ଘନ ଅନ୍ଧକାର ମଧ୍ୟରେ ରହିଥିଲା । ଖୋର୍ଦ୍ଧା ଦଖଲ ପରେ, ଫିରିଙ୍ଗିମାନେ ଏଠାରେ ଏକ ସବ୍‌ଡ଼ିଭିଜନାଲ ସଦର ମହକୁମା ପ୍ରତିଷ୍ଠା କରାଇଲେ । କ୍ରମେ ଇଂରେଜ ଶିକ୍ଷାର ପ୍ରସାର ପାଇଁ ଏହି ହାଇସ୍କୁଲ ପ୍ରତିଷ୍ଠା କଲେ । ଉଚ୍ଚଶିକ୍ଷା କେନ୍ଦ୍ର ଭାବରେ ସେତେବେଳେ ପୁରୀ ଜିଲ୍ଲାରେ ଏହା ଥିଲା ଦ୍ୱିତୀୟ ବୃହତ୍ତମ ଶିକ୍ଷାଳୟ । ସ୍ଥାନୀୟ ଛାତ୍ରମାନଙ୍କ ବ୍ୟତୀତ, ବାହାର ଛାତ୍ରମାନେ ବିଭିନ୍ନ ଅଞ୍ଚଳରୁ ଶିକ୍ଷାପ୍ରାପ୍ତି ପାଇଁ ଏଠାରେ ଛାତ୍ରାବାସରେ ରହୁଥିଲେ । ଶିକ୍ଷା ସହିତ କୃଷିକାମ, ବଗିଚାର ଯତ୍ନ ନେବା, ରୋଗୀସେବା, ସମାଜ ସେବା ଇତ୍ୟାଦି ବିଷୟରେ ଆଦର୍ଶ ଶିକ୍ଷକମାନଙ୍କ ଠାରୁ ଉପଯୁକ୍ତ ତାଲିମପ୍ରାପ୍ତ ହେଉଥିଲେ । ଆମର ପିତୃସ୍ଥାନୀୟ ବୟୋବୃଦ୍ଧମାନଙ୍କ ଠାରୁ ଶୁଣାଯାଏ, ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଏହି ଶିକ୍ଷାୟତନର ଛାତ୍ରାବାସ ସ୍ୱାଧୀନତା ସଂଗ୍ରାମର ଲୁକ୍କାୟିତ କେନ୍ଦ୍ରମାନଙ୍କ ମଧ୍ୟରେ ଅନ୍ୟତମ ଥିଲା । ଛାତ୍ରମାନେ ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ବାର୍ତ୍ତା ଓ ପତ୍ର ପତ୍ରିକାମାନ ବିଭିନ୍ନ ସ୍ଥାନକୁ ନେବା ଆଣିବା କରୁଥିଲେ । ଛାତ୍ରମାନଙ୍କୁ ଦେଶସେବା ଓ ପରୋପକାର ସମ୍ବନ୍ଧରେ ନିର୍ଦ୍ଦେଶ ଦିଆଯାଉଥିଲା ।

ସେତେବେଳେ ଆମ ରାଜ୍ୟ ସାଧାରଣ ଶିକ୍ଷା କ୍ଷେତ୍ରରେ ଯେପରି ଅନଗ୍ରସର ଥିଲା, ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ମଧ୍ୟ ସେହିପରି ଅନୁନ୍ନତ ଥିଲା । ଛାତ୍ରମାନଙ୍କୁ ବିଭିନ୍ନ ସାଧାରଣ ସଂକ୍ରାମକ ରୋଗମାନଙ୍କ ସମ୍ପର୍କରେ କିଛି କିଛି ଜ୍ଞାନ ଦିଆଯାଉଥିଲା । 'ଫାଇଲେରିଆ' ବା 'ବାତଜର', 'ମ୍ୟାଲେରିଆ ବା ପାଳିଜର', 'ରକ୍ତହୀନତା', 'ଟି.ବି. ବା ରାଜଯକ୍ଷ୍ମା' ଇତ୍ୟାଦି ରୋଗମାନଙ୍କର ପ୍ରସାର ବନ୍ଦ କରିବା ଏବଂ ରୋଗୀର ଉପଯୁକ୍ତ ଯତ୍ନ ନେବା ସମ୍ପର୍କରେ ଛାତ୍ରମାନେ ଜ୍ଞାନ ଆହରଣ କରୁଥିଲେ । ସେମାନେ ଜାଣିଥିଲେ 'ବାତଜର ଓ କୁଷ୍ଠ' ଖୋର୍ଦ୍ଧା ଅଞ୍ଚଳ ପାଇଁ ଏକ ଅଭିଶାପ । ଏହି ରୋଗ ମଣିଷ ଶରୀରକୁ ବିକୃତ ଓ ବିକଳ କରିଦିଏ । ବୈବାହିକ, ସାମାଜିକ ଓ ଅର୍ଥନୈତିକ ସ୍ତରରେ ଏହାର କୁ-ପ୍ରଭାବ ଦ୍ୱାରା ରୋଗୀ ମାନସିକ ସନ୍ତୁଳନ ହରାଇ ବସେ । ଗରିବ ନିଷ୍ପେଷିତ ଓ ଖାଦ୍ୟାଭାବ ପୀଡ଼ିତ ଗ୍ରାମବାସୀମାନେ ଏହି ରୋଗ ଦ୍ୱାରା ଅକର୍ମଣ୍ୟ ହୋଇଯା'ନ୍ତି । ସାମାଜିକ ଓ ପାରିବାରିକ ନିର୍ଯାତନା ସହି ନ ପାରି ଅନେକ ଆତ୍ମହତ୍ୟା କରନ୍ତି ବା ଘରଛାଡ଼ି ଦୂର ସ୍ଥାନମାନଙ୍କରେ ଭିକ୍ଷାବୃତ୍ତି ଧରନ୍ତି । ସେତେବେଳେ ଉପଯୁକ୍ତ ଚିକିତ୍ସା ପାଇଁ ଖୁବ୍ କମ୍ ବ୍ୟବସ୍ଥା ଥିଲା । ସଂକ୍ରାମକ ରୋଗୀମାନେ ଲାଜ ଓ ଭୟରେ ଚିକିତ୍ସା ଗ୍ରହଣ କରିବାକୁ କୁଣ୍ଠିତ ହେଉଥିଲେ । ଠାକୁର ଠାକୁରାଣୀଙ୍କ କୃପା ଉପରେ ନିର୍ଭରଶୀଳ ରୋଗ ଚିକିତ୍ସା କରାଯାଉଥିଲା । ଫଳରେ ରୋଗର ପ୍ରକୋପ ଓ ଗ୍ରାମବାସୀମାନଙ୍କ ଠାରେ ଏହାର ସଂକ୍ରମଣତା ଦ୍ରୁତ ଗତିରେ ବଢ଼ି ଚାଲିଥିଲା ଏବଂ ପୂର୍ବଜନ୍ମର ପାତକ ଭାବରେ ଆମର ପୂର୍ବ ପୁରୁଷମାନେ ଏହା ଗ୍ରହଣ କରି ନେଉଥିଲେ । ବୋଧହୁଏ ଆମମାନଙ୍କୁ ଏପରି ଅକର୍ମଣ୍ୟ କରିଦେବା ଇଂରେଜମାନଙ୍କର ଲକ୍ଷ୍ୟ ଥିଲା । ଯେଉଁ ଅବିଭକ୍ତ ପୁରୀ ଗଞ୍ଜାମ ଜିଲ୍ଲାର ପାଇକମାନେ ଫିରିଙ୍ଗି ସେନାକୁ ଓଡ଼ିଶା ତଥା ଖୋର୍ଦ୍ଧା ଦଖଲ କରିବାକୁ ସବୁଠାରୁ ଅଧିକ ବିରୋଧ କରିଥିଲେ, ସେହିମାନଙ୍କୁ ବିଭିନ୍ନ ଉପାୟରେ ଅର୍ଥନୈତିକ ଓ ଶାରୀରିକ ପଙ୍ଗୁ କରି ଦେବା ସେମାନଙ୍କର ସମ୍ଭବତଃ ଅଭିଶାପ ଥିଲା । କାରଣ ଅଧୁନା ୧୯୮୧ ମସିହାର ଏକ ଗଣନାରୁ ଜଣାଯାଏ, ପୃଥିବୀରେ ଯେତେ କୁଷ୍ଠ ରୋଗୀ ଅଛନ୍ତି, ତାହାର ଏକ ତୃତୀୟାଂଶ ଭାରତରେ ଅଛନ୍ତି ଏବଂ ଓଡ଼ିଶାରେ ଏମାନଙ୍କର ସଂଖ୍ୟା ସେହିପରି ଅଧିକ । ଅବିଭକ୍ତ ପୁରାତନ ଗଞ୍ଜାମ ଜିଲ୍ଲାର ୨୬.୫୨ ଲକ୍ଷ ଲୋକସଂଖ୍ୟା ଭିତରେ କୁଷ୍ଠରୋଗୀ ମାନଙ୍କର ସଂଖ୍ୟା ପ୍ରତି ହଜାରରେ ୧୦.୯୮ ଜଣ ଏବଂ ତା' ପଛକୁ ପୁରୀ ଜିଲ୍ଲା । ସ୍ୱାଧୀନତା ପରେ ସରକାରଙ୍କର ବିଭିନ୍ନ କାର୍ଯ୍ୟପନ୍ଥା ସତ୍ତ୍ୱେ ଏହି ରୋଗୀମାନଙ୍କ ସଂଖ୍ୟା ବିଭିନ୍ନ କାରଣରୁ ହୁ ହୁ ହୋଇ ବଢ଼ି ଚାଲିଛି । ସେହିପରି ବାତଜର ଆତଙ୍କରେ ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳକୁ ସରକାରୀ କର୍ମଚାରୀମାନେ ବଦଳି ହୋଇ ଆସିଲେ ରହିବାକୁ ଭୟ କରନ୍ତି । ପୃଥିବୀର ବିଭିନ୍ନ ସ୍ଥାନରୁ ବୈଜ୍ଞାନିକମାନେ ଏହି ଅଞ୍ଚଳର ବିଭିନ୍ନ ସ୍ଥାନକୁ ଗବେଷଣା ପାଇଁ ଆସି, ବାତଜରିଆ ଲୋକର 'ହାତିଖୋଜିଆ' ଗୋଡ଼,

ହାତ, କାଣ୍ଡ, ଚୋପା, ସ୍ତନ ଓ ଦେହର ଅନ୍ୟାନ୍ୟ 'ଗୋପନ' ଅଂଶମାନଙ୍କରେ ଫଟୋଚିତ୍ର ଗବେଷଣାର ବିଭିନ୍ନ ପତ୍ରପତ୍ରିକାମାନଙ୍କରେ ଛାପିଥାନ୍ତି । ଏହା ସବୁ ଏବେର ଗଣନା ଓ ଗବେଷଣା, ମାତ୍ର ସେତେବେଳର ଭୟାବହତା ମଧ୍ୟରେ ଖୋର୍ଦ୍ଧା ହାଇସ୍କୁଲର ତଦାନିନ୍ତନ ଛାତ୍ରମାନଙ୍କର ଐତିହାସିକ କିମ୍ବଦନ୍ତୀମାନ ଶୁଣିଲେ ସ୍ତବ୍ଧ ହୋଇଥାଏ । ଆଦର୍ଶ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ହାଇସ୍କୁଲ ଛାତ୍ରମାନଙ୍କର 'ସ୍ୱେଚ୍ଛାସେବକ ବାହିନୀ' ଓ 'ବୟଜ୍ ସ୍କାଉଟ୍' ସଂସ୍ଥା ବିଭିନ୍ନ ସମୟରେ ଏହି ଅଞ୍ଚଳରେ ବନ୍ୟା, ମରୁଡ଼ି ଓ ମହାମାରୀ ପୀଡ଼ିତ ଗ୍ରାମମାନଙ୍କରେ ନିଷ୍ଠାର ସହିତ ସେବାକାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ । ପୁରାତନ ଶିକ୍ଷାନୁଷ୍ଠାନର ଦେଶପ୍ରେମୀ ଶିକ୍ଷକମାନଙ୍କ ନିର୍ଦ୍ଦେଶରେ ଶିକ୍ଷାପ୍ରାପ୍ତ ହେବା ସହିତ, ସେବା ଓ ପରୋପକାର ଥିଲା, ଛାତ୍ରମାନଙ୍କର ପ୍ରଧାନ ଲକ୍ଷ୍ୟ । ମହାତ୍ମା ଗାନ୍ଧୀଙ୍କର ଆଦର୍ଶ ଓ ପ୍ରେରଣା, ପଣ୍ଡିତ ଗୋପବନ୍ଧୁଙ୍କର ନିଷ୍ଠାପର ଜନସେବା, ପ୍ରତ୍ୟେକ ଛାତ୍ରକୁ ସେତେବେଳେ 'ଦେଶ ଓ ଦଶ'ର ସେବା କରିବାକୁ ଉତ୍ସାହ ପ୍ରଦାନ କରୁଥିଲା । ଛାତ୍ରମାନେ ସେତେବେଳେ ଶିକ୍ଷକମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପରୋକ୍ତ ରୋଗ ପ୍ରପୀଡ଼ିତ ଗ୍ରାମମାନଙ୍କରେ ଗ୍ରାମ ସଫାଇ କାର୍ଯ୍ୟ ହାତକୁ ନେଇ ଗ୍ରାମ ଚାରିପଟରୁ ମଣା ରହୁଥିବା ନଳିବୁଦା ସଫା କରିବା, ପୋଖରୀ ମାନଙ୍କରୁ ଦଳ ସଫା କରିବା, ପୀଡ଼ିତ ରୋଗୀମାନଙ୍କର ସେବା କରିବା ଓ ବିଭିନ୍ନ ରୋଗ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା କାର୍ଯ୍ୟମାନ ଆନ୍ତରିକତାର ସହିତ ସମ୍ପନ୍ନ କରୁଥିଲେ । ''ରୋଗ ପ୍ରତି ସଚେତନ ହୁଅ, ରୋଗୀକୁ ଘୃଣା କରନାହିଁ'' ଓ ''ଗ୍ରାମ ତଥା ଗ୍ରାମବାସୀ ମାନଙ୍କର ଉନ୍ନତି କର'' - ଏହା ହିଁ ଥିଲା ମହାତ୍ମା ଗାନ୍ଧୀଙ୍କ ବାଣୀ- ଏବଂ ଏହି ସ୍କୁଲର ଛାତ୍ରମାନେ ଏହା ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ନିଃସହାୟ ଲୋକର ଶବ ସତ୍କାର କରିବା ଛାତ୍ରମାନଙ୍କର ଏକ ଉତ୍ସାହପୂର୍ଣ୍ଣ କାର୍ଯ୍ୟ ଥିଲା । ଛୁଟିମାନଙ୍କରେ ବିଭିନ୍ନ ଗ୍ରାମର ଛାତ୍ରମାନେ ଶ୍ରମଦାନ ଶିବିରେ ଗ୍ରାମ ଯୁବକମାନଙ୍କ ସହାୟତାରେ ରାସ୍ତା ତିଆରି ଓ ମରାମତି କରିବା, ଗାଁ ପୋଖରୀ ସଫା କରିବା, ଗାଁ ଦେଉଳ ପରିସର ପରିଷ୍କାର କରି ଗଛ ଲଗାଇବା ସହିତ ନିରକ୍ଷର ମାନଙ୍କୁ ଅକ୍ଷର ଶିକ୍ଷା ଓ ପାଠ ପଢ଼ାଉଥିଲେ । ହଇଜା, ବସନ୍ତ, ହାଡ଼ଫୁଟି, ମିଳିମିଳା, କୁଷ୍ଠ, ରାଜଯକ୍ଷ୍ମା ଇତ୍ୟାଦି ରୋଗମାନଙ୍କର ଚିକିତ୍ସା ନ କରି, ଠାକୁରାଣୀ ପୂଜା ଦ୍ୱାରା ରୋଗ ଭଲ କରିବାର ପ୍ରୟାସ ଆମ ପୂର୍ବଜମାନଙ୍କର ବିଧି ଥିଲା । ଫଳରେ ସଂକ୍ରାମକ ରୋଗ ହୁ ହୁ ହୋଇ ବ୍ୟାପି ଯାଉଥିଲା ଓ ଗ୍ରାମବାସୀମାନେ ଆତଙ୍କିତ ହୋଇ ପଡୁଥିଲେ । ଏହି ସମୟରେ ଗ୍ରାମର ଛାତ୍ର ଓ ଯୁବକମାନେ ବିଭିନ୍ନ ରୋଗୀର ସେବା ଯତ୍ନ ନେବା ସହିତ, ନାନା କୁ-ସଂସ୍କାର ଓ ଅନ୍ଧବିଶ୍ୱାସ ମାନ ଦୂର କରିବା ପାଇଁ ଗାଁ ଲୋକମାନଙ୍କୁ ପ୍ରବର୍ତ୍ତାଇ ଥିଲେ । ବହୁ ମେଧାବୀ, କର୍ମଠ ଓ ନିଷ୍ଠାପର ଦେଶସେବକ, ପ୍ରଶାସକ, ଆଇନଜ୍ଞ, ବୈଜ୍ଞାନିକ, ଶିକ୍ଷାବିତ୍, ଡାକ୍ତର, ଇଞ୍ଜିନିୟର, ବ୍ୟବସାୟୀ, କୃଷିବିତ୍ ଓ ଜନନେତାମାନେ ଏହି ଅନୁଷ୍ଠାନରୁ ଉତ୍ପନ୍ନ ହୋଇ ନିଜ ନିଜର କର୍ମ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ସେମାନଙ୍କର ଲକ୍ଷ୍ୟ ପୂରଣ ପାଇଁ ଏହି ଅନୁଷ୍ଠାନ ତଥା ତତ୍କାଳୀନ ଶିକ୍ଷକମାନଙ୍କର ଉପଯୁକ୍ତ ତାଲିମ, ପ୍ରେରଣା ଓ ଆଶୀର୍ବାଦ ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ସଫଳତା ଦେଇଛି । ଶିକ୍ଷାଦାନ ସହିତ ପରୋପକାର ଓ ଦେଶସେବା ପାଇଁ ଉତ୍ସାହିତ କରିବା, ସେ ସମୟରେ ଗୁରୁମାନଙ୍କର ପରମ୍ପରା ଥିଲା । ସେହି ବିଶିଷ୍ଟ ଶିକ୍ଷାଗୁରୁ ମାନଙ୍କର ପ୍ରତିଭା କାଳଜୟୀ ଓ ଏହି ଅନୁଷ୍ଠାନ ଏବେ ଜାତୀୟ ସମ୍ପତ୍ତି । ଆମ ପିତୃବ୍ୟମାନଙ୍କର ସେତେବେଳର ଅନୁଭୂତି ବର୍ତ୍ତମାନ ଐତିହାସିକ ଗଳ୍ପ ହୋଇଯାଇଛି ।

ଖୋର୍ଦ୍ଧା ଜିଲ୍ଲା ଓ ଓଡ଼ିଶାର ''ଚିର ଶତ୍ରୁ''ମାନଙ୍କ ମଧ୍ୟରେ 'ଦାରିଦ୍ର୍ୟ ଏବଂ ରୋଗ' ଏବେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରିଛି । ଆଧୁନିକ ଶିକ୍ଷା ବ୍ୟାପକ ଭାବରେ ବିସ୍ତାର ଲାଭ କରୁଛି । ଗ୍ରାମେ ଗ୍ରାମେ ସ୍କୁଲ କଲେଜ ମାନଙ୍କର ସଂଖ୍ୟା ବଢ଼ି ଚାଲିଛି । ବିଭିନ୍ନ କ୍ଲବ ଓ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କର ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି । ଜାତୀୟ ଓ ଆନ୍ତର୍ଜାତିକ ସଂସ୍ଥାମାନଙ୍କ ଠାରୁ ସାହାଯ୍ୟପ୍ରାପ୍ତ ହୋଇ ଗ୍ରାମ ତଥା ସହରର ଅନେକ ଅନୁଷ୍ଠାନ ଓ କ୍ଲବମାନେ ଗ୍ରାମାଞ୍ଚଳ ମାନଙ୍କରେ କୂଅ, ପୋଖରୀ, ନଳକୂପ ଖନନ, ବୃକ୍ଷରୋପଣ, ନିରକ୍ଷରତା ଦୂରୀକରଣ ଓ ସ୍ୱାସ୍ଥ୍ୟସେବା ଇତ୍ୟାଦି ବହୁ ଉନ୍ନତି କରୁଥିବାର ପ୍ରଚାର ହେଉଛି । କିନ୍ତୁ ଏବେ ମଧ୍ୟ ଆମ ଦେଶରେ 'କୁଷ୍ଠ, ଫାଇଲେରିଆ ଓ ମ୍ୟାଲେରିଆ' ରୋଗୀମାନଙ୍କର ସଂଖ୍ୟା ସର୍ବାଧିକ ଓ ଅବିଭକ୍ତ ପୁରୀ ଜିଲ୍ଲା ଆମ ରାଜ୍ୟ ମଧ୍ୟରେ ଦ୍ୱିତୀୟ । ତେଣୁ କେଉଁ ସ୍ଥାନରେ କି ଅସୁବିଧା ଯୋଗୁଁ ଆମେ ଏପରି ଅଭିଶପ୍ତ, ଚିନ୍ତାଶୀଳ ଓ ବିଜ୍ଞ ବ୍ୟକ୍ତିମାନେ ଏହାର ବିଚାର ଓ ପ୍ରତିକାର କରିବା ଉଚିତ । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଆହ୍ୱାନ- ''ଦୁଇ ହଜାର ମସିହା ସୁଦ୍ଧା ପୃଥିବୀରେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥା'', ''ସରକାରଙ୍କର ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ''- ଏ ସବୁ ସତ୍ତ୍ୱେ, ଆମ ଅଞ୍ଚଳରୁ ମାରାତ୍ମକ ବ୍ୟାଧିମାନଙ୍କର ପ୍ରକୋପ କେବେ କମିବ, ତାହା କେବଳ ଜଗନ୍ନାଥ ଜାଣନ୍ତି ।

ମଙ୍ଗରାଜ କ୍ଲିନିକ୍
ନୟାଗଡ଼ ରୋଡ୍, ଖୋର୍ଦ୍ଧା

# ବୀର ଖୋରଧାର ଦୃପ୍ତ ପାଇକ

ପଣ୍ଡିତ ହରିକୃଷ୍ଣ ପ୍ରଧାନ

ବୀର ଖୋରଧାର ବୀର ଖୋରଧାର ଦୃପ୍ତ ପାଇକ ଆମେ
ମୃତ୍ୟୁ କୁହୁଡ଼ି ଉଡ଼୍ଡ ଦଳନା ଖସି ପଡ଼େ ଆମ ନାମେ
ଦେହେ ବାଘଛାଲ ହାତେ ତଲୱାର ଅପରାହତେ ବାଳ
ବକ୍ସିଣାଭ ଦଳ ବ୍ୟାଘ୍ର ବାହିନୀ ଅରାତିଙ୍କ ମହାକାଳ
ଧାଡ଼େ ଧାଡ଼େ ଆମ ବୁଢ଼ ଗଉଡ଼େ ପ୍ରଳୟ ଆମରେ ଜମେ
ଏଇ ମାଟି ତଳ ମାଙ୍କଡ଼ା ପଥର ରକ୍ତେ ଆମର ଲାଲ
ଏ ଦେଶର ବଣ ପାହାଡ଼େ ପାହାଡ଼େ ହୁହାଟେ ଆମର ଛାଡ଼
ଗଛେ ଗଛେ ଛିଡ଼ା ଫାଶିକାଠ ଆଜ ନିର୍ଭୀକ ଅଭିମାନେ
ଆମରି ବାହୁରୁ ତୋଫାନ ଉଠିଛି ଧ୍ୱଂସ ପାଇଛି ରୂପ
ଆମେ ଭାଇ ଭାଇ ଅଗ୍ନିମନ୍ତ୍ର ଜୀବନ ଦେଇଛୁ ଧୂପ
ଆମେରେ ଟେକିଛୁ ମୁକ୍ତି ମଶାଲ ପ୍ରଥମେ ଭାରତ ଭୂମେ
ଜୟୀ ରାଜଗୁରୁ ଫାଶିକାଠ ବୁକେ ଆମରି ଜୀବନ ମାଗେ
ଜଗବନ୍ଧୁର ବିଦ୍ରୋହ ଡାକେ ବୁକେ ଆମନିଆଁ ଲାଗେ
ଆମେ ଧସାଇଛୁ ଇଂରେଜ ରାଜ ହୁଙ୍କାର ଅଭିଯାନେ

ଇତିହାସ ବୁକେ କଳିଙ୍ଗ ଉକଳେ ଲେଖିଅଛୁ ଲାଲ ଦାଗ
ମରଣ୍ଣ ଆମର କଢ଼ା ରେଜଲ ବରଷ ଅମଳାନ ସଉରଭ

ଆମେ ହଜିବୁନି ଆମେ ଭାଙ୍ଗିବୁନି ଜାଗ୍ରତ ନିତ 'ମାନେ'

○



# ସେଇ 'ସହକାର' ତଳେ

ନିକୁଞ୍ଜ ମୋହନ ମହାପାତ୍ର

ସେଇ 'ସହକାର' ତଳେ,
ଆଜିବି ବକୁଳ ଝରେ
ସହସ୍ର କିଶୋର-କୂଜିତ ସୁର,
ସ୍ୱସ୍ତିବାୟନ, ସାମନ୍ତଜାର-
ମନ୍ତ୍ରିତଧରା ପାବନ ପରଶେ ଲକ୍ଷଦୀପାଳୀ ଜଳେ ।
ରଘୁ, ଦିବାକର, ରତ୍ନସଂହିତା ଆଜି ବି ଦିଏରେ ଡାକ
ମରିବା ପଛକେ ଟିକ ଟିକ ଆମେ ରଖିବା ମାଆର ଟେକ,
ମରିତ ପାରେନା ଜୟୀ ରାଜଗୁରୁ, ବକ୍ସି ଯେ କାଳଜୟୀ,
ଖୋରଧା ମାଟିର ଲାୟାଦ-ଜା'ସରି କେହି ନାହିଁ, କେହିନାହିଁ ।
ସେ ମାଟିର ବାଣୀ ପୁରେ-
ସହସ୍ର ସ୍ମୃତିର ହେମ ପ୍ରସ୍ତର ଆଜି ବି ସୁରଭି ଝରେ ।
ଦମ୍ଭ, ଓଡ଼ିଶୀ ପରଶିଲା ଯିଏ ବିଶ୍ୱର ଦରବାରେ,
ବିଶ୍ୱ ପୋଷ୍ଟରେ ଓଡ଼ିଆର ନାଁଆ ଲେଖିଲା ଅଭିଳାଷାରେ ।
କବିଚନ୍ଦ୍ର ସେ ପଦ୍ମଭୂଷଣ- ଏଇ ପାଠ ବାଣୀ ଶୁଭ ବରଦାନ,
ଅମର ସେ କାହେ କାହେ,
ଓଡ଼ିଶୀ ନୃତ୍ୟ ଛନ୍ଦ ତପଙ୍କ ନୂପୁର ତରାଜ ତାଳେ ।
'ଛୋଟ ମୋ'ର ଗାଁଟି' ଗାଥା ସୃଷ୍ଟିରେ ହେଲାରେ ଅମୂଲ୍ୟମୂଲ୍ୟ ।
ଜଦନବନ, ଇନ୍ଦ୍ରଭୂବନେ କହ କିଏ ତା'ର ତୁଲ ?
ଦେଇ ବୀଣାପାଣି ଦିବ୍ୟ ଲେଖନୀ, ଜାନେ ଲହିଅଛେ ଅମୃତବାଣୀ,
କାବ୍ୟ ଅୟନଧାରେ-
ଶ୍ରେଣୀ କକ୍ଷରୁ ଜ୍ଞାନପୀଠ କବି ଶାଶ୍ୱତ ଲାଭି ଝରେ ।
ଶୃଙ୍ଗାରଣ ତଳେ ସଜାଇ ରଚିତେ ଶତାବ୍ଦୀର ଶେଷ ଅଙ୍କ,
ଶତେକ ନୀତିରେ ମାଜି ରାଜନୀତି ବଜାଇ ବିଜୟଶଙ୍ଖ,
ଏଇ ବାଟଶାଳୀ ବାଟ,
ମୁଲକରେ ଆଜି ମୁଖ୍ୟମନ୍ତ୍ରୀ ଓଡ଼ିଶାର ନେତା ଶ୍ରେଷ୍ଠ ।
ଏଇ ସହକାର ମୂଳେ-
ସହସ୍ର କିଶୋର 'ହେମଶସ୍ୟ'ରେ ତରୁଣ ତପନ ଝଳେ ।
ଶତାୟୁ ଏ ପାଠ, ବୁକେ ଘେନି ଶତ ସହସ୍ର ଆୟୁଷ୍ମାନ,
କୋଟି ଆୟୁ ଘେନି ନିର୍ଘୋଷ କରୁ ଆଗାମୀର ଆବାହନ ।
ପାବନ ଏ ପଥ ଧାରେ-
ଧୂଳି ନୁହେଁ, ଏତ ଶରଧା ବାଲିରେ
ବୋଲି ଦିଅ ମଥାପରେ ।

ଅବସରପ୍ରାପ୍ତ ଶିକ୍ଷକ, ବି.କେ.ବି. ହାଇସ୍କୁଲ

○

# କବି ମୁଁ କେମିତି ହେବ

କବି ସୁରେନ୍ଦ୍ରନାଥ ବିଦ୍ୟାଧର

ଦିନେ ଦିନେ ବସି ନିଭୃତ କକ୍ଷେ ମୋ
ମନେ ମନେ ହୁଏ ଭାବି
ଏତେ କଷ୍ଟ ସହି ଆଉ ଏ ଜୀବନେ
କବି ମୁଁ କିମିତି ହେବି ।
କବି ହେବି ବୋଲି ବହୁ ଦିନୁ ମୋର
ବାସନାଟି ଥିଲା ମନେ
ମୀନା ବଜାରରେ ସଭ୍ୟ ହେବି ବୋଲି
ଭାବିଥିଲି ମନେ ମନେ ।
ଦିନେ ହେଲେ କିଛୁ କବିତା ଲେଖାରେ
ଥରେ ମୁଁ ତ ଦେଲି ମନ
ଆରମ୍ଭିଲେ କେବେ କଲମ ନ ଚାଲେ
ମନ ହୁଏ ଛନଛନ ।
ଗୀତା ଭାଗବତ ଭଞ୍ଜଙ୍କ ସାହିତ୍ୟ
ଦୀନକୃଷ୍ଣ ଅଭିମନ୍ୟୁ
ରାଧାନାଥଙ୍କର କାବ୍ୟ କବିତା ତ
ଦେଖା ନାହିଁ ପିଲାଦିନୁ ।
ଭାବେ ଖାଲି ବସି ପୁରୁଣା କବି ତ
ସାର ସାର ବାଛି ବାଛି
କବିତା ଲେଖିଲେ ଓଡ଼ିଶାରେ ଆଉ
ମୋ ପାଇଁ କ'ଣ ଅଛି ।
ରାମାୟଣ ଆଉ ମହାଭାରତକୁ
କେହୁ କେତେ ରୂପ ଦେଲେ
ଖୋଟିଏ ନାରୀର ସୌନ୍ଦର୍ଯ୍ୟକୁ ନେଇ
କୋଟି କାବ୍ୟ ସୃଷ୍ଟି କଲେ ।
ସବୁ ତ ଦେଖିଲେ ସବୁ ତ ଲେଖିଲେ
ବାଗ୍‌ଦେବୀଙ୍କ କୃପା ଲଭି
ଆଉ କିସ ଅଛି ନେଇ ଏ ଜୀବନେ
କବି ମୁଁ କିମିତି ହେବି ।
ସେଇ କଥା ଯେବେ ଓଲଟି ଚିନ୍ତିବି
ମୋ କଲମେ ଭାଷା ଦେଇ
ସେହି ଭାବ ପଂକ୍ତି ଶବ୍ଦକୀ ବିନ୍ଦୁନେ
ଆଉ ଲିଛି ପାରେ ନାହିଁ ।
ସାହିତ୍ୟ ରାଇଜୁ ଚୋରି କରେ ବୋଲି
ନାଆଁ କିଆଁ ମୋର ହେବ
ସମାଲୋଚନାରେ ପତ୍ର ପତ୍ରିକାରେ
ଦୀର୍ଘ ସ୍ତମ୍ଭ ପୂରିଯିବ ।
ଆଉ ପକ୍ଷେ ମୋର କବି ହେବା ଦୂରେ
ତାହା କ ପାରିବି ସହି
ଏତେ କଷ୍ଟ ସହି ଆଉ ଏ ଜୀବନେ
କବି ମୁଁ ହୋଇବି ନାହିଁ ।

ଗାଁରୁ ବାହାରି ଚାଲିଯିବି ଯେବେ
ଦୂରଦେଶ ବନଭୂଇଁ
ପ୍ରକୃତି ରାଇଜେ, କେତେ ନୂଆ ଛବି
ଦେଖିବି ମୁଁ ଧାଇଁ ଧାଇଁ ।
ଧୂଆ ଧାର ଜଳ- ପ୍ରପାତ ଦେଖିଲେ
ମନ ମୋର ଭୁଲିଯିବ
ନବଶୁଭ୍ର ଶୁଭ୍ର ହିମାଦ୍ରି ଦର୍ଶନେ
କବିତା ମୋ ଅଙ୍କୁରିବ ।
କିନ୍ତୁ ହାୟ, ସେ ତ ମୋ ଜନମ ଭୂଇଁ
ଓଡ଼ିଶାଠୁ କେତେ ଦୂର
ତାକୁ ମୁଁ ବର୍ଣ୍ଣିଲେ ସେଥିରେ ବା କେଉଁ
ସୁନାମ ହୋଇବ ମୋର ।
ଗିରି ଜଙ୍ଗଲ ବନ ନିର୍ଜନ କାନ୍ତାର
କିଏ ମୋର ଲେଡିଯିବ
ଆଉ ପକ୍ଷେ ମୋର କବି ହେବା ଦୂରେ
ଜୀବନଟା ଯିବା ଥାଉ ।
ପ୍ରାଚୀନ ସାହିତ୍ୟେ ପଶି ନ ହୁଅଇ
ଏ ତ ଆଧୁନିକ ଯୁଗ
ନୂତନ ଲେଖିଲେ ପାଆନ୍ତି ନୂତନ
କବିଙ୍କ ସହଣେ ଭାଗ ।
ପଲ୍ଲୀଚିତ୍ର ପାଇଁ ଗାଆଁ ଗହଳିରେ
କିଏ ସେ ବୁଲିବ ଯାଇ
ଗାଇଁ?ଗିଆ କଥା ସଂଗ୍ରହ ପାଇଁ କି
ଏତେ ଆବର୍ଜନା ନେଇ ।
ଦିବା ଅବସାନେ ବାରୁଣୀ ଗଗନେ
ଗାଆଁ ମୁଣ୍ଡ କୂଅ ତଟେ
ପାଠପଢ଼ା ଛାଡ଼ି କିଏ ସେ ବୁଲିବ
ଢୋକା ପାଖ ନଈ ପଟେ ।
ଇଉନିଭରସିଟ୍ ପୋଗ୍ରାମ କଲାଣି
ମାଟ୍ରିକ ପରୀକ୍ଷା ପାଇଁ
ସମୟ ନ ଅଛେ ଦିନ ରାତି ଖାଲି
ବହି ସଙ୍ଗେ ଲାଗିଥାଇ ।
ଘରେ ବାପ ଭାଇ ବିଦ୍ୟାଳୟେ ଗୁରୁ
ଗୋଡ଼େ ଗୋଡ଼େ ଥାନ୍ତି ଜଗି
ଏତେ କଷ୍ଟ ସହି ଏ ଜୀବନେ ଆଉ
କବି ମୁଁ କିମିତି ହେବି ।

( ୧୯୫୧ ମସିହା ଅବକାଶରୁ ଗୃହୀତ )



# ଭକ୍ତଚରଣ ସ୍ମରଣେ

ଶ୍ରୀ ବେଣୁଧର ସାହୁ

ମନେପଡ଼େ ମୋର  ବାଲ୍ୟ ପାଠପଢ଼ା
  ଗ୍ରାମ୍ୟ ଚାଟଶାଳୀ ଘରେ
ପଣିକିଆ ସଙ୍ଗେ  କଢ଼ାଖଡ଼ା ପୁଣି
  ବର୍ଣ୍ଣବୋଧ ତାହାପରେ ।।୧।

ସର୍ବଶେଷେ ଆସେ  ମଥୁରା ମଙ୍ଗଳ
  ଛାନ୍ଦ ଭଣ୍ଡାରର ପୋଥି
ଗୀତା ଭାଗବତ  ବୃନ୍ଦାରେ ଯାହାକି
  ରଖା ହୋଇଛି ସାଇତି ।।୨।

ଚନ୍ଦ୍ରଧର ଅଟେ  ମଥୁରା ମଙ୍ଗଳ
  ଭକ୍ତଚରଣଙ୍କ ଲେଖା
ମନଧ୍ୟାନ ଦେଇ  ଥରେ ପଢ଼ିଦେଲେ
  ମନେ ହୋଇଯାଏ ଲେଖା ।।୩।

ଖୋର୍ଦ୍ଧାଜିଲ୍ଲା ମଧ୍ୟେ  'ସେ' କୃଷ୍ଣଶରଣ
  ବିଦିତ ସାନପଦର
ଜନ୍ମିଥିଲେ ଭକ୍ତ  ଚରଣ ସେଠାରେ
  ଦରିଦ୍ର ପଲ୍ଲୀ କୁଟୀର ।।୪।

ଶିକ୍ଷା ଦୀକ୍ଷା ନାହିଁ  ଅଧିକାରୀ ହେଲେ
  ଅଶେଷ ଜ୍ଞାନ ଭଣ୍ଡାର
କରୁଣା ଆଶୀଷ  ପାଇଲେ ଠାକୁର
  ବୃନ୍ଦାବନ ଚନ୍ଦ୍ରଙ୍କର ।।୫।

ଛାଡ଼ି ଜନ୍ମସ୍ଥାନ  ବିଶ୍ରାମ କରିଲେ
  ରାଜସୁନାଖଳା ଗ୍ରାମେ
ବିଶ୍ରାମଭୂମିଟି  ଭକ୍ତଚରଣଙ୍କ
  ପ୍ରସିଦ୍ଧ ଓଡ଼ିଶା ଧାମେ ।।୬।

ଲଭିଦିବ୍ୟ ଜ୍ୟୋତି  ବୃନ୍ଦାବନଙ୍କର
  ଲେଖନୀ ଚାଳନା କଲେ
ମଥୁରା ମଙ୍ଗଳ  ଲେଖି ଭକ୍ତକବି
  ଚିର ଅମର ହୋଇଲେ ।।୭।

ବାଉନ ଛାନ୍ଦରେ  ଲେଖା ଏହି ପୋଥି
  ବିବିଧ ରାଗରାଗିଣି
ନନ୍ଦନନ୍ଦନଙ୍କ  ବାଲ୍ୟଲୀଳା ଠାରୁ
  କଂସର ନିଧନ ପୁଣି ।।୮।

ସଂକଳନ ହେଲା  ତିରିଶ ଛାନ୍ଦରେ
  ମଥୁରାମଙ୍ଗଳ ବହି
ଆଦୃତ ହେଲା  ଜନ ସମାଜରେ
  ସମକକ୍ଷ ନାହିଁ କେହି ।।୯।

ପ୍ରଥମ ଛାନ୍ଦରେ  ଦେବତାମାନଙ୍କ
  ଶୁଣି ଆତୁର ବାଣୀଟି
ଆଶ୍ୱାସିଲେ ପ୍ରଭୁ  ଜନମ ଲଭିବେ
  ଗୋପପୁରେ ଯଥାରୀତି ।।୧୦।

ଦ୍ୱିତୀୟ ଛାନ୍ଦରେ  ଅକ୍ରୁରଙ୍କ କୃଷ୍ଣ
  ଦର୍ଶନ ପାଇବା ସ୍ଥାନ
କଂସର ବିନାଶ  ତୃତୀୟ ଛାନ୍ଦରେ
  ହୋଇଅଛି ବର୍ଣ୍ଣନ ।।୧୧।

ନୁହେଁ ସେ ବିନାଶ  ରାଜା କଂସଙ୍କର
  ଗର୍ବ ଅଭିମାନ ପୂର୍ଣ୍ଣ
ପଢ଼ି ଏହି ପଦ୍ମ  କେଉଁ ପିତାମାତା
  ଅନ୍ତର ନ ହେବ ଶୂର୍ଣ୍ଣ ।।୧୨।

ଚତୁର୍ଥ ଛାନ୍ଦରେ  ଗୋପୀଙ୍କର ଚିନ୍ତା
  ଶୁଣି କୃଷ୍ଣଙ୍କ ଗମନ
ପଞ୍ଚମ ଛାନ୍ଦରେ  ଗୋପାଙ୍ଗନାଙ୍କର
  ବିଳାପ ହୁଏ ଦ୍ୱିଗୁଣ ।।୧୩।

ମାତା ଯଶୋଦାଙ୍କ  ବିଳାପବର୍ଣ୍ଣନା
  ହୋଇଛି ଷଷ୍ଠ ଛାନ୍ଦରେ
ପଢ଼ି କେଉଁ ମାଆ  ନ ରହିପାରିବେ
  ନୟନୁ ବୁହାଇ ନୀର ।।୧୪।

କୃଷ୍ଣଙ୍କର ବାଲ୍ୟ  କଥା ଗୋଟି ଗୋଟି
  ପଡ଼ଇ ତାଙ୍କ ମନେ
ବାହୁନି କାନ୍ଦନ୍ତି  ଯଶୋଦା ମାତାଶ୍ରୀ
  ଶୁଣି ଯାତ୍ରା ମଧୁବନେ ।।୧୫।

ସପ୍ତମ ଛାନ୍ଦରେ  ଗୋପୀଙ୍କର ଭକ୍ତି
  ଅଷ୍ଟମେ କୃଷ୍ଣ ପ୍ରବୃତ୍ତି
ଏହିପରି ଲେଖା  ତିରିଶି ଛାନ୍ଦଟି
  ଭକ୍ତଚରଣଙ୍କ ଭକ୍ତି ।।୧୬।

ସରଳ ଗ୍ରାମୀୟ ଭାଷାରେ ଲିଖିତ
ଭକ୍ତଚରଣଙ୍କ କାବ୍ୟ
ଯେଉଁ ଜନମାନ ଯେପରି ପଢ଼ିବେ
'ସେ' ହୋଇଥାଏ ସୁଶ୍ରାବ୍ୟ ।।୧୭।

ରାଗଭାଗିଣୀରେ କରିଲେ ଆବୃତ୍ତି
ଶ୍ରୁତିମଧୁର ହୋଇବ
କାରେ ପଢ଼ିଦେଲେ ସେ କାବ୍ୟ କବିତା
ନିତିଦିନ ପଢ଼ୁଥିବ ।।୧୮।

ତାହାଙ୍କ ଲିଖିତ ଅନ୍ୟ ଏକ ଲେଖା
ମନବୋଧ ଚଉତିଶା
ଜଗତେ ନ ଥିବ ଏପରି କବିତା
ସରଳ ସହଜ ଭାଷା ।।୧୯।

ଜୀବନର ଏକ ନିଖୁଣ ଚରିତ୍ର
ସମାଜର ପ୍ରଥାମାନ
ଭକ୍ତଚରଣଙ୍କ ମାନସପଟରୁ
ହୋଇଅଛି ଉତ୍ପନ୍ନ ।।୨୦।

ବୃଦ୍ଧ ବୃଦ୍ଧାମାନେ କରନ୍ତି ଆବୃତ୍ତି
ରାଗରାଗିଣୀରେ ମଜ୍ଜି
ସତେ ଅବା ତାଙ୍କ ଅଙ୍ଗେ ନିଭା କଥା
ମନେ ହେଉଥାଇ ଭଜି ।।୨୧।

ଆହୁରି ଆଶ୍ଚର୍ଯ୍ୟ ସେହି କବିତାଟି
ନଥିବ ଧରାଧାମରେ
'ଠ' ଅକ୍ଷରରୁ ଆରମ୍ଭ ହୋଇଣ
'କ୍ଷ' ଅକ୍ଷରରେ ସରେ ।।୨୨।

ଚେତାଇ ଦିଏ ସେ ଜନସମାଜକୁ
ଘରେ ଅଛିଟକୁ ଯାହା
ତୋ ଘଟ ଛୁଟିଲେ ଭୂତ କହି ତୋତେ
କେହି ନ ହୋଇବେ ସାହା ।।୨୩।

ଛୁଇଁବେ ନାହିଁଟି ମଡ଼ା ବୋଲି ତୋତେ
ଜ୍ଞାତି ବନ୍ଧୁ ପରିଜନ
ଛ'ଖଣ୍ଡି କାଠରେ ନେଇକରିବେ ତୋ
ଶେଷକୃତ୍ୟ ସମାପନ ।।୨୪।

ଏହିପରି ମନ ଛୁଆଁ କଥାମାନ
ଭକ୍ତଚରଣଙ୍କ ଦାନ
ପ୍ରଣତି ଜଣାଏ ତାଙ୍କ ପାଦତଳେ
ଥାଉ ମୋର ମନ ପ୍ରାଣ ।।୨୫।

ଶିକ୍ଷକ
ବି.ଜିକେ.ବି.ହାଇସ୍କୁଲ, ଖୋର୍ଦ୍ଧା



# କଥା

ଡଃ ବଂଶୀଧର ଷଡ଼ଙ୍ଗୀ

ଅବିଶ୍ୱାସରେ କଥା ଆରମ୍ଭ କରୁ କରୁ
ଜାଣେନା କେତେବେଳେ
ବିଶ୍ୱାସରେ ପହଞ୍ଚି ସାରିଥିଲି ।

ହୁଏତ ଟିକିଏ ବିଶ୍ୱାସ ଦରକାର
ଯାହାକୁ ପୁଞ୍ଜିକରି
ଭାବଗ୍ରାହୀ
ବଦଳେଇ ଦେଇଥିଲେ ପଥର
କେହି କାହାକୁ
କିଛି ବୋଲି କିଛି କହି ନ ଥିଲେ
ଅଥଚ ସବୁକଥା କୁହା ସରିଥିଲା ।

କିଛି ପଦାରେ ନା
ସବୁ ପ୍ରଶ୍ନରେ ସନ୍ଦେହ ଥାଏ
ସନ୍ଦେହରେ ଅହଂକାର
ଅହଂକାରୀଠୁ ଦୂରେଇ ଯାଏ
ସବୁ କଥାର ରହସ୍ୟ ।

ଦୂରରେ । ଶୂନ୍ୟ ତାଳରେ
ଝୁଲୁଥାଏ ମହାକାଳ ଫଳ
ତା' ଭିତରର ଅନ୍ଧାରରେ
ଲୁଚି ରହିଥାଏ ପ୍ରାପ୍ତି, ବିଶ୍ୱାସ ।
ଏଇ ଛୋଟ ବଞ୍ଚିବା କାଳ ଭିତରେ
କିଛି ପ୍ରାପ୍ତି ଆଶା କରିବା
ବିଡ଼ମ୍ବନା ହୋଇପାରେ
କିନ୍ତୁ କ୍ଷତି କ'ଣ ?

ଦେଖୁ ଦେଖୁ ଗଛ ଢାଳି ଯାଉଥିବ
ପାହାଡ଼ ପାଖକୁ
କଥା ହଉଥିବ ଆମ ଅଲକ୍ଷ୍ୟରେ ।

ସେଠି ଶବ୍ଦ ନ ଥାଉ ବି ଥିବ
କିଛି ନ କହିବା ଭଳି ମନେ ହେଉଥିଲେ ମଧ୍ୟ
ଅନେକ କଥା କୁହା ସରିଥିବ ।

ଦେଖ ଦେଖ ଜଙ୍ଗଲ ଭିତରୁ
କ୍ଷିପ୍ର ଗତିରେ ଉଡ଼ି ଯାଉଥିବ ମାଛରଙ୍କା
ମାଙ୍କଡ଼ ଲୋକଟା ତାହିଁ ରହିଛି ଶୂନ୍ୟକୁ
ତା'ପାଇଁ କିଛି କଥା ନ ଥିବ କହିବାକୁ ।

ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ନୟାଗଡ଼ ମହାବିଦ୍ୟାଳୟ

○

# ଦିଟୋପା ଅଶ୍ରୁ

ଶ୍ରୀ ଲକ୍ଷ୍ମୀଧର ମିଶ୍ର

ଅଶ୍ରୁ ଗଡୁଛ  କଏଣେ କହୁଛି
ଆଗପୁରେ ଥାଇ ଶୁଣ ।
ପାଶୋରିବି ବୋଲି  ଭାବିଲେ ପୁରୁଣେ
ପାଶୋରି ପାରୁନି ଗୁଣ ।।୧।

କେଉଁ ଶୁଭଲଗ୍ନେ  ଜନମି ଥିଲ ହେ
ନିଜେ ନିଜର ଉପମା ।
ଆଖଡ଼ା ଗାଁକୁ  ମହାବିଦ୍ୟାଳୟେ
ଥିଲା ତୁମ ଶିକ୍ଷା ସୀମା ।।୨।

କମନୀୟ ତବ  ଅଙ୍ଗ ସଉଷ୍ଠବ
ତା'ଠାରୁ ବାକ୍ଚାତୁରୀ
ଶୁଣିଛି ଯେ ପରେ  ଆଜି ଶୁଣିବାରେ
ମନେ ମନେ ଦୁଃଖ ଘାରି ।।୩।

ଶିକ୍ଷାଦାନ ତବ  ଅତୀତ ସରାଗ
ସହଜେ ହୁଅଇ ତୁଷ୍ଟି
ଭାଷଣ ତୁମର  ଥିଲା ପ୍ରାଣବନ୍ତ
ଶୁଣୁଥାନ୍ତି ଆଖିବୁଜି ।।୪।

ଅଧ୍ୟାପନା ଆଉ  ସାହିତ୍ୟ ସାଧନା
ଥିଲା ଜୀବନର ଲକ୍ଷ୍ୟ ।
ମିଥ୍ୟା ଅହଂକାର  ଦେଖାଇ ନ କାରେ
ହୋଇ ବୃଥା ବାକବୃକ ।।୫।

ହିନ୍ଦି, ସଂସ୍କୃତ  ଓଡ଼ିଆ ଭାଷାରେ
ଭାଷାବିତ୍ ଥିଲ ତୁମେ ।
କଥାର କୁହୁକ  ସରଜି ଯାଇଛ
'ଶୁଆ ଶାରୀ କଥା' ନାମେ ।।୬।

ଯାଦୁକର ଭଙ୍ଗି  ଯାଇଅଛ ସୃଜି
'ଭୁଲି ହୁଏନା କାହିଁକି' ।
'ଝୁପର ତାଳ'ଟି  ଅପରୂପ କୃତି
ଅଭୁଲା ହୋଇ ରହିଛି ।।୭।

କବି କଳ୍ପିତ  ତୁମ 'ମେଘଦୂତ'
ଭାଷାର ଚାତୁରୀ କହେ ।
ମନପ୍ରାଣ ଛୁଆଁ  ହୋଇ ସେ ରହିଛି
ରହିଥିବ କାଳେ କାଳେ ।।୮।

ବହୁ ଘଟଣାରେ  ନିଜ ଜୀବନର
ଛାୟାଛବି ଲୁଚି ରହି ।
ଅନ୍ତଃସଲିଳା  ଫଲ୍ଗୁଧାରା ସେ
ଯାଉଅଛି ସତେ ବହି ।।୯।

କେତେ ଅନୁଷ୍ଠାନ  ଗଢ଼ି ଯାଇଅଛ
ନିଜେ ଅନୁଷ୍ଠାନ ହୋଇ ।
ତୁମକୁ ଭୁଲିବ  ତୁମ ହାତ ଗଢ଼ା
ଛାତ୍ର କେ ଅଛି କାହିଁ ।।୧୦।

ତୁମେ ଚାଲିଗଲ  ସରଗ ଧାମକୁ
ଛାଡ଼ିଏ ମରତ ଭୂଇଁ ।
ଆମେ ସବୁ ଯେତେ  ରହିଲୁ ଏ ପୁରେ
ଖାଲି ଝୁରି ହେବା ପାଇଁ ।।୧୧।

କୋମଳୀୟ ତବ  ଭାଷା ଆଉ ଭାବ
କାହିଁରି କାଠି ସେ ସତେ ।
ଛନ୍ଦହୀନ ମୋ  ଜୀବନର ଗତି
ଛନ୍ଦି ଦେଲା ଆଚମ୍ବିତେ ।।୧୨।

ତୁମେ ଗଲାଦିନୁ  ଭୁଲିଛି ଏ ମନୁ
ଥିଲା ଯେତେ ଯାହା ଆଶା ।
ରହିଗଲା ତାହା  ହୋଇଣ ଅବୁଝା
କେ ଅଳିବା ଦେବ ଭାଷା ।।୧୩।

ଗୁରୁମଣି ତିଳେ  ବନ୍ଦିଲି ଚରଣେ
ନିଷ୍ଠୁର ସମାଜ ଡରେ ।
ଆଜି ମୁଁ ଦେଉଛି  ଅଶ୍ରୁ ଦିଟୋପା
ଥାଇ ଏକା ମନତରେ ।।୧୪।

(ପୂଜ୍ୟ ପଣ୍ଡିତଜୀ ସ୍ୱର୍ଗତ ହରିକୃଷ୍ଣ ପ୍ରଧାନଙ୍କ ପବିତ୍ର ସ୍ମୃତିରେ)

ପୂର୍ବତନ ଶିକ୍ଷକ
ଟ୍ରେନିଂ ସ୍କୁଲ କ୍ୱାଟର୍ସ
ଭଟାମାଟି-୭୫୨୦୬୮



# ଦିବ୍ୟସିଂହ ସ୍ମରଣେ

**ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତି**

ଧନ୍ୟ ଦିବ୍ୟସିଂହ । ଧନ୍ୟ ତୁମ୍ଭ ନାମ ।
ଧନ୍ୟ ତୁମ୍ଭ କର୍ମ । ଧନ୍ୟ ପରାକ୍ରମ ।

ଚଳୁଛି ଜଗବନ୍ଧୁ ଶିକ୍ଷା ଅନୁଷ୍ଠାନେ
ଶତ ସମ୍ବତ୍ସରେ ପଡ଼େ ଆଜି ମନେ ।

ଚରିତ୍ର ଗଠନ, ଶୃଙ୍ଖଳା, ଦାୟିତ୍ୱବୋଧ ଜ୍ଞାନ-
ଥିଲା ଆଦର୍ଶ ତୁମର ଜୀବନ ।

ସଂଯମ, ଶାନ୍ତି, ଅହିଂସା, ସତ୍ୟ-
ଜୀବନେ ଯାହାର ପରମ ବ୍ରତ ।

ସେବା, ଦାନ, କ୍ଷମା, ତିତିକ୍ଷା ଓ ଧର୍ମ
ତୁମ୍ଭ ଜୀବନେ ଥିଲେ ପୁଣ୍ୟ କର୍ମ ।

ତୁମ୍ଭ ପଦଚୁମ୍ବ, ତୁମ୍ଭ ଶିକ୍ଷାଦାନ-
ଛାତ୍ର ମନନେ କରେ ସଦା ଆଲୋଡ଼ନ ।

ଜନଶିକ୍ଷା ଲଭି ଛାତ୍ର ମନ୍ତ୍ରାଧୀନ-
ସଗର୍ବେ କରନ୍ତି ତବ ସ୍ତୁତି ଗାନ ।

ଅଛି ସମବାୟ, ଅଛି ସେ ଖାଉଟି ଭଣ୍ଡାର-
ଯା' ଲାଗି ବ୍ୟାକୁଳ ତୁମେ ନିରନ୍ତର ।

ବହୁ କଷ୍ଟେ ପାଦେ ଚାଲି, କରି ଭିକ୍ଷା-
ମହାବିଦ୍ୟାଳୟ ସର୍ଜି ଶତ ଶତ ଛାତ୍ରେ ଦେଇଅଛ ଦୀକ୍ଷା ।

ଶିକ୍ଷକ କଲ୍ୟାଣେ ଗଢ଼ି ଶିକ୍ଷା ସଙ୍ଗଠନ-
ଶିକ୍ଷକ ଜାତିର ବଢ଼ାଇଲ ମାନ ।

ଅଧର୍ମ ବିନାଶ ଧର୍ମ ସଂସ୍ଥାପନ-
ଉଦ୍ଦେଶ୍ୟେ ନିର୍ମିତ ସେ "ଗୀତାଭବନ" ।

ଅଛି ଛାତ୍ରାବାସ, ଅଛି ସେ ଶିକ୍ଷାସଦନ-
ଗାଇବାକୁ ଗାନ ତବ କୀର୍ତ୍ତିମାନ ।

ଶତ ସମ୍ବତ୍ସରେ ଏତିକି ମିନତି-
"ଆଶୀର୍ବାଦେ ତବ- ବିରାଜଉ ଶାନ୍ତି ।

ସହକାରୀ ପ୍ରଧାନ ଶିକ୍ଷକ
କେରଙ୍ଗ ହାଇସ୍କୁଲ

# ଏହି ମୋର ପ୍ରିୟ ବିଦ୍ୟାଳୟ

**ଅକ୍ଷୟ ସାହୁ**
ଗୁରୁଜଙ୍ଗ

ଏହି ମୋର ପ୍ରିୟ ବିଦ୍ୟାଳୟ-
ଯାହାନେଇ କଟିଯାଏ ଜୀବନର ଅନେକ ସମୟ ।
କର୍ମକ୍ଷେତ୍ର ରୂପେ ଯା'କୁ ମୁଁ ଆଜି ନେଇ ଅଛି ବାଛି
ଯେଉଁ କାମ କରି ଆଜି ଏ ଧରାରେ ରହିଛି ମୁଁ ବଞ୍ଚି ।
ପରିବାର ଭରଣ ପୋଷଣ-
ଯା ଲାଗି ସୁଖ ଦୁଃଖରେ ହୁଏ ମୋର ସମସ୍ୟାପୂରଣ ।
ସେ ନେଇ ଏ ଅତିପ୍ରିୟ ମୋର,
ମୁଁ ତାକୁ ପାରେନା ଭୁଲି ଏ ଜୀବନେ ନିମିଷେ ମାତର
ଏ ଜୀବନ ପରିସରେ ଝଡ଼ଝଞ୍ଜା ଆସିଛି ଅନେକ
ମନେକର ସହିଛି ସବୁ ଅଶ୍ରୁମାତ୍ର ଆଣିନାହିଁ ଦୁଃଖ
ଏଭଳି ଜୀବନ ମୋର ଏହି ତ ଏ ମନର ପରିଧି
ଏହି ମୋର ପରିବେଶ ଯହିଁରେ ମୁଁ ଦିବାନିଶି ବନ୍ଦୀ ।

ଗୁରୁଜଙ୍ଗ



# ଭୁଲି ନାହିଁ କେବେ ଭୁଲିନା

ଶ୍ରୀ ରମେଶ ମଙ୍ଗରାଜ

କାଲିକି' ହେବ ଛୁଟି.....
କଚେରୀ ହତା ପଡ଼ିବ ଖାଲି- ହେବନି ବିନାବାଦାମଫେରି
ମିଳିବ ନାହିଁ ପେଟକୁ ଦାନା- ମିଳିବ ନାହିଁ ରୁଟି
କାଲିକି' ହେବ ଛୁଟି (-୪ ଥର ପଢ଼ିବେ)

ବିଦ୍ବ ଜଗବନ୍ଧୁ ବିଦ୍ୟାଧର ନାମେ
ଖୋରଧା ସହରେ ବିଦ୍ୟାଳୟ
ସେତେବେଳେ ଥିଲେ ପ୍ରଧାନ ଶିକ୍ଷକ
'ଦିବାସିଂହସାରେ' ମହୋଦୟ । (୧)
କାର୍ତ୍ତିକ ଉତ୍ସବ ପାଖେଇ ଆସୁଛି
ମନେ ମନେ ଚିନ୍ତି ଚିନ୍ତା କଲେ
ହରିପଣ୍ଡିତଙ୍କୁ ଆସନ ହକାରି
ସାଂସ୍କୃତିକ କାର୍ଯ୍ୟ ଅର୍ପିଲେ । (୨)
ପଣ୍ଡିତଙ୍କ ଲେଖା 'କାଲିହେବ ଛୁଟି'
ରୂପାୟନ ପାଇଁ ସ୍ଥିର ହେଲା
କିଏ ହେଲା 'ମୋଟି' କିଏ ବା 'ଓଦିଲ'
ସାଜିଥିଲି ମୁଁ 'ବାଦାମବାଲା' । (୩)
ବେକରେ ଝୁଲାଇ ବାଦାମ ଝୁଡ଼ିଟି
ଦୁଃଖରେ ମୋ'କଥା କହିଥିଲି
ଦର୍ଶକ ମହଲୁ କେତେ ବାହା ବାହା
କରତାଳି ଖାଲି ପାଇଥିଲି । (୪)
ସେହି ଅନୁଭୂତି ଭୁଲି ପାରିନାହିଁ
ଭୁଲି ହେବନାହିଁ କେବେବେଳେ
'କାଲି ହେବ ଛୁଟି' ଦେଖିଥିଲେ ଯିଏ
ଜୀବନରୁ ଭୁଲି ନପାରିଲେ । (୫)
ଜୀବନ ସଙ୍ଗୀତ ଗାଇ ମୁଁ ଶିଖିଛି
ଛୋଟବେଳୁ ଚିହ୍ନି ମନ ନେଇ
'ବାଦାମବାଲା'ର ଦୁଃଖଭରା କଥା
ଭୁଲି ନାହିଁ କେବେ ଭୁଲି ନାହିଁ । (୬)

କବି ଓ କବିତା ଭବନ
ମହୁଲ/ଅଙ୍ଗାରପଡ଼ା, ଖୋରଧା-୭୫୨୦୫୪



# କଳପନା ହଜିଯାଏ

ଶଶିଭୂଷଣ ଚମ୍ପତିରାୟ

କଳପନା ହଜିଯାଏ ଅତୀତର ବିସ୍ମୃତ ବେଳାରେ
ସ୍ମୃତି ତାର ମଥାପିଟେ ସମୟର ଲହରୀ ଦୋଳାରେ ।

ଏଇମାନେ ଜାଗିଥିଲା କେତେ ଆଶା କେତେ କଳ୍ପନା
କୁସୁମିତ ହେବା ଆଗୁ ମଉଳିଲା ବହୁ ସମ୍ଭାବନା ।

କେତେ ଆଶା କେତେ ଯେ ନିରାଶା ପୁଣି କେତେ ଅନୁଭୂତି
ଅତିକ୍ରାନ୍ତ ହେଲା କାଳ ସବୁ କିଛି ପେଡ଼ିରେ ସାଇତି ।

ରହି ରହି ସ୍ମରେ କାହିଁ କୁରୁକ୍ଷେତ୍ର ବା ଅନ୍ୟ ଚିତ୍କାର
ପ୍ରତିହିଂସା, ଧର୍ମାନ୍ଧତା ସ୍ୱନେ କାହିଁ ରକ୍ତ ଜଳଧାର ।

କାହିଁ ବଢ଼ି କାହିଁ ଯେ ମରୁଡ଼ି, ପୁଣି କାହିଁ ପ୍ରପୀଡ଼ନ
କରାଳ କାଳର ସ୍ରୋତେ ସବୁ କିଛି ହୋଇଛି ବିଲୀନ ।

ହଜିଯାଏ ମନୁଷ୍ୟର ସତ୍ତା କାହିଁ ଭସ୍ମ ସ୍ତୂପତଳେ ,
ଅଭିଶପ୍ତା ସୀମନ୍ତିନୀ ଝରିଯାଏ ସ୍ୱାମୀ ଚିତାନଳେ ।

ତଥାପି ସେ ନବାଗତ ଶୁଭଙ୍କର ଶୁଭ ସାହାନାଇ
ନୂତନ ଆଶାରେ ବାଜେ ଏଇ ତୁମ ଆଗମନ ପାଇଁ ।

ହେ ଅତିଥି ଅନାଗତ ଭବିଷ୍ୟତ ବାର୍ତ୍ତାବହ ତୁମେ
ନୂଆ ଦିଗ୍‌ଦର୍ଶନ ଦିଅ ଉଦ୍‌ଭ୍ରାନ୍ତ ଏ ମନୁଷ୍ୟ ଜୀବନେ ।

ଅତୀତ ଅତୀତେ ରହୁ ଅନ୍ତର୍ଦାହ ଅନ୍ତରରେ ଭରି
ନୈରାଶ୍ୟ ସମାଧି ପରେ ଜଳିଉଠୁ ଆଶାର ଦୀପାଳୀ ।

ହିଂସା, ଦ୍ୱେଷ, ରକ୍ତପାତ, କୁସଂସ୍କାର ପରଶ୍ରୀକାତର
ସବୁର ବିଲୟ ଘଟି ଖୋଲିଯାଉ ହୃଦୟର ଦୁଆର ।

ଦୟା, କ୍ଷମା, ଭ୍ରାତୃଭାବ, ପ୍ରେମ ସ୍ନେହ ମମତା ବନ୍ଧନ
ଦୃଢ଼ ହୋଇ ଏକବିଂଶ ଶତାବ୍ଦୀର କରୁ ଜୟଗାନ ।

ହେ ମହାନ୍ ଆସିଅଛୁ ଚାଲିଯିବ ବରଷକ ପରେ
ଅମ୍ଳାନ ସେ ଦୀପ୍ତିଟିକ ଲିପିବଦ୍ଧ ହେବ ସ୍ୱର୍ଣ୍ଣାକ୍ଷରେ ।

ପ୍ରାକ୍ତନ ଶିକ୍ଷକ

# ସତ୍ୟଠାରୁ ମିଥ୍ୟା ଯାଏ

ଡଃ ହେମନ୍ତ କୁମାର ଦାସ

ଅଯୋଧ୍ୟାରୁ ନିର୍ବାସିତ ରାମଚନ୍ଦ୍ର ବନବାସରେ । ଶୁଣାଯାଉଛିଚିତ୍ରକୂଟରେ ଅବସ୍ଥାନ କରୁଛନ୍ତି । ସୁମନ୍ତଙ୍କୁ ବାଟରୁ ଫେରାଇ ଦେଇଛନ୍ତି । ତାଙ୍କୁ ଅନୁସରଣ କରି ଦୀର୍ଘପଥ ଅତିକ୍ରମ କରିଥିବା ଅଯୋଧ୍ୟାର ପ୍ରଜାଙ୍କର ଅଗୋଚରରେ ସେମାନଙ୍କୁ ଛାଡ଼ି ଚାଲି ଯାଇଛନ୍ତି । ପ୍ରତ୍ୟାଖ୍ୟାନ କରିଛନ୍ତି ଗୁହକ ଶବରର ପ୍ରସ୍ତାବକୁ । ପିତୃସତ୍ୟ ପାଳନ ନିମନ୍ତେ ଚୌଦବର୍ଷର ଅରଣ୍ୟବାସ ହିଁ ହେଉଛି । ତାଙ୍କର ଏକମାତ୍ର ଧ୍ୟେୟ ଏକାନ୍ତ ସତ୍ୟ । ଏହା ସେ ଜୀବନ ବିନିମୟରେ ମଧ୍ୟ ପାଳନ କରିବେ ।

ତାଙ୍କର ଅନୁପସ୍ଥିତିରେ ଅଯୋଧ୍ୟାରେ ଏଣେ ଘୋର ବିପର୍ଯ୍ୟୟ । ପୁତ୍ରଶୋକରେ ଦଶରଥଙ୍କର ମୃତ୍ୟୁ ହୋଇଯାଇଛି । ଭରତ ଶତ୍ରୁଘ୍ନ ଅଯୋଧ୍ୟାରେ ଅନୁପସ୍ଥିତ । ସେମାନଙ୍କୁ ସମ୍ବାଦ ଦିଆଯାଇଛି । ଭରତଙ୍କ ଉପରେ ଗୁରୁଦାୟିତ୍ୱ ଲଦି ହୋଇପଡ଼ୁଛି । ଭରତ ପ୍ରଥମ କାର୍ଯ୍ୟ ଶେଷ କରୁଛନ୍ତି । ନିଜର କର୍ତ୍ତବ୍ୟ ସ୍ଥିର କରି ନେଇଛନ୍ତି । ଅଯୋଧ୍ୟାର ସିଂହାସନରେ ସେ କେବେ ବସିବେ ନାହିଁ । ଏ ଅଧିକାର କେବଳ ଜ୍ୟେଷ୍ଠପୁତ୍ରର । ରାମଙ୍କୁ ଫେରାଇ ଆଣିବାକୁ ପଡ଼ିବ । ପବିତ୍ର ଇକ୍ଷ୍ୱାକୁ ବଂଶରେ ଛଳନା ଆଉ ମିଥ୍ୟାଚାରର ଯେଉଁ କାଳିମା ଲାଗିଛି, ତାକୁ ନିଜ ହାତରେ ପୋଛିଦେବାକୁ ପଡ଼ିବ । ଏହା ହିଁ ।ଙ୍କ ପାଇଁ ଧ୍ରୁବସତ୍ୟ । ଏହାର ବିକଳ୍ପ ନାହିଁ ।

ଜାବାଳି ଋଷି- ତ୍ରିକାଳଦର୍ଶୀ । ସର୍ବଶାସ୍ତ୍ରଜ୍ଞ । ସୁବକ୍ତା, ଯୁକ୍ତିବାଦୀ । ଭରତ ତାଙ୍କୁ ସାଥିରେ ନେଇଛନ୍ତି । ଚିତ୍ରକୂଟ ପର୍ବତରେ ରାମ- ପରିବାର ସହିତ ଭରତଙ୍କର ସାକ୍ଷାତ ହେଉଛି । ଭରତ ନିଜର ଉଦ୍ଦେଶ୍ୟ ଜଣାଇ ଦେଉଛନ୍ତି । ରାମ ନିଜ ସିଦ୍ଧାନ୍ତରେ ଅଟଳ । ଏତିକିବେଳେ ଜାବାଳିଙ୍କ ମୁହଁରୁ ଉଚ୍ଚାରିତ ହେଉଛି ଏକ ଭୟଙ୍କର ବାଣୀ- ସତ୍ୟର ସମାଧି ରଚନା ନିମନ୍ତେ ଭବିଷ୍ୟ ଏହି ଉକ୍ତିବାକ୍ୟ ଏବେ ମଧ୍ୟ ସୁବିଧାବାଦୀ ମଣିଷର ଆଦର୍ଶ ହୋଇରହିଛି । ଜାବାଳି କହିଲେ- ରାମଚନ୍ଦ୍ର!

ପ୍ରତ୍ୟକ୍ଷଂ ଯା ଉଦାତିଷ୍ଠ ପରୋକ୍ଷଂ ପୃଷ୍ଠତଃ କୁରୁ । ଜଗତରେ ପ୍ରତ୍ୟକ୍ଷ ହେଉଛି ଏକମାତ୍ର ସତ୍ୟ ଏବଂ ପରୋକ୍ଷ ହେଉଛି ଅସତ୍ୟ । ପ୍ରତ୍ୟକ୍ଷର ଅନୁଷ୍ଠାନରେ ବିଜ୍ଞ ବ୍ୟକ୍ତିମାନେ ପରୋକ୍ଷର ଅନୁସନ୍ଧାନ କରନ୍ତି ନାହିଁ । ଭରତର ଅନୁରୋଧ ହେଉଛି ତମ ପାଇଁ ପ୍ରତ୍ୟକ୍ଷ । ଦଶରଥ ପରୋକ୍ଷ । ତାଙ୍କ ପାଖରେ କରାଯାଇଥିବା ସତ୍ୟର କୌଣସି ମୂଲ୍ୟ ବର୍ତ୍ତମାନ ନାହିଁ । ତୁମେ ନିର୍ଦ୍ୱନ୍ଦ୍ୱରେ ଅଯୋଧ୍ୟା ଫେରିପାର ।

ଜାବାଳି ଯାହା କହିଲେ, ସେଥିରେ ଜଣେ ଯୁକ୍ତିବାଦୀ ସଂସାରୀ ମଣିଷର ଦୃଷ୍ଟିକୋଣ ପ୍ରତିଫଳିତ । ରାମ କିନ୍ତୁ ଫେରିଲେ ନାହିଁ । ଜାବାଳିଙ୍କୁ ସତ୍ୟ ଧର୍ମ ସମ୍ପର୍କରେ ବୁଝାଇବାକୁ ଆରମ୍ଭ କଲେ ।

ରାମ ସତ୍ୟର ପ୍ରତୀକ । ସତ୍ୟମାନେ ନିଚ୍ଛକ ସତ୍ୟ । ତା'ର ସବୁବେଳେ ଗୋଟିଏ ରୂପ । ତାହାର ଆଗପଛ ସବୁ ସମାନ । ଜାବାଳି ସୁବିଧାବାଦୀ । ନିଜ ମତର ପ୍ରତିଷ୍ଠା ପାଇଁ ଯୁକ୍ତିର ସାହାଯ୍ୟ ନେଇଥିଲେ । ରାମ ତାଙ୍କ କଥା ମାନିଥିଲେ, ନୈତିକତା ବିପନ୍ନ ହୋଇଥାଆନ୍ତା ।

ପୁରାଣରେ ସତ୍ୟରକ୍ଷାର ବହୁ ନଜିର ରହିଛି । କର୍ଣ୍ଣ ସତ୍ୟରକ୍ଷା କରି ନିଜ ଜୀବନକୁ ବିପନ୍ନ କରି କବଚ କୁଣ୍ଡଳ ଦାନ କରିଛନ୍ତି । ବଳି ସେଇ ସତ୍ୟ ପାଇଁ ପାତାଳଗାମୀ ହୋଇଛନ୍ତି । ଭୀଷ୍ମ ଚିରକୁମାର ରହିଛନ୍ତି । ହରିଶ୍ଚନ୍ଦ୍ର ଚରମ ଦୁର୍ଦ୍ଦଶା ଭୋଗିଛନ୍ତି । ଯୁଧିଷ୍ଠିର ଦ୍ୟୁତକ୍ରୀଡ଼ାର ଦାୟିତ୍ୱ ସ୍ୱୀକାର କରିନେଇ ଅରଣ୍ୟବାସୀ ହୋଇଛନ୍ତି ।

ନିଜର ପ୍ରତିଶ୍ରୁତି ହିଁ ଥିଲା ସେମାନଙ୍କ ପାଇଁ ସତ୍ୟ ।

୨

ଆଧୁନିକ ମଣିଷର ବାହ୍ୟସତ୍ତା, ତା'ର ପୂର୍ବଜମାନଙ୍କଠାରୁ ଅଧିକ ସବଳ। କପଟର ବଳରେ ସେ ପୃଥିବୀ ଉପରେ ଆଧିପତ୍ୟ ବିସ୍ତାର କରୁଛି । ସେଇ କଥାର ବୈର୍ଯ୍ୟ ଅଛି, ପ୍ରଶ୍ନ ଅଛି, ନାହିଁ ମାତ୍ର ସହାୟତା । ସତ୍ୟର ମଶାଣିରେ ମିଥ୍ୟାର ସନ୍ଧାନ ହେଉଛି ଆଜିର ଛଳନାପର ମଣିଷର ଧର୍ମ । ଏଥିପାଇଁ ତା'ର କୌଣସି ଅନୁଶୋଚନା ନାହିଁ । ଅନୁତାପ ନାହିଁ । କାରଣ ନଥାଇ କିମ୍ବା ସାମାନ୍ୟ କାରଣରୁ ମଧ୍ୟ ସେ ସତ୍ୟର ଅପଳାପ କରୁଛି । ଏହା ତା' ମୁହଁରୁ ବାହାରି ଆସୁଛି ସ୍ୱାଭାବିକ ରୂପେ, ଆଚରଣର ଏକ ଅଙ୍ଗ ରୂପେ । ମିଥ୍ୟା ପାଇଁ ପୂର୍ବରୁ ଯେଉଁ ପ୍ରସ୍ତୁତିର ଆବଶ୍ୟକ ହେଉଥିଲା, ଏବେ ତାହା ବି ଲୋଡ଼ା ପଡୁନାହିଁ । ଜନ୍ମସୂତ୍ରରେ କେହି ଏହି କଳାର ଅଧିକାରୀ ହୋଇ ନ ଥାନ୍ତି । ପରିବେଶ, ପରିସ୍ଥିତି ଆଉ ଅଭ୍ୟାସ ଧୀରେ ଧୀରେ ଏଥିରେ ମଣିଷକୁ ଅଭ୍ୟସ୍ତ କରିଦିଏ । ଆଜିର ମଣିଷ ଯେଉଁ ଦ୍ୱୈତ ଜୀବନ ଜୀଉଛି, ସେଥିପାଇଁ ଏଇ କପଟାଚାର ବେଶ୍ ସୁହାଉଛି । ନ ହେଲେ, ତା'ର ଆଶଙ୍କା, ସେ ବହୁପଛରେ ପଡ଼ିଯିବ । ଯେମାନେ ତା'ଲାଗି ଧାବନପଟୁ ଅଶ୍ୱକୁ ଅତିକ୍ରମ କରିଯିବେ । ଜୀବନର ଦୌଡ଼ରେ ସବାବେଳେ ସେ ଜିତିମାନଙ୍କର ବିଜୟ ହୁଏ, ଏହି ସତ୍ୟଟିକୁ ସେ ଭୁଲିଯାଇଛି । ତା'ର ପ୍ରୟୋଜନ ଘୋଡ଼ାର ଗତି । ଏହି ବିଦ୍ୟୁତ୍ ଗତିରେ ସେ ଅନ୍ୟମାନଙ୍କୁ ପଛରେ ପକାଇ ବିଜୟସ୍ତମ୍ଭ

ଆରୋହଣ କରିବ । ଏକନମ୍ବର ସ୍ଥାନରେ ଠିଆ ହେବ । ନ ହେଲେ ଜୀବନ ବ୍ୟର୍ଥ ହୋଇଯିବ । ଏଥିପାଇଁ ତା'ର ଉଦ୍‌ବେଗର ବଢୁଛି । ଦିବସର ସ୍ୱସ୍ତି, ରାତ୍ରିର ନିଦ୍ରା ଦୁର୍ଲ୍ଲଭ ହେଉଛି । ଶରୀର ରୋଗାକ୍ରାନ୍ତ ହେଉଛି । ମାନସିକ ପ୍ରଫୁଲ୍ଲତା ଚିରତରେ ବିନଷ୍ଟ ହେଉଛି । ଗୋଟିଏ ମିଥ୍ୟାକୁ ଘୋଡ଼ାଇବା ପାଇଁ ତାକୁ କୋଟିଏ ଆବରଣର ବ୍ୟବସ୍ଥା କରିବାକୁ ପଡୁଛି । ତଥାପି ଶେଷରକ୍ଷା ହେଉନାହିଁ । ଜୀବନ ହୋଇଯାଉଛି ଜୀବନ୍ତ ମରଣ । ସାମାନ୍ୟ ସୁବିଧା ପାଇଁ ମଣିଷ ନିଜର ପଦପଦବୀର, ଶକ୍ତି ସାମର୍ଥ୍ୟର ଅପବ୍ୟବହାର କରିବାକୁ ଭୁଲୁ ନାହିଁ । ନିକଟରେ ଜଣେ ବନ୍ଧୁ ସରକାରୀ କାର୍ଯ୍ୟ ଉପଲକ୍ଷେ ଜଣେ ପଦସ୍ଥ ଅଧିକାରୀ ଉଦ୍‌ଲାସରେ ଉପସ୍ଥିତ ରହିବାର ଦୁର୍ଯ୍ୟୋଗ ଭୋଗ କଲେ । ଆଉ ଜଣେ ଅଧିକାରୀ ସେଠି ଉପସ୍ଥିତ ରହି ସରକାରୀ ଦୃଷ୍ଟିକୋଣ ସମ୍ପର୍କରେ ବୁଝାଇବାର ଥିଲା । ପୂର୍ବଦିନ ମଧ୍ୟ ବନ୍ଧୁ ଅଧିକାରୀଙ୍କ ସହ ଯୋଗାଯୋଗ କରି ସ୍ଥାନ ଓ ସମୟ ସମ୍ପର୍କରେ ନିଃସନ୍ଦେହ ହୋଇଥିଲେ । ନିର୍ଦ୍ଦିଷ୍ଟ ସମୟରେ ସମ୍ପୃକ୍ତ ଦପ୍ତରରେ ପହଞ୍ଚିବା ମାତ୍ରେ ବନ୍ଧୁଙ୍କୁ ଖଣ୍ଡିଏ ସରକାରୀ ଚିଠି ଧରାଇ ଦିଆଗଲା । ସାରମର୍ମ ହେଉଛି ଅଧିକାରୀ ଆସେମ୍ବ୍ଲି କାର୍ଯ୍ୟରେ ଘୋର ବ୍ୟସ୍ତ ରହିବେ । ଅନୁସନ୍ଧାନ କାର୍ଯ୍ୟ ପରେ କେବେ ହେବ, ତା'ର ସମୟ ଓ ସ୍ଥାନ ଯଥାବିଧି ଜଣାଇ ଦିଆଯିବ । ବଡ଼ ଉଭଟ କଥା । ଅଧିକାରୀ ଯେତେବେଳେ ବ୍ୟସ୍ତ ରହୁଛନ୍ତି, ସେତେବେଳେ ତାଙ୍କର ସମ୍ପୃକ୍ତ ପକ୍ଷକୁ ନିଜର ନିରୁପାୟତା ଜଣାଇଦେବା ହିଁ ତ ନ୍ୟାୟ ସଙ୍ଗତ । ଆସେମ୍ବ୍ଲି ବସିବାର ଓ ଶେଷ ହେବାର ତାରିଖ ଅବଶ୍ୟ ପୂର୍ବରୁ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇ ଦିଆଯାଇଥାଏ । ଏତଦ୍‌ବ୍ୟତୀତ କ୍ଷେତ୍ରରେ ସମ୍ପୃକ୍ତ ଅଧିକାରୀ ଜଣ ନିଜ ଇଚ୍ଛାରେ କିପରି ସମୟ ଓ ତାରିଖ ସ୍ଥିର କଲେ, ତାହା ଅବଶ୍ୟ ସ୍ୱତନ୍ତ୍ର କଥା । ଅସ୍ତୁ, ସରକାରୀ କାର୍ଯ୍ୟାଳୟରେ ଏଭଳି ହୋଇଥାଏ । ଏଥିପାଇଁ ଯଦି କିଛି ସରକାରୀ ଅର୍ଥର ଅପଚୟ ହେଲା, ତେବେ ହେଉ । କଥାଟି କିନ୍ତୁ ପ୍ରକୃତରେ ସେଇଆ ନ ଥିଲା । ଅଧିକାରୀଙ୍କୁ ଯେଉଁ ବନ୍ଧୁ ସାହାଯ୍ୟ କରିବା କଥା, ସେ ବୃହତ୍ତର କାର୍ଯ୍ୟର ଆହ୍ୱାନରେ କିଛିଦିନ ପୂର୍ବରୁ ଦିଲ୍ଲୀ ଯାଇଥିଲେ । ଏକଥା ତ ଆଉ ଚିଠିରେ ଲେଖାଯାଇ ପାରନ୍ତା ନାହିଁ । ତେଣୁ ଆସେମ୍ବ୍ଲି ଏହାକୁ ଆମେ କ'ଣ କହିବା ?

ପ୍ରତ୍ୟେକ ମିଥ୍ୟା ଏମିତି ଆସେ । ଆସିବା ଆଗରୁ ଯୌକ୍ତିକତାର ଏକ ଦରବାରୀ ପୋଷାକ ତାକୁ ପିନ୍ଧାଇ ଦିଆଯାଇଥାଏ । ବଡ଼ ମନୋହର ସେ ପୋଷାକ । ସେଇଆକୁ ପିନ୍ଧି ମିଥ୍ୟା-ମହାଶୟ ନିଜ ପ୍ରଭୁଙ୍କର ବାଗ୍‌-ବୈଦଗ୍ଧ୍ୟ, ବୁଦ୍ଧି, ଦୂରଦର୍ଶିତାର ପ୍ରଶଂସା କରି ବୁଲୁଥାଆନ୍ତି । ବିଭିନ୍ନ କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରୁଥାଆନ୍ତି । ମଠ ଧନକୁ କୋଠ କରୁଥାଆନ୍ତି । ଶୁଣାଯାଏ, ବିଷ୍ଣୁଗୁପ୍ତ କୌଟିଲ୍ୟ ରାଜମନ୍ତ୍ରୀ ଥାଇ କୌଣସି ସରକାରୀ ବାସଭବନ ବ୍ୟବହାର କରୁ ନ ଥିଲେ । ନଗର ଉପକଣ୍ଠରେ ଗୋଟିଏ ସାମାନ୍ୟ କୁଟୀର ନିର୍ମାଣ କରି ତହିଁରେ ବସବାସ କରୁଥିଲେ । ଏ ତାଙ୍କର ବ୍ୟକ୍ତିଗତ ବ୍ୟାପାର । ମାତ୍ର ତାଙ୍କ କୁଟୀରରେ ରହୁଥିଲା ଦୁଇଗୋଟି ଦୀପ । ଗୋଟିଏ ସରକାରୀ, ଅନ୍ୟଟି ବ୍ୟକ୍ତିଗତ । ସରକାରୀ କାର୍ଯ୍ୟ ଚାଲୁଥିଲାବେଳେ ସରକାରୀ ଦୀପଟି ଜଳୁଥିଲା । ବ୍ୟକ୍ତିଗତ କାମ ବେଳେ ବେସରକାରୀ ଦୀପ । ହୁଏତ ଏହି ଦୀପର ଆଲୋକରେ 'ଅର୍ଥଶାସ୍ତ୍ର' ଲେଖା ଯାଇଥିବ । ସତ୍ୟ ପ୍ରତି, ନ୍ୟାୟ ପ୍ରତି ଏଭଳି ଅନୁଗତ ଏହି ପ୍ରବାଦ ପୁରୁଷ କିନ୍ତୁ, ଚନ୍ଦ୍ରଗୁପ୍ତଙ୍କୁ ମଗଧ ସିଂହାସନରେ ବସାଇବା ପାଇଁ କିମ୍ବା ନିଜ ଅପମାନର ପ୍ରତିଶୋଧ ନେବାପାଇଁ ଯାହା କରିଛନ୍ତି, ଇତିହାସରୁ ସେ ସବୁ ପଢ଼ିଲାବେଳେ ଆଜିର ଦ୍ୱୈତସତ୍ତାଧାରୀ ମଣିଷମାନେ ମଧ୍ୟ ଲଜ୍ଜ୍ୟା ପାଇବେ । ଅବଶ୍ୟ ରାଜ୍ୟ ଶାସନ ଓ ରକ୍ଷାଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମିଥ୍ୟା ଭାଷଣ ଯୁକ୍ତିଯୁକ୍ତ ବୋଲି ସ୍ଥିର କରି ସେ ନିଜ ଆଚରଣ ଉପରେ ତୁଳସୀପତ୍ର ଥୋଇ ଦେଇଛନ୍ତି । ମାତ୍ର ଯାହା ଆମେ ପୂର୍ବରୁ କହିଛୁ, ଏଠାରେ ମଧ୍ୟ ତାହାରି ପୁନରାବୃତ୍ତି କରି କହୁଛୁ ଯେ, ଯେଉଁ ରୂପରେ ଆସୁନା କାହିଁକି, ମିଥ୍ୟା ହେଉଛି ମିଥ୍ୟା । ଏହାର କୌଣସି ବିକଳ୍ପ ପରିଚୟ ନାହିଁ, ନ ଥାଇପାରେ ।

୩

ସାରଳା ମହାଭାରତରେ 'ସତ୍ୟ-ଆମ୍ବ' କୁହାଳ ନାମରେ କାହାଣୀଟିଏ ଅଛି । କାହାଣୀଟି ମୂଳ ମହାଭାରତରେ ନାହିଁ । ଆମର ଗ୍ରାମୀଣ କବି ନିଜ ଚିନ୍ତାରୁ ଏହାର ସୃଷ୍ଟି କରିଛନ୍ତି । ବନବାସ ସମୟର କଥା । ଦୁର୍ଯ୍ୟୋଧନ ପ୍ରରୋଚନାରେ ଋଷି ଦୁର୍ବାସା ପାଣ୍ଡବମାନଙ୍କୁ ଭେଟୁଛନ୍ତି । ଉପସ୍ଥିତ ବସ୍ତୁ ପ୍ରଦାନ ନିମନ୍ତେ ପ୍ରଥମେ ଯୁଧିଷ୍ଠିରଙ୍କୁ ସତ୍ୟ କରାଯାଇଛନ୍ତି । ତା'ପରେ ମାଗୁଛନ୍ତି ସୁପକ୍ୱ ଆମ୍ବଟିଏ । ପାଣ୍ଡବମାନଙ୍କ ଉପରେ ଆକାଶ ଛିଡ଼ି ପଡୁଛି । ଚିମିଗିଫୁଲ ମିଳିଲେ ଅବା ମିଳିପାରେ । ଅସମୟରେ ଆମ୍ବଟିଏ ମିଳିବ କେଉଁଠୁ ? ଏଣେ ସତ୍ୟଭଙ୍ଗ ଏବଂ ଋଷି ଅଭିଶାପର ଭୟ । ଶ୍ରୀକୃଷ୍ଣ ବାଟଟିଏ ବାହାର କରୁଛନ୍ତି । ଆମ୍ବ ଟାକୁଆଟିଏ ପୋତି ତା' ଆଗରେ ଅବଚେତନର ନିର୍ଜନ ସତ୍ୟ ପ୍ରକାଶ କଲେ, ଗଛ ହେବ, ଆମ୍ବ ଫଳିବ । ତାହାହିଁ ହେଉଛି । ଦୁର୍ବାସା ତ ଆମ୍ବ ପାଇ ସନ୍ତୁଷ୍ଟ ହେଉଛନ୍ତି । ମାତ୍ର ପଞ୍ଚପାଣ୍ଡବ ଆଉ ଦ୍ରୌପଦୀଙ୍କର ମନ-ଗହନର ଗୋପନ କାହାଣୀ ସାରା ସଂସାର ଜାଣିଯାଉଛି ।

କାହାଣୀରୁ ଗୋଟିଏ ପ୍ରଶ୍ନ ଉଠୁଛି । ପାଣ୍ଡବମାନେ ତେବେ କ'ଣ ସବୁ ସତ୍ୟ କଥା ପ୍ରକାଶ କରୁ ନଥିଲେ ? ଯୁଧିଷ୍ଠିରଙ୍କ ଭଳି ସତ୍ୟବାଦୀ- ମଧ୍ୟ ଏଇ ଅପବାଦରୁ ମୁକ୍ତ ନ ଥିଲେ । ଇଥା ତାହା ନୁହେଁ । ଏମାନଙ୍କର ଅବଚେତନରେ ଅନେକ ସମୟରେ ଏଭଳି ଚିନ୍ତାର ସୃଷ୍ଟି ହେଉଥିଲା, ଯାହା ପ୍ରକାଶ ପାଇଲେ ପାରିବାରିକ ଶାନ୍ତି ବିଘ୍ନିତ ହେବାର ଯଥେଷ୍ଟ ସମ୍ଭାବନା ଥିଲା । କୃଷ୍ଣ ତ ସବୁ ଜାଣିବା କଥା । କେବଳ ପାଣ୍ଡବମାନେ ପରସ୍ପରର ଏହି ନିଷିଦ୍ଧ ଚିନ୍ତା ସମ୍ପର୍କରେ ଅଜ୍ଞ ଥିଲେ । ନିଜ ନିଜ ମଧ୍ୟରେ କପଟାଚରଣ କରି ନିଜକୁ ଅନ୍ୟ ପାଖରୁ ଲୁଚାଇ ରଖିଥିଲେ । ଶ୍ରୀକୃଷ୍ଣ ତାହା କରାଇ ଦେଇ ନ ଥିଲେ । ଅଦାଲତରେ ସାକ୍ଷୀମାନଙ୍କୁ ଶପଥ ଦିଆଯାଏ, "ଯାହା କହିବି ସତ କହିବି । ସତ ଛଡ଼ା କିଛି କହିବି ନାହିଁ ।" ତଥାପି ସତ କଥା ବାହାରେ ନାହିଁ । ସ୍ୱର୍ଗତଃ ନୀଳମଣି ସେନାପତି 'ପୌରୁଷ' ପତ୍ରିକାରେ ନିଜର ଆତ୍ମକାହାଣୀ ଲେଖୁଥିଲେ । ପ୍ରତ୍ୟେକ ଅଧ୍ୟାୟର ଆରମ୍ଭରେ ଘୋଷିତ ହେଉଥିଲା ସେନାପତିଙ୍କର ନିଜସ୍ୱ ମନ୍ତବ୍ୟ "ଯାହା କହିବି ସତ କହିବି, ସବୁ ସତ କହିବି ନାହିଁ ।" ଏହା ହେଉଛି ଏକ ଅଭିଜ୍ଞ ସଂସାରୀ ମଣିଷର ଦୃଷ୍ଟିକୋଣ । ସବୁ ସତ କଥା ପ୍ରକାଶିତ ହୋଇପଡ଼ିଲେ, ସଂସାରରେ ଅଯଥା ଅଶାନ୍ତି

ସୃଷ୍ଟି ହେବ, ଭୁଲ ବୁଝାମଣା ବଢ଼ିବ । ତେଣୁ ବିବେକୀ ମଣିଷ ସଂସାର ନିକିତିରେ ପ୍ରତ୍ୟେକ ଘଟଣାକୁ ତଉଲେ । କେତେ ପର୍ଯ୍ୟନ୍ତ, ପ୍ରକାଶ କଲେ, ପରିବାରରେ, ସମାଜରେ କୌଣସି ଜଟିଳତା ସୃଷ୍ଟି ହେବନାହିଁ, ତା'ର ସିଦ୍ଧାନ୍ତ ନିଏ । ମାତ୍ର ସିଦ୍ଧେଶ୍ୱରଙ୍କ ପ୍ରାମାଣ ବିଚାରରେ ଏହା ମିଥ୍ୟାଚାର ବ୍ୟତୀତ ଅନ୍ୟ କିଛି ନୁହେଁ । ତେଣୁ ସେ ଗୋପନ ଚିନ୍ତା ଓ ଭାବନାକୁ ମଧ୍ୟ ବାହାରକୁ ବାହାର କରିଆଣି ତାହାକୁ ମିଥ୍ୟାଚାର ବୋଲି ପ୍ରମାଣ କରିଥିଲେ ।

ହିନ୍ଦୁଶାସ୍ତ୍ର ବଡ଼ ଉଦାର ଆଉ ନମନୀୟ । ଏଥିରେ ପ୍ରତ୍ୟେକ ଅପରାଧ ପାଇଁ ବିକଳ୍ପର ବ୍ୟବସ୍ଥା ରହିଛି । ସବୁ ଅନ୍ଧକାରର ପରିଣତି ଆଲୋକ ନ ହୋଇପାରେ । ମାତ୍ର ପ୍ରତ୍ୟେକ ପାପର ପ୍ରାୟଶ୍ଚିତ୍ତ ଅଛି । ଏହାଦ୍ୱାରା ଜଘନ୍ୟତମ ଅପରାଧ ମଧ୍ୟ କ୍ଷାଳିତ ହୋଇଯାଏ । ଠିକ୍ କଥା । ମଣିଷ ଯେତେବେଳେ, ଭୁଲ କରିବା ସ୍ୱାଭାବିକ । ତାକୁ ସଂଶୋଧନ କରିବାର ସୁଯୋଗ ତ ସେ ପୁଣି ପାଇବା ଉଚିତ । ଏଥିରୁ ଆସିଯାଏ ବିକଳ୍ପ ଚିନ୍ତା । ବିଧାନ ଦିଆଯାଏ, କ୍ଷେତ୍ର ବିଶେଷରେ ଯଥା- ବିବାହ, ପ୍ରେମ, ଯୁଦ୍ଧ, ରାଜନୀତି- ଏସବୁଠାରେ ମିଥ୍ୟା କ୍ଷମଣୀୟ । ଗଦାଧର ପଣ୍ଡିତ ଏକାଦଶୀ ତିଥିରେ ଭାଙ୍ଗି ଭକ୍ଷଣ ନିଷିଦ୍ଧ ବୋଲି ଘୋଷଣା କରି ମା'ଙ୍କ ଅନୁରୋଧରେ ସେଇଦିନ 'ଭାଙ୍ଗିଭାଗ୍ରାହ୍ୟ- ଇତିମାତୃବଚନାତ୍' ସିଦ୍ଧାନ୍ତ ଦେଲାଭଳି କଥା । ପଣ୍ଡିତଙ୍କ ମାତୃ ଆଜ୍ଞା ଯେ ସତ୍ୟଠାରୁ ବଳି ମହାନ୍ ଏ କଥା ଧୂର୍ତ୍ତ ସଂସାରୀ ମଣିଷ ସ୍ୱୀକାର କରେନାହିଁ । ସେ ସର୍ବଦା ଛିଦ୍ର ଖୋଜି ବୁଲୁଥାଏ । ନଳରାଜାଙ୍କ ଗୋଇଠିରେ ସାମାନ୍ୟ ପାଣି ପାଇ ଶରୀରରେ ଶନି ପ୍ରବେଶ କଲାଭଳି ଏଇ ଫାଙ୍କରେ ସତ୍ୟର ଏକ ବିକଳ୍ପ ଠିଆ କରାଇଦିଏ । ଗୋଟିଏ ଦୃଷ୍ଟାନ୍ତରୁ ହଜାର ହଜାର ସମାନ୍ତରାଳ ଦୃଷ୍ଟାନ୍ତ ବାହାର କରିପକାଏ । ଆଇନର କୂଟନୈତିକ ସମର୍ଥନରେ ଅନ୍ଧାରକୁ ଆଲୋକର ରୂପ ଦିଏ । ନିଜ ବୁଦ୍ଧିର ଚାତୁରୀରେ ନିଜେ ସ୍ମିତ ହୋଇ ସଗର୍ବରେ ବାଟ ଚାଲୁଥାଏ । ଅନ୍ୟକୁ ପଛରେ ପକାଇଦେଇ ନିଜେ ଆଗକୁ ବଢ଼ିଯିବାର ଆନନ୍ଦ ପାଉଥାଏ । ପ୍ରକୃତ ସତ୍ୟ କ'ଣ ସେ ଆଉ ଜାଣେ ନାହିଁ ? ଜାଣେ, ସେଇଟି ଚିରକାଳ ପାଇଁ ତା'ର ମନଗହନର ଗୋପନ ପଞ୍ଜୁରୀରେ ବନ୍ଦୀ ହୋଇ ରହିଯାଏ । ଯେ ପର୍ଯ୍ୟନ୍ତ ମନୁଷ୍ୟ ସତ୍ୟ ପ୍ରକାଶ ନ କରିଛି, ସେ ପର୍ଯ୍ୟନ୍ତ ଶରୀର କାରାରେ ବନ୍ଦୀ ହୋଇ ତାହାର ପ୍ରାଣପକ୍ଷୀ ଛଟପଟ ହେଉଥାଏ- ଏହିଭଳି ଏକ ସିଦ୍ଧାନ୍ତ ଆମ ପରମ୍ପରା ଭିତରେ ରହିଥିବାର ଆମେ ଜାଣୁ । ଏ ପ୍ରସଙ୍ଗରେ ଏକ ସ୍ମରଣୀୟ ଘଟଣାର ଦୃଷ୍ଟାନ୍ତ ଏଠାରେ ଦିଆଯାଉଛି । ଘଟଣାଟି ଘଟିଥିଲା ପଲ୍ଲୀମାଳିନୀ ଉତ୍କଳର ଏକ ଅଜ୍ଞାତ ଗ୍ରାମରେ । ସମୟ ବିଂଶ ଶତକର ଚତୁର୍ଥ ଶତକ । ଗ୍ରାମରେ ରହୁଥାଆନ୍ତି ପତିପୁତ୍ରହୀନା ଏକ ଅଶୀତିପର ବୃଦ୍ଧା । ଦୀର୍ଘକାଳ ରୋଗ ଭୋଗି ମଧ୍ୟ ତାଙ୍କର ଜୀବନ ଯାଉନଥାଏ । ଶୁଭେଚ୍ଛୁ ଗ୍ରାମବାସୀମାନେ ତାଙ୍କ ତୁଣ୍ଡରେ ନିର୍ମାଲ୍ୟ ପାଣି ଦେଇ ସାରିଥାଆନ୍ତି । ମୁଣ୍ଡ ଉପରେ ଗୋଟିଏ ଶାଳଗ୍ରାମ ଶିଳା ତୁଳସୀ ବୃକ୍ଷ ରଖା ଯାଇସାରିଥାଏ । ତଥାପି ଜୀବନ ଯାଉ ନ ଥାଏ । କଣ୍ଠରୁ ବାହାରୁଥାଏ ଏକ ଶିହରଣ ସୃଷ୍ଟିକାରୀ ଘଡ଼ଘଡ଼ ଶବ୍ଦ । ଦୁଇନାକ ପୁଡ଼ାରୁ ବାହାରି ଆସୁଥାଏ ଅଶଚାର ପବନ । ତଥାପି ଜୀବନ ଯାଉନଥାଏ । ଶେଷରେ ଜଣେ ଶୁଭାକାଂକ୍ଷୀ ସମବୟସିନୀ ଆଗକୁ ବଢ଼ିଲେ । ମୃତ୍ୟୁପଥଯାତ୍ରିଣୀର କାନ ପାଖରେ ମୁହଁରଖି କହିଲେ, ''ଆଲୋ କହିଦେ, କେତେ ଆଉ ନାଉଖାଉ ହେବୁ ?'' ରୋଗିଣୀର ଶରୀର ଥରି ଉଠିଲା । ଦୀର୍ଘକାଳ ଧରି ବନ୍ଦ ହୋଇଥିବା ଆଖିପତା ଖୋଲିଗଲା । କୋଟରଗତ ଆଖି ଗୋଲକ ଯେମିତି ମୁହୂର୍ତ୍ତକ ପାଇଁ ଶହେୱାଟର ବଲ୍‌ବ ଭଳି ଜଳି ଉଠିଲା । ନିଜର ଶେଷ ଶକ୍ତି ସଂଗ୍ରହ କରି ସେ ଘୋଷଣା କଲେ, ''ଭାଗିଆ ବାଉରୀ ସାଙ୍ଗରେ ।'' ବାସ୍, ଏତିକି କହୁ କହୁ ତାଙ୍କର ମୁଣ୍ଡ ଗଡ଼ିପଡ଼ିଲା । ଜୀବନର ଲକ୍ଷଣ ହଜିଗଲା । ବ୍ରାହ୍ମଣ ପରିବାରର ସୁଚିହ୍ନିତ ବିଧବା ଦେହର ଦାହ ମେଣ୍ଟାଇବା ପାଇଁ କେଉଁ ଦୁର୍ବଳ ମୁହୂର୍ତ୍ତରେ ବଳିଷ୍ଠ କୋଠିଆ ପିଲାଟିର ବାହୁ ବନ୍ଧନରେ ଧରା ଦେଇଥିଲେ, ଏ କଥା କ'ଣ ଗାଁ ଗହଳିର ପଡ଼ା ପ୍ରତିବେଶୀମାନେ ଜାଣି ନ ଥିଲେ ? ରୋଗିଣୀର ଅବଚେତନରେ ଯେଉଁ ଗଭୀର ପାପବୋଧ ଜୀବନସାରା ରହିଆସିଥିଲା, ହୁଏତ ସେଇଥିରୁ ହିଁ ତା'ର ମୃତ୍ୟୁକାଳୀନ ଜଟିଳତାର ସୃଷ୍ଟି ହୋଇଥିଲା । କିମ୍ବା ହୋଇପାରେ ଏହା ଏକ ନିତାନ୍ତ କାକତାଳୀୟ ବ୍ୟାପାର । ସହସା ଉତ୍ତେଜନା ସୃଷ୍ଟିର ପରିମାଣରୁ ମୃତ୍ୟୁ ଆସିଥାଇପାରେ । କାରଣ ଯାହାହେଉନା କାହିଁକି, ଘଟଣା ସତ୍ୟ । ସେତେବେଳେ ଏହିଭଳି ଘଟଣା କେବେ କେବେ ଘଟୁଥିବାର ଶୁଣା ଯାଉଥିଲା । ସାଧାରଣ ମଣିଷର ଦୁର୍ବଳତା ଉପରେ ଚାପ ପକାଇ ସମାଜ ସଂସ୍କାର ସୁଚିତା ବଜାୟ ରଖିବା ପାଇଁ ଏହା ଯେ, ସମାଜପତିମାନଙ୍କର ଏକ ସୁଚିହ୍ନିତ ଯୋଜନା- ଏଥିରେ ସନ୍ଦେହ ନାହିଁ । ମିଥ୍ୟା ଭାଷଣର ଯନ୍ତ୍ରଣା ସହିତ ସତ୍ୟ କଥନର ସୁପରିଣାମ ସମ୍ପର୍କରେ ଏହା ଏକ ଆଖି ଦେଖା ଦୃଷ୍ଟାନ୍ତ । ସତ୍ୟପଥରେ ଧର୍ମ ପଥରେ ଚାଲିବା ପାଇଁ ଭବିଷ୍ୟତ ପ୍ରଜନ୍ମକୁ ଏହା ଏକ ଚେତାବନୀ ମଧ୍ୟ ।

୪

ଜୀବନ ଦୁଃଖମୟ । ସୁଖର ଯୋଗାଣ ସୀମାବଦ୍ଧ । ଏହାରି ପାଇଁ ଯୁଗ ଯୁଗ ଧରି ସୁଖଲୋଭୀ ମଣିଷର ଟଣାଓଟରା ଚାଲି ଆସିଛି । ନିଜ ଭାଗର ସୁଖକୁ ଅକ୍ତିଆର କରିସାରିବା ପରେ ଅନ୍ୟର ଭାଗ ଉପରେ ଲୋଲୁପ ଦୃଷ୍ଟି ପକାଇବା ମଣିଷର ଚିରକାଳର ଅଭ୍ୟାସ । ସିଧା ବାଟରେ ଏହା କେତେବେଳେ ହସ୍ତଗତ ହେବନାହିଁ । ବଙ୍କାବାଟ ହେଉଛି ଛଳନାର ବାଟ- ମିଥ୍ୟାର ବାଟ । ଏ ବାଟଟି ବେଶ୍ ନୟନ ସୁଖଦାୟୀ । ଏହାର ଆପାତଃ ରମଣୀୟତା ଦୂରରୁ ପଥିକକୁ ଆକର୍ଷଣ କରେ । ଥରେ କିନ୍ତୁ ସେ ବାଟରେ ପାଦଦେଲେ ଫେରିବାର ଉପାୟ ନ ଥାଏ । ମରୁଭୂମିରେ କଣ୍ଟାଗଛ ଚୋବାଇ ରକ୍ତାକ୍ତ ହେଉଥିବା ଓଟଭଳି ହୁଏ ମଣିଷର ଅବସ୍ଥା । କୃପଣ ପ୍ରଭୁ ଆଉ ଲୋଭୀ ସେବକ ପରସ୍ପରକୁ ଛାଡ଼ି ନ ପାରିଲା ଭଳି ମଣିଷ କି ବାଟ କେହି କାହାକୁ ଛାଡ଼ି ପାରନ୍ତି ନାହିଁ । ମଣିଷ ଭାବେ- କିଏ ଜାଣେ କ'ଣ ଘଟିବ ଆସନ୍ତା କାଲି ? ଆଜିଟାକୁ ତ ରଙ୍ଗୀନ କରିନିଏ । ଜୀବନର ମଧୁ ପିଆଲାରୁ ଢକ ଢକ କରି ପିଇନିଏ ଶେଷ ଅମୃତ ବିନ୍ଦୁଟିକୁ । ଏଠି ସେଇ ଅସୁରକ୍ଷା ଭାବନା । ଅସ୍ଥିରତାର ଉତ୍ତେଜନା । ତା'ର ପରିଣାମ ଅଶାନ୍ତି ଆଉ ଦୁଃଖ । ଦୁଃଖର କାରଣ ତିନୋଟି-ଅର୍ଥ, ସମାଜ ଆଉ ବଞ୍ଚି ରହିବାର ମୋହ । ତିନୋଟିଯାକ ଏକୁ ଆରେକ

ବଢିଥାଉ । ତିନୋଟି ଭିତରୁ ମଣିଷ ଶାନ୍ତି ଖୋଜେ । ପରିଣାମରେ ଶାନ୍ତି ପାଇଁ ମଣିଷର ଦୌଡ଼ ଶେଷ ହୁଏ ଯାଇ ଅଶାନ୍ତି ପାଖରେ । ସେତେବେଳକୁ ନେଡ଼ିଗୁଡ଼ ଯାଇ କଦୁଣୀରେ । ଢ଼ଗିବାର କିଛି ନ ଥାଏ । ଦୌଡ଼ ପ୍ରତିଯୋଗିତାରେ ମଣିଷ ସହ ପ୍ରତିଯୋଗୀମାନଙ୍କୁ ସ୍ୱର୍ଣ୍ଣକମଳର ଲୋଭ ଦେଖାଇ ନିଜେ ଆଗେଇ ଯିବାକୁ ଚେଷ୍ଟା କରେ । ହୁଏତ ଶେଷ ବିନ୍ଦୁରେ ପହଞ୍ଚିଯାଏ । ମାତ୍ର ଦାର୍ଶନିକ ଶିଉଳି ଭିତରେ ରହିଥିବା ମାଛ ଭଳି ହୁଏ ତା'ର ଅବସ୍ଥା । ତା'ର ଆତ୍ମା ସେତେବେଳକୁ ଆବର୍ଜନାପୂର୍ଣ୍ଣ ହୋଇ ସାରିଥାଏ । ଏଥିପାଇଁ ଲାଓ- ସେ କହିଥିଲେ, କୌଣସି ବ୍ୟାପାରରେ ପ୍ରଥମ ହେବାକୁ ଉଦ୍ୟମ ନକରିବା ପାଇଁ । ପ୍ରଥମ ହେବାର ଉଦ୍‌ବେଗ ନ ଥିଲେ, ପ୍ରତିଭା ସ୍ୱତଃ ବିକଶିତ ହୁଏ, ବୁଦ୍ଧି ଶାଣିତ ହୁଏ । ଏକାଗ୍ରତା ଆଉ ନିଷ୍ଠା ବଢ଼େ । ସୁଯୋଗର ସଦ୍‌ବ୍ୟବହାର କରିବା ପାଇଁ ମଣିଷ ଯୋଜନା (Plan) ଆଉ କୌଶଳ (Strategy) ସ୍ଥିର କରେ । ଯୋଜନା ହେଉଛି ତା'ର ଲକ୍ଷ୍ୟ- କେଉଁଠିକି ସେ ଯିବାକୁ ଚାହୁଁଛି, ତା'ର ଏକ ସ୍ପଷ୍ଟ ଧାରଣା । କୌଶଳ ହେଉଛି ତା'ର ରଣନୀତି- କିପରି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବ, ତା'ର ଉପାୟ । ଲକ୍ଷ୍ୟ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନିଜର ଶକ୍ତି, ଦୁର୍ବଳତା, ସମ୍ଭାବିତ ବିପଦ ଆପଦ- ଏ ସବୁ ବିଷୟରେ ଚିନ୍ତା କରିବାକୁ ହୁଏ । ଯାହା ଦେଖାଯାଉଛି, ଚିନ୍ତାର ଜଗତରେ ବିପୁଳ କର୍ମଯଜ୍ଞର ଆୟୋଜନ କରିବାକୁ ପଡ଼େ । ସାଧାରଣ ମଣିଷର ଲକ୍ଷ୍ୟ ସମ୍ପର୍କରେ କୌଣସି ଦ୍ୱନ୍ଦ୍ୱ ନ ଥାଏ । ବିବାଦ ଆରମ୍ଭ ହୁଏ, ଷ୍ଟ୍ରାଟେଜି ବା ରଣକୌଶଳକୁ ନେଇ । ସାଧନା ବା ନିଷ୍ଠା ନ ଥାଇ ଯେଉଁ କୌଶଳ, ତହିଁରେ ଅଳ୍ପ ପୁଞ୍ଜିରେ କିମ୍ବା ବିନା ପୁଞ୍ଜିରେ ବହୁଲାଭ କରିବାର ଅଳୀକ ସ୍ୱପ୍ନ ଥାଏ । ମିଥ୍ୟାର ଦୁର୍ବଳଭିତ୍ତି ଉପରେ କେବେ କୌଣସି ସ୍ଥାୟୀ ମହଲ ଠିଆ ହୋଇପାରେ ନାହିଁ । ମଣିଷ ପ୍ରତିନିୟତ ନିଜ ଚାରିପାଖରେ ଏହାର ଅଜସ୍ର ଦୃଷ୍ଟାନ୍ତ ଦେଖେ । ତଥାପି ଭୁଲିଯାଏ । ପାଗଳ ପରି ଅନିଶ୍ଚିତତାର ପଛରେ ଛୁଟେ । ତୃଷ୍ଣାର ତ କୌଣସି ସୀମା ନ ଥାଏ । ଏମାନଙ୍କ ଉଦ୍ଦେଶ୍ୟରେ କବି ସ୍ପେନ୍‌ସର (Spencer) ଙ୍କର ଗୋଟିଏ ଶ୍ଳୋକ ଉଚ୍ଚାରଣ କରିବାକୁ ଭାରି ମନ ହୁଏ । ତାହା ହେଉଛି "ହେ ପବିତ୍ର ଅଭିଳାଷର ବୁଭୁକ୍ଷୁପଣ/ଶାସନ କରିବାକୁ କେତେ ନପୁଂସକ ତୁହେଁ ତୁମ ଇଚ୍ଛା ।" (O' Sacred hunger of ambitious minds/And impotent desire of human foreign !)

ଶାସନର ଦଣ୍ଡ ହାତରେ ଧରି କ୍ଷମତାର ସ୍ୱର୍ଣ୍ଣ ସିଂହାସନରେ ବସିବାର ମର୍ଯ୍ୟାଦା ଅଲଗା । ମଣିମା ମଣିମା ଡାକ ପଡ଼ୁଥିବ, କୃପା ପ୍ରାର୍ଥୀମାନେ ଆରତି କରୁଥିବେ, ଭକ୍ତମାନେ ଜୟ ଜୟ ନାଦରେ ଗଗନ କମ୍ପାଉଥିବେ, ତେବେ ସିନା ଜୀବନ, ଜନ୍ମସାର୍ଥକ ହେବ । ଘାସର ଜୀବନରେ, ପ୍ରତିନିୟତ ଶତପଥଚାରୀର ନିର୍ମମ ପଦଚାପରେ ପିଷ୍ଟ ହେବାରେ କେଉଁ ସୁଖ ? କିନ୍ତୁ ମଣିଷ ଭୁଲିଯାଏ ଯେ କ୍ଷମତା ହେଉଛି ବିକ୍ରମାଦିତ୍ୟଙ୍କ ସିଂହାସନ । ତହିଁରେ ବସିବାର ଅଧିକାର ସମସ୍ତଙ୍କର ନ ଥାଏ । ଯେଉଁମାନେ ଏହା ମାନନ୍ତି ନାହିଁ, ରାଜା ଭୋଜଙ୍କ ଭଳି ହୁଏ ସେମାନଙ୍କର ଅବସ୍ଥା । ତାଙ୍କରି ଆଖି ଆଗରେ ସାଲୁ ପୁତ୍ତଳିକାମାନେ ସିଂହାସନକୁ ଉଡ଼ାଇ ନେଇଯାଆନ୍ତି । ସେଇଠୁ ଆସେ ହତାଶା, ସେଥିରୁ ସ୍ୱେଚ୍ଛାଚାରିତା, ସେଇଠୁ ଆହୁରି ତଳକୁ । ମଣିଷ ଏମିତି ପାହାଚ ପାହାଚ ଓହ୍ଲାଇଯାଏ । ସେଠୁ ଆଉ ଉପରକୁ ଉଠିବା ସମ୍ଭବପର ହୁଏନାହିଁ ।

ଏହାର କ'ଣ କୌଣସି ପ୍ରତିକାର ଅଛି ? ସମାଜ ଶାସ୍ତ୍ରୀମାନେ ତ ଜୀବନ ପ୍ରତି ଦୃଷ୍ଟିକୋଣର ପରିବର୍ତ୍ତନ ବିଷୟରେ କହୁଛନ୍ତି । ପ୍ରତିଦ୍ୱନ୍ଦ୍ୱିତାର ମୂଷାଦୌଡ଼ରୁ ନିବୃତ୍ତ ରହିବାକୁ ଚେତାବନୀ ଶୁଣାଉଛନ୍ତି । ମାତ୍ର ଆଜିର ବ୍ୟବସାୟିକ ସଂସ୍କୃତିରେ ତାହା ଆଦୌ ସମ୍ଭବ କି ?

ପରମ୍ପରା କହିବ ଆତ୍ମକୈନ୍ଦ୍ରିକତାକୁ ବିସର୍ଜନ ଦିଅ, ପରିତ୍ୟାଗ କର । ନିଜ ଚିନ୍ତାର ଜଗତରେ ଅନ୍ୟମାନଙ୍କୁ ସାମିଲ କର । ତ୍ୟାଗ କର ସକଳ ବାହ୍ୟିକ ଆଟୋପ, ଆଡ଼ମ୍ବର ସତ୍ୟଂବଦ, ଧର୍ମଂଚର ଏମିତି ନାନା କଥା । ମାତ୍ର ଯାହା ଆମର ରକ୍ତରେ ମିଶିଗଲାଣି ତହିଁରୁ ମୁକ୍ତି ପାଇବା, କ'ଣ ଏତେ ସହଜ କଥା ? ମହାତ୍ମା ଗାନ୍ଧୀ ନିଜର ଜୀବନକୁ ପରୀକ୍ଷା କରିଥିଲେ ସତ୍ୟର କଷଟିରେ । ତାଙ୍କର ଯାହା ଅଭିଜ୍ଞତା ସେଥିରୁ ଆମେ କିଛି ଗ୍ରହଣ କଲୁନାହିଁ । ଗାନ୍ଧୀ ବର୍ତ୍ତମାନ ପ୍ରଜନ୍ମ ପାଇଁ ଫସିଲ୍ ହୋଇଗଲେ । ସେ କହୁଥିଲେ ଅହିଂସା (Non-violence)ର କଥା । ତାଙ୍କ ପାଇଁ ତାହାହିଁ ଥିଲା ସତ୍ୟ । ତାଙ୍କ ଜୀବନକାଳରେ ଆମେ ଏହାକୁ ଅସ୍ୱୀକାର କଲୁ । ଅହିଂସା ଏତେ ଦୁର୍ବଳ ଦର୍ଶାଇଦିଏ ଯେ ତା'ର ଶକ୍ତିମତ୍ତା ସମ୍ପର୍କରେ ବିଶ୍ୱାସ ତ ଦୂରର କଥା, ଚିନ୍ତାମଧ୍ୟ କରୁ ନାହିଁ । ଆପାତଃ ଦୃଷ୍ଟିରୁ ଆମ ବିଶ୍ୱାସର ଯଥାର୍ଥତା ପ୍ରତିପାଦିତ ହୋଇପାରିବ । ଖ୍ରୀଷ୍ଟଜନ୍ମର ବହୁପୂର୍ବରୁ ଧର୍ମପ୍ରଚାରକ ମୂଷା (Moses) କହିଥିଲେ । Resist evil with equal evil ଅର୍ଥାତ୍ ଗୋଟିଏ ଦାନ୍ତ ପାଇଁ ଆଉ ଗୋଟିଏ ଦାନ୍ତ ଆଦାୟ କରାଯାଉ । ତା'ପରେ ଆସିଲେ ଯୀଶୁ- ସେ କହିଲେ- Resist not evil- ଅର୍ଥାତ୍ କ୍ଷମାକର, ମନକୁ ନିୟନ୍ତ୍ରଣ କର । ମୈତ୍ରୀ ଓ କରୁଣା ବାଣ୍ଟ- ଇତ୍ୟାଦି । ଶେଷରେ ଆସିଲେ ଗାନ୍ଧୀ- ସେ କହିଲେ Resist evil with non_violence. ଆମର ପ୍ରଚଳିତ ଶାସନ ନୀତି ହେଉଛି- Resist evil with greater evil. କେତେ କ୍ଷେତ୍ରରେ ଆମେ ମୂଷାଙ୍କୁ ମଧ୍ୟ ଅତିକ୍ରମ କରିଗଲୁଣି, ତାହା ଲକ୍ଷ୍ୟ କରାଯାଇପାରେ । ମୂଷାଙ୍କ ସମୟର ଅବ୍ୟବସ୍ଥିତ ସମାଜ ଯୀଶୁଙ୍କ ବେଳକୁ ସମ୍ପୂର୍ଣ୍ଣ ବ୍ୟବସ୍ଥିତ ହୋଇ ସାରିଥିଲା । ଅବ୍ୟବସ୍ଥିତ ହିଁ ମୂଷାଙ୍କର ସମାଜର ଧ୍ୱଂସର କାରଣ ହୋଇଥିଲା । ବର୍ତ୍ତମାନ ଆମେ କୁଆଡ଼କୁ ଯାଉଛୁ; ଆମର ଚିନ୍ତା ହିଁ ତା'ର ପ୍ରମାଣ ହୋଇ ଠିଆ ହୋଇଛି । ଏଥିପାଇଁ ଅନ୍ୟ ପ୍ରମାଣର ଆବଶ୍ୟକତା ନାହିଁ ।

୫

ରାମାୟଣ ପ୍ରସଙ୍ଗ ଅବତାରଣା କରି, ଏହି ପ୍ରବନ୍ଧର ଆରମ୍ଭ କରାଯାଇଥିଲା ଭାଗବତ କଥା ଆଲୋଚନା କରି ଏହାର ଶେଷ କରାଯାଉ । ଭାଗବତରେ ବର୍ଣ୍ଣିତ ଅଛି ଯେ, ରାଜା ପରୀକ୍ଷିତଙ୍କ ସହ କଳିରାଜାର ସାକ୍ଷାତ ହେବାରୁ ସେ ତାକୁ ବାନ୍ଧି ରଖିଦେଇଥିଲେ । ସତ୍ୟ, ତ୍ରେତୟା ଏବଂ ଦ୍ୱାପରରେ ଧର୍ମର ତିନୋଟି ପାଦ ଅର୍ଥାତ୍ ତପସ୍ୟା, ଶୌଚ ଓ ଦୟା ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଥିଲା । ଏହାର ଚତୁର୍ଥ ପାଦ ହେଉଛି ସତ୍ୟ- କଳିଯୁଗର ଆତ୍ମପ୍ରକାଶରେ ଏହା ମଧ୍ୟ ବିଲୁପ୍ତ ହୋଇଛି । ଶରଧା ବାଲିରେ ବ୍ୟବସାୟୀ ତୁଳସୀମାଳ ବିକ୍ରି କରୁଛି । ହାତରେ କଣ୍ଠାଇ ଧରିଛି ତୁଳସୀମାଳ । ଗ୍ରାହକଙ୍କୁ ପ୍ରଭାବିତ କରିବାପାଇଁ

କହୁଛି, ଦେଖ ମୁଁ ନୀଳଚକ୍ର ଆଡ଼େ ଚାହିଁ କହୁଛି ତୁଳସୀମାଳ । ଏ ମାଳ ସବୁ ପବିତ୍ର ତୁଳସୀକାଠରୁ ତିଆରି । ବନ୍ଧୁ ପାଖରେ ସ୍ୱୀକାର କରୁଛି ଶପଥ କଲାବେଳେ ମାଳର ଯେଉଁ ଅଂଶଟି ସେ ହାତରେ ଧରିଛି, ସେଇ ଅଂଶଟି ହିଁ ହେଉଛି ତୁଳସୀର । ଏମିତି ହେଉଛି କଳିର ମହିମା । ଆମେ ଖୁସି ହୋଇପାରୁ ଯେ, ମାଳର ଗୋଟିଏ କଣ୍ଠି ହେଉନା କାହିଁକି, ତୁଳସୀରେ ତିଆରି ହୋଇଛି । ପୁରା କାଠ ମାଳିଟାଏ ନୁହଁ ତ ମାତ୍ର ଏଥିରେ ଅସନ୍ତୋଷ ପ୍ରକାଶର କୌଣସି କାରଣ ଆମେ ଦେଖୁନାହୁଁ । ସତ୍ୟ ନାମରେ ଆଜି ଯେଉଁଠି ଗୋଟିଏ ମାତ୍ର କଣ୍ଠି ଅବଶେଷ ରହିଛି, କାଲି ସେଇଟି ମଧ ସମ୍ପୂର୍ଣ୍ଣ ହଜିଯିବାରୁ ସ୍ଥିର ବିଶ୍ୱାସ ହେଉଛି, ତା'ପରେ ଚାଲିବ ନିରୋଳା ମିଛର କାରବାର । ନିର୍ଭେଜାଲ ଶୁଦ୍ଧମିଥ୍ୟାର ବେପାରି । ସେ ସମାଜର ଅବସ୍ଥା କିଭଳି ହେବ, ତା'ର ଅବସ୍ଥା ତ ଆମର ବର୍ତ୍ତମାନ ସ୍ଥିତିରୁ ବେଶ ସ୍ପଷ୍ଟ ହେଉଛି ।

ଏହାର କାରଣ ସମ୍ପର୍କରେ ଆମେ ପୂର୍ବରୁ ସୂଚନା ଦେଇଛୁ । ଏ ଯୁଗରେ ଶ୍ରେଷ୍ଠ ଚିନ୍ତାନାୟକ ବର୍ଟ୍ରାଣ୍ଡ ରସେଲ (Bentrand Russel) କହିଛନ୍ତି, We don't struggle for existence, we struggle to out shine our heighlours- କେଡ଼େ ଅଭ୍ରାନ୍ତ ସତ୍ୟ କଥାଟିଏ । ପଡ଼ୋଶୁଣୀ ପିଠା ଦେଖିବାକୁ ଖରାପ ହେବା ଆମ ସ୍ୱଭାବରେ ପଡ଼ିଯାଇଛି । ଏଇଟି ଆମର ଘଟାଚୋପି । ପ୍ରକୃତ ଅବସ୍ଥା ଲୁଚାଇବାର ଦୟନୀୟ ପ୍ରଚେଷ୍ଟା । ଏହାକୁ ଆମେ ମିଥ୍ୟାଚାରର ପ୍ରଥମ ସୋପାନ ବୋଲି କହିବୁ । ଜୀବନର ଭିତ୍ତି ଯେଉଁଠି ମିଥ୍ୟାର ବୋରାବାଲି ଉପରେ ଦଣ୍ଡାୟମାନ, ସେଠି କେମିତି ଜୀବନର ଆଶା କରାଯିବ ? ଯାହାହେବ, ତାହାହିଁ ଆଜିର ଜୀବନ । ଏହାରି ସହିତ ବୁଝାମଣା କରି ଆମକୁ ଚାଲିବାକୁ ପଡ଼ିବ । ଏଠି ପ୍ରଖ୍ୟାତ ଔପନ୍ୟାସିକ ହେମିଂୱେ (Heminy way)ଙ୍କର ଗୋଟିଏ ମନ୍ତବ୍ୟ ମନେପଡ଼ୁଛି । ସମସାମୟିକ ଜୀବନର ଗୋଳଦଧଡ଼ାରେ ଅଣନିଃଶ୍ୱାସୀ ହୋଇଯିବା ପରେ ସେ କହିଥିଲେ, "If I Cann't exist on my own terms, than existence is impossible. XX This is how I have lived and this is how I must live or not live-" ଏ କଥା ସେ କହିପାରନ୍ତି । ମାତ୍ର ସମସ୍ତେ ପାରିବେ ନାହିଁ । ଏଇଥିପାଇଁ ତାଙ୍କୁ ଆତ୍ମହତ୍ୟା କରି ବିଦାୟ ନେଇଯିବାକୁ ହୁଏ ଅସଫଳ ଏକ ଜୀବନର ବୋଝ ବୋହି । ସମସ୍ତେ ଏହା କହିପାରିବେ ନାହିଁ, କରିବା ଉଚିତ ମଧ୍ୟ ନୁହେଁ । ତେଣୁ ବାଟ କ'ଣ ? ସେଇ ଯାହା ଆମେ ପ୍ରଥମରୁ କହିଛୁ । ମିଥ୍ୟା ସହିତ କୋଳାକୋଳି ।

କଳିଯୁଗରେ ସତ୍ୟର ସତ୍ତା ନାହିଁ । ସତ୍ୟ ନାମରେ ଆମ ପାଖରେ ଯାହା ଅଛି, ତାହା ସତ୍ୟର ଆଭାସ ମାତ୍ର । ସେଇଥିକୁ ନେଇ ଆମକୁ ବର୍ତ୍ତମାନ ସନ୍ତୁଷ୍ଟ ରହିବାକୁ ପଡ଼ିବ । ଗୋଟିଏ ବିନ୍ଦୁରୁ ଦିନେ ସତ୍ୟ ଆଉ ମିଥ୍ୟାର ଯାତ୍ରା ଆରମ୍ଭ ହୋଇଥିଲା । କହିବାକୁ ଗଲେ ଉଭୟେ ଗୋଟିଏ ମୁଦ୍ରାର ଦୁଇପଟ ଭଳି, ଆଲୋକ ଆଉ ଅନ୍ଧକାର ଭଳି । ଗୋଟିଏ ଅସ୍ୱୀକାର କରାଯାଇପାରିବ ନାହିଁ । ଶାସନ ଚାଲିଛି ଏହାରି ଭରସାରେ, ଶିକ୍ଷା ଚାଲିଛି ଏହାରି ଆଶ୍ରୟରେ, ବିଚାର ଚାଲିଛି, ଏହାର ଅବଲମ୍ବନରେ । ଯେଉଁଠିକି ହାତ ବଢ଼ାଇଲେ କି ତା'ର ଉଷ୍ମ ସ୍ପର୍ଶ ଅବଶ୍ୟ ମିଳିବ । ଅନୁଶୋଚନା କରି ଲାଭନାହିଁ ।

ଆଉ ଗୋଟିଏ କଥା । ଏଇ ଅବସ୍ଥା ପାଇଁ କେବଳ ବର୍ତ୍ତମାନକୁ ଦାୟୀ କଲେ ଚଳିବ ନାହିଁ । ଏହା କୌଣସି ମୁହୂର୍ତ୍ତକର ସୃଷ୍ଟି ନୁହେଁ । ଯୁଗ ଯୁଗ ଧରି ତିଳ ତିଳ କରି ଆଜିର ଏଇ ତିଳୋତ୍ତମା ସୃଷ୍ଟି ହୋଇଛି । ଯେଉଁ ରାମାୟଣ ଯୁଗରେ ସତ୍ୟର ଏତେ ଆଡ଼ମ୍ବର ସେ ଯୁଗରେ ମଧ ଏହା ଥିଲା । ସ୍ୱୟଂ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କୁ ସୁଦ୍ଧା ଏଥିପାଇଁ ଆସାମୀର କାଠଗଡ଼ାରେ ଠିଆ କରି ଦିଆଯାଇପାରେ । ମହାଭାରତର କଥା ତ ନ କହିଲେ ଭଲ । ଛଳନାର ଭିତ୍ତି ଉପରେ ସମ୍ପୂର୍ଣ୍ଣ କାବ୍ୟଟି ଦଣ୍ଡାୟମାନ । ତେବେ ଏହା ହିଁ ହେଉଛି ସମୟ ରୂପ- ସେ କାଳର ମଣିଷର କଥା । ଏହାକୁ ମାନିନେବାକୁ ପଡ଼ିବ । କାରଣ ଏହା ଇତିହାସ । ଇତିହାସ ହେଉଛି ପାଲିସ କରାଯାଇଥିବା ମିଥ୍ୟାର ସ୍ତୂପ । ପାରସ୍ପରିକ ବୁଝାମଣା ଭିତରୁ ଏହାର ସୃଷ୍ଟି ।

ଜୀବନ ତେବେ କ'ଣ ଅଟକିଯିବ ? ଚାଲିବା ହେଉଛି ଜୀବନର ଧର୍ମ । ଏହାରି ଭିତରେ ହିଁ ଆତ୍ମାର ଚରମ ବିକାଶ । ଶାସ୍ତ୍ର କହିଛନ୍ତି,

ଚରନ୍ ବୈ ମଧୁ ବିନ୍ଦତି ଚରନ୍ ସ୍ୱାଦୁ ମୁଦୁମ୍ବରମ୍,
ସୂର୍ଯ୍ୟସ୍ୟ ପଶ୍ୟ ଶ୍ରେୟାନଂ ଯୋ ନ ତନ୍ଦ୍ରାୟତେ ଚରନ୍ ॥

ଚାଲିବାହିଁ ହେଉଛି ଅମୃତ ଲାଭ । ଚାଲିବା ହିଁ ହେଲା ତା'ର ସ୍ୱାଦୁଫଳ । ଚାହିଁ ଦେଖ, ଏଇ ସୂର୍ଯ୍ୟର ଆଲୋକ ସମ୍ପାଦ, ସେ ସୃଷ୍ଟିର ଆଦିକାଳରୁ ଚାଲି ଚାଲି ଦିନକ ପାଇଁ ମଧ ଶୁଆଇ ପଡ଼ିନାହିଁ । ଅତଏବ ଚାଲ, ଆଗେଇ ଚାଲ- ଚରୈବତି । ଚାଲିବା ବାଟରେ ଝଡ଼ ଆସିବ ଆସିଛି ମଧ ଅନେକ ଥର । ତା' ବୋଲି କ'ଣ ମଣିଷର ଚଲା ବନ୍ଦ ହେବ ? ସେ ଚାଲିବ- ଆଗେଇ ଚାଲିବ ଗୋଟିଏ ଜୀବନରୁ ଅନ୍ୟ ଜୀବନକୁ ।

ଗୋଟିଏ ପ୍ରତୀକ୍ଷାରୁ ଅନ୍ୟ ପ୍ରତୀକ୍ଷାକୁ ।
ଗୋଟିଏ ସାର୍ଥକତାରୁ ଅନ୍ୟ ସାର୍ଥକତାକୁ ।
ତା'ର ଅନ୍ୱେଷଣ ଚାଲୁ ରହିଥିବ ସତ୍ୟଠାରୁ ମିଥ୍ୟାଯାଏ ।
ଏତିକି ହିଁ ତା'ର ସାର୍ଥକତା- ଗୋଟିଏ ଜୀବନର ସଫଳତା ।

ଅବସରପ୍ରାପ୍ତ ଗଣଶିକ୍ଷା ଉପନିର୍ଦ୍ଦେଶକ
ତାରାମଣି ନିବାସ
ଦେଉଳସାହି, କଟକ-୮



# କ୍ରୋଧ

ଡାକ୍ତର ଯୋଗମାୟା ପଟ୍ଟନାୟକ

କ୍ରୋଧଠାରୁ ମଣିଷର ବଡ଼ ଶତ୍ରୁ ବୋଧେ କେହି ନାହିଁ । କିନ୍ତୁ ଏଇଟା ଗୋଟିଏ ମଣିଷର ଭାବ, ମାନସିକ ଆବେଗ । ହୁଏତ ଏଇଟା ଅନୁଭବ କରି ହୁଏନା । ପୁଣା ମଣିଷକୁ ନୁହେଁ ମଧ୍ୟ । ଏଇଟା ଗୋଟାଏ ଏପରି ଭାବଧାରା ଯେ ଯେଉଁଟାକି ମଣିଷକୁ ପୁରାପୁରି କ୍ଷତିଗ୍ରସ୍ତ କରିପକାଏ । ମଣିଷର ମନୁଷ୍ୟତ୍ୱକୁ ନଷ୍ଟ କରେ । ଏପରି ପରିସ୍ଥିତି ସୃଷ୍ଟି କରେ ଯେ ପରିବେଶଟା ଏକବାରେ ଅଶାନ୍ତ ହୋଇଉଠେ । ଆଉ ଯେଉଁଥିପାଇଁ କି ଲୋକଟି ତା ସମସ୍ୟା ସମାଧାନ କରିପାରେନି । କିମ୍ବା ପ୍ରକୃତିସ୍ଥ ରହେନି । ଆଉ ସେ ସେଇ କ୍ରୋଧାନ୍ୱିତ ଅବସ୍ଥାରେ କିଛି ବି କରିପାରେନି । ନିଜ ଭିତରେ ନିଜେ ଦେବଦହ ଜଳୁଥାଏ । ତା ରାଗିବାର କାରଣ ଯାହା ଥାଉନା କାହିଁକି ସେ ସେଇ ସମସ୍ୟା ସମାଧାନ କରିପାରେନି । ସେ ନିଜ ବିଷୟରେ ନିଜେ ଶଙ୍କାକୁଳ ହୁଏ ଏବଂ ଅନ୍ୟମାନଙ୍କ ପ୍ରତି ମଧ୍ୟ ତାର ଭାବଧାରା ବେଶ୍ ବଦଳିଯାଏ । ରାଗର କାରଣ ହୁଏତ ଗୋଟାଏ କିନ୍ତୁ ପ୍ରଥମ କାରଣରୁ ଏଇଟା ବିଗାଡ଼ି ହେଉ ଅନ୍ୟ ଦିଗକୁ ଗଡ଼ିଗଲେ କିନ୍ତୁ ଅସଲ କାରଣଟି ବୁଝି ପଡ଼େନି ।

କ୍ରୋଧ ଗୋଟିଏ ଶକ୍ତିଶାଳୀ ଭାବଧାରା । କ୍ରୋଧ ହେବା ମାତ୍ରେ ଲୋକଟିକୁ ଶାରୀରିକ ଯନ୍ତ୍ରଣା ଦିଏ । ରାଗିବା ଅର୍ଥ ଗୋଟିଏ ଶକ୍ତିଶାଳୀ ଭୋଲଟେଜର ଶକ୍ତି ସାରା ଶରୀରରେ ପ୍ରବାହ ହେଲେ ଯେଉଁ ଅବସ୍ଥା ସୃଷ୍ଟି ହେବ ସେଇ ଅବସ୍ଥା ସୃଷ୍ଟି ହୁଏ । ଯେଉଁ ଲୋକମାନେ ତତ୍‌କ୍ଷଣି ରାଗିଯାଆନ୍ତି ଏବଂ ରାଗିବା ଅବସ୍ଥାରେ ହିଁ ରହନ୍ତି ସେମାନଙ୍କ ରାଗ ବା କ୍ରୋଧର ଧାରା ଗୁଡ଼ିଏ ସମସ୍ୟା ସୃଷ୍ଟି କରେ । ମୁଣ୍ଡବିନ୍ଧା, ଚମର ବିଭିନ୍ନ ସମସ୍ୟା, ଅନିଦ୍ରାବସ୍ଥା, ପେଟରେ ଘା ଏପରିକି ହାର୍ଟଆଟାକ୍ ମଧ୍ୟ ହୋଇଯାଏ । ହିସାବରୁ ଦେଖାଯାଇଛି ଯେ ଛୋଟ, ଛୋଟ ଘଟଣା, ଟେବୁଲ, ଚୌକି ଖଡ଼ ଖଡ଼କରିବା, ଚୌକି, ବେଞ୍ଚ ଟଣାଟଣିରେ ପ୍ରାୟ ମଣିଷ ରାଗେନି କିନ୍ତୁ ସାଂଘାତିକ ସମସ୍ୟା ଯଥା- ଦୁର୍ଘଟଣା, ମୁଷ୍ଟିଯୁଦ୍ଧ, ଖୁନ ପ୍ରଭୃତିରୁ ସୃଷ୍ଟି ହୋଇଥାଏ ।

ଆନନ୍ଦ, ସୁଖ- ସବୁବେଳେ ଆମେ ଏକାଠି ହେଉ କିଛି ଗୋଟିଏ ଶୁଭ ବା ଅଶୁଭ କାମରେ । ଧରନ୍ତୁ ଶୁଭ କାମ ଯଥା ବିବାହ, ବ୍ରତଘର, ଜନ୍ମଦିନ, ବିଚ୍ଛେଦ ପରେ ହେଲା ମିଳନ । ମନ ଭିତରେ ହୁଏତ କାହାର ଦୁଃଖ, ରାଗ ଇତ୍ୟାଦି ଥାଇପାରେ କିନ୍ତୁ ସବୁକୁ ଚପେଇ ଯେତେବେଳେ ଫଟୋଗ୍ରାଫର ଆସେ, ଫଟୋ ନେଲାବେଳେ ହସନ୍ତୁ ବୋଲି କହେ ସେତେବେଳେ ସମସ୍ତେ ମୁରୁକି ହସା ଦିଅନ୍ତି । ତା'ପରେ ଧନ୍ୟବାଦ । ଖୁସୀଟା ଅନେକ ସମୟରେ ଈର୍ଷା, ପ୍ରଚଣ୍ଡ କ୍ରୋଧ, ପ୍ରତିଦ୍ୱନ୍ଦ୍ୱିତା ଭିତରେ ହୁଏ ତ ଛପିଯାଏ । ଜଣେ ସୁସ୍ଥ ଥାଇ, ଅର୍ଥନୈତିକ ସ୍ଥିତି ଭଲଥାଇ ମଧ୍ୟ ଯେତେବେଳେ ଜଣେ ନିରୋଳାରେ ବସେ ସେତେବେଳେ ସେ କରିଥିବା ଅପରାଧ, ଭୁଲ ପ୍ରଭୃତି ଚିନ୍ତା କରି ମନକୁ ଭାରାକ୍ରାନ୍ତ କରେ ।

ଆମ ମସ୍ତିଷ୍କରେ ଭଗବାନ ବେଶ୍ ବଡ଼ ଜାଗାଟିଏ ଛାଡ଼ିଦେଇଛନ୍ତି ମାନସିକ ଚିନ୍ତା ଓ ଭାବନା ପାଇଁ । ହୁଏତ ଭଗବାନଙ୍କର ଏଇଟା ଅସୀମ ଦାନ ଆମ ପାଇଁ ଯେଉଁଥିପାଇଁ ଆମେ ଚିନ୍ତାକରି ଆମ ଭାଗ୍ୟ ନିର୍ଦ୍ଧାରଣ କରିବା । ଏଇ ଈଶ୍ୱର ଦତ୍ତ ସ୍ଥାନଟିକୁ ଆମେ ଯଦି ସଚ୍ଚରିତ୍ରରେ ଭରି ନ କରି କେବଳ ଖୋଲା ବା ଫାଙ୍କାରଖୁ ତେବେ ଅପରାଧ ଦୁଶ୍ଚିନ୍ତା ଭରି ହୋଇଯିବ । ଶେଷରେ ଅନନ୍ତ ସାଗରରେ ଲୀନ ହୋଇଯିବ । ଆମେ ଅପରାଧ, ଦୋଷ ବା ଦୋଷୀର ଚିତ୍ର ଯଦି ଆଙ୍କି ବସୁ ତେବେ ଅପରାଧୀ ଗୋଟିଏ ରୁକ୍ଷ ଶୁଷ୍କ କେଶର ବୃଦ୍ଧ, ଲମ୍ବା ମୁହଁ, ଓଠଗୁଡ଼ା ଭାଙ୍ଗ ଯୋଡ଼ି ଚକକୁ ଝୁଲି ପଡ଼ିଥିବ । ସେଇ ଚିନ୍ତା ତୁମର ବର୍ତ୍ତମାନର ସ୍ଥିତି ଉପରେ ଗାଢ଼ତ୍ୱ କରେ ଏବଂ ତମର ସମସ୍ତ ଭାବନାକୁ ପକ୍ଷାଘାତ କରିପକାଏ । ଦୁଶ୍ଚିନ୍ତା ବା ବ୍ୟସ୍ତତା ଗୋଟିଏ ଘଣ୍ଟାଘଣ୍ଟି ଜିନିଷ ହୁଏତ କୌଣସି ଭାବି ବିପଦର ଆଶଙ୍କା ଭବିଷ୍ୟତର । ଯେଉଁଟାକି ଆମକୁ ପୁରାପୁରି ସାଣ୍ଡୁ କରି ଦେଇଥାଏ । ଯଦି ଆମେ କିଛି ଭୁଲ କରିଥାଉ ବେଶ୍ ଆମକୁ ଛୁଞ୍ଚି ଫୋଡ଼ିଲା ପରି ଯନ୍ତ୍ରଣା ଦେଉଥିବ । ଆଉ ଭବିଷ୍ୟତରେ ଏଇ ଭୁଲଟା ତୁମେ ଯେପରି କେବେ କରି ନ ଥିବ ।

ଆମେ ଆମର ଅପରାଧ ଗୁଡ଼ାକ କଣ କେବେ ପରିପକ୍ୱ ଅବସ୍ଥାରେ ସମାଧାନ କରୁ ? କେତେଜଣ ଅପରାଧୀ ନିଜର ସ୍ୱାର୍ଥ ପାଇଁ ଏଇ ଧରଣର ବ୍ୟବହାର କରିଥାଆନ୍ତି ? ଆମେ ଯଦି କେବଳ ଅତୀତର ଭୁଲ୍ ଭଟକା ଗୋଟେଇ ଗାଣ୍ଟୁ; କାନ୍ଦୁ, ମୁଣ୍ଡ ପିଟୁ ତେବେ କଣ କିଛି ଲାଭ ପାଉ ବା ପାଇବୁ ? ଧରନ୍ତୁ କିଶୋର ଜଣେ କୌଣସି କୁ-ଶିକ୍ଷାରେ ପଡ଼ି ତା ମା, ବାପାଙ୍କୁ ଖରାପ ବ୍ୟବହାର କରିଛି, ଧକ୍କା ଦେଇଛି ସବୁ କ୍ଷେତ୍ରରେ । ପରେସେ ଏବେ ପସ୍ତେଇ ହେଉଛି ବା କେଉଁ ବନ୍ଧୁର ମା, ବାପାଙ୍କ ସହିତ ପାରିବାରିକ ସୁ-ସମ୍ପର୍କ ଦେଖିଲେବେଳ ମୁଣ୍ଡ କୋଡ଼ି ହେଉଛି । କିଛି କରିପାରୁନି । ବର୍ତ୍ତମାନଟା ତା'ପାଇଁ ଏକବାରେ ନଷ୍ଟ କହିଲେ ଚଳେ । ଅନେକ ସମୟରେ ଆମେ ଭାବୁ ବା ଚିନ୍ତା କରୁ ଯେ

ଭୁଲଟା ସ୍ୱୀକାର କଲେ ସବୁ ସୁଧୁରି ଯିବ । ଅଥଚ ଆମେ କିଛି କାମ କରିବାନି । ତା'ପରେ ହୁଏତ ଆମେ ଆମର ବାଲ୍ୟକାଳକୁ ଫେରିଯିବା- ହାତଯୋଡ଼ି, ଗୋଡ଼ତଳେ ପଡ଼ିଲେ କିମ୍ବା କାନଧରି ୮।୧୦ଥର ବସ ଉଠ ହେଲେ ସବୁ ହେଲା । ଯାହାକୁ ହୁଏତ ମନସ୍ତତ୍ତ୍ୱବିତ୍‌ମାନେ କହିବେ ତୁମର ଭୁଲ୍ ପାଇଁ ତୁମ ଦାୟିତ୍ୱ ତୁମେ ଅନ୍ୟକୁ ହସ୍ତାନ୍ତର କରିବ । ତା'ପରେ ଏପରି ଅବସ୍ଥା ହେବ ଯେ କେବଳ ତୁମେ ଆଖିବୁଜା ଅନ୍ୟକୁ ଦୋଷ ଦେଇ ଲାଗିବ । ଅଥଚ ନିଜେ ପୁରା ନିର୍ଦ୍ଦୋଷ ବୋଲି କହି ଲାଗିବ । ଅନ୍ୟମାନେ ହୁଏତ ତୁମର ଅନୁଶୋଚନା, ଅନୁତପ୍ତ, ବ୍ୟସ୍ତତା ପାଇଁ କହିପାରନ୍ତି ଭାଏ ନିର୍ଦ୍ଦୋଷ- ଶେଷକୁ ତୁମେ ଦୟାର ପାତ୍ର ହେଇଯାଅ । ନିଜେ ଯେଉଁ ଆଘାତ ପାଉଥାଅ ହୁଏତ ସେଥିପାଇଁ ତୁମେ ଦୟାର ପାତ୍ର ।

ସବୁବେଳେ ଅତୀତ ଉପରେ ଆମେ ଜୋର ଦେଇବସୁ । ଏତିକି ଭାବିବା ଯେ ଅତୀତ ହେଲା ଇତିହାସ । ଯେଉଁଟାକି ଆମେ ବଦଳେଇ ପାରିବାନି । ଆମେ ଯଦି ବର୍ତ୍ତମାନ ଉପରେ ଜୋର ଦେଉ, ତେବେ ଆମ ଭବିଷ୍ୟତ ମଙ୍ଗଳ ହେବ । ସବୁବେଳେ ଆମେ ଭାବିବା ଅନ୍ୟର ଅନୁମୋଦନ ବା ସମ୍ମତି ଜୀବନରେ ବିଶେଷ ପ୍ରୟୋଜନ ନାହିଁ । ନିଜର ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନ ରହିବା ଦରକାର । ଅନ୍ୟମାନଙ୍କଠାରୁ କେବଳ 'ଆହା', 'ଚୁ', 'ଚୁ', 'ଓହୋ'; କଣ ହେଲା ଶୁଣି କେବଳ ନିଜକୁ ନିମ୍ନଗାମୀ କରିବାଛଡ଼ା କିଛି ଲାଭ ନାହିଁ । ସବୁବେଳେ ନିଜେ ଅପରାଧୀର ଚିନ୍ତାଠାରୁ ଦୂରରେ ରହିବା ଦରକାର ।

ଚିନ୍ତାର କଣ କିଛି ସୀମା ରେଖା ଅଛି ? ଏହାଟା ଠିକ୍ ଅପରାଧ ବା ଅପରାଧୀ ସହିତ ସମାନ । ଚିନ୍ତା କଲେ କେବଳ ଭବିଷ୍ୟତକୁ ଗୋଳେଇ, ଘାଣ୍ଟି, ଫେଣ୍ଟିବାକୁ ପଡ଼ିବ । କୋଉ ଚିନ୍ତା ଭବିଷ୍ୟତରେ ନ ଆସିବ ? ପିଲାଙ୍କ ଚିନ୍ତା, ଦେହ, ଟଙ୍କା, ସୁନା ସମ୍ପତ୍ତି, ଓଜନ, ଘାଗ, ଗାଡ଼ି, ଘୋଡ଼ା, ବିଳାସ ସାମଗ୍ରୀ, ନିରାପତ୍ତା ସବୁ ଗୋଟି ଗୋଟି ହୋଇ ଘାଣ୍ଟିବେ ।

ଅନେକ ସମୟରେ ନିଜେ ଭୁଲ କରୁଛ କି ଠିକ୍ କରୁଛ ଏକ ଚିନ୍ତା ମାଡ଼ି ବସେ । ଭୁଲ କରୁନ ତ ? ବୃଦ୍ଧାବସ୍ଥା ମାଡ଼ି ଆସୁଛି ତାର ସମ୍ମୁଖୀନ ହେବାକୁ ହେବ । ଅନେକ ସମୟରେ ଅନାଗତ ଭବିଷ୍ୟତ ବିଷୟରେ ଚିନ୍ତା । ଓଃ ମୋର ସବୁ ଏତେ ଭଲରେ ଚାଲିଛି, ନିଶ୍ଚୟ କିଛି ଖରାପ ହେବ । ଚିନ୍ତାର ସୀମା ନାହିଁ । ଦୋଷୀ ବୋଲି ନିଜକୁ ସ୍ୱୀକାର କରିବା ଗୋଟିଏ ଅଂଶ । ଭବିଷ୍ୟତ ବିଷୟରେ ଚିନ୍ତା କଲେ ହୁଏତ ବର୍ତ୍ତମାନକୁ ଆମେ ଅବହେଳା କରିବା । କୌଣସି କାମ ଠିକ୍ ଭାବରେ କରି ହୁଏନି । ଚିନ୍ତା ଭିତରେ ବୁଡ଼ି ରହିଲେ କଣେ କଣ କରିବ ? ତୁମେ ହେଇପାର ଚିନ୍ତାମଗ୍ନ ବାପା, ମା ବା ସ୍ତ୍ରୀ । ଜଣେ ଅତ୍ୟଧିକ ମୋଟା, ଅତଲପେଟ ଯେ କଣ ତେବେ ଚିନ୍ତା ଭିତରେ ତା ଓଜନ କମେଇ ପାରିବ ? ବରଂ ଚିନ୍ତା ଭିତରେ ଅତ୍ୟଧିକ ଖାଇ ଓଜନ ବଢ଼େଇ ଲାଗିବ । ଏଇ ଧରଣର ପରିସ୍ଥିତିର ସମ୍ମୁଖୀନ ହୁଏ ମଣିଷ ସବୁବେଳେ । ବିବାହ, ସ୍ୱାସ୍ଥ୍ୟ, ନିରାପତ୍ତା କେଉଁଥିରେ ବା ଚିନ୍ତା ନାହିଁ ?

ଚିନ୍ତା ଖାଏ ଗଣ୍ଡି
ଲୁଣ ଖାଏ ହାଣ୍ଡି

ଅକ୍ଷରେ ଅକ୍ଷରେ ସତ୍ୟ । ଆଉ ଯେଉଁ ଦୟା ଅନୁକମ୍ପା ଗୁଡ଼ା ଅତାଡ଼ି ହେଇଯାଏ ସେଗୁଡ଼ା ଆଶୀର୍ବାଦ । ସବୁଠାରୁ ବଡ଼ କଥା ହେଲା ଚିନ୍ତାକୁ ତେଲ୍ଲାଡିର କର । ଗୋଡ଼ରେ ଠେଲ । ଆଉ ଗୋଟିଏ ଭଲ ଧରଣର ଚିନ୍ତା ମନରେ ପୁରାଅ । ସବୁବେଳେ କୁହ କଣ ବା ଚିନ୍ତା କରିବାର ବିଷୟ ମୋର ଅଛି ? ଚିନ୍ତା କରି କରି ତା ଭିତରେ ବୁଡ଼ି ଆମେ କଣ ଆମ ଭବିଷ୍ୟତଟା ପରିବର୍ତ୍ତନ କରିପାରିବା । ଚିନ୍ତା ଭିତରେ ବୁଡ଼ି ରହିଲେ ବର୍ତ୍ତମାନ ବା ଆଜି ଆମେ କିଛି କରିପାରିବାନି । ଆସନ୍ତାକାଲି ପୁରା ଅନ୍ଧକାର । ସବୁବେଳେ ମନେରଖିବା ଉଚିତ ଯେ ଦୁଶ୍ଚିନ୍ତା ଯେଉଁଥିପାଇଁ କରୁଛ ସେଇଟା ଆସିବ, ଆସୁଥିବ କେବଳ ହା, ହତାଶା, ମନସ୍ତାପ ଇତ୍ୟାଦି ତୁମେ ରୋଜଗାର କରିବ । ଯାହାଦ୍ୱାରା କି ତୁମେ ତୁମର ସମସ୍ତ ଶକ୍ତି, ସାମର୍ଥ୍ୟ, ବଳ ହରେଇ ବସିବ । ତୁମେ ତୁମ ଜୀବନର ଶିଳ୍ପୀ । ସବୁ ସୁବିଧାର ମାଲିକ । ତୁମେ ତୁମରି ଇଚ୍ଛାରେ ତୁମ ନିଜର ଗୋଟିଏ ଭିନ୍ନ ମନର, ଭିନ୍ନ ଚିନ୍ତାର ଛବି ଆଙ୍କ । ତୁମେ ଖୁବ୍ ଖୁନକାୟ । ଚିନ୍ତା କରି ଲାଭ କଣ ? କମ୍ ଖାଅ । ବ୍ୟାୟାମ କର । ସକାଳେ, ସଞ୍ଜରେ ଚାଲିବା ଅଭ୍ୟାସ କର । ସବୁବେଳେ ଆମେ ଆଜି ଉପରେ ଜୋର ଦେବା । ଆସନ୍ତାକାଲି ବା ଗଲା କାଲିର ମୂଲ୍ୟ ବା କଣ ? ତୁମ ମନର ଦ୍ୱାର ଏଇ ସବୁ ଦୁଶ୍ଚିନ୍ତା ପାଇଁ ବନ୍ଦ କର । ସବୁବେଳେ ଜୀବନର ୨ଟି ଦିନକୁ ଚିନ୍ତାଶୂନ୍ୟ କର । ଗଲାକାଲି ଓ ଆସନ୍ତାକାଲି ।

ଆନନ୍ଦ ତୁମ ନିଜର । ତୁମେ ବେଶ୍ ଖୁସିରେ ପାଇପାରିବ । ଆମର ମସ୍ତିଷ୍କ ସବୁବେଳେ ଗୋଟିଏ ଜିନିଷ ଖୁବ୍ ଆନନ୍ଦରେ ଗ୍ରହଣ କରିପାରିବ । ସବୁବେଳେ ଭଲ ଚିନ୍ତା, ଭଲ କଥା ମନରେ ପୁରାଅ । କୌଣସି ମହର୍ଷି ବା ଦେଶସେବକ ତୁମ ଚିନ୍ତାରେ ପୁରନ୍ତୁ । ତୁମର ଅନାଗତ ସୁଖ, ଆନନ୍ଦ ଗୁଡ଼ାକ ତୋଳିଧର । କୌଣସି ଗୋଟିଏ ସବୁଜ ଉପତ୍ୟକା, ହ୍ରଦ, କୋଣାର୍କ ପରି ଦର୍ଶନୀୟ ଜାଗା ମନ ଭିତରେ ସାଇତି ରଖ । ନିଜକୁ ହାଲୁକା ମନେକର । ସମସ୍ୟା ତାଳରୁ ଖସି ପଡ଼ିଲେ କଣ ତୁମେ ଖାଣ୍ଟି ପାଇବ । ନିଜର ମାନସିକ ଅବସ୍ଥାକୁ ଶାନ୍ତି ଦିଏ । ତୁମ ଘରଟି ସୁନ୍ଦର । ତୁଲୁତୁଲିଆ ଛୁଆ ଦୁଇଟିଙ୍କ ମୁହଁ କଣ କମ୍ ସୁନ୍ଦର ? ଗୋଟିଏ ସୁନ୍ଦର ଗୋଲାପ ଫୁଲ, ମଲ୍ଲୀଫୁଲର ବାସ୍ନା, ଚମ୍ପାଫୁଲର ବାସ୍ନା- ଲୋଭନୀୟ ରୁଚିକର ଖାଦ୍ୟ । ମାଉ ଗେଣ୍ଡାଳ- ମା ହାତର ବଡ଼ିଚୁରା, ବାଇଗଣ ପୋଡ଼ା । ମା'ର କାନିରେ ନିଜର ଧାଳୁଆ କ୍ଳାନ୍ତି ଦୂର କରିବା କଣ ଆନନ୍ଦ ଦାୟକ ନୁହେଁ ? ଦୂର ପର୍ବତର ଦୃଶ୍ୟ,

ମନ୍ଦିରର ଘଣ୍ଟାଧ୍ୱନୀ, ବେଦଧ୍ୱନୀ, ଗୀତା ପାରାୟଣ କଣ ଆନନ୍ଦ ଦେବନି ? ନିଜକୁ ଦୋଷୀ ମନେକରନି ବା ଚିନ୍ତା ଭିତରେ ବୁଡ଼ି ରହନି । ଈଶ୍ୱରଙ୍କ ପବିତ୍ର ଚିନ୍ତା କଣ ତୁମକୁ ଆନନ୍ଦ ଦେବନି ? ସୃଷ୍ଟିର ରହସ୍ୟ କଣ ଆନନ୍ଦ ଦାୟକ ନୁହେଁ ?

ଅନେକ ସମୟରେ ଆମେ ଅଯଥା ଅଶାନ୍ତି ଭୋଗୁ । ହୁଏତ କିଏ ଉପାସୀ କନ୍ୟା ସେ ଦୁଃଖୀ ହେବ, ବିଧବା ହେବ କିମ୍ବା ଯଦି ବି ଘରରେ ବିବାହ ହେଲା, ତେବେ ଖୁବ୍ ଦରିଦ୍ର ଶାଶୁଘର । କଣଙ୍କର କିଛି ହୁଅନ୍ତିକା ନାହିଁ, ହୁଏତ ଏକ ବନ୍ଧ୍ୟାତ୍ୱ ପାଇଁ ସ୍ୱାମୀଟିଏ ଦାୟୀ । ତଥାପି ଭଲଗୁଣା ଗୁଣେ ସ୍ତ୍ରୀଲୋକଟି । ତା'ମୁହଁ ଚାହିଁଲେ ଅୟଣ । ହୁଏତ ଝିଅଟି ଖୁବ୍ ପିଲାଗେହ୍ଲୀ । ଛୁନି, ଛୁନି ପିଲାଙ୍କୁ ଦେଖିଲେ ଖୁସିରେ ନାଚିଉଠେ । ନିଜ ଶୋଇବା ଘରେ ସୁନ୍ଦର ଛୁନି ଛୁଆଙ୍କର ଫଟୋ । ନିଜର ହୁଏତ ପ୍ରବଳ ଇଚ୍ଛା କେମିତି ପିଲାଟିଏ ପାଳିବ । ଯେ କୌଣସି ପିତୃମାତୃହୀନ ପିଲା । କିନ୍ତୁ ଘର ଲୋକେ ବାଧା ଦେଉଥିବେ ।

ପୋଷା ପୁଅ

ପୁଅ ଭୁଅ

ଯେବେ ଡାକିବନି ନ କରେ ଓ...

ଫଳସ୍ୱରେ ଏଇ ସବୁ କଥାରେ ସେ ତାର ପ୍ରବଳ ଇଚ୍ଛା ପୂରଣ ନ କରି ମନ ଭିତରେ ଗୁମୁରି, ଗୁମୁରି ରହିଲା - ଅଶାନ୍ତି ହେଲା । ସେଇଟା ହୁଏତ ତାର ମାନସିକ ଶାନ୍ତି ବ୍ୟାହତ କଲା । ତାହା ଜୀବନରେ ଦୁଃଖର ମୁହୂର୍ତ୍ତ ନ ଆସିଛି ? ନହିଲେ ତାକୁ ମନ ଭିତରେ ସାଇତି ଅଯଥା କୁହାଏ କଷ୍ଟ ପାଉ ହୁଏତ କୌଣସି ବନ୍ଧୁ ଆଗରେ ଦୁଃଖସୁଖ କହେଇଲେ ଶାନ୍ତି ମିଳେ । ଦୟନୀୟତା ଏବଂ ନିଜକୁ ନିଃସ୍ୱ ମନେକରିବା ହୁଏତ ଆମର ଜାତୀୟ ଗୁଣ । ଜାଣ ନ ଜାଣ, ଚିହ୍ନା, ଅଚିହ୍ନା ଲୋକଙ୍କ ପାଖରେ ନିଜର ଦୁଃଖ କହେଇବା । ତା ପରେ ସହାନୁଭୂତି ପାଇବା- ଚୁ, ଚୁ, ଆହା ଆହା ଶୁଣିବା । ବିଶେଷ ଭାବରେ ଟ୍ରେନରେ ଗଲାବେଳେ ଏମିତି ହୁଏ ଯେ ଆମେ ଅଜଣା, ଅଚିହ୍ନା ପାଖରେ ନିଜର ଦୁଃଖ କହେଇଦେଇ ସମବେଦନା କିଣି ନେଉ । ଏପରିକି ଅଳ୍ପ ସମୟ ପରିଚୟରେ ନିଜର ପାରିବାରିକ ଅଶାନ୍ତି, ଦୁଃଖ କହେଇବାରେ ପଛାନ୍ତି ନାହିଁ । ଅଳ୍ପ ବୟସରେ ବିବାହ କରି ଘରର ଯାବତୀୟ ବୋଝ ବୋହି ଯଦି ସ୍ୱାମୀଠାରୁ କିଛି ଆଶ୍ୱାସନା ନ ପାଆନ୍ତି ତେବେ ସେମାନଙ୍କୁ ଯିଏ ସବୁଠୁ ବେଶୀ ଭଲପାଏ ତା'ଠାରେ ସବୁ ଦୁଃଖସୁଖ ଅଜାଡ଼ି ଦିଅନ୍ତି । ନିଜର ଆତ୍ମବିଶ୍ୱାସ ନ ଥିଲେ ଜଣେ ଅନ୍ୟର ଦୟାର ପାତ୍ର ହେବାରେ ପଛାଏ ନାହିଁ । ହୁଏତ ତାଙ୍କ ମନ ଭିତରେ ଥାଏ ଯେ ଦୁନିଆରେ କେହି ଜଣେ ତ ସମବେଦନା ଜଣେଇବ ବା ଦୁଃଖରେ ଭାଗୀ ହେବ । ଏଇ ଧରଣର ଚରିତ୍ର ହୁଏତ ବଂଶାନୁଗତ, ବଂଶପରମ୍ପରା । ମା'ର ଦୟନୀୟ ଅବସ୍ଥା, ଆତ୍ମବିଶ୍ୱାସର ଅଭାବ ଅନ୍ୟ ଆଗରେ ଦୁଃଖ ବୟାନ ସବୁଠୁ ବେଶୀ ବାଧେ ତାର ଛୁନି, ଛୁନି ଛୁଆଙ୍କ ଉପରେ ।

ହୁଏତ ଏହି ସ୍ତ୍ରୀ ଲୋକମାନେ ଭାବନ୍ତି ଯେ ସେମାନଙ୍କର ଅନ୍ୟ ପାଖରେ ଦୁଃଖ ପ୍ରକାଶ କରିବାର ଯଥେଷ୍ଟ କାରଣ ଅଛି । ଅନେକ ସମୟରେ ଆମେ ଆମ ନିଜକୁ ଅନ୍ୟର ସୁଖ, ସମୃଦ୍ଧି ଜୀବନ ସହିତ ତୁଳନା କରି ଦୁଃଖ ଭୋଗୁ । ଆମେ ସମସ୍ତେ ନିଜର ଜୀବନ ବଦଳେଇବା ପାଇଁ କିଛି ଅଂଶରେ କ୍ଷମ । ସବୁବେଳେ ଆମେ ଭାବିବା ଉଚିତ ଯେ ସାମାନ୍ୟ ହାଡ଼ (ଅସ୍ଥି), କଣ୍ଠିହାଡ଼ ସହିତ ସମାନ ନୁହେଁ । ତେଣୁ ସବୁବେଳେ ଯେଉଁମାନେ ମାନସିକ ସ୍ତରରେ ଦମ ସେଇମାନଙ୍କ ଚିନ୍ତାକର । ଯେଉଁମାନେ ସବୁ କଥାରେ ଭାଙ୍ଗି ପଡ଼ନ୍ତି ସେମାନଙ୍କ ଚିନ୍ତାରୁ ଦୂରେଇ ରୁହ । ଲୋକଙ୍କଠାରୁ ସମବେଦନା ନିଜେ ଆଣିବା ଅପେକ୍ଷା ଅନ୍ୟକୁ ସମବେଦନା ଦେଖାଅ । ହୁଏତ ତୁମ ବେଳ ବଖାର କାରଣ ହେଇପାରେ ତୁମେ ପଛକୁ ବେଶୀ ଚାହିଁବା ଫଳ ।

ଦୁର୍ଗା ନିବାସ
ମହତାବ ରୋଡ୍,
କଟକ- ୧୨

# ଭାରତୀୟ ଶୈକ୍ଷିକ ପରମ୍ପରାରେ ଧର୍ମ

ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ଦାଶ

ଆଧ୍ୟାତ୍ମିକତାର ପ୍ରଣବ ଧ୍ୱନିର ଅନିନ୍ଦ୍ୟ ଝଙ୍କାରର ନୈସର୍ଗିକ ମୂର୍ଚ୍ଛନାରେ ଝଙ୍କୃତ ଭାରତୀୟ ଐତିହ୍ୟ । ତନ୍ମଧ୍ୟରେ ଭାରତୀୟ ଶିକ୍ଷା ରୂପକ ଉଜ୍ଜ୍ୱଳ ଜ୍ୟୋତିର ଉତ୍ସରଣ । ବିଶ୍ୱ ସଭ୍ୟତାର ବ୍ୟାପ୍ତ ଅନୁଭବରେ ଭାରତୀୟ ସଭ୍ୟତା ହେଉଛି ଉଦୀୟମାନ ସୂର୍ଯ୍ୟ ସଦୃଶ ଯାହାର ଅରୁଣିମାରେ ଉଦ୍‌ଭାସିତ ସମଗ୍ର ବିଶ୍ୱ ଦରବାର । ମୁଖ୍ୟତଃ ବୈଦିକ ବାସ୍ତବ ମୂଲ୍ୟବୋଧକୁ ଅନୁଶୀଳନ କଲେ ଜଣାଯାଏ, "ଜୀବନର ବହୁବିଧ ପରିଚର୍ଯ୍ୟା ମଧ୍ୟରେ ଶିକ୍ଷା ଅଲୋକ ପ୍ରଦାନର ଉଜ୍ଜ୍ୱଳ ଉତ୍ସ ।" ମହାଭାରତରେ ବର୍ଣ୍ଣିତ ଅଛି ଶିକ୍ଷା କେବଳ ଏକମାତ୍ର ସମର୍ଥ ଶକ୍ତି ଯାହାକି ମନୁଷ୍ୟକୁ ତପଃ ସଦୃଶ ସଦା ସଫଳତାର ଅନ୍ତର୍ଦୃଷ୍ଟି ପ୍ରଦାନ କରିପାରିବ । (ନାସ୍ତି ବିଦ୍ୟା ସମଂ ଚକ୍ଷୁର୍ନାସ୍ତି ସତ୍ୟସମଂ ତପଃ ) ଆଧୁନିକ କ୍ଷେତ୍ରରେ ଶିକ୍ଷା ହେଉଛି ମରଣଶୀଳ ପାର୍ଥିବ ଜଗତରେ ସର୍ବବିଧ ପ୍ରଗତି, ସମୃଦ୍ଧି ଓ ଅଭିବୃଦ୍ଧିର ମାଧ୍ୟମ ଆଧୁନିକ ଭାରତୀୟ ଶିକ୍ଷାର ଲକ୍ଷ୍ୟ କେବଳ ମନୁଷ୍ୟର ପାର୍ଥିବ ଆବଶ୍ୟକତାର ପରିପୂରଣ ମଧ୍ୟରେ ସୀମିତ କିନ୍ତୁ ପ୍ରାଚୀନ ଭାରତୀୟ ଶିକ୍ଷାକ୍ଷେତ୍ରରେ ଏ ସୀମିତତା ମନୁଷ୍ୟକୁ ବଞ୍ଚିବାର ନୈସର୍ଗିକ ଅନୁଭବ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଧର୍ମ, ଅର୍ଥ, କାମକୁ ଅତିକ୍ରମ କରି ମୋକ୍ଷପ୍ରାପ୍ତିର ବ୍ୟାପ୍ତିରେ ପରିସମାପ୍ତ ହୋଇଥାଏ ।

ପ୍ରାଚୀନ ଭାରତୀୟ ଶିକ୍ଷା ପ୍ରଣାଳୀର ଅମର ବିର୍ଯ୍ୟାସ ଧର୍ମର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଶିକ୍ଷା ଏବଂ ଧର୍ମ ମାନବ ଜୀବନର ପରିପୂର୍ଣ୍ଣ ମୂଲ୍ୟବୋଧ ଯାହାକୁ ମାଧ୍ୟମ କରି ମାନବ ଉପଲବ୍ଧି କରିପାରେ ତାର ଆକାଙ୍କ୍ଷିତ ଅବବୋଧକୁ । ଧର୍ମ, ଶିକ୍ଷା ଗ୍ରହଣର ଅନ୍ତିମ ଲକ୍ଷ୍ୟ ଏବଂ ଜୀବନକ୍ଷେତ୍ରରେ ଧର୍ମର ପାଳନ ଓ ସମ୍ପାଦନ ହେଉଛି ଜ୍ଞାନ ଆହରଣର ଅନ୍ତିମ ପରିଣାମ ।

ଧାରୟତି ଇତି ଧର୍ମ- ଯାହା ଏ ବିଶ୍ୱକୁ ଧାରଣ କରି ରଖିଛି ତାହା ହିଁ ଧର୍ମ । ବୁଦ୍ଧ କହିଛନ୍ତି, " ଧମମ୍ ମହା ମଙ୍ଗଳ ସୁତଂ ।" ଅର୍ଥାତ୍ ଧର୍ମ ମାଧ୍ୟମରେ ମାନବର ମହାମଙ୍ଗଳ ସାଧିତ ହୁଏ । ବର୍ତ୍ତମାନ ସମୟ ପରି ଧର୍ମ, ଘୃଣା, ହୀନମନ୍ୟତା, ବିଦ୍ୱେଷ, ତୁଳନା, ସଂଘର୍ଷ ସର୍ବୋପରି ରକ୍ତପାତର ପରିଭାଷା ନୁହେଁ ଅଧିକନ୍ତୁ ଶରୀରର ନଶ୍ୱରତା, ସାଧାରଣତା ମଧ୍ୟରେ ଅସୀମ, ଅନନ୍ତ, ନିରାକାରଙ୍କ ଅନୁଭବର ପରିପ୍ରକାଶ ଘଟାଇ ଏକ ଅନନ୍ୟ ଅଥଚ ସହଜ ଜୀବନବୋଧରେ ପହଞ୍ଚାଇବାର ଶକ୍ତି ହେଉଛି ଧର୍ମ । ଧର୍ମଭିତ୍ତିକ ଅନ୍ତର୍ଦୃଷ୍ଟି ମାନବ ଜୀବନର ଆରମ୍ଭ କିମ୍ବା ପରିସମାପ୍ତି ମଧ୍ୟରେ ପରିବ୍ୟାପ୍ତ ନୁହେଁ । ପୁନଶ୍ଚ ଧର୍ମଭିତ୍ତିକ ଆଧ୍ୟାତ୍ମିକ ମୁକ୍ତି କେବଳ ଏକ ମହତ୍ ମାନବିକତାର ଅନୁଭବ ନୁହେଁ ବରଂ ଏହା ହେଉଛି ବ୍ୟାପକ ସାମାଜିକ ଶୃଙ୍ଖଳା ମଧ୍ୟରେ ସାମଗ୍ରିକ ବ୍ୟକ୍ତିତ୍ୱର ଉତ୍କର୍ଷ ସାଧନ ସହିତ ପ୍ରେମମୟ ଜୀବନଯାପନ ନିମନ୍ତେ ସଫଳ ପ୍ରଚେଷ୍ଟା ।

ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ବର୍ତ୍ତମାନ ଯେଉଁ ଧର୍ମ ବିଭେଦର ବିଶାଳ ପ୍ରାଚୀର ସୃଷ୍ଟି କରିଛି ତାହା ଧର୍ମ ନୁହେଁ- ସାମ୍ପ୍ରଦାୟିକତା । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଈଶ୍ୱରଙ୍କୁ ଚିହ୍ନରେ ଆଣି ବିଶ୍ୱଭାତୃତ୍ୱଭାବର ସମ୍ପର୍କ ପ୍ରତିଷ୍ଠା ନିମନ୍ତେ ଧର୍ମ ନିର୍ଦ୍ଦେଶ ପ୍ରଦାନ କରିଥାଏ । ଏହାଦ୍ୱାରା ମନୁଷ୍ୟ ବିଶ୍ୱ ସମୃଦ୍ଧି ଏବଂ ସମଗ୍ର ମାନବ ସମାଜକୁ ଐଶ୍ୱର୍ଯ୍ୟ ପ୍ରଦାନ ଦିଗରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିପାରେ । ପ୍ରାଚୀନ ଭାରତର ସମୃଦ୍ଧ ଆଧ୍ୟାତ୍ମିକ ପରମ୍ପରାରେ ଧର୍ମକୁ ଏହି ଅର୍ଥରେ ମାନ୍ୟତା ଦିଆଯାଉଥିଲା । ସାମ୍ୟ, ମୈତ୍ରୀ, ସଂପ୍ରୀତି ଓ ବିଶ୍ୱକଲ୍ୟାଣ ଥିଲା ଧର୍ମର ଉଦ୍ଦେଶ୍ୟ । ସେଥିନିମନ୍ତେ ବୈଦିକ ଋଷି ଶିଷ୍ୟ ପରିବେଷ୍ଟିତ ହୋଇ ଗାନ କରୁଥିଲେ :

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟା
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା' କଶ୍ଚିତ୍ ଦୁଃଖ ଭାଗ୍ ଭବେତ୍ ।

ସେହିପରି ସାମ୍ୟର ଅନ୍ୟତମ ଉଦାର ଉଦାହରଣ ପ୍ରତିଧ୍ୱନିତ ହୁଏ, ସମାନ ମନ୍ତ୍ରଃ ସମିତି ସମାନୀ ଶ୍ଳୋକରୁ ।

ଏହା ସ୍ପଷ୍ଟ ଯେ ମହାଭାରତୀୟ ପରମ୍ପରାରୁ ଧର୍ମଧାରଣା ଆନ୍ତର୍ଯ୍ୟନ୍ତିକ ଭାବରେ ଆଜିର ଆଡମ୍ବ ଓ କଳୁଷିତ ଧର୍ମଧାରଣାଠାରୁ ଦୂରରେ ଥିଲା । ତହିଁରେ ସମ୍ପ୍ରଦାୟିକତାର ବିଷ ପ୍ରବେଶ କରିନଥିଲା । ବୁଝାଯାଏ,

'' ବିଦ୍ୟା ବିନୟେ ସମ୍ପନ୍ନେ ବ୍ରାହ୍ମଣେ ଗବିହସ୍ତିନି
ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ।''

ଅର୍ଥାତ୍, ଯେଉଁମାନେ ପ୍ରକୃତ ପଣ୍ଡିତ ଓ ଜ୍ଞାନୀ ସେମାନେ ବିଦ୍ୱାନ, ବ୍ରାହ୍ମଣ, ଗାଈ, ହାତୀ, କୁକୁର ଏବଂ ଚଣ୍ଡାଳଙ୍କୁ ସମଦୃଷ୍ଟିରେ ଦେଖନ୍ତି । ଏ ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ ଧର୍ମକୁ ସାର୍ବଜନୀନ କରିବା ଏବଂ ମାନବ କଲ୍ୟାଣ ନିମନ୍ତେ ବିନିଯୋଗ କରିବାରେ ପ୍ରାଚୀନ ଭାରତୀୟ ପରମ୍ପରାର ଭୂମିକା ଅଗ୍ରଗଣ୍ୟ ।

ସାମ୍ପ୍ରତିକ ଭାରତୀୟ ଶିକ୍ଷା ପଦ୍ଧତି ପାଶ୍ଚାତ୍ୟ ସଭ୍ୟତାର ସଂସ୍ପର୍ଶରେ ଆଦ୍ୟ ଶିକ୍ଷାର ମୌଳିକ ଲକ୍ଷ୍ୟ ଧର୍ମକୁ ସଂକୀର୍ଣ୍ଣ ଅଭ୍ୟାସରେ ସୀମିତ କରିଦେଇଛି । ଧର୍ମ ବ୍ୟାପକତାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଓ ମାନବ ଜୀବନର ଅନ୍ତର୍ନିହିତ ଆତ୍ମିକ ସତ୍ତା ଉପରେ ପର୍ଯ୍ୟବେସିତ ହୋଇଥିବା ସ୍ଥଳେ ଏହାକୁ ଏକ ସଂକୀର୍ଣ୍ଣ ଗୋଷ୍ଠୀଭିତ୍ତିକ ମତବାଦରେ ରୂପାନ୍ତରିତ କରାଯାଇ ସାରିଛି । ଧର୍ମ ସୀମିତ ନୀତି, ନିୟମ ଓ ମତବାଦର ପରିଚୟ ଆଦୌ ନୁହେଁ ସତ୍ୟ, ନିତ୍ୟ, ଶାଶ୍ୱତ । ଏହା ହେଉଛି ସମାଜିକ, ନୈତିକ ଲକ୍ଷ୍ୟର ପରିପୂରଣ ଦିଗରେ ମନୁଷ୍ୟତ୍ୱ ବିବେକ ଅନୁମୋଦିତ ବିଚାରଶୀଳ କର୍ତ୍ତବ୍ୟବୋଧର ପରିକଳ୍ପନା । ପ୍ରାଚୀନ ଭାରତୀୟ ଶିକ୍ଷାର ଲକ୍ଷ୍ୟ ଏହି ଆତ୍ମୋପଲବ୍ଧିକୁ ପ୍ରତିପାଦିତ କରିବା ସଙ୍ଗେ ସଙ୍ଗେ ଏହାର ବୈଶିଷ୍ଟ୍ୟକୁ ସମ୍ପାଦନ କରିବାରେ ସତତ ଚେଷ୍ଟିତ ହୋଇଥାଏ । ଶାନ୍ତି ଭଳି ଅପୂର୍ବ ମାନସିକତାରେ ବିଶ୍ୱାସ ରଖୁଥିବା ଧର୍ମ ସଂକୀର୍ଣ୍ଣ ଗୋଷ୍ଠୀବାଦର କବଳଠାରୁ ଯଥେଷ୍ଟ ଦୂରରେ ଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ । ମନୁଷ୍ୟକୁ ଦେଶ, କାଳ ପାତ୍ରୋରର ଅବସ୍ଥାକୁ ଉନ୍ନୀତ କରାଇ ଦିବ୍ୟ ପ୍ରଶାନ୍ତିର ସ୍ୱର୍ଗରେ ପହଞ୍ଚାଇବା ଯେ ଧର୍ମର ମୌଳିକତମ ଦିଗ ଏହା ପ୍ରାଚୀନ ଭାରତୀୟ ଶିକ୍ଷା ପ୍ରକଟିତ କରାଇଥାଏ । ଜଟିଳ ଜଞ୍ଜାଳ ମଧ୍ୟରେ ଅନୁକ୍ଷଣ ଦହି ହେଉଥିବା ମାନବାତ୍ମାକୁ ସଂଗ୍ରାମ ନୁହେଁ, ସଂଘର୍ଷ ନୁହେଁ ଅମୃତ ସାଗରରୁ ବୁନ୍ଦାଏ ଶାନ୍ତିର ଶିଶିର ଆଣିଦେବା ହୁଏତ ଧର୍ମର ଅନ୍ୟନାମ । ଧର୍ମ ତାହା ଯାହା ଶବ୍ଦକୁ ସିଦ୍ଧ କରି ପବିତ୍ର ଧ୍ୱନିରେ ପରିଣତ କରାଏ ଏବଂ ଧ୍ୱନିକୁ ଶୁଦ୍ଧ କରି ପରିଣତ କରେ ମନ୍ତ୍ରରେ, ଯେମିତି ଅଣୁରୁ ଆକାଶ ପର୍ଯ୍ୟନ୍ତ ସର୍ବତ୍ର ପ୍ରତିଧ୍ୱନିତ ହେବ ।

'' ବିଶ୍ୱଦେବାଃ ଶାନ୍ତିଃ ସର୍ବେଭ୍ୟଃ ଦେବେଭ୍ୟଃ ଶାନ୍ତିଃ ।''

ବିଭାଗୀୟ ମୁଖ୍ୟ
ଶିକ୍ଷା ବିଭାଗ
ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ, ପୁରୀ



# ଜାତୀୟ ସମସ୍ୟା ସମାଧାନରେ ଯୁବ ସମାଜର ଭୂମିକା

ଶ୍ରୀମାନ ବିଭୂରଞ୍ଜନ ସାହୁ

**ଯୁ**ବଶକ୍ତି ଏକ ଅଖଣ୍ଡ ଦୀପ-ଶିଖା ଯିଏ କି ସବୁ ସମାଲୋଚନାର ବାଡ଼କୁ ଗୋଟିଏ ମୁହୂର୍ତ୍ତରେ ଧ୍ୱଂସ କରିଦେଇପାରେ । ସକଳ ନୀତି ନିୟମକୁ ଭାଙ୍ଗି ଦେଇପାରେ । ପୁରାତନକୁ ଭାଙ୍ଗି ନୂତନ ଦୁନିଆ ସୃଷ୍ଟି କରିପାରେ ।

ଆଜିର ଶିଶୁ ଆସନ୍ତା କାଲିର ଯୁବକ । ସେମାନେ ହେଉଛନ୍ତି ନୂତନ ସମାଜର ନିର୍ମାତା, ନୂତନ ଭାରତର ନିର୍ମାତା । ସମାଜ ତା'ର ବଂଶଧରମାନଙ୍କୁ ଚାତକ ପରି ଚାହିଁ ରହିଥାଏ । ପୃଥିବୀରେ ଯେତେ ପ୍ରକାର ବିପଦ ବିଦ୍ରୋହ ନିହିତ ଅଛି ଅର୍ଥାତ୍ ଯେତେ ପ୍ରକାର ବିପ୍ଳବ, ବିଦ୍ରୋହ, ପରିବର୍ତ୍ତନ ହୋଇଅଛି ସେ ସବୁ ମୂଳରେ ଯୁବଶକ୍ତି ନିହିତ ଅଛି । ସେ କେତେବେଳେ ତାଣ୍ଡବ ନୃତ୍ୟ କରି ପୃଥିବୀ ଧ୍ୱଂସ କରିଦେଇଛି ତ କେତେବେଳେ ବିଶ୍ୱ ଦରବାରରେ ଆନନ୍ଦର ଲହରୀ ଖେଳାଇ ଦେଇଛି ।

ଆଜି ସମଗ୍ର ବିଶ୍ୱ ଏକ ସନ୍ଧିସ୍ଥଳି ମୁହୂର୍ତ୍ତରେ ଗତି କରୁଅଛି । ଯେଉଁ ଯୁବକର ସହାୟତାରେ ବିଶ୍ୱ ଗଠିତ, ବିଶ୍ୱର ସକଳ କାର୍ଯ୍ୟ ନିୟନ୍ତ୍ରିତ, ଆଜି ସେଇମାନଙ୍କୁ ଉପେକ୍ଷା କରି କତିପୟ ରାଜନୀତିଜ୍ଞ, ରାଜନୀତି, ଦେଶସେବା ଆଢ଼ରେ ଦୁର୍ନୀତି କରିବାରେ ଲାଗିଛନ୍ତି । ଏହି ସୀମା ଲଂଘନ ଦୁର୍ନୀତି, ଅନ୍ୟାୟ ବିରୁଦ୍ଧରେ ଯୁବଶକ୍ତି ଆଜି ସଙ୍ଗଠିତ ଭାବେ ସ୍ୱର-ଉତ୍ତୋଳନ କରିବାରେ ତତ୍ପର । ଆଜି ଭାରତର ଚତୁର୍ଦ୍ଦିଗରେ ସାମ୍ପ୍ରଦାୟିକତା, ଅଧାର୍ମିକତା, ଅସହିଷ୍ଣୁତା, ବିଭେଦତା ଓ ହିଂସାର ବାତାବରଣ ସୃଷ୍ଟି ହୋଇଅଛି । ଏପରି ସନ୍ଧିସ୍ଥଳି ମୁହୂର୍ତ୍ତରେ ଯୁବଶକ୍ତିର ଭୂମିକା ଯଥେଷ୍ଟ ରହିଛି । ଯୁବଶକ୍ତି ଚାହିଁଲେ ସମସ୍ତ ପ୍ରକାର ଭେଦଭାବ, ଅରାଜକତା ଦୂର କରି ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀର ବାର୍ତ୍ତା ପ୍ରଚାର କରିପାରିବ । ସେମାନଙ୍କର ପ୍ରଚେଷ୍ଟାରେ ସମସ୍ତ ପ୍ରକାର ଜାତୀୟ ସମସ୍ୟା ଦୂର ହୋଇ ଚିର ମଧୁମୟ, ଚିର ଅମୃତମୟ ସଂସାର ସୃଷ୍ଟି ହୋଇପାରିବ ।

**ସମସ୍ୟା କ'ଣ:-** ସମସ୍ୟା ନ ଥିଲେ ସମାଧାନ ନାହିଁ । ଆଉ ତଦନୁସାରେ ପ୍ରତିରୋଧ ବା ପ୍ରତିକାର ଚିନ୍ତା ଆସେ ନାହିଁ । ଅତଏବ ପ୍ରଗତିର ସୂତ୍ରଧର ହେଉଅଛି 'ସମସ୍ୟା' । କିନ୍ତୁ ସମସ୍ୟାର ସମାଧାନ ନ ହେଲେ ଦେଶର ପ୍ରଗତି ଯେ ନାନାକାରଣରୁ ବାଧାପ୍ରାପ୍ତ ହେବ ଏହା ସମସ୍ତେ ହୃଦୟଙ୍ଗମ କରିବା ଉଚିତ । ବିଶ୍ୱର ଯେଉଁ କେତେକ ପ୍ରଗତିଶୀଳ ରାଷ୍ଟ୍ର ଅଛି ଭାରତ ତନ୍ମଧ୍ୟରୁ ଅନ୍ୟତମ । ତନ୍ମଧ୍ୟରୁ କେତେକ ଦେଶୀୟ ଓ ଆଉ କେତେକ ବାହ୍ୟ ସମସ୍ୟା ।

**ସମସ୍ୟାର ପ୍ରକାର ଭେଦ:** (୧) ଶିକ୍ଷା ସମସ୍ୟା, (୨) ବେକାର ସମସ୍ୟା (୩) ଖାଦ୍ୟ ସମସ୍ୟା, (୪) ଯୌତୁକ ସମସ୍ୟା, (୫) ସୀମା ସମସ୍ୟା ।

**ସମସ୍ୟାର କାରଣ:-** ଦେଶ ଦେଶ ମଧ୍ୟରେ ସମସ୍ୟା ବିଭିନ୍ନ କାରଣରୁ ଜାତ ହୋଇଥାଏ । ମୁଖ୍ୟତଃ ଦେଶ ଯଦି ତାର ଜାତୀୟ ସଂହତି ରକ୍ଷା କରି ନ ପାରେ, ତେବେ ଦେଶ ଖଣ୍ଡ ଖଣ୍ଡ ହୋଇଯିବାର ସମ୍ଭାବନା ଯେ ନିଶ୍ଚିତ, ଏ କଥା ଅସ୍ୱୀକାର କରି ହେବନାହିଁ । ଆଜି ଦେଶର ଜାତୀୟ ସଂହତି ନାନା ଦିଗରୁ ବିପଦସଙ୍କୁଳ । ପଞ୍ଜାବ ଓ ଉତ୍ତର ପ୍ରଦେଶରେ ଧର୍ମକୁ ନେଇ ଦେଖା ଯାଉଥିବା ସଙ୍କଟ, ଆସାମରେ ଭାଷାକୁ ନେଇ ଦେଖା ଦେଇଥିବା ସମସ୍ୟା ଓ କାଶ୍ମୀରର ରାଜନୈତିକ ସଙ୍କଟ ଏବଂ ସର୍ବୋପରି କେତେକ ଅଞ୍ଚଳ/ପ୍ରଦେଶର ଆଞ୍ଚଳିକ ଦଳମାନଙ୍କର ଶାସନ ଓ ଆଞ୍ଚଳିକ ସଂକୀର୍ଣ୍ଣ ମନୋବୃତ୍ତି ଆଜି ଦେଶର ଏକତା ପ୍ରତି ବିପଦ ସୃଷ୍ଟି କରିଛି ।

**ସମସ୍ୟାର ପ୍ରତିକାର ଦିଗରେ ଯୁବ ସମାଜର ଭୂମିକା:-**

**(୧) ଶିକ୍ଷା ସମସ୍ୟା:-** ଶିକ୍ଷା ମଣିଷ ମସ୍ତିଷ୍କର ଖାଦ୍ୟ ସ୍ୱରୂପ । ଶିକ୍ଷା ଜୀବନକୁ ମାର୍ଜିତ କରେ, ଚରିତ୍ର ଶୋଧନ କରେ । ଶିକ୍ଷା ଅଜ୍ଞାନର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ଦେଖାଇଦିଏ । ତେଣୁ ଶିକ୍ଷା ଆଜି ପ୍ରତ୍ୟେକ ମଣିଷର ଏକ ବ୍ୟକ୍ତିଗତ ସମ୍ପଦତୁଲ୍ୟ ବିବେଚିତ ହେଉଅଛି । ବର୍ତ୍ତମାନ ଶିକ୍ଷାକୁ ଇଂରେଜ ସରକାରୀ ଶିକ୍ଷା ପ୍ରସାରର ସୁଫଳ ରୂପେ ପରିଗଣିତ କଲେ ଅତ୍ୟୁକ୍ତି ହେବନାହିଁ ।

ଆଜିର ଶିକ୍ଷା ଆଉ ଜ୍ଞାନଭିତ୍ତିକ ଶିକ୍ଷା ନୁହେଁ । ସେଥିପାଇଁ ଶିକ୍ଷା କ୍ଷେତ୍ରରେ ଦେଖାଦେଉଛି ନାହିଁ ନ ଥିବା ସମସ୍ୟା । ଆଜିର ଶିକ୍ଷା ହୋଇଛି ଅର୍ଥସଖୀ ।

ଶିକ୍ଷା ସମସ୍ୟା ହିଁ ବେକାର ସମସ୍ୟାର ମୁଖ୍ୟ କାରଣ । ଦ୍ରୁତ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଦ୍ରୁତ ଭାବରେ ଶିକ୍ଷାର ମଧ୍ୟ ପ୍ରସାର ହେବାରେ ଲାଗିଛି । ଶିକ୍ଷାକୁ ଚାକିରିର ମାଧ୍ୟମ ଭାବେ ଯୁବ ସମାଜ ବୁଝୁଛି ଓ ଭାବୁଛି । ସେଥିପାଇଁ ଯୁବଗୋଷ୍ଠୀ ମଧ୍ୟରେ ଦେଖାଦେଉଛି ଚରମ ନୈରାଶ୍ୟ । ଏହି ସମସ୍ୟାର ସମାଧାନ ନ ହେଲେ ଏହା ଦିନକୁ ଦିନ ଜଟିଳ ହେବ ।

**ସମାଧାନ:-** ଶିକ୍ଷା ସମସ୍ୟାର ସମାଧାନ ନିମିତ୍ତ କେତେକ ଉପାୟ

ଅବଲମ୍ବନ କରିବାକୁ ପଡ଼ିବ । ଏହା ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ । ଏହା ଏକ ଜାତୀୟ ସମସ୍ୟା । ଯୁବକମାନେ ଶିକ୍ଷିତ ହୋଇ ନିଜ ଗୋଡ଼ରେ ନିଜେ ଠିଆ ହେଲେ ଏ ସମସ୍ୟାର ସମାଧାନ ହୋଇପାରିବ । ସେମାନଙ୍କର କେତେଗୁଡ଼ିଏ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ କରିବାକୁ ହେବ । ଏ ଧନ୍ଦାମୂଳକ ଶିକ୍ଷା ମଧ୍ୟରେ କୃଷି, ଶିଳ୍ପ, ଗୋପାଳନ, କୁକ୍କୁଡ଼ା ପାଳନ, ମାଛଚାଷ ଆଦି ଅନ୍ୟତମ । ଏହାଫଳରେ ଯୁବମାନଙ୍କ ମଧ୍ୟରେ ଆତ୍ମନିଯୁକ୍ତିର ଆତ୍ମବିଶ୍ୱାସ ଆସିପାରିବ । ଯୁବକମାନେ ଗାଁ ଗହଳିକୁ ଶିକ୍ଷା ଦିଗରେ ଘଟୁଥିବା ସମସ୍ୟା ଉପରେ ଆଲୋଚନା କରିବେ । ସରକାରଙ୍କ ଏକାଳି ଆକର୍ଷଣୀୟ ଯୋଜନା ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ହେବ, ଯାହାଦ୍ୱାରା ଯୁବକମାନେ ତା' ପ୍ରତି ଆକୃଷ୍ଟ ହେବେ । ପ୍ରଚଳିତ ଶିକ୍ଷାକ୍ରମକୁ ଢଳିବଳୁ ସରଳ କରିବାକୁ ହେବ ।

ଏବର 'ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ'ର ନାମ ସେତେବେଳେ ଥିଲା 'ଖୋର୍ଦ୍ଧା ହାଇସ୍କୁଲ' । ସେହି 'ଖୋର୍ଦ୍ଧା ହାଇସ୍କୁଲ' କଥା କହୁଛି । ପ୍ରାୟ ଆଠୋଟି ବର୍ଷର ମୋ ନିଜର ଅନୁଭୂତି, ଯେତେବେଳେ ମୁଁ ଥିଲି ଖୋର୍ଦ୍ଧା ହାଇସ୍କୁଲର ଛାତ୍ର । ସ୍ୱାଧୀନତା ପୂର୍ବବର୍ତ୍ତୀ କାଳ । ଆମ ହାଇସ୍କୁଲର ହେଡ୍‌ମାଷ୍ଟର ଥାଆନ୍ତି ବାଙ୍କନିଧି ପଟ୍ଟନାୟକ । ବ୍ରିଟିଶ ସରକାର ତାଙ୍କୁ ରାଏ ସାହେବ ଉପାଧି ଦେଇଥିଲେ ।

ସେଇ ବାଙ୍କନିଧି ପଟ୍ଟନାୟକଙ୍କଠାରୁ ମୋ କଥା ଆରମ୍ଭ କରୁଛି । ଯୋଗ୍ୟତା ଯେମିତି, ଶୃଙ୍ଖଳା ଜ୍ଞାନ ସେମିତି । କେହି ଛାତ୍ର ଦୋଷ କରି ଦଣ୍ଡ ପାଇବାରୁ ରକ୍ଷା ପାଇବାର ମୁଁ ଦେଖିନାହିଁ । ଗୋରା ସାହେବଙ୍କ ଭଳି ପୂରା ପ୍ୟାଣ୍ଟ, କାମିଜ୍ ଓ କୋଟ୍ ପିନ୍ଧି ସ୍କୁଲ ଆସିବେ । ଉପରବେଳା ସ୍କୁଲ ଛୁଟି ପରେ ଧୋତି ଓ ପଞ୍ଜାବୀ ପିନ୍ଧି ଖଣ୍ଡେ ବାଡ଼ି ଧରି ବୁଲିବେ । ଗୋଟି ଗୋଟି ସବୁ ମନେ ଅଛି ମୋର, ହେଡ୍‌ମାଷ୍ଟର ଆସିଗଲେ ବୋଲି ଚହଳ ପଡ଼ିଗଲେ, ଆମେ ସବୁ ଚୁପ୍‌ଚାପ୍ ହୋଇଯାଉଥିଲୁ । ଆଜି ସେ ମରି ହଜି ଗଲେଣି । ତଥାପି ମନେଅଛି ତାଙ୍କ କଥା ।

ହେଡ୍‌ମାଷ୍ଟରଙ୍କ ବ୍ୟତୀତ ଆମର ଆଉ କେତେଜଣ ଶିକ୍ଷକ ବି ଥିଲେ । କେତେଜଣଙ୍କ କଥା ଖୁବ୍ ଭଲ ମନେଅଛି, ଯେଉଁମାନେ ଆମମାନଙ୍କ ଉପରେ ପ୍ରଭାବ ପକାଇବାକୁ ସମର୍ଥ ହୋଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଚନ୍ଦ୍ରଧର ପରିଡ଼ା । ଖୋର୍ଦ୍ଧାରୁ ଚାକିରି ସାରି ଟାଙ୍ଗୀରେ ଘରକରି ରହିଲେ । ସେ ଥିଲେ ଜଣେ ଉଚ୍ଚକୋଟୀର ସାହିତ୍ୟିକ ଓ ସାହିତ୍ୟ ଶିକ୍ଷକ । ପଢ଼ାଇଲା ବେଳେ ଯେଉଁ ପୃଷ୍ଠା ସେ ଖୋଲନ୍ତି ତା'ର ପ୍ରତ୍ୟେକ ଧାଡ଼ିରେ ସେ ଡାହାଣ ହାତର ବିଞ୍ଚି ଆଙ୍ଗୁଠିଟି ମାଡ଼ି ମାଡ଼ି ପଢ଼ାନ୍ତି । ସେତେବେଳେ ଆମେ ପିଲାଏ ଏହାର ଅର୍ଥ ବୁଝି ପାରି ନ ଥିଲୁ । ପରେ ବୁଝିଲୁ, ଏପରି ଇଙ୍ଗିତ ଦେବା ଦ୍ୱାରା ସେ ଆମ ପାଠ ବିଷୟର ପ୍ରତ୍ୟେକ ଶବ୍ଦ ଉପରେ ଜୋର୍ ଦେଉଛନ୍ତି । ସେ ବି ଦୁନିଆରୁ ଚାଲିଗଲେଣି । ଆଉ ଥିଲେ ଫଜଲୁର ରହମାନ ଓ ରାଧାଚରଣ ସାହୁ । ଉଭୟ ପଢ଼ାଉଥିଲେ ଅଙ୍କ । ଉଭୟଙ୍କର ଶିକ୍ଷାଦାନ ପ୍ରଣାଳୀ ଏବେ ବି ମନେଅଛି । ସେ ଦୁହେଁ ବି ଲୁଚିଗଲେଣି । ପୁଣି ଥିଲେ ପ୍ରାଣେଶ୍ୱର ପଟ୍ଟନାୟକ । ସେ ପଢ଼ାଉଥିଲେ ଇଂରାଜୀ । ଏବେ ସେ ଭୁବନେଶ୍ୱରରେ ରହୁଛନ୍ତି । ଅତି ସରଳ ଓ ଅମାୟିକ ତାଙ୍କର ବ୍ୟବହାର । ଏବେ ସମୟେ ସମୟେ ତାଙ୍କ ସଙ୍ଗେ ଦେଖାସାକ୍ଷାତ ହୁଏ । ଏଥର ଦୁଇଜଣ ପଣ୍ଡିତଙ୍କ କଥା କହୁଛି । ଜଣେ ଥିଲେ ହେଡ୍‌ପଣ୍ଡିତ ଓ ଆଉ ଜଣେ ବାୟା ପଣ୍ଡିତ । ସେଇ ହେଡ୍‌ପଣ୍ଡିତ ଭଗବାନ ହୋତାଙ୍କ ପୁଅ, ଏବେ ଖୋର୍ଦ୍ଧା ଏନ୍.ଏ.ସି.ର ଜଣେ ସଭ୍ୟ । ଭଲ ସଂସ୍କୃତ ପଢ଼ାଉଥିଲେ ସେ । ଆଉ ବାୟା ପଣ୍ଡିତ । ନାମ ତାଙ୍କର ଭୁବନେଶ୍ୱର ମିଶ୍ର । ତାଙ୍କୁ ସମସ୍ତେ ବାୟା ପଣ୍ଡିତ ବୋଲି ଡାକୁଥିଲେ । ଭଲ ପଢ଼ାଉଥିଲେ ସେ- କେବଳ କ୍ଲାସରେ ଯେ ଗୁଲ୍ଲା ଗୋଳ କଲେ, ସେ ପିଟିବାକୁ ଧାଇଁ ଆସନ୍ତି । ଆଉ ଦୁଇଜଣ ଶିକ୍ଷକଙ୍କ କଥା ବେଶ୍ ମନେଅଛି । ଜଣେ ଭଗବାନ ମହାନ୍ତି ଓ ଆଉ ଜଣେ ଜଗଦାନନ୍ଦ ମହାନ୍ତି । ଭଗବାନ ମହାନ୍ତି ଇଂରାଜୀ ଓ ଇତିହାସ ପଢ଼ାଉଥିଲେ । ଜଗଦାନନ୍ଦ ମହାନ୍ତି ଅଙ୍କ ଓ ଭୂଗୋଳ ପଢ଼ାଉଥିଲେ । ଖୁବ୍ ଉଚ୍ଚକୋଟୀର ତାଙ୍କ ଶିକ୍ଷାଦାନର ମାନ । ଆଉ ଜଣେ ଥିଲେ ବାଙ୍ଗୀ ମାଷ୍ଟ୍ରେ । ସେ ଭୂଗୋଳ ପଢ଼ାଉଥିଲେ- ଭୂଗୋଳ ପରି ଏକ ବିଷୟକୁ ସେ ଚମତ୍କାର ପ୍ରଣାଳୀରେ ପଢ଼ାଇବା କଥା ଏବେ ମୋ ମନେ ଅଛି । ସେ ସଂସ୍କୃତ ଓ ସାହିତ୍ୟ ପଢ଼ାଉଥିଲେ । ସଂସ୍କୃତକୁ କି ସରଳ ସୁନ୍ଦର ଭାବରେ ସେ ବୁଝାଉଥିଲେ । ଏବେ ବି ସବୁ ଗୋଟି ଗୋଟି ମନେ ଅଛି । ଏହି ଅବସରରେ ଆଉ ଦି'ଜଣଙ୍କ କଥା ମନେପଡ଼ୁଛି । ଜଣେ କେଦାରନାଥ ମହାପାତ୍ର ଆଉ ଜଣେ ଅପୂର୍ବରଂଜନ ରାୟ । ଉଭୟ ଉଚ୍ଚକୋଟୀର ଶିକ୍ଷକ । ମାତ୍ର ଅଳ୍ପ ଦିନ ପାଇଁ ସେ ଦୁହେଁ ଆମ ସ୍କୁଲକୁ ଆସିଥିଲେ ବି ଏବେଯାଏଁ ସେମାନେ ମୋ ମନରୁ ଯାଇ ନାହାନ୍ତି । ଆଉ ଜଣେ ଥିଲେ ସୌରୀଚରଣ ଜେନା- ନଟଣୀ ପାଖ କୃଷ୍ଣମାଟିରେ ତାଙ୍କ ଘର । ସେ ଆମକୁ ଡ୍ରିଲ୍, ଖେଳ ଓ ସଙ୍ଗୀତ, ନାଟକ ଇତ୍ୟାଦି ଶିଖାଉଥିଲେ । ଭଗବାନ ମହାନ୍ତି, ଜଗଦାନନ୍ଦ ମହାନ୍ତି, ପ୍ରାଣେଶ୍ୱର ପଟ୍ଟନାୟକ, ହରିକୃଷ୍ଣ ପ୍ରଧାନଙ୍କ ପରି ଯେଉଁ କେତେଜଣ ଶିକ୍ଷକଙ୍କ ସହ ଦେଖାସାକ୍ଷାତ ହୁଏ, ସେହିମାନଙ୍କ ସହିତ କିଛି ସମୟ କଥା ଭାଷା ହେଲାବେଳେ ସବୁ ଶିକ୍ଷକଙ୍କ କଥା ମନେ ପଡ଼େ । କେତେ ଶୀଘ୍ର ବିତିଗଲା ସେଦିନ ।

**ସେତେବେଳର ସ୍କୁଲର ନାଟକ :**

ସେତେବେଳେ ଖୋର୍ଦ୍ଧା ହାଇସ୍କୁଲରେ ନାଟକ ପ୍ରତି ଖୁବ୍ ଝୁଙ୍କ୍ ଥିଲା । ଆମର ଗୋଟିଏ ହଲ୍ ଥିଲା, ସେଇ ହଲରେ ପେଣ୍ଡାଲଟିଏ । ସେଇ ପେଣ୍ଡାଲରେ ଷ୍ଟେଜ ବନ୍ଧା ହୋଇ ନାଟକ ହେଉଥିଲା । ଗୋଟିଏ

ନାଟକ କଥା ମୋର ସ୍ପଷ୍ଟ ମନେଅଛି । ନାଟକଟି 'ରଘୁ ଅରକ୍ଷିତ' । ସ୍କୁଲର ଶିକ୍ଷକ ଓ ପିଲାଏ ମିଶି ନାଟକଟିକୁ ରୂପ ଦେଉଥାନ୍ତି । ବାୟା ପଣ୍ଡିତ ନେଉଥାନ୍ତି 'ଗ୍ରାମବାସୀ'ର ଭୂମିକା । ସେ ରଘୁ ଅରକ୍ଷିତକୁ ପ୍ରତି ନାଟିକାକୁ ଦେଖାଇ ଦେଖାଇ କହିଲେ- "ଅଙ୍ଗୁଳି ନିର୍ଦ୍ଦେଶ କରି", ଏହି ଅଂଶଟି ନାଟକରେ ବନ୍ଧନୀ ଭିତରେ ଥିଲା । ମାତ୍ର ସ୍ମାରକ (ପ୍ରମ୍ପଟର) ସେତେବେଳେ ସମୁଦାୟ ଅଂଶଟି ପଢ଼ି ଦେବା ଦ୍ୱାରା ପଣ୍ଡିତ ମହାଶୟ ସେଇଆ କହିଦେଲେ । ଏଥିରେ ଦର୍ଶକମାନେ ବହୁତ ହସିଲେ ସତ, ମାତ୍ର କ'ଣ କରିବେ, ବାୟା ପଣ୍ଡିତେ ତ କହିଛନ୍ତି । ଶିକ୍ଷକ ରଘୁ ଅରକ୍ଷିତର ବାପା ଭୂମିକାରେ ଓହ୍ଲାଇଥିଲେ, ଜଗଦାନନ୍ଦ ମହାନ୍ତି ଅତି କ୍ଷୀଣ ଶରୀର । ତେଣୁ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ କାନ୍ଧେଇ କରି ମଞ୍ଚ ଉପରକୁ ନିଆଯାଇପାରିବ ବୋଲି ତାଙ୍କୁ ରଘୁ ଅରକ୍ଷିତର ବାପାର ଭୂମିକା ଦିଆଯାଇଥିଲା । ଦୃଶ୍ୟଟି ଥିଲା, ରଘୁ ଅରକ୍ଷିତ ତା'ର ବାପାକୁ କାନ୍ଧେଇ ଆଣି ମଞ୍ଚ ଉପରେ ଶୁଆଇବ । ସେହିଠାରେ ରଘୁ ଅରକ୍ଷିତର ବାପା 'ପାଣି', 'ପାଣି' କହି ମରିଯିବେ । ତେଣୁ ରଘୁ ଅରକ୍ଷିତର ବାପାଙ୍କ ଉକ୍ତିରେ ପାଣି, ପାଣି ଅଛି ଏବଂ ଏହାପରେ ... ଭିତରେ ମୃତ୍ୟୁ ବୋଲି ନାଟ୍ୟକାର ଲେଖାଇଛନ୍ତି । ମାତ୍ର ମୋର ଏପର୍ଯ୍ୟନ୍ତ ମଧ ସ୍ପଷ୍ଟ ମନେଅଛି, ଜଗଦାନନ୍ଦ ମହାନ୍ତି, ପାଣି ପାଣି କହି, ନିଜେ ମୃତ୍ୟୁ ବୋଲି କହିଦେଲେ । ଏଥିରେ ମଧ ଦର୍ଶକମାନେ ବହୁତ ହସିଥିଲେ, ମାତ୍ର ଜଗଦାନନ୍ଦ ମହାନ୍ତି ଜଣେ ଉଚ୍ଚକୋଟୀର ଶିକ୍ଷକ ବୋଲି ଗଣା ଯାଉଥିଲେ । ଏହିପରି ଥିଲା, ଆମ ସମୟର ନାଟକ ପରିବେଷଣ ।

**ଆମ ସମୟର ଡ୍ରିଲ୍ ଓ ଖେଳ :**

ଆମ ସ୍କୁଲକୁ ଲାଗି ଗୋଟିଏ ଆମ୍ବତୋଟା ଥିଲା । ସେ ସ୍ଥାନଟିରେ ଛାଇ ଥାଏ ବୋଲି ଆମର ଡ୍ରିଲ୍ କ୍ଲାସ ସେଇଠି ହୁଏ । ପ୍ରତି ଶନିବାର ଦିନ ସ୍କୁଲ ଆରମ୍ଭ ହେବା ଆଗରୁ ମାସ୍ ଡ୍ରିଲ୍ ବା ସିଙ୍ଗଲ ଡ୍ରିଲ୍ ହୁଏ । ଏଥିରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦିଅନ୍ତି । ଆମ ସ୍କୁଲର ଗୋଟିଏ ପୋଷାକ ବା ୟୁନିଫର୍ମ ଥାଏ- ଖାକି ପ୍ୟାଣ୍ଟ ଓ ଧଳାସାର୍ଟ । ସେହି ପୋଷାକ ପିନ୍ଧି ଆମେ ପିଲାମାନେ କ୍ଲାସ ଯାଉ । ଝିଅମାନେ ସେହିପରି ଧଳା ଗାଉନ୍ ଓ ଖାକି ଫ୍ରକ୍ ପିନ୍ଧନ୍ତି । ସେତେବେଳେ ଆମ ମନରେ ଏକତାର ଭାବ ଆସେ- ଗର୍ବ ଆସେ- ଆରେଇ ଆସେ ଆମେ ଖୋର୍ଦ୍ଧା ସ୍କୁଲର ଛାତ୍ର ।

ଆମ ସମୟରେ କେତୋଟି ଖେଳର ପ୍ରଚଳନ ଥିଲା । ସେଗୁଡ଼ିକ ହେଲା, ଫୁଟବଲ, ହକି, କଳି । ଏଗୁଡ଼ିକ ସ୍କୁଲ କୋଠାର ପଛପଟ ପଡ଼ିଆରେ ଖେଳ ହେଉଥିଲା । ପରେ ଟେନିସ୍ ଓ ବ୍ୟାଡ଼ମିଣ୍ଟନ ଖେଳର ପ୍ରଚଳନ ହେଲା । ଏଥିପାଇଁ ସ୍କୁଲ ଘର ସାମ୍ନାରେ 'କୋର୍ଟ' (ପଡ଼ିଆ) ପ୍ରସ୍ତୁତ କରାଯାଇଥିଲା । ମୋର ମନେଅଛି, ଦଶମ ଶ୍ରେଣୀର ଛାତ୍ର ଥିଲାବେଳଠାରୁ ହେଡ୍‌ମାଷ୍ଟରଙ୍କ ସାଙ୍ଗେ ଟେନିସ୍ ଖେଳୁଥିଲି । ସେତେବେଳେ ମନରେ ଅପୂର୍ବ ଗର୍ବ ଆସେ । ଆମେ ହେଡ୍‌ମାଷ୍ଟରଙ୍କ ସାଙ୍ଗେ ଖେଳୁଛୁ ।

**ଆମ ସମୟର ଅନ୍ୟାନ୍ୟ ସାଂସ୍କୃତିକ ଉତ୍ସବ :**

ଆମ ସ୍କୁଲରେ ଅନ୍ୟ ସାଂସ୍କୃତିକ ଉତ୍ସବ ମଧ ପାଳିତ କରାଯାଉଥିଲା । 'ପ୍ରାଇଜ୍' ଦିଆଯାଉଥିଲା । ମୋର ମନେଅଛି, ପଣ୍ଡିତ ଗୋଦାବରୀଶ ମିଶ୍ର ଆମ ସ୍କୁଲକୁ ପ୍ରଧାନ ଅତିଥି ହୋଇ ଆସିଥିଲେ । ସେ ମୋ ସାନଭାଇ ଜଗତ (ଡକ୍ଟର ଜଗତବନ୍ଧୁ ମହାନ୍ତି- ସର୍ଜରୀ ପ୍ରଫେସର- ଏବେ ସେ କଟକ ଗୋରାବଜାର ରୋଡ଼ରେ ରହନ୍ତି)କୁ ସ୍ୱାସ୍ଥ୍ୟ ପାଇଁ ହେଲ୍‌ଥ ପ୍ରାଇଜ ଦେଇଥିଲେ । ମୁଁ ଏଥିପାଇଁ ପ୍ରାଇଜ୍ ପାଇଥିଲି ଯେ, ମୋତେ ସେ ନିଜେ 'ଅଲରାଉଣ୍ଡ ସ୍କୁଲର' ପ୍ରାଇଜ୍ ଦେଇଥିଲେ । ୧୯୪୦-୪୧ ମସିହା କଥା- କାହିଁ ପଚାଶ ବର୍ଷ ଅତୀତ ହୋଇଗଲାଣି । ଏବେ ସବୁ କାଲି ପରି ଗୋଟି ଗୋଟି ମନେଅଛି ।

ଆଉ ଗୋଟିଏ ଘଟଣା ମୋର ସ୍ପଷ୍ଟ ମନେଅଛି । ସେଦିନ ଥାଏ ବୋଧହୁଏ ୧୯୩୪ ବା ୧୯୩୫ ମସିହା ଅପ୍ରେଲ ପହିଲା । ଆମ ସ୍କୁଲରେ ହେଡ୍‌ମାଷ୍ଟର ନୋଟିସ ବାହାର କଲେ, "ବନାରସରୁ ଜଣେ ପ୍ରସିଦ୍ଧ ଯୋଗୀ ଆସିଛନ୍ତି । ସେ ଆଜି ରାତି ୮ଟାରେ ସ୍କୁଲ ହଲରେ ଶୂନ୍ୟରେ ଚାଲିବେ । ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କ ଚାରିଅଣା କରି ପଇସା ଦେଇ ଏହା ଦେଖିପାରିବେ ।" ନୋଟିସର ଏଇ କଥାଟା, ଆମ ସମସ୍ତଙ୍କ ମନରେ ବଡ଼ କୌତୁହଳ ସୃଷ୍ଟି କଲା । ମାତ୍ର ଘଣ୍ଟାଏ ଦୁଇଘଣ୍ଟା ଭିତରେ ଚାରିଅଣା ହେଖାର୍ଏ ଆଦାୟ ହୋଇଗଲା । ସେ ପାଣ୍ଠି ନିଜେ ରଖିଲେ ହେଡ୍‌ମାଷ୍ଟର । ରାତି ୮ଟା ଆଗରୁ ସମସ୍ତେ ଆସି ହଲ୍ ଭିତରେ ବସିଲୁ । ଆଗ ସିଟ୍‌ରେ ବସିବାକୁ କି ନାଦିଆ ପିଟା- ଏବେ ସବୁ ମନେଅଛି । ହଲର ଷ୍ଟେଜ୍ ସାମ୍ନାରେ ଖଣ୍ଡିଏ କଳାପରଦା ଟଙ୍ଗା ହୋଇଥାଏ । ଭିତରୁ କେହଜଣେ ଶିକ୍ଷକ କହୁଥାନ୍ତି- "ଆଉ କିଛି ସମୟ ପରେ ବନାରସ ବାବା ଆସି ପହଞ୍ଚିବେ । ସେ ଶୂନ୍ୟରେ ଚାଲିବେ । ଧୈର୍ଯ୍ୟଧରି ଆପଣମାନେ ଅପେକ୍ଷା କରନ୍ତୁ ।" ଠିକ୍ ୮ଟାରେ କଳାପରଦାଟି ଖୋଲିଲା, ହଲ୍ ଭିତରଟା ଅନ୍ଧାର । ଖଣ୍ଡିଏ ଲଣ୍ଠନ ଧରି ଆମ ହେଡ୍‌ମାଷ୍ଟର ମଞ୍ଚ ଉପରକୁ ଆସି କହିଲେ, "ନମସ୍କାର । ମୁଁ ଆପଣମାନଙ୍କୁ ଅନେକ କଷ୍ଟ ଦେଲି । ଆଜି ଅପ୍ରେଲ ପହିଲା । ତେଣୁ ଏପ୍ରିଲ ଫୁଲ କରିବାକୁ ମୁଁ ଏହି ଆୟୋଜନ କରିଥିଲି । ଆଦାୟ ହୋଇଥିବା ସବୁ ଟଙ୍କା ମୋ ପାଖରେ ଅଛି । ଆସନ୍ତା ରବିବାର ଭୋଜି ହେବ । ପିଲାଏ ଓ ଶିକ୍ଷକ ମାନେ ସେ ଭୋଜିରେ ଯୋଗ ଦେବାକୁ ଅନୁରୋଧ ।" ଏହା କହି ସେ ପୁଣି ଥରେ 'ନମସ୍କାର' କହିଲାବେଳକୁ, କଳା ପରଦାଟି ଟାଣି ହୋଇଗଲା । ଆମେ ସମସ୍ତେ 'ଏପ୍ରିଲ ଫୁଲ୍', 'ଏପ୍ରିଲ ଫୁଲ୍' କହି ଉଠିଗଲୁ ।

ଆଉ ଦିନକର କଥା- ସ୍ପଷ୍ଟ ମନେଅଛି । ଯେତେ ପୁରୁଣା ହେଲେ ବି ଅଙ୍ଗନିଆ ଅନୁଭବ ତ । ମହାତ୍ମା ଗାନ୍ଧୀଙ୍କର ହେଲାର

ଆସିବାର ଥାଏ । ସ୍କୁଲ ସାରା ଚହଳ ପଡ଼ିଗଲା, ''ଗାନ୍ଧୀ, ଖୋର୍ଦ୍ଧା ବାଟଦେଇ ଡେଲାଙ୍ଗ ଯିବେ । ହାଇସ୍କୁଲ ପାଖ ଗୋରା ସାହେବର ବଡ଼ କବର ପାଖେ ସଭା ହେବ ।'' ସତକୁ ସତ, ଆମ ହାଇସ୍କୁଲ ପାଖରେ ଗୋଟାଏ ଖୋଲା ପଡ଼ିଆରେ ଜଣେ ଗୋରା ମିଲିଟାରୀ ସାହେବଙ୍କର ଗୋଟାଏ ବଡ଼ ଭଙ୍ଗା ସ୍ମୃତିସ୍ତମ୍ଭ ଥାଏ । ସ୍କୁଲ ସମୟ ଭିତରେ ଆମେ ସବୁ ହେଡ୍‌ମାଷ୍ଟରଙ୍କୁ ବଡ଼ିମରି, କଣ୍ଟାବାଡ଼ ଭିତରେ ଖଣ୍ଡିଆ ଖାବରା ହୋଇ ଡେଇଁ ଡେଇଁ ପଳେଇଗଲୁ । ସେଠାରେ ଯାଇ ଶୁଣିଲୁ ମହାତ୍ମା ଗାନ୍ଧୀଙ୍କର ଖୋର୍ଦ୍ଧା ଆସିବା ବାତିଲ ହେଲା- ସେ ସିଧା ଡେଲାଙ୍ଗ ଚାଲିଗଲେ ।'' ଏ କଥା ଶୁଣି ଆମ ସମସ୍ତଙ୍କର ମନ ବି ଖରାପ ହେଲା । ସେ ଯାହା ଘରକୁ ଫେରିଲୁ । ଆମ ଜେଜେବାପା ରଘୁନାଥ ମହାନ୍ତି, ମୁକ୍ତାର, ସେତେବେଳେ ଖୋର୍ଦ୍ଧା ସ୍କୁଲ ପରିଚାଳନା ସମିତିର ଜଣେ ବାଣୁଆ ସଭ୍ୟ ଥିଲେ । ସେ ବି ଥିଲେ କଂଗ୍ରେସର ଜଣେ ବାଣୁଆ କର୍ମୀ । ତାଙ୍କର ଉଦ୍ୟମରେ ପଣ୍ଡିତ ଗୋଦାବରୀଶ ମିଶ୍ର, ଶ୍ରୀ ପ୍ରାଣନାଥ ପଟ୍ଟନାୟକ, ଶ୍ରୀ ବନମାଳୀ ପଟ୍ଟନାୟକଙ୍କ ପରି ବ୍ୟକ୍ତିମାନେ ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ । ଆଜି ସେ କଥା କିଏ ବା କାହିଁକି ମନେ ରଖିବ ? ହଁ ସେ ଜେଜେ ମତେ ଓ ମୋ ସାନଭାଇ ଜଗତ (ଏବର କେବଳ ଜଗତ ମହାନ୍ତି)ଙ୍କୁ ଶଗଡ଼ ଗାଡ଼ିରେ ଡେଲାଙ୍ଗ ନେଇ ଯାଇଥିଲେ । ଆମେ ମହାତ୍ମା ଗାନ୍ଧୀଙ୍କର ଦର୍ଶନ ଲାଭ କରିଥିଲୁ ।

କେତେ କଥା- କେତେ ହସ- କେତେ ଲୁହ- ଉମିରେ ସମୟରେ କାହିଁ କୁଆଡ଼େ ଭାସିଗଲା । ଆମେ ଅଳ୍ପ କେତେ ଜଣ ସେ ସମୟର ଛାତ୍ର । ଆମର କେତେଜଣ ସାଙ୍ଗ ଗଙ୍ଗ ପଟ୍ଟୁଆ ପିଲା, ଭଗବାନ ରାମ, ଗୋପୀନାଥ ରାଉତରାୟ, ଶଶିଶେଖର ମହାପାତ୍ର, ଶୈଳେନ୍ଦ୍ର କୁମାର ଦାସ ମରି ହଜି ଗଲେଣି । ଆମେ ବି ଦିନେ ସେଇ ସମୟର ସୁଅରେ ମିଶି ହଜିଯିବୁ । କେବଳ ରହିଯିବ କଥା- ସ୍ମୃତି । ଏବେ ବି ମନେ ପଡ଼ୁଛି, ଆମ ସମୟର 'ଅବକାଶ', ସ୍କୁଲ ପତ୍ରିକା ବାହାରୁଥିଲା । ସେଥିରେ ମୁଁ ଅଷ୍ଟମ ଶ୍ରେଣୀରେ 'ଖୋରଧାଗଡ଼' ଏବଂ ଦଶମ ଶ୍ରେଣୀରେ 'ବସୁଣାର' କବିତା ଲେଖିଥିଲି । ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ମଧ୍ୟ ସେହି ପତ୍ରିକାରେ ଲେଖୁଥିଲେ । 'ଅବକାଶ', ସାରା ଓଡ଼ିଶାର ସ୍କୁଲମାନଙ୍କ ପତ୍ରିକା ଭିତରେ ଖଣ୍ଡିଏ ଉଚ୍ଚକୋଟୀର ପତ୍ରିକା ଥିଲା । କାରଣ 'ବଂଶୀଧର ପରିଡ଼ା'ଙ୍କର ତତ୍ତ୍ୱାବଧାନରେ ତାହା ପ୍ରକାଶ ଲାଭ କରିଥିଲା ।

ଖୋର୍ଦ୍ଧାର ଅନେକ କିଛି ସମ୍ପ୍ରସାରଣ ହେଲାଣି । ଆହୁରି ଅଧିକରୁ ଅଧିକ ହେବ । ଅନେକ ପରିବର୍ତ୍ତନ ଆସିଛି ଖୋର୍ଦ୍ଧାରେ- ମାତ୍ର ସବୁ ନୂତନତ୍ୱ ଭିତରେ ହଜିଲା ଲିଭିଲା ପୁରୁଣା ଦିନର ସ୍ମୃତି ହିଁ ମନରେ ସର୍ବେ ଝାଲିଯାଏ ।

ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା କଲେଜ, କଟକ

# ମୁଁ ସ୍କୁଲର ଛାତ୍ର ଥିଲି



ଡଃ ଦୁର୍ଗା ପ୍ରସାଦ ପଟ୍ଟନାୟକ

ବର୍ଷ, ମାସ, ଦିନ, ଦଣ୍ଡ ଦେଇ କଥା କହିହେବ ନାହିଁ। ମୋତେ ଇତିହାସ ମୋତେ ଭଲ ଲାଗେ, ଚିତ୍ରକଳା ସହିତ କଳା-ଇତିହାସ ମୋର ବିଷୟ। କିନ୍ତୁ ତାରିଖ ପଚାରିଲେ ବିନା ବହି ଦେଖି ଉତ୍ତର ଦେବା ଲୋକ ମୁଁ ନୁହେଁ। ମୋଟାମୋଟି ରୂପରେଖ ଦେଇ ଦେବି। ଖାଡ଼ିଏ ପଞ୍ଚଶଠି ବର୍ଷ ତଳର କଥା। କେତେକଥା ଗୋଟି ଗୋଟି ହୋଇ ଜମା ହୋଇ ଗଲାଣି ସେ ଦିନର ଘଟଣା ଉପରେ। ତଥାପି କେତେକଥା ମନେ ଅଛି। ସେଦିନ ଶିକ୍ଷକ ମନେ ଅଛନ୍ତି ସେମାନଙ୍କର ପଢ଼ାଉଥିବା ଢଙ୍ଗ ମନେ ଅଛି, ମୁଖ୍ୟ କେତୋଟି ଘଟଣା ମଧ୍ୟ ମନେ ପଡ଼ୁଛି। କେଉଁ ଶିକ୍ଷକ ଭଲ ପଢ଼ାଉ ଥିଲେ। କେଉଁ ଶିକ୍ଷକ ଭଲ ପଢ଼ାଉ ନଥିଲେ ସେ ବିଚାର ସେତେବେଳେ ଜାଗି ହେଉ ନଥିଲା। ଲୁଣ କଣେଇ ପାଣି ମାପିବ କିଏ? ଆଉ ଗୋଟିଏ କଥା ସେ ବେଳ ଛାତ୍ରର, ଶିକ୍ଷକ ଭଲ କି ମନ୍ଦ ସେ ବିଚାର କରିବାର ପ୍ରବୃତ୍ତି ନଥିଲା।

ଗଣିତକୁ ଛାଡ଼ି ସବୁ ବିଷୟ ମୋତେ ଭଲ ଲାଗୁଥିଲା। ଗଣିତ କେବଳ ଭଲ ଲାଗୁନଥିଲା ନୁହେଁ ତା ପ୍ରତି ମନରେ ଏକ ଭୟ (ଘୃଣା ନୁହେଁ) ଉତ୍ପନ୍ନ ହୋଇ ଯାଇଥିଲା। ୧୦ ମ ଏକାଦଶ ଶ୍ରେଣୀରେ ତାହା ସମ୍ପୂର୍ଣ୍ଣ ଦୂର ହେଲା। ତାହାର କାରଣ ମୋର ଜଣେ ପରୋକ୍ଷ ଶିକ୍ଷକ ମୋତେ ଗଣିତ ଅଭ୍ୟାସ କରାଇଲେ। ତା ପ୍ରତି ମୋର ବିଶ୍ୱାସ ଜାଗ୍ରତ କରାଇଲେ। ମୁଁ ତାଙ୍କର ଋଣ ପରିଶୋଧ କରିପାରିନି ନାହିଁ।

ମୋର ସ୍କୁଲ ଜୀବନ କଥା କହୁ କହୁ ପ୍ରଥମେ କାହିଁକି ଗଣିତ କଥା କହିଲି? କେହି ହେଲେ ପ୍ରଶ୍ନ କରିବ ଆମର ପ୍ରତ୍ୟେକ ମଙ୍ଗଳ କାର୍ଯ୍ୟର ପ୍ରାରମ୍ଭରେ ବିଘ୍ନରାଜ ଗଣେଶଙ୍କୁ ପୂଜାଯାଏ। ମୋର ଏହି ଗଣିତ ହେଲେ ବିଘ୍ନରାଜ- ତେଣୁ ତାଙ୍କୁ ଆଗରେ ରଖି ମୋ କଥା କହିଚି। କେବଳ ମୋର ଏ ବିଘ୍ନ କରି ନାହାନ୍ତି ଅନେକଙ୍କର କରିଛନ୍ତି। ମାୟାଧର ମାନସିଂହଙ୍କର ଶୋକ ସଭାରେ ମୁଁ ଉପସ୍ଥିତ ଥିଲି, ଦୈବାତ୍। କେଦାର ମହାପାତ୍ର ମାୟାଧର ବାବୁଙ୍କ କଥା କହୁ କହୁ କହିଲେ, "ସେ ଅଙ୍କଗଣିତରେ ଅପାରଗ ଥିଲେ। ତାର ଅନ୍ୟ ବିଷୟ ଭଲ ଥିବାରୁ ତାଙ୍କୁ ପାସ୍ କରାଇ ଦିଆ ହେଉଥିଲା। ଏଇ ଗଣିତରେ (କିପରି ପାସ୍ କରିବେ ତା'ର ଚେଷ୍ଟା ହୋଇଥିଲା) ଦେଖା ଯାଇଛି ଯେଉଁମାନେ ସାହିତ୍ୟରେ ଉଜ୍ଜ୍ୱଳ ସେମାନେ ଗଣିତରେ ମ୍ଳାନ (ଅବଶ୍ୟ ସବୁ କ୍ଷେତ୍ରରେ ନୁହେଁ) ତେବେ ଯେଉଁ ଛାତ୍ରମାନେ ମୋ ଲେଖା ପଢ଼ିବେ ସେମାନେ ମନେ ରଖନ୍ତୁ- ଦୁର୍ବଳ ଶରୀରର ଅଙ୍ଗ ବିକାଶ ଯେପରି ବ୍ୟାୟାମ କଲେ ହୁଏ, ଅଭ୍ୟାସ କଲେ ଗଣିତର ଦୁର୍ବଳତା ଦୂର ହୁଏ- ମୁଁ ତା'ର ଦୃଷ୍ଟାନ୍ତ। ସେ ଭୟ କିନ୍ତୁ ମନରେ ଥିବାରୁ ମୁଁ ମୋର ଲିଖିତ ନାଟକ (ପିଲାଙ୍କ) 'ଅଙ୍କୁର'ରେ ଲେଖିଛି।

ଗୋଟିଏ ପିଲା ପ୍ରଶ୍ନ କରୁଛି ଆଉ ଅନ୍ୟ ଜଣେ ଉତ୍ତର ଦେଉଛି।

ପ୍ରଭାତ- ଆଉ ଗଣିତ ?

ମାଧବ- ବୀଜ ଗଣିତର ବୀଜ

ହୁଏ ନାହିଁ ଅଙ୍କୁରିତ

ମୋ ହୃଦୟ କ୍ଷେତ୍ରେ।

ପ୍ର- ଆଉ ଜ୍ୟାମିତି ?

ମା- ଜ୍ୟାମିତି ?

ମୋ ପକ୍ଷରେ ଅର୍ଥହୀନ ରେଖାର ସମଷ୍ଟି।

ଭାବିଲେ ଜ୍ୟାମିତି କଥା

କେନ୍ଦ୍ରଚ୍ୟୁତ ହୁଏ ମନ,

ତେଣୁ- ଜ୍ୟା- ମା ପିଙ୍ଗି ଦୂରେ ମୁହିଁ ରଖିଅଛି ଇତି।

ପ୍ର- ବାଃ, ଆଉ ଅଙ୍କ ?

ମା- ଅଙ୍କ ଦେଖି ଜମ ଆସେ ଦେହେ,

ଜନମଦେଇ ବୁଦ୍ଧି ମୋର ଲୁଚଇ ଗୁମ୍ଫାରେ,

ପଙ୍କରେ ପଙ୍କଜ ଯଥା ଶଙ୍କିତ ଶିଶିରେ।

ଆଜି ମୁଁ ଯାହା ହୋଇ ସମାଜରେ ଠିଆ ହୋଇଛି, ତା'ର ମୂଳଦୁଆ ଗଢ଼ା ହୋଇଥିଲା ଏହି ଖୋର୍ଦ୍ଧା ସ୍କୁଲରୁ ମୁଁ ସେପରି କିଛି ଭଲ ଛାତ୍ର ନଥିଲି। ଏଇ ସ୍କୁଲର ମେଧାବୀ ଛାତ୍ରଙ୍କ କଥା ମୁଁ ଶୁଣିଛି। ମନଗଢ଼ା କାହାଣୀ ପରି ଲାଗେ। ଚାରି ମାଇଲ୍ ବାଟ ଚାଲି ଚାଲି ଆସି ସ୍କୁଲରେ ବିଜ୍ଞାନରେ ପଢ଼ୁଥିବା ଛାତ୍ର। ପରୀକ୍ଷାର ଦୁଇ ଚାରି ଦିନ ଆଗରୁ କାହାଠାରୁ କହିଟିଏ ମାଗିନେଇ ଟିକିଏ ପଢ଼ିଦେଇ ପରୀକ୍ଷାରେ ବସିବା ଛାତ୍ର ସବୁବେଳେ ଶ୍ରେଣୀରେ ପ୍ରଥମସ୍ଥାନ ପାଉଥିଲେ, ତାଙ୍କର ନାମ କେବଳ ଶୁଣିଛି କଲେଜରେ ପ୍ରବେଶର ଅଳ୍ପଦିନପରେ ସେ ଇହଧାମ ତ୍ୟାଗ କଲେ। ତାଙ୍କ ନାମ ଥିଲା ବାଙ୍କ ବିହାରୀ, ଉତ୍ତରଦୁଆର। ଆଉ ଜଣଙ୍କୁ ଦେଖିଛି।

ସିଏ ଯେତିକି ପଢୁଥିଲେ ତାଙ୍କର ସେତିକି ଯଥେଷ୍ଟ ହେଉଥିଲା । ସେ ହେଉଛନ୍ତି ଗୋପୀନାଥ ରାଉତରାୟ । ପ୍ରଧାନ ଶିକ୍ଷକ ହେବାର ସୁଯୋଗ ପାଇଥିଲେ ।

ସେଥିପାଇଁ ଛାତ୍ରର ବର୍ଗୀକରଣ କରା ହୋଇଛି-

୧- ବେସ୍ ବେସା- ଯେ ଶୀଘ୍ର ମନେ ରଖେ ଶୀଘ୍ର ଭୁଲେ

୨- ଚିର ବେସା- ବିଳମ୍ବରେ ମନେରଖି ଶୀଘ୍ର ଭୁଲିବା ପିଲା

୩- ବେସ୍ ଚିରା ଶୀଘ୍ର ମନେରଖି ଆଉ ନଭୁଲିବା

୪- ଚିର ଚିରା ବିଳମ୍ବରେ ମନେ ରଖି ଆଉ ନଭୁଲିବା

ସବୁଠୁ ଭଲ ଛାତ୍ର ଯେଉଁମାନଙ୍କ କଥା ମୁଁ କହିଲି ସେମାନେ ବେସ୍‌ଚିରା । ମୁଁ ଭଲ ଛାତ୍ର ନଥିଲି- ତେଣୁ ସ୍କୁଲରେ, ପାଠ ପାଇଁ, ମୋର ଆଦର ନଥିଲା । ଆଉ ଆଦର ହୁଏ ଭଲ ଖେଳାଳୀ ଓ ଭଲ ଝିଅଁ, ଦଉଡା ଯେଉଁମାନେ କରନ୍ତି । କିନ୍ତୁ ସେ ଆଦର କ୍ଷଣସ୍ଥାୟୀ କାରଣ ସ୍କୁଲର ପରୀକ୍ଷା ଫଳ ଉପରେ ସ୍କୁଲର ନାମ ନିର୍ଭର କରେ । ପରୀକ୍ଷା ଅର୍ଥ ପାଠର ପରୀକ୍ଷା । ଯେଉଁମାନଙ୍କର ସେଥିରେ ଅବଦାନ ସେମାନେ ଆଦୃତ ହେବା- ସ୍ୱାଭାବିକ କଥା ।

ଲୋକମାନଙ୍କର ମନୋବୃତ୍ତି ମଧ୍ୟ ସେହିପରି ଥିଲା । ତେଣୁ ମୁଁ ଶୁଣିଥିଲି କଟକର ତିନୋଟି ସ୍କୁଲର ଲୋକଙ୍କ ମନରେ ଧାରଣା କଥା; ତା ପାଇଁ ଢଗ ଗଢ଼ା ହୋଇଥିଲା-

ଏକାଡେମୀ- ପଢ଼ାପଢ଼ି ଯୋଡାଡିମ୍,

ସ୍କୁଲ ହେଲା ମିଶନ୍- ଫୁଲ ଅଫ୍ ଫେସନ,

ସ୍କୁଲ ହେଲା କଲେଜ୍ (କଲେଜିଏଟ୍)

ଫୁଲ ଅଫ ନଲେଜ (Knowledge)

ଏପରି କୌଣସି ଢଗ ଖୋର୍ଦ୍ଧା ସ୍କୁଲ ପାଇଁ ଗଢ଼ା ହୋଇ ନଥିଲା । ପାଠ ନହେଲା - ଖେଳରେ ମଧ୍ୟ ମୁଁ ଆଗରେ ନଥିଲି । ଖେଳ ଗଲା ପାଠ ଗଲା, ଆଉ ଯାହାଥିଲା ତା'ର ଆଦର ସମାଜରେ ନଥିଲା । ସେଇଟା ଗୋଟାଏ ଦୁର୍ଗୁଣ ମଧ୍ୟରେ ଗଣା ହେଉଥିଲା । ପାଠକୁ କଡକୁ ଠେଲିଦେଇ ସେଇ ଦୁର୍ଗୁଣ ମୋ ଭିତରେ ଘର ବାନ୍ଧିଥିଲା, ମନେ ନାହିଁ ମୋର କ୍ଲାସ ଶିକ୍ଷକ କିଏ ଥିଲେ, ଥରେ ଲାଇବ୍ରେରୀ ବହି ଦେଉଥିଲେ । ନୂଆ ଛୋଟ ଛୋଟ ଇଂରାଜୀ ବହି ଆସିଥାଏ । ମୁଁ ଗୋଟିଏ ବହି ବାଛି ଶିକ୍ଷକଙ୍କୁ ମୋତେ ଦେବାକୁ ଅନୁରୋଧ କଲି । ଆଉ ଗୋଟିଏ ପିଲା ମଧ୍ୟ ସେଇ ବହିଟି ନେବାକୁ ଇଚ୍ଛା ପ୍ରକାଶ କଲା ।

ବହି ମିଳିଲା ଅନ୍ୟ ପିଲାକୁ- ମୋତେ ମିଳିଲା ପଦେ କଥା, ''ଏ ବହି ତୁ କଅଣ କରିବୁ ?'' ଅର୍ଥାତ୍ ପଢ଼ିବାର ଯୋଗ୍ୟତା ତୋର ନାହିଁ, ମୋ ମନରେ ଟିକିଏ ଆଘାତ ଲାଗିଲା । ହୋଇ ପାରେ ସେଇ ଆଘାତ ମୋ ଜୀବନରେ ବହୁ ପୁସ୍ତକ ପଢ଼ିବା, କ୍ରୟ କରିବା ଓ ଲେଖିବା ପାଇଁ ପ୍ରେରଣା ଦେଲା ।

ଲୋକେ କହନ୍ତି ଖେଳ କୁଦରେ ମନ ଦେଲେ ପାଠ ହୁଏ ନାହିଁ ।

''ଖେଳ କୁଦ ବୁଲି ଛାଡରେ ବାବୁ

ଖଡି ଛୁଇଁଲେ ତୁ ପାଠ ପଢ଼ିବୁ ।''

ସେ କାଳରେ ଧାରଣା, କୃଷ୍ଣ-ଯଶୋଦା ସମ୍ବାଦ ମାଧ୍ୟମରେ, ସମାଜରେ ପ୍ରସାରିତ ହୋଇଛି । ମୁଁ କିନ୍ତୁ ଖେଳ କୁଦ ବୁଲି ପାଇଁ ପାଠରେ ଦୁର୍ବଳ ହୋଇ ନଥିଲି । ସେତେବେଳର ଭୂଗୋଳ ଶିକ୍ଷକ ଆଶୁତୋଷ ବାବୁଟି ମୋତେ ଥରେ କହିଲେ, ତୁ ବୌଠରେ ନାମ ଦେଉନାହୁଁ ? ମୁଁ ଉତ୍ତର ଦେଲି, ଯେଉଁଥିରେ ସଫଳତାର ଆଶା ନାହିଁ ମୁଁ ତହିଁରେ ଯୋଗ ଦିଏ ନାହିଁ ।''

ସେ ମୋ ଉତ୍ତରରେ ଆଶ୍ଚର୍ଯ୍ୟ ହେଲେ ।

ମୋର ଦୁର୍ବଳତା ଥିଲା ଚିତ୍ର ପ୍ରତି । ମୋର ବହିକିଏ, ଖାତା କିଏ ନାମ ନ ପଢ଼ି ଜାଣିହେବ, କାରଣ ତହିଁରେ ଥିବା ଭିନ୍ନ ସ୍ଥାନ ଗୁଡ଼ିକୁ ମୁଁ ଗାରେଇ କୌଣସି ଗୋଟିଏ ରୂପର ଚିତ୍ର ଆଙ୍କି ଦେଉଥାଏ ।

ଆଉ ଗୋଟିଏ ଦୁର୍ବଳତା ଥିଲା ଲେଖା ଲେଖି ସେକଥା ପରରେ କହିବି । ଚିତ୍ର ଅଙ୍କନରେ ଉତ୍ସାହ ଦେଉଥିଲେ ଶ୍ରୀ ମୁକୁନ୍ଦ ମିଶ୍ର, ଡ୍ରଇଁ ଶିକ୍ଷକ । ସେ କଳାଶିକ୍ଷା କୌଣସି ଅନୁଷ୍ଠାନରୁ ପାଇ ନଥିଲେ । ଶିକ୍ଷକ ଟ୍ରେନିଂରେ ଡ୍ରଇଁ ଗୋଟିଏ ବିଷୟ ଥାଏ, ସେଇ ଟ୍ରେନିଂ ସେ ପାଇଥିଲେ । କ୍ଲାସରେ ଫଳ, ଫୁଲ, ପତ୍ର କଳାପଟାରେ ଆଙ୍କି ଦିଅନ୍ତି- ପିଲାମାନେ ତାକୁ ଦେଖି ନିଜ ଖାତାରେ ଆଙ୍କନ୍ତି । ମୁଁ ବୋଧହୁଏ ସବୁଠାରୁ ଭଲ ଆଙ୍କି ପାରୁଥିଲି ତେଣୁ ସେ ମୋତେ ଉତ୍ସାହ ଦେଉଥିଲେ । ବର୍ଷକେ ଥରେ ଡ୍ରଇଁ ପ୍ରତିଯୋଗିତା ହୁଏ । ସପ୍ତମ ଶ୍ରେଣୀରୁ ମୁଁ ପ୍ରତିଯୋଗିତାରେ ଯୋଗ ଦେଉଥିଲି, ଓ ସୂର୍ଯ୍ୟ ଉଦୟ ଚିତ୍ର ତିଆରି କରି ପ୍ରଥମ ସ୍ଥାନ ପାଇଥିଲି । ଆମ ଗାଁର ପୋଖରୀ- ତା କୂଳରେ ବରଗଛ, ତା ପଛପଟୁ ଲାଲସୂର୍ଯ୍ୟର ଉଦୟ ମୋ ମନରେ କେଉଁଠି ଛପି ରହିଥିଲା ତାକୁ ମୁଁ ରଙ୍ଗତୂଳୀ ସାହାଯ୍ୟରେ କାଗଜକୁ ଓହ୍ଲାଇ ଦେଲି । ଏକା ରଙ୍ଗ କରିବା କ୍ଲାସରେ ଶିକ୍ଷକ ଶିଖାଇ ନଥିଲେ । ମୁଁ କିନ୍ତୁ ରଙ୍ଗ ଓ ତୂଳୀ ରଖିଥାଏ । କେତେବେଳେ କେମିତି ପ୍ରୟୋଗ କରେ । ସେ ବର୍ଷ ଡ୍ରଇଁ ପେଣ୍ଟିଂରେ ମୋର ପ୍ରଥମ ପୁରସ୍କାର ପ୍ରାପ୍ତି । ତାପରେ ପ୍ରତିବର୍ଷ ମୁଁ ହିଁ ପୁରସ୍କାର ପାଇ ଆସିଲି । ଡ୍ରଇଁ ଛଡା ମୁଁ ମନକୁ କିଛି କ୍ରାଫ୍ଟ କରୁଥିଲି, ଅରଖ ଫଳ ଭିତରୁ ତୁଳା ବାହାର କରି ତାକୁ କାଗଜ ଉପରେ ଅଠାରେ ଲଗାଇ ପକ୍ଷୀର ଆକାର ଦେଉଥିଲି ଓ ପକ୍ଷୀର ଚତୁଃପାର୍ଶ୍ୱରେ ଡାଳ ପତ୍ର ଡ୍ରଇଁ କରି ରଙ୍ଗ ଦେଉଥିଲି । ପ୍ରଧାନ ଶିକ୍ଷକ ଥାଆନ୍ତି ଶ୍ରୀ ବାଳନିଧି ପଟ୍ଟନାୟକ । ମୋର ଏ ହସ୍ତକର୍ମ ଦେଖି ଉତ୍ସାହ ବଢ଼ାଇଲେ । ଖାଲି ଟିକିଏ ବାଃ ବାଃ ମନରେ ଅନେକ ବଳ ଆଣିଦିଏ । ଆଉ ସେଇ ବଳ ମୋତେ ଚିତ୍ରଶିଳ୍ପୀ ହେବାର ସାହାଯ୍ୟ କଲା ।

ମୁଁ କିପରି ଚିତ୍ରଶିଳ୍ପୀ ହେଲି- ଅନେକ ପଚାରିଛନ୍ତି ମୋର ବଂଶରେ କେହି ଶିଳ୍ପୀ ନଥିଲେ, ଯାହାଙ୍କଠାରୁ ମୁଁ ପ୍ରେରଣା ପାଇଥିଲି, କଣେ

କାହିଁକି ଶିଳ୍ପୀ ହୁଏ, ଲେଖକ ହୁଏ, ଗୀତ ଗାଏ କି ଭଲ ନୃତ୍ୟ କରେ ବୁଝି ହୁଏ ନାହିଁ । ସେଥିପାଇଁ କହନ୍ତି ଏହା ଈଶ୍ୱର ଦତ୍ତ ।

ଯେଉଁ ଲେଖା କଥା କହିବାକୁ ଯାଉଥିଲି ତା'ର ମଧ୍ୟ ଉତ୍ସ କେଉଁଠି ମୁଁ ଜାଣେ ନାହିଁ, ବଂଶରେ କେହି ନଥିଲେ ଯେକି ଲେଖା ଲେଖୁଥିଲେ । ଚତୁର୍ଥ ଶ୍ରେଣୀରୁ ଗୀତ ଲେଖିବା ମୋର ଆରମ୍ଭ ହେଲା । ଗୋଟିଏ ହାତ ଲେଖା ପତ୍ରିକା କେତେକ ବନ୍ଧୁ ଆରମ୍ଭ କରିଥିଲେ । ଷଷ୍ଠ ଶ୍ରେଣୀରେ ଥିବାବେଳେ ମୋର ଗୋଟିଏ କବିତା ତହିଁରେ ମୁଦ୍ରିତ ହେଲା । ଉତ୍ସାହିତ ହେଲି । ବୋଧହୁଏ ବର୍ଷେ ଦୁଇ ବର୍ଷ ପରେ ସ୍କୁଲ ପତ୍ରିକା 'ଅବକାଶ' ପ୍ରକାଶିତ ହେଲା । ସେହି ବର୍ଷଠାରୁ ପ୍ରାୟ ସବୁସଂଖ୍ୟାରେ ମୋର ଗଳ୍ପ ବା କବିତା ପ୍ରକାଶିତ ହେଲା ଓ ମୁଁ ପୁରସ୍କାର ପାଇ ଆସିଲି ।

ସଂପାଦନାରେ, ଠିକ୍ ମନେ ନାହିଁ, ଥାଆନ୍ତି ଶ୍ରୀ ଦମ୍ବରୁଧର ପଣ୍ଡିତ, ଓଡ଼ିଆ ଲେଖାପାଇଁ ଓ ଇଂରାଜୀ ପାଇଁ ଫଜଲୁର୍ ରହମାନ, ସେକେଣ୍ଡ ମାଷ୍ଟର'' ମୁଁ ଗୋଟିଏ ଇଂରାଜୀରେ ଲେଖା ଲେଖିଲି 'O, I see'! ସମସ୍ତଙ୍କର ସନ୍ଦେହ- କୌଣସିଠାରୁ ନକଲ କରିଛି । ଶେଷକୁ ଫଜଲୁର୍ ରହମାନ ତାହା ଗ୍ରହଣ କଲେ ଓ ତାହା ପ୍ରକାଶିତ ହେଲା ।

ଲେଖା ଲେଖିବା ଗୋଟିଏ କଥା, ପରୀକ୍ଷାରେ ଲେଖିବା ଅନ୍ୟ ଗୋଟିଏ କଥା.... ଗୋଟିଏ ମନ ଫୁଲାଣିଆ ଅନ୍ୟଟି ବାଧ୍ୟବାଧକତାରେ ହୁଏ । ଖେଳରେ, ଦୌଡ଼ଦୌଡ଼ିବା ଡିଆଁ ଡେଇଁରେ ଯୋଗ ଦେଉନଥିଲେ ମଧ୍ୟ ମୁଁ ସ୍କାଉଟିରେ ଯୋଗ ଦେଉଥିଲି ଓ ସ୍କୁଲର ଗୋଟିଏ ଦଳ ସ୍କାଉଟ୍‌ରେ ଗଣା ହୋଉଥିଲି । ସେଥିରୁ ଶିଖିଥିଲି ସେବା । ସ୍କାଉଟ୍ ଶିକ୍ଷକ ଥିଲେ ସୌରୀ ନେତା ଓ ଫଜଲୁର୍ ରହମାନ୍ । ସ୍କାଉଟିଂର ଅନୁଶାସନ(Discipline)ମୋତେ ଭଲ ଲାଗୁଥିଲା । ଆଉ ଭଲ ଲାଗୁଥିଲା ତା'ର ମନୋରଞ୍ଜନ ଅଂଶ । ମୁଁ ପଶୁପକ୍ଷୀଙ୍କର ସ୍ୱର, mimicry କରିପାରୁଥିଲି ଓ ପିରାମିଡ୍ ର ଶୀର୍ଷ କୁ ଉଠୁଥିଲି । ସେବା କରିବା ଏହାଠାରୁ ଶିକ୍ଷା କରି କଲିକତାରେ କଳାଅଧ୍ୟୟନ ପାଇଁ ଯେଉଁ କେତୋଟି ବର୍ଷ ରହିଲି ଲୋକଙ୍କର ଅନେକ ସେବା କରିଛି । ହଇଜା ରୋଗୀଙ୍କର ସେବା କରିଛି- ସେମାନଙ୍କୁ ଡାକ୍ତର ଖାନା ପହଞ୍ଚାଇଛି ସ୍କୁଲରେ ପଢ଼ିବା ବେଳେ ଥରେ ସଡ ଖୋର୍ଦ୍ଧାରେ ନିଆଁ ଲାଗିଲା ମୋର ବୋଧହୁଏ ସେତେବେଳେ ଅଷ୍ଟମ ଶ୍ରେଣୀ । ସ୍କୁଲ ଖେଳ ପଡ଼ିଆରୁ ଆମେ ଅନେକ ଛାତ୍ର ଧାଇଁଲୁ ଓ ନିଆଁ ଲିଭାଇବାରେ ଲୋକଙ୍କୁ ସାହାଯ୍ୟ କଲୁ । ଘରକୁ ଫେରି ବାପ ମାଙ୍କ ଠାରୁ ଭର୍ତ୍ସନା ଶୁଣିବାକୁ ହେଲା । ମାତ୍ର ତାହା ମନର ପ୍ରବୃତ୍ତିକୁ ରୋଧି ପାରି ନଥିଲା ।

ସ୍ୱତନ୍ତ୍ରତା ସଂଗ୍ରାମ ଆରମ୍ଭ ହୋଇ ଯାଇଥାଏ । ମାତ୍ର ତାହା ସ୍କୁଲକୁ ସ୍ପର୍ଶ କରି ନଥିଲା । କେହି ଶିକ୍ଷକଙ୍କୁ ମୁଁ ଖଦଡ଼ ପିନ୍ଧିବାର ଦେଖି ନାହିଁ । ବାଙ୍କନିଧି ପଟ୍ଟନାୟକ ତ ଥିଲେ 'ରାୟବାହାଦୁର' ତେଣୁ ସ୍କୁଲରେ ତାହା ଚର୍ଚ୍ଚା ନଥିଲା । ଆସିଲେ ଜବାହାରଲାଲ ନେହେରୁ । ପଲ୍ଟନ ପଡ଼ିଆରେ ଜନତାକୁ ସମ୍ବୋଧନ କରିବେ । ମନ ଛଟପଟ ହେଉଥାଏ । ସ୍କୁଲରେ କଡ଼ା ଶାସନ । କେହି ପିଲା ବାହାରକୁ ଯାଇ ପାରିବେ ନାହିଁ । କିନ୍ତୁ ବନ୍ଧ, ନଈ ପାଣିକି, ଅଟକାଇବ କେତେ ? ହୁସ୍ କରି ବନ୍ଧ ଭାଙ୍ଗି ପାଣି ସ୍ରୋତ ପାଗଳ ପରି ବହିଯିବା ଭଳି ପିଲାମାନେ ହୋ ହା ହୋଇ ଫାଟକ ବାଟେ ଡେଇଁ ଧାଇଁଲେ ମୁଁ ମଧ୍ୟ ତହିଁରୁ ଜଣେ । ଧାଇଁଲୁ ପଲଟନ୍ ପଡ଼ିଆକୁ, ନେହେରୁଙ୍କୁ ଦେଖିଲୁ । ମାତ୍ର ମୁଁ ଆନ୍ଦୋଳନରେ ଯୋଗ ଦେଇନାହିଁ । ଖୋରଧା ବଜାରରେ ପିକେଟିଂ କରି ସତ୍ୟାଗ୍ରହୀମାନେ ମାଡ଼ ଖାଉଛନ୍ତି । ଦେଖିଛି, ମାତ୍ର ମୁଁ ସତ୍ୟାଗ୍ରହ ରେ ଯୋଗଦେଇ ପାରି ନାହିଁ । ହଁ ଯେଉଁ ଦିନ ଘରଛାଡ଼ି କଲିକତା ପଢ଼ିବାକୁ ଯାଇଛି ସେଇ ଦିନଠାରୁ ଖଦଡ ପିନ୍ଧିଛି । କିଛିଦିନ ଖୋର୍ଦ୍ଧାରେ ସୂତା କାଟିଛି । ଖଦଡପିନ୍ଧୁଥିବା ଶିକ୍ଷକରେ ଜଣକୁ ମୁଁ ଜାଣିଥିଲି । ସେ ପ୍ରଫୁଲ୍ଲ ବୋଇ । ପାଠ ପଢ଼ି ପୁରୀରେ ଓକିଲାତି କରୁଥିଲେ । ସେତେବେଳେ ପଢ଼ାଉଥିବା ଶିକ୍ଷକ ମାନେ ମନେ ପଡ଼ନ୍ତି । ଇଂରାଜୀ ପଢ଼ାଉଥିଲେ ବାଙ୍କନିଧି ପଟ୍ଟନାୟକ ଓ ଫଜଲୁର୍ ରହମାନ, ଗଣିତ ଶିକ୍ଷକ ଥିଲେ ରାଧାଚରଣ ସାହୁ, ଇତିହାସ ପଢ଼ାଉଥିଲେ ଭଗବାନ୍ ମହାନ୍ତି, କେଦାରନାଥ ମହାପାତ୍ର ଭୂଗୋଳ ଆଶୁତୋଷ ଦାସଗୁପ୍ତ । ଓଡ଼ିଆ ପଢ଼ାଉଥିଲେ ଦମ୍ବରୁଧର ପଣ୍ଡିତ । ତାଙ୍କର ପଢ଼ାଇବା ଢଙ୍ଗ ସ୍ୱତନ୍ତ୍ର । ସେ ମଠେଇ ମଠେଇ ଭଲ କରି ପଢ଼ି ବୁଝାଉ ଥିଲେ । ସଂସ୍କୃତ ପଢ଼ାଉଥିଲେ ଭଗବାନ ହୋତା । ସଂସ୍କୃତ ପ୍ରତି ମୋର ରୁଚି ସେଇ ଦିନରୁ ବଢ଼ିଥିଲା । ଡ୍ରିଲ ଶିଖାଉଥିଲେ ବୈଷ୍ଣବ ପତି । କିଏ ପଚାରୁଥିଲା ଡ୍ରିଲ ପୁଣି ଗୋଟିଏ ବିଷୟ ? ଆଜି ମୁଁ ଦେଖୁଛି ସେଇ ବ୍ୟାୟାମ ଶିଖାଇ କେତେ ଲୋକ ପେଟ ପୋଷୁଛନ୍ତି; କେତେ ଲୋକ ଭଲ ହେଉଛନ୍ତି ସେଇ ବ୍ୟାୟାମରେ । ବ୍ୟାୟାମର ଠିକ୍ ଅର୍ଥ ଯଦି ପିଲାକୁ ବୁଝାଇ ଦିଆ ହୋଇ ଥାଆନ୍ତା ତା ପ୍ରତି ପିଲାମାନଙ୍କର ଆଦର ବଢ଼ି ଥାଆନ୍ତା ନିଶ୍ଚୟ । ଆଜି ଆଉ ଭାବି କଅଣ ହେବ.... ଗାଡ଼ି ଛାଡ଼ି ଦେଇଛି । ଆଉ ଧରିବାର ବାଟ ନାହିଁ ।

ପିଲାଙ୍କୁ ବାହାର ଦୁନିଆରେ କଅଣ ହେଉଛି (ପାଠଛଡ଼ା) ଏକଥା ଜଣାଇବାକୁ ବାଙ୍କନିଧି ପଟ୍ଟନାୟକ ଖୁବ୍ ମନ ଥିଲା । ତେଣୁ ସେ ଗଳ୍ପକାର, ଯାଦୁକର, କଳାକାର, ହଟଚମଟ ଦେଖାଉଥିବା ଲୋକ ମାନଙ୍କୁ ସ୍କୁଲକୁ ଆଣୁଥିଲେ ସେମାନଙ୍କର କହିବା ଚାତୁରୀ ମୋତେ ମୁଗ୍ଧ କରୁଥିଲା । ଜଣେ କଳାକାର ଆନ୍ଧ୍ରରୁ ଆସିଥିଲେ ସେ ଦୁଇ ଗୋଡ ଦୁଇ ହାତ ରେ ଚକ୍ ଧରି କଳାପଟାରେ ପଶୁପକ୍ଷୀ ମନୁଷ୍ୟର ଆକାର ସୁନ୍ଦର ଭାବରେ ଅଙ୍କନ କରୁଥିଲେ । ମୁଁ ମଧ୍ୟ ଚେଷ୍ଟା କଲି ଓ ତାଙ୍କ ପରି ଅଙ୍କନ କରି ପାରିଲି । ସ୍କୁଲରୁ ବାହାରି କେତେ ଜଣ ଯାଦୁକର ହୋଇଛନ୍ତି । ସଙ୍ଗୀତପାଠ୍ୟକ୍ରମରେ ନଥିଲା କିନ୍ତୁ ସଙ୍ଗୀତଜ୍ଞ ଆସି ସଂଗୀତ ପରିବେଶଣ କରୁଥିଲେ । କେବେ କେମିତି ସ୍କୁଲର ଗୋଟିଏ ଗୋଟିଏ ପିଲା ଗୀତ ଗାଇ ପାରିବାର ମୁଁ ଜାଣିଛି । ତନ୍ମଧ୍ୟରୁ ସାମୁଏଲ୍ ମହାପାତ୍ର ଜଣେ । ସେ ଡି.ଏସ୍.ପି ହୋଇ ଅବସର ଗ୍ରହଣ କରିଛନ୍ତି; ହୃଦୟ ରାଉତ, ସରୋଜ ଦାସ ଭଲ ଗୀତ ଗାଇବା ଶକ୍ତି ଥିଲା । ଆଶ୍ଚର୍ଯ୍ୟ କଥା ଏ

ସମସ୍ତେ ଖ୍ରୀଷ୍ଟିଆନ୍ । ଖୋର୍ଦ୍ଧାରେ ଗୀତ ଶିଖାଇବାକୁ ମଧ୍ୟ କେହି ନଥିଲେ । ଥିଏଟର୍, ଇତ୍ୟାଦି ସ୍କୁଲପିଲା କରୁ ନଥିଲେ । ହଁ, ଖୋର୍ଦ୍ଧା କ୍ଲବରେ ନିୟମିତ ଭାବରେ ଥିଏଟର୍ ହେଉଥାଏ ।

ଗର୍ବର କଥା ମାୟାଧର ମାନସିଂହ, ସଚ୍ଚି ରାଉତରାୟ ଏମାନେ ଏଇ ସ୍କୁଲର ଛାତ୍ର ଥିଲେ । ନାମ ଓ ଯଶ ଅର୍ଜନ କରିବା ପିଲା ଆଉ ଅନେକ ଏ ସ୍କୁଲରୁ ବାହାରିଛନ୍ତି ଯାହା ମୁଁ ଜାଣେ ନାହିଁ । ମୋ କଥା କହୁ କହୁ ଅଧା ରହିଛି । ପାଠରେ ଭଲ ଛାତ୍ର ନହେଲେ ଭଲ ପାଠୁଆ ହୋଇ ପାରିବ ନାହିଁ ତା ନୁହେଁ । ଭଣେ ଭଣଙ୍କର ଦୃଷ୍ଟି ଅନ୍ୟଆଡେ ଥାଏ ସେମାନେ ଆଉ ପାଠରେ ଅଧିକ ଦୃଷ୍ଟି ଦେଇ ପାରନ୍ତି ନାହିଁ ମୁଁ ଯେତେବେଳେ କଲିକତା ଯାଇ ପ୍ରବେଶ ପରୀକ୍ଷା ଦେଲି ଆର୍ଟ ସ୍କୁଲରେ ପ୍ରବେଶ ପାଇଁ ଟେଷ୍ଟରେ ପ୍ରଥମ ହୋଇଥିଲି । ଗୋଟିଏ ବଙ୍ଗାଳୀ ପିଲା, (ସେ ମଧ୍ୟ ପ୍ରାର୍ଥୀଥିଲା) ଲିଷ୍ଟ ଦେଖି କହିଲା- ''ଆରେ, ଏକଟା ଉଡେ ଫାଷ୍ଟ ହଏଛେ ।'' ମୁଁ ସେଇଠି ଠିଆ ହୋଇଥିଲି । 'ଉଡେ' ଶବ୍ଦଟା ଶୁଣି ମୁଁ ସଙ୍କୁଚିତ ହୋଇ ନଥିଲି । ଗର୍ବରେ ମୋ ଛାତି ଫୁଲି ଉଠିଲା । ପାଷ୍ଟ ହେଲି କ୍ଲାସରେ ଶେଷ ତିନିବର୍ଷ, ୪ର୍ଥ, ୫ମ ଓ ୬ଷ୍ଠ ବର୍ଷ- ସ୍ୱର୍ଣ୍ଣ ପଦକ ପାଇଲି । ମୋର ସ୍କୁଲ ଦିନର କ୍ଳେଶ ଦୂର ହୋଇ ଗଲା । ତାପରେ ପାଠ ପ୍ରତି ମନ ଗଲା ଇଣ୍ଟର ପରୀକ୍ଷାରେ ୧ମ ଶ୍ରେଣୀ ପାଇଲି । ସାହିତ୍ୟରେ ରଖିଥିଲି ୧୦୦ରୁ ୮୭, ବି.ଏ. ପରୀକ୍ଷା ଦେଲି, ଏମ୍, ଏ ଦେଲି ଡକ୍ଟରେଟ୍ ପାଇଲି,ମୁଁ ଦିନେ ଯେ ଭଲ ଛାତ୍ର ନଥିଲି ଭୁଲି ଗଲି ସେକଥା ।

ଫାଷ୍ଟ ତ ଜଣେ ହେବ ସମସ୍ତେ ତ ହେବେ ନାହିଁ । ତାପାଇଁ ଦୁଃଖ କରୁଥିବା ପିଲାଙ୍କୁ ମୁଁ କହେ ସେମାନଙ୍କୁ ଯଦି ପାଠ ଆସୁଚି ପ୍ରଥମ ହେବାର ଚିନ୍ତା କରନ୍ତୁ ନାହିଁ । ଯେଉଁମାନେ ଭଲଛାତ୍ର ହୋଇ ପାରୁ ନାହାନ୍ତି ସେମାନେ ମଧ୍ୟ ଚିନ୍ତା କରନ୍ତୁ ନାହିଁ । ଆଉ କେଉଁଠି ହେଲେ ସେମାନେ ଆଦର ପାଇବେ, ପାଠ ଭଲ ହେଉ ନାହିଁର ଅନେକ କାରଣ ଥିବ । ଅନ୍ୟ କିଏ କେମିତି ସେ କଥା ବୁଝିବ ? ତେଣୁ ପିଲାମାନେ ପଢନ୍ତୁ; ମନେ ରଖନ୍ତୁ ସବୁଦିନେ ଖରା ନଥାଏ କି ସବୁ ଦିନେ ମେଘ ନଥାଏ । ବଦଳେ ଯାଉ ବଦଳିଲା ପରି ମନୁଷ୍ୟର ଦିନ ବଦଳେ ।

ସତ୍ ପଥରୁ ପିଲାମାନେ ଅସତ୍ ପଥକୁ ଯାଆନ୍ତୁ ନାହିଁ । ମୁଁ ଭଲ ନମ୍ବର ରଖିବି ବୋଲି କେବେ କପିର ଆଶ୍ରୟ ନେଇ ନାହିଁ । କପି କବଳରେ ଥରେ ପଡିଲେ ସାରା ଜୀବନ ତହିଁରୁ ମୁକ୍ତି ମିଳେ ନାହିଁ । ସ୍କୁଲ ର ସେଇ କପି କେତେବେଳେ ଚୋରି, କେତେବେଳେ ଜୁଆଚୋରି, କେବେ ଭଣ୍ଡାମୀ ଏମିତି ନାନା ରୂପରେ ଆସି ଆକ୍ରମଣ କରେ ସେ ଯେଉଁ ଲାଭ ଦିଏ ତାହା କ୍ଷଣସ୍ଥାୟୀ ହୁଏ ଜାଣନ୍ତୁ କ୍ଷତି ଆଣିଦିଏ ବେଶି ।

କହନ୍ତି, ''ଯା ନହୁଏ ବାଳ କାଳେ ତାହା ନହୁଏ ପାଚିଲା ବାଳେ''- କଥାଟା ଠିକ୍ ନୁହେଁ... ଏବୟସରେ ମୁଁ ବସି ପଢୁଚି- ଲେଖୁଚି- ଜ୍ଞାନ ଆହରଣ କରୁଚି, ଜ୍ଞାନ ବିତରଣ କରୁଚି । ହତାଶ ହେଉଥିବା ଛାତ୍ରଙ୍କୁ ତଥା ଯେଉଁମାନେ ବର୍ତ୍ତମାନ ଭଲ କରୁଛନ୍ତି ବୋଲି ପରେ ଜ୍ଞାନ ଆହରଣ ନକରିବେ ସେମାନଙ୍କୁ ମୋ କଥା କହିଲି.... ପାଠ ପାଇଁ ସାରା ଜୀବନ ପଡିଚି । ଏହା ସାମୟିକ ନୁହେଁ । ବନାରସରେ ଥିବାବେଳେ ରାମକୁମାର ଚୌବେ ବୋଲି ଜଣେ ବ୍ୟକ୍ତିଙ୍କ ସହିତ ପରିଚୟ ହୋଇଥିଲା । ସେ ସଙ୍ଗୀତ ବିଷୟରେ ଏମ୍.ଏ କରିଥିଲେ । ସବୁ ସାଂସ୍କୃତିକ ଅନୁଷ୍ଠାନକୁ ସେ ଯାଉଥିଲେ । ତାଙ୍କର ମୁଖ୍ୟ ବିଷୟ ଥିଲା ଗଣିତ । ମାତ୍ର ତାଙ୍କ ସହିତ କଥାବାର୍ତ୍ତା ହେଲେ ସେ କଳା ବିଷୟରେ, ସାହିତ୍ୟ ବିଷୟରେ ଅଧିକ ଚର୍ଚ୍ଚା କରୁଥିଲେ । ତାଙ୍କୁ ବୟସ ସତୁରୀ ହେବା ପର୍ଯ୍ୟନ୍ତ ସେ ପରୀକ୍ଷା ଦେଉଥିଲେ ।

ସ୍କୁଲରେ ପଢ଼ିବା ବେଳ କଥା ମନେ ପଡେ । ଶିକ୍ଷକମାନେ ଦୁର୍ବଳ ଛାତ୍ରଙ୍କ ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । କିଏ ପଢୁ ନ ପଢୁ ତାଙ୍କର ସେ ଚିନ୍ତା ନଥାଏ । ମୁଁ ଗୋଟିଏ ସ୍କୁଲରେ ଏଗାର ବର୍ଷ ଶିକ୍ଷକତା କରିଥିଲି । ମୁଁ ମୋର ବନ୍ଧୁ ଶିକ୍ଷକ ମାନଙ୍କୁ ଅନୁରୋଧ କରିଚି ଯେ, ସେମାନଙ୍କର ପଢ଼ାଇବା ବିଷୟରେ ଦୁର୍ବଳ ଛାତ୍ରନ୍ତୁ ଟିକିଏ ଯେପରି ସାହାଯ୍ୟ କରନ୍ତି । ଅନେକ ଛାତ୍ର ଭରସି କରି ଶିକ୍ଷକଙ୍କୁ କହିପାରନ୍ତି ନାହିଁ ସେମାନେ ବିଷୟଟି ବୁଝିଲେ କି ନାହିଁ..... ଭୟ ଯେ ଶିକ୍ଷକ କିଛି କହି ଅପମାନ ଦେଇ ଦେବେ । ତେଣୁ ସେମାନେ ସେ ବିଷୟରେ ଦୁର୍ବଳ ରହି ଯାଆନ୍ତି । ସମସ୍ତଙ୍କର ତ ଶକ୍ତି ନଥାଏ ଘରୋଇ ଭାବରେ ପଢ଼ିବାକୁ (ଟିଉସନ୍ ନେବାକୁ) ମୋ ଅନୁରୋଧ କେତେକ ଶିକ୍ଷକ ରକ୍ଷା କରିଥିଲେ । ସେଇ ମୋ ମନରେ ଆନନ୍ଦ ଦେଉଥିଲା ।

ସେ ସମୟରେ ଆଜିକାଲି ପରି ଷ୍ଟ୍ରାଇକ୍ କଥଣ ଜାଣିନଥିଲୁ । ହଁ ଥରେ ଅଷ୍ଟମ ଶ୍ରେଣୀ ଓ ଏକାଦଶ ଶ୍ରେଣୀ ମଧ୍ୟରେ ଫୁଟ୍‌ବଲ୍ ମ୍ୟାଚ୍ ହେଲା । ସେତେବେଳେ ଅଷ୍ଟମଶ୍ରେଣୀରେ ଭଲ ଖେଳାଳୀ ଥିଲେ । କିଛି ଗୋଟାଏ ଅନ୍ୟାୟ କରି ଅଷ୍ଟମ ଶ୍ରେଣୀକୁ ହରାଇ ଦିଆଗଲା । କ୍ଲାସରେ ଷ୍ଟ୍ରାଇକ୍ ହେଲା । ମୁଁ ଏଇ ସାମାନ୍ୟ ଖେଳକଥା ନେଇ ଷ୍ଟ୍ରାଇକ୍ କରିବାକୁ ଓ ପାଠ କ୍ଷତି କରିବା ସପକ୍ଷରେ ନଥିଲି । ପ୍ରାୟ ଦୁଇ ତାରିଦିନ ଚାଲିଥିଲା । ପରେ ସମାଧାନ ହେଲା- ଆଉ କୌଣସି ଷ୍ଟ୍ରାଇକ୍ ମୁଁ ଜାଣିନାହିଁ । ଅବଶ୍ୟ ସେତିକି ବେଳେ ପ୍ରଥମ କରି ଜାଣିଲି ଷ୍ଟ୍ରାଇକ୍ କଥଣ ।

ଶିକ୍ଷକଙ୍କୁ ସମ୍ମାନ କରିବା, ଆମ ସଂସ୍କୃତିର ଏକ ଅଙ୍ଗ ଏକଥା କେହି ଶିଖାଉ ନଥିଲେ । ଶିକ୍ଷକ ମାନେ ମଧ୍ୟ କେହି ଉଦ୍ଦଣ୍ଡ ବା କଠୋର ନଥିଲେ । ତେଣୁ ଏକ ସମନ୍ୱୟ ଥିଲା ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ । ସରଳ ଜୀବନ ଯାପନ, ମନେହୁଏ, ସେଇମାନଙ୍କଠାରୁ ଶିଖିଥିଲି ॥ ଆଜି ସେମାନଙ୍କୁ ମନେ ପକାଇ ମୋର ପ୍ରଣତି ଜଣାଉଛି ॥

ଆଦର୍ଶ କଲୋନି
କଜର୍ କାଲେମ୍
ଗୋଆ - ୪୦୩୦୦୨

# ଶହେ ବର୍ଷର କିଶୋରଟିଏ

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ନିଭେମ୍ବର ୧୦, ଶୁକ୍ରବାର । ଏ ବର୍ଷର ଦିପାବଳୀର ସଂଧ୍ୟା । ଦୀପ ଜଳୁଥାଏ । ମୁଖ୍ୟମନ୍ତ୍ରୀ ଶ୍ରୀ ଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବାସଭବନରେ ତାଙ୍କର ବ୍ୟକ୍ତିଗତ ପ୍ରକୋଷ୍ଠ - ପ୍ରାଣନାଥ କଲେଜରେ ନବନିର୍ମିତ ପ୍ରାଣନାଥ ସ୍ମୃତିଭବନର ଉଦ୍‌ଘାଟନ ଉତ୍ସବ ସଂବଧରେ ଆଲୋଚନା ଚାଲିଥାଏ । ହଠାତ୍ ବକ୍ସି ଜଗବନ୍ଧୁ ବିଦ୍ୟାଳୟର ଶତବାର୍ଷିକୀ ପ୍ରସ୍ତୁତି ବିଷୟରେ ଆଲୋଚନା ଆରମ୍ଭ ହେଲା । ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନାରେ ଭାଗ ନେଉଥାଆନ୍ତି ଖୋର୍ଦ୍ଧାର ଜିଲ୍ଲାପାଳ ସର୍ବେଶ୍ୱର ବାବୁ, ଚିତ୍ତମିତ୍ର ବାବୁ, ପ୍ରଦୋଷ ବାବୁ ଓ ମୁଁ ନିଜେ । ଆଲୋଚନା ସମୟରେ ମୁଁ ମୁଖ୍ୟମନ୍ତ୍ରୀଙ୍କ ଆଗ୍ରହକୁ ନିରୀକ୍ଷଣ କରିବାର ସୁଯୋଗ ନେଉଥିଲି । ତାଙ୍କର ସେ ପଢୁଥିବା ପୂର୍ବ ସ୍କୁଲଟି ପାଇଁ ସମୁଦାୟ ଭାବ ପ୍ରବଣତା ମୋତେ ବିସ୍ମିତ କରୁଥିଲା । ସ୍କୁଲର ପ୍ରତ୍ୟେକ ପ୍ରକୋଷ୍ଠ, ପ୍ରତ୍ୟେକ ହଲ୍, ପାଚେରୀ, ଛାତ୍ରାବାସ, ପାଠାଗାର ଇତ୍ୟାଦି ଇତ୍ୟାଦି ସଂବନ୍ଧରେ ସେ ଚିହ୍ନିକି ଖବରା ପଚାରି କରୁଥିଲେ । ସେ ପଢୁଥିବା ସମୟର ବରଗଛ, ଶିକ୍ଷକ ମାନଙ୍କର ବାସଗୃହ, ପ୍ରଧାନ ଶିକ୍ଷକଙ୍କ ବାସଗୃହ ସଂବଧରେ ଆଲୋଚନା କରି ଚାଲିଥିଲେ ।

ଏସବୁ ଆଲୋଚନା ଚାଲିଥିଲା ବେଳେ ମୋ ମନରେ ଗୋଟିଏ ପ୍ରଶ୍ନ ଆସୁଥିଲା । ପ୍ରତ୍ୟେକ ବ୍ୟକ୍ତି ତା'ର ସ୍କୁଲକୁ, ତା'ର କଲେଜକୁ, ତା'ର ବିଶ୍ୱବିଦ୍ୟାଳୟକୁ, ତା'ର ରାଜ୍ୟକୁ ଓ ଦେଶକୁ ପ୍ରେମକରୁ, ଭଲପାଉ ଏବଂ ଶ୍ରଦ୍ଧାକରୁ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ ଜଣେ ସାଂପ୍ରତିକ ଓଡ଼ିଶାର ସାହିତ୍ୟିକ, ଜନପ୍ରିୟ ଚିନ୍ତନଶୀଳ ଭାବରେ ବାଗଟିଏ ଦେଉଥିଲେ । ମୁଁ ମନେ ମନେ ଚିନ୍ତା କରୁଥିଲି ସେ ଏପରି ମୋର ନିଜର ସବୁପାଇଁ ଶ୍ରଦ୍ଧା ଓ ପ୍ରେମ ଅଛି ତ ?

ବକ୍ସି ଜଗବନ୍ଧୁ ସ୍କୁଲକୁ ୧୦୦ ବର୍ଷ ପୂରଣ ହୋଇଯାଉଛି । ଖୋର୍ଦ୍ଧାର ସମସ୍ତଙ୍କ ମନରେ ପ୍ରବଳ ଆଗ୍ରହ, ଉତ୍କଣ୍ଠା ଓ ପ୍ରସ୍ତୁତି । ସ୍ମରଣିକାଟିଏ ପ୍ରକାଶ ପାଇବ । ଉତ୍ସବ ଜୋରଦାର ହେବ । ପୁରାତନ ଛାତ୍ର ଓ ବର୍ତ୍ତମାନ ଛାତ୍ରମାନଙ୍କର ସମାବେଶ ଚିତ୍ତାକର୍ଷକ ହେବ ।

ବହୁ ଅନୁରୋଧ, ଲେଖାଟିଏ ଦିଅନ୍ତୁ । ମୁଁ ଅନୁରୋଧଟି ରଖିବାପାଇଁ ଆଦୌ ପ୍ରସ୍ତୁତ ନଥିଲି । ଭାବୁଥିଲି, ମୋର ଅଧିକାର ନାହିଁ ଲେଖାଟିଏ ଦେବାପାଇଁ । ମୁଁ ପୁରାତନ ଛାତ୍ର ଅଥବା ଶିକ୍ଷକ ନୁହେଁ -- କାହିଁକି ଲେଖିବି ? ସ୍କୁଲ ସାଙ୍ଗରେ ସଂପର୍କ ଅତି କମ୍ । ଅବଶ୍ୟ ମୋର ତିନି ଜଣ ପୁଅ ଏ ସ୍କୁଲର ଛାତ୍ର ଥିଲେ । ପ୍ରାଣନାଥ କଲେଜର ଅତୀତରେ ଜଣେ ଅଧ୍ୟାପକ, ବର୍ତ୍ତମାନର ଅଧ୍ୟକ୍ଷ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପୂର୍ବତନ ଅଫିସର୍ ଭାବରେ ସ୍କୁଲ ସହିତ ସଂପର୍କରେ ବେଳେ ବେଳେ ଆସୁଥିଲି । ତଥାପି ଜଣେ ଶିକ୍ଷକ, ବୃତ୍ତିରେ ମାଷ୍ଟରଟିଏ, ଗୋଟିଏ ଶିକ୍ଷାୟତନରେ ଶତବାର୍ଷିକୀ, ମନରେ ଶିହରଣ ଖେଳି ଯାଉଛି । ଦୁଇପଦ ଲେଖୁଛି । ଜବରଦସ୍ତ ଦୁଇଟିକି ପୃଷ୍ଠା ନେଇଯିବି । ଆଶା ସମସ୍ତେ ଆପଣେଇ ନେବେ ।

ସର୍ବଶ୍ରୀ ପଣ୍ଡିତ ହରିଚନ୍ଦନ, ଗୋପାଳ କୃଷ୍ଣ ଦାସ, ରବି ନାରାୟଣ ଦାସ, ଜୟସିଂହ ପଟ୍ଟନାୟକ, ଶାନ୍ତସିଂହ ପଟ୍ଟନାୟକ, ଅଲେଖ ଦାଶ, କର୍ଣ୍ଣେଲ ବାସୁ ରାଉତରାୟ, ନନ୍ଦ କିଶୋର ପଟ୍ଟନାୟକ, ଭାନୁରାମ, ବାସୁଦେବ ବୋରା, ମିହିର ବର୍ମା, ରବି ଦାସ, ମୁରଲୀଧର ପ୍ରଧାନ, ଶରତ ପଟ୍ଟନାୟକ, ହରେକୃଷ୍ଣ ନନ୍ଦ, ଗୋପୀନାଥ ରାଉତରାୟ, ପଦ୍ମଲୋଚନ ପାଇକରାସିଂହ, କାଶୀନାଥ ପ୍ରଧାନ, ଚିନ୍ତୁ ମିତ୍ର, ଜ୍ଞାନଦା ପଟ୍ଟନାୟକ, ଉଦୟନାଥ ପଟ୍ଟନାୟକ, ରାଜ କିଶୋର ଛୁଟରାୟ, ବନବିହାରୀ ପଟ୍ଟନାୟକ, ବଟକୃଷ୍ଣ ପରିଡ଼ା -- ସମସ୍ତେ ବକ୍ସି ଜଗବନ୍ଧୁ ବିଦ୍ୟାଳୟର ଅତୀତ, ଅତୀତର ଛାତ୍ର, ଶିକ୍ଷକ, ପ୍ରଧାନାଚାର୍ଯ୍ୟ ଓ ଶୁଭଚିନ୍ତକ । ସେମାନଙ୍କର ପ୍ରାଣମୂର୍ତ୍ତି ଉଦ୍ୟମ ଅତୀତକୁ ଉଦ୍‌ଜୀବିତ କରିବ, ଭବିଷ୍ୟତର ପିଢ଼ିକୁ ସ୍ୱପ୍ନ ଦେଖିବାପାଇଁ ପ୍ରେରଣା ଦେବ । ବର୍ତ୍ତମାନର ପ୍ରଧାନ ଶିକ୍ଷକ ଭୀମ ବାବୁ ଓ ସମଗ୍ର ଶିକ୍ଷକ ଗୋଷ୍ଠି କାନ୍ଧକୁ କାନ୍ଧ ମିଳାଇ କାମ କରିବେ । ଏଇ ଅବସରରେ ଦୁଇଜଣ ପୂର୍ବତନ ଛାତ୍ରଙ୍କ ସ୍ମୃତି ମୋତେ ଭାବ ବିହ୍ୱଳିତ କରୁଛି । ୰ ସାମସୁଲ ଅଲ୍ଲୀ ଓ ୰ ରବି ମିତ୍ର । ଅତୀତରେ ପୁରାତନ ଛାତ୍ର ସଂସଦର ସଭାଟିଏ କିପରି ହେବ, ତାର ବାର୍ଷିକ ଅଧିବେଶନ କିପରି ହେବ, ସ୍କୁଲଟିର କିପରି ଉନ୍ନତି ହେବ, ବୁଝାଇ ବୁଝାଇ ବୁଲି ସମସ୍ତଙ୍କୁ ସଂଗଠିତ କରୁଥିଲେ । ସେମାନେ ମୋର ଅତୀତର ଛାତ୍ର, ସହକର୍ମୀ ଓ ସୁହୃଦ୍ ଥିଲେ । ଆଜି ଶତବାର୍ଷିକୀ ଉତ୍ସବ ଅବସରରେ ସେମାନଙ୍କର ଅଭାବ ଅତିମାତ୍ରାରେ ଅନୁଭବ ସମସ୍ତେ କରିପାରୁଛନ୍ତି ।

କମ୍ ଲେଖିବି, ଏମିତି ଚିନ୍ତାକରି କ'ଣ ଲେଖିବି କି ଲେଖିବି ବୋ ଛକିରେ ପଡୁଛି । ଏ ସ୍କୁଲର ଅତୀତର ପ୍ରଧାନାଚାର୍ଯ୍ୟ, ଆଚାର୍ଯ୍ୟଗଣ, ଯାହାଙ୍କର ଅବଦାନ ସଦା ସର୍ବଦା ସ୍କୁଲର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ, ତାଙ୍କ ବିଷୟରେ ଦ ଦୁଇପଦ ଲେଖିବି । ସ୍ୱର୍ଗତ ଦିବ୍ୟସିଂହ ପଟ୍ଟନାୟକ, ଅତୀତର ପ୍ରଧାନ ଶିକ୍ଷକ, ଧୀର, ଶାନ୍ତ ଅଥଚ ଦୃଢ଼ ଓ

ଭୟଙ୍କର ନୀତିବାଦୀ - ସ୍କୁଲକୁ ଦିଗ୍‌ଦର୍ଶନ ଦେବାରେ ତାଙ୍କର ଅବଦାନ ବିରଳ । ସ୍ୱର୍ଗତ ଅନନ୍ତ ରଥ, ଅମାୟିକ ଭଦ୍ରବ୍ୟକ୍ତି, ସ୍କୁଲର ଛାତ୍ରମାନଙ୍କ ମଙ୍ଗଳକୁ ପ୍ରାଧାନ୍ୟ ଦେବାର ଅବଦାନ ପଙ୍‌କ୍ତିକୃତ କରି ହେବ ନାହିଁ । ସ୍ୱର୍ଗତ ହରି ସାର୍‌, ପଦ ସାର୍‌, ବଂଶୀ ସାର୍‌, ପଦ ସାର୍‌, ଜଗଦାନନ୍ଦ ସାର୍‌ -- ସ୍କୁଲ ପାଇଁ ଯଥେଷ୍ଟ କରିଛନ୍ତି । ଅନ୍ୟ ସମସ୍ତଙ୍କୁ ମୁଁ ଜାଣିନାହିଁ, ସବୁ ବିଷୟରେ ଲେଖି ପାରୁନାହିଁ । ଖୋର୍ଦ୍ଧାରେ ରହଣି ଭିତରେ ଯେଉଁମାନଙ୍କର ସଂସ୍ପର୍ଶରେ ଆସିଛି ସେମାନଙ୍କ ବିଷୟରେ ଅବତାରଣା କରୁଛି । ସ୍ୱର୍ଗତ ବାଞ୍ଛାନିଧି ପଟ୍ଟନାୟକ, ଅତୀତର ହେଡ୍‌ମାଷ୍ଟ୍ରେ, ଯାହାଙ୍କର ଚରିତ୍ର, ଶିକ୍ଷକତା, ମାନବିକତା ବିଷୟରେ ସବୁକଥା ଲିପିବଦ୍ଧ କରାଯାଇ ପାରିବ ନାହିଁ । ଶୁଣାଯାଏ, ସେ ସ୍ୱର୍ଗତ ପଣ୍ଡିତ ନେହେରୁଙ୍କ ସଭାରୁ ଛାତ୍ରମାନଙ୍କୁ ଡାଗିଦ୍‌ କରି ଉଠାଇ ଆଣି ପାରିଥିଲେ । ହେ ବନ୍ଧୁ ଜଗବନ୍ଧୁ ସ୍କୁଲର ପୂର୍ବ ପୁରୁଷ ଗଣ, । ଆପଣମାନଙ୍କର ଶୁଭାଶୀର୍ବାଦ ଏ ସ୍କୁଲର ସଦା ସର୍ବଦା କାମ୍ୟ ।

ଶତବାର୍ଷିକୀ ପ୍ରସ୍ତୁତି । ଅଗ୍ରଭାଗରେ ବର୍ତ୍ତମାନ ନେତୃତ୍ୱ ନେଉଛନ୍ତି ଯେଉଁମାନେ ସେମାନେ ହେଲେ ଜିଲ୍ଲାପାଳ ସର୍ବେଶ୍ୱର ବାବୁ, ପ୍ରଧାନ ଶିକ୍ଷକ ଭୀମବାବୁ ଏବଂ ସ୍କୁଲର ପରିଚାଳନା ସମିତିର ସଭାପତି ବିଜୟ ବାବୁ । ସେମାନେ ବହୁ ସମୟ ଦେଇ ସମସ୍ତଙ୍କୁ ସଂଗଠିତ କରି ପାରୁଛନ୍ତି । ସମସ୍ତଙ୍କର ସ୍ୱପ୍ନକୁ ସେମାନେ ରୂପାୟିତ କରିପାରିବେ ଏ ବିଶ୍ୱାସ ଅଛି । ତଥାପି ସମସ୍ତ ବ୍ୟବସ୍ଥା ମଧ୍ୟରେ ଅତୀତ ଓ ବର୍ତ୍ତମାନର ଭାବବିହ୍ୱଳତା ସମନ୍ୱୟ ପ୍ରତିଷ୍ଠା କରିବାରେ ଧ୍ୟାନ ଦେବେନାହିଁ ବୋଲି ସେମାନଙ୍କୁ ମୋର ନିବେଦନ ।

ମୁଁ ଭୁଲିଗଲି ଶହେ ବର୍ଷର "କିଶୋର ଟିଏ" ବିଷୟରେ କିଛି ଲେଖିଲି ନାହିଁ ଏ ପର୍ଯ୍ୟନ୍ତ । ବନ୍ଧୁ ଜଗବନ୍ଧୁ ସ୍କୁଲ ଖୋର୍ଦ୍ଧାର କିଶୋର ମାନଙ୍କର ପ୍ରଧାନ ଆଶ୍ରୟ ସ୍ଥଳ, କର୍ମକ୍ଷେତ୍ର, ଭବିଷ୍ୟତ ପାଇଁ ପ୍ରସ୍ତୁତି କ୍ଷେତ୍ର । ସେ ସବୁବେଳେ କିଶୋରଟିଏ, ଯୁବକରୁ ଓ ବାର୍ଦ୍ଧକ୍ୟଠାରୁ ବହୁତ ଦୂରରେ । ତା'ର ଶାନ୍ତ, ଉଜ୍ଜ୍ୱଳ, ସୁନ୍ଦର ଭାବାବେଗ ମୁଖ ମଣ୍ଡଳ । ଚପଳାମି କଲେବି ଶୃଙ୍ଖଳିତ - ଦୂରରୁ ଦେଖିଲେ ଅତି ଆନନ୍ଦ ଲାଗେ - ଧାଡ଼ି ଧାଡ଼ି ହୋଇ ଛାତ୍ରମାନେ ସ୍କୁଲକୁ ଯାଆନ୍ତି ଓ ଫେରନ୍ତି । ଖେଳ ପଡ଼ିଆରେ ଝରକରତଣ୍ଡ ଦଲ୍‌ ଦାଦାଗିରି, କ୍ରିକେଟ ବ୍ୟାଟ୍‌ ଧରି କପିଳ ଦେବ ହେବାପାଇଁ ପ୍ରବଳ ଆଗ୍ରହ, ଏନ୍‌.ସି.ସି.ର ମାର୍ଚ୍ଚିଂ ଚମତ୍କାର । ଯିଏ ଏ ସବୁ ଦେଖିଛି, ଅନୁଭବ କରି ପାରିଛି, ସେମାନଙ୍କ ଆନନ୍ଦ ସହ ଭେସି ହୋଇ ଯାଉଛି, ସେମାନଙ୍କର ପ୍ରଗଳ୍‌ଭତାକୁ ପଛରୁ ଛପି ଛପି ଶୁଣିଛି, ସେହିଁ କେବଳ ଅନୁଭବ କରିପାରିଛି । ହେ, ବନ୍ଧୁ ଜଗବନ୍ଧୁ ସ୍କୁଲର କିଶୋର ଗଣ । ଅତୀତରେ ତୁମେମାନେ ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ଚରମ ଶିଖରରେ ଉପନୀତ ହୋଇ ପାରିଛ, ବିଜ୍ଞାନ ପ୍ରଦର୍ଶନୀ କରି ପାରଙ୍ଗମତା ହାସଲ କରି ସାରିଛ, ବଲ ବାଡ଼େଇ ଜାତୀୟ ସ୍ତରରେ ଚାମ୍ପିୟନ ହୋଇ ପୁରସ୍କୃତ ହୋଇ ସାରିଛ, ଏନ୍‌.ସି.ସି. ସ୍କାଉଟ୍‌ ଓ ରେଡ଼କ୍ରସ ପାଇଁ ଏମିତି ନାଚିଛ ଯେ ସମସ୍ତେ ତୁମ ମାନଙ୍କର ପିଠି ଥାପୁଡ଼ାଇ ସାବାସ୍‌ କହିଛନ୍ତି । ଏବେ ସେ ପରମ୍ପରାକୁ ଦୃଢ଼ୀଭୂତ କରିବାର ଶପଥ ନେଉଛ ତ ? ଅତୀତର ରେକର୍ଡ଼କୁ ଭାଙ୍ଗି ଭବିଷ୍ୟତରେ ନୂଆ 'ଇତିହାସ' ସ୍ଥାପନ କରି ପାରିବ ତ ? ତୁମମାନଙ୍କର ସମ୍ମାନଯୋଗ୍ୟ ପ୍ରଧାନ ଶିକ୍ଷକ ଓ ଗୁରୁ ମାନଙ୍କର ଉପଦେଶକୁ ପାଥେୟ କରି ପାରୁଛ ତ ?

ଖୋର୍ଦ୍ଧାରେ ଅବସ୍ଥାପିତ ଜଣେ ନାଗରିକ ଭାବରେ ମନରେ ବେଳେ ବେଳେ ସଂଶୟ ଆସି ଯାଉଛି । ଏଣୁ ସତର୍କ କରିଦେବାର ଅଧିକାର ନିଜେ ସାବ୍ୟସ୍ତ କରି ନେଉଛି । ମୁଁ ପ୍ରାଣନାଥ କଲେଜର ଅଧ୍ୟକ୍ଷ, ସ୍କୁଲ ଜୀବନ ସାରି ତୁମେ ସେଠାକୁ ଆସିବ, ଏ ଆଶାକରି ବସିଛି । ସ୍କୁଲର ଗୌରବକୁ ବଜାୟ ରଖି କଲେଜରେ ପଢ଼ିଥି ଯାଇ ପାରିବ ତ ? ତୁମେ ମାନେ ନିରାଶ କଲେ ଆହତ ହେବି । ଏଣୁ ଶପଥ ନିଅ, ଶତ ବାର୍ଷିକୀର ଶପଥ -- ଆଗେଇ ଯିବୁ, ଆଗେଇ ଯିବୁ, ଆଗେଇ ଯିବୁ ।

ପୁଣି ଭୁଲି ଯାଉଛି । ମୋ ଘରକୁ ଯେତେ କୁଣିଆ ଆସନ୍ତି, ମୁଁ ବନ୍ଧୁ ଜଗବନ୍ଧୁ ସ୍କୁଲକୁ ନେଇଯାଏ । ଏତେ ପୁରୁଣା ସ୍କୁଲ, ମୋର ସ୍ୱର୍ଗତ ବାପା କୁହନ୍ତି ଓଡ଼ିଶାରେ ଆଉ ସ୍କୁଲ ବେଶୀ ନଥିଲା । କଟକ ଜିଲ୍ଲାରୁ ଆସି ସେ ଏଠି ପଢୁଥିଲେ । ସ୍କୁଲର ପ୍ରକୋଷ୍ଠ ମାନଙ୍କ ସମ୍ମୁଖର ପ୍ରାଙ୍ଗଣରେ ଭୂଇଁରେ ତିଆରି ଭାରତର ସିମେଣ୍ଟ ମାନଚିତ୍ର, ନଦ ନଦୀ, ପର୍ବତ, ଶୃଙ୍ଗ ସମସ୍ତଙ୍କୁ ଖୁସିରେ ଦେଖାଏ, ନିଜେ ଖୁସି ହୁଏ । କେତେ ଭଲ ଦର୍ଶନୀୟ କଥାଟିଏ । ଅବୁ ସ୍କୁଲରେ ତ ନାହିଁ । କ୍ରମେ ସେଗୁଡିକ ନଷ୍ଟ ହୋଇ ଯାଉଛି । ତାକୁ ସଦାସର୍ବଦା ସଂରକ୍ଷିତ କରାଯିବାର ଆବଶ୍ୟକତା ରହିଛି । ସ୍କୁଲର ଦୁଇ ଦୁଇଟା ବଡ଼ ହଲ -- ବଡ଼ ସଭା ହୋଇପାରେ, ଭଲ ନାଟକ ମଂଚସ୍ଥ ହୋଇପାରେ -- ଇଏବି ବନ୍ଧୁ ଜଗବନ୍ଧୁ ସ୍କୁଲର ଗୌରବ । ଶତବାର୍ଷିକୀରେ ତା'ର ଆବଶ୍ୟକୀୟ ରକ୍ଷଣା ବେକ୍ଷଣ ହୋଇପାରିଛି । ବନ୍ଧୁ ଜଗବନ୍ଧୁ ସ୍କୁଲର ଗର୍ବ ସ୍କୁଲ ଆରମ୍ଭରେ ପ୍ରାର୍ଥନା ସଭା ଓ ମାସ୍‌ଡ୍ରିଲ୍‌ । ସେଗୁଡ଼ିକର ପର୍ଯ୍ୟବେକ୍ଷଣ ମନରେ ଆନନ୍ଦ ଓ ଉଲ୍ଲାସ ସୃଷ୍ଟି କରେ । ସେଗୁଡ଼ିକୁ କେବେ ହେଲେ ନ୍ୟୂନ କରି ହେବ ନାହିଁ ।

ମାଷ୍ଟ୍ର ଟିଏତ, ଉପଦେଶ ଦେବାପାଇଁ ମନକୁ ରୋକାପାଇ ପାରିବ ନାହିଁ । ମୋର ଅନୁରୋଧ ସ୍କୁଲରେ ପ୍ରତ୍ୟେକ ବର୍ଷ କବିତା ପାଠୋତ୍ସବ ହେଉ, ଚିତ୍ରାଙ୍କନ ପ୍ରତିଯୋଗିତା ହେଉ, ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗିତା ହେଉ, ତର୍କସଭା ହେଉ ଇତ୍ୟାଦି ଇତ୍ୟାଦି ଶହେ ବର୍ଷର କିଶୋର ଟିଏ ନାଚି ନାଚି ଭାଇ ଭାଇ ଆନନ୍ଦରେ ମସ୍‌ଗୁଲ୍‌ ହେଉ - ଖୋର୍ଦ୍ଧାର ଭବିଷ୍ୟତ ବଂଶଧର -- ମୁଁ ଯଦି ସେ ସ୍କୁଲର ପ୍ରଧାନ ଶିକ୍ଷକ ଅଥବା ଶିକ୍ଷକ ହୋଇ ଥାଆନ୍ତି, କ୍ଲାସ ରୁମରୁ ଡେଇଁ ପଡ଼ି ସେମାନଙ୍କ ସାଙ୍ଗରେ ନାଚନ୍ତି, ସେମାନଙ୍କୁ ବୋଳ ଦିଅନ୍ତି । ମୁଁ ଜାଣେ ସେମାନେ ଭାରତର ଭବିଷ୍ୟତର ମାନଚିତ୍ରରେ ଗୋଟିଏ ଗୋଟିଏ ଉଜ୍ଜ୍ୱଳ ଜ୍ୟୋତିଷ୍କ ।

ଅଧ୍ୟକ୍ଷ,
ପ୍ରାଣନାଥ ମହାବିଦ୍ୟାଳୟ
ପୂର୍ବତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ



# ଶାଶ୍ୱତ ପ୍ରତିନିଧି

ଡକ୍ଟର ସୁବୋଧ କୁମାର ମହାନ୍ତି

''ମୋ ସ୍କୁଲ'' - ''ଆମ ସ୍କୁଲ'' - ''ଖୋର୍ଦ୍ଧା ହାଇସ୍କୁଲ'' - ''ବକ୍ସି ଜଗବନ୍ଧୁ ହାଇସ୍କୁଲ'' - ଏହି ଉଚ୍ଚାରଣ ସହିତ ଲୋକେ ହୃଦୟର ଗଭୀର ନିକ୍ୱଣରେ । ଶହେ ବର୍ଷ ବୟସରେ ଏହି ଅନୁଷ୍ଠାନ ସମୟକୁ ସାକ୍ଷୀ କରି କେତେ ଯେ ସ୍ୱପ୍ନ କେତେ ଯେ ଆଦର୍ଶ କେତେ କେତେ କାମନା ମାନଙ୍କୁ ପ୍ରତିମୁହୂର୍ତ୍ତରେ ସାକାର ରୂପାୟନ କରି ଚାଲିଛି ତାର ହିସାବ ରଖିବା ଦୁରୂହ । ଧନ୍ୟ ପ୍ରତିଷ୍ଠାତା ଧନ୍ୟ ଧନ୍ୟ ପୂଜ୍ୟ ଗୁରୁକୁଳ, ଧନ୍ୟ ପୂର୍ବସୂରୀ ବୃନ୍ଦ । ସମୟର ବାଲୁକା ପ୍ରାନ୍ତରରେ ଅସରନ୍ତି ଦୃପ୍ତ ପଦଚିହ୍ନ - କେତେ ଅସ୍ପଷ୍ଟ, କେତେ ସ୍ପଷ୍ଟ, ନୂଆ ପୁଣି ନିଦାଘ - ଦୀର୍ଘ ଚଲାପଥ - ଅନନ୍ତି ଜୀବନ ଯାତ୍ରା । ଶତ ବସନ୍ତ ସ୍ୱନା ଦିଗେ କେତେ ଆତ୍ମହରା ମଣିଷ, ଦୃପ୍ତ ଚିନ୍ତନ ସ୍ରଷ୍ଟା । କବି, ଦାର୍ଶନିକ, ଜନନାୟକ, ସେବକ, ଗ୍ରାହକ - ସକଳ ମଣିଷ ଏହି ମଣିଷ ସ୍ରଷ୍ଟାର ଅବଦାନ । ସମସ୍ତଙ୍କୁ ସାମ୍ୟ ମୈତ୍ରୀ, ପ୍ରୀତି, ଶୀକାର ଚାନ୍ଦବିତାନରେ ଉଷାଳିତ କରି ମଣିଷ ପରି ମଣିଷ ହେବା ଶିକ୍ଷା ଦେଇଛି - ଦୀକ୍ଷା ଦେଇଛି - ଦେଇଛି ବିଦ୍ୟା, ବୁଦ୍ଧି, ଜ୍ଞାନବିଜ୍ଞାନର ବୈଭବ । ସବୁଜି ପ୍ରାଣରେ ଏହି ଅନୁଷ୍ଠାନର ବଂଶୀ ସ୍ୱନସ୍ଥାନ ବିତାନ ଖୋଲିଛି । କୋଡ଼ି ପଥରର ବନ୍ଧନିଜ ବେଦୀ ପରେ ନିଜେ କଷ୍ଟ ସହି ସମସ୍ତ ଅତିଥି, ଛାତ୍ର, ଛାତ୍ରୀ, ଅଭିଭାବକ, ଗଣ-ନଗଣ୍ୟ, ଅକିଞ୍ଚନ - ଅସାଧାରଣ ଭେଦ-ବିଭେଦର ଉର୍ଦ୍ଧ୍ୱରେ ରହି ମଣିଷ ହେବାକୁ ପ୍ରେରଣା, ସାହସ, ନୀତି, ନୈତିକତା ବିଶ୍ୱାସନୀୟତା, ଉଦାରତାର ମନ୍ତ୍ର ଦେଇଛି । ସୃଷ୍ଟି କରିଛି ଜୀବନ୍ତ ଜୀବନ-ନାଟକର ଚରିତ୍ରମାନଙ୍କୁ । ଅନେକ ଛାଇ ଅସରନ୍ତି ଅନ୍ଧାରରେ ବାଜି ହୁଅନ୍ତି । କେତେ ହୁଏତ ଅଭିନୟ ସାରି ବାହୁଡ଼ିଲେଣି - ଅନ୍ୟମାନେ ପ୍ରସ୍ତୁତି ପଥେ - ଆଉ କିଏ କର୍ମୀ ଦାର୍ଶନିକ - ଭୋଗୀ । ତ୍ୟାଗୀ ସକଳ ମଣିଷକୁ ପ୍ରାରମ୍ଭିକ ସୋପାନରୁ ଯୁବଷ୍ଟାମୀ ଦେଇ ଶକ୍ତି ସଂପନ୍ନ କରିବାରେ ଖୋର୍ଦ୍ଧାର ତଥା ସମଗ୍ର ରାଜ୍ୟର ଅଗ୍ରଣୀ ଶିକ୍ଷାୟତନ ରୂପେ ସ୍ୱସ୍ଥିତି ବଜାୟ ରଖିଛି-ଅଧ୍ୟୟନ, କ୍ରୀଡ଼ା, ଚିତ୍ତବିନୋଦନ, ସମାଜ ସେବା-ସକଳ କ୍ଷେତ୍ରରେ ଅପର୍ଯ୍ୟାପ୍ତ ନାୟକନାୟିକା ଏହି ଗୌରବଦୀପ୍ତ ପ୍ରତିଷ୍ଠାନର ସମୁଜ୍ଜ୍ୱଳ ପ୍ରମାଣପତ୍ର ।

ଆଜିର ସମସ୍ୟାଗ୍ରସ୍ତ ସମାଜରେ ମଣିଷ ପ୍ରଶାନ୍ତି ଅନ୍ୱେଷଣ କରୁଛି - ସେଇ ଅପୁରାତନ ଅନାଦିମ ସନାତନ ମାନବିକ ମୂଲ୍ୟବୋଧର ପୁନଃନିର୍ଘୋଷ ବିଶ୍ୱଶାନ୍ତି - ଶତବୋର୍ଷିକୀ ସ୍ୱନକ୍ଷେତ୍ର ଉତ୍ସବର ପରିପ୍ରେକ୍ଷୀରେ ''ଶାନ୍ତି ସଂକଳ୍ପ'' ସବୁର ମଣିଷର ବିଜୁଡ଼ରେ ପବିତ୍ରତା - ପଞ୍ଚଜନ୍ୟର ସୁରୁ - ଗମ୍ଭୀର ଝଙ୍କାର ତୋଳୁ ।

ବିଶ୍ୱବ୍ରହ୍ମାଣ୍ଡରେ ଶାନ୍ତି ପ୍ରତିଷ୍ଠା ଏକ ଜରୁରୀ ମାନବିକ ସମସ୍ୟା । ''ଶାନ୍ତି'' ଶବ୍ଦର ପ୍ରୟୋଗସମର୍ପିତ ଅର୍ଥ ଏବଂ ମୂଲ୍ୟ-ବୋଧ ସର୍ବାଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ଭାଷାଗତ ପ୍ରତ୍ୟୟାତ୍ମିକ ଅର୍ଥ - ବିଭିନ୍ନତାଜନିତ ବୈଷମ୍ୟ ଏବଂ ପରିବର୍ତ୍ତନ ସାପେକ୍ଷ ମୂଲ୍ୟବୋଧ ଜନିତ ଜଟିଳତା ପ୍ରତି ସତର୍କ ଦୃଷ୍ଟି ରଖିବାକୁ ହେବ । ସକଳ ମନୁଷ୍ୟ ଶାନ୍ତିପ୍ରିୟ ବା ଶାନ୍ତିକାମୀ । ବ୍ୟକ୍ତିଗତ ଶାନ୍ତି-ଚେତନାରେ ବିଦ୍ୟମାନ ସାମୂହିକ ତଥା ସାର୍ବିକ ଶାନ୍ତିଚେତନା ''ଶାନ୍ତି'' ପ୍ରତ୍ୟୟ ଅବବୋଧର ସହାୟକ । ବ୍ୟକ୍ତି ଓ ସମାଜ ଉଭୟ ସ୍ତରରେ ଆନୁପାତିକ ଭାବେ ଶାନ୍ତିର ଅର୍ଥ ଏବଂ ମୂଲ୍ୟବୋଧର ପରିଚାୟକ ଏହି ଶାନ୍ତିଚେତନା । ଶାନ୍ତି ଅର୍ଥ ଉଭୟେ ସଦର୍ଥକ-ନଞର୍ଥକ, ଭାବାତ୍ମକ-ଅଭାବାତ୍ମକ, ଅସ୍ତିତ୍ୱ-ନାସ୍ତିତ୍ୱ ସୂଚକ ହୋଇଥିବାରୁ ଏହାର ପ୍ରତ୍ୟୟଗତ ପୁନଃ ସମୀକ୍ଷା ଯୁକ୍ତିଯୁକ୍ତ । ସାମ୍ପ୍ରତିକ ପରିପ୍ରେକ୍ଷୀରେ ପୁନଃ ପୁନଃ ସମୀକ୍ଷା ଦ୍ୱାରା ଉକ୍ତିର ପ୍ରତ୍ୟୟଗତ ଯୋଗ୍ୟତା ବା ଅଯୋଗ୍ୟତା ସମ୍ବନ୍ଧ ପ୍ରମାଣିତ ହୋଇଥାଏ । ପ୍ରତ୍ୟୟଗତ ତାତ୍ପର୍ଯ୍ୟ ବ୍ୟବହାର ଅର୍ଥାତ୍ ଅନୁଭୂତି ପର୍ଯ୍ୟବସିତ । ଅସ୍ତିସୂଚକ ପ୍ରତ୍ୟୟ ଭାବେ ''ଶାନ୍ତି'' ସନ୍ତୋଷ, ନିର୍ଭୀକତା, ନିୟମାନୁବର୍ତ୍ତିତା, ନ୍ୟାୟ, ଶୃଙ୍ଖଳା, ପ୍ରେମ, ସରଳତା; ସମ୍ମାନବୋଧ, ସାମ୍ୟ, ମୈତ୍ରୀ, ବିଶ୍ୱାସବୋଧ ତଥା - ଆନନ୍ଦାନୁଭୂତି ଇତ୍ୟାଦିର ସଙ୍କେତ ରୂପେ ବ୍ୟବହାର କରାଯାଉଅଛି । ନାସ୍ତିସୂଚକ ପ୍ରତ୍ୟୟଭାବେ ଏହା ଯୁଦ୍ଧ, ଅସ୍ଥିରତା, ଭୟ, ଆଶଙ୍କା, ବୈଷମ୍ୟ, ଅନ୍ୟାୟ, ଘୃଣା, ଜଟିଳତା, ଶଠତା, ବର୍ବରତା, ଅସମ୍ମାନବୋଧ, ସନ୍ଦେହ ଏବଂ ଅବିଶ୍ୱାସବୋଧ, ଇତ୍ୟାଦିର ଅନୁପସ୍ଥିତିକୁ ବୁଝାଇଥାଏ । ପ୍ରୟୋଗବାଦୀ ପ୍ରତ୍ୟୟ-ବିଶ୍ଳେଷଣ ପଦ୍ଧତିରେ ସମୀକ୍ଷା କଲେ ଶାନ୍ତି ଓ ସଂଗ୍ରାମ ଯଦିଓ ଆପାତ ପ୍ରତିରୋଧୀ ପ୍ରତ୍ୟୟ ରୂପେ ପ୍ରତୀକିତ ତଥାପି ବ୍ୟବହାରଗତ ତାତ୍ପର୍ଯ୍ୟ ଦୃଷ୍ଟିକୋଣରୁ.............ବିପରୀତଧର୍ମୀ ନୁହେଁ - ଏକଥା ସ୍ପଷ୍ଟ ପ୍ରତିଭାତ ହେବ । ଯେପରି ଶାନ୍ତି-ସଂଗ୍ରାମ, ଶାନ୍ତିସେନା, ଶାନ୍ତିବାହିନୀ ଇତ୍ୟାଦି ବ୍ୟବହାରରେ ଏହା ପ୍ରମାଣିତ ହେଉଛି । ଜୀବନର ଅନ୍ୟନାମ ବା ଅର୍ଥ ସଂଗ୍ରାମ । ଏହାର ଅର୍ଥ ନୁହେଁ ଯେ ଜୀବନ ଯୁଦ୍ଧକାମୀ । ଯୁଦ୍ଧ ବା ସଂଗ୍ରାମ ହୁଏତ ମଣିଷର ସହଜାତ ପ୍ରବୃତ୍ତି । ସ୍ଥିତି ପାଇଁ ସଂଗ୍ରାମ ବିବର୍ତ୍ତନର ଉଦାହରଣ ସବଳର ସ୍ୱାଚ୍ଛନ୍ଦ୍ୟ, ଦୁର୍ବଳ ଉପରେ ତା'ର କ୍ଷମତା ବିସ୍ତାରରେ, ଅସ୍ତିତ୍ୱ ଓ ସ୍ଥିତିର ଇତିହାସ କଳଙ୍କିତ । ସକଳ କ୍ଷେତ୍ରରେ ''ଶକ୍ତିପରେଶ୍ୱାଂ ପରପୀଡ଼ନାୟ'' ନୀତିରେ ମଣିଷର ସଭ୍ୟତା ଗଢ଼ିଉଠିଛି । ଅବାରିତ ଅତ୍ୟାଚାର, ବର୍ବର ପଶୁପ୍ରବୃତ୍ତି ହିଂସାର ପ୍ରତିଛବି । ଏହି ପରିପ୍ରେକ୍ଷୀରେ ହିଟଲରଙ୍କର ''ହଜାର ଦିନର ଶାନ୍ତି ଅପେକ୍ଷା ପୋଟାଏ ଦିନର ଯୁଦ୍ଧ ଶ୍ରେୟସ୍କର'' ଉଦ୍‌ଘୋଷଣା ତାତ୍‌କାଳୀନ ଲୋମହର୍ଷଣକାରୀ ବିଶ୍ୱସଂଗ୍ରାମର ଚିତ୍ର । ଏହିପରି ଯୁଦ୍ଧ ବିପକ୍ଷରେ, ଶାନ୍ତି ସପକ୍ଷରେ, ତର୍କ-ବିତର୍କର ପ୍ରାଦୁର୍ଭାବରେ ମଣିଷ-ସଭ୍ୟତା ହୁଏତ

ଏଯାବତ୍ ସ୍ଥିତିସମ୍ପନ୍ନ ହୋଇ ରହିଆସିଛି । କିନ୍ତୁ କାଳକ୍ରମେ ଭିନ୍ନ ଭିନ୍ନ ରୂପ ମାଧ୍ୟମରେ ଯୁଦ୍ଧବିଭୀଷିକାର ଆଶଙ୍କାରେ ମଣିଷ ସତତ ଆତଙ୍କିତ । ପୁଞ୍ଜିବାଦୀ, ସମାଜବାଦୀ, ଧନୀ-ଦରିଦ୍ର, ବିକାଶପ୍ରାପ୍ତ ବିକାଶଶୀଳ, ସ୍ୱଳ୍ପବିକଶିତ, ଅନୁନ୍ନତ-ସକଳ ପ୍ରକାର ରାଷ୍ଟ୍ରସମୂହ ଯୁଦ୍ଧର ଆତଙ୍କରେ ପ୍ରପୀଡ଼ିତ । ସେଥିପାଇଁ ଯୁଦ୍ଧ ପ୍ରସ୍ତୁତି ନିମିତ୍ତ ଅତ୍ୟାଧୁନିକ ଆଣବିକ ତଥା ତାରକା ସଂଗ୍ରାମର ମାରଣାସ୍ତ୍ରରେ ସୁସଜ୍ଜିତ ହୋଇ ରହିବା କ୍ଷେତ୍ରରେ ଗୋପନ ଏବଂ ପ୍ରଚ୍ଛନ୍ନ ପ୍ରତିଯୋଗିତା ଶକ୍ତି ଶକ୍ତି ମଧ୍ୟରେ ବିଦ୍ୟମାନ । ଯୁଦ୍ଧବିଗ୍ରହର କାରଣ ଅନୁସନ୍ଧାନ କରାଯାଇ ସ୍ଥାୟୀ ଶାନ୍ତିପ୍ରତିଷ୍ଠାର ସକଳ ପ୍ରଚେଷ୍ଟା ଓ ପରିକଳ୍ପନା ସତ୍ତ୍ୱେ ଯୁଦ୍ଧର ସମ୍ଭାବନା ଏଡ଼େଇ ଦିଆଯାଇ ନପାରିବା ବ୍ୟର୍ଥତା ବା ବିଫଳତାର ନୈରାଶ୍ୟ ସୃଷ୍ଟି କରି ସମସ୍ୟାକୁ ଜଟିଳତର କରିଛି । ଯେପରି "ଆଖିଫାଙ୍କି ଜନକା" ଭଳି ମଣିଷ ସଙ୍କଟଗ୍ରାସର ମାୟାଜାଲରେ ତ୍ରାହିତ୍ରାହି ଚିତ୍କାର କରୁଛି । ସକଳ ଚିତ୍କାର ସ୍ଥିତିର ବଳୟରେ ପ୍ରତିକ୍ଷଣ ପ୍ରତିଧ୍ୱନିତ ହୋଇ ଲୀନ ହୋଇ ଯାଉଛି । ଶାନ୍ତିପ୍ରତିଷ୍ଠା ଦିଗରେ ନିୟୋଜିତ ମାନବ ପ୍ରଚେଷ୍ଟା ମଧ୍ୟରେ ଧର୍ମ, ରାଜନୀତି, ବିଜ୍ଞାନ ଇତ୍ୟାଦିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏକଥା ସ୍ୱୀକାର କରାଯାଉଥିଲେ ହେଁ ଆଶାନୁରୂପ ସୁଫଳପ୍ରାପ୍ତି ହୋଇନଥିବା ଏକ ନିର୍ଭ୍ରାନ୍ତ ସତ୍ୟ । ମାନବ ସଭ୍ୟତାର ଇତିହାସ କେତେ ଯେ ମହାନ୍ ଯୋଗୀ, ଋଷି, ମୁନି, ମହାତ୍ମା, ସାଧୁ-ସନ୍ଥ, ସିଦ୍ଧ-ମହାପୁରୁଷ ତଥା ଯୋଗଜନ୍ମା ଶାନ୍ତି ବିଧାୟକ ନେତୃବୃନ୍ଦ ଏବଂ ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ, ଦ୍ରଷ୍ଟା-ଦାର୍ଶନିକ ମାନଙ୍କର ତ୍ୟାଗପୂତ ଜୀବନୋତ୍ସର୍ଗରେ ଉଦ୍ଭାସିତ ତାହା ଅବଶ୍ୟ ଆଶାର ଆଲୋକ ବିକୀରଣ କରେ - ଏହା ସତ୍ତ୍ୱେ ଅସାମ୍ୟ, ଅସହିଷ୍ଣୁତା, ଅନୈକ୍ୟ, ଉତ୍ପୀଡ଼ନ, ସାମ୍ପ୍ରଦାୟିକତ, ଆଞ୍ଚଳିକତା, ବୃତ୍ତି, ଶ୍ରେଣୀ, ଜାତି ଇତ୍ୟାଦି ସଙ୍କୀର୍ଣ୍ଣତାର ଅନ୍ଧକାର ପ୍ରଲେପିତ ହୋଇ ରହିଛି ।

ଶାନ୍ତି ଏବଂ ଧ୍ୱଂସ ସୃଷ୍ଟି ଓ ପ୍ରଳୟ, ଅମୃତ ଓ ବିଷ ଇତ୍ୟାଦି ପ୍ରତ୍ୟୟ ପ୍ରତି ସଚେତନ ହେଲେ ସତେ ଯେପରି ମଣିଷ ଦାମ୍ଭିକତା, ଆତ୍ମପ୍ରବଞ୍ଚନା, ଶଠତାର ଶିକାର ହୋଇ ପଡୁଛି - ତାହା ସ୍ପଷ୍ଟ ଉପଲବ୍ଧ ହେଲେ ହେଁ ଅନୁଦାରର ଅମଣିଷତା ମଣିଷର ସକଳ ଚିନ୍ତା, କଥା ଓ କାର୍ଯ୍ୟରେ ବିଭ୍ରାଟ, ବୈଷମ୍ୟ ଏବଂ ଅପ୍ରାସଙ୍ଗିକତା-ବ୍ୟାଧିର ବୀଜାଣୁ ବଂଶବିସ୍ତାର କରାଇବାରେ ଲାଗିଛି । ତାହେଲେ 'ଶାନ୍ତି' ଯେପରି ଅଳୀକ କାମନା,, କବିର ବା ସ୍ୱପ୍ନିଳ ବାସନା, କିମ୍ବା ସୁଦୂର ପରାହତ ଅନାମୀ ଆଦର୍ଶରେ ପର୍ଯ୍ୟବସିତ ହୋଇଛି ତାହା କ'ଣ ବୁଝିବାପାଇଁ ମଣିଷ ଆଜି ଏକାନ୍ତ ଅସମର୍ଥ ? ଏହି ପ୍ରଶ୍ନ ଦୃଷ୍ଟିରୁ ଯେତେ ଶକ୍ତିମାନ୍ ହୋଇଥିଲେ ମଧ୍ୟ ବାସ୍ତବରେ ମଣିଷ ନିତାନ୍ତ ନିଃସହାୟ, ଅବିବେକୀ ପ୍ରସବଲ୍ଗ ଦିଗ୍ଧ ଅବିକଶିତ ଶିଶୁ । ଗୋଟିଏ ପକ୍ଷରେ ସକଳ କ୍ଷମତାସମ୍ପନ୍ନ ସୁଯୋଗ୍ୟ ମଣିଷର ପର୍ବୀଳ ଆସ୍ପାଳନର ଅଟ୍ଟହାସ୍ୟ ଅନ୍ୟ ପକ୍ଷରେ ଆତ୍ମାତ୍ମହୀନ ଶଙ୍କିତ ମଣିଷର ଆର୍ତ୍ତବିଳାପର ସ୍ତିମିତ ଗୁଞ୍ଜନ - ଯେତେ ଅସ୍ପଷ୍ଟ ହେଲେ ମଧ୍ୟ ମଣିଷର ନିଭୃତ କ୍ରନ୍ଦନର ଚାପା ସ୍ୱର ସକଳ ବାହ୍ୟବିକାରର ଝଙ୍କାରରେ ବେଦନାର ରାଗିଣୀ ତୋଳୁଛି - ତେଣୁ ଆଜିର ମଣିଷ ପାଇଁ ସବୁ "ମୂଲ୍ୟବାନ୍" - ମୂଲ୍ୟହୀନ, ସବୁ 'ସୌରଭ' - ସକଳ ଗ୍ଳାନି - ଏହି ସଙ୍କଟ ଉର୍ଦ୍ଧ୍ୱିତ ସନ୍ଧିକ୍ଷଣରେ ଚଳିତ ଶତାବ୍ଦୀର ଶେଷ ଅଙ୍କ ଅଭିନୀତ ହେଉଛି । ସଂଶୟର ବ୍ୟାଧି ବିବେକର ନିଦାନଜରେ ଉପଶାନ୍ତ ହୋଇପାରେ । 'ଶାନ୍ତି' ମନ୍ତ୍ର, ଜପ, ତପ, ଧ୍ୟାନ, ପୁଣ୍ୟ ଦ୍ୱାରା ପ୍ରତିଷ୍ଠା କରାଯାଇ ପାରିନାହିଁ - ପାରିବ ନାହିଁ - ତେଣୁ ସର୍ବାଗ୍ରେ ନିଜ ଭିତରେ ଥିବା ମଣିଷଟାକୁ ଅନ୍ୱେଷଣ କରିବାକୁ ହେବ, ଲଭପାଇବାକୁ ହେବ, ସେବା, ସତ୍ୟ, ଧର୍ମ, ତିତିକ୍ଷା ସବୁ ଜପ, ତପ, ଭୋଗ, ତ୍ୟାଗ ତା'ରି ପାଇଁ ବିନିଯୋଗ କରିବାକୁ ହେବ । ଏହାହିଁ ମାନବ ସଙ୍କଟ ନିରାକରଣ ନିମିତ୍ତ ଏକମାତ୍ର ନିର୍ଭରଯୋଗ୍ୟ ପନ୍ଥା । ମାନବ ଆତ୍ମାସମ୍ବନ୍ଧ । ଏହି ବିଶ୍ୱାସହିଁ ମଣିଷର ଭାଗ୍ୟନିୟାମକ । ଏହା କଥାର କଥା ନୁହେଁ, "କାର୍ଯ୍ୟ"ର କଥା "ସ୍ୱାନୁଭୂତି"ର କଥା । ଯେପର୍ଯ୍ୟନ୍ତ ମଣିଷ ନିଜକୁ, ନିଜର ପଡ଼ୋଶୀକୁ ଭଲ ପାଇଁ ଶିଖିନି, ସକଳ ସ୍ଥଳେ ମୁଁ ଥିବି, ମୁଁ ମୋ ପାଇଁ ନୁହଁ ସକଳଙ୍କ ପାଇଁ -କାରଣ ମୋର ଅସ୍ତିତ୍ୱ, ସମୂହସ୍ଥିତି ପରେ ନିର୍ଭରଶୀଳ - ଏହି ସଦ୍‌ଚିନ୍ତନରୁ ମଣିଷ କ୍ରମେ ଦୂରେଇ ଯାଉଛି । ଯାହା ଆଦିମ କାଳରୁ ମଣିଷର ପ୍ରାର୍ଥନା ଥିଲା - ତାହାହିଁ "ଶାନ୍ତି"ର ମନ୍ତ୍ର - ତାହା ଏକ ସମବାୟିକ ସାମୂହିକ ସାର୍ବିକ ଗଣଚେତନାର ସ୍ୱର - ଯାହା ବେଦ ଗାନ କରିଛି ଅକ୍ଷୟ ଆହ୍ୱାନର ଝଙ୍କାର ତୋଳି -

"ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ
ସଂ ବୋ ମନାଂସି ଜନତାଂ
ଦେବଭାଗଂ ଯଥାପୂର୍ବେ
ସଂଜାନନା ଉପାସତେ
ସମାନ ମନ୍ତ୍ରଃ ସମିତି ସମାନି
ସମାନ ମନଃ ସମାନ ଆକୂତିଃ
ସହଚିତ୍ତମେଷାଂ ଯଥା ବଃ ସୁହାସତି"

ଏବଂ

"ସର୍ବେ ସୁଖୀନଃ ଭବନ୍ତୁ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍"

ମଣିଷରେ ସ୍ଥିତି ଓ କଲ୍ୟାଣ ସାଧନରେ 'ସାର୍ବିକ' ଚେତନା ସୃଷ୍ଟି ଆଜିର ଆହ୍ୱାନ । ଏଥିନିମିତ୍ତ ଆତ୍ମସମୀକ୍ଷା, ଅନ୍ତର୍ନିରୀକ୍ଷଣ ଏବଂ ଆତ୍ମବିଶ୍ୱାସବୋଧର ସଙ୍କଳ୍ପ ହିଁ ଶାନ୍ତି ସଙ୍କଳ୍ପ । ବ୍ୟଷ୍ଟି କଲ୍ୟାଣ ବା ଆତ୍ମପ୍ରତିଷ୍ଠା ସାତ୍ତ୍ୱିକ ବା ସାମୂହିକ - ସାମାଜିକ ବିକାଶରେ ନିହିତ । ସାର୍ବଜନୀନ ସାଧାରଣବାଦୀ ନିର୍ବିକାର ଜୀବନଯାପନ ଐକାନ୍ତିକ ବ୍ୟକ୍ତି ଓ ବ୍ୟଷ୍ଟି-ଶାନ୍ତି ପ୍ରତିଷ୍ଠାର ପ୍ରାରମ୍ଭିକ ସୋପାନ ଦୃଢ଼ ସଙ୍କଳ୍ପର ଭିତ୍ତି ଉପରେ ଶାନ୍ତିର ସୋପାନ ପୁନଃ ପ୍ରତିଷ୍ଠିତ ହେବ ।

ଆମରି ଶିକ୍ଷା-ଦୀକ୍ଷା ଦାନୀ ମହାଭୂମି ତଳେ ସମବେତ ହୋଇ ମହାକାଳପ୍ରତି ବାରମ୍ବାର ଆତ୍ମମ ସବୁଛି ପ୍ରଣତି ଜଣାଇ ଆମକୁ ତିନ୍ତୁ ସଜାଡ଼ କରିବା ଆତ୍ମନିରୀକ୍ଷଣ କରିବା ଆମେ ତା'ର ଇଙ୍ଗିତକୁ କିପରି ସାକାର କରୁଛୁ ସକଳ ତ୍ରୁଟି ବିଚ୍ୟୁତିର ସଂଶୋଧନ କରି ପୁନଶ୍ଚ ତର୍କେଇବାଟି.... ତର୍କେଇବାଟି......

ଆଜିର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଅହ୍ୱାନ ସମ୍ପର୍କରେ ଏତମାତ୍ର ଅନୁଚିନ୍ତନ ।

ପୁନଶ୍ଚ ପ୍ରଣାମ ସୃଷ୍ଟି ଓ ସ୍ରଷ୍ଟାଙ୍କ ଚରଣରେ......

ଅବସରପ୍ରାପ୍ତ ଅଧକ୍ଷ
ମେହେରୋଡ୍, ଖୋର୍ଦ୍ଧା



# ହରିଜନ ସାନ୍ଧ୍ୟ ବିଦ୍ୟାଳୟ

ଶ୍ରୀ କମଳାକାନ୍ତ ଦାସ

ସ୍କୁଲ୍ ଛାତ୍ରାବସ୍ଥାରେ ଅନେକ ଘଟଣା ଘଟିଯାଏ, ହେଲେ ସବୁ ମନେ ରହିବା ଭଳି ନଥାଏ । କେତେକ ଏପରି କାର୍ଯ୍ୟ ଥାଏ ଯାହାସାରା ଜୀବନ ପାଇଁ ଅଭୁଲା ରହିଯାଏ । ସେତେବେଳେ ମୁଁ ଖୋର୍ଦ୍ଧା ହାଇସ୍କୁଲର ଛାତ୍ରଥାଏ । ସ୍କୁଲରେ ସ୍ୱେଚ୍ଛାସେବକ ଭାବେ ମୁଁ ଶିକ୍ଷକମାନଙ୍କ ପାଖରେ ପରିଚିତ ଥାଏ । ଆଜି ଯେଉଁ ଘଟଣାଟି ମୋର ମନେ ପଡୁଛି, ସେଇଟି ସେତେବେଳର ମୋଭଳି ଛାତ୍ରର ଏକ ଦୁଃସାହସିକ ପ୍ରଚେଷ୍ଟା କହିଲେ ଅତ୍ୟୁକ୍ତି ହେବନି । ପ୍ରୌଢ ଶିକ୍ଷା କୁହନ୍ତୁ ବା ହରିଜନ ଶିକ୍ଷା କୁହନ୍ତୁ ସେ ସବୁର ପ୍ରଚାର ଏବେଭଳି ନଥିଲା । ଦେଶ ସ୍ୱାଧୀନ ହୋଇଥାଏ, ସ୍ୱାଧୀନ ଶିଶୁଭାରତ ବର୍ଷ, କିନ୍ତୁ ହରିଜନମାନେ ନିରକ୍ଷର । ଆମ ଖୋର୍ଦ୍ଧା ଥିଲା ଗୋଟିଏ ଛୋଟ ସହର । ସବର୍ଣ୍ଣ ହରିଜନ ମିଶିଲେ ଲୋକସଂଖ୍ୟା ବୋଧ ହୁଏ ୨୦ ହଜାର ଥିବ । ହରିଜନମାନେ ତିନି ଚାରୋଟି ସାହିରେ ରହୁଥାନ୍ତି । ସେ ସାହି ବସ୍ତି ଏବେ ମଧ୍ୟ ଅଛି । ସେମାନଙ୍କର ଜୀବିକା ଥିଲା ସହର ସଫେଇ, ଜମିରେ ଚାଷ କାମ ଓ ବଉଳର ସାଲୁଥା ବୁଣା । ବଡ଼ ଗରିବ ଥିଲେ ସେମାନେ । କିଏ କେଉଁ ଜାତିର କହିଲେ ଆଜିକାଲି ଧର୍ତ୍ତବ୍ୟ ଅପରାଧ । ତେଣୁ ଜୀବିକାରୁ ଜାତିର ପରିଚୟ ।

ହରିଜନ ପିଲାମାନଙ୍କୁ ସାମାନ୍ୟ ପାଠ ପଢ଼େଇ ସାକ୍ଷର କରିବାକୁ ଇଚ୍ଛା ହେଲା । ସବୁ ହରିଜନ ସାହି ବୁଲି ପିଲା ସଂଗ୍ରହରେ ବାହାରିଲି । ପ୍ରାୟ ୪୦ ଜଣ ପିଲା ପାଠ ପଢ଼ିବାକୁ ରାଜି ହେଲେ । ଗୋଟିଏ ଘର କେଉଁଠି ମିଳିବ ଯେଉଁଠାରେ ୪୦ଟି ପିଲାଙ୍କୁ ବସେଇ ହେବ । ସେ ହେଲା ପ୍ରଥମ ଚିନ୍ତାର ବିଷୟ । ଦୁଇ ତିନି ଦିନ ପରେ ମୋର ଉପର ଶ୍ରେଣୀରେ ପଢୁଥିବା ବନ୍ଧୁ ଶ୍ରୀ ରଘୁ ପ୍ରଧାନଙ୍କ ସଙ୍ଗେ ଆଲୋଚନା କଲି । ସେ ମତେ ଉତ୍ସାହିତ କରି କହିଲେ ଚାଲ ଆମ ପ୍ରଧାନ ଶିକ୍ଷକଙ୍କୁ ଦେଖାକରି ସ୍କୁଲର ଗୋଟିଏ କୋଠରୀ, ସ୍କୁଲ ଛୁଟି ପରେ ଦୁଇ ଘଣ୍ଟା ପାଇଁ ମାଗିବା । ଆମ ସଙ୍ଗେ ସ୍କୁଲର ଝାଡୁଦାର ଭ୍ରମର ନାୟକ ଯୋଗ ଦେଲେ । ଆମେ ସେ ସମୟର ପ୍ରଧାନ ଶିକ୍ଷକ ବାଙ୍କନିଧି ପଟ୍ଟନାୟକଙ୍କୁ ସାକ୍ଷାତ କଲୁ । ବାଙ୍କନିଧି ବାବୁ ଥିଲେ ମହାପ୍ରତାପୀ । ମୁଁ ତାଙ୍କୁ ବହୁତ ଭୟ କରେ । କାରଣ ନିଜ ପାଠ ପଢ଼ା ନଷ୍ଟ କରି ମୁଁ ସ୍ୱେଚ୍ଛାସେବୀ ସାଜିଥିଲି । ସେଥିପାଇଁ ତାଙ୍କଠାରୁ ରାଗି ମଧ୍ୟ ବହୁବାର ଶୁଣିଛି । ମୋ ବଡ଼ଭାଇଙ୍କୁ ଡକାଇ ତାଙ୍କର ବିରକ୍ତି ମଧ୍ୟ ପ୍ରକାଶ କରିଥାନ୍ତି କିନ୍ତୁ ସେଦିନର ସାକ୍ଷାତକାରରେ ତାଙ୍କର ମୋ ପ୍ରତି ବ୍ୟବହାର ବଦଳିଗଲା । ଶ୍ରେଣୀ ଗୃହଟି ଦେବାକୁ ରାଜି ହେଲେ । ଭ୍ରମର ନାୟକଙ୍କୁ ଦାୟିତ୍ୱ ଦେଲେ । ହରିଜନ ପିଲାମାନଙ୍କର ପାଠପଢ଼ାପରେ କୋଠରୀକୁ ବନ୍ଦ କରିବାକୁ ।

ମୁଁ ଓ ରଘୁ ପ୍ରଧାନ ସାଙ୍ଗମାନଙ୍କଠାରୁ କିଛି ଅର୍ଥ ସଂଗ୍ରହ କରି ସ୍ଲେଟ୍ ବହି ଇତ୍ୟାଦି ଉପକରଣ କିଣିଲୁ । ଶସ୍ତା ସମୟଥିଲା । ତେଣୁ ଅସୁବିଧା ହେଲାନି । ସ୍କୁଲର ପଢ଼ାପଢ଼ି ଆରମ୍ଭ ହେଲା । ପିଲାମାନେ ପାଠପଢ଼ିବାକୁ ଆସିଲେ । ଆମମାନଙ୍କର ଉଦ୍ୟମ ଦେଖି ସହଯୋଗ ଆରମ୍ଭ କଲେ, ସୁଶ୍ରୀ ଯୋଗମାୟା ପଟ୍ଟନାୟକ ଓ ମହାମାୟା ପଟ୍ଟନାୟକ । ଯେଉଁମାନେ କି ବର୍ତ୍ତମାନ ପ୍ରତିଷ୍ଠିତା ସ୍ତ୍ରୀ ରୋଗ ବିଶେଷଜ୍ଞା ଭାବରେ ଜଣା ଶୁଣା । ଆମସାଙ୍ଗରେ ଯୋଗ ଦେଲେ ଶ୍ରୀ ଅଭୟଚରଣ ପଟ୍ଟନାୟକ । ସେ ବର୍ତ୍ତମାନ ରାଜ୍ୟ ପରିବହନ ବିଭାଗର ଅବସର ପ୍ରାପ୍ତ ଉଚ୍ଚ କର୍ମଚାରୀ ।

ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ର ମଧ୍ୟ ଅଧିକା ହେଲେ । ଉପକରଣର ଅଭାବ ଦେଖାଦେଲା । ସବୁଜିନିଷ ସିନା ଶସ୍ତା ଥିଲା । କିନ୍ତୁ ଟଙ୍କା ପଇସା ବଡ଼ ଦୁଷ୍ପ୍ରାପ୍ୟ ଥିଲା । ସରକାରୀ ସାହାଯ୍ୟ ପାଇବା ପାଇଁ ଉଦ୍ୟମ ଆରମ୍ଭ ହେଲା । ସେତେବେଳର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ ସାକ୍ଷାତ କରି ହରିଜନ ପିଲାମାନଙ୍କର ଶିକ୍ଷା, ଓ ଆମମାନଙ୍କର ଯୋଜନା ସଂମ୍ପର୍କରେ ତାଙ୍କୁ ଜଣାଇଲେ ହୁଏତ କିଛି ସାହାଯ୍ୟ ସରକାରୀ ଭାବରେ ମିଳିପାରିବ । ଦିନେ ମୁଁ ସ୍କୁଲ ଯିବା ବାଟରେ ଜିଲ୍ଲା ବୋର୍ଡ ଡାକ ବଙ୍ଗଳାରେ ଜନ ଗହଳି ଦେଖି ହତାଭିତରକୁ ଗଲି, ସାମନାରେ ଦେଖିଲି ଖୋର୍ଦ୍ଧା ହାଇସ୍କୁଲର ପୁରାତନ ଛାତ୍ର ବନମାଳୀ ପଟ୍ଟନାୟକ ଓ ଶରଧାପୁରର ଅସରଫୀବାବୁ ଡାକ ବଙ୍ଗଳା ବାରଣ୍ଡାରେ ଦଣ୍ଡାୟମାନ । ସେମାନେ ସେତେବେଳର ନେତା । ତାଙ୍କୁ ଦେଖିବାପରେ ମୋର ସାହସ ବଢ଼ିଲା ଓ ସେମାନଙ୍କୁ ଅନୁରୋଧ କଲି ମତେ ମୁଖ୍ୟମନ୍ତ୍ରୀଙ୍କ ସଙ୍ଗେ ସାକ୍ଷାତ ବନ୍ଦୋବସ୍ତ ପାଇଁ । ସେମାନେ ଦେଖାକରେଇବା ପାଇଁ ଚେଷ୍ଟା କରଉନି ବରଂ ମୋ ଉପରେ ରାଗି କହିଲେ ତୁ ପିଲାଟା କ'ଣ ଭିତରକୁ ଯାଇ ଦେଖା କରିବୁ ? ଅପେକ୍ଷା କର ସେ ବାହାରକୁ ଗଲାବେଳକୁ ଦେଖିବୁ । ମୁଁ

ବଡ଼ ପାଟିରେ କହିଥିଲି, ମୁଁ ହରିଜନ ପିଲାମାନଙ୍କ ପାଠ ପଢ଼ା ବିଷୟରେ ତାଙ୍କ ସହିତ କଥା ହେବି, ସେ ସାହାଯ୍ୟ ନ କଲେ ମୁଁ ଫେରିଯିବି । ହଠାତ୍ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ମୋ ଉପରେ ପଡ଼ିଲା । ସେ ଭିତରେ ତାଙ୍କ ନିକଟରେ ଥିବା ଜଣେ ଅଫିସରଙ୍କୁ କହିମତେ ଭିତରକୁ ଡାକିଲେ ଓ ମୋଠୁ ସବୁବିଷୟ ଶୁଣିବା ପରେ ସନ୍ଧ୍ୟାରେ ଯାଇ ଆମମାନଙ୍କ ଦ୍ୱାରା ପରିଚାଳିତ ସ୍କୁଲ ଦେଖିବେ ବୋଲି କହିଲେ । ତାପରେ ଆମ ସ୍କୁଲ ଛୁଟି ହେଲା ଓ ହରିଜନ ପିଲାମାନଙ୍କ ପଢ଼ା ଆରମ୍ଭ ହେଲା । ଠିକ୍ ସନ୍ଧ୍ୟା ୫ଟା ସମୟରେ ମହତାବ୍ ବାବୁ ପହଞ୍ଚିଲେ ଆମସ୍କୁଲରେ, ପିଲାମାନଙ୍କର ପଢ଼ାଦେଖିଲେ, ସେମାନଙ୍କ ସହ କିଛି ସମୟ ଖୁସି ଗପ କଲେ ଓ ପଢ଼ାପଢ଼ିରେ ଅତ୍ୟନ୍ତ ଆନନ୍ଦିତ ହେଲେ । ଆମମାନଙ୍କୁ ମହତାବଙ୍କ ପ୍ରଶ୍ନ କଲେ "କେତେ ଟଙ୍କା ଦିଆଗଲେ ଏ ସ୍କୁଲ ଚଳେଇ ପାରିବ ? ତାହାର କିଛି ହିସାବ ଫର୍ଦ୍ଦ ତିଆରି କରିଛ ?" ସେତେବେଳେ ଏହାରି ପ୍ରଶ୍ନର ଉତ୍ତର ଦେବାର ବୟସ ଓ ଯୋଗ୍ୟତା ମୋର ହୋଇନଥିଲା । ମୁଁ ତେବେବି ତାଙ୍କୁ ଉତ୍ତର ଦେଲି, ଏସବୁ ହିସାବ କାମ ଆମକୁ କିଛି ଜଣାନାହିଁ । ଆପଣ ଯାହା ଦାନ କରିବେ, ସେତିକିରେ ଉପକରଣ କିଣି ହରିଜନ ପିଲାମାନଙ୍କୁ ପଢ଼େଇବୁ, କହେବେଳେ ମଧ ଆଜି ଯାଏ ଯେମିତି ଚାଲିଛି ସାଙ୍ଗ ସାଥୀ ମାନଙ୍କ ଠାରୁ ମାଗି ଚଳେଇ ନେବୁ । ମହତାବ୍ ଜୀ ହସିଲେ ଓ ତାଙ୍କ ପାଖରେ ଠିଆ ହୋଇ ଥିବା ଅଫିସରଙ୍କୁ ଡ଼ାକି ଗୋଟିଏ ପାଞ୍ଚ ଶହ ଟଙ୍କାର ଟ୍ରେଜରର ଚେକ୍ ଭୁବନେଶ୍ୱର ଟ୍ରେଜରୀରୁ ସଂଗ୍ରହ କରିବା ପାଇଁ ଦେଲେ । ପାଞ୍ଚ ଶହ ଟଙ୍କା ହୁଏତ ଆପଣମାନେ ଆଜିକାଲି ସମୟରେ ଛୋଟ ଅଙ୍କ ବୋଲି ଭାବୁ ଥିବେ କିନ୍ତୁ ସେ ସମୟରେ ଧାନ ଉତ୍ତାକର ମୂଲ୍ୟ ଥିଲା ୫ଟଙ୍କା ଓ ଭରିଏ ସୁନାର ଦାମ ଥିଲା ୨୫ଟଙ୍କା । ତେଣୁ ପାଞ୍ଚ ଶହ ଟଙ୍କାର ସଦ୍ ବ୍ୟବହାରରେ ଆମର ପରିଚାଳିତ ହରିଜନ ସାନ୍ଧ୍ୟ ବିଦ୍ୟାଳୟଟି ସୁରୁଖୁରରେ ଚାଲିଲା ଏବେ ମଧ ସେହି ସାନ୍ଧ୍ୟବିଦ୍ୟାଳୟର ଶିକ୍ଷାପାଇ ପ୍ରତିଷ୍ଠିତ ବ୍ୟକ୍ତି ଅଛନ୍ତି । ଆଜିବି ସେମାନଙ୍କୁ ଦେଖିଲେ ମନ ଆନନ୍ଦରେ ଭରିଯାଏ । ଏବେ ପ୍ରୌଢ଼ଶିକ୍ଷା ବାବଦରେ କେତେ ସରକାରୀ ଖର୍ଚ୍ଚ । କିନ୍ତୁ ସ୍ୱେଚ୍ଛାସେବୀଙ୍କର ଅଭାବ । ସେଦିନର ସେଇ ମନ, ସେଇ ଜନ କେତେ ବଳରି କୁଆଡ଼େ ବଦଳି ଗଲେ । ସେ ଦିନର ସ୍ମୃତି ଏବେ ବି ମତେ ସବଳ କରିଦିଏ ।

ବି-୫୯, ଶହୀଦନଗର,
ଭୁବନେଶ୍ୱର



# ସ୍କୁଲ ଇତିହାସର ଏକ ଛିନ୍ନ ପୃଷ୍ଠା :
# ବନ-ବାରୁଣୀ ମିନା ମଣ୍ଡଳୀ

**ଶ୍ରୀ ବାଇଧର ମହାପାତ୍ର**

୧୯୫୩ ମସିହା କଥା ମୁଁ ସେତେବେଳେ ବି.ଜେ.ବି. ହାଃଇଃ ସ୍କୁଲର ଦଶମ ଶ୍ରେଣୀର ଛାତ୍ର । ଆମ ସଂସ୍କୃତ ପଣ୍ଡିତ ୰ ହରିକୃଷ୍ଣ ପ୍ରଧାନ ଥାନ୍ତି । ବୈନିକ ପ୍ରକାଶକ ଗୁରୁବାର ସଂଖ୍ୟା ମିନାବଜାରରେ ସେ ମୋତେ ଜଣେ ସଭ୍ୟ କରିଦେଇଥାନ୍ତି ଓ କିଛି କିଛି ଲେଖିବାକୁ ସେ ମୋତେ ଉତ୍ସାହିତ କରୁଥାନ୍ତି । ତାଙ୍କର ପ୍ରରୋଚନା ଓ ପ୍ରୋତ୍ସାହନରେ ମୁଁ ଯାହା ଲେଖିବିଏ, ସେ ତାକୁ ମାଜିମୁଜି ସର୍ବାଙ୍ଗ-ସୁନ୍ଦର କରି ଗଢ଼ି ଦେଉଛନ୍ତି ଓ ତାହା ମୋ ନାମରେ ମିନାବଜାରରେ ପ୍ରକାଶିତ ହୁଏ । ଅବଦାନ ତାଙ୍କର ନାମ ଓ ଆନନ୍ଦ ମୋର ।

ସେତେବେଳେ ବିଭିନ୍ନ ସ୍କୁଲମାନଙ୍କରେ ଓ ଗାଁଗହଳିରେ ମିନାମଣ୍ଡଳୀ ଗଢ଼ା ହେଉଥାଏ । ଆମ ହାଃଇଃ ସ୍କୁଲରେ ଗୋଟିଏ ମିନା-ମଣ୍ଡଳୀ ଗଢ଼ିବା ପାଇଁ ମୁଁ ତାଙ୍କୁ ଅନୁରୋଧ କଲାଉଛି । ସେ ମୋତେ ହେଡ୍‌ମାଷ୍ଟରଙ୍କ ସହ କଥାବାର୍ତ୍ତା କରିବାକୁ ପରାମର୍ଶ ଦେଲେ । ସେତେବେଳକୁ ସ୍କୁଲର ପ୍ରଧାନ ଶିକ୍ଷକ ଥାନ୍ତି ଶ୍ରୀଯୁକ୍ତ ବିଦ୍ୟାସିଂହ ପଟ୍ଟନାୟକ ।

ତା' ଆରଦିନ ହେଡ୍‌ମାଷ୍ଟରଙ୍କ ପାଖକୁ ଯିବାକୁ ମୋର ସାହସ କୁଳୁ ନଥାଏ । ତାଙ୍କ ଅଫିସ ଦ୍ୱାର ପାର୍ଶ୍ୱ ୨।୪ଥର ଯାଇ ପୁଣି ଫେରି ଆସୁଥାଏ । ତୈବାତ୍ ପଣ୍ଡିତଙ୍କ ସାଥିରେ ଦେଖା ହୋଇଗଲା । ସେ ମୋତେ ସାଥିରେ ନେଇ ସିଧା ହେଡ୍‌ମାଷ୍ଟରଙ୍କ ପାଖେ ହାଜର କରାଇ ଦେଲେ । ''ବାଇଧର ଆପଣଙ୍କୁ କ'ଣ କହିବାକୁ ଆସିଛନ୍ତି ।'' ମୁଁ ଆ ଆ ମା ମା ହୋଇ ମିନାମଣ୍ଡଳୀ ଗଠନ ବିଷୟରେ କହିଲି । ପଣ୍ଡିତେ ମଧ୍ୟ ବଡ଼ ସୁନ୍ଦର ଭାବରେ ତାଙ୍କୁ ବୁଝାଇ ଦେଲେ । ସେ ରାଜି ହୋଇଗଲେ ।

ସେଇଦିନ ଖଣ୍ଡେ ସାଦା କାଗଜରେ ନୋଟିସ ଲେଖାଗଲା । କ୍ଲାସମାନଙ୍କରେ ପିଅନ ଦ୍ୱାରା ବୁଲାଗଲା । ଶେଷ ପିରିଅଡ଼ରେ ଆଗ୍ରହୀ ଛାତ୍ରଛାତ୍ରୀମାନେ ହଲରେ ଏକତ୍ରିତ ହେଲେ । ଛାତ୍ରମାନଙ୍କ ଅପେକ୍ଷା ଛାତ୍ରୀମାନେ ସଂଖ୍ୟାଧିକ ଥିଲେ ।

ନାମକରଣ ଦାୟିତ୍ୱ ପଡ଼ିଲା ପଣ୍ଡିତଙ୍କ ଉପରେ । ସେ ନାଁ ଦେଲେ ''ବନ-ବାରୁଣୀ ମିନା ମଣ୍ଡଳୀ'' । କରତାଳି ଦେଇ ସମସ୍ତେ ସମର୍ଥନ ଜଣାଇଲେ । ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରାଗଲା । ମୋତେ ପ୍ରଧାନମନ୍ତ୍ରୀ ନିର୍ବାଚନ କରାଗଲା । ପ୍ରସ୍ତାବ ଓ ଅନୁମୋଦନ କ୍ରମେ ଅନ୍ୟାନ୍ୟ ବିଭାଗର ମନ୍ତ୍ରୀମାନଙ୍କୁ ମଧ୍ୟ ବଛାଗଲା । ହେଡ୍‌ମାଷ୍ଟ୍ର ମହୋଦୟ ପ୍ରତି ଗୁରୁବାର ଶେଷ ପିରିଅଡ଼ଟିକୁ ଆମମାନଙ୍କୁ ଛାଡ଼ି ଦେଲେ ।

ପ୍ରତି ଗୁରୁବାର ଦିନ ଶେଷ ପିରିଅଡ଼ରେ ଆମେ ବନ-ବାରୁଣୀ ମିନା-ମଣ୍ଡଳୀର ସଭ୍ୟ ସଭ୍ୟାମାନେ ହଲ ଘରେ ଏକତ୍ରିତ ହେଉଁ । ମିନା-ବଜାର ସଂଖ୍ୟାରେ ବାହାରିଥିବା ଲେଖାଗୁଡ଼ିକ ପଢ଼ୁଁ । ପିଲାମାନେ ମଧ୍ୟ ଯିଏ ଯାହାର ଲେଖି କରି ଆଣିଥାନ୍ତି ସେମାନେ ପଢ଼ନ୍ତି । ସବୁଗୁଡ଼ିକ ଲେଖା ପଣ୍ଡିତଙ୍କୁ ଦିଆଯାଏ । ସେ ତାକୁ ସଂଶୋଧନ କରି କେତୋଟି ନିର୍ବାଚିତ ଲେଖା ଆମମାନଙ୍କୁ ଫେରାଇ ଦିଅନ୍ତି ଆମେ ସେଗୁଡ଼ିକୁ ପ୍ରଜାତନ୍ତ୍ର ଠିକଣାରେ ପଠାଇ ଦେଉ । ମୋର ଲେଖା ପ୍ରାୟ ପ୍ରତିଥର ଥାଏ ।

ଖୁବ୍ ଉତ୍ସାହ ଉଦ୍ଦୀପନାରେ କାମ ଆଗେଇ ଚାଲିଥାଏ । ଲେଖା ମଧ୍ୟ ପ୍ରକାଶ ପାଉଥାଏ । ୧୯୫୪ ମସିହାରେ ମୋତେ ବିଶ୍ୱବ ମିଳନରେ ମିନା ବଜାର ତରଫରୁ ପୁରସ୍କୃତ କରାଯିବା ପାଇଁ ମଧ୍ୟ ପ୍ରଜାତନ୍ତ୍ରରେ ନାମ ପ୍ରକାଶିତ ହେଲା । ପ୍ରଧାନ ଶିକ୍ଷକ, ଅନ୍ୟାନ୍ୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମନରେ ଅପାର ଆନନ୍ଦ । ମୁଁ ମଧ୍ୟ ବହୁତ ଖୁସି ଥାଏ ।

କେତମାସ ପରେ ଏଇ ସବୁ ଆନନ୍ଦ ନିରାନନ୍ଦରେ ପରିଣତ ହେଲା, ସେତେବେଳେ ଆମ ଏକାଦଶ ଶ୍ରେଣୀର ପିଲାମାନଙ୍କୁ ବିଦ୍ୟାଳୟରୁ ବିଦାୟ ନେବାକୁ ପଡ଼ିଲା । ମୁଁ ଦୁଃଖରେ ଅଭିଭୂତ ହୋଇପଡ଼ି ଲେଖି ଦେଇଥିଲି:-

ବିଦ୍ୟାଳୟ ଦେ ମେଲାଣିରେ
ଏବେ ଆମ ବେଳ ଜାଇ ହେଲାଣିରେ
ବିଦାୟ ବିରହ ବିଧାଣିକା
ଲଲାଟେ ଲେଖିଲ ମୃତ୍ୟୁ ଟୀକା ।

ଏମିତି କେତେ କ'ଣ ? ଆଉ ମନେ ନାହିଁ, ତେବେ କବିତାଟି ଅବକାଶରେ ପରବର୍ତ୍ତୀ ପ୍ରକାଶିତ ହୋଇଥିଲା ।

ତା'ପରେ ପ୍ରଦୋଷ ବାଗଚୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଗଲା । ବ୍ୟକ୍ତି ଜଣଙ୍କ ପରେ ଜଣେ ବଦଳି ଗଲେ । ମାତ୍ର ''ବନ-ବାରୁଣୀ ମିନା-ମଣ୍ଡଳୀ'' ଅନେକ ବର୍ଷ ଧରି ଚାଲିଲା ।

୧୯୬୬ ମସିହା ପର୍ଯ୍ୟନ୍ତ ତାହା ବଞ୍ଚି ରହିଥିବା ମୁଁ ଜାଣେ ।

ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ୰ ବିଦ୍ୟାସିଂହ ପଟ୍ଟନାୟକ ଓ ପଣ୍ଡିତଙ୍କ ଅବସର ପରେ ତାହା ମଉଳି ଗଲା । ଏମିତି କେତେ ଅନୁଷ୍ଠାନ ଗଢ଼ିଉଠେ ଓ ଭାଙ୍ଗିଯାଏ । ହେଲେ ଯେଉଁ ଶିଶୁ ଲେଖକମାନେ ସେତେବେଳେ ନୂଆ କରି କଲମ ଧରି ଶିଖିଲେ- ସେମାନଙ୍କ ମଧ୍ୟରୁ ଅନେକ ଏବେ ମଧ୍ୟ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖି ଆସୁଛନ୍ତି ।

ତେଣୁ ବନ-ବାରୁଣୀ, ମିନା-ମଣ୍ଡଳୀ ବି.ଜେ.ବି. ହାଇସ୍କୁଲର ଏକଦା ଏକ ଶିଶୁ ଅନୁଷ୍ଠାନ ହୋଇଥିଲେ ହେଁ ତାହା ପରବର୍ତ୍ତୀ ଯୁଗରେ ଖୋର୍ଦ୍ଧା ଅଞ୍ଚଳରେ ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜିବୀତ ତଥା ପରିପୁଷ୍ଟ କରିଥିଲା । ବହୁତଗୁଡ଼ିଏ ସାହିତ୍ୟିକ, ସାହିତ୍ୟ-ପ୍ରେମୀ, ପାଠକ-ଗୋଷ୍ଠୀ ସୃଷ୍ଟି କରିବାରେ ସହାୟକ ହୋଇଥିଲା ।

ଇତିହାସର ଗତି ଅତି ବିଚିତ୍ର । ଅନେକ ସମୟରେ ଅନେକ ଘଟଣା ସେଥିରୁ ବାଦ ପଡ଼ିଯାଏ । ମାତ୍ର ତତ୍କାଳୀନ ଅନେକ ଛାତ୍ରଛାତ୍ରୀଙ୍କ ମାନସପଟରେ ତାହା ଏବେ ବି ଉଜ୍ଜ୍ୱଳିତ ରହିଛି ଓ ରହିଥିବ ।

ପ୍ରାକ୍ତନ ପ୍ରଧାନ ଶିକ୍ଷକ
ଉଦସିଂହ ହାଇସ୍କୁଲ

# ଏକ ବିନମ୍ର ପ୍ରଣତି

ଶ୍ରୀମତୀ ପ୍ରସନ୍ନ କୁମାରୀ ଦେବୀ

ବିଗତ ୧୯୪୯ ମସିହାର କଥା । ସେତେବେଳେ ଶ୍ରୀ ବାଙ୍କନିଧି ପଟ୍ଟନାୟକ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥାଆନ୍ତି, ସେହି ସ୍କୁଲଟି ପ୍ରଧାନତଃ ବାଳକ ବିଦ୍ୟାଳୟ । କିନ୍ତୁ ସାରଙ୍କ ସମୟରେ ସ୍ଥାନୀୟ ଅଧିକାଂଶ ଅଭିଭାବକ ତାଙ୍କର ଝିଅମାନଙ୍କୁ ସେଇ କୋ-ଏଡୁକେଶନରେ ଆଗ୍ରହରେ ପାଠ ପଢ଼ିବା ପାଇଁ ଛାଡ଼ିଥିଲେ । ସେ ବଡ଼ ଛାତ୍ରବତ୍ସଳ ଗୁରୁଥିଲେ । ପୁଅ ଝିଅ ନିର୍ବିଶେଷରେ ତାଙ୍କର ସ୍ନେହ, ଶ୍ରଦ୍ଧା ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଆଶୀର୍ବାଦ ସମଭାବରେ ଥିଲା । ବିଶେଷତଃ ଝିଅମାନଙ୍କର ଅଶିକ୍ଷା ଓ ଅଜ୍ଞାନକୁ ଦୂର କରିବା ପାଇଁ ସେ ସେଇ ସମୟରୁ ଉଦ୍ୟମ କରୁଥିଲେ । କାରଣ ସେ ବେଳେ ଗାଁ ଗହଳର ଅଶିକ୍ଷିତ ଓଡ଼ିଆ ଝିଅ ବୋହୂଙ୍କୁ ଦେଖିଲେ ମନେ ମନେ ଖୁବ୍ ମର୍ମାହତ ହେଉଥିଲେ । ଏଣୁ ନାରୀଶିକ୍ଷା ପାଇଁ ତାଙ୍କରି କର୍ମ କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ଚାଲିଥିଲେ । ସେଇ ସାରଙ୍କ ପ୍ରତ୍ୟକ୍ଷ ପ୍ରଭାବ ଦ୍ୱାରା ମୁଁ କିପରି ପ୍ରଭାବିତ ହୋଇ ଏଯାଏଁ ଚାଲିଛି ସେଇ ଜୀବନାନୁଭୂତିର ଘଟଣାଟିଏ କହିଲେ ଜଣାଯିବ ଯେ ସେ କିପରି ପ୍ରଭାବଶାଳୀ ଥିଲେ ଓ ସେ ବ୍ୟକ୍ତିତ୍ୱର ମହିମାର କିଛି ଅଂଶ ମୋ ଭିତରେ କିପରି ଆଜିଯାଏ ଉଦ୍ଭାବିତ ହୋଇ ରହିଛି । ସେ ଘଟଣାଟି ହେଉଛି - ମୋ ନନା ଖୋରଧାକୁ ଶାସନ ବିଭାଗ ଅଫିସର ହୋଇ ୧୯୪୯ ମସିହାରେ ଜଏନ୍ କଲେ । ତା' ପୂର୍ବରୁ ପୁରୀରେ ଥିଲାବେଳେ ମୁଁ ବାଳିକା ସ୍କୁଲରେ ପଢୁଥିଲି । ଖୋର୍ଦ୍ଧାରେ ବାଳିକା ହାଇସ୍କୁଲ ନ ଥିବାରୁ ମୋ ବହି ବସ୍ତାନିରେ ଡୋର ବନ୍ଧାହେଲା । କାରଣ ନନା ମୋର ବଡ଼ ରକ୍ଷଣଶୀଳ ମନୋବୃତ୍ତିର ବ୍ୟକ୍ତିଥିଲେ । ଝିଅ ବଡ଼ ହୋଇ ବିବାହଯୋଗ୍ୟା ହେଲା ପରେ ସେ ଆଉ ତାଙ୍କର ଅନୂଢ଼ା କନ୍ୟାକୁ ବାଳକମାନଙ୍କ ମେଳରେ ପଢ଼ାଇବାକୁ ସାହସ କରିପାରିଲେ ନାହିଁ । ଅଷ୍ଟମ ଶ୍ରେଣୀରେ ମୋର ପାଠପଢ଼ା ବନ୍ଦ କରିଦେବାରୁ ମତେ କାନ୍ଦ ଲାଗିଲା, ଘରେ କାନ୍ଦି କାନ୍ଦି ମନ କଷ୍ଟରେ ଥାଏ ।

ଏଇବେଳେ ଦିନେ ସନ୍ଧ୍ୟା ସମୟରେ ଶ୍ରୀ ବାଙ୍କନିଧି ପଟ୍ଟନାୟକ ନନାଙ୍କୁ ମୋର ଦେଖା କରିବାକୁ ଆସିଥିଲେ । ଜୁନ ମାସ ଖରାଦିନ । ମୁଁ ବଗିଚାରେ ବୁଲୁଥିଲି । ଜଣେ ଅପରିଚିତ ବ୍ୟକ୍ତିଙ୍କୁ ଦେଖି ମୁଁ ଘର ଭିତରକୁ ଚାଲିଗଲି ଓ ନନାଙ୍କୁ ଡାକିଦେଲି । ସେ ଦୁଇଜଣ ବୈଠକ ଘରେ ବସି କଥାବାର୍ତ୍ତା ହେଲେ । କିଛି ସମୟ ପରେ ମୁଁ ପାନ ଭାଙ୍ଗି ଆଣି ନନାଙ୍କୁ ଦେଲି ଓ ତାଙ୍କୁ ପ୍ରଣାମ ଜଣାଇଲି । ସେ ମତେ ମୋର ନାମ ପଚାରିଲେ ଓ କଣ ପଢୁଛ ବୋଲି ପଚାରିଲେ । ମୁଁ ଅଷ୍ଟମଶ୍ରେଣୀ ପାସ କରିଛି । ବର୍ତ୍ତମାନ ଆଉ ସ୍କୁଲରେ କାହିଁକି ପଢୁନାହିଁ ବୋଲି ପଚାରନ୍ତେ ନନା ତାଙ୍କ ନିଜ ତରଫରୁ କହିଲେ ଯେ ଏଠାରେ ବାଳିକା ବିଦ୍ୟାଳୟ ନ ଥିବାରୁ ତା'ର ପାଠ ପଢ଼ା ବନ୍ଦ କଲି । କାରଣ ସେ ବିବାହଯୋଗ୍ୟା ହୋଇଗଲାଣି ଏବଂ ବାହାଘର ସ୍ଥିର ହୋଇଯାଇଛି ଆଉ ଦୁଇବର୍ଷ ପରେ ହେବ । ସେ ଝିଅ ତ ମୋର ଚାକିରି କରିବ ନାହିଁ । ଏଣୁ ତାକୁ ଆପଣଙ୍କ ସ୍କୁଲରେ କୋ-ଏଡୁକେଶନ ଭାବରେ ପଢ଼ାଇବାକୁ ଇଚ୍ଛା ହେଉନି । ବରଂ ସେ ଘରେ ରହି ଘରକରଣା କାର୍ଯ୍ୟ ଶିଖୁ, ଭବିଷ୍ୟତରେ ସୁଗୃହିଣୀଟିଏ ହୋଇ ତା'ର ସଂସାର ଚଳାଇ ପାରିଲେ ଜୀବନରେ ସୁଖୀ ହେବ ।

ଏହି କଥା ଶୁଣି ସାର୍ ବଡ଼ ବ୍ୟତିବ୍ୟସ୍ତ ହୋଇପଡ଼ିଲେ ଓ ନନାଙ୍କୁ କହିଲେ ଯେ, ଆପଣ ଶିକ୍ଷିତ ସମାଜରେ ବସବାସ କରି ଯଦି ଝିଅକୁ ପାଠ ପଢ଼ାଇ ତାକୁ କିଛି ଜ୍ଞାନ ଆହରଣ କରିବାରେ ପକ୍ଷପାତି ହେଉଛନ୍ତି, ତେବେ ଓଡ଼ିଆଣୀମାନେ ଅଶିକ୍ଷିତ ହୋଇ ଅଜ୍ଞାନରେ ଅଛନ୍ତି ବୋଲି କହିବାରେ ଯଥାର୍ଥତା କେଉଁଠି ରହିଲା ? କାହିଁକି ଆପଣ ଝିଅର ପାଠ ପଢ଼ା ବନ୍ଦ କରିବେ ? ମୋର ଦୁଇ ଝିଅ ଏହି ବିଦ୍ୟାଳୟରେ ପଢୁଛନ୍ତି ଓ ଆହୁରି ପ୍ରାୟ ତିରିଶ ଜଣ ଝିଅ ବିଭିନ୍ନ ଶ୍ରେଣୀରେ ମଧ୍ୟ ପଢୁଛନ୍ତି । ଏଇ ବିଦ୍ୟାଳୟର ଶିକ୍ଷକମାନେ ଛାତ୍ରଙ୍କୁ ଶିକ୍ଷା ଦେବା ସହିତ ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ପ୍ରତି ସଚେତନ ଦୃଷ୍ଟି ରଖୁଥାନ୍ତି ଓ ଯତ୍ନଶୀଳ ମଧ୍ୟ ଥାଆନ୍ତି । ଆପଣଙ୍କ ଝିଅର ପଢ଼ା ପ୍ରତି ବେଶ୍ ଆଗ୍ରହ ଅଛି, ଦୟାକରି ମୋ ଉପରେ ବିଶ୍ୱାସ କରି ସ୍କୁଲରେ ଝିଅର ନାମ ଲେଖାଇ ଦିଅନ୍ତୁ । ତା' ଦାୟିତ୍ୱ ମୋ ଉପରେ ଛାଡ଼ି ଦିଅନ୍ତୁ । ଏଇଭଳି ନନାଙ୍କ ସହିତ ବହୁ ଯୁକ୍ତିତର୍କ ପରି ଶେଷରେ ମୋ ନନାଙ୍କୁ ମନାଇ ମତେ ପାଠ ପଢ଼ିବା ପାଇଁ ସୁଯୋଗ ଦେଲେ । ସାରଙ୍କ ଏଇ କଥା ପଦକରେ କି ଶକ୍ତି ଥିଲା କେଜାଣି ନନା ମୋର ସ୍ଥିର ହୋଇ କିଛି ସମୟ ବସିଲେ । ମା' ସରସ୍ୱତୀ ତାଙ୍କ ମନରେ ସାହସ ସଂଚାରି ଦେଲେ ବୋଲି ମୁଁ ଭାବିଲି । ନନା ମତେ ତାଙ୍କ ବୈଠକ ଘରକୁ ଡାକିଲେ । ମୁଁ ସେଇ ଘର କବାଟ ପଛପଟେ କାନ୍ଦ କାନ୍ଦ ଠିଆ ହୋଇ ସେ ଦୁଇଜଣଙ୍କ କଥା ଶୁଣୁଥିଲି । ନନାଙ୍କ ଡାକରେ ମୁଁ ଆଖିରୁ ଲୁହ ପୋଛି ଦେଇ ସେ ଘର ଭିତରକୁ ଗଲି । ମୋ କାନ୍ଦୁରା ମୁହଁକୁ ସାର୍ ଦେଖି

ବହୁ ବ୍ୟସ୍ତ ହୋଇପଡ଼ିଲେ । ନନା ମୋ ନାମ ଲାଗି ଯାଇ ବିଦ୍ୟାଳୟରେ ଲେଖାଇବେ ବୋଲି ସାରଙ୍କୁ ପ୍ରତିଶ୍ରୁତି ଦେଲେ । ସାର୍ ଚଉକି ଉପରୁ ଉଠିଆସି ମୋ ମୁଣ୍ଡକୁ ଆଉଁସି ଦେଇକହିଲେ ଯେ, ମନ କଷ୍ଟକର ନାହିଁ । କାଲି ତ ସ୍କୁଲକୁ ଯିବ । ତମ ସଂଗେ (ସେଇ ଶ୍ରେଣୀରେ) ମୋ ସାନ ଝିଅ ଲୁନି (ଶାନ୍ତିମଞ୍ଜରୀ ପଟ୍ଟନାୟକ) ମଧ୍ୟ ଅଛି ଓ ଆହୁରି ତିନିଜଣ ମଧ୍ୟ ଅଛନ୍ତି । ଏଇ କଥାରେ ମୁଁ ଖୁସି ହୋଇ ଆନନ୍ଦରେ କୁରୁଳି ଉଠିଲି ।

ତା'ପର ଦିନ ନନା ମତେ ସାଙ୍ଗରେ ନେଇ ସେଇ ବିଦ୍ୟାଳୟରେ ନାମ ଲେଖାଇ ଦେଲେ । ସାର୍ ମତେ ଦେଖି ଅଫିସ୍ ରୁମ୍‌ରେ ମୋତେ ଆଉଁସି ଦେଲେ, ନନା ତାଙ୍କ ତତ୍ତ୍ୱାବଧାନରେ ମତେ ସେଠାରେ ଛାଡ଼ିଲେ । ଖେଳଛୁଟିରେ ସାର୍ ନବମ ଶ୍ରେଣୀର ସବୁ ଝିଅଙ୍କୁ ଅଫିସ୍ ରୁମକୁ ଡକାଇ ମତେ ତାଙ୍କ ସାଙ୍ଗ କରାଇ ଦେଲେ । ସେଇଦିନୁ ସାରଙ୍କର ତୀକ୍ଷ୍ଣ ଦୃଷ୍ଟି ମୋ ଉପରେ ଥାଏ । ଯେତେ ହେଲେ ବି ପୁଅ ଝିଅ ଏକାଠି କ୍ଲାସରେ ଥିବାରୁ କେବେ କେବେ ଛାତ୍ରମାନେ ସାରଙ୍କ ଅନୁପସ୍ଥିତିରେ ବିଭିନ୍ନ ପ୍ରକାର କମେଣ୍ଟ୍ ମାରି ଚେଇଁଚାପରା କରି ହଇରାଣ ମଧ୍ୟ କରୁଥାନ୍ତି । କିନ୍ତୁ ଅସତ୍ ବ୍ୟବହାର ଆଡ଼ିକାକି ପଡ଼ି କରନ୍ତି ନାହିଁ । ପଢ଼ାପଢ଼ି ବିଷୟ ନେଇ ଆମମାନଙ୍କ ମନରେ ଯେ କୌଣସି ବିଷୟରେ ସନ୍ଦେହ ଲାଗିଲେ ଆମେ (ପ୍ରଧାନ ଶିକ୍ଷକ) ସାରଙ୍କ ପାଖକୁ ସିଧା ଚାଲିଯାଉ । ଛାତ୍ରମାନେ ପ୍ରଧାନ ଶିକ୍ଷକଙ୍କୁ ସାକ୍ଷାତ କରିବାପାଇଁ କ୍ଲାସ ଶିକ୍ଷକଙ୍କ ସହାୟତାରେ ଅଫିସ୍ ରୁମ୍‌କୁ ଯାଉଥିଲେ । କିନ୍ତୁ ଝିଅମାନଙ୍କ ପ୍ରତି ସେ କଟକଣା ଲାଗୁ ହେଉ ନଥିଲା । ସାର୍ ଛାତ୍ରବତ୍ସଳ ଥିଲେ । ବିଶେଷତଃ ଝିଅମାନଙ୍କ ପ୍ରତି ତାଙ୍କ ମନ କରୁଣାରେ ଭରି ଉଠୁଥିଲା । ଝିଅମାନେ ସମସ୍ତ ମାନବିକତା ହାସଲ କରି ଭଲ ମଣିଷଟିଏ ହୋଇଉଠିବା ଲାଗି ସେ ବିଶେଷ ଯତ୍ନଶୀଳ ଥିଲେ ।

ସାର୍ ପ୍ରତିଦିନ ପ୍ରତିଟି କ୍ଲାସ ବୁଲି ତଦାରଖ କରନ୍ତି । ଯେଉଁ କ୍ଲାସରେ ଶିକ୍ଷକ ନ ଥାନ୍ତି ସେଠାକୁ ଶୀଘ୍ର ଏକ ଶିକ୍ଷକ ପଠାଇ ଦିଅନ୍ତି । କେବେ କେବେ ସେ ମଧ୍ୟ କ୍ଲାସ ନିଅନ୍ତି ।

ସାରଙ୍କ ମୁହାଁମୁହିଁ ହୋଇଗଲେ ମୁଁ ଭୟରେ ଥରହର ହୋଇଯାଏ । ମତେ ଦେଖି ଥରେ ଥରେ ପଚାରି ଦିଅନ୍ତି ଯେ ସ୍କୁଲ କିପରି ଲାଗୁଛି ? ପ୍ରତି କ୍ଲାସରେ ପଢ଼ା ହେଉଥିବା ବିଷୟ ସବୁ ବୁଝି ପାରୁଛ ତ !

ମୁଁ ଲଜ୍ଜିତ ଭାବେ ଧୀରେ ହଁଟିଏ କହି ତାଙ୍କ ଚକ୍ଷୁର ଆଢୁଆଳକୁ ଅପସରିଯାଏ । କଥାହେଲା - ସ୍କୁଲରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରିବା ପିଲାଙ୍କୁ ଓ କ୍ଲାସରେ ଭଲ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଉପରେ ସବୁ ଶିକ୍ଷକଙ୍କର ବେଶ୍ ଦୃଷ୍ଟିଥାଏ ଏହା ଜଣାଶୁଣା କଥା । ତେବେ ମୋ ପରି ସାଧାରଣ ଛାତ୍ରୀଟି ପ୍ରତି ସାରଙ୍କର ଏତେ ଦୃଷ୍ଟି ଓ ଏତେ ସ୍ନେହ ଶ୍ରଦ୍ଧା ଦେଖି ମୁଁ ଆଶ୍ଚର୍ଯ୍ୟ ହୁଏ ମନେ ମନେ । ଯେତେବେଳେ ଏଇ କଥା ମନେପଡ଼େ ନମ୍ରଭାବେ ଭକ୍ତିରେ ସାରଙ୍କ ପ୍ରତି ମୁଣ୍ଡ ନଇଁଯାଏ । ସାରଙ୍କ ସାନଝିଅ ମୋ ସହପାଠୀ ଥିବାରୁ ତା'ରି ସଂଗେ ତାଙ୍କ ପରିବାର ସହ ମିଶିଗଲି । ସାରଙ୍କ ମଧ୍ୟମପୁତ୍ର ଲେଖକ ଶ୍ରୀ ଅଖିଳ ମୋହନ ପଟ୍ଟନାୟକଙ୍କ ସଂଗେ ସେଇବେଳୁ ପରିଚିତ । ଆହୁରି ମଧ୍ୟ ସେ ମୋ ସ୍ୱାମୀଙ୍କର ଘନିଷ୍ଠ ବନ୍ଧୁ ଥିଲେ । ପ୍ରକୃତରେ ଛଅଟି ସନ୍ତାନର ଜନକ ସାର୍‌ଥିଲେ ସତ କିନ୍ତୁ ଓଡ଼ିଶାର ଅନେକ ଛାତ୍ରଙ୍କ ଜୀବନ ତାଙ୍କରିହାତରେ ଗଢ଼ା ହୋଇଥିବାରୁ ସେମାନେ ସମସ୍ତେ ସାରଙ୍କଠାରୁ ପୁତ୍ରବତ୍ ସ୍ନେହ ଶ୍ରଦ୍ଧା ପାଇଥାନ୍ତି । ଓଡ଼ିଶାର ବହୁ ଛାତ୍ରଛାତ୍ରୀ ତାଙ୍କରିହାତରେ ଗଢ଼ା ହୋଇ ବିଭିନ୍ନ କାର୍ଯ୍ୟରେ ସୁପ୍ରତିଷ୍ଠିତ ହୋଇ ରହିଛନ୍ତି । ସେଭଳି ଛାତ୍ରବତ୍ସଳ ଶିକ୍ଷକ ବର୍ତ୍ତମାନ ଶିକ୍ଷାୟତନ ମାନଙ୍କରେ ବିରଳ କହିଲେ ଚଳେ । ତାଙ୍କର କର୍ମମୟ ଶିକ୍ଷକ ଜୀବନ ହିଁ ତାଙ୍କ ଜନ୍ମକୁ ସାର୍ଥକ ଓ ସଫଳ କରିଛି ।

କହିବାରେ ଦ୍ୱିଧା ନାହିଁ ଯେ ଶ୍ରୀ ବାଙ୍କନିଧି ପଟ୍ଟନାୟକଙ୍କୁ ଜଣେ ପ୍ରବୀଣ ପ୍ରଧାନ ଶିକ୍ଷକ ରୂପେ ଓଡ଼ିଶାରେ ଅଧିକାଂଶ ବ୍ୟକ୍ତି ଜାଣନ୍ତି । କିନ୍ତୁ ସେ ମୋ ଜୀବନ ଭିତରକୁ ପଶିଆସି ମତେ ଜ୍ଞାନଦୀପ୍ତ କରାଇବା ପାଇଁ ଯେଉଁଭଳି ଉଦ୍ୟମ କରିଥିଲେ ତାହାହିଁ ମୋ ଜୀବନର ସ୍ମରଣୀୟ ଘଟଣା । ତାଙ୍କରି ସହାୟତାରେ ମୁଁ ମୋ ବିଦ୍ୟାଳୟର ଶିକ୍ଷା ସମାପନ କରିପାରିଥିଲି । ଏହା ଯେତେ ବଡ଼ ହେଲେ ବି ତା'ଠାରୁ ଆହୁରି ଆଶ୍ଚର୍ଯ୍ୟ କଥା ହେଲା ଯେ ସେ ଯେପରି ମତେ ଜ୍ଞାନ ଭଣ୍ଡାରର ଦ୍ୱାର ଆଡ଼କୁ ମୁହାଁଇ ଦେଲେ ଯଦ୍ୱାରା କି ମୁଁ 'ଜୀବନବେଦ'କୁ ସମ୍ମୁଖି ସଂସାର ପଥରେ ଚାଲିବାକୁ ସାହସ ପାଇ ଚାଲିଛି । ତାଙ୍କରି ହାତଗଢ଼ା ଶହ ଶହ ଛାତ୍ରଛାତ୍ରୀଙ୍କ ସହ ଆଜି ମୁଁ ତାଙ୍କରି ସ୍ମୃତି ଉଦ୍ଦେଶ୍ୟରେ ବିନମ୍ର ଭାବେ ଶ୍ରଦ୍ଧା, ଭକ୍ତି ଭରେ ପ୍ରଣାମ ଜଣାଉଛି ।

ମାର୍ଫତ- ମହାପାତ୍ର ନୀଳମଣି ସାହୁ
୭୮୭- ସହୀଦ ନଗର, ଭୁବନେଶ୍ୱର

# ମୋର ପ୍ରିୟ ବିଦ୍ୟାଳୟ, ପ୍ରଧାନ ଶିକ୍ଷକ ଓ ଶିକ୍ଷକ ବୃନ୍ଦ



ଶ୍ରୀମତୀ ସାବିତ୍ରୀ ରାୟ

ଛାତ୍ରୀ ଜୀବନର ବହୁସ୍ୱପ୍ନ, ଆବେଗ ଓ ଅନ୍ତରଙ୍ଗତାର ସ୍ମୃତିକୁ ପଛରେ ପକାଇ ମୁଁ ଜୀବନର ଅପରାହ୍ନରେ ପାଦ ଦେଲିଣି । ସମୟର ଇଙ୍ଗିତ ଦୁଃଖରେ କେତେବେଳେ ସେହି ପୁଲକିତ ମୁହୂର୍ତ୍ତମାନ ଆସି କୋଳିଆଉଛି ମୋର ମନର ଦେବାଭୂମିରେ ଅବା କେତେବେଳେ ଭାସି ଯାଆନ୍ତି ଦୂରରୁ ଦୂରକୁ । ହୃଦୟର ନିଭୃତ କୋଣରେ ସାଇତି ରଖିବାର ବାସନା ହୁଏ ପରାହତ । ତଥାପି ସ୍ମୃତିର ସେହି ମଧୁର ମାଦକତାରେ ଆଜିବି ମୁଁ ହୁଏ ରୋମାଞ୍ଚିତ, ଆମୋଦିତ ।

ମୋର ଜନ୍ମଭୂମି 'ଖୋରଧାଗଡ଼' - ଯାହାର ପବିତ୍ର ନାମସ୍ମରଣରେ ପ୍ରତିଭକ୍ତିକାୟ ପ୍ରାଣରେ ଖେଳିଯାଏ ନବଉଦ୍ଦୀପନା, ନବଜାଗରଣ । ଆଜି ମଧ୍ୟ ଖୋରଧାର ରକ୍ତରଞ୍ଜିତ ମାଟି ଗାଇଉଠେ ପାଇକପୁଅର ଶୌର୍ଯ୍ୟ ବୀର୍ଯ୍ୟର ଅମର ଗୀତି । ଖୁରଧାର ପରି ଶତ୍ରୁମନରେ ଆତଙ୍କ ସୃଷ୍ଟିକରିଥିଲା ଏହି ଖୋରଧା । କେତେ ରଙ୍ଗିନ ଐତିହ୍ୟର ଦୃଶ୍ୟପଟ - ବୀରପୁତ୍ର ଓ ବରପୁତ୍ରଙ୍କ ନାମାଙ୍କିତ ସ୍ମୃତି । ଇତିହାସର ମୂକସାକ୍ଷୀ ବରୁଣେଇ ପାହାଡ଼ ବାହାନକରେ ସେହି ରକ୍ତକ୍ଷୟୀ ସଂଗ୍ରାମ ସୁରର ଜୀରଚିରାଜି, ପାଦଦେଶରେ ବିରାଜିତ ବନ୍ଧୁଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ - ଶିକ୍ଷାର୍ଥୀ ଜାନରେ କହିଯାଏ ସେହି ତ୍ୟାଗପୁତ୍ର ମହାନ୍ ଦେଶପ୍ରେମୀ ବକ୍ସି ଜଗବନ୍ଧୁଙ୍କ ଉତ୍ସର୍ଗୀକୃତ ଆତ୍ମାର କାହାଣୀ ।

ମୋର ପରମ ସୌଭାଗ୍ୟ ଯେ ମୁଁ ୧୯୫୨ ମସିହା ଜୁଲାଇ ମାସରେ ନାମ ଲେଖାଇଲି ଏହି ଐତିହାସିକ ଉଚ୍ଚ ବିଦ୍ୟାଳୟରେ । ଯେଉଁ ଦୁର୍ଲ୍ଲଭ ମୁହୂର୍ତ୍ତକୁ ଚାହିଁ ରହିଥାଏ ପ୍ରତ୍ୟେକ ଶିକ୍ଷାର୍ଥୀ ଚାତକ ନୟନରେ । ନୂତନ ପରିବେଶ ମନରେ ଭରିଦେଉଥାଏ କେତେ ଆଶା ଓ ଆଶଙ୍କା । ତଥାପି ପାଠ ପଢ଼ିବାର ଅଦମ୍ୟ ପିପାସାହିଁ ବାଟ କଢ଼ାଇ ନେଉଥାଏ ଆଗକୁ ଆଗକୁ । ଧୀରେ ଧୀରେ ସଫଳତାର ସୋପାନରେ ପାଦଦେବା ବେଳକୁ ଯାହାଙ୍କର ସ୍ୱଚ୍ଛ ସୁନ୍ଦର ଆକର୍ଷଣୀୟ ବ୍ୟକ୍ତିତ୍ୱ ମୋତେ ଜୀବନଯାତ୍ରା ଅତିକ୍ରମ କରିବା ଲାଗି ଶକ୍ତି ସାହସ ଓ ନିଷ୍ଠା ଯୋଗାଇ ଦେଲା ସେ ହେଲେ ମୋର ପରମାରାଧ୍ୟ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଦ୍ୟାସିଂହ ପଟ୍ଟନାୟକ । ମୋର ମନେହୁଏ ଏହିପରି କେତେଜଣ ମହତ୍ ପୁରୁଷ ଉତ୍ସର୍ଗୀକୃତ କର୍ମର ସଂକଳ୍ପ ନେଇ ଓହ୍ଲାଇ ଆସନ୍ତି ଏହି ଧରଣୀକୁ ଏବଂ ସେମାନଙ୍କର କର୍ମ ସଂଯୋଜନାରେ ସାକାର କରିଯାଆନ୍ତି ସେମାନଙ୍କର ସ୍ୱପ୍ନକୁ । ଶୁଭ୍ରଧୋତି ଓ ପଞ୍ଜାବୀ ପରିହିତ ଏହି ନିରଳସ ବ୍ୟକ୍ତି ବିଦ୍ୟାଳୟର କର୍ମ ଆରମ୍ଭ କରନ୍ତି ପବିତ୍ର ଶ୍ଳୋକ ଆବୃତ୍ତିରେ । ସେହି ସୁରୁଗମ୍ଭୀର ପରିବେଶର ପ୍ରାର୍ଥନା ସଭା, ସତେ ଅବା ଆମମାନଙ୍କୁ ହଜାଇ ଦେଉଥିଲା କେଉଁ ଏକ ଦିବ୍ୟ ଚେତନାର ଅନ୍ୱେଷଣରେ । ଅନ୍ତର ହୋଇ ଉଠୁଥିଲା ସତତ ଶୁଦ୍ଧ, ସ୍ୱଚ୍ଛ ଓ ନିର୍ମଳ । କଠୋର ଶୃଙ୍ଖଳାର ବଳୟ ଭିତରେ ଆରମ୍ଭ ହେଉଥିଲା ଶିକ୍ଷାଦାନ । ପ୍ରଧାନ ଶିକ୍ଷକଙ୍କ ଆଦର୍ଶ ଓ ନିଷ୍ଠା ସଞ୍ଚରି ଯାଉଥାଏ ତାଙ୍କର ସହକର୍ମୀମାନଙ୍କ କର୍ମଧାରାକୁ । ବିଦ୍ୟାନୁଷ୍ଠାନର ପ୍ରତ୍ୟେକ କର୍ମରେ ଯେପରି ପ୍ରଧାନ ଶିକ୍ଷକଙ୍କ ସତ୍ତା ବିଦ୍ୟମାନ ଥାଏ । ଶିକ୍ଷାଦାନ ସହ ଉଦ୍ୟାନକର୍ମରେ ଥାଏ ତାଙ୍କର ପ୍ରକୃତ ଆଗ୍ରହ । ତାଙ୍କରି ବାତ୍ସଲ୍ୟ ମମତାରେ ବୃକ୍ଷରାଜିର ଶ୍ୟାମଳଚନ୍ଦ୍ର ହେଉଥିଲା ପରିପୁଷ୍ଟ । ଉଦ୍ୟାନ ହସିଉଠୁଥିଲା ନୈସର୍ଗିକ ପଦ୍ମପୁଷ୍ପ ସମ୍ଭାରରେ ।

ଦୃଢ଼ କର୍ମନିଷ୍ଠା ଓ ନିୟମାନୁବର୍ତ୍ତିତାର କଠୋର ଆବରଣ ତଳେ ଛାତ୍ରବତ୍ସଳତାର ନିର୍ଝରିଣୀ ଝରିଯାଉଥାଏ ଅନ୍ତଃସଲିଳା ଫଲଗୁ ପରି । ଘନିଷ୍ଠ ଭାବରେ ମିଶିଯାଆନ୍ତି ସେ ବିଦ୍ୟାର୍ଥୀମାନଙ୍କ ସହିତ- ଏକାତ୍ମ ହୋଇଯାଆନ୍ତି ତାଙ୍କର ସୁଖ ଦୁଃଖରେ । ପିଲାମାନଙ୍କର ଅଭାବ ଅସୁବିଧା ତାଙ୍କର ପାଠ ପଢ଼ାର ଅନ୍ତରାୟ ନ ହେଉ ଏହାହିଁ ଥିଲା ତାଙ୍କର ସତତ ପ୍ରଚେଷ୍ଟା । ନିଜର ଆଦର୍ଶ ଚିନ୍ତାଧାରା, ବୁଦ୍ଧିଦୀପ୍ତ ଜ୍ଞାନରାଶିକୁ ସେ ଯେ କେବଳ ଶିକ୍ଷାଦାନରେ ନିୟୋଜିତ କରିଥିଲେ ତାହା ନୁହେଁ ଅନୁଷ୍ଠାନଟିର ସୁପରିଚାଳନା ସହ ତାହାର ଉତ୍ତରୋତ୍ତର ଉନ୍ନତିରେ ସେ ଥିଲେ ସର୍ବଦା ଚେଷ୍ଟିତ । ତାଙ୍କର ଅମୂଲ୍ୟ ଉପଦେଶ ଓ ପବିତ୍ର ପ୍ରେରଣାହିଁ ମୋର ଭବିଷ୍ୟତର ପାଥେୟ ହୋଇ ରହିଛି । ଏହି ପିତୃ ପ୍ରତିମ ପ୍ରଧାନ ଶିକ୍ଷକଙ୍କ ଯଶ, ଖ୍ୟାତି ଓ ସିଦ୍ଧିକୁ ମୁଁ ଶତ ଶତ ପ୍ରଣାମ ଜଣାଉଛି । ଆନୁଷ୍ଠାନିକ ଭାବରେ ସରକାରଙ୍କଠାରୁ ଜାତୀୟ ସ୍ତରରେ ଜଣେ କୃତୀଶିକ୍ଷକର ସମ୍ମାନ ଲାଭ କରିଛନ୍ତି ଯଦି ମାତ୍ର ସେ ପ୍ରଶଂସାପତ୍ରର ବହୁ ଊର୍ଦ୍ଧ୍ୱରେ ଅଗଣିତ ଶିକ୍ଷାର୍ଥୀଙ୍କର ସଫଳ ଜୀବନରେ ଯେଉଁ ସ୍ୱାକ୍ଷର ସେ ନିଜେ ଲିପିବଦ୍ଧ କରିଛନ୍ତି ତାହାର ତୁଳନା ନାହିଁ । ତାଙ୍କର ପୂର୍ବବର୍ତ୍ତୀ ପ୍ରଧାନ

ଶିକ୍ଷକ ତଥା ଶିକ୍ଷାବିତ୍ ଶ୍ରୀଯୁକ୍ତ ଦାନନିଧି ପଟ୍ଟନାୟକ ନିଜର ଅପୂର୍ବ କର୍ମକୁଶଳତାରେ ଏହି ଅନୁଷ୍ଠାନଟିକୁ ଗରିମାନ କରିଯାଇଛନ୍ତି । ଏହି ବିଦ୍ୟାଳୟର ଅନ୍ୟ ଯେଉଁ ଶିକ୍ଷକଙ୍କ ଆଦର୍ଶ ମୋର ଛାତ୍ରୀ ଜୀବନକୁ ବିଶେଷ ପ୍ରଭାବିତ କରିଥିଲା ସେ ହେଲେ ପଣ୍ଡିତ ଶ୍ରୀ ହରିକୃଷ୍ଣ ପ୍ରଧାନ । ପଠନ ଶୈଳୀରେ ସେ ବିଦ୍ୟାର୍ଥୀ ମାନଙ୍କର ମନ ମୋହି ନେଉଥିଲେ । ସଂସ୍କୃତ, ହିନ୍ଦୀ ଓଡ଼ିଆ ଓ ବଙ୍ଗଳା ଭାଷାରେ ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ । ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବରେ ତାଙ୍କର ଅବଦାନ ଥିଲା ଅସୀମ । ବିଦ୍ୟାର୍ଥୀ ସର୍ବଦା ଉଚ୍ଚଆଶା ଓ ଉଚ୍ଚ ଆକାଂକ୍ଷା ପୋଷଣ କରି ଏକାଗ୍ର ସାଧନାରେ ଅଗ୍ରସର ହୁଅନ୍ତୁ ଏହାହିଁ ଥିଲା ତାଙ୍କର ଆନ୍ତରିକ ଇଚ୍ଛା । ଏହି ଶିକ୍ଷକଙ୍କର ପ୍ରେରଣାରେ ହିଁ ମୁଁ ଓଡ଼ିଆ ସାହିତ୍ୟରେ ଏମ୍.ଏ. ପାସ୍ କରିଛି । ଆଜି ମୁଁ ଏହି ଆଦର୍ଶ ଶିକ୍ଷକମାନଙ୍କ ପଦାଙ୍କ ଅନୁସରଣ କରି ସେମାନଙ୍କର ବୃତ୍ତିକୁ ନିଜସ୍ୱ କରିଛି ।

ସମୟର ଆବର୍ତ୍ତନରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଆଜି ସ୍ୱ ସ୍ୱ କର୍ମକ୍ଷେତ୍ରରେ ନିୟୋଜିତ । ତଥାପି ଯେଉଁ ଏକ ଶୁଭକ୍ଷଣରେ ମନରେ ଝଲକିମାରେ ସେହି ପଟାଯୋଗ ପଟାଢ:- ବୃକ୍ଷକୁଞ୍ଜ ଓ ମଣ୍ଡିତ ଘେରି ପରିବୃତ୍ତ ମୋ ବିଦ୍ୟାଳୟର ପରିବେଶ.... । ମନ ଭରିଯାଏ ଅଜଣା ପୁଲକରେ- ଚକ୍ଷୁ ସିକ୍ତ ହୁଏ ଆନନ୍ଦର ଅଶ୍ରୁରେ । ମନେପଡ଼େ Henry Newboltଙ୍କ କେଇଧାଡ଼ି

"We'll honour yet the School
We knew
The best School of all:
We'll honour yet the rule
We knew
Till the last bell call."

ଏହି ବିଦ୍ୟାଳୟର ଶତବାର୍ଷିକୀ ପାଳନର ମାହେନ୍ଦ୍ର ମୁହୂର୍ତ୍ତରେ ମୋର ପ୍ରିୟ ବିଦ୍ୟାଳୟକୁ ଆତ୍ମ ପ୍ରଣତି ଜଣାଉଛି ।

ପ୍ରଧାନ ଶିକ୍ଷୟିତ୍ରୀ
ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ
କଟକ

# ଛାତ୍ରୀ ମୁଁ ବି.ଜେ.ବି. ହାଇସ୍କୁଲର

**ଶ୍ରୀମତୀ ରମା ଦେବୀ**

ଘଟଣାବହୁଳ ଜୀବନରେ ଅନେକ ଘଟଣା ଲୁଚି ହୋଇଯାଏ, କିନ୍ତୁ କେତେକ ସବୁଦିନ ପାଇଁ ରହିଯାଏ ସ୍ମୃତିରେ । ଅତୀତର ସେ ଘଟଣାଗୁଡ଼ିକ ମନେ ପଡ଼ିଲେ ଲାଗେ ପ୍ରକୃତରେ ମୁଁ ମୋ ଜୀବନରେ ଯେତିକି ଉପରକୁ ଉଠିପାରିଛି, ସେଥିପାଇଁ ମୋର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ଅବଦାନ ସବୁଠୁ ବେଶୀ । ଏଇକଥା ସେତେବେଳେ ହେଲେ ମୁଁ ଜାଣି ପାରିଥାନ୍ତି ।

ମାଇନର ପାଶ୍‌ପରେ ହାଇସ୍କୁଲରେ ପଢ଼ିବା କଥା । ସେତେବେଳେ ଖୋର୍ଦ୍ଧାରେ ବାଳିକା ହାଇସ୍କୁଲ ନ ଥାଏ । ବାଳକ ହାଇସ୍କୁଲରେ ଖୁବ୍ କମ୍ ଝିଅ ପଢୁଥାନ୍ତି । ଆମ ଗାଁରୁ କେହି ଯାଉ ନ ଥାନ୍ତି । ତେଣୁ ୮ମ ଶ୍ରେଣୀ ଓ ୯ମ ଶ୍ରେଣୀ ମତେ କଟକ ମିଶନ ବାଳିକା ବିଦ୍ୟାଳୟରେ ହଷ୍ଟେଲରେ ରହି ପଢ଼ିବାକୁ ପଡ଼ିଲା । ଗୁରୁଜନ ଥାଏ ନିପଟ ମଫସଲ । ମଫସଲରୁ ଯାଇ କଟକ ସହର ପୁଣି ହଷ୍ଟେଲରେ ରହି ପଢ଼ିବା ମୋ ପାଇଁ ବଡ଼ କଷ୍ଟଦାୟକ ହେଲା । ମୋ ମଫସଲୀ ଚାଲିଚଳନ ପାଇଁ ସେଠି ବାରମ୍ବାର ଅପଦସ୍ତ ହେବାକୁ ପଡୁଥାଏ । ସେଠି ମୁଁ ଗୋଟିଏ ଚିଡ଼ିଆଖାନା ଜୀବ ବୋଲି ସମସ୍ତେ ଭାବୁଥାନ୍ତି । ଏହିସବୁ ଦୃଷ୍ଟିରୁ ସେ ଦୁଇବର୍ଷ ମୋର ପାଠପଢ଼ା ଭଲ ହେଲାନାହିଁ । ସେଠି ନିୟମିତ ପ୍ରାର୍ଥନା ସଭା ହୁଏ । ସେ ବିଷୟରେ ମୋର କିଛି ପୂର୍ବ ଅଭିଜ୍ଞତା ନ ଥାଏ । ଥରେ ମିସ୍ (ଭଲ ଓଡ଼ିଆ କହିପାରୁ ନ ଥିବା ଜଣେ ବିଲାତି ମହିଳା) ପ୍ରାର୍ଥନା ସଭାରେ କହିଲେ, ''ପିଲାମାନେ ଆମେ ପ୍ରାର୍ଥନା କରିବା, ଯୀଶୁ ଆମ ପାଖକୁ ଆସିବେ ଏବଂ ଆଶୀର୍ବାଦ ଦେବେ ।'' ସମସ୍ତେ ଆଖିବୁଜି ଥାନ୍ତି । ମିସ୍ କ'ଣ ସବୁ କହି ପ୍ରାର୍ଥନା କରୁଥାନ୍ତି । ମୁଁ କିନ୍ତୁ ଆଖି ନ ବୁଜି ଚାରିଆଡ଼କୁ ଚାହୁଁଥାଏ । ମିସ୍ ପ୍ରାର୍ଥନା ମଝିରେ ଥରେ ଥରେ ଚାହିଁ ଦେଖୁଥାନ୍ତି ପିଲାମାନେ ଠିକ୍ ଭାବେ ପ୍ରାର୍ଥନା କରୁଛନ୍ତି କି ନାହିଁ । ମୋ ଆଡ଼କୁ ତାଙ୍କ ନଜର ପଡ଼ିଛି ଯେତେଥର ମୁଁ ଚାରିଆଡ଼କୁ ଚାହୁଁଥିବା ସେ ଦେଖିଛନ୍ତି । ପ୍ରାର୍ଥନା ପରେ ସମସ୍ତଙ୍କୁ ବିଦାୟ କରି ମିସ୍ ମତେ ପାଖକୁ ଡାକି ଭୟଙ୍କର ରାଗିଲେ । ''ତମେ କାହିଁକି ପ୍ରାର୍ଥନା ନ କରି ଅନ୍ୟମନସ୍କ ହୋଇ ଚାରିଆଡ଼କୁ ଚାହୁଁଥିଲ'' ବୋଲି ପଚାରିଲେ । ''ଯୀଶୁ କେତେବେଳେ କେଉଁପଟୁ ଆସିବେ ବୋଲି ମୁଁ ଚାରିଆଡ଼କୁ ଚାହୁଁଥିଲି'' କହିବାରୁ ସେ ଭାବିଲେ ମୁଁ ଥଟ୍ଟା କରୁଛି । ତେଣୁ ସେ ମତେ ଶାସ୍ତି ଦେଲେ । ମୋର ଗୋଟେ ବେଳା ଖାଇବା ବନ୍ଦ କରାଗଲା । ଏହିପରି ଅନେକ ଘଟଣା ଭିତରେ ସେଠି ଦୁଇବର୍ଷ କଟିଗଲା । ୯ମ ଶ୍ରେଣୀ ବାର୍ଷିକ ପରୀକ୍ଷା ପରେ ଗ୍ରୀଷ୍ମଛୁଟିରେ ଘରକୁ ଆସିଥାଏ । ଜାଣିବାକୁ ପାଇଲି ଖୋର୍ଦ୍ଧା ବି.ଜେ.ବି. ହାଇସ୍କୁଲରେ ଝିଅମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି । ତେଣୁ ବି.ଜେ.ବି. ହାଇସ୍କୁଲରେ ପଢ଼ିବା ସ୍ଥିର ହେଲା । ଦଶମଶ୍ରେଣୀ ଆରମ୍ଭରୁ କଟକରୁ ସାର୍ଟିଫିକେଟ ଆଣି ଖୋର୍ଦ୍ଧାରେ ନାମଲେଖା ହେଲା । ଘରେ ବହୁତ ତାଗିଦ, ପୁଅପିଲା ସ୍କୁଲ- ''ସାବଧାନରେ ଚଳିବୁ, କାହାରି ସହିତ କଥା ହେବୁନାହିଁ'' - ଇତ୍ୟାଦି । ମୁଁ ସବୁଥିରେ ରାଜି ହେଲି କେବଳ ହଷ୍ଟେଲ ନ ଯିବାପାଇଁ ।

ନାମଲେଖାର ପ୍ରଥମ ଦିନର ଘଟଣା । ଝିଅ ପିଲାଙ୍କ କମନ୍ ରୁମ୍‌ର ଗୋଟିଏ କୋଣକୁ ବସିଥାଏ । ଭୟ ଲାଗୁଥାଏ - ନୂଆ ଜାଗା ପୁଣି ସମସ୍ତେ ଅଚିହ୍ନା । ଅତି ସାଧାରଣ ପୋଷାକ ପରିହିତ ଜଣେ ଲୋକ ଆସି ପଚାରିଲେ, ''କେଉଁ ଶ୍ରେଣୀରେ ନାମ ଲେଖାଇବୁ ?'' ଘରର ତାଗିଦ କଥା ମୋର ମନେ ପଡ଼ିଗଲା । ହଠାତ୍ ରାଗିଯାଇ ଅତି ରୁକ୍ଷ ଭାବରେ ଉତ୍ତର ଦେଲି- ''ମୁଁ ଯେଉଁ ଶ୍ରେଣୀରେ ନାମ ଲେଖାଇଲେ ତମର କ'ଣ ଯାଏ ଆସେ ! ତମେ କିଏ ସେ ମତେ ପଚାରିବାକୁ ?'' ''ଆଚ୍ଛା ଠିକ୍ ଅଛି'' କହି ସେ ଚାଲିଗଲେ । ପରଦିନଠାରୁ ନିୟମିତ ଶ୍ରେଣୀକକ୍ଷକୁ ଗଲି । ଦେଖିଲି ସେହିଲୋକ ଚକ୍‌ଖଡ଼ି ଖଣ୍ଡେ ଓ ହାଜିରା ଖାତା ଧରି ଶ୍ରେଣୀ ସମ୍ମୁଖରେ ଠିଆ ହୋଇ କାହା ସଙ୍ଗେ କଥା ହେଉଛନ୍ତି । ଧରିନେଲି ପ୍ରତି ଶ୍ରେଣୀରେ ଚକ୍ ଓ ହାଜିରାଖାତା ବାଣ୍ଟିବା ବୋଧହୁଏ ତାଙ୍କ କାମ । ଘଣ୍ଟା ବାଜିବା ମାତ୍ରେ ସମସ୍ତେ ଶ୍ରେଣୀରେ ଠିଆହୋଇ ପ୍ରାର୍ଥନା କଲେ । ସେ ମଧ୍ୟ ଭିତରକୁ ଆସି ନୀରବରେ ଠିଆ ହେଲେ । ତା'ପରେ ଗଣିତ ପଢ଼ା ଆରମ୍ଭ ହେଲା । ଦୁଇ, ତିନିଦିନ ଭିତରେ ମୁଁ ଜାଣିଲି ସେ ହେଉଛନ୍ତି ବିଦ୍ୟାଳୟର ଶିକ୍ଷକ । କେବଳ ଶିକ୍ଷକ ନୁହନ୍ତି ଅଗାଧଜ୍ଞାନର ଭଣ୍ଡାର । ଗଣିତ, ଭୂଗୋଳ, ସଂସ୍କୃତ, ସାହିତ୍ୟ ଅତି ପ୍ରାଞ୍ଜଳ ଭାବେ ପଢ଼ାଉଛନ୍ତି ଏବଂ ଆମର ଶ୍ରେଣୀଶିକ୍ଷକ ମଧ୍ୟ । ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ସେ । ତିନି, ଚାରିଦିନ ଧରି ମୁଁ ମୋର ଭୁଲ ପାଇଁ

ପଶ୍ଚାତାପ କଲି । ସର୍ବଦା ସେଇ ଗୋଟିଏ ଚିନ୍ତା ମୁଁ କି ଭୁଲ କରିଛି । ସେଥିପାଇଁ କ'ଣ କରିବି- ଏଇ ଚିନ୍ତାରେ ପ୍ରାୟ ଅନ୍ୟମନସ୍କ ରହୁଥାଏ । ତାଙ୍କୁ କ୍ଷମା ମାଗିବାକୁ ସାହସ ହେଉ ନଥାଏ । ମୋର ଅନ୍ୟମନସ୍କତା ଲକ୍ଷ୍ୟ କରି ଦିନେ ମତେ ସାର୍ ପଚାରିଲେ- ''ତତେ ଏ ସ୍କୁଲ ଭଲ ଲାଗୁନାହିଁ କି ?'' ମତେ ସୁଯୋଗ ମିଳିଗଲା । କହିଲି- ''ସାର୍ ! ମୁଁ ଜାଣି ନ ପାରି ଆପଣଙ୍କ ନିକଟରେ ଯେଉଁ ଭୁଲ କରିଛି ସେଥିପାଇଁ ମୁଁ ବହୁତ ପଶ୍ଚାତାପ କଲିଣି । ପାଠରେ ମନ ଲାଗୁନାହିଁ । କେବଳ ସେହି ଚିନ୍ତା ମତେ ସର୍ବଦା ବ୍ୟଥିତ କରୁଛି ।'' ସାର୍, ବର୍ତ୍ତମାନ ଜାଣିଲେ ମୋ ଅନ୍ୟମନସ୍କତାର କାରଣ । କହିଲେ- ''ତୁ ଠିକ୍ କହିଛୁ ତୁ ଜାଣି ପାରିବୁ ନାହିଁ ସେ ଦିନ ମୁଁ ତୋ ଉତ୍ତରରେ ଏତେ ଖୁସି ଯେ ସେହି ଦିନଠାରୁ ତୋ ପ୍ରତି ମୋ ମନରେ ଗୋଟାଏ ଭଲ ଧାରଣା ଜନ୍ମିଛି । ସେ ବିଷୟରେ ତୁ ଆଉ କୌଣସି ଚିନ୍ତା କରିବୁ ନାହିଁ । ମନ ଦେଇ ପାଠ ପଢ଼ ।'' ମୁଁ ଆଶ୍ୱସ୍ତ ହେଲି । ମୁଣ୍ଡରୁ ଗୋଟାଏ ବଡ଼ ବୋଝ ଗଲା ପରି ଲାଗିଲା ।

ସେ ସମୟରେ ବି.ଜେ.ବି. ହାଇସ୍କୁଲର ଖ୍ୟାତି ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାକୁ ମଧ୍ୟ ପ୍ରସରି ଯାଇଥିଲା । ଦକ୍ଷ ପ୍ରଧାନ ଶିକ୍ଷକ ଓ ଜ୍ଞାନୀ, ଗୁଣୀ ଶିକ୍ଷକ ମଣ୍ଡଳୀ ପାଇଁ ଏହାର ସୁନାମ ଥିଲା । ହାଇସ୍କୁଲ ମଧ୍ୟ ବାରଣ୍ଡାର ଶେଷ ଭାଗରେ ଜଣେ ଶିକ୍ଷକଙ୍କୁ ଦେଖିଲେ ପିଲାମାନେ ବାରଣ୍ଡାରେ ନ ଯାଇ ତଳକୁ ଓହ୍ଲାଇ ଯାଉଥିଲେ । ବେତ ବା ମାଡ଼ର ପ୍ରଶ୍ନ ନ ଥିଲା । ପ୍ରତି ଶିକ୍ଷକ ଯେପରି ନିଜକୁ ଆଦର୍ଶ ଶିକ୍ଷକ ରୂପେ ପ୍ରତିଷ୍ଠିତ କରିବାପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । କର୍ତ୍ତବ୍ୟରେ ନିଷ୍ଠା ସେମାନଙ୍କର ବ୍ରତ ଥିଲା । ଛାତ୍ରମାନଙ୍କ ମନରେ ମଧ୍ୟ ସେମାନଙ୍କ ପାଇଁ ପ୍ରଗାଢ଼ ଭକ୍ତି ଥିଲା । ଛାତ୍ରମାନଙ୍କ ପାଇଁ ସେମାନେ ଥିଲେ ଜୀବନ୍ତ ଈଶ୍ୱର । ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀଙ୍କର ମଧ୍ୟ ଅନୁଷ୍ଠାନ ପାଇଁ ଅନୁରକ୍ତି କମ୍ ନ ଥିଲା । ବିଦ୍ୟାଳୟର ଶୃଙ୍ଖଳା ଓ ଶିକ୍ଷାଦାନ ପଦ୍ଧତି ପାଇଁ ବହୁ ଛାତ୍ରଛାତ୍ରୀ ଓଡ଼ିଶା ଓ ଓଡ଼ିଶା ବାହାରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିବା ସଙ୍ଗେ ସଙ୍ଗେ କେତେକ ପଦ ପଦବୀର ଶୀର୍ଷ ସ୍ଥାନରେ ପହଞ୍ଚି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ସେଥିପାଇଁ ମୁଁ ଏବେ ମଧ୍ୟ ଗର୍ବ ଅନୁଭବ କରେ ଯେ ମୁଁ ଖୋର୍ଦ୍ଧା ବି.ଜେ.ବି. ହାଇସ୍କୁଲର ଛାତ୍ରୀ ।

ବର୍ତ୍ତମାନ ବିଦ୍ୟାଳୟର ଶତବାର୍ଷିକୀ ପାଳନ କରାଯାଉଅଛି । ସୁନାମଧନ୍ୟ ଅନୁଷ୍ଠାନର ହିଁ ଶତବାର୍ଷିକୀ ପାଳନ କରାଯାଏ । ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ଶହେବର୍ଷର ଇତିହାସ କେବଳ ଉନ୍ନତି ଓ ଅଗ୍ରଗତିର ଇତିହାସ । ଆମ ସମୟର ବିଦ୍ୟାଳୟ ଗୃହ ଏବେ ଅଧିକ ସୁନ୍ଦର ଓ ଅଧିକ ସମ୍ପ୍ରସାରିତ ହୋଇପାରିଛି । ବିଦ୍ୟାଳୟ ପରିସରର ଚତୁଃପାର୍ଶ୍ୱରେ ବର୍ତ୍ତମାନ ଏକ ସୁଦୀର୍ଘ ପ୍ରସ୍ତର ପ୍ରାଚୀର ନିର୍ମିତ ହୋଇ ବିଦ୍ୟାଳୟର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରୁଅଛି । ଛାତ୍ରସଂଖ୍ୟା ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଉଛି । ଏବେ ମଧ୍ୟ ବିଦ୍ୟାଳୟରେ ଅଭିଜ୍ଞ ଓ ଆଦର୍ଶ ଶିକ୍ଷକ ଥାଉଥାନ୍ତି । ବର୍ତ୍ତମାନର ପ୍ରଧାନ ଶିକ୍ଷକ ଜଣେ କର୍ତ୍ତବ୍ୟନିଷ୍ଠ, ଦୁର୍ନୀତିମୁକ୍ତ, ଦକ୍ଷ ଓ ନିର୍ଭୀକ ବ୍ୟକ୍ତି ଭାବରେ ସମଗ୍ର ଓଡ଼ିଶାରେ ଖ୍ୟାତ । ସେ ବିଦ୍ୟାଳୟର ଦାୟିତ୍ୱ ନେବା ଦିନଠାରୁ ଏହା ଚଳଚଞ୍ଚଳ ଓ କର୍ମମୁଖର ହୋଇପଡ଼ିଛି । ତେଣୁ ବିଦ୍ୟାଳୟରେ ଅଧ୍ୟୟନରତ ସହସ୍ରାଧିକ ଶିକ୍ଷାର୍ଥୀଙ୍କର ବି.ଜେ.ବି. ହାଇସ୍କୁଲର ଛାତ୍ର ଭାବରେ ଗର୍ବ କରିବା ପାଇଁ ଏବେ ମଧ୍ୟ ସୁଯୋଗ ରହିଛି ।

ମଣିଷ ଭଳି ମଣିଷ ଗଢ଼ିବା ପାଇଁ ସ୍ୱପ୍ନ, ସମ୍ଭାବନା ଓ ସୁଯୋଗ ସୃଷ୍ଟି କରି ଚାଲିଥିବା ସେହି ମହାନ୍ ଅନୁଷ୍ଠାନ ଉଦ୍ଦେଶ୍ୟରେ ଓ ମୋର ପୂଜ୍ୟ ଗୁରୁମାନଙ୍କ ପାଦତଳେ ବିନମ୍ର ପ୍ରଣତି ଜଣାଉଛି ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ

# ଆଜି ମନେ ପଡ଼େ

**ଶ୍ରୀମତୀ ପ୍ରୀତି ପଟ୍ଟନାୟକ**



**ଖୋର୍ଦ୍ଧା** ହାଇସ୍କୁଲର ଏବେ ଶତବାର୍ଷିକୀ ପାଳିତ ହେବାକୁ ଯାଉଛି । ଏ କଥା ଚିନ୍ତା କଲାବେଳେ ପ୍ରାୟ ୫୦ ବର୍ଷ ପୂର୍ବର ନାନାଦି ଅଭୁଲା ସ୍ମୃତି ସବୁ ମନ ମଧ୍ୟରେ ଉଙ୍କି ମାରି ଉଠୁଛି । ଏହି ଅନୁଷ୍ଠାନର ଛାତ୍ରୀ ଭାବରେ ଜୀବନର ଶୈଶବ ଓ କୈଶୋର ଅବସ୍ଥା ବିତାଇବାର ସୁଯୋଗ ଲାଭ କରିଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି । କାରଣ ସେହି ସମୟରେ ଯେତେଗୁଡ଼ିଏ ଏହି ପ୍ରକାର ଶିକ୍ଷାନୁଷ୍ଠାନ ଓଡ଼ିଶାରେ ଥିଲା, ତାହା ମଧ୍ୟରେ ଖୋର୍ଦ୍ଧା ହାଇସ୍କୁଲ ଏକ ବିଶିଷ୍ଟ ସ୍ଥାନ ହାସଲ କରିଥିଲା ।

ଖୋରଧାର ପାଇକ ବିଦ୍ରୋହ କଥା ସମସ୍ତେ ଭଲ ଭାବେ ଜାଣନ୍ତି । ୧୮୧୭ ମସିହାରେ ତାହାର ନେତୃତ୍ୱ ନେଇଥିଲେ ବକ୍ସି ଜଗବନ୍ଧୁ । ତାଙ୍କରି ସମ୍ମାନାର୍ଥେ ପରବର୍ତ୍ତୀ କାଳରେ ଖୋର୍ଦ୍ଧା ହାଇସ୍କୁଲର ନାମକରଣ କରାଗଲା- 'ବକ୍ସି ଜଗବନ୍ଧୁ ହାଇସ୍କୁଲ' । ଏହି ଅନୁଷ୍ଠାନର ଅତୀତକୁ ଅଣ୍ଡାଳି ବସିଲେ ଅନେକ କିଛି ତଥ୍ୟ ଆହରଣ କରାଯାଇପାରେ । ଯେଉଁ ପକ୍କା ଗୃହରେ ବର୍ତ୍ତମାନ ସ୍କୁଲ ଚାଲିଛି, ତାହା ଖୋରଧା ଖାସମହାଲ ସରବରାକାର ମାନଙ୍କର ଆନ୍ତରିକ ସହାୟତା ଫଳରେ ସମ୍ଭବ ହୋଇଥିଲା । ପରେ ଏକ ବିରାଟ ଛାତ୍ରାବାସ ମଧ୍ୟ ନିର୍ମାଣ କରାଯାଇଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଛାତ୍ରମାନେ ଆସି ଏଠାରେ ରହି ଅଧ୍ୟୟନ କରୁଥିଲେ । କେବଳ ଆୟତନ ଦୃଷ୍ଟିରୁ ବଡ଼ ବୋଲି ଖୋରଧା ସ୍କୁଲର ଖ୍ୟାତି ଅଧିକ ହୋଇ ନ ଥିଲା । ଛାତ୍ରଛାତ୍ରୀମାନଙ୍କର ଉନ୍ନତ ଧରଣର ଶିକ୍ଷା ଓ ଉନ୍ନତ ଚରିତ୍ର ଗଠନ ଦ୍ୱାରା ଉପଯୁକ୍ତ ନାଗରିକ ସୃଷ୍ଟି କରିବା ଏହି ଅନୁଷ୍ଠାନର ଉଦ୍ୟମ ଯୋଗୁଁ ଏହା ଏକ ଆଦର୍ଶ ବିଦ୍ୟାଳୟ ଭାବେ ସ୍ୱୀକୃତି ଲାଭ କରିଥିଲା । କହିବା ବାହୁଲ୍ୟ ଯେ ଏ ଦିଗରେ ନେତୃତ୍ୱ ନେଇଥିଲେ ସେତେବେଳକାର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବାଞ୍ଛାନିଧି ପଟ୍ଟନାୟକ । ତାଙ୍କ ସହିତ ସହଯୋଗ କରୁଥିଲେ ଫକୀର ସାର୍, ରାଧାଚରଣ ସାର୍, ଜୟକୃଷ୍ଣ ସାର୍, ଜଗଦାନନ୍ଦ ସାର୍, (ଭଗବାନ) ହୋତା ପଣ୍ଡିତେ, ପଦ୍ମଚରଣ ସାର୍, ବାଳମୁକୁନ୍ଦ ସାର୍, ବାସ୍ତି ସାର୍ ଓ ଅନ୍ୟ ଶିକ୍ଷକମାନେ । ସେମାନେ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଏପରି ସ୍ନେହଶ୍ରଦ୍ଧା କରୁଥିଲେ ଯେ ଯେପରି ଜଣା ପଡୁଥିଲା ସ୍କୁଲଟି ଏକ ବିରାଟ ପରିବାର । ସେମାନଙ୍କର ଶୃଙ୍ଖଳାରକ୍ଷା, ଚରିତ୍ର ଗଠନରେ ପିଲାମାନଙ୍କୁ ଦିଗ୍‌ଦର୍ଶନ ଦେବା, ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଯେଉଁ ଅହରହ ଉଦ୍ୟମ ଥିଲା, ତାହା କ୍ୱଚିତ୍ ଅନ୍ୟତ୍ର ଦେଖିବାକୁ ମିଳେ । ଛାତ୍ରମାନଙ୍କ ପ୍ରତି ଶିକ୍ଷକମାନଙ୍କର ଦାୟିତ୍ୱ କେବଳ ସ୍କୁଲ ସମୟ ଭିତରେ ସୀମିତ ନ ଥିଲା । ସ୍କୁଲ ବାହାରେ ପିଲାମାନେ କିପରି ଚଳନ୍ତି ଓ କେଉଁ ପରିବେଶରେ ଥାଇ ପଢ଼ାଶୁଣା କରନ୍ତି, ଏ ଦିଗରେ ସେମାନେ ନଜର ରଖୁଥିଲେ ଓ ଆବଶ୍ୟକସ୍ଥଳେ ସେମାନଙ୍କୁ ସାହାଯ୍ୟ ମଧ୍ୟ କରୁଥିଲେ । କିଏ କିଛି ଭୁଲ୍ କଲେ ସେମାନେ ପିତୃତୁଲ୍ୟ ତାହା କ୍ଷମା କରି ତାଙ୍କୁ ଉପଯୁକ୍ତ ମାର୍ଗରେ ଯିବାକୁ ପରାମର୍ଶ ଦେଉଥିଲେ । ସେତେବେଳକାର ଗୁରୁଶିଷ୍ୟ ସମ୍ପର୍କ ଏବେ କଳ୍ପନାତୀତ । ସେମାନଙ୍କର ପଦଟିଏ କଥାରେ ବି ପିଲାମାନଙ୍କର ମନ ବଦଳି ଯାଉଥିଲା । ଶିକ୍ଷକମାନଙ୍କର ଆନ୍ତରିକତା, ଆଦର, ଯତ୍ନ ଓ ସ୍ନେହକୋମଳ କଥା ଆଜି ବି ମନେପଡ଼େ । ଛାତ୍ରମାନଙ୍କର ଗୁରୁଭକ୍ତି କଥା ମଧ୍ୟ କହିଲେ ନ ସରେ । ଛାତ୍ରମାନେ ଗୁରୁମାନଙ୍କ ଉପଦେଶ ମାନି ଚଳିବା ଫଳରେ ଭବିଷ୍ୟତ ଜୀବନରେ ଶ୍ରେଷ୍ଠ ଖେଳାଳୀ, କବି, କଳାକାର, ଲେଖକ, ସାମ୍ବାଦିକ, ଐତିହାସିକ ଓ ରାଜନୀତିଜ୍ଞ ଭାବେ ସମାଜରେ ବହୁ ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି । ଏମାନଙ୍କ ମଧ୍ୟରେ ବିଶିଷ୍ଟ କବି ଡକ୍ଟର ମାୟାଧର ମାନସିଂହ, ଜ୍ଞାନପୀଠ ପୁରସ୍କାର ବିଜେତା ଡକ୍ଟର ସଚ୍ଚି ରାଉତରାୟ, ଐତିହାସିକ ସ୍ୱର୍ଗତ କେଦାରନାଥ ମହାପାତ୍ର, ପ୍ରଖ୍ୟାତ ଚିତ୍ରଶିଳ୍ପୀ ଦୁର୍ଗାପ୍ରସାଦ ପଟ୍ଟନାୟକ, ଜୁଡିସିଆଲ ଐତିହାସିକ ଡକ୍ଟର ବି.ସି. ରାୟ, ଡକ୍ଟର ବାସୁଦେବ ରାଉତରାୟ ଏବଂ ବିଶିଷ୍ଟ ରାଜନୀତିଜ୍ଞ ଓ ସାହିତ୍ୟିକ ପୂର୍ବତନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନାମ ଉଲ୍ଲେଖ କରାଯାଇପାରେ । ଏମାନଙ୍କ ବ୍ୟତୀତ ଆହୁରି ଅନେକ ମେଧାବୀ ଛାତ୍ର ଦେଶ ବିଦେଶକୁ ଯାଇ ବହୁ କ୍ଷେତ୍ରରେ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ସୁନାମ ଅର୍ଜନ କରିଛନ୍ତି । ଏହା କହିବା ବାହୁଲ୍ୟ ଯେ ଶିକ୍ଷକମାନଙ୍କର କର୍ତ୍ତବ୍ୟନିଷ୍ଠା ଓ ଉଚ୍ଚକୋଟୀର ଆଚାର ବ୍ୟବହାର ପିଲାମାନଙ୍କ ଉପରେ ଯେଉଁ ପ୍ରଭାବ ପକାଇଥିଲା, ତାହାରି ଫଳରେ ସେମାନେ ଜୀବନରେ ଏପରି ଉନ୍ନତି କରିବା ସମ୍ଭବ ହୋଇଥିଲା ।

ଏହି ସ୍କୁଲ ସେତେବେଳେ ସମଗ୍ର ଓଡ଼ିଶାରେ କ୍ରୀଡ଼ା କ୍ଷେତ୍ରରେ ବହୁ ଖ୍ୟାତି ଅର୍ଜନ କରିଥିଲା । ସେହି ସମୟରେ ଓଡ଼ିଶା ପ୍ରଥମେ ଏହି ସ୍କୁଲରେ ଟେନିସ୍ ଖେଳ ପ୍ରଚଳିତ ଥିଲା । ଖେଳାଧାର ବିଶିଷ୍ଟ ବ୍ୟକ୍ତିମାନେ ଏହି ଖେଳରେ ଭାଗ ନେଉଥିଲେ । ପ୍ରତ୍ୟେକ ବର୍ଷ କ୍ରୀଡ଼ା ଉତ୍ସବ ଭାରି ଜାକଜମକରେ ହେଉଥିଲା । କ୍ରୀଡ଼ା ଉତ୍ସବରେ ମାର୍ଚ୍ଚପାଷ୍ଟ ହୋଇ ସମଗ୍ର ପଡ଼ିଆ ପ୍ରଦକ୍ଷିଣ ହେଉଥିଲା । ପଡ଼ିଆର ବିଭିନ୍ନ ସ୍ଥାନରେ ଟେଣ୍ଟ ପଡ଼ି ଏହା ସୁଚାରୁ ରୂପେ ପରିଚାଳିତ ହେଉଥିଲା । ବିଶିଷ୍ଟ ବ୍ୟକ୍ତିମାନେ ଆସି ପିଲାମାନଙ୍କୁ ସିଲ୍ଡ କପ୍ ଓ ପ୍ରାଇଜମାନ ଦେଉଥିଲେ । ସ୍କୁଲରେ ତାଲୋଟି ଫୁଟବଲ ଟିମ୍ ଥିଲା । ସ୍କୁଲ ଶେଷ ହେବାର କିଛି ସମୟ ପରେ ସ୍କୁଲ ପଡ଼ିଆ ଫୁଟବଲ, ଭଲିବଲ, ଟେନିସ୍, ହକି ଖେଳାଳୀଙ୍କ କଳରବରେ ମୁଖରିତ ହୋଇ ଉଠୁଥିଲା । ସେତେବେଳେ ପଡ଼ିଆଟି ଗୋଟିଏ ଛୋଟ ଷ୍ଟାଡ଼ିୟମ ପରି ପ୍ରତୀୟମାନ ହେଉଥିଲା । ବେଳେ ବେଳେ ଆମ ସ୍କୁଲର ପିଲାମାନେ ସାରମାନଙ୍କ ତତ୍ତ୍ୱାବଧାନରେ ପୁରୀ, କଟକ, ବାଲେଶ୍ୱର, ବାଙ୍କୀ, ବାରିପଦା, ବ୍ରହ୍ମପୁର, ନୟାଗଡ଼ ପ୍ରଭୃତି ଓଡ଼ିଶାର ବିଭିନ୍ନ ସ୍ଥାନକୁ ଖେଳିବାକୁ ଯାଉଥିଲେ ।

ସେତେବେଳେ ହାଇସ୍କୁଲର ମ୍ୟାଗାଜିନ୍ 'ଅବକାଶ' ପ୍ରତିବର୍ଷ ପ୍ରକାଶିତ ହେଉଥିଲା । ଏଥିରେ ସୁନ୍ଦର ସୁନ୍ଦର ଲେଖାମାନ ସ୍ଥାନ ପାଇ ପିଲାମାନଙ୍କର ସୃଜନଶୀଳତା ବିକାଶ ପାଇଁ ସୁଯୋଗ ମିଳୁଥିଲା । ତା'ଛଡ଼ା କୌଣସି କୌଣସି କ୍ଲାସରୁ ହାତଲେଖା ମ୍ୟାଗାଜିନ୍ ମଧ୍ୟ ବାହାରୁଥିଲା । ଯେଉଁଥିରେ ଲେଖାଲେଖି କରିବା ପାଇଁ ସବୁ ପିଲାମାନେ ପ୍ରେରଣା ପାଉଥିଲେ ଓ ଉତ୍ସାହିତ ହେଉଥିଲେ ।

ଏହି ସ୍କୁଲରେ ପଢ଼ିବା ସମୟରେ ପ୍ରତ୍ୟେକ ଦିନଟି ଥିଲା ଆମ ପାଇଁ ନୂତନ ଉତ୍ସାହର ଦିନ ଓ ପ୍ରତ୍ୟେକଟି ଉତ୍ସବ ଥିଲା ଏକ ଆନନ୍ଦ, ଉଲ୍ଲାସର ସମୟ । ସେ ସମୟରେ ଅଳ୍ପ କେତେକ ଝିଅପିଲା ପାଠ ପଢୁଥିଲେ ହେଁ ଝିଅ ପୁଅଙ୍କ ଭିତରେ କେହି କିଛି ପ୍ରଭେଦ ଦେଖୁ ନ ଥିଲେ । ସମସ୍ତେ ଗୋଟିଏ ପରିବାରର ଭାଇ ଭଉଣୀ ପରି ଚଳୁଥିଲେ ଓ ପଢ଼ାବେଳେ ପଢ଼ା ଓ ଖେଳ ବେଳେ ଖେଳ ଶେଷକରି ଆନନ୍ଦରେ ସମୟ କଟାଉଥିଲେ । ପଢ଼ା ଶେଷକରି ସ୍କୁଲ ଛାଡ଼ିବା ସମୟରେ ସ୍କୁଲ ଓ ନିଜର ଅନ୍ତରଙ୍ଗ ବନ୍ଧୁମାନଙ୍କଠାରୁ ବିଚ୍ଛିନ୍ନତା ଆମକୁ ବହୁତ କଷ୍ଟ ଦେଉଥିଲା । ସ୍କୁଲ ସାମ୍ନାରେ ଥିବା ଭାରତବର୍ଷର ବିରାଟ ରିଲିଫ୍ ମ୍ୟାପ୍‌ର ପ୍ରତିକୃତି ଉପରେ ବସି ଆମେ କିପରି ପାହାଡ଼, ପର୍ବତ, ନଦନଦୀ ରୂପେ ନିଜକୁ ମନେକରି ଭୂଗୋଳ ଆଲୋଚନା କରୁଥିଲୁ, ସେ ସବୁର ସ୍ମୃତି ଏବେ ବି ଜୀବନ୍ତ ହୋଇ ରହିଛି ।

ଏ ବର୍ଷଟି ସ୍କୁଲ ଇତିହାସରେ ଏକ ବିଶେଷ ବର୍ଷ । ଅତୀତର ଗୌରବମୟ ପରମ୍ପରାକୁ ଅକ୍ଷୁଣ୍ଣ ରଖି ଭବିଷ୍ୟତରେ ଏ ମହାନ୍ ଅନୁଷ୍ଠାନ କିପରି ଅଗ୍ରଗତି କରିବ ଏହା ସମସ୍ତଙ୍କର ପ୍ରଣିଧାନଯୋଗ୍ୟ । ଆଜି ସ୍କୁଲଟି ପାଦ ଦେଇଛି ୧୦୦ ବର୍ଷରେ । ଶତବାର୍ଷିକୀ ପାଳନ ହେଉଛି ମହା ସମାରୋହରେ । କୃତିତ୍ୱ ଓ କୀର୍ତ୍ତିରାଜି ଏହି ବିଦ୍ୟାଳୟ ଅଜାଡ଼ି ଦେଇଛି ତା'ର ସନ୍ତାନମାନଙ୍କ ଉପରେ । ଏହାଠାରୁ ଗୌରବର ବିଷୟ ଆଉ କ'ଣ ହେଇପାରେ ଆମ ବିଦ୍ୟାଳୟ ପାଇଁ ।

ଶେଷରେ ସେହି ପ୍ରିୟ ଭୂମି, ସାଧନାର ଯଜ୍ଞସ୍ଥଳୀ, ବିଦ୍ୟାର ଆକର ନିକଟରେ ମୋର ଅନେକ ଅନେକ ପ୍ରଣତି ଶିକ୍ଷକମାନେ ଆମର ଚିର ନମସ୍ୟ । ମୋ ସ୍କୁଲ ମୋ ପାଖରେ ଚିର ସମ୍ମାନନୀୟ, ଚିର ବନ୍ଦନୀୟ । ସ୍କୁଲର ଶତବାର୍ଷିକୀ ଅବସରରେ ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ ଭଗବାନଙ୍କ ନିକଟରେ ତାଙ୍କୁ ସମସ୍ତେ ପ୍ରାର୍ଥନା କରିବା ।

ପୂର୍ବତନ ଅଧକ୍ଷା
ଦୁର୍ଗାଙ୍କ ଶିକ୍ଷାକେନ୍ଦ୍ର
ୟୁନିଟ୍-୨, ଭୁବନେଶ୍ୱର

# କିଛି ଐତିହ୍ୟ କିଛି ଅଭୁଲା ସ୍ମୃତି



**ଶ୍ରୀ ଗୋପୀନାଥ ପ୍ରସାଦ ପ୍ରଧାନ**

ଓଡ଼ିଶାର ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟରେ ଖୋର୍ଦ୍ଧାଠାରେ ସ୍ଥାପିତ ବଣ୍ଟି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ସ୍ୱନାମଧନ୍ୟ ଓ ଲବ୍ଧ ପ୍ରତିଷ୍ଠିତ । ଏହାର ଏକ ନିଜସ୍ୱ ଐତିହ୍ୟ ଓ ପରମ୍ପରା ଅଛି । ଏହି ଅନୁଷ୍ଠାନ ବହୁ ଜ୍ଞାନୀ, ଗୁଣୀ ଓ ମାନୀ ବ୍ୟକ୍ତିଙ୍କୁ ସୃଷ୍ଟି କରିଛି । କହିବାକୁ ଗଲେ ଏହି ଅନୁଷ୍ଠାନର ଇତିହାସ ଆଧୁନିକ ଖୋର୍ଦ୍ଧା ଜିଲ୍ଲା ତଥା ଓଡ଼ିଶାର ଆଧୁନିକ ଇତିହାସର ଏକ ଅଂଶବିଶେଷ ।

ଓଡ଼ିଶାର ଇଷ୍ଟଦେବ ହେଉଛନ୍ତି ଜଗତର ନାଥ ନୀଳାଦ୍ରୀ ବିହାରୀ ପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କରି ଶ୍ରୀଚରଣ କମଳରେ ଆମର ଏହି ଅନୁଷ୍ଠାନର ଶତବାର୍ଷିକ ଉତ୍ସବ ପାଳନ ଅବସରରେ ଆମେ ଆମର ଭକ୍ତିଭରା ପ୍ରଣାମ ଅର୍ପଣ କରୁଅଛୁ । ଓଡ଼ିଶାର ଗଜପତି ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ପ୍ରଥମ ସେବକ । ତାଙ୍କର ରାଜଧାନୀ ଥିଲା ଖୋର୍ଦ୍ଧା । ଗଜପତିଙ୍କର ପ୍ରଧାନମନ୍ତ୍ରୀ ଥିଲେ ଜୟୀ ରାଜଗୁରୁ ଓ ପ୍ରଧାନ ସେନାପତି ଥିଲେ ସ୍ୱାଭିମାନୀ ତଥା ବିସ୍ମୟକାରୀ ବୀର ପୁରୁଷ ବଣ୍ଟି ଜଗବନ୍ଧୁ । ଏ ଦୁହିଁଙ୍କର ଦେଶ ଭକ୍ତି, ନିଷ୍ଠା, ବୀରତ୍ୱ, ତ୍ୟାଗର କାହାଣୀ ଏ ଜାତି ଯୁଗ ଯୁଗ ଧରି ଗାଉଥିବ । ଏ ଦୁହେଁ ଅମର ପୁରୁଷ । ଜନ ଶ୍ରୁତିରୁ ଜଣାଯାଏ ଯେ ଏହି ସର୍ବଗୁଣ ସମ୍ପନ୍ନ ବୀର ପୁରୁଷ ବଣ୍ଟି ଜଗବନ୍ଧୁ ଦୈନନ୍ଦିନ ଖୋର୍ଦ୍ଧାରୁ ଘୋଡ଼ାରେ ଚଢ଼ି ସିଧା ରାସ୍ତାରେ ୩୦ କିଲୋମିଟରରୁ ଅଧିକ ବାଟ ଅତିକ୍ରମ କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୁରୀରେ ଦର୍ଶନ କରି ପୁନର୍ବାର ଖୋର୍ଦ୍ଧା ପ୍ରତ୍ୟାବର୍ତ୍ତନ କରୁଥିଲେ ଏବଂ ଯେଉଁଦିନ ସେ ଯାଇ ପାରୁନଥିଲେ ସେଦିନ ବରୁଣାଇ ପାହାଡ଼ର ଶିଖର ଦେଶକୁ ଯାଇ ନୀଳଚକ୍ରକୁ ଦର୍ଶନ କରୁଥିଲେ । ଶତବାର୍ଷିକୀ ଉତ୍ସବ ଅବସରରେ ଏହି ବୀର ପୁରୁଷଙ୍କର ପଦ କମଳରେ ଆମେ ଆମର ଶତ ଶତ ଭୂମିଷ୍ଠ ପ୍ରଣାମ ଜଣାଉଅଛୁ । ଏହି ବୀର ପୁରୁଷଙ୍କର ନାମାନୁସାରେ ନାମିତ ଏହି ବିଦ୍ୟାଳୟ ଆମ ସମସ୍ତଙ୍କୁ ଓ ଆଗତ ପିଢ଼ୀକୁ ଉତ୍ସାହ ଓ ପ୍ରେରଣା ଯୋଗାଉଥିବ ଏବଂ ଶିକ୍ଷାର ମଶାଲ ଜାଳି ରଖିଥିବ ।

ଏହି ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ଭାବେ ସ୍ୱର୍ଗତ ବାଞ୍ଛାନିଧି ପଟ୍ଟନାୟକ, ଦିବ୍ୟସିଂହ ପଟ୍ଟନାୟକ ଏବଂ ଅଧୁନା ବିଦ୍ୟମାନ ଶ୍ରୀ ମୁରଲୀଧର ପ୍ରଧାନ ସ୍ୱନାମଧନ୍ୟ ଏବଂ ପ୍ରଥିତଯଶା । ସେମାନଙ୍କର ପଦକମଳରେ ଆମେ ସମସ୍ତେ ଅଶେଷ ପ୍ରଣାମ ନିବେଦନ କରୁଅଛୁ ।

ଏହି ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ବହୁ ସୁଯୋଗ୍ୟ ତଥା କୃତୀ ଛାତ୍ର ସାରା ଓଡ଼ିଶା, ଭାରତ ତଥା ଭାରତ ବାହାରେ ସୁନାମ ଅର୍ଜନ କରିଛନ୍ତି । ସେମାନଙ୍କ ମଧ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକ, ସାହିତ୍ୟିକ ଡକ୍ଟର ମାୟାଧର ମାନସିଂହ, ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପଦ୍ମଶ୍ରୀ (କବି) ସଚ୍ଚି ରାଉତରାୟ, ଭାସ୍କର ଅଗ୍ରଜ ପଟ୍ଟନାୟକ, ବ୍ରିଗେଡ଼ିୟର ଶ୍ରୀ ବାସୁଦେବ ରାଉତରାୟ, ଡିଜ୍ ପି. ଏମ୍. ଜି. ଶ୍ରୀ ଭାସ୍କର ମହାନ୍ତି, ଆଡ୍‌ଭୋକେଟ ଜେନେରାଲ ଶ୍ରୀ ଇନ୍ଦ୍ରଜିତ ରାୟ, ଆଡ୍‌ଭୋକେଟ ଗୌରୀଶ୍ୟାମ ପଟ୍ଟନାୟକ, ବୈଜ୍ଞାନିକ ଡକ୍ଟର ରାଜକିଶୋର ପରମଗୁରୁ, ଇଞ୍ଜିନିୟର ହରେକୃଷ୍ଣ ପଟ୍ଟନାୟକ, ଶାକ୍ୟସିଂହ ପଟ୍ଟନାୟକ, ବିଶିଷ୍ଟ ଶିକ୍ଷାବିତ୍ (ଅବସରପ୍ରାପ୍ତ ପ୍ରିନ୍ସିପାଲ) ଡକ୍ଟର ପ୍ରଫୁଲ୍ଲ ପଟ୍ଟନାୟକ, ଅଧ୍ୟାପକ ବଙ୍କିମ ମହାନ୍ତି, ନାରାୟଣ ରାଓ, ପ୍ରଫୁଲ୍ଲ ଜଗଦେବ, ପ୍ରଶାସକ ଡକ୍ଟର ଗୋପାଳ ଶ୍ରୀଚନ୍ଦନ, ବ୍ୟାଙ୍କର ନୃପେନ୍ଦ୍ର ମହାନ୍ତି, ପୁରାତନ ଆନ୍ତର୍ଜାତୀୟ ଖେଳାଳୀ ହରି ପଟ୍ଟନାୟକ, ବଟ ପରିଡ଼ା, ସରୋଜ ଦାସ, କୃଷ୍ଣ ରାଉତରାୟ, ପ୍ରହ୍ଲାଦ ପ୍ରଧାନ, ଧ୍ରୁବ ନିଃଶଙ୍କ, ପରମାନନ୍ଦ ପରିଡ଼ା, ରାଧାଗୋବିନ୍ଦ ଦାସ, ସଚ୍ଚି ଚକ୍ରବର୍ତ୍ତୀ, ସମାଜସେବୀ ଫକୀର ହରିଚନ୍ଦନ, ବିଶ୍ୱନାଥ ସାମନ୍ତ, ବାସୁଦେବ ବୋରା, ହିନ୍ଦୁ ମିତ୍ର ଏବଂ ସାମ୍ବାଦିକ ରାଜୁ ରାମ ଆଦି ପ୍ରମୁଖ ଅଟନ୍ତି । ଏ ସମସ୍ତେ ଯେ ଯାହା କ୍ଷେତ୍ରରେ ପ୍ରତିଷ୍ଠିତ ଓ ଆମ ସମସ୍ତଙ୍କର ସମ୍ମାନାସ୍ପଦ ।

ଏହି ଅନୁଷ୍ଠାନର ଛାତ୍ର ଥିଲାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବାବୁ ପ୍ରଥମ ଛାତ୍ର ଭାବେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରି ବ୍ରିଟିଶ ସାମ୍ରାଜ୍ୟରେ ଚହଳ ପକାଇ ଦେଇଥିଲେ । ଯଥାର୍ଥରେ କହିବାକୁ ଗଲେ ଏହି ଅନୁଷ୍ଠାନରେ ହିଁ ତାଙ୍କର ରାଜନୈତିକ ଜୀବନର ଶିଳାନ୍ୟାସ ହୋଇଥିଲା । ମୋ ବାପାଙ୍କଠାରୁ ଶୁଣିଛି ଶ୍ରୀଯୁକ୍ତ ଜାନକୀ ବାବୁ ତାଙ୍କ ଠାରୁ କ୍ଲାସରେ ଛାତ୍ର ଥିଲେ ଓ ଏକାଧାରରେ ସେ ଶାନ୍ତ, ସୌମ୍ୟ, ସୁନ୍ଦର, ମେଧାବୀ ଛାତ୍ର ତଥା ଉତ୍ତମ ଫୁଟବଲ ଖେଳାଳୀ ମଧ୍ୟ ଥିଲେ । ମୋର ବାପାଙ୍କର ବୟସାଧିକ୍ୟ ହେତୁ ଲେଖାଲେଖି କରି ପାରୁନାହାନ୍ତି, କିନ୍ତୁ ସ୍ମୃତି ଶକ୍ତି ପ୍ରଖର ଅଛି ଓ ଦିନକୁ ୬/୭ ଘଣ୍ଟା ନାମ ସଂକୀର୍ତ୍ତନ କରି ପାରୁଛନ୍ତି । ସେ କହନ୍ତି ୧୯୪୨ ମସିହାରେ ସେ ଏହି

ଅନୁଷ୍ଠାନରୁ ମାଟ୍ରିକ ପାଶ କଲା ସମୟେ ଏହି ଅନୁଷ୍ଠାନର ହକିଟିମରୁ ସେହି ବର୍ଷ ରେଭେନ୍ସା କଲେଜ ହକି ଟିମ୍‌ରେ ସାତ ଜଣ ସୁଯୋଗ ପାଉଥିଲେ । ମୋ ବାପା ଉଭୟ ଫୁଟବଲ ଓ ହକି ଖେଳରେ ଧୁରନ୍ଧର ଥିଲେ ଓ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ଖେଳୁଥିଲେ । ପଚାଶ ବର୍ଷ ତଳର ତାଙ୍କର ଦୁଇଟି ହକି ଷ୍ଟିକ୍ ଏବେ ମଧ୍ୟ ଯତ୍ନର ସହ ରଖାଯାଇଛି ।

ଏହି ଅନୁଷ୍ଠାନରେ ମୋ ବାପା ଶ୍ରୀ ପ୍ରହ୍ଲାଦ ପ୍ରଧାନ (ତାରାଧର ବାବୁ), ମୁଁ, ମୋର ସମସ୍ତ ଭାଇମାନେ ଓ ମୋର ପୁଅ ରାଜେନ୍ଦ୍ର ଆମେ ସମସ୍ତେ ପାଠ ପଢ଼ିଛୁ । ଏହା ଆମ ତିନି ପିଢ଼ୀର ଅନୁଷ୍ଠାନ । ମୋର ନାତି ଆଉ ୫/୬ ବର୍ଷ ପରେ ଏହି ଅନୁଷ୍ଠାନରେ ପାଠ ପଢ଼ିଲେ ଚାରି ପିଢ଼ୀକୁ ଯିବ । ଏଣୁ ଏହି ଅନୁଷ୍ଠାନର ସୁଖ ଦୁଃଖ ସହ ଆମ ପରିବାର ମାନସିକ, କାୟିକ ଓ ବାଚିକ ସମସ୍ତ ସ୍ତରରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ମୋ ବାପାଙ୍କର ପ୍ରଧାନ ଶିକ୍ଷକ ଥିଲେ ସ୍ୱନାମଧନ୍ୟ ସ୍ୱର୍ଗତଃ ରାୟସାହେବ ବାଞ୍ଛାନିଧି ପଟ୍ଟନାୟକ ବି.ଏ., ବି.ଏଲ୍ । ସେ କହନ୍ତି ବାଞ୍ଛାନିଧି ବାବୁ ଥିଲେ ଅତ୍ୟନ୍ତ ଉଚ୍ଚମନା ଏବଂ ପାଠ ପଢ଼ାଇବା ସମୟେ ଏପରି ଭଲ ଭାବେ ବିଶ୍ଳେଷଣ କରି ବାରମ୍ବାର ବୁଝାଇ ଦିଅନ୍ତି ଯେ ଦୀର୍ଘ ୫୦/୬୦ ବର୍ଷ ପରେ ମଧ୍ୟ ଅଧିକାଂଶ ପଢ଼ାଯାଇଥିବା ପାଠ ତାଙ୍କ ମନରେ ଅଦ୍ୟାବଧି ଲିପିବଦ୍ଧ ହୋଇ ରହିଛି । ସେ କହନ୍ତି ବାଞ୍ଛାନିଧି ବାବୁ ଥିଲେ ଜ୍ଞାନର ଭଣ୍ଡାର ଓ ଯଦି କେହି ନେସ୍‌ଫିଲ୍ଡଙ୍କ ଗ୍ରାମାରକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥାନ୍ତି, ତେବେ ସେ ହେଉଛନ୍ତି ବାଞ୍ଛାନିଧି ବାବୁ । ଏତଦ୍‌ବ୍ୟତୀତ ବାଞ୍ଛାନିଧି ବାବୁଙ୍କର ଅନ୍ୟାନ୍ୟ ସମସ୍ତ ବିଷୟବସ୍ତୁ ଉପରେ ଗଭୀର ଦଖଲ ଥିଲା । ତାଙ୍କର ଅଗାଧ ଜ୍ଞାନ ନିୟମାନୁବର୍ତ୍ତିତା, ଶୃଙ୍ଖଳା, ସୁଦୃଢ଼ ଶାସନ, ସ୍ନେହ, ଶ୍ରଦ୍ଧା ତଥା ଛାତ୍ର ବତ୍ସଳତାର ପଟାନ୍ତର ନାହିଁ । ବାଞ୍ଛାନିଧି ବାବୁ ଅତ୍ୟନ୍ତ ଖେଳପ୍ରିୟ ଥିଲେ । ସେ ନିଜେ ବିଦ୍ୟାଳୟରେ ଟେନିସ୍ କୋର୍ଟ ନିର୍ମାଣ କରାଇ ଦୈନନ୍ଦିନ ଟେନିସ୍ ଖେଳୁଥିଲେ । ବିଦ୍ୟାଳୟରେ ଉଭୟ ଫୁଟବଲ ଓ ହକି ଖେଳ ନିୟମିତ ଭାବେ ଚାଲୁଥିଲା । ନିଜେ ସେ ଥିଲେ ଜଣେ ବିଶିଷ୍ଟ ଟେନିସ୍ ଖେଳାଳି ଓ ଓଡ଼ିଶା ହକି ଟୁର୍ଣ୍ଣାମେଣ୍ଟର ଅନ୍ୟତମ ଉଦ୍ୟୋକ୍ତା । ଅବଶ୍ୟ ତାଙ୍କ ପରବର୍ତ୍ତୀ ସମୟେ ଉକ୍ତ ଅନୁଷ୍ଠାନରୁ ହକି ଖେଳ ଲୋପ ପାଇଥିଲା । ବାଞ୍ଛାନିଧି ବାବୁଙ୍କର ସମୟରେ ଏହି ଅନୁଷ୍ଠାନରେ ପାଠପଢ଼ିବା ନିମନ୍ତେ ସାରା ଓଡ଼ିଶାରୁ ଛାତ୍ରମାନେ ମହୁମାଛି ପରି ଛୁଟି ଆସୁଥିଲେ ଏବଂ ଏହି ଅନୁଷ୍ଠାନ ଗୌରବର ଶୀର୍ଷ ସ୍ଥାନରେ ପହଞ୍ଚିଥିଲା । ବିଦ୍ୟାଳୟର ଫଳ ବଗିଚାଟି ତାଙ୍କର ସମୟେ ଆରମ୍ଭ ହୋଇଥିଲା । ସେ ଥିଲେ ଏକ ପ୍ରଚଣ୍ଡ ବ୍ୟକ୍ତିତ୍ୱ ।

ଏହି ଅନୁଷ୍ଠାନରେ ସେ ସମୟରେ ଥିବା ପ୍ରଥିତଯଶା ଶିକ୍ଷକ ସ୍ୱର୍ଗତଃ ଜୟଧର ପରିଡ଼ା (ବର୍ତ୍ତମାନ ଚିଫ୍ ସେକ୍ରେଟାରୀ ଶ୍ରୀ ରାଜକିଶୋର ଭୁଜବଳଙ୍କର ପିତା)ଙ୍କର ଅଶେଷ ଗୁଣଗାନ କରନ୍ତି । ସେମାନେ କହନ୍ତି ଉକ୍ତ ବାବୁ ଥିଲେ ଜ୍ଞାନଗର୍ଭ ଓ ତାଙ୍କ ଅଧ୍ୟାପନାର ଶୈଳୀ ଥିଲା ଭଗବତ୍ ଦତ୍ତ ଉଚ୍ଚକୋଟୀର ଓ ଅନନ୍ୟ ସାଧାରଣ । ବିଦ୍ୟାଦାନ ବ୍ୟତୀତ ଛାତ୍ରମାନଙ୍କୁ ବିଦ୍ୟାଳୟ ବାହାରେ ସେ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଦେବା ସଙ୍ଗେ ସଙ୍ଗେ ଏପରି ଆନ୍ତରିକତା ପ୍ରକାଶ କରୁଥିଲେ ଯେ ସମଗ୍ର ଛାତ୍ର ଜଗତ ତାଙ୍କର ସର୍ବଦା ପଦ ବନ୍ଦନା କରୁଥିଲା । ଏପରି ମମତାମୟ ଶିକ୍ଷକ ଆସନ୍ତା କେତେ ପିଢ଼ୀ ନିମନ୍ତେ ଅନୁକରଣୀୟ ହୋଇ ରହିବେ ।

ଏହି ଅନୁଷ୍ଠାନକୁ ପରବର୍ତ୍ତୀ ସମୟରେ ପ୍ରଧାନ ଶିକ୍ଷକ ଭାବେ ଆସିଥିଲେ ସ୍ୱର୍ଗତଃ ଦିବ୍ୟସିଂହ ପଟ୍ଟନାୟକ । ସେ ମହାଶୟ ମୋର ପ୍ରଧାନ ଶିକ୍ଷକ ଥିଲେ । ଉଭୟ ଇଂରାଜୀ ଓ ଗଣିତରେ ଥିଲା ତାଙ୍କର ଅଗାଧ ଜ୍ଞାନ, ସଂସ୍କୃତରେ ଥିଲା ତାଙ୍କର ଅସାଧାରଣ ବ୍ୟୁତ୍ପତ୍ତି । ତାଙ୍କ ସ୍ମରଣ ଶକ୍ତି ଥିଲା ଅତ୍ୟନ୍ତ ପ୍ରଖର । ଆମେ ଦେଖିଛୁ ବିନା ପ୍ରିପାରେସନରେ ସମସ୍ତ ବିଷୟବସ୍ତୁକୁ ସମସ୍ତ କ୍ଲାସରେ ଆବଶ୍ୟକସ୍ଥଳେ ପଢ଼ାନ୍ତି । ଅବଶ୍ୟ ସେ ଖୁବ୍ କମ୍ କ୍ଲାସ ନିଅନ୍ତି । ସର୍ବଦା ସେ ଧୋତି, ଧଳା ଫୁଲହାତ, ସାର୍ଟ, କୋଟ ଓ ଗୋଡ଼ରେ କାବୁଲି ସ୍ୟାଣ୍ଡାଲ ପିନ୍ଧୁଥିଲେ । ଜ୍ଞାନ ଓ ଗାମ୍ଭୀର୍ଯ୍ୟର ଆଭା ତାଙ୍କ ଶରୀରରେ ସର୍ବଦା ପ୍ରକଟିତ ହେଉଥିଲା । ଅନୁଷ୍ଠାନସ୍ଥିତ ପ୍ରଧାନ ଶିକ୍ଷକଙ୍କର ବାସଭବନରେ ବସି ରହି ମଧ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କର ଚାଲିଚଳଣ, ଗତିବିଧି ସମ୍ବନ୍ଧେ ତୀକ୍ଷ୍ଣ ନଜର ରଖିବା ସଙ୍ଗେ ସଙ୍ଗେ ନିଜ ସହକର୍ମୀ ଶିକ୍ଷକମାନଙ୍କର ଅଧ୍ୟାପନା ଶୈଳୀ, ଦକ୍ଷତା ଓ ନିଷ୍ଠା ଉପରେ କଡ଼ା ନଜର ରଖୁଥିଲେ । ସେ ସମୟରେ ବିଦ୍ୟାଳୟରେ ''ପିନ୍ ଡ୍ରପ ସାଇଲେନ୍ସ'' ବିରାଜମାନ କରୁଥିଲା । ଦୈନନ୍ଦିନ ଦିବା ୧୦.୨୦ ମିନିଟ ପୂର୍ବରୁ ପହଞ୍ଚି ସଙ୍ଗେ ସଙ୍ଗେ ପୁରୁଣା ହଲରେ ସମବେତ ଶିକ୍ଷକ, ଛାତ୍ର ଛାତ୍ରୀଙ୍କର ପ୍ରାର୍ଥନା ସଭାରେ ଯୋଗଦାନ କରି ''ହେ ଆନନ୍ଦ ମୟ କୋଟି ଭୁବନ ପାଳକ'' ଏବଂ ତାଙ୍କ ପ୍ରବର୍ତ୍ତିତ ଆଦି ଶଙ୍କରାଚାର୍ଯ୍ୟଙ୍କର ସ୍ତୋତ୍ର ବନ୍ଦନା ''ନମସ୍ତେ ସତେ ତେ ଜଗତ କାରଣାୟ'' ଉଚ୍ଚ କଣ୍ଠରେ ଗାନ କରି ଆବଶ୍ୟକସ୍ଥଳେ ତାର ମର୍ମାର୍ଥ ବୁଝାଇ ଦେଉଥିଲେ । ଶନିବାର ଦିନ ସମବେତ ରାମଧୁନ ପ୍ରାର୍ଥନା ପରେ ଖେଳ ହେଉଥିଲା । ପ୍ରଧାନ ଶିକ୍ଷକ ମହୋଦୟ ଥିଲେ କଠୋର ଶୃଙ୍ଖଳା, ନିୟମାନୁବର୍ତ୍ତିତାର ଏକ ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ସମୟରେ ପ୍ରାୟ ପ୍ରତ୍ୟେକ ବର୍ଷ ମାଟ୍ରିକ ବେଷ୍ଟ ଟେନରେ ଛାତ୍ରମାନେ ସୁଯୋଗ ପାଉଥିଲେ । ବିଦ୍ୟାଳୟରେ ପଦ୍ୟପାଠ, ଶ୍ଳୋକପାଠ ଓ ବକ୍ତୃତା ପ୍ରତିଯୋଗିତାକୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟରେ କୃଷି ଉଦ୍ୟାନ ଓ ଫଳ ଉଦ୍ୟାନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ବହୁ ଉତ୍ସାହିତ କରୁଥିଲେ । ବିଦ୍ୟାଳୟର ଲାଇବ୍ରେରୀ, ହିନ୍ଦି ଶିକ୍ଷା, କମନ ରୁମ

ବୋର୍ଡ଼ରେ ଦୈନନ୍ଦିନ ସମାଚାର ଲେଖା ଦାୟିତ୍ୱରେ ଥିବା ସଂସ୍କୃତ ପଣ୍ଡିତ ସ୍ୱର୍ଗତଃ ହରିକୃଷ୍ଣ ପ୍ରଧାନଙ୍କୁ ଯଥେଷ୍ଟ ସମ୍ମାନ ଦେଇ ତାଙ୍କୁ ଆଦରରେ ପଣ୍ଡିତଜୀ ବୋଲି ଡାକୁଥିଲେ । ସେ ସମୟେ ସ୍ୱନାମଧନ୍ୟ ଶିକ୍ଷକ ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ ଗୋପୀନାଥ ରାଉତରାୟ, ପଦ୍ମଚରଣ ପଟ୍ଟନାୟକ (ବଡ଼ ପଦବାବୁ), ପଣ୍ଡିତ ହରିକୃଷ୍ଣ ପ୍ରଧାନ, ମୁରଲୀଧର ପ୍ରଧାନ (ପରବର୍ତ୍ତୀ ପ୍ରଧାନ ଶିକ୍ଷକ), ଖୈରେନ୍ଦ୍ର ଦାସ, ଭଗବାନନ୍ଦ ମହାନ୍ତି ଓ ଖେଳ ଶିକ୍ଷକ ଉଦୟନାଥ ପଟ୍ଟନାୟକ । ସେମାନଙ୍କ ମଧ୍ୟରୁ ମୁରଲୀଧର ଓ ଉଦୟନାଥ ସାରଙ୍କର ବ୍ୟତୀତ ଅନ୍ୟମାନେ ବିଦେହୀ ।

ସେ ସମୟେ ପ୍ରଧାନ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକମାନଙ୍କୁ ବେକ ଭାଙ୍ଗି, ମଥା ଅବନତ କରି ପ୍ରଣାମ କରୁଥିଲୁ ଓ ସେମାନେ ଆସୁଥିବା ବାଟରେ ନ ଯାଇ ଅନ୍ୟ ରାସ୍ତାରେ ବାଟ କାଟି ଯାଉଥିଲୁ । ଆମ ବିଦ୍ୟାଳୟରେ ତିନିଗୋଟି ଖେଳ ପଡ଼ିଆରେ ଫୁଟବଲ ଖେଳ ହେଉଥିଲା । ମେନ୍ ଖେଳପଡ଼ିଆରେ ଏ ଓ ବି ଟିମ୍, ଅନ୍ୟ ପଡ଼ିଆରେ ୟଙ୍ଗ ଓଡ଼ିଶା ଟିମ୍ ଏବଂ ଆଉ ଗୋଟିକରେ ଲିଲିପୁଟ ଟିମ୍ ଏପରି ମୋଟ ଦୈନନ୍ଦିନ ଛଅଟି ଦଳ ଛାତ୍ର ଫୁଟବଲ ଖେଳୁଥିଲେ । ତରୁଣ ଫୁଟବଲ ଖେଳାଳିମାନଙ୍କର ମଧ୍ୟରେ ଶେଖ ମଜହର, ହବିବ୍ ବକ୍ସ (ବୁଲ୍ଡ଼ି), ବିଜୟ ମହାନ୍ତି (ବୁଲୁ), ଅରବିନ୍ଦ ମିଶ୍ର ସ୍ୱନାମଧନ୍ୟ ଥିଲେ । ଖୁବ୍ ଅଳ୍ପ ସମୟ ପାଇଁ ହକି ଖେଳ ମଧ୍ୟ ଚାଲିଥିଲା ।

ବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ଦପ୍ତରୀବୃନ୍ଦ, ପିଅନ ଭ୍ରମର ନାୟକଙ୍କୁ ପ୍ରଧାନ ଶିକ୍ଷକ ଖୁବ୍ ଆଦର କରୁଥିଲେ । ୧୯୫୬ ମସିହା ପ୍ରଳୟଙ୍କରୀ ଦଳେଇଘାଇ ବନ୍ୟା ନିମନ୍ତେ ପ୍ରଧାନ ଶିକ୍ଷକଙ୍କ ସହ ଦ୍ୱାର ଦ୍ୱାର ବୁଲି ଚାଉଳ, ଟଙ୍କା ପଇସା ଆମେ ସଂଗ୍ରହ କରିଥିଲୁ । ପ୍ରଧାନ ଶିକ୍ଷକ ଆମ ବିଦ୍ୟାଳୟର ଏକ ଟିମର ନେତୃତ୍ୱ ନେଇ ପରିଣତ ବୟସରେ ବନ୍ୟାଞ୍ଚଳରେ ପନ୍ଦରଦିନରୁ ଅଧିକ କାଳ ସେବା କରି ସମସ୍ତଙ୍କର ପ୍ରଶଂସାଭାଜନ ହୋଇଥିଲେ । ଅଧ୍ୟାପନା ବ୍ୟତୀତ ଦିବ୍ୟସିଂହ ବାବୁ ସମବାୟ ଆନ୍ଦୋଳନର ଜଣେ ପ୍ରମୁଖ ନେତା ଥିଲେ ଏବଂ ଖୋର୍ଦ୍ଧା ଗୀତା ଭବନର ପ୍ରତିଷ୍ଠାତା ଥାଇ ଜୀବନର ଶେଷ ପର୍ଯ୍ୟନ୍ତ ସକାଳେ ମାଇକ୍ ଯୋଗେ ଗୀତା ପାଠ କରି ସହରବାସୀଙ୍କୁ ଅଶେଷ ଆନନ୍ଦ ଦେଉଥିଲେ । ପ୍ରଧାନ ଶିକ୍ଷକ ମହୋଦୟ ପ୍ରାତଃ ସ୍ମରଣୀୟ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କର ସହ ମିଶି ପ୍ରାଣନାଥ କଲେଜର ଶୁଭାରମ୍ଭ କରିଥିଲେ । ସେ ଦୁହିଁଙ୍କ ସହ ଆମେ ମିଶି ୧୯୫୯/୬୦ରେ ଦ୍ୱାର ଦ୍ୱାର ବୁଲି ଟଙ୍କା ପଇସା ଭିକ୍ଷା କରି କଲେଜ ନିମନ୍ତେ ଆଦାୟ କରିଥିଲୁ । ମୋର ସ୍ପଷ୍ଟ ଭାବେ ମନେ ଅଛି ଯେ, ୧୯୫୯/୬୦ ମସିହାରେ ପ୍ରାଣନାଥ କଲେଜ ନିର୍ମାଣ ନିମନ୍ତେ ଦିବ୍ୟସିଂହ ବାବୁ ବ୍ୟକ୍ତିଗତ ଭାବେ ପାଞ୍ଚହଜାର ଟଙ୍କା ଦାନ ଦେଇଥିଲେ, ଯାହାର ମୂଲ୍ୟ ଅଧୁନା ଏକଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ । ମୋଟ ଉପରେ ଦିବ୍ୟସିଂହ ବାବୁ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ ତଥା ସର୍ବଜନଙ୍କର ସମ୍ମାନ ଯୋଗ୍ୟ ଜଣେ ପ୍ରଧାନ ଶିକ୍ଷକ ।

୧୯୫୭ ମସିହାରେ ନବମ ଶ୍ରେଣୀର ଛାତ୍ର ଥିଲା ସମୟେ ଗୋଟିଏ ଛୋଟ ଘଟଣା ମୋର ମନେ ପଡୁଛି । ସେ ସମୟେ ଆମ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଥାଆନ୍ତି ଓ.ଏ. ଡଡସୱାର୍ଥ ଅବସରପ୍ରାପ୍ତ ଡି.ଏଫ୍.ଓ । ସଂକ୍ଷେପରେ ସମସ୍ତେ ତାଙ୍କୁ ଜଙ୍ଗଲ ସାହେବ ବୋଲି ବା ଡଡସୱାର୍ଥ ସାହେବ ବୋଲି ଜାଣନ୍ତି । ସେ ଥିଲେ ଜଣେ ବନ ବିଜ୍ଞାନବିତ୍ ଓ ଦକ୍ଷ ପ୍ରଶାସକ । ହାତୀ ପିଠିରେ ବସି ବୁଲ କଲାବେଳେ ବିଭିନ୍ନ କିସମର ଗଛ ନିଜେ ଗଣତି କରି ନିର୍ଦ୍ଦିଷ୍ଟ ସଂଖ୍ୟାରୁ କମ୍ ଥିଲେ ଓଡ଼ିଆ କର୍ମଚାରୀଙ୍କୁ ସଙ୍ଗେ ସଙ୍ଗେ କାର୍ଯ୍ୟରୁ ଅନ୍ତର କରି ଦେଉଥିଲେ । ଜଙ୍ଗଲ ସାହେବ ବଡ଼ ଶିକାର ପ୍ରିୟ ଥିଲେ । ସେ ସମୟେ ସବୁଆଡ଼ କ'ଣ ଜଙ୍ଗଲଭରା ଥିଲା ଓ ଶିକାର ଉପରେ ଏତେ କଟକଣା ନ ଥିଲା । ବାଘ ଶିକାର ସମୟେ ଗଛ ଉପରେ ମଞ୍ଚାରେ ନ ବସି ଆଣ୍ଠୁଡ଼ିରେ ପ୍ରଚୁକି ମାରି, ଦକ୍ଷିଣ ହସ୍ତରେ ଟ୍ରିଗର ଦବାଇ ଜଙ୍ଗଲ ସାହେବ ଶିକାର କରନ୍ତି । ତାଙ୍କର ଲକ୍ଷ୍ୟ ଥିଲା ଅବ୍ୟର୍ଥ । ସ୍ୱାଧୀନତା ପରେ ନିଜ ଦେଶକୁ ନ ଫେରି ଭାରତକୁ ନିଜ ମାତୃଭୂମି ଜ୍ଞାନ କରି ରହିଗଲେ । ଆମ ବିଦ୍ୟାଳୟକୁ ଲାଗି ଜଙ୍ଗଲ ସାହେବଙ୍କର ଷୋହଳ ଏକର ବିଶିଷ୍ଟ ବିଭିନ୍ନ କିସମର କଲିମୀ ଆମ୍ବ, ଲିଚୁ, ପିଚୁ, ପାଣିକୋଳି, ଲାମଗଏଣ୍ଡ, ପିଜୁଳି ଓ ସପୁରି ଭଳି ଉଦ୍ୟାନ ତଥା ନିଜ ବଙ୍ଗଳା ଥାଏ, ଯାହାକି ବର୍ତ୍ତମାନ ରାଜ୍ୟ ସରକାରଙ୍କର ଉଦ୍ୟାନ ବିଭାଗ ଖରିଦ କରି ନିଜସ୍ୱ ଟ୍ରେନିଂ ସେଣ୍ଟର ଖୋଲିଛନ୍ତି । ଏହି ଉଦ୍ୟାନରେ ଥିବା ବିରାଟକାୟ ଉଇଣ୍ଡମିଲ୍ ବା ପବନ ଚାଳିତ କଳ ସାହାଯ୍ୟରେ ପାଖରେ ଥିବା ପ୍ରକାଣ୍ଡ କୂପରୁ ଉଦ୍ୟାନକୁ ଜଳସେଚିତ କରାଯାଉଥିଲା । ସେଦିନ ଥାଏ ୧୯୫୭ ମସିହା ଏପ୍ରିଲ ମାସର ଶନିବାର । ସକାଳୁଆ କ୍ଲାସ ସାରି ଆମେ ଗୃହକୁ ଫେରିବା କଥା । ହଠାତ୍ ଆମ ମୁଣ୍ଡକୁ ଗୋଟିଏ ଅଦ୍ଭୁତ ଖିଆଲ ଜୁଟିଗଲା । ମୋର ସହାଧ୍ୟାୟୀ କ୍ୟାପଟେନ ସରୋଜ କୁମାର ପାତ୍ର (ଯେକି ୧୯୬୫ ମସିହା ଇଣ୍ଡୋ-ପାକ ଯୁଦ୍ଧରେ ୨ୟ ଲେଫ୍ଟନାଣ୍ଟ ଭାବେ ଯୋଗ ଦେଇ ପରବର୍ତ୍ତୀ ଦଶବର୍ଷ ପରେ ସୈନ୍ୟ ବାହିନୀରୁ ବିଦାୟ ନେଇ ବର୍ତ୍ତମାନ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ସିନିୟର ମ୍ୟାନେଜର ଭାବେ ଅବସ୍ଥାପିତ) ଡକ୍ଟର ପୂର୍ଣ୍ଣଚନ୍ଦ୍ର ମହାନ୍ତି ଏମ୍.ଏସ୍. (ଜିଲ୍ଲା ଚିକିତ୍ସା ଅଧିକାରୀ), ଶ୍ରୀ ଗୋକୁଳାନନ୍ଦ ଦାଶ (ସ୍ୱନାମଧନ୍ୟ ଏନ୍.ସି.ସି. ଅଫିସର ଏବଂ ବର୍ତ୍ତମାନ ଯାଆଁଳା ଉଚ୍ଚବିଦ୍ୟାଳୟର ପି.ଟି.ଆଇ) ଓ ମୁଁ ନିଷ୍ପତ୍ତି ନେଲୁ ଆଜି ଘରକୁ ନ ଫେରି ନିକଟସ୍ଥ ଲାଲିଆବାଡ଼ି ଗ୍ରାମକୁ ଯାଇ କଞ୍ଚା, ପାଚିଲା ଆମ୍ବ ଖାଇବା । ବାଟରେ ଗଲାବେଳେ ପଡ଼େ ଜଙ୍ଗଲ ସାହେବଙ୍କର

ଉପରୋକ୍ତ ଉଦ୍ୟାନ । ଉଦ୍ୟାନସ୍ଥିତ ବିଭିନ୍ନ କିସମର କଲମୀ ଆମ୍ବ ଯଥା ଆଲଫାନସୋ, ବାଇଗଣ ପଲେଇ, ତୋତା ପଲେଇ ଦେଖି ଲୋଭ ସମ୍ବରଣ ନ କରି ପାରି ସରୋଜ ଓ ପୂର୍ଣ୍ଣ କଣ୍ଟାଯୁକ୍ତ ତାର ବାଡ଼ ଅତିକ୍ରମ କରି ଗଛରେ ଚଢ଼ି ଆମ୍ବ ତୋଳି ତଳକୁ ପକାଇବାକୁ ଲାଗିଲେ । ତଳେ ଗୋକୁଳ ଓ ମୁଁ ତାରବାଡ଼ ବାହାରେ ରହି ଉଭୟ କଞ୍ଚା ଓ ପାଚିଲା ଆମ୍ବ ଗୋଟାଇ ରଖିବାକୁ ଲାଗିଲୁ । ହଠାତ୍ ଏହି ସମୟରେ ଗୋଟିଏ ଅଘଟଣ ଘଟିଲା । ଧଳା ଅଣ୍ଡରୱେୟାର, ଧଳା ପୁରାହାତ ଗଞ୍ଜି, ଧଳା କ୍ୟାନଭାସ ଯୋତା, ଧଳା ମୋଜା ପରିହିତ, ହାତରେ ଷ୍ଟିକ ଧରି, ୭/୮ ଗୋଟି ବିଲାତି କୁକୁର ସହ ଜଙ୍ଗଲ ସାହେବ ଆମ ଆଡ଼କୁ ଆସୁଥିବା ଦେଖି ଗଛ ଉପରୁ ସରୋଜ ଓ ପୂର୍ଣ୍ଣ ତାରବାଡ଼ ଅତିକ୍ରମ କରି ଡେଇଁ ପଡ଼ିଲେ । ସରୋଜ ଅକ୍ଷତ ରହିଲେ । କିନ୍ତୁ ପୂର୍ଣ୍ଣଙ୍କ ଗୋଡ଼ କଣ୍ଟାଯୁକ୍ତ ତାର ବାଡ଼ରେ ଛଡ଼ି ହୋଇ ଗୋଡ଼ରୁ ଧାର ଧାର ରକ୍ତ ବୋହିବାକୁ ଲାଗିଲା ।

ଆମର ଚିନ୍ତା ଭୟ ଜଙ୍ଗଲ ସାହେବ ଆମ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି, ଯଦି ସେ ଆମ ପ୍ରଧାନ ଶିକ୍ଷକ ମହାଶୟଙ୍କୁ ଜଣାଇଦେବେ, ତେବେ ୨ ଘଣ୍ଟା ଧରି ଆସେମ୍ବେଲୀ ସହ ଅତିକମ୍ପରେ ୧୦ଥର ବେତ୍ରାଘାତ ସୁନିଶ୍ଚିତ । ଏଣୁ ଆମ୍ବ ଛାଡ଼ି ଆମ ବହିପତ୍ର ଧରି ଆମେ ଚାରିଜଣ ଏକା ନିଃଶ୍ୱାସକେ ପଛରୁ ଜଙ୍ଗଲ ସାହେବଙ୍କର ଡାକ ନ ଶୁଣି ଧାଇଁ ଆସି ଭାଲିଆବାଡ଼ି ଗ୍ରାମରେ ହାଜର ହେଲୁ । ସଙ୍ଗେ ସଙ୍ଗେ ପୂର୍ଣ୍ଣ ଗୋଡ଼ର ଆଘାତକୁ ଡେଟଲରେ ଧୋଇ, ପେନ୍‌ସିଲିନ ଅଏଣ୍ଟମେଣ୍ଟ ଲଗାଇ ଉତ୍ତମ ରୂପେ ବ୍ୟାଣ୍ଡେଜ କରିଦେଲୁ । ତାଙ୍କ ଅଜାଙ୍କର ଘରେ ଖାଇ ବିଶ୍ରାମ ନେଲାପରେ ଦିବା ୩ ଘଣ୍ଟା ସମୟରେ ପୁନର୍ବାର ତାଙ୍କ ଅଜାଙ୍କ ଆମ୍ବ ତୋଟାକୁ ଯାଇ ମଣିଷ ମୁଣ୍ଡିଆ ଆମ୍ବ (ସେହି ଆମ୍ବର ଆକାର ମଣିଷ ମୁଣ୍ଡ ପରି ବଡ଼ ବଡ଼) ତୋଳି ପ୍ରଚୁର ଖାଇଲୁ ଓ ସନ୍ଧ୍ୟାପରେ ସରୋଜ ଓ ମୁଁ ଆମ ଖୋର୍ଦ୍ଧାସ୍ଥିତ ଘରକୁ ଫେରିଲୁ ।

ଏ ଘଟଣାରେ ବିଚଳିତ ହୋଇ ଜଙ୍ଗଲ ସାହେବ ସଙ୍ଗେ ସଙ୍ଗେ ପ୍ରଧାନ ଶିକ୍ଷକଙ୍କୁ ଜଣାଇ ଉପଯୁକ୍ତ ଡାକ୍ତରୀ ଚିକିତ୍ସା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ଓ ପରବର୍ତ୍ତୀ ଦିନ ରବିବାର ଥିବାରୁ କିଛି ନ ଜାଣିପାରି ଅସ୍ୱସ୍ତିରେ ସମୟ କଟାଇଲେ । କିନ୍ତୁ ପରବର୍ତ୍ତୀ ସୋମବାର ଦିନ ଜଙ୍ଗଲ ସାହେବ ନିଜେ ତାଙ୍କର ପୁରୁଣାକାଳିଆ ଫୋଲଡିଙ୍ଗ କ୍ୟାନଭାସ ହୁଡ଼ଥିବା ଫୋର୍ଡ଼ ଗାଡ଼ି ଚଳାଇ ଠିକ୍ ୧୦.୩୫ ମିନିଟ୍ ସମୟରେ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କର ସହ ପ୍ରତ୍ୟେକ ଶ୍ରେଣୀ ବୁଲି ଛାତ୍ରମାନଙ୍କର ଗୋଡ଼କୁ ଲକ୍ଷ୍ୟ କରିବାକୁ ଲାଗିଲେ । ଏତେ କଥା ଚାଲିଥାଏ ଆମେ କିଛି ଜାଣି ପାରିଲୁ ନାହିଁ । ଆମ ଶ୍ରେଣୀ ଗୃହକୁ ହଠାତ୍ ପଶି ଆସି ଜଙ୍ଗଲ ସାହେବ ପୂର୍ଣ୍ଣବାବୁଙ୍କର ଗୋଡ଼ର ବ୍ୟାଣ୍ଡେଜକୁ ଲକ୍ଷ୍ୟକରି ତାଙ୍କୁ ଚିହ୍ନିପାରି ପ୍ରଧାନ ଶିକ୍ଷକ ମହୋଦୟଙ୍କୁ କହିଲେ, Oh ! my God my Injured boy is here. ପାଖକୁ ଆସି କେତେ ଆଉଁସା ଆଉଁସି କରି ଜଙ୍ଗଲ ସାହେବ ପୂର୍ଣ୍ଣବାବୁଙ୍କୁ ସଙ୍ଗରେ ଧରି ପ୍ରଧାନ ଶିକ୍ଷକଙ୍କର ଚାମ୍ବରକୁ ନେଇଗଲେ ଓ ପାଖରେ ବସାଇ ଆଘାତ କଥା ପଚାରି କେତେ ଆଦରରେ ଆଣିଥିବା ବିସ୍କୁଟ ଓ ମିଠା ଖାଇବାକୁ ଦେଲେ । ପରେ ନିଜ ବଗିଚାରୁ ପାଚିଲା ଆମ୍ବ ଓ ଅନ୍ୟାନ୍ୟ ଫଳ ମଗାଇ ପିଲାମାନଙ୍କର ମଧ୍ୟରେ ବାଣ୍ଟି ଦେଲେ । କିନ୍ତୁ ପ୍ରଧାନ ଶିକ୍ଷକଙ୍କର ଦୃଢ଼ ଶାସନ ଦଣ୍ଡ ଭୟରେ ଆମେ ଚାରିଜଣ ଦୋଷୀଙ୍କ ଭଳି ମୁଣ୍ଡ ନୁଆଁଇ ରହିଥାଉ ।

ପ୍ରଧାନ ଶିକ୍ଷକ ମହୋଦୟ ସମସ୍ତ କଥା ଜାଣି ମୁରୁକି ମୁରୁକି ହସି କିଛି କହୁ ନ ଥାନ୍ତି । କିନ୍ତୁ ପରିଶେଷରେ ଯବନିକା ପକାଇ ସେ ଆମକୁ କହିଲେ ପିଲାମାନେ ତମର ଆମ୍ବ ଖାଇବାକୁ ଇଚ୍ଛା ହେଲେ ଶାକ୍ୟକୁ ନେଇ (ତାଙ୍କ ପୁତ୍ର ଇଞ୍ଜିନିୟର ଶାକ୍ୟସିଂହ ପଟ୍ଟନାୟକ) ଆମ ଗାଁ ବଧୂମାଛଗାଡ଼ିଆସ୍ଥିତ ଆମ ନିଜ ଆମ୍ବତୋଟାକୁ ଆମ୍ବ ଖାଇବ । ଯାଅ ଆଉ ଏଭଳି କାର୍ଯ୍ୟ କରିବ ନାହିଁ ।

ଖୁସି ମନରେ ପ୍ରଧାନ ଶିକ୍ଷକଙ୍କର ଚାମ୍ବରରୁ ଫେରି ଆମେ ପ୍ରତିଜ୍ଞା କଲୁ ଆଉ ଏଭଳି ଭୁଲ ହେବନାହିଁ । କି ଅନାବିଳ ସ୍ନେହ, ଆଦର । ବିଦ୍ୟାଳୟ ଛାଡ଼ିଲା ପରେ ବାଟରେ ଘାଟରେ ଦେଖି ପ୍ରଧାନ ଶିକ୍ଷକ ମହୋଦୟଙ୍କୁ ପ୍ରଣାମ କରିବା ପୂର୍ବରୁ ସେ ଏକାଧାରରେ ଆମର ସକଳ କୁଶଳ, ପିତାଙ୍କର କଥା ପଚାରି ପିଠି ଆଉଁସି, ମୁଣ୍ଡ ଆଉଁସି ଅଯାଚିତ ଭାବେ କେତେ ଆଶୀର୍ବାଦ ଦେଇ ଯାଆନ୍ତି । ଆଜି ପ୍ରଧାନ ଶିକ୍ଷକ ଦିବ୍ୟସିଂହ ବାବୁ ନଶ୍ୱରଦେହରେ ମଧ୍ୟ ଅମର ଓ ଯଶସ୍ୱୀ । ଏଭଳି ପ୍ରଧାନ ଶିକ୍ଷକ ଶିକ୍ଷା ଜଗତର ଅନ୍ୟତମ ମଉଡ଼ମଣି ଏବଂ ଏଭଳି ଅନୁଷ୍ଠାନ ସାରା ଶିକ୍ଷାନୁଷ୍ଠାନ ମାନଙ୍କର ମଧ୍ୟରେ ଅନ୍ୟତମ ମଥାମଣି ।

ଏହିସବୁ କିଛି ଐତିହ୍ୟ ଓ କିଛି ଅତୁଳା ସ୍ମୃତିକୁ ପାଥେୟ କରି ଶ୍ରୀଜଗନ୍ନାଥଙ୍କର ଚରଣାରବିନ୍ଦରେ ଏତିକି ପ୍ରାର୍ଥନା ଆମ ବିଦ୍ୟାଳୟ ପରିବାରର ସମସ୍ତ ପୁରାତନ ଏବଂ ଅଧୁନା ଛାତ୍ରଛାତ୍ରୀଙ୍କର ତଥା ସମସ୍ତ ଶିକ୍ଷକ ବର୍ଗଙ୍କର ସକଳ ମଙ୍ଗଳ ହେଉ । ସେମାନଙ୍କର ଚଲାପଥ ପୁଷ୍ପିତ ହେଉ, କୁସୁମିତ ହେଉ ।

ଚହପିଲବାଗ, ଖାଲସୁକୁଡ଼ା

# ସତ କହିବି କି ମିଛ କହିବି, ଅଙ୍ଗେ ଲିଭାଇବା କଥା କହିବି

ଇଂ ପ୍ରେମାନନ୍ଦ ମହାନ୍ତି



ନାତିନାତୁଣୀ ଆମମାନଙ୍କୁ ଘେରି ବସନ୍ତି, "ଆଉ ଆଜି ଗୋଟିଏ ମଜା ଗପ କୁହ, ଯେପରି ଏମିତିକା ଗପ ଆଗରୁ କେବେ କହି ନଥିବ ।" ପାକୁଆ ପାଟିରେ ଆଉ ପାନସୁଆ ଗୁଣ୍ଡିକୁ ପାଟିରେ ପକାଇ ଆରମ୍ଭ କରନ୍ତି ତାଙ୍କ ଅଙ୍ଗେ ଲିଭେଇବା କଥା କହିବି । ପିଲାମାନେ ଟିକେ ଭାବି କହନ୍ତି ଆଉ ଅଙ୍ଗେ ଲିଭେଇବା କଥା କୁହ । ଠିକ୍ ସେହିପରି ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚଇଂରାଜୀ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ କେତେବେଳେ କେମିତି ଉଲ୍ଲେଖନୀୟ ଘଟଣା ସମୟ ପ୍ରବାହରେ ଘଟିଯାଇଛି ବର୍ତ୍ତମାନ ତାହା ଭାବି ବସିଲେ କେତେ ଯେ ଆତ୍ମତୃପ୍ତି ଲାଗୁଛି ତାହା କେବଳ ଯିଏ ଅଙ୍ଗେ ଲିଭେଇଛି ସେ ହିଁ ବୁଝିପାରିବ । ବର୍ତ୍ତମାନ ପିଢ଼ୀ ପାଇଁ ତାହା କାହାଣୀ ବୋଲି ଲାଗିବ କହିଲେ ଅତ୍ୟୁକ୍ତି ହେବନାହିଁ ।

**ସାରେ, 'ସି',**

ବାଙ୍କୀ ସବ୍‌ଡିଭିଜନର ଏକ ନିହାତି ମଫସଲ ସ୍କୁଲରୁ ମାଇନର ପାଶ୍‌କରି ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇବାକୁ ଆସିଲି । ସେତେବେଳେ ୫ମ ଓ ୭ମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଥାଏ । ଯିଏ ଭଲ ପିଲା ସିଏ ହିଁ କେବଳ ପାଶ୍ କରିଥାଆନ୍ତି । ଆମ ବେଳେ କପି ପ୍ରାୟତଃ ନ ଥିଲା । ନୂଆ ମଫସଲ ସ୍କୁଲରୁ ୭ମ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ପାଶ କରିଥାଏ । ପୁଣି ସୁଦୂର ୧୯ କି.ମି. ଦୂର ପ୍ରୀତମକୁମାରୀ ବିଦ୍ୟାପୀଠରେ ୭ମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେଇ ପାଶ୍ କରିଥାଏ । ସୁନାମଧନ୍ୟ ଔପନ୍ୟାସିକ ଶ୍ରୀ ଦେବ୍ରାଜ ଲେଙ୍କା ଆମର ଗାର୍ଡ଼ ପଡ଼ିଥାନ୍ତି । ବାଙ୍କୀରେ ସୁବିଧା ନ ଥିବାରୁ ଖୋର୍ଦ୍ଧା ଆସିବାକୁ ପଡ଼ିଲା । ଆଗରୁ ଖୋର୍ଦ୍ଧା ସ୍କୁଲରେ ମୋର ବଡ଼ ବୁଢ଼ାଭାଇ ମାଟ୍ରିକ ପଢୁଥାନ୍ତି । ନାମ ଲେଖାଇବା ପାଇଁ ସ୍କୁଲରେ ପହଞ୍ଚି, ଆଉ ସ୍କୁଲକୁ ଦେଖି ମୋର ହାଲକ ଶୁଖିଗଲା । କେତେବଡ଼ ସ୍କୁଲ । ସେତେବେଳେ ୧୦ମ ଏକାଦଶରେ ପଢୁଥିବା ପିଲାମାନେ ଖୁବ୍ ବଡ଼ ବଡ଼ ଥିଲେ । ଏତେ ବଡ଼ ସ୍କୁଲ ଓ ଏତେ ବଡ଼ ବଡ଼ ପିଲାଙ୍କୁ ଦେଖି ମଫସଲରୁ ଆସିଥିବା ମୋ ଭଳି ପିଲା ଡରିବା ସ୍ୱାଭାବିକ । ବାପା ପ୍ରଧାନ ଶିକ୍ଷକଙ୍କ ରୁମକୁ ନେଇଯାଇ ନମସ୍କାର କରିବାକୁ କହିଲେ । ଦେଖିଲି ପ୍ରଧାନ ଶିକ୍ଷକଙ୍କ ରୁମ ବେଶ ବଡ଼ । ରୁମ ଭିତରେ ବହୁତ ଫଟୋ ଟଙ୍ଗା ହୋଇଛି । ଫଟୋ ଭିତରେ ଗୋଟିଏ ବଡ଼ ଫଟୋ ଟଙ୍ଗା ହୋଇଥାଏ, ପରେ ଜାଣିଲି ତାହା ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ରାୟବାହାଦୁର ବାଙ୍କନିଧି ପଟ୍ଟନାୟକଙ୍କର । ଠିକ୍ ତାଙ୍କ ଫଟୋ ତଳେ ଏକ ଚୌକି ଉପରେ ବସିଥାନ୍ତି ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସ୍ୱର୍ଗତ ଦିବ୍ୟସିଂହ ପଟ୍ଟନାୟକ । ବେଶ୍ ସ୍ୱାସ୍ଥ୍ୟବାନ ଦେଖିବାକୁ । ପିନ୍ଧିଥାନ୍ତି ଧଳାକୁର୍ତ୍ତା ଓ ଫୁଲହାତ ଧଳାପାର୍ଟ, ମୁଣ୍ଡବାଳ ପାଚି ଯାଇଥାଏ । ଗୋଲ ମୁହଁ, ବୟସ ଅଧିକ ହୋଇଥିଲେ ମଧ୍ୟ ସତେଜ ଦେଖା ଯାଉଥାନ୍ତି । ବାପାଙ୍କ କହିବାନୁସାରେ ମୁଁ ସାରଙ୍କୁ ନମସ୍କାର କଲି । ପଚାରିଲେ "କିଏ କେଉଁଥିରେ ପଢ଼ିବୁ" ମୁଁ କହିଲି ଅଷ୍ଟମରେ । କେଉଁ ଡିଭିଜନରେ ପାଶ୍ କରିଛୁ । ମୁଁ କହିଲି ଫାଷ୍ଟ ଡିଭିଜନରେ । ଆଚ୍ଛା ହେଉ 'ସି' ସେକ୍‌ସନରେ ପଢ଼ । ସେତେବେଳେ ଅଷ୍ଟମ ଶ୍ରେଣୀରେ ୪ଟି ସେକ୍‌ସନ୍ ଥାଏ । ମୋ ଆଗରୁ 'ଏ' ଓ 'ବି' ସେକ୍‌ସନ ନାମଲେଖା ସରିଥାଏ । ଏଣୁ 'ସି' ସେକ୍‌ସନରେ ଶ୍ରୀ ରାମଚନ୍ଦ୍ର ମିଶ୍ର (ସେତେବେଳେ ସ୍କୁଲର ମୁଖ୍ୟ କିରାଣି) ନାମ ଲେଖାଇ ଦେଲେ ଓ କହିଲେ 'ସି' ସେକ୍‌ସନକୁ ଯା; କ୍ଲାସ ଆରମ୍ଭ ହୋଇଗଲାଣି । ମୋର ମନେଅଛି ସେତେବେଳକୁ ୧୧.୩୦ ମିନିଟ୍ ପ୍ରାୟ ହେବ । ଭୁଲରେ 'ଏ' ସେକ୍‌ସନକୁ ଗଲି । ସେଠି ସାର୍ ପଚାରିଲେ ତୁମର କେଉଁ ସେକ୍‌ସନ ମୁଁ କହିଲି ସାର୍ 'ସି' । ସାର୍ କହିଲେ ନା, ଏଟା 'ଏ' ସେକ୍‌ସନ । ତା'ପରେ ପିଲାମାନଙ୍କୁ ଚାହିଁଲି ସମସ୍ତେ ଯେପରି ମୋତେ କେମିତି ଆଶ୍ଚର୍ଯ୍ୟ ପରି ଚାହିଁଥାନ୍ତି । ପ୍ରଥମରୁ ତ ସ୍କୁଲ ଓ ପିଲାଙ୍କୁ ଦେଖି ଭୟ ପାଉଥାଏ, ପୁଣି ପିଲାମାନଙ୍କ ଚାହାଣିକୁ ଦେଖି ଆହୁରି ଡରିଗଲି । ଆସିଲି ତା' ପାଖ ରୁମକୁ । ସେଠି ଶ୍ରୀଯୁକ୍ତ କାଶୀନାଥ ପ୍ରଧାନ (ପରେ ନାମ ଜାଣିଲି) କ୍ଲାସ ନେଉଥିଲେ ମୋତେ ଦ୍ୱାର ମୁହଁରେ ଦେଖି ପଚାରିଲେ କେଉଁ ସେକ୍‌ସନ ? ସାର୍ 'ସି' ବୋଲି ଅତି କ୍ଷୀଣ ସ୍ୱରରେ କହିଲି । ସେ ସେଠୁ କହିଲେ ତୁ ଆଉ ପଟ କ୍ଲାସ ରୁମକୁ ଯା, ସେଇଟା 'ସି' ସେକ୍‌ସନ । ସେଠୁ 'ସି' ସେକ୍‌ସନ କ୍ଲାସ ରୁମର କବାଟ ପାଖରେ ଯାଇ ଠିଆ ହେଲି । ସେଠି ସେତେବେଳେ ଶ୍ରୀଯୁକ୍ତ ପଦ୍ମଚରଣ ପଟ୍ଟନାୟକ (ବଡ଼ା ହୋଉ) କ୍ଲାସ ନେଉଥାନ୍ତି । ମୋତେ ଦେଖି ପାଖକୁ ଡାକିଲେ । କହିଲେ କେଉଁଠୁ ଆସିଲ ? ମୁଁ ଅତି ଭୟାତୁର ଓ କ୍ଷୀଣ ସ୍ୱରରେ କହିଲି

ସାର୍ 'ସି' । ତାହା ଶୁଣି ସାର୍ ହସି ହସି କହିଲେ ଆରେ ଡରି ଯାଉଛୁ କି ନା, ଯା, ବସ ଏଟା 'ସି' ସେକ୍‌ସନ । ତା'ପରେ 'ସି' ସେକ୍‌ସନରେ ମୁଁ ଆସ୍ତେ ଆସ୍ତେ ସାଂଗମାନଙ୍କ ସହ ମିଶିଲି ଓ ପାଠ ପଢ଼ା ଚାଲିଲା । ପ୍ରଥମ ଦିନର ସେ ଦୃଶ୍ୟ ଆଜି ମନେପଡ଼ିଲେ ହସ ଲାଗେ ଓ ତୁଳନା କରି କରି ଭାବେ ମଫସଲ ଓ ସହର ଭିତରେ କେତେ ଫରକ୍ ।

### କିରେ ଓଦା ହେଲୁ କିପରି ?

ଦିନ ଗଡ଼ିଚାଲିଲା, କ୍ଲାସକୁ ସବୁଦିନେ ଆସେ । ଦିନେହେଲେ ଅନୁପସ୍ଥିତ ରହେନାହିଁ । ଦିନେ ଘରୁ ବାହାରିଛି ସ୍କୁଲ ଖେଳପଡ଼ିଆ ପାଖାପାଖି ହୋଇଛି ହଠାତ୍ ଅଦିନିଆ ବର୍ଷା ହେଲା, ପୁରା ତିନ୍ତି ଗଲି । ଘରକୁ ନ ଫେରି ସ୍କୁଲକୁ ଆସିଲି ପିଲାମାନେ ପ୍ରାର୍ଥନା କରିବାକୁ ଯାଉଛନ୍ତି । ସ୍କୁଲ ହଲରେ ସେତେବେଳେ ପ୍ରାର୍ଥନା ହୁଏ । ପିଲାମାନେ ଲାଇନଧାଡ଼ି କରି ଠିଆ ହୁଅନ୍ତି, ଶ୍ରେଣୀ ଶିକ୍ଷକ ଓ ନିଜେ ପ୍ରଧାନ ଶିକ୍ଷକ ଠିଆ ହୋଇ "ହେ ଆନନ୍ଦମୟ କୋଟି ଭୁବନପାଳକ" ପ୍ରାର୍ଥନା ବୋଲାଯାଏ ତା'ପରେ କ୍ଲାସକୁ ଆସୁ । ଓଦା ହୋଇଛି । କ'ଣ କିପରି କରିବି । ଆଗ କ୍ଲାସ ରୁମରେ ଯାଇ ବହି ଓ ଖାତା ରଖିଦେଇ ପ୍ରାର୍ଥନା କ୍ଲାସକୁ ଯାଉଛି । ପ୍ରଧାନ ଶିକ୍ଷକଙ୍କ ଦୃଷ୍ଟିରେ ପଡ଼ିଗଲି । ମୁଁ ନିଜେ ଦେଖିଛି ପ୍ରଧାନ ଶିକ୍ଷକ ବାରଣ୍ଡାରେ ଯାଉଥିଲାବେଳେ କେହି ପିଲା ସାହସ କରନ୍ତି ନାହିଁ ବାରଣ୍ଡା ଉଠିବାକୁ । ସେତେବେଳେ ଭୟ ଓ ଭକ୍ତି ଥାଏ । ମୋତେ ଓଦା ସରସର ଦେଖି ପଚାରିଲେ କିରେ ଓଦା ହେଲୁ କିପରି ? ମୁଁ କହିଲି ଆସିଲାବେଳେ ବର୍ଷାରେ ଓଦା ହୋଇଗଲି । ସେଠୁ ସାର୍ କହିଲେ ତୁ ସବୁଦିନ ଆସୁଛୁ, ମୁଁ କହିଲି ହଁ; ତା'ପରେ ନାଁ ପଚାରିଲେ ଓ ପ୍ରାର୍ଥନା ହଲ ଆଡ଼କୁ ଚାଲିଲେ । ମୁଁ ମଧ୍ୟ ତାଙ୍କ ପଛେ ପଛେ ଯାଇ ଆମ କ୍ଲାସର ଧାଡ଼ିରେ ଠିଆ ହେଲି । ପ୍ରାର୍ଥନା ସରିଲା କ୍ଲାସକୁ ଆସି ଭାବିଲି, ସାର୍ କାହିଁକି ପଚାରିଲେ ? କିଛି ବୁଝି ପାରିଲି ନାହିଁ । ମୋର ଠିକ୍ ମନେ ଅଛି ସେ ବର୍ଷ ସ୍କୁଲ ବାର୍ଷିକ ଉତ୍ସବକୁ ଶିକ୍ଷାମନ୍ତ୍ରୀ ସ୍ୱର୍ଗତ ବନମାଳୀ ପଟ୍ଟନାୟକ ଆସିଥାନ୍ତି । ପିଲାମାନଙ୍କୁ ପୁରସ୍କାର ଦିଆଯାଉଥାଏ ହଠାତ୍ ୮ମ ଶ୍ରେଣୀ ପଢ଼ିବାରୁ ଉପସ୍ଥାପନରେ ପ୍ରଥମ ବୋଲି ମୋ ନାମ ଡକା ହେଲା । ମୁଁ ପିଲାମାନଙ୍କ ମଧ୍ୟରୁ ଉଠି ଯାଇ ପୁରସ୍କାର ଆଣିଲି । ଷ୍ଟେଜ ଉପରେ ପ୍ରଧାନ ଶିକ୍ଷକ ମୋତେ ଅନାଉଥାନ୍ତି । ମନେ ମନେ ଭାବୁଥାଏ ସାର୍‌ଙ୍କର ସ୍ମରଣ ଶକ୍ତି କେତେ ପ୍ରଖର । ସେ ଦିନ କଥାକୁ ମନେରଖି ମୋତେ ପୁରସ୍କାର ଦେଉଛନ୍ତି ଭାବି ତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିରେ ମସ୍ତକ ଆପେ ଆପେ ନଇଁ ଆସୁଥାଏ ।

### ଧୂଆଁପତ୍ରର ଦେବତା

ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଶିକ୍ଷାମନ୍ତ୍ରୀ ସ୍ୱର୍ଗତ ବନମାଳୀ ପଟ୍ଟନାୟକଙ୍କର ଭାଷଣ ସରିବା ପରେ ଆରମ୍ଭ ହେଲା ନାଟକ 'ଧୂଆଁପତ୍ରର ଦେବତା' । ନାଟକଟି ରଚନା କରିଥାନ୍ତି ସ୍କୁଲର ସଂସ୍କୃତ ପଣ୍ଡିତ ସ୍ୱର୍ଗତ ହରେକୃଷ୍ଣ ପ୍ରଧାନ । ନାଟକଟି ନିଶାନିବାରଣ ପୃଷ୍ଠଭୂମିରେ ରଚନା କରାଯାଇଥାଏ ଓ ଆହୁରି ମଧ୍ୟ ନାଟକଟିରେ ନାରୀ ଚରିତ୍ର ନେପଥ୍ୟରେ ଥାଏ । ଯାହାଫଳରେ କୌଣସି ନାରୀ ଚରିତ୍ର ଦୃଶ୍ୟପଟକୁ ଆସୁନଥାଏ । ନାଟକଟି ଏତେ ସୁନ୍ଦର ଓ ଜୀବନ୍ତ ହେଲା ଯେ ନାଟକର ରଚୟିତା ଶ୍ରୀଯୁକ୍ତ ପ୍ରଧାନଙ୍କୁ ଶିକ୍ଷାମନ୍ତ୍ରୀ ବୋଧହୁଏ (ମନେଅଛି) ପାଞ୍ଚଶତ ଟଙ୍କା ଦେବାପାଇଁ ପୁରସ୍କାର ଘୋଷଣା କରିଥିଲେ । ଏହି ନାଟକଟି ମୋ ଉପରେ ବହୁତ ପ୍ରଭାବ ପକାଇଥିଲା, ଯାହାଫଳରେ ମୁଁ ପରବର୍ତ୍ତୀ ସମୟରେ କୌଣସି ମାଦକ ଦ୍ରବ୍ୟ ଏପରିକି 'ଚା' ମଧ୍ୟ ଖାଇବାକୁ ଇଚ୍ଛା କରିନି ଓ ସବୁବେଳେ ସେହି ନାଟକଟି କଥା ମନେ ମନେ ଖୁସି ହେଉଛି । ପାଣ୍ଡୁଲିପିଟି ପରବର୍ତ୍ତୀ ସମୟରେ ପଣ୍ଡିତଜୀ କ'ଣ କଲେ ତାହା ମୁଁ ଜାଣିନି । ମାତ୍ର ଏତେ ସୁନ୍ଦର ନାଟକ ବର୍ତ୍ତମାନର ପିଢ଼ୀ ପାଇଁ ନିଶ୍ଚିତ ପ୍ରଭାବ ପକାଇବ, ତାହା ନିଃସନ୍ଦେହରେ କୁହାଯାଇପାରେ ।

### ଅବକାଶ

ଥରେ ସଂସ୍କୃତ କ୍ଲାସରେ ପଣ୍ଡିତ ସ୍ୱର୍ଗତ ହରେକୃଷ୍ଣ ପ୍ରଧାନଙ୍କୁ ପଚାରିଲି ସାର୍ ଆମ ସ୍କୁଲର ମୁଖପତ୍ରର ନାମ 'ଅବକାଶ' କାହିଁକି ହୋଇଛି ? ମନେଅଛି ସାର୍ ମୋତେ କହିଲେ- ଆମ ଓଡ଼ିଶା ସାହିତ୍ୟର ସମୟ ଅନୁସାରେ କ୍ରମବିକାଶ ହୋଇଛି । ଏପରିକି ଏକ ସମୟରେ ଚାରିଜଣ ବନ୍ଧୁ ଯୋଉଁ ସାହିତ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରଚନା କରିଯାଇଛନ୍ତି ସେହି ସମୟକୁ ସବୁଜ ଯୁଗ ବୋଲି କୁହାଯାଇଛି ଓ ସେମାନଙ୍କୁ ସବୁଜ ଯୁଗର କବି ବୋଲି କୁହାଯାଏ । ଛାତ୍ରାବସ୍ଥାରେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, କାଳନ୍ଦୀଚରଣ ପାଣିଗ୍ରାହୀ ଓ ଶରତଚନ୍ଦ୍ର ମୁଖାର୍ଜୀ ରେଭେନ୍‌ସା କଲେଜର ପଶ୍ଚିମ ଛାତ୍ରାବାସରେ ଯେଉଁ ହାତ ପତ୍ରିକା ବାହାର କରୁଥିଲେ ସେହି ହାତ ପତ୍ରିକାର ସ୍ରଷ୍ଟାଙ୍କ ନାମର ପ୍ରଥମ ଅକ୍ଷରରେ ଏହି ଅ....ବ....କା....ଶ...ର ଜନ୍ମ । ଯାହାକି କାଳକ୍ରମେ ହରଚନ୍ଦ୍ର ବିଦ୍ୟାଧର ଉଚ୍ଚ ଇଂରାଜୀ ବିଦ୍ୟାଳୟର ମୁଖପତ୍ରର ନାମକରଣ । ଏହି ତଥ୍ୟ କେତେଦୂର ସତ୍ୟ ତାହା କେବଳ ସେହି ସ୍ୱର୍ଗତ ପଣ୍ଡିତଜୀଙ୍କୁ ହିଁ ଜଣା । ସେତେବେଳେ ପତ୍ରିକାଟିରେ ସ୍ୱର୍ଗତ ହରେକୃଷ୍ଣ ପ୍ରଧାନ, ଶ୍ରୀଯୁକ୍ତ ଲକ୍ଷ୍ମୀଧର ମିଶ୍ର ପ୍ରମୁଖଙ୍କର ଲେଖା ପ୍ରକାଶିତ ହୋଇଛି, ଯାହାକି ଛାତ୍ରମାନଙ୍କ ପାଇଁ ଶିକ୍ଷଣୀୟ ଥିଲା ।

### ମୋ ପିଲା କେହି ଏ କାମ କରିବେ ନାହିଁ

ସେତେବେଳେ ସ୍କୁଲରେ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦିବ୍ୟସିଂହ ପଟ୍ଟନାୟକଙ୍କୁ ଓ ଆଉ ଜଣେ ଶିକ୍ଷକଙ୍କୁ ପିଲାମାନେ ଖୁବ୍ ଭୟ କରୁଥିଲେ । ସେ ହେଲେ ଶ୍ରୀଯୁକ୍ତ ଉଦୟନାଥ ପଟ୍ଟନାୟକ ପି.ଇଟି । ଶ୍ରୀଯୁକ୍ତ ଉଦୟନାଥ ପଟ୍ଟନାୟକଙ୍କ ନାମ ଶୁଣିଲେ ପିଲାମାନେ ଚୁପ୍ ହୋଇ ଠିଆ ହୁଅନ୍ତି । ତାଙ୍କ ପାଖରେ ଦୁଷ୍ଟ ପିଲା ମଧ୍ୟ ଶାନ୍ତ ହୋଇ ଠିଆ ହୁଏ । ପ୍ରତିବର୍ଷ ଗଣେଶପୂଜା ଓ ସରସ୍ୱତୀ ପୂଜା ଶ୍ରୀଯୁକ୍ତ ପଟ୍ଟନାୟକ ସାର୍‌ଙ୍କ ଦାୟିତ୍ୱରେ

ସମାପିତ ହୁଏ । ଦଶମ ଓ ଏକାଦଶ ପିଲାମାନଙ୍କୁ ନେଇ ଏକ କମିଟି ଗଢ଼ାଯାଏ ଓ ଏହି କମିଟି ପଟ୍ଟନାୟକ ସାର୍‌ଙ୍କ ଦାୟିତ୍ୱରେ ପୂଜାର ସମସ୍ତ ଭାର ନିଅନ୍ତି । ପୂଜା ଦୁଇଟି ବହୁତ ଯାକ ଯମକରେ ସ୍କୁଲର ବଡ଼ ହଲରେ ହୁଏ । ପୂଜାରେ ଯେଉଁ ଲୋକି ହୁଏ ତାହା ସବୁଠାରୁ ଆକର୍ଷଣୀୟ ଓ ଏବେ ମଧ ମନେଅଛି ଖୋର୍ଦ୍ଧାର ମାନ୍ୟଗଣ୍ୟ ବ୍ୟକ୍ତି ତଥା ବହୁ ଅଫିସରଙ୍କୁ ମଧ ନିମନ୍ତ୍ରଣ କରାଯାଏ ଓ ଉଦୟନାଥ ସାର୍ ଏପରି ବ୍ୟବସ୍ଥା କରନ୍ତି ଯେ କେବେ କୌଣସି ତ୍ରୁଟି ପରିଲକ୍ଷିତ ହୁଏନାହିଁ । ଥରେ ପୂଜାଭାର ଆମ କ୍ଲାସ ପିଲାଙ୍କ ଉପରେ ନ୍ୟସ୍ତ ହେଲା । ସାର୍ ସମସ୍ତ ଭାର ନେଇଥାନ୍ତି । ଆମେ ଦଶଜଣ ପିଲା ପ୍ରାଣପ୍ରଣେ ଲାଗିଥାଉ । ହଲ ସଜ୍ଜାଠାରୁ ଆରମ୍ଭ କରି ଲୋକି ପର୍ଯ୍ୟନ୍ତ । ଭଲରେ ଭଲରେ ପୂଜା ଓ ଲୋକି ସରିଗଲା, ମାତ୍ର ବାର ଅବାର ନେଇ ମୂର୍ତ୍ତି ବିସର୍ଜନ ହୋଇପାରିଲା ନାହିଁ । ସେହି ରାତିରେ କେହି ଦୁର୍ବୃତ୍ତ ହଲ ଭିତରେ ପଶି ୨/୩ଟି ଲାଇଟ୍ ଓ କିଛି ତାର ନେଇ ଯାଇଥାଏ । ସାଙ୍ଗ ପିଲାମାନେ ରାତିରେ ଜଗିଥାନ୍ତି, ମାତ୍ର କେହି ଜାଣିପାରିଲେ ନାହିଁ । ଚୋରି ହୋଇଥିବା କଥା ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦିବ୍ୟସିଂହ ପଟ୍ଟନାୟକଙ୍କ କାନକୁ ଗଲା । ଆମ ଦଶଜଣ ପିଲାଙ୍କୁ ସାର୍ ଡକାଇଥାନ୍ତି । ଆମେ ଅଫିସ୍ ରୁମ୍ ବାହାରେ ଧାଡ଼ି ହୋଇ ଠିଆ ହୋଇଥାଉ । ପାଖରେ ଉଦୟନାଥ ସାର୍ ଠିଆ ହୋଇଥାନ୍ତି । ଏହି ସମୟରେ ହାତରେ ଏକ ବେତ ଧରି ପ୍ରଧାନ ଶିକ୍ଷକ ଆମ ପାଖରେ ପହଞ୍ଚିଲେ । ଜଣ ଜଣ କରି ଆମ ସମସ୍ତଙ୍କୁ ପଚାରିଲେ କହ ତୁମମାନଙ୍କ ମଧ୍ୟରୁ କିଏ ଚୋରି କରିଛ ? ଆମେ ଦଶଜଣଯାକ ନୀରବରେ ଠିଆ ହୋଇଥାଉ । ଧମକ ଚମକ ଦେଇ ଯେତେ ପଚାରିଲେ ମଧ ଆମେ ନୀରବ, ଖାଲି ପାଟିରୁ ଏତିକି ବାହାରୁଥାଏ, ''ସାର୍ ଆମେ ଜାଣିନୁ ।'' ଲଜ୍ଜା ଓ ଭୟରେ ମୁହଁରୁ ସମସ୍ତଙ୍କର ଝାଳ ବିନ୍ଦୁ ବିନ୍ଦୁ ହୋଇ ବୋହି ଆସୁଥାଏ । ସାର୍ ଗାଢ଼େଇ କରି ଅନାଇଲେ । ତଥାପି ଆମମାନଙ୍କର ନୀରବତା ଓ ମୁଣ୍ଡ ତଳକୁ ପୋତିବା ଦେଖି ସାର୍ କହିଲେ (ଉଦୟନାଥ ସାର୍‌ଙ୍କୁ ଲକ୍ଷ୍ୟକରି) ''ମୋ ପିଲା କେହି ଏ କାମ କରିବେ ନାହିଁ ।'' ଆଜ୍ଞା ହେଡ ପଟ୍ଟନାୟକ ବାବୁ ମୁଁ କହିବି । ଆସନ ମାଡ଼ରୁ ଓ ଲୋଗିମାନାରୁ ମୁକ୍ତି ମିଳିଲା, କିନ୍ତୁ ସମସ୍ତେ ଭାବି ହେଉଥାଉ କିଏ ଚୋରି କରିଛି ବୋଲି । ଦୁଇଦିନ ଗଲା ତିନିଦିନ ବେଳକୁ ପ୍ରଧାନ ଶିକ୍ଷକଙ୍କ ଅଫିସ ମୁହଁରେ ଥିବା ହଲର ବାରଣ୍ଡାରେ କିଏ ରାତିରେ ଚୋରି ହୋଇଥିବା ଜିନିଷ ଥୋଇ ଦେଇ ଯାଇଥାଏ । ସମସ୍ତେ ଆସି ଦେଖୁଥାନ୍ତି । କିଏ ପୁଣି ଦେଇଗଲା । ଫୁସ୍ ଫୁସ୍ ଜଣାଗଲା ପ୍ରଧାନ ଶିକ୍ଷକ ଜାଣେ ପୋଲିସରେ ଜଣାଇଛନ୍ତି ଭାବି ସ୍କୁଲ ପଛପଟେ ଥିବା ପାଣିପାଇପ ଜଣେ ଲୋକ ଭୟରେ ଆଣି ଫେରାଇ ଦେଇଛି । ଗୋଟିଏ କଥା କହିବା କଥା ପ୍ରଧାନ ଶିକ୍ଷକଙ୍କର ପିଲାଙ୍କ ଉପରେ କି ଆତ୍ମବିଶ୍ୱାସ ଯେ ମୋ ପିଲା ଏପରି କାମ କରି ନ ଥିବେ । ଏଭଳି ଆତ୍ମବିଶ୍ୱାସ ଆଜି କାଲି ଶିକ୍ଷକମାନଙ୍କର ଅଛି ତ ?

## ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିକୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ପ୍ରାଙ୍ଗଣରେ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବାର ଘୋଷଣା କରାଯାଇଥାଏ । ଗୁରୁ ତାଲିମ ଭବନର କଳାଶିକ୍ଷକ ଶ୍ରୀଯୁକ୍ତ କିଶୋରୀ ମୋହନ ଦାସ (ଯାଜପୁର) ଏ ମୂର୍ତ୍ତି ତିଆରି କରିଥାନ୍ତି ନିଜର ମାନସପଟ ଓ ଐତିହାସିକ କିମ୍ବଦନ୍ତୀରୁ । ସେଦିନ ବିରାଟ ଏକ ଶୋଭାଯାତ୍ରାରେ ସି.ଟି. ସ୍କୁଲରୁ ମୂର୍ତ୍ତି କଲେଜ ପର୍ଯ୍ୟନ୍ତ ନେବାର ପ୍ରସ୍ତାବ ଥାଏ । ଆମେ ୨/୩ ଜଣ ପିଲା ପ୍ରଧାନ ଶିକ୍ଷକଙ୍କୁ ଯାଇ ଦେଖାକରି ଉକ୍ତ ପ୍ରତିମୂର୍ତ୍ତିକୁ ସମ୍ବର୍ଦ୍ଧନା ଦେବାପାଇଁ ପ୍ରସ୍ତାବ ଦେଇ ଅନୁରୋଧ କଲୁ । ସଙ୍ଗେ ସଙ୍ଗେ ସାର୍ ରାଜି ହୋଇଗଲେ ଓ ଉଦୟନାଥ ସାର୍‌ଙ୍କୁ ଡକାଇଲେ । ଉଦୟନାଥ ସାର୍ ଆମମାନଙ୍କୁ ଧାଡ଼ିବାନ୍ଧି ଯିବାପାଇଁ ନିର୍ଦ୍ଦେଶ ଦେଲେ । ଆମେ ସମସ୍ତେ ହାତରେ ଫୁଲମାଳ, ଫୁଲତୋଡ଼ା ଧରି ସ୍କୁଲର ଛାତ୍ରାବାସ ନିକଟରେ ଥିବା ଗେଟ୍ ପାଖରେ ଅପେକ୍ଷା କଲୁ । ଶୋଭାଯାତ୍ରା ଆସି ଗେଟ୍ ପାଖରେ ପହଞ୍ଚିଲା । ବନ୍ଦେ ଜଗବନ୍ଧୁ ଓ ଜୟୀ ରାଜଗୁରୁଙ୍କ ଜୟଗାନରେ ଗଗନ ପବନ ମୁଖରିତ ହେଉଥାଏ । ସେଦିନ ମନରେ କି ଆନନ୍ଦ ତାଙ୍କ ପ୍ରତିମୂର୍ତ୍ତିକୁ ଦେଖି । ସମସ୍ତେ ଫୁଲମାଳ ଦେଇ ସମ୍ବର୍ଦ୍ଧନା କଲୁ । ପ୍ରଧାନ ଶିକ୍ଷକଙ୍କ ସମେତ ଉଦୟନାଥ ସାର୍, ରଘୁନାଥ ସାର୍, ଶୈଳ ସାର୍, କିଶୋରୀ ସାର୍, କାଶୀନାଥ ସାର୍ ଓ ଅନ୍ୟମାନେ ସମ୍ବର୍ଦ୍ଧନା ଜଣାଇଥିଲେ । ସେଦିନ ମନରେ ଯେଉଁ ଉତ୍ସାହ ତାହା ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଧନ୍ୟ ଖୋର୍ଦ୍ଧାମାଟି, ଧନ୍ୟ ତାର ସନ୍ତାନଗଣ ।

## ପାଠପଢ଼ା

ଆମ ସମୟରେ ଯେଉଁ ଶିକ୍ଷକମାନେ ପାଠପଢ଼ାଉଥିଲେ ସେମାନେ ସ୍ୱେଚ୍ଛାକୃତ ଭାବେ ପାଠ ପଢ଼ାଉଥିଲେ । ସ୍ୱର୍ଗତ ଶ୍ରୀଯୁକ୍ତ ଦିବ୍ୟସିଂହ ପଟ୍ଟନାୟକଙ୍କ ପରେ କିଛିଦିନ ପାଇଁ ଶ୍ରୀଯୁକ୍ତ ମୁରଲୀଧର ପ୍ରଧାନ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହିଲେ । ତା'ପରେ ଶ୍ରୀଯୁକ୍ତ ବନବିହାରୀ ପଟ୍ଟନାୟକ ପ୍ରଧାନ ଶିକ୍ଷକ ହୋଇ ମୋର ସ୍କୁଲ ଛାଡ଼ିବା ପର୍ଯ୍ୟନ୍ତ ଥାନ୍ତି । ଗୋଟିଏ ମଜା କଥା ଥିଲା ସେତେବେଳେ ତିନିଜଣ ପଦ୍ମଚରଣ ନାମଧାରୀ ସାର୍ ଥାନ୍ତି । ପିଲାମାନେ ସେମାନଙ୍କର ଆକୃତି ଓ ଚେହେରାକୁ ନେଇ ବେଳେ ବେଳେ ସେମାନଙ୍କ ମଧ୍ୟରେ ସାର୍‌ମାନଙ୍କ ନାମକରଣ କରିଥାନ୍ତି । ଯଥା- ଡେଙ୍ଗାପଦ ସାର୍, ବନ୍ଧାପଦ ସାର୍ ଓ କଳାପଦ ସାର୍ ସେହିପରି ଲକ୍ଷ୍ମୀଧର ନାମଧାରୀ ଦୁଇଜଣ ସାର୍‌ଙ୍କୁ ଚନ୍ଦନଟିପା ଲକ୍ଷ୍ମୀଧର ସାର୍ ଓ ଗେଡ଼ା ଲକ୍ଷ୍ମୀଧର ସାର୍ ବୋଲି ପିଲାମାନେ ନିଜ ନିଜ ଭିତରେ କଥାବାର୍ତ୍ତା କରନ୍ତି । ପାଠ ପଢ଼ିବା ସମୟରେ ଶ୍ରୀ ରଘୁନାଥ ପରିଡ଼ା ସାର୍, ଶୈଳ ସାର୍, କାଶୀନାଥ ସାର୍, କିଶୋରୀ ସାର୍, ହରେକୃଷ୍ଣ ସାର୍, ମୁରଲୀ ସାର୍ ଓ ବିଜ୍ଞାନ ଶିକ୍ଷକ ହିସାବରେ ରସାନନ୍ଦ ସାର୍ ଓ ନଳିନୀ ସାର୍‌ଙ୍କ ବ୍ୟବହାର ଅତି ଉତ୍ତମ ଥିଲା ଓ

ସେମାନଙ୍କର ପ୍ରଭାବ ପିଲାମାନଙ୍କ ଉପରେ ପଡୁଥିଲା । ସର୍ବୋପରି ସ୍ୱର୍ଗତ ବିଦ୍ୟାସିଂହ ପଟ୍ଟନାୟକ ଓ ଶ୍ରୀଯୁକ୍ତ ବନବିହାରୀ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଆମମାନଙ୍କୁ ବହୁଭାବେ ଅନୁପ୍ରାଣିତ କରୁଥିଲା । ସେତେବେଳେ ଶିକ୍ଷକମାନେ ଏପରି ଟ୍ୟୁସନ କରୁନଥିଲେ । ମୋର ମନେଅଛି ମୁଁ ଯେତେବେଳେ ଯେଉଁ ସାରଙ୍କ ପାଖକୁ ଯାଇଛି ସେତେବେଳେ ସେମାନେ ପାଠ ବୁଝାଇ ଦେଇଛନ୍ତି । କେହି ମନା କରିନାହାନ୍ତି ।

ଆମର ସେତେବେଳେ କ୍ରାଫ୍ଟ କ୍ଲାସ, ରେଡ଼ିଓ କ୍ଲାସ ଇତ୍ୟାଦି ହେଉଥିଲା, ଯାହାଫଳରେ ଆମେ ଅନେକ କିଛି ଜାଣିବାକୁ ସୁଯୋଗ ପାଉଥିଲୁ । ପିଲାମାନଙ୍କ ମଧ୍ୟରେ ଉତ୍ସାହ ଜନ୍ମାଇବା ପାଇଁ ସେତେବେଳେ "ହୋତା ପଣ୍ଡିତ ସଂସ୍କୃତ ଶତ ଶ୍ଳୋକର ଆବୃତ୍ତି" କରାଯାଉଥିଲା । ମୋର ମନେଅଛି ଆମ ସାଙ୍ଗ ଭିତରୁ ଜଗତକୃଷ୍ଣ ଓ ଦୁର୍ଗାଚରଣ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ । ମୁଁ ୧୦୦ ପର୍ଯ୍ୟନ୍ତ ଶ୍ଳୋକ ବୋଲି ପାରି ନଥିଲି । ଏ ଯେଉଁ ଉତ୍ସାହ ତାହ କେବଳ ଶିକ୍ଷକମାନଙ୍କ ଠାରୁ ଆମେମାନେ ପାଉଥିଲୁ ।

୧୯୭୧ ମସିହାରେ ମୁଁ ମାଟ୍ରିକ ପାଶ୍ କଲି ଓ ତା' ପରେ ନିଜର ଅଧ୍ୟୟନ ବିଭିନ୍ନ କଲେଜରେ ସାରି ଆଜି କର୍ମମୟ ଜୀବନ ପଥରେ ଆଗେଇ ଚାଲିଛି । ଆମ ଶ୍ରେଣୀର ଇଞ୍ଜିନିୟର ବିନାୟକ ମିଶ୍ର, ଇଞ୍ଜିନିୟର ସୁରେନ୍ଦ୍ର ମହାନ୍ତି, ଡାକ୍ତର ଜଗତକୃଷ୍ଣ ସାମନ୍ତରାୟ, ଶ୍ରୀ ସଂଗ୍ରାମ କୁମାର ଦାଶ (ଷ୍ଟେଟବ୍ୟାଙ୍କ ଅଫିସର), ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ (ବିଚାର ବିଭାଗ ମାଜିଷ୍ଟ୍ରେଟ), ରବି ପଟ୍ଟନାୟକ (ବାଣପୁର), ଜ୍ୟୋତିରଞ୍ଜନ ପଟ୍ଟନାୟକ (ଆବାକାରୀ), ଅଧ୍ୟାପକ ନିରଞ୍ଜନ ମହାନ୍ତି, ରବୀନ୍ଦ୍ରକୁମାର ସାହୁ (ସମବାୟ ବିଭାଗ) ପ୍ରମୁଖ ବିଭିନ୍ନ ସଂସ୍ଥାରେ କର୍ତ୍ତବ୍ୟରତ । ଆଜି ଛାତ୍ର ଜୀବନ କଥା ମନେ ପଡ଼ିଲେ ଓ ତାହା ଆମ ପିଲାମାନଙ୍କ ଆଗରେ କହି ବସିଲେ ସେମାନଙ୍କୁ ତାହା କାହାଣୀ ଭଳି ଲାଗୁଛି । କାରଣ ଆଜି ସେ ଭକ୍ତି ନାହିଁ କି ସେ ଭୟ ନାହିଁ । ସାରମାନଙ୍କ ଠାରେ ସେ ଛାତ୍ରବତ୍ସଳତା ନାହିଁ କି ଛାତ୍ରମାନଙ୍କ ପ୍ରତି ଶିକ୍ଷକମାନଙ୍କ କର୍ତ୍ତବ୍ୟ ନାହିଁ । ଏଣୁ ସେତେବେଳ କଥା ମନେପଡ଼ିଲେ ଓ ଆମ ପିଲାମାନଙ୍କ ପାଠପଢ଼ା କଥା ଭାବିଲେ ଆକାଶ ପାତାଳ ପରି ଲାଗୁଛି ।

ଏବେ ମଧ୍ୟ ମୂକସାକ୍ଷୀ ରୂପେ ସେହି ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚଇଂରାଜୀ ବିଦ୍ୟାଳୟ ଅଛି ଓ ସେହି ବିଦ୍ୟାଳୟ ଭିତରେ ଥିବା ହିମାଳୟ ପର୍ବତ (ସିମେଣ୍ଟ ତିଆରି) ଅଛି, କିନ୍ତୁ ସେ ସମୟର ଶିକ୍ଷକମାନେ ଆଉ ନାହାନ୍ତି । ବାଟରେ ଘାଟରେ ସେ ସମୟର ଶିକ୍ଷକମାନଙ୍କ ସାଙ୍ଗରେ ଦେଖାହେଲେ ଭକ୍ତିରେ ମୁଣ୍ଡ ନଇଁ ଆସେ ସ୍ୱତଃପ୍ରବୃତ୍ତ ଭାବେ । ଆଜି ଯେତେବେଳେ ମାସ ଶେଷରେ ସ୍ତ୍ରୀ ପାଖକୁ ଆସି କୁହନ୍ତି ପୁଅର ଟ୍ୟୁସନ ଦରମା, ଝିଅର ଟ୍ୟୁସନ ଦରମା ଇତ୍ୟାଦି ସେତିକିବେଳେ ଆମ ପାଠପଢ଼ା କଥା ମନେପଡ଼େ । କାହିଁ ଆମେ ସେତେବେଳେ କେବେ ଟ୍ୟୁସନ ଦରମା ଆମ ବାପ ମାଆଙ୍କୁ ମାଗିନାହୁଁ । ତାହାହେଲେ କ'ଣ ସତରେ ପାଠପଢ଼ାରେ ଏତେ ପରିବର୍ତ୍ତନ ହୋଇଛି ? ବର୍ତ୍ତମାନ୍ ଗଧପରି ଖଟଣି ମଧ୍ୟରେ ପିଲାମାନଙ୍କ ସାରମାନଙ୍କୁ ଦେଖିଲେ ଆମ ସମୟର ସେହି ସ୍ୱର୍ଗତ ବିଦ୍ୟାସିଂହ ପଟ୍ଟନାୟକ, ସ୍ୱର୍ଗତ ହରେକୃଷ୍ଣ ପ୍ରଧାନ ପ୍ରଭୃତି ସାରଙ୍କ କଥା ମନେପଡ଼େ । କୁଆଡ଼େ ଗଲେ ସେମାନେ କାହିଁକି ସେମାନେ ଅକ୍ଷୟ ଅମର ନ ହେଲେ, ଆମ ପିଲାମାନଙ୍କୁ ପାଠ ପଢ଼ାଇଥାନ୍ତେ ।

ଆଜି ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଉଦ୍ୟମ ଯୋଗୁଁ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚଇଂରାଜୀ ବିଦ୍ୟାଳୟ ତାର ପରିସୀମାରେ ଆବଦ୍ଧ, ପୁନରୁଦ୍ଧାର ତଥା ନୂତନ ବସ୍ତ୍ର ପରିଧାନ କରିଛି । ଆଶା ମଧ୍ୟ କରୁଛି ଏହି ଉଚ୍ଚଇଂରାଜୀ ବିଦ୍ୟାଳୟର ଆଉ କିଛି ଉନ୍ନତି ହେବ । ତେବେ ଭବି ଆଗାମୀ ଯୁବପିଢ଼ୀ ଲେଖିବସିବେ "ସତ କହିବି କି ମିଛ କହିବି, ଅଲେ ଲିଭେଇବା କଥା କହିବି ।"

**ସହକାରୀ ଯନ୍ତ୍ରୀ**

**କେନାପୁର ଜଳସେଚନ ଉପଖଣ୍ଡ, ଜାଜପୁର**

# ମୋ ସମୟର ସ୍କୁଲ

ଡ଼ଃ. କମଳ କୁମାର ଅଗ୍ରୱାଲା

ଐତିହାସିକ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟର ଶତବାର୍ଷିକୀ ପାଳନ ନିଶ୍ଚିତ ଭାବରେ ଏହାର ଅଗଣିତ ଛାତ୍ରମାନଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି କରୁଅଛି । ମୁଁ ୧୯୭୭ରୁ ୧୯୮୩ ମସିହା ପର୍ଯ୍ୟନ୍ତ ୬ ବର୍ଷ ପାଇଁ ଏହି ବିଦ୍ୟାଳୟର ଛାତ୍ର ହେବାର ସୌଭାଗ୍ୟ ଲାଭ କରିଥିବାରୁ ଆଜିର ଏହି କ୍ଷଣରେ ନିଜକୁ ଗୌରବାନ୍ୱିତ ମନେ କରୁଅଛି ।

୧୯୭୭ରୁ ୧୯୮୩ ମଧ୍ୟରେ ଶ୍ରୀ ଅନନ୍ତ ଚରଣ ରଥ ଓ ଶ୍ରୀ ଶ୍ୟାମସୁନ୍ଦର ପଟ୍ଟନାୟକ ଏହି ଐତିହାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ଅଳଙ୍କୃତ କରିଥିଲେ । ଅନନ୍ତବାବୁ ଅତ୍ୟନ୍ତ କୋମଳ ପ୍ରକୃତି ଓ ଦୃଢ଼ମନା ହୋଇଥିବାବେଳେ ଶ୍ୟାମବାବୁ ଅତ୍ୟନ୍ତ ସମୟାନୁବର୍ତ୍ତିତା ଓ ଶୃଙ୍ଖଳାର ପ୍ରତୀକ ଥିଲେ । ଏହି ସମୟରେ ବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀ ସେତେବେଳର ସୁନାମଧନ୍ୟ ଭୁବନେଶ୍ୱର ଓ କଟକର ବିଦ୍ୟାଳୟଠାରୁ କୌଣସି ଗୁଣରେ ନ୍ୟୂନ ନ ଥିଲା । ପ୍ରତ୍ୟେକ ବିଷୟ ପାଠ୍ୟକ୍ରମ ପ୍ରତ୍ୟେକ ଶିକ୍ଷାବର୍ଷରେ ସମାପ୍ତ ହେଉଥିଲା । ମୋ ସମୟର ସହପାଠୀମାନଙ୍କର ନିଶ୍ଚିତ ଭାବରେ ମନେଥିବ ଯଦି କୌଣସି ପାଠ୍ୟକ୍ରମ କୌଣସି କାରଣରୁ ଶେଷ ହୋଇ ପାରୁ ନ ଥିଲା, ତେବେ ଅତିରିକ୍ତ ସମୟରେ କୋର୍ସ ଶେଷ କରିବାର ବ୍ୟବସ୍ଥା କରାଯାଉଥିଲା । ବିଦ୍ୟାଳୟର ପରୀକ୍ଷା ପରିଚାଳନା ଏବଂ ପରୀକ୍ଷା ଖାତାର ମୂଲ୍ୟାୟନ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା ।

ବିଦ୍ୟାଳୟ ଜୀବନ କୈଶୋର ସମୟକୁ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ କରିଥାଏ । ଏହି ସମୟରେ ବିଦ୍ୟାଳୟ ଛାତ୍ର ସମାଜ ପାଇଁ କେବଳ ବିଦ୍ୟାର ଘର ନ ଥାଏ, ଏହିଠାରେ ହିଁ ପ୍ରତ୍ୟେକ ଛାତ୍ର ନିଜର ଅନ୍ତର୍ନିହିତ ସୃଜନ ଶକ୍ତିର ବିକାଶ ପାଇଁ ସୁଯୋଗ ପାଇଥାଏ, ବିଭିନ୍ନ ପ୍ରତିଯୋଗିତା କରିଥାରେ । ଏହିଠାରେ ସେ ଗଢ଼େ ନିଜର ସାଙ୍ଗସାଥୀ, ନିଜର ଜୀବନ । ଏହିଠାରେ ଶିକ୍ଷା କରେ ଅନ୍ୟମାନଙ୍କ ସହ ନିଜକୁ ଖାପ ଖୁଆଇ ଚଳାଇବା ପାଇଁ ବାସ୍ତବିକ ବିଦ୍ୟାଳୟ ହିଁ ମଣିଷ ତିଆରି କାରଖାନା । ଆଜି ମଧ୍ୟ ମୋର ମାନସପଟରେ ସେହି ମଧୁର ସ୍ମୃତି ଭାସିଉଠେ- ବିଦ୍ୟାଳୟର ପ୍ରାର୍ଥନାସଭା, ପ୍ରତ୍ୟେକ ଦିନ ପାଠପଢ଼ା ପ୍ରାରମ୍ଭରେ ପ୍ରାର୍ଥନାସଭା, ତା'ପରେ ଶୁଦ୍ଧପୂତ ମନରେ ନିଜ ନିଜ ଶ୍ରେଣୀଗୃହରେ ଯୋଗଦାନ । ସ୍କୁଲର ମଧ୍ୟାହ୍ନ ବିରତି ସମୟରେ ବିଭିନ୍ନ ଖେଳପଡ଼ିଆରେ ସମୂହ ବିଚରଣ ଓ କୋଳାହଳ ଆଜି ମଧ୍ୟ କର୍ଣ୍ଣ ମଧ୍ୟରେ ଗୁଞ୍ଜରଣ ହେଉଅଛି ।

ସ୍କୁଲ ଜୀବନର ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ମନୋମୁଗ୍ଧକର । କାରଣ ଏହି ସମୟରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଡ଼ିତ କରାଇ ହୁଏ, ଯାହାକି କଲେଜ ଜୀବନରେ ସେତେଟା ସମ୍ଭବ ନୁହେଁ । ସ୍କୁଲର ଡ୍ରାମା ସିନେମା ହଲର ଅତ୍ୟାଧୁନିକ ଚଳଚ୍ଚିତ୍ର ଅପେକ୍ଷା ଅଧିକ ଆକର୍ଷଣୀୟ ଲାଗୁଥିଲା । ସ୍କୁଲ ଜୀବନର ପ୍ରତ୍ୟେକ ବର୍ଷର କ୍ରୀଡ଼ା ଉତ୍ସବର ଉନ୍ମାଦନା ଆଜିର କ୍ରିକେଟ ଖେଳର ଉନ୍ମାଦନାଠାରୁ କାହିଁ କେତେ ଗୁଣରେ ଅଧିକ ଥିଲା ।

ଏହି ଶତବାର୍ଷିକୀ ପାଳନ ଅବସରରେ ମୋ ସମୟର ସ୍କୁଲର ଗୁଣଗାନ କରିବା ସହ ଏହାର କେତୋଟି ସଙ୍ଗଠନର ଦୁର୍ବଳତା ଉଲ୍ଲେଖ ନ କଲେ ''ମୋ ସମୟର ସ୍କୁଲ'' କେବେ ବି ସମ୍ପୂର୍ଣ୍ଣ ରୂପେ ଏହି ଲେଖାରେ ପରିସ୍ଫୁଟ ହେବନାହିଁ ।

୧୯୭୭ରୁ ୧୯୮୩ ମଧ୍ୟରେ ଏହି ବିଦ୍ୟାଳୟର ଯେଉଁ କେତୋଟି ସ୍ଥଳରେ ଅଧୋଗତି ପରିଲକ୍ଷିତ ହୋଇଥିଲା, ତାହା ହେଲା- Craft ଏବଂ S.U.P.W. (Social Uneful Productive Work) ନାମକୁ ମାତ୍ର ବିଦ୍ୟାଳୟର ଟାଇମ ଟେବୁଲରେ ସ୍ଥାନ ପାଉଥିଲା । ଯଦିଓ ଏହି ବିଷୟରେ ପଦଟିଏ ମଧ୍ୟ ବିଦ୍ୟାଳୟ ଉଚ୍ଚାରଣ କରୁ ନ ଥିଲା । ସବୁଠାରୁ ଅଧୋଗତି ଘଟିଥିଲା ଲାଇବ୍ରେରୀରେ । ଯେଉଁ ବିଶାଳ ଲାଇବ୍ରେରୀର ପୁସ୍ତକ ଭଣ୍ଡାର ଛାତ୍ର ସମାଜର କୌଣସି କାର୍ଯ୍ୟରେ ଲାଗୁ ନ ଥିଲା । ଛାତ୍ରମାନଙ୍କୁ ବର୍ଷକୁ ମାତ୍ର ଥରେ ଲାଇବ୍ରେରୀରୁ ପୁସ୍ତକ ମିଳୁଥିଲା, ନିଜର ଶ୍ରେଣୀ ଶିକ୍ଷକଙ୍କ ଜରିଆରେ ।

ଏଣୁ ଶତବାର୍ଷିକୀ ପାଳନ ଅବସରରେ ଏହି ଐତିହାସିକ ବିଦ୍ୟାଳୟର ଅଧୋଗତି ଘଟିଥିବା ସ୍ଥଳର ପୁନଃ ସୁଧାର କରିବା ପାଇଁ ଆସେ ସମସ୍ତେ ଯତ୍ନବାନ ହେବା- ଏହାହିଁ ଆଜିର ମୂଳମନ୍ତ୍ର ହେବା ବିଧେୟ ।

ଗୁଦାମ ସାହି
ମେନ୍ ରୋଡ୍, ଖୋର୍ଦ୍ଧା

# ପାଇକ ବିଦ୍ରୋହ

ଶ୍ରୀ ଦୀନବନ୍ଧୁ ବିଶ୍ୱାଳ

ଓଡ଼ିଶା ଇତିହାସରେ ଖୋର୍ଦ୍ଧାର ସ୍ଥାନ ବହୁ ଶୀର୍ଷରେ । ଖୋର୍ଦ୍ଧାର ଅତୀତ ଐତିହ୍ୟକୁ ବାଦ୍ ଦେଲେ ଓଡ଼ିଶା ଇତିହାସ ପୂର୍ଣ୍ଣାଙ୍ଗ ହୋଇ ପାରିବ ନାହିଁ । ପବିତ୍ର ଭୂମି ଖୋର୍ଦ୍ଧା ଏହାର ପରମ୍ପରା, ଐତିହ୍ୟ ଓ ପ୍ରାଚୀନତା ଓଡ଼ିଶା ଇତିହାସରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଦାବି କରେ । ଐତିହାସିକ ବିଭବଶାଳୀ ଦୁର୍ଗମାଳିନୀ ପାଇକ ଅଧ୍ୟୁଷିତ ଅଞ୍ଚଳ ଖୋର୍ଦ୍ଧା । ବୀରଭୂମି ଖୋର୍ଦ୍ଧାରେ ବହୁ କବି, ସାହିତ୍ୟିକ, ଲେଖକ ଓ ସ୍ୱଦେଶପ୍ରେମୀ ଜନ୍ମ ଗ୍ରହଣ କରି ନିଜ ଦେଶ, ଜାତି ଓ ମାତୃଭୂମିର ସ୍ୱାଧୀନତା ରକ୍ଷା କରିବା ପାଇଁ ଜୀବନ ଉତ୍ସର୍ଗ କରିଛନ୍ତି । ହୀନମନ୍ୟତା, ଶଠତା, ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ଜୀବନକୁ ସମାଜର ତଥା ଦେଶର ବୃହତ୍ତର ସ୍ୱାର୍ଥରେ ଲଗାଇବା ପାଇଁ ନାଗରିକ ଓ ନିଃସ୍ୱାର୍ଥପର ଭାବରେ କାର୍ଯ୍ୟ କରି ଚିର ନମସ୍ୟ ହୋଇ ରହିଛନ୍ତି । ନିଜ ଜନ୍ମଭୂମିର ସ୍ୱାଧୀନତା ପାଇଁ ଜୟୀ ରାଜଗୁରୁ, ବକସି ଜଗବନ୍ଧୁ, ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର, ପିଣ୍ଡିକି ବାହୁବଳେନ୍ଦ୍ର, ସାଧୁଚରଣ ମଙ୍ଗରାଜ, ମାଧବ ରାଉତରାୟ, ହରମାନସିଂହ, ରଥୁ ସାମନ୍ତସିଂହାର, ପୀତବାସ ପଟ୍ଟନାୟକ, ପଦ୍ମନାଭ ହରିଚନ୍ଦନ ଇତ୍ୟାଦି ମହାନ୍ ନେତୃବୃନ୍ଦ ପ୍ରାଣବଳୀ ଦେଇ ଖୋର୍ଦ୍ଧାର ବୀରତ୍ୱ କାହାଣୀକୁ ଓଡ଼ିଶା ଇତିହାସକୁ ଜୀବନ୍ତ କରିପାରିଛନ୍ତି ।

ଖୋର୍ଦ୍ଧାର ନାମ କରଣ ସମ୍ବନ୍ଧରେ ଯେପରି ପ୍ରାମାଣିକ ତଥ୍ୟ ମିଳୁନଥିଲେ ମଧ୍ୟ ପ୍ରାଚୀନ ଖୋର୍ଦ୍ଧାର ଅନ୍ୟନାମ ଖୁରୁଧା । ଓଡ଼ିଶା ଶବ୍ଦ 'ଓଡ୍ର' ଶବ୍ଦର କାଳାନୁକ୍ରମିକ ଅପଭ୍ରଂଶ । ଅନେକ ଐତିହାସିକଙ୍କର ମତ ଯେ ସଂସ୍କୃତ 'କ୍ଷୁରଧାର' ଶବ୍ଦରୁ ଖୁରୁଧା ବା ଖୋର୍ଦ୍ଧା ଶବ୍ଦ ନିଷ୍ପନ୍ନ । ଅତୀତର ଖୋର୍ଦ୍ଧା ଥିଲା 'କ୍ଷୁରଧାର' ସଦୃଶ । କେହି କେହି ମତବ୍ୟକ୍ତ କରନ୍ତି ଯେ, ପୂର୍ବେ ଖୋର୍ଦ୍ଧାକୁ କୁହାଯାଉଥିଲା ଖୁରୁଦା । ଯାହାର ପାଇକ ଜୁଝ ଥିଲେ ରଣକ୍ଷେତ୍ରରେ ଶତ୍ରୁ ସମ୍ମୁଖରେ କ୍ଷୁର ସଦୃଶ ଓ ସୁଜଳା ସୁଫଳା ଶସ୍ୟ ଶ୍ୟାମଳା କୃଷି କ୍ଷେତ୍ରରେ 'ଦାଆ' ଚଳାଇବାରେ ସିଦ୍ଧହସ୍ତ । ''କ୍ଷୁରସ୍ୟଧାର, ନିଶିତା ଦୁରତ୍ୟୟା'' - ଏହି ଆର୍ଷବାଣୀର ଦ୍ୟୋତକ ହେଉଛି, ଏହି ଇତିହାସ ପ୍ରସିଦ୍ଧ ଖୋର୍ଦ୍ଧା ଭୂମି । ଖୋର୍ଦ୍ଧା ନିକଟରୁ ପ୍ରାପ୍ତ ଏକ ପ୍ରାଚୀନ ମାଇଲ ସ୍ତମ୍ଭକୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ କରି ରଖାଯାଇଛି, ଯେଉଁଥିରେ କି 'କୁରୁଡା' ଶବ୍ଦଟିଏ ଲିପିବଦ୍ଧ ହୋଇଛି । ଏଥିରୁ ଅନୁମିତ ହୁଏ ଖୋର୍ଦ୍ଧାକୁ ପୂର୍ବେ 'କୁରୁଡା' ବୋଲି କୁହାଯାଉଥିଲା । ଯେପରି ଗଞ୍ଜାମ ଜିଲ୍ଲା ସ୍ଥିତ 'ସୋରଡା'କୁ ଅଦ୍ୟାବଧି କୁହାଯାଉଛି 'ସୁରୁଡା' । ଠିକ୍ ସେହିପରି ତତ୍କାଳର 'କୁରୁଡା' ଶବ୍ଦଟି - ଖୁରୁଡା - ଖୁରୁଧା - ଖୋରଧା - ଖୋର୍ଦ୍ଧା ଭାବରେ ପରିଚିତ ହୋଇଛି ।

ଖ୍ରୀ: ୧୫୬୮ରେ ରମେଇ ରାଉତରାୟ ଓରଫ ରାମଚନ୍ଦ୍ର ଦେବ ଭୋଇ ବଂଶ ପ୍ରତିଷ୍ଠା କରି ଖୋର୍ଦ୍ଧାର ରାଜା ହେଲେ । ବରୁଣାଇ ପାଦଦେଶରେ ଦୁର୍ଗ ନିର୍ମାଣ କରି ସେ ଦୁର୍ଗର ନାମ ଦେଲେ 'ଜଗନ୍ନାଥ ପୁର କଟକ' । ଭାରତର ତତ୍କାଳୀନ ମୋଗଲ ସମ୍ରାଟ ଆକବର ରାଜାମାନସିଂହ ଦ୍ୱାରା ରାମଚନ୍ଦ୍ର ରାଉତରାୟ ମହାପାତ୍ରଙ୍କୁ ଗଜପତି ବଂଶର ଉପଯୁକ୍ତ ଅଧିକାରୀ ବୋଲି ସ୍ୱୀକୃତି ପ୍ରଦାନ କରିବାରୁ ସେ ଗଜପତି ରାମଚନ୍ଦ୍ର ଦେବ ଭାବରେ ପରିଚିତ ହେଲେ । ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କର ଉତ୍ତରାଧିକାରୀମାନେ ଖୋର୍ଦ୍ଧା ରାଜ୍ୟର ଶାସକ ହେଲେ । ଗଜପତି ରାମଚନ୍ଦ୍ର ଦେବଙ୍କ ରାଜତ୍ୱଠାରୁ ଭୋଇବଂଶର ଶେଷ ପ୍ରଦୀପ ଦ୍ୱିତୀୟ ମୁକୁନ୍ଦଦେବ ପର୍ଯ୍ୟନ୍ତ (ଖ୍ରୀ: ୧୫୬୮ରୁ ଖ୍ରୀ ୧୮୧୭) ଇତିହାସକୁ ଭୋଇ ବଂଶର ଇତିହାସ କୁହାଯାଏ । ଖ୍ରୀ: ୧୮୩୦ରେ ଇଂରେଜମାନଙ୍କ ଆକ୍ରମଣ, ମେଜର ଫ୍ଲେଚରଙ୍କର ଦ୍ୱାରା ଖୋର୍ଦ୍ଧାରେ କଚେରୀ ପ୍ରତିଷ୍ଠା, କଠୋର ଭାବରେ ଅନ୍ୟାୟମୂଳକ ରାଜସ୍ୱ ଆଦାୟ, ପ୍ରଜାଙ୍କ ପ୍ରତି ଇଂରେଜ ସରକାରଙ୍କର ବର୍ବରୋଚିତ ଅତ୍ୟାଚାର ଓ ଖୋର୍ଦ୍ଧା ଦୁର୍ଗର ପତନ ଇତ୍ୟାଦିର ଇତିହାସ ହିଁ ରକ୍ତ ରଞ୍ଜିତ ଏବଂ ଖୋରଧା ପାଇକ ଓ ରାଜବଂଶ ପ୍ରତି ଶକ୍ତ ଧକ୍କା ।

ଖ୍ରୀ: ୧୫୬୮ରେ ଗୋହିରିଟିକିରି ଯୁଦ୍ଧରେ ଓଡ଼ିଶାର ନରପତି ମୁକୁନ୍ଦଦେବଙ୍କ ପ୍ରାଣହାନି ଘଟିବା ଫଳରେ ସୂର୍ଯ୍ୟବଂଶୀ ଗୋବିନ୍ଦ ବିଦ୍ୟାଧରଙ୍କ ମନ୍ତ୍ରୀ ଜନାର୍ଦ୍ଦନ ରାଉତରାୟଙ୍କ ପୁତ୍ର

ରମେଇ ରାଉତରା ଦକ୍ଷିଣରୁ ଆସି ୩ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିବା ପରେ ଖ୍ରୀ ୧୫୭୧/୭୨ରେ 'ଜଗନ୍ନାଥପୁର କଟକ' ପ୍ରତିଷ୍ଠା କଲେ । ଗଜପତି ରାମଚନ୍ଦ୍ର ଦେବଙ୍କ ଯୋଗୁ ଶ୍ରୀ ଜଗନ୍ନାଥ ବିଗ୍ରହର ପୁନଃ ପ୍ରତିଷ୍ଠା ସମ୍ଭବ ହୋଇ ପାରିଥିଲା । ତାଙ୍କରି ପ୍ରଚେଷ୍ଟାରେ ପୁରୀ ଅଞ୍ଚଳରେ 'ଷୋଳ ଶାସନ' ଓ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସର ମଧ୍ୟରେ 'ମୁକ୍ତିମଣ୍ଡପ ପ୍ରତିଷ୍ଠା କରାଯାଇଥିଲା । ଅନେକ ଲୋକହିତକର ଓ ମହତକାର୍ଯ୍ୟ ପାଇଁ ତାଙ୍କୁ ''ଦ୍ୱିତୀୟଇନ୍ଦ୍ରଦ୍ୟୁମ୍ନ'' ଓ ''ଅଭିନବ ଇନ୍ଦ୍ରଦ୍ୟୁମ୍ନ'' ଉପାଧି ଦିଆଯାଇଥିଲା । ସେ ବୀରତ୍ୱର ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ । ଗୋଲକୁଣ୍ଡା ସୁଲତାନଙ୍କ ସହ ତାଙ୍କର ସଂଘର୍ଷ ଘଟିଥିଲା । ଗୋଲକୁଣ୍ଡା ସୁଲତାନଙ୍କ ସେନାପତି ''ଅମୀନ-ଉଲ୍-ମୁଲୁକ'' ପରାସ୍ତ ହୋଇ ଗଜପତି ରାମଚନ୍ଦ୍ର ଦେବଙ୍କ ଶରଣାପନ୍ନ ହୋଇଥିଲେ । ରାଜାମାନସିଂହଙ୍କ ସହିତ ତାଙ୍କର ସଂଘର୍ଷ ଘଟି ଶେଷରେ ମିତ୍ରତା ସ୍ଥାପନ ହୋଇଥିଲା । ଗଜପତି ରାମଚନ୍ଦ୍ର ଦେବଙ୍କର ଯଶ, କୀର୍ତ୍ତି, ବୀରତ୍ୱ ପ୍ରଶସ୍ତି ଗାଥା ସମ୍ବନ୍ଧରେ ବହୁ ତଥ୍ୟ ମିଳେ । ସେ ୧୬୦୦ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କଲାପରେ ତାଙ୍କର ସୁଯୋଗ୍ୟପୁତ୍ର ପୁରୁଷୋତ୍ତମ ଦେବ ଖୋର୍ଦ୍ଧାର ରାଜା ହେଲେ । ଗଜପତି ରାମଚନ୍ଦ୍ର ଦେବ ୩୩ ବର୍ଷ ରାଜତ୍ୱ କରିଥିଲେ ।

ପୁରୁଷୋତ୍ତମ ଦେବ ଖ୍ରୀ: ୧୬୦୦ରେ ଖୋର୍ଦ୍ଧା ରାଜ୍ୟର ରାଜା ହେବା ପରେ ଦିଲ୍ଲୀ ବାଦଶାହ ଆକବରଙ୍କ ସହ ଉତ୍ତମ ବୁଝାମଣା ପ୍ରତିଷ୍ଠା କରିଥିବା ବେଳେ ଜାହାଙ୍ଗୀରଙ୍କ ସହ ତିକ୍ତ ସଂପର୍କ ସୃଷ୍ଟି ହୋଇଥିଲା । ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ କେଶୋଦାସ ମାରୁ ନାମକ ରାଜପୁତ୍ର ସୈନ୍ୟ ପୁରୀ ଶ୍ରୀ ମନ୍ଦିର ଅଧିକାର କରି ବିଶ୍ୱାସଘାତକତା ପୂର୍ବକ ୨/୩ କୋଟି ଟଙ୍କାର ସଂପତ୍ତି ଲୁଣ୍ଠନ କରିଥିଲେ । ଏହି ଖବର ପାଇବା ମାତ୍ରେ ଗଜପତି ପୁରୁଷୋତ୍ତମ ଦେବ କେଶୋଦାସମାରୁ ସହିତ ଯୁଦ୍ଧ କଲେ । ମାତ୍ର ସେ ଯୁଦ୍ଧରେ ପରାସ୍ତ ହେଲେ ଗଜପତି । ଦ୍ୱିତୀୟ ସୁବାଦାର କଲ୍ୟାଣ ମଲ୍ଲ ଖ୍ରୀ ୧୬୧୧ରେ ପୁନର୍ବାର ଖୋର୍ଦ୍ଧା ଆକ୍ରମଣ କରି ବହୁ ଧନଜୀବନ ନଷ୍ଟ କରିଥିଲେ । ୩ୟ ସୁବାଦାର୍ ମିକରାମ୍ ଖାଁ ଖୋର୍ଦ୍ଧା ଆକ୍ରମଣ କରି ବିଜୟୀ ହୋଇଥିଲେ । ଫଳରେ ଗଜପତି ପୁରୁଷୋତ୍ତମ ଦେବ ଖୋର୍ଦ୍ଧା ଦୁର୍ଗରୁ ଏକବର୍ଷ ପାଇଁ ବହିଷ୍କୃତ ହୋଇ ''ଗଡମଣିତ୍ରି'' ଠାରେ ଲୁଚି ରହିଥିଲେ । ଜଗନ୍ନାଥଙ୍କୁ ''ଗଡପଦର'' ଗାଁ ଠାରେ ଲୁଚାଇ ରଖିଥିଲେ । ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ ଖୋର୍ଦ୍ଧା ରାଜ୍ୟର ଶକ୍ତି ଓ ସମୃଦ୍ଧି ଗୁରୁତର ଭାବେ ବ୍ୟାହତ ହୋଇଥିଲେ ମଧ୍ୟ ବୀରପୁରୁଷୋତ୍ତମପୁର ନାମକ ଶାସନ ପ୍ରତିଷ୍ଠା କରିଥିଲେ । ସେ ୨୨ବର୍ଷ ରାଜତ୍ୱ କରି ଖ୍ରୀ ୧୬୨୨ର ସେପ୍ଟେମ୍ବର ମାସ ଛଅ ତାରିଖରେ ଇହଧାମ ତ୍ୟାଗ କରିଥିଲେ ।

ଗଜପତି ପୁରୁଷୋତ୍ତମ ଦେବଙ୍କ ଅନ୍ତେ ନରସିଂହ ଦେବ ଖ୍ରୀ: ୧୬୨୧ରୁ ଖ୍ରୀ୧୬୪୭ ପର୍ଯ୍ୟନ୍ତ ଖୋର୍ଦ୍ଧା ରାଜ୍ୟର ଦାୟିତ୍ୱ ବହନ କରିଥିଲେ । ତାଙ୍କ ସମୟରେ ଓଡ଼ିଶାର ସୁବାଦାର ଥିଲେ ମିର୍ଜା ଅହମଦ ବେଗ । ସେ ଅତ୍ୟନ୍ତ ଦୁର୍ଦ୍ଦାନ୍ତ ଓ ଅତ୍ୟାଚାରୀ ସୁବାଦାର ଭାବେ ଜଣାଶୁଣା ଥିଲେ । ଏହି ସୁବାଦାରଙ୍କ ସହିତ ଗଜପତି ନରସିଂହ ଦେବ ସଂଘର୍ଷ ଘଟିଥିଲା ତା୨୬-୮-୧୬୨୩ରୁ ତା୧୫-୮-୧୬୨୪ ପର୍ଯ୍ୟନ୍ତ । ଯୁବରାଜ ଦିଲ୍ଲୀ ଅଧୀଶ୍ୱର ଶାହାଜାହାନ ଖ୍ରୀ୧୬୨୩ରେ ଖୋର୍ଦ୍ଧା ଆକ୍ରମଣ କାଳରେ ଗଜପତି ପରାଜୟ ବରଣ କରି ତାଙ୍କର ବଶ୍ୟତା ସ୍ୱୀକାର କରିଥିଲେ । ସୁବାଦାର ବକର ଖାଁ ଖ୍ରୀ ୧୬୨୮ରେ କୋଣାର୍କ ସୂର୍ଯ୍ୟମନ୍ଦିର ଆକ୍ରମଣ କରିଥିଲେ । ଗଜପତି ନରସିଂହ ଦେବଙ୍କ ୨୬ବର୍ଷ ରାଜତ୍ୱ କାଳ ମଧ୍ୟରେ ସବୁଠାରୁ ତାଙ୍କର ମହତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ବଡ଼ ଦେଉଳରେ ଚୁନ ପଲସ୍ତରା କରିବା । ତାଙ୍କ ନିଜ ନାମରେ ଭାର୍ଗବୀ ନଦୀ କୂଳରେ ବୀର ନରସିଂହପୁର ଶାସନ ବସାଇଥିଲେ ।

ଗଜପତି ନରସିଂହ ଦେବଙ୍କ ପରେ ତାଙ୍କ ଭାଇ ଗଙ୍ଗାଧର ଦେବ ଅଳ୍ପ ଦିନ ପାଇଁ ଖୋର୍ଦ୍ଧା ରାଜ୍ୟର ରାଜା ହୋଇଥିଲେ । ତାଙ୍କ ଭାଇ ବଳଭଦ୍ର ଦେବ ରାଜ୍ୟ ପାଇବା ଲାଳସାରେ ଗଙ୍ଗାଧର ଦେବଙ୍କୁ ହତ୍ୟା କରି ଖୋର୍ଦ୍ଧା ଶାସନ ଗାଦିରେ ଅଧିଷ୍ଠିତ ହେଲେ ।

ଗଜପତି ବଳଭଦ୍ର ଦେବ ଖ୍ରୀ୧୬୪୭ରେ ଖୋର୍ଦ୍ଧା ରାଜସିଂହାସନରେ ଅଭିଷିକ୍ତ ହୋଇ ଖ୍ରୀ ୧୬୫୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କର ରାଜତ୍ୱ କାଳରେ ସେପରି କିଛି ଗଣ୍ଡଗୋଳ ସୃଷ୍ଟି ହୋଇ ନଥିଲା । ରାଜ୍ୟରେ ଶାନ୍ତ ବାତାବରଣ ବିରାଜମାନ କରିଥିଲା । ରାଜତ୍ୱ କାଳରେ କୌଣସି ଉଲ୍ଲେଖନୀୟ ଘଟଣା ଘଟିନଥିଲେ ହେଁ ସେ ବୀର ବଳଭଦ୍ରପୁର ଶାସନ ପ୍ରତିଷ୍ଠା କରିଥିଲେ ।

ଗଜପତି ବଳଭଦ୍ର ଦେବଙ୍କ ପରେ ଖୋର୍ଦ୍ଧା ରାଜ୍ୟର ଗଜପତି ରାଜା ଭାବେ ଅଭିଷିକ୍ତ ହେଲେ ପ୍ରଥମ ମୁକୁନ୍ଦ ଦେବ । ତାଙ୍କର ରାଜତ୍ୱ କାଳ ଥିଲା ଖ୍ରୀ ୧୬୫୭ରୁ ଖ୍ରୀ ୧୬୮୯ ।

ଗଜପତି ବଳଭଦ୍ର ଦେବଙ୍କ ରାଜତ୍ୱ କାଳରେ ଦୁର୍ଦ୍ଦାନ୍ତ ସୁବାଦାର ଖାନ୍ -ଇ - ଦୁରାନ୍ ଖ୍ରୀ ୧୬୬୧ ଫେବୃୟାରୀ ମାସ ୭ ତାରିଖରେ କାନୁପଡ଼ା, ମୋଟରା, ଘୋରଡ଼ିଆ ଓ ଅନ୍ୟ ତିନୋଟି ଦୁର୍ଗ ସହିତ ଖୋର୍ଦ୍ଧା ଦୁର୍ଗ ଅବରୋଧ କରିଥିଲେ । ଫଳରେ ଭୀଷଣ ଯୁଦ୍ଧ ଲାଗିଲା । ତିନି ଚାରିଦିନ ମଧ୍ୟରେ ବହୁ ହତ୍ୟାକାଣ୍ଡ ଘଟାଇ ଅପରିମିତ ଧନରତ୍ନ ଲୁଣ୍ଠନ କଲେ । ଶେଷରେ ଗଜପତି ସୁବାଦାରଙ୍କ ସହିତ ସୁ ସଂପର୍କ ସ୍ଥାପନ କରିବାକୁ ବାଧ୍ୟ ହେଲେ । ପୂର୍ବରୁ କେବେ ଖୋର୍ଦ୍ଧା ରାଜ୍ୟ ପ୍ରତି ଏପରି ଆକ୍ରମଣ ହୋଇ ନଥିଲା । ଗଜପତି ପ୍ରଥମ ମୁକୁନ୍ଦ ଦେବଙ୍କ ରାଜତ୍ୱ ବହୁ ଘଟଣା ବହୁଳ ତାଙ୍କ ଭାଇ ଭ୍ରମରବରଙ୍କ ପରେ ଗଦାଧର ଦେବ ମଧ୍ୟ କିଛି ଦିନ ଖୋର୍ଦ୍ଧା ରାଜ୍ୟର ଶାସକ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ମୁକୁନ୍ଦ ଦେବ ଖୋର୍ଦ୍ଧା ପୁନର୍ବାର ଅଧିକାର କରିଥିଲେ । ମାତ୍ର ଖ୍ରୀ ୧୬୮୮ ନଭେମ୍ବର ୨୦ ତାରିଖରେ ସେ ବସନ୍ତରୋଗରେ ଯାଜପୁର ଠାରେ ମୃତ୍ୟୁ ବରଣ କଲେ ।

ପ୍ରଥମ ମୁକୁନ୍ଦ ଦେବଙ୍କ ମୃତ୍ୟୁପରେ ଗଜପତି ରାଜା ଭାବେ ଖୋର୍ଦ୍ଧା ରାଜ୍ୟ ରାଜତ୍ୱ କଲେ ପ୍ରଥମ ଦିବ୍ୟସିଂହ ଦେବ ଖ୍ରୀ ୧୬୮୯ରୁ ୧୭୧୬ ପର୍ଯ୍ୟନ୍ତ । ଏହି ରାଜତ୍ୱ ସମୟରେ ଦିଲ୍ଲୀର ବାଦଶାହ ଥିଲେ ଆଓରଙ୍ଗଜେବ । ଆଓରଙ୍ଗ ଜେବ୍ ଜଣେ ଧର୍ମାନ୍ଧ ପରାୟଣ ଶାସକ ଥିବାରୁ ଓଡ଼ିଶାର ବହୁ କ୍ଷତି ଘଟିଥିଲା । ଓଡ଼ିଶାର ଅନେକ ମନ୍ଦିର ଧ୍ୱଂସ କରି ମନ୍ଦିର ସ୍ଥାନରେ ମସଜିଦ୍ ନିର୍ମାଣ କରାଇଥିବାର ପ୍ରମାଣ ମିଳେ । ଶ୍ରୀ କ୍ଷେତ୍ରର ଦୁର୍ଦ୍ଦଶା ଚରମସୀମାରେ ପହଞ୍ଚିଥିଲା । ଜଗନ୍ନାଥଙ୍କୁ ବାଣପୁର ଜଙ୍ଗଲ ମଧ୍ୟରେ ଲୁଚାଇ ରଖିବାକୁ ବାଧ୍ୟ ହେଲେ । ୧୬୯୪ ମସିହା ଅକ୍ଟୋବର ମାସ ଛଅ ତାରିଖରେ ପ୍ରବଳ ଝଡ ବାତ୍ୟାରେ ବଡ଼ ଦେଉଳ ଉପରୁ ନୀଳଚକ୍ର ଭାଙ୍ଗି ତଳେ ପଡ଼ିଗଲା । ଖ୍ରୀ ୧୭୦୭ରେ ଆଓରଙ୍ଗ ଜେବଙ୍କ ମୃତ୍ୟୁ ପରେ ଦୀର୍ଘ ୧୫ବର୍ଷ କାଳ ବନ୍ଦ ହୋଇ ରହିଥିବା ଶ୍ରୀ ଗୁଣ୍ଡିଚା ଯାତ୍ରାର ପୁନଃ ପ୍ରଚଳନ କରାଇଥିଲେ । ତାଙ୍କ ରାଜତ୍ୱ କାଳରେ ଶ୍ରୀ ମନ୍ଦିର ପରିସର ମଧ୍ୟସ୍ଥ ମନ୍ଦିର ମରାମତି, ଚୂନ ଦେବା, ମଣ୍ଡପ ନିର୍ମାଣାଦି ଇତ୍ୟାଦି କର କାମ ହୋଇଥିଲା । ଖ୍ରୀ ୧୭୧୫ ଜାନୁଆରୀ ୨୬ ତାରିଖ ଦିନ ନୂଆ ହୋଇ ଗଢ଼ା ହୋଇଥିବା ନୀଳଚକ୍ର ଜଗନ୍ନାଥ ମନ୍ଦିର ଉପରେ ବସାଇ ଥିଲେ ଓ ଦୀର୍ଘ ୨୦ ବର୍ଷ ପରେ ନୀଳଚକ୍ରରେ ନେତ ବନ୍ଧା ହୋଇଥିଲା । ଖ୍ରୀ ୧୭୧୬ ଏପ୍ରିଲ ୨୮ ତାରିଖରେ ତାଙ୍କର ମହା ପ୍ରୟାଣ ହୋଇଥିଲା ସନ୍ଥଦାସଙ୍କ ମଠରେ ।

ପ୍ରଥମ ଦିବ୍ୟସିଂହ ଦେବଙ୍କ ସାନଭାଇ ହରେକୃଷ୍ଣ ଭ୍ରମରବର ରାୟ ଖ୍ରୀ ୧୭୧୬ ମଇ ୯ ତାରିଖ ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ ବୁଧବାର କୃଷ୍ଣ ୧୧ଦିନ ରାଜଜଅର ମଧ୍ୟରେ ରାଜା ଭାବେ ଅଭିଷିକ୍ତ ହେଲେ । କିନ୍ତୁ ସେ ମାତ୍ର ଚାରିବର୍ଷ ରାଜତ୍ୱ କରି ଖ୍ରୀ ୧୭୨୦ ମାର୍ଚ୍ଚ ୧୭ ରେ ପ୍ରାଣ ତ୍ୟାଗ କଲେ । ତାଙ୍କ ରାଜତ୍ୱ କାଳରେ ସେ ବୀର ହରେକୃଷ୍ଣ ପୁର ଶାସନ ପ୍ରତିଷ୍ଠା ସହିତ ବୈଦିକ ଧର୍ମର ପୁନରୁତ୍ଥାନ ପାଇଁ ଚେଷ୍ଟା କରିଥିଲେ ।

ହରେକୃଷ୍ଣ ଦେବଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଗୋପୀନାଥ ଦେବ ଖୋର୍ଦ୍ଧା ସିଂହାସନ ଆରୋହଣ କରିଥିଲେ । ତାଙ୍କ ରାଜତ୍ୱ କାଳରେ ସେ ଶାନ୍ତିରେ ରାଜତ୍ୱ କରିବା ସହିତ ଗୋପୀନାଥ ପୁର ଶାସନ ପ୍ରତିଷ୍ଠା କରିଥିଲେ; କିନ୍ତୁ ସିଂହାସନ ଆରୋହଣର ଷଡ଼ଯନ୍ତ୍ରରେ ଖ୍ରୀ ୧୭୨୭ ଏପ୍ରିଲ ୨୬ ତାରିଖରେ ତାଙ୍କୁ ହତ୍ୟା କରାଯାଇଥିଲା ।

ଗୋପୀନାଥ ଦେବଙ୍କ ମୃତ୍ୟୁ ଦିବସରେ ତାଙ୍କର ସାନଭାଇ କେଶବ ରାୟ ଦ୍ୱିତୀୟ ରାମଚନ୍ଦ୍ର ଦେବ ନାମ ଧାରଣ କରି ଖ୍ରୀ ୧୭୨୭ ଏପ୍ରିଲ ୨୬ ତାରିଖରେ ଖୋର୍ଦ୍ଧା ରାଜ ସିଂହାସନ ଆରୋହଣ କଲେ । ଅଷ୍ଟମ ରାଜତ୍ୱର ୮ ଅଙ୍କ ଅର୍ଥାତ୍ ଖ୍ରୀ ୧୭୩୧ ଡିସେମ୍ବର ୨ ତାରିଖରେ କଟକର ନାଏବ ନାଜିମ ତକି ଖାଁ ପ୍ରଥମେ ଖୋର୍ଦ୍ଧା ଆକ୍ରମଣ କରି ଶିଶୁପାଳ ଗଡ଼ ଧ୍ୱଂସ ସହିତ ଧଉଳୀ ଓ ରଥପୁର ଅଧିକାର କଲେ । ଏହା ପରେ ପରେ ଖ୍ରୀ ୧୭୩୨ ଫେବୃୟାରୀ ୨୩ ତାରିଖରେ ରାମଚନ୍ଦ୍ର ଦେବଙ୍କୁ ବନ୍ଦୀ କରି ବାରବାଟୀ ଦୁର୍ଗରେ ରଖିଲେ । ଏହି ଅବସରରେ ରାମଚନ୍ଦ୍ର ଦେବଙ୍କ ପୁତ୍ର ଭାଗୀରଥି କୁମାର ଆଠଗଡ଼ ରାଜ୍ୟର ସୈନ୍ୟଙ୍କ ଗହଣରେ ଆସି ପୁରୀ ଓ ଖୋର୍ଦ୍ଧାରୁ ମୋଗଲ ଫୌଜ ବିତାଡ଼ିତ କରି ନିଜକୁ ଖୋର୍ଦ୍ଧା ରାଜା ରୂପେ ଘୋଷଣା କଲେ । ଦ୍ୱିତୀୟଥର ତକି ଖାଁ ଖ୍ରୀ ୧୭୩୨ରେ ବନ୍ଦୀ ରାମଚନ୍ଦ୍ରଙ୍କୁ ସାଙ୍ଗରେ ଆଣି ବିଦ୍ରୋହୀ ଭାଗୀରଥି କୁମାରଙ୍କ ସହିତ ଗଙ୍ଗପଡ଼ା ଠାରେ ଯୁଦ୍ଧ କରି ପରାସ୍ତ କଲେ । ଭାଗୀରଥି କୁମାର ଯୁଦ୍ଧରେ ହାରିଯାଇ ଦଶପଲ୍ଲା ରାଜ୍ୟକୁ ପଳାଇ ଯାଇଥିଲେ । ତକି ଖାଁ ରାମଚନ୍ଦ୍ର ଦେବଙ୍କୁ ଖୋର୍ଦ୍ଧାରେ ନଜର ବନ୍ଦୀରେ ରଖି କଟକ ଫେରିଗଲେ । ଏହି ନଜର ବନ୍ଦୀ ଅବସ୍ଥାରେ ରାମଚନ୍ଦ୍ର ଦେବ ଲୁକ୍କାୟିତ ଭାବରେ ଦୋଳଯାତ୍ରା ପୂର୍ବରୁ ପୁରୀ ଯାଇ ସେଠାରେ ଗୁଣ୍ଡିଚା ଯାତ୍ରା

ବଢ଼ାଇ ଖୋର୍ଦ୍ଧା ଦୁର୍ଗକୁ ରାତାରାତି ଫେରି ଆସିଥିଲେ । ଜଗନ୍ନାଥ ମନ୍ଦିର ପ୍ରତି ବିପଦ ଥିବାରୁ ରାଜାଙ୍କ ବିଶ୍ୱସ୍ତ କର୍ମଚାରୀ ପରମାନନ୍ଦ କୁଅଁର ମହାପାତ୍ର ଓ ବିଷ୍ଣୁ ପଶ୍ଚିମ କବାଟ ଜଗନ୍ନାଥଙ୍କୁ ମନ୍ଦିରରୁ ନେଇ ବୋଦଡ଼ାଠାରେ ରଖିଲେ ଏବଂ ସେଠାରୁ ତାପରେ ବସାଇ ଚିଲିକା ପାର କରି ବାଣପୁର ନଈରିରେ ହରୀଶ୍ୱର ମଣ୍ଡପରେ ଲୁଚାଇ ରଖିଥିଲେ । ତକି ଖାଁ ଜଗନ୍ନାଥ ବିଗ୍ରହକୁ ସ୍ଥାନାନ୍ତର କରାଯାଇଥିବା ଖବର ପାଇ ଦ୍ୱିତୀୟ ଥର ଖୋର୍ଦ୍ଧା ଆକ୍ରମଣ କରିବାରୁ ଖ୍ରୀ ୧୭୩୩ରେ ରାମଚନ୍ଦ୍ର ଦେବ ଖୋର୍ଦ୍ଧାରୁ ପଳାଇ ଯାଇ ପ୍ରଥମେ ନୟାଗଡ଼ରେ, ପରେ ଖଣ୍ଡପଡ଼ା ଓ ବୋଲଗଡ଼ରେ ଆଶ୍ରୟ ନେଇଥିଲେ । ଜଗନ୍ନାଥ ମହାପ୍ରଭୁଙ୍କୁ ନିରାପଦରେ ରଖିବା ନିମିତ୍ତ ହରୀଶ୍ୱର ମଣ୍ଡପରୁ ଖଳିକୋଟ ସୀମା ଚିକିଳିକୁ ପଠାଇ ଦେଲେ । ତକି ଖାଁ ଭାଗୀରଥି କୁମାରଙ୍କୁ ଦଶପଲ୍ଲାରୁ ଅଣାଇ ଖୋର୍ଦ୍ଧା ରାଜ୍ୟରେ ରାଜା କରି ଓ ନିଜର ସୈନ୍ୟ ବାହିନୀ ରଖାଇ କଟକ ଫେରିଗଲେ । ଚତୁର୍ଥ ଥର କଟକର ନବାବ ଉସୁଲ ଖାଁ ମଧ୍ୟ ଖୋର୍ଦ୍ଧା ଆକ୍ରମଣ କରିଥିଲେ ।

ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ରାଜତ୍ୱ ଘଟଣା ବହୁଳ । ଜଗନ୍ନାଥଙ୍କୁ ରକ୍ଷା ଓ ଖୋର୍ଦ୍ଧା ରାଜ୍ୟର ସୁରକ୍ଷା ପାଇଁ ତାଙ୍କୁ ବନ୍ଦୀ ଜୀବନ ଓ ପଳାୟନ ପନ୍ଥା ଗ୍ରହଣ କରିବାକୁ ପଡ଼ିଥିଲା । ବାରମ୍ବାର ବିଦ୍ରୋହ ଓ ସଂଗ୍ରାମ କରିବାରେ ତାଙ୍କର ସମୟ ଅତିବାହିତ ହୋଇଥିଲା । କଟକରେ ବନ୍ଦୀ ସମୟରେ ରହିଥିବା ବେଳେ ସେ ଇସଲାମ୍ ଧର୍ମ ଗ୍ରହଣ କରିଥିବା କଥା ବିଶ୍ୱାସ କରାଯାଏ । ଶେଷରେ ରାଜ୍ୟ ହରା ହୋଇ ରାମଚନ୍ଦ୍ର ଦେବ ନରସିଂହ ପୁର ରାଜାଙ୍କ ନିକଟରେ ଆଶ୍ରୟ ନେଇଥିବା ସମୟରେ ପ୍ରାଣତ୍ୟାଗ କଲେ । ୧୦ବର୍ଷ ବ୍ୟାପୀ ରାଜତ୍ୱ କାଳରେ ମୋଗଲ ସେନାଙ୍କ ବାରମ୍ବାର ଆକ୍ରମଣ ଫଳରେ ଖୋର୍ଦ୍ଧା ରାଜ୍ୟ ହତଶ୍ରୀ ଓ ବରମ ଦୁର୍ଗଟିର ଶେଷ ସୀମାରେ ପହଞ୍ଚିଥିଲା । ଫଳରେ ଉତ୍ତରାଧିକାରୀ ମାନଙ୍କ ପ୍ରତି ବିପଦର ସୂଚନା ଦେଖାଦେଇଥିଲା । ଏହି ସମୟ ମଧ୍ୟରେ ପଟିଆର ରାଜା ପଦ୍ମନାଭ ଦେବ ଖୋର୍ଦ୍ଧାରେ ପ୍ରାୟ ତିନିବର୍ଷ କାଳ ଶାସନ କରିଥିଲେ ।

ଖ୍ରୀ ୧୭୩୬ରେ ବୀର କେଶରୀ ଦେବ ଖୋର୍ଦ୍ଧାକୁ ପଦ୍ମନାଭ ଦେବଙ୍କୁ ବିତାଡ଼ିତ କରି ସିଂହାସନ ଆରୋହଣ କଲେ । ଖ୍ରୀ ୧୭୪୧ରେ ମୁର୍ଶିଦ କୁଲି ଖାଁ ଓଡ଼ିଶାର ନାଏବ ନାଜିମ୍ ସୁବାଦାର ଓ ଅଲିବର୍ଦ୍ଦି ଖାଁ ବଙ୍ଗର ନିଜାମଙ୍କ ମଧ୍ୟରେ ମୟୂରଭଞ୍ଜ ସୀମାରେ ଯୁଦ୍ଧ ଲାଗିଥିଲା । ବୀରକେଶରୀ ଦେବ ମରହଟ୍ଟା ମାନଙ୍କୁ ସାହାଯ୍ୟ କରିଥିଲେ । ମରହଟ୍ଟାମାନେ ଓଡ଼ିଶା ଅଧିକାର କରିବା ପରେ ପାରଳାଖେମୁଣ୍ଡିର ଗଙ୍ଗବଂଶୀୟ ରାଜା ଜଗନ୍ନାଥ ନାରାୟଣ ଦେବ ଖୋର୍ଦ୍ଧା ଆକ୍ରମଣ କଲେ । ମରହଟ୍ଟାମାନଙ୍କ ସାହାଯ୍ୟରେ ବୀରକେଶରୀ ଦେବ ପାରଳାଖେମୁଣ୍ଡି ରାଜାଙ୍କୁ ପରାସ୍ତ କଲେ । ଖ୍ରୀ ୧୭୭୯ରେ ଓଡ଼ିଶାର ମରହଟ୍ଟା ସୁବାଦାର ଭାବେ ରାଜା ରାମ ପଣ୍ଡିତ ନିଯୁକ୍ତ ହେଲେ । ସେ ସମୟରେ ବୀର କେଶରୀ ଦେବ ନିଜର ଚାରୋଟି ପୁତ୍ରଙ୍କୁ ହତ୍ୟା କରିବା ଫଳରେ ପାଗଳ ରୂପେ ଘୋଷିତ ହେଲେ ଓ ବନ୍ଦୀ ହୋଇ ବାରବାଟୀ ଦୁର୍ଗରେ ରହିଲେ । ତାଙ୍କ ରାଜତ୍ୱ କାଳରେ ବହୁ ନୂତନ ମନ୍ଦିର ନିର୍ମାଣ ଓ ପ୍ରାଚୀନ ମନ୍ଦିର ମାନଙ୍କର ଜୀର୍ଣ୍ଣ ସଂସ୍କାର କାର୍ଯ୍ୟ ସଂପନ୍ନ ହୋଇଥିଲା । ଖ୍ରୀ ୧୭୯୩ରେ ବୀରକିଶୋର ଦେବଙ୍କର ଦେହାନ୍ତ ହୋଇଥିଲା ।

ବୀରକେଶରୀ ଦେବଙ୍କ ପୁତ୍ର ଦିବ୍ୟସିଂହ ଦେବ ମରହଟ୍ଟା ମାନଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ପେଶକିସ୍ ଦେବା ଚୁକ୍ତିରେ ଖ୍ରୀ ୧୭୮୧ଠାରୁ ରାଜପଦ ପ୍ରାପ୍ତ ହୋଇଥିଲେ । ତାଙ୍କ ଶାସନ କାଳ ଶାନ୍ତିରେ କଟିଥିଲା । ବହୁ ଦେଉଳରେ ସେ ପୂଜା ଦେଇଥିଲେ । ପୁରୀ ସିଂହଦ୍ୱାର ସମ୍ମୁଖରେ ଥିବା ବାରମିତର ଉଚ୍ଚତା ବିଶିଷ୍ଟ ଅରୁଣ ସ୍ତମ୍ଭକୁ କୋଣାର୍କରୁ ଅଣାଇ ବଡ଼ ଦେଉଳ ଆଗରେ ସ୍ଥାପନ କରାଇଥିଲେ । ରାମଚନ୍ଦ୍ର ଦେବଙ୍କ କାଳରେ ଖ୍ରୀ ୧୭୩୦ରେ ଗଞ୍ଜାମରୁ ୮ଟି ଜମିଦାରୀ ହାଇଦ୍ରାବାଦ ନିଜାମ ଖୋର୍ଦ୍ଧା ରାଜ୍ୟକୁ ନେଇ ଯାଇଥିଲେ । ଖ୍ରୀ ୧୭୬୦ରେ ମରହଟ୍ଟା ସୁବାଦାର ଖୋର୍ଦ୍ଧା ରାଜ୍ୟ ଅଧୀନସ୍ଥ ୧୪ଟି ଗଡ଼ଜାତର ମାଲିକାନା ସ୍ୱତ୍ୱ ପାଇଲେ । ଫଳରେ ଦିବ୍ୟସିଂହ ଦେବଙ୍କ ଶାସନ ସମୟକୁ ରାଜ୍ୟର ଆୟତନ ଓ ଆୟହ୍ରାସ ପାଇଥିଲା । ତେଣୁ ଦିବ୍ୟସିଂହ ଦେବଙ୍କୁ ବାଧ୍ୟ ହୋଇ ମରହଟ୍ଟା ମାନଙ୍କ ଆନୁଗତ୍ୟ ସ୍ୱୀକାର କରିବାକୁ ପଡ଼ିଲା ।

ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ଦ୍ୱିତୀୟ ମୁକୁନ୍ଦ ଦେବ ସିଂହାସନ ଆରୋହଣ କରିଥିଲେ ଖ୍ରୀ ୧୭୯୮ରେ । କିନ୍ତୁ ସେତେବେଳେ ସେ ନାବାଳକ ଥିଲେ । ସେ ସମୟରେ ବୀର କିଶୋରୀ ଦେବଙ୍କ ଦ୍ୱିତୀୟ ପୁତ୍ର ଶ୍ୟାମସୁନ୍ଦର ଦେବ କଟକରେ ଅବସ୍ଥାନ କରୁଥିଲେ । ସେ କେତେକ ଜମିଦାରଙ୍କ ସାହାଯ୍ୟ ନେଇ ଖୋର୍ଦ୍ଧା ରାଜ୍ୟ ଆକ୍ରମଣ କଲେ । ଶ୍ୟାମ ସୁନ୍ଦର ଦେବଙ୍କୁ କେତେକ ଇଂରେଜ ସୈନ୍ୟ ପ୍ରତ୍ୟକ୍ଷ ଭାବେ ସାହାଯ୍ୟ କରୁଥିଲେ ।

କିନ୍ତୁ କଟକ ସୁବାଦାର ସଦାଶିବ ରାଓ ବଙ୍ଗଳା ସରକାରକୁ ପ୍ରତିବାଦ ଜଣାଇବାରୁ ଇଂରେଜ ସୈନ୍ୟ ଏଥିରୁ ନିବୃତ୍ତ ରହିଲେ ଓ ମୁକୁନ୍ଦ ଦେବ ନିରାପଦରେ ସିଂହାସନ ଆରୋହଣ କଲେ । ସେ ହେଉଛନ୍ତି ଖୋର୍ଦ୍ଧାର ଶେଷ ସ୍ୱାଧୀନ ରାଜା । ତାଙ୍କରି ସମୟରେ ପାଇକ ବିଦ୍ରୋହ ଘଟିଥିଲା ।

ଖୋର୍ଦ୍ଧା ରାଜ୍ୟରେ ସଂଗଠିତ ହୋଇଥିବା ପାଇକ ବିଦ୍ରୋହକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ପ୍ରଥମ ପର୍ଯ୍ୟାୟରେ ଯେଉଁ ପାଇକ ବିଦ୍ରୋହର ସୂତ୍ରପାତ ହେଲା, ତାହା ଶେଷ ହେଲା ଜୟୀ ରାଜଗୁରୁଙ୍କ ମୃତ୍ୟୁ ପରେ ଅର୍ଥାତ ୧୮୦୬ ଖ୍ରୀରେ । ଦ୍ୱିତୀୟ ପର୍ଯ୍ୟାୟ ପାଇକ ବିଦ୍ରୋହର ବହ୍ନି ଜଳି ଉଠିଥିଲା ଖ୍ରୀ ୧୮୧୭ରେ । ଏହାର ନେତୃତ୍ୱ ନେଇ ଥିଲେ ବକ୍ସି ଜଗବନ୍ଧୁଙ୍କ ସହିତ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମର ବର ରାୟ, ପଣ୍ଡିକି ବାହୁ ବଳେନ୍ଦ୍ର, ସାଧୁଚରଣ ମଙ୍ଗରାଜ, ବିଷ୍ଣୁ ପାଇକରାୟ, ବୀରେନ୍ଦ୍ର ପଟ୍ଟନାୟକ, ପୀତବାସ ମଙ୍ଗରାଜ, ହରି ମାନସିଂହ, ଦୀନବନ୍ଧୁ ସାମନ୍ତରାୟ, ପଦ୍ମନାଭ ହରିଚନ୍ଦନ, ଗୋପାଳ ଛୋଟରାୟ, ରଥ ସାମନ୍ତସିଂହାର, ଗୌରାଙ୍ଗ ଚମ୍ପତିରାୟ, ବାମ ସୁବୁଦ୍ଧି ଓ ଭାଗୁ ହରିଚନ୍ଦନ ।

ବହୁ କ୍ରାନ୍ତିକାରୀ ସାମରିକ ଆନ୍ଦୋଳନ ଖୋର୍ଦ୍ଧା ରାଜ୍ୟରେ ସଂଘଟିତ ହୋଇଛି । ଇଂରେଜୀ ବିରୋଧୀ ଆନ୍ଦୋଳନ କରି ଭାରତ ବର୍ଷରେ ଖୋର୍ଦ୍ଧା ଏକ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଛି । ବହୁ ଦେଶପ୍ରେମୀ ମାତୃଭୂମିର ସୁରକ୍ଷା ପାଇଁ ଇଂରେଜମାନଙ୍କ ତୋପ ଆଗରେ ହସି ହସି ପ୍ରାଣବଳୀ ଦେଇ ଇତିହାସରେ ଅମର ହୋଇ ରହିଛନ୍ତି । କିନ୍ତୁ ଖୋର୍ଦ୍ଧାବାସୀ ଇଂରେଜ ବିରୁଦ୍ଧରେ ଯେଉଁ ବିଦ୍ରୋହ ସୃଷ୍ଟି କରିଥିଲେ ତାହା ଓଡ଼ିଶା ଇତିହାସ ନୁହେଁ ଭାରତ ଇତିହାସରେ ମଧ୍ୟ ବିରଳ ।

ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ନାନା ପ୍ରକାର ଭାବରେ ପ୍ରଜାମାନଙ୍କୁ ଶୋଷଣ କରିବାକୁ ଲାଗିଲେ । ଖୋର୍ଦ୍ଧା ଅଞ୍ଚଳର ପାଇକମାନଙ୍କ ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇ ପଡ଼ିଲା । ପାଇକମାନେ ଓଡ଼ିଶାର ସ୍ୱାଧୀନ ରାଜାମାନଙ୍କ ଅଧୀନରେ ସୈନିକ ଭାବରେ କାର୍ଯ୍ୟ କରୁଥିଲେ । ସେମାନେ ସାଧାରଣତଃ ଖଣ୍ଡା, ଢାଲ, ଭାଲା, ଧନୁଶର, କଟାରୀ, ବର୍ଚ୍ଛା, କାତି, ଛୁରୀ, ଫାର୍ଶା, ମୁଦ୍‌ଗର, କୁନ୍ତ ସାହାଯ୍ୟରେ ଲଢ଼େଇ କରୁଥିଲେ । ଯୁଦ୍ଧ ନ ଥିବାବେଳେ ସେମାନେ ଅବସର ସମୟରେ ଚାଷବାସ କରି ଜୀବିକା ନିର୍ବାହ କରୁଥିଲେ । ଆପଣାର ବୀରତ୍ୱ ଓ ରଣ କୌଶଳ ଦ୍ୱାରା ଓଡ଼ିଶାର ସ୍ୱାଧୀନତା ଅନେକ ଦିନ ଧରି ବଜାୟ ରଖିଥିଲେ । ଇଂରେଜମାନେ ଖୋର୍ଦ୍ଧା ରାଜ୍ୟକୁ ନିଜ ଅଧୀନକୁ ନେଇଯିବା ପରେ ମେଜର ଫ୍ଲେଚର ଏହାକୁ ଖାସମହାଲରେ ପରିଣତ କରିଦେଲେ । ପାଇକମାନେ ଯେଉଁ ଜମିସବୁ ନିଷ୍କର ଭାବେ ଉପଭୋଗ କରୁଥିଲେ, ସେହି ଜମି ସବୁକୁ ବନ୍ଦୋବସ୍ତ କରାଇ କେତେକ ଜମିରୁ ପାଇକମାନଙ୍କୁ ଉଚ୍ଛେଦ କରିବା ସଂଗେ ସଂଗେ ଅନ୍ୟମାନଙ୍କ ଉପରେ କର ଧାର୍ଯ୍ୟ କରାଗଲା । କର ଅନାଦେୟ ଯୋଗେ ପୋଲିସ କର୍ମଚାରୀ ମାନଙ୍କର ଅତ୍ୟାଚାର ଆକାଶକୁ ଛୁଇଁଗଲା ଓ ଜମି ସବୁ ନିଲାମ କରି ଦିଆଗଲା । କଉଡ଼ି ବଦଳରେ ଟଙ୍କା ଆକାରରେ କର ଦେବାକୁ ବାଧ କରାଗଲା । ଯାହା ଫଳରେ କି ପାଇକମାନେ ତାତି ଉଠିଲେ । କେତେଦିନ ଆଉ ଅତ୍ୟାଚାର ଭୋଗ କରିଥାନ୍ତେ ? ମାଡ଼ିବୁ ନ ହେଲେ ମରିବୁ ନୀତି ଅବଲମ୍ବନ କଲେ । ଇଂରେଜ ସରକାରଙ୍କ ଲୁଣମରା ନୀତି ପାଇକ ମାନଙ୍କର କଟା ଘା'ରେ ଚୂନ ଦେବା ସଦୃଶ ପ୍ରତୀୟମାନ ହେଲା । ଫଳରେ ବିଦ୍ରୋହର ପ୍ରତିଧ୍ୱନି ଖୋର୍ଦ୍ଧା ମୂଲକରେ ପ୍ରତିଧ୍ୱନିତ ହେଲା । ଯେଉଁ ସବୁ କାରଣ ଯୋଗୁଁ ଖୋର୍ଦ୍ଧା ରାଜ୍ୟରେ ପାଇକ ବିଦ୍ରୋହର ସୂତ୍ରପାତ ହେଲା, ତାହା ହେଉଛି :- ଇଂରେଜ ଶାସନରେ ପାଇକ ତଥା ପ୍ରଜାଙ୍କ ଦୁରାବସ୍ଥା, ଖଜଣା ବୃଦ୍ଧି, ଜମିଦାରୀ ନିଲାମ, ପ୍ରଜାଙ୍କ ଉପରେ ଅତ୍ୟାଚାର, ଏକଚାଟିଆ ଲୁଣ କାରବାର, କଉଡ଼ି ବଦଳରେ ଟଙ୍କା ପ୍ରଚଳନ, ବାଣିଜ୍ୟ ବ୍ୟବସାୟର ଅବନତି, ନିଷ୍କର ଜାଗିରୀ ଖାସ ହେବା, ରୋରଙ୍ଗ ବନ୍ଦୋବସ୍ତ, ବଙ୍ଗାଳୀ କୃତବ୍ରାଙ୍କ ଷଡ଼ଯନ୍ତ୍ରୀ କାର୍ଯ୍ୟ, ବକ୍ସି ଜଗବନ୍ଧୁଙ୍କ ଜାଗିରି ଜବର ଦଖଲ ।

ବକ୍ସି ଜଗବନ୍ଧୁ ଦୁହୁଗିରି ଅନ୍ତର୍ଗତ ରୋରଙ୍ଗ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ବଂଶ ପରମ୍ପରା କ୍ରମେ ସେ ଦ୍ୱିତୀୟ ମୁକୁନ୍ଦ ଦେବଙ୍କ ସୈନ୍ୟବାହିନୀରେ ବକ୍ସି ବା ସେନାପତି ପଦ ଅଳଙ୍କୃତ କରିଥିଲେ । ଇଂରେଜ ମାନଙ୍କ ଖୋର୍ଦ୍ଧା ଅଧିକାର ପରେ ମନ୍ତ୍ରୀ ଜୟୀ ରାଜଗୁରୁ ଫାଶୀ ପାଇଲେ । ରାଜା ମୁକୁନ୍ଦ ଦେବ ପୁରୀର ପୁରୁଣା ନଅରରେ ଶ୍ରୀ ମନ୍ଦିରର ତତ୍ତ୍ୱାବଧାରକ ରୂପେ ରହିଲେ । କିନ୍ତୁ ବକ୍ସି ଜଗବନ୍ଧୁ ତାଙ୍କ ପୈତୃକ ସଂପତ୍ତିର ଅଧିକାରରୁ ବଞ୍ଚିତ ହେଲେ ।

ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ''ବକ୍ସି ଜଗବନ୍ଧୁ'' ଭାବରେ ଖୋର୍ଦ୍ଧା ରାଜ୍ୟରେ ପରିଚିତ ହେଲେ । ସେ

ପୁରୁଷାନୁକ୍ରମେ ରୋଢ଼ଙ୍ଗ ଜିଲ୍ଲାର ମାଲିକ ଥିଲେ । ଖ୍ରୀ: ୧୮୦୩ରେ ଓଡ଼ିଶା ଆକ୍ରମଣ କାଳରେ କର୍ଣ୍ଣେଲ ହାରକୋର୍ଟଙ୍କୁ ସେ ସାହାଯ୍ୟ କରିଥିଲେ । କିନ୍ତୁ ଜଣେ ବଙ୍ଗାଳୀ ପ୍ରବଞ୍ଚକ କୃଷ୍ଣଚନ୍ଦ୍ର ସିଂହ ରୋଢ଼ଙ୍ଗ ଜମିଦାରୀକୁ ନିଜ ଭାଇ ଚନ୍ଦ୍ର ପ୍ରସାଦ ସିଂହଙ୍କ ନାମରେ ନିଲାମ କରାଇନେଲେ । ବକ୍ସି ଜଗବନ୍ଧୁ ପ୍ରଥମେ ଇଂରେଜମାନଙ୍କୁ ପ୍ରତିରୋଧ ନ କରି ସେମାନଙ୍କ ଗତିବିଧିକୁ ଲକ୍ଷ୍ୟ କରୁଥିଲେ । ରୋଢ଼ଙ୍ଗ ଜମିଦାରୀ ଉଚ୍ଛେଦ ହେବା ପରେ ଆହତ ବ୍ୟାଘ୍ର ଭଳି ଇଂରେଜଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ।

କଲେକ୍ଟର ସି ଗ୍ରୁମ୍‌ଙ୍କ ସମୟରେ ଜଣେ ବଙ୍ଗାଳୀ କୃଷ୍ଣଚନ୍ଦ୍ର ସିଂହ ଦେୱାନ ଭାବେ କାର୍ଯ୍ୟ କରୁଥିଲେ । ଏହି ସମୟରେ କୃଷ୍ଣଚନ୍ଦ୍ର ସିଂହଙ୍କର ଭାଇ ଚନ୍ଦ୍ର ପ୍ରସାଦ ସିଂହ କଲେକ୍ଟରଙ୍କ ସିରସ୍ତାଦାର ରହିଥିଲେ । ଯେତେବେଳେ ଓ୍ୱେବ୍‌ସାହେବ କଲେକ୍ଟର ଭାବେ ଆସିଲେ, ସେତେବେଳେ କୃଷ୍ଣଚନ୍ଦ୍ର ସିଂହ ଖ୍ରୀ ୧୮୧୧ ପର୍ଯ୍ୟନ୍ତ ସିରସ୍ତାଦାର ଭାବେ କାର୍ଯ୍ୟ କରି ଅର୍ଥ ତୋଷରପାତ ଓ ଉପରିସ୍ଥ ପଦାଧିକାରୀଙ୍କ ପ୍ରତି ଅବଜ୍ଞା କରିବାରୁ କାର୍ଯ୍ୟରୁ ବହିଷ୍କାର ହେଲେ । ତାଙ୍କ ଭାଇ ଗୌରହରି ସିଂହ ପୁରୀରେ ତହସିଲଦାର ହୋଇ ଖ୍ରୀ ୧୮୦୪-୦୫ରୁ ଖ୍ରୀ ୧୮୦୯-୧୦ ପର୍ଯ୍ୟନ୍ତ ରହିବା ମଧ୍ୟରେ ଖାସମହାଲ ଓ ଜମିଦାରୀ ମହାଲ ମାନଙ୍କରୁ ରାଜସ୍ୱ ଆଦାୟ ପାଇଁ ପଦକ୍ଷେପମାନ ଗ୍ରହଣ କରିଥିଲେ । ଏହି ସମୟରେ ଗୌରହରିସିଂହ କୃଷ୍ଣଚନ୍ଦ୍ର ସିଂହଙ୍କ ଚକ୍ରାନ୍ତରେ ପଡ଼ି ବକ୍ସି ଜଗବନ୍ଧୁଙ୍କର ସ୍ୱତ୍ୱ ଅପହରଣ କରି ନେବାକୁ ପ୍ରସ୍ତୁତ ହୋଇ ରହିଲେ ।

କଟକ ଡ଼ିଭିଜନର ଦକ୍ଷିଣାଞ୍ଚଳରେ ଥିବା ପୁରୀ ସମେତ ଅନେକ ବଡ଼ ଏବଂ ମୂଲ୍ୟବାନ ପ୍ରଗଣା ସବୁକୁ ଖୋର୍ଦ୍ଧା ରାଜାଙ୍କ ଠାରୁ ଇଂରେଜ ସରକାର ଛଡ଼ାଇ ନେଇ ମରହଟ୍ଟା ସରକାରଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ରଖିଲେ । ରାଜସ୍ୱ ଅନାଦେୟ ଆଳରେ ଇଂରେଜ ସରକାର ଶିରେଇ, ରାହାଙ୍ଗ ଓ ଲେମ୍ବେଇ ପ୍ରଗଣା ଓଗେର ନିଲାମ କରିବା ପାଇଁ ଇସ୍ତାହାର ପ୍ରକାଶ କଲେ । ବକ୍ସି ଜଗବନ୍ଧୁ ରୋଢ଼ଙ୍ଗ ମହଲର ରାଜସ୍ୱ ୧୮୦୭-୮ ପର୍ଯ୍ୟନ୍ତ ସଗଠ କରିଥିଲେ ମଧ୍ୟ ତାହା ସରକାରଙ୍କ ଖାତାରେ ନ ପକାଇ ତୋଷରପାତ କରିଦେଲେ । ଫଳରେ ୧୮୦୮-୯ରେ ଚନ୍ଦ୍ରପ୍ରସାଦ ସିଂହ ଉଚ୍ଚ ମୂଲ୍ୟ ଦେଇ ଶିରେଇ, ଲେମ୍ବେଇ ଓ ରାହାଙ୍ଗ ଓଗେର ମହାଲ ସବୁ ନିଲାମରେ ନେଇଗଲେ । ପ୍ରକୃତ ପକ୍ଷେ ଚନ୍ଦ୍ର ପ୍ରସାଦ ସିଂହ ରୋଢ଼ଙ୍ଗ ମହାଲ କ୍ରୟ କରିଥିଲେ ମଧ୍ୟ ତାହା ଥିଲା କୃଷ୍ଣଚନ୍ଦ୍ର ସିଂହଙ୍କର ଅଧିକାର ଭୁକ୍ତ । କାରଣ କୃଷ୍ଣଚନ୍ଦ୍ର ସିଂହଙ୍କର ଅର୍ଥରେ ରୋଢ଼ଙ୍ଗ ମହାଲ କ୍ରୟ କରାଯାଇଥିଲା ।

ରୋଢ଼ଙ୍ଗ ମହାଲ କ୍ରୟ କରି ସାରିବା ପରେ କୃଷ୍ଣଚନ୍ଦ୍ର ସିଂହ ଲୋକବଳ ସହ ରୋଢ଼ଙ୍ଗ ଦଖଲ କରିବାକୁ ଗଲେ; କିନ୍ତୁ ଘୋର ବିରୋଧ କଲେ ବକ୍ସି ଜଗବନ୍ଧୁ । ଫଳରେ ପ୍ରବଳ ଗଣ୍ଡଗୋଳ ହେଲା । ପରବର୍ତ୍ତୀ ଅବସ୍ଥାରେ ବକ୍ସି ଜଗବନ୍ଧୁ କଟକର କମିଶନର ସି.ବୁଲରଙ୍କ ନିକଟରେ ଏହି ଅନ୍ୟାୟ ବିରୁଦ୍ଧରେ ଆବେଦନ କଲେ । ଇଂରେଜ ସରକାରଙ୍କ ଅଦାଲତରେ ବକ୍ସି ଜଗବନ୍ଧୁଙ୍କ ଆବେଦନର ବିଚାର ହେଲା । ବିଚାରରେ ସେ ନ୍ୟାୟ ପାଇଲେ ନାହିଁ । ଫଳ ହେଲା ଓଲଟା । ଇଂରେଜ ସରକାରଙ୍କ ବିରୁଦ୍ଧରେ କିଛି କରି ନ ପାରିବାର ଆଶା କରି ହିଂସ୍ର ବ୍ୟାଘ୍ର ପଞ୍ଜୁରୀ ମଧ୍ୟରେ ଛଟପଟ ହୋଇ ରହିବା ପରି ବକ୍ସି ଜଗବନ୍ଧୁ ଏଣେ ତେଣେ ବୁଲି ପାଇକମାନଙ୍କୁ ମେଳେଇବାରେ ଲାଗିପଡ଼ିଲେ । ଯାହାଦ୍ୱାରାକି ଏହାର ବିସ୍ଫୋରଣ ଘଟିଲା ୧୮୧୭ ମାର୍ଚ୍ଚ ଶେଷ ସପ୍ତାହରେ । ଏହି ବିଦ୍ରୋହ ଘୁମୁସରରୁ ଆରମ୍ଭ ହେଲା ସରସିଂଙ୍କ ମହାରଣାଙ୍କ ନେତୃତ୍ୱରେ । ସେଠାରୁ ୪୦୦ କନ୍ଧ ଓ ସଉରା ବିଦ୍ରୋହ ଆରମ୍ଭ କରି ଖୋର୍ଦ୍ଧା ରାଜ୍ୟ ଆଡ଼କୁ ଅଗ୍ରସର ହେଲେ । ସେମାନଙ୍କ ସହିତ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଯୋଗଦେଲେ ଖୋର୍ଦ୍ଧାର ଦଳେଇ, ଦଳବେହେରା ଓ ପାଇକମାନେ । ବିଦ୍ରୋହୀ ପାଇକମାନେ ବାଣପୁର ପୋଲିସ୍ ଥାନା ଓ ସରକାରୀ କଚେରୀ ଆକ୍ରମଣ କରି ପନ୍ଦର ହଜାର ଟଙ୍କା ଲୁଣ୍ଠନ କଲେ । ଦୁଇଜଣ ସରକାରୀ କର୍ମଚାରୀଙ୍କୁ ହତ୍ୟା କରିବା ସହିତ କେତେଜଣ କର୍ମଚାରୀ ମଧ୍ୟ ଆହତ ହେଲେ । ଚିଲିକା କୂଳରେ ଲୁଣ ଏଜେଣ୍ଟ ବେଚର ସାହେବଙ୍କୁ ଧରିବା ପାଇଁ ବିଦ୍ରୋହୀମାନେ ଚେଷ୍ଟା କଲେ । ବେଚର ସାହେବ ପାଇକମାନଙ୍କର ପ୍ରବଳ ଉତ୍ତେଜନାକୁ ଲକ୍ଷ୍ୟ କରି ଲୁଚି ପଳାଇଲେ । କେବଳ ସେ ବ୍ୟବହାର କରୁଥିବା ତିନୋଟି ଡଙ୍ଗା ପାଇକମାନଙ୍କ ହସ୍ତରେ ପଡ଼ିଲା । ସେତେବେଳକୁ ବିଦ୍ରୋହୀ ପାଇକସଂଖ୍ୟା ବଢ଼ିଯାଇଥିଲା ତିନିହଜାରକୁ ।

ବାଣପୁର ପରେ ଖୋର୍ଦ୍ଧା ସହରରେ ଅବସ୍ଥିତ ସରକାରୀ କଚେରୀ ଓ ଖଜଣା ଖାନା ଉପରେ ପାଇକମାନେ ଆକ୍ରମଣ କରି ନିଆଁ ଲଗାଇଦେଲେ ଏବଂ କାଗଜପତ୍ର ଇତ୍ୟାଦି ଲୁଣ୍ଠନ କରିବାକୁ ପଛାଇଲେ ନାହିଁ । କିନ୍ତୁ ଏହି ଆକ୍ରମଣରେ କୌଣସି ବ୍ୟକ୍ତିଗତ

ପରିବାରର ଘର କ୍ଷତି ହୋଇ ନଥିଲା ।

ପାଇକମାନଙ୍କ ଦ୍ୱାରା ବାଣପୁର ଓ ଖୋର୍ଦ୍ଧା ଆକ୍ରମଣର ଖବର ପାଇ ଇତ୍ରେ ସାହେବ ଲେଫ୍‌ଟନାଣ୍ଟ ଟ୍ରାଭିସ୍‌ଙ୍କ ନେତୃତ୍ୱରେ ୬୪ଜଣ ଇଂରେଜ ସିପାହୀଙ୍କ ଗହଣରେ ବିଦ୍ରୋହ ଦମନ ପାଇଁ କଟକରୁ ଖୋର୍ଦ୍ଧା ଆଡକୁ ଅଗ୍ରସର ହେଲେ । ଗଙ୍ଗପଡ଼ାଠାରେ ପହଞ୍ଚି ଦେଖିବାକୁ ପାଇଲେ ବହୁ ସଂଖ୍ୟାରେ ବିଦ୍ରୋହୀ ପାଇକ ଜମା ହୋଇ ରାସ୍ତା ଅବରୋଧ କରି ରହିଛନ୍ତି । ଇତ୍ରେ ସାହେବ ସେଇଠି ଖବର ପାଇଲେ ଖୋର୍ଦ୍ଧାଠାରେ ଅବସ୍ଥାପିତ ହୋଇ ରହିଥିବା ସିପାହୀ ବାହିନୀର ମୁଖ୍ୟ ଲେଫଟନାଣ୍ଟ ପ୍ରାଇଡ୍ ସେଠାରେ ନାହାନ୍ତି । ଫଳରେ ସିପାହୀମାନେ ହତୋତ୍ସାହ ହୋଇପଡିଛନ୍ତି । ଲେଫ୍‌ଟନାଣ୍ଟ ଟ୍ରାଭିସ୍ ଆଉ ଖୋର୍ଦ୍ଧା ଆଡ଼କୁ ଅଗ୍ରସର ହେବାକୁ ସାହସ କଲେ ନାହିଁ । ବାଧ ହୋଇ କଟକ ଫେରିଗଲେ କଟକରେ ପହଞ୍ଚିଲେ ୧୮୧୭ଏପ୍ରିଲ ୪ ତାରିଖରେ ।

ଇତ୍ୟବସରରେ ପାଇକମାନଙ୍କର ଉତ୍ସାହ ଓ ସାହସ ବଢ଼ିଗଲା । ଖୋର୍ଦ୍ଧାର ଚାରିଆଡ଼କୁ ବିଦ୍ରୋହର ବହ୍ନି ବ୍ୟାପିବାରେ ଲାଗିଲା । ଦଳେ ପାଇକ ୧୮୧୭ ଏପ୍ରିଲ ୭ ତାରିଖରେ ରଥପୁର ଗ୍ରାମରେ ପ୍ରବେଶ କରି ନିମକହାରାମ ଓ ବିଶ୍ୱାସ ଘାତକ ଚରଣ ପଟ୍ଟନାୟକଙ୍କୁ ହତ୍ୟା କଲେ । ଗଡ଼ ପଦ୍ମପୁରର ଖଣ୍ଡାୟତ ସର୍ଦ୍ଦାର ରାଜବଲ୍ଲଭ ଛୋଟରାୟ ତିନିଶହ ପାଇକଙ୍କୁ ବିଭିନ୍ନ ସାମରିକ ଅସ୍ତ୍ରଶସ୍ତ୍ରରେ ସଜେଇ ହରିହରପୁର ଘେରାଉ କରି ଖଜଣା ଆଦାୟ କରିବାକୁ ଆସିଥିବା ପିଅନଙ୍କୁ କିଂପାତ ମାଡ ମାରିଲେ ଓ ସମସ୍ତ ସରକାରୀ କାଗଜ ପତ୍ର ପାଣିରେ ବୁଡାଇ ନଷ୍ଟ କରିଦେଲେ । ତହସିଲଦାର ଓ ଦାରୋଗାଙ୍କୁ ଖେଦିଲେ । ସେମାନେ ଲୁଚି ରହିବା ଫଳରେ ନ ପାଇ ଇଂରେଜ ସରକାରଙ୍କ ସପକ୍ଷରେ ଥିବା କେତେକ ବ୍ୟକ୍ତି ବିଶେଷଙ୍କର ଘର ଲୁଟ୍ କରିବାକୁ ବାଧ ହୋଇଥିଲେ । ବଳରାମପୁର ଓ ବୁଢ଼ାକେରା ମାହାଲାରପୂର୍ବ ସ୍ୱତ୍ୱାଧିକାରୀମାନେ ପୁନର୍ବାର ତବର ଦଖଲ କରିବାକୁ ସକ୍ଷମ ହୋଇ ପଡ଼ିଲେ ।

ବିଦ୍ରୋହୀ ପାଇକମାନେ ଦ୍ୱିତୀୟ ଯୋଜନା ସ୍ୱରୂପ ପୁରୀ ଅଧିକାର କରିବା ପାଇଁ ଖ୍ରୀ ୧୮୧୭ ଏପ୍ରିଲ ୧୨ ତାରିଖରେ ଦୁଇଶହ ଶବରା ପାଇକ ପୁରୀ ସନ୍ନିକଟ ସୁକଳ ଗ୍ରାମଠାରେ ଏକତ୍ରିତ ହେଲେ । ସେହି ଦିନ ସନ୍ଧ୍ୟାରେ ଦୁଇ ହଜାର ଶବରା ପାଇକ ପୁରୀରେ ଲୋକନାଥ ଘାଟଠାରେ ପହଞ୍ଚି ରାତି ନ'ଟାବେଳକୁ ସେଠାରେ ଥିବା ସରକାରୀ କଚେରୀଘର ମାନଙ୍କରେ ଅଗ୍ନି ସଂଯୋଗ କରି ପୋଡ଼ି ଦେଲେ । ଏଥିରେ ସହରରେ ଥିବା କେତେକ ବସ୍ତି ଓ ପୋଲିସ ଦାରୋଗାଙ୍କ ଘର ମଧ୍ୟ ପୋଡିଗଲା । ଆହୁରି ପ୍ରାୟ ୧୫୦ଜଣ ପାଇକ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ସମୁଦ୍ର କୂଳରେ ଥିବା ବିଚାରପତିଙ୍କ ବଙ୍ଗଳାକୁ ପୋଡ଼ି ଛାରଖାର କରିଦେଇଥିଲେ । ଏହି ଘଟଣା ଘଟୁଥିବା ବେଳେ କିଛି ଦୂରରେ ଚାରି ହଜାର ବିଦ୍ରୋହୀ ପାଇକ ଅଗ୍ନି ସଂଯୋଗ କରୁଥିବା ପାଇକ ମାନଙ୍କ ସୁରକ୍ଷା ନିମନ୍ତେ ଜଗି ରହିଥିଲେ ।

ଏଣେ ବିରାଟ ଏକ ପାଇକ ବାହିନୀର ନେତୃତ୍ୱ ନେଇ ବକ୍ସିଜଗବନ୍ଧୁ ୧୮୧୭ ଏପ୍ରିଲ ୧୪ ତାରିଖରେ ପୁରୀରେ ପ୍ରବେଶ କଲେ । ଏହି ବିଦ୍ରୋହୀ ପାଇକମାନଙ୍କ ସଂଖ୍ୟା ଥିଲା ପ୍ରାୟ ୧୦ ହଜାର । ସେମାନଙ୍କ ମଧ୍ୟରେ କେତେକ ଘୁମୁସରର କନ୍ଧ ବିଦ୍ରୋହୀ ମଧ ଯୋଗ ଦେଇଥିଲେ । ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପୁରୀରେ ପ୍ରବେଶ କରିଥିବା ବିଶାଳ ପାଇକ ବାହିନୀକୁ ଦେଖି ପୁରୀ ଅଧିବାସୀମାନେ ଏହି ବିଦ୍ରୋହ ସହିତ ସାମିଲ ହୋଇ ଜଗନ୍ନାଥଙ୍କ ମନ୍ଦିର ନିକଟରେ ଜଣେ ଇଉରୋପିଆନ୍ ଓ କେତେକ ସିପାହୀଙ୍କୁ ହତ୍ୟା କରିବା ଫଳରେ ସେଠାକାର ପରିସ୍ଥିତି ଭୟଙ୍କର ହୋଇ ଉଠିଲା । ଏହା ଦେଖି କ୍ୟାପଟେନ୍ ୱାଲିଙ୍ଗଟନ୍, ଜେ.କିଙ୍ଗ,ଆର.ବେଟର, ଦୁଇଜଣ ଲୁଣମରା ଅଫିସର, ଏସ୍.ରସ୍‌ବି, ଯାତ୍ରୀକର ଆଦାୟ କରୁଥିବା ଟାକ୍ସ କଲେକ୍ଟର ଭୟଭୀତ ହୋଇ ପୁରୀରୁ କଟକ ପଳାଇ ଆସିଲେ । ଜଗନ୍ନାଥ ମନ୍ଦିରର ପଣ୍ଡାମାନେ ବଙ୍ଗଳା ଭିତରୁ ଟ୍ରେଜେରୀ ଲୁଟ୍ କରି ୩୯୦୦ ଟଙ୍କା ଲୁଟ୍ କରିନେଲେ ଓ ବଙ୍ଗଳାକୁ ପୋଡ଼ି ଛାରଖାର କରିଦେଲେ । ବିଦ୍ରୋହୀ ମାନଙ୍କର ଏହି ନାରକୀୟ କାଣ୍ଡ ଦେଖି ଇଂରେଜ ସରକାରଙ୍କ ମନରେ ଭୟ ସୃଷ୍ଟି ହେଲା । ପୁଣି ସେମାନେ ଶୁଣିବାକୁ ପାଇଲେ ଯେ ପାଇକମାନେ ଦଳବଦ୍ଧ ହୋଇ କଟକ ଆଡକୁ ଅଗ୍ରସର ହେଉଛନ୍ତି ତେଣୁ କର୍ଣ୍ଣେଲ୍ ଜେ.ଓ.ହାଲୋରାନ ଓ କମାଣ୍ଡିଂ ଅଫିସର କଲେକ୍ଟରଙ୍କ ଟ୍ରେଜେରୀ ନେଇ ମହାନଦୀ ବାଲିରେ ଏବଂ ଲୁଣ ଏଜେଣ୍ଟଙ୍କ ଟ୍ରେଜେରୀ ନେଇ କାଠଯୋଡି ବାଲିରେ ଲୁଚି ହୋଇ ଯିବାର ଆଶଙ୍କା କରି ପୋତି ପକାଇଲେ ।

ଏଣେ ଇଂରେଜ ସୈନ୍ୟବାହିନୀର ମୁଖ୍ୟ କ୍ୟାପ୍‌ଟେନ୍ ପି.ଲେ.ଫିଟ୍ସ କେତେକ ଇଂରେଜ ସୈନ୍ୟଙ୍କ ସହିତ ବକ୍ସି ଜଗବନ୍ଧୁଙ୍କୁ ଧରିବା ପାଇଁ ଖୋର୍ଦ୍ଧା ଗଲେ । ସେଠାରେ ବକ୍ସି

ଜଗବନ୍ଧୁଙ୍କର କୌଣସି ପତ୍ତା ପାଇଲେ ନାହିଁ। ତା'ପରେ ସେ ବାଣପୁର ବାଟ ଦେଇ ଟିପୁରୀ, ଟିପୁରୀଠାରୁ କଣାସ ବାଟ ଦେଇ ନୂଆଗାଁ ନାନ ଠାରେ ପହଞ୍ଚିଲେ। ସେଠାରୁ ଅଗ୍ରସର ହୋଇ ୧୮୧୭ ଏପ୍ରିଲ ୧୭ ତାରିଖ ସକାଳ ୯ଟା ବେଳକୁ ହୋବଣ୍ଡା ଠାରେ ପହଞ୍ଚିବା ବେଳେ ହୋବଣ୍ଡା ବନ୍ଧ ଉପରେ ପ୍ରାୟ ଏକ ହଜାର ବିଦ୍ରୋହୀ ପାଇକ ଦୃଢ଼ ମୁକାବିଲା କରିବା ଅପେକ୍ଷାରେ ରହିଥିଲେ। କିନ୍ତୁ ଇଂରେଜ ସୈନ୍ୟବାହିନୀର ଗୁଳି ବର୍ଷଣ ଫଳରେ ବିଦ୍ରୋହୀ ପାଇକମାନେ ଭୟଭୀତ ହୋଇ ପଳାଇଗଲେ। କ୍ୟାପଟେନ ଲି.ଫିବ୍ରେ ଅନାୟସରେ ପୁରୀଠାରେ ପହଞ୍ଚି ବିଦ୍ରୋହୀ ମାନଙ୍କୁ ବିତାଡ଼ିତ କଲେ ଓ ତାହାଙ୍କ ଉପରେ ନଜର ରଖିଲେ।

କୌଣସି ଉପାୟ ନ ପାଇ ଇଂରେଜ ସରକାର ବିଦ୍ରୋହକୁ ଦମନ କରିବା ପାଇଁ ମେଦିନିପୁରରୁ ପାଞ୍ଚ କମ୍ପାନୀ ଫୋର୍ସ କଟକ ପଠାଇଲେ। ସାଧାରଣ କୋର୍ଟ କଚେରୀ କାର୍ଯ୍ୟ ବନ୍ଦ କରିବା ସହିତ ଖୋର୍ଦ୍ଧା, ପୁରୀ ଓ ଗୋପରେ ସାମରିକ ଆଇନ୍ ଜାରି କରିଦେଲେ। ବିଦ୍ରୋହୀମାନଙ୍କୁ ଧରିବା ପାଇଁ ମଧ୍ୟ ପୁରସ୍କାର ଘୋଷଣା କଲେ।

ମେଜର ଜେନେରାଲ ଜି.ମାର୍ଟିନ୍‌ଡେଲ ଖୋର୍ଦ୍ଧାରେ ନିଜେ ରହି ଯେଉଁଠାରେ ବିଦ୍ରୋହୀ ପାଇକମାନେ ଏକତ୍ରିତ ହେଲେ, ସେଠାକୁ ସୈନ୍ୟବାହିନୀ ପଠାଇ ଦମନ କରିବାରେ ଲାଗିଲେ। ଯାହାଦ୍ୱାରାକି ସେ ସଫଳ ହୋଇଥିଲେ ବିଦ୍ରୋହ ଦମନ କରିବାରେ। ମେଜର ହାମିଲଟନ୍ କଟକକୁ ଖବର ଦଲେ, ''ଖୋର୍ଦ୍ଧାରେ ରାଜା ଏବଂ ରାଜାଙ୍କର ସଂପର୍କୀୟ ମାନଙ୍କ ପ୍ରତି ସତର୍କ ଦୃଷ୍ଟି ରଖା ନ ଗଲେ ଏହି ବିଦ୍ରୋହ କେଉଁ ସମୟରେ ପୁଣି ପ୍ରବଳ ଆକାର ଧାରଣ କରିପାରେ।'' ଇଂରେଜ ସମନ ବିଦ୍ରୋହକୁ ଦମନ କରିଥାଗିବା ପରେ ମନରେ ପାଇକମାନଙ୍କ ପ୍ରତି ଭୟ ରହିଥାଏ।

ମେଜର ହାମିଲଟନ୍ ପୁରୀରେ ପହଞ୍ଚି ଦେଖିଲେ ଖୋର୍ଦ୍ଧାର ରାଜା ଏବଂ ତାଙ୍କର ପୁତ୍ର ନିରାପଦରେ ପୁରୀରେ ରହିଛନ୍ତି। ସେ ପୁରୀରୁ ରାଜା ଏବଂ ତାଙ୍କ ପୁତ୍ରକୁ ଲଫିବ୍ରେଙ୍କ ନେତୃତ୍ୱରେ ସୈନ୍ୟବାହିନୀ ସହିତ କଟକ ପଠାଇ ଦେଲେ। କିନ୍ତୁ ୨୫୦୦ ବିଦ୍ରୋହୀ ପାଇକ ପିପିଲିଠାରେ ମେଳ ବାନ୍ଧି ରହିଥିଲେ ରାଜାଙ୍କୁ ଉଦ୍ଧାର କରିବା ପାଇଁ, ମାତ୍ର ଲିଫିବ୍ରେଙ୍କ ସୈନ୍ୟବାହିନୀ ଦେଖି ସାହସ କଲେ ନାହିଁ ଆକ୍ରମଣ କରିବାକୁ। ପରବର୍ତ୍ତୀ ମୁହୂର୍ତ୍ତରେ ଅଳ୍ପ କେତେକ ସୈନ୍ୟ କ୍ୟାପଟେନ ଆର୍ମଷ୍ଟ୍ରଙ୍ଗଙ୍କ ନେତୃତ୍ୱରେ ସେହି ରାସ୍ତା ଦେଇ କଟକ ଅଭିମୁଖେ ଅଗ୍ରସର ହେଉଥିବା ବେଳେ ବିଦ୍ରୋହୀମାନେ ଆକ୍ରମଣ କରି ୧୯ଜଣଙ୍କୁ ହତ୍ୟାକଲେ। ଏହି ଆକ୍ରମଣରେ ୧୦୦ଜଣ ସୈନ୍ୟ ଆହତ ହୋଇ ପଡ଼ି ରହିଲେ। ଏହାର ସୁଯୋଗ ପାଇ ବିଦ୍ରୋହୀ ମାନେ ନିମାପଡ଼ା ଥାନା ପୋଡ଼ି ଦେଇ ପଳାଇଲେ। ଏମାନଙ୍କର ପଶ୍ଚାଦ୍ ଧାବନ କରୁଥିବା ଇଂରେଜ ସରକାରଙ୍କ ମେଜର୍ ଜେମସ୍ ଫିଥରସନ୍ ବିଦ୍ରୋହୀମାନଙ୍କର ପତ୍ତା ପାଇଲେ ନାହିଁ। ବକ୍ସି ଜଗବନ୍ଧୁଙ୍କୁ ଇଂରେଜ ସରକାର ଧରିବା ପାଇଁ ଘନ ଘନ ଫନ୍ଦିଆ ଖାଞ୍ଚି କଲେ। ବକ୍ସି ଜଗବନ୍ଧୁ ଧରା ନ ପଡ଼ିବାର ପ୍ରତିକାର ସ୍ୱରୂପ ସେ ଓ ତାଙ୍କର ଅନୁଗାମୀ ମାନଙ୍କୁ ସଙ୍ଗରେ ଧରି ଜଙ୍ଗଲ ମଧ୍ୟକୁ ପଳାଇଲେ। ତାଙ୍କୁ ଖୋଜା ଖୋଜି କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଗଲା ୧୮୧୭ ଜୁଲାଇ ମାସ ପର୍ଯ୍ୟନ୍ତ। ଏହା ପରେ ଇଂରେଜ ସରକାରଙ୍କ ତରଫରୁ କରାଯାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଶିଥିଳ ହୋଇ ଯାଇଥିଲା। କିଛି ପରିମାଣରେ ବିଦ୍ରୋହର ଦାବାନଳ ପ୍ରଶମିତ ହୋଇ ଆସିଥିଲେ ମଧ୍ୟ ବିଦ୍ରୋହୀ ପାଇକମାନେ ପିପିଲି ଓ ଗୋପ ଥାନାକୁ ପୋଡ଼ି ଧ୍ୱଂସ କରି ଦେଇଥିଲେ।

ଖ୍ରୀ ୧୮୧୮ ନଭେମ୍ବର ବେଳକୁ ଖୋର୍ଦ୍ଧାର ପାଇକ ବିଦ୍ରୋହ ଅନ୍ତ ପଡ଼ିବାକୁ ଲାଗିଥିଲା। ଇଂରେଜ ସରକାର ସଂପୂର୍ଣ୍ଣ ନିରାପଦ ଅବସ୍ଥାରେ ଥିଲେ ମଧ୍ୟ ନିଜକୁ ନିରାପଦ ମଣୁ ନଥିଲେ। ୧୮୧୮ ନଭେମ୍ବର ବେଳକୁ ପାଇକ ବିଦ୍ରୋହର କେତେକ ପ୍ରମୁଖ ନେତା ଧରା ପଡ଼ି ନଥିଲେ କିମ୍ବା ସରକାରଙ୍କ ନିକଟରେ କ୍ଷମାଭିକ୍ଷା ନିମନ୍ତେ ଆବେଦନ କରି ନଥିଲେ। ବରଂ ସରକାରଙ୍କ ଆଖିରେ ଧୂଳି ପକେଇ ଏଣେତେଣେ ବୁଲି ବିଦ୍ରୋହ କରିବା ପାଇଁ ପାଇକମାନଙ୍କୁ ପ୍ରବର୍ତ୍ତାଉଥିଲେ। ଖୋର୍ଦ୍ଧା ଦାୟିତ୍ୱରେ ଥିବା କେନ୍‌ସାହେବ ବିଦ୍ରୋହ ଦମନ ଉପରେ ସନ୍ଦେହ ମୁକ୍ତ ହୋଇ ନଥିଲେ। ସେଣୁ ବିଦ୍ରୋହୀକୁ ଦମନ ମୂଳକ ଭାବେ ଶିରଫ କଲେ କାଳେ ବିଦ୍ରୋହ ପୁନର୍ବାର ଘଟିପାରେ ଆଶଙ୍କା କରି ସମସ୍ତ ବିଦ୍ରୋହୀ ଏବଂ ଦଳେଇ ଦଳବେହେରାଙ୍କ ଉପରୁ କଟକଣା ଉଠେଇ ଦେବାକୁ ସରକାରଙ୍କୁ ପ୍ରସ୍ତାବ ଦେଲେ ଖ୍ରୀ ୧୮୧୯, ଏପ୍ରିଲରେ। ଏହି ଘୋଷଣା ନାମାରେ ଖ୍ରୀ ୧୮୧୭ ଏପ୍ରିଲ ୧ରୁ ଖ୍ରୀ ୧୮୧୯ମାର୍ଚ୍ଚ ୧ ମଧ୍ୟରେ ଘଟିଥିବା ବିଦ୍ରୋହର ସଂପୃକ୍ତ ବିଦ୍ରୋହୀମାନଙ୍କୁ କ୍ଷମାଭିକ୍ଷା ପ୍ରଦାନ କରିବାକୁ କେନ୍‌ସାହେବ

ସୁପାରିଶ କଲେ । ଝେର୍ ସାହେବଙ୍କ ପ୍ରସ୍ତାବକୁ ସରକାର ଗ୍ରହଣ କରି ଘୋଷଣା ନାମା ପ୍ରକାଶ କଲେ । କିନ୍ତୁ ଏହି ସୁବିଧା ସୁଯୋଗରୁ ବଞ୍ଚିତ ହେଲେ ବକ୍ସି ଜଗବନ୍ଧୁ ଓ କେତେକ ମୁଖ୍ୟ ବିଦ୍ରୋହୀ ନେତା । ବକ୍ସି, ଦେଓ୍ୱାନ ଓ ତାଙ୍କର ଅନୁଗାମୀ ୧୫ ଜଣଙ୍କୁ ଧରିବାକୁ ସରକାର ସକ୍ଷମ ହୋଇ ପାରିଲେ ନାହିଁ । ବକ୍ସି ଜଗବନ୍ଧୁଙ୍କୁ ଧରିବା ପାଇଁ ପାଞ୍ଚହଜାର ଟଙ୍କା, ଦେଓ୍ୱାନଙ୍କୁ ଟ୨୦୦୦ ଓ ଅନ୍ୟ ବିଦ୍ରୋହୀଙ୍କୁ ଧରିବା ପାଇଁ ଏକ ହଜାର ଲେଖାଏଁ ଟଙ୍କା ପୁରସ୍କାର ଘୋଷଣା କରାଗଲା । ଖ୍ରୀ ୧୮୧୯ ଏପ୍ରିଲ୍ ମାସରେ ବକ୍ସିଙ୍କ ପରିବାର, ଗୁମାସ୍ତା, ଚାକର ଇତ୍ୟାଦି ୨୪ଜଣଙ୍କୁ ଧରି ନେଇ ଖୋର୍ଦ୍ଧାରେ ରଖିଲେ । ବାରବାଟୀ ଦୁର୍ଗ ମଧ୍ୟରେ ୭ ଜଣଙ୍କୁ ବନ୍ଦୀ କରାଗଲା । ତଥାପି ବକ୍ସି ଆତ୍ମସମର୍ପଣ କଲେ ନାହିଁ ।

ଶେଷରେ ବ୍ରିଟିଶ ବାହିନୀର ରଣ କୌଶଳ, ତୋପ, କମାଣ, ବନ୍ଧୁକ ଭଳି ଆଗ୍ନେୟାସ୍ତ୍ର ନିକଟରେ ପାଇକ ମାନଙ୍କ ଯୁଦ୍ଧ କୌଶଳ ବ୍ୟର୍ଥତାରେ ପର୍ଯ୍ୟବେସିତ ହେଲା । ଅସୁମାରୀ ବୀର ପାଇକଙ୍କର ପତନ ଘଟିଲା । ମୁକୁନ୍ଦ ଦେବ ନିର୍ଦ୍ଦୋଷ ଓ ପାଇକ ବିଦ୍ରୋହର ମୁଖ୍ୟ ନାୟକ ବକ୍ସି ବୋଲି ଇଂରେଜ ସରକାର ନିଷ୍ପତି କଲେ । କିନ୍ତୁ ବକ୍ସି ବାଣପୁର ଓ ଗଞ୍ଜାମର ଜଙ୍ଗଲରେ ରହି ବିଦ୍ରୋହ ଚାଲୁ ରଖିଥିଲେ । ଖୋର୍ଦ୍ଧାର ପ୍ରିୟ ପାଇକମାନେ ତାଙ୍କର ପ୍ରିୟ ନେତାଙ୍କୁ ଧରାଇବାକୁ ଘୃଣା ବୋଧ କଲେ । ଶେଷରେ ଅମିତ ବଳଶାଳୀ ବକ୍ସି ବେଦର୍ଦ୍ଧା ବରଜୁ ପାଇକରାୟଙ୍କ ପରାମର୍ଶ କ୍ରମେ ଖ୍ରୀ ୧୮୨୫ ମଇ ମାସ ୨୫ ତାରିଖରେ ଆତ୍ମ ସମର୍ପଣ କଲେ ବ୍ରିଟିଶ ସରକାରଙ୍କ ନିକଟରେ । ସଦ୍‌ଭାବ ସୁପରିଟେଣ୍ଡେଣ୍ଟଙ୍କ ମଧ୍ୟସ୍ଥତାରେ ସମ୍ମାନ ସହ ତାଙ୍କୁ କଟକରେ ପହଞ୍ଚାଇ ଦିଆଗଲା । ମାସିକ ଟ.୧୫୦ (ପେନ୍‌ସନ୍) ପାଇ ଶେଷ ଜୀବନ ପର୍ଯ୍ୟନ୍ତ ସେ ଅଟକ ବନ୍ଦୀରେ ରହିଲେ । ଖ୍ରୀ ୧୮୨୯ ଜାନୁଆରୀ ୨୪ ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ ।

ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବରରାୟ ଥିଲେ ଖୋର୍ଦ୍ଧା ନିକଟସ୍ଥ କୁଆଡ଼ମଲ୍ଲ ଗ୍ରାମରେ ଅଧିବାସୀ । ସେ ଖୋର୍ଦ୍ଧା ରାଜପରିବାରର ଦେଓ୍ୱାନଭାବେ କାର୍ଯ୍ୟ କରି ଆସୁଥିଲେ । ବକ୍ସିଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହରେ ସାମିଲ ହୋଇ ଦଳୀୟ ଦାୟିତ୍ୱରେ ରହିଥିଲେ । କିନ୍ତୁ ବିଦ୍ରୋହ ପ୍ରଶମିତ ପରେ ଇଂରେଜ ସରକାରଙ୍କର କ୍ରୁର ଦୃଷ୍ଟି ପଡ଼ିଲା ଦେଓ୍ୱାନ କୃଷ୍ଣ ଚନ୍ଦ୍ରଙ୍କ ଉପରେ । ବକ୍ସିଙ୍କ ଶ୍ୱଶୁର ଥିଲେ ଶେରଗଡ଼ର ରାଜା । ସେଠାରେ ଅନାୟସରେ ଦେଓ୍ୱାନ କୃଷ୍ଣଚନ୍ଦ୍ର ଆତ୍ମ ଗୋପନ କରି ରହିଥିଲେ । ଦେଓ୍ୱାନ ପଦରୁ କୃଷ୍ଣଚନ୍ଦ୍ରଙ୍କୁ ବହିଷ୍କାର କଲେ ସରକାର । ସଂପତ୍ତି ସବୁ ତାଙ୍କର ବାଜ୍ୟାପ୍ତି କରି ଦିଆଗଲା । ତଥାପି ଦେଓ୍ୱାନ କୃଷ୍ଣଚନ୍ଦ୍ର ବିଚଳିତ ହେଲେ ନାହିଁ । ତାଙ୍କ ନିଷ୍ପତ୍ତିରେ ସେ ଅଟଳ ରହିଲେ । ବକ୍ସି ଆତ୍ମସମର୍ପଣ କରି ସାରିବା ପରେ ହଳଦିଆଗଡ଼ର ଶ୍ୟାମସୁନ୍ଦର ଭଞ୍ଜ, ଖୋର୍ଦ୍ଧାର ଦାରୋଗା ହେମ ପ୍ରସାଦ ରାୟ, ଶେଖ ସାଦିକ ଅଲ୍ଲୀ ଓ ରାଘବ ପଟ୍ଟନାୟକ ସହଯୋଗ କରି କୃଷ୍ଣଚନ୍ଦ୍ରଙ୍କୁ ଖ୍ରୀ ୧୮୨୬ ଜାନୁଆରୀ ମାସରେ ଧରାଇ ଦେଇ ପ୍ରତ୍ୟେକ ଟ୫୦୦ ଲେଖାଏଁ ସରକାରଙ୍କ ନିକଟରୁ ପୁରସ୍କାର ଗ୍ରହଣ କରିଥିଲେ । ଶେଷରେ କୃଷ୍ଣଚନ୍ଦ୍ରଙ୍କୁ ଟ୫୦ ଲେଖାଏଁ ଭତା ଦିଆଗଲା । ମୃତ୍ୟୁ ପର୍ଯ୍ୟନ୍ତ ସେ ପୁରୀର ଦେଓ୍ୱାନ କୋଠିରେ କାଳଯାପନ କରିଥିଲେ ।

ଖ୍ରୀ ୧୮୧୨ ମସିହାରେ ଇଂରେଜ ସରକାର ଦାରୁଠେଙ୍ଗର ପିଣ୍ଡିକି ବାହୁବଳେନ୍ଦ୍ର ଓ ତାଙ୍କ ଅନୁଚରଙ୍କ ଉପରେ ଗୃହଦାହ ଓ ଲୁଟ ତରାଜ ମାମଲା ରୁଜୁ କଲେ । ଏହି ମୋକଦ୍ଦମାରେ ପିଣ୍ଡିକିଙ୍କୁ ଗୁରୁତର ଦଣ୍ଡ ସ୍ୱରୂପ କଳାପାଣି ଦଣ୍ଡାଦେଶ ହେଲା ବୋଲି କେତେକ ଐତିହାସିକ ଲେଖିଛନ୍ତି । ସମୟ କ୍ରମେ ସାଧୁଚରଣ ମଙ୍ଗରାଜ, ବିଷ୍ଣୁ ପାଇକରାୟ, ଅନୀବେନା ପ୍ରଭୃତି ସହଯୋଗୀମାନଙ୍କୁ ଖଣ୍ଡୁଆ ମାନେ ସରକାରଙ୍କ ହାତରେ ଧରାଇ ଦେଲେ । ମାତ୍ର ପିଣ୍ଡିକି ଖସି ପଳାଇଗଲେ । ମାତ୍ର ପିଣ୍ଡିକିଙ୍କର ଘନିଷ୍ଠ ବନ୍ଧୁ ମଳିପଡ଼ା ନିବାସୀ ଧ୍ରୁବ ଜୟ ହରିଚନ୍ଦନ ଚକ୍ରାନ୍ତ କରି ତାଙ୍କୁ ଇଂରେଜ ସରକାରଙ୍କ ହସ୍ତରେ ନିଜ ଘରକୁ ଡାକି ନେଇ ଧରାଇ ଦେଲେ । ପିଣ୍ଡିକିଙ୍କୁ କଟକରେ ବନ୍ଦୀ ଭାବରେ ରଖାଗଲା । କଟକରେ ବନ୍ଦୀ ଜୀବନ ଯାପନ କରୁଥିବା ବେଳେ ଦିନେ ଗୋଡ଼ରେ ବେଡ଼ି ଥାଇ ତାଙ୍କୁ ଅସ୍ତ୍ରଶସ୍ତ୍ର ସଫା କରିବା ପାଇଁ ଦାୟିତ୍ୱ ଦିଆ ଯାଇଥିଲା । କିନ୍ତୁ ସେ ଅସ୍ତ୍ରଶସ୍ତ୍ର ସଫା କରିବା ବେଳେ ଗୋଡ଼ରୁ ବେଡ଼ି କାଟି ଖସି ପଳାଇ ଆସିବା ବେଳକୁ ଇଂରେଜ ପହରାମାନଙ୍କର ଗୁଳି ମାଡ଼ରେ କାଠଯୋଡ଼ି ନଦୀ ମଧ୍ୟରେ ପ୍ରାଣ ହରାଇଲେ । ତାଙ୍କର ଘନିଷ୍ଠ ବନ୍ଧୁ ଧ୍ରୁବଜୟ ହରିଚନ୍ଦନ ତାଙ୍କୁ ଇଂରେଜ ମାନଙ୍କ ହସ୍ତରେ ଧରାଇ ଦେଇଥିବାରୁ ଏହାର ଅନୁକମ୍ପା ସ୍ୱରୂପ ପିଣ୍ଡିକି ବାହୁବଳେନ୍ଦ୍ରଙ୍କର ୭୪ବାଟି ୧୦ମାଣ ଜମିକୁ ବାର୍ଷିକ ମାତ୍ର ୩୭୩ ଟଙ୍କା ଦେୟରେ ନିଲାମ ନେଇଥିଲେ ୧୮୨୧ ମସିହାରେ ।

ଓଡ଼ିଶାର ସୁରକ୍ଷା, ଓଡ଼ିଆ ଜାତିର ସ୍ୱାଭିମାନକୁ ରକ୍ଷା କରିବାକୁ ଯାଇ ଯେଉଁ ଦେଶପ୍ରେମୀମାନେ ଇଂରେଜ ମାନଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ସଂଗ୍ରାମ ଭୂମିରେ ଅବତୀର୍ଣ୍ଣ ହେଲେ, ଇଂରେଜ ଶାସକ ସେମାନଙ୍କ ପ୍ରତି କଠୋର ମନୋଭାବ ଗ୍ରହଣ କରି କେବଳ ଦେଶଦ୍ରୋହୀ ଭାବେ ସେମାନଙ୍କର ନାମ ସରକାରୀ ଦସ୍ତାବିଜ୍ ମାନଙ୍କରେ ଉଲ୍ଲେଖ କଲେ ନାହିଁ, ଅମର ବିପ୍ଳବୀ ମାନଙ୍କୁ କଠୋର ଦଣ୍ଡରେ ମଧ୍ୟ ଦଣ୍ଡିତ କରାଇଲେ। ଏହାର ପରିଣାମ ସ୍ୱରୂପ ଶ୍ରୀ ଚରଣ ପଟ୍ଟନାୟକଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପରଶୁରାମ ପଟ୍ଟନାୟକଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ସଂଗେ ସଂଗେ ସଚ୍ଚିଦାନନ୍ଦ, ଗୋପାଳ ଛୋଟରାୟ, ବଂଶୀ ପାଇକରାୟ, ରାମସିଂହ, ନାଥ ପ୍ରଧାନ ଓ ନରସିଂହ ଫାଶୀ ପାଇ ଶହୀଦ ହୋଇଗଲେ। ଆଲିପୁର ଜେଲକୁ କୁଜଙ୍ଗ ବିଦ୍ରୋହର ନେତା ବାମଦେବ ପଟ୍ଟଯୋଷୀ ଓ ନାରାୟଣ ପରମଗୁରୁଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ପାଇଁ ପଠାଗଲା। ଏମାନଙ୍କ ବ୍ୟତୀତ ଯେଉଁ ବିପ୍ଳବୀ ମାନଙ୍କୁ ଯାବତ ଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା ସେମାନେ ହେଲେ ମଧୁ ରାଉତରାୟ, କୃଷ୍ଣ ସାହୁ, ଧୋବା ଦାସ, କାଳିନ୍ଦୀ ପାତ୍ର, କେଶବ ସାମଲ, ବନବାସୀ ସାମଲ, ଖୋସାଲି ବିଶ୍ୱାଳ, ସେକ୍ ସାଇପୁଲ୍ଲା, ସେକ୍ ସରଦାରୀ, ବାଳ ଭୋଇ, ରାଘବ ରାଉତ, ବାମ ଜେନା, କୃପ ମହାପାତ୍ର, କିଶୋରୀ ଶୁକ୍ଳ, ଉଦ୍ଧବ ଗୋଛାୟତ, ପରମା, ବିଷ୍ଣୁ, ଦୀନା, କୃପା ନାୟକ, ନାରାୟଣ ନାୟକ, କେଳେଇ ନାୟକ, ଭାଗବତ ମହାନ୍ତି ଓ ବସନ୍ତ ରାୟ। ଦ୍ୱୀପାନ୍ତର ଦଣ୍ଡରେ ଦଣ୍ଡିତ କରାଗଲା ନଟବର ସୁନ୍ଦରା, ଜଗନ୍ନାଥ ମହାପାତ୍ର, ଫକୀର ଜେନା, ଗୌରୀ ନରେନ୍ଦ୍ର, ନାରଣ ଶ୍ରୀ ଚନ୍ଦନ, ଗୋଲକ ବାରିକ, କରିପାତ୍ର, କମଳ ଲୋଚନ ଦମ୍ପତି, ଧନୁର୍ଜୟ ମହାରଥ, ପଞ୍ଚୁ କହଳସିଂହ, କେଳେଇ ଦଂପତି, ବିମଣ ସିଂହ, ରୋଷନ୍ ଖାଁ, ଭଞ୍ଜା ତିହ୍ରାରୀ, ଘୋର ସଂଗ୍ରାମ ସିଂହ ରାମ ନାୟକ, ଗୁଣ୍ଡେଇ ନାୟକ, ଖଟୁଆ, ଆରତ ନାୟକ, ବିଜନ, କସ୍ତୁରୀ ନାୟକ, ନିଧବ ନାୟକ, ପରମାନନ୍ଦ ସିଂହ, ବାମ ଗଜେନ୍ଦ୍ର, ବୃନ୍ଦାବନ ନାୟକ, ବାମ ନାୟକ, ଚକ୍ରଦାସ, ବାମନ ନାୟକ, ଦୁର୍ଲ୍ଲଭ ଦେହୁରୀ, ବିଷ୍ଣୁ ନାୟକ, ଦିବା ନାୟକ, ବିଷ୍ଣୁ ସ୍ୱାଇଁ, ଭଗତ ମହାରଣା, ପରଶୁରାମ ପାତ୍ର, ବିଷ୍ଣୁ ବରାଳ, ଗୋବିନ୍ଦ ସୁବୁଦ୍ଧି, ବମ ସ୍ୱାଇଁ, ପଞ୍ଚୁ ପ୍ରଧାନ, ଯୋଗୀ ଶ୍ରୀ ଚନ୍ଦନ, ଭାଗୀରଥି ରାୟ, ରାଘବ ବେହେରା, ଅର୍ଜ୍ଜୁନ ଦେହୁରୀ, ଚକ୍ରଧର ମାଝି, ଲୋକନାଥ କୁଆଳସିଂହ, ସାଧୁ ମଙ୍ଗରାଜ, ବୁଧି ଦେହୁରୀ, ମୁଗା ନାୟକ, ପଗୁ ବଡ଼େଇ, ରାଜୀବ ନାୟକ, ବରଜୁ ନାୟକ, ବୃନ୍ଦା ନାୟକ, ବାସୁ ବେହେରା, ପଞ୍ଚୁ ନାୟକ, ନିଧି ନାୟକ, ରଘୁ ନାୟକ, ପାଣ୍ଡବ ନାୟକ, ବନ୍ଧୁ ନାୟକ, କୁସୁନ ନାୟକ, ପିଣ୍ଡିକି ନାୟକ, କେନ୍ଦୁ ନାୟକ, କସ୍ତୁରୀ ନାୟକ, ଦାମ ନାୟକ, ବୃନ୍ଦାବନ, ଫକିର ସିଂହ, ମହେଶ୍ୱର ପାଇକରା, ମୁକ୍ତି ସେଠି, ଉଦୟ ହରିଚନ୍ଦନ, କୁଞ୍ଜ ଜେନା, ଜଗତ ନାୟକ, ବୃନ୍ଦାବନ ନାୟକ, ମୁକୁନ୍ଦ ନାୟକ, ପିଣ୍ଡିକ ନାୟକ, ପଦି ନାୟକ, ଦୁଲି ଦାସ, ରାମ ସ୍ୱାଇଁ, ଗୌରାଙ୍ଗ କୁହାଳସିଂହ, ଭିକୁ ଦଳାଇ, ପୁରୁଷୋତ୍ତମ ସିଂହ, ଲକ୍ଷ୍ମଣ, ବରଜୁ ଭଞ୍ଜ, ରାମ ଦେହୁରୀ, ଭ୍ରମରମାଝି, ପରମୀ ଜେନା, ଜବଘନ ପାତ୍ର,ଗୋବିନ୍ଦ ଜେନା, କୃପାନିଧି ପାଣି, ଗୁଣ ନାୟକ, କୁଷି ପାତ୍ର, ମଧୁଜେନା, ନାରାୟଣ ବଳେଇ, ରାସୁ ମହାନ୍ତି, ମହାଦେବ ଜେନା, ପିଣ୍ଡିକି ପାତ୍ର, ଯୋଗୀ ପାତ୍ର, ମଧୁ ପାତ୍ର, ବଳଭଦ୍ର ରାୟ, ମଧୁ ପ୍ରଧାନ, ନିଳାଦ୍ରି ହରିଚନ୍ଦନ, ଲକ୍ଷ୍ମଣ କୁହାଳସିଂହ, ବାଉରୀ ମହାନ୍ତି, ଉଦ୍ଧବ ମଲ୍ଲିକ, ଧ୍ରୁବ ମଲ୍ଲିକ ଓ ଅର୍ଜ୍ଜୁନ ନାୟକ। ୧୪ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇ ଯେଉଁ ବିଦ୍ରୋହୀ ମାନଙ୍କୁ ଆଲିପୁର ଜେଲକୁ ପଠାଗଲା ସେମାନେ ହେଲେ ନିତ୍ୟାନନ୍ଦ ପଟ୍ଟନାୟକ, ପଦ୍ମଚରଣ ଦାସ, ବିଷ୍ଣୁ ଚରଣ ଦାସ, ଚୈତନ୍ୟ ଚରଣ ଦାସ, କୃତିବାସ ରାଉତରାୟ, ଧରଣୀ ସିଂହ, ଲୋକନାଥ ମୁହୁଲି ଓ କୁଶେଇ ମଲ୍ଲିକ। ଖୋର୍ଦ୍ଧାର ଏହି ଗୌରବମୟ ଗଣ ବିପ୍ଳବରେ ଅଗ୍ରଭାଗରେ ଥିବା ରାମ ମଲ୍ଲିକ, ହରି ଭୋଇ, ଏକାଦଶୀ ଭୋଇ, ଗୋବିନ୍ଦ ମାଝି, ଯୋଗୀ ମଲ୍ଲିକ, ଚୈତନ୍ୟ ସ୍ୱାଇଁ, ହରିକୃଷ୍ଣ ସାହୁ, ଭରତ ନାୟକ, ମାନ ଶରଣ, ରତନ ମଲ୍ଲିକ, ନିଧି ମଲ୍ଲିକ, ରଘୁ ସାହୁ, ବର୍ଗି ସାହୁ, କହ୍ନେଇ ଶତପଥି, ବଉତାରି ଶତପଥୀ, ରତ୍ନାକର ମିଶ୍ର, ବନ୍ଧୁ ସାମଲ, ବାସୁ ମଲ୍ଲିକ, କଲ୍ୟାନ ମଲ୍ଲିକ, ଖୁରୁଡ଼ି ମଲ୍ଲିକ, ବିଷ୍ଣୁ ମଲ୍ଲିକ, ସୁଭଦ୍ର ମଲ୍ଲିକ, ଫକୀର ମଲ୍ଲିକ, ଦଲ୍ଲର ଜେନା ଓ ଉତ୍ତମ ନାୟକଙ୍କୁ ରାଜ୍ୟରୁ ବହିଷ୍କାର କରାଯାଇ ମେଦିନପୁର ପଠାଗଲା।

*ଚିନ୍ତାମଣି ବିଦ୍ୟାନିକେତନ, ଜଗତପୁର*

❖❖❖

# ଶତାବ୍ଦୀର ସ୍ୱପ୍ନଭଙ୍ଗେ

ସରୋଜ ସୁନ୍ଦର ପଟ୍ଟନାୟକ
ସହସଂପାଦକ
ଶତବାର୍ଷିକ କମିଟି

ପ୍ରକାଶିତ ଚଳମାନ ବାଷ୍ପୀୟ ଶକଟ
ପ୍ରଧାବିତ ପ୍ରଖର ନିରତ,
ପ୍ରାୟୋଗିକ ଉଦ୍ୟୋଗ ପଥରେ
''ସା ବିଦ୍ୟା, ଯା ବିମୁକ୍ତୟେ'' ମହାମନ୍ତ୍ର ଗାଇ,
ଉଚ୍ଛ୍ୱେ ଉଚ୍ଛ୍ୱେ ବୈଦ୍ୟୁତିକ ସମ
ନିଃସ୍ୱନିତ ନିରନ୍ତର ଅବିହ୍ରତ
ପ୍ରଲମ୍ବିତ ଲୌହ ସରଣୀରେ ।

ପ୍ରଜ୍ଞା, ମେଧା, ପ୍ରତିଭାର
ସାଙ୍କେତିକ ସବୁଜ ବଳୟ
ଆଲୋକର କର୍ଣ୍ଣାଳୀରେ
ଦିଗ୍‌ବାରିଣୀ ଦିଗ୍‌ଦର୍ଶକ ତୁଲ୍ୟ
ଆମନ୍ତ୍ରିତ ଅଭିଯାତ୍ରୀ
ଅଗଣିତ ସୋପାନ ଶ୍ରେଣୀରେ
ନିରାପଦ ଆରୋହଣ ପାଇଁ
ପ୍ରକୋଷ୍ଠର ବାତାୟନ
ଅଦ୍ୟାବଧି ଉନ୍ମୁକ୍ତ, ଉନ୍ମୁକ୍ତ ।

ବାଷ୍ପୀୟ ଶକଟାଗାର ଅଧିନାୟକ
ବିଦ୍ୟାସିନ୍ଧୁ ଦେବ / ଭାଷାର କୋଣାର୍କ ପାଇଁ,
ଠୁଳ କରି ଅଳଙ୍କାର ସୌନ୍ଦର୍ଯ୍ୟ ନିକର
ସିଦ୍ଧହସ୍ତ ଶିଳ୍ପୀକୁଳ
ସୃଷ୍ଟିସ୍ଥଳେ ସୂର୍ଯ୍ୟ ଉପାସନା
''ତମସୋମା ଜ୍ୟୋତିର୍ଗମୟ''
ଉଦାତ୍ତ ଧ୍ୱନିରେ ।

ତୋଷାଳିରୁ ତକ୍ଷଶୀଳା / ଉତ୍କଳରୁ ଉଜ୍ଜୟିନୀ
ସୀମାଲଂଘି ସାଧକ ପ୍ରବର
ପ୍ରଜ୍ଞାର ପ୍ରଦୀପ ଜାଳି ଦେଶ, ଦେଶାନ୍ତରେ
ସାହିତ୍ୟ, ଦର୍ଶନ, କଳା,
ବିଜ୍ଞାନ, ବାଣିଜ୍ୟ, କ୍ରୀଡ଼ା,
ପର୍ଯ୍ୟଟନ ପର୍ଯ୍ୟାପ୍ତ କ୍ଷେତ୍ରରେ
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ କରିଦେଲ
ସ୍ୱକୀୟ ପ୍ରତିଭା
ଭାଷାର ଉଦୟ ସମ
ଅଦ୍ୟାବଧି ଭାସ୍ୱର ଭାସ୍କର ।

ଶତାବ୍ଦୀର ସ୍ୱପ୍ନ ଭଙ୍ଗେ
ହେ ପ୍ରବୁଦ୍ଧ ଚଳମାନ ବାଷ୍ପୀୟ ଶକଟ
ଅଧମ ଏ ଅଭିଯାତ୍ରୀ
ଅବତରି ତବ ପ୍ରକୋଷ୍ଠରୁ
ବିଲୋକିଛି ବିସ୍ତୀର୍ଣ୍ଣ ଯାତ୍ରୀକୁ
ଅସ୍ମିତା ବିସ୍ମୟେ ମଗ୍ନ ସ୍ୱାଭିମାନ ସଙ୍ଘ ।
ତୃପ୍ତି ଏବଂ ସୃଷ୍ଟି ପାଇଁ
ଅବୟବେ ଅଙ୍ଗରାଗ ମାଖି
ଅବିରତ ପ୍ରଧାବିତ ଅନନ୍ତ ପଥରେ
ଅବସନ୍ନ, ଅବସାଦ, ପ୍ରତିଘାତ
ଭ୍ରୂକ୍ଷେପ ନ କରି ।

ଶୋଣିତ ସ୍ନାନିତ ଏହି ଲୋହିତ ମୃତ୍ତିକା
ବକ୍ଷେବହି ତବସମ ଜୀବନ ପ୍ରବାହ
ମନିଷୀ, ମନିଷା ଭରି
ପ୍ରାୟୋଗିକ ଉଦ୍ୟୋଗ ଶାଳାରେ
ଧନ୍ୟ, ଧନ୍ୟ, ଶତଧନ୍ୟ
ନିରନ୍ତର ନିୟତ ପ୍ରହରେ,
ପୁଣ୍ୟପୀଠେ ଉଭା ହୋଇ
ଶତାବ୍ଦୀର ଅମୃତ କାସ୍ତରେ
ଅରପୁଛି ପଦପ୍ରାନ୍ତେ,
ଶତ ଶତ ସଶ୍ରଦ୍ଧ ପ୍ରଣାମ ।

❖❖❖

# ବିଦ୍ୟାଳୟରେ ମୋର ଅନୁଭୂତି

**ଶ୍ରୀ ଗଙ୍ଗାଧର ପୃଷ୍ଟି**

ବି.କେ.ବି. ହାଇସ୍କୁଲର ଖ୍ୟାତି ସୁଦୂର ପ୍ରସାରୀ । ଏହି ସ୍କୁଲରେ ୧୯୬୦ରୁ ୧୯୬୪ ମସିହା ପର୍ଯ୍ୟନ୍ତ ପାଠ ପଢ଼ିଛି । ୧୯୬୦ ମସିହାରେ ୮ମ ଶ୍ରେଣୀରେ ନାମ ଲେଖାଇ ୧୯୬୪ ମସିହାରେ ମାଟ୍ରିକ ପାଶ୍ କରିଥିଲି । ଶିକ୍ଷକମାନେ ଛାତ୍ରବତ୍ସଳ, ଉଦାର ହୃଦୟ, କଷ୍ଟ ସହିଷ୍ଣୁ ଓ ସ୍କୁଲର ସୁନାମ ରକ୍ଷା ପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ । ଏ ବିଦ୍ୟାଳୟରେ ପାଠ ପଢ଼ିବାରେ ମୋର ଗର୍ବର ସୀମା ନଥିଲା ।

ସେତେବେଳର ଖ୍ୟାତନାମା ଶିକ୍ଷକମାନେ ଏଠାରେ କାର୍ଯ୍ୟରତ ଥିଲେ । ଦିବ୍ୟସିଂହ ପଟ୍ଟନାୟକ ପ୍ରଧାନଶିକ୍ଷକ ହିସାବରେ ରାଷ୍ଟ୍ରପତି ପୁରସ୍କାର ପାଇଥିଲେ । ସେ ଏକାଦଶ ଶ୍ରେଣୀର ବାଧ୍ୟତାମୂଳକ ଗଣିତ ପଢ଼ାନ୍ତି । ତାଙ୍କ ପାଠପଢ଼ା ଏବଂ ବିଦ୍ୟାଳୟ ପରିଚାଳନା ଖୁବ୍ ଉଚ୍ଚକୋଟୀର ଥିଲା । ଜ୍ୟାମିତି ଅନୁଶୀଳନୀ ଗୁଡ଼ିକୁ ଅତି ସହଜରେ ଛାତ୍ରମାନଙ୍କୁ ପଢ଼ାଇ ସମସ୍ତ ଅସୁବିଧାକୁ ଦୂର କରୁଥିଲେ । ବିଦ୍ୟାଳୟରେ ପୂର୍ଣ୍ଣ ଶୃଙ୍ଖଳା ବିଦ୍ୟମାନ ଥିଲା । ଥରେ ପୁରୀଠାରେ ପୁରୀ ଜିଲାସ୍କୁଲ ଓ ବି.କେ.ବି. ହାଇସ୍କୁଲ ମଧ୍ୟରେ ଫାଇନାଲ ଫୁଟବଲ ଖେଳ ହେଉଥିଲା । ଘଟଣାକ୍ରମେ ଏକ ଗଣ୍ଡଗୋଳ ସୂତ୍ରପାତ ହେଲା । ନିଜେ ଦିବ୍ୟସିଂହ ବାବୁ ଖୋର୍ଦ୍ଧାରୁ ଯାଇ ଖୁବ୍ ସହଜରେ ସେ ସମସ୍ୟାକୁ ସମାଧାନ କଲେ । ପରିଶେଷରେ ଏହି ବିଦ୍ୟାଳୟ ମ୍ୟାଚ୍ ଜିତିଲା । ଆମେ ସମସ୍ତେ ଖେଳାଳୀମାନଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ କୋଟିପୋଖରୀ ପର୍ଯ୍ୟନ୍ତ ଯାଇ ଶୋଭାଯାତ୍ରାରେ ସିଲଡ୍ ଆଣିଥିଲୁ ।

ଉଦୟ ନାଥ ପଟ୍ଟନାୟକ ଖେଳ ଶିକ୍ଷକ ଥିଲେ, ଯାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିଦ୍ୟାଳୟର ଖ୍ୟାତି ଖେଳରେ ଚରମ ସୀମାରେ ପହଞ୍ଚିଥିଲା । ନିୟମିତ ଭାବେ ୪ଟା ପରେ ସେ ପିଲାମାନଙ୍କୁ ୧ ଘଣ୍ଟା ପଡ଼ିଆରେ ଖେଳାଉଥିଲେ । ଖେଳ ଶିକ୍ଷକ ହିସାବରେ ସେତେବେଳେ ପୁରୀ ଜିଲାରେ ତାଙ୍କ ନାମ ଖୁବ୍ ଜଣାଶୁଣା ।

ଶିକ୍ଷକ କୃପାନନ୍ଦ ମହାନ୍ତିଙ୍କ ଶିକ୍ଷାଗତ ଯୋଗ୍ୟତା ଥିଲା ଇଣ୍ଟର ମିଡ଼ିଏଟ୍ । ସବୁବେଳେ ସ୍ଲିପର ପିନ୍ଧି ଫଟ ଫଟ୍ ଶବ୍ଦ କରି ଚାଲୁଥିବା ଚିତ୍ର ମନେଅଛି । କିନ୍ତୁ ଜ୍ଞାନର ଭଣ୍ଡାର ସାହିତ୍ୟ, ସଂସ୍କୃତ, ଇଂରାଜୀ, ଗଣିତ ସବୁଥିରେ ପାରଙ୍ଗମ, ଯେ କୌଣସି ଗଣିତକୁ ସହଜରେ ସମାଧାନ କରି ଦେବାରେ ଦକ୍ଷ । ମନେ ପଡ଼େ ମୁଁ ଦଶମ 'ଖ' ଶ୍ରେଣୀରେ ପଢୁଥିଲି । ଅର୍ଦ୍ଧବାର୍ଷିକୀ ପରୀକ୍ଷାରେ ୯୨ ନମ୍ବର ରଖିଥିଲି । ସହପାଠୀ ଦେବରାଜ ରାଉତ ଦଶମ 'ଙ' ଶ୍ରେଣୀରେ ପଢୁଥିଲେ । ସେ ୯୫ନମ୍ବର ରଖି ପ୍ରଥମ ହୋଇଥିଲେ । ସାରେ ମୋତେ ଉତ୍ସାହିତ କରିବାକୁ ଶ୍ରେଣୀରେ କହିଥିଲେ, ''ଆଉ ୩ ନମ୍ବର ରଖି ପାରିଲୁ ନାହିଁ ?''

ସଂସ୍କୃତ ଶିକ୍ଷକ ଥିଲେ ହରିକୃଷ୍ଣ ପ୍ରଧାନ । ଲାଳିତ୍ୟମୟୀ ଭାଷାକୁ ଅତି ସୁନ୍ଦରରୂପେ ବୁଝାଉଥିଲେ । ତାଙ୍କ ପାଠପଢ଼ା ପ୍ରଣାଳୀ ମୋତେ ଏତେ ଭଲ ଲାଗିଲା ଯେ ମୋର ସଂସ୍କୃତ ପ୍ରତି ଆଗ୍ରହ ଖୁବ୍ ବଢ଼ିଗଲା । ସଂସ୍କୃତରେ ଭଲ ନମ୍ବର ରଖିବାର ସୌଭାଗ୍ୟ ସେ ମହାଶୟଙ୍କ ଶିକ୍ଷାଦାନ ପ୍ରଣାଳୀର ଅବଦାନ

ସେହିଭଳି ମୁରଲୀଧର ପ୍ରଧାନ, ଶୈଳେନ୍ଦ୍ରକୁମାର ଦାଶ, ରାମଚନ୍ଦ୍ର ଷଡଙ୍ଗୀ, କାଶିନାଥ ପ୍ରଧାନ, ରଘୁନାଥ ପରିଡା ପ୍ରଭୃତି ସ୍ୱନାମଧନ୍ୟ ଶିକ୍ଷକମାନେ ଶିକ୍ଷାଦାନ କ୍ଷେତ୍ରରେ ଯଶସ୍ୱୀମଣ୍ଡିତ ।

ଦଶମଶ୍ରେଣୀ ବାର୍ଷିକ ପରୀକ୍ଷାରେ ବାଧ୍ୟତାମୂଳକ ଗଣିତରେ ମୋର ୯୨ ନମ୍ବର ଥିଲା । କିନ୍ତୁ ଭୁଲରେ ୪୨ ନମ୍ବର ପ୍ରୋଗ୍ରେସ୍ ରିପୋର୍ଟରେ ଉଠିଥିଲା । ମୁଁ ଦ୍ୱିପ୍ରହର ଖରାରେ ୧୨ଟା ବେଳେ ସ୍କୁଲକୁ ଆସିଲି । ପ୍ରଧାନ ଶିକ୍ଷକ ଦିବ୍ୟସିଂହ ବାବୁ ତାଙ୍କ ଅଫିସରେ ତଥାପି ଉପସ୍ଥିତ ଥିଲେ । ମୋ କଥା ଶୁଣି ସେ ପୁଣିଥରେ ମାର୍କ ଦେଖ୍ ପ୍ରୋଗ୍ରେସ୍ ରିପୋର୍ଟ ଠିକ କଲେ ଓ ମୋର ଶ୍ରେଣୀରେ ସ୍ଥାନ ୧୦ମ ହେଲା । ଟେଷ୍ଟ ପରୀକ୍ଷାରେ ୫ମ ସ୍ଥାନ ପାଇଥିଲି । କଠିନ ପରିଶ୍ରମ କରି ଉନ୍ନତି କରିବାକୁ ସେ ମହାଶୟଙ୍କ ପ୍ରେରଣା ଜୀବନରେ ଅତୁଳା ।

ମୁଁ ଆଜି ଏହି ବିଦ୍ୟାଳୟର ଜଣେ ଶିକ୍ଷକ । ସରକାରୀ ଚାକିରୀ ଏହି ବିଦ୍ୟାଳୟରୁ ଆରମ୍ଭ । ଏଠାରେ ଶିକ୍ଷକତା କରିବା ଭଗବାନଙ୍କ ଆଶୀର୍ବାଦ ଥିଲେ ମିଳେ । ୧୯୭୪ ମସିହାରୁ ଶିକ୍ଷକତା କରୁଛି । ୧୯୮୪-୮୫ ଶିକ୍ଷାବର୍ଷରେ ଗୋଟିଏ ବର୍ଷପାଇଁ ସତ୍ୟବାଦୀ ହାଇସ୍କୁଲ ସାକ୍ଷୀଗୋପାଳକୁ ବଦଳିହୋଇ ଯାଇଥିଲି । କିନ୍ତୁ ଏ ସ୍କୁଲର ଶିକ୍ଷକତା ମୋତେ ସବୁବେଳେ ମନେ ପଡ଼ିଲା । ସୌଭାଗ୍ୟ ବଶତଃ ପୁଣି ଫେରି ଆସିଲି । ତତ୍କାଳୀନ ପ୍ରଧାନ ଶିକ୍ଷକ ଶ୍ରୀ ହରେକୃଷ୍ଣ ନନ୍ଦଙ୍କ ପ୍ରଚେଷ୍ଟା ନିକଟରେ ଏଥିପାଇଁ ମୁଁ ଋଣୀ । ବର୍ତ୍ତମାନ ମୁଁ ତଥା ଅନ୍ୟାନ୍ୟ ଶିକ୍ଷକମାନେ ସର୍ବଦା କର୍ତ୍ତବ୍ୟରତ । ପୂର୍ବାପେକ୍ଷା ବର୍ତ୍ତମାନ ପାଠପଢ଼ାର ବିଷୟବସ୍ତୁ ଅଧିକ ଏବଂ କେତେକାଂଶରେ କଠିନ ମଧ୍ୟ । ପ୍ରଶ୍ନ ଉତ୍ତର ଖାତା ଦେଖିବା, ପିଲାଙ୍କୁ ଶ୍ରେଣୀରେ ପାଠ ପଢ଼େଇବା, ଶ୍ରେଣୀରେ ପ୍ରଶ୍ନ ପଚାରିବା ଆଦି ସମସ୍ତ କାର୍ଯ୍ୟ ସବୁଶିକ୍ଷକଙ୍କ ଉଦ୍ୟମରେ ସୁଚାରୁରୂପେ ସମ୍ପାଦିତ ହୋଇ ସ୍କୁଲର ଫଳାଫଳ ଭଲ ହେଉଛି । ଛାତ୍ରମାନେ ଶୃଙ୍ଖଳିତ ।

ବହୁ କୃତୀ ପ୍ରଧାନଶିକ୍ଷକଙ୍କ ଅଧୀନରେ ଚାକିରୀ କରିଛି । ସେମାନେ ହେଲେ ସୋମନାଥ ମିଶ୍ର, ଅନନ୍ତ ଚରଣ ରଥ, ଶ୍ୟାମସୁନ୍ଦର ପଟ୍ଟନାୟକ, ହରେକୃଷ୍ଣ ନନ୍ଦ, ପଦ୍ମଲୋଚନ ପାଲଟାସିଂହ, ସୁରେନ୍ଦ୍ର ମିଶ୍ର, ଭୀମସେନ ପ୍ରଧାନ, ଓ ନିତ୍ୟାନନ୍ଦ ନାୟକ । ଏ ବିଦ୍ୟାଳୟ ବକ୍ସିଙ୍କ ନାମକରଣକୁ ସାର୍ଥକ କରି ପାରିଛି । ଏହି ବିଦ୍ୟାଳୟର ଜଣେ ପୁରାତନ ଛାତ୍ର ଭାବେ ଶିକ୍ଷା ଲାଭ କରି ଏବଂ ଅଧୁନା ଜଣେ ଶିକ୍ଷକଭାବେ ଶିକ୍ଷାଦାନ କରି ମୁଁ ନିଜକୁ ଗର୍ବିତ ମନେ କରେ ।

*ଶିକ୍ଷକ, ବି.କେ.ବି. ହାଇସ୍କୁଲ*

❖❖❖

# ପରିଚାଳନା ସମିତିର ସଭ୍ୟ ବୃନ୍ଦ

(୧୯୧୩ - ୧୯୬୮)

ସଭାପତି

୧୯୧୩

ଏଚ୍.ଇ. ହରୋଫିଲଡ୍, ଇ.ଏସ୍.କ୍ୟୁ, ଆଇ.ସି.ଏସ୍.
ବାବୁ ମହେନ୍ଦ୍ରନାଥ ମଜୁମ୍‌ଦାର
ବାବୁ ବୈଦ୍ୟନାଥ ମିଶ୍ର
ବାବୁ ହରି ମିଶ୍ର
ବାବୁ ଚୈତନ୍ୟ ପଟ୍ଟନାୟକ
ବାବୁ ଗୋପାଳ ଚରଣ ପଟ୍ଟନାୟକ

.୧୦.୧୯୧୪

ସଭାପତି

୧୯୧୪

ଏଚ୍.ଇ. ହରୋଫିଲଡ୍, ଇ.ଏସ୍.କ୍ୟୁ, ଆଇ.ସି.ଏସ୍.
ବାବୁ ମହେନ୍ଦ୍ରନାଥ ମଜୁମ୍‌ଦାର
ବାବୁ ଶ୍ରୀଧର ପଟ୍ଟନାୟକ
ଚୌଧୁରୀ ଅଜୟ ମହମ୍ମଦ

୧.୦୮.୧୯୧୫

ସଭାପତି

୧୯୧୫

ଏଚ୍.ଇ. ହରୋଫିଲଡ୍, ଇ.ଏସ୍.କ୍ୟୁ, ଆଇ.ସି.ଏସ୍.
ବାବୁ ମହେନ୍ଦ୍ରନାଥ ମଜୁମ୍‌ଦାର
ବାବୁ ଶଶିଭୂଷଣ ଶତପଥି
ବାବୁ ହରି ମିଶ୍ର

୧୯୧୬ ସଭାପତି

ଇ.ଏସ୍. ଓିସୋରେଲ୍, ଏସ୍.କ୍ୟୁ, ଆଇ.ସି.ଏସ୍.
ବାବୁ ମହେନ୍ଦ୍ରନାଥ ମଜୁମ୍‌ଦାର
ବାବୁ କୃଷ୍ଣମୋହନ ପଟ୍ଟନାୟକ
ବାବୁ ଶ୍ରୀଧର ପଟ୍ଟନାୟକ
ବାବୁ ପର୍ଶୁରାମ ତ୍ରିପାଠୀ
ବାବୁ ଚିନ୍ତାମଣି ସାମନ୍ତରାୟ

୪.୦୩.୧୯୧୭

୧୯୧୭ ସଭାପତି

ଇ.ଏସ୍. ଓିସୋରେଲ୍, ଏସ୍.କ୍ୟୁ, ଆଇ.ସି.ଏସ୍.
ମହେନ୍ଦ୍ରନାଥ ମଜୁମ୍‌ଦାର
ବାମଦେବ ଚୌଧୁରୀ
ବାବୁ କୃଷ୍ଣଚନ୍ଦ୍ର ପଟ୍ଟନାୟକ
ବାବୁ ଚିନ୍ତାମଣି ସାମନ୍ତ ରାୟ ।
ବାବୁ ପର୍ଶୁରାମ ତ୍ରିପାଠୀ
ବାବୁ ହରି ମିଶ୍ର
ବାବୁ ପଦ୍ମଚରଣ ପଟ୍ଟନାୟକ
ବାବୁ ଶ୍ରୀଧର ପଟ୍ଟନାୟକ

୧୯୧୮ ସଭାପତି

ଇ.ଏସ୍. ଓିସୋରେଲ୍, ଏସ୍.କ୍ୟୁ, ଆଇ.ସି.ଏସ୍.
ବାବୁ ବାମଦେବ ଦାସ ଚୌଧୁରୀ
ବାବୁ ପଦ୍ମ ଚରଣ ପଟ୍ଟନାୟକ, ବି.ଏଲ.
ବାବୁ ଶ୍ରୀଧର ପଟ୍ଟନାୟକ
ବାବୁ ମହମ୍ମଦ ଆବ୍ବର (ତହସିଲଦାର)
ବାବୁ ଜାଫରଖାଁନ ଦଳବେହେରା
ବାବୁ ରଘୁନାଥ ମହାନ୍ତି
ବାବୁ ମହେନ୍ଦ୍ରନାଥ ମଜୁମ୍‌ଦାର
ବାବୁ ପଦ୍ମଚରଣ ପଟ୍ଟନାୟକ, ବି.ଏ.
ବି.କେ ଗୋଖେଲ, ଆଇ.ସି.ଏସ୍.

୨୨.୩.୧୯୧୮ ସଭାପତି

ବାବୁ ଚିନ୍ତାମଣି ସାମନ୍ତରାୟ, ବି.ଏଲ.
ବାବୁ ଗୋକୁଳାନନ୍ଦ ନାୟକ
ବାବୁ ପର୍ଶୁରାମ ତ୍ରିପାଠୀ (ପ୍ରଧାନ ଶିକ୍ଷକ)

୧୯୧୯ ସଭାପତି

ଇ.ଏସ୍. ଓିସୋରେଲ୍, ଇ.ଏସ୍.କ୍ୟୁ, ଆଇ.ସି.ଏସ୍.
ବାବୁ ମହେନ୍ଦ୍ରନାଥ ମଜୁମ୍‌ଦାର
ବାବୁ ଶଶୀଭୂଷଣ ଶତପଥି
ବାବୁ କୃଷ୍ଣମୋହନ ପଟ୍ଟନାୟକ
ବାବୁ ଶ୍ରୀଧର ପଟ୍ଟନାୟକ
ବାବୁ ଚୈତନ୍ୟ ପଟ୍ଟନାୟକ
ବାବୁ ପର୍ଶୁରାମ ତ୍ରିପାଠୀ

୧୯୧୯ ସଭାପତି

ରାୟ ସାହିବ ଅଜୟ ଚନ୍ଦ୍ର ଦାସ, ବି.ଏ.

୮.୧୨.୧୯୧୯

ଚୈତନ୍ୟ ପଟ୍ଟନାୟକ

୧୯୨୦ ସଭାପତି

ରାୟ ସାହିବ ଅଜୟ ଚନ୍ଦ୍ର ଦାସ, ବି.ଏ.
ବାବୁ ବାମଦେବ ଦାସ ଚୌଧୁରୀ
ବାବୁ ଶ୍ରୀଧର ପଟ୍ଟନାୟକ
ବାବୁ ସହିନ୍ଦ୍ର ନାଥ ଦାସ
ବାବୁ ମୌଲବୀ ଜାଫର ଖାଁନ୍
ବାବୁ ଗୋକୁଳାନନ୍ଦ ନାୟକ (ପ୍ରଧାନ ଶିକ୍ଷକ)
ବାବୁ ରଘୁନାଥ ମହାନ୍ତି
ବାବୁ ଜଗନ ମୋହନ ପଟ୍ଟନାୟକ
ବାବୁ ଚୈତନ୍ୟ ପଟ୍ଟନାୟକ
ବାବୁ ରାଘବାନନ୍ଦ ଦାସ

୧୯.୪.୧୯୨୦

ମହମ୍ମଦ ଫାଜଦୁର ରହମନ୍

୩.୮.୧୯୨୦

ବାଳନିଧି ପଟ୍ଟନାୟକ, ପ୍ରଧାନ ଶିକ୍ଷକ

୧୯୨୧ସଭାପତି

ରାୟ ସାହିବ ଅଜୟ ଚନ୍ଦ୍ର ଦାସ
ବାବୁ ରାଘବାନନ୍ଦ ଦାସ, ବି.ଏ.
ମୌଲଭୀ ଫାଜର ରହମାନ
ବାବୁ ବାଳନିଧି ପଟ୍ଟନାୟକ
ବାବୁ ରଘୁନାଥ ମହାନ୍ତି
ବାବୁ ଫଜହୁର୍ ଖାଁନ୍
ବାବୁ ଶ୍ରୀଧର ପଟ୍ଟନାୟକ
ବାବୁ ପ୍ରଭାତ ଚନ୍ଦ୍ର ପାତ୍ର

୧୯୨୨ ସଭାପତି

ରାୟ ସାହିବ ଅଭୟ ଚନ୍ଦ୍ର ଦାସ
ବାବୁ ପ୍ରଭାତ ଚନ୍ଦ୍ର ପାତ୍ର
ବାବୁ ରଘୁନାଥ ମହାନ୍ତି
ବାବୁ ଜଗମୋହନ ପଟ୍ଟନାୟକ
ବାବୁ ଦିଗମ୍ବର ପାଣିଗ୍ରାହୀ
ମୌଲବୀ ଜାଫର ଖାଁ
ମୌଲବୀ ମହମ୍ମଦ୍ ରହମାନ୍
ବାବୁ ବାଙ୍କନିଧି ପଟ୍ଟନାୟକ
ବାବୁ ଶ୍ରୀଧର ପଟ୍ଟନାୟକ
ବାବୁ ଗିରିଧାରୀ ପଟ୍ଟନାୟକ

୧୯୨୩

ରାୟ ସାହିବ ଅଭୟ ଚନ୍ଦ୍ର ଦାସ
ବାବୁ ମୌଲବୀ ମହମ୍ମଦ ଏ ସାମଦ
ବାବୁ ଏମ୍.ଡ଼ି. ଏ. ସାମଦ
ବାବୁ ରଘୁନାଥ ମହାନ୍ତି
ବାବୁ ଶ୍ରୀଧର ପଟ୍ଟନାୟକ
ବାବୁ ଦିଗମ୍ବର ପାଣିଗ୍ରାହୀ
ବାବୁ ଜାଫର ଖାଁନ୍
ବାବୁ ମୌଲବୀ ମହମ୍ମଦ ଫଜଲୁର ରହେମାନ୍
ବାବୁ ବାଙ୍କନିଧି ପଟ୍ଟନାୟକ

୨୬.୮.୨୩

ବାବୁ ଏସ୍.ଏନ୍. ମଜୁମ୍‌ଦାର, ଆଇ.ସି.ଏସ୍.
ବାବୁ ଦୁର୍ଗା ଚରଣ ଦାସ
ବାବୁ ଜଗମୋହନ ପଟ୍ଟନାୟକ
ବାବୁ ଗିରିଧାରୀ ପଟ୍ଟନାୟକ

୧୯୨୪

ବାବୁ ଏସ୍.ଏନ୍. ମଜୁମ୍‌ଦାର, ଆଇ.ସି.ଏସ୍.
ବାବୁ ଦୁର୍ଗା ଚରଣ ଦାସ
ବାବୁ ରଘୁନାଥ ମହାନ୍ତି
ବାବୁ ସତ୍ୟବାଦୀ ପଟ୍ଟନାୟକ
ମୌଲବୀ ମହମ୍ମଦ ଫଜ୍‌ଲୁର୍ ରହେମନ
ବାବୁ ବାଙ୍କନିଧି ପଟ୍ଟନାୟକ
ବାବୁ ଜଗମୋହନ ପଟ୍ଟନାୟକ
ବାବୁ ଜାଫର ଖାଁନ୍

୧୯୨୫ ସଭାପତି

ବାବୁ ଜି. ଚନ୍ଦ୍ର
ବାବୁ ଦୁର୍ଗା ଚରଣ ଦାସ
ବାବୁ ସତ୍ୟବାଦୀ ପଟ୍ଟନାୟକ
ବାବୁ ଗିରିଧାରୀ ପଟ୍ଟନାୟକ
ବାବୁ ରଘୁନାଥ ମହାନ୍ତି
ବାବୁ ଜାଫର ଖାଁ
ମୌଲବୀ ମହମ୍ମଦ ଫଜ୍‌ଲୁର୍ ରହେମନ
ବାବୁ ବାଙ୍କନିଧି ପଟ୍ଟନାୟକ
ବାବୁ ଜଗମୋହନ ପଟ୍ଟନାୟକ
ବାବୁ ଦିଗମ୍ବର ପାଣିଗ୍ରାହୀ

୧୯.୯.୧୯୨୫

ରେଭରେଣ୍ଡ ଏଚ୍. କୋଲିନସ୍

୧୯୨୬ ସଭାପତି

ମିଷ୍ଟର ଜି. ଚନ୍ଦ୍ର
ବାବୁ ଟି.ଏନ୍. ମିତ୍ର
ବାବୁ ରଘୁନାଥ ମହାନ୍ତି
ବାବୁ ଗିରିଧାରୀ ପଟ୍ଟନାୟକ
ବାବୁ ଶ୍ରୀଧର ପଟ୍ଟନାୟକ
ବାବୁ ଜାଫର ଖାଁ
ବାବୁ ବାଙ୍କନିଧି ପଟ୍ଟନାୟକ
ରେଭରେଣ୍ଡ ଏନ୍. କୋଲିନ୍
ବାବୁ ଜଗମୋହନ ପଟ୍ଟନାୟକ
ବାବୁ ଆର୍. ସି. ସାହୁ
ବାବୁ ରଘୁନାଥ ରାୟସିଂହ
ବାବୁ ଗଙ୍ଗାଧର ସୁବୁଦ୍ଧି

୧୯୨୭

ମିଷ୍ଟର ଏ.ପି. ମୁଖାର୍ଜି, ଆଇ. ସି. ଏସ୍.
ବାବୁ ଟି.ଏନ୍. ମିତ୍ର
ବାବୁ ରଘୁନାଥ ମହାନ୍ତି
ବାବୁ ରଘୁନାଥ ରାୟସିଂହ
ବାବୁ ରାଧାଚରଣ ସାହୁ
ବାବୁ ବାଙ୍କନିଧି ପଟ୍ଟନାୟକ
ମୌଲବୀ ଜାଫର ଖାଁନ୍

୧୯୨୮

ମିଷ୍ଟର ଏ.ପି. ମୁଖାର୍ଜି, ଆଇ.ସି. ଏସ୍.
ବାବୁ ଟି.ଏନ୍. ମିତ୍ର
ବାବୁ ରଘୁନାଥ ମହାନ୍ତି
ବାବୁ ରାଧାଚରଣ ସାହୁ
ମୌଲବୀ ଜାଫର ଖାଁ
ବାବୁ ବାଙ୍କନିଧି ପଟ୍ଟନାୟକ
ବାବୁ ବି. ମହାପାତ୍ର
ବାବୁ ଗଙ୍ଗାଧର ସୁବୁଦ୍ଧି
ବାବୁ ଗିରିଧାରୀ ପଟ୍ଟନାୟକ

୨୨.୧୨.୧୯୨୮

ରାୟସାହେବ ରାଧାଚରଣ ଦାସ
ବାବୁ ଏନ୍. ନନ୍ଦ

୧୯୨୯

ରାୟ ସାହେବ ରାଧା ଚରଣ ଦାସ
ବାବୁ ରଘୁନାଥ ମହାନ୍ତି
ବାବୁ ଗଙ୍ଗାଧର ପଟ୍ଟନାୟକ
ବାବୁ ରାଧାଚରଣ ସାହୁ
ବାବୁ ବାଙ୍କନିଧି ପଟ୍ଟନାୟକ
ବାବୁ ଏନ୍. ନନ୍ଦ
ମୌଲବୀ ଜାଫର ଖାଁ
ବାବୁ ଗଙ୍ଗାଧର ସୁବୁଦ୍ଧି
ବାବୁ କେ. ମହାନ୍ତି

୧୯୩୦

ରାୟ ସାହେବ ଆର୍. ସି. ଦାସ
ବାବୁ ଏନ୍. ନନ୍ଦ
ବାବୁ ରଘୁନାଥ ମହାନ୍ତି
ବାବୁ ଗଙ୍ଗାଧର ପଟ୍ଟନାୟକ
ବାବୁ କେ. ମହାନ୍ତି

ବାବୁ ବାଙ୍କନିଧି ପଟ୍ଟନାୟକ
ବାବୁ ରଘୁନାଥ ରାୟସିଂହ
ମୌଲବୀ ହମିଦ୍ ଖାଁନ୍

୧୯୩୦

ରାୟବାହାଦୁର ଆର୍.ସି. ଦାସ
ବାବୁ ଜଗମୋହନ ପଟ୍ଟନାୟକ
ବାବୁ ଗଙ୍ଗାଧର ସୁବୁଦ୍ଧି

୩୧

ରାୟବାହାଦୁର ଆର୍.ସି. ଦାସ
ବାବୁ ରଘୁନାଥ ମହାନ୍ତି
ବାବୁ ଆଶୁତୋଷ ବାଗେଚି
ମୌଲବୀ ହମିଦ୍ ଖାଁ
ବାବୁ ବାଙ୍କନିଧି ପଟ୍ଟନାୟକ
ବାବୁ ଏମ୍.ଏନ୍. ଗୁହା
ବାବୁ ଗଙ୍ଗାଧର ସୁବୁଦ୍ଧି
ବାବୁ ଗଙ୍ଗାଧର ପଟ୍ଟନାୟକ

୩୨

ରାୟବାହାଦୁର ଆର୍.ସି. ଦାସ
ବାବୁ ମଣିନାଥ ଗୁହା
ବାବୁ ରଘୁନାଥ ରାୟସିଂହ
ବାବୁ ଗଙ୍ଗାଧର ସୁବୁଦ୍ଧି
ବାବୁ ଆଶୁତୋଷ ବାଗଚୀ
ବାବୁ ବାଙ୍କନିଧି ପଟ୍ଟନାୟକ
ମୌଲବୀ ହମିଦ୍ ଖାଁ
ବାବୁ ରଘୁନାଥ ମହାନ୍ତି
ବାବୁ ଗିରିଧାରୀ ପଟ୍ଟନାୟକ
ବାବୁ ଗିରିଦେଓନାଥ ବଷିଆ

୯୩୩

ରାୟବାହାଦୁର ରାଧା ଚରଣ ଦାସ
ବାବୁ ମନିନ୍ଦ୍ରନାଥ ଗୁହା
ବାବୁ ରଘୁନାଥ ମହାନ୍ତି
ବାବୁ ଗିରିଧାରୀ ପଟ୍ଟନାୟକ
ବାବୁ ଗଙ୍ଗାଧର ସୁବୁଦ୍ଧି
ବାବୁ ଗିରିଦେଓ ନାଥ ବଷିଆ
ମୌଲବୀ ହମିଦ୍ ଖାଁ
ବାବୁ ଆଶୁତୋଷ ବାଗ୍‌ଚୀ
ବାବୁ ଜଗମୋହନ ପଟ୍ଟନାୟକ
ବାବୁ ବାଙ୍କନିଧି ପଟ୍ଟନାୟକ

୯୩୪

ରାୟବାହାଦୁର ରାଧା ଚରଣ ଦାସ
ବାବୁ ମନିନ୍ଦ୍ରନାଥ ଗୁହା
ବାବୁ ରଘୁନାଥ ମହାନ୍ତି
ମୌଲବୀ ହମିଦ୍ ଖାଁ
ବାବୁ ବାଙ୍କନିଧି ପଟ୍ଟନାୟକ
ରାୟସାହେବ ଗଙ୍ଗାଧର ସୁବୁଦ୍ଧି
ବାବୁ ଜଗମୋହନ ପଟ୍ଟନାୟକ
ବାବୁ ଗିରଦେଓ ନାଥ ବଷିଆ
ବାବୁ ଆଶୁତୋଷ ବାଗଚୀ

୨୧.୩୪

ମିଷ୍ଟର ଏମ୍.ଏନ୍. ବାସୁ, ଏସ୍.ଡ଼ି.ଓ.

୧୯୩୫

ମିଷ୍ଟର କେ.ଏସ୍. ଭିରମନ୍, ଏସ୍କ୍ୟା, ଆଇ.ସି.ଏସ୍.
ମିଷ୍ଟର ଏମ୍.ଏନ୍. ଗୁହା
ବାବୁ ରଘୁନାଥ ମହାନ୍ତି
ବାବୁ ଗିରିଧାରୀ ପଟ୍ଟନାୟକ
ରାୟସାହେବ ଗଙ୍ଗାଧର ସୁବୁଦ୍ଧି
ବାବୁ ଗିରିଦେଓ ନାଥ ବଷିଆ
ବାବୁ ଆଶୁତୋଷ ବାଗ୍‌ଚୀ
ମୌଲବୀ ହମିଦ୍ ଖାଁ

୧୯୩୬

କେ. ଏସ୍. ଭି. ରମନ, ଏସ୍କ୍ୟା. ଆଇ.ସି.ଏସ୍.
ବାବୁ ବ୍ରଜସୁନ୍ଦର ମହାନ୍ତି, ଏମ୍.ଏ.
ବାବୁ ରଘୁନାଥ ମହାନ୍ତି
ବାବୁ ଜଗମୋହନ ପଟ୍ଟନାୟକ
ବାବୁ ଗିରଦେଓନାଥ ବଷିଆ
ବାବୁ ବାଙ୍କନିଧି ପଟ୍ଟନାୟକ
ରାୟସାହେବ ଗଙ୍ଗାଧର ସୁବୁଦ୍ଧି
ବାବୁ ଗିରିଧାରୀ ପଟ୍ଟନାୟକ
ମୌଲବୀ ହମିଦ୍ ଖାଁ
ମୌଲବୀ ସୟଦ୍ ମହମ୍ମଦ ଫଜଲୁର୍ ରହେମାନ

୧୯୩୭

ବି.ଏସ୍. ମହାନ୍ତି, ଇ.ଏସ୍.କ୍ୟା.
ରାୟସାହେବ ଗଙ୍ଗାଧର ସୁବୁଦ୍ଧି
ବାବୁ ରଘୁନାଥ ମହାନ୍ତି
ବାବୁ ଗିରଦେଓନାଥ ବଷିଆ
ବାବୁ ଭଗବାନ ମହାନ୍ତି
ବାବୁ ବାଙ୍କନିଧି ପଟ୍ଟନାୟକ
ମୌଲବୀ ହମିଦ୍ ଖାଁ

୨୪.୮.୩୭

ରାୟବାହାଦୁର କେ.ସି. ଚନ୍ଦ୍ର
ରାୟବାହାଦୁର ୟୁ.ଏନ୍.ରଥ

୧୯୩୮

ରାୟବାହାଦୁର କେ.ସି. ଚନ୍ଦ୍ର
ସମ୍ପାଦକ, ସ୍କୁଲର ପରିଚାଳନା କମିଟି
ରାୟସାହେବ ବାଙ୍କନିଧି ପଟ୍ଟନାୟକ
ବାବୁ ଭଗବାନ ମହାନ୍ତି
ବାବୁ ରଘୁନାଥ ମହାନ୍ତି
ବାବୁ ଗିରଦେଓ ନାଥ ବଷିଆ
ମୌଲବୀ ହମିଦ୍ ଖାଁ
ବାବୁ କୈଳାଶ ଚନ୍ଦ୍ର ସାମନ୍ତରାୟ
ବାବୁ ଆଶୁତୋଷ ବାଗଚୀ
ମୌଲବୀ ହମିଦ୍ ଖାଁ

୧୬.୬.୧୯୩୮

ମିଷ୍ଟର କେ. ରାମ, ଆଇ.ସି.ଏସ୍.
ବାବୁ ଆର୍. ଏମ୍. ପଟ୍ଟନାୟକ

୧୯୩୯

ମିଷ୍ଟର କେ. ରମନ, ଆଇ.ସି.ଏସ୍.
ବାବୁ ଆର.ଏସ୍. ପଟ୍ଟନାୟକ
ବାବୁ କୈଳାସ ଚନ୍ଦ୍ର ସାମନ୍ତରାୟ
ରାୟସାହେବ ବାଙ୍କନିଧି ପଟ୍ଟନାୟକ

ବାବୁ ଆର.ଏନ୍. ଦାସ
ବାବୁ ଏନ୍. ପଟ୍ଟନାୟକ
ବାବୁ ରଘୁନାଥ ମହାନ୍ତି
ରାୟସାହେବ ଗଙ୍ଗାଧର ସୁବୁଦ୍ଧି
ବାବୁ ଗିରଦେଓ ନାଥ ବସିଆ
ବାବୁ ଆଶୁତୋଷ ବାଗଚୀ
ମୌଲବୀ ହମିଦ ଖାଁ
ବାବୁ ଜି. ତ୍ରିପାଠୀ
ମୌଲବୀ ସୟଦ୍ ଫଜଲୁର୍ ରହେମନ୍
ବାବୁ ବି.ଏନ୍. ମହାପାତ୍ର

୧୯୪୦
ମିଷ୍ଟର କେ. ରମନ, ଆଇ.ସି.ଏସ୍.
ଶ୍ରୀ ଏନ୍. ପଟ୍ଟନାୟକ
ଶ୍ରୀ ଆର୍.ଏନ୍. ଦାସ
ଶ୍ରୀ ରାଧାଚରଣ ସାହୁ
ଶ୍ରୀ ଗିରିଦେଓ ନାଥ ବସିଆ
ଶ୍ରୀ ଏସ୍.ଏନ୍. ପୂଜାରୀ
ମହମ୍ମଦ ହମିଦ୍ ଖାଁ
ରାୟସାହେବ ବାଙ୍କନିଧି ପଟ୍ଟନାୟକ

୪.୬.୧୯୪୧
ଆଇ.ଏଚ୍. ମାକ୍‌ଡୋନାଲଡ୍ ଇ.ଏସ୍.କ୍ୟୁ, ଆଇ.ସି.ଏସ୍.
କୈଳାଶ ଚନ୍ଦ୍ର ସାମନ୍ତରାୟ
ଆର୍.ଏନ୍. ରାୟସିଂହ ବୀରବର ଜଗଦେବ
ଆ.ଏଚ୍.ମାକ୍‌ଡୋଲାନଡ, ଇଏସ୍.କ୍ୟୁ,ଆଇସି.ଏସ୍.
ଶ୍ରୀ ବଳମୁକୁନ୍ଦ ସାମନ୍ତରାୟ
ଶ୍ରୀ ଗିରିଦେଓନାଥ ବସିଆ
ହମିଦ୍ ଖାଁନ
ରାୟସାହେବ ବାଙ୍କନିଧି ପଟ୍ଟନାୟକ
ଶ୍ରୀ ରଘୁନାଥ ଦାସ
ମିଷ୍ଟର ଡୋଡ୍‌ସ୍ୱର୍ଥ, ଇ.ଏସ୍.କ୍ୟୁ, ଆଇ.ଏସ୍.ଓ.
ଶ୍ରୀ କେ. ବିଶ୍ୱନାଥ ସାହୁ
ଶ୍ରୀ ଚିନ୍ତାମଣି ମିଶ୍ର
ଶ୍ରୀ କୈଳାସ ଚନ୍ଦ୍ର ସାମନ୍ତରାୟ
ଶ୍ରୀ ଆର୍ ଏନ୍. ଭଞ୍ଜ
ବୀରବର ଜଗଦେବ
ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ
ଏମ୍.ଡି. ଇସାକ୍ୟୁ
ମହମ୍ମଦ ସୟଦ ଫଜଲୁର୍ ରହେମାନ

୧୧-୧୧-୪୧
ମିଷ୍ଟର ଆର.ଏସ୍ ସ୍ୱାନ, ଏସକ୍ୟୁ, ଆ.ସି.ଏସ

୧୯୪୨
ମିଷ୍ଟର ଓ.ଏ. ଡଡ୍‌ସୱାର୍ଥ
ଶ୍ରୀ ରଘୁନାଥ ଦାସ
ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ
ଶ୍ରୀ ମହମ୍ମଦ ଇସାକ୍
ସୟଦ୍ ମହମ୍ମଦ ଫଜଲୁର ରହେମନ୍
ରାୟସାହେବ ବାଙ୍କନିଧି ପଟ୍ଟନାୟକ
ଶ୍ରୀ ଏମ୍. ସି. ମିଶ୍ର
ଶ୍ରୀ ପରମାନନ୍ଦ ମହାପାତ୍ର

୨୯.୭.୪୨
ଶ୍ରୀ କେ. ଏନ୍. ମିଶ୍ର
ଶ୍ରୀ ଚିନ୍ତାମଣି ମିଶ୍ର
ଶ୍ରୀ କୈଳାସ ଚନ୍ଦ୍ର ସାମନ୍ତରାୟ

୧୯୪୩
ମିଷ୍ଟର ଓ.ଏଡ୍‌ସ୍ୱାର୍ଥ, ଏସ୍‌କ୍ୟୁ ଆଇ.ଏସ୍.ଓ.
ଶ୍ରୀ ଚିନ୍ତାମଣି ମିଶ୍ର
ଶ୍ରୀ ରଘୁନାଥ ଦାସ
ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ
ଶ୍ରୀ ଦମ୍ବରୁ ଧର ପରିଡା
ମୌଲବୀ ମହମ୍ମଦ ଇଶାକ୍
ରାୟ ସାହେବ ବାଙ୍କନିଧି ପଟ୍ଟନାୟକ
ରାୟ ସାହେବ କେ.ଏନ. ମିଶ୍ର
ଶ୍ରୀ କୈଳାସ ଚନ୍ଦ୍ର ସାମନ୍ତରାୟ
ଶ୍ରୀ ପରମାନନ୍ଦ ମହାପାତ୍ର

୧୯୪୪-
ରାୟ ସାହେବ କେ.ଏନ୍. ମିଶ୍ର
ଶ୍ରୀ ଓ.ଏ.ଡାଡସ୍ୱର୍ଥ
ଶ୍ରୀ ରଘୁନାଥ ଦାଶ
ଶ୍ରୀ ପରମାନନ୍ଦ ମହାପାତ୍ର
ମହମ୍ମଦ ଫଜଲ ରହମାନ
ମହମ୍ମଦ ଇସାକ୍
ରାୟ ସାହେବ ବାଙ୍କନିଧି ପଟ୍ଟନାୟକ
ଶ୍ରୀ କୈଳାସ ଚନ୍ଦ୍ର ସାମନ୍ତରାୟ
ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ
ଶ୍ରୀ କେ.ଏନ୍. ମହାନ୍ତି

୭.୧୧.୪୪-
ମିଷ୍ଟର ଜି.ଏନ୍. ବେହେରା
ଶ୍ରୀ ଆର.ଏନ୍.ରାୟ

୧୯୪୫-
ଶ୍ରୀ ଜି.ଏନ୍. ବେହେରା
ଶ୍ରୀ ଓ.ଏ.ଡାଡସ୍ୱର୍ଥ,
ଶ୍ରୀ ରଘୁନାଥ ଦାଶ
ଶ୍ରୀ କୈଳାଶଚନ୍ଦ୍ର ସାମନ୍ତରାୟ
ଶ୍ରୀ ପରମାନନ୍ଦ ମହାପାତ୍ର
ଶ୍ରୀ କେ.ଏନ୍. ମହାନ୍ତି (ଜଗଦାନନ୍ଦ ମହାନ୍ତି)
ରାୟସାହେବ ବାଙ୍କନିଧି ପଟ୍ଟନାୟକ
ମହମ୍ମଦ ଇଶାକ୍ ଖାଁ
ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ
ଶ୍ରୀ ଆର୍.ସି. ଦାସ

୧୯୪୬
ମିଷ୍ଟର ଜି. ଏନ୍. ବେହେରା
ଶ୍ରୀ ଓ.ଏ.ଡାଡସ୍ୱର୍ଥ ଆଇ. ଏସ୍. ଓ
ଶ୍ରୀରଘୁନାଥ ଦାଶ
ଶ୍ରୀ କୈଳାଶଚନ୍ଦ୍ର ସାମନ୍ତରାୟ
ଶ୍ରୀ ପରମାନନ୍ଦ ମହାପାତ୍ର
ଶ୍ରୀ ରଘୁନାଥ ରାୟ
ଶ୍ରୀ ଜଗଦାନନ୍ଦ ମହାନ୍ତି
ରାୟସାହେବ ବାଙ୍କନିଧି ପଟ୍ଟନାୟକ

ମୌଲବି ମହମ୍ମଦ ଆସରଫ
ଡକ୍ଟର ଡି. ଆର୍. ଏନ୍. ସାହୁ

୧୯୪୬
ରାୟସାହେବ ଜି. ଏନ୍. ବେହେରା
ଓ.ଏ.ଡାଡସ୍ୱର୍ଥ
ଡକ୍ଟର ଡି. ଆର୍. ଏନ୍. ସାହୁ
ଶ୍ରୀରଘୁନାଥ ଦାଶ
ଶ୍ରୀ ପରମାନନ୍ଦ ମହାପାତ୍ର
ଶ୍ରୀ ଜଗଦାନନ୍ଦ ମହାନ୍ତି
ରାୟସାହେବ ବାଙ୍କନିଧି ପଟ୍ଟନାୟକ
ଶ୍ରୀ କୈଳାଶଚନ୍ଦ୍ର ସାମନ୍ତରାୟ

୧୬.୬.୪୭
ରାୟ ସାହେବ ଏଲ.ଏନ୍.ପଟ୍ଟନାୟକ
ଶ୍ରୀ ନୀଳମଣି ମିଶ୍ର
ମୁହମ୍ମଦ ଆଶ୍ରଫ

୧୯୪୮
ଏମ୍. ରାମକୃଷ୍ଣ ଏମ୍.ଏ. ଆଇ.ଏ.ଏସ୍
ଓ.ଏ.ଡାଡସ୍ୱର୍ଥ ଆଇ.ଏସ୍.ଓ
ଶ୍ରୀରଘୁନାଥ ଦାଶ
ଶ୍ରୀ ବନମାଳୀ ପଟ୍ଟନାୟକ
ଶ୍ରୀ ଗଣପତି ରାମ
ମହମ୍ମଦ ଆଶ୍ରଫ

୧୯୪୮
ଶ୍ରୀ ନୀଳମଣି ମିଶ୍ର
ରାୟସାହେବ ବାଙ୍କନିଧି ପଟ୍ଟନାୟକ
ଶ୍ରୀ ପ୍ରାଣକୃଷ୍ଣ ମହାପାତ୍ର
ଶ୍ରୀ କୃଷ୍ଣଚନ୍ଦ୍ର ସାମନ୍ତରାୟ

୧୮.୧୨.୪୮
ଶ୍ରୀ ଜି. ସି. ଏଲ୍. ଜୋନେଜା

୧୯୪୯
ଶ୍ରୀ ଜି. ସି. ଏଲ୍. ଜୋନେଜା
ବନମାଳୀ ପଟ୍ଟନାୟକ
ଶ୍ରୀ ରଘୁନାଥ ଦାଶ
ପ୍ରାଣକୃଷ୍ଣ ମହାପାତ୍ର
ଗଣପତି ରାମ
ମହମ୍ମଦ ଆସ୍ରଫ
ଶ୍ରୀ ନୀଳମଣି ମିଶ୍ର
ରାୟସାହେବ ବାଙ୍କନିଧି ପଟ୍ଟନାୟକ
ଓ.ଏ.ଡାଡସ୍ୱର୍ଥ
ଶ୍ରୀ କୃଷ୍ଣଚନ୍ଦ୍ର ସାମନ୍ତରାୟ
ଶ୍ରୀ ପଦ୍ମ ଚରଣ ପଟ୍ଟନାୟକ

୮.୮.୪୯
ମିଷ୍ଟର ଏସ.ଏମ୍.ଏଚ୍. ବର୍ଣ୍ଣି
ଶ୍ରୀ ଆଶୁତୋଷ ବାଗଚି, ହେଡମାଷ୍ଟର

୩୧. ୧୦ ୪୯
ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର, ହେଡମାଷ୍ଟର

୧୯୫୦
ଶ୍ରୀ ଏସ୍.ଏମ୍.ଏଚ୍. ବୋର୍ଣ୍ଣି
ଓ.ଏ.ଦାସୱାର୍ଥ
ବନମାଳୀ ପଟ୍ଟନାୟକ
ଶ୍ରୀ ରଘୁନାଥ ଦାସ
ମହମ୍ମଦ ଆଶ୍ରଫ
ଡକ୍ଟର ପ୍ରାଣକୃଷ୍ଣ ମହାପାତ୍ର
ଶ୍ରୀ ଭବେଶ୍ୱର ମିଶ୍ର, ହେଡମାଷ୍ଟର
ଶ୍ରୀ ଗୋପୀନାଥ ରାଉତରାୟ
ଶ୍ରୀ ଗଣପତି ରାମ
ଶ୍ରୀ ପରମାନନ୍ଦ ମହାନ୍ତି
ଶ୍ରୀ କୈଳାସଚନ୍ଦ୍ର ସାମନ୍ତରାୟ

୧୯୫୧
ଏସ୍.ଏମ୍.ଏଚ୍, ବୋର୍ଣ୍ଣି
ଓ.ଏ.ଦାସୱାର୍ଥ
ଡକ୍ଟର ପି ମହାପାତ୍ର
ଶ୍ରୀ ରଘୁନାଥ ଦାଶ
ଶ୍ରୀ ପରମାନନ୍ଦ ମହାନ୍ତି
ଶ୍ରୀ ଗଣପତି ରାମ
ଶ୍ରୀ ଗୋପୀନାଥ ରାଉତରାୟ
ଶ୍ରୀ ପ୍ରାଣକୃଷ୍ଣ ମହାପାତ୍ର
ଶ୍ରୀ ଭବେଶ୍ୱର ମିଶ୍ର
ଶ୍ରୀ ଗୋପୀନାଥ ରାଉତରାୟ
ମହମ୍ମଦ ଆଶ୍ରଫ
ଶ୍ରୀ ଆଶୁତୋଷ ବାଗ୍ଚି
ଶ୍ରୀ କେ.ଏମ୍. ପଟ୍ଟନାୟକ

୧୯.୮.୫୧
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ, ହେଡମାଷ୍ଟର

୧୯୫୨
ଏସ୍.ଏମ୍.ଏଚ୍. ବୋର୍ଣ୍ଣି
ମହମ୍ମଦ ଆଶ୍ରଫ
ଶ୍ରୀ ଦିବ୍ୟସିଂ ପଟ୍ଟନାୟକ
ଶ୍ରୀ ମୁରଲୀ ଧର ପ୍ରଧାନ
ଶ୍ରୀ ରଘୁନାଥ ଦାଶ
ଓ.ଏ.ଦାସୱାର୍ଥ
ପ୍ରାଣକୃଷ୍ଣ ମହାପାତ୍ର
ଗଣପତି ରାମ
କୁଳମଣି ପଟ୍ଟନାୟକ
ଖାନ ବାହାଦୁର ମୁସହିଲ ଖାନ୍

୧୯୫୩
ଓ.ଏ.ଦାସୱାର୍ଥ
ପ୍ରାଣକୃଷ୍ଣ ମହାପାତ୍ର
ମାଧବ ଚନ୍ଦ୍ର ରାଉତରାୟ
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ
ଶୈଳେନ୍ଦ୍ର କୁମାର ଦାସ
ଶ୍ରୀ ରଘୁନାଥ ଦାସ

୧୧.୬.୫୩
ଶ୍ରୀ ବି.ଆର.ପଟେଲ. ଆଇ.ଏ.ଏସ୍. ପ୍ରେସିଡେଣ୍ଟ
ଶ୍ରୀ ଗଣପତି ରାମ
ଖାନ୍ ବାହାଦୁର ମୁସାହିଲ ଖାନ
ଶ୍ରୀ କୁଳମଣି ପଟ୍ଟନାୟକ
ଶ୍ରୀ ପର ମାନନ୍ଦ ମହାନ୍ତି

ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ
ଶ୍ରୀ ନନ୍ଦ କିଶୋର ରାଉତରାୟ

୧୯୫୪
ଡ଼.ଏ.ଦାସସ୍ୱାର୍ଥ
ସଇଦ ମୁସାହିଲ ଖାଁ
ଶ୍ରୀ ନନ୍ଦକିଶୋର ରାଉତରାୟ
ଶ୍ରୀ ଗଣପତି ରାମ
ଶ୍ରୀ ରଘୁନାଥ ଦାସ
ଶ୍ରୀ ପ୍ରାଣକୃଷ୍ଣ ମହାପାତ୍ର
ଶ୍ରୀ ହରିକୃଷ୍ଣ ପ୍ରଧାନ
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ
ଶ୍ରୀ ମାଧବ ଚନ୍ଦ୍ର ରାଉତରାୟ
ଶ୍ରୀ ମଥୁରାପ୍ରସାଦ ରାମ
ଶ୍ରୀ ରୁକ୍ମଣି ପଟ୍ଟନାୟକ
ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ

୮.୧୧.୫୪
ଶ୍ରୀ ୟୁ.ସି. ଅଗ୍ରୱାଲ
ଶ୍ରୀ ଜଗନ୍ନାଥ ଦେଓ
ଶ୍ରୀ ଏ.ଭି. ରଙ୍ଗରାଓ

୧୯୫୫
ଶ୍ରୀ ଏ.ଭି.ରଙ୍ଗରାଓ
ଡ଼.ଏ.ଦାସ୍‌ସ୍ୱାର୍ଥ
ଶ୍ରୀ ଜଗନ୍ନାଥ ଦେଓ
ଶ୍ରୀ ଜଗଦାନନ୍ଦ ମହାନ୍ତି
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ
ଖାଁ ବାହାଦୁର ମୁସାହିଲ ଖାଁ
ନନ୍ଦ କିଶୋର ରାଉତରାୟ

୧୯୫୬
ଡ଼.ଏ.ଦାସ୍‌ସ୍ୱାର୍ଥ
ଶ୍ରୀ ନନ୍ଦ କିଶୋର ରାଉତରାୟ
ଶ୍ରୀ ଜଗନ୍ନାଥ ଦେଓ
ଶ୍ରୀ ମଥୁରା ପ୍ରସାଦ ରାମ
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ
ଶ୍ରୀ ଜଗଦାନନ୍ଦ ମହାନ୍ତି
ଶ୍ରୀ ପ୍ରାଣକୃଷ୍ଣ ମହାପାତ୍ର
ଶ୍ରୀ ପଦ୍ମଚରଣ ପଟ୍ଟନାୟକ
ଖାଁ ବାହାଦୁର ମୁସାହିଲ ଖାଁ
ଡକ୍ଟର ପ୍ରାଣକୃଷ୍ଣ ମହାପାତ୍ର
ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ

୧୯୫୯
ଶ୍ରୀ ଦେବାନନ୍ଦ ନାୟକ ଏସ୍.ଡି.ଓ, ଖୋର୍ଦ୍ଧା
ଶ୍ରୀ ନନ୍ଦ କିଶୋର ରାଉତରାୟ
ଶ୍ରୀ ଜନାର୍ଦ୍ଦନ ଦାଶ
ଶ୍ରୀ ବିଶ୍ୱମ୍ଭର ମହାନ୍ତି
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ

୧୯୬୦
ଶ୍ରୀ ନନ୍ଦ କିଶୋର ରାଉତରାୟ
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ
ଶ୍ରୀ ମୁସାହିଲ ଖାନ୍
ଶ୍ରୀ ରବିନାରାୟଣ ବର୍ମା
ଶ୍ରୀ ଜନାର୍ଥନ ଦାସ

୧୯୬୧
ଶ୍ରୀ ନନ୍ଦ କିଶୋର ରାଉତରାୟ
ଶ୍ରୀ ବି. ମହାନ୍ତି
ଶ୍ରୀ ରବି ନାରାୟଣ ବର୍ମା
ଶ୍ରୀ ଜନାର୍ଥନ ଦାସ
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ

୧୯୬୨
ଶ୍ରୀ ବି. ମହାନ୍ତି
ଶ୍ରୀ ରବୀନ୍ଦ୍ର ନାଥ ବର୍ମା
ଶ୍ରୀ ଜନାର୍ଥନ ଦାସ
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ
ଶ୍ରୀ ନନ୍ଦ କିଶୋର ରାଉତରାୟ
ଶ୍ରୀ ଆର. କେ. ସାହୁ

୧୯୬୩
ଖାଁ ବାହାଦୁର ମୁସାହିଲ ଖାଁ
ଶ୍ରୀ ଜଗନ୍ନାଥ ଦାସ
ଶ୍ରୀ ରବୀନ୍ଦ୍ର ନାଥ ବର୍ମା
ଶ୍ରୀ ଆର୍ ଏନ୍ ହୋତା ଆଇ.ଏ.ଏସ୍
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ

୧୯୬୪
ଶ୍ରୀ ଏସ୍. ହୋତା
ଶ୍ରୀ ରବୀନ୍ଦ୍ରନାଥ ବର୍ମା
ଶ୍ରୀ ଜନାର୍ଥନ ଦାସ
ଶ୍ରୀ ବିଶ୍ୱନାଥ ମହାନ୍ତି
ଖାଁ ବାହାଦୁର ମୁସାଇଲ ହକ୍
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ

୧୯୬୫
ଶ୍ରୀ ଏସ୍. ହୋତା
ଖାଁ ବାହାଦୁର ମୁସାହିଲ ଖାଁ
ଶ୍ରୀ ରବୀନ୍ଦ୍ର ନାରାୟଣ ବର୍ମା
ଶ୍ରୀ ଜନାର୍ଥନ ଦାସ
ଶ୍ରୀ ନନ୍ଦକିଶୋର ମିଶ୍ର
ଶ୍ରୀ ଏସ୍ ଏନ୍ ପଟ୍ଟନାୟକ (ସତ୍ୟାନନ୍ଦ ପଟ୍ଟନାୟକ)
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ

୧୯୬୭-୬୮
ଶ୍ରୀ ଏସ୍.ଡି.ଓ. ବର୍ମା
ଶ୍ରୀ ଜନାର୍ଥନ ଦାସ
ଶ୍ରୀ ନନ୍ଦକିଶୋର ମିଶ୍ର
ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ
ଶ୍ରୀ ଦିବ୍ୟସିଂହ ପଟ୍ଟନାୟକ

# ଖୋରଧା ହାଇସ୍କୁଲର ଶିକ୍ଷକ ଓ କର୍ମଚାରୀବୃନ୍ଦ
## (୧୮୯୬-୧୯୯୬)

୧. କୃଷ୍ଣଚନ୍ଦ୍ର ମିଶ୍ର
୨. ଚିନ୍ତାମଣି କର
୩. ତିମାଥୀ ଚାର୍ଲସ ସାମନ୍ତରାୟ
୪. ଓଁକାର ମିଶ୍ର
୫. ଚିନ୍ତାମଣି ରଥ
୬. ଜଗନ୍ନାଥ ପଟ୍ଟନାୟକ
୭. ଜଗବନ୍ଧୁ ମହାପାତ୍ର
୮. ବିଦ୍ୟାଧର ମହାପାତ୍ର
୯. ସୟଦ ମହବବ ଅଲିବୁ
୧୦ ଚୌଦ୍ରେୟ ବୋରା
୧୧. ବନମାଳି ବ୍ରହ୍ମା
୧୨. ସୟେଦ ଗୋଲାମ ସାଫେଦର
୧୩. ରାମ ଜି
୧୪. ଲାଲା ରାଧାକୃଷ୍ଣ ରାୟ
୧୫. ଲିଙ୍ଗରାଜ ବୋରା
୧୬. ରାଧାକୃଷ୍ଣ ଦାସ
୧୭. କୃଷ୍ଣଚନ୍ଦ୍ର ନନ୍ଦ
୧୮. ସୟଦ ଜିଆ ଉଲ୍ ହକ୍
୧୯. ବାଞ୍ଛାନିଧି ପଟ୍ଟନାୟକ
୨୦. ସୁରେଶ ଚନ୍ଦ୍ର ଘୋଷ
୨୧. ସୟଦ ଫୈଜଉଦ୍ଦିନ ମହାନ୍ତି
୨୨. ଭୁବନେଶ୍ୱର ମହାନ୍ତି
୨୩. ବିଶ୍ୱମ୍ଭର ପଟ୍ଟନାୟକ
୨୪. ବନମାଳି ପଟ୍ଟନାୟକ
୨୫. ଶଙ୍କର ଷଡ଼ଙ୍ଗୀ
୨୬. ରାମଚନ୍ଦ୍ର ଛୋଟରାୟ
୨୭. ରାଧାକିଶୋର ମୁଖାର୍ଜୀ
୨୮. ଜଗନ୍ନାଥ ପଟ୍ଟନାୟକ
୨୯. ପ୍ରତାପ ଚନ୍ଦ୍ର ଷଡଙ୍ଗୀ
୩୦. ବ୍ରଜବନ୍ଧୁ ମହାନ୍ତି
୩୧. ଲୋକନାଥ ରାୟଗୁରୁ
୩୨. ଅନ୍ତର୍ଯ୍ୟାମି ପଟ୍ଟନାୟକ
୩୩. ପୁରୁଷୋତ୍ତମ ହରିଚନ୍ଦନ
୩୪. କୃପାସିନ୍ଧୁ ସାମନ୍ତରାୟ
୩୫. ନଉରୋଜି ନନ୍ଦ
୩୬. ନନ୍ଦବର ଦାସ
୩୭. ଜଗଦବନ୍ଧୁ ସାମନ୍ତରାୟ
୩୮. ଗୋପାଳ ଚରଣ ପଟ୍ଟନାୟକ
୩୯. କେଶବାନନ୍ଦ ସାମନ୍ତରାୟ
୪୦. ଆନନ୍ଦପ୍ରସାଦ ହୋତା
୪୧. ଦାମୋଦର ଦାସ
୪୨. ଭାଗବତ ଦାସ
୪୩. କବିରୁଦ୍ଦିନ ମହମ୍ମଦ
୪୪. କ୍ଷେତ୍ରମୋହନ ଭଟ୍ଟାଚାର୍ଯ୍ୟ
୪୫. ବିଜୟ କୁମାର ପଟ୍ଟନାୟକ
୪୬. ହରନାଥ ପଟ୍ଟନାୟକ
୪୭. ଗୋପୀନାଥ ଦାସ
୪୮. ରାମସ୍ୱାମୀ ବୋରା
୪୯. ବିଜୟ କୁମାର ନାୟକ
୫୦. ରଘୁନାଥ ପତି
୫୧. ମହେନ୍ଦ୍ରନାଥ ମଜୁମଦାର
୫୨. ରାମଚନ୍ଦ୍ର ପଟ୍ଟନାୟକ
୫୩. କୃପାସିନ୍ଧୁ ହୋତା
୫୪. ପଦ୍ମଚରଣ ପଟ୍ଟନାୟକ
୫୫. ସେଖ୍ ତହିରୁଦ୍ଦିନ
୫୬. ମଧୁସୂଦନ ଭଟ୍ଟାଚାର୍ଯ୍ୟ
୫୭. ରାଜେନ୍ଦ୍ରନାଥ ଦତ୍ତ
୫୮. ଗଦାଧର ପଟ୍ଟନାୟକ
୫୯. ରାଧାକୃଷ୍ଣ ମହାନ୍ତି
୬୦. ମୁଷା ଖାନ୍
୬୧. ରଘୁନାଥ ପଟ୍ଟନାୟକ
୬୨. ଜଗନ୍ନାଥ ମହାନ୍ତି
୬୩. ବାସୁଦେବ ମିଶ୍ର
୬୪. ରୁକ୍ମଣୀ ପଟ୍ଟନାୟକ

୬୫. ନଳିନୀକାନ୍ତ ଘୋଷ
୬୬. ମଦନ ମୋହନ ପଟ୍ଟନାୟକ
୬୭. ନୀଳମଣି ଲାଲା
୬୮. କୃଷ୍ଣବିହାରୀ ମହାନ୍ତି
୬୯. ଚିତ୍ର ଚରଣ ଦାସ
୭୦. ସୋମନାଥ ଦାସ
୭୧. ଗୋପୀନାଥ ପଟ୍ଟନାୟକ
୭୨. ପର୍ଶୁରାମ ବର୍ମା
୭୩. ସଦାଶିବ ପଟ୍ଟନାୟକ
୭୪. ମୌଲବି ମୁଷାଦ ଖାଁ
୭୫. ଶରତ ଚନ୍ଦ୍ର ଶତପଥି
୭୬. ବିନୋଦ ବିହାରୀ ଛୋଟରାଏ
୭୭. କୃଷ୍ଣଚନ୍ଦ୍ର ଲାଲା
୭୮. ସୁଦର୍ଶନ ପଟ୍ଟନାୟକ
୭୯. ବାଞ୍ଛାନିଧି ପଟ୍ଟନାୟକ
୮୦. ମୌଲବି ହମିଦ ଖାଁ
୮୧. ସଚୀନ୍ଦ୍ର ନାଥ ଦାସ
୮୨. ନୀଳକଣ୍ଠ ରଥ
୮୩. ଉଦ୍ୟନାଥ ପଟ୍ଟନାୟକ
୮୪. ଗୋପୀନାଥ ବେହେରା
୮୫. ମୌଲବି ଏମ.ଡ଼ି.ଆବଦସ ସତାର
୮୬. ଜଗନ୍ନାଥ ମିଶ୍ର
୮୭. ନରସିଂହ ମିଶ୍ର
୮୮. ବନମାଳୀ ମିଶ୍ର
୮୯. ଯଦୁନାଥ ପଟ୍ଟନାୟକ
୯୦. ଗୋପାଳ ଚନ୍ଦ୍ର ସିହ୍ନା
୯୧. ଭଗବାନ ହୋତା
୯୨. ରଘୁନାଥ ସିଂହ
୯୩. ଅର୍ନ୍ତଯାମୀ ମହାନ୍ତି
୯୪. ରାଶବିହାରୀ ରାଓ
୯୫. ଦିବ୍ୟସିଂହ ପଟ୍ଟନାୟକ
୯୬. ହୃଷିକେଶ ପଟ୍ଟନାୟକ
୯୭. ରାଧାଚରଣ ସାହୁ
୯୮. ପୂର୍ଣ୍ଣ ଚନ୍ଦ୍ର ନନ୍ଦ
୯୯. ହରିବନ୍ଧୁ ପରିଡ଼ା
୧୦୦. ପଦ୍ମଚରଣ ପଟ୍ଟନାୟକ
୧୦୧. ସୁଦାମ ଚରଣ ପଟ୍ଟନାୟକ
୧୦୨. ଭୁବନେଶ୍ୱର ମିଶ୍ର
୧୦୩. ନୀଳକଣ୍ଠ ପଟ୍ଟନାୟକ
୧୦୪. କାହ୍ନୁଚରଣ ଦାସ
୧୦୫. ହୀରାଲାଲ ସେନଗୁପ୍ତା
୧୦୬. ଭଗବାନ ମହାନ୍ତି
୧୦୭. ଗଦାଧର ଦାସ
୧୦୮. ବାଞ୍ଛାନିଧି ସାମନ୍ତରାୟ
୧୦୯. ଲୋକନାଥ ମହାରଣା
୧୧୦. ଉପେନ୍ଦ୍ରନାଥ ମହାନ୍ତି
୧୧୧. ରଘୁନାଥ ମହାନ୍ତି
୧୧୨. ନରସିଂହ ଚରଣ ପଟ୍ଟନାୟକ
୧୧୩. ବିଜୟାନନ୍ଦ ସାମନ୍ତରାୟ
୧୧୪. ପ୍ରାଣେଶ୍ୱର ପଟ୍ଟନାୟକ
୧୧୫. ନିମାଇଁ ଚରଣ ପଟ୍ଟନାୟକ
୧୧୬. ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ
୧୧୭. କେଦାରନାଥ ମହାପାତ୍ର
୧୧୮. ଅପୂର୍ବ କୁମାର ଘୋଷାଲ
୧୧୯. ଗୋପୀନାଥ ମିଶ୍ର
୧୨୦. ବିନୟ ଭୂଷଣ ଚକ୍ରବର୍ତ୍ତୀ
୧୨୧. ବ୍ରଜ କିଶୋର ନାଏକ
୧୨୨. ଅଚ୍ୟୁତାନନ୍ଦ ରାଉତରାୟ
୧୨୩. ମଧୁସୂଦନ ସିହ୍ନା
୧୨୪. ବାଞ୍ଛାନିଧି ଦାସ
୧୨୫. ମହମ୍ମଦ ଅବଦୁଲ କାୟାମ
୧୨୬. ଜଗଦାନନ୍ଦ ମହାନ୍ତି
୧୨୭. ଭାଗୀରଥୀ ପାଢ଼ୀ
୧୨୮. ଗୌରୀ ଶଙ୍କର ଚର୍କବର୍ତ୍ତୀ
୧୨୯. ଶୁଭଦିନ ଅହମ୍ମଦ
୧୩୦. ଚିନ୍ତାମଣି ସାଇଁ
୧୩୧. ସରୋଜ ଚନ୍ଦ୍ର ଦାସ
୧୩୨. ହେମନ୍ତ କୁମାର ମହାନ୍ତି
୧୩୩. ତ୍ରିଲୋଚନ ହୋତା
୧୩୪. ଆବାସ ଅଲ୍ଲି
୧୩୫. ଗୋପାଳ ରଥ
୧୩୬. ଜୟକୃଷ୍ଣ ସାହୁ
୧୩୭. ଜୟକୃଷ୍ଣ ମହାନ୍ତି
୧୩୮. ସଚ୍ଚିଦାନନ୍ଦ ପଣ୍ଡା
୧୩୯. ହୀରାଲାଲ ସେନଗୁପ୍ତା
୧୪୦. ସାରଙ୍ଗଧର ଦାସ

୧୪୧. କରୁଣାକର ମହାନ୍ତି

୧୪୨. ରାମଚନ୍ଦ୍ର ରାଉତରାୟ

୧୪୩. ଗୋପୀନାଥ ସୁନ୍ଦରରାୟ

୧୪୪. ବଂଶୀଧର ସୁବୁଦ୍ଧି

୧୪୫. ଗଣେଶ ପ୍ରସାଦ ମହାପାତ୍ର

୧୪୬. ବୈଷ୍ଣବ ଚରଣ ମହାନ୍ତି

